# Holy Bible

## Aionian Edition®

## ପରିଅର୍ ବାଟ୍

## Desiya New Testament

*Holy Bible Aionian Edition ®*

ସତିଅର୍ ବାଟ୍

Desiya New Testament

Creative Commons Attribution 4.0 International, 2018-2025
Source text: eBible.org
Source version: 4/18/2025
Source copyright: Creative Commons Attribution 4.0
The Word for the World International, 2020

Formatted by Speedata Publisher 5.1.9 (Pro) on 6/3/2025
100% Free to Copy and Print
TOR Anonymously
AionianBible.org

Published by Nainoia Inc, https://Nainoia-Inc.signedon.net
All profits are given to https://CoolCup.org

We pray for a modern Creative Commons translation in every language
Translator resources at https://AionianBible.org/Third-Party-Publisher-Resources
Report content and format concerns to Nainoia Inc
Volunteer help is welcome and appreciated!

*Celebrate Jesus Christ’s victory of grace!*

# Preface

ଦେଶିଆ at AionianBible.org/Preface

The *Holy Bible Aionian Edition* ® is the world's first Bible *un-translation*! What is an *un-translation*? Bibles are translated into each of our languages from the original Hebrew, Aramaic, and Koine Greek. Occasionally, the best word translation cannot be found and these words are transliterated letter by letter. Four well known transliterations are *Christ*, *baptism*, *angel*, and *apostle*. The meaning is then preserved more accurately through context and a dictionary. The Aionian Bible un-translates and instead transliterates eleven additional Aionian Glossary words to help us better understand God's love for individuals and all mankind, and the nature of afterlife destinies.

The first three words are *aiōn*, *aiōnios*, and *aïdios*, typically translated as *eternal* and also *world* or *eon*. The Aionian Bible is named after an alternative spelling of *aiōnios*. Consider that researchers question if *aiōn* and *aiōnios* actually mean *eternal*. Translating *aiōn* as *eternal* in Matthew 28:20 makes no sense, as all agree. The Greek word for *eternal* is *aïdios*, used in Romans 1:20 about God and in Jude 6 about demon imprisonment. Yet what about *aiōnios* in John 3:16? Certainly we do not question whether salvation is eternal! However, *aiōnios* means something much more wonderful than infinite time! Ancient Greeks used *aiōn* to mean *eon* or *age*. They also used the adjective *aiōnios* to mean *entirety*, such as *complete* or even *consummate*, but never infinite time. Read Dr. Heleen Keizer and Ramelli and Konstan for proofs. So *aiōnios* is the perfect description of God's Word which has *everything* we need for life and godliness! And the *aiōnios* life promised in John 3:16 is not simply a ticket to eternal life in the future, but the invitation through faith to the *consummate* life beginning now!

The next seven words are *Sheol*, *Hadēs*, *Geenna*, *Tartaroō*, *Abyssos*, and *Limnē Pyr*. These words are often translated as *Hell*, the place of eternal punishment. However, *Hell* is ill-defined when compared with the Hebrew and Greek. For example, *Sheol* is the abode of deceased believers and unbelievers and should never be translated as *Hell*. *Hadēs* is a temporary place of punishment, Revelation 20:13-14. *Geenna* is the Valley of Hinnom, Jerusalem's refuse dump, a temporal judgment for sin. *Tartaroō* is a prison for demons, mentioned once in 2 Peter 2:4. *Abyssos* is a temporary prison for the Beast and Satan. Translators are also inconsistent because *Hell* is used by the King James Version 54 times, the New International Version 14 times, and the World English Bible zero times. Finally, *Limnē Pyr* is the Lake of Fire, yet Matthew 25:41 explains that these fires are prepared for the Devil and his angels. So there is reason to review our conclusions about the destinies of redeemed mankind and fallen angels.

The eleventh word, *eleēsē*, reveals the grand conclusion of grace in Romans 11:32. Please understand these eleven words. The original translation is unaltered and a highlighted note is added to 64 Old Testament and 200 New Testament verses. To help parallel study and Strong's Concordance use, apocryphal text is removed and most variant verse numbering is mapped to the English standard. We thank our sources at eBible.org, Crosswire.org, unbound.Biola.edu, Bible4u.net, and NHEB.net. The Aionian Bible is copyrighted with creativecommons.org/licenses/by/4.0, allowing 100% freedom to copy and print, if respecting source copyrights. Check the Reader's Guide and read at AionianBible.org, with Android, and with TOR network. Why purple? King Jesus' Word is royal and purple is the color of royalty! All profits are given to CoolCup.org.

# History

ଦେଖିଆ at AionianBible.org/History

06/21/75 - Two boys, P. and J., wonder if Jesus saves all and pray.
04/15/85 - Aionian Bible conceived as B. and J. pray.
12/18/13 - Aionian Bible announced as J. and J. pray.
06/21/15 - Aionian Bible birthed as G. and J. pray.
01/11/16 - AionianBible.org domain registered.
06/21/16 - 30 translations available in 12 languages.
12/07/16 - Nainoia Inc established as non-profit corporation.
01/01/17 - Creative Commons Attribution No Derivatives 4.0 license added.
01/16/17 - Aionian Bible Google Play Store App published.
07/01/17 - 'The Purple Bible' nickname begins.
07/30/17 - 42 translations now available in 22 languages.
02/01/18 - Holy Bible Aionian Edition® trademark registered.
03/06/18 - Aionian Bibles available in print at Amazon.com.
09/15/18 - Aionian Bible dedicated as J. and J. pray again.
10/20/18 - 70 translations now available in 33 languages.
11/17/18 - 104 translations now available in 57 languages.
03/24/19 - 135 translations now available in 67 languages.
10/28/19 - Aionian Bible nursed as another J. and J. pray.
10/31/19 - 174 translations now available in 74 languages.
02/22/20 - Aionian Bibles available in print at Lulu.com.
05/25/20 - Illustrations by Gustave Doré, La Grande Bible de Tours, Felix Just.
08/29/20 - Aionian Bibles now available in ePub format.
12/01/20 - Right to left and Hindic languages now available in PDF format.
03/31/21 - 214 translations now available in 99 languages.
11/17/21 - Aionian Bible Branded Leather Bible Covers now available.
12/20/21 - Social media presence on Facebook, Twitter, LinkedIn, YouTube, etc.
01/01/22 - 216 translations now available in 99 languages.
01/09/22 - StudyPack resources for Bible translation study.
01/23/22 - Volunteers celebrate with pie and prayer.
02/14/22 - Strong's Concordance from Open Scriptures and STEPBible.
02/14/23 - Aionian Bible published on the TOR Network.
12/04/23 - Eleēsē added to the Aionian Glossary.
02/04/24 - 352 translations now available in 142 languages.
05/01/24 - 370 translations now available in 164 languages.
08/05/24 - 378 translations now available in 165 languages.
08/18/24 - Creative Commons Attribution 4.0 International, if source allows.
10/20/24 - Gospel Primer handout format.
11/24/24 - Progressive Web Application off-line format.
01/28/25 - All profits are given to CoolCup.org.
03/12/25 - 382 translations now available in 166 languages.
05/04/25 - 393 translations now available in 175 languages.
05/27/25 - 462 translations now available in 229 languages.

# Table of Contents

## NEW TESTAMENT


ମାତିଉ ........ 1
ମାର୍କ ........ 36
ଲୁକ୍ ........ 60
ଜଅନ୍ ........ 99
ପେରିତ୍ ........ 129
ରମିୟ୍ ........ 167
୧ମ କରନ୍ତିୟ୍ ........ 185
୨ୟ୍ କରନ୍ତିୟ୍ ........ 202
ଗାଲାତିୟ୍ ........ 214
ଏପିସିୟ୍ ........ 221
ପିଲିପିୟ୍ ........ 227
କଲସିଅ ........ 232
୧ ତେସଲନିକିୟ୍ ........ 236
୨ ତେସଲନିକିୟ୍ ........ 240
୧ମ ତିମତି ........ 242
୨ୟ୍ ତିମତି ........ 248
ତିତସ୍ ........ 252
ପିଲିମନ୍ ........ 255
ଏବ୍ରି ........ 256
ଜାକୁବ ........ 270
୧ ମ ପିତର୍ ........ 275
୨ ୟ୍ ପିତର୍ ........ 280
୧ ମ ଜଅନ୍ ........ 283
୨ ୟ୍ ଜଅନ୍ ........ 288
୩ ୟ୍ ଜଅନ୍ ........ 289
ଜିଉଦା ........ 290
ପର୍କାସିତ ........ 292


## APPENDIX


Reader's Guide
Glossary
Maps
Destiny
Illustrations, Doré

# NEW TESTAMENT




ସେବେଲା ଜିସୁ କଇଲା, “ଏ ବାବା ଏମନ୍‌କେ କେମା କରିଦିଆସ୍, କାଇକେ ବଇଲେ ଏମନ୍ କାଇଟା କଲାଇନି ସେଟା ନାଜାନତ୍ ।”
ସେମନ୍ ଜିସୁର୍ ପଟିଆ ନେଇ କାକେ ମିଲ୍‌ସି ବଲି କେଡ୍ ପୁଟାଇଲାଇ ।
ଲୁକ୍ ୨୩:୩୪

# ମାତିଉ

୧ ଏଟା ଅଇଲାନି ଜିସୁକିରିସ୍‌ଟର୍ ଆନିଦାଦିମନର୍ ନାଉଁ
ତାଲିକା । ସେ ଦାଉଦ୍ ବଁସର୍ ରଇଲା ଆରି ଦାଉଦ୍
ଅବ୍‌ରାଆମ୍ ବଁସର୍ ରଇଲା । ୨ ଅବ୍‌ରାଅମର୍ ପଅ ଇସାକ୍,
ଇସାକର୍ ପଅ ଜାକୁବ୍, ଜାକୁବର୍ ପଅ ଜିଉଦା ଆରି ତାର୍
ବାଇମନ୍ । ୩ ଜିଉଦା ପେରସ୍ ଆରି ଜେରଅର୍ ବାବା ରଇଲା,
ତାକର୍ ମାଆ ଅଇଲାନି ତାମର୍ । ପେରସର୍ ପଅ ଏସ୍‌ରନ୍
। ୪ ଏସ୍‌ରନର୍ ପଅ ଆରାମ୍, ଆରାମର୍ ପଅ ଅମିନାଦବ୍
ଅମିନାଦବର୍ ପଅ ନଅସନ୍, ନଅସନର୍ ପିଲା ସଲ୍‌ମନ୍ ୫
ସଲ୍‌ମନର୍ ପଅର୍ ନାଉଁ ବୟଜ୍, ବୟଜର୍ ମାଆ ରାଅବ୍ ।
ବୟଜର୍ ପଅର୍ ନାଉଁ ଅବେଦ୍ ଆରି ଅବେଦର୍ ମାଆର୍ ନାଉଁ ରୁତ୍
। ଅବେଦର୍ ପଅ ଜସୟ, ୬ ଦାଉଦ୍ ରାଜାର୍ ସାସନ୍ ବେଲେ ଅନି
ଜେଡେବଲ୍ ଇସ୍‌ରାଏଲ୍ ଲକ୍‌ମନ୍‌କେ ବାବିଲନ୍ ଦେସେ ବାନ୍ଦି
ନେଇରଇଲା ଜାକ ସେତ୍‌କି ଆନିଦାଦିମନର୍ ତାଲିକା ଆଚେ ।
ଜସୟର୍ ପଅ ଦାଉଦ୍ ରାଜା । ଉରିୟର୍ ମାଇଜିର୍ ପେଟେ ଅନି
ସଲ୍‌ମନ୍‌କେ ଜନମ୍ ଦେଲା, ୭ ସଲମନର୍ ପଅ ରିଅବିୟାମ୍
ରିଅବିୟାମର୍ ପଅ ଅବିୟ । ୮ ଅବିୟର୍ ପଅ ଆସା, ଆସାର୍ ପଅ
ଜିଅସାପଟ୍, ଜିଅସାପଟର୍ ପଅ ଜରାମ୍, ଜରାମର୍ ପଅ ଉଜିୟ ।
୯ ଉଜିୟର୍ ପଅ ଜତାମ୍, ଜତାମର୍ ପଅ ଆଅସ୍, ଆଅସର୍ ପଅ
ଇଜକିୟ । ୧୦ ଇଜକିୟର୍ ପଅ ମନସେଅ, ମନସେଅର୍ ପଅ
ଆମନ୍, ଆମନର୍ ପଅ ଜସିୟ । ୧୧ ଜସିୟ ବାବିଲନ୍ ନଅରେ
ବାସା ଅଇରଇଲା ବେଲେ, ଜିକନିୟ ଆରି ତାର୍ ବାଇମନ୍ ଜନମ୍
ଅଇଲାଇ । ୧୨ ବାବିଲନେ ବନ୍ଦିଅଇ ସାର୍‌ଲା ପଚେଅନି ଜିସୁର୍
ଜନମ୍ ଜାକ ଏତ୍‌କି ଆନିଦାଦିମନର୍ ତାଲିକା ଆଚେ । ଜିକନିୟ
ବାବିଲନେ ବାସାଅଇରଇଲା ବେଲେ, ସଲ୍‌ଟିଏଲ୍ ଜନମ୍ ଅଇଲା,
ସଲ୍‌ଟିଏଲର୍ ପଅ ଜିରୁବାବେଲ୍, ୧୩ ଜିରୁବାବେଲର୍ ପଅ
ଅବିଉଦ୍, ଅବିଉଦର୍ ପଅ ଏଲିୟାକିମ୍, ଏଲିୟାକିମର୍ ପଅ
ଅଜୁର୍ । ୧୪ ଅଜୁର୍ ପଅ ସାଦକ୍, ସାଦକର୍ ପଅ ଆକିମ୍,
ଜାକିନର୍ ପଅ ଏଲିଉଦ୍, ଏଲିଉଦର୍ ପଅ ଏଲାଜାର୍, ଏଲାଜାରର୍
ପଅ ମତ୍‌ତାନ୍ । ୧୫ ମତ୍‌ତାନର୍ ପଅ ଜାକୁବ୍, ଜାକୁବର୍ ପଅ
ଜସେପ୍ । ୧୬ ଏ ଜସେପ୍ ମରିୟମ୍‌କେ ବିବା ଅଇରଇଲା
। ମରିୟମର୍ ପେଟେଅନି ଜିସୁ ଜନମ୍ ଅଇରଇଲା । ଜିସୁ
କିରିସ୍‌ଟକେ ମସିଅ ବଲି ମିସା ନାଉଁ ଆଚେ । ୧୭ ଏନ୍ତାରି
ଅବ୍‌ରାଆମର୍‌ତେଇ ଅନି ଦାଉଦ୍ ରାଜାର୍ ଜାକ ଚଉଦ ଉତାର୍,
ଦାଉଦର୍‌ତେଇ ଅନି ବାବିଲନ୍ ବନ୍ଦିରଇଲା ଜାକ ଚଉଦ ଉତାର୍,
ଆରି ବାବିଲନେ ବନ୍ଦିଅଇରଇଲା ବେଲେଅନି ଜିସୁକିରିସ୍‌ଟର୍
ଜନମ୍ ଜାକ ଚଉଦ ଉତାର୍ । ୧୮ ଏଟା ଅଇଲାନି ଜିସୁ କିରିସ୍‌ଟର୍
ଜନମ୍ ବିସଇ । ଜିସୁର୍ ମା ମରିୟମର୍ ସଙ୍ଗ ଜସେପ୍ ନାଉଁର୍
ଗଟେକ୍ ଦାଙ୍ଗ୍‌ଡାର୍ ପାଇ ବିବା ମାଙ୍ଗ୍‌ନି ଅଇରଇଲା । ମାତର୍
ସେମନର୍ ବିବା ନ ଅଇତେ ସୁକଲ୍ ଆତ୍‌ମାଇ ଅନି ଗାଗ୍‌ଡେ
ଅଇରଇବାଟା ମରିୟମ୍ ଜାନିପାର୍‌ଲା । ୧୯ ଜସେପ୍ ଗଟେକ୍
ଦରମ୍ ଲକ୍ ରଇଲା ଆରି ସବୁବେଲେ ସତ୍ କାମ୍ କର୍‌ତେରଇଲା
। ଆରି ମରିୟମ୍‌କେ ଲକ୍‌ମନର୍ ଟାନେ ନିନ୍ଦା କାତା ସୁନାଇବାକେ
ମନ୍ ନ କର୍‌ତେ ରଇଲା । ସେଟାର୍‌ପାଇ କେ ନାଜାନ୍‌ତେ ତାର୍
ବିବା ମାଙ୍ଗ୍‌ନି ପିଟାଇଦେବାକେ ଉପାଇ ପାଁଚ୍‌ତେ ରଇଲା ।
୨୦ ସେ ଏନ୍ତି ଉପାଇ ପାଁଚ୍‌ଲା ବେଲେ, ଜସେପ୍‌କେ ଗଟେକ୍
ପର୍‌ମେସରର୍ ଦୁତ୍ ସପ୍‌ନେ ଦେକାଇ ଅଇ କଇଲା, ଏ ଦାଉଦର୍
ନାତିର୍ ତିତି ଜସେପ୍, ଡର୍‌ନାଇ । ମରିୟମ୍‌କେ ମାଇଜି କରି
ସଙ୍ଗ୍‌ଅ । କାଇକେବଇଲେ ସୁକଲ୍ ଆତ୍‌ମାଇ ଅନି ସେ ଗାଗ୍‌ଡେ
ଅଇଲାଆଚେ । ୨୧ ତାର୍‌ଟାନେଅନି ଗଟେକ୍ ପିଲା ଜନମ୍
ଅଇସି, ତମେ ତାକେ ଜିସୁ ବଲି ନାଉଁ ଦିଆସ୍, କାଇକେବଇଲେ
ସେ ତାର୍ ଲକ୍‌ମନ୍‌କେ ସେମନର୍ ପାପେଅନି ଉଦାର୍ କର୍‌ସି
। ୨୨ ଆଇବା ଦିନ୍‌ମନ୍‌କେ କାଇଟା ଅଇସି ବଲି, ପର୍‌ମେସର୍
ଗଟେକ୍ ବବିସତ୍‌ବକ୍‌ତାକେ ପାଟାଇ ଜନ୍ କାତା ସୁନାଇରଇଲା,
ସେଟା ପୁରାପୁରୁନ୍ ଅଇବାକେ ଏ ସବୁ ଅଇଲା । ୨୩ ଗଟେକ୍
ଦାଙ୍ଗ୍‌ଡି ଗାଗ୍‌ଡେ ଅଇ ପିଲା ଜନମ୍ କର୍‌ସି, ଆରି ସେ ପିଲା
ଲକ୍‌ମନର୍ ଟାନେ ଇମାନୁଏଲ୍ ବଲି ନାମାଇ ଅଇସି, ଏ ନାଉଁର୍
ଅରତ୍ ଅଇଲାନି, ପର୍‌ମେସର୍ ଆମର୍ ସଙ୍ଗ୍ ଆଚେ । ୨୪ ଜସେପ୍
ସଇଲା ଟାନେଅନି ଉଟି, ପର୍‌ମେସରର୍ ଦୁତ୍ ଜେନ୍ତି କଇରଇଲା,
ସେନ୍ତି କଲା । ମରିୟମ୍‌କେ ବିବା ଅଇଲା । ୨୫ ମାତର୍ ସେ ପିଲା
ଜନମ୍ ନ ଅଇବା ଜାକ ମରିୟମ୍ ସଙ୍ଗ୍ ସୁଆବସା କରେନାଇ ।
ଜସେପ୍ ସେ ପିଲାକେ ଜିସୁ ବଲି ନାଉଁ ଦେଲା ।

୨ ଏରଦ୍ ରାଜାର୍ ସାସନ୍ ବେଲେ, ଜିଉଦା ରାଇଜର୍
ବେତ୍‌ଲିଇମେ ଜିସୁ ଜନମ୍ ଅଇଲା । ଜନମ୍ ଅଇ ଚନେକ୍
ଜିବାକେ ପୁରୁବ୍ ଦେସର୍ କେତେଟା ତାରାର୍ ବିସଇ ପଡ୍‌ତେ
ରଇବା ପଣ୍ଡିତ୍‌ମନ୍ ଜିରୁସାଲାମେ ଆସି ପାଚାର୍‌ଲାଇ, ୨ "ଜନ୍
ପିଲା ଜିଉଦିମନର୍ ରାଜା ଅଇବାକେ ଜନମ୍ ଅଇଲାଆଚେ, ସେ
କନ୍ତି ଆଚେ? କାଇକେବଇଲେ ଆମେ ପୁରୁବ୍ ଦେସେ ତାର୍
ତାରା ଦେକି ତାକେ ପୁଜା କର୍‌ବାର୍ ଆସିଆଚୁ ।" ୩ ପଣ୍ଡିତ୍‌ମନର୍
କାତା ସୁନି ଏରଦ୍ ରାଜା ଆରି ତାର୍ ସଙ୍ଗ୍ ରଇବା ଜିରୁସାଲାମର୍
ଲକ୍‌ମନ୍ ସବୁ କିଲ୍‌ବିଲ୍ ଅଇଗାଲାଇ । ୪ ଆରି ଏରଦ୍ ସବୁ ମୁକିଅ
ପୁଜାରିମନ୍‌କେ ଆରି ସାସ୍‌ତର୍ ସିକାଉମନ୍‌କେ ଡାକାଇ କରି,
"ମସିଅ ଜେ କି କିରିସ୍‌ଟ କନ୍ ଜାଗାଇ ଜନମ୍ ଅଇଆଚେ?" ସେଟା
ସେମନର୍‌ତେଇ ଅନି ବୁଜ୍‌ବାକେ ଚେସ୍‌ଟା କଲା । ୫ ପଣ୍ଡିତ୍‌ମନ୍
ଏରଦ୍ ରାଜାକେ କଇଲାଇ, ଜିଉଦା ରାଇଜର୍ ବେତ୍‌ଲିଇମ୍
ଗଡେ, ଜନ୍‌ଟାକି ଗଟେକ୍ ବବିସତ୍‌ବକ୍‌ତା ଏନ୍ତାରି ଲେକିଆଚେ
। ୬ ଏ ଜିଉଦା ଦେସର୍ ବେତ୍‌ଲିଇମ୍, ତୁଇ ଜିଉଦା ରାଇଜର୍
ମୁକିଅ ଗଡ୍‌ମନର୍‌ତେଇ ଅନି ସାନ୍ ନଉଁସ୍, କାଇକେବଇଲେ
ମର୍ ଇସ୍‌ରାଏଲର୍ ଲକ୍‌ମନ୍‌କେ ବାଟ୍ ଦେକାଇସି, ଏନ୍ତାରି
ଗଟେକ୍ ସାସନ୍‌କାରିଆ ତର୍‌ତେଇଅନି ଉବଜ୍‌ସି । ୭ ଏଟା ସୁନି
କରି ଏରଦ୍ ରାଜା ସେ ପଣ୍ଡିତ୍‌ମନ୍‌କେ ଲୁଚ୍‌ତେ ଡାକାଇ, ତାରା

କନ୍ ବେଲାଇ ଉଦିରଇଲା, ସେମନର୍‌ତେଇ ଅନି ଟିକ୍ ସଙ୍ଗ
ବୁଜିନେଲା । **୮** ତାର୍‌ପଚେ ସେମନ୍‌କେ କଇ ପାଟାଇଲା, "ତମେ
ଜାଆ ଆରି ବେତ୍‌ଲିଇମେ ସେ ପିଲାକେ ନିମାନ୍ କରି କଜିଦେକା,
ଆରି ପିଲା ମିଲ୍‌ଲେସରି ମକେ ଜାନାଆ ମୁଇ ମିସା ଜାଇ ତାକେ
ଦର୍‌ସନ୍ କର୍‌ବି ।" **୯** ପଣ୍ଡିତ୍‌ମନ୍ ରାଜାର୍ କାତା ସୁନି ସେ
ଜାଗାଇଅନି ବାରିଗାଲାଇ । ଗାଲାବେଲେ ଏଦେ ଦେକା! ସେମନ୍
ପୁରୁବ୍ ଦେସେ ଜନ୍ ତାରା ଦେକି ରଇଲାଇ, ସେ ତାରା ଆରି
ତରେକ୍ ଡିସ୍‌ଲା । **୧୦** ସେମନ୍ ତାରା ଦେକି ବେସି ସାର୍‌ଦା
ଅଇଗାଲାଇ । ତାରା ସେମନର୍ ଆଗେ ଜାଇକରି ଜିସୁ ରଇଲା
ଜାଗାର୍ ଉପ୍‌ରେ ଅଟ୍‌କିଗାଲା । **୧୧** ପଣ୍ଡିତ୍‌ମନ୍ ସେ ଗର୍ ବିତ୍‌ରେ
ପୁରି ପିଲାକେ ତାର୍ ମା ମରିୟମ୍ ସଙ୍ଗ ରଇଲାଟା ଦେକି, ତାକେ
ମାଣ୍ଡିକୁଟା ଦେଇ ଜୁଆର୍ କଲାଇ, ଆରି ଆନିରଇବା ସୁନା,
କୁନ୍ଦୁରୁ ଆରି ଗନ୍ଦରସ୍ ବେଟି, ପିଲାକେ ଦେଲାଇ । **୧୨** ପଚେ
ସେମନ୍ ଏରଦର୍ ଲଗେ ଆରିତରେକ୍ ନ ଜାଇକରି ବିନ୍ ବାଟେ
ନିଜର୍ ଦେସେ ବାଉଡି ଗାଲାଇ । କାଇକେବଇଲେ ଏରଦର୍
ଟାନେ ଆରିତରେକ୍ ବାଉଡି ନ ଜିବାକେ ପର୍‌ମେସର୍ ସେମନ୍‌କେ
ସପ୍‌ନେ ଆଦେସ୍ ଦେଇରଇଲା । **୧୩** ପଣ୍ଡିତ୍‌ମନ୍ ଗାଲାପଚେ,
ପର୍‌ମେସରର୍ ଗଟେକ୍ ଦୁତ୍ ଜସେପ୍‌କେ ସପ୍‌ନେ ଦର୍‌ସନ୍
ଦେଇ କଇଲା, "ଉଟ୍, ପିଲାକେ ଆରି ତାକର୍ ଆୟାକେ ଦାରି
ମିସର୍ ଦେସେ ଦାପ୍‌ରେ ଉଟିଜା । ଏରଦ୍ ପିଲାକେ ମରାଇବାକେ
କଜିବୁଲ୍‌ସି । ମୁଇ ସେ ଜାଗା ଚାଡା ବଲି ନ କଇବା ଜାକ
ତେଇସେ ରୁଆ ।" **୧୪** ଏ କାତା ସୁନି ଜସେପ୍ ସେ ରାତି, ପିଲାକେ
ଆରି ତାର୍ ମାକେ ଦାରି ମିସର୍ ଦେସେ ଉଟିଗାଲା । **୧୫** ଏରଦ୍
ରାଜା ମର୍‌ବା ଜାକ ମିସର୍ ଦେସେସେ ରଇଲାଇ, ଜେନ୍ତାର୍ କି
ବବିସତ୍‌ବକ୍‌ତା କଇରଇଲା ମାପ୍ରୁର୍ ବାକିଅ ସିଦ୍ ଅଇଲା,
ମର୍ ପିଲାକେ ମୁଇ ମିସର୍ ଦେସେଅନି ଡାକି ଆନ୍‌ଲି । **୧୬**
ପୁରୁବ୍ ଦେସେଅନି ଆସିରଇଲା ପଣ୍ଡିତ୍‌ମନ୍ ତାକେ ନାଡାଇ କରି
ଉଟିଗାଲାଇ ଆଚତ୍ ବଲି ଜାନି, ଏରଦ୍ ବେସି ରିସା ଅଇଗାଲା ।
ବେତ୍‌ଲିଇମ୍ ଆରି ସେ ଲଗେ ପାକେ ରଇବା ଦୁଇ ବରସ୍ ଅନି
ତଲେ ରଇଲା ସବୁ ପିଲାମନ୍‌କେ ମରାଇବାକେ ଆଦେସ୍ ଦେଲା
। ପଣ୍ଡିତ୍‌ମନର୍ ଟାନେଅନି ତାରା ଡିସ୍‌ତେ ରଇବା ବେଲା ସେ
ଜାନିରଇଲା । ସେ ଇସାବେ ପିଲାମନର୍ ବରସ୍ ଟିକ୍ କରିରଇଲା
। **୧୭** ଏନ୍ତି ଅଇଲାଜେ ଜିରିମିୟ ବବିସତ୍‌ବକ୍‌ତା କଇଲା ଏ
ବାକିଅ ପୁରାପୁରୁନ୍ ଅଇଲା । ସେ ଏନ୍ତି କଇରଇଲା, **୧୮** ରାମା
ନାଉଁର୍ ସଅରେ ମାର୍‌ଚପ୍ ଅଇ କାନ୍ଦବାଟା ସୁନି ଅଇଲାନି,
ରାଏଲ୍ ତାର୍ ପିଲାମନର୍ ପାଇ କାନ୍ଦଲାନି । ତାକେ ଜେତେକ୍
ବୁଜାଇଲେ ମିସା ବୁଜେନାଇ । କାଇକେବଇଲେ ତାର୍ ପିଲାମନ୍
ସବୁ ମରିଜାଇରଇଲାଇ । **୧୯** ଏରଦ୍ ମଲାପଚେ, ଏଦେ ଦେକା!
ମାପ୍ରୁର୍ ଗଟେକ୍ ଦୁତ୍ ମିସର୍ ଦେସେ ଜସେପ୍‌କେ ଦର୍‌ସନ୍
ଦେଇ କଇଲା, **୨୦** "ଉଟ୍ ଆରି ବାରଇକରି, ଦୁଇ ମାଆ ପିଲାକେ
ଇସ୍‌ରାଏଲ୍ ଦେସେ ଦାରିଜା । କାଇକେବଇଲେ ଜନ୍ ଲକ୍‌ମନ୍ କି
ପିଲାର୍ ଜିବନ୍ ନେବାକେ ଚେସ୍‌ଟା କର୍‌ତେରଇଲାଇ, ସେମନ୍
ମରିଗାଲାଇ ଆଚତ୍ ।" **୨୧** ଜସେପ୍ ଏ କାତା ସୁନି ଜିସୁ ଆରି
ତାର୍ ମାଆ ମରିୟମ୍ ସଙ୍ଗ ବାରଇକରି ଇସ୍‌ରାଏଲ୍ ଦେସେ
ବାଉଡି ଆଇଲାଇ । **୨୨** ମାତର୍ ଜସେପ୍, ଏରଦର୍ ପଚେ ତାର୍
ପଅ ଆର୍‌କିଲାୟ ଜିଉଦା ରାଇଜର୍ ରାଜା ଅଇଆଚେ ବଲି
ସୁନିକରି ତେଇ ଜିବାକେ ଡର୍‌ଲା । **୨୩** ମାତର୍ ଆରିଗଟେକ୍
ବିନ୍ ସପନ୍ ଇସାବେ ଗାଲିଲି ଦେସେ ଜାଇକରି ନାଜରିତ୍ ନାଉଁର୍
ଗଡେ ବାସା ଅଇ ରଇଲା । ଜେନ୍ତାର୍ କି ବବିସତ୍‌ବକ୍‌ତା କଇଲା
ଏ ବାକିଅ ସିଦ୍ ଅଇଲା । ସେ ଏନ୍ତି ବଲି କଇରଇଲା, "ସେ
ନାଜରିତିୟା ବଲି ଡାକ୍‌ପୁଟା ଅଇସି ।"

**୩** ସେବେଲେ ଡୁବନ୍ ଦେଉ ଜଅନ୍ ଜିଉଦା ରାଇଜର୍ ମରୁବାଲି
ବୁଏଁ ଆସି ଜାନାଇବାର୍ ଦାର୍‌ଲା । **୨** ସେ ଏନ୍ତି ବଲି
କଇତେରଇଲା, "ପାପ୍‌ଟାନେଅନି ବାଉଡା, କାଇକେବଇଲେ
ସରଗ୍ ରାଇଜ୍ ଲଗେ କେଟ୍‌ଲାନି ।" **୩** ଜିସାଇୟ ବବିସତ୍‌ବକ୍‌ତା
ଜନ୍ ଲକର୍ ବିସଇନେଇ ଏ ବାକିଅ କଇରଇଲା, ଜଅନ ସେ,
ସେ ଲକ୍ । ମରୁବାଲି ବୁଏଁ ଗଟେକ୍ ଲକ୍ ଆକ୍‌ମାରି କଇଲାନି,
"ମାପ୍ରୁର୍ ବାଟ୍ ତିଆର୍ କରା, ସେ ଆଇବାକେ ଗଟେକ୍ ସଲକ୍
ବାଟ୍ କରା ।" **୪** ଜଅନ୍ ପିନ୍ଦବାଟା ଉଁଟ୍ ଚାମ୍ ସଙ୍ଗ ତିଆର୍
ଅଇ ରଇଲା । ଆରି ଚାମର୍ ଆଁଟାବେଡା ବାନ୍ଦିଅଇତେ ରଇଲା
। ସେ ଚିଟ୍‌କା ଆରି ବନେ ରଇବା ମୁଉ କାଇତେରଇଲା ।
**୫** ସେ ବେଲେ ଜିରୁସାଲମ୍ ଅନି ଗୁଲାଇ ଜିଉଦା ଦେସ୍ ଆରି
ଜର୍‌ଦନର୍ ପାକର୍ ସବୁଟାନର୍ ଲକ୍‌ମନ୍ ବାରଇ ଜଅନର୍ ଲଗେ
ଆଇତେରଇଲାଇ । **୬** ଆରି ନିଜର୍ ନିଜର୍ ପାପ୍ କଲାଟା
ମାନିଅଇକରି ଜଅନର୍ ଟାନେ ଜାଇ ଜର୍‌ଦନ୍ ଗାଡେ ଡୁବନ୍
ନେଇତେ ରଇଲାଇ । **୭** ମାତର୍ ପାରୁସି ଆରି ସାଦୁକି ମନର୍
ବିତ୍‌ରେ ଅନି ମିସା କେତେକ୍ ଲକ୍ ଡୁବନ୍ ନେବାକେ ଆଇବାଟା
ଦେକି ଜଅନ୍ ସେମନ୍‌କେ କଇଲା, "ଏ ବେସି ବିସ୍‌ରଇବା ସାଁପର୍
ପାରା ବଁସର୍ ଲକ୍‌ମନ୍, ପର୍‌ମେସରର୍ ଟାନେଅନି ଆଇବା
ଡଣ୍ଡତେଇ ଅନି ପାଲାଇବାକେ ତମ୍‌କେ କେ ଚେତ୍‌ନା ଦେଲା?
**୮** ତେବର୍ ପାଇ, ଜଦି ପାପ୍ କାମ୍ କର୍‌ବାଟା ଚାଡିଆଚାସ୍,
ସେନ୍ତାର୍‌ଆଲେ ନିକ କାମ୍ କରି ଦେକାଆ । **୯** ଅବ୍‌ରାଆମ୍
ଆମର୍ ପୁର୍‌ବର୍ ଆନିଦାଦି ବଲି କଇଲେ ତମ୍‌କେ ପର୍‌ମେସର୍
ଦେବା ଡଣ୍ଡ ନ ମିଲେ ବଲି ବାବା ନାଇ । ମୁଇ ତମ୍‌କେ କଇଲିନି,
ପର୍‌ମେସର୍ ପାକ୍‌ନାତେଇ ଅବ୍‌ରାଆମର୍ ବଁସ୍ ତିଆର୍ କର୍‌ସି ।
**୧୦** ଆରି ଏବେ ମିସା ଗଚ୍‌ମନର୍ ବୁନ୍ଦେ ଟେଙ୍ଗିଆ ଲାଗିଆଚେ ।
ଜନ୍ ଗଚ୍ ନିକ ପଲ୍ ନ ପଲେ, ସେଟା କାଟିକରି ଜଇଟାନେ ପିଙ୍ଗା
ଅଇସି । **୧୧** ମୁଇ ସିନା ତମ୍‌କେ ପାପେଅନି ମନ୍ ବଦ୍‌ଲାଇଲାଟା
ଦେକାଇଅଇବାକେ ବଲି ପାନିତେଇ ଡୁବନ୍ ଦେଲିନି, ମାତର୍
ମର୍ ପଚେ ଜେ ଆଇଲାନି, ସେ ମର୍‌ତେଇ ଅନି ଅଦିକ୍ ବପୁଟା ।
ତାର୍ ପାଦର୍ ପାଣ୍ଡଇ ମିସା ଦାରି ନେବାର୍ ମର୍ ଅଦିକାର୍ ନାଇ,
ସେ ତମ୍‌କେ ସୁକଲ୍‌ଆତ୍‌ମାଇ ଆରି ଜଇଟାନେ ଡୁବନ୍ ଦେଇସି

। ୧୨ ଉଡାଲି କରି ପଟ୍ ବେଗ୍‌ଲାଇ ନିକଟାକେ ସଙ୍ଗଇବାକେ
ତାର୍ ଆତେ କୁଲା ଆଚେ । ନିକଟା ତାର୍ କଲ୍‌କିତେଇ ସଙ୍ଗଇସି
ଆରି ବେଗଲ୍‌ଲା ପଟ୍ ସବୁଦିନେ ଲାଗ୍‌ତେରଇବା ଜଇଟାନେ
ପିଙ୍ଗିଦେଇସି ।" ୧୩ ସେଡ୍‌କିବେଲେ ଜିସୁ ଜଅନର୍ ଲଗେ ଡୁବନ୍
ନେବାକେ ଗାଲିଲି ଅନି ଜର୍‌ଦନ୍ ଗାଡେ ଆଇଲା, ୧୪ ମାତର୍
ଜଅନ୍ ଜିସୁକେ ମନାକରି କଇଲା, "ମୁଇ ସିନା ତମର୍ ଲଗେ
ଡୁବନ୍ ନେବାର୍ ଆଚେ, ମାତର୍ ତମେ ମର୍‌ଲଗେ ଆଇଲାସ୍‌ନି?"
୧୫ ମାତର୍ ଜିସୁ ତାକେ କଇଲା, "ମର୍ କାତାଇ ରାଜି ଅଇ
ଜା । କାଇକେବଇଲେ ଏଟାର୍ ଲାଗି ଆମେ ପର୍‌ମେସର୍ ମନ୍
କରିରଇବା କାମ୍ କରିଅଇସି ।" ସେଟାର୍‌ପାଇ ଜଅନ୍ ତାକେ
ଡୁବନ୍ ଦେବାକେ ରାଜି ଅଇଲା । ୧୬ ଜିସୁ ଡୁବନ୍ ନେବାକେ
ପାନି ବିତ୍‌ରେ ବୁଡି ବାରଇଲା ଦାପ୍‌ରେ ଏଦେ ଦେକା! ସରଗ୍
ଉଗାଡି ଅଇ ରଇଲାଟା ଦେକ୍‌ଲା । ଆରି ପର୍‌ମେସରର୍ ଆତ୍‌ମା
ପରୁଆ ପାରା ଅଇ ଜିସୁର୍ ଉପ୍‌ରେ ଉତର୍‌ଲା । ୧୭ ଆରି ଦେକା
ଆକାସେ ଅନି ଏନ୍ତି କାତା ଆଇଲା "ଏ ମର୍ ଆଲାଦର୍ ପିଲା,
ତର୍‌ଟାନେ ମୁଇ ବେସି ସାର୍‌ଦା ।"

**୪** ତାର୍‌ପଚେ ସୁକଲ୍‌ଆତ୍‌ମା ଜିସୁକେ ମରୁବାଲି ବୁଏଁ
ଡାକିନେଲା । ତେଇ ସଇତାନ୍ ତାକେ ପରିକା କଲା । ୨
ଜିସୁ ଚାଲିସ୍ ଦିନ୍ ଚାଲିସ୍ ରାତି ଉପାସ୍ ରଇକରି ବିତାଇଲା
ପଚେ, ତାକେ ବେସି ବୁକ୍ କଲା । ୩ ସେଡ୍‌କିବେଲେ ସଇତାନ୍
ତାର୍ ଲଗେ ଆସି କଇଲା "ତୁଇ ଜଦି ପର୍‌ମେସରର୍ ପଅ,
ତେବେ ଏ ପାକ୍‌ନାମନ୍ 'ରୁଟି ଅଇଜା' ବଲି ଆଦେସ୍ ଦେସ୍ ।" ୪
ମାତର୍ ଜିସୁ କଇଲା, "ସାସ୍‌ତରେ ଲେକାଆଚେ ମୁନୁସ୍ ଅବ୍‌କା
ରୁଟି କାଇକରି ନ ବଁଚେ, ମାତର୍ ପର୍‌ମେସରର୍ ଟଣ୍ଡେ ଅନି
ବାରଇବା ସବୁ ବାକିଅ ଟାନେ ବଁଚ୍‌ସି ।" ୫ ତେଇଅନି ସଇତାନ୍
ଜିସୁକେ ସୁକଲ୍ ଗଡ୍ ଜିରୁସାଲାମ୍ ଡାକିନେଲା । ତେଇ ତାକେ
ମନ୍ଦିର୍ ଟିପେ ଟିଆ କରାଇ କଇଲା, ୬ "ତୁଇ ଜଦି ପର୍‌ମେସରର୍
ପଅ, ତେବେ ଇତିଅନି ତଲେ ଡେଗଇ ଦେସ୍, ସାସ୍‌ତରେ ଲେକା
ଆଚେ, "ପର୍‌ମେସର୍ ତାର୍ ଦୁତ୍‌ମନ୍‌କେ ତର୍ ବିସଇନେଇ
ଆଦେସ୍ ଦେଇସି, ଆରି ସେମନ୍ ତକେ ଆତେ ଦାରି ଟେକ୍‌ବାଇ
। ତେବେ ତର୍ ଗଡେ ପାକ୍‌ନା ନ ପାଏ ।" ୭ ଜିସୁ ସଇତାନ୍‌କେ
କଇଲା, "ପର୍‌ମେସରର୍ ସାସ୍‌ତରେ ଏନ୍ତି ଲେକାଆଚେ, ତୁଇ
ତର୍ ମାପ୍‌ରୁ ପର୍‌ମେସର୍‌କେ ପରିକା କର୍‌ନାଇ ।" ୮ ତାର୍ ପଚେ
ସଇତାନ୍ ଜିସୁକେ ବେସି ଉଁଚ୍ ରଇବା ଗଟେକ୍ ଡଙ୍ଗର୍ ଟିପେ
ଡାକି ଦାରିଗାଲା । ଆରି ଦୁନିଆର୍ ସବୁ ରାଇଜର୍ ଦନ୍ ସଁପତି
ଦେକାଇ କଇଲା, ୯ "ତୁଇ ଜଦି ମକେ ମାଣ୍ଡିକୁଟା ଦେଇ ଜୁଆର୍
କର୍‌ସୁ ବଇଲେ ମୁଇ ଏ ସବୁ ତକେ ଦେଇପାକାଇବି ।" ୧୦
ତେଇ ଜିସୁ ତାକେ କଇଲା "ମର୍‌ଟାନେଅନି ଦୁର୍ ଅ ସଇତାନ୍,
ସାସ୍‌ତରେ ଲେକା ଆଚେ, ତୁଇ ପର୍‌ମେସର୍‌କେ ଜୁଆର୍ କର୍‌ସୁ,
ଆରି ତାକେସେ ସେବା କର୍‌ସୁ ।" ୧୧ ତାର୍‌ପଚେ ସଇତାନ୍
ଜିସୁକେ ଚାଡି ବାରିଗାଲା, ଆରି ଏଦେ ଦେକା! ସରଗର୍ ଦୁତ୍‌ମନ୍
ଆସି ଜିସୁକେ ସେବା କର୍‌ବାର୍ ଦାର୍‌ଲାଇ । ୧୨ ତାର୍‌ପଚେ
ଡୁବନ୍ ଦେଉ ଜଅନ୍ ବନ୍ଦି ଅଇଲାଆଚେ ବଲି ଜିସୁ ସୁନିକରି
ଗାଲିଲି ଉଟି ଗାଲା । ୧୩ ତାର୍ ପଚେ, ସେ ନାଜରିତ୍ ଚାଡି କରି
ସବ୍‌ଲୁନର୍ ଆରି ନପ୍‌ତାଲିନ୍ ନାଉଁର୍ ଜାଗା ଲଗେ ରଇବା ଗାଡ୍
କଣ୍ଟି ରଇଲା, କପରନାଉମେ ଜାଇ ବାସା କଲା । ୧୪ ଜେନ୍ତାର୍
କି ଜିସାୟ ବବିସତ୍‌ବକ୍‌ତାର୍ ଏ କାତା ପୁରୁନ୍ ଅଇଲା । ସେ
କଇରଇଲା, ୧୫ "ଜର୍‌ଦନ୍ ଗାଡ୍ ସେପାଟେ ସମ୍‌ଦୁରେ ଜିବା
ବାଟେ ରଇଲା ସବ୍‌ଲୁନ୍ ଆରି ନାପ୍‌ତାଲି ନାଉଁର୍ ଦୁଇଟା ଦେସ୍,
ଅବିସ୍‌ବାସି ମନର୍ ଗାଲିଲି! ୧୬ ଆନ୍ଧାରେ ରଇବା ଲକ୍‌ମନ୍
ବଡ୍ ଉଜଲର୍ ଦର୍‌ସନ୍ ଦେକ୍‌ବାଇ ଆରି ମରନର୍ ଆନ୍ଧାରେ
ରଇଲା ଲକ୍‌ମନର୍ ଉପ୍‌ରେ ସେ ଉଜଲ୍ ଉଦ୍‌ସି ।" ୧୭ ସେ
ବେଲାଇ ଅନି ଜିସୁ କଇବାର୍ ଆରାମ୍ କରି ଜାନାଇବାର୍ ଦାର୍‌ଲା
। ପାପ୍ କର୍‌ବାତେଇଅନି ମନ୍ ବଦ୍‌ଲାଆ, ସରଗ୍ ରାଇଜ୍ ଲଗେ
କେଟ୍‌ଲା । ୧୮ ଜିସୁ ଗାଲିଲି ସମ୍‌ଦୁର୍ ପାଲି ରଇବା ଜାଗାମନ୍‌କେ
ବୁଲ୍‌ବାବେଲେ ସିମନ୍ ଜାକେ କି ପିତର୍ ବଲି କଇବାଇ, ଆରି
ତାର୍ ବାଇ ଆନ୍ଦ୍ରିୟ, ଏ ଦୁଇ ଲକ୍‌କେ ବେଟ୍ ଅଇଲା । ଏ
ଦୁଇ ବାଇ ଗାଡେ ବଇଜାଲ୍ ମାରି ମାଚ୍ ଦାର୍‌ତେରଇଲାଇ ।
୧୯ ଜିସୁ ସେ ଦୁଇ ବାଇକେ ଡାକି କଇଲା, "ମର୍ ସଙ୍ଗ ଆସା,
ମୁଇ ତମ୍‌କେ ଲକ୍‌ମନ୍‌କେ ମାପ୍‌ରୁର୍‌ବାଟେ ଆନ୍‌ବାଟା ସିକାଇବି
।" ୨୦ ସେଦାପ୍‌ରେ ସେମନ୍ ଜାଲ୍ ଚାଡି, ଜିସୁର୍ ପଚେ ପଚେ
ଗାଲାଇ । ୨୧ ଜିସୁ ଆରି ତେଇଅନି କଣ୍ଡେକ୍ ଦୁର୍ ଆଗେ ଜାଇ
ଜେବଦିର୍ ପଅ ଜାକୁବ୍ ଆରି ତାର୍ ବାଇ ଜଅନ୍‌କେ ବେଟ୍ ଅଇଲା
। ସେଡ୍‌କିବେଲେ ଏ ଦୁଇବାଇ ତାକର୍ ବାବା ସଙ୍ଗ ଡଙ୍ଗାଇ ଜାଲ୍
ସାଜାଡ୍‌ତେ ରଇଲାଇ । ୨୨ ଜିସୁ ସେମନ୍‌କେ ମିସା ଡାକ୍‌ଲା
ଆରି ସେମନ୍ ଦାପ୍‌ରେ ଡଙ୍ଗା ଆରି ତାକର୍ ବାବାକେ ଚାଡିକରି
ଜିସୁର୍ ସଙ୍ଗ ଗାଲାଇ । ୨୩ ଜିସୁ ଗାଲିଲିର୍ ଗୁଲାଇବାଟେ ବୁଲି
ବୁଲି ଜିଉଦିମନର୍ ସବୁ ପାର୍‌ତନା ଗର୍‌ମନ୍‌କେ ସିକିଆ ଦେଇ,
ପର୍‌ମେସରର୍ ରାଇଜର୍ ବିସଇ ଜାନାଇଲା । ଆରି ବିନ୍ ବିନ୍
ରଗେ ରଇବା ଲକ୍‌ମନ୍‌କେ ସବୁ ରକାମର୍ ରଗ୍ ଆରି ସବୁ ଦୁକ୍
କସ୍‌ଟ, ନିମାନ୍ କଲା । ୨୪ ସିରିଆ ଦେସର୍ ଗୁଲାଇବାଟେ
ତାର୍ ନାଉଁ ଜାନ୍‌ଲାଇ ଆରି ଲକ୍‌ମନ୍ ଭୁମା ଦାରିରଇବା, ମୁର୍‌ଚା
ଅଇରଇବା, ଚେରେଙ୍ଗ ଦାରି ରଇବା ଆରି ବିଆଦି ଦାରିରଇଲା
ଲକ୍‌ମନ୍‌କେ ତାର୍‌ଲଗେ ଆନ୍‌ଲାଇ । ସେ ସବୁକେ ନିକ କଲା ।
୨୫ ଆନି ରଇବା ସବୁ ଲକ୍‌ମନ୍‌କେ ଜିସୁ ନିକ କଲା । ଗାଲିଲି
ଅନି ଆରି ଦସ୍‌ଟା ସଅରେଅନି, ଆରି ଜିରୁସାଲାମ୍, ଜିଉଦା
ଆରି ଜର୍‌ଦନ୍ ସେବାଟେ ରଇଲା ଜାଗାମନର୍‌ତେଇଅନି ବେସି
ଲକ୍‌ମନ୍ ଜିସୁର୍ ସଙ୍ଗ ଗାଲାଇ ।

**୫** ଜିସୁ ଜବର୍ ଲକ୍‌ମନ୍ ତାର୍‌ଟାନେ ଆଇବାଟା ଦେକି ଡଙ୍ଗର୍
ଉପ୍‌ରେ ଜାଇ ବସ୍‌ଲା । ସିସ୍‌ମନ୍ ତାକେ ଚାରିବେଡ୍‌ତି
ଗେରି ରଇଲାଇ । ୨ ସେବେଲେ ଜିସୁ ସେମନ୍‌କେ ସିକିଆ ଦେଇ
କଇବାର୍ ଦାର୍‌ଲା । ୩ "ଜନ୍ ଲକ୍‌ମନ୍ ଆତ୍‌ମାଇ କାକୁର୍‌ତି

ଅଇଆଚତ୍, ସେମନର୍ କେଡେକ୍ ନିକ କରମ୍, କାଇକେବଇଲେ
ସରଗ୍ ରାଇଜ୍ ତାକର୍‌ଟା ।" ୪ ଦୁକେ ରଇବା ଲକ୍‌ମନର୍
କେଡେକ୍ ନିକ କରମ୍, କାଇକେବଇଲେ ପର୍‌ମେସର୍ ସେମନର୍
ଦୁକ୍ ସାରାଇସି । ୫ ସୁଆଲେ ରଇବା ଲକ୍‌ମନର୍ କେଡେକ୍
ନିକ କରମ୍, କାଇକେବଇଲେ ସେମନ୍ ପର୍‌ମେସର୍ ସପତ୍
କରିରଇବା ବିସଇ ମିଲାଇବାଇ । ୬ ଜନ୍ ଲକ୍‌ମନ୍ ପର୍‌ମେସରର୍
ମନ୍ କଲା ଇସାବେ କାମ୍ କର୍‌ବାକେ ଆସା କର୍‌ବାଇ, ତାକର୍
କେଡେକ୍ ନିକ କରମ୍, କାଇକେବଇଲେ ପର୍‌ମେସର୍ ସେମନ୍‌କେ
ସାର୍‌ଦା କରାଇସି । ୭ ବିନ୍ ଲକ୍‌ମନ୍‌କେ ଦୟା ଦେକାଇବା
ଲକ୍‌ମନର୍ କେଡେକ୍ ନିକ କରମ୍, କାଇକେବଇଲେ ସେମନ୍‌କେ
ପର୍‌ମେସର୍ ଦୟା କର୍‌ସି । ୮ ମନ୍ ବିତ୍‌ରେ ନିର୍‌ମଲ୍ ରଇଲା
ଲକ୍‌ମନର୍ କେଡେକ୍ ନିକ କରମ୍, କାଇକେବଇଲେ ସେମନ୍‌କେ
ପର୍‌ମେସରର୍ ଦର୍‌ସନ୍ ମିଲ୍‌ସି । ୯ ସାନ୍ତିର୍ ପାଇ କାମ୍
କର୍‌ବା ଲକ୍‌ମନର୍ କେଡେକ୍ ନିକ କରମ୍, କାଇକେବଇଲେ
ସେମନ୍ ପର୍‌ମେସରର୍ ପିଲାଟକି ବଲି ନାମାଇ ଅଇବାଇ ।
୧୦ ଜନ୍ ଲକ୍‌ମନ୍ ପର୍‌ମେସରର୍ ମନ୍ କଲା ଇସାବେ କାମ୍
କରି ଦୁକ୍ କସ୍‌ଟ ପାଇବାଇ, ସେମନର୍ କେଡେକ୍ ନିକ କରମ୍,
କାଇକେବଇଲେ ସରଗ୍ ରାଇଜ୍ ତାକର୍‌ଟା । ୧୧ "ମକେ
ବିସ୍‌ବାସ୍ କର୍‌ବାର୍ ଲାଗି ତମ୍‌କେ ଲକ୍‌ମନ୍ ନିନ୍ଦା ଆରି କସ୍‌ଟ
ଦେବାଇ, ଆରି ଚୁଚାଇ ତମର୍ ବିରୁଦେ ମିଚ୍ କାତା କଇବାଇ,
ନିଜ୍‌କେ କେଡେ କରମର୍ ଲକ୍ ବଲି ମନେ କରା । ୧୨ ସାର୍‌ଦା
ଅଇ ସାର୍‌ଦାଇ ରୁଆ, କାଇକେବଇଲେ ସର୍‌ଗେ ତମର୍ ପାଇ
ବଡ୍ ପୁରୁସ୍‌କାର୍ ସଜ୍ଞଇଲା ଆଚେ । ମନେରକା ସେନ୍ତୁରି ତମର୍
ଆଗ୍‌ତୁ ରଇଲା ବବିସତ୍‌ବକ୍‌ତାମନ୍ ମିସା ଦୁକ୍‌ପାଇ ରଇଲାଇ ।"
୧୩ "ତମେ ସବୁ ମୁନୁସ୍ ଜାତିର୍‌ପାଇ ନୁନ୍ ପାରା । ମାତର୍ ନୁନ୍
ଜଦି ସୁଆଦ୍ ଆରାଇସି, ତେବେ ସେଟା କେନ୍ତି କରିଆ ଅଇସି?
ସେଟା ଆରି କାଇ କାମେ ନ ଆସେ, ତେବେ ତାକେ ବାଇରେ
ପିଙ୍ଗି ଦେବାଇ ଆରି ସେଟା ଲକ୍‌ମନ୍ ମାଣ୍ଡି ପାକାଇବାଇ ।"
୧୪ ତମେ ଗୁଲାଇ ଜଗତର୍ ପାଇ ଉଜଲ୍ ପାରା । ଜନ୍ ଗଡ୍
ଡଙ୍ଗର୍ ଉପ୍‌ରେ ତିଆର୍ ଅଇଲାଆଚେ, ସେଟା କେବେ ମିସା ଲୁଚି
ରଇ ନାପାରେ । ୧୫ କେ ମିସା ବତି ଡସାଇକରି ଆଣ୍ଡିତାବି ନ
ସଜ୍ଞଅତ୍ । ସେଟା ବତିକୁଦ୍‌ରା ଉପ୍‌ରେ ସଜ୍ଞଇବାଇ ଆରି ଗରେ
ରଇଲା ସବୁ ଲକ୍‌କେ ଉଜଲ୍ ଦେଇସି । ୧୬ ସେନ୍ତୁରିସେ ତମର୍
ଉଜଲ୍ ଲକ୍‌ମନର୍‌ଟାନେ ଉଜଲ୍ ଡିସ । ସେନ୍ତୁର୍‌ଆଲେ ତମର୍
ସତ୍‌କାମ୍ ଦେକି ସେମନ୍ ସର୍‌ଗେ ରଇବା ବାବା ପର୍‌ମେସରର୍
ଡାକ୍‌ପୁଟା କର୍‌ବାଇ । ୧୭ "ମୁଇ ମିସା, କରିରଇବା ନିୟମ୍ କି
ବାବବାଦିମନର୍ ଦରମ୍ ସାସ୍‌ତର୍ ବୁଡାଇବାକେ ଆସିଆଚି ବଲି
ବାବା ନାଇ । ମୁଇ ସେଟା ବୁଡାଇବାକେ ଆସିନାଇ ମାତର୍ ସିଦ୍
କର୍‌ବାକେ ଆସିଆଚି । ୧୮ ମନେରକିରୁଆ, ମୁଇ ତମ୍‌କେ ସତ୍
କଇଲିନି ସରଗ୍ ଆରି ଦର୍‌ତନି ତବିର୍ ଅଇ ରଇବା ଜାକ ମସାର୍
ନିୟମର୍ ଗଟେକ୍ ଚିନ୍ ମିସା ନ ବୁଡେ । ସବୁ ବିସଇ ପୁରାପୁରୁନ୍
ନ ଅଇତେ ଏ ସବୁ ନ ଗଟେ । ୧୯ ତେବର୍‌ପାଇ ଜେ ମିସା
ନିୟମ୍ ତେଇ ରଇବା ସବୁଟାନେଅନି ସାନ୍ ଆଦେସ୍ ନ ମାନେ
ଆରି ସେନ୍ତି କର୍‌ବାକେ ବିନ୍ ଲକ୍‌ମନ୍‌କେ ସିକାଇସି, ସେ ସରଗ୍
ରାଇଜେ ସବୁର୍‌ଟାନେଅନି ସାନ୍ ଲକ୍ ବଲି ଏଜାଇଅଇସି ।
ମାତର୍ ଜେ ନିୟମର୍ ସବୁ ବିସଇର୍ ସାନ୍ ଆଦେସ୍ ମାନ୍‌ସି ଆରି
ସେଟା ବିନ୍ ଲକ୍‌ମନ୍‌କେ ସିକାଇସି, ସେ ସରଗ୍ ରାଇଜେ ବଡ୍
ଲକ୍ ବଲି ଏଜାଇଅଇସି । ୨୦ କାଇକେବଇଲେ ମୁଇ ତମ୍‌କେ
କଇଲିନି, ସାସ୍‌ତର୍ ସିକାଉମନ୍ ଆରି ପାରୁସିମନର୍‌ତେଇଅନି
ଅଦିକ୍ ବିସ୍‌ବାସ୍ ରଇ, ପର୍‌ମେସରର୍ ମନ୍ କଲା ଇସାବେ, କାମ୍
କଲେସେ ସରଗ୍ ରାଇଜେ ଜାଇପାରାସ୍ ।" ୨୧ "ତମେ ସୁନି
ଆଚାସ୍ ଜେ, ପୁର୍‌ବେଅନି ଲକ୍‌ମନ୍‌କେ କୁଆଅଇଲା ଆଚେ,
ଲକ୍‌କେ ମରାଇବାର୍ ନାଇ । ଆରି ଜେ ମରାଇସି ବଇଲେ
ସେ ବିଚାର୍ କରାଇଅଇସି । ୨୨ ମାତର୍ ମୁଇ କଇଲିନି, ଜେ
ମିସା ବାଇକେ ରିସା ଅଇସି, ତାକେ ସବାଟାନେ ବିଚାର୍‌ନା
କରାଅଇସି । ଜେ ବାଇକେ ଏ ବେକାର୍‌ଟାସେ ବଲି କଇସି,
ତାକେ ବଡ୍ ସବାଟାନେ ବିଚାର୍‌ନା କର୍‌ବାକେ ଆନ୍‌ବାଇ, । ଆରି
ଜେ ବାଇକେ ଏ ବକୁଆଟାସେ ବଲି କଇସି, ତାର୍‌ପାଇ ନରକର୍
ଜଇଟାନେ ପିଙ୍ଗ୍ଲାଇଅଇବା ବିପଦ୍ ଆଚେ । (Geenna g1067)
୨୩ ସେଟାର୍‌ପାଇ ତମେ ପର୍‌ମେସର୍‌କେ ବେଦି ଟାନେ ନିଜର୍
ଦାନ୍ ଦେଲା ବେଲେ, ତେଇ ତମର୍ ବିରୁଦେ ତମର୍ ବାଇର୍
କାଇମିସା କାତା ଆଚେ ବଲି ମନେ ଏତାଇଲୁସ୍, ୨୪ ସେନ୍ତି
ବଇଲେ ବେଦିଲଗେ ବଲିଦେବାଟା ସଜ୍ଞଇଦେଇ ବାରିଜା, ଆଗେ
ନିଜର୍ ବାଇ ସଙ୍ଗ୍ ମିସା, ତାର୍ ପଚେ ଆସି ତମର୍ ବଲି ଦିଆସ୍
।" ୨୫ ଜଦି କେ ତମର୍ ବିରଦେ ତମ୍‌କେ ବିଚାର୍ କର୍‌ବା ଜାଗାଇ
ଜିବାକେ ବାଦିଅ କର୍‌ସି ବଇଲେ, ବିଚାର୍ ଜାଗାଇ ଜିବା ଆଗ୍‌ତୁ,
ବେଲ୍ ରଇତେସେ ତାର୍ ସଙ୍ଗ୍ ରାଜି ଅ । ନଇଲେ ବିଚାର୍ କର୍‌ବା
ଜାଗାଇ କେଟିଗାଲେ, ସେ ତମ୍‌କେ ବିଚାର୍‌କରୁକେ ସର୍‌ପି
ଦେଇସି ଆରି ଅଇପାରେ ବିଚାର୍ କରୁ ତମ୍‌କେ ବନ୍ଦି ଗରେ
ନେବାକେ ଜମାନ୍‌କେ ସର୍‌ପି ଦେଇସି । ୨୬ ମୁଇ ତମ୍‌କେ ସତ୍
କଇଲିନି, ତମର୍ ଉପ୍‌ରେ ଟିକ୍ ଅଇଲା ଜରିମନାର୍ ସାରାସାରି
ଅଣା ମିସା ନ ଦେବା ଜାକ, ତେଇଅନି କୁଲାସ୍ ନ ଉଆସ୍ । ୨୭
"ବେସିଆ କାମ୍ କରାନାଇ, ତମେ ପୁରୁବେ ଅନି ଏ ଆଦେସ୍ ସୁନି
ଆସିଆଚାସ୍ । ୨୮ ମାତର୍ ମୁଇ ତମ୍‌କେ କଇଲିନି, ଜେ ମିସା
ବିନ୍ ମାଇଜିକେ ବେସିଆକାମ୍ ଇସାବେ ଆଁକି ଦେକ୍‌ସି, ସେ
ତାର୍ ସଙ୍ଗ୍ ମନେ ମନେ ବେସିଆ କାମର୍ ଅପ୍‌ରାଦ୍ କଲାଆଚେ
। ୨୯ ସେଟାର୍‌ପାଇ ତମର୍ ଉଜାବାଟର୍ ଆଁକିର୍ ଲାଗି ତମେ
ପାପ୍‌କରିଆଚାସ୍, ତେବେ ସେଟା ବେଟି ପିଙ୍ଗି ଦିଆସ୍, କାଇକେ
ବଇଲେ ତମର୍ ସବୁ ଗାଗଡ୍ ନର୍‌କେ ଜିବା ବାଦୁଲେ ଗଟେକ୍
ଆଁକି ନସ୍‌ଟ ଅଇବାଟା ତମର୍‌ପାଇ ନିକ । (Geenna g1067) ୩୦
ଜଦି ତମର୍ ଉଜା ଆତ୍ ତମ୍‌କେ ପାପ୍ କାମ୍ କରାଇଲାନି ବଇଲେ,
ସେଟା କାଟି ପିଙ୍ଗି ଦିଆସ୍, କାଇକେ ବଇଲେ ତମର୍ ସବୁ ଗାଗଡ୍

ନର୍‌କେ ଜିବା ବାଦୁଲେ ଗଟେକ୍ ଆଟ୍ ନସ୍‌ଟ ଅଇବାଟା ନିକ
।” (Geenna g1067) ୩୧ “ଜଦି କେ ମିସା ନିଜର୍ ମାଇଜିକେ
ଚାଡିଦେବାକେ ମନ୍ କଲାନି, ସେ ତାକେ ରାଜିନାମା ପତର୍
ଲେକି ଚାଡିଦେଅ । ଏ ସିକିଆ ତମେ ଆଗ୍‌ତୁ ପାଇଆଚାସ୍ । ୩୨
ମାତର୍ ମୁଇ କଇଲିନି, ଜେକି ନିଜର୍ ମାଇଜିକେ ବେସିଆ କାମ୍
ଚାଡି ଅଲ୍‌ଗା ଦସ୍ ଦାରି ଚାଡ୍‌ସି, ସେ ତାକେ ପାଦ୍‌ରି କରାଇବା
ଅପରାଦେ ଦସିଅଇସି, ଆରି ଜେକି ଚାଡ୍‌ଲା ମାଇଜିକେ ବିବା
ଅଇସି, ସେ ପାଦ୍‌ରା ଅଇସି ।” ୩୩ “ତମେ ପୁରୁବ୍ କାଲେଅନି ଏ
ସିକିଆ ସୁନି ଆଇଲାସ୍‌ନି, ପର୍‌ମାନ୍ ବାଙ୍ଗା ନାଇ । ପର୍‌ମେସରର୍
ମୁଆଟେ ଜନ୍ ପର୍‌ମାନ୍ କରିଆଚାସ୍ ସେଟା ପୁରାପୁରୁନ୍ କରା
। ୩୪ ମାତର୍ ମୁଇ ତମ୍‌କେ କଇଲିନି ସପତ୍ କର୍‌ବା ବେଲେ
ପର୍‌ମାନ୍ ନିୟମ୍ ପାକାଆ ନାଇ । ସରଗ୍ ନାଉଁ ଦାରି ରାନ୍
ପାକାଆ ନାଇ, କାଇକେବଇଲେ ସେଟା ପର୍‌ମେସରର୍ ବସ୍‌ବା
ଜାଗା । ୩୫ ଦର୍‌ତନିର୍ ନାଉଁ ଦାରି ରାନ୍ ପାକାଆ ନାଇ,
କାଇକେବଇଲେ, ସେଟା ପର୍‌ମେସରର୍ ପାଦ୍ ସଙ୍ଗଇବା ଜାଗା
। ଜିରୁସାଲାମ୍ ଗଡର୍ ନାଉଁ ଦାରି ମିସା ରାନ୍ ପାକାଇବାଟା
ଟିକ୍ ନାଇ, କାଇକେବଇଲେ ସେଟା ରାଜାମନର୍ ରାଜା ରଇବା
ଜାଗା । ୩୬ ଆରି ନିଜର୍ ମୁଣ୍ଡ ଚିଇ କରି ପର୍‌ମାନ୍ କରାନାଇ,
କାଇକେବଇଲେ ତମେ, ତେଇର୍ ଗଟେକ୍ ଚେଣ୍ଡି ଦବ୍‌ଲା କି
କାଲିଆ କରିନାପାରାସ୍ । ୩୭ ମାତର୍ ତମେ ପର୍‌ମାନ୍ ନିୟମ୍ ନ
କରି, ତର୍ ଉଁ କାତା ଉଁ ଅ, ନାଇ କାତା ନାଇ ଅ, ଇତିଅନି ଆରି
ଅଦିକ୍ କାତା କଇ ପର୍‌ମାନ୍ କର୍‌ବାଟା ସଇତାନର୍‌ଟାନେଅନି
ଆଇଲାଟା ।” ୩୮ “ଏ କାତା ତମେ ସୁନିଆଚାସ୍, ଆଁକିର୍
ବାଦୁଲେ ଆଁକି ଆରି ଦାଁତର୍ ବାଦୁଲେ ଦାଁତ୍, ୩୯ ମାତର୍
ମୁଇ ତମ୍‌କେ କଇଲିନି, ତମର୍ ବିରଦେ କେ ଅନିଆଇ କାମ୍
କଲେ, ତାକେ ସୁଜାଇବାକେ ଚେସ୍‌ଟା କରା ନାଇ, ଜେ ତମର୍
ଉଜା ଗାଲେ ଚାପଡ୍ ମାର୍‌ସି, ତାକେ ଆରି ଗଟେକ୍ ଚାପ୍‌ଡା
ମାର୍‌ବାକେ ଡେବ୍‌ରି ଗାଲ୍ ମିସା ଦେକାଇ ଦିଆସ୍ । ୪୦ କେ
ଜଦି ତମର୍‌ସଙ୍ଗ ବିରଦ୍ କରି ବିଚାର୍ ଲଗେ ଦାବିକରି ତମର୍
କାମିଜ୍ ନେବାକେ ମନ୍ କର୍‌ସି, ତାକେ ଚାଦର୍ ମିସା ଦେଇ
ପାକାଆ । ୪୧ ସନିଅମନର୍ ବିତ୍‌ରେ ଅନି, କେ ମିସା ତମ୍‌କେ
ତାର୍ ବଜ୍ ବୁଆଇ କରି ଗଟେକ୍ କିଲମିଟର୍ ଜୁ ଆକା ବଇଲେ,
ତମେ ତାର୍ ସଙ୍ଗ ଦୁଇ କିଲମିଟର୍ ଜା । ୪୨ କେ ଜଦି ତମ୍‌କେ
କାଇଆଲେ ଜିନିସ୍ ମାଙ୍ଗ୍‌ସି ବଇଲେ, ମନା ନ କରି ତାକେ ଦିଆସ୍
। କେ ମିସା କାଇଆଲେ ଉଦାର୍ ମାଙ୍ଗ୍‌ଲେ ତାକେ ଦିଆସ୍ ।” ୪୩
“ମଇତର୍‌କେ ଆଲାଦ୍ କରା ଆରି ତମର୍ ସତ୍‌ରୁକେ ଗିନ୍ କରା
। ଏ ସିକିଆ ତମେ ପୁର୍‌ବେଅନି ସୁନି ଆଚାସ୍ । ୪୪ ମାତର୍
ମୁଇ ତମ୍‌କେ କଇଲିନି, ସତ୍‌ରୁମନ୍‌କେ ଆଲାଦ୍ କରା, ଜନ୍ ଲକ୍
ତମ୍‌କେ କସ୍‌ଟ ଦେଲାଇନି, ତାକର୍‌ପାଇ ପାର୍‌ତନା କରା । ୪୫
ଏଟା କଲେ ସରଗର୍ ପର୍‌ମେସରର୍ ପିଲା ବଲି ଚିନାପଡ୍‌ସା
। କାଇକେ ବଇଲେ ପର୍‌ମେସର ବଲ୍ କାରାପ୍ ଦୁଇ ଲକର୍
ପାଇ ମିସା ବେଲର୍ ଉଜଲ୍ ଦେଲାନି, ଆରି ଦରମ୍ ରଇବା,
ଦରମ୍ ନ ରଇବା ସବୁର୍ ଉପ୍‌ରେ ବର୍‌ସା ମାରାଇଲାନି । ୪୬
ତେବେ, ତମ୍‌କେ ଆଲାଦ୍ କର୍‌ବା ଲକ୍‌କେ ଆଲାଦ୍ କଲେ,
ପର୍‌ମେସର୍ ତମ୍‌କେ କାଇକେ ପୁରୁସ୍‌କାର୍ ଦେଇସି? ସିସ୍‌ତୁ
ମାଙ୍ଗ୍‌ବା ଲକ୍‌ମନ୍ ମିସା ସେନ୍ତି କର୍‌ବାଇ । ୪୭ ତମେ ଜଦି ନିଜର୍
ନିଜର୍ ବାଇମନ୍‌କେସେ ଜୁଆର୍ କର୍‌ସା, ତେବେ ଆରି ଅଦିକ୍
କାଇଟା କଲାସ୍‌ନି? ବିସ୍‌ବାସ୍ ନକଲା ଲକ୍‌ମନ୍ ମିସା ସେଟା
କର୍‌ବାଇ । ୪୮ ସେଟାର୍ ପାଇ ତମର୍ ସରଗର୍ ବାବା ଜେନ୍ତାର୍
ସିଦ୍, ତମେ ମିସା ସେନ୍ତାର୍ ସିଦ୍ ଅଇବା ଦର୍‌କାର୍ ।”

୬ ଲକ୍‌ମନ୍‌କେ ଦେକାଇଅଇବାକେ ସବୁର୍ ମୁଆଟେ ନିକ
କାମ୍ କରାନାଇ । ସେଟା କଲେ ସର୍‌ଗେ ରଇବା ତମର୍
ବାବାର୍ ଟାନେଅନି ପୁରୁସ୍‌କାର୍ ନ ପାଆସ୍ । ୨ ତେବେ ଗଟେକ୍
ଗରିବ୍ ଲକ୍‌କେ ଦାନ୍ ଦେବା ବେଲେ କୁଟିଆଲ୍‌ମନର୍ ପାରା
ଦେକାଇ ନ ଉଆ । ସେମନ୍ ଲକ୍‌ମନର୍‌ତେଇ ଅନି ଡାକ୍‌ପୁଟା
ପାଇବାକେ ପାର୍‌ତନା ଗରେ ଆରି ସାଇ ମଜାଇ ଦାନ୍‌ଦରମ୍
ଦେକାଇବାଇ । ମୁଇ ସତ୍ କଇଲିନି ଜେ, ସେମନ୍ ଇତିଅନି
ସେମନର୍ ବୁତି ପୁରାପୁରୁନ୍ ପାଇସାରି ଆଚତ୍ । ୩ ମାତର୍
ତମେ ଅବାବେ ରଇଲା ଲକ୍‌କେ ସାଇଜ କଲାବେଲେ, ଏନ୍ତାରି
କରା, ଜେନ୍ତିକି ତମର୍ ଲଗର୍ ମଇତର୍ ମିସା ଏ କାତା ନାଜାନ
। ୪ ତମର୍ ଏ ଦାନ୍ ଲୁଚ୍‌ତେ ଅଇରଇଲେ ମିସା ସବୁ ଦେକ୍‌ବା
ବାବା ପର୍‌ମେସର୍ ସେଟା ଦେକି ତମ୍‌କେ ପୁରୁସ୍‌କାର୍ ଦେଇସି ।
୫ ପାର୍‌ତନା କର୍‌ବା ବେଲେ କୁଟିଆଲ୍ ବିସ୍‌ବାସିମନର୍ ପାରା
ଉଆନାଇ । କାଇକେ ବଇଲେ ସେମନ୍ ଲକ୍‌ମନ୍‌କେ ଦେକାଇ
ଅଇବାକେ ପାର୍‌ତନା ଗର୍‌ମନ୍‌କେ ଆରି ଗାଉଁର୍ ମଜା ଡାଣ୍ଡେ
ଟିଆ ଅଇକରି ପାର୍‌ତନା କର୍‌ବାକେ ମନ୍ କର୍‌ବାଇ । ମୁଇ
ତମ୍‌କେ ସତ୍ କଇଲିନି, ସେମନ୍ ନିଜର୍ ନିଜର୍ ପୁରୁସ୍‌କାର୍
ପାଇଲାଇବେ । ୬ ମାତର୍ ତମେ ପାର୍‌ତନା କର୍‌ବାକେ ତମର୍
ବାକ୍‌ରାଇ ଜାଇ, କାକେ ନ ଦେକାଇଅଇତେ ପୁରିକରି କାପାଟ୍
ଡାବିଅଇଦିଆସ୍ ଆରି ନ ଡିସାଇ ଅଇବା ତମର୍ ସର୍‌ଗର୍ ବାବାର୍
ଲଗେ ପାର୍‌ତନା କରା । ତମେ ଲୁଚ୍‌ତେ ଜାଇଟା କର୍‌ସା, ସେଟା
ଦେକି ତମର୍ ବାବା ତମ୍‌କେ ପୁରୁସ୍‌କାର୍ ଦେଇସି । ୭ ପାର୍‌ତନା
କର୍‌ବା ବେଲେ ପର୍‌ମେସର୍‌କେ ବିସ୍‌ବାସ୍ ନ କର୍‌ବା ଲକ୍‌ମନର୍
ପାରା ଅରତ୍ ନଇଲା କାତା ତର୍‌କେ ତର୍ କଇ ଆଉଲି ନ ଉଆ,
ବେସି ପର୍ ପାର୍‌ତନା କଲେ ସେ ପର୍‌ମେସର୍ ସୁନ୍‌ସି ବଲି,
ସେମନ୍ ମନେ ବାବ୍‌ବାଇ । ୮ ସେମନର୍ ପାରା ଉଆ ନାଇ
। ତମେ ମାଙ୍ଗ୍‌ବା ଆଗ୍‌ତୁ ଜାଇଟା ଦର୍‌କାର୍, ତମର୍ ସରଗର୍
ବାବା ପର୍‌ମେସର୍ ସେଟା ସବୁ ଜାନ୍‌ସି । ୯ ସେଟାର୍ ପାଇ
ତମେ ଏନ୍ତାରି ପାର୍‌ତନା କର୍‌ବାର୍ ଆଚେ । ଏ ଆମର୍ ସରଗର୍
ବାବା, ତମର୍ ସୁକଲ୍ ନାଉଁ ଡାକ୍‌ପୁଟା ପାଅ । ୧୦ ତମର୍
ସାସନ୍ ଆସ । ସର୍‌ଗେ ତମର୍ ମନ୍ କଲାଟା ଜେନ୍ତାରି ସିଦ୍
ଅଇଲାନି, ଏ ରାଇଜେ ମିସା ସେନ୍ତାରି ତମେ ମନ୍ କଲାଟା ସିଦ୍

ଅ । ୧୧ ଆଜି ଆମ୍କେ ଦର୍କାର୍ ରଇଲା କାଦି କାଇବାକେ
ଦିଆ । ୧୨ ଆମର୍ ବିରଦେ ଦସ୍ କରିରଇବା ଲକ୍ମନ୍କେ
ଆମେ ଜେନ୍ତାର୍ କେମା କଲୁନି, ସେନ୍ତାରି ଆମର୍ ସବୁ ଦସ୍
କେମା କରା । ୧୩ ବେସି କସ୍ଟ ରଇବା ପରିକା ଆମ୍କେ
ମୁରଚ୍ବାକେ ଦିଆ ନାଇ, ମାତର୍ କାରାପ୍ କାମେଅନି ରକିଆ
କରା ଜେନ୍ତିକି ତମର୍ ରାଇଜ୍, ତମର୍ ବପୁ, ଆରି ଡାକ୍ପୁଟା
ସବୁ ଜୁଗେଜୁଗେ ତମର୍ ଅଇକରି ରଅ । ଆମେନ୍! ୧୪ "ତମର୍
ବିରଦେ ଦସ୍ କରିରଇବା ବିନ୍ ଲକ୍ମନ୍କେ ଜଦି ତମେ କେମା
କର୍ସା, ତମର୍ ସରଗର୍ ବାବା ପର୍ମେସର୍ ମିସା ତମ୍କେ
କେମା କର୍ସି । ୧୫ ମାତର୍ ତମେ ଜଦି ବିନ୍ ଲକ୍ମନ୍କେ କେମା
ନ କରାସ୍, ସରଗର୍ ବାବା ମିସା ତମେ କରିରଇବା ପାପ୍ଦସ୍
କେମା ନ କରେ ।" ୧୬ "ଉପାସ୍ କର୍ବା ବେଲେ ଦରମ୍ ବଲି
ଦେକାଇଅଇଲା ଲକର୍ ପାରା ବାଇରେ ସପାସୁତର୍ ଅଇବାଟା
ଚାଡିଦେବାର୍ ନାଇ । ସେମନ୍ ଉପାସ୍ କଲୁନି ବଲି ଲକର୍ ଲଗେ
ଦେକାଇ ଅଇବାକେ ସେନ୍ତାରି କର୍ବାଇ । ମୁଇ ତମ୍କେ ସତ୍
କଇଲିନି, ସେମନ୍ ଏନ୍ତି କର୍ବାର୍ ଲାଗି ନିଜର୍ ପୁରୁସ୍କାର୍ ସବୁ
ପାଇଲାଇବେ । ୧୭ ମାତର୍ ତମେ ଉପାସ୍ କର୍ବା ବେଲେ,
ମୁଣ୍ଡେ ଚିକନ୍ଲାଗାଇ ଅଇ ସପା ସୁତ୍ରା ରୁଆ । ୧୮ ଜେନ୍ତିକି
ଉପାସ୍ କଲାସ୍ନି ବଲି ବିନ୍ ଲକ୍ମନ୍ ନାଜାନତ୍ । ମାତର୍ ତମର୍
ନ ଡିସ୍ବା ବାବା ସବୁ କାତା ଜାନେ । ତମେ ଲୁଚ୍ତେ ଜାଇଟା
କର୍ସା, ସେଟା ଦେକି ତମ୍କେ ପୁରୁସ୍କାର୍ ଦେଇସି ।" । ୧୯
"ଏ ଦୁନିଆଇ ନିଜର୍ପାଇ ଦନ୍ ଅର୍ଜା ନାଇ । ଇତି ସଙ୍ଗଇଲା
ଦନ୍ ଅଲ୍ମା କାଇ ଚିଲମ୍ ଦାର୍ସି ଆରି ଚର୍ମନ୍ କତି କାଣା କରି
ଚରାଇନେବାଇ । ୨୦ ସର୍ଗେ ତମର୍ ପାଇ ଏନ୍ତାରି ଦନ୍ ଅର୍ଜି
ସଙ୍ଗଆ । ତେଇ ଅଲ୍ମା ଆରି ଚିଲମ୍ ନ ଦାରେ । ଆରି ଚର୍ମନ୍
ମିସା କତି କାଣାକରି ଚରାଇ ନେଇ ନାପାରତ୍ । ଜାଗ୍ରତ୍! ୨୧
କାଇକେବଇଲେ ଜନ୍ଟାନେ ତମର୍ ଦନ୍, ତେଇସେ ତମର୍ ମନ୍
।" ୨୨ "ତମର୍ ଆଁକି ଅଇଲାନି ଗାଗଡର୍ ବତି । ଜେଡେବେଲା
ଆଁକି ନିର୍ମଲ୍ ରଇସି, ତେବେ ତମର୍ ଗୁଲାଇ ଗାଗଡ୍ ମିସା
ଉଜଲ୍ ବର୍ତି ଅଇରଇସି । ୨୩ ମାତର୍ ଜେବେ ତମର୍ ଆଁକି
ନସିରଇସି, ତେବେ ସବୁ ଗାଗଡ୍ ଆନ୍ଦାର୍ ଅଇସି । ତେବର୍ପାଇ
ତମର୍ ମନ୍ ବିତ୍ରର୍ ଉଜଲ୍ ଜେବେ ଆନ୍ଦାର୍ ଅଇସି, ତେବେ
ସେ ଆନ୍ଦାର୍ କେଡେକ୍ ବଡ୍ ବିପଦ୍ ।" ୨୪ "କେ ମିସା ଗଟେକ୍
ଲକ୍ ଦୁଇଟା ସାଉକାରର୍ ସେବାକରି ନାପାରେ । ସେ ଗଟେକ୍
ଲକ୍କେ ମାନ୍ସି ଆରି ଗଟେକ୍ ଲକ୍କେ ଗିନ୍ କର୍ସି । ନଇଲେ
ଗଟେକ୍ ଲକ୍କେ ବିସ୍ବାସ୍ କର୍ସି ଆରି ଗଟେକ୍ ଲକ୍କେ
ବିସ୍ବାସ୍ ନ କରେ । ତମେ ଏକାତର୍ ପର୍ମେସର୍କେ ଆରି
ଡାବୁକାସୁକେ ସେବାକରି ନାପାରାସ୍ ।" ୨୫ ଏଟାର୍ପାଇ ମୁଇ
ତମ୍କେ କଇଲିନି, ବଁଚ୍ବାକେ କାଇଟା କାଇବୁବେ? ଆରି
ଗାଗଡର୍ ପାଇ କାଇଟା ପିନ୍ଦୁବୁ? ବଲି ବାବି ଚିନ୍ତା କରାନାଇ
। କାଦିର୍ତେଇଅନି ଜିବନ୍, ଆରି ବସ୍ତର୍ ତେଇଅନି ଗାଗଡ୍
ମୁକିଅ ଆଚେ । ୨୬ ଚଡଇମନ୍କେ ଦେକା, ସେମନ୍ ନ ବୁନତ୍
କି ନ କାଟତ୍, କି କଲ୍କିତେଇ ନ ସଙ୍ଗଅତ୍, ଅଇଲେ ମିସା
ସରଗର୍ ବାବା ସେମନ୍କେ କାଇବାପାଇ ଜାଗାଇଲାନି । ତମେ
କାଇ ସେମନର୍ତେଇଅନି ମୁକିଅ ନୁଆସ୍ କି? ୨୭ ବଁଚ୍ବା
ପାଇ ବଲି ନିଜେ ଚିନ୍ତାକରି ବିକଲ୍ ଅଇ ଜେ ତାର୍ କଣ୍ଠେକ୍
ମିସା ବଁଚ୍ବା ଦିନ୍ ପାର୍ସି କି? ନାଇ ନାପାରେ । ୨୮ ବସ୍ତର୍
ପାଇ କାଇକେ ବିକଲ୍ ଅଇଲାସ୍ନି? ଦେକା, ବନର୍ ପୁଲ୍ମନ୍
କେନ୍ତି ବଡ୍ଲାଇନି, ସେମନ୍ କାମ୍ଦାମ୍ କରତ୍ ନାଇ କି ନିଜର୍
ପାଇ ବସ୍ତର୍ ତିଆର୍ କରତ୍ ନାଇ, ୨୯ ମାତର୍ ମୁଇ ତମ୍କେ
କଇଲିନି, ରାଜା ସଲ୍ମନ୍ ତାର୍ ସବୁ ଦନ୍ ସଁପତି ସଙ୍ଗ ମିସା
ଏ ପୁଲ୍ ପାରା ସୁନ୍ଦର୍ ବସ୍ତର୍ କେବେ ପିନ୍ଦି ନ ରଇଲା । ୩୦
ଆଜି ପଦାଇ ରଇଲା ଗାଁସ୍ କାଲିକେ ନ ମିସା ରଏ । କାଟିକରି
ଜଇଟାନେ ପଡାଇଦେବାଇ । ଏଲେମିସା ତାକେ ପର୍ମେସର୍
ଏନ୍ତି ସୁନ୍ଦର୍ ବେସ୍ ଦେଇସି, ତେବେ ଏ ଅଲପ୍ ବିସ୍ବାସିମନ୍,
ସେ ବାଇଦରେ ତମ୍କେ ଅଦିକ୍ ନିମାନ୍ ବସ୍ତର୍ ନ ଦେଏ କି?
ଦେଇସିସେ । ୩୧ ଏଟାର୍ ପାଇ କାଇଟା କାଇବି? ଆରି କାଇଟା
ପିଇବି? ଆରି କାଇଟା ଅଡ୍ବି ବଲି ଚିନ୍ତା କରାନାଇ । ୩୨
କାଇକେବଇଲେ ପର୍ମେସର୍କେ ନାଜାନ୍ଲା ଲକ୍ମନ୍ ଏ ସବୁ
କଜିବୁଲ୍ବାଇ । ଆରି ଏ ସବୁ ବିସଇ ଜେ ତମ୍କେ ଲଡା, ସେଟା
ତମର୍ ସରଗର୍ ବାବା ଜାନେ । ୩୩ ମାତର୍ ତମେ ତାର୍ ରାଇଜ୍
ଆରି ସେ ତମର୍ଟାନେଅନି କାଇଟା ମନ୍ କଲାନି, ସେ ବିସଇ
କଜା । ସେନ୍ତାର୍ କଲେ, ସେ ତମ୍କେ ଲଡାକେ ଆଇବା ସବୁ
ବିସଇ ଜାଗାଇ ଦେଇସି । ୩୪ ଆରି, କାଲିକର୍ ପାଇ ଚିନ୍ତା
କରାନାଇ, କାଇକେବଇଲେ କାଲିକର୍ ଚିନ୍ତା କାଲିକେ କରା ।
ଜନ୍ ଦିନର୍ କସ୍ଟ, ସେଦିନର୍ପାଇ ଅଦିକ୍ ଅଇସି ।

**୭** ବିନ୍ ଲକର୍ ଦସ୍ କଜି ବୁଲାନାଇ । ତାକର୍ ବିଚାରର୍
ଦସ୍ ନ ଦାର୍ଲେ, ପର୍ମେସର୍ ତମର୍ ଦସ୍ ନ ଦାରେ ।
୨ କାଇକେବଇଲେ ତମେ ବିନ୍ ଲକର୍ ଦସ୍ ଜେନ୍ତି ବିଚାର୍
କର୍ତେରଇସା, ସେନ୍ତାରିସେ ପର୍ମେସର୍ ତମର୍ ବିଚାର୍ କର୍ସି
। ତମେ ବିନ୍ ଲକ୍ମନ୍କେ ଜନ୍ ନିୟମ୍ କର୍ସା, ପର୍ମେସର୍
ତମ୍କେ ସେ ନିୟମ୍ କର୍ସି । ୩ ତମର୍ ଆଁକିତେଇ ବଡ୍ କାଚ୍ରା
ରଇଲେ ମିସା, କାଇକେ ତମର୍ ବାଇର୍ ଆଁକିଟାନେ ରଇବା
କାଚ୍ରା, ନିକସଙ୍ଗ ଦେକ୍ଲାସ୍ନି? ୪ ନିଜର୍ ଆଁକିତେଇ ବଡ୍
କାଚ୍ରା ରଉରଉ ତମେ କାଇ ସାଆସେ ତମର୍ ବାଇର୍ ଆଁକିତେଇ
ରଇବା କାଚ୍ରା ବାର୍କରାଇ ଦେବି ବଲି କଇଲାସ୍ନି? ୫
ଏରେ କୁଟିଆଲ୍ମନ୍! ଆଗେ ନିଜର୍ ଆଁକିତେଇ ରଇଲା କାଚ୍ରା
ବାର୍କରାଇ ପାକା, ତାର୍ ପଚେ ନିଜର୍ ବାଇର୍ ଆଁକିତେଇ
ରଇବା କାଚ୍ରା ବାର୍କରାଇବାକେ ନିମାନ୍ କରି ଦେକି ପାରାସ୍
। ୬ ସୁକଲ୍ ଦିନ୍ସୁ କୁକୁର୍ମନ୍କେ ଦିଆସ୍ ନାଇ, ସେମନ୍
ପାସ୍ଲିକରି ତମ୍କେ ଚାବିପାକାଇବାଇ । ଗୁସ୍ରି ମନର୍ ମୁଆଟେ
ମୁକ୍ତା ପାକାଆ ନାଇ, ସେମନ୍ ମୁକ୍ତାର୍ ମୁଲିଅ ନ ବୁଜିକରି

ମାଣ୍ଡିପାକାଇବାଇ । **୭** ମାଙ୍ଗା, ତେବେ ତମ୍‌କେ ଦିଆଅଇସି । କଜା, ତେବେ ମିଲାଇସା, କାପାଟେ ମାରା କାପାଟ୍ ଉଗାଡି ଅଇସି । **୮** ଜେ ମାଙ୍ଗ୍‌ସି, ତାକେ ଦିଆଅଇସି, ଜେ କଜ୍‌ସି, ସେ ମିଲାଇସି, ଜେ କାପାଟେ ମାର୍‌ସି ତାର୍‌ପାଇ କାପାଟ୍ ଉଗାଡି ଦିଆଅଇସି । **୯** ତମର୍ ବିତ୍‌ରେ ଏନ୍ତାରି ବାବା କେ ଆଚେ କି? ତମର୍ ପିଲା ଜଦି ରୁଟି ମାଙ୍ଗଲେ, ତାକେ ପାକ୍‌ନା ଦେଇସା? **୧୦** ନଇଲେ ସେ ମାଚ୍ ମାଙ୍ଗଲେ ତାକେ ସାଁପ୍ ଦେଇସା? **୧୧** ତମେ କାରାପ୍ ଲକ୍ ଅଇରଇଲେ ମିସା ନିଜର୍ ପିଲାମନ୍‌କେ ନିକନିକ ଜିନିସ୍ ଦେଇସା । ସେନ୍ତାରିସେ ଜନ୍ ଲକ୍‌ମନ୍ ସରଗର୍ ବାବାକେ ମାଙ୍ଗ୍‌ବାଇ ସେ ସେମନ୍‌କେ ଆରି କେତେ ନିକନିକ ଜିନିସ୍ ଦେଇସି । **୧୨** "ତମର୍ ପାଇ ବିନ୍ ଲକ୍‌ମନ୍ ଜାଇଟା କରତ୍ ବଲି ମନ୍ କଲାସ୍‌ନି, ସେନ୍ତାରି ତମେ ବିନ୍ ଲକର୍ ପାଇ କରା । ଏଟା ଅଇଲାନି ମସା ଦେଇରଇବା ନିୟମ୍ ଆରି ବବିସତ୍‌ବକ୍‌ତାମନର୍ ସିକିଆର୍ ଅରତ୍ ।" **୧୩** "ଚିପଙ୍ଗା ଦୁଆର୍ ବାଟେ ଜାଆ । କାଇକେବଇଲେ ବିନାସ୍ କର୍‌ବାକେ ନେବା ନର୍‌କେ ଜିବା ବାଟ୍ ଅସାର୍ ଆରି ସୁବିଦାର୍‌ଟା । କେତେ କେତେ ଲକ୍ ସେ ବାଟେ ଜିବାଇ । **୧୪** ମାତର୍ ନ ସାର୍‌ବା ଜିବନେ ମିସି ରଇଲା ବାଟ୍, ଚିପଙ୍ଗା ଆରି ଜିବାଟା ବେସି କସ୍‌ଟ । ଉନା ଲକ୍ ସେ ବାଟ୍ କଜି କଜି ମିଲାଇବାଇ ।" **୧୫** "ଟକାବଣ୍ଡା କର୍‌ବା ବବିସତ୍‌ବକ୍‌ତାମନର୍ ତେଇଅନି ଜାଗର୍‌ତା ଅଇରୁଆ, ସେମନ୍ ବାଇରେ ମେଣ୍ଡା ପାରା ଡିସ୍‌ବାଇ ମାତର୍ ତାକର୍ ମନ୍ ବିତ୍‌ରେ ବାଲିଆଡୁର୍‌କାମନର୍ ପାରା । **୧୬** ସେମନର୍ କର୍‌ବା କାମ୍ ଦେକି ତମେ ସେମନ୍‌କେ ଚିନିପାରାସ୍ । କାଟା ବୁଟାଇ ଅଙ୍ଗୁର୍ ନ ପଲେ କି କାଟାକଲି ବୁଟାଇ ଡୁମ୍‌ରି ପଲ୍ ନ ଦାରେ । **୧୭** ନିକ ଗଚେ ନିକ ପଲ୍ ଦାର୍‌ସି, ବାନିଆ ଗଚର୍ ପଲ୍ ବାନିଆ ସେ । **୧୮** ନିକ ଗଚେ ବାନିଆ ପଲ୍ ନ ପଲେ କି ବାନିଆ ଗଚେ ନିକ ପଲ୍ ଅଇନାପାରେ । **୧୯** ନିକ ପଲ୍ ନ ଦାର୍‌ଲେ ସେ ଗଚ୍ କାଟି କରି ଜଇଟାନେ ପାକାଇଅଇସି । **୨୦** ସେନ୍ତାରି ସେ ଟକାବଣ୍ଡା କର୍‌ବା ବବିସତ୍‌ବକ୍‌ତାମନର୍ କାମ୍ କର୍‌ବାଟାନେ ଅନି ତମେ ସେମନ୍‌କେ ଚିନିପାରାସ୍ ।" **୨୧** ମକେ ମାପ୍‌ରୁ, ମାପ୍‌ରୁ ବଲି ଡାକ୍‌ବା ଲକ୍‌ମନର୍‌ତେଇ ଅନି ସବୁ ଲକ୍ ସରଗ୍ ରାଇଜେ କେଟିନାପାରତ୍ । ମାତର୍ ଜନ୍ ଲକ୍‌ମନ୍ ସରଗର୍ ବାବା ମନ୍ କଲା ଇସାବେ ଚଲାଚଲ୍‌ତି କର୍‌ବାଇ, ସେମନ୍‌ସେ ସରଗ୍ ରାଇଜେ କେଟ୍‌ବାଇ । **୨୨** ମାପ୍‌ରୁର୍ ବିଚାର୍ କର୍‌ବା ଦିନ୍ କେଟ୍‌ଲେ କେତେ କେତେ ଲକ୍ ମକେ କଇବାଇ, ଏ ମାପ୍‌ରୁ, ତମର୍ ନାଉଁ ଦାରି ଆମେ ପର୍‌ମେସରର୍ ସୁବ୍‌କବର୍ ଜାନାଇ ଆଚୁ । ତମର୍ ନାଉଁ ଦାରି ଡୁମାମନ୍‌କେ କେଦି ଆଚୁ ଆରି କେତେକ୍ କାବାଅଇଜିବା କାମ୍‌ମନ୍ କରିଆଚୁ । **୨୩** ସେତ୍‌କି ବେଲେ ମୁଇ ସେମନ୍‌କେ କଇବି, ନାଇ, ମୁଇ ତମ୍‌କେ ନାଜାନି । କରାପ୍‌କାମ୍ କର୍‌ବା ଲକ୍‌ମନ୍, ମର୍‌ଲଗେ ରୁଆନାଇ । **୨୪** "ଜେ ମର୍ କାତା ସୁନି, ସେ ଇସାବେ ଚାଲ୍‌ସି, ସେ ବଡ୍ ରାଜ୍ଙ୍ଗି ପାକ୍‌ନା ଉପ୍‌ରେ ଗର୍ କର୍‌ବା ଗିଆନ୍‌ଲକର୍ ପାରା । **୨୫** ଅପର୍‌ବଲ୍ ବର୍‌ସା ମାର୍‌ଲାକେ ଗାଡ୍ ଉଚ୍‌ଲି ଗାଲା ଆରି ସେ ଗର୍ ଉପ୍‌ରେ ବେସି ପବନ୍ ଦାର୍‌ଲା । ମାତର୍ ସେ ଗର୍ ବସ୍‌ଲେ ନାଇ । କାଇକେ ବଇଲେ ସେଟା ପାକ୍‌ନା ଉପ୍‌ରେ ତିଆର୍ ଅଇରଇଲା ।" **୨୬** "ମାତର୍ ଜନ୍ ଲକ୍‌ମନ୍ ମର୍ କାତା ସୁନିକରି ମିସା ସେ ଇସାବେ ଚଲାଚଲ୍‌ତି ନ କରତ୍, ସେମନ୍ ବାଲି ଗାଦି ଉପ୍‌ରେ ଗର୍ ତିଆର୍ କରି ରଇବା ବକୁଆ ଲକ୍ ପାରା । **୨୭** ଅପର୍‌ବଲ୍ ବର୍‌ସା ଅଇଲାକେ ଗାଡ୍ ପୁରି ଉଚଲ୍‌ଲା, ଜବର୍ ବାଉଦୁକା ଆଇଲା ଆରି ଗର୍ କୁରୁପ୍‌ନାସ୍ ଅଇଗାଲା । ସେ କୁରୁପ୍‌ନାସ୍ ଅଇଲାଟା କେଡେ ଇନସ୍‌ତା ରଇଲା!" **୨୮** ସାରାସାରି ଜାକ ଜିସୁ ସିକିଆ ଦେବାଟାନେ ଏ ସବୁ କାତା ସୁନିକରି ଲକ୍‌ମନ୍ କାବା ଅଇଗାଲାଇ । **୨୯** ସେ ବିନ୍‌ବିନ୍ ସାସ୍‌ତର୍ ସିକାଉମନର୍ ପାରା ନ ସିକାଇକରି ନିଜର୍ ଅଦିକାର୍ ସଙ୍ଗ୍ ସିକାଇତେ ରଇଲା ।

**୮** ଜିସୁ ଡଙ୍ଗ୍‌ରେ ଅନି ଉତ୍‌ରି ଆଇଲା ଦାପ୍‌ରେ, ବେସି ଲକ୍‌ମନ୍ ତାର୍ ପଚେ ପଚେ ଇଣ୍ଡ୍‌ଲାଇ । **୨** ସେବେଲେ ଗଟେକ୍ ବଡ୍ ରଗି ଜିସୁର୍ ମୁଆଟେ ଆସି ମାଣ୍ଡିକୁଟା ଦେଇ କଇଲା, "ଏ ମାପ୍‌ରୁ, ତମେ ଜଦି ମନ୍ କଲାସ୍‌ନି ବଇଲେ ମକେ ସୁକଲ୍ କରି ପାରାସ୍ ।" **୩** ତେଇ ଜିସୁ ଆତ୍ ଲାମାଇ ତାକେ ଚିଇ କଇଲା, "ମୁଇ ମନ୍ କଲିନି, ସୁକଲ୍ ଅ ।" ଜିସୁ ଏତ୍‌କି କଇଲା ଦାପ୍‌ରେ ସେ ଲକ୍ ବଡ୍ ରଗେଅନି ନିକ ଅଇଲା । **୪** ଜିସୁ ତାକେ କଇଲା, "ସୁନ୍, ତୁଇ କେନ୍ତିଅଇ ନିକ ଅଇଲୁସ୍, ଏ କାତା କାକେ ମିସା କ ନାଇ, ମାତର୍ ସିଦା ପୁଜାରିର୍ ଲଗେ ଜାଇକରି ନିଜ୍‌କେ ଦେକାଇ ଅ, ଆରି ତୁଇ ନିକ ଅଇ ଆଚୁସ୍ ବଲି ସବୁ ଲକର୍ ଟାନେ ଜାନାଇଅଇବାକେ ମସାର୍ ନିୟମ୍ ଇସାବେ ପର୍‌ମେସର୍‌କେ ସର୍‌ପିଦେସ୍ ।" **୫** ଜିସୁ କପର୍‌ନାଉମ୍ ସଅରେ କେଟ୍‌ଲା । ସେଦାପ୍‌ରେ ଗଟେକ୍ ରମିୟ୍ ସନିଅମନର୍ ମୁକିଅ ତାକେ ବେଟ୍ ଅଇକରି ବାବୁଜିଆ କରି କଇଲା । **୬** "ଏ ମାପ୍‌ରୁ, ମର୍ ଗଟେକ୍ ଗତିଦାଙ୍ଗ୍‌ଡା ଅଚ୍‌ନାଇ ଡୁଲିକରି ବେସି କସ୍‌ଟ ପାଇଲାନି ଉଟେ ନାଇ, ବସେ ନାଇ ।" **୭** ଜିସୁ ତାକେ କଇଲା, "ମୁଇ ଆସି ତାକେ ନିକ କର୍‌ବି ।" **୮** ମାତର୍ ମୁକିଅ କଇଲା, "ନାଇ ମାପ୍‌ରୁ ତମେ ଜେ ମର୍‌ଗରେ ପାଦ୍ ପାକାଇସା, ଏଟାର୍‌ପାଇ ମର୍ ଅଦିକାର୍ ନଇ । ତମେ ପଦେକ୍ କଇଦିଆ, ମର୍ ଗତିଦାଙ୍ଗ୍‌ଡା ନିକ ଅଇଜାଇସି । **୯** କାଇକେବଇଲେ ମୁଇ ମର୍ ଉପ୍‌ରର୍ ଅଦିକାରିର୍ ତଲେ କାମ୍ କଲିନି, ଅଇଲେ ମିସା ମର୍ ତଲେ କେତେ କେତେ ସନିଅମନ୍ ଆଚତ୍ । ସେମନର୍ ବିତ୍‌ରେଅନି ଜଦି ମୁଇ ଗଟେକ୍ ଲକ୍‌କେ ଜାଆ ବଲି ଆଦେସ୍ ଦେଲେ, ସେ ଜାଇସି । ବିନ୍‌ଟାକେ ଆଉ ବଲି କଇଲେ ସେ ଆଇସି । ସେନ୍ତିସେ ମର୍ ଗତି ଦାଙ୍ଗ୍‌ଡାକେ ଏଟା କର୍ ବଲି କଇଲା ଦାପ୍‌ରେ ସେ ସେଟା କର୍‌ସି ।" **୧୦** ଜିସୁ ଏଟା ସୁନି କାବା ଅଇଗାଲା, ଆରି ତାର୍ ସଙ୍ଗ୍ ଆଇବା ଲକ୍‌ମନ୍‌କେ କଇଲା, "ମୁଇ ସତ୍ କଇଲିନି, ଇସ୍‌ରାଏଲ୍ ବିତ୍‌ରେ କନ୍ ଲକର୍‌ଟାନେ

ମିସା ଏ ଲକର୍ ପାରା ବିସ୍ବାସ୍ ମୁଇ ଦେକିନାଇ । ୧୧ ଏ କାତା
ତମର୍ ମନେ ର, ପୁରୁବ୍ ଆରି ପସ୍ଚିମ୍ ବାଟର୍ ଦେସେଅନି
କେତେ କେତେ ଲକ୍ ସରଗ୍ ରାଇଜେ ଆସି ଅବ୍ରାଆମ୍ ଇସାକ୍
ଆରି ଜାକୁବର୍ ସଙ୍ଗ୍ ବଜିତେଇ ଗଟେକ୍ଟାନେ କାଇବାକେ
ବସ୍ବାଇ । ୧୨ ମାତର୍ ଜନ୍ ଲକ୍ମନ୍ ସରଗ୍ ରାଇଜେ ପୁର୍ବାର୍
ରଇଲାଇ, ସେମନ୍କେ ବାଇରର୍ ଆନ୍ଦାରେ ପିଙ୍ଗା ଅଇସି ।
ତେଇ ସେମନ୍ ଦାଁତ୍ ମୁଣ୍ଡା କାଟ୍ରି ମାରିଚପିଅଇ କାନ୍ଦବାଇ ।"
୧୩ ଜିସୁ ସନିଅମନର୍ ମୁକିଅକେ କଇଲା, "ତୁଇ ଏବେ ଗରେ
ଜା । ତୁଇ ଜେନ୍ତି ବିସ୍ବାସ୍ କଲୁସ୍ନି ସେନ୍ତାରିସେ ଅଇସି ।"
ସମାନ୍ ସେ ବେଲାଇସେ ତାର୍ ଗତିଦାଙ୍ଗ୍ଡା ପୁରାପୁରୁନ୍ ନିକ
ଅଇଗାଲା । ୧୪ ଜିସୁ ପିତରର୍ ଗରେ ଜାଇ ତାର୍ ସାଟ୍ରି
ଜର୍ଅଇକରି ଅଚ୍ନାଇ ତୁଲି ରଇବାଟା ଦେକ୍ଲା । ୧୫ ସେ
ପିତରର୍ ସାଟ୍ରିର୍ ଆତେ ଚିଇଲା ଦାପ୍ରେ ତାର୍ ଜର୍ ଚାଡିଗାଲା
। ଆରି ସେ ଉଟିକରି ଜିସୁର୍ ସେବା କର୍ବାର୍ ଦାର୍ଲା । ୧୬ ସଞ୍ଜ
ଅଇଲାକେ ଲକ୍ମନ୍, କେତେକ୍ କେତେକ୍ ଡୁମା ଦାରିରଇଲା
ଲକ୍ମନ୍କେ ଜିସୁର୍ ଲଗେ ଆନ୍ଲାଇ । ତାର୍ ପଦେକ୍ କାତା
କଇଲା ଦାପ୍ରେସେ ଡୁମା ଆଟ୍ମାମନ୍କେ ବାର୍କରାଇଦେଲା
ଆରି ରଗି ଲକ୍ମନ୍କେ ନିକ କଲା । ୧୭ ଏଟା କଲାର୍ ଲାଗି
ଜିସୁ ଜିସାଇୟ ବବିସତ୍ବକ୍ତା ଜାନାଇ ରଇଲାଟା ପୁରାପୁରୁନ୍
ସିଦ୍କଲା । ବବିସତ୍ବକ୍ତା କଇରଇଲା "ଆମର୍ ଦୁକାସୁକା
ସବୁ ନିଜେ ନେଲା ଆରି ଆମର୍ ଜର୍ଦୁକା ବଇଲା ।" ୧୮ ଜିସୁ
ତାର୍ ଚାରିବେଟ୍ଟି ରଇଲା ବେସି ଲକ୍ମନ୍କେ ଦେକିକରି ତାର୍
ସିସ୍ମନ୍କେ ଗାଡ୍ ସେପାଟ୍ ଜିବାକେ କଇଲା । ୧୯ ତେଇ ଗଟେକ୍
ଜିଉଦିମନର୍ ସାସ୍ତର୍ ସିକାଉ ତାର୍ ଲଗେ ଆସି କଇଲା, "ଏ
ଗୁରୁ ତମେ ଜନ୍ ଜାଗାଇ ଗାଲେ ମିସା ମୁଇ ତମର୍ ସଙ୍ଗ୍ ଆଇବି
।" ୨୦ ମାତର୍ ଜିସୁ ତାକେ କଇଲା, "କଲିଆ ରଇବାକେ ପାଆର୍
ଆଚେ, ଆରି ଉଡିବୁଲ୍ବା ଚଡଇମନ୍ ରଇବାକେ ଗୁଡା ଆଚେ,
ମାତର୍ ନର୍ପିଲା ମୁଇ, ମକେ ରଇବାକେ ଜାଗା ନାଇ ।" ୨୧
ଆରି ସିସ୍ମନର୍ ବିଟ୍ରେଅନି ଗଟେକ୍ ସିସ୍ କଇଲା, "ଏ ମାପ୍ରୁ,
ମକେ ପର୍ତୁମ୍ ମର୍ ବାବାକେ ଜାଇ ତପି ଆଇବାକେ ମେଲାନି
ଦିଆ ।" ୨୨ ମାତର୍ ଜିସୁ ତାକେ କଇଲା, "ମରିଗାଲା ଲକ୍ମନ୍
ମଲା ଲକ୍ମନ୍କେ ତପଟ୍, ତୁଇ ମର୍ ପଚେ ପଚେ ଆଉ ।" ୨୩
ତାର୍ ପଚେ ଜିସୁ ଗଟେକ୍ ଡଙ୍ଗାଇ ଚଗ୍ଲାକେ ତାର୍ ସିସ୍ମନ୍
ମିସା ତାର୍ ସଙ୍ଗ୍ ଗାଲାଇ । ୨୪ ସେ ବେଲା ଅଟାଟ୍ ସମ୍ଦୁରେ
ଏନ୍ତି ବାଉପବନ୍ ଆଇଲା ଆରି ଉଲ୍କାର୍ ଲାଗି ଡଙ୍ଗା ପାନିତେଇ
ବୁଡିଜିବା ପାରା ଅଇଲା । ମାତର୍ ଜିସୁ ଡଙ୍ଗାଇ ସଇଦେଇ
ରଇଲା । ୨୫ ଆରି ସିସ୍ମନ୍ ଜିସୁର୍ ଲଗେ ଜାଇକରି ତାକେ
ଉଟାଇ କଇଲାଇ, "ଏ ମାପ୍ରୁ ଆମ୍କେ ରକିଆ କର୍ । ନଇଲେ
ଆମେ ବୁଡି ମରିଜିବୁବେ ।" ୨୬ ଜିସୁ ସେମନ୍କେ କଇଲା,
"ଏ ବିସ୍ବାସେ ଡାଟ୍ ନ ରଇଲା ଲକ୍ମନ୍, ତମେ କାଇକେ
ଏତେକ୍ ଡରିଗାଲାସ୍ନି?" ଜିସୁ ବାଉପବନ୍କେ ଆରି ଲଅଡିକେ
ଦମ୍କାଇଲା । ତେବର୍ପାଇ ବାଉପବନ୍ ଆରି ଲଅଡି ତବିର୍
ଅଇଗାଲା । ୨୭ ଏଟା ଦେକି ସିସ୍ମନ୍ ବେସି କାବାଅଇଜାଇ
ତାକର୍ ତାକର୍ ବିଟ୍ରେ କୁଆବଲା ଅଇଲାଇ, "ଏ କେନ୍ତାର୍ ଲକ୍
ଜେ ବାଉପବନ୍ ଆରି ଲଅଡି ମିସା ଆର୍ କାତା ମାନ୍ଲାଇନି ।"
୨୮ ଜିସୁ ଆରି ତାର୍ ସିସ୍ମନ୍ ଗାଡ୍ ସେପାଟର୍ ଗଦ୍ରିୟ ନାଉଁର୍
ଜାଗାଇ କେଟ୍ଲା ଦାପ୍ରେ, ଦୁଇଟା ଡୁମା ଡସ୍ଲା ଲକ୍ ତାକେ
ବେଟ୍ ଅଇଲାଇ । ସେମନ୍ ମସନ୍ ବିଟ୍ରେ ରଇତେରଇଲାଇ ।
ଆରି ସେମନ୍ ଏନ୍ତି ରଇଲାଇ ଜେ, ସେ ବାଟେ କେ ମିସା ଆସ୍
ଜା ନ ଅଇତେ ରଇଲାଇ । ୨୯ ସେ ଲକ୍ମନ୍ ବେସି କିର୍କିରି
କରି କଇଲାଇ, "ଏ ପର୍ମେସରର୍ ପିଲା ଆମର୍ ଟାନେ ତର୍
କାଇ କାମ୍ ଆଚେ? ବେଲ୍ କାଲ୍ ନ କେଟ୍ତେ ତୁଇ କାଇ ଡଣ୍ଡ
ଦେବାକେ ଇତି ଆଇଲୁସ୍ କି?" ୩୦ ସେବେଲାଇ ସେ ଜାଗାଇଅନି
କଣ୍ଡେକ୍ ଦୁରିକେ ଗଟେକ୍ ବଡ୍ ଗୁସ୍ରି ମାନ୍ଦା ଚାରାଇତେରଇଲାଇ
। ୩୧ କାରାପ୍ ଆଟ୍ମାମନ୍ ଜିସୁକେ ଗୁଆରି କରି କଇଲାଇ,
"ତୁଇ ଜଦି ଆମ୍କେ ଏ ଲକ୍ମନର୍ତେଇ ଅନି ବାର୍କରାଇ
ଦେଇସୁ ବଇଲେ ସେ ଗୁସ୍ରି ମାନ୍ଦା ବିଟ୍ରେ ଜିବାକେ, ଆଦେସ୍
ଦେ ।" ୩୨ ଜିସୁ ସେମନ୍କେ ଜା! ବଲି କଇଲାକେ କାରାପ୍
ଆଟ୍ମାମନ୍ ସେ ଲକ୍ମନର୍ତେଇଅନି ବାରଇକରି ଗୁସ୍ରିମନର୍
ବିଟ୍ରେ ପୁର୍ଲାଇ । ତେବର୍ ପାଇ, ଗୁସ୍ରିମନ୍ ଟିପେଅନି ଗସ୍ରି
ସମ୍ଦୁରେ ବୁଡି ମଲାଇ । ୩୩ ଆରି ତେଇ ଗୁସ୍ରି ଚାରାଇତେ
ରଇବା ଲକ୍ମନ୍ ପାଲାଇ କରି ଡୁମା ଡସି ରଇଲା ଲକ୍ମନ୍କେ
କାଇକାଇଟା ଅଇଲା ସେଟା ସବୁ କଇଦେଲାଇ । ୩୪ ଆରି ସେ
ଗଡର୍ ସବୁ ଲକ୍ମନ୍ ଜିସୁକେ ଦେକ୍ବାକେ ଆଇଲାଇ । ସେମନ୍
ତାକେ ଦେକିକରି ସେ ଜାଗା ଚାଡି ଜା ବଲି ଗୁଆରି କଇଲାଇ ।

୯ ଜିସୁ ଡଙ୍ଗାଇ ବସି ଗାଡ୍ ସେପାଟେ ରଇଲା ନିଜର୍ ଗଡେ
ବାଉଡି ଗାଲା । ୨ ଆରି ତେଇ ଲକ୍ମନ୍ ଗଟେକ୍ ଚେରେଙ୍ଗା
ରଗିକେ ବଇକରି ତାର୍ ଲଗେ ଆନ୍ଲାଇ । ଚେରେଙ୍ଗା ରଗି
ଅଚ୍ନାଇ ସଇରଇଲା । ସେ ଲକ୍ମନର୍ ବିସ୍ବାସ୍ ଦେକି ରଗିକେ
କଇଲା, "ସାଆସ୍ ଦାର୍, ତର୍ ସବୁ ପାପ୍ କେମା ଅଇଗାଲା ।" ୩
ଏ କାତା ସୁନି କେତେଟା ସାସ୍ତର୍ ସିକାଉମନ୍ ତାକର୍ ତାକର୍
ବିଟ୍ରେ କାତା ଅଇଲାଇ, "ଏ ଲକ୍ କାଇକେ ପର୍ମେସରର୍
ନିନ୍ଦା କଲାନି?" ୪ ଜିସୁ ତାକର୍ ମନର୍ ଚିନ୍ତା ଜାନି କଇଲା,
"ତମେ ନିଜର୍ ନିଜର୍ ମନେ କାଇକେ କାରାପ୍ ଚିନ୍ତା କଲାସ୍ନି?
୫ 'ତମର୍ ପାପ୍ସବୁ କେମା ଅଇଗାଲା ବଲି କଇବାଟା ସଅଜ୍ କି
'ଉଟିକରି, ଇଣ୍ଟିଜା ବଲି କଇବାଟା ଅଦିକ୍ ସଅଜ୍? ୬ ମାତର୍
ଜଗତର୍ ପାପ୍ କେମା କର୍ବାକେ ନର୍ପିଲା, ମର୍ ଅଦିକାର୍
ଆଚେ, ମୁଇ ଏଟା ତମର୍ ମୁଆଟେ ଦେକାଇବି ।" ତାର୍ ପଚେ
ଜିସୁ ଚେରେଙ୍ଗା ରଗିକେ କଇଲା, "ଉଟ୍, ନିଜର୍ ଟାଟି ଦାରି ଗରେ
ଉଟିଜା ।" ୭ ଆରି ସେ ଲକ୍ ଉଟିକରି ଗରେ ବାରିଗାଲା । ୮
ଲକ୍ମନ୍ ସେଟା ଦେକି କାବା ଅଇଜାଇ ଡରିଗାଲାଇ । ମାତର୍
ନର୍ ଲକ୍କେ ଏନ୍ତାରି ଅଦିକାର୍ ଦେଲାର୍ ପାଇ ପର୍ମେସର୍କେ

ଡାକ୍‌ପୁଟା କଲାଇ । ୯ ଜିସୁ ତେଇଅନି ଉଟି ଜିବାବେଲେ
ମାତିଉ ନାଉଁର୍ ଗଟେକ୍ ସିସ୍‌ତୁ ମାଙ୍କୁକେ, ତାର୍ ସିସ୍‌ତୁମାଙ୍କୁମନ୍
ମାଙ୍ଗବା ଜାଗାଇ ବସିରଇଲାଟା ଦେକି କଇଲା, "ମର୍ ସଙ୍ଗ ଆଉ
।" ମାତିଉ ସିସ୍‌ତୁମାଙ୍କୁମନ୍ ମାଙ୍ଗବା ଜାଗାଇଅନି ଉଟି ଜିସୁର୍
ସଙ୍ଗ ଗାଲା । ୧୦ ଜିସୁ ମାତିଉର୍ ଗରେ କାଇବାବେଲେ ବେସି
ସିସ୍‌ତୁମାଙ୍କୁମନ୍, ଆରି ପାପି ଲକ୍‌ମନ୍ ତେଇ ଜିସୁ ଆରି ତାର୍
ସିସ୍‌ମନର୍ ସଙ୍ଗ ବସି କାଇତେ ରଇଲାଇ । ୧୧ ଏଟା ଦେକି
ପାରୁସି ଲକ୍‌ମନ୍ ଜିସୁର୍ ସିସ୍‌ମନ୍‌କେ ପାଚାର୍‌ଲାଇ, "କାଇକେ
ତମର୍ ଗୁରୁ ସିସ୍‌ତୁମାଙ୍କୁମନର୍ ସଙ୍ଗ ଆରି ପାପି ଲକ୍‌ମନର୍ ସଙ୍ଗ
ବସି କାଇଲାନି?" ୧୨ ଜିସୁ କଇଲା, "ନିକ ରଇଲା ଲକର୍ ପାଇ
ଡାକ୍‌ଦର୍ ଲଡା ନାଇ । ମାତର୍ ଜର୍‌ଦୁକାର୍ ଲକ୍‌ମନର୍ ପାଇ
ଡାକ୍‌ଦର୍ ଲଡା ଆଚେ । ୧୩ ସାସ୍‌ତରେ ଲେକାଅଇଆଚେ, 'ମୁଇ
ପସୁ ପୁଜ୍‌ବା ବିରୁଟାନେଅନି, ଲକ୍‌ମନ୍‌କେ ଦୟା ଦେକାଇବାଟା
ମନ୍ କଲିନି । ଏ କାତାର୍ ଅରତ୍ କାଇଟା? ଜାଇକରି ବୁଜ୍‌ବାକେ
ଚେସ୍‌ଟା କରା । ମୁଇ ଦରମ୍ ଲକ୍‌ମନ୍‌କେ ଡାକ୍‌ବାକେ ଆସି
ନାଇ, ପାପିମନ୍‌କେ ଡାକ୍‌ବାର୍ ଆସିଆଚି ।" ୧୪ ତାର୍ ପଚେ
ଦିନେକ୍ ଡୁବନ୍ ଦେଉ ଜଅନର୍ ସିସ୍‌ମନ୍ ଜିସୁର୍ ଲଗେ ଆସି
ପାଚାର୍‌ଲାଇ, "ଆମେ ଆରି ପାରୁସିମନ୍ ବେସି ତର୍ ଲାକା ଉପାସ୍
କଲୁନି, ମାତର୍ ତମର୍ ସିସ୍‌ମନ୍ କାଇଜେ ଉପାସ୍ କରତ୍ ନାଇ?"
୧୫ ଜିସୁ ସେମନ୍‌କେ କଇଲା, "ବିବା ଦାଙ୍ଗଡା ଜେଡେବେଲେ
ଜାକ ଦାଙ୍ଗଡାମନର୍ ସଙ୍ଗ ବିବାଗରେ ରଇସି, ସେ ଦିନ୍ ଜାକ
ସଙ୍ଗର୍ ଦାଙ୍ଗଡାମନ୍ ଦୁକ୍ ନ କରତ୍ । ମାତର୍ ଜେଡେବେଲ୍ ବିବା
ଅଇବା ଦାଙ୍ଗଡାକେ ସଙ୍ଗର୍‌ଦାଙ୍ଗଡାମନର୍‌ଟାନେଅନି ଦାରିଜିବାଇ,
ସେମନ୍ ଦୁକ୍ କରି ଉପାସ୍ କର୍‌ବାଇ ।" ୧୬ କେ ମିସା
ପୁର୍‌ନା ଲୁଗା କାଣା ଅଇଲାଟାନେ, ନୁଆ ଲୁଗାର୍ ଗର୍‌ଣ୍ଡା ନ
ସିଲାଅତ୍, କାଇକେ ବଇଲେ ନୁଆ ଗର୍‌ଣ୍ଡା ପୁର୍‌ନା ଲୁଗାକେ
ବେସି ଚିରି ଦେଇସି । ୧୭ ଆରି, କେ ମିସା ନୁଆ ଅଙ୍ଗୁର୍
ରସ୍, ଚାମ୍ ସଙ୍ଗ ତିଆର୍ ଅଇଲା ପୁର୍‌ନା ମୁନାଇ ବେସି ଦିନ୍ ନ
ସଙ୍ଗଅତ୍, ସଙ୍ଗଇଲେ ମୁନା ପାଟିଜାଇସି ଆରି ରସ୍ ଚିଡ୍‌ତେ ଡାଲି
ଅଇଜାଇସି । ସେଟାର୍ ପାଇ ନୁଆ ରସ୍ ନୁଆ ମୁନାଇ ସଙ୍ଗଇବାଇ
। ଏନ୍ତି ସଙ୍ଗଇଲେ ମୁନା ଆରି ରସ୍ ଦୁଇଟା ଜାକ ନସ୍‌ଟ ନ ଅଏ
। ୧୮ ଜିସୁ ସେମନ୍‌କେ ଏ ସବୁ କାତା କଇଲା ବେଲେ, ଦେକା
ଗଟେକ୍ ଜିଉଦିମନର୍ ପାର୍‌ତନା ଗରର୍ ନେତା ଜିସୁର୍ ଲଗେ
ଆସି ମାଣ୍ଡିକୁଟା ଦେଇ କଇଲା, "ମର୍ ଟକି ଏବେସେ ମରିଗାଲା
ଆଚେ, ମାତର୍ ତୁଇ ଆସି ତାର୍ ଉପ୍‌ରେ ଆତ୍ ସଙ୍ଗଇଲେ ସେ
ବଁଚ୍‌ସି ।" ୧୯ ଜିସୁ ଦାପ୍‌ରେ ଉଟିକରି ତାର୍ ସିସ୍‌ମନର୍ ସଙ୍ଗ
ଗାଲା । ୨୦ ତେଇ ଗଟେକ୍ ମାଇଜି ଜିସୁର୍ ପଚ୍‌ବାଟେ ଆଇଲା ।
ତାକେ ବାର ବରସ୍ ଜାକ ବନି ଜାଇତେ ରଇବା ରଗ୍ ଅଇରଇଲା
। ସେ ମାଇଜି ପଚେ ଜାଇ ଜିସୁର୍ ଲୁଗା ଚିଇଲା । ୨୧ ସେ ମନେ
ମନେ ବାବ୍‌ଲା ମୁଇ ତାର୍ ପିନ୍ଦ୍‌ଲାଟା ଚିଇଲେ ନିମାନ୍ ଅଇଜିବି ।
୨୨ ମାତର୍ ଜିସୁ ପାସ୍‌ଲି କରି ତାକେ ଦେକି କଇଲା, "ଏ ନୁନି,
ଡର୍‌ନାଇ ସାଆସ୍ ଦାର୍, ତର୍ ବିସ୍‌ବାସ୍ ତକେ ନିମାନ୍ କରିଆଚେ
।" ଏତ୍‌କି କଇଲା ଦାପ୍‌ରେ ସେ ମାଇଜି ନିମାନ୍ ଅଇଗାଲା ।
୨୩ ତାର୍ ପଚେ ଜିସୁ ଜିଉଦିମନର୍ ପାର୍‌ତନା ଗରର୍ ମୁକିଆର୍
ଗରେ କେଟ୍‌ଲା । ତେଇ ଦନ୍‌କର୍‌ବାକେ ଆସି ରଇଲା ଲକ୍‌ମନ୍,
ଆରି ବାଜ୍‌ନିଆମନ୍ କାନ୍ଦୁବୁବା ଅଇବାଟା ଦେକି, ୨୪ ଜିସୁ
କଇଲା, "ସବୁ ଲକ୍ ଇତିଅନି ବାରଇଜା । ଏ ଟକିତା ମରେନାଇ,
ସଇଆଚେ ।" ତାର୍ କାତା ସୁନି ତେଇ ରଇଲା ଲକ୍‌ମନ୍ ତାକେ
କିଜାଇବାର୍ ଦାର୍‌ଲାଇ । ୨୫ ମାତର୍ ଲକ୍‌ମନ୍‌କେ ବାର୍‌କଲା
ପଚେ ଜିସୁ ବାକ୍‌ରାଇ ଜାଇ ଟକିର୍ ଆତେ ଦାରି ତାକେ ଉଟାଇଲା
। ଟକି ଦାପ୍‌ରେ ଉଟିକରି ଟିଆଅଇଲା । ୨୬ ଏ ଗଟ୍‌ନାର୍ କବର୍
ସେ ଜାଗାର୍ ଗୁଲାଇ ବାଟର୍ ଲକ୍ ସୁନ୍‌ଲାଇ । ୨୭ ଜିସୁ ସେ
ଜାଗାଇଅନି ବାରଇ ଜିବାବେଲେ ଦୁଇଟା କାଣା, ତାର୍ ପଚେ
ପଚେ ଇଣ୍ଡି ଆଇଲାଇ । ସେମନ୍ ଆଉଲି ଅଇକରି କଇବାର୍
ଦାର୍‌ଲାଇ । "ଏ ଦାଉଦ୍ ରାଜାର୍ ପଅ! ଆମ୍‌କେ ଦୟା କରା ।"
୨୮ ଜିସୁ ଗଟେକ୍ ଗରେ ଗାଲା ଆରି କାଣାମନ୍ ମିସା ତାର୍ ପଚ୍
ପଚ୍ ପୁର୍‌ଲାଇ । ପୁର୍‌ଲାକେ ଜିସୁ ସେମନ୍‌କେ ପାଚାର୍‌ଲା, "ମୁଇ
ତମର୍ ଆଁକି ନିକ କରି ପାର୍‌ବି ବଲି ତମେ ବିସ୍‌ବାସ୍ କଲାସ୍‌ନି
କି?" ସେମନ୍ କଇଲାଇ "ଉଁ ମାପ୍‌ରୁ ।" ୨୯ ତାର୍ ପଚେ ଜିସୁ
ସେମନର୍ ଆଁକି ଚିଇକରି କଇଲା, "ମକେ ବିସ୍‌ବାସ୍ କଲାର୍
ଲାଗି ତମର୍ ଆଁକି ଡିସ ।" ୩୦ ଜିସୁ କଇଲା ଦାପ୍‌ରେ କାଣାମନ୍
ଆଁକି ଦେକିପାର୍‌ଲାଇ । ଆରି ଜିସୁ, ସେମନ୍‌କେ ଡାଟ୍‌କରି, "ଏ
ବିସଇ କାକେ ମିସା କୁଆ ନାଇ ।" ବଲି କଇଲା । ୩୧ ମାତର୍
ସେମନ୍ ବାରଇ ଜାଇ ଜିସୁର୍ ଏ କରିରଇବାଟା ଗୁଲାଇ ଦେସେ
ଜାନାଇଲାଇ । ୩୨ ଜିସୁ ଆରି ତାର୍ ସିସ୍‌ମନ୍ ସେ ଗରେଅନି
ବାରଇ ଗାଲାବେଲେ କେତେଟା ଲକ୍‌ମନ୍ ଗଟେକ୍ ଗୁଲା ଲକ୍‌କେ
ତାର୍ ଲଗେ ଆନ୍‌ଲାଇ । ତାକେ ଡୁମାଦାରିରଇଲାକେ ସେ ଗୁଲା
ଅଇଜାଇରଇଲା । ୩୩ ଜିସୁ ଡୁମାକେ ସେ ଲକର୍‌ତେଇଅନି
କେଦ୍‌ଲା ପଚେ ସେ କାତାଅଇବାର୍ ଦାର୍‌ଲା । ଆରି ତେଇ
ରଇଲା ଲକ୍‌ମନ୍ କାବାଅଇଜାଇ କଇଲାଇ । "ଇସ୍‌ରାଏଲ୍
ଦେସେ ଏନ୍ତାରି ଗଟ୍‌ନା ଆମେ କେବେ ଦେକି ନ ରଇଲୁ ।" ୩୪
ମାତର୍ ପାରୁସିମନ୍ କଇଲାଇ, "ସେ ଡୁମାମନର୍ ନେତାର୍ ବପୁ
ସଙ୍ଗ ବିନ୍ ଡୁମାମନ୍‌କେ କେଦ୍‌ଲାନି ।" ୩୫ ଜିସୁ ଗାଉଁ ଗାଉଁ
ବୁଲି ବୁଲି ଜିଉଦିମନର୍ ପାର୍‌ତନା ଗର୍‌ମନ୍‌କେ ଜାଇ ସିକାଇ
ଦେଇତେ ରଇଲା । ଆରି ପର୍‌ମେସରର୍ ରାଇଜର୍ ନିମାନ୍
କାତା କଇତେରଇଲା । ବିନ୍ ବିନ୍ ଜର୍ ଆରି ରଗ୍ ଦାର୍‌ଲା
ଲକ୍‌ମନ୍‌କେ ସବୁ ନିକ କରିଦେଲା ଆରି ପାର୍‌ତନା ଗରେ
ସିକିଆ ଦେଲା । ୩୬ ଆରି ତେଇ ରଇଲା ଜବର୍ ଲକ୍‌ମନ୍‌କେ
ଦେକିକରି ସେ ଦୟା କଲା । କାଇକେ ବଇଲେ ସେମନ୍ ବେସି
ତାକିଜାଇରଇଲା ଆରି ସାଇଜ ପାଇବାକେ କନ୍ ବାଟେ ଜିବାର୍
ଆଚେ, ଜାନିନାପାର୍‌ତେ ରଇଲାଇ । ସେମନ୍ ଗଉଡ୍ ନଇଲା
ମେଣ୍ଡାରାସି ପାରା ଅଇଜାଇରଇଲାଇ । ୩୭ ସେଡ୍‌କିବେଲେ ସେ

ସିସ୍‌ମନ୍‌କେ କଇଲା, “ତାସ୍ ସିନା ବୁତେକ୍ । ମାତର୍ ସେଟା
କାଟ୍‌ବାକେ, ଲକ୍‌ମନ୍ ଉନା ଆଚତ୍ । ୩୮ ତେବର୍‌ପାଇ ‘କେତ୍
ରଇଲା ପଦାଇ କାଟ୍‌ବାକେ ବେସି ଲକ୍‌କେ ପାଟାଆ’ ବଲି ତାସ୍
କଲା ସାଉକାର୍‌କେ ପାର୍‌ତନା କରା ।”

**୧୦** ଜିସୁ ତାର୍ ବାର୍‌ଟା ପେରିତ୍‌ମନ୍‌କେ ଲଗେ ଡାକି ଡୁମା
କେଦ୍‌ବାକେ, ସବୁ ରକାମର୍ ରଗ୍ ଆରି ଜର୍‌ଦୁକା ନିମାନ୍
କର୍‌ବାକେ ଅଦିକାର୍ ଦେଲା । ୨ ସେ ବାର୍‌ଟା ପେରିତ୍‌ମନର୍
ନାଉଁ ଅଇଲାନି, ସିମନ୍ ଜାକେକି ପିତର୍ ବଲି ଡାକ୍‌ବାଇ,
ଆରି ତାର୍ ବାଇ ଆନ୍ଦ୍ରିୟ, ଜେବଦିର୍ ପଅ ଜାକୁବ୍ ଆରି
ତାର୍ ବାଇ ଜଅନ୍, ୩ ପିଲିପ୍ ଆରି ବାର୍‌ତଲମି, ତମା ଆରି
ସିସ୍‌ତୁମାଙ୍କମନ୍ ମାତିଉ, ଆଲ୍‌ପିର୍ ପଅ ଜାକୁବ୍ ଆରି ତଦିୟ,
୪ କିଣାନିୟ ସିମନ୍ ଜେ କି ଇସ୍‌ରାଏଲ୍ ଲକ୍‌ମନର୍ ମୁକ୍‌ତିର୍
ପାଇ ଚେସ୍‌ଟା କର୍‌ତେରଇଲା । ଆରି ଇସ୍‌କାରିୟତ୍ ଜିଉଦା,
ଜେ ଜିସୁକେ ସତ୍‌ରୁମନ୍‌କେ ସର୍‌ପିଦେଇ ରଇଲା । ୫ ଜିସୁ
ବାର୍‌ଟା ସିସ୍‌ମନ୍‌କେ ପାଟାଇଲାବେଲେ କାଇଟା କର୍‌ବାର୍ ଆଚେ
କାଇଟା ନାଇ ବଲି ଆଦେସ୍ ଦେଇ କଇଲା, “ତମେ ଜିଉଦି
ନଇଲା ଲକ୍‌ମନର୍ କନ୍ ଜାଗାଇ ମିସା ଜାଆନାଇ କି ସମିରଣିୟ
ଗଡେ ମିସା ପୁରାନାଇ । ୬ ମାତର୍ ଆଜିଗାଲା ମେଣ୍ଢାମନର୍
ପାରା ରଇବା ଇସ୍‌ରାଏଲ୍‌ମନର୍ ଲଗେ ଜା । ୭ ସେମନର୍ ଲଗେ
ଜାଇ ଜାନାଇକରି କୁଆ, ସରଗ୍ ରାଇଜ୍ ଲଗେ ଆଇଲା ଆଚେ!
୮ ଜରର୍ ଲକ୍‌ମନ୍‌କେ ନିମାନ୍ କରା, ମଲା ଲକ୍‌ମନ୍‌କେ ଉଟାଆ,
ବଡ୍ ରଗିମନ୍‌କେ ନିମାନ୍ କରା, ଡୁମାମନ୍‌କେ କେଦିଦିଆସ୍ ।
ଏ ସବୁ ସରଗର୍ ମାପ୍‌ରୁର୍ ତେଇଅନି ତିନ୍‌ପଲିଆରେ ମିଲାଇ
ଆଚାସ୍ । ସେନ୍ତି ବିନ୍ ଲକ୍‌ମନ୍‌କେ କାଇଟା ନ ମାଙ୍ଗିତେ ଦିଆସ୍ ।
୯ ଡାବୁ ମିସା ନିଆନାଇ । ୧୦ ଆରି ବୁଲ୍‌ବା ବେଲେ ମୁନା ଦାରି
ବୁଲାନାଇ । ଗଟେକ୍ ଉଚ୍‌କା ପିନ୍ଦ୍‌ବା ପଚିଆ, ପାଣ୍ଡଇ, ଡାଙ୍ଗ
ନିଆ ନାଇ । ପାଇଟି କରୁ ତାର୍ ବୁତି ପାଇସିସେ ।” ୧୧ “ଗଟେକ୍
ଗଡେ କି ଗାଏଁ କେଟ୍‌ସା ବଇଲେ, ତେଇ କେ ତମ୍‌କେ ନିଜର୍
ଗରେ ଡାକ୍‌ସି, ସେ ଲକ୍‌କେ କଜା, ଆରି ବିନେ ଜିବା ଜାକ
ତାକର୍ ଗରେସେ ରୁଆ । ୧୨ ଗରେ କେଟ୍‌ଲା ବେଲେ ତେଇ
ରଇଲା ଲକ୍‌ମନ୍‌କେ ଜୁଆର୍ କରି କୁଆ, ‘ତମ୍‌କେ ସାନ୍ତି ମିଲ’ ।
୧୩ ସେମନ୍ ଜଦି ତମ୍‌କେ ଗତିଆ କରି ଡାକ୍‌ବାଇ, ତମେ କଇଲା
ସାନ୍ତିର୍ କାତା ପୁରୁନ୍ ଅଇସି । ମାତର୍ ସେମନ୍ ଜଦି ତମ୍‌କେ
ଗତିଆ କରି ନ ଡାକତ୍ ବଇଲେ, ତମେ କଇଲାଟା ତମର୍ ଲଗେ
ବାଉଡି ଆଇସି । ୧୪ ଜଦି କେ ମିସା ତମ୍‌କେ ନ ଡାକତ୍ କି
ତମେ କଇଲା କାତା ନ ସୁନତ୍ ବଇଲେ, ‘ଏ ଜାଗା ଚାଡ୍‌ଲୁ’ ବଲି
ଗଟେକ୍ ଚିନ୍ ପାରା ଦେକାଇବାକେ, ପାଦର୍ ଦୁଲି ପାପ୍‌ଡି, ସେ
ଜାଗା ଚାଡି ଉଟିଜା । ୧୫ ମୁଇ ତମ୍‌କେ ସତ୍ କଇଲିନି, ବିଚାର୍‌ନା
ଦିନେ ସଦମ୍ ଗମରାକେ ପର୍‌ମେସର୍ ଅଦିକ୍ ଦୟା ଦେକାଇସି
।” ୧୬ “ସୁନା, ବାଲିଆଡୁର୍‌କାମନର୍ ବିତ୍‌ରେ ମେଣ୍ଢାମନ୍‌କେ
ପାଟାଇଲା ପାରା ମୁଇ ତମ୍‌କେ ପାଟାଇଲିନି । ସାଁପର୍ ପାରା
ଚାଲାକି ଅଇ ପରୁଆପାରା ସୁଆଲ୍ ଉଆ । ୧୭ ମାତର୍ ଜାଗ୍‌ରତ୍
ଅଇରୁଆ, କାଇକେ ବଇଲେ ଲକ୍‌ମନ୍ ସେମନର୍ ବିଚାର୍ କର୍‌ବା
ଜାଗାମନର୍‌ତେଇ ତମ୍‌କେ ସର୍‌ପିଦେବାଇ ଆରି ପାର୍‌ତନା
ଗର୍‌ମନ୍‌କେ ତମ୍‌କେ କର୍‌ଡା ମାର୍‌ବାଇ । ୧୮ ଆରି ତମେ ମର୍
ସିସ୍ ଅଇଲାର୍ ଲାଗି, ରାଜା ଆରି ସାସନ୍ କର୍‌ବା ଲକ୍‌ମନର୍
ଲଗେ ନିଆଅଇ ବିଚାର୍ କରାଇଅଇସା । ଇତିଅନି ସେମନ୍‌କେ
ଆରି ଜିଉଦି ନଇଲା ଲକ୍‌ମନର୍ ତେଇ ମର୍ ବିସଇନେଇ
କଇବାକେ ତମେ ବେଲା ପାଇସା । ୧୯ ତମର୍ ବିଚାର୍‌ନା
ଅଇବାବେଲେ ‘କାଇଟା କଇବି, କେନ୍ତି କଇବି’ ବଲି ଚିନ୍ତା କରି
ତେରେପେତେ ନ ଉଆ । ଟିକ୍ ସେବେଲାଇ ସେଟା ତମ୍‌କେ
ଜାନାଇ ଦିଆଅଇସି । ୨୦ କାଇକେ ବଇଲେ ତମେ ନିଜେ
କାଇଟା କଇବାକେ ନ ପଡେ । ବାବା ପର୍‌ମେସର୍ ସୁକଲ୍
ଆତ୍‌ମାଇ ତମର୍ ଟଣ୍ଡେଅନି କାତା କଇସି ।” ୨୧ ଲକ୍‌ମନ୍
ନିଜର୍ ବାଇକେ ମରନର୍ ଡଣ୍ଡ ବଗ୍‌ବାକେ ଦାରାଇଦେବାଇ
। ବାବା ମିସା ନିଜର୍ ପିଲାମନ୍‌କେ ସେନ୍ତାରି କର୍‌ସି । ପିଲା
ଟକିମନ୍ ବାବାମାଆର୍ ବିରଦେ ଉଟି ସେମନ୍‌କେ ମରାଇବାଇ
। ୨୨ ମକେ ବିସ୍‌ବାସ୍ କଲାର୍ ଲାଗି ତମ୍‌କେ ସବୁ ଲକ୍ ଗିନ୍
କର୍‌ବାଇ । ମାତର୍ ଜନ୍ ଲକ୍ ସାରାସାରି ଜାକ ସାଆସ୍ ଦାରି
ରଇସି, ସେ ମୁକ୍‌ତି ପାଇସି । ୨୩ ଗଟେକ୍ ନଅରେ ଦୁକ୍ କସ୍‌ଟ
ଦେଲେ, ତମେ ଆରି ଗଟେକ୍ ନଅରେ ଉଟି ପାଲାଆ । ମୁଇ
ତମ୍‌କେ ସତ୍‌କାତା କଇଲିନି, ତମେ ଇସ୍‌ରାଏଲ୍ ଦେସେ ରଇବା
ସବୁ ଗଡେ ବୁଲି ନ ସାର୍‌ତେ, ନର୍‌ପିଲା ମୁଇ ଆରି ତରେକ୍
ବାଉଡି ଆସିରଇବି । ୨୪ “କନ୍ ସିସ୍ ମିସା ଗୁରୁର୍ ତେଇଅନି ବଡ୍
ନଏଁ । ଗତିଦାଙ୍ଗଡା ସାଉକାରର୍‌ତେଇଅନି ବଡ୍ ନଏଁ । ୨୫ ସିସ୍
ତାର୍ ଗୁରୁର୍ ପାରା ଆରି ଗତିଦାଙ୍ଗଡା ନିଜର୍ ସାଉକାର୍ ପାରା
ଅଇଲେ ସେମନ୍ ସାର୍‌ଦା ଅଇବାର୍ ଆଚେ । ଗଟେକ୍ ଗରର୍
ମୁକିଆ ମକେ, ବାଲ୍‌ଜିବୁଲ୍ ବଲି ଡାକ୍‌ଲାଇନି ବଇଲେ, ଗରର୍
ଆରି ଅଦେକ୍ ଲକ୍‌ମନ୍‌କେ ବାଇଦରେ ଅଦିକ୍ କାରାପ୍ ନାଉଁ
ଦାରି ଡାକ୍‌ବାଇ ।” ୨୬ “ସେଟାର୍‌ପାଇ ଲକ୍‌ମନ୍‌କେ ଡରାନାଇ
। ଜନ୍ ବିସଇ କି ଲୁଚ୍‌ତେ ଆଚେ, ସେଟା କେବେ ନଇଲେ
କେବେ ଡିସ୍‌ସି ଆରି ସବୁ ଲୁଚ୍‌ଲା କାତାମନ୍ ଜାନା ପଡ୍‌ସି । ୨୭
ଜନ୍‌ଟା ମୁଇ ତମ୍‌କେ ଆନ୍ଧାର୍ ବେଲାଇ କଇଲିନି ସେଟା ତମେ
ଉଜ୍‌ଲେ କୁଆ, ଆରି ଜନ୍‌ଟା ଲୁଚ୍‌ତେ ସୁନିଆଚାସ୍ ସେଟା ଗରର୍
ଚାଉନି ଉପ୍‌ରେ ଟିଆଅଇ କୁଆ । ୨୮ ଜନ୍‌ଲକ୍‌ମନ୍ ତମର୍
ଗାଗଡ୍ ନସ୍‌ଟ କର୍‌ବାଇ ମାତର୍ ତମର୍ ଆତ୍‌ମାକେ କାଇଟା
କରିନାପାରତ୍ ସେମନ୍‌କେ ଡରାନାଇ । ମାତର୍ ଜନ୍ ପର୍‌ମେସର୍
ତମର୍ ଗାଗଡ୍ ଆରି ଆତ୍‌ମାକେ ନରକ୍ କୁଣ୍ଡେ ପିଙ୍ଗ୍‌ସି, ତାକେ
ଡରା । (Geenna g1067) ୨୯ ଡାବୁଦେଇ ଦୁଇଟା ଚେଟିଆ ଚଡଇ
ଗେନିପାରାସ୍, ମାତର୍ ତମର୍ ବାବା ପର୍‌ମେସର୍ ନାଜାନ୍‌ତେ
ସେ ଚଡଇମନର୍‌ତେଇଅନି ଗଟେକ୍ ମିସା ନ ମରତ୍ । ୩୦
ଆରି ପର୍‌ମେସର୍ ତମର୍ ମୁଣ୍ଡର୍ ଚେଣ୍ଡି ମିସା ଗଟେକ୍ ଗଟେକ୍

କରି ଏଜିଆଚେ । **୩୧** ଡରାନାଇ, ବେସି ଚେଟିଆ ଚଡଇମନର୍
ତେଇ ଅନି ତମର୍ ଦାମ୍ ଅଦିକ୍ ।" **୩୨** "ଜେ ମକେ ସବୁର୍
ମୁଆଟେ 'ମର୍ ଲକ୍' ବଲି ନାମ୍‌ସି, ମୁଇ ମିସା ମର୍ ସରଗର୍
ବାବାର୍ ମୁଆଟେ ସେମନ୍‌କେ 'ମର୍ ଲକ୍' ବଲି କଇବି । **୩୩**
ମାତର୍ ଜନ୍ ଲକ୍ ମକେ ସବୁର୍ ମୁଆଟେ 'ତାକେ ନାଜାନି' ବଲି
କଇସି, ମୁଇ ମିସା ମର୍ ସରଗର୍ ବାବାର୍ ମୁଆଟେ 'ତାକେ
ନାଜାନି' ବଲି କଇବି ।" **୩୪** "ମୁଇ ଏ ଦୁନିଆଇ ସାନ୍ତି ଦେବାର୍
ଆସିଆଚି ବଲି ତମେ ବାବା ନାଇ । ନାଇ, ସାନ୍ତି ଦେବାକେ
ଆସି ନାଇ, କାଣ୍ଡା ଦେବାକେ ଆଇଲିଆଚି । **୩୫** ମର୍ ଲାଗି
ପିଲା ବାବାକେ ବିରଦ୍ କର୍‌ସି, ଟକି ଆୟାକେ ବିରଦ୍ କର୍‌ସି
ଆରି ବୁଆରି ସାତ୍‌ରିର୍ ବିରଦେ ଉଟ୍‌ସି । **୩୬** ନିଜର୍ ଗରର୍
ଲକ୍‌ମନ୍‌ସେ ନିଜର୍ ସତ୍‌ରୁ ଅଇବାଇ ।" **୩୭** "କେମିସା ଜଦି
ନିଜର୍ ମାବାବାକେ ମର୍‌ତେଇଅନି ଅଦିକ୍ ଆଲାଦ୍ କର୍‌ସି, ସେ
ମର୍ ସିସ୍ ଅଇନାପାରେ । ଆରି ଜନ୍ ଲକ୍ ମକେ ଆଲାଦ୍
କର୍‌ବାଟାନେ ଅନି ନିଜର୍ ପିଲାଟକିକେ ଅଦିକ୍ ଆଲାଦ୍ କର୍‌ସି
ବଇଲେ ସେ ମର୍ ସିସ୍ ଅଇବାକେ ଅଦିକାର୍ ନ ପାଏ । **୩୮**
ଜନ୍ ଲକ୍ ନିଜର୍ କୁରୁସ୍ ବଇ ମର୍ ସଙ୍ଗ୍ ନ ଆସେ ବଇଲେ ସେ
ମର୍ ସିସ୍ ଅଇବାକେ ଅଦିକାର୍ ନ ପାଏ । **୩୯** ଜନ୍‌ଲକ୍ ନିଜର୍
ଜିବନ୍ ରକିଆ କର୍‌ବାକେ ଚେସ୍‌ଟା କର୍‌ସି ବଇଲେ ସେ ସେଟା
ଆରାଇସି । ମାତର୍ ଜେ ମର୍ ଲାଗି ତାର୍ ଜିବନ୍ ଆରାଇସି
ବଇଲେ, ସେ ସତଇସେ ସେଟା ରକିଆ କର୍‌ସି ।" **୪୦** "ଜନ୍
ଲକ୍ ତମ୍‌କେ ଡାକିନେଇସି, ସେ ମର୍‌ପାଇ ସେଟା କଲାନି ।
ଆରି ଜନ୍ ଲକ୍ ମକେ ଡାକିନେଇସି ସେ ମକେ ପାଟାଇଲା ବାବା
ପରମେସରର୍ ପାଇ ସେଟା କଲାନି । **୪୧** ଜେ ମିସା ଗଟେକ୍
ବବିସତ୍‌ବକ୍‌ତାକେ 'ପର୍‌ମେସରର୍ କାତା ସୁନାଉ' ବଲି ଡାକ୍‌ସି,
ବବିସତ୍‌ବକ୍‌ତାକେ ମିଲ୍‌ବା ପୁରୁସ୍‌କାର୍‌ତେଇ ସେ ମିସା ମିସ୍‌ସି ।
ଆରି ଜେ ଦରମ୍ ଲକ୍‌କେ ଗରେ ଡାକ୍‌ସି, ଦରମ୍ ଲକ୍‌କେ ମିଲ୍‌ବା
ପୁରୁସ୍‌କାର୍‌ତେଇ ସେ ମିସା ମିସ୍‌ସି । **୪୨** ଆରି ଜନ୍ ଲକ୍ ମର୍
ପଚେ ପଚେ ଆଇବା ମୁକିଅ ନଇଲା ଗଟେକ୍ ସାନ୍ ସିସ୍‌କେ,
ଗିଲ୍‌ସେକ୍ ପାନି ଦେଇସି, ସେ ମର୍ ସିସ୍ । ସେ ପୁରୁସ୍‌କାର୍
ପାଇସି ଆକା ।"

**୧୧** ଜିସୁ ବାର୍‌ଟା ସିସ୍‌ମନ୍‌କେ ସିକାଇ କରି କଇ ପାଟାଇ
ସାର୍‌ଲା ପଚେ, ସେ ଜାଗା ଚାଡିକରି ଲଗେ ରଇଲା
ଗଡ୍‌ମନର୍ ଲକ୍‌ମନ୍‌କେ ଜାଇ ସିକାଇଲା ଆରି ମାପ୍‌ରୁର୍
କାତା ସୁନାଇବାର୍ ଦାର୍‌ଲା । **୨** ସେ ବେଲା ଡୁବନ୍‌ଦେଉ
ଜଅନ୍ ବନ୍ଦିଗରେ ରଇଲା । ଜିସୁ ଜନ୍ କାମ୍‌ମନ୍ ସବୁ କର୍‌ତେ
ରଇଲା, ତାର୍ କବର୍ ସୁନି ତାର୍ କେତେଟା ସିସ୍‌ମନ୍‌କେ ଜିସୁର୍
ଲଗେ ପାଟାଇଲା । **୩** ସେମନ୍ ଜାଇ ଜିସୁକେ ପାଚାର୍‌ଲାଇ,
"ଜନ୍ ଲକ୍ ଆଇସି ବଲି ଜଅନ୍ କଇରଇଲା, ସେ ଲକ୍ ତମେ
କି? ନଇଲେ, ଆମେ ଆରି ବିନ୍ ଲକ୍‌କେ ଜାଗ୍‌ବୁ କି?" **୪**
ଜିସୁ ସେମନ୍‌କେ କଇଲା, "ତମେ ବାଉଡି ଜାଇ ଜନ୍‌ଟା ସବୁ
ଦେକ୍‌ଲାସ୍ ଆରି ସୁନ୍‌ଲାସ୍, ଜଅନ୍‌କେ କଇଦିଆସ୍ । **୫** କାଣାମନ୍
ଦେକିପାର୍‌ଲାଇନି, ଚଟାମନ୍ ଇଣ୍ଡୁଲାଇନି, ବଡ୍ ରଗିମନ୍ ନିମାନ୍
ଅଇଲାଇନି, ବଇରାମନ୍ ସୁନ୍‌ଲାଇନି, ମଲା ଲକ୍‌ମନ୍ ଜିବନ୍
ଅଇଲାଇନି ଆରି ଗରିବ୍ ଲକ୍‌ମନର୍ ଲଗେ ନିମାନ୍ କବର୍
କେଟ୍‌ଲାନି । **୬** ଜେ ମର୍ ବିସଇ ନେଇକରି, 'ସେ କି ନଏଁ
ଆଲୋ' ବଲି ନ ବାବେ, ସେ କେଡେ ନିକ କରମର୍ ଲକ୍ । ଜେ
ମକେ ନାମ୍‌ସି ଆରି ମକେ ସବୁ ବେଲା ବିସ୍‌ବାସ୍ କର୍‌ସି ତାକେ
ପର୍‌ମେସର୍ ଆସିର୍‌ବାଦ୍ କର୍‌ସି ।" ବଲି କଇଲା । **୭** ଜଅନର୍
ସିସ୍‌ମନ୍ ବାଉଡି ଗାଲାବେଲେ ଜିସୁ ଲକ୍‌ମନ୍‌କେ ଜଅନର୍ ବିସଇ
କଇଲା, ତମେ ଜଅନ୍‌କେ ଦେକ୍‌ବାକେ ଜେଡେବଲ୍ ମରୁବାଲିବୁଏଁ
ଜାଇରଇଲାସ୍, କାଇଟା ଦେକ୍‌ବାକେ ଆସା କରିରଇଲାସ୍?
ପବନ୍ ମାର୍‌ଲେ ଜୁଲ୍‌ବା ଗାଁସ୍ ପତର୍? **୮** କାକେ ଦେକ୍‌ବାକେ
ଜାଇ ରଇଲାସ୍? କାଇ ସୁନ୍ଦର୍ ବସ୍‌ତର୍ ପିନ୍ଦିରଇବା ଲକ୍‌କେ
ଦେକ୍‌ବୁ ବଲି ଜାଇ ରଇଲାସ୍ କି? ସେନ୍ତି ବସ୍‌ତର୍ ପିନ୍ଦ୍‌ବା ଲକ୍
ରାଜାର୍ ଗରେ ରଇବାଇ । **୯** ମକେ କୁଆ, କାଇଟା ଦେକ୍‌ବାକେ
ଜାଇ ରଇଲାସ୍? ଗଟେକ୍ ବବିସତ୍‌ବକ୍‌ତାକେ ଦେକ୍‌ବୁ ବଲିକରି
କି? ସେଟା ତ ସତ୍, ମାତର୍ ଅବ୍‌କା ବବିସତ୍‌ବକ୍‌ତା ଟାନେଅନି
ଗଟେକ୍ ଅଦିକ୍ ବଡ୍ ଲକ୍‌କେ ବେଟ୍‌ପାଇଆଚାସ୍ । **୧୦** କାଇକେ
ବଇଲେ ଏ ଜଅନର୍ ବିସଇ ସାସ୍‌ତରେ ଲେକାଅଇଲା ଆଚେ ।
ପର୍‌ମେସର୍ କଇଲା, "ତମର୍ ପାଇ ବାଟ୍ ତିଆର୍ କର୍‌ବାକେ
ମୁଇ ପର୍‌ତୁମ୍ ମର୍ ଦୁତ୍‌କେ ପାଟାଇବି ।" **୧୧** ମୁଇ ତମ୍‌କେ ସତ୍
କଇଲିନି, ଏ ଦୁନିଆଇ ପୁର୍‌ବେ ଅନି ଆଜିକେ ଜାକ ଜେତେକ୍
ଲକ୍ ସବୁ ଜନମ୍ ଅଇଲାଇଆଚତ୍, ସବୁ ଲକ୍‌ମନର୍ ବିତ୍‌ରେଅନି
ଡୁବନ୍ ଦେଉ ଜଅନ୍ ବଡ୍ । ମାତର୍ ସରଗ୍ ରାଇଜେ ଜେ
ସବୁର୍‌ଟାନେଅନି ସାନ୍, ସେ ଜଅନର୍‌ତେଇ ଅନି ବଡ୍ । **୧୨** ଡୁବନ୍
ଦେଉ ଜଅନ୍ ପର୍‌ମେସରର୍ ନିକ କାତା ଜାନାଇବାଟା ଆରାମ୍
କଲାବେଲେ ଅନି ଆଜିକେ ଜାକ ସରଗ୍ ରାଇଜ୍ ନେଇକରି
ବେସି ଜୁଇଦ୍ ଚାଲ୍‌ଲାଆଚେ । ଦୟା ମାୟା ନଇଲା ଲକ୍‌ମନ୍
ତାକର୍ ବପୁସଙ୍ଗ୍ ସରଗ୍ ରାଇଜ୍ ଅଦିକାର୍ କର୍‌ବାକେ ଚେସ୍‌ଟା
କଲାଇନି । **୧୩** ଜଅନ୍ ଆଇବା ଜାକ ମସାର୍ ନିୟମ୍ ଆରି
ବବିସତ୍‌ବକ୍‌ତାମନ୍ ସରଗ୍ ରାଇଜର୍ ବିସଇ କଇତେ ରଇଲାଇ ।
**୧୪** ଜଦି ସେମନର୍ କାତା ତମେ ବିସ୍‌ବାସ୍ କର୍‌ସା, ତେବେ ଜଅନ୍
ଅଇଲାନି ସେ ଏଲିୟ, ଜେ କି ପର୍‌ତୁମ୍ ଆଇବାର୍ ରଇଲା । **୧୫**
ଜାକେ କାନ୍‌ଆଚେ, ସେ ସୁନ । **୧୬** ଏ ଜୁଗର୍ ଲକ୍‌ମନ୍‌କେ କାର୍
ସଙ୍ଗ୍ ସମାନ୍ କର୍‌ବି? ସେମନ୍ ଆଟ୍ ମଜାଇ ବସିକରି କେଲ୍‌ବା
ପିଲାମନର୍ ପାରା । ଗଟେକ୍ ଦଲର୍ ପିଲାମନ୍ ଆରି ଗଟେକ୍
ଦଲ୍‌କେ କଇବାଇ, **୧୭** "ଆମେ ବିବା ବାଜା ବାଜାଇଲୁ, ମାତର୍
ତମେ ନାଟ୍ କରାସ୍ ନାଇ । ଦୁକର୍ ଗିତ୍ ଗାଇଲୁ ତମେ କାନ୍ଦାସ୍
ନାଇ । **୧୮** ଜଅନ୍ ତର୍‌କେ ତର୍ ଉପାସ୍ କର୍‌ତେ ରଇଲା ଆରି
କେବେ ମିସା ମଦ୍ ନ କାଇତେ ରଇଲା, ମାତର୍ ତମେ ତାକେ
ଡୁମା ଦାର୍‌ଲା ଲକ୍ ବଲି କଇଲାସ୍‌ନି । **୧୯** ମାତର୍ ନର୍‌ପିଲା

ମୁଇ କାଇଲେ କି ପିଇଲେ ମକେ କାଉରାଟା ଆରି ମଦୁଆଟା ବଲି
କଇଲାସ୍‌ନି । ସିସ୍‌ତୁ ମାଙ୍କୁମନର୍ ଆରି ପାପି ଲକ୍‌ମନର୍ ମଇତର୍
ବଲି କଇଲାସ୍‌ନି । ସେଟା ଜନ୍‌ଟା ଅବେ ଚାଡା, ପର୍‌ମେସରର୍
ବିଚାର୍ ସତ୍ ଆକା । ଏଟା ତାର୍ କାମେଅନି ଜାନାପଡ୍‌ସି ।” **୨୦**
ଜନ୍ ଗଡ୍‌ମନ୍‌କେ ଜିସୁ ତାର୍ ବେସି କାବାଅଇଜିବା କାମ୍‌ମନ୍
କରିରଇଲା, ସେ ଗଡର୍ ଲକ୍‌ମନ୍ ନିଜେ କରିରଇବା ପାପ୍‌ଲାଗି
ମନ୍ ନ ବାଦ୍‌ଲାଇଲାଟା ଦେକି, ଜିସୁ ସେ ଗଡର୍ ଲକ୍‌ମନ୍‌କେ
ନିନ୍ଦା କରି କଇଲା, **୨୧** “ଏ କରାଜିନର୍ ଲକ୍‌ମନ୍, ତମେ କେଡେ
ଇନସ୍‌ତା ଅଇ ଡଣ୍ଡ ପାଇସା! ଏ ବେତ୍‌ସାଇଦାର୍ ଲକ୍‌ମନ୍, ତମର୍
ଦସା ମିସା ସେନ୍ତିସେ । ତମର୍ ବିତରେ ଜନ୍ କାବାଅଇଜିବା
କାମ୍‌ମନ୍ କରାଅଇଲାଆଚେ, ସେଟା ସବୁ ଜଦି ମୁଇ ସର ଆରି
ସିଦନ୍ ଗଡେ କରି ରଇଲେ, ସେ ଗଡର୍ ଲକ୍‌ମନ୍ ପାପେଅନି
ବାଅଡ୍‌ଲୁ ବଲି ଦେକାଇବାକେ ଗାଗ୍‌ଡେ ଚାର୍ ଡାଲିଅଇ, ବାସ୍‌ତା
ପିନ୍ଦିକରି ମନ୍ ବାଦ୍‌ଲାଇତାଇ ।” **୨୨** “ମୁଇ ତମ୍‌କେ ସତ୍
କଇଲିନି, ପର୍‌ମେସରର୍ ବିଚାରର୍ ଦିନେ ତମର୍‌ତେଇଅନି ସର୍
ଆରି ସିଦନ୍ ଗଡର୍ ଲକ୍‌ମନ୍‌କେ ସେ ଅଦିକ୍ ଦୟା ଦେକାଇସି ।”
**୨୩** ଏ କପର୍‌ନାଉମର୍ ଲକ୍‌ମନ୍! ତମେ କାଇ ନିଜେ ସର୍‌ଗେ
ଜିବାକେ ଚେସ୍‌ଟା କଲାସ୍‌ନି? ତମେ ନର୍‌କେ ପିଙ୍ଗା ଅଇସି ।
ତମର୍ ବିତ୍‌ରେ ମୁଇ ଜନ୍ କାବାଅଇଜିବା କାମ୍‌ମନ୍ କରିରଇଲି,
ସେଟା ଜଦି ସଦମ୍ ଗଡେ କରି ରଇଲେ, ସେ ଗଡ୍ ଆଜିକେ
ଜାକ ରଇତା । (Hadēs g86) **୨୪** “ମୁଇ ତମ୍‌କେ ସତ୍ କାତା
କଇଲିନି, ପର୍‌ମେସରର୍ ବିଚାର୍‌ନା ଦିନେ ତମର୍‌ତେଇଅନି
ସଦମର୍ ଲକ୍‌ମନ୍‌କେ ସେ ଅଦିକ୍ ଦୟା ଦେକାଇସି ।” **୨୫**
ଜିସୁ ସେବେଲାଇ ପାର୍‌ତନା କରି କଇଲା, “ଏ ବାବା, ତମେ
ସରଗ୍ ଆରି ମଟ୍‌ପୁରର୍ ମାପ୍‌ରୁ । ଏ ସବୁ ବିସଇ ସିକ୍‌ଲା
ଲକ୍ ଆରି ଗିଆନି ରଇବା ଲକର୍‌ତେଇଅନି ଲୁଚାଇ ସଙ୍ଗଇ,
ନସିକ୍‌ଲା ଲକ୍‌ମନର୍ ତେଇ ଜାନାଇ ଆଚୁସ୍ ବଲି ମୁଇ ତମ୍‌କେ
ଦନିଅବାଦ୍ ଦେଲିନି । **୨୬** ଉଁ ବାବା, ତମର୍ ମନ୍ କଲା ଇସାବେ
ଏ ସବୁ ଗଟ୍‌ଲାନି ।” **୨୭** “ମର୍ ବାବା ମକେ ସବୁ ବିସଇ ଦାନ୍
କଲାଆଚେ । ବାବାକେ ଚାଡି କେ ମିସା ତାର୍ ପିଲା, ମକେ
ନାଜାନତ୍ । ଆରି ତାର୍ ପିଲା, ମକେ ଚାଡି କେ ମିସା ବାବାକେ
ନାଜାନତ୍ । ତାର୍ ପିଲା ମୁଇ, ଜନ୍ ଲକ୍‌ମନର୍ ଲଗେ ବାବାକେ
ଦେକାଇବି, ସେମନ୍‌ସେ ବାବାକେ ଚିନି ପାରତ୍ । **୨୮** “ବେସି
ବଜ୍ ବଇକରି ତାକ୍‌ଲା ଲକ୍‌ମନ୍, ମର୍ ଲଗେ ଆସା । ମୁଇ
ତମ୍‌କେ ପୁଣ୍ଡାଇବି । **୨୯** ମର୍ ଜୁଆଡି ବଇ ମର୍‌ଟାନେଅନି ସିକା
। କାଇକେବଇଲେ ମୁଇ ନିଜେ ସୁଆଲ୍ ଆରି ମର୍ ମନ୍ କୁଉଁଲ୍
ଅଇଲାର୍ ଲାଗି ତମେ ମର୍‌ଲଗେ ପୁଣ୍ଡସା । **୩୦** ମୁଇ ତମର୍
ଉପ୍‌ରେ ଜନ୍ ଜୁଆଡି ସଙ୍ଗଇବି ସେଟା ତମ୍‌କେ ବଇବାକେ ସଅଜ୍
ଅଇସି । ଆରି ତମ୍‌କେ ଜନ୍ ବଜ୍ ଦେବି, ସେଟା ମିସା ବେସି
ଉସାସ୍ ।”

**୧୨** ତାର୍ କେତେ ଦିନ୍ ପଚେ ଜିସୁ ଗଟେକ୍ ବିସ୍‌ରାମ୍‌ବାରେ
ତାସ୍‌ପଦାର୍ ବାଟେ ଜାଇତେରଇଲା । ଜିବାବେଲେ
ତାର୍ ସିସ୍‌ମନ୍‌କେ ବୁକ୍ ଲାଗ୍‌ଲାଜେ କେଡ୍ ଚିଡାଇ କାଇବାର୍
ଦାର୍‌ଲାଇ । **୨** ସେଟା ଦେକି ପାରୁସିମନ୍ ଜିସୁକେ ପାଚାର୍‌ଲାଇ,
“ଦେକ୍ ବିସ୍‌ରାମ୍‌ବାରେ ତର୍ ସିସ୍‌ମନ୍ କେନ୍ତାରି ସାସ୍‌ତରେ
ରଇବା ରିତିନିତି ବିରଦର୍ କାମ୍ କଲାଇନି ।” **୩** ଜିସୁ ସେମନ୍‌କେ
କଇଲା, “ଦିନେକ୍ ଦାଉଦ୍ ଆରି ତାର୍ ସଙ୍ଗ ରଇଲା ଲକ୍‌ମନ୍
ବୁକେ ରଇଲା ବେଲେ, ଦାଉଦ୍ କାଇଟା କରି ରଇଲା, ତମେ
ସାସ୍‌ତରେ ପଡାସ୍ ନାଇ କି? **୪** ସେଦିନେ ସେମନ୍ ମନ୍ଦିର୍
ବିତ୍‌ରେ ପୁରି, ମାପ୍‌ରୁର୍‌ପାଇ ସର୍‌ପି ଅଇରଇବା ରୁଟି କାଇଲାଇ
। ନିୟମ୍ ଇସାବେ ପୁଜାରିକେ ଚାଡି, ସେ ରୁଟି କେ ମିସା
କାଇବାର୍ ଅଦିକାର୍ ନ ରଇଲା । **୫** ତମେ କାଇ ପଡାସ୍ ନାଇ
କି? ମସାର୍ ନିୟମ୍ ଇସାବେ ସବୁ ବିସ୍‌ରାମ୍‌ବାରେ ପୁଜାରିମନ୍
ନିୟମ୍ ନ ମାନ୍‌ଲେ ମିସା, ସେଟାର୍ ପାଇ, ସେମନ୍ ଦସି ବଲି
ବିଚାର୍‌ନା ନ ଅଅତ୍ । **୬** ମୁଇ ତମ୍‌କେ କଇଲିନି, ଆଜି ଏ
ମନ୍ଦିର୍‌ଟାନେଅନି ମୁକିଅ ବିସଇ ଇତି ଆଚେ ।” **୭** “ସାସ୍‌ତର୍
କଇଲାନି, ପସୁ ପୁଜ୍‌ବା ବିରୁ ନ କରି, ଲକ୍‌ମନ୍‌କେ ଦୟା
କର୍‌ବାଟା, ମୁଇ ମନ୍ କଲିନି । ଏ କାତାର୍ ଅରତ୍ ଜଦି ସତ୍
ଇସାବେ ବୁଜିରଇତାସ୍‌ବଇଲେ, ଏ ଦସ୍ ନ କଲା ଲକ୍‌ମନ୍‌କେ
ତମେ ଦସି ନ କର୍‌ତାସ୍ । **୮** ଜାନିରୁଆ, ନର୍‌ପିଲା ମୁଇ ନିଜେ
ବିସ୍‌ରାମ୍‌ବାରର୍ ମାପ୍‌ରୁ ।” **୯** ଜିସୁ ସେ ଜାଗାଇଅନି ବାରଇ ଜାଇ
ପାର୍‌ତନା ଗରେ ପୁର୍‌ଲା । **୧୦** ତେଇ ଆତ୍ ସୁକିଜାଇରଇଲା
ଗଟେକ୍ ଲକ୍ ରଇଲା । ଜିସୁର୍ ଦସ୍ ଦାର୍‌ବାକେ ପାରୁସିମନ୍
ଗଟେକ୍ ଦଲଅଇ ତେଇ ଜାଗି ରଇଲାଇ । ସେଟାର୍‌ପାଇ ସେମନ୍
ଜିସୁକେ ପାଚାର୍‌ଲାଇ, “ବିସ୍‌ରାମ୍‌ବାରେ ନିମାନ୍ କର୍‌ବାଟା
ଆମର୍ ନିୟମର୍ ବିରଦ୍ ନଏଁ କି?” **୧୧** ଜିସୁ କଇଲା, “ଜଦି
ବିସ୍‌ରାମ୍‌ବାରେ ତମର୍ ବିତ୍‌ରେ କାର୍‌ଆଲେ ମେଣ୍ଡା ଗଟେକ୍
ଡେଙ୍ଗ କାଲେ ଅଦର୍‌ଲେ, ତମେ ତାକେ ଜିକି ନ ଆନାସ୍ କି? **୧୨**
ମେଣ୍ଡାର୍‌ତେଇ ଅନି ଗଟେକ୍ ଲକର୍ ମୁଲିଅ କେତେକ୍ ଅଦିକ୍ ।
ସେଟାର୍ ପାଇ ଆମେ ବିସ୍‌ରାମ୍‌ବାରେ ବିନ୍ ଲକ୍‌କେ ସାଇଜ
କର୍‌ବାଟା ସାସ୍‌ତରେ ରଇବା ରିତିନିତିର୍ ବିରଦ୍ ଅଇବା କାମ୍
ନଏଁ ।” **୧୩** ଏତ୍‌କି କଇକରି ସେ ଆତ୍ ସୁକିଜାଇରଇଲା ଲକ୍‌କେ
କଇଲା, “ଆତ୍ ସଲକ୍ କର୍ ।” ସେ ଲକ୍ ଆତ୍ ସଲକ୍ କଲା
ଦାପ୍‌ରେ, ସେ ଆତ୍ ନିକ ଲକର୍ ଆତ୍ ପାରା ଅଇଗାଲା ।
**୧୪** ତାର୍‌ପଚେ ପାରୁସିମନ୍ ସେ ଜାଗାଇଅନି ବାରଇ ଉଟିଜାଇ
ଜିସୁକେ ମରାଇବାକେ ଜଜ୍‌ନା କଲାଇ । **୧୫** ତାର୍ ବିରୁଦେ
ପାଁଚ୍‌ବାଟା ସୁନିକରି, ଜିସୁ ସେ ଜାଗା ଚାଡି ବିନେ ଉଟିଗାଲା ।
କେତେକ୍ କେତେକ୍ ଲକ୍ ତାର୍ ପଚେ ପଚେ ଗାଲାଇ । ଆରି
ସେ ସବୁ ରଗି ଲକ୍‌ମନ୍‌କେ ନିକ କଲା । **୧୬** ତାର୍ ନିଜର୍
ବିସଇ ବିନ୍ ଲକ୍‌ମନ୍‌କେ କାଇ ବଲି ନ କୁଆ ବଲି ସେମନ୍‌କେ
ଆଦେସ୍ ଦେଇତେରଇଲା । **୧୭** ଜିସାୟ ବବିସତ୍‌ବକ୍‌ତାର୍

ଟାନେଅନି ପର୍‌ମେସର୍ ଜନ୍ କାତା ସୁନାଇରଇଲା, ସେଟା
ପୁରାପୁରୁନ୍ କର୍‌ବାକେ ଏଟା କଲା, **୧୮** "ଏ ମର୍ ବାଚିରଇବା
ସେବାକାରିଆ । ଆକେ ମୁଇ ଆଲାଦ୍ କଲିନି, ତାର୍ ଲଗେ
ମର୍ ସାର୍‌ଦା । ମର୍ ଆତ୍‌ମା ତାର୍ ଉପ୍‌ରେ ଆସି ଡାବି ଅଇସି,
ସେ ସବୁ ଜାତିର୍ ଲଗେ ଜାଇ ମର୍ ଟିକ୍ ବିଚାର୍‌ନା ଜାନାଇସି
। **୧୯** ସେ କାକେ କିରଜାଟି ନ କରେ । ସେ ବେସି ଆଉଲି
ନ ଅଏ । ସାଇର୍ ମଜାଇ ଟିଆ ନ ଅଏ ଆରି ଜବର୍ ଅଇତେ
କାତା ନ କଏ । **୨୦** ଦୁର୍‌ବଲ୍ ଲକ୍‌ମନ୍‌କେ ସେ ଆଲାଦର୍
ଚଲାଚଲ୍‌ତି କର୍‌ସି, ଆରି ଆକା ସାକା ନଇଲା ଲକ୍‌ମନ୍‌କେ
ଦୟା କର୍‌ସି । ସେମନ୍ ନିଆଇ ନ ପାଇବାଜାକ ସେ ତାର୍
କାମ୍ ବନ୍ଦ ନ କରେ । **୨୧** ତାକେ ସବୁ ଦେସର୍ ଲକ୍ ଆସା
କର୍‌ବାଇ ।" **୨୨** ତାର୍ ପଚେ ଦିନେକ୍ ଲକ୍‌ମନ୍ ଗଟେକ୍ କାଣା
ଅଇ ଗୁଲା ଅଇଜାଇରଇଲା ଲକ୍‌କେ ଜିସୁର୍ ଲଗେ ଆନ୍‌ଲାଇ
। ତାକେ ଡୁମା ଦାରିରଇଲାଜେ କାତାଅଇ ନାପାର୍‌ତେ ରଇଲା
। ଜିସୁ ତାକେ ନିମାନ୍ କଲା । ଏଦେ ଦେକା! ସେ ଦେକ୍‌ଲା
ଆରି କାତା କଇପାର୍‌ଲା । **୨୩** ଜିସୁର୍ ଏ କାମ୍ ଦେକି ସବୁ
ଲକ୍ କାବା ଅଇଜାଇ ପାଚାର୍ ଉଚାର୍ ଅଇଲାଇ, "ଏ କାଇ ସେ
ଦାଉଦର୍ ପଅ କି?" **୨୪** ଏଟା ସୁନି ପାରୁସିମନ୍ କଇଲାଇ, "ସେ
ଡୁମାମନର୍ ମୁକିଅ ବାଲ୍‌ଜିବୁଲର୍ ଟାନେଅନି ବପୁ ପାଇ ଡୁମା
ଚାଡାଇଲାନି ।" **୨୫** ଜିସୁ ତାକର୍ ମନର୍ କାତା ଜାନି ସେମନ୍‌କେ
କଇଲା, ଗଟେକ୍ ରାଇଜର୍ ଲକ୍ ବିନ୍‌ବିନ୍ ଦଲେ ବାଗ୍ ଅଇ
ନିଜର୍ ନିଜର୍ ବିତରେ ଲାଗାଲାଗି ଅଇଲେ, ସେ ଦେସ୍ ବେସି
ଦିନ୍ ନ ରଏ । କନ୍‌ଆଲେ ସଅର୍ ନଇଲେ ଗର୍ ବିତ୍‌ରେ ବିନ୍
ବିନ୍ ଦଲ୍ ଗଡିକରି ଲାଗାଜଡା ଅଇଲେ ସେମନ୍ ଦାପ୍‌ରେସେ
କୁରୁପ୍‌ନାସ୍ ଅଇଜିବାଇ । **୨୬** ସେନ୍ତାରିସେ, ସଇତାନର୍ ରାଇଜେ
ଜଦି ଗଟେକ୍ ଦଲ୍ ବିନ୍ ଦଲ୍ ବିରୁଦେ ଲାଗ୍‌ଲାନି ବଇଲେ, ସେଟା
କୁଟ୍‌କୁଟା ଅଇ ବିଲିଜାଇସି । ଏଟା ଜାନ୍‌ବାର୍ ଆଚେ । **୨୭**
ମୁଇ ବାଲ୍‌ଜିବୁଲର୍ ବପୁ ପାଇ ଡୁମାମନ୍‌କେ ଚାଡାଇଲିନି ବଲି
ତମେ କଇଲାସ୍‌ନି ତେବେ, ସେମନ୍‌କେ କେଦ୍‌ବାକେ ତମର୍
ସିସ୍‌ମନ୍‌କେ କେ ବପୁ ଦେଲାନି? ତମର୍ ସିସ୍‌ମନର୍ ଏ କାମର୍
ଲାଗି, ତମେ ଦାବି କଲାଟା ମିଚ୍ ବଲି ଜାନାପଡ୍‌ଲାନି । **୨୮**
ଡୁମା ଚାଡାଇବା ବପୁ ମୁଇ ବାଲ୍‌ଜିବୁଲର୍ ଟାନେଅନି ପାଇନାଇ
। ସେଟା ମୁଇ ପର୍‌ମେସରର୍ ଆତ୍‌ମାର୍‌ଟାନେଅନି ପାଇଆଚି
। ଏଟାର୍ ପାଇ ଆରି ଗଟେକ୍ ବିସଇ ଜାନାପଡି ଗାଲାନିଜେ
ସରଗ୍ ରାଇଜ୍ ତମର୍ ଲଗେ ଆସି କେଟିଗାଲାବେ । **୨୯** ଆଗେ
ଗଟେକ୍ ବପୁର୍ ଲକ୍‌କେ ନ ବାନ୍ଧତେ କେ ମିସା ତାର୍ ଗରେ
ପୁରିକରି ଗରେ ରଇଲାଟା ଚରାଇ ନେଇ ନାପାରତ୍ । **୩୦** ଜେ
ମର୍ ବାଟେ ନ ରଏ, ବାଇଦରେ ସେ ମର୍ ବିରୁଦେ ଆଚେ ।
ଆରି ଜେ ମର୍ ସଙ୍ଗ ମିସିକରି ନ ଟୁଲିଆଏ, ସେ ବିଚିଦେଲାନି
। **୩୧** ସେଟାର୍‌ପାଇ ମୁଇ ତମ୍‌କେ କଇଲିନି, ଜଦି କେ ଆଲେ
ପାପ୍ କଲେ କି ନିନ୍ଦା କାତା କଇଲେ ମିସା, ତାର୍ ଲାଗି ତାକେ
କେମା ଦିଆଅଇସି । ମାତର୍ କେ ଜଦି ସୁକଲ୍ ଆତ୍‌ମାର୍ ବିରୁଦେ
କାଇ ବଲି କଇସି ବଇଲେ, ତାକେ କେମା ନାଇ । **୩୨** ଜଦି କେ
ନର୍‌ପିଲା, ମର୍ ବିରଦେ ନିନ୍ଦା କାତା କଇଲେ, ତାକେ କେମା
ମିଲ୍‌ସି, ମାତର୍ ଜେ ଜଦି ସୁକଲ୍ ଆତ୍‌ମାର୍ ବିରୁଦେ ନିନ୍ଦା କାତା
କଇଲେ ତାକେ ଏବେ କି ପଚ୍‌କେ ମିସା କେମା ନ ମିଲେ ।
(aiōn g165) **୩୩** "ନିକ ପଲ୍ ଦାର୍‌ବାର୍‌ଆଲେ ଗଟେକ୍ ଗଚ୍
ନିକ ଅଇବାର୍ ଆଚେ । ବାନିଆ ଗଚେ ବାନିଆ ପଲ୍ ଅଇସି ।
ଗଚ୍ କେନ୍ତୁଟା, ତାର୍ ପଲେ ଅନି ଜାନାପଡ୍‌ସି । **୩୪** ଏ ସାଁପ୍
ପାରା କାରାପ୍ ଲକ୍‌ମନ୍! ତମେ କାରାପ୍ ଅଇ ନିମାନ୍ କାତା
କଇପାରାସ୍ କି? ମନେ ଚିନ୍ତାକଲାଟା ଟଣ୍ଡବାଟେ ବାରଇସି
। **୩୫** ଗଟେକ୍ ନିମାନ୍ ଲକ୍ ତାର୍ ମନ୍‌ବିତ୍‌ରେ ଅନି ନିମାନ୍
କାତା ଆନ୍‌ସି । ଗଟେକ୍ କାରାପ୍ ଲକ୍ ତାର୍ ମନ୍ ବିତ୍‌ରେ
ବର୍‌ତିଅଇ ରଇବା ବାଦ୍‌ଲାପାରା କାତା ବାର୍‌କରାଇ ଆନ୍‌ସି
।" **୩୬** "ତମେ କଇରଇଲା କାଇ ଲଡାକେ ନଇବା ସବୁ କାତା,
ବିଚାର୍‌ନା ଦିନେ ତମ୍‌କେ ଇସାବ୍ ଦେବାକେ ଅଇସି । **୩୭** ତମର୍
କାତାଇଅନି ତମେ ବିଚାର୍ କରାଇଅଇ, ଦସି ନଇଲେ ଦସ୍
ନ କଲା ଲକ୍ ବଲାଇଅଇସା ।" **୩୮** ଗଟେକ୍ ଦିନେ ଜିଉଦି
ମନର୍ ନିୟମ୍ ସିକାଇଦେବା ଲକ୍‌ମନ୍ ଆରି ପାରୁସି ଲକ୍‌ମନର୍
ବିତ୍‌ରେଅନି କେତେଲକ୍ ଜିସୁକେ କଇଲାଇ, "ଏ ଗୁରୁ, ତମର୍
ଗଟେକ୍ କାବାଅଇଜିବା ଚିନ୍ ଦେକ୍‌ବାକେ ଆମେ ମନ୍‌କଲୁନି
।" **୩୯** ଜିସୁ ସେମନ୍‌କେ କଇଲା, "ଏ ଜୁଗର୍ ବିସ୍‌ବାସ୍ ନ
କରୁମନ୍ କେଡେ କାରାପ୍, ଆରି ପର୍‌ମେସର୍‌କେ ବିସ୍‌ବାସ୍
କରତ୍‌ନାଇ । ତମେ ମକେ ଗଟେକ୍ କାବାଅଇଜିବା କାମ୍
ଦେକାଇବାକେ କଇଲାସ୍‌ନି? ନାଇ, ଅବ୍‌କା ବାବବାଦି ଜୁନସର୍
ଜିବନେ ଗଟିରଇଲା କାବାଅଇଜିବାଟା ତମ୍‌କେ ଦେକାଇଦେଇ
ଅଇସି ।" **୪୦** "ଜୁନସ୍ ଜେନ୍ତି ମାଚ୍ ପେଟେ ତିନ୍ ଦିନ୍ ତିନ୍ ରାତି
ରଇଲା, ସେନ୍ତି ନର୍‌ପିଲା ମୁଇ ମିସା ମାଟି ତଲେ ତିନ୍ ଦିନ୍ ତିନ୍
ରାତି କାଟାଇବି । **୪୧** ଜନ୍ ଦିନେ ପର୍‌ମେସର୍ ଲକ୍‌ମନର୍
ବିଚାର୍ କର୍‌ସି, ସେ ଦିନେ ନିନିବିର୍ ଲକ୍‌ମନ୍ ତମର୍ ବିରୁଦେ
ଦାବି କର୍‌ବାକେ ଟିଆ ଅଇବାଇ । କାଇକେ ବଇଲେ ସେମନ୍
ଜୁନସର୍ କାତା ସୁନି ପାପ୍ ବାଟେଅନି ବାଅଡ୍‌ଲାଇ । ମୁଇ
ତମ୍‌କେ କଇଲିନି, ଜୁନସର୍ ଟାନେଅନି ବଡ୍ ଲକ୍ ଇତି ଆଚେ
। **୪୨** ବିଚାର୍ କର୍‌ବାବେଲେ ଦକିନ୍ ଦେସେ ରଇବା ସେବା
ନାଉଁର୍ ଗଟେକ୍ ଜାଗାର୍ ରାନି, ତମର୍ ଦସ୍ ଦେକାଇବାକେ
ଟିଆ ଅଇସି, କାଇକେ ବଇଲେ ସଲମନର୍ ଗିଆନର୍ କାତା
ସୁନ୍‌ବାକେ ବେସି ଦୁର୍ ଦେସେଅନି ସେ ଆସି ରଇଲା । ମାତର୍
ମୁଇ ତମ୍‌କେ ସତ୍ କଇଲିନି, ସଲ୍‌ମନର୍ ଟାନେ ଅନି ଗଟେକ୍
ବେସି ବଡ୍ ଲକ୍ ଇତି ଆଚେ ।" **୪୩** ଜିସୁ ଆରି କଇଲା,
ଜେଡେବଲ୍ କାରାପ୍ ଆତ୍‌ମା ଗଟେକ୍ ଲକର୍ ଗାଗ୍‌ଡେଅନି
ବାରଇ ଜାଇସି, ସେବେଲା, ସେ ରଇବାକେ ମରୁବାଲିବୁଏଁ ଜାଗା
କଜି ବୁଲ୍‌ସି । ମାତର୍ ସେନ୍ତି ଜାଗା ତାକେ ନ ମିଲ୍‌ଲେ । **୪୪** ସେ

ବେଲା ସେ କଇସି, "ମୁଇ ଜନ୍ ଲକର୍‌ତେଇଅନି ବାରଇ ଆଇଲି ଆଚି, ତେଇସେ ଆରିତରେକ୍ ଜିବି" ବଲି ବାଉଡି ଉଟିଜାଇସି । ସେଡିକି ବେଲେ ସେ ଆସିକରି ବିତ୍‌ରେ ସପାସୁତର୍ ଅଇ ପରିଚଲ୍ ରଇବାଟା ଦେକ୍‌ଲେ, ସେ ଜାଇ ତାର୍‌ତେଇଅନି ଅଦିକ୍ କାରାପ୍ ରଇବା ସାତ୍‌ଟା ଆତ୍‌ମାମନ୍‌କେ ଡାକିଆନ୍‌ସି । **୪୫** ତାର୍ ପଚେ ସବୁ କାରାପ୍ ଆତ୍‌ମାମନ୍ ଜାଇକରି ସେ ଲକର୍ ବିତ୍‌ରେ ବାସାକରି ରଇବାଇ । ସେ ବେଲା ସେ ଲକ୍ ଆଗ୍‌ତୁର୍‌ତେଇଅନି ଅଦିକ୍ କରାପ୍‌ଅଇଜାଇସି । ଏନ୍ତିସେ ଆଜିକାଲି ଜିଇବା କାରାପ୍ ଲକ୍‌ମନ୍‌କେ ଅଇସି । ବଲି କଇଲା । **୪୬** ଜିସୁ ଜେଡେବେଲା ତେଇ ରୁଣ୍ଡିରଇଲା ଲକ୍‌ମନ୍‌କେ କାତା ସୁନାଇତେ ରଇଲା, ତାର୍ ଆୟା ଆରି ବାଇମନ୍ ଆସି ଡାଣ୍ଡେ ଟିଆଅଇରଇଲାଇ । ସେମନ୍ ଜିସୁର୍ ସଙ୍ଗ କାତାଅଇବାକେ ମନ୍ କର୍‌ତେ ରଇଲାଇ । **୪୭** ସେଡିକି ବେଲେ ଗଟେକ୍ ଲକ୍ ଜିସୁକେ କଇଲା, "ତର୍ ଆୟା ଆରି ବାଇମନ୍ ଡାଣ୍ଡେ ଜାଗ୍‌ଲାଇ ଆଚତ୍, ସେମନ୍ ତର୍ ସଙ୍ଗ କାତା ଅଇବାକେ ମନ୍ କଲାଇନି ।" **୪୮** ଜିସୁ ସେମନ୍‌କେ କଇଲା, "କାକେ ମର୍ ଆୟା ଆରି ବାଇମନ୍ ବଲି ବାବ୍‌ଲାସ୍‌ନି?" **୪୯** ତାର୍ ସିସ୍‌ମନର୍ ବାଟେ ଆତ୍ ଦେକାଇ କଇଲା, "ଏ ଲକ୍‌ମନ୍‌ସେ ମର୍ ଆୟା ଆରି ବାଇମନ୍ ଅଇବାଇ । **୫୦** ଜେ ସର୍‌ଗେ ରଇବା ମର୍ ବାବାର୍ ମନ୍ କଲା ଇସାବେ କାମ୍ କର୍‌ସି, ସେମନ୍ ଆକା ମର୍ ବାଇ, ବଇନି ଆରି ଆୟା ଅଇବାଇ ।"

**୧୩** ଦିନେକ୍ ଜିସୁ ତାର୍ ସିସ୍‌ମନର୍ ସଙ୍ଗ ଗରେ ଅନି ବାରଇ ସମ୍‌ଦୁର୍ କଣ୍ଡି ଗାଲା । ତେଇ ସେ ବସିକରି ସିକାଇବାର୍ ଦାର୍‌ଲା । **୨** ଲକ୍‌ମନ୍ ତାର୍ ଚାରିବେଡ୍‌ତି ଜବର୍ ଅଇ ରୁଣ୍ଡିରଇଲାଇଜେ ସେ ଗଟେକ୍ ଡଙ୍ଗାଇ ଜାଇ ବସ୍‌ଲା । ଲକ୍‌ମନ୍ ଟିଆ ଅଇ ତାର୍ କାତା ସୁନ୍‌ବାର୍ ଦାର୍‌ଲାଇ । **୩** ଆରି ସେ କେତେକ୍ କେତେକ୍ ବିସଇ, ଉଦାଅରଣ୍ ଦେଇ, ସିକାଇତେ ରଇଲା । ସେ କଇଲା, "ଗଟେକ୍ ଚାସି ତରେକ୍ ବିଅନ୍ ବୁନ୍‌ବାର୍ ବାରଇଲା । **୪** ଚାସି ସେ ଜମିଟାନେ ବିଅନ୍ ବୁନ୍‌ବା ବେଲେ କେତେଟା ମୁଞ୍ଜି ମଜା ବାଟେ ଅଦର୍‌ଲାଜେ ସେଟା ଚଡଇମନ୍ ଆସି କାଇଦେଲାଇ । **୫** ଆରି ଅଦେକ୍ ମାଟି ଉନାରଇ ଜବର୍ ପାକ୍‌ନା ରଇବା ପଦାଇ ଅଦର୍‌ଲା । ତେଇ ମାଟି ବଉଲ୍ ନ ରଇଲାଜେ ଦାପ୍‌ରେ ଆଁକ୍‌ରି ଗାଜା ଅଇଲା । **୬** ମାତର୍ ଗାଜାର୍ ଚେର୍ ବିତ୍‌ରେ ଜାଏ ନାଇଜେ, କାରା କଲାକେ ସେଟା ସୁକିଗାଲା । **୭** ଆରି କେତେଟା ବିଅନ୍ କାଟାବୁଟା ବିତ୍‌ରେ ଅଦର୍‌ଲା, ଆରି କାଟାବୁଟା ଆଁକ୍‌ରି ଗାଜା ଅଇଲା । ବିଅନର୍ ଚାରିବେଡ୍‌ତି ବର୍‌ଡି ଜାଇ ସେଟା ସବୁ ଗିଲିଦେଲା । **୮** ମାତର୍ ଆରି ବାକି ସବୁ ବିଅନ୍ ନିକ ବୁଏଁ ଅଦ୍‌ରି ବୁଟା ଅଇ ବଡିକରି ପଲ୍ ଦାର୍‌ଲା । କେତେଟା ବୁଟାଇ ତିରିସ୍ ବାଗ୍, ସାଟେ ବାଗ୍, ଆରି ସଏ ବାଗ୍ ଅନି ଅଦିକ୍ ପଲ୍‌ଦାର୍‌ଲା ।" **୯** ଜିସୁ ଉଦାଅରଣ୍ ସାରାଇକରି କଇଲା, "ଜାକେ ସୁନ୍‌ଲା ପାରା କାନ୍ ଆଚେ, ସେ ସୁନ ।" **୧୦** ପଚେ ସିସ୍‌ମନ୍ ଜିସୁର୍ ଲଗେ ଆସି ପାଚାର୍‌ଲାଇ, "ତମେ ଲକ୍‌ମନ୍‌କେ ସିକାଇଲା ବେଲେ କାଇକେ ଉଦାଅରଣ୍ ଇସାବେ କଇଲାସ୍‌ନି?" **୧୧** ଜିସୁ କଇଲା, "ସରଗ୍ ରାଇଜର୍ ଟିକି ନିକି କାତା ବୁଜ୍‌ବାକେ ତମେ ଗିଆନ୍ ପାଇଆଚାସ୍ । ମାତର୍ ସେମନ୍ ପାଅତ୍ ନାଇ । **୧୨** ଜାକେ ଆଚେ, ତାକେ ଦିଆଅଇସି । ତେଇଅନି ସେ ଅଦିକ୍ ଅଦିକ୍ ଲାବ୍ କର୍‌ସି । ମାତର୍ ଜାକେ ନାଇ, ତାର୍‌ଟାନେ ଜେତ୍‌କି ଆଚେ, ସେଟା ମିସା ନିଆଅଇସି ।" **୧୩** ସେମନ୍‌କେ ମୁଇ କାତାନି ଇସାବେ ସିକାଇଲିନି । କାଇକେବଇଲେ ସେମନ୍ ଦେକି ଦେକି ରଇବାଇ, ମାତର୍ ନ ଦେକ୍‌ଲା ପାରା । ସୁନ୍‌ତେ ରଇବାଇ, ମାତର୍ ନ ସୁନ୍‌ଲା ପାରା ଆରି ନ ବୁଜତ୍ । **୧୪** ଜିସାୟ ବବିସତ୍‌ବକ୍‌ତା କଇରଇବା ବାକିଅ ପୁରାପୁରୁନ୍ ଅଇଲା । ଏ ଲକ୍‌ମନ୍ ସୁନି ସୁନି ମିସା କାଇଟା ନ ବୁଜତ୍ ଦେକ୍‌ତେରଇବାଇ, ମାତର୍ ନ ଦେକ୍‌ଲା ପାରା । **୧୫** କାଇକେ ବଇଲେ ସେମନର୍ ବୁଦି ଉନା । ସେମନ୍ କାନେ ଚୁଟିଅଇ ଦେଇଆଚତ୍ ଆରି ଆଁକି ଲିମିଦେଇ ଆଚତ୍ । ସେନ୍ତାର୍ ନ ଅଇରଇଲେ ସେମନ୍ ଦେକିପାର୍‌ତାଇ, ସୁନିପାର୍‌ତାଇ ଆରି ମର୍ ଲଗେ ବାଉଡି ଆଇତାଇ । ସେମନ୍‌କେ ମୁଇ ନିକ କରିଦେଇତି । **୧୬** "ତମେ କେଡେକ୍ ନିକ କରମର୍ ଲକ୍! ତମେ ଦେକି ପାର୍‌ଲାସ୍‌ନି ଆରି ସୁନି ପାର୍‌ଲାସ୍‌ନି! **୧୭** ମୁଇ ତମ୍‌କେ ସତ୍ କଇଲିନି, କେତେକ୍ କେତେକ୍ ବବିସତ୍‌ବକ୍‌ତା ଆରି ପର୍‌ମେସରର୍ ଲକ୍‌ମନ୍ ତମେ ଜନ୍‌ଟା ଦେକ୍‌ଲାସ୍‌ନି, ସେଟା ଦେକ୍‌ବାକେ, ଆରି ଜାଇଟା ସୁନ୍‌ଲାସ୍‌ନି, ସେଟାମନ୍ ସୁନ୍‌ବାକେ ମନ୍ କର୍‌ତେରଇଲାଇ, ମାତର୍ ନାପାର୍‌ଲାଇ ।" **୧୮** "ତେବେ ସୁନା, ବିଅନ୍ ବୁନ୍‌ବା କାତାର୍ ଅରତ୍ କଇଲିନି । ତମେ ବୁଜ୍‌ବାକେ ଚେସ୍‌ଟା କରା । **୧୯** ଜନ୍ ଲକ୍‌ମନ୍ ସରଗ୍ ରାଇଜର୍ ବାକିଅ ସୁନି ନ ବୁଜତ୍, ସଇତାନ୍ ଆସି ସେମନର୍ ମନ୍ ବିତ୍‌ରେ ଅନି ଜନ୍‌ଟା ବୁନାଅଇ ରଇସି, ସେଟା ଜିକି ଦାରିଜାଇସି । ଏଟା ଅଇଲାନି ବାଟେ ଅଦ୍‌ରି ରଇବା ବିଅନର୍ ଅରତ୍ ।" **୨୦** "ଜନ୍ ଲକ୍‌ମନ୍ ବାକିଅ ସୁନ୍‌ଲା ଦାପ୍‌ରେ ସାର୍‌ଦା ସଙ୍ଗ ମାନ୍‌ବାଇ, ସେଟା ପାକ୍‌ନାବାଡି ଜାଗାଇ ଅଦ୍‌ରିରଇବା ବିଅନ୍ ପାରା । **୨୧** ବାକିଅ ପୁରାପୁରୁନ୍ ତାକର୍ ମନ୍ ବିତ୍‌ରେ ଜାଇ ନ ରଏ ଜେ, ସେମନ୍ ସେଟା ବେସି ଦିନ୍ ମାନିକରି ରଇ ନାପାରତ୍ । ବାକିଅର୍ ଲାଗି କସ୍‌ଟ କି ବେମ୍‌ଜା ଆଇଲେ, ସେମନ୍ ଦାପ୍‌ରେସେ ସେଟା ଚାଡିଦେବାଇ । **୨୨** କାଟାବୁଟା କେନ୍ତାର୍‌କି ସାନ୍ ବୁଟାମନ୍‌କେ ଚାପି ଗିଲିଦେଇସି, ସେନ୍ତାରି ଏ ଜଗତର୍ ପାଇଟି କାବାଡ୍ ଆରି ଦନ୍‌କେ ଲବ୍ ଅଇକରି, କେତେକ୍ ଲକ୍‌ମନର୍ ଟାନେ କେଟିରଇବା ବାକିଅ ନସାଇଦେଇସି । ସେମନ୍ କାଟାବୁଟାଇ ଅଦର୍‌ଲା ବିଅନ୍ ପାରା । ସେମନର୍ କାଇ ପସଲ୍ ନ ପାଚାଅତ୍ । **(aiōn g165)** **୨୩** ଜନ୍‌ଲକ୍‌ମନ୍ ବାକିଅ ସୁନି ନିକକରି ବୁଜ୍‌ବାଇ, ନିକ ପଦାଇ ଅଦ୍‌ରିରଇବା ବିଅନର୍ ପାରା । ସେମନ୍ ନିକ ପସଲ୍ ଲାବ୍ କର୍‌ବାଇ କେ ସଏ ପୁଟିଅନି ଅଦିକ୍, କେ ସାଟେ ପୁଟିଅନି ଅଦିକ୍, କେ ତିରିସ୍ ପୁଟିଅନି ଅଦିକ୍ ପସଲ୍ ପାଚାଇବାଇ

।” **୨୪** ଜିସୁ ତାର୍ ସିସ୍ମନ୍କେ ଆରି ଗଟେକ୍ ବିସଇ କାତାନି
ଇସାବେ କଇଲା, ସରଗ୍ ରାଇଜ୍ ଏନ୍ତାରି ଗଟେକ୍ ଲକର୍ ପାରା
। ସେ ଲକ୍ ତାର୍ ଜମିଟାନେ ନିକ ବିଅନ୍ ବୁନ୍ଲା । **୨୫** ସେ
ଦିନେକ୍, ରାତିଆ ସଇଲା ବେଲେ, ତାର୍ ଗଟେକ୍ ବିରଦ୍ ଲକ୍
ଆସି ସେ ଜମିଟାନେ ଗାଁସ୍ ମୁଞ୍ଜି ବୁନି ଦେଇ, ଉଟିଗାଲା । **୨୬**
ଜେଡେବେଲେ ଗଚ୍ ବଡି କେଡ୍ ଦାର୍ଲା, ମଜାଇମଜାଇ ଜୁଡ୍
ଗାଁସ୍ ଡିସ୍ଲା । **୨୭** ସେ ଲକର୍ ଦାଙ୍ଗଡାମନ୍ ଆସି କଇଲାଇ,
“ଏ ସାଉକାର୍ ତମେ ଜମିଟାନେ ନିକ ବିଅନ୍ ବୁନିରଇଲାସ୍,
ଏତେକ୍ମାଣ୍ଡ ଜୁଡ୍ ଗାଁସ୍ କନ୍ତିଅନି ଆଇଲା?” **୨୮** ଜମି ସାଉକାର୍
କଇଲା, ମର୍ ବିରଦି ଲକ୍ ଗଟେକ୍ ଏନ୍ତି କଲାଆଚେ । ସେମନ୍
ପାଚାର୍ଲାଇ, “ତେବେ ଆମେ ଜାଇ ସେ ଜୁଡ୍ ଗାଁସ୍ମନ୍କେ ଜିକି
ପିଙ୍ଗିଦେବୁ କି?” **୨୯** ସାଉକାର୍ କଇଲା, “ନାଇ, ଜୁଡ୍ ଗାଁସ୍
ଜିକ୍ବାବେଲେ କେଡେବଲ୍ ଦାନ୍ବୁଟା ମିସା ଜିକିଅଇଜାଇସି
। **୩୦** କାଟ୍ବା ଜାକ ଦାନ୍ ଆରି ଜୁଡ୍ ଗାଁସ୍ ମିସ୍ତେ ବଡ ।
କାଟ୍ବା ଲକ୍ମନ୍କେ କଉଁ ସେମନ୍ ପର୍ତୁମ୍ ଜୁଡ୍ ଗାଁସ୍ କାଟି
ବାରା ବାନ୍ଦି ପଡାଇ ଦେଅତ୍ । ତାର୍ ପଚେ ଦାନ୍ କାଟି ମାଣ୍ଡାଇ
କଲ୍କିଟାନେ ସଙ୍ଗଉ ।” **୩୧** ଜିସୁ ଆରି ଗଟେକ୍ ବିସଇ କଇଲା,
“ସରଗ୍ ରାଇଜ୍ ଏନ୍ତାରି ଗଟେକ୍ ଲକ୍ ତାର୍ ଜମିଟାନେ ସର୍ସୁ
ମୁଞ୍ଜି ତପିଦେଲା । **୩୨** ସେ ମୁଞ୍ଜି ସବୁର୍ଟାନେଅନି ସାନ୍ ଅଇଲେ
ମିସା ତେଇଅନି ଜନ୍ ଗଚ୍ ଅଇଲା, ଜମିଟାନେ ରଇଲା ବିନ୍
ଗଚ୍ମନର୍ତେଇଅନି ଅଦିକ୍ ଡେଙ୍ଗ ଅଇ ଜୁଜୁରା ଅଇଲା ।
ଆରି ସେ ଗଚେ ଚଡଇମନ୍ ବାସା ଅଇଲାଇ ।” **୩୩** ଜିସୁ ଆରି
ତରେକ୍ ଏନ୍ତାରି କାତା କଇଲା, “ଗଟେକ୍ ମାଇଜି କଣ୍ଡେକ୍ କମିର୍
ନେଇ ଅଦ୍ବାସ୍ତା ଗୁଣ୍ଡଟାନେ ମିସାଇଦେଲା । ସମାନ୍ ବେଲାଇ
ସବୁଜାକ ଗୁଣ୍ଡ କମିର୍ତେଇ ମିସି ପୁଲ୍ଲା । ସରଗ୍ ରାଇଜ୍
ବଡ୍ବାଟା ମିସା ଏନ୍ତାରିସେ ।” **୩୪** ଜିସୁ ଏନ୍ତାରି ଉଦାଅରଣ୍ ଦେଇ
ସିକାଇତେ ରଇଲା । ଉଦାଅରଣ୍ ନ ଦେଇ ସେ କାଇଟା ମିସା
ନ ସିକାଇତେ ରଇଲା । **୩୫** ଏଟାର୍ପାଇ ବବିସତ୍ବକ୍ତାର୍ ଏ
ବାକିଅ ପୁରାପୁରୁନ୍ ଅଇଲା । ମୁଇ ଉଦାଅରଣ୍ ଦେଇ ସେମନ୍କେ
କାତା କଇବି, ଏନ୍ତାରିସେ କାଇଟା ତିଆର୍ ନ ଅଇବା ଆଗ୍ତୁଅନି
ନାଜାନି ରଇବା ସବୁ ବିସଇ ମୁଇ ସେମନ୍କେ ବୁଜାଇଦେବି ।
**୩୬** ଜିସୁ ଲକ୍ ଗଅଲି ବିତ୍ରେଅନି ବାରଇ ଆସି ଜେଡେବେଲେ
ଗର୍ ବିତ୍ରେ ପୁର୍ଲା, ସେଡ୍କି ବେଲେ ତାର୍ ସିସ୍ମନ୍ ଆସି
ପାଚାର୍ଲାଇ, “ଆମ୍କେ ଜୁଡ୍ ଗାଁସର୍ ଅରତ୍ ବୁଜାଇ ଦିଆ ।”
**୩୭** ଜିସୁ କଇଲା, “ଜନ୍ ଲକ୍ ନିକ ବିଅନ୍ ବୁନ୍ଲା, ସେ ନର୍ପିଲା
ମୁଇ । **୩୮** ଏ ଦୁନିଆ ଅଇଲାନି ଜମି । ଜେମନ୍ ସରଗ୍ ରାଇଜର୍
ଲକ୍, ସେମନ୍ ନିକ ବିଅନ୍ । ଜୁଡ୍ ଗାଁସ୍ ଅଇଲାନି ସଇତାନର୍
ବାଟେ ଜିବା ଲକ୍ । **୩୯** ଜନ୍ ବିରଦି ଲକ୍ ଜୁଡ୍ ଗାଁସ୍ ମୁଞ୍ଜି
ବୁନ୍ଲା, ସେ ସଇତାନ୍ । କାଟାବେଟାର୍ ବେଲା ଅଇଲାନି ଜୁଗ୍
ସାର୍ବା ଦିନ୍ । ତାସ୍ କାଟ୍ବା ଲକ୍ମନ୍ ଅଇଲାଇନି ସରଗର୍
ଦୁତ୍ମନ୍ । **(aiōn g165)** **୪୦** ଜୁଡ୍ ଗାଁସ୍ମନ୍ ଜେନ୍ତି ଟୁଲିଆଇକରି
ପଡାଇଲାଇ, ଜୁଗର୍ ସାରାସାରି ବେଲେ ସେନ୍ତାରି ଅଇସି ।
**(aiōn g165)** **୪୧** ନର୍ପିଲା ମୁଇ ମର୍ ରାଇଜେଅନି ସବୁ ପାପ୍
କାମ୍ କଲା ଲକ୍ମନ୍କେ ଆରି ଜେଜେମନ୍ ବିନ୍ ଲକ୍ମନ୍କେ
ପାପ୍ କର୍ବାକେ ଉସ୍କାଇଲାଇନି, ସେମନ୍କେ ଟୁଲିଆଇବାକେ
ସରଗର୍ ଦୁତ୍ମନ୍କେ ପାଟାଇବି । **୪୨** ସେମନ୍ ଏ ସବୁ
ଲକ୍ମନ୍କେ ଲାଗି ରଇବା ଜଇଟାନେ ପିଙ୍ଗବାଇ । ତେଇ ସେମନ୍
କିଲ୍ବିଲ୍ ଅଇ କାନ୍ଦବାଇ ଆରି ଦାତ୍ କାତ୍ରିଅଇବାଇ । **୪୩**
ସେବେଲେ ପର୍ମେସର୍କେ ମାନ୍ବା ଲକ୍ମନ୍ ତାକର୍ ସରଗର୍
ବାବାର୍ ରାଇଜେ ବେଲ୍ପାରା ଜକ୍ମକିଜିବାଇ । ସୁନ୍ଲା ପାରା
କାନ୍ ରଇଲେ ସୁନା ।” **୪୪** “ଦିନେକ୍ ଗଟେକ୍ ଲକ୍ ଜମିଟାନେ
କୁନି ନେଉନେଉ ତପିଅଇରଇଲା ଦନ୍ ମିଲାଇଲା । ସେଟା
ସେ ଗୁଡାଇପାକାଇଲା ଆରି ସାର୍ଦା ସଙ୍ଗ ନିଜର୍ ସବୁ ଦନ୍
ବିକି ଦେଇ, ସେ ଜମି ଗେନ୍ଲା । ସରଗ୍ ରାଇଜ୍ ମିସା ଏନ୍ତାରି
ତପିଅଇରଇବା ଦନ୍ ପାରା ।” **୪୫** ଆରି ସରଗ୍ ରାଇଜ୍ ଏନ୍ତାରି,
ଗଟେକ୍ ସୁନାରି ବେସି ମୁଲିଅର୍ ମୁକ୍ତା କଜି କଜି ରଇଲା । **୪୬**
ଗଟେକ୍ ବେସି ମୁଲିଅର୍ ମୁକ୍ତା ରଇଲାଟା ସୁନି, ସେ ତାର୍ ସବୁ
ଦନ୍ ସଁପତି ବିକି ସେଟା ଗେନ୍ଲା । ସରଗ୍ ରାଇଜ୍ ମିସା ସେ
ମୁକ୍ତା ପାରା । **୪୭** ସରଗ୍ ରାଇଜ୍ ଗଟେକ୍ ମାଚ୍ ଦାର୍ବା ଜାଲ୍
ପାରା । କେଉଟ୍ମନ୍ ଗାଡେ ଜାଲ୍ ପାକାଇ ବିନ୍ବିନ୍ ରକାମର୍
ମାଚ୍ ଦାର୍ବାଇ । **୪୮** “ଜାଲ୍ ବର୍ତି ଅଇଗାଲେ କଣ୍ଡିତେଇ
ଜିକିଆନି ନିକନିକ ମାଚ୍ ବାଚି କରି ମୁର୍ଡିତେଇ ସଙ୍ଗଇବାଇ ଆରି
ବେଙ୍ଗଟିମାଚ୍ ପାରାଟାମନ୍ ପିଙ୍ଗି ଦେବାଇ । **୪୯** ଜୁଗ୍ ସାର୍ବା
ବେଲେ ଏନ୍ତାରି ଅଇସି । ସରଗର୍ ଦୁତ୍ମନ୍ ଦରମ୍ ଲକର୍
ଟାନେଅନି ପାପିମନ୍କେ ବେଗ୍ଲାଇବାଇ । **(aiōn g165)** **୫୦**
ସେମନ୍କେ ଲାଗ୍ବା ଜଇଟାନେ ପିଙ୍ଗିଦେବାଇ । ତେଇ ସେମନ୍
ମାରିଚପିଅଇ କାନ୍ଦି କସ୍ଟେ ମସ୍ଟେ ଦାତ୍ କାତ୍ରିଅଇବାଇ
।” **୫୧** ଜିସୁ ସିସ୍ମନ୍କେ ପାଚାର୍ଲା, “ଏ ସବୁ ବିସଇ ବୁଜି
ପାର୍ଲାସ୍ନି କି?” ସେମନ୍ “ଉଁ ମାପ୍ରୁ ।” ବଲି କଇଲାଇ । **୫୨**
ଜିସୁ ସେମନ୍କେ କଇଲା, “ଜେନ୍ତାର୍କି ଗଟେକ୍ ଗରର୍ ଲକ୍,
ତାର୍ ବାଣ୍ଡାର୍ ଗରେଅନି ତାକେ ଦର୍କାର୍ ଅଇବା ଇସାବେ ନୁଆ
ଦିନ୍ସୁ ଆରି ପୁର୍ନା ଦିନ୍ସୁ ବାର୍କରାଇସି । ସରଗ୍ ରାଇଜେ
ସିସ୍ ଅଇରଇବା ଗଟେକ୍ ଦରମ୍ ଗୁରୁ ସମାନ୍ ସେନ୍ତାରିସେ
କର୍ସି ।” **୫୩** ଜିସୁ ଏ ଉଦାଅରଣ୍ କଇସାରାଇ, ସେ ଜାଗା
ଚାଡି ଉଟିଗାଲା । **୫୪** ଆରି ନିଜର୍ ଜାଗାଇ ବାଅଡ୍ଲା । ସେ
ଜାଗାର୍ ପାର୍ତନା ଗରେ ତାର୍ ସିକାଇବାଟା ସୁନି ଲକ୍ମନ୍ କାବା
ଅଇଜାଇ କଇଲାଇ, “ଏତେକ୍ ଗିଆନ୍ ଏ କନ୍ତିଅନି ମିଲାଇଲା?
ଏ କାବା ଅଇଜିବା କାମ୍ମନ୍ କର୍ବାକେ ଆକେ କେ ବପୁ
ଦେଲା? **୫୫** ଏ କାଇ ସେ ବାଡଇର୍ ପିଲା! ମରିୟମ୍ ତାର୍ ମାଆ!
ଜାକୁବ୍, ଜସେପ୍, ସିମନ୍ ଆରି ଜିଉଦା ତାର୍ ବାଇମନ୍! **୫୬**
ତାର୍ ବଇନିମନ୍ ଇତି ଆଚତ୍! ତେବେ ଏ ସବୁ ବପୁ ସେ କନ୍ତିଅନି
ମିଲାଇଲା?” **୫୭** ଏନ୍ତାରି କଇ, ସେମନ୍ ଜିସୁକେ ନାମତ୍ ନାଇ ।

ଜିସୁ ସେମନ୍‌କେ କଇଲା “ଗଟେକ୍ ବବିସତ୍‌ବକ୍‌ତା ନିଜର୍ ଗରେ
ଆରି ଗାଏଁ ଚାଡିଦେଲେ, ସବୁଟାନେ ବଲ୍ ବଲାଇଅଇସି ।” **୫୮**
କାଇକେବଇଲେ ସେମନ୍ ଜିସୁକେ ବିସ୍‌ବାସ୍ କରତ୍ ନାଇଜେ
ସେ ତେଇ ଆରି ଅଦିକ୍ କାବା ଅଇଜିବା କାମ୍‌ମନ୍ କରେ ନାଇ ।

**୧୪** ସେବେଲେ ଗାଲିଲି ଦେସର୍ ସାସନ୍ କାରିଆ ଏରଦ୍,
ଜିସୁର୍ ବିସଇ ସୁନ୍‌ଲା । **୨** ସେ ତାର୍‌ଟାନେ କାମ୍
କର୍‌ବା ଲକ୍‌ମନ୍‌କେ କଇଲା, “ସତଇସେ ଏ ଡୁବନ୍ ଦେଉ
ଜଅନ୍‌ସେ । ସେ ଆରିତରେକ୍ ଜିବନ୍ ଅଇ ଉଟି ବାଉଡି
ଆଇଲାଆଚେ । ସେଟାର୍‌ପାଇ ତାର୍‌ଟାନେ କାବା ଅଇଜିବା
କାମ୍ କର୍‌ବା ବପୁ ଆଚେ ।” **୩** ଆର୍ ଆଗ୍‌ତୁ ଏରଦ୍ ଜଅନ୍‌କେ
ବାନ୍ଦ୍‌ବାକେ ଆଦେସ୍ ଦେଇରଇଲା ଆରି ତାକେ ସିକିଲି ସଙ୍ଗ୍
ବାନ୍ଦି, ବନ୍ଦି ଗରେ ସଙ୍ଗଇରଇଲା । ତାର୍ ବାଇ, ପିଲିପର୍
ମାଇଜି ଏରଦିଆର୍ ଲାଗି, ସେ ଏନ୍ତି କରିରଇଲା । **୪** ଜଅନ୍
ତାକେ କଇରଇଲା “ତମର୍ ବଉ ଏରଦିଆକେ ବିବା ଅଇବାଟା
ତମର୍ ଟିକ୍ ଅଏନାଇ ।” **୫** ସେଟାର୍‌ପାଇ ଏରଦ୍ ଜଅନ୍‌କେ
ମରାଇବାକେ ଜଜ୍‌ନା କର୍‌ତେରଇଲା, ମାତର୍ ସେ ଜିଉଦି
ଲକ୍‌ମନ୍‌କେ ଡର୍‌ତେରଇଲା । କାଇକେବଇଲେ ଜିଉଦି ଲକ୍‌ମନ୍
ଜଅନ୍ ଗଟେକ୍ ବବିସତ୍‌ବକ୍‌ତା ବଲି ମାନେ୍‌ତରଇଲାଇ ।
**୬** ମାତର୍ ଏରଦର୍ ଜନମ୍ ପୁର୍‌ତି ଦିନେ ଏରଦିଆର୍ ଟକି,
ଡାକାଇରଇବା ଲକ୍‌ମନର୍ ମୁଆଟେ ନାଚ୍ କରିରଇଲା । **୭**
ଏରଦ୍ ତାର୍ ଉପ୍‌ରେ ଏତେକ୍ ସାର୍‌ଦା ଅଇଲାଜେ, ସାର୍‌ଦା
ଅଇ ପର୍‌ମାନ୍ ନିୟମ୍ କରି କଇଲା “ତୁଇ ଜାଇଟା ମାଙ୍ଗଲେ,
ସେଟା ଦେବି!” **୮** ତାର୍ ଆୟାର୍ କାତା ଦାରି ଟକି କଇଲା “ମକେ
ଏବେଆକା ଡୁବନ୍ ଦେଉ ଜଅନର୍ ମୁଣ୍ଡ ଗଟେକ୍ ତାଲାଇ ସଙ୍ଗଇ
କରି ଦିଆ ।” **୯** ଏଟା ସୁନିକରି ରାଜା ଦୁକ୍ ଅଇଗାଲା । ଏଲେମିସା
ସବୁର୍ ମୁଆଟେ ନିଜେ ପର୍‌ମାନ୍ ନିୟମ୍ କରିରଇଲାଜେ ଟକିର୍
ମନ୍ କରିରଇବାଟା ପୁରୁନ୍ କର୍‌ବାକେ ଆଦେସ୍ ଦେଲା । **୧୦**
ସେଟାର୍‌ପାଇ ବନ୍ଦି ଗରେ ଜଅନର୍ ମୁଣ୍ଡ କାଟା ଅଇଲା । **୧୧**
ଗଟେକ୍ ତାଲାଟାନେ ମୁଣ୍ଡ ସଙ୍ଗଇ ଟକିକେ ଦେଲାଇ । ସେ
ସେଟା ନେଇକରି ତାର୍ ମାକେ ଦେଲା । **୧୨** ତାର୍‌ପଚେ ଜଅନର୍
ସିସ୍‌ମନ୍ ଆସି ମଲା ଗାଗଡ୍ ନେଇ ତପ୍‌ବାକେ ଦାରିଗାଲାଇ
। ସେମନ୍ ଜାଇକରି ଜିସୁକେ ଏ ବିସଇ ଜାନାଇଲାଇ । **୧୩**
ଜିସୁ ଜଅନର୍ କବର୍ ସୁନ୍‌ଲା ଦାପ୍‌ରେ ଡଙ୍ଗାଇ ଚଗ୍‌ଲା ଆରି
ଗଟେକ୍ କିନରା ଜାଗାଇ ଗାଲା । ତେଇ ସେ ଜିବାଟା ଜାନିକରି
ଲଗର୍ ପାକର୍ ସଅରେ ଅନି କେତେକ୍ କେତେକ୍ ଲକ୍‌ମନ୍ ଗାଡ୍
କଣ୍ଡିକଣ୍ଡି ଇଣ୍ଡି ଜିସୁର୍ ପଚେ ପଚେ ଗାଲାଇ । **୧୪** ଜେଡେବେଲେ
ଜିସୁ ଡଙ୍ଗାଇଅନି ଉତ୍‌ରି ଏତେକ୍‌ମାଣ୍ଡ ଲକ୍‌ମନ୍‌କେ ଦେକ୍‌ଲା,
ସେ ଦୟା କଲା । ତେଇ ଜେତ୍‌କି ରଗିମନ୍ ରଇଲାଇ, ସବୁକେ
ନିକ କଲା । **୧୫** ସେଦିନେ ସଞ୍ଜବେଲାଇ, ସିସ୍‌ମନ୍ ଆସି ତାକେ
କଇଲାଇ, “ବେସି ଅଲ୍‌ସମ୍ ଅଇଗାଲାନି । ଆରି ଏଟା ଗଟେକ୍
କିନରା ଜାଗା, ଲକ୍‌ମନ୍‌କେ କଇଦିଆସ୍, ସେମନ୍ ଗାଉଁମନ୍‌କେ
ଜାଇ କାଦି ମିଲାଇବାଇ ।” **୧୬** ମାତର୍ ଜିସୁ ସେମନ୍‌କେ
କଇଲା, “ସେମନ୍ ଇତିଅନି ନ ଜାଅତ୍ । ତମେ ସେମନ୍‌କେ
କାଇଟାଆଲେ କାଇବାକେ ଦିଆସ୍ ।” **୧୭** ସିସ୍‌ମନ୍ କଇଲାଇ,
“ଆମର୍ ଟାନେ ଏକାଇ ପାଁଚ୍‌ଟା ରୁଟି ଆରି ଦୁଇଟା ମାଚ୍‌ସେ
ଆଚେ ।” **୧୮** ଜିସୁ କଇଲା, “ସେଟା ମର୍‌ଟାନେ ଦାରିଆସା
।” **୧୯** ଜିସୁ ସବୁଲକ୍‌କେ ଗାଁସ୍ ଉପ୍‌ରେ ବସାଇବାକେ କଇଲା
। ସେ ପାଁଚ୍‌ଟା ରୁଟି ଆରି ଦୁଇଟା ମାଚ୍ ଦାରି ସରଗ୍‌ବାଟେ
ଦେକି ପର୍‌ମେସର୍‌କେ ଦନିଅବାଦ୍ ଦେଲା, ଆରି ରୁଟି ବାଙ୍ଗଇ
କରି ସିସ୍‌ମନ୍‌କେ ଦେଲା । ସିସ୍‌ମନ୍ ସବୁଲକ୍‌କେ ବାଟାକରି
ଦେଲାଇ । **୨୦** ସେଟା ସବୁଲକ୍ କାଇକରି ସାନ୍ତି ଅଇଲାଇ ।
ତାର୍‌ପଚେ ସିସ୍‌ମନ୍ ଅଗ୍‌ଲି ରଇବା ରୁଟି ଆରି ମାଚ୍ ଟୁଲିଆଇ
ବାର୍‌ଟା ଡାଲାଇ ବର୍‌ତି କଲାଇ । **୨୧** ତେଇ ମାଇଜିମନ୍ ଆରି
ପିଲାମନ୍‌କେ ଚାଡି, ସେ କାଦି ପାଁଚ୍ ଅଜାର୍ ଲକ୍ କାଇରଇଲାଇ ।
**୨୨** ତାର୍‌ପଚେ ଜିସୁ ସିସ୍‌ମନ୍‌କେ ଡଙ୍ଗାଇ ବସାଇ ଗାଡ୍ ସେପାଟେ
ଜିବାକେ କଇଲା । ସେ ନିଜେ ପଚେ ରଇଜାଇକରି ଲକ୍‌ମନ୍‌କେ
ପାଟାଇତେ ରଇଲା । **୨୩** ସେ ଏକ୍‌ଲାସେ ପାର୍‌ତନା କର୍‌ବାକେ
ଗଟେକ୍ ଡଙ୍ଗର୍ ଉପ୍‌ରେ ଗାଲା ଆରି ସଞ୍ଜ ଅଇବା ଜାକ ଜିସୁ
ଗଟେକ୍ ଲକ୍‌ସେ ତେଇ ରଇଲା । **୨୪** ସେତ୍‌କି ବେଲେ ଡଙ୍ଗା
କଣ୍ଡିଅନି ବେସି ଦୁର୍ ଗାଡ୍ ବିତ୍‌ରେ ଉଟିଜାଇରଇଲା । ଆରି
ଜବର୍ ପବନ୍ କଲାଜେ, ଲଅଡି ଟଲ୍‌ମଲି ଜାଇତେରଇଲା । **୨୫**
କୁକ୍‌ଡା ଡାକେ, ଏଦେ ଦେକା! ଜିସୁ ପାନି ଉପ୍‌ରେ ଇଣ୍ଡି ଇଣ୍ଡି
ସିସ୍‌ମନର୍ ଲଗେ ଆଇଲା । **୨୬** ସିସ୍‌ମନ୍ ତାକେ ଦେକି କିଲ୍‌ବିଲ୍
ଅଇଗାଲାଇ । ଡରର୍‌ମାଡେ ଡୁମା ବଲି କିର୍‌କିର୍‌ଲାଇ । **୨୭** ସେ
ଦାପ୍ରେସେ ଜିସୁ ସେମନ୍‌କେ ସାଆସ୍ ଦେଇ କଇଲା, “ମୁଇ
କାଇକି, ଡରାନାଇ ।” **୨୮** ଜିସୁର୍ ଏ କାତା ସୁନି ପିତର୍ କଇଲା,
“ମାପ୍‌ରୁ ଜଦି ସତଇସେ ତମେ ଅଇରଇସା ବଇଲେ, ମକେ ପାନି
ଉପ୍‌ରେ ଇଣ୍ଡି ଇଣ୍ଡି ତମର୍ ଲଗେ ଆଇବାକେ ଆଦେସ୍ ଦିଆ
।” **୨୯** ଜିସୁ କଇଲା, “ଇଣ୍ଡି ଇଣ୍ଡି ଆଉ ।” ପିତର୍ ଡଙ୍ଗାଇଅନି
ବାରଇ, ପାନି ଉପ୍‌ରେ ଇଣ୍ଡି ଇଣ୍ଡି ଜିସୁର୍ ବାଟେ ଆଇବାର୍
ଦାର୍‌ଲା । **୩୦** ମାତର୍ ପବନ୍ ଜବର୍ ଆଇବାଟା ଦେକିକରି
ଡରିଗାଲା ଆରି ପାନିଟାନେ ବୁଡିଜିବାର୍ ଦାର୍‌ଲା । ତେବେ
ଆକ୍‌ମାରି କରି ଡାକ୍‌ଲା ଏ ମାପ୍‌ରୁ ମକେ ରକିଆ କର୍! **୩୧** ଜିସୁ
ସେ ଦାପ୍‌ରେ, ଆତ୍ ଲାମାଇକରି ତାକେ ଦାରିକରି କଇଲା, “ଏ
ଅଲପ୍ ବିସ୍‌ବାସ୍ କରୁ, କାଇକେ ଦୁଇମନିଆ ଅଇଲୁସନି?” **୩୨**
ମାତର୍ ସେମନ୍ ଡଙ୍ଗାଇ ଚଗ୍‌ଲାକେ ପବନ୍ ବନ୍ଦ୍‌ଅଇ ଗାଲା ।
**୩୩** ଡଙ୍ଗାଇ ରଇଲା ଲକ୍‌ମନ୍ ଜିସୁକେ ଜୁଆର୍ କରି କଇଲାଇ,
“ତମେ ସତ୍‌ସେ ମାପ୍‌ରୁର୍ ପିଲା ।” **୩୪** ଜିସୁ ଆରି ତାର୍ ସିସ୍‌ମନ୍
ଗାଡ୍‌ଲଙ୍ଗିକରି ଗିନେସରତ୍ ଜାଗାଇ କେଟ୍‌ଲାଇ । **୩୫** ଆରି
ତେଇର୍ ଲକ୍‌ମନ୍ ଜିସୁକେ ଚିନିକରି ଲଗେ ପାକେ ରଇବା
ଚାରିବେଡ୍‌ତିର୍ ସବୁ ଜାଗାଇ କବର୍ ପାଟାଇଲାଇ ଆରି ରଗି
ଲକ୍‌ମନ୍‌କେ ତାର୍ ଲଗେ ଆନ୍‌ଲାଇ । **୩୬** ରଗିମନ୍ ଜିସୁର୍

ପିନ୍ଧଲା ଲୁଗାର୍ ଜାଲି ଚିଇବାକେ, ଆଦେସ୍ ଦେବାକେ, ଲକ୍ମନ୍
ତାକେ ବାବୁଜିଆକରି କଇଲାଇ । ମାତର୍ ଜେତେକ୍ଲକ୍ ସେଟା
ଚିଇଲାଇ, ସବୁଲକ୍ ନିକଅଇଲାଇ ।

**୧୫** ଦିନେକ୍ କେତେଟା ପାରୁସିମନ୍ ଆରି ଦରମ୍ ଗୁରୁମନ୍
ଜିରୁସାଲାମ୍ ଅନି ଆସି ଜିସୁକେ ପାଚାର୍ଲାଇ, **୨**
“ଆମର୍ ଆନିଦାଦିମନ୍ ଜନ୍ ରିତିନିତି ଦେଇଆଚତ୍, ସେଟା
ସବୁ କାଇକେ ତମର୍ ସିସ୍ମନ୍ ମାନତ୍ନାଇ? ବିଦି ଇସାବେ
କାଇବା ଆଗ୍ତୁ ନିକ କରି ଆତ୍ ନ ଦଅତ୍ ।” **୩** ଜିସୁ କଇଲା,
“ତମେ କାଇକେ ପର୍ମେସରର୍ ଆଦେସ୍ ନ ମାନି ନିଜର୍
ରିତିନିତି ଇସାବେ କାମ୍ କଲାସ୍ନି?” **୪** ପର୍ମେସର୍ ଆଦେସ୍
ଦେଲାଆଚେ, ମା ବାବାକେ ଆଲାଦ୍କରା । ଆରି କେ ମିସା ନିଜର୍
ବାବା ମାକେ ସାଇପ୍ ଦେଇକରି କାଇବଲି କଇସି ବଇଲେ, ସେ
ମରନର୍ ଡଣ୍ଡ ପାଇସି । **୫** ମାତର୍ ତମେ ସିକିଆ ଦେଲାସ୍ନି ଜେ,
ଗଟେକ୍ ଲକ୍ ଜନ୍ ଦନ୍ ସଙ୍ଗ ବାବା ମାକେ ସାଇଜ କରିପାର୍ତା,
ସେଟା ପର୍ମେସର୍କେ ଦାନ୍ କଲିଆଚି ବଲି କଇଲେ, **୬** “ସେ
ଆରି ତାର୍ ବାବା ମାଆର୍ ଦାଇତ୍ ନେବାର୍ ଲଡାନାଇ । ଏନ୍ତାରି
ତମେ ପର୍ମେସରର୍ ଆଦେସ୍ ନ ମାନିକରି ନିଜର୍ ରିତିନିତି
ଇସାବେ ଚାଲ୍ଲାସ୍ନି । **୭** ଏରେ ଦରମ୍ ଲକ୍ ବଲାଇଅଇବା
କୁଟିଆଲ୍ମନ୍, ତମର୍ ବିସଇ ନେଇ ଜିସାଇୟ ବବିସତ୍ବକ୍ତା
କଇରଇବାଟା ଟିକ୍ ଆକା ।” **୮** ପର୍ମେସର୍ କଇଲାନି, ଏ
ଲକ୍ମନ୍ କାତାଇସେ ମକେ ସନ୍ମାନ୍ ଦେଲାଇନି, ମାତର୍
ସେମନର୍ ମନ୍ ମର୍ତେଇଅନି ବେସି ଦୁରିକେ । **୯** ସେମନ୍
ମକେ ଡାକ୍ବାଟାନେ କାଇ ଅରତ୍ ନାଇ, କାଇକେ ବଇଲେ
ସେମନ୍ ଲକ୍ମନ୍ ତିଆର୍କରି ରଇବା ରିତିନିତି ମର୍ ଆଦେସ୍
ବଲି ସିକାଇଲାଇନି । **୧୦** ତାର୍ପଚେ ଲକ୍ମନ୍କେ କଇଲା,
“ମନ୍ ଦେଇ ସୁନା ଆରି ବୁଜ୍ବାକେ ଚେସ୍ଟା କରା । **୧୧** ଲକର୍
ଟଣ୍ଡେଅନି ଜାଇଟା ବିତ୍ରେ ଗାଲାନି, ସେଟା ତାକେ ଅସୁକଲ୍
ନ କରେ, ମାତର୍ ଜାଇଟା, ତାର୍ ବିତ୍ରେଅନି ବାରଇଆଇସି,
ସେଟା ତାକେ ଅସୁକଲ୍ କର୍ସି ।” **୧୨** ସିସ୍ମନ୍ ଜିସୁର୍ ଲଗେ
ଆସି ପାଚାର୍ଲାଇ, “ତମେ କଇଲା କାତା ପାରୁସିମନ୍କେ ବେସି
ବାଦ୍ଲା, ଏଟା କାଇ ତମେ ନାଜାନାସ୍ କି?” **୧୩** ଜିସୁ କଇଲା,
“ଜନ୍ ଗଚ୍ମନ୍ ମର୍ ସରଗର୍ ବାବା ରପେ ନାଇ, ସେ ସବୁ ଜିକା
ଅଇସି । **୧୪** ସେମନର୍ ବିସଇନେଇ ତେରେପେତେ ଉଆନାଇ
। ସେମନ୍ କାଣାମନ୍କେ ବାଟ୍ ଦେକାଉ କାଣାମନ୍ । ଗଟେକ୍
କାଣା ଆରି ଗଟେକ୍ କାଣାକେ ବାଟ୍ଦେକାଇଲେ ଦୁଇ ଲକ୍
ଜାକ କାଲେ ଅଦର୍ବାଇ ।” **୧୫** ପିତର୍ କଇଲା, “ଏ କାତା
ଆମ୍କେ ନିକ କରି ବୁଜାଇଦେ ।” **୧୬** ଜିସୁ କଇଲା, “ଆଜିକେ
ଜାକ ବିନ୍ଲକ୍ମନର୍ତେଇ ଅନି ତମର୍ ବୁଜ୍ବା ବପୁ କଣ୍ଡେକ୍
ମିସା ଅଦିକ୍ ଅଏନାଇ । **୧୭** ତମେ ଏତ୍କି ବୁଜାସ୍ ନାଇ କି?
ଜନ୍ ଦିନ୍ସୁ ମୁନୁସର୍ ଟଣ୍ଡବାଟେ ପୁର୍ସି, ସେଟା ପେଟ୍ ବିତ୍ରେ
ଜାଇସି ଆରି ଗାଗ୍ଡେଅନି ବାରଇ ଜାଇସି । **୧୮** ମାତର୍ ଜନ୍ଟା
ସବୁ ମୁନୁସର୍ ଟଣ୍ଡେଅନି ବାରଇସି, ସେଟା ତାର୍ ମନ୍ବିତ୍ରେଅନି
ଜନମ୍ ଅଇସି ଆରି ସେଟାସେ ତାକେ ଅସୁଚି କର୍ସି । **୧୯**
କାଇକେବଇଲେ ତାର୍ ମନେ ଜନମ୍ ଅଇଲା କାରାପ୍ ଚିନ୍ତାଇଅନି
ସେ ନର୍ମାର୍ବାଟା, କାରାପ୍ କାମ୍ କର୍ବାଟା, ବେସିଆ କାମ୍
କର୍ବାଟା, ଚର୍ବାଟା, ମିଚ୍କାତା କଇବାଟା ଆରି ବିନ୍ଲକର୍
କୁଟ୍କାତା କଇବା ପାରା, ବିନ୍ ବିନ୍ ରକାମର୍ ନିୟମ୍ ନଇଲା
କାମ୍ମନ୍ କର୍ସି ।” **୨୦** “ଏସବୁ କାମ୍ ଲକ୍କେ ଅସୁକଲ୍ କର୍ସି
। ମାତର୍ ସେମନ୍ କଇଲା ଇସାବେ ଆତ୍ ନ ଦଇକରି କାଇଲେ,
କେ ଅସୁକଲ୍ ନଅଅତ୍ ।” **୨୧** ଜିସୁ ସେ ଜାଗା ଚାଡିକରି ସର
ଆରି ସିଦନର୍ ସଅରେ ଗାଲା । **୨୨** ଆରି ଦେକା, ତେଇ
ବାସାକରି ରଇଲା ଗଟେକ୍ କିଣାନିୟ ମାଇଜି ଜିସୁର୍ ଲଗେ
ଆସି କଇଲା, “ଏ ଦାଉଦ୍ କୁଟୁମର୍ ମାପ୍ରୁ, ମକେ ଦୟାକରା
। ମର୍ ଟକିକେ ଡୁମା ଦାର୍ଲା ଆଚେ ଆରି ସେ ବଡେ କସ୍ଟ
ପାଇଲାନି ।” **୨୩** ମାତର୍ ଜିସୁ ତାକେ ପଦେକ୍ କାତା ମିସା କଏ
ନାଇ । ସିସ୍ମନ୍ ତାର୍ ଲଗେ ଆସି ବାବୁଜିଆ କଲାଇ, “ତାକେ
ବିଗି ପାଟାଇ ଦିଆସ୍ । ଦେକା ସେ କେନ୍ତି ଆଉଲିଅଇ ଆମ୍କେ
କେଦିଆନ୍ଲାନି?” **୨୪** ଜିସୁ କଇଲା, “ଆଜିରଇବା ମେଣ୍ଢାପାରା
ବାଟ୍ ବାନା ଅଇଲା ଇସ୍ରାଏଲ୍ ଲକ୍ମନର୍ ଲଗେସେ ମୁଇ
ଆଇଲି ଆଚି ।” **୨୫** ସେ ମାଇଜି ଆସି ଜିସୁର୍ ଗଡ୍ତଲେ
ମାଣ୍ଡିକୁଟା ଦେଇ ଜୁଆର୍ କରି କଇଲା, “ମାପ୍ରୁ ମକେ ଦୟା କରା
।” **୨୬** ଜିସୁ କଇଲା, “ପିଲାମନର୍ କାଦି ନେଇ କୁକୁରର୍ ମୁଆଟେ
ପିଙ୍ଗ୍ବାଟା ଟିକ୍ ନାଇ ।” **୨୭** ସେ ମାଇଜି କଇଲା, ଏଟା ସତ୍
କାତା ମାପ୍ରୁ, ମାତର୍ କୁକୁର୍ମନ୍ ମିସା ସାଉକାରର୍ ଅଦର୍ଲା
ସକ୍ଡି କାଇବାକେ ପାଇବାଇ । **୨୮** ଜିସୁ ତାକେ କଇଲା, “ତମେ
ଗଟେକ୍ ଡାଟ୍ସଙ୍ଗ ବିସ୍ବାସ୍ କର୍ବା ମାଇଜି । ତୁଇ ମନ୍କଲାଟା
ପୁରୁନ୍ ଅଇସି ।” ସେଦାପ୍ରେ ତାର୍ ଟକି ନିମାନ୍ ଅଇଲା । **୨୯**
ଜିସୁ ତେଇଅନି ବାରଇ ଗାଡ୍ କଣ୍ଡି କଣ୍ଡି ଜାଇ ଗଟେକ୍ ଡଙ୍ଗର୍
ଉପ୍ରେ ବସ୍ଲା । **୩୦** ବେସି ଲକ୍ମନ୍ ତାର୍ ଲଗେ ରୁଣ୍ଡଲାଇ
। ସେମନର୍ ବିତ୍ରେ ଚଟା, କାଣା, ଆତ୍ଗଡ୍ ସୁକିଗାଲାଟା
ଆରି ବେସି ଜରର୍ ଲକ୍ମନ୍କେ ଆନି, ଜିସୁର୍ ପାଦ୍ ତଲେ
ଡୁଲାଇଲାଇ । ଆରି ସେ ସେମନ୍କେ ନିକ କଲା । **୩୧** ଗୁଲା
କାତା ଅଇବାଟା, ସୁକ୍ଲା ଆତ୍ ନିକ ଅଇବାଟା, ଚଟା ଇଣ୍ଡବାଟା,
କାଣା ଦେକିପାର୍ବାଟା ଦେକି ଲକ୍ମନ୍ କାବା ଅଇଗାଲାଇ ଆରି
ଇସ୍ରାଏଲର୍ ମାପ୍ରୁକେ ଜୁଆର୍ କଲାଇ । **୩୨** ଜିସୁ ସିସ୍ମନ୍କେ
ଡାକି କଇଲା, “ଏ ଲକ୍ମନ୍କେ ଦେକି ମକେ ଦୁକ୍ ଲାଗ୍ଲାନି,
କାଇକେ ବଇଲେ ସେମନ୍ ମର୍ ସଙ୍ଗ ତିନ୍ ଦିନ୍ ଅଇଲାନି ଆଚତ୍
ଆରି ସେମନର୍ ଲଗେ କାଇଟା ମିସା ନାଇ । ସେମନ୍ ନ କାଇ
ଇତିଅନି ଉଟିଜାଅତ୍, ଏଟା ମୁଇ ମନ୍ କରି ନାଇ; କାଇକେ
ବଇଲେ ବାଉଡିଗାଲାବେଲେ ବାଟେ ସେମନ୍ ତାକି ଜାଇ ଅଦର୍
ପଡ୍ ଅଇଜିବାଇ ।” **୩୩** ସିସ୍ମନ୍ ତାକେ କଇଲାଇ, “ଏ
ମରୁବାଲିବୁଏଁ ଏତେକ୍ ଲକ୍କେ କୁଆଇବାକେ ଆମେ କନ୍ତିଅନି

ଏତେକ୍‌ମାଣ୍ଡ କାଦି ଆନ୍‌ବୁ?" ୩୪ ଜିସୁ ପାଚାର୍‌ଲା, "ତମର୍
ଲଗେ କେତେଟା ରୁଟି ଆଚେ?" ସେମନ୍ କଇଲାଇ, "ସାତ୍‌ଟା
ରୁଟି ଆରି କେତେଟା ସାନ୍ ମାଚ୍ ଆଚେ ।" ୩୫ ଜିସୁ ଲକ୍‌ମନ୍‌କେ
ବୁଏଁ ବସ୍‌ବାକେ କଇଲା । ୩୬ ତାର୍‌ପଚେ ସେ ସାତ୍‌ଟା ରୁଟି
ଆରି ମାଚ୍ ନେଇ ପର୍‌ମେସର୍‌କେ ଦନିଅବାଦ୍ ଦେଲା ଆରି
ବାଣ୍ଟାଇ କରି ସିସ୍‌ମନ୍‌କେ ଦେଲା । ସିସ୍‌ମନ୍ ସେଟା ଲକ୍‌ମନ୍‌କେ
ବାଟାକରି ଦେଲାଇ । ୩୭ ସବୁ ଲକ୍ ପେଟ୍‌ପୁର୍‌ତେ କାଇଲାଇ ।
ଆରି ସିସ୍‌ମନ୍ ଅଗଲ୍‌ଲାଟା ସାତ୍‌ଟାଡାଲାଇ ବର୍‌ତି କଲାଇ ।
୩୮ ମାଇଜିଟକି ଆରି ପିଲାମନ୍‌କେ ଚାଡି ଚାରି ଅଜାର୍ ଲକ୍ ଏ
କାଦି କାଇରଇଲାଇ । ୩୯ ଏଟାର୍ ପଚେ ଜିସୁ ଲକ୍‌ମନ୍‌କେ
ପାଟାଇ ଦେଇ ଡଙ୍ଗାଇ ଚଗି ମଗ୍‌ଦାନ୍ ଜାଗାର୍ ସନ୍ଦିଲଗେ ଗାଲା
।

**୧୬** ଦିନେକ୍ କେତେଟା ପାରୁସିମନ୍ ଆରି ସାଦୁକିମନ୍ ଜିସୁର୍
ଦସ୍ ଦାର୍‌ବାକେ ତାର୍ ଲଗେ ଆଇଲାଇ । ସେମନ୍
ତାକେ କଇଲାଇ, "ପର୍‌ମେସର୍ ତକେ ବାଚ୍‌ଲା ଆଚେ ବଲି
ଆମେ ଜାନ୍‌ବାକେ, ତୁଇ ଗଟେକ୍ ସରଗର୍ କାବାଅଇଜିବା ଚିନ୍
ଦେକା ।" ୨ ଜିସୁ କଇଲା, "ତମେ ସଞ୍ଜ ବେଲାଇ ବାଦଲ୍ ରଙ୍ଗ
ଡିସ୍‌ଲେ ପାଗ୍ ବଲ୍ ଅଇସି ବଲି କଇସା, ୩ ଆରି ସାକାଲ୍
ବେଲାଇ ରଙ୍ଗ ଆରି ଆନ୍ଦାର୍ ଡିସ୍‌ଲେ ପାନି ମାର୍‌ସି ବଲି ଜାନାସ୍
। ବାଦଲ୍ ଦେକି ପାଗର୍ କାତା ଆଗ୍‌ତୁ ଜାନ୍‌ସା । ମାତର୍
ଆଜିକାଲିର୍ ଡିସ୍‌ବା ଚିନ୍ ତମେ ବୁଜିନାପାରାସ୍ । ୪ ଏ ଜୁଗର୍
ଲକ୍‌ମନ୍ କେଡେ କାରାପ୍ ଆରି ପରମେସର୍‌କେ ବିସ୍‌ବାସ୍ ନ
କରୁମନ୍! ତମେ ଗଟେକ୍ କାବାଅଇଜିବା କାମ୍ ଦେକ୍‌ବାକେ
କଇଲାସ୍‌ନି? ମାତର୍ ନାଇ, ଜୁନସର୍ ଜିବନେ ଗଟ୍‌ଲାଟା ଚାଡି
ଆରି ଗଟେକ୍ ମିସା କାବାଅଇଜିବା କାମ୍, ତମେ ମର୍‌ତେଇ
ଦେକିନାପାରାସ୍ ।" ଏଟା କଇ ଜିସୁ ସେମନ୍‌କେ ଚାଡି ଉଟିଗାଲା
। ୫ ସିସ୍‌ମନ୍ ଗାଡ୍ ସେପାଟେ ଜିବାବେଲେ ରୁଟି ନେବାକେ
ପାସ୍‌ରି ଜାଇରଇଲାଇ । ୬ ଜିସୁ ସେମନ୍‌କେ କଇଲା, "ଜାଗ୍‌ରତ୍,
ପାରୁସି ଆରି ସାଦୁକିମନର୍ କମିର୍‌ତେଇଅନି ତରିକ୍‌ନା ଅଇ ରୁଆ
।" ୭ ସେମନ୍ ନିଜର୍ ନିଜର୍ ବିତ୍‌ରେ କୁଆ ବଲା ଅଇଲାଇ,
"ଆମେ ରୁଟି ଆନି ନ ରଇଲାର୍ ପାଇ ସେ ଏନ୍ତାରି କଇଲାନି
।" ୮ ସେମନ୍ କାଇଟା କଇତେ ରଇଲାଇ ସେଟା ଜାନି ଜିସୁ
ସେମନ୍‌କେ କଇଲା, "ତମର୍ ଲଗେ ରୁଟି ନାଇ ବଲି କାଇକେ
କୁଆବଲା ଅଇଲାସ୍‌ନି? ତମର୍ ବିସ୍‌ବାସ୍ କେତେ ଦୁର୍‌ବଲ୍ । ୯
ଏବେ ଜାକ ତମେ ବୁଜାସ୍ ନାଇ କି? ପାଁଚ୍ ଅଜାର୍ ଲକ୍‌ମନର୍
ବିତ୍‌ରେ ମୁଇ ପାଁଚ୍‌ଟା ରୁଟି ବାଟାକରି ରଇବା କାତା ତମେ କାଇ
ପାସ୍‌ରି ଗାଲାସ୍ କି? ସେଡ୍‌କିବେଲେ ତମେ କେତେଟା ଡାଲାଇ
ବର୍‌ତି କରି ରଇଲାସ୍? ୧୦ ଆରି ଚାରି ଅଜାର୍ ଲକ୍‌କେ ସାତ୍‌ଟା
ରୁଟିର୍ କାତା ମନେ ନାଇ କି? ସେଡ୍‌କିବେଲେ କେତେ ଡାଲା
ବର୍‌ତି କରି ରଇଲାସ୍? ୧୧ "ମୁଇ ରୁଟିର୍ ବିସଇ ନ କଇତେ
ରଇଲି, ତମେ କେନ୍ତି ବୁଜାସ୍ ନାଇ? ମୁଇ କଇଲିନି, ପାରୁସି ଆରି
ସାଦୁକିମନର୍ କମିର୍ ପାରା ସିକିଆ ତେଇଅନି ତରିକ୍‌ନା ଅଇ
ରୁଆ ବଲି ।" ୧୨ ସେଡ୍‌କିବେଲେ ସିସ୍‌ମନ୍ ବୁଜି ପାର୍‌ଲାଇ ଜେ,
ଜିସୁ ରୁଟିର୍ କମିରର୍ କାତା ନ କଇତେ ରଇଲା, ମାତର୍ ପାରୁସି
ଆରି ସାଦୁକିମନର୍ ସିକିଆ ତେଇ ତରିକ୍‌ନା ଅଇ ରୁଆ ବଲି
କଇରଇଲା । ୧୩ ଜିସୁ କାଇସେରିଆ ପିଲିପି ଗଡ୍ ପାକାପାକି
ଜାଗାଇ ଗାଲା ପଚେ ସିସ୍‌ମନ୍‌କେ ପାଚାର୍‌ଲା, "ନର୍‌ପିଲା କେ
ବଲି ଲକ୍‌ମନ୍ କାଇଟା କଇଲାଇନି?" ୧୪ ସେମନ୍ କଇଲାଇ,
"କେତେ ଲକ୍ କଇଲାଇନି, ସେ ଡୁବନ୍ ଦେଉ ଜଅନ୍ । ଆରି
କେତେ ଲକ୍ 'ସେ ଏଲିୟ', ବିନ୍ ଲକ୍‌ମନ୍ କଇଲାଇନି, 'ସେ
ଜିରିମିୟ ନଇଲେ ବବିସତ୍‌ବକ୍‌ତାମନର୍‌ତେଇଅନି ଗଟେକ୍
ଲକ୍' ।" ୧୫ ଜିସୁ ପାଚାର୍‌ଲା, "ମୁଇ କେ ବଲି ତମେ କାଇଟା
ବଇଲାସ୍‌ନି?" ୧୬ ସିମନ୍ ପିତର୍ କଇଲା, "ତମେ କିରିସ୍‌ଟ,
ମସିଅ, ଜିବନ୍ ରଇବା ପରମେସରର୍ ପିଲା ।" ୧୭ ଜିସୁ କଇଲା,
"ନିମାନ୍, ଜୁନସର୍ ପିଲା, ପିତର୍! ଏଟା ସତ୍, ତୁଇ ମୁନୁସର୍‌ଟାନେ
ଅନି କଉସ୍ ନାଇ । ମର୍ ସରଗର୍ ବାବା ତକେ ଜାନାଇଲାକେ
ତୁଇ କଇଲୁସ୍ । ୧୮ ସେଟାର୍‌ପାଇ ମୁଇ ତକେ କଇଲିନି, ତୁଇ
ପିତର୍, ଜାର୍ ଅରତ୍ କି ପାକ୍‌ନା । ଏ ପାକ୍‌ନା ଉପ୍‌ରେ ମୁଇ
ମର୍ ମଣ୍ଡଲି ତିଆର୍ କର୍‌ବି । ଜେନ୍ତିକି ମରନ୍ ପାରା ବପୁ ମିସା
ତାକେ କାଇ କରିନାପାରେ । (Hadēs g86) ୧୯ "ମୁଇ ତକେ
ସରଗ୍ ରାଇଜର୍ କୁଚିକାଡି ଦେବି । ତୁଇ ଜାଇଟା ଜଗତେ ନାଇ
ବଲ୍‌ସୁ, ସେଟା ସରଗେ ମିସା ନାଇ ଅଇସି । ତୁଇ ଜଗତେ
ଜାଇଟା କରା ବଲି କଇସୁ ସେଟା ସର୍‌ଗେ ମିସା କରାଅଇସି
।" ୨୦ ସେ ମସିଅ ବଲି କାକେ ନ କଇବାକେ, ସିସ୍‌ମନ୍‌କେ
ଡାଟ୍‌କଲା । ୨୧ ସେବେଲେଅନି ଜିସୁ ସିସ୍‌ମନ୍‌କେ ବୁଜ୍‌ଲାପାରା
କଇବାର୍ ଦାର୍‌ଲା, "ମୁଇ ଜିରୁସାଲାମ୍ ଜାଇ ଦରମ୍‌ଗୁରୁମନ୍,
ମୁକିଅ ପୁଜାରିମନ୍ ଆରି ପାର୍‌ଚିନ୍‌ମନର୍‌ଟାନେ ବେସି କସ୍‌ଟ
ପାଇବି । ସାରାସାରି ମକେ ମରାଇବାଇ, ମାତର୍ ତିନ୍ ଦିନ୍
ଗାଲାପଚେ ମୁଇ ଆରି ତରେକ୍ ଜିବନ୍ ଅଇ ଉଟ୍‌ବି ।" ୨୨ ପିତର୍
ଜିସୁକେ ଅଁଟ୍‌ରେ ଡାକିନେଇ ସେନ୍ତି ନ ଅ ବଲି ଦମ୍‌କାଇଲା
। "ପର୍‌ମେସର୍ ତମ୍‌କେ କାଇଟା ନ କର, ମାପ୍‌ରୁ, ତମ୍‌କେ
ଏ ସବୁ କେବେ ମିସା ନଅ ।" ୨୩ ଜିସୁ ପାସ୍‌ଲି କରି କଇଲା,
"ମର୍ ମୁଆଟେଅନି ଦୁରିକେ ଜା ସଇତାନ୍ । ତୁଇ ମର୍ ବାଟ୍
ଚୁଟିଦେଲୁସ୍‌ନି । ମକେ ନିଟୁ ବଲି କଅ ନାଇ । କାଇକେ ବଇଲେ
ତମର୍ ଚିନ୍ତା ମୁନୁସ୍‌ମନର୍‌ତେଇଅନି, ପର୍‌ମେସରର୍‌ତେଇ ଅନି
ନାଇ ।" ୨୪ ତାର୍‌ପଚେ ଜିସୁ ସିସ୍‌ମନ୍‌କେ କଇଲା, "କେ ମିସା
ମର୍ ସଙ୍ଗ ଆଇବାକେ ମନ୍ କଲେ, ନିଜର୍ ମନ୍ କଲାଟା ସବୁ
ଚାଡିଦେଇ, ନିଜର୍ କୁର୍‌ସ ବଇବାକେ ଅଇସି, ଆରି ମର୍ ପଚେ
ପଚେ ଇଣ୍ଡ୍‌ବାକେ ଅଇସି । ୨୫ କାଇକେ ବଇଲେ କେ ମିସା
ନିଜର୍ ଜିବନ୍ ରକିଆ କର୍‌ବାକେ ମନ୍ କର୍‌ସି ବଇଲେ, ସେଟା
ସେ ଆରାଇସି, ମାତର୍ ଜେ ମର୍ ଲାଗି ଜିବନ୍ ଦେଇସି, ସେ
ସତଇସେ ସେଟା ରକିଆ କର୍‌ସି । ୨୬ ଜଦି ଗଟେକ୍ ଲକ୍,

ଗୁଲାଇ ଜଗତ୍ ଜିତିକରି ନିଜର୍ ଜିବନ୍ ଆରାଇଦେଇସି ବଇଲେ
ସେଟା କାଇ ଲାବ୍? ଜିବନ୍ ବାଉଡାଇ ପାଇବାକେ ଆଲେ ସେ
କାଇଟା ମିସା ଦେଇ ନାପାରେ । **୨୭** ନର୍‌ପିଲା ମୁଇ ବାବା
ପର୍‌ମେସରର୍ ଡାକ୍‌ପୁଟା ପାଇ ସରଗ୍ ଦୁତ୍‌ମନର୍ ସଙ୍ଗ୍ ଆରି
ତରେକ୍ ଆଇବି । ସେଡ୍‌କି ବେଲେ ମୁଇ ସବୁ ଲକର୍ କରିରଇବା
କାମ୍ ଦେକି ପୁରୁସ୍‌କାର୍ ଦେବି । **୨୮** ମୁଇ ତମ୍‌କେ ସତ୍ କଇଲିନି,
ନର୍‌ପିଲା ମୁଇ ମର୍ ରାଇଜେ ରାଜା ଅଇ ଆଇବା ଜାକ, ଇତି
ରଇଲା କେତେ ଲକ୍ ନ ମରତ୍ ।”

# ୧୭

ଚଅ ଦିନ୍‌ପଚେ ଜିସୁ ପିତର୍, ଜାକୁବ୍ ଆରି ଜଅନ୍ ଦୁଇ
ବାଇକେ ନେଇ ଗଟେକ୍ ଡେଙ୍ଗ୍ ଡଙ୍ଗ୍‌ରେ ଗାଲା । ତେଇ
କେ ମିସା ନ ରଇଲାଇ । **୨** ସିସ୍‌ମନ୍ ଦେକ୍‌ଲା ଦାପ୍‌ରେ ଜିସୁ,
ଗଟେକ୍ ଦେକ୍‌ଲେ କାବା ଅଇଜିବା ରୁପ୍ ଅଇ ବାଦ୍‌ଲି ଗାଲା ।
ତାର୍ ମୁ ବେଲ୍ ପାରା ଉଜଲ୍ ଅଇଲା ଆରି ପଚିଆର୍ ଉଜଲ୍
ପୁଲ୍‌ପାରା ଦବ୍ ଡିସ୍‌ଲା । **୩** ସିସ୍‌ମନ୍ ମସା ଆରି ଏଲିୟ୍ ଜିସୁର୍
ସଙ୍ଗ୍ କାତାବାର୍‌ତା ଅଇବାଟା ଦେକ୍‌ଲାଇ । **୪** ପିତର୍ ଜିସୁକେ
କଇଲା, “କେଡେ ସୁକର୍ କାତା, ଆଜି ଆମେ ଇତି ଆଚୁ । ତମେ
ଜଦି ମନ୍ କର୍‌ସା, ଇତି ମୁଇ ତିନ୍‌ଟା କୁଡିଆ ତିଆର୍ କର୍‌ବି ।
ତମର୍ ପାଇ ଗଟେକ୍, ମସା ଆରି ଏଲିୟର୍ ପାଇ ଦୁଇଟା ।”
**୫** ପିତର୍ ଏଟା କଇବାବେଲେ ଏଦେ ଦେକା! କଣ୍ଡେକ୍ ବାଦଲ୍
ଉଜଲ୍ ଅଇ ସେମନର୍ ଉପ୍‌ରେ ଉଡି ଆଇଲା ଆରି ତେଇଅନି
ଗଟେକ୍ ସର୍ ଆଇଲା “ଏ ମର୍ ଆଲାଦର୍ ପଅ, ଆର୍ ଲଗେ
ମୁଇ ବେସି ସାର୍‌ଦା । ତାର୍ କାତା ମନ୍ ଦେଇ ସୁନା ।” **୬**
ସିସ୍‌ମନ୍ ସେ ସର୍ ସୁନି ଏତେକ୍ ଡରି ଗାଲାଇ ଜେ ସେମନ୍
ଉମ୍‌ତାଡିଅଇ ଅଦ୍‌ରିଗାଲାଇ । **୭** ଜିସୁ ସେମନର୍ ଲଗେ ଆସି
ସେମନ୍‌କେ ଚିଇ କରି କଇଲା, “ଉଟା, ଡରା ନାଇ ।” **୮** ସେଟାର୍
ପାଇ ସେମନ୍ ଉପ୍‌ରେ ଦେକ୍‌ଲାଇଜେ ଜିସୁକେ ଚାଡି ଆରି କେ
ଡିସତ୍ ନାଇ । **୯** ସେମନ୍ ଡଙ୍ଗ୍‌ରେଅନି ଉତ୍‌ରି ଆଇଲା ବେଲେ
ଜିସୁ ସେମନ୍‌କେ ଆଦେସ୍ ଦେଇ କଇଲା, “ନର୍‌ପିଲା ମୁଇ
ମଲାଟାନେଅନି ଆରିତରେକ୍ ନ ଉଟ୍‌ବା ଜାକ ଏ ଦେକ୍‌ଲା କାତା
ତମେ କାକେ କୁଆ ନାଇ ।” **୧୦** ସିସ୍‌ମନ୍ ତାକେ ପାଚାର୍‌ଲାଇ
“ଆମର୍ ଦରମ୍ ଗୁରୁମନ୍ ଏଲିୟ୍ ପର୍‌ତୁମ୍ ଆଇସି ବଲି କାଇକେ
କଇଲାଇ ଆଚତ୍?” **୧୧** ଜିସୁ କଇଲା, “ଉଁ ଏଲିୟ୍ ପର୍‌ତୁମ୍
ଆସିକରି ସବୁ ବିସଇ ତିଆର୍ କରି ରଇବା କାତା । **୧୨** ମାତର୍
ମୁଇ ତମ୍‌କେ କଇଲିନି, ଏଲିୟ୍ ତା ଆସି ସାର୍‌ଲା ଆଚେ ଆରି
ଲକ୍‌ମନ୍ ତାକେ ନ ଚିନି ଜନ୍‌ଟା ମନ୍ କଲା ସେଟା ତାକେ
କଲାଇ ଆଚତ୍ । ସେନ୍ତାରିସେ ନର୍‌ପିଲା ମକେ ମିସା ସେମନ୍
ସେନ୍ତି କାରାପ୍ ଚଲାଚଲ୍‌ତି କର୍‌ବାଇ ।” **୧୩** ସେଡ୍‌କି ବେଲେ
ସେମନ୍ ବୁଜି ପାର୍‌ଲାଇ ଜେ, ଜିସୁ ଡୁବନ୍ ଦେଉ ଜଅନର୍ ବିସଇ
କଇଲାନି ବଲି । **୧୪** ଜିସୁ ଆରି ତାର୍ ସିସ୍‌ମନ୍ ଲକ୍ ଗଉଲି
ବିତ୍‌ରେ ବାଉଡି ଆଇଲା ପଚେ, ଗଟେକ୍ ଲକ୍ ଜିସୁର୍ ଲଗେ ଆସି
ମାଣ୍ଡିକୁଟା ଦେଇ କଇଲା, **୧୫** “ମାପ୍‌ରୁ, ମର୍ ପିଲାକେ ଦୟା
କରା । ମୁର୍‌ଚା ବେମାର୍ ଲାଗି କସ୍‌ଟ ପାଇଲାନି । ସେ ବେସି
ତର୍ ଜଇତେଇ ଆରି ପାନିତେଇ ଅଦ୍‌ରି ଦେଲାନି । **୧୬** ତାକେ
ମୁଇ ତମର୍ ସିସ୍‌ମନର୍ ଲଗେ ଆନି ରଇଲି, ମାତର୍ ସେମନ୍
ନିକ କରି ନାପାର୍‌ଲାଇ ।” **୧୭** ଜିସୁ କଇଲା, “ତମର୍ କେଡେ
ଡାଟ୍ ନ ରଇବା ବିସ୍‌ବାସ୍ ଆରି ବୁଲ୍! ତମର୍ ସଙ୍ଗ୍ ଆରି ମୁଇ
କେତେ ଦିନ୍ ରଇବି? ଆରି କେତେ ଦିନ୍ ତମର୍ ଚଲାଚଲ୍‌ତିଟା
ସୁନି ସୁନି ତୁମ୍‌ପୁଡି ରଇବି? ସେ ପିଲାକେ ମର୍ ଲଗେ ଆନା ।”
**୧୮** ପିଲା ବିତ୍‌ରେ ରଇଲା କାରାପ୍ ଆତ୍‌ମାକେ ଜିସୁ ଦମ୍‌କାଇଲା
। କାରାପ୍ ଆତ୍‌ମା ଚାଡି ଉଟିଗାଲା ଆରି ସେ ଦାପ୍‌ରେସେ ପିଲା
ନିକ ଅଇଗାଲା । **୧୯** ତାର୍ ପଚେ ସିସ୍‌ମନ୍ ଜିସୁ ଏକ୍‌ଲା ରଇଲା
ବେଲେ ଆସି ତାକେ ପାଚାର୍‌ଲାଇ, “ଆମେ କାଇକେ ସେ କାରାପ୍
ଆତ୍‌ମାକେ କେଦି ନାପାର୍‌ଲୁ?” **୨୦** ଜିସୁ ସେମନ୍‌କେ କଇଲା,
“ତମର୍ ବିସ୍‌ବାସ୍ ବେସି ଦୁର୍‌ବଲ୍ । ମୁଇ ତମ୍‌କେ ସତ୍ କଇଲିନି,
ଜଦି ଗଟେକ୍ ସର୍‌ସୁ ମୁଞ୍ଜି ଏତ୍‌କି ତମର୍ ବିସ୍‌ବାସ୍ ରଇଲେ, ଏ
ଡଙ୍ଗ୍‌ର୍, ଇତିଅନି ତେଇ ଗୁଚି ଜିବାକେ କଇଲେ, ସେଟା ଗୁଚି
ଜାଇସି । ବିସ୍‌ବାସର୍ ଲାଗି ତମେ ସବୁ ବିସଇ କରିପାରାସ୍
।” **୨୧** ମାତର୍ ଉପାସ୍ ରଇକରି ପାର୍‌ତନା ନ କଲେ, କାଇ
ବିନ୍ ଉପାଇ ନେଇ ମିସା ଏନ୍ତାରି ଡୁମା ବାରଇ ନ ଜାଏ । **୨୨**
ସିସ୍‌ମନ୍ ଗାଲିଲିତେଇ ରୁଣ୍ଡ୍‌ଲା ପଚେ ଜିସୁ ସେମନ୍‌କେ କଇଲା,
“ନର୍‌ପିଲା ମୁଇ ଲକ୍‌ମନେ୍‌କ ସର୍‌ପି ଅଇବାର୍ ଗାଲିନି । **୨୩**
ତେଇ ସେମନ୍ ମକେ ମରାଇବାଇ, ମାତର୍ ତିନ୍ ଦିନ୍ ପଚେ
ମୁଇ ଆରି ତରେକ୍ ଜିବନ୍ ଅଇ ଉଟ୍‌ବି ।” ଜିସୁର୍ କାତା ସୁନି
ସିସ୍‌ମନ୍ ବେସି ଦୁକ୍ ଅଇଗାଲାଇ । **୨୪** ଜିସୁ ଆରି ତାର୍ ସିସ୍‌ମନ୍
କପର୍‌ନାଉମେ କେଟ୍‌ଲା ପଚେ ମନ୍ଦିର୍ ପାଇ ସିସ୍‌ତୁମାଙ୍ଗ୍‌ମନ୍
ପିତର୍‌କେ ପାଚାର୍‌ଲାଇ, “ତମର୍ ଗୁରୁ ମନ୍ଦିରର୍ ପାଇ ସିସ୍‌ତୁ
ଦେଇସି କି ନାଇ?” **୨୫** ପିତର୍ କଇଲା, “ଦେଇସି ।” ପିତର୍
ଗର୍ ବିତ୍‌ରେ ପୁରୁପୁରୁ ଜିସୁ ତାକେ ପାଚାର୍‌ଲା, “ସିମନ୍, ତମେ
କାଇଟା ବାବ୍‌ଲାସ୍‌ନି? ଏ ଜଗତର୍ ରାଜାମନ୍ କାର୍‌ଟାନେଅନି
ସିସ୍‌ତୁ ନେବାଇ? ତାକର୍ ନିଜର୍ ଦେସର୍ ଲକ୍‌ମନର୍‌ଟାନେଅନି
କି ବିନ୍ ଦେସର୍ ଲକ୍‌ମନର୍‌ଟାନେଅନି?” **୨୬** ପିତର୍ କଇଲା,
“ବିନ୍ ଦେସର୍ ଲକ୍‌ମନର୍‌ତେଇଅନି ।” ଜିସୁ କଇଲା, “ସେନ୍ତି
ବଇଲେ ରାଇଜର୍ ଲକ୍‌ମନ୍ ସିସ୍‌ତୁ ନ ଦେଅତ୍? **୨୭** ମାତର୍
ଆମେ ଏବେ ସେମନ୍‌କେ ଇନ୍ କର୍‌ବାକେ ମନ୍ କରୁ ନାଇ ।
ତୁଇ ଗାଡେ ଜାଇ ବଡ୍‌ସି ପାକାଆ ଆରି ଜନ୍ ମାଚ୍ ପର୍‌ତୁମ୍
ଲାଗ୍‌ସି, ତାର୍ ଟଣ୍ଡେଅନି ଗଟେକ୍ ଅଦ୍‌ଲି ମିଲାଇସୁ । ସେଟା
ନେଇ ମର୍ ପାଇ ଆରି ତମର୍ ପାଇ ମନ୍ଦିରର୍ ସିସ୍‌ତୁମାଙ୍ଗ୍‌ମନ୍‌କେ
ଦେଇଦେସ୍ ।”

# ୧୮

ସେ ବେଲେ ସିସ୍‌ମନ୍ ଜିସୁକେ ପାଚାର୍‌ଲାଇ, “ସରଗ୍
ରାଇଜେ ସବୁର୍‌ଟାନେଅନି କେ ବଡ୍?” **୨** ଜିସୁ ଗଟେକ୍
ସାନ୍ ପିଲାକେ ଡାକି ସେମନର୍ ଲଗେ ଟିଆକରାଇ କଇଲା,
**୩** “ମୁଇ ତମ୍‌କେ ସତ୍ କଇଲିନି, ତମର୍ ମନ୍ ବାଦ୍‌ଲାଇ ସାନ୍

ପିଲାମନର୍ ପାରା ନ ଅଇଲେ ସରଗ୍ ରାଇଜେ କେବେ ପୁରି
ନାପାରାସ୍ । ୪ ଜେ ନିଜ୍କେ ସୁଆଲ୍ କରି ସାନ୍ ପିଲାପାରା
ଅଇସି, ସେ ସରଗ୍ ରାଇଜେ ସବୁର୍ଟାନେଅନି ବଡ୍, ୫ ଆରି,
ଜେକି ମର୍ ନାଉଁ ଦାରି ଏ ସାନ୍ ପିଲାକେ ନାମ୍ସି, ସେ ମକେ
ମିସା ନାମ୍ସି ।” ୬ “ମର୍ତେଇ ବିସ୍ବାସ୍ କର୍ତେ ରଇବା ଏ ସାନ୍
ପିଲାମନର୍ ବିତ୍ରେଅନି ଗଟେକ୍ ଲକ୍ କେ ଆଲେ ବିସ୍ବାସେ
ବାଦା ଗଟାଇସି ବଇଲେ, ତାର୍ ଗାଲାଇ ଜତା ପାକ୍ନା ବାନ୍ଦିକରି
ତାକେ ସମ୍ଦୁରେ ବୁଡାଇଦେବାଟା ନିକ ଅଇସି । ୭ ଲକ୍ମନର୍
ବିସ୍ବାସେ ବାଦା ଗଟାଇବାକେ ବେସି ବିସଇ ଆଚେ । ସେଟାର୍
ପାଇ ଏ ଜଗତର୍ ଦସା ବଡେ ଇନସ୍ତା । ସବୁ ବେଲେ ଏନ୍ତି
ବାଦା ଆଇସି, ମାତର୍ ଜେ ବାଦା ଗଟାଇସି, ତାର୍ ଦସା କେଡେ
ଇନସ୍ତା ଅଇସି!” ୮ “ଜଦି ତମେ ତମର୍ ଆତ୍ ନଇଲେ ପାଦର୍
ଲାଗି ବିସ୍ବାସ୍ ଆରାଇଲାସ୍ନି, ତେବେ ସେଟା କାଟି ପିଙ୍ଗି
ଦିଆସ୍ । ଜଡେକ୍ ପାଦ୍ ଆରି ଜଡେକ୍ ଆତ୍ ରଇ ସବୁବେଲେ
ଲାଗି ରଇବା ଜଏ ପିଙ୍ଗାଇ ଅଇବା ବାଦୁଲେ ଗଟେକ୍ ପାଦ୍
ନଇଲେ ଗଟେକ୍ ଆତ୍ ନ ରଇ, ନ ସାର୍ବା ଜିବନେ ପୁର୍ବାଟା
କେଡେ କରମର୍ କାତା । **(aiōnios g166)** ୯ ଜଦି ତମର୍ ଆଁକିର୍
ଲାଗି ତମେ ବିସ୍ବାସ୍ ଆରାଇଲାସ୍ନି ବଇଲେ ତାକେ ବେଟି
ପିଙ୍ଗି ଦିଆସ୍ । ଜଡେକ୍ ଆଁକି ରଇ ନର୍କେ ପିଙ୍ଗାଇଅଇବା
ବାଦୁଲେ ଗଟେକ୍ ଆଁକି ରଇ ନ ସାର୍ବା ଜିବନେ ପୁର୍ବାଟା
କେଡେ କରମର୍ କାତା ଅଇସି ।” **(Geenna g1067)** ୧୦ ଏ ସାନ୍
ପିଲାମନର୍ ବିତ୍ରେ ଅନି ଗଟେକ୍କେ ମିସା ଇନ୍କରା ନାଇ ।
ମୁଇ ତମ୍କେ କଇଲିନି, ଏ ମନର୍ ଜତନ୍ ନେଇତେ ରଇବା
ସରଗର୍ ଦୁତ୍ମନ୍ ସବୁ ବେଲା ମର୍ ବାବାର୍ ଲଗେ ଆଚତ୍ । ୧୧
କାଇକେ ବଇଲେ ବାଟ୍ ବାନା ଅଇଲା ଲକ୍ମନ୍କେ କଜି ରକିଆ
କର୍ବାକେ ନର୍ପିଲା ମୁଇ ଆଇଲିଆଚି । ୧୨ ତମେ କାଇଟା
ବାବ୍ଲାସ୍ନି, ଜଦି ଗଟେକ୍ ଲକର୍ ସଏଟା ମେଣ୍ଡା ରଇସି ଆରି
ସିଟିଅନି ଗଟେକ୍ ଆଜି ଜାଇସି, ତେବେ ସେ କାଇଟା କର୍ସି?
ନବେ ନଅଟା ମେଣ୍ଡାକେ ଡଙ୍ଗରେ ଚାର୍ବାକେ ଚାଡିଦେଇ ସେ
ଆଜ୍ଲା ମେଣ୍ଡାକେ କଜ୍ବାର୍ ବାରଇସି । ୧୩ ମୁଇ ତମ୍କେ
ସତ୍ କଇଲିନି, ଜେଡେବଲ୍ ସେ ମେଣ୍ଡା ମିଲାଇସି, ଆଜି ନ
ରଇଲା ନବେ ନଅଟା ମେଣ୍ଡାର୍ ପାଇ ତାର୍ ଜେତ୍କି ସାର୍ଦା,
ଏ ଗଟେକ୍ ମେଣ୍ଡାର୍ ପାଇ ସେ ଅଦିକ୍ ସାର୍ଦା ଅଇସି । ୧୪
ସମାନ୍ ସେନ୍ତି ସେ, ଏ ସାନ୍ ପିଲାମନର୍ ତେଇ ଅନି ଗଟେକ୍
ଲକ୍ ମିସା ବାଟ୍ ବାନା ଅଅତ୍, ଏଟା ତମର୍ ସରଗର୍ ବାବା ମନ୍
କରେ ନାଇ । ୧୫ “ଜଦି ତମର୍ ବାଇ ତମର୍ ବିରୁଦେ ପାପ୍
କର୍ସି, ତାର୍ ଲଗେ ଜାଇ ତାର୍ ପାପ୍ ତାକେ ଦେକାଇ ଦିଆସ୍ ।
ମାତର୍ ତମେ ଦୁଇ ଲକ୍ ରଇଲା ବେଲେ ଏଟା ଲୁଚ୍ତେ କରା ।
ଜଦି ସେ ତମର୍ କାତା ସୁନ୍ସି, ତମର୍ ବାଇକେ ତମେ ଆରି
ତରେକ୍ ପାଇସା । ୧୬ ଆରି ଜଦି ସେ ନ ସୁନ୍ଲେ, ଗଟେକ୍
ଲକ୍କେ ନଇଲେ ଦୁଇ ଲକ୍କେ ଡାକି ନେଇ ତାର୍ ଲଗେ ଜାଆ
। ଆମର୍ ସାସ୍ତର୍ ନିୟମ୍ ଇସାବେ, ଦୁଇଟା ନଇଲେ ତିନ୍ଟା
ସାକିର୍ ମୁଆଟେ ତମର୍ ଦାବି ସତ୍ ବଲି ଜାନା ପଡ୍ସି । ୧୭
ଏଲେ ମିସା ଜଦି ସେ ତମର୍ କାତା ନ ସୁନେ, ମଣ୍ଡଲିତେଇ
ଜାନାଇ ଦିଆସ୍ । ସାରାସାରି ଜଦି ମଣ୍ଡଲିର୍ କାତା ମିସା ନ ସୁନେ
ବଇଲେ, ତାକେ ଗଟେକ୍ ସିସ୍ତୁମାଙ୍ଗ୍, ବିସ୍ବାସ୍ ନ କର୍ବା
ଲକ୍ ବଲି ବାବିକରି, ତାର୍ ସଙ୍ଗ୍ ମିଲାମିସା କର୍ବାଟା ଚାଡି
ଦିଆସ୍ । ୧୮ “ମୁଇ ତମ୍କେ ସତ୍ କଇଲିନି, ତମେ ଏ ଜଗତେ
ଜାଇଟା ନାଇ ବଲ୍ସା, ସେଟା ସର୍ଗେ ମିସା ନାଇ ଅଇସି ।
ଆରି ଜନ୍ଟା ପାଇ ତମେ ଜଗତେ ଉଁ କଇସା, ସେଟା ସର୍ଗେ
ମିସା ଉଁ ଅଇସି । ୧୯ କାଲି ସେତ୍କି ନଏଁ, ମୁଇ ତମ୍କେ ସତ୍
କଇଲିନି, ଜେଡେବେଲେ ମିସା ଏ ଜଗତେ ତମେ ଦୁଇ ଲକ୍ ଜନ୍
ବିସଇ ନେଇକରି ଗଟେକ୍ ମନ୍ ଅଇକରି ପାର୍ତନା କଲେ, ମର୍
ସରଗର୍ ବାବା ତମେ ମାଙ୍ଗ୍ଲାଟା ପୁରୁନ୍ କର୍ସି । ୨୦ କାଇକେ
ବଇଲେ ଜନ୍ତି ଦୁଇ କି ତିନ୍ ଲକ୍ ରୁଣ୍ଡିକରି ମର୍ ନାଉଁ ଦାର୍ବାଇ,
ତେଇ ମୁଇ ଆଚି ।” ୨୧ ଦିନେକ୍ ପିତର୍ ଜିସୁର୍ ଲଗେ ଆସି
ପାଚାର୍ଲା, “ମାପ୍ରୁ, ଗଟେକ୍ ବାଇ ମର୍ ବିରଦେ ତର୍କେ ତର୍
ଦସ୍ କର୍ତେ ରଇଲେ, ତାକେ ମୁଇ କେତେ ତର୍ କେମା କର୍ବି?
କାଇ ସାତ୍ ତର୍ କି?” ୨୨ ଜିସୁ କଇଲା, “ନାଇ ସାତ୍ ତର୍ ନାଇ
। ସାତ୍ ତରର୍ ସତୁରି ଗୁନ୍ । ୨୩ ସରଗ୍ ରାଇଜର୍ ଆରି ଗଟେକ୍
କାତା ସୁନ୍ । ଗଟେକ୍ ରାଜା ଦିନେକ୍ ତାର୍ଟାନେ କାମ୍କରୁମନ୍
ରୁନ୍ ନେଇରଇବାଟା ଇସାବ୍ କିତାବ୍ କର୍ବାକେ ମନ୍ କଲା ।
୨୪ ସେ ଇସାବ୍ କର୍ବାବେଲେ ତାର୍ଟାନେ ଗଟେକ୍ କାମ୍ କରୁ
ଲାକ୍ ଲାକ୍ ଟାଙ୍ଗା ରୁନ୍ ନେଇରଇଲା ଲକ୍କେ ରାଜାର୍ ଲଗେ
ଆନ୍ଲାଇ । ୨୫ ରୁନ୍ ସୁଜ୍ବାକେ ସେ ଲକର୍ଟାନେ ସେତ୍କି ବପୁ
ନ ରଇଲା । ତେବର୍ପାଇ ରୁନ୍ ବାନ୍ଦବାକେ ବଲି ତାର୍ଟାନେ
ଜେତ୍କି ରଇଲାଟା ବିକିକରି ତାକେ, ତାର୍ ମାଇଜିକେ ଆରି ତାର୍
ପିଲାଟକିମନ୍କେ ଗତି ଇସାବେ ବିକିଦେବାକେ ରାଜା ଆଦେସ୍
ଦେଲା ।” ୨୬ କାମ୍ କରୁ ରାଜାର୍ ପାଦ୍ତଲେ ଅଦ୍ରି ଗୁଆରି କରି
କଇଲା “ଆଗିଆଁ ଆରି କେତେଦିନ୍ ଜାଗା, ମୁଇ ତମର୍ ସବୁଜାକ
ରୁନ୍ ସୁଜିଦେବି ।” ୨୭ ରାଜା ତାକେ ଦୟା କଲା । ତେବର୍ପାଇ
ତାକେ କେମା କରି ରୁନ୍ ନ ବାନ୍ଦାଇ ଚାଡିଦେଲା । ୨୮ ମାତର୍
ସେ ଗତି ବାରଇ ଜାଇ ତାର୍ତେଇ ଅନି ପଚାସ୍ ଟାଙ୍ଗା ରୁନ୍ କରି
ରଇବା ଗଟେକ୍ ମିସ୍ତେ ରଇବା ଗତିଦାଙ୍ଗଡାକେ ଦାରି ତାର୍
ଟଟ୍ରି ପିଚକ୍ବାର୍ ଦାର୍ଲା, “ମର୍ତେଇଅନି ନେଇ ରଇଲା ସବୁ
ଡାବୁ ବାଉଡାଇ ଦେ ।” ୨୯ ସେ ଗତି ଦାଙ୍ଗଡା ତାର୍ ଗଡେଦାରି
ବାବୁଜିଆ କରି କଇଲା, “ସାଆସ୍ ଦାରା, ତମର୍ ସବୁ ଡାବୁ
ସୁଜି ଦେବି ।” ୩୦ ମାତର୍ ପର୍ତୁମ୍ ଲକ୍, ସେ ଗୁଆରି କଲାଟା
ସୁନେ ନାଇ, ରୁନ୍ ସୁଜ୍ବା ଜାକ ତାକେ ବନ୍ଦି ଗରେ ପୁରାଇ
ସଙ୍ଗଇବାକେ ଟିଆର୍ଲା । ୩୧ ଏଟା ଅଇଲାଟା ଦେକି ବିନ୍ କାମ୍
କରୁମନ୍ ଦୁକ୍ କଲାଇ । ସେମନ୍ ରାଜାର୍ ଲଗେ ଜାଇ ଜନ୍
ଜନ୍ଟା ଅଇରଇଲା, ସବୁ ଜାନାଇଲାଇ । ୩୨ ରାଜା ପର୍ତୁମ୍

କାମ୍ କରୁକେ ଡାକାଇ କଇଲା, "ଅଇରେ ମୁର୍କ ଦାଙ୍ଗଡା, ତୁଇ
ଗୁଆରି କଲୁସ୍ ଜେ ମୁଇ ତର୍ ସବୁ ରୁନ୍ ଚାଡି ଦେଲି । ୩୩ ମୁଇ
ଜେନ୍ତି ତକେ ଦୟା କଲି, ତୁଇ ମିସା ତର୍ ସଙ୍ଗର୍ କାମ୍ କରୁକେ
ଦୟା କର୍ବାର୍ ରଇଲା ।" ୩୪ ରାଜା ବେସି ରିସା ଅଇଗାଲା
ଆରି ସବୁ ଜାକ ରୁନ୍ ନ ସୁଜ୍ବା ଜାକ ଡଣ୍ଡ ପାଅ ବଲି ତାକେ
ବନ୍ଦି ଗରେ ପାଟାଇ ଦେଲା । ୩୫ ଜିସୁ ଏ କାତା କଇସାରାଇ
କଇଲା, "ତମର୍ ବିରୁଦେ ଦସ୍ କରି ରଇବା ବାଇମନ୍କେ ମନ୍
ବିତ୍ରେଅନି ଜଦି କେମା ନ ଦିଆସ୍, ତେବେ ମର୍ ସରଗର୍ ବାବା
ମିସା ତମ୍କେ ଏନ୍ତାରିସେ କର୍ସି ।"

୧୯ ଜିସୁ ଏ ସବୁ କଇସାର୍ଲା ପଚେ ଗାଲିଲି ଚାଡିକରି
ଜର୍ଦନ୍ ଗାଡ୍ ସେପାଟେ ରଇଲା ଜିଉଦା ଜାଗାଇ
କେଟ୍ଲା । ୨ ବେସି ଲକ୍ମନ୍ ତାର୍ ସଙ୍ଗ ଗାଲାଇ ଆରି ସେ
କେତେକ୍ କେତେକ୍ ରଗିମନ୍କେ ନିକ କଲା । ୩ କେତେଟା
ପାରୁସିମନ୍ ଜିସୁକେ ବୁଲ୍ ଦାର୍ବାକେ ଚେସ୍ଟା କଲାଇ ।
ସେମନ୍ ତାର୍ ଲଗେ ଆସି ପାଚାର୍ଲାଇ, "ମସାର୍ ରିତିନିତି
ଇସାବେ ଗଟେକ୍ ଲକ୍ କାଇଆଲେ ବୁଲର୍ ପାଇ ବଲି ତାର୍
ମାଇଜିକେ ଚାଡି ଦେଇ ପାରେ କି?" ୪ ଜିସୁ କଇଲା, "ସାସ୍ତରେ
ପଡାସ୍ ନାଇ କି? ଆଦିପୁର୍ବେ ପର୍ମେସର୍ ନର୍ ଲକ୍କେ
ମୁନୁସ୍ ଆରି ମାଇଜି କରି ତିଆର୍ କଲା । ୫ ସେଡେବେଲେ
ମାପ୍ରୁ କଇରଇଲା, ଏଟାର୍ ପାଇ ବଲି ମୁନୁସ୍, ତାର୍ ଆୟା
ବାବାର୍ତେଇ ଅନି ବିନେ ଅଇସି ଆରି ସେମନ୍ ଦୁଇ ଲକ୍ ଗଟେକ୍
ଅଇବାଇ । ୬ ଆରି ସେମନ୍ ଅଲ୍ଗା ନ ଅଅତ୍, ମିସି ରଇବାଇ
। ସେମନ୍ ଦୁଇଲକ୍ ଇସାବେ ନ ରଅତ୍ । ଜନ୍ ଲକ୍ମନ୍କେ
ପର୍ମେସର୍ ଜଡିଆଚେ, ଲକ୍ମନ୍ ସେମନ୍କେ ବେଗ୍ଲାଇବାଟା
ଟିକ୍ନାଇ ।" ୭ ପାରୁସିମନ୍ ଆରି ପାଚାର୍ଲାଇ, "ସେନ୍ତାର୍
ଆଲେ ମାଇଜିକେ ରାଜିନାମା ପତର୍ ଲେକି ଚାଡି ଦେବାକେ
ମସା କାଇକେ ନିୟମ୍ କଲାଆଚେ?" ୮ ଜିସୁ କଇଲା, "ତମର୍
ମନ୍ବିତ୍ରର୍ ବୁଜ୍ବା ବପୁ ଦୁର୍ବଲ୍ ରଇଲାଟା ଦେକି ମସା
ତମର୍ ମାଇଜିମନ୍କେ ଚାଡ୍ବାକେ ରାଜି ଅଇଲା । ମାତର୍
ଆଦିପୁର୍ବେ ତିଆର୍ ଅଇଲା ବେଲେ ଏନ୍ତାରି ନିୟମ୍ ନ ରଇଲା
। ୯ ମାତର୍ ମୁଇ ତମ୍କେ କଇଲିନି, କେ ମିସା ତାର୍ ମାଇଜିକେ
ବେସିଆ କାମ୍ ଅପ୍ରାଦ୍କେ ଚାଡି, ବିନ୍ କାଇଆଲେ କାମର୍
ପାଇ ଚାଡାମେଲା କରି, ବିନ୍ ମାଇଜିକେ ସଙ୍ଗଇଲେ, ସେ ସେ
ନିଜେ ଦାରିଆ ଅଇସି ।" ୧୦ ଜିସୁର୍ ସିସ୍ମନ୍ କଇଲାଇ, "ଜଦି
ମାଇଜି ମୁନୁସର୍ ବିତ୍ରେ ଏନ୍ତାରି ଆଚେ ବଇଲେ, ବିବା ନ
ଅଇବାଟା ନିକ ।" ୧୧ ଜିସୁ କଇଲା, "ଏ ସିକିଆ ସବୁ ଲକ୍
ନ ମାନତ୍ । ପର୍ମେସର୍ ଟାନେଅନି ଜନ୍ଲକ୍ମନ୍କେ ଏଟା
ଦିଆଅଇଆଚେ ସେମନ୍ସେ ଏଟା ମାନ୍ବାଇ । ୧୨ ବିନ୍ ବିନ୍
କାମର୍ପାଇ ଲକ୍ମନ୍ ବିବା ନ ଅଇ ରଇଜିବାଇ । କେତେ
ଲକ୍ ଜନମେ ଅନି ବେଜୁ ଅଇ ବିବାଅଇ ନାପାରତ୍ । କେତେ
ଲକ୍କେ ମୁନୁସ୍ମନ୍ ସେନ୍ତାରି କରି ଆଚତ୍, ଆରି କେତେ ଲକ୍
ସରଗ୍ ରାଇଜର୍ ପାଇ କାମ୍ କର୍ବାକେ ବିବା ନ ଅଇକରି
ଆଚତ୍ । ଜନ୍ ଲକ୍ମନ୍ ଏ ସିକିଆର୍ ଅରତ୍ ବୁଜିପାର୍ଲାଇନି,
ସେମନ୍ ସେଟା ମାନତ୍ ।" ୧୩ କେତେ ଲକ୍ ପିଲାମନର୍ ଉପ୍ରେ
ଆତ୍ ସଙ୍ଗଇ ପାର୍ତନା କର୍ବାକେ, ସେମନ୍କେ ଜିସୁର୍ ଲଗେ
ଆନ୍ଲାଇ । ମାତର୍ ସିସ୍ମନ୍ ସେମନ୍କେ ଦମ୍କାଇଲାଇ ।
୧୪ ମାତର୍ ଜିସୁ କଇଲା, "ସାନ୍ ପିଲାମନ୍କେ ମର୍ ଲଗେ
ଆଇବାକେ ବାଟ୍ ଦିଆସ୍ । ସେମନ୍କେ ମନା କରା ନାଇ ।
କାଇକେ ବଇଲେ ଏମନ୍ ଆକା ସରଗ୍ ରାଇଜେ ରଇବା ଲକ୍
।" ୧୫ ଜିସୁ ପିଲାମନର୍ ଉପ୍ରେ ଆତ୍ ସଙ୍ଗଇ ଆସିର୍ବାଦ୍
କଲା । ପଚେ ସେ ତେଇଅନି ଉଟିଗାଲା । ୧୬ ଦିନେକ୍ ଗଟେକ୍
ସାଉକାର୍ ପିଲା ଜିସୁର୍ ଲଗେ ଆସି ପାଚାର୍ଲା, "କାଇ ନିକ
କାମ୍କଲେ, ନ ସାର୍ବା ଜିବନ୍ ମିଲ୍ସି?" (aiōnios g166) ୧୭ ଜିସୁ
ତାକେ କଇଲା, "ନିକ କାମ୍ ବିସଇ ନେଇକରି ମକେ କାଇକେ
ପାଚାର୍ଲୁସ୍ନି? ପର୍ମେସର୍ସେ ସତ୍ । ତାର୍ ଆଦେସ୍ ମାନ୍ଲେ,
ନ ସାର୍ବା ଜିବନ୍ ମିଲାଇସୁ ।" ୧୮ ସେ ପାଚାର୍ଲା, "କାଇ କାଇ
ଆଦେସ୍?" ଜିସୁ କଇଲା, "ନର୍ ଲକ୍ମନ୍କେ ମରାଇବାର୍ ନାଇ,
ବେସିଆ କାମ୍ କର୍ବାର୍ ନାଇ, ଚରାଇବାର୍ ନାଇ, କାର୍ ବିରୁଦେ
ମିଚ୍ ସାକି ଦେବାର୍ ନାଇ । ୧୯ ଆୟା ବାବାର୍ ସେବା କରା ଆରି
ତମର୍ ପଡିସାର୍ ଲକ୍ମନ୍କେ ନିଜର୍ ପାରା ଆଲାଦ୍ କରା ।" ୨୦
ସେ ବେଣ୍ଟିଆ କଇଲା, "ମୁଇ ଏ ସବୁ ଆଦେସ୍ ମାନି ଆଇଲିନି ।
ଆରି କାଇଟା କର୍ବାର୍ ଆଚେ?" ୨୧ ଜିସୁ ତାକେ କଇଲା, "ତୁଇ
ଜଦି ସିଦ୍ ଅଇବାକେ ମନ୍ କଲୁସ୍ନି ବଇଲେ, ଜାଆ ତର୍ଟାନେ
ରଇବା ସବୁଜାକ ବିକି ଦେଇ, ସେ ଡାବୁ ଗରିବ୍ ଲକ୍ମନ୍କେ
ଦାନ୍ କରିଦେସ୍ । ଏଟା ସବୁ କରି ସାରାଇ ମର୍ ସଙ୍ଗ ଆଉ ।
ସେନ୍ତାର୍ କଲେ ତକେ ସର୍ଗେ ଦନ୍ ମିଲ୍ସି ।" ୨୨ ଏଟା ସୁନି
କରି ସେ ବେଣ୍ଟିଆ ମୁ ଉତ୍ରାଇଦେଇ ତେଇଅନି ଉଟିଗାଲା ।
କାଇକେ ବଇଲେ ସେ ଲକ୍ ବେସି ସାଉକାର୍ ରଇଲା । ୨୩ ଜିସୁ
ସିସ୍ମନ୍କେ କଇଲା, "ମୁଇ ତମ୍କେ ସତ୍ କଇଲିନି, ସାଉକାର୍
ଲକ୍ମନ୍ ସରଗ୍ ରାଇଜେ ସଲ୍କେ କେଟ୍ବାଟା ବଡେ ଆବଡ୍ ।
୨୪ ଆରି ତରେକ୍ କଇଲିନି, ଗଟେକ୍ ବଡ୍ଟା ପସୁ ଜେନ୍ତି ସୁଜି
କାଣାବାଟେ ଚିଙ୍ଗଲି ଜିବାକେ ଆବଡ୍, ସାଉକାର୍ ଲକ୍ ସରଗ୍
ରାଇଜେ କେଟ୍ବାଟା ଅଦିକ୍ ଆବଡ୍ ।" ୨୫ ସିସ୍ମନ୍ ଏ କାତା
ସୁନି କାବାଅଇଜାଇ ପାଚାର୍ଲାଇ, "ଏନ୍ତି ବଇଲେ କେ ତେବେ
ମୁକ୍ତି ପାଇପାର୍ସି?" ୨୬ ଜିସୁ ସେମନର୍ ବାଟେ ଦିରେକରି
ଦେକି କଇଲା, "ମୁନୁସ୍ମନର୍ଟାନେ ଏଟା ଅଇନାପାରେ, ମାତର୍
ପର୍ମେସରର୍ ଟାନେ ସବୁଟା ଅଇପାର୍ସି ।" ୨୭ ଏ କାତା
ସୁନି ପିତର୍ କଇଲା, "ଦେକା, ଆମେ ସବୁଜାକ ଚାଡିକରି
ତମର୍ ସଙ୍ଗ ଆସିଆଚୁ । ତେବେ ଆମ୍କେ କାଇଟା ମିଲ୍ସି?"
୨୮ ଜିସୁ ସେମନ୍କେ କଇଲା, "ଏ କାତା ସତ୍ ବଲି ଜାନ୍ସା,
ଜେଡେବେଲେ ନୁଆ ଜୁଗେ ନର୍ପିଲା ମୁଇ ମର୍ ଡାକ୍ପୁଟା
ଅଇବା ବସ୍ବାଟାନେ ବସ୍ବି । ମର୍ ବାର୍ଟା ସିସ୍, ତମେ ମିସା,

ବାର୍‌ଟା ବସ୍‌ବାଟାନେ ବସି ଇସ୍‌ରାଏଲର୍‌ ବାର୍‌ଟା କୁଟୁମ୍‌କେ
ସାସନ୍‌ କର୍‌ସା । ୨୯ ଜନ୍‌ ଲକ୍‌ମନ୍‌ ମର୍‌ଲାଗି ନିଜର୍‌ ଗର୍‌,
ବାଇ ବଇନି, ଆୟା ବାବା, ପିଲାଟକି ଆରି ଜମିବାଡି ଚାଡି
ଆଚତ୍‌, ସେମନ୍‌ ତାର୍‌ ସଏ ଗୁନ୍‌ ଆସିର୍‌ବାଦ୍‌ ପାଇବାଇ, ଆରି
ନ ସାର୍‌ବା ଜିବନ୍‌ ମିସା ପାଇବାଇ । (aiōnios g166) ୩୦ ଏବେ
ଜନ୍‌ ଲକ୍‌ମନ୍‌ ଆଗ୍‌ତୁ ଆଚତ୍‌, ସେମନର୍‌ ବିତ୍‌ରେଅନି ବେସି
ଲକ୍‌ ପଚେ ଅଇଜିବାଇ । ଆରି ଜନ୍‌ ଲକ୍‌ମନ୍‌ ପଚେ ଆଚତ୍‌,
ସେମନର୍‌ ବିତ୍‌ରେ ଅନି ବେସି ଲକ୍‌ ଆଗ୍‌ତୁ ଅଇଜିବାଇ ।"

**୨୦** ସରଗ୍‌ ରାଇଜ୍‌ କେନ୍ତିଟା, ଏଟାର୍‌ ପାଇ ଆରି ଗଟେକ୍‌
କାତା ସୁନା । ଦିନେକ୍‌ ଗଟେକ୍‌ ଲକ୍‌ ସାକାଲ୍‌ ସାକାଲ୍‌
ତାର୍‌ ଅଙ୍ଗୁର୍‌ ବାଡେ କାମ୍‌ କରାଇବାକେ କୁଲିଆର୍‌ମନ୍‌କେ
କଜ୍‌ବାର୍‌ ବାରଇଲା । ୨ ସେ ଜନ୍‌ ଲକ୍‌ମନ୍‌କେ ମିସ୍‌ଲା,
ସେମନ୍‌କେ ଗଟେକ୍‌ ଦିନ୍‌କେ, ଗଟେକ୍‌ ଲାକା ରୁପାଟାଙ୍ଗା କୁଲି
ଦେବାକେ ରାଜି କରି ତାର୍‌ ବାଡେ ପାଟାଇଲା । ୩ ତାର୍‌ ପଚେ
ସାକ୍‌ଲିଆ ନଅଟା ବେଲେ ଆଟେ ଜାଇ, ଗଟେକ୍‌ ଦଲର୍‌ ଲକ୍‌
କାଇ କାମ୍‌ ନ କରି ଟିଆଅଇ ରଇଲାଟା ଦେକ୍‌ଲା । ୪ ସେ ଲକ୍‌
ସେମନ୍‌କେ କଇଲା, "ତମେ ମିସା ମର୍‌ ଅଙ୍ଗୁର୍‌ ବାଡେ ଜାଇ କାମ୍‌
କରା, ତମ୍‌କେ ମିସା ସମାନ୍‌ ଇସାବେ ବୁତି ଦେବି ।" ୫ ସେମନ୍‌
ଜାଇ କାମ୍‌ କର୍‌ବାର୍‌ ଦାର୍‌ଲାଇ । ସେନ୍ତାରିସେ ମୁଣ୍ଡବେଲାଇ,
ଆଡ୍‌ବେଲାଇ ମିସା ଆରି କେତେଟା କୁଲିଆର୍‌ମନ୍‌କେ ଆନି
କାମେ ମିସାଇଲା । ୬ ସଞ୍ଜୁଆ ପାଁଚ୍‌ଟା ବେଲା ଆରି ତରେକ୍‌
ଆଟେ ଜାଇ ଆରି କେତେ ଲକ୍‌ ଚୁଚାଇ ଟିଆଅଇରଇବାଟା
ଦେକ୍‌ଲା । ସେମନ୍‌କେ ପାଚାର୍‌ଲା "ଗୁଲାଇ ମୁଇଦାନ୍‌ କାମ୍‌ ନ
କରି କାଇକେ ଇତି ଉଜେ ଉଜେ ଆଚାସ୍‌?" ୭ ସେମନ୍‌ ତାକେ
କଇଲାଇ, "ଆମ୍‌କେ ତା କେ ମିସା କାମେ ମିସାଅତ୍‌ ନାଇ ।"
ସାଉକାର୍‌ ସେମନ୍‌କେ କଇଲା "ସେନ୍ତାର୍‌ଆଲେ ତମେ ସବୁ ଲକ୍‌
ମର୍‌ ଅଙ୍ଗୁର୍‌ ବାଡେ ଜାଇ କାମ୍‌ କରା ।" ୮ ସେ ଦିନେ ସଞ୍ଜ
ଅଇଲାକେ ଅଙ୍ଗୁର୍‌ ବାଡର୍‌ ସାଉକାର୍‌ ଗୁମୁସ୍‌ତାକେ କଇଲା,
"କୁଲିଆର୍‌ମନ୍‌କେ ଡାକ୍‌ । ଜନ୍‌ ଲକ୍‌ମନ୍‌ ସବୁର୍‌ ପଚେ କାମ୍‌
ଦାର୍‌ଲାଇ, ସେମନ୍‌କେ ଆଗେ ବୁତି ଦେଇଦେସ୍‌ । ଜନ୍‌ ଲକ୍‌ମନ୍‌
ସବୁର୍‌ତେଇଅନି ପର୍‌ତୁମ୍‌ କାମେ ମିସି ଆଚତ୍‌, ସେମନ୍‌କେ
ତାକର୍‌ ବୁତି ସାରାସାରି ପଚେ ଦେସ୍‌ ।" ୯ ଜନ୍‌ ଲକ୍‌ମନ୍‌ ସଞ୍ଜୁଆ
ପାଁଚ୍‌ଟା ବେଲେ କାମେ ମିସି ରଇଲାଇ ସେମନ୍‌କେ ସବୁ ଲକ୍‌କେ
ଗଟେକ୍‌ ଗଟେକ୍‌ ରୁପା ଟାଙ୍ଗା ଦେଲାଇ । ୧୦ ଜନ୍‌ ଲକ୍‌ମନ୍‌
ପର୍‌ତୁମ୍‌ କାମ୍‌ ଆରାମ୍‌ କରି ରଇଲାଇ, ସେମନ୍‌କେ ଅଦିକ୍‌ ବୁତି
ମିଲ୍‌ସି ବଲି ଆସା କଲାଇ । ମାତର୍‌ ସେମନ୍‌ ମିସା ଗଟେକ୍‌ସେ
ରୁପା ଟାଙ୍ଗା ମିଲାଇଲାଇ । ୧୧ ସେମନ୍‌ ସେତ୍‌କି ନେଇ ମୁର୍‌ମୁରା
ଅଇକରି ସାଉକାରର୍‌ ବିରୁଦେ କଇଲାଇ, ୧୨ "ସଞ୍ଜୁଆ ପାଁଚ୍‌ଟା
ବେଲେ କାମ୍‌ ଆରାମ୍‌ କଲା କୁଲିଆର୍‌ମନ୍‌ ଏକାଇ ଗଟେକ୍‌
ଗଁଟାସେ କାମ୍‌ କଲାଇ ଆଚତ୍‌ । ଆମେ ଟାଇ ଟାଇ କାରାଇ,
ଦିନ୍‌ଜାକ କଟ୍‌ଲୁ, ଏଲେ ମିସା ବୁତି ଦେବା ବେଲେ ଆମ୍‌କେ
ମିସା ସେମନର୍‌ ସଙ୍ଗ ସମାନ୍‌ କରିଦେଲାସ୍‌ ।" ୧୩ ସାଉକାର୍‌
ସେମନର୍‌ ବିତ୍‌ରେଅନି ଗଟେକ୍‌ ଲକ୍‌କେ କଇଲା, "ମଇତର୍‌
ମୁଇ ତମ୍‌କେ ନାଡାଇ ନାଇ । ଗଟେକ୍‌ ଦିନର୍‌ ବୁତି ପାଇ ଗଟେକ୍‌
ରୁପା ଟାଙ୍ଗା ନେଇ କାମ୍‌କର୍‌ବାକେ ତମେତା ସବୁ ଲକ୍‌ ରାଜି
ଅଇରଇଲାସ୍‌ । ୧୪ ତମର୍‌ ସେତ୍‌କି ବୁତି ଦାରି ଗରେ ଜାଆ ।
ତମ୍‌କେ ଜେତ୍‌କି ଦେଲି ଆଚି, ଗଟେକ୍‌ ଗଁଟା କାମ୍‌ କରିରଇବା
ଲକ୍‌ମନ୍‌କେ ମିସା ସେତ୍‌କିସେ ଦେବାକେ ମର୍‌ ମନ୍‌ । ୧୫ ମର୍‌
ନିଜର୍‌ ଦନ୍‌, ମୁଇ ଜେନ୍ତି ମନ୍‌ କଲିନି, ସେନ୍ତି କର୍‌ଚ କର୍‌ବାକେ
ମର୍‌କାଇ ଅଦିକାର୍‌ ନାଇ କି? କି ମୁଇ ଦାନ୍‌ ଇସାବେ ଦେଲିନି
ବଲି ଆଁକାର୍‌ ଅଇଲାସ୍‌ନି?" ୧୬ ଜିସୁ ଏ କାତା କଇସାରାଇ
କଇଲା, "ଜନ୍‌ ଲକ୍‌ମନ୍‌ ଏବେ ପଚେ ଆଚତ୍‌ ସେମନ୍‌, ଆଗ୍‌ତୁ
ଅଇବାଇ । ଆରି ଜନ୍‌ ଲକ୍‌ମନ୍‌ ଆଗ୍‌ତୁ ଆଚତ୍‌ ସେମନ୍‌ ପଚେ
ସେ ରଇଜିବାଇ ।" ୧୭ ଜିସୁ ଜିରୁସାଲାମ୍‌ ଜିବା ବାଟେ ତାର୍‌
ବାର୍‌ଟା ସିସ୍‌ମନ୍‌କେ ଗଟେକ୍‌ ଲଗେ ଡାକି ନେଇ, କେ ନଇଲା
ବେଲେ କଇଲା, ୧୮ "ସୁନା, ଆମେ ଜିରୁସାଲମେ ଗାଲୁନି ।
ତେଇ ନର୍‌ପିଲା ମୁଇ, ମୁକିଅ ପୁଜାରି ଆରି ଦରମ୍‌ ଗୁରୁମନ୍‌କେ
ସର୍‌ପି ଅଇବି । ସେମନ୍‌ ମକେ ମରନ୍‌ ଡଣ୍ଡ ଦେବାଇ । ୧୯
ତାର୍‌ପଚେ ସେମନ୍‌ ମକେ, ଜିଉଦି ନ ଅଇଲା ଲକ୍‌ମନ୍‌କେ ସର୍‌ପି
ଦେବାଇ । ଜିଉଦି ନ ଅଇଲା ଲକ୍‌ମନ୍‌, ମକେ କିଜାଇବାଇ,
କର୍‌ଡା ସଙ୍ଗ ମାର୍‌ବାଇ ଆରି କୁର୍‌ସେ ଚଗାଇବାଇ । ମାତର୍‌
ତିନ୍‌ଦିନ୍‌ ପଚେ ମୁଇ ଆରି ତରେକ୍‌ ଜିବନ୍‌ ଅଇ ଉଟ୍‌ବି ।" ୨୦
ସେଡିକିବେଲେ ଜେବଦିର୍‌ ମାଇଜି ତାର୍‌ ଦୁଇଟା ପିଲାମନର୍‌ ସଙ୍ଗ
ଜିସୁର୍‌ଲଗେ ଆସି ତାକେ ଜୁଆର୍‌କରି, ଗଟେକ୍‌ ବିସଇ ମାଙ୍ଗ୍‌ଲା
। ୨୧ ଜିସୁ ତାକେ ପାଚାର୍‌ଲା, "ତୁଇ କାଇଟା ମନ୍‌ କଲୁସ୍‌ନି?"
ସେ କଇଲା, "ଜେଡେବେଲ୍‌ ତମେ ତମର୍‌ ରାଇଜେ ରାଜା ଅଇସା,
ମର୍‌ ଏ ଦୁଇଟା ପିଲାମନ୍‌କେ ତମର୍‌ ଡେବ୍‌ରି ବାଟେ ଆରି
ଉଜା ବାଟେ ବସାଇବି ବଲି ମକେ କାତା ଦିଆ ।" ୨୨ ଜିସୁ
ଜେବଦିର୍‌ ପିଲାମନ୍‌କେ କଇଲା, "ତମେ କାଇଟା ମାଗ୍‌ଲାସ୍‌ନି
ସେଟା ବୁଜି ନାପାର୍‌ଲାସ୍‌ନି । ମୁଇ ଜନ୍‌ ଦୁକ୍‌ପୁରୁନ୍‌ ମୁତାର୍‌
ପାନି କାଇବାର୍‌ ଗାଲିନି, ତମେ କାଇ ପାରାସ୍‌ କି?" ସେମନ୍‌
"ଇଁ" ବଲି କଇଲାଇ । ୨୩ ଜିସୁ ସେମନ୍‌କେ କଇଲା, "ତମେ,
ମର୍‌ ମୁତାର୍‌ ପାନି କାଇଲେ କାଇପାରାସ୍‌ । ମାତର୍‌ ମର୍‌ ଉଜା
ବାଟେ ଆରି ଡେବ୍‌ରି ବାଟେ କେ ବସିପାରେ ସେଟା ବାଚ୍‌ବାକେ
ମର୍‌ ଅଦିକାର୍‌ ନାଇ । ଜନ୍‌ ଲକ୍‌ମନର୍‌ ପାଇ ମର୍‌ ବାବା ସେ
ଜାଗା ତିଆର୍‌ କଲା ଆଚେ, ସେଟା ସେମନର୍‌ ପାଇ ଆକା ।"
୨୪ ବିନ୍‌ ସିସ୍‌ମନ୍‌ ଜେଡେବେଲ୍‌ ଏ କାତା ସୁନ୍‌ଲାଇ, ସେ ଦୁଇ
ବାଇର୍‌ ଲାଗି ବେସି ରିସା ଅଇଗାଲାଇ । ୨୫ ଜିସୁ ସିସ୍‌ମନ୍‌କେ
ଗଟେକ୍‌ଟାନେ ଟୁଲ୍‌କରି କଇଲା, "ତମେତା ଜାନାସ୍‌ ଏ ଦୁନିଆର୍‌
ରାଜାମନ୍‌ ବିନ୍‌ ଲକ୍‌ମନ୍‌କେ ନିଜର୍‌ ଅଦିକାର୍‌ କରିରଇବାଇ ।
ବଡ୍‌ ବଡ୍‌ ନେତାମନ୍‌ ମିସା ବିନ୍‌ ଲକ୍‌ମନ୍‌କେ ସାସନ୍‌ କର୍‌ବାଇ ।
୨୬ ମାତର୍‌ ତମେ ସେନ୍ତାର୍‌ ଉଆନାଇ । ତମର୍‌ ବିତ୍‌ରେ ଗଟେକ୍‌

ଲକ୍ ବଡ୍ ଅଇବାକେ ମନ୍ କଲାନି ବଇଲେ, ସେ ସବୁଲକର୍
ସେବା କର୍‌ବାର୍ ଆଚେ । **୨୭** ତମର୍ ବିତ୍‌ରେ ଜେ ମୁକିଅ
ଅଇବାକେ ମନ୍ କଲାସ୍‌ନି, ସେ ବିନ୍ ଲକର୍ ଗତିଦାଙ୍ଗ୍‌ଡା ପାରା
ଅଇ ସେମନର୍ ସେବା କର । **୨୮** ଜେନ୍ତାରି କି ପର୍‌ମେସର୍
ପାଟାଇଲା ନର୍‌ପିଲା ମୁଇ ମିସା ସେବା ମିଲ ବଲି ଆସି ନାଇ,
ମାତର୍ ବିନ୍ ଲକ୍‌ମନର୍ ସେବା କରି ସେମନ୍‌କେ ମୁକ୍‌ତି ମିଲ
ବଲି ନିଜର୍ ଜିବନ୍ ଦେବାକେ ଆଇଲି ଆଚି ।” **୨୯** ଦିନେକ୍ ଜିସୁ
ସିସ୍‌ମନର୍ ସଙ୍ଗ୍ ଜିରିଅ ସଅର୍ ଚାଡିକରି ଜିବାବେଲେ କେତେ
କେତେ ଲକ୍‌ମନ୍ ତାର୍ ପଚେ ପଚେ ଇଣ୍ଡ୍‌ବାର୍ ଦାର୍‌ଲାଇ । **୩୦**
ଆରି ଏଦେ ଦେକା! ବାଟ୍‌ପାଲି ବସି ରଇବା ଦୁଇଟା କାଣା, ଜିସୁ
ସେ ବାଟେ ଆଇଲାନି ବଲି ସୁନି, ଆକ୍‌ମାରି ଡାକ୍‌ଲାଇ, “ଏ
ମାପ୍‌ରୁ ଦାଉଦର୍ ପଅ! ଆମ୍‌କେ ଦୟା କର ।” **୩୧** ଲକ୍‌ମନ୍
ସେମନ୍‌କେ ଦମ୍‌କାଇ କରି ଚୁପ୍‌ଅଇ ରଇବାକେ କଇଲାଇ ।
ମାତର୍ ସେମନ୍ ଅଦିକ୍ ଅଦିକ୍ ଆକ୍‌ମାରି କଇଲାଇ, “ଏ ମାପ୍‌ରୁ,
ଦାଉଦର୍ ପଅ! ଆମ୍‌କେ ଦୟା କର ।” **୩୨** ଜିସୁ ତେଇ ଟିଆଅଇ
ସେମନ୍‌କେ ଡାକି ପାଚାର୍‌ଲା, “ମୁଇ ତମର୍ ପାଇ କାଇଟା କର୍‌ବି
ବଲି ମନ୍ କଲାସ୍‌ନି?” **୩୩** ସେମନ୍ କଇଲାଇ, “ମାପ୍‌ରୁ ଆମ୍‌କେ
ଦେକ୍‌ବା ବପୁ ଦିଅ ।” **୩୪** ଜିସୁ ସେମନର୍ ପାଇ ଦୟା ଅଇ,
ତାକର୍ ଆଁକି ଚିଇଲା । ସେ ଦାପ୍‌ରେସେ ସେମନ୍ ଦେକିପାର୍‌ଲାଇ
ଆରି ଜିସୁର୍ ପଚେ ପଚେ ଗାଲାଇ ।

**୨୧** ଜିସୁ ଆରି ତାର୍ ସିସ୍‌ମନ୍ ଜିରୁସାଲାମ୍ ଲଗାଲଗି ଅଇ
କଣ୍ଡେକ୍ ଦୁର୍ ଜାଇ ଡଙ୍ଗ୍‌ର୍‌ଲଗେ ରଇଲା ବେତ୍‌ପାଗି
ଆରି ବେତିନିଆ ନାଉଁର୍ ଗାଏଁ କେଟ୍‌ଲାଇ । ତାର୍ ଦୁଇଟା
ସିସ୍‌ମନ୍‌କେ ଆଦେସ୍ ଦେଇ କଇଲା, **୨** “ତମେ ମୁଆଟେ ରଇଲା
ସେ ଗାଏଁ ଜାଆ । ତେଇ କେଟ୍‌ଲା ଦାପ୍‌ରେ, ଗଟେକ୍ ଗଦ
ବାନ୍ଦିଅଇ ରଇବାଟା ଦେକ୍‌ସା ଆରି ତାର୍ ଲଗେ ତାର୍ ପିଲା
ଆଚେ । ସେମନ୍‌କେ ମେଲି ମର୍‌ଲଗେ ଦାରି ଆସା । **୩** କେ ଜଦି
କାଇ ବଲି ପାଚାର୍‌ଲେ କଇସା, ‘ଏଟା ସାଉକାର୍‌କେ ଦର୍‌କାର୍
ଆଚେ ।’ ସେତ୍‌କି ଦାପ୍‌ରେ ସେ ଗଦମନ୍‌କେ ଚାଡିଦେଇସି
।” **୪** ଏ ଗଟ୍‌ନାଅନି ବାବବାଦିମନ୍ ଲେକି ରଇଲା କାତା ସିଦ୍
ଅଇଲା । **୫** “ସିଅନ୍ ଗଡେ କୁଆ! ଦେକା, ତମର୍ ରାଜା ତମର୍
ଲଗେ ଆଇଲାନି, ସେ କେଡେ ସୁଆଲ୍ ଗଦପିଲାର୍ ପିଟିତେଇ
ବସ୍‌ଲାଆଚେ ଦେକା, ସେ ଗଦପିଲା ଉପ୍‌ରେ ବସିଆଇଲାନି
।” **୬** ସିସ୍‌ମନ୍ ଜାଇ ଜିସୁ କଇବା ଇସାବେ କଲାଇ । **୭** ଗଦ
ଆରି ତାର୍ ପିଲାକେ ଦାରି ଆସି ତାକର୍ ଉପ୍‌ରେ ଲୁଗାମନ୍
ଅଚାଇ ଦେଲାଇ ଆରି ଜିସୁ ଗଦ ଉପ୍‌ରେ ବସ୍‌ଲା । **୮** ତେଇ
ରଇଲା ଲକ୍‌ମନ୍ ଜିସୁ ଜିବା ବାଟେ ନିଜର୍ ନିଜର୍ ପଚିଆମନ୍
ଅଚାଇ ଦେଲାଇ ଆରି କେତେକ୍ ଲକ୍‌ମନ୍ କଜ୍‌ରି ଡାଲ୍ ଆନି
କରି ସେ ବାଟେ ଅଚାଇଦେଲାଇ । **୯** ଜିସୁର୍ ଆଗ୍‌ତୁବାଟେ ଆରି
ପଚ୍‌ବାଟେ ଜାଇତେ ରଇଲା ଲକ୍‌ମନ୍ ଆକ୍‌ମାରି କରି କଇଲାଇ,
“ଦାଉଦର୍ ପଅକେ ଡାକ୍‌ପୁଟା କରା, ଜେ ମାପ୍‌ରୁର୍ ନାଉଁ ଦାରି
ଆଇଲାନି ତାକେ ପର୍‌ମେସର୍ ଆସିର୍‌ବାଦ୍ କର । ପର୍‌ମେସରର୍
ଡାକ୍‌ପୁଟା କରା ।” **୧୦** ଜିସୁ ଜିରୁସାଲାମ୍ କେଟ୍‌ଲାଦାପ୍‌ରେ
ସେ ଗଡର୍ ଲକ୍‌ମନ୍ ଜିସୁ କେ? ବଲି କରି ଗୁଲାଇ ବାଟେ
ଉଡ୍‌ରା ଅଇଗାଲା । **୧୧** ଲକ୍‌ମନ୍ ପାଚାର୍‌ଲାଇ, “ସେ କେ?”
ବିନ୍ ଲକ୍‌ମନ୍ କଇଲାଇ, “ସେ ଅଇଲାନି ଗାଲିଲି ରାଇଜେ
ରଇବା ନାଜରିତ୍ ଗଡର୍ ବବିସତ୍‌ବକ୍‌ତା ଜିସୁ ।” **୧୨** ଜିସୁ
ମନ୍ଦିର୍ ବିତ୍‌ରେ ପୁରିକରି ତେଇ ଗେନା ବିକା କର୍‌ତେ ରଇବା
ସବୁ ଲକ୍‌ମନ୍‌କେ ବାର୍‌କରାଇ ଦେଲା । ଡାବୁ ବାଦ୍‌ଲାଉମନର୍
ଟେବୁଲ୍ ଆରି ପରୁଆ ବିକୁମନର୍ ବସ୍‌ବାଟା ପାସ୍‌ଲାଇ ଦେଲା
। **୧୩** ଜିସୁ ସେମନ୍‌କେ କଇଲା, “ଦରମ୍ ସାସ୍‌ତରେ ଲେକା
ଆଚେ, ମର୍ ମନ୍ଦିର୍ ପାର୍‌ତନା ଗର୍ ବଲି ନାଉଁ ଅଇସି । ମାତର୍
ତମେ ତାକେ ଚର୍‌ମନର୍ ଆକାଡା ସାଲ୍ ପାରା କରିଆଚାସ୍ ।”
**୧୪** ଜିସୁ ମନ୍ଦିରେ ରଇଲାବେଲେ କାଣାମନ୍ ଆରି ମେଟାମନ୍
ତାର୍ ଲଗେ ଆଇଲାଇ ଆରି ସେ ସେମନ୍‌କେ ନିକ କଲା । **୧୫**
ମୁକିଅ ପୁଜାରିମନ୍ ଆରି ଦରମ୍ ଗୁରୁମନ୍ ତାର୍ କାବା ଅଇଜିବା
କାମ୍ ସବୁ ଦେକି ଆରି ପିଲାମନ୍ ଦାଉଦର୍ ପଅର୍ ଜୟ ଜୟ
ଅ, ବଲି କଇବାଟା ସୁନି ରିସା ଅଇଗାଲାଇ । **୧୬** ସେମନ୍
ଜିସୁକେ ପାଚାର୍‌ଲାଇ, “ଏମନ୍ କାଇବଲି କଇଲାଇନି ତୁଇ ସୁନି
ପାର୍‌ଲୁସ୍‌ନି?” ଜିସୁ କଇଲା, “ଉଁ ସୁନ୍‌ଲିନି । ଦରମ୍ ସାସ୍‌ତରେ
କାଇ ଏ କାତା ପଡାସ୍ ନାଇ କି? ‘ତମେ ପିଲାମନ୍‌କେ ଆରି
କଅଁଲା ପିଲାମନ୍‌କେ ଟିକ୍ ଇସାବେ ଆରାଦନା କର୍‌ବାକେ’
ସିକାଇଆଚାସ୍?” **୧୭** ଏ କାତା କଇକରି ଜିସୁ ସେମନ୍‌କେ ଚାଡି
ଜିରୁସାଲମେଅନି ବେତ୍‌ନିଆଇ ଗାଲା । ସେ ତେଇ ଗଟେକ୍
ରାତି ବିତାଇଲା । **୧୮** ତାର୍ ଆର୍‌କର୍ ଦିନେ ଜିସୁ ସାକାଲ୍
ସାକାଲ୍ ଜିରୁସାଲାମ୍ ବାଉଡ୍‌ଲା ବେଲେ ତାକେ ବୁକ୍ କଲା । **୧୯**
ବାଟ୍‌ପାଲି ଗଟେକ୍ ଡୁମ୍‌ରି ଗଚ୍ ରଇଲା । ଜିସୁ ସେ ଗଚ୍ ଲଗେ
ଜାଇ ତେଇ ପତର୍ ରଇବାଟା ଚାଡି, ଆରି କାଇଟା ଦେକେ ନାଇ
। ତେବେ ସେ ଗଚ୍‌କେ କଇଲା, “ତୁଇ ଆରି କେବେ ମିସା ପଲ୍ ନ
ଦାରୁସ୍!” ସେ ଦାପ୍‌ରେ ସେ ଡୁମ୍‌ରି ଗଚ୍ ସୁକିଗାଲା । **(aiōn g165)**
**୨୦** ଏଟା ଦେକିକରି ସିସ୍‌ମନ୍ କାବା ଅଇଜାଇ ପାଚାର୍‌ଲାଇ, “ଏ
ଗଚ୍ ଏତେକ୍ ଦାପ୍‌ରେ କେନ୍ତି ସୁକିଗାଲା?” **୨୧** ଜିସୁ କଇଲା,
“ମୁଇ ତମ୍‌କେ ସତ୍ କଇଲିନି, ତମର୍ ମନେ ଅଇସି କି ନ ଅଏ
ବଲି ଅଲପ୍ ମିସା ନ ବାବିକରି ଜଦି ପୁରାପୁରୁନ୍ ବିସ୍‌ବାସ୍
କର୍‌ସା ବଇଲେ ମୁଇ ଏ ଡୁମ୍‌ରି ଗଚ୍‌କେ ଜେନ୍ତି କରିଆଚି, ତମେ
ମିସା ସେନ୍ତି କରିପାରାସ୍ । ସେତ୍‌କି ଆକା ନଏଁ, ଏ ଡଙ୍ଗ୍‌ର୍
ଉଲ୍‌ଟିକରି ସମ୍‌ଦୁରେ ଜାଇ ଅଦର୍ ବଲି କଇଲେ ମିସା ସେଟା
ଅଇସି । **୨୨** ତମେ ବିସ୍‌ବାସ୍ କରି ପାର୍‌ତନାଇ ଜନ୍‌ଟା ମାଙ୍ଗ୍‌ସା,
ସେଟା ମିଲ୍‌ସି ।” **୨୩** ଜିସୁ ମନ୍ଦିରେ ବାଉଡି ଆସି ତେଇ ସିକିଆ
ଦେଇତେ ରଇଲା ବେଲେ ମୁକିଅ ପୁଜାରିମନ୍ ଆରି ପାର୍‌ଚିନ୍‌ମନ୍
ତାକେ ପାଚାର୍‌ଲାଇ, “କାଇ ଅଦିକାରେ ତୁଇ ଏ ସବୁ କାମ୍
କଲୁସ୍‌ନି? ତକେ ଏ ଅଦିକାର୍ କେ ଦେଲା?” **୨୪** ଜିସୁ କଇଲା,

“ମୁଇ ମିସା ତମ୍‌କେ ଏକାଇ ଗଟେକ୍ ସେ ପର୍‌ସନ୍ ପାଚାର୍‌ବି
। ତାର୍ ଉତର୍ ଦେଇ ପାର୍‌ଲେ ମୁଇ କାଇ ଅଦିକାରେ ଏ ସବୁ
କାମ୍ କଲିନି, ତମ୍‌କେ କଇଦେବି । ୨୫ ଜଅନ୍ ଡୁବନ୍ ଦେବା
ଅଦିକାର୍ କାର୍‌ଟାନେଅନି ମିଲାଇ ରଇଲା? ସର୍‌ଗେଅନି କି
ମୁନୁସ୍ ମନର୍‌ଟାନେଅନି?” ସେମନ୍ ତାକର୍ ତାକର୍ ବିତ୍‌ରେ
କୁଆବଲା ଅଇଲାଇ “ଏ ବିସଇ ନେଇ କାଇବଲି କଉଁ? ଜଦି
ପର୍‌ମେସରର୍ ଟାନେଅନି ବଲି କଇଲେ, ତେବେ ସେ ଆମ୍‌କେ
‘ଜଅନ୍‌କେ କାଇକେ ବିସ୍‌ବାସ୍ କରାସ୍ ନାଇ?’ ବଲି କଇସି
। ୨୬ ଜଦି ଲକ୍‌ମନର୍ ଟାନେଅନି ବଲି କଇଲେ, ତେବେ
ଲକ୍‌ମନ୍‌କେ ଡର୍ ଲାଗ୍‌ଲାନି । କାଇକେ ବଇଲେ ଜଅନ୍ ଗଟେକ୍
ବବିସତ୍‌ବକ୍‌ତା ବଲି ସେମନ୍ ସବୁଲକ୍ ବିସ୍‌ବାସ୍ କଲାଇନି ।”
୨୭ ସେଟାର୍‌ପାଇ ସେମନ୍ ଜିସୁକେ କଇଲାଇ, “ଆମେ ନାଜାନୁ
।” ଜିସୁ ସେମନ୍‌କେ କଇଲା, “କନ୍ ଅଦିକାରେ ଏ ସବୁ କଲିନି
ସେଟା ମୁଇ ମିସା ତମ୍‌କେ ନ କଇ ।” ୨୮ ଆଲେ ଏ ବିସଇ
ତମେ କାଇ ବଲି ବାବ୍‌ଲାସ୍‌ନି କଇଦେକା ପନି? ଗଟେକ୍ ଲକର୍
ଦୁଇଟା ପଅମନ୍ ରଇଲାଇ । ଦିନେକ୍ ସେ ଲକ୍ ତାର୍ ବଡ୍
ପଅକେ କଇଲା, “ନୁନାରେ, ଆଜି ଆମର୍ ଅଙ୍ଗୁର୍ ବାଡେ ଜାଇ
ପାଇଟି କର୍ । ୨୯ ‘ନାଇ ମୁଇ ନ କରି’ ବଲି ବଡ୍ ପଅ କଇଲା ।
ମାତର୍ ପଚେ ମନ୍ ବାଦ୍‌ଲାଇ ପାଇଟି କର୍‌ବାର୍ ଗାଲା । ୩୦
ସେ ଲକ୍ ସାନ୍ ପଅକେ ମିସା ସେ କାମ୍ କର୍‌ବାକେ କଇଲା
। ‘ଉଁ ବାବା ଗାଲିନି’ ବଲି ସାନ୍ ପଅ କଇଲା । ମାତର୍ ସେ
କାମ୍‌ଟାନେ ମୁଲ୍‌କେ ଜାଏ ନାଇ । ୩୧ କଇଦେକା ପନି, ଏ ଦୁଇଟା
ପଅର୍ ବିତ୍‌ରେ କେ ତାର୍ ବାବା ତିଆର୍‌ଲାଟା ମାନିରଇଲା?”
ସେମନ୍ କଇଲାଇ, “ବଡ୍ ପଅ ।” ଜିସୁ ସେମନ୍‌କେ କଇଲା,
“ମୁଇ ସତ୍ କଇଲିନି ସିସ୍‌ତୁ ମାଙ୍ଗ୍‌ମନ୍ ଆରି ବେସିଆମନ୍
ତମର୍‌ଟାନେଅନି ପରମେସରର୍ ରାଇଜେ ଆଗ୍‌ତୁ କେଟ୍‌ବାଇ
। ୩୨ ଡୁବନ୍ ଦେଉ ଜଅନ୍ ତମର୍‌ଟାନେ ଆସି ଦରମର୍ ବାଟ୍
ଦେକାଇ ଦେଇରଇଲା, ମାତର୍ ତମେ ତାକେ ବିସ୍‌ବାସ୍ କରାସ୍
ନାଇ, ମାତର୍ ସିସ୍‌ତୁ ମାଙ୍ଗ୍‌ମନ୍ ଆରି ବେସିଆମନ୍ ତାର୍ କଇଲା
କାତା ବିସ୍‌ବାସ୍ କଲାଇ । ଏଟା ଦେକିକରି ମିସା ପଚେ ତମେ
ପାପ୍ କାମ୍‌କର୍‌ବାଟା ଚାଡି ମନ୍ ବାଉଡାଇ ତାକେ ବିସ୍‌ବାସ୍
କରାସ୍ ନାଇ ।” ୩୩ ଜିସୁ କଇଲା, “ଆରି ଗଟେକ୍ କାତା ସୁନା,
ଗଟେକ୍ ସାଉକାର୍ ତାର୍ ଜମିଟାନେ ଅଙ୍ଗୁର୍ ଚାସ୍ କରିରଇଲା
। ତେଇ ଚାରିବେଟ୍‌ତି ବାଡ୍ ବୁନ୍‌ଲା ଆରି ଅଙ୍ଗୁର୍ ପିଲ୍‌ବାକେ
ଗଟେକ୍ କୁଣ୍ଡ ତିଆର୍‌କଲା । ଆରି ଜାଗୁଆଲିର୍ ପାଇ ଗଟେକ୍
ମାଚା ମିସା ତିଆର୍ କରିଦେଲା । ତାର୍ ପଚେ ସେ ଜମି,
ଚାସିମନ୍‌କେ ଆଦିବାଗ୍ ଇସାବେ ଦେଇକରି, ସାଉକାର୍ ବିଦେସେ
ଉଟିଗାଲା ।” ୩୪ ଅଙ୍ଗୁର୍ ତଲ୍‌ବାବେଲେ ସେ ସାଉକାର୍ ତାର୍
ଦାଙ୍ଗ୍‌ଡାମନ୍‌କେ ନିଜର୍ ଆଦିବାଗ୍ ମାଙ୍ଗ୍‌ବାକେ ଚାସିମନର୍ ଲଗେ
ପାଟାଇଲା । ୩୫ ଚାସିମନ୍ ସେ ଦାଙ୍ଗ୍‌ଡାମନ୍‌କେ ଦାରି, ଗଟେକ୍
ଲକ୍‌କେ ମାର୍‌ଲାଇ, ଆରି ଗଟେକ୍ ଲକ୍‌କେ ମରାଇଲାଇ,
ଆରି ଗଟେକ୍ ଲକ୍‌କେ ପାକ୍‌ନାସଙ୍ଗ୍ ମାରିପାକାଇଲାଇ ।
୩୬ ଏଟାର୍ ପାଇ ଜମି ସାଉକାର୍ ଆଗର୍‌ତେଇଅନି ଅଦିକ୍
ଗତିଦାଙ୍ଗ୍‌ଡାମନ୍‌କେ ପାଟାଇଲା । ବାଗ୍ ଚାସିମନ୍ ସେମନ୍‌କେ
ମିସା ସେନ୍ତାରିସେ କଲାଇ । ୩୭ ସାରାସାରି ପଚେ ପଦା
ସାଉକାର୍ ଚାସିମନର୍‌ଟାନେ ତାର୍‌ପିଲାକେ ପାଟାଇଲା । ସେ
ବାବ୍‌ଲା, ସେମନ୍ ମର୍ ପିଲାକେ ବାଦିଅରେ ନାମ୍‌ବାଇ । ୩୮
ମାତର୍ ଚାସିମନ୍ ସାଉକାରର୍ ପଅକେ ଦେକିକରି ତାକର୍ ତାକର୍
ବିତ୍‌ରେ କୁଆବଲା ଅଇଲାଇ, “ଏଦେ ଦେକା, ସାଉକାରର୍
ପିଲା! ଆସା ଆକେ ମିସା ମାରିପାକାଉ । ଏନ୍ତାର୍ କଲେ ଆକା
ସାଉକାରର୍ ଦନ୍ ଆମର୍‌ଟା ଅଇସି ।” ୩୯ ଏନ୍ତାରି କଇକରି
ସେମନ୍ ତାକେ ଜମିତେଇଅନି ଦାରି ବାର୍‌କରାଇ, ବାଇରେ ନେଇ
ମାରି ମରାଇଦେଲାଇ । ୪୦ ଜିସୁ ପାଚାର୍‌ଲା, “ଜେଡେବେଲ୍
ଜମି ସାଉକାର୍ ଆଇସି ସେ ଚାସିମନ୍‌କେ କାଇଟା କର୍‌ସି?” ୪୧
ସେମନ୍ କଇଲାଇ “ବଦ୍‌ମାସ୍‌ମନ୍‌କେ ମାରି ମରାଇସି । ଆରି ଜନ୍
ଚାସିମନ୍ ସମାନ୍ ବେଲାଇ ତାର୍ ଆଦିବାଗ୍ ଦେବାଇ, ସେ ଜମି
ସେମନର୍ ଆତେ ଜିମା ଦେଇସି ।” ୪୨ ଜିସୁ ସେମନ୍‌କେ କଇଲା,
“ଏ ସାସ୍‌ତରର୍ କାତା କାଇ କେବେ ତମେ ପଡାସ୍ ନାଇ କି?
“ଗର୍‌ବାନ୍ଧମନ୍ ଜନ୍ ପାକ୍‌ନା ଲଡାକେ ନ ଅଏ ବଲି ଚାଡିଦେଇ
ରଇଲାଇ, ସେଟାସେ ଗର୍ କନର୍ ମୁକିଅ ପାକ୍‌ନା ଅଇଲା ।
ନିଜେ ମାପ୍ରୁଆକା ଏଟା କଲା ଆଚେ । ତାର୍ କାମ୍ କେତେକ୍
କାବାଅଇଜିବା କାମ୍!” ୪୩ ଜିସୁ ଆରି କଇଲା, “ସେଟାର୍ ପାଇ
ତମ୍‌କେ କଇଲିନି, ପର୍‌ମେସରର୍ ରାଇଜେ ପୁର୍‌ବା ଅଦିକାର୍
ତମର୍‌ତେଇଅନି ଦାରିଜିବାଇ ଆରି ଜନ୍ ଦଲ୍ ଏ ରାଇଜର୍
ନିମାନ୍ ପଲ୍ ଦେକାଇ ପାର୍‌ବାଇ, ସେମନ୍‌କେ ସେଟା ଦିଆଅଇସି
।” ୪୪ ଆରି ଜେ ଏ ପାକ୍‌ନା ଉପ୍‌ରେ ଅଦର୍‌ସି, ସେ କଣ୍ଡ
କଣ୍ଡ ଅଇଜାଇସି । ଆରି ଏ ପାକ୍‌ନା ଜାର୍ ଉପ୍‌ରେ ଅଦର୍‌ସି,
ସେଟା ତାକେ ଚାପି କରି ଗୁଣ୍ଡ କରି ଦେଇସି । ୪୫ ମୁକିଅ
ପୁଜାରିମନ୍ ଆରି ପାରୁସିମନ୍ ଏ କାତା ସୁନି, ଜିସୁ ସେମନ୍‌କେ
ଦେକାଇ କରି କଇଲାନି ବଲି ବୁଜିପାର୍‌ଲାଇ । ୪୬ ସେଟାର୍
ପାଇ ସେମନ୍ ତାକେ ବାନ୍ଦାଇ ନେବାକେ ଚେସ୍‌ଟା କଲାଇ,
ମାତର୍ ଲକ୍‌ମନ୍‌କେ ଡରି ସେମନ୍ ସେଟା କରି ନାପାର୍‌ଲାଇ,
କାଇକେବଇଲେ ଲକ୍‌ମନ୍ ଜିସୁକେ ଗଟେକ୍ ବବିସତ୍‌ବକ୍‌ତା
ବଲି ମନେ ବାବ୍‌ତେରଇଲାଇ ।

**୨୨** ଜିସୁ ଆରିତରେକ୍ ଉଦାଅରଣ୍ ଦେଇ ଲକ୍‌ମନ୍‌କେ
ସିକିଆ ଦେଲା । ୨ ପର୍‌ମେସରର୍ ସରଗ୍ ରାଇଜ୍ ଏନ୍ତାରି
। ତରେକ୍ ଗଟେକ୍ ରାଜା ତାର୍ ପିଲାର୍‌ପାଇ ବଜି କରାଇଲା
। ୩ ଜନ୍ ଲକ୍‌ମନ୍‌କେ ବିବା ବଜିଟାନେ କବର୍ ଦେଇରଇଲା,
ସେମନ୍‌କେ ଡାକିଆନ୍‌ବାକେ ଦାଙ୍ଗ୍‌ଡାମନ୍‌କେ ପାଟାଇଲା ।
ମାତର୍ ସେମନ୍ ନିବ୍‌ଲାଇ । ୪ ବିବାଟାନେ ଗାଗଡ୍ ଚେଲିମନ୍‌କେ
ମାରି ବଜି ଅଇଲା ଆଚେ । ଦାପ୍‌ରେ ଆସା ବଲି ରାଜା ଆରି
ତରେକ୍ ବିନ୍ ଦାଙ୍ଗ୍‌ଡାମନ୍‌କେ କଇପାଟାଇଲା । ୫ ମାତର୍ କବର୍

ପାଇରଇଲା ଲକ୍‌ମନ୍ ଏ କାତା ନ ମାନିକରି ନିଜର୍ ନିଜର୍
ପାଇଟି କର୍‌ବାର୍ ଦାର୍‌ଲାଇ । କେତେ ଲକ୍ ବାରଇକରି ପଦାଇ
ଉଟିଗାଲାଇ । ଆରି କେତେକ୍ ଲକ୍ ତାକର୍ ଦୁକାନେ ଉଟିଗାଲାଇ
। **୬** ଆରି କେତେ ଲକ୍ ରାଜାର୍ ଦାଙ୍ଗ୍‌ଡାମନ୍‌କେ ଦାରି ମାରି
ମରାଇଲାଇ । **୭** ରାଜା ରିସାଅଇଜାଇ କରି ସଇନମନ୍‌କେ
ପାଟାଇଲା । ସଇନମନ୍ ଜାଇକରି ସେ ମାରୁମନ୍‌କେ ମରାଇ
ପାକାଇଲାଇ ଆରି ସେମନ୍ ରଇଲା ସଅର୍ ପଡାଇ ପାକାଇଲାଇ
। **୮** ତାର୍ ପଚେ ରାଜା ଗତିଦାଙ୍ଗ୍‌ଡାମନ୍‌କେ ଡାକି କଇଲା,
ବିବା ବଜିର୍ ରାନ୍ଧାବାଡା ସାର୍‌ଲାବେ ମାତର୍ ମୁଇ କବର୍
ଦେଇରଇଲା ଲକ୍‌ମନ୍ ଏ ବଜି କାଇବାକେ ବାଗ୍ ନାଇ । **୯**
ଏବେ ତମେ ଜାଇକରି ଗାଉଁପାଲିର୍ ଗୁଡା ଆରି ପୁଟ୍‌ମନ୍‌କେ,
ଜେତ୍‌କି ଲକ୍‌କେ ବେଟ୍ ଅଇସା ସେ ସବୁ ଲକ୍‌ମନ୍‌କେ ଆମର୍
ବଜିଟାନେ ଡାକିଆନା । **୧୦** ତେବେ ଦାଙ୍ଗ୍‌ଡାମନ୍ ଲଗର୍ ପାକର୍
ଗାଉଁମନ୍‌କେ ବୁଲି ନିକ ଲକ୍ ଅଅତ୍ କି ବାନିଆ ଲକ୍ ଅଅତ୍
ଜେତ୍‌କି ଲକ୍‌କେ ବେଟ୍ ଅଇଲାଇ, ସବୁକେ ଡାକି ଆନ୍‌ଲାଇ
। ଆରି ବିବା ଗରେ ଲକ୍‌ମନ୍ ମାଣ୍ଡାଚୁଣ୍ଡା ଅଇଗାଲାଇ । **୧୧**
ପଚେ ରାଜା ଡାକାଇଲା ଲକ୍‌ମନ୍‌କେ ଦେକ୍‌ବାର୍ ଆଇଲା ।
ସେ ଲକ୍‌ମନର୍ ବିତ୍‌ରେ ଅନି ଗଟେକ୍ ଲକ୍ ତିଆର୍‌ପିଆର୍
ନ ଅଇକରି ନିକଟା ପିନ୍ଦି ନ ଆସିରଇଲାଟା ରାଜା ଦେକ୍‌ଲା
। **୧୨** ରାଜା ତାର୍ ଲଗେ ଜାଇ ପାଚାର୍‌ଲା, “ମଇତର୍, ତୁଇ
ତିଆର୍ ପିଆର୍ ନ ଅଇତେ କେନ୍ତି ଏ ବଜିଟାନେ ଆଇଲୁସ୍” ସେ
ଲକ୍ ଚିମ୍‌ରା ଅଇଦେଲା । **୧୩** ରାଜା ଦାଙ୍ଗ୍‌ଡାମନ୍‌କେ କଇଲା,
“ତାର୍ ଆତ୍ ଗଡ୍ ବାନ୍ଧି ବାଇରେ ନେଇ ଆନ୍ଧାରେ ପିଙ୍ଗିଦିଆସ୍ ।
ତେଇ ସେ ଦାଁତ୍‌ମୁଣ୍ଡ କାଟ୍‌ରିଅଇ କାନ୍ଦି କାନ୍ଦି ରଅ ।” **୧୪** ଜିସୁ
କାତାନି କଇସାରାଇ କଇଲା, ବେସି ଲକ୍‌କେ ଡାକ୍‌ବାଇ, ମାତର୍
ଉନାଲକ୍‌କେ ବାଚ୍‌ବାଇ । **୧୫** କେତେଟା ପାରୁସିମନ୍ ଜାଇକରି
ଜିସୁକେ ପର୍‌ସନ୍ ପାଚାରି ପାନ୍ଦେ ପାକାଉଁ ବଲି ବାବ୍‌ଲାଇ ।
**୧୬** ସେମନ୍ ତାକର୍ କେତେଟା ସିସ୍‌ମନ୍‌କେ ଆରି ଏରଦର୍
ଦଲେଅନି କେତେଟା ଲକ୍‌ମନ୍‌କେ ଜିସୁର୍ ଲଗେ ପାଟାଇଲାଇ ।
ଏମନ୍ ଆସି ଜିସୁକେ ପାଚାର୍‌ଲାଇ, “ଗୁରୁ, ତମେ ସତ୍ କଇସା
ଆରି ପର୍‌ମେସରର୍ ସତ୍ ବିସଇ ସିକିଆ ଦେବାଟା ଆମେ ଜାନୁ
। ତମେ ମୁନୁସ୍‌ମନର୍ ମର୍‌ଜିତାକେ କାତୁର୍ କରାସ୍ ନାଇ ।
ଲକ୍‌ମନ୍ କାଇ ବଲି ବାବ୍‌ବାଇ ବଲି ଚିନ୍ତା କରାସ୍ ନାଇ । **୧୭**
ତେବେ କଇଦେକା ପନି, ଏ ବିସଇ ତମେ କାଇବଲି କଇଲାସ୍‌ନି?
ରମିୟ ସର୍‌କାର୍‌କେ ସିସ୍ତୁ ଦେବାଟା ଆମର୍ ଦରମ୍ ସାସ୍ତରର୍
ଇସାବେ ଟିକ୍ କି ନାଇ?” **୧୮** ମାତର୍ ଜିସୁ ସେମନର୍ କୁଟ୍‌କାତା
ଜାନି କରି କଇଲା, “ଏ କୁଟିଆଲ୍‌ମନ୍, କାଇକେ ମକେ ପାନ୍ଦେ
ପାକାଇବାକେ ଚେସ୍ଟା କଲାସ୍‌ନି? **୧୯** ଜନ୍ ଅଦ୍‌ଲି ଡାବୁ
ସିସ୍ତୁ ଦେଲାସ୍‌ନି, ତେଇଅନି ଗଟେକ୍ ଆନିକରି ମକେ ଦେକାଅ
।” ସେମନ୍ ଗଟେକ୍ ଅଦ୍‌ଲି ଆନି ତାକେ ଦେଲାଇ । **୨୦**
ଜିସୁ ସେମନ୍‌କେ ପାଚାର୍‌ଲା “ଏ ଅଦ୍‌ଲି ଡାବୁଟାନେ କାର୍
ମୁଉ ଆରି ନାଉଁ ଆଚେ?” **୨୧** ସେମନ୍ କଇଲାଇ, “ରମିୟ
ରାଜାର୍ ମୁଉ ଆରି ନାଉଁ ଆଚେ ।” ଜିସୁ ସେମନ୍‌କେ କଇଲା,
“ତେବେ ଜନ୍‌ଟା ରମିୟ ରାଜାର୍‌ଟା, ସେଟା ତାକେ ଦିଆସ୍ ଆରି
ଜନ୍‌ଟା ପରମେସରର୍‌ଟା, ସେଟା ପରମେସର୍‌କେ ଦିଆସ୍ ।”
**୨୨** ଏ କାତା ସୁନି ସେମନ୍ କାବାଅଇଗାଲାଇ ଆରି ତେଇଅନି
ଉଟିଗାଲାଇ । **୨୩** ସେ ଦିନେ ସାଦୁକି ଦଲର୍ କେତେ ଲକ୍ ଜିସୁର୍
ଲଗେ ଆଇଲାଇ । ସାଦୁକିମନ୍ ମରିଗାଲେ ଆରି ତରେକ୍ ଉଟି
ନଏଁ ବଲି ବିସ୍‌ବାସ୍ କର୍‌ତେ ରଇଲାଇ । **୨୪** ସେମନ୍ ଜିସୁକେ
ପାଚାର୍‌ଲାଇ, “ଏ ଗୁରୁ, ଜଦି ଗଟେକ୍ ଲକ୍ ପିଲାଟକି ନ ଅଇତେ
ମରିଜାଇସି, ତେବେ ମରିଜାଉର୍ ବାଇ ସେ ରାଣ୍ଡି ମାଇଜିକେ
ସଙ୍ଗ୍‌ଇସି । ଆରି ତାକର୍ ଟାନେଅନି ଅଇଲା ପିଲାଜିଲା ସେ
ମଲା ଲକର୍‌ପାଇ ଅଇସି ବଲି ମସା ନିୟମ୍ କଲା ଆଚେ ।
**୨୫** ଗଟେକ୍ କାତା ସୁନା । ଇତି ଆମର୍ ବିତ୍‌ରେ ସାତ୍‌ବାଇ
ରଇଲାଇ । ବଡ୍ ବାଇ ପିଲାଜିଲା ନ ଅଇତେ ମରିଗାଲାଜେ ତାର୍
ପିଟିର୍ ବାଇ ତାର୍ ବଉକେ ସଙ୍ଗ୍‌ଇଲା । **୨୬** ମାତର୍ ବଡ୍‌ମଜିଆ,
ମଜିଆ, ସାନ୍‌ମଜିଆ ଏନ୍ତି ଅଇକରି ସାରାସାରି ସାନର୍ ଦସା
ମିସା ଏନ୍ତି ଅଇଲା । **୨୭** ସାରାସାରି ପଚେ ସେ ମାଇଜି ମିସା
ମରିଗାଲା । **୨୮** ଜେବେ ମଲା ଲକ୍‌ମନର୍ ଉଟ୍‌ବା ଦିନ୍ ଆଇସି,
ତେବେ ଏ ମାଇଜି କାର୍ ମାଇଜି ଅଇସି? ସବୁ ଲକ୍‌ସେ ତାକେ
ସଙ୍ଗ୍‌ଇ ରଇଲାଇ ।” **୨୯** ଜିସୁ ସେମନ୍‌କେ କଇଲା, “ତମେ
କେତେକ୍ ବୁଲ୍ ବିସଇ ବାବ୍‌ବା ଲକ୍‌ମନ୍! ଦରମ୍ ସାସ୍ତରେ
ପର୍‌ମେସରର୍ ବପୁ ବିସଇ ସମାନ୍ ଇସାବେ ଚିନ୍ତା କରାସ୍
ନାଇଜେ, ତମେ ଏ କାତା ପାଚାର୍‌ଲାସ୍‌ନି ।” **୩୦** ମରିକରି ଉଟ୍‌ଲା
ପଚେ, ମଲା ଲକ୍‌ମନ୍ ସରଗର୍ ଦୁତ୍‌ମନର୍ ପାରା ଅଇଜିବାଇ
। ସେମନ୍ ଆରି ବିବା ନ ଅଅତ୍ କି ନ କରତ୍ । **୩୧** ମଲା
ଲକ୍‌ମନ୍ ଆରି ତରେକ୍ ଉଟ୍‌ବା ବିସଇ, ପରମେସର୍ ଜନ୍‌ଟା
କଇଲା ଆଚେ, ତମେ କାଇ ସାସ୍ତରେ କେବେ ପଡାସ୍ ନାଇ
କି? **୩୨** ପର୍‌ମେସର୍ କଇଲା ଆଚେ “ଆମେ ଅବ୍ରାଆମର୍,
ଇସାକର୍ ଆରି ଜାକୁବର୍ ମାପ୍‌ରୁ ।” “ପର୍‌ମେସର୍ ତା ଜିବନ୍
ରଇଲା ଲକ୍‌ମନର୍ ମାପ୍‌ରୁ, ମଲା ଲକ୍‌ମନର୍ ଅଇନାପାରେ ।”
**୩୩** ଲକ୍‌ମନ୍ ଜିସୁର୍ ସିକାଇବାଟା ସୁନିକରି କାବାଅଇଗାଲାଇ
। **୩୪** ଜିସୁ ସାଦୁକିମନ୍‌କେ ଚୁପ୍‌କରାଇ ରଇବାଟା ଜାନିକରି
ପାରୁସିମନ୍ ସବୁଲକ୍ ଗଟେକ୍ ଅଇ ତାର୍ ଲଗେ ଆଇଲାଇ ।
**୩୫** ଆରି ସେମନର୍ ବିତ୍‌ରେଅନି ଗଟେକ୍ ନିୟମ୍ ସିକାଇବା
ଦରମ୍ ଗୁରୁ ଜିସୁକେ ପାନ୍ଦେ ପାକାଇବାକେ ଗଟେକ୍ ପର୍‌ସନ୍
ପାଚାର୍‌ଲା । **୩୬** “ଏ ଗୁରୁ ମସାର୍ ଦରମ୍ ସାସ୍ତରର୍ ନିୟମ୍
ଇସାବେ ସବୁଟାନେଅନି କନ୍ ଆଦେସ୍ ମୁକିଅ?” **୩୭** ଜିସୁ
ତାକେ କଇଲା, “ତମର୍ ମାପ୍‌ରୁ, ପରମେସର୍‌କେ ପୁରାପୁରୁନ୍
ମନ୍‌ଦେଇ, ପୁରାପୁରୁନ୍ ଜିବନ୍ ଦେଇ, ପୁରାପୁରୁନ୍ ଚିନ୍ତା ସଙ୍ଗ୍
ତାକେ ମାନା ଆରି ଆଲାଦ୍ କରା । **୩୮** ଏଟା ଅଇଲାନି
ସବୁର୍‌ଟାନେଅନି ଆଗତୁ ଆରି ମୁକିଅ ଆଦେସ୍ ।” **୩୯** ତାର୍

ପଚର୍ ମୁକିଅ ଆଦେସ୍ ଅଇଲାନି, ତମର୍ ଲଗର୍ ପାକର୍ ଗରର୍
ଲକ୍‌ମନ୍‌କେ ନିଜ୍‌କେ ଆଲାଦ୍ କଲା ପାରା ଆଲାଦ୍ କରା । **୪୦**
ଏ ଦୁଇଟା ଆଦେସ୍ ଆକା ମସା କରିରଇବା ସବୁ ରିତିନିତି ଆରି
ବବିସତ୍‌ବକ୍‌ତାମନର୍ ସିକିଆ ଜାନାଇଲାନି । **୪୧** କେତେଟା
ପାରୁସିମନ୍ ଜିସୁର୍ ଲଗେ ରଇଲା ବେଲେ, ଜିସୁ ସେମନ୍‌କେ
ପାଚାର୍‌ଲା । **୪୨** "କିରିସ୍‌ଟ ମସିଅର୍ ବିସଇ, ତମେ କାଇଟା
ବାବ୍‌ଲାସ୍‌ନି? ସେ କାର୍ ପଅ?" ସେମନ୍ କଇଲାଇ, "ସେ
ଦାଉଦର୍ ପଅ ।" **୪୩** ଜିସୁ ପାଚାର୍‌ଲା, "ସେନ୍ତାର୍ ଆଲେ
ଦାଉଦ୍ ମସିଅକେ 'ମର୍ ମାପ୍‌ରୁ!' ବଲି କାଇକେ ଜାନାଇ
ଆଚେ?" କାଇକେବଇଲେ ଆତ୍‌ମା ଚାଲ୍‌ନା ଦେଲାକେ, ସେ
ଲେକିଆଚେ, **୪୪** ପର୍‌ମେସର୍ ମର୍ ମାପ୍‌ରୁକେ କଇଲା, "ଆମେ
ତର୍ ସତ୍‌ରୁମନ୍‌କେ ତମର୍ ପାଦ୍ ତଲେ ନ ଆନ୍‌ବା ଜାକ 'ତୁଇ
ମର୍ ଉଜା ବାଟେ ବସି ରଅ ।' **୪୫** "ଜଦି ଦାଉଦ୍ ମସିଅକେ
'ମର୍ ମାପ୍‌ରୁ' ବଲି ନାମି ଆଚେ, ତେବେ ମସିଅ କେନ୍ତି ତାର୍
ପଅ ଅଇପାର୍‌ସି?" **୪୬** ଜିସୁକେ ଇତିର୍ ଉତର୍ କେ ମିସା ଦେଇ
ନାପାର୍‌ଲାଇ । ସେ ଦିନେଅନି, ଆରି ତାକେ କେ ମିସା କାଇ
ପର୍‌ସନ୍ ପାଚାର୍‌ବାକେ ସାଆସ୍ କରତ୍ ନାଇ ।

**୨୩** ଜିସୁ ସିସ୍‌ମନ୍‌କେ ଆରି ତେଇ ରୁଣ୍ଡି ରଇବା ଲକ୍‌ମନ୍‌କେ
କଇଲା, **୨** "ପାରୁସି ଆରି ଦରମ୍ ଗୁରୁମନ୍‌କେ ମସାର୍
ନିୟମର୍ ଅରତ୍ ବୁଜାଇ ଦେବାର୍ ଅଦିକାର୍ ଆଚେ । **୩** ସେମନ୍
ଜାଇଟା କର୍‌ବାକେ କଇଲାଇନି, ସେଟା କରା, ମାତର୍ ସେମନ୍
ଜାଇ ଜାଇଟା କଲାଇନି, ସେଟା ଦେକି ସେନ୍ତାରି କରାନାଇ ।
କାଇକେ ବଇଲେ ସେମନ୍ ନିଜେ ଜନ୍ ସିକିଆ ଦେବାଇ, ତାର୍
ଉଲ୍‌ଟା କର୍‌ବାଇ । **୪** ସେମନ୍ ତାକର୍ ସିକିଆ ସବୁ ଲକ୍‌ମନର୍
ପିଟି ଉପ୍‌ରେ ବେସି ବଜ୍ ପାରା ଲାଦିଦେବାଇ । ମାତର୍ ସେ
ସବୁ ବଜର୍ ନିୟମ୍, ଚିନି ଆଙ୍ଗୁଟିତେଇ ଉଟାଇବା ଏତ୍‌କି ମିସା
ସାଇଜ ନ କରତ୍ । **୫** ସେମନ୍ ଲକ୍‌କେ ଦେକାଇଅଇବାକେ ସବୁ
କାମ୍ କର୍‌ବାଇ । ସାସ୍‌ତର୍ ପଦ୍ ଲେକାଅଇଲା କେଡେ କେଡେ
ବଡ୍ ବଡ୍ ଡଅଁରାମନ୍ କାପାଲେ ଆରି ପଡିଆଇ ବାନ୍ଧିଅଇ ଆଚତ୍
। ଆରି ଦେକା, ସେମନର୍ ବସ୍‌ତରର୍ ଜାଲି କେତେକ୍ ଡେଙ୍ଗ ।
**୬** ସେମନ୍ ବଜିମନ୍‌କେ ମୁକିଅ ଜାଗାଇ ଆରି ପାର୍‌ତନା ଗରେ
ବାଟିଅଇରଇଲା ଜାଗା ଅଦିକାର୍ କର୍‌ବାକେ ମନ୍ କର୍‌ବାଇ । **୭**
ଆଟେ ବାଟେ ଆରି ଦୁକାନେ ଲକ୍‌ମନ୍ ସେମନ୍‌କେ ମାନିକରି
ଜୁଆର୍ କରତ୍ ଆରି 'ଗୁରୁ' ବଲି ଡାକତ୍, ଏନ୍ତାରି ସେମନ୍
ମନ୍ କର୍‌ବାଇ । **୮** ମାତର୍ ତମ୍‌କେ କେ ଗୁରୁ ବଲି ଡାକ୍‌ବାର୍
ଦର୍‌କାର୍ ନାଇ । କାଇକେ ବଇଲେ ସବୁ ଲକ୍ ନିଜର୍ ନିଜର୍
ବିତ୍‌ରେ ବାଇ, ଆରି ତମର୍ ଗୁରୁ ଗଟେକ୍ ସେ । **୯** ଆରି ଜଗତେ
ତମେ କାକେ ବାବା ବଲି ଡାକ୍‌ବାକେ ଦର୍‌କାର୍ ନାଇ । କାଇକେ
ବଇଲେ ତମର୍ ଗଟେକ୍‌ସେ ବାବା, ସେ ସର୍‌ଗେ ଆଚେ । **୧୦**
ତମ୍‌କେ ନେତା ବଲି ମିସା କେ ନ ଡାକତ୍, କାଇକେ ବଇଲେ
ଗଟେକ୍ ସେ ନେତା, ସେ ଅଇଲାନି ମାପ୍‌ରୁ ମସିଅ । **୧୧** ତମର୍
ବିତ୍‌ରେ ଜେ ସବୁର୍ ଟାନେଅନି ମୁକିଅ, ସେ ତମର୍ ସେବା କର ।
**୧୨** ଜେ ନିଜ୍‌କେ ବଡ୍ ବଲି କଇସି, ତାକେ ସାନ୍ କରାଅଇସି ଆରି
ଜେ ନିଜ୍‌କେ ସାନ୍ ବଲି ବାବ୍‌ସି, ତାକେ ବଡ୍ କରାଅଇସି ।"
**୧୩** "ଅଇରେ ଦରମ୍ ଗୁରୁମନ୍ ଆରି ପାରୁସିମନ୍! ସେସ୍‌ବେଲେ
ତମର୍ ଦସା କେତେ ଅଦିକ୍ ଅଇସି! ଏଇ ଟକାବଣ୍ଡା ଦଲ୍, ସରଗ୍
ରାଇଜେ କେଟ୍‌ବା ଦୁଆର୍ ତମେ ଡାବିଦେଇଆଚାସ୍! ନିଜେ
ତେଇ କେଟାସ୍ ନାଇ ଆରି ଜନ୍‌ଲକ୍‌ମନ୍ ତେଇ କେଟ୍‌ବାକେ
ମନ୍ କଲାଇନି, ସେମନ୍‌କେ ବାଟ୍ ଚାଡାସ୍ ନାଇ ।" **୧୪** "ଏ
କୁଟିଆଲ୍ ଦରମ୍‌ଗୁରୁମନ୍ ଆରି ପାରୁସିମନ୍! ତମର୍ ଇନସ୍‌ତା
କେତେକ୍ କାକୁର୍‌ତି ଅଇସି । ତମେ ଚାଲାକି ଅଇକରି ଜବର୍ ପର୍
ପାର୍‌ତନା କର୍‌ସା । ମାତର୍ ରାଣ୍ଡି ମାଇଜିମନର୍ ଗର୍‌ମନ୍ ସବୁ
ଦାପ୍‌ରେ ଗିଲିଦେଇସା । ତେବେ ତମ୍‌କେ ଅଦିକ୍ ଡଣ୍ଡ ଦିଆଅଇସି
।" **୧୫** ଏ ଟକାବଣ୍ଡା ଦରମ୍‌ଗୁରୁମନ୍ ଆରି ପାରୁସିମନ୍! ତମେ
କେଡେ ଇନସ୍‌ତା ଅଇ କାକୁର୍‌ତି ଅଇସା । ସମ୍‌ଦୁର୍ ଲଙ୍ଘି ବିନ୍
ବିନ୍ ଦେସ୍‌ମନ୍‌କେ ଜାଇ ଗଟେକ୍ ଲକ୍‌କେ ତମର୍ ଦରମ୍‌ଟାନେ
ମିସାଇବାକେ କଜି ବୁଲ୍‌ଲାସ୍‌ନି । ମାତର୍ ସେନ୍ତାର୍ ଗଟେକ୍
ଲକ୍‌କେ ମିଲାଇଲେ, ତାକେ ତମର୍ ଟାନେଅନି ଅଦିକ୍, ନରକର୍
ଡଣ୍ଡ ପାଇବାକେ ବାଟ୍‌ଲାସ୍‌ନି । **(Geenna g1067)** **୧୬** ଏଇ ବାଟ୍
ଦେକାଉ କାଣାମନ୍! ତମର୍ ଦସା କେତେକ୍ ଇନସ୍‌ତା ଅଇସି
। କେ ମନ୍ଦିରର୍ ନାଉଁ ଦାରି ପର୍‌ମାନ୍ କଲେ, ସେଟା ସେମନ୍
ମାନ୍‌ବାର୍ ବାଦିଅ ନାଇ, ମାତର୍ ମନ୍ଦିରେ ରଇଲା ସୁନାର୍ ନାଉଁ
ଦାରି ଜେ ପର୍‌ମାନ୍ କର୍‌ସି, ତାକେ ସେଟା ମାନ୍‌ବାକେ ପଡ୍‌ସି
ବଲି ତମେ ସିକାଇତେ ରଇସା । **୧୭** ଏଇ ବୁଦି ନ ରଇବା
କାଣାମନ୍! ସୁନା ବଡ୍, କି ସୁନାକେ ସୁକଲ୍ କର୍‌ତେ ରଇବା
ମନ୍ଦିର୍ ବଡ୍? **୧୮** ଗଟେକ୍ ଲକ୍ ବେଦିର୍ ନାଉଁ ଦାରି ପର୍‌ମାନ୍
କଲେ ସେ ସେଟା ମାନ୍‌ବାର୍ ଆକା ଆଚେ ବଲି ନଏଁ, ମାତର୍
ବେଦି ଉପ୍‌ରେ ସଙ୍ଗଇ ରଇବା ମାପ୍‌ରୁକେ ଦେଲାଟା ନାଉଁଦାରି
ପର୍‌ମାନ୍ କଲେ, ସେଟା ମାନ୍‌ବାଟା ବଲି ତମେ ସିକାଇତେ
ରଇସା । **୧୯** ତମେ କେଡେବଡ୍ କାଣାମନ୍! କନ୍‌ଟା ମୁକିଅ?
ମାପ୍‌ରୁକେ ଦେଲାଟା କି, ମାପ୍‌ରୁକେ ଦେଲାଟା ସୁକଲ୍ କର୍‌ତେ
ରଇବା ବେଦି? **୨୦** ତେବର୍ ପାଇ କେ ମିସା ବେଦିର୍ ନାଉଁ
ଦାରି ପର୍‌ମାନ୍ କଲେ, ସେ ବେଦି ଆରି ତାର୍ ଉପ୍‌ରେ ରଇବା
ମାପ୍‌ରୁକେ ଦେଇ ରଇବା ସବୁ ଜିନିସ୍ ନାଉଁ ଦାରି ପର୍‌ମାନ୍
କର୍‌ସି । **୨୧** କେ ମିସା ମନ୍ଦିରର୍ ନାଉଁ ଦାରି ପର୍‌ମାନ୍ କଲେ,
ସେ ମନ୍ଦିର୍ ଆରି ତେଇ ବାସା ଅଇରଇବା ପର୍‌ମେସରର୍
ନାଉଁ ଦାରି ପର୍‌ମାନ୍ କର୍‌ସି । **୨୨** କେ ମିସା ସରଗର୍ ନାଉଁ
ଦାରି ପର୍‌ମାନ୍ କଲେ, ସେ ପରମେସରର୍ ବସ୍‌ବା ଜାଗା ଆରି
ସେ ବସ୍‌ବା ଜାଗାଇ ବସି ରଇବା ପର୍‌ମେସରର୍ ନାଉଁ ଦାରି
ପର୍‌ମାନ୍ କର୍‌ସି । **୨୩** ଏଇ କୁଟିଆଲ୍ ଦରମ୍‌ଗୁରୁମନ୍ ଆରି
ପାରୁସିମନ୍, ତମର୍ ଦସା କେଡେ ଇନସ୍‌ତା ଆରି କାକୁର୍‌ତି
ଅଇସି! ତମେ ପର୍‌ମେସରର୍ ପାଇ ବଲି ସାନ୍ ସାନ୍ ଜିନିସ୍

ଅଇଲେ ମିସା ଦସ୍‌ବାଗ୍ ଅନି ବାଗେକ୍ ଦାନ୍ କର୍‌ସା, ମାତର୍
ନିଆଇ, ଦୟା, ବିସ୍‌ବାସ୍ ଏନ୍ତି ମୁକିଅ ମୁକିଅ ବିସଇର୍ ନିୟମର୍
ସିକିଆ ଏଲା କଲାସ୍‌ନି । ପୁର୍‌ବର୍ ମୁକିଅ ବିସଇ ଏଲା ନ କରି,
ଏ ସବୁଜାକ ଆଗ୍‌ତୁଅନିସେ ଅବିଆସ୍ କର୍‌ବାର୍ ରଇଲା । ୨୪
ଏଇ ବାଟ୍‌ଦେକାଇବା କାଣା ଲକ୍‌ମନ୍! ତମେ କାଇବାବେଲେ
କେଡେବଲ୍ ତେଇ କାଇଆଲେ କିଡା ଅଦ୍‌ରି ରଇସି ବଲି ସେଟା
ଚାନି ପାକାଇତେ ରଇସା । ମାତର୍ ତମେ ଗଟେକ୍ ଗଟେକ୍ ବଡ୍
ପସୁକେ ମିସା ଗିଲି କାଇପାକାଇସା । ୨୫ ସାରାସାରି ଦିନେ ତମେ
କେଡେ କାକୁର୍‌ତି ଅଇସା, ଏଇ କୁଟିଆଲ୍ ଦରମ୍ ଗୁରୁ ଆରି
ପାରୁସିମନ୍! ତମେ ଉପ୍‌ରେ ଉପ୍‌ରେ ତାଲାଗିନା ମାଜି ପରିଚଲ୍
କରିରଇସା, ମାତର୍ ସେ ବିତ୍‌ରେ ଇଁସା ଆରି ନିଜର୍ ବିସଇ ଚିନ୍ତା
କର୍‌ବାଟା ବର୍‌ତି ଅଇରଇସି । ୨୬ ଏଇ କାଣା ପାରୁସିମନ୍!
ମୁତାର୍ ବିତ୍‌ରେ ରଇବାଟା ଆଗ୍‌ତୁ ପରିଚଲ୍ କରା, ସେନ୍ତାର୍
କଲେ ଉପ୍‌ରର୍‌ଟା ମିସା ପରିଚଲ୍ ଅଇଜାଇସି । ୨୭ ଏଇ ଦରମ୍
ଗୁରୁମନ୍ ଆରି ପାରୁସିମନ୍! ତମ୍‌କେ କେଡେ ବଡ୍ ଡଣ୍ଡ ମିଲ୍‌ସି ।
ଏଇ କୁଟିଆଲ୍‌ମନ୍! ତମେ ଉପ୍‌ରେ ଉପ୍‌ରେ ଚୁନ୍‌ସଙ୍ଗ ସାରଇ
ରଇବା ଗୁଡାମ୍ ପାରା । ଏଟାମନ୍ ଉପ୍‌ରେ ସୁନ୍ଦର୍ ଡିସ୍‌ସି, ମାତର୍
ବିତ୍‌ରେ କୁଇଲା ମଡ୍ ଆରି ଆଡ୍‌ଗଡ୍ ବର୍‌ତି ଅଇରଇସି । ୨୮
ସେନ୍ତାରିସେ ତମେ ମିସା ବାଇରେ ଲକ୍‌ମନର୍ ଦେକ୍‌ତେ ଦରମ୍
ପାରା ଡିସ୍‌ତେରଇସା, ମାତର୍ ତମର୍ ବିତ୍‌ରେ କୁଟ୍ କାତା,
ଅାଁକାର୍, ଆରି ପାପ୍ ବର୍‌ତି ଅଇଆଚେ । ୨୯ ଏଇ ଦରମ୍‌ଗୁରୁମନ୍
ଆରି ପାରୁସିମନ୍! ଏ ଟକାବଣ୍ଡା କରୁମନ୍! ତମର୍ ପାଇ ଏଟା
କେଡେକ୍ ଇନସ୍‌ତାର୍ ବିସଇ । ତମେ ବବିସତ୍‌ବକ୍‌ତାମନର୍
ପାଇ ସୁନ୍ଦର୍ ସୁନ୍ଦର୍ ସମାଦି ତିଆର୍ କଲାସ୍‌ନି ଆରି ଦରମ୍
ଲକ୍‌ମନ୍‌କେ ସବୁ ଦିନ୍ ଏତାଇବାକେ ନାଉଁ ଲେକି ଡସାଇଲାସ୍‌ନି
। ୩୦ ଆରି ତମେସେ କଇଲାସ୍‌ନି ଜଦି ତମର୍ ଆନିଦାଦିମନର୍
ବେଲେ, ତମେ ରଇତାସ୍ ବଇଲେ, ସେମନର୍ ପାରା ଚଲାଚଲ୍‌ତି
ନ କର୍‌ତାସ୍, କି ବବିସତ୍‌ବକ୍‌ତାମନ୍‌କେ ନ ମରାଇତାସ୍ ।
୩୧ ଏ କାତା କଇଲାର୍ ପାଇ ତମେ ବବିସତ୍‌ବକ୍‌ତାମନ୍‌କେ
ମରାଉମନର୍ ନାତି ତିତିର୍ ଲକ୍ ବଲି ଏବେ ମାନ୍‌ଲାସ୍‌ନି
। ୩୨ ତେବେ ତମେ ଆଗ୍‌ତୁ ଉଆ । ତମର୍ ଆନିଦାଦିମନ୍
କରିରଇବା କର୍‌ତା କାମ୍ ପୁରାପୁରୁନ୍ ସାରାଇ ଦିଆସ୍ । ୩୩
ଏଇ ସାଁପ୍‌ମନ୍! ବିସ୍‌ରଇବା ସାଁପର୍ କୁଟୁମର୍ ପାରା ଲକ୍‌ମନ୍,
ତମେ କେନ୍ତି ନରକର୍ ଡଣ୍ଡେଅନି ରକିଆ ମିଲ୍‌ସି ବଲି ଆସା
କଲାସ୍‌ନି? (Geenna g1067) ୩୪ ସେଟାର୍ ପାଇ ମୁଇ ତମ୍‌କେ
କଇଲିନି, ତମର୍ ଲଗେ ବବିସତ୍‌ବକ୍‌ତାମନ୍‌କେ, ସିକାଇବା
ଗୁରୁମନ୍‌କେ ଆରି ଗିଆନ୍ ରଇବା ବଡ୍ ଲକ୍‌ମନ୍‌କେ ମୁଇ
ପାଟାଇବି । ତାକର୍ ବିତ୍‌ରେଅନି ତମେ କେତେ ଲକ୍‌କେ
ମରାଇସା, କେତେ ଲକ୍‌କେ କୁର୍‌ସେ ଚଗାଇସା, ଆରି ବାକି
ଲକ୍‌ମନ୍‌କେ ପାର୍‌ତନା ଗରେଅନି କର୍‌ଡା ସଙ୍ଗ ମାରି ମାରି
ଗଟେକ୍ ନଅରେ ଅନି ଆରିଗଟେକ୍ ନଅରେ କେଦି ଦେଇସା
। ୩୫ ଜେନ୍ତିକି ଏବଲର୍ ବେଲେଅନି ଆରାମ୍ କରି ବର୍‌କିଆର୍
ପ ଜିକରିୟର୍ ଜାକ, ଜାକେ କି ତମେ ମନ୍ଦିର୍ ଆରି ବେଦିର୍
ମଜାଇ ମରାଇରଇଲାସ୍, ଦସ୍ ନ କରିରଇବା ସବୁ ଲକ୍‌ମନ୍‌କେ
ମରାଇଲା ପାଇ ତମେ ଦସିଅଇ ଡଣ୍ଡ ପାଇସା । ୩୬ ମୁଇ
ସତ୍ କଇଲିନି, ଏ ସବୁ ଲକ୍‌ମନ୍‌କେ ମରାଇଲା ପାଇ ଏ
ଜୁଗର୍ ଲକ୍‌ମନ୍ ଡଣ୍ଡ ପାଇବାଇ । ୩୭ ଏ ଜିରୁସାଲାମ୍, ଏ
ଜିରୁସାଲାମ୍, ତୁଇ ବବିସତ୍‌ବକ୍‌ତାମନ୍‌କେ ମରାଇଲୁସ୍‌ନି ଆରି
ପର୍‌ମେସର୍ ପାଟାଇରଇଲା କବର୍ ଆନୁମନ୍‌କେ ପାକ୍‌ନା ମାରି
ମରାଇଲୁସ୍‌ନି । ମାଇ କୁକ୍‌ଡା ତାର୍ ଟିଅାଁମନ୍‌କେ ଡେନା ବିତ୍‌ରେ
ଦାରି ଅଲଣ୍ଡଲାପାରା, ତର୍ ଲକ୍‌ମନ୍‌କେ ମୁଇ ପାଟାଲି ରକିଆ
କର୍‌ବାକେ କେତେ କେତେ ତର୍ ଚେସ୍‌ଟା କଲି । ମାତର୍ ମକେ
ସେନ୍ତାରି କର୍‌ବାକେ ଦେଉସ୍ ନାଇ । ୩୮ ସେଟାର୍ ପାଇ ତର୍
ମନ୍ଦିର୍ ବାଙ୍ଗିରୁଜି ଚିନ୍‌ବିନ୍ ଅଇଜାଇସି । ୩୯ ମାତର୍ ମୁଇ କଇଲା
କାତା ରଇସି, ମାପ୍‌ରୁର୍ ନାଉଁ ଦାରି ଜେ ଆଇଲାନି, ସେ କେଡେ
କରମର୍ ଲକ୍ ବଲି ଏଟା ଜେବେ ଜାକ ନ କୁଆସ୍, ଆଜିଅନି
ଆରି କେବେ ମକେ ଦେକି ନାପାରାସ୍ ।

**୨୪** ଜିସୁ ମନ୍ଦିରେଅନି ବାରଇ ଇଣ୍ଡିଜାଇତେ ରଇବାବେଲେ
ସିସ୍‌ମନ୍ ମନ୍ଦିର୍ ପିଣ୍ଡା ଦୁଆରେ ରଇବା ବଡ୍ ବଡ୍ ପାକ୍‌ନା
ବାଟେ ଦେକାଇଲାଇ । ୨ ଜିସୁ କଇଲା, "ଏବେ ସିନା ଏ
ସବୁ ଦେକ୍‌ଲାସ୍‌ନି । ମୁଇ ତମ୍‌କେ ସତ୍ କଇଲିନି ଏ ମନ୍ଦିରର୍
ଗଟେକ୍ ମିସା ପାକ୍‌ନା ତାର୍ ଜାଗାଇ ନ ରଏ । ସବୁଜାକ
ଅଦ୍‌ରି ବିଲିଜାଇସି ।" ୩ ଜିସୁ ଜିତ୍ ନାଉଁର୍ ଡଙ୍ଗର୍ ଉପ୍‌ରେ
ବସିରଇଲା ବେଲେ, ତେଇ କେ ନ ରଇଲା ବେଲେ, ସିସ୍‌ମନ୍
ଆସି ତାକେ ପାଚାର୍‌ଲାଇ, "ଏ ସବୁଜାକ କେବ୍‌କେ ଅଇସି
ଆମ୍‌କେ କୁଆ କାଇ ଗଟ୍‌ନା ଗଟ୍‌ଲେ ଆମେ ଜାନିପାର୍‌ବୁ ଜେ
ତମର୍ ଆଇବା ବେଲା ଅଇଲାନି ଆରି ଏ ଜୁଗ୍ ସେସ୍ ଅଇସି
ବଲି?" । (aiōn g165) ୪ ଜିସୁ କଇଲା, "ଜାଗ୍‌ରତ୍‌ଅଇକରି ରୁଆ,
ଜେନ୍ତିକି କେ ମିସା ତମ୍‌କେ ନ ନାଡାଅତ୍ । ୫ କେତେ କେତେ
ଲକ୍‌ମନ୍ ମର୍ ନାଉଁ ଦାରି ଆସି କଇବାଇ, 'ମୁଇ ଆକା କିରିସ୍‌ଟ
ମସିଅ ।' ସେମନ୍ ଏନ୍ତାର୍ କଇ କେତେ କେତେ ଲକ୍‌ମନ୍‌କେ
ନାଡାଇବାଇ । ୬ ତମର୍ ଲଗେ ଅଇତେ ରଇବା ଜୁଇଦର୍
କିଲ୍‌ବିଲ୍ ଅଇବାଟା ସୁନ୍‌ସା ଆରି ଦୁରିକେ ଅନି ଅଇତେ ରଇବା
ଜୁଇଦର୍ କବର୍ ଜାନ୍‌ସା । ମାତର୍ ଡରାନାଇ, ବାଇଦରେ ଏନ୍ତି
ଗଟ୍‌ନା ଅଇସି । ମାତର୍ ଏଟାର୍ ଅରତ୍ ନଏଁ ଜେ, ଜୁଗ୍‌କାଲ୍
କେଟିଗାଲା । ୭ ଦେସ୍ ଦେସ୍ ବିତ୍‌ରେ ଜୁଇଦ୍ ଅଇସି, ଗଟେକ୍
ରାଇଜ୍ ଆରି ଗଟେକ୍ ରାଇଜ୍ ଉପ୍‌ରେ ଜୁଇଦ୍ କର୍‌ସି । ସବୁ
ବାଟେ ମର୍‌ଡି ଆରି ଦର୍‌ତନି ଚୁଲ୍‌ବୁଲ୍‌ସି । ୮ ମାତର୍ ଏଟାମନ୍
ସବୁ ମାଇଜିମନର୍ ଆଡ୍‌ଗଡ୍ ସୁକ୍‌ଅଇବା ବେଲେ ପର୍‌ତୁମ୍
ପର୍‌ତୁମ୍ ଅଇବା ଦୁକାସୁକା ପାରା । ୯ ତମେ ଦାରାଇ ଅଇ
ମାଡ୍ କାଇବାକେ ଆରି ମରନର୍ ଡଣ୍ଡ ପାଇବାକେ ସର୍‌ପି ଅଇସା
। ତମେ ମକେ ବିସ୍‌ବାସ୍ କଲାର୍ ପାଇ ବଲି ସବୁ ଲକ୍ ଗିନ୍

କର୍ବାଇ । ୧୦ ସେଡ୍କିବେଲେ କେତେ କେତେ ଲକ୍ ତାକର୍
ବିସ୍ବାସ୍ ଆରାଇବାଇ, ତାକର୍ ତାକର୍ ବିତ୍ରେ ଗିନ୍ ଅଇକରି
ତାକର୍ ତାକର୍ ବିତ୍ରେ ବିସ୍ବାସେ ବିସ୍ ଦିଆ ଦିଇ ଅଇବାଇ ।
୧୧ ସେବେଲେ କେତେ କେତେକ୍ ଟକାବଣ୍ଡା ବବିସତ୍ବକ୍ତା
ଆସିକରି ଲକ୍ମନ୍କେ ନାଡାଇବାଇ । ୧୨ ଏନ୍ତାରି ଅଇ ପାପ୍
ଅଦିକ୍ ଅଦିକ୍ ଅଇସି ଆରି ପର୍ମେସର୍ ପାଇରଇବା ଲକ୍ମନର୍
ଆଲାଦ୍ ସିତଲ୍ ଅଇଜାଇସି । ୧୩ ମାତର୍ ଜେ ସାରାସାରି ଜାକ
ମୁର୍ଚିକରି ରଇସି, ସେ ମୁକ୍ତି ପାଇସି । ୧୪ ରାଇଜର୍ ସବୁ
ବାସାର୍ ଲକ୍ମନର୍ ଲଗେ, ମାପ୍ରୁର୍ ସାକିଦେବାକେ ଦୁନିଆର୍
ଗୁଲାଇବାଟେ ତାର୍ କାତା ସୁନାଇବାଇ । ତାର୍ପଚେ ସେ ଜୁଗ୍
ସାର୍ସି ।” ୧୫ ଦାନିଏଲ୍ ବବିସତ୍ବକ୍ତା ଟିକି ନିକି ଇସାବେ
ଲେକିରଇବା ସେ ବାୟାବିକଲର୍ ଦିନ୍ ତମେ ଆରି ତରେକ୍
ଦେକ୍ସା । ସେଟା ସୁକଲ୍ ଜାଗାକେ ଅସୁକଲ୍ କରିଦେଇସି ।
ଇତିର୍ ଅରତ୍ କାଇଟା, ପଢ୍ଲା ଲକ୍ ବୁଜା । ୧୬ ସେବେଲେ
ଜନ୍ ଲକ୍ମନ୍ ଜିଉଦା ରାଇଜେ ରଇବାଇ, ସେମନ୍ ଡଙ୍ଗରେ
ପାଲାଅତ୍ । ୧୭ ଜନ୍ ଲକ୍ମନ୍ ଚାଉନି ଉପ୍ରେ ରଇବାଇ,
ସେମନ୍ ଗର୍ବିତ୍ରର୍ ଜିନିସ୍ ପତର୍ ନେବାକେ ତଲେ ଆସି
ଚୁଟାଇ ଚୁଟାଇ ବେଲା ନ ଗଡାଅତ୍ । ୧୮ ଜନ୍ ଲକ୍ମନ୍
ପଦାଇ ଜାଇତେ ରଇବାଇ, ସେମନ୍ ତାକର୍ ଲୁଗା ପଟିଆ
ନେବାକେ ଗରେ ନ ବାଉଡତ୍ । ୧୯ ସେଡ୍କିବେଲେ ଗାଗ୍ଡେ
ରଇବା ମାଇଜିମନ୍ ଆରି ପିଲାକେ ଦୁଦ୍ କୁଆଇତେ ରଇବା
ମାମନର୍ ଦସା କେଡେ ଇନସ୍ତା ଅଇସି । ୨୦ ଏ ସବୁ ଗଟ୍ନା
ସିତ୍ ଦିନେ ନ ଅ । ସେଟାର୍ପାଇ ପର୍ମେସର୍କେ ପାର୍ତନା
କର୍ତେ ରୁଆ, ଜେନ୍ତାରି କି ସିତ୍ମାସେ ନଇଲେ ବିସ୍ରାମ୍ବାରେ
ତମ୍କେ ପାଲାଇବାକେ ନ ପଡେ । ୨୧ ସେବେଲେ ଜନ୍ ଦୁକ୍
ପାଇବାକେ ପଡ୍ସି, ଦୁନିଆ ତିଆର୍ ଅଇଲାଟାନେଅନି ଆଜିକେ
ଜାକ ଅଇ ରଇବା ସବୁ କସ୍ଟତେଇଅନି ଅଦିକ୍ ଅଇଜାଇସି
। ସେନ୍ତାରି ଦୁକ୍ ଆଗ୍କେ ଆରି କେବେ ନ ଆସେ । ୨୨
ମାତର୍ ପର୍ମେସର୍ ଦୁକର୍ ବେଲା ଉନାକରି ଦେଇଆଚେ ।
ସେନ୍ତାରି ନ କରିରଇଲେ କେ ମିସା ନ ରଇତାଇ । ମାତର୍
ସେ ବାଚିରଇବା ଲକ୍ମନ୍କେ ଜିଆଇବାପାଇ ପର୍ମେସର୍ ସେ
ବେଲା ଉନାକରି ଦେଇଆଚେ । ୨୩ ସେବେଲେ କେ ଜଦି
ତମ୍କେ ଇତି କିରିସ୍ଟ ଆଚେ ନଇଲେ ତେଇ ସେ ଆଚେ ବଲି
କଇସି, ତାକେ ବିସ୍ବାସ୍ କରା ନାଇ । ୨୪ କାଇକେ ବଇଲେ
ମୁଇ ନିଜେ ମସିଅ କି ମୁଇ ନିଜେ ବବିସତ୍ବକ୍ତା ବଲାଇଅଇତେ
ରଇବା ଟକାବଣ୍ଡାକରୁମନ୍ ସେବେଲେ ଦେକାଇଅଇବାଇ ।
ସେମନ୍ କାବା ଅଇଜିବା କାମ୍ମନ୍ ଦେକାଇ ପର୍ମେସର୍ ବାଚି
ରଇବା ଲକ୍ମନ୍କେ ମିସା ନାଡାଇବାଇ । ୨୫ ଦେକା, ସେ
ବେଲା ନ ଆଇବା, ଆଗ୍ତୁ ମୁଇ ତମ୍କେ ଜାନାଇଦେଲିନି ।
୨୬ “ଦେକା, ଜଦି ଲକ୍ମନ୍ ସେ ମରୁବାଲି ରଇବା ଜାଗାଇ
ଆଚେ ବଲି କଇବାଇ, ତମେ ତେଇ ଜାଆ ନାଇ । କି ସେମନ୍
ଇତି ଦେକିଦେକା ସେ ଲୁଚିଆଚେ ବଲି କଇବାଇ, ସେମନ୍କେ
ବିସ୍ବାସ୍ କରା ନାଇ । ୨୭ ଉଦିଆନ୍ ଦିଗେଅନି ବୁଡ୍ତି ଦିନ୍
ଜାକ ଜେନ୍ତାରି ବିଜ୍ଲି ମାରିକରି ଗୁଲାଇ ଆକାସ୍ ଉଜଲ୍ ଅଇସି,
ସେନ୍ତାରି ଅଇକରିସେ ନର୍ପିଲା ମୁଇ ଆଇବି ।” ୨୮ “ଜନ୍ତି
ମଡା ପିଣ୍ଡ୍ଗି ରଇବାଇ, ତେଇ ମଡ୍କାଉ ଗିଦ୍ମନ୍ ରୁଣ୍ଡିରଇବାଇ
।” ୨୯ ସେ ଦୁକର୍ବେଲା ସାର୍ବା ବେଲେ, ବେଲ୍ ଜାଉଁଲି
ଜାଇସି, ଜନ୍ ଆରି ଉଜଲ୍ ନ ଡିସାଏ, ବାଦ୍ଲେଅନି ତାରାମନ୍
ଅଦର୍ବାଇ ଆରି ବାଦ୍ଲେ ଉଜଲ୍ ଦେବାଟାମନ୍ ସବୁ ବାଟ୍
ବାନା ଅଇଜିବାଇ । ୩୦ ତାର୍ ପଚେ ନରପିଲା ମୁଇ ବାଦ୍ଲେ
ଆଇବାଟା ଦେକ୍ସା । ଆରି ଡାକ୍ପୁଟାଅଇ ପାନି ବାଦ୍ଲେ
ବପୁ ସଙ୍ଗ୍ ଆଇବାଟା ଦେକି ଦର୍ତନିର୍ ଲକ୍ମନ୍ କାନ୍ଦାବୁବା
ଅଇଜିବାଇ । ୩୧ ବଡ୍ ମଇରି ବାଜ୍ସି । ଆରି ଗୁଲାଇ ସରଗର୍
ଗଟେକ୍ କନେ ଅନି ବିନ୍ ବିନ୍ କନେ ରଇବା ମର୍ ବାବା
ବାଚି ରଇବା ଲକ୍ମନ୍କେ ଟୁଲିଆଇବାକେ ମୁନୁସ୍ ପିଲା ମୁଇ
ମର୍ ଦୁତ୍ମନ୍କେ ପାଟାଇବି । ୩୨ ଡୁମ୍ରି ଗଚେଅନି ସିକା ।
ଜେଡେବେଲେ ତାର୍ କେନ୍ଦିଅନି ପତର୍ ପାଲୁଆନି କର୍ସି, ଆରି
କାଁଚାପତ୍ରିଆ ଡିସ୍ଲେ କାରାଦିନ୍ କେଟ୍ଲା ବଲି ତମେ ଜାନ୍ସା
। ୩୩ ସମାନ୍ ସେନ୍ତାର୍ସେ ଏ ସବୁ ଜାକ ଅଇବାଟା ଦେକ୍ଲେ,
ସାରାସାରି ଦିନ୍କାଲ୍ ଆରାମ୍ ଅଇଲା ବଲି ତମେ ଜାନା ।
୩୪ “ଏତାଇରୁଆ, ମୁଇ ସତ୍ କଇଲିନି, ଏବେ ଜିବନ୍ ରଇଲା
ଲକ୍ମନର୍ ବିତ୍ରେଅନି ସବୁ ଲକ୍ ମର୍ବା ଆଗ୍ତୁ, ଏସବୁ ବିସଇ
ଗଟ୍ସି । ୩୫ ସରଗ୍ ଆରି ମତ୍ପୁର୍ କୁରୁପ୍ନାସ୍ ଅଇଜାଇସି,
ମାତର୍ ମର୍ ସବୁ ବାକିଅ କେବେ ମିଚ୍ ନ ଅଏ । ୩୬ “ସେ ଦିନ୍,
ସେ ବେଲା କେବେ ଆଇସି, କେ କଇନାପାରତ୍ । ପର୍ମେସରର୍
ପିଲା ମୁଇ ମିସା କି ସରଗର୍ ଦୁତ୍ମନ୍ ମିସା ସେ କାତା ନାଜାନତ୍,
ବାବା ପର୍ମେସର୍ ଆକା ଜାନିଆଚେ । ୩୭ ନଅର୍ ବେଲେ
ଜେନ୍ତାରି ଗଟିରଇଲା, ସମାନ୍ ସେନ୍ତାରିସେ ନର୍ପିଲା ମୁଇ
ଆଇବା ବେଲା ମିସା । ୩୮ ପୁର୍ତିବି ଉପ୍ରେ ପାନି ବର୍ତି
ଅଇବାବେଲେ ଅନି ନଅ ପାନିଜାଜେ ପୁର୍ବା ଜାକ, ଲକ୍ମନ୍
କାଆ ପିଇ ଅଇ ବିବା କାମେ ତେରେପେତେ ଅଇରଇଲାଇ । ୩୯
ପାନିତେଇ ସେମନ୍ ବଅଁଲି ଜିବା ଜାକ, କାଇଟା ଅଇଲାନି, ଜାନି
ନ ରଇଲାଇ । ନର୍ପିଲା ମୁଇ ଆଇବା ବେଲେ ସମାନ୍ ସେନ୍ତାରି
ଅଇସି । ୪୦ ସେ ବେଲାଇ ପଦାଇ ପାଇଟି କର୍ତେ ରଇବା
ଦୁଇ ଲକର୍ ବିତ୍ରେ ଅନି ଗଟେକ୍ ଲକ୍କେ ବାଚ୍ବାଇ ଆରି
ଗଟେକ୍ ଲକ୍କେ ଚାଡିଦେବାଇ । ୪୧ ଗର୍ତେରଇବା ଦୁଇଟା
ମାଇଜି ମନର୍ ବିତ୍ରେ ଅନି ଗଟେକ୍ ଲକ୍ ବାଚି ଅଇସି ଆରି
ଗଟେକ୍ ଲକ୍ ରଇଜାଇସି । ୪୨ ସେନ୍ତି ବଇଲେ ତମେ ଜାଗ୍ରତ୍
ଅଇ ରୁଆ, କାଇକେ ବଇଲେ ତମର୍ ମାପ୍ରୁ କେଡେବେଲା
ଆଇସି, ତମେ ନାଜାନାସ୍ । ୪୩ କେଡେବେଲ୍ ଚର୍ ପୁର୍ସି ବଲି
ଜାନିରଇଲେ, ଗର୍ ସାଉକାର୍ ଜାଗ୍ରତ୍ ରଇ ଚର୍କେ ଗରେ
ପୁର୍ବାକେ ନ ଦେଏ । ୪୪ ତମେ ମିସା ସବୁବେଲେ ଜାଗ୍ରତ୍

ରଇକରି ତିଆର୍ ଅଇ ରୁଆ । କାଇକେ ବଇଲେ ତମେ ଜାଗି ନ ରଇଲା ବେଲେସେ ନର୍‌ପିଲା ମୁଇ ଉଟିଆଇବି । **୪୫** "ସେନ୍ତି ବଇଲେ କେ ତେବେ ନିମାନ୍ ଆରି ବୁଦି ରଇବା ଦାଙ୍ଗଡା? ଜାର୍ ଉପ୍‌ରେ ସାଉକାର୍ ବିନ୍ ଦାଙ୍ଗଡାମନର୍ ଟିକ୍ ବେଲାଇ, କାଇବା କାଦି ଦେବା ଦାଇତ୍ ଦେଇରଇସି । **୪୬** ସାଉକାର୍ ବାଉଡି ଆଇଲା ବେଲେ ସେ ଦାଙ୍ଗଡା ଜଦି ଟିକ୍ ସଙ୍ଗ କାମ୍ କରିରଇସି ବଇଲେ, ତାର୍ କେଡେକ୍ ନିକ କରମ୍! **୪୭** ମୁଇ ସତ୍ କଇଲିନି, ସେନ୍ତାରି ଦାଙ୍ଗଡାକେ ସାଉକାର୍ ଗଟେକ୍ ଦିନେ ତାର୍ ସବୁ ଦନ୍ ସଁପତିର୍ ଦାଇତ୍ ଦେଇ ଦେଇସି । **୪୮** ମାତର୍ ସେ ଦାଙ୍ଗଡା ଜଦି 'ସାଉକାର୍ ନ ଆସେତା' ବଲି ବାବ୍‌ସି ଆରି **୪୯** ବିନ୍ ଦାଙ୍ଗଡାମନ୍‌କେ ମାର୍‌ପିଟ୍ କରି ମଦୁଆମନର୍ ସଙ୍ଗ କିଆପିଆ କର୍‌ତେ ରଇସି, **୫୦** ସେ ଜାଗ୍‌ରତ୍ ନ ରଇଲା ବେଲେ ଆରି ଜନ୍ ବେଲାଇ ସେ ନାଜାନି ରଏ, ସେ ଦିନେ ଆରି ସେ ବେଲାଇସେ ସାଉକାର୍ ବାଉଡିଆଇସି । **୫୧** ତାକେ ସେଡ୍‌କି ବେଲେ କଣ୍ଡ କଣ୍ଡ କରି କାଟି ଦେଇସି । ସେ ନାଡାଉମନର୍ ଦସାର୍ ଡଣ୍ଡ ପାଇସି । ଆରି ସାରାସାରି ଦାଁତ୍ କାଟ୍‌ରି ମାର୍‌ଚପ୍ ଅଇ କାନ୍ଦସି ।"

**୨୫** "ସେଡିକିବେଲେ ସରଗ୍ ରାଇଜେ କେଟ୍‌ବା ବାଟ୍ ଏନ୍ତି ଅଇସି । ଦସ୍‌ଟା ଦାଙ୍ଗଡିମନ୍ ସବୁ ଲକ୍ ଗଟେକ୍ ଗଟେକ୍ ବତି ଦାରି ବାଟେ, ବର୍ ଦାଙ୍ଗଡାକେ ଜାଗ୍‌ବାର୍ ଜାଇରଇଲାଇ । **୨** ସେମନର୍ ବିତ୍‌ରେଅନି ପାଁଚ୍‌ଟା ଦାଙ୍ଗଡି ଚତୁର୍ ରଇଲାଇ, ଆରି ପାଁଚ୍‌ଟା ଦାଙ୍ଗଡି ବକୁଆ ରଇଲାଇ । **୩** ବକୁଆ ରଇଲା ଦାଙ୍ଗଡିମନ୍ ଅଦିକ୍ ଚିକନ୍ ନେଇ ନ ରଇଲାଇ । **୪** ମାତର୍ ଚତୁର୍ ରଇବା ଦାଙ୍ଗଡିମନ୍ ନିଜର୍ ନିଜର୍ ବତି ଟାନେ ରଇବାଟା ଚାଡି ଆରି କାଁଚେ ମିସା ଚିକନ୍ ବର୍‌ତି କରି ନେଇରଲାଇ । **୫** ବର୍ ଦାଙ୍ଗଡା ଆଇବାଟା ଅଲ୍‌ସମ୍ ଅଇଲାକେ ଦାଙ୍ଗଡିମନ୍ ଜୁମ୍‌ରି ଜୁମ୍‌ରି କରି ସଇଦେଲାଇ ।" **୬** ମଜା ରାତିବେଲାଇ ଆଉଲି ସୁନି ଅଇଲା, "ଏଦେ ଦେକା! ବର୍ ଦାଙ୍ଗଡା ଆଇଲାବେ! ଆସା ସେମନ୍‌କେ ଡାକିଆନୁ!" **୭** ଦାଙ୍ଗଡିମନ୍ ଉଟିକରି ନିଜର୍ ନିଜର୍ ବତିମନ୍ ସାଜାଡ୍‌ଲାଇ । **୮** ସେଡ୍‌କି ବେଲେ ବକୁଆ ଦାଙ୍ଗଡିମନ୍ ଚତୁର୍ ରଇଲା ଦାଙ୍ଗଡିମନ୍‌କେ କଇଲାଇ "ଆମ୍‌କେ କଣ୍ଟେକ୍ ଚିକନ୍ ଦିଆ । ଆମର୍ ବତି ଲିବିଗାଲାନି ।" **୯** ଚତୁର୍ ଦାଙ୍ଗଡିମନ୍ କଇଲାଇ, "ତମ୍‌କେ ଦେଲେସରି ଆମର୍ ପାଇ ଚିକନ୍ ନ ଅଏ । ତମେ ଦୁକାନେ ଜାଇ ନିଜର୍ ନିଜର୍ ପାଇ ଚିକନ୍ ଗେନିଆନା ।" **୧୦** ସେଟାର୍‌ପାଇ ବୁଦି ନଇଲା ଦାଙ୍ଗଡିମନ୍ ଚିକନ୍ ଗେନ୍‌ବାକେ ବାରଇଲାଇ । ସେମନ୍ ଗାଲା, ପଚେ ବର୍ ଦାଙ୍ଗଡା ଆସି କେଟ୍‌ଲା । ଜାଗ୍‌ରତ୍ ଅଇରଇଲା ପାଁଚ୍‌ଟା ଚତୁର୍ ଦାଙ୍ଗଡିମନ୍ ତାକର୍ ସଙ୍ଗ ବିବା ବଜିତେଇ ଗାଲା ପଚେ କାପାଟ୍ ଡାବିଅଇଗାଲା । **୧୧** ସେ ବୁଦି ନ ରଇଲା ଦାଙ୍ଗଡିମନ୍ ପଚେ ସେ ଜାଗାଇ ଆଇଲାଇ, ଏ ମାପ୍‌ରୁ, ଏ ମାପ୍‌ରୁ କାପାଟ୍ ଉଗାଡା, ଆମେ ବିତ୍‌ରେ ଜିବୁ ବଲି ସେମନ୍ ଆଉଲି ଅଇଲାଇ । **୧୨** ବର୍‌ଦାଙ୍ଗଡା କଇଲା, "ମୁଇ ସତ୍ କଇଲିନି, ତମେ କେ, ମୁଇ ନାଜାନି ।" **୧୩** କାତା କଇବାଟା ସାରାଇ, କରି ଜିସୁ କଇଲା, "ଜାଗ୍‌ରତ୍ ଅଇ ରୁଆ । ସେ ଦିନ୍ କି ବେଲା କେ ମିସା ନାଜାନାସ୍ ।" **୧୪** "ସରଗ୍ ରାଇଜ୍ ଏନ୍ତାରି, ସେ ବିସଇର୍ ଆରି ଗଟେକ୍ କାତା ସୁନା । ତରେକ୍ ଗଟେକ୍ ଲକ୍ ତାର୍ ଚାକର୍‌ମନ୍‌କେ, ତାର୍ ସଁପତି ଚାଡିଦେଇ ବିଦେସେ ଉଟିଗାଲା । **୧୫** ସେମନର୍ ପାର୍‌ବା ଇସାବେ ସେମନ୍‌କେ କେତେକ୍ କେତେକ୍ ଡାବୁ ଜିମା ଦେଲା । ଗଟେକ୍ ଲକ୍‌କେ ପାଁଚ୍ ଅଜାର୍ ରୁପା ଟାଙ୍ଗା ଦେଲା, ଗଟେକ୍ ଲକ୍‌କେ ଦୁଇ ଅଜାର୍, ଆରି ଗଟେକ୍‌ଲକ୍‌କେ ଅଜାର୍ ରୁପା ଟାଙ୍ଗା ଦେଲା । ଆରି ବିଦେସେ ଉଟିଗାଲା । **୧୬** ପାଁଚ୍ ଅଜାର୍ ରୁପାଟାଙ୍ଗା ନେଇରଇଲା ଚାକର୍ ସେ ଡାବୁ ବେବାର୍ କରି ଆରି ପାଁଚ୍ ଅଜାର୍ ଲାବ୍‌କଲା । **୧୭** ସେନ୍ତାରି ଦୁଇ ଅଜାର୍‌ଟା ନେଇରଇଲା ଚାକର୍ ମିସା ଆରି ଦୁଇ ଅଜାର୍ ଲାବ୍‌କଲା । **୧୮** ମାତର୍ ଜନ୍ ଚାକର୍ ଅଜାର୍‌ଟା ପାଇରଇଲା, ସେ ଗଟେକ୍ କାଲ୍‌କୁନି ସାଉକାର୍ ଦେଇରଇବା ସେ ରୁପା ଟାଙ୍ଗା ଲୁଚାଇ ସଙ୍ଗଇଲା । **୧୯** "ବେସିଦିନ୍ ଗାଲା ପଚେ ସାଉକାର୍ ବାଅଡ୍‌ଲା ଆରି ଚାକର୍‌ମନର୍ ସଙ୍ଗ ଇସାବ୍‌କିତାବ୍ କଲା ।" **୨୦** ପାଁଚ୍ ଅଜାର୍ ରୁପାଟାଙ୍ଗା ନେଇରଇଲା ଚାକର୍ ଆସି ଆରି ପାଁଚ୍ ଅଜାର୍ ଦେଇ କଇଲା, "ସାଉକାର୍ ତମେ ମକେ ପାଁଚ୍ ଅଜାର୍ ଦେଇରଇଲାସ୍, ଏଦେ ଦେକା, ମୁଇ ଆରି ପାଁଚ୍ ଅଜାର୍ ଲାବ୍ କଲିଆଚି ।" **୨୧** ସାଉକାର୍ ସାର୍‌ଦା ଅଇ ତାକେ କଇଲା, "ଟିକ୍ କରିଆଚୁସ୍, ତୁଇ ମର୍ କେଡେକ୍ ନିକ ଆରି ବିସ୍‌ବାସ୍ ରଇବା ଚାକର୍! ତମେ ବିସ୍‌ବାସ୍ ସଙ୍ଗ ଉନା ଦନ୍ କାର୍‌ବାର୍ କରି ରଇଲାର୍ ପାଇ ତମ୍‌କେ ବେସି ଦନ୍ ଚାଡିଦେବି । ଆଉ ମର୍ ସଙ୍ଗ ସାର୍‌ଦା କର୍ ।" **୨୨** "ଦୁଇ ଅଜାର୍ ରୁପାଟାଙ୍ଗା ନେଇ ରଇଲା ଚାକର୍ ଆସି କଇଲା, ସାଉକାର୍ ତମେ ମକେ ଦୁଇ ଅଜାର୍ ଦେଇ ରଇଲାସ୍, ମୁଇ ଆରି ଦୁଇ ଅଜାର୍ ଲାବ୍ କଲିଆଚି ।" **୨୩** ସାଉକାର୍ କଇଲା, କେଡେକ୍ ନିକ! ତୁଇ ମିସା ମର୍ ବଡିଆ ଚାକର୍ । ଉନା ଡାବୁ ମିସା ନିକକରି କାମେ ଲାଗାଇଲୁସ୍ । ଏବେ ତର୍ ଜିମାରେ ମୁଇ ବୁତେକ୍ ଦନ୍ ଦେବି । ଆଉ ମର୍ ସଙ୍ଗ ସାର୍‌ଦା କର୍ । **୨୪** ସାରାସାରି ଅଜାର୍ ରୁପାଟାଙ୍ଗା ପାଇରଇଲା ଚାକର୍ ଆସି କଇଲା, "ଏ ସାଉକାର୍ ମୁଇ ଜାନି, ତମେ ଗଟେକ୍ ବେସି ରିସା ଅଇବା ଲକ୍ । ବୁନି ନ ରଇବା ପଦାଇ କାଟ୍‌ସା ଆରି ବିଅନ୍ ନ ବୁନିକରି ତାସ୍ ବାରା ବାନ୍ଦସା । **୨୫** ସେଟାର୍ ପାଇ ମୁଇ ଡରିକରି ତମର୍ ଦନ୍ ମାଟିତେଇ କାଲ୍‌କୁନି ତପି ରଇଲି । ଏଦେ ଦେକା! ତମର୍ ସେ ଟାଙ୍ଗା!" **୨୬** ସାଉକାର୍ କଇଲା, "ଅଇରେ କାମ୍‌କେ ନଇଲା ବାଡୁ! ତୁଇତା ଜାନିରଇଲୁସ୍, ମୁଇ ଜନ୍ତି ବୁନି ନ ରଇ, ତେଇ ତାସ୍ ତୁଲିଆଇବି । **୨୭** ତେବେ ମର୍ ଟାଙ୍ଗାନେଇ ବିନ୍ ଲକ୍‌ମନ୍‌କେ କଲନ୍ତର୍ ଇସାବେ ଦେଇରଇଲେ ମିସା ତେଇଅନି ମକେ କଲନ୍ତର୍ ମିଲ୍‌ତା ।" **୨୮** ଏନ୍ତାରି କଇ ସାଉକାର୍ ଆଦେସ୍ ଦେଲା, ଏ ଚାକରର୍‌ଟାନେ ଅନି ସବୁ ଟାଙ୍ଗା ନେଇ, ଜାର୍ ଆତେ

ଦସ୍‌ଅଜାର୍ ଆଚେ, ତାକେ ଦେଇଦିଆସ୍ । ୨୯ କାଇକେ ବଇଲେ
ଜାକେ ଆଚେ, ତାକେ ଅଦିକ୍ ଦିଆଅଇସି । ଆରି ସେ ଅଦିକ୍
ଅଦିକ୍ ଲାବ୍ କର୍‌ସି । ମାତର୍ ଜାକେ ନାଇ ତାର୍‌ଲଗେ ଜାଇଟା
ଆଚେ, ସେଟା ମିସା ତାରଟେଇଅନି ଚାଡାଇ ନିଆଅଇସି । ୩୦
ଏ କାମ୍‌କେ ନଇଲା ଚାକର୍‌କେ ବାଇରେ ଦାରିଜା ଆରି ଆନ୍ଦାରେ
ପଙ୍ଗ୍ଦିଆସ୍ । ତେଇ ସେ କିଲିବିଲିଅଇ ଦାତ୍ କାଟ୍‌ରି ମାରି ଚପି
ଅଇ କାନ୍ଦସି । ୩୧ ଜେଟେବେଲା ନର୍‌ପିଲା ମୁଇ ରାଜାଅଇ
ମର୍ ସରଗର୍ ଦୁତ୍‌ମନର୍ ସଙ୍ଗେ ଆଇବି, ଆରି ମର୍ ଡାକ୍‌ପୁଟା
ବସ୍‌ବା ଜାଗାଇ ବସ୍‌ବି, ୩୨ ସବୁ ଜାତିର୍ ଲକ୍ ମର୍ ମୁଆଟେ
ଟୁଲ୍ ଅଇବାଇ । ସେଡ୍‌କି ବେଲା ଗଉଡ୍ ଜେନ୍ତି ମେଣ୍ଢା ଆରି
ଚେଲିମନ୍‌କେ ବେଗ୍‌ଲାଇସି, ସେନ୍ତି ନର୍‌ପିଲା ମୁଇ ଲକ୍‌ମନ୍‌କେ
ଦୁଇ ଦଲ୍ କରି ବାଗ୍ କର୍‌ବି । ୩୩ ଦରମ୍ ଲକ୍‌ମନ୍‌କେ ଉଜା
ବାଟେ ଆରି ବିନ୍ ଲକ୍‌ମନ୍‌କେ ମର୍ ଡେବ୍‌ରି ବାଟେ ସଙ୍ଗଇବି
। ୩୪ ତାର୍ ପଚେ ମର୍ ଉଜାବାଟେ ରଇଲା ଲକ୍‌ମନ୍‌କେ ମୁଇ
କଇବି, “ଆସା, ତମ୍‌କେ ମର୍ ବାବା ଆସିର୍‌ବାଦ୍ କଲାଆଚେ ।
ଦୁନିଆ ତିଆର୍‌ଅଇଲା ବେଲେଅନି ଜନ୍ ରାଇଜ୍ ତମର୍ ପାଇ
ତିଆର୍ ଅଇଲା ଆଚେ, ଆସା, ତେଇ ଜାଇ ପୁରା । ୩୫ ମୁଇ
ବୁକେ ରଇଲି, ତମେ ମକେ କୁଆଇଲାସ୍ । ମକେ ସସ୍ କଲା,
ତମେ ମକେ କାଇବାକେ ଦେଲାସ୍ । ମୁଇ ଚିନାର୍ ଜାନାର୍
ନ ରଇଲି, ମକେ ତମର୍ ଗରେ ଗତିଆ କରି ଡାକ୍‌ଲାସ୍ ।
୩୬ ମୁଇ ଡୁମ୍‌ଣ୍ଡା ରଇଲି, ମକେ ବସ୍‌ତର୍ ପିନ୍ଦାଇଲାସ୍ । ମୁଇ
ଜର୍‌ଦାରାଇ ଅଇରଇଲି, ମକେ ଜତନ୍ କଲାସ୍ । ମୁଇ ବନ୍ଦି
ଗରେ ରଇଲି ମକେ ଦେକ୍‌ବାର୍ ଆସିରଇଲାସ୍ ।” ୩୭ ଦରମ୍
ଲକ୍‌ମନ୍ କଇବାଇ, “ମାପ୍‌ରୁ! କେବେ ତମେ ବୁକେ ରଇଲାଟା
ଦେକି ତମ୍‌କେ କାଇବାକେ ଦେଇରଇଲୁ? କେବେ ତମ୍‌କେ ସସ୍
କଲାଜେ ପାନି କାଇବାକେ ଦେଇ ରଇଲୁ? ୩୮ କେବେ ତମେ
ଚିନାର୍ ଜାନାର୍ ନ ଅଇରଇଲାସ୍ ଜେ ଆମେ ତମ୍‌କେ ଗତିଆ
କରି ଗରେ ଡାକି ରଇଲୁ? ଆରି କେବେ ଡୁମ୍‌ଣ୍ଡା ରଇଲାସ୍
ଜେ ପିନ୍ଦବାକେ ବସ୍‌ତର୍ ଦେଇ ରଇଲୁ? ୩୯ କେବେ ତମେ
ଜର୍ ଦାରାଇ ଅଇରଇଲାସ୍‌ଜେ ଆମେ ତମ୍‌କେ ଜତନ୍ କଲୁ?
ଆରି କେବେ ତମେ ବନ୍ଦି ଗରେ ରଇଲାସ୍‌ଜେ ଆମେ ଦେକ୍‌ବାର୍
ଆସିରଇଲୁ?” ୪୦ ପଚେ, ମୁଇ ସେମନ୍‌କେ କଇବି, ମୁଇ ତମ୍‌କେ
ସତ୍‌କଇଲିନି, ଏ ମର୍ ବାଇମନର୍ ବିତ୍‌ରେ ସବୁର୍‌ଟାନେଅନି
ଗଟେକ୍ ସାନ୍ ଲକର୍ ପାଇ, ଜାଇଟା ସବୁ କରିଆଚାସ୍, ସେଟା
ମର୍ ପାଇ କରିଆଚାସ୍ । ୪୧ ତାର୍‌ପଚେ ଡେବ୍‌ରିବାଟେ ବସି
ରଇବା ଲକ୍‌ମନ୍‌କେ ମୁଇ କଇବି “ଏଇ ସାଇପ୍ ପାଇରଇବା
ଦଲର୍ ଲକ୍‌ମନ୍! ମର୍ ମୁଆଟେ ଗୁଆନାଇ । ସଇତାନ୍ ଆରି
ତାର୍ ସଙ୍ଗେ ରଇଲା ଦୁତ୍‌ମନର୍ ପାଇ, ସବୁବେଲେ ଲାଗି ରଇବା
ଜଇକୁଣ୍ଡ ତିଆର୍ ଅଇଲାଆଚେ । ତେଇ ଜାଆ! **(aiōnios g166)**
୪୨ ମୁଇ ବୁକେ ରଇଲି, ତମେ ମକେ କାଇବାକେ ଦିଆସ୍ ନାଇ,
ମକେ ସସ୍ କଲାଜେ ପାନି ଗୁଡିକ୍ ଦିଆସ୍ ନାଇ । ୪୩ ମୁଇ
ଅଚିନାର୍ ଅଇ ରଇଲା ବେଲେ ମକେ ଡାକାସ୍ ନାଇ । ମୁଇ
ଡୁମ୍‌ଣ୍ଡା ରଇଲା ବେଲେ ମକେ ବସ୍‌ତର୍ ପିନ୍ଦାଆସ୍ ନାଇ ।
ଜର୍ ଦାରାଅଇ ଆରି ବନ୍ଦି ଅଇ ରଇଲା ବେଲେ, ମକେ ଜତନ୍
କରାସ୍‌ନାଇ ।” ୪୪ ସେମନ୍ ସେଡ୍‌କିବେଲେ ମକେ କଇବାଇ,
“ମାପ୍‌ରୁ, ତମ୍‌କେ ଆମେ କେବେ ବୁକେ ରଇଲା ବେଲେ, ସସେ
ରଇଲା ବେଲେ, ଅଚିନାର୍ ରଇଲା ବେଲେ, ଡୁମ୍‌ଣ୍ଡା ରଇଲା
ବେଲେ ଆରି ଜର୍ ଦାରାଇଅଇ ବନ୍ଦି ରଇବାଟା ଦେକି ତମ୍‌କେ
ସାଇଜ କରୁ ନାଇ?” ୪୫ ସତଇସେ ମୁଇ କଇବି, “ଏ ସାନ୍
ଲକ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍‌କେ ସାଇଜ କର୍‌ବାକେ
ମନାକର୍‌ବା ବେଲେ, ତମେ ମକେ ସାଇଜ କରାସ୍ ନାଇ । ୪୬
ଏନ୍ତାରି ଲକ୍‌ମନ୍‌କେ ସବୁ ଦିନର୍ ପାଇ ଡଣ୍ଡ ମିଲ୍‌ସି ଆରି ଦରମ୍
ଲକ୍‌ମନ୍ ନ ସାର୍‌ବା ଜିବନ୍ ପାଇବାଇ ।” **(aiōnios g166)**

**୨୬** ଜିସୁ ଏ ସବୁ ସିକିଆ ଦେଇ ସାରାଇଲା ପଚେ
ସିସ୍‌ମନ୍‌କେ, ୨ “ନିସ୍‌ତାର୍ ପରବ୍ ଅଇବାକେ ଆରି
ଦୁଇ ଦିନ୍ ଆଚେ । ସେଟା ତମେ ଜାନାସ୍ । ସେଡ୍‌କିବେଲେ
ନର୍‌ପିଲା ମୁଇ କୁର୍‌ସେ ମର୍‌ବାକେ ଲକ୍‌ମନ୍‌କେ ସର୍‌ପି ଅଇବି
।” ୩ ସେବେଲେ ମୁକିଅ ପୁଜାରିମନ୍ ଆରି ପାର୍‌ଚିନ୍‌ମନ୍ ବଡ୍
ପୁଜାରି କୟାପାର୍ ଗରେ ରୁଣ୍ଡ ଅଇଲାଇ । ୪ ସେମନ୍ କେ
ନାଜାନ୍‌ଲାପାରା ଜିସୁକେ ଦାରି ମରାଇବାକେ ପାଁଚ୍‌ନା କଲାଇ
। ୫ ମାତର୍ ସେମନ୍ କଇଲାଇ, “ଆମେ ପରବ୍ ବେଲେ ଏ
କାମ୍ କର୍‌ବାଟା ଟିକ୍ ନଏଁ । ସେ ବେଲେ ଲକ୍‌ମନ୍ ଗଣ୍ଡଗଲ୍
ମିସା କରିପାରତ୍ ।” ୬ ଜିସୁ ଦିନେକ୍ ବେତ୍‌ନିଆଇ, ଆଗେଅନି
ବଡ୍‌ରଗ୍ ଅଇ ରଇବା ସିମନର୍ ଗରେ ରଇଲା । ୭ ସିମନର୍
ଗରେ ସେ କାଇବାକେ ବସି ରଇଲା ବେଲେ, ଏଦେ ଦେକା!
ଗଟେକ୍ ମାଇଜି ଆଲାବାସ୍‌ଟା ନାଉଁର୍ ପାକ୍‌ନାସଙ୍ଗେ ତିଆର୍‌କଲା
କଣ୍ଡିଟେଇ ବେସି ଦାମର୍ ବାସ୍‌ନା ଚିକନ୍ ବର୍‌ତି କରି ଆନି ତାର୍
ମୁଣ୍ଡେ ଡାଲି ଦେଲା । ୮ ଏଟା ଦେକିକରି ତାର୍ ସିସ୍‌ମନ୍ ରିସା
ଅଇଗାଲାଇ । ସେମନ୍ ତାକେ ପାଚାର୍‌ଲାଇ, “ଏତେକ୍‌ପାରା
ଚିକନ୍ କାଇକେ ଚୁଚାଇ ଚୁଚାଇ ଡାଲିପାକାଇଲୁସ୍? ୯ ଏ ବାସ୍‌ନା
ଚିକନ୍ ବିକ୍‌ଲେ ସରି, ବେସି ଡାବୁ ମିଲ୍‌ତା ଆରି ସେଟା ଗରିବ୍
ଲକ୍‌ମନ୍‌କେ ଦାନ୍ ଦେବାର୍ ଅଇତା ।” ୧୦ ସେମନ୍ କାଇଟା ବଲି
କଇଲାଇନି, ଏଟା ଜାନିକରି ଜିସୁ କଇଲା, “ତାକେ କାଇକେ
ତମେ ଅଇରାନ୍ କଲାସ୍‌ନି? ସେ ମର୍ ପାଇ ଗଟେକ୍ ନିକ ଆରି
ସୁନ୍ଦର୍ କାମ୍ କଲାଆଚେ ।” ୧୧ “ତମେ ସବୁବେଲେ ଗରିବ୍
ଲକ୍‌ମନର୍ ସଙ୍ଗେ ମିସ୍‌ସା । ମାତର୍ ମର୍‌ସଙ୍ଗେ ସବୁବେଲେ ରଇ
ନାପାରାସ୍ । ୧୨ ସେ ମର୍ ଉପ୍‌ରେ ବାସ୍‌ନା ଚିକନ୍ ରକଇକରି,
ମକେ ସମାଦି ଦେବା ଆଗ୍‌ତୁ, ତିଆର୍ କରି ଦେଲାଆଚେ ।
୧୩ ମୁଇ ତମ୍‌କେ ସତ୍‌କାତା କଇଲିନି, ଗୁଲାଇ ଜଗତେ ଜନ୍
ଜାଗାଇ ମିସା ମାପ୍‌ରୁର୍ ନିକ କବର୍ ଜାନାଇଅଇସି, ଏ ମାଇଜି
ଜାଇଟା କଲାଆଚେ, ତାକେ ଏତାଇକରି ସେଟା ମିସା କଇବାଇ
।” ୧୪ ଜିସୁର୍ ବାର୍‌ତା ସିସ୍‌ମନର୍ ବିତ୍‌ରେଅନି ଇସ୍‌କାରିୟତ୍

ଜିଉଦା ନାଉଁର୍ ଗଟେକ୍ ସିସ୍ ମୁକିଅ ପୁଜାରିମନର୍ ଲଗେ ଜାଇ ପାଚାର୍‌ଲା । **୧୫** "ଜିସୁକେ ଦାରାଇଦେଲେ ମକେ କାଇଟା ଦେଇସା?" ସେମନ୍ ତାକେ ତିରିସ୍‌ଟା ରୁପାଟାଙ୍ଗା ଏଜିକରି ଦେଲାଇ । **୧୬** ସେ ଦିନେଅନି ଜିଉଦା ଜିସୁକେ ଦାରାଇ ଦେବାକେ ବେଲା କଜ୍‌ତେରଇଲା । **୧୭** ନିସ୍‌ତାର୍ ପରବର୍ ପର୍‌ତୁମ୍ ଦିନେ ସିସ୍‌ମନ୍ ଆସି ଜିସୁକେ ପାଚାର୍‌ଲାଇ, "ତମର୍ ପାଇ ଆମେ କନ୍ତି ନିସ୍‌ତାର୍ ପରବର୍ ବଜି ତିଆର୍ କର୍‌ବୁ?" **୧୮** ଜିସୁ କଇଲା, "ନଅରେ ଜାଇ ସେ ଲକ୍‌କେ କଇସା, ତାର୍ ଦିନ୍‌କାଲ୍ କେଟି ଆଇଲାନି ବଲି ଗୁରୁ କଇଲା ଆଚେ । ତାର୍ ସିସ୍‌ମନର୍ ସଙ୍ଗ୍ ତମର୍ ଗରେ ସେ ନିସ୍‌ତାର୍ ପରବ୍ ମାନ୍‌ସି ।" **୧୯** ସିସ୍‌ମନ୍, ଜିସୁ କଇଲା ଇସାବେ ନିସ୍‌ତାର୍ ପରବର୍ ବଜି ତିଆର୍‌କଲାଇ । **୨୦** ସଞ୍ଜ୍ ଅଇଲାକେ ଜିସୁ ଆରି ତାର୍ ବାର୍‌ଟା ସିସ୍‌ମନ୍ କାଇବାର୍ ବସ୍‌ଲାଇ । **୨୧** କାଇବା ବେଲେ ଜିସୁ କଇଲା, "ମୁଇ ତମ୍‌କେ ସତ୍ କଇଲିନି, ତମର୍ ବିତ୍‌ରେଅନି ଗଟେକ୍ ଲକ୍ ମକେ ବିସ୍‌ବାସେ ବିସ୍‌ଦେଲା ପାରା କର୍‌ସି ।" **୨୨** ଏ କାତା ସୁନି ସିସ୍‌ମନ୍ କାବା ଅଇଗାଲାଇ । ଆରି ଗଟେକ୍ ଗଟେକ୍ ଲକ୍ ଜିସୁକେ ପାଚାର୍‌ଲାଇ "ମାପ୍ରୁ ସେ ଲକ୍ ମୁଇ କି?" **୨୩** ଜିସୁ କଇଲା, "ଜନ୍ ଲକ୍‌କି ମର୍‌ସଙ୍ଗ୍ ଗିନାତେଇ ରୁଟି ଚବାଲ୍‌ଲା, ସେ ଆକା ।" ସେ ମକେ ବିସ୍‌ବାସେ ବିସ୍ ଦେଲାପାରା କର୍‌ସି । **୨୪** ସାସ୍‌ତରର୍ ଲେକା ଇସାବେ ମୁନୁସ୍‌ପିଲା ମୁଇ ମରିଜିବି, ମାତର୍ ଜେ ମକେ ଦାରାଇ ଦେଇସି, ତାର୍ ଦସା କେଡେ ଇନସ୍‌ତା ଅଇସି! ସେ ଜନମ୍ ନ ଅଇରଇଲେ ନିକ ଅଇତା । **୨୫** ବିସ୍‌ବାସେ ବିସ୍ ଦେଉ ଜିଉଦା ଉଟି ପାଚାର୍‌ଲା, "ଗୁରୁ ତମେ ମକେ ଦେକାଇକରି କୁଆସ୍‌ନାଇ ତ?" ଜିସୁ ତାକେ କଇଲା, "ସେଟା ତୁଇସେ କଇଲୁସ୍‌ନି ।" **୨୬** ସେମନ୍ କାଇବା ବେଲେ ଜିସୁ ଗଟେକ୍ ରୁଟି ଦାରି ପର୍‌ମେସର୍‌କେ ଦନିଅବାଦ୍ ଦେଲା, ଆରି ସେଟା ବାଣ୍ଟାଇ ସିସ୍‌ମନ୍‌କେ ଦେଇ କଇଲା, "ଏଟା ମର୍ ଗାଗଡ୍ । ନିଆ ଆରି କାଆ ।" **୨୭** ତାର୍‌ପଚେ ଅଙ୍ଗୁର୍‌ରସ୍ ରଇଲା ମୁତା ଦାରି ପର୍‌ମେସର୍‌କେ ଦନିଅବାଦ୍ ଦେଲା ଆରି ତାର୍ ସିସ୍‌ମନ୍‌କେ କଇଲା, "ତମେ ସବୁ ଲକ୍ ଏ ମୁତାର୍‌ଟା କାଆ । **୨୮** ଏଟା ମର୍ ବନି । ମୁନୁସ୍‌ମନର୍ ପାପ୍‌କେମାର୍ ଲାଗି ମୁଇ ମର୍ ଜନ୍ ବନି ଡାଲି ଦେବି ବଲି ଗାଲିନି, ସେଟା ପର୍‌ମେସର୍ ନୁଆ ନିୟମ୍ ଟିକ୍ କର୍‌ସି । **୨୯** ମୁଇ ତମ୍‌କେ କଇଲିନି, ମର୍ ବାବାର୍ ରାଇଜେ ତମର୍ ସଙ୍ଗ୍ ନୁଆ ଅଙ୍ଗୁର୍ ରସ୍ କାଇବା ଜାକ ମୁଇ ଆରି କେବେ ଏ ରସ୍ ନ କାଇ ।" **୩୦** ତାର୍‌ପଚେ ସେମନ୍ ଦନିଅବାଦର୍ ଗିତ୍ ଗାଇ ଗାଇ କରି ଜିତ୍‌ନାଉଁର୍ ପର୍‌ବତେ ଗାଲାଇ । **୩୧** ସେବେଲେ ଜିସୁ ସେମନ୍‌କେ କଇଲା, "ଆଜି ରାତି ତମେ ସବୁ ଲକ୍ ମକେ ଚାଡିକରି ଉଟିଜାଇସା । ସାସ୍‌ତର୍ କଇଲାନି, ମୁଇ ମେଣ୍ଢା ଚାରାଉକେ ମରାଇବି ଆରି ମେଣ୍ଢାମନ୍ ଚିନ୍‌ବିନ୍ ଅଇଜିବାଇ । **୩୨** ମାତର୍ ମୁଇ ମରିକରି ଆରି ତର୍ ଉଟ୍‌ଲା ପଚେ, ତମର୍ ଆଗ୍‌ତୁ ଆଗ୍‌ତୁ ଗାଲିଲି ରାଇଜେ ଜିବି ।" **୩୩** ପିତର୍ ଜିସୁକେ କଇଲା, "ତମ୍‌କେ ବିନ୍ ଲକ୍‌ମନ୍ ସବୁ ଚାଡିକରି ଉଟିଗାଲେ ମିସା ମୁଇ ଚାଡି ନ ଜାଇ ।" **୩୪** ଜିସୁ ପିତର୍‌କେ କଇଲା, "ମୁଇ ସତ୍ କଇଲିନି ଆଜି ରାତି କୁକ୍‌ଡା ନ ଡାକ୍‌ତେ, ତୁଇ ମକେ ତିନ୍ ତର୍ ନାଜାନି ବଲି କଇସୁ ।" **୩୫** ପିତର୍ କଇଲା, "ଜଦି ମୁଇ ତମର୍ ସଙ୍ଗ୍ ମର୍‌ବାର୍ ରଇଲେ ମିସା, ମୁଇ ତମ୍‌କେ କେବେ ନାଜାନି ବଲି ନ କଇ ।" ବିନ୍ ସିସ୍‌ମନ୍ ମିସା ସେନ୍ତାର୍ କଇଲାଇ । **୩୬** ତାର୍ ପଚେ ଜିସୁ ତାର୍ ସିସ୍‌ମନର୍ ସଙ୍ଗ୍ ଗେତ୍‌ସିମନି ନାଉଁର୍ ଗଟେକ୍ ଜାଗାଇ ଜାଇ ସେମନ୍‌କେ କଇଲା, "ତମେ ଇତି ଚନେକ୍ ବସି ରୁଆ । ମୁଇ ସେ ଲଗେ ଜାଇ ପାର୍‌ତନା କର୍‌ବି ।" **୩୭** ସେ ପିତର୍‌କେ ଆରି ଜେବଦିର୍ ଦୁଇଟା ପିଲାମନ୍‌କେ ତାର୍ ସଙ୍ଗ୍ ଡାକିନେଲା । ସେଡ୍‌କି ବେଲେ ସେ ବେସି ଦୁକ୍ କସ୍‌ଟ ଆରି କିଲ୍‌ବିଲ୍‌ଅଇ, **୩୮** ସେମନ୍‌କେ କଇଲା, "ଦୁକ୍ ଅଇ ମର୍ ଜିବନ୍ ଚିଡିଗାଲା ପାରା ଲାଗ୍‌ଲାନି । ଇତି ତମେ ମକେ ଜାଗିରୁଆ ।" **୩୯** ଜିସୁ ତାକର୍ ଟାନେଅନି କଣ୍ଡେକ୍ ଦୁରିକେ ଜାଇ ବୁଏଁ ଉମ୍‌ଡାଡିଅଇ ପାର୍‌ତନା କଲା, "ବାବା ଜଦି ଅଇସି ବଇଲେ ଏ ଦୁକ୍ ପୁରୁନର୍ ମୁତା ମର୍‌ଟାନେଅନି ଦାରି ଜା, ମାତର୍ ମୁଇ ମନ୍ କଲାଟା ନଏଁ, ତମେ ମନ୍ କଲାଟା ପୁରାପୁରୁନ୍ ଅ ।" **୪୦** ତାର୍‌ପଚେ ସେ ତିନ୍‌ଟା ସିସ୍‌ମନର୍ ଲଗେ ବାଉଡି ଆସି ଦେକ୍‌ଲା, ସେମନ୍ ସଇଦେଇଆଚତ୍ । ଜିସୁ ପିତର୍‌କେ କଇଲା, "ତମେ ଗଟେକ୍ ଗଁଟା ମିସା ଜାଗି ନାପାର୍‌ଲାସ୍? **୪୧** ଜେନ୍ତିକି ପରିକାର୍ ବେଲାଇ ନ ଆରିଜିବାକେ, ଜାଗିରଇ ପାର୍‌ତନା କରା । କାଇକେ ବଇଲେ ଆତ୍‌ମା କର୍‌ବି ବଲି ମନ୍ କଲାନି, ମାତର୍ ଗାଗଡ୍ ନିଚି ବଇଲାନି ।" **୪୨** ଜିସୁ ଆରି ତରେକ୍ ଜାଇ ପାର୍‌ତନା କଲା, "ଏ ମର୍ ବାବା ଜଦି ଏ ଦୁକର୍ ମୁତା ମର୍‌ଟାନେଅନି ନ ନେଲେ, ମୁଇ ସେଟା କାଇବାକେ ସେ ପଡ୍‌ସି । ମାତର୍ ମୁଇ ମନ୍ କଲାଟା ନାଇ, ତମେ ମନ୍ କଲାଟା ପୁରାପୁରୁନ୍ ଅ ।" **୪୩** ସେ ଆରି ତରେକ୍ ବାଉଡି ଆସି ସିସ୍‌ମନ୍ ସଇରଇଲାଟା ଦେକ୍‌ଲା । ସେମନ୍‌କେ ଗୁନ୍ ଡାବି ଆନ୍‌ତେ ରଇଲାଜେ ଆଁକି ଦେକି ନାପାର୍‌ତେ ରଇଲାଇ । **୪୪** ଏଟାସଙ୍ଗ୍ ତିନ୍‌ତର୍ ଅଇଲା ଜିସୁ ସେମନ୍‌କେ ଚାଡିକରି କଣ୍ଡେକ୍ ଦୁରିକେ ଜାଇ ସେନ୍ତାରି ପାର୍‌ତନା କଲା । **୪୫** ତାର୍ ପଚେ ସିସ୍‌ମନର୍ ଲଗେ ଆସି କଇଲା, "ଏବେ ଜାକ ତମେ ସଇଆଚାସ୍? ଦେକା ପର୍‌ମେସରର୍ ନର୍‌ପିଲା ମୁଇ ପାପିମନ୍‌କେ ସର୍‌ପି ଅଇବା ବେଲା କେଟିଆଚେ । **୪୬** ଉଟା, ଜୁ । ଏଦେ ଦେକା! ମକେ ଦାରାଇ ଦେବା ଲକ୍ ଆସି କେଟ୍‌ଲାବେ ।" **୪୭** ଜିସୁ ତାର୍ ସିସ୍‌ମନ୍‌କେ ଏ କାତା କଇବା ବେଲେ ତାର୍ ବାର୍‌ଟା ସିସ୍‌ମନର୍ ବିତ୍‌ରେ ଅନି ଜିଉଦା ନାଉଁର୍ ସିସ୍ ଆସି କେଟ୍‌ଲା । ତାର୍ ସଙ୍ଗ୍ କାତି କାଣ୍ଡା ଆରି ଟେଙ୍ଗ୍ ଡାଙ୍ଗ୍ ଦାରି ବେସି ଲକ୍ ତେଇ ଟୁଲ୍ ଅଇଲାଇ । ସେମନ୍‌କେ ମୁକିଅ ପୁଜାରିମନ୍ ଆରି ପାର୍‌ଚିନ୍‌ମନ୍ ପାଟାଇରଇଲାଇ । **୪୮** ବିସ୍‌ବାସେ ବିସ୍ ଦେଉ ଜିଉଦା ସେମନ୍‌କେ ଜାନାଇ ରଇଲା । ସେ ସେମନ୍‌କେ କଇରଇଲା ମୁଇ ଜନ୍ ଲକ୍‌କେ ଚୁମ୍ବି ତାକେ ତମେ କଜ୍‌ଲାସ୍‌ନି,

ତାକେ ଦାରା । ୪୯ ଜିଉଦା ସଲ୍‌କେ ଜିସୁର୍‌ଲଗେ ଜାଇ ତାକେ "ଏ ଗୁରୁ ଜୁଆର୍!" ବଲିକରି ଚୁମ୍‌ଲା । ୫୦ ଜିସୁ ଜିଉଦାକେ କଇଲା, "ମଇତର୍ ତର୍ କାମ୍ ଦାପ୍‌ରେ ସାରାଇଦେସ୍ ।" ତାର୍ ପଚେ ସେମନ୍ ଜିସୁକେ ଦାରି ବାନ୍ଧି ପାକାଇଲାଇ । ୫୧ ଜିସୁର୍ ବାଟର୍ ଗଟେକ୍ ଲକ୍ ତାର୍ ନିଜର୍ କାଣ୍ଡା ବାର୍‌କରାଇ ମୁକିଅ ପୁଜାରିର୍ ଗତିଦାଙ୍ଗଡାକେ ମାର୍‌ଲା । ସେ ଲକର୍ କାନ୍ ଚିଡି ଗାଲା । ୫୨ ଜିସୁ ତାକେ କଇଲା, "ତର୍ କାଣ୍ଡା ପୁରାଇକରି ସଙ୍ଗ । ଜନ୍ ଲକ୍‌ମନ୍ କାଣ୍ଡା ଉଟାଇବାଇ, ସେମନ୍ କାଣ୍ଡାଇସେ ମର୍‌ବାଇ । ୫୩ ତୁଇ କାଇ ନାଜାନୁସ୍ କି? ମୁଇ ମର୍ ବାବାକେ ସାଇଜ ମାଙ୍ଗଲେ, ସେ ମର୍‌ପାଇ ଦାପ୍‌ରେସେ, ବାର୍‌ଟା ଦଲେଅନି ଅଦିକ୍ ସରଗର୍ ଦୁତ୍‌ମନ୍‌କେ ପାଟାଇପାରେ । ୫୪ ମାତର୍ ସେନ୍ତାର୍ ଆଲେ ଏଟାମନ୍ ସବୁ ଗଟ୍‌ସି ବଲି ସାସ୍‌ତରରେ ଜାଇ ଜାଇଟା ଲେକା ଅଇଲା ଆଚେ, ସେଟା କେନ୍ତି ପୁରାପୁରୁନ୍ ଅଇସି?" ୫୫ ତାର୍ ପଚେ ଜିସୁ ତେଇ ଟୁଲ୍‌ଅଇରଇବା ଲକ୍‌ମନ୍‌କେ କଇଲା, "ମୁଇ କାଇ ଗଟେକ୍ ପାଲାଇବା କାଙ୍ଗାର୍‌ଜେ ଟେଙ୍ଗା ଡାଙ୍ଗ ଆରି କାଣ୍ଡା ଦାରି ମକେ ଦାର୍‌ବାର୍ ଆସିଆଚାସ୍? ମୁଇ ସବୁ ଦିନ୍ ମନ୍ଦିରେ ବସି ସିକିଆ ଦେଇତେ ରଇଲି, ସେବେଲେଟା ମକେ ଦାରାସ୍ ନାଇ! ୫୬ ଜାଇଟା ଅବେ, ବବିସତ୍‌ବକ୍‌ତାମନ୍ ସାସ୍‌ତରରେ ଜାଇଟା ଲେକ୍‌ଲାଇ ଆଚତ୍, ସେ ସବୁ ସିଦ୍ ଅଇବାକେ ଏଟା ଗଟ୍‌ଲା ।" ସେଦ୍‌କିବେଲେ ସିସ୍‌ମନ୍ ସବୁଲକ୍ ଜିସୁକେ ଚାଡି ପାଲାଇଲାଇ । ୫୭ ଜିସୁକେ ବନ୍ଦି କରୁମନ୍ ତାକେ ବଡ୍ ପୁଜାରି କାୟାପାର୍ ଗରେ ନେଲାଇ । ସିଟି ଦରମ୍ ଗୁରୁ ଆରି ପାର୍‌ଚିନ୍‌ମନ୍ ଟୁଲ୍ ଅଇରଇଲାଇ । ୫୮ ପିତର୍ କଣ୍ଡେକ୍ ଦୁରିକେ ରଇକରି ଜିସୁକେ ଦେକ୍‌ତେ ରଇଲା । ଆରି ସେ କାୟାପା ଗରର୍ ଡାଣ୍ଡଜାକ ଗାଲା । ଏ ସବୁ ଗଟ୍‌ନା କାଇଟା ଅଇସି ବଲି ସେଟା ଦେକ୍‌ବାକେ ପିତର୍ ମନ୍ଦିର୍ ଜାଗୁଆଲ୍‌ମନର୍ ସଙ୍ଗ ତେଇ ବସ୍‌ଲା । ୫୯ ମୁକିଅ ପୁଜାରିମନ୍ ଆରି ବଡ୍ ସବାଇ ରଇଲା ସବୁ ଲକ୍‌ମନ୍ ଜିସୁକେ ମରନ୍ ଡଣ୍ଡ ଦେବାକେ ତାର୍ ବିରୁଦେ ମିଚ୍ କାତା କଜ୍‌ବାକେ ଚେସ୍‌ଟା କଲାଇ । ୬୦ କେତେ କେତେ ଲକ୍‌ମନ୍ ଜିସୁର୍ ବିରୁଦେ ମିଚ୍ କାତା କଇଲାଇ । ମାତର୍ ସେନ୍ତାରି କାଇ ବୁଲ୍ କାତା ମିସା ମିଲେ ନାଇ । ପଚେ ଦୁଇଲକ୍ ଉଟିକରି, ୬୧ "ଏ ଲକ୍ ମୁଇ ପର୍‌ମେସରର୍ ମନ୍ଦିର୍ ବାଙ୍ଗାଇ ଦେଇ, ସେଟା ତିନ୍ ଦିନ୍ ବିତ୍‌ରେ ଆରି ତରେକ୍ ଉଟାଇ ଦେଇପାରି ।" ବଲି କଇରଇଲା । ୬୨ ବଡ୍ ପୁଜାରି ଟିଆଅଇକରି ଜିସୁକେ କଇଲା, "ତୁଇ କାଇକେ କାଇଟାବଲି କଉସ୍ ନାଇ? ଏମନ୍ କଇବା କାତା ଚାପ୍‌ବାକେ ତୁଇ ଆରି କାଇଟା କଇବାର୍ ଆଚେ କି?" ୬୩ ମାତର୍ ଜିସୁ ଚିମ୍‌ରାଅଇ ରଇଲା । ବଡ୍ ପୁଜାରି କଇଲା, "ମୁଇ ତମ୍‌କେ ଜିବନ୍ ରଇବା ପର୍‌ମେସରର୍ ନାଉଁ ଦାରି ପର୍‌ମାନ୍ କରାଇ ପାଚାର୍‌ଲିନି, ସତ୍ କଅ, ତୁଇ କାଇ ପର୍‌ମେସରର୍ ପିଲା ମସିଅ କି?" ୬୪ ଜିସୁ କଇଲା, "ତୁଇ ସମାନ୍ କାତା କଇଆଚୁସ୍ । ମାତର୍ ମୁଇ ତମ୍‌କେ ସବୁ ଲକ୍‌କେ କଇଲିନି, ପର୍‌ମେସର୍ ପାଟାଇଲା ନର୍‌ପିଲା ମୁଇ, ଦାପ୍‌ରେ ସେ ସବୁର୍ ଉପ୍‌ରର୍ ମାପ୍‌ରୁର୍ ଉଜା ବାଟେ ବସ୍‌ବାକେ ଗାଲିନି, ଆରି ମକେ ତମେ ସର୍‌ଗେଅନି ବାଦଲ୍ ସଙ୍ଗ ଉତ୍‌ରି ଆଇବାଟା ଦେକ୍‌ସା ।" ୬୫ ଏ କାତା ସୁନି ବଡ୍ ପୁଜାରି ତାର୍ ପିନ୍ଦି ରଇବାଟା ଚିରିପାକାଇ କଇଲା, "ଏଟା ସେ ପର୍‌ମେସର୍‌କେ ନିନ୍ଦା କର୍‌ବାଟା! ଆରି ବିନ୍ ସାକି ଦର୍‌କାର୍ ନାଇ । ତମେ ଏବେସେ ଏ ଲକ୍ ପର୍‌ମେସର୍‌କେ ନିନ୍ଦା କର୍‌ବାଟା ସୁନ୍‌ଲାସ୍ । ୬୬ ଏ ବିସଇନେଇ କରି ତମେ କାଇଟା ବାବ୍‌ଲାସ୍‌ନି?" ସେମନ୍ ସବୁ ଲକ୍ କଇଲାଇ, "ସେ ଦସ୍ କରିଆଚେ, ମରନ୍ ଡଣ୍ଡ ପାଇବାର୍ ଦର୍‌କାର୍ ଆକା ।" ୬୭ ତାର୍ ପଚେ ସେମନ୍ ଜିସୁର୍ ମୁଏଁ ତୁକ୍‌ଲାଇ ଆରି ମାର୍‌ଲାଇ । କେତେ ଲକ୍ ତାକେ ଚାପଡ୍ ସଙ୍ଗ ମାରି କଇଲାଇ, ୬୮ "ଏ କିରିସ୍‌ଟ! ବବିସତ୍ କାତା ଅଲପ୍ କଅ । ତକେ କେ ମାର୍‌ଲା କଇଦେକ୍ ପନି!" ୬୯ ପିତର୍ ବଡ୍ ପୁଜାରିର୍ ଦୁଆର୍ ମୁଆଟେ ବସି ରଇଲା ବେଲେ ଗଟେକ୍ ବଡ୍ ପୁଜାରିର୍ ପାଇଟିକାରିଆନି ଲଗେ ଆସି କଇଲା, "ତୁଇ ମିସା ଗାଲିଲିର୍ ଜିସୁର୍ ସଙ୍ଗ ରଇଲୁସ୍ କାଇକି?" ୭୦ ମାତର୍ ପିତର୍ ସବୁର୍ ମୁଆଟେ ନାଡାଇ କରି ଏ କାତା କଇଲା, "ତୁଇ କାଇ ବଲି କଇଲୁସ୍‌ନି ମୁଇ ନାଜାନି ।" ୭୧ ଏନ୍ତି କଇକରି ପିତର୍ ଦୁଆର୍ ମୁଆଁଟ୍ ଲଗେ ଉଟିଗାଲା । ଆରି ଗଟେକ୍ ବିନ୍ ପାଇଟିକାରିଆନି ତାକେ ଦେକି ତେଇ ରଇବା ଲକ୍‌ମନ୍‌କେ କଇଲା, "ଏ ନାଜରିତର୍ ଜିସୁର୍ ସଙ୍ଗ ରଇଲା ।" ୭୨ ପିତର୍ ଆରି ତରେକ୍ କଇଲା, "ମୁଇ ପର୍‌ମାନ୍ କରି କଇଲିନି, ସେ ଲକ୍‌କେ ନାଜାନି ।" ୭୩ କେତେପର୍ ଗାଲାପଚେ ତେଇ ରଇଲା ଲକ୍‌ମନ୍ ପିତରର୍ ଲଗେ ଆସି କଇଲାଇ, "ବାଇଦରେ ତୁଇ ମିସା ସେମନର୍ ବିତ୍‌ରେଅନି ଗଟେକ୍ ଲକ୍ । ତର୍ କାତାବାର୍‌ତାଇଅନି ଏଟା ଜାନା ପଡିଗାଲାନି ।" ୭୪ ପିତର୍ କଇଲା, "ମୁଇ ପର୍‌ମାନ୍ କରି କଇଲିନି, ମର୍ କାତା ସତ୍ ଆକା । ନଇଲେ ପର୍‌ମେସର୍ ମକେ ଡଣ୍ଡ ଦେଅ । ସେ ଲକ୍‌କେ ମୁଇ ନାଜାନି ।" ସେଦାପ୍‌ରେ କୁକ୍‌ଡା ଡାକ୍‌ଲା । ୭୫ ଆରି ଜିସୁ ଜନ୍ ଜନ୍ କାତା କଇରଇଲା, କୁକ୍‌ଡା ନ ଡାକ୍‌ତେ ତୁଇ ମକେ ତିନ୍ ତର୍ ନାଜାନି ବଲି କଇସୁ । ସେ ସବୁ ପିତର୍ ଏତାଇଲା ଆରି ସେ ବାଇରେ ଜାଇ ବେସି ଦୁକ୍ ଅଇ କାନ୍ଦ୍‌ଲା ।

**୨୭** ତାର୍ ଆରକର୍ ଦିନର୍ ସାକାଲ୍ ସାକାଲ୍ ଜିସୁକେ ମରାଇଦେବାକେ ମୁକିଅ ପୁଜାରିମନ୍ ଆରି ପାର୍‌ଚିନ୍‌ମନ୍ ରାଜି ଅଇଲାଇ । ୨ ସେମନ୍ ଜିସୁକେ ସିକିଲି ସଙ୍ଗ ବାନ୍ଧି ରମ୍‌ରାଇଜର୍ ରାଜା ପିଲାତର୍ ଲଗେ ଦାରିଗାଲାଇ । ୩ ଜେଡେବେଲେ ବିସ୍‌ବାସେ ବିସ୍ ଦେଉ ଜିଉଦା ଜିସୁକେ ମରନର୍ ଡଣ୍ଡ ଆଦେସ୍ ଅଇଲା ଆଚେ ବଲି ସୁନ୍‌ଲା, ସେ ଦୁକ୍ ଅଇ ଏତାଇଲା ଆରି ମୁକିଅ ପୁଜାରିମନ୍‌କେ ଆରି ପାର୍‌ଚିନ୍‌ମନ୍‌କେ ତିରିସ୍‌ଟା ରୁପାଟାଙ୍ଗା ବାଉଡାଇଦେଇ କଇଲା, ୪ "ଗଟେକ୍ କାଇ ଦସ୍ ନ ରଇଲା ଲକ୍‌କେ ମୁଇ ବିସ୍‌ବାସେ ବିସ୍ ଦେଲାପାରା କରି ବଡ୍ ପାପ୍ କରିଆଚି ।" ସେମନ୍ କଇଲାଇ, "ତେଇ ଆମର୍

କାଇଟା ଆଚେ? ସେଟା ତର୍ ନିଜର୍ କାତା ।” **୫** ଜିଉଦା ସେମନ୍ ଦେଇରଇବା ରୁପାଟାଙ୍ଗା ମନ୍ଦିର୍ ବିତ୍‌ରେ ପିଙ୍ଗିଦେଇ ଉଟିଗାଲା । ତାର୍‌ପଚେ ସେ ଜାଇକରି ଗାଲାଇ ଡର୍ ବାନ୍ଦି ଉଚ୍‌କିଅଇ ମରିଗାଲା । **୬** ମୁକିଅ ପୁଜାରିମନ୍ ଜିଉଦା ପିଙ୍ଗି ରଇଲା ରୁପାଟାଙ୍ଗାମନ୍ ଟୁଲିଆଇ କଇଲା, “ଏଟା ବନିର୍ ମୁଲିଅ, ଏଟା ମନ୍ଦିରର୍ ଦାନ୍‌ଦେବା ଜାଗାଇ ସଙ୍ଗଇବାଟା ନିୟମ୍ ବିରୁଦର୍ କାମ୍ ।” **୭** ସେ ଡାବୁ କେନ୍ତାରି କର୍‌ଚ କରିଅଇସି, ଏ ବିସଇର୍ କାତାବାର୍‌ତା ଅଇ କୁମାର୍‌କେତ୍ ନାଉଁର୍ କଣ୍ଡେକ୍ ଜମି ଗେନ୍‌ଲାଇ । ଏଟା ବିନ୍ ଦେସର୍ ମଲା ଲକ୍‌ମନର୍ ପାଇ କବର୍ ଦେବା ଜାଗା ଅଇଲା । **୮** ତେବର୍ ପାଇ ଆଜିକେ ଜାକ ସେ ଜାଗାକେ ବନିର୍ ଜାଗାବଲିକରି କଇଲାଇନି । **୯** ଏ ବିସଇ ନେଇକରି ଜିରିମିୟ ବବିସତ୍‌ବକ୍‌ତା ଜେନ୍ତି କଇରଇଲା, ସେଟା ପୁରାପୁରୁନ୍ ଅଇଲା । ଜନ୍‌ଟା ତିରିସ୍ ଟାଙ୍ଗାକେ ବିକ୍‌ବାକେ ଇସ୍‌ରାଇଲର୍ ପିଲାମନ୍ ରାଜି କରିରଇଲାଇ ସେଟା ନେଲାଇ । **୧୦** ଆରି ତିରିସ୍‌ଟା ଅଦ୍‌ଲି ଡାବୁ ନେଇ ସେମନ୍ କୁମାର୍ କେତ୍ ଗେନ୍‌ଲାଇ । ଏଟା କର୍‌ବାକେ ମକେ ମାପ୍ରୁ ଆଦେସ୍ ଦେଇରଇଲା । **୧୧** ଜିସୁର୍ ମୁଆଟେ ଦେକି ରମ୍ ରାଇଜର୍ ସାସନ୍‌କାରିଆ ପିଲାତ ପାଚାର୍‌ଲା, “ତୁଇ କାଇ ଜିଉଦି ମନର୍ ରାଜା କି?” ଜିସୁ ତାକେ କଇଲା, ତୁଇ ସେଟା କଇଲୁସ୍‌ନି । **୧୨** ମାତର୍ ମୁକିଅ ପୁଜାରିମନ୍ ଆରି ପାର୍‌ଚିନ୍‌ମନ୍ ଜିସୁର୍ ବିରୁଦେ ଆନିରଇବା ନିନ୍ଦା କାତାର୍ କାଇମିସା ଉତର୍ ଦେଏ ନାଇ । **୧୩** ତେବର୍ ପାଇ ପିଲାତ୍ ତାକେ କଇଲା, ତର୍ ବିରୁଦେ ସେମନ୍ ଜାଇ ଜାଇଟା କଇଲାଇନି ସେଟା କାଇ ତୁଇ ସୁନି ନାପାର୍‌ଲୁସ୍‌ନି କି? **୧୪** ମାତର୍ ଜିସୁ ପଦେକ୍ ମିସା କଏନାଇ ଜେ ପିଲାତ୍ କାବାଅଇଗାଲା । **୧୫** ନିସ୍‌ତାର୍ ପରବ୍ ବେଲେ ରମିୟ ସାସନ୍‌କାରିଆ ଲକ୍‌ମନର୍ ମନ୍ କଲା ଇସାବେ କାକେ ମିସା ଗଟେକ୍ ବନ୍ଦି ଲକ୍‌କେ ବନ୍ଦିଗରେଅନି ମୁକ୍‌ଲାଇଦେବା ରିତିନିତି ରଇଲା । **୧୬** ସେବେଲେ ବାର୍‌ବା ନାଉଁର୍ ଗଟେକ୍ ବଡ୍ ଟାଉଟରିଆ ନର୍‌ମାରୁ ବନ୍ଦି ଅଇରଇଲା । **୧୭** ତେଇ ଆସି ରଇଲା ଲକ୍‌ମନ୍‌କେ ପିଲାତ୍ ପାଚାର୍‌ଲା, “ମୁଇ କାକେ ମୁକ୍‌ଲାଇ ଦେବି ବଲି ତମେ ମନ୍ କଲାସ୍‌ନି? ବାର୍‌ବାକେ କି ଜିସୁକେ, ଜାକେ କିରିସ୍‌ଟ ବଲି କଇବାଇ?” **୧୮** ପିଲାତ୍, ଜିଉଦି ନେତାମନ୍ ଆଁକାର୍ ଅଇ ଜିସୁକେ ତାର୍‌ଟାନେ ସର୍‌ପିଦେଇ ଆଚତ୍ ବଲି ନିକ ସଙ୍ଗ ଜାନିରଇଲା । **୧୯** ପିଲାତ୍ ବିଚାର୍‌ନା ଜାଗାଇ ବସି ରଇଲାବେଲେ ତାର୍ ମାଇଜି ଗଟେକ୍ କବର୍ କଇଲା, “କାଇ ଦସ୍‌ପାପ୍ ନ କଲା ସେ ଲକ୍‌କେ କାଇଟା କରା ନାଇ । କାଲି ରାତି ସପ୍‌ନେ ତାର୍ ଲାଗି ମୁଇ ବେସି କସ୍‌ଟ ପାଇଲି ।” **୨୦** ମୁକିଅ ପୁଜାରିମନ୍ ଆରି ପାର୍‌ଚିନ୍‌ମନ୍ ବାର୍‌ବାକେ ମୁକ୍‌ଲାଇ ଦେଇକରି, ଜିସୁକେ ମରନ୍ ଡଣ୍ଡ ଦେବାକେ ଲକ୍‌ମନ୍‌କେ ପିଲାତର୍ ଲଗେ ଜାଇ ଦାବି କର୍‌ବାକେ ଉସ୍‌କାଇଲାଇ । **୨୧** ପିଲାତ୍ ଆରି ତରେକ୍ ଲକ୍‌ମନ୍‌କେ ପାଚାର୍‌ଲା, “ମୁଇ ଏ ଦୁଇ ଲକର୍ ବିତ୍‌ରେଅନି କାକେ ମୁକ୍‌ଲାଇ ଦେବି ବଲି ତମେ ମନ୍ କଲାସ୍‌ନି?” ସେମନ୍ କଇଲାଇ, “ବାର୍‌ବାକେ” **୨୨** ପିଲାତ୍ ପାଚାର୍‌ଲା, “ତେବେ ସବୁ ଲକ୍ ମସିଅ ବଲି ଜାନିରଇଲା ଜିସୁକେ ମୁଇ କାଇଟା କର୍‌ବି?” “ତାକେ କୁର୍‌ସେ ଚଗାଆ” ବଲି ସବୁଲକ୍ ଆଉଲି ଅଇଲାଇ । **୨୩** ପିଲାତ୍ ପାଚାର୍‌ଲା, “ମାତର୍ ସେ କାଇ ଦସ୍ କଲା ଆଚେ?” ସେମନ୍ ଆରି ଅଦିକ୍ ଆଉଲିଅଇ କଇବାର୍ ଦାର୍‌ଲାଇ “ତାକେ କୁର୍‌ସେ ଚଗାଆ ।” **୨୪** ଜେଡେବେଲେ ପିଲାତ୍ ଦେକ୍‌ଲା ଜେ ସେମନ୍‌କେ ଆରି କାଇଟା କଇକରି ମିସା ଲାବ୍ ନାଇ, ନଇଲେ ଗଣ୍ଡଗଲ୍ ଅଇବାର୍ ଉପ୍‌ରେ ଆଚେ, ସେ ପାନି ଗୁଡିକ୍ ନେଇ, ସବୁ ଲକ୍‌ମନର୍ ମୁଆଟେ ଆତ୍ ଦଇପାକାଇ କଇଲା, “ଏ ଲକର୍ ମରନର୍ ପାଇ ମୁଇ ଦାଇ ନାଇ । ଏଟା ତମର୍ କାମ୍ ।” **୨୫** ଲକ୍‌ମନ୍ କଇଲାଇ, “ତାର୍ ମରନର୍ ଡଣ୍ଡର୍ ଦସ୍ ପାଇବାର୍ ରଇଲେ, ସେ ଦସ୍ ଆମ୍‌କେ ଆରି ଆମର୍ ପିଲାଜିଲାକେ ପଡ ।” **୨୬** ସାରାସାରି ପିଲାତ୍ ବାର୍‌ବାକେ ମୁକ୍‌ଲାଇଦେଇ ଜିସୁକେ କର୍‌ଡା ସଙ୍ଗ ମାର୍‌ବାକେ ଆଦେସ୍ ଦେଲା, ତାର୍ ପଚେ କୁର୍‌ସେ ମରାଇବା ପାଇ ସନିଅମନ୍‌କେ ସର୍‌ପି ଦେଲାଇ । **୨୭** ପିଲାତର୍ ସନିଅମନ୍ ଜିସୁକେ ରମିୟ ସାସନ୍‌କାରିଆର୍ ଗରେ ଦାରି ଗାଲାଇ ଆରି ତାର୍ ଚାରିବେଟ୍‌ତି ଟିଆଅଇଲାଇ । **୨୮** ସେ ପିନ୍ଦି ରଇବାଟା ବେଟି ନେଇକରି ତାକେ ଗଟେକ୍ ଜାମ୍‌କଲି ରଙ୍ଗର୍ ବସ୍‌ତର୍ ପିନ୍ଦାଇ ଦେଲାଇ । **୨୯** କାଟାର୍ ମୁକୁଟ୍ ତିଆର୍ କରି ତାର୍ ମୁଣ୍ଡେ ପିନ୍ଦାଇ ଦେଲାଇ ଆରି ତାର୍ ଉଜା ଆତେ ଗଟେକ୍ ଡାଙ୍ଗ ଦାରାଇ ଦେଲାଇ । ତାର୍ ପଚେ, ତାର୍ ମୁଆଟେ ମାଣ୍ଡିକୁଟା ଦେଇ କିଜାଇକରି କଇଲାଇ, “ଏ ଜିଉଦିମନର୍ ରାଜା! ବେସି ଦିନ୍ ବଁଚି ରଅ ।” **୩୦** ସେମନ୍ ଜିସୁର୍ ଉପ୍‌ରେ ତୁକି ପାକାଇଲାଇ ଆରି ସେ ଦାରି ରଇବା ଡାଙ୍ଗସଙ୍ଗ ତାର୍ ମୁଣ୍ଡେ ମାର୍‌ଲାଇ । **୩୧** ତାକେ ଏନ୍ତାରି କିଜାଇ ସାର୍‌ଲା ପଚେ ରାଜା ପିନ୍ଦବା ବସ୍‌ତର୍ ବେଟିଦେଇ ତାର୍ ନିଜର୍ ବସ୍‌ତର୍ ପିନ୍ଦାଇଦେଲାଇ ଆରି ତେଇଅନି ତାକେ କୁର୍‌ସେ ଚଗାଇବାକେ ଦାରିଗାଲାଇ । **୩୨** ସେମନ୍ ଜିବାବାଟେ କୁରିଣି ସଅରର୍ ସିମନ୍ ନାଉଁର୍ ଗଟେକ୍ ଲକ୍‌କେ ବେଟ୍‌ଅଇଲାଇ ଆରି ସନିଅମନ୍ ତାକେ ଜିସୁର୍ କୁର୍‌ସ ବଇ ନେବାକେ ବାଦିଅ କଲାଇ । **୩୩** ସେମନ୍ ଗଲ୍‌ଗତା ନାଉଁର୍ ଗଟେକ୍ ଜାଗାଇ କେଟ୍‌ଲାଇ । ଗଲ୍‌ଗତାର୍ ଅରତ୍ ଅଇଲାନି, ମୁଣ୍ଡିଗିଗ୍‌ଡି ପାରା ରଇବା ଜାଗା । **୩୪** ତେଇ ସେମନ୍ ଜିସୁକେ ପିତା ରଇବା ଅଙ୍ଗୁର୍ ରସ୍ କାଇବାକେ ଦେଲାଇ । ସେଟା ଜିସୁ ଅଲପ୍ ଚାକିକରି ଆରି କାଏନାଇ । **୩୫** ସେମନ୍ ଜିସୁକେ କୁର୍‌ସେ ମାରି କରି ସେ ପିନ୍ଦିରଇବା ବସ୍‌ତର୍ ତାକର୍ ତାକର୍ ବିତ୍‌ରେ କେଡ୍‌ପୁଟାଇ ବାଟାକରି ନେଲାଇ । **୩୬** ତାର୍‌ପଚେ ସେମନ୍ କୁର୍‌ସେ ଚଗାଇଲା ଜିସୁକେ, ତେଇ ଜାଗି ରଇଲାଇ । **୩୭** ତାର୍ ବିରୁଦେ ଲେକାଅଇରଇବା ଗଟେକ୍ ବରଡ୍ ଲେକି ତାର୍ ମୁଣ୍ଡ ଉପ୍‌ରେ, ଜୁଲାଇ ରଇଲାଇ । ସେ ବରଡ୍ ଲଗେ ଏନ୍ତି ଲେକାଅଇରଇଲା, ଏ ଅଇଲାନି ଜିଉଦିମନର୍ ରାଜା, ଜିସୁ । **୩୮** ତାର୍‌ପଚେ ସେମନ୍ ତେଇ ଦୁଇଟା ଚର୍‌ମନ୍‌କେ

ଆନ୍‌ଲାଇ । ଗଟେକ୍‌କେ ଜିସୁର୍ ଉଜା ବାଟେ ଆରି ଗଟେକ୍‌କେ
ତାର୍ ଡେବ୍‌ରି ବାଟେ କୁର୍‌ସେ ଚଗାଇଲାଇ । **୩୯** ସେବାଟେ
ଜାଇତେ ରଇବା ଲକ୍‌ମନ୍ ମୁଣ୍ଡ ଜୁଲାଇ ଜୁଲାଇ ଜିସୁକେ କିଜାଇ
କିଜାଇ କଇଲାଇ, **୪୦** “ତୁଇସେ କାଇକି ମନ୍ଦିର୍ ବସ୍‌ଲାଇଦେଇ
ତିନ୍ ଦିନ୍‌କେ ଆରି ତରେକ୍ ତିଆର୍ କରିଦେଇତେ ରଇଲୁସ୍?
ତୁଇ ଜଦି ପର୍‌ମେସରର୍ ପଅ, ନିଜ୍‌କେ ରକିଆ କର୍ ଆରି
କୁର୍‌ସେଅନି ଉତ୍‌ରି ଆଉ ।” **୪୧** ମୁକିଅ ପୁଜାରି, ଦରମ୍ ଗୁରୁ ଆରି
ଜିଉଦି ଜାତିର୍ ପାର୍‌ଚିନ୍ ନେତାମନ୍ ମିସା ଜିସୁକେ କିଜାଇକରି
କଇଲାଇ, **୪୨** “ସେ ବିନ୍ ଲକ୍‌ମନ୍‌କେ ରକିଆ କର୍‌ତେ ରଇଲା,
ମାତର୍ ନିଜ୍‌କେ ରକିଆ କରିନାପାର୍‌ଲାନି । ସେ ଇସ୍‌ରାଏଲର୍
ରାଜା କାଇକି? ଏବେ ଜଦି ସେ କୁର୍‌ସେଅନି ଉତ୍‌ରି ଆସି ପାର୍‌ସି
ବଇଲେ ଆମେ ତାକେ ବିସ୍‌ବାସ୍ କର୍‌ବୁ । **୪୩** ସେ ନିଜେ
ମୁଇ ପର୍‌ମେସରର୍ ପଅ ବଲି କଇ, ପର୍‌ମେସର୍‌ଟାନେ ଆସା
କଲାଆଚେ । ଆଲେ ଦେକୁ ତେବେ, ପର୍‌ମେସର୍ ତାକେ ଏବେ
ରକିଆ କର୍‌ବାକେ ମନ୍ କଲାନି କି ନାଇ ।” **୪୪** ଜିସୁର୍ ସଙ୍ଗ
କୁର୍‌ସେ ଚଗିରଇବା ଦୁଇଟା ଚର୍‌ମନ୍ ମିସା ତାକେ ସେନ୍ତାରି
କିଜାଇଲାଇ । **୪୫** ସେ ଦିନେ ମୁଣ୍ଡବେଲାଇ ଅନି ଆଡ୍‌ବେଲାଇ
ଜାକ ଗୁଲାଇ ଜଗତ୍ ଆନ୍ଦାର୍ ଅଇଗାଲା ଆରି ସେଟା ତିନ୍
ଗନ୍‌ଟାଜାକ ରଇଲା । **୪୬** ଆଡ୍‌ବେଲାର୍ ତିନ୍‌ଟା ବେଲେ ଜିସୁ
ଆକ୍‌ମାରି କଇଲା, “ଏଲି, ଏଲି, ଲାମାସବକ୍‌ତାନି, ବଇଲେ ଏ
ମର୍ ପର୍‌ମେସର୍, ଏ ମର୍ ପର୍‌ମେସର୍, ମକେ ତମେ କାଇକେ
ଚାଡିଦେଲାସ୍?” **୪୭** ଲଗେ ଟିଆ ଅଇରଇବା କେତେ ଲକ୍
ଏଟା ସୁନିକରି କଇଲାଇ, “ସେ ଏଲିୟକେ ଡାକ୍‌ଲାନି ।” **୪୮**
ଗଟେକ୍ ଲକ୍ ପାଲାଇ ଜାଇ ପିତା ରଇଲା ଅଙ୍ଗୁର୍‌ରସ୍‌ଟାନେ
ଗଟେକ୍ ସୁତାର୍ ଗର୍‌ଣ୍ଡା ବୁଡାଇଲା । ଆରି ସେଟା ଲାଟି ଟିପେ
ବାନ୍ଦି କାଅ ବଲି ଜିସୁର୍ ମୁଆଟେ ଲାମାଇଦେଲା । **୪୯** ବିନ୍
ଲକ୍‌ମନ୍ କଇଲାଇ “ଚନେକ୍ ଜାଗା, ତାକେ ଏଲିୟ ରକିଆ
କର୍‌ବାକେ ଆଇଲାନି କି ନାଇ ଦେକିଦେକୁ ।” **୫୦** ଜିସୁ ଆରି
ତରେକ୍ ଆକ୍‌ମାରିକରି, ସାରାସାରି ଜିବନ୍ ଚାଡିଗାଲା । **୫୧**
ସେଡ୍‌କି ବେଲେ ମନ୍ଦିରେ ଜୁଲ୍‌ତେ ରଇବା ପାର୍‌ଦା ଉପ୍‌ରେଅନି
ତଲେ ଜାକ ଦୁଇ ଗନ୍ଦାଅଇ ଚିରିଅଇଗାଲା । ଦର୍‌ତନି ଚୁଲ୍‌ବୁଲି
ପାକ୍‌ନାମନ୍ ସବୁ ପୁଟିଗାଲା **୫୨** ଆରି କବର୍ ଦେଇରଇବା
କାଲ୍‌ମନ୍ ଉଗାଡିଅଇ କେତେକ୍ କେତେକ୍ ପର୍‌ମେସରର୍
ଦରମ୍ ଲକ୍‌ମନ୍ ଆରିତରେକ୍ ଜିବନ୍ ଅଇ ଉଟ୍‌ଲାଇ । **୫୩**
ସେମନ୍ କବର୍ ଦେଇରଇବା କାଲେଅନି ଉଟି ଆଇଲାଇ । ଜିସୁ
ଆରିତରେକ୍ ଉଟ୍‌ଲା ପଚେ ଲକ୍‌ମନ୍, ଏମନ୍‌କେ ସୁକଲ୍ ଜାଗା
ଜିରୁସାଲମେ ଜିବାଟା ଦେକ୍‌ଲାଇ । **୫୪** ଦର୍‌ତନି ଚୁଲ୍‌ବୁଲି ବିନ୍
ବିନ୍ ଗଟ୍‌ନା ଅଇବାଟା ଦେକି, ଜିସୁକେ ଜାଗିରଇବା ସନିଅମନର୍
ମୁକିଅ ଆରି ବିନ୍ ସନିଅମନ୍ ଡରିଗାଲାଇ । ସେମନ୍ କଇଲାଇ,
“ସତଇସେ ଏ ନିଜେ ପର୍‌ମେସରର୍ ପଅ ଆକା!” **୫୫** ଗାଲିଲିଅନି
ଜିସୁର୍ ସଙ୍ଗ ରଇକରି ତାକେ ସାଇଜ କରିରଇବା କେତେଟା
ମାଇଜି ଦୁରିକେ ରଇକରି ଏଟା ସବୁ ଦେକ୍‌ତେ ରଇଲାଇ ।
**୫୬** ସେମନର୍ ବିତ୍‌ରେ ମଗ୍‌ଦଲିନି ମରିୟମ୍, ଜାକୁବ୍ ଆରି
ଜସେପର୍ ମାଆ ମରିୟମ୍ ଆରି ଜେବଦିର୍ ମାଇଜି ରଇଲାଇ ।
**୫୭** ସଞ୍ଜବେଲାଇ ଆରାମାତିଆ ସଅରର୍ ଜସେପ୍ ନାଉଁର୍ ଗଟେକ୍
ସାଉକାର୍ ଆସି କେଟ୍‌ଲା । ସେ ମିସା ଗଟେକ୍ ସିସ୍ ରଇଲା । **୫୮**
ସେ ପିଲାତ୍‌କେ ବେଟ୍‌ଅଇକରି ଜିସୁର୍ ମଲାମଡ୍ ଦାରିଜିବାକେ
ଗୁଆରି କଲା । ଜସେପ୍ ଗୁଆର୍‌ଲାକେ ପିଲାତ୍ ମଡ୍ ନେବାକେ
ଆଦେସ୍ ଦେଲା । **୫୯** ସେ ଜିସୁର୍ ଗାଗଡ୍ ଦାରିଗାଲା ଆରି
ଗଟେକ୍ ନୁଆ ଚାଦର୍ ଗର୍‌ଣ୍ଡାଇ ଗୁଡିଆଇ ଦେଲା । **୬୦** ପାକ୍‌ନାଇ
ତାକର୍ ନିଜର୍ ପାଇ କୁନି ରଇବା ଗଟେକ୍ ନୁଆ କବର୍ ଦେବା
ପାଆରେ ସେଟା ନେଇ ସଙ୍ଗଇଲା ଆରି ସେ ପାଆର୍ ମୁଆଟେ
ଗଟେକ୍ ବଡ୍‌ଟା ଚାଚଡା ପାକ୍‌ନା ଡାବିଦେଇ ଉଟିଗାଲା । **୬୧**
ମଗ୍‌ଦଲିନି ମରିୟମ୍ ଆରି ବିନ୍ ମରିୟମ୍ ଜିସୁକେ କବର୍ ଦେଲା
ପାଆର୍ ମୁଆଟେ ବସି ରଇଲାଇ । **୬୨** ତାର୍ ଆର୍‌କର୍ ଦିନର୍
ବିସ୍‌ରାମ୍‌ବାରେ ମୁକିଅ ପୁଜାରିମନ୍ ଆରି ପାରୁସିମନ୍ ପିଲାତ୍‌କେ
ବେଟ୍‌ଅଇ କଇଲାଇ, **୬୩** “ଆଗିଆଁ, ସେ ବେସି ମିଚୁଆଟା ।
ବଁଚିରଇଲାବେଲେ ‘ମୁଇ ତିନ୍‌ଦିନ୍ ପଚେ ଆରିତରେକ୍ ଉଟ୍‌ବି’
ବଲି କଇତେ ରଇଲା । ଏଟା ଆମର୍ ମନେ ଆଚେ । **୬୪** ତେବର୍
ପାଇ ତିନ୍ ଦିନ୍ ଜାକ ତାକେ କବର୍ ଦେଲାଟାନେ ଜାଗୁଆଲ୍
ଦାର୍‌ବାକେ ଆଦେସ୍ ଦିଆସ୍ । ସେନ୍ତି କଲେ ତାର୍ ସିସ୍‌ମନ୍
ତାର୍ ଗାଗଡ୍ ଚରାଇନେଇ ସେ ଜିବନ୍ ଅଇକରି ମଲାତେଇଅନି
ଉଟ୍‌ଲା ବଲି କଇନାପାରତ୍ ।” ସେମନର୍ ଏନ୍ତାରି ମିଚ୍ କାତା
ଜାନାଇବାଟା ସବୁର୍‌ଟାନେଅନି ଅଦିକ୍ କେତି ଅଇସି । **୬୫**
ପିଲାତ୍ କଇଲା, “ଗଟେକ୍ ଦଲ୍ ଜାଗୁଆଲ୍‌ମନ୍‌କେ ନିଆ ଆରି
ତାକେ କବର୍ ଦେଲାଟାନେ କାଇଟା ନ ପୁର୍‌ଲା ପାରା ଜାଗାଆ ।”
**୬୬** ସେମନ୍ ଜାଇକରି ଜିସୁକେ କବର୍ ଦେଲାଟାନେ ଜାଗ୍‌ବାକେ
ସନିଅମନ୍ ଟିକ୍ କଲାଇ । କବର୍ ମୁଆଟେ ଡାବି ରଇବା ପାକ୍‌ନା
ଉପ୍‌ରେ ସିଲ୍‌ମାରି ଜାଗୁଆଲ୍‌ମନ୍‌କେ ଜାଗାଇଲାଇ ।

# ୨୮

ବିସ୍‌ରାମ୍‌ବାରର୍ ଆର୍‌କର୍ ଦିନେ, ରଇବାର୍ ସାକାଲେ
ମଗ୍‌ଦଲିନି ମରିୟମ୍ ଆରି ବିନ୍ ମରିୟମ୍ ଜିସୁକେ
ସଙ୍ଗଇରଇବା କବର୍ ଦେକ୍‌ବାର୍ ଗାଲାଇ । **୨** ସେଡ୍‌କିବେଲେ
ଅଟାତ୍ ଦର୍‌ତନି ଚୁଲ୍‌ବୁଲିଗାଲା । ଏଦେ ଦେକା! ମାପ୍‌ରୁର୍
ଗଟେକ୍ ସରଗ୍ ଦୁତ୍ ଉତ୍‌ରି ଆସି, କବର୍ ମୁଆଟେ ଡାବିରଇଲା
ପାକ୍‌ନା ଡୁଲ୍‌ଗୁଡାଇଦେଇ ତାର୍ ଉପ୍‌ରେ ବସି ରଇଲା । **୩**
ତାର୍ ଗୁଲାଇ ଗାଗଡ୍ ବିଜ୍‌ଲି ପାରା ଜଟକ୍‌ତେରଇଲା ଆରି
ସେ ପିନ୍ଦିରଇବାଟା ବରପ୍ ପାରା ଚିଟ୍ ଦବ୍ ରଇଲା । **୪**
ଜାଗୁଆଲ୍‌ମନ୍ ଦୁତ୍‌କେ ଦେକି ଡରି ତର୍‌ତରି ଗାଲାଇ ଆରି ମଲା
ଲକର୍‌ପାରା ଅଇଗାଲାଇ । **୫** ସରଗର୍ ଦୁତ୍ ମାଇଜିମନ୍‌କେ
କଇଲା, “ଡରା ନାଇ । ମୁଇ ଜାନି, ତମେ କୁର୍‌ସେ ମରିରଇବା
ଜିସୁକେ ଦେକ୍‌ବାର୍ ଆସିଆଚାସ୍ । **୬** ସେ ଇତି ନାଇ । ସେ
କଇଲା ଇସାବେ ଆରି ତରେକ୍ ଉଟି ଆଚେ । ଆସି ଦେକା, ଇତି

ତାର୍ ମଲା ଗାଗଡ୍ ସଙ୍ଗଇରଇଲାଇ ।" **୭** "ତମେ ଦାପ୍‌ରେ ଜାଇ
ତାର୍ ସିସ୍‌ମନ୍‌କେ କୁଆ, ସେ ଆରି ତରେକ୍ ଜିବନ୍ ଅଇଆଚେ
ଆରି ତମର୍ ଆଗେ ଆଗେ ଗାଲିଲି ଗାଲା ଆଚେ । ତମେ ତେଇ
ତାକେ ଦେକ୍‌ସା । ମୁଇ ଜାଇଟା କଇଲି ମନେ ରକିରୁଆ ।" **୮** ଏ
କାତାସୁନି ସେମନ୍ ଦାପ୍‌ରେ କବର୍‌ଦେଲା ଟାନେଅନି ସିସ୍‌ମନର୍
ଲଗେ ପାଲାଇଲାଇ । ଡରିକରି ରଇଲେ ମିସା, ତାକର୍ ମନେ
ବେସି ସାର୍‌ଦା ଜାନିପାର୍‌ତେ ରଇଲାଇ । **୯** ସେଦାପ୍‌ରେ ଜିସୁ
ସେମନ୍‌କେ ବେଟ୍‌ଅଇ କଇଲା, "ତମ୍‌କେ ସାନ୍ତି ମିଲ!" ସେମନ୍
ଜିସୁର୍ ଲଗେ ଜାଇ ତାର୍ ପାଦ୍ ଦାରି ଜୁଆର୍ କଲାଇ । **୧୦** ଜିସୁ
ସେମନ୍‌କେ କଇଲା, "ଡରା ନାଇ । ମର୍ ବାଇମନ୍‌କେ କୁଆ,
ସେମନ୍ ଗାଲିଲି ଆସତ୍ । ତେଇ ସେମନ୍ ମକେ ଦେକ୍‌ବାଇ
।" **୧୧** ମାଇଜିମନ୍ ତେଇଅନି ଇଣ୍ଡିଜାଇତେ ରଇଲାଇ ।
ଜିବାବେଲେ ଜିସୁକେ କବର୍ ଦେଇ ରଇବାଟାନେ ଜାଗି ରଇଲା
କେତେଟା ସନିଅମନ୍ ନଅରେ ବାଉଡି ଗାଲାଇ । ଜାଇକରି
ମୁକିଅ ପୁଜାରିମନ୍‌କେ ଏ ସବୁ ଅଇଲାଟା ଜାନାଇଲାଇ । **୧୨**
ମୁକିଅ ପୁଜାରିମନ୍ ପାର୍‌ଚିନ୍‌ମନର୍ ସଙ୍ଗ ମିସି କୁଟ୍ ପାଁଚ୍‌ଲାଇ
। ସେମନ୍ ସନିଅମନ୍‌କେ ବେସି ଡାବୁ ଲାଁଚ୍‌ଦେଇ କଇଲାଇ,
**୧୩** ତମେ କୁଆ "ଆମେ ରାତିଆ ସଇଦେଇ ରଇଲା ବେଲେ
ତାର୍ ସିସ୍‌ମନ୍ ଆସି ତାର୍ ମଲା ଗାଗଡ୍ ଚରାଇ ଦାରିଗାଲାଇ ।
**୧୪** ଜଦି ସାସନ୍‌କାରିଆ ଏ କାତା ନ ସୁନ୍‌ସି, ବଇଲେ ତମର୍
ଦସ୍ ନାଇ ବଲି ଆମେ ବୁଜାଇ ଦେବୁ । ଏ ବିସଇନେଇ ତମେ
ଦାନ୍ଦ୍ରା ଉଆନାଇ ।" **୧୫** ସନିଅମନ୍ ଡାବୁ ନେଇକରି, ସେମନ୍‌କେ
କଇରଇଲା ଇସାବେ କାମ୍ କଲାଇ । ସେମନ୍ ସେବେଲେ
ଜେନ୍ତି କଇରଇଲାଇ, ଜିଉଦିମନ୍ ଆଜିକେ ଜାକ ସେ କାତା
ଜାନାଇଲାଇନି । **୧୬** ଜିସୁ କଇବା ଇସାବେ ତାର୍ ଏଗାର୍‌ଟା
ସିସ୍‌ମନ୍ ଗାଲିଲିର୍ ଗଟେକ୍ ଡଙ୍ଗର୍ ଉପ୍‌ରେ ଗାଲାଇ । **୧୭**
ଜିସୁକେ ଡଙ୍ଗର୍ ଉପ୍‌ରେ ଦେକି ସେମନ୍ ତାକେ ଜୁଆର୍ କଲାଇ
। କେତେ ଲକ୍ ବିସ୍‌ବାସ୍ କରତ୍ ନାଇ । **୧୮** ଜିସୁ ସେମନର୍
ଲଗେ ଜାଇ କଇଲା, "ସରଗ୍ ଆରି ମଚ୍‌ପୁରର୍ ସବୁ ଅଦିକାର୍
ମକେ ଦିଆଅଇଲା ଆଚେ । **୧୯** ତେବେ ତମେ ଦେସ୍‌ମନ୍‌କେ
ରଇବା ସବୁ ବାସାର୍ ଲକ୍‌ମନର୍ ଲଗେ ଜାଇ, ସେମନ୍‌କେ ମର୍
ସିସ୍ କରାଆ । ବାବା, ପଅ ଆରି ସୁକଲ୍ ଆତ୍‌ମାର୍ ନାଉଁଦାରି
ସେମନ୍‌କେ ଡୁବନ୍ ଦିଆସ୍ । **୨୦** ଆରି ମୁଇ ଜନ୍ ସବୁ ସିକିଆ
ଦେଇଆଚି, ସେଟା ମାନା ବଲି ସିକାଆ । ଆରି ମନେ ରଅ, କାଲ୍
କାଲ୍ ଜୁଗ୍ ଜୁଗ୍ ମୁଇ ସବୁବେଲେ ତମର୍ ସଙ୍ଗ ରଇବି ।" **(aiōn
g165)**

# ମାର୍କ

**୧** ଏଟା ଅଇଲାନି ପର୍ମେସରର୍ ପଅ ଜିସୁ କିରିସ୍‌ଟର୍ ନିମାନ୍
କବରର୍ ଆରାମ୍ । ୨ ଏଟା ଏନ୍ତାରି ଆରାମ୍ ଅଇଲା ।
ଜିସାୟ୍ ବବିସତ୍‌ବକ୍‌ତାର୍ ସାସ୍‌ତରେ ଜେନ୍ତାର୍ ଲେକାଅଇଲା
ଆଚେ, ପର୍ମେସର୍ କଇଲା, ଦେକା ମୁଇ ମର୍ କବର୍ ଜାନାଉକେ
ତମର୍ ଆଗେ ପାଟାଇଲିନି, ସେ ତମର୍ ବାଟ୍ ତିଆର୍ କର୍‌ସି । ୩
ତାର୍ ସର୍ ମରୁବାଲି ବୁଏଁ ଆଉଲିଅଇକରି ସୁନାଇଲାନି ମାପ୍‌ରୁର୍
ବାଟ୍ ତିଆର୍ କରା, ତାର୍‌ପାଇ ବାଟ୍ ସଲ୍‌କାଆ । ୪ ତାର୍‌ପଚେ
ଏ ସବୁ କାତା ପୁରାପୁରୁନ୍ ଅଇଲା, ଜେଡେବେଲେ, ଡୁବନ୍
ଦେଉ ଜଅନ୍ ମରୁବାଲିବୁଏଁ ଆସି ପାପ୍ କେମାର୍ ଲାଗି ବଲି
ପାପ୍‌ଟାନେଅନି ବାଉଡାଇବା ବିସଇ କଇବାର୍ ଦାର୍‌ଲା । "ତମର୍
ପାପ୍ କେମା ଅଇବାକେ ପାପ୍‌ଟାନେ ମନ୍ ବାଦ୍‌ଲାଇ ଡୁବନ୍ ନିଆ
। ପର୍ମେସର୍ ତମର୍ ପାପ୍ କେମା କର୍‌ସି ।" ୫ ସେଡ୍‌କିବେଲେ
ଜିଉଦାଦେସର୍ କେତେକ୍ ଲକ୍ ଆରି ଜିରୁସାଲାମ୍ ରାଇଜର୍
ସବୁ ଲକ୍‌ମନ୍ ବାରଇକରି ଜଅନର୍ କାତା ସୁନୁ ବଲି ଆଇବାର୍
ଦାର୍‌ଲାଇ । ଆରି ନିଜର୍ ନିଜର୍ ପାପ୍‌କଲାଟା ମାନିକରି ଜର୍‌ଦନ୍
ଗାଡେ ତାର୍‌ତେଇଅନି ଡୁବନ୍ ନେଲାଇ । ୬ ଜଅନ୍ ଉଟର୍
ଚେଣ୍ଡିସଙ୍ଗ୍ ତିଆର୍ ଅଇଲା ଲୁଗା ପିନ୍ଦି, ପସୁ ଚାମର୍ ଆଁଟାବେଡା
ଆଁଟାଇ ବାନ୍ଦି ଅଇତେରଇଲା । ତାର୍ କାଦି ଅଇଲା ଚିଟ୍‌କା ଆରି
ବନର୍ ମୁ । ୭ ସେ ଜାନାଇକରି କଇବାର୍ ମୁଲିଆଇଲା, "ମର୍
ପଚେ ଗଟେକ୍ ବେସି ବପୁର୍ ଲକ୍ ଆଇସି, ତାର୍ ଗତିଦାଙ୍ଗ୍‌ଡା
ଅଇକରି ତାର୍ ଗଡର୍ ପାଣ୍ଡଇ ବେଟ୍‌ବାର୍ ମିସା ମର୍ ଅଦିକାର୍
ନାଇ । ୮ ମୁଇ ତମ୍‌କେ ପାନିତେଇ ଡୁବନ୍ ଦେଲିନି, ମାତର୍ ସେ
ତମ୍‌କେ ସୁକଲ୍‌ଆତ୍‌ମାଇ ଡୁବନ୍ ଦେଇସି ।" ୯ ସେଡ୍‌କିବେଲେ
ଜିସୁ ଗାଲିଲି ଜାଗାର୍ ନାଜରିତ୍ ଗଡେ ଅନି ଆସି ଜର୍‌ଦନ୍
ଗାଡେ ଡୁବନ୍ ଦେଉ ଜଅନର୍ ଟାନେ ଡୁବନ୍ ନେଲା । ୧୦
ସେ ପାନିତେଇ ଅନି ବାରଇ ଆଇବାବେଲେ, ସରଗ୍ ଉଗାଡି
ଅଇ ପର୍ମେସରର୍ ଆତ୍‌ମା ପରୁଆ ପାରା ଅଇ ଜିସୁର୍ ଉପ୍‌ରେ
ଉତ୍‌ରି ଆଇବାଟା ସେ ଦେକ୍‌ଲା । ୧୧ ଆରି ସର୍‌ଗେଅନି ଗଟେକ୍
ସର୍ ସୁନିଅଇଲା, "ତୁଇ ମର୍ ଆଲାଦର୍ ପିଲା, ତର୍‌ଟାନେ ମୁଇ
ବେସି ସାର୍‌ଦା ।" ୧୨ ସେଦାପ୍‌ରେ ସୁକଲ୍ ଆତ୍‌ମା ଜିସୁକେ
ମରୁବାଲି ବୁଏଁ ପାଟାଇଲା । ୧୩ ମରୁବାଲି ବୁଏଁ ଚାଲିସ୍ ଦିନ୍
ରଇଲାବେଲେ, ସଇତାନ୍ ତାକେ ପାପ୍‌କରାଇବାକେ ଚେସ୍‌ଟା
କର୍‌ତେରଇଲା । ସେ ଜାଗାଇ ବନର୍ ଜଁତ୍‌ମନ୍ ରଇଲାଇ,
ଆରି ସରଗର୍ ଦୁତ୍‌ମନ୍ ଆସି ତାର୍ ସେବା କର୍‌ତେରଇଲାଇ
। ୧୪ କେତେଦିନ୍ ଗାଲାପଚେ ଏରଦ୍‌ରାଜା ଡୁବନ୍ ଦେଉ
ଜଅନ୍‌କେ ବନ୍ଦି ଗରେ ସଙ୍ଗ୍‌ଇଲା ପଚେ ଜିସୁ ଗାଲିଲି ଗାଏଁ
ବାଉଡିଆସି, ପର୍ମେସରର୍ ନିମାନ୍ କବର୍ ସୁନାଇବାର୍ ଦାର୍‌ଲା
। ୧୫ "ସମାନ୍ ବେଲା ଆଇଲା, ପର୍ମେସରର୍ ରାଇଜ୍ ଲଗେ
କେଟ୍‌ଲା ଆଚେ । ତମେ ପାପେ ଅନି ମନ୍ ବାଉଡାଇକରି
ନିମାନ୍ କାତାଇ ବିସ୍‌ବାସ୍ କରା ।" ୧୬ ଜିସୁ ଗାଲିଲି ସମ୍‌ଦୁର୍
କଣ୍ଡିବାଟେ ଜିବା ବେଲେ ସିମନ୍ ଆରି ତାର୍ ବାଇ ଆନ୍ଦ୍ରିଅକେ
ସମ୍‌ଦୁରେ ବଇଜାଲ୍ ପାକାଇବାଟା ଦେକ୍‌ଲା, ସେମନ୍ ମାଚ୍ ଦାରୁ
କେଉଟ୍‌ମନ୍ ରଇଲାଇ । ୧୭ ଜିସୁ ସେମନ୍‌କେ କଇଲା, "ମର୍
ସଙ୍ଗ୍ ଆସା, ମୁଇ ତମ୍‌କେ ଲକ୍‌ମନ୍‌କେ ପର୍ମେସରର୍ ବାଟେ
ଆନ୍‌ବା ବିସଇ ସିକାଇବି ।" ୧୮ ସେଦାପ୍‌ରେ ସେମନ୍ ଜାଲ୍ ଚାଡି
ଜିସୁର୍ ପଚେ ପଚେ ଗାଲାଇ । ୧୯ ପଚେ କଣ୍ଡେକ୍ ଦୁର୍ ଜାଇ
ଜେବଦିର୍ ପଅମନ୍ ଜାକୁବ୍ ଆରି ତାର୍ ବାଇ ଜଅନ୍‌କେ ଡଙ୍ଗ୍‌ଇ
ଜାଲ୍ ସାଜାଡ୍‌ବାଟା ଦେକ୍‌ଲା । ୨୦ ଜିସୁ ସେମନ୍‌କେ ଦେକ୍‌ଲା
ଦାପ୍‌ରେ ଡାକ୍‌ଲା, ଆରି ସେମନ୍ ତାକର୍ ବାବା ଜେବଦିକେ
ଆରି କୁଲିଆର୍‌ମନ୍‌କେ ଡଙ୍ଗ୍‌ଇ ଚାଡି ତାର୍ ସଙ୍ଗ୍ ଗାଲାଇ । ୨୧
ପଚେ ଜିସୁ ଆରି ତାର୍ ସିସ୍‌ମନ୍ କପର୍‌ନାଉମେ ଗାଲାଇ, ଆରି
ବିସ୍‌ରାମ୍‌ବାର୍ କେଟ୍‌ଲାକେ ସେ ଜିଉଦିମନର୍ ପାର୍‌ତନା ଗରେ
ପୁରି, ଲକ୍‌ମନ୍‌କେ ସିକାଇବାର୍ ଦାର୍‌ଲା । ୨୨ ଲକ୍‌ମନ୍ ତାର୍
ସିକିଆ ସୁନି କାବା ଅଇଗାଲାଇ, ସେ ସାସ୍‌ତର୍ ସିକାଉପାରା
ନ ସିକାଇ, ନିଜର୍ ଅଦିକାର୍ ସଙ୍ଗ୍ ସିକିଆ ଦେଇତେ ରଇଲା
। ୨୩ ସେ ଦାପ୍‌ରେ ସେମନର୍ ପାର୍‌ତନା ଗରେ ଗଟେକ୍ ଡୁମା
ଦାର୍‌ଲା ଲକ୍ କିର୍‌କିରି କରି ଜିସୁକେ କଇଲା, ୨୪ "ଏ ନାଜରିତ୍
ଗଡର୍ ଜିସୁ, ତୁଇ କାଇକେ ଆମ୍‌କେ ଅରିଆନ୍ କଲୁସ୍‌ନି?
ତୁଇ କାଇ ଆମ୍‌କେ ବିନାସ୍ କର୍‌ବାକେ ଆଇଲୁସ୍ କି? ତୁଇ
କେ, ସେଟା ମୁଇ ଜାନି, ତୁଇ ଅଇଲୁସ୍‌ନି ପର୍ମେସରର୍ ସୁକଲ୍
ଲକ୍ ।" ୨୫ ଜିସୁ ଡୁମାକେ ଦମ୍‌କାଇ କରି କଇଲା, "ଚୁପ୍ ଅ,
ଆରି ଏ ଲକର୍‌ତେଇ ଅନି ବାର୍‌ଇ ଜା ।" ୨୬ ସେଡ୍‌କି ବେଲେ
ଡୁମା ତାକେ ମଡିପିଙ୍ଗି ବେସି କିର୍‌କିରି କରି ତାର୍‌ଲଗେ ଅନି
ବାରଇଗାଲା । ୨୭ ତେବର୍‌ପାଇ ପାର୍‌ତନା ଗରେ ରଇବା ସବୁ
ଲକ୍ କାବା ଅଇଗାଲାଇ ଆରି ତାକର୍ ତାକର୍ ବିତ୍‌ରେ କୁଆବଲା
ଅଇଲାଇ । "ଏଟା କେନ୍ତାର୍? ଏଟାତା ଅଦିକାର୍ ସଙ୍ଗ୍‌ର୍ ନୁଆ
ସିକିଆ । ଡୁମା ଆତ୍‌ମାମନ୍ ମିସା, ସେ ତିଆର୍‌ଲାଟା ମାନ୍‌ଲାଇନି
।" ୨୮ ସେଡ୍‌କିବେଲେ ଜିସୁର୍ କାତା ଗାଲିଲିର୍ ଚାରିବେଡ୍‌ତିର୍
ଗାଉଁମନ୍‌କେ କେଟିଗାଲା । ୨୯ ତାର୍ ପଚେ ଜିସୁ ଆରି ତାର୍
ସିସ୍‌ମନ୍ ପାର୍‌ତନା ଗରେ ଅନି ବାରଇ ଜାକୁବ୍ ଆରି ଜଅନର୍
ସଙ୍ଗ୍ ସିମନ୍ ଆରି ଆନ୍ଦ୍ରିୟର୍ ଗରେ ଗାଲାଇ । ୩୦ ତେଇ
ରଇଲା ଲକ୍‌ମନ୍ ସିମନର୍ ସାତ୍‌ରି ଜର୍‌କେ ସଇରଇଲା ବିସଇ
ଜିସୁକେ କଇଲାଇ । ୩୧ ସେଟାର୍‌ପାଇ ଜିସୁ ଜାଇ ସିମନର୍
ସାତ୍‌ରିର୍ ଆତେ ଦାରି ଉଟାଇଲା, ସେଦାପ୍‌ରେ ତାର୍ ଜର୍
ଚାଡିଗାଲା, ଆରି ସେ ଜାଇ ସେମନ୍‌କେ ସେବା କର୍‌ବାର୍ ଦାର୍‌ଲା
। ୩୨ ସଞ୍ଜ୍ ବେଲାଇ ବେଲ୍ ବୁଡିଗାଲା ପଚେ, ଲକ୍‌ମନ୍ ଜରର୍
ଲକ୍‌ମନ୍‌କେ ଆରି ଡୁମାଦାରି ରଇବା ସବୁଲକ୍‌ମନ୍‌କେ ଜିସୁର୍
ଲଗେ ଆନ୍‌ବାର୍ ଦାର୍‌ଲାଇ, ୩୩ ଆରି ଗାଉଁର୍ ଲକ୍‌ମନ୍ ସେ
ଗରର୍ ଦୁଆରେ ରୁଣ୍ଡ୍‌ଲାଇ । ୩୪ ସେଡ୍‌କିବେଲେ ସେ ବିନ୍ ବିନ୍
ରକାମର୍ ରଗ୍ ଅଇରଇବା ଜବର୍ ରଗି ଲକ୍‌ମନ୍‌କେ ନିମାନ୍ କଲା

ଆରି ଜବର୍ ଡୁମାମନ୍‌କେ ଚାଡାଇଲା, ମାତର୍ ସେ ଡୁମାମନ୍‌କେ
କାତା କଇବାକେ ଦେଏନାଇ । କାଇକେବଇଲେ ଡୁମାମନ୍
ଜିସୁ ପର୍‌ମେସରର୍ ଟାନେଅନି ଆଇଲାଆଚେ ବଲିକରି ଜାନି
ରଇଲାଇ । **୩୫** ଆର୍‌କର୍ ସାକାଲେ କୁକ୍‌ଡା ଡାକ୍ ବେଲାଇ ଜିସୁ
ଉଟି ଗରେଅନି ବାରଇ ଜାଇ ଗଟେକ୍ କିନରା ରଇବା ଚିମ୍‌ରା
ଜାଗାଇ, ଜାଇ ପାର୍‌ତନା କର୍‌ବାର୍ ଦାର୍‌ଲା । **୩୬** ସେଡ୍‌କିବେଲେ
ସିମନ୍ ଆରି ତାର୍ ସଙ୍ଗର୍‌ଲକ୍ ତାକେ କଜ୍‌ବାର୍ ଗାଲାଇ, **୩୭**
ଜେଡେବଲ୍ ସେମନ୍ ଜିସୁକେ ବେଟ୍ ଅଇଲାଇ, ଆରି କାବାଅଇ
ତାକେ କଇଲାଇ, “ସବୁ ଲକ୍ ତମ୍‌କେ କଜ୍‌ଲାଇନି ।” **୩୮**
ସେଡ୍‌କିବେଲେ ଜିସୁ ସେମନ୍‌କେ କଇଲା, “ଆସା, ଆମେ ରଇବା
ବିନ୍ ବିନ୍ ଗାଉଁମନ୍‌କେ ଜୁ, କାଇକେବଇଲେ ସେ ଜାଗାମନ୍‌କେ
ମିସା ମୁଇ ପର୍‌ମେସରର୍ କାତା କଇବି । କାଇକେବଇଲେ
ସେଟାର୍‌ପାଇସେ ମୁଇ ଆଇଲିଆଚି ।” **୩୯** ଆରି ଗାଲିଲିର୍
ସବୁଟାନେ ବୁଲି ବୁଲି ସେମନର୍ ସବୁ ପାର୍‌ତନା ଗରେ, ମାପ୍‌ରୁର୍
କାତା ସୁନାଇଲା, ଆରି ଡୁମା ଦାର୍‌ଲା ଲକ୍‌ମନ୍‌କେ ଚାଡାଇଲା
। **୪୦** ସେଡ୍‌କି ବେଲେ ଗଟେକ୍ ବଡ୍ ରଗି ତାର୍ ଲଗେ ଆସି
ମାଣ୍ଡିକଟା ଦେଇ ତାକେ ବାବୁଜିଆ କରି କଇଲା, “ତମେ ଜଦି
ମନ୍‌କଲେ ମକେ ସୁକଲ୍ କରି ପାର୍‌ସା ।” **୪୧** ତେଇ ସେ ତାକେ
ଜିବନ୍ ଦୁକାଇଲା ଆରି ଆତ୍ ଲାମାଇ କରି ତାକେ ଚିଇକରି
କଇଲା, “ମୁଇ ମନ୍ କଲିନି, ତୁଇ ସୁକଲ୍ ଅ ।” **୪୨** ସେଦାପ୍‌ରେ
ବଡ୍ ରଗ୍ ତାର୍ ଲଗେ ଅନି ଦୁର୍‌ଅଇଲା ଆରି ସେ ସୁକଲ୍
ଅଇଗାଲା । **୪୩** ଆରି, ଜିସୁ ସେ ଲକ୍‌କେ ଡାଟ୍‌ସଙ୍ଗ ଆଦେସ୍
ଦେଇ ସେଦାପ୍‌ରେ କଇ ପାଟାଇଲା । **୪୪** “ଜାଗ୍‌ରତ୍, ମୁଇ
ତକେ ସୁକଲ୍ କଲି ବଲି କାକେ ମିସା କ ନାଇ, ମାତର୍ ଜା
ଆରି ନିଜେ ପୁଜାରିକେ ଦେକାଇ ଅ ଆରି ମସା ଜନ୍ ଜନ୍ ବିରୁ
ପର୍‌ମେସର୍‌କେ ଦେବାକେ ଆଦେସ୍ ଦେଲାଆଚେ, ସେ ଇସାବେ
ଦେସ୍ । ଏଟାର୍ ଲାଗି ତୁଇ ସୁକଲ୍ ଅଇଜାଇଆଚୁସ୍ ବଲିକରି
ପୁଜାରି ସବୁଲକର୍ ମୁଆଟେ ସାକି ଦେଅ ।” **୪୫** ମାତର୍ ସେଲକ୍
ବାରଇ ଜାଇ ଜିସୁ ସୁକଲ୍ କରିରଇବା କବର୍ ଏତେକ୍ ରାଟୁକରି
କଇବୁଲ୍‌ଲାଇ ଜେ, ଜିସୁ ଲକ୍‌ମନର୍ ଦେକ୍‌ତେ ଦେକ୍‌ତେ କନ୍
ଗାଉଁମନ୍‌କେ ମିସା ଜାଇ ପୁରି ନାପାର୍‌ଲା । ମାତର୍ ବାଇରେ
ଜାଇ ଚିମ୍‌ରା ଜାଗାମନ୍‌କେ ରଇଲା । ଅଇଲେ ମିସା ଲକ୍‌ମନ୍
ଚାରିଦିଗେ ଅନି ତାର୍ ଲଗେ ଆଇବାର୍‌ଦାର୍‌ଲାଇ ।

**୨** କେତେଦିନ୍ ଗାଲା ପଚେ ଜିସୁ ଆରି ତରେକ୍ କପର୍‌ନାଉମେ
ବାଅଡ୍‌ଲାକେ, ସେ ଗରେ ଆଚେ ବଲି ଆଲା ଅଇଗାଲା
। **୨** ସେ ଗରେ ଏତେମାଣ୍ଡ ଲକ୍ ଜମ୍‌ଲାଇ ଜେ, ଦୁଆରେ
ମିସା ଟାନ୍ ଦାରିନାପାର୍‌ଲା, ଆରି ଜିସୁ ସେମନର୍ ଲଗେ
ପର୍‌ମେସରର୍ ବାକିଅ ସୁନାଇବାର୍ ଦାର୍‌ଲା । **୩** ସେଡ୍‌କି
ବେଲେ କେତେକ୍ ଲକ୍‌ମନ୍ ଗଟେକ୍ ଚେରେଙ୍ଗ ରଗିକେ ବଇକରି
ତାର୍ ଲଗେ ଦାରିଆଇଲାଇ । ତାକର୍ ବିତ୍‌ରେ ଅନି ଚାର୍‌ଲକ୍
ରଗିକେ ବଇରଇଲାଇ । **୪** ମାତର୍ ଲକ୍‌ମନ୍ ଚିପାଟେଲା
ଅଇରଇଲାଇକେ, ତାକେ ଜିସୁର୍ ଲଗେ ନେଇ ନାପାର୍‌ଲାଇ
। ନାପାରିକରି, ଜିସୁ ଜନ୍‌ଟାନେ ରଇଲା, ତେଇର୍ ଚାନି
ବଡ୍‌ଟା କାଣାକରି, ରଗିକେ କଟ୍ ମିସ୍‌ତେ ତାର୍ ମୁଆଟେ ସିଦା
ଉତ୍‌ରାଇଦେଲାଇ । **୫** ଜିସୁ ସେମନର୍ ବିସ୍‌ବାସ୍ ଦେକି ଚେରେଙ୍ଗ
ରଗିକେ କଇଲା, “ବାବୁରେ ମୁଇ ତର୍ ପାପ୍ କେମା କରିଦେଲି
।” **୬** ମାତର୍ ସେ ଗର୍ ବିତ୍‌ରେ କେତେଟା ସାସ୍‌ତର୍ ସିକାଇବା
ଲକ୍‌ମନ୍ ବସି ନିଜର୍ ନିଜର୍ ମନ୍ ବିତ୍‌ରେ ବାବିଅଇତେରଇଲାଇ,
**୭** “ଏ ଲକ୍ ଚେରେଙ୍ଗ ରଗିକେ ‘ତର୍ ପାପ୍ କେମା କରିଦେଲି ।’
ବଲି କେନ୍ତି କଇପାର୍‌ଲା? ଏ ପର୍‌ମେସର୍‌କେ ନିନ୍ଦା କର୍‌ସିଆଚେ,
ସେ ଗଟେକ୍ ମାପ୍‌ରୁକେ ଚାଡିଦେଲେ, ଆରି କେ ମିସା ପାପ୍
କେମା କରି ପାରତ୍ କି?” **୮** ସେଦାପ୍‌ରେ ଜିସୁ ସେମନ୍
ମନେ ମନେ ଏନ୍ତାରି ବାବିଅଇଲାଟା, ନିଜର୍ ଆତ୍‌ମାଇ ଜାନି
ସେମନ୍‌କେ କଇଲା, “ତମେ କାଇକେ ନିଜର୍ ନିଜର୍ ମନେ
ଏ ସବୁଜାକ ବାବିଅଇଲାସ୍‌ନି? **୯** କନ୍‌ଟା କର୍‌ବାଟା ସଅଜ୍
ଅଇଲାନି? ବାବୁରେ ‘ମୁଇ ତର୍ ପାପ୍ କେମା କରିଦେଲି ।’ ବଲି
କଇବାଟା, କି ‘ଉଟ୍ ତର୍ କଟ୍ ବଇ ଇଣ୍ଡିଜା ।’ ବଲ୍‌ବାଟା? **୧୦**
ମାତର୍ ଗୁଲାଇ ଜଗତର୍ ପାପ୍ କେମା କର୍‌ବାକେ ପର୍‌ମେସର୍
ପାଟାଇଲା ନର୍‌ପିଲା ମର୍ ଅଦିକାର୍ ଆଚେ ବଲି ଏବେ ମୁଇ,
ଏ ଲକ୍‌କେ ନିକ କରି ଦେକାଇବି ।” ସେ ଚେରେଙ୍ଗ ରଗିକେ
କଇଲା, **୧୧** “ମୁଇ ତକେ କଇଲିନି ଉଟ୍, ତର୍ କଟ୍ ବଇ, ନିଜର୍
ଗରେ ବାରିଜା ।” **୧୨** ସେଦାପ୍‌ରେ ସେ ରଗି ଉଟି କଟ୍ ବଇକରି
ସବୁ ଲକର୍ ଦେକ୍‌ତେ ବାରଇ ଗାଲା । ସେବେଲାଇ ସବୁଲକ୍
କାବା ଅଇ ପର୍‌ମେସରର୍ ମଇମା କରି କରି କଇଲାଇ, “ଆମେ
ଏନ୍ତାରିଟା କେବେ ମିସା ଦେକି ନ ରଇଲୁ ।” **୧୩** ସେ ଆରିତରେକ୍
ସମ୍‌ଦୁରର୍ କଣ୍ଠିବାଟେ ବାରଇଗାଲା । ବେସି ଲକ୍‌ମନ୍ ତାର୍
ଲଗେ ଆଇଲାକେ, ଜିସୁ ସେମନ୍‌କେ ସିକିଆ ଦେବାର୍ ଦାର୍‌ଲା
। **୧୪** ଆରି ସେ ଜାଉ ଜାଉ ଆଲ୍‌ପିଅର୍ ପଅ ଲେବିକେ
ରମିୟ ସର୍‌କାରର୍ ପାଇ ସିସ୍‌ତୁମାଙ୍ଗମନ୍ ମାଙ୍ଗବା ଜାଗାଇ ବସି
ରଇବାଟା ଦେକି ତାକେ କଇଲା, “ମର୍ ସଙ୍ଗ ଆଉ ।” ତେଇଅନି
ସେ ତାର୍ ସିସ୍‌ତୁମାଙ୍ଗମନ୍ ମାଙ୍ଗବାଟା ଚାଡି ଉଟିକରି ଜିସୁର୍
ସଙ୍ଗ ଗାଲା । **୧୫** ପଚେ ଜିସୁ ଲେବିର୍ ଗରେ ଜାଇ କାଇବା
ବେଲେ ବେସି ସିସ୍‌ତୁମାଙ୍ଗବା ଲକ୍ ଆରି ଜନ୍ ଲକ୍‌ମନ୍‌କେ
ପାପି ବଲି କଇତେରଇଲାଇ, ତାର୍ ସିସ୍‌ମନ୍‌ର୍ ସଙ୍ଗ ମିସି
କାଇତେରଇଲାଇ । କାଇକେବଇଲେ ଏନ୍ତାରି ବେସି ଲକ୍ ତାର୍
ସଙ୍ଗ ଜାଇତେ ରଇଲାଇ । **୧୬** ଜିସୁ ପାପି ଆରି ସିସ୍‌ତୁମାଙ୍ଗମନର୍
ସଙ୍ଗ କାଇଲାନି, ଏଟା ଦେକିକରି ପାରୁସି ଦଲର୍ ସାସ୍‌ତର୍
ସିକାଉମନ୍ ତାର୍ ସିସ୍‌ମନ୍‌କେ କଇବାର୍ ଦାର୍‌ଲାଇ, “ସେ
କାଇକେ ସିସ୍‌ତୁମାଙ୍ଗମନର୍ ଆରି ପାପିମନର୍ ସଙ୍ଗ କାଇଲାନି?”
**୧୭** ସେଟା ସୁନି ଜିସୁ ସାସ୍‌ତର୍ ସିକାଉମନ୍‌କେ କଇଲା, “ନିମାନ୍
ଲକ୍‌ମନର୍‌ପାଇ ଡାକ୍‌ଦରର୍ ଲଡା ନାଇ, ମାତର୍ ନିମାନ୍ ନ
ରଇଲା ଲକ୍‌ମନ୍‌କେ ଲଡା ଆଚେ । ଜେ ନିଜେ ‘ମୁଇ ଦରମ୍

ଲକ୍ ।' ବଲି ବାବିଅଇବା ଲକର୍‌ପାଇ ମୁଇ ଆସିନାଇ, ମାତର୍
ପାପିମନ୍‌କେ ପାପ୍‌ଟାନେଅନି ବାଉଡାଇବାକେ ଆସିଆଚି ।"
୧୮ ଡୁବନ୍ ଦେଉ ଜଅନର୍ ସିସ୍‌ମନ୍ ଆରି ପାରୁସିମନ୍ ଉପାସ୍
କର୍‌ତେ ରଇଲାଇ । ସେବେଲାଇ କେତେଲକ୍ ଆସି ଜିସୁକେ
କଇଲାଇ, "ଡୁବନ୍ ଦେଉ ଜଅନର୍ ସିସ୍‌ମନ୍ ଆରି ପାରୁସିମନର୍
ସିସ୍‌ମନ୍ ଉପାସ୍ କର୍‌ବାଇ, ମାତର୍ ତର୍ ସିସ୍‌ମନ୍ କାଇକେ
ଉପାସ୍ ନ କରତ୍?" ୧୯ ଜିସୁ ସେମନ୍‌କେ କଇଲା, "ବଜିଟାନେ
ବିବା ଦାଙ୍ଗଡା ରଇବା ଜାକ ବିବା ଦାଙ୍ଗଡାର୍ ସଙ୍ଗ ରଇବା
ଦାଙ୍ଗଡାମନ୍ ଉପାସେ ରଇବାଇ କି? ନାଇ ନ ରଅତ୍ । ବିବା
ଦାଙ୍ଗଡା ଜେଡେବେଲାଜାକ ରଇସି, ସେ ବେଲାଜାକ ସେମନ୍
ଉପାସେ ନ ରଅତ୍ । ୨୦ ମାତର୍ ବେଲା ଆଇସି, ଜେଡେବେଲେ
ଲକ୍‌ମନ୍ ଆସି ତାକର୍ ଲଗେ ଅନି ବିବା ଦାଙ୍ଗଡାକେ ଦାରିଜିବାଇ,
ସେଦିନେ ସେମନ୍ ଉପାସ୍ କର୍‌ବାଇ । ୨୧ "କେ ନୁଆ ଲୁଗାର୍
ଗର୍‌ଣ୍ଡା ପୁର୍‌ନା ଲୁଗାଇ ନ ସିଲାଏ, ସିଲାଇଲେ ନୁଆ ଗର୍‌ଣ୍ଡା
ପୁର୍‌ନା ଲୁଗାକେ ଅଦିକ୍ ଚିରି ପାକାଇସି, ଆରି ଅଦିକ୍ ବଡ୍‌ଟା
କାଣା କରିଦେଇସି । ୨୨ ଆରି କେ ନୁଆ ଅଙ୍ଗୁର୍ ରସ୍ ପୁର୍‌ନା
ଚାମ୍ ସଙ୍ଗ ତିଆର୍ କଲା ମୁନାଇ ନ ସଙ୍ଗଅତ୍, ସଙ୍ଗଇଲେ ସେ
ଅଙ୍ଗୁର୍ ରସ୍ ଆରି ଚାମ୍ ମୁନା ନସିଜାଇସି । ନାଇ ନୁଆ ଅଙ୍ଗୁର୍
ରସ୍ ନୁଆ ଚାମ୍ ମୁନାଇ ସଙ୍ଗଇବାର୍ ଆଚେ ।" ୨୩ ଜିସୁ ତରେକ୍
ବିସ୍‌ରାମ୍‌ବାରେ ତାସ୍ ରଇବା କେଡ୍ ବାଟେ ଜାଇତେ ରଇଲା,
ଆରି ଜିବାବେଲେ ତାର୍ ସିସ୍‌ମନ୍ ଦାନ୍ କେଡ୍ ଚିଡାଇତେ ଗାଲାଇ
। ୨୪ ସେ ଜାଗାଇ ରଇବା ପାରୁସିମନ୍ ଜିସୁକେ କଇଲାଇ,
"ଦେକ୍ ବିସ୍‌ରାମ୍‌ବାରେ ଜନ୍‌ଟା କର୍‌ବାର୍ ଆମର୍ ବିଦି ନଏଁ ।
ତର୍ ସିସ୍‌ମନ୍ କାଇକେ ସେଟା କଲାଇନି?" ୨୫ ଜିସୁ ସେମନ୍‌କେ
କଇଲା, "ଆମର୍ ଡାକ୍‌ପୁଟା ଆନିଦାଦି ଦାଉଦର୍ ଅବାବ୍ ବେଲେ,
ସେ ଆରି ତାର୍ ସଙ୍ଗର୍ ଲକ୍‌ମନ୍ ବୁକେ ରଇଲାଇ, ସେଡ୍‌କିବେଲେ
ସେ କାଇଟା କରି ରଇଲା, ସେଟା କାଇ ତମେ କେବେ ପଡାସ୍
ନାଇ କି? ୨୬ ବଡ୍ ପୁଜାରି ଅବିୟାତର୍ ବେଲେ ସେ କେନ୍ତି
ପର୍‌ମେସରର୍ ମନ୍ଦିରେ ପୁରିକରି ମାପ୍‌ରୁକେ ସର୍‌ପିଦେଲା ଜନ୍
ଦର୍‌ସନି ରୁଟି, ପୁଜାରିମନ୍‌କେ ଚାଡିଦେଲେ ଆରି କେ ମିସା
କାଇବାର୍ ବିଦି ନଏଁ, ସେଟା ସେ କାଇଲା, ଆରି ସେ ରୁଟି ନିଜର୍
ସଙ୍ଗର୍ ଲକ୍‌ମନ୍‌କେ ମିସା ବାଟାକରି ଦେଇରଇଲା ।" ୨୭ ଜିସୁ
ସେମନ୍‌କେ କଇଲା, "ବିସ୍‌ରାମ୍‌ବାର୍ ଲକ୍‌ମନର୍ ସାଇଜର୍‌ପାଇ
ଅଇଲା ଆଚେ, ସେଟା ଲକ୍‌ମନ୍‌କେ ବିଜାର୍ କର୍‌ବାକେ ଅଏନାଇ
। ୨୮ ତେବର୍‌ପାଇ ପର୍‌ମେସର୍ ପାଟାଇଲା ନର୍‌ପିଲା ମୁଇ
ବିସ୍‌ରାମ୍‌ବାରେ ଲକ୍‌ମନ୍ କାଇଟା କର୍‌ବାର୍ ଆଚେ, କାଇଟା
କର୍‌ବାର୍ ନାଇ, ସେଟା କଇବାର୍ ମର୍ ଅଦିକାର୍ ଆଚେ ।"

**୩** ପଚେ ଜିସୁ ଆରି ଗଟେକ୍ ତର୍ ଜିଉଦିମନର୍ ପାର୍‌ତନା ଗରେ
ଗାଲା । ତେଇ ଗଟେକ୍ ଲକ୍ ରଇଲା । ତାର୍ ଗଟେକ୍ ଆତ୍
ସୁକିଜାଇରଇଲା । ୨ ଜିସୁ କେଜାନେ ବିସ୍‌ରାମ୍ ବାରେ ନିମାନ୍
କର୍‌ସି ବଲି, ସେମନ୍ ଆଁକି ନ ମରାଇତେ ଦେକ୍‌ତେରଇଲାଇ,
କାଇକେବଇଲେ ଜେନ୍ତିକି ତାର୍ ବିରୁଦେ ଦସ୍ ଦାରିପାର୍‌ବାଇ ।
୩ ଜନ୍ ଲକର୍ ଆତ୍ ସୁକି ଜାଇରଇଲା, ତାକେ ଜିସୁ କଇଲା,
"ଆଉ ମଜାଇ ଟିଆ ଅ ।" ୪ ଆରି ଜିସୁ ଲକ୍‌ମନ୍‌କେ ପାଚାର୍‌ଲା,
"ବିସ୍‌ରାମ୍‌ବାରେ କାଇଟା କର୍‌ବା ନିଅମ୍? ନିକ କର୍‌ବାର୍ କି
ଆସାର୍ କର୍‌ବାର୍? ଜିବନ୍ ବଁଚାଇବାର୍ କି ମରାଇଦେବାର୍?"
ମାତର୍ ସେମନ୍ କାଇଟା ନ କଇ ଚିମ୍‌ରାଅଇ ରଇଲାଇ । ୫
ସେବେଲେ ତାକର୍ ମନ୍ ଡାଟ୍ ରଇବାଟା ଦେକିକରି ଜିସୁ ଦୁକ୍‌ଅଇ
ରିସାସଙ୍ଗ, ଚାରିବେଡ୍‌ତି ଦେକ୍‌ଲା । ଆରି ସେ ଲକ୍‌କେ କଇଲା,
"ଆତ୍ ଲାମା ।" ସେ ଲକ୍ ଆତ୍ ଲାମାଇଲା, ଆରି ତାର୍ ଆତ୍
ନିମାନ୍ ଅଇଗାଲା । ୬ ତେଇଅନି ପାରୁସିମନ୍ ସେ ଜାଗାଇଅନି
ଦାପ୍‌ରେ ବାରଇ ଜାଇ ଜିସୁକେ ମରାଉ ବଲି ତାର୍ ବିରୁଦେ
ଏରଦ୍ ରାଜାର୍ ଲକ୍‌ମନର୍‌ସଙ୍ଗ ଉପାଇ ପାଁଚ୍‌ବାର୍ ଦାର୍‌ଲାଇ ।
୭ ସେଡ୍‌କିବେଲେ ଜିସୁ ସିସ୍‌ମନର୍ ସଙ୍ଗ ଲକ୍‌ମନର୍‌ଟାନେଅନି
ବେଗ୍‌ଲି କରି, ସମ୍‌ଦୁର୍ କଣ୍ଡିବାଟେ ବାରଇ ଗାଲା । ଆରି ଗାଲିଲି
ଅନି ବେସି ଲକ୍ ତାର୍ ପଚେ ପଚେ ଆଇଲାଇ, ଆରି ଜିଉଦା, ୮
ଜିରୁସାଲାମ୍, ଇଦମ୍, ଜର୍‌ଦନ୍‌ର୍ ଉପର୍ ବାଟେ ରଇବା ସର ଆରି
ସିଦନର୍ ଚାରିବେଡ୍‌ତିର୍ ଲକ୍ ସେ କରିରଇବା ସବୁ କାମର୍ କାତା
ସୁନି ତାର୍ ଲଗେ ଆଇଲାଇ । ୯ ସେଡ୍‌କିବେଲେ ଚିପାଟେଲା
ରଇଲାକେ, ଲକ୍‌ମନ୍ ଜେନ୍ତିକି ଉପ୍‌ରେ ଡାବି ନ ଅଅତ୍, ତେବର୍
ପାଇ ଜିସୁ ସିସ୍‌ମନ୍‌କେ ତାର୍‌ପାଇ ଗଟେକ୍ ସାନ୍‌ଟା ଡଙ୍ଗା ଆନି
ଜାଗାଇବାକେ ତିଆର୍‌ଲା । ୧୦ କାଇକେବଇଲେ ସେ ବେସି
ଲକ୍‌ମନ୍‌କେ ନିମାନ୍ କଲାଜେ ଜର୍‌ଦୁକା ଅଇରଇବା ଲକ୍‌ମନ୍
ତାକେ ଚିଉଁ ବଲି ଉପ୍‌ରେ ଡାବିଅଇ ଜାଇତେରଇଲାଇ । ୧୧
ଆରି ଜେଡେବେଲେ ଜିସୁକେ କରାପ୍ ଆତ୍‌ମାମନ୍ ଦେକ୍‌ତେ
ରଇଲାଇ, ସେ ଆତ୍‌ମାମନ୍ ତାର୍ ମୁଆଟେ ଅଦ୍‌ରି ଆଉଲିଅଇ
କଇତେରଇଲାଇ, "ତୁଇ ଆକା ପର୍‌ମେସରର୍ ପଅ ।" ୧୨
ମାତର୍ ଜିସୁ ଡୁମାମନ୍‌କେ ତାର୍ ବିସଇନେଇ ବିନ୍ ଲକ୍‌ମନ୍‌କେ
କାଇ ବଲି ନ କୁଆ ବଲି ଡାଟ୍‌ସଙ୍ଗ ଆଦେସ୍ ଦେଇତେରଇଲା ।
୧୩ ଜିସୁ ପର୍‌ବତ୍ ଉପ୍‌ରେ ଜାଇ, ଜନ୍ ଲକ୍‌ମନ୍‌କେ ସେ ମନ୍
କଲା, ସେମନ୍‌କେ ଲଗେ ଡାକ୍‌ଲା, ଆରି ସେମନ୍ ତାର୍ ଲଗେ
ଆଇଲାଇ । ୧୪ ସେ ବାର ଲକ୍‌କେ ବାଚ୍‌ଲା ଆରି ସେମନ୍‌କେ
ତାର୍ କବର୍ ନେଉ ବଲି ଡାକ୍‌ଲା । ଜେନ୍ତି ସେମନ୍ ତାର୍ ସଙ୍ଗ
ରଇପାରତ୍ ଆରି ସେମନ୍ ତାର୍ କବର୍ ଜାନାଇବାଇ, ୧୫ ଆରି
ଡୁମାଚାଡାଇବାକେ ଅଦିକାର୍ ଦେଲା । ୧୬ ଜିସୁ ବାର ଲକ୍‌କେ
ବାଚ୍‌ଲା, ଜନ୍‌ଲକ୍‌ମନ୍ କି ସିମନ୍, ଜାକେ ସେ ପିତର୍ ବଲି ନାଉଁ
ଦେଲା, ୧୭ ଜେବଦିର୍ ପ ଜାକୁବ୍ ଆରି ତାର୍ ବାଇ ଜଅନ୍‌କେ
ସେ ବିନେରିଗସ୍ ବଲି ନାଉଁ ଦେଲା, ଆର୍ ଅରତ୍ ଅଇଲାନି
ମେଗ୍‌ନାଦର୍ ପଅମନ୍, ୧୮ ଆନ୍ଦ୍ରିୟ, ପିଲିପ୍, ବାର୍‌ତଲମି,
ମାତିଉ, ତମା, ଆଲ୍‌ପିର୍ ପଅ ଜାକୁବ୍, ତଦିୟ, କିଣାନିୟ ସିମନ୍,
ଜେ କି ରମିୟ ସର୍‌କାରର୍ ବିରୁଦେ ଉଟିରଇଲା । ୧୯ ଆରି
ଇସ୍‌କାରିୟତିୟ ଜିଉଦା, ଜେ କି ଜିସୁକେ ସତ୍‌ରୁକେ ସର୍‌ପି

ଦେଇରଇଲା । ୨୦ ପଚେ ଜିସୁ ଗଟେକ୍ ଗରେ ପୁର୍ଲା । ସେଡ୍କି
ବେଲେ ଲକ୍ମନ୍ ଆରି ତରେକ୍ ଏତେକ୍ ରୁଣ୍ଡଲାଇ ଜେ, ସେ ଆରି
ତାର୍ ସିସ୍ମନ୍ କାଇବାର୍ ମିସା ନାପାର୍ଲାଇ । ୨୧ "ଜିସୁକେ
କାଇବାକେ ମିସା ବେଲା ନାଇ ।" ବଲି କଇ ତାକର୍ ଗରର୍ ଲକ୍
ସୁନି, ତାକେ ଗରେ ଡାକିନେବାକେ ଆଇଲାଇ । କାଇକେବଇଲେ
ସେମନ୍ କଇଲାଇ, "ତାର୍ ବୁଦି ବାନାଅଇଗାଲାନି ।" ୨୨
ଆରି, ଜିରୁସାଲାମ୍ ଅନି ଆସିରଇବା ସାସ୍ତର୍ ସିକାଉମନ୍
କଇଲାଇ, "ଆକେ ଡୁମାମନର୍ ନେତା ବାଲ୍ଜିବୁଲ୍ ଦାରିଆଚେ,
ଆରି ଡୁମାମନର୍ ନେତାର୍ ବପୁସଙ୍ଗ୍ ଡୁମା ଚାଡାଇଲାନି ।"
୨୩ ସେଡ୍କିବେଲେ ଜିସୁ ସାସ୍ତର୍ ସିକାଉମନ୍କେ ଲଗେଡାକି
ଉଦାଅରନ୍ ଦେଇ କଇଲା, "ସଇତାନ୍ କେନ୍ତି ସଇତାନ୍କେ
ଚାଡାଇ ପାର୍ସି? ୨୪ ଜଦି ଗଟେକ୍ ରାଇଜ୍ ଦୁଇ ବାଗ୍ ଅଇ
ନିଜର୍ ବିରୁଦେ ଉଟ୍ସି, ତେବେ ସେ ରାଜିଅ ବେସିଦିନ୍ ନ ରଏ ।
୨୫ ଗଟେକ୍ ଗର୍ ବାଗ୍ ଅଇ ନିଜର୍ ବିରୁଦେ ଉଟ୍ସି, ତେବେ
ସେ ଗର୍ ବେସି ଦିନ୍ ନ ରଏ । ୨୬ ସେନ୍ତାର୍ସେ ସଇତାନ୍ ଜଦି
ବାଗ୍ ଅଇ ନିଜର୍ ବିରୁଦେ ଉଟ୍ସି, ତେବେ ସେ ତବିର୍ ଅଇ ରଇ
ନାପାରେ, ମାତର୍ ତାର୍ ବିନାସ୍ ଗଟ୍ସି । ୨୭ "ମାତର୍ କେ ମିସା
ବପୁ ରଇବା ଲକ୍କେ ପର୍ତୁମ୍ ନ ବାନ୍ଧତେ, ତାର୍ ଗରେ ପୁରିକରି
ସେଲକର୍ ନିଜର୍ ସବୁ ଚରାଇ ନେଇ ନାପାରେ, ମାତର୍ ସେ ବପୁ
ରଇବା ଲକ୍କେ ଆଗେ ବାନ୍ଧଲେ ସିନା ସେ ତାର୍ ଗରେ ପୁରି
ଚରିପାର୍ସି । ୨୮ "ମୁଇ ତମ୍କେ ସତ୍ କଇଲିନି, ଲକ୍ମନର୍ ସବୁ
ପାପ୍, ଆରି ସେମନ୍ ଜେତେକ୍ ନିନ୍ଦା କାତା କଇ ପର୍ମେସରର୍
ନିନ୍ଦା କଲେ ମିସା, ସେ ସବୁଜାକ କେମା କରାଅଇସି । ୨୯ ଜେକି
ସୁକଲ୍ଆତ୍ମାର୍ ବିରୁଦେ ନିନ୍ଦା କାତା କଇସି, ତାକେ କନ୍ କାଲେ
ମିସା ପର୍ମେସର୍ କେମା ନ ଦେଏ, ଆରି ସେ ନ ସାର୍ବା ପାପର୍
ଦସି ଅଇସି ।" (aiōn g165, aiōnios g166) ୩୦ ତାକେ କାରାପ୍
ଆତ୍ମା ଲାଗିଆଚେ ବଲି ସାସ୍ତର୍ ସିକାଉମନ୍ କଇଲାଇକେ,
ଜିସୁ ଏନ୍ତାରି କଇଲା । ୩୧ ସେଡ୍କିବେଲେ ଜିସୁର୍ ମା ଆରି
ବାଇମନ୍ ଆସି ବାଇରେ ଟିଆ ଅଇ ଜିସୁକେ ଡାକାଇପାଟାଇଲାଇ
। ୩୨ ତେଇ ତାର୍ ଚାରିବେଡ୍ତି ବସି ରଇବା ଲକ୍ମନ୍ ତାକେ
କଇଲାଇ, "ଦେକା, ତମର୍ ମାଆ ଆରି ବାଇ ବଇନି ବାଇରେ
ରଇ ତମ୍କେ କଜ୍ଲାଇନି ।" ୩୩ ଜିସୁ ସେମନ୍କେ କଇଲା, "କେ
ମର୍ ମା ଆରି ବାଇବଇନିମନ୍?" ୩୪ ସେ ତାର୍ ଚାରିବେଡ୍ତି
ବସିରଇବା ଲକ୍ମନ୍କେ ଦେକିକରି କଇଲା, "ଏମନ୍ ମର୍ ମାଆ
ଆରି ମର୍ ବାଇ ବଇନି । ୩୫ ଜନ୍ ଲକ୍ମନ୍ ପର୍ମେସର୍
ମନ୍କଲାଟା ପୁରାପୁରୁନ୍ କର୍ବାଇ, ସେ ମର୍ ବାଇ, ବଇନି ଆରି
ମା ।"

**୪** ଜିସୁ ଆରିତରେକ୍ ଗାଲିଲି ସମ୍ଦୁର୍ କଣ୍ଡିଟାନେ ସିକିଆ
ଦେବାର୍ ଦାର୍ଲା, ଆରି ଏତେକ୍ ମାଣ୍ଡ ଲକ୍ମନ୍ ତାର୍ ଲଗେ
ଟୁଲ୍ଅଇଲାଇଜେ, ସେ ସମ୍ଦୁରେ ରଇବା ଗଟେକ୍ ଡଙ୍ଗାଇ ଜାଇ
ବସ୍ଲା, ଆରି ଗୁଲାଇ ଲକ୍ମନ୍ ସମ୍ଦୁର୍ ପାଲିକେ ରଇଲାଇ ।
୨ ଜିସୁ ସେମନ୍କେ ବେସି ବିସଇ ଉଦାଅରନ୍ ଦେଇ ସିକାଇଲା ।
ଆରି ସିକାଇବାବେଲେ ସେମନ୍କେ କଇଲା, ୩ "ସୁନା ଗଟେକ୍
ଚାସି ତାର୍ ବିଅନ୍ ବୁନ୍ବାର୍ ବାରଇଲା । ୪ ସେ ବୁନୁ ବୁନୁ
କେତେକ୍ ବିଅନ୍ ବାଟେ ଅଦର୍ଲା, ଆରି ଚଡଇମନ୍ ଆସି
ସବୁଜାକ ବିଅନ୍ କାଇଦେଲାଇ । ୫ ଆରି କେତେକ୍ ବିଅନ୍ ଉନା
ମାଟିରଇ ତଲେ ପାକ୍ନା ରଇଲା ବୁଏଁ ଅଦର୍ଲା, ଆରି ମାଟି
ଉନା ରଇଲାକେ ଦାପ୍ରେ ଗାଜା ଅଇଲା । ୬ ମାତର୍ ବେଲ୍
ଉଦ୍ଲାକେ ଗାଜା ଅଇଲାଟା ପଡି ମସ୍ରିଗାଲା, ଆରି ଚେର୍
ବେଦି ନ ରଇଲାଜେ ସୁକିଗାଲା । ୭ ଆରି କେତେକ୍ ବିଅନ୍ କାଟା
ବୁଟା ମଜାଇ ଅଦର୍ଲା, ଆରି କାଟା ବୁଟାମନ୍ ଉଟି ବଡିକରି
ଗାଜା ଅଇ ସବୁକେ ଚାପି ପାକାଇଲାଇ । ଚାପିଦେଲାକେ କାଇ
ଦାନ୍ ମିସା ଅଏ ନାଇ । ୮ ମାତର୍, ଆରି କେତେକ୍ ବିଅନ୍ ନିକ
ବୁଏଁ ଅଦର୍ଲା ଆରି ଗାଜା ଅଇ ଉଟି ବଡିକରି ତିରିସ୍ ଗୁଣ୍
ସାଟେ ଗୁଣ୍ ଆରି ସଏ ଗୁଣ୍ ଜାକ ପସଲ୍ ଦେଲା ।" ୯ ଆରି ଜିସୁ
କଇଲା, "ଜାକେ ସୁନ୍ବାକେ କାନ୍ ଆଚେବଇଲେ, ସେ ମନ୍ଦେଇ
ସୁନ ।" ୧୦ ଜିସୁ ଗଟେକ୍ଲକ୍ ରଇଲା ବେଲେ ତାର୍ସଙ୍ଗ
ରଇଲା ଲକ୍ମନ୍ ଆରି ବାର୍ଟା ସିସ୍ମନ୍ ତାକେ ପାଚାର୍ଲାଇ,
"ତମେ କାଇକେ ଉଦାଅରନ୍ ଦେଇ ସିକାଇଲାସ୍ନି?" ୧୧
ଜିସୁ ସେମନ୍କେ କଇଲା, "ପର୍ମେସରର୍ ରାଇଜେ ଲୁଚିକରି
ରଇଲା ବିସଇ ତମେ ବୁଜିପାର୍ଲାସ୍ନି, ମାତର୍ ବାଇରେ ରଇବା
ବିନ୍ ଲକ୍ମନ୍କେ ଉଦାଅରନ୍ ଦେଇ କୁଆ ଅଇଲାନି ।" ୧୨
ଜେନ୍ତାର୍କି "ମୁଇ କର୍ବା କାମ୍ମନ୍ ଦେକ୍ତେ ରଇଲେ ମିସା
ବୁଜି ନାପାରତ୍, ଆରି କଇଲାଟାମନ୍ ସୁନି ସୁନି ମିସା ନ ବୁଜତ୍,
ବୁଜ୍ତାଇଆଲେ ସେମନ୍ ପର୍ମେସରର୍ ଲଗେ ବାଅଡ୍ତାଇ ଆରି
ପାପ୍ କେମା ପାଇତାଇ ।" ୧୩ ଜିସୁ ସେମନ୍କେ କଇଲା, "ଏ
ଉଦାଅରନର୍ ଅରତ୍ ତମେ ବୁଜାସ୍ ନାଇ କି? ତେବେ ବିନ୍
ଉଦାଅରନର୍ ଅରତ୍ କେନ୍ତି ବୁଜ୍ସା? ୧୪ ଚାସି ପର୍ମେସରର୍
ବାକିଅ ବୁନ୍ସି, ୧୫ ଜନ୍ଲକ୍ମନ୍ ସୁନ୍ବାଇ ଆରି ସୁନ୍ଲା
ଦାପ୍ରେ, ସଇତାନ୍ ଆସି ସେମନ୍ର୍ ଟାନେଅନି ବୁନିରଇବା
ବାକିଅ ଜିକି ନେଇସି, ସେମନ୍ ବୁନିରଇବା ବାଟ୍ଲଗର୍ ବିଅନ୍
ପାରା । ୧୬ ସେନ୍ତାର୍ ସେ, ଜନ୍ଲକ୍ମନ୍ ବାକିଅ ସୁନ୍ଲା ଦାପ୍ରେ
ସାର୍ଦା ଅଇ ସେଟା ମାନ୍ବାଇ, ସେଲକ୍ ପାକ୍ନା ରଇବା ଜାଗାଇ
ଅଦର୍ଲା ବିଅନ୍ ପାରା । ୧୭ ମାତର୍ ସେମନର୍ ଟାନେ ଚେର୍
ନ ବେଦିରଏଜେ ଚନେକର୍ପାଇ ବିସ୍ବାସ୍ କରି ରଇବାଇ,
ପଚେ ବାକିଅର୍ଲାଗି କସ୍ଟ କି ତାଡ୍ନା ଆଇଲେ, ସେ ଦାପ୍ରେ
ବିସ୍ବାସ୍ ଚାଡି ଦେବାଇ । ୧୮ ଆରି ଜନ୍ଲକ୍ମନ୍ ବାକିଅ
ସୁନ୍ବାଇ, ମାତର୍ ତାର୍ ଦିନ୍କର୍ ବିସଇର୍ ଚିନ୍ତା, ଦନର୍ ମାୟା
ଆରି ବିନ୍ ବିନ୍ ବିସଇର୍ ଲାଲ୍ସାଟାନେ ପୁରିକରି ମାପ୍ରୁର୍
ବାକିଅକେ ଚାପିପାକାଇସି, ତେଇ ମାପ୍ରୁର୍ ବାକିଅ ନିକ କାମ୍
ନ କରେ । ୧୯ ସେନ୍ତାରି ଅଦେକ୍ ଲକ୍ମନ୍ ବିଅନ୍ ବୁନିରଇବା
କାଟାଲାଟା ବୁଏଁ ପାରା । (aiōn g165) ୨୦ ବାକିଲକ୍ମନ୍ ବାକିଅ

ସୁନି ସେଟା ମାନ୍‌ବାଇ ଆରି ତିରିସ୍ ଗୁଣ୍, ସାଟେ ଗୁଣ୍ ଆରି
ସଏ ଗୁଣ୍ ପଲ୍ ଦେବାଇ, ସେମନ୍ ବିଅନ୍ ଅଦ୍‌ରି ରଇବା ନିକ
ବୁଇଁ ପାରା ।" **୨୧** ଜିସୁ ଆରିତରେକ୍ ସେମନ୍‌କେ କଇଲା,
"ବତି ଡସାଇ ମାନ୍ ତଲେ କି କଟ୍ ତଲେ ସଙ୍ଗଇବାକେ ନ
ଆନତ୍ । ବତି, କୁଦ୍‌ରାଇ ସଙ୍ଗଇବାକେ ଡସାଇବାଇ । **୨୨**
କାଇକେବଇଲେ ଲକ୍‌ମନ୍‌କେ ଏବେଜାକ ନାଜାନି ରଇବା ବିସଇ
ଜାନାଇ ଦିଆଅଇସି, ଆରି ଜନ୍ ବିସଇ ସବୁ ଲୁଚି ରଇସି, ସେଟା
ମେଲାକରି ଦିଆଅଇସି । **୨୩** ଜଦି ଜାକେ ନିକ ସଙ୍ଗ ସୁନ୍‌ବାର୍
ଆଚେ, ସେ ନିକ ସଙ୍ଗ ସୁନ ।" **୨୪** ଆରି ଜିସୁ ସେମନ୍‌କେ କଇଲା,
"କାଇଟା ସୁନ୍‌ଲାସ୍‌ନି, ସେ ବିସଇ ଏତାଇକରି ଜାଗରତ୍ ରୁଆ ।
ଜନ୍ ନାପେ ତମେ ନାପ୍‌ସା, ସେ ନାପେ ପର୍‌ମେସର୍ ତମ୍‌କେ
ନାପ୍‌ସି, ଆରି ତାର୍‌ତେଇଅନି ଅଦିକ୍ । **୨୫** କାଇକେବଇଲେ
ଜାକେ ରଇ, କାମେ ଲାଗାଇରଇସି ତାକେ ଅଦିକ୍ ଦିଆଅଇସି,
ଆରି ଜାକେ ରଇ, କାମେ ନ ଲାଗାଏ, ତାର୍‌ଟାନେ ଅନି ସେ
ଅଲପ୍ ରଇଲାଟା ମିସା ନିଆଅଇସି ।" **୨୬** ଆରି ସେ କଇଲା,
"ପର୍‌ମେସରର୍ ରାଇଜ୍ ଏନ୍ତାରି । ଗଟେକ୍ ଲକ୍ ନିଜର୍ ପଦାଇ
ବିଅନ୍ ବୁନ୍‌ସି । **୨୭** ଆରି, ସେ ଦିନ୍‌ବେଲେ କି ରାତିବେଲେ,
ସଇଲେ କି କାମ୍ କଲେ ମିସା ବିଅନ୍ କେନ୍ତି ଆଁକ୍‌ରି ବଡ୍‌ସି,
ସେଟା ନାଜାନେ, **୨୮** ଜମି ତାର୍‌ମନ୍‌କେ ପଲ୍ ଉବ୍‌ଜାଇସି,
ପର୍‌ତୁମ୍ ପତର୍, ପଚେ କେଣ୍ଡ୍, ତାର୍‌ପଚେ ମୁଞ୍ଜି ପୁରୁନ୍ ରଇବା
କେଣ୍ଡ୍ । **୨୯** ମାତର୍ ଚାସ୍ ପାଚ୍‌ଲା ଦାପ୍‌ରେ କାଟ୍‌ବା ବେଲା
କେଟିଆଇଲେ, ଚାସି କାଟ୍‌ବାକେ ଇଲା ଲାଗାଇସି ।" **୩୦**
ସେ ଆରି ତରେକ୍ କଇଲା, "ଆମେ ପର୍‌ମେସରର୍ ରାଇଜ୍
କାଇଟା ସଙ୍ଗ ସମାନ୍ କରୁ? ନଇଲେ କାଇ ଉଦାଅରନ୍ ସଙ୍ଗ
ବୁଜାଇଦେଉଁ? **୩୧** ସେଟା ଗଟେକ୍ ସର୍‌ସୁ ମୁଞ୍ଜି ପାରା, ବୁଏଁ
ବୁନ୍‌ବା ବେଲେ ସେଟା ପୁର୍‌ତିବିର୍ ସବୁ ମୁଞ୍ଜିତେଇ ଅନି ସାନ୍‌ଟା,
**୩୨** ମାତର୍ ବୁନ୍‌ଲେ, ସେଟା ବଡିକରି ସବୁ ସାଗର୍ ଟାନେଅନି
ବଡ୍ ଅଇସି, ଆରି ତାର୍ କେନ୍ଦ୍ରି ଏନ୍ତି ବଡ୍ ବଡ୍ ଅଇଜାଇସି ଜେ,
ସରଗର୍ ଚଡଇମନ୍ ତାର୍ କେନ୍ଦ୍ରାଇ ବାସା ଅଇବାଇ ।" **୩୩** ଜିସୁ
ଏନ୍ତି କେତେକ୍ କେତେକ୍ ଉଦାଅରଣ୍ ସଙ୍ଗ ସେମନର୍ ବୁଜ୍‌ବା
ବପୁ ଇସାବେ ବାକିଅ ସୁନାଇତେ ରଇଲା, **୩୪** ଆରି ଉଦାଅରନ୍
ନଇତେ ସେ ତାକର୍ ଲଗେ କାଇ କାତା ନ କଇତେରଇଲା
। ମାତର୍ ଜିସୁ ବିନ୍ ଲକ୍‌ମନ୍ କେ ନ ରଇଲାବେଲେ ନିଜର୍
ସିସ୍‌ମନ୍‌କେ ସବୁ ବିସଇ ବୁଜାଇ ଦେଇତେ ରଇଲା । **୩୫**
ସେଦିନେ ସଞ୍ଜ ଅଇଲାକେ ଜିସୁ ସେମନ୍‌କେ କଇଲା, "ଆସା,
ଗାଡ୍ ସେପାଟେ ଜୁ ।" **୩୬** ସେଡ୍‌କିବେଲେ ସେମନ୍ ଲକ୍ ଗଅଲି
ଚାଡିକରି, ଜିସୁ ବସି ରଇଲା, ଗଟେକ୍ ଡଙ୍ଗାଇ ଜାଇ ବସ୍‌ଲାଇ ।
ଆରି ବିନ୍ ବିନ୍ ଡଙ୍ଗା ମିସା ତାକର୍ ସଙ୍ଗ ରଇଲା । **୩୭** ପଚେ
ଅଟାତ୍ ବେସି ବାଉପବନ୍ ଆଇଲା, ଆରି ଲଅଡିର୍ ମାଡ୍‌କେ
ଡଙ୍ଗାଇ ପାନି ପୁରୁନ୍ ଅଇବାର୍ ଦାର୍‌ଲା । **୩୮** ସେଡ୍‌କିବେଲେ
ଜିସୁ ଡଙ୍ଗାର୍ ପଚ୍ ଚଟୁ ମାର୍‌ବା ଲଗେ ମଚ୍‌ଲା ମୁଣ୍ଡିସାକରି
ସଇଦେଇ ରଇଲା । ସିସ୍‌ମନ୍ ତାକେ ଉଟାଇ କଇଲାଇ, "ଏ
ଗୁରୁ, ଆମେ ବୁଡିଜିବୁବେ, ତମ୍‌କେ କାଇ ଚେତ୍‌ନା ନାଇ?" **୩୯**
ସେଡ୍‌କିବେଲେ ଜିସୁ ଉଟି ପବନ୍‌କେ ଦମ୍‌କାଇ ଦେଇ ଲଅଡିକେ
କଇଲା, "ତବିର୍ ଅଇ ଚୁପ୍ ର ।" ସେଡ୍‌କି ବେଲେ ପବନ୍
ବନ୍ଦ ଅଇଲା, ଆରି ସବୁ ତବିର୍ ଅଇଲା । **୪୦** ଆରି ସେ
ସିସ୍‌ମନ୍‌କେ କଇଲା, "କାଇକେ ଏତେକ୍ ଡର୍‌ଲାସ୍‌ନି? ତମ୍‌କେ
ଏବେଜାକ ମର୍‌ଲଗେ ବିସ୍‌ବାସ୍ ନାଇ କି?" **୪୧** ସେମନ୍ ବେସି
ଡରି ଜାଇକରି ତାକର୍ ତାକର୍ ବିତ୍‌ରେ କୁଆବଲା ଅଇଲାଇ,
"ତେବେ ଏ କେ ଜେ, ପବନ୍ ଆରି ଲଅଡି ମିସା ତାର୍ ଆଦେସ୍
ମାନ୍‌ଲାଇନି?"

**୫** ଜିସୁ ଆରି ତାର୍ ସିସ୍‌ମନ୍ ସମ୍‌ଦୁର୍ ସେପାଟେ ରଇବା
ଗରାସିୟମନର୍ ଜାଗାଇ କେଟ୍‌ଲାଇ । **୨** ଜିସୁ ଡଙ୍ଗାଇଅନି
ଉତର୍‌ଲା ଦାପ୍‌ରେ ଗଟେକ୍ ଡୁମା ଦାରିରଇବା ଲକ୍ ମସ୍‌ନେ
ଅନି ବାରଇ ତାକେ ବେଟ୍‌ଅଇବାକେ ଆଇଲା । **୩** ସେ ଲକ୍
ମସ୍‌ନେ ବାସାଅଇରଇଲା, ଆରି କେ ମିସା ତାକେ ସିକିଲି
ସଙ୍ଗ ବାନ୍ଧି ନାପାର୍‌ତେ ରଇଲାଇ । **୪** ତାକେ କେତେକ୍ ତର୍
ଗଡେ କଡୁ ଆରି ଆତେ ସିକିଲି ସଙ୍ଗ ବାନ୍ଧଲେ ମିସା, ସେ
ସିକିଲି ସବୁ ଚିଡାଇ ଦେଇ, କଡୁ ସବୁ ବାଙ୍ଗାଇ ପାକାଇତେ
ରଇଲା । ତାକେ ବାନ୍ଧି ସଙ୍ଗଇବାକେ କାର୍ ମିସା ବପୁ ନ
ରଇଲା । **୫** ସେ ଦିନ୍ ରାତି ସବୁବେଲେ ମସ୍‌ନେ ଆରି
କୁପ୍‌ଲିତେଇ ରଇ କିର୍‌କିର୍‌ତେ ରଇଲା, ଆରି ପାକ୍‌ନା ସଙ୍ଗ
ଗାଗ୍‌ଡେ ମୁଣ୍ଡେ ମାରିଅଇ କଣ୍ଡିଆ ବଣ୍ଡିଆ ଅଇଜାଇତେରଇଲା
। **୬** ସେ ଜିସୁକେ ଦୁରିକେ ଅନି ଦେକି ପାଲାଇ ଆସି ତାର୍
ମୁଆଟେ ଅଦର୍‌ଲା । **୭** ଆରି ଆଉଲି ଅଇ କିର୍‌କିରି କରି
କଇଲା, "ଏ ସବୁର୍ ଟାନେଅନି ବଡ୍ ପର୍‌ମେସରର୍ ପ ଜିସୁ, ମର୍
ଟାନେ ତମର୍ କାଇ କାମ୍ ଆଚେ? ମୁଇ ତମ୍‌କେ ପର୍‌ମେସରର୍
ନାଉଁ ଦାରି ଗୁଆରି କରି କଇଲିନି, ମକେ କସ୍‌ଟ ଦିଆନାଇ
।" **୮** କାଇକେବଇଲେ ଜିସୁ ତାକେ ଆଗ୍‌ତୁ କଇତେରଇଲା,
"ଏରେ ଡୁମା, ଏ ଲକର୍‌ଟାନେଅନି ବାରଇ ଜା ।" **୯** ଆରି,
ଜିସୁ ତାକେ ପାଚାର୍‌ଲା, "ତର୍ ନାଉଁ କାଇ ନାଉଁ?" ସେ ତାକେ
କଇଲା, "ମର୍ ନାଉଁ ବାଇନି ଡୁମା, ଏନ୍ତି ଆମେ ଜବର୍ ଆଚୁ
।" **୧୦** ଆରି, ସେ ଲକ୍ ଜେନ୍ତିକି ସେମନ୍‌କେ ସେ ଜାଗାଇ ଅନି
ବାଇରେ ନ ପାଟାଅ ବଲି, ଜିସୁକେ ତର୍‌କେ ତର୍ ଜୁଆର୍ ବିଆର୍
କଲା । **୧୧** ସେ ଲଗର୍ କୁପ୍‌ଲି ପାଲିକେ ବେସି ଗୁସ୍‌ରି ମାନ୍ଦା
ଚାର୍‌ତେରଇଲାଇ । **୧୨** ଆରି ଡୁମାମନ୍ ଜିସୁକେ ଜୁଆର୍ ବିଆର୍
କରି କଇଲାଇ, "ସେ ଗୁସ୍‌ରିମନର୍ ବିତ୍‌ରେ ପୁର୍‌ବାକେ ଆମ୍‌କେ
ପାଟାଆ ।" **୧୩** ଜିସୁ ସେମନ୍‌କେ ଆଦେସ୍ ଦେଲାଦାପ୍‌ରେ,
ସେ ଲକର୍ ଲଗେଅନି ଡୁମାମନ୍ ବାରଇକରି ଗୁସ୍‌ରିମନର୍
ବିତ୍‌ରେ ପୁର୍‌ଲାଇ । ସେଡ୍‌କିବେଲେ, ସେ ଆଡାର୍ ବିଡ୍‌କିକରି
ପାଲାଇଲାଇ ଆରି କୁପ୍‌ଲି ଅନି ଗସ୍‌ରିକରି ସମ୍‌ଦୁରେ ଜାଇ ବୁଡି
ମରିଗାଲାଇ । ଆଡାରେ ଗୁସ୍‌ରି ମାନ୍ଦା ପାକାପାକି ଦୁଇଅଜାର୍‌ଟା

ରଇଲାଇ । **୧୪** ଗୁସ୍‌ରିମନ୍‌କେ ଚାରାଇତେରଇବା ଲକ୍‌ମନ୍ ପାଲାଇ ଜାଇ ଗାଉଁ ଆରି ଗୁଡାମନ୍‌କେ ସେଟା ଜାନାଇଲାଇ । ଜାନାଇଲାଟା ସୁନି ଲକ୍‌ମନ୍ "ତେଇ କାଇଟା ଅଇଲାଆଚେ?" ବଲି ଦେକ୍‌ବାର୍ ଆଇଲାଇ । **୧୫** ଆରି ଲକ୍‌ମନ୍ ଜିସୁର୍ ଲଗେ ଆସିକରି ସେ ଡୁମା ଦାରି ରଇଲା ଜନ୍‌ଲକ୍‌କେ କି ଆଗ୍‌ତୁ ବାଇନି ଡୁମା ଦାରିରଇଲା, ସେ ଲକ୍ ନିମାନ୍ ଲୁଗା ପିନ୍ଧିକରି ନିକ ଲକର୍‌ପାରା ବସିରଇବାଟା ଦେକି ଡରିଗାଲାଇ । **୧୬** ଆରି ଜନ୍ ଲକ୍‌ମନ୍ ଦେକିରଇଲାଇ, ସେମନ୍ ସେ ଡୁମା ଦାରିରଇବା ଲକ୍‌କେ କାଇଟା ଅଇରଇଲା, ସେଟା ଆରି ଗୁସ୍‌ରିମନ୍‌କେ ଅଇଲା ବିସଇ ସେମନ୍‌କେ କଇଦେଲାଇ । **୧୭** ତେଇ ଲକ୍‌ମନ୍ ଜିସୁକେ ସେମନର୍ ସନ୍ଧିଅନି ଚାଡି ଜିବାକେ ବାବୁଜିଆ କଲାଇ । **୧୮** ପଚେ ଜିସୁ ଡଙ୍ଗାଇ ଚଗ୍‌ବା ବେଲେ ଜନ୍‌ଲକ୍‌କେ ଆଗ୍‌ତୁ ଡୁମା ଦାରିରଇଲା, ସେ ଲକ୍ ତାର୍ ସଙ୍ଗ ରଇବାକେ ବାବୁଜିଆ କଲା । **୧୯** ମାତର୍ ଜିସୁ ତାକେ ତେବାଇକରି କଇଲା, "ତମର୍ ଗରେ, ତମର୍ ନିଜର୍ ଲକ୍‌ମନର୍ ଟାନେ ଜା, ଆରି ପର୍‌ମେସର୍ ତର୍‌ପାଇ ଜନ୍ ବଡ୍ କାମ୍ କଲା ଆଚେ ଆରି ତକେ ଜନ୍ ଦୟା ଦେକାଇ ଆଚେ, ସେଟା ସବୁ ସେମନ୍‌କେ ଜାନାଇଦେସ୍ ।" **୨୦** ତେଇଅନି ସେ ଲକ୍ ଜାଇକରି, ଜିସୁ ତାର୍‌ପାଇ ଜନ୍ ବଡ୍ କାମ୍ କରିରଇଲା, ସେ ସବୁ ଦେକାପଲି ନଅରେ, ଗାଉଁମନ୍‌କେ କଇବୁଲ୍‌ଲା । ତେଇ ସବୁଲକ୍ କାବା ଅଇଗାଲାଇ । **୨୧** ଜିସୁ ଡଙ୍ଗା ଲଙ୍ଘି ଜାଇ ଆରିତରେକ୍ ବାଉଡି ଆଇଲାଦାପ୍‌ରେ, ଜବର୍‌ଲକ୍ ତାର୍ ଲଗେ ରୁଣ୍ଡିଲାଇ, ଆରି ସେ ସମ୍‌ଦୁର୍ କଣ୍ଠି ରଇଲା । **୨୨** ସେତ୍‌କିବେଲେ ଜିଉଦିମନର୍ ପାର୍‌ତନା ଗରର୍ ମୁକିଅ, ଜାଇରସ୍ ନାଉଁର୍ ଗଟେକ୍ ଲକ୍ ଆସି ଜିସୁକେ ଦେକି ତାର୍ ଗଡ୍‌ତଲେ ଅଦର୍‌ଲା । **୨୩** ଆରି ବେସି ବାବୁଜିଆ କରି କଇଲା, "ମର୍ ଟକି ମର୍‌ବା ଉପ୍‌ରେ ଆଚେ, ସେ ଜେନ୍ତି ନିକ ଅଇ ବଁଚ୍‌ସି, ତେବର୍ ପାଇ ତମେ ଆସି ତାର୍ ଉପ୍‌ରେ ଆତ୍ ସଙ୍ଗଇଦିଆସ୍ ।" **୨୪** ଜିସୁ ତାକର୍ ସଙ୍ଗ ଗାଲା, ଆରି ଗାଦିଲକ୍ ତାର୍ ପଚେ ପଚେ ଜିବାର୍ ଦାର୍‌ଲାଇ, ଆରି ଲକ୍‌ମନ୍ ତାକେ ଡାବାଡାବି ଅଇତେ ରଇଲାଇ । **୨୫** ତେଇ ଗଟେକ୍ ବାର ବରସ୍ ଜାକ ଗାଗ୍‌ଡେଅନି ବନି ଜିବା ମାଇଜିଟକି ରଇଲା । **୨୬** ଜେ କି କେତେ କେତେ ଡାକ୍‌ଟର୍‌ଟାନେ ଜାଇକରି ମିସା ସାସ୍‌ତି ବଗି ସବୁ ବିକିଦେଇ ରଇଲା । ମାତର୍ ଅଲପ୍‌ମିସା ନିକ ନ ଅଇ ଅଦିକ୍ ଅଦିକ୍ ଅଇଜାଇତେରଇଲା । **୨୭** ଜେଡେବେଲେ ସେ ଜିସୁର୍ ବିସଇ ସୁନି, ଲକ୍ ଗଅଲି ବିତ୍‌ରେ ପଚ୍‌ବାଟେ ଆସି ଜିସୁର୍ ଲୁଗା ଚିଇଲା, କାଇକେବଇଲେ ସେ କଇତେ ରଇଲା, **୨୮** "କେନ୍ତି ମିସା ମୁଇ ତାର୍ ଲୁଗାଜାଲି ଅଲପ୍ ଚିଇଲେ ନିମାନ୍ ଅଇବି ।" **୨୯** ସେ ଦାପ୍‌ରେ ତାର୍ ବନି ଜିବାଟା ବନ୍ଦ୍‌ଅଇଗାଲା, ସେଟା ସେ ନିଜେ ଜାନି ପାର୍‌ଲା । **୩୦** ସେ ଦାପ୍‌ରେ ଜିସୁ ନିଜର୍ ଟାନେଅନି ସକ୍‌ତି ବାରଇବାଟା ଜାନିକରି ଲକ୍‌ମନର୍ ବାଟେ ବୁଲି ଦେକି କଇଲା, "କେ ମର୍ ଲୁଗା ଚିଇଲା?" **୩୧** ତାର୍ ସିସ୍‌ମନ୍ ତାକେ କଇଲାଇ, "ତମେତା ଦେକ୍‌ଲାସ୍‌ନି, ଲକ୍‌ମନ୍ ତମର୍ ଉପ୍‌ରେ ଡାବା ଡାବି ଅଇଗାଲାଇନି ଆରି ତମେ କେନ୍ତି କଇଲାସ୍‌ନି, କେ ମକେ ଚିଇଲା ବଲି?" **୩୨** ମାତର୍ ଜେ ଏଟା କରିରଇଲା, ତାକେ ଦେକ୍‌ବାକେ ସେ ଚାରିବେଡ୍‌ତି ଆଁକି ବୁଲାଇବାର୍ ଦାର୍‌ଲା । **୩୩** ସେତ୍‌କି ବେଲେ ସେ ମାଇଜିଟକି ତାକେ ଜନ୍ ଜନ୍‌ଟା ଗଟିଆଚେ, ସେଟା ଜାନି, ଡରିକରି ତର୍‌ତରି ତର୍‌ତରି ଆସି ଜିସୁର୍ ଗଡ୍‌ତଲେ ଅଦ୍‌ରି ସବୁ ସତ୍‌କାତା କଇଲା । **୩୪** ଜିସୁ ତାକେ କଇଲା, "ନୁନି, ମର୍‌ଟାନେ ବିସ୍‌ବାସ୍ କଲାକେ ତୁଇ ନିମାନ୍ ଅଇ ଆଚୁସ୍, ସାନ୍ତିଅଇ ଜା ଆରି ତର୍ ରଗେଅନି ନିମାନ୍ ଅଇ ର ।" **୩୫** ସେ ଏ କାତା କଇଲା ବେଲେ ଜିଉଦି ମନର୍ ପାର୍‌ତନା ଚାଲାଉ ଜାଇରସର୍ ଗରେଅନି ଗଟେକ୍ ଲକ୍ ଆସି କଇଲା, "ତମର୍ ନୁନି ମରିଗାଲାବେ, କାଇକେ ଗୁରୁକେ ଆରି କସ୍‌ଟ ଦେଲାସ୍‌ନି?" **୩୬** ମାତର୍ ଜିସୁ ସେମନ୍ କାତା ଅଇଲାଟା ନ ସୁନ୍‌ଲାପାରାଅଇ ପାର୍‌ତନା ଚାଲାଉକେ କଇଲା, "ଡରାନାଇ, ଆବ୍‌କା ବିସ୍‌ବାସ୍ କରା ।" **୩୭** ଆରି ପିତର୍, ଜାକୁବ ଆରି ତାର୍ ବାଇ ଜଅନକେ ଚାଡି ଆରି କାକେ ନିଜର୍ ସଙ୍ଗ ଜିବାକେ ଦେଏ ନାଇ । **୩୮** ସେମନ୍ ପାର୍‌ତନା ଚାଲାଉର୍ ଗରେ ଆଇଲା ଦାପ୍‌ରେ, ଜିସୁ, ଆଉଲି ଅଇବାଟା ଆରି ବେସି ମାର୍‌ଚପ୍ ଅଇ କାନ୍ଦ୍‌ବାଟା ଦେକ୍‌ଲା । **୩୯** ମାତର୍ ବିତ୍‌ରେ ଜାଇ ଲକ୍‌ମନ୍‌କେ କଇଲା, "କାଇକେ ଆଉଲି ଅଇ କାନ୍ଦ୍‌ଲାସ୍‌ନି? ଏ ନୁନି ମରେ ନାଇ, ଅବ୍‌କା ସଇଦେଇଆଚେ ।" ସେତ୍‌କି ବେଲେ ସେମନ୍ ଜିସୁକେ ଲାଜ୍ କରାଇ କଇବାର୍ ଦାର୍‌ଲାଇ । **୪୦** ମାତର୍ ସେ ସବୁକେ ବାର୍‌କରି ଟକିର୍ ଆୟାବାବାକେ ଆରି ନିଜର୍ ସିସ୍‌ମନର୍ ସଙ୍ଗ, ତାକେ ଜନ୍ ଲଗେ ଡୁଲାଇ ରଇଲାଇ, ସେ ଜାଗାଇ ଗାଲା । **୪୧** ଆରି ଟକିର୍ ଆତେଦାରି ତାକେ କଇଲା, "ଟଲିତାକୁମ୍!" ବଇଲେ "ଏ ନୁନି ମୁଇଁ ତକେ କଇଲିନି ଉଟ୍!" **୪୨** ଏତ୍‌କି କଇଲା ଦାପ୍‌ରେ ଟକି ଉଟି ବୁଲ୍‌ବାର୍ ଦାର୍‌ଲା, ତାକେ ବାର ବରସ୍ ଅଇରଇଲା । ସେତ୍‌କିବେଲେ ସବୁଲକ୍‌ମନ୍ ଦେକି ଅଦିକ୍ କାବାଅଇଗାଲାଇ । **୪୩** ଜେନ୍ତି ଆରି, କେ ମିସା ଟକିକେ ଗଟ୍‌ଲା ବିସଇ ନାଜାନତ୍, ତେବର୍ ପାଇ ସେ ଟକିର୍ ଆୟାବାବାକେ ଅଦିକ୍ ଡାଟ୍ ସଙ୍ଗ ଆଦେସ୍ ଦେଲା, ଆରି "ଟକିକେ କାଇଟା ଆଲେ କାଇବାକେ ଦିଆସ୍ ।" ବଲି କଇଲା ।

**୬** ଜିସୁ ସେ ଜାଗା ଚାଡି, ସାନ୍‌ବେଲେ ଅନି ବଡିଆଇଲା ନଅରେ ଆଇଲା, ଆରି ତାର୍ ସିସ୍‌ମନ୍ ମିସା ତାର୍ ସଙ୍ଗ ଗାଲାଇ । **୨** ବିସ୍‌ରାମ୍‌ବାର୍ ଆଇଲାକେ, ସେ ଜିଉଦିମନର୍ ପାର୍‌ତନା ଗରେ ସିକିଆ ଦେବାର୍ ଦାର୍‌ଲା, ଆରି କେତେ କେତେ ଲକ୍ ତାର୍ କାତା ସୁନି କାବା ଅଇ କଇଲାଇ, "ଏ ଲକ୍ ଏ ସବୁଜାକ କନ୍ତି ଅନି ସିକ୍‌ଲା? ଆରି, ଆକେ ଏନ୍ତାରି ଗିଆନ୍ କେ ଦେଲା? ଆରି କେବେ ନ ଅଇବା କାମର୍ ବପୁ କନ୍ତିଅନି ପାଇଲା? **୩** ଏ ଲକ୍‌ତା ସେ ବାଡଇ । ସେ ମରିୟମର୍ ପଅ, ଜାକୁବ୍, ଜସି, ଜିଉଦା ଆରି ସିମନ୍ ତାର୍ ବାଇ ଅଇବାଇ । ଆର୍ ବଇନିମନ୍

ତା ଇତି ଆମର୍ ସଙ୍ଗ ଆଚତ୍ ।" ଏନ୍ତାରି କଇକରି ସେମନ୍
ତାକେ ମାନତ୍ ନାଇ । **୪** ତେଇ ଜିସୁ ସେମନ୍‌କେ କଇଲା,
"ନିଜର୍ ନଅରର୍ କୁଟୁମର୍ ଲକ୍‌ମନ୍‌କେ ଆରି ନିଜର୍ ଗରର୍
ଲକ୍‌କେ ଚାଡି ବାକି ସବୁ ଜାଗାଇ ବାବବାଦିମନ୍‌କେ ସନ୍‌ମାନ୍
ମିଲ୍‌ସି ।" **୫** ସେଜାଗାଇ ଆରି କେତେଟା ରଗିମନ୍‌କେ ସେ
ଆତ୍ ସଙ୍ଗଇକରି ନିକ କର୍‌ବାଟା ଚାଡି ଆରି କାଇ ନ ଅଇବା
କାମ୍ କରିନାପାର୍‌ଲା । କାଇକେବଇଲେ ତେଇର୍ ଲକ୍‌ମନ୍
ତାକେ ବିସ୍‌ବାସ୍ କରତ୍ ନାଇ । **୬** ଆରି ତେଇର୍ ଲକ୍‌ମନ୍
ତାକେ ବିସ୍‌ବାସ୍ ନ କର୍‌ବାଟା ଦେକି ଜିସୁ କାବାଅଇଗାଲା
। **୭** ପଚେ ସେ ଚାରିବେଡ୍‌ତିର୍ ଗାଉଁ ମନ୍ ବୁଲି ବୁଲି ସିକିଆ
ଦେବାର୍ ଦାର୍‌ଲା । ଏତ୍‌କି ବିତ୍‌ରେ ସେ ବାରଟା ସିସ୍‌ମନ୍‌କେ
ଲଗେ ଡାକି, ଦୁଇ ଦୁଇ ଲକ୍‌କେ ପାଟାଇବାର୍ ଆରାମ୍ କଲା,
ସେମନ୍‌କେ ଡୁମାମନ୍‌କେ ଚାଡାଇବାକେ ଅଦିକାର୍ ଦେଲା ।
**୮** ଜିବାବେଲେ ଗଟେକ୍ ଡାଙ୍ଗ ଚାଡି ବାଟ୍ କର୍‌ଚର୍ ପାଇ ରୁଟି
କି ବେସ୍‌ନିଟାନେ ଡାବୁ ନ ନିଆ ବଲି ଆଦେସ୍ ଦେଲା । **୯**
ମାତର୍ ସେମନ୍‌କେ ପାଣ୍ଡଇ ପିନ୍ଦବାକେ କଇଲା, ପିନ୍ଦିରଇବା
ଚକା ଚାଡି ଆରି ଗଟେକ୍ ଚକା ନିଆନାଇ ବଲି କଇଲା । **୧୦**
"ଜେଡେବେଲେ ତମ୍‌କେ ଜାର୍ ଗରେ ଡାକ୍‌ବାଇ ସେ ନଅର୍
ଚାଡିଜିବା ଜାକ ତେଇସେ ରୁଆ । **୧୧** ଜଦି କନ୍ ନଅରର୍
ଲକ୍‌ମନ୍ ତମ୍‌କେ ନ ନାମତ୍, ଆରି ତମର୍ କାତା ନ ସୁନତ୍,
ସେ ଜାଗାଇ ଅନି ଆଇବା ବେଲେ ସେମନର୍ ବିରଦେ ସାକି
ଇସାବେ, ତମର୍ ପାଦର୍ ଦୁଲି ପାପ୍‌ଡିଦିଆସ୍ । ଏଟାର୍‌ଲାଗି ସେ
ନଅରର୍ ଲକ୍‌ମନ୍ ଜାନ୍‌ବାଇ ଜେ, ପର୍‌ମେସର୍ ସେମନ୍‌କେ ଡଣ୍ଡ
ଦେଇସି ।" **୧୨** ସିସ୍‌ମନ୍ ବାରଇ ଜାଇ ଲକ୍‌ମନ୍‌କେ "ତମର୍
ପାପ୍ ଟାନେଅନି ବାଉଡା ।" ବଲି ଜାନାଇଲାଇ । **୧୩** କେତେକ୍
କେତେକ୍ ଲକ୍‌ମନର୍ ଟାନେଅନି ଡୁମା ଚାଡାଇଲାଇ, ଆରି
କେତେକ୍ ରଗି ଲକ୍‌ମନ୍‌କେ ଚିକନ୍ ଲାଗାଇ ନିମାନ୍ କଲାଇ
। **୧୪** ଜିସୁର୍ ନାଉଁ ସବୁବାଟେ ଉଡ୍‌ରା ଅଇଗାଲାକେ, ଏରଦ୍
ରାଜା ଜିସୁର୍ ବିସଇ ସୁନ୍‌ଲା, ଆରି ଲକ୍‌ମନ୍ କଇତେରଇଲାଇ,
ଡୁବନ୍ ଦେଉ ଜଅନ୍ ମରିକରି ଉଟି ଆଚେ, ତେବର୍‌ପାଇ ଏ
ସବୁ ନ ଅଇବା କାମର୍ ସକ୍‌ତି ତାର୍‌ଟାନେ କାମ୍ କଲାନି । **୧୫**
ମାତର୍ ବିନ୍ ବିନ୍ ଲକ୍‌ମନ୍ କଇତେ ରଇଲାଇ, ଏ ଏଲିୟ, ଆରି
କେ କେ କଇତେ ରଇଲାଇ, ଆଗର୍ ବାବବାଦି ମନର୍‌ପାରା
ଗଟେକ୍ ଲକ୍ । **୧୬** ମାତର୍ ଏରଦ୍ ଏଟା ସୁନି କଇଲା, "ମୁଇ
ଜନ୍ ଜଅନର୍ ମୁଣ୍ଡ କାଟାଇଲି, ସେ ମଲାତେଇଅନି ଉଟିଆଚେ!"
**୧୭** ତେବେ ଏରଦ୍ ନିଜର୍ ବାଇ ପିଲିପର୍ ମାଇଜି ଏରଦିଆକେ
ବିବା ଅଇ ରଇଲା । ତାକେ ସାର୍‌ଦା କର୍‌ବାକେ ନିଜେ ଏରଦ୍
ଲକ୍‌ମନ୍‌କେ ପାଟାଇ ଡୁବନ୍ ଦେଉ ଜଅନ୍‌କେ ଦାରି, ବାନ୍ଧିକରି
ବନ୍ଦି କର୍‌ବାକେ ଆଦେସ୍ ଦେଲା । **୧୮** କାଇକେବଇଲେ ଜଅନ୍
ଏରଦ୍‌କେ ତର୍‌କେତର୍ କଇତେରଇଲା "ମସାର୍ ନିୟମ୍ ଇସାବେ
ନିଜର୍ ବାଇର୍ ମାଇଜିକେ ସଙ୍ଗଇବାର୍ ତର୍ ବିଦି ନାଇ ।"
**୧୯** ଏନ୍ତାରି କଇଲାକେ ଏରଦିଆ ଜଅନ୍‌କେ ରିସା ଅଇ ତାକେ
ମରାଇବାକେ ମନ୍ କର୍‌ତେରଇଲା, ମାତର୍ ନାପାର୍‌ତେ ରଇଲା
। **୨୦** କାଇକେବଇଲେ ଏରଦ୍ ଜଅନ୍‌କେ ଗଟେକ୍ ଦରମ୍ ଆରି
ସୁକଲ୍ ଲକ୍ ବଲି ଜାନି ଡର୍‌ତେ ରଇଲା, ଆରି ତାକେ ରକିଆ
କର୍‌ବାକେ ଚେସ୍‌ଟା କର୍‌ତେରଇଲା । ଜେଡେବେଲେ ମିସା
ତାର୍ କାତା ସୁନ୍‌ତେରଇଲା, ବେସି କିଲ୍‌ବିଲ୍ ଅଇତେରଇଲା ।
ଏଲେମିସା ସେଟା ସାର୍‌ଦା ସଙ୍ଗ ସୁନ୍‌ତେରଇଲା । **୨୧** ପଚେ
ଏରଦିଆର୍ ଜାଗ୍‌ତେ ରଇବା ଦିନ୍ କେଟିଆଇଲା । ଏରଦର୍
ଜନମ୍ ଦିନେ, ନିଜର୍ ମନ୍ତୁରି ମନ୍‌କେ ଆରି ମୁକିଅ ମୁକିଅ
ସେନାପତି ଆରି ଗାଲିଲିର୍ ବଡ୍‌ବଡ୍ ଲକ୍‌ମନ୍‌କେ ଡାକି, ରାତିଆ
ଗଟେକ୍ ବଜିକଲା । **୨୨** ତେଇ ଏରଦିଆର୍ ଟକି ବିତ୍‌ରେ ପୁରି
ଏରଦ୍ ଆରି ତାର୍ ସଙ୍ଗ ବସି କାଇବା ଲକ୍‌ମନ୍‌କେ ନାଟ୍‌କରି
ମନ୍‌ଚାଇ ଦେଲା । ରାଜା ଟକିକେ କଇଲା, "ତୁଇ ଜାଇଟା ମନ୍
କଲୁସ୍‌ନି ସେଟା ମାଙ୍ଗ, ମୁଇ ତକେ ଦେବି ।" **୨୩** ଆରି ଏରଦ୍
ତାର୍ ଲଗେ ପର୍‌ମାନ୍ କଲା, "ତୁଇ ଆମ୍‌କେ ଜାଇଟା ମାଙ୍ଗଲେ
ମିସା, ମୁଇ ରାଇଜର୍ ଅଦ୍ ବାଗ୍ ଜାକ ତକେ ଦେଇ ଦେବି ।"
**୨୪** ତେଇଅନି ସେ ବାରଇଜାଇ ତାର୍ ମାଆକେ ପାଚାର୍‌ଲା,
"ମୁଇ କାଇଟା ମାଙ୍ଗବି?" ତାର୍ ମାଆ କଇଲା, "ଡୁବନ୍ ଦେଉ
ଜଅନର୍ ମୁଣ୍ଡ ମାଙ୍ଗ ।" **୨୫** ସେଦାପ୍‌ରେ ଟକି ରାଜାର୍ ଲଗେ
ଆସି ଏଟା କଇ ମାଙ୍ଗ୍‌ଲା, "ତୁଇ ମକେ ଏବେ ଡୁବନ୍ ଦେଉ
ଜଅନର୍ ମୁଣ୍ଡ ଗଟେକ୍ ତାଲାଇ କାଟି ଦେ ।" **୨୬** ସେକାତା ସୁନି
ରାଜା ବେସି ଦୁକ୍ କଲା ମାତର୍ ନିଜେ କାତା ଦେଇରଇଲାଟା
ଆରି କାଇବାକେ ବସି ରଇବା ଲକ୍‌ମନର୍‌ମୁଆଟେ ମାଙ୍ଗ୍‌ଲାଟା
ନାଇ ବଲି କଇବାକେ ମନ୍ କରେନାଇ । **୨୭** ତେବେ ରାଜା
ସେଦାପ୍‌ରେ ଗଟେକ୍ ସଇନକେ ପାଟାଇ ତାର୍ ମୁଣ୍ଡ ଆନ୍‌ବାକେ
ଆଦେସ୍ ଦେଲା, ତେଇ ସଇନ ବନ୍ଦି ଗରେ ଜାଇ, ଡୁବନ୍ ଦେଉ
ଜଅନର୍ ମୁଣ୍ଡ କାଟ୍‌ଲା । **୨୮** ଆରି ସେ ମୁଣ୍ଡ ଗଟେକ୍ ତାଲାଇ
ଆନି ଟକିକେ ଦେଲା, ଆରି ଟକି ଡୁବନ୍ ଦେଉ ଜଅନର୍ ମୁଣ୍ଡ
ନେଇ ତାର୍ ମାକେ ଦେଲା । **୨୯** ଜଅନର୍ ସିସ୍‌ମନ୍ ତେଇର୍
କବର୍ ସୁନି ଆଇଲାଇ, ଆରି ମଲା ମଡ୍‌କେ ନେଇ ମସ୍‌ନେ
ତପ୍‌ଲାଇ । **୩୦** ପଚେ ପେରିତ୍‌ମନ୍ ଜିସୁର୍ ଲଗେ ରୁଣ୍ଡ୍‌ଲାଇ,
ଆରି ସେମନ୍ ଜନ୍ ଜନ୍‌ଟା କରି ରଇଲାଇ, ଆରି ଜାଇ ଜାଇଟା
ସିକାଇ ଦେଇରଇଲାଇ, ସେସବୁ ତାକେ ଜାନାଇଲାଇ । **୩୧**
ସେତ୍‌କି ବେଲେ ଜିସୁ ସେମନ୍‌କେ କଇଲା, "ତମେମନ୍ ମର୍‌ସଙ୍ଗ
ଆସା ଆମେ ଗଟେକ୍ କିନରା ଜାଗାଇ ଜାଇ ଚନେକ୍ ବିସ୍‌ରାମ୍
କରୁ ।" କାଇକେବଇଲେ କେତେକ୍ କେତେକ୍ ଲକ୍ ଆସ୍ ଜା
ଅଇତେରଇଲାଇଜେ ସେମନ୍‌କେ କାଇବାକେ ମିସା ସୁଜଗ୍
ନ ମିଲ୍‌ତେ ରଇଲା । **୩୨** ତେବେ ଜିସୁ ଆରି ତାର୍ ସିସ୍‌ମନ୍
ବାରଇ ବେଗ୍‌ଲି ଜାଇ ଡଙ୍ଗାଇ ବସି ଗଟେକ୍ କିନରା ଜାଗାଇ
ଗାଲାଇ । **୩୩** ମାତର୍ ସେମନ୍ ବାରଇ ଜିବାଟା ବେସିଲକ୍
ଦେକି ଚିନ୍‌ଲାଇ, ଆରି ସବୁ ନଅରେ ଅନି ଲକ୍‌ମନ୍ ପାଲାଇ

ପାଲାଇ ଜାଇ ସେମନର୍ ଆଗ୍‌ତୁ କେଟ୍‌ଲାଇ । **୩୪** ଜିସୁ
ଡଙ୍ଗାଇଅନି ବାରଇ, ବେସି ଲକ୍‌ମନ୍‌କେ ଦେକି ତାର୍ ଜିବନ୍
ଦୁକାଇ ଦୟାକଲା । କାଇକେବଇଲେ ସେମନ୍ ଗଉଡ୍ ନ ରଇଲା
ମେଣ୍ଢାରାସି ପାରା ରଇଲାଇ ଆରି ସେ ସେମନ୍‌କେ କେତେକ୍
ବିସଇ ସିକିଆ ଦେବାର୍‌ଦାର୍‌ଲା । **୩୫** ଏତ୍‌କି ବିତ୍‌ରେ ବେଲ୍ ବସି
ଆଇବାକେ ସିସ୍‌ମନ୍ ଆସି ଜିସୁକେ କଇଲାଇ, “ଏ ଜାଗା ତା
ଚିମ୍‌ରା ଜାଗା ଆରି ବେଲ୍ ମିସା ବସିଆଇଲାନି, **୩୬** ତେବର୍‌ପାଇ
ଲକ୍‌ମନ୍‌କେ ପାଟାଇ ଦିଆସ୍ । ଜେନ୍ତି କି ସେମନ୍ ଚାରିବେଡ୍‌ତିର୍
ଗାଉଁ ମନ୍‌କେ ଜାଇ ନିଜର୍ ନିଜର୍ ପାଇ କାଇବାକେ କାଇଟା
ମିସା ଗେନତ୍ ।” **୩୭** ମାତର୍ ଜିସୁ ସେମନ୍‌କେ କଇଲା, “ତମେ
ସେମନ୍‌କେ କାଇଟା ମିସା କାଇବାକେ ଦିଆସ୍ ।” ସେମନ୍
ତାକେ କଇଲାଇ, “ଆମେ ଜାଇ ଆଟ୍ ମାସର୍ କୁଲି ଡାବୁ ନେଇ
ଏମନ୍‌କେ ରୁଟି ଗେନିଆନି କୁଆଇବୁ କି?” **୩୮** ଜିସୁ ସେମନ୍‌କେ
କଇଲା, “ତମର୍ ଲଗେ କେତେଟା ରୁଟି ଆଚେ? ଜାଇ ଦେକା
।” ସେମନ୍ ଦେକିଆସି ତାକେ କଇଲାଇ, “ପାଁଚ୍‌ଟା ରୁଟି ଆରି
ଦୁଇଟା ମାଚ୍ ।” **୩୯** ତେଇ ସବୁଲକ୍ ଜେନ୍ତି ଦଲ୍‌ଦଲ୍ ଅଇ କଅଁଲି
ଗାଁସ୍ ଉପ୍‌ରେ ବସ୍‌ବାଇ, ଏଟାର୍‌ପାଇ ଜିସୁ ତାର୍ ସିସ୍‌ମନ୍‌କେ
ତିଆର୍‌ଲା । **୪୦** ସେମନ୍ ସଏ ସଏ ଆରି ପଚାସ୍ ପଚାସ୍ ଲକ୍
ଦାଡି ଦାଡି ଅଇ ବସ୍‌ଲାଇ । **୪୧** ପଚେ ଜିସୁ ପାଁଚ୍‌ଟା ରୁଟି
ଆରି ଦୁଇଟା ମାଚ୍ ଦାରି ସରଗ୍ ବାଟେ ଦେକି ପର୍‌ମେସର୍‌କେ
ଦନିଅବାଦ୍ ଦେଲା, ଆରି “ରୁଟି ବାଙ୍ଗାଇ ଲକ୍‌ମନ୍‌କେ ଦିଆସ୍ ।”
ବଲି ସିସ୍‌ମନ୍‌କେ ଦେଲା । ଆରି, ସେ ଦୁଇଟା ମାଚ୍ ସବୁକେ
ବାଟାକରି ଦେଲା । **୪୨** ତେଇ ସବୁଲକ୍ କାଇକରି ପେଟ୍
ପୁରାଇଲାଇ, **୪୩** ଆରି ସେମନ୍ ବାଙ୍ଗ୍‌ଲା ରୁଟି ଆରି ମାଚ୍ ରୁଣ୍ଡାଇ
ବାର୍‌ଟା ଡାଲାଇ ପୁରୁନ୍ କଲାଇ । **୪୪** ତେଇ କାଇଲା ଲକ୍‌ମନର୍
ବିତ୍‌ରେ ଅବ୍‌କା ମନସ୍ ପିଲାମନ୍ ପାଁଚ୍ ଅଜାର୍ ରଇଲାଇ ।
**୪୫** ସେଦାପ୍‌ରେ ଜିସୁ ନିଜର୍ ସିସ୍‌ମନ୍‌କେ ଡଙ୍ଗାଇ ବସି ଗାଡ୍
ସେପାଟର୍ ବେତ୍‌ସାଇଦାଇ ତାର୍ ଆଗ୍‌ତୁ ଜିବାକେ କଇଲା, ଆରି
ତେଇ ରଇଲା ଲକ୍‌ମନ୍‌କେ ନିଜର୍ ନିଜର୍ ଗର୍‌ମନ୍‌କେ ପାଟାଇ
ଦେଲା । **୪୬** ଜିସୁ ଲକ୍‌ମନ୍‌କେ ପାଟାଇଲା ପଚେ, ପାର୍‌ତନା
କର୍‌ବାକେ କୁପ୍‌ଲିଉପ୍‌ରେ ଗାଲା । **୪୭** ରାତି ଅଇଲାକେ ଡଙ୍ଗା
ସମ୍‌ଦୁର୍ ମଜାଇ ରଇଲା, ଆରି ସମ୍‌ଦୁର୍ ପାଲି ଜିସୁ ଗଟେକ୍
ଲକ୍‌ସେ ରଇଲା । **୪୮** ମୁଆଟ୍ ବାଟେ ଅନି ପବନ୍ ଆଇତେ
ରଇଲାଜେ ତାର୍ ସିସ୍‌ମନ୍ ଡଙ୍ଗା ଗାଟ୍‌ବାକେ କସ୍‌ଟ ଅଇବାଟା
ଜିସୁ ଦେକ୍‌ଲା । କୁକ୍‌ଡା ଡାକେ ଜିସୁ ସମ୍‌ଦୁର୍ ଉପ୍‌ରେ ଇଣ୍ଡି
ଇଣ୍ଡି ସେମନର୍ ଲଗେ ଗାଲା, ଆରି ସେମନ୍‌କେ ବାଟ୍ ଦେଇ
ଜିବାଟା ସିସ୍‌ମନ୍ ଦେକ୍‌ଲାଇ । **୪୯** ମାତର୍ ସେମନ୍ ଜିସୁ
ପାନିତେଇ ଇଣ୍ଡ୍‌ବାଟା ଦେକି ଡୁମା ବଲି ବାବି କିର୍‌କିର୍‌ଲାଇ
। **୫୦** କାଇକେବଇଲେ ସବୁଲକ୍ ତାକେ ଦେକି କିଲ୍‌ବିଲ୍
ଅଇଜାଇତେ ରଇଲାଇ । ସେଦାପ୍‌ରେ ଜିସୁ ସେମନର୍ ସଙ୍ଗ
କାତା ବାର୍‌ତା ଅଇ ସେମନ୍‌କେ କଇଲା, “ଡରାନାଇ ସାଆସ୍
ଦାରା, ଏଟାତା ମୁଇ ।” **୫୧** ଆରି, ସେ ସେମନର୍ ଲଗେ ଜାଇ
ଡଙ୍ଗାଇ ଚଗ୍‌ଲା, ଆରି ପବନ୍ ବନ୍ଦ ଅଇଲା । ତେଇ ସେମନ୍
ମନେ ମନେ କାବା ଅଇଗାଲାଇ, **୫୨** କାଇକେବଇଲେ ପାଁଚ୍‌ଟା
ରୁଟିର୍ ଗଟ୍‌ନାଇଅନି ଜିସୁ କେ ବଲି ବୁଜି ନ ରଇଲାଇଜେ
ସେମନର୍ ବୁଦି ଗୁପିଜାଇରଇଲା । **୫୩** ଜିସୁ ଆରି ତାର୍ ସିସ୍‌ମନ୍
ଗାଡ୍ ଲଙ୍ଗି ଗିନେସରତ୍ ବାଟେ ଜାଇକରି କେଟ୍‌ଲାଇ ଆରି
ଗାଡ୍‌ପାଲି ଡଙ୍ଗା ବାନ୍ଦ୍‌ଲାଇ । **୫୪** ଆରି, ଡଙ୍ଗାଇ ଅନି ଉତର୍‌ଲା
ଦାପ୍‌ରେ, ଲକ୍‌ମନ୍ ଜିସୁକେ ଚିନ୍‌ଲାଇ । **୫୫** ଆରି ସେମନ୍ ଜିସୁ
ଆଇଲା କବର୍ ସୁନାଇବାକେ ସବୁ ଗାଏଁ ପାଲାଇଲାଇ । ସେ
ଜନ୍ ଜନ୍ ଜାଗାଇ ଆଚେ ବଲି ସୁନ୍‌ଲାଇ, ସେ ଜାଗାଇ ଜରର୍
ଲକ୍‌ମନ୍‌କେ କଟ୍ ମିସ୍‌ତେ ବଇ ଆନ୍‌ବାର୍ ଦାର୍‌ଲାଇ । **୫୬**
ଆରି ସେ ଜେତେକ୍ ଜେତେକ୍ ଗାଉଁ, ସଅର୍ ଆରି ପୁଟ୍ ମନ୍‌କେ
କେଟ୍‌ଲା, ଲକ୍‌ମନ୍ ସେ ସବୁ ଜାଗାଇ ଆଟ୍ ବଜାର୍‌ମନ୍‌କେ
ରଗିମନ୍‌କେ ସଙ୍ଗଇଦେଇ, ସେମନ୍ ତାର୍ ଲୁଗା ଅଁଟିଟାନେ ଚିଇବୁ
ବଲି ଜୁଆର୍‌ବିଆର୍ କଲାଇ । ଜେତେକ୍ ଲକ୍ ତାକେ ଚିଇଲାଇ,
ସବୁଲକ୍ ନିକ ଅଇଲାଇ ।

**୭** ପଚେ ପାରୁସିମନ୍ ଆରି ଜିରୁସାଲାମ୍ ଅନି ଆସିରଇବା
କେତେଟା ସାସ୍‌ତର୍ ସିକାଉ ପଣ୍ଡିତ୍‌ମନ୍ ଜିସୁର୍ ଲଗେ
ରୁଣ୍ଡ୍‌ଲାଇ । **୨** ତାର୍ ସିସ୍‌ମନର୍ ବିତ୍‌ରେ ଅନି କେତେକ୍
ସିସ୍‌ମନ୍ ଜିଉଦିମନର୍ ରିତିନିତି ଇସାବେ ଆତ୍ ନ ଦଇତେ
କାଇବାଟା ଦେକ୍‌ଲାଇ । **୩** ପାରୁସିମନ୍ ଆରି ସବୁ ଜିଉଦିଲକର୍
ପାର୍‌ଚିନ୍‌ମନର୍ ନିୟମ୍ ମାନି ରିତିନିତି ଇସାବେ ଆତ୍ ନ ଦଇତେ
ନ କାଇତେରଇଲାଇ । **୪** ଆରି ଆଟ୍‌ବାଟ୍ କରିଆସି ରିତିନିତି
ଇସାବେ ପାନି ନ ଚିଚି ଅଇତେ ନ କାଇତେ ରଇଲାଇ । ଗିନା,
ମୁତା, ପିତଲ୍ ତାଲା ଆରି ସଇବା କଟ୍ କେନ୍ତି ଦଇବାର୍, ସେଟା
ସଙ୍ଗ ଅଲ୍‌ଗା ରିତିନିତି ମିସା ମାନ୍‌ତେରଇଲାଇ । **୫** ତେବେ
ପାରୁସି ଆରି ସାସ୍‌ତର୍ ସିକାଉମନ୍ ଜିସୁକେ ପାଚାର୍‌ଲାଇ,
“କାଇକେ ତର୍ ସିସ୍‌ମନ୍ ପାର୍‌ଚିନ୍‌ମନର୍ ରିତିନିତି ନ ମାନି ଆତ୍
ନ ଦଇ କାଇଲାଇନି?” **୬** ଜିସୁ ସେମନ୍‌କେ କଇଲା, “ଏରେ
କୁଟିଆଲ୍‌ମନ୍, ତମର୍ ବିସଇନେଇ ଜିସାୟ ବବିସତ୍‌ବକ୍‌ତା
ନିକସଙ୍ଗ ଜାନାଇଆଚେ, ସେ ଏନ୍ତି କଇଲା ଆଚେ ।” ପର୍‌ମେସର୍
କଇଲାନି “ଏ ଜାତି, ମକେ ମୁଏ ସନ୍‌ମାନ୍ ଦେବାଇ, ମାତର୍
ତାକର୍ ମନ୍ ମର୍‌ଟାନେଅନି ଦୁରିକେ ରଇସି । **୭** ସେମନ୍
ଲକ୍‌ମନ୍ କଲା ନିୟମ୍ ମାପ୍‌ରୁର୍ ନିୟମ୍ ବଲି ସିକାଇବାଇ
ମାତର୍ ସେ ଉପାସନାର୍ କିଚି ମୁଲିଅ ନାଇ । **୮** “ତମେ
ପର୍‌ମେସରର୍ ଆଦେସ୍ ଇନ୍‌କରି ନର୍‌ଲକର୍ ରିତିନିତି ଦାରି
ବସିଆଚାସ୍ ।” **୯** ଆରି ଜିସୁ ସେମନ୍‌କେ କଇଲା, ତମେ
ଚତୁର୍ ଅଇ ନିଜର୍ ରିତିନିତି ମାନ୍‌ବାକେ ବଲି ପର୍‌ମେସରର୍
ଆଦେସ୍ ନିଚୁ ବଇଲାସ୍‌ନି । **୧୦** କାଇକେବଇଲେ ମସା ସିକିଆ
ଦେଇଆଚେ, ମା ବାବାକେ ମାନା, ଆରି ଜେ କି ତାର୍ ବାବାକେ
କି ମାକେ ସାଇପ୍ ଦେଇସି, ସେ ମରନ୍ ଡଣ୍ଡ ପାଇସି ଆକା

। ୧୧ ମାତର୍ ତମେ ସିକାଇଲାସ୍ନି କି ଜେବେ ବାବାକେ କି
ମାକେ କଇସା, "ଜନ୍‌ଟା ମୁଇ ତମ୍‌କେ ଦେବାର୍ ରଇଲା ସେଟା
କର୍‌ବାନ୍ ।" କର୍‌ବାନ୍ ବଇଲେ ମାପ୍ରୁକେ ଆକା ମାନତ୍
କର୍‌ବାଟା । ୧୨ ତେବେ ତମେ ତାର୍ ବାବାର୍ କି ମାଆର୍
କାଇ ଉପ୍‌କାର୍ କର୍‌ବାଟାକେ ତେବାଇଲାସ୍ନି । ୧୩ ଏନ୍ତାରି
ତମେ ନିଜର୍ ଆନିଦାଦିମନର୍ ବେଲେ ଅନି ଆଇବା ରିତିନିତି
ମାନିକରି ପର୍‌ମେସରର୍ ବାକିଅ ଏଡାଇ ଦେଲାସ୍ନି, ଆରି
ଏନ୍ତାରି କେତେକ୍ କେତେକ୍ କାମ୍‌ମନ୍ କଲାସ୍ନି । ୧୪ ଜିସୁ ଆରି
ତରେକ୍ ଲକ୍‌ମନ୍‌କେ ଲଗେଡାକି କଇଲା, "ତମେ ସବୁଲକ୍ ମର୍
କାତା ସୁନା ଆରି ବୁଜା । ୧୫ ଲକର୍ ଟଣ୍ଡେଅନି ଏନ୍ତାରି କାଇ
ବିସଇ ନାଇ, ଜନ୍‌ଟା ତାର୍ ବିତ୍‌ରେ ପୁରି ତାକେ ଅସୁକଲ୍ କରି
ପାରେ, ମାତର୍ ଜନ୍ ଜନ୍‌ଟା ମୁନୁସ୍‌ମନର୍‌ଟାନେଅନି ବାରଇସି
ସେ ସବୁ ତାକେ ଅସୁକଲ୍ କର୍‌ସି । ୧୬ ଜଦି ଜାକେ ସୁନ୍‌ବାର୍
କାନ୍ ଆଚେ, ସେ ସୁନ ।" ୧୭ ଆରି ଜିସୁ ଲକର୍ ମାନ୍ଦା ଚାଡି
ଗରେ ପୁର୍‌ଲାପଚେ ତାର୍ ସିସ୍‌ମନ୍ ସେ ଉଦାଅରନର୍ ଅରତ୍
କାଇଟା ବଲି ପାଚାର୍‌ବାର୍ ଦାର୍‌ଲାଇ । ୧୮ ଜିସୁ ସେମନ୍‌କେ
କଇଲା, "ତମେ ମିସା କାଇ ବୁଜାସ୍ ନାଇ? ଜନ୍ ଜିନିସ୍ ମିସା
ବାଇରେ ଅନି ମୁନୁସ୍‌ମନର୍ ବିତ୍‌ରେ ପୁର୍‌ସି, ସେଟା ତାକେ
ଆସାର୍ ନ କରେ । ୧୯ କାଇକେବଇଲେ ସେଟା ତାର୍ ମନ୍
ବିତ୍‌ରେ ପୁରେନାଇ, ମାତର୍ ପେଟ୍ ବିତ୍‌ରେ ପୁରି କରି ବାଇରେ
ବାରଇ ଆଇସି ।" ଏନ୍ତାରି କଇଲାକେ ସବୁ କାଦି ସୁକଲ୍ ଆକା
ବଲି ଜିସୁ ଜାନାଇଲା । ୨୦ ଆରି ସେ କଇଲା, "ମୁନୁସର୍
ମନ୍‌ବିତ୍‌ରେ ଅନି ଜନ୍‌ଟା ବାରଇସି, ସେଟାସେ ତାକେ ଆସାର୍
କର୍‌ସି । ୨୧ କାଇକେବଇଲେ ମୁନୁସର୍ ମନ୍ ବିତ୍‌ରେ ଅନି
କରାପ୍ ଚିନ୍ତା ବାରଇସି । ସେଟାମନ୍ ଅଇଲାନି, ପାଦ୍‌ରା ପାଦ୍‌ରି
କାମ୍, ଚର୍‌କାମ୍, ଲକ୍‌ମନ୍‌କେ ମରାଇବା କାମ୍ । ୨୨ ବିବା
ଅଇ କର୍‌ବା ବେସିଆ କାମ୍, ବିବା ନଇତେ କର୍‌ବା ବେସିଆ
କାମ୍, ଲବାଇବାଟା, ମିଚ୍ କଇବାଟା, ଅଲ୍‌ସୁଆ ଅଇବାଟା,
ଆଁକାର୍ ଅଇବାଟା, ନିନ୍ଦା କାତା କଇବାଟା, ବଡ୍‌ପନ୍ ଅଇବାଟା,
ବକୁଆ ଅଇବାଟା । ୨୩ ଏ ସବୁ କରାପ୍ ବିସଇମନ୍ ବିତ୍‌ରେଅନି
ବାରଇ ଲକ୍‌କେ ନସାଇଦେଇସି ।" ୨୪ ତାର୍‌ପଚେ ଜିସୁ ସେ
ଜାଗା ଚାଡିକରି ସର ଆରି ସିଦନର୍ ସଅରେ ଗାଲା । ତେଇ
ଗଟେକ୍ ଗରେ ପୁର୍‌ଲା । ଜେନ୍ତି କେ ମିସା ସେଟା ନାଜାନତ୍,
ଏଟା ସେ ମନ୍ କର୍‌ତେ ରଇଲା, ମାତର୍ ସେ ନ ଜାନାଇ ଅଇତେ
ରଇନାପାର୍‌ଲା । ୨୫ ଜିସୁ ଆଇଲାଆଚେ ବଲି ସୁନ୍‌ଲା ଦାପ୍‌ରେ,
ଗଟେକ୍ ମାଇଜି ଜାର୍ ସାନ୍ ଟକିକେ ଡୁମା ଦାରିରଇଲା, ତାର୍
ଗଡ୍‌ତଲେ ଆସି ଅଦର୍‌ଲା । ୨୬ ସେ ସୁର ଦେସର୍ ପଇନିକିଆ
ଜାଗାଇ ଜନମ୍ ଅଇ ଜିଉଦି ଜାତିର୍ ନ ରଇଲା, ତାର୍ ଟକିକେ
ଡୁମା ଚାଡାଇବାକେ ସେ ଜିସୁକେ ବାବୁଜିଆ କଲା । ୨୭
ତେବେ ଜିସୁ ତାକେ କଇଲା, "ଆଗ୍‌ତୁ ପିଲାମନ୍‌କେ ପେଟ୍
ପୁରୁନ୍ କାଇବାକେ ଦେସ୍, କାଇକେବଇଲେ ପିଲାମନର୍ କାଦି
ନେଇ କୁକୁର୍‌ମନର୍ ଟାନେ ପାକାଇବାଟା ଟିକ୍‌ନାଇ ।" ୨୮
ମାତର୍ ମାଇଜି ତାକେ କଇଲା, "ଉଁ ମାପ୍ରୁ, କୁକୁର୍‌ମନ୍ ମିସା
ପିଲାମନର୍ ଅଦ୍‌ରି ରଇଲା ସକ୍‌ଡି କାଇବାଇ ।" ୨୯ ସେଡ୍‌କି
ବେଲେ ଜିସୁ ତାକେ କଇଲା, "ଏନ୍ତାରି କଇଲାର୍‌ପାଇ ଜା, ତର୍
ଟକିତେଇଅନି ଡୁମା ବାରଇଗାଲାବେ ।" ୩୦ ଆରି ସେ ମାଇଜି
ଗରେ ଜାଇ, ଟକି କଟେ ସଇରଇବାଟା ଆରି ତାର୍‌ଟାନେଅନି
ଡୁମା ବାରଇଜାଇ ରଇବାଟା ଦେକ୍‌ଲା । ୩୧ ଜିସୁ ଆରିତରେକ୍
ସର ସନ୍ଦିଅନି ଜାଇ ସିଦନ୍ ଦେଇ ଦେକାପଲି ଦସ୍‌ଟା ସଅରେ
ଉତ୍‌ରି ଗାଲିଲି ସମ୍‌ଦୁରେ ଗାଲା । ୩୨ ଆରି ତେଇ କେତେକ୍
ଲକ୍‌ମନ୍ ଗଟେକ୍ କସ୍‌ଟସଙ୍ଗ୍ କାତା ଅଇବା ବଇରାକେ ଜିସୁର୍
ଲଗେ ଆନି ତାର୍ ଉପ୍‌ରେ ଆତ୍ ସଙ୍ଗଇବାକେ ବାବୁଜିଆ କଲାଇ
। ୩୩ ଜିସୁ ସେ ବଇରାକେ ଲକ୍‌ମନର୍ ଟାନେଅନି ବେଗ୍‌ଲାଇ
କରି, ଡାକିନେଇ ତାର୍ ଦୁଇଟା କାନେ ଆଙ୍ଗୁଟି ପୁରାଇଲା ଆରି
ତୁକିକରି ଆତ୍‌ସଙ୍ଗ୍ ସେ ଲକର୍ ଜିବେ ଲାଗାଇଲା, ୩୪ ଆରି
ସରଗ୍ ବାଟେ ଦେକିକରି ଡେଙ୍ଗ୍ ପୁଣ୍ଡା ଦାରି ବଇରାକେ କଇଲା,
"ଇପ୍‌ପତା!" ବଇଲେ ପୁଟିଅ । ୩୫ ସେ ଦାପ୍‌ରେ ତାର୍ କାନ୍
ଉଗାଡି ଅଇଲା, ଆରି ଜିବର୍ ବନ୍ଦନ୍ ପିଟିଗାଲା, ଆରି ସେ
ନିମାନ୍ ସଙ୍ଗ୍ କାତା ଅଇବାର୍ ଦାର୍‌ଲା । ୩୬ ଜିସୁ ଲକ୍‌ମନ୍‌କେ
ଏ ବିସଇ କାକେ ନ କଇବାକେ ଆଦେସ୍ ଦେଲା, ମାତର୍ ସେ
ଲକ୍‌ମନ୍‌କେ ଜେତେକ୍ ନିଚୁବଇଲେ ମିସା ସେମନ୍ ଆରି ଅଦିକ୍
ଅଦିକ୍ ସେଟା ଜାନାଇଲାଇ । ୩୭ ଆରି ଲକ୍‌ମନ୍ ଅଦିକ୍ କାବା
ଅଇ କଇଲାଇ, "ସେ ସବୁ କାମ୍ ନିମାନ୍ ସଙ୍ଗ୍ କରିଆଚେ, ସେ
ବଇରାମନ୍‌କେ ସୁନ୍‌ବା ବପୁ ଆରି ଗୁଲାମନ୍‌କେ କଇବା ବପୁ
ମିସା ଦେଇଆଚେ ।"

୮ ସେବେଲେ ଆରି ତରେକ୍ ବେସି ଲକ୍‌ମନ୍ ମିସ୍‌ଲାଇ, ଆରି
ସେମନର୍ ଲଗେ କାଇବା ପିଇବାକେ କାଇଟା ନ ରଇଲାଜେ
ଜିସୁ ସିସ୍‌ମନ୍‌କେ ଲଗେଡାକି କଇଲା, ୨ "ଏ ଲକ୍‌ମନ୍‌କେ
ଦେକି ମକେ ଦୁକ୍ ଲାଗ୍‌ଲାନି, କାଇକେବଇଲେ ଏମନ୍ ତିନ୍‌ଦିନ୍
ଅଇଲାନି ମର୍ ସଙ୍ଗ୍ ଆଚତ୍ ଆରି ଏମନର୍ ଲଗେ କାଇବାକେ
କାଇଟା ମିସା ନାଇ । ୩ ତେବେ ମୁଇ ସେମନ୍‌କେ ନ କୁଆଇତେ
ଗରେ ପାଟାଇଲେ, ବାଟେ ସେମନର୍ ଚେତା ଆଜିଜାଇସି,
ସେମନର୍ ବିତ୍‌ରେ କେତେକ୍ ଲକ୍ ଦୁରେଅନି ଆସି ଆଚତ୍
।" ୪ ସିସ୍‌ମନ୍ ତାକେ କଇଲାଇ, "ଇତି ଏ ଚିମ୍‌ରା ଜାଗାଇ
ଲକ୍ ନ ରଇବାଟାନେ କନ୍ତିଅନି ରୁଟି ଆନି ଏମନ୍‌କେ ପେଟ୍
ପୁରାଇବାର୍?" ୫ ଜିସୁ ସେମନ୍‌କେ ପାଚାର୍‌ଲା, "ତମର୍‌ଲଗେ
କେତେଟା ରୁଟିଆଚେ?" ସେମନ୍ କଇଲାଇ, "ସାତ୍‌ଟା ।" ୬ ତେଇ
ଜିସୁ ସେ ସବୁ ଲକ୍‌ମନ୍‌କେ ବୁଏଁ ବସ୍‌ବାକେ କଇଲା, ଆରି ସେ
ସାତ୍‌ଟା ରୁଟି ଦାରିକରି ପର୍‌ମେସର୍‌କେ ଦନିଅବାଦ୍ ଦେଇ ସେଟା
ସବୁ ବାଙ୍ଗାଇକରି ବାଟାକରିଦେବାକେ ତାର୍ ସିସ୍‌ମନ୍‌କେ ଦେଲା
। ଆରି ସେମନ୍ ଲକ୍‌ମନ୍‌କେ ସେଟା ବାଟାକଲାଇ । ୭ ସେମନର୍
ଲଗେ ଜଡେକ୍ ପାରା କେତେଟା ସାନ୍ ମାଚ୍ ରଇଲା, ସେଟା ମିସା

ସେ ପର୍ମେସର୍କେ ଦନିଅବାଦ୍ ଦେଇ ବାଟାକର୍ବାକେ କଇଲା । ୮ ତେଇ ସେମନ୍ ସବୁ ଲକ୍ ପେଟ୍ପୁର୍ତେ କାଇଲାଇ ଆରି ଅଗଲ୍ଲାଟା ସାତ୍ଡାଲା ବେଟ୍ଲାଇ । ୯ ତେଇ ଚାରିଅଜାର୍ ଲକ୍ମନ୍ ରଇଲାଇ । ୧୦ ତାର୍ପଚେ ଜିସୁ ଲକ୍ମନ୍କେ ପାଟାଇ ଦେଲା ଆରି ନିଜର୍ ସିସ୍ମନର୍ ସଙ୍ଗ୍ ଡଙ୍ଗାଇ ଚଗି ଦଲ୍ମନୁତା ନାଉଁର୍ ଗଟେକ୍ ଜାଗାଇ ଆଇଲା । ୧୧ ପଚେ ପାରୁସିମନ୍ ବାରଇ ଆସି ଜିସୁର୍ ସଙ୍ଗ୍ ଦଦାପେଲା ଅଇବାର୍ ଦାର୍ଲାଇ । ତାକେ ପରିକା କର୍ବାକେ ପାନ୍ଦେ ପାକାଉଁ ବଲି ମନ୍କରି, ସେ ଜେ ପର୍ମେସର୍ଟାନେଅନି ଆସିଆଚେ, ଏଟା ଦେକାଇବାକେ ଆକାସେଅନି ଗଟେକ୍ କାବାଅଇଜିବା ଚିନ୍ ଦେକାଆ ବଲି କଇଲାଇ । ୧୨ ଜିସୁ ଗଟେକ୍ ଡେଙ୍ଗ୍ପୁଣ୍ଡା ପୁଣ୍ଡିକରି କଇଲା, "ଏବର୍ ଲକ୍ମନ୍ କାଇକେ କାବା ଅଇବା ଚିନ୍ ମାଙ୍ଗ୍ଲାଇନି? ମୁଇ ତମ୍କେ ସତ୍ କଇଲିନି, ଆଜିକାଲିର୍ ଏ ଲକ୍ମନ୍କେ କାବା ଅଇବା କାଇ ଚିନ୍ ମିସା ଦେକାଇ ନଏଁ ।" ୧୩ ତାର୍ପଚେ ଜିସୁ ଆରି ତାର୍ ସିସ୍ମନ୍ ସେମନ୍କେ ତେଇ ଚାଡି ଡଙ୍ଗାଇ ଚଗି ଆରି ତରେକ୍ ଗାଡ୍ ସେପାଟେ ଗାଲା । ୧୪ ଜିସୁର୍ ସିସ୍ମନ୍ ଡଙ୍ଗାଇ ଗାଲାବେଲେ କାଇବାକେ ରୁଟି ନେବାକେ ପାସ୍ରିଜାଇରଇଲାଇ । ସେମନର୍ଟାନେ ଏକାଇ ଗଟେକ୍ ସେ ରୁଟି ରଇଲା । ୧୫ ଜିସୁ ସେମନ୍କେ ଜାଗ୍ରତ୍ କରାଇ କଇଲା, "ପାରୁସିମନର୍ ଆରି ଏରଦର୍କମିର୍ ଅନି ତରିକ୍ନା ଅଇ ରୁଆ ।" ୧୬ ଏଟା ସୁନି ସିସ୍ମନ୍ ନିଜର୍ ନିଜର୍ ବିତ୍ରେ କାତାବାର୍ତା ଅଇକରି କଇଲାଇ, "ଆମର୍ଲଗେ କାଇବାକେ ରୁଟିନାଇ ବଲି ସେ ଏନ୍ତାରି କଇଲାଇନି ।" ୧୭ ସେମନ୍ କାଇ ବିସଇନେଇ କାତାବାର୍ତା ଅଇଲାଇନି ବଲି ଜିସୁ ଜାନିକରି ସେମନ୍କେ କଇଲା, "ତମର୍ ଲଗେ ଜେତ୍କି ଦର୍କାର୍ ଆଚେ, ସେତ୍କି ରୁଟିନାଇ ବଲିକରି ତମେ କାଇକେ କାତାବାର୍ତା ଅଇଲାସ୍ନି? ଏବେଜାକ ତମେ କାଇ ଦେକାସ୍ ନାଇ କି ବୁଜାସ୍ନାଇ? ତମର୍ ମନ୍ କାଇ ଆଁଟ୍ ଅଇଗାଲା ଆଚେ କି? ୧୮ ଆଁକି ରଉ ରଉ ଦେକାସ୍ ନାଇ? ଆରି, କାନ୍ ରଉ ରଉ ସୁନାସ୍ ନାଇ? ଆମର୍ଟାନେ ଜେଡେବେଲେ କାଇବାକେ ଉନା ରଇଲା, ସେ ବେଲେ ମୁଇ କାଇଟା କରିରଇଲି? ସେ ବିସଇ ତମେ ଏତାଆସ୍ ନାଇକି? ୧୯ ମୁଇ ଜେଡେବେଲେ ପାଁଚ୍ ଅଜାର୍ ଲକର୍ ବିତ୍ରେ ପାଁଚ୍ଟା ରୁଟିବାଙ୍ଗ୍ଲାଇ ରଇଲି, ସେତ୍କି ବେଲେ ତମେମନ୍ ସବୁ କେତେକ୍ ଡାଲା ବାଙ୍ଗ୍ଲା କଣ୍ଡ ବେଟି ନେଇ ରଇଲାସ୍, ସେଟାକାଇ ତମର୍ ମନେ ନାଇ?" ସେମନ୍ ତାକେ କଇଲାଇ, "ବାର ଡାଲା ।" ୨୦ "ଆରି, ସେ ଚାରି ଅଜାର୍ ଲକର୍ ବିତ୍ରେ ମୁଇଁ ଜେଡେବେଲ୍ ସାତଟା ରୁଟି ବାଙ୍ଗ୍ଲାଇ ରଇଲି, ସେତ୍କିବେଲେ ତମେମନ୍ ସବୁ କେତେକ୍ ଡାଲା ବାଙ୍ଗ୍ଲା କଣ୍ଡ ଟୁଲିଆଇ ରଇଲାସ୍?" ସେମନ୍ କଇଲାଇ "ସାତ୍ ଡାଲା ।" ୨୧ ଆରି ଜିସୁ ସେମନ୍କେ ପାଚାର୍ଲା, "ମୁଇ କାଇଟା କଇଲିନି, ତମେ କେନ୍ତି ବୁଜାସ୍ ନାଇ?" ୨୨ ପଚେ ସେମନ୍ ବେତସାଇଦାଇ ଉଟି ଆଇଲାଇ, ଆରି ତେଇ କେତେକ୍ ଲକ୍ମନ୍ ଗଟେକ୍ କାଣାଲକ୍କେ ଜିସୁର୍ ଲଗେ ଆନିକରି ତାକେ ଚିଇକରି ନିକ କର୍ବାକେ କଇଲାଇ । ୨୩ ଜିସୁ ତାକେ ଆତେଦାରି ଗାଉଁ ବାଇରେ ଡାକିନେଲା, ଆରି ତୁକିକରି ତାର୍ ଲାଲ୍ ସେ କାଣାର୍ ଆଁକିତେଇ ଲାଗାଇଲା । ତାର୍ମୁଣ୍ଡେ ଆତ୍ ସଙ୍ଗ୍ଇକରି "ତୁଇ ଅଲପ୍ ମିସା ଦେକି ପାର୍ଲୁସ୍ନି କି?" ବଲି ପାଚାର୍ଲା । ୨୪ ସେ ଚାରିବେଡ଼୍ତି ଦେକିକରି କଇଲା, "ମୁଇ ଲକ୍ମନ୍ ଇଣ୍ଟବାଟା ଦେକିପାର୍ଲିନି, ମାତର୍ ସେମନ୍ ଗଚ୍ପାରା ଡିସ୍ଲାଇନି" ବଲିକରି କଇଲା । ୨୫ ଜିସୁ ଆରିତରେକ୍ ସେ କାଣାଲକର୍ ଆଁକିତେଇ ଆତ୍ସଙ୍ଗ୍ ଚିଇଲା । ସେଦାପ୍ରେ ଅନି ତାର୍ ଆଁକି ନିମାନ୍ ଅଇଗାଲା ଆରି ପୁରାପୁରୁନ୍ ନିମାନ୍ ଦେକିପାର୍ଲା । ୨୬ ଆରି ଜିସୁ ତାକେ କଇଲା, "ଏବେ ତୁଇ ଗାଏଁ ନ ଜାଆ, ମାତର୍ ତର୍ ନିଜର୍ ଗରେ ଉଟିଜା" ବଲିକରି ପାଟାଇଦେଲା । ୨୭ ତାର୍ପଚେ ଜିସୁ ଆରି ତାର୍ ସିସ୍ମନ୍ କାଇସେରିଆ ପିଲିପ୍ ନାଉଁର୍ ଗଡ୍ଲଗେ ରଇବା ଚାରିବେଡ଼୍ତିର୍ ଗାଉଁ ମନ୍କେ ଗାଲାଇ । ବାଟେ ଜିସୁ ତାର୍ ସିସ୍ମନ୍କେ ପାଚାର୍ଲା, "ଲକ୍ମନ୍ ମକେ କେ ବଲିକରି ବାବ୍ଲାଇନି?" ୨୮ ସେମନ୍ ତାକେ କଇଲାଇ, "କେତେ ଲକ୍ମନ୍ ତମ୍କେ ଡୁବନ୍ ଦେଉ ଜଅନ୍ ବଲିକରି କଇଲାଇନି, ଆରି ଅଦେକ୍ ଲକ୍ମନ୍ ତମ୍କେ ଆଗର୍ ଏଲିୟ ବଲି କଇଲାଇନି ଆରି କେତେଲକ୍ ତମ୍କେ ପର୍ମେସର୍ଟାନେଅନି ଆଦେସ୍ ପାଇ ଆସି, କାତାଅଇବା ବବିସତ୍ବକ୍ତା ମନର୍ଟାନେଅନି ଗଟେକ୍ଲକ୍ ବଲି କଇଲାଇନି ।" ୨୯ ଆରି ତମେ ମକେ କେ ବଲିକରି ବାବ୍ଲାସ୍ନି? ବଲି ଜିସୁ ସେମନ୍କେ ପାଚାର୍ଲା । ପିତର୍ କଇଲା, "ତୁଇ ପର୍ମେସର୍ ପାଟାଇରଇବା ଉଦାର୍କାରିଆ କିରିସ୍ଟ" ବଲି କଇଲା । ୩୦ ତେଇ ଜିସୁ ସେମନ୍କେ ଡାଟ୍ସଙ୍ଗ୍ ଜାଗ୍ରତା କରାଇ କଇଲା, "ମୁଇ କେ ବଲି କାକେ ନ କୁଆ ।" ୩୧ ତାର୍ପଚେ ଜିସୁ, ପର୍ମେସର୍ ଅନି ଆଇଲା ନର୍ପିଲାକେ କାଇ କାଇଟା ଅଇସି ବଲି ତାର୍ ସିସ୍ମନ୍କେ ସିକାଇଦେବାର୍ ଦାର୍ଲା । ସେ କଇଲା, "ପର୍ମେସର୍ଟାନେଅନି ଆଇଲା ନର୍ପିଲା ମୁଇ ବେସି ଦୁକ୍ କସ୍ଟ ପାଇବାର୍ ଆଚେ । ମୁକିଅ ନେତାମନ୍, ମୁକିଅ ପୁଜାରିମନ୍, ଆରି ନିୟମ୍ ସିକାଇଦେବା ଲକ୍ମନ୍ ମକେ ନ ନାମତ୍ । ସେମନ୍ ମକେ ମରାଇବାଇ ଆରି ତିନ୍ଦିନ୍ ଗାଲାପଚେ ମୁଇ ଆରି ତରେକ୍ ମଲାତେଇଅନି ଜିବନ୍ ଅଇ ଉଟ୍ବି ।" ୩୨ ଏ ସବୁ ବିସଇର୍ କାତା ଜିସୁ ତାର୍ ସିସ୍ମନ୍କେ କାଇଟାମିସା ନ ଲୁଚାଇକରି କୁଲାକୁଲି ବାବେ କଇଦେଲା । ସେ ବେଲା ପିତର୍ ଜିସୁକେ ଅଁଡ୍ରେ ଡାକିନେଇକରି କଇଲା, "ତମେ କଇବା କାତା ସବୁ ସେନ୍ତି ନ ଅ ।" ୩୩ ଜିସୁ ପିଟିବାଟେ ପାସ୍ଲି ତାର୍ ସିସ୍ମନ୍କେ ଦେକ୍ଲା ଆରି ପିତର୍କେ କଇଲାଇ, "ତୁଇ ଏ କାତା ସଇତାନେଅନି କଇଲୁସ୍ନି, ତୁଇ ମର୍ଟାନେଅନି ଉଟି ଜା । ତୁଇ ପର୍ମେସର୍ ପାରା ଚିନ୍ତା ନ କରି ଲକ୍ମନର୍ ପାରା ଚିନ୍ତା କଲୁସ୍ନି ।" ବଲି କଇଲାଇ । ୩୪ ତାର୍ପଚେ ଜିସୁ ସିସ୍ମନ୍କେ

ଆରି ଲକ୍‌ମନ୍‌କେ ତାର୍‌ଲଗେ ଡାକିକରି କଇଲାଇ "କେ ମର୍‌
ସିସ୍ ଅଇବାକେ ମନ୍ କଲାନି ବଇଲେ, ସେ ତାର୍ ନିଜର୍ ମନ୍
କଲାଟା ଚାଡିଦେଇକରି କୁର୍‌ସତେଇ ମର୍‌ବା ଲକ୍‌ମନ୍ ପାଇବା
ଦୁକ୍ କସ୍‌ଟ ପାରା ଦୁକ୍ କସ୍‌ଟ ପାଇବାକେ, ତିଆର୍ ଅଇକରି
ମର୍‌ସଙ୍ଗ୍ ଆଇବାର୍ ଆଚେ । ୩୫ ମାତର୍ କେ ନିଜର୍ ଜିବନ୍
ରକିଆ କର୍‌ବାକେ ମନ୍ କର୍‌ସି, ସେ ସେଟା ଆରାଇସି, ମାତର୍
ଜେ ମର୍ ଲାଗି ଆରି ସୁବ୍‌କବର୍ ଜାନାଇବାକେ ତାର୍ ଜିବନ
ଆରାଇସି ବଇଲେ, ସେ ତାର୍ ଜିବନ୍ ରକିଆ କର୍‌ସି । ୩୬
ଜଦି ଗଟେକ୍ ଲକ୍ ଦୁନିଆର୍ ସବୁ ଜିନିସ୍ ପାଇକରି, ନିଜର୍
ଜିବନ୍ ଆରାଇସି, ସେଟା ତାର୍‌ପାଇ କାଇ ଲାବ୍ ନାଇ । ୩୭
ଆରି ତାର୍ ଆତ୍‌ମାର୍ ବାଦୁଲେ କାଇଟା ଦେଲେ ମିସା ସମାନ୍
ନ ଅଏ । ୩୮ ପର୍‌ମେସର୍‌କେ ଚାଡିକରି ରଇବା ଏ କାରାପ୍
ଦୁନିଆଇ, ଲକ୍‌ମନ୍ ଜଦି ମର୍ ଲାଗି ଆରି ମର୍ କାତାର୍ ଲାଗି
ଲାଜ୍ ଅଇବାଇ, ପର୍‌ମେସରର୍ ଟାନେଅନି ଆଇଲା ନର୍‌ପିଲା
ମୁଇ ମିସା ମର୍ ବାବାର୍ ବେସି ଉଜଲ୍ ଆରି ଡାକ୍‌ପୁଟା ସଙ୍ଗ୍ ଆରି
ସରଗର୍ ସୁକଲ୍ ଦୁତ୍‌ମନର୍ ସଙ୍ଗ୍ ଆଇଲାବେଲେ, ସେମନ୍‌କେ
ମର୍‌ଲକ୍‌ମନ୍ ବଲି କଇବାକେ ମୁଇ ମିସା ଲାଜ୍ ଅଇବି ।"

୯ ଆରିତରେକ୍ ଜିସୁ ସେମନ୍‌କେ କଇଲା, ମୁଇ ତମ୍‌କେ ସତ୍
କାତା କଇଲିନି । ସେଟାର୍‌ପାଇ ସୁନା, ଏବେ ଇତି ରଇବା
କେତେ ଲକ୍‌ମନ୍, ପର୍‌ମେସର୍ ରାଜା ଅଇକରି ତାର୍ ରାଇଜ୍
ସାସନ୍ କର୍‌ବାଟା ନ ଦେକ୍‌ବା ଜାକ ନ ମରାସ୍ । ୨ ଚଅ ଦିନ୍
ପଚେ ଜିସୁ ପିତର୍ ଜାକୁବ୍ ଆରି ଜଅନକେ ତାର୍ ସଙ୍ଗ୍ ମିସ୍‌ତେ
ଡାକିକରି କେ ନଇବା ଗଟେକ୍ ଡେଙ୍ଗ୍ ପର୍‌ବତ୍ ଉପ୍‌ରେ ଗାଲା
। ସିତି ସେମନର୍ ମୁଆଟେ ତାର୍ ରୁପ୍ ବଦ୍‌ଲିଗାଲା । ୩ ଆରି
ତାର୍ ପଟିଆ ବେସି ଜଗ୍‌ଜଗି ଜାଇ, ଦବ୍ ଅଇଗାଲା । ଆରି ଏ
ଦୁନିଆ ଇସାବେ କେ ମିସା ସେନ୍ତି ଦବ୍ କରି ଦଇନାପାରତ୍ ।
୪ ଆରି ମସାର୍ ସଙ୍ଗ୍ ଏଲିୟ ଆରି ଜିସୁ ମିସ୍‌ତେ କାତାବାର୍‌ତା
ଅଇବାଟା ସେମନ୍‌କେ ଡିସ୍‌ଲା । ୫ ତେଇ ପିତର୍ ଜିସୁକେ
କଇଲା, "ଏ ଗୁରୁ ଆମେ ଇତି ରଇବାଟା ନିକ । ଇତି ତିନ୍‌ଟା
କୁଡିଆ ତିଆର୍ କରୁ । ତମର୍‌ପାଇ ଗଟେକ୍, ମସାର୍‌ପାଇ ଗଟେକ୍
ଆରି ଏଲିୟର୍ ପାଇ ଗଟେକ୍ ।" ୬ ପିତର୍ କଇବା ବିସଇ
କାଇଟା ବଲି ନିଜେ ନାଜାନି ରଇଲା । କାଇକେବଇଲେ ସେମନ୍
ବେସି ଡରିଜାଇରଇଲାଇ । ୭ ଆରି ସେମନ୍‌କେ ମେଗର୍ ଚାଇ
ଡାବିଅଇଦେଲା । ସେ ମେଗେଅନି ଏନ୍ତାରି କାତା ଅଇଲା, "ଏ
ମର୍ ଆଲାଦର୍ ପ, ଆର୍ କାତା ସୁନା ।" ୮ ଆରି ଅଟାତ୍
ସେମନ୍ ଚାରିବେଡ୍‌ତି ଦେକ୍‌ଲାଇ, ତାକର୍ ସଙ୍ଗ୍ ଜିସୁକେ ଚାଡି
ଆରି କାକେ ମିସା ଦେକତ୍ ନାଇ । ୯ ସେମନ୍ ପର୍‌ବତେ ଅନି
ଉତର୍‌ଲାବେଲେ ଜିସୁ ସେମନ୍‌କେ ଡାଟ୍ ସଙ୍ଗ୍ ଆଦେସ୍ ଦେଇ
ଏନ୍ତି ବଲି କଇଲା, "ପର୍‌ମେସରର୍ ଟାନେଅନି ଆସିରଇବା
ନର୍‌ପିଲା ମୁଇ, ମଲାଟାନେଅନି ଆରିତରେକ୍ ନ ଉଟ୍‌ବା ଜାକ
ଇତି କାଇକାଇଟା ତମେ ଦେକ୍‌ଲାସ୍, ସେ ବିସଇ କାକେମିସା ନ
କୁଆ ।" ୧୦ ସେଟାର୍‌ପାଇ ପର୍‌ବତ୍ ଉପ୍‌ରେ ଜାଇଟା ସେମନ୍
ଦେକ୍‌ଲାଇ, ସେ ବିସଇ କାକେମିସା କଅତ୍ ନାଇ । ମାତର୍
ମଲାଟାନେଅନି ଆରିତରେକ୍ ଉଟ୍‌ବା ଅରତ୍ କାଇଟା ବଲିକରି
ସେମନ୍ କାତାବାର୍‌ତା ଅଇତେରଇଲାଇ । ୧୧ ସିସ୍‌ମନ୍ ଜିସୁକେ
ପାଚାର୍‌ଲାଇ, "ଏଲିୟ ପର୍‌ତୁମ୍ ଆଇବାର୍ ଆଚେ ବଲି ନିୟମ୍
ସିକାଇଦେବା ଲକ୍‌ମନ୍ କାଇକେ କଇଲାଇନି?" ୧୨ ଜିସୁ ତାର୍
ସିସ୍‌ମନ୍‌କେ କଇଲା, "ଉଁ ପର୍‌ମେସରର୍ ବଇତେଇ ଏଲିୟ
ଆଗ୍‌ତୁ ଆଇସି ବଲି ଲେକା ଅଇଲାକାତା ସତ୍‌ସେ । ଏଲିୟ
ପର୍‌ତୁମ୍ ଆସିକରି ସବୁ ବିସଇ ଟିକ୍ କର୍‌ସି, ମାତର୍ ପର୍‌ମେସର୍
ଅନି ଆସିରଇବା ନର୍‌ପିଲା ମୁଇ ବେସି ବେସି କସ୍‌ଟ ପାଇବି
ଆରି ଲକ୍‌ମନ୍ ମକେ ନ ନାମତ୍ ବଲି ମିସା କାଇ ପର୍‌ମେସରର୍
ବଇଟାନେ ଲେକା ଅଏନାଇ କି? ୧୩ ମୁଇ ତମ୍‌କେ ସତ୍
କଇଲିନି, ଏବେ ଏଲିୟ ଆସି ସାର୍‌ଲା ଆଚେ । ଆରି ତାର୍
ବିସଇ ପର୍‌ମେସର୍ ଟାନେ କାଇଟା ଲେକା ଅଇଲା ଆଚେ, ସେ
ସେନ୍ତିସେ ଲକ୍‌ମନ୍ ମିସା ତାକର୍ ନିଜର୍ ମନ୍ କଲା ଇସାବେ
କରାପ୍ ଚଲାଚଲ୍‌ତି କଲାଇ ।" ୧୪ ତାର୍‌ପଚେ ଜିସୁ, ପିତର୍,
ଜାକୁବ୍ ଆରି ଜଅନ୍ ବିନ୍ ସିସ୍‌ମନର୍ ଲଗେ କେଟ୍‌ଲାବେଲେ
ତେଇ ବେସି ଲକ୍‌ମନ୍ ରୁଣ୍ଡିରଇବାଟା ଦେକ୍‌ଲାଇ । ଆରି
ନିୟମ୍ ସିକାଇଦେବା ଲକ୍‌ମନ୍ ସିସ୍‌ମନର୍ ସଙ୍ଗ୍ ଦଦାପେଲା
ଅଇତେରଇଲାଇ । ୧୫ ଲକ୍‌ମନ୍ ଜେଡେବେଲ୍ ଜିସୁ ତେଇ
ଆଇବାଟା ଦେକ୍‌ଲାଇ, ସାର୍‌ଦାରେ କାବା ଅଇଗାଲାଇ ଆରି
ଜିସୁକେ ଦୁକ୍ ସୁକ୍ ପାଚାର୍‌ବାକେ ତାର୍‌ଲଗେ ପାଲାଇ ଆସି
ଜୁଆର୍ କର୍‌ବାର୍ ଦାର୍‌ଲାଇ । ୧୬ ଜିସୁ ତାର୍ ସିସ୍‌ମନ୍‌କେ
ପାଚାର୍‌ଲା, "ତମେ ନିୟମ୍ ସିକାଇବା ଲକ୍, ମର୍ ସିସ୍‌ମନର୍
ସଙ୍ଗ୍ କାଇ ବିସଇନେଇ ଦଦାପେଲା ଅଇତେରଇଲାସ୍?" ୧୭
ସେ ମାନ୍ଧ ଲକ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍ ଜିସୁକେ ଡାକି
କଇଲା, "ଏ ଗୁରୁ, ମୁଇ ମର୍ ପିଲାକେ ନିକ କର୍‌ବାକେ ତମର୍
ଟାନେ ଆନିରଇଲି । ତାର୍ ବିତ୍‌ରେ ଗଟେକ୍ କାରାପ୍ ଆତ୍‌ମା
ପୁରିକରି ତାକେ କାତା ଅଇବାକେ ଦେଏ ନାଇ । ୧୮ ସେ
କରାପ୍ ଆତ୍‌ମା ପିଲାକେ ଦାର୍‌ଲାବେଲେ, ତାକେ ମଡିକରି
ଅଦ୍‌ରାଇଦେଲାନି ଆରି ତାର୍ ଟଣ୍ଡେଅନି ପେପୁଲ୍ ବାରଇଲାନି
ଆରି ସେ ଦାତ୍ କାତର୍‌ସି । ଆରି ତାର୍ ଗାଗଡ୍ ସିଦା ଅଇଜାଇସି
। ମୁଇ ତାର୍‌ତେଇ ଅନି କାରାପ୍ ଆତ୍‌ମାକେ ବାର୍‌କରାଇ
କେଦିଦେବାଇ ବଲି ତମର୍ ସିସ୍‌ମନର୍ ଲଗେ ଆନିରଇଲି ।
ମାତର୍ ତମର୍ ସିସ୍‌ମନ୍ ନାପାର୍‌ଲାଇ ।" ୧୯ ଜିସୁ ସେମନ୍‌କେ
କଇଲା, "ଏ ପର୍‌ମେସର୍‌କେ ବିସ୍‌ବାସ୍ ନ ରଇବା ଆଜିକାଲିର୍
ଲକ୍‌ମନ୍, ତମେ ବିସ୍‌ବାସ୍ କର୍‌ବାକେ ଆରି କେତେ ଦିନ୍ ମୁଇ
ତମର୍ ସଙ୍ଗ୍ ରଇବାର୍ ଆଚେ? ଆରି କେତେଦିନ୍ ମୁଇ ସାଆସ୍
ଦାରି ତମର୍ ସଙ୍ଗ୍ ରଇବାର୍ ଆଚେ? ସେ ପିଲାକେ ମର୍‌ଲଗେ
ଆନା ।" ୨୦ ଆରି ଲକ୍‌ମନ୍ ସେ ପିଲାକେ ଜିସୁର୍‌ଲଗେ ଆନ୍‌ଲାଇ
। ସେ କରାପ୍ ଆତ୍‌ମା ଜିସୁକେ ଦେକ୍‌ଲା ଦାପ୍‌ରେ ପିଲାକେ

ତଲେ ମଡିକରି ଅଦ୍ରାଇଲା । ଆରି ଗୁଣ୍ଡ୍ଲି ଗୁଣ୍ଡ୍ଲି କରି ତାର୍
ଟଣ୍ଡେଅନି ପେପୁଲ୍ ବାରଇ ଜାଇତେରଇଲା । **୨୧** ଜିସୁ ସେ
ପିଲାର୍ ବାବାକେ ପାଚାର୍ଲା, “ଏ ପିଲା ଏନ୍ତି ଅଇ କେତେଦିନ୍
ଅଇଲା?” ପିଲାର୍ ବାବା କଇଲା, “ସାନ୍ବେଲେଅନି” ବଲି
। **୨୨** ଆରି ସେ କଇଲା, “ସେ କାରାପ୍ ଆତ୍ମା ପିଲାକେ
ମରାଇବାକେ ବେସିତର୍ ପାନିଟାନେ ଆରି ଜଇଟାନେ ମଡିକରି
ଅଦ୍ରାଇ ଆଚେ । ମାତର୍ ତୁଇ ଜଦି କାଇଟା କର୍ବାକେ
ପାରୁସ୍ ବଇଲେ ଆମର୍ ପାଇ ଦୟାକରି ସାଇଜ କର୍ ।” **୨୩**
ଜିସୁ ତାକେ କଇଲା, “କାଇକେ ଜଦି ପାରୁସ୍ ବଇଲେ ନିମାନ୍
କର୍ ବଲିକରି କଇଲୁସ୍ନି? କାଇକେବଇଲେ ପର୍ମେସର୍କେ
ବିସ୍ବାସ୍ କର୍ବା ଲକ୍ମନର୍ ତେଇ ସବୁ ଅଇସି ।” **୨୪**
ସେ ଦାପ୍ରେ ପିଲାର୍ ବାବା ଆଉଲିଅଇକରି, “ମୁଇ ବିସ୍ବାସ୍
କଲିନି, ଆରି ଅଦିକ୍ ବିସ୍ବାସ୍ କର୍ବାକେ ମକେ ସାଇଜ କର୍
।” ବଲିକରି କଇଲା । **୨୫** ଏ ଗଟ୍ନାର୍ କାମ୍ ଦେକ୍ବାକେ
ଲକ୍ମନ୍ ଏକାତରେ ପାଲାଇଆଇବାଟା ଜିସୁ ଦେକିକରି ସେ
କାରାପ୍ ଆତ୍ମାକେ ଦମ୍କାଇକରି କଇଲା, “ଏ କରାପ୍ ଆତ୍ମା,
ତୁଇ ଏ ପିଲାକେ ଗୁଲା ଆରି ବଇରା କରାଇଆଚୁସ୍ । ଏ
ପିଲାର୍ ଗାଗ୍ଡେଅନି ବାରଇ ଉଟିଜା ଆରି କେବେ ମିସା ତାର୍
ଗାଗ୍ଡେ ନ ପୁର୍, ବଲି ମୁଇ ତକେ ଆଦେସ୍ ଦେଲିନି ।”
**୨୬** ଆରି କାରାପ୍ ଆତ୍ମା ବେସି ଆଉଲିଅଇକରି ପିଲାକେ
ମଡିକରି ଅଦ୍ରାଇ, ତାର୍ଟାନେଅନି ବାରଇଗାଲା । ଆରି ପିଲା
ମରିଗାଲା ଲକର୍ ପାରା ଡିସ୍ଲା, ଏନ୍ତିକି କେତେକ୍ ଲକ୍ମନ୍
“ସେ ମରିଗାଲା ।” ବଲିକରି କଇଲାଇ । **୨୭** ମାତର୍ ଜିସୁ ସେ
ପିଲାକେ ଆତେଦାରି ଉଟାଇକରି ତାକେ ଟିଆ କରାଇଲାକେ
ସେ ଟିଆଅଇଲା । **୨୮** ଜିସୁ ଆରି ତାର୍ ସିସ୍ମନ୍ ଗଟେକ୍
ଗର୍ ବିତ୍ରେ ଗାଲାପଚେ, ଲକ୍ମନ୍ କେ ନଇଲାବେଲେ ତାକେ
ପାଚାର୍ଲାଇ, “ଆମେ କାଇକେ ସେ କାରାପ୍ ଆତ୍ମାକେ କେଦି
ନାପାର୍ଲୁ?” **୨୯** ଏ କାତା ସୁନି ଜିସୁ ସେମନ୍କେ କଇଲା,
“ଏନ୍ତାରି କାରାପ୍ ଆତ୍ମା ପର୍ମେସର୍କେ ପାର୍ତନା କରିସେ
କେଦ୍ବାର୍ ଅଇସି, ଆରି କାଇ ବାଟ୍ ନାଇ ।” **୩୦** ତାର୍ପଚେ
ଜିସୁ ଆରି ତାର୍ ସିସ୍ମନ୍ ସେ ଜାଗା ଚାଡିକରି ଉଟିଗାଲାଇ ।
ସେମନ୍ ଗାଲିଲି ଦେସର୍ ବାଟ୍ଦେଇକରି ଜାଇତେରଇଲାଇ ।
ସେମନ୍ କନ୍ ଜାଗାଇ ଆଚତ୍ ବଲିକରି ଲକ୍ମନ୍ ନ ଜାନତ୍
ବଲି ଜିସୁ ମନ୍ କର୍ତେରଇଲା **୩୧** କାଇକେବଇଲେ ସେ ତାର୍
ସିସ୍ମନ୍କେ ସିକାଇ ଦେବାକେ ମନ୍ କର୍ତେରଇଲା । ଜିସୁ
ତାର୍ ସିସ୍ମନ୍କେ କଇଲା, “ସତ୍ ପର୍ମେସରର୍ ଟାନେଅନି
ଆସିରଇବା ନର୍ପିଲା ମକେ, ଲକ୍ମନର୍ ଆତେ ସର୍ପି ଦେବାଇ
ଆରି ସେମନ୍ ମକେ ମରାଇଦେବାଇ । ମାତର୍ ମୁଇ ମରିକରି
ତିନ୍ଦିନ୍ ଗାଲାପଚେ ଆରି ତରେକ୍ ମଲାଟାନେଅନି ଜିବନ୍ ଅଇ
ଉଟ୍ବି ।” **୩୨** ମାତର୍ ଜିସୁ କଇବା ଏ କାତାର୍ ଅରତ୍ ସିସ୍ମନ୍
ବୁଜତ୍ ନାଇ ଆରି ସେମନ୍ ସେ କାତାର୍ ଅରତ୍ ପାଚାର୍ବାକେ
ଡର୍ଲାଇ । **୩୩** ଜିସୁ ଆରି ତାର୍ ସିସ୍ମନ୍ କପର୍ନାଉମେ
ଆଇଲାଇ ଆରି ସେମନ୍ ଗର୍ ବିତ୍ରେ ଗାଲାଇ । ତାର୍ପଚେ
ଜିସୁ ସେମନ୍କେ ପାଚାର୍ଲା, “ତମେ ବାଟେ କନ୍ ବିସଇନେଇ
ଦଦାପେଲା ଅଇତେରଇଲାସ୍?” **୩୪** ମାତର୍ ତାର୍ ସିସ୍ମନ୍
ଚିମ୍ରା ଅଇଦେଲାଇ । କାଇକେବଇଲେ ସେମନ୍ ବାଟେ,
ଆମର୍ ବିତ୍ରେ ସବୁର୍ଟାନେଅନି କେ ବଡ୍ ବଲି ଦଦାପେଲା
ଅଇତେରଇଲାଇ । **୩୫** ଜିସୁ ବସ୍ଲା ଆରି ତାର୍ ବାର୍ଟା
ସିସ୍ମନ୍କେ ତାର୍ଲଗେ ଡାକାଇ ସେମନ୍କେ କଇଲା, “ଜଦି
କେ ମୁକିଆ ଅଇବାକେ ମନ୍ କଲେ, ସେ ସବୁର୍ଟାନେଅନି ସାନ୍
ଅଇବାର୍ ଆଚେ, ଆରି ସବୁଲକର୍ ସେବା କର୍ବାର୍ ଆଚେ ।” **୩୬**
ତାର୍ପଚେ ଜିସୁ ଗଟେକ୍ ସାନ୍ଟା ପିଲାକେ ନେଇକରି ସେମନର୍
ମୁଆଟେ ଟିଆ କରାଇ ସେମନ୍କେ କଇଲା, **୩୭** “କେ କେ ମର୍
ଲାଗି ଏନ୍ତାରି ଗଟେକ୍ ସାନ୍ଟା ପିଲାକେ ନାମ୍ବାଇ, ସେମନ୍
ମକେ ନାମ୍ଲାଇନି, ଆରି କେ କେ ମକେ ନାମ୍ଲାଇନି, ସେମନ୍
ମକେ ନାଇ, ମାତର୍ ମକେ ପାଟାଇରଇବା ମର୍ ବାବାକେ
ନାମ୍ଲାଇନି ।” **୩୮** ଜଅନ୍ ଜିସୁକେ କଇଲା, “ଏ ଗୁରୁ, ଗଟେକ୍
ଲକ୍ ତର୍ନାଉଁ ଦାରି ଲକ୍ମନର୍ଟାନେଅନି କାରାପ୍ ଆତ୍ମାକେ
ବାର୍କରାଇ କେଦିଦେବାଟା ଆମେ ଦେକିକରି, ତାକେ ସେନ୍ତି ନ
କର୍ ବଲି କଇଲୁ, କାଇକେବଇଲେ ସେ ଆମର୍ ନିଜର୍ ଲକ୍ ନଏଁ
।” **୩୯** ମାତର୍ ଜିସୁ କଇଲା, “ତାକେ ଏନ୍ତି ନ କର୍ ବଲି ତେବାଆ
ନାଇ କାଇକେବଇଲେ, ମର୍ ନାଉଁର୍ ବପୁ ପାଇକରି କାବା
ଅଇଜିବା କାମ୍ମନ୍ କରିପାର୍ବା ଲକ୍, ମର୍ ବିରୁଦେ କାରାପ୍
କାତା ନ କଏ । **୪୦** କାଇକେବଇଲେ ଜେ ଆମ୍କେ ବିରଦ୍ ନ
କରେ, ସେ ଆମର୍ ନିଜର୍ ଲକ୍ । **୪୧** ଆରି ମୁଇ ତମ୍କେ ସତ୍
କଇଲିନି, କେ ତମ୍କେ ମର୍ନାଉଁ ଦାରି ଗଟେକ୍ ଗିଲାସ୍ ପାନି
କାଇବାକେ ଦେଇସିବଇଲେ, ସେଟାର୍ପାଇ ସତ୍ସେ ତାକେ
ପୁରୁସ୍କାର୍ ମିଲ୍ସି ।” **୪୨** ଜିସୁ କଇବାର୍ ଦାର୍ଲା “ଜଦି
କେ ମର୍ତେଇ ବିସ୍ବାସ୍ କରିରଇବା ଗଟେକ୍ ଲକ୍କେ, ସେ
କରିରଇବା ବିସ୍ବାସ୍ ଚାଡିଦେବାକେ ପାପ୍କାମ୍ କରାଇଲାଇନି
ବଇଲେ, ସେ ଲକର୍ ଗାଲାଇ ଜତା ପାକ୍ନା ବାନ୍ଦିକରି ତାକେ
ସମ୍ଦୁରେ ପିଙ୍ଗିଦେବାଟା ତାର୍ପାଇ ନିକ ଅଇତା । **୪୩** ଜଦି
ତମର୍ ଆତ୍ ତମ୍କେ ପାପ୍ କରାଇଲାନି ବଇଲେ, ସେ ଆତ୍
କାଟିପାକାଆ । କାଇକେବଇଲେ ଜଡେକ୍ ଆତ୍ ରଇକରି
ସବୁଦିନର୍ପାଇ ଜଇଲାଗ୍ବା ନର୍କେ ପେଲାଇଅଇବା ବାଦୁଲେ
ଗଟେକ୍ ଆତ୍ ନ ରଇକରି ସର୍ଗେ କେଟ୍ବାଟା ନିକ ଅଇସି
। **(Geenna g1067)** **୪୪** କାଇକେବଇଲେ ନର୍କେ ସେମନର୍
କିଡା ନସ୍ଟ ନ ଅଅତ୍ ଆରି ଜଇ ନ ଲିବେ । **୪୫** ଜଦି ତମର୍
ପାଦ୍ ତମ୍କେ ପାପ୍କାମ୍ କରାଇଲାନି ବଇଲେ, ସେ ପାଦ୍ କାଟି
ପିଙ୍ଗିଦିଆସ୍ । ଜଡେକ୍ ପାଦ୍ ରଇକରି ନର୍କେ ପେଲାଇଅଇବା
ବାଦୁଲେ ଚଟା ଅଇକରି ସର୍ଗେ କେଟ୍ବାଟା ତମର୍ପାଇ
ନିକଅଇସି । **(Geenna g1067)** **୪୬** କାଇକେବଇଲେ ନର୍କେ

ସେମନର୍ କିଡା ନସ୍ଟ ନ ଅଅତ୍ ଆରି ଜଇ ନ ଲିବେ । ୪୭ ଜଦି
ତମର୍ ଆଁକିର୍ ଲାଗି ତମେ ବିସ୍ବାସ୍ ଆରାଇଲାସ୍ନି ବଇଲେ,
ସେ ଆଁକି ବେଟି ପିଙ୍ଗିଦିଆସ୍ । କାଇକେବଇଲେ ଜଡେକ୍ ଆଁକି
ରଇ ନର୍କେ ପେଲାଇଅଇବା ବାଦୁଲେ, ଗଟେକ୍ ଆଁକି ରଇକରି
ସରଗ୍ ରାଇଜେ କେଟ୍ବାଟା ତମର୍ପାଇ ନିକରଇସି । (Geenna
g1067) ୪୮ କାଇକେବଇଲେ ନର୍କେ ସେମନର୍ କିଡା ନସ୍ଟ ନ
ଅଅତ୍ ଆରି ଜଇ ନ ଲିବେ ।” ୪୯ “ଜେନ୍ତିକି ସୁନା ଜଇଟାନେ
ପଡାଇକରି ନିର୍ମଲ୍ କଲାପାରା ସବୁ ଲକ୍ମନ୍କେ ଜଇସଙ୍ଗ୍
ନିର୍ମଲ୍ କର୍ବାଇ ।” ୫୦ “ନୁନ୍ ଗଟେକ୍ ନିମାନ୍ ଜିନିସ୍ ।
ମାତର୍ ନୁନ୍ ଜଦି ତାର୍ କରିଆ ଅଇବାଟା ଆରାଇସି ବଇଲେ
ସେ ଆରି ତରେକ୍ କେନ୍ତାର୍ କରିଆ ଅଇପାର୍ସି? ତମେ ନୁନ୍
ପାରା ନିମାନ୍ ଗୁନେ ପୁରାପୁରୁନ୍ ଅଇ ସବୁଲକ୍ମନର୍ ସଙ୍ଗ୍ ମିସି
ବିଡି କରି ସୁଆଲେ ରୁଆ” ବଲି କଇଲା ।

**୧୦** ତାର୍ପଚେ ଜିସୁ ସେ ଜାଗା ଚାଡିକରି ଜିଉଦା ରାଇଜର୍
ସନ୍ଦି ଆରି ଜର୍ଦନର୍ ଆରି ଗଟେକ୍ ବାଟେ ଆଇଲା ।
ଆରି ସବୁ ବେଲାର୍ ପାରା ଲକ୍ମନ୍ ତାର୍ ଲଗେ ରୁଣ୍ଡିଲାଇ ।
ଆରି ଜିସୁ ସେମନ୍କେ ପର୍ମେସରର୍ କାତା ସିକାଇଦେଲା ।
୨ କେତେଟା ପାରୁସିମନ୍ ଜିସୁରୁ ଲଗେ ଆସିକରି ତାକେ ବୁଲ୍
ଦାର୍ବାକେ ଏନ୍ତାରି ପର୍ସନ୍ ପାଚାର୍ଲାଇ । “ଗଟେକ୍ ମୁନୁସ୍
ତାର୍ ମାଇଜିକେ ଚାଡିଦେବାଟା ଆମର୍ ନିୟମେ ଆଚେ କି?”
୩ ଜିସୁ ସେମନ୍କେ କଇଲା, “ମସା ତମ୍କେ କାଇ ଆଦେସ୍
ଦେଲା ଆଚେ?” ୪ ସେମନ୍ କଇଲାଇ, “ଗଟେକ୍ ମୁନୁସ୍ ତାର୍
ମାଇଜିକେ ଚାଡିଦେବାର୍ ରାଜିନାମା ପତର୍ ଲେକି ତାକେ
ଦେଲାପଚେ ତାକେ ପାଟାଇଦେଇ ଅଇସି ବଲି ମସା କଇଲା
ଆଚେ ।” ୫ ଜିସୁ ସେମନ୍କେ କଇଲା, “ମସା କାଇକେ ଏନ୍ତି
ଲେକିରଇଲା ବଇଲେ, ତମର୍ ମନ୍ବିତ୍ରର୍ ବୁଜ୍ବା ବପୁ ଡାଟ୍
ରଇଲାଟା ଦେକିକରି ସେ, ଏ ଆଦେସ୍ ଲେକିଦେଲା ଆଚେ
। ୬ ଜେନ୍ତି ସାସ୍ତର୍ କଇଲାନି, ପର୍ମେସର୍ ଜେଡେବେଲେ
ଏ ଦୁନିଆ ତିଆର୍କଲା, ସେବେଲେ ସେ ମାଇଜିମୁନୁସ୍ କରି
ତିଆର୍କଲା ଆଚେ । ୭ ସେଟାର୍ପାଇ ଗଟେକ୍ ମୁନୁସ୍ ତାର୍
ବାବା ମାକେ ଚାଡିକରି ତାର୍ ମାଇଜି ସଙ୍ଗ୍ ମିସ୍ସି । ୮ ସେ
ଦୁଇଲକ୍ ଗଟେକ୍ ଅଇବାଇ, ଆରି ସେମନ୍ ଦୁଇଲକ୍ ଇସାବେ
ନ ରଅତ୍, ମାତର୍ ଗଟେକ୍ ଲକ୍ ଇସାବେ ରଇବାଇ । ୯
ସେଟାର୍ପାଇ ପର୍ମେସର୍ ଜନ୍ ଦୁଇଲକ୍କେ ମିସାଇଆଚେ, କେ
ମିସା ସେମନ୍କେ ବିନେ ନ ବେଗ୍ଲାଅତ୍ ।” ୧୦ ଜିସୁ ଆରି ତାର୍
ସିସ୍ମନ୍ ଗରେ ବାଉଡିଗାଲା ପଚେ, ସିସ୍ମନ୍ ଆରିତରେକ୍ ଏ
ବିସଇ ତାକେ ପାଚାର୍ଲାଇ । ୧୧ ଜିସୁ ସେମନ୍କେ କଇଲା,
“ଗଟେକ୍ ମନସ୍ ତାର୍ ମାଇଜିକେ ଚାଡ୍ପତର୍ ଦେଇ ବିନ୍
ମାଇଜିକେ ବିବା ଅଇସି ବଇଲେ, ସେ ମନସ୍ ପର୍ତୁମ୍ ମାଇଜିର୍
ବିରୁଦେ ପାଦ୍ରା କାମ୍ କଲାନି । ୧୨ ଆରି ସେନ୍ତି ସେ ଜନ୍
ମାଇଜିଟକି ତାର୍ ମୁନୁସ୍କେ ଚାଡ୍ ପତର୍ ଦେଇ, ବିନ୍ ମୁନୁସ୍କେ
ବିବା ଅଇସି ବଇଲେ ସେ ମିସା ପର୍ତୁମ୍ ମନସ୍ ବିରୁଦେ
ପାଦ୍ରି କାମ୍ କଲାନି ।” ବଲିକରି କଇଲା । ୧୩ ଗଟେକ୍ ଦିନ୍
କେତେକ୍ ଲକ୍ମନ୍ ତାକର୍ ପିଲାଟକିମନ୍କେ ଜିସୁ ଆତ୍ ସଙ୍ଗ୍ଇ
ଆସିର୍ବାଦ୍ କର ବଲି ତାର୍ଲଗେ ଆନ୍ଲାଇ । ମାତର୍ ତାର୍
ସିସ୍ମନ୍ ଲକ୍ମନ୍କେ, ଦମ୍କାଲାଇ । ୧୪ ଜିସୁ ଏଟା ଦେକି
ବେସି ରିସାଅଇ ସିସ୍ମନ୍କେ କଇଲା, “ସାନ୍ ପିଲାମନ୍କେ ମର୍
ଲଗେ ଆଇବାକେ ବାଟ୍ ଦିଆସ୍, ସେମନ୍କେ ମନା କରାନାଇ ।
କାଇକେବଇଲେ ପର୍ମେସରର୍ ରାଇଜ୍ ଏନ୍ତି ପିଲାଟକିମନର୍
ପାରା ରଇବା ଲକ୍ମନର୍ ପାଇସେ । ୧୫ ମୁଇ ତମ୍କେ ସତ୍
କାତା କଇଲିନି, କେ ମିସା ଗଟେକ୍ ସାନ୍ ପିଲାର୍ ପାରା ନ ଅଇ,
ପର୍ମେସରର୍ ରାଇଜ୍ ନ ନାମତ୍, ସେମନ୍ କେବେ ମିସା ତାର୍
ରାଇଜେ କେଟି ନାପାରତ୍ ।” ୧୬ ତାର୍ପଚେ ଜିସୁ ସାନ୍ ସାନ୍
ପିଲାଟକିମନ୍କେ ଉଁଚାରି ତାକର୍ ମୁଣ୍ଡେ ଚିଇକରି ଆସିର୍ବାଦ୍
କଲା । ୧୭ ଜିସୁ ଆରି ତାର୍ ସିସ୍ମନ୍ ତେଇଅନି ବାରଇ
ଜିବାବେଲେ ବାଟେ ଗଟେକ୍ ଲକ୍ ପାଲାଇ ଆସି ତାର୍ ଲଗେ
କେଟ୍ଲା ଆରି ତାର୍ ମୁଆଟେ ମାଣ୍ଡିକୁଟା ଦେଇ ପାଚାର୍ଲା,
“ଏ ନିମାନ୍ ଗୁରୁ, ନ ସାର୍ବା ଜିବନ୍ ମିଲାଇବାକେ ଆଲେ ମୁଇ
କାଇଟା କର୍ବାର୍ ଆଚେ?” (aiōnios g166) ୧୮ ଜିସୁ ତାକେ
କଇଲା, “ତୁଇ ମକେ କାଇକେ ନିମାନ୍ ଲକ୍ ବଲି କଇଲୁସ୍ନି?
କାଇକେବଇଲେ ପର୍ମେସର୍କେ ଚାଡିକରି ଆରି ବିନ୍ଟା କେ
ମିସା ନିମାନ୍ ଲକ୍ ନାଇ । ୧୯ ଆରି ତୁଇ ନିଅମ୍ତା ଜାନିଆଚୁସ୍,
ମାର୍ବାର୍ ନାଇ, ପାଦ୍ରାପାଦ୍ରି କାମ୍ କର୍ବାର୍ ନାଇ, ଚର୍
କାମ୍ କର୍ବାର୍ ନାଇ, ମିଚ୍ ସାକି ଦେବାର୍ ନାଇ, ଆୟା ବାବାକେ
ସନ୍ମାନ୍ ଦିଆସ୍ ।” ବଲି କଇଲା । ୨୦ ସେ ଲକ୍ ଜିସୁକେ
କଇଲା, “ଏ ଗୁରୁ, ମୁଇତା ଏସବୁ ଆଦେସ୍ ସାନ୍ ବେଲେ ଅନି
ମାନ୍ଲିନି ।” ୨୧ ଜିସୁ ତାକେ ନିକକରି ଦେକ୍ଲା ଆରି ତାକେ
ଆଲାଦ୍ କରି କଇଲା, “ତୁଇ ଏବେ ମିସା ଗଟେକ୍ ବିସଇତେଇ
ଉନା ଆଚୁସ୍ । ତୁଇ ଜାଇ ତର୍ ଦନ୍ସଁପତି ବିକି, ସେ ଡାବୁ
ଗରିବ୍ ଲକ୍ମନ୍କେ ବାଟାକରି ଦେସ୍, ତୁଇ ସର୍ଗେ ଦନ୍ ପାଇସୁ
। ଏନ୍ତିକରି ମର୍ ପଚେ ପଚେ ଆଉ ।” ବଲିକରି କଇଲା । ୨୨
ଜିସୁ କଇଲା ଏ କାତା ସୁନିକରି ସେ ଲକ୍ ମୁ ସୁକାଇ କରି,
ଗରେ ଉଟିଗାଲା । କାଇକେବଇଲେ ସେଲକ୍ ବେସି ସାଉକାର୍
ରଇଲା । ୨୩ ଜିସୁ ଚାରିବେଡ୍ତି ଦେକିକରି ସିସ୍ମନ୍କେ କଇଲା,
“ସାଉକାର୍ ଲକ୍ମନ୍ ପର୍ମେସରର୍ ରାଇଜେ ଜିବାଟା ବେସି
କସ୍ଟ ଆଚେ ।” ୨୪ ଜିସୁର୍ କାତା ସୁନିକରି ସିସ୍ମନ୍ କାବା
ଅଇଗାଲାଇ । ମାତର୍ ଜିସୁ ସେମନ୍କେ ଆରିତରେକ୍ କଇଲା,
“ଏ ମର୍ ପିଲାମନ୍ ପର୍ମେସରର୍ ରାଇଜେ ଜିବାଟା ଲକ୍ମନ୍କେ
କେଡେକ୍ କସ୍ଟ! ୨୫ ଜେନ୍ତି ଗଟେକ୍ ବଡ୍ ଜଁତ୍ ସୁଜି ବାଟେ
ଚିଙ୍ଗ୍ଲି ଜିବାକେ କସ୍ଟ, ସାଉକାର୍ ଲକ୍ ପର୍ମେସରର୍ ରାଇଜେ
କେଟ୍ବାଟା ତାର୍ତେଇଅନି ଅଦିକ୍ କସ୍ଟ ।” ୨୬ ସିସ୍ମନ୍
ଆରିତରେକ୍ ବେସି କାବା ଅଇଗାଲାଇ ଆରି ନିଜର୍ ନିଜର୍

ବିତ୍‌ରେ କାତା ଅଇଲାଇ, “ଏନ୍ତି ବଇଲେ କେ ତେବେ ରକିଆ
ପାଇସି?” ୨୭ ଜିସୁ ସେମନ୍‌କେ ଦେକିକରି କଇଲା, “ଏ ବିସଇ
ଲକ୍‌ମନର୍ ଟାନେ ଅଇନାପାରେ, ମାତର୍ ପର୍‌ମେସରର୍ ଟାନେ
ସବୁଟା ଅଇପାର୍‌ସି ।” ୨୮ ପିତର୍ ଜିସୁକେ କଇଲା, “ଦେକା
ଆମେ ଆମର୍ ସବୁ ଚାଡିଦେଇ ତମର୍ ସଙ୍ଗ୍ ଆଇଲୁଆଚୁ ।” ୨୯
ଜିସୁ ସେମନ୍‌କେ କଇଲା, “ମୁଇ ତମ୍‌କେ ସତ୍ କାତା କଇଲିନି,
ଜେ ମର୍ ସଙ୍ଗ୍ ଆଇବାକେ ଆରି ପର୍‌ମେସରର୍ ନିମାନ୍ କାତା
ଜାନାଇବାକେ ଗର୍ ଦୁଆର୍, ବାଇ ବଇନି, ମା ବାବା, ପିଲାଟକି
ଆରି ଜମିବାଡି ଚାଡିକରି ଆଚେ, ୩୦ ସେ ସତ୍‌ସେ, ନିଜର୍
ଚାଡିରଇଲା ସବୁ ବିସଇତେଇଅନି ସଏ ବାଗ୍ ଅଦିକ୍ ଏ ଜୁଗେ
ପାଇସି । ଗର୍ ଦୁଆର୍, ବାଇ ବଇନି, ମାଆ ବାବା, ପିଲାଟକି ଆରି
ଜମିବାଡି ଏ ସବୁ ଦିନ୍‌ସୁ ଅଦିକ୍ ପାଇସି ଆରି ତାର୍ ସଙ୍ଗ୍ ଗେଞ୍ଜନା
ମିସା ପାଇସି । ମାତର୍ ଆଇବା ଜୁଗେ ପର୍‌ମେସରର୍ ରାଇଜେ,
ସେ ନ ସାର୍‌ବା ଜିବନ୍ ପାଇସି । **(aiōn g165, aiōnios g166)**
୩୧ ମାତର୍ ଜନ୍ ଲକ୍‌ମନ୍ ଆଗ୍‌ତୁ ଅଇତେରଇବାଇ, ସେମନ୍
ପଚେ ରଇବାଇ । ଆରି କେ କେ ପଚେ ରଇବାଇ, ସେମନ୍
ଆଗ୍‌ତୁ ରଇବାଇ ।” ୩୨ ସେମନ୍ ଜିରୁସାଲମେ ଗାଲାବେଲେ,
ଜିସୁ ସେମନର୍ ଆଗ୍‌ତୁ ଆଗ୍‌ତୁ ଜାଇତେ ରଇଲା । ସେବେଲା
ସିସ୍‌ମନ୍ କାବାଅଇଜାଇତେ ରଇଲାଇ । ଆରି ଜିସୁର୍ ପଚେ
ପଚେ ଜିବା ଲକ୍‌ମନ୍ ସବୁ ସେ ଜିରୁସାଲେମେ ଗାଲାନି ବଲି
ଡରିଜାଇତେ ରଇଲାଇ । ଜିସୁ ତାର୍ ବାର୍‌ଟା ସିସ୍‌ମନ୍‌କେ
ବିନେ ଡାକିନେଇକରି ନିଜ୍‌କେ କାଇକାଇଟା ଅଇସି, ସେ ବିସଇ
କଇବାର୍ ଦାର୍‌ଲା । ୩୩ ଜିସୁ ତାର୍ ସିସ୍‌ମନ୍‌କେ କଇଲା, “ସୁନା
ଆମେ ଜିରୁସାଲମେ ଗାଲୁନି । ତେଇ ପର୍‌ମେସରର୍‌ଟାନେଅନି
ଆସିରଇବା ନର୍‌ପିଲା, ମକେ ବିସ୍‌ବାସେ ବିସ୍ ଦେଲାପାରା କରି
ମୁକିଅ ପୁଜାରିମନ୍ ଆରି ନିୟମ୍ ସିକାଇ ଦେବା ଲକ୍‌ମନ୍‌କେ
ସର୍‌ପି ଦେବାଇ । ସେମନ୍ ମକେ କିଜାଇକରି ବିଚାର୍ କରି
‘ଆକେ ମରାଇବାର୍ ଆଚେ ।’ ବଲି ରମିୟ୍ ଲକ୍‌ମନ୍‌କେ ସର୍‌ପି
ଦେବାଇ । ୩୪ ସେମନ୍ ମକେ ଟାପ୍‌ରା କର୍‌ବାଇ, ମର୍ ଉପ୍‌ରେ
ତୁକ୍‌ବାଇ । ମକେ କର୍‌ଡା ସଙ୍ଗ୍ ମାର୍‌ବାଇ, ଆରି ସାରାସାରି
ମରାଇବାଇ । ମାତର୍ ମରିକରି ତିନ୍‌ଦିନ୍ ଗାଲାପଚେ, ମୁଇ ଆରି
ତରେକ୍ ମଲାଟାନେଅନି ଉଟ୍‌ବି ।” ୩୫ ଜେବଦି ନାଉଁର୍ ଗଟେକ୍
ଲକର୍ ପିଲାମନ୍ ଜାକୁବ୍ ଆରି ଜଅନ୍ ଜିସୁର୍‌ତେଇ ଆସି ତାକେ
କଇଲାଇ, “ଏ ଗୁରୁ, ଆମେ ତର୍‌ତେଇ ଜାଇଟା ମାଙ୍ଗ୍‌ବୁ, ତୁଇ
ସେଟା କର୍ ବଲି ଆମେ ମନ୍ କଲୁନି ।” ୩୬ ଜିସୁ ପାଚାର୍‌ଲା,
“ମୁଇ ତମର୍ ପାଇ କାଇଟା କର୍‌ବି ବଲି ମନ୍ କଲାସ୍‌ନି?” ୩୭
ସେମନ୍ ଜିସୁକେ କଇଲାଇ, “ତୁଇ ତର୍ ଡାକ୍‌ପୁଟା ପାଇବା
ବସ୍‌ବା ଜାଗାଇ ବସ୍‌ଲା ବେଲେ ଆମର୍ ଦୁଇଲକର୍ ବିତ୍‌ରେ
ଅନି ଗଟେକ୍ ଲକ୍‌କେ ତର୍ ଉଜା ବାଟେ ଆରି ଗଟେକ୍ ଲକ୍‌କେ
ଡେବ୍‌ରି ବାଟେ ବସାଅ ବଲି ମନ୍ କଲୁନି ।” ୩୮ ଜିସୁ ସେମନ୍‌କେ
କଇଲା, “ତମେ କାଇ ବିସଇ ମାଙ୍ଗ୍‌ଲାସ୍‌ନି ସେ ବିସଇ ନାଜାନାସ୍
। ମକେ ଜନ୍ ମୁତାଇ ଦୁକ୍‌କସ୍‌ଟ ପାଇବାକେ ଆଚେ, ସେ ମୁତାର୍
ଦୁକ୍‌କସ୍‌ଟ ପାଇପାରାସ୍ କି? ଆରି ମୁଇ ଜନ୍ ଡୁବନ୍ ନେବାର୍
ଆଚେ, ସେ ଡୁବନ୍ ନେଇ ପାରାସ୍ କି?” ୩୯ ସେମନ୍ ଜିସୁକେ
କଇଲାଇ, “ଉଁ ଆମେ ପାର୍‌ବୁ ।” ଜିସୁ ସେମନ୍‌କେ କଇଲା, “ଏଟା
ସତ୍‌ସେ । ମୁଇ ଜନ୍ ମୁତାର୍ ଦୁକ୍‌କସ୍‌ଟ ପାଇବି ଆରି ଜନ୍ ଡୁବନ୍
ନେବି ତମେମିସା ସେ ମୁତାର୍ ଦୁକ୍ କସ୍‌ଟ ଆରି ଡୁବନ୍ ପାଇସା
। ୪୦ ମାତର୍ ମର୍ ଉଜାବାଟେ କି ଡେବ୍‌ରିବାଟେ ବସ୍‌ବାକେ
ଦେବାର୍, ମର୍ ଅଦିକାର୍ ନାଇ, ମାତର୍ ମର୍ ବାବା ବାଚ୍‌ସି ।” ୪୧
ଜାକୁବ୍ ଆରି ଜଅନ୍ କଇଲା କାତା ବିନ୍ ସିସ୍‌ମନ୍ ଜେଡେବେଲ୍
ସୁନ୍‌ଲାଇ, ଜାକୁବ୍ ଆରି ଜଅନ୍‌କେ ବେସି ରିସା ଅଇଗାଲାଇ ।
୪୨ ମାତର୍ ଜିସୁ ତାର୍ ସିସ୍‌ମନ୍‌କେ ଗଟେକ୍‌ଟାନେ ଡାକି କରି
ସେମନ୍‌କେ କଇଲା, “ଏ ଦୁନିଆର୍ ରାଜାମନ୍ ଆରି ନେତାମନ୍
ଲକ୍‌ମନ୍‌କେ ନିଜର୍ ଅଦିକାରେ ରକ୍‌ବାକେ ମନ୍ କର୍‌ବାଇ ।
ଆରି ସର୍‌କାର୍ ମିସା ତାକର୍ ତଲେ ରଇଲା ଲକ୍‌ମନ୍‌କେ ନିଜର୍
ଅଦିକାରେ ରକି ରଇବାକେ ମନ୍ କର୍‌ବାଇ । ଏ ବିସଇ ତମେ
ଜାନିଆଚାସ୍ । ୪୩ ମାତର୍ ତମର୍ ବିତ୍‌ରେ ଏନ୍ତି ନ ରଇକରି
ବିନ୍‌ବାବେ ରଇବାର୍ ଆଚେ । ତମର୍ ବିତ୍‌ରେଅନି କେ ବଡ୍ ଲକ୍
ପାରା ଦେକାଇଅଇବାକେ ମନ୍ କଲାନି ବଇଲେ, ସେ ତମର୍ ସବୁ
ଲକର୍ ଗଟେକ୍ ଗତିଦାଙ୍ଗ୍‌ଡା ପାରା ରଅ । ୪୪ ଜଦି କେ ତମର୍
ବିତ୍‌ରେ ଅନି ପର୍‌ମେସରର୍ ମୁଆଟେ ମୁକିଅ ଲକ୍ ଅଇବାକେ
ମନ୍ କଲାନି ବଇଲେ, ସେ ଗଟେକ୍ ଗେନ୍‌ଲା ଗତିଦାଙ୍ଗ୍‌ଡା ପାରା
ସେବା କର । ୪୫ କାଇକେ ବଇଲେ ପର୍‌ମେସର୍‌ଟାନେଅନି
ଆସିରଇବା ନର୍‌ପିଲା ମୁଇ, ବିନ୍ ଲକ୍‌ମନର୍‌ଟାନେଅନି ମକେ
ସେବା ମିଲ ବଲି ଆସି ନାଇ, ମାତର୍ ସେବା କର୍‌ବାକେ ଆସି
ଆଚି । ଆରି ମୁଇ ଜିବନ୍ ଦେବାର୍ ଲାଗି, ବେସି ଲକ୍ ଦସି ବଲି
ଏଜାଇ ନ ଅଇ, ପାପେଅନି ରକିଆ ପାଇବାଇ ।” ୪୬ ତାର୍‌ପଚେ
ଜିସୁ ଆରି ତାର୍ ସିସ୍‌ମନ୍ ଜିରିଅ ନାଉଁର୍ ଗଡେ କେଟ୍‌ଲାଇ
। ସେ ଗଡ୍ ଚାଡିକରି ଗାଲାବେଲେ, ତିମାୟ୍ ନାଉଁର୍ ଲକର୍
ପିଲା ବାର୍‌ତିମୟ୍ ବଲି ଗଟେକ୍ କାଣା ଲକ୍ ବାଟ୍‌ପାଲି ବସି ବିକ୍
ମାଙ୍ଗ୍‌ତେରଇଲା । ୪୭ ନାଜରିତର୍ ଜିସୁ ଏବାଟେ ଆଇଲାନି
ବଲି ସୁନି, ସେ ବେସି ଆଉଲି ଅଇକରି କଇଲା, “ଏ ଦାଉଦର୍
ପଅ ଜିସୁ, ମକେ ଦୟାକରା!” ୪୮ ବେସି ଲକ୍‌ମନ୍ ତାକେ
ଚିମ୍‌ରାଇଅଇ ରଇବାକେ କଇଲାଇ, ମାତର୍ ସେ କାଣାଲକ୍
ଅଦିକ୍ ଅଦିକ୍ ଆଉଲିଅଇକରି କଇଲା, “ଏ ଦାଉଦର୍ ପଅ!
ମକେ ଦୟା କରା ।” ୪୯ ଜିସୁ ତେବିକରି କଇଲା, “ତାକେ
ମର୍ ଲଗେ ଆଇବାକେ କୁଆ ।” ଲକ୍‌ମନ୍ କାଣାକେ ଡାକିକରି
କଇଲାଇ, “ସାଆସ୍ ଦାରିକରି ଉଟ୍, ଜିସୁ ତକେ ଡାକ୍‌ଲାନି ।”
୫୦ କାଣା ଲକ୍ ତାର୍ ଚାଦର୍ ତେଇ ପିଙ୍ଗିଦେଇକରି ଚିକାଲ୍‌ନା
ଡେଗଇ ଉଟ୍‌ଲା ଆରି ଜିସୁର୍ ଲଗେ ଗାଲା । ୫୧ ଜିସୁ ତାକେ
ପାଚାର୍‌ଲା “ମୁଇ ତର୍‌ପାଇ କାଇଟା କର୍‌ବି ବଲି ତୁଇ ମନ୍
କଲୁସ୍‌ନି?” ସେ କଇଲା, “ଏ ଗୁରୁ, ମୁଇ ଜେନ୍ତିକି ଦେକି ପାର୍‌ବି

ସେଟା ମନ୍ କଲିନି ।" ୫୨ ଜିସୁ ତାକେ କଇଲା, "ଜା, ତୁଇ ନିମାନ୍
ଅଇଜାଇ ଆଚୁସ୍ । କାଇକେବଇଲେ ତୁଇ ମକେ ବିସ୍‌ବାସ୍ କରି
ଆଁକି ଦେକି ପାର୍‌ଲୁସ୍‌ନି ।" ସେଦାପ୍‌ରେସେ କାଣା ଆଁକି ଦେକି
ବାଟେ ବାଟେ ଜିସୁର୍ ପଚେ ଜିବାର୍ ଦାର୍‌ଲା ।

**୧୧** ଜିସୁ ଆରି ତାର୍ ସିସ୍‌ମନ୍ ଜିରୁସାଲାମ୍ ଲଗାଲଗି
ଅଇକରି ଜିତ୍ ନାଉଁର୍ ଡଙ୍ଗ୍‌ରଲଗେ ରଇଲା ବେତ୍‌ପାଗି
ଆରି ବେତ୍‌ନିଆ ନାଉଁର୍ ଗାଏଁ କେଟ୍‌ଲାଇ । ଜିସୁ ସିସ୍‌ମନର୍
ବିତ୍‌ରେଅନି ଦୁଇଲକ୍‌କେ ଡାକିକରି ସେମନ୍‌କେ କଇଲା, ୨
ତମେ ଆମର୍ ମୁଆଟେ ରଇଲା ଗାଏଁ ଜା । ତମେ ଗାଉଁ ବିତ୍‌ରେ
ଜିବାବେଲେ, ଗଟେକ୍ ଗଦ ପିଲା ବାନ୍ଧିରଇଲାଟା ଦେକ୍‌ସା ।
ସେ ଗଦ ପିଲାର୍ ଉପ୍‌ରେ ଏବେଜାକ କେ ମିସା ଚଗତ୍ ନାଇ
। ତାକେ ମେଲିକରି ମର୍‌ଲଗେ ଦାରିଆସା । ୩ ଜଦି କେ
ତମ୍‌କେ କାଇକେ ମେଲିକରି ନେଲାସ୍‌ନି? ବଲି ପାଚାର୍‌ଲେ,
ମାପ୍‌ରୁକେ ଦର୍‌କାର୍ ଆଚେ ଆରି ସେ ତମ୍‌କେ ଦାପ୍‌ରେସେ
ବାଉଡାଇଦେଇସି । ବଲି ସେମନ୍ ଜିବା ଆଗ୍‌ତୁ ସେମନ୍‌କେ
ପାଟାଇଦେଲା । ୪ ସେ ଗାଏଁ ଗାଲାଇ ଜେ ଗଟେକ୍ ଗରର୍ ଡାଣ୍ଡର୍
ଡିଆଗଡିଲଗେ ଗଦ ପିଲା ବାନ୍ଧିଅଇ ରଇଲାଟା ଦେକିକରି ତାକେ
ଜାଇ ମେଲ୍‌ଲାଇ । ୫ ତେଇ ଟିଆଅଇରଇଲା କେତେଲକ୍‌ମନ୍
କଇଲାଇ, "ତମେ କାଇଟା କଲାସ୍‌ନି? ଆରି କାଇକେ ଏ ଗଦ
ପିଲାକେ ମେଲ୍‌ଲାସ୍‌ନି?" ୬ ସେମନ୍‌କେ ଜିସୁ ଜେନ୍ତି କଇବାକେ
କଇରଇଲା, ସେନ୍ତାରିସେ ସିସ୍‌ମନ୍ ଲକ୍‌ମନ୍‌କେ କଇଲାଇ
। ତାର୍‌ପଚେ ସେ ଲକ୍‌ମନ୍ "ଗଦ ପିଲାକେ ନିଆ ।" ବଲି
କଇଲାଇ । ୭ ସେମନ୍ ଗଦ ପିଲାକେ ଜିସୁର୍ ଲଗେ ଆନ୍‌ଲାଇ
ଆରି ନିଜର୍ ନିଜର୍ ପଟିଆମନ୍ ଗଦ ପିଲାର୍ ପିଟି ଉପ୍‌ରେ
ପାକାଇଲାଇ । ଆରି ଜିସୁ ଗଦ ଉପ୍‌ରେ ବସ୍‌ଲା । ୮ ବେସି
ଲକ୍‌ମନ୍ ଜିସୁକେ ସନ୍‌ମାନ୍ ଦେବାକେ ନିଜର୍ ନିଜର୍ ପଟିଆମନ୍
ବାଟେ ଅଚାଇଦେଲାଇ ଆରି ବିନ୍‌ଲକ୍‌ମନ୍ ଗଚର୍ ଡାଲ୍‌ପତର୍
ଆରି କେନ୍ଦାମନ୍ କାଟିଆନିକରି ବାଟେ ଅଚାଇଦେଲାଇ । ୯
ଜିସୁର୍ ଆଗ୍‌ତୁବାଟେ ଆରି ପଚ୍‌ବାଟେ ଜିବା ଲକ୍‌ମନ୍ ବେସି
ଆଉଲିଅଇ ଏନ୍ତି କଇତେରଇଲାଇ, "ଅସାନା, ପର୍‌ମେସର୍‌କେ
ଡାକ୍‌ପୁଟା କରା । ପର୍‌ମେସର୍ ତାକେ ଆସିର୍‌ବାଦ୍ କଲାଆଚେ ।
୧୦ ଆମର୍ ଆନିଦାଦି ଦାଉଦ୍ ରାଜାର୍ ରାଇଜ୍ ଆଇଲାନି, ତାର୍
ରାଇଜ୍ ପର୍‌ମେସର୍ ଆସିର୍‌ବାଦ୍ କର । ସର୍‌ଗେ ରଇବା ବାବା
ପର୍‌ମେସର୍ ସନ୍‌ମାନ୍ ପାଇଲାପାରା କାତା କୁଆ" ବଲି କଇଲାଇ
। ୧୧ ତାର୍‌ପଚେ ଜିସୁ ଜିରୁସାଲାମ୍ ଆସିକରି ପର୍‌ମେସରର୍
ଗର୍ ବିତ୍‌ରେ ପୁର୍‌ଲା । ଆରି ଚାରିବେଡ୍‌ତି ରଇଲା ସବୁ
ଜିନିସ୍‌ମନ୍ ନିମାନ୍ କରି ଦେକ୍‌ଲା । ସେ ବେଲା ବେସି ଅଲ୍‌ସମ୍
ଅଇଗାଲାଜେ, ସେ ବାର୍‌ଟା ସିସ୍‌ମନର୍ ସଙ୍ଗ୍ ବେତ୍‌ନିଆ ନାଉଁର୍
ଗାଏଁ ଉଟିଜାଇକରି ତେଇ ରଇଲା । ୧୨ ତାର୍ ଆର୍‌କର୍
ଦିନେ ଜିସୁ ଆରି ତାର୍ ସିସ୍‌ମନ୍ ବେତ୍‌ନିଆଇଅନି ଜିରୁସାଲାମ୍
ଆଇବାବେଲେ ଜିସୁକେ ବେସି ବୁକ୍ କଲା । ୧୩ ଜିସୁ ଦୁରିକେ
ଅନି ବେସି ପତର୍ ରଇବା ଗଟେକ୍ ଡୁମ୍‌ରିଗଚ୍ ଦେକ୍‌ଲା । ଆରି
ସେ ଗଚେ କେତେଟା ପଲ୍ ଦାରିରଇସି ବଲି ବାବିକରି ଗଚ୍‌ବୁନ୍ଦେ
ଗାଲା । ମାତର୍ ଗଚ୍‌ଲଗେ ଜାଇକରି ଦେକ୍‌ଲାଜେ, ଗଟେକ୍ ମିସା
ପଲ୍ ମିଲେ ନାଇ । କାଇକେବଇଲେ, ସେଟା ଡୁମ୍‌ରିପଲ୍ ଦାର୍‌ବା
ଦିନ୍ ନ ରଇଲା । ୧୪ ଜିସୁ ଗଚ୍‌କେ କଇଲା, "ତୁଇ ଆରି କେବେ
ମିସା ପଲ୍ ନ ଦାରୁସ୍ ।" ସେ କାତା ତାର୍ ସିସ୍‌ମନ୍ ସୁନ୍‌ଲାଇ ।
(aiōn g165) ୧୫ ତାର୍‌ପଚେ ଜିସୁ ଜିରୁସାଲାମର୍ ଗଡେ ଜାଇ,
ମନ୍ଦିରେ ପୁରିକରି ତେଇ ଗେନାବିକା କର୍‌ବା ଲକ୍‌ମନ୍‌କେ ଡାଣ୍ଡେ
ବାର୍‌କରାଇଦେଲା । ବିନ୍ ଦେସର୍ ଡାବୁ ବାଦ୍‌ଲାଇବା ଲକ୍‌ମନର୍
ଟେବୁଲ୍ ଆରି ବିରୁ କର୍‌ବା ପରୁଆ ବିକ୍‌ବା ଲକ୍‌ମନର୍ ବସ୍‌ବା
ପିଡା ପାସ୍‌ଲାଇ ପାକାଇଲା । ୧୬ ମନ୍ଦିରର୍ ଡାଣ୍ଡେ ଗେନା ବିକା
କର୍‌ବାକେ ସେ କାକେମିସା ଦେଏ ନାଇ । ୧୭ ତାର୍ ପଚେ ସେ
ଲକ୍‌ମନ୍‌କେ ସିକାଇଦେବାବେଲେ ଏନ୍ତି କଇଲା, "ମର୍ ମନ୍ଦିର୍
ସବୁ ଜାତିର୍ ଲକ୍‌ମନର୍ ପାର୍‌ତନା ଗର୍ ବଲି ନାମ୍‌ବାଇ ବଲି
ପର୍‌ମେସରର୍ ବଇଟାନେ ଲେକା ଅଇଆଚେ, ମାତର୍ ତମେ
ସେ ଗର୍ ଚର୍‌ମନର୍ ପାଆର୍ କରିଆଚାସ୍ ।" ୧୮ ତେଇ ମୁକିଅ
ପୁଜାରିମନ୍ ଆରି ନିୟମ୍ ସିକାଉମନ୍ ଏ କାତା ସୁନି, ଜିସୁକେ
କେନ୍ତି ମରାଇବାର୍ ଅଇସି ବଲି ଚେସ୍‌ଟା କର୍‌ତେରଇଲାଇ
। ମାତର୍ ଲକ୍‌ମନ୍‌କେ ଡର୍‌ତେରଇଲାଇ । କାଇକେବଇଲେ
ଲକ୍‌ମନ୍ ସେ ସିକାଇଦେବା ବିସଇ କାବା ଅଇକରି ବେସି ମନ୍
କରି ସୁନ୍‌ତେରଇଲାଇ । ୧୯ ଆରି ସେଦିନର୍ ସଞ୍ଜ୍ ଅଇଲାକେ
ଜିସୁ ଆରି ତାର୍ ସିସ୍‌ମନ୍ ଜିରୁସାଲାମ୍ ନଅରେଅନି ବାରଇକରି
ଉଟିଗାଲାଇ । ୨୦ ତାର୍ ଆର୍‌କର୍ ଦିନର୍ ସାକାଲେ ବାଉଡି
ଆଇବାବେଲେ, ଏଦେ ଦେକା! ସେ ଡୁମ୍‌ରିଗଚ୍ ବୁନ୍ଦେଅନି
ଟିପେଜାକ ସୁକି ଜାଇରଇଲାଟା ଦେକ୍‌ଲାଇ । ୨୧ ସେବେଲା ଜିସୁ
ଆଗ୍‌ତୁ କଇରଇଲା କାତା ପିତର୍ ଏତାଇକରି ତାକେ କଇଲା,
"ଏ ଗୁରୁ ଜନ୍ ଡୁମ୍‌ରି ଗଚ୍‌କେ ତମେ ସାଇପ୍ ଦେଇରଇଲାସ୍,
ସେ ଗଚ୍ ସୁକିଗାଲା ଆଚେ ।" ୨୨ ଜିସୁ ସେମନ୍‌କେ କଇଲା,
"ତମେ ପର୍‌ମେସରର୍ ତେଇ ବିସ୍‌ବାସ୍ କରିରୁଆ । ୨୩ ମୁଇ
ତମ୍‌କେ ସତ୍ କାତା କଇଲିନି, ଜେ ନିଜର୍ ମନେ ଅଇସି କି
ନଏ ବଲିକରି ଏନେ ତେନେ ନ ଅଇ, ସେ କଇବା କାତାଇ
ବିସ୍‌ବାସ୍ କରି, 'ଏ ଡଙ୍ଗ୍‌ର୍ ଉଲ୍‌ଟିକରି ସମ୍‌ଦୁରେ ଜାଇ ଅଦର୍
।' ବଲି କଇଲେ ସେଟା ସେନ୍ତାରି ଅଇସି । ୨୪ ସେଟାର୍‌ପାଇ
ମୁଇ ତମ୍‌କେ କଇଲିନି, ତମେ ପାର୍‌ତନାଇ ଜନ୍‌ଟା ମିଲ୍‌ସି
ବଲି ବିସ୍‌ବାସ୍ କରି ମାଙ୍ଗ୍‌ଲେ, ସେଟା ତମ୍‌କେ ମିଲ୍‌ସି । ୨୫
ମାତର୍ ତମେ ପାର୍‌ତନା କର୍‌ବା ବେଲେ ତମର୍ ମନେ କାର୍
ବିରଦେ ମିସା କାଇ କାତା ରଇଲେ, ତାକେ କେମା ଦିଆସ୍
। ଏନ୍ତି କଲେ ତମର୍ ସରଗର୍ ବାବା ମିସା ତମ୍‌କେ ତମର୍
ପାପେଅନି କେମା ଦେଇସି । ୨୬ ମାତର୍ ତମେ କେମା ନ
କଲେ, ତମର୍ ସରଗର୍ ବାବା ମିସା ତମ୍‌କେ କେମା ନ ଦେଏ
।" ୨୭ ସେମନ୍ ଆରିତରେକ୍ ଜିରୁସାଲାମେ ଆଇଲାଇ । ଜିସୁ

ମନ୍ଦିରର୍ ଦୁଆରେ ବୁଲ୍‌ବାବେଲେ ମୁକିଅ ପୁଜାରିମନ୍, ନିୟମ୍
ସିକାଉମନ୍ ଆରି ପାର୍‌ଚିନ୍‌ମନ୍ ତାର୍ ଲଗେ ଆସି ପାଚାର୍‌ଲାଇ,
୨୮ "ତୁଇ କାଇ ଅଦିକାରେ ଏ ସବୁ କାମ୍‌ମନ୍ କଲୁସ୍‌ନି? ଆରି ଏ
ସବୁ କାମ୍‌ମନ୍ କର୍‌ବାକେ ତକେ କେ ଅଦିକାର୍ ଦେଲାଆଚେ?"
୨୯ ମାତର୍ ଜିସୁ ସେମନ୍‌କେ କଇଲା, "ମୁଇ ମିସା ତମ୍‌କେ
ଏକାଇ ଗଟେକ୍ ସେ ପର୍‌ସନ୍ ପାଚାର୍‌ବି, ସେ ପର୍‌ସନର୍ ଉତର୍
ତମେ କଇଲେ, ମୁଇ ଏ ସବୁ କାମ୍ କନ୍ ଅଦିକାରେ କଲିନି,
ସେଟା ତମ୍‌କେ କଇବି । ୩୦ ଜଅନ୍ ଡୁବନ୍ ଦେବା ଅଦିକାର୍
ସରଗର୍ ପର୍‌ମେସରର୍‌ଟାନେଅନି ଆସିରଇଲା କି ଲକ୍‌ମନର୍
ଟାନେଅନି ଆସିରଇଲା? ଏଟା ମକେ କୁଆ ।" ବଲି କଇଲା ।
୩୧ ତେଇ ସେମନ୍ ନିଜର୍ ନିଜର୍ ବିତ୍‌ରେ କୁଆବଲା ଅଇଲାଇ,
"ଆମେ ଜଦି ସରଗର୍ ପର୍‌ମେସରର୍ ଟାନେଅନି ବଲି କଇବୁ
ବଇଲେ, ସେନ୍ତାର୍ ଆଲେ ତମେ ଜଅନ୍ ଜନ୍‌ଟା କଇଲା ସେଟା
କାଇକେ ବିସ୍‌ବାସ୍ କରାସ୍ ନାଇ? ବଲିକରି ଜିସୁ ଆମ୍‌କେ
କଇସି । ୩୨ ମାତର୍ ଲକ୍‌ମନର୍‌ଟାନେଅନି ବଲି କଇବାକେ
ଆମ୍‌କେ ଡର୍ ଲାଗ୍‌ଲାନି । କାଇକେ ବଇଲେ ଜଅନ୍ ଗଟେକ୍
ବବିସତ୍‌ବକ୍‌ତା ବଲି ସେମନ୍ ସବୁଲକ୍ ବିସ୍‌ବାସ୍ କଲାଇନି
।" ୩୩ ସେଟାର୍‌ପାଇ ସେମନ୍ ଆମେ ନାଜାନୁ । ବଲି ଜିସୁକେ
କଇଲାଇ । ତାର୍‌ପଚେ ଜିସୁ ସେମନ୍‌କେ କଇଲା, "ଏନ୍ତି ବଇଲେ
ମୁଇ ମିସା କନ୍ ଅଦିକାରେ ଏସବୁ କାମ୍ କଲିନି, ସେଟା ତମ୍‌କେ
ନ କଇ ।"

୧୨ ତାର୍‌ପଚେ ଜିସୁ ଲକ୍‌ମନ୍‌କେ ବୁଜାଇବାକେ କେତେଟା
କାତାନି କଇବାର୍ ଦାର୍‌ଲା । ପର୍‌ତୁମ୍ କାତାନି
ଅଇଲାନି, ଗଟେକ୍ ଲକ୍ ଗଟେକ୍ ଅଙ୍ଗୁର୍‌ବାଡ୍ ତିଆର୍‌କରି,
ତାର୍ ଚାରିବେଡ୍‌ତି ବାଡ୍ ବୁନ୍‌ଲା, ଆରି ଅଙ୍ଗୁର୍ ପିଲ୍‌ବାକେ
ଗଟେକ୍ କୁଣ୍ଡ ତିଆର୍‌କଲା । ବାଡ୍ ଜାଗ୍‌ବାକେ ଗଟେକ୍ ଚାଙ୍ଗ
ତିଆର୍‌କଲା । ଚାସ୍ କର୍‌ବା ଲକ୍‌ମନ୍‌କେ ବାଡ୍ ଆଦିବାଗ୍
କର୍‌ବାକେ ଦେଇକରି, ସେ ଗଟେକ୍ ବିନ୍ ଦେସେ ଉଟିଗାଲା
। ୨ ତାର୍‌ପଚେ ଅଙ୍ଗୁର୍ ତଲ୍‌ବା ବେଲା ଆଇଲାକେ, ସାଉକାର୍
ତାର୍ ଗଟେକ୍ ଗତିଦାଙ୍ଗଡାକେ ଅଙ୍ଗୁର୍‌ପଲର୍ ବାଗ୍ ବାଟା
ପାଇବାକେ ଚାସିମନର୍‌ଲଗେ ପାଟାଇଲା । ୩ ମାତର୍ ଚାସି
ଲକ୍‌ମନ୍, ସାଉକାର୍ ପାଟାଇଲା ଗତିଦାଙ୍ଗଡାକେ ଦାରିକରି
ମାରିପାକାଇଲାଇ ଆରି କାଇଟା ନ ଦେଇ ଚୁଚା ଆତେ
ପାଟାଇଦେଲାଇ । ୪ ସାଉକାର୍ ତାର୍ ଆରିଗଟେକ୍ ଗତି
ଦାଙ୍ଗଡାକେ ଚାସିମନର୍ ଲଗେ ପାଟାଇଲା । ଚାସି ଲକ୍‌ମନ୍ ସେ
ଗତିଦାଙ୍ଗଡାକେ ମିସା ମୁଣ୍ଡ ପୁଟ୍‌ତେ ମାର୍‌ଲାଇ ଆରି ଇଜତ୍
ଜିକ୍‌ଲାଇ । ୫ ସାଉକାର୍ ଆରି ଗଟେକ୍ ଗତିଦାଙ୍ଗଡାକେ
ପାଟାଇଲା ଜେ, ଚାସିଲକ୍‌ମନ୍ ତାକେ ମର୍‌ତେ ମାରିଦେଲାଇ
। ତାର୍‌ପଚେ ସାଉକାର୍ ଆରି ଗାଦି ଗତିଦାଙ୍ଗଡାମନ୍‌କେ
ପାଟାଇଲା ଜେ କେତେଟା ଗତିଦାଙ୍ଗଡାମନ୍‌କେ ମାର୍‌ଲାଇ ଆରି
କେତେଟାକେ ମର୍‌ତେ ମାରିପାକାଇଲାଇ । ୬ ଏବେ ସାଉକାରର୍
ଲଗେ ଗଟେକ୍ ଲକ୍‌ସେ ରଇଲା, ତାର୍ ନିଜର୍ ଆଲାଦର୍ ପିଲା
। ମର୍ ପିଲାକେ ଚାସିଲକ୍‌ମନ୍ ନାମ୍‌ବାଇ ଆକା ଆରି ମର୍
ବାଗ୍ ପାଟାଇଦେବାଇ । ବଲି ବାବିକରି ସେ ସାରାସାରି ତାର୍
ପିଲାକେ ଚାସିମନର୍ ଲଗେ ପାଟାଇଲା । ୭ ମାତର୍ ଚାସିମନ୍
ନିଜର୍ ନିଜର୍ ବିତ୍‌ରେ କାତା ଅଇଲାଇ, "ଏ ଲକ୍ ତା ଆମର୍
ସାଉକାରର୍ ଗଟେକ୍ ବଲି ପିଲା, ଆସା ଆମେ ଆକେ ମର୍‌ତେ
ମାର୍‌ଲେ ଏ ବାଡ୍ ଆମର୍ ଅଇଜାଇସି ।" ୮ ଆରି ଚାସିମନ୍
ସାଉକାରର୍ ପିଲାକେ ଦାରିକରି ମର୍‌ତେ ମାରି ଅଙ୍ଗୁର୍ ବାଡର୍
ସେପାଟେ ପିଙ୍ଗିଦେଲାଇ । ୯ ଏ କାତାନି କଇସାରାଇଲା ପଚେ,
ଜିସୁ ସେମନ୍‌କେ ପାଚାର୍‌ଲା, "ଏନ୍ତି ବଇଲେ ଅଙ୍ଗୁର୍ ବାଡର୍
ସାଉକାର୍ କାଇଟା କର୍‌ସି? ସେ ଆସିକରି ଚାସିମନ୍‌କେ ମର୍‌ତେ
ମାର୍‌ସି । ଆରି ଅଙ୍ଗୁର୍ ବାଡ୍ ବିନ୍ ଲକ୍‌ମନ୍‌କେ ଆଦିବାଗ୍
କର୍‌ବାକେ ଦେଇସି । ୧୦ "ଗର୍ ବାନ୍ଦବା ଲକ୍‌ମନ୍ ଜନ୍ ପାକ୍‌ନା
ନଏଁ ବଲି ଚାଡ୍‌ଲାଇ, ସେ ପାକ୍‌ନା ମୁକିଆ ପାକ୍‌ନା ଅଇଲା
ବଲିକରି ତମେ ପର୍‌ମେସରର୍ ବଇତେଇ ପଡାସ୍ ନାଇ କି?" ୧୧
ଏ ବିସଇ ମାପ୍‌ରୁ କରିଆଚେ, ଏଟା ଆମର୍ ପାଇ କାବାଅଇଜିବା
ବିସଇ । ୧୨ ତେଇ ଜିଉଦି ଲକର୍ ମୁକିଅ ପୁଜାରିମନ୍ ଜିସୁକେ
ବାନ୍ଦିନେବାକେ ବାଟ୍ କଜ୍‌ଲାଇ । କାଇକେବଇଲେ ଜିସୁ ଆମର୍
ବିରଦେ ଏ କାତାନି କଇଲାଇନି ବଲିକରି ସେମନ୍ ଜାନିରଇଲାଇ
। ମାତର୍ ଲକ୍‌ମନ୍ ଆମ୍‌କେ କାଇ କାଇଟା କର୍‌ବାଇ। ବଲିକରି
ଡରି, ତାକେ ଚାଡିକରି ଉଟିଗାଲାଇ । ୧୩ ତାର୍‌ପଚେ ଜିସୁକେ
ତାର୍ କାତାଇ ବୁଲ୍ ଦାର୍‌ବାକେ ଜିଉଦି ନେତାମନ୍ କେତେଟା
ପାରୁସି ଦଲର୍ ଲକ୍‌ମନ୍‌କେ ଆରି ଏରଦ୍ ରାଜାର୍ କେତେଟା
ଲକ୍‌ମନ୍‌କେ ତାର୍ ଲଗେ ପାଟାଇଲାଇ । ୧୪ ସେମନ୍ ଜିସୁର୍
ଲଗେ ଆସିକରି, "ଏ ଗୁରୁ ତମେ ସତ୍ କାତା କଇଲାସ୍‌ନି ଆରି
କାକେ ମିସା ନ ଡରାସ୍, ସବୁ ଲକ୍‌ମନ୍‌କେ ସମାନ୍ ଇସାବେ
ଦେକ୍‌ଲାସ୍‌ନି ବଲି ଆମେ ଜାନିଆଚୁ । କାଇକେବଇଲେ ତମେ
ଲକ୍‌ମନର୍ ଇସାବେ ନାଇ, ମାତର୍ ସତ୍ ବାବେ ସିକାଇଲାସ୍‌ନି
। ଏବେ ଆମ୍‌କେ କୁଆ, ରମିଅ ରାଜାକେ ସିସ୍‌ତୁ ଦେବାଟା
ନିୟମ୍ କି ନାଇ?" ୧୫ "ଆମେ ସିସ୍‌ତୁ ବାନ୍ଦବୁ କି ନାଇ?"
ଜିସୁ ସେମନର୍ ମନ୍‌ବିତ୍‌ରର୍ କୁଟ୍ କାତା ବୁଜିକରି ସେମନ୍‌କେ
କଇଲା, "କାଇକେ ତମେ ମକେ ପାନ୍ଦେ ପାକାଇବାକେ ଚେସ୍‌ଟା
କଲାସ୍‌ନି? ରମିୟ ସର୍‌କାରର୍ ଗଟେକ୍ ଅଦ୍‌ଲି ଡାବୁ ମର୍ ଲଗେ
ଆନା, ମୁଇ ସେଟା ଦେକ୍‌ବି ।" ୧୬ ସେମନ୍ ଗଟେକ୍ ଅଦ୍‌ଲି
ଡାବୁ ଆନ୍‌ଲାକେ ଜିସୁ ପାଚାର୍‌ଲା, "ଏ ଡାବୁ ଉପ୍‌ରେ କାର୍
ମୁର୍‌ତି ଆରି ନାଉଁ ଲେକା ଅଇଆଚେ?" ସେମନ୍ କଇଲାଇ,
"ରମିୟ ରାଜାର୍ ମୁର୍‌ତି ଆରି ତାର୍ ନାଉଁ ଲେକା ଅଇଲାଆଚେ
।" ୧୭ ଜିସୁ କଇଲା, "ଏନ୍ତି ବଇଲେ ଜନ୍‌ଟା ରମିୟ ରାଜାର୍,
ସେଟା ରମିୟ ରାଜାକେ ଆରି ଜନ୍‌ଟା ପର୍‌ମେସରର୍, ସେଟା
ପର୍‌ମେସର୍‌କେ ଦିଆସ୍ ।" ଏ କାତା ସୁନିକରି ସେମନ୍ କାବା
ଅଇଗାଲାଇ । ୧୮ ତାର୍‌ପଚେ ମଲାଟାନେଅନି ଉଟ୍‌ବା ବିସଇ,

ବିସ୍‌ବାସ୍ ନ କର୍‌ବା ସାଦୁକି ଦଲର୍ ଲକ୍‌ମନ୍ ଜିସୁର୍ ଲଗେ
ଆସିକରି ଏ ପର୍‌ସନ୍ ପାଚାର୍‌ଲାଇ । ୧୯ "ଏ ଗୁରୁ, ଜଦି ଗଟେକ୍
ଲକ୍ ବିବାଅଇକରି ପିଲାଜିଲା ନ ଅଇତେ ମରିଜାଇସି ବଇଲେ,
ତାର୍ ବାଇ ସେ ମାଇଜିକେ ବିବାଅଇ ପିଲାଜିଲା ପାଇବାର୍ ଆଚେ
। ଏନ୍ତି କଲେ ମରିଗାଲା ବାଇର୍ ପାଇ ସେ ପିଲାଟକିମନ୍ ତାର୍
ନାଉଁ ଦାର୍‌ବାଇ ବଲି ମସା ଆମର୍‌ପାଇ ନିଅମ୍ ଲେକିଦେଲା
ଆଚେ । ୨୦ ଏନ୍ତି ସାତ୍ ବାଇ ରଇଲାଇ, ସବୁର୍‌ଟାନେଅନି ବଡ୍
ବାଇ ବିବା ଅଇଲା । ମାତର୍ ପିଲାଟକି ନ ଅଇତେ ମରିଗାଲା ।
୨୧ ସେଟାର୍‌ପାଇ ତାର୍ ପଚର୍ ବାଇ ସେ ମାଇଜିକେ ସଙ୍ଗଇଲା
। ସେ ମିସା ପିଲାଟକି ନଇତେ ମରିଗାଲା । ତାର୍‌ପଚର୍ ବାଇ
ମିସା ବିବା ଅଇ ପିଲାଟକି ନଇତେ ମରିଗାଲା । ୨୨ ସାତ୍‌ବାଇ
ଜାକ ସେ ମାଇଜିକେ ଗଟେକ୍ ଲକର୍ ପଚେ ଗଟେକ୍ ଲକ୍
ବିବା ଅଇରଇଲାଇ । ସାରାସାରି ସାତ୍ ବାଇ ଜାକ ପିଲାଟକି ନ
ଅଇତେ ମରିଗାଲାଇ । ତାର୍‌ପଚେ ସେ ମାଇଜି ମିସା ମରିଗାଲା ।
୨୩ ସାତ୍‌ବାଇ ଜାକ ତାକେ ବିବା ଅଇରଇଲାଇ, ତେବେ ମରିକରି
ଉଟ୍‌ଲା ବେଲେ, ସେ କାର୍ ମାଇଜି ଅଇସି? ସାତ୍‌ବାଇ ଜାକ
ତାକେ ବିବା ଅଇରଇଲାଇ ।" ୨୪ ଜିସୁ ସେମନ୍‌କେ କଇଲା,
"ଦରମ୍ ସାସ୍‌ତରେ ପର୍‌ମେସରର୍ କାଇଟା ଲେକା ଅଇଲା ଆଚେ
ସେ ବିସଇ, ଆରି ତାର୍ ବପୁର୍ ବିସଇ ତମେ ନାଜାନି କରି ବୁଲ୍
ବାବ୍‌ଲାସ୍‌ନି । ୨୫ ଜେଡେବେଲେ ଲକ୍‌ମନ୍ ମରିକରି ଆରି
ତରେକ୍ ଉଟ୍‌ବାଇ, ସେବେଲେ ମୁନୁସ୍‌ପିଲାମନ୍ ବିବା ନ ଅଅତ୍,
କି ମାଇଜି ଟକିମନ୍‌କେ ବିବା ଅଇବାକେ ନ ଦେଅତ୍ । ସେମନ୍
ସବୁଲକ୍ ସରଗର୍ ଦୁତ୍‌ପାରା ଅଇବାଇ । ୨୬ ମଲାଟାନେଅନି
ଉଟ୍‌ବା ବିସଇ ମସା ଲେକ୍‌ଲା ବଇଟାନେ ପଡାସ୍ ନାଇ କି?
ପର୍‌ମେସର୍ ଜଇଲାଗ୍‌ବା ବୁଟାଇ ମସାକେ ଦେକାଇରଇଲାଜେ,
'ମୁଇ ଅବ୍ରାଆମର୍, ଇସାକର୍ ଆରି ଜାକୁବର୍ ପର୍‌ମେସର୍ ।'
ବଲି କଇଲାଟା, ଲେକା ଅଇଲାଆଚେ । ମାତର୍ ଏ ଲକ୍‌ମନ୍
ସବୁ ମରିଗାଲାଇ ଆଚତ୍ । ୨୭ ପର୍‌ମେସର୍ ମଲାଲକ୍‌ମନର୍
ମାପ୍ରୁ ନଏଁ । ସେ ଜିବନ୍ ରଇଲା ଲକ୍‌ମନର୍ ମାପ୍ରୁ । ଏ
ବିସଇ ତମେ ବେସି ବୁଲ୍ ବୁଜ୍‌ଲାସ୍‌ନି ।" ବଲି କଇଲା । ୨୮
ଜିସୁ ଆରି ସାଦୁକି ଦଲର୍ ଲକ୍‌ମନ୍ ଦଦା ପେଲା ଅଇବାବେଲେ
ଗଟେକ୍ ନିୟମ୍ ସିକାଉ ତାର୍ ଲଗେ ଆଇଲା । ଜିସୁ ଲକ୍‌ମନର୍
ପର୍‌ସନର୍ ଉତର୍ ନିମାନ୍‌ସଙ୍ଗ୍ କଇବାଟା ସୁନିକରି, ତାକେ
ପାଚାର୍‌ଲା, "କନ୍ ଆଦେସ୍ ସବୁର୍‌ଟାନେଅନି ଅଦିକ୍ ମୁକିଅ?"
୨୯ ଜିସୁ କଇଲା, "ସବୁର୍‌ଟାନେଅନି ପର୍‌ତୁମର୍ ମୁକିଅ ଆଦେସ୍
ଅଇଲାନି, ସୁନା ଏ ଇସ୍‌ରାଏଲର୍ ଲକ୍‌ମନ୍ ମାପ୍ରୁ ଆମର୍
ପର୍‌ମେସର୍ ଗଟେକ୍‌ସେ ମାପ୍ରୁ । ୩୦ ତମେ ତମର୍ ପୁରାପୁରୁନ୍
ମନ୍ ସଙ୍ଗ୍, ପୁରାପୁରୁନ୍ ଆତ୍‌ମା ସଙ୍ଗ୍, ପୁରାପୁରୁନ୍ ଚିନ୍ତାର୍
ସଙ୍ଗ୍ ଆରି ପୁରାପୁରୁନ୍ ବପୁସଙ୍ଗ୍ ତାକେ ଆଲାଦ୍ କର୍‌ବାର୍
ଆଚେ । ୩୧ ଆରି ପଚର୍ ମୁକିଅ ଆଦେସ୍ ଅଇଲାନି, ତମେ
ନିଜ୍‌କେ ଆଲାଦ୍ କଲାପାରା ପଡିସାର୍ ଲକ୍‌କେ ମିସା ଆଲାଦ୍
କରା । ଏ ଦୁଇଟା ଆଦେସ୍ ଚାଡିକରି ଆରି କାଇ ମିସା ମୁକିଅ
ଆଦେସ୍ ନାଇ" ବଲି କଇଲା । ୩୨ ଏ କାତା ସୁନି ସେ ଲକ୍
ଜିସୁକେ କଇଲା, "ଏ ଗୁରୁ, ପର୍‌ମେସର୍ ଗଟେକ୍ ସେ, ତାକେ
ଚାଡିଦେଲେ ଆରି କେ ମିସା ନାଇ । ଏ କାତା ତମେ ଟିକ୍
ବାବେ କଇଆଚାସ୍ । ୩୩ ପର୍‌ମେସର୍‌କେ ସବୁ ମନ୍‌ଦେଇକରି
ସବୁ ଚିନ୍ତା ଦେଇକରି ଆରି ସବୁ ବପୁ ଦେଇ ଆଲାଦ୍ କର୍‌ବାର୍
ଆଚେ ଆରି ନିଜ୍‌କେ ଆଲାଦ୍ କଲା ପାରା ବିନ୍ ଲକ୍‌କେ ମିସା
ଆଲାଦ୍ କର୍‌ବାର୍‌ଆଚେ ବଲିକରି ତମେ କଇଲା କାତା ଟିକ୍
ସେ । ଆମେ ପର୍‌ମେସର୍‌କେ ଜେତେକ୍ ଅମ୍ କଲେ ମିସା
ଆରି ଜେତେକ୍ କାଇଟା ପୁଜ୍‌ଲେ ମିସା, ଏ ଦୁଇଟା ଆଦେସ୍
ବେସି ମୁକିଅ ।" ବଲି କଇଲା । ୩୪ ସେଲକ୍ ବେସି ବୁଦି ସଙ୍ଗ୍
ଉତର୍ ଦେଲା ଆଚେ ବଲି ଜିସୁ ଦେକି, ତାକେ କଇଲା, "ତୁଇ
ପର୍‌ମେସରର୍ ରାଇଜେ ପୁର୍‌ବା ଲଗେସେ ଆଚୁସ୍ ।" ତାର୍‌ପଚେ
ଆରି କେ ମିସା ଜିସୁକେ ପର୍‌ସନ୍ ପାଚାର୍‌ବାକେ ସାଆସ୍ କରି
ନାପାର୍‌ଲାଇ । ୩୫ ଜିସୁ ଜିଉଦିମନ୍ ରୁଣ୍ଡ୍‌ବା ଗରର୍ ଡାଣ୍ଡେ
ସିକିଆ ଦେବାବେଲେ ଲକ୍‌ମନ୍‌କେ ପାଚାର୍‌ଲା, "ପର୍‌ମେସର୍
ବାଚିକରି ପାଟାଇଲା ରାଜା ଦାଉଦର୍ ନାତିତିତି ବଲିକରି ନିୟମ୍
ସିକାଇଦେବା ଲକ୍‌ମନ୍ କେନ୍ତି କଇଲାଇନି?" ୩୬ ଦାଉଦ୍ ସୁକଲ୍
ଆତ୍‌ମାଇ ଅନି ଏନ୍ତି କଇଲା, ପର୍‌ମେସର୍ ମର୍ ମାପ୍ରୁକେ
କଇଲା, "ମୁଇ ତର୍ ସତ୍‌ରୁମନ୍‌କେ ତର୍ ପାଦ୍ ତଲେ ନ ଆନ୍‌ବା
ଜାକ ତୁଇ ମର୍ ଉଜାଆତ୍‌ବାଟେ ବସି ର ।" ୩୭ "ଜଦି ଦାଉଦ୍
ରାଜା ନିଜେ ମାପ୍ରୁବଲି କଇରଇଲା ବଇଲେ ପର୍‌ମେସର୍
ବାଚିକରି ପାଟାଇରଇବା ମସିଅ କେନ୍ତି ଦାଉଦର୍ ପିଲା ଅଇସି?"
ତେଇ ରଇଲା ବେସି ଲକ୍‌ମନ୍ ସାର୍‌ଦା ସଙ୍ଗ୍ ଏ କାତା ସୁନ୍‌ଲାଇ ।
୩୮ ଜିସୁ ଆରି କେତେଟା ବିସଇ ସିକାଇଦେବା ବେଲେ କଇଲା,
"ତମେ ନିୟମ୍ ସିକାଇଦେବା ଲକ୍‌ମନର୍‌ପାରା ଚଲାଚଲ୍‌ତି ନ
ଅଇକରି ଜାଗ୍‌ରତ୍ ସଙ୍ଗ୍ ରୁଆ । ସେମନ୍ ସନ୍‌ମାନ୍ ପାଇବାକେ
ବେସି ଡେଙ୍ଗ୍ ପଟିଆ ପିନ୍ଦିକରି ଏନେ ତେନେ ବୁଲ୍‌ବାଇ ।
ଆଟେ ବାଟେ ଲକ୍‌ମନର୍‌ଟାନେଅନି ଜୁଆର୍ ପାଇକରି ସନ୍‌ମାନ୍
ପାଇବାକେ ମନ୍ କର୍‌ବାଇ । ୩୯ ଜିଉଦିମନର୍ ପାର୍‌ତନା ଗରେ
ମୁକିଅ ଜାଗାଇ, ବଜିଟାନର୍ ମୁକିଅ ଜାଗାଇ ବସ୍‌ବାକେ ମନ୍
କର୍‌ବାଇ । ୪୦ ଆରି ସେମନ୍ ରାଣ୍ଡି ମାଇଜିମନ୍‌କେ ନାଡାଇକରି
ସେମନର୍ ଦନ୍‌ସଁପତି ଜୁରି ନେବାଇ । ସେମନ୍ ନିମାନ୍ ଲକ୍
ବଲିକରି ଦେକାଇଅଇବାକେ ବେସି ପର୍ ପାର୍‌ତନା କର୍‌ବାଇ
। ଏନ୍ତି ଲକ୍‌ମନ୍‌କେ ପର୍‌ମେସର୍ ବିନ୍ ଲକ୍‌ମନର୍‌ଟାନେଅନି
ବେସି ବଡ୍ ଡଣ୍ଡ ଦେଇସି ।" ୪୧ ଜିସୁ ମନ୍ଦିର୍ ବିତ୍‌ରେ ଜାଇକରି
ଚାନ୍ଦାଦେବା ପେଡିଲଗେ ବସିକରି ଲକ୍‌ମନ୍ ପର୍‌ମେସର୍‌କେ
କେନ୍ତି ଚାନ୍ଦା ଦେଲାଇନି ବଲି ଦେକ୍‌ତେରଇଲା । ସାଉକାର୍
ଲକ୍‌ମନ୍ ଲଚେକ୍ ଲଚେକ୍ ଡାବୁ ଦେବାଟା ଦେକ୍‌ଲା । ୪୨
ସାରାସାରି ଗଟେକ୍ ଗରିବ୍ ରାଣ୍ଡି ମାଇଜି ଦାନ୍ ଦେବା ପେଡିଲଗେ
ଆସିକରି ଦୁଇଟା ସାନ୍ ତାମା କାସୁ ପୁରାଇଦେଲା । ସେ ଦୁଇଟା

ଡାବୁର୍ ଦାମ୍ ଗଟେକ୍ ଟାଙ୍ଗ୍ଲାଇ ଅନି ମିସା ଉନା । ୪୩ ତାର୍ପଚେ ଜିସୁ ତାର୍ ସିସ୍ମନ୍କେ ଲଗେ ଡାକି କଇଲା, "ମୁଇ ତମ୍କେ ସତ୍ କାତା କଇଲିନି, ଏ ସବୁ ସାଉକାର୍ ଲକ୍ମନ୍ ଦେଲା ଡାବୁତେଇଅନି, ଏ ଅର୍କିତ୍ ରାଣ୍ଡି ମାଇଜି ଅଦିକ୍ ଦେଲାଆଚେ । ୪୪ କାଇକେବଇଲେ ସବୁ ଲକ୍ମନ୍ ସେମନ୍କେ ଦର୍କାର୍ ଅଇକରି ଅଗଲ୍ଲା ଡାବୁ ଦେଲାଇଆଚତ୍ । ମାତର୍ ଏ ଗରିବ୍ ରାଣ୍ଡି ମାଇଜି, ସେ ବଁଚ୍ବାପାଇ ଜେତ୍କି ଡାବୁ ରଇଲା, ସେ ସବୁ ଦେଲାଆଚେ" ବଲିକରି କଇଲା ।

**୧୩** ଜିସୁ, ଜିଉଦିମନର୍ ପାର୍ତନା ଗରେଅନି ବାରଇକରି ଜିବାବେଲେ ତାର୍ ଗଟେକ୍ ସିସ୍ ତାକେ କଇଲା, "ଏ ଗୁରୁ ଏଦେ ଦେକା! ବଡ୍ ବଡ୍ ପାକ୍ନାଇ ମନ୍ଦିର୍ କେତେକ୍ ସୁନ୍ଦର୍ ଅଇ ତିଆର୍ ଅଇଲାଆଚେ!" ୨ ଜିସୁ ତାକେ କଇଲା, "ତୁଇ ଏ ବଡ୍ ବଡ୍ ପାକ୍ନାଇ ତିଆର୍ ଅଇଲା ପର୍ମେସରର୍ ଗର୍ ଦେକ୍ଲୁସ୍ନି? ଏ ସବୁ ଗର୍ ନସ୍ଟ ଅଇଜାଇସି । ସବୁ ପାକ୍ନାମନ୍ ଡୁଲିକରି ମାଟିତେଇ ଏନେତେନେ ଅଇଜାଇସି, ଗଟେକ୍ ପାକ୍ନା ଆରି ଗଟେକ୍ ପାକ୍ନାର୍ ଉପ୍ରେ ନ ରଏ ।" ୩ ତାର୍ପଚେ ଜିସୁ ପର୍ମେସରର୍ ଗରର୍ ମୁଆଟେ ରଇଲା ଜିତ୍ ନାଉଁର୍ ଗଚ୍ମନ୍ ରଇବା ଡଙ୍ଗ୍ରେ ବସିରଇଲା । ସେବେଲା ପିତର୍, ଜାକୁବ୍, ଜଅନ୍ ଆରି ଆନ୍ଦ୍ରିୟ୍, କେ ନ ରଇଲାବେଲେ ତେଇ ଆସିକରି ତାକେ ପାଚାର୍ଲାଇ । ୪ "ଏ ସବୁ ଗଟ୍ନା କେବେ ଅଇସି ଆରି ସବୁ ଅଇବା ଚିନ୍ମନ୍ କାଇଟା, ଆମ୍କେ କଇଦେ ।" ବଲି କଇଲାଇ । ୫ ଜିସୁ ସେମନ୍କେ କଇଲା, "ତମେ ଜାଗ୍ରତ୍ ଅଇକରି ରୁଆ, ତମ୍କେ କେ ମିସା ନ ନାଡାଅତ୍ । ୬ କାଇକେବଇଲେ ବେସି ଲକ୍ମନ୍ ମର୍ ନାଉଁ ଦାରି, ସେମନ୍ କିରିସ୍ଟ ବଲି ବେସି ଲକ୍ମନ୍କେ ବୁଲ୍କାଇବାଇ । ୭ ମାତର୍ ଜେତେବେଲେ ତମେ ଜୁଇଦର୍ ବିସଇ ନଇଲେ ଜୁଇଦ୍ ଇତି ଅଇସି ନଇଲେ ସିତି ଅଇସି ବଲିକରି ଲକ୍ମନ୍ କଇବାଟା ସୁନ୍ଲେ, କିଲ୍ବିଲ୍ ନ ଉଆ । ଏ ସବୁ ଗଟ୍ନା ଅଇସି, ମାତର୍ ସେଦାପ୍ରେ ଆକା ଜୁଗ୍ ସେସ୍ ନଏଁ । ୮ କାଇକେବଇଲେ, ଗଟେକ୍ ଦେସର୍ ଲକ୍ମନ୍ ଆରି ଗଟେକ୍ ଦେସର୍ ଲକ୍ମନର୍ ବିରଦେ ଜୁଇଦ୍ କର୍ବାଇ । ଗଟେକ୍ ରାଇଜ୍ ଆରିଗଟେକ୍ ରାଇଜର୍ ବିରଦେ ଉଟ୍ବାଇ । ବେସି ଜାଗାଇ ଦର୍ତନି ଚୁଲ୍ବୁଲ୍ସି, ଆରି ବେସି ଜାଗାଇ ମର୍ଡି ଅଇସି । ଏସବୁ ଗଟ୍ନା ଗଟେକ୍ ପିଲା ଜନମ୍ ଅଇବା ଆଗ୍ତୁ ଆଇବା ଦୁକାସୁକା ପାରା ଅଇସି ।" ୯ "ଏନ୍ତି ସବୁ ଅଇବା ବେଲା ତମେ ଜାଗ୍ରତ୍ ରୁଆ । ଲକ୍ମନ୍ ତମ୍କେ ବାନ୍ଦିକରି ବିଚାର୍ କର୍ବା ଲକ୍ମନ୍କେ ସର୍ପିଦେବାଇ । ସେମନ୍ ନିଆଇ କର୍ବା ଜାଗାଇ ତମ୍କେ ମାରିପାକାଇବାଇ । ତମେ ମର୍ ସିସ୍ ଅଇରଇବା ଲାଗି, ସାସନ୍ କର୍ବା ଲକ୍ମନର୍ଟାନେ ଆରି ରାଜାମନର୍ ମୁଆଟେ ଟିଆ କରାଇବାଇ । ତମେ ମର୍ଟାନେ ବିସ୍ବାସ୍ କଲା ବିସଇ ତେଇ ସାକି ଦେଇସା । ୧୦ ଏ ସବୁ ଗଟ୍ନା ଅଇଜିବା ଆଗ୍ତୁ, ସବୁ ଦେସର୍ ଲକ୍ମନର୍ ଲଗେ, ଏ ନିମାନ୍ କବର୍ କେଟ୍ବାର୍ ଆଚେ । ୧୧ ସେମନ୍ ତମ୍କେ ବନ୍ଦିକରି ବିଚାର୍ କର୍ବା ବେଲେ ତେଇ କାଇଟା କଇବୁ ବଲିକରି ଆଗ୍ତୁ ଚିନ୍ତା କରାନାଇ । ତମେ କାଇଟା କଇବାର୍ ଆଚେ, ସେ କାତା ପର୍ମେସର୍ ତମ୍କେ ସମାନ୍ ବେଲାଇ ଦେଇସି । କାଇକେବଇଲେ ସେ ବେଲାଇ ତମେ ନିଜେ ନ କୁଆସ୍ ମାତର୍ ସୁକଲ୍ଆତ୍ମା ତମର୍ଟାନେଅନି କାତା କଇସି । ୧୨ ବାଇ ବାଇକେ ମରାଇବାତେଇ ସର୍ପିଦେବାଇ ଆରି ବାବା ପିଲାକେ ମରାଇବାତେଇ ସର୍ପି ଦେବାଇ ଆରି ପିଲାଟକିମନ୍ ତାକର୍ ମାଆ ବାବା ବିରୁଦେ ଉଟିକରି ସେମନ୍କେ ମରାଇବାକେ ସର୍ପିଦେବାଇ । ୧୩ ତମେ ମର ସିସ୍ ଅଇରଇଲାର୍ ଲାଗି ସବୁ ଲକ୍ମନ୍ ତମ୍କେ ଗିନ୍ କର୍ବାଇ । ମାତର୍ ଜେ ସାରାସାରି ଜାକ ମୁର୍ଚି କରି ରଇସି, ସେ ରକିଆପାଇସି ।" ୧୪ "ମାତର୍ ତମେ ଜେତେବେଲା କେ ମନ୍ ନ କର୍ବାଟା ଆରି ନାସ୍ ଅଇବା ଦିନ୍ସୁ ଜନ୍ଟାକି ସୁକଲ୍ ଜାଗାଇ ସଙ୍ଗ୍ଲଇବାର୍ ନଏଁ, ସେ ଜାଗାଇ ସଙ୍ଗ୍ଲଇବାଟା ଦେକ୍ଲେ, ତମେ ସେ ଜାଗାଇଅନି ପାଲାଇବାର୍ ଆଚେ । ଏ ବିସଇ ପଡ୍ବା ଲକ୍ମନ୍, ତମେ ଏ କାତା ବୁଜା । ସେବେଲେ ଜନ୍ ଲକ୍ମନ୍ ଜିଉଦା ରାଇଜେ ରଇବାଇ, ସେମନ୍ ଡଙ୍ଗ୍ରେ ପାଲାଅତ୍ । ୧୫ ଜଦି କେ ଗରର୍ ଚାଉନି ଉପ୍ରେ ରଇସିବଇଲେ, ସେ ଗର୍ ବିତ୍ରେ ତାର୍ କାଇମିସା ଦିନ୍ସୁ ଆନ୍ବି ବଲିକରି ନ ଜାଅ । ୧୬ ଜଦି କେ ଚାସ୍ ରଇବା ପଦାଇ ରଇସି, ସେ ତାର୍ ଚାଦର୍ ଆନ୍ବାକେ ଗରେ ବାଉଡି ନ ଜାଅ । ୧୭ ଗାଗ୍ଡେ ରଇଲା ମାଇଜିମନର୍ପାଇ ଆରି ଦୁଦ୍ କୁଆଇବା ମାଇଜିମନର୍ ପାଇ ସେବେଲେ ପାଲାଇବାକେ ବେସି କସ୍ଟ ଅଇସି । ୧୮ ଏ ସବୁ ଗଟ୍ନା ସିତ୍ ଦିନେ ନ ଅଇବାକେ ପାର୍ତନା କରା । ୧୯ କାଇକେବଇଲେ ପର୍ମେସର୍ ଏ ଦୁନିଆ ତିଆର୍କଲା ଦିନେଅନି ଆଜିକେ ଜାକ ସେନ୍ତାରି ଦୁକ୍ କସ୍ଟ ଅଏନାଇ ଆରି ପଚେ କେବେମିସା ନ ଅଏ । ସେନ୍ତି ବେସି ଦୁକ୍ କସ୍ଟର୍ ଗଟ୍ନା ସେ ଦିନ୍ମନ୍କେ ଅଇସି । ୨୦ ଜଦି ପର୍ମେସର୍ ଅପର୍ବଲ୍ ଦୁକର୍ ଦିନ୍ମନ୍ ଉନା ନ କରି ରଇଲେ, ତେବେ ଦୁନିଆର୍ କେ ମିସା ରକିଆ ନ ପାଇକରି ମରି ଜିବାର୍ ଅଇତା । ମାତର୍ ସେ ଜନ୍ ଲକ୍ମନ୍କେ ବାଚିଆଚେ ସେ ଲକ୍ମନର୍ପାଇ ସେ ଦୁକର୍ ଦିନ୍ମନ୍ ଉନା କଲାଆଚେ ।" ୨୧ ସେବେଲେ କେ ଜଦି ତମ୍କେ ଇତି କିରିସ୍ଟ ଆଚେ । ନଇଲେ ତେଇ ସେ ଆଚେ । ବଲି କଇସି, ତାକେ ବିସ୍ବାସ୍ କରା ନାଇ । ୨୨ ସେଦିନ୍ମନ୍କେ ମୁଇଆକା କିରିସ୍ଟ । ବଲିକରି ମିଚ୍ କଇବା ବବିସତ୍ କଇବାଲକ୍, ବିନ୍ ବିନ୍ ରକାମର୍ ଚିନ୍ ଆରି କାବା ଅଇଜିବା କାମ୍ମନ୍ ଦେକାଇବାଇ । ପର୍ମେସର୍ ବାଚ୍ଲା ଲକ୍ମନ୍ ତମ୍କେ ମିସା ନାଡାଇବାକେ ଚେସ୍ଟା କର୍ବାଇ । ୨୩ ସେଦିନ୍ମନ୍କେ କାଇ କାଇଟା ଅଇସି ସେ ବିସଇନେଇ ତମେ ଜାଗ୍ରତ୍ ଅଇ ରୁଆ । ସେଟାର୍ପାଇ, ଦେକା ସେ ବେଲା ନ ଆଇବା ଆଗ୍ତୁ ମୁଇ ତମ୍କେ ଜାନାଇଦେଲିନି । ୨୪

ସେଦିନ୍‌ମନ୍‌କେ, ସେ ଦୁକର୍ ଗଟ୍‌ନା ଅଇଲାପଚେ ବେଲ୍ ଉଜଲ୍ ନ ଦେଇକରି ଆନ୍ଧାର୍ ଅଇଜାଇସି ଆରି ଜନ୍ ମିସା ଉଜଲ୍ ନ ଦେଏ । **୨୫** ତାରାମନ୍ ବାଦ୍‌ଲେଅନି ଅଦର୍‌ବାଇ ଆରି ବାଦ୍‌ଲେ ଉଜଲ୍ ରଇବାଟାମନ୍‌କେ ପର୍‌ମେସର୍ ଆଲାଇଦେଇସି । **୨୬** "ସେବେଲା ନର୍‌ପିଲା ମୁଇ, ବେସି ବପୁତେଇ ଆରି ଡାକ୍‌ପୁଟା ସଙ୍ଗ୍ ବାଦଲ୍‌ଟାନେ ଆଇବାଟା ଲକ୍‌ମନ୍ ଦେକ୍‌ବାଇ । **୨୭** ସେବେଲା ମର୍ ଦୁତ୍‌ମନ୍‌କେ ପାଟାଇକରି ଦୁନିଆ ସାର୍‌ଲାଅନି ଆରି ସରଗ୍ ଚିଡ୍‌ଲା ତେଇଅନି ପର୍‌ମେସର୍ ବାଚ୍‌ଲା ଲକ୍‌ମନ୍‌କେ ଟୁଲିଆଇବି ।" **୨୮** "ଏବେ ଡୁମ୍ରି ଗଚର୍ ଉଦାଅରନ୍ ଅନି ଏ ବିସଇ ସିକା । ଜେଡେବେଲେ ତାର୍ କେନ୍ଦ୍ରିଅନି ପତର୍ ପାଲୁଆନି କରି, କାଁଚାପତ୍‌ରିଆ ଡିସ୍‌ଲେ, କାରାଦିନ୍ କେଟ୍‌ଲା ବଲିକରି ତମ୍‌କେ କେ ନ କଇଲେମିସା ଜାନାସ୍ । **୨୯** ସେନ୍ତିସେ ତମେ ଏ ସବୁ ଗଟ୍‌ନା ଦେକ୍‌ବାବେଲେ, ମୁଇ ଆଇବା ଦିନ୍ କେଟ୍‌ଲା, ବଲିକରି ଜାନ୍‌ସା । **୩୦** ମୁଇ ତମ୍‌କେ ସତ୍‌କାତା କଇଲିନି, ଏ ଗଟ୍‌ନା ନ ଅଇବାଜାକ, ଏବେ ରଇଲା ଲକ୍‌ମନ୍ ନ ମରତ୍ । **୩୧** ବାଦଲ୍ ଆରି ତେଇ ଉଜଲ୍ ଅଇ ରଇବାଟାମନ୍, ଦୁନିଆଇ ଆରି ତେଇରଇବା ସବୁ ଦିନ୍‌ସୁ ନାସ୍ ଅଇବା ସାରାସାରି ଦିନ୍ ଆଇସି, ମାତର୍ ମର୍ ବାକିଅ କେବେ ମିସା ନ ସାରେ ।" **୩୨** "ମାତର୍ ସବୁ ଗଟ୍‌ନା କେବେ ଆରି ଜେଡେବେଲା ଅଇସି ବଲିକରି କେ ମିସା ନାଜାନତ୍ । ସରଗର୍ ଦୁତ୍ କି ସତ୍ ମାପ୍‌ରୁର୍ ପିଲା ମୁଇ ମିସା ନାଜାନି । ମର୍ ବାବା ପର୍‌ମେସର୍ ଗଟେକ୍ ଲକ୍‌ସେ ଜାନିଆଚେ । **୩୩** ସେ ଦିନ୍ କି ବେଲା କେବେ ଆଇସି, ସେଟା ତମେ କେ ନାଜାନାସ୍ । ସେଟାର୍‌ପାଇ ତମେ ଜାଗ୍‌ରତ୍ ଅଇ ତିଆର୍‌ଅଇ ରୁଆ । **୩୪** ମୁଇ ଆଇବା ଦିନ୍, ଏନ୍ତି ଗଟେକ୍ ଲକ୍ ତାର୍ ଗର୍ ଚାଡି ବିନ୍ ଦେସେ ଜିବା ବିସଇ ସମାନ୍ କରିଅଇସି । ସେ ନିଜର୍ ଗତିଦାଙ୍ଗୁଡାମନ୍‌କେ ଡାକିକରି ସେମନ୍ କାଇ କାଇ କାମ୍ କର୍‌ବାର୍‌ଆଚେ, ସେ ସବୁ ବିସଇ ସେମନ୍‌କେ କଇଲା । ବାଟ୍ ଡିଆଗଡି ଜାଗ୍‌ବା ଗତିଦାଙ୍ଗୁଡାକେ ଡାକିକରି ସେ ବାଉଡି ଆଇବା ଜାକ ଜାଗିକରି ରଇବାକେ କଇକରି ଗାଲା । **୩୫** ତମେମିସା ଜାଗୁଆଲର୍ ପାରା ଜାଗ୍‌ରତ୍ ଅଇ ରୁଆ । କାଇକେବଇଲେ ସାଉକାର୍ ସଞ୍ଜୁବେଲା, କି ମଜାରାତି, କି କୁକ୍‌ଡାଡାକେ କି ସାକ୍‌ଲିଆ ଆଇସି ସେଟା ତମେ ନାଜାନାସ୍ । **୩୬** ଜଦି ସେ ଅଟାତ୍ ଆସିକରି ଦେକ୍‌ଲାବେଲେ, ତମେ ଇସ୍‌ରାଇଲର୍ ଲକ୍‌ମନର୍ ପାରା ରଇବାଟା ସେ ଦେକ୍‌ବାର୍‌ନାଇ । **୩୭** ମୁଇ ତମ୍‌କେ କାଇଟା କଇଲିନି, ସେ ବିସଇସେ ସବୁ ଲକ୍‌କେ କଇଲିନି । ମୁଇ ଆଇବା ଦିନ୍‌ପାଇ ତିଆର୍ ଅଇକରି ସବୁବେଲା ଜାଗ୍‌ରତ୍ ଅଇକରି ରୁଆ ।"

**୧୪** ନିସ୍‌ତାର୍ ପରବ୍ ଆରି କମିର୍ ନ ମିସାଇ ରୁଟି କାଇବା ପରବ୍ ଅଇବାକେ ଆରି ଦୁଇଦିନ୍ ବାକିରଇଲା । ସେବେଲେ ମୁକିଅ ପୁଜାରିମନ୍ ଆରି ନିୟମ୍ ସିକାଉମନ୍ କେ ନାଜାନ୍‌ତେ ଜିସୁକେ କେନ୍ତି ବନ୍ଦିକରି ମରାଇଅଇସି ବଲିକରି ବୁଦି ପାଁଚ୍‌ତେରଇଲାଇ । **୨** ମାତର୍ ସେମନ୍ କଇଲାଇ, "ପରବ୍ ଦିନ୍‌ମନ୍‌କେ ତାକେ ବନ୍ଦିକରି ନଏଁ । କାଇକେବଇଲେ ଲକ୍‌ମନ୍ ଗଣ୍ଡଗଲ୍ କର୍‌ବାଇ ।" **୩** ଜିସୁ ବେଟ୍‌ନିଆ ଗଡେ ଆଗ୍‌ତୁ ବଡ୍ ରଗ୍ ଅଇଲା ସିମନର୍ ଗରେ କାଇବାକେ ବସ୍‌ଲାବେଲେ, ଗଟେକ୍ ମାଇଜି କାଁଚେ ବେସି ଦାମ୍ ଦେବା ବାସ୍‌ନା ଚିକନ୍ ଆନିକରି କାଁଚର୍ ଗାଲା ବାଙ୍ଗାଇ, ଜିସୁର୍ ମୁଣ୍ଡେ ରକଇଦେଲା । **୪** ମାତର୍ ତେଇ ରଇବା କେତେକ୍ ଲକ୍‌ମନ୍ ରିସାଅଇ ନିଜର୍ ନିଜର୍ ବିତ୍‌ରେ କାତା ଅଇଲାଇ, "ଏ ଚିକନ୍ କାଇକେ ବେକାର୍ ବେକାର୍ ନସ୍‌ଟ କରି ପାକାଇଲାନି? **୫** ଏଟା ବର୍‌ସେକର୍ କାମାଇଲାତେଇଅନି ଅଦିକ୍ ଡାବୁକେ ବିକି ଗରିବ୍ ଲକ୍‌ମନ୍‌କେ ଦେବାର୍ ଅଇତା ।" ବଲିକରି ସେମନ୍ ସେ ମାଇଜିକେ ବେସି କଇପାକାଇଲାଇ । **୬** ମାତର୍ ଜିସୁ ସେମନ୍‌କେ କଇଲା, "ସେ ମାଇଜିକେ ଚାଡିଦିଆସ୍, କାଇକେ ତାକେ ଲାଗିକରି କସ୍‌ଟ ଦେଲାସ୍‌ନି? ସେ ମର୍‌ପାଇ ନିକ କାମ୍ କଲାଆଚେ । **୭** କାଇକେବଇଲେ, ଗରିବ୍ ଲକ୍‌ମନ୍ ସବୁବେଲା ତମର୍‌ସଙ୍ଗ୍ ଆଚତ୍ । ତମେ ଜେଡେବେଲା ମନ୍‌କଲେ, ସେଡେବେଲା ସେମନ୍‌କେ ସାଇଜ କରିପାରାସ୍ । ମାତର୍ ମୁଇ ଆରି ବେସିଦିନ୍ ତମର୍ ସଙ୍ଗ୍ ନ ରଇ । **୮** ଏ ମାଇଜି ଜେତ୍‌କି ପାର୍‌ଲା, ସେତ୍‌କି କଲାଆଚେ । ସେ ମର୍ ମଲା ଗାଗଡ୍ ମସ୍‌ନେ ତପ୍‌ବା ଆଗ୍‌ତୁ ଚିକନ୍ ଲାଗାଇଦେଲା ଆଚେ । **୯** ମୁଇ ତମ୍‌କେ ସତ୍‌କାତା କଇଲିନି, ଗୁଲାଇ ଜଗତେ ଜନ୍ ଜାଗାଇ ମିସା ମାପ୍‌ରୁର୍ ନିକ କବର୍ ଜାନାଇଅଇସି । ଏ ମାଇଜି ଜାଇଟା କଲାଆଚେ, ତାକେ ଏତାଇକରି ସେଟା ମିସା କଇବାଇ ।" **୧୦** ତାର୍‌ପଚେ ଜିସୁର୍ ବାର୍‌ଟା ସିସ୍‌ମନର୍ ବିତ୍‌ରେଅନି ଇସ୍‌କାରିୟତ୍ ଜିଉଦା ନାଉଁର୍ ଗଟେକ୍ ସିସ୍ ଜିସୁକେ ମୁକିଅ ପୁଜାରିମନର୍ ଆତେ ଦାରାଇଦେବାକେ ରାଜିଅଇକରି ସେମନର୍ ଲଗେ ଗାଲା । **୧୧** ସେ ମୁକିଅ ପୁଜାରିମନ୍ ଜିଉଦାର୍ କାତା ସୁନିକରି ବେସି ସାର୍‌ଦା ଅଇଗାଲାଇ । ଏ କାମ୍ କଲେ ସେମନ୍ ଇସ୍‌କାରିୟତ୍ ଜିଉଦାକେ ଡାବୁ ଦେବୁ ବଲିକରି ପର୍‌ମାନ୍ କରି କଇଲାଇ । ସେଟାର୍‌ପାଇ ଇସ୍‌କାରିୟତ୍ ଜିଉଦା ଜିସୁକେ ମୁକିଅ ପୁଜାରିମନ୍‌କେ ଦାରାଇ ଦେବାକେ ବେଲା କଜ୍‌ଲା । **୧୨** କମିର୍ ନ ମିସାଇକରି ରୁଟି ତିଆର୍‌କରି କାଇବା ବଜିର୍ ପରବର୍ ପର୍‌ତୁମ୍ ଦିନେ, ରକିଆ ପାଇବା ପରବେ ମେଣ୍ଢାପିଲା ପୁଜ୍‌ବାଇ । ସେଦିନେ ଜିସୁର୍ ସିସ୍‌ମନ୍ ତାକେ "ତର୍‌ପାଇ ରକିଆ ପାଇବା ପରବର୍ ବଜି ସବୁ ଟିକ୍ କର୍‌ବାକେ ଆମେ କନ୍ ଜାଗାଇ ଜିବୁ ବଲିକରି ତୁଇ ମନ୍ କଲୁସ୍‌ନି?" **୧୩** ସେଟାର୍‌ପାଇ ଜିସୁ ତାର୍ ଦୁଇଟା ସିସ୍‌ମନ୍‌କେ ଡାକିକରି କଇଲା ତମେ ଗଡେ ଜା । ତେଇ ଗଟେକ୍ ବଡ୍‌ଟା ଆଣ୍ଡିତେଇ ପାନି ନେବା ଲକ୍‌କେ ଦେକ୍‌ସା । ତମେ ତାର୍ ପଚେ ପଚେ ଜା । **୧୪** ସେ ପାନିନେବା ଲକ୍ ଗଟେକ୍ ଗରେ ପୁର୍‌ସି । ତମେ ମିସା ସେ ଗର୍ ବିତ୍‌ରେ ପୁରିକରି ସେ ଗରର୍ ସାଉକାର୍‌କେ କୁଆ, "ଆମର୍ ଗୁରୁ ପାଚାର୍‌ଲାନି, ମୁଇ ମର୍ ସିସ୍‌ମନର୍ ସଙ୍ଗ୍

ରକିଆ ପାଇବା ପରବର୍ ବଜି କର୍‌ବା ବାକ୍‌ରା କନ୍ତି ଆଚେ? **୧୫**
ସେ ଗରର୍ ସାଉକାର୍ ତମ୍‌କେ ଗର୍ ଉପ୍‌ରେ ରଇବା ନିମାନ୍
ସଜାଇଅଇରଇଲା ଗଟେକ୍ ବଡ୍‌ଟା ବାକ୍‌ରା ଦେକାଇଦେଇସି
। ତେଇ ଆମର୍‌ପାଇ କାଇବା କାଦି ତିଆର୍‌କରା ।" ବଲି
ପାଟାଇଲା । **୧୬** ତାର୍ ପଚେ ଦୁଇଟା ସିସ୍‌ମନ୍ ସେ ଗରେ
ଗାଲାଇ । ତେଇ ଜିସୁ ସେମନ୍‌କେ ଜେନ୍ତି କଇରଇଲା, ସବୁ ସେନ୍ତି
ଦେକ୍‌ଲାଇ । ସେଟାର୍‌ପାଇ ସେମନ୍ ତେଇ ନିସ୍‌ତାର୍ ପରବର୍
ବଜି ତିଆର୍‌କଲାଇ । **୧୭** ସଞ୍ଜ ଅଇଲାକେ ଜିସୁ ତାର୍ ସିସ୍‌ମନ୍‌କେ
ଡାକିନେଇ ତେଇ କେଟ୍‌ଲା । **୧୮** ସେମନ୍ ବସି କାଇବାବେଲେ
ଜିସୁ କଇଲା, "ମୁଇ ତମ୍‌କେ ସତ୍‌କାତା କଇଲିନି, ଏବେ ତମର୍
ବିତ୍‌ରେଅନି ଗଟେକ୍ ଲକ୍ ଜେକି ଆମର୍ ସଙ୍ଗ କାଇଲାନି, ସେ
ମକେ ସତ୍‌ରୁମନେ୍‌କ ଦାରାଇଦେଇସି ।" **୧୯** ଏ କାତା ସୁନିକରି
ସିସ୍‌ମନ୍ ବେସି ମନ୍‌ଦୁକ୍ ଅଇଲାଇ । ସବୁଲକ୍ ଗଟେକ୍ ଗଟେକ୍
ଅଇକରି ଜିସୁକେ ସେଲକ୍ ମୁଇ କି? ବଲିକରି ପାଚାର୍‌ଲାଇ ।
**୨୦** ଜିସୁ ସେମନ୍‌କେ କଇଲା, "ତମର୍ ବାର ଲକର୍ ବିତ୍‌ରେଅନି
ଜନ୍ ଲକ୍ ମର୍‌ସଙ୍ଗ ଗିନାତେଇ ରୁଟି ଚବାଲିଆଚେ, ସେ ଆକା
।" **୨୧** "ମର୍ ବିସଇ ପର୍‌ମେସରର୍ ସାସ୍‌ତରେ କେନ୍ତି ଲେକା
ଅଇଲାଆଚେ, ସେନ୍ତିସେ ସବୁ ଅଇଲାନି, ସେଟା ସତ୍‌ସେ,
ମାତର୍ ଜାର୍‌ଟାନେଅନି ନର୍‌ପିଲା ମୁଇ ସତ୍‌ରୁମନର୍ ଆତେ
ଦାରାଇଅଇବି, ସେ ବେସି ବଡ୍ ଡଣ୍ଡ ପାଇବାଲକ୍ ଆରି ସେ
ଜନମ୍ ନ ଅଇରଇଲେ ନିକ ଅଇତା ।" **୨୨** ସିସ୍‌ମନ୍ କାଇବାକେ
ବସ୍‌ଲାବେଲେ, ଜିସୁ ରୁଟିଦାରିକରି ପର୍‌ମେସର୍‌କେ ଜୁଆର୍‌କଲା
ଆରି ସେଟା ବାଣ୍ଟାଇ ସେମନ୍‌କେ ଦେଇକରି କଇଲା, "ନିଆ ଏଟା
ମର୍ ଗାଗଡ୍ ।" **୨୩** ତାର୍‌ପଚେ ଅଙ୍ଗୁର୍ ରସ୍ ଦାରି ପର୍‌ମେସର୍‌କେ
ଜୁଆର୍ କରି ସବୁ ଲକ୍‌କେ କାଇବାକେ ଦେଲାଜେ ସେମନ୍
କାଇଲାଇ । **୨୪** ଆରି ସେ ତାର୍ ସିସ୍‌ମନ୍‌କେ କଇଲା, ଏଟା
ଅଇଲାନି ବେସି ଲକର୍‌ପାଇ ଜରାଇଲା ମର୍ ବନି । ଏ ବନି
ସଙ୍ଗ ପର୍‌ମେସର୍ ଲକ୍‌ମନର୍ ସଙ୍ଗ ରାଜିନାମା କଲାନି । **୨୫**
ମୁଇ ତମ୍‌କେ ସତ୍ କାତା କଇଲିନି, "ମୁଇ ପର୍‌ମେସରର୍
ରାଇଜେ ନୁଆ ଅଙ୍ଗୁର୍ ରସ୍ କାଇବା ଦିନ୍ ନ ଆଇବାଜାକ, ଏଟା
ଆରି କେବେ ମିସା ନ କାଇ ।" **୨୬** ସବୁ ସିସ୍‌ମନ୍ ମିସିକରି
ପର୍‌ମେସର୍‌କେ ଦନିଅବାଦର୍ ଗିତ୍ ଗାଇ ଗାଇ କରି ଜିତ୍
ନାଉଁର୍ ପର୍‌ବତେ ଗାଲାଇ । **୨୭** ସେବେଲେ ଜିସୁ ସିସ୍‌ମନ୍‌କେ
କଇଲା, "ତମେ ସବୁଲକ୍ ମକେ ଚାଡିକରି ଉଟିଜାଇସା । ସେଟା
ପର୍‌ମେସରର୍ ସାସ୍‌ତରେ ଏନ୍ତି ଲେକାଅଇଲାଆଚେ, "ମୁଇ
ମେଣ୍ଡା ଗଉଡ୍‌କେ ମରାଇବି । ତେଇର୍ ମେଣ୍ଡାମନ୍ ଚିନ୍‌ଚତର୍
ଅଇଜିବାଇ ।" **୨୮** "ମାତର୍ ମୁଇ ମଲାଟାନେଅନି ଆରିତରେକ୍
ଉଟ୍‌ଲାପଚେ, ତମେ ଗାଲିଲି ଦେସେ ଜିବା ଆଗ୍‌ତୁ, ମୁଇ ତମର୍
ଆଗ୍‌ତୁ ଆଗ୍‌ତୁ ଗାଲିଲି ରାଇଜେ ଜିବି ।" **୨୯** ମାତର୍ ପିତର୍
ଜିସୁକେ କଇଲା, "ସବୁ ସିସ୍‌ମନ୍ ତମ୍‌କେ ଚାଡିକରି ଗାଲେ ମିସା
ମୁଇ ତମ୍‌କେ କେବେ ନ ଚାଡି ।" **୩୦** ଜିସୁ ତାକେ କଇଲା, "ମୁଇ
ତକେ ସତ୍‌କାତା କଇଲିନି, ଆଜି ରାତି ଦୁଇତର୍ କୁକ୍‌ଡା ଡାକ୍‌ବା
ଆଗ୍‌ତୁ, ତୁଇ ମକେ ତିନ୍‌ତର୍ ଚିନିନାଇ ବଲିକରି କଇସୁ ।" **୩୧** ଏ
କାତା ସୁନି ପିତର୍ ଜିସୁକେ ଆରିତରେକ୍ ଡାଟ୍‌ସଙ୍ଗ କଇଲା, "ମୁଇ
ତମର୍ ସଙ୍ଗ ମର୍‌ବାର୍ ଆଲେ ମିସା କେବେ ତମ୍‌କେ ନାଜାନି
ବଲି ନ କଇ ।" ଆରି ବାକି ସିସ୍‌ମନ୍ ମିସା ସେନ୍ତିସେ କଇଲାଇ ।
**୩୨** ତାର୍‌ପଚେ ଜିସୁ ତାର୍ ସିସ୍‌ମନର୍ ସଙ୍ଗ ଗେତ୍‌ସିମନି ନାଉଁର୍
ଗଟେକ୍ ଜାଗାଇ ଆଇଲାଇ । ତେଇ ଜିସୁ ସିସ୍‌ମନ୍‌କେ କଇଲା,
"ମୁଇ ପାର୍‌ତନା କର୍‌ବାବେଲେ ତମେ ଇତି ବସିରୁଆ ।" **୩୩**
ପିତର୍, ଜଅନ୍ ଆରି ଜାକୁବ୍‌କେ ତାର୍ ସଙ୍ଗ ମିସ୍‌ତେ ଡାକିନେଲା
। ସେ ଦୁକ୍‌ଅଇ କିଲ୍‌ବିଲ୍ ଅଇବାର୍ ବସ୍‌ଲା । **୩୪** ଆରି ଜିସୁ,
ପିତର୍, ଜାକୁବ୍ ଆରି ଜଅନ୍‌କେ କଇଲା, "ମର୍ ମନେ ବେସି ଦୁକ୍
ଅଇଗାଲା ଆଚେ । ଜିବନ୍ ଚିଡିଗାଲା ପାରା ଲାଗ୍‌ଲାନି । ତମେ
ଇତି ବସିରଇ ଜାଗିରୁଆ ।" **୩୫** ଜିସୁ ତାକର୍‌ଟାନେଅନି କଣ୍ଡେକ୍
ଦୁରିକେ ଇଣ୍ଡିଜାଇ ଉମ୍‌ତାଡିଅଇ ବୁଏଁ ଅଦ୍‌ରିକରି ପର୍‌ମେସର୍‌କେ
ଏନ୍ତି ପାର୍‌ତନା କଲା, "ଏନ୍ତି କରିଅଇସି ବଇଲେ, ଏ କସ୍‌ଟର୍
ବେଲା ମକେ ନ ଆସ । **୩୬** ଏ ମର୍ ବାବା ତୁଇ ମନ୍‌କଲୁସ୍
ବଇଲେ କାଇ କାମ୍ ମିସା କରିପାରୁସ୍ । ସେଟାର୍‌ପାଇ ଏ ଦୁକ୍
କସ୍‌ଟର୍ ମୁତା ମର୍‌ଟାନେଅନି ଦାରି ଜା । ମାତର୍ ମର୍ ମନ୍
କଲା ଇସାବେ ନ କରି ତମର୍ ମନ୍ କଲା ଇସାବେ କରା"
ବଲି ପାର୍‌ତନା କଲା । **୩୭** ତାର୍‌ପଚେ ଜିସୁ ତାର୍ ସିସ୍‌ମନର୍
ଲଗେ ବାଉଡି ଆଇଲାଜେ, ସେମନ୍ ସଇରଇବାଟା ଦେକ୍‌ଲା ।
ସେ ପିତର୍‌କେ କଇଲା, "ସିମନ୍ ପିତର୍, ତମେ ସଇଦେଲାସ୍‌ନି
କି? ଗଟେକ୍ ଗଁଟା ମିସା ଚେତା ରଇ ଜାଗି ନାପାର୍‌ଲାସ୍‌ନି?
**୩୮** ତମେ ଜେନ୍ତିକି ପରିକାର୍ ପାନ୍ଦେ ନ ଅଦର୍‌ବାପାଇ ଜାଗି
ରଇକରି ପାର୍‌ତନା କରା । ମନ୍ କର୍‌ବି ବଲି ମନ୍ କଲାନି
ମାତର୍ ଗାଗଡ୍ ନିଚ୍‌ଲାନି ।" **୩୯** ଜିସୁ ଆରିତରେକ୍ ଜାଇକରି
ଆଗ୍‌ତୁର୍ ପାରା କଇକରି ପାର୍‌ତନା କଲା । **୪୦** ତାର୍‌ପଚେ ସେ
ସିସ୍‌ମନର୍ ଲଗେ ଆରି ତରେକ୍ ବାଉଡି ଆସି ଦେକ୍‌ଲା । ସେମନ୍
ଆରିତରେକ୍ ସଇଦେଇରଇଲାଇ । ସେମନର୍ ଆଁକିତେଇ ଗୁନ୍
ଡାବି ଆଇତେରଇଲାଜେ ସେମନ୍ ଜିସୁକେ କାଇବଲି ମିସା
କଇବାକେ ଜାନି ନାପାର୍‌ଲାଇ । **୪୧** ଏନ୍ତି ତିନ୍‌ତର୍ ପାର୍‌ତନା
କରି ସାରାଇଲାପଚେ ଜିସୁ ସିସ୍‌ମନର୍‌ଲଗେ ଆରିତରେକ୍ ବାଉଡି
ଆଇଲା ଆରି ସେମନ୍‌କେ କଇଲା, "ଏବେଜାକ ତମେ ପୁଣ୍ଡିକରି
ସଇଦେଇ ଆଚାସ୍? ଏତ୍‌କି ଅଇସିବେ, ଏବେ ନର୍‌ପିଲା ମକେ,
ପାପି ଲକ୍‌ମନର୍ ଆତେ ଦାରାଇଦେବା ବେଲା ଆସି କେଟ୍‌ଲା ।
**୪୨** ଉଟା ଆମେ ଜୁବେ । ଏଦେ ଦେକା! ମକେ ସତ୍‌ରୁମନେ୍‌କ
ଦାରାଇ ଦେବା ଲକ୍ ଆଇଲାଆଚେ ।" ବଲି କଇଲାଇ । **୪୩**
ସେ ଦାପ୍‌ରେ ଜିସୁ ଏ କାତା କଇବାବେଲା, ବାର୍‌ଟା ସିସ୍‌ମନର୍
ବିତ୍‌ରେଅନି ଗଟେକ୍ ଲକ୍ ଜେକି ଇସ୍‌କାରିୟତ୍ ଜିଉଦା ଆସି
କେଟ୍‌ଲା । ଆରି ତାର୍ ସଙ୍ଗ ବେସି ଲକ୍‌ମନ୍ ରଇଲାଇ ।
ସେ ଲକ୍‌ମନର୍ ଆତେ କାଣ୍ଡା ଆରି ଟେଙ୍ଗ ଦାରିରଇଲାଇ

। ସେ ଲକ୍‌ମନ୍‌କେ ମୁକିଅ ପୁଜାରିମନ୍, ନିୟମ୍ ସିକାଇବା
ଲକ୍‌ମନ୍ ଆରି ମୁକିଅ ଜିଉଦି ନେତାମନ୍, ପାଟାଇ ରଇଲାଇ ।
୪୪ ସତ୍‌ରୁମନର୍ ଆତେ ଦାରାଇଦେବା ଇସ୍‌କାରିୟତ୍ ଜିଉଦା
ଜିସୁକେ ଦେକାଇଦେବାକେ ଏନ୍ତି ଗଟେକ୍ ଚିନ୍ କଇରଇଲା,
"ମୁଇ ଜନ୍ ଲକ୍‌କେ ଚୁମ୍‌ବି, ସେ ଆକା ଜିସୁ । ତମେ ତାକେ
ବନ୍ଦିକରି ଜାଗରତ୍ ସଙ୍ଗ୍ ଦୁରିକେ ଦାରିଜାଇସା ।" ୪୫ ସେମନ୍
ତେଇ ଆସିକରି କେଟ୍‌ଲା ଦାପ୍‌ରେ, ଇସ୍‌କାରିୟତ୍ ଜିଉଦା ଜିସୁର୍
ଲଗେ ଜାଇକରି "ଏ ଗୁରୁ, ଜୁଆର୍!" ବଲିକରି ଚୁମ୍‌ଲା । ୪୬
ସେବେଲା ସେଲକ୍‌ମନ୍ ଜିସୁକେ ଦାରି ବନ୍ଦିକରି ନେବାବେଲେ,
୪୭ ସେ ଲଗେ ଟିଆଅଇରଇଲା ଜିସୁର୍ ଗଟେକ୍ ସିସ୍ ତାର୍
କାଣ୍ଡା ବେଟି ମୁକିଅ ପୁଜାରିର୍ ଗତି ଦାଙ୍ଗଡାର୍ ଉଜା କାନ୍
କାଟିଦେଲା । ୪୮ ଜିସୁ ସେ ଲକ୍‌ମନ୍‌କେ ପାଚାର୍‌ଲା, "ମୁଇ
କାଇ ଗଟେକ୍ ଅପ୍‌ରାଦି ଲକ୍ କି, ତମେ କାଣ୍ଡା ଆରି ଟେଙ୍ଗମନ୍
ଦାରି ମକେ ନେବାର୍ ଆସିଆଚାସ୍? ୪୯ ସବୁ ଦିନ୍ ମୁଇ
ପାର୍‌ତନା ଗର୍‌ମନ୍‌କେ ସିକାଇଦେବା ବେଲେ ମୁଇ ତମର୍ ସଙ୍ଗ୍
ରଇଲି । ମାତର୍ ସେବେଲେ ମକେ ଦାରାସ୍‌ନାଇ । ମାତର୍
ପର୍‌ମେସରର୍ ସାସ୍‌ତରେ ଜେନ୍ତି ଲେକାଅଇରଇଲା ସେଟା ସବୁ
ସତ୍ ଅଇବାକେସେ ଏନ୍ତି ଅଇଲାଆଚେ ।" ୫୦ ସେବେଲା ଜିସୁର୍
ସିସ୍‌ମନ୍ ତାକେ ଚାଡି ଉଟିପାଲାଇଲାଇ । ୫୧ ମାତର୍ ସେବେଲା
ଗଟେକ୍ ଦାଙ୍ଗଡା ଅବ୍‌କା ପାତଲ୍ ଚାଦର୍ ଡାବିଅଇ ଜିସୁର୍
ପଚେ ପଚେ ଜାଇତେରଇଲା । ଲକ୍‌ମନ୍ ତାକେ ବନ୍ଦିକର୍‌ବାକେ
ଚେସ୍‌ଟା କଲାଇକେ ୫୨ ସେ ଦାଙ୍ଗଡା ପାତଲ୍ ଚାଦର୍ ଚାଡିକରି
ଡୁମ୍‌ଣ୍ଡା ଉଟିପାଲାଇଲା । ୫୩ ପଚେ ସେ ଲକ୍‌ମନ୍ ଜିସୁକେ
ସବୁର୍‌ଟାନେଅନି ବଡ୍‌ପୁଜାରିତେଇ ଦାରିଗାଲାଇ । ମୁକିଅ
ପୁଜାରିମନ୍, ପାର୍‌ଚିନ୍‌ମନ୍ ଆରି ନିୟମ୍ ଗୁରୁମନ୍ ସବୁଲକ୍
ଗଟେକ୍ ତେଇ ରୁଣ୍ଡିଲାଇ । ୫୪ ପିତର୍ ଜିସୁର୍ ଟାନେଅନି
ଦୁରିକେ ରଇ ତାର୍ ପଚେ ପଚେ ଗାଲା ଆରି ମୁକିଅ ପୁଜାରିର୍
ଡାଣ୍ଡିବିତ୍‌ରେ ଗାଲା । ଜାଗୁଆଲ୍‌ମନର୍ ସଙ୍ଗ୍ ବସିକରି ଜଇ
ଚେକ୍‌ତେରଇଲା । ୫୫ ତେଇ ମୁକିଅ ପୁଜାରିମନ୍ ଆରି ବିଚାର୍
କର୍‌ବା ଜିଉଦି ନେତାମନ୍ ଜିସୁକେ ମର୍‌ବା ଡଣ୍ଡ ଦେବାକେ ତାର୍
ବିରଦେ ସାକି କଜ୍‌ତେରଇଲାଇ । ମାତର୍ ସାକି ଦେବାକେ
କେ ମିସା ମିଲତ୍‌ନାଇ । ୫୬ ବେସି ଲକ୍‌ମନ୍ ଆସିକରି ଜିସୁର୍
ବିରଦେ ମିଚ୍ ସାକି କଇଲାଇ, ମାତର୍ ସେମନ୍ ସବୁଲକ୍ ବିନ୍
ବିନ୍ ରକାମର୍ କାତା କଇଲାଇ । ୫୭ ସାରାସାରି କେତେ ଲକ୍
ଉଟିକରି ତାର୍ ବିରଦେ ମିଚ୍ ସାକି ଦେଇ ଏନ୍ତି କଇଲାଇ, ୫୮
"ଲକ୍‌ମନ୍ ତିଆର୍‌କଲା ଏ ପର୍‌ମେସରର୍ ମନ୍ଦିର୍ ମୁଇ ବାଙ୍ଗାଇ
ଦେଇ, ସେଟା ତିନ୍ ଦିନ୍ ବିତ୍‌ରେ ଆରି ତିଆର୍‌କରିଦେବି,
ଜନ୍‌ଟାକି ଲକ୍‌ମନ୍ ତିଆର୍ ନ କରିରଅତ୍ ବଲି ସେ କଇବା ଏ
କାତା ଆମେ ସୁନିଆଚୁ ।" ୫୯ ମାତର୍, ଏନ୍ତି ବଇଲେମିସା ଏ
ଲକ୍‌ମନ୍ କାଇ କାଇ ବିସଇ ସବୁ କଇତେରଇଲାଇ, ସେଟା,
ଗଟେକ୍ ଲକର୍ କାତା ଆରି ଗଟେକ୍ ଲକର୍ କାତା ସଙ୍ଗ୍ ନ
ମିସ୍‌ତେରଇଲା । ୬୦ ତାର୍‌ପଚେ ସବୁଲକର୍ ଆଗ୍‌ତୁ ବଡ୍
ପୁଜାରି ଟିଆଅଇକରି ପାଚାର୍‌ଲା, "ଏ ଲକ୍‌ମନ୍ ତର୍ ବିରଦେ
କେତେ କାତା କଇଲାଇନି, ସେ ବିସଇନେଇ ତକେ କାଇଟା
ମିସା କଇବାର୍ ଆଚେ କି?" ୬୧ ମାତର୍ ଜିସୁ ଚିମ୍‌ରା ଅଇକରି
ରଇଲା, କାଇଟା ମିସା କଏନାଇ । ବଡ୍‌ପୁଜାରି ଜିସୁକେ ଆରି
ତର୍ ପାଚାର୍‌ଲା, "ତୁଇ କାଇ ପୁଜା ପାଇବା ପର୍‌ମେସରର୍
ପଅ କିରିସ୍‌ଟ କି?" ୬୨ ଜିସୁ କଇଲା, "ଉଁ, ମୁଇ ସେ । ଆରି
ନର୍‌ପିଲା ମୁଇ, ପର୍‌ମେସରର୍ ବେସି ବପୁର୍ ଉଜା ଆଡ୍ ବାଟେ
ବସିରଇଲାଟା ଆରି ସରଗର୍ ମେଗେ ଆଇବାଟା ଦେକ୍‌ସା ।"
୬୩ ବଡ୍ ପୁଜାରି ଏ କାତା ସୁନିକରି ବେସି ରିସାଅଇଜାଇ ତାର୍
ନିଜର୍ ପଚିଆ ଚିରିପାକାଇଲା ଆରି ସବୁଲକ୍‌ମନ୍‌କେ କଇଲା,
"ଆମ୍‌କେ ଆରି କାଇ ସାକି ଦର୍‌କାର୍?" ୬୪ "ସେ ପର୍‌ମେସରର୍
ପିଲା ବଲିକରି କଇଲାଟା ତମେ ସୁନିଆଚାସ୍ । ଏବେ ତମେ
କାଇଟା ବଲି ବାବ୍‌ଲାସ୍‌ନି?" ତେଇ ସବୁ ଲକ୍‌ମନ୍ ଜିସୁକେ ଦସି
କରାଇ, ତାକେ ମର୍‌ବା ଡଣ୍ଡ ମିଲ ବଲି କଇଲାଇ । ୬୫ ତେଇ
ରଇଲା କେତେ ଲକ୍‌ମନ୍ ତାର୍ ଉପ୍‌ରେ ତୁକ୍‌ବାର୍ ଦାର୍‌ଲାଇ ।
କେତେଲକ୍‌ମନ୍ ତାର୍ ମୁଏଁ ଡାବିକରି ତାକେ ବିଦାସଙ୍ଗ୍ ମାର୍‌ଲାଇ
। ତାକେ କିଜାଇକରି କଇଲାଇ, "ତୁଇ ଜଦି ପର୍‌ମେସରର୍
କାତା କଇବା ବବିସତ୍‌ବକ୍‌ତା ବଇଲେ, ତକେ କେ ମାର୍‌ଲା
କ?" ପଚେ ସନିଅମନ୍ ତାକେ ଦାରିଜାଇକରି ମାର୍‌ଲାଇ । ୬୬
ପିତର୍ ମଜାଡାଣ୍ଡେ ଟିଆଅଇଲାବେଲେ ବଡ୍ ପୁଜାରିର୍ ଗତି
ଦାଙ୍ଗଡି ତେଇ ଆଇଲା । ୬୭ ପିତର୍ ଜଇ ଚେକ୍‌ବାବେଲେ
ତାକେ ନିମାନ୍ ଦେକିକରି କଇଲା, "ତୁଇମିସା ନାଜରିତର୍ ଜିସୁର୍
ସଙ୍ଗ୍ ରଇଲୁସ୍ ।" ୬୮ ମାତର୍ ପିତର୍ ତାକେ କଇଲା, "ସେଟା
ମୁଇ ନଇ, ମୁଇ କେବେ ମିସା ଜିସୁର୍ ସଙ୍ଗ୍ ରଇନାଇ, ତମେ
କାଇଟା କଇଲାସ୍‌ନି ମୁଇ ନାଜାନି ।" ତାର୍‌ପଚେ ପିତର୍ ଡାଣ୍ଡେ
ପୁର୍‌ବା ବାଟେ ଉଟିଗାଲା । ୬୯ ଆରି ତରେକ୍ ଗତିଦାଙ୍ଗଡି
ପିତର୍‌କେ ଦେକି ତେଇ ଟିଆଅଇଲା ଲକ୍‌ମନ୍‌କେ କଇଲା, "ଏ
ଲକ୍ ମିସା ଜିସୁର୍ ଦଲେଅନି ଗଟେକ୍ ଲକ୍ ।" ୭୦ ମାତର୍
ପିତର୍ ଆରିତରେକ୍ କଇଲା, "ଏ କାତା ମୁଲ୍‌କେ ସତ୍ ନାଇ
।" ଆରି କେତେପର୍ ଗାଲା ପଚେ, ତେଇ ରଇଲା ଲକ୍‌ମନ୍
"ତୁଇ ସେମନର୍ ମାନ୍ଦାଇ ରଇଲୁସ୍ ଆକା, ତୁଇ ଗଟେକ୍ ଗାଲିଲି
ଅନି ଆଇଲା ଲକ୍ ପାରା ଡିସ୍‌ଲୁସ୍‌ନି ।" ବଲି କଇଲାଇ । ୭୧
ମାତର୍ ପିତର୍ ସାଇପ୍ ଦେଇ ରାନ୍ ପାକାଇ କଇଲା, "ମୁଇ
ପର୍‌ମେସରର୍ ନାଉଁ ଦାରି ପର୍‌ମାନ୍ କରି କଇଲିନି, ତମେ କାର୍
କାତା କଇଲାସ୍‌ନି, ମୁଇ ତାକେ ମୁଲ୍‌କେ ନାଜାନି ।" ୭୨ ପିତର୍
ଏ କାତା କଇଲା ଦାପ୍‌ରେ କୁକ୍‌ଡା ଦୁଇତର୍ ଡାକ୍‌ଲା । ଜିସୁ
କଇରଇବା ସବୁ କାତା ପିତର୍ ଏତାଇଲା । ଜିସୁ କଇରଇଲା,
କୁକ୍‌ଡା ଦୁଇତର୍ ଡାକ୍‌ବା ଆଗ୍‌ତୁ ତୁଇ ମକେ ତିନ୍ ତର୍ ନାଜାନି
ବଲିକରି କଇସାରାଇରଇସୁ ବଲି । ତାର୍‌ପଚେ ପିତର୍ ବେସି
ଦୁକ୍‌କରି କାନ୍ଦବାର୍ ଦାର୍‌ଲା ।

**୧୫** ସାକାଲ୍ ସାକାଲ୍ ପାର୍ତନା ଗରର୍ ମୁକିଅ ପୁଜାରିମନ୍,
ମୁକିଅ ନେତାମନ୍, ଜିଉଦି ନେତାମନ୍, ନିୟମ୍ ସିକାଇବା
ଲକ୍ମନ୍ ଆରି ଜିଉଦି ଲକ୍ମନ୍କେ ସାସନ୍ କର୍ବା ସବୁ ରକାମର୍
ନେତାମନ୍ ଜିସୁକେ କାଇଟା କର୍ବାର୍ ଆଚେ? ବଲି ଗଟେକ୍
ବଡ୍ ପଁଚାଦି କଲାଇ । ସେମନ୍ ତାକେ ବାନ୍ଧିକରି ସାସନ୍ କର୍ବା
ପିଲାତ୍‌କେ ସର୍ପିଦେଲାଇ । **୨** ପିଲାତ୍ ଜିସୁକେ ପାଚାର୍ଲା,
"ତୁଇ କାଇ ଜିଉଦି ମନର୍ ରାଜା?" ଜିସୁ ତାକେ କଇଲା, "ତୁଇ
ଜନ୍‌ଟା ପାଚାର୍ଲୁସ୍‌ନି, ସେଟା ସତ୍‌ସେ ।" **୩** ମୁକିଅ ପୁଜାରିମନ୍
ଜିସୁକେ ଦସ୍ ଦେଇ କଇବାର୍ ଦାର୍ଲାଇ । **୪** ସେବେଲା
ପିଲାତ୍ ତାକେ ଆରିତରେକ୍ ପାଚାର୍ଲା, "ତୁଇ କାଇକେ ଚିମ୍‌ରା
ଅଇଦେଲୁସ୍? କାଇଟା ମିସା କଉସ୍ ନାଇ । ଦେକା ସେମନ୍
ତର୍ ବିରଦେ କେତେକ୍ ନିନ୍ଦା କାତା କଇଲାଇନି ।" **୫** ମାତର୍
ଜିସୁ କାତା ଅଏ ନାଇ । ସେଟା ଦେକିକରି ପିଲାତ୍ ବେସି କାବା
ଅଇଗାଲା । **୬** ରକିଆ ପାଇବାର୍ ପରବ୍ କଲାବେଲେ ସବୁ
ବରସର୍ ରିତିନିତି ଇସାବେ ପିଲାତ୍, ଜନ୍ ଆଲେ ବନ୍ଦି ଲକ୍‌କେ,
ଲକ୍ମନ୍ ବାର୍‌କରାଇ ଦେବାକେ ମନ୍ କରତେରଇଲାଇ, ତାକେ
ବାର୍‌କରାଇ ଦେଇତେରଇଲା । **୭** ସେବେଲେ ସର୍କାରର୍
ବିରୁଦେ ଦାବିକରି ବାର୍ବା ନାଉଁର୍ ଗଟେକ୍ ଲକ୍ ବନ୍ଦି ଅଇରଇଲା
। ଏ ଲକ୍ ଆରି କେତେଟା ଲକ୍ମନର୍ ସଙ୍ଗ୍, ଲକ୍ମନ୍‌କେ ମରାଇ
ବନ୍ଦି ଅଇରଇଲା । **୮** ଲକ୍ମନ୍ ପିଲାତର୍‌ଟାନେ ଆସି, କଇଲାଇ,
"ସବୁ ବରସର୍ ରିତିନିତି ଇସାବେ ଏ ତରେକ୍ ମିସା ଗଟେକ୍
ବନ୍ଦି ଲକ୍‌କେ ମୁକ୍ଲାଇ କରି ବାର୍‌କରାଇଦେସ୍ ।" **୯** ପିଲାତ୍
ଲକ୍ମନ୍‌କେ ପାଚାର୍ଲା, "ତମେ କାକେ ମନ୍ କଲାସ୍‌ନି? ମୁଇ
ତମର୍ ଲାଗି ଜିଉଦିମନର୍ ରାଜାକେ ଚାଡିଦେବି କି?" **୧୦** ପିଲାତ୍
ରାଜା କାଇକେ ଏନ୍ତି କଇଲା ବଇଲେ, ମୁକିଅ ପୁଜାରିମନ୍ କୁଟ୍
ପାଁଚି ଜିସୁକେ ତାର୍ ଆତେ ସର୍ପିଦେଇ ଆଚତ୍ ବଲିକରି ସେ
ଜାନିରଇଲା । **୧୧** ମାତର୍ ମୁକିଅ ପୁଜାରିମନ୍ ଲକ୍ମନ୍‌କେ
ଉସ୍‌କାଇ କରି, "ଜିସୁର୍ ବାଦୁଲେ ବାର୍ବାକେ ଆମର୍‌ପାଇ ବନ୍ଦି
ଗରେଅନି ମୁକ୍ଲାଇବାକେ କୁଆ ।" ବଲି କଇଲାଇ । **୧୨**
ମାତର୍ ପିଲାତ୍ ଆରିତରେକ୍ ପାଚାର୍ଲା, "ସେନ୍ତିଆଲେ ତମେ
ଜନ୍ ଲକ୍‌କେ ଜିଉଦିମନର୍ ରାଜା ବଲି କଇଲାସ୍‌ନି, ତାକେ ମୁଇ
କାଇଟା କର୍ବି ବଲି ତମେ ମନ୍ କଲାସ୍‌ନି?" **୧୩** ଲକ୍ମନ୍ ବେସି
ରାଟୁକରି କଇଲାଇ, "ତାକେ କୁର୍ସେ ମରାଆ ।" **୧୪** ତେଇଅନି
ପିଲାତ୍ ଆରିତରେକ୍ ଲକ୍ମନ୍‌କେ ପାଚାର୍ଲା, "କାଇକେ, ସେ
କାଇ ଦସ୍ କଲାଆଚେ ଜେ?" ମାତର୍ ଲକ୍ମନ୍ ଅଦିକ୍ ଅଦିକ୍
ରାଟୁଅଇକରି କଇଲାଇ, "ତାକେ କୁରୁସ୍ କାଟେ ମରାଆ ।"
**୧୫** ସେଟାର୍‌ପାଇ ପିଲାତ୍ ଲକ୍ମନ୍‌କେ ସାର୍ଦା କରାଇବାକେ
ମନ୍‌କରି ବାର୍ବାକେ ବନ୍ଦି ଗରେଅନି ମୁକ୍ଲାଇଦେଇ ଜିସୁକେ
କର୍ଡା ସଙ୍ଗ୍ ମାରି, କୁରୁସ୍‌କାଟେ କୁଟିମାରି ମରାଇଦେବାକେ
ସନିଅମନ୍‌କେ ସର୍ପିଦେଲା । **୧୬** ସନିଅମନ୍ ଜିସୁକେ ରମିୟ
ସର୍କାରର୍ ସାସନ୍‌କାରିଆ ପିଲାତର୍, ମୁକିଅ ଗରର୍ ଡାଣ୍ଡେ
ଦାରିଗାଲାଇ ଆରି ସେମନ୍ ବିନ୍ ସନିଅମନ୍‌କେ ଗଟେକ୍ ଟାନେ
ଡାକି ରୁଣ୍ଡାଇଲାଇ । **୧୭** ସେମନ୍ ଜିସୁକେ କିଜାଇବାକେ
ଜାମ୍‌କଲି ରଙ୍ଗର୍ ବସ୍‌ତର୍ ପିନ୍ଧାଇଲାଇ ଆରି ଗଟେକ୍ କାଟାର୍
ମୁକୁଟ୍ ତିଆର୍‌କରି ତାର୍ ମୁଣ୍ଡେ ପିନ୍ଧାଇଦେଲାଇ । **୧୮** ସେମନ୍
ଜିସୁକେ କିଜାଇ କରି କଇଲାଇ, "ଏ ଜିଉଦିମନର୍ ରାଜା ତକେ
ଜୁଆର୍, ତୁଇ ବେସି ଦିନ୍ ବଁଚ୍ ।" **୧୯** ସେମନ୍ ତର୍‌କେତର୍ ବେତ୍
ଡାଙ୍ଗ୍ ସଙ୍ଗ୍ ତାର୍ ମୁଣ୍ଡେ ମାର୍‌ତେରଇଲାଇ ଆରି ତାର୍ ଉପ୍ରେ
ତୁକି କିଜାଇକରି ମାଣ୍ଡିକୁଟା ଦେଇ ଜୁଆର୍ କଲାଇ । **୨୦** ସେମନ୍
ଜିସୁକେ କିଜାଇ ସାରାଇଲାପଚେ, ଜାମ୍‌କଲି ରଙ୍ଗର୍ ବସ୍‌ତର୍
ତାର୍ ଗାଗ୍‌ଡେଅନି ବେଟିକରି, ନିଜର୍ ବସ୍‌ତର୍ ପିନ୍ଧାଇଦେଲାଇ
। ତାର୍‌ପଚେ ସେମନ୍ ତାକେ କୁର୍ସକାଟେ ମରାଇବାକେ ଗଡ୍
ବାଇରେ ଦାରିଗାଲାଇ । **୨୧** ସେବେଲା ଆଲେକ୍‌ଜାଣ୍ଡାର୍ ଆରି
କୁର୍‌ନିୟ ଜାଗାର୍ ରୁପ୍‌ଅର୍ ବାବା ସିମନ୍ ନାଉଁର୍ ଗଟେକ୍ ଲକ୍,
ପଲିଗାରାମ୍ ଅନି ଆସିକରି ସେ ବାଟେ ଜାଇତେରଇଲା । ସେ
ସନିଅମନ୍ ତାକେ ଜିସୁର୍ କୁର୍ସ ବଇବାକେ ବାଦିଅ କଲାଇ
। **୨୨** ତାର୍‌ପଚେ ସେମନ୍ ଜିସୁକେ ଗଲ୍‌ଗତା ନାଉଁର୍ ଗଟେକ୍
ଜାଗାଇ ଦାରିଗାଲାଇ । ଗଲ୍‌ଗତାର୍ ଅରତ୍ ଅଇଲାନି, କାପାଲ୍
ଜାଗା । **୨୩** ସେମନ୍ ଜିସୁକେ ଅସ ମିସାଇଲା ଅଙ୍ଗୁର୍ ରସ୍
କାଅ ବଲିକରି ଦେଲାଇ, ମାତର୍ ସେ ନିଚ୍‌ଲା । **୨୪** ତାର୍‌ପଚେ
ଜିସୁକେ କୁର୍ସେ ଚଗାଇଲାଇ ଆରି ତାର୍ ବସ୍‌ତର୍ କାର୍ବାଗେ
କାଇଟା ମିଲ୍‌ସି ବଲି ବାଟାକରି ନେବାକେ, କେଡ୍ ପୁଟାଇକରି
ନିଜର୍ ନିଜର୍ ବିତ୍‌ରେ ବାଟାକରି ନେଲାଇ । **୨୫** ସେମନ୍
ସାକ୍‌ଲିଆ ନ ଗଁଟା ବେଲାଇ ଜିସୁକେ କୁର୍ସେ ଚଗାଇଲାଇ ।
**୨୬** ଆରି "ଏଟା ଜିଉଦିମନର୍ ରାଜା ।" ବଲି ନିନ୍ଦା କାତା ଲେକି
କୁରୁସ୍ ଉପ୍ରେ ଡସାଇଲାଇ । **୨୭** କୁର୍ସେ ଜିସୁର୍ ସଙ୍ଗ୍ ଆରି
ଦୁଇଟା ଚର୍‌ମନ୍‌କେ, ତାର୍ ଉଜାବାଟେ ଗଟେକ୍‌କେ, ଡେବ୍‌ରି
ବାଟେ ଆରିଗଟେକ୍‌କେ ଚଗାଇରଇଲାଇ । **୨୮** ସେ ବୁଲ୍ କଲା
ଲକ୍ମନର୍ ବିତ୍‌ରେଅନି ଗଟେକ୍ ଲକ୍ ବଲି, ଇସାବ୍ ଅଇଲା
ବଲିକରି ପର୍ମେସରର୍ ସାସ୍‌ତରେ ଲେକାଅଇରଇବା ବିସଇ
ସିଦ୍ ଅଇଲା । **୨୯** ସେ ବାଟ୍ ଦେଇ ଜିବା ଲକ୍ମନ୍ ନିଜେ
ନିଜେ ମୁଣ୍ଡ ଜୁଲାଇ ଜିସୁକେ ନିନ୍ଦାକରି କଇଲାଇ, "ପାର୍‌ତନା
ଗର୍ ବାଙ୍ଗାଇ କରି ତିନ୍‌ଦିନ୍ ବିତ୍‌ରେ ତିଆର୍ କର୍ବାଲକ୍ ଏ
ସେ କି?" ବଲି କିଜାଇଲାଇ । **୩୦** "ତୁଇ ଏବେ କୁର୍ସେ
ଅନି ଉତ୍‌ରି ନିଜ୍‌କେ ରକିଆ କର୍ ।" **୩୧** ମୁକିଅ ପୁଜାରିମନ୍
ଆରି ନିୟମ୍ ସିକାଇବା ଲକ୍ମନ୍ ମିସା ନିଜର୍ ନିଜର୍ ବିତ୍‌ରେ
କାତାଅଇକରି କିଜାଇଲାଇ । ସେମନ୍ କଇତେରଇଲାଇ, "ବିନ୍
ଲକ୍ମନ୍‌କେ ରକିଆ କର୍‌ତେରଇଲା, ମାତର୍ ସେ ନିଜେ ରକିଆ
ଅଇ ନାପାର୍ଲା ।" **୩୨** "ତମେ ସତଇସେ ଇସ୍‌ରାଏଲର୍ ରାଜା
କିରିସ୍‌ଟ ଅଇରଇଲେ, କୁର୍ସେ ଅନି ଉତ୍‌ରି ଆଉ । ସେନ୍ତି
ଅଇଲେ ଆମେ ଦେକିକରି ବିସ୍‌ବାସ୍ କର୍‌ବୁ ।" ବଲି କଇଲାଇ
। ଜନ୍ ଲକ୍ମନ୍‌କେ ଜିସୁର୍ ସଙ୍ଗ୍ କୁର୍ସେ ଚଗାଇରଇଲାଇ,

ସେମନ୍ ମିସା ଜିସୁକେ ନିନ୍ଦା କଲାଇ । ୩୩ ମୁଇଦାନିଆ ବାର୍ଟା
ବେଲାଇଅନି ତିନ୍ଟା ଜାକ ଗୁଲାଇ ଦେସ୍ ଆନ୍ଧାର୍ ଅଇଗାଲା
। ୩୪ ଦିନ୍ ତିନ୍ଟା ବେଲେ ଜିସୁ ଆଉଲିଅଇ କଇଲା, “ଏଲଇ
ଏଲଇ ଲାମା ସବକ୍ତାନି ।” ଆର୍ ଅରତ୍ ଅଇଲାନି, “ଏ
ମର୍ ପର୍ମେସର୍ ଏ ମର୍ ପର୍ମେସର୍, ତମେ ମକେ କାଇକେ
ଚାଡିଦେଲାସ୍?” ୩୫ ଏ କାତା ସୁନି ସେଲଗେ ଟିଆ ଅଇରଇବା
କେତେ ଲକ୍ କଇଲାଇ, “ସେ ଏଲିୟକେ ଡାକ୍ଲାନି ।” ୩୬
ତେଇଅନି ଗଟେକ୍ ଲକ୍ ପାଲାଇ ଜାଇ ଅଙ୍ଗୁର୍ ରସେ, ତୁଲା
ବୁଡାଇ ଡାଙ୍ଗେ ବାନ୍ଧି ଉପ୍ରେ ଲାମାଇଦେଲା । ସେ ଲକ୍ କଇଲା,
“ଏବେ ଏଲିୟ ଆସିକରି ଆକେ କୁରେସ ଅନି ଉତ୍ରାଇଦେଇସି
କି ନାଇ ଦେକୁ ।” ୩୭ ମାତର୍ ଜିସୁ ଆଉଲିଅଇଲା ଦାପ୍ରେ
ତାର୍ ଜିବନ୍ ଚାଡିଗାଲା । ୩୮ ସେବେଲା ମନ୍ଦିରର୍ ସୁକଲ୍
ଜାଗା ବିନେ କର୍ବା ପାର୍ଦା ଉପ୍ରେଅନି ତଲେ ଜାକ ଦୁଇ
ତାଡ୍ ଅଇ ଚିରିଅଇଗାଲା । ୩୯ ତେଇ ଜିସୁର୍ କୁର୍ସ ମୁଆଟେ
ଟିଆଅଇରଇଲା ସଏଟା ସନିଅମନର୍ ମୁକିଅ, ଜିସୁ ସାରାସାରି
ଆଉଲି ଅଇଲାଟା ଆରି ସେ କେନ୍ତି ଅଇକରି ମଲା, ଦେକିକରି
କଇଲା, “ସତଇସେ ଏ ପର୍ମେସରର୍ ପିଲା ରଇଲା ।” ୪୦
ତେଇ କେତେଟା ମାଇଜିମନ୍ ମିସା କୁର୍ସେ ଅନି ଦୁରିକେ
ଟିଆଅଇ ଦେକ୍ତେରଇଲାଇ । ସେମନ୍ ଅଇଲାଇନି, ମଗ୍ଦଲିନି
ମରିୟମ୍, ସାନ୍ଟା ଜାକୁବ୍ ଆରି ଜସିର୍ ମା ମରିୟମ୍ ଆରି
ସଲମି । ୪୧ ଜିସୁ ଗାଲିଲିତେଇ ରଇଲାବେଲେ ଏ ମାଇଜିମନ୍
ଜିସୁର୍ ସଙ୍ଗ ଜାଇତେରଇଲାଇ । ଆରି ତାକେ ଦର୍କାର୍ ରଇଲା
ବିସଇ ସାଇଜ କର୍ତେରଇଲାଇ । ଜିସୁର୍ ସଙ୍ଗ ଜିରୁସାଲାମେ
ଆସିରଇଲା ବିନ୍ ମାଇଜିମନ୍ ମିସା ତେଇ ରଇଲାଇ । ୪୨ ସେ
ଦିନ୍ ବିସ୍ରାମ୍ ଦିନ୍ ପାଇ ତିଆର୍ ଅଇବା ଦିନ୍ ଅଇରଇଲା ।
ସେଦିନେ ସଞ୍ଜ୍ଞବେଲା, ୪୩ ଆରାମାତିଆ ଗାଉଁର୍ ବିଚାର୍କର୍ବା
ମୁକିଅ ଲକ୍ ବିତ୍ରେ ରଇଲା ଜସେପ୍ ନାଉଁର୍ ଗଟେକ୍ ଲକ୍,
ପର୍ମେସର୍ ସାସନ୍ କର୍ବା ରାଇଜର୍ ବେଲା ଆସ ବଲି
ଜାଗିରଇବା ଗଟେକ୍ ଲକ୍ । ବେସି ସାଆସ୍ଅଇ ପିଲାତର୍
ଲଗେ ଜାଇକରି ଜିସୁର୍ ମଲାମଡ୍ ମାଙ୍ଗ୍ଲା । ୪୪ ଜିସୁ ଏତେକ୍
ଦାପ୍ରେ ମରିଗାଲା ବଲି ସୁନି ପିଲାତ୍ କାବା ଅଇଗାଲା ।
ତାର୍ ସନିଅମନର୍ ନେତାକେ ଡାକି “ଜିସୁ ମଲାବେ କି?” ବଲି
ପାଚାର୍ଲା । ୪୫ ସେ ସନିଅମନର୍ ନେତା, ଜିସୁ ମରିଗାଲା
ବିସଇ ପିଲାତ୍କେ କଇଲା । ତାର୍ପଚେ ଜସେପ୍କେ ପିଲାତ୍
କଇଲା, “ତୁଇ ମଡ୍ ନେଇ ପାରୁସ୍ ।” ୪୬ ସେଟାର୍ପାଇ ଜସେପ୍
ଜିସୁର୍ ଗାଗଡ୍ କୁର୍ସ ଉପ୍ରେଅନି ଉତ୍ରାଇ ଆନ୍ଲା ଆରି
ଗଟେକ୍ ନୁଆ ଲୁଗା ସଙ୍ଗ ଗୁଡିଆଇକରି ରାଙ୍ଗ୍ନି କାଟି ତିଆର୍
କରି ରଇଲା ଗଟେକ୍ ପାଆରେ ନେଇକରି ସଙ୍ଗ୍ଇଲା । ଗଟେକ୍
ବଡ୍ ଚାଚଡା ପାକ୍ନା ନେଇ ପାଆର୍ ମୁଆଟେ ଡାବିଦେଲା ।
୪୭ ଜିସୁକେ ଜନ୍ ଜାଗାଇ ନେଇ ସଙ୍ଗ୍ଇ ରଇଲାଇ, ସେ ଜାଗା
ମଗ୍ଦଲିନି ମରିୟମ୍ ଆରି ଜସିର୍ ମା ମରିୟମ୍ ଦେକିରଇଲା ।

**୧୬** ବିସ୍ରାମ୍ବାର୍ ସାର୍ଲା ତାର୍ ଆର୍କର୍ ଦିନେ ମଗ୍ଦଲିନି
ମରିୟମ୍, ଜାକୁବର୍ ମାଆ ମରିୟମ୍ ଆରି ସଲମି, ଜିସୁର୍
ମଲା ଗାଗ୍ଡେ ଲାଗାଇବାକେ ବାସ୍ନା ଚିକନ୍ ଗେନିଆନ୍ଲାଇ
। ୨ ରଇବାର୍ ଦିନର୍ ସାକାଲ୍ ସାକାଲ୍ ସେମନ୍ ତାର୍ ଗାଗଡ୍
ସଙ୍ଗ୍ଇଲା ଜାଗାକେ ଜାଇତେରଇଲାଇ । ସେବେଲେ ବେଲ୍
ଉଦି ଆଇତେରଇଲା । ୩ ସେମନ୍ ନିଜର୍ ନିଜର୍ ବିତ୍ରେ
“ଜିସୁର୍ ଗାଗଡ୍ ସଙ୍ଗ୍ଇରଇଲା ମୁଆଟର୍ ବଡ୍ ଚାଚଡା ପାକ୍ନା
ଆମର୍ ପାଇ କେ ଗୁଚାଇଦେଇସି ତେବେ?” ବଲି କାତା
ଅଇତେରଇଲାଇ । ୪ ସେମନ୍ ସେ ଜାଗାଇ କେଟିକରି
ଦେକ୍ଲାବେଲେ, ଏଦେ ଦେକା! ସେ ବଡ୍ ଚାଚଡା ପାକ୍ନା
ଗୁଚିଜାଇରଇଲା । ୫ ସେବେଲା ସେମନ୍ ସେ ଜାଗା ବିତ୍ରେ
ପୁରିକରି ଦେକ୍ଲାବେଲେ ଗଟେକ୍ ବିଜ୍ଲି ପାରା ଜଗ୍ଜଗି
ଜାଇତେରଇବା ଦବ୍ ପଟିଆ ପିନ୍ଧିରଇବା ଦାଙ୍ଗ୍ଡା, ଜିସୁର୍ ମଡ୍
ସଙ୍ଗ୍ଇରଇଲା ଜାଗାର୍ ଉଜାବାଟେ ବସିରଇଲା । ସେଟା ଦେକି
ସେମନ୍ ବେସି ଡରିଜାଇ କାବା ଅଇଗାଲାଇ । ୬ ମାତର୍
ସେ ଲକ୍ ସେମନ୍କେ କଇଲା, “ଡରାନାଇ, ତମେ କୁର୍ସେ
ମଲା ନାଜରିତ୍ ଗଡର୍ ଜିସୁ କିରିସ୍ଟକେ କଜ୍ଲାସ୍ନି କି? ସେ
ଇତି ନାଇନି, ଏବେ ମଲାଟାନେଅନି ଉଟ୍ଲା ଆଚେ । ତାର୍
ମଡ୍ ସଙ୍ଗ୍ଇଲା ଜାଗା ଦେକା ।” ବଲି କଇଲା । ୭ “ତମେ
ଜାଇକରି ତାର୍ ସିସ୍ମନ୍କେ ଆରି ପିତର୍କେ ବାଇଦରେ କୁଆ,
ତମେ ଜିବା ଆଗ୍ତୁ ଜିସୁ ଗାଲିଲି ଗଡେ ଗାଲା ଆଚେ । ସେ
ତମ୍କେ ଜେନ୍ତି କଇରଇଲା, ସେନ୍ତିସେ ଗାଲିଲି ଗଡେ ତାକେ
ଦେକ୍ସା ।” ବଲି କଇଲା । ୮ ସେ ମାଇଜିମନ୍ ବେସି କାବା
ଅଇଜାଇ, ତର୍ତରି ଜାଇକରି ସେ ଜାଗାଇଅନି ବାରଇକରି
ପାଲାଇଲାଇ ଆରି ସେମନ୍ ବେସି ଡରିଜାଇକରି କାକେ ମିସା
କାଇବଲି କଅତ୍ନାଇ । ୯ **(note: The most reliable and earliest
manuscripts do not include Mark 16:9-20.)** ଜିସୁ ମଲାଟାନେଅନି
ଉଟ୍ଲା ଆଟର୍ ପର୍ତୁମ୍ ଦିନର୍ ସାକାଲେ ଜନ୍ ମାଇଜିଟାନେଅନି
ଜିସୁ ସାତ୍ଟା ଡୁମାମନ୍କେ କେଦିରଇଲା, ମଗ୍ଦଲିନି ନାଉଁର୍
ମରିୟମ୍କେ ପର୍ତୁମ୍ ଦେକାଇଅଇଲା । ୧୦ ସେ ମାଇଜି
ତେଇଅନି ଜାଇକରି, ଦୁକ୍ଅଇ କରି କାନ୍ଦତେ ରଇଲା ଜିସୁର୍
ସିସ୍ମନ୍କେ କଇଲା, ୧୧ “ଜିସୁ ମଲାତେଇଅନି ଉଟ୍ଲା ଆଚେ
ଆରି ମୁଇ ତାକେ ନିଜେ ଦେକିଆଚି ।” ବଲି କଇଲା । ସିସ୍ମନ୍
ତାକେ ମୁଲ୍କେ ବିସ୍ବାସ୍ କରତ୍ ନାଇ । ୧୨ ତାର୍ପଚେ ଦୁଇଟା
ସିସ୍ମନ୍ ଗଟେକ୍ ଗାଏଁ ଜିବାବେଲେ ଜିସୁ ସେମନ୍କେ ବିନ୍
ରୁପେ ଦେକାଇଅଇଲା । ସିସ୍ମନ୍ ତାକେ ଚିନି ନାପାର୍ଲାଇ
। ୧୩ ସେ ଦୁଇଟା ସିସ୍ମନ୍ ବାଉଡିଆସିକରି ବିନ୍ ସିସ୍ମନ୍କେ
ଏ କାତା କଇଲାଇ । ଏନ୍ତି କଇଲେ ମିସା ସିସ୍ମନ୍ ତାକର୍
କାତା ବିସ୍ବାସ୍ କରତ୍ ନାଇ । ୧୪ ତାର୍ପଚେ ଏଗାର୍ଟା
ସିସ୍ମନ୍ କାଇବାବେଲେ ଜିସୁ ସେମନ୍କେ ଦେକାଇଅଇଲା ।
ଜିସୁ ମଲାଟାନେଅନି ଉଟ୍ଲାଟା ଦେକିରଇଲା ଲକ୍ମନ୍ କଇଲା

କାତା ବିସ୍‌ବାସ୍ ନ କରି, ସେମନର୍ ମନ୍ ଆଁଟ୍ କଲାର୍ ଲାଗି
ସେମନ୍‌କେ ଲାଗ୍‌ଲା । **୧୫** ଜିସୁ ସେମନ୍‌କେ କଇଲା, “ତମେ ଏ
ଦୁନିଆର୍ ଗୁଲାଇବାଟେ ଜାଇକରି ସବୁ ଲକ୍‌ମନ୍‌କେ ମର୍ ନିମାନ୍
କାତା କୁଆ । **୧୬** ଜେ ଜେ ଏ ନିମାନ୍ କାତା ବିସ୍‌ବାସ୍ କରି
ଡୁବନ୍ ନେବାଇ, ସେମନ୍ ପାପେଅନି ରକିଆ ପାଇବାଇ, ମାତର୍
ଜେ ଜେ ଏ ନିମାନ୍ କାତା ବିସ୍‌ବାସ୍ ନ କରତ୍, ପର୍‌ମେସର୍
ସେମନ୍‌କେ ଡଣ୍ଡ ଦେଇସି । **୧୭** ଆରି ବିସ୍‌ବାସି ଲକ୍‌ମନ୍
ମର୍ ନାଉଁ ଦାରି ଡୁମାମନ୍‌କେ ବାର୍‌କରାଇ କେଦିଦେବାଇ ଆରି
ନାଜାନିରଇବା ବାସାଇ କାତା ଅଇବାଇ । ଏନ୍ତି ବିସ୍‌ବାସ୍ କର୍‌ବା
ଲକ୍‌ମନର୍‌ଟାନେ ଗଟେକ୍ ଚିନ୍ ପାରା ଅଇସି । **୧୮** ସେମନ୍
ନାଜାନିକରି ସାଁପ୍ ଆତେ ଦାର୍‌ଲେ କି ବିସ୍ କାଇଲେ ନ ମରତ୍
। ଜର୍‌ଦୁକାର୍ ଲକ୍‌ମନ୍‌କେ ଆତ୍ ଚିଇ କରି ପାର୍‌ତନା କଲେ,
ସେଲକ୍‌ମନ୍ ନିମାନ୍ ଅଇଜିବାଇ” ବଲି କଇଲା । **୧୯** ମାପ୍‌ରୁ ଜିସୁ
ଏ ସବୁ କାତା ସେମନ୍‌କେ କଇ ସାରାଇଲା ପଚେ, ପର୍‌ମେସର୍
ତାକେ ସର୍‌ଗେ ଦାରିଗାଲା ଆରି ପର୍‌ମେସର୍ ସନ୍‌ମାନ୍ ଜାଗାଇ
ବସ୍‌ଲା । **୨୦** ତାର୍‌ପଚେ ତାର୍ ସିସ୍‌ମନ୍ ଜାଇକରି ଏ ଦୁନିଆର୍
ଗୁଲାଇବାଟେ ମାପ୍‌ରୁ ଜିସୁର୍ ନିମାନ୍ କାତା କଇଲାଇ ଆରି
ମାପ୍‌ରୁ ତାକର୍ ସଙ୍ଗ ରଇକରି କାବାଅଇଜିବା ବିନ୍ ବିନ୍ କାମ୍
କଲା । ଏନ୍ତାରି ସେମନ୍ କଇବା କାତା ସତ୍ ବଲି ଦେକାଇଦେଲା
।

# ଲୁକ୍

**୧** ଏ ତିଅପିଲ୍ ମଆସୟ୍, ଆମର୍ ବିତ୍ରେ ଜନ୍ ସବୁ ଗଟ୍ନା
ଗଟ୍ଲା, ସେସବୁ ଲେକ୍ବାକେ ବେସି ଲକ୍ ଚେସ୍ଟା କଲାଇ
। **୨** ଆରାମ୍ ଅଇଲା ମୁଲେ, ଜେଜେ ଏ ସବୁ ଦେକିରଇଲାଇ ଆରି
ସୁବ୍ କବର୍ ବିନ୍ ଲକ୍ମନ୍କେ ଜାନାଇଲାଇ, ସେମନ୍ ଆମ୍କେ
କଇଲା ଇସାବେ ଲେକ୍ଲାଇ । **୩** ତେବର୍ପାଇ ଏ ମାନନିୟ
ତିୟପିଲ୍. ପୁର୍ବେଅନି ଟିକିନିକି କଜ୍ଲଡ୍କରି ତେଇ ସବୁଜାକ
ରିତିନିତି ସଙ୍ଗ୍ ଅଇଲାଟା ତମର୍ପାଇ ମୁଇ ଲେକ୍ବିଆକା ବଲି
ମନ୍କଲି । **୪** ଜେନ୍ତି ତୁଇ ସବୁ ବିସଇର୍ ସିକିଆ ପାଇଆଚୁସ୍,
ସେ ସିକିଆର୍ ପୁରାପୁରୁନ୍ ସତ୍ ପାଇପାରୁସ୍ । **୫** ଜିଉଦା ଦେସର୍
ରାଜା ଏରଦର୍ ବେଲେ, ଅବିୟ୍ ପୁଜାରି ଦଲେ ଜିକରିୟ୍ ନାଉଁର୍
ଗଟେକ୍ ପୁଜାରି ରଇଲା । ତାର୍ ମାଇଜି ଏଲିସାବେତ୍ । ସେ
ଆରଣ୍ ବଁସର୍ ରଇଲା । **୬** ପର୍ମେସରର୍ ଦେକ୍ବା ଇସାବେ
ସେମନ୍ ଦୁଇଲକ୍ ଜାକ ମାପ୍ରୁର୍ ସବୁ ଆଦେସ୍, ବିଦି ଇସାବେ
କରତେରଇଲାଇ । **୭** ମାତର୍ ସେମନ୍କେ ପିଲାଜିଲା ନ ରଇଲା
। କାଇକେ ବଇଲେ ଏଲିସାବେତ୍ ବାଞ୍ଜି ରଇଲା । ଆରି ସେମନ୍
ଡକ୍ରା ଡକ୍ରି ଅଇଜାଇରଇଲାଇ । **୮** ଦିନେକ୍ ଜିକରିୟ୍ ନିଜର୍
ଦଲର୍ ପାଲି ଇସାବେ, ଜିଉଦିମନର୍ ମନ୍ଦିରେ ପୁଜାରି କାମ୍
କର୍ବାବେଲେ, **୯** ରିତିନିତି ଇସାବେ ଜିକରିୟର୍ ନାଉଁ କେଡ୍
ପୁଟ୍ଲାଜେ ତାକେ ମାପ୍ରୁର୍ ମନ୍ଦିରେ ଜାଇକରି ବେଦିଟାନେ
ଦୁପ୍ ଦେବାକେ ପଡ୍ଲା । **୧୦** ଆରି ଦୁପ୍ ଦେବାବେଲେ ଲକ୍ମନ୍
ବାଇରେ ପାର୍ତନା କର୍ତେ ରଇଲାଇ । **୧୧** ସେଡ୍କିବେଲେ
ଏଦେ ଦେକା! ମାପ୍ରୁର୍ ଗଟେକ୍ ଦୁତ୍ ଦୁପ୍ ଦେବା ବେଦିର୍
ଉଜାବାଟେ ଟିଆଅଇ ତାକେ ଦର୍ସନ୍ ଦେଲା । **୧୨** ଜିକରିୟ୍
ତାକେ ଦେକି କିଲ୍ବିଲ୍ ଅଇ ଡରିଗାଲା । **୧୩** ମାତର୍ ଦୁତ୍ ତାକେ
କଇଲା, "ଜିକରିୟ ଡର୍ନାଇ, କାଇକେବଇଲେ ତମେ ଗୁଆରି
କଲାଟା ପର୍ମେସର୍ ସୁନିଆଚେ । ତର୍ ମାଇଜି ଏଲିସାବେତ୍
ଗଟେକ୍ ପିଲା ଜନମ୍ ଦେଇସି । ତମେ ତାକେ ଜଅନ୍ ବଲି ନାଉଁ
ଦିଆସ୍ । **୧୪** ସେ ତମର୍ ପାଇ ବେସି ସାର୍ଦା ଆନ୍ସି ଆରି
କେତେ କେତେ ଲକ୍ମନ୍ ତାର୍ ଜନମେ ସାର୍ଦା କର୍ବାଇ । **୧୫**
ମାପ୍ରୁର୍ ଦେକ୍ବା ଇସାବେ ସେ ଗଟେକ୍ ଡାକ୍ପୁଟା ଲକ୍ ଅଇସି
। ସେ ଆମଟ୍ ଅଇଜାଇରଇବା ଅଙ୍ଗୁର୍ ରସ୍ କି ନିସା ଜିନିସ୍
ମୁଲ୍କେ ନ କାଏ ଆରି ମାଆର୍ ଗର୍ବେ ଅନି ସୁକଲ୍ ଆତ୍ମାଇ
ପୁରାପୁରୁନ୍ ଅଇ ଆଇସି । **୧୬** ଆରି ଇସ୍ରାଏଲ୍ ଲକ୍ମନର୍
ବିତ୍ରେ ଅନି କେତେ କେତେ ଲକ୍ମନ୍କେ ମାପ୍ରୁ ତାର୍
ପର୍ମେସରର୍ ଟାନେ ବାଉଡାଇସି । **୧୭** ସେ ବବିସତ୍ବକ୍ତା
ଏଲିୟର୍ ଆତ୍ମାଇ ବପୁଅଇ ପର୍ମେସରର୍ ଆଗ୍ତୁ ଜାଇସି ।
ବାବାମନର୍ ମନ୍ ପିଲାମନର୍ଟାନେ ବାଉଡାଇସି । ପର୍ମେସରର୍
କାତା ନ ମାନ୍ବା ଲକ୍ମନ୍କେ ଦରମ୍ ଲକ୍ମନ୍ ଚିନ୍ତା କର୍ବା
ଟାନେ ବାଉଡାଇସି । ଆରି ପର୍ମେସରର୍ ଲକ୍ମନ୍କେ ତାର୍
ପାଇ ଜାଗ୍ରତ୍ କରାଇସି ।" **୧୮** ତେଇ ଜିକରିୟ୍ ଦୁତ୍କେ
କଇଲା, "ତମେ କଇବାଟା ସତ୍ ଅଇସି ବଲି ମୁଇ କେନ୍ତି ଜାନ୍ବି?
କାଇକେବଇଲେ ମୁଇତା ଡକ୍ରା ଅଇଗାଲିବେ, ଆରି ମର୍ ମାଇଜି
ମିସା ଡକ୍ରି ଅଇଗାଲାନି ।" **୧୯** ଦୁତ୍ ତାକେ କଇଲା "ମୁଇ
ଗାବ୍ରିଏଲ୍, ମୁଇ ପର୍ମେସରର୍ ମୁଆଟେ ଟିଆ ଅଇରଇବା
ଦୁତ୍, ତମ୍କେ ଏ କବର୍ ଜାନାଇବାକେ ମକେ ପାଟାଇଆଚେ
। **୨୦** ଦେକ୍, ଏ ସବୁ ନ ଅଇବା ଦିନ୍ ଜାକ ତୁଇ ଗୁଲାଅଇ
ରଇସୁ । କାଇକେବଇଲେ ମର୍ ସବୁ ବାକିଅ ସମାନ୍ ବେଲାଇସେ
ପୁରାପୁରୁନ୍ ଅଇସି । ସେଟା ସବୁ ତୁଇ ବିସ୍ବାସ୍ କୁରୁସ୍ ନାଇ
।" **୨୧** ଏତ୍କି ଅଇବା ବିତ୍ରେ ଲକ୍ମନ୍ ଜିକରିୟ୍କେ ବାଇରେ
ଜାଗିରଇଲାଇ ଆରି ଦେଉଲେ ତାର୍ ଅଲ୍ସମ୍ ଅଇଲାଜେ
ସେମନ୍ କାବାଅଇ ଜାଇତେରଇଲାଇ । **୨୨** ମାତର୍ ଜିକରିୟ୍
ବାରଇ ଆସି ଲକ୍ମନର୍ ସଙ୍ଗ୍ କାତାଅଇ ନାପାର୍ଲା, ତେଇ
ସେ ଦେଉଲେ ଦର୍ସନ୍ ପାଇଆଚେ ବଲି ଲକ୍ମନ୍ ବୁଜ୍ଲାଇ
ଆରି ସେ ଲକ୍ମନ୍କେ ଆତ୍ ସଗିଆ କରି ଜାନାଇବାର୍ ଦାର୍ଲା
ଆରି ଗୁଲାଅଇକରି ରଇଲା । **୨୩** ଜିକରିୟ୍ ତାର୍ ସେବା
କର୍ବା ପାଲି ଦିନ୍ ସବୁ ସାର୍ଲା ପଚେ ତାର୍ ଗରେ ଉଟିଗାଲା
। **୨୪** ଏତ୍କି ଅଇ କେତେକ୍ ଦିନ୍ ଗାଲା ପଚେ ତାର୍ ମାଇଜି
ଏଲିସାବେତ୍ ଗାଗ୍ଡେ ଅଇଲା ଆରି ସେ ପାଁଚ୍ ମାସ୍ ଜାକ କାକେ
ନ ଜାନାଇ ଗରେସେ ରଇଲା । **୨୫** ତାର୍ପଚେ ଏଲିସାବେତ୍
କଇଲା, "ଲକ୍ମନର୍ ଜେଙ୍ଗେଟ୍ କର୍ବାଟା ଦୁର୍ କର୍ବାକେ
ସାରାସାରି ମକେ ଦୟା କରି ମାପ୍ରୁ ଏନ୍ତାରି କଲାଆଚେ ।" **୨୬**
ଏଲିସାବେତ୍ ଗାଗ୍ଡେଅଇ ଚ ମାସ୍ ଅଇଲାକେ, ପର୍ମେସର୍
ଗାବ୍ରିଏଲ୍ ଦୁତ୍କେ ଗାଲିଲି ରାଇଜର୍ ନାଜରିତ୍ ନାଉଁର୍ ନଅରେ
ଗଟେକ୍ ଦାଙ୍ଗ୍ଡିର୍ ଟାନେ ପାଟାଇଲା । **୨୭** ସେ ଦାଙ୍ଗ୍ଡିର୍ ନାଉଁ
ମରିୟମ୍, ଦାଉଦ୍ ବଁସର୍ ଜସେପ୍ ନାଉଁର୍ ଗଟେକ୍ ଦାଙ୍ଗ୍ଡା
ସଙ୍ଗ୍ ତାର୍ ମାଙ୍ଗ୍ନି ଅଇରଇଲା । **୨୮** ଦୁତ୍ ମରିୟମର୍ ଲଗେ
ଆସି କଇଲା, "ଏ ନୁନି, ମାପ୍ରୁ ତକେ ଦୟାକଲା ଆଚେ, ଆରି
ତର୍ସଙ୍ଗ୍ ଆଚେ ।" **୨୯** ମରିୟମ୍ ସରଗର୍ ଦୁତ୍ କଇଲା ବାକିଅ
ସୁନ୍ଲା ଆରି କାଇଟା ବୁଜିନାପାରି ଉଡୁକ୍ ଦୁଡୁକ୍ ଅଇଜାଇକରି,
ବାବିବାବି ରଇଲା । **୩୦** ଦୁତ୍ ତାକେ କଇଲା, "ମରିୟମ ଡର୍
ନାଇ, ତୁଇ ମାପ୍ରୁର୍ ଦୟା ପାଇଆଚୁସ୍ । **୩୧** ଦେକ୍ ତୁଇ
ଗାଗ୍ଡେ ଅଇ ପିଲା ଗଟେକ୍ ଜନମ୍ କର୍ସୁ ଆରି ତାର୍ ନାଉଁ
ଜିସୁ ଦେଇସା । **୩୨** ସେ ଗଟେକ୍ ଡାକ୍ପୁଟା ଲକ୍ ଅଇସି ଆରି
ସବୁର୍ ଉପ୍ରେ ରଇବା ପର୍ମେସରର୍ ପଅ ବଲି କଇବାଇ,
ସରଗର୍ ମାପ୍ରୁ ତାକେ, ତାର୍ ଆନିଦାଦି ଦାଉଦର୍ ପାରା
ରାଜା କରାଇସି । **୩୩** ସେ କାଲ୍କାଲ୍ ଜୁଗ୍ଜୁଗ୍ ଇସ୍ରାଏଲ୍
ଲକ୍ମନ୍କେ ସାସନ୍ କର୍ସି । ତାର୍ ରାଇଜ୍ କେବେ ନ ସାରେ ।"
(aiōn g165) **୩୪** ମରିୟମ୍ ଦୁତ୍କେ କଇଲା, "ଏଟା କେନ୍ତି ଅଇସି?
ମୁଇତା ମୁନୁସ୍କେ ନାଜାନି!" **୩୫** ଦୁତ୍ ତାକେ କଇଲା, "ସୁକଲ୍
ଆତ୍ମା ଆସି ତକେ ଡାବି ଅଇସି, ଆରି ସବୁର୍ ଉପ୍ରେ ରଇବା

ପର୍ମେସରର୍ ବପୁ ତକେ ଗୁଡିଆଇ ଅଇସି, ତେବର୍ପାଇ ଜେ
ଜାତ୍ ଅଇସି, ସେ ସୁକଲ୍ ପର୍ମେସରର୍ ପଅ ବଲି ଡାକ୍ପୁଟା
ଅଇସି ।” ୩୬ ଆରି ଦେକ୍, ତର୍ ଲାଗାର୍ ଲିତାର୍ ଏଲିସାବେତ୍
ମିସା ଡକ୍ରି ବେଲେ ଗାଗ୍ଡେ ଆଚେ, ଜାକେ ଲକ୍ମନ୍ ବାଞ୍ଝି
ବଲି କଇତେରଇଲାଇ । ତାକେ ଏବେ ଚ ମାସ୍ ଅଇଲାନି ।
୩୭ କାଇକେବଇଲେ ପର୍ମେସରର୍ଟାନେ କାଇଟା ମିସା ନ
ଅଇବା କାମ୍ ନାଇ, ବଲି କଇଲା । ୩୮ ତେଇ ମରିୟମ୍ କଇଲା,
“ଦେକା, ମୁଇ ଗଟେକ୍ ମାପ୍ରୁର୍ ଦାସି, ତମେ କଇବା ଇସାବେ
ମକେ ଅ ।” ତାର୍ପଚେ ଦୁତ୍ ତାର୍ଟାନେଅନି ଉଟିଗାଲା ।
୩୯ ସେଦ୍କିବେଲେ ମରିୟମ୍ ବାରଇକରି ଜିଉଦା ରାଇଜର୍
ଡଙ୍ଗର୍ ଜାଗାର୍ ଗଟେକ୍ ନଅରେ ଉଟିଗାଲା । ୪୦ ତେଇ
ଜିକରିୟର୍ ଗରେ ପୁରିକରି ସେ ଏଲିସାବେତ୍କେ ଜୁଆର୍ କଲା
। ୪୧ ମରିୟମ୍ ଜୁଆର୍କଲାଟା ସୁନ୍ଲା ଦାପ୍ରେ ଏଲିସାବେତର୍
ଗର୍ବେ, ପିଲା ସାର୍ଦା ଅଇ ଡେଗଇଲା ଆରି ଏଲିସାବେତ୍
ସୁକଲ୍ ଆତ୍ମାଇ ପୁରାପୁରୁନ୍ ଅଇଲା । ୪୨ ଏଲିସାବେତ୍
ଆଉଲି ଅଇକରି କଇଲା, “ତୁଇ ସବୁ ମାଇଜିମନର୍ ବିତ୍ରେ
ଅନି କେଡେକ୍ ନିକ କରମର୍ ଲକ୍! ତର୍ ଗରବର୍ ପିଲାର୍
ମିସା କେଡେକ୍ କରମ୍! ୪୩ ମୁଇ କେ ଜେ ମର୍ ମାପ୍ରୁର୍
ମାଆ, ମକେ ଦେକ୍ବାର୍ ଆଇଲା ଆଚେ? ୪୪ କାଇକେବଇଲେ,
ଦେକ୍, ତୁଇ ଜୁଆର୍କଲାଟା ସୁନ୍ଲା ଦାପ୍ରେ ମର୍ ଗରବର୍
ପିଲା ସାର୍ଦା ଅଇ ଡେଗଇଲା । ୪୫ ଜେ ବିସ୍ବାସ୍ କର୍ସି
ତାର୍ କେଡେକ୍ ନିମାନ୍ କରମ୍, କାଇକେବଇଲେ ମାପ୍ରୁ ତାକେ
ଜାଇଜାଇଟା କୁଆଅଇଲାଆଚେ, ସେ ସବୁଜାକ ଅଇସି ଆକା
।” ୪୬ ତେଇ ମରିୟମ୍ କଇଲା, “ମର୍ ଜିବନ୍ ମର୍ ମାପ୍ରୁର୍
ମଇମା କଲାନି । ୪୭ ଆରି ମର୍ ଆତ୍ମା ମର୍ ରକିଆକାରି
ପର୍ମେସରର୍ଟାନେ ସାର୍ଦା କଲାନି । ୪୮ କାଇକେବଇଲେ ସେ
ମର୍ପାରା କାକୁର୍ତିଆନିକେ ନିଜର୍ ଗତିଦାଙ୍ଗ୍ଡି ବଲି ଏତାଇଲା
ଆଚେ । ଆରି ଦେକା ଆଜିଅନି କାଲ୍କାଲ୍ ଜୁଗ୍ଜୁଗ୍, ସବୁ
ଲକ୍ ମକେ ପର୍ମେସରର୍ ତେଇଅନି ଆସିର୍ବାଦ୍ ମିଲ୍ଲା ଲକ୍
ବଲି କଇବାଇ । ୪୯ କାଇକେବଇଲେ ସବୁର୍ଟାନେଅନି ବପୁର୍
ମାପ୍ରୁ, ମର୍ପାଇ କାବାଅଇଜିବା କାମ୍ କଲାଆଚେ, ତାର୍ ନାଉଁ
ସୁକଲ୍ । ୫୦ ଆରି ଜନ୍ ଲକ୍ମନ୍ ତାକେ ଡରିକରି ରଇବାଇ,
ଜୁଗେ ଜୁଗେ ସେ ସେମନ୍କେ ଦୟା କର୍ସି । ୫୧ ସେ ତାର୍
ନିଜର୍ ବପୁର୍ ଆତ୍ ଦେକାଇଆଚେ, ସେ ଆଁକାର୍ ଲକ୍ମନ୍କେ
ସେମନର୍ ମନେ ବାବ୍ନା କଲାଟା ଚିନ୍ଚତର୍ କଲା ଆଚେ ।
୫୨ ସେ ବଡ୍ ବଡ୍ ରାଜାମନ୍କେ ସେମନ୍ ରଇବାଟାନେଅନି
ଉଦ୍ରାଇ ଦେଲା ଆଚେ, ଆରି କାକୁର୍ତିଆମନ୍କେ ଉପ୍ରେ
ଉଟାଇ ଆଚେ । ୫୩ ସେ ବୁକର୍ ଲକ୍ମନ୍କେ ନିକ ନିକ ବିସଇ
ଦେଇ ସାର୍ଦା କରାଇ ଆଚେ, ସାଉକାର୍ଲକ୍ମନ୍କେ ଚୁଚା
ଆତେ ବାଉଡାଇଦେଇ ଆଚେ । ୫୪ ଆମର୍ ଆନିଦାଦିମନ୍କେ
ଜନ୍ କାତା ଦେଇରଇଲା, ସେଟା ପୁରାପୁରୁନ୍ କଲା ଆରି ତାର୍
ନିଜର୍ ଚାକର୍ ଇସ୍ରାଏଲର୍ ଉପ୍କାର୍ କରି ଆଚେ । ୫୫ ସେ
ଅବ୍ରାଆମ୍ ଆରି ତାର୍ ନାତିମନ୍କେ ତାର୍ ଦୟା କାଲ୍କାଲ୍
ଜୁଗ୍ଜୁଗ୍ ଏତାଅତ୍ବଲି ଦେକାଇଲା ଆଚେ ।” (aiōn g165) ୫୬
ଆରି ମରିୟମ୍ ତିନ୍ ମାସ୍ ପାରା ଏଲିସାବେତର୍ ସଙ୍ଗ୍ ରଇ ନିଜର୍
ଗରେ ବାଉଡି ଗାଲା । ୫୭ ପଚେ ଏଲିସାବେତର୍ ଆତ୍ଗଡ୍
ସୁକ୍ ଅଇବା ଦିନ୍ କେଟି ଆଇଲାଜେ, ସେ ଗଟେକ୍ ପିଲା ଜନମ୍
ଦେଲା । ୫୮ ଆରି ମାପ୍ରୁଜେ ତାକେ ଦୟା କଲାଆଚେ, ଏଟା
ସୁନି ଜିକରିୟର୍ ଲାଗାର୍ଲିତାର୍ ଲକ୍ ଆରି ଗତିଆ କୁଟୁମ୍
ତାକର୍ ସଙ୍ଗ୍ ସାର୍ଦା କର୍ବାର୍ ଦାର୍ଲାଇ । ୫୯ ଆଟ୍ ଦିନ୍
ଗାଲାପଚେ ଲକ୍ମନ୍ ପିଲାର୍ ସୁନତ୍ଟାନେ ଆଇଲାଇ ଆରି ତାର୍
ବାବାର୍ ନାଉଁ ଇସାବେ ପିଲାର୍ ନାଉଁ ମିସା ଜିକରିୟ ଦେବାକେ
ମନ୍କଲାଇ । ୬୦ ମାତର୍ ଏଲିସାବେତ୍ କଇଲା, “ନାଇ ତାର୍
ନାଉଁ ଜଅନ ଦିଆ ଅ ।” ୬୧ ଲକ୍ମନ୍ ତାକେ କଇଲାଇ “ତମର୍
ବଁସ୍ ବିତ୍ରେ ତା ଏନ୍ତାରି ନାଉଁର୍ ଲକ୍ କେ ମିସା ନାଇ ।”
୬୨ ତେଇ ସେମନ୍ ପିଲାକେ କାଇ ନାଉଁ ଦେଉଁ ବଲି ମନ୍
କଲୁସ୍ନି? ସେଟା ଜିକରିୟକେ ଆତ୍ ଦେକାଇକରି ପାଚାର୍ବାର୍
ଦାର୍ଲାଇ । ୬୩ ସେଦ୍କିବେଲେ ଜିକରିୟ ଲକ୍ମନ୍କେ ଗଟେକ୍
ଲେକ୍ବା ପାଟା ମାଙ୍ଗ୍ଲା ଆରି “ଏଦେ ଦେକା! ତାର୍ ନାଉଁ
ଜଅନ୍!” ବଲି ଲେକ୍ଲା । ତେଇ ସବୁଲକ୍ କାବା ଅଇଗାଲାଇ
। ୬୪ ସେଦ୍କି ଦାପ୍ରେ ଜିକରିୟର୍ ଟଣ୍ଡ ପୁଟ୍ଲା, ସେ ଆରି
ତରେକ୍ କାତା ଅଇ ପର୍ମେସର୍କେ ମଇମା କର୍ବାର୍ ଦାର୍ଲା
। ୬୫ ତାର୍ ଲଗର୍ ପାକର୍ ଲକ୍ମନ୍ ଡରିଗାଲାଇ, ଆରି
ଏସବୁ କାତା ଜିଉଦା ରାଇଜର୍ ଡଙ୍ଗର୍ ଜାଗାର୍ ସବୁ ବାଟର୍
ଲକ୍ମନ୍ କୁଆବଲା ଅଇଲାଇ । ୬୬ ଆରି ସୁନିରଇବା ସବୁ
ଲକ୍ମନ୍ କାବା ଅଇକରି, ମନେ ମନେ ବାବ୍ଲାଇ, ତେବେ
ଏ ପିଲା କାଇଟା ଅଇସି? କାଇକେବଇଲେ ମାପ୍ରୁର୍ ବପୁ
ପିଲାର୍ସଙ୍ଗ୍ ଆଚେ ବଲି ସବୁକେ ଜାନାପଡ୍ଲା । ୬୭ ଆରି
ଜଅନର୍ ବାବା ଜିକରିୟ ସୁକଲ୍ ଆତ୍ମାଇ ପୁରାପୁରୁନ୍ ଅଇ
ପର୍ମେସରର୍ କବର୍ କଇବାର୍ ଦାର୍ଲା । ୬୮ “ଆସା ଆମେ
ଇସ୍ରାଏଲର୍ ମାପ୍ରୁକେ ଦନିଅବାଦ୍ ଦେଉ କାଇକେବଇଲେ
ସେ ତାର୍ ନିଜର୍ ଲକ୍ମନ୍କେ ଦୟାକରି ମୁକ୍ଲାଇସି । ୬୯
ତାର୍ ନିଜର୍ ଗତିଦାଙ୍ଗ୍ଡା ଦାଉଦର୍ କୁଟୁମେ ଅନି ଆମର୍ ପାଇ
ଗଟେକ୍ ବପୁ ସଙ୍ଗ୍ର୍ ଉଦାର୍କାରିଆକେ ଦେଲା ଆଚେ । ୭୦
ପୁରବ୍ କାଲେଅନି ସୁକଲ୍ ରଇବା ନିଜର୍ ବବିସତ୍ବକ୍ତାମନର୍
ଟଣ୍ଡେଅନି କାତା ଦେଇ ଜେନ୍ତି କଇରଇଲା, (aiōn g165) ୭୧
ସେନ୍ତାରି ଆମ୍କେ ଇନ୍ କର୍ବା ସବୁ ସତ୍ରୁମନର୍ ଟାନେଅନି
ମୁକ୍ଲାଇ ଆଚେ । ୭୨ ଜେନ୍ତି ସେ ଆମର୍ ଆନିଦାଦିମନର୍ପାଇ
ଦୟା ଦେକାଇଆଚେ, ଆରି ସେମନର୍ ସଙ୍ଗ୍ କରିରଇବା ନିଜର୍
ସୁକଲ୍ ନିୟମ୍ ଏତାଇ ଆଚେ, ୭୩ ଆମର୍ ପୁର୍ବର୍ ବାବା
ଅବ୍ରାଆମ୍କେ ଜନ୍ କାତା ଦେଇରଇଲା । ୭୪ ଆରି ଜେନ୍ତାରିକି
ସତ୍ରୁର୍ ଆତେଅନି ଉଦାର୍ ପାଇ ଆଟୁ । ୭୫ ଜେନ୍ତାରିକି ଆମେ

ଜିବନ୍‌ସାରା ଦରମ୍ ସଙ୍ଗ୍, ସୁକଲ୍ ସଙ୍ଗ୍ ତାର୍ ସେବା କର୍‌ବାକେ,
ଆମ୍‌କେ ଦୟା କର୍‌ସି । ୭୬ ଏ ମର୍ ନୁନା, ତୁଇ ସବୁର୍
ଉପ୍‌ରେ ରଇବା ପର୍‌ମେସରର୍ ଗଟେକ୍ ବବିସତ୍‌ବକ୍‌ତା ବଲି
ଡାକ୍‌ପୁଟା ଅଇସୁ । ତୁଇ ସେ ପାଟାଇରଇବା ଗଟେକ୍ ଦୁତ୍‌ପାରା,
ତାର୍‌ପାଇ ବାଟ୍ ତିଆର୍ କର୍‌ସୁ । ୭୭ ପାପ୍‌ଟାନେଅନି କେମା
ପାଇକରି ଜେନ୍ତି କି ଉଦାର୍ ଅଇବାଇ, ସେ କାତା ଜାନାଇବାକେ
ଜାଇସୁ । ୭୮ ଆମର୍ ପାଦ୍ ସାନ୍ତିର୍ ବାଟେ ଆନ୍‌ବାକେ, ଆମର୍
ପର୍‌ମେସରର୍ ଆଲାଦର୍ ଦୟାର୍‌ଲାଗି, ଆମର୍‌ପାଇ ସର୍‌ଗେଅନି
ବେଲ୍ ତାରାସ୍‌ସି । ୭୯ ସେ ପୁରାପୁରୁନ୍ ଆଲାଦର୍ ଦୟାର୍‌ଲାଗି
ମାପ୍‌ରୁର୍ ଲକ୍‌ମନ୍‌କେ, ସେମନର୍ ପାପ୍‌ଟାନେଅନି ମୁକ୍‌ଲାଇବା
ଗିଆନ୍ ଦେଇସୁ । ତାର୍ ବାଟ୍ ତିଆର୍ କର୍‌ବାକେ ମୁଲିଆଇସୁ
।” ୮୦ ଆରି ଜଅନ୍ ବଡିକରି ଆତ୍‌ମାଇ ବପୁ ଅଇଲା ଆରି
ଲକ୍‌ମନର୍ ଟାନେ ଜାନାଇ ନ ଅଇକରି କିନରା ଜାଗାମନ୍‌କେ
ରଇତେ ରଇଲା । ପଚେ ସେ ଇସ୍‌ରାଏଲର୍ ଲକ୍‌ମନର୍‌ଟାନେ
ବାକିଅ ସୁନାଇବାର୍ ଦାର୍‌ଲା ।

**୨** ସେବେଲେ ରମିୟ ରାଇଜର୍ ବଡ୍ ସାସନ୍ କାରିଆ
ଅଗସ୍‌ଟ କାଇସରର୍ ଆଦେସ୍ ଇସାବେ ସବୁଲକ୍‌କେ ନାଉଁ
ଲେକାଇବାର୍ ଅଇଲା । ୨ କିରିଣିୟ ନାଉଁର୍ ସାସନ୍ କାରିଆ
ସିରିଆ ରାଇଜ୍ ସାସନ୍ କର୍‌ବା ବେଲେ ପର୍‌ତୁମ୍ ତର୍ ଏନ୍ତାରି
ନାଉଁ ଲେକା ଅଇରଇଲା । ୩ ସେଟାର୍‌ପାଇ ବଲି ସବୁଲକ୍
ନାଉଁ ଲେକାଇବାକେ ନିଜର୍ ନିଜର୍ ନଅରେ ଗାଲାଇ । ୪
ଆରି ଜସେପ୍ ମିସା ନାଉଁ ଲେକାଇବାକେ ମରିୟମର୍ ସଙ୍ଗ୍
ଗାଲିଲି ରାଇଜର୍ ନାଜରିତ୍ ନାଉଁର୍ ଗଟେକ୍ ନଅରେ ଅନି
ଜିଉଦା ରାଇଜର୍ ବେତ୍‌ଲିଇମ୍ ବଲି ଦାଉଦ୍ ରାଜାର୍ ଜନମ୍
ନଅରେ ଗାଲାଇ । କାଇକେବଇଲେ, ଜସେପ୍ ଦାଉଦ୍ ବଁସର୍
ଆରି ସେ କୁଟୁମର୍ ଲକ୍ ରଇଲା । ୫ ତାର୍‌ସଙ୍ଗ୍ ମରିୟମର୍
ବିବା ମାଙ୍ଗ୍‌ନି ଅଇରଇଲା, ଆରି ମରିୟମ୍ ଗାଗ୍‌ଡେ ଅଇରଇଲା
। ୬ ଜସେପ୍ ଆରି ମରିୟମ୍ ବେତ୍‌ଲିଇମେ ରଇଲାବେଲେ,
ମରିୟମର୍ ଆତ୍‌ଗଡ୍ ସୁକ୍ ଅଇବା ଦିନ୍ କେଟି ଆଇଲା । ୭ ଆରି
ମରିୟମ୍ ତାର୍ ପଣୁଆ ପିଲାକେ ତେଇ ଜନମ୍‌ଦେଲା, ଆରି ତାକେ
ଲୁଗାସଙ୍ଗ୍ ଗୁଡିଆଇକରି ଗରୁସାଲର୍ ଡଙ୍ଗ୍‌ରାକୁଣ୍ଡେ ଡୁଲାଇରଇଲା,
କାଇକେବଇଲେ ସେମନ୍‌କେ ରଇବାପାଇ ବାସାଗରେ ଟାନ୍
ନ ରଇଲା । ୮ ବେତ୍‌ଲିଇମ୍ ଲଗେ କେତେଟା ମେଣ୍ଡା ଚାରାଉ
ଗଉଡ୍‌ମନ୍ ସେ ରାତିଆ ପଦାଇ ରଇ ତାକର୍ ମେଣ୍ଡା ଗଟାନି
ଜାଗ୍‌ତେରଇଲାଇ । ୯ ଆରି ଏଦେ ଦେକା! ମାପ୍‌ରୁର୍ ଦୁତ୍ ଗଟେକ୍
ଆସି ସେମନର୍ ଲଗେ ଟିଆଅଇଲା, ଆରି ମାପ୍‌ରୁର୍ ମଇମାର୍
ଉଜଲ୍ ତାକର୍ ଚାରିବେଡ୍‌ତି ଜଲ୍‌ସିଗାଲାଜେ ଗଉଡ୍‌ମନ୍ ବେସି
ଡରିଗାଲାଇ । ୧୦ ତେଇ ଦୁତ୍ ସେମନ୍‌କେ କଇଲା, "ଡରାନାଇ!
ଦେକା ମୁଇ ସବୁଲକର୍‌ପାଇ ଗଟେକ୍ ବେସି ସାର୍‌ଦାର୍ କବର୍
ତମ୍‌କେ ଜାନାଇଲିନି, ଜନ୍‌ଟାକି ସବୁଲକର୍‌ପାଇ ସାର୍‌ଦାର୍
ବିସଇ ଅଇସି । ୧୧ କାଇକେବଇଲେ, ଆଜିସେ ଦାଉଦ୍ ରାଜାର୍
ଜନମ୍ ନଅରେ ତମର୍‌ପାଇ ଗଟେକ୍ ଉଦାର୍‌କାରିଆ ଜନମ୍‌କଲା
ଆଚେ, ସେ କିରିସ୍‌ଟ ମାପ୍‌ରୁ । ୧୨ ଆରି ତମର୍‌ପାଇ ବଲି ଏଟା
ଗଟେକ୍ ଚିନ୍‌ପାରା ଅଇସି, ତମେ ଲୁଗା ଗୁଡିଆଇକରି ଗଟେକ୍
ପିଲା ଗରୁସାଲର୍ ଡଙ୍ଗ୍‌ରାଇ ଡୁଲାଇ ରଇବାଟା କଜି ମିଲାଇସା ।"
୧୩ ସେଡ୍‌କିବେଲେ ଅଟାତ୍ ସର୍‌ଗେଅନି ଦୁତ୍‌ମନ୍ ମାନ୍ଦାଅଇ,
ସେ ସରଗର୍ ଦୁତ୍‌ଟାନେ କେଟି ପର୍‌ମେସର୍‌କେ ସୁମର୍‌ନା
କର୍‌ବାର୍ ଦାର୍‌ଲାଇ । ୧୪ "ସର୍‌ଗେ ରଇବା ପର୍‌ମେସରର୍
ଜୟ ଜୟ କରୁ, ଆରି ଦର୍‌ତନିଟାନେ ରଇବା ଜନ୍ ଲକ୍‌ମନ୍‌କେ
ପର୍‌ମେସର୍ ବାଚ୍‌ଲାଆଚେ ସେମନ୍‌କେ ସାନ୍ତି ମିଲ ।" ୧୫
ଦୁତ୍‌ମନ୍ ମେଣ୍ଡା ଚାରାଉ ଗଉଡ୍‌ମନ୍‌କେ ଚାଡି ସର୍‌ଗେ ଉଟିଗାଲା
ପଚେ, ଗଉଡ୍‌ମନ୍ ତାକର୍ ତାକର୍ ବିତ୍‌ରେ କୁଆବଲା ଅଇବାର୍
ଦାର୍‌ଲାଇ, "ଆସା ଆମେ ସବୁ ବେତ୍‌ଲିଇମ୍ ଜାକ ଜାଇକରି,
ପର୍‌ମେସର୍ ଜାନାଇରଇଲା ବିସଇ ଦେକୁ ।" ୧୬ ତେଇଅନି
ସେମନ୍ ଦାପ୍‌ରେ ଜାଇ କଜିକରି ମରିୟମ୍, ଜସେପ୍ ଆରି
ଗରୁସାଲର୍ ଡଙ୍ଗ୍‌ରାଇ ପିଲା ଡୁଲିରଇଲାଟା ଦେକ୍‌ଲାଇ । ୧୭
ସେମନ୍ ପିଲାକେ ଦେକିକରି, ଦୁତ୍ ଜାଇ ଜାଇଟା କଇରଇଲା,
ତେଇ ରଇଲା ସବୁଲକ୍‌କେ କଇଲାଇ । ୧୮ ଆରି ଜେଡ୍‌କି ଲକ୍
ତେଇ ରଇଲାଇ ଗଉଡ୍‌ମନର୍ ଟାନେଅନି ସେ ସବୁ କାତା ସୁନି
କାବା ଅଇଗାଲାଇ । ୧୯ ମାତର୍ ମରିୟମ୍ ଏ ସବୁ କାତା ନିଜର୍
ମନେ ସଙ୍ଗ୍‌ଇ, ସେ ବିସଇସେ ଚିନ୍ତା କର୍‌ବାର୍ ଦାର୍‌ଲା । ୨୦ ଆରି
ମେଣ୍ଡା ଚାରାଉମନ୍‌କେ ଦୁତ୍ ଜେନ୍ତି କଇରଇଲା, ସେନ୍ତା ସୁନ୍‌ଲାଇ
ଆରି ଦେକ୍‌ଲାଇ । ସେ ସବୁର୍‌ଲାଗି ପର୍‌ମେସରର୍ ମଇମା କରି
କରି ବାଅଡ୍‌ଲାଇ । ୨୧ ଆଟ୍ ଦିନ୍ ଅଇଲାପଚେ ଜିଉଦିମନର୍
ନିୟମ୍ ଇସାବେ ପିଲାକେ ସୁନତ୍ କର୍‌ବାକେ ମନ୍ଦିରେ ନେଲାଇ
। ଆରି ପିଲାର୍ ନାଉଁ ଜିସୁ ବଲି ଦିଆଅଇଲା । ଏ ନାଉଁ
ମରିୟମ୍ ଗାଗ୍‌ଡେ ନ ଅଇତେ, ସର୍‌ଗର୍ ଦୁତ୍ କଇରଇଲା ।
୨୨ ପଚେ ଜେଡେବଲ୍ ମସାର୍ ବିଦି ଇସାବେ, ଜସେପ୍ ଆରି
ମରିୟମର୍ ସୁତକ୍ ଅଇରଇବା ବେଲା ପୁରୁନ୍ ଅଇଆଇଲା,
ପିଲାକେ ପର୍‌ମେସର୍‌କେ ସର୍‌ପି ଦେବାକେ ଜିରୁସାଲାମ୍ ମନ୍ଦିରେ
ନେଲାଇ । ୨୩ ମାପ୍‌ରୁର୍ ଲେକା ଅଇରଇବା ସାସ୍‌ତର୍ ଇସାବେ,
ସେ ବେଲେ ଜନ୍ ଗରେ ମିସା, ପର୍‌ତୁମ୍ ଜନମ୍ ଅଇଲା ପଣୁଆ
ପିଲାମନ୍ ପର୍‌ମେସରର୍ ସେବାର୍ ପାଇ ସର୍‌ପି ଅଇବାଇ
ବଲି ମାନ୍‌ତେ ରଇଲାଇ । ୨୪ ଜସେପ୍ ଆରି ମରିୟମ୍
ଜିସୁକେ ଲେକା ଅଇରଇବା ସାସ୍‌ତର୍ ଇସାବେ ପର୍‌ମେସର୍‌କେ
ସର୍‌ପି ଦେବାକେ ଆରି ସୁକଲ୍ ଅଇବା ବିରୁର୍‌ପାଇ ଦୁଇଟା
ପରୁଆ ପିଲା ଦାରି ଜିରୁସାଲାମ୍ ଗାଲାଇ । ୨୫ ସେବେଲେସେ
ଜିରୁସାଲାମେ ସିମିୟନ୍ ନାଉଁର୍ ଗଟେକ୍ ଦରମ୍ ଲକ୍ ରଇଲା
। ସେ ମାପ୍‌ରୁ ଦେକ୍‌ବା ଇସାବେ ନିମାନ୍ ଲକ୍ । ଇସ୍‌ରାଏଲ୍
ଦେସେ ଉଦାର୍‌କାରିଆ ଆସି ସାନ୍ତି ଦେଅ ବଲି ଜାଗିରଇଲା
। ଆରି ତାର୍‌ଟାନେ ସୁକଲ୍ ଆତ୍‌ମା ବାସାଅଇରଇଲା । ୨୬
ସୁକଲ୍ ଆତ୍‌ମା ତାକେ ଜାନାଇଦେଇରଇଲା ଜେ, ପର୍‌ମେସର୍

ପାଟାଇରଇବା ଉଦାର୍କାରିଆର୍ ଦର୍ସନ୍ ନ ମିଲ୍ବାଜାକ ତାର୍
ମରନ୍ ନ ଅଏ । ୨୭ ତାକେ ଆତ୍ମା ଚାଲାଇ ଆନ୍ଲାଜେ ସେ
ଦେଉଲର୍ ଡାଣ୍ଡେ ଆଇଲା, ଆରି ଜେତେବଲ୍ ସାନ୍ପିଲା ଜିସୁର୍
ଆୟା ବାବା ତାକେ ବିତ୍ରେ ଆନ୍ଲାଇ, ୨୮ ସେତ୍କିବେଲେ
ସିମିୟନ୍ ସାନ୍ପିଲାକେ କଲେ ଦାରି ପର୍ମେସରର୍ ମଇମା କରି
କଇଲା, ୨୯ "ଏ ମାପ୍ରୁ! ଏବେ ତୁଇ ନିଜର୍ ବାକିଅ ଇସାବେ
ତର୍ ନିଜର୍ ଦାସ୍ ମକେ ସାନ୍ତିସଙ୍ଗ୍ ଜିବାକେ ଦେଲୁସ୍ନି! ୩୦
କାଇକେବଇଲେ ମର୍ ଆଁକି ତର୍ ଉଦାର୍ ଦେକି ଆଚେ, ୩୧ ଜନ୍
ଉଦାର୍କାରିଆକେ ତମେ ସବୁଲକର୍ ମୁଆଟେ ପାଟାଇ ଆଚାସ୍
। ୩୨ ଆରି ବିଜାତି ଲକ୍ମନର୍ପାଇ ବଲି ଜାନାଇଅଇଲା ସତର୍
ଉଜଲ୍ ଆରି ତମର୍ ଲକ୍ମନ୍ ଇସ୍ରାଏଲର୍ ମଇମା କରି ଆଚାସ୍
।" ୩୩ ସିମିୟନର୍ଟାନେଅନି ଜିସୁର୍ ବିସଇର୍ କାତା ସୁନି ଜସେପ୍
ଆରି ମରିୟମ୍ କାବାଅଇ ଜାଇତେ ରଇଲାଇ । ୩୪ ଆରି ସିମିୟନ୍
ସେଲକ୍କେ ଆସିର୍ବାଦ୍ ଦେଇ ଜିସୁର୍ ମାକେ କଇଲା, "ଏ ପିଲା
ଇସ୍ରାଏଲ୍ ଦେସର୍ କେତେ କେତେ ଲକ୍ ଉବଜ୍ବାଟା ଆରି
କେତେ କେତେ ଲକ୍ ବୁଡିଜିବାର୍ପାଇ ବଲି ପର୍ମେସର୍ ବାଚି
ପାଟାଇଲା ଲକ୍ ଅଇସି । କେତେ କେତେ ଲକ୍ମନ୍ ତାର୍ ବିରୁଦେ
କଇବା, ଗଟେକ୍ ଚିନ୍ ପାରା ଅଇସି । ୩୫ କେତେ କେତେ ଲକ୍
ତାକେ ବିରଦ୍ କରି ନିଜର୍ ମନ୍ ବିତ୍ରର୍ କାତା ସବୁ ଜାନାଇବାଇ
। ଆରି ତମର୍ ଜିବ୍ନେ ଗଟେକ୍ କାଣ୍ଡା ବୁସିଅଇରଇଲାପାରା
ତମ୍କେ ବେସି ଦୁକ୍ ଆଇସି ।" ୩୬ ସେ ଦାପ୍ରେ, ଏଦେ
ଦେକା! ଆନା ନାଉଁର୍ ଗଟେକ୍ ମାଇଜି ବବିସତ୍ବକ୍ତା ତାକର୍
ଲଗେ ଆଇଲା । ସେ ଆସେର୍ ବଁସର୍ ପିନୁଏଲର୍ ଟକି, ସେ
ବେସି ଡକ୍ରି ଅଇଜାଇରଇଲା । ବିବା ଅଇ ମୁନୁସ୍ ସଙ୍ଗ୍ ସାତ୍
ବରସ୍ ରଇକରି, ରାଣ୍ଡି ଅଇଗାଲା । ଆରି ତାକେ ଚାରିକଡିଚାରି
ବରସ୍ ଅଇରଇଲା । ୩୭ ସେ ଦେଉଲେଅନି କେନେ ନ ଜାଇ,
ଉପାସ୍ ରଇକରି ଦିନ୍ ରାତି ମାପ୍ରୁର୍ ଉପାସନା କର୍ତେରଇଲା
। ୩୮ ପିଲାକେ ମାପ୍ରୁର୍ଟାନେ ସର୍ପି ଦେବାବେଲେ ସେ
ଦେଉଲର୍ ଡାଣ୍ଡେ କେଟି, ପର୍ମେସରର୍ ମଇମା କରିକରି ଜନ୍
ଲକ୍ମନ୍ ଜିରୁସାଲାମର୍ ମୁକ୍ତି ମିଲ ବଲି ଜାଗ୍ତେରଇଲାଇ,
ସେ ଲକ୍ମନ୍କେ ପିଲାର୍ ବିସଇ କଇବାର୍ ଦାର୍ଲା । ୩୯ ପଚେ
ଜସେପ୍ ଆରି ମରିୟମ୍ ମାପ୍ରୁର୍ ରିତିନିତି ଇସାବେ କର୍ବା ସବୁ
କାମ୍ ସାରାଇ, ଗାଲିଲି ନିଜର୍ ନଅର୍ ନାଜରିତେ ବାଅଡ୍ଲାଇ
। ୪୦ ଆରି ପିଲା ଦିନ୍କେ ଦିନ୍ ବଡିକରି ବପୁଅଇଲା, ଆରି
ଗିଆନେ ପୁରାପୁରୁନ୍ ଅଇଲା । ତାକେ ପର୍ମେସରର୍ ଦୟା
ରଇଲା । ୪୧ ଜିସୁର୍ ବାବା, ମା ସବୁବର୍ସେ ଜିଉଦିମନର୍
ନିସ୍ତାର୍ ପରବ୍ ପାଇ ଜିରୁସାଲାମେ ଜାଇତେରଇଲାଇ । ୪୨
ତରେକ୍ ଜିସୁକେ ବାର ବରସ୍ ଅଇଲାବେଲେ ସେମନର୍ ରିତିନିତି
ଇସାବେ ଜିରୁସାଲାମେ ପରବ୍ ମାନ୍ବାର୍ ଗାଲାଇ । ୪୩ ସେମନ୍
ପରବ୍ ସାରାଇ ବାଉଡି ଆଇଲାବେଲେ, ପିଲା ଜିସୁ ଜିରୁସାଲାମେ
ରଇଗାଲା । ମାତର୍ ତାର୍ ବାବା ମାଆ ମିସା ସେ ତେଇ ରଇଲାଟା
ଜାନି ନ ରଇଲାଇ । ୪୪ ତାର୍ ସଙ୍ଗର୍ ଲକ୍ମନର୍ ସଙ୍ଗ୍ ଆଚେ
କାଇକି ବଲି ବାବିକରି ସେମନ୍ ଗଟେକ୍ ଦିନର୍ ବାଟେ ଇଣ୍ଟି
ଉଟି ଜାଇରଇଲାଇ । ସେମନ୍ ସାଇପଡିସା, ଚିନାର୍ ଜାନାର୍
ଲକ୍ମନ୍କେ ପାଚାରି କଜ୍ଲାଇ । ୪୫ ଡିସେନାଇକେ ଆରି
କଜି କଜି ଜିରୁସାଲାମେ ବାଉଡିଗାଲାଇ । ୪୬ ତିନ୍ଦିନ୍ ପଚେ
ସେମନ୍ ତାକେ ମନ୍ଦିରେ ଦେକ୍ଲାଇ, ସେ ସାସ୍ତର୍ ସିକାଉମନର୍
ମଜାଇ ବସି, ତାକର୍ କାତା ସୁନ୍ତେରଇଲା, ଆରି ପର୍ସନ୍
ପାଚାର୍ତେରଇଲା । ୪୭ ଆରି ତେଇ ଜେତ୍କି ଲକ୍ ତାର୍ କାତା
ସୁନ୍ତେରଇଲାଇ, ସବୁଲକ୍ ସେ କାତା ଅଇବାଟା ଆରି ତାର୍
ବୁଦି ଦେକି କାବାଅଇ ଜାଇତେରଇଲାଇ । ୪୮ ଜସେପ୍ ଆରି
ମରିୟମ୍ ମିସା ଜିସୁକେ ଦେକି କାବା ଅଇଗାଲାଇ, ଆରି ତାର୍
ମାଆ ତାକେ କଇଲା, "ତୁଇ କାଇକେ ନୁନା ଆମ୍କେ ଏନ୍ତାରି
କଲୁସ୍? ଦେକ୍ନି ତର୍ ବାବା ଆରି ମୁଇ କେତେକ୍ କିଲ୍ବିଲ୍ ଅଇ
କଜ୍ଲୁନି ।" ୪୯ ତେଇ ଜିସୁ ସେମନ୍କେ କଇଲା, "କାଇକେ
ମକେ କଜ୍ତେରଇଲାସ୍? ମର୍ ବାବାର୍ ଗରେ ମୁଇ ରଇବାର୍
ଆଚେଆକା, ଏଟା ନାଜାନି ରଇଲାସ୍ କି?" ୫୦ ମାତର୍ ଜିସୁ
ସେମନ୍କେ ଜନ୍ କାତା କଇଲା, ସେଟା ସେମନ୍ ବୁଜିନାପାର୍ଲାଇ
। ୫୧ ପଚେ ଜିସୁ ତାର୍ ବାବା ମାଆ ସଙ୍ଗ୍ ନାଜରିତେ ବାଉଡି
ଆଇଲା ଆରି ତାକର୍ କାତା ମାନ୍ତେରଇଲା, ମରିୟମ୍ ମିସା
ଏ ସବୁ କାତା ନିଜର୍ ମନ୍ ବିତ୍ରେ ସଙ୍ଗ୍ଇ ଚିନ୍ତା କଲା । ୫୨
ଜିସୁ, ଗିଆନେ, ଗାଗ୍ଡେ, ପର୍ମେସର୍ ଆରି ଲକ୍ମନର୍ ଦୟାଇ
ବଡିଆଇଲା ।

୩ ବଡ୍ ସାସନ୍କାରିଆ ତିବିରିଆ କାଇସର୍ ସାସନ୍ କର୍ବା
ପନ୍ଦର ବରସ୍ ଅଇଲାବେଲେ, ପାନ୍ତିୟ ପିଲାତ୍ ଜିଉଦା
ରାଇଜ୍ ସାସନ୍ କର୍ତେରଇଲା । ଆରି ଏରଦ୍ ଗାଲିଲିର୍
ସାସନ୍କାରିଆ ରଇଲା । ଏରଦର୍ ବାଇ ପିଲିପ୍ ଇତୁରିଆ
ଆରି ତାକ୍ନିତ୍ ରାଇଜର୍ ସାମନ୍ତ ରାଜା ରଇଲା । ଲୁସାନିଆ
ନାଉଁର୍ ଗଟେକ୍ ଲକ୍ ଅବିଲିନି ରାଇଜର୍ ସାମନ୍ତ ରାଜା ରଇଲା
। ୨ ଆନାନ୍ ଆରି କୟାପ୍ ନାଉଁର୍ ଦୁଇ ଲକ୍ ବଡ୍ ପୁଜାରି
ରଇଲାଇ । ସେବେଲେ ଜିକରିୟର୍ ପଅ ଜଅନ୍, ମରୁବାଲି ବୁଏଁ
ରଇଲାବେଲେ ପର୍ମେସରର୍ କାତା ସେ ସୁନ୍ଲା । ୩ ଜର୍ଦନ୍
ଗାଡ୍ ଲଗେ ରଇବା ଲଗର୍ ପାକର୍ ଗାଉଁଗଣ୍ଡାଇ ଜାଇ ଜଅନ୍
ପାପ୍ କେମାର୍ ଲାଗି, ପାପ୍କାମ୍ ଚାଡିକରି ମାପ୍ରୁର୍ ବାଟେ
ଆସି ଡୁବନ୍ ନେବାକେ ଜାନାଇବାର୍ ଦାର୍ଲା । ୪ ଜେନ୍ତାରି
ଜିସାୟ ବବିସତ୍ବକ୍ତା ସୁନାଇରଇବା ସାସ୍ତରେ ଲେକା
ଅଇଲାଆଚେ, "ମରୁବାଲିବୁଏଁ ଆଉଲିଅଇ କଇବା ଗଟେକ୍
ଲକ୍ ସବଦ୍ କରି କଇଲାନି, ମାପ୍ରୁ ଆଇବାଟା ତିଆର୍କରା,
ତାର୍ ଆଇବା ବାଟ୍ ସଲ୍କାଆ । ୫ ବଡ୍ ବଡ୍ ଡଙ୍ଗର୍ ପର୍ବତ୍
ସବୁ ସଦ୍ରମ୍ ଅଇକରି ଗାଡ୍ କଣ୍ଡି କଣ୍ଡି ରଇବା ଆଁଟାଲ୍
ବୁଟାଲ୍ ସାର୍ଦି ଅଇସି, ବାଁକ୍ ଟେକ୍ ବାଟ୍ ସଲକ୍ ଅଇସି,
ଆରି କାଲ୍ ଡେପ୍ ଜମି ସଦ୍ରମ୍ ଅଇଜାଇସି । ୬ ମତ୍ପୁରର୍

ସବୁଲକ୍ ପର୍ମେସରର୍ ଉଦାର୍କାରିଆକେ ଦେକ୍ବାଇ ।" **୭**
ଜଅନ୍ଟାନେ ଡୁବନ୍ ନେବାର୍ଲାଗି ବାରଇ ଆଇବା ଲକ୍ମନ୍କେ
ସେ କଇଲା, "ଏ ବିସ୍ ରଇଲା ସାଁପର୍ ବଁସର୍ ଲକ୍ମନ୍, ଆଇବା
ପର୍ମେସରର୍ କପେଅନି ପାଲାଇବାକେ ତମ୍କେ କେ ଚେତ୍ନା
ଦେଲା? **୮** ତେବର୍ପାଇ ପାପ୍କାମ୍ ଚାଡି ନିକ କାମ୍ କରା,
ଅବ୍ରାଆମ୍ତା ଆମର୍ ଆନିଦାଦି ବଲି ମନେ ମନେ ବାବାନାଇ,
କାଇକେବଇଲେ ମୁଇ ତମ୍କେ କଇଲିନି, ପର୍ମେସର୍ ଏ
ପାକ୍ନାମନର୍ଟାନେଅନି ମିସା ଅବ୍ରାମର୍ ପିଲାଜିଲା ଉବ୍ଜାଇ
ପାର୍ସି । **୯** ଏବେମିସା ଗଚ୍ମନର୍ ବୁନ୍ଚେ କୁରାଡି ଲାଗିଆଚେ,
ତେବର୍ପାଇ ଜନ୍ ଗଚ୍ ନିମାନ୍ ପଲ୍ ନ ପଲେ, ସେଟା କାଟିକରି
ଜଇଟାନେ ପିଙ୍ଗାଅଇସି ।" **୧୦** ତେଇ ଲକ୍ମନ୍ ଜଅନ୍କେ
ପାଚାର୍ଲାଇ, "ସେନ୍ତାର୍ ଆଲେ ଆମେ କାଇଟା କର୍ବୁ?"
**୧୧** ଜଅନ୍ ସେମନ୍କେ କଇଲା "ଜାର୍ଟାନେ ଦୁଇଟା ପିନ୍ଦ୍ବା
ଲୁଗା ଆଚେ, ଜାକେ ନାଇ, ତାକେ ସେ ଗଟେକ୍ ଦେଅ, ଆରି
ଜାର୍ଟାନେ କାଦି ଆଚେ, ସେ ମିସା ସେନ୍ତାରି ବାଟା କରି ଦେଅ
।" **୧୨** ସିସ୍ତୁମାଙ୍ଗ୍ମନ୍ ମିସା ଡୁବନ୍ ନେବାକେ ଆସି ତାକେ
ପାଚାର୍ଲାଇ "ଏ ଗୁରୁ ଆମେ କାଇଟା କର୍ବୁ?" **୧୩** ଜଅନ୍
ସେମନ୍କେ କଇଲା, "ତମର୍ ଜେତ୍କି ନେବାର୍ ଅଦିକାର୍ ଆଚେ,
ତାର୍ତେଇଅନି ଅଦିକ୍ ମାଙ୍ଗା ନାଇ ।" **୧୪** ସନିଅମନ୍ ମିସା
ତାକେ ପାଚାର୍ବାର୍ ଦାର୍ଲାଇ, "ଆରି ଆମେ କାଇଟା କର୍ବୁ?"
ଜଅନ୍ ସେମନ୍କେ କଇଲା, "ବପୁ ଦେକାଇ କାଇଟା ମିସା
ଜିକି ଆନା ନାଇ କି ନାଡାଇକରି କାର୍ ଦନ୍ସଁପତି ଆନା ନାଇ,
ତମ୍କେ ଜେତ୍କି କୁଲି ମିଲ୍ଲାନି ସେତ୍କି ନେଇକରି ସାର୍ଦା
ସଙ୍ଗ୍ ରୁଆ ।" **୧୫** ଲକ୍ମନ୍ ଆସାଅଇ କିରିସ୍ଟକେ ଜାଗ୍ତେ
ରଇଲାଇ ଜେ, କେଡେବେଲେ ଏ ମିସା କିରିସ୍ଟ ଅଇରଇସି ବଲି
ବାବି, ଜଅନର୍ ବିସଇ ଚିନ୍ତା କର୍ତେରଇଲାଇ । **୧୬** ତେବେ
ଜଅନ୍ ସବୁଲକ୍ମନ୍କେ କଇଲା, "ମୁଇସିନା ତମ୍କେ ପାନିଟାନେ
ଡୁବନ୍ ଦେଲିନି, ମାତର୍ ମର୍ଟାନେଅନି ଅଦିକ୍ ବପୁର୍ଲକ୍
ଆଇଲାନି, ମୁଇ ତାର୍ ଗଡିଦାଙ୍ଗ୍ଡା ଅଇ ପାଦର୍ ପାଣ୍ଡଇ ମିସା
କୁସ୍ଲାଇବାକେ ମର୍ ଅଦିକାର୍ ନାଇ । ସେ ତମ୍କେ ଜଇସଙ୍ଗ୍
ଆରି ସୁକଲ୍ ଆତ୍ମାଇ ଡୁବନ୍ ଦେଇସି । **୧୭** ତାର୍ ଆତେ
କୁଲାଆଚେ, ତେବେ ସେ କଟାରେ ରଇଲା ଦାନ୍ ପରିଚଲ୍ କରି
ଟୁଲିଆଇ କଲ୍କିଟାନେ ସଙ୍ଗଇସି । କାଇ କାମେ ନ ଆଇବାଟା
ଜାକ ସବୁବେଲେ ଲାଗିରଇବା ଜଇଟାନେ ପଡାଇଦେଇସି ।"
**୧୮** ଜଅନ୍ ଏନ୍ତାରି କେତେକ୍ କେତେକ୍ ଉପ୍ଦେସ୍ ଦେଇକରି
ଲକ୍ମନ୍କେ ମାପ୍ରୁର୍ବାଟେ ଆଇବାକେ ମନ୍ କରାଇତେରଇଲା
ଆରି ମାପ୍ରୁର୍ ନିକ କାତା ସୁନାଇତେରଇଲା ଆରି ପାପ୍
କର୍ବାଟାନେଅନି ବାଅଡ୍ବାକେ ବୁଜାଇତେରଇଲା । **୧୯** ମାତର୍
ସାମନ୍ତ ରାଜା ଏରଦ୍ ନିଜର୍ ବାଇର୍ ମାଇଜି ଏରଦିଆକେ
ସଙ୍ଗଇଲାକେ ତାର୍ କରିରଇବା ବିନ୍ ବିନ୍ ପାପ୍କାମର୍ ବିସଇ
ଜାନି ଜଅନ୍ ତାକେ ଦମ୍କାଇତେରଇଲା । **୨୦** ଏରଦ୍ ଜଅନ୍କେ
ବନ୍ଦିକରି ସେ କରିରଇବା ସବୁ ପାପ୍କାମର୍ ସଙ୍ଗ୍ ଏ ବଡ୍
ପାପ୍ ମିସା ଜଡ୍ଲା । **୨୧** ସବୁଲକ୍ ଡୁବନ୍ ନେଲା ପଚେ ଜିସୁ
ମିସା ଡୁବନ୍ ନେଲା । ଆରି ପାର୍ତନା କର୍ବାବେଲେ, ଏଦେ
ଦେକା! ବାଦଲ୍ ଉଗାଡିଅଇଗାଲା, **୨୨** ଆରି ସୁକଲ୍ ଆତ୍ମା
ପରୁଆର୍ ଗାଗଡ୍ ଦାରି ଉତ୍ରି ଆସି, ଜିସୁର୍ ଉପ୍ରେ ବସ୍ଲା ।
ସର୍ଗେଅନି ଗଟେକ୍ ଏନ୍ତାରି ସବଦ୍ ଆଇଲା, "ତୁଇସେ ମର୍
ଆଲାଦର୍ ପିଲା, ତର୍ଟାନେ ମୁଇ ବେସି ସାର୍ଦା ଅଇଲିନି
।" **୨୩** ଜିସୁ ପର୍ମେସରର୍ କାମ୍ ଆରମ୍ କଲାବେଲେ ତାକେ
ତିରିସ୍ ବରସ୍ ଅଇରଇଲା । ଲକ୍ମନର୍ ବାବ୍ନା ଇସାବେ, ଜିସୁ
ଜସେପର୍ ପଅ, ଜସେପ୍ ଏଲିର୍ ପଅ । **୨୪** ଏଲି ମତ୍ତାତର୍
ପଅ, ମତ୍ତାତ୍ ଲେବିର୍ ପଅ, ଲେବି ମଲ୍କିର୍ ପଅ, ମଲ୍କି
ଜନୟର୍ ପଅ, ଜନୟ ଜସେପର୍ ପଅ, **୨୫** ଜସେପ୍ ମତିତିଆର୍
ପଅ, ମତିତିଆ ଅମସର୍ ପଅ, ଅମସ୍ ନାଉମର୍ ପଅ, ନାଉମ୍
ଏସ୍ଲିର୍ ପଅ, ଏସ୍ଲି ନଗୟର୍ ପଅ, **୨୬** ନଗୟ ମଅତର୍
ପଅ, ମଅତ୍ ମତିତିଆର୍ ପଅ, ମତିତିଆ ସମଇର୍ ପଅ, ସମୟି
ଜସେକର୍ ପଅ, ଜସେକ୍ ଜଦାର୍ ପଅ, **୨୭** ଜଦା ଜଅନର୍ ପଅ,
ଜଅନ୍ ରେସାର୍ ପଅ, ରେସା ଜିରୁବାବେଲର୍ ପଅ, ଜିରୁବାବେଲ୍
ସିଅଲ୍ତିଏଲର୍ ପଅ, ସଅଲ୍ତିଏଲ୍ ନେରିର୍ ପଅ, **୨୮** ନେରି
ମଲ୍କିର୍ ପଅ, ମଲ୍କି ଅଦିର୍ ପଅ, ଅଦି କସାମର୍ ପଅ, କସାମ୍
ଏଲୁଦାନର୍ ପଅ, ଏଲୁଦାନ୍ ଏରର୍ ପଅ, **୨୯** ଏର ଜିୟସୁଅର୍
ପଅ, ଜିୟସୁଅ ଏଲିଏଜର୍ ପଅ, ଏଲିଏଜ୍ ଜରିମର୍ ପଅ, ଜରିମ୍
ମତ୍ତାତର୍ ପଅ, ମତ୍ତାତ୍ ଲେବିର୍ ପଅ, **୩୦** ଲେବି ସିମିୟନର୍
ପଅ, ସିମିୟନ୍ ଜିଉଦାର୍ ପଅ, ଜିଉଦା ଜସେପର୍ ପଅ, ଜସେପ୍
ଜନାମର୍ ପଅ, ଜନାମ୍ ଏଲିଆକିମର୍ ପଅ, **୩୧** ଏଲିଆକିମ୍
ମଲାଅର୍ ପଅ, ମଲାଅ ମନାର୍ ପଅ, ମନା ମତତାର୍ ପଅ,
ମତତା ନାତନର୍ ପଅ, ନାତନ୍ ଦାଉଦର୍ ପଅ, **୩୨** ଦାଉଦ୍
ଜିୟସୁଅର୍ ପଅ, ଜିୟସୁଅ ଆବେଦର୍ ପଅ, ଆବେଦ୍ ବୟଜର୍
ପଅ, ବୟଜ୍ ସେଲଅର୍ ପଅ, ସେଲଅ ନଅସନର୍ ପଅ, **୩୩**
ନଅସ୍ ଅମିନାଦାବର୍ ପଅ, ଅମିନାଦାବ୍ ଅଦ୍ମିନର୍ ପଅ, ଅଦ୍ମିନ୍
ଅର୍ନିର୍ ପଅ, ଅର୍ନିର୍ ଏସ୍ରନର୍ ପଅ, ଏସ୍ରନ୍ ପେରସର୍
ପଅ, ପେରସ୍ ଜିଉଦାର୍ ପଅ, **୩୪** ଜିଉଦା ଜାକୁବର୍ ପଅ,
ଜାକୁବ୍ ଇସାକର୍ ପଅ, ଇସାକ୍ ଅବ୍ରାମର୍ ପଅ, ଅବ୍ରାଆମ୍
ତେରଅର୍ ପଅ, ତେରଅ ନାଅର୍ ପଅ, **୩୫** ନାଅର୍ ସରୁଗର୍ ପଅ,
ସରୁଗ୍ ରଗୁର୍ ପଅ, ରଗୁ ପେଲଗର୍ ପଅ, ପେଲଗ୍ ଏବର୍ ପଅ,
ଏବ ସେଲଅର୍ ପଅ, **୩୬** ସେଲା କଇନାନର୍ ପଅ, କଇନାନ୍
ଆର୍ପାକ୍ସଡର୍ ପଅ, ଆର୍ପାକ୍ସେଡର୍ ସେ ମର୍ ପଅ, ସେମ
ନଅର୍ ପଅ, ନଅ ଲାମେକର୍ ପଅ, **୩୭** ଲାମେକ୍ ମିତୁସେଲଅର୍
ପଅ, ମିତୁସେଲଅ ଅନକର୍ ପଅ, ଅନକ୍ ଜାରେଦର୍ ପଅ,
ଜାରେଦ୍ ମଅଲେଲର୍ ପଅ, ମଅଲେଲ୍ କେନାନର୍ ପଅ **୩୮**
କେନାନ୍ ଏନସର୍ ପଅ, ଏନସ୍ ସେତର୍ ପଅ, ସେତ ଆଦମର୍
ପଅ, ଆଦମ୍ ପର୍ମେସରର୍ ପଅ ।

**୪** ଜିସୁ ସୁକଲ୍ ଆତ୍‌ମାଇ ପୁରାପୁରୁନ୍ ଅଇକରି ଜର୍‌ଦନ୍
ଗାଡେଅନି ବାଉଡି ଆଇଲା । ଆରି ସଇତାନର୍ ଟାନେ
ପରିକା କରାଇବାକେ ତାକେ ଆତ୍‌ମା ଚାଲାଇ ନେଲା । ତେଇ
ଚାଲିସ୍ ଦିନ୍ ଜାକ ସଇତାନ୍ ତାକେ ପରିକା କର୍‌ତେରଇଲା
। **୨** ସର୍‌ତେ ଦିନ୍ ସାର୍‌ଲା ପଚେ ସେ ବୁକ୍‌କେ ବାୟାଚୁରା
ଅଇଗାଲା । **୩** ତେଇ ସଇତାନ୍ ଜିସୁକେ କଇଲା, “ତୁଇ ଜଦି
ପର୍‌ମେସରର୍ ପ, ତେବେ ଏ ପାକ୍‌ନା କାଦି ଅ ବଲି ଆଦେସ୍
ଦେସ୍ ।” **୪** ଜିସୁ ତାକେ କଇଲା, “ପର୍‌ମେସରର୍ ସାସ୍‌ତରେ
ଲେକାଅଇ ଆଚେ, ମୁନୁସ୍ ଅବ୍‌କା କାଦି କାଇ ନ ବଁଚେ ।”
**୫** ତାର୍‌ପଚେ ସଇତାନ୍ ଜିସୁକେ ଗଟେକ୍ ଉଁଚ୍ ଜାଗାଇ ଡାକି
ଦାରିଜାଇ କରି ଆଁକିମିଟ୍‌କା ମାର୍‌ବା ଏତ୍‌କି ପର୍‌କେ ଜଗତର୍
ସବୁ ରାଇଜ୍ ଦେକାଇଲା । **୬** ଆରି ଜିସୁକେ କଇଲା, “ମୁଇ
ତକେ ଏ ସବୁ ଦନ୍ ସଁପତିର୍ ଅଦିକାର୍ ଆରି ମଇମା ଦେବି ।
କାଇକେବଇଲେ ସେଟା ସବୁ ମକେ ସର୍‌ପିଦେଲାଆଚେ, ଆରି
ମୁଇ ଜାକେ ମନ୍ କର୍‌ବି, ତାକେ ଦେବି । **୭** ତେବର୍‌ପାଇ,
ଜେବେ ତୁଇ ମକେ ଜୁଆର୍ କର୍‌ସୁ, ତେବେ ସେ ସବୁଜାକ
ତର୍ ଅଇସି ।” **୮** ଜିସୁ ତାକେ କଇଲା, “ପର୍‌ମେସରର୍
ସାସ୍‌ତରେ ଲେକାଅଇଆଚେ, ତୁଇ ତର୍ ପର୍‌ମେସର୍‌କେସେ
ଜୁଆର୍ କର୍‌ସୁ, ଆରି ତାକେସେ ସେବା କର୍‌ସୁ ।” **୯** ପଚେ
ସଇତାନ୍ ଜିସୁକେ ଜିରୁସାଲାମେ ଡାକିଦାରିଜାଇ, ମନ୍ଦିରର୍
ଚାଉନି ଟିପେ ଟିଆକରାଇ କଇଲା, “ତୁଇ ଜଦି ପର୍‌ମେସରର୍
ପ, ତେବେ ଇତିଅନି ତଲେ ଡେଗଇଦେସ୍, **୧୦** କାଇକେବଇଲେ
ସାସ୍‌ତରେ ଲେକାଆଚେ ତକେ ରକିଆ କର୍‌ବାକେ ପର୍‌ମେସର୍
ତାର୍ ନିଜର୍ ଦୁତ୍‌ମନ୍‌କେ ଆଦେସ୍ ଦେଇସି । **୧୧** ଆରି
ମିସା ଲେକା ଆଚେ, ‘ଜେନ୍ତିକି ତର୍ ପାଦ୍ ପାକ୍‌ନାଇ ନ ପାଏ,
ସେଟାର୍‌ପାଇ ଦୁତ୍‌ମନ୍ ତକେ ଆତେଦାରି ଟେକି ନେବାଇ ।’”
**୧୨** ଜିସୁ ସଇତାନ୍‌କେ କଇଲା, “ଏଟା ମିସା ଲେକାଆଚେ, ତୁଇ
ତର୍ ମାପ୍‌ରୁ ନିଜର୍ ପର୍‌ମେସର୍‌କେ ପରିକା କର୍ ନାଇ ।” **୧୩**
ସଇତାନ୍ ସବୁ ରକାମର୍ ପରିକା ସାରାଇଲା ପଚେ, ଆରି ତରେକ୍
ବେଲା ମିଲ୍‌ବାଜାକ କେତେ ଦିନର୍ ପାଇ ଜିସୁକେ ଚାଡି ଉଟିଗାଲା
। **୧୪** ତାର୍‌ପଚେ ଜିସୁ ଆତ୍‌ମାଇ ବପୁଅଇକରି ଗାଲିଲି ରାଇଜେ
ବାଉଡିଗାଲା । ଆରି ତାର୍ କବର୍ ଗାଲିଲି ରାଇଜର୍ ଗୁଲାଇ
ଗାଉଁମନ୍ ଜାନ୍‌ଲାଇ । **୧୫** ପଚେ ଜିସୁ ଜିଉଦିମନର୍ ପାର୍‌ତନା
ଗର୍‌ମନ୍‌କେ ବୁଲି ବୁଲି ସିକିଆ ଦେଇକରି ସବୁ ଲକର୍‌ଟାନେ ଅନି
ଡାକ୍‌ପୁଟା ପାଇବାର୍ ଦାର୍‌ଲା । **୧୬** ଏତ୍‌କିବିତ୍‌ରେ ନାଜରିତେ,
ଜନ୍ ଜାଗାଇ କି ଜିସୁ ସାନ୍‌ବେଲେ ଅନି ବଡ୍ ଅଇରଇଲା, ସେ
ଜାଗାଇ ଗାଲା । ଆରି ନିଜର୍ ରିତିନିତି ଇସାବେ, ବିସ୍‌ରାମ୍
ବାରେ ଜିଉଦିମନର୍ ପାର୍‌ତନା ଗରେ କେଟି ଦରମ୍ ସାସ୍‌ତର୍
ପଡ୍‌ବାକେ ଟିଆ ଅଇଲା । **୧୭** ସେଡ୍‌କିବେଲେ ତାକେ ଜିସାୟ
ବବିସତ୍‌ବକ୍‌ତା ଲେକିରଇଲା ଦରମ୍ ସାସ୍‌ତର୍ ଦିଆଅଇଲା, ଆରି
ଜିସୁ ସେ ଜିସାୟ ବଇଟାନେ ଲେକାଅଇରଇଲା ଏନ୍ତାରି ବାକିଅ
ମେଲାକରି ପାଇଲା । **୧୮** “ମାପ୍‌ରୁର୍ ଆତ୍‌ମା ମର୍ ସଙ୍ଗ୍ ଆଚେ,
ତେବର୍‌ପାଇ ନଇଲା ମଇଲା ଲକ୍‌ମନର୍‌ଟାନେ ସୁବ୍ କବର୍
ଜାନାଇବାକେ, ପର୍‌ମେସର୍ ମକେ ବାଚିକରି ପାଟାଇଲା, ବନ୍ଦି
ଗରେ ରଇବା ଲକ୍‌ମନ୍‌କେ ମୁକ୍‌ଲାଇବାକେ, କାଣା ଲକ୍‌ମନ୍‌କେ
ଦେକାଇବା ବିସଇ ଜାନାଇବାକେ ଆରି ଦୁକର୍ ଲକ୍‌ମନ୍‌କେ
ମୁକ୍‌ଲାଇବାକେ, **୧୯** ଆରି ମାପ୍‌ରୁ ତାର୍ ଲକ୍‌ମନ୍‌କେ ରକିଆ
କର୍‌ବା ବେଲା ଆସିଆଚେ, ବଲି ଜାନାଇବାକେ ସେ ମକେ
ପାଟାଇଆଚେ ।” **୨୦** ପଚେ ସେ ସାସ୍‌ତର୍ ଡାବି, ପାର୍‌ତନା
ଚାଲାଇବା ଗଟେକ୍ ଲକ୍‌କେ ବାଉଡାଇଦେଇ ବସିଦେଲା ।
ପାର୍‌ତନା ଗରେ ରଇଲା ଲକ୍‌ମନ୍ ତାକେସେ ଦେକ୍‌ତେରଇଲାଇ
। **୨୧** ଜିସୁ ଲକ୍‌ମନ୍‌କେ କଇବାର୍ ଦାର୍‌ଲା, “ଆଜି ତମେ ସୁନ୍‌ଲା
ଏ ଦରମ୍ ସାସ୍‌ତରର୍ ବାକିଅ ପୁରାପୁରୁନ୍ ଅଇଲା ।” **୨୨** ଜିସୁର୍
ବିସଇ ନେଇକରି ସବୁଲକ୍ ନିକ ସାକି ଦେବାର୍ ଦାର୍‌ଲାଇ ଆରି
ସେ କଇବା, ମନ୍‌କେ ପାଇଲା ବାକିଅ ସୁନି କାବାଅଇଲାଇ,
ଆରି ସେମନ୍ “ଏଟାକାଇ ଜସେପର୍ ପ ନଏଁ ଜେ?” ବଲି
କଇବାର୍‌ଦାର୍‌ଲାଇ । **୨୩** ଜିସୁ ଲକ୍‌ମନ୍‌କେ କଇଲା, “ତମେ ସେ
ଗାଲା କାତା ଆରିତରେକ୍ କଇସା ବଲି ମୁଇ ଜାନିରଇଲି, ଏ ଅସ
ଦେଉ, ନିଜେ ତୁଇ ନିକ ଅ, ଆରି କପର୍‌ନାଉମେ ଜାଇ ଜାଇଟା
ଗଟିଆଚେ ବଲି ଆମେ ସୁନିଆଚୁ, ସେଟା ସବୁ ଏ ଜାଗାଇ,
ତର୍ ନିଜର୍ ଜନମ୍ ନଅରେ ମିସା କର୍ ।” **୨୪** “ମାତର୍ ମୁଇ
ତମ୍‌କେ ସତ୍ କଇଲିନି, ବବିସତ୍‌ବକ୍‌ତା ଅଇରଇବା କାକେମିସା
ନିଜର୍ ଗାଏଁ ନ ନାମତ୍ ।” **୨୫** “ମାତର୍ ମୁଇ ତମ୍‌କେ ସତ୍‌କାତା
କଇଲିନି, ଜେଡେବେଲେ ବବିସତ୍‌ବକ୍‌ତା ଏଲିୟର୍ ବେଲେ
ତିନ୍‌ବରସ୍ ଚ ମାସ୍ ଜାକ ବାଦଲେଅନି ପାନିମାରେ ନାଇକେ
ଗୁଲାଇ ଦେସେ ମର୍‌ଡି ଅଇରଇଲା, ସେବେଲେ ଇସ୍‌ରାଏଲ୍
ଦେସେ କେତେ କେତେ ରାଣ୍ଡିମାଇଜିମନ୍ ରଇଲାଇ । **୨୬**
ରଇଲେ ମିସା ପର୍‌ମେସର୍ ଏଲିୟକେ କାର୍‌ଲଗେ ମିସା ନ
ପାଟାଇ ସିଦନ୍ ଦେସର୍ ସାରିପତ୍ ବଲି ଗଟେକ୍ ଜାଗାଇ,
ଗଟେକ୍ ରାଣ୍ଡିମାଇଜିର୍ ଲଗେ ପାଟାଇଲା । **୨୭** ଆରି ମାପ୍‌ରୁର୍
ବବିସତ୍‌ବକ୍‌ତା ଏଲିସାୟର୍ ବେଲେ ଇସ୍‌ରାଏଲ୍ ଦେସେ କେତେ
କୁସ୍‌ଟି ରଗି ରଇଲାଇ, ଏଲେ ମିସା ତାକର୍ ବିତ୍‌ରେ କାକେମିସା
ନିକକରି ନ ରଇଲା, ସୁରିଆ ଦେସର୍ ନାମାନ୍ ନାଉଁର୍ ଲକ୍‌କେ
ସେ ନିକକରି ରଇଲା ।” **୨୮** ଜିଉଦିମନର୍ ପାର୍‌ତନା ଗରେ
ଏ କାତା ସୁନି ଲକ୍‌ମନ୍ ବେସି ରିସାଅଇଗାଲାଇ । **୨୯** ଆରି
ସେମନ୍ ଉଟିକରି ଜିସୁକେ ନଅରେଅନି ବାର୍‌କରାଇଦେଲାଇ ।
ତାକର୍ ନଅରର୍ ଜନ୍ ପର୍‌ବତ୍ ଉପ୍‌ରେ ତିଆର୍ ଅଇରଇଲା,
ସେ ପର୍‌ବତର୍ ଦାରେଅନି ତଲେ ପିଙ୍ଗିଦେଉଁ ବଲି, ତାକେ
ତେଇ ଦାରିଗାଲାଇ । **୩୦** ମାତର୍ ଜିସୁ ସେମନର୍ ବିତ୍‌ରେ ପୁରି
ଉଟିଗାଲା । **୩୧** ଜିସୁ ଗାଲିଲି ରାଇଜର୍ କପର୍‌ନାଉମ୍ ନାଉଁର୍
ଗଟେକ୍ ନଅରେ ଆଇଲା, ଆରି ବିସ୍‌ରାମ୍‌ବାରେ ଲକ୍‌ମନ୍‌କେ
ସିକିଆ ଦେବାର୍ ଦାର୍‌ଲା । **୩୨** ଲକ୍‌ମନ୍ ତାର୍ ସିକାଇବାଟା ଦେକି

କାବାଅଇଗାଲାଇ, କାଇକେବଇଲେ ତାର୍ ବାକିଅ ଅଦିକାର୍ ସଙ୍ଗ୍
ରଇଲା । ୩୩ ଦିନେକ୍ ଜିଉଦିମନର୍ ପାର୍ତନା ଗରେ ଗଟେକ୍
ଡୁମା ଡସିରଇବା ଲକ୍ ରଇଲା । ସେ ଆଉଲିଅଇ କିର୍‌କିରି
କଇଲା, ୩୪ "ଏ ନାଜରିତର୍ ଜିସୁ, ଆମର୍‌ଟାନେ ତର୍ କାଇ କାମ୍
ଆଚେ? ତୁଇ କାଇ ଆମ୍‌କେ ମରାଇବାକେ ଆସିଆଚୁସ୍? ତୁଇ
କେ ସେଟା ମୁଇ ଜାନି, ତୁଇ ପର୍‌ମେସରର୍ ସୁକଲ୍ ଲକ୍ ।" ୩୫
ଜିସୁ ତାକେ ଦମ୍‌କାଇ କରି କଇଲା, "ଚୁପ୍ ର, ଆର୍‌ଟାନେଅନି
ବାରଇ ଜା ।" ତେଇଅନି ସେ ଡୁମା ସେ ଲକ୍‌କେ ସବୁର୍ ମୁଆଟେ
ଅଦ୍‌ରାଇଲା ଆରି, ତାକେ କାଇଟା ନ କରି ତାର୍ ଗାଗ୍‌ଡେଅନି
ବାରଇ ଉଟିଗାଲା । ୩୬ ତେଇ ସବୁଲକ୍ କାବାଅଇକରି ତାକର୍
ତାକର୍ ବିତ୍‌ରେ କୁଆବଲା ଅଇଲାଇ, "ଏଟା କାଇ କାତା, ସେ
ବପୁ ଆରି ଅଦିକାର୍ ସଙ୍ଗ୍ ଡୁମାମନ୍‌କେ ମିସା ଆଦେସ୍ ଦେଲାନି
। ସେମନ୍ ମିସା ବାରଇ ଗାଲାଇନି ।" ୩୭ ଜିସୁର୍ ଏ କବର୍
ସେ ଜାଗାର୍ ଗୁଲାଇବାଟର୍ ଲକ୍ ଜାନ୍‌ଲାଇ । ୩୮ ପଚେ ଜିସୁ
ଜିଉଦିମନର୍ ପାର୍ତନା ଗରେଅନି ଉଟି ସିମନର୍ ଗରେ ଗାଲା ।
ସିମନର୍ ସାତ୍‌ରିକେ ବେସି ଜର୍ ଅଇରଇଲାଜେ ସେମନ୍ ତାର୍
ବିସଇ ନେଇ ଜିସୁକେ କଇଲାଇ । ୩୯ ତେଇ ସେ ସିମନର୍
ସାତ୍‌ରିର୍ ଲଗେ ଟିଆଅଇ ଜର୍‌କେ ଦମ୍‌କାଇଲା ଆରି ତାକେ
ଜର୍ ଚାଡିଗାଲା । ସେଦାପ୍‌ରେ ସେ ଉଟିକରି ସେମନ୍‌କେ ସେବା
କର୍‌ବାର୍ ଦାର୍‌ଲା । ୪୦ ବେଲ୍‌ବସି ସଞ୍ଜ୍ ଅଇଲାଜେ ଜର୍‌ଦୁକା
ଅଇରଇଲା ଲକ୍‌ମନ୍‌କେ ଜିସୁର୍ ଲଗେ ଆନ୍‌ଲାଇ, ଆରି ସେ
ଜର୍‌ଦୁକାର୍ ଲକ୍‌ମନ୍‌କେ ଗଟେକ୍ ଗଟେକ୍ ଲକର୍ ଉପ୍‌ରେ ଆତ୍
ସଙ୍ଗ୍‌ଇ ନିକ କଲା । ୪୧ ଡୁମା ଦାରିରଇବା ବେସି ଲକ୍‌ମନ୍
ମିସା କିର୍‌କିରି କରି "ତୁଇ ପର୍‌ମେସରର୍ ପଅ!" ବଲି ଲକର୍
ଟାନେଅନି ଚାଡି ପାଲାଇଲାଇ । ଜିସୁ ସେମନ୍‌କେ ଦମ୍‌କାଇ କରି
କାତାଅଇବାକେ ମିସା ଦେଏନାଇ, କାଇକେବଇଲେ ସେମନ୍
ତାକେ କିରିସ୍‌ଟ ବଲି ଜାନିରଇଲାଇ । ୪୨ ସାକାଲ୍ ପାଇଲାଜେ
ଜିସୁ ନଅରେ ଅନି ବାରଇ ଗଟେକ୍ କିନରା ଜାଗାଇ ଗାଲା
। ଲକ୍‌ମନ୍ କଜି କଜି ତାର୍ ଲଗେ ଆଇଲାଇ, ଆରି ସେ
ଜେନ୍ତିକି ତାକର୍ ଲଗେଅନି ଉଟିନଜାଅ ବଲି ଅଟ୍‌କାଇବାକେ
ଚେସ୍‌ଟା କଲାଇ । ୪୩ ମାତର୍ ଜିସୁ ସେମନ୍‌କେ କଇଲା,
"ବିନ୍ ବିନ୍ ନଅରେ ମିସା ମୁଇ ପର୍‌ମେସରର୍ ରାଇଜର୍ ନିକ
କବର୍ ଜାନାଇବାର୍ ଆଚେ, କାଇକେ ବଇଲେ ସେଟାର୍‌ପାଇ
ପର୍‌ମେସର୍ ମକେ ପାଟାଇଆଚେ ।" ୪୪ ଆରି ସେ ଜିଉଦା
ଦେସର୍ ଜିଉଦି ଲକ୍‌ମନର୍ ପାର୍ତନା ଗର୍‌ମନ୍‌କେ ବାକିଅ
ସୁନାଇବାର୍ ଦାର୍‌ଲା ।

**୫** ଦିନେକ୍ ଜିସୁ ଗିନେସରତ୍ ଗାଡ୍‌କଣ୍ଡି ଟିଆଅଇରଇଲା
ବେଲେ ଲକ୍‌ମନ୍ ମାଣ୍ଡାଚୁଣ୍ଡା ଅଇ ପର୍‌ମେସରର୍ ବାକିଅ
ସୁନ୍‌ତେରଇଲାଇ । ୨ ସେଡ୍‌କିବେଲେ ସେ ଗାଡ୍‌କଣ୍ଡି ଦୁଇଟା
ଡଙ୍ଗ୍ଲା ରଇଲାଟା ଦେକ୍‌ଲା, କେଉଟ୍‌ମନ୍ ଡଙ୍ଗ୍ଲାଇଅନି ଉତ୍‌ରି
ଜାଲ୍ ଦଇତେରଇଲାଇ । ୩ ସେ ଡଙ୍ଗ୍ଲାମନର୍ ବିତ୍‌ରେଅନି
ଜନ୍‌ଟା କେଉଟ୍ ସିମନର୍‌ଟା ରଇଲା, ଜିସୁ ତେଇ ଚଗିକରି
"କଣ୍ଡିତେଇଅନି କଣ୍ଡେକ୍ ଦୁର୍ ପାନିତେଇ ଚାଲାଇନେ ।" ବଲି
ସିମନ୍‌କେ କଇଲା, ଆରି ଡଙ୍ଗ୍ଲାଇ ବସିକରି ସିକିଆ ଦେବାର୍
ଦାର୍‌ଲା । ୪ ଜିସୁ କାତା ସାରାଇକରି ସିମନ୍‌କେ କଇଲା,
"ଡେଙ୍ଗ୍ ପାନିଟାନେ ଜାଇକରି ମାଚ୍ ଦାର୍‌ବାକେ ତମର୍ ଜାଲ୍
ପାକାଆ ।" ୫ ତେଇ ସିମନ୍ କଇଲା, "ଏ ଗୁରୁ ଆମେ ସବୁଲକ୍
ଗୁଲାଇରାତି କସ୍‌ଟ କରି ଗଟେକ୍ ମିସା ଦାରୁନାଇ, ମାତର୍
ତମର୍ କାତା ଦାରି ମୁଇ ଜାଲ୍ ପାକାଇବି ।" ୬ ଆରି ଜାଲ୍
ପାକାଇଲାଇକେ, ଏଦେ ଦେକା! ଏନ୍ତି ମାଚ୍ ଲାଗ୍‌ଲାଇଜେ
ତାକର୍ ଜାଲ୍ ଚିରିଅଇବାର୍ ଦାର୍‌ଲା । ୭ ଡଙ୍ଗ୍ଲାଇ ମାଚ୍ ବର୍‌ତି
କଲାଇଜେ ସେ ଦୁଇଟା ଡଙ୍ଗ୍ଲା ବୁଡ୍‌ଲା ପାରା ଅଇଗାଲା । ୮ ଏଟା
ଦେକି ସିମନ୍ ପିତର୍ ଜିସୁର୍ ପାଦେ ମାଣ୍ଡିକୁଟା ଦେଇ ଜୁଆର୍
କରି କଇଲା, "ମର୍‌ଟାନେଅନି ଜାଆ ମାପ୍‌ରୁ, କାଇକେବଇଲେ
ମୁଇ ଗଟେକ୍ ପାପି ମୁନୁସ୍ ।" ୯ କାଇକେବଇଲେ ତେଇ
ସେମନ୍ ଏତେକ୍ ମାଚ୍ ଦାରିରଇଲାଇଜେ, ସେଟା ଦେକି ସିମନର୍
ସଙ୍ଗ୍ରିମନ୍ କାବାଅଇଗାଲାଇ । ୧୦ ଆରି ଜେବଦିର୍ ଦୁଇଟା ପ
ଜାକୁବ୍ ଆରି ଜଅନ୍ ଜନ୍‌ଲକ୍‌ମନ୍ ସିମନର୍ ସଙ୍ଗ୍ରି ରଇଲାଇ,
ସେମନ୍ ମିସା ସେନ୍ତାରିସେ କାବା ଅଇଗାଲାଇ । ଆରି ଜିସୁ
ସିମନ୍‌କେ କଇଲା, "ଡରାନାଇ, ଆଜିଅନି ତମେ ମାଚ୍ ନ ଦାରି,
ଲକ୍‌ମନ୍‌କେ ମର୍‌ଟାନେ ଆନ୍‌ସା ।" ୧୧ ତେଇ ସେମନ୍ ସବୁ
ତାକର୍ ଡଙ୍ଗ୍ଲା କଣ୍ଡି ଆନି ଚାଡିଦେଇକରି ଜିସୁର୍ ପଚେ ପଚେ
ଗାଲାଇ । ୧୨ ତରେକ୍ ଜିସୁ ଗଟେକ୍ ନଅରେ ରଇଲାବେଲେ
ଗଟେକ୍ ଗୁଲାଇ ଗାଗଡେ ବଡ୍‌ରଗ୍ ଅଇରଇବା ଲକ୍ ତେଇ
ରଇଲା । ସେ ଡାଣ୍ଡାସନ୍ ପଡି ମୁ ବୁଏଁ ଟିଆଇ ଜିସୁକେ ବାବୁଜିଆ
କରି କଇଲା, "ଏ ମାପ୍‌ରୁ, ତମେ ଜଦି ମନ୍‌କଲୁସ୍‌ନି ବଇଲେ,
ମକେ ନିକ କରିପାରୁସ୍ ।" ୧୩ ତେଇ ଜିସୁ ଆତ୍ ଲାମାଇ ତାକେ
ଚିଇ କରି କଇଲା, "ମୁଇ ମନ୍ କଲିନି, ତୁଇ ସୁକଲ୍ ଅ ।"
ଦାପ୍‌ରେସେ ତାର୍ ବଡ୍ ରଗ୍ ଚାଡିଗାଲା । ୧୪ ଆରି ଜିସୁ ତାକେ
ଆଦେସ୍ ଦେଇ କଇଲା, "ଏ କାତା କାକେ କ ନାଇ । ମାତର୍
ପୁଜାରିର୍ ଲଗେ ଜା ଆରି ସେ ତକେ ପରିକା କରି ଦେକ ।
ତୁଇ, 'ନିକ ଅଇଲିଆଚି' ବଲି ବିନ୍ ଲକର୍ ଟାନେ ସାକିଦେବାକେ
ମସାର୍ ଆଦେସ୍ ଇସାବେ ବିରୁ ଦେସ୍ ।" ୧୫ ମାତର୍ ଜିସୁର୍
କବର୍ ଗୁଲାଇ ଚାରିବେଡ୍‌ତିର୍‌ଲକ୍ ଜାନ୍‌ଲାଇ । ତାର୍ କାତା
ସୁନ୍‌ବାପାଇ ଆରି ନିଜର୍ ନିଜର୍ ରଗେଅନି ନିକ ଅଉଁବଲି ଗାଦି
ଲକ୍‌ମନ୍ ଟୁଲ୍‌ଅଇବାର୍ ଦାର୍‌ଲାଇ । ୧୬ ମାତର୍ ଜିସୁ କିନରା
ଜାଗାମନ୍‌କେ ଜାଇ ପାର୍ତନା କର୍‌ତେରଇଲା । ୧୭ ଦିନେକ୍
ଜିସୁ ସିକିଆ ଦେଇତେରଇଲା । ତେଇ ଗାଲିଲିର୍ ସବୁ ଗାଏଁଅନି,
ଜିଉଦା ଆରି ଜିରୁସାଲମେଅନି ଆସିରଇବା ପାରୁସିମନ୍ ଆରି
ନିଅମ୍ ସିକାଉମନ୍ ତେଇ ବସିରଇଲାଇ । ଆରି ରଗିମନ୍‌କେ
ନିକ କର୍‌ବାକେ ମାପ୍‌ରୁର୍ ବପୁ, ଜିସୁକେ ରଇଲା । ୧୮ ଆରି
ଏଦେ ଦେକା! ଗଟେକ୍ ଚେରେଙ୍ଗ୍‌ବାତ୍ ଦାର୍‌ଲା ମୁନୁସ୍‌କେ,

କେତେଲକ୍ କଟ୍ ମିସ୍ତେ ବଇଆନିକରି, ଗର୍ ବିତ୍ରେ ନେଇ
ଜିସୁର୍ ମୁଆଟେ ସଙ୍ଗ୍ଭବଲି, ଚେସ୍ଟା କରତେରଇଲାଇ । **୧୯**
ମାତର୍ ଚିପାଟେଲାର୍ଲାଗି, ତାକେ ବିତ୍ରେ ନେବାକେ ବାଟ୍
ମିଲେନାଇ । ଏଦେ ଦେକା! ସେମନ୍ ରଗିକେ ଗର୍ ଉପ୍ରେ
ଚଗାଇ ଚାଉନି ଉଜାଡି, କଟ୍ ମିସ୍ତେ ଲକ୍ମନର୍ ମଜାଇ ଜିସୁର୍
ମୁଆଟେ ଉତ୍ରାଇଦେଲାଇ । **୨୦** ଜିସୁ ସେମନର୍ ବିସ୍ବାସ୍
ଦେକି କଇଲା, "ଏ ବାବୁ, ତମର୍ ସବୁ ପାପ୍ କେମା ଅଇଗାଲାବେ
।" **୨୧** ସାସ୍ତର୍ ସିକାଇବା ଲକ୍ମନ୍ ଆରି ପାରୁସି ଲକ୍ମନ୍
ମନେ ମନେ କୁଆବଲା ଅଇ, ଏନ୍ତି କଇବାର୍ ଦାର୍ଲାଇ, "ଏ
କେ ଜେ ପର୍ମେସରର୍ ନିନ୍ଦାକଲାନି? ପର୍ମେସର୍କେ ଚାଡି
ଆରି କେ ପାପ୍ କେମା କରିପାର୍ସି?" **୨୨** ତେଇ ସେମନ୍
ମନେ ମନେ କୁଆବଲା ଅଇବାଟା ଜାନିକରି ସେମନ୍କେ ଜିସୁ
କଇଲା, "ତମେ କାଇକେ ସବୁଲକ୍ ନିଜର୍ ମନେ ମନେ ଏନ୍ତାରି
କୁଆବଲା ଅଇଲାସ୍ନି? **୨୩** କାଇଟା ଉପାସ୍ କାତା? ତର୍ ସବୁ
ପାପ୍ କେମା ଅଇଗାଲା ବଲି କଇବାଟା, କି ଉଟିକରି ଇଣ୍ଟି ଜା
ବଲି କଇବାଟା? **୨୪** ମାତର୍ ପୁର୍ତିବିର୍ ସବୁ ପାପ୍ କେମା
କର୍ବାକେ ପର୍ମେସରର୍ ଟାନେଅନି ଆଇଲା ନର୍ପିଲା ମର୍
ଅଦିକାର୍ଆଚେ ।" ଏଟା ତମେ ଜେନ୍ତି ଜାନିପାରାସ୍ । ଏଟାର୍ପାଇ
ଜିସୁ ଚେରେଙ୍ଗ୍ବାତ୍ ଦାର୍ଲା ରଗିକେ କଇଲା, "ମୁଇ ତକେ
କଇଲିନି, ଉଟ୍ ନିଜର୍ ବିଚ୍ନା ଦାରି ଗରେ ଜା ।" **୨୫** ସେଦାପ୍ରେ
ଚେରେଙ୍ଗ୍ ଦାର୍ଲା ଲକ୍ ସବୁଲକର୍ ଦେକ୍ତେ ଉଟିକରି ଜନ୍
କଟେ ସଇରଇଲା, ସେଟା ବଇ ପର୍ମେସରର୍ ମଇମା କରି
କରି ତାର୍ ଗରେ ଉଟିଗାଲା । **୨୬** ତେଇ ରଇଲା ସବୁଲକ୍
କାବା ଅଇଜାଇକରି ପର୍ମେସରର୍ ମଇମା କର୍ବାର୍ ଦାର୍ଲାଇ
ଆରି ମାପ୍ରୁର୍ ଚକିତ୍ କାମ୍ ଦେକି, "ଆଜି ଆମେ କେବେ ନ
ଅଇଲାଟା ଦେକ୍ଲୁ!" ବଲି କଇଲାଇ । **୨୭** ତାର୍ପଚେ ଜିସୁ
ବାରଇଜାଇ ଲେବି ନାଉଁର୍ ଗଟେକ୍ ସିସ୍ତୁମାଙ୍ଗୁ, ସିସ୍ତୁମାଙ୍ଗୁମନ୍
ମାଙ୍ଗୁବାଟାନେ ବସିରଇବାଟା ଦେକି, ତାକେ କଇଲା, "ମର୍ସଙ୍ଗ୍
ଆଉ ।" **୨୮** ତେଇ ଲେବି ସବୁଜାକ ଚାଡିଦେଇ ଉଟିକରି ଜିସୁର୍
ସଙ୍ଗ୍ ଜିବାର୍ଦାର୍ଲା । **୨୯** ଆରି ଲେବି ଜିସୁର୍ପାଇ ନିଜର୍
ଗରେ, ଗଟେକ୍ ବଡ୍ ବଜିକଲା । ତେଇ ସିସ୍ତୁମାଙ୍ଗୁମନ୍, ଅଦିକ୍
ଲକ୍ ଆରି ବିନ୍ ବିନ୍ ଲକ୍ମନର୍ ସଙ୍ଗ୍ ସେ କାଇବାକେ ବସ୍ଲା ।
**୩୦** ତେଇ ପାରୁସିମନ୍ ଆରି ତାକର୍ ଦଲର୍ ସାସ୍ତର୍ ସିକାଉମନ୍
ଜିସୁର୍ ମୁଆଟେ ତାର୍ ସିସ୍ମନ୍କେ ଦସ୍ ଦେକାଇ କଇଲାଇ,
"ତମେ କାଇକେ ସିସ୍ତୁମାଙ୍ଗୁମନର୍ ସଙ୍ଗ୍ ଆରି ପାପିମନର୍ ସଙ୍ଗ୍
ମିସି କିଆ ପିଆ କଲାସ୍ନି?" **୩୧** ଜିସୁ ସେମନ୍କେ କଇଲା,
"ଜାକେ ଦୁକାଦାରି ରଇସି, ସେସେ ଅସ କାଇସି, ଜାକେ ଦୁକା
ଦାରେ ନାଇ ତାକେ ଅସ ଲଡାନାଇ । **୩୨** ମୁଇ ଦରମ୍ ଲକ୍ବଲି
ନିଜ୍କେ ବାଦ୍ବା ଲକ୍ମନର୍ ପାଇ ଆସିନାଇ, ମାତର୍ ପାପି
ଲକ୍ମନ୍କେ ପାପେଅନି ମନ୍ ବାଦ୍ଲାଇବାକେ ଆଇଲିଆଚି
।" **୩୩** କେତେକ୍ ଲକ୍ ଜିସୁକେ ପାଚାର୍ଲାଇ, "ଡୁବନ୍ ଦେଉ
ଜଅନର୍ ସିସ୍ମନ୍ ତର୍କେତର୍ ଉପାସ୍ କରି ପାର୍ତନା କର୍ବାଇ
। ପାରୁସିମନର୍ ସିସ୍ମନ୍ ମିସା ସେନ୍ତାରି ସେ କର୍ବାଇ । ମାତର୍
ତମର୍ ସିସ୍ମନ୍ କିଆ ପିଆ କର୍ବାଇ ।" **୩୪** ଜିସୁ ସେମନ୍କେ
କଇଲା, "ବର୍ବାଟର୍ ଲକ୍ମନର୍ସଙ୍ଗ୍ ବର୍ ରଇଲାବେଲେ, ତମେ
କାଇ ସେମନ୍କେ ଉପାସ୍ କରାଇପାରାସ୍? ନାଇ, ନାପାରାସ୍ ।
**୩୫** ମାତର୍ ବେଲା ଆଇସି, ଜେଡେବେଲେ ତାକର୍ଟାନେଅନି
ବର୍କେ ଡାକିଦାରିଜିବାଇ, ସେଡ୍କିବେଲେ ସେମନ୍ ଉପାସ୍
କଇବାଇ ।" **୩୬** ଜିସୁ ସେମନ୍କେ ଆରି ଗଟେକ୍ ଉଦାଅରନ୍
ଦେଇ କଇଲା, "କେ ମିସା ପୁର୍ନା ଲୁଗା ପାଟିରଇଲାଟାନେ
ନୁଆଲୁଗା ଚିରି ଚାପ୍ ନ ଦେଅତ୍, ଚାପ୍ ଦେଲେ ନୁଆଟା ମିସା
ନସିଜାଇସି, ନୁଆ ଲୁଗାର୍ ଚାପ୍ ପୁର୍ନାଟାନେ ନ ମିସେ । **୩୭**
ବେସି ଦିନର୍ ପୁର୍ନା ଗାଗ୍ରିଟାନେ କେ ମିସା ଏବେ ଉତ୍ରାଇଲା
ମଦ୍ ନ ରକଅତ୍, ତେଇ ଜଦି ସେ ମଦ୍ ରକଇ ଡାବିଦେଲେ,
ଗାଗ୍ରି ପୁଟିକରି ପଡାଅଇଜାଇସି । **୩୮** ତେବେ ମଦ୍ ଉତ୍ରାଇଲା
ଦାପ୍ରେ ନୁଆ ଗାଗ୍ରିଟାନେ ରକଇ ସଙ୍ଗ୍ଇବାର୍ଆଚେ । **୩୯**
ଆରି କେ ମିସା ପୁର୍ନା ମଦ୍ କାଇକରି ଏବେ ଉତ୍ରାଇଲା ମଦ୍
କାଇବାକେ ମନ୍ ନ କରତ୍, କାଇକେବଇଲେ, ସେ ବାସିଟା
ଆକା ନିକ ବଲି କଇସି ।"

**୬** ତରେକ୍ ବିସ୍ରାମ୍ ବାରେ ଜିସୁ ତାସ୍ ରଇଲା ପଦାବାଟେ
ଜିବାବେଲେ ତାର୍ ସିସ୍ମନ୍ କେଡ୍ ଚିଡାଇ ଆତେ ରମ୍ଦି
କାଇତେରଇଲାଇ । **୨** ସେମନ୍କେ ଦେକ୍ତେରଇବା ପାରୁସି
ଲକ୍ମନର୍ ବିତ୍ରେଅନି କେତେଲକ୍ କଇଲାଇ, "ବିସ୍ରାମ୍
ବାରେ ଜନ୍ଟା କର୍ବାର୍ ବିଦି ନଏଁ, ସେଟା ତମେ କାଇକେ
କଲାସ୍ନି?" **୩** ଜିସୁ ସେମନ୍କେ କଇଲା, "ଦାଉଦ୍ ଆରି
ତାର୍ ସଙ୍ଗ୍ଚର୍ ଲକ୍ମନ୍ ବୁକେ ରଇଲାବେଲେ, ଦାଉଦ୍ କାଇଟା
କରିରଇଲା, ସେଟା କାଇ ତମେ ପଡାସ୍ ନାଇ କି? **୪** ସୁନା,
ଦାଉଦ୍ ପର୍ମେସରର୍ ଗରେ ପୁରି, ପର୍ମେସର୍କେ ସର୍ପି
ଅଇରଇଲା ଜନ୍ ରୁଟି, ପୁଜାରିମନ୍କେ ଚାଡି ଆରି କେ ମିସା
କାଇବାର୍ ବିଦି ନ ରଇଲା, ସେଟା ନେଇକରି କାଇଲା ଆରି
ତାର୍ ସଙ୍ଗ୍ଚର୍ ଲକ୍ମନ୍କେ ମିସା ଦେଇରଇଲା ।" **୫** ଆରି ଜିସୁ
କଇଲା, "ପର୍ମେସର୍ ପାଟାଇରଇବା ନର୍ପିଲା ମୁଇ ବିସ୍ରାମ୍
ବାରେ ଲକ୍ମନ୍ କାଇଟା କର୍ବାର୍ ଆଚେ କାଇଟା କର୍ବାର୍
ନାଇ, ସେଟା କଇବାର୍ ମର୍ ଅଦିକାର୍ ଆଚେ ।" **୬** ଆରି ଜିସୁ
ବିନ୍ ଗଟେକ୍ ବିସ୍ରାମ୍ବାରେ, ଜିଉଦି ଲକ୍ମନର୍ ପାର୍ତନା
ଗରେ ଜାଇକରି ସିକାଇତେରଇଲା । ତେଇ ଗଟେକ୍ ଲକ୍
ରଇଲା । ତାର୍ ଉଜା ଆତ୍ ସୁକିଜାଇରଇଲା । **୭** ଆରି ଜିସୁ
ବିସ୍ରାମ୍ବାରେ ମିସା କେ ଜାନେ ନିକ କର୍ସି, ଏଟା ଦେକୁ
ବଲି ପାରୁସି ଲକ୍ମନ୍ ଆରି ସାସ୍ତର୍ ସିକାଉମନ୍ ତାକେସେ
ଦେକି ଦେକି ରଇଲାଇ, କାଇକେବଇଲେ ତାର୍ ବିରୁଦେ ଦସ୍
ଦାର୍ବାକେ । **୮** ମାତର୍ ଜିସୁ ତାକର୍ ମନେ ବାବ୍ଲାଟା ଜାନିକରି,
ଜନ୍ ଲକର୍ ଆତ୍ ସୁକିଜାଇରଇଲା, ତାକେ କଇଲା, "ଉଟ୍ ଆରି

ସବୁଲକର୍ ମୁଆଟେ ଟିଆ ଅ ।" ଆରି ସେଲକ୍ ଉଟି ଟିଆଅଇଲା
। ୯ ତେଇ ଜିସୁ ସେମନ୍‌କେ କଇଲା, "ମୁଇ ତମ୍‌କେ ପାଚାର୍‌ଲିନି,
ବିସ୍‌ରାମ୍‌ବାରେ ବିଦି ଇସାବେ କାଇଟା କର୍‌ବାର୍? ନିକ କର୍‌ବାର୍
କି କାରାପ୍ କର୍‌ବାର୍? ଜିବନ୍ ବଁଚାଇବାର୍ କି ମରାଇବାର୍?"
୧୦ ଆରି ସେ ଚାରିବେଡ୍‌ତି ସବୁକେ ଦେକି ସେ ଲକ୍‌କେ କଇଲା,
"ତମର୍ ଆତ୍ ଲାମାଆ ।" ତେଇ ସେ ସେନ୍ତାର୍ କଲା, ଆରି ତାର୍
ଆତ୍ ପୁରାପୁରୁନ୍ ନିକ ଅଇଗାଲା । ୧୧ ମାତର୍ ପାରୁସିମନ୍ ଆରି
ସାସ୍‌ତର୍ ସିକାଉମନ୍ ବେସି ରିସା ଅଇଗାଲାଇ ଆରି ଜିସୁର୍
ବିରୁଦେ "କାଇଟା କରୁ?" ବଲି ତାକର୍ ତାକର୍ ବିତ୍‌ରେ ନିଆଇ
କଲାଇ । ୧୨ ସେବେଲେ ଦିନେକ୍ ଜିସୁ ପାର୍‌ତନା କର୍‌ବାକେ
ବାରଇ, ପର୍‌ବତେ ଗାଲା ଆରି ଗୁଲାଇରାତି ପର୍‌ମେସର୍‌କେ
ପାର୍‌ତନା କରି କରି ରଇଲା । ୧୩ ସାକାଲ୍ ପାଇଲାକେ, ଜିସୁ
ସିସ୍‌ମନ୍‌କେ ଲଗେ ଡାକି ସେମନର୍ ବିତ୍‌ରେଅନି ବାର ଲକ୍‌କେ
ବାଚ୍‌ଲା, ଆରି ସେମନ୍‌କେ ପେରିତ୍ ବଲି ନାଉଁ ଦେଲା । ୧୪
ସେମନ୍ ରଇଲା, ସିମନ୍ ଜାକେ କି ସେ ପିତର୍ ବଲି ମିସା ନାଉଁ
ଦେଲା, ଆରି ସିମନର୍ ବାଇ ଆନ୍ଦ୍ରିୟ୍, ଜାକୁବ୍ ଆରି ଜଅନ୍,
ପିଲିପ୍ ଆରି ବାର୍‌ତଲମି । ୧୫ ମାତିଉ ଆରି ତମା, ଆଲ୍‌ପିର୍ ପ
ଜାକୁବ୍ ଆରି ସିମନ୍, ଜାକେ କି କାଇ କାମ୍ କର୍‌ବାକେ ମିସା
ଆଗ୍‌ତୁ ଅଇସି ବଲି କଇବାଇ । ୧୬ ଜାକୁବର୍ ପ ଜିଉଦା ଆରି
ଇସ୍‌କାରିତ ଜିଉଦା, ଜେ କି ଜିସୁକେ ସତ୍‌ରୁମନ୍‌ନେକ ସର୍‌ପିଦେଇ
ରଇଲା । ୧୭ ଆରି ଜିସୁ ପେରିତ୍‌ମନର୍ ସଙ୍ଗ ଉତ୍‌ରିକରି,
ଗଟେକ୍ ସଦ୍‌ରମ୍ ରଇଲା ଜାଗାଇ ଟିଆଅଇଲା । ଆରି ତେଇ
ତାର୍ ବେସି ସିସ୍‌ମନ୍, ଜିଉଦା ରାଇଜର୍ ବେସି ଲକ୍, ଜିରୁସାଲାମ୍
ଆରି ସମ୍‌ଦୁର୍ ପାଲି ରଇବା ସର ଆରି ସିଦନ୍ ସଅରେଅନି ବେସି
ଲକ୍‌ମନ୍ ରୁଣ୍ଡିରଇଲାଇ । ୧୮ ଲକ୍‌ମନ୍ ତାର୍ ବାକିଅ ସୁନ୍‌ବାକେ
ଆରି ନିଜର୍ ନିଜର୍ ରଗେଅନି ନିକ ଅଇବାକେ ଆସିରଇଲାଇ ।
ଜନ୍ ଲକ୍‌ମନ୍ ଭୁମା ଦାରାଇଅଇ ଦୁକ୍ କସ୍‌ଟ ପାଇତେରଇଲାଇ,
ସେମନ୍‌କେ ଜିସୁ ନିକ କଲା । ୧୯ ସବୁଲକ୍‌ମନ୍ ଜିସୁକେ
ଚିଇବାକେ ଚେସ୍‌ଟା କର୍‌ତେରଇଲାଇ । କାଇକେବଇଲେ
ତାର୍ ଗାଗ୍‌ଡେଅନି ମାପ୍‌ରୁର୍ ବପୁ ବାରଇତେରଇଲା ଆରି
ସବୁଲକ୍‌ମନ୍‌କେ ନିକ କରତେରଇଲା । ୨୦ ସେବେଲେ ଜିସୁ
ନିଜର୍ ସିସ୍‌ମନର୍ ବାଟେ ଦେକି କଇଲା, "ତମେ ଏବେ କାକୁର୍‌ତି
ଅଇଆଚାସ୍ ତମର୍ କେଡେକ୍ ନିକ କରମ୍, କାଇକେବଇଲେ
ପର୍‌ମେସରର୍ ରାଇଜ୍ ତମର୍‌ଟା । ୨୧ ତମେମନ୍ ଏବେ ବୁକେ
ଆଚାସ୍, ତମର୍ କେଡେକ୍ ନିକ କରମ୍, କାଇକେବଇଲେ,
ତମ୍‌କେ ପର୍‌ମେସର୍ ପୁରାପୁରୁନ୍ ଦେଇସି । ତମେମନ୍ ଏବେ
କାନ୍ଦ୍‌ଲାସ୍‌ନି, ତମର୍ କେଡେକ୍ ନିକ କରମ୍, କାଇକେବଇଲେ
ତମେମନ୍ ସାର୍‌ଦା ଅଇକରି ଆଁସ୍‌ସା ।" ୨୨ ଲକ୍‌ମନ୍ ଜେବେ
ପର୍‌ମେସର୍ ପାଟାଇରଇବା ନର୍‌ପିଲା ମର୍ ଲାଗି ତମ୍‌କେ ଇନ୍
କର୍‌ବାଇ, ଆରି ବେଗ୍‌ଲାଇ ଦେବାଇ, ନିନ୍ଦ୍‌କରି ତମର୍ ନାଉଁ
ମନ୍ଦ ବଲି ଦାର୍‌ବାଇ, ତମର୍ କେଡେକ୍ ନିକ କରମ୍ । ୨୩ ସେ
ଦିନେ ସାର୍‌ଦା ଅଇ ନାଚ୍ କର୍‌ସା । କାଇକେବଇଲେ ଦେକା,
ସର୍‌ଗେ ତମର୍ ପୁରୁସ୍‌କାର୍ ଅଦିକ୍ ଆରି ସେନ୍ତାରି ତା ସେମନର୍
ଆନିଦାଦିମନ୍, ବବିସତ୍‌ବକ୍‌ତାମନ୍‌କେ କର୍‌ତେରଇଲାଇ ।
୨୪ ମାତର୍ ଏ ଡଣ୍ଡ ପାଉମନ୍, ତମେମନ୍ ଏବେ ସାଉକାର୍
ଆଚାସ୍, କାଇକେବଇଲେ ତମେ ନିଜେ ନିଜେ ସୁକ୍ ପାଇଲାସ୍‌ବେ
। ୨୫ ଏ ଡଣ୍ଡପାଉମନ୍, ଏବେ ତମେ ନିକସଙ୍ଗ କାଇଲାସ୍‌ନି,
କାଇକେବଇଲେ, ତମେ ବୁକେସେ ରଇସା । ଏ ଡଣ୍ଡପାଉମନ୍,
ତମେମନ୍ ଏବେ ଆଁସ୍‌ଲାସ୍‌ନି, କାଇକେବଇଲେ ପଚେ ଦୁକେ
ରଇକରି କାନ୍ଦ୍‌ସା । ୨୬ "ଜେଡେବେଲେ ତମ୍‌କେ ଲକ୍‌ମନ୍ ବଲ୍
ବଲିକରି ବାବ୍‌ଲାଇନି, ଏ ଡଣ୍ଡପାଉମନ୍, ତାକର୍ ଆନିଦାଦି ତା
ମାପ୍‌ରୁର୍ କାତା ବୁଲ୍‌କାଉମନର୍‌ପାଇ ସେନ୍ତାରି କର୍‌ତେରଇଲାଇ
।" ୨୭ "ମାତର୍ ତମେମନ୍ ସୁନି ଆଚାସ୍‌ଜେ ମୁଇ ତମ୍‌କେ
କଇଲିନି, ତମର୍ ସତ୍‌ରୁମନ୍‌କେ ଆଲାଦ୍ କରା, ଜନ୍ ଲକ୍‌ମନ୍
ତମ୍‌କେ ଇନ୍ କର୍‌ବାଇ, ସେମନର୍ ମଙ୍ଗଲ୍ କରା । ୨୮ ଜନ୍
ଲକ୍‌ମନ୍ ତମ୍‌କେ ସାଇପ୍ ଦେବାଇ, ସେମନ୍‌କେ ଆସିର୍‌ବାଦ୍
କରା । ଜନ୍ ଲକ୍‌ମନ୍ ତମ୍‌କେ ଇଜତ୍ ଜିକ୍‌ବାଇ, ସେମନର୍‌ପାଇ
ପାର୍‌ତନା କରା । ୨୯ ଜେ ତମ୍‌କେ ଗଟେକ୍ ଗାଲେ ଚାପଡ୍
ମାର୍‌ସି, ତାକେ ଆରିଗଟେକ୍ ଗାଲ୍ ମିସା ଦେକାଇଦିଆସ୍ ।
ଜେ ତମର୍ ଚାଦର୍ ଦାରିଜାଇସି, ତାକେ ତମର୍ ପିନ୍ଦ୍‌ଲାଟା
ନେବାକେ ମିସା ମନା କରାନାଇ । ୩୦ ଜେ ତମ୍‌କେ ମାଙ୍ଗ୍‌ସି,
ତାକେ ଦିଆସ୍ । ଆରି ଜେ ତମର୍ ଦନ୍ ସଁମ୍‌ପତି ଉଦାର୍
ନେଇସି, ତାର୍‌ଟାନେଅନି ସେଟା ଆରିତରେକ୍ ମାଙ୍ଗ୍‌ନାଇ । ୩୧
ଲକ୍‌ମନ୍ ତମ୍‌କେ ଜେନ୍ତି କରତ୍ ବଲି ମନ୍ କଲାସ୍‌ନି, ତମେମିସା
ସେମନର୍‌ଟାନେ ସେନ୍ତାର୍ କରା ।" ୩୨ "ଆରି ଜନ୍ ଲକ୍‌ମନ୍
ତମ୍‌କେ ଆଲାଦ୍ କଲାଇନି, ଜଦି ସେମନ୍‌କେସେ ତମେ ଆଲାଦ୍
କର୍‌ସା ବଇଲେ କାଇ ଆସିର୍‌ବାଦ୍ ପାଇସା? କାଇକେବଇଲେ
ପାପିମନ୍ ମିସା ସେନ୍ତାରି କର୍‌ବାଇ । ୩୩ ଜଦି ଜନ୍ ଲକ୍‌ମନ୍
ତମର୍ ମଙ୍ଗଲ୍ କଲାଇନି, ସେମନ୍‌କେସେ ମଙ୍ଗଲ୍ କର୍‌ସା
ବଇଲେ, କାଇ ଆସିର୍‌ବାଦ୍ ପାଇସା? କାଇକେବଇଲେ ପାପିମନ୍
ମିସା ସେନ୍ତାରି କର୍‌ବାଇ । ୩୪ ଆରି ଜନ୍ ଲକ୍‌ମନର୍‌ଟାନେଅନି
ତମର୍ ମିଲାଇବାର୍ ଆସା ରଇସି, ଜଦି ସେମନ୍‌କେସେ ଉଦାର୍
ଦେଇସା ବଇଲେ, ତମେ କାଇ ଆସିର୍‌ବାଦ୍ ପାଇସା? ପାପିମନ୍
ମିସା ସମାନ୍ ଇସାବେ ବାନ୍ଦ୍‌ଲାଟା ମିଲବଲି, ରୁନ୍ ଦେବାଇ
। ୩୫ ମାତର୍ ତମର୍ ସତ୍‌ରୁମନ୍‌କେ ଆଲାଦ୍ କରା । ଆରି
ସେମନର୍ ମଙ୍ଗଲ୍ କରା । ରୁନ୍ ବାନ୍ଦ ବଲି ଆସା ନ କରି, ରୁନ୍
ଦିଆସ୍ । ସେନ୍ତାର୍‌କଲେ ତମର୍ ପୁରୁସ୍‌କାର୍ ଅଦିକ୍ ଅଇସି ।
ଆରି ତମେ ପର୍‌ମେସରର୍ ପ ଅଇସା । କାଇକେବଇଲେ ସେ
ନ ମାନ୍‌ବା ଲକର୍ ଆରି କରାପ୍ ଲକର୍ ମିସା ଦୟାକାରିଆ ।
୩୬ ତମର୍ ସରଗର୍ ବାବା ଜେନ୍ତାରି ଦୟା କଲାନି, ସେନ୍ତାରି
ତମେ ମିସା ଦୟା କରା ।" ୩୭ "ବିନ୍‌ଲକର୍ ବିଚାର୍ କରାନାଇ,
ସେନ୍ତାର୍‌କଲେ ପର୍‌ମେସର୍ ତମ୍‌କେ ବିଚାର୍ କର୍‌ସି । ଦସ୍ ନ

ଦିଆସ୍, ସେନ୍ତାର୍‌କଲେ ପର୍‌ମେସର୍ ତମ୍‌କେ ଦସ୍ ନ ଦାରେ
। କେମା କରା, ସେନ୍ତାର୍‌କଲେ ତମ୍‌କେ କେମା ମିଲ୍‌ସି । **୩୮**
ବିନ୍ ଲକ୍‌କେ ଦାନ୍ କରା, ସେନ୍ତାର୍‌କଲେ ପର୍‌ମେସର୍ ତମ୍‌କେ
ଦାନ୍ ଦେଇସି, ଲକ୍‌ମନ୍ ମାନ୍‌ଟାନେ କାଦି ପୁରୁନ୍‌କରି ତାକେ
ଚାପି ଜୁଲାଇ, ଉଚ୍‌ଲାଇକରି, ତମର୍ ଅଁଟିତେଇ ଦେବାଇ,
କାଇକେବଇଲେ ଜନ୍ ଇସାବେ ତମେ ନାପ୍‌ସା, ସେ ଇସାବେ ସେ
ତମ୍‌କେ ନାପି ଦିଆଅଇସି ।” **୩୯** ଜିସୁ ସେମନ୍‌କେ ଉଦାଅରନ୍
ଦେଇ କଇଲା, “କାଣା କାଇ କାଣାକେ ବାଟ୍ ଦେକାଇପାରେକି?
ନାଇ, ନାପାରେ । ଜଦି ସେମନ୍ ସେନ୍ତାରି କର୍‌ବାଇ ବଇଲେ
ଦୁଇଲକ୍‌ଜାକ କାଲେ ନ ଅଦ୍‌ରତ୍ କି? **୪୦** ଗୁରୁର୍‌ଟାନେଅନି
ସିସ୍ ବଡ୍ ନାଇ । ମାତର୍ ସିସ୍‌ମନ୍ ସିକିଆ ପାଇ ସାରାଇଲେ
ସିଦ୍‌ଅଇ ଗୁରୁର୍ ସମାନ୍ ଅଇବାଇ ।” **୪୧** “ଆରି କାଇକେ ତମର୍
ବାଇର୍ ଆଁକିଟାନେ ରଇବା ସାନ୍ କାଚ୍‌ରା ଦେକ୍‌ଲାସ୍‌ନି? ମାତର୍
ତମର୍ ନିଜର୍ ଆଁକିଟାନେ ଜନ୍ ବଡ୍ କାଚ୍‌ରା ଆଚେ, ସେଟା
ବାବିଦେକାସ୍‌ନାଇ । **୪୨** ତମେ ନିଜର୍ ଆଁକିଟାନେ ରଇବା ବଡ୍‌ଟା
କାଚ୍‌ରା ନ ଦେକିକରି, ନିଜର୍ ବାଇର୍ ଆଁକି ଟାନେ ରଇବା ସାନ୍
କାଚ୍‌ରା ଦେକି କେନ୍ତି କଇପାରାସ୍, ଆଉ ବାଇ ତମର୍ ଆଁକିଅନି
କାଚ୍‌ରା ବାର୍‌କରାଇଦେବି? ଏ କୁଟିଆଲ୍‌ମନ୍, ପର୍‌ତୁମ୍ ନିଜର୍
ଆଁକିଅନି କାଚ୍‌ରା ବାର୍‌କରାଇପାକା, ତାର୍‌ପଚେ ନିଜର୍ ବାଇର୍
ଆଁକିଟାନେ ରଇବା କାଚ୍‌ରା ସବୁ ବାର୍‌କରାଇବାକେ, ନିକକରି
ଦେକିପାରାସ୍ ।” **୪୩** “ନିକ ଗଚେ କାରାପ୍ ପଲ୍ ନ ପଲେ,
କାରାପ୍ ଗଚେ ନିକ ପଲ୍ ନ ପଲେ । **୪୪** କାଇକେବଇଲେ
ଗଚ୍‌ମନ୍‌କେ ତାର୍ ପଲର୍‌ଲାଗି ଜାନିଅଇସି । କାଟା ଗଚେଅନି
ଲକ୍‌ମନ୍ ଡୁମ୍‌ରି ପଲ୍ ନ ତଲତ୍, କି କାଟା ବୁଟାଇଅନି ଅଙ୍ଗୁର୍ ପଲ୍
ନ ତଲତ୍ । **୪୫** ନିକ ଲକ୍ ନିଜର୍ ମନ୍ ବିତ୍‌ରର୍ ଗରବ୍‌ବିତ୍‌ରେ
ଅନି ନିକଟା ବାର୍‌କରାଇସି । ଆରି କାରାପ୍ ଲକ୍‌ମନ୍ ନିଜର୍
ମନ୍ ବିତ୍‌ରର୍ ଗରବ୍‌ଟାନେ ଅନି କାରାପ୍‌ଟା ବାର୍‌କରାଇବାଇ
। କାଇକେବଇଲେ, ମନ୍‌ବିତ୍‌ରେ ଚିନ୍ତା କର୍‌ବାଟା, ଟଣ୍ଡ କାତା
କଇସି ।” **୪୬** “ଆରି ତମେ କାଇକେ ମକେ ଏ ମାପ୍‌ରୁ ଏ
ମାପ୍‌ରୁ, ବଲି ଡାକିକରି ମର୍ ଆଦେସ୍ ମାନାସ୍ ନାଇ? **୪୭** ଜେ
ମିସା ମର୍‌ଲଗେ ଆସି, ମର୍ କାତା ସୁନି, ସେଟା ସବୁ ମାନ୍‌ସି,
ସେ କାର୍ ସମାନ୍ ରଇସି, ସେଟା ମୁଇ ତମ୍‌କେ ଦେକାଇବି ।
**୪୮** ସେ ଏନ୍ତାରି ଗଟେକ୍ ଗର୍ ଉଟାଇବା ଲକର୍‌ପାରା । ଜେ
ଗଇର୍ କରି କୁନି, କୁନାଦି ପାକ୍‌ନା ଉପ୍‌ରେ ବସାଇଲା । ବନିଆ
ପାନି ଆସି ସେଟା ଉଲ୍‌କା ମାର୍‌ଲା ମିସା ସେଟା ବସ୍‌ଲାଇ
ନାପାର୍‌ଲା । କାଇକେବଇଲେ ସେଟା ନିମାନ୍‌କରି ଉଟାଇରଇଲା
। **୪୯** ମାତର୍ ଜନ୍ ଲକ୍‌ମନ୍ ମର୍‌କାତା ସୁନିକରି ମିସା ସେ
ଇସାବେ ଚଲାଚଲ୍‌ତି ନ କରତ୍, ସେ କୁନାଦି ନ କରି, ବାଲି
ଉପ୍‌ରେ ଗର୍‌କଲା ଲକର୍‌ପାରା । ଜବର୍ ଅଇତେ ଉଦ୍‌କାମାର୍‌ଲା
ଦାପ୍‌ରେ ସେ ଗର୍ ବସ୍‌ଲିଗାଲା ଆରି ସେଟା ଅପର୍‌ବଲ୍ ବିନାସ୍
ଅଇଲା ।”

**୭** ଜିସୁ ଲକ୍‌ମନ୍‌କେ ସବୁ କାତା କଇ ସାରାଇକରି କପର୍‌ନାଉମ୍
ସଅରେ କେଚ୍‌ଲା । **୨** ସେବେଲେ ସଏଟା ସନିଅମନର୍
ମୁକିଆର୍ ଗଟେକ୍ ଗତିଦାଙ୍ଗଡା, ଜର୍ ଅଇକରି ମଲାପାରା
ଅଇଜାଇରଇଲା । ସେ ତାକେ ନିଜର୍‌ଲକ୍ ପାରା ଆଲାଦ୍
କର୍‌ତେରଇଲା । **୩** ସେ ଜିସୁର୍ ବିସଇର୍ କବର୍ ସୁନି, ଜିସୁ
ଜେନ୍ତିକି ଆସି ତାର୍ ଗତିଦାଙ୍ଗଡାର୍ ଜିବନ୍ ରକିଆ କର୍‌ସି
ବଲି ବାବ୍‌ଲା । ସେଟାର୍‌ପାଇ ଜିସୁର୍ ଲଗେ କେତେଟା ଜିଉଦି
ପାର୍‌ଚିନ୍‌ମନ୍‌କେ ପାଟାଇ ତାକେ ବାବୁଜିଆ କଲାଇ । **୪**
ପାର୍‌ଚିନ୍‌ମନ୍ ଜିସୁର୍‌ଲଗେ କେଟିକରି ତାକେ ଜୁଆର୍ ବିଆର୍ କରି
କଇବାର୍ ଦାର୍‌ଲାଇ, “ତାର୍‌ପାଇ ତମେ ଏନ୍ତାରି କରିରଇଲେ,
ନିକରଇସି । **୫** କାଇକେବଇଲେ ସେ ଆମର୍ ଲକ୍‌ମନ୍‌କେ
ଆଲାଦ୍ କର୍‌ସି ଆରି ନିଜେ ସେ ଆମର୍ ସବୁଲକର୍ ପାଇ
ପାର୍‌ତନାଗର୍ ତିଆର୍‌କରି ଦେଇଆଚେ ।” **୬** ତେଇ ଜିସୁ ତାକର୍
ସଙ୍ଗ ଗାଲା । ସେ ଗରେ କେଚ୍‌ବାକେ କଣ୍ଟେକ୍ ଦୁର୍ ରଇଲାକେ,
ସଏଟା ସନିଅମନର୍ ମୁକିଆ ଲକ୍‌ମନ୍‌କେ ପାଟାଇ ତାକେ
କଇଲା, “ମାପ୍‌ରୁ, କସ୍‌ଟ ଉଆନାଇ, କାଇକେବଇଲେ ତମେ
ଜେ ମର୍ ଗରେ ପାଦ୍ ପାକାଇସା, ମର୍ ଏନ୍ତାରି ବାଗିଅ ନାଇ ।
**୭** ଏଟାର୍‌ପାଇ ମୁଇ ତମର୍‌ଟାନେ ଆଇବାକେ ମନ୍ କରିନାଇ
। ମାତର୍ ଗଟେକ୍ ପଦ୍ ଆଦେସ୍ କରା, ମର୍ ଗତିଦାଙ୍ଗଡା
ନିକ ଅଇଜାଇସି । **୮** ମୁଇ ଗଟେକ୍ ଲକର୍ ତଲେ କାମ୍
କର୍‌ତେରଇଲେ ମିସା ମର୍ ତଲେ ସନିଅମନ୍ ଆଚତ୍ । ଆରି
ମୁଇ ଗଟେକ୍ ଲକ୍‌କେ ଜା ବଲି କଇଲେ, ସେ ଜାଇସି । ବିନ୍
ଲକ୍‌କେ ଆଉ ବଇଲେ ସେ ଆଇସି । ମର୍ ଗତିଦାଙ୍ଗଡାକେ
ଏଟା କର୍ ବଇଲେ, ସେ ସେଟା କର୍‌ସି ।” **୯** ଜିସୁ ତାର୍ ଏ
ସବୁ ବିସଇ ସୁନି କାବା ଅଇଗାଲା, ଆରି ବୁଲିକରି ତାର୍ ପଚେ
ଆଇତେରଇବା ଲକ୍‌ମନ୍‌କେ କଇଲା, “ମୁଇ ତମ୍‌କେ କଇଲିନି,
ଇସ୍‌ରାଏଲ୍ ବିତ୍‌ରେ ମିସା ଏତେକ୍ ବଡ୍ ବିସ୍‌ବାସି ନ ମିଲତ୍
।” **୧୦** ଆରି ଜିସୁକେ ଡାକ୍‌ବାକେ ଜାଇରଇଲା ଲକ୍‌ମନ୍ ଗରେ
ବାଉଡି ଆସି ଗତିଦାଙ୍ଗଡା ନିକ ଅଇରଇବାଟା ଦେକ୍‌ଲାଇ ।
**୧୧** ତେଇଅନି ଜିସୁ ନାଇନ୍ ନାଉଁର୍ ନଅରେ ଗାଲା । ତାର୍‌ସଙ୍ଗ
ସିସ୍‌ମନ୍ ଆରି ଲକ୍‌ମନ୍ ବେସି ଜାଇତେରଇଲାଇ । **୧୨** ସେ
ନଅରର୍ ଦୁଆର୍‌ଲଗେ କେଚୁ କେଚୁ, ଏଦେ ଦେକା! ଲକ୍‌ମନ୍
ଗଟେକ୍ ମଲା ଲକ୍‌କେ ବଇଆନ୍‌ତେ ରଇଲାଇ । ସେ ନିଜର୍
ମାଆର୍ ଗଟେକ୍ ସେ ପିଲା, ଆରି ସେ ମାଇଜି ରାଣ୍ଡିଟା ।
ନଅରର୍ ବେସିଲକ୍‌ମନ୍ ତାର୍ ସଙ୍ଗ ରଇଲାଇ । **୧୩** ସେ ରାଣ୍ଡି
ମାଇଜିକେ ଦେକି ଜିସୁ ଦୁକ୍‌କଲା ଆରି ତାକେ କଇଲା, “ଏ ମାଆ
କାନ୍ଦନାଇ ।” **୧୪** ଆରି, ଜିସୁ ଜାଇକରି ଡାଣ୍ଡିଆ ଚିଇଲାକେ
ବଇ ଆନ୍‌ତେରଇବା ଲକ୍‌ମନ୍ ଟିଆଅଇଲାଇ । ଆରି ସେ
କଇଲା, “ମୁଇ ତକେ କଇଲିନି, ନୁନା ଉଟ୍!” **୧୫** ତେଇ ସେ
ଦାଙ୍ଗଡା ଉଟିବସ୍‌ଲା ଆରି କାତା କଇବାର୍ ଦାର୍‌ଲା । ଆରି
ଜିସୁ ସେ ଦାଙ୍ଗଡାକେ ତାର୍ ମାକେ ସର୍‌ପିଦେଲା । **୧୬** ତେଇ

ସବୁଲକ୍ ଡରିଗାଲାଇ, ଆରି ପର୍‌ମେସରର୍ ମଇମା କରି କରି
କଇଲାଇ “ଆମର୍ ବିତ୍‌ରେ ଗଟେକ୍ ମଆନ୍ ବବିସତ୍‌ବକ୍‌ତା
ଆଇଲାଆଚେ, ଆରି ପର୍‌ମେସର୍ ନିଜର୍ ଲକ୍‌ମନ୍‌କେ ଉଦାର୍
କର୍‌ବାକେ ଆସିଆଚେ ।” ୧୭ ଜିସୁର୍ ଏ ବିସଇର୍ କାତା
ଗୁଲାଇ ଜିଉଦା ଦେସେ ଆରି ଚାରିବାଟର୍ ଗାଉଁଗଣ୍ଡାର୍ ଲକ୍‌ମନ୍
ଜାନ୍‌ଲାଇ । ୧୮ ପଚେ ଡୁବନ୍ ଦେଉ ଜଅନର୍ ସିସ୍‌ମନ୍ ଏ
ସବୁ କାତା ଜଅନ୍‌କେ ଜାନାଇଲାଇ । ୧୯ ତେଇ ଜଅନ୍ ନିଜର୍
ସିସ୍‌ମନର୍ ବିତ୍‌ରେଅନି ଦୁଇଲକ୍‌କେ ଡାକି ମାପ୍‌ରୁର୍ ଲଗେ
ଏନ୍ତାରି କଇ ପାଟାଇଲା, “ଜେ ଆଇବାର୍ ରଇଲା, ସେ ଲକ୍
ତମେସେ କି? କି କାଇ ବିନ୍ ଲକ୍‌କେ ଆମେ ଜାଗ୍‌ବୁ?” ୨୦
ସେ ଲକ୍‌ମନ୍ ଜିସୁର୍‌ଲଗେ କେଟିକରି କଇଲାଇ, “ଡୁବନ୍ ଦେଉ
ଜଅନ୍ ଆମ୍‌କେ ଏନ୍ତାରି କଇ ତମର୍‌ଲଗେ ପାଟାଇଆଚେ, ଜେ
ଆଇବାର୍ ରଇଲା, ସେ ଲକ୍ ତମେ କି? କି କାଇ ଆମେ ଆରି
ବିନ୍ ଲକ୍‌କେ ଜାଗ୍‌ବୁ?” ୨୧ ସେବେଲେ ଜିସୁ ଜର୍ ଦୁକା,
ଆରି ଡୁମା ଦାର୍‌ଲା ଲକ୍‌ମନ୍‌କେ ନିକ କଲା । ଆରି କେତେଟା
କାଣାମନ୍‌କେ ମିସା ଆଁକି ଡିସାଇଲା । ୨୨ ଜିସୁ ଜଅନର୍
ସିସ୍‌ମନ୍‌କେ କଇଲା, “ତମେମନ୍ ଜନ୍ ଜନ୍‌ଟା ଦେକ୍‌ଲାସ୍ ଆରି
ସୁନ୍‌ଲାସ୍, ସେଟା ସବୁ ଜାଇ ଜଅନ୍‌କେ ଜାନାଆ, କାଣା ଲକ୍‌ମନ୍
ଦେକିପାର୍‌ଲାଇନି, ଚଟାମନ୍ ଇଣ୍ଡିବୁଲ୍‌ଲାଇନି, ବଡ୍ ରଗିମନ୍
ନିକ ଅଇଲାଇନି, ବଇରା ଲକ୍‌ମନ୍ ସୁନ୍‌ଲାଇନି, ମଲାଲକ୍‌ମନ୍
ଜିବନ୍‌ଅଇ ଉଟ୍‌ଲାଇନି, ଆରି ଦୁକର୍ ଲକ୍‌ମନ୍‌କେ ମାପ୍‌ରୁର୍
ବାକିଅ ସୁନାଇଅଇଲାନି । ୨୩ ଜନ୍‌ଲକ୍ ମକେ ‘କିରିସ୍‌ଟ ସେ
କି ନଏଁ?’ ବଲି ନ ବାବିକରି ବିସ୍‌ବାସ୍ କର୍‌ସି, ତାର୍ କେଡେକ୍
ନିକ କରମ୍ ।” ୨୪ ଜଅନର୍ ସିସ୍‌ମନ୍ ବାଉଡିଗାଲାପଚେ
ଜିସୁ ଲକ୍‌ମନ୍‌କେ ଜଅନର୍ ବିସଇ କଇବାର୍‌ଦାର୍‌ଲା, “କାଇଟା
ଦେକ୍‌ବାକେ ତମେ ମରୁବାଲି ବୁଏଁ ବାରଇ ଜାଇରଇଲାସ୍? କାଇ
ପବନେ ଜୁଲ୍‌ତେରଇବା ବାଉଁସ୍ ନାଲା? ୨୫ ସେଟା ନଇଲେ
ତମେ କାଇଟା ଦେକ୍‌ବାକେ ବାରଇଜାଇ ରଇଲାସ୍? କାଇ
ଜବର୍ ଡାବୁଦେଇ ବସ୍‌ତର୍ ଗେନି ପିନ୍ଦିରଇବା ଗଟେକ୍ ଲକ୍‌କେ
ଦେକ୍‌ବାକେ? ଦେକା, ଜନ୍ ଲକ୍‌ମନ୍ ଜେ କି ସୁନ୍ଦର୍ ବସ୍‌ତର୍
ପିନ୍ଦିକରି, ସୁକର୍ ସଙ୍ଗ ଦିନ୍ ବିତାଇବାଇ, ସେମନ୍ ତା ରାଜାର୍
ନଅରେ ରଇବାଇ । ୨୬ ସେନ୍ତାର୍ ନଇଲେ କାଇକେ ବାରଇ
ଜାଇରଇଲାସ୍? କାଇ ଗଟେକ୍ ବବିସତ୍‌ବକ୍‌ତାକେ ଦେକ୍‌ବାକେ?
ମୁଇ ତମ୍‌କେ ସତ୍ କଇଲିନି, ଜଅନ୍ ବବିସତ୍‌ବକ୍‌ତାମନର୍
ତେଇଅନି ମିସା ଅଦିକାର୍ ରଇବା ଲକ୍ ।” ୨୭ ଜାର୍ ବିସଇ
ନେଇକରି ଦରମ୍ ସାସ୍‌ତରେ ଲେକାଆଚେ । ପର୍‌ମେସର୍
କଇଲା, “ଆମେ ନିଜର୍ ଦୁତ୍‌କେ ତମର୍ ଆଗେ ପାଟାଇଲୁନି, ସେ
ତମର୍ ମୁଆଟେ ତମର୍‌ପାଇ ବାଟ୍ ତିଆର୍ କର୍‌ସି, ଏ ସେ ଲକ୍ ।
୨୮ ମୁଇ ତମ୍‌କେ ସତ୍ କଇଲିନି, ମାଇଜିମନର୍ ଟାନେଅନି ଜାତ୍
କରିରଇବା ସବୁର୍ ବିତ୍‌ରେ, ଜଅନର୍ ଟାନେଅନି ଆରି ମୁକିଅ
କେ ମିସା ନାଇ, ଏଲେମିସା ପର୍‌ମେସରର୍ ରାଇଜେ ଜେ ସାନ୍,
ସେ ଜଅନର୍ ଟାନେଅନି ବଡ୍ ।” ୨୯ ଜନ୍‌ଲକ୍‌ମନ୍ ଏ ସବୁ
କାତା ସୁନ୍‌ତେରଇଲାଇ, ସେମନ୍, ଜେନ୍ତାରିକି ସିସ୍‌ତୁମାଙ୍ଗମନ୍
ମିସା ପର୍‌ମେସରର୍ ଦାବିକଲାଟା ମାନି ଜଅନର୍ ଟାନେ ଡୁବନ୍
ନେଇରଇଲାଇ । ୩୦ ମାତର୍ ପାରୁସିମନ୍ ଆରି ନିଅମ୍
ସିକାଉମନ୍ ତାକର୍ ଜିବନର୍‌ପାଇ ପର୍‌ମେସର୍ କରିରଇବା
ଜଜ୍‌ନା ମାନତ୍‌ନାଇ, ଆରି ଜଅନର୍‌ଟାନେ ଡୁବନ୍ ନେଅତ୍‌ନାଇ
। ୩୧ ଜିସୁ ଆରିତରେକ୍ କଇଲା, ଏବର୍ ଲକ୍‌ମନ୍‌କେ ମୁଇ କାର୍
ସଙ୍ଗ ସମାନ୍ କର୍‌ବି? ଆରି ସେମନ୍ କାର୍ ପାରା? ୩୨ ଜନ୍
ପିଲାମନ୍ ଡାଣ୍ଡେବାଟେ ବସି ସେମନ୍ ସେମନ୍ ଡାକାଡାକିଅଇ
କୁଆକୁଇ ଅଇବାଇ, “ଅଇରେ, ଆମେ ତମର୍‌ଲଗେ ବାଉଁସି
ପୁକ୍‌ଲୁ, ତମେ ନାଟ୍ କରାସ୍‌ନାଇ, ଦୁକର୍ ଗିତ୍ ଗାଇଲୁ, ତମେ
କାନ୍ଦାସ୍‌ନାଇ, ସେମନ୍ ତାକର୍‌ପାରା । ୩୩ କାଇକେବଇଲେ,
ଡୁବନ୍ ଦେଉ ଜଅନ୍ ଆସି ଉପାସେ ରଇ, ଆମଟ୍ ଅଇଲା ପଲ୍‌ରସ୍
ମିସା କାଏନାଇ, ଆରି ତମେ ତାକେ କଇଲାସ୍‌ନି ଡୁମା ଦାରିଆଚେ
ବଲି । ୩୪ ପର୍‌ମେସର୍ ପାଟାଇରଇବା ନର୍‌ପିଲା ମୁଇ ଆସି
କିଆପିଆ କଲିନି, ଆରି ତମେମନ୍ କଇଲାସ୍‌ନି, ଦେକା ଅ! ଏ
ଗଟେକ୍ କାଉରାଟା ଆରି ମଦୁଆଟା, ସିସ୍‌ତୁମାଙ୍ଗମନର୍ ଆରି
ପାପିମନର୍ ମଇତର୍ । ୩୫ ମାତର୍ ଜନ୍‌ଲକ୍‌ମନ୍ ପର୍‌ମେସରର୍
ଗିଆନ୍ ମାନ୍‌ବାଇ, ସେମନର୍‌ଟାନେ ମାପ୍‌ରୁ ସତ୍ ଇସାବେ ଡିସ୍‌ସି
।” ୩୬ ଆରି ପାରୁସିମନର୍ ବିତ୍‌ରେଅନି ଗଟେକ୍ ଲକ୍ ଜିସୁକେ
କାଇବାକେ ଡାକ୍‌ଲା । ତେଇ ଜିସୁ ପାରୁସିର୍ ଗରେ ଜାଇକରି
କାଇବାକେ ବସ୍‌ଲା । ୩୭ ଆରି ଦେକା, ସେ ନଅରେ ଗଟେକ୍
ପାପି ମାଇଜି ରଇଲା । ଜିସୁ ପାରୁସିର୍ ଗରେ କାଇବାକେ
ବସିଆଚେ ବଲି ଜାନିକରି, ସେ ଗଟେକ୍ କଣ୍ଡିତେଇ ବାସ୍‌ନା
ଟିକନ୍ ଆନ୍‌ଲା । ୩୮ ପଚ୍‌ବାଟେ ଜିସୁର୍ ପାଦ୍‌ଲଗେ ଟିଆଅଇ
ଆଁସୁ ଜରାଇ ଜରାଇ ତାର୍ ଆଁସୁ ପାନି ସଙ୍ଗ ଜିସୁର୍ ପାଦ୍
ବିଜାଇକରି ତାର୍ ଚେଣ୍ଡିସଙ୍ଗ ସେଟା ପୁଚ୍‌ବାର୍ ଦାର୍‌ଲା । ଆରି
ତାର୍ ପାଦେ ଚୁମି ଚୁମି କରି ସେ ଟିକନ୍ ଲାଗାଇବାର୍ ଦାର୍‌ଲା
। ୩୯ ସେଟା ଦେକିକରି ଜନ୍ ପାରୁସି ତାକେ ଡାକିରଇଲା,
ସେ ମନେ ମନେ ବାବ୍‌ଲା, “ଜଦି ଏ ଲକ୍ ବବିସତ୍‌ବକ୍‌ତା
ଅଇରଇତା ବଇଲେ, ଆକେ ଜେ ଚିଇଲାନି, ସେ କେ ଆରି
ସେଟା କେନ୍ତାର୍ ମାଇଜି, ବଲି ଜାନ୍‌ତା । କାଇକେବଇଲେ ସେ
ଗଟେକ୍ ପାପି ମାଇଜି ।” ୪୦ ଜିସୁ ତାକେ କଇଲା, “ସିମନ୍
ତକେ ମୁଇ ଅଲପ୍ କଇବାର୍ ଆଚେ ।” ସେ କଇଲା, “ଗୁରୁ
କୁଆ ତେବେ ।” ୪୧ “ଗଟେକ୍ ସାଉକାରର୍ ରୁନ୍ ନେଇରଇବା
ଦୁଇଲକ୍ ରଇଲାଇ, ଗଟେକ୍‌ଲକ୍ ପାଁଚ୍‌ସ ରୁପାଟାଙ୍ଗା ଆରି
ଗଟେକ୍‌ଲକ୍ ପଚାସ୍ ରୁପାଟାଙ୍ଗା ରୁନ୍ କରିରଇଲାଇ । ୪୨
ରୁନ୍ ବାନ୍ଦ୍‌ବାକେ ସେମନ୍‌କେ କାଇଟା ନ ରଇଲାଜେ, ସାଉକାର୍
ଦୁଇଲକର୍ ଜାକ ରୁନ୍ ଚାଡିଦେଲା । ତେବେ ସେମନର୍ ବିତ୍‌ରେ
କେ ତାକେ ବେସି ଆଲାଦ୍ କର୍‌ସି?” ୪୩ ସିମନ୍ କଇଲା, “ମୁଇ
ବାବ୍‌ଲିନି, ସାଉକାର୍ ଜାକେ ଅଦିକ୍ ରୁନ୍ ଚାଡିଦେଲା, ସେ ।”

ଜିସୁ ତାକେ କଇଲା, "ତମେ ଟିକ୍ ବିଚାର୍ କଲାସ୍ ।" ୪୪ ଆରି
ଜିସୁ ସେ ମାଇଜିର୍‌ବାଟେ ମୁ ବୁଲାଇକରି ସିମନ୍‌କେ କଇଲା, "ଏ
ମାଇଜିକେ ଦେକ୍‌ଲୁସ୍‌ନି? ମୁଇ ତମର୍ ଗରେ ଆଇଲି, ମକେ
ଗଡ୍ ଦଇବାକେ ପାନି ଦିଆସ୍‌ନାଇ, ମାତର୍ ଏ ତାର୍ ଆଁସୁପାନି
ସଙ୍ଗ୍ ମର୍ ପାଦ୍ ବିଜାଇ ତାର୍ ଚେଣ୍ଡିସଙ୍ଗ୍ ସେଟା ପୁଚିଦେଲା ।
୪୫ ତମେ ମକେ ଚୁମାସ୍‌ନାଇ, ମାତର୍ ମୁଇ ବିତ୍‌ରେ ଆଇଲା
ବେଲେଅନି ଏ ମର୍ ପାଦେ ଚୁମି ଚୁମି, ତାକେନାଇ । ୪୬ ତମେ
ମକେ ସନ୍‌ମାନର୍ ସଙ୍ଗ୍ ମୁଣ୍ଡେ ଚିକନ୍ ଲାଗାଆସ୍‌ନାଇ, ମାତର୍
ଏ ମର୍ ପାଦେ ବାସ୍‌ନା ଚିକନ୍ ଲାଗାଇଲା । ୪୭ ତେବର୍‌ପାଇ
ମୁଇ ତକେ କଇଲିନି, ଏ ମାଇଜିର୍ କେତେ କେତେ ପାପ୍
କେମାଅଇଲାଆଚେ, କାଇକେବଇଲେ ସେ ବେସି ଆଲାଦ୍ କଲା,
ମାତର୍ ଜାକେ ଅଲପ୍ କେମା ଦିଆଅଇସି, ସେ ଅଲପ୍ ଆଲାଦ୍
କର୍‌ସି ।" ୪୮ ଆରି ଜିସୁ ସେ ମାଇଜିକେ କଇଲା, "ତର୍ ସବୁ
ପାପ୍ କେମା ଅଇଲା ଆଚେ ।" ୪୯ ତେଇ ଜିସୁର୍‌ସଙ୍ଗ୍ କାଇବାକେ
ବସିରଇବା ଲକ୍‌ମନ୍ ମନେ ମନେ କଇବାର୍ ଦାର୍‌ଲାଇ, "ପାପ୍
ମିସା କେମାକଲାନିଜେ, ଏ କେ?" ୫୦ ମାତର୍ ଜିସୁ ସେ
ମାଇଜିକେ କଇଲା, "ତୁଇ ମକେ ବିସ୍‌ବାସ୍ କଲାର୍‌ପାଇ ବଲି
ରକିଆ ପାଇଆଚୁସ୍, ସାନ୍ତିସଙ୍ଗ୍ ଉଟିଜା ।"

୮ ତେଇଅନି ଚନେକ୍ ଗାଲାପଚେ, ଜିସୁ ନଅରେ ନଅରେ
ଆରି ଗାଏଁ ଗାଏଁ ପର୍‌ମେସରର୍ ରାଇଜର୍ ସୁବ୍‌କବର୍
କଇ ବୁଲ୍‌ବାର୍ ଦାର୍‌ଲା, ଆରି ବାରଟା ସିସ୍‌ମନ୍ ତାର୍ ସଙ୍ଗ୍
ରଇଲାଇ । ୨ ଜନ୍ ମାଇଜିମନ୍ ଡୁମାଦାର୍‌ଲା ଟାନେଅନି ଆରି
ଜର୍‌ଦୁକା ଟାନେଅନି ନିକ ଅଇରଇଲାଇ, ସେମନ୍ ମିସା ତାର୍
ସଙ୍ଗ୍ ରଇଲାଇ । ମାଇଜିମନର୍ ବିତ୍‌ରେ ଅନି ମରିୟମ୍ ଜାକେ କି
ମଗ୍‌ଦଲିନି ମରିୟମ୍ ବଲି କଇବାଇ । ଜାର୍‌ଟାନେଅନି ସାତ୍‌ଟା
ଡୁମା ବାରଇ ଜାଇରଇଲାଇ । ୩ ଏରଦ୍ ରାଜାର୍ ଗୁମସ୍ତା
କୁଜାର୍ ମାଇଜି ଜଆନା, ସସନା, ଆରି କେତେକ୍ କେତେକ୍
ମାଇଜିମନ୍, ଜିସୁର୍ ସଙ୍ଗ୍ ରଇ ନିଜର୍ ନିଜର୍ ଦନ୍ ସାରାଇ
ତାକେ ସେବା କର୍‌ତେରଇଲାଇ । ୪ ଜେଡେବେଲେ ଲକ୍‌ମନ୍
ଗଟେକ୍ ଜାଗାଇ ଟୁଲ୍‌ଅଇଲାଇ, ଆରି ନଅରେ ନଅରେ ଅନି
ତାର୍‌ଲଗେ ଆଇଲାଇଜେ ଜିସୁ ଏନ୍ତି ଉଦାଅରନ୍ ଦେଇ କଇଲା,
୫ "ଗଟେକ୍ ଚାସି ତାର୍ ବିଅନ୍ ବୁନ୍‌ବାକେ ବାରଇଲା । ସେ
ବୁନୁ ବୁନୁ କେତେଟା ବିଅନ୍ ବାଟେ ଅଦର୍‌ଲା । ଲକ୍‌ମନ୍ ସେଟା
ମାଣ୍ଡିଚୁଣ୍ଡି କରିଦେଲାଇ ଆରି ଚଡଇମନ୍ ଆସି କାଇଦେଲାଇ । ୬
କେତେଟା ପାକ୍‌ନା ବାଡି ରଇଲା ବୁଏଁ ଅଦର୍‌ଲା, ସେଟା ଆଁକ୍‌ରି
ଗାଜା ଅଇଲା, ମାତର୍ ମାଟି ନ ବିଜିରଇଲାଜେ ସୁକିଗାଲା । ୭
କେତେଟା କାଟାବୁଟାମନର୍ ମଜାଇ ଅଦର୍‌ଲା । କାଟାବୁଟାମନ୍
ଦାପ୍‌ରେ ବଡିକରି ଆଁକର୍‌ଲାଟାମନ୍‌କେ ଚାପିଦେଲା । ୮ ଆରି
ବାକି କେତେଟା ନିକ ଜମିଟାନେ ଅଦର୍‌ଲା ଆରି ସଏ ଗୁନ୍ ପଲ୍
ପଲ୍‌ଲା ।" ଏଟା କଇସାରାଇ ଜିସୁ ଆଉଲିଅଇକରି କଇଲା,
"ଜାକେ ସୁନ୍‌ଲାପାରା କାନ୍ ଆଚେ, ସେ ସୁନ ।" ୯ ତାର୍
ସିସ୍‌ମନ୍ ଏ ଉଦାଅରନ୍ ଦେଇରଇବାଟା କାଇଟା ଅଇରଇସି ବଲି
ତାକେ ପାଚାର୍‌ବାର୍ ଦାର୍‌ଲାଇ । ୧୦ ତେଇ ଜିସୁ ସେମନ୍‌କେ
କଇଲା, "ପର୍‌ମେସରର୍ ରାଇଜର୍ ଟିକିନିକି ବିସଇ ଜାନତ୍ ବଲି
ତମ୍‌କେ ଗିଆନ୍ ଦିଆଅଇଲାଆଚେ, ମାତର୍ ବିନ୍‌ଲକ୍‌ମନ୍‌କେ
ଉଦାଅରନ୍ ଦେଇ କଇଅଇସି, ଜେନ୍ତାରିକି ସେମନ୍ ଦେକି ଦେକି
ନ ଦେକତ୍ କି ସୁନି ସୁନି ମିସା ନ ବୁଜତ୍ ।" ୧୧ "ଉଦାଅରନର୍
କାତା ଏନ୍ତାରି, ବିଅନ୍ ଅଇଲାନି ପର୍‌ମେସରର୍ ବାକିଅ ।
୧୨ ବାଟ୍‌ଲଗେ ଅଦର୍‌ଲା ବିଅନ୍, ଏନ୍ତାରି ଲକ୍‌ମନର୍‌ପାରା,
ଜେମନ୍ ବାକିଅ ସୁନ୍‌ବାଇ । ତାର୍‌ପଚେ ସଇତାନ୍ ଆସି, ଜେନ୍ତିକି
ସେମନ୍ ବିସ୍‌ବାସ୍ କରି ରକିଆ ନ ପାଅତ୍, ସେ ଲକ୍‌ମନର୍
ମନ୍‌ବିତ୍‌ରେଅନି ବାକିଅ ଜିକିନେଇସି । ୧୩ ପାକ୍‌ନାବାଡି ବୁଏଁ
ଅଦର୍‌ଲା ବିଅନ୍ ଏନ୍ତାରି ଲକ୍‌ମନ୍‌କେ ବୁଜାଇସି । ସେମନ୍
ବାକିଅ ସୁନି ସାର୍‌ଦାସଙ୍ଗ୍ ମାନ୍‌ବାଇ, ମାତର୍ ସେମନ୍‌କେ ଚେର୍
ନ ରଇଲାର୍‌ପାଇ ବଲି ଚନେକ୍ ବିସ୍‌ବାସ୍ କର୍‌ବାଇ ଆରି
କାଇଆଲେ ପରିକା ବେଲାଇ ବିସ୍‌ବାସ୍ ଚାଡିଦେବାଇ । ୧୪ ଆରି
କାଟାବୁଟାମନର୍ ମଜାଇ ଅଦର୍‌ଲା ବିଅନ୍ ଏନ୍ତାରି ଲକ୍‌ମନ୍‌କେ
ବୁଜାଇସି । ଜନ୍‌ଲକ୍‌ମନ୍ ବାକିଅ ସୁନ୍‌ବାଇ, ମାତର୍ ଜଗତର୍
ଚିନ୍ତା, ଦନ୍ ସଁପତିର୍ ଚିନ୍ତା କରି କରି ଚାପିଅଇଜିବାଇ । ତେଇ
ନିକ ଦାନ୍ ନ ଅଏ । ୧୫ ଆରି ନିମାନ୍ ବୁଏଁ ଅଦର୍‌ଲା, ବିଅନ୍
ଏନ୍ତାରି ଲକ୍‌ମନ୍‌କେ ବୁଜାଇସି । ଜନ୍ ଲକ୍‌ମନ୍ କି ନିମାନ୍
ଆରି ଦରମ୍ ମନେ ବାକିଅ ସୁନିକରି ସେଟା ଡାଟ୍ ସଙ୍ଗ୍ ଦାରି
ସଙ୍ଗ୍‌ଇବାଇ ଆରି ଜାଗିରଇକରି ପଲ୍‌ପଲ୍‌ବାଇ ।" ୧୬ "ବତି
ଡସାଇ କରି କେ ମିସା ଡାଲାଡାବି ନ ସଙ୍ଗ୍‌ଅତ୍ । କି କଟ୍ ତଲେ
ନ ସଙ୍ଗ୍‌ଅତ୍ । ମାତର୍ ବତି କୁଦ୍‌ରା ଉପ୍‌ରେ ସଙ୍ଗ୍‌ଇବାଇ ।
ଜେନ୍ତାରିକି ଆଇଲା ଲକ୍‌ମନ୍ ଉଜଲ୍ ଦେକିପାରତ୍ ।" ୧୭
"କାଇକେବଇଲେ, ଏନ୍ତାରି ଲୁଚିରଇବା ବିସଇ କାଇଟା ନାଇ,
ଜନ୍‌ଟା ଜାନା ନ ପଡେ । ଡାବିଅଇରଇବା ବିସଇ କାଇଟା ନାଇ
ଜନ୍‌ଟା ଉଗାଡି ନଏଁ ।" ୧୮ "ସେଟାର୍ ପାଇ, ଜେନ୍ତାରି ସୁନ୍‌ସା,
ସେ ବିସଇ ନେଇକରି ଜାଗ୍‌ରତ୍ ରୁଆ । କାଇକେବଇଲେ ଜାକେ
ଆଚେ ତାକେ ଅଦିକ୍ ଦିଆଅଇସି । ଆରି ଜାକେ ନାଇ, ସେ
ଜେତ୍‌କି ନିଜର୍‌ଟା ଆଚେ ବଲି ବାବ୍‌ସି, ସେ ଅଲପ୍‌ଟା ମିସା
ତାର୍‌ଟାନେଅନି ନିଆଅଇସି ।" ୧୯ ଜିସୁର୍ ମାଆ ଆରି ବାଇମନ୍
ତାର୍ ଲଗେ ଆଇଲାଇ । ମାତର୍ ଲକ୍‌ମନ୍ ଜବର୍ ରଇଲାଇକେ
ତାର୍ ସଙ୍ଗ୍ ମିସିନାପାର୍‌ତେ ରଇଲାଇ । ୨୦ ତେଇ ଜିସୁକେ
ଏ କବର୍ ଦେଲାଇ, "ତମର୍ ମାଆ ଆରି ବାଇମନ୍ ତକେ
ଦେକ୍‌ବାକେ ମନ୍‌କରି ବାଇରେ ଟିଆଅଇଲାଇ ଆଚତ୍ ।" ୨୧
ମାତର୍ ଜିସୁ ଲକ୍‌ମନ୍‌କେ କଇଲା, "ଜନ୍ ଲକ୍‌ମନ୍ ପର୍‌ମେସରର୍
ବାକିଅ ସୁନ୍‌ବାଇ ଆରି ମାନ୍‌ବାଇ ସେମନ୍ ମର୍ ମାଆ ଆରି
ବାଇମନ୍ ।" ୨୨ ଦିନେକ୍ ଜିସୁ ଆରି ତାର୍ ସିସ୍‌ମନ୍ ଗଟେକ୍
ଡଙ୍ଗାଇ ଚଗ୍‌ଲାଇ, ଆରି ସେ ସିସ୍‌ମନ୍‌କେ କଇଲା, "ଆସା, ଗାଡ୍
ସେପାଟେ ଜୁ ।" ତେଇ ସେମନ୍ ଡଙ୍ଗା ମେଲ୍‌ଲାଇ । ୨୩ ମାତର୍

ଡଙ୍ଗାଗାଟି ଗାଲାବେଲେ ଜିସୁ ସଇଦେଲା । ସେଡ୍‌କିବେଲେ
ଗାଡେ ଅଟାଟ୍ ବାଉପବନ୍ ଆଇଲା ଆରି ଡଙ୍ଗାଇ ପାନିପୁରି
ବର୍‌ତି ଅଇବାର୍ ଦାର୍‌ଲା । ସେମନ୍ ବଡ୍ ବିପଦେ ପଡିଗାଲାଇ ।
**୨୪** ତେଇ ସିସ୍‌ମନ୍ ଜିସୁର୍‌ଲଗେ ଆସି ତାକେ ଉଟାଇ କଇଲା
"ଏ ଗୁରୁ, ଏ ଗୁରୁ, ଆମେ ମରିଜିବୁବେ!" ତେଇ ଜିସୁ ଉଟିକରି
ପବନ୍ ଆରି ବଡ୍ ଲଅଡିକେ ଦମ୍‌କାଇଲା, ଆରି ସେଟା ସବୁ
ଚିମ୍‌ରାଇଅଇ ତବିର୍ ଅଇଲା । **୨୫** ସେ ସିସ୍‌ମନ୍‌କେ କଇଲା,
"ତମର୍ ବିସ୍‌ବାସ୍ କେନେ ଅଇଲା?" ମାତର୍ ସେମନ୍ ଡରିକରି
କାବାଅଇ ନିଜେ ନିଜେ କଇବାର୍ ଦାର୍‌ଲାଇ । "ତେବେ ଏ କେ
ଜେ ପବନ୍ ଆରି ପାନିକେ ମିସା ଆଦେସ୍ ଦେଲା ଦାପ୍‌ରେ,
ସେଟା ସବୁ ତାର୍ ଆଦେସ୍ ମାନ୍‌ବାଇ ।" **୨୬** ପଚେ ଜିସୁ ଆରି
ତାର୍ ସିସ୍‌ମନ୍ ଗାଲିଲି ମୁଆଟର୍ ସେପାଟେ ଗରାସିୟମନର୍
ଜାଗାଇ କେଟ୍‌ଲାଇ । **୨୭** ଜିସୁ ଡଙ୍ଗାଇଅନି ଉତର୍‌ଲା ଦାପ୍‌ରେ,
ସେ ନଅରର୍ ଗଟେକ୍ ଡୁମାଦାର୍‌ଲା ଲକ୍ ତାକେ ବେଟ୍‌ଅଇଲା
। ସେ ବେସି ଦିନେଅନି କାଇଟା ନ ପିନ୍ଧିକରି ଗରେ ନ ରଇ,
ମସ୍‌ନେ ରଇତେ ରଇଲା । **୨୮** ସେ ଜିସୁକେ ଦେକି କିର୍‌କିରି
ତାର୍ ପାଦେ ଅଦ୍‌ରି, ଆଉଲିଅଇ କଇଲା, "ଏ ବେସି ବପୁର୍‌ସଙ୍ଗ
ରଇବା ପର୍‌ମେସରର୍ ପଅ ଜିସୁ, ମର୍ ଲଗେ ତମର୍ କାଇ
କାମ୍ ଆଚେ? ମୁଇ ତମ୍‌କେ ବାବୁଜିଆ କରି କଇଲିନି, ମକେ
କସ୍‌ଟ ନ ଦିଆ ।" **୨୯** କାଇକେ ବଇଲେ ଜିସୁ ଡୁମାକେ ସେ
ମୁନୁସର୍ ଟାନେଅନି ବାରଇଜାଅ ବଲି ଆଦେସ୍ ଦେଇରଇଲା
। ସେ ଡୁମା ସେଲକ୍‌କେ ଦାରିଲାଗିରଇଲା, ଆରି ଲକ୍‌ମନ୍
ତାକେ ସିକିଲି ସଙ୍ଗ ବାନ୍ଧି ଜାଗ୍‌ତେ ରଇଲାଇ । ମାତର୍ ସେ
ବାନ୍ଧଲାଟା ସବୁ ଚିଡାଇ ପାକାଇତେରଇଲା ଆରି ଡୁମା ତାକେ
କିନରା ଜାଗାମନ୍‌କେ ଦାରିଜାଇତେରଇଲା । **୩୦** ଜିସୁ ତାକେ
ପାଚାର୍‌ଲା, "ତର୍ ନାଉଁ କାଇ ନାଉଁ?" ସେ କଇଲା, ବାଇନି,
କାଇକେ ବଇଲେ ତାକେ ଗାଦା ଡୁମାମନ୍ ଦାରି ରଇଲାଇ । **୩୧**
ଆରି ଜିସୁ ଜେନ୍ତିକି ସେମନ୍‌କେ ପାତାଲେ ଜିବାକେ ଆଦେସ୍
ନ ଦେଏ, ଏଟାର୍ ପାଇ ସେମନ୍ ତାକେ ବାବୁଜିଆ କର୍‌ବାର୍
ଦାର୍‌ଲାଇ । **(Abyssos g12)** **୩୨** ତେଇ କୁପ୍‌ଲି ଲଗେ ଗଟେକ୍
ମାନ୍ଧା ଗୁସ୍‌ରି ରାସି ଚାର୍‌ତେ ରଇଲାଇ । ଆରି ସେ ଜେନ୍ତାରି
ସେମନ୍‌କେ ସେ ଗୁସ୍‌ରି ମାନ୍ଧାର୍ ମଜାଇ ପୁର୍‌ବାକେ ଆଦେସ୍
ଦେଇସି, ଏଟାର୍ ପାଇ ସେମନ୍ ଜିସୁକେ ବାବୁଜିଆ କଲାଇ ।
**୩୩** ଜିସୁ ସେମନ୍‌କେ ଆଦେସ୍ ଦେଲା ଦାପ୍‌ରେ ଡୁମାମନ୍ ସେ
ମୁନୁସର୍‌ଟାନେଅନି ବାରଇ ଗୁସ୍‌ରି ରାସିର୍ ମଜାଇ ପୁର୍‌ଲାଇ ।
ପୁର୍‌ଲାକେ ଗୁସ୍‌ରି ମାନ୍ଧା ଜବର୍ ପାଲାଇକରି ଗଡ୍‌ଗଡାବାଟେ
ଜାଇ ଗାଡେ ଅଦ୍‌ରି ମରିଗାଲାଇ । **୩୪** ଗୁସ୍‌ରି ଚାରାଇତେ
ରଇଲା ଲକ୍‌ମନ୍ ସେ ଗଟ୍‌ନା ଦେକି ପାଲାଇକରି ନଅରେ
ଆରି ଗାଉଁମନ୍‌କେ ଜାଇ ସେ କାତା ଜାନାଇଲାଇ । **୩୫** ତେଇ
ଲକ୍‌ମନ୍ ସେ ଗଟ୍‌ନା ଦେକ୍‌ବାକେ ବାରଇ ଆଇଲାଇ ଆରି,
ସେମନ୍ ଜିସୁର୍ ଲଗେ ଆସି ଜନ୍ ମୁନୁସର୍ ଟାନେଅନି ଡୁମାମନ୍
ବାରଇଲାଇ, ସେ ଲକ୍ ଲୁଗା ପିନ୍ଧି ନିକ ମନର୍ ସଙ୍ଗ ଜିସୁର୍
ପାଦ୍ ତଲେ ବସି ରଇବାଟା ଦେକି ଡରିଗାଲାଇ । **୩୬** ଆରି
ଜନ୍‌ଲକ୍‌ମନ୍ ଏଟା ସବୁ ଦେକି ରଇଲାଇ, ସେମନ୍ ସେ ଡୁମା
ଦାର୍‌ଲା ଲକ୍ କେନ୍ତାରି ନିକ ଅଇଲା, ସେଟା ବିନ୍ ଲକ୍‌ମନ୍‌କେ
ଜାନାଇଲାଇ । **୩୭** ତେଇ ଗରାସିୟମନର୍ ଚାରିବେଡ୍‌ତିର୍
ଜାଗାର୍ ଲକ୍‌ମନ୍ ଜିସୁକେ ତାକର୍‌ଟାନେଅନି ଜିବାକେ ଗୁଆରି
କଲାଇ । କାଇକେବଇଲେ ସେମନ୍ ବେସି ଡରିଜାଇ ରଇଲାଇ
ଆରି, ଜିସୁ ଗଟେକ୍ ଡଙ୍ଗାଇ ବସି ବାଉଡି ଆଇଲା । **୩୮** ମାତର୍
ଜନ୍ ଲକର୍‌ଟାନେଅନି ଡୁମାମନ୍ ବାରଇଜାଇ ରଇଲାଇ, ସେ
ଜିସୁର୍ ସଙ୍ଗ ରଇବି ବଲି ଗୁଆରି କର୍‌ବାର୍‌ଦାର୍‌ଲା । **୩୯** ମାତର୍
ସେ ତାକେ କଇକରି ପାଟାଇଲା । "ତର୍ ଗରେ ବାଉଡି ଜା ଆରି
ପର୍‌ମେସର୍ ତର୍‌ଲାଗି ଜନ୍ ଜନ୍ କାମ୍ କଲାଆଚେ ସେ ସବୁ
କଇଦେସ୍ ।" ତେଇ ସେ ଲକ୍ ଇଣ୍ଡିଜାଇ ଜିସୁ ତାର୍ ପାଇ ଜନ୍
ଜନ୍ କାମ୍ କରିରଇଲା, ଗୁଲାଇ ନଅରେ ଜାନାଇବାର୍ ଦାର୍‌ଲା ।
**୪୦** ଜିସୁ ଗାଡ୍ ସେପାଟେ ଅନି ଏ ପାଟେ ଆରିତରେକ୍ ବାଉଡି
ଆଇଲା ପଚେ, ଲକ୍‌ମନ୍ ତାକେ ସାର୍‌ଦା ସଙ୍ଗ ମାନ୍‌ଲାଇ ।
କାଇକେ ବଇଲେ ସେମନ୍ ତାକେ ଜାଗି ରଇଲାଇ । **୪୧** ଆରି
ଏଦେ ଦେକା! ଜାଇରସ୍ ନାଉଁର୍ ଗଟେକ୍ ଲକ୍ ଆଇଲା । ସେ
ଜିଉଦି ଲକ୍‌ମନର୍ ପାର୍‌ତନା ଗରର୍ ମୁକିଆ ରଇଲା । ସେ
ଜିସୁର୍ ପାଦ୍ ତଲେ ଅଦ୍‌ରି ତାର୍ ଗରେ ଆଇବାକେ ଗୁଆରି
କଲା । **୪୨** କାଇକେ ବଇଲେ ତାଉଁକେ ଗଟେକ୍‌ସେ ବାର
ବରସର୍ ଟକି ରଇଲା ଆରି ସେ ମଲାପାରା ଅଇଜାଇରଇଲା ।
ମାତର୍ ଜିସୁ ଜାଇତେ ରଇବାବେଲେ ଲକ୍‌ମନ୍ ତାର୍ ଉପ୍‌ରେ
ମାଣ୍ଡିଚୁଣ୍ଡିଅଇଜାଇତେ ରଇଲାଇ । **୪୩** ସେଡ୍‌କିବେଲେ ବାର
ବରସ୍ ଦାରି ବନି ଜାଇତେ ରଇବା ଗଟେକ୍ ରଗିନି ମାଇଜି
ରଇଲା । ନିଜର୍ ସବୁଡାବୁ ସାରାଇକରି ମିସା କାର୍ ଲଗେ
ଜାଇ ନିକ ଅଇ ନାପାର୍‌ଲା । **୪୪** ସେ ପଚ୍‌ବାଟେଅନି ଆସି
ଜିସୁର୍ ଲୁଗା ଜାଲି ଚିଇଲା । ଚିଇଲା ଦାପ୍‌ରେ ତାର୍ ବନି
ଜିବାଟା ତେବ୍‌ଲା । **୪୫** ତେଇ ଜିସୁ କଇଲା, "କେ ମକେ
ଚିଇଲା?" ମାତର୍ ସବୁ ଲକ୍ ନାଇ ବଲି କଇଲାଇଜେ, ପିତର୍
କଇଲା, "ଏ ଗୁରୁ ଲକ୍‌ମନ୍ ମାଣ୍ଡିଚୁଣ୍ଡିଅଇ ତମର୍ ଉପ୍‌ରେ
ଡାବିଅଇଆଇଲାଇନି ।" **୪୬** ମାତର୍ ଜିସୁ କଇଲା, "କେ କି
ଗଟେକ୍ ଲକ୍ ମକେ ଚିଇଲା, କାଇକେ ବଇଲେ ମର୍ ବିଡ୍‌ରେଅନି
ବପୁ ବାରଇଲା ବଲି ମୁଇ ଜାନ୍‌ଲି ।" **୪୭** ଜେଡେବଲ୍ ମାଇଜି
ଦେକ୍‌ଲାଜେ ମୁଇ ଲୁଚିନାପାରି, ସେ ତର୍‌ତରି ତର୍‌ତରି ଆସି
ଜିସୁର୍ ପାଦେ ଅଦ୍‌ରି, କାଇଟାର୍ ପାଇ ତାକେ ଚିଇଲା, ଆରି
କେନ୍ତାରି ଦାପ୍‌ରେ ନିକ ଅଇଲା, ସେଟା ସବୁ ଲକର୍ ମୁଆଟେ
ଜାନାଇଲା । **୪୮** ତେଇ ଜିସୁ ତାକେ କଇଲା, "ନୁନି ତର୍
ବିସ୍‌ବାସ୍ ତକେ ନିମାନ୍ କଲାଆଚେ ସାନ୍ତିଅଇ ଉଟିଜା ।" **୪୯**
ସେ ଏ କାତା କଇବା ବେଲେ ଜିଉଦିମନର୍ ପାର୍‌ତନା ଗରର୍
ମୁକିଆ ଜାଇରସର୍ ଗରେଅନି ଗଟେକ୍ ଲକ୍ ଆସି କଇଲା,

“ତମର୍ ଟକି ମରିଗାଲାବେ, ଗୁରୁକେ ଆରି କସ୍ଟ ଦିଆସ୍ ନାଇ
।” ୫୦ ମାତର୍ ଜିସୁ ଏଟା ସୁନି ଜାଇରସ୍‌କେ କଇଲା, “ଡରାନାଇ
ଅବ୍‌କା ବିସ୍‌ବାସ୍ କରା, ସେ ବଁଚ୍‌ସି ।” ୫୧ ଜିସୁ ଜାଇରସର୍
ଗରେ ଆସି ପିତର୍, ଜଅନ୍ ଆରି ଜାକୁବ୍ ଆରି ଟକିର୍ ବାବା
ମାଆ କେ ଚାଡିକରି କାକେ ମିସା ବିତ୍‌ରେ ଡାକିନେଏ ନାଇ
। ୫୨ ମାତର୍ ସବୁ ଲକ୍ ଟକିର୍ ଲାଗି କାନ୍ଦି କାନ୍ଦି କରି ବୁକେ
ମାରିଅଇତେ ରଇଲାଇ । ତେଇ ଜିସୁ କଇଲା “କାନ୍ଦା ନାଇ, ସେ
ମରେ ନାଇ, ମାତର୍ ସଇ ଦେଲାଆଚେ ।” ୫୩ ମାତର୍ ଟକି
ମରିଗାଲାଆଚେ ବଲି ଜାନି ରଇଲାଇଜେ ଲକ୍‌ମନ୍ ଜିସୁକେ
କିଜାଇବାର୍ ଦାର୍‌ଲାଇ । ୫୪ ମାତର୍ ଜିସୁ ଟକିର୍ ଆତେ ଦାରି
କଇଲା, “ଏ ନୁନି ଉଟ୍ ।” ୫୫ ତେଇ ଟକିର୍ ଜିବନ୍ ବାଉଡି
ଆଇଲା, ଆରି ସେ ସେଡ୍‌କି ବେଲେସେ ଉଟ୍‌ଲା । ଜିସୁ ତାକେ
କାଇଟା ଆଲେ କାଇବାକେ ଦିଆସ୍ ବଲି ଆଦେସ୍ ଦେଲା । ୫୬
ତେଇ ଟକିର୍ ବାବା ମା କାବା ଅଇଗାଲାଇ, ମାତର୍ ଜିସୁ ସେ
ଗଟ୍‌ନାର୍ କାତା କାକେ ଜାନାଆ ନାଇ ବଲି ଆଦେସ୍ ଦେଲା ।

୯ ପଚେ ଜିସୁ ବାର୍‌ଟା ସିସ୍‌ମନ୍‌କେ ରୁଣ୍ଡାଇକରି, ସେମନ୍‌କେ
ସବୁ ଡୁମା ଚାଡାଇବାକେ, ରଗ୍ ନିକ କର୍‌ବାକେ ବପୁ
ଆରି ଅଦିକାର୍ ଦେଲା । ୨ ଆରି ସେମନ୍‌କେ ପର୍‌ମେସରର୍
ରାଇଜ୍ ଜାନାଇବାକେ ଆରି ରଗ୍‌ଦୁକା ଅଇରଇବା ଲକ୍‌ମନ୍‌କେ
ନିକ କର୍‌ବାକେ ପାଟାଇଲା । ୩ ସେମନ୍‌କେ କଇଲା, “ତମେ
ଜିବାବେଲେ ଡାଙ୍ଗ କି ମୁନା କି ରୁଟି, କି ଡାବୁ କାଇଟା ମିସା
ନିଆନାଇ । ପିନ୍ଦ୍‌ଲାଟା ଚାଡିକରି ଆରି ଉଚ୍‌କା ନିଆନାଇ ।
୪ ଜେଡେବେଲେ ତମ୍‌କେ ଜାର୍ ଗରେ ଡାକିନେବାଇ, ସେ
ନଅର୍ ଚାଡି ଜିବାଜାକ ତେଇସେ ରୁଆ । ୫ ଆରି ଜେତେଲକ୍
ତମ୍‌କେ ନ ମାନତ୍, ସେ ନଅରେଅନି ବାରଇ ଆଇବା ବେଲାଇ,
ତାକର୍ ବିରୁଦେ ସାକି ଇସାବେ ତମର୍ ପାଦେଅନି ଦୁଲି ପାପ୍‌ଡି
ଦିଆସ୍ ।” ୬ ତେଇଅନି ସିସ୍‌ମନ୍ ଜାଇକରି ଗାଉଁ ଗାଉଁ ବୁଲି
ଗୁଲାଇ ଜାଗାଇ ସୁବ୍ କବର୍ କଇ କଇ ଆରି ଜର୍‌ଦୁକାର୍
ଲକ୍‌ମନ୍‌କେ ନିମାନ୍ କର୍‌ବାର୍ ଦାର୍‌ଲାଇ । ୭ ଏଡ୍‌କିବିତ୍‌ରେ
ଗାଲିଲିର୍ ମୁକିଅ ରାଜା ଏରଦ୍ ଏ ସବୁ ଅଇରଇବା ବିସଇ ଜାନି
କାନାବାନା ଅଇଗାଲା । କାଇକେବଇଲେ ଡୁବନ୍ ଦେଉ ଜଅନ୍
ମଲାତେଇଅନି ଉଟ୍‌ଲାଆଚେ ବଲି କେ କେ କଇତେରଇଲାଇ
। ୮ ଆରି, କେ କେ ଏଲିୟ ଦର୍‌ସନ୍ ଦେଲାଆଚେ ବଲି
କଇଲାଇ । ବିନ୍ ଲକ୍‌ମନ୍ ପୁର୍‌ବକାଲର୍ ବବିସତ୍‌ବକ୍‌ତାମନର୍
ବିତ୍‌ରେଅନି ଗଟେକ୍‌ଲକ୍ ଉଟି ଆସିଆଚେ ବଲି କଇତେ
ରଇଲାଇ । ୯ ମାତର୍ ଏରଦ୍ କଇଲା, “ମୁଇ ତା ଡୁବନ୍ ଦେଉ
ଜଅନର୍ ମୁଣ୍ଡ କାଟାଇଆଚି, ମାତର୍ ଜାର୍ ବିସଇ ଆମେ ଏନ୍ତାର୍
କାତା ସୁନ୍‌ଲୁନି, ଏ କେ?” ଆରି ସେ ତାକେ ଦେକ୍‌ବିବଲି
ଚେସ୍‌ଟା କର୍‌ତେରଇଲା । ୧୦ ପଚେ ବାର୍‌ଟା ସିସ୍‌ମନ୍ ବାଉଡି
ଆସି ଜାଇ ଜାଇଟା କରିରଇଲାଇ, ସେ ସବୁ ଜିସୁର୍ ଲଗେ
ବାତାଇଦେଲାଇ । ତେଇଅନି ଜିସୁ ଜେନ୍ତିକି ଲକ୍‌ମନର୍‌ଟାନେଅନି
ବିନେ ରଇବାକେ ସେମନ୍‌କେ ବେତ୍‌ସାଇଦା ନାଉଁର୍ ନଅରେ
ଡାକିନେଲା । ୧୧ ମାତର୍ ଲକ୍‌ମନ୍ ସେଟା ଜାନିକରି ତାକର୍
ପଚେ ପଚେ ଗାଲାଇ । ଜିସୁ ସେମନ୍‌କେ ମିସା ଆଲାଦ୍‌କରି
ଡାକି ପର୍‌ମେସରର୍ ରାଇଜର୍ ବିସଇ କଇବାର୍ ଦାର୍‌ଲା । ଆରି
ଜନ୍ ଲକ୍‌ମନ୍ ନିକ ଅଇବାର୍ ରଇଲା, ସେମନ୍‌କେ ନିକକଲା ।
୧୨ ଏଡ୍‌କିବିତ୍‌ରେ ଦିନ୍ ସାରି ରାତିଅଇବାର୍ ଆରାମ୍ ଅଇଲା,
ତେଇ ପାଟାଇରଇବା ବାର୍‌ଟା ସିସ୍ ଜିସୁର୍‌ଲଗେ ଆସି କଇଲାଇ,
“ଲକ୍‌ମନ୍ ଜାଇକରି ତାକର୍‌ପାଇ ବାସା ଆରି କାଦିର୍‌ପାଇ
ଚାରିବେଡ୍‌ତିର୍ ଗାଉଁ ଆରି ଗୁଡାମନ୍‌କେ କଜତ୍ । ସେଟାର୍‌ପାଇ
ତମେ ସେମନ୍‌କେ ମେଲାନି ଦିଆସ୍ । କାଇକେବଇଲେ ଆମେ
ଇତି ମେଲାନ୍ ଜାଗାଇ ଆଚୁ ।” ୧୩ ମାତର୍ ଜିସୁ ସେମନ୍‌କେ
କଇଲା, “ତମେ ସେମନ୍‌କେ କାଇବାକେ ଦିଆସ୍ ।” ସେମନ୍
କଇଲାଇ, “ଆମର୍‌ଲଗେ ଏକାଇ ପାଁଚ୍‌ଟା ରୁଟି ଆରି ଦୁଇଟା
ମାଚ୍ ଚାଡି ଅଦିକ୍ ନାଇ । ସେନ୍ତାର୍‌ଆଲେ ଆମେ ଜାଇକରି ଏ
ସବୁଲକର୍‌ପାଇ କନ୍ତିଅନି କାଦି ଗେନ୍‌ବୁ?” ୧୪ କାଇକେବଇଲେ
ସେମନ୍ ଅବ୍‌କା ମୁନୁସ୍‌ପିଲାମନ୍‌ସେ ପାଁଚ୍ ଅଜାର୍ ରଇଲାଇ ।
ଜିସୁ ସିସ୍‌ମନ୍‌କେ କଇଲା, “ଗଟେକ୍ ଗଟେକ୍ ଦାଡି, ପଚାସ୍
ଲକ୍‌କେ ଲାକା ବସାଆ ।” ୧୫ ତେଇ ସେମନ୍ ସେନ୍ତାରିକରି
ଲକ୍‌ମନ୍‌କେ ବସାଇଲାଇ । ୧୬ ଆରି, ଜିସୁ ପାଁଚ୍‌ଟା ରୁଟି
ଆରି ଦୁଇଟା ମାଚ୍ ଦାରି, ସରଗ୍‌ବାଟେ ମୁ କରି ଦନିଅବାଦ୍
ଦେଲା ଆରି ବାଙ୍ଗ୍‌ଇକରି ସିସ୍‌ମନ୍‌କେ ବାଟାକଲା । ୧୭ ତେଇ
ସବୁଲକ୍ ପେଟ୍ ପୁର୍‌ତେ କାଇଲାଇ ଆରି ସାନ୍ତି ଅଇଲାଇ । ପଚେ
ସିସ୍‌ମନ୍ ତେଇ ଅଗ୍‌ଲି ରଇବା ବାଙ୍ଗ୍‌ଇଲାଟାମନ୍ ବାର ଡାଲା
ଉବ୍‌ରାଇଲାଇ । ୧୮ ତରେକ୍ ଜିସୁ ଗଟେକ୍ ଲକ୍‌ସେ କିନରା
ଜାଗାଇ ବସି ପାର୍‌ତନା କର୍‌ବାବେଲେ ସିସ୍‌ମନ୍ ତାର୍‌ଲଗେ
ଆଇଲାଇ, ଆରି ସେ ସିସ୍‌ମନ୍‌କେ ପାଚାର୍‌ଲା, “ମୁଇ କେ ବଲି
ଲକ୍‌ମନ୍ କଇଲାଇନି?” ୧୯ ସେମନ୍ କଇଲାଇ, “କେ କେ ଡୁବନ୍
ଦେଉ ଜଅନ୍, ଆରି କେ କେ ଏଲିୟ, ଆରି କେ କେ ପୁର୍‌ବର୍
ବବିସତ୍‌ବକ୍‌ତାମନର୍ ବିତ୍‌ରେଅନି ଗଟେକ୍‌ଲକ୍ ମଲାତେଇଅନି
ଜିବନ୍ ଅଇଲାଆଚେ ବଲି କଇଲାଇନି ।” ୨୦ ସେ ସିସ୍‌ମନ୍‌କେ
ପାଚାର୍‌ଲା, “ମାତର୍ ତମେ ମୁଇ କେ ବଲି ବାବ୍‌ଲାସ୍‌ନି?” ପିତର୍
କଇଲା “ତମେ ପର୍‌ମେସର୍ ପାଟାଇଲା କିରିସ୍‌ଟ ।” ୨୧ ତେଇ
ଜିସୁ ଏଟା କାକେ ନ କଇବାପାଇ ସେମନ୍‌କେ ଜାଗ୍‌ରତ୍‌କରି
ତିଆର୍‌ଲା । ୨୨ ସେ ସେମନ୍‌କେ କଇଲା, “ପର୍‌ମେସର୍
ପାଟାଇଲା ନର୍‌ପିଲା ମୁଇ ବେସି ଦୁକ୍ କସ୍‌ଟ ଅଇବାର୍‌ଆଚେ ।
ପାର୍‌ଚିନ୍‌ମନ୍, ସାସ୍‌ତର୍ ସିକାଉମନ୍ ଆରି ମୁକିଅ ପୁଜାରିମନ୍
ମକେ ନ ନାମତ୍ । ସେମନ୍ ମକେ ମରାଇବାଇ । ଆରି ତିନ୍‌ଦିନ୍
ପଚେ ମୁଇ ଆରିତରେକ୍ ମଲାତେଇଅନି ଜିବନ୍ ଅଇ ଉଟ୍‌ବି ।”
୨୩ ସେଡ୍‌କିବେଲେ ଜିସୁ ସବୁଲକ୍‌କେ କଇଲା, “ତେବେ କେ
ମିସା ମର୍‌ସଙ୍ଗ୍ ଆଇବାକେ ମନ୍ କର୍‌ସି, ସେ ନିଜର୍ ମନ୍‌କଲାଟା
ସବୁ ଚାଡିଦେବାର୍ ଆଚେ, ଆରି ସବୁଦିନ୍ ତାର୍ ନିଜର୍ କୁରୁସ

ବଇ ମର୍ ସଙ୍ଗ୍ ଆସ । **୨୪** କାଇକେବଇଲେ, ଜେ ନିଜର୍ ଜିବନ୍
ବଁଚାଇବାକେ ମନ୍ କର୍‌ସି, ସେ ସେଟା ଆରାଇସି । ମାତର୍ ଜେ
ମର୍‌ପାଇବଲି ଜିବନ୍ ଆରାଇସି, ସେ ସେଟା ରକିଆ କର୍‌ସି ।
**୨୫** ଆରି ଜଦି ଗଟେକ୍ ମୁନୁସ୍ ଗୁଲାଇ ଦୁନିଆ ଜିତିକରି ନିଜେ
ବିନାସ୍ ଅଇସି, କି ଆରାଇସି, ତେବେ ତାର୍ କାଇ ଲାବ୍? **୨୬**
ତେବେ କେ ମିସା ମର୍‌ପାଇ ଆରି ମର୍ ବାକିଅର୍ ଲାଜ୍ ଅଇସି,
ଜେଡ୍‌କିବେଲେ ପର୍‌ମେସର୍ ପାଟାଇରଇବା ନର୍‌ପିଲା ମୁଇ
ନିଜର୍ ଆରି ବାବାର୍, ଆରି ସୁକଲ୍ ଦୁତ୍‌ମନର୍ ମଇମାସଙ୍ଗ୍
ବାଉଡି ଆଇବି, ସେଡ୍‌କିବେଲେ ତାର୍ ବିସଇ ନେଇ ଲାଜ୍‌ଅଇବି
। **୨୭** ମାତର୍ ମୁଇ ତମ୍‌କେ ସତ୍ କଇଲିନି, ପର୍‌ମେସରର୍
ରାଇଜ୍ ନ ଦେକ୍‌ବାଜାକ ଇତି ଟିଆଅଇରଇବା ଲକ୍‌ମନର୍
ବିତ୍‌ରେଅନି କେତେଲକ୍, ପର୍‌ମେସରର୍ ରାଇଜ୍ ଦେକ୍‌ବାଇ ।”
**୨୮** ଜିସୁ ଏ ସବୁ କଇ ପାକାପାକି ଆଟ୍‌ଦିନ୍ ଗାଲାପଚେ, ଜଅନ୍,
ପିତର୍ ଆରି ଜାକୁବର୍ ସଙ୍ଗ୍ ପାର୍‌ତନା କର୍‌ବାକେ ପର୍‌ବତ୍
ଉପ୍‌ରେ ଗାଲା । **୨୯** ଆରି, ସେ ପାର୍‌ତନା କର୍‌ବାବେଲେ ତାର୍
ମୁ ବିନ୍ ଅଇଗାଲା ଆରି ସେ ପିନ୍ଦ୍‌ଲା ଲୁଗା ଦବ୍ ଅଇ ବିଜ୍‌ଲିପାରା
ଜିକ୍‌ମିକିଗାଲା । **୩୦** ଆରି ଏଦେ ଦେକା! ସେଦାପ୍‌ରେ ମସା
ଆରି ଏଲିୟ୍ ତାର୍‌ସଙ୍ଗ୍ କାତାବାର୍‌ତା ଅଇବାର୍ ଦାର୍‌ଲାଇ । **୩୧**
ସେମନ୍ ସରଗର୍ ମଇମାସଙ୍ଗ୍ ଡିସ୍‌ତେ ରଇଲାଇ । ସେ କେନ୍ତି
ଜିରୁସାଲାମେ ଦୁକ୍ କସ୍‌ଟ ପାଇ ମରିକରି ପର୍‌ମେସରର୍ ଜଜ୍‌ନା
ସିଦ୍ କର୍‌ବାର୍ ଆଚେ ବଲି ସେମନ୍ ଜିସୁର୍‌ସଙ୍ଗ୍ କାତା ଅଇଲାଇ
। **୩୨** ସେଡ୍‌କିବେଲେ ପିତର୍ ଆରି ତାର୍ ସଙ୍ଗର୍ ଲକ୍‌ମନ୍
ଟାଟିଅଇତେ ସଇଦେଇରଇଲାଇ, ମାତର୍ ସେମନ୍ ଚେତାଅଇ
ଜାଗ୍‌ରତ୍ ଅଇବାକେ, ଜିସୁର୍ ମଇମା ଆରି ତାର୍‌ସଙ୍ଗ୍ ଦୁଇଲକ୍
ଟିଆଅଇରଇବାଟା ଦେକ୍‌ଲାଇ । **୩୩** ମସା ଆରି ଏଲିୟ୍ ବାରଇ
ଜିବା ବେଲେ ପିତର୍ ଜିସୁକେ କଇବାର୍ ଦାର୍‌ଲା, “ଏ ଗୁରୁ, ଆମେ
ତା ଏ ଜାଗାଇ ଆଚୁ, ଏଟା ନିକ ଜାଗା, ଇତି ତିନ୍‌ଟା କୁଡିଆ
ତିଆର୍ କରୁ । ତମର୍‌ପାଇ ଗଟେକ୍, ମସାର୍‌ପାଇ ଗଟେକ୍ ଆରି
ଏଲିୟର୍‌ପାଇ ଗଟେକ୍ ।” ମାତର୍ ସେ କାଇଟା କଇଲାନି, ସେଟା
ସେ ଜାନିନାପାର୍‌ଲା । **୩୪** ସେ ଏନ୍ତି କଇବାବେଲେ ବାଦଲ୍ ଆସି
ସେମନ୍‌କେ ଡାବିଅଇଦେଲା । ବାଦଲ୍ ଡାବିଦେଲାକେ ସେମନ୍
ଡରିଗାଲାଇ । **୩୫** ଆରି, ବାଦ୍‌ଲେଅନି ଏନ୍ତି ବାକିଅ ଆଇଲା,
“ଏଟାସେ ମର୍ ପିଲା, ଆକେ ମୁଇ ବାଚିଆଚି, ସେ କଇବାଟା ସୁନା
।” **୩୬** ସେ ସବଦ୍ ଅଇଲାପଚେ ଜିସୁ ଗଟେକ୍‌ଲକ୍‌ସେ ଡିସ୍‌ଲା
। ଆରି, ସେମନ୍ ଚିମ୍‌ରା ଅଇରଇଲାଇ, ତେଇ ଜାଇଜାଇଟା
ଦେକିରଇଲାଇ, ସେବେଲେ ସେ କାତା କାକେ ନ କଇ, ମନେ
ଦାରିରଇଲାଇ । **୩୭** ଆର୍‌କର୍ ଦିନେ ଜିସୁ ଆରି ତିନ୍‌ଟା ସିସ୍‌ମନ୍
ଡଙ୍ଗ୍‌ରେଅନି ଉତ୍‌ରି ଆଇଲାଇ । ଆରି ସେ ଜାଗାଇ ବେସି
ଲକ୍‌ମନ୍ ତାକର୍‌ସଙ୍ଗ୍ ବେଟ୍ ଅଇଲାଇ । **୩୮** ଆରି ଦେକା
ଲକ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍ ଆଉଲିଅଇ କଇଲା, “ଏ
ଗୁରୁ ମୁଇ ତମ୍‌କେ ବାବୁଜିଆ କଲିନି, ମର୍ ପିଲାକେ ଅଲପ୍
ଦେକି ଦୟାକରା, କାଇକେବଇଲେ ସେ ମର୍ ଗଟେକ୍ ବଲି ପଅ
। **୩୯** ଦେକା, ତାକେ ଗଟେକ୍ ଡୁମା ଦାର୍‌ସି, ଆରି ସେ ଅଟାତ୍
କିର୍‌କିରି ଉଟ୍‌ସି, ତାକେ ସେ ଏନ୍ତି ମଡିପାକାଇସିଜେ, ତାର୍
ମୁଏଅନି ପେପୁଲ୍ ବାରଇଜାଇସି, ଆରି ସେ ତାକେ କଣ୍ଡିଆବଣ୍ଡିଆ
କରି ତାର୍‌ଟାନେଅନି କସ୍‌ଟେ ବାରଇଜାଇସି । **୪୦** ତାକେ ଡୁମା
ଚାଡାଇବାକେ ବଲି ମୁଇ ତମର୍ ସିସ୍‌ମନର୍ ଲଗେ ଆନି ଗୁଆରି
କରିରଇଲି, ମାତର୍ ସେମନ୍ ନାପାର୍‌ଲାଇ ।” **୪୧** ଜିସୁ କଇଲା,
“ଏରେ କରାପ୍‌ବାଟେ ଜାଇ ବିସ୍‌ବାସ୍ ନ କଲା ଲକ୍‌ମନ୍, କେତେ
କାଲ୍ ଆରି ମୁଇ ତମର୍‌ସଙ୍ଗ୍ ମୁର୍‌ଚି ରଇବି, ପିଲାକେ ଇତି
ଦାରିଆସା ।” **୪୨** ପିଲା ଆଇବାବେଲେ କାର୍ ଆତ୍‌ମା ତାକେ ବୁଏଁ
ଆପ୍‌ଟିଦେଇ ମଡିପାକାଇଲା, ସେ ଆତ୍‌ମାକେ ଜିସୁ ଦମ୍‌କାଇଲା
ଆରି ପିଲାକେ ନିକକରି ତାର୍ ବାବାକେ ସର୍‌ପିଦେଲା । **୪୩**
ତେଇ କେବେ ଦେକି ନ ରଇବା ପର୍‌ମେସରର୍ ବପୁ ଦେକି
ସବୁଲକ୍ କାବା ଅଇଗାଲାଇ । **୪୪** ତାର୍ କରିରଇବା ସବୁ
କାମର୍‌ଲାଗି ସବୁଲକ୍ ଚକିତ୍ ଅଇବାବେଲେ ସେ ସିସ୍‌ମନ୍‌କେ
କଇଲା, “ଏବେ ମୁଇ କାତା ନିମାନ୍‌କରି କଇଦେଲିନି, ସୁନା ।
କାଇକେବଇଲେ ପର୍‌ମେସର୍ ପାଟାଇରଇବା ନର୍‌ପିଲା ମୁଇ
ବିସ୍‌ବାସେ ବିସ୍‌ଦେଲାପାରା ଲକ୍‌ମନ୍‌କେ ସର୍‌ପି ଅଇବାର୍
ଗାଲିନି ।” **୪୫** ମାତର୍ ସିସ୍‌ମନ୍ ସେ କାତା ବୁଜିନାପାର୍‌ଲାଇ,
ଆରି ସେଟା ତାକର୍‌ଟାନେଅନି ଲୁଚିରଇଲା । ତେବର୍‌ପାଇ
ସେମନ୍ ଏଟା ବୁଜିନାପାର୍‌ଲେ ମିସା ଜିସୁକେ ପାଚାର୍‌ବାକେ
ଡର୍‌ତେରଇଲାଇ । **୪୬** ତରେକ୍ ସିସ୍‌ମନର୍ ବିତ୍‌ରେ କେ
ମୁକିଆ, ସେ ବିସଇ ନେଇ ଦଦାପେଲା ଅଇଲାଇ । **୪୭** ମାତର୍
ଜିସୁ ତାକର୍ ମନ୍‌ବିତ୍‌ରର୍ କାତା ଜାନିକରି, ଗଟେକ୍ ସାନ୍
ପିଲାକେ ଦାର୍‌ଲା ଆରି ତାକର୍ ମୁଆଟେ ଟିଆକରି ସେମନ୍‌କେ
କଇଲା, **୪୮** “କେ ମିସା ମର୍ ନାଉଁଦାରି ଏ ପିଲାକେ ନାମ୍‌ସି, ସେ
ମକେ ନାମ୍‌ସି । ଜେ ମକେ ନାମ୍‌ସି, ସେ ମର୍ ପାଟାଇରଇବା
ବାବାକେ ନାମ୍‌ସି । ସେଟାର୍‌ପାଇ ତମର୍ ବିତ୍‌ରେ ଜେ ସବୁର୍
ଟାନେଅନି ସାନ୍, ସେ ପର୍‌ମେସର୍ ତେଇ ମୁକିଅ ।” **୪୯**
ତେଇ ଜଅନ୍ କଇଲା, “ଏ ଗୁରୁ, ଆମେ ଗଟେକ୍ ଲକ୍, ତମର୍
ନାଉଁ ଦାରି ଡୁମା ଚାଡାଇବାଟା ଦେକ୍‌ଲୁ ଆରି ତାକେ ନ କର୍
ବଲି ତେବାଇଲୁ କାଇକେବଇଲେ ସେ ଆମର୍ ଦଲର୍ ଲକ୍
ନଏଁ ।” **୫୦** ମାତର୍ ଜିସୁ ସେମନ୍‌କେ କଇଲା, “ତେବାଆ
ନାଇ, ଜନ୍‌ଲକ୍ ତମର୍ ବିରଦେ ନାଇ, ସେମନ୍ ତମର୍ ବାଟେ
।” **୫୧** ପଚେ ଜେଡେବେଲେ ଜିସୁର୍ ସର୍‌ଗେ ଜିବାର୍ ବେଲା
କେଟିଆଇତେରଇଲା, ସେଡେବେଲେ ସେ ଜିରୁସାଲାମ୍ ଜିବାକେ
ମନ୍‌କଲା । **୫୨** ସେ ଜିବା ଆଗ୍‌ତୁ କେତେଟା ଲକ୍‌ମନ୍‌କେ
ପାଟାଇଲା । ସେମନ୍ ଜାଇକରି ଜିସୁର୍‌ପାଇ ସବୁ କର୍‌ବାକେ
ସମିରଣିୟମନର୍ ଗଟେକ୍ ଗାଏଁ କେଟ୍‌ଲାଇ । **୫୩** ମାତର୍
ଜିସୁ ଜିରୁସାଲାମ୍ ଜିବାକେ ମନ୍‌କଲାଆଚେ ବଲି ଜାନିକରି,
ତାକେ ଡାକି ବସାଅତ୍‌ନାଇ । **୫୪** ଏଟାଦେକି ଜାକୁବ୍ ଆରି

ଜଅନ୍ କଇଲାଇ, “ମାପ୍ରୁ ଏଲିୟ୍ ମିସା ଜେନ୍ତି କରିରଇଲା,
ସେନ୍ତାର୍‌ସେ ଆମେ ବାଦ୍‌ଲେଅନି ଜଇ ଅଦ୍‌ରାଇ ସେମନ୍‌କେ
ନାସ୍‌କର୍‌ବାକେ ତମେ ମନ୍ କଲାସ୍‌ନି କି?” **୫୫** ମାତର୍ ଜିସୁ
ବୁଲିକରି ସେମନ୍‌କେ ଦମ୍‌କାଇକରି କଇଲା, “ତମେମନ୍ କେନ୍ତାରି
ଆତ୍‌ମାର୍ ଲକ୍, ଏଟା ନାଜାନାସ୍ । ମାପ୍ରୁ ପାଟାଇରଇବା
ନର୍‌ପିଲା ମୁଇ ମୁନୁସ୍‌ମନର୍ ଜିବନ୍ ନାସ୍ କର୍‌ବାକେ ନ ଆସି,
ରକିଆ କର୍‌ବାକେ ଆସିଆଚେ ।” **୫୬** ତାର୍‌ପଚେ ସେମନ୍
ଆରିଗଟେକ୍ ଗାଏଁ ଉଟିଗାଲାଇ । **୫୭** ସେମନ୍ ଜିବାବେଲେ
ବାଟେ ଗଟେକ୍ ଲକ୍ ଜିସୁକେ କଇଲା, “ତମେ ଜନ୍ ଜାଗାଇ
ଜାଇସା, ମୁଇ ତମର୍‌ସଙ୍ଗ୍ ଆଇବି ।” **୫୮** ଜିସୁ ତାକେ କଇଲା,
“କକପାନ୍ଦ୍ରିର୍ ପାଆର୍ ଆଚେ, ଚଡଇମନ୍‌କେ ଗୁଡା ଆଚେ,
ମାତର୍ ମାପ୍ରୁ ପାଟାଇରଇବା ନର୍‌ପିଲା ମକେ ବସ୍‌ବାକେ
ନିଜର୍ ଗର୍ ନାଇ ।” **୫୯** ତାର୍‌ପଚେ ଜିସୁ ଆରିଗଟେକ୍ ଲକ୍‌କେ
କଇଲା, “ମର୍‌ସଙ୍ଗ୍ ଆଉ ।” ମାତର୍ ସେ କଇଲା, “ପର୍‌ତୁମ୍
ଜାଇ ମର୍ ବାବାକେ ଦନ୍ କରିଆଇବାଜାକ ମକେ ଆଦେସ୍
ଦିଆ ।” **୬୦** ମାତର୍ ଜିସୁ ତାକେ କଇଲା, “ମଲାଲକ୍‌ମନ୍
ମଲାଲକ୍‌ମନ୍‌କେ ଦନ୍ କର୍‌ବାକେ ଚାଡିଦିଆସ୍, ମାତର୍ ତମେ
ଜାଇ ପର୍‌ମେସରର୍ ରାଇଜ୍ ଜାନାଆ ।” **୬୧** ଆରିଗଟେକ୍
ଲକ୍ କଇଲା, “ମାପ୍ରୁ ମୁଇ ତମର୍‌ସଙ୍ଗ୍ ଆଇବି, ମାତର୍ ଗରର୍
ଲକ୍‌ମନ୍‌କେ ଗାଲିନି ବଲି କଇକରି ଆଇବାକେ ଆଦେସ୍ ଦିଆ ।”
**୬୨** ମାତର୍ ଜିସୁ ତାକେ କଇଲା, “ଜେ କସ୍‌ବାବେଲେ ନଙ୍ଗଲ୍‌ଦାରି
ପଚେ ଦେକିଲାଗିରଇସି, ସେ ପର୍‌ମେସରର୍ ରାଇଜର୍ ସେବା
କର୍‌ବାକେ ଅଦିକାର୍ ନ ପାଏ ।”

**୧୦** ତାର୍‌ପଚେ ମାପ୍ରୁ ଆରି ସତୁରିଦୁଇ ଲକ୍‌କେ ମିସାଇଲା
ଆରି ସେ ଜନ୍ ଜନ୍ ଜାଗାଇ ଆରି ଜନ୍ ଜନ୍ ନଅରେ
ଜିବାକେ ମନ୍ କରିରଇଲା, ସେ ଜାଗାମନ୍‌କେ ଦୁଇ ଦୁଇ
ଲକ୍‌କରି, ସେ ଜିବା ଆଗ୍‌ତୁ ପାଟାଇଲା । **୨** ଆରି ଜିସୁ
ସେମନ୍‌କେ କଇଲା, ଜମିତେଇ ପସଲ୍ ସିନା ଅଦିକ୍, ମାତର୍
କାମ୍‌କରୁମନ୍ ଉନା । ତେବର୍‌ପାଇ ତାର୍ ଚାସ୍‌କେତେ, ଅଦିକ୍
ଲକ୍‌ମନ୍‌କେ ପାଟାଇ ଦେବାକେ ଜମି ସାଉକାର୍‌ଟାନେ ଜାନାଆ
। **୩** ତମେ ଜାଆ । ଦେକା, ବାଲିଆଡୁର୍‌କାମନର୍ ବିତ୍‌ରେ
ମେଣ୍ଡାମନ୍‌କେ ପାଟାଇଲା ପାରା ମୁଇ ତମ୍‌କେ ପାଟାଇଲିନି । **୪**
ତାଲା, ମୁନା କି ପାଣ୍ଡଇ ମିସା ନିଆନାଇ, ଆରି ବାଟେ କାକେ
ଜୁଆର୍ କରାନାଇ । **୫** ଜାର୍ ଗରେ ତମେ କେଟ୍‌ଲେ, ପର୍‌ତୁମ୍
କରା, ଏ ଗରେ ସାନ୍ତି ମିଲ । **୬** ଜଦି ସେ ଜାଗାଇ ଗଟେକ୍ ସାନ୍ତିର୍
ଲକ୍ ରଇସି, ସେନ୍ତାର୍‌ଆଲେ ତମର୍ ଆସିର୍‌ବାଦ୍ ତାକେ ମିଲ୍‌ସି ।
**୭** ତାକର୍‌ଲଗେ ଜନ୍‌ଟା ରଇସି, ସେଟା କାଇକରି, ସେ ଗରେ ରୁଆ
। କାଇକେବଇଲେ, ପାଇଟିକରୁ ନିଜର୍ ବୁତି ପାଇବାଇଆକା ।
ଗର୍ ଗର୍‌କେ ଜାଆନାଇ । **୮** ଜନ୍ ନଅରେ ତମେ କେଟ୍‌ଲେ,
ଆରି ଲକ୍‌ମନ୍ ତମ୍‌କେ ଡାକିନେଲେ, ତେଇ ତମ୍‌କେ ଜନ୍‌ଟା
କାଇବାକେ ଦେଲେ ସେଟା କାଆ । **୯** ସେ ଜାଗାଇ ଜର୍ ଦୁକା
ଅଇରଇଲା ଲକ୍‌ମନ୍‌କେ ନିକ କରା, ଆରି ସେମନ୍‌କେ କୁଆ
ପର୍‌ମେସରର୍ ରାଇଜ୍ ତମର୍‌ଲଗେ ସେ । **୧୦** ମାତର୍ ଜନ୍
ନଅରେ ତମେ କେଟ୍‌ସା, ତେଇର୍ ଲକ୍ ତମ୍‌କେ ନ ଡାକିନେଲେ,
ସେ ଡାଣ୍ଡେଅନି, ସେ ସାଇ ଅନି ବାରଇ କୁଆ, **୧୧** ତମର୍ ନଅରର୍
ଜନ୍ ଦୁଲି ଆମର୍ ପାଦେ ଲାଗିଆଚେ, ସେଟାମିସା ତମର୍‌ପାଇ
ପାପ୍‌ଡିଦେଲୁନି, ଅଇଲେମିସା ପର୍‌ମେସରର୍ ରାଇଜ୍ ଲଗେସେ,
ଏଟା ତମେ ଜାନିରୁଆ । **୧୨** ମୁଇ ତମ୍‌କେ ସତ୍ କଇଲିନି,
ବିଚାର୍ ଅଇବାଦିନେ ସେ ନଅରର୍ ଦସା, ଡଣ୍ଡ୍‌ରଲାଗି ସଦମର୍
ଦସାତେଇଅନି ଅଦିକ୍ ରଇସି । **୧୩** ଅଇରେ ଡଣ୍ଡ୍‌ପାଇବାକେ
ଜାଗିରଇବା କରାଜିନ୍! ଅଇରେ ଡଣ୍ଡ୍‌ପାଇବାକେ ଜାଗିରଇବା
ବେତ୍‌ସାଇଦା! ତମର୍‌ଟାନେ ବପୁର୍‌ସଙ୍ଗ୍ ଜନ୍ ଜନ୍ ନ ଅଇବା
କାମ୍‌ମନ୍ ଅଇଲାଆଚେ, ସେ ସବୁ ସର ଆରି ସିଦନେ ଅଇରଇତା
ବଇଲେ, ସେମନ୍ କେତେକାଲ୍ ପୁର୍‌ବେ ବାସ୍‌ତା ପିନ୍ଦି, ଚାରେ
ବସି, ମାପ୍ରୁର୍‌ଟାନେ ମନ୍ ବାଉଡାଇତାଇ । **୧୪** ଅଇଲେମିସା
ବିଚାର୍‌ଦିନେ ତମର୍ ଦସା ସର ଆରି ସିଦନର୍ ଦସାଟାନେଅନି
ଅଦିକ୍ ଅଇସି । **୧୫** ଆରି ଏ କପର୍‌ନାଉମ୍, ସରଗ୍ ଜେତ୍‌କି ଉଁଚ୍,
ତୁଇ କାଇ ସେତ୍‌କିଜାକ ଉଁଚ୍ ଅଇସୁ କି? ପାତାଲ୍ ଜେତ୍‌କି ତଲେ
ଆଚେ, ସେତ୍‌କି ତଲେ ତକେ ଆନାଅଇସି । **(Hadēs g86)** **୧୬**
ଜେଡେବେଲେ ଜନ୍ ଲକ୍‌ମନ୍ ତମର୍ କାତା ସୁନ୍‌ବାଇ, ସେମନ୍
ମର୍ କାତା ସୁନ୍‌ବାଇ । ଜନ୍ ଲକ୍‌ମନ୍ ତମ୍‌କେ ନ ମାନତ୍,
ସେମନ୍ ମକେ ନ ମାନତ୍, ଆରି ଜନ୍ ଲକ୍‌ମନ୍ ମକେ ନ ମାନତ୍,
ସେମନ୍ ମକେ ପାଟାଇରଇବା ପର୍‌ମେସର୍‌କେ ମିସା ନ ମାନତ୍
। **୧୭** ତାର୍‌ପଚେ ସେ ସତୁରି ଲକ୍ ବାଉଡି ଆଇଲାଇ ଆରି
ସାର୍‌ଦାଅଇକରି କଇଲାଇ, “ମାପ୍ରୁ, ତମର୍ ନାଉଁ ଦାରି ଆଦେସ୍
ଦେଲେ ଡୁମାମନ୍‌ମିସା ଆମର୍ କାତା ମାନ୍‌ଲାଇନି ।” **୧୮** ମାତର୍
ଜିସୁ ସେମନ୍‌କେ କଇଲା, “ସଇତାନ୍ ବାଦ୍‌ଲେଅନି ବିଜ୍‌ଲି ପାରା
ଅଇ ଅଦର୍‌ବାଟା ମୁଇ ଦେକ୍‌ଲି । **୧୯** ଦେକା, ମୁଇ ତମ୍‌କେ
ସାଁପ୍ ଆରି ବିସ୍‌କାକ୍‌ଡା ଉପ୍‌ରେ ଇଣ୍ଡ୍‌ବାକେ ବପୁ ଦେଲିଆଚି,
ଆରି ସତ୍‌ରୁର୍ ଉପ୍‌ରେ ରଇବା ବପୁ ମିସା ଦେଲିଆଚି । ତମ୍‌କେ
କେ ମିସା କାଇଟା କରିନାପାରତ୍ । **୨୦** ଏଲେମିସା ଆତ୍‌ମାମନ୍
ଆମର୍ କାତା ମାନ୍‌ଲାଇନି ବଲି ସାର୍‌ଦା ଉଆନାଇ । ତମର୍
ନାଉଁମନ୍ ସର୍‌ଗେ ଲେକାଅଇଆଚେ ବଲି ସାର୍‌ଦାଉଆ ।” **୨୧**
ଜିସୁ ସେ ଡାଣ୍ଡେ ସୁକଲ୍‌ଆତ୍‌ମାଇ ପୁରୁନ୍‌ଅଇ କଇଲା, “ଏ ବାବା!
ସରଗ୍ ଆରି ମଚ୍‌ପୁରର୍ ମାପ୍ରୁ! ତୁଇ ଗିଆନି ଆରି ବୁଦିରଇବା
ଲକ୍‌ମନର୍‌ଟାନେଅନି ଏ କାତା ଲୁଚାଇରଇଲେ ମିସା, ସାନ୍
ପିଲାମନର୍ ପାରା ଲକର୍‌ଟାନେ ଜାନାଇଲାସ୍ । ଏଟାର୍‌ପାଇ
ତମ୍‌କେ ସୁମର୍‌ନା କଲିନି । ଉଁ ବାବା, କାଇକେବଇଲେ ତମେ
ଏନ୍ତାଟା ଦେକ୍‌ବାକେ ମନ୍‌କର୍‌ତେ ରଇଲାସ୍ । **୨୨** ମର୍ ବାବାର୍
ସବୁ ବିସଇ ମକେ ସର୍‌ପି ଅଇଲାଆଚେ, ଆରି ପଅ କେ,
ଏଟା ବାବାକେ ଚାଡି ଆରି କେ ନାଜାନତ୍, ଆରି ବାବା କେ,
ଏଟା ପଅକେ ଚାଡି କେ ନାଜାନତ୍ । ପଅ ଜାର୍‌ଲଗେ ମର୍

ବାବାକେ ଜାନାଇବି ବଲି ମନ୍‌କରିରଇସି, ସେସେ ଜାନିରଇସି
।” ୨୩ ଜିସୁ ସିସ୍‌ମନର୍‌ବାଟେ ମୁ ବୁଲାଇ ସେମନ୍‌କେ କଇଲା,
“ତମେ ଜନ୍ ଜନ୍‌ଟା ଦେକ୍‌ଲାସ୍‌ନି, ସେ ସବୁ ଜେ ଦେକ୍‌ସି,
ସେଟା ନିକ । ୨୪ କାଇକେବଇଲେ ମୁଇ ତମ୍‌କେ କଇଲିନି,
ତମେ ଜନ୍ ଜନ୍‌ଟା ଦେକ୍‌ଲାସ୍‌ନି, ସେ ସବୁଜାକ ଦେକ୍‌ବାକେ
କେତେ କେତେ ରାଜାମନ୍ ଆରି ମାପ୍‌ରରୁ କବର୍ ଜାନାଉମନ୍
ମନ୍‌କଲାଇ, ମାତର୍ ଦେକିନାପାର୍‌ଲାଇ । ଆରି ତମେ ଜନ୍
ଜନ୍‌ଟା ସୁନ୍‌ଲାସ୍‌ନି, ସେ ସବୁ ସୁନ୍‌ବାକେ ସେମନ୍ ମନ୍‌କଲାଇ,
ମାତର୍ ସୁନିନାପାର୍‌ଲାଇ ।” ୨୫ ତାର୍‌ପଚେ ଗଟେକ୍ ଦରମ୍
ସାସ୍‌ତର୍ ସିକାଉ ତାକେ ପରିକାକରି ପାଚାର୍‌ଲା, “ଏ ଗୁରୁ
କେବେ ନ ସାର୍‌ବା ଜିବନ୍ ମିଲାଇବାକେ ଆଲେ ମୁଇ କାଇଟା
କର୍‌ବାର୍ ଆଚେ?” (aiōnios g166) ୨୬ ଜିସୁ ତାକେ କଇଲା,
“ନିୟମ୍ ସାସ୍‌ତରେ କାଇଟା ଲେକାଆଚେ? ତୁଇ କେନ୍ତାରି
ପଡ୍‌ଲୁସ୍‌ନି?” ୨୭ ସେ କଇଲା, “ତମେ ନିଜର୍ ସବୁ ଗାଗଡ୍,
ମନ୍, ଆତ୍‌ମା ଆରି ବପୁ ଦେଇ ପର୍‌ମେସର୍‌କେ ଆଲାଦ୍ କରା ।
ଆରି ପଡିସାର୍ ଲକ୍‌ମନ୍‌କେ ନିଜର୍ ସମାନ୍ ଆଲାଦ୍ କରା ।”
୨୮ ତାର୍‌ପଚେ ଜିସୁ ତାକେ କଇଲା, “ତମେ ଟିକ୍ କଇଲାସ୍ ।
ଏନ୍ତାର୍ କର୍, ତେବେ ଜିବନ୍ ମିଲାଇସୁ ।” ୨୯ ମାତର୍ ସେ ନିଜେ
ଦରମ୍‌ଲକ୍ ବଲି ଦେକାଇବାକେ ମନ୍‌କରି ଜିସୁକେ ପାଚାର୍‌ଲା,
“ତେବେ କେ ମର୍ ପଡିସାର୍ ଲକ୍?” ୩୦ ଜିସୁ ତାକେ କଇଲା,
ଗଟେକ୍ ଲକ୍ ଜିରୁସାଲମେଅନି ଜିରିଅ ଜିବାବେଲେ ଚର୍‌ମନର୍
ମୁଆଟେ ପଡ୍‌ଲା । ଚର୍‌ମନ୍ ତାର୍ ଲୁଗାପଟିଆ ଚାଡାଇ, ତାକେ
ମାର୍‌ଲାଇ ଆରି ମରିଗାଲାପାରା ଅଇଲାକେ ଚାଡି ଉଟିଗାଲାଇ ।
୩୧ ସେଟା ଅଇସାରି କେତେପର୍ ଜିବାକେ ଗଟେକ୍ ପୁଜାରି ସେ
ବାଟେ ଜାଇତେରଇଲା ଆରି ତାକେ ଦେକି, ବାଟ୍ ପିଟାଇଅଇ
ଉଟିଗାଲା । ୩୨ ସେନ୍ତାରିସେ ଗଟେକ୍ ଲେବିୟ ଲକ୍ ମିସା ସେ
ଜାଗାଇ ଆସି ତାକେ ଦେକି ବାଟ୍ ପିଟାଇଅଇ ଉଟିଗାଲା । ୩୩
ମାତର୍ ସମିରଣିୟର୍ ଗଟେକ୍ ଲକ୍ ତାର୍‌ଲଗେ ଆସି, ଦେକ୍‌ଲା
ଆରି ବେସି ମନ୍‌ଦୁକ୍ କଲା । ୩୪ ଆରି ତାର୍‌ଲଗେ ଜାଇ ମାଡ୍‌ଅଇ
କଣ୍ଡିଆ ବଣ୍ଡିଆ ଅଇଲାଟାନେ, ଚିକନ୍ ଆରି ଆମଟ୍ ଅଙ୍ଗୁର୍‌ରସ୍
ଲାଗାଇଦେଲା । ତାକେ ଗର୍‌ଣ୍ଡା ବାନ୍ଦି, ଗଦଉପ୍‌ରେ ବସାଇ,
ଲକ୍‌ମନ୍ ବସି ମିଟିଙ୍ଗ୍ କର୍‌ବା ଗରେ ନେଇ ସେବାଜତନ୍ କଲା ।
୩୫ ତାର୍ ଆର୍‌କର୍ ଦିନେ ସିମରଣିୟ ଲକ୍ ଦୁଇଟା ରୁପାଟାଙ୍ଗା
ବାର୍‌କରାଇ, ମିଟିଙ୍ଗ୍ ଗରର୍ ମୁକିଆକେ ଦେଇ କଇଲା, “ଆର୍
ସେବା ଜତନ୍ କରା, ଆରି ଅଦିକ୍ କର୍‌ଚ ଅଇଲେ, ସେଟା ମୁଇ
ବାଉଡିଆଇବା ବେଲେ ତମ୍‌କେ ସୁଜିଦେବି ।” ୩୬ ଏ ତିନ୍‌ଲକର୍
ବିତ୍‌ରେଅନି କେ ଚର୍‌ମନର୍ ଟାନେ ମାଡ୍‌କାଉ ଲକର୍ ପଡିସାର୍
ଲକ୍ ବଲି ବାବ୍‌ଲୁସ୍‌ନି? ୩୭ ସାସ୍‌ତର୍ ସିକାଉ କଇଲା, “ଜନ୍
ଲକ୍ ତାକେ ଦୟାକଲା, ସେ ଆକା ।” ଜିସୁ ତାକେ କଇଲା,
“ଜା ତୁଇ ମିସା ସେନ୍ତାରି କର୍ ।” ୩୮ ଜିସୁ ଆରି ତାର୍ ସିସ୍‌ମନ୍
ଜିବାବେଲେ ଗଟେକ୍ ଗାଏଁ କେଟ୍‌ଲାଇ । ତେଇ ମାର୍‌ତା ନାଉଁର୍
ଗଟେକ୍ ମାଇଜି ଜିସୁକେ ତାର୍ ଗରେ ଡାକି ବସାଇଲା । ୩୯
ମାର୍‌ତାକେ ମରିୟମ୍ ନାଉଁର୍ ଗଟେକ୍ ବଇନି ରଇଲା । ସେ
ମାପ୍‌ରୁର୍ ପାଦେ ବସି ତାର୍ ବାକିଅ ସୁନ୍‌ତେରଇଲା । ୪୦ ମାତର୍
ମାର୍‌ତାକେ ବେସି ପାଇଟି ରଇଲାଜେ ଦାନ୍ଦା ଅଇଜାଇତେ ରଇଲା
। ତେବର୍‌ପାଇ ସେ ଜିସୁର୍‌ଲଗେ ଆସି କଇଲା, “ଏ ମାପ୍‌ରୁ, ମର୍
ବଇନି ଗରର୍ ସବୁ ପାଇଟି ମକେ ସେ କରାଇଲାନି, ସେବାଟେ
କାଇ ତମର୍ ମନ୍ ନାଇ କି? ସେଟାର୍‌ପାଇ ତାକେ କୁଆ, ସେ
ମକେ ଆସି ସାଇଜ କର ।” ୪୧ ମାତର୍ ମାପ୍‌ରୁ ତାକେ କଇଲା,
“ଏ ମାର୍‌ତା, ତୁଇ ବେସି ବିସଇ ଚିନ୍ତା କରି, ଦାନ୍ଦାଅଇଗାଲୁସ୍‌ନି,
୪୨ ମାତର୍, ଗଟେକ୍ ବିସଇ ଆକା ସବୁର୍‌ଟାନେଅନି ମୁକିଅ ।
ସେଟା ମରିୟମ୍ ବାଚିକରି ନେଇଆଚେ । ସେଟା ତାର୍‌ଟାନେଅନି
କେ ନେଇ ନାପାରତ୍ ।”

୧୧ ତରେକ୍ ଜିସୁ ଗଟେକ୍ ଜାଗାଇ ପାର୍‌ତନା କର୍‌ତେରଇଲା
। ସେ ପାର୍‌ତନା କରି ସାରାଇଲା ପଚେ, ତାକର୍
ସିସ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍ ତାକେ କଇଲା, “ଏ ମାପ୍‌ରୁ
ଡୁବନ୍ ଦେଉ ଜଅନ ଜେନ୍ତାରି ନିଜର୍ ସିସ୍‌ମନ୍‌କେ ପାର୍‌ତନା
କର୍‌ବାକେ ସିକାଇଲା, ତମେମିସା ଆମ୍‌କେ ପାର୍‌ତନା କର୍‌ବାକେ
ସିକାଆ ।” ୨ ଜିସୁ ସେମନ୍‌କେ କଇଲା, ଜେଡେବେଲେ ତମେ
ପାର୍‌ତନା କର୍‌ସା, ସେଡ୍‌କିବେଲେ କୁଆ, “ବାବା ତମର୍ ନାଉଁ
ସୁକଲ୍‌ବଲି ସବୁଲକ୍ ମାନତ୍ । ତମର୍ ରାଇଜ୍ ଆସ । ୩ ସବୁଦିନ୍
ଆମ୍‌କେ ଆମର୍ ଦର୍‌କାର୍ ରଇଲା କାଦି କାଇବାକେ ଦିଆ । ୪
ଆମର୍ ସବୁ ପାପ୍ କେମା କରିଦିଆସ୍, କାଇକେବଇଲେ ଆମେ
ମିସା ଆମର୍ ବିରୁଦେ ବୁଲ୍ କଲା ଲକ୍‌ମନ୍‌କେ କେମା କଲୁନି ।
ଆମ୍‌କେ ପାପ୍ ଦସ୍ କରାଇବା ସବୁର୍‌ତେଇଅନି ରକିଆ କରା
।” ୫ ପଚେ ଜିସୁ ତାର୍ ସିସ୍‌ମନ୍‌କେ କଇଲା, “ତମର୍ ଏନ୍ତାରି
କାର୍ ମଇତର୍ ଆଚେ କି, ଜାର୍‌ଲଗେ କି ତମେ ମଜାରାତି ଜାଇ
କଇପାରାସ୍, ଏ ମଇତର୍, ମକେ ତିନ୍‌ଟା ରୁଟି ଉଦାର୍ ଦେଇରୁଆ,
୬ କାଇକେବଇଲେ, ମର୍ ଗଟେକ୍ ବେସି ଦୁରର୍ ସାଙ୍ଗ୍ ଆସିଆଚେ,
ତାକେ କାଇବାକେ ଦେବାକେ ମର୍‌ଲଗେ କାଇଟାମିସା ନାଇ
। ୭ ଆରି ବିତ୍‌ରେଅନି ସେ କଇସି, ମକେ କସ୍‌ଟ ଦିଆନାଇ,
କାପାଟ୍ ଡାବ୍‌ଲୁବେ, ଆରି ମର୍‌ସଙ୍ଗ୍ ମର୍ ପିଲାମନ୍ ସଇଆଚତ୍
। ତମ୍‌କେ ଉଟିକରି ଦେଇନାପାରି । ୮ ମୁଇ ତମ୍‌କେ କଇଲିନି,
ତମର୍ ମଇତର୍ ଅଇରଇଲେ ମିସା ସେ ଉଟିକରି ରୁଟି ନ ଦେଏ,
ମାତର୍ ତମେ ଲାଜ୍ ନ ଅଇ ମାଙ୍ଗିଲାଗିରଇଲେ, ସେ ଉଟିକରି
ତକେ ଜେତ୍‌କି ଲଡା, ସେତ୍‌କି ଦେଇସି ।” ୯ ମୁଇ ତମ୍‌କେ
କଇଲିନି, ମାଙ୍ଗା ତେବେ ତମ୍‌କେ ଦିଆଅଇସି । କଜା, ତେଇ
ତମେ ମିଲାଇସା । କାପାଟେ ବାଜାଆ, ତେଇ ତମର୍‌ପାଇବଲି
ଉଗାଡି ଦିଆଅଇସି । ୧୦ କାଇକେବଇଲେ, ଜେ ମାଙ୍ଗ୍‌ସି, ସେ
ପାଇସି । ଜେ କଜ୍‌ସି, ସେ ମିଲାଇସି । ଜେ କାପାଟେ ବାଜାଇସି,
ତାର୍‌ପାଇ କାପାଟ୍ ଉଗାଡି ଦିଆଅଇସି । ୧୧ “ଆରି ତମର୍
ବିତ୍‌ରେ ଏନ୍ତାରି ବାବା କେ ଆଚେ, ଜେ କି ଜନ୍ ବାବାକେ ତାର୍

ପଅ ମାଟ୍ ମାଙ୍ଗ୍ଲେ, ତାକେ ମାଚ୍ ନ ଦେଇ ସାଁପ୍ ଦେଇସି? **୧୨** କି ଗାର୍ ମାଙ୍ଗ୍ଲେ, ସେ ତାକେ ବିସ୍‌କାକ୍‌ଡା ଦେଇସି? **୧୩** ତେବେ ତମେ କରାପ୍ ଲକ୍ ଅଇଲେ ମିସା, ନିଜର୍ ନିଜର୍ ପିଲାମନ୍‌କେ ନିକ ନିକ ବିସଇ ଦେବାର୍ ଜାନାସ୍ । ତେବେ ଜନ୍ ବାବା ସର୍‌ଗେଅନି ଦାନ୍ କଲାନି, ସେ ଜାନେ, ସେ ତାକେ ମାଙ୍ଗ୍‌ବା ଲକ୍‌କେ କେତେକ୍ ଅଦିକ୍ ସୁକଲ୍ ଆତ୍‌ମା ଦେଇସି!" **୧୪** ତରେକ୍ ଜିସୁ ଗଟେକ୍ ଲକର୍‌ତେଇଅନି ଡୁମା ଚାଡାଇତେରଇଲା । ସେ ଡୁମା ଗୁଲାଟା । ଡୁମା ବାରଇଗାଲା ପଚେ ଗୁଲା ଲକ୍ କାତା କଇଲା । କାତାକଇଲାକେ ତେଇ ରଇବା ଲକ୍‌ମନ୍ କାବାଅଇଗାଲାଇ । **୧୫** ମାତର୍ ସେମନର୍ ବିତ୍‌ରେ କେ କେ କଇଲାଇ, "ସେ ଡୁମାମନର୍ ନେତା ବାଲ୍‌ଜିବୁଲର୍ ସାଇଜ ନେଇ ଡୁମା ଚାଡାଇସି ।" **୧୬** ବିନ୍‌ଲକ୍‌ମନ୍ ଜିସୁକେ ପରିକାକରି ପାନ୍ଟେ ପାକାଇବାକେ ବାବ୍‌ତେ ରଇଲା । ତେବର୍‌ପାଇ ପର୍‌ମେସର୍ ତାର୍ ରକିଆକାରି ବଲି ସବୁକେ ଜାନାଇବାକେ ଗଟେକ୍ କାବାଅଇଜିବା ଚିନ୍ ଦେକାଇବାକେ କଇଲାଇ । **୧୭** ମାତର୍ ଜିସୁ ତାକର୍ ମନର୍ କାତା ଜାନି, ସେମନ୍‌କେ କଇଲା, "ଗଟେକ୍ ରାଇଜ୍ ଦୁଇ ବାଗ୍ ଅଇକରି, ନିଜର୍ ନିଜର୍ ବିରୁଦେ ଜୁଇଦ୍ କଲେ, ସେଟା କୁରୁପ୍‌ନାସ୍ ଅଇଜାଇସି । ଗଟେକ୍ ଗରର୍ ଲକ୍ ନିଜର୍ ନିଜର୍ ବିରୁଦେ ଲାଗ୍‌ଲେ, ସେ ଗର୍ ମିସା ବାଙ୍ଗିଜାଇସି । **୧୮** ଆରି ସଇତାନ୍ ମିସା ବାଗ୍ ବାଗ୍ ଅଇ, ନିଜର୍ ବିରୁଦେ ଉଚ୍‌ଲାନି ବଇଲେ, ତାର୍ ରାଇଜ କେନ୍ତି ତବିର୍ ଅଇକରି ରଇସି? ନାଇ ନ ରଏ । ମୁଇ କାଇକେ ଏଟା କଇଲିନି ବଇଲେ, ବାଲ୍‌ଜିବୁଲର୍ ସାଇଜ ନେଇ ଡୁମା ଚାଡାଇଲିନି ବଲି ତମେ ତା କଇଲାସ୍‌ନି । **୧୯** ତମର୍ ପଅମନ୍ ବାଲ୍‌ଜିବୁଲର୍ ବପୁ ପାଇ ସେମନ୍‌କେ ଚାଡାଇବାଇ, ତେବର୍‌ପାଇ ସେମନ୍‌ସେ ତମ୍‌କେ ବିଚାର୍ କର୍‌ବାଇ । **୨୦** ନାଇ, ମୁଇ ପର୍‌ମେସରର୍ ବପୁସଙ୍ଗେ ଡୁମା ଚାଡାଇବି । ତେବେ ତା ଏଟା ଜାନାଇ ଦେଲାନି, କି ପର୍‌ମେସରର୍ ରାଇଜ୍ ତମର୍ ଲଗେ କେଚ୍‌ଲାବେ ବଲି ।" **୨୧** "ଜେଡେବେଲେ ଗଟେକ୍ ବପୁର୍ ଲକ୍ ଆତ୍‌ଅତିଆର୍ ଦାରି ନିଜର୍ ଗର୍ ଜାଗ୍‌ସି, ସେଡେବେଲାଜାକ ତାର୍ ଦନ୍ କାଇଟା ନ ଅଏ । **୨୨** ମାତର୍ ଜେଡେବେଲେ ତାର୍ ଟାନେଅନି ଅଦିକ୍ ବପୁର୍‌ଲକ୍ ଆସି, ତାକେ ଲାଗିକରି ଜିତ୍‌ସି । ଗରର୍ ସାଉକାର୍ ଜନ୍ ଆତ୍‌ଆତିଆର୍ ଦାରି ନିଜେ ରକିଆ ପାଇତେରଇଲା, ସେ ସବୁଜାକ ବପୁର୍ ଲକ୍ ଚାଡାଇନେଇସି । ଆରି ଚାଡାଇ ନେଲାଟା ସେ ମନ୍‌କଲା ପାରା କାକେ ମିସା ବାଟା କରିଦେଇସି । **୨୩** "ଜେ ଆମ୍‌କେ ବିରଦ୍ ନ କରେ, ସେ ଆମର୍ ନିଜର୍ ଲକ୍ । ଜେ ମର୍ ସଙ୍ଗେ କୁଡାଏନାଇ, ସେ ବିଚିପାକାଇସି ।" **୨୪** "ଗଟେକ୍ କରାପ୍ ଆତ୍‌ମା ମୁନୁସର୍‌ଟାନେଅନି ବାରଇଗାଲାପଚେ, ସେ ଆତ୍‌ମା ବିସ୍‌ରାମ୍ କର୍‌ବାକେ ସୁକ୍‌ଲା ଜାଗାଇ କନ୍‌ଆଲେ ଲକର୍‌ଟାନେ ରଇବାକେ କଜି ବୁଲ୍‌ସି । ଆରି ଜାଗା ନ ମିଲ୍‌ଲେ କଇସି, ମୁଇ ଜନ୍ ଲକର୍ ଟାନେଅନି ବାରଇଆସି ରଇଲି, ସେ ଲକର୍‌ଟାନେସେ ବାଉଡି ଜିବି । **୨୫** ଜେଡେବେଲେ ସେ ଡୁମା ଚାଡ୍‌ଲା ମୁନୁସର୍‌ଲଗେ ଆସି ପରିଚଲ୍‌ରଇ ନିମାନ୍ ସଜାଇଅଇରଇଲାଟା ଦେକ୍‌ସି । **୨୬** ତାର୍‌ପଚେ ସେ ଡୁମା ଜାଇକରି ତାର୍‌ଟାନେଅନି ବାନିଆରଇବା ବିନ୍ ବିନ୍ ସାତ୍‌ଟା ଡୁମାମନ୍‌କେ ଡାକିଆନ୍‌ସି । ସେମନ୍ କେଟିକରି ତେଇ ବାସା ଅଇବାଇ, ଆରି ସେ ଲକ୍ ଆଗ୍‌ତୁ ଜେନ୍ତାର୍ ଅଇରଇଲା, ତାର୍‌ତେଅନି ସାରାସାରି ଅଦିକ୍ କରାପ୍ ଅଇଜାଇସି ।" **୨୭** ଜିସୁ ଏନ୍ତାରି ସବୁ କାତା କଇବାବେଲେ ଲକ୍‌ମନର୍ ବିତ୍‌ରେଅନି ଗଟେକ୍ ମାଇଜିଟକି ଆଉଲିଅଇ କଇଲା, "କେତେକ୍ କରମର୍ ମାଆ ଜେ କି ତମ୍‌କେ ଜନମ୍ ଦେଲା ଆରି ନିଜର୍ ଦୁଦ୍ କୁଆଇଲା ।" **୨୮** ମାତର୍ ଜିସୁ କଇଲା, "ନାଇ, ଜନ୍ ଲକ୍‌ମନ୍ ପର୍‌ମେସରର୍ ବାକିଅ ସୁନ୍‌ବାଇ ଆରି ସେଟା ମାନ୍‌ବାଇ, ସେମନ୍ ନିକ କରମର୍ ଲକ୍ ।" **୨୯** ଲକ୍‌ମନ୍ ଦଲ୍ ଦଲ୍ ଅଇ ଜିସୁର୍‌ଲଗେ ଟୁଲ୍ ଅଇବାବେଲାଇ ସେ କଇବାର୍ ଦାର୍‌ଲା । "ଏବର୍ ଜୁଗର୍ ମୁନୁସ୍‌ମନ୍ କରାପ୍, ଏମନ୍ କାବା ଅଇଜିବା କାମର୍ ଚିନ୍ କଜ୍‌ଲାଇନି । ମାତର୍ ଜୁନସ୍‌କେ ଗଟ୍‌ଲା ଚିନ୍ ଚାଡିକରି ଆରି କାଇ ବିନ୍ ଚିନ୍ ମିସା ଦିଆ ନ ଅଏ । **୩୦** କାଇକେବଇଲେ ଜୁନସ୍ ଜେନ୍ତି ନିନିବିୟ ଲକ୍‌ମନର୍‌ପାଇ ଚିନ୍‌ପାରା ଅଇଲା, ପର୍‌ମେସର୍ ପାଟାଇରଇବା ନର୍‌ପିଲା ମୁଇ ମିସା ଏବର୍ ଲକ୍‌ମନର୍‌ପାଇ ଚିନ୍ ପାରା ଅଇବି । **୩୧** ବିଚାର୍‌ନା ଦିନେ ଦକିନ୍ ଦେସେ ରଇବା ସେବା ନାଉଁର୍ ରାନି, ଏବର୍ ଲକ୍‌ମନର୍ ବିରଦେ ଉଟି, ଏମନ୍‌କେ ଦସି କରାଇସି, କାଇକେବଇଲେ ସେ ରାନି, ସଲ୍‌ମନ୍ ରାଜା ସିକାଇରଇବା ଗିଆନର୍ କାତା ସୁନ୍‌ବାକେ ବେସି ଦୁର୍‌ଅନି ଆସିରଇଲା । ଆରି ଦେକା! ସଲ୍‌ମନର୍‌ଟାନେଅନି ଅଦିକ୍ ବଡ୍ ଲକ୍ ଇତି ଆଚେ । **୩୨** ବିଚାର୍‌ନାଦିନେ ନିନିବିର୍ ଲକ୍‌ମନ୍ ଏବର୍ ମୁନୁସ୍‌ମନର୍ ବିରୁଦେ ଟିଆଅଇ ଏମନ୍‌କେ ଦସି କର୍‌ବାଇ । କାଇକେବଇଲେ ସେମନ୍, ଜୁନସ୍ ମାପ୍‌ରୁର୍ କାତା ଜାନାଇଲାକେ, ପାପ୍‌କାମେଅନି ବାଉଡିରଇଲାଇ, ଆରି ଦେକା! ଜୁନସର୍ ଟାନେଅନି ବଡ୍ ଲକ୍ ଇତି ଆଚେ । **୩୩** "କେ ମିସା ବତି ଡସାଇ ମାନ୍‌ତଲେ ଡାବିକରି ନ ସଙ୍ଗେଅତ୍ । ମାତର୍ ବତି ସଙ୍ଗେଇବା କୁଦ୍‌ରାଇ ସଙ୍ଗେଇବାଇ, ଜେନ୍ତାରିକି ଗର୍‌ବିତ୍‌ରେ ଜିବାଲକ୍‌ମନ୍ ଉଜଲ୍ ଦେକିପାର୍‌ବାଇ । **୩୪** ତମର୍ ଆଁକି, ଗାଗଡର୍ ବତି । ଜେଡେବଲ୍ ତମର୍ ଆଁକି ନିକ ରଇସି, ସେଡେବେଲେ, ତମର୍ ଗୁଲାଇ ଗାଗଡ୍ ମିସା ଉଜଲ୍ ଅଇସି । ମାତର୍ ଜେଡେବେଲେ ସେଟା ମୁର୍‌କି ରଇସି, ସେଡ୍‌କିବେଲା ତମର୍ ଗାଗଡ୍ ମିସା ଆନ୍ଦ୍ବାର୍ ଅଇଜାଇସି । **୩୫** ତେବେ ମନେ ରଅ, ଜାଗ୍‌ରତ୍‌ଅଇ ରୁଆ, ଜେନ୍ତିକି ତମର୍ ବିତ୍‌ରର୍ ଉଜଲ୍ କେବେ ଆନ୍ଦ୍ବାର୍ ନ ଅଏ । **୩୬** ଏଟାର୍‌ପାଇ ତମର୍ ଗୁଲାଇ ଗାଗଡ୍ ଜଦି ଉଜଲ୍ ଅଇସି ଆରି ତେଇର୍ କଣ୍ଡେକ୍ ମିସା ଆନ୍ଦ୍ବାର୍ ନ ରଏ, ସେନ୍ତାର୍‌ଅଇଲେ, ବତି ଜେନ୍ତି ଜଗ୍‌ଜଗି ଜାଇ ଉଜଲ୍ ଦେଇସି, ସେନ୍ତାରି ତମର୍ ଗୁଲାଇ ଗାଗଡ୍ ଉଜଲ୍ ଅଇସି ।" **୩୭** ଜିସୁ କାତା କଇସାରାଇଲା ପଚେ ଗଟେକ୍ ପାରୁସିଲକ୍ ତାକେ

ନିଜର୍ ଗରେ କାଇବାକେ ଡାକ୍ଲା, ଆରି ଗରେ ବସାଇଲା
। ୩୮ ମାତର୍ ଜିସୁ ଜିଉଦି ରିତିନିତି ଇସାବେ ଦୁଆପୁଟା ନ
ଅଇରଇଲାକେ ଏଟା ଦେକି ସେ ପାରୁସି ଲକ୍ କାବା ଅଇଗାଲା
। ୩୯ ଜିସୁ ତାକେ କଇଲା, "ତମେ ପାରୁସିମନ୍ ଗିନା ଆରି
ତାଲାର୍ ବାଇରେ ମାଞ୍ଜିରଇସା, ମାତର୍ ତମର୍ ବିତ୍ରର୍ ସକ୍ଡି
ବେନ୍ବେନା ରଇସି । କରାପ୍ଟା ଆରି ଲବ୍ କର୍ବାଟା ସବୁ ପୁରୁନ୍
ଅଇଆଚେ । ୪୦ ଏ ବକୁଆମନ୍! ଜେ ଗାଗଡର୍ ବାଇରର୍ଟା
ତିଆର୍ କଲା ଆଚେ, ସେ କାଇ ବିତ୍ରର୍ଟା ମିସା ତିଆର୍
କରେନାଇ କି? ୪୧ ତେବର୍ପାଇ ତମେ ଜନ୍ଟା କଟିକରି ସଙ୍ଗଇ
ଆଚାସ୍, ସେଟା ଦୁକିରୁକି ଲକ୍ମନ୍କେ ଦାନ୍କରା, ଆରି ଦେକା,
ତମେ ପୁରାପୁରୁନ୍ ପରିଚଲ୍ ଅଇଜାଇସା ।" ୪୨ "ଅଇରେ
ପାରୁସିମନ୍! ତମର୍ ଉପ୍ରେ ଗଟେକ୍ ବଡ୍ ଡଣ୍ଡ ଲାଦିଅଇସିବେ!
କାଇକେବଇଲେ ତମର୍ ବାଡେଅନି କାମାଇଲାଟା ଦସ୍ବାଗ୍
ଅନି ବାଗେକ୍ ଦେଲାସ୍ନି । ମାତର୍ ତମେ ନିଆଇ ଆରି
ଦୟା ଏଲା କଲାସ୍ନି । ଏଟାସଙ୍ଗ୍ ବାଗେକ୍ ଦେବାଟା ମିସା
ଚାଡ୍ବାର୍ ନାଇ ।" ୪୩ "ଅଇରେ ପାରୁସିମନ୍, ତମର୍ ଉପ୍ରେ
ଗଟେକ୍ ବଡ୍ ଡଣ୍ଡ ଲାଦିଅଇସିବେ! କାଇକେବଇଲେ ତମେ
ପାର୍ତନାଗରେ ମୁକିଅ ଜାଗାଇ ବସ୍ବାକେ ମନ୍ କର୍ସା ଆରି
ଆଟେବାଟେ ଲକ୍ମନର୍ଟାନେଅନି ଜୁଆର୍ କରାଇଅଇବାକେ
ବଲ୍ ବଲାଇଅଇସା । ୪୪ ଅଇରେ ପାରୁସିମନ୍! ତମର୍ ଉପ୍ରେ
ଗଟେକ୍ ବଡ୍ ଡଣ୍ଡ ଲାଦିଅଇସିବେ । କାଇକେବଇଲେ, ତମେ
ନ ଡିସ୍ବା ସମାଦି ପାରା । ତାର୍ ଉପ୍ରେ ଆସା ଜା କର୍ବା
ଲକ୍ମନ୍ ସେଟା ସମାଦି ବଲି ନାଜାନତ୍ ।" ୪୫ ତେଇ ସାସ୍ତର୍
ସିକାଇବା ଦରମ୍ ଗୁରୁମନର୍ ବିତ୍ରେଅନି ଗଟେକ୍ ପଣ୍ଡିତ୍
ଜିସୁକେ କଇଲା, "ଏ ଗୁରୁ ତମେ ପାରୁସିମନର୍ ବିସଇ କଇକରି
ଆମ୍କେ ଲାଜ୍ କରାଇଲାସ୍ନି ।" ୪୬ ଜିସୁ କଇଲା, "ଅଇରେ
ସାସ୍ତର୍ ସିକାଉ ପଣ୍ଡିତ୍ମନ୍! ତମର୍ ଉପ୍ରେ ଗଟେକ୍ ବଡ୍
ଡଣ୍ଡ ଲାଦିଅଇସିବେ! କାଇକେବଇଲେ ତମେ ଲକ୍ମନ୍କେ
ବେସି ଆବଡ୍ ନିୟମ୍ ମାନ୍ବାକେ କଇଲାସ୍ନି, ଆରି ସେ ନିୟମ୍
ମାନ୍ବାକେ ମୁଲ୍କେ ଆଙ୍ଗ୍ଟିଟେଇ ଉଟାଇବା ଏତ୍କି ମିସା ସାଇଜ
କରାସ୍ ନାଇ । ୪୭ ଅଇରେ, ଡଣ୍ଡ ପାଉମନ୍! ତମର୍ ଉପ୍ରେ
ଗଟେକ୍ ବଡ୍ ଡଣ୍ଡ ଲାଦିଅଇସିବେ । କାଇକେବଇଲେ, ତମେ
ବବିସତ୍ବକ୍ତାମନର୍ ମସ୍ନେ ସମାଦି ତିଆର୍ କର୍ତେରଇସା,
ମାତର୍ ତମର୍ ଆନିଦାଦିମନ୍ ସେମନ୍କେ ମରାଇରଇଲାଇ । ୪୮
ତେବେ ତମର୍ ଆନିଦାଦିମନର୍ ଦରମ୍ କରମ୍ ବିସଇର୍ ତମେ
ସାକି ଆଚାସ୍ । ଆରି ସେଟା ମାନ୍ଲାସ୍ନି କାଇକେବଇଲେ
ସେମନ୍ ସିନା ବବିସତ୍ବକ୍ତାମନ୍କେ ମରାଇରଇଲାଇ, ମାତର୍
ତମେ ସେମନର୍ ସମାଦିର୍ କାମ୍ ତିଆର୍ କଲାସ୍ନି । ୪୯
ତେବେ ପର୍ମେସର୍ ମିସା ନିଜର୍ ବୁଦିରେ କଇଲାଆଚେ, ମୁଇ
ବବିସତ୍ବକ୍ତାମନ୍କେ ଆରି କବର୍ ନେଉମନ୍କେ ସେମନର୍
ଲଗେ ପାଟାଇବି । ସେମନର୍ ବିତ୍ରେ କେତେଲକ୍କେ ସେମନ୍
ମରାଇବାଇ ଆରି କେତେଲକ୍କେ ନିନ୍ଦାକରି କସ୍ଟ ଦେବାଇ ।
୫୦ ସେଟାର୍ପାଇ ଜଗତ୍ ତିଆର୍ଅଇଲାଟାନେଅନି, ଏବଲର୍
ବେଲେଅନି ଆରାମ୍ କରି ବର୍କିଆର୍ ପ ଜିକରିୟର୍ ଜାକ,
ଜାକେ କି ତମେ ମନ୍ଦିର୍ ଆରି ବେଦିର୍ ମଜାଇ ମରାଇରଇଲା
ଜେତ୍କି ବବିସତ୍ବକ୍ତାମନ୍କେ ମରାଇଆଚାସ୍ ସେ ସବୁ
ଡଣ୍ଡ ଏ ଆଜିକାଲିର୍ ଲକ୍ମନ୍ ପାଇବାର୍ ଆଚେ । ୫୧
ସେ ସବୁର୍ ମୁଲିଅ, ଏବର୍ ଲକ୍ମନର୍ ଟାନେଅନି ନିଆ
ଅଇସି ।" ୫୨ "ଅଇରେ, ଦରମ୍ଗୁରୁମନ୍! ତମର୍ ଉପ୍ରେ
ଗଟେକ୍ ବଡ୍ ଡଣ୍ଡ ଲାଦିଅଇସିବେ! କାଇକେବଇଲେ, ତମେ
ପର୍ମେସରର୍ ଗିଆନର୍ କାପାଟ୍ ଡାବିଦେଇ ଆଚାସ୍ । ନିଜେ
ପର୍ମେସରର୍ ଗିଆନ୍ଟାନେ ନ ଜାଇକରି ତେଇ ଜିବାକେ
ମନ୍କଲା ଲକ୍ମନ୍କେ ମିସା ବାଦାଦେଲାସ୍ ।" ୫୩ ଆରି ଜିସୁ
ତେଇଅନି ବାରଇଗାଲାପଚେ, ପାରୁସିମନ୍ ଆରି ସାସ୍ତର୍
ସିକାଉମନ୍ ବେସି ଡାଟ୍ସଙ୍ଗ୍ ଜିସୁକେ ବିରଦ୍ କର୍ବାକେ ଆରାମ୍
କଲାଇ । ୫୪ ତାର୍ଟାନେଅନି ବୁଲ୍ ଦାର୍ବାକେ କାଇ କାଇ
ପର୍ସନ୍ ପାଚାର୍ବାର୍ ଦାର୍ଲାଇ ।

**୧୨** ଏତ୍କି ବିତ୍ରେ ଅଜାର୍ ଅଜାର୍ ଲକ୍ ଟୁଲ୍ଅଇକରି,
ତାକର୍ ତାକର୍ ବିତ୍ରେ ମାଣ୍ଡାଚୁଣ୍ଡା ଅଇଜାଇତେ
ରଇଲାଇ, ସେତ୍କିବେଲେ ଜିସୁ ପର୍ତୁମ୍ ନିଜର୍ ସିସ୍ମନ୍କେ
କଇବାର୍ ଦାର୍ଲା, "ପାରୁସିମନର୍ କମିର୍ ପାରା କପଟ୍
ତେଇଅନି ଜାଗ୍ରତ୍ ଅଇରୁଆ । ୨ ଡାବିଅଇରଇବା ସବୁ ବିସଇ
ଜାନାପଡ୍ସି, ଆରି ଲୁଚିରଇବା ବିସଇ ସବୁ ଦେକାଅଇସି । ୩
ତେବର୍ପାଇ, ତମେମନ୍ ଜନ୍ ଜନ୍ଟା ଆନ୍ଦାରେ କଇଆଚାସ୍, ସେ
ସବୁଜାକ ଉଜ୍ଲେ ସୁନ୍ବାଇ, ଆରି ଜନ୍ ଜନ୍ଟା ବିତର୍ଗରେ,
କେ ନ ସୁନ୍ତେ କଇଆଚାସ୍, ସେଟା ଗରର୍ ଚାନିଉପ୍ରେ
ଅନି ସୁନାଇଅଇସି ।" ୪ "ମାତର୍ ତମେ ମର୍ ମଇତର୍,
ତମ୍କେ ମୁଇ କଇଲିନି, ଜନ୍ ଲକ୍ମନ୍ ଗାଗଡ୍କେ ମରାଇବାଇ,
ମାତର୍ ତାର୍ପଚେ ତମର୍ ଆତ୍ମାକେ କାଇଟା କରିନାପାରତ୍,
ସେମନ୍କେ ଡରାନାଇ । ୫ ମାତର୍ କାକେ ଡର୍ସା, ସେଟା
ମୁଇ ତମ୍କେ ଜାନାଇବି, ମରାଇଲାପଚେ ନର୍କେ ପିଙ୍ଗ୍ବାକେ
ଜାର୍ ଅଦିକାର୍ ଆଚେ, ତାକେ ଡରା, ଉଁ ମୁଇ ତମ୍କେ ସତ୍
କଇଲିନି, ପର୍ମେସର୍କେ ଡରା । (Geenna g1067) ୬ "ପାଁଚ୍ଟା
ଚେଟିଆ ଚଡଇ କାଇ ଅଲପ୍ ଡାବୁକେ ବିକା ନଅଏ କି? ଏଲେ
ମିସା ସେମନର୍ ବିତ୍ରେଅନି ଗଟେକ୍କେ ମିସା ପର୍ମେସର୍
ନ ପାସ୍ରେ । ୭ ମାତର୍ ତମର୍ ମୁଣ୍ଡର୍ ସବୁ ଚେଣ୍ଟି ମିସା ଏଜା
ଅଇଲାଆଚେ । ଡରାନାଇ, ତମେମନ୍ କେତେକ୍ କେତେକ୍
ଚେଟିଆ ଚଡଇର୍ ଟାନେଅନି ମୁକିଅ ।" ୮ "ଆରି ମୁଇ ତମ୍କେ
କଇଲିନି, ଜେ ଜଦି ମକେ ଲକ୍ମନର୍ ମୁଆଟେ ନାମ୍ସି ଆରି
ବିସ୍ବାସ୍ କର୍ସି, ପର୍ମେସର୍ ପାଟାଇରଇବା ନର୍ପିଲା ମୁଇ
ମିସା ପର୍ମେସରର୍ ଦୁତ୍ମନର୍ ମୁଆଟେ ତାକେ ନାମ୍ବି । ୯
ମାତର୍ ଜେ ଲକ୍ମନର୍ ମୁଆଟେ ମକେ ନ ନାମି, ବିସ୍ବାସ୍

ନ କରେ, ତାକେ ପର୍ମେସରର୍ ଦୁତ୍ମନର୍ ମୁଆଟେ ମୁଇ
ଇନ୍ କର୍ବି ।” ୧୦ “ଆରି ଜେ ପର୍ମେସର୍ ପାଟାଇରଇବା
ନର୍ପିଲାର୍ ବିରୁଦେ କଇଲେ, ତାକେ କେମା ଦିଆଅଇସି,
ମାତର୍ ଜେ ସୁକଲ୍ ଆତ୍ମାର୍ ବିରୁଦେ କଇସି, ତାକେ କେମା ନ
ଦିଆଅଏ । ୧୧ “ଆରି ଜେଡେବେଲେ ସେମନ୍ ତମ୍କେ ଜିଉଦି
ଲକ୍ମନର୍ ପାର୍ତନା ଗରେ, ସାସନ୍ କର୍ବା ଲକ୍ମନର୍ଟାନେ କି
ବିନ୍ ବିନ୍ ଅଦିକାରି ମନର୍ଟାନେ ବାନ୍ଧିନେଲେ, ସେଡ୍କିବେଲେ
କାଇଟାବଲି କଇସା, ସେ ବିସଇ ନେଇକରି ଚିନ୍ତା କରାନାଇ ।
୧୨ କାଇକେବଇଲେ କାଇଟା କଇବାକେ ଅଇସି, ସେବେଲାଇ
ସୁକଲ୍ଆତ୍ମା ତମ୍କେ ସିକାଇସି ।” ୧୩ ଲକ୍ମନର୍ ଗଅଲି
ବିତ୍ରେଅନି ଗଟେକ୍ ଲକ୍ ଜିସୁକେ କଇଲା, “ଏ ଗୁରୁ, ମର୍
ବାବାର୍ ସଁପତି ବାଗ୍ବାଟା କର୍ବାକେ ମର୍ ବାଇକେ କୁଆ ।”
୧୪ ଏଟା ସୁନି ଜିସୁ ତାକେ କଇଲା, “ଏ ମଇତର୍, ତମର୍ ବିତ୍ରେ
ନିଆଇ କର୍ବାକେ ଆରି ଦନ୍ସଁପତି ବାଗ୍ବାଟା କରିଦେବାକେ
ମକେ କେ ଅଦିକାର୍ ଦେଲାଆଚେ?” ୧୫ ଆରି ଜିସୁ ସେମନ୍କେ
କଇଲା, “ଜାଗର୍ତା, ସବୁରକାମର୍ ଲବ୍ କର୍ବାଟାନେଅନି
ନିଜେ ନିଜେ ଦୁରେ ରୁଆ । କାଇକେବଇଲେ ଗଟେକ୍ ଲକର୍
ଜିବନ୍ଟାନେଅନି ଦନ୍ସଁପତି ବଡ୍ ବିସଇ ନଏ ।” ୧୬ ଆରି
ସେ ଲକ୍ମନ୍କେ ଗଟେକ୍ ଉଦାଅରନ୍ ଦେଇ କଇଲା, ଗଟେକ୍
ସାଉକାର୍କେ ତାର୍ ଜମିଟାନେଅନି ବେସି ତାସ୍ ପାଚ୍ଲା । ୧୭
ସେ ଲକ୍ ମନେ ମନେ ବାବ୍ନାକରି କଇଲା, “କାଇଟା କର୍ବି?
ମର୍ କାଦି ଆନି ସଙ୍ଗଇବାକେ ଜାଗାନାଇ ।” ୧୮ ଆରି ସେ
କଇଲା, “ଏନ୍ତାରି କର୍ବି, ମର୍ କାଦି ସଙ୍ଗଇବା ଗରର୍ କତି
ବାଙ୍ଗାଇକରି ବଡ୍ ବଡ୍ କରି ତିଆର୍କର୍ବି ଆରି ତେଇ ମର୍ ସବୁ
କାଦିକଣ୍ଡା ଜାଗ୍ରତ୍ କରି ସଙ୍ଗଇବି । ୧୯ ଆରି ମର୍ ଜିବନ୍କେ
କଇବି, ର ଜିବନ୍, ତର୍ପାଇବଲି ବେସି ବରସର୍ କାଦିକଣ୍ଡା
ସଙ୍ଗଇ ଅଇଲାଆଚେ, ପୁଣ୍ଡେ, କାଆ ଆରି ଆରାମ୍ସଙ୍ଗ ର ।”
୨୦ ମାତର୍ ପର୍ମେସର୍ ତାକେ କଇଲା, “ଏରେ ବକୁଆ ଜଦି
ଆଜି ରାତି ପର୍ମେସର୍ ତର୍ ଜିବନ୍ ମାଙ୍ଗସି ବଇଲେ, ତୁଇ
ତର୍ପାଇ ଜେତ୍କି ସଙ୍ଗଇଆଚୁସ୍, ସେ ସବୁ କାର୍ଟା ଅଇସି? ୨୧
ଜେ ନିଜର୍ପାଇ ଦନ୍ ଜତନ୍ କରି ସଙ୍ଗଇସି, ସେ ପର୍ମେସରର୍
ମୁଆଟେ ସାଉକାର୍ ନଏଁ, ତାର୍ପାଇ ଏନ୍ତାରି ଗଟ୍ସି ।” ୨୨
ଜିସୁ ନିଜର୍ ସିସ୍ମନ୍କେ କଇଲା, “ଏଟାର୍ପାଇ ମୁଇ ତମ୍କେ
କଇଲିନି, କାଇଟା କାଇକରି ଜିବନ୍ ବଁଚାଉ ଆରି ଗାଗଡର୍ପାଇ
କାଇଟା ପିନ୍ଧବୁ ବଲି ଚିନ୍ତା କରାନାଇ । ୨୩ କାଇକେବଇଲେ
କାଦିଟାନେଅନି ଜିବନ୍ ଆରି ବସ୍ତର୍ଟାନେଅନି ଗାଗଡ୍ ଆକା
ମୁକିଅ । ୨୪ ଚଡଇମନର୍ ବିସଇନେଇକରି ବାବିଦେକା, ସେମନ୍
ନ ବୁନତ୍ କି ନ କାଟତ୍, ଆରି ସେମନର୍ ବାଣ୍ଡାର୍ଗର୍ କି କାଦି
ସଙ୍ଗଇବା ଆମାର୍ ଗର୍ ନାଇ । ଅଇଲେ ମିସା ମାପ୍ରୁ ସେମନ୍କେ
କାଦି ଜାଗାଇଦେଇସି । ତମେ ଚଡଇମନର୍ ଟାନେଅନି କେତେକ୍
ଅଦିକାରର୍ ଲକ୍ । ୨୫ ତମର୍ ବିତ୍ରେ ଏନ୍ତାରିଲକ୍ ନ ରଅତ୍,
ଜେ କି ଚିନ୍ତାକରି ତାର୍ କଣ୍ଠେକ୍ ମିସା ଆଇସ୍ ବଡାଇ ପାର୍ସି
। ୨୬ ତେବର୍ପାଇ ତମେମନ୍ ଗଟେକ୍ ସାନ୍ ବିସଇ ମିସା
କରିନାପାର୍ଲାସ୍ନି ବଇଲେ ବଡ୍ ବଡ୍ ବିସଇ କାଇକେ ଚିନ୍ତା
କଲାସ୍ନି? ୨୭ ପୁଲ୍ମନର୍ ବିସଇ ବାବିଦେକା, ସେମନ୍ କେନ୍ତି
ପୁଟ୍ଲାଇନି, ସୁତା ନ କାଟତ୍ କି ଲୁଗା ନ ବୁନତ୍ । ଏଲେମିସା
ମୁଇ ତମ୍କେ କଇଲିନି, ସବୁର୍ଟାନେଅନି ମଆନ୍ ଆରି ଦନି
ରାଜା ସଲ୍ମନ୍ ମିସା ସେ ପୁଲ୍ମନର୍ ବିତ୍ରେଅନି ଗଟେକ୍
ପୁଲର୍ ଏତ୍କି ସଜାଇ ନ ଅଇରଇଲା । ୨୮ ଆଜି ଜନ୍ ଗାଁସ୍
ପଦାଇ ଆଚେ, କାଲିକେ ସେଟା ରୁଣ୍ଡାଇ ଜଇ ଲାଗାଇବାଇ ।
ସେଟାକେ ପର୍ମେସର୍ ଏନ୍ତାରି ବେସ୍ ଦେଲାନି ବଇଲେ, ଏ
ଅଲପ୍ ବିସ୍ବାସ୍ କର୍ବା ଲକ୍ମନ୍, ସେ ତମ୍କେ ପିନ୍ଧବାକେ
କେତେକ୍ ଅଦିକ୍ ଦେଇସି!” ୨୯ “ଆରି କାଇଟା କାଇବୁ? ବଲି
ଚିନ୍ତାକରି ଲାଗିରୁଆନାଇ, ୩୦ କାଇକେବଇଲେ ପର୍ମେସର୍କେ
ନାଜାନ୍ଲା ଲକ୍ମନ୍ ଏ ସବୁ ବିସଇ କଜିବୁଲ୍ବାଇ । ମାତର୍ ଏ
ସବୁ ବିସଇ ତମ୍କେ ଦର୍କାର୍, ସେଟା ତମର୍ ବାବା ଜାନିରଇସି
। ୩୧ ମୁଇ କଇଲିନି ତମେ ପର୍ମେସରର୍ ସରଗ୍ ରାଇଜ୍ କଜା,
ଆରି ଏ ସବୁ ବିସଇ ସେ ତମ୍କେ ଦେଇସି ।” ୩୨ ଏ ଉନା
ମେଣ୍ଡାରାସି, ଡରାନାଇ, କାଇକେବଇଲେ ତମର୍ ବାବା ତମ୍କେ
ତାର୍ ରାଇଜ୍ ଦେବାକେ ମନ୍କଲାଆଚେ । ୩୩ ତମ୍କେ ଜନ୍
ଜନ୍ଟା ଆଚେ, ସେଟା ବିକିଦେଇ ଗରିବ୍ମନ୍କେ ଦାନ୍ କରା ।
ଜନ୍ଟା କି କେବେ ନ ସାରେ, ନିଜର୍ ନିଜର୍ପାଇ ଏନ୍ତାରି କାଣା
ନ ଅଇବା ବେସ୍ନି ତିଆର୍କରା । ଜନ୍ଟାନେ ଚର୍ ନ ଆସେ
କି କିଡାମନ୍ ମିସା ନ ନସାଅତ୍ । ସର୍ଗେ ଏନ୍ତାରି ନ ସାର୍ବା
ଦନ୍ ସଙ୍ଗଇରୁଆ । ୩୪ କାଇକେବଇଲେ ଜନ୍ଟାନେ ତମର୍
ଦନ୍, ତେଇସେ ତମର୍ ମନ୍ । ୩୫ “ତମର୍ ଆଟର୍ ତୁଆଲ୍
ବାନ୍ଧିଅଇ ସେବା କର୍ବାକେ ଜାଗିରୁଆ, ଆରି ବତି ଲାଗ୍ତେରଅ
। ୩୬ ମାପ୍ରୁ ବିବା ବଜିଟାନେଅନି ବାଉଡିଆସି କାପାଟେ
ବାଜାଉ ବାଜାଉ ଜନ୍ଲକ୍ମନ୍ ଦାପ୍ରେ କାପାଟ୍ ଉଗାଡ୍ବାକେ
ଜାଗିରଇବାଇ, ତମେ ସେମନର୍ପାରା ଅଇରୁଆ । ୩୭ ମାପ୍ରୁ
ଆସି ଜନ୍ ଦାଙ୍ଗଡାମନ୍କେ ଜାଗ୍ରତ୍ ରଇବାଟା ଦେକ୍ସି, ସେମନ୍
କେଡେ ନିକ କରମର୍ ଲକ୍ । ମୁଇ ତମ୍କେ ସତ୍ କଇଲିନି,
ସେ ନିଜର୍ ଆଁଟାଇ ତୁଆଲ୍ ବାନ୍ଧିକରି, ସେମନ୍କେ କାଇବାକେ
ବସାଇ, ତାକର୍ଲଗେ ଜାଇ ସେବାକର୍ସି । ୩୮ ଆରି ସେ ଜଦି
ମଜାରାତି କି କୁକ୍ଡାଡାକେ ମିସା ଆସି ସେମନ୍କେ, ସେନ୍ତାରି
ରଇବାଟା ଦେକ୍ସି, ସେନ୍ତାର୍ଆଲେ ସେ ଦାଙ୍ଗଡାମନ୍ କେଡେ ନିକ
କରମର୍ ଲକ୍ । ୩୯ ମାତର୍ ଏଟା ଜାନିରୁଆ, କେଡେବେଲେ ଚର୍
ଆଇସି, ଏଟା ଗରର୍ ସାଉକାର୍ ଜେବେ ଜାନ୍ସି, ସେନ୍ତାର୍ଆଲେ
ସେ ନିଜର୍ ଗରର୍ ପେଡି ବାଙ୍ଗାଇବାକେ ନ ଦେଏ । ୪୦ ତମେ
ମିସା ଜାଗ୍ରତ୍ଅଇ ରୁଆ, କାଇକେବଇଲେ, କେବେ ତମେ
ବାବି ନ ରୁଆସ୍, ସେ ବେଲେ ପର୍ମେସର୍ ପାଟାଇରଇବା
ନର୍ପିଲା ମୁଇ ଆଇବି ।” ୪୧ ସେଟାସୁନି ପିତର୍ କଇଲା,

“ଏ ମାପ୍‌ରୁ ତମେ ଆମ୍‌କେସେ କି ସବୁଲକ୍‌କେ ଏନ୍ତାରି କାତା
ଦେକାଇ କଇଲାସ୍‌ନି?” **୪୨** ଜିସୁ କଇଲା, “ବିସ୍‌ବାସେ ରଇବା
ଲକ୍ ଆରି ବୁଦିମାନ୍ ଲକ୍ କେ ଆଚତ୍? ତାକେ ସେ ସାଉକାର୍
ଗର୍ ଚାଲାଇବା ଦାଇତ୍ ଦେଇସି । ସେ ସମାନ୍ ବେଲାଇ ବିନ୍
ଦାଙ୍ଗ୍‌ଡାମନ୍‌କେ କାଦି ଜାଗାଇ ଦେଇସି । **୪୩** ସାଉକାର୍ ଆସି,
ତାର୍ ନିଜର୍ ଦାଙ୍ଗଡା ଏନ୍ତାର୍ କର୍‌ବାଟା ଦେକ୍‌ସି ବଇଲେ ସେ
କେଡେ ନିକ କରମର୍ ଲକ୍ । **୪୪** ମୁଇ ତମ୍‌କେ ସତ୍ କଇଲିନି,
ସେ ତାକେ ନିଜର୍ ସବୁର୍ ଉପ୍‌ରେ ଅଦିକାର୍ ଦେଇସି । **୪୫**
ଜଦି ସେ ଦାଙ୍ଗଡା, ମର୍ ସାଉକାର୍ ଆଇବାଟା ଅଲ୍‌ସମ୍ ଅଇସି
ବଲି ମନେକରି, ମାତୁଆଲ୍ ଅଇ ବିନ୍ ଦାଙ୍ଗଡାମନ୍‌କେ ଲାଗ୍‌ମାର୍
କର୍‌ବାର୍ ଆରାମ୍ କର୍‌ସି, **୪୬** ସେନ୍ତାର୍‌ଆଲେ ଜନ୍ ଦିନେ ସେ
ଜାଗି ନ ରଏ, ଆରି ସେ କେଡେବେଲେ ଆଇବାଟା ଜାନି ନ
ରଏ, ସେ ସାଉକାର୍ ଆସି ତାକେ ବେସି ବଡ୍ ଡଣ୍ଡ ଦେଇସି ।
ଆରି ବିସ୍‌ବାସ୍ ନ କର୍‌ବା ଲକର୍ ସଙ୍ଗ ମିସାଇ ଦେଇସି ।” **୪୭**
“ଆରି ଜନ୍ ଦାଙ୍ଗଡା ନିଜର୍ ସାଉକାରର୍ ମନ୍ ଜାନିକରି ଜାଗରତ୍
ନ ଅଇରଏ, କି ସାଉକାରର୍ ମନ୍‌କଲା ଇସାବେ ପାଇଟି ନ
କରେ, ତାକେ କର୍‌ଡା ସଙ୍ଗ ଅପର୍‌ବଲ୍ ମାଡ୍ ଅଇସି । **୪୮**
ମାତର୍ ଜେ ତାର୍ ମନ୍‌କଲାଟା ନାଜାନିକରି, ଡଣ୍ଡମିଲ୍‌ବା କାମ୍
କର୍‌ବାର୍ ଦାର୍‌ସି, ତାକେ ଅଲପ୍ ମାଡ୍ ଅଇସି । ଜନ୍ ଲକ୍‌କେ
ଅଦିକ୍ ଦିଆଅଇରଇସି, ତାକେ ଅଦିକ୍ ଦାବି କରାଅଇସି । ଆରି
ଲକ୍‌ମନ୍ ତାକେ ଜାର୍‌ଲଗେ ଅଦିକ୍ ସର୍‌ପି ଦେଲାଇଆଚତ୍,
ଅଦିକ୍ ଅଦିକ୍ ଦାବି କର୍‌ବାଇ ।” **୪୯** ଜିସୁ କଇଲା, “ମୁଇ
ଏ ଦୁନିଆଇ ଜଇ ଲାଗାଇବାର୍ ଆଇଲିଆଚି । ସେଟା ଜଦି
ଲାଗ୍‌ବାକେ ଆରାମ୍ ଅଇଲାନି, ସେନ୍ତାର୍‌ଆଲେ ମୁଇ ମନ୍‌କଲାଟା
ପୁରାପୁରୁନ୍ ଅଇଗାଲାବେ । **୫୦** ମାତର୍ ମକେ ଆରି ଗଟେକ୍
ଡୁବନେ ଡୁବନ୍ ନେବାକେ ପଡ୍‌ସି, ଆରି ସେଟା ନ ସାର୍‌ବାଜାକ,
ମର୍ ମନ୍‌ବିତ୍‌ରେ କେନ୍ତି କସ୍‌ଟ ଲାଗ୍‌ଲାନି । **୫୧** ଜଗତେ ସାନ୍ତି
ଦେବାକେ ଆସିଆଚେ ବଲି ତମେ କାଇ ମକେ ବାବ୍‌ଲାସ୍‌ନି କି?
ନାଇ ମୁଇ ସାନ୍ତି ଆନ୍‌ବାକେ ନାଇ, ମାତର୍ ବିଚାର୍‌ନା କର୍‌ବାକେ
ଆସିଆଚି । **୫୨** ଏବେଅନି ଗଟେକ୍ ଗରେ ପାଁଚ୍ ଲକ୍ ରଇଲେ,
ଦୁଇଲକର୍ ବିରୁଦେ ତିନ୍‌ଲକ୍ ଆରି ତିନ୍‌ଲକର୍ ବିତ୍‌ରେ ଦୁଇ ଲକ୍
ବାଗ୍ ଅଇବାଇ । **୫୩** ପଅର୍ ବିରୁଦେ ବାବା, ବାବାର୍ ବିରୁଦେ
ପଅ, ଜିଇର୍ ବିରୁଦେ ମା, ମାଆର୍ ବିରୁଦେ ଜିଇ, ବୁଆରିର୍
ବିରୁଦେ ସାତ୍‌ରି, ସାତ୍‌ରିର୍ ବିରୁଦେ ବୁଆରି ବିନେ ଅଇବାଇ
।” **୫୪** ଆରି ଜିସୁ ଲକ୍‌ମନ୍‌କେ କଇଲା, “ବୁଡ୍‌ତି ଦିଗେ ବାଦଲ୍
ଚଗ୍‌ବାଟା ଦେକ୍‌ଲେ, ପାନି ଆଇସିବେ ବଲି କଇସା । ଆରି
ସେନ୍ତାରି ସେ ଅଇସି । **୫୫** ଆରି ଦକିଣ୍‌ଦିଗ୍ ବାଟେଅନି ପବନ୍
ମାର୍‌ବାଟା ଜାନ୍‌ଲେ କାରା ଅଇସି ବଲି କଇସା । ଆରି ସେଟା
ସେନ୍ତାରି ଅଇସି । **୫୬** ଏ କୁଟିଆଲ୍‌ମନ୍, ତମେ ଜଗତର୍ ଆରି
ସରଗର୍ କାତା ଜାନି ପାଗ୍ କେନ୍ତି ଅଇସି ବଲି ଆଗ୍‌ତୁ କଇଲାସ୍‌ନି,
ମାତର୍ ଏବେ କାଇଟା ଗଟ୍‌ସି, ସେଟା କାଇକେ ନାଜାନ୍‌ଲାସ୍‌ନି?”
**୫୭** “ଆରି ନିଜେ ନିଜେ କାଇକେ ଟିକ୍ ବିଚାର୍ କରାସ୍ ନାଇ?
**୫୮** ଜଦି ତମର୍ ବିରଦିସଙ୍ଗ ବିଚାର୍‌କାରିଆର୍‌ଲଗେ ଗାଲାସ୍‌ନି,
ମଜାବାଟେ ତାର୍‌ସଙ୍ଗ ବୁଜାମାନା ଅଇବାକେ ଚେସ୍‌ଟା କରା ।
ନଇଲେ କେଡେବେଲେ ସେ ତମ୍‌କେ ବିଚାର୍‌କାରିଆର୍ ଟାନେ
ଜିକିନେଇସି, ବିଚାର୍‌କାରିଆ ସନିଅମନର୍ ଆତେ ସର୍‌ପିଦେଇସି,
ସନିଅମନ୍ ତମ୍‌କେ ବନ୍ଦି ଗରେ ନେଇ ପୁରାଇଦେବାଇ ।”
**୫୯** ମୁଇ ତମ୍‌କେ କଇଲିନି, “କେନ୍ତିକଲେ ମିସା ସବୁ ଡାବୁ ନ
ସୁଜ୍‌ବାଜାକ ସେ ଜାଗାଇଅନି ବାରଇ ଆସିନାପାରାସ୍ ।”

**୧୩** ଗାଲିଲିଅନି କେତେ ଲକ୍ ଆସି ପାର୍‌ତନା ଗରେ ବଲି
ଦେଇତେରଇଲାବେଲେ ପିଲାତ୍ ତାର୍ ସଇନମନ୍‌କେ
ପାଟାଇ ଗାଲିଲିଅ ମନ୍‌କେ ମରାଇଲା । ତେଇ ମଲାଲକର୍
ବନି ପୁଜ୍‌ଲା ପସୁର୍ ବନି ସଙ୍ଗ ମିସ୍‌ଲା । ଏ ବିସଇ କେତେଲକ୍
ଆସି ଜିସୁକେ ଜାନାଇଲାଇ । **୨** ତେଇ ଜିସୁ ସେମନ୍‌କେ
କଇଲା, “ଏ ସବୁ କସ୍‌ଟ ପାଇବାକେ, ଏ ଗାଲିଲିୟମନ୍ ବିନ୍
ସବୁ ଗାଲିଲିୟମନର୍ ଟାନେଅନି ଅଦିକ୍ ପାପ୍ କଲାଇ ଆଚତ୍
ବଲି ବାବ୍‌ଲାସ୍‌ନି କି? **୩** ମୁଇ ତମ୍‌କେ କଇଲିନି, ଜେଡେବେଲେ
ଜାକ ପାପେଅନି ମନ୍ ନ ବାଦ୍‌ଲାଆସ୍, ତମେ ସବୁ ଲକ୍
ସେନ୍ତାରି କୁରୁପ୍‌ନାସ୍ ଅଇଜାଇସା । **୪** ନଇଲେ ସିଲଅତେଇ
ରଇଲା ଜନ୍ ଅଟ୍‌ର ଲକର୍ ଉପ୍‌ରେ ବଡ୍ ଗର୍ ଅଦ୍‌ରି ମରିଜାଇ
ରଇଲା, ସେମନ୍ ତେବେ? ତମେ ସେମନ୍‌କେ ଜିରୁସାଲାମର୍
ବିନ୍ ଲକ୍‌ମନର୍ ଟାନେଅନି ଅଦିକ୍ ପାପ୍ କଲାଇ ଆଚତ୍ ବଲି
ବାବ୍‌ଲାସ୍‌ନି କି? **୫** ନାଇ, ମୁଇ ତମ୍‌କେ କଇଲିନି, ପାପେଅନି
ମନ୍ ନ ବାଦ୍‌ଲାଇଲେ ତମେସବୁ ଲକ୍ ସେନ୍ତି କୁରୁପ୍‌ନାସ୍
ଅଇଜାଇସା ।” **୬** ଆରି ଜିସୁ ଏ କାତାନି କଇଲା, ଗଟେକ୍ ଲକର୍
ଅଙ୍କର୍ ବାଡେ ଗଟେକ୍ ଡୁମ୍‌ରି ଗଚ୍ ରପିରଇଲା । ସେ ସାଉକାର୍
ଆସି ତେଇ ପଲ୍ କଜ୍‌ଲା, ମାତର୍ ମିଲେନାଇ । **୭** ସେଟାର୍‌ପାଇ
ସାଉକାର୍ ଅଙ୍କର୍ ବାଡର୍ ଜାଗୁଆଲ୍‌କେ କଇଲା, “ଦେକା, ଏଟା
ତିନ୍ ବରସ୍ ଅଇଲା ମୁଇ ଆସି ଏ ଡୁମ୍‌ରି ଗଚେ ପଲ୍ କଜ୍‌ଲିନି
ମାତର୍ ମିଲାଇ ନାଇ, ଏଟା କାଟି ପାକା । ଏଟା କାଇକେ
ବେକାର୍ ମାଟିକେ ମିସା କାରାପ୍ କର୍‌ସି?” **୮** ମାତର୍ ଜାଗୁଆଲ୍
ସାଉକାର୍‌କେ କଇଲା, “ସାଉକାର୍ ଏଟାକେ ବର୍‌ସେକ୍ ମିସା
ଚାଡିଦେଉଁ, ମୁଇ ଏ ବିତ୍‌ରେ ଗଚର୍ ଚାରିବେଡ୍‌ତି କୁନିକରି କତ୍
ଦେବି, **୯** ତାର୍ ପଚେ ଜଦି ପଲ୍ ଦାର୍‌ଲେତା ନିକ, ନଇଲେ
ତାକେ କାଟି ପାକାଉଁ ।” **୧୦** ତରେକ୍ ଜିସୁ ବିସ୍‌ରାମ୍‌ବାରେ
ଗଟେକ୍ ପାର୍‌ତନା ଗରେ ସିକିଆ ଦେଇତେରଇଲା । **୧୧** ତେଇ
ଗଟେକ୍ ମାଇଜି ରଇଲା । ତାକେ ଡୁମା ଦାରି ଅଟ୍‌ର ବରସ୍ ଜାକ
କୁବ୍‌ଡି ଅଇରଇଲା । ସେ ବିଲ୍‌କୁଲ୍ ସିଦା ଅଇ ଇଣ୍ଡି ନାପାର୍‌ତେ
ରଇଲା । **୧୨** ଜିସୁ ତାକେ ଦେକି ଲଗେ ଡାକି କଇଲା, “ଏ
ନିନି ତକେ ମୁଇ, ଏ କୁବ୍‌ଡି ରଗେଅନି ନିକ କଲିନି ।” **୧୩**
ଜିସୁ ସେ ମାଇଜିର୍ ଉପ୍‌ରେ ଆତ୍ ସଙ୍ଗଇଲା । ସେ ମାଇଜି ସେ
ଦାପ୍‌ରେସେ ସଲକ୍ ଅଇ ପର୍‌ମେସର୍‌କେ ମଇମା କର୍‌ବାର୍

ଲାଗ୍‌ଲା । **୧୪** ଜିସୁ ବିସ୍‌ରାମ୍‌ଦିନେ ସେ ମାଇଜିକେ ନିକ କଲାଟା ଦେକି ଜିଉଦିମନର୍ ପାର୍‌ତନା ଗରର୍ ମୁକିଆ ବେସି ରିସା ଅଇଗାଲାଇ । କାଇକେ ବଇଲେ ଲକ୍‌ମନ୍‌କେ ନିକ କର୍‌ବାଟା ଗଟେକ୍ କାମ୍ ବଲି ଜିଉଦି ଲକ୍‌ମନ୍ ବାବ୍‌ତେ ରଇଲାଇ । ସେଟାର୍ ପାଇ ପାର୍‌ତନା ଗରର୍ ମୁକିଅ କଇଲା, "ଗଟେକ୍ ଆଟେ କାମ୍ କର୍‌ବାକେ ଚଅ ଦିନ୍ ଆଚେ, ସେ ଦିନ୍ ମନ୍‌କେ ତମେ ନିକ ଅଇବାକେ ଆସା । ମାତର୍ ବିସ୍‌ରାମ୍‌ବାରେ ନିକ ଅଇବାକେ କେବେ ମିସା ଆସାନାଇ ।" **୧୫** ମାତର୍ ଜିସୁ ତାକେ ଆରି ତେଇ ରଇଲା ଲକ୍‌ମନ୍‌କେ କଇଲା, "ଏ କୁଟିଆଲ୍‌ମନ୍! ତମେ ତମର୍ ଗରୁମନ୍‌କେ ମେଲି ପାନି କୁଆଇବାକେ ନିଆସ୍ ନାଇ କି? ସେଟା ମିସା ଗଟେକ୍ କାମ୍‌ସେ ।" **୧୬** "ମୁଇ ତାକେ ନିକ କଲି ଆଚି । ଏ ମାଇଜି ଅବ୍ରାଆମର୍ କୁଟୁମର୍ ଲକ୍ । ସଇତାନ୍ ତାକେ ଅଟ୍‌ର ବରସ୍ ଜାକ ଦାରି ରଇଲା । ସେ ମାଇଜି ବିସ୍‌ରାମ୍ ବାରେ ନିକ ଅଇବାଟା ଟିକ୍ ନଏଁ କି?" **୧୭** ଜିସୁ କଇଲା କାତା ସୁନି ତାର୍ ବିରଦି ଲକ୍‌ମନ୍ ଲାଜ୍ ଅଇଲାଇ । ମାତର୍ ବିନ୍ ଲକ୍‌ମନ୍ ସେ କର୍‌ବା ସବୁ କାବାଅଇଜିବା କାମ୍ ଦେକି ସାର୍‌ଦା ଅଇଗାଲାଇ । **୧୮** ତାର୍ ପଚେ ଜିସୁ କଇଲା, "ପର୍‌ମେସରର୍ ରାଇଜ୍ କେନ୍ତାଟା, ଆରି ମୁଇ କାଇଟା ସଙ୍ଗ୍ ସେଟା ସମାନ୍ କର୍‌ବି? **୧୯** ପର୍‌ମେସରର୍ ରାଇଜ୍ ଗଟେକ୍ ବଡ୍ ବର୍ ଗଚର୍ ସାନ୍‌ଟା ମୁଞ୍ଜି ପାରା । ଗଟେକ୍ ଲକ୍ ଗଟେକ୍ ସାନ୍‌ଟା ମୁଞ୍ଜି ରପିଦେଲା । ସେ ମୁଞ୍ଜି ତେଇ ଗାଜା ଅଇ ବଡ୍ ଗଚ୍‌ପାରା ଅଇଲା ଆରି ଚଡଇମନ୍ ଆସି ତାର୍ କେନ୍ଦାଇ ଗୁଡା ବାନ୍ଧଲାଇ ।" **୨୦** ଜିସୁ ଆରି କଇଲା, "ପର୍‌ମେସରର୍ ରାଇଜ୍ କେନ୍ତିଟା ଆରି କାଇଟା ସଙ୍ଗ୍ ସମାନ୍ କରିଅଇସି?" **୨୧** ସେଟା କମିର୍ ପାରା । ଜନ୍‌ଟା କି ଗଟେକ୍ ମାଇଜି ମାନେକ୍ ଗୁଣ୍ଡଟାନେ କଣ୍ଟେକ୍ କମିର୍ ପାକାଇ ଚକଟ୍‌ଲା ଆରି ସାରାସାରି ସେ କମିର୍, ଗୁଲାଇ ଗୁଣ୍ଡ ଆମଟ୍ କରିଦେଲା । **୨୨** ତାର୍ ପଚେ ଜିସୁ ତାର୍ ସିସ୍‌ମନର୍ ସଙ୍ଗ୍ ଜିରୁସାଲମେ ଗାଲାବେଲେ ଗାଉଁମନ୍‌କେ ଆରି ଗଡ୍‌ମନ୍‌କେ ପର୍‌ମେସରର୍ ରାଇଜର୍ ବିସଇ ସିକାଇ ଦେଲା । **୨୩** ସେବେଲେ ଲକ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍ ଜିସୁକେ କଇଲା, "ଏ ମାପ୍‌ରୁ, ଉନା ଲକ୍‌ମନ୍‌ସେ ପାପେ ଅନି ରକିଆ ପାଇବାଇ କି?" ଜିସୁ ସେମନ୍‌କେ କଇଲା, **୨୪** "ଚିପୁଡ୍ଙ୍ଗି ଦୁଆର୍ ବାଟେ ପୁର୍‌ବାକେ ଚେସ୍‌ଟା କରା । କାଇକେ ବଇଲେ ବେସି ଲକ୍‌ମନ୍ ସେ ଚିପୁଡ୍ଙ୍ଗିବାଟ୍‌ଦେଇ ଜିବାକେ ଚେସ୍‌ଟା କର୍‌ବାଇ ମାତର୍ ଜାଇ ନାପାରତ୍ । **୨୫** ମୁଇ ଗଟେକ୍ ଗରର୍ ସାଉକାର୍ ପାରା । ଜେଡେବଲ୍ ସେ ସାଉକାର୍ କାପାଟ୍ ଡାବି ଦେଇସି । ସେଡ୍‌କି ବେଲେ ତମେ ଦୁଆରେ ଟିଆ ଅଇ ରଇସା ଆରି କାପାଟ୍ ଡକ୍ ଡକ୍ କରି ଏ ମାପ୍‌ରୁ ଆମର୍ ପାଇ କାପାଟ୍ ଉଗାଡା! ବଲି ଜୁଆର୍ ବିଆର୍ କର୍‌ସା । ମାତର୍ ସେ କାପାଟ୍ ନ ଉଗାଡି ସେମନ୍‌କେ କଇସି, 'ତମେ କନ୍‌ତିଅନି?' ମୁଇ ତମ୍‌କେ ମୁଲ୍‌କେ ନାଜାନି । **୨୬** ମାତର୍ ତମେ କଇସା 'ଏ ମାପ୍‌ରୁ ଆମେ ତମର୍ ସଙ୍ଗ୍ କାଇପିଇ ଅଇରଇଲୁ, ତୁଇ ଆମର୍ ଦୁଆର୍ ମନ୍‌କେ ସିକିଆ ଦେଇତେରଇଲୁସ୍ ବଲି କଇସା' **୨୭** ଆରି ସେ ତମ୍‌କେ କଇସି, ତମେ କନ୍ ଜାଗାର୍ ଲକ୍‌ମନ୍ ମୁଇ ତମ୍‌କେ ମୁଲ୍‌କେ ନାଜାନି, ଏ କରାପ୍ କାମ୍ କର୍‌ବା ଲକ୍‌ମନ୍, 'ତମେ ସବୁ ମର୍ ମୁଆଟେ ଅନି ଉଟି ଜା ।' **୨୮** ଆରି ସେ ତମ୍‌କେ ପାଟାଇଦେବା ଜାଗାଇଅନି ଅବ୍ରାଆମ୍ ଇସାକ୍, ଜାକୁବ୍, ଆରି ପର୍‌ମେସରର୍ ଟାନେଅନି ଆସି ରଇଲା ବବିସତ୍ ବକ୍‌ତାମନ୍ ରଇବାଟା ଦେକ୍‌ସା । ମାତର୍ ପର୍‌ମେସର୍ ତାର୍ ରାଇଜେ ତମ୍‌କେ ଜାଗା ନ ଦେଏ । ଜେଡେବଲ୍ ଏଟା ଅଇସି, ସେ ବେଲା ସେଟା ଦେକି, ତମେ କାଇକାଇ କାରାପ୍ କାମ୍‌ମନ୍ କରି ରଇଲାସ୍ ସେଟା ସବୁ ଏତାଇ କରି ମାରିଚପିଅଇ କାନ୍ଦ୍‌ସା ଆରି ଦାତ୍ ମୁଣ୍ଡ କାଟ୍‌ରି ଅଇସା । **୨୯** ଆରି ଜିଉଦି ନଇଲା ଲକ୍‌ମନ୍ ଏ ଦୁନିଆର୍ ସବୁ କନ୍ଦିବିକନ୍ଦି ଅନି ଆସି ପର୍‌ମେସରର୍ ରାଇଜେ କାଇବାକେ ବସ୍‌ବାଇ । **୩୦** ଆରି ଦେକା, ସାରାସାରି ରଇଲା ଲକ୍ ଆଗ୍‌ତୁ ଅଇବାଇ ଆରି ଆଗ୍‌ତୁ ରଇବା ଲକ୍‌ମନ୍ ପଚେ ଅଇଜିବାଇ ।" **୩୧** ସେଡ୍‌କିବେଲେ କେତେଟା ପାରୁସି ଲକ୍‌ମନ୍ ଜିସୁର୍ ଲଗେ ଆସି କଇଲାଇ, "ତମେ ଏ ଜାଗା ଚାଡି ଉଟି ଜା, କାଇକେ ବଇଲେ ଏରଦ୍ ତମ୍‌କେ ମରାଇବାକେ ମନ୍ କଲାନି ।" **୩୨** ଜିସୁ ସେମନ୍‌କେ କଇଲା, "ତମେ ଜାଇ ସେ କଲିଆପାରା ଲକ୍‌କେ କୁଆ, ଦେକ୍ ଆଜି ଆରି କାଲି ମୁଇ ଡୁମା ଚାଡାଇଲିନି ଆରି ନିକ କଲିନି । ଆରି ପର୍‌ଦିନ୍‌କେ ମୁଇ ମର୍ କାବା ଅଇଜିବା କାମ୍‌କଲିନି । ପର୍‌ମେସରର୍ ଜଜ୍‌ନାଇ ରଇଲା ବେଲା କେଟ୍‌ବା ଆଗ୍‌ତୁ, ମୁଇ ଏନ୍ତି କାମ୍ କରି ସାରାଇବି । **୩୩** କାଇଟା ମିସା ଅ, ମୁଇ ଆଜି, କାଲିକେ ଆରି ପର୍‌ଦିନ୍‌କେ ଜାଇତେ ରଇବାର୍ ଆଚେ, କାଇକେ ବଇଲେ ପର୍‌ମେସରର୍ ଟାନେଅନି ଆଇଲା ସବୁ ବବିସତ୍‌ବକ୍‌ତାମନ୍‌କେ ଜିରୁସାଲାମେସେ ମରାଇଆଚତ୍ ।" **୩୪** ଜିସୁ କଇଲା, "ଏ ଜିରୁସାଲମର୍ ଲକ୍‌ମନ୍! ପର୍‌ମେସର୍ ତମର୍‌ଟାନେ ଜେଡ୍‌କି ପାଟାଇରଇଲା ବବିସତ୍‌ବକ୍‌ତାମନ୍‌କେ ମାରି ମରାଇଲାସ୍! ଆରି ପେରିତ୍‌ମନ୍‌କେ ତର୍‌କେ ତର୍ ପାକ୍‌ନା ମାରି ମରାଇଲାସ୍ । ତେବେ ତମର୍‌ପାଇ ମର୍ ଲଗେ ଗଟେକ୍ କାତା ଆଚେ । ମାଇ କୁକୁଡା ଜେନ୍ତି ତାର୍ ଟିଅଁମନ୍‌କେ ଡେନା ତଲେ ରୁଣ୍ଡାଇସି, ମୁଇ ସେନ୍ତି କେତେ ତର୍ ତମ୍‌କେ ରକିଆ କର୍‌ବାକେ ମନ୍ କଲି । ମାତର୍ ସେନ୍ତି କର୍‌ବାକେ ତମେ ନ ଦିଆସ୍ । **୩୫** ଦେକା, ତମର୍ ମନ୍ଦିର୍ ଚାଡିଦେଇ ଆଚତ୍ । ସେଟାର୍ ପାଇ ପର୍‌ମେସର୍ ଏବେ ତମ୍‌କେ 'ପାର୍‌ତନା ଗର୍ ଆରି ତମର୍ ଗଡ୍ ନିଜେ ରକିଆ କରା' ବଲି ଚାଡି ଦେଲାଆଚେ । ମୁଇ ତମ୍‌କେ କଇଲିନି, ପର୍‌ମେସର୍ ଜନ୍ ଲକ୍‌କେ ଆସିର୍‌ବାଦ୍ କରି ଆମର୍ ଲଗେ ପାଟାଇଲାଆଚେ ବଲି ମର୍ ବିସଇ ନେଇ, ତମେ ନ କଇବାଜାକ ମକେ ଦେକିନାପାରାସ୍ ।"

**୧୪** ତରେକ୍ ଜିସୁ ବିସ୍‌ରାମ୍‌ବାରେ ବଜି କାଇବାକେ ଗଟେକ୍ ପାରୁସି ନେତାର୍ ଗରେ ଗାଲା । ଆରି ସେମନ୍ ଜିସୁକେ

କାଇଆଲେ ବୁଲ୍ ଦାର୍‌ବାକେ ଆଁକିମରାଇ ଦେକ୍‌ତେ ରଇଲାଇ ।
**୨** ତେଇ ଜିସୁ ତାର୍ ମୁଆଟେ ଗଟେକ୍ ପୁଲାରଗ୍ ଅଇରଇଲା
ଲକ୍‌କେ ଦେକ୍‌ଲା । **୩** ତାର୍ ପଚେ ଜିସୁ ସେ ପାରୁସି ଆରି ମସାର୍
ନିୟମ୍ ସିକାଇଦେବା ଲକ୍‌ମନ୍‌କେ ପାଚାର୍‌ଲା । “ମସାର୍ ନିୟମ୍
ଇସାବେ ବିସ୍‌ରାମ୍‌ବାରେ ଗଟେକ୍ ରଗ୍ ଅଇଲା ଲକ୍‌କେ ନିକ
କର୍‌ବା ବିଦି ଆଚେ କି ନାଇ?” **୪** ମାତର୍ ସେମନ୍ କାଇଟାବଲି
ମିସା ନ କଇ ଚୁପ୍‌ଚାପ୍ ଅଇ ରଇଲାଇ । ସେଟାର୍ ପାଇ ଜିସୁ
ସେ ରଗିକେ ଚିଇଲା ଆରି ନିକ କରି ପାଟାଇ ଦେଲା । **୫**
ତାର୍ ପଚେ ଜିସୁ ସେମନ୍‌କେ ପାଚାର୍‌ଲା, “ବିସ୍‌ରାମ୍‌ବାରେ
ତମର୍ ବିତ୍‌ରେଅନି ଗଟେକ୍ କାର୍‌ଆଲେ ନିଜର୍ ପିଲା ନଇଲେ
ଗଟେକ୍ ଗରୁ କୁଇସାଲେ ଅଦ୍‌ରି ରଇଲେ ତାକେ ଦାପ୍‌ରେ ଜିକି
ନ ଆନାସ୍ କି?” **୬** ଏତର୍ ମିସା ସେମନ୍ ଏ କାତାର୍ ଉତର୍
ଦେଇ ନାପାର୍‌ଲାଇ । **୭** ଆରି ତେଇ କାଇବାର୍ ଆସି ରଇଲା
ଲକ୍‌ମନ୍ ନିଜର୍ ନିଜର୍ ପାଇ ମୁକିଅ ଜାଗା ବାଚି ରଇଲାଇ
। ସେଟା ଜିସୁ ଦେକି କରି ସେମନ୍‌କେ ଏ ଉଦାଅରନ୍ ଦେଇ
କଇଲା, **୮** “ଜେଡେବେଲା ତମ୍‌କେ କାର୍‌ଆଲେ ବିବାଗରେ
ଜିବାକେ ଡାକ୍‌ବାଇ, ସେବେଲା ମୁକିଅ ଲକ୍‌ମନ୍ ବସ୍‌ବା ଜାଗାଇ
ଜାଇ ବସାନାଇ । କାଇକେ ବଇଲେ ସେମନ୍ ତମର୍‌ତେଇଅନି
ବଡ୍ ଲକ୍‌କେ ମିସା ବିବାଟାନେ ଜିବାକେ ଡାକି ରଇବାଇ । **୯**
କେ ତମ୍‌କେ ଆରି ବଡ୍ ଲକ୍‌କେ ଡାକ୍‌ଲା ଆଚେ ସେ ଆସିକରି
ତମ୍‌କେ କଇସି, ‘ଆକେ ଏ ନିକ ଜାଗା ଦେସ୍’ ବଲି । ତେଇ
ତମେ ଉଟି ମୁକିଅ ନଇଲା ଜାଗାଇ ଜାଇ ବସ୍‌ବାର୍ ଆଚେ
। ସେବେଲାଇ ତମ୍‌କେ ବେସି ଲାଜ୍ ଲାଗ୍‌ସି । **୧୦** ମାତର୍
ଜେଡେବଲ୍ ତମ୍‌କେ ଡାକ୍‌ବାଇ, ସେଡ୍‌କିବେଲେ ତମେ ଜାଇ
ମୁକିଅ ନଇଲା ଜାଗାଇ ବସା । ସେବେଲା ତକେ ଡାକ୍‌ଲା ଲକ୍
ଆସି କଇସି, ‘ଏ ମଇତର୍ ତୁଇ କାଇକେ ଇତି ବସିଆଚୁସ୍?
ଆଉ ଏ ନିମାନ୍ ଜାଗାଇ ବସ୍’ । ସେବେଲା ତମର୍ ସଙ୍ଗ୍ ବସ୍‌ଲା
ସବୁ ଲକ୍‌ମନର୍ ମୁଆଟେଅନି ଡାକିନେଇ ନିକ ଜାଗାଇ ବସାଇ
ଦେଇସି । ଆରି ସବୁ ଲକର୍ ମୁଆଟେ ତମେ ସନ୍‌ମାନ୍ ପାଇସା ।
**୧୧** କେ ନିଜ୍‌କେ ବଡ୍ ଲକ୍ ବଲି ବାବ୍‌ଲାନି ତାକେ ପର୍‌ମେସର୍
ସାନ୍ କରାଇସି । ଆରି କେ ନିଜ୍‌କେ ସାନ୍ ଲକ୍ ବଲି ବାବ୍‌ସି
ତାକେ ପର୍‌ମେସର ବଡ୍ କରାଇସି ।” ବଲି କଇଲା । **୧୨**
ତାର୍‌ପଚେ ଜିସୁ ବଜିତେଇ ଡାକ୍‌ଲା ଲକ୍‌କେ କଇଲା, “ତୁଇ
ଲକ୍‌ମନ୍‌କେ ବଜିତେଇ ଡାକ୍‌ବା ବେଲାଇ ତର୍ ମଇତର୍‌ମନ୍‌କେ,
ବାଇମନ୍‌କେ, ନିଜର୍ ଲକ୍‌ମନ୍‌କେ ଆରି ସାଉକାର୍ ଲକ୍‌ମନ୍‌କେ
ଡାକ୍ ନାଇ । କାଇକେବଇଲେ ସେମନ୍ କେଡେବଲ୍ ମିସା ତକେ
ଡାକିକରି ତୁଇ ଦେଲାପାରା ବଜି ବାଉଡାଇ ଦେଇପାରତ୍ । **୧୩**
ତେବେ ତୁଇ ବଜି କଲେ ଗରିବ୍, କାଣା, ଚଟା ଆରି ଚେରେଙ୍ଗ୍‌ରଗି
ଏନ୍ତାରି ଲକ୍‌ମନ୍‌କେ ଡାକି ଦେସ୍ । **୧୪** ସେନ୍ତି କଲେ ପର୍‌ମେସର୍
ତକେ ଆସିର୍‌ବାଦ୍ କର୍‌ସି । କାଇକେ ବଇଲେ ଏନ୍ତାରି ଲକ୍‌ମନ୍
ତୁଇ ଦେଲା ବଜି ବାଉଡାଇ ଦେଇ ନାପାରତ୍ । ପର୍‌ମେସର୍
ଦରମ୍ ଲକ୍‌ମନ୍‌କେ ମଲାଟାନେଅନି ଉଟାଇଲା ବେଲେ ତକେ
ପୁରୁସ୍‌କାର୍ ମିଲ୍‌ସି ।” **୧୫** ଜିସୁ କଇଲା ବିସଇ ସୁନିକରି ତାର୍
ସଙ୍ଗ୍ ବଜିତେଇ କାଇବାକେ ବସି ରଇଲା ଲକ୍‌ମନର୍ ବିତ୍‌ରେଅନି
ଗଟେକ୍ ଲକ୍ କଇଲା, “କେ କେ ପର୍‌ମେସରର୍ ରାଇଜେ ତାର୍
ସଙ୍ଗ୍ ବଜି କାଇବାକେ ବସ୍‌ବାଇ, ସେଟା ତାକର୍ ପାଇ ଗଟେକ୍
ବଡ୍ ଆସିର୍‌ବାଦ୍ ।” **୧୬** ଜିସୁ ସେ ଲକ୍‌କେ କଇଲା, “ତରେକ୍
ଗଟେକ୍ ଲକ୍ ବେସି ବଡ୍ ବଜି କଲା ।” ସେ ବଜିତେଇ ବେସି
ଗତିଆମନ୍‌କେ ଡାକି ରଇଲା । **୧୭** ଆରି ରାନ୍ଧବାଟା ଟିକ୍
ଅଇଲା ପଚେ ସାଉକାର୍ ତାର୍ ଗତିଦାଙ୍ଗ୍‌ଡାକେ ଡାକି କଇଲା,
“ମୁଇ ବଜିର୍ ପାଇ ଡାକ୍‌ଲା ଲକ୍‌କେ ଜାଇ କଅ, କାଇବାଟା
ଅଇଗାଲାବେ କାଇବାକେ ଆସତ୍ ।” **୧୮** ମାତର୍ ଲକ୍‌ମନ୍
ଗଟେକ୍ ରକାମ୍ କଇଲାଇ, “ମକେ କାମ୍ ଆଚେ, ନ ଆସୁ”
ବଲି । ଗଟେକ୍ ଲକ୍ କଇଲା “ମୁଇ ନୁଆ ବେଡା ଗେନ୍‌ଲି ଆଚି
ସେ ବେଡା ଦେକ୍‌ବାକେ ଜିବି । ଆସି ନାପାରି, ଦୟାକରି ତର୍
ସାଉକାର୍‌କେ ଅଲପ୍ କଇଦେସ୍ ।” **୧୯** ଆରି ଗଟେକ୍ ଲକ୍
କଇଲା, “ମୁଇ ପାଁଚ୍‌ମୁଣ୍ଡ ଗରୁ ଗେନ୍‌ଲି ଆଚି, ଗରୁମନ୍‌କେ
କସିକରି ଦେକ୍‌ବାକେ ଗାଲିନି । ଆସିନାପାରି ଦୟାକରି ତର୍
ସାଉକାର୍‌କେ ଅଲପ୍ କଇଦେସ୍ ।” **୨୦** ଆରି ଗଟେକ୍ ଲକ୍
କଇଲା, “ମୁଇ ନୁଆରେ ବିବା ଅଇଆଚି, ତେବେ ମୁଇ ଆସି
ନାପାରି ।” **୨୧** ତାର୍ ପଚେ ସେ ଗତିଦାଙ୍ଗ୍‌ଡା ଆସି ସାଉକାର୍‌କେ
ଏ ସବୁ କାତା ଜାନାଇଲା । ସେଟା ସୁନି ସାଉକାର୍ ବେସି
ରିସାଅଇଜାଇ ତାକେ କଇଲା, “ଦାପ୍‌ରେ ଜାଇକରି ନଅରେ
ଆରି ଗାଉଁ ମନ୍‌କେ ରଇଲା ଗରିବ୍, କାଣା, ଚଟା, ବଇରା ଆରି
ଚେରେଙ୍ଗ୍‌ରଗିମନ୍‌କେ ଇତି ଡାକି ଆନ୍ ।” **୨୨** ସେ ଗତିଦାଙ୍ଗ୍‌ଡା
ଜାଇକରି ସାଉକାର୍ କଇଲାପାରା ଲକ୍‌ମନ୍‌କେ ଆନ୍‌ଲା । ତାର୍
ପଚେ ଗତିଦାଙ୍ଗ୍‌ଡା ତାର୍ ସାଉକାର୍‌କେ କଇଲା, “ଏ ସାଉକାର୍
ତୁଇ କଇଲା ଇସାବେ ମୁଇ ଡାକିଆନ୍‌ଲି । ଏଲେ ମିସା ଆରି
କେତେ ଲକର୍ ପାଇ ଜାଗା ଆଚେ ।” **୨୩** ଆରି ସାଉକାର୍
ସେ ଗତିଦାଙ୍ଗ୍‌ଡାକେ କଇଲା, “ଗଡର୍ ସଡକ୍ ପାଲି ରଇଲା
ଲକ୍‌ମନ୍‌କେ ଆରି ଗାଏଁ ରଇଲା ଗରିବ୍ ଲକ୍‌ମନ୍‌କେ ଜାଇକରି
ଡାକିଆନ୍ । ମର୍ ଗରେ ଲକ୍ ପୁରୁନ୍ ଅଅତ୍ ବଲି ମୁଇ ମନ୍
କଲିନି ।” **୨୪** ତାର୍‌ପଚେ ଜିସୁ କଇଲା, “ମୁଇ ଜନ୍ ଲକ୍‌ମନ୍‌କେ
ପର୍‌ତୁମ୍ ଡାକିରଇଲି, ସେମନ୍ କଣ୍ଡେକ୍ ମିସା ଚାକି ନାପାରତ୍ ।”
**୨୫** ତରେକ୍ ବେସି ଲକ୍‌ମନ୍ ଜିସୁର୍ ସଙ୍ଗ୍ ଜାଇତେ ରଇଲାଇ ।
ଆରି ସେ ପଚ୍‌ବାଟେ ବୁଲିକରି ସେମନ୍‌କେ କଇଲା । **୨୬** “ଜେ
ମର୍ ଲଗେ ଆସିକରି ନିଜର୍ ବାବା, ମାଆ, ମାଇଜି ପିଲା, ବାଇ
ବଇନି ଆରି ନିଜ୍‌କେ ମର୍‌ତେଇଅନି ଅଦିକ୍ ଆଲାଦ୍ କର୍‌ସି, ସେ
ମର୍ ସିସ୍ ଅଇନାପାରେ । **୨୭** ଗଟେକ୍ ଲକ୍ ମର୍ ପଚେ ପଚେ
ଇଣ୍ଡ୍‌ବାର୍‌ଆଲେ, ତାକେ ଦିଆଅଇଲା କୁରୁସ୍ ବଇକରି ନ ଇଣ୍ଡେ
ବଇଲେ, ସେ କେବେ ମର୍ ସିସ୍ ଅଇନାପାରେ । **୨୮** ତମେ ଜଦି
ଗଟେକ୍ ବଡ୍ ଗର୍ ବାନ୍ଧବାକେ ମନ୍ କଲାସ୍‌ନି ବଇଲେ, ବାନ୍ଧବା

ଆଗ୍ତୁ କେତେକ୍ କର୍ଚ ଅଇସି ସେଟା ବସି କରି ଇସାବ୍ କର୍ସା । ଆରି ସେ ଗରର୍ ସବୁ କାମ୍ କରିସାରାଇବାକେ ତମର୍ ଲଗେ ସେତ୍କି ଡାବୁ ଆଚେକି ନାଇ ବଲି ଇସାବ୍ କରିଦେକ୍ସା । **୨୯** ତମେ ଜଦି ଇସାବ୍ କରି ନ ଦେକ୍ଲେ ଗର୍ କାମ୍ ଆରାମ୍ କରି ସାରାଇ ନାପାରାସ୍ । ସେ କାମ୍ କରି ନ ସାରାଇଲେ ତମ୍କେ ଦେକ୍ବା ଲକ୍ମନ୍ ଆଁସିକରି ଲାଜ୍କରି ଦେବାଇ । **୩୦** ସେମନ୍ କଇବାଇ, ଏ ଲକ୍ ବଡ୍ଟା ଗର୍ ବାନ୍ଧବାର୍ ଆରାମ୍ କଲା, ମାତର୍ ସାରାଇବାର୍ ନାପାର୍ଲା ।” **୩୧** ଆରି ଜିସୁ କଇଲା, “ଗଟେକ୍ ରାଜା ଦସ୍ଅଜାର୍ ସନିଅ ଦାରି, କଡେଅଜାର୍ ସନିଅ ରଇଲା ରାଜାସଙ୍ଗ୍ ଜୁଇଦ୍ କର୍ବାର୍ ଆଇଲେ, ପର୍ତୁମ୍ ତାର୍ ସନିଅମନ୍ ସଙ୍ଗ୍ ବସିକରି ତାର୍ ଦସ୍ଅଜାର ସନିଅମନ୍ ସଙ୍ଗ୍ ଜୁଇଦ୍ କଲେ ଜିତି ଅଇସି କି ନାଇ ବଲି ଜଜ୍ନା ନ କରେକି? **୩୨** ଜଦି ସେ ରାଜା ଜିତି ନଏଁ ବଲି ବାବ୍ଲେ ସେମନ୍ ଦୁରିକେ ରଇଲା ବେଲେସେ, ଏ ରାଜା ତାର୍ କେତେଟା ଲକ୍କେ ପାଟାଇ କରି, ଜୁଇଦ୍ ନ କରି ସାନ୍ତିର୍ ରାଜିନାମା କର୍ବାକେ କଇସି । **୩୩** ତମେମିସା ସେନ୍ତାରିସେ ମର୍ ସିସ୍ ଅଇବାକେ ମନ୍ କଲେ ତମର୍ତେଇ ରଇଲା ସବୁଟା ଚାଡିଦେବାକେ ମନ୍ କର୍ବାର୍ ଆଚେ । ନଇଲେ ତମେ ମର୍ ସିସ୍ ଅଇ ନାପାରାସ୍ ।” **୩୪** “ନୁନ୍ ଗଟେକ୍ ବଡିଆ ଦିନ୍ସୁ । ନୁନ୍ ଜଦି ନୁନ୍ ପାରା କରିଆ ନ ଅଇଲେ ସେଟା ଆରିତରେକ୍ କେନ୍ତି ନୁନ୍ପାରା କରିଅଇସି । **୩୫** ସେଟା ମାଟି କି କତ୍ କର୍ବାକେ ମିସା କାମେ ନ ଆସେ । ସେଟା ପିଙ୍ଗି ଦେବାର୍ସେ ଅଇସି । ଜାକେ ସୁନ୍ଲାପାରା କାନ୍ ଆଚେ ସେ ସୁନ ।”

**୧୫** ଦିନେକ୍ ଜିସୁ କଇବା କାତା ସୁନ୍ବାକେ ସିସ୍ତୁ ମାଙ୍ଗବା ଲକ୍ମନ୍ ଆରି ଏନ୍ତି ବେସି ପାପିଲକ୍ମନ୍ ତାର୍ ଲଗେ ଆଇତେ ରଇଲାଇ । **୨** ତେଇ ପାରୁସି ଲକ୍ମନ୍ ଆରି ନିୟମ୍ ସିକାଇ ଦେବା ଲକ୍ମନ୍, ଏଟା ଦେକି ତାର୍ ବିରଦେ ଏନ୍ତି କଇବାର୍ ବସ୍ଲାଇ । “ଏ ଲକ୍କେ ଦେକା, ସେ ପାପି ଲକ୍ମନର୍ ସଙ୍ଗ୍ ମଇତର୍ ପାରା ଅଇ ତାକର୍ ସଙ୍ଗ୍ ମିସ୍ତେ କାଇଲାନି ।” **୩** ସେଟାର୍ ପାଇ ଜିସୁ ସେମନ୍କେ ଏ ଉଦାଅରନ୍ କଇଲା । **୪** “ଜଦି ତମର୍ ବିତ୍ରେ ଗଟେକ୍ ଲକର୍ ସଏଟା ମେଣ୍ଡା ରଇସି ଆରି ସେ ବିତ୍ରେଅନି ଗଟେକ୍ ଆଜିଜାଇସି ବଇଲେ ତମେ କାଇଟା କର୍ସା? ସେ ନବେ ନଅଟା ମେଣ୍ଡାମନ୍କେ ଚାରତ୍ବଲି ଚାଡିଦେଇ, ଆଜିଗାଲା ଗଟେକ୍ ମେଣ୍ଡା ମିଲ୍ବାଜାକ ନ କଜାସ୍ କି? **୫** ଆରି ଜେଡେବଲ୍ ସେ ମେଣ୍ଡା ମିଲାଇସି, ବେସି ସାର୍ଦା ଅଇ ମେଣ୍ଡାକେ କନ୍ଦେ ବଇକରି ଗରେ ଦାରିଆଇସା । **୬** ତମେ ଗରେ କେଟ୍ଲା ପଚେ, ତମର୍ ମଇତର୍ମନ୍କେ ଆରି ଗର୍ ଲଗର୍ ଲକ୍କେ ଡାକିକରି ‘ମର ସଙ୍ଗ୍ ସାର୍ଦା କରା, କାଇକେବଇଲେ ମର୍ ଆଜିଗାଲା ମେଣ୍ଡା ମିଲ୍ଲା’ ବଲି କଇସା । **୭** ସେନ୍ତାରି ମୁଇ ତମ୍କେ କଇଲିନି, ‘ଆମେ ପାପି ଲକ୍ମନ୍ ନଉଁ’ ବଲି ବାବ୍ତେରଇବା ନବେ ନଅଟା ଦରମ୍ ଲକ୍ମନ୍ ରଇଲେମିସା ଗଟେକ୍ ପାପି ଲକ୍ ନିଜେ ‘ମୁଇ ଗଟେକ୍ ପାପି’ ବଲି ଏଡାଇସି । ପଚେ ମନ୍ବାଦ୍ଲାଇ କରି ପର୍ମେସରର୍ ଲଗେ ଆଇସି । ସେ ନବେ ନଅଟା ଦରମ୍ ଲକ୍ମନର୍ତେଇ ଅନି ଏ ଗଟେକ୍ ଲକର୍ ପାଇ ସର୍ଗେ ଅଦିକ୍ ସାର୍ଦା କର୍ବାଇ ।” **୮** ଏ କାତା ସୁନାଇ ଦେବାକେ ଜିସୁ ଆରି ଗଟେକ୍ କାତାନି ସେମନ୍କେ କଇଲା, “ଜଦି ଗଟେକ୍ ମାଇଜିର୍ ଦସ୍ଟା ରୁପାଟାଙ୍ଗା ରଇଲା । ତେଇଅନି ଗଟେକ୍ ଅଦ୍ଲି ଆଜିଗାଲେ ସେ କାଇଟା କର୍ସି? ସେ ବତି ଲାଗାଇ ଗୁଲାଇ ଗର୍ ସେଟା ନ ମିଲ୍ବାଜାକ ବାଡାନ୍ ଚୁଡାନ୍ କରି କଜ୍ସି । **୯** ଆରି ସେଟା ମିଲ୍ଲା ଦାପ୍ରେ ତାର୍ ମଇତର୍ମନ୍କେ ଆରି ଗର୍ ଲଗେ ରଇଲା ଲକ୍ମନ୍କେ କଇସି ‘ତମେ ମର୍ସଙ୍ଗ୍ ସାର୍ଦା କରା, କାଇକେ ବଇଲେ ଆଜିଗାଲା ରୁପାଅଦ୍ଲି ଡାବୁ ମକେ ମିଲ୍ଲା ଆଚେ’ । **୧୦** ମୁଇ ତମ୍କେ କଇଲିନି, ସେନ୍ତିସେ ଗଟେକ୍ ପାପି ଲକ୍ ମାପ୍ରୁର୍ତେଇ ମନ୍ବାଦ୍ଲାଇସି ବଇଲେ, ପର୍ମେସରର୍ ଦୁତ୍ମନ୍ ବେସି ସାର୍ଦା କର୍ବାଇ ।” **୧୧** ଏ କାତା ବୁଜାଇ ଦେବାକେ ଜିସୁ ସେମନ୍କେ ଆରି ଗଟେକ୍ କାତାନି କଇଲା । ଗଟେକ୍ ଲକ୍କେ ଦୁଇଟା ପିଲାମନ୍ ରଇଲାଇ । **୧୨** ଦିନେକ୍ ସାନ୍ ପଅ ତାର୍ ବାବାକେ କଇଲା, “ଏ ବାବା ତର୍ ଦନ୍ ମର୍ବାଗେ ଜେତ୍କି ଅଇସି, ସେଟା ଏବେ ମକେ ଦେଇପାକା ।” ସେଟାର୍ ପାଇ ତାର୍ ବାବା ତାର୍ ଦନ୍ ଦୁଇବାଗ୍ କରି ତାର୍ ପିଲାମନ୍କେ ଦେଲା । **୧୩** ଅଲପ୍ ଦିନ୍ ଗାଲା ପଚେ ସାନ୍ ପିଲା ତାର୍ ବାଗର୍ ସବୁ ଦନ୍ ବିକିଦେଇ ମିଲ୍ଲା ଡାବୁ ଟୁଲିଆଇ ଗଟେକ୍ ଦୁର୍ ଦେସେ ଉଟିଗାଲା । ଆରି ତାର୍ ସବୁ ଡାବୁ ନିଜେ ମନ୍କଲା ଇସାବେ କର୍ଚ କଲା । **୧୪** ତାର୍ଲଗେ ରଇଲା ସବୁ ଡାବୁ ସାରାଇଦେଲା । ପଚେ ସେ ଦେସର୍ ଗୁଲାଇ ବାଟେ ମର୍ଡି ଅଇଲା । ଆରି କାଇଟା ମିସା ଗେନି କାଇବାକେ ତାର୍ଲଗେ ଡାବୁ ନ ରଇଲା । **୧୫** ତେବେ ସେ ଗଡେ ଗଟେକ୍ ଲକର୍ ଗରେ କୁଲି ମିଲ୍ସି କାଇକି ବଲି କାମ୍ କଜ୍ବାର୍ ଗାଲା । ସେ ଲକ୍ ତାକେ ଗୁସ୍ରି ଚାରାଇବା କାମ୍ ଦେଲା । **୧୬** ଆରି ତାକେ ବେସି ବୁକ୍ ଲାଗ୍ତେ ରଇଲା । ତାକେ ଗୁସ୍ରିମନର୍ କାଦି କାଇବାକେ ମନ୍ଲାଗ୍ଲା ମାତର୍ ସେ କାଦି ମିସା ଦେଅତ୍ ନାଇ । **୧୭** ସେବେଲେ ତାକେ ଚେତ୍ନା ଆଇଲାଜେ ସେ ମନେ ମନେ ଏନ୍ତି ବାବ୍ଲା । ମର୍ ବାବାର୍ ଗରେତା କାମ୍ କର୍ବା ଗତିଦାଙ୍ଗଡାମନର୍ କେତେ କାଦି ଉବ୍ରି ଗାଲାନି । ମାତର୍ ମୁଇ ଇତି ବୁକେ ମରିଜିବିବେ । **୧୮** ସେଟାର୍ପାଇ ମୁଇ ଏ ଜାଗା ଚାଡିକରି ମର୍ ବାବାର୍ ଲଗେ ବାଉଡି ଜିବି । ଆରି ତାକେ କଇବି, “ଏ ବାବା ମୁଇ ପର୍ମେସର୍ ଆରି ତର୍ ବିରଦେ ପାପ୍ କରିଆଚି । **୧୯** ମୁଇ ଆରି ତର୍ ପିଲା ଅଇବାର୍ ଅଦିକାର୍ ନାଇ ଆରି ତର୍ ଗତିଦାଙ୍ଗଡାମନର୍ ବିତ୍ରେ ଗଟେକ୍ ଗତିଦାଙ୍ଗଡା ଅଇ ରଇବି” ବଲି କଇବି । **୨୦** ଆରି ସେ ଜାଗା ଚାଡି ବାବାର୍ ଲଗେ ଜିବାକେ ବାରଇଲା । ମାତର୍ ସେ ପିଲା ଦୁରିକେ ରଇଲାବେଲେ ବାବା ତାକେ ଦେକ୍ଲା । ତାକେ ଦେକି ବେସି କଲିକରମ୍ ଅଇ,

ତାର୍ ଲଗେ ପାଲାଇ ଆସି ପାଟାଲିକରି ଚୁମ୍‌ଲା । ୨୧ ସେ
ପିଲା ତାର୍ ବାବାକେ କଇଲା, "ଏ ବାବା ମୁଇ ପର୍‌ମେସରର୍
ବିରଦେ ଆରି ତର୍ ବିରଦେ ପାପ୍ କଲିଆଚି ସେଟାର୍‌ପାଇ ତର୍
ପିଲା ଅଇବାର୍ ମର୍ ଅଦିକାର୍ ନାଇ ।" ୨୨ ମାତର୍ ତାର୍ ବାବା
ନିଜର୍ ଗତିଦାଙ୍ଗଡ଼ାମନ୍‌କେ କଇଲା, "ତମେ ବେଗି ଜାଇକରି
ସବୁର୍‌ଟାନେଅନି ନିମାନ୍ ଚକାପଚିଆ ତାକେ ପିନ୍ଦାଇଦିଆସ୍
। ଆରି ତାର୍ ଆଙ୍ଗୁଟି ମୁନ୍ଦି ପିନ୍ଦାଆ । ତାର୍ ଗଡେ ପାଣ୍ଡଇ
ପିନ୍ଦାଇଦିଆସ୍ ।" ୨୩ ଆରି ତାର୍ ଗତିଦାଙ୍ଗଡ଼ାମନ୍‌କେ କଇଲା,
"ଆମର୍‌ତେଇ ରଇଲା ସବୁର୍‌ଟାନେଅନି ଗଟେକ୍ ଗାଗଡ୍ ରଇବା
ପସୁ ଆନି ମାରା, ଆରି ଆମେ ସାର୍‌ଦା ଅଇକରି ବଜି କରୁ ।
୨୪ କାଇକେ ବଇଲେ ମର୍ ପିଲା ମରିଜାଇରଇଲା, ଆରି ଏବେ
ଜିବନ୍ ଅଇଲା ଆଚେ । ସେ ଆଜିଜାଇ ରଇଲା ଏବେ ମିଲ୍‌ଲା
ଆଚେ ।" ସେଟାର୍‌ପାଇ ସେମନ୍ ବଜି କର୍‌ବାର୍ ବସ୍‌ଲାଇ । ୨୫
ସେ ବେଲା ତାର୍ ବଡ୍ ପଅ ତାସ୍‌ପଦାଇ ରଇଲା । ସେ ବାଉଡି
କରି ଗର୍ ଲଗେ ଆଇବା ବେଲାଇ ବାଜାବାଇଦ୍ କରି ନାଟ୍‌ଗିତ୍
କର୍‌ବାଟା ସୁନ୍‌ଲା । ୨୬ ସେ ଗଟେକ୍ ଗତିଦାଙ୍ଗଡ଼ାକେ ଡାକିକରି
ପାଚାର୍‌ଲା, "ଇତି କାଇଟା ଅଇଲାନି?" ୨୭ ଗତିଦାଙ୍ଗଡ଼ା ତାକେ
କଇଲା, "ତର୍ ବାଇ ଗରେ ବାଉଡି ଆଇଲା ଆଚେ । ଆରି ତର୍
ବାବା, ତର୍ ବାଇ ଜର୍‌ଦୁକା ନ ଅଇ ଜିବନ୍‌ଅଇ ଆଇଲାକେ
ଗଟେକ୍ ଗାଗଡ୍ ପସୁକେ ମାର୍‌ଲା ଆଚେ ।" ୨୮ ଏ କାତା ସୁନି
ବଡ୍ ପଅ ବେସି ରିସା ଅଇଗାଲା । ସେ ଗର୍ ବିତ୍‌ରେ ପୁରେ
ମିସା ନାଇ । ମାତର୍ ତାର୍ ବାବା ବଡ୍ ପଅର୍ ଲଗେ ଜାଇ
ଗରେ ଜିବାକେ ବୁଜାଇବାର୍ ଦାର୍‌ଲା । ୨୯ ମାତର୍ ବଡ୍ ପଅ
ତାର୍ ବାବାକେ କଇଲା, "ଦେକ୍, ମୁଇ ଏତେକ୍ ବରସ୍ ଜାକ
ଗଟେକ୍ ଗତିଦାଙ୍ଗଡ଼ା ପାରା ତର୍ ସେବା କଲିନି ଆରି ତର୍ କାତା
ମାନି କରି ରଇଲି । ତୁଇ ମକେ କାଇଟା ଦେଇଆଚୁସ୍? ମର୍
ମଇତର୍‌ମନର୍ ସଙ୍ଗ୍ ବଜି କରା ବଲି ଗଟେକ୍ ସାନ୍‌ଟା ପସୁ
ମିସା ଦେଉସ୍ ନାଇ । ୩୦ ମାତର୍ ତର୍ ଏ ସାନ୍ ପଅ ସବୁ ଦନ୍
ଦାରିଜାଇ ବେସିଆମନ୍‌କେ ଦେଇ ସାରାଇଦେଲା ଆରି ସେ ଗରେ
ବାଉଡି ଆଇଲାକେ ତୁଇ ତାର୍ ପାଇ ଗଟେକ୍ ଗାଗଡ୍‌ଟା ପସୁକେ
ମାର୍‌ଲୁସ୍!" ୩୧ ସେବେଲେ ତାର୍ ବାବା ବଡ୍ ପଅକେ କଇଲା,
"ଏ ନୁନା ତୁଇତା ସବୁ ବେଲା ମର୍ ସଙ୍ଗ୍ ରଇଲୁସ୍‌ନି ଆରି ମର୍
ଜେତ୍‌କି ଦନ୍ ଆଚେ ସେଟା ସବୁ ତର୍‌ଟାସେ । ୩୨ ମାତର୍ ତର୍
ବାଇ ମରିଜାଇରଇଲା । ଏବେ ସେ ଜିବନ୍ ଅଇଆଚେ ସେ
ଆଜିଜାଇରଇଲା ମାତର୍ ଏବେ ମିଲ୍‌ଲା ଆଚେ । ସେଟାର୍‌ପାଇ
ଆମେ ସାର୍‌ଦା କର୍‌ବାର୍ ରଇଲା ।"

**୧୬** ଜିସୁ ତାର୍ ସିସ୍‌ମନ୍‌କେ ଗଟେକ୍ କାତାନି ବୁଜାଇ କଇଲା
। "ଗଟେକ୍ ସାଉକାର୍ ଲକ୍ ରଇଲା । ତାର୍ ଦନ୍
ଇସାବ୍‌କିତାବ୍ କର୍‌ବାକେ ଗଟେକ୍ ମୁକିଅ ଗତିଦାଙ୍ଗଡ଼ା ରଇଲା ।
ଆରି ସେ ସବୁ ଦନ୍ ଏନେତେନେ କରିଦେଲାନି ବଲି ଗଟେକ୍
ଲକର୍‌ତେଇ ଅନି ସାଉକାର୍ ସୁନ୍‌ଲା ।" ୨ ସେଟାର୍ ପାଇ
ସାଉକାର୍ ମୁକିଅ ଗତିଦାଙ୍ଗଡ଼ାକେ ଡାକି କଇଲା, "ତୁଇ ଟିକ୍
ସଙ୍ଗ୍ ଇସାବ୍‌ପତର୍ କରୁସ୍ ନାଇ ବଲି ମୁଇ ବେସି କାତା ସୁନ୍‌ଲିନି
। ମର୍ ସବୁ ଡାବୁର୍ ଇସାବ୍ ମକେ ଦେ । କାଇକେ ବଇଲେ
ତୁଇ ଆରି ମର ମୁକିଅ ଗତିଦାଙ୍ଗଡ଼ାର୍ କାମେ ନ ରଉସ୍ ।" ୩
ସେବେଲା ସେ ମୁକିଅ ଗତିଦାଙ୍ଗଡ଼ା ମନେ ମନେ ଏତାଇଲା
। ଏବେ ମୁଇ କାଇଟା କର୍‌ବି? ମର୍ ସାଉକାର୍ କାମେ ଅନି
ବାର୍‌କରିଦେବି ବଲି କଇଲା ଆଚେ । ମାଟି ମାର୍‌ବାକେ ମକେ
ବପୁ ନାଇ ଆରି ବିକ୍ ମାଗ୍‌ବି ବଇଲେ ମିସା ଲାଜ୍ ଲାଗ୍‌ଲାନି ।
୪ ମୁଇ କାଇଟା କର୍‌ବାର୍ ଆଚେ ବଲି ଜାନି ଆଚି । ମକେ ଏ
କାମେଅନି ବାର୍ କରିଦେଲା ପଚେ କାଇଟା କଲେ ଲକ୍‌ମନର୍
ଗରେ ମକେ ଡାକି ନିକକରି ଦେକ୍‌ବାଇ ବଲି ବାବ୍‌ଲା । ୫ ତେବେ
ସେ ମୁକିଅ ଗତିଦାଙ୍ଗଡ଼ା ତାର୍ ସାଉକାର୍‌ତେଇଅନି ଉଦାର୍
ନେଲା ସବୁ ଲକ୍‌କେ ଡାକ୍‌ଲା । ପର୍‌ତୁମ୍ ଗଟେକ୍ ଲକ୍‌କେ
ଡାକି ପାଚାର୍‌ଲା, "ତୁଇ ମର୍ ସାଉକାର୍‌କେ କେତେକ୍ ଦେବାର୍
ଆଚେ?" ୬ ସେ ଲକ୍ ତାକେ "ସଏ ଡାବା ଟିକନ୍ ।" ବଲି କଇଲା
। ମୁକିଅ ଗତିଦାଙ୍ଗଡ଼ା ତାକେ କଇଲା, "ତମେ ଉଦାର୍ ନେଲା
ପଟିଲଗେ ଉନା କରି ପଚାସ୍ ଡାବା ବଲି ଲେକିଦେସ୍ ।" ୭ ତାର୍
ପଚେ ସେ ଆରି ଗଟେକ୍ ଲକ୍‌କେ ପାଚାର୍‌ଲା, "ତମେ କେତେକ୍
ଦେବାର୍ ଆଚେ?" ଉଦାର୍ ନେଲା ଲକ୍ କଇଲା, "ଅଜାର୍ ବାସ୍‌ତା
ଦାନ୍ ।" ମୁକିଅ ଗତିଦାଙ୍ଗଡ଼ା ତାକେ କଇଲା "ତୁଇ ଉଦାର୍ ନେଲା
ପଟିତେଇ ଉନାକରି ଆଟ୍ ସଅ ବାସ୍‌ତା ବଲି ଲେକିଦେସ୍ ।" ୮
ଏଟାର୍ ପାଇ ସେ ମିଚୁଆ ମୁକିଅ ଗତିଦାଙ୍ଗଡ଼ାକେ ତାର୍ ସାଉକାର୍
କଇଲା, "ତୁଇ ବେସି ଚାଲାକି ଅଇକରି ଏନ୍ତି କାମ୍ କରିଆଚୁସ୍ ।
କାଇକେ ବଇଲେ ଏ ଦୁନିଆର୍ ଲକ୍‌ମନ୍ ନିଜର୍ କାମ୍ କର୍‌ବାକେ
ପର୍‌ମେସରର୍ ଲକ୍‌ମନର୍ ଟାନେଅନି ଅଦିକ୍ ଚାଲାକି ।" (aiōn
g165) ୯ ଆରି ଜିସୁ କଇଲା, "ସେଟାର୍ ପାଇ ମୁଇ ତମ୍‌କେ
କଇଲିନି, ଲକ୍‌ମନ୍‌କେ ଏ ଦୁନିଆର୍ ଦନ୍ ଦେଇ କରି ନିଜର୍
ନିଜର୍ ପାଇ ମଇତର୍ କରା । ସେନ୍ତାରି କଲେ ଜେତେବେଲ୍ ତମର୍
ଦୁନିଆର୍ ଦନ୍ ସାରିଜାଇସି, ପର୍‌ମେସର୍ ତମ୍‌କେ କାଲ୍‌କାଲ୍
ଜୁଗ୍‌ଜୁଗ୍ ରଇବା ଗରେ ଡାକି ନେଇସି । (aiōnios g166) ୧୦
କେ ସାନ୍ ବିସଇ ସତ୍‌ସଙ୍ଗ୍ କର୍‌ସି, ସେ ବଡ୍ ବିସଇ ସତ୍‌ସଙ୍ଗ୍
କର୍‌ସି । ସେନ୍ତାର୍‌ସେ କେ ସାନ୍ ବିସଇ ନେଇକରି ସତ୍ କାମ୍
ନ କରେ ସେ ବଡ୍ ବିସଇତେଇ ମିସା ସତ୍ କାମ୍ ନ କରେ
। ୧୧ ପର୍‌ମେସର୍ ତମ୍‌କେ ଏ ଦୁନିଆଇ ଦେଲା ଡାବୁ ଆରି
ଦନର୍ ବିସଇ ସତଇସେ ନ କରାସ୍ ବଇଲେ ସରଗର୍ ଦନ୍
ତମ୍‌କେ ମିଲ୍‌ବାକେ ନ ଦେଏ । ୧୨ ତମେ ବିନ୍ ଲକ୍‌ମନର୍ ଦନ୍
ସତ୍‌ବାବେ ନ ସଙ୍ଗ୍‌ଇଲେ ନିଜର୍ ଦନ୍ କେ ତମ୍‌କେ ଦେଇସି? ୧୩
ଗଟେକ୍ ଗତିଦାଙ୍ଗଡ଼ା ଦୁଇଟା ସାଉକାରର୍ ଦାଇତ୍ ସମାନ୍ ବାବେ
କରିନାପାରେ । କାଇକେବଇଲେ ସେ ଗଟେକ୍ ସାଉକାର୍‌କେ
ଆଲାଦ୍ କର୍‌ସି ଆରି ଗଟେକ୍ ସାଉକାର୍‌କେ ଗିନ୍ କର୍‌ସି ।
ଗଟେକ୍ ସାଉକାର୍‌କେ ନାମ୍‌ସି ଆରି ଗଟେକ୍‌କେ ନ ନାମେ ।

ସେନ୍ତାର୍‌ସେ ଗଟେକ୍ ଲକ୍ ଏକାତରେକ୍ ଏ ଦୁନିଆର୍ ଦନ୍ ଆରି
ପର୍‌ମେସର୍‌କେ ସମାନ୍‌ବାବେ ସେବା କରିନାପାରେ ।” **୧୪**
ପାରୁସି ଦଲର୍ ଲକ୍‌ମନ୍ ଏ ସବୁ କାତା ସୁନି ଜିସୁକେ ଟାପ୍‌ରା
କଲାଇ, କାଇକେ ବଇଲେ ଡାବୁ ଆକା ସେମନର୍ ଜିବର୍ ଦନ୍
ବଲି ବାବ୍‌ତେ ରଇଲାଇ । **୧୫** ଜିସୁ ସେମନ୍‌କେ କଇଲା, “ତମେ
ଲକର୍ ମୁଆଟେ ନିକ ବଲି ଦେକାଇ ଅଇଲାସ୍‌ନି । ମାତର୍ ତମର୍
ମନ୍‌ବିତ୍‌ରେ କାଇଟା ଆଚେ ସେଟା ପର୍‌ମେସର୍ ଜାନିଆଚେ ।
ଜନ୍ ଦିନ୍‌ସୁ ଲକ୍‌ମନ୍ ବେସି ମୁଲିଅ ବଲି ବାବ୍‌ଲାଇନି ସେଟା
ପର୍‌ମେସର୍ ଦେକ୍‌ବା ଇସାବେ ବେସି ଗିନର୍ ବିସଇ ।” **୧୬**
“ଡୁବନ୍ ଦେଉ ଜଅନ୍ ଆସି ନିକ କାତା କଇବାଟା ଆରାମ୍
କର୍‌ବା ଜାକ, ମସାର୍ ନିୟମ୍ ଆରି ବବିସତ୍‌ବକ୍‌ତାମନର୍
କାତା ତମ୍‌କେ କାଡାଇ ନେଇତେ ରଇଲା । ଜଅନ୍ ଆଇଲା
ପଚେ, ପର୍‌ମେସରର୍ ରାଇଜର୍ ସୁବ୍ କବର୍ ଜାନାଇଲାଇନି
। ଆରି ନିଜର୍ ବପୁସଙ୍ଗ ପର୍‌ମେସରର୍ ରାଇଜେ ଜିବାକେ
ବେସି ଲକ୍‌ମନ୍ ଚେସ୍‌ଟା କଲାଇନି । **୧୭** ସରଗ୍ ଆରି ଦୁନିଆ
ନସିଗାଲେ ମିସା ନିୟମେ ଲେକା ଅଇରଇଲାଟା ଗଟେକ୍ ମିସା
ଅଇକର୍ ନ ନସେ ।” **୧୮** “କେମିସା ନିଜର୍ ମାଇଜିକେ ଚାଡି
ବିନ୍‌ଟା ଆନ୍‌ଲେ, ସେ ଦାଙ୍ଗଡିସଙ୍ଗ ବେସିଆ କାମ୍ କଲା ଲକ୍
ଅଇଜାଇସି । ଆରି କେ, ସେ ଚାଡ୍‌ଲା ଦାଙ୍ଗଡିକେ ବିବା ଅଇସି
ବଇଲେ ସେ ମିସା ଦାଙ୍ଗଡିସଙ୍ଗ ବେସିଆ କାମ୍ କଲା ଆଚେ ।”
ବଲି କଇଲା । **୧୯** ଜିସୁ ସେମନ୍‌କେ ଗଟେକ୍ କାତାନି ବୁଜାଇକରି
କଇଲା, “ଗଟେକ୍ ସାଉକାର୍ ଲକ୍ ରଇଲା । ସେ ଲଚେକ୍ ମଲ୍
ଦେଇ ଗେନ୍‌ଲା ନିକ ନିକ ଚକା ପଚିଆ ପିନ୍ଦିତେ ରଇଲା ।
ସେ ସବୁଦିନ୍ ବଜି କରି ନିଜେ ସାର୍‌ଦା ଅଇତେରଇଲା । **୨୦**
ତେଇ ଲାଜାର୍ ନାଉଁର୍ ଅର୍‌କିତ୍ ଲକ୍ ଗଟେକ୍ ରଇଲା । ତାର୍
ଗୁଲାଇ ଗାଗଡ୍ ଗାଉ ଅଇରଇଲା । ତାକେ ଆନିକରି ସାଉକାରର୍
କାପାଟ୍ ଲଗେ ଡୁଲାଇତେ ରଇଲାଇ । **୨୧** ତେଇ ରଇ,
ସେ ସାଉକାରର୍ ତାଲିଅନି ଅଦର୍‌ଲା ସକ୍‌ଡି ବାତ୍‌ସିତା ବେଟି
କାଇବାକେ ମନ୍ କର୍‌ତେ ରଇଲା । କୁକୁର୍‌ମନ୍ ତାର୍ ଗାଗ୍‌ଡର୍
ଗାଉ ଚାଟ୍‌ତେ ରଇଲାଇ ।” **୨୨** କେତେ ଦିନ୍ ଗାଲାପଚେ ସେ
ଅର୍‌କିତ୍ ଲକ୍ ମରିଗାଲା । ଆରି ପର୍‌ମେସରର୍ ଦୁତ୍‌ମନ୍ ଆସି
ତାକେ ସରଗ୍‌ପୁରର୍ ବଜିତେଇ ଅବ୍‌ରାଆମର୍ ଲଗେ ବସ୍‌ବାକେ
ଦାରି ଗାଲାଇ । ଆରି କେତେ ଦିନ୍ ଗାଲାପଚେ ସେ ସାଉକାର୍
ମିସା ମରିଗାଲା । ତାକେ ନେଇ ତପିଦେଲାଇ । **୨୩** ଆରି ସେ
ନରକ୍ କୁଣ୍ଡେ ଗାଲା । ତେଇ ସେ ବେସି କସ୍‌ଟ ପାଇବାବେଲା
ଉପ୍‌ରେ ସରଗ୍‌ପୁରେ ଦେକ୍‌ଲେ ଲାଜାର୍ ଅବ୍‌ରାଆମର୍ ଲଗେ
ବସି ଆଚେ । **(Hadēs g86)** **୨୪** ସେ ଆଉଲି ଅଇ କଇଲା, “ଏ
ବାବା ଅବ୍‌ରାଆମ୍, ମକେ ଦୟା କର୍ । ଲାଜାର୍‌କେ ମର ଲଗେ
ପାଟାଇଦେସ୍ । ସେ ଆସିକରି ନିଜର୍ ଆଙ୍ଗୁଟି ସଙ୍ଗ ପାନି ଦେଇ,
ମର୍ ଜିବ୍ କାକର୍ କର । କାଇକେ ବଇଲେ ମୁଇ ଏ ନରକ୍‌ପୁରର୍
ଜଇଲଗେ ବେସି କସ୍‌ଟ ପାଇଲିନି ।” **୨୫** ମାତର୍ ଅବ୍‌ରାଆମ୍
କଇଲା, “ବାବୁରେ, ତୁଇ ଜିବନ୍ ରଇଲାବେଲାର୍ କାତା ମନେ
ଏତାଇ ଦେକ୍ । ତର୍ ଜିବ୍‌ନେ ସବୁ ନିମାନ୍ ବିସଇ ପାଇରଇଲୁସ୍
। ଆରି ଲାଜାର୍ ସବୁ କାରାପ୍ ବିସଇ ପାଇଲା । ମାତର୍ ସେ
ଏବେ ଏ ଜାଗାଇ ସାର୍‌ଦାଅଇ ଆଚେ । ଆରି ତୁଇ ବେସି କସ୍‌ଟ
ପାଇଲୁସ୍‌ନି । **୨୬** ଆରି ଗଟେକ୍ ବିସଇ ଅଇଲାନି, ତର୍ ଆମର୍
ମଜାଇ ଗଟେକ୍ ବଡେଟା ପାଗଡ୍ ଆଚେ । ଇତିର୍ ଲକ୍ ସିତି
ଜାଇ ନଏଁ ଆରି ସିତିର୍ ଲକ୍ ଇତି ଆସି ନଏଁ” ବଲି କଇଲା । **୨୭**
ସେ ବେଲା ସେ ସାଉକାର୍ କଇଲା, “ଏ ବାବା ଏନ୍ତି ବଇଲେ ମୁଇ
ତକେ ବାବୁଜିଆ କଲିନି ଲାଜାର୍‌କେ ଦୟାକରି ମର୍ ବାବାର୍
ଗରେ ପାଟାଇଦେସ୍ । **୨୮** କାଇକେ ବଇଲେ ତେଇ ମର୍ ପାଁଚ୍‌ଟା
ବାଇମନ୍ ଆଚତ୍ । ଲାଜାର୍ ଜାଇ ସେମନ୍‌କେ ଜାଗ୍‌ରତ୍ କରାଅ
। ସେମନ୍ ସେ କାତା ସୁନି ପାପେଅନି ମନ୍ ବାଦ୍‌ଲାଅତ୍ ।
ସେମନ୍ ମଲେ ମୁଇ ଏବେ ବେସି କସ୍‌ଟ ପାଇବା ଏ ଜାଗାଇ
ନ ଆସତ୍” ବଲି କଇଲା । **୨୯** ମାତର୍ ଅବ୍‌ରାଆମ୍ ତାକେ
କଇଲା, “ସେମନ୍ ଜାଗ୍‌ରତ୍ ଅଇ ରଇବାକେ ମସାର୍ ନିୟମ୍
ଆରି ବବିସତ୍‌ବକ୍‌ତାମନ୍ କଇଲା କାତା ସବୁ ତାକର୍ ଲଗେ
ଆଚେ । ସେଟା ସେମନ୍ ପଡିକରି ସିକତ୍ ।” ବଲି କଇଲା । **୩୦**
ଆରି ସେ ସାଉକାର୍ ଅବ୍‌ରାଆମ୍‌କ କଇଲା, “ସେତ୍‌କି ନଏଁ
ବାବା, ମଲାଟାନେଅନି ଉଟିକରି ଗଟେକ୍ ଲକ୍ ଜାଇ କଇଲେ
ସେମନ୍ ବିସ୍‌ବାସ୍ କରି ପାପେଅନି ମନ୍ ବାଉଡାଇବାଇ ।”
ବଲି କଇଲା । **୩୧** ଅବ୍‌ରାମ୍ ତାକେ କଇଲା, “ତର୍ ବାଇମନ୍
ମସାର୍ ଆରି ବବିସତ୍‌ବକ୍‌ତାମନର୍ କାତା ନ ସୁନତ୍ ବଇଲେ
ମଲାଟାନେଅନି ଉଟିକରି ଗଟେକ୍ ଲକ୍ ଜାଇ କଇଲେ ମିସା
ସେମନ୍ ନ ମାନତ୍ ।”

**୧୭** ଦିନେକ୍ ଜିସୁ ତାର୍ ସିସ୍‌ମନ୍‌କେ କଇଲା, “ଏ ଦୁନିଆଇ
ସବୁ ବେଲା ଲକ୍‌ମନ୍‌କେ ପାପ୍ କରାଇବାକେ କାଇଆଲେ
ପରିକା ଆଇସି । ମାତର୍ ଜନ୍ ଲକ୍ ଏନ୍ତି ବିନ୍ ଲକ୍‌କେ ପାପ୍
କରାଇସି, ସେମନ୍‌କେ କେତେକ୍ କସ୍‌ଟର୍ ଦସା ଅଇସି ।
କାଇକେବଇଲେ ପର୍‌ମେସର୍ ସେମନ୍‌କେ ବେସି ବଡ୍ ଡଣ୍ଡ
ଦେଇସି । **୨** ସେନ୍ତାରି ଲକ୍, ଦରମ୍ ଲକ୍‌ମନ୍‌କେ ପାପ୍‌କରାଇବା
ବାଦୁଲେ ଗାଲାଇ ଗଟେକ୍ ବଡ୍‌ଟା ଜତା ପାକ୍‌ନା ବାନ୍ଦିକରି ଡେଙ୍ଗ
ପାନିତେଇ ପିଙ୍ଗି ଦେବାପାରା ଡଣ୍ଡ ତାର୍‌ପାଇ ନିକ ଅଇତା ।
**୩** ତେବର୍‌ପାଇ ତମର୍ ଚଲାଚଲ୍‌ତିତେଇ ବେସି ଜାଗ୍‌ରତ୍‌ଅଇ
ରୁଆ । ଜଦି ତମର୍ ବାଇ କି ବଇନି ପାପ୍ କଲେ, ସେଟା ନିକ
କାମ୍ ନଏଁ ବଲି ଟିକ୍ କରା । ଆରି ସେ କରିରଇବା ବୁଲ୍ ଏତାଇ
କରି ମନ୍ ବାଦ୍‌ଲାଇସି ବଇଲେ, ତାକେ କେମା ଦିଆସ୍ । **୪** ଜଦି
ସେ ଗଟେକ୍ ଦିନେ ସାତ୍‌ପାଲି ଜାକ ତମର୍ ବିରଦେ ପାପ୍ କରି,
ପଚେ ନିଜର୍ ବୁଲ୍ କଲାଟା ଏତାଇ ମନ୍ ବାଦ୍‌ଲାଇକରି ତମର୍
ତେଇ ଆସି ଜେତେପାଲି କେମା ମାଗ୍‌ଲେ, ସେତ୍‌କିପାଲି ତାକେ
କେମା ଦିଆସ୍ ।” **୫** ଆରି ପେରିତ୍‌ମନ୍ ଜିସୁକେ କଇଲାଇ,
“ଆମର୍ ବିସ୍‌ବାସ୍ ଅଦିକ୍ କରିଦିଆସ୍ ।” **୬** ଜିସୁ ସେମନ୍‌କେ

କଇଲା, "ଗଟେକ୍ ସର୍ସୁ ମୁଞ୍ଜି ପାରା ତମର୍ ବିସ୍‌ବାସ୍ ରଇସି
ବଇଲେ ତମେ ବଡ୍ ଗଚ୍‌କେ ଜିକିଅଇ ସମ୍‌ଦୁରେ ଜାଇ ରପିଅ
ବଲି କଇଲେ ସେ ଗଚ୍ ତମର୍ କାତା ମାନ୍‌ସି ।" **୭** "ଜଦି
ତୁଇ ଗଟେକ୍ ସାଉକାର୍ ଅଇରଇସୁ ବଇଲେ ତର୍ ଗତିଦାଙ୍ଗ୍‌ଡା
କସ୍‌ବାଟାନେଅନି ନଇଲେ ଗରୁଚାରାଇବାଟାନେଅନି ଆସି ତାର୍
ନିଜର୍ କାମ୍ ନ ସାରାଇବା ଆଗ୍‌ତୁ ତୁଇ ତାକେ 'କାଇବାକେ
ବସ୍‌ବେ', ବଲି କଇସୁ କି? ନାଇ, ସେନ୍ତି ନ କଉସ୍ । **୮**
ମାତର୍ ସେ ନିଜର୍ କାଦି କାଇବା ଆଗ୍‌ତୁ ତର୍‌ପାଇ ରାନ୍ଧି ନ
ଦେବା ଜାକ, ତୁଇ ତାକେ କାଇବାକେ ନ ଦେଉସ୍ । **୯** ଆରି
ତୁଇ ସେ ଗତିଦାଙ୍ଗ୍‌ଡାକେ 'ସବୁ କାମ୍ କରି ସାରାଇଲୁସ୍!' ବଲି
ଦନିଅବାଦ୍ ଦେଇସୁ କି? ନାଇ ନ ଦେଉସ୍ । **୧୦** ସେନ୍ତାରି
ତମ୍‌କେ କଇରଇଲା ସବୁ ବିସଇ କରିସାରାଇଲା ପଚେ ତମେ
କଇବାର୍ ଆଚେ । ଆମେ ଅବ୍‌କା ଗତିଦାଙ୍ଗ୍‌ଡାମନ୍, ଆମର୍
ଜେତ୍‌କି କର୍‌ବାର୍ ରଇଲା, ସେତ୍‌କିସେ ଆମେ କରିଆଚୁ ।"
**୧୧** ଜିସୁ ତାର୍ ସିସ୍‌ମନର୍ ସଙ୍ଗ୍ ଜିରୁସାଲମେ ଜିବା ବେଲେ
ସେ ଗାଲିଲି ଆରି ସମିରଣ ଜିଲାର୍ ମଜାଇ କେଟ୍‌ଲା । **୧୨**
ଆରି ସେ ଗାଉଁ ବିତ୍‌ରେ ପୁର୍‌ବା ବେଲେ ବଡ୍‌ରଗ୍ ଅଇରଇଲା
ଦସ୍‌ଟା ଲକ୍‌ମନ୍ ତାକେ ଦୁରିକେଅନି ଦେକ୍‌ଲାଇ । ସେମନର୍
ନିୟମେ ବଡ୍‌ରଗ୍ ରଇଲା ଲକ୍‌ମନ୍, ବିନ୍ ଲକ୍‌ମନର୍ ଲଗେ
ଆସି ନାପାରତ୍ । ସେଟାର୍ ପାଇ ସେମନ୍ ଜିସୁର୍ ଲଗେ ନ ଆସି
ଦୁରିକେ ରଇକରି, **୧୩** ବେସି ଆଉଲିଅଇ କଇଲାଇ, "ଜିସୁ! ଏ
ଗୁରୁ! ଆମ୍‌କେ ଦୟାକରା ।" **୧୪** ଜିସୁ ସେମନ୍‌କେ ଦେକି କରି
କଇଲା, "ତମେ ଜାଇକରି ପର୍‌ମେସରର୍ ପୁଜାରିମନ୍‌କେ ତମର୍
ଗାଗଡ୍ ଦେକାଆ । ତମେ ନିମାନ୍ ଅଇଲାସ୍ କି ନାଇ ବଲି ସେମନ୍
ଦେକତ୍ ।" ପଚେ ସେ ଦସ୍ ଲକ୍ ପର୍‌ମେସରର୍ ପୁଜାରିମନର୍
ଲଗେ ଜିବା ବେଲେ, ବାଟେ ନିମାନ୍ ଅଇଗାଲାଇ । **୧୫** ଏଦେ
ଦେକା! ସେମନର୍ ବିତ୍‌ରେଅନି ଗଟେକ୍ ଲକ୍ ନିଜର୍ ଗାଗଡ୍
ନିମାନ୍ ଅଇଲାଟା ଦେକି, ଜିସୁର୍ ଲଗେ ବାଉଡି ଆଇଲା । ଆରି
ସେ ବେସି ଆଉଲି ଅଇ ପର୍‌ମେସରର୍ ଡାକ୍‌ପୁଟା କଲା । **୧୬**
ସେ ପାଲାଇ ଆସି ଜିସୁର୍ ପାଦେ ଅଦର୍‌ଲା "ତମେ ମକେ ନିମାନ୍
କରିଆଚାସ୍" ବଲି ଦନିଅବାଦ୍ କଲା । ସେ ଜିଉଦି ଲକ୍ ନଏଁ ।
ସେ ସମିରଣିୟ ବଲି ଗଟେକ୍ ଜାଗାର୍ ଲକ୍ । **୧୭** ଜିସୁ ତାକେ
କଇଲା, "ମୁଇତା ଦସ୍‌ଲକ୍‌କେ ନିମାନ୍ କରି ରଇଲି । ତକେ
ଗଟେକ୍ ଲକ୍‌କେ ଚାଡି ଆରି ନଅ ଲକ୍ କେନେ ଗାଲାଇ? **୧୮**
ନିମାନ୍ ଅଇଲା ପଚେ ବାଉଡି ଆସି ପର୍‌ମେସର୍‌କେ ଦନିଅବାଦ୍
କର୍‌ବାକେ ଏ ଗଟେକ୍ ସମିରଣିୟ ଲକ୍‌ସେ ରଇଲା କି?" **୧୯**
ତାର୍ ପଚେ ଜିସୁ ତାକେ କଇଲା, "ତୁଇ ଏବେ ଉଟ୍ ଆରି ଜାଆ,
କାଇକେ ବଇଲେ ମୁଇ ତକେ ନିମାନ୍ କରିପାର୍‌ବି ବଲି ବିସ୍‌ବାସ୍
କରିରଇଲୁସ୍ ।" **୨୦** କେତେଟା ପାରୁସି ଲକ୍‌ମନ୍ ଜିସୁକେ
"କେବେଅନି ପର୍‌ମେସର୍ ଲକ୍‌ମନ୍‌କେ ସାସନ୍ କର୍‌ସି?" ବଲି
ପାଚାର୍‌ଲାଇ । ଜିସୁ ସେମନ୍‌କେ କଇଲା, "ପର୍‌ମେସର୍ କେନ୍ତି
ସାସନ୍ କର୍‌ସି, ସେ ରାଇଜ୍ ତମର ଆଁକିତେଇ ନ ଡିସେ ।
**୨୧** ଆରି ପର୍‌ମେସର୍ ଇତି ସାସନ୍ କଲାନି ନଇଲେ ସିତି
ସାସନ୍ କଲାନି ବଲି କଇବାର୍ ନାପାରାସ୍ । କାଇକେ ବଇଲେ,
ଲକ୍‌ମନର୍ ମନ୍ ବିତ୍‌ରେ ପର୍‌ମେସର୍ ସାସନ୍ କର୍‌ସି ।" **୨୨**
ପଚେ ତାର୍ ସିସ୍‌ମନ୍‌କେ କଇଲା, ଏନ୍ତି ବେଲା ଆଇସି ତମେ
ପର୍‌ମେସର୍‌ଟାନେଅନି ଆଇଲା ନର୍‌ପିଲା ମର୍‌ସଙ୍ଗ୍ ଗଟେକ୍ ଦିନ୍
ରଇବାକେ ବେସି ମନ୍ କର୍‌ସା । ମାତର୍ ସେବେଲା ମକେ ଦେକି
ନାପାରାସ୍ **୨୩** ଲକ୍‌ମନ୍ ତମ୍‌କେ କଇବାଇ, ପର୍‌ମେସରର୍
ଟାନେଅନି ଆଇଲା ନର୍‌ପିଲା ଇତି ଆଚେ ସିତି ଆଚେ ବଲି
। ତମେ ସେଟା ଦେକ୍‌ବାକେ ନ ଜାଆ । ତମେ କନ୍ତି ଆଚାସ୍
ତେଇସେ ରୁଆ । **୨୪** କାଇକେବଇଲେ ପର୍‌ମେସରର୍ ଟାନେଅନି
ଆଇଲା ନର୍‌ପିଲା ମୁଇ, ବାଉଡ୍‌ବାଟା ତମେ ଦେକ୍‌ସା । ସେଟା
କେନ୍ତାର୍ ବଇଲେ, ଆକାସେ ଜେନ୍ତି ଗଟେକ୍ ବାଟେଅନି ଆରି
ଗଟେକ୍ ବାଟେ ବିଜ୍‌ଲି ମାରିକରି ଗୁଲାଇ ଆକାସ୍ ଉଜଲ୍ ଅଇସି,
ସେନ୍ତାରିସେ ସବୁ ଲକ୍‌ମନ୍ ଦେକିଅଇସି । **୨୫** ମାତର୍ ସେଟା
ଅଇବା ଆଗ୍‌ତୁ ପର୍‌ମେସରର୍ ଟାନେଅନି ଆଇଲା ନର୍‌ପିଲା
ମୁଇ ବେସି ଦୁକ୍ କସ୍‌ଟ ପାଇବାର୍ ଆଚେ । ଆରି ମର୍ ସବୁ
କାମ୍ ଦେକ୍‌ଲା ଲକ୍‌ମନ୍ ମକେ ନ ନାମତ୍ । **୨୬** ନଅ ରଇଲା
ବେଲା ଲକ୍‌ମନ୍ ଜେନ୍ତାରି ରଇଲାଇ ସେନ୍ତାରିସେ ପର୍‌ମେସରର୍
ଟାନେଅନି ଆଇଲା ନର୍‌ପିଲା ମୁଇ ବାଉଡି ଆଇବାବେଲେ
ଲକ୍‌ମନ୍ ରଇବାଇ । **୨୭** ସେବେଲାଇ ନଅ ବଡେଟା ପାନିଜାଜେ
ପୁର୍‌ବା ଦିନ୍ ଜାକ ଲକ୍‌ମନ୍ ଅବ୍‌କାସେ ରଇଲାଇ । ସେମନ୍
ବଜି କର୍‌ବାର୍, ଦାଙ୍ଗ୍‌ଡି ଆନ୍‌ବାର୍, ଆରି ଦାଙ୍ଗ୍‌ଡି ଦେବାର୍
କର୍‌ତେ ରଇଲାଇ । ପଚେ ବେସି ପାନିଅଇ ସବୁ ଡାବିଅଇଲା ।
ନଅ ଆରି ତାର୍ କୁଟୁମର୍ ଲକ୍‌କେ ଚାଡି ସବୁ ଲକ୍‌କେ ପାନି
ବୁଡାଇ ପାକାଇଲାଇ । **୨୮** ଲତ୍ ନାଉଁର୍ ଗଟେକ୍ ଲକର୍
ବେଲେ ମିସା ସେନ୍ତାର୍ ପାରା ଅଇରଇଲା । ଲକ୍‌ମନ୍ ସବୁ
ଦିନର୍ ପାରାସେ କାଆ ପିଇ, ବିକାବିକ୍‌ରି, ଗଚ୍‌ରପା ଆରି
ଗର୍‌ବାନ୍ଧାତେଇ ଲାଗିରଇଲାଇ । **୨୯** ମାତର୍ ଲତ୍ ସଦମ୍ ନାଉଁର୍
ଗଡେଅନି ବାରଇକରି ଜିବା ଦିନେ ସେ ବାଦ୍‌ଲେଅନି ଜଇ ଆରି
ଗନ୍ଧଗୁଲା ଆସି ଲତ୍ ଆରି ତାର୍ କୁଟୁମର୍ ଲକ୍‌କେ ଚାଡି ସେ
ଗଡର୍ ସବୁ ଲକ୍‌କେ ମରାଇ ଦେଲା । **୩୦** ପର୍‌ମେସରର୍
ଟାନେଅନି ଆଇଲା ନର୍‌ପିଲା ମୁଇ ବାଉଡି ଆଇବା ଦିନେ ମିସା
ସେନ୍ତାରିସେ ଅଇସି । **୩୧** "ସେ ଦିନେ ନିଜର୍ ଗର୍ ଉପ୍‌ରେ
ରଇଲେ ତୁଇ ଉତ୍‌ରି ତର୍ ଦିନ୍‌ସୁ ଆନ୍‌ବାକେ ଗର୍ ବିତ୍‌ରେ ନ
ଜାଆ । ସେନ୍ତାରି ତାସ୍ ପଦାଇ ରଇଲେ, ଦିନ୍‌ସୁ ବେଟି ନେବାକେ
ଗରେ ନ ଆଉ । **୩୨** ଲତର୍ ମାଇଜିକେ କାଇଟା ଅଇରଇଲା
ସେଟା ଏତାଇ ଦେକା । ତାର୍ ଦନ୍ ସଁପତି କେନ୍ତାର୍ ଅଇଲା ବଲି
ପାସ୍‌ଲି ଦେକ୍‌ଲାଜେ ସେ ନୁନ୍ କୁମ୍ ପାସ୍‌ଲି ଗାଲା । **୩୩** କେ କେ
ଏ ଦୁନିଆଇ ଜିଇବା ଜିବନ୍ ମନ୍ କଲେ ତାକେ ନ ସାର୍‌ବା ଜିବନ୍
ନ ମିଲେ । ଆରି କେ କେ ଏ ଦୁନିଆଇ ଜିଇବା ଜିବନ୍ ଆରାଇସି,

ତାକେ ନ ସାର୍‌ବା ଜିବନ୍ ମିଲ୍‌ସି । **୩୪** ମୁଇ ବାଉଡି ଆଇବା
ସେ ରାତି, ତମେ ଦୁଇ ଲକ୍ ଗଟେକ୍ ବାକ୍‌ରାଇ ସଇରଇସା ।
ଗଟେକ୍ ଲକ୍‌କେ ଡାକି ନେବି, ଆରି ଗଟେକ୍ ଲକ୍‌କେ ଚାଡି
ଦେବି । **୩୫** ଦୁଇଟା ମାଇଜିମନ୍ ଗର୍‌ତେ ରଇବାଇ, ତେଇଅନି
ଗଟେକ୍ ମାଇଜିକେ ନେବି ଆରି ଗଟେକ୍‌କେ ଚାଡି ଦେବି ।
**୩୬** ଦୁଇ ଲକ୍ ପଦାଇ ରଇବାଇ, ଗଟେକ୍ ଲକ୍‌କେ ନେବି,
ଆରି ଗଟେକ୍ ଲକ୍‌କେ ଚାଡିଦେବି ।” **୩୭** ତାର୍‌ପଚେ ସିସ୍‌ମନ୍
ଜିସୁକେ ପାଚାର୍‌ଲାଇ, “ଏ ମାପ୍‌ରୁ ଏଟା କନ୍ତି ଗଟ୍‌ସି?” ଜିସୁ
ସେମନ୍‌କେ କଇଲା, “ଜନ୍ତି ମଡା ରଇସି, ତେଇ ମଡ୍‌କାଉ
ଗିଦ୍‌ମନ୍ ରୁଣ୍ଡିରଇବାଇ ।”

**୧୮** ଜିସୁ ଦିନେକ୍ ତାର୍ ସିସ୍‌ମନ୍‌କେ ପର୍‌ମେସର୍‌କେ
ମାଗ୍ନବାବେଲେ ନ ତାକି ପାର୍‌ତନା କରିକରି ରଇବାକେ,
ଗଟେକ୍ କାତାନି ବୁଜାଇ କଇଲା, **୨** ଗଟେକ୍ ଗଡେ ଗଟେକ୍
ବିଚାର୍ କାରିଆ ଲକ୍ ରଇଲା । ସେ ପର୍‌ମେସର୍‌କେ ନ ଡର୍‌ତେ
ରଇଲା, କି ଲକ୍‌ମନ୍‌କେ ନ ନାମ୍‌ତେ ରଇଲା । **୩** ସେ ଗଡେ
ଗଟେକ୍ ରାଣ୍ଡି ମାଇଜି ମିସା ରଇଲା । ସେ ସବୁ ବେଲେ ବିଚାର୍
କାରିଆର୍ ଲଗେ ଜାଇ ଏନ୍ତି କଇତେ ରଇଲା, ଗଟେକ୍ ଲକ୍
ମର୍ ବିରଦି ଅଇଲା ଆଚେ । ଏ ବିସଇନେଇକରି ତମେ ମର୍
ବିରଦିକେ ବିଚାର କରା । ଜେନ୍ତିକି, ସେ ମକେ ନିଆଇ ଇସାବେ
ଚଲାଚଲ୍‌ତି କର୍‌ସି । **୪** ଏନ୍ତି ବେସି ଦିନ୍ ସେ ବିଚାର୍‌କାରିଆ
ନିଆଇ କର୍‌ବାକେ ମନ୍ ନ କଲେ ମିସା, ସେ ଦିନ୍‌କେ ଆସି
ବେମ୍‌ଜା କର୍‌ତେରଇଲା । ମାତର୍ ସେ ବିଚାର୍‌କାରିଆ ଲକ୍
ମନେ ମନେ ବାବ୍‌ଲା, “ମୁଇ ପର୍‌ମେସର୍‌କେ ଡରି ନାଇକି
ଲକ୍‌ମନ୍‌କେ ନାମି ନାଇ । **୫** ମାତର୍ ଏ ରାଣ୍ଡିମାଇଜି ସବୁ
ବେଲା ଆସି ବେମ୍‌ଜା କଲାନି । ସେଟାର୍‌ପାଇ ତାକେ ନିଆଇ
ମିଲ୍‌ଲା ପାରା ବିଚାର୍ କର୍‌ବି । କାଇକେ ବଇଲେ ଏନ୍ତି ବିଚାର୍
ନ କଲେ ସେ ସବୁଦିନ୍ ଆସି ମକେ ବେମ୍‌ଜା କର୍‌ତେ ରଇସି
।” **୬** ତେଇ ମାପ୍‌ରୁ କଇଲା, “ଏ ଅନିଆଇ ବିଚାର୍‌କାରିଆ
କାଇଟା କର୍‌ବାକେ ବାଚ୍‌ଲା, ସେଟା ତମେ ସିକା । **୭** ସେନ୍ତି
ଲାଚୁଆଁ ବିଚାର୍‌କାରିଆ ସେ ରାଣ୍ଡିମାଇଜିର୍ ବିଚାର୍ କଲା ।
ସେନ୍ତାର୍ ଆଲେ, ତାର୍‌ତେଇଅନି କେତେ ନିମାନ୍ ଇସାବେ
ପର୍‌ମେସର୍ ସେ ବାଚ୍‌ଲା ଲକ୍‌ମନର୍ ଦିନ୍‌ରାତିର୍ ପାର୍‌ତନା
ସୁନି ନିମାନ୍ ନିଆଇ ବିଚାର୍ କର୍‌ସି । ସେମନ୍‌କେ ସାଇଜ
କର୍‌ବାକେ ସେ ଅଲ୍‌ସମ୍ ନ କରେ । **୮** ମୁଇ ତମ୍‌କେ କଇଲିନି,
ସେ ଦାପ୍‌ରେସେ ତାର୍ ଲକ୍‌ମନର୍‌ପାଇ ନିମାନ୍ ନିଆଇବିଚାର୍
କର୍‌ସି । ମାତର୍ ପର୍‌ମେସର୍ ଟାନେଅନି ଆଇଲା ନର୍‌ପିଲା
ମୁଇ ଆରିତରେକ୍ ଆଇବାବେଲେ ଏ ଦୁନିଆଇ, ମକେ ବିସ୍‌ବାସ୍
କର୍‌ବା ଲକ୍‌ମନ୍‌କେ ଦେକ୍‌ବି କି ନାଇ?” **୯** ତେଇ ରଇଲା
କେତେକ୍ ଲକ୍‌ମନ୍ ନିଜ୍‌କେ ମୁଇ ନିକ ଆଚି ବଲି ବାବିଅଇ
ବିନ୍‌ଲକ୍‌କେ ଗିନ୍ କର୍‌ତେ ରଇଲାଇ । ସେନ୍ତି ଲକ୍‌ମନର୍ ବିସଇ
ବୁଜାଇବାକେ ଜିସୁ ସେମନ୍‌କେ ଏ କାତାନି କଇଲା । **୧୦** ଦିନେକ୍
ଦୁଇଲକ୍ ପାର୍‌ତନା କର୍‌ବାକେ ଗଟେକ୍ ମନ୍ଦିରେ ଗାଲାଇ ।
ଗଟେକ୍ ଲକ୍ ପାରୁସି ଦଲର୍ ଲକ୍ ଆରି ଗଟେକ୍ ସିସ୍‌ତୁମାଙ୍ଗ୍ନ
। **୧୧** ପାରୁସି ଲକ୍ ନିଜେ ଅଲପ୍ ଦୁରିକେ ଟିଆଅଇ ଏନ୍ତି
ପାର୍‌ତନା କର୍‌ବାର୍ ବସ୍‌ଲା, “ଏ ପର୍‌ମେସର୍ ମୁଇ ତମ୍‌କେ
ଦନିଅବାଦ୍ ଦେଲିନି । ମୁଇ ବିନ୍‌ଲକର୍‌ପାରା ଲବ୍‌ରା ନାଇ କି
ମିଚ୍‌ମାୟା ନାଇ କି ବେସିଆ କାମ୍ କରି ନାଇ । ଆରି ତକେ
ଜୁଆର୍ କଲିନି ମୁଇ ଏ ସିସ୍‌ତୁମାଙ୍ଗ୍ନ ପାରା ନଇ ।” **୧୨** ଆରି ସେ
କଇଲା, “ମୁଇ ଜିଉଦିମନର୍ ନିୟମ୍ ଇସାବେ ଆଟ୍‌କେ ଦୁଇ ଦିନ୍
ଉପାସ୍ ରଇ ପାର୍‌ତନା କଲିନି । କାମାଇଲାଟାନର୍ ଦସ୍‌ବାଗର
ବାଗେକ୍ ତମ୍‌କେ ଦେଲିନି ।” ବଲି ପାର୍‌ତନା କଲା । **୧୩** ମାତର୍
ସେ ସିସ୍‌ତୁମାଙ୍ଗ୍ନ ଦୁରିକେ ଟିଆଅଇ ପାର୍‌ତନା କର୍‌ବା ବେଲେ
ସରଗ୍‌ବାଟେ ଦେକ୍‌ବାକେ ମିସା ମନ୍ ନକରି ନିଜର୍ ବୁକେ
ମାରିଅଇ ଏନ୍ତି ପାର୍‌ତନା କଲା । “ଏ ପର୍‌ମେସର୍ ମୁଇ ଗଟେକ୍
ପାପି ଲକ୍ ମକେ ଦୟା କରା!” **୧୪** ଜିସୁ ତାର୍ ସିସ୍‌ମନ୍‌କେ
କଇଲା, “ସେ ଦୁଇଲକ୍ ପାର୍‌ତନା ସାରାଇ ବାଅଡ୍‌ଲାକେ,
ସିସ୍‌ତୁମାଙ୍ଗ୍ନସେ ପର୍‌ମେସର୍ ଦେକ୍‌ବା ଇସାବେ ଦରମ୍ ରଇଲା
। ପାରୁସି ନାଇ । ଜେ ବଡ୍‌ପନ୍ ଦେକାଇ ଅଇସି ଆରି ବଡ୍
ବଲି ବାବ୍‌ସି, ତାକେ ପର୍‌ମେସର୍ ସାନ୍ ଲକ୍ କର୍‌ସି । ମାତର୍
ଜେ ନିଜ୍‌କେ ସାନ୍ ଲକ୍‌ପାରା ବାବ୍‌ସି ତାକେ ପର୍‌ମେସର୍ ବଡ୍
ଲକ୍ କର୍‌ସି, ଏ କାତା ଏଡାଇ ରୁଆ ।” **୧୫** ଆରି ଗଟେକ୍
ଦିନେ ଲକ୍‌ମନ୍ ତାକର୍ ସାନ୍‌ସାନ୍ ପିଲାମନ୍‌କେ “ଜିସୁ ଚି କରି
ଆସିର୍‌ବାଦ୍ କର ।” ବଲି ଆନ୍‌ତେ ରଇଲାଇ । ସିସ୍‌ମନ୍
ସେଟା ଦେକି ଲକ୍‌ମନ୍‌କେ ଲାଗ୍‌ଲାଇ । **୧୬** ମାତର୍ ଜିସୁ
ପିଲାମନ୍‌କେ ଲଗେ ଡାକି, ସିସ୍‌ମନ୍‌କେ କଇଲା, “ପିଲାମନ୍‌କେ
ମର୍ ଲଗେ ଆନ୍‌ବାକେ ମନାକରା ନାଇ । କାଇକେ ବଇଲେ
ସରଗ୍ ରାଇଜ୍ ଏନ୍ତି ସାନ୍ ସାନ୍ ପିଲାମନର୍ ପାରା ବିସ୍‌ବାସ୍
କର୍‌ବା ଲକ୍‌ମନର୍‌ପାଇସେ । **୧୭** ଏଡାଇ ରୁଆ! ମୁଇ ତମ୍‌କେ
ସତ୍‌କାତା କଇଲିନି । କେ ମିସା ଏ ସାନ୍‌ଲକ୍ ବିସ୍‌ବାସ୍ କଲାପାରା
ମକେ ବିସ୍‌ବାସ୍ ନ କଲେ, ସେ ପର୍‌ମେସରର୍ ରାଇଜେ ଜାଇ
ନାପାରେ ।” **୧୮** ଦିନେକ୍ ଗଟେକ୍ ଜିଉଦି ନେତା ଜିସୁକେ
ପାଚାର୍‌ଲା, “ଏ ନିମାନ୍ ଗୁରୁ! ନ ସାର୍‌ବା ଜିବନ୍ ମିଲାଇବାକେ
ମୁଇ କାଇଟା କର୍‌ବାର୍ ଆଚେ?” **(aiōnios g166)** **୧୯** ଜିସୁ
ତାକେ କଇଲା, ମକେ କାଇକେ ନିମାନ୍ ବଲି କଇଲୁସ୍‌ନି?
କାଇକେ ବଇଲେ ପର୍‌ମେସର୍ ଗଟେକ୍ ଲକ୍‌ସେ ନିମାନ୍ । **୨୦**
ମାତର୍ ମୁଇ ତମ୍‌କେ କଇଲିନି “ବେସିଆ କାମ୍ କରା ନାଇ,
କାକେ ମରାଆ ନାଇ, ବିନ୍ ଲକର୍ ଦିନ୍‌ସୁ ଚରାଆ ନାଇ, ମିଚ୍
ସାକି କୁଆ ନାଇ, ଆରି ତମର ମାଆବାବାର୍ କାତା ମାନା ।
ପର୍‌ମେସର୍ ମସାକେ ଏନ୍ତି ନିୟମ୍ ଦେଲାଆଚେ ଜାନି ଆଚୁସ୍
।” **୨୧** ସେ ଲକ୍ ଜିସୁକେ କଇଲା, “ଏ ସବୁ ନିୟମ୍ ତା ମୁଇ
ପିଲାବେଲେ ଅନି ମାନ୍‌ଲିନି । ମୁଇ ଆରି କାଇଟା କର୍‌ବାର୍
ଆଚେ?” **୨୨** ଜିସୁ ଏଟା ସୁନି ତାକେ କଇଲା, ତର୍‌ଟାନେ ଆରି

ଗଟେକ୍ ବିସଇ ଉନା ଆଚେ । ତର୍ ସବୁ ଦନ୍ ସଁପତି ବିକି ଗରିବ୍
ଲକ୍‌ମନ୍‌କେ ବାଟାକରିଦେସ୍ । ଏନ୍ତି କଲେ ତକେ ସର୍‌ଗେ ଦନ୍
ରଇସି । ଏଟା ସବୁ କଲା ପଚେ ତୁଇ ମର୍ ସଙ୍ଗ୍ ଆଉ । ୨୩
ମାତର୍ ସେ ଲକ୍ ଏ କାତା ସୁନି ମନ୍ ଦୁକ୍ ଅଇ ଉଟିଗଲା ।
କାଇକେ ବଇଲେ ସେ ବେସି ସାଉକାର୍ ରଇଲା । ୨୪ ସେ
ଲକ୍ ମନ୍‌ଦୁକ୍ ଅଇଲାଟା ଦେକି ଜିସୁ ତାର୍ ସିସ୍‌ମନ୍‌କେ କଇଲା,
"ସାଉକାର୍ ଲକ୍‌ମନ୍ ସରଗ୍ ରାଇଜେ ଜିବାଟା କେଡେ କସ୍‌ଟର୍
ବିସଇ! ୨୫ ସେ ଲକ୍‌ମନ୍ ସରଗ୍ ରାଇଜେ ଜିବାଟାନେଅନି
ଗଟେକ୍ ବଡ୍ ଜଁତ୍ ସୁଜିକାଣାବାଟେ ଚିଙ୍ଗ୍‌ଲି ଜିବାକେ ସଅଜ୍
ଅଇସି ।" ୨୬ ଏକାତା ସୁନ୍‌ତେ ରଇଲା ଲକ୍‌ମନ୍ କଇଲାଇ,
"ଏନ୍ତି ବଇଲେ କେ ତେବେ ଉଦାର୍ ପାଇସି?" ୨୭ ଜିସୁ କଇଲା,
"ପର୍‌ମେସରର୍ ଟାନେ ନାପାର୍‌ଲା ବିସଇ କାଇଟା ନାଇ ।" ୨୮
ପିତର୍ ଜିସୁକେ କଇଲା, "ଦେକା ଆମର୍ ଗରର୍ ସବୁ ଚାଡିକରି
ତମର୍ ସଙ୍ଗ୍ ଆଇଲୁଆଚୁ ।" ୨୯ ଜିସୁ ସେମନ୍‌କେ କଇଲା, "ଉଁ
ମୁଇ ତମ୍‌କେ ସତ୍‌କାତା କଇଲିନି । ଜନ୍ ଲକ୍ ପର୍‌ମେସରର୍
ରାଇଜ୍ ପାଇ ନିଜର୍ ଗର୍‌ଦୁଆର୍, ମାଇଜିପିଲା, ବାଇବଇନି,
ମାଆବାବା ଆରି ପିଲାଟକିକେ ଚାଡି ଆଚେ ବଇଲେ, ୩୦
ତାକେ ଏ ଦୁନିଆର୍ ଜିବନେ, ସେ ଜେତ୍‌କି ଚାଡି ରଇଲା ତାର୍
ତେଇ ଅନି ଅଦିକ୍ ମିଲ୍‌ସି । ଆରି ପଚେ ତାକେ ନ ସାର୍‌ବା
ଜିବନ୍ ମିଲ୍‌ସି ।" (aiōn g165, aiōnios g166) ୩୧ ତାର୍ ପଚେ
ଜିସୁ ତାର୍ ବାର୍‌ଟା ସିସ୍‌ମନ୍‌କେ ବିନେ ଡାକିନେଇ କଇଲା,
"ସୁନା! ଆମେ ଜିରୁସାଲମେ ଗାଲୁନି, ଜନ୍‌ବେଲା ଆମେ କେଟ୍‌ବୁ
ସେବେଲା ପର୍‌ମେସର୍ ଟାନେଅନି ଆଇଲା ନର୍‌ପିଲା, ମର୍
ବିସଇ ନେଇ ବବିସତ୍‌ବକ୍‌ତାମନ୍ ଲେକି ରଇଲା ସବୁ ବିସଇ
ପୁରାପୁରୁନ୍ ଅଇସି । ୩୨ ସେଟା କାଇଟା ବଇଲେ, ଜିରୁସାଲମେ
ମକେ ରମିୟ୍ ଲକ୍‌ମନ୍‌କେ ସର୍‌ପିଦେବାଇ ଆରି ସେମନ୍ ମକେ
କିଜାଇବାଇ ଆରି ଲାଜ୍ କରାଇ, ମର୍ ଉପ୍‌ରେ ତୁକ୍‌ବାଇ । ୩୩
ତାର୍‌ପଚେ କର୍‌ଡା ସଙ୍ଗ୍ ମାର୍‌ବାଇ, ପଚେ ମକେ ମରାଇବାଇ
। ମାତର୍ ତିନ୍‌ଦିନ୍ ପଚେ ମୁଇ ଆରି ତରେକ୍ ଜିବନ୍ ଅଇ
ଉଟ୍‌ବି ।" ୩୪ ମାତର୍ ସିସ୍‌ମନ୍ ଏ ସବୁ କାତା ଅଲପ୍ ମିସା
ବୁଜିନାପାର୍‌ଲାଇ, ସେ ବିସଇ ସେମନର୍‌ଟାନେଅନି ଲୁଚିରଇଲା
। ୩୫ ଜିସୁ ଜିରିଅ ଗଡେ କେଟାକେଟି ଅଇଲାବେଲେ ଗଟେକ୍
କାଣା ବାଟ୍‌ପାଲି ବସି ବିକ୍ ମାଙ୍ଗ୍‌ତେ ରଇଲା । ୩୬ ଜିସୁର୍ ସଙ୍ଗ୍
ଜିବା ଲକର୍ କାତା ସୁନି, "ଏଟା କାଇଟା ଅଇଲାନି?" ବଲି
ତେଇ ରଇଲା ଲକ୍‌ମନ୍‌କେ ପାଚାର୍‌ଲା । ୩୭ ସେ ଲକ୍‌ମନ୍
କାଣାକେ କଇଲାଇ, "ନାଜରିତ୍ ଗାଉଁର୍ ଜିସୁ ଏ ବାଟେ ଗାଲାନି
।" ୩୮ ତେଇ ସେ ଆଉଲିଅଇ କଇଲା, "ଏ ଦାଉଦ୍ ରାଜାର୍
କୁଟୁମର୍ ପିଲା ଜିସୁ! ତମେ ମକେ ଦୟା କରା ।" ୩୯ ଆଗେ
ଜିବା ଲକ୍‌ମନ୍ କାଣାକେ ଦମ୍‌କାଇ କରି ଚୁପ୍‌ଅଇ ରଇବାକେ
କଇଲାଇ । ମାତର୍ ସେ ଅଦିକ୍ ଅଦିକ୍ ଆଉଲି ଅଇ "ଏ ଦାଉଦ୍
ରାଜାର୍ କୁଟୁମର୍ ପିଲା ଜିସୁ! ମକେ ଦୟା କରା!" ବଲି କଇଲା
। ୪୦ ଜିସୁ ତାର୍ କାତା ସୁନି ଟିଆ ଅଇଲା ଆରି, "ତାକେ ମର୍
ଲଗେ ଆନା" ବଲି ଆଦେସ୍ ଦେଲା । ୪୧ କାଣା ବିକାରି ଜିସୁର୍
ଲଗେ ଆଇଲାଜେ, ଜିସୁ ତାକେ ପାଚାର୍‌ଲା, "ମୁଇ ତର୍‌ପାଇ
କାଇଟା କର୍‌ବି ବଲି ମନ୍ କଲୁସ୍‌ନି?" ସେ ଜିସୁକେ "ଏ ମାପ୍ରୁ,
ମକେ ଦେକ୍‌ବା ବପୁ ଦିଆ । ସେନ୍ତି ମକେ ନିମାନ୍ କରିଦେ
।" ବଲି କଇଲା । ୪୨ ତେବେ ଜିସୁ ତାକେ କଇଲା, "ତୁଇ
ଦେକ୍‌ବାକେ ପାଆ! ମୁଇ ତର୍ ଆଁକି ନିକ କର୍‌ବି କାଇକେ
ବଇଲେ, ତୁଇ ମର୍‌ତେଇ ବିସ୍‌ବାସ୍ କରି ଆଚୁସ୍ ।" ୪୩ ସେ
ଦାପ୍‌ରେ, ସେ କାଣା ଦେକି ପାର୍‌ଲା । ଆରି ପର୍‌ମେସର୍‌କେ
ଦନିଅବାଦ୍ କରିକରି ଜିସୁର୍ ସଙ୍ଗ୍ ଗାଲା । ଏ ଗଟ୍‌ନା ଦେକ୍‌ଲା
ସବୁ ଲକ୍‌ମନ୍ ପର୍‌ମେସରର୍ ଡାକ୍‌ପୁଟା କଲାଇ ।

**୧୯** ଜିସୁ ଆରି ତାର୍ ସିସ୍‌ମନ୍ ଜିରିଅ ବାଟେ ଜାଇତେ
ରଇଲାଇ । ୨ ତେଇ ଜକିୟ୍ ନାଉଁର୍ ଗଟେକ୍ ମୁକିଅ
ସିସ୍‌ତୁମାଙ୍ଗ୍‌ତା ରଇଲା । ସେ ବେସି ସାଉକାର୍ ରଇଲା । ୩ ଜିସୁ
କେନ୍ତାର୍ ଲକ୍ ବଲି ଦେକ୍‌ବାକେ ଜକିୟ୍ ମନ୍ କର୍‌ତେ ରଇଲା
। ମାତର୍ ଜିସୁର୍ ସଙ୍ଗ୍ ବେସି ଲକ୍‌ମନ୍ ଜାଇତେ ରଇଲାଇକେ
ତାକେ ଦେକିନାପାର୍‌ତେ ରଇଲା । କାଇକେବଇଲେ ସେ ବୁଟି
ରଇଲା । ୪ ସେଟାର୍ ପାଇ ସେ, ଲକ୍‌ମନର୍ ଆଗ୍‌ତୁ ପାଲାଇ
ଜାଇ ଜିସୁକେ ଦେକ୍‌ବାକେ ଗଟେକ୍ ଡୁମ୍‌ରି ଗଚେ ଚଗ୍‌ଲା
। କାଇକେ ବଇଲେ ଜିସୁ ସେ ବାଟ୍‌ଦେଇ ଜିବାର୍ ରଇଲା ।
୫ ଜିସୁ ସେ ଜାଗାଇ କେଟି ଉପ୍‌ରେ ଦେକିକରି ଜକିୟ୍‌କେ
କଇଲା, "ଜକିୟ୍ ବିଗି ଉତ୍‌ରି ଆଉ, ଆଜି ମୁଇ ତମର୍ ଗରେ
ରଇବି ।" ୬ ତାର୍ ପଚେ ଜକିୟ୍ ଦାପ୍‌ରେ ଉତ୍‌ରି ଆସି ବେସି
ସାର୍‌ଦାଅଇ ଜିସୁକେ ତାର୍ ଗରେ ଡାକିନେଲା । ୭ ସେଟା
ଦେକି ତେଇ ରଇଲା ଲକ୍‌ମନ୍ ଜିସୁ ଗଟେକ୍ ପାପି ଲକର୍ ଗରେ
କାଇବାକେ ଗାଲାନି ବଲି ଗୁର୍‌ମୁରି ଜାଇତେରଇଲାଇ । ୮
ଜକିୟ୍ ଟିଆଅଇ ଜିସୁକେ କଇଲା, "ଏ ମାପ୍ରୁ, ସୁନା! ମର୍
ସଁପତିଅନି ଅଦାବାଗ୍ ଗରିବ୍ ଲକ୍‌ମନ୍‌କେ ଦାନ୍ କରିଦେବି ।
ଆରି ସିସ୍‌ତୁ ମାଙ୍ଗ୍‌ବା ବେଲାଇ କାର୍‌ଟା ଅନିଆଇକରି ଆନି
ରଇଲାଟା ମୁଇ ଚାର୍‌ଗୁନ୍ ଅଦିକ୍ ବାଉଡାଇ ଦେବି ।" ୯
ଜିସୁ ଜକିୟ୍‌କେ କଇଲା, "ଆଜି ଏ ଗରେ ମୁକ୍‌ତି ମିଲ୍‌ଲା ।
କାଇକେବଇଲେ ଏ ମିସା ଗଟେକ୍ ଅବ୍‌ରାଆମର୍ ନାତିତିତି ।
୧୦ ପର୍‌ମେସର୍ ଟାନେଅନି ଆସିରଇବା ନର୍‌ପିଲା ମୁଇ ପାପେ
ରଇଲା ଲକ୍‌ମନ୍‌କେ ସେମନର୍ ପାପେଅନି ରକିଆ କର୍‌ବାକେ
ଆସିଆଚି ।" ୧୧ ସେମନ୍ ଜିରୁସାଲାମ୍ ଲଗେ ଆଇଲା ବେଲାଇ
ଜିସୁର୍ ସଙ୍ଗ୍ ଜିବା ଲକ୍‌ମନ୍ ତାର୍ କଇବା ସବୁ କାତା ସୁନ୍‌ତେ
ରଇଲାଇ । କାଇକେବଇଲେ ତାର୍ କାତା ସୁନ୍‌ଲା ଲକ୍‌ମନ୍
ପର୍‌ମେସରର୍ ରାଇଜର୍ ସାସନ୍ ଦାପ୍‌ରେ ଅଇସି ବଲି ବାବ୍‌ତେ
ରଇଲାଇ । ୧୨ ସେଟାର୍‌ପାଇ ସେ ଏ କାତାନି କଇଲା, ଗଟେକ୍
ବଡ୍ ଗରେ ଜନମ୍ ଅଇଲା ଲକ୍ ଦୁର୍ ଦେସେ ଜିବାକେ ଟିଆର୍
ଅଇଲା । କାଇକେ ବଇଲେ ତେଇ ତାକେ ରାଜା କରାଇବାଇ

। ସମାନ୍ ବେଲାଇ ତାର୍ ଦେସେ ସେ ବାଉଡି ଆଇସି । ୧୩
ତାର୍ ଆଗ୍‌ତୁ ସେ ତାର୍ ଦସ୍ଟା ଦାଙ୍ଗ୍ଡାମନ୍‌କେ ଡାକି, ଗଟେକ୍
ଗଟେକ୍ ଲକ୍‌କେ ଗଟେକ୍ ଗଟେକ୍ ସୁନାର୍ ଡାବୁ ଦେଇ କରି
କଇଲା, "ମୁଇ ବାଉଡି ଆଇବାଜାକ ଏ ଡାବୁ ବେବାର୍ କରି
ବୁଟେକ୍ କରି ରୁଆ ।" ୧୪ ମାତର୍ ତାର୍ ଦେସର୍ ଲକ୍‌ମନ୍ ତାକେ
ଇନ୍ କର୍‌ତେରଇଲାଇ । ଆରି ସାସନ୍ କର୍‌ବା ଲକ୍‌ମନର୍ ଲଗେ
କବର୍ କଇ ପାଟାଇଲାଇ, "ଏ ଲକ୍ ଆମ୍‌କେ ସାସନ୍ କର ବଲି
ଆମେ ମନ୍ କରୁନାଇ ।" ୧୫ ଏନ୍ତି ବଲି କଇଲେ ମିସା, ସେ
ରାଜାଅଇ ଗରେ ବାଉଡି ଆଇଲା । ଆରି ସେ କାକେ କାକେ
ସୁନାର୍ ଡାବୁ ଦେଇ ରଇଲା, ସେମନ୍ କେତେକ୍ ଲାକା ଲାବ୍
କଲାଇ ଆଚତ୍ ବଲି ଜାନ୍‌ବାକେ ଡାକାଇ ପାଟାଇଲା । ୧୬
ତେଇ ପର୍‌ତୁମର୍ ଲକ୍ ଆସି କଇଲା, "ଏ ଆଗିଆଁ, ତମେ ଦେଲା
ଗଟେକ୍ ସୁନାର୍ ଡାବୁ ନେଇ ଆରି ଦସ୍ଟା କଲିଆଚି ।" ୧୭ ସେ
ରାଜା ସାର୍‌ଦା ଅଇ ତାକେ କଇଲା "ତୁଇ ନିକ ଦାଙ୍ଗ୍ଡା, ଅଲପ୍
ବିସଇ ଦାଇତ୍ ନେଇ କାମ୍ କଲୁସ୍ । ସେଟାର୍‌ପାଇ ମୁଇ ତକେ
ଦସ୍ଟା ଗଡ୍ ଉପ୍‌ରେ ସାସନ୍ କର୍‌ବାକେ ସର୍‌ପି ଦେଲିନି ।" ୧୮
ଆରି ଗଟେକ୍ ଲକ୍ ଆସି କଇଲା, "ଆଗିଆଁ, ତୁଇ ଦେଇରଇଲା
ସୁନାର୍ ଡାବୁ ନେଇ ଆରି ପାଁଚ୍‌ଟା ଲାବ୍ କଲିଆଚି ।" ୧୯
ସେ ରାଜା ତାକେ ମିସା କଇଲା "ତକେ ସାସନ୍ କର୍‌ବାକେ
ପାଁଚ୍‌ଟା ଗଡ୍ ସର୍‌ପିଦେଲିନି ।" ୨୦ ମାତର୍ ଆରି ଗଟେକ୍
ଦାଙ୍ଗ୍ଡା ରାଜାର୍ ଲଗେ ଆସି କଇଲା, "ଏ ଆଗିଆଁ, ତମେ
ଦେଇରଇଲା ସୁନାର୍ ଡାବୁ ଏଦେ ଦେକା, ଗଟେକ୍ ଗର୍‌ଣ୍ଡାଇ
ଗୁଡିଆ ବାନ୍ଦି ସଙ୍ଗ୍‌ଇ ଦେଇରଇଲି । ୨୧ ତୁଇ ସାସନ୍ କର୍‌ବା
ଲକ୍ ବଲି ଡରିକରି ମୁଇ ସେଟା ନେଇ ବେବାର୍ କରିନାଇ
। କାଇକେବଇଲେ ଜାକେ ଦେଇ ନ ରଉସ୍ ତାର୍‌ତେଇଅନି
ମାଙ୍ଗ୍‌ନେଇସୁ । ଆରି ଜନ୍ତି ବୁନି ନ ରଉସ୍ ତେଇଅନି କାଟି
ନେଇସୁ ।" ୨୨ ସେ ରାଜା ରିସାଅଇ କଇଲା, "ଅଇରେ ଦାଙ୍ଗ୍ଡା,
ତର୍ କାତା ଇସାବେ ଆକା ତକେ ବିଚାର୍ କର୍‌ବି । ମୁଇ ଲକ୍‌ମନ୍
ଜନ୍‌ଟା ଦେଇ ନ ରଇ ସେଟା ମାଗିନେବି, ଆରି ଜନ୍‌ତେଇ
ବୁନି ନ ରଇ ତେଇଅନି କାଟ୍‌ବି, ସେଟା ଜାନିରଇଲୁସ୍ । ୨୩
ସେନ୍ତାର୍‌ଆଲେ ମର୍ ସୁନାର୍ ଡାବୁ କାଇକେ ବେଁକେ ସଙ୍ଗ୍‌ଉସ୍
ନାଇ? ସଙ୍ଗ୍‌ଇ ରଇଲେ ତେଇଅନି ମକେ କଲନ୍ତର୍ ମିଲ୍‌ତା ।"
୨୪ ଆରି ସେ ଲଗେ ଟିଆଅଇଲା ଲକ୍‌ମନ୍‌କେ ରାଜା କଇଲା,
"ତାର୍ ତେଇଅନି ଏ ଅଦ୍‌ଲି ମାଗିନେଇ ଜେ ଦସ୍ଟା ଅଦ୍‌ଲି
ଲାବ୍‌କଲା ଆଚେ, ତାକେ ଦିଆସ୍ ।" ୨୫ ମାତର୍ ସେ ଲକ୍‌ମନ୍
ରାଜାକେ ପାଚାର୍‌ଲାଇ, "ଏ ଆଗିଆଁ ତାର୍‌ଟାନେ ଦସ୍ଟା ଆଚେ
ଆରି ତାକେ କାଇକେ ଦେଉଁ?" ୨୬ ସେ କଇଲା, "ମୁଇ ତମ୍‌କେ
କଇଲିନି, ଜାକେ ଆଚେ ତାକେ ଅଦିକ୍ ଦିଆଅଇସି, ମାତର୍
ଜାର୍ ନାଇ, ତାର୍‌ତେଇ ରଇଲା ଅଲପ୍ ମିସା ଚାଡାଇ ନିଆଅଇସି
। ୨୭ ମାତର୍ ଜେମନ୍ ମୁଇ ତାକର୍ ରାଜା ଅଇବାକେ ମନ୍
ନ କର୍‌ତେ ରଇଲାଇ, ସେମନ୍‌କେ ଡାକି ଆନି ମର୍ ମୁଆଟେ
ମରାଇଦିଆସ୍ ।" ୨୮ ଜିସୁ ଏ ସବୁ କାତା କଇସାରାଇ ସିସ୍‌ମନର୍
ଆଗ୍‌ତୁ ଆଗ୍‌ତୁ ଜିରୁସାଲାମ୍ ବାଟେ ଗାଲା । ୨୯ ଜେଡେବଲ୍ ଜିସୁ
ଆରି ତାର୍ ସିସ୍‌ମନ୍ ଜିତ୍‌ଗଚ୍‌ମନ୍ ରଇଲା ଡଙ୍ଗ୍‌ର୍ ପାଲି ଆରି
ବେତ୍‌ପାଗି ଆରି ବେତ୍‌ନିଆ ଗଡେ କେଟ୍‌ଲାଇ, ସେ ସିସ୍‌ମନର୍
ବିତ୍‌ରେ ଅନି ଦୁଇ ଲକ୍‌କେ, ସେମନ୍ ଜିବା ଆଗ୍‌ତୁ ଏନ୍ତାରି
କଇପାଟାଇଲା । ୩୦ ତମର୍ ମୁଆଟେ ରଇବା ଗାଏଁ ଜାଆ ।
ସେ ଗାଏଁ ଗାଲେ, କେ କେବେ ମିସା ଚଗିନରଇବା ଗଦପିଲା
ବାନ୍ଦିଅଇରଇଲାଟା ଦେକ୍‌ସା । ତାକେ ମେଲି ଦାରିଆସା ।
୩୧ ଜେ ଜଦି ତମ୍‌କେ "କାଇକେ ମେଲି ନେଲାସ୍‌ନି?" ବଲି
କଇଲେ "ଏଟା ଗୁରୁକେ ଦର୍‌କାର୍ ଆଚେ ବଲି କୁଆ ।" ୩୨
ପଚେ ସିସ୍‌ମନ୍ ସେ ଗାଏଁ ଜାଇ, ଜିସୁ ଜେନ୍ତି କଇରଇଲା
ସେନ୍ତି ଦେକ୍‌ଲାଇ । ୩୩ ଆରି ସେମନ୍ ସେ ଗଦପିଲାକେ
ମେଲ୍‌ବାବେଲେ ଗଦ ପିଲାର୍ ସାଉକାର୍ ସେମନ୍‌କେ ପାଚାର୍‌ଲା,
"କାଇକେ ଗଦପିଲାକେ ମେଲ୍‌ଲାସ୍‌ନି?" ୩୪ ସିସ୍‌ମନ୍ କଇଲାଇ,
"ଏ ଗଦପିଲା ଗୁରୁକେ ଦର୍‌କାର୍ ଆଚେ ।" ୩୫ ସିସ୍‌ମନ୍ ଗଦ
ପିଲାକେ ଜିସୁର୍ ଲଗେ ଆନି ନିଜର୍ ନିଜର୍ ଲୁଗା ଗଦର୍ ଉପ୍‌ରେ
ଡାବି ଜିସୁକେ ତାର୍ ଉପ୍‌ରେ ବସାଇଲାଇ । ୩୬ ଆରି ଜିସୁ ଗାଲା
ବାଟେ ଲକ୍‌ମନ୍ ନିଜର୍ ନିଜର୍ ପଚିଆମନ୍ ଅଚାଇ ଦେଲାଇ
। ୩୭ ଜିସୁ ଜେଡେବଲ୍ ଜିତ୍‌ଗଚ୍‌ମନ୍ ରଇଲା ଗଡ୍‌ଗଡା ଜାଗା
ଲଗେ କେଟ୍‌ଲା, ସେବେଲା ତେଇ ରଇଲା ତାର୍ ଜେତ୍‌କି ସିସ୍
ମାନ୍ଦ୍ରା ସେ କରିରଇଲା କାବାଅଇଜିବା କାମ୍ ଏତାଇ, ସାର୍‌ଦାଅଇ
ଆଉଲିଅଇକରି ପର୍‌ମେସର୍‌କେ ଜୁଆର୍ କରି କଇଲାଇ, ୩୮
"ପର୍‌ମେସରର୍ ନାଉଁ ନେଇକରି ଜନ୍ ରାଜା ଆଇଲାନି ତାକେ
ସେ ଆସିର୍‌ବାଦ୍ କର । ସର୍‌ଗେ ସାନ୍ତି ଅ, ଆରି ସବୁର୍‌ଟାନେ
ଅନି ବଡ୍ ପର୍‌ମେସରର୍ ମଇମା ଅ ।" ୩୯ ସେ ସିସ୍ ମାନ୍ଦ୍ରାର୍
ବିତ୍‌ରେ କେତେଟା ପାରୁସିମନ୍ ଜିସୁକେ କଇଲାଇ, "ଏ ଗୁରୁ
ତର୍‌ସଙ୍ଗ୍ ଆଇବା ସିସ୍‌ମନ୍‌କେ ଚିମ୍‌ରାଅଇ ରଇବାକେ କଅ ।"
୪୦ ମାତର୍ ଜିସୁ ସେମନ୍‌କେ କଇଲା, "ମୁଇ ତମ୍‌କେ କଇଲିନି,
ଏ ଲକ୍‌ମନ୍ ଚିମ୍‌ରାଅଇ ରଇଲେ ପାକ୍‌ନାମନ୍ ତାକର୍ ନିଜେ
ନିଜେ ଆଉଲି ଅଇବାଇ ।" ୪୧ ଜିସୁ ଜିରୁସାଲାମ୍ ଲଗେ
କେଟ୍‌ଲା ବେଲେ ସେ ଗଡ୍ ଦେକି କାନ୍ଦିକରି କଇଲା, ୪୨
"ସାନ୍ତି ପାଇବାକେ କାଇଟା ଦର୍‌କାର୍, ସେଟା ଜଦି ତମେ ଆଜି
ଜାନିରଇତାସ୍ ଆଲେ, କେତେ ନିକ ଅଇତା! ମାତର୍ ସେସବୁ
ଏବେ ତମେ ଦେକି ନାପାର୍‌ଲାସ୍‌ନି । ୪୩ ସେଟାର୍‌ପାଇ ବଲି ଏନ୍ତି
ବେସି ବାଦା ଅଇଜିବା ଦିନ୍ ଆଇସି । ତମର୍ ସତ୍‌ରୁମନ୍ ତମର୍
ଚାରିବେଟ୍‌ତି ପାଚୁରି ବାନ୍ଧି ଅଟ୍‌କାଇବାଇ ଆରି ଚାରିବେଡ୍‌ତି ଅନି
ତମର୍ ଉପ୍‌ରେ ମାଣ୍ଡି ଆଇବାଇ । ୪୪ ସେମନ୍ ତମ୍‌କେ ଆରି
ତମର୍ ପାଚୁରି ତେଇ ରଇବା ଲକ୍‌ମନ୍‌କେ ପୁରାପୁରୁନ୍ ନସାଇ
କୁଟ୍‌କୁଟା କରିଦେବାଇ । ଗଟେକ୍ ପାକ୍‌ନା ମିସା ନିଜର୍ ଜାଗାଇ
ନ ଚାଡତ୍ । କାଇକେବଇଲେ ପର୍‌ମେସର୍ ତମ୍‌କେ ରକିଆ
କର୍‌ବାକେ ଆସିରଇଲା, ସେବେଲା ତମେ ଜାନି ନାପାର୍‌ଲାସ୍

।"  ୪୫ ଆରି ଜିସୁ ଜିରୁସାଲାମ୍ ମନ୍ଦିର୍ ବିତ୍ରେ ପୁରିକରି
ତେଇ ଗେନାବିକା କର୍ବା ଲକ୍ମନ୍କେ ବାର୍କରାଇଦେବାର୍
ଦାର୍ଲା । ୪୬ ସେମନ୍କେ କଇଲା, "ଦରମ୍ ସାସ୍ତରେ ଏନ୍ତାରି
ଲେକାଅଇଲା ଆଚେ, ମର୍ ଗର୍ ପାର୍ତନା ଗର୍ ଅଇସି ।
ମାତର୍ ତମେ ସେଟା ଚର୍ମନର୍ ଲୁଚ୍ବା ଜାଗା କରିଆଚାସ୍ ।"
୪୭ ତାର୍ ପଚେ ଜିସୁ ସବୁଦିନେ ଜିରୁସାଲାମ୍ ମନ୍ଦିରେ ସିକିଆ
ଦେଇତେ ରଇଲା । ମାତର୍ ମୁକିଅ ପୁଜାରିମନ୍, ସାସ୍ତର୍
ସିକାଉମନ୍ ଆରି ନେତାମନ୍ ମିସି ଜିସୁକେ ମରାଇବାକେ ଚେସ୍ଟା
କର୍ତେ ରଇଲାଇ । ୪୮ କାଇକେ ବଇଲେ ଗୁଲାଇ ଲକ୍,
ଜିସୁ ସିକାଇଦେବା କାତା ଆରି ସେ କଇତେରଇବା ପଦ୍ମନ୍
ମନ୍ଦିଆନ୍ ଦେଇ ସୁନ୍ତେ ରଇଲାଇ । ତେବର୍ ପାଇ ସେମନ୍
କେନ୍ତାର୍ କର୍ବାର୍ ବଲି ବାଟ୍ ମିଲାଇ ନାପାର୍ତେ ରଇଲାଇ ।

**୨୦** ଦିନେକ୍ ଜିସୁ ମନ୍ଦିରେ ଲକ୍ମନ୍କେ ମାପ୍ରୁର୍ ନିମାନ୍
କାତାର୍ ସିକିଆ ଦେଇତେରଇଲା । ସେବେଲାଇ ମୁକିଅ
ପୁଜାରିମନ୍, ନିୟମ୍ ସିକାଇଦେବା ଲକ୍ମନ୍ ଆରି ପାର୍ଚିନ୍ମନ୍
ଜିସୁର୍ ଲଗେ ଆସି ପାଚାର୍ଲାଇ । ୨ "ତୁଇ କାର୍ ଅଦିକାର୍
ମିଲାଇକରି ଏସବୁ ବିସଇ କଲୁସ୍ନି? କେ ତକେ ଏ ଅଦିକାର୍
ଦେଲା? ଆମ୍କେ କ ।"  ୩ ମାତର୍ ଜିସୁ କଇଲା, "ମୁଇ
ମିସା ତମ୍କେ ଗଟେକ୍ କାତା ପାଚାର୍ବି, ତମେ ମକେ କୁଆ
। ୪ ଜଅନ୍ କାର୍ ଅଦିକାର୍ ମିଲାଇ ଲକ୍ମନ୍କେ ଡୁବନ୍
ଦେଇତେ ରଇଲା? ସରଗର୍ ପର୍ମେସର୍ ଦେଲାଟାନେ ଅନି
କି, ଲକ୍ମନର୍ଟାନେ ଅନି?"  ୫ ସେବେଲାଇ ସେମନ୍ ନିଜର୍
ନିଜର୍ ବିତ୍ରେ ଦଦାପେଲା ଅଇଲାଇ । ଜଦି ଜଅନର୍ ଡୁବନ୍
ସର୍ଗେଅନି ବଲି କଇଲେ, କାଇକେ ତାକେ ବିସ୍ବାସ୍ କରାସ୍
ନାଇ? ବଲି କଇବାଇ । ୬ ମାତର୍ ଆମେ ଲକ୍ମନର୍ତେଇଅନି
ବଲି କଇଲେ ସବୁ ଲକ୍ ଆମ୍କେ ପାକ୍ନା ମାର୍ବାଇ । କାଇକେ
ବଇଲେ, ଜଅନ୍ ସତଇସେ ପର୍ମେସରର୍ତେଇ ଅନି ଆଇଲା
ବବିସତ୍ବକ୍ତା ବଲି ଆମର୍ ଜିଉଦି ଲକ୍ମନ୍ ବିସ୍ବାସ୍ କଲାଇନି
। ୭ ଏଟା ବାବିକରି ସେମନ୍ "ଆମେ ନାଜାନୁ ।" ବଲି କଇଲାଇ ।
୮ ଆରି ଜିସୁ ସେମନ୍କେ କଇଲା, "ଏନ୍ତି ବଇଲେ ମୁଇ ମିସା କାର୍
ଅଦିକାର୍ ମିଲାଇକରି ଏସବୁ ବିସଇ କଲିନି, ସେଟା ତମ୍କେ ନ
କଇ ।" ୯ ତାର୍ ପଚେ ଜିସୁ ଲକ୍ମନ୍କେ ବୁଜାଇବାକେ ଗଟେକ୍
କାତାନି କଇଲା । "ଗଟେକ୍ ଲକ୍ ତାର୍ ପଦାଇ ଅଙ୍ଗୁର୍ ତାସ୍ କରି,
କେତେଟା ତାସିକେ ଆଦିବାଗ୍ କର୍ବାକେ ଦେଲା । ଦେଇକରି
ସେ ବେସି ଦିନର୍ ପାଇ ଗଟେକ୍ ଦୁର୍ ଦେସେ ରଇବାକେ
ଉଟିଗାଲା । ୧୦ ଆରି ଅଙ୍ଗୁର୍ ତଲ୍ବାବେଲା କେଟ୍ଲାକେ
ସାଉକାର୍ ତାର୍ ଗଟେକ୍ ଦାଙ୍ଗୁଡାକେ ତାର୍ ବାଗ୍ ମାଙ୍ଗି ଆନ୍ବାକେ
ପାଟାଇଲା । ମାତର୍ ସେ ଲକ୍ମନ୍ ତାର୍ ବାଗ୍ ନ ଦେଇ ତାର୍
ଦାଙ୍ଗୁଡାକେ କୁଟ୍କୁଟା ମାରି ଚୁଚା ଆତେ ପାଟାଇଦେଲାଇ । ୧୧
ତାର୍ ପଚେ ସେ ଆରି ଗଟେକ୍ ଦାଙ୍ଗୁଡାକେ ପାଟାଇଲା । ସେମନ୍
ତାକେ ମିସା ମାରିକରି ନିନ୍ଦା କାତା କଇ, ଲାଜ୍ କରାଇକରି ଚୁଚା
ଆତେ ପାଟାଇ ଦେଲାଇ । ୧୨ ତାର୍ ପଚେ ସାଉକାର୍ ଆରି
ଗଟେକ୍ ଦାଙ୍ଗୁଡାକେ ସେମନର୍ ଲଗେ ପାଟାଇଲା । ମାତର୍ ସେ
ଦାଙ୍ଗୁଡାକେ ମିସା ରଗ୍ରଗା ଅଇତେ ମାରି କେଦିଦେଲାଇ ।" ୧୩
ତାର୍ ପଚେ ସାଉକାର୍ ମନେ ମନେ ବାବ୍ଲା, "ଏବେ ମୁଇ କାଇଟା
କର୍ବି? ମୁଇ ବେସି ଆଲାଦ୍ କର୍ବା ମର୍ ପିଲାକେ ପାଟାଇବି ।
ବାଇଦରେ ସେମନ୍ ତାକେ ମାନ୍ବାଇ ।" ୧୪ ମାତର୍ ସେମନ୍
ସେ ପିଲା ଆଇବାଟା ଦେକିକରି ତାକର୍ ବିତ୍ରେ କାତାଅଇଲାଇ,
"ଏଟାସେ ସେ ସାଉକାରର୍ ପିଲା, ଆମେ ଆକେ ମରାଇଦେଲେ
ଏ ସବୁ ଦନ୍ ଆମର୍ ଅଇଜାଇସି । ୧୫ ଆରି ସେମନ୍ ସାଉକାରର୍
ପିଲାକେ ବାଇରେ ନେଇ ମାରି ମରାଇଦେଲାଇ । ଏନ୍ତି ବଇଲେ
ସାଉକାର୍ ସେ ଲକ୍ମନ୍କେ କାଇଟା କରିରଇସି?  ୧୬ ମୁଇ
ତମ୍କେ କଇଲିନି, ସେ ଆସିକରି ସେ ଲକ୍ମନ୍କେ ମରାଇ
ଦେଇସି । ଆରି ବଡ୍ ବିନ୍ଲକ୍ମନ୍କେ ଆଦିବାଗ୍ କର୍ବାକେ
ଦେଇସି ।" ମାତର୍ କାତାନି ସୁନ୍ତେ ରଇଲା ଲକ୍ମନ୍ କଇଲାଇ,
"ଏନ୍ତାର୍ କେବେ ମିସା ନଅ ।" ୧୭ ମାତର୍ ଜିସୁ ଲକ୍ମନ୍କେ ନିକ
ଦେକିକରି କଇଲା, "ଏନ୍ତି ବଇଲେ ପର୍ମେସରର୍ ସାସ୍ତରେ
ଲେକାଅଇଲା ଅରତ୍ କାଇଟା? ଗର୍ବାନ୍ଦବା ଲକ୍ମନ୍ ଜନ୍
ପାକ୍ନା 'ନଏଁ' ବଲି ଚାଡି ଦେଇରଇଲାଇ ସେ ପାକ୍ନାସେ ଗର୍
କନର୍ ମୁଲ୍ ପାକ୍ନା ଅଇଲା । ୧୮ ଜନ୍ ଲକ୍ମନ୍ ସେ ପାକ୍ନା
ଉପ୍ରେ ଅଦର୍ବାଇ, ସେମନ୍ କଣ୍ଡ କଣ୍ଡ ଅଇଜିବାଇ, ଆରି ସେ
ପାକ୍ନା ଜାର୍ ଉପ୍ରେ ଅଦର୍ସି, ସେ ବିଲି ଆଜିଜାଇସି ।" ୧୯
ସେବେଲା ସାସ୍ତର୍ ସିକାଉମନ୍ ଆରି ମୁକିଅ ପୁଜାରିମନ୍ ଜିସୁର୍
କାତାନି ସୁନି, ତାକେ ଦାପ୍ରେ ବନ୍ଦି କର୍ବାକେ ବାଟ୍ କଜ୍ତେ
ରଇଲାଇ । କାଇକେ ବଇଲେ ଜିସୁ କଇବା ଅଙ୍ଗୁର୍ ବାଡର୍ କାତା,
ସେମନର୍ ବିସଇନେଇ କଇଲାନି ବଲି ବୁଜ୍ଲାଇ । ମାତର୍
ସେମନ୍ ଲକ୍ମନ୍କେ ଡର୍ତେ ରଇଲାଇ । ୨୦ ସେଟାର୍ପାଇ
ସେମନ୍ ତାର୍ ବୁଲ୍ ଦାର୍ବାକେ ଗଟେକ୍ ସୁଜଗ୍ କଜ୍ତେ
ରଇଲାଇ । ସେମନ୍ କେତେଟା ଚର୍ମନ୍କେ ଲାଁଚ୍ଦେଇ ଦରମ୍
ଲକ୍ପାରା ଦେକାଇ ଅଇବାକେ ପାଟାଇଲାଇ । କାଇକେ ବଇଲେ
ଜିସୁର୍ ଟଣ୍ଡେଅନି ବୁଲ୍କାତା ବାର୍କରାଇ, ଦସ୍ ଦାରି, ରମିୟ
ସାସନ୍କାରିଆକେ ସର୍ପି ଦେବାକେ ମନ୍କର୍ତେ ରଇଲାଇ
। ୨୧ ସେଟାର୍ପାଇ ସେ ଚର୍ମନ୍ ଜିସୁକେ ପାଚାର୍ଲାଇ, "ଏ
ଗୁରୁ, ତମେ ଟିକ୍ କଇଲାସ୍ନି ଆରି ଟିକ୍ ସିକାଇଲାସ୍ନି ବଲି
ଆମେ ଜାନିଆଚୁ । କାର୍ବାଟେ ନ ଅଇ ଲକ୍ମନର୍ ଜିବନର୍ପାଇ
ପର୍ମେସରର୍ ସତ୍ ବିସଇସେ ସିକାଇଲୁସ୍ନି । ୨୨ ଏବେ ତୁଇ
ଆମ୍କେ କଅ, ରମିୟ ସର୍କାରର୍ ରାଜା କାଇସର୍କେ ସିସ୍ତୁ
ଦେବାଟା ଆମର୍ ନିୟମ୍ ଇସାବେ ଟିକ୍ କି ନାଇ?"  ୨୩ ମାତର୍
ଜିସୁ ସେମନର୍ ମନ୍ବିତ୍ରର୍ କାତା ଜାନିକରି କଇଲା,  ୨୪
"ମକେ ଗଟେକ୍ ରମିୟ ସର୍କାରର୍ ଅଦ୍ଲି ଡାବୁ ଦେକାଆ ।
ତେଇ କାର୍ ମୁର୍ତି ଆରି କାର୍ ନାଉଁ ଆଚେ?" "କାଇସରର୍
ମୁର୍ତି ଆରି ନାଉଁ ଆଚେ ।" ବଲି ସେମନ୍ କଇଲାଇ । ୨୫

“ସେନ୍ତାର୍ ରଇଲେ ଜନ୍‌ଟା କାଇସରର୍‌ଟା ସେଟା କାଇସର୍‌କେ
ଦିଆସ୍, ଜନ୍‌ଟା ପର୍‌ମେସରର୍‌ଟା ସେଟା ପର୍‌ମେସର୍‌କେ ଦିଆସ୍
।” ବଲି କଇଲା । **୨୬** ଏ କାତା ସୁନି ସବୁଲକର୍ ମୁଆଟେ ସେମନ୍
ଜିସୁର୍ ବୁଲ୍ ଦାର୍‌ବାର୍ ନାପାର୍‌ଲାଇ । ଆରି ଜିସୁର୍ କାତା ସୁନି
ସେମନ୍ କାବାଅଇଜାଇ, ଚୁପ୍‌ଅଇ ରଇଲାଇ । **୨୭** ତାର୍ ପଚେ
କେତେଟା ସାଦୁକି ଲକ୍‌ମନ୍ ଜିସୁର୍ ଲଗେ ଗାଲାଇ । ସେମନ୍,
ମଲା ଲକ୍‌ମନ୍ ଆରି ତରେକ୍ ଜିବନ୍‌ଅଇ ଉଟ୍‌ବା ବିସଇ ବିସ୍‌ବାସ୍
ନ କର୍‌ତେ ରଇଲାଇ । **୨୮** ସେମନ୍ ଜିସୁକେ ପାଚାର୍‌ଲାଇ, “ଏ
ଗୁରୁ, ମସା ଆମର୍ ପାଇ ଏନ୍ତି ନିୟମ୍ ଲେକିଆଚେ ଜେ, ଗଟେକ୍
ଲକ୍ ବିବାଅଇ ପିଲାଟକି ନ ଅଇତେ ମରିଗାଲେ ତାର୍ ବାଇ
ସେ ରାଣ୍ଡିମାଇଜିକେ ସଙ୍ଗଇସି । ଆରି ପିଲାଟକି ଅଇଲେ ତାର୍
ବଡ୍‌ବାଇର୍ କୁଟୁମ୍ ରକିଆ ଅଇସି । **୨୯** ଏନ୍ତି ସାତ୍‌ବାଇ ରଇଲାଇ
। ପର୍‌ତୁମ୍ ବାଇ ବିବା ଅଇ ପିଲାଟକି ନଇତେ ମରିଗାଲା । **୩୦**
ତାର୍ ପଚେ ବଡ୍‌ମଜିଆ ରାଣ୍ଡିମାଇଜିକେ ସଙ୍ଗଇଲା । ମାତର୍
ସେ ମିସା ପିଲାଟକି ନଇତେ ମରିଗାଲା । **୩୧** ତାର୍ ପଚେ
ମଜିଆବାଇ ରାଣ୍ଡିମାଇଜିକେ ସଙ୍ଗଇଲାକେ ପିଲାଟକି ନଇତେ
ମରିଗାଲା । ସେନ୍ତି ସେ ରାଣ୍ଡିମାଇଜିକେ ସାତ୍ ବାଇ ଜାକ ସଙ୍ଗଇ
ପିଲାଟକି ନଇତେ ମରିଗାଲାଇ । **୩୨** ସାରାସାରି ପଚେ ସେ
ମିସା ମରିଗାଲା । **୩୩** ଏନ୍ତି ବଇଲେ ମଲାତେଇଅନି ଉଟ୍‌ଲା
ପଚେ ସେ କାର୍ ମାଇଜି ଅଇସି? କାଇକେ ବଇଲେ ସେମନ୍
ସାତ୍ ଲକ୍‌ଜାକ ତାକେ ସଙ୍ଗଇ ରଇଲାଇ ।” **୩୪** ଜିସୁ ସେମନ୍‌କେ
କଇଲା, “ଏ ଜୁଗର୍ ମାଇଜି ମନସ୍ ବିବା ଅଇବାଇ, **(aiōn g165)**
**୩୫** ମାତର୍ ଜନ୍ ମାଇଜିମନସ୍ ମଲାଟାନେଅନି ଉଟି, ଆଇବା
ଜଗତେ ଜିଇବା କାଇବାକେ ବାଚିଅଇଆଚତ୍, ସେମନ୍ ବିବା ନ
ଅଅତ୍ । **(aiōn g165)** **୩୬** ସେମନ୍ ପର୍‌ମେସରର୍ ଦୁତ୍‌ମନର୍‌ପାରା
ଅଇ ଆରି କେବେମିସା ନ ମରତ୍ । ପଚେ ମଲାଟାନେଅନି
ଉଟି ପର୍‌ମେସରର୍ ପିଲାଟକି ଅଇ ରଇବାଇ । **୩୭** ମସା
ବଲ୍ କରି ବୁଜାଇ ଦେକାଇଦେଇ ଆଚେ । ମଲା ଲକ୍‌ମନ୍
ଜିବନ୍ ଅଇ ଉଟ୍‌ବାଇ । ଲାଗ୍‌ତେ ରଇବା ବୁଟାର୍ କାତାଇ,
ମସା ଅବ୍‌ରାଆମର୍ ପର୍‌ମେସର୍, ଇସାକର୍ ପର୍‌ମେସର୍ ଆରି
ଜାକୁବର୍ ପର୍‌ମେସର୍ ବଲି ପର୍‌ମେସର୍‌କେ ଜାନାଇ ଆଚେ
। **୩୮** ପର୍‌ମେସର୍ ମଲା ଲକ୍‌ମନର୍ ମାପ୍‌ରୁ ନଏଁ, ଜିବନ୍
ରଇଲା ଲକ୍‌ମନର୍ ମାପ୍‌ରୁ । ପର୍‌ମେସରର୍ ଦେକ୍‌ବା ଇସାବେ
ତେଇ ସେମନ୍ ସବୁ ଲକ୍ ଜିବନ୍ ଅଇଆଚତ୍ ।” **୩୯** ତାର୍
ପଚେ କେତେଟା ସାସ୍‌ତର୍ ସିକାଉମନ୍ “ଏ ଗୁରୁ ତୁଇ ବଡେ
ନିକସଙ୍ଗ ଉତର୍ ଦେଇଆଚୁସ୍!” ବଲି ଜିସୁକେ କଇଲାଇ । **୪୦**
କାଇକେବଇଲେ ଜିସୁକେ ଆରି କେ ମିସା ପର୍‌ସନ୍ ପାଚାର୍‌ବାକେ
ସାଆସ୍ କରତ୍ ନାଇ । **୪୧** ତାର୍ ପଚେ ଜିସୁ ତାର୍ କାତା ସୁନ୍‌ବା
ଲକ୍‌ମନ୍‌କେ ପାଚାର୍‌ଲା, “ପର୍‌ମେସର ବାଚିପାଟାଇଲା କିରିସ୍‌ଟ
ଦାଉଦ୍ ରାଜାର୍ ନାତିତିତି ବଲି ଲକ୍‌ମନ୍ କାଇକେ କଇଲାଇନି?”
**୪୨** କାଇକେ ବଇଲେ ଦାଉଦ୍ ରାଜା ଗିତ୍‌ସଙ୍ଗିତା ବଇତେଇ ନିଜେ
ଏନ୍ତି ଲେକି ଆଚେ, ପର୍‌ମେସର୍ ମର୍ ମାପ୍‌ରୁକେ କଇଲା, **୪୩**
ମୁଇ ତର୍ ବିରଦିମନ୍‌କେ ଆରାଇକରି ତର୍ ପାଦ୍‌ତଲେ ସଙ୍ଗଇବା
ପିଡାପାରା ନ କର୍‌ବା ଜାକ, ତୁଇ ମର୍ ଉଜାବାଟେସେ ବସି ର ।
**୪୪** ଜଦି ଦାଉଦ୍ ରାଜା କିରିସ୍‌ଟକେ ମାପ୍‌ରୁ ବଲି ଡାକି ରଇଲେ
ଆରି କିରିସ୍‌ଟ କେନ୍ତି ଦାଉଦ୍ ରାଜାର୍ ନାତିତିତି ଅଇସି? ବଲି
ପାଚାର୍‌ଲା । **୪୫** ସେବେଲା ସବୁ ଲକ୍‌ମନ୍ ଜିସୁ ସିକାଇବା
ବିସଇ ସୁନ୍‌ତେ ରଇଲାବେଲେ, ସେ ତାର୍ ସିସ୍‌ମନ୍‌କେ କଇଲା,
**୪୬** “ନିୟମ୍ ସିକାଇବା ଲକ୍‌ମନର୍‌ତେଇଅନି ଜାଗ୍‌ରତ୍ ରୁଆ
। ସେମନ୍ ନିମାନ୍ ପଟିଆ ପିନ୍ଦି ବୁଲ୍‌ବାକେ ମନ୍ କର୍‌ବାଇ ।
ଆଟେବାଟେ ଜୁଆର୍ ପାଇବାକେ, ପାର୍‌ତନା ଗରର୍ ମୁକିଆ
ଜାଗାଇ ବସ୍‌ବାକେ, ଆରି ବଜିତେଇ ସବୁ ଲକର୍‌ଟାନେଅନି
ଆଗ୍‌ତୁ ବସ୍‌ବାକେ ମନ୍ କର୍‌ବାଇ । **୪୭** ସେମନ୍ ଲାଜ୍ ନଅଇ ରାଣ୍ଡି
ମାଇଜିମନ୍‌କେ ନାଡାଇକରି ସେମନର୍ ଦନ୍‌ସଁପତି ଜୁରି ନେବାଇ
। ମାତର୍ ସେମନ୍ ନିମାନ୍ ଲକର୍‌ପାରା ଦେକାଇଅଇବାଇ । ଆରି
ଲକ୍‌ମନର୍ ମୁଆଟେ ବେସି ଲମାଇକରି ପାର୍‌ତନା କର୍‌ବାଇ ।
ଏନ୍ତାରି ଲକ୍‌ମନ୍‌କେ ପର୍‌ମେସର ବେସି ବଡ୍ ଡଣ୍ଡ ଦେଇସି ।”

**୨୧** ତାର୍ ପଚେ ଜିସୁ ଚାରିବେଡ୍‌ତି ଦେକ୍‌ଲା ଆରି ସାଉକାର୍
ଲକ୍‌ମନ୍ ମନ୍ଦିରର୍ ପେଟିଆଟାନେ ଦାନ୍ ଦେବାଟା
ଦେକ୍‌ଲା । **୨** ସେବେଲା ଗଟେକ୍ ଅର୍‌କିତ୍ ରାଣ୍ଡି ମାଇଜି ମିସା
ଜଡେକ୍ ଟାମାକାସୁ ଦେବାଟା ଜିସୁ ଦେକ୍‌ଲା । **୩** “ମୁଇ ତମ୍‌କେ
ସତ୍ କାତା କଇଲିନି, ସବୁ ଲକର୍‌ଟାନେଅନି ଏ ରାଣ୍ଡିମାଇଜି
ଅଦିକ୍ ଦେଲା ଆଚେ । **୪** କାଇକେ ବଇଲେ ସାଉକାର୍ ଲକ୍‌ମନ୍
ନିଜର୍ ନିଜର୍ ଅଗଲ୍‌ଲା ଦନ୍‌ତେଇଅନି ଅଲପ୍ ଅଲପ୍ ଦେଲାଇ
ଆଚତ୍ । ମାତର୍ ଏ, ନିଜେ ବଁଚ୍‌ବା ପାଇ ତାର୍ ଜେତ୍‌କି ରଇଲା
ସବୁ ଦେଲା ଆଚେ ।” **୫** କେତେଟା ସିସ୍‌ମନ୍ ମନ୍ଦିରର୍ ବିସଇ
ନେଇକରି ନିଆଇ କର୍‌ତେ ରଇଲାଇ । “ତେଇ ଲାଦିରଇବା
ସୁନ୍ଦର୍ ସୁନ୍ଦର୍ ପାକ୍‌ନା ଆରି ପର୍‌ମେସର୍‌କେ ସର୍‌ପି ଦେଲା
ଦାନ୍ ସଙ୍ଗ କେତେକ୍ ସୁନ୍ଦର୍ ଗର୍ ବାନ୍ଦଲାଇ ଆଚତ୍” ବଲି
କାତାଅଇତେ ରଇଲାଇ । **୬** “ଏନ୍ତି ଦିନ୍ ଆଇସି, ଏବେ ତମେ
କାଇ କାଇଟା ଦେକ୍‌ଲାସ୍‌ନି ସେଟା ସବୁ କୁରୁପ୍‌ନାସ୍ ଜାଇସି ।
ଗଟେକ୍ ପାକ୍‌ନା ମିସା ତାର୍ ଜାଗାଇ ନ ରଏ । ସବୁ ମାଟିତେଇ
ମିସି ଜାଇସି ।” **୭** ତାର୍ ପଚେ ସେମନ୍ ଜିସୁକେ ପାଚାର୍‌ଲାଇ,
“ଏ ଗୁରୁ, ଏଟା ସବୁ କେବେ ଅଇସି? ଆରି ଏ ସବୁ ଗଟ୍‌ନା
କେଟ୍‌ବା ଆଗ୍‌ତୁ ସେଟା କେଡେବଲ୍ ଅଇସି ବଲି କେନ୍ତି ଚିନି
ଅଇସି?” **୮** ଜିସୁ ସେମନ୍‌କେ କଇଲା, “ଜାଗ୍‌ରତ୍‌ଅଇକରି
ରୁଆ, ନାଡାଇ ଉଆ ନାଇ । ବେସି ଲକ୍ ମର୍ ନାଉଁଦାରି ଆସି
କଇବାଇ, ‘ମୁଇ ସେ ଆକା ।’ ବେଲା କେଟ୍‌ଲା ଆଚେ, ମାତର୍
ତମେ ସେମନର୍ ପଚେ ଜାଆ ନାଇ । **୯** ଆରି କେବେ ତମେ
ଜୁଇଦ୍ ଆରି କିରମାର ଅଇବାଟା ସୁନ୍‌ସା, ସେବେଲା ଡରା ନାଇ
। କାଇକେ ବଇଲେ ଏ ସବୁ ଗଟ୍‌ନା ଆଗ୍‌ତୁ ଅଇସିସେ । ମାତର୍
ଏ ଦୁନିଆର୍ ସେସ୍ ଦିନ୍ ସେଦାପ୍‌ରେ ନ ଆସେ ।” **୧୦** ଆରି

ଜିସୁ କଇଲା, “ଦେସ୍ ବିରୁଦେ ଦେସ୍ ଆରି ଜାତି ବିରୁଦେ ଜାତି
ଉଟ୍ସି । ୧୧ ଦର୍ତନି ଚୁଲ୍ବୁଲ୍ସି । ବଡ୍ ରଗ୍ମନ୍ ଅଇସି ଆରି
ଆକାସେ କେବେ ନ ଅଇବା କାବା ଅଇଜିବା ଚିନ୍ମନ୍ ଡିସ୍ସି ।
୧୨ ମାତର୍ ଏ ସବୁ ବିସଇ ନ ଅଇବା ଆଗ୍ତୁ, ତମ୍କେ ବାନ୍ଦିକରି
ନେଇ ସାସ୍ତି ଦେବାଇ, ପାର୍ତନା ଗର୍ମନ୍କେ ବିଚାର୍ କରି
ବନ୍ଦିଗରେ ପାକାଇବାକେ ସର୍ପିଦେବାଇ । ମର୍ପାଇ ତମେ
ରାଜା ଆରି ସାସନ୍ କାରିଆମନର୍ ମୁଆଟେ ଟିଆ ଅଇସା ।
୧୩ ମର୍ ବିସଇ ତମେ ବିନ୍ ଲକ୍ମନ୍କେ କଇବାକେ ଗଟେକ୍
ସମାନ୍ ବେଲା ଅଇସି । ୧୪ ତେବର୍ ପାଇ ‘ମୁଇ ନିଜ୍କେ କେନ୍ତି
ରକିଆ କର୍ବି?’ ସେ ବିସଇ ବାବିକରି ଆଗେଅନି ଚିନ୍ତା କରା
ନାଇ । ୧୫ କାଇକେ ବଇଲେ ମୁଇ ତମ୍କେ ଟିକ୍ପଦ୍ କଇବାକେ
ଗିଆନ୍ ଦେବି । ତମ୍କେ ବିରଦ୍ କର୍ବା ଲକ୍ମନ୍ ସେ ଗିଆନର୍
ବାଦୁଲେ କାଇଟା କଇନାପାରତ୍ । ୧୬ ଆରି ତମର୍ ମାଆ
ବାବା, ବାଇ, ନିଜର୍ ଲାଗାର୍ ଲିତାର୍ ଲକ୍, ମଇତର୍ମନ୍ ଆରି
କୁଟୁମର୍ ଲକ୍ମନ୍, ତମ୍କେ ବିରଦିମନ୍କେ ସର୍ପି ଦେବାଇ
ଆରି ତମର୍ ବିତ୍ରେ ଅନି କେତେ ଲକ୍କେ ମରାଇଦେବାଇ ।
୧୭ ତମେ ମର୍ତେଇ ବିସ୍ବାସ୍ କଲାସ୍ନି ବଲି ଗୁଲାଇ ଲକ୍ମନ୍
ତମ୍କେ ଇନ୍ କର୍ବାଇ । ୧୮ ମାତର୍ ତମର୍ ମୁଣ୍ଡର୍ ଚେଣ୍ଡି
ମିସା ଗଟେକ୍ ନ ନସେ । ୧୯ ତମେ ଡାଟ୍ଅଇ ରଇଲେ ଏ ସବୁ
ବିସଇ ମୁର୍ଚିକରି, ତମର୍ ଆତ୍ମାକେ ରକିଆ କର୍ସା ।” ୨୦
“ମାତର୍ ଜେଡେବଲ୍ ତମେ ଜିରୁସାଲମ୍ ଗଡେ ବିରଦି ସନିଅମନ୍
ଚାରିବେଡ୍ତି କିନ୍ଦ୍ରି ରଇବାଟା ଦେକ୍ସା ବଇଲେ, ସେବେଲା
ଜିରୁସାଲାମ୍ ନସ୍ଟ ଅଇବା ବେଲା ଲଗେ କେଟ୍ଲା ବଲି ଜାନା ।
୨୧ ସେବେଲାଇ କେ କେ ଜିଉଦା ଦେସେ ରଇବାଇ, ସେମନ୍
ଡଙ୍ଗର୍ ବିତ୍ରେ ପାଲାଅତ୍ । କେ କେ ଗଡ୍ ବିତ୍ରେ ରଇବାଇ
ସେମନ୍ କେନେ ମିସା ବଁଚ୍ବାକେ ପାଲାଅତ୍ । କେ କେ ଗଡ୍
ବାଇରେ ରଇବାଇ ସେମନ୍ ଗଡ୍ ବିତ୍ରେ ନ ପୁରତ୍ । ୨୨
କାଇକେ ବଇଲେ ସେଟା ସାସ୍ତରର୍ ସବୁ ବିସଇ ଜେନ୍ତିକି ସିଦ୍
ଅଇସି, ସେଟାର୍ ପାଇ ସେ ଦିନ୍ମନ୍ ବେସି ଡଣ୍ଡ ପାଇବା ଦିନ୍ମନ୍
ଅଇସି । ୨୩ ସେ ଦିନ୍ମନ୍କେ ଗାଗ୍ଡେ ରଇବା ମାଇଜିମନ୍
ଆରି ଦୁଦ୍ କୁଆଇତେରଇବା ମାଆମନର୍ କେତେକ୍ ଦୁକର୍ ଦିନ୍
ଅଇସି । ଏ ଦେସର୍ ଲକ୍ମନ୍କେ ଅପର୍ବଲ୍ ଦୁକ୍ ଆଇସି ଆରି
ସେମନ୍ ଡଣ୍ଡ ପାଇବାଇ । ୨୪ କେତେ ଲକ୍କେ କାଣ୍ଡାର୍ଦାର୍
ସଙ୍ଗ ମରାଇବାଇ ଆରି କେତେ ଲକ୍ମନ୍କେ ବନ୍ଦିକରି ବିନ୍ବିନ୍
ଦେସେ ଦାରିଜିବାଇ । ଜିଉଦି ନଇଲା ଲକ୍ମନର୍ ବେଲା ନ
ସାର୍ବାଜାକ ଜିରୁସାଲାମ୍ ବିନାସ୍ କର୍ବାକେ ଚାଡିଦେବାଇ
।” ୨୫ “ବାଦ୍ଲେ, ବେଲ୍ଟାନେ, ଜନ୍ଟାନେ ତାରାମନର୍ଟାନେ
କେବେ ନ ଡିସ୍ବା ଚିନ୍ମନ୍ ଡିସ୍ସି । ଦୁନିଆର୍ ସବୁ ଦେସର୍
ଲକ୍, ବେସି ଦୁକ୍ କସ୍ଟ ପାଇବାଇ । ଜେଡେବେଲା ସମ୍ଦୁରର୍
ବଡ୍ ଲଅଡି ଗରଜ୍ଲେ ଲକ୍ମନ୍ କାଇଟା କର୍ବାର୍ ଆଚେ
କାଇଟା ନାଇ ବଲି ବାୟାବିକଲ୍ ଅଇଜିବାଇ । ୨୬ ଆରି
ଲକ୍ମନ୍ ଦୁନିଆଇ ଆଇବା ସବୁ ଗଟ୍ନା ଦେକିକରି ‘କାଇକେ
ଏନ୍ତି ଅଇଲାନି?’ ବଲି ଡରିକରି କେତେ ଲକ୍ ମୁର୍ଚା ଅଇଜିବାଇ
। କାଇକେ ବଇଲେ ଆକାସେ ରଇଲା ସବୁ ବିସଇ ପର୍ମେସର
ଚୁଲ୍ବୁଲାଇ ଦେଇସି । ୨୭ ସେବେଲାଇ ଲକ୍ମନ୍ ପର୍ମେସର୍
ତେଇଅନି ଆସିରଇବା ନର୍ପିଲା ମୁଇ, ବେସି ବପୁସଙ୍ଗ ଆରି
ଡାକ୍ପୁଟାଅଇକରି ବାଦ୍ଲେ ଆଇବାଟା ଦେକ୍ବାଇ । ୨୮ ମାତର୍
ଏ ସବୁ ଗଟ୍ନା ଆରାମ୍ ଅଇଲେ ତମେ ଡାଟ୍ସଙ୍ଗ ଟିଆଅଇ
ଉପ୍ରେ ଦେକା । କାଇକେ ବଇଲେ ତମର୍ ରକିଆ ପାଇବା ଦିନ୍
ଲଗେ ଆଚେ ।” ୨୯ ଆରି ଜିସୁ ସେମନ୍କେ ଗଟେକ୍ ଉଦାଅରନ୍
କଇଲା, “ଡୁମ୍ରି ଗଚ୍ ଆରି ବିନ୍ ସବୁ ଗଚର୍ କାତା ଚିନ୍ତା କରା ।
୩୦ ଜେଡେବେଲେ ତାର୍ କେନ୍ଦିଅନି ପତର୍ ପାଲୁଆନି କର୍ସି,
ଆରି କାଁଚାପତ୍ରିଆ ଡିସ୍ଲେ କାରାଦିନ୍ କେଟ୍ଲା ବଲି ତମେ
ଜାନ୍ସା । ୩୧ ସେନ୍ତାରିସେ ଏ ସବୁ ବିସଇ ଅଇବାଟା ଦେକ୍ଲେ
ପର୍ମେସରର୍ ରାଇଜ୍ କେଟି ଆଇଲା ବଲି ଜାନ୍ସା ।” ୩୨
“ମୁଇ ତମ୍କେ ସତ୍କାତା କଇଲିନି । ମନେ ରକା, ଏବେ ଜିବନ୍
ରଇବା ସବୁ ଲକ୍ମନର୍ ମରନ୍ ଅଇବା ଆଗ୍ତୁ ଏ ସବୁ ଗଟ୍ସି ।
୩୩ ସରଗ୍ ଆରି ମଚ୍ପୁର୍ ନସି ଜାଇସି, ମାତର୍ ମର୍ ବାକିଅ
କେବେ ନ ନସେ ।” ୩୪ “ମାତର୍ ତମେ ନିଜର୍ ନିଜର୍ ବିସଇ
ନେଇକରି ଜାଗ୍ରତ୍ ରୁଆ । ତମର୍ ମନ୍ ସବୁବେଲାଇ ବଜିବାତ୍
କରି ମଦ୍ ପେଣ୍ଡମ୍ କାଇବା ବିସଇ ଆରି କେନ୍ତାର୍ ଜିଇବାର୍
ଅଇସି କେନ୍ତାର୍ ନାଇ ବଲି ଚିନ୍ତାକରି ରଇଲାବେଲେ, ସେ ଦିନ୍
ଅଟାତ୍ ପାନ୍ଦ ପାରା ଆସି ଲାଗିଜାଇସି । ୩୫ ସେନ୍ତାରିସେ ଏ
ଦୁନିଆର୍ ସବୁ ଲକ୍କେ ସେଟା ଗଟ୍ସି । ୩୬ ସେ ଦିନ୍ମନ୍କେ
ଗଟ୍ବା ସବୁ ବିସଇ ଦେଇ, କାଇ ବିପଦ୍ ନ ଅଇ ଜିବାକେ
ଆରି ପର୍ମେସର୍ ପାଟାଇରଇବା ନର୍ପିଲା ମର୍ ମୁଆଟେ ଟିଆ
ଅଇବାକେ, ପାର୍ତନା କରି ଜାଗରତ୍ ଅଇରୁଆ ।” ୩୭ ଜିସୁ
ସେ ଦିନ୍ମନ୍କେ ମନ୍ଦିରେ ଜାଇ ନିମାନ୍ କାତା ସିକାଇ ଦେଇତେ
ରଇଲା । ଆରି ତାର୍ ସିସ୍ମନର୍ ସଙ୍ଗ ସବୁ ରାତି ବାରିଜାଇ ଜିତ୍
ନାଉଁର୍ ଡଙ୍ଗରେ ବିତାଇତେ ରଇଲା । ୩୮ ବେସି ଲକ୍ ଜିସୁର୍
କାତା ସୁନ୍ବାକେ ସବୁ ଦିନ୍ ସାକାଲେ ମନ୍ଦିରେ ଜାଇତେରଇଲାଇ
।

**୨୨** କମିର୍ ନ ପାକାଇ ରୁଟି ତିଆର୍ କର୍ବା ପରବ୍ ଜାକେକି
ନିସ୍ତାର୍ ପରବ୍ ବଲି ମିସା କଇବାଇ, ସେ ପରବ୍
ଲଗାଲଗି କେଟି ଆଇତେ ରଇଲା । ୨ ଆରି ମୁକିଅ ପୁଜାରିମନ୍,
ସାସ୍ତର୍ ସିକାଉମନ୍ ଲକ୍ମନ୍କେ ଡର୍ତେ ରଇଲାଇ । ଜିସୁକେ
କେନ୍ତି ଲୁଚ୍ତେ ମରାଉଁ? ବଲି ବାଟ୍ କଜ୍ତେ ରଇଲାଇ । ୩ ଆରି
ଜିସୁର୍ ବାର୍ଟା ସିସ୍ମନର୍ ବିତ୍ରେଅନି ଇସ୍କାରିୟତ୍ ଜିଉଦା
ନାଉଁର୍ ଗଟେକ୍ ସିସ୍ ରଇଲା । ସେବେଲାଇ ତାର୍ ମନ୍ ବିତ୍ରେ
ସଇତାନ୍ ପୁରିଦେଲା । ୪ ଆରି ସେ ମୁକିଅ ପୁଜାରିମନ୍ ଆରି
ମନ୍ଦିର୍ ଜାଗି ରଇବା ସେନାପତିମନର୍ ଲଗେ, କେନ୍ତିକରି ଜିସୁକେ
ବିସ୍ବାସେ ବିସ୍ ଦେଲା ପାରା କରି, ତାକେ ଦାରାଇଦେବି ବଲି

ସେମନର୍ ସଙ୍ଗ୍ କାତାବାର୍ତା ଅଇବାର୍ ଗାଲା । ୫ ସେଟାର୍ପାଇ
ସେ ଲକ୍ମନ୍ ବେସି ସାର୍ଦା ଅଇକରି ତାକେ ଡାବୁ ଦେବାକେ
ରାଜି ଅଇଲାଇ । ୬ ଜିଉଦା ମିସା ରାଜି ଅଇଲା ଆରି ଲକ୍ମନର୍
ନ ଜାନ୍ତେ ଜିସୁକେ ଦାରାଇଦେବାକେ ସୁଜଗ୍ କଜ୍ତେରଇଲା ।
୭ ତାର୍ପଚେ ନିସ୍ତାର୍ ପରବର୍ ବଜି କରି ମେଣ୍ଡାପିଲା ମାର୍ବା
ଦିନ୍ ଆଇଲା । ୮ ଜିସୁ, ପିତର୍ ଆରି ଜଅନ୍କେ ଏ କାତା କଇ
ପାଟାଇଲା । "ଜା ଆରି ଆମର୍ପାଇ ନିସ୍ତାର୍ ପରବର୍ ବଜି
କାଇବାକେ ଟିକ୍ କରା ।" ୯ ସେମନ୍ ଜିସୁକେ ପାଚାର୍ଲାଇ,
"ଆମେ କନ୍ ଜାଗାଇ ବଜି ତିଆର୍କର୍ବୁ ବଲି ତମେ ମନ୍
କଲାସ୍ନି?" ୧୦ ଜିସୁ ସେମନ୍କେ କଇଲା, ଦେକା, ତମେ
ଗଡ୍ ବିତ୍ରେ ପୁର୍ବା ବେଲେ ଗଟେକ୍ ଆଣ୍ଡିତେଇ ପାନିନେଇ
ଜିବା ଲକ୍କେ ବେଟ୍ପାଇସା । ସେ ଜନ୍ ଗରେ ପୁର୍ସି, ତାର୍
ପଚ୍ପଚ୍ ଜାଇ ସେ ଗରର୍ ସାଉକାର୍କେ କୁଆ, ୧୧ "ଆମର୍
ଗୁରୁ ତମ୍କେ ଏ କବର୍ କଇ ପାଟାଇଆଚେ, ମୁଇ ଆରି ମର୍
ସିସ୍ମନ୍ କନ୍ ବାକ୍ରାଇ ରକିଆ ପାଇବା ପରବର୍ ବଜି ମାନ୍ବୁ?
୧୨ ତାର୍ପଚେ ସେ ଲକ୍ ତମ୍କେ ଗର୍ ଉପ୍ରେ ରଇବା ମଅଲା
ତିଆର୍ ଅଇରଇଲା ଗଟେକ୍ ବଡ୍ ବାକ୍ରା ଦେକାଇ ଦେଇସି ।
ତେଇ ତମେ କାଦି ତିଆର୍ କରା ।" ୧୩ ସେମନ୍ ଜାଇକରି ଜିସୁ
ସେମନ୍କେ ଜେନ୍ତି କଇରଇଲା ସେନ୍ତିସେ ଦେକ୍ଲାଇ । ଆରି
ନିସ୍ତାର୍ ପରବର୍ ବଜି ତିଆର୍ କଲାଇ । ୧୪ ସମାନ୍ ବେଲା
କେଟ୍ଲାକେ ଜିସୁ ପେରିତ୍ମନର୍ ସଙ୍ଗ୍ କାଇବାକେ ମିସ୍ତେ
ବସ୍ଲାଇ । ୧୫ ସେବେଲା ଜିସୁ ସେମନ୍କେ କଇଲା, "ମୁଇ ଦୁକ୍
କସ୍ଟ ପାଇବା ଆଗ୍ତୁ ନିସ୍ତାର୍ ପରବ୍ ତମର୍ସଙ୍ଗ୍ ମିସ୍ତେ
କର୍ବାକେ ବେସି ମନ୍ କରିରଇଲି । ୧୬ ମୁଇ ତମ୍କେ କଇଲିନି,
ପର୍ମେସରର୍ ରାଇଜେ ଏଟା ପୁରାପୁରୁନ୍ ନ ଅଇବାଜାକ,
କେବେ ମିସା ଏଟା ନ କାଇ ।" ୧୭ ଆରି ସେ ଅଙ୍ଗୁର୍ ରସ୍
ଦାରି ପର୍ମେସର୍କେ ଜୁଆର୍ କରି କଇଲା, "ଏଟା ନେଇ ତମର୍
ନିଜର୍ ନିଜର୍ ବିତ୍ରେ ବାଟା କରା । ୧୮ ମୁଇ ତମ୍କେ କଇଲିନି
ପର୍ମେସରର୍ ରାଇଜ୍ ନ ଆଇବା ଜାକ, ଏ ରସ୍ କେବେ
ମିସା ନ କାଇ ।" ୧୯ ଆରି ରୁଟି ଦାରିକରି ପର୍ମେସର୍କେ
ଦନିଅବାଦ୍ଦେଇ ବାଙ୍ଗାଇ ସେମନ୍କେ ଦେଇକରି କଇଲା, "ଏଟା
ମର୍ ଗାଗଡ୍, ଜନ୍ଟା ତମର୍ ପାଇ ଦିଆଅଇଲା ଆଚେ । ମକେ
ଏତାଇବା ପାଇ ଏଟା କରା ।" ୨୦ ସେନ୍ତାରିସେ କାଇଲା ପଚେ
ସେ ମୁତାଇ ଅଙ୍ଗୁର୍ ରସ୍ ଦାରି କଇଲା, "ଏ ମୁତା ମର୍ ବନିତେଇ,
ପର୍ମେସର୍ ଲକ୍ମନର୍ ସଙ୍ଗ୍ କଲା ନୁଆ ରାଜିନାମା । ଏଟା
ତମର୍ପାଇ ଜର୍ଲା ମର୍ ବନି ।" ୨୧ "ମାତର୍ ଦେକା ଇତି
ମର୍ସଙ୍ଗ୍ ବସି କାଇବା ଗଟେକ୍ ଲକ୍ସେ ବିରଦି ଲକ୍ମନର୍ ଆତେ
ମକେ ଦାରାଇ ଦେଇସି । ୨୨ ପର୍ମେସରର୍ଟାନେଅନି ଆଇଲା
ନର୍ପିଲା ମୁଇ, ସେ ଜେନ୍ତି ଜଜ୍ନା କଲାଆଚେ, ସେନ୍ତାରିସେ
ମର୍ବାକେ ଅଇସି । ମାତର୍ ଜନ୍ ଲକ୍ ମକେ ବିସ୍ବାସେ ବିସ୍
ଦେଲାପାରା ବିରଦିମନର୍ ଆତେ ଦାରାଇ ଦେଇସି, ତାକେ ବେସି
ଡଣ୍ଡ ମିଲ୍ସି ।" ୨୩ ସେବେଲାଇ ସିସ୍ମନ୍ ସେମନର୍ ବିତ୍ରେ
କାତା ଅଇଲାଇ, "ଏନ୍ତି ବଇଲେ ଆମର୍ ବିତ୍ରେ କେ ଜିସୁକେ
ସେନ୍ତି କର୍ସି?" ୨୪ ତାର୍ ପଚେ ସେମନର୍ ବିତ୍ରେଅନି କେ
ବଡ୍ ବଲି ଦଦାପେଲା ଅଇଲାଇ । ୨୫ ଜିସୁ ସେମନ୍କେ କଇଲା,
"ଏ ଦୁନିଆର୍ ରାଜାମନ୍ ସେମନର୍ ଲକ୍ମନ୍କେ ନିଜର୍ ଅଦିକାର୍
ଦେକାଇ ସାସନ୍ କର୍ବାଇ । ଆରି ସେମନ୍, ଆମେ ଲକ୍ମନ୍କେ
ଦରମ୍ କର୍ବା ଲକ୍ ବଲି ଡାକ୍ପୁଟା ଅଇବାଇ । ୨୬ ମାତର୍
ତମର୍ ବିତ୍ରେ ଏନ୍ତି ନ ଉଆ । କେ ବଡ୍ ସେ ସାନ୍ ଅ । ଆରି
କେ ନେତା ରଇସି ସେ ସବୁଲକର୍ ସେବା କର୍ବାର୍ ଆଚେ । ୨୭
ଏ ଦୁନିଆର୍ ଇସାବେ, ବସିକରି କାଇବା ଲକ୍ ବଡ୍ କି, ବାଟାକରି
ଦେବା ଲକ୍ ବଡ୍? ବସିକରି କାଇବା ଲକ୍ ସେ ବଡ୍ ଅଇସି ।
ମାତର୍ ମୁଇ ସେନ୍ତି ନଇ । ମୁଇ ତମର୍ ବିତ୍ରେ ବାଟାକରି ଦେବା
ଲକର୍ ପାରା । ୨୮ ତମେ ମର୍ ସବୁ ପରିକାଟାନେ ମର୍ସଙ୍ଗ୍
ରଇ ଆଇଲାସ୍ନି । ୨୯ ମର୍ ବାବା ପର୍ମେସର୍ ଜେନ୍ତି ସାସନ୍
କର୍ବାକେ ମକେ ତାର୍ ରାଇଜର୍ ଅଦିକାର୍ ଦେଲା ଆଚେ, ସେନ୍ତି
ମୁଇ ମିସା ତମ୍କେ ଅଦିକାର୍ ଦେବି । ୩୦ ଆରି ତମେ ମର୍
ରାଇଜେ ମର୍ସଙ୍ଗ୍ ବସି କାଆପିଆ କର୍ସା । ରାଜ୍ଗାଦି ବସି
ଇସ୍ରାଏଲର୍ ବାରଟା ଜାତିର୍ ଲକ୍ମନ୍କେ ସାସନ୍ କର୍ସା ।"
୩୧ "ଏ ସିମନ୍, ସିମନ୍! ସୁନ୍! ଚାସି ଜେନ୍ତି ଦାନ୍ ଉଡାଲିକରି
ପଟ୍ ବିନେ କର୍ସି, ସେନ୍ତାରି ସଇତାନ୍ ତମ୍କେ ତେରେପେତେ
କର୍ବାକେ ଆଦେସ୍ ପାଇଲା ଆଚେ । ୩୨ ମାତର୍ ତର୍ ବିସ୍ବାସ୍
ଉନା ନ ଅ ବଲି ମୁଇ ପାର୍ତନା କଲିଆଚି । ସେ ପରିକାଇ,
ବିସ୍ବାସେ ଡାଟ୍ଅଇ, ଜିତି ଆଇଲେ ତର୍ ବାଇମନ୍କେ ମିସା
ସେନ୍ତି ଡାଟ୍ କରାଇସୁ ।" ୩୩ ସେବେଲାଇ ସିମନ୍ ଜିସୁକେ
କଇଲା, "ଏ ମାପ୍ରୁ ମୁଇ ତର୍ସଙ୍ଗ୍ ବନ୍ଦି ଗରେ ଜିବାକେ ଆରି
ମର୍ବାକେ ମିସା ରାଜି ଆଚି ।" ୩୪ ତାର୍ ପଚେ ଜିସୁ କଇଲା,
"ଏ ପିତର୍ ମୁଇ ତକେ କଇଲିନି, ତୁଇ ଏବେ ଏନ୍ତି କଇଲୁସ୍ନି,
ମାତର୍ ଆଜି ରାତି କୁକ୍ଡା ନ ଡାକ୍ବା ଆଗ୍ତୁ ମକେ ତିନ୍ତର୍
ନାଜାନି ବଲି କଇସୁ ।" ୩୫ ଜିସୁ ତାର୍ ସିସ୍ମନ୍କେ ପାଚାର୍ଲା
। "ମୁଇ ତମ୍କେ ପାଟାଇଲାବେଲେ ବେସ୍ନି, ମୁନା ଆରି ପାଣ୍ଡଇ
ନ ନେବାକେ କଇରଇଲି । ସେବେଲାଇ ତମ୍କେ କାଇ ଅବାବ୍
ଅଇଲା କି?" "ନାଇ, କାଇଟା ମିସା ଅବାବ୍ ଅଏ ନାଇ ।" ବଲି
କଇଲାଇ । ୩୬ ଆରି ସେ କଇଲା, "ମାତର୍ ଏବେ ତମ୍କେ
କଇଲିନି, ବେସ୍ନି କି ମୁନା ରଇଲେ ନିଆ । ଆରି ଜାକେ କାଣ୍ଡା
ନାଇ, ସେ ପିନ୍ଦ୍ବାଟା ବିକି କାଣ୍ଡା ଗେନ । ୩୭ ମୁଇ ତମ୍କେ
କାଇକେ କଇଲିନି 'ସେ ଅପରାଦିମନର୍ ସଙ୍ଗ୍ ସମାନ୍ ଦସା
ପାଇଲା' ବଲି ସାସ୍ତରେ ଲେକା ଅଇଲା କାତା ସିଦ୍ ଅଇବାକେ
ଗାଲାନି ।" ୩୮ ସିମନ୍ ଜିସୁକେ କଇଲା, "ଏ ମାପ୍ରୁ, ଦେକା
ଆମର୍ ବିତ୍ରେ ଜଡେକ୍ କାଣ୍ଡା ଆଚେ ।" ଜିସୁ କଇଲା, "ସେତ୍କି
ଅଇସି ।" ୩୯ ତେଇଅନି ଜିସୁ ଗଡ୍ ଚାଡି ଆଗ୍ତୁର୍ ଅବିଆସ୍
ଇସାବେ ଜିତ୍ନାଉଁର୍ ଡଙ୍ଗ୍ରେ ପାର୍ତନା କର୍ବାକେ ଗାଲା ।

ସିସ୍‌ମନ୍ ମିସା ତାର୍ ସଙ୍ଗ୍ ରଇଲାଇ । ୪୦ ଆରି ସେ ଜାଗାଇ
କେଟିକରି ସିସ୍‌ମନ୍‌କେ କଇଲା, “ତମେ ପରିକାର୍ ପାନ୍ଦେ ନ
ଲାଗାଇ ଅଇବାକେ ପାର୍‌ତନା କରା ।” ୪୧ ତାର୍ ପଚେ ଜିସୁ
ତାକର୍‌ତେଇଅନି କଣ୍ଡେକ୍ ଦୁର୍ ଜାଇ ମାଣ୍ଡିକୁଟା ଦେଇକରି
ପାର୍‌ତନା କର୍‌ବାର୍ ଦାର୍‌ଲା । ୪୨ “ଏ ବାବା, ତୁଇ ମନ୍‌କଲେ ଏ
କସ୍‌ଟର୍ ମୁଟା ମର୍‌ତେଇଅନି ଦୁରିକେ ନେ । ମାତର୍ ମୁଇ ମନ୍
କଲା ଇସାବେ ନାଇ, ତର୍ ମନ୍‌କଲା ଇସାବେ ସିଦ୍ ଅ ।” ୪୩
ସେଡ୍‌କିବେଲେ ଏଦେ ଦେକା! ପର୍‌ମେସରର୍ ଗଟେକ୍ ଦୁତ୍ ଆସି
ଜିସୁକେ ଦେକାଇଅଇଲା ଆରି ଡାଟ୍‌ସଙ୍ଗ୍ ରଇବାକେ ବପୁଦେଲା ।
୪୪ ମାତର୍ ଜିସୁ ଅଦିକ୍ ବିକଲ୍ ଅଇ, ମନ୍‌ଦିଆନ୍ ଦେଇ ପାର୍‌ତନା
କର୍‌ବାର୍ ଦାର୍‌ଲା । ତାର୍ ଗାଗ୍‌ଡର୍ ଜାଲ୍ ପାନି, ବନିପାରା
ଜର୍‌ଜର୍ ଅଇ ବୁଏଁ ତିପିଗାଲା । ୪୫ ଆରି ଜିସୁ ପାର୍‌ତନା
କରିସାରାଇ ସିସ୍‌ମନର୍ ଲଗେ ଗାଲା । ସେମନ୍ ସବୁ ଲକ୍
ଦୁକ୍‌ଅଇକରି ତାକିଜାଇ ସଇରଇଲାଟା ସେ ଦେକ୍‌ଲା । ୪୬ ତେଇ
ସେମନ୍‌କେ କଇଲା, “ତମେ କାଇକେ ସଇଦେଇ ଆଚାସ୍? ଉଟା
ପରିକାର୍ ପାନ୍ଦେ ନ ଲାଗାଇ ଅଇବାକେ ପାର୍‌ତନା କରା ।” ୪୭
ଜେଡେବଲ୍ ଜିସୁ ଏ କାତା କଇତେରଇଲା ଗାଦି ଲକ୍‌ମନ୍ ତେଇ
ଆଇଲାଇ । ଜିସୁର୍ ବାର୍‌ଟା ସିସ୍‌ମନର୍ ବିତ୍‌ରେଅନି ଜିଉଦା
ନାଉଁର୍ ସିସ୍, ସେମନର୍ ଆଗ୍‌ତୁ ଅଇ ସେମନ୍‌କେ ଡାକିଆନ୍‌ଲା,
। ଆରି ଜିସୁକେ ଚୁମିକରି ସେମନ୍‌କେ ଚିନାଇଦେଲା । ୪୮
ଜିସୁ ଜିଉଦାକେ ପାଚାର୍‌ଲା, “ଏ ଜିଉଦା ପର୍‌ମେସର୍‌ତେଇ ଅନି
ଆଇଲା ନର୍‌ପିଲା ମକେ, ତୁଇ ବିରଦି ଲକ୍‌ମନ୍‌କେ ଚୁମିକରି
ଦାରାଇଦେଲୁସ୍‌ନି କି?” ୪୯ ସେ ବିରଦି ଲକ୍‌ମନ୍ ଜିସୁକେ
ବନ୍ଦିକରି ଦାରିଜିବାଇ ବଲି ସିସ୍‌ମନ୍ ଜାନ୍‌ଲାଇ । ସେବେଲାଇ
ସିସ୍‌ମନ୍ ଜିସୁକେ ପାଚାର୍‌ଲାଇ, “ଏ ମାପ୍‌ରୁ, ଆମର୍ କାଣ୍ଡା
ବେଟ୍‌ବୁ କି?” ୫୦ ସିସ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍, ବଡ୍
ପୁଜାରିର୍ ଗତିଦାଙ୍ଗ୍‌ଡାର୍ ଉଜା କାନ୍ ଚିଡ୍‌ତେ କାଟିପାକାଇଲା
। ୫୧ ଏଟା ଦେକି ଜିସୁ କଇଲା, “ନିଚୁ” । ସେ ଚିଡ୍‌ଲା କାନ୍
ଚିଇକରି ନିକ କଲା । ୫୨ ଜିସୁ ତାକେ ବନ୍ଦି କର୍‌ବାକେ ଆଇଲା
ମୁକିଅ ପୁଜାରିମନ୍‌କେ, ମନ୍ଦିର୍ ଜାଗି ରଇବା ସେନାପତିମନ୍‌କେ
ଆରି ପାର୍‌ଚିନ୍‌ମନ୍‌କେ କଇଲା, “ମୁଇ କାଇ ଡାକୁ କି? ମକେ
ଦାର୍‌ବାକେ ବଡ୍ ବଡ୍ ଟେଙ୍ଗ୍ ଆରି କାତିକାଣ୍ଡା ଦାରି ଆସି ଆଚାସ୍
। ୫୩ ସବୁ ଦିନେତା ମୁଇ ମନ୍ଦିରେ ତମର୍ ସଙ୍ଗ୍ ରଇଲି, ମାତର୍
ତମେ ମକେ ବାନ୍ଦାସ୍ ନାଇ । ଏବେ ବେଲା କେଟ୍‌ଲା ଆଚେ
। ମକେ କାଇଟାମିସା କର୍‌ବାକେ ପର୍‌ମେସର୍ ସଇତାନ୍‌କେ
ଅନୁମତି ଦେଲାଆଚେ ।” ୫୪ ତାର୍ ପଚେ ସେମନ୍ ଜିସୁକେ
ବାନ୍ଦିକରି ବଡ୍ ପୁଜାରିର୍ ଗରେ ଦାରିଗାଲାଇ । ପିତର୍ ଦୁରିକେ
ରଇ ସେମନର୍ ପଚେପଚେ ଗାଲା । ୫୫ ସନିଅମନ୍ ଜଇଲାଗାଇ
ଚାରିବେଡ୍‌ତି ବସ୍‌ଲାଇ । ପିତର୍ ମିସା ସେମନର୍ ସଙ୍ଗ୍ ବସ୍‌ଲା ।
୫୬ ଗଟେକ୍ ଗତିଦାଙ୍ଗ୍‌ଡି ପିତର୍‌କେ ଜଇପାଲି ବସ୍‌ଲାଟା ନିକକରି
ଦେକି କଇଲା, “ଏ ଲକ୍ ମିସା ଜିସୁର୍ ସଙ୍ଗ୍ ରଇଲା!” ୫୭ ମାତର୍
ପିତର୍ ରାଜି ନ ଅଇ କଇଲା, “ଏ ଗତିଦାଙ୍ଗ୍‌ଡି, ତାକେ ମୁଇ
ମୁଲ୍‌କେ ନାଜାନି ।” ୫୮ ଚନେକ୍ ରଇଲା ପଚେ ଆରି ଗଟେକ୍
ଲକ୍ ପିତର୍‌କେ ଦେକି କଇଲା, “ତୁଇ ମିସା ତାର୍ ସଙ୍ଗ୍ ରଇଲୁସ୍
।” ମାତର୍ ପିତର୍ ତାକେ କଇଲା, “ମୁଇ ନଇ ।” ୫୯ ଗଟେକ୍
ଗଁଟା ଗାଲାପଚେ ଆରି ଗଟେକ୍ ଲକ୍ ପିତର୍‌କେ ଦେକି କଇଲା,
“ଏ ଲକ୍‌ମିସା ନିଜେ ତାର୍ ସିସ୍‌ମନର୍ ସଙ୍ଗ୍ ରଇଲା । ଆକେ
ମୁଇ ନିକକରି ଜାନି । କାଇକେ ବଇଲେ ସେ ଗଟେକ୍ ଗାଲିଲିର୍
ଲକ୍ ।” ୬୦ ଏଟା ସୁନି ପିତର୍ ସେ ଲକ୍‌କେ କଇଲା, “ଏ ବାଇ
ତୁଇ କାଇଟା କଇଲୁସ୍‌ନି? ମୁଇ ବିଲ୍‌କୁଲ୍ ନାଜାନି ।” ସେ କାତା
ପିତର୍ କଇଲା ଦାପ୍‌ରେ, କୁକ୍‌ଡା ଡାକ୍‌ଲା । ୬୧ ସେବେଲେ
ଜିସୁମାପ୍‌ରୁ ପିତର୍‌କେ ପାସ୍‌ଲି ନିମାନ୍ କରି ଦେକ୍‌ଲା । ଜିସୁ
ଆଗ୍‌ତୁ କଇଲା କାତା ସେ ଏତାଇଲା । ସେ ତାକେ କଇରଇଲା
ତୁଇ ମକେ ଆଜି କୁକ୍‌ଡା ଡାକ୍‌ବା ଆଗ୍‌ତୁ ତିନ୍‌ତର୍ ନାଜାନି,
ବଲି କଇସୁ । ୬୨ ସେଟାର୍‌ପାଇ ପିତର୍ ସେଟା ଏତାଇ, ଦୁକ୍
ଅଇ ଡାଣ୍ଡେଅନି ବିନେ ଜାଇ ବେସି କାନ୍ଦଲା । ୬୩ ଜିସୁକେ
ଦାରିକରି ସଙ୍ଗ୍‌ଇରଇଲା ଲକ୍‌ମନ୍ ତାକେ ମାରିମାରି କିଜାଇଲାଇ
। ୬୪ ଆରି ତାର୍ ଆଁକି ବାନ୍ଦିକରି ତାକେ ପାଚାର୍‌ଲାଇ, “ତକେ
କେ ମାର୍‌ଲା, କଅ?” ୬୫ ଆରି କେତେଟା କାତା କଇ ତାକେ
ନିନ୍ଦା କଲାଇ । ୬୬ ତାର୍ ଆର୍‌କର୍ ଦିନେ ଜୁଲ୍‌ପୁଲ୍ ଉଜଲ୍
ବେଲାଇ, ପାର୍‌ଚିନ୍‌ମନ୍, ମୁକିଅ ପୁଜାରିମନ୍ ଆରି ସାସ୍‌ତର୍
ସିକାଇଦେବା ଲକ୍‌ମନ୍ ଗଟେକ୍‌ଟାନେ ରୁଣ୍ଡଲାଇ । ଆରି ଜିସୁକେ
ବିଚାର୍ କର୍‌ବା ବଡ୍‌ଟା ଜାଗାଇ ନେଲାଇ । ୬୭ “ତୁଇ ସତଇସେ
ପର୍‌ମେସର୍ ବାଚିପାଟାଇଲା କିରିସ୍‌ଟ କି? ଆମ୍‌କେ କଅ ।”
ମାତର୍ ଜିସୁ ସେମନ୍‌କେ କଇଲା, “ମୁଇ କଇଲେ ମିସା ତମେ
ବିସ୍‌ବାସ୍ ନ କରାସ୍ । ୬୮ ମୁଇ ତମ୍‌କେ ପାଚାର୍‌ଲେ ମିସା ନ
କୁଆସ୍ । ୬୯ ମାତର୍ ଏବେ ଅନି, ପର୍‌ମେସରର୍‌ଟାନେଅନି
ଆଇଲା ନର୍‌ପିଲା ମୁଇ ତାର୍ ଉଜାବାଟେ ବସିରଇବି ।” ୭୦ ସେ
କାତା ସୁନି ଗୁଲାଇ ଲକ୍‌ମନ୍ ଆଉଲିଅଇ ଜିସୁକେ ପାଚାର୍‌ଲାଇ,
“ଏନ୍ତି ବଇଲେ ତୁଇକାଇ ପର୍‌ମେସରର୍ ପିଲା କି?” ଜିସୁ
ସେମନ୍‌କେ କଇଲା “ମୁଇସେ ବଲି ତମେ କଇଲାସ୍‌ନି ।” ୭୧
ଆରି ସେମନ୍ କଇଲାଇ, “ଆମ୍‌କେ ଆରି କାଇ ସାକି ଦର୍‌କାର୍
ଟା? ଆମେ ନିଜେ ତାର୍ ଟଣ୍ଡେଅନି ସୁନ୍‌ଲୁ ଆଚୁ ।”

**୨୩** ତାର୍ ପଚେ ବିଚାର୍ କର୍‌ବା ବଡ୍ ସବାର୍ ଜାଗାଇ
ବସିରଇଲା ସବୁ ଲକ୍‌ମନ୍ ଉଟିକରି ଜିସୁକେ ପିଲାତର୍
ଲଗେ ଦାରିଗାଲାଇ । ୨ ସେ ଲକ୍‌ମନ୍ ଜିସୁକେ ନିନ୍ଦା କରି ଏନ୍ତି
କଇବାର୍ ବସ୍‌ଲାଇ, “ଏ ଲକ୍ ଆମର୍ ଲକ୍‌ମନ୍‌କେ ବୁଲ୍ ସିକିଆ
ଦେଇତେ ରଇଲା ଆରି କାଇସର୍ ସମ୍‌ରାଟ୍‌କେ ସିସ୍‌ତୁ ଦିଆସ୍
ନାଇ ବଲି ସିକାଇଲା ବେଲେ ତାକେ ଦାର୍‌ଲୁ । ଆରି ସେ ନିଜ୍‌କେ
ମୁଇ ପର୍‌ମେସର୍ ବାଚି ପାଟାଇଲା ରାଜା କିରିସ୍‌ଟ ବଲି କଇଲାନି
।” ୩ ସେଟାର୍ ପାଇ ପିଲାତ୍ ଜିସୁକେ ପାଚାର୍‌ଲା, “ତୁଇ କାଇ
ଜିଉଦି ଲକ୍‌ମନର୍ ରାଜା କି?” ଜିସୁ ତାକେ କଇଲା, “ତମେତା

କଇଲାସ୍‌ନି ।" ୪ ତାର୍ ପଚେ ପିଲାତ୍ ମୁକିଅ ପୁଜାରିମନ୍‌କେ
ଆରି ତେଇ ରଇଲା ସବୁ ଲକ୍‌ମନ୍‌କେ କଇଲା, "ମୁଇ ଏ ଲକ୍
ଦସି ବଲି କାଇ ବୁଲ୍ ଦେକି ନାଇ ।" ୫ ମାତର୍ ସେମନ୍
ତର୍‌କେତର୍ ଆଉଲିଅଇ କଇଲାଇ, "ତାର୍ ସିକିଆର୍ ଲାଗି ସେ
ଜିଉଦାର୍ ସବୁବାଟର୍ ଲକ୍‌ମନର୍ ବିତ୍‌ରେ କଲି ଲାଗାଇଲାନି
। ସେଟା, ସେ ଗାଲିଲିଠେଇ ଆରାମ୍ କରି, ଏବେ ଇଟି ଜାକ
ଆଇଲା ଆଚେ ।" ୬ ଏ କାତା ସୁନି ପିଲାତ୍ ଲକ୍‌ମନ୍‌କେ
ପାଚାର୍‌ଲା, "ଏଟା ଗଟେକ୍ ଗାଲିଲି ଦେସର୍ ଲକ୍ କି?" ୭
ପିଲାତ୍ ଜିସୁକେ ଗାଲିଲି ଦେସର୍ ଲକ୍ ବଲି ଜାନି, ତାକେ ଗାଲିଲି
ଦେସ୍ ସାସନ୍ କର୍‌ବା ଏରଦର୍‌ଲଗେ ପାଟାଇ ଦେଲା । କାଇକେ
ବଇଲେ, ସେ ବେଲେ ଏରଦ୍ ମିସା ଜିରୁସାଲମେ ରଇଲା । ୮
ଏରଦ୍ ଜିସୁକେ ଦେକି କରି ବେସି ସାର୍‌ଦା ଅଇଲା । କାଇକେ
ବଇଲେ ଜିସୁର୍ ବିସଇ ଆଗ୍‌ତୁ ସୁନି ରଇଲା ଆରି ତାର୍ ମୁଆଟେ
କାବା ଅଇଜିବା କାମ୍ ଦେକ୍‌ବାକେ ମନ୍ କର୍‌ତେରଇଲା । ୯
ସେଟାର୍ ପାଇ ଏରଦ୍ ତାକେ କାଇ କାଇ ବିସଇ ପାଚାର୍‌ବାର୍
ଦାର୍‌ଲା । ମାତର୍ ଜିସୁ ତାକେ କାଇବଲି ମିସା କଏ ନାଇ । ୧୦
ସେଡିକି ବେଲେ ତେଇ ଟିଆଅଇରଇଲା ମୁକିଅ ପୁଜାରିମନ୍ ଆରି
ନିୟମ୍ ସିକାଉମନ୍ ସବୁ ମିସି କରି ଜିସୁର୍ ବିରୁଦେ ଆଉଲିଅଇ
କଇବାର୍ ଦାର୍‌ଲାଇ । ୧୧ ଏରଦ୍ ଆରି ତାର୍ ସନିଅମନ୍
ଜିସୁକେ କିଜାଇଲାଇ ଆରି ନିନ୍ଦା କଲାଇ । ଜିସୁକେ ରାଜାମନ୍
ପିନ୍ଦ୍‌ବା ନିମାନ୍ ପଚିଆ ପିନ୍ଦାଇ ପିଲାତ୍‌ଟାନେ ପାଟାଇ ଦେଲାଇ
। ୧୨ ସେ ଦିନେଅନି ପିଲାତ୍ ଆରି ଏରଦ୍ ମଇତର୍ ଅଇଲାଇ
। ତାର୍ ଆଗ୍‌ତୁ ସେମନ୍ ଦୁଇ ଲକ୍ ସତ୍‌ରୁ ଅଇରଇଲାଇ ।
୧୩ ତାର୍‌ପଚେ ପିଲାତ୍ ମୁକିଅ ପୁଜାରିମନ୍‌କେ, ନେତାମନ୍‌କେ
ଆରି ସବୁ ଲକ୍‌ମନ୍‌କେ ଗଟେକ୍‌ଟାନେ ରୁଣ୍ଡାଇକରି ସେମନ୍‌କେ
କଇଲା, ୧୪ ଏ ଲକ୍ ଲକ୍‌ମନ୍‌କେ ସର୍‌କାରର୍ ବିରୁଦେ ବୁଲ୍
ସିକିଆ ଦେଲାନି ବଲି ମର୍ ଲଗେ ଆନିଆଚାସ୍ । ଆରି ଦେକା
ମୁଇ ତମର୍ ମୁଆଟେ ତାକେ ପରିକା କଲି, ତାର୍ ବିରଦେ ତମେ
ସବୁଲକ୍ ନିନ୍ଦାକଲାଟା ମିଲେନାଇ । ୧୫ ଏରଦ୍ ମିସା ତାର୍‌ଟାନେ
କାଇ ବୁଲ୍‌କଲାଟା ନ ଦେକି ଆମ୍‌କେ ବାଉଡାଇଦେଲା ଆଚେ ।
ଏ ଲକ୍ ମରନ୍ ଡଣ୍ଡ ପାଇବାପାରା ବୁଲ୍ କାମ୍ କରେ ନାଇ । ୧୬
ସେଟାର୍‌ପାଇ ମୁଇ ଆକେ କର୍‌ଡା ମାଡ୍ ମାରିକରି ଚାଡିଦେବି
। ୧୭ ଆରି ଦେକା ସବୁ ବର୍‌ସେ ରକିଆ ପାଇବା ପରବ୍
ବେଲାଇ ଜିଉଦି ଜାତିକେ ସନ୍‌ମାନ୍ ଦେବାକେ ଗଟେକ୍ ବନ୍ଦିକେ
ମୁକ୍‌ଲାଇ ଦେବା ନିୟମ୍ ରଇଲା । ୧୮ ମାତର୍ ସବୁଲକ୍‌ମନ୍
ଆଉଲିଅଇ କଇଲାଇ, "ଆକେ ମରାଆ ଆରି ଆମର୍ ପାଇ
ବାର୍‌ବାକେ ଚାଡିଦିଆସ୍ ।" ୧୯ ଏ ବାର୍‌ବା ବଲ୍‌ବା ଲକ୍,
ସର୍‌କାରର୍ ବିରଦେ ବୁଲ୍ କରିରଇଲା ଆରି ଗଟେକ୍ ଲକ୍‌କେ
ମାରି ରଇଲା । ସେଟାର୍‌ପାଇ ତାକେ ବନ୍ଦି କରିରଇଲାଇ । ୨୦
ମାତର୍ ପିଲାତ୍ ଜିସୁକେ ଚାଡିଦେବାକେ ମନ୍‌କରି ତାର୍ ଲଗେ
କାଇ ବୁଲ୍‌କଲାଟା ଡିସେନାଇ ବଲି ସେମନ୍‌କେ ତର୍‌କେ ତର୍
ବୁଜାଇଲା । ୨୧ ମାତର୍ ଲକ୍‌ମନ୍ ବେସି ଆଉଲି ଅଇ, "ତାକେ
କୁର୍‌ସେ ଚଗାଇ ମରାଆ! ତାକେ କୁର୍‌ସେ ଚଗାଇ ମରାଆ!" ୨୨
ତାର୍‌ପଚେ ପିଲାତ୍ ସେମନ୍‌କେ ଆଗେ ଦୁଇତର୍ ପାଚାର୍‌ଲାଟା
ଚାଡି ଆରିତରେକ୍ ସମାନ୍‌ଟାସେ କଇଲା, "କାଇକେ? ସେ
କାଇ ବୁଲ୍ କଲାଆଚେ ଜେ? ତାର୍‌ଟାନେ କାଇମିସା ମରନ୍
ପାଇବା ଡଣ୍ଡ ଏତ୍‌କି ଦସ୍ ମିଲେ ନାଇ । ଏନ୍ତି ବଇଲେ ମିସା
ତାକେ କର୍‌ଡା ମାଡ୍ ମାରି ଚାଡି ଦେବି ।" ୨୩ ମାତର୍ ଲକ୍‌ମନ୍
ଆରି ବେସି ଆଉଲିଅଇ ତର୍‌କେ ତର୍ "ତାକେ କୁର୍‌ସେ ଚଗାଇ
ମରାଆ!" ବଲି ବାଦିଅ କଲାଇ । ସାରାସାରି ପଚେ ସେମନ୍
ଆଉଲିଅଇଲାଟା ଜିତ୍‌ଲା । ୨୪ ତାର୍ ପଚେ ପିଲାତ୍ ଲକ୍‌ମନର୍
ଜାଇଟା କର୍‌ବାକେ ମନ୍ କଲାଇ, ସେ ଇସାବେ ଜିସୁକେ ମରନର୍
ଡଣ୍ଡ ଦେବାକେ ରାଜି ଅଇଲା । ୨୫ ପଚେ ପିଲାତ୍ ଲକ୍‌ମନର୍
କଇବା ଇସାବେ, ବାର୍‌ବା ନାଉଁର୍ ଲକ୍ ଜେ କି, ଆଗ୍‌ତୁ
ଗଟେକ୍ ଲକ୍‌କେ ମରାଇରଇଲା ଆରି ସର୍‌କାରର୍ ବିରୁଦେ
ବୁଲ୍‌କାମ୍ କରି ବନ୍ଦି ଅଇରଇଲା, ତାକେ ମୁକ୍‌ଲାଇଲା । ଜିସୁକେ
ତାକର୍ ମନ୍‌କଲା ଇସାବେ ଡଣ୍ଡ ଦେବାକେ ସର୍‌ପିଦେଲା । ୨୬
ସନିଅମନ୍ ଜିସୁକେ ଦାରିଜିବା ବେଲେ କୁରିଣିୟ ସିମନ୍ ନାଉଁର୍
ଲକ୍‌କେ ବେଟ୍‌ପାଇଲାଇ । ଜେ କି ଗାଏଁଅନି ଜିରୁସାଲାମେ
ଆଇତେରଇଲା । ତାକେ ଅଟ୍‌କାଇକରି ଜିସୁ ବଇଲା କୁର୍‌ସ
ଲାଦିଦେଲାଇ ଆରି ତାର୍ ପଚେ ଜିବାକେ ବାଦିଅ କଲାଇ । ୨୭
ଆରି ବେସି ଲକ୍‌ମନ୍ ଜିସୁର୍ ପଚେ ପଚେ ଜାଇତେ ରଇଲାଇ
। ତେଇ କେତେଟା ବୁକେ ପିଟିଅଇ କାନ୍ଦ୍‌ବା ମାଇଜିମନ୍ ମିସା
ରଇଲାଇ । ୨୮ ମାତର୍ ଜିସୁ ସେମନର୍ ବାଟେ ପାସ୍‌ଲିକରି
କଇଲା, ଏ ଜିରୁସାଲମ୍ ଗଡର୍ ମାଇଜିମନ୍, ମର୍‌ପାଇ କାନ୍ଦା
ନାଇ । ମାତର୍ ନିଜର୍ ପାଇ ଆରି ନିଜର୍ ପିଲାମନର୍ ପାଇ
କାନ୍ଦା । ୨୯ କାଇକେବଇଲେ ଦେକା "ଜନ୍ ମାଇଜି ବାଞ୍ଜି
ଆରି କେବେ ମିସା ଗାଗ୍‌ଡେ ନ ଅଇକରି ଆଚତ୍, ଆରି ଜେ
କି କେବେ ମିସା ଦୁଦ୍ କୁଆଏ ନାଇ, ସେମନ୍ କେଡେକ୍ ନିକ
କରମର୍ ଲକ୍!" ବଲି କଇବା ଦିନ୍ ଆଇଲାନି । ୩୦ ସେବେଲାଇ
ଲକ୍‌ମନ୍ ଡଙ୍ଗର୍‌ମନ୍‌କେ କଇବାର୍ ଦାର୍‌ବାଇ, ଆମର୍ ଉପ୍‌ରେ
ଅଦ୍‌ରି ଦିଆସ୍ । କୁପ୍‌ଲିମନ୍‌କେ କଇବାର୍ ଦାର୍‌ବାଇ, ଆମ୍‌କେ
ତପିଦିଆସ୍ । ୩୧ କାଇକେ ବଇଲେ ଗଚ୍ କଁାଚାପତ୍‌ରିଆ
ରଇଲା ବେଲେ, ଜଦି ଏ ସବୁ ଗଟ୍‌ନା ଗଟ୍‌ଲାନି ବଇଲେ ସେଟା
ସୁକିଗାଲେ ଆରି କାଇଟା ଅଇସି । ୩୨ ଜିସୁର୍ ସଙ୍ଗ ଆରି
ଦୁଇଟା ବଡ୍ ବୁଲ୍ କରିରଇବା ଲକ୍‌ମନ୍‌କେ ମିସା ମରାଇବାକେ
ନେଲାଇ । ୩୩ ଆରି ସେମନ୍ କପ୍‌ରି ନାଉଁର୍ ଗଟେକ୍ ଜାଗାଇ
କେଟିକରି ଜିସୁକେ ଆରି ଚର୍‌ମନ୍‌କେ, ତାର୍ ଡେବ୍‌ରି ବାଟେ
ଗଟେକ୍ ଲକ୍‌କେ ଆରି ଉଜାବାଟେ ଗଟେକ୍ ଲକ୍‌କେ ଆଡେ,
ପାଦେ କୁଟିମାରି ଟେକିଦେଲାଇ । ୩୪ ସେବେଲା ଜିସୁ କଇଲା,
"ଏ ବାବା ଏମନ୍‌କେ କେମା କରିଦିଆସ୍, କାଇକେ ବଇଲେ
ଏମନ୍ କାଇଟା କଲାଇନି ସେଟା ନାଜାନତ୍ ।" ସେମନ୍ ଜିସୁର୍

ପଚିଆ ନେଇ କାକେ ମିଲ୍‌ସି ବଲି କେଡ୍ ପୁଟାଇଲାଇ । ୩୫ ସବୁ
ଲକ୍‌ମନ୍ ଟିଆଅଇ ଦେକ୍‌ବାବେଲେ ଜିଉଦି ନେତାମନ୍ ଜିସୁକେ
କିଜାଇକରି ଆଁସ୍‌ଲାଇ ଆରି କଇଲାଇ "ସେ ବିନ୍‌ଲକ୍‌ମନ୍‌କେ
ରକିଆ କଲା, ଜଦି ତୁଇ ପର୍‌ମେସର୍ ବାଚିପାଟାଇଲା କିରିସ୍‌ଟ
ବଇଲେ ନିଜ୍‌କେ ରକିଆ କର ।" ୩୬ ଆରି ସନିଅମନ୍ ଜିସୁର୍
ଲଗେ ଆସିକରି ତାକେ ଗନ୍ଦ୍‌ବା ରସ୍ ଦେଇ କିଜାଇକରି କଇଲାଇ,
। ୩୭ "ତୁଇ ଜଦି ଜିଉଦି ଲକ୍‌ମନର୍ ରାଜା, ନିଜ୍‌କେ ରକିଆ
କର୍ ।" ୩୮ ଆରି ତାର୍ କୁର୍‌ସର୍ ଟିପେ ଏଟା ଜିଉଦିମନର୍
ରାଜା, ବଲି ଲେକି ଅଲାଇଦେଲାଇ । ୩୯ ତେଇ ବଡ୍ ବୁଲ୍ କରି
କୁର୍‌ସେ ଚଗାଇଅଇରଇବା ଗଟେକ୍ ଲକ୍ ଜିସୁକେ ନିନ୍ଦା କରି
କଇଲା, "ତୁଇ ଜଦି ପର୍‌ମେସର ବାଚି ପାଟାଇଲା କିରିସ୍‌ଟ
ରାଜା ଜିସୁ ବଇଲେ, ନିଜ୍‌କେ ରକିଆ କରି ଆମ୍‌କେ ମିସା ରକିଆ
କର୍ ।" ୪୦ ମାତର୍ ଆରି ଗଟେକ୍ ଲକ୍ ତାକେ ଦମ୍‌କାଇ କରି
କଇଲା, "ତୁଇ କାଇ ପର୍‌ମେସର୍‌କେ ଡରୁସ୍ ନାଇ କି? ତୁଇ
ମିସା ତାର୍‌ପାରା ସମାନ୍ ଡଣ୍ଡ ପାଇଲୁସ୍‌ନି କି ନାଇ? ୪୧ ଆରି
ଆମେ ବୁଲ୍‌କରି ନିୟମ୍ ଇସାବେ ଡଣ୍ଡ ପାଇଲୁନି । ମାତର୍ ସେତା
କାଇ ବୁଲ୍ କରେ ନାଇ ।" ୪୨ ଆରି ସେ ଜିସୁକେ, "ଏ ଜିସୁ,
ତୁଇ ନିଜର୍ ରାଇଜେ ରାଜା ଅଇ ଆଇଲେ ମକେ ଏତାଆ ।" ୪୩
ଜିସୁ ତାକେ କଇଲା, "ମୁଇ ତକେ ସତ୍ କଇଲିନି, ଆଜିସେ ତୁଇ
ମର୍‌ସଙ୍ଗ୍ ପାରଦେସେ ରଇସୁ ।" ୪୪ ସେବେଲେ ଆଡ୍‌ବେଲା
ଅଇରଇଲା । ଆରି ବେଲର୍ ଉଜଲ୍ ଜାଉଁଲିଜାଇକରି, ତିନ୍ ଗଁଟା
ଜାକ ଗୁଲାଇ ଦେସ୍ ଆନ୍ଦାର୍ ଅଇଗାଲା ୪୫ ଆରି ଏଦେ ଦେକା!
ମନ୍ଦିରର୍ ସୁକଲ୍ ଜାଗା, ବିନେ କର୍‌ବା ପାର୍‌ଦା ମଜାଇ ଦୁଇପଡା
ଅଇ ଚିରିଅଇଲା । ୪୬ ଆରି ଜିସୁ ଆଉଲିଅଇ କଇଲା, "ଏ
ବାବା, ମର୍ ଆତ୍‌ମା ତକେ ସର୍‌ପିଦେଲିନି ।" ଏତ୍‌କି କଉ କଉ
ତାର୍ ଜିବନ୍ ଚାଡିଗାଲା । ୪୭ ରମିୟ୍ ସନିଅମନର୍ ସେନାପତି ଏ
ଗଟ୍‌ନା ଦେକି, ପର୍‌ମେସରର୍ ମଇମା କରି କଇଲା, "ସତଇସେ
ଏ ଗଟେକ୍ ଦରମ୍ ଲକ୍ ରଇଲା ।" ୪୮ ଆରି ଜନ୍ ଲକ୍‌ମନ୍ ଏ
ଗଟ୍‌ନା ଦେକ୍‌ବାକେ ରୁଣ୍ଡିରଇଲାଇ ସେମନ୍ ସେଟା ସବୁ ଦେକି
ଦୁକ୍‌କରି ବୁକେ ମାରିଅଇ ଗରେ ବାଅଡ୍‌ଲାଇ । ୪୯ ମାତର୍
ଜିସୁର୍ ଚିନାର୍‌ଜାନାର୍ ଲକ୍‌ମନ୍ ଆରି ଗାଲିଲିଅନି ଆସି ତାର୍
ପଚ୍‌ପଚ୍ ଆଇତେରଇବା ମାଇଜିମନ୍ ଦୁରିକେ ଟିଆଅଇ ଏ ସବୁ
ଦେକ୍‌ତେ ରଇଲାଇ । ୫୦ ଆରି ଦେକା, ଆରାମାତିଆ ଗଡର୍
ଜିଉଦିମନର୍ ନେତା ଜସେପ୍ ନାଉଁର୍ ଗଟେକ୍ ଦରମ୍ ଆରି
ମର୍‌ଜିତାର୍ ଲକ୍ ରଇଲା । ସେ ପର୍‌ମେସରର୍ ରାଇଜ୍ ଆସ
ବଲି ଜାଗିରଇଲା । ୫୧ ମାତର୍ ଆରାମାତିଆ ଗାଉଁର୍ ସେ ଲକ୍
ବଡ୍‌ସବାର୍ ଗଟେକ୍ ମେମର୍ ରଇଲେ ମିସା, ସେମନର୍ ନିଆଇ
ଆରି କାମ୍ ସଙ୍ଗ୍ ରାଜିଅଇ ନ ରଇଲା । ଆରି ପର୍‌ମେସରର୍
ରାଇଜ୍ ଜାଗ୍‌ତେରଇଲା । ୫୨ ସେ ପିଲାତର୍ ଲଗେ ଜାଇ ଜିସୁର୍
ମଲା ମଡ୍ ମାଙ୍ଗ୍‌ଲା । ୫୩ ଜିସୁର୍ ମଡ୍ କୁର୍‌ସେଅନି ଉତ୍‌ରାଇ
ଉଲ୍‌ଉଲା ପଚିଆଇ ଗୁଡିଆଇକରି ଜେନ୍ତିକି କେବେ କାକେ
ନ ସଙ୍ଗ୍‌ଇରଇଲା, ଗଟେକ୍ ରାଙ୍ଗ୍‌ନି କାଟି ତିଆର୍‌କରି ରଇଲା
ପାଆରେ ନେଇ ସଙ୍ଗ୍‌ଇଲାଇ । ୫୪ ସେ ଦିନ୍ ବିସ୍‌ରାମ୍‌ବାର୍
ଦିନ୍ ନ ଅଇରଇଲା, ସେ ଦିନ୍ କେଟି ଆଇତେରଇଲା । ୫୫
ଆରି ଗାଲିଲିଅନି ଜିସୁର୍ ସଙ୍ଗ୍ ରଇଲା ମାଇଜିମନ୍ ଜସେପର୍
ସଙ୍ଗ୍ ଜାଇକରି ପାଆର୍ ବିତ୍‌ରେ ଜିସୁର୍ ଗାଗଡ୍ କେନ୍ତି ସଙ୍ଗ୍‌ଇଲା
ଆଚେ ବଲି ଦେକ୍‌ଲାଇ । ୫୬ ସେମନ୍ ବାଉଡିଜାଇ ବାସ୍‌ନା
ଚିକନ୍ ଆରି ବାସ୍‌ନା ଦିନ୍‌ସୁ ତିଆର୍ କର୍‌ତେ ରଇଲାଇ । ସେ
କାମ୍ ସାର୍‌ବାକେ ବିସ୍‌ରାମ୍‌ଦିନ୍ କେଟ୍‌ଲା । ଆରି ସେ ଦିନେ
ମସାର୍ ନିୟମ୍ ଇସାବେ, ସେମନ୍ ବିସ୍‌ରାମ୍ କଲାଇ ।

**୨୪** ଆଟର୍ ପର୍‌ତୁମ୍ ଦିନର୍ ସାକାଲେ, ମାଇଜିମନ୍ ସେମନ୍
ତିଆର୍ କରିରଇବା ବାସ୍‌ନା ଦିନ୍‌ସୁ ଆରି ବାସ୍‌ନା ଚିକନ୍
ଦାରି ଜିସୁର୍ ମଡ୍ ରଇଲା ପାଆରେ ଗାଲାଇ । ୨ ଆରି
ପାଆରର୍ ମୁଆଟେ ରଇଲା ପାକ୍‌ନା ଗୁଣ୍ଡ୍‌ଲିରଇଲାଟା ଦେକ୍‌ଲାଇ
। ୩ ସେଟା ଦେକି ପାଆର୍ ବିତ୍‌ରେ ଜାଇ ଦେକ୍‌ଲାଇ, ତେଇ
ଜିସୁର୍ ଗାଗଡ୍ ନ ରଇଲା । ୪ କାଇଟା ଅଇଲାବେ, ବଲି,
ବାବିକରି ରଇଲାବେଲେ, ଏଦେ ଦେକା! ବିଜ୍‌ଲି ପାରା ଜଗ୍‌ଜଗି
ଜାଇତେରଇବା ଲୁଗା ପିନ୍ଦି ଦୁଇ ଲକ୍ ସେମନର୍ ମୁଆଟେ
ଟିଆ ଅଇଲାଇ । ୫ ମାଇଜିମନ୍ ସେ ଦୁଇ ଲକ୍‌କେ ଦେକି
ଡରିକରି ଉଁତାଡିଅଇ ତୁଲିଦେଲାଇ । ସେ ଦୁଇଲକ୍ ସେମନ୍‌କେ
କଇଲାଇ, "ଜିବନ୍ ରଇଲା ଲକ୍‌କେ କାଇକେ ମଲା ଲକ୍‌କେ
ସଙ୍ଗ୍‌ଇଲାଟାନେ କଜ୍‌ଲାସ୍‌ନି? ୬ ଜିସୁ ଇତି ନାଇ, ପର୍‌ମେସର୍
ତାକେ ଉଟାଇଲାଆଚେ । ସେ ତମର୍ ସଙ୍ଗ୍ ଗାଲିଲିତେଇ ମିସ୍‌ତେ
ରଇଲା ବେଲେ ତମ୍‌କେ କାଇବଲି କଇରଇଲା, ସେଟା ତମର୍
ମନେ ନାଇ କି? ୭ ନର୍‌ପିଲା ପାପି ଲକ୍‌ମନର୍ ଆତେ ସର୍‌ପାଇ
ଅଇସି ଆରି ସେମନ୍ ତାକେ କୁର୍‌ସେ କୁଟିମାରି ମରାଇ ଦେବାଇ
। ମାତର୍ ତିନ୍‌ଦିନ୍ ଗାଲାପଚେ ସେ ଆରି ତରେକ୍ ଜିବନ୍ ଅଇ
ଉଟ୍‌ସି ।" ୮ ସେତ୍‌କି ବେଲେ ମାଇଜିମନ୍ ଜିସୁ ଏନ୍ତି କାତା
କଇରଇଲା ବଲି ଏତାଇଲାଇ । ୯ ସେଟାର୍ ପାଇ ସେମନ୍
ତେଇଅନି ଦାପ୍‌ରେ ବାଉଡି ଆସିକରି ଏଗାର୍‌ଟା ସିସ୍‌ମନ୍‌କେ
ଆରି ତେଇ ରଇଲା ଲକ୍‌ମନ୍‌କେ ସେ ଜାଗାଇ ଅଇଲା ଗଟ୍‌ନା
ସବୁ କଇଲାଇ । ୧୦ ମଗ୍‌ଦଲିନି ମରିୟମ୍, ଜଆନା, ଜାକୁବର୍
ମାଆ ମରିୟମ୍ ଆରି ତାକର୍‌ସଙ୍ଗ୍ ରଇଲା ବିନ୍ ମାଇଜିମନ୍
ମିସା କାଇ କାଇଟା ଗଟ୍‌ଲା, ସେ ସବୁ ବିସଇ ପେରିତ୍‌ମନ୍‌କେ
କଇଲାଇ । ୧୧ ମାତର୍ ପେରିତ୍‌ମନ୍ ମାଇଜିମନର୍ କାତା ଟଣ୍ଡେ
ପାନ୍ଦି କଇଲାଇନି ବଲି ବିସ୍‌ବାସ୍ କରତ୍ ନାଇ । ୧୨ ମାତର୍
ପିତର୍ ଅଦର୍‌ପଡ୍ ଅଇ ପାଲାଇ ପାଆରେ ଜାଇ ଏରି ଦେକ୍‌ଲା ।
ପାଆର୍ ବିତ୍‌ରେ ଏରି ଦେକ୍‌ଲାକେ ତେଇ ଜିସୁକେ ଗୁଡିଆଇଲା
ଉଲ୍‌ଉଲା ପଚିଆ ଚାଡି ଆରି କାଇଟା ନ ରଇଲା । ପିତର୍ ସେ
ଗଟ୍‌ନା ଦେକି କାବାଅଇ ଜାଇକରି, ଗରେ ବାଉଡି ଆଇଲା । ୧୩
ସେ ଦିନେସେ ଜିସୁର୍ ଦୁଇଟା ସିସ୍‌ମନ୍ ଜିରୁସାଲମେଅନି ଏଗାର
କିଲମିଟର୍ ଦୁର୍‌କେ ରଇଲା ଇମାୟୁ ନାଉଁର୍ ଗାଏଁ ଇଣ୍ଡିକରି

ଜାଇତେ ରଇଲାଇ । ୧୪ ଜିସୁକେ କାଇକାଇଟା ଅଇରଇଲା ଆରି
ସେ ସବୁ ବିସଇନେଇ ସେମନ୍ କାତାଅଇ କାତାଅଇ ଇଣ୍ଡେତ
ରଇଲାଇ । ୧୫ ସେମନ୍ ଏନ୍ତି କାତାବାର୍‌ତା ଅଇ ଆଇବାବେଲେ
ଏଦେ ଦେକା! ଜିସୁ ନିଜେ ଆସି ସେମନର୍ ସଙ୍ଗ୍ ଇଣ୍ଡୁବାର୍ ଦାର୍‌ଲା
। ୧୬ ସେମନ୍ ତାକେ ଦେକ୍‌ଲାଇ, ମାତର୍ ଚିନି ନାପାର୍‌ଲାଇ
। ୧୭ ସେଡିକିବେଲେ ଜିସୁ ସେମନ୍‌କେ କଇଲା, "ତମେ ଇଣ୍ଡି
ଇଣ୍ଡି କାର୍ ବିସଇନେଇକରି ଏତେକ୍ କାତା ଅଇଲାସ୍‌ନି?"
ସେବେଲାଇ ସେମନ୍ ମନ୍‌ଦୁକ୍‌କରି ମୁଁ ସୁକାଇ ଟିଆଅଇଲାଇ
। ୧୮ "ଗାଲା କେତେଦିନ୍ ବିତ୍‌ରେ ଜିରୁସାଲାମ୍ ଜନ୍ ଗଟ୍‌ନା
ଗଟିଗାଲା ଆଚେ? ସେଟା ନାଜାନ୍‌ଲାଟା ତୁଇ ଗଟେକ୍ ଲକ୍‌ସେ
କି?" ୧୯ ଜିସୁ ସେମନ୍‌କେ ପାଚାର୍‌ଲା, "କାଇଟା ଅଇରଇବା
ବିସଇ ତମେ କଇଲାସ୍‌ନି?" ସେମନ୍, "ନାଜରିତର୍ ଜିସୁକେ
ଜାଇଟା ସବୁ ଗଟ୍‌ଲା । ସେ ଗଟେକ୍ ବବିସତ୍‌ବକ୍‌ତା ରଇଲା
। ପର୍‌ମେସରର୍ ମୁଆଟେ ଆରି ଲକ୍‌ମନର୍‌ଟାନେ ଗଟେକ୍
ବପୁସଙ୍ଗର୍ ଲକ୍ ରଇଲା । ତାର୍ ସବୁକାମ୍ ଆରି କାତାଇଅନି ଏ
ସବୁ ଜାନାପଡ୍‌ତେ ରଇଲା । ୨୦ ଆମର୍ ମୁକିଅ ପୁଜାରିମନ୍
ଆରି ସାସନ୍ କାରିଆମନ୍ ତାକେ ମରନ୍ ଡଣ୍ଡ ପାଇବାକେ
ସତ୍‌ରୁମନ୍‌କେ ସର୍‌ପିଦେଲାଇ ଆରି ତାକେ କୁର୍‌ସେ ଚଗାଇ
ମରାଇଲାଇ । ୨୧ ସେ ଆକା ଇସ୍‌ରାଏଲର୍ ଲକ୍‌ମନ୍‌କେ
ରକିଆ କର୍‌ସି ବଲି ଆସା କରି ରଇଲୁ । ମାତର୍ ତାକେ ମରାଇ
ତିନ୍‌ଦିନ୍ ଅଇଲାନି । ୨୨ ଆମର୍ ଦଲର୍ କେତେଟା ମାଇଜିମନ୍
ଆମ୍‌କେ କାବାଅଇଜିବା କାତା କଇଲାଇ । ସେମନ୍ ଆଜି
ସାକାଲ୍ ସାକାଲ୍ ତାର୍ ମଡ୍ ରଇବା ପାଆରେ ଗାଲାଇ । ୨୩
ମାତର୍ ତେଇ ତାର୍ ଗାଗଡ୍ ନ ରଇଲା । ସେମନ୍ କଇଲାଇ,
ପାଆରେଅନି ବାଉଡ୍‌ଲାବେଲେ ସରଗର୍ ଦୁତ୍‌ମନର୍ ଦର୍‌ସନ୍
ପାଇରଇଲା ଆରି ସେ ଦୁତ୍‌ମନ୍ ଜାନାଇଲାଇଜେ, ସେ ଏବେ
ଜିବନ୍ ଅଇଆଚେ । ୨୪ ଆମର୍ ସଙ୍ଗରିମନର୍ ବିତ୍‌ରେଅନି
ଜେ ଜେ ସେ ପାଆରେ ଜାଇ ଦେକ୍‌ଲାଇ ମିସା ମାଇଜିମନ୍
ଜେନ୍ତି କଇରଇଲାଇ, ସେ ସମାନ୍ ଇସାବେ ଦେକ୍‌ଲାଇ ।
ମାତର୍ ସେମନ୍ ଜିସୁକେ ଦେକତ୍ ନାଇ ।" ୨୫ ସେବେଲେ
ଜିସୁ ସେମନ୍‌କେ କଇଲା, "ତମେ କେତେକ୍ ବକୁଆ ଲକ୍‌ମନ୍,
ବବିସତ୍‌ବକ୍‌ତାମନ୍ କଇଲା କାତା ବିସ୍‌ବାସ୍ କର୍‌ବାକେ କାଇକେ
ଜାଗ୍‌ରତ୍ ଉଆସ୍ ନାଇ? ୨୬ ଏ ସବୁ ଦୁକ୍‌କସ୍‌ଟ ପାଇଲା
ପଚେସେ ପର୍‌ମେସର୍ ବାଚିପାଟାଇଲା କିରିସ୍‌ଟକେ ମଇମା
ପାଇବାକେ ଅଇସି । ୨୭ ଜିସୁ ମସାର୍ ବଇତେଇଅନି ଆରି ବିନ୍
ବିନ୍ ବବିସତ୍‌ବକ୍‌ତାମନ୍ ଲେକିରଇଲା କାତାଇ ଅନି ଆରାମ୍ କରି
ସବୁ ଦରମ୍ ସାସ୍‌ତରେ ତାର୍ ଜେତ୍‌କି ବିସଇ ଲେକା ଅଇରଇଲା,
ସେ ସବୁ ସେମନ୍‌କେ ବୁଜାଇଦେଲା ।" ୨୮ ଆରି ସେମନ୍ ଜନ୍
ଗାଉଁ ଜିବାର୍ ରଇଲା, ସେ ଗାଉଁ ଲଗାଲଗି ଅଇବାକେ ଜିସୁ
ଆଗ୍‌ତୁ ଗାଲାପାରା ଅଇ ଇଣ୍ଡୁବାର୍ ଦାର୍‌ଲା । ୨୯ ମାତର୍ ସେ
ଲକ୍‌ମନ୍ ଜିସୁକେ ସୁତ୍‌ରାଇ କରି କଇଲାଇ, "ଆମର୍ ସଙ୍ଗ ର,
କାଇକେ ବଇଲେ ବେଲ୍ ବସିଗାଲା ଆରି ରାତି ଅଇଗାଲାନି ।"
ସେଟାର୍ ପାଇ ଜିସୁ ସେମନର୍ ସଙ୍ଗ୍ ରଇବାକେ ଗର୍‌ବିତ୍‌ରେ
ଗାଲା । ୩୦ ଆରି ସେମନର୍ ସଙ୍ଗ୍ କାଇବାକେ ବସ୍‌ଲା । ରୁଟି
ଦାରି ପର୍‌ମେସର୍‌କେ ଦନିଅବାଦ୍ ଦେଇକରି ସେଟା ବାଣ୍ଟାଇକରି
ସେମନ୍‌କେ ଦେଲା । ୩୧ ସେ ବେଲାଇ ସେମନର୍ ଡାବିଅଇ
ଜାଇରଇଲା ଆଁକି ପିଟିଗାଲାଜେ ତାକେ ଚିନି ପାର୍‌ଲାଇ ।
ମାତର୍ ସେ ଦାପ୍‌ରେ ଜିସୁ ସେମନର୍‌ତେଇଅନି ମାୟା ଅଇଗାଲା
। ୩୨ ସେବେଲାଇ ସେମନ୍ ସେମନର୍ ବିତ୍‌ରେ କାତା ଅଇଲାଇ,
"ଜେଡେବେଲ୍ ସେ ଆମର୍ ସଙ୍ଗ୍ ବାଟେ କାତା ଅଇତେ ରଇଲା,
ଆରି ପର୍‌ମେସରର୍ ସାସ୍‌ତରର୍ କାତା ବୁଜାଇ ଦେଇତେ ରଇଲା,
ଆମର୍ ମନ୍ ବିତ୍‌ରେ ଉଡୁକ୍ ଦୁଡୁକ୍ ନ ଅଇତେ ରଇଲା କି?"
୩୩ ସେଦାପ୍‌ରେ ସେମନ୍ ଦୁଇଲକ୍ ଉଟିକରି ଜିରୁସାଲାମେ
ବାଉଡି ଉଟିଗାଲାଇ । ତେଇ ଜିସୁର୍ ଏଗାର୍‌ଟା ସିସ୍‌ମନ୍ ଆରି
ବିନ୍‌ଲକ୍‌ମନ୍ କାତାବାର୍‌ତା ଅଇତେରଇଲାଟା ଦେକ୍‌ଲାଇ । ୩୪
ସେ ଲକ୍‌ମନର୍‌ତେଇଅନି ସେମନ୍ ଜିସୁମାପ୍‌ରୁ ଆରି ତରେକ୍
ଜିବନ୍‌ଅଇ ଉଟ୍‌ଲା ଆଚେ ଆରି ସିମନ୍‌କେ ଦେକାଇଅଇଲା
ଆଚେ ବଲି ଜାନ୍‌ଲାଇ । ୩୫ ତାର୍ ପଚେ ଦୁଇଲକ୍ ଇମାୟୁ ଗାଉଁ
ଆଇବା ବାଟେ କାଇକାଇଟା ଅଇରଇଲା ସେଟା ସବୁ କଇଲାଇ
। ଆରି ସେମନ୍ ଜିସୁ ରୁଟି ବାଣ୍ଟାଇ କରି ଦେଲାବେଲେ କେନ୍ତି
ତାକେ ଚିନି ଦେଇରଇଲାଇ ସେଟା ମିସା ସେମନ୍‌କେ କଇଲାଇ
। ୩୬ ସେ ଦୁଇଲକ୍ ଏନ୍ତି କଇବା ବେଲେ ଏଦେ ଦେକା! ମାପ୍‌ରୁ
ନିଜେ ସେମନର୍ ମଜାଇ ଟିଆଅଇଦେଲା । ଆରି ସେମନ୍‌କେ
କଇଲା, "ତମ୍‌କେ ସାନ୍ତି ଅ ।" ୩୭ ମାତର୍ ସେମନ୍ ସବୁ ଲକ୍
ଏଟା ଗଟେକ୍ ବୁତ୍ ଦେକ୍‌ଲୁନି ବଲି ଡରିଗାଲାଇ । ୩୮ ଜିସୁ
ସେମନ୍‌କେ କଇଲା, "ତମେ କାଇକେ ଡର୍‌ଲାସ୍‌ନି? ଆରି ଦେକି
କରି ମିସା କାଇକେ ବିସ୍‌ବାସ୍ କରାସ୍ ନାଇ? ୩୯ ମର୍ ଆତେ
ଆରି ଗଡେ ଦେକା, ଏଟା ମୁଇ ନିଜେ । ମକେ ଚିଇକରି ଦେକା ।
ଏଟା ମକେ ଜେନ୍ତାରି ଆଡ୍ ଆରି ମାଉଁସ୍ ଆଚେ ସେନ୍ତି ବୁତ୍‌କେ
ନ ରଏ ।" ୪୦ ଜିସୁ ଏଟା କଇକରି, ତାର୍ ଆତ୍ ଆରି ଗଡ୍
ସେମନ୍‌କେ ଦେକାଇଲା । ୪୧ ସେଟା ଦେକି ସେମନ୍ ସାର୍‌ଦା
ଅଇକରି କାବାଅଇ ଗାଲାଇ ମିସା ତାକେ ବିସ୍‌ବାସ୍ କରତ୍ ନାଇ
। ସେଟାର୍ ପାଇ ଜିସୁ ସେମନ୍‌କେ ପାଚାର୍‌ଲା, "ତମର୍ ଲଗେ
କାଇଟା କାଇବାଟା ଆଚେ କି?" ୪୨ ସେବେଲାଇ ସେମନ୍ ତାକେ
କଣ୍ଡେକ୍ ବାଜ୍‌ଲା ମାଚ୍ ଦେଲାଇ । ୪୩ ସେଟା ଜିସୁ ଦାରିକରି
ସେମନର୍ ମୁଆଟେ କାଇଲା । ୪୪ ଜିସୁ ସେମନ୍‌କେ କଇଲା,
"ମସାର୍ ନିୟମ୍ ଆରି ବବିସତ୍‌ବକ୍‌ତାମନ୍ କଇଲା କାତା ଆରି
ଗିତ୍‌ସଙ୍ଗିତା ବଇଟାନେ କାଇକାଇଟା ଲେକା ଅଇଲାଆଚେ ସେ
ସବୁ, ସତ୍ ଅଇବାର୍ ରଇଲା । ମୁଇ ତମର୍ ସଙ୍ଗ୍ ରଇଲାବେଲେ
ଏ ସବୁ କାତା ତମ୍‌କେ କଇରଇଲି ।" ୪୫ ତାର୍‌ପଚେ ଦରମ୍
ସାସ୍‌ତରର୍ ଅରତ୍ ବୁଜ୍‌ବାକେ ଜିସୁ ସେମନର୍ ବୁଜ୍‌ବା ବପୁ
ଉଗାଡି ଦେଲା । ୪୬ ଆରି ସେମନ୍‌କେ କଇଲା, "ପର୍‌ମେସର୍

ବାଚି ପାଟାଇଲା କିରିସ୍ଟ ରାଜା ମୁଇ, ଏନ୍ତି ଦୁକ୍ କସ୍ଟ ପାଇକରି
ମର୍‌ବି । ପଚେ ତିନ୍‌ଦିନ୍ ଗାଲେ ଆରି ତରେକ୍ ଉଟ୍‌ବି ବଲି
ଲେକା ଅଇଲା ଆଚେ । **୪୭** ଆରି ଜିରୁସାଲମେଅନି ଆରାମ୍
କରି ସବୁ ଦେସର୍, ସବୁ ଜାତିର୍ ଲକ୍‌ମନ୍‌କେ ମର୍ ନାଉଁଦାରି
ପାପ୍ କେମା କରାଇ, ମନ୍ ବଦ୍‌ଲାଇବାକେ କଇବାର୍ ଆଚେ
। **୪୮** ତମେ ଏ ସବୁ ବିସଇର୍ ସାକି ଆଚାସ୍ । **୪୯** ଆରି ମର୍
ବାବା ଜନ୍ ଜିଦ୍ କରିରଇଲା, ମୁଇ ନିଜେ ସେଟା ପାଟାଇବି ।
ମାତର୍ ତମେ ପର୍‌ମେସରର୍ ଟାନେଅନି ବପୁ ନ ମିଲ୍‌ବା ଜାକ,
ଏ ଜିରୁସାଲମେସେ ରୁଆ ।” **୫୦** ତାର୍‌ପଚେ ଜିସୁ ସେମନ୍‌କେ
ବେତ୍‌ନିଆ ନାଉଁର୍ ଜାଗାଇ ଜିବା ବାଟ୍‌ଜାକ ଡାକିନେଲା । ଆରି
ସେମନ୍‌କେ ଆତ୍ ଟେକି ଆସିର୍‌ବାଦ୍ କଲା । **୫୧** ସେ ଏନ୍ତି
ସେମନ୍‌କେ ଆସିର୍‌ବାଦ୍ କର୍‌ବାବେଲେ ପର୍‌ମେସର୍ ତାକେ
ସରଗ୍‌ପୁରେ ଦାରିଗାଲା । **୫୨** ସେମନ୍ ତାକେ ଜୁଆର୍ କଲାଇ
ଆରି ସାର୍‌ଦାଅଇ ଜିରୁସାଲମେ ବାଉଡି ଆଇଲାଇ । **୫୩**
ସବୁବେଲା ମନ୍ଦିରେ ରଇକରି ପର୍‌ମେସରର୍ ଡାକ୍‌ପୁଟା କର୍‌ବାର୍
ଦାର୍‌ଲାଇ ।

# ଜଅନ୍

୧ କାଇଟା ତିଆର୍ ନ ଅଇରଇଲା ପୁର୍ବେ ବାକିଅ ରଇଲା
। ସେ ବାକିଅ ପର୍ମେସରର୍ ସଙ୍ଗ୍ ରଇଲା । ସେ ଆରି
ପର୍ମେସର୍ ଗଟେକ୍ ରଇଲାଇ । ୨ କାଇଟା ତିଆର୍ ନ ଅଇବା
ଆଗ୍ତୁ ଏ ବାକିଅ ପର୍ମେସର୍ ସଙ୍ଗ୍ ରଇଲା । ୩ ପର୍ମେସର୍
ସେ ବାକିଅ ଦେଇ ସବୁ ବିସଇ ତିଆର୍ କଲାଆଚେ । ଏ ଦୁନିଆଇ
ତିଆର୍ ଅଇଲା ଗଟେକ୍ ବିସଇ ମିସା ତାର୍ଟାନେଅନି ତିଆର୍
ନ ଅଇଲାଟା ନ ରଇଲା । ୪ ସେ ବାକିଅ ନ ସାର୍ବା ଜିବନର୍
ଦାନ୍ ଦେଲା ଆରି ସେ ଜିବନ୍ ଦୁନିଆର୍ ଲକ୍ମନ୍କେ ଉଜଲ୍
ଦେକାଇଦେଲା । ୫ ସେ ଉଜଲ୍ ଆନ୍ଧାର୍ ବିତ୍ରେ ସବୁବେଲେ
ଉଜଲ୍ ଦେଇସି । ଆନ୍ଧାର୍ କେବେ ମିସା ସେ ଉଜଲ୍ ଲିବାଇ
ନାପାରେ । ୬ ପର୍ମେସର୍, ଜଅନ୍ ନାଉଁର୍ ଗଟେକ୍ ଲକ୍କେ
ତାର୍ କବର୍ନେଉ କରି ପାଟାଇଲା । ୭ ସେ ଲକ୍ମନ୍କେ
ଉଜଲ୍ ବିସଇ କଇବାର୍ ଆସିରଇଲା । ଜେନ୍ତାରିକି ଗୁଲାଇ
ଜଗତର୍ ଲକ୍ମନ୍ ତାର୍ତେଇଅନି ସେ ଉଜଲର୍ ବିସଇ ସୁନ୍ବାଇ
ଆରି ବିସ୍ବାସ୍ କର୍ବାଇ । ୮ ଜଅନ୍ ନିଜେ ସେ ଉଜଲ୍
ନ ରଇଲା, ମାତର୍ ଲକ୍ମନ୍କେ ସେ ଉଜଲ୍ ବିସଇର୍ ସାକି
ଦେବାକେ ଆସିରଇଲା । ୯ ସେ ସତ୍ ଏବେ ଉଜଲ୍ ଅଇଲା, ଏ
ଉଜଲ୍ ଦୁନିଆଇ ଆଇଲା ଆରି ସବୁ ଲକ୍ମନର୍ ମନ୍ବିତ୍ରେ
ରଇବା ଆଁକି ଡିସାଇଲା । ୧୦ ବାକିଅ ଏ ଦୁନିଆଇ ରଇଲା ।
ତାର୍ଟାନେଅନି ପର୍ମେସର୍ ଏ ଦୁନିଆ ତିଆର୍ କରିରଇଲେ
ମିସା ଏ ଦୁନିଆର୍ ଲକ୍ମନ୍ ତାକେ ଚିନତ୍ ନାଇ । ୧୧ ସେ ତାର୍
ନିଜର୍ ଲକ୍ମନର୍ ଟାନେ ଆଇଲା, ମାତର୍ ତାର୍ ନିଜର୍ ଲକ୍
ଇସ୍ରାଏଲର୍ ପିଲାଜିଲା ତାକେ ନାମତ୍ନାଇ । ୧୨ ମାତର୍
ଜେ ଜେ ତାକେ ନାମ୍ଲାଇ, ଆରି ତାକେ ବିସ୍ବାସ୍ କଲାଇ,
ସେ ଲକ୍ମନ୍କେ ପର୍ମେସରର୍ ପିଲାଜିଲା ଅଇଜିବାକେ ସେ
ଅଦିକାର୍ ଦେଲା । ୧୩ ସେମନ୍ ମୁନୁସ୍ମନ୍ ମନ୍କଲା ଇସାବେ
ଜନମ୍ ଅଅତ୍ନାଇ, କି ଗାଗଡର୍ ବନି ଇସାବେ ଅଅତ୍ନାଇ ।
ନିଜେ ପର୍ମେସର୍ ସେମନର୍ ବାବା । ୧୪ ଆରି ସେ ବାକିଅ ନର୍
ଲକ୍ ଅଇକରି ଆମର୍ ସଙ୍ଗ୍ ଜିଇଲା । ତାର୍ ସତ୍ ଆରି ଜିବନ୍
ଦୁକାଇବାଟା ପୁରାପୁରୁନ୍ ରଇଲା । ତାର୍ ବାବାର୍ ଗଟେକ୍ସେ
ପିଲା ବଲି ସେ ମଇମା ପାଇରଇଲା । ତାର୍ ମଇମା ଆମେ
ଦେକିଆଚୁ । ୧୫ ଡୁବନ୍ ଦେଉ ଜଅନ୍ ଜିସୁର୍ ବିସଇ ଲକ୍ମନ୍କେ
ଆକ୍ମାରି କରି ଏନ୍ତାରି କଇଲା, "ଏ ଲକର୍ ବିସଇ ମୁଇ ଏନ୍ତି
କଇରଇଲି, ଜେ ମର୍ପଚେ ଆଇଲାନି, ସେ ମର୍ତେଇଅନି ବେସି
ମୁକିଅ, କାଇକେବଇଲେ ମୁଇ ଜନମ୍ ଅଇବା ଆଗ୍ତୁଅନି ସେ
ଆଚେ ।" ୧୬ "ତାର୍ ମନ୍ ବିତ୍ରେ ରଇଲା ପୁରାପୁରୁନ୍ ଜିବନ୍
ଦୁକାଇବା ତେଇଅନି ଆମେ ସବୁ ଆସିର୍ବାଦ୍ ପାଇଆଚୁ । ଉଁ,
ଆସିର୍ବାଦର୍ ପଚେ ଆସିର୍ବାଦ୍ ପାଇଆଚୁ । ୧୭ କାଇକେ
ବଇଲେ ପର୍ମେସର୍ ଆମ୍କେ ମସାର୍ଟାନେଅନି ନିୟମ୍ ଦେଲା
ଆଚେ । ମାତର୍ ଜିସୁ କିରିସ୍ଟର୍ଟାନେଅନି ଆମ୍କେ ଜିବନ୍
ଦୁକାଇ ସତ୍ ବାଟ୍ ଆଇଲା ଆଚେ । ୧୮ କେ ମିସା କେବେ
ପର୍ମେସର୍କେ ଦେକତ୍ନାଇ । ମାତର୍ ତାର୍ ଗଟେକ୍ ବଲି ପିଲା
ଜେ କି ପର୍ମେସରର୍ ସମାନ୍ ଆଚେ ଆରି ତାର୍ କଲେ ଆଚେ,
ସେ ଆକା ଆମ୍କେ ତାର୍ ବିସଇ ଜାନାଇ ଦେଲା ଆଚେ ।" ୧୯
ଜିରୁସାଲମର୍ ଜିଉଦି ନେତାମନ୍, କେତେଟା ଦରମ୍ ଗୁରୁମନ୍କେ
ଆରି ଲେବି ଦଲର୍ ଲକ୍ମନ୍କେ ଡୁବନ୍ ଦେଉ ଜଅନର୍ ଲଗେ
"ତମେ କେ?" ବଲି ପାଚାର୍ବାକେ ପାଟାଇଲାଇ । ୨୦ ସେ ସତ୍
ବିସଇ କଇବାକେ ନ ନିଚିକରି, ସବୁ ଲକ୍ ବୁଜ୍ଲା ପାରା କଇଲା,
"ମୁଇ କିରିସ୍ଟ ନଇ ।" ୨୧ ତେଇ ସେମନ୍ ପାଚାର୍ଲାଇ, "ସେନ୍ତି
ବଇଲେ ତମେ କେ ତେବେ? ବବିସତ୍ବକ୍ତା ଏଲିୟ୍ କି?"
ଜଅନ୍ କଇଲା, "ନଇ, ମୁଇ ଏଲିଅ ନଇ ।" ଆରି ସେମନ୍
ପାଚାର୍ଲାଇ, "ତୁଇ ସେ ବବିସତ୍ବକ୍ତା କି?" ଜଅନ୍ କଇଲା,
"ମୁଇ ସେ ନଇ ।" ୨୨ ତାର୍ ପଚେ ସେମନ୍ ପାଚାର୍ଲାଇ,
"ସେନ୍ତାର୍ଆଲେ ତମେ କେ? ଆମ୍କେ ପାଟାଇଲା ଲକ୍ମନ୍କେ
ଆମେ ଜାଇ, କାଇଟା ବଲି କଇବୁ, ସେଟାର୍ପାଇ ତମର୍ ନିଜର୍
ବିସଇ ଅଲପ୍ କଇଦିଆ ।" ୨୩ ଜିସାୟ୍ ବବିସତ୍ବକ୍ତା ଜେନ୍ତି
କଇରଇଲା, ଜଅନ୍ ସେମନ୍କେ ସେନ୍ତି କଇଲା । "ମୁଇ ମରୁବାଲି
ବୁଏଁ ଆକ୍ମାରି ବୁଲ୍ବା ଗଟେକ୍ ସବଦ୍ ମାପ୍ରୁ ଜିବାକେ ଗଟେକ୍
ସଲକ୍ ବାଟ୍ ତିଆର୍ କରା!" ୨୪ ତାର୍ ପଚେ ପାରୁସିମନ୍ ପାଟାଇ
ରଇଲା କବର୍ ନେଉମନ୍ ଜଅନ୍କେ ପାଚାର୍ଲାଇ । ୨୫ "ତମେ
ଜଦି କିରିସ୍ଟ ନୁଆସ୍, ଏଲିୟ୍ ନୁଆସ୍, ଆରି ବବିସତ୍ବକ୍ତା
ନୁଆସ୍, କାଇକେ ଲକ୍ମନ୍କେ ଡୁବନ୍ ଦେଲାସ୍ନି?" ୨୬ ଜଅନ୍
ସେମନ୍କେ କଇଲା, "ମୁଇ ଲକ୍ମନ୍କେ ପାନିତେଇ ଡୁବନ୍
ଦେଲିନି, ଜନ୍ ଲକ୍କେ କି ତମେ ନାଜାନାସ୍, ମାତର୍ ସେ ତମର୍
ସଙ୍ଗ୍ ଆଚେ । ୨୭ ସେ ମର୍ ପଚେ ଆଇଲାନି । ଆରି ତାର୍
ଗତିଦାଙ୍ଗଡା ଅଇ ତାର୍ ପାଣ୍ଡୁଇର୍ ପିତା ବେଟ୍ବାର୍ ମିସା ମର୍
ଅଦିକାର୍ ନାଇ ।" ୨୮ ଏ ଗଟ୍ନା ଜର୍ଦନ୍ ଗାଡର୍ ସେପାଟେ
ବେତ୍ନି ନାଉଁର୍ ଜାଗାଇ, ଜଅନ୍ ଲକ୍ମନ୍କେ ଡୁବନ୍ ଦେଲା
ବେଲା ଅଇରଇଲା । ୨୯ ତାର୍ ଆର୍କର୍ ଦିନେ ଜିସୁ ତାର୍
ଲଗେ ଆଇବାଟା ଦେକିକରି ଜଅନ୍ କଇଲା, "ଏଦେ ଦେକା!
ପର୍ମେସରର୍ ମେଣ୍ଢାପିଲା ଜେ କି, ଏ ଦୁନିଆର୍ ସବୁ ଲକ୍ମନର୍
ପାପର୍ ଡଣ୍ଡ ବଇକରି ନେଇସି । ୩୦ ଏ ଲକର୍ ବିସଇ ମୁଇ
ଆଗ୍ତୁ ଏନ୍ତି କଇରଇଲି, ମୁଇ ଆଇଲା ପଚେ ଜନ୍ ଲକ୍ ଆଇଲାନି
ସେ ମର୍ତେଇଅନି ବେସି ବଡ୍ଲକ୍ ଆରି ମୁଇ ଜନମ୍ ଅଇଲା
ବେସି ଆଗ୍ତୁଅନି ଆଚେ । ୩୧ ମୁଇ ନିଜେ ମିସା ସେ କେ
ଅଇରଇସି ବଲି ନାଜାନିରଇଲି । ମାତର୍ ଇସ୍ରାଏଲର୍ ଲକ୍ମନ୍
ତାର୍ ବିସଇ ଜାନତ୍ ବଲି ମୁଇ ପାନିତେଇ ଡୁବନ୍ ଦେବାକେ
ଆସିଆଚି ।" ୩୨ ତାର୍ ପଚେ ଜଅନ୍ ଆରି ଏ ସାକି ଦେଇ କଇଲା,
"ସୁକଲ୍ ଆତ୍ମା ପରୁଆପାରା ଅଇକରି ସର୍ଗେଅନି ଉତ୍ରି ଆସି
ତାର୍ ଉପ୍ରେ ବସ୍ବାଟା ମୁଇ ଦେକିଆଚି । ୩୩ ଏଲେମିସା

ସେଡ୍‌କିବେଲା ଜାକ ଏ ଲକ୍ ସେ ଆକା ବଲି ମୁଇ ଜାନି ନ
ରଇଲି । ମାତର୍ ପାନିତେଇ ଡୁବନ୍ ଦେବାକେ ପାଟାଇରଇଲା
ପର୍‌ମେସର୍ ମକେ କଇରଇଲା, ଜେଡେବେଲା ଗଟେକ୍ ଲକର୍
ଉପ୍‌ରେ ସୁକଲ୍ ଆତ୍‌ମା ଉତ୍‌ରି ଆଇବାଟା ତୁଇ ଦେକ୍‌ସୁ, ସେସେ
ଅଇଲାନି ତୁଇ କଜ୍‌ବା ଲକ୍ । ସେ ଲକ୍ ସୁକଲ୍ ଆତ୍‌ମାଇ
ଡୁବନ୍ ଦେଇସି । **୩୪** ଏନ୍ତି ସୁକଲ୍ ଆତ୍‌ମା ତାର୍ ଉପ୍‌ରେ ଉତ୍‌ରି
ଆଇବାଟା ମୁଇ ଦେକ୍‌ଲି ଆରି ସେ ପର୍‌ମେସରର୍ ପିଲା ବଲି
ମୁଇ ତମ୍‌କେ ସାକିଦେଲିନି” ବଲି ଜଅନ୍ କଇଲା । **୩୫** ତାର୍
ଆର୍‌କର୍ ଦିନେମିସା ଜଅନ୍ ସେ ଜାଗାଇସେ ରଇଲା । ଆରି
ତାର୍ ଦୁଇଟା ସିସ୍‌ମନର୍ ସଙ୍ଗ୍ ଟିଆ ଅଇରଇଲା । **୩୬** ଆରି
ଜିସୁ ସେ ବାଟେ ଜିବାଟା ଜଅନ୍ ଦେକିକରି କଇଲା, “ଏଦେ
ଦେକା! ପର୍‌ମେସରର୍ ମେଣ୍ଡାପିଲା ଗାଲାନି ।” **୩୭** ଜଅନର୍
ଦୁଇଟା ସିସ୍‌ମନ୍ ତାର୍ କାତା ସୁନି, ଜିସୁର୍ ପଚେ ପଚେ ଗାଲାଇ
। **୩୮** ଜିସୁ ପାସ୍‌ଲିକରି ଦେକ୍‌ବା ବେଲେ ସେ ଦୁଇଟା ସିସ୍‌ମନ୍
ତାର୍ ପଚେ ପଚେ ଜିବାଟା ଦେକି ସେମନ୍‌କେ ପାଚାର୍‌ଲା ତମେ
କାଇଟା କଜ୍‌ଲାସ୍‌ନି? ସେମନ୍ ଜିସୁକେ କଇଲାଇ, “ରାବି ତମେ
କନ୍ ଜାଗାଇ ରଇଲାସ୍‌ନି?” ରାବିର୍ ଅରତ୍ ଅଇଲାନି ସିକାଇ
ଦେବା ଗୁରୁ । **୩୯** ଜିସୁ ସେମନ୍‌କେ କଇଲା, “ମର୍ ସଙ୍ଗ୍ ଆସା
ମୁଇ ରଇବା ଜାଗା ଦେକ୍‌ସା ।” ସେଟାର୍ ପାଇ ସେମନ୍ ତାର୍
ସଙ୍ଗ୍ ଜାଇ ସେ ରଇବା ଜାଗା ଦେକ୍‌ଲାଇ । ଆରି ସେ ଦିନେ
ତାର୍ ସଙ୍ଗ୍ ରଇଲାଇ । ସେବେଲା ସଞ୍ଜୁଆ ଚାର୍‌ଟା ଅଇରଇଲା
। **୪୦** ତାକର୍ ବିତ୍‌ରେଅନି ଗଟେକ୍ ଲକ୍ ଅଇଲାନି ସିମନ୍
ପିତରର୍ ବାଇ, ଆନ୍ଦ୍ରିୟ୍ । **୪୧** ସେ ଦାପ୍‌ରେ ସେ ତାର୍ ବାଇ
ସିମନ୍ ପିତର୍‌କେ କଜିକରି ବେଟ୍ ପାଇ କଇଲା, “ପର୍‌ମେସର୍
ବାଚି ପାଟାଇଲା ମସିଅକେ ଆମେ ବେଟ୍‌ପାଇଲୁ ।” **୪୨** ତାର୍
ପଚେ ଆନ୍ଦ୍ରିୟ୍ ସିମନ୍‌ପିତର୍‌କେ ଜିସୁର୍ ଲଗେ ଡାକି ଆନ୍‌ଲା
। ଜିସୁ ତାକେ ଦେକି କଇଲା, “ତମେ ସିମନ୍, ଜଅନର୍ ପିଲା
ଏବେଅନି ତକେ କେପା ବଲି ଡାକ୍‌ବାଇ ।” କେପାର୍ ଅରତ୍
ଅଇଲାନି ପିତର୍ ଆରି ପିତରର୍ ଅରତ୍ ଅଇଲାନି ରାଙ୍ଗ୍‌ନି ପାକ୍‌ନା
। **୪୩** ତାର୍ ଆରକର୍ ଦିନେ ଜିସୁ ଗାଲିଲି ଦେସେ ଜିବାକେ
ମନ୍ କଲା । ଆରି ସେ ଜିବା ବେଲେ ପିଲିପ୍‌କେ ବେଟ୍‌ପାଇ
ତାକେ କଇଲା, “ମର୍ ସଙ୍ଗ୍ ଆଉ ।” **୪୪** ଆନ୍ଦ୍ରିୟ୍ ଆରି ପିତର୍
ପାରା ପିଲିପ୍ ମିସା ବେତ୍‌ସାଇଦା ଗଡର୍ ଲକ୍ ରଇଲା । **୪୫**
ପିଲିପ୍ ନିତନିଏଲ୍‌କେ ବେଟ୍ ପାଇ କଇଲା, “ଜନ୍ ଲକର୍ ବିସଇ
ମସାର୍ ନିୟମେ ଲେକିରଇଲା ଆରି ବବିସତ୍‌ବକ୍‌ତାମନ୍ ଲେକି
ଆଚତ୍, ଆମେ ତାକେ ଦେକ୍‌ଲୁ ଆଚୁ । ସେ ଜସେପର୍ ପିଲା
ନାଜରିତ୍ ଗଡର୍ ଜିସୁ ।” **୪୬** ନିତନିଏଲ୍ ପିଲିପ୍‌କେ ପାଚାର୍‌ଲା,
“ନାଜରିତ୍ ଗଡେଅନି କାଇଆଲେ ନିକ ବିସଇ ଆଇସି କି?”
ପିଲିପ୍ ତାକେ କଇଲା, “ତୁଇ ଆସିକରି ଦେକ୍!” **୪୭** ଜିସୁ
ନିତନିଏଲ୍‌କେ ତାର୍ ଲଗେ ଆଇବାଟା ଦେକି ତାର୍ ବିସଇ ନେଇ
କଇଲା, “ଏଦେ ଦେକା! ଏ ଗଟେକ୍ ଇସ୍‌ରାଏଲର୍ ସତ୍ ଲକ୍, ଏ
ଲକର୍‌ତେଇ କାଇମିସା କୁଟ୍‌କପଟ୍ ନାଇ ।” **୪୮** ନିତନିଏଲ୍
ଜିସୁକେ ପାଚାର୍‌ଲା “ମକେ କେନ୍ତି ଜାନୁସ୍?” ଜିସୁ କଇଲା,
“ପିଲିପ୍ ତମ୍‌କେ ଡାକ୍‌ବା ଆଗ୍‌ତୁ ମୁଇ ତକେ ଡୁମ୍‌ରି ଗଚ୍ ତଲେ
ଦେକି ରଇଲି ।” **୪୯** ତାର୍ ପଚେ ନିତନିଏଲ୍ ଜିସୁକେ କଇଲା,
“ଏ ଗୁରୁ, ତମେ ପର୍‌ମେସରର୍ ପିଲା ଆରି ଇସ୍‌ରାଏଲର୍
ରାଜା!” **୫୦** ଜିସୁ ତାକେ କଇଲା, “ମୁଇ ତକେ ଡୁମ୍‌ରି ଗଚ୍ ତଲେ
ଟିଆଅଇଲାଟା ଦେକ୍‌ଲି ବଲି କଇଲାକେ ବିସ୍‌ବାସ୍ କଲୁସ୍‌ନି
କି? ଇତିଅନି ଆରି ଅଦିକ୍ ବଡ୍ ବଡ୍ କାବା ଅଇଜିବା ବିସଇମନ୍
ଦେକ୍‌ସୁ ।” **୫୧** ଜିସୁ ଆରି ତରେକ୍ କଇଲା, “ମୁଇ ତକେ
ସତ୍‌କାତା କଇଲିନି, ସରଗ୍ ଉଗାଡି ଅଇଜାଇ ନର୍‌ପିଲା ମର୍
ଉପ୍‌ରେ, ପର୍‌ମେସରର୍ ଦୁତ୍‌ମନ୍ ଚଗି ଜିବାଟା ଆରି ଉତ୍‌ରି
ଆଇବାଟା ତମେ ଦେକ୍‌ସା ।”

**୨** ଦୁଇ ଦିନ୍ ପଚେ ଗାଲିଲି ଦେସର୍ କାନା ନାଉଁର୍ ଗଡେ
ଗଟେକ୍ ବିବା ଅଇତେ ରଇଲା । ସେ ବିବାତେଇ ଜିସୁର୍
ମାଆ ମରିୟମ୍ ରଇଲା । **୨** ଜିସୁ ଆରି ତାର୍ ସିସ୍‌ମନ୍‌କେ
ମିସା ସେ ବିବାତେଇ ଡାକି ରଇଲାଇ । **୩** ବଜି ନ ସାର୍‌ତେ
ଅଙ୍ଗୁର୍ ରସ୍ ସାରିଗାଲାକେ ଜିସୁର୍ ମାଆ ଆସି ତାକେ କଇଲା,
“ସେମନର୍ ଅଙ୍ଗୁର୍ ରସ୍ ସାରିଗାଲାବେ ।” **୪** ଜିସୁ ତାକେ
କଇଲା, “ଏ ମାଆ, ମର୍‌ଟାନେ ତର୍ କାଇଟା ଆଚେ? ତୁଇ
ମକେ କାଇଟା ମିସା କର୍‌ବାକେ କଅ ନାଇ । ମର୍ ବେଲା ଏବେ
ଜାକ ଆସେ ନାଇତା ।” **୫** ଜିସୁର୍ ମା ବାଣ୍ଡାର୍‌ଗରିଆମନ୍‌କେ
କଇଲା, “ଜିସୁ ତମ୍‌କେ ଜାଇଟା କଇସି ସେଟା କରା ।” **୬**
ସେ ଜାଗାଇ ବଡ୍ ବଡ୍ ପାକ୍‌ନା ସଙ୍ଗ୍ ତିଆର୍ କଲା ଚଅଟା
କୁଣ୍ଡ ରଇଲା । ଜିଉଦି ଲକ୍‌ମନ୍ ସୁକଲ୍ ଅଇବାକେ ସେମନର୍
ରିତିନିତି ଇସାବେ ଏ କୁଣ୍ଡର୍ ପାନି କାମେ ଲାଗାଇତେ ରଇଲାଇ
। ଗଟେକ୍ ଗଟେକ୍ କୁଣ୍ଡେ ସଏ ଲିଟର୍ ଲାକା ପାନି ଦାର୍‌ତେ
ରଇଲା । **୭** ଜିସୁ ବାଣ୍ଡାର୍‌ଗରିଆମନ୍‌କେ “ସେ କୁଣ୍ଡମନ୍‌କେ
ପାନି ବର୍‌ତି କରା” ବଲି କଇଲା ଆରି ସେମନ୍ ସେ ସବୁ କୁଣ୍ଡେ
ପାନି ବର୍‌ତି କଲାଇ । **୮** ତାର୍ ପଚେ ଜିସୁ ସେମନ୍‌କେ ତେଇର୍
ପାନି ଡୁମିନେଇ ବଜି ଦାଇତେ ରଇଲା ଲକ୍‌କେ ଦିଆସ୍ ବଲି
କଇଲା । ସେମନ୍ ତେଇର୍ ପାନି ଡୁମି ନେଇ ତାକେ ଦେଲାଇ
। **୯** ମାତର୍ ସେ ସବୁ ପାନି ଅଙ୍ଗୁର୍ ରସ୍ ଅଇଜାଇରଇଲା ।
ବଜି ଦାଇତେ ରଇଲା ଲକ୍ ଅଙ୍ଗୁର୍ ରସ୍ କନ୍ତିଅନି ବଲି ଜାନି
ନ ରଇଲା । ମାତର୍ ସେ ପାନି ଡୁମି ନେଲା ଲକ୍‌ମନ୍ ଜାନି
ରଇଲାଇ, ପଚେ ସେ ଲକ୍ ଚାକି କରି ଏ ରସ୍ କନ୍ତିଅନି ଆନ୍‌ଲାଇ
ବଲି ବିବା ଅଇବା ଦାଙ୍ଗ୍‌ଡାକେ ଡାକି ପାଚାର୍‌ଲା, **୧୦** “ଲକ୍‌ମନ୍
ସବୁ ବେଲା ପର୍‌ତୁମ୍ ପର୍‌ତୁମ୍ କାଇବାକେ ନିମାନ୍ ଅଙ୍ଗୁର୍ ରସ୍
ଦେବାଇ । ଆରି ଗତିଆ ଲକ୍‌ମନ୍ କାଇ ପୁରୁନ୍ ଅଇଲା ପଚେ
ଚପ୍‌ରାଟା ଦେବାଇ । ମାତର୍ ତମେ ଏବେ ସାରାସାରି ଜାକ
ନିମାନ୍ ଅଙ୍ଗୁର୍ ରସ୍ କନ୍ତି ସଙ୍ଗ୍‌ଇ ରଇଲାସ୍?” **୧୧** ଏଟା ଜିସୁ
ପର୍‌ତୁମ୍ କଲା କାବାଅଇଜିବା କାମ୍ । ସେଟା ଗାଲିଲି ଦେସର୍

କାନା ନଅରେ କରିରଇଲା । ଏନ୍ତି କରି ତାର୍ ମଇମା ଦେକାଇଲା
ଆରି ତାର୍ ସିସ୍‌ମନ୍ ତାକେ ବିସ୍‌ବାସ୍ କଲାଇ । **୧୨** ତାର୍ ପଚେ
ଜିସୁ, ତାର୍ ମାଆ ତାର୍ ବାଇମନ୍ ଆରି ତାର୍ ସିସ୍‌ମନର୍ ସଙ୍ଗ୍
କପର୍‌ନାଉମ୍ ଗଡେ ଜାଇ ତେଇ କେତେ ଦିନ୍ ପାରା ରଇଲାଇ
। **୧୩** ସେ ବେଲା ଜିଉଦି ଲକ୍‌ମନର୍ ନିସ୍‌ତାର୍ ପରବ୍ କେଟି
ଆଇତେ ରଇଲା । ସେଟାର୍‌ପାଇ ଜିସୁ ଜିରୁସାଲମେ ଗାଲା ।
**୧୪** ତେଇ ସେ ମନ୍ଦିର୍ ବିତ୍‌ରେ, ଲକ୍‌ମନ୍ ଗରୁଗାଇ ମେଣ୍ଡା,
ଆରି ପାରୁଆମନ୍ ବେବାର୍ କର୍‌ବାଟା, ଆରି ବିନ୍ ଦେସର୍ ଡାବୁ
ବାଦ୍‌ଲାଉମନ୍ ସେମନର୍ ଟେବୁଲେ ବସିରଇଲାଟା ଦେକ୍‌ଲା ।
**୧୫** ତେଇ ଜିସୁ କସିରା ସଙ୍ଗ୍ କର୍‌ଡା ତିଆର୍ କରି ମେଣ୍ଡା ଆରି
ଗରୁମନର୍ ସଙ୍ଗ୍ ସବୁ ଲକ୍‌ମନ୍‌କେ ମନ୍ଦିରେଅନି ବାର୍‌କରାଇ
ଦେଲା । ଆରି ଲକ୍‌ମନର୍‌ତେଇ ଅନି ବାଦ୍‌ଲାଇ ନେବା ଡାବୁ ସବୁ
ବିଚିଦେଇ ସେମନର୍ ଟେବୁଲ୍ ପାସ୍‌ଲାଇ ଦେଲା । **୧୬** ପରୁଆ
ବିକ୍‌ବା ଲକ୍‌ମନ୍‌କେ କଇଲା, "ଏ ସବୁ ଦିନ୍‌ସୁ ଇଟିଅନି ଦାରିଜା
। ମର୍ ବାବାର୍ ଗରେ ଗେନା ବିକା ଜାଗା ପାରା କରାନାଇ ।" **୧୭**
ଏ ସବୁ ଗଟ୍‌ନା ଅଇବାବେଲେ ଜିସୁର୍ ସିସ୍‌ମନ୍ ପର୍‌ମେସରର୍
ସାସ୍‌ତରେ ଲେକାଅଇଲା ଗଟେକ୍ ବାକିଅ ଏତାଇଲାଇ । ତମର୍
ଗରର୍ ପାଇ ରଇବା ମର୍ ବକ୍‌ତି, ମର୍ ମନ୍ ବିତ୍‌ରେ ଜଇ
ଲାଗ୍‌ଲା ପାରା ଲାଗ୍‌ଲାନି । **୧୮** ତେଇ ଜିଉଦି ନେତାମନ୍ ଜିସୁର୍
ଲଗେ ବାଉଡି ଆସି ଏନ୍ତାରି କଇଲାଇ । "ତୁଇ ଏନ୍ତାରି ସବୁ କାମ୍
କର୍‌ବାକେ ଅଦିକାର୍ ପାଇଆଚୁସ୍ ବଲି ଆମେ କେନ୍ତି ଜାନ୍‌ବୁ
ଆରି କାଇ ଚିନର୍‌ଲାଗି ଆମ୍‌କେ ସେଟା ଦେକାଇଲୁସ୍‌ନି?" **୧୯**
ଜିସୁ ସେମନ୍‌କେ କଇଲା, "ତମେ ଏ ମନ୍ଦିର୍ ବସ୍‌ଲାଇ ଦିଆସ୍ ।
ସେଟା ମୁଇ ତିନ୍‌ଦିନ୍ ବିତ୍‌ରେ ଆରିତରେକ୍ ତିଆର୍ କରିଦେବି
।" **୨୦** ଜିସୁର୍ ଏ କାତା ସୁନି ସେମନ୍ କଇଲାଇ, "କାଇଟା!
ତିନ୍‌ଦିନ୍ ବିତ୍‌ରେ ତୁଇ ତିଆର୍ କରି ପାରୁସ୍ କି? ଏ ମନ୍ଦିର୍ ତିଆର୍
କର୍‌ବାକେ ଚାଲିସ୍ ଚଅ ବରସ୍ ଲାଗିରଇଲା ।" **୨୧** ମାତର୍
ଜିସୁ ତାର୍ ନିଜର୍ ଗାଗଡର୍ ବିସଇ ମନ୍ଦିର୍‌କେ ଦେକାଇ କରି
ଏ କାତା କଇରଇଲା । **୨୨** ସେ ମରିକରି ଆରିତରେକ୍ ଜିବନ୍
ଅଇ ଉଟ୍‌ଲା ପଚେ ସିସ୍‌ମନର୍ ମନେ ପଡ୍‌ଲା ଜେ, ସେ ଏନ୍ତାରି
କଇରଇଲା । ତେବର୍‌ପାଇ ସେମନ୍ ଦରମ୍ ସାସ୍‌ତର୍ ଆରି
ଜିସୁର୍ ବାକିଅ ବିସ୍‌ବାସ୍ କଲାଇ । **୨୩** ନିସ୍‌ତାର୍ ପରବ୍‌ବେଲେ
ଜିସୁ ଜିରୁସାଲାମ୍ ରଇଲାବେଲେ କେତେକ୍ କେତେକ୍ ଲକ୍ ସେ
କରିରଇବା କାବା ଅଇଜିବା କାମ୍‌ମନ୍ କଲାଟା ଦେକି ତାକେ
ବିସ୍‌ବାସ୍ କଲାଇ । **୨୪** ମାତର୍ ଜିସୁ ସେ ଲକ୍‌ମନ୍ ବିସ୍‌ବାସ୍
କରିରଇବାଟା ସତ୍‌ବଲି ବାବେନାଇ । କାଇକେ ବଇଲେ ସେ
ସବୁ ଲକର୍ ବିସଇ ସେ ନିକସଙ୍ଗ୍ ଜାନି ରଇଲା । **୨୫** ଲକ୍‌ମନର୍
ବିସଇନେଇକରି ତାକେ, କେ ମିସା କାଇଟାବଲି କଇବାର୍
ଦର୍‌କାର୍ ନ ରଇଲା, କାଇକେବଇଲେ ସେ ତାକର୍ ମନ୍ ବିତ୍‌ରର୍
କାତା, ନିଜେ ଜାନି ରଇଲା ।

**୩** ପାରୁସିମନର୍ ବିତ୍‌ରେଅନି ନିକଦିମ ନାଉଁର୍ ଗଟେକ୍ ଲକ୍
ରଇଲା । ସେ ଜିଉଦି ମନର୍ ଗଟେକ୍ ନେତା । **୨** ସେ
ଦିନେକ୍ ରାତିଆ ଜିସୁର୍ ଲଗେ ଆସି କଇଲା, "ଏ ଗୁରୁ ଆମେ
ଜାନୁ, ତମେ ପର୍‌ମେସର୍ ପାଟାଇରଇବା ଗଟେକ୍ ଗୁରୁ ।
କାଇକେ ବଇଲେ ଜଦି ଗଟେକ୍ ଲକର୍ ସଙ୍ଗ୍ ପର୍‌ମେସର୍ ନ
ରଇଲେ, ତମେ ଜନ୍ ସବୁ କାବାଅଇଜିବା କାମ୍‌ମନ୍ କଲାସ୍‌ନି,
ସେତ୍‌କି କାମ୍‌ମନ୍ କେ ମିସା କରିନାପାରତ୍ ।" **୩** ଜିସୁ ତାକେ
କଇଲା, "ମୁଇ ତକେ ସତ୍ କାତା କଇଲିନି, ଆରିତରେକ୍ ଜନମ୍
ନ ଅଇଲେ କେ ମିସା ପର୍‌ମେସରର୍ ରାଇଜ୍ ଦେକି ନାପାରତ୍
।" **୪** ନିକଦିମ ତାକେ ପାଚାର୍‌ଲା, "ଡକ୍‌ରା ଅଇଲା ଲକ୍ କେନ୍ତି
ଆରି ତରେକ୍ ଜନମ୍ ଅଇସି? ସେ ଆରି ତରେକ୍ ମାଆର୍ ପେଟ୍
ବିତ୍‌ରେ ଜାଇକରି ଜନମ୍ ଅଇସି କି? ନାଇ ଅଇ ନଏଁ ।" **୫** ଜିସୁ
ତାକେ କଇଲା, "ମୁଇ ତକେ ସତ୍‌କାତା କଇଲିନି, ଗଟେକ୍ ଲକ୍
ପାନି ଆରି ଆତ୍‌ମାଇଅନି ଜନମ୍ ନ ଅଇଲେ, ପର୍‌ମେସରର୍
ରାଇଜେ ଜାଇ ନାପାରେ । **୬** ଗଟେକ୍ ନର୍ ଲକ୍ ତାର୍ ନର୍ ମାଆ
ବାବାର୍‌ତେଇଅନି ଜନମ୍ ଅଇସି । ମାତର୍ ସୁକଲ୍ ଆତ୍‌ମା ତାର୍
ଆତ୍‌ମାଇ ନୁଆ ଜିବନ୍ ଦେଇସି । **୭** ସେଟାର୍‌ପାଇ ମୁଇ ତକେ
ଆରିତରେକ୍ ଜନମ୍ ଅଇବାକେ ଅଇସି ବଲି କଇବା ବିସଇ
ସୁନି କାବାଅଇଜାଆ ନାଇ । **୮** ପବନ୍ ଜନ୍ ବାଟେ ଜିବାକେ
ମନ୍ କର୍‌ସି ସେ ବାଟେସେ ଜାଇସି, ଆରି ତମେ ତାର୍ ସବଦ୍
ସୁନ୍‌ସା । ମାତର୍ ସେଟା କନ୍ତିଅନି ଆଇସି ଆରି କନ୍ ବାଟେ
ଜାଇସି ସେଟା ନାଜାନାସ୍ । ଆତ୍‌ମାଇ ଜନମ୍ ଅଇଲା ସବୁ
ଲକ୍‌ମନ୍ ମିସା ସେନ୍ତାରିସେ ।" **୯** ନିକଦିମ ଜିସୁକେ ପାଚାର୍‌ଲା,
"ଏବେ ତୁଇ କଇବା କାତା କେନ୍ତି ଅଇପାର୍‌ସି?" **୧୦** ଜିସୁ ତାକେ
କଇଲା, "ତୁଇ ଇସ୍‌ରାଏଲର୍ ଗଟେକ୍ ବଡ୍ ଗୁରୁ ଅଇକରି ମିସା
କେନ୍ତି ଏ ସବୁ କାତା ବୁଜି ନାପାର୍‌ଲୁସ୍‌ନି? **୧୧** ମୁଇ ତକେ
ସତ୍‌କାତା କଇଲିନି, ଆମେ ଜନ୍‌ଟା ଜାନୁ ସେଟା କଇଦେବୁ,
ଜନ୍‌ଟା ଦେକିରଇବୁ ସେଟା ସାକି ଦେବୁ, ଅଇଲେ ମିସା ତୁଇ
କାଇକେ ବିସ୍‌ବାସ୍ କରୁସ୍‌ନାଇ? **୧୨** ମୁଇ ତକେ ଏ ଦୁନିଆର୍
ବିସଇ କଇବାବେଲେ ବିସ୍‌ବାସ୍ କରୁସ୍ ନାଇ । ଆରି ସରଗର୍
ବିସଇ କଇବି ବଇଲେ କେନ୍ତି ମକେ ବିସ୍‌ବାସ୍ କର୍‌ସୁ? **୧୩**
ସର୍‌ଗେଅନି ଉତ୍‌ରି ଆଇଲା ନର୍‌ପିଲା ମୁଇ, ମକେ ଚାଡିକରି
ଆରି କେ ମିସା ସର୍‌ଗେ ଜାଅତ୍ ନାଇତା ।" **୧୪** "ଆରି ମସା
କେନ୍ତି ମରୁବାଲି ବୁଏଁ ପିତଲ୍ ସାଁପ୍‌କେ ଡେଲି ଉପ୍‌ରେ ଟେକି
ରଇଲା, ସମାନ୍ ସେନ୍ତାରିସେ ପର୍‌ମେସର୍ ତେଇଅନି ଆଇଲା
ନର୍‌ପିଲା ମକେ ମିସା, ଗଟେକ୍ ଦିନେ ଉପ୍‌ରେ ଟେକ୍‌ବାଇ
। **୧୫** ତେବେ, ତାକେ ବିସ୍‌ବାସ୍ କର୍‌ବା ସବୁ ଲକ୍‌ମନ୍ ନ
ସାର୍‌ବା ଜିବନ୍ ପାଇବାଇ । (aiōnios g166) **୧୬** ପର୍‌ମେସର୍ ଏ
ଦୁନିଆର୍ ଲକ୍‌ମନ୍‌କେ ଏତେକ୍ ଆଲାଦ୍ କଲାଜେ, ତାର୍ ଗଟେକ୍
ବଲି ପିଲାକେ ସର୍‌ପିଦେଲା । ଜେ ମିସା ତାକେ ବିସ୍‌ବାସ୍
କର୍‌ବାଇ ବଇଲେ, ସେମନ୍ ନସ୍‌ଟ ନ ଅଇକରି, ନ ସାର୍‌ବା

ଜିବନ୍ ମିଲାଇବାଇ । (aiōnios g166) ୧୭ ପର୍‌ମେସର୍ ତାର୍
ପିଲାକେ ଏ ଦୁନିଆଇ ବିଚାର୍ କର୍‌ବାକେ ପାଟାଏନାଇ, ମାତର୍
ତାର୍ ଲାଗି ଦୁନିଆ ରକିଆ ପାଅ ବଲି ପାଟାଇ ଆଚେ । ୧୮ କେ
ପର୍‌ମେସରର୍ ପିଲାକେ ବିସ୍‌ବାସ୍ କଲାନି ତାର୍ ବିଚାର୍‌ନା ନଏଁ ।
ମାତର୍ ଜେ ପର୍‌ମେସରର୍ ପିଲାକେ ବିସ୍‌ବାସ୍ କରେନାଇ ତାର୍
ବିଚାର୍‌ନା ଅଇସାର୍‌ଲାବେ । କାଇକେବଇଲେ ସେ ଗଟେକ୍ ବଲି
ପିଲାକେ ବିସ୍‌ବାସ୍ କରେନାଇ । ୧୯ ଆରି ସେ ବିଚାର୍‌ନା ଏନ୍ତି
ଅଇସି, ସର୍‌ଗେ ଅନି ଉଜଲ୍ ଏ ଦୁନିଆଇ ଆସିରଇଲା । ମାତର୍
ଏ ଦୁନିଆର୍ ଲକ୍‌ମନ୍ ସେ ଉଜଲେଅନି ଆନ୍ଦାର୍‌କେ ବେସି ମନ୍
କଲାଇ । କାଇକେବଇଲେ ସେମନ୍ କର୍‌ବା କାମ୍ ସବୁ ବେସି
କାରାପ୍ । ୨୦ ଜନ୍‌ଲକ୍‌ମନ୍ କାରାପ୍ କାମ୍ କଲାଇନି ସେମନ୍
ଉଜଲ୍‌କେ ଗିନ୍ କଲାଇନି । ଆରି ସେ ଉଜଲେ ନ ଆସତ୍ ।
କାଇକେବଇଲେ ସେମନର୍ ସବୁ କାରାପ୍ କାମ୍ ସେ ଉଜଲେ
ଡିସ୍‌ସି । ୨୧ ମାତର୍ ଜନ୍‌ଲକ୍ ସତ୍ ଆରି ଟିକ୍ ଇସାବେ କାମ୍ କରି
ଚଲାଚଲ୍‌ତି କଲାନି, ସେ ଉଜଲ୍ ଲଗେ ଆଇସି । ତେବେ, ସେ
କର୍‌ବା କାମ୍ ପର୍‌ମେସରର୍ ମନ୍ କର୍‌ବା ଇସାବେ ଅଇଲାନି ।”
୨୨ ତାର୍ ପଚେ ଜିସୁ ଆରି ତାର୍ ସିସ୍‌ମନ୍ ଜିଉଦା ଦେସେ ଗାଲାଇ
ଆରି ସେ ଜାଗାଇ ରଇକରି ଲକ୍‌ମନ୍‌କେ ଡୁବନ୍ ଦେଲାଇ । ୨୩
ସେ ବେଲାଇ ଜଅନ୍ ମିସା ସାଲମ୍ ଗଡ୍‌ଲଗେ ଏନନ୍ ନାଉଁର୍
ଗଟେକ୍ ଗାଏଁ ଡୁବନ୍ ଦେଇତେ ରଇଲା । କାଇକେ ବଇଲେ ସେ
ଜାଗାଇ ବେସି ପାନି ରଇଲା । ଆରି ଲକ୍‌ମନ୍ ଆସିକରି ଡୁବନ୍
ନେଇତେ ରଇଲାଇ । ୨୪ ସେତ୍‌କି ଦିନ୍ ଜାକ ଜଅନ୍ ବନ୍ଦି ନ
ଅଇରଇଲା । ୨୫ ସେବେଲା ଗଟେକ୍ ଜିଉଦି ଲକ୍ ଆରି ଜଅନର୍
ସିସ୍‌ମନ୍ ଅସୁକଲ୍‌ଅନି ରିତିନିତି ଇସାବେ ସୁକଲ୍ ଅଇବା ବିସଇ
ନେଇ ତାକର୍ ବିତ୍‌ରେ ଦଦାପେଲା ଅଇତେ ରଇଲାଇ । ୨୬ ଆରି
ଜଅନର୍ ସିସ୍‌ମନ୍ ତାର୍ ଲଗେ ଆସି କଇଲାଇ, “ଏ ଗୁରୁ, ତମେ
ଜର୍‌ଦନ୍ ଗାଡ୍ ସେପାଟେ କାର୍‌ସଙ୍ଗେ ବେଟ୍ ଅଇରଇଲାସ୍ ଆରି
ତାର୍ ବିସଇ ତମେ ସାକି ଦେଇତେରଇଲାସ୍, ସେ ଲକ୍ ଏବେ
ଲକ୍‌ମନ୍‌କେ ଡୁବନ୍ ଦେଲାନି ଆରି ସବୁ ଲକ୍‌ମନ୍ ତାର୍ ଲଗେ
ଗାଲାଇନି ।” ୨୭ ଜଅନ୍ କଇଲା, “ପର୍‌ମେସର୍ ନ ଦେଲେ, କେ
ମିସା କାଇଟା ନ ପାଅତ୍ । ୨୮ ମୁଇ କଇରଇଲି ପର୍‌ମେସର୍
ପାଟାଇଲା ମସିଅ ମୁଇ ନଇ ବଲି । ମୁଇ ଅବ୍‌କା ପାଟାଇରଇବା
ଗଟେକ୍ ଦୁତ୍ ପାରା ଅଇ ଆସିଆଚି । ୨୯ ଜେ ବିବା ଅଇସି,
ସେ ବର୍ ଦାଙ୍ଗ୍‌ଡା । ମାତର୍ ବର୍ ଦାଙ୍ଗ୍‌ଡାର୍ ଲଗେ ବରର୍
ସଙ୍ଗାରି ଟିଆଅଇ ତାର୍ କାତା ସୁନ୍‌ସି । ସେ ବର୍ ଦାଙ୍ଗ୍‌ଡାର୍
କାତା ସୁନି, ବେସି ସାର୍‌ଦା ଅଇସି । ସେନ୍ତାରିସେ ମର୍ ସାର୍‌ଦା
ମିସା ପୁରାପୁରୁନ୍ ଅଇଲାଆଚେ । ୩୦ ସେ ମଆନ୍ ଅଇତେ
ଜାଅ ଆରି ମୁଇ ସାନ୍ ଅଇତେ ଜିବି ।” ୩୧ “ଜେ ସର୍‌ଗେଅନି
ଆଇଲା ଆଚେ, ସେ ସବୁ ଲକ୍‌ମନର୍‌ତେଇଅନି ମଆନ୍ । ଜେ
ଜଗତେ ଅନି ଜନମ୍ ଅଇଆଚେ, ସେ ଜଗତର୍ କାତାସେ କଇସି
। ମାତର୍ ଜେ ସର୍‌ଗେଅନି ଆସିଆଚେ, ସେ ସବୁକଲର୍‌ତେଇ
ଅନି ମଆନ୍ । ୩୨ ସେ ଜନ୍‌ଟା ଦେକ୍‌ଲା ଆଚେ ଆରି ସୁନ୍‌ଲା
ଆଚେ ସେ ବିସଇ ସେ ଜାନାଇଲାନି । ମାତର୍ ସେ କଇରଇବା
କାତା କେ ମିସା ନାମତ୍ ନାଇ । ୩୩ ଜେ ତାର୍ କଇରଇବା କାତା
ନାମ୍‌ସି, ସେ ପର୍‌ମେସର୍ ସତ୍‌ଟା ବଲି ନାମ୍‌ସି । ୩୪ ଜାକେ
ପର୍‌ମେସର୍ ପାଟାଇଲା ଆଚେ, ସେ ପର୍‌ମେସରର୍ ବାକିଅ
କଇସି । କାଇକେ ବଇଲେ ତାକେ ପର୍‌ମେସରର୍ ଆତ୍‌ମା
ପୁରାପୁରୁନ୍ ଦିଆଅଇଲାଆଚେ । ୩୫ ବାବା ପିଲାକେ ଆଲାଦ୍
କରି ସବୁ ବିସଇ ତାର୍ ଆତେ ସର୍‌ପି ଦେଲାଆଚେ । ୩୬ ଆରି
କେ ପର୍‌ମେସରର୍ ପିଲାକେ ବିସ୍‌ବାସ୍ କର୍‌ସି, ସେ ନ ସାର୍‌ବା
ଜିବନ୍ ପାଇସି । ମାତର୍ ଜେ ପର୍‌ମେସରର୍ ପିଲାକେ ନାମେ
ନାଇ, ସେ ନ ସାର୍‌ବା ଜିବନ୍ ନ ପାଏ । ଆରି ପର୍‌ମେସରର୍
ଡଣ୍ଡ ପାଇବାକେ ସେ ରଇସି ।” (aiōnios g166)

**୪** ଜଅନର୍‌ତେଇଅନି ଜିସୁକେ ଅଦିକ୍ ସିସ୍ ଅଇବାଟା ଆରି
ଡୁବନ୍ ଦେବା କାତା ପାରୁସିମନ୍ ସୁନ୍‌ଲାଇ । ୨ ଜିସୁ
ସତଇସେ ନିଜେ କାକେ ମିସା ଡୁବନ୍ ନ ଦେଇତେ ରଇଲା,
ମାତର୍ ତାର୍ ସିସ୍‌ମନ୍ ଡୁବନ୍ ଦେଇତେ ରଇଲାଇ । ୩ ତାର୍
ବିସଇ ନେଇ ଲକ୍‌ମନ୍ ଏନ୍ତାରି କାତା ଅଇବାଟା ସୁନି, ଜିସୁ ଜିଉଦା
ରାଇଜ୍ ଚାଡିକରି ଆରି ତରେକ୍ ଗାଲିଲି ଦେସେ ଉଟିଗାଲା ।
୪ ମାତର୍ ତାକେ ସମିରଣ୍ ଗଡ୍ ବାଟେ ଜିବାକେ ପଡ୍‌ଲା । ୫
ଆରି ଜାକୁବ୍ ତାର୍ ନିଜର୍ ପିଲା ଜସେପ୍‌କେ ଜନ୍ ଜାଗା ଦାନ୍
ଦେଇରଇଲା, ସେ ଲଗେ ସମିରଣ୍ ଗଡର୍ ଗଟେକ୍ ସୁକାର୍
ନାଉଁର୍ ଜାଗାଇ ଜିସୁ ଆସି କେଟ୍‌ଲା । ୬ ସେ ଜାଗାଇ ଜାକୁବର୍
ଗଟେକ୍ କୁଇସାଲ୍ ରଇଲା । ଜିସୁ ଇଣ୍ଟି ଇଣ୍ଟି ତାକି ଜାଇକରି
କୁଇସାଲ୍ ଲଗେ ବସି ରଇଲା । ସେବେଲା ଟିଆମୁଇଦାନ୍
ଅଇରଇଲା । ୭ ଗଟେକ୍ ସମିରଣିୟ୍ ମାଇଜି କୁଇସାଲେ ପାନି
ନେବାକେ ଆଇଲା । ଆରି ଜିସୁ ସେ ମାଇଜିକେ କଇଲା, “ଏ
ମା ମକେ ଗୁଡିକ୍ ପାନି କାଇବାକେ ଦେ ।” ୮ ସେତ୍‌କିବେଲେ
ତାର୍ ସିସ୍‌ମନ୍ କାଦି ଗେନ୍‌ବାକେ ଗଡ୍ ବିତ୍‌ରେ ଜାଇରଇଲାଇ
ଆରି ଜିସୁ ଗଟେକ୍ ଲକ୍ ସେ ରଇଲା । ୯ ତେଇ ସମିରଣିୟ୍
ମାଇଜି କାବାଅଇ ଜିସୁକେ କଇଲା, “ତୁଇ ଗଟେକ୍ ଜିଉଦି ଲକ୍
ଆରି ମୁଇ ଗଟେକ୍ ସମିରଣିୟ୍, ତୁଇ କେନ୍ତି ମର୍ ଆତର୍ ପାନି
କାଇବାକେ ମାଙ୍ଗ୍‌ଲୁସ୍‌ନି?” କାଇକେ ବଇଲେ, ଜିଉଦି ଲକ୍‌ମନ୍
ସମିରଣିୟ୍ ଲକ୍‌ମନର୍ କାଇବାତେଇ ନ କାଇତେ ରଇଲାଇ ।
୧୦ ଜିସୁ ତାକେ କଇଲା, “ପର୍‌ମେସର୍ ଦେବା ଦାନର୍ ବିସଇ,
ତୁଇ ଅଲପ୍ ଆଲେ ଜାନି ରଇଲେ ଆରି ମୁଇ କେ ବଲି ଜାନ୍‌ତୁସ୍
ବଇଲେ ମକେ ମାଙ୍ଗ୍‌ତୁସ୍ । ଆରି ମୁଇ ତକେ ଜିବନ୍ ଦେବା ପାନି
ଦେଇତି ।” ୧୧ ମାଇଜି କଇଲା, “ଆଗିଆଁ, ତମର୍ ଲଗେତା
ପାନି ଜିକ୍‌ବାକେ ବାଲ୍‌ଟିନାଇ, ଆରି ଏ କୁଇସାଲ୍ ବେସି ଡେଙ୍ଗ୍
ଆଚେ । କନ୍ତିଅନି ତମେ ଜିବନ୍ ଦେବା ପାନି ମିଲାଇସୁ? ୧୨
ତୁଇ କାଇ ଆମର୍ ଆନିଦାଦି ଜାକୁବର୍‌ତେଇ ଅନି ବଡ୍ କି?
ଜାକୁବ୍ ଆମ୍‌କେ ଏ କୁଇସାଲ୍ ଦେଇରଇଲା । ସେ ନିଜେ ମିସା

ଏ କୁଇସାଲର୍ ପାନି କାଇତେରଇଲା । ତାର୍ ଗରର୍ ଲକ୍ମନ୍
ଆରି ସେ ପସିରଇଲା ଗରୁଗାଇମନ୍ ଇତିର୍ ପାନି କାଇଲାଇ”
ବଲି କଇଲା । **୧୩** ଜିସୁ ତାକେ କଇଲା, “ଏ କୁଇସାଲର୍ ପାନି
କାଇବା ସବୁ ଲକ୍ମନ୍‌କେ ଆରିସେ ସସ୍ ଲାଗ୍‌ସି । **୧୪** ମାତର୍
ମୁଇ ଜନ୍ ପାନି ଦେବି, ସେ ପାନି ଜେ କାଇସି ବଇଲେ, ତାକେ
କେବେ ମିସା ସସ୍ ନ ଲାଗେ । ମୁଇ ଜନ୍ ପାନି ଦେବି, ସେଟା
ଜିବନ୍ ଦେବା ପାନି ପାରା ଉଚ୍‌ଲି ଜାଇତେରଇସି । ତେଇ ଅନି
ଜେ କାଇଲେ, ସେ ନ ସାର୍‌ବା ଜିବନ୍ ପାଇସି ।” **(aiōn g165,
aiōnios g166)** **୧୫** ସେ ମାଇଜି ଜିସୁକେ କଇଲା, “ଏ ଆଗିଆଁ
ମକେ ସେ ପାନି ଦେ, ଜେନ୍ତିକି କେବେ ମିସା ମକେ ସସ୍ ନ
ଲାଗ ଆରି ମୁଇ ଏତେକ୍ ଦୁର୍ ପାନି ନେବାକେ ନ ଆସି ।”
**୧୬** ଜିସୁ ସେ ତାକେ କଇଲା, “ତୁଇ ଜାଇକରି ତର୍ ମୁନୁସ୍‌କେ
ଇତି ଡାକିଆନ୍ ।” **୧୭** ସେ ମାଇଜି “ମକେ ମୁନୁସ୍ ନାଇ” ବଲି
କଇଲା । ଜିସୁ ତାକେ କଇଲା, “ମକେ ମୁନୁସ୍ ନାଇ ବଲି ସତ୍
କାତା କଇଆଚୁସ୍ । **୧୮** କାଇକେ ବଇଲେ ତର୍ ପାଁଚ୍‌ଟା ମୁନୁସ୍
ରଇଲାଇ ଆରି ଏବେ ତୁଇ ଜନ୍ ଲକର୍ ସଙ୍ଗ୍ ଆଚୁସ୍, ସେ
ମିସା ତର୍ ମୁନୁସ୍ ନଏଁ । ଏଟା ସତ୍ କଇଆଚୁସ୍ ।” **୧୯** ସେ
ମାଇଜି କଇଲା, “ଏ ଆଗିଆଁ ତୁଇ ଗଟେକ୍ ବବିସତର୍ କାତା
କଇବା ଲକ୍ ବଲି, ଏବେ ମୁଇ ଜାନିପାର୍‌ଲିନି । **୨୦** ଆମର୍
ସମିରଣିୟ୍ ଆନିଦାଦିମନ୍ ପର୍‌ମେସର୍‌କେ ଏ ଡଙ୍ଗ୍‌ରେ ଉପାସନା
କର୍‌ତେ ରଇଲାଇ । ମାତର୍ ତମେ ଜିଉଦି ଲକ୍ମନ୍ କଇଲାଇନି
ଜିରୁସାଲମ୍‌ସେ ପର୍‌ମେସର୍‌କେ ଉପାସନା କର୍‌ବା ଟିକ୍ ଜାଗା
।” **୨୧** ଜିସୁ ତାକେ କଇଲା, “ଏ ମାଆ ମର୍‌କାତା ବିସ୍‌ବାସ୍
କର୍ । ଏନ୍ତାରି ବେଲା ଆଇଲାନି ତମେ ପର୍‌ମେସର୍‌କେ ଏ
ଡଙ୍ଗ୍‌ରେ କି ଜିରୁସାଲାମେ ମିସା ଉପାସନା ନ କରାସ୍ । **୨୨**
ତମେ ସମିରଣ୍ ଲକ୍ମନ୍ ଜାକେ ଉପାସନା କଲାସ୍‌ନି ତାକେ
ସତଇସେ ନାଜାନାସ୍ । ମାତର୍ ଆମେ ଜିଉଦି ଲକ୍ମନ୍ ତାକେ
ଜାନିକରି ଉପାସନା କଲୁନି । କାଇକେ ବଇଲେ ମୁକ୍‌ତି ଜିଉଦି
ଲକ୍ମନର୍ ତେଇଅନି ଆଇସି । **୨୩** ବେଲା ଆଇଲାନି ଆରି
ସେ ବେଲା କେଟ୍‌ଲାବେ, ଜେଡେବେଲା କି ସୁକଲ୍‌ଆତ୍‌ମାର୍
ବପୁସଙ୍ଗ୍ ଲକ୍ମନ୍, ବାବା ପର୍‌ମେସର୍‌କେ ନିକସଙ୍ଗ୍ ଚିନ୍‌ବାଇ ।
ସେବେଲେ ସେମନ୍ ତାକର୍ ମନେ ସତ୍‌ସଙ୍ଗ୍ ଉପାସନା କର୍‌ବାଇ
। ସେନ୍ତି ଉପାସନା କର୍‌ବା ଲକ୍ମନ୍‌କେ ବାବା ମନ୍ କଲାନି ।
**୨୪** ପର୍‌ମେସର୍ ଅଇଲାନି ଆତ୍‌ମା । ଆରି ଜନ୍‌ଲକ୍ମନ୍ ତାକେ
ଉପାସନା କଲାଇନି, ସେମନ୍ ସତ୍‌ସଙ୍ଗ୍ ଆତ୍‌ମାଇ ଉପାସନା
କର୍‌ବାର୍‌ଆଚେ ।” **୨୫** ସେ ମାଇଜି କଇଲା, “ମୁଇ ଜାନି, ମସିଅ
ଜାକେ କି କିରିସ୍‌ଟ ବଲ୍‌ବାଇ । ସେବେଲାଇ ଆସି ଆମ୍‌କେ
ସବୁ ବିସଇ ବୁଜାଇ ଦେଇସି ।” **୨୬** ଜିସୁ ତାକେ କଇଲା,
“ଏବେ ତର୍ ସଙ୍ଗ୍ ଜେ କାତା ଅଇଲାନି, ମୁଇ ସେ ।” **୨୭**
ସେବେଲା ଜିସୁର୍ ସିସ୍‌ମନ୍ ଗଡେଅନି ବାଉଡି ଆଇଲାଇ । ଜିସୁ
ଗଟେକ୍ ମାଇଜିସଙ୍ଗ୍ କାତା ଅଇବାଟା ଦେକି କାବାଅଇଗାଲାଇ
। ମାତର୍ ତାକେ କେ ମିସା ତୁଇ କାଇକେ ତାର୍ ସଙ୍ଗ୍ କାତା
ଅଇଲୁସ୍‌ନି, କି କାଇ ବିସଇ ତମେ କାତା ଅଇତେ ରଇଲାସ୍?
ବଲି ପାଚାର୍‌ବାକେ ସାଆସ୍ କରତ୍‌ନାଇ । **୨୮** ତାର୍ ପଚେ ସେ
ମାଇଜି ତାର୍ ଆଣ୍ଡିର୍ ପାନି, ତେଇ ଚାଡିକରି ସଅର୍ ବିତ୍‌ରେ
ଉଟିଗାଲା ଆରି ଜାଇକରି ସବୁ ଲକ୍ମନ୍‌କେ କଇଲା, **୨୯**
“ଆସା ଗଟେକ୍ ଲକ୍‌କେ ଦେକ୍‌ସା । ଆଗେ ମୁଇ ଜାଇଜାଇଟା
କରିରଇଲି, ସେ ସବୁ କାତା ସେ ମକେ କଇଦେଲା । ସେ
ପର୍‌ମେସର୍ ବାଚି ପାଟାଇଲା ରାଜା ମସିଅ ଅଇଲେ ଅଇରଇସି
କାଇକି ।” **୩୦** ସେଟାର୍‌ପାଇ ଲକ୍ମନ୍ ସଅରେ ଅନି ବାରଇକରି
ଜିସୁକେ ଦେକ୍‌ବାକେ ଗାଲାଇ । **୩୧** ଏତ୍‌କି ବିତ୍‌ରେ ସିସ୍‌ମନ୍
ଜିସୁକେ “ଏ ଗୁରୁ କାଇଟା ଆଲେ ଅଲପ୍ କାଆ ।” ବଲି ବାବୁଜିଆ
କଲାଇ । **୩୨** ମାତର୍ ଜିସୁ ସେମନ୍‌କେ କଇଲା, “ମର୍ ଲଗେ
ଜନ୍ କାଦି ଆଚେ, ସେ କାଦିର୍ ବିସଇ ତମେ ନାଜାନାସ୍ ।”
**୩୩** ସେଟାର୍ ପାଇ ସିସ୍‌ମନ୍ ନିଜର୍ ନିଜର୍ ବିତ୍‌ରେ କୁଆବଲା
ଅଇଲାଇ, “ତାର୍‌ପାଇ କେ କାଦି ଆନିଦେଲାଇ ଆଚତ୍ କି?” **୩୪**
ଜିସୁ ସେମନ୍‌କେ କଇଲା, “ମକେ ପାଟାଇରଇବା ପର୍‌ମେସର୍
ମନ୍‌କଲାଟା ମାନିକରି ଆରି ସେ ଦେଇରଇବା କାମ୍ ପୁରାପୁରୁନ୍
କର୍‌ବାଟାସେ ମର୍ କାଦି । **୩୫** ଚାରି ମାସ୍ ଗାଲେ କାଟାବେଟା
ଦିନ୍ ଆଇସି ବଲି ତମେ କଇତେରଇସା । ମାତର୍ ମୁଇ ତମ୍‌କେ
କଇଲିନି କେତ୍‌ମନ୍‌କେ ନିକ କରି ଦେକିଦେକା । ଏବେ ତେଇର୍
ତାସ୍ ପାଚିଗାଲା ଆଚେ ଆରି କାଟ୍‌ବା ବେଲା ସମାନ୍ ଅଇଲା
ଆଚେ । **୩୬** ଏବେ ମିସା ଜନ୍ ଲକ୍ ତାସ୍ କାଟ୍‌ଲାନି ତାକେ
ବୁତି ଦିଆ ଅଇଲାନି, ସେ ନ ସାର୍‌ବା ଜିବନର୍ ପାଇ ତାସ୍
ଟୁଲିଆଇଲାନି । ସେଟାର୍ ପାଇ ବୁନ୍‌ଲା ଲକ୍ ଆରି କାଟ୍‌ବା
ଦୁଇ ଲକ୍‌ଜାକ ମିସି ସାର୍‌ଦା କର୍‌ବାଇ । **(aiōnios g166)** **୩୭**
କାଇକେବଇଲେ ଗଟେକ୍ ଲକ୍ ବିଅନ୍ ବୁନ୍‌ଲେ ସେଟା ବିନ୍
ଲକ୍ କାଟ୍‌ସି । ଏ କାତା ପୁରାପୁରୁନ୍ ସତ୍ । **୩୮** ତମେ ଜନ୍ତି
ବୁନି ନ ରଇଲାସ୍ ତେଇ କାଟ୍‌ବାକେ ପାଟାଇଆଚି । ବିନ୍
ଲକ୍ମନ୍ କାମ୍‌କଲାଇ ଆରି ତମେ ସେମନ୍ କଲା କାମେଅନି
ଲାବ୍ ପାଇଲାସ୍‌ନି ।” **୩୯** ସେ ସଅରର୍ କେତେକ୍ କେତେକ୍
ସମିରଣିୟ୍‌ମନ୍ ଜିସୁକେ ବିସ୍‌ବାସ୍ କଲାଇ । କାଇକେବଇଲେ,
ସେ ମାଇଜି ସେମନ୍‌କେ କଇରଇଲା । ଆଗେ ମୁଇ ଜାଇଜାଇଟା
କରିରଇଲି, ସେ ସବୁ କାତା ସେ ମକେ କଇଦେଲା । **୪୦** ଆରି
ସମିରଣିୟ୍ ଲକ୍ମନ୍ ଜିସୁର୍ ଲଗେ ଆସି ତାର୍ ସଙ୍ଗ୍ କେତେ
ଦିନ୍ ରଇବାକେ ଗୁଆରି କଲାଇ, ସେଟାର୍‌ପାଇ ସେ ତେଇ ଦୁଇ
ଦିନ୍ ରଇଲା । **୪୧** ଜିସୁର୍ କାତା ସୁନି ତାକେ ବେସି ଲକ୍ମନ୍
ବିସ୍‌ବାସ୍ କଲାଇ । **୪୨** ଲକ୍ମନ୍ ସେ ମାଇଜିକେ କଇଲାଇ,
“ତୁଇ କଇଲାକେ ଆମେ ବିସ୍‌ବାସ୍ କରୁନାଇ, ଆମେ ନିଜେ
ତାର୍ କାତା ସୁନି କରି ଏ ଆକା ଦୁନିଆର୍ ରକିଆକରୁ ବଲି
ବିସ୍‌ବାସ୍ କଲୁ ।” **୪୩** ଜିସୁ ତେଇ ଦୁଇ ଦିନ୍ ରଇଲା ପଚେ
ଗାଲିଲି ରାଇଜେ ଗାଲା । **୪୪** ଆରି ଗଟେକ୍ ବବିସତ୍‌ବକ୍‌ତା

ନିଜର୍ ଦେସେ ସନ୍ମାନ୍ ନ ପାଏ ବଲି ଜିସୁ ଆଗ୍ତୁସେ ତାର୍ ସିସ୍ମନ୍କେ କଇରଇଲା । **୪୫** ସେଟାର୍ପାଇ ସେ ଜେଡେବେଲା ଗାଲିଲି ଦେସେ କେଟ୍ଲା, ସେବେଲା ଲକ୍ମନ୍ ଆଲାଦ୍ ସଙ୍ଗ୍ ଡାକିନେଲାଇ । କାଇକେବଇଲେ ଆଗେ ଜିରୁସାଲାମେ ନିସ୍ତାର୍ ପରବ୍ଟାନେ ସେମନ୍ ସେ କରିରଇବା କାମ୍ ସବୁ ଦେକିରଇଲାଇ । **୪୬** ଜିସୁ ଗାଲିଲିର୍ କାନା ନାଉଁର୍ ଗଡେ ଆରି ତରେକ୍ ଗାଲା । ସେ ଗଡେସେ ପାନି ଅଙ୍ଗୁର୍ ରସ୍ କରିରଇଲା । ତେଇ ରମିଅ ସାସନ୍କାରିଆର୍ ଗଟେକ୍ ମୁକିଅ ଲକର୍ ପଅ କପର୍ନାଉମେ ଜର୍ ଅଇରଇଲା । **୪୭** ଜିସୁ ଜିଉଦାଇ ଅନି ଗାଲିଲି ଆଇଲା ଆଚେ ବଲି ସୁନିକରି ଜର୍ ଅଇଲା ପିଲାର୍ ବାବା ତାର୍ ଲଗେ ଗାଲା । ମର୍ବା ସମାନ୍ ଅଇରଇବା ପିଲାକେ ନିମାନ୍ କର୍ବାକେ କପର୍ନାଉମେ ଜୁ ବଲି ଜିସୁକେ ଜୁଆର୍ ବିଆର୍ କଲା । **୪୮** ଜିସୁ ତାକେ କଇଲା, "ତମେ କାବା ଅଇଜିବାଟା ଆରି କେବେ ନ ଅଇଲା ପାରା କାମର୍ ଚିନ୍ମନ୍ ନ ଦେକ୍ଲେ କେବେ ମିସା ମକେ ବିସ୍ବାସ୍ ନ କରାସ୍ ।" **୪୯** ସେ ଲକ୍ ତାକେ କଇଲା, "ଏ ଗୁରୁ, ମର୍ ପିଲା ନ ମର୍ବା ଆଗ୍ତୁ ତମେ ମର୍ ସଙ୍ଗ୍ ଆସା ।" **୫୦** ଜିସୁ ତାକେ କଇଲା, "ଏବେ ତୁଇ ତର୍ ଗରେ ଜା, ତର୍ ପିଲା ଜିବନ୍ ଅଇଗାଲାବେ ।" ସେ ଲକ୍ ଜିସୁ କଇରଇବା କାତା ବିସ୍ବାସ୍ କରି ବାଉଡିଗାଲା । **୫୧** ସେ ଗରେ ଗାଲାବେଲେ ତାର୍ କେତେଟା ଗତି ଦାଙ୍ଗ୍ଡାମନ୍ ତାକେ ବେଟ୍ପାଇକରି, "ତର୍ ପିଲା ନିମାନ୍ ଅଇଲାବେ" ବଲି କଇଲାଇ । **୫୨** ସେ ଲକ୍ ତାର୍ ଗତିଦାଙ୍ଗ୍ଡାମନ୍କେ ପାଚାର୍ଲା, "ପିଲା କେଡେବେଲେ ନିମାନ୍ ଅଇଲା?" ଗତିଦାଙ୍ଗ୍ଡାମନ୍, "କାଲି ଗଁଟେ ବେଲେ ନିମାନ୍ ଅଇଲା" ବଲି କଇଲାଇ । **୫୩** ଜିସୁ ଟିକ୍ ସେବେଲାସେ ତର୍ ପିଲା ନିମାନ୍ ଅଇଲାବେ ବଲି କଇରଇଲାଟା ସେ ମୁକିଅ ଲକ୍ ମନେପାକାଇଲା । ସେଟାର୍ପାଇ ସେ ଲକ୍ ଆରି ତାର୍ ଗରର୍ ସବୁ ଲକ୍ ଜିସୁକେ ବିସ୍ବାସ୍ କଲାଇ । **୫୪** ଜିସୁ ଜିଉଦାଇ ଅନି ଗାଲିଲି ଦେସେ ଆଇଲା ପଚେ ଏଟାସଙ୍ଗ୍ ଦୁଇପାଲି କାବାଅଇଜିବା କାମ୍ କରି ରଇଲାଟା ।

**୫** ତାର୍ ପଚେ ଜିଉଦିମନର୍ ଗଟେକ୍ ମୁକିଅ ପରବ୍ ରଇଲା । ସେଟାର୍ ପାଇ ଜିସୁ ଜିରୁସାଲାମ୍ ଗାଲା । **୨** ଜିରୁସାଲାମର୍ ମେଣ୍ଡା ଦୁଆର୍ ଲଗେ ଗଟେକ୍ ବନ୍ଧ ରଇଲା । ସେଟାକେ ଏବ୍ରି ବାସାଇ ବେତେସ୍ଦା ବଲି କଇବାଇ । ତେଇ ପାଁଚ୍ଟା ମଣ୍ଡପ୍ ରଇଲା । **୩** ସେ ମଣ୍ଡପ୍ ମନର୍ଟାନେ କେତେକ୍ କେତେକ୍ ଜର୍ଦୁକା ଅଇଲା ଲକ୍ମନ୍ ରଇତେ ରଇଲାଇ । ରଗିମନର୍ ବିତ୍ରେଅନି କାଣା, ଚଟା, ଆରି କେତେକ୍ ଅଦୁଆ ରଗିମନ୍ ରଇଲାଇ । **୪** କାଇକେବଇଲେ କେଡେ କେଡେବଲ୍ ପର୍ମେସରର୍ ଗଟେକ୍ ଦୁତ୍ ଆସିକରି ସେ ବନ୍ଧର୍ ପାନି ଅଲ୍କା କର୍ତେ ରଇଲା । ଆରି ସେ ଅଲ୍କା ଅଇଲାପଚେ, ଜନ୍ ଲକ୍ ପର୍ତୁମ୍ ଜାଇତେ ରଇଲା, ତାକେ କାଇ ରଗ୍ ଅଇରଇଲେ ମିସା ନିମାନ୍ ଅଇଜାଇତେରଇଲା । **୫** ତାକର୍ ବିତ୍ରେ ତିରିସ୍ ଆଟ୍ ବରସ୍ ଜାକ ଡୁଲିରଇବା ଗଟେକ୍ ରଗି ଲକ୍ ରଇଲା । **୬** ତେଇ ଜିସୁ ସେ ରଗି ଡୁଲିରଇବାଟା ଦେକି, ଏ ଲକ୍ ବେସି ବରସର୍ ରଗି ବଲି ଜାନି ତାକେ ପାଚାର୍ଲା "ତମେ କାଇ ନିମାନ୍ ଅଇବାକେ ମନ୍ କଲାସ୍ନି କି?" **୭** ସେ ରଗି ଲକ୍ ଜିସୁକେ କଇଲା, "ଏ ଆଗିଆଁ ପାନି ଅଲ୍କା କଲାବେଲେ, ସେ ବନ୍ଧ ବିତ୍ରେ ମକେ ନେବାକେ କେ ନାଇ । ଆରି ବନ୍ଧ ବିତ୍ରେ ଜିବାକେ ଚେସ୍ଟା କଲାବେଲେ ବିନ୍ ଲକ୍ ମର୍ ଆଗ୍ତୁ ଉଟିଜିବାଇ ।" **୮** ଜିସୁ ତାକେ କଇଲା, "ଉଟି ଟିଆଅ, ଆରି ତର୍ ଟାଟି ଦାରି ଇଣ୍ଡିଜା ।" **୯** ସେ ଦାପ୍ରେ ସେ ଲକ୍ ନିମାନ୍ ଅଇଗାଲା ଆରି ନିଜର୍ ଟାଟି ଦାରିକରି ଇଣ୍ଡବାର୍ ଦାର୍ଲା । ସେ ଦିନ୍ ବିସ୍ରାମ୍ବାର୍ ରଇଲା । **୧୦** ସେଟାର୍ପାଇ ଜିଉଦି ନେତାମନ୍, ନିମାନ୍ ଅଇଲା ରଗିକେ କଇବାର୍ ଦାର୍ଲାଇ, "ଆଜି ବିସ୍ରାମ୍ ଦିନେ, ତୁଇ ଟାଟି ଦାରି ଜିବାଟା ଆମର୍ ନିୟମ୍ ନାଇ ।" **୧୧** ମାତର୍ ସେ ଲକ୍ ସେମନ୍କେ କଇଲା, "ଜେ ମକେ ନିମାନ୍ କଲା ସେ ମକେ ତମର୍ ଟାଟିଦାରିକରି ଜା ବଲି କଇଲାଆଚେ ।" **୧୨** ସେମନ୍ ତାକେ ପାଚାର୍ଲାଇ, "ଜେ ତକେ ଟାଟି ଦାରି ଜା ବଲି କଇଲା, ସେ ଲକ୍ କେ?" **୧୩** ମାତର୍ ସେ ନିମାନ୍ ଅଇଲା ଲକ୍ ଜିସୁ କେ ବଲି ଚିନି ନରଇଲା, କାଇକେ ବଇଲେ ସେ ଜାଗାଇ ବେସି ଲକ୍ମନ୍ ରଇଲାଇଜେ, ଜିସୁ ତେଇଅନି ବିନେ ପିସ୍ଲି ଉଟିଜାଇରଇଲା । **୧୪** ତାର୍ ପଚେ ଜିସୁ ସେ ନିକ ଅଇଲା ଲକ୍କେ ମନ୍ଦିର୍ ବିତ୍ରେ ଦେକିକରି କଇଲା, "ଦେକ୍ ଏବେ ତୁଇ ନିକ ଅଇଜାଇଆଚୁସ୍ । ତୁଇ ଆରି ପାପ୍ କାମ୍ କର୍ନାଇ । ନଇଲେ ତକେ ଆରି ଅଦିକ୍ ଦୁକ୍ କସ୍ଟ ଆଇସି ମିସା ।" **୧୫** ତାର୍ ପଚେ ସେ ନିକ ଅଇଲା ଲକ୍ ଜିଉଦି ନେତାମନର୍ ଲଗେ ଜାଇକରି, "ଜେ ତାକେ ନିକ କରିରଇଲା, ସେ ଜିସୁ" ବଲି କଇଲା । **୧୬** ଏ ନିମାନ୍ କାମ୍ କଲାଟା, ବିସ୍ରାମ୍ ବାରେ ଅଇରଇଲା ଜେ, ଜିଉଦି ନେତାମନ୍ ଜିସୁକେ ଦୁକ୍କସ୍ଟ ଦେବାର୍ ବସ୍ଲାଇ । **୧୭** ମାତର୍ ଜିସୁ ସେମନ୍କେ କଇଲା, "ମର୍ବାବା ପର୍ମେସର୍ ସବୁବେଲା କାମ୍କଲାନି, ମୁଇ ମିସା ସେନ୍ତି କାମ୍ କଲିନି ।" **୧୮** ଜିସୁ ଏନ୍ତି କଇରଇଲାଜେ ଜିଉଦି ନେତାମନ୍ ତାକେ ମରାଇବାକେ ଅଦିକ୍ ଚେସ୍ଟା କଲାଇ । କାଇକେ ବଇଲେ ଜିସୁ ବିସ୍ରାମ୍ ବାରର୍ ନିୟମ୍ ମାନେ ନାଇ ବଲି ନାଇ, ମାତର୍ ସେ ପର୍ମେସର୍କେ ମର୍ ବାବା ବଲି କଇ, ନିଜ୍କେ ପର୍ମେସର୍ ସଙ୍ଗ୍ ସମାନ୍ କରି ରଇଲା । **୧୯** ଜିସୁ ସେମନ୍କେ କଇଲା, "ମୁଇ ତମ୍କେ ସତ୍ କଇଲିନି, ପର୍ମେସରର୍ ପିଲା ମୁଇ ନିଜେ କାଇଟା ମିସା କରିନାପାରି । ମର୍ ବାବା ଜନ୍ ଜନ୍ଟା ସବୁ କର୍ବାଟା ମୁଇ ଦେକ୍ଲିନି ସେଟାସେ ମୁଇ କରିପାରି । କାଇକେ ବଇଲେ ବାବା ଜନ୍ ଜନ୍ଟା ସବୁ କଲାନି ତାର୍ପିଲା ମୁଇ ମିସା ସେଟା ସବୁ ସେନ୍ତିସେ କଲିନି । **୨୦** ବାବା ମକେ ଆଲାଦ୍ କର୍ସି ଆରି ନିଜେ ଜନ୍ଟା କର୍ସି, ସେ ସବୁ ମକେ ଦେକାଇସି । ଆରି ଏବେ ଜାଇଟା ଗଟ୍ଲା ଆଚେ, ତାର୍ତେଇଅନି ଅଦିକ୍ ବଡ୍ ବଡ୍

କାବାଅଇଜିବା କାମ୍‌ମନ୍ ମକେ ଦେକାଇସି । ସେଟା ସବୁ ଦେକି
ତମେ ସବୁଲକ୍ କାବାଅଇଜାଇସା । ୨୧ ବାବା ପର୍‌ମେସର୍
ଜେନ୍ତି ମଲାଲକ୍‌ମନ୍‌କେ ଜିବନ୍ କରି ଉଟାଇସି, ସମାନ୍ ସେନ୍ତି
ମୁଇ ମିସା ତାର୍ ପିଲା ଜାକେ ଜାକେ ମନ୍ କର୍‌ବି, ସେମନ୍‌କେ
ମଲାତେଇଅନି ଉଟାଇବି । ୨୨ ବାବା ପର୍‌ମେସର୍ କାକେ ମିସା
ତାର୍ ପାପ୍ କାମ୍‌ଲାଗି ବିଚାର୍ ନ କରେ । ମାତର୍ ସବୁ ଲକ୍‌ମନର୍
ବିଚାର୍ କର୍‌ବା ପୁରାପୁରୁନ୍ ଅଦିକାର୍ ତାର୍ ପିଲା ମକେ, ଦେଲା
ଆଚେ । ୨୩ ତେବେ ସବୁ ଲକ୍‌ମନ୍ ବାବାକେ ଜେନ୍ତି ସନ୍‌ମାନ୍
ଦେଲାଇନି, ସେନ୍ତିସେ ତାର୍ ପିଲା ମକେ ମିସା ସନ୍‌ମାନ୍ ଦେବାଇ
। ଜଦି ଜନ୍ ଲକ୍‌ମନ୍ ତାର୍ ପିଲା ମକେ ସନ୍‌ମାନ୍ ଦେଅତ୍
ନାଇ, ସେମନ୍ ମକେ ପାଟାଇଲା ବାବାକେ ମିସା ସନ୍‌ମାନ୍
ଦେଅତ୍ ନାଇ । ୨୪ "ମୁଇ ତମ୍‌କେ ସତ୍ କଇଲିନି, ଜେ ମର୍
କାତା ସୁନି ମକେ ପାଟାଇଲା ପର୍‌ମେସର୍‌କେ ବିସ୍‌ବାସ୍ କର୍‌ସି,
ସେ ନ ସାର୍‌ବା ଜିବନ୍ ପାଇସି । ଆରି ସେ ବିଚାର୍‌ନା କରାଇ
ନ ଅଏ । କାଇକେବଇଲେ ସେ ମରନ୍‌କେ ଜିତି କରି ଜିବନ୍
ପାଇଆଚେ । (aiōnios g166) ୨୫ ମୁଇ ତମ୍‌କେ ସତ୍ କଇଲିନି
ଏନ୍ତି ଗଟେକ୍ ବେଲା ଆଇଲାନି, ସେ ବେଲା ଏବେ କେଟିଆଚେ
। ଜେଡେବେଲା ମଲା ଲକ୍‌ମନ୍ ପର୍‌ମେସରର୍ ପିଲା ମର୍ କଁଟର୍
ସର୍ ସୁନ୍‌ବାଇ, ସେମନ୍ ଜିବନ୍ ଅଇ ଉଟ୍‌ବାଇ । ୨୬ ବାବା
ଜେନ୍ତିକି ଜିବନର୍ ମୁଲ୍, ସେନ୍ତାରିସେ ତାର୍ ପିଲା ମୁଇ ମିସା
ଜିବନର୍ ମୁଲ୍ । ୨୭ ଆରି ମୁଇ ପର୍‌ମେସରର୍ ଟାନେଅନି ଆଇଲା
ନର୍‌ପିଲା ଅଇଲାର୍‌ଲାଗି, ସବୁ ଲକ୍‌ମନ୍‌କେ ବିଚାର୍ କର୍‌ବା
ଅଦିକାର୍ ସେ ମକେ ଦେଲାଆଚେ । ୨୮ ତମେ ଏଟାର୍‌ପାଇ
କାବା ଉଆନାଇ, ଏନ୍ତି ବେଲା ଆଇଲାନି, ମରିକରି ତପିଅଇଲା
ସବୁ ଲକ୍‌ମନ୍ ମର୍ କଁଟ୍‌ସର୍ ସୁନ୍‌ବାଇ । ୨୯ ଆରି ସେମନ୍
ସମାଦି ଅନି ଆରି ତରେକ୍ ଉଟ୍‌ବାଇ । କେ କେ ନିକ କାମ୍
କରିଆଚତ୍, ସେମନ୍ ମଲାଟାନେଅନି ଜିବନ୍ ଅଇକରି ଉଟ୍‌ବାଇ
। କାରାପ୍ କାମ୍ କରୁମନ୍ ମିସା ମଲାଟାନେଅନି ଉଟ୍‌ବାଇ ଆରି
ଦସି ବଲାଇଅଇବାଇ ।" ୩୦ ମୁଇ ମର୍ ନିଜର୍ ଅଦିକାରେ
କାଇଟା ମିସା କରିନାଇ, ବାବା ମକେ କେନ୍ତି କଇଲା ଆଚେ,
ସେନ୍ତିସେ ବିଚାର୍ କର୍‌ବି । ଆରି ମୁଇ କର୍‌ବାଟା ଟିକ୍‌ସେ ।
କାଇକେବଇଲେ ମୁଇ ନିଜେ ମନ୍‌କଲାଟା ପୁରାପୁରୁନ୍ କର୍‌ବାକେ
ନାଇ, ମାତର୍ ମକେ ପାଟାଇଲା ପର୍‌ମେସର୍ ମନ୍‌କଲାଟା
ପୁରାପୁରୁନ୍ କଲିନି । ୩୧ ମର୍ ନିଜର୍ ପାଇ ଜଦି ମୁଇ ସାକି
ଦେବି, ସେଟା ସତ୍ ବଲି ଦାରା ନ ଜାଏ । ୩୨ ମାତର୍ ମର୍ ପାଇ
ଆରି ଗଟେକ୍ ଲକ୍ ସାକିଦେଲାନି, ଆରି ସେଟା ମୁଇ ଜାନି । ସେ
ମର୍ ବିସଇ କାଇଟା ସବୁ କଇଲାନି ସେଟା ସବୁ ସତ୍‌ସେ । ୩୩
ତମେ ଜଅନ୍ ଲଗେ କବର୍ ନେଉମନ୍‌କେ ପାଟାଇ ରଇଲାସ୍,
ଆରି ସେ ତମ୍‌କେ ସତ୍ ବିସଇ ସାକି ଦେଲାଆଚେ । ୩୪ ମର୍
ବିସଇ କେ ମିସା ସାକି ଦେଅତ୍ ବଲି ମୁଇ ମନ୍ କରିନାଇ ।
ଜେନ୍ତିକି ତମେ ପାପେଅନି ରକିଆ ପାଇସା ସେଟାର୍ ପାଇ ମୁଇ
ଏ ସବୁ କଇଲିନି । ୩୫ ଜଅନ୍ ଗଟେକ୍ ବତିପାରା ଲାଗିକରି
ଅଲପର୍ ପାଇ ଉଜଲ୍ ଦେଇତେରଇଲା । ଆରି ତମେ ସେ
ଉଜଲ୍, ଅଲପ୍ ଦିନର୍ ପାଇ ପାଇକରି ସାର୍‌ଦା ଅଇରଇଲାସ୍
। ୩୬ ମାତର୍ ମର୍‌ଲଗେ, ଜଅନର୍ ତେଇଅନି ଅଦିକ୍ ବପୁର୍
ଗଟେକ୍ ସାକି ଆଚେ । ପର୍‌ମେସରର୍ ଆଦେସ୍ ଇସାବେ ମୁଇ
ଜନ୍ ସବୁ କାମ୍ କଲିନି, ସେଟା ସବୁ ମର୍ ପାଇ ନିକ ସାକି । ସେ
ସବୁ କଇଲାନିଜେ, ମକେ ପର୍‌ମେସର୍ ପାଟାଇଲା ଆଚେ ବଲି
। ୩୭ ଆରି ମକେ ପାଟାଇଲା ବାବା ପର୍‌ମେସର୍ ମିସା ମର୍
ବିସଇ ସାକି ଦେଲାନି । ତମେ କେବେ ମିସା ତାର୍ କଁଟ୍ ସୁନାସ୍
ନାଇ, କି ସେ କେନ୍ତାଟା ଦେକାସ୍ ନାଇ । ୩୮ ଆରି ତାର୍ କାତା
ତମର୍ ମନ୍‌ବିତ୍‌ରେ ରଏନାଇ । କାଇକେବଇଲେ ସେ ଜାକେ
ପାଟାଇଲା ଆଚେ ତାକେ ତମେ ବିସ୍‌ବାସ୍ କରାସ୍ ନାଇ । ୩୯
ତମେ ଜତନ୍‌ସଙ୍ଗ୍ ସାସ୍‌ତର୍‌ମନ୍ ପଡି କଜ୍‌ଲାସ୍‌ନି । ତେଇଅନି
ନ ସାର୍‌ବା ଜିବନ୍ ପାଇଅଇସି ବଲି ସେ ସବୁ ପଡ୍‌ଲାସ୍‌ନି ।
ସେ ସବୁ ସାସ୍‌ତର୍ ମର୍ ବିସଇସେ ସାକି ଦେଲାନି । (aiōnios
g166) ୪୦ ଏଲେମିସା ତମେ ନ ସାର୍‌ବା ଜିବନ୍ ପାଇବାକେ ମର୍
ଲଗେ ଆଇବାକେ ନିଚ୍‌ଲାସ୍‌ନି । ୪୧ "ମୁଇ ମୁନୁସ୍ ଲକ୍‌ମନର୍
ଟାନେଅନି ଡାକ୍‌ପୁଟା କଜି ନାଇ । ୪୨ ମୁଇ ଜାନି, ତମେ କେନ୍ତି
ରକାମର୍ ଲକ୍, ତମର୍ ମନ୍ ବିତ୍‌ରେ ପର୍‌ମେସର୍‌କେ ଆଲାଦ୍
କର୍‌ବାଟା ନାଇ । ୪୩ ମୁଇ ମର୍ ବାବା ପର୍‌ମେସରର୍ ଅଦିକାର୍
ପାଇ ଆଇଲିଆଚି । ମାତର୍ ତମେ ମକେ ନାମାସ୍ ନାଇ । ମାତର୍
ଜେଡେବେଲା କେ ମିସା ବିନ୍ ଲକ୍ ନିଜେ ମନ୍‌କରି ଆଇଲେ
ତାକେ ଡାକିନେଲାସ୍‌ନି । ୪୪ ତମେ ନିଜର୍ ନିଜର୍ ବିତ୍‌ରେ
ସନ୍‌ମାନ୍ ପାଇବାକେ ମନ୍‌କଲାସ୍‌ନି । ମାତର୍ ପର୍‌ମେସରର୍
ଆଲାଦ୍ ପାଇବାକେ ମନ୍ କରାସ୍ ନାଇ । ସେନ୍ତି ବଇଲେ ତମେ
କେନ୍ତି ମକେ ବିସ୍‌ବାସ୍ କରିପାରାସ୍? ୪୫ ମୁଇ ତମର୍ ବିରଦେ
ପର୍‌ମେସର୍‌ତେଇ ଦସି କର୍‌ବି ବଲି ତମେ ବାବାନାଇ । ତମେ
ଜନ୍‌ଟା ମସାର୍ ତେଇ ଆସା କରିଆଚାସ୍ ସେ ସେ ତମର୍ ବିରଦେ
ଦସି କଲାନି । ୪୬ ଜଦି ତମେ ମସାକେ ସତ୍‌ବଲି ବିସ୍‌ବାସ୍
କଲାସ୍‌ନି ବଇଲେ ମକେ ମିସା ବିସ୍‌ବାସ୍ କର୍‌ତେ ରଇସା ।
କାଇକେବଇଲେ ମସା ମର୍ ବିସଇସେ ଲେକିଆଚେ । ୪୭
ମାତର୍ ସେ ଜନ୍‌ଟା ଲେକିଆଚେ, ତେଇ ଜଦି ତମର୍ ବିସ୍‌ବାସ୍
ନାଇ ବଇଲେ, ମୁଇ ଜନ୍‌ଟା କଇଲିନି, ସେଟା କେନ୍ତି ବିସ୍‌ବାସ୍
କର୍‌ସା?"

୬ ତାର୍ ପଚେ ଜିସୁ ଗାଲିଲି ଗାଡ୍ ସେପାଟେ ସେ ଗାଡ୍‌କେ
ଟିବିରିଆ ଗାଡ୍ ବଲି ମିସା କଇବାଇ, ସେ ଜାଗାଇ ଗାଲା
। ୨ ଆରି ବେସି ଲକ୍‌ମନ୍ ତାର୍ ପଚେ ପଚେ ଗାଲାଇ ।
କାଇକେ ବଇଲେ ସେ ରଗି ଲକ୍‌ମନ୍‌କେ ତାର୍ କାବାଅଇଜିବା
ବପୁ ସଙ୍ଗ୍ ନିମାନ୍ କର୍‌ବାଟା ସେମନ୍ ଦେକି ରଇଲାଇ । ୩
ଜିସୁ ତାର୍ ସିସ୍‌ମନର୍ ସଙ୍ଗ୍ ଗଟେକ୍ ଡଙ୍ଗ୍‌ର୍ ଉପ୍‌ରେ ଜାଇ
ବସ୍‌ଲା । ୪ ସେବେଲେ ଜିଉଦି ମନର୍ ନିସ୍‌ତାର୍ ପରବ୍ କେଟି

ଆଇତେରଇଲା । ୫ ତାର୍ ଲଗେ ବେସି ଲକ୍‌ମନ୍ ଆଇବାଟା
ଦେକିକରି ଜିସୁ ପିଲିପ୍‌କେ ପାଚାର୍‌ଲା, “ଏତେକ୍‌ମାଣ୍ଡ ଲକ୍‌ମନର୍
ପାଇ କନ୍ତିଅନି ଜାଇ କାଦି ଗେନିଆନି ଅଇସି?” ୬ ମାତର୍
ପିଲିପ୍‌କେ ପରିକା କର୍‌ବାକେ ଜିସୁ ଏନ୍ତାରି ପାଚାରି ରଇଲା ।
କାଇକେ ବଇଲେ ଜିସୁ କାଇଟା କର୍‌ବାକେ ଗାଲାନି ବଲି ସେ
ନିଜେ ଜାନିରଇଲା । ୭ ପିଲିପ୍ ଜିସୁକେ କଇଲା, “ଇତି ରଇଲା
ସବୁ ଲକ୍‌ମନ୍‌କେ ଦୁଇସ ତେଇ ଅନି ଅଦିକ୍ ରୁପାଟାଙ୍ଗାର୍ ରୁଟି
ଗେନ୍‌ବାକେ ପଡ୍‌ସି ।” ୮ ତେଇ ଆନ୍ଦ୍ରିୟ୍ ନାଉଁର୍ ଗଟେକ୍
ସିସ୍ ରଇଲା, ସେ ସିମନ୍ ପିତରର୍ ବାଇ । ସେ କଇଲା, “ଇତି
ଗଟେକ୍ ପିଲାର୍ ଟାନେ ପାଁଚ୍‌ଟା ରୁଟି ଆରି ଦୁଇଟା ବାଜ୍‌ଲା
ସାନ୍ ମାଚ୍ ଆଚେ । ୯ ମାତର୍ ଏତ୍‌କି ଲକର୍‌ପାଇ ସେଟା ନ
ଅଏ ।” ୧୦ ଜିସୁ ତାର୍ ସିସ୍‌ମନ୍‌କେ କଇଲା, “ଲକ୍‌ମନ୍‌କେ
ଗାଁସ୍ ଉପ୍‌ରେ ବସାଆ ।” ସେ ପଡିଆଇ ବେସି ଗାଁସ୍ ରଇଲା ।
ଗାଁସ୍ ଉପ୍‌ରେ ସବୁଲକ୍ ବସ୍‌ଲାଇ । ଆରି ତେଇ ଅବ୍‌କା ମୁନୁସ୍
ପିଲାସେ ପାଁଚ୍ ଅଜାର୍ ଲକ୍ ରଇଲାଇ । ୧୧ ଜିସୁ ରୁଟି ଦାରି
ପର୍‌ମେସର୍‌କେ ଦନିଅବାଦ୍ ଦେଲା ଆରି ତେଇ ବସିରଇବା
ଲକ୍‌ମନ୍‌କେ ବାଟାକରି ଦେଲା । ସେନ୍ତିସେ ମାଚ୍ ମିସା ବାଟାକରି
ଦେଲା । ତେଇ ସେମନ୍‌କେ ପେଟ୍ ପୁର୍‌ତେ କାଇବାକେ ମିଲ୍‌ଲା
। ୧୨ ସବୁ ଲକ୍‌ମନ୍ ପେଟ୍ ପୁର୍‌ତେ କାଇଲା ପଚେ, ଜିସୁ ତାର୍
ସିସ୍‌ମନ୍‌କେ କଇଲା, “ଅଗଲ୍‌ଲା ମାଚ୍ ଆରି ରୁଟି ଗଟେକ୍‌ଟାନେ
ଟୁଲିଆଉ, ତେବେ କଣ୍ଡେକ୍ ମିସା ନସ୍‌ଟ ନ ଅଏ ।” ୧୩ ଲକ୍‌ମନ୍
କାଇସାରାଇଲା ପଚେ, ସେ ପାଁଚ୍‌ଟା ରୁଟିଅନି ଜେତ୍‌କି ଅଗଲ୍‌ଲା,
ସିସ୍‌ମନ୍ ସେଟା ଟୁଲିଆଇ କରି ବାର୍‌ଟା ଡାଲାଇ ବର୍‌ତି କଲାଇ
। ୧୪ ଜିସୁ କଲା ଏ କାବାଅଇଜିବା କାମ୍ ଦେକିକରି ତେଇ
ରଇଲା ଲକ୍‌ମନ୍ କଇଲାଇ “ଏ ଦୁନିଆଇ ପର୍‌ମେସରର୍ ଜନ୍
ବବିସତ୍‌ବକ୍‌ତା ଆଇବାର୍ ରଇଲା, ସତଇସେ ଏ ଆକା ।” ୧୫
ସେଦାପ୍‌ରେସେ ଲକ୍‌ମନ୍ ଜିସୁକେ ରାଜା କରାଇବାକେ ତିଆର୍
ଅଇବାଟା ଜାନି, ତେଇଅନି ସେ ଗଟେକ୍ ଲକ୍ ଡଙ୍ଗର୍ ଉପ୍‌ରେ
ଉଟିଗାଲା । ୧୬ ସେ ଦିନେ ସଞ୍ଜ ଅଇଗାଲାକେ ଜିସୁର୍ ସିସ୍‌ମନ୍
ତେଇଅନି ଉତ୍‌ରିକରି ଗାଡେ ଗାଲାଇ । ୧୭ ସିସ୍‌ମନ୍ ଡଙ୍ଗାଇ
ବସି ଗାଡ୍ ସେପାଟେ ରଇଲା କପର୍‌ନାଉମ୍ ଜାଗାଇ ବାଉଡ୍‌ବାର୍
ଦାର୍‌ଲାଇ । ସେତ୍‌କିବେଲେ ଆନ୍ଦାର୍ ଅଇ ଆଇତେ ରଇଲା ।
ମାତର୍ ସେ ବେଲା ଜାକ ଜିସୁ ତାକର୍ ଲଗେ ଆସି ନ ରଇଲା ।
୧୮ ଆରି ତେଇ ବେସି ବାଉ ପବନ୍ ଅଇବାର୍ ଦାର୍‌ଲାଜେ ଗାଡେ
ବେସି ବଡ୍ ବଡ୍ ଲଅଡି ଅଇତେ ରଇଲା । ୧୯ ସେମନ୍ ଚଟୁ
ଗାଟି ଗାଟି ପାଁଚ୍ କି ଚଅ କିଲମିଟର୍ ଗାଲା ପଚେ, ଜିସୁ ପାନି
ଉପ୍‌ରେ ଇଣ୍ଡି ଇଣ୍ଡି ଡଙ୍ଗା ଲଗେ ଆଇବାଟା ଦେକିକରି ସେମନ୍
ବେସି ଡରିଗାଲାଇ । ୨୦ ମାତର୍ ଜିସୁ ସେମନ୍‌କେ କଇଲା,
“ଡରାନାଇ, ଏଟା ମୁଇସେ ।” ୨୧ ଜିସୁ ଏ କାତା କଇଲା ପଚେ,
ସିସ୍‌ମନ୍ ତାକେ ବେସି ସାର୍‌ଦା ସଙ୍ଗ ଡଙ୍ଗାଇ ଚଗାଇଲାଇ ।
ଆରି ସେମନ୍ ଜନ୍ ଜାଗାଇ ଜାଇତେରଇଲାଇ, ସେ ଜାଗାଇ
ଦାପ୍‌ରେ ଜାଇ କେଟ୍‌ଲାଇ । ୨୨ ତାର୍ ଆର୍‌କର୍ ଦିନର୍
ସାକାଲେ, ଗାଡ୍ ସେପାଟେ ରଇଲା ଲକ୍‌ମନ୍ ଜାନିପାର୍‌ଲାଇ
ଜେ, ତେଇ ଗଟେକ୍‌ସେ ଡଙ୍ଗା ରଇଲା । ଆରି ସିସ୍‌ମନ୍ ଜିସୁକେ
ମିସ୍‌ତେ ଡାକି ନ ନେଇ, ଡଙ୍ଗାଇ ବସି ମଜାଗାଡେ ଉଟିଗାଲାଇ
ଆଚତ୍ ବଲି । ସେମନ୍ ତାକେ ଚାଡିକରି ଜାଇରଇଲାଇ । ୨୩
ଜନ୍ ଜାଗାଇ ମାପ୍‌ରୁ ଜିସୁ ପାର୍‌ତନା କରି ଲକ୍‌ମନ୍‌କେ ରୁଟି
କାଇବାକେ ଦେଇରଇଲା, ସେ ଜାଗା ଲଗେ ତିବିରିଆ ଗାଡେଅନି
ଆରି କେତେଟା ଡଙ୍ଗା ଆସି କେଟ୍‌ଲା । ୨୪ ସେ ଜାଗାଇ
ଲକ୍‌ମନ୍ ଜିସୁକେ ଆରି ତାର୍ ସିସ୍‌ମନ୍‌କେ ବେଟ୍ ନ ଅଇଲାକେ,
ଡଙ୍ଗାମନେ୍‌କ ଚଗି ତାକେ କଜି କଜି କପର୍‌ନାଉମ୍ ଜାଗାବାଟେ
ଜିବାକେ ବାରଇଲାଇ । ୨୫ ଲକ୍‌ମନ୍ ଜିସୁକେ ଗାଡ୍ ସେପାଟେ
ବେଟ୍‌ଅଇକରି ପାଚାର୍‌ଲାଇ, “ଏ ଗୁରୁ ତମେ ଇତି କେଡେବଲ୍
ଆସି କେଟ୍‌ଲାସ୍?” ୨୬ ଜିସୁ ସେମନ୍‌କେ କଇଲା, ମୁଇ ତମ୍‌କେ
ସତ୍ କଇଲିନି, ମୁଇ କରିରଇବା କାବାଅଇଜିବା କାମ୍ ବୁଜିକରି
ମକେ କଜାସ୍ ନାଇ । ମାତର୍ ତମେ ପେଟ୍ ପୁର୍‌ତେ ରୁଟି
କାଇରଇଲାସ୍ ବଲି ଆସିଆଚାସ୍ । ୨୭ ଜନ୍ କାଦି ନସିଜାଇସି,
ସେ କାଦିର୍ ପାଇ ଏତେକ୍ କସ୍‌ଟ କରାନାଇ, ମାତର୍ ଜନ୍‌ଟା ନ
ନସେ, ସେଟା ନ ସାର୍‌ବା ଜିବନ୍ ଦେଇସି, ସେଟାର୍ ପାଇ କସ୍‌ଟ
କରା । ଏ କାଦି ନର୍‌ପିଲା ମୁଇ ଦେବି । କାଇକେ ବଇଲେ,
ସେଟାର୍‌ପାଇ ବାବା ପର୍‌ମେସର୍ ମକେ ଅଦିକାର୍ ଦେଲାଆଚେ ।
(aiōnios g166) ୨୮ ସେବେଲେ ଲକ୍‌ମନ୍ ଜିସୁକେ ପାଚାର୍‌ଲାଇ,
“ଜନ୍‌ଟା ପର୍‌ମେସର୍ ମନ୍ କଲାନି, ସେଟା ଆମେ କର୍‌ବାର୍
ଆଲେ କାଇଟା କର୍‌ବାର୍ ଆଚେ?” ୨୯ ଜିସୁ ସେମନ୍‌କେ
କଇଲା, “ଜାକେ ପର୍‌ମେସର୍ ପାଟାଇଲା ଆଚେ, ତାକେ ତମେ
ବିସ୍‌ବାସ୍ କଲେ ସେଟା କରିପାରାସ୍ ।” ୩୦ ସେବେଲା ସେମନ୍
ଜିସୁକେ ପାଚାର୍‌ଲାଇ, “ଏନ୍ତି ବଇଲେ ଆମେ ଜେନ୍ତି ବିସ୍‌ବାସ୍
କର୍‌ବୁ, ସେଟାର୍ ପାଇ ଆମ୍‌କେ କାଇଆଲେ କାବାଅଇଜିବା କାମ୍
କରି ଦେକାଇପାରୁସ୍ କି? କ କାଇଟା କରିପାରୁସ୍?” ୩୧ ଆରି
ସେମନ୍ କଇଲାଇ, “ଆମର୍ ଆନିଦାଦିମନ୍ ମରୁବାଲି ବୁଏଁ ମାନା
କାଦି କାଇରଇଲାଇ, ସେଟା ଆମର୍ ଦରମ୍ ସାସ୍‌ତର୍ ଇସାବେ
ପର୍‌ମେସର୍ ସେମନ୍‌କେ ସର୍‌ଗେ ଅନି ଦେଇରଇଲା ।” ୩୨
ଜିସୁ ସେମନ୍‌କେ କଇଲା, “ମୁଇ ତମ୍‌କେ ସତ୍ କଇଲିନି, ଜନ୍‌ଟା
ମସା ତମ୍‌କେ ଦେଇରଇଲା, ସେଟା ସର୍‌ଗେଅନି ଆସିରଇଲା
କାଦି ନଏଁ । ମାତର୍ ମର୍ ବାବା ତମ୍‌କେ ସର୍‌ଗେଅନି ସତ୍ କାଦି
ଦେଇସି । ୩୩ ପର୍‌ମେସରର୍ କାଦି ଅଇଲାନି ଗଟେକ୍ ଲକ୍
ଜେ କି ନ ସାର୍‌ବା ଜିବନ୍ ଦେବାକେ ସର୍‌ଗେଅନି ଦୁନିଆଇ
ଆସିରଇଲା” ବଲି କଇଲା । ୩୪ ଲକ୍‌ମନ୍ ଜିସୁକେ କଇଲାଇ,
“ଆଗିଆଁ ସବୁବେଲେ ଆମ୍‌କେ ଏ କାଦି ଦିଆ ।” ୩୫ ତାର୍ ପଚେ
ଜିସୁ ସେମନ୍‌କେ କଇଲା, “ମୁଇ ସେ ଜିବନର୍ କାଦି । ଜନ୍
ଲକ୍ ମର୍ ଲଗେ ଆଇସି, ସେ କେବେ ମିସା ବୁକେ ନ ରଏ ।
ଆରି କେ ମକେ ବିସ୍‌ବାସ୍ କର୍‌ସି ତାକେ କେବେ ମିସା ସସ୍ ନ

ଲାଗେ । ୩୬ ମୁଇ ତମ୍‌କେ କଇଲିନି, ତମେ ମକେ ଦେକିକରି
ମିସା ବିସ୍‌ବାସ୍ କରାସ୍‌ନାଇ । ୩୭ ମର୍ ବାବା ପର୍‌ମେସର୍ ଜନ୍
ଲକ୍‌ମନ୍‌କେ ମକେ ଦେଲା ଆଚେ, ସେ ଲକ୍‌ମନ୍ ମର୍ ଲଗେ
ଆଇବାଇ । ଆରି ମର୍ ଲଗେ ଆଇବା ଲକ୍‌ମନ୍‌କେ କେବେ ମିସା
ନ ବାଉଡାଇ । ୩୮ କାଇକେବଇଲେ ମୁଇ ନିଜେ ମନ୍ କଲାଟା
ପୁରାପୁରୁନ୍ କର୍‌ବାକେ ଆସି ନାଇ, ମାତର୍ ମକେ ପାଟାଇରଇବା
ପର୍‌ମେସରର୍ ମନ୍‌କଲାଟା ପୁରାପୁରୁନ୍ କର୍‌ବାକେ ସର୍‌ଗେଅନି
ଆସିଆଚି । ୩୯ ଜନ୍ ଲକ୍‌ମନ୍‌କେ ସେ ମକେ ଦେଲାଆଚେ,
ସେମନର୍ ବିତ୍‌ରେଅନି ମୁଇ ଗଟେକ୍ ଲକ୍‌କେ ମିସା ନ ଆଜାଇ
। ସାରାସାରି ଦିନେ ସେ ସବୁ ଲକ୍‌କେ ଆରିତରେକ୍ ଜିବନ୍
କରି ଉଟାଇବି । ଏଟା ଆକା ସେ ମନ୍ କର୍‌ବାଟା । ୪୦
ପର୍‌ମେସରର୍ ପିଲା ମୁଇ କେ କେ ମକେ ଦେକ୍‌ବାଇ ଆରି
ବିସ୍‌ବାସ୍ କର୍‌ବାଇ, ସେମନ୍ ନ ସାର୍‌ବା ଜିବନ୍ ପାଇବାର୍
ଆଚେ ବଲି ପର୍‌ମେସର୍ ମନ୍ କଲାନି । ଆରି ମୁଇ ସେମନ୍‌କେ
ସାରାସାରି ଦିନେ ମଲାଟାନେଅନି ଜିବନ୍ ଅଇକରି ଉଟାଇ
ଦେବାର୍ ଆଚେ ବଲି ମିସା ପର୍‌ମେସର୍ ମନ୍ କଲାନି” ବଲି
କଇଲା । (aiōnios g166) ୪୧ ଏଟା ସୁନିକରି ଜିଉଦି ନେତାମନ୍
ଜିସୁର୍ ବିରଦେ ସେମନର୍ ବିତ୍‌ରେ ଦଦାପେଲା ଅଇଲାଇ ।
କାଇକେ ବଇଲେ, ଜିସୁ ମୁଇ ସର୍‌ଗେ ଅନି ଆସିରଇବା କାଦି
ବଲି କଇଲାର୍ ପାଇ ସେମନ୍ ଏନ୍ତି ଅଇଲାଇ । ୪୨ ସେମନ୍
କଇଲାଇ “ଏଟା ଜସେପର୍ ପିଲା ଜିସୁ ନଏଁ କି? ଆମେ ତାର୍
ଆୟା ବାବାକେ ଜାନି ଆଚୁ । ସେ କେନ୍ତି ‘ମୁଇ ସର୍‌ଗେଅନି
ଆସିଆଚି’ ବଲି କଇଲାନି?” ୪୩ ଜିସୁ ସେମନ୍‌କେ କଇଲା,
ତମେ ଦଦାପେଲା ଉଆନାଇ, ଚିମ୍‌ରାଇଅଇ ରୁଆ । ୪୪ ମକେ
ପାଟାଇରଇବା ପର୍‌ମେସର୍ ମର୍ ଲଗେ ଡାକି ନ ଆନ୍‌ଲେ, କେ
ମିସା ମର୍ ଲଗେ ଆସିନାପାରତ୍ । ଆରି ଜେ ଜେ ଆଇବାଇ,
ସେମନ୍‌କେ ମୁଇ ସାରାସାରି ଦିନେ ମଲାଟାନେଅନି ଜିବନ୍
କରି ଉଟାଇବି । ୪୫ ବବିସତ୍‌ବକ୍‌ତାମନ୍ ଦରମ୍ ସାସ୍‌ତରେ
ଲେକିଆଚତ୍, ପର୍‌ମେସର୍‌ଟାନେଅନିସେ ସବୁଲକ୍ ସିକ୍‌ବାଇ
। କେ ମିସା ବାବାର୍ କାତା ସୁନି ତାର୍ ସିକିଆ ପାଇସି, ସେ
ମର୍‌ଲଗେ ଆଇସି । ୪୬ କେ ମିସା ବାବାକେ ଦେକତ୍‌ନାଇ ।
ମୁଇ ପର୍‌ମେସରର୍ ତେଇଅନି ଆସିଆଚେ, ମୁଇସେ ବାବାକେ
ଦେକିଆଚି । ୪୭ ମୁଇ ତମ୍‌କେ ସତ୍ କଇଲିନି, ଜନ୍ ଲକ୍ ମକେ
ବିସ୍‌ବାସ୍ କର୍‌ସି, ସେ ନ ସାର୍‌ବା ଜିବନ୍ ପାଇସି । (aiōnios g166)
୪୮ ଉଁ, ମୁଇସେ ଜିବନ୍ ଦେବା କାଦି । ୪୯ ତମର୍ ଆନିଦାଦିମନ୍
ମରୁବାଲିବୁଏଁ ମାନା କାଦି କାଇରଇଲାଇ, ଏଲେମିସା ସେମନ୍
ମଲାଇ । ୫୦ ମାତର୍ ଜନ୍ କାଦି ସର୍‌ଗେଅନି ଆଇସି, ସେଟା ଜେ
କାଇଲେ ମିସା, ନ ମରତ୍ । ୫୧ ମୁଇସେ ସର୍‌ଗେଅନି ଆଇଲା
ଜିବନ୍ ଦେବା କାଦି । ଏ କାଦି କାଇଲା ଲକ୍‌ମନ୍ ସବୁ ଦିନର୍ ପାଇ
ବଁଚି ରଇବାଇ । ଏ କାଦି ଅଇଲାନି ମର୍ ଗାଗଡ୍ । ଏ ଦୁନିଆର୍
ଲକ୍‌ମନ୍ କାଲ୍‌କାଲ୍ ଜୁଗ୍‌ଜୁଗ୍ ବଁଚି ରଇବାକେ ମର୍‌ଗାଗଡ୍ ଦେବି
ବଲି କଇଲା । (aiōn g165) ୫୨ ଜିସୁ କଇଲା କାତା ସୁନି ଜିଉଦି
ନେତାମନ୍ ରିସାଅଇ ଆଉଲିଅଇକରି “ଏ ଲକ୍ କେନ୍ତି ନିଜର୍
ଗାଗଡ୍ ଆମ୍‌କେ କାଇବାକେ ଦେଇ ପାରେ?” ବଲି ଦଦାପେଲା
ଅଇ କଇଲାଇ । ୫୩ ଜିସୁ ସେମନ୍‌କେ କଇଲା, “ମୁଇ ସତ୍‌କାତା
କଇଲିନି, ପର୍‌ମେସର୍ ପାଟାଇ ରଇବା ନର୍‌ପିଲା ମୁଇ, ମର୍
ଗାଗଡ୍ ଆରି ବନି ନ କାଇଲେ, ଜିବନ୍ ମିଲାଇ ନାପାରାସ୍ ।
୫୪ ମାତର୍ ଜନ୍ ଲକ୍ ମର୍ ଗାଗଡ୍ ଆରି ବନି କାଇସି ସେ ନ
ସାର୍‌ବା ଜିବନ୍ ପାଇସି । ମୁଇ ସେ ଲକ୍‌କେ ସାରାସାରି ଦିନେ
ମଲାଟାନେଅନି ଉଟାଇବି । (aiōnios g166) ୫୫ କାଇକେବଇଲେ,
ମର୍ ଗାଗଡ୍ ଅଇଲାନି ସତ୍ କାଦି ଆରି ମର୍ ବନି ଅଇଲାନି
ସତ୍ ପାନି । ୫୬ ଜନ୍ ଲକ୍ ମର୍ ଗାଗଡ୍ ଆରି ବନି କାଇସି,
ସେ ମର୍‌ଟାନେ ରଇସି ଆରି ମୁଇ ତାର୍‌ଟାନେ ରଇବି । ୫୭
ଜିବନ୍ ରଇବା ବାବା ମକେ ପାଟାଇଆଚେ, ଆରି ତାର୍‌ଲାଗି ମୁଇ
ବଁଚିଆଚି । ସେନ୍ତାରିସେ ଜେ ମକେ କାଇସି, ମର୍‌ଲାଗି ବଁଚିରଇସି
। ୫୮ ଏଟାସେ ସର୍‌ଗେଅନି ଆସିରଇବା କାଦି । ଜନ୍ କାଦି
ତମର୍ ଆନିଦାଦିମନ୍ କାଇକରି ପଚେ ମଲାଇ, ଏଟା ସେନ୍ତାରି
କାଦି ନଏଁ । ଏ କାଦି ଜେ କାଇସି ସେ କାଲ୍‌କାଲ୍ ଜୁଗ୍‌ଜୁଗ୍
ବଁଚିରଇସି ।” (aiōn g165) ୫୯ ଜିସୁ କପର୍‌ନାଉମେ ଜିଉଦିମନର୍
ପାର୍‌ତନା ଗରେ ସିକିଆ ଦେବାବେଲେ ଏ ସବୁ କାତା କଇରଇଲା
। ୬୦ ଜିସୁର୍ ସିସ୍‌ମନର୍ ବିତ୍‌ରେ ଅନି କେତେକ୍ ଲକ୍ ଏ
କାତା ସୁନିକରି କଇଲା, “ଏ ସିକିଆ ମୁଲ୍‌କେ ବୁଜି ନଇଲାନି
। ସେଟାର୍‌ପାଇ କେ ଏଟା ନାମ୍‌ସି?” ୬୧ ଜିସୁକେ ଏ ବିସଇ
ନେଇକରି କେ କାଇବଲି ନ କଇରଇଲେ ମିସା, ସିସ୍‌ମନ୍
କୁଆବଲା ଅଇଲାଇନି ବଲି ଜାନିକରି, ସେ ସେମନ୍‌କେ କଇଲା,
“ତମେ ଏ କାତା ସୁନି ମନ୍‌ଦୁକ୍ କଲାସ୍‌ନି କି? ୬୨ ଏନ୍ତି ବଇଲେ,
ନର୍‌ପିଲା ମୁଇ ଜନ୍ ଜାଗାଇଅନି ଆସିରଇଲି, ସେ ଜାଗାଇ ଆରି
ତରେକ୍ ବାଉଡି ଜିବାଟା ଦେକ୍‌ଲେ ତମେ କାଇଟା ବଲି କଇସା?
୬୩ ପର୍‌ମେସରର୍ ଆତ୍‌ମାସେ ଜିବନ୍ ଦେଇପାରେ । ମୁନୁସର୍
ବପୁ କାଇଟା କରିନାପାରେ । ପର୍‌ମେସରର୍ ଜିବନ୍ ଦେବା
ଆତ୍‌ମା ତମେ ଜେନ୍ତାରିକି ଜାନି ପାର୍‌ସା? ସେଟାର୍‌ପାଇ ମୁଇ ଏ
କାତା କଇଲିଆଚି । ୬୪ ମାତର୍ ତମର୍ ବିତ୍‌ରେଅନି କେତେକ୍
ଲକ୍‌ମନ୍ ମକେ ବିସ୍‌ବାସ୍ କରାସ୍ ନାଇ ।” କାଇକେବଇଲେ
ବିସ୍‌ବାସ୍ ନ କର୍‌ବା ଲକ୍‌ମନ୍‌କେ ଜିସୁ ଆଗେଅନି ଜାନିରଇଲା
। ଆରି ପଚେ ଜନ୍ ଲକ୍ ତାକେ ସତ୍‌ରୁକେ ସର୍‌ପି ଦେଇସି,
ତାକେ ମିସା ଜାନି ରଇଲା । ୬୫ ଆରି ଜିସୁ କଇଲା, “ସେଟାର୍
ପାଇସେ ମୁଇ ତମ୍‌କେ କଇଲିନି, ଜଦି ବାବା ନ ପାଟାଇଲେ,
କେ ମିସା ମର୍ ଲଗେ ଆସିନାପାରେ ।” ୬୬ ଜିସୁ ଏ କାତା
କଇଲାକେ ତାର୍ ସଙ୍ଗ ଜାଇତେରଇବା ଲକ୍‌ମନର୍‌ତେଇଅନି
ବେସିଲକ୍ ତାର୍ ସଙ୍ଗ ଜିବାକେ ମନ୍ ନ କରି ଚାଡି ଉଟିଗାଲାଇ
। ୬୭ ସେବେଲେ ଜିସୁ ତାର୍ ବାର୍‌ଟା ସିସ୍‌ମନ୍‌କେ ପାଚାର୍‌ଲା,
“ତମେ ମିସା ମକେ ଚାଡିକରି ଉଟିଜିବାକେ ମନ୍ କଲାସ୍‌ନି

କି?" ୬୮ ସିମନ୍ ପିତର୍ ତାକେ କଇଲା, "ମାପ୍‌ରୁ ତମ୍‌କେ ଚାଡି ଆମେ କାର୍‌ଲଗେ ଜିବୁ? ତମର୍‌ଟାନେତା ନ ସାର୍‌ବା ଜିବନର୍ ବାକିଅ ଆଚେ । (aiōnios g166) ୬୯ ତମେତା ପର୍‌ମେସରର୍ ଟାନେଅନି ଆଇଲା ସୁକଲ୍ ଲକ୍ ବଲି, ଏବେ ଆମେ ବିସ୍‌ବାସ୍ କରି ଜାନ୍‌ଲୁ ।" ୭୦ ଜିସୁ ସେମନ୍‌କେ କଇଲା, "ମୁଇ କାଇ ତମ୍‌କେ ବାର ଲକ୍‌କେ ବାଚି ନାଇ କି? ଏଲେମିସା ତମର୍ ବିତ୍‌ରେଅନି ଗଟେକ୍ ଲକ୍ ସଇତାନର୍ ।" ୭୧ ଇସ୍‌କାରିୟତର୍ ପିଲା ଜିଉଦାକେ ଦେକାଇକରି ସେ ଏନ୍ତି କଇରଇଲା । କାଇକେ ବଇଲେ ବାର୍‌ଟା ସିସ୍‌ମନର୍ ବିତ୍‌ରେ ଅନି ଜିଉଦା ଗଟେକ୍ ଲକ୍ ଅଇମିସା, ଜିସୁକେ ବିସ୍‌ବାସେ ବିସ୍ ଦେଲାପାରା ସତ୍‌ରୁମନ୍‌କେ ସର୍‌ପି ଦେବାକେ ମନ୍ କର୍‌ତେ ରଇଲା ।

**୭** ତାର୍ ପଚେ ଜିସୁ ଗାଲିଲି ବାଟେ ବୁଲ୍‌ବାର୍ ଗାଲା । ସେ ଜିଉଦା ଦେସେ ଜିବାକେ ମନ୍ କରେନାଇ । କାଇକେ ବଇଲେ ଜିଉଦି ନେତାମନ୍ ତାକେ ମରାଇବାକେ ଚେସ୍‌ଟା କର୍‌ତେ ରଇଲାଟା, ସେ ଜାନି ରଇଲା । ୨ ସେ ବେଲେ ଜିଉଦିମନର୍ ଗଟେକ୍ କୁଡିଆ ପରବ୍ ଲଗେ କେଟି ରଇଲା । ୩ ସେଟାର୍‌ପାଇ ଜିସୁର୍ ବାଇମନ୍ ତାକେ କଇଲାଇ, "ତୁଇ ଏ ଜାଗା ଚାଡିକରି ଜିଉଦା ଦେସେ ପରବ୍ କାଇବାର୍ ଜା, ତେବେ ତୁଇ କର୍‌ବା କାବାଅଇଜିବା କାମ୍‌ମନ୍ ତର୍ ସିସ୍‌ମନ୍ ଦେକି ପାରତ୍ ।" ୪ ଜେ ଡାକ୍‌ପୁଟା ବଲି ଜାନାଇ ଅଇବାକେ ମନ୍‌କଲାନି, ସେ ନିଜର୍ କାମ୍ ଲୁଚାଇକରି ନ ସଙ୍ଗ୍‌ଇ ରଏ । ଜେତେବେଲା ତମେ ଏସବୁ କରିପାର୍‌ଲାସ୍‌ନି ବଇଲେ, ଦୁନିଆର୍ ସବୁଲକ୍ ତମ୍‌କେ ଜାନ୍‌ବାଇ । ୫ କାଇକେ ବଇଲେ ଜିସୁର୍ ନିଜର୍ ବାଇମନ୍ ମିସା ତାକେ ବିସ୍‌ବାସ୍ ନ କର୍‌ତେ ରଇଲାଇ । ୬ ଜିସୁ ତାର୍ ବାଇମନ୍‌କେ କଇଲା, "ଏବେ ଜାକ ମର୍ ସମାନ୍ ବେଲା ଆସେ ନାଇତା । ମାତର୍ ତମର୍‌ପାଇ ସବୁ ବେଲା ସମାନ୍‌ସେ । ୭ ଏ ଦୁନିଆର୍ ଲକ୍‌ମନ୍ ତମ୍‌କେ ଗିନ୍ ନ କରତ୍, ମାତର୍ ମକେ ଗିନ୍ କର୍‌ବାଇ । କାଇକେ ବଇଲେ ସେମନ୍ କର୍‌ବା କାମ୍‌ମନ୍ କାରାପ୍ ବଲି ମୁଇ ଜାନାଇଲିନି । ୮ ତମେ ପରବ୍ କର୍‌ବାକେ ଜାଆ, ମୁଇ ଜାଇ ନାପାରି । କାଇକେ ବଇଲେ ଏବେ ଜାକ ମର୍ ସମାନ୍ ବେଲା ଆସେ ନାଇତା ।" ୯ ଜିସୁ ସେମନ୍‌କେ ଏ ସବୁ କାତା କଇକରି ଗାଲିଲିତେଇସେ ରଇଗାଲା । ୧୦ ତାର୍ ବାଇମନ୍ ପରବ୍ ଟାନେ ଗାଲାପଚେ, ଜିସୁ ମିସା ତେଇ ଗାଲା । ସେ ସବୁଲକ୍ ଦେକ୍‌ଲାପାରା ନ ଜାଇକରି ଲୁଚ୍‌ତେ ଗାଲା । ୧୧ ତେବେ ପରବ୍‌ତେଇ ଜିଉଦି ନେତାମନ୍, "ଜିସୁ କନ୍ତି ଆଚେ?" ବଲି ପାଚାରି ପାଚାରି କଜ୍‌ଲାଇ । ୧୨ ତେଇ ରଇଲା ବେସି ଲକ୍‌ମନ୍ ନିଜର୍ ନିଜର୍ ବିତ୍‌ରେ ଜିସୁର୍ ବିସଇ କାତା ଅଇତେ ରଇଲାଇ । କେତେ ଲକ୍ ଜିସୁ ବେସି ନିକ ଲକ୍, ବଲି କଇତେ ରଇଲାଇ ମାତର୍ ଆରି ଅଦେକ୍ ଲକ୍‌ମନ୍ ତାକେ ନାଇ, ସେ ଲକ୍‌ମନ୍‌କେ ବୁଲ୍ ସିକିଆ ଦେଲାନି, ବଲି କଇତେ ରଇଲାଇ । ୧୩ ମାତର୍ ଜିଉଦି ନେତାମନ୍‌କେ ଡରିକରି କେ ମିସା ଜିସୁର୍ ବିସଇ ସବୁଲକ୍ ଜାନ୍‌ତେ ସବୁର୍ ମୁଆଁଟେ କଅତ୍ ନାଇ । ୧୪ ଆରି ପରବ୍ ଅଦାଅଦି ସାରିଗାଲା ପଚେ, ଜିସୁ ମନ୍ଦିର୍ ବିତ୍‌ରେ ଜାଇକରି ଲକ୍‌ମନ୍‌କେ ସିକିଆ ଦେବାର୍ ଦାର୍‌ଲା । ୧୫ ତେଇ ଜିଉଦି ନେତାମନ୍ କାବାଅଇଜାଇ କରି କଇଲାଇ, "ଏ ଲକ୍ ପାଟ୍ ନ ପଡି ମିସା କେନ୍ତି ଏତ୍‌କି ବିସଇ ଜାନିଆଚେ?" ୧୬ ଜିସୁ ସେମନ୍‌କେ କଇଲା, "ମୁଇ ସିକାଇଦେବା ଏ ସିକିଆ ମର୍ ନିଜର୍‌ଟାନେ ଅନି ନଏଁ, ମାତର୍ ମକେ ପାଟାଇରଇବା ପର୍‌ମେସରର୍ ତେଇଅନି ଆସିଆଚେ । ୧୭ ଜେ ଜଦି ପର୍‌ମେସର୍ ମନ୍‌କଲାଟା ପୁରୁନ୍ କର୍‌ବାକେ ମନ୍ କର୍‌ସି ବଇଲେ ସେ ଜାନିପାର୍‌ସି, ମୁଇ ଦେଇତେରଇବା ସିକିଆ ପର୍‌ମେସରର୍ ଟାନେ ଅନି ଆଇଲାନି କି ସେଟା ମର୍ ନିଜର୍ ବପୁର୍ ସଙ୍ଗ୍ କଲିନି ବଲି । ୧୮ ଜନ୍ ଲକ୍ ନିଜର୍ ଅଦିକାରେଅନି କାତା କଇସି ସେ ନିଜେ ମଇମା ପାଇ ଅଇବାକେ କଇସି । ମାତର୍ ଜନ୍‌ଲକ୍ ମକେ ପାଟାଇଲା ଲକ୍ ସନ୍‌ମାନ୍ ପାଅ ବଲି ମନ୍ କର୍‌ସି ବଇଲେ, ସେ ମିଚ୍ ନ କଇ ସତ୍ କାତା କଇସି । ଆରି ତାର୍‌ଟାନେ କାଇ ବୁଲ୍ ବିସଇ ନ ରଏ । ୧୯ ମସା ତମ୍‌କେ ନିୟମ୍ ଦେଲା ଆଚେ, ଏଟା ସତ୍ । ମାତର୍ ତମର୍ ବିତ୍‌ରେ କେ ମିସା ଏ ନିୟମ୍ ମାନାସ୍ ନାଇ । ତମେ କାଇକେ ମକେ ମରାଇବାକେ ଚେସ୍‌ଟା କଲାସ୍‌ନି?" ୨୦ ଲକ୍‌ମନ୍ ତାକେ କଇଲାଇ, "ତକେ ଡୁମା ଦାର୍‌ଲା ଆଚେ । କେ ତକେ ମରାଇବାକେ ଚେସ୍‌ଟା କଲାନି?" ୨୧ ଜିସୁ ସେମନ୍‌କେ କଇଲା, "ମୁଇ ଗଟେକ୍ ଚକିତ୍ ଅଇଜିବା କାମ୍ କଲି, ସେଟା ଦେକି ତମେ କାବା ଅଇଗାଲାସ୍ । ୨୨ 'ତମର୍ ପିଲାଜିଲାମନ୍‌କେ ସୁନତ୍ କରାଆ' ବଲି ମସା ଆଦେସ୍ ଦେଇରଇଲା । ଅଇଲେମିସା ମସା ଏ ନିୟମ୍ ଆରାମ୍ କରି ନ ରଇଲା । ତମର୍ ଆନିଦାଦିମନର୍ ବେଲେଅନି ଏଟା ଚଲିଆଇତେରଇଲା ଆରି ତମର୍ ପିଲାମନ୍‌କେ ବିସ୍‌ରାମ୍‌ବାରେ ସୁନତ୍ କରାଇଲାସ୍‌ନି । ୨୩ ଜଦି ବିସ୍‌ରାମ୍‌ବାରେ ଗଟେକ୍ ପିଲାକେ ସୁନତ୍ କରାଇବାକେ ମସାର୍ ନିୟମ୍ ମାନାସ୍ ନାଇ, ମୁଇ ଜଦି ବିସ୍‌ରାମ୍‌ବାରେ ଗଟେକ୍ ଲକ୍‌କେ ପୁରାପୁରୁନ୍ ନିକ କଲେ, କାଇକେ ରିସା ଅଇଗାଲାସ୍‌ନି? ୨୪ ବାଇରର୍ ବିସଇ ଦେକିକରି କାଇ ବିଚାର୍ କରାନାଇ । ଜନ୍‌ଟା ଟିକ୍, ସେ ଇସାବେ ବିଚାର୍ କରା ।" ୨୫ ଜିରୁସାଲାମର୍ କେତେକ୍ ଲକ୍ କଇଲାଇ, "ସେ ଜିଉଦି ନେତାମନ୍ ଜନ୍ ଲକ୍‌କେ ମରାଇବାକେ ଚେସ୍‌ଟା କଲାଇନି, ଏ କାଇ ସେ ଲକ୍ ନଏଁ କି? ୨୬ ଦେକା, ସବୁଲକର୍‌ଟାନେ ଏତ୍‌କି ସବୁ କଇପାକାଇଲାନି, ମାତର୍ ତାକେ ର ବଲିକରି କେ ମିସା ପଦେକ୍ କଅତ୍‌ନାଇ । ସତଇସେ ଏ ପର୍‌ମେସର୍ ପାଟାଇଲା ମସିଅ ବଲି ନେତାମନ୍ ଜାନିଆଚତ୍ କି? ୨୭ ଜେତେବେଲେ ପର୍‌ମେସର୍ ପାଟାଇଲା ମସିଅ ଆଇସି, ସେତ୍‌କିବେଲେ ସେ କନ୍ତି ଅନି ଆସିଆଚେ ବଲି କେ ମିସା ନାଜାନତ୍ । ମାତର୍ ଏ ଲକ୍ କନ୍ତିଅନି ଆସିଆଚେ, ସେଟା ଆମେ ସବୁ ଜାନୁ ।" ୨୮ ଜିସୁ ମନ୍ଦିରେ ସିକିଆ ଦେବାବେଲେ ବେସି

ଆଉଲିଅଇ କଇଲା, "ଉଁ ତମେ ମକେ ନିକ ସଙ୍ଗ୍ଣ ଜାନିଆଚାସ୍ । ସତଇସେ ମୁଇ କେ ଆରି କନ୍ତିଅନି ଆସିଆଚି ଜାନିଆଚାସ୍ କି? ମାତର୍ ମୁଇ ମର୍ ନିଜର୍ ଅଦିକାରେ ଆସିନାଇ, ମକେ ଜେ ପାଟାଇ ଆଚେ ସେ ସତ୍ । ତମେ ତାକେ ନାଜାନାସ୍ । **୨୯** ମାତର୍ ମୁଇ ତାକେ ଜାନି ଆଚି । କାଇକେ ବଇଲେ ମୁଇ ତାର୍ତେଇଅନି ଆଇଲି ଆଚି ଆରି ସେ ମକେ ପାଟାଇଲା ଆଚେ ।" **୩୦** ଜିସୁ ଏ କାତା କଇବାବେଲେ, ସେମନ୍ ସୁନିକରି ତାକେ ଦାର୍ବାକେ ଚେସ୍ଟା କଲାଇ । ମାତର୍ କେ ମିସା ଚିଇ ନାପାର୍ଲାଇ । କାଇକେ ବଇଲେ ସେଡ୍କି ବେଲା ଜାକ ତାର୍ ବେଲା କେଟି ନ ରଇଲା । **୩୧** ମାତର୍ ତେଇ ରଇଲା ଲକ୍ମନର୍ ବିତ୍ରେଅନି କେତେକ୍ ଲକ୍ ଜିସୁକେ ବିସ୍ବାସ୍ କରି କଇଲାଇ, "ମସିଅ ଆଇଲେ ଆର୍ଟାନେଅନି ସେ କାଇ ଅଦିକ୍ କାବା ଅଇଜିବା କାମ୍ କର୍ସି କି? ନାଇ ନ କରେ ।" **୩୨** ଲକ୍ମନ୍ ଜିସୁର୍ ବିସଇ ତାକର୍ ବିତ୍ରେ ଏନ୍ତାରି କାତା ଅଇତେ ରଇଲାଟା ପାରୁସି ଦଲର୍ କେତେକ୍ ଲକ୍ମନ୍ ସୁନ୍ଲାଇ । ତେବେ ମୁକିଅ ପୁଜାରିମନ୍ ଆରି ପାରୁସି ଲକ୍ମନ୍ ଜିସୁକେ ବନ୍ଦି କର୍ବାକେ କେତେଟା ମନ୍ଦିର୍ ଜାଗୁଆଲ୍ମନ୍କେ ପାଟାଇଲାଇ । **୩୩** ପଚେ ଜିସୁ କଇଲା, "ମୁଇ ଚନେକ୍ସେ ତମର୍ ସଙ୍ଗ୍ଣ ରଇବି । ତାର୍ ପଚେ ମକେ ଜେ ପାଟାଇଲା ଆଚେ, ତାର୍ ଲଗେ ବାଉଡି ଜିବି । **୩୪** ତମେ ମକେ କଜ୍ସା, ମାତର୍ ବେଟ୍ ନ ଉଆସ୍ । ଆରି ମୁଇ ଜନ୍ ଜାଗାଇ ରଇବି, ସେ ଜାଗାଇ ତମେ ଆସି ନାପାରାସ୍ ।" **୩୫** ଜିଉଦି ନେତାମନ୍ ନିଜର୍ ନିଜର୍ ବିତ୍ରେ କାତା ଅଇଲାଇ "ଏନ୍ତି ବଇଲେ ଏ ଲକ୍ କନ୍ତି ଜାଇସିଜେ ଆମେ ତାକେ କଜି ନାପାରୁ । ସେ କାଇ ଗିରିକ୍ ନଅରେ ଜାଇକରି ଏନେ ତେନେ ଅଇରଇବା ଆମର୍ ଲକ୍ମନ୍କେ ସିକିଆ ଦେଇସି କି? **୩୬** ସେ କଇଲାନି, ତମେ ମକେ କଜ୍ସା ମାତର୍ ବେଟ୍ ଅଇ ନାପାର୍ସା ବଲି । ଆରି ଏନ୍ତି ମିସା କଇଲାନି, 'ମୁଇ ଜନ୍ ଜାଗାଇ ଜିବି, ତେଇ ତମେ ଆସିନାପାରାସ୍' ବଲି । ଏନ୍ତି ବଇଲେ ସେ କଇବା କାତାର୍ ଅରତ୍ କାଇଟା?" **୩୭** ପରବର୍ ସାରାସାରି ଦିନେ, ଜନ୍ଟାକି ମୁକିଅ ଦିନେ, ଜିସୁ ଟିଆଅଇ ଆକ୍ମାରି କଇଲା, "ଜଦି କାକେ ସସ୍ କଲାନି, ସେ ମର୍ ଲଗେ ଆସ । **୩୮** ଜେ ମକେ ବିସ୍ବାସ୍ କର୍ସି, ସେ ଆସି କାଅ । କାଇକେବଇଲେ ପର୍ମେସରର୍ ସାସ୍ତରେ ଏନ୍ତି ଲେକା ଆଚେ, ଜେ ମର୍ଟାନେ ବିସ୍ବାସ୍ କର୍ସି ତାର୍ ମନ୍ ବିତ୍ରେଅନି ନ ସାର୍ବା ଜିବନ୍ ଦେବା ପାନି ଉତ୍ଲି କରି ବାରଇସି ।" **୩୯** ଜିସୁ ଜିବନ୍ ଦେବା ପାନି ବଲି ସୁକଲ୍ ଆତ୍ମାର୍ ବିସଇ କଇତେ ରଇଲା । ତାକେ ବିସ୍ବାସ୍ କର୍ବା ଲକ୍ମନ୍କେ ପଚେ ପର୍ମେସର୍ ଏ ସୁକଲ୍ ଆତ୍ମା ଦେଇସି । ମାତର୍ ଏବେ ଜାକ, କାକେ ଦେଇ ନ ରଇଲାଇ । କାଇକେବଇଲେ ଜିସୁ ସେବେଲା ଜାକ ମଇମାଇ ପୁରାପୁରୁନ୍ ନ ଅଇରଇଲା । **୪୦** ଜିସୁର୍ ଏ କାତା ସୁନିକରି କେତେକ୍ ଲକ୍ କଇଲାଇ, "ସତ୍କାତା, ଏ ଲକ୍ ଗଟେକ୍ ପର୍ମେସର୍ ଟାନେଅନି ଆସିରଇବା ବବିସତ୍ବକ୍ତା!" **୪୧** ଆରି ଅଦେକ୍ ଲକ୍ କଇଲାଇ, "ସେ ପର୍ମେସର୍ ବାଚି ପାଟାଇଲା ମସିଅ" ବଲି । ଆରି ଅଦେକ୍ ଲକ୍ମନ୍ ପାଚାର୍ଲାଇ, "ପର୍ମେସର୍ ବାଚି ପାଟାଇଲା ରାଜା ମସିଅ କାଇ ଗାଲିଲି ଦେସେଅନି ନ ଆସେ କି? **୪୨** ସାସ୍ତରେ ଏନ୍ତି ଲେକା ଅଇଲା ଆଚେ, ପର୍ମେସର୍ ବାଚି ପାଟାଇଲା ରାଜା ମସିଅ, ଦାଉଦ୍ ରାଜାର୍ ଜାଗାଇ, ତାର୍ କୁଟୁମେ ବେତ୍ଲିଇମ୍ ଗଡେ ଜନମ୍ ଅଇ ଆଇସି ।" ବଲି କଇଲାଇ । **୪୩** ଏନ୍ତି ସେମନର୍ ବିତ୍ରେ ଜିସୁର୍ ବିସଇନେଇ ବାଗ୍ ବାଗ୍ ଅଇଲାଇ । **୪୪** ଆରି ଲକ୍ମନର୍ ବିତ୍ରେଅନି କେତେ ଲକ୍ ଜିସୁକେ ବାନ୍ଦିଇଅ ବଲି ମନ୍ କର୍ତେରଇଲାଇ । ମାତର୍ କେ ମିସା ତାକେ ଦାରି ନାପାର୍ଲାଇ । **୪୫** ଜିସୁକେ ବନ୍ଦି କର୍ବାକେ ଜାଇରଇବା ଜାଗୁଆଲ୍ମନ୍, ବାଉଡିଆଇଲାଇକେ ମୁକିଅ ପୁଜାରି ଆରି ପାରୁସିମନ୍ ସେମନ୍କେ ପାଚାର୍ଲାଇ, "ତମେ କାଇକେ ଜିସୁକେ ବାନ୍ଦି କରି ଆନାସ୍ ନାଇ?" **୪୬** ଜାଗୁଆଲ୍ମନ୍ କଇଲାଇ, "ଏ ଲକ୍ କଇଲା ପାରା କାତା ଆଜିକେଜାକ କେ ମିସା କଅତ୍ ନାଇ ।" **୪୭** ପାରୁସିମନ୍ ସେମନ୍କେ କଇଲାଇ, "ଏନ୍ତି ବଇଲେ ତମ୍କେ ମିସା ସେ ବକୁଆ କରିଦେଲା କି?" **୪୮** ଆରି ପାଚାର୍ଲାଇ, "ଗଟେକ୍ ନେତା ନଅଇଲେ ଗଟେକ୍ ପାରୁସି ତାକେ ବିସ୍ବାସ୍ କରିଆଚତ୍ ବଲି ତମେ ସୁନିଆଚାସ୍ କି? **୪୯** ମାତର୍ ଏ ଲକ୍ମନ୍, ମସାର୍ ନିୟମ୍ ନାଜାନତ୍ । ତେବର୍ ପାଇ ଏମନ୍ ସବୁ ଅବିସାପ୍ ପାଇରଇବା ଲକ୍ ।" **୫୦** ତେଇ ସେ ଦଲେଅନି ନିକଦିମ ନାଉଁର୍ ଗଟେକ୍ ନେତା ରଇଲା । ସେ ତରେକ୍ ଜିସୁକେ ଦେକ୍ବାର୍ ଜାଇରଇଲା । ସେ କଇଲା, **୫୧** "ଆମର୍ ନିୟମ୍ ଇସାବେ ଗଟେକ୍ ଲକ୍କେ ଦସି କର୍ବା ଆଗ୍ତୁ ତାର୍ କାତା ସୁନ୍ବାକେ ପଡ୍ସି ଆରି କାଇଟା କଲାଆଚେ କଜ୍ବାକେ ପଡ୍ସି ।" **୫୨** ବିନ୍ଲକ୍ମନ୍ କଇଲାଇ, "ଏନ୍ତି ବଇଲେ ତୁଇ ମିସା କାଇ ଗଟେକ୍ ଗାଲିଲିର୍ ଲକ୍ କି? କେ ମିସା ପର୍ମେସରର୍ ତେଇଅନି ବବିସତ୍କାତା କଇବା ଲକ୍ ଗାଲିଲିଅନି ଆସତ୍ ନାଇ ।" **୫୩** ତାର୍ ପଚେ ତେଇ ରଇଲା ଲକ୍ମନ୍ ସେ ଜାଗା ଚାଡିକରି ନିଜର୍ ନିଜର୍ ଗରେ ବାଉଡି ଗାଲାଇ ।

**୮** ଜିସୁ ଜିତ୍ ନାଉଁର୍ ଗଚ୍ମନ୍ ରଇଲା ପର୍ବତେ ଉଟିଗାଲା । **୨** ତାର୍ ଆର୍କର୍ ଦିନର୍ ସାକାଲେ ସେ ମନ୍ଦିରେ ବାଉଡି ଆଇଲା ଆରି ତେଇ ସବୁଲକ୍ ତାର୍ଲଗେ ରୁଣ୍ଡ୍ଲାଇଜେ, ସେ ବସିକରି ସେମନ୍କେ ସିକାଇବାର୍ ଦାର୍ଲା । **୩** ସେଡ୍କିବେଲେ କେତେଟା ସାସ୍ତର୍ ସିକାଉମନ୍ ଆରି ପାରୁସିମନ୍, ଗଟେକ୍ ବେସିଆନି ମାଇଜିକେ ବେସିଆ କାମ୍ କର୍ବାବେଲେ ଦାରିକରି ଜିସୁର୍ ଲଗେ ଆନ୍ଲାଇ । ତାକେ ସବୁ ଲକର୍ ମୁଆଟେ ଟିଆ କରାଇ ଜିସୁକେ ପାଚାର୍ଲାଇ, **୪** "ଏ ଗୁରୁ, ଏ ମାଇଜିକେ ବେସିଆ କାମ୍ କଲାବେଲେ ଦାରିଆଚୁ । **୫** ଏନ୍ତାରି ମାଇଜିକେ ପାକ୍ନା ସଙ୍ଗ୍ଣ ମାରି ମରାଆ ବଲି ମସାର୍ ନିୟମେ ଲେକା ଅଇଲା ଆଚେ । ଏନ୍ତି ବଇଲେ ତୁଇ କାଇଟା ବଲି କଇଲୁସ୍ନି?" **୬**

ସେମନ୍ ଜେନ୍ତିକି ଜିସୁ କଇବା ଉତର୍ତେଇଅନି ବୁଲ୍ ଦାରି ତାକେ
ଦସି କର୍ବାକେ ଏ କାତା କଇଲାଇ । ମାତର୍ ଜିସୁ ଲଇଁ କରି
ଆଙ୍ଗୁଟି ସଙ୍ଗ୍ ବୁଏଁ ଲେକ୍ବାର୍ ଦାର୍ଲା । ୭ ମାତର୍ ସେମନ୍
ତାକେ ତର୍କେ ତର୍ ପାଚାରିଲାଗି ରଇଲାଇ ଜେ ସେ ଟିଆଅଇ
କଇଲା, "ଇତି ମୁଲ୍କେ ପାପ୍ ନ କଲା ଲକ୍ କେ ଆଚାସ୍ ବଇଲେ
ସେ ଆଗ୍ତୁ ଆସିକରି ତାକେ ପାକ୍ନା ମାର ।" ୮ ତାର୍ପଚେ
ସେ ଆରି ତରେକ୍ ଲଇଁକରି ବୁଏଁ ଲେକ୍ବାର୍ ଦାର୍ଲା । ୯
ଜିସୁର୍ ଏ କାତା ସୁନି ମାଇଜିକେ ଆନିରଇବା ସବୁଲକ୍ ସେ
ଜାଗାଇଅନି ଗଟେକ୍ ଗଟେକ୍ ଲକ୍ ବାରଇ ଉଟିଗାଲାଇ ।
ପର୍ତୁମ୍ ଡକ୍ରାମନ୍ ଗାଲାଇ । ତେଇ ସାରାସାରି ଜାକ ଜିସୁ
ଆରି ସେ ମାଇଜିସେ ରଇଲାଇ । ୧୦ ଜିସୁ ଟିଆଅଇ ତାକେ
ପାଚାର୍ଲା, "ସେ ଲକ୍ମନ୍ କେନେ ଗାଲାଇ? ଇତି କେ ମିସା
ତକେ ଦସ୍ ଦାର୍ବାକେ ନାଇ କି?" ୧୧ ସେ କଇଲା, "ନାଇ
ମାପ୍ରୁ କେ ମିସା ମକେ ଦସି ବଲି ବିଚାର୍ କରତ୍ ନାଇ ।" ଜିସୁ
ତାକେ କଇଲା, "ମୁଇ ମିସା ତକେ ଦସି ବଲି ବିଚାର୍ ନ କରି ।
ମାତର୍ ଜା ଆରି ପାପ୍ କର୍ ନାଇ ।" ୧୨ ଜିସୁ ଆରିତରେକ୍
ପାରୁସିମନ୍କେ କଇଲା, "ମୁଇସେ ଏ ଦୁନିଆର୍ ଉଜଲ୍ । ଜନ୍
ଲକ୍ ମର୍ ପଚେ ପଚେ ଆଇସି, ସେ ଜିବନର୍ ଉଜଲ୍ ପାଇସି
। ଆରି କେବେ ମିସା ଆନ୍ଦାରେ ନ ରଏ ।" ୧୩ ପାରୁସିମନ୍
ତାକେ କଇଲାଇ, "ତୁଇ ନିଜେ ନିଜର୍ ବିସଇ ସାକି ଦେଲୁସ୍ନି,
ସେଟାର୍ପାଇ, ତର୍ ସାକି ଦେଲାଟା ସତ୍ ନଏଁ ।" ୧୪ ଜିସୁ
ସେମନ୍କେ କଇଲା, "ନାଇ, ମୁଇ ମର୍ ନିଜର୍ ପାଇ ସାକି ଦେଲେ
ମିସା, ମୁଇ ଜନ୍ଟା କଇଲିନି ସେଟା ସତ୍ସେ । କାଇକେ ବଇଲେ
ମୁଇ କନ୍ତିଅନି ଆଇଲି ଆଚି ଆରି କନ୍ତି ଗାଲିନି, ସେଟା ମୁଇସେ
ଜାନି । ମାତର୍ ମୁଇ କନ୍ତିଅନି ଆଇଲିଆଚି ଆରି କନ୍ତି ଜିବି,
ସେଟା ତମେ ନାଜାନାସ୍ । ୧୫ ଆରି ତମେ ମକେ ଲକ୍ମନର୍
ଇସାବେ ବିଚାର୍ କଲାସ୍ନି । ମାତର୍ ମୁଇ କାକେ ବିଚାର୍ ନ
କରି । ୧୬ ଜଦି ମୁଇ ବିଚାର୍ କର୍ତି ବଇଲେ ମର୍ ବିଚାର୍
ପୁରାପୁରୁନ୍ ଟିକ୍ ଅଇତା । କାଇକେ ବଇଲେ ମୁଇ ଗଟେକ୍ ଲକ୍
ନାଇ, ମାତର୍ ମକେ ପାଟାଇରଇବା ମର୍ ବାବା ମିସା ମର୍ ସଙ୍ଗ୍
ମିସ୍ତେ ଆଚେ । ୧୭ କାଇଆଲେ ଗଟ୍ନାର୍ ବିସଇ ରଇଲେ,
ଦୁଇ ଲକର୍ ସାକି ସମାନ୍ ଅଇଲାନି ବଇଲେ, ସେମନ୍ କଇଲା
କାତା ସତ୍ସେ । ତମର୍ ଦରମ୍ ସାସ୍ତରେ ଏନ୍ତି ଲେକା ଅଇଲା
ଆଚେ । ୧୮ ମୁଇ ନିଜେ ନିଜର୍ ବିସଇ ସାକି ଦେଲିନି, ଆରି
ମକେ ପାଟାଇଲା ପର୍ମେସର୍ ମିସା ମର୍ ସାକି ଦେଲାନି ।"
୧୯ ଲକ୍ମନ୍ ଜିସୁକେ ପାଚାର୍ଲାଇ "ତର୍ ବାବା କନ୍ତି ଆଚେ?"
ଜିସୁ ସେମନ୍କେ କଇଲା, "ତମେ ମକେ ନାଜାନାସ୍ ଆରି ମର୍
ବାବାକେ ମିସା ନାଜାନାସ୍ । ତମେ ଜଦି ମକେ ଜାନିରଇତାସ୍
ବଇଲେ ମର୍ ବାବାକେ ମିସା ଜାନ୍ତାସ୍ ।" ୨୦ ଜିସୁ ମନ୍ଦିରର୍
ଦାନ୍ ସଙ୍ଗ୍ଇବା ପେଡିମନ୍ ରଇବା ଆକ୍ରାଇ ଏ ସବୁ ବିସଇ
ସିକିଆ ଦେଇତେରଇଲା । ଆରି କେ ମିସା ତାକେ ବନ୍ଦି କରି
ନାପାର୍ଲାଇ । କାଇକେବଇଲେ ତାର୍ ବେଲା କେଟି ନ ରଇଲା ।
୨୧ ଜିସୁ ଲକ୍ମନ୍କେ ଆରି ତରେକ୍ କଇଲା, "ମୁଇ ଗାଲିନି ଆରି
ତମେ ମକେ କଜ୍ସା । ମାତର୍ ନିଜର୍ ନିଜର୍ ପାପ୍ କେମା ନ
କରାଇଅଇ ମର୍ସା । ଆରି ମୁଇ ଜନ୍ ଜାଗାଇ ଜିବି ତମେ ତେଇ
ଆସି ନାପାରାସ୍ ।" ୨୨ ଜିସୁ ଏନ୍ତି କଇଲାକେ ଜିଉଦି ନେତାମନ୍
ନିଜର୍ ନିଜର୍ ବିଡ୍ରେ କୁଆବଲା ଅଇଲାଇ, "ସେ କାଇକେ
ମୁଇ ଜନ୍ ଜାଗାଇ ଗାଲିନି, ତମେ ତେଇ ଜାଇନାପାରାସ୍ ବଲି
କଇଲାନି? ଜିସୁ କାଇ ନିଜେ ଉଚ୍କି ଅଇ ମର୍ବାକେ ମନ୍ କଲାନି
କି?" ୨୩ ଜିସୁ ସେମନ୍କେ କଇଲା, "ତମେ ଏ ଦୁନିଆଇଅନି
ଆସିଆଚାସ୍ । ମାତର୍ ମୁଇ ସର୍ଗେଅନି ଆସିଆଚି । ତମେ
ଏ ଦୁନିଆର୍ ଲକ୍, ମାତର୍ ମୁଇ ଏ ଦୁନିଆର୍ ଲକ୍ ନଇ । ୨୪
ତମେ ନିଜର୍ ନିଜର୍ ପାପ୍ କେମା ନ କରାଇଅଇତେ ମର୍ସା
ବଲି ମୁଇ ତମ୍କେ କଇରଇଲି । ନିଜେ ମୁଇ ସେ । ଏଟାକେ
ବିସ୍ବାସ୍ ନ କଲେ, ତମେ ନିଜର୍ ପାପେ ସେ ମର୍ସା ।"
୨୫ ଜିଉଦି ନେତାମନ୍ ପାଚାର୍ଲାଇ, "ତୁଇ କେ? ଆମ୍କେ କ
।" ଜିସୁ ସେମନ୍କେ କଇଲା, "ଆରାମେ ଅନି ମୁଇ କେ ବଲି
କଇଆଇଲିନି । ୨୬ ତମେ ପାପ୍ କରିରଇବାଟା ଆରି ଦସ୍
କରିରଇବା ବିସଇ ମର୍ ଟାନେ ବେସି ଆଚେ । କାଇକେବଇଲେ,
ଜେ ମକେ ପାଟାଇ ଆଚେ, ତାର୍ତେଇ ଅନି ମୁଇ ଜାଇଟା ସୁନି
ଆଚି, ସେଟା ସେ ଜାନାଇଲିନି ।" ୨୭ ମାତର୍ ଜିସୁ ତାର୍
ବାବାର୍ ବିସଇ ଏନ୍ତାରି କଇଲାନି ବଲି ସେମନ୍ ମୁଲ୍କେ ବୁଜି
ନାପାର୍ଲାଇ । ୨୮ ସେଟାର୍ପାଇ ସେ ସେମନ୍କେ କଇଲା,
"ତମେ ନର୍ପିଲା ମକେ କୁର୍ସେ କୁଟି ମାରି ଉଟାଇଲାବେଲେ
ଜାନ୍ସା, ସେ ନିଜେ ମୁଇ ସେ । ମୁଇ ନିଜର୍ ଅଦିକାରେ କାଇଟା
କରି ନାପାରି, ମର୍ ବାବାର୍ ଟାନେଅନି ଜାଇଟା ସିକ୍ଲି ଆଚି,
ସେଟାସେ କଇଲିନି, ସେଟା ତମେ ବୁଜ୍ସା । ୨୯ ଜେ ମକେ
ପାଟାଇଆଚେ, ସେ ମର୍ ସଙ୍ଗ୍ ଆଚେ । ସେ ମକେ ଏକ୍ଲା
ଚାଡି ଦେଏନାଇ, କାଇକେବଇଲେ ସେ ଜାଇଟା ମନ୍କଲାନି,
ମୁଇ ସେଟାସେ କଲିନି ।" ୩୦ ଜିସୁର୍ ଏ ସବୁ କାତା ସୁନି,
ବେସି ଲକ୍ମନ୍ ତାକେ ବିସ୍ବାସ୍ କଲାଇ । ୩୧ ଜିସୁ ତାର୍ଟାନେ
ବିସ୍ବାସ୍ କରିରଇବା ଜିଉଦି ଲକ୍ମନ୍କେ କଇଲା, "ଜଦି ତମେ
ମର୍ ସିକିଆ ମାନିକରି ତବିର୍ ଅଇ ରଇସା, ବଇଲେ ସତଇସେ
ମର୍ ସିସ୍ ଅଇସା । ୩୨ ଆରି ତମେ ସତ୍ ବିସଇ ଜାନ୍ସା,
ସେ ସତ୍ ତମ୍କେ ମୁକ୍ଲାଇସି ।" ୩୩ ଜିଉଦି ଲକ୍ମନ୍ ତାକେ
କଲାଇ, "ଆମେ ଅବ୍ରାଆମର୍ ନାତିତିତିମନ୍, ଆରି ଆମେ
କେବେ ମିସା କାର୍ ଗତିଅଇ ରଉନାଇ, ଏନ୍ତି ବଇଲେ ତମେ
କେନ୍ତି ମୁକଲ୍ସା ବଲି କଇଲୁସ୍ନି? ଏ କାତାର୍ ଅରତ୍ କାଇଟା?"
୩୪ ଜିସୁ କଇଲା, "ମୁଇ ତମ୍କେ ସତ୍ କାତା କଇଲିନି, ଜେ
ପାପ୍ କର୍ସି, ସେ ପାପର୍ ଗତିଦାଙ୍ଗ୍ଡା । ୩୫ ଗତିଦାଙ୍ଗ୍ଡା
ଗଟେକ୍ ଗରେ ସବୁ ଦିନର୍ପାଇ ନ ରଏ । ମାତର୍ ସେ ଗରର୍
ପିଲାସେ ସବୁଦିନର୍ପାଇ ରଇସି । (aiōn g165) ୩୬ ସେଟାର୍ପାଇ

ମୁଇ ଜଦି ତମ୍‌କେ ମୁକ୍‌ଲାଇବି ବଇଲେ, ସତଇସେ ତମେ
ମୁକଲ୍‌ସା । ୩୭ ତମେ ଅବ୍‌ରାଅମ୍ କୁଟୁମର୍ ଲକ୍‌ମନ୍ ବଲି
ମୁଇ ଜାନିଆଚି, ଅଇଲେ ମିସା ତମର୍ ବିତ୍‌ରେଅନି କେତେ
ଲକ୍‌ମନ୍ ମକେ ମରାଇବାକେ ଚେସ୍‌ଟା କଲାସ୍‌ନି । କାଇକେ
ବଇଲେ ମର୍ ସିକିଆ ତମେ ମାନାସ୍ ନାଇ । ୩୮ ମୁଇ ମର୍ ବାବା
ସଙ୍ଗ୍ ରଇଲାବେଲେ ମକେ ସେ ଜାଇଟା ଦେକାଇଆଚେ, ସେଟା
ତମ୍‌କେ କଇଲିନି । ମାତର୍ ତମର୍ ବାବା ତମ୍‌କେ ଜାଇଟା
ସିକାଇଆଚେ, ସେଟା କଲାସ୍‌ନି ।” ୩୯ ଜିଉଦି ଲକ୍‌ମନ୍ ତାକେ
କଇଲାଇ, “ଆମର୍ ବାବା ଅବ୍‌ରାଆମ୍ ।” ଜିସୁ କଇଲା, “ତମେ
ଜଦି ସତଇସେ ଅବ୍‌ରାଅମର୍ ନାତିତିତି ଅଇରଇତାସ୍ ବଇଲେ,
ଅବ୍‌ରାମ୍ କରିରଇଲା କାମ୍‌ମନ୍ କର୍‌ତାସ୍ । ୪୦ ପର୍‌ମେସର୍
ତେଇଅନି ସୁନ୍‌ଲା ସତ୍ କାତା ଚାଡି ମୁଇ ଆରି ତମ୍‌କେ କାଇଟା
କଇନାଇ । ଅଇଲେ ମିସା ତମେ ମକେ ମରାଇବାକେ ଚେସ୍‌ଟା
କଲାସ୍‌ନି । ମାତର୍ ଅବ୍‌ରାଆମ୍ ଏନ୍ତାରି କାଇ କାମ୍ କରି ନ
ରଇଲା । ୪୧ ତମର୍ ବାବାମନ୍ ଜନ୍ କାମ୍‌ମନ୍ କରି ରଇଲାଇ,
ତମେ ସେଟା କଲାସ୍‌ନି ।” ମାତର୍ ଜିଉଦିମନ୍ କଇଲାଇ,
“ଆମର୍ ବାବା ପର୍‌ମେସର୍‌ସେ । ଆମେସେ ତାର୍ ପିଲାଟକିମନ୍
।” ୪୨ ଜିସୁ ସେମନ୍‌କେ କଇଲା, “ଜଦି ପର୍‌ମେସର୍ ତମର୍
ବାବା ଅଇରଇଲେ, ତମେ ମକେ ଆଲାଦ୍ କର୍‌ତାସ୍ । କାଇକେ
ବଇଲେ ମୁଇ ପର୍‌ମେସର୍ ତେଇଅନି ଆସି ଏବେ ଇତି ଆଚି ।
ମାତର୍ ନିଜର୍ ଅଦିକାରେ ଆସିନାଇ । ସେ ମକେ ଏ ଦୁନିଆଇ
ପାଟାଇଲା ଆଚେ । ୪୩ ତମେ କାଇକେ ମର୍ କାତା ବୁଜି
ନାପାର୍‌ଲାସ୍‌ନି? କାଇକେ ବଇଲେ ତମେ ମର୍ ସିକିଆ ସୁନି
ତବିର୍‌ଅଇ ରଇ ନାପାର୍‌ଲାସ୍‌ନି । ୪୪ ସଇତାନ୍ ଅଇଲାନି ତମର୍
ବାବା । ଆରି ତମେ ସେ କର୍‌ବା କାରାପ୍ କାମ୍‌ମନ୍ କର୍‌ବାକେ
ମନ୍ କଲାସ୍‌ନି । ସେ ଆଗ୍‌ତୁଅନି ଲକ୍‌ମନ୍‌କେ ନସ୍‌ଟ କଲାନି,
ଆରି ସେ ସତ୍ ବିସଇ ଗିନ୍ କଲାନି । ତାର୍‌ତେଇ ସତ୍ ବିସଇ
ନାଇ । ଜେଡେବେଲା ସେ ମିଚ୍ କଇଲାନି, ସେବେଲା ସେ ନିଜର୍
ଗୁନ୍ ଚଲନ୍‌ଅନି ସେନ୍ତି କଇଲାନି । କାଇକେ ବଇଲେ ସେ ମିଚ୍
କଇବା ଲକ୍, ଆରି ମିଚ୍ କଇବା ଲକ୍‌ମନର୍ ବାବା । ୪୫ ଏବେ
ମୁଇ ସବୁବେଲା ସତ୍‌କାତା କଇଲିନି ମିସା ତମେ ମକେ ବିସ୍‌ବାସ୍
କରାସ୍‌ନାଇ । ୪୬ ତମର୍ ବିତ୍‌ରେ ଅନି କେମିସା ଗଟେକ୍
ଲକ୍ ମୁଇ ପାପ୍ କଲିଆଚି ବଲି ମକେ ଦସି କରାଇପାରେ କି?
ଆରି ମୁଇ ଜଦି ସତ୍‌କାତା କଇଲିନି ବଇଲେ, ତମେ କାଇଜେ
ବିସ୍‌ବାସ୍ କରାସ୍ ନାଇ? ୪୭ ଜେତ୍‌କି ଲକ୍ ପର୍‌ମେସରର୍
ଅଇଲାଇ ଆଚତ୍, ସେମନ୍ ପର୍‌ମେସରର୍ କାତା ସୁନ୍‌ବାଇ ।
ଆରି ତମେ ପର୍‌ମେସରର୍‌ତେଇଅନି ଆଇଲା ଲକ୍ ନୁଆସ୍ ।
ସେଟାର୍‌ପାଇ ତମେ ମର୍ ବାକିଅ ସୁନାସ୍ ନାଇ ।” ୪୮ ଜିଉଦିମନ୍
ଜିସୁକେ ପାଚାର୍‌ଲାଇ, “ତୁଇ ଗଟେକ୍ ସମିରଣିୟ ଲକ୍, ତକେ
ଗଟେକ୍ ଡୁମା ଦାର୍‌ଲା ଆଚେ ବଲି ଆମେ କଇଲା କାତା ସତ୍
ନଏଁ କି?” ୪୯ ଜିସୁ ସେମନ୍‌କେ କଇଲା, “ନାଇ! ମକେ ଡୁମା
ଦାରେ ନାଇ । ମୁଇ ମର୍ ବାବାକେ ସନ୍‌ମାନ୍ ଦେଲିନି । ମାତର୍
ତମେ ମକେ ନିନ୍ଦାକାତା କଇ ଲାଜ୍ କରାଇଲାସ୍‌ନି । ୫୦ ମୁଇ
ନିଜେ ଡାକ୍‌ପୁଟା ପାଇବାକେ ଚେସ୍‌ଟା କରିନାଇ । ମାତର୍ ଆରି
ଗଟେକ୍ ଲକ୍ ମକେ ଡାକ୍‌ପୁଟା କରାଇବାକେ ମନ୍ କଲାନି ।
ସେ ଟିକ୍ ବାବେ ବିଚାର୍ କର୍‌ବା ମାପ୍‌ରୁ । ୫୧ ମୁଇ ତମ୍‌କେ
ସତ୍‌କାତା କଇଲିନି, ଜେ ମୁଇ ସିକାଇବା କାତା ମାନ୍‌ସି, ସେ
କେବେ ମିସା ନ ମରେ ।” (aiōn g165) ୫୨ ସେମନ୍ ଜିସୁକେ
କଇଲାଇ, “ଏବେ ଆମେ ଜାନ୍‌ଲୁ ତକେ ଗଟେକ୍ ଡୁମା ଦାର୍‌ଲା
ଆଚେ । ଅବ୍‌ରାଆମ୍ ଆରି ବବିସତ୍‌ବକ୍‌ତାମନ୍ ମରିଗାଲାଇ
ଆଚତ୍, ମାତର୍ ତୁଇ କଇଲୁସ୍‌ନି ଜଦି କେ ମିସା ମର୍ କାତା
ମାନ୍‌ସା ବଇଲେ ସେ କେବେ ମିସା ନ ମରେ ବଲି ।” (aiōn
g165) ୫୩ ସେମନ୍ ପାଚାର୍‌ଲାଇ “ତୁଇକାଇ ଆମର୍ ବାବା
ଅବ୍‌ରାଆମ୍‌ଟାନେଅନି ବଡ୍ ଲକ୍‌କି? ସେମନ୍ ମିସା ମରିଗାଲାଇ
ଆଚତ୍ ଆରି ବବିସତ୍‌ବକ୍‌ତାମନ୍ ମିସା ମରିଜାଇଆଚତ୍ । ତୁଇ
ନିଜ୍‌କେ କେ ବଲି ବାବ୍‌ଲୁସ୍‌ନି?” ୫୪ ଜିସୁ ସେମନ୍‌କେ କଇଲା,
“ମୁଇ ଜଦି ନିଜ୍‌କେ ଡାକ୍‌ପୁଟା କର୍‌ବି ବଲି ଚେସ୍‌ଟା କର୍‌ତି
ବଇଲେ, ସେ ଡାକ୍‌ପୁଟାର୍ କାଇ ମୁଲିଅ ନାଇ । ମର୍ ବାବା
ଜାକେ କି ତମେ ତମର୍ ପର୍‌ମେସର୍ ବଲି କଇଲାସ୍‌ନି, ସେ ସେ
ମକେ ଡାକ୍‌ପୁଟା କରାଇଲାନି । ୫୫ ତମେ ତାକେ ନାଜାନାସ୍,
ମାତର୍ ମୁଇ ଜାନି । ଜଦି ମୁଇ ତାକେ ନାଜାନି ବଲି କଇବି,
ସେନ୍ତାର୍‌ଆଲେ ମୁଇ ମିସା ତମର୍‌ପାରା ମିଚ୍ କଇବା ଲକ୍ ଅଇବି
। ମାତର୍ ମୁଇ ତାକେ ଜାନିଆଚି ଆରି, ତାର୍ କାତା ମାନ୍‌ଲିନି ।
୫୬ ମୁଇ ଆଇବା ଦିନ୍ ଦେକ୍‌ବି ବଲି ତମର୍ ବାବା ଅବ୍‌ରାଆମ୍,
ବେସି ଆସା କରି ସାର୍‌ଦା ଅଇତେ ରଇଲା । ଆରି ସେ ଦିନ୍‌କେ
ଦେକି କରି ସାର୍‌ଦା ଅଇଲା” ବଲି କଇଲା । ୫୭ ତାର୍ ପଚେ
ଜିଉଦିମନ୍ ଜିସୁକେ କଇଲାଇ, “ତକେ ପଚାସ୍ ବରସ୍ ମିସା ଅଏ
ନାଇତା, ତୁଇ କାଇ ଅବ୍‌ରାଆମ୍‌କେ ଦେକି ଆଚୁସ୍ କି?” ୫୮
ଜିସୁ ସେମନ୍‌କେ କଇଲା, “ମୁଇ ତମ୍‌କେ ସତ୍‌କାତା କଇଲିନି,
ଅବ୍‌ରାଆମ୍ ଜନମ୍ ଅଇବା ଆଗ୍‌ତୁଅନି ମୁଇ ଆଚି ।” ୫୯ ଜିସୁ
ଏ କାତା କଇବାବେଲେ ସେମନ୍ ତାକେ ମାର୍‌ବାକେ ପାକ୍‌ନା
ବେଟ୍‌ଲାଇ, ମାତର୍ ଜିସୁ, ମନ୍ଦିରେ ଅନି ବାରଇ ଲକ୍‌ମନର୍
ବିତ୍‌ରେ ପୁରି ଉଟିଗାଲା ।

୯ ଦିନେକ୍ ଜିସୁ ଜିବାବେଲେ ଗଟେକ୍ ଜନ୍‌ମେଅନି କାଣା
ରଇଲା ଲକ୍‌କେ ଦେକ୍‌ଲା । ୨ ଆରି ତାର୍ ସିସ୍‌ମନ୍ ତାକେ
ପାଚାର୍‌ଲାଇ, “ଏ ଗୁରୁ କେ ପାପ୍ କଲାଇଜେ ଏ ଲକ୍ କାଣାଅଇ
ଜନମ୍ ଅଇଲା? ସେ ନିଜେ କି ତାର୍ ବାବା ମାଆର୍ ପାପର୍
ଲାଗି?” ୩ ଜିସୁ କଇଲା, “ତାର୍ କି ତାର୍ ବାବା ମାଆର୍ କାଇ
ପାପ୍‌ଦସ୍ ନାଇ । ପର୍‌ମେସରର୍ ବପୁ ତାର୍‌ଟାନେ ଜାନାପଡ୍‌ସି
ବଲି, ସେ କାଣା ଅଇ ଜନମ୍ ଅଇଲା ଆଚେ । ୪ ବେଲ୍
ରଇତେସେ ମକେ ପାଟାଇରଇବା ପର୍‌ମେସରର୍ କାମ୍ ଆମେ
କର୍‌ବାର୍ ଆଚେ । ଏନ୍ତି ଆନ୍ଧାର୍ ଆଇଲାନି ସେ ବେଲାଇ କେ

ମିସା କାଇ କାମ୍ କରି ନାପାରତ୍ । **୫** ମୁଇ ଜେତେ ଦିନ୍ ଜାକ ଏ
ଦୁନିଆଇ ରଇବି ସେତ୍କି ଦିନ୍ ଜାକ ଏ ଦୁନିଆର୍ ଉଜଲ୍ ।” **୬**
ଜିସୁ ଏ କାତା କଇଲା ପଚେ, ମାଟିତେଇ ତୁକି ସେ ତୁକ୍ ସଙ୍ଗ୍
କାଦ ଚକଟ୍ଲା । ଆରି ସେ କାଦ ନେଇକରି କାଣାର୍ ଦୁଇଟା
ଆଁକିତେଇ ଲିପିଦେଲା । **୭** ଆରି ତାକେ କଇଲା, “ତୁଇ ଜା ଆରି
ସିଲଅ ନାଉଁର୍ ବନ୍ଦେ ଜାଇକରି ମୁ ଦଇ ଆଉ ।” ସିଲଅର୍ ଅରତ୍
ଅଇଲାନି ପାଟାଇଲାଟା । ତାର୍ ପଚେ ସେ ଲକ୍ ବନ୍ଦେ ଜାଇକରି
ମୁ ଦଇଲାଜେ, ଦେକିପାର୍ଲା ଆରି ଆଇଲା । **୮** କେତେକ୍
ଲକ୍ମନ୍ ଏ ଲକ୍କେ ଆଗ୍ତୁ ବିକ୍ ମାଙ୍ଗ୍ବାଟା ଦେକି ରଇଲାଇ ।
ସେଟାର୍ ପାଇ ଏ ଲକ୍ମନ୍ ଆରି କାଣାର୍ ଗର୍ ଲଗର୍ ଲକ୍ମନ୍
ତାକେ ଦେକି କଇଲାଇ, “ଜନ୍ ଲକ୍କି ସବୁବେଲା ବସିକରି
ବିକ୍ ମାଙ୍ଗ୍ତେ ରଇଲା ସେ କାଇ ଏ ଲକ୍ ନଏଁ କି?” **୯** କେତେ
ଲକ୍ମନ୍ କଇଲାଇ, “ଉଁ ଏତାଉ ସେ ଲକ୍ସେ ।” ମାତର୍ ଆରି
ଅଦେକ୍ ଲକ୍ କଇଲାଇ, “ନାଇ ଏ ସେ ଲକ୍ ନଏଁ ମାତର୍ ତାର୍
ପାରା ଡିସ୍ଲାନି ।” ମାତର୍ କାଣା କଇଲା, “ମୁଇସେ ଆଗ୍ତୁ
କାଣା ଅଇରଇଲି ।” **୧୦** ଲକ୍ମନ୍ ତାକେ ପାଚାର୍ଲାଇ, “ଏନ୍ତି
ବଇଲେ ତୁଇ କେନ୍ତି ଦେକିପାର୍ଲୁସ୍ନି?” **୧୧** କାଣା ସେମନ୍କେ
କଇଲା, “ଲକ୍ମନ୍ ଜନ୍ ଲକ୍କେ ଜିସୁ ବଲି କଇଲାଇନି, ସେ
କାଦ କରି ମର୍ ଆଁକିତେଇ ଲିପିଦେଲା । ତାର୍ପଚେ ସେ ମକେ
‘ସିଲଅ ନାଉଁର୍ ବନ୍ଦେ ଜାଇକରି ଦ’ ବଲି କଇଲା । ପଚେ ମୁଇ
ଜାଇକରି ବନ୍ଦେ ମୁ ଦଇଲା ଦାପ୍ରେ ଦେକି ପାର୍ଲି ।” **୧୨**
ଆରି ଲକ୍ମନ୍ ତାକେ କଇଲାଇ, “ସେ କନ୍ତି ଆଚେ?” ସେ
“ମୁଇ ନାଜାନି” ବଲି କଇଲା । **୧୩** ତାର୍ ପଚେ ଲକ୍ମନ୍
ଆଗେଅନି କାଣା ଅଇରଇଲା ଲକ୍କେ ପାରୁସିମନର୍ ଲଗେ
ଡାକିନେଲାଇ । **୧୪** ଜିସୁ ଜନ୍ ଦିନେ କାଦ ଲିପିକରି ତାର୍ ଆଁକି
ନିକ କରିରଇଲା, ସେ ଦିନ୍ ବିସ୍ରାମ୍ବାର୍ ରଇଲା । **୧୫** ପାରୁସି
ଲକ୍ମନ୍ ତାକେ ଆରିତରେକ୍ ପାଚାର୍ଲାଇ, “ତୁଇ କେନ୍ତାର୍
ଦେକିପାର୍ଲୁସ୍ନି?” ତେଇ ସେ ସେମନ୍କେ କଇଲା, “ଜିସୁ ମର୍
ଆଁକିଟାନେ କାଦ ଲାଗାଇଦେଲା । ପଚେ ମୁଇ ମୁ ଦଇ ଆଇଲି
ଆରି ଏବେ ଦେକି ପାର୍ଲିନି ।” **୧୬** କେତେଟା ପାରୁସିମନ୍
କଇଲାଇ, “ଏ ଲକ୍ ପର୍ମେସରର୍ ତେଇଅନି ଆସେ ନାଇ ।
ସେଟାର୍ ପାଇଁ ସେ ବିସ୍ରାମ୍ ଦିନର୍ ନିୟମ୍ ମାନେନାଇ ।”
ଆରି ଅଦେକ୍ ଲକ୍ମନ୍ କଇଲାଇ, “ଗଟେକ୍ ପାପି ଲକ୍ କେବେ
ମିସା ଏନ୍ତି କାବାଅଇଜିବା କାମ୍ କରିନାପାରେ ।” ଏନ୍ତି ଜିଉଦି
ଲକ୍ମନ୍ ଦୁଇ ବାଗ୍ ଅଇଗାଲାଇ । **୧୭** ସେଟାର୍ ପାଇ ସେମନ୍
ସେ ଲକ୍କେ ଆରି ତରେକ୍ ପାଚାର୍ଲାଇ, “ତକେ ଜିସୁ ନିମାନ୍
କଲାଜେ ଦେକି ପାର୍ଲୁସ୍ନି । ଏନ୍ତି ବଇଲେ ତୁଇ ତାକେ କେ
ବଲି ବାବ୍ଲୁସ୍ନି?” ସେ ଲକ୍ ସେମନ୍କେ କଇଲା, “ସେ ଗଟେକ୍
ବବିସତ୍ବକ୍ତା ।” **୧୮** ଜିଉଦି ନେତାମନ୍ ସେ ନିମାନ୍ ଅଇଲା
ଲକ୍ ଆଗ୍ତୁ କାଣା ରଇଲା ଜେ ଏବେ ସେ ଦେକିପାର୍ବା ବିସଇ
ମୁଲ୍କେ ବିସ୍ବାସ୍ କରତ୍ନାଇ । ପାରୁସିମନ୍ ସେ ଲକର୍ ମାଆ
ବାବାକେ ନ ଡାକ୍ବା ଜାକ ମୁଲ୍କେ ବିସ୍ବାସ୍ କରତ୍ନାଇ । **୧୯**
ସେମନ୍ ତାର୍ ମାଆ ବାବାକେ ପାଚାର୍ଲାଇ, “ଏଟା ତମର୍ ପିଲା
କି? ସେ ଜନ୍ମେ ଅନି କାଣାଟା ବଲି ତମେ କଇଲାସ୍ନି, ଏନ୍ତି
ବଇଲେ ସେ କେନ୍ତି ଦେକିପାର୍ଲାନି?” **୨୦** ତାର୍ ମାଆ ବାବା
କଇଲାଇ, “ଉଁ ଏଟା ଆମର୍ ପିଲା । ସେ ଜନ୍ମେଅନି କାଣା
ରଇଲା ବଲି ଆମେ ଜାନି ଆଚୁ । **୨୧** ମାତର୍ ଏବେ ସେ କେନ୍ତି
ଦେକିପାର୍ଲାନି ଆରି କେ ତାକେ ନିମାନ୍ କଲା ସେଟା ଆମେ
ନାଜାନୁ । ସେ ଏବେ ବଡ୍ ଅଇଲା ଆଚେ ତାକେ ପାଚାରା ସେ
ନିଜେ କଇସି ।” **୨୨** ତାର୍ ମାଆ ବାବା ଜିଉଦି ନେତାମନ୍କେ
ଡରି ଏନ୍ତି ବଲି କଇଦେଲାଇ । କାଇକେ ବଇଲେ ଜିସୁକେ ଜଦି
ମସିଅ ବଲି କଇସି ବଇଲେ ତାକେ ପର୍ମେସର୍କେ ଉପାସନା
କର୍ବା ଗର୍ ବିତ୍ରେ ଜିବାକେ ନ ଦେଅତ୍ ବଲି ଆଗ୍ତୁସେ
କଇରଇଲାଇ । **୨୩** ସେଟାର୍ପାଇ ସେ ମାଆ ବାବା କଇଲାଇ,
“ସେ ତ ବଡ୍ ଅଇଲା ଆଚେ, ତାକେ ପାଚାରା ।” **୨୪** ସେମନ୍
ସେ ଲକ୍କେ ଆରି ତରେକ୍ ବିତ୍ରେ ଡାକି କରି ପାଚାର୍ଲାଇ,
“ପର୍ମେସର୍କେ ରାନ୍ ପାକାଇ କ । ଜିସୁ ଗଟେକ୍ ପାପି ଲକ୍
ବଲି ଆମେ ଜାନୁ ।” **୨୫** ତାର୍ ପଚେ ସେମନ୍କେ ସେ କଇଲା,
“ସେ ପାପି ଲକ୍କି ନଏଁ ସେଟା ମୁଇ ଜାନି ନାଇ । ମାତର୍ ମୁଇ
ଗଟେକ୍ ବିସଇ ଜାନି ଆଚି ସେଟା ଅଇଲାନି, ମୁଇ ଆଗ୍ତୁ
କାଣା ରଇଲି, ଏବେ ଦେକି ପାର୍ଲିନି ।” **୨୬** ଜିଉଦି ନେତାମନ୍
ତାକେ ପାଚାର୍ଲାଇ, “ସେ ତକେ କାଇଟା କଲା? କେନ୍ତି ତର୍
ଆଁକି ପିଟାଇଦେଲା?” **୨୭** ସେ ସେମନ୍କେ କଇଲା, “ମୁଇ
ଆଗ୍ତୁସେ କଇ ସାରାଇଆଚି, ମାତର୍ ତମେ ମାନ୍ବାକେ ମନ୍
କରାସ୍ ନାଇ । ଏବେ ଆରି ତରେକ୍ କାଇକେ ପାଚାର୍ଲାସ୍ନି?
ତମେ ମିସା କାଇ ତାର୍ ସିସ୍ ଅଇବାକେ ମନ୍କଲାସ୍ନି କି?”
**୨୮** ସେମନ୍ ସାଇପ୍ ଦେଇ କଇଲାଇ, “ତୁଇ କାଇ ତାର୍ ସିସ୍
ଅଇସୁ, ଆମେ ନଉଁ, ଆମେ ମସାର୍ ସିସ୍ମନ୍ । **୨୯** ପର୍ମେସର୍
ମସାର୍ତେଇ କାତା ଅଇରଇଲାଟା ଆମେ ଜାନିଆଚୁ, ମାତର୍
ଏ ଲକ୍ କନ୍ତିଅନି ଆଇଲାଆଚେ, ସେଟା ନାଜାନୁ ।” **୩୦** ତାର୍
ପଚେ ସେ ଲକ୍ ଜିଉଦି ନେତାମନ୍କେ କଇଲା, “ଏଟା ଗଟେକ୍
ବେସି ବଡ୍ କାବାଅଇଜିବା ବିସଇ । ସେ ଲକ୍ ମର୍ ଆଁକି
ନିମାନ୍ କଲାଆଚେ, ମାତର୍ ସେ କନ୍ତିଅନି ଆଇଲା ଆଚେ,
ସେଟା ତମେ ନାଜାନୁ ବଲି କଇଲାସ୍ନି ।” **୩୧** ପାପି ଲକ୍ମନର୍
ପାର୍ତନା ପର୍ମେସର୍ ନ ସୁନେ ବଲି ସବୁ ଲକ୍ମନ୍ ଜାନିଆଚତ୍
। ମାତର୍ ଜନ୍ ଲକ୍ ପର୍ମେସର୍କେ ଜୁଆର୍ କରି ସେ ମନ୍କଲା
ଇସାବେ ଚଲାଚଲ୍ତି କଲାନି, ସେ ତାର୍ କାତା ସୁନ୍ସି । **୩୨**
ଦୁନିଆ ଆରାମେଅନି, ଜନ୍ମେ ଅନି କାଣା ରଇଲା ଗଟେକ୍
ଲକ୍କେ ଆଁକି ଡିସାଇବାଟା ଏବେ ଜାକ ମିସା ନ ସୁନିରଇଲାଇ
। **(aiōn g165)** **୩୩** ଏ ଲକ୍ ଜଦି ପର୍ମେସରର୍ ଟାନେଅନି
ଆସି ନ ରଇଲେ, କେବେ ମିସା ଏ କାମ୍ କରିନାପାର୍ତା । **୩୪**
ସେବେଲା ଜିଉଦି ନେତାମନ୍ କଇଲାଇ, “ତୁଇ ପାପେ ଜନମ୍

ଅଇକରି ପୁରାପୁରୁନ୍ ପାପେ ବୁଡି ଆଚୁସ୍ । ତେଇଅନି ତୁଇ ବାଅଦ୍ । ଆମ୍‌କେ ସିକାଇଲୁସ୍‌ନି?" ଏନ୍ତି କଇକରି ସେମନ୍ ତାକେ ଜିଉଦିମନର୍ ପାର୍‌ତନା ଗରେଅନି ବାର୍‌କରାଇଦେଲାଇ । ୩୫ ଜିସୁ ସେ ଲକ୍‌କେ ପାର୍‌ତନା ଗରେ ଅନି ବାର୍ କରାଇ ଦେଲାଟା ସୁନି ଆରିତରେକ୍ ତାକେ ଦେକାଇଅଇ, ପାଚାର୍‌ଲା, "ତୁଇ ପର୍‌ମେସର୍ ତେଇଅନି ଆଇଲା ନର୍‌ପିଲାକେ ବିସ୍‌ବାସ୍ କଲୁସ୍‌ନି କି?" ୩୬ ସେ କାଣା ଲକ୍ କଇଲା, "ଏ ଆଗିଆଁ ସେ ଲକ୍ କେ? ମୁଇ ତାକେ ବିସ୍‌ବାସ୍ କର୍‌ବି ।" ୩୭ ଜିସୁ ତାକେ କଇଲା, "ତୁଇ ତାକେ ଦେକିଆଚୁସ୍, ଆରି ଏବେ ଜନ୍ ଲକର୍ ସଙ୍ଗ୍ କାତା ଅଇଲୁସ୍‌ନି, ସେ ଆକା ସେ ଲକ୍।" ୩୮ ସେବେଲାଇ ସେ କଇଲା, "ମାପ୍‌ରୁ ମୁଇ ତକେ ବିସ୍‌ବାସ୍ କଲିନି ।" ଆରି ଜିସୁର୍ ମୁଆଟେ ମାଣ୍ଡିକୁଟା ଦେଇ ଜୁଆର୍ କଲା । ୩୯ ଜିସୁ କଇଲା, "ମୁଇ ଏ ଦୁନିଆର୍ ଲକ୍‌ମନ୍‌କେ ବିଚାର୍ କର୍‌ବାର୍ ଆସିଆଚି । ସେଟାର୍ ପାଇ କାଣା ଲକ୍‌ମନ୍ ଦେକିପାର୍‌ବାଇ, ଆରି ଦେକିପାର୍‌ବା ଲକ୍‌ମନ୍ କାଣା ଅଇଜିବାଇ ।" ୪୦ ଜିସୁ ଏନ୍ତି କଇବା କାତା, ଲଗେ ରଇଲା କେତେଟା ପାରୁସି ଲକ୍‌ମନ୍ ସୁନିକରି ତାକେ ପାଚାର୍‌ଲାଇ, "ଏନ୍ତି ବଇଲେ ଆମ୍‌କେ କାଇ କାଣା ଲକ୍‌ମନ୍ ବଲି ବାବ୍‌ଲୁସ୍‌ନି କି?" ୪୧ ଜିସୁ ସେମନ୍‌କେ କଇଲା, "ତମେ କାଣା ଅଇରଇତାସ୍ ଆଲେ ଦସି ନ ଅଇତାସ୍ । ମାତର୍ ଦେକି ପାର୍‌ଲୁନି ବଲି କଇଲାସ୍‌ନିଜେ ଅଦିକ୍ ଦସି ।"

**୧୦** ଜିସୁ କଇଲା, "ମୁଇ ତମ୍‌କେ ସତ୍ କଇଲିନି, ଜେ ଦୁଆର୍ ବାଟେ ନ ଜାଇ ବିନ୍‌ବାଟେ ଜାଇ ମେଣ୍ଡାସାଲେ କେଟ୍‌ସି, ସେ ଚର୍ ଆରି କାଙ୍ଗାର୍ । ୨ ମାତର୍ ଜେ ଦୁଆର୍ ବାଟେ ଜାଇ ମେଣ୍ଡାସାଲେ କେଟ୍‌ସି, ସେ ମେଣ୍ଡା ରାସିର୍ ଗଉଡ୍ । ୩ ଜାଗୁଆଲ୍ ଦୁଆର୍ ଉଗାଡି ଦେଇସି ଆରି ନାଉଁ ଦାରି ଡାକ୍‌ସି । ମେଣ୍ଡାମନ୍ ତାର୍ ଡାକ୍‌ଲାଟା ସୁନ୍‌ବାଇ, ଆରି ସେମନ୍‌କେ ବାର୍‌କରାଇ ଦାରିଜାଇସି । ୪ ନିଜର୍ ସବୁ ମେଣ୍ଡାମନ୍‌କେ ବାଇରେ ଆନ୍‌ବା ବେଲେ, ସେ ଆଗେ ଆଗେ ଇଣ୍ଡ୍‌ସି ଆରି ମେଣ୍ଡାମନ୍ ତାର୍ ପଚେ ପଚେ ଜିବାଇ । କାଇକେବଇଲେ ମେଣ୍ଡାମନ୍ ତାର୍ ଡାକ୍‌ଲାଟା ଜାନତ୍ । ୫ ମାତର୍ ମେଣ୍ଡାମନ୍ କେବେ ମିସା ନ ଚିନ୍‌ଲା ଲକର୍ ପଚ୍ ପଚ୍ ନ ଜାଅତ୍, ତାର୍‌ଲଗେଅନି ପାଲାଇବାଇ । କାଇକେବଇଲେ ସେମନ୍ ଅଚିନାର୍ ଲକ୍ ଡାକ୍‌ଲେ ନ ଜାଅତ୍ ।" ୬ ଜିସୁ ସେମନ୍‌କେ ଏନ୍ତି ଉଦାଅରଣ୍ ଦେଇ କଇଲା, ମାତର୍ ସେମନ୍ ତାର୍ ଅରତ୍ କାଇଟା ବଲି ବୁଜି ନାପାର୍‌ଲାଇ । ୭ ସେଟାର୍ ପାଇ ଜିସୁ ଆରିତରେକ୍ କଇଲା, "ମୁଇ ତମ୍‌କେ ସତ୍ କଇଲିନି ମୁଇ ମେଣ୍ଡାମନର୍ ଡିଆଗଡି । ୮ ମର୍ ଆଗ୍‌ତୁ ଜେତେଲକ୍ ଆସିଆଚତ୍, ସେମନ୍ ସବୁଲକ୍ ଜାକ ଚର୍ ଆରି କାଙ୍ଗାର୍‌ମନ୍, ସେଟାର୍‌ପାଇ ମେଣ୍ଡାମନ୍ ତାକର୍ କାତା ମୁଲ୍‌କେ ସୁନତ୍‌ନାଇ । ୯ ମୁଇ ଦୁଆର୍, ଜଦି କେ ମିସା ମର୍ ବାଟେ ଆସି କେଟ୍‌ସି ବଇଲେ, ସେ ରକିଆପାଇସି, ଆରି ସେ ବିତ୍‌ରେ ଆରି ବାଇରେ ଜାଇ ଚାରି ପାର୍‌ସି । ୧୦ ଚର୍, ଚରାଇବାକେ, ମରାଇବାକେ, ଆରି ନାସ୍ କର୍‌ବାକେସେ ଆଇସି, ମାତର୍ ମୁଇ ଜେନ୍ତିକି ସେମନ୍‌କେ ପୁରାପୁରୁନ୍ ଜିବନ୍ ଦେବାକେ ଆଇଲି ଆଚି ।" ୧୧ ମୁଇ ନିମାନ୍ ମେଣ୍ଡା ଚାରାଉ ଗଉଡ୍ । ନିମାନ୍ ଗଉଡ୍ ମେଣ୍ଡାମନର୍ ଲାଗି ନିଜର୍ ଜିବନ୍ ମିସା ଦେଇସି । ୧୨ ଜେ ମେଣ୍ଡା ଚାରାଉ ନଏଁ, ମାତର୍ ବୁତି ପାଉ, ମେଣ୍ଡାମନ୍ ତାର୍ ନିଜର୍‌ଟା ନଅତ୍, ସେଟାର୍‌ପାଇ ଡୁର୍‌କା ଆଇବାଟା ଦେକି ମେଣ୍ଡାମନ୍‌କେ ଚାଡି ପାଲାଇସି । ଆରି ଡୁର୍‌କା ମେଣ୍ଡାମନ୍‌କେ ଦାରି ଚିନ୍ ଚତର୍ କରିଦେଇସି । ୧୩ ଜେ ବୁତି ମିଲବଲି ମେଣ୍ଡା ଚାରାଇସି, ସେ ମେଣ୍ଡାମନ୍‌କେ ଚାଡି ଉଟିଜାଇସି । କାଇକେବଇଲେ ସେ ମେଣ୍ଡାମନର୍ ପାଇ ଚିନ୍ତା ନ କରେ । ୧୪ ମୁଇ ନିକ ମେଣ୍ଡା ଚାରାଉ । ବାବା ଜେନ୍ତାରି ମକେ ଜାନେ, ମୁଇ ମିସା ସେନ୍ତି ବାବାକେ ଜାନି, ୧୫ ସେନ୍ତାରିସେ ମୁଇ ମର୍ ନିଜର୍ ମେଣ୍ଡାମନ୍‌କେ ଜାନି । ଆରି ମେଣ୍ଡାମନ୍ ମିସା ମକେ ଜାନତ୍ । ମୁଇ ସେମନର୍ ଲାଗି ମର୍ ଜିବନ୍ ଦେବାକେ ମିସା ରାଜି । ୧୬ ଏନ୍ତାରି ମର୍ ବିନ୍ ମେଣ୍ଡାମନ୍ ଆଚତ୍ । ସେମନ୍ ଏ ରାସି ଟାନେ ନାଇ, ମକେ ସେମନ୍‌କେ ମିସା ଆନ୍‌ବାକେ ପଡ୍‌ସି । ସେମନ୍ ମୁଇ ଡାକ୍‌ବାଟା ସୁନ୍‌ବାଇ ଆରି ତେଇର୍ ଗଟେକ୍ ରାସି ଅଇ ରଇବାଇ । " ୧୭ "ମର୍ ବାବା ମକେ ଆଲାଦ୍ କଲାନି, କାଇକେବଇଲେ ମୁଇ ମର୍ ଜିବନ୍ ଦେବାକେ ମନ୍ କଲିନି । ଆରି ମର୍ ଜିବନ୍ ଦାନ୍ କର୍‌ବି ବଇଲେ ଆରିତରେକ୍ ସେଟା ପାଇବି । ୧୮ ମର୍ ଜିବନ୍ ବିନ୍ ଲକ୍ ନେଇ ନାପାରତ୍ । ସେଟା ମୁଇ ନିଜେ ମନ୍‌କରି ଦାନ୍ କର୍‌ବି କି ଆରିତରେକ୍ ଆନ୍‌ବାକେ ମିସା ମର୍ ଅଦିକାର୍ ଆଚେ । ମର୍ ବାବା ମକେ ଏ ଅଦିକାର୍ ଦେଇଆଚେ ।" ୧୯ ଜିସୁର୍ ଏ ସବୁ କାତାର୍ ଲାଗି ଜିଉଦିମନ୍ ବାଗ୍ ବାଗ୍ ଅଇଗାଲାଇ । ୨୦ ସେମନର୍ ବିତ୍‌ରେ କେତେକ୍ ଲକ୍ କଇବାର୍ ଦାର୍‌ଲାଇ, "ତାକେ ଡୁମା ଦାରିଆଚେ, ସେ ବାୟ୍‌ଯାଟା, କାଇକେ ତାର୍ କାତା ସୁନ୍‌ଲାସ୍‌ନି?" ୨୧ ମାତର୍ ବିନ୍‌ଲକ୍‌ମନ୍ କଇଲାଇ, "ଏ ସବୁ କାତା ତା ଡୁମା ଦାରି ରଇବା ଲକ୍ କଇନାପାରେ । ଡୁମା କାଇ କାଣା ଲକର୍ ଆଁକି ନିମାନ୍ କରିଦେଇପାରେ କି?" ୨୨ ସେ ବେଲେ ସିତ୍ ଦିନ୍ ଅଇରଇଲା ଆରି ଜିରୁସାଲାମ୍ ମନ୍ଦିର୍ ତିଆର୍ କଲା ପରବ୍ ଅଇତେରଇଲା । ୨୩ ତେଇ ଜିସୁ ମନ୍ଦିରେ ସଲ୍‌ମନର୍ ମଣ୍ଡପେ ବୁଲ୍‌ତେରଇଲା । ୨୪ ତେଇ ଜିଉଦିମନ୍ ତାକେ ଚାରିବେଟ୍‌ତିଅନି ଡାବିଅଇ ପାଚାର୍‌ବାର୍ ଦାର୍‌ଲାଇ, "ଆରି କେତେ ଦିନ୍ ଜାକ ଆମ୍‌କେ ନାଡାଇସୁ? ତମେ ଜଦି ପର୍‌ମେସର୍ ବାଚି ପାଟାଇଲା ରାଜା ମସିଅ ଅଇରଇଲେ ଆମ୍‌କେ ସତ୍ କାତା କ ।" ୨୫ ଜିସୁ ସେମନ୍‌କେ କଇଲା, "ମୁଇ ତମ୍‌କେ ପର୍‌ତୁମ୍ କଇଆଚି, ମାତର୍ ମକେ ବିସ୍‌ବାସ୍ କରାସ୍‌ନାଇ । ମର୍ ବାବାର୍ ଅଦିକାରେ ମୁଇ ଜନ୍ ଜନ୍ କାମ୍‌ମନ୍ କଲିଆଚି, ସେ ସବୁଜାକ ମର୍ ବିସଇର୍ ସାକି ଦେଲାନି । ୨୬ ମାତର୍ ତମେ ମକେ ବିସ୍‌ବାସ୍ କରାସ୍‌ନାଇ, କାଇକେବଇଲେ ତମେ ମର୍ ମେଣ୍ଡାମନ୍ ନୁଆସ୍ । ୨୭ ମର୍ ସବୁ ମେଣ୍ଡାମନ୍ ମୁଇ ଡାକ୍‌ବାଟା

ସୁନ୍‌ବାଇ, ମୁଇ ସେମନ୍‌କେ ଜାନି, ଆରି ସେମନ୍ ମର୍ ପଚେ
ପଚେ ଆଇବାଇ । ୨୮ ଆରି ମୁଇ ସେମନ୍‌କେ ନ ସାର୍‌ବା ଜିବନ୍
ଦେବି । ସେମନ୍ କେବେମିସା ନସ୍‌ଟ ନ ଅଅତ୍ । ସେମନ୍‌କେ
ମର୍ ଆତେଅନି କେ ମିସା ଚାଡାଇ ନେଇ ନାପାରତ୍ । (aiōn
g165, aiōnios g166) ୨୯ ମର୍ ବାବା ମକେ ଜନ୍‌ଟା ଦେଲାଆଚେ,
ସେଟା ସବୁର୍‌ଟାନେଅନି ଅଦିକ୍ ମୁଲିଅ । ବାବାର୍ ଆତେଅନି
ସେଟା କେ ମିସା ଚାଡାଇ ନେଇ ନାପାରତ୍ । ୩୦ ବାବା ଆରି ମୁଇ
ଗଟେକ୍ ସେ ।” ୩୧ ଏ କାତା ସୁନି ଲକ୍‌ମନ୍ ତାକେ ଆରିତରେକ୍
ମାର୍‌ବାକେ ପାକ୍‌ନା ବେଟ୍‌ଲାଇ । ୩୨ ଜିସୁ ସେମନ୍‌କେ କଇଲା,
“ମୁଇ ବାବାର୍ ଆଦେସ୍ ଇସାବେ ତମ୍‌କେ କେତେକ୍ କେତେକ୍
ନିମାନ୍ କାମ୍ ଦେକାଇ ଆଚି, ସେ ସବୁ ନିମାନ୍ କାମ୍ ବିତ୍‌ରେଅନି,
କନ୍ କାମର୍‌ପାଇ ମକେ ମାର୍‌ବାକେ ପାକ୍‌ନା ବେଟିଆଚାସ୍?”
୩୩ ସେମନ୍ ତାକେ କଇଲାଇ, “ନିମାନ୍ କାମର୍ ଲାଗି ତକେ
ଆମେ ମାର୍‌ବାକେ ପାକ୍‌ନା ବେଟୁନାଇ, ମାତର୍ ପର୍‌ମେସର୍‌କେ
ନିନ୍ଦା କଲୁସ୍‌ନି ବଲିକରି, ଆରି ତୁଇ ମନସ୍ ଅଇକରି ନିଜ୍‌କେ
ପର୍‌ମେସର୍ ବଲାଇଅଇବାର୍ ଲାଗି ।” ୩୪ ଜିସୁ ସେମନ୍‌କେ
କଇଲା, “ତମର୍ ରିତିନିତି ଟାନେ କାଇ ଏଟା ଲେକାନାଇ କି?
ପର୍‌ମେସର୍ କଇଲା ତମେ ପର୍‌ମେସର୍ । ୩୫ ଆମେ ଜାନୁ
ସାସ୍‌ତରର୍ ବାକିଅ ସବୁ ଦିନର୍ ପାଇ ସତ୍ । ପର୍‌ମେସରର୍
ବାକିଅ ଜନ୍‌ଲକ୍‌ମନ୍ ଜାନିଆଚତ୍, ସେମନ୍‌କେ ପର୍‌ମେସର୍ ବଲି
କୁଆ ଅଇଲାଆଚେ । ୩୬ ବାବା ମକେ ବାଚିକରି ଏ ଦୁନିଆଇ
ପାଟାଇଆଚେ, ସେନ୍ତାର୍ ଆଲେ ମୁଇ ନିଜ୍‌କେ ପର୍‌ମେସରର୍
ପ ବଲି କଇଲାକେ, ତମେ ମକେ କେନ୍ତି ପର୍‌ମେସର୍‌କେ ନିନ୍ଦା
କଲୁସ୍‌ନି ବଲି କଇଲାସ୍‌ନି? ୩୭ ମୁଇ ଜଦି ମର୍ ବାବାର୍ କାମ୍
ନ କରି, ସେନ୍ତାର୍‌ଆଲେ ମକେ ବିସ୍‌ବାସ୍ କରାନାଇ । ୩୮
ଜଦି ମୁଇ ସେ ମନ୍‌କଲାଟା ପୁରାପୁରୁନ୍ କର୍‌ବି ବଇଲେ, ମକେ
ବିସ୍‌ବାସ୍ ନ କଲେମିସା ମୁଇ କର୍‌ବା କାମ୍ ବିସ୍‌ବାସ୍ କରା ।
ସେଟାର୍ ପାଇ ତମେ ଜାନିପାରାସ୍ ଜେ, ମର୍ ବାବା ପର୍‌ମେସର୍
ମର୍ ସଙ୍ଗ୍ ଆଚେ ଆରି ମୁଇ ତାର୍‌ଟାନେ ଆଚି ।” ୩୯ ସେମନ୍
ଆରିତରେକ୍ ଜିସୁକେ ଦାର୍‌ବାକେ ଚେସ୍‌ଟା କଲାଇ, ମାତର୍
ଜିସୁ ସେମନ୍‌କେ ଦାରାଇ ନ ଅଇକରି କସ୍‌ରି ଉଟିଗାଲା ।
୪୦ ତାର୍‌ପଚେ ସେ ଆରିତରେକ୍ ଜର୍‌ଦନ୍ ଗାଡର୍ ସେପାଟେ
ଉଟିଜାଇକରି ଆଗେ ଜଅନ୍ ଜନ୍ ଜାଗାଇ ଡୁବନ୍ ଦେଇ ରଇଲା,
ସେ ଜାଗାଇ ଜାଇକରି ରଇଲା । ୪୧ ଆରି ବେସିଲକ୍‌ମନ୍
ତାର୍‌ଲଗେ ଆସିକରି କଇଲାଇ, “ଜଅନ୍ ସିନା କାଇ କାବାଅଇ
ଜିବା କାମ୍ କରି ନ ରଇଲା, ମାତର୍ ଏ ଲକର୍ ବିସଇନେଇ
ଜଅନ୍ ଜେତ୍‌କି କାତା କଇରଇଲା, ସେ ସବୁ ସତ୍ ଆକା ।” ୪୨
ଆରି ସେ ଜାଗାଇ ବେସି ଲକ୍‌ମନ୍ ଜିସୁକେ ବିସ୍‌ବାସ୍ କଲାଇ ।

**୧୧** ବେତ୍‌ନିଆ ଗଡେ ଲାଜାର୍ ନାଉଁର୍ ଗଟେକ୍ ଲକ୍‌କେ
ଜର୍ ଅଇରଇଲା । ମରିୟମ୍ ଆରି ତାର୍ ବଇନି ମାର୍‌ତା
ସେ ଗାଏଁ ରଇଲାଇ । ୨ ଏ ମରିୟମ୍ ଅଇଲାନି, ଜନ୍ ମାଇଜି
କି ବେସି ଦାମ୍‌ଦେବା ବାସ୍‌ନା ଚିକନ୍ ଜିସୁର୍ ପାଦେ ରକଇକରି
ତାର୍ ଚେଣ୍ଡିସଙ୍ଗ୍ ପୁଚିଦେଇରଇଲା । ତାର୍ ବାଇ ଲାଜାର୍‌କେ
ଆକା ଜର୍ ଅଇରଇଲା । ୩ ସେଟାର୍‌ପାଇ ତାର୍ ବଇନିମନ୍
ଜିସୁର୍ ଲଗେ କବର୍ ପାଟାଇଲାଇ, “ମାପ୍‌ରୁ ତମେ ଜାକେ
ଆଲାଦ୍ କଲାସ୍‌ନି, ସେ ବେସି ଜର୍ ଅଇଲାଆଚେ ।” ୪ ମାତର୍
ଜିସୁ ଏ କାତା ସୁନିକରି କଇଲା, “ଏ ଜର୍ ମର୍‌ବାପାଇ ଅଏ
ନାଇ, ମାତର୍ ପର୍‌ମେସରର୍ ମଇମାର୍ ପାଇ । ସେଟାର୍ ଲାଗି,
ତାର୍ ପଅ, ମୁଇ ମିସା ମଇମା ପାଇବି ।” ୫ ଜିସୁ, ମାର୍‌ତା,
ତାର୍ ବଇନି ଆରି ଲାଜାର୍‌କେ ବେସି ଆଲାଦ୍ କର୍‌ତେରଇଲା
। ୬ ସେଟାର୍‌ପାଇ ଲାଜାର୍ ନିକ ନ ରଇବା କବର୍ ପାଇ ଜିସୁ
ଜନ୍ ଜାଗାଇ ରଇଲା, ସେ ଜାଗାଇ ଆରି ଦୁଇଦିନ୍ ରଇଲା
। ୭ ତାର୍ ପଚେ ସେ ସିସ୍‌ମନ୍‌କେ କଇଲା, “ଆସା, ଆମେ
ଆରିତରେକ୍ ଜିଉଦା ଦେସେ ବାଉଡି ଜୁ ।” ୮ ସିସ୍‌ମନ୍ ତାକେ
କଇଲାଇ, “ଏ ଗୁରୁ, ତମ୍‌କେତା କେତେ ଦିନ୍ ଆଗେ, ଲକ୍‌ମନ୍
ପାକ୍‌ନା ସଙ୍ଗ୍ ମାର୍‌ବାକେ ଚେସ୍‌ଟା କର୍‌ତେରଇଲାଇ, ତମେ
ଆରିତରେକ୍ ତେଇ ଜିବାକେ ମନ୍ କଲାସ୍‌ନି କି?” ୯ ଜିସୁ କଇଲା
“ଗଟେକ୍ ଦିନେ କାଇ ବାର ଗଁଟା ଉଜଲ୍ ନ ରଏ କି? ଜନ୍
ଲକ୍‌ମନ୍ ଦିନ୍‌ବେଲାର୍ ଉଜ୍‌ଲେ ରଇବାଇ, ସେମନ୍ ଜଟିଆଇ
ନ ଅଅତ୍, କାଇକେବଇଲେ ସେମନ୍‌କେ ଏ ଜଗତର୍ ଉଜଲ୍
ଡିସ୍‌ସି । ୧୦ ମାତର୍ ରାତିଆ ଇଣ୍ଡିଲେ ଜଟିଆଇ ଅଇବାଇ ।
କାଇକେବଇଲେ ସେମନର୍‌ଟାନେ ଉଜଲ୍ ନ ରଏ ।” ୧୧ ଜିସୁ
ଏ ସବୁ କାତା କଇଲା ପଚେ, ସିସ୍‌ମନ୍‌କେ କଇଲା, “ଆମର୍
ସବୁଲକର୍ ମଇତର୍ ଲାଜାର୍ ଏବେ ସଇଆଚେ, ତାକେ ମୁଇ
ଉଟାଇବାର୍ ଗାଲିନି ।” ୧୨ ତେଇ ସିସ୍‌ମନ୍ ଜିସୁକେ କଇଲାଇ,
“ମାପ୍‌ରୁ, ଜଦି ସେ ସଇଲାଆଚେ ବଇଲେ ନିକ ଅଇସି ।” ୧୩
ଜିସୁ ଲାଜାରର୍ ମରନ୍ ବିସଇ ନେଇକରି କଇରଇଲା, ମାତର୍
ସିସ୍‌ମନ୍ ଲାଜାର୍‌କେ ଗୁନର୍‌ଲାଗି ସଇଲା ବିସଇ କଇଲାନି
ବଲି ବାବ୍‌ଲାଇ । ୧୪ ସେଟାର୍‌ପାଇ ଜିସୁ ସେମନ୍‌କେ ନିକ
ସଙ୍ଗ୍ ବୁଜ୍‌ଲା ପାରା କଇଲା, “ଲାଜାର୍ ମରିଗାଲାଆଚେ । ୧୫
ଆରି ମୁଇ ତେଇ ନ ରଇଲି, ସେଟାର୍‌ପାଇ ତମର୍ ସଙ୍ଗ୍ ସାର୍‌ଦା
କଲିନି, ଜେନ୍ତାରିକି ତମେ ବିସ୍‌ବାସ୍ କର୍‌ସା । ମାତର୍ ଆସା,
ଏବେ ଆମେ ତାକେ ଜାଇ ଦେକୁ ।” ୧୬ ତେଇ ତମା ନାଉଁର୍
ଜାକେ କି ବିଦୁମ୍ ବଲି କଇବାଇ, ସେ ତାର୍ ସଙ୍ଗର୍ ସିସ୍‌ମନ୍‌କେ
କଇଲା, “ଜୁ ଆମେ ମିସା ଗୁରୁର୍ ସଙ୍ଗ୍ ଜାଇ ତାର୍‌ସଙ୍ଗ୍ ମରୁ
।” ୧୭ ଜିସୁ ବେତ୍‌ନିଆଇ କେଟିକରି ସୁନ୍‌ଲା ଜେ ଲାଜାର୍‌କେ
ସମାଦି ଦେଇ ଚାର୍‌ଦିନ୍ ଅଇରଇଲା । ୧୮ ଜିରୁସାଲାମ୍ ଅନି
ବେତ୍‌ନିଆ ତିନ୍ କିଲମିଟର୍ ତେଇଅନି ଉନାର୍ ବାଟ୍ । ୧୯
ଆରି ଜିଉଦିମନର୍ ତେଇଅନି କେତେକ୍ କେତେକ୍ ଲକ୍‌ମନ୍
ମାର୍‌ତା ଆରି ମରିୟମ୍ ଲଗେ ତାର୍ ମରିଜାଇରଇବା ବାଇର୍
ବିସଇ ସାଁତାଇବାକେ ଆସିରଇଲାଇ । ୨୦ ଜିସୁ ଆଇଲାନି ବଲି
ସୁନ୍‌ଲା ଦାପ୍‌ରେ ମାର୍‌ତା ତାକେ ବେଟ୍‌ଅଇବାର୍ ଗାଲା । ମାତର୍

ମରିୟମ୍ ଗରେସେ ବସିରଇଲା । ୨୧ ମାର୍ତା ଜିସୁକେ କଇଲା,
"ମାପ୍ରୁ ତମେ ଜଦି ଇତି ରଇତାସ୍ ବଇଲେ, ମର୍ ବାଇ ନ
ମର୍ତା । ୨୨ ମାତର୍, ମୁଇ ଜାନି ଆଚି । ଏବେ ମିସା ତମେ
ପର୍ମେସର୍‌କେ ଜାଇଟା ମାଙ୍ଗ୍‌ଲେ, ସେଟା ଦେଇସି ।" ୨୩ ଜିସୁ
ତାକେ କଇଲା, "ତର୍ ବାଇ ଆରି ଜିବନ୍ ଅଇ ଉଟ୍‌ସି ।" ୨୪
ମାର୍ତା ଜିସୁକେ କଇଲା, "ସେ ସାରାସାରି ଦିନେ ଆରିତରେକ୍
ଉଟ୍‌ବା ବେଲାଇ ଉଟ୍‌ସି, ଏଟା ମୁଇ ଜାନି ।" ୨୫ ଜିସୁ ତାକେ
କଇଲା, "ମୁଇ ଜିବନ୍ ଆରି ମରିକରି ଆରିତରେକ୍ ଉଟ୍‌ବା ଲକ୍
। ଜେ ମକେ ବିସ୍‌ବାସ୍ କର୍‌ସି, ସେ ମଲେ ମିସା, ବଁଚ୍‌ସି । ୨୬
ଆରି ଜେ ଜଦି ବଁଚି ରଇକରି ବିସ୍‌ବାସ୍ କର୍‌ସି, ସେ କେବେ ମିସା
ନ ମରେ । ଏ କାତା ବିସ୍‌ବାସ୍ କଲାସ୍‌ନି କି?" (aiōn g165) ୨୭
ମାର୍ତା ଜିସୁକେ କଇଲା, "ଉଁ ମାପ୍ରୁ, ମୁଇ ବିସ୍‌ବାସ୍ କଲିନି ।
ତମେ ସେ ପର୍ମେସରର୍ ପ । ଜନ୍ ମସିଅ ଏ ଜଗତେ ଆଇବାର୍
ରଇଲା, ତମେ ସେ ଆକା ।" ୨୮ ଏ ସବୁ କାତା କଇସାର୍‌ଲାପଚେ
ମାର୍ତା ଜାଇକରି ନିଜର୍ ବଇନିକେ କେ ନ ସୁନ୍‌ଲାପାରା ଡାକି
କଇଲା, "ଆଉ ଗୁରୁ ଆସିଆଚେ ଆରି ତକେ ଡାକ୍‌ଲାନି ।" ୨୯
ମରିୟମ୍ ଏ କାତା ସୁନିକରି ଦାନ୍ଦା ପାନ୍ଦା ଅଇ ଜିସୁକେ ବେଟ୍
ଅଇବାର୍ ଗାଲା । ୩୦ ଜିସୁ ସେଡ୍‌କିବେଲା ଗାଉଁ ବିତ୍‌ରେ ଆସି ନ
ରଇଲା, ମାତର୍ ମାର୍ତା ତାକେ ଜନ୍ ଜାଗାଇ ବେଟ୍ ଅଇରଇଲା,
ତେଇସେ ରଇଲା । ୩୧ ମରିୟମ୍ ଉଟିକରି ଦାନ୍ଦା ପାନ୍ଦା ଅଇ
ବାଇରେ ସାଁତାଇବାକେ ଆସିରଇଲା ଲକ୍‌ମନ୍ ଦେକ୍‌ଲାଇ,
ସେମନ୍ ମିସା ତାର୍ ପଚେ ପଚେ ଗାଲାଇ । ସେମନ୍ ବାବ୍‌ଲାଇ,
ସେ କବର୍ ଲଗେ କାନ୍ଦ୍‌ବାର୍ ଗାଲାନି । ୩୨ ତେଇ ଜିସୁ ଜନ୍
ଜାଗାଇରଇଲା, ମରିୟମ୍ ସେ ଜାଗାଇ କେଟ୍‌ଲା ଆରି ଜିସୁକେ
ଦେକିକରି ତାର୍ ପାଦେ ଡାଣ୍ଡାସନ୍ ପଡି କଇଲା, "ମାପ୍ରୁ ତମେ
ଜଦି ଇତି ରଇତାସ୍‌ଆଲେ ମର୍ ବାଇ ନ ମର୍ତା ।" ୩୩ ମରିୟମ୍
ତାକେ ଆରି ତାର୍ ସଙ୍ଗ୍ ରଇବା ଲକ୍‌ମନ୍ କାନ୍ଦ୍‌ତେରଇବାଟା
ଦେକି ଜିସୁ ଆତ୍‌ମାଇ ବେସି ମନ୍‌ଦୁକ୍ ଅଇଗାଲା । ୩୪ ସେ
ପାଚାର୍‌ଲା, "ତାକେ କନ୍ତି କବର୍ ଦେଇଆଚାସ୍?" ସେମନ୍ ତାକେ
କଇଲାଇ, "ମାପ୍ରୁ ଆସିଦେକା ।" ୩୫ ଜିସୁ କାନ୍ଦ୍‌ଲା । ୩୬
ତେଇ ଜିଉଦି ଲକ୍‌ମନ୍ କଇଲାଇ, "ଦେକା, ସେ ଲାଜାର୍‌କେ
କେନ୍ତି ଆଲାଦ୍ କର୍‌ତେରଇଲା ।" ୩୭ ମାତର୍ ସେମନର୍
ବିତ୍‌ରେଅନି କେତେକ୍ ଲକ୍ କଇଲାଇ, "ଏ ଲକ୍ ଜନ୍ କାଣାକେ
ଆଁକି ଡିସାଇରଇଲା, ସେ ମନ୍‌କଲେ କାଇ ଏ ଲାଜାରର୍ ମରନ୍
ମିସା ଟେବାଇ ନାପାର୍‌ତା କି?" ୩୮ ତେଇ ଆରିତରେକ୍
ଜିସୁ ମନ୍ ବିତ୍‌ରେ କିଲ୍‌ବିଲ୍ ଅଇ ସମାଦି ଲଗେ ଗାଲା ।
ସମାଦିଟାନେ ଗଟେକ୍ ପାଆର୍ ଆରି ପାଆର୍ ମୁଆଟେ ଗଟେକ୍
ବଡ୍ ପାକ୍‌ନା ଡାବିଅଇରଇଲା । ୩୯ ଜିସୁ ତିଆର୍‌ଲା, "ଏ ପାକ୍‌ନା
ଗୁଚାଇଦିଆସ୍ ।" ମରିଜାଉ ଲାଜାରର୍ ବଇନି ମାର୍ତା କଇଲା,
"ମାପ୍ରୁ ସେଟା କୁଇକରି ଗନ୍ଦି ଗାଲାବେ, କାଇକେବଇଲେ,
ତାକେ କବର୍‌ଦେଇ ଚାର୍‌ଦିନ୍ ଅଇଗାଲା ।" ୪୦ ଜିସୁ ମାର୍ତାକେ
କଇଲା, "ତୁଇ ଜଦି ବିସ୍‌ବାସ୍ କର୍‌ସୁ ବଇଲେ ପର୍ମେସରର୍
ମଇମା ଦେକ୍‌ସୁ ବଲି ମୁଇ ତକେ କଇ ନ ରଇଲି କି?" ୪୧
ତେଇ ସେମନ୍ ପାକ୍‌ନା ଗୁଚାଇଲାଇ । ଜିସୁ ସରଗ୍‌ବାଟେ ମୁ
କରି କଇଲା, "ବାବା ତମେ ମର୍ ପାର୍ତନା ସୁନ୍‌ଲାସ୍ ବଲି
ମୁଇ ତମ୍‌କେ ଦନିଅବାଦ୍ ଦେଲିନି । ୪୨ ତମେ ଜେଡେବେଲେ
ମିସା ମର୍ ପାର୍ତନା ସୁନ୍‌ସା, ଏଟା ମୁଇ ଜାନି, ମାତର୍ ଜନ୍
ଲକ୍‌ମନ୍ ଏ ଚାରିବେଡ୍‌ତି ଟିଆଅଇ ଆଚତ୍, ସେମନ୍ ଜେନ୍ତିକି
ତମେଆକା ମକେ ପାଟାଇଆଚାସ୍ ବଲି ବିସ୍‌ବାସ୍ କର୍‌ବାଇ,
ଏଟାର୍ ପାଇ ମୁଇ ଏନ୍ତିବଲି କଇଲି ।" ୪୩ ଏନ୍ତି କଇ ସାରାଇ ଜିସୁ
ଆକ୍‌ମାରି ଡାକ୍‌ଲା, "ଲାଜାର୍ ତୁଇ ବାରଇ ଆଉ ।" ୪୪ ଡାକ୍‌ଲା
ଦାପ୍‌ରେ ମଲା ଲାଜାର୍ ବାରଇ ଆଇଲା । ତାର୍ ଆତେ ଗଡେ
ମଡା ଲୁଗା ବାନ୍ଦାଅଇରଇଲା । ମୁଏ ମିସା ଗର୍‌ଣ୍ଡା ଗୁଡିଆଇ
ଅଇରଇଲା । ଜିସୁ ସେମନ୍‌କେ କଇଲା "ତାକେ ବାନ୍ଦ୍‌ଲାଟା
କୁସ୍‌ଲାଇ କରି, ଜିବାକେ ଦିଆସ୍ ।" ୪୫ ଜିଉଦି ଲକ୍‌ମନର୍
ବିତ୍‌ରେଅନି, ବେସି ଲକ୍ ମରିୟମର୍ ଲଗେ ଆସିରଇଲାଇ,
ଆରି ଜିସୁର୍ ଏ କାମ୍ ଦେକି, ତାକେ ବିସ୍‌ବାସ୍ କଲାଇ । ୪୬
ଆରି ସେମନର୍ ବିତ୍‌ରେଅନି କେତେଲକ୍ ପାରୁସିମନର୍ ଲଗେ
ଜାଇକରି ଜିସୁ କରି ରଇବା କାମ୍ ଲକ୍‌ମନ୍‌କେ ଜାନାଇଲାଇ ।
୪୭ ପଚେ ମୁକିଅ ପୁଜାରିମନ୍ ଆରି ପାରୁସିମନ୍ ଗଟେକ୍ ବଡ୍
ପଁଚାଦି ଡାକାଇ କଇଲାଇ, "ଆମେ କାଇଟା କରୁ? ଦେକା ଏ
ଲକ୍ ତା କେତେକ୍ କେତେକ୍ କାବାଅଇଜିବା କାମ୍‌ମନ୍ କଲାନି ।
୪୮ ଆମେ ଜଦି ଆକେ ଏନ୍ତାରି ଚାଡିଦେଉଁ ବଇଲେ ସବୁଲକ୍
ତାର୍‌ଟାନେ ବିସ୍‌ବାସ୍ କର୍‌ବାଇ ଆରି ରମିୟ ଅଦିକାରି ଆସିକରି
ଆମର୍ ଏ ମନ୍ଦିର୍ ଆରି ଆମର୍ ବିସ୍‌ବାସ୍ କର୍‌ବା ଦରମ୍ ସବୁ
କୁରୁପ୍‌ନାସ୍ କରିପାକାଇସି ।" ୪୯ ମାତର୍ ସେମନର୍ ବିତ୍‌ରେଅନି
ଗଟେକ୍ କୟାପା ନାଉଁର୍, ସେ ବରସର୍ ପାଇ ବାଚିରଇବା ବଡ୍
ପୁଜାରି, କଇଲା "ତମେ କେତେ ବକୁଆ ଲକ୍‌ମନ୍! ୫୦ ତମେ
କାଇ ବୁଜି ନାପାର୍‌ଲାସ୍‌ନି? ଗୁଲାଇ ଜାତି ନାସ୍ ଅଇବା ବାଦୁଲେ
ଗଟେକ୍ ଲକ୍ ମର୍‌ବାଟା ନିକ ।" ୫୧ କୟାପା ସତଇସେ ତାର୍
ନିଜର୍‌ଟାନେ ଅନି ଏନ୍ତି କଇ ନ ରଇଲା, ମାତର୍ ସେ ବରସର୍ ବଡ୍
ପୁଜାରି ଅଇରଇଲାର୍ ଲାଗି ପଚର୍ ଗଟ୍‌ନା ସବୁ ବବିସତ୍‌କାତା
ତାର୍ ମୁଏଁ ଅନି ବାରଇରଇଲା । ସେ ଜାନିଦେଇ ରଇଲା ଜେ,
୫୨ ଚିନ୍ ଚତର୍ ଅଇଜାଇରଇବା ପର୍ମେସରର୍ ଲକ୍‌ମନ୍‌କେ
ଟୁଲିଆଇ, ଗଟେକ୍ କୁଟୁମ୍ କରାଇବାକେ ଜିସୁ ମର୍‌ବାକେ
ଗାଲାନି । ୫୩ ତେବର୍‌ପାଇ ସେ ଦିନେଅନି ଜିଉଦିନେତାମନ୍
ଜିସୁକେ ମରାଇବାକେ ପାଁଚ୍‌ନା କଲାଇ । ୫୪ ତେବେ ଜିସୁ ଜିଉଦି
ଲକ୍‌ମନର୍ ବିତ୍‌ରେ ସବୁଲକ୍ ଜାନ୍‌ଲା ପାରା ବୁଲାଚାଲା ନ
କର୍‌ତେ ରଇଲା । ସେ ଜାଗାଇଅନି ବାରଇଜାଇକରି, ମରୁବାଲି
ବୁଏଁ ରଇବା କିନରା ଜାଗାଇ ରଇଲା ଏପ୍ରଇମ୍ ନାଉଁର୍ ଗଟେକ୍
ଗଡେ ଜାଇ ସିସ୍‌ମନର୍ ସଙ୍ଗ୍ ତେଇ ରଇଲା । ୫୫ ଜିଉଦିମନର୍
ନିସ୍‌ତାର୍ ପରବ୍ କେଟିଆଇଲା । ସେ ପରବ୍ ଅଇବା ଆଗ୍‌ତୁ

ନିଜେ ନିଜେ ସୁକଲ୍ ଅଇବାକେ ଗୁଲାଇ ରାଇଜର୍ ଲକ୍ମନ୍ ନିସ୍ତାର୍ ପରବ୍ ଆଗ୍ତୁ ଜିରୁସାଲାମ୍ ଜିବାକେ ବାଟ୍ଦାର୍ଲାଇ । **୫୬** ସେମନ୍ ଜିସୁକେ କଜ୍ଲାଇ ଆରି ମନ୍ଦିର୍ ଟିଆଅଇଲାବେଲେ ତାକର୍ ତାକର୍ ବିତ୍ରେ କୁଆବଲା ଅଇଲାଇ, "ସେ ପରବ୍ଟାନେ ନ ଆସେବଲି କାଇ ତମେ ବାବ୍ଲାସ୍ନି କି?" **୫୭** ମୁକିଅ ପୁଜାରି ଆରି ପାରୁସି ଲକ୍ମନ୍ ଜିସୁକେ ଦାର୍ବାକେ ସେ କନ୍ତି ଆଚେ ଜାନିରଇବାଇ ବଲି, ସେଟା ଆଦେସ୍ ଦେଇରଇଲାଇ ।

**୧୨** ଏତ୍କି ବିତ୍ରେ ଜିସୁ ନିସ୍ତାର୍ ପରବ୍ ଅଇବାକେ ଚ ଦିନର୍ ଆଗ୍ତୁ ବେତ୍ନିଆ ଗାଲା । ତେଇ ଲାଜାରର୍ ଗର୍ । ଜିସୁ ଏ ଲାଜାର୍କେସେ ମଲାଟାନେଅନି ଉଟାଇରଇଲା । **୨** ସେ ରାତି ତେଇ ଜିସୁର୍ପାଇ ଗଟେକ୍ ବଜି ଟିକ୍ କଲାଇ । ଆରି ମାର୍ତା ସେମନ୍କେ କୁଆପୁଚା କରାଇତେରଇଲା । ଲାଜାର୍ ଜିସୁର୍ ସଙ୍ଗ୍ ବଜିତେଇ ବସି ରଇଲା । **୩** ସେତ୍କିବେଲେ ମରିୟମ୍ ଜଟାମାଉଁସ୍ ନାଉଁର୍ ବେସି ଦାମେ ତିଆର୍ ଅଇଲା ଅଦ୍ ଲିଟର୍ ବାସ୍ନା ଚିକନ୍ ଆନି ଜିସୁର୍ ପାଦେ ରକଇ ନିଜର୍ ଚେଣ୍ଡିସଙ୍ଗ୍ ପୁଚିଦେଲା । ଆରି ସେ ଚିକନର୍ ସୁନ୍ଦର୍ ବାସ୍ନା ଗୁଲାଇ ଗର୍ ଗମ୍କିଗାଲା । **୪** ଜିସୁର୍ ସିସ୍ମନର୍ ବିତ୍ରେ ଅନି ଇସ୍କାରିୟତ୍ ଜିଉଦା ନାଉଁର୍ ସିସ୍, ଜେ କି ଜିସୁକେ ସତ୍ରୁମନ୍କେ ସର୍ପିଦେବାକେ ଜାଇତେ ରଇଲା, ସେ କଇଲା, **୫** "ଏ ବାସ୍ନା ଚିକନ୍ ତିନ୍ ସଅ ରୁପା ଟାଙ୍ଗ୍କେ ବିକିକରି ସେ ଡାବୁ ଗରିବ୍ ଲକ୍ମନ୍କେ ଦେଲେ ନଇତା କି?" **୬** ଇସ୍କାରିୟତ୍ ଜିଉଦା ଗରିବ୍ ଲକ୍ମନର୍ପାଇ ଚିନ୍ତା କର୍ତେରଇଲାଜେ ଏନ୍ତି କଇଲା ବଲି ନାଇ, ମାତର୍ ସେ ଗଟେକ୍ ଚର୍ । ତାର୍ ଦାଇତେ ରଇଲା ଟାଙ୍ଗ୍ମୁନା ଟାନେଅନି ସେ ନିଜର୍ ପାଇ କେତେକ୍ କେତେକ୍ ଲୁଚାଇ ନେଇତେରଇଲା । **୭** ମାତର୍ ଜିସୁ କଇଲା, "ତାକେ କାଇଟା ବଲି କୁଆ ନାଇ, ତାର୍ଟାନେ ଜେତ୍କି ଆଚେ, ସେଟା ଜେନ୍ତିକି ମର୍ ସମାଦି ଦିନର୍ପାଇ ସଙ୍ଗ୍ଇଆଚେ । **୮** ଗରିବ୍ ଲକ୍ମନ୍ ତା ସବୁବେଲେ ତମର୍ ସଙ୍ଗ୍ ରଇଲାଇନି, ମାତର୍ ମୁଇ ସବୁବେଲେ ନ ରଇ ।" **୯** ଏତ୍କିବିତ୍ରେ ଜିସୁ ବେତ୍ନିଆଇ ଆଚେ ବଲି ଜାନିକରି ବେସି ଜିଉଦି ଲକ୍ମନ୍ ଆଇଲାଇ । ଅବ୍କା ଜିସୁକେ ସେ ଦେକ୍ବାକେ ନାଇ, ମାତର୍ ଜନ୍ ଲାଜାର୍କେ ଜିସୁ ମଲାଟାନେଅନି ଉଟାଇରଇଲା ତାକେ ମିସା ଦେକ୍ବାର୍ ଆସିରଇଲାଇ । **୧୦** ମାତର୍ ମୁକିଅ ପୁଜାରିମନ୍ ଲାଜାର୍କେ ମିସା ମରାଇବାକେ ଜଜ୍ନା କଲାଇ । **୧୧** କାଇକେବଇଲେ ତାର୍ଲାଗି ବଲି କେତେକ୍ କେତେକ୍ ଜିଉଦି ଲକ୍ମନ୍ ନେତାମନ୍କେ ଚାଡି ଜିସୁକେ ବିସ୍ବାସ୍ କର୍ତେରଇଲାଇ । **୧୨** ତାର୍ ଆର୍କର୍ ଦିନେ ରକିଆପାଇବା ପରବେ ଆସିରଇବା ବେସି ଲକ୍ମନ୍ ଜିସୁ ଜିରୁସାଲାମ୍ ଆଇଲାନି ବଲି ସୁନ୍ଲାଇ । **୧୩** ସେଟାର୍ ପାଇ ସେମନ୍ କଜ୍ରିଡାଲ୍ ଦାରି ଜିସୁକେ ବେଟ୍ଅଇବାର୍ ଗାଲାଇ, ଆରି ଆଉଲିଅଇକରି କଇଲାଇ, "ଅସାନା, ଜେ ମାପ୍ରୁର୍ ନାଉଁଦାରି ଆଇଲାନି ତାର୍ ମଙ୍ଗଲ୍ ଅ, ପର୍ମେସର୍ ତାକେ ଆସିର୍ବାଦ୍ କର । ସେ ଇସ୍ରାଏଲର୍ ରାଜା ଡାକ୍ପୁଟା ପାଅ ।" **୧୪** ଆରି ଜିସୁ ଗଟେକ୍ ଗଦ ପିଲାର୍ ଉପ୍ରେ ବସି ଆଇତେ ରଇଲା । ଜେନ୍ତିକି ସାସ୍ତରେ ଲେକାଅଇଲା ଏ ବବିସତ୍ କାତା ସିଦ୍ ଅଇଲା । **୧୫** "ଏ ସିୟନ୍ ନଅରର୍ ଲକ୍ମନ୍, ତମେ ଡରାନାଇ ଦେକା ତମର୍ ରାଜା ଗଟେକ୍ ଗଦ ପିଲାର୍ ଉପ୍ରେ ବସି ଆଇଲାନି ।" **୧୬** ପର୍ତୁମ୍ ପର୍ତୁମ୍ ଜିସୁର୍ ସିସ୍ମନ୍ ଏ ବିସଇ ବୁଜି ନ ରଇଲାଇ । ମାତର୍ ଜିସୁ ଜେଡେବେଲା ମଲାଟାନେଅନି ଉଟ୍ଲା ପଚେ ଏ ସବୁଜାକ ଲେକା ଏତାଇଲାଇଜେ, ସାସ୍ତରେ ତାର୍ ବିସଇସେ ଲେକା ଅଇରଇଲା । ଆରି ସେମନ୍ ତାର୍ ପାଇ ସବୁ କାମ୍ କରିରଇଲାଇ । **୧୭** ଜିସୁ ଲାଜାର୍କେ ମଲାଟାନେଅନି ଉଟାଇକରି ସମାଦିଅନି ବାରଇବାକେ କଇଲାବେଲେ ଜନ୍ ଲକ୍ମନ୍ ଜିସୁର୍ ସଙ୍ଗ୍ ରଇଲାଇ, ସେମନ୍ ସେ ଗଟ୍ନା ବିସଇର୍ ସାକି ଦେବାର୍ ଦାର୍ଲାଇ । **୧୮** ସେଟାର୍ପାଇ ଲକ୍ମନ୍ ତାକେ ବେଟ୍ଅଇବାକେ ଜାଇରଇଲାଇ । କାଇକେବଇଲେ ସେ ଆକା ଏ କାବା ଅଇବା କାମ୍ମନ୍ କଲାନି ବଲି ସେମନ୍ ସୁନିରଇଲାଇ । **୧୯** ତେଇ ପାରୁସିମନ୍ ତାକର୍ ତାକର୍ ବିତ୍ରେ କୁଆବଲା ଅଇଲାଇ, "ଦେକ୍ଲାସ୍ନି କାଇକି, ଆମେ ଚେସ୍ଟା କଲାଟା ଗଟେକ୍ ମିସା ଅଏନାଇ, ଦେକାନି ଗୁଲାଇ ଦୁନିଆଜାକ ତାର୍ ପଚେ ଗାଲାନି ।" **୨୦** ନିସ୍ତାର୍ ପରବ୍ କର୍ବାକେ ଆସିରଇବା ଲକ୍ମନର୍ ବିତ୍ରେ ଗିରିକ୍ ଲକ୍ମନ୍ ମିସା କେତେଲକ୍ ରଇଲାଇ । **୨୧** ସେମନ୍ ପିଲିପର୍ ଲଗେ ଆସି ତାକେ କଇଲାଇ, "ଏ ଆଗିଆଁ ଆମେ ଜିସୁକେ ଦେକ୍ବାକେ ମନ୍ କଲୁନି ।" ପିଲିପ୍ ବେତ୍ସାଇଦାର୍ ଲକ୍ ରଇଲା । **୨୨** ପିଲିପ୍ ଜାଇ ଆନ୍ଦ୍ରିୟ୍କେ ଏ କବର୍ ଜାନାଇଲାକେ ସେମନ୍ ଜାଇ ଜିସୁକେ କଇଲାଇ । **୨୩** ଜିସୁ ସେମନ୍କେ କଇଲା, "ପର୍ମେସର୍ତେଇ ଅନି ଆଇଲା ନର୍ପିଲା ମୁଇ ଡାକ୍ପୁଟା ପାଇବା ବେଲା ଆସି କେଟି ଆଚେ । **୨୪** ମୁଇ ତମ୍କେ ସତ୍କାତା କଇଲିନି ଜଦି ଗଅମ୍ ମୁଞ୍ଜି ବୁଏଁ ଅଦ୍ରି ନ ମର୍ବା ଜାକ ସେନ୍ତିସେ ରଇସି । ସେଟା ମଲେ ସେ ବେସି ମୁଞ୍ଜି ଦାର୍ସି । **୨୫** ଜେ ନିଜର୍ ଜିବନ୍କେ ବେସି ଆଲାଦ୍ କର୍ସି, ସେ ସେଟା ଆରାଇସି । ଜେ ନିଜର୍ ଜିବନ୍ ଗିନ୍ କର୍ତେରଇସି, କାଲ୍ କାଲ୍ ଜୁଗ୍ ଜୁଗ୍ ଜାକ ତାର୍ ଜିବନ୍ ରକିଆ କର୍ସି । **(aiōnios g166)** **୨୬** ଜନ୍ ଲକ୍ ମର୍ ସେବା କର୍ବାକେ ମନ୍ କଲାନି, ସେ ମର୍ ସଙ୍ଗ୍ ଆସ । ମୁଇ ଜନ୍ ଜାଗାଇ ରଇବି, ମର୍ ସେବା କାମ୍ କର୍ବା ଲକ୍ମନ୍ମିସା ସେ ଜାଗାଇ ରଇବାଇ । ଆରି ସେ ମର୍ ଆରି ମର୍ ବାବା ପର୍ମେସରର୍ ସନ୍ମାନ୍ ପାଇସି ।" **୨୭** ଏବେ ମର୍ ଜିବନ୍ ବେସି ବାୟାବିକଲ୍ ଅଇଗାଲାନି । କାଇଟା କଇବି? ଏ ବାବା ମକେ ଏ ଦୁକର୍ ବେଲାଇଅନି ରକିଆ କର୍ ବଲି ଗୁଆରି କର୍ବି କି? ନାଇ ସେନ୍ତି ନ କଇ । ଦୁକ୍ କସ୍ଟ ମୁରଚ୍ବାକେ ସେ ମୁଇ ଆଇଲିଆଚି । **୨୮** ଏ ବାବା ତର୍ ନାଉଁ ଡାକ୍ପୁଟା କର । ସେ ବେଲା ସର୍ଗେଅନି ଏ କାତା କଇବା ସବଦ୍ ଆଇଲା, "ମର୍

ନାଉଁ ଡାକ୍‌ପୁଟା କଲିଆଚି, ଆରି ତରେକ୍ ଡାକ୍‌ପୁଟା କର୍‌ବି ।”
**୨୯** ତେଇ ଟିଆଅଇ ରଇଲା ଲକ୍‌ମନ୍ ଏ ସବଦ୍ ସୁନି କରି “ଏଟା
ବାଦଲ୍ ଗୁଡ୍‌ଗୁଡ୍‌ଲା” ବଲି କଇଲାଇ । ମାତର୍ ଅଦେକ୍ ଲକ୍‌ମନ୍,
“ସର୍‌ଗେଅନି ଗଟେକ୍ ଦୁତ୍ ତାର୍ ସଙ୍ଗ୍ କାତା ଅଇଲାନି” ବଲି
କଇଲାଇ । **୩୦** ଜିସୁ ସେ ଲକ୍‌ମନ୍‌କେ କଇଲା, “ଏ ସବଦ୍
ମର୍ ପାଇ ଅଏନାଇ, ମାତର୍ ତମର୍ ପାଇସେ ଅଇଲା । **୩୧**
ଏବେ ଏ ଦୁନିଆର୍ ବିଚାର୍ କର୍‌ବା ଦିନ୍ କେଟ୍‌ଲା ଆଚେ, ଏ
ଦୁନିଆର୍ ସାସନ୍ କରୁକେ ମୁଇ ବାଇରେ ପିଙ୍ଗିଦେବି । **୩୨** ଆରି
ମକେ କୁର୍‌ସେ ଟେକ୍‌ଲେ, ସବୁ ଲକ୍‌ମନ୍‌କେ ମର୍‌ବାଟେ ଜିକ୍‌ବି”
ବଲି କଇଲା । **୩୩** ସେ କେନ୍ତିଅଇ ମର୍‌ବାକେ ଗାଲାନି, ସେଟା
ଜାନାଇବାକେ ଏନ୍ତି କଇରଇଲା । **୩୪** ସେବେଲା ସବୁ ଲକ୍‌ମନ୍
ତାକେ କଇଲାଇ, “ମସିଅ ସବୁ ଦିନର୍ ପାଇ ବଁଚି ରଇସି ବଲି
ଆମର୍ ସାସ୍‌ତରେ ଲେକା ଆଚେ । ତୁଇ କେନ୍ତି ପର୍‌ମେସରର୍
ପିଲାକେ କୁର୍‌ସେ ଟେକ୍‌ବାଇ ବଲି କଇଲୁସ୍‌ନି? ଏନ୍ତିବଇଲେ
ପର୍‌ମେସରର୍ ଟାନେଅନି ଆଇଲା ନର୍‌ପିଲା କେ ତେବେ?”
**(aiōn g165)** **୩୫** ଜିସୁ ସେମନ୍‌କେ କଇଲା, “ଏବେ ତମର୍ ମୁଆଟେ
ଜନ୍ ଉଜଲ୍, ଉଜଲ୍ ଦେଲାନି, ସେଟା ଚନେକର୍‌ପାଇସେ ରଇସି
। ଜନ୍ ଜାଗାଇ ଜିବାର୍ ଆଚେ, ଉଜଲ୍ ରଇତେ ଆକା ଇଣ୍ଡା ।
ସେନ୍ତାର୍‌ଆଲେ ତମ୍‌କେ ଆନ୍ଧାର୍ ନ ଡାବେ । ଆନ୍ଧାରେ ରଇବା
ଲକ୍ କେନେ ଗାଲାନି ସେଟା ନାଜାନେ । **୩୬** ସେଟାର୍ ପାଇ
ତମର୍ ଲଗେ ଉଜଲ୍ ରଇତେସେ ଉଜଲ୍ ପାରା ରଇବା ମର୍‌କାତା
ବିସ୍‌ବାସ୍ କରା । ତେବେ ତମେ ଉଜଲର୍ ଲକ୍ ଅଇସା” ବଲିକରି
କଇଲା । ଜିସୁ ଏ କାତା କଇକରି ଉଟିଗାଲା ଆରି ସେମନ୍‌କେ
ନ ଦେକାଇଅଇକରି ରଇଲା । **୩୭** ଜିସୁ ସେମନର୍ ଦେକ୍‌ତେ
କେତେକ୍ କେତେକ୍ କାବା ଅଇଜିବା କାମ୍‌ମନ୍ କରିରଇଲେ
ମିସା, ସେମନ୍ ତାକେ ବିସ୍‌ବାସ୍ କରତ୍‌ନାଇ । **୩୮** ଜେନ୍ତାରି
ଜିସାୟ୍ ବବିସତ୍‌ବକ୍‌ତା କଇଲା କାତା ସତ୍ ଅଇଲା । ସେ
ଏନ୍ତି କଇରଇଲା, “ଏ ମାପ୍‌ରୁ, ଆମେ କଇଲା କାତା ସୁନିକରି
କେ ବିସ୍‌ବାସ୍ କଲାଆଚେ? ଆରି ମାପ୍‌ରୁ କାର୍‌ଲଗେ ତାର୍
ରକିଆ କର୍‌ବା ବପୁ ଦେକାଇଲା?” **୩୯** ସେଟାର୍‌ପାଇ ସେମନ୍
ବିସ୍‌ବାସ୍ ନ କର୍‌ତେରଇଲାଇ । ତେବେ ଜିସାୟ୍ ଆରିତରେକ୍
କଇଲାଆଚେ, **୪୦** ପର୍‌ମେସର୍ ଜେନ୍ତିକି ତାକର୍ ଦେକ୍‌ବା
ଆଁକି କାଣା କରିଦେଇଆଚେ ଆରି ସେମନର୍ ବୁଜ୍‌ବା ବପୁ
ନସାଇଦେଇଆଚେ ସେଟାର୍‌ପାଇ ସେମନ୍ ଦେକି ନାପାର୍‌ଲାଇନି
କି ମୁଲ୍‌କେ ବୁଜି ନାପାର୍‌ଲାଇନି । ସେମନ୍ ନିକ ଅଇବାକେ
ମର୍‌ଟାନେ ବାଉଡି ଆସତ୍‌ନାଇ । ଏଟା ପର୍‌ମେସର୍ କଇଲାନି ।
ଆମେ ସେମନ୍‌କେ ନିକ ନ କରୁ । **୪୧** ଜିସାୟ୍ ବବିସତ୍‌ବକ୍‌ତା
ପୁର୍‌ବେ ଜିସୁ ମାପ୍‌ରୁର୍ ଏ ସବୁ ମଇମା ଜାନିରଇଲାଜେ ଏନ୍ତି ବଲି
କଇରଇଲା । **୪୨** ଏଲେ ମିସା ଜିଉଦି ନେତାମନର୍ ବିତ୍‌ରେଅନି
କେତେ ଲକ୍ ତାକେ ବିସ୍‌ବାସ୍ କଲାଇ । ମାତର୍ ସେମନ୍
ପାରୁସି ମନର୍‌ଲାଗି ପାର୍‌ତନା ଗରେ ଅନି ବାର୍‌କରାଇଦେବାଇ
ବଲି ଡରିକରି କାତାବାର୍‌ତା ନ ଅଇତେ ରଇଲାଇ । **୪୩**
ସେମନ୍ ପର୍‌ମେସର୍‌କେ ମାନାଇବା ଟାନେଅନି ଲକ୍‌ମନ୍‌କେ
ମାନାଇବାଟା ଅଦିକ୍ ନିକ ବଲି ବାବ୍‌ତେରଇଲାଇ । **୪୪** ଜିସୁ
ଆଉଲିଅଇ କଇଲା, “ଜନ୍ ଲକ୍ ମକେ ବିସ୍‌ବାସ୍ କର୍‌ସି, ସେ
ମକେସେ ବିସ୍‌ବାସ୍ କରେନାଇ, ମକେ ଜେ ପାଟାଇଲା ଆଚେ,
ତାକେ ମିସା ବିସ୍‌ବାସ୍ କଲାନି ।” **୪୫** ଜେ ମକେ ଦେକି ଆଚେ,
ସେ ମକେ ପାଟାଉକେ ମିସା ଦେକି ଆଚେ । **୪୬** ମୁଇ ଜଗତର୍
ଉଜଲ୍ ଅଇ ଆଇଲିଆଚି । ଜେ ମକେ ବିସ୍‌ବାସ୍ କର୍‌ସି, ସେ
ଆରି ଆନ୍ଧାରେ ନ ରଏ । **୪୭** ଜେ ମର୍ ବାକିଅ ସୁନି ନ ମାନେ,
ମୁଇ ତାର୍ ବିଚାର୍ ନ କରି । କାଇକେବଇଲେ ମୁଇ ଜଗତର୍
ଲକ୍‌ମନ୍‌କେ ବିଚାର୍ କର୍‌ବାର୍ ଆସିନାଇ, ମାତର୍ ସେମନ୍‌କେ
ରକିଆ କର୍‌ବାର୍ ଆସିଆଚି । **୪୮** ଜେ ମକେ ନିଚି କରି ମର୍
ବାକିଅ ନ ମାନେ, ମର୍ ଟଣ୍ଡର୍ ବାକିଅ ତାର୍ ବିଚାର୍ କାରିଆ
ଅଇସି । ସାରାସାରି ଦିନେ ସେ ବାକିଅସେ ତାକେ ବିଚାର୍ କର୍‌ସି
। **୪୯** ମୁଇ ନିଜର୍ ମନେ ଅନି କାଇଟା ମିସା କଇନାଇ, ଏ କାତା
ସତ୍ । ମାତର୍ ମୁଇ କଇବାଟା ମକେ ପାଟାଇରଇବା ବାବା
ଆଦେସ୍ ଦେଇଆଚେ । **୫୦** ଆରି ମୁଇ ଜାନିଆଚି, ତାର୍ ଆଦେସ୍
ନ ସାର୍‌ବା ଜିବନ୍ ଦେଇସି । ମର୍ ବାବା ମକେ ଜନ୍ କାତା
କଇବାକେ ଆଦେସ୍ ଦେଇଆଚେ, ସେଟାସେ ମୁଇ କଇଲିନି ।
**(aiōnios g166)**

**୧୩** ନିସ୍‌ତାର୍ ପରବର୍ ଆଗ୍‌ତୁର୍ ଦିନ୍ ଅଇରଇଲା । ଜିସୁ, ଏ
ଜଗତ୍ ଚାଡି ବାବା ପର୍‌ମେସରର୍ ଲଗେ ଜିବାକେ ତାର୍
ବେଲା କେଟ୍‌ଲାବେ ବଲି ଜାନିରଇଲା । ଦୁନିଆଇ ରଇବା ତାର୍
ସବୁ ଲକ୍‌ମନ୍‌କେ ସାରାସାରି ଜାକ ବେସି ଆଲାଦ୍ କର୍‌ତେରଇଲା
। **୨** ସେଦିନର୍ ରାତି ଜିସୁ ଆରି ତାର୍ ସିସ୍‌ମନ୍ କାଇବାକେ
ବସିରଇଲାଇ । ଜିସୁକେ ବିସ୍‌ବାସେ ବିସ୍ ଦେଲାପାରା କରାଇବା
ଚିନ୍ତା, ସଇତାନ୍ ସିମନ୍ ଇସ୍‌କାରିୟତର୍ ପିଲା ଜିଉଦାର୍ ମନେ
ପୁରିକରି ଦେଲା । **୩** ବାବା ପର୍‌ମେସର୍, ତାକେ ସବୁ
ବିସଇର୍ ଅଦିକାର୍ ଦେଇ ଆଚେ, ସେ ପର୍‌ମେସରର୍ ଟାନେଅନି
ଆସିଆଚେ ଆରି ତାର୍ ଲଗେସେ ଜାଇସି, ବଲି ଜିସୁ ସବୁ
ବିସଇ ଜାନିରଇଲା । **୪** ତେବର୍‌ପାଇ ସେ କାଇବା ଜାଗାଇଅନି
ଉଟିକରି ଅଡି ରଇବା ବସ୍‌ତର୍ ବେଟି ସଙ୍ଗଇ, ଆଁଟାଇ ଗଟେକ୍
ତୁଆଲ୍ ବାନ୍ଧିଅଇଲା । **୫** ତାର୍ ପଚେ ସେ ଗଟେକ୍ ମୁତାଇ
ପାନିନେଲା ଆରି ନିଜର୍ ସିସ୍‌ମନର୍ ପାଦ୍ ଦଇକରି ବାନ୍ଧିଅଇଲା
ତୁଆଲ୍ ବେଟି ପୁଚି ଦେବାର୍ ଦାର୍‌ଲା । **୬** ଜେଡେବେଲେ ଜିସୁ
ସିମନ୍ ପିତରର୍ ଲଗେ ଆଇଲା, ପିତର୍ ତାକେ କଇଲା, “ମାପ୍‌ରୁ
ତମେ ମର୍ ପାଦ୍ ଦଇସା କି?” **୭** ଜିସୁ ତାକେ କଇଲା, “ମୁଇ
ଏବେ ଜାଇଟା କଲିନି, ସେଟା ତମେ ବୁଜି ନାପାରାସ୍, ମାତର୍
ପଚେ ବୁଜ୍‌ସା ।” **୮** ପିତର୍ ତାକେ ମନାକରି କଇଲା, “ନିଚୁ,
ତମେ ମର୍ ପାଦ୍ ଦୁଆନାଇ ।” ଜିସୁ ତାକେ କଇଲା, “ମୁଇ ଜଦି
ତର୍ ପାଦ୍ ନ ଦଇଲେ, କେବେ ମିସା ମର୍ ସିସ୍ ଅଇ ନାପାରୁସ୍

।" (aiōn g165) ୯ ସିମନ୍ ପିତର୍ ତାକେ କଇଲା, "ମାପ୍ରୁ ସେନ୍ତାର୍ଆଲେ କାଇକେ ମର୍ ପାଦ୍ସେ ଦଇ ଦେଇସୁ? ମର୍ ମୁଣ୍ଡ ଆରି ଆତ୍ ମିସା ଦଇଦିଆସ୍ ।" ୧୦ ଜିସୁ ପିତର୍କେ କଇଲା, "ଜନ୍ ଲକ୍ମନ୍ ଗାଦଇ ସାରିଆଚତ୍, ସେମନ୍ ପୁରାପୁରୁନ୍ ସୁକଲ୍ । ପାଦ୍ ଦଇବାଟା ଚାଡି, କାଇଟା ଦଇବାର୍ ଲଡାନାଇ । ଗଟେକ୍ ଲକ୍କେ ଚାଡି, ତମେ ସବୁଲକ୍ ସୁକଲ୍ ଆଚାସ୍ ।" ୧୧ କାଇକେ ବଇଲେ ଜନ୍ ସିସ୍ ଜିସୁକେ ସତ୍ରୁମନ୍କେ ଦାରାଇଦେଇସି ତାକେ ଜିସୁ ଜାନି ରଇଲା । ସେଟାର୍ ପାଇ ସେ ଗଟେକ୍ ଲକ୍କେ ଚାଡି ସବୁଲକ୍ ସୁକଲ୍ ଆଚାସ୍ ବଲି କଇଲା । ୧୨ ଜିସୁ ସିସ୍ମନର୍ ପାଦ୍ ଦଇଲା ପଚେ ବେଟିରଇଲା ବସ୍ତର୍ ପିନ୍ଧିକରି ବସି ସେମନ୍କେ ପାଚାର୍ଲା, "ଏବେ ମୁଇ ତମର୍ ପାଇ କଲା କାମ୍ ବୁଜ୍ଲାସ୍ନି କି?" ୧୩ ଆରି ସେ କଇଲା, "ତମେ ମକେ ଗୁରୁ ଆରି ମାପ୍ରୁ ବଲି ଡାକ୍ଲାସ୍ନି, ସେଟା ଟିକ୍ସେ । କାଇକେ ବଇଲେ ଗୁରୁ ଆରି ମାପ୍ରୁ ମୁଇସେ ।" ୧୪ ମୁଇ ତମର୍ ଗୁରୁ ଆରି ମାପ୍ରୁ ଅଇକରି, ତମର୍ ପାଦ୍ ଦଇଦେଲି ଆଚି ବଇଲେ ତମେ ମିସା ତମର୍ ତମର୍ ବିତ୍ରେ ପାଦ୍ ଦଇବାର୍ ଆଚେ । ୧୫ ମୁଇ ଏଟା ତମର୍ ପାଇ ଗଟେକ୍ ଉଦାଅରଣ୍ ପାରା କଲିଆଚି, ତମେ ମିସା ବିନ୍ ଲକ୍ମନ୍କେ ଏନ୍ତି କରା । ୧୬ ମୁଇ ତମ୍କେ ସତ୍ କାତା କଇଲିନି, ଗତିଦାଙ୍ଗୁଡା ନିଜର୍ ସାଉକାରର୍ ଟେଇଅନି ବଡ୍ ନଏଁ । ଆରି କବର୍ ନେଇଁ କବର୍ ପାଟାଇଲା ଲକର୍ଟେଇଅନି ବଡ୍ ନଏଁ । ୧୭ ଜଦି ତମେ ଏ ସବୁ ବିସଇ ଜାନିଆଚାସ୍, ଆରି ସେ ଇସାବେ କର୍ସା ବଇଲେ ବେସି ସାର୍ଦା ଅଇସା । ୧୮ ମୁଇ ତମର୍ ସବୁ ଲକର୍ ବିସଇ ନେଇକରି କଇନାଇ, ଜନ୍ ଲକ୍ମନ୍କେ ବାଚି ଆଚି, ସେମନ୍ କେନ୍ତି ବଲି ଜାନିଆଚି । ମାତର୍ ସାସ୍ତରେ ଲେକା ଅଇଲା କାତା ସିଦ୍ ଅଇବାକେ ଏନ୍ତି ଗଟ୍ନା ଅଇଲାନି । ସାସ୍ତରେ ଲେକା ଅଇଲା ଆଚେ ଜେ ମର୍ ସଙ୍ଗ୍ କାଇଲାନି ସେ ମର୍ ବିରଦେ ଉଟ୍ସି । ୧୯ ଏବେ ଏ ଗଟ୍ନା ଅଇବା ଆଗ୍ତୁସେ ମୁଇ ତମ୍କେ ଏ କାତା କଇଲିନି । ଜେଡେବେଲା ଏ ଗଟ୍ନା ଗଟ୍ସି, ତମେ ମୁଇ ମସିଅ ବଲି ବିସ୍ବାସ୍ କର୍ସା । ୨୦ "ତମ୍କେ ସତ୍ କାତା କଇଲିନି, ଜନ୍ ଲକ୍ମନ୍ ମର୍ କବର୍ ନେବା ଲକ୍ମନ୍କେ ନାମ୍ବାଇ, ସେମନ୍ ମକେ ମିସା ନାମ୍ବାଇ, ଆରି ମକେ ପାଟାଇଲା ପର୍ମେସର୍କେ ମିସା ନାମ୍ବାଇ ।" ୨୧ ଜିସୁ ଏ ସବୁ କାତା କଇସାରାଇଲା ପଚେ, ଆତ୍ମାଇ ବାୟାବିକଲ୍ ଅଇ ପୁଟ୍କାର୍ କରି କଇଲା, "ମୁଇ ତମ୍କେ ସତ୍ କାତା କଇଲିନି, ତମର୍ ବିତ୍ରେଅନି ଗଟେକ୍ ଲକ୍ ମକେ ବିସ୍ବାସେ ବିସ୍ ଦେଲାପାରା କର୍ସି ।" ୨୨ ସେ ଏ କାତା, କାର୍ ବିସଇ ନେଇକରି କଇଲାନି ବଲି ସିସ୍ମନ୍ ବୁଜିନାପାରି ନିଜର୍ ନିଜର୍ ବିତ୍ରେ ଆର୍ ମୁଏ ସେ ତାର୍ ମୁଏ ଏ, ଦେକାଦେକି ଅଇବାର୍ ଦାର୍ଲାଇ । ୨୩ ଜିସୁର୍ ସିସ୍ମନର୍ ବିତ୍ରେଅନି ଜଅନ୍, ଜାକେକି ଜିସୁ ମୁକିଅ ଇସାବେ ଆଲାଦ୍ କର୍ତେ ରଇଲା, ସେ ଜିସୁର୍ ଲଗେ ବସିକରି କାଇତେ ରଇଲା । ୨୪ ସିମନ୍ ପିତର୍ ଜଅନ୍କେ ସଗିଆ କରି କଇଲା, "ସେ କାର୍ ବିସଇ ନେଇକରି କଇଲାନି, ତାକେ ପାଚାର୍ ।" ୨୫ ସେଟାର୍ ପାଇ ଜଅନ୍ ଜିସୁର୍ ଉପ୍ରେ ଆଉଜି ଅଇକରି ପାଚାର୍ଲା, "ଏ ମାପ୍ରୁ, ସେ ଲକ୍ କେ?" ୨୬ ଜିସୁ କଇଲା, "ମୁଇ ଏ ରୁଟି ଜଲେ ଚବାଲି ଜାକେ ଦେବି, ସେ ଲକ୍ ସେ ।" ସେବେଲେ ସେ ରୁଟି ଜଲେ ଚବାଲି କରି ସିମନ୍ ଇସ୍କାରିୟତର୍ ପିଲା ଜିଉଦାକେ ଦେଲା । ୨୭ ଇସ୍କାରିୟତ୍ ଜିଉଦା ରୁଟି ମାଙ୍ଗ୍ଲା ଦାପ୍ରେ ସଇତାନ୍ ତାର୍ ମନ୍ ବିତ୍ରେ ଜାଇକରି ଚାଲାଇବାର୍ ଦାର୍ଲା । ଜିସୁ ସେ ବେଲାଇ ତାକେ କଇଲା, "ତୁଇ ଜାଇଟା କର୍ବାକେ ଗାଲୁସ୍ନି ବେଗି କର୍ ।" ୨୮ ଜିସୁ ଏ କାତା ଇସ୍କାରିୟତ୍ ଜିଉଦାକେ କାଇକେ କଇଲା, ଟେଇ କାଇବାକେ ବସି ରଇଲା ଲକ୍ମନର୍ ବିତ୍ରେଅନି କେମିସା, ବୁଜି ନାପାର୍ଲାଇ । ୨୯ ଇସ୍କାରିୟତ୍ ଜିଉଦାର୍ ଲଗେ ଡାବୁ ପେଡି ରଇଲାଜେ କେତେଟା ସିସ୍ମନ୍ ପାଚାର୍ଲାଇ, "ପରବ୍ ପାଇ କାଇକାଇଟା ଦର୍କାର୍ ଆଚେ, ସେଟାର୍ପାଇ ନଇଲେ ଗରିବ୍ ଲକ୍ମନ୍କେ ଦାନ୍ଦେବାକେ ଜିସୁ ତାକେ କଇଲାଆଚେ ।" ୩୦ ତାର୍ ପଚେ ଇସ୍କାରିୟତ ଜିଉଦା ରୁଟି ମାଙ୍ଗି ଦାପ୍ରେ ବାରଇକରି ଉଟିଗାଲା । ସେ ବେଲେ ରାତି ଅଇରଇଲା । ୩୧ ଇସ୍କାରିୟତ୍ ଜିଉଦା ବାରଇକରି ଉଟିଗାଲା ପଚେ ଜିସୁ କଇଲା, "ଏବେ ପର୍ମେସରର୍ ଟେଇଅନି ଆଇଲା ନର୍ପିଲା ମୁଇ ତାର୍ଟାନେଅନି ଡାକ୍ପୁଟା ପାଇବା ବେଲା ଆସିଆଚେ । ଆରି ମର୍ ଲାଗି ପର୍ମେସର୍ ମିସା ଡାକ୍ପୁଟା ପାଇସି । ୩୨ ଜଦି ପର୍ମେସର୍ ମର୍ଟେଇଅନି ଡାକ୍ପୁଟା ଅଇଲେ, ନିଜର୍ ମଇମାସଙ୍ଗ୍ ନର୍ପିଲା ମକେ ମିସା ଡାକ୍ପୁଟା କରାଇସି । ଦାପ୍ରେସେ ମକେ ସେନ୍ତି କରାଇସି । ୩୩ ଏ ମର୍ ପିଲାମନ୍ ମୁଇ ତମର୍ ସଙ୍ଗ୍ ଚନେକର୍ପାଇ ରଇବି । ତାର୍ ପଚେ ତମେ ମକେ କଜ୍ସା, ଆରି ମୁଇ ଜନ୍ତି ଗାଲିନି ତମେ ଟେଇ ଜାଇନାପାରାସ୍ । ଏ ବିସଇ ଜିଉଦି ନେତାମନ୍କେ ଜେନ୍ତି କଇରଇଲି, ସେନ୍ତି ଏବେ ତମ୍କେ ଆରିତରେକ୍ କଇଲିନି । ୩୪ ମୁଇ ତମ୍କେ ଗଟେକ୍ ନୁଆ ଆଦେସ୍ ଦେଲିନି, ତମେ ତମର୍ ନିଜର୍ ନିଜର୍ ବିତ୍ରେ ଆଲାଦ୍ କରା । ମୁଇ ଜେନ୍ତି ତମ୍କେ ଆଲାଦ୍ କଲିଆଚି, ତମେ ମିସା ନିଜର୍ ନିଜର୍ ବିତ୍ରେ ଆଲାଦ୍ କର୍ବାର୍ଆଚେ । ୩୫ ତମର୍ ନିଜର୍ ନିଜର୍ ବିତ୍ରେ ଆଲାଦ୍ ରଇଲେ, ତମେ ମର୍ ସିସ୍ ବଲି ସବୁଲକ୍ ଜାନ୍ବାଇ ।" ୩୬ ସିମନ୍ ପିତର୍ ଜିସୁକେ ପାଚାର୍ଲା, "ଏ ମାପ୍ରୁ ତମେ କନ୍ତି ଗାଲାସ୍ନି?" ଜିସୁ କଇଲା, "ମୁଇ ଜନ୍ତି ଗାଲିନି ସେ ଜାଗାଇ ଏବେ ତୁଇ ଆସି ନାପାରୁସ୍ ମାତର୍ ପଚେ ଆଇସୁ ।" ୩୭ ପିତର୍ ଜିସୁକେ କଇଲା, "ଏ ମାପ୍ରୁ ଏବେ କାଇକେ ତମର୍ ପଚେ ପଚେ ଆସିନାପାରି? ମୁଇ ତମର୍ପାଇ ମର୍ବାକେ ମିସା ରାଜିଆଚି ।" ୩୮ ଜିସୁ ତାକେ କଇଲା, "ତୁଇ କାଇକେ ମର୍ପାଇ ମର୍ସୁ? ମୁଇ ତକେ ସତ୍ କାତା କଇଲିନି କୁକୁଡା ନ ଡାକ୍ତେ ତୁଇ ମକେ ତିନ୍ ତର୍ ନାଜାନି ବଲି କଇସୁ ।"

**୧୪** ଆରି ଜିସୁ କଇଲା, “ତମେ କିଲ୍‌ବିଲ୍ ନ ଉଆ,
ପର୍‌ମେସରର୍‌ଟାନେ ବିସ୍‌ବାସ୍ କରା । ଆରି ମର୍‌ଟାନେ
ମିସା ବିସ୍‌ବାସ୍ କରା । **୨** ମର୍ ବାବାର୍ ଗରେ ରଇବାକେ ବେସି
ବାକ୍‌ରା ଆଚେ । ଆରି ତେଇ ମୁଇ ତମର୍ ପାଇ ଜାଗା ଟିକ୍
କର୍‌ବାର୍ ଗାଲିନି । ଜଦି ଏଟା ସତ୍ ନଇତା ଆଲେ, ମୁଇ ତମ୍‌କେ
ଏନ୍ତି ବଲି ନ କଇତି । **୩** ଆରି ମୁଇ ଜାଇ ତମର୍ ପାଇ ଜାଗା
ଟିକ୍ କଲା ପଚେ, ଆରି ତରେକ୍ ବାଉଡି ଆସି ତମ୍‌କେ ମର୍ ସଙ୍ଗ୍
ଡାକିନେବି । ମୁଇ ଜନ୍ ଜାଗାଇ ରଇବି, ସେ ଜାଗାଇ ତମେ ମର୍
ସଙ୍ଗ୍ ରଇସା । **୪** ମୁଇ ଜନ୍ ଜାଗାଇ ଗାଲିନି, ତମେ ସେ ଜାଗାଇ
ଜିବା ବାଟ୍ ଜାନିଆଚାସ୍ ।” **୫** ତମା ଜିସୁକେ କଇଲା, “ଏ ମାପ୍‌ରୁ
ତମେ କନ୍ ଜାଗାଇ ଗାଲୁସ୍‌ନି, ସେଟା ଆମେ ନାଜାନୁ, ଆରି
ତେଇ ଜିବା ବାଟ୍ କେନ୍ତି ଜାନ୍‌ବୁ?” **୬** ଜିସୁ ତାକେ କଇଲା,
“ମୁଇ ସତ୍, ବାଟ୍ ଆରି ଜିବନ୍ । ମର୍‌ବାଟେ ନ ଗାଲେ ବାବା
ପର୍‌ମେସର୍ ଲଗେ କେ ମିସା ଜାଇନାପାରେ ।” **୭** ସେ କଇଲା,
“ଜଦି ତମେ ମକେ ଜାନିରଇତାସ୍ ବଇଲେ, ମର୍ ବାବାକେ
ମିସା ଜାନ୍‌ତାସ୍ । ଏବେ ମିସା ତମେ ତାକେ ଜାନ୍‌ଲାସ୍‌ନି ଆରି
ଦେକ୍‌ଲାସ୍‌ନି ।” **୮** ପିଲିପ୍ ଜିସୁକେ କଇଲା, “ଏ ମାପ୍‌ରୁ ଆମ୍‌କେ
ବାବାକେ ଦେକାଇ ଦେ, ସେତ୍‌କିସେ ଆମର୍‌ପାଇ ବେସି ।” **୯**
ଜିସୁ ତାକେ କଇଲା, “ପିଲିପ୍ ଏତ୍‌କି ଦିନ୍ ମୁଇ ତମର୍ ସଙ୍ଗ୍
ରଇଲି, ତୁଇ ମକେ ଚିନି ନାପାର୍‌ଲୁସ୍ କି?” ଜେ ମକେ ଦେକ୍‌ଲା
ଆଚେ ସେ ମର୍ ବାବା ପର୍‌ମେସର୍‌କେ ଦେକ୍‌ଲା ଆଚେ । କେନ୍ତି
ଆମ୍‌କେ ତର୍ ବାବାକେ ଦେକାଇ ଦେ ବଲି କଇଲୁସ୍‌ନି? **୧୦**
ତୁଇ ବିସ୍‌ବାସ୍ କୁରୁସ୍ ନାଇ କି ପିଲିପ୍? ମୁଇ ବାବାର୍ ତେଇ ଆଚି
ଆରି ବାବା ମର୍‌ଟାନେ ଆଚେ । ମୁଇ ତମ୍‌କେ ଜନ୍ କାତା ସବୁ
କଇଲିଆଚି, ସେ ସବୁ କାତା ମର୍ ନିଜର୍‌ତେଇଅନି କଇନାଇ ।
ମାତର୍ ବାବା ମର୍‌ତେଇ ରଇକରି ତାର୍ କାମ୍, ମର୍‌ଟାନେଅନି
କଲାନି । **୧୧** ମୁଇ ବାବାର୍‌ତେଇ ଆଚି ଆରି ବାବା ମର୍‌ଟାନେ
ଆଚେ ବଲି ମୁଇ କଇବା ଏ କାତା ବିସ୍‌ବାସ୍ କରା । ନଇଲେ
ମୁଇ କର୍‌ବା କାମ୍ ଦେକି ବିସ୍‌ବାସ୍ କରା । **୧୨** ମୁଇ ତମ୍‌କେ
ସତ୍ କଇଲିନି, ଜେ ମକେ ବିସ୍‌ବାସ୍ କର୍‌ସି ସେ, ମୁଇ କର୍‌ବା
ଏନ୍ତି କାମ୍‌ମନ୍ କର୍‌ସି ଆରି ମର୍‌ତେଇଅନି ଅଦିକ୍ ବଡ୍ ବଡ୍
କାମ୍‌ମନ୍ ମିସା କର୍‌ସି । କାଇକେ ବଇଲେ ମୁଇ ମର୍ ବାବାର୍
ଲଗେ ଗାଲିନି । **୧୩** ତମେ ମର୍ ନାଉଁଦାରି ଜାଇଟା ମାଙ୍ଗ୍‌ସା
ସେଟା ସବୁ ମୁଇ ତମ୍‌କେ ଦେବି । ଇତିଅନି ବାବାର୍ ଡାକ୍‌ପୁଟା
ମର୍‌ତେଇ ଜାନାପଡ୍‌ସି । **୧୪** ତମେ ଜଦି କାଇ ବିସଇ ମିସା ମର୍
ନାଉଁଦାରି ମାଙ୍ଗ୍‌ସା ବଇଲେ ମୁଇ ସେଟା ଦେବି । **୧୫** ତମେ ଜଦି
ମକେ ଆଲାଦ୍ କର୍‌ସା, ମର୍ ଆଦେସ୍ ମିସା ମାନ୍‌ସା । **୧୬** ମୁଇ
ମର୍ ବାବାକେ ଗୁଆରି କର୍‌ବି । ଆରି ତମର୍ ସଙ୍ଗ୍ ସବୁବେଲା
ରଇବା ପାଇ, ସେ ଗଟେକ୍ ସାଇଜକାରିଆକେ ପାଟାଇସି ।
(aiōn g165) **୧୭** ସେ ଅଇଲାନି ସତ୍ ଆତ୍‌ମା, ଜେକି ସତ୍‌ସଙ୍ଗ୍
ପର୍‌ମେସରର୍ ବିସଇ ଦେକାଇସି । ଏ ଦୁନିଆର୍ ଲକ୍‌ମନ୍ ତାକେ
ନ ନାମତ୍, କାଇକେ ବଇଲେ ତାକେ ଦେକତ୍ ନାଇ କି ଜାନତ୍
ନାଇ । ମାତର୍ ତମେ ତାକେ ଜାନି ଆଚାସ୍ । କାଇକେ ବଇଲେ
ସେ ତମର୍ ସଙ୍ଗ୍ ଆଚେ ଆରି ତମର୍ ମନ୍ ବିତ୍‌ରେ ରଇସି ।
**୧୮** ମୁଇ ଜେଡେବଲ୍ ଜିବି, ତମ୍‌କେ ଟୁରା ପିଲାମନର୍ ପାରା
କରି ଚାଡି ନ ଜାଇ । ଆରିତରେକ୍ ତମର୍ ଲଗେ ବାଉଡି ଆଇବି
। **୧୯** ଚନେକ୍ ଗାଲେ ଦୁନିଆ ଆରି ମକେ ଦେକିନାପାରେ ।
ମାତର୍ ତମେ ଦେକ୍‌ସା, କାଇକେ ବଇଲେ ମୁଇ ସବୁବେଲେ
ଜିବନ୍ ରଇବି, ଆରି ତମେ ମିସା ଜିବନ୍ ରଇସା । **୨୦** ସେ ଦିନ୍
ଆଇଲେ ତମେ ଜାନ୍‌ସା, ମୁଇ ବାବାର୍ ଲଗେ, ତମେ ମର୍ ଲଗେ,
ଆରି ମୁଇ ତମର୍ ଲଗେ ସବୁବେଲେ ରଇବି । **୨୧** “ଜେ ମର୍
ଆଦେସ୍ ମାନ୍‌ସି, ସେ ଆକା ମକେ ଆଲାଦ୍ କର୍‌ସି । ଜେ ମକେ
ଆଲାଦ୍ କର୍‌ସି, ମର୍ ବାବା ତାକେ ଆଲାଦ୍ କର୍‌ସି । ମୁଇ ମିସା
ତାକେ ଆଲାଦ୍ କରି ନିଜ୍‌କେ ତାର୍‌ଟାନେ ଦେକାଇଅଇବି ।” **୨୨**
ତାର୍ ପଚେ ଜିଉଦା, ଇସ୍‌କାରିୟତ୍ ଜିଉଦା ନଏଁ, କଇଲା “ଏ
ମାପ୍‌ରୁ ଏଟା କେନ୍ତି ଅଇସି? ତମେ ନିଜ୍‌କେ ଦୁନିଆଇ ଦେକାଇ
ନ ଅଇ ଆମର୍ ଲଗେ କେନ୍ତି ଦେକାଇଅଇସା?” **୨୩** ଜିସୁ ତାକେ
କଇଲା, “ଜନ୍ ଲକ୍ ମକେ ଆଲାଦ୍ କର୍‌ସି ସେ ମୁଇ ସିକାଇବା
ବାକିଅ ମାନ୍‌ସି । ସେନ୍ତି କଲେ ମର୍ ବାବା ପର୍‌ମେସର୍ ତାକେ
ଆଲାଦ୍ କର୍‌ସି । ବାବା ଆରି ମୁଇ ଆସି ସେ ଲକର୍ ଟାନେ
ରଇବୁ । **୨୪** ଜେ ମକେ ଆଲାଦ୍ ନ କରେ, ସେ ମର୍ ବାକିଅ ନ
ମାନେ । ଆରି ମୁଇ କଇବା ଏ କାତା ସବୁ ମର୍‌ତେଇ ଅନି ନଏଁ,
ମାତର୍ ମକେ ପାଟାଇଲା ମର୍ ବାବାର୍ ତେଇଅନି କଇଲିନି ।”
**୨୫** ମୁଇ ତମର୍ ଲଗେ ରଇକରିସେ ଏ ସବୁ କାତା କଇଲିନି ।
**୨୬** ମାତର୍ ପର୍‌ମେସର୍ ଜନ୍ ସାଇଜକାରିଆ ସୁକଲ୍ ଆତ୍‌ମାକେ
ମର୍ ନାଉଁ ଦାରି ତମର୍ ଲଗେ ପାଟାଇସି, ସେ ତମ୍‌କେ ସବୁ
ବିସଇ ସିକାଇଦେଇସି ଆରି ମୁଇ ଜନ୍ ଜନ୍ କାତା କଇଲିଆଚି
ସେଟା ସବୁ ତମ୍‌କେ ଏତାଇ ଦେଇସି । **୨୭** “ମୁଇ ତମେ୍‌କ ସାନ୍ତି
ଦେଇକରି ଗାଲିନି । ମର୍ ନିଜର୍ ସାନ୍ତି ତମ୍‌କେ ଦାନ୍ ଦେଇକରି
ଗାଲିନି । ଏଟା ଦୁନିଆ ଦାନ୍ ଦେଲାପାରା ସାନ୍ତି ନଏଁ । ସେଟାର୍
ପାଇ ଚିନ୍ତା କରା ନାଇ କି କିଲ୍‌ବିଲ୍ ଅଇ ଡରା ନାଇ । **୨୮**
ମୁଇ ଜାଇଟା କଇରଇଲି, ସେଟା ସୁନିଆଚାସ୍ । ମୁଇ ଗାଲିନି
ମାତର୍ ଆରି ତରେକ୍ ବାଉଡି ଆଇବି । ମକେ ଜଦି ଆଲାଦ୍
କର୍‌ତାସ୍ ବଇଲେ, ମୁଇ ବାବାର୍ ଲଗେ ଗାଲିନି ବଲି ସୁନି
ସାର୍‌ଦା ଅଇତାସ୍, କାଇକେ ବଇଲେ ମର୍ ବାବା ମର୍‌ତେଇଅନି
ବଡ୍ । **୨୯** ଜାଇଟା ସବୁ ଗଟ୍‌ବାର୍ ଆଚେ ସେଟା ସବୁ ମୁଇ
ତମ୍‌କେ ଆଗ୍‌ତୁ ଜାନାଇଦେଲି । ଜେନ୍ତିକି ସେଟା ସବୁ ଗଟ୍‌ଲେ,
ତମେ ମକେ ବିସ୍‌ବାସ୍ କର୍‌ସା । **୩୦** ମୁଇ ତମର୍ ସଙ୍ଗ୍ ଆରି
ଅଦିକ୍ ପର୍ କାତାବାର୍‌ତା କରି ନାପାରି । କାଇକେ ବଇଲେ, ଏ
ଦୁନିଆର୍ ସାସନ୍‌କାରିଆ ଆଇଲାନି । ଆରି ମର୍‌ଟାନେ ତାର୍
କାଇ ଅଦିକାର୍ ନାଇ । **୩୧** ମୁଇ ମର୍ ବାବାକେ ଆଲାଦ୍ କଲିନି
ଆରି ବାବାର୍ ଆଦେସ୍ ଇସାବେ କାମ୍ କଲିନି, ଏଟା ଦୁନିଆର୍

ଲକ୍‌ମନ୍ ଜାନତ୍ ବଲି ଏନ୍ତି ଗଟ୍‌ନା ଅଇଲାନି । ଜୁ, ଆମେ ଏ
ଜାଗାଇଅନି ବାରଇ ଉଟି ଜୁ ।”

**୧୫** “ମୁଇ ଅଇଲିନି ସତ୍ ଅଙ୍ଗୁର୍ ମାଲ୍ ଆରି ମର୍ ବାବା
ଅଇଲାନି ଚାସି । ୨ ମର୍‌ଟାନେ ରଇବା ପିଲ୍‌କା ମାଲେ
ପଲ୍ ନ ଦାର୍‌ଲେ, ସେ କାଟି ପାକାଇସି । ଆରି ଜନ୍ ମାଲେ ପଲ୍
ଦାର୍‌ସି ସେ ମାଲ୍ ଅଦିକ୍ ପଲ୍ ଦାର୍‌ବାକେ ପରିଚଲ୍ କର୍‌ସି ।
୩ ମର୍‌ତେଇ ଅନି ପାଇରଇବା ସିକିଆଇ ଅନି ତମେ ପରିଚଲ୍
ଅଇସାରି ଆଚାସ୍ । ୪ ତମେ ମର୍‌ସଙ୍ଗ୍ ମିସିକରି ରୁଆ । ସେନ୍ତି
ବଇଲେ ମୁଇ ମିସା ତମର୍ ସଙ୍ଗ୍ ରଇବି । କେନ୍ତା ଜଦି ବୁନ୍ଦସଙ୍ଗ୍
ମିସିକରି ନ ରଇଲେ ନିଜେ ପଲ୍ ନ ଦାରେ, ସେନ୍ତି ତମେ ମିସା
ମର୍‌ତେଇ ମିସି ନ ରଇଲେ, ପଲ୍ ଦାରିନାପାରାସ୍ ।” ୫ “ମୁଇ
ଅଇଲିନି ମୁଲ୍ ଅଙ୍ଗୁର୍ ମାଲ୍, ତମେ ଅଇଲାସ୍‌ନି ପିଲ୍‌କା ମାଲ୍
। ଜେ ମର୍‌ତେଇ ରଇସି ଆରି ମୁଇ ଜାର୍‌ତେଇ ରଇବି ସେ
ବେସି ପଲ୍ ଦାର୍‌ସି, କାଇକେ ବଇଲେ ମକେ ଚାଡିକରି ତମେ
କାଇଟା କରି ନାପାରାସ୍ । ୬ ଜେ ମର୍‌ତେଇ ନ ରଏ, ତାକେ
ଗଟେକ୍ ଗର୍‌ଣ୍ଡି କରି ପିଙ୍ଗ୍‌ଲା ମାଲ୍‌ପାରା ବାଇରେ ପିଙ୍ଗି ଦେବାଇ
ଆରି ସେଟା ସୁକି ଜାଇସି । ଏନ୍ତାରି ମାଲ୍‌ମନ୍‌କେ ଟୁଲିଆଇ
ଜଇତେଇ ପିଙ୍ଗି ଦେବାଇ ଆରି ସେଟା ପଡି ଜାଇସି । ୭ ଜଦି
ତମେ ମର୍‌ସଙ୍ଗ୍ ମିସିକରି ରଇସା ଆରି ମର୍ ବାକିଅ ତମର୍
ମନେ ରଇସି, ତମେ ମନ୍‌କରି କାଇ ବିସଇ ମାଙ୍ଗ୍‌ସା ବଇଲେ
ସେଟା ମିଲାଇସା । ୮ ତମେ ବେସି ପଲ୍ ଦାର୍‌ଲେ, ମର୍ ବାବା
ଡାକ୍‌ପୁଟା ପାଇସି, ଆରି ଇତିଅନି ତମେ ମର୍ ସତ୍ ସିସ୍‌ମନ୍ ବଲି
ଜାନ୍‌ବାଇ । ୯ ମର୍ ବାବା ଜେନ୍ତି ମକେ ଆଲାଦ୍ କଲା ଆଚେ,
ସେନ୍ତି ମୁଇ ମିସା ତମ୍‌କେ ଆଲାଦ୍ କଲିନି । ମର୍ ଆଲାଦେ
ତବିର୍ ଅଇରୁଆ । ୧୦ ମୁଇ ଜେନ୍ତି ମର୍ ବାବାର୍ ଆଦେସ୍
ମାନିକରି ତବିର୍ ଅଇଆଚି । ସେନ୍ତି ତମେ ମର୍ ଆଦେସ୍ ମାନ୍‌ସା
ବଇଲେ ମର୍ ଆଲାଦେ ତବିର୍ ଅଇକରି ରଇସା ।” ୧୧ “ଜେନ୍ତିକି
ମର୍ ସାର୍‌ଦା ତମର୍ ଟାନେ ରଇକରି, ସେ ସାର୍‌ଦା ପୁରାପୁରୁନ୍
ଅଇବାକେ ତମ୍‌କେ ଏ ସବୁ କାତା କଇଲିଆଚି । ୧୨ ମୁଇ
ତମ୍‌କେ ଜେନ୍ତି ଆଲାଦ୍ କଲିଆଚି, ସମାନ୍ ସେନ୍ତି ତମେ ମିସା
ନିଜର୍ ନିଜର୍ ବିତ୍‌ରେ ଆଲାଦ୍ ଅଇକରି ରୁଆ । ଏଟାସେ ମର୍
ଆଦେସ୍ । ୧୩ ନିଜର୍ ମଇତର୍‌ମନର୍ ଲାଗି ଜିବନ୍ ଦେବାଟା
ଅଇଲାନି ସବୁର୍‌ଟାନେଅନି ବଡ୍ ଆଲାଦ୍ । ୧୪ ମୁଇ ତମ୍‌କେ
ଜନ୍ ଆଦେସ୍ ଦେଇଆଚି, ସେଟା ମାନ୍‌ସା ବଇଲେ ତମେ ମର୍
ମଇତର୍‌ମନ୍ । ୧୫ ଏବେ ମୁଇ ତମ୍‌କେ ଗତିଦାଙ୍ଗ୍‌ଡାମନ୍ ବଲି ନ
ଡାକି, କାଇକେ ବଇଲେ, ଗତିଦାଙ୍ଗ୍‌ଡା ତାର୍ ସାଉକାର୍ କାଇଟା
କର୍‌ସି ସେଟା ନାଜାନେ । ମାତର୍ ମୁଇ ତମ୍‌କେ ମଇତର୍ ବଲି
ଡାକ୍‌ବି, କାଇକେ ବଇଲେ ମୁଇ ବାବାର୍‌ତେଇ ଅନି ଜନ୍ ଜନ୍
ବିସଇ ସୁନି ଆଚି, ସେଟା ତମ୍‌କେ କଇଦେଲିଆଚି । ୧୬ ତମେ
ମକେ ବାଚାସ୍ ନାଇ, ମାତର୍ ମୁଇ ତମ୍‌କେ ବାଚ୍‌ଲି ଆଚି ।
ଆରି ଜାଇକରି ଅଦିକ୍ ଅଦିକ୍ ପଲ୍ ଦାର୍‌ବାକେ ତମ୍‌କେ ଦାଇତ୍
ଦେଲି । ତମର୍ ପଲ୍ ସବୁ ଦିନର୍ ପାଇ ରଇସି । ତେବେ ତମେ
ମର୍ ନାଉଁ ଦାରି ବାବାକେ କାଇଟା ମାଙ୍ଗ୍‌ଲେ ମିସା ସେ ତମ୍‌କେ
ଦେଇସି । ୧୭ ତମର୍ ତମର୍ ବିତ୍‌ରେ ଆଲାଦ୍ କରା । ଏଟା
ଅଇଲାନି ମର୍ ଆଦେସ୍ ।” ୧୮ “ଜାନିରୁଆ, ତମ୍‌କେ ଜଦି ଏ
ଦୁନିଆ ଗିନ୍ କର୍‌ସି, ତେବେ ତମ୍‌କେ ଗିନ୍ କର୍‌ବା ଆଗ୍‌ତୁସେ
ମକେ ଗିନ୍ କଲାଆଚେ । ୧୯ ତମେ ଜଦି ଏ ଦୁନିଆର୍ ଲକ୍‌ମନ୍
ଅଇରଇତାସ୍ ଆଲେ ଏ ଦୁନିଆ ତମ୍‌କେ ନିଜର୍ ବାବି ଆଲାଦ୍
କର୍‌ତା, ମାତର୍ ମୁଇ ତମ୍‌କେ ବାଚି ଦୁନିଆଇଅନି ବେଗ୍‌ଲାଇ
ଦେଇଆଚି । ସେଟାର୍ ପାଇ ଏ ଦୁନିଆ ତମ୍‌କେ ଗିନ୍‌କର୍‌ସି ।
୨୦ ମୁଇ ଜନ୍‌ଟା କଇରଇଲି ଏତାଇଦେକା, ଗତିଦାଙ୍ଗ୍‌ଡା ତାର୍
ସାଉକାର୍‌ତେଇଅନି ବଡ୍ ନଏଁ ବଲି ମୁଇ ତମ୍‌କେ କଇରଇଲି ।
ସେମନ୍ ମକେ ସାଦି ଆଚତ୍ ଆରି ତମ୍‌କେ ମିସା ସାଦ୍‌ବାଇ ।
ଜଦି ସେମନ୍ ମର୍ ସିକିଆ ମାନିଆଚତ୍ ବଇଲେ ତମର୍ କାତା
ମିସା ମାନ୍‌ବାଇ । ୨୧ ମାତର୍ ତମେ ମର୍ ଲକ୍ ଅଇରଇବାର୍
ଲାଗି ସେମନ୍ ତମ୍‌କେ ଏନ୍ତାରି କର୍‌ବାଇ । କାଇକେ ବଇଲେ
ମକେ ଜେ ପାଟାଇଲା ଆଚେ, ସେଟା ସେମନ୍ ନାଜାନତ୍ ।
୨୨ ଜଦି ମୁଇ ଆସି ଏ ସବୁ ବିସଇ ସେମନ୍‌କେ ବୁଜାଇ ନ
ରଇତି ବଇଲେ, ସେମନ୍ ଦସି ନ ଅଇତାଇ, ମାତର୍ ଏ ପାପର୍
ଚଲାଚଲ୍‌ତି ପାଇ କାଇ ଚାଲାକି ଦେକାଇ ନାପାରତ୍ । ୨୩
ଜେ ମକେ ଗିନ୍ କର୍‌ସି, ସେ ମର୍ ବାବା ପର୍‌ମେସର୍‌କେ ମିସା
ଗିନ୍ କର୍‌ସି । ୨୪ ଜଦି ମୁଇ ତାକର୍ ବିତ୍‌ରେ କାବା ଅଇଜିବା
କାମ୍ ନ କରି ରଇଲେ, ସେମନ୍ ପାପି ବଲି ଦସି ନ ଅଇତାଇ ।
ମାତର୍ ସେମନ୍ ମୁଇ କଲା କାବାଅଇଜିବା କାମ୍‌ମନ୍ ଦେକ୍‌ଲାଇ
ଆଚତ୍ । ଏନ୍ତି ବଇଲେ ମିସା ସେମନ୍ ମକେ ଆରି ମର୍ ବାବା
ପର୍‌ମେସର୍‌କେ ଗିନ୍ କଲାଇ ଆଚତ୍ । ୨୫ ମାତର୍ ଏସବୁ
ଗଟ୍‌ବାର୍ ରଇଲା । କାଇକେବଇଲେ ସେଟାର୍ ଲାଗି ସେମନର୍
ସାସ୍‌ତରେ ଜାଇଟା ଲେକାଅଇଲା ଆଚେ, ସେଟା ସିଦ୍ ଅଇଲା
। କାଇ ଦସ୍ ନ ରଇତେ ସେମନ୍ ମକେ ଗିନ୍ କଲାଇ । ୨୬
ସତଇସେ ସାଇଜକାରିଆ ଆତ୍‌ମା ଆଇସି । ସେ ବାବାର୍‌ତେଇ
ଅନି ଆସି, ପର୍‌ମେସରର୍ ସବୁ ବିସଇର୍ ସତ୍ ଦେକାଇଦେଇସି
। ମୁଇ ତାକେ ବାବାର୍‌ତେଇଅନି, ତମର୍ ଲଗେ ପାଟାଇବି ।
ଆରି ସେ ମର୍ ବିସଇ ତମ୍‌କେ କଇସି । ୨୭ ଆରି ତମେ ମିସା
ମର୍ ବିସଇସେ କଇସା, କାଇକେବଇଲେ ଆରାମେଅନି ତମେ
ମର୍ ସଙ୍ଗ୍ ଆଚାସ୍ ।”

**୧୬** “ତମେ ମକେ କରିରଇବା ବିସ୍‌ବାସ୍ ନ ଚାଡି, ଡାଟ୍
ସଙ୍ଗ୍ ରଇବାକେ, ମୁଇ ଏ ସବୁ କାତା କଇଲିଆଚି । ୨
ସେମନ୍ ତମ୍‌କେ ପାର୍‌ତନା ଗରେଅନି ବାର୍‌କରାଇ ଦେବାଇ ।
ଉଁ ଏନ୍ତାରି ବେଲା ଆଇଲାନି, ଜେ ମିସା ତମ୍‌କେ ମରାଇବାଇ,
ସେଟା ପର୍‌ମେସର୍‌କେ ସେବା କଲାପାରା ରଇସି । ୩ ତମ୍‌କେ
ସେମନ୍ ଏନ୍ତି ସବୁ କାମ୍‌ମନ୍ କର୍‌ବାଇ । କାଇକେ ବଇଲେ
ସେମନ୍ ମକେ ଆରି ମର୍ ବାବାକେ ନାଜାନତ୍ । ୪ ଏବେ ମୁଇ ଏ

ସବୁ କାତା କଇଲିନି । ସେଟାର୍ ପାଇ ଏ ସବୁ ଗଟ୍ନାମନ୍ ଗଟ୍ବା
ବେଲା କେଟ୍ଲେ ମୁଇ କଇଲା କାତା ଏତାଇସା । ଆରାମେ ଅନି
ମୁଇ ତମର୍ ସଙ୍ଗ ରଇଲି ଜେ ଏ ସବୁ କାତା କଇ ନ ରଇଲି
।” ୫ “ମାତର୍ ମୁଇ ଏବେ ମର୍ ପାଟାଉର୍ ଲଗେ ଗାଲିନି ।
ଏଲେମିସା ତମର୍ ବିତ୍ରେ ଅନି କେ ମିସା ମକେ କେନେ ଜାଇସୁ
ବଲି ପାଚାରାସ୍ ନାଇ । ୬ ମାତର୍ ଏବେ ମର୍ ଏ ସବୁ କାତା
ସୁନିକରି ଦୁକ୍ ଅଇକରି ଆଚାସ୍ । ୭ ମୁଇ ତମ୍କେ ସତ୍କାତା
କଇଲିନି, ମୁଇ ଉଟିଜିବା ବିସଇ ତମର୍ ପାଇ ଗଟେକ୍ ମଙ୍ଗଲର୍
ବିସଇ ଅଇସି । କାଇକେ ବଇଲେ ମୁଇ ନ ଗାଲେ ସାଇଜକାରିଆ
ତମର୍ଟାନେ ନ ଆସେ, ମୁଇ ଗାଲେ ତାକେ ତମର୍ଟାନେ
ପାଟାଇଦେବି । ୮ ସେ ଆସିକରି ଦୁନିଆର୍ ଲକ୍ମନ୍କେ ପାପ୍,
ଦରମ୍ ଆରି ନିଆଇ ବିସଇର୍ ସାକି ଦେଇସି । ୯ ଏ ଦୁନିଆର୍
ଲକ୍ମନ୍ ପାପ୍ ବିସଇ ବୁଲ୍ ବୁଜ୍ଲାଇ ଆଚତ୍ । ସେ ଦେକାଇ
ଦେଇସି ଜେ, ମକେ ବିସ୍ବାସ୍ ନ କର୍ବାଟାସେ ପାପ୍ । ୧୦ ଟିକ୍
ଇସାବେ ଚଲାଚଲ୍ତି କର୍ବା ବିସଇ, ଦୁନିଆର୍ ଲକ୍ମନ୍ ବୁଲ୍
ବୁଜିଆଚତ୍ । ମୁଇ ମର୍ ବାବାର୍ ଲଗେ ବାଉଡି ଗାଲିନି, ଆରି
ତମେ ମକେ ଦେକିନାପାରାସ୍ । ସେଟା ମୁଇ ମାନ୍ବା ଦରମ୍
ବିସଇ ସାକି ଦେଲାନି । ୧୧ ଦୁନିଆର୍ ଲକ୍ମନ୍ ବିଚାର୍ କର୍ବା
ବିସଇ ବୁଲ୍ ବୁଜ୍ଲାଇ ଆଚତ୍ । କାଇକେବଇଲେ ଏ ଦୁନିଆର୍
ସାସନ୍କାରିଆ ଦସି ବଲି ବିଚାର୍ ଅଇ ସାରାଇ ଆଚେ ।” ୧୨
“ମୁଇ ତମ୍କେ କେତେକ୍ କେତେକ୍ କାତା କଇବାର୍ ଆଚେ ।
ମାତର୍ ଏବେ ତମେ ସେ ସବୁ କାତା ଦାରିନାପାରାସ୍ । ୧୩
ମାତର୍ ସତ୍ ଆତ୍ମା ଆଇଲେ, ସେ ତମ୍କେ ସବୁ ସତ୍ ବିସଇର୍
ବାଟେ ଡାକିନେଇସି । କାଇକେ ବଇଲେ, ସେ ନିଜର୍ ଅଦିକାରେ
କାଇ କାତା ନ କଏ । ମାତର୍ ସେ ବାବାର୍ତେଇଅନି ଜନ୍ ଜନ୍
କାତା ସୁନ୍ସି, ସେ ସବୁ କଇସି । ଆରି ଆଇବା ଦିନ୍ମନ୍କେ
କାଇଟା ଅଇସି ସେ ସବୁ ବିସଇ ମିସା କଇସି । ୧୪ ସେ ମୁଇ
କଇବାଟାନେ ଅନି ନେଇକରି ଆକା ତମ୍କେ କଇସି । ଆରି
ମକେ ଡାକ୍ପୁଟା କରାଇ ଦେକାଇସି । ୧୫ ଜନ୍ଟା ବାବାର୍ଟା,
ସେ ସବୁ ମର୍ଟା । ସେଟାର୍ପାଇ ମୁଇ ତମ୍କେ କଇଲିନି, ସୁକଲ୍
ଆତ୍ମା ମର୍ଟାନେଅନି ନେଇକରି ସେ ତମ୍କେ କଇସି ।” ୧୬
“ଚନେକ୍ ଗାଲା ପଚେ ତମେ ଆରି ମକେ ଦେକି ନାପାରାସ୍
। ଆରି ଚନେକ୍ ଗାଲେ ଦେକ୍ସା ।” ୧୭ ସେବେଲେ ତାର୍
ସିସ୍ମନର୍ ବିତ୍ରେଅନି କେତେ ଲକ୍ ତାକର୍ ବିତ୍ରେ କୁଆବଲା
ଅଇଲାଇ । “ସେ ଆମ୍କେ କଇଲାନି, ଚନେକ୍ ଗାଲାପଚେ ତମେ
ଆରି ମକେ ଦେକି ନାପାରାସ୍, ଆରି ଚନେକ୍ ଗାଲେ ମକେ
ଦେକ୍ସା । ମୁଇ ଏବେ ବାବାର୍ ଲଗେ ଗାଲିନି ବଲି କଇବା ଅରତ୍
କାଇଟା?” ୧୮ ତେବେ ସେମନ୍ କଇଲାଇ, “ଏ ଚନେକ୍ ପଚେ
ବଲି କାଇକେ କଇଲାନି? ସେ କାଇଟା ବଲି କଇଲାନି, ଆମେ
ବୁଜି ନାପାର୍ଲୁନି ।” ୧୯ ସେମନ୍ ମକେ ପାଚାର୍ବାକେ ମନ୍
କଲାଇନି ବଲି ଜିସୁ ଜାନିକରି ସେମନ୍କେ କଇଲା, “ଚନେକ୍
ଗାଲେ ତମେ ଆରି ମକେ ଦେକି ନାପାରାସ୍ ଆରି ଚନେକ୍
ଗାଲାପଚେ ମକେ ଦେକ୍ସା ବଲି କଇଲା ଏ କାତା ନେଇକରି
ତମର୍ ତମର୍ ବିତ୍ରେ କାଇକେ କୁଆବଲା ଅଇଲାସ୍ନି? ୨୦
ମୁଇ ତମ୍କେ ସତ୍ କାତା କଇଲିନି, ତମେ ସାତାରି ସାତାରି
କାନ୍ଦସା, ମାତର୍ ଦୁନିଆର୍ ଲକ୍ମନ୍ ସାର୍ଦା ଅଇବାଇ । ତମେ
ପର୍ତୁମ୍ ଦୁକ୍ ଅଇରଇସା ମାତର୍ ତମର୍ ଦୁକ୍ ସାର୍ଦାଇ ପୁରୁନ୍
ଅଇଜାଇସି । ୨୧ ଗଟେକ୍ ମାଇଜି ନିକ ଅଇବା ବେଲା କେଟ୍ଲେ
ବେସି ଦୁକ୍ ଅଇସି । କାଇକେବଇଲେ ତାର୍ ଦୁକ୍ କସ୍ଟର୍
ବେଲା କେଟିଆଚେ । ମାତର୍ ନିମାନ୍ ଅଇସାର୍ଲା ପଚେ ତାର୍
ଦୁକ୍ କସ୍ଟ ପାସ୍ରିଜାଇସି । କାଇକେ ବଇଲେ ତାର୍ତେଇଅନି
ଗଟେକ୍ ପିଲା ଦୁନିଆଇ ଜନମ୍ ଅଇଲା ଆଚେ । ୨୨ ସେନ୍ତାରିସେ
ତମ୍କେ ମିସା ଅଇସି । ଏବେ ତମେ ଦୁକ୍ଅଇ ଆଚାସ୍, ମାତର୍
ଆରି ତରେକ୍ ମୁଇ ତମ୍କେ ଦେକାଇଅଇବି, ତାର୍ ପଚେ
ତମେ ବେସି ସାର୍ଦା ଅଇସା । ଆରି କେମିସା ତମର୍ ସାର୍ଦା
ତମର୍ଟାନେଅନି ଚାଡାଇ ନେଇ ନାପାରତ୍ । ୨୩ “ସେବେଲା
ତମେ ମକେ ମୁଲ୍କେ ନ ପାଚାରାସ୍ । ମୁଇ ତମ୍କେ ସତ୍ କାତା
କଇଲିନି, ତମେ ମର୍ ନାଉଁ ଦାରି ବାବାକେ କାଇଟା ମିସା ମାଙ୍ଗସା
ବଇଲେ ସେଟା ଦେଇସି । ୨୪ ତମେ ଏବେ ଜାକ ମର୍ ନାଉଁ
ଦାରି କାଇଟା ମିସା ମାଙ୍ଗାସ୍ ନାଇତା । ଏବେ ମାଙ୍ଗା, ତେବେ
ତମ୍କେ ମିଲ୍ସି । ଆରି ତମର୍ ସାର୍ଦା ପୁରାପୁରୁନ୍ ଅଇସି ।”
୨୫ “ମୁଇ ତମ୍କେ କାତା ମଲ୍କାଇ କରି ଏ ସବୁ କଇଲିନି, ଏନ୍ତି
ବେଲା ଆଇସି, ତମ୍କେ ଆରି ମୁଇ କାତା ନ ମଲ୍କାଇ, ସଲ୍କେ
ବାବାର୍ ବିସଇ କଇଦେବି । ୨୬ ତମେ ସେ ଦିନ୍ମନ୍କେ ମର୍
ନାଉଁ ଦାରି ପର୍ମେସର୍କେ ବେସି ବିସଇମନ୍ ମାଙ୍ଗସା । ଆରି
ମୁଇ ତମର୍ ପାଇ ବାବା ପର୍ମେସରର୍ ତେଇ ଗୁଆରି କର୍ବାର୍
ଦର୍କାର୍ ନ ରଏ । ୨୭ କାଇକେବଇଲେ ବାବା ତମ୍କେ ଆଲାଦ୍
କଲାନି, ସେ ତମ୍କେ ଆଲାଦ୍ କଲାନି କାଇକେବଇଲେ ତମେ
ଜେନ୍ତିକି ମକେ ଆଲାଦ୍ କରି ଆଚାସ୍, ଆରି ମୁଇ ପର୍ମେସରର୍
ତେଇଅନି ଆଇଲି ଆଚି ବଲି ବିସ୍ବାସ୍ କରିଆଚାସ୍ । ୨୮
ମୁଇ ବାବାର୍ଟାନେଅନି ଏ ଦୁନିଆଇ ଆସିଆଚି, ଆରି ଏବେ
ମୁଇ ଏ ଦୁନିଆ ଚାଡିକରି ବାବାର୍ ଲଗେ ବାଉଡି ଗାଲିନି ।”
୨୯ ଜିସୁର୍ ସିସ୍ମନ୍ କଇଲାଇ, “ଏବେ ତମେ ଆମ୍କେ କାତା
ମଲ୍କାଇ ନ କଇକରି ସଲ୍କେସେ କଇଲାସ୍ନି । ୩୦ ତମେ
ସବୁ ବିସଇ ଜାନିଆଚୁସ୍, ଏଟା ଏବେ ଆମେ ଜାନ୍ଲୁ । ଆରି
କେ ତମେ୍କ ଜାନେ କି ନାଇ ବଲି, ପାଚାର୍ବାର୍ ଲଡା ନାଇ
। ଏଟାର୍ପାଇ ତମେ ପର୍ମେସରର୍ଟାନେ ଅନି ଆସିଆଚୁସ୍
ବଲି ଆମେ ବିସ୍ବାସ୍ କଲୁନି ।” ୩୧ ଜିସୁ ସେମନ୍କେ କଇଲା,
“ଏବେ କାଇ ତମେ ବିସ୍ବାସ୍ କଲାସ୍ନି? ୩୨ ଦେକା, ଏନ୍ତି
ବେଲା ଆଇଲାନି, ଉଁ ସେ ବେଲା କେଟ୍ଲା ଆଚେ, ତମେ ମକେ
ଗଟେକ୍ ଲକ୍କେ ଚାଡି, ଏନେ ତେନେ ଅଇକରି ନିଜର୍ ନିଜର୍
ଗରେ ଉଟିପାଲାଇସା । ଏଲେମିସା ମୁଇ ଗଟେକ୍ ଲକ୍ ନାଇ,

ସବୁବେଲା ମର୍ ସଙ୍ଗ୍ ବାବା ଆଚେ । ୩୩ ଜେନ୍ତାରି କି ତମେ
ମର୍‌ତେଇ ରଇକରି ସାନ୍ତି ପାଇସା, ସେଟାର୍‌ପାଇ ମୁଇ ତମ୍‌କେ
ଏ ସବୁ ବିସଇ କଇଆଚି । ଏ ଦୁନିଆଇ ତମର୍‌ପାଇ ବେସି ଦୁକ୍
କସ୍‌ଟ ଆଚେ, ମାତର୍ ଡାଟ୍‌ସଙ୍ଗ୍ ରୁଆ, ମୁଇ ଦୁନିଆର୍ କାରାପ୍
ବପୁ ନସାଇକରି ଜିତିଆଚି ।”

**୧୭** ଜିସୁ ଏ ସବୁ କାତା କଇସାରାଇଲା ପଚେ, ସରଗ୍ ବାଟେ
ଦେକି କଇଲା, “ଏ ସରଗର୍ ବାବା, ଏବେ ବେଲା
କେଟ୍‌ଲା ଆଚେ । ତମର୍ ପିଲା ମକେ ଡାକ୍‌ପୁଟା କରା ।
ଜେନ୍ତିକି ତମର୍ ପିଲା ମୁଇ ତମ୍‌କେ ଡାକ୍‌ପୁଟା କର୍‌ବି । ୨ ତମେ
ମକେ ସବୁ ମୁନୁସ୍ ଜାତି ଉପ୍‌ରେ ଅଦିକାର୍ ଦେଇଆଚାସ୍ ।
ଆରି ଜନ୍‌ଲକ୍‌ମନ୍‌କେ ମକେ ସର୍‌ପି ଦେଇଆଚାସ୍, ସେମନ୍‌କେ
ମୁଇ ନ ସାର୍‌ବା ଜିବନ୍ ଦେବି । (aiōnios g166) ୩ ତମେସେ
ଗଟେକ୍ ପର୍‌ମେସର୍, ତମ୍‌କେ ଆରି ତମେ ପାଟାଇରଇବା
ଜିସୁ କିରିସ୍‌ଟକେ ଜାନ୍‌ବାଟା ଅଇଲାନି ନ ସାର୍‌ବା ଜିବନ୍ ।
(aiōnios g166) ୪ ତମେ ମକେ ଜନ୍ କାମ୍‌ମନ୍ କର୍‌ବାକେ
ଦେଇଆଚାସ୍, ସେଟା ମୁଇ ସାରାଇ କରି, ଏ ଦୁନିଆଇ ତମ୍‌କେ
ଡାକ୍‌ପୁଟା କରିଆଚି । ୫ ଏ ବାବା, ଏ ଦୁନିଆ ତିଆର୍ ନ ଅଇତେ,
ତମର୍ ସଙ୍ଗ୍ ରଇଲାବେଲେ, ମର୍ ଜନ୍ ଡାକ୍‌ପୁଟା ରଇଲା,
ଏବେ ତମେ ରଇତେ ଆକା, ମକେ ଡାକ୍‌ପୁଟା କର୍ । ୬ “ଏ
ଜଗତର୍ ଜନ୍ ଲକ୍‌ମନ୍‌କେ ତମେ ମକେ ସର୍‌ପି ଦେଇରଇଲାସ୍,
ସେମନର୍ ଲଗେ ମୁଇ ତମ୍‌କେ ଜାନାଇଆଚି । ସେମନ୍ ତମର୍
ଅଇରଇଲାଇ, ଆରି ମକେ ସେମନ୍‌କେ ସର୍‌ପିଦେଲୁସ୍ । ସେମନ୍
ତମର୍ ବାକିଅ ମାନ୍‌ଲାଇନି । ୭ ତମେ ମକେ ଜନ୍ ଜନ୍‌ଟା
ସର୍‌ପି ଦେଇ ଆଚାସ୍, ସେଟାମନ୍ ସବୁ ତର୍‌ଟାନେଅନି ଆକା
ଅଇଲାଆଚେ, ବଲି ଏବେ ସେମନ୍ ବୁଜିଆଚତ୍ । ୮ ତମେ ମକେ
ଦେଇରଇବା କବର୍ ମୁଇ ସେମନ୍‌କେ ସୁନାଇଆଚି, ସେମନ୍
ସେଟା ମାନି ଆଚତ୍ । ମୁଇ ତମର୍‌ଟାନେଅନି ଆସିଆଚି ଆରି
ତମେ ମକେ ପାଟାଇଆଚାସ୍, ସେମନ୍ ଏ କାତା ସତ୍ ବଲି
ଜାନିକରି ବିସ୍‌ବାସ୍ କଲାଇ ଆଚତ୍ ।” ୯ ମୁଇ ସେମନର୍‌ଲାଗି
ପାର୍‌ତନା କଲିନି, ଦୁନିଆର୍ ଲକ୍‌ମନର୍ ପାଇ ପାର୍‌ତନା କରିନାଇ
। ମାତର୍ ତମେ ମକେ ଜନ୍ ଲକ୍‌ମନ୍‌କେ ଦେଇଆଚାସ୍, ସେ
ଲକ୍‌ମନର୍ ପାଇ ପାର୍‌ତନା କଲିନି । କାଇକେ ବଇଲେ ସେମନ୍
ତମର୍ ଲକ୍‌ମନ୍ । ୧୦ ଜେଟ୍‌କି ମର୍‌ଟା, ସେ ସବୁ ତମର୍‌ଟା
। ଆରି ଜେଟ୍‌କି ତମର୍‌ଟା ସେ ସବୁ ମର୍‌ଟା । ଆକର୍‌ଲାଗି
ଆକା ମର୍ ଡାକ୍‌ପୁଟା ଅଇଆଚେ । ୧୧ ଏବେ ମୁଇ ତମର୍
ଲଗେ ଆଇଲିନି, ମୁଇ ଏ ଦୁନିଆଇ ରଇନାଇ । ମାତର୍ ଏମନ୍
ରଇଲାଇନି । ସୁକଲ୍ ରଇବା ବାବା! ତମେ ଜନ୍ ଲକ୍‌ମନ୍‌କେ
ମକେ ସର୍‌ପି ଦେଇଆଚୁସ୍, ତମେ ଦେଇରଇବା ନାଉଁର୍ ବପୁର୍
ଲାଗି ସେମନ୍‌କେ ରକିଆ କରା । ଜେନ୍ତାରି ତମେ ଆରି ମୁଇ
ଗଟେକ୍ । ସେନ୍ତାରିସେ ସେମନ୍ ଗଟେକ୍ ଅଇରଇବାକେ ସାଇଜ
କରା । ୧୨ ମୁଇ ସେମନର୍ ସଙ୍ଗ୍ ରଇଲା ବେଲେ ତମର୍ ନାଉଁର୍
ବପୁସଙ୍ଗ୍ ସେମନ୍‌କେ ରକିଆ କରିରଇଲି । ଜେନ୍ତି କି ସେମନ୍
କାଲ୍‌କାଲ୍ ଜୁଗ୍‌ଜୁଗ୍ ପର୍‌ମେସରର୍‌ଟାନେ ଅନି ବିନେ ଅଇ ନସ୍‌ଟ
ନ ଅଅତ୍ । ଗଟେକ୍ ଲକ୍‌କେ ଚାଡି ସବୁଲକ୍‌କେ ରକିଆ କରିଆଚି
। ସେ ଗଟେକ୍ ଲକ୍ ନସ୍‌ଟ ଅଇସି ଆକା । ଜେନ୍ତିକି ଦରମ୍
ସାସ୍‌ତରେ ଲେକା ଅଇଲାଟା ସିଦ୍ ଅଇବାର୍ ରଇଲା । ୧୩ ଏବେ
ମୁଇ ତମର୍ ଲଗେ ଆଇଲିନି । ଏ ଦୁନିଆଇ ରଇଲା ବେଲେ
ସେମନ୍‌କେ, ସେମନର୍ ମନେ ରଇବା ମର୍ ସାର୍‌ଦା ପୁରାପୁରୁନ୍
ଅଇବାକେ, ଏ ବିସଇ କଇରଇଲି । ୧୪ ମୁଇ ସେମନ୍‌କେ ତମର୍
ବାକିଅ ସୁନାଇଆଚି । ତେବର୍‌ପାଇ ଏ ଦୁନିଆ ସେମନ୍‌କେ
ଗିନ୍ କଲାନି । କାଇକେ ବଇଲେ ମୁଇ ଜେନ୍ତି ଏ ଦୁନିଆଇ ଅନି
ଜାତ୍ ଅଇଲାଟା ନଇ, ସେନ୍ତି ସେମନ୍ ମିସା ଏ ଦୁନିଆର୍ ନଅତ୍
। ୧୫ ତମେ ସେମନ୍‌କେ ଏ ଦୁନିଆଇଅନି ଦାରିଜା ବଲି ମୁଇ
ପାର୍‌ତନା କରିନାଇ । ମାତର୍ ସଇତାନର୍ ପାନ୍ଦେ ଅନି ରକିଆ
କରା ବଲି ଗୁଆରି କଲିନି । ୧୬ ମୁଇ ଜେନ୍ତିକି ଏ ଦୁନିଆର୍
ନଇ, ସେନ୍ତି ସେମନ୍ ମିସା ଏ ଦୁନିଆର୍ ନଅତ୍ । ୧୭ ତମର୍
ସତ୍‌ସଙ୍ଗ୍ ସେମନ୍‌କେ ସୁକଲ୍ କରା, ତମର୍ ବାକିଅ ତା ସତ୍ ।
୧୮ ତମେ ମକେ ଜେନ୍ତି ଏ ଦୁନିଆଇ ପାଟାଇ ଆଚାସ୍, ସେନ୍ତାରି
ମୁଇ ମିସା ସେମନ୍‌କେ ଏ ଦୁନିଆଇ ପାଟାଇଲିନି । ୧୯ ଜେନ୍ତିକି
ସେମନ୍ ତମର୍‌ଟାନେ ସର୍‌ପି ଅଇବାଇ । ସେଟାର୍‌ପାଇ ମୁଇ
ନିଜ୍‌କେ ତମର୍‌ତେଇ ସୁକଲ୍ ଅଇଲିନି । ୨୦ “ମୁଇ ଅବ୍‌କା ଏ
ସିସ୍‌ମନର୍ ଲାଗିସେ ପାର୍‌ତନା କରିନାଇ, ମାତର୍ ଏ ଲକ୍‌ମନ୍
ଜାନାଇବା କାତାଇଅନି ଜନ୍ ଲକ୍‌ମନ୍ ମକେ ବିସ୍‌ବାସ୍ କର୍‌ବାଇ,
ସେ ଲକ୍‌ମନର୍ ପାଇ ମିସା ପାର୍‌ତନା କଲିନି । ୨୧ ଏ ବାବା
ତମେ ଜେନ୍ତାରି ମର୍‌ଟାନେ ମିସି ଗଟେକ୍ ଅଇଆଚାସ୍, ଆରି ମୁଇ
ତମର୍‌ଟାନେ ମିସିକରି ଗଟେକ୍ ଅଇଆଚି । ସେନ୍ତାରିସେ ସେମନ୍
ମିସା ସେମନର୍ ବିଟ୍‌ରେ ମିସିକରି ଗଟେକ୍ ଅଇ ରଇବାକେ ମୁଇ
ପାର୍‌ତନା କଲିନି । ଜେନ୍ତିକି ତମେସେ ମକେ ପାଟାଇ ଆଚାସ୍
ବଲି ଏ ଦୁନିଆ ବିସ୍‌ବାସ୍ କର । ୨୨ ଜେନ୍ତି ତମର୍ ଡାକ୍‌ପୁଟା
ମକେ ଦେଇଆଚାସ୍, ସେନ୍ତି ସେଟା ମୁଇ ସେମନ୍‌କେ ଦେଇଆଚି
। ତେବେ ଆମେ ଗଟେକ୍ ଅଇରଇଲାପାରା, ସେମନ୍‌ମିସା
ସେମନର୍ ବିଟ୍‌ରେ ଗଟେକ୍ ଅଇରଇବାଇ । ୨୩ ତମେ ଜେନ୍ତି
ମର୍‌ଟାନେ ଆଚାସ୍, ସେନ୍ତି ମୁଇ ମିସା ତାକର୍ ଟାନେ ରଇବି ।
ସେନ୍ତି ରଇଲେ ଆକା ସେମନ୍ ପୁରାପୁରୁନ୍ ଗଟେକ୍ ଅଇ ରଇବାଇ
। ଏନ୍ତି ଅଇଲେ ଦୁନିଆ ଜାନ୍‌ସି ଜେ, ତମେ ମକେ ପାଟାଇ
ଆଚାସ୍, ଆରି ମକେ ଜେନ୍ତି ଆଲାଦ୍ କଲାସ୍‌ନି, ସେମନ୍‌କେ
ମିସା ସେନ୍ତିସେ ଆଲାଦ୍ କଲାସ୍‌ନି ।” ୨୪ ଏ ବାବା, ତମେ ମକେ
ଜନ୍ ଲକ୍‌ମନ୍‌କେ ଦେଇଆଚାସ୍, ମୁଇ ଜନ୍ ଜାଗାଇ ରଇବି,
ସେମନ୍ ମିସା ମର୍ ସଙ୍ଗ୍ ରଅତ୍ ବଲି ମନ୍ କଲିନି । ତେବେ
ମକେ ଦେଇରଇବା ଡାକ୍‌ପୁଟା ସେମନ୍ ଦେକ୍‌ବାଇ । କାଇକେ
ବଇଲେ ତମେ ଏ ଦୁନିଆ ତିଆର୍ କର୍‌ବା ଆଗ୍‌ତୁସେ ମକେ
ଆଲାଦ୍ କରିଆଚାସ୍ । ୨୫ ଏ ଦରମର୍ ବାବା, ଏ ଦୁନିଆ ତମ୍‌କେ

ନାଜାନେ, ମାତର୍ ମୁଇ ତମ୍‌କେ ଜାନିଆଚି । ଆରି ତମେସେ
ମକେ ପାଟାଇଆଚାସ୍ ବଲି ସିସ୍‌ମନ୍ ଜାନିଆଚତ୍ । **୨୬** ମୁଇ
ସେମନ୍‌କେ ତମର୍ ବିସଇ ଜାନାଇ ଆଚି, ଆରି ସବୁ ବେଲେ
ଜାନାଇତେରଇବି । ତେବେ ମର୍‌ଲାଗି ସେମନ୍ ତମର୍ ଆଲାଦ୍
ଏତାଇବାଇ ଆରି ମୁଇ ସେମନର୍ ମନ୍ ବିତ୍‌ରେ ରଇବି ।

**୧୮** ଜିସୁ ଏ ପାର୍‌ତନା ସାରାଇକରି ନିଜର୍ ସିସ୍‌ମନର୍
ସଙ୍ଗ୍ କିଦ୍‌ରଣ୍ ନାଉଁର୍ ଜଲା ସେପାଟର୍ ଜାଗାଇ
ଗାଲା । ତେଇ ଗଟେକ୍ ବାଡ୍ ରଇଲା, ଜିସୁ ଆରି ତାର୍
ସିସ୍‌ମନ୍ ସେ ବାଡେ ପୁର୍‌ଲାଇ । **୨** ଜନ୍ ଜିଉଦା କି ଜିସୁକେ
ସତ୍‌ରୁମନ୍‌କେ ସର୍‌ପିଦେଲା, ସେ ମିସା ସେ ଜାଗା ଜାନି ରଇଲା ।
କାଇକେବଇଲେ ଜିସୁ ତାର୍ ସିସ୍‌ମନର୍ ସଙ୍ଗ୍ ସେ ବାଡେ କେତେ
ତର୍ ଜାଇରଇଲା । **୩** ସେଟାର୍ ପାଇ ଜିଉଦା ରମିୟ୍ ସନିଅମନର୍
ଗଟେକ୍ ଦଲ୍, ମୁକିଅ ପୁଜାରିମନ୍ ଆରି ପାରୁସିମନ୍ ପାଟାଇ
ରଇବା ମନ୍ଦିର୍ ଜାଗୁଆଲ୍‌ମନ୍‌କେ ଦାରି, ସେ ବାଡେ କେଟ୍‌ଲା ।
ସେମନ୍ ଆତ୍‌ଆତିଆର୍, ଲାଁତର୍ ଆରି ଜଇଉମ୍‌ଲା ଦାରିକରି
ତେଇ ଆଇଲାଇ । **୪** ସେବେଲା କାଇ କାଇ ଗଟ୍‌ନାମନ୍ ଗଟ୍‌ସି,
ସେଟା ସବୁ ଜିସୁ ଜାନିକରି ଆଗ୍‌ତୁ ଗାଲା ଆରି ସେମନ୍‌କେ
"ତମେ କାକେ କଜ୍‌ଲାସ୍‌ନି?" ବଲି ପାଚାର୍‌ଲା । **୫** "ନାଜରିତିୟ୍
ଜିସୁକେ କଜ୍‌ଲୁନି ।" ସେମନ୍ କଇଲାଇ । "ମୁଇସେ ଜିସୁ ।"
ବଲି ସେମନ୍‌କେ କଇଲା । ବିସ୍‌ବାସେ ବିସ୍ ଦେଉ ଜିଉଦା ମିସା
ସେ ଲକ୍‌ମନର୍ ସଙ୍ଗ୍ ଟିଆଅଇରଇଲା । **୬** ଜିସୁ ଜେଡେବେଲା
"ମୁଇ ଆକା ସେ ଲକ୍ ।" ବଲି ସେମନ୍‌କେ କଇଲା, ସେ ଲକ୍‌ମନ୍
ପଚେ ଗୁଚିଜାଇ ତଲେ ଅଦର୍‌ଲାଇ । **୭** ଜିସୁ ସେମନ୍‌କେ
ଆରିତରେକ୍ ପାଚାର୍‌ଲା, "ତମେ କାକେ କଜ୍‌ଲାସ୍‌ନି?" ସେମନ୍
କଇଲାଇ, "ଆମେ ନାଜରିତିୟ୍ ଜିସୁକେ କଜ୍‌ଲୁନି ।" **୮** ଜିସୁ
କଇଲା, "ମୁଇ ଆକା ସେ ଲକ୍ ବଲି ତମ୍‌କେ କଇଲି । ତମେ
ଜଦି ମକେ କଜ୍‌ଲାସ୍‌ନି ବଇଲେ ଏ ଲକ୍‌ମନ୍‌କେ ଚାଡିଦିଆସ୍
।" **୯** ଜେନ୍ତିକି ସେ ଆଗ୍‌ତୁ କଇରଇଲା ବାକିଅ ସିଦ୍ ଅଇସି,
ବାବା ତମେ ମକେ ଜନ୍ ଲକ୍‌ମନ୍‌କେ ଦେଇଆଚାସ୍, ସେମନର୍
ବିତ୍‌ରେଅନି ଗଟେକ୍ ଲକ୍‌କେ ମିସା ଆଜାଇ ନାଇ । **୧୦** ସିମନ୍
ପିତରର୍ ଆତେ ଗଟେକ୍ କାଣ୍ଡା ରଇଲା । ସେ କାଣ୍ଡା ବାର୍‌କରାଇ
ବଡ୍ ପୁଜାରିର୍ ଗତିଦାଙ୍ଗଡାର୍ ଉଜା କାନ୍ ଚିଡ୍‌ତେ ମାର୍‌ଲା ।
ସେ ଗତିଦାଙ୍ଗଡାର୍ ନାଉଁ ମାଲକ୍ । **୧୧** ମାତର୍ ଜିସୁ ପିତର୍‌କେ
କଇଲା, "ତର୍ କାଣ୍ଡା ଜାଗ୍‌ରତ୍ କରି କଲ୍ ବିତ୍‌ରେ ପୁରାଇ
ସଙ୍ଗଇ ଦେସ୍ । ମର୍ ବାବା ପର୍‌ମେସର୍ ମକେ ଜନ୍ ଦୁକ୍‌କସ୍‌ଟ
ପାଇବାକେ ପାଟାଇ ଆଚେ, ସେଟା ମୁଇ ନ ପାଇ କି?" **୧୨**
ତାର୍ ପଚେ ରମିୟ୍ ସନିଅମନ୍, ସନିଅ ମନର୍ ମୁକିଅ ନେତାମନ୍
ଆରି ମନ୍ଦିର୍ ଜାଗୁଆଲ୍‌ମନ୍ ଜିସୁକେ ଦାରି ବାନ୍ଦ୍‌ଲାଇ । **୧୩** ଆରି
ତାକେ ବାନ୍ଦିକରି ପର୍‌ତୁମ୍ କାୟାପାର୍ ସାତ୍‌ରା ଆନାର୍ ଲଗେ
ନେଲାଇ । କାଇକେ ବଇଲେ ଆନା ସେ ବରସର୍ ବଡ୍ ପୁଜାରି
ରଇଲା । **୧୪** ଏ କାୟାପାସେ ଆଗ୍‌ତୁ ଜିଉଦି ନେତାମନ୍‌କେ,
ସବୁ ଲକର୍ ପାଇ ଗଟେକ୍ ଲକ୍ ମର୍‌ବାଟା ଗଟେକ୍ ମଙ୍ଗଲର୍
ବିସଇ ବଲି କଇରଇଲା । **୧୫** ସିମନ୍ ପିତର୍ ଆରି ଗଟେକ୍
ବିନ୍ ସିସ୍ ଜିସୁର୍ ପଚେ ପଚେ ଜାଇତେ ରଇଲାଇ । ବିନ୍ ସିସ୍
ବଡ୍ ପୁଜାରିକେ ଜାନି ରଇଲା । ସେଟାର୍‌ପାଇ ଜିସୁର୍ ସଙ୍ଗ୍
ବଡ୍ ପୁଜାରିର୍ ଡାଣ୍ଡେ ପୁର୍‌ଲା । **୧୬** ମାତର୍ ପିତର୍ ବାଇରର୍
ଡିଆଗଡିଲଗେ ଟିଆଅଇ ରଇଲା । ବଡ୍ ପୁଜାରିକେ ଜାନିରଇଲା
ସିସ୍ ଡାଣ୍ଡେ ବାଉଡି ଆସି ଡାଣ୍ଡର୍ ଡିଆଗଡି ଲଗେ ଜାଗିରଇଲା ।
ଗତିଦାଙ୍ଗଡିକେ କଇକରି ପିତର୍‌କେ ବିତ୍‌ରେ ଡାକିନେଲା । **୧୭**
ସେ ଡିଆଗଡି ଜାଗି ରଇଲା ଗତିଦାଙ୍ଗଡି ସେବେଲା ପିତର୍‌କେ
ପାଚାର୍‌ଲା, "ତୁଇ ମିସା ଏ ଲକ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍
ନଉଁସ୍ କି?" ପିତର୍ କଇଲା "ମୁଇ ତାର୍ ଲକ୍ ନଇ ।" **୧୮** ସିତ୍
କଲାଜେ ଗତିଦାଙ୍ଗଡାମନ୍ ଆରି ଜାଗୁଆଲ୍‌ମନ୍ ଜଇଲାଗାଇକରି
ଚାରିବେଡ୍‌ତି ଟିଆଅଇ ଜଇ ଚେକ୍‌ତେ ରଇଲାଇ । ପିତର୍ ମିସା
ସେମନର୍ ସଙ୍ଗ୍ ଟିଆଅଇକରି ଜଇଚେକ୍‌ତେ ରଇଲା । **୧୯**
ଏତ୍‌କି ବିତ୍‌ରେ ବଡ୍ ପୁଜାରି ଜିସୁର୍ ସିସ୍‌ମନର୍ ବିସଇ ଆରି
ଜିସୁ ସିକାଇଦେଲା ବିସଇ ସେମନ୍‌କେ ପାଚାର୍‌ବାର୍‌ଦାର୍‌ଲା ।
**୨୦** ଜିସୁ ସେମନ୍‌କେ କଇଲା, "ମୁଇ ସବୁବେଲେ ଲକ୍‌ମନର୍
ଜାନ୍‌ତେ ସିକାଇତେ ରଇଲି । ଆରି ଜିଉଦି ଲକ୍‌ମନର୍ ଉପାସନା
ଗରେ ଆରି ମନ୍ଦିର୍‌ରେତଇ ସବୁ ଜିଉଦି ଲକ୍‌ମନ୍ ରୁଣ୍ଡିରଇଲା
ବେଲେ ସେମନ୍‌କେ ସିକାଇଲିଆଚି । କାଇଟାମିସା ଲୁଚ୍‌ତେ
କଇନାଇ । **୨୧** ଏନ୍ତି ବଇଲେ କାଇକେ ମକେ ପାଚାର୍‌ଲୁସ୍‌ନି?
ଜନ୍ ଲକ୍‌ମନ୍ ମୁଇ କଇଲା କାତା ସୁନିଆଚତ୍, ସେ ଲକ୍‌ମନ୍‌କେ
ପାଚାର୍ । ମୁଇ ଜାଇଜାଇଟା କଇଲିଆଚି, ସେଟା ସେମନ୍
ଜାନିଆଚତ୍ ।" **୨୨** ଜିସୁ ଏ କାତା କଇବା ବେଲେ ଜିସୁର୍ ଲଗେ
ଟିଆଅଇରଇଲା ଜାଗୁଆଲ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍
ଜିସୁକେ ଗଟେକ୍ ଚାପ୍‌ଡା ମାରି କଇଲା, "ତୁଇ ବଡ୍ ପୁଜାରିକେ
ଏନ୍ତାରି କାତା ଅଇଲୁସ୍‌ନି?" **୨୩** ଜିସୁ ତାକେ କଇଲା "ମୁଇ ଜଦି
ବୁଲ୍ କାତା କଇରଇଲେ, ସବୁର୍ ମୁଆଟେ ମର୍ ବୁଲ୍ ଦେକାଆ,
ମୁଇ ସତ୍‌କାତା କଇଲିନି ବଇଲେ, ମକେ କାଇକେ ମାର୍‌ଲୁସ୍‌ନି?"
**୨୪** ତାର୍‌ପଚେ ଆନାନ୍ ଜିସୁକେ ବାନ୍ଧନେସେ ବଡ୍ ପୁଜାରି
କାୟାପାର୍ ଲଗେ ପାଟାଇଦେଲା । **୨୫** ସିମନ୍ ପିତର୍ ଟିଆଅଇ
ଜଇଚେକ୍‌ବା ବେଲେ ବିନ୍ ଲକ୍‌ମନ୍ ତାକେ ପାଚାର୍‌ଲାଇ, "ତୁଇ
ମିସା ଏ ଲକର୍ ସିସ୍‌ମନର୍ ବିତ୍‌ରେଅନି ଗଟେକ୍ ଲକ୍ ନଉଁସ୍
କି?" ମାତର୍ ପିତର୍ କଇଲା, "ନାଇ ମୁଇ ତାର୍ ସିସ୍ ନଇ ।"
**୨୬** ବଡ୍ ପୁଜାରିର୍ ଗତିଦାଙ୍ଗଡାମନର୍ ବିତ୍‌ରେଅନି ଗଟେକ୍
ଲକ୍ ଜାକେ କି ପିତର୍ କାନ୍ କାଟିପାକାଇରଇଲା, ସେ ଡାଟ୍
ସଙ୍ଗ୍ କଇଲା, "ସେ ବାଡେ ମୁଇ ତକେ ତାର୍ ସଙ୍ଗ୍ ରଇଲାଟା
ଦେକି ରଇଲି ।" **୨୭** ପିତର୍ ଆରି ତରେକ୍ କଇଲା "ନାଇ ମୁଇ
ତାକେ ମୁଲ୍‌କେ ନାଜାନି ।" ସମାନ୍ ସେଡ୍‌କି ଦାପ୍‌ରେ କୁକ୍‌ଡା
ଡାକ୍‌ଲା । **୨୮** ତାର୍ ପଚେ ଜିସୁକେ କାୟାପାର୍ ଗରେଅନି ରମିୟ୍
ସର୍‌କାର୍ ପିଲାତର୍‌ତେଇ ଦାରିଗାଲାଇ । ସେଟା କୁକ୍‌ଡା ଡାକେ

ଅଇରଇଲା । ଆରି ଜିସୁକେ ନିନ୍ଦା କର୍‌ବା ଲକ୍‌ମନ୍ ନିଜ୍‌କେ
ଅସୁକଲ୍ ଅଇବାର୍ ଅଇସି ବଲିକରି ବିତ୍‌ରେ ଜାଅତ୍‌ନାଇ ।
କାଇକେ ବଇଲେ ନିସ୍‌ତାର୍ ପରବର୍ ବଜିର୍ ପାଇ ବଲି ସେମନ୍
ଅସୁକଲ୍ ଅଇବାକେ ମନ୍ ନ କର୍‌ତେରଇଲାଇ । **୨୯** ତେବେ
ରମିୟ ସର୍‌କାର୍ ପିଲାତ୍, ବାଇରେ ଆସିପାଚାର୍‌ଲା, "ଏ ଲକର୍
ବିରୁଦେ ତମର୍ କାଇ ଦାବି ଆନିଆଚାସ୍?" **୩୦** ସେ ଲକ୍‌ମନ୍
ପିଲାତ୍‌କେ କଇଲାଇ, "ଏ ଲକ୍ ଜଦି ବୁଲ୍ କାମ୍ କରି ନ ରଇଲେ,
ଆମେ ତମର୍ ଲଗେ ନ ଆନ୍‌ତୁ ।" **୩୧** ସେତ୍‌କି ବେଲା ପିଲାତ୍
ସେମନ୍‌କେ କଇଲା, "ତମେ ତାକେ ଦାରିଜାଇକରି ତମର୍
ନିୟମ୍ ଇସାବେ ବିଚାର୍ କରା ।" ଜିଉଦି ନେତାମନ୍ କଇଲାଇ,
"ଗଟେକ୍ ଲକ୍‌କେ ମରନ୍ ଡଣ୍ଡ ଦେବାଟା ରମିୟ ସର୍‌କାର୍‌କେ
ସେ ଆଚେ । ଜିଉଦି ଲକ୍‌ମନ୍ କାକେମିସା ମରନ୍ ଡଣ୍ଡ ଦେବାକେ
ଆମର୍ ଅଦିକାର୍ ନାଇ ।" **୩୨** ଜିସୁ କେନ୍ତାରି ଅଇ ମର୍‌ବାକେ
ଗାଲାନି ସେ ବିସଇ ନେଇକରି ଜନ୍ କାତା କଇରଇଲା ସେ
କାତା ସିଦ୍‌ଅଇବାକେ ଏନ୍ତି ଅଇଲା । **୩୩** ପିଲାତ୍ ଆରି ତରେକ୍
ମେଡ୍ ବିତ୍‌ରେ ବାଉଡି ଜାଇକରି, ଜିସୁକେ ଡାକି ପାଚାର୍‌ଲା,
"ତୁଇ କାଇ ଜିଉଦି ମନର୍ ରାଜା କି?" **୩୪** ଜିସୁ ତାକେ କଇଲା,
"ତୁଇ କାଇ ଏଟା ନିଜର୍‌ଟାନେଅନିସେ କଇଲୁସ୍‌ନି, କି ବିନ୍
ଲକ୍‌ମନ୍ ତକେ କଇଲାଜେ କଇଲୁସ୍‌ନି?" **୩୫** ପିଲାତ୍ ପର୍‌ସନ୍
କଲା, "ମୁଇ ଗଟେକ୍ ଜିଉଦି ଲକ୍ ବଲି ବାବ୍‌ଲୁସ୍‌ନି କି? ତର୍
ନିଜର୍ ଲକ୍‌ମନ୍ ଆରି ମୁକିଅ ପୁଜାରିମନ୍ ତକେ ମର୍‌ଟାନେ
ସର୍‌ପି ଦେଇ ଆଚତ୍ । ତୁଇ କାଇ ବୁଲ୍ କରିଆଚୁସ୍?" **୩୬** ଜିସୁ
କଇଲା "ମର୍ ରାଇଜ୍ ଏ ଦୁନିଆର୍ ରାଇଜ୍‌ପାରା ନଏଁ । ଜଦି
ମର୍ ରାଇଜ୍ ଏ ଦୁନିଆର୍ ରାଇଜ୍ ପାରା ଅଇତା, ସେନ୍ତାର୍‌ଆଲେ
ମର୍ ସିସ୍‌ମନ୍ ମର୍‌ବାଟେ ଅଇ ଜୁଇଦ୍ କର୍‌ତାଇ । ଆରି ମକେ
ଜିଉଦି ନେତାମନର୍ ଟାନେ ସର୍‌ପି ନ ଦେଇତାଇ । ମାତର୍
ମର୍ ରାଇଜ୍ ଏ ଦୁନିଆର୍ ରାଇଜ୍‌ପାରା ନଏଁ ।" **୩୭** ସେବେଲେ
ପିଲାତ୍ ତାକେ ପାଚାର୍‌ଲା, "ଏନ୍ତି ବଇଲେ ତୁଇ କାଇ ଗଟେକ୍
ରାଜା ନଉଁସ୍ କି?" ଜିସୁ କଇଲା, "ତୁଇସେ ମକେ ରାଜା ବଲି
କଇଲୁସ୍‌ନି । ମୁଇ ସତ୍ ବାଟେ ସାକି ଦେବାକେ ଆକା ଜନମ୍
କରି, ଏ ଦୁନିଆଇ ଆସିଆଚି । ଜନ୍‌ଲକ୍‌ମନ୍ ସତ୍ କଜ୍‌ଲାଇନି,
ସେମନ୍‌ସେ ମର୍ କାତା ସୁନ୍‌ବାଇ ।" **୩୮** ପିଲାତ୍ ଜିସୁକେ କଇଲା
"ଏନ୍ତି ବଇଲେ ସତ୍ ବିସଇ କାଇଟା?" ପଚେ ସେ ଡାଣ୍ଡେ ବାରଇ
କରି ଜିଉଦି ନେତାମନ୍‌କେ କଇଲା, "ଏ ଲକର୍‌ଟାନେ ଡଣ୍ଡ
ଦେବା ଏତ୍‌କି କାଇ ଦସ୍ ଦେକିନାଇ । **୩୯** "ତମର୍ ରିତିନିତି
ଇସାବେ ନିସ୍‌ତାର୍ ପରବ୍ ବେଲେ ଗଟେକ୍ ବନ୍ଦି ଲକ୍‌କେ, ମୁଇ
ମୁକ୍‌ଲାଇବାର୍ ଆଚେ । ତେବର୍ ପାଇ ତମର୍ ଜିଉଦିମନର୍
ରାଜା ଜିସୁକେ ମୁଇ ମୁକ୍‌ଲାଇ ଦେବି । ଏଟା ତମେ ମନ୍‌କଲାସ୍‌ନି
କି?" **୪୦** ମାତର୍ ଲକ୍‌ମନ୍ ଆଉଲିଅଇକରି କଇଲାଇ, "ନାଇ
ଏ ଲକ୍‌କେ ନାଇ, ମାତର୍ ବାର୍‌ବାକେ ମୁକ୍‌ଲାଇ ଦିଆସ୍ ।" ଏ
ବାରବ୍‌ବା ଗଟେକ୍ ଡାକୁ ଲକ୍ ରଇଲା ।

**୧୯** ତାର୍ ପଚେ ପିଲାତ୍ ଜିସୁକେ ନେଇ କର୍‌ଡା ସଙ୍ଗ୍ ମାରା
ବଲି ଆଦେସ୍ ଦେଲା । **୨** ସନିଅମନ୍ କାଟାର୍ ମୁକୁଟ୍
ତିଆର୍ କରି ଜିସୁର୍ ମୁଣ୍ଡେ ପିନ୍ଦାଇଲାଇ ଆରି ଜାମ୍‌କଲି ରଙ୍ଗର୍
ପଚିଆ ଗାଗ୍‌ଡେ ପିନ୍ଦାଇଦେଲାଇ । **୩** ସେମନ୍ ଜିସୁର୍ ଲଗେ
ଆସିକରି କଇଲାଇ "ଏ ଜିଉଦିମନର୍ ରାଜା ଜୁଆର୍! ତୁଇ ବେସି
ବରସ୍ ବଁଚ୍!" ବଲି ତାକେ ଚାପଡ୍ ଚାପଡ୍ ମାର୍‌ଲାଇ । **୪** ପିଲାତ୍
ଆରି ତରେକ୍ ଡାଣ୍ଡେ ବାରଇକରି ରୁଣ୍ଡିରଇଲା ଲକ୍‌ମନ୍‌କେ
କଇଲା, "ଦେକା, ଏବେ ମୁଇ ତାକେ ଦସି କର୍‌ବାକେ କାଇ
ବୁଲ୍‌କଲାଟା ମିଲେନାଇ । ଏଟାର୍‌ପାଇ ତମର୍ ଲଗେ ଆନ୍‌ବି
। ଜେନ୍ତିକି ତମେ ଜାନ୍‌ବାର୍ ଆଚେ ।" **୫** ସେବେଲା ଜିସୁ
କାଟାର୍ ମୁକୁଟ୍ ଆରି ଜାମ୍‌କଲି ରଙ୍ଗର୍ ପଚିଆ ପିନ୍ଦି ଡାଣ୍ଡେ
ଆଇଲା । ପିଲାତ୍ ସେମନ୍‌କେ କଇଲା, "ଏଦେ ଦେକା! ଏଦେ
ସେ ଲକ୍!" **୬** ତାକେ ଦେକ୍‌ଲା ଦାପ୍‌ରେ ମୁକିଅ ପୁଜାରିମନ୍
ଆରି ମନ୍ଦିର୍ ଜାଗୁଆଲ୍‌ମନ୍ ଆଉଲିଅଇକରି କଇଲାଇ, "ତାକେ
କୁରୁସେ ଚଗାଆ! ତାକେ କୁର୍‌ସେ ଚଗାଆ!" ବଲି । ପିଲାତ୍
କଇଲା, "ତମେ ତାକେ ନେଇକରି କୁର୍‌ସେ ଚଗାଆ, କାଇକେ
ବଇଲେ, ମୁଇ ତାର୍‌ଟାନେ କାଇ ବୁଲ୍ ମିସା ଦେକିନାଇ ।" **୭**
ଜିଉଦି ନେତାମନ୍ ତାକେ କଇଲାଇ, "ଆମର୍ ଗଟେକ୍ ନିୟମ୍
ଆଚେ । ସେ ନିୟମ୍ ଇସାବେ ଏ ମର୍‌ବାର୍ ଆଚେ ଆକା ।
କାଇକେ ବଇଲେ ସେ ନିଜେ ମୁଇ ପର୍‌ମେସରର୍ ପିଲା ବଲି
ଦାବି କଲାଆଚେ ।" **୮** ତେଇ ପିଲାତ୍ ଏ କାତା ସୁନିକରି ଅଦିକ୍
ଡରିଗାଲା । **୯** ପିଲାତ୍ ଜିସୁକେ ଆରିତରେକ୍ ତାର୍ ମେଡେ
ବାଉଡାଇ ନେଇ ପାଚାର୍‌ଲା, "ତୁଇ କନ୍ତିଅନି ଆସିଆଚୁସ୍?"
ମାତର୍ ଜିସୁ ତାକେ ପଦେକ୍ ମିସା କଏନାଇ । **୧୦** ସେବେଲାଇ
ପିଲାତ୍ ତାକେ କଇଲା, "ତୁଇ କାଇ ମର୍ ସଙ୍ଗ୍ କାତା ନ ଅଉସ୍
କି? ତକେ ମୁକ୍‌ଲାଇବାର୍ ମର୍ ଅଦିକାର୍ ଆଚେ ଆରି କୁର୍‌ସେ
ଚଗାଇବାର୍ ମିସା ମର୍ ଅଦିକାର୍ ଆଚେ । ଏଟା ତୁଇ ନାଜାନୁସ୍
କି?" **୧୧** ଜିସୁ ତାକେ କଇଲା, "ପର୍‌ମେସର୍ ତକେ ଦେଲାକେସେ
ମର୍ ଉପ୍‌ରେ ତର୍ ଅଦିକାର୍ ଆଚେ, ମାତର୍ ତର୍‌ଟାନେ ମକେ
ଜେ ସର୍‌ପି ଦେଲାଆଚେ, ତାର୍ ପାପ୍ ଅଦିକ୍ ଜବର୍ ।" **୧୨** ଏ
କାତା ସୁନି ପିଲାତ୍ ଜିସୁକେ ମୁକ୍‌ଲାଇବାକେ ଚେସ୍‌ଟା କଲା
। ମାତର୍ ଜିଉଦି ଲକ୍‌ମନ୍ ଆଉଲିଅଇ କଇଲାଇ, "ତୁଇ ଜଦି
ଆକେ ମୁକ୍‌ଲାଇସୁ ବଇଲେ, ସମ୍ରାଟର୍ ମଇତର୍ ନଉଁସ୍ । ଜେ
ନିଜ୍‌କେ ରାଜା ବଲି ଦାବି କର୍‌ସି, ସେ ତାର୍ ବିରଦେ କଇଲାନି
।" **୧୩** ପିଲାତ୍ ଜିଉଦି ନେତାମନର୍‌ଟାନେଅନି ଏ କାତା ସୁନିକରି
ଜିସୁକେ ବାର୍‌କରାଇ ଆନି ପାକ୍‌ନାଇ ତିଆର୍ ଅଇରଇଲା ବିଚାର୍
କର୍‌ବା ମଣ୍ଡପେ ବସ୍‌ଲା । ଜନ୍‌ଟାକି ଇବ୍‌ରୁ ବାସାଇ ଗବ୍‌ବତା
ବଲି କଇବାଇ । **୧୪** ସେଦିନେ ନିସ୍‌ତାର୍ ପରବର୍ ପାଇ ତିଆର୍
ଅଇବା ଦିନ୍ ରଇଲା । ସେଟା ସେଦିନର୍ ଆଦ୍‌ବେଲାଇ ଅଇ
ଆଇତେ ରଇଲା । ଆରି ପିଲାତ୍ ଜିଉଦିନେତାମନ୍‌କେ କଇଲା,
"ଏଦେ ଦେକା! ତମର୍ ରାଜା!" **୧୫** ସେବେଲାଇ ଜିଉଦି ଲକ୍‌ମନ୍

ଆଉଲିଅଇ କଇଲାଇ “ତାକେ ମରାଆ! “ତାକେ ମରାଆ!
କୁର୍‌ସେ ଚଗାଆ!” ପିଲାତ୍ ସେମନ୍‌କେ କଇଲା, “ମୁଇ ତମର୍
ରାଜାକେ କୁର୍‌ସେ ଚଗାଇବି କି?” ଏଟା ସୁନି ମୁକିଅ ପୁଜାରିମନ୍
କଇଲାଇ, “ସମ୍ରାଟ୍‌କେ ଚାଡିକରି ଆମର୍ ଆରି କେ ରାଜା ନାଇ
।” **୧୬** ସାରାସାରି ପିଲାତ୍ ଜିସୁକେ ସେମନର୍ ମନ୍ କଲା ଇସାବେ
କୁର୍‌ସେ ଚଗାଇ ମରାଇବାକେ ସର୍‌ପିଦେଲା । ତାର୍‌ପଚେ
ସନିଅମନ୍ ଜିସୁକେ ଦାରିଗାଲାଇ । **୧୭** ଜିସୁ ତାର୍ ନିଜର୍ କୁର୍‌ସ
ବଇକରି ନଅରର୍ ବାଇରେ ରଇବା କାପାଲ୍ ନାଉଁର୍ ଜାଗାଇ
ଗାଲା । ଏବ୍‌ରି ବାସାଇ ସେ ଜାଗାକେ ଗଲ୍‌ଗାତା ବଲି କଇବାଇ
। **୧୮** ତେଇ ସେମନ୍ ଜିସୁକେ କୁର୍‌ସେ ଚଗାଇଲାଇ । ତାର୍
ସଙ୍ଗ୍ ଦୁଇ ଲକ୍‌କେ ମିସା କୁର୍‌ସେ ଚଗାଇଲାଇ । ଦୁଇ ଲକ୍‌କେ
ଦୁଇବାଟେ ଚଗାଇ ଜିସୁକେ ମଜାଇ କଲାଇ । **୧୯** ଆରି ପିଲାତ୍
ନିଜେ ଗଟେକ୍ ବରଡ୍ ଲେକି କୁର୍‌ସେ ଅଲାଇବାକେ ଆଦେସ୍
ଦେଲା । ସେ ବରଡ୍‌ତେଇ ନାଜରିତିୟ୍ ଜିସୁ, ଜିଉଦିମନର୍
ରାଜା ବଲି ଲେକିରଇଲା । **୨୦** ଜିସୁକେ ଜନ୍ ଜାଗାଇ କୁର୍‌ସେ
ଚଗାଇ ରଇଲାଇ, ସେଟା ଗଡେ ଅନି ବେସି ଦୁର୍ ନ ରଇଲା
। ସେ ବର୍‌ଡେ ଏବ୍‌ରି ବାସାଇ, ଲାଟିନ୍ ବାସାଇ ଆରି ଗିରିକ୍
ବାସାଇ ଲେକାଅଇରଇଲା । ବେସି ଲକ୍‌ମନ୍ ତେଇ ଲେକ୍‌ଲାଟା
ପଡ୍‌ଲାଇ । **୨୧** ସେବେଲା ଜିଉଦିମନର୍ ମୁକିଅ ପୁଜାରିମନ୍
ପିଲାତ୍‌କେ କଇଲାଇ “ଜିଉଦିମନର୍ ରାଜା ବଲି ନ ଲେକି, ସେ
ନିଜେ ମୁଇ ଜିଉଦିମନର୍ ରାଜା ବଲି କଇଲା ପାରା ଲେକ୍ ।”
**୨୨** ପିଲାତ୍ କଇଲା “ନାଇ ମୁଇ ଜନ୍‌ଟା ଲେକ୍‌ଲି ଆଚି ସେଟା
ଆରି ନ ବାଦ୍‌ଲାଇ ।” **୨୩** ଜିସୁକେ କୁର୍‌ସେ ଚଗାଇଲା ପଚେ,
ଚାର୍‌ଟା ସନିଅମନ୍ ତାର୍ ପଚିଆ ନେଇ ଚାରି ବାଗ୍ କଲାଇ ।
ସବୁ ସନିଅମନ୍‌କେ ଗଟେକ୍ ଗଟେକ୍ ବାଗ୍ ମିଲ୍‌ଲା । ସେମନ୍
ଜିସୁ ଉପ୍‌ରେ ପିନ୍ଦବା ବସ୍‌ତର୍ ମିସା ବେଟ୍‌ଲାଇ । ସେ ବସ୍‌ତର୍
ସିଲାଇ ନ ଅଇ ଉପ୍‌ରେଅନି ତଲେ ଜାକ ଗଟେକ୍‌ସେ ରଇଲା ।
**୨୪** ସେଟାର୍‌ପାଇ ସେମନ୍ ନିଜର୍ ନିଜର୍ ବିତ୍‌ରେ କାତା ଅଇଲାଇ
। “ଆମେ ଏ ପଚିଆ ନ ଚିରିକରି ଏଟା କାକେଅଇସି ବଲି
ଜାନ୍‌ବାକେ କେଡ୍ ପୁଟାଉଁ ।” ଜେନ୍ତିକି ସାସ୍‌ତରେ ଲେକାଅଇଲା
କାତା ସିଦ୍ ଅଇବାକେ ଏନ୍ତି ଅଇଲା । “ମର୍ ପଚିଆ ସେମନ୍
ନିଜର୍ ନିଜର୍ ବିତ୍‌ରେ ବାଟା କଲାଇ, ଆରି ମୁଇ ପିନ୍ଦବା ପଚିଆର୍
ପାଇ କେଡ୍‌ପୁଟାଇଲାଇ ।” ସେଟାସେ ସନିଅମନ୍ କଲାଇ ।
**୨୫** ଜିସୁର୍ କୁର୍‌ସ ଲଗେ ତାର୍ ଆୟା ମରିୟମ୍, ତାର୍ ଆୟାର୍
ବଇନି, କଲ୍‌ପାର୍ ମାଇଜି ମରିୟମ୍ ଆରି ମଗ୍‌ଦଲିନି ମରିୟମ୍
ଟିଆଅଇ ରଇଲାଇ । **୨୬** ଜିସୁ ବେସି ଆଲାଦ୍ କର୍‌ବା ଗଟେକ୍
ସିସ୍ ତାର୍ ମାଆର୍ ଲଗେ ଟିଆ ଅଇରଇଲାଟା ଦେକି ଜିସୁ ତାର୍
ମାକେ କଇଲା, “ଏଦେ ଦେକା! ତର୍ ପଅ!” **୨୭** ତାର୍ ପଚେ ସେ
ସିସ୍‌କେ କଇଲା “ଏଦେ ଦେକା! ତର୍ ଆୟା!” ସେଦିନେ ଅନି
ସେ ସିସ୍ ଜିସୁର୍ ମାକେ ନିଜର୍ ଗରେ ଡାକିନେଲା । **୨୮** ଏତ୍‌କି
ବିତ୍‌ରେ ଜିସୁ ସବୁ ବିସଇ ପୁରାପୁରୁନ୍ ଅଇଲାଟା ଜାନିପାର୍‌ଲା,
ମାତର୍ ସାସ୍‌ତରର୍ ବବିସତ୍ କାତା ପୁରା କର୍‌ବାପାଇ ସେ
କଇଲା “ମକେ ସସ୍ କଲାନି ।” **୨୯** ତେଇ ଗଟେକ୍ ନକିଟାନେ
ଚପ୍‌ରା ଅଙ୍ଗୁର୍ ରସ୍ ରଇଲା । ସନିଅମନ୍ ଗଟେକ୍ ସୁତାର୍ ଗର୍‌ଣ୍ଡା
ଚବାଲ୍‌ଲାଇ ଆରି ଡେଙ୍ଗ୍ ସୁଲ୍‌ଡାଙ୍ଗ୍ ଟିପେ ବାନ୍ଦି ଜିସୁର୍ ଟଣ୍ଡଲଗେ
ଲାମାଇଦେଲାଇ । **୩୦** ଜିସୁ ସେଟା କାଇକରି “ସାରିଗାଲାବେ!”
ବଲି କଇଲା । ଏତ୍‌କି କଇକରି ତାର୍ ଆତ୍‌ମା ସର୍‌ପିଦେଲା ।
**୩୧** ସେଦିନ୍ ନିସ୍‌ତାର୍ ପରବର୍ ନିଉତା ଦିନ୍ ରଇଲାଜେ, ମଲା
ଗାଗଡ୍ କୁର୍‌ସ ଉପ୍‌ରେ ନ ରଏ, କାଇକେବଇଲେ ସେ ଦିନ୍
ବିସ୍‌ରାମ୍‌ବାରର୍ ସୁକଲ୍ ଦିନ୍ ରଇଲା । ସେଟାର୍‌ପାଇ କୁର୍‌ସେ
ରଇବା ତିନ୍‌ଲକର୍ ଗଡ୍ ବାଙ୍ଗାଇକରି ବିନ୍ ଜାଗାଇ ନେଅତ୍ ବଲି
ଜିଉଦିଲକ୍‌ମନ୍ ପିଲାତ୍‌କେ ଗୁଆରି କଲାଇ । **୩୨** ସେଟାର୍‌ପାଇ
ସନିଅମନ୍ ଜାଇ ଜିସୁର୍ ସଙ୍ଗ୍ ଚଗାଇଅଇରଇବା ଆରି ଦୁଇଲକର୍
ଗଡ୍ ବାଙ୍ଗାଇଦେଲାଇ । **୩୩** ମାତର୍ ଜେଡେବେଲା ସେମନ୍
ଜିସୁର୍ ଲଗେ ଆସି ଦେକ୍‌ଲାଇଜେ, ସେ ମରିଜାଇରଇଲା ।
ସେଟାର୍‌ପାଇ ସେମନ୍ ତାର୍ ଗଡ୍ ବାଙ୍ଗାଅତ୍ ନାଇ । **୩୪** ମାତର୍
ଗଟେକ୍ ସନିଅ ଚେଲ୍ ସଙ୍ଗ୍ ତାର୍ ପାଞ୍ଜରା ତଲେ ବୁସ୍‌ଲା ଦାପ୍‌ରେ
ବନି ଆରି ପାନି ବାରଇଲା । **୩୫** ଏଟା ଜେ ଦେକି ରଇଲା, ସେ ଏ
ସାକି ଦେଲାଆଚେ । (ସେଟାର୍ ପାଇ ତମେ ମିସା ବିସ୍‌ବାସ୍ କରା
। ତାର୍ ସାକିଦେଲାଟା ସତ୍‌ସେ । ଆରି ସେ ସତ୍‌କାତା କଇଲା
ଆଚେ ବଲିକରି ନିଜେ ବିସ୍‌ବାସ୍ କର୍‌ସୁ ।) **୩୬** କାଇକେବଇଲେ
ସାସ୍‌ତରର୍ ଏ ବାକିଅ ପୁରାପୁରୁନ୍ ଅଇବାପାଇ ବଲି ଏ ସବୁ
ବିସଇ ଗଟ୍‌ଲା, “ତାର୍ ଗଟେକ୍ ଆଡ୍ ମିସା ନ ଚିଲ୍‌ପେ ।”
**୩୭** ପର୍‌ମେସରର୍ ସାସ୍‌ତରେ ଆରି ଗଟେକ୍ ବାକିଅ ଏନ୍ତାରି
ଆଚେ ଜାକେ ସେମନ୍ ବୁସ୍‌ଲାଇଆଚତ୍, ତାକେ ଦେକ୍‌ବାଇ ଆରି
ତାର୍ ବାଟେସେ ଦେକ୍‌ତେ ରଇବାଇ । **୩୮** ଏ ସବୁ ଗଟ୍‌ନା
ଅଇଲା ପଚେ ଆରାମାତିଆ ଗଡର୍ ଜସେପ୍ ନାଉଁର୍ ଗଟେକ୍
ଲକ୍ ପିଲାତ୍‌କେ ଜିସୁର୍ ଗାଗଡ୍ ମାଙ୍ଗ୍‌ଲା । ଜସେପ୍ ଜିସୁର୍ ସିସ୍
ରଇଲା । ମାତର୍ ସେ ଜିଉଦି ନେତାମନ୍‌କେ ଡରିକରି ଜାନାଇ
ନ ଅଇ ରଇତେ ରଇଲା । ପିଲାତ୍ ଜସେପ୍‌କେ ଜିସୁର୍ ଗାଗଡ୍
ନେ ବଇଲାକେ, ସେ ଜିସୁର୍ ମଲାଗାଗଡ୍ ଦାରି ଗାଲା । **୩୯**
ନିକଦିମ ମିସା ଜସେପର୍ ସଙ୍ଗ୍ ଗାଲା । ଏ ନିକଦିମ ଗଟେକ୍
ରାତି ଜିସୁକେ ମିସ୍‌ବାର୍ ଜାଇରଇଲା । ସେ ଜିସୁର୍ ଗାଗ୍‌ଡେ
ଲାଗାଇବାକେ ଗନ୍ଦରସ୍ ଆରି ଅଙ୍ଗୁର୍ ମିସାଇଲା ବାସ୍‌ନା ଚିକନ୍
ତିରିସ୍ କେଜି ଆନିରଇଲା । **୪୦** ସେମନ୍ ଦୁଇ ଲକ୍ ମିସିକରି
ଜିଉଦିମନର୍ ରିତିନିତି ଇସାବେ ଜିସୁର୍ ଗାଗଡ୍ ନେଇ ବାସ୍‌ନା
ଦିନ୍‌ସୁ ସଙ୍ଗ୍, ଡେଙ୍ଗ୍ ପଚିଆ ଗୁଡିଆଇ ଦେଲାଇ । **୪୧** ତାକେ ଜନ୍
ଜାଗାଇ କୁର୍‌ସେ ଚଗାଇ ରଇଲାଇ, ସେ ଜାଗାଇ ଗଟେକ୍ ବାଡ୍
ରଇଲା । ଆରି ସେ ବାଡେ ମଲା ଲକ୍‌ମନ୍‌କେ ସଙ୍ଗ୍‌ଇବାକେ
ଗଟେକ୍ ନୁଆ ପାଆର୍ ରଇଲା । ସେ ପାଆରେ କେବେ ମିସା
କାକେ ନ ସଙ୍ଗ୍‌ଇ ରଇଲାଇ । **୪୨** ବିସ୍‌ରାମ୍ ବାରର୍ ନିଉତା

ଦିନ୍ ଅଇରଇଲା ଆରି ସେ ପାଆର୍ ଲଗେ ରଇଲା ଜେ, ସେମନ୍
ଜିସୁର୍ ଗାଗଡ୍ ନେଇକରି ସେ ପାଆରେ ସଙ୍ଗଇଦେଲାଇ ।

**୨୦** ଆଟର୍ ପର୍ତୁମ୍ ଦିନର୍ ସାକାଲେ ଜୁଲ୍‌ପୁଲ୍ ଉଜଲ୍
ବେଲାଇ ମଗ୍‌ଦଲିନି ମରିୟମ୍ ଜିସୁକେ ପାକ୍‌ନା ସଙ୍ଗ
ତିଆର୍ କରି ସଙ୍ଗଇଲା ପାଆରେ ଆସିକରି ଡାବିରଇଲା ପାକ୍‌ନା
ଗୁଚିରଇଲାଟା ଦେକ୍‌ଲା । **୨** ସେଟାର୍‌ପାଇ ସେ ପାଲାଇ କରି
ସିମନ୍ ପିତର୍ ଆରି ଜିସୁ ଜନ୍ ସିସ୍‌କେ ବେସି ଆଲାଦ୍ କର୍‌ତେ
ରଇଲା, ସେମନ୍‌କେ ଆସି କଇଲା, “ସେମନ୍ ମାପ୍‌ରୁକେ,
ସଙ୍ଗଇଲା ଜାଗାଇଅନି ଦାରିଗାଲାଇ ଆଚତ୍ । ଆରି ତାକେ
କନ୍ ଜାଗାଇ ସଙ୍ଗଇଲାଇ ଆଚତ୍ ସେଟା ଆମେ ନାଜାନୁ ।”
**୩** ସେଡ୍‌କି ବେଲେ ପିତର୍ ଆରି ସେ ସିସ୍, ଜିସୁକେ ସଙ୍ଗଇଲା
ଜାଗାଇ ଜିବାକେ ବାରଇଲାଇ । **୪** ସେମନ୍ ଦୁଇ ଲକ୍ ମିସ୍‌ତେ
ପାଲାଇତେ ରଇଲାଇ । ଆରି ସେ ବିନ୍ ସିସ୍ ପିତର୍‌କେ ପଚେ
କରି ଆଗ୍‌ତୁ ସଙ୍ଗଇ ରଇଲା ଜାଗାଇ କେଟ୍‌ଲା । **୫** ସେ ପାଆର୍
ବିତ୍‌ରେ ଲଇଁକରି ଏରି ଦେକ୍‌ଲାଜେ, ଏଦେ ଦେକା! ତେଇ ଜିସୁର୍
ଗାଗ୍ରେଡ୍ ଗୁଡିଆଇ ଅଇରଇଲା ଲୁଗା ଅଦ୍‌ରିରଇଲାଟା ଦେକ୍‌ଲା
। ମାତର୍ ସେ ବିତ୍‌ରେ ପୁରେନାଇ । **୬** ପଚେ ସିମନ୍ ପିତର୍ ମିସା
ତାର୍ ପଚେ ପଚେ ଜାଇ କେଟ୍‌ଲା ଆରି ପାଆର୍ ବିତ୍‌ରେ ଜାଇ
ତେଇ ଅଦ୍‌ରି ରଇଲା ଲୁଗା ଦେକ୍‌ଲା । **୭** ଆରି ଜିସୁର୍ ମୁଣ୍ଡେ
ଜନ୍ ଲୁଗା ଗୁଡିଆଇ କରି ବାନ୍ଦିରଇଲାଇ, ସେଟା ପାତଲ୍ ଲୁଗା
ସଙ୍ଗ ନ ଅଇକରି ଗଟେକ୍ ବିନ୍‌ଟାନେ ଗୁଡିଆଇଅଇ ରଇଲା । **୮**
ତାର୍ ପଚେ ସେ ବିନ୍ ସିସ୍ ଜେକି ଆଗ୍‌ତୁ କେଟି ରଇଲା ସେ
ପାଆର୍ ବିତ୍‌ରେ ଜାଇକରି ସେଟା ସବୁ ଦେକିକରି ବିସ୍‌ବାସ୍ କଲା
। **୯** (ସେ ସିସ୍‌ମନ୍ ସେ ବେଲା ଜାକ ପର୍‌ମେସରର୍ ବଇତେଇ
ଲେକା ଅଇଲା ଇସାବେ, ଜିସୁ ମଲାଟାନେଅନି ଆରି ତରେକ୍
ଜିବନ୍ ଅଇ ଉଟ୍‌ସି ବଲି ବୁଜି ନ ରଇଲାଇ ।) **୧୦** ତାର୍ ପଚେ
ସିସ୍‌ମନ୍ ପାଆର୍ ଦେକି ସାରାଇ ଗରେ ବାଉଡି ଉଟି ଗାଲାଇ ।
**୧୧** ମାତର୍ ମରିୟମ୍ ଜିସୁର୍ ଗାଗଡ୍ ସଙ୍ଗଇରଇଲା ପାଆର୍ ଲଗେ
ଟିଆଅଇ କାନ୍ଦତେ ରଇଲା । ସେ କାନ୍ଦି କାନ୍ଦି ଲଇଁକରି ପାଆର୍
ବିତ୍‌ରେ ଦେକ୍‌ଲା, **୧୨** ଆରି ଏଦେ ଦେକା! ତେଇ ଦବ୍‌ପଚିଆ
ପିନ୍ଦିରଇବା ଦୁଇଟା ସରଗର୍ ଦୁତ୍‌ମନ୍ ଜିସୁକେ ଜନ୍ ଜାଗାଇ
ସଙ୍ଗଇରଇଲାଇ, ଗଟେକ୍ ଲକ୍ ମୁଣ୍ଡବାଟେ ଆରିଗଟେକ୍ ଲକ୍
ଗଡ୍‌ବାଟେ ବସିରଇଲାଟା ଦେକ୍‌ଲା । **୧୩** ସେମନ୍ ମରିୟମ୍‌କେ
ପାଚାର୍‌ଲାଇ, “ତୁଇ କାଇକେ ମା କାନ୍ଦଲୁସ୍‌ନି?” ମରିୟମ୍
କଇଲା, “ସେମନ୍ ମର୍ ମାପ୍‌ରୁର୍ ଗାଗଡ୍ କେନେକି ଦାରିଗାଲାଇ
ଆଚତ୍ । ଆରି ସେମନ୍ ତାକେ କନ୍ତି ସଙ୍ଗଇଲାଇ ଆଚତ୍ ସେଟା
ମୁଇ ନାଜାନି ।” **୧୪** ସେ ଏନ୍ତି କଇକରି ପାସଲ୍‌ଲା ବେଲେ,
ତେଇ ଜିସୁ ଟିଆଅଇ ରଇଲାଟା ଦେକ୍‌ଲା । ମାତର୍ ମରିୟମ୍
ତାକେ ଜିସୁ ବଲି ଚିନି ନାପାର୍‌ଲା । **୧୫** ଜିସୁ ତାକେ ପାଚାର୍‌ଲା
“ଏ ମାଆ ତୁଇ କାଇକେ କାନ୍ଦଲୁସ୍‌ନି? ତୁଇ କାକେ କଜ୍‌ଲୁସ୍‌ନି?”
ମରିୟମ୍ ଏ ଲକ୍ ବାଡର୍ କାମ୍ କରୁ ମାଲି ବଲି ବାବିକରି ତାକେ
କଇଲା, “ଏ ଆଗିଆଁ, ତୁଇ କାଇ ଜିସୁର୍ ଗାଗଡ୍ ନେଇ ଆଚୁସ୍
କି? ତାକେ ତୁଇ କନ୍ତି ସଙ୍ଗଇ ଆଚୁସ୍? ମକେ କଇଦେ, ମୁଇ
ଜାଇକରି ତାକେ ଦାରିଜିବି ।” **୧୬** ଜିସୁ ତାକେ “ମରିୟମ୍!” ବଲି
ଡାକ୍‌ଲା । ମରିୟମ୍ ତାର୍ ବାଟେ ପାସ୍‌ଲି କରି “ରାବ୍‌ବୁନି!” ବଲି
ଏବ୍‌ରି ବାସାଇ କଇଲା । ଏଟାର୍ ଅରତ୍ ଅଇଲାନି ଗୁରୁ । **୧୭**
ଜିସୁ ତାକେ କଇଲା, “ମକେ ଦାରି ର ନାଇ, ଏବେ ଜାକ ମୁଇ
ବାବା ପର୍‌ମେସର୍ ଲଗେ ଜାଇନାଇ । ମାତର୍ ତୁଇ ଜାଇକରି
ମର୍ ବାଇମନ୍‌କେ କଅ, ମୁଇ, ମର୍ ବାବା ଆରି ସେମନର୍ ବାବା,
ମର୍ ପର୍‌ମେସର୍ ଆରି ସେମନର୍ ପର୍‌ମେସରର୍ ଲଗେ ବାଉଡି
ଗାଲିନି ।” **୧୮** ମଗ୍‌ଦଲିନି ମରିୟମ୍ ସିସ୍‌ମନର୍ ଲଗେ ବାଉଡି
ଗାଲା ଆରି କଇଲା “ମୁଇ ମାପ୍‌ରୁକେ ଦେକ୍‌ଲି ଆଚି ।” ଆରି
ଜିସୁ କଇଲା ସବୁ କାତା ସିସ୍‌ମନ୍‌କେ କଇଦେଲା । **୧୯** ସେ ଦିନ୍
ଆଟର୍ ପର୍ତୁମ୍ ଦିନ୍ ଅଇରଇଲା । ସଞ୍ଜ ବେଲା ସବୁ ସିସ୍‌ମନ୍
ଗଟେକ୍ ତେଇ ରୁଣ୍ଡଲାଇ । ସେମନ୍ ଜିଉଦି ନେତାମନ୍‌କେ
ଡରିକରି ଗରର୍ କାପାଟ୍ ସବୁ ଡାବିଅଇଦେଇ ରଇଲାଇ । ସେ
ବେଲା, ଏଦେ ଦେକା! ଜିସୁ ଅଟାତ୍ ସେମନ୍‌କେ ଦେକାଇଅଇକରି
ସେମନ୍ ଟିଆଅଇଲା ଜାଗାଇ “ତମ୍‌କେ ସାନ୍‌ତି ମିଲ!” ବଲି
କଇଲା । **୨୦** ଜିସୁ ଏ କାତା କଇଲା ପଚେ ନିଜର୍ ଆତ୍ ଆରି
ପାଞ୍ଜରା ଦେକାଇଲା । ସିସ୍‌ମନ୍ ମାପ୍‌ରୁକେ ଦେକିକରି ବେସି
ସାର୍‌ଦା ଅଇଗାଲାଇ । **୨୧** ଜିସୁ ଆରି ତରେକ୍ ସେମନ୍‌କେ
କଇଲା “ତମ୍‌କେ ସାନ୍ତି ମିଲ! ବାବା ପର୍‌ମେସର୍ ମକେ ଜେନ୍ତି
ପାଟାଇଆଚେ, ସେନ୍ତିସେ ମୁଇ ତମ୍‌କେ ପାଟାଇଲିନି ।” **୨୨**
ତାର୍ ପଚେ ଜିସୁ ସେମନର୍ ଉପ୍‌ରେ ପୁଣ୍ଡଲା ଆରି “ତମେ
ସୁକଲ୍ ଆତ୍‌ମାକେ ନାମା!” **୨୩** “ଜଦି ତମେ ଲକ୍‌ମନର୍ ପାପ୍
କେମା କର୍‌ସା ବଇଲେ, ପର୍‌ମେସର୍ ମିସା ସେମନର୍ ପାପ୍
କେମା ଦେଲା ଆଚେ । ଜଦି ତମେ ଲକ୍‌ମନର୍ ପାପ୍ କେମା
ନ କରାସ୍ ବଇଲେ ପର୍‌ମେସର୍ ମିସା ସେମନର୍ ପାପ୍ କେମା
ନ କରେ ।” ବଲି କଇଲା । **୨୪** ଜିସୁର୍ ବାର୍‌ଟା ସିସ୍‌ମନର୍
ବିତ୍‌ରେଅନି ତମା ଜାକେକି ଜଅଁଲା ବଲି ଡାକ୍‌ବାଇ, ଜିସୁ
ସିସ୍‌ମନ୍‌କେ ଦେକାଇଅଇଲା ବେଲେ ସେ ନ ରଇଲା । **୨୫**
ସେଟାର୍ ପାଇ ତେଇ ରଇଲା ବିନ୍ ସିସ୍‌ମନ୍ ତମା ଆଇଲା ପଚେ
କଇଲାଇ, ଆମେ ମାପ୍‌ରୁକେ ଦେକ୍‌ଲୁ ଆଚୁ । ମାତର୍ ତମା
କଇଲା, “ମୁଇ ତାର୍ ଆତେ କୁଟିର୍ ଚିନ୍ ନ ଦେକ୍‌ତେ ଆରି ସେ
ଚିନେ ମର୍ ଆଙ୍ଗଟି ନ ଚିଙ୍ଗଲାଇବା ଜାକ ଆରି ତାର୍ ପାଞ୍ଜରାଇ
ଆତ୍ ନ ପୁରାଇବା ଜାକ ବିସ୍‌ବାସ୍ ନ କରି ।” **୨୬** ଗଟେକ୍ ଆଟ୍
ଗାଲା ପଚେ ସିସ୍‌ମନ୍ ଆରି ତରେକ୍ ଗର୍ ବିତ୍‌ରେ ରଇଲାଇ,
ତମା ମିସା ସେମନର୍ ସଙ୍ଗ ତେଇ ରଇଲା । କାପାଟେ ଗାଡା
ଦେଇରଇଲାଇ । ମାତର୍ ଏଦେ ଦେକା! ଆଗ୍‌ତୁର୍ ପାରା ଜିସୁ
ଗର୍ ବିତ୍‌ରେ ପୁରିକରି ସେମନର୍ ମଜାଇ ଟିଆଅଇକରି କଇଲା,
“ତମ୍‌କେ ସାନ୍ତି ମିଲ!” **୨୭** ତାର୍ ପଚେ ଜିସୁ ତମାକେ କଇଲା,
“ତର୍ ଆଙ୍ଗଟି ଇତି ସଙ୍ଗଇ ମର୍ ଆତ୍ ଦେକ୍, ଆରି ମର୍ ପାଞ୍ଜରାଇ

ଆତ୍ ପୁରାଇ ଦେକ୍ । ଆରି କେବେ ମିସା ବିସ୍ବାସ୍ କରିନାଇ
ବଲି କଅ ନାଇ, ମାତର୍ ବିସ୍ବାସ୍ କର୍ ।” **୨୮** ତମା ଜିସୁକେ
କଇଲା, “ଏ ମର୍ ମାପ୍ରୁ, ଏ ମର୍ ପର୍ମେସର୍!” **୨୯** ଜିସୁ ତାକେ
କଇଲା, “ତୁଇ ମକେ ଦେକିକରି ବିସ୍ବାସ୍ କଲୁସ୍ନି କି? ମାତର୍
ଜନ୍ ଲକ୍ମନ୍ ମକେ ନ ଦେକିକରି ମିସା ବିସ୍ବାସ୍ କଲାଇନି,
ସେମନ୍ କେତେ ସାର୍ଦା ପାଇବାଇ!” **୩୦** ଜିସୁ ସିସ୍ମନର୍ ସଙ୍ଗେ
ରଇଲାବେଲେ କେତେକ୍ କେତେକ୍ କାବାଅଇଜିବା କାମ୍ମନ୍
କରିରଇଲା । ସେଟା ସବୁ ଏ ବଇତେଇ ଲେକା ଅଏନାଇ । **୩୧**
ମାତର୍ ଏତ୍କିସେ ଲେକାଅଇଲା, “ତମେ ଜେନ୍ତିକି ବିସ୍ବାସ୍
କର୍ସା ଜେ, ଜିସୁସେ ପର୍ମେସରର୍ ପଅ, ଜେକି ମସିଅ, ଆରି
ତାକେ ବିସ୍ବାସ୍ କଲେସେ ତମେ ଜିବନ୍ ପାଇସା ।”

**୨୧** ତାର୍ ପଚେ ଜିସୁ ନିଜେ ଆରି ତରେକ୍ ସିସ୍ମନ୍କେ
ତିବିରିଆର୍ ଗାଡ୍ପାଲି ଦେକାଇଅଇଲା । ସେଟା ଏନ୍ତି
ଅଇଲା । **୨** ଜିସୁର୍ କେତେଟା ସିସ୍ମନ୍ ଗଟେକ୍ ଟେଇ
ରୁଣ୍ଡିରଇଲାଇ । ସେମନ୍ ଅଇଲାଇନି, ସିମନ୍ ପିତର୍, ବିଦୁମ୍
ବଲି ଡାକ୍ବା ତମା ନାଉଁର୍ ସିସ୍, ଗାଲିଲି ଦେସର୍ କାନା ଗଡେ
ରଇଲା ନିତନିଏଲ୍, ଜେବଦିର୍ ଦୁଇଟା ପିଲା ଜାକୁବ୍, ଜଅନ୍
ଆରି ବିନ୍ ଦୁଇଟା ସିସ୍ମନ୍ । **୩** ସିମନ୍ ପିତର୍ ସେମନ୍କେ
“ମୁଇ ମାଚ୍ ଦାର୍ବାର୍ ଗାଲିନି ।” ବଲି କଇଲା । ସେମନ୍
ମିସା “ତର୍ ସଙ୍ଗେ ଆଇବୁ ।” ବଲି କଇଲାଇ । ଆରି ଡଙ୍ଗାଇ
ଚଗି, ସେମନ୍ ଗୁଲାଇ ରାତି ଜାଲ୍ ମାର୍ଲାଇ, ମାତର୍ ମୁଲ୍କେ
ଦାରତ୍ନାଇ । **୪** ଆର୍କର୍ ଦିନେ ଜୁଲ୍ପୁଲ୍ ଉଜଲେ ଜିସୁ
ଗାଡ୍କଣ୍ଡି ଟିଆଅଇରଇଲା । ମାତର୍ ସିସ୍ମନ୍ ତାକେ ଜିସୁ
ବଲି ଚିନି ନାପାର୍ଲାଇ । **୫** ଜିସୁ ସେମନ୍କେ ପାଚାର୍ଲା, “ଏ
ମଇତର୍ମନ୍ ତମେ ଜଡେକ୍ ମିସା ମାଚ୍ ଦାରାସ୍ ନାଇ କି?”
ସେମନ୍ “ମୁଲ୍କେ ଦାରୁ ନାଇ ।” ବଲି କଇଲାଇ । **୬** ଜିସୁ
ସେମନ୍କେ କଇଲା, “ଡଙ୍ଗାର୍ ଉଜାବାଟେ ଜାଲ୍ ମାରା, ତମେ
ମାଚ୍ଦାର୍ସା ଆଲେ ।” ସେ କଇଲା ପାରା ଜାଲ୍ ପାକାଇଲାଇ
ଜେ, ଏତର୍ ତାକର୍ ଜାଲେ ଏତେକ୍ ମାଚ୍ ଲାଗ୍ଲାଇଜେ,
ସେମନ୍ ଜାଲ୍ ଜିକି ନାପାର୍ଲାଇ । **୭** ଜିସୁ ଜନ୍ ସିସ୍କେ ଆଲାଦ୍
କର୍ତେ ରଇଲା, ସେ ସିସ୍ ପିତର୍କେ କଇଲା, “ଏଦେ ଦେକା!
ଏଟା ନିଜେ ଆମର୍ ମାପ୍ରୁ ସେ!” ପିତର୍ ଏଟା ମାପ୍ରୁ ଆକା
ବଲି କଇଲାଟା ସୁନିକରି ବେଟି ସଙ୍ଗଇଲା ବସ୍ତର୍ ପିନ୍ଦି ଗାଡେ
ଡେଗଇଦେଲା । କାଇକେ ବଇଲେ ସେ ମାଚ୍ ଦାର୍ବାବେଲେ,
ଉପ୍ରେ ପିନ୍ଦଲା ବସ୍ତର୍ ବେଟି ସଙ୍ଗଇ ରଇଲା । **୮** ଆରି
ବାକି ସିସ୍ମନ୍ ମାଚ୍ ବର୍ତି ରଇଲା ଜାଲ୍ ଜିକିଜିକି ଡଙ୍ଗା
କଣ୍ଡିତେଇ ଆନି ଲାଗାଇଲାଇ । ସେମନ୍ କଣ୍ଡିଅନି ଦୁଇସ ଆତ୍
ଦୁରିକେସେ ରଇଲାଇ । **୯** ସିସ୍ମନ୍ ଡଙ୍ଗାଇଅନି ଉତ୍ରିକରି
ପଦାଇ କେଟ୍ଲାବେଲେ, ଜଇରଇଲା ଇଙ୍ଗରା ଉପ୍ରେ କେତେଟା
ବାଜିଅଇଲା ମାଚ୍ ଆରି ରୁଟି ସଙ୍ଗଇଅଇ ରଇଲାଟା ଦେକ୍ଲାଇ
। **୧୦** ତାର୍ ପଚେ ଜିସୁ “ତମେ ଏବେ ଦାର୍ଲା କେତେଟା ମାଚ୍
ଆନା ।” ବଲି କଇଲା । **୧୧** ସେଟାର୍ ପାଇ ସିମନ୍ ପିତର୍ ଜାଇ
ମାଚ୍ ବର୍ତି ରଇଲା ଜାଲ୍ ପଦାପାଲିକେ ଜିକି ଆନ୍ଲା । ସେ
ଜାଲେ ସଏ ପଚାସ୍ ତିନ୍ଟା ବଡ୍ବଡ୍ ମାଚ୍ ଲାଗି ରଇଲାଇ ।
ମାଚ୍ମନର୍ ଲାଗି ବେସି ବଜ୍ ରଇଲା ମିସା, ଜାଲ୍ ଚିଡେନାଇ ।
**୧୨** ଜିସୁ ସେମନ୍କେ “ଆସା କାଆ!” ବଲି କଇଲା । ସିସ୍ମନର୍
ବିତ୍ରେଅନି କେ ମିସା ତୁଇ କେ? ବଲି ପାଚାର୍ବାକେ ସାଆସ୍
କରତ୍ ନାଇ । କାଇକେ ବଇଲେ ସେମନ୍ ସେ ମାପ୍ରୁ ବଲି
ଜାନି ରଇଲାଇ । **୧୩** ଜିସୁ ତାକର୍ ଲଗେ ଜାଇ ରୁଟି ଆରି ମାଚ୍
ବାଟାକରିଦେଲା । **୧୪** ଜିସୁ ମରିକରି ଜିବନ୍ଅଇ, ସିସ୍ମନ୍କେ
ଏଟା ସଙ୍ଗେ ମିସାଇ, ତିନ୍ତର୍ ଦେକାଇଅଇଲା । **୧୫** ସେମନ୍
କାଇଲା ପଚେ ଜିସୁ ସିମନ୍ ପିତର୍କେ କଇଲା, “ଜଅନର୍ ପଅ
ସିମନ୍, ତୁଇକାଇ ଏମନର୍ତେଇଅନି ମକେ ଅଦିକ୍ ଆଲାଦ୍
କଲୁସ୍ନି କି?” ପିତର୍ କଇଲା, “ଉଁ ମାପ୍ରୁ ମୁଇ ଆଲାଦ୍ କଲିନି
ବଲି ତୁଇ ଜାନିଆଚୁସ୍ ।” ଜିସୁ ତାକେ “ତୁଇ ମର୍ ମେଣ୍ଡାମନ୍କେ
ନିମାନ୍ କରି ଜତନ୍ କର୍ ।” ବଲି କଇଲା । **୧୬** ତାର୍ ପଚେ
ଜିସୁ ଆରି ତରେକ୍ ତାକେ ପାଚାର୍ଲା, “ଜଅନର୍ ପଅ ସିମନ୍,
ତୁଇ କାଇ ମକେ ସତଇସେ ଆଲାଦ୍ କଲୁସ୍ନି କି?” ପିତର୍
କଇଲା, “ଉଁ ମାପ୍ରୁ ମୁଇ ତକେ ଆଲାଦ୍ କଲିନି ବଲି ତୁଇ
ଜାନିଆଚୁସ୍ ।” ତାର୍ ପଚେ ଜିସୁ କଇଲା, “ସେନ୍ତାର୍ଆଲେ ମର୍
ମେଣ୍ଡାମନର୍ ଜତନ୍ କର୍ ।” **୧୭** ଜିସୁ ଦୁଇତର୍ ପାଚାରି ସାରି
ଆରିତରେକ୍ ପାଚାର୍ଲା, “ଏ ଜଅନର୍ ପଅ ସିମନ୍ ତୁଇ ମକେ
ଆଲାଦ୍ କଲୁସ୍ନି କି?” ଜିସୁ ତାକେ ତିନ୍ ତର୍ ଜାକ ଗଟେକ୍
କାତାସେ ପାଚାର୍ଲାଜେ ପିତର୍ ଦୁକ୍ ଅଇଗାଲା, ଆରି କଇଲା,
“ଏ ମାପ୍ରୁ! ମୁଇ ଆଲାଦ୍ କଲିନି ବଲି ତୁଇ ସବୁ ଜାନିଆଚୁସ୍
।” ଜିସୁ ପିତର୍କେ କଇଲା, “ତୁଇ ମର୍ ମେଣ୍ଡାମନ୍କେ ନିମାନ୍
କରି କୁଆଉ । **୧୮** “ମୁଇ ତକେ ସତ୍ କାତା କଇଲିନି, ତୁଇ
ଦାଙ୍ଗଡା ରଇଲାବେଲେ, ଚକା ପଚିଆ ପିନ୍ଦି କରି ଜେନେ ପାର୍ଲା
ତେନେ ଜାଇତେ ରଇଲୁସ୍ । ମାତର୍ ଡକ୍ରା ଅଇଲେ ଆତ୍
ଟେକ୍ସୁ, ଆରି ବିନ୍ ଲକ୍ମନ୍ ତକେ ବାନ୍ଦି ଜନ୍ତି ଜିବାକେ ମନ୍ ନ
ରଏ, ସେ ବାଟେସେ ତକେ ନେବାଇ ।” **୧୯** ସେ କେନ୍ତାରି ଅଇ
ମରିକରି ପର୍ମେସରର୍ ଡାକ୍ପୁଟା କର୍ସି, ସେଟା ଜାନାଇବାକେ
ଜିସୁ ଏନ୍ତାରି କଇଲା । ଏନ୍ତି କଇ ସାରାଇ ସେ ପିତର୍କେ
କଇଲା “ମର୍ ସଙ୍ଗେ ଆଉ ।” **୨୦** ପିତର୍ ପାସ୍ଲିକରି ଜିସୁର୍
ଆଲାଦର୍ ବିନ୍ ସିସ୍କେ ଦେକ୍ଲା । ଜାକେ କି ଜିସୁ ବେସି
ଆଲାଦ୍ କର୍ତେରଇଲା । ଜନ୍ ସିସ୍ କି ରାତିଆ କାଇଲାବେଲେ
ଜିସୁର୍ ବୁକେ ଆଉଜି ଅଇକରି ପାଚାରିରଇଲା । “ମାପ୍ରୁ କେ
ତମ୍କେ ବିସ୍ବାସେ ବିସ୍ ଦେଲାପାରା ସତ୍ରୁମନେ୍କ ସର୍ପି
ଦେଇସି?” **୨୧** ପିତର୍ ସେ ସିସ୍କେ ଦେକି ଜିସୁକେ ପାଚାର୍ଲା,
“ଏ ମାପ୍ରୁ ଆର୍ ବିସଇ କାଇଟା ଅଇସି?” **୨୨** ଜିସୁ ତାକେ
କଇଲା, “ଏ ଦୁନିଆଇ ଆରି ତରେକ୍ ଆଇବା ଜାକ ସେ ବଁଚି
କରି ରଅ ବଲି ମୁଇ ମନ୍ କଲିନି ବଇଲେ, ଏଟାର୍ପାଇ ତୁଇ

କାଇକେ ଚିନ୍ତା କଲୁସ୍‌ନି? ତୁଇ ମର୍ ସଙ୍ଗ୍‌ ଆଉ ।" **୨୩** ତେବେ
ଜିସୁ ଜନ୍ ସିସ୍‌କେ ଆଲାଦ୍ କର୍‌ତେ ରଇଲା, ସେ ନ ମରେ
ବଲି କଇରଇଲା ବିସଇ ଗୁଲାଇ ବାଟର୍ ବିସ୍‌ବାସ୍ କର୍‌ବା
ବାଇମନର୍‌ତେଇ କେଟ୍‌ଲା । ମାତର୍ ସେ ନ ମରେ ବଲି ଜିସୁ
କଇ ନ ରଇଲା । ମୁଇ ଏ ଦୁନିଆଇ ଆରି ତରେକ୍ ଆଇବା
ଜାକ ସେ ବଁଚିକରି ରଅ ବଲି ମୁଇ ଜଦି ମନ୍ କଲିନି ବଇଲେ,
ଏଟାର୍‌ପାଇ ତୁଇ କାଇକେ ଚିନ୍ତା କଲୁସ୍‌ନି? ବଲି କଇରଇଲା ।
**୨୪** ସେ ସିସ୍ ଏ ସବୁ ବିସଇ କଇଲାଆଚେ, ଏ ସବୁଜାକ ସେ
ଲେକି ମିସା ଆଚେ ଆରି ସେଟା ଆମେ ଜାନୁ । ସେ ଜାଇଟା
କଇଲା ଆଚେ ସେଟା ସବୁ ସତ୍‌ସେ । **୨୫** ଜିସୁ କରିରଇବା
କାମ୍‌ମନ୍ ଆରି କେତେକ୍ କେତେକ୍ ଆଚେ, ମାତର୍ ମର୍ ବିଚାର୍
ଇସାବେ ସେ ସବୁଜାକ ଜଦି ଗଟେକ୍ ଲକ୍ ଲେକ୍‌ଲେ, ଜେତ୍‌କି
ବଇ ଲେକା ଅଇସି, ସେଟାମନ୍ ସଙ୍ଗ୍‌ଇବାକେ ଟାନ୍ ନ ଅଏ ।

# ପେରିତ୍

**୧** ସାର୍ଦାର୍ ତିଅପିଲ୍, ମର୍ ପର୍ତୁମ୍ ଲେକିରଇବା
ଲୁକ୍ବଇଟାନେ ଆରାମେଅନି, ପର୍ମେସର୍ ତାକେ ସର୍ଗେ
ନେବା ଦିନ୍ ଜାକ, ଜିସୁ କରିରଇବା ଆରି ସିକାଇରଇବା
ସବୁ ବିସଇ ଲେକିରଇଲି । **୨** ତାର୍ ଆଗ୍ତୁ ସୁକଲ୍ଆତ୍ମାର୍
ବପୁସଙ୍ଗ୍ସେ ବାଚିରଇବା ପେରିତ୍ମନ୍କେ କେତେଟା ଆଦେସ୍
ଦେଇରଇଲା । **୩** ସେ ଦୁକ୍ କସ୍ଟ ଅଇଲାପଚେ, ସେମନ୍କେ
ନିଜେ ବେସି ତର୍ ଦେକାଇଅଇଲା । ଚାଲିସ୍ ଦିନ୍ଜାକ ବିନ୍
ବିନ୍ ବେଲାଇ ଦେକାଇଅଇଲା । ମଲାତେଇଅନି ଉଟ୍ଲାଟା
ସତ୍ସଙ୍ଗ୍ ଜାନାଇଲା । ସେମନ୍ ତାକେ ଦେକ୍ଲାଇ, ଆରି ସେ
ସେମନର୍ସଙ୍ଗ୍ ପର୍ମେସରର୍ ରାଇଜ୍ ବିସଇନେଇ କାତା ଅଇଲା
। **୪** ତରେକ୍ ସେମନର୍ସଙ୍ଗ୍ ମିସିକରି କାଇବା ବେଲେ, ସେ
ଏ ଆଦେସ୍ ଦେଲା, "ଜିରୁସାଲମ୍ ଚାଡାନାଇ । ମାତର୍ ଜନ୍ଟା
ମର୍ ସରଗର୍ ବାବା, ଇନାମେ ଦେବିବଲି କଇଆଚେ, ସେଟା
ନ ମିଲ୍ବା ଜାକ ଜାଗିରୁଆ । **୫** କାଇକେବଇଲେ ଜଅନ୍
ପାନିତେଇ ଡୁବନ୍ ଦେଇରଇଲା, ମାତର୍ କେତେ ଦିନ୍ ବିତ୍ରେ
ପର୍ମେସର୍ ତମ୍କେ ସୁକଲ୍ ଆତ୍ମାଇ ଡୁବନ୍ ଦେଇସି ।" **୬**
ଦିନେକ୍ ପେରିତ୍ ସିସ୍ମନ୍ ଗଟେକ୍ତେଇ ରୁଣ୍ଡିରଇଲା ବେଲେ
ଜିସୁକେ ପାଚାର୍ଲାଇ, "ମାପ୍ରୁ, ତମେ କାଇ ଏବେ ଇସ୍ରାଏଲର୍
ଲକ୍ମନ୍କେ ତାକର୍ ରାଇଜ୍ ଆରିତରେକ୍ ବାଉଡାଇ ଦେଇସୁ
କି?" **୭** ଜିସୁ ସେମନ୍କେ କଇଲା, "ମର୍ ବାବା ତାର୍ ନିଜର୍
ଅଦିକାର୍ସଙ୍ଗ୍ ବେଲାଗଡି ଟିକ୍କରି ସଙ୍ଗ୍ଇ ଆଚେ । ଏ ସବୁ
କେବେ ଗଟ୍ସି, ସେଟା ତମର୍ ଜାନ୍ବା ଦର୍କାର୍ ନାଇ । **୮**
ମାତର୍ ସୁକଲ୍ ଆତ୍ମା ତମର୍ ଉପ୍ରେ ଉତର୍ଲେ, ତମେ
ପୁରାପୁରୁନ୍ ବପୁ ଅଇସା ଆରି ଜିରୁସାଲମ୍, ଜିଉଦାର୍ ସବୁଟାନେ,
ସମିରଣ୍ ଆରି ଜଗତର୍ ସାରାସାରି ଜାକ ମର୍ ନାଉଁ ଦାରି ସାକି
ଅଇସା ।" **୯** ଏତ୍କି କାତା ସେମନ୍କେ କଇସାରାଇଲା ପଚେ,
ସେମନ୍ ଜିସୁକେ ସର୍ଗେ ନେବାଟା ଦେକ୍ଲାଇ । ଗଟେକ୍
ଚେଲ୍କା ବାଦଲ୍ ଆସି ଡାବିଅଇଲାକେ ସେ ବାନା ଅଇଗାଲା ।
ଆରି ସେମନ୍ ତାକେ ଦେକି ନାପାର୍ଲାଇ । **୧୦** ସେ ସର୍ଗେ
ଗାଲାପଚେ ମିସା ସେମନ୍ ଆଁକି ମରାଇକରି ଉପ୍ରେ ସେ
ଦେକ୍ତେ ରଇଲାଇ । ସେଡ୍କିବେଲେ ଏଦେ ଦେକା! ଦବ୍ ପଚିଆ
ପିନ୍ଦ୍ଲା ଦୁଇ ଲକ୍, ସେମନର୍ ମୁଆଟେ ଆସି ଟିଆଅଇଲାଇ ।
**୧୧** ଆରି କଇଲାଇ "ଏ ଗାଲିଲିର୍ ଲକ୍ମନ୍, ତମେ କାଇକେ
ଇତି ଟିଆଅଇ ଆକାସେ ଦେକ୍ଲାସ୍ନି? ଏ ଜିସୁକେ ପର୍ମେସର୍
ତମର୍ଟାନେଅନି ସର୍ଗେ ନେଲା ଆଚେ । ସେ ସର୍ଗେ ଜେନ୍ତି
ଜାଇରଇଲା, ସେନ୍ତାରିସେ ଦର୍ତନିତେଇ ଆଇବାଟା ଦେକ୍ସା ।"
**୧୨** ତାର୍ପଚେ ପେରିତ୍ ସିସ୍ମନ୍ ଜିତ୍ ପର୍ବତେଅନି ଜିରୁସାଲାମ୍
ବାଉଡି ଗାଲାଇ । ସେ ପର୍ବତ୍, ଜିରୁସାଲମ୍ ନଅରେଅନି
ଗଟେକ୍ କିଲମିଟର୍ ଦୁର୍ ରଇଲା । **୧୩** ଜିରୁସାଲେମ୍ ନଅରେ
ଜାଇକରି ସେମନ୍ ରଇବା ବାକ୍ରାଇ ପୁର୍ଲାଇ । ପିତର୍, ଜଅନ୍,
ଜାକୁବ୍ ଆରି ତାର୍ ବାଇ ଆନ୍ଦ୍ରିୟ୍, ପିଲିପ୍, ତମା, ବାର୍ତଲମି,
ମାତିଉ, ଆଲ୍ପିର୍ ପିଲା ଜାକୁବ୍, ଦେସ୍ ଆଲାଦ୍କର୍ବା ସିମନ୍
ଆରି ଜାକୁବର୍ ପିଲା ଜିଉଦା, ଏମନ୍ ରଇଲା ତେଇର୍ ପେରିତ୍
ସିସ୍ମନ୍ । **୧୪** ସେମନ୍ ତର୍କେତର୍ ଗଟେକ୍ ଦଲ୍ ଇସାବେ
ପାର୍ତନା କର୍ବାକେ ରୁଣ୍ଡେଡ ରଇଲାଇ । ଆରି ସେମନର୍ସଙ୍ଗ୍
ଜିସୁର୍ ଆୟା ମରିୟମ୍, ବିନ୍ ମାଇଜିମନ୍ ଆରି ଜିସୁର୍ ବାଇମନ୍
ମିସା ମିସ୍ତେରଇଲାଇ । **୧୫** କେତେ ଦିନ୍ ଗାଲାପଚେ ପାକାପାକି
ସଏ କଡେ ଲକ୍ ବିସ୍ବାସି ବାଇମନ୍ ରଇଲା ଗଟେକ୍ ସବାଇ,
ପିତର୍ ଲକ୍ମନର୍ ମୁଆଟେ ଉଟି ଟିଆଅଇ କଇଲା, **୧୬** "ଏ
ମର୍ ବାଇବଇନିମନ୍, ଜନ୍ ଇସ୍କାରିୟତ୍ ଜିଉଦା ଜିସୁକେ
ଦାରାଇଦେବାକେ ସତ୍ରୁମନ୍କେ ବାଟ୍ ଦେକାଇ ଆନିରଇଲା,
ତାର୍ ବିସଇ, ଦାଉଦ୍ ସୁକଲ୍ଆତ୍ମାଇ ପୁରୁନ୍ଅଇ ବବିସତ୍କାତା
ସୁନାଇ ରଇଲା । ଦରମ୍ ସାସ୍ତରର୍ କାତା ସିଦ୍ ଅଇବାକେ
ଏଟା ଗଟ୍ବାର୍ ରଇଲା । **୧୭** ଏଲେମିସା ସେ ଆମର୍ ଦଲର୍
ଲକ୍ ରଇଲା । ଆରି ଆମର୍ ସଙ୍ଗ୍ କାମ୍ କର୍ବାକେ ବାଚାଇଅଇ
ରଇଲା ।" **୧୮** ଜିଉଦା କରିରଇବା କରାପ୍ କାମେଅନି ମିଲାଇଲା
ଡାବୁକେ ଗଟେକ୍ ଜମି ଗେନାଅଇରଇଲା । ଆରି ସେ ଜମିତେଇ,
ଉମ୍ତାଡିଅଇ ଅଦ୍ରି ମଲା । ତାର୍ ପେଟ୍ ଚିରିଅଇ ଆଁତି
ବାରଇଗାଲା । **୧୯** ଜିରୁସାଲମ୍ ନଅରେ ବାସାଅଇରଇବା ସବୁ
ଲକ୍ମନ୍ ଏ ସବୁ ବିସଇ ସୁନ୍ଲାଇ । ସେମନର୍ ବାସାଇ ସେ
ଜମିର୍ ନାଉଁ ଆକେଲ୍ଦାମା ତାର୍ ଅରତ୍ ଅଇଲାନି ବନିର୍ ପଦା
ବଲି ନାଉଁ ଦେଲାଇ ଆଚତ୍ । **୨୦** ଗିତ୍ସଙ୍ଗିତା ବଇଟାନେ ଏ
ବିସଇ ଲେକା ଅଇଲା ଆଚେ, "ତାର୍ ଗର୍ ଚୁଚା ଅଇଜାଅ, ତେଇ
ବାସା ଅଇବାକେ କେ ମିସା ନ ରଅତ୍ ।" ଆରି ମିସା ଲେକା
ଅଇଲା ଆଚେ, "ତାର୍ ଜାଗାଇ ସେବା କର୍ବାକେ ଆରି ଗଟେକ୍
ଲକ୍ ମିସ ।" **୨୧** "ସେଟାର୍ ପାଇ, ଜିସୁମାପ୍ରୁ ଆମର୍ ସଙ୍ଗ୍
ଗାଲାବେଲେ ଜେ ଆମର୍ ଦଲେ ସବୁବେଲେ ରଇଲା, ସେନ୍ତାରି
ଗଟେକ୍ ଲକ୍କେ ବାଚ୍ବାର୍ ଆଚେ । **୨୨** ଜନ୍ ଲକ୍କେ ଆମେ
ବାଚ୍ବୁ, ପର୍ମେସର୍ ଜିସୁକେ ଜେନ୍ତି ଜିବନ୍ କରି ଉଟାଇଲା, ସେ
ବିସଇ ଆମର୍ସଙ୍ଗ୍ ସେ ସାକି ଅଇବାର୍ଆଚେ । ଜଅନ୍ ଜିସୁକେ
ଡୁବନ୍ଦେଲା ବେଲେଅନି, ପର୍ମେସର୍ ଆମର୍ଟାନେଅନି ତାକେ
ସର୍ଗେ ନେବା ଜାକ, ସେ ଲକ୍ ଆମର୍ ଦଲେ ରଇବାର୍ ଆଚେ
।" **୨୩** ସେମନ୍ ଦୁଇ ଲକର୍ ନାଉଁ ଦେଲାଇ । ଜସେପ୍ ଜେକି
ବର୍ସବା ଆରି ଜୁସ୍ତକ୍ ବଲି ମିସା କଇବାଇ ଆରି ମତିୟ୍ । **୨୪**
ଆରି ସେମନ୍ ପାର୍ତନା କଲାଇ, "ମାପ୍ରୁ ତମେତା ସବୁ ଲକର୍
ମନର୍ କାତା ଜାନାସ୍ । ଜିଉଦା ଜନ୍ ଜାଗାଇ ରଇବାର୍ରଇଲା,
ଟିକ୍ ତେଇ ଉଟିଗାଲା । ପଚେ ତାର୍ ଜାଗାଇ ତମେ ବାଚିରଇବା
ଲକ୍, ଏ ଦୁଇ ଲକର୍ ବିତ୍ରେ ଅନି କେ ଅଇରଇସି? **୨୫**
ଜେ ପେରିତ୍ ସିସ୍କାମ୍ କରିପାର୍ସି, ତାକେ ଆମ୍କେ ଜାନାଆ
।" **୨୬** ତାର୍ପଚେ ଦୁଇ ଲକର୍ଟାନେଅନି ଗଟେକ୍ ଲକ୍କେ

ବାଚ୍‌ବାକେ କେଡ୍‌ପୁଟାଇଲାଇ । କେଡ୍‌ପୁଟାଇଲାକେ ମତିୟସର୍
ନାଉଁ ପୁଟ୍‌ଲା । ସେନ୍ତାରି, ଏଗାର୍‌ଟା ସିସ୍‌ମନର୍ ଦଲେ ସେ
ମିସ୍‌ଲା ।

**୨** ଜନ୍ ଦିନେ ସେମନ୍ ପେନ୍‌ଟିକସ୍‌ଟ୍ ପରବ୍ ମାନ୍‌ତେରଇଲାଇ,
ଜିସୁକେ ବିସ୍‌ବାସ୍ କର୍‌ବା ସବୁ ଲକ୍‌ମନ୍ ଗଟେକ୍ ଜାଗାଇ
ରୁଣ୍ଡିରଇଲାଇ । **୨** ଅଟାତ୍ ଆକାସେଅନି ବେସି ପବନ୍
ଆଇଲାପାରା ଗଟେକ୍ ସବଦ୍ ଅଇଲା । ଆରି ଜନ୍ ଗରେ
ସେମନ୍ ବସି ରଇଲାଇ, ସେଟା ସେ ସବଦେ ପୁରୁନ୍ ଅଇଲା । **୩**
ତାର୍‌ପଚେ ସେମନ୍ ଦେକ୍‌ଲାଇ, କେତେଟା ଜଇଜିବ୍ ଉଦ୍‌ଲିକରି
ବିଚି ଅଇଲା । ଆରି ତେଇ ରଇଲା ସବୁ ବିସ୍‌ବାସିମନ୍‌କେ
ଚିଇଲା । **୪** ସେମନ୍ ସବୁଲକ୍ ସୁକଲ୍‌ଆତ୍‌ମାଇ ପୁରାପୁରୁନ୍
ଅଇଲାଇ ଆରି ଆତ୍‌ମା ଦେଲା ବପୁ ଇସାବେ ନାଜାନ୍‌ଲା
ବାସାମନର୍ ସଙ୍ଗ କାତା ଅଇବାର୍ ଦାର୍‌ଲାଇ । **୫** ଜଗତର୍ ବିନ୍
ବିନ୍ ଦେସେଅନି ଆସିରଇଲା ଜିଉଦି ଲକ୍‌ମନ୍ ସେଡ୍‌କିବେଲେ
ଜିରୁସାଲମେ ରଇଲାଇ । **୬** ଏନ୍ତାରି ଅଇଲାଟା ଦେକି ସେମନ୍
ସାର୍‌ଦା ଅଇଗାଲାଇ । କାଇକେବଇଲେ ସେ ବିସ୍‌ବାସିମନ୍
ତାକର୍ ତାକର୍ ବାସାଇ କାତା ଅଇବାଟା ସେମନ୍ ସୁନ୍‌ଲାଇ । **୭**
ସେମନର୍ ବୁଦିଗୁପିଗାଲା ଆରି କାବା ଅଇଜାଇ ପାଚାର୍‌ଲାଇ,
"ଏନ୍ତାରି ବାସାଇ କାତା ଅଇବା ଲକ୍‌ମନ୍ ଗାଲିଲିଅନି ନଅତ୍
କି? **୮** ସେନ୍ତିଆଲେ ଆମେ କେନ୍ତି ସେମନ୍‌କେ ଆମର୍ ନିଜର୍
ନିଜର୍ ଜନମ୍ ଜାଗାର୍ ବାସାଇ କାତା ଅଇବାଟା ସୁନିଆଚୁ? **୯**
ଆମେ ପାର୍‌ତିୟ, ମାଦିୟ, ଏଲାମିୟ ଆରି ମେସପଟାମିୟ,
ଜିଉଦା ଦେସ୍ ଆରି କାପ୍‌ପାଦକିଆ, ପନ୍ତୁ ଆରି ଆସିଆ, **୧୦**
ପିରିଜିଆ ଆରି ପପୁଲିଆ, ମିସର୍ ଆରି କୁରିଣି ଲଗେ ରଇଲା
ଲିବିଆ ଜାଗାର୍ ଲକ୍ । ଆମର୍ ବିତ୍‌ରେ ରମ୍‌ରାଇଜେଅନି
ଆସିରଇବା, ଜନମେ ଅନି ଜିଉଦି ଅଇଲା ଲକ୍ ଆଚୁ ଆରି
ପଚେ ଜିଉଦି ଦରମ୍ ନେଲା ଲକ୍ ମିସା ଆଚୁ । **୧୧** ଆମର୍
ବିତ୍‌ରେଅନି କେତେଲକ୍ କିର୍‌ତିୟଅନି ଆରି ଆରବିୟଅନି
ଆଇଲୁ ଆଚୁ । ଏନ୍ତି ଆମେ ସବୁ ବିନ୍ ବିନ୍ ଜାଗାଇଅନି ଆଇଲୁ
ଆଚୁ । ଏନ୍ତି ବଇଲେ ମିସା ପର୍‌ମେସର୍ କଲା ବଡ୍ ବଡ୍
କାବାଅଇଜିବା କାମ୍ ଏ ଲକ୍‌ମନ୍ ଆମର୍ ନିଜର୍ ନିଜର୍ ବାସାଇ
କାତାଅଇବାଟା ସୁନ୍‌ଲୁନି ।" **୧୨** ଏନ୍ତି ବଲି ସେମନ୍ ବେସି
କାବାଅଇଗାଲାଇ । ଆରି ସେମନର୍ ବୁଦି ଆଜି ଗାଲା । ଆରି
ତାକର୍ ତାକର୍ ବିତ୍‌ରେ "ଏଟା କେନ୍ତାର୍ ଅଇଲା ତେବେ?" ବଲି
ସବୁ ବେଲେ ପାଚାର୍‌ଉଚାର୍ ଅଇତେ ରଇଲାଇ । **୧୩** ମାତର୍
ବିନ୍ ଲକ୍‌ମନ୍ ବିସ୍‌ବାସିମନ୍‌କେ କିଜାଇକରି କଇଲାଇ, "ସେମନ୍
ମାତିଆଚତ୍!" **୧୪** ପିତର୍ ତାର୍ ସଙ୍ଗ ରଇଲା ଏଗାର୍‌ଟା ପେରିତ୍
ମନର୍ ସଙ୍ଗ ଟିଆଅଇ ଆଉଲି ଅଇ କଇଲା, "ଏ ମର୍ ପାରା
ଜିଉଦି ଲକ୍‌ମନ୍ ଆରି ଜିରୁସାଲମେ ରଇବା ସବୁ ବାଇମନ୍, ମର୍
କାତା ମନ୍‌ଦେଇ ନିମାନ୍ ସୁନା । ଏଟା କାଇଟା ଅଇଲାନି ବଲି
ମୁଇ ତମ୍‌କେ ବୁଜାଇ କଇବି । **୧୫** ଏବେ ସାକ୍‌ଲିଆ ନଅଟା
ବେଲା ଅଇଲା ଆଚେ । ତମେ ବାବ୍‌ଲାପାରା ଏ ଲକ୍‌ମନ୍ ମାତତ୍
ନାଇ । **୧୬** ଏଟା ଜଏଲ୍ ନାଉଁର୍ ବବିସତ୍‌ବକ୍‌ତା କଇଲା କାତା
ପାରା ଗଟ୍‌ନା ଗଟି ଆଚେ ।" **୧୭** ସେଟା କାଇଟା ବଇଲେ
ପର୍‌ମେସର୍ କଇଲାନି, "ସାରାସାରି ଦିନେ ମୁଇ ଏ ସବୁ ବିସଇ
କର୍‌ବି । ମର୍ ଆତ୍‌ମା ଜବର୍ ଅଇତେ ସବୁବାଟର୍ ଲକ୍‌କେ
ଦେବି । ତମର୍ ପିଲାଜିଲା ମୁଇ କଇବା କାତା କଇବାଇ ।
ତମର୍ ଦାଙ୍ଗଡାପିଲାମନ୍‌କେ ମୁଇ ଦର୍‌ସନ୍ ଦେକାଇବି । ଆରି
ଡକ୍‌ରା ଲକ୍‌ମନ୍ ମର୍ ବିସଇନେଇ ସପନ୍ ଦେକ୍‌ବାଇ । **୧୮**
ସେ ଦିନ୍‌ମନ୍‌କେ ମର୍ ଆତ୍‌ମା ଜବର୍ ଅଇତେ ମର୍ ଦାଙ୍ଗଡା
ଅଇରଇବା ମାଇଜିମୁନୁସ୍‌ମନ୍‌କେ ଆଜାଡି ଦେବି । ସେମନ୍
ମୁଇ କଇବା କାତା କଇବାଇ । **୧୯** ଆକାସେ କାବା ଅଇଜିବା
କାମ୍ କର୍‌ବି । ଦର୍‌ତନି ତେଇ ମିସା କାବାଅଇଜିବା ଚିନ୍‌ମନ୍
କର୍‌ବି । ଲକ୍‌ମନ୍ ବନି, ଜଇ ଆରି କାଲିଆ ଦୁଆଁ ଦେକ୍‌ବାଇ
। **୨୦** ବେଲ୍‌କେ ଆନ୍ଧାର୍ ଡିସ୍‌ଲା ପାରା କରାଇବି, ଜନ୍, ବନି
ପାରା ଡିସ୍‌ବାକେ କରାଇବି । ମୁଇ ବାଉଡି ଆଇବା ସେ ବଡ୍
ଉଜଲର୍ ଦିନ୍ ଆଗ୍‌ତୁ, ଏଟାସବୁ ଅଇସି । **୨୧** ଜେତ୍‌କି ଲକ୍
ମର୍ ନାଉଁ ଦାରି ଡାକ୍‌ବାଇ, ସେମନ୍‌କେ ମୁଇ ରକିଆ କର୍‌ବି ।"
**୨୨** ପିତର୍ କଇଲା, "ଏ ଇସ୍‌ରାଏଲ୍ ଦେସର୍ ଲକ୍‌ମନ୍ ତମେ
ମୁଇ କଇବା କାତା ସୁନା । ପରମେସର୍‌ସେ ବାଚି ପାଟାଇଲା
ଲକ୍, ନାଜରିତ୍ ଗଡର୍ ଜିସୁ ବଲିକରି ସେ ତମର୍ ଲଗେ ରଇଲା
ବେଲେ, ଦେକାଇଦେଲା । ସେଟା କେନ୍ତାର୍ ବଇଲେ, ପରମେସର୍
ତାର୍‌ତେଇଅନି କାବା ଅଇଜିବା କାମ୍ କଲାଆଚେ । ଏଟା ସତ୍
ବଲି ତମେ ଜାନିଆଚାସ୍ । **୨୩** ତାର୍ ଆଗ୍‌ତୁର୍ ଜଜ୍‌ନା ଇସାବେ
ସେ କାତା ଦେଇସାରାଇରଇଲା କି, ଜିସୁ ତମର୍ ଆତେ ସର୍‌ପାଇ
ଅଇସି । ତାର୍‌ପଚେ ତାର୍ ନିୟମ୍ ନ ମାନ୍‌ବା ଲକ୍‌ମନ୍ ତାକେ
କୁର୍‌ସେ ଚଗାଇ ମରାଅତ୍ ବଲି ତମେ ତାକେ ଏନ୍ତି କଲାସ୍ । **୨୪**
ମାତର୍ ପରମେସର୍ ଜିସୁକେ ମଲାଟାନେଅନି ଆରି ତରେକ୍
ଉଟାଇଲା । ମରନର୍ ବପୁତେଇଅନି ତାକେ ମୁକ୍‌ଲାଇଲା ।
କାଇକେବଇଲେ କେ ମିସା ତାକେ ମରାଇକରି ସେ ଜାଗାଇ
ସଙ୍ଗଇ ନାପାର୍‌ଲାଇ । **୨୫** ଏ ବିସଇ ଦାଉଦ୍ ରାଜା ଏନ୍ତି କଇ
ଆଚେ । ସେଟା କାଇଟା ବଇଲେ, "ପରମେସର୍ ସବୁ ବେଲା
ମର୍ ମୁଆଟେ ରଇବାଟା ଦେକ୍‌ଲି । ସେ ମର୍ ସଙ୍ଗ ଆଚେ ।
ସେଟାର୍‌ପାଇ ମକେ କେ ମିସା କଚପଚ କରିନାପାରତ୍ । **୨୬**
ସେଟାର୍ ପାଇ ମୁଇ ସାର୍‌ଦାସଙ୍ଗ ଆଚି । ଆରି ସାର୍‌ଦାର୍ କାତା
କଇବି । ମର୍ ଏ ମର୍‌ବା ଗାଗଡ୍ ରଇଲେ ମିସା ମୁଇ ସବୁବେଲେ
ତମର୍ ତେଇ ଆସା କର୍‌ବି । **୨୭** କାଇକେ ବଇଲେ ତୁଇ ମକେ
ମଲାଲକ୍‌ମନର୍ ଜାଗାଇ ଚାଡି ନ ଦିଆସ୍ । ତମର୍ ସୁକଲ୍
ଦାଙ୍ଗଡାକେ ସମାଦିଟାନେ କୁଇବାକେ ନ ଚାଡାସ୍ । **(Hadēs g86)**
**୨୮** ତମେ ମକେ ଜିବନର୍ ବାଟ୍ ଦେକାଇ ଆଚାସ୍ । ତମେ ମର୍
ସଙ୍ଗ ଆଚାସ୍, ସେଟାର୍‌ପାଇ ମୁଇ ସାର୍‌ଦା ସଙ୍ଗ ରଇବି ।" **୨୯**
ଆରି ପିତର୍ କଇଲା, "ଏ ଇସ୍‌ରାଏଲର୍ ବାଇବଇନିମନ୍, ଆମର୍

ଆନିଦାଦିବେଲର୍ ଦାଉଦ୍ ରାଜାର୍ ବିସଇ ଡାଟ୍ସଙ୍ଗ୍ କଇବାକେ
ମର୍ ଅଦିକାର୍ ଆଚେ । ସେ ମଲାକେ ତାକେ ତପି ଦେଲାଇ ।
ସେ ତପ୍ଲା ଜାଗା ଏବେ ଜାକ ଇତି ଆଚେ । **୩୦** ସେ ଗଟେକ୍
ବବିସତ୍ବକ୍ତା ରଇଲା ଆରି ପର୍ମେସର୍ ସପତ୍କରି କଇଲା
ବିସଇ ଜାନିରଇଲା । ପର୍ମେସର୍ ତାକେ କାତା ଦେଇରଇଲା
ଜେ, ତାର୍ ଗଟେକ୍ ନାତିତିତି ଦିନେକ୍ ତାର୍ପାରା ସାସନ୍ କର୍ସି
। **୩୧** ଏ ବିସଇ ଆଗେ ସେ ଜାନି ରଇଲାର୍ପାଇ ପର୍ମେସର୍
ମସିଅକେ ମଲାତେଇଅନି ଆରିତରେକ୍ ଜିବନ୍ କରାଇସି ବଲି
ସେ କଇପାର୍ଲା ।" "ପର୍ମେସର୍ ତାକେ ମରିକରିସେ ତେଇ
ରଇବାକେ ଚାଡିଦେଏ ନାଇ । ଆରି ତାର୍ ଗାଗଡ୍ ସମାଦି ତେଇ
କୁଇ ଜିବାକେ ଚାଡେନାଇ ।" **(Hadēs g86)** **୩୨** ଏବେ ଏ ଜିସୁକେ
ପରମେସର୍ ଜିବନ୍ ଦେଇ ଉଟାଇଆଚେ । ଆମେ ସବୁ ସେ
ଗଟ୍ନାର୍ ସାକି । **୩୩** ପରମେସର୍ ତାକେ ତାର୍ ଉଜାବାଟେ
ବସ୍ବାକେ ଉଟାଇଆଚେ । ଆରି ସେ କାତା ଦେଲା ଇସାବେ
ତାର୍ଟାନେଅନି ସୁକଲ୍ଆତ୍ମା ପାଇଲାଆଚେ । ତମେ ଏବେ
ଜନ୍ଟା ଦେକ୍ଲାସ୍ନି ଆରି ସୁନ୍ଲାସ୍ନି, ସେଟା ଅଇଲାନି ତାର୍
ଦାନ୍କରି ରଇବାଟା । ଜନ୍ଟା କି ସେ ଆମ୍କେ ଜବର୍ ଅଇତେ
ଆଜାଡି ଦେଲାଆଚେ । **୩୪** ସର୍ଗେ ଗାଲା ଲକ୍ ଦାଉଦ୍ ନଏଁ
। ମାତର୍ ସେ କଇଲା, "ପର୍ମେସର୍ ମର୍ ମାପ୍ରୁକେ କଇଲା
ତମର୍ ସବୁ ସତ୍ରୁମନ୍କେ ଆରାଇବା ଜାକ ମର୍ ଉଜାବାଟେ
ବସ୍ ଆରି ସାସନ୍ କର୍ ।" **୩୫** ଆରି ତର୍ ସତ୍ରୁମନ୍କେ ତର୍
ପାଦ୍ତଲେ ନ ଆନ୍ବା ଜାକ ମର୍ ଉଜାବାଟେ ବସି ର । **୩୬**
ପିତର୍ ଆରି କଇଲା "ଏ ଇସ୍ରାଏଲର୍ ସବୁ ଲକ୍ମନ୍, ତମେ ଜନ୍
ଜିସୁକେ କୁର୍ସେ କୁଟିମାରି ମରାଇରଇଲାସ୍, ପର୍ମେସର୍ ତାକେ
ମାପ୍ରୁ ଆରି ମସିଅ କଲାଆଚେ ବଲି ଡାଟ୍ସଙ୍ଗ୍ ଜାନ୍ବାର୍ଆଚେ
।" **୩୭** ଏ କାତା ପିତର୍ଟାନେଅନି ସୁନ୍ଲା ସବୁ ଲକ୍ମନ୍ ତାକର୍
ନିଜର୍ ବୁଲ୍ ଏତାଇକରି ମନ୍ ବିତ୍ରେ କିଲ୍ବିଲ୍ ଅଇଗାଲାଇ
। ସେମନ୍ ପିତର୍କେ ଆରି ପେରିତ୍ମନ୍କେ ପାଚାର୍ଲାଇ,
"ଏ ବାଇମନ୍ ଏନ୍ତାର୍ ବଲି କଇଲେ ଆମେ କାଇଟା କର୍ବାର୍
ଆଚେ?" **୩୮** ପିତର୍ ସେମନ୍କେ କଇଲା, "ତମେ ଗଟେକ୍
ଗଟେକ୍ ଲକ୍ ପାପେଅନି ବାଉଡିକରି ଜିସୁ କିରିସ୍ଟର୍ ନାଉଁ ଦାରି
ଡୁବନ୍ ନେବାର୍ ଆଚେ, ଜେନ୍ତାରି କି ତମର୍ ପାପ୍ ସବୁ କେମା
ଅଇସି ଆରି ପରମେସର୍ ତମ୍କେ ସୁକଲ୍ ଆତ୍ମା ଦେଇସି
। **୩୯** ଏ ସପତ୍ ତମର୍ପାଇ ଆରି ତମର୍ ପିଲାମନର୍ପାଇ ।
ଆରି ଇତିଅନି ଦୁରିକେ ରଇବା ସବୁର୍ପାଇ । ଜନ୍ ସବୁଲକ୍କେ
ସେ, ତାର୍ ଲଗେ ଡାକ୍ଲାନି ।" **୪୦** ଆରି ପିତର୍ ସେମନ୍କେ
ଜାଗ୍ରତ୍ କରାଇବାକେ ବେସି ବିସଇ କଇଲା ଆରି ସେମନ୍କେ
ବାବୁଜିଆ କଲା । ବିସ୍ବାସ୍ ନ କର୍ବା ଜିଉଦି ବାଇମନ୍କେ
ଆଇତେରଇବା ବଡ୍ ଡଣ୍ଡେଅନି ନିଜ୍କେ ରକିଆ କରା। ବଲି
କଇଲା । **୪୧** ତେଇ ପିତରର୍ କାତା ସୁନି ବେସି ଲକ୍ ବିସ୍ବାସ୍
କଲାଇ । ଆରି ସିସ୍ମନ୍ ସେମନ୍କେ ଡୁବନ୍ ଦେଲାଇ ।
ସେ ଦିନେ ତିନ୍ଅଜାର୍ ଲକ୍ମନ୍ ତାକର୍ ଦଲେ ମିସ୍ଲାଇ
। **୪୨** ସେମନ୍ ପେରିତ୍ମନ୍ ସିକାଇଲା ବିସଇ ମାନ୍ଲାଇ ।
ମିସିବିଡି ରଇବାକେ, ମିସିକରି କାଇବାକେ, ଆରି ପାର୍ତନା
କର୍ବାକେ । **୪୩** ଆରି ଲକ୍ମନ୍ ଡରିଜାଇତେରଇଲାଇ ।
ପର୍ମେସର୍ ପେରିତ୍ମନର୍ ତେଇଅନି ବେସି କାବାଅଇଜିବା
କାମ୍ମନ୍ କର୍ତେ ରଇଲା । ସବୁ ଲକ୍ମନ୍ ପରମେସର୍କେ
ନାମ୍ଲାଇ । **୪୪** ଜିସୁକେ ବିସ୍ବାସ୍ କଲା ଲକ୍ମନ୍ ଗଟେକ୍
ଗରର୍ ଲକ୍ପାରାଅଇ ରଇତେ ରଇଲାଇ । ଆରି ତାକର୍ତେଇ
କାଇକାଇଟା ରଇଲା, ସେଟା ସେମନ୍ ବାଟା କର୍ତେରଇଲାଇ
। **୪୫** ତାକର୍ ବିତ୍ରେ କେତେଲକ୍ ଜମି ଆରି ନିଜର୍ପାଇ
ରଇବାଟା ବିକିକରି, ସେ ଡାବୁ ଦର୍କାର୍ ଅଇଲା ଲକ୍ମନ୍କେ
ଦେଇତେରଇଲାଇ । **୪୬** ସବୁଦିନ୍ ପାର୍ତନା କର୍ବା ମନ୍ଦିରେ
ଗଟେକ୍ ଦଲ୍ଅଇ ମିସ୍ତେରଇଲାଇ । ଗରେ ଗରେ ମିସିବିଡି
କାଇତେରଇଲାଇ । ସାର୍ଦାସଙ୍ଗ୍ ରଇକରି, ମନେ କାଇଟା ନ
ବାବି ଦିଆନିଆ ଅଇତେରଇଲାଇ । **୪୭** ସେମନ୍ ପର୍ମେସର୍କେ
ଡାକ୍ପୁଟା କର୍ତେରଇଲାଇ ଆରି ଜିରୁସାଲେମର୍ ସବୁଲକ୍
ସେମନ୍କେ ନିକ ବଲି ବାବ୍ତେରଇଲାଇ । ମାପ୍ରୁ ଜନ୍
ଲକ୍ମନ୍କେ ମୁକ୍ତି କର୍ତେରଇଲା, ଦିନ୍କେ ଦିନ୍ ସେମନର୍
ଦଲେ ମିସାଇତେରଇଲା ।

**୩** ଗଟେକ୍ ଦିନେ ପିତର୍ ଆରି ଜଅନ୍ ପାର୍ତନା କର୍ବାକେ
ମନ୍ଦିରେ ଗାଲାଇ, ଜେତେବେଲେ କି ପାର୍ତନା କର୍ବା
ବେଲା ମୁଇଦାନିଆ ତିନ୍ ଗଁଟା ଅଇରଇଲା । **୨** ତେଇ ଗଟେକ୍
ଲକ୍ ରଇଲା । ସେ ଜନମେଅନି ଚଟା । ତାକେ ସବୁଦିନ୍
ଲକ୍ମନ୍ ବଇକରି ସୁନ୍ଦର୍ ବଲି କଇବା ମନ୍ଦିରର୍ ଡିଆଗଡି,
ନିଆ ଆନା କର୍ତେରଇଲାଇ । ସେ ଜେନ୍ତିକି ମନ୍ଦିରେ ଆଇଲା
ଲକ୍ମନ୍କେ ବିକ୍ ମାଙ୍ଗ୍ଲି ପାର୍ସି । **୩** ପିତର୍ ଆରି ଜଅନ୍ ମନ୍ଦିର୍
ବିତ୍ରେ ପୁର୍ବାଟା ଦେକି ସେ ସେମନ୍କେ କାଇଟା ମିସା ଦିଆ,
ବଲି ବିକ୍ମାଗ୍ଲା । **୪** ପିତର୍ ଆରି ଜଅନ୍ ତାକେ ନିମାନ୍କରି
ତିରିଆଇ ଦେକ୍ଲାଇ ଆରି ପିତର୍ କଇଲା, "ଆମର୍ ବାଟେ
ଦେକ୍!" **୫** ସେ କାଇଟାଆଲେ ପାଇବା ଆସାଇ ସେମନର୍
ବାଟେ ମୁ ବୁଲାଇ ଦେକ୍ଲା । **୬** ମାତର୍ ପିତର୍ ତାକେ କଇଲା,
"ମର୍ଲଗେ ସୁନା କି ରୁପା ନାଇ, ମକେ ଜାଇଟା ଆଚେ ସେଟା
ତକେ ଦେଲିନି । ନାଜରିତର୍ ଜିସୁର୍ ନାଉଁଦାରି ମୁଇ ଆଦେସ୍
ଦେଲିନି, ଉଟ୍ ଆରି ଇଣ୍ଡ୍!" **୭** ଏନ୍ତି କଇକରି ପିତର୍ ତାକେ
ଉଜା ଆତ୍ ଦାରି ଉଟାଇଲା, ସେ ଦାପ୍ରେ ସେ ଲକର୍ ପାଦ୍
ଆରି ଗଡ୍ ସବୁ ଡାଟ୍ ଅଇଲା । **୮** ସେ ଚିକାଲ୍ନା ଡେଗଇକରି
ଉଟ୍ଲା ଆରି ଇଣ୍ଡ୍ବାର୍ ଦାର୍ଲା । ସେ ଇଣ୍ଡି ଇଣ୍ଡି ଡେଗଇ
ଡେଗଇ ପର୍ମେସରର୍ ଡାକ୍ପୁଟା କରିକରି ତାକର୍ ସଙ୍ଗ୍ ମନ୍ଦିରେ
ଗାଲା । **୯** ତେଇ ରଇବା ଲକ୍ମନ୍ ତାକେ ଇଣ୍ଡ୍ବାଟା ଆରି
ପର୍ମେସର୍କେ ଡାକ୍ପୁଟା କର୍ବାଟା ଦେକ୍ଲାଇ । **୧୦** ମନ୍ଦିରର୍
ସୁନ୍ଦର୍ ନାଉଁର୍ ଡିଆଗଡି ବସି ରଇଲା ମାଙ୍ଗ୍ତିଆ ବଲି ଚିନ୍ଲାଇ

। ଆରି ତାକେ ଜାଇଟା ଗଟି ରଇଲା ସବୁ ଜାନି କାବାଅଇଜାଇ
କାନାବାନା ଅଇଲାଇ । ୧୧ ସେ ଲକ୍ ପିତର୍‌କେ ଆରି ଜଅନ୍‌କେ
ନ ଚାଡ୍‌ତେରଇଲା । ସଲ୍‌ମନର୍ ପିଣ୍ଡାଇ ତାକର୍ ସଙ୍ଗ୍ ରଇବାଟା
ଦେକି, ଲକ୍‌ମନ୍ କାବାଅଇଗାଲାଇ । ପଚେ ପାଲାଇ ଆଇଲାଇ
। ୧୨ ପିତର୍ ସେମନ୍‌କେ ଦେକି କଇଲା, "ଏ ଇସ୍‌ରାଏଲର୍
ବାଇମନ୍, ତମେ କାଇକେ କାବାଅଇଜାଇ ଆମର୍ ବାଟେ ଏନ୍ତାର୍
ଦେକ୍‌ଲାସ୍‌ନି? କାଇଟା ବାବ୍‌ଲାସ୍‌ନି? ଆମର୍ ନିଜର୍ ବପୁସଙ୍ଗ୍
କି ଦରମ୍‌ସଙ୍ଗ୍ ଏ ଲକ୍‌କେ ଇଣ୍ଡ୍‌ବା ବପୁ ଦେଲୁଆଚୁ? ୧୩ ଆମର୍
ଆନିଦାଦିମନର୍ ପର୍‌ମେସର୍ ଅବ୍‌ରାଆମର୍, ଇସାକର୍ ଆରି
ଜାକୁବର୍ ପରମେସର୍ ତାର୍ ସେବାକାରିଆ ଜିସୁକେ ଡାକ୍‌ପୁଟା
କଲାଆଚେ । ମାତର୍ ତମେ ତାକେ ସାସନ୍‌କାରିଆମନର୍ ଆତେ
ସର୍‌ପିଦେଲାସ୍ । ଏନ୍ତି କି ପିଲାତ୍ ତାକେ ଚାଡିଦେବାକେ ମନ୍‌କରି
ରଇଲେ ମିସା ତାର୍ ମୁଆଟେ ଚାଡ୍‌ନାଇ ବଲି କଇଲାସ୍ । ୧୪
ସେ ଆକା ଗଟେକ୍‌ସେ ସୁକଲ୍ ଆରି ଦରମ୍ ଲକ୍ ରଇଲା ।
ମାତର୍ ତମେ ତାକେ ନାମାସ୍ ନାଇ ଆରି ତାର୍ ବାଦୁଲେ ଗଟେକ୍
ନର୍‌ମାରୁକେ ମୁକ୍‌ଲାଇବାକେ ପିଲାତ୍‌କେ ଗୁଆରି କଲାସ୍ । ୧୫
ଜେ ଜିବନର୍ ବାଟ୍ ଦେକାଉ, ତାକେ ତମେ ମାର୍‌ଲାସ୍, ମାତର୍
ପର୍‌ମେସର୍ ତାକେ ମଲାଟାନେଅନି ଆରି ତରେକ୍ ଜିବନ୍ କରି
ଉଟାଇଲା । ଆମେ ଅଇଲୁନି ତାର୍ ସାକି । ୧୬ ତାର୍ ନାଉଁର୍ ବପୁ
ସଙ୍ଗ୍ ଏ ଚଟା ନିମାନ୍ ଅଇଲାଆଚେ । ଜନ୍ ଗଟ୍‌ନା ଏବେ ତମେ
ନିଜେ ଦେକି ସତ୍ ବଲି ଜାନ୍‌ଲାସ୍, ସେଟା ଅବ୍‌କା ତାର୍ ନାଉଁଦାରି
ବିସ୍‌ବାସ୍ କଲାକେସେ ମିଲ୍‌ଲା ଆଚେ । ଜିସୁକେ ବିସ୍‌ବାସ୍
କଲାକେ ସେ ନିମାନ୍ ଅଇଲା ଆଚେ, ଏଟା ତମେ ଦେକ୍‌ଲାସ୍ ।"
୧୭ "ସେଟାର୍ ପାଇ ଏ ଇସ୍‌ରାଏଲର୍ ବାଇମନ୍, ତମେ ଆରି
ତମର୍ ନେତାମନ୍ ଜିସୁକେ ଜାଇଟା କଲାସ୍, ସେଟା ନାଜାନିକରି
କଲାସ୍, ଏଟା ମୁଇ ଜାନି । ୧୮ ବେସି ବରସ୍ ଆଗ୍‌ତୁ ତାର୍
ବବିସତ୍‌ବକ୍‌ତା ମନର୍‌ଟାନେ ଅନି ଜାନାଇରଇବା କାତା ଇସାବେ
ଏବେ ସିଦ୍ ଅଇଲା ଜେ, ସେ ମସିଅ ଦୁକ୍‌ପାଇବାକେ ଅଇସି ।
୧୯ ସେନ୍ତିଆଲେ ତମେ ମନ୍‌ବାଦ୍‌ଲାଇ କରି ପରମେସରର୍ ବାଟେ
ବାଉଡି ଆସା । ତେବେ ସେ ତମର୍ ପାପ୍ କେମା କର୍‌ସି ।" ୨୦
ଆରି ମାପ୍‌ରୁର୍‌ଟାନେଅନି ଆତ୍‌ମାଇ ବପୁ ପାଇସା, ପରମେସର୍
ତମର୍‌ପାଇ ସେ ଆଗେଅନି ବାଚ୍‌ଲା, ମସିଅ ଜିସୁକେ ପାଟାଇସି
। ୨୧ ପର୍‌ମେସର୍ ସବୁ ବିସଇ ନୁଆ କର୍‌ବା ବେଲା ଜାକ ସେ
ସର୍‌ଗେ ରଇସି । ଏଟା ପର୍‌ମେସର୍ ପୁର୍‌ବେ ରଇଲା ତାର୍
ସୁକଲ୍ ବବିସତ୍‌ବକ୍‌ତାମନ୍‌କେ ସପତ୍ କରିରଇଲା । (aiōn g165)
୨୨ ସେ ବିସଇ ମସା କଇରଇଲା, ତମର୍ ମାପ୍‌ରୁ ପରମେସର୍
ତମର୍ ଲଗେ ମର୍‌ପାରା ବବିସତ୍‌ବକ୍‌ତାକେ ପାଟାଇସି । ତମର୍
ବାଇମନର୍ ବିତ୍‌ରେ ଅନି ଗଟେକ୍ ଲକ୍‌କେ ପାଟାଇସି । ସେ
ଜେତ୍‌କି ବିସଇ କଇସି, ସେଟା ସବୁ ତମେ ମାନ୍‌ବାର୍ ଆଚେ
। ୨୩ କେ ଜଦି ସେ ବବିସତ୍‌ବକ୍‌ତାର୍ କାତା ନ ନାମେ ତାକେ
ପରମେସରର୍ ଲକ୍‌ମନର୍‌ଟାନେଅନି ଅଲ୍‌ଗା କରି କୁରୁପ୍‌ନାସ୍
କରିପାକାଇସି । ୨୪ ଜେତ୍‌କି କବର୍ ସୁନିରଇବା ବବିସତ୍‌ବକ୍‌ତା
ରଇଲାଇ, ସାମୁଏଲ୍ ଆରି ଜେ ଜେ ତାର୍ ପଚେ ଆଇଲାଇ
ଆରି ଏବେ ଜାଇଟା ଗଟ୍‌ଲା, ସେ ବିସଇ କଇରଇଲାଇ ।
୨୫ ପର୍‌ମେସର୍ ବବିସତ୍‌ବକ୍‌ତାମନର୍ ଟଣ୍ଡେଅନି ଜନ୍‌ସବୁ
କାତା ଦେଲାଆଚେ ସେଟା ତମର୍ ପାଇସେ ଟିକ୍ । ତମର୍
ଆନିଦାଦିମନର୍ ସଙ୍ଗ୍ ଜନ୍ ରାଜିନାମା କଲାଆଚେ, ତମେ ମିସା
ତେଇ ମିସିଆଚାସ୍ । ପର୍‌ମେସର୍ ଅବ୍‌ରାଆମ୍‌କେ କଇରଇଲା,
"ମୁଇ ତମର୍ ନାତିତିତି ମନର୍‌ଟାନେଅନି ଜଗତର୍ ସବୁ ଲକ୍‌କେ
ଆସିର୍‌ବାଦ୍ କର୍‌ବି । ୨୬ ସେଟାର୍‌ପାଇ ପରମେସର୍ ତାର୍
ସେବାକାରିଆକେ ବାଚ୍‌ଲା ଆରି ତମ୍‌କେ ସବୁ ଲକ୍‌କେ ବାନିଆ
ବାଟେଅନି ବାଉଡାଇଆନ୍‌ବାକେ ଆରି ଆସିର୍‌ବାଦ୍ କର୍‌ବାକେ
ପର୍‌ତୁମ୍ ତାକେ ତମର୍ ଲଗେ ପାଟାଇଲା ।"

୪ ପିତର୍ ଆରି ଜଅନ୍ ଲକ୍‌ମନ୍‌କେ ଏନ୍ତି ସିକିଆ ଦେଇତେ
ରଇଲା ବେଲେ ମନ୍ଦିରର୍ କେତେଟା ପୁଜାରି ଆରି
ଜାଗୁଆଲ୍‌ମନର୍ ସେନାପତି ଆରି କେତେଟା ସାଦୁକିମନ୍ ଆସି
କେଟ୍‌ଲାଇ । ୨ ସେମନ୍ ରିସା ଅଇଗାଲାଇ କାଇକେ ବଇଲେ
ପେରିତ୍ ସିସ୍ ଦୁଇଲକ୍ ଜିସୁ ମଲାଟେଇଅନି ଉଟ୍‌ଲା ଆଚେ
ବଲି ସିକାଇତେରଇଲାଇ । ଏନ୍ତି ସିକାଇଲେସରି ଲକ୍‌ମନ୍
ମଲାଟାନେଅନି ଉଟ୍‌ବାଇବଲି ପର୍‌ମାନ୍ କର୍‌ତେ ରଇଲାଇ
। ୩ ସେଟାର୍‌ପାଇ ସେ ଦୁଇଟା ପେରିତ୍ ସିସ୍‌ମନ୍‌କେ ଦାରି
ବାନ୍ଦ୍‌ଲାଇ । ଆରି ସେ ଦିନେ ବେସି ଅଲ୍‌ସମ୍ ଅଇଜାଇରଇଲାକେ
ଆର୍‌କର୍ ଦିନ୍ ଜାକ ବନ୍ଦିଗରେ ରକିରଇଲାଇ । ୪ ମାତର୍
ବେସି ଲକ୍ ସେମନର୍ ସିକିଆ ସୁନିକରି ବିସ୍‌ବାସ୍ କଲାଇ,
ଆରି ତାକର୍ ବିତ୍‌ରେଅନି ମୁନୁସ୍‌ପିଲା ସେ ଅଦିକ୍ ଅଇକରି
ପାକାପାକି ପାଁଚ୍‌ଅଜାର୍ ଅଇଲାଇ । ୫ ତାର୍ ଆର୍‌କର୍ ଦିନେ
ଜିଉଦି ନେତାମନ୍, ଆରି ପାର୍‌ଚିନ୍‌ମନ୍ ଆରି ନିୟମ୍ ସିକାଉମନ୍
ଜିରୁସାଲମେ ରୁଣ୍ଡ୍‌ଲାଇ । ୬ ସେମନର୍ ବିତ୍‌ରେ ବଡ୍‌ପୁଜାରି
ଆନାନ୍, କାୟାପା, ଜଅନ୍, ଆଲେକ୍‌ଜାଣ୍ଡ୍‌ର୍ ଆରି ବଡ୍ ପୁଜାରିର୍
କୁଟୁମେ ରଇବା ବିନ୍ ଲକ୍‌ମନ୍ ମିସ୍‌ଲାଇ । ୭ ପେରିତ୍‌ମନ୍‌କେ
ସେମନର୍ ମୁଆଟେ ଡାକାଇ ପାଚାର୍‌ଲାଇ, "ତମେ ଏଟା ସବୁ
କେନ୍ତାର୍ କଲାସ୍‌ନି? କାର୍ ବପୁସଙ୍ଗ୍ ନଇଲେ କାର୍ ନାଉଁଦାରି
ଏଟା କଲାସ୍‌ନି?" ୮ ସେଟାର୍‌ପାଇ ପିତର୍ ସୁକଲ୍‌ଆତ୍‌ମାଇ
ପୁରାପୁରୁନ୍ ଅଇ ସେମନ୍‌କେ କଇଲା, "ତମେ ଜେ କି ଆମର୍
ସାସନ୍‌କାରିଆମନ୍ ଆରି ପାର୍‌ଚିନ୍‌ମନ୍! ୯ ଜଦି ଆଜି ଏ
ଚଟାର୍ ପାଇ କରିରଇଲା ନିମାନ୍ କାମର୍‌ଲାଗି ଆମ୍‌କେ ପର୍‌ସନ୍
କଲାସ୍‌ନି ଆରି ସେ କେନ୍ତାର୍ ନିମାନ୍ ଅଇଲା ବଲି ଜାନ୍‌ବାକେ
ମନ୍ କଲାସ୍‌ନି, ୧୦ ତେବେ ତମେ ଆରି ଇସ୍‌ରାଏଲର୍ ସବୁ
ଲକ୍ ଜାନ୍‌ବାର୍ ଦର୍‌କାର୍ ଜେ, ତମର୍ ମୁଆଟେ ଟିଆଅଇରଇଲା
ଏ ଲକ୍ ଅବ୍‌କା ନାଜ୍‌ରିତ୍ ଗଡର୍ ଜିସୁକିରିସ୍‌ଟର୍ ବପୁସଙ୍ଗ୍
ପୁରାପୁରୁନ୍ ନିମାନ୍ ଅଇଲା ଆଚେ । ସେ ଜିସୁକେ ତମେ କୁର୍‌ସେ
ମରାଇଲାସ୍ । ମାତର୍ ପର୍‌ମେସର୍ ତାକେ ମଲାଟେଇଅନି ଆରି

ତରେକ୍ ଉଟାଇଲା ଆଚେ ।" ୧୧ ଜିସୁର୍ ବିସଇ ଦରମ୍ ସାସ୍ତରେ
ଲେକା ଅଇଲାଆଚେ, ଗର୍ ତିଆର୍‌କରୁମନ୍ ଜନ୍ ପାକ୍‌ନା ନଏଁ
ବଲି ପିଙ୍ଗିଦେଇ ରଇଲାଇ, ସେଟାସେ କନର୍ ମୁକିଅ ପାକ୍‌ନା
ଅଇଲା । ୧୨ ସେ ଆକା ଆମ୍‌କେ ମୁକ୍‌ତି ଦେଇସି । ଗୁଲାଇ
ଜଗତର୍‌ପାଇ ପର୍‌ମେସର୍ ତାକେସେ ଦେଲା ଆଚେ । ଜେ କି
ଆମ୍‌କେ ରକିଆ କର୍‌ସି । ୧୩ ବଡ୍‌ସବାର୍ ଲକ୍‌ମନ୍ ପିତର୍ ଆରି
ଜଅନର୍ ସାଆସ୍ ଦେକି କାବା ଅଇଗାଲାଇ । ସେମନ୍ ପାଟ୍‌ସାଟ୍
ନ ପଡି ଅବ୍‌କା ଲକ୍‌ମନ୍‌ସେ ବଲି ଜାନିରଇଲାଇ । ଆରି ସେମନ୍
ଦୁଇ ଲକ୍ ଜିସୁର୍ ସଙ୍ଗ୍ ରଇଲାଇ ବଲି ଚିନିରଇଲାଇ । ୧୪
ମାତର୍ ତାକର୍ ବିରୁଦେ କାଇବଲି କଇନାପାର୍‌ଲାଇ, କାଇକେ
ବଇଲେ ନିମାନ୍ ଅଇଲା ଲକ୍‌କେ ପିତର୍ ଆରି ଜଅନ୍‌ସଙ୍ଗ୍
ଟିଆଅଇରଇଲାଟା ଦେକ୍‌ଲାଇ । ୧୫ ସେଟାର୍ ପାଇ ସେମନ୍
ସିସ୍‌ମନ୍‌କେ ସେ ସବାଇଅନି ବାର୍‌କରାଇଦେଇକରି ତାକର୍
ତାକର୍ ବିତ୍‌ରେ କାତାବାର୍‌ତା ଅଇବାର୍ ଦାର୍‌ଲାଇ । ୧୬ ସେମନ୍
କାତା ଅଇଲାଇ, "ଆମେ ଏମନ୍‌କେ କାଇଟା କରୁ? ଏମନ୍
କରିରଇବା ଏ କାବା ଅଇଜିବା କାମ୍ ବିସଇ ଜିରୁସାଲମର୍ ସବୁ
ଲକ୍ ଜାନିଗାଲାଇ ଆଚତ୍ । ଏ ସତ୍ ଗଟେନାଇ କି ନାଜାନୁ
ବଲି କଇ ନାପାରୁ । ୧୭ ମାତର୍ ଏ କାତା ଲକ୍‌ମନର୍ ବିତ୍‌ରେ
ଆରି ଅଦିକ୍ ଉଡ୍‌ରା ଅଇ ନ ଜାଅ, ଜିସୁର୍ ବିସଇ ଆରି କେବେ
କାର୍ ମୁଆଟେ ନ କଇବାକେ ସେମନ୍‌କେ ଆମେ ଡାଟ୍ ସଙ୍ଗ୍
ଜାଗ୍‌ରତ୍ କରାଇଦେଉଁ ।" ୧୮ ସେଟାର୍ ପାଇ ସେମନ୍ ପିତର୍
ଆରି ଜଅନ୍‌କେ ଆରି ତରେକ୍ ବିତ୍‌ରେ ଡାକ୍‌ଲାଇ । ଆରି
କେବେମିସା ଜିସୁର୍ ନାଉଁ ଦାରି କାଇମିସା କାତା ନ କଇବାକେ
ଆରି ସିକିଆ ନ ଦେବାକେ ଜାଗ୍‌ରତ୍ କରାଇଦେଲାଇ । ୧୯
ମାତର୍ ପିତର୍ ଆରି ଜଅନ୍ କଇଲାଇ, "ତମର୍ ବାଦିଅ ଅଇବୁ,
କି ପରମେସରର୍ ବାଦିଅ ଅଇବୁ, କନ୍ ବିସଇ ପରମେସରର୍
ମୁଆଟେ ଟିକ୍ ସେଟା ତମେ ବିଚାର୍ କରା । ୨୦ କାଇକେ
ବଇଲେ ଆମେ ଜାଇଟା ଦେକ୍‌ଲୁ ଆଚୁ ଆରି ସୁନ୍‌ଲୁ ଆଚୁ ସେଟା
ନ କଇକରି ରଇନାପାରୁ ।" ୨୧ ମାତର୍ ବଡ୍‌ସବାର୍ ଲକ୍
ଆରି ଡାଟ୍‌ସଙ୍ଗ୍ ସେମନ୍‌କେ ଦମ୍‌କାଇକରି ଚାଡି ଦେଲାଇ ।
ସେମନ୍‌କେ ଡଣ୍ଡ଼ଦେବାଟା କସ୍‌ଟ ବଲି ସେମନ୍ ଜାନିପାର୍‌ଲାଇ ।
କାଇକେ ବଇଲେ ସେ କାବାଅଇଜିବା କାମର୍ ଲାଗି ଲକ୍‌ମନ୍
ପର୍‌ମେସର୍‌କେ ଜୁଆର୍ କର୍‌ତେ ରଇଲାଇ । ୨୨ ଜନ୍ ଲକ୍
କାବା ଅଇଜିବା କାମର୍‌ଲାଗି ନିମାନ୍ ଅଇରଇଲା, ତାକେ ଚାଲିସ୍
ବରସେଅନି ଅଦିକ୍ ଅଇରଇଲା । ୨୩ ପିତର୍ ଆରି ଜଅନ୍
ମୁକଲ୍‌ଲା ଦାପ୍‌ରେ ନିଜର୍ ଦଲେ ବାଉଡିଗାଲାଇ ଆରି ମୁକିଅ
ପୁଜାରିମନ୍ ଆରି ପାର୍‌ଚିନ୍‌ମନ୍ ଜାଇଟା କଇରଇଲାଇ, ସେଟା
ସେମନ୍‌କେ ଜାନାଇଲାଇ । ୨୪ ବିସ୍‌ବାସିମନ୍ ସବୁ କାତା
ସୁନ୍‌ଲା ପଚେ ଗଟେକ୍ ଅଇ ପର୍‌ମେସର୍‌କେ ଏ ପାର୍‌ତନା
କଲାଇ, ଏ ମାପ୍‌ରୁ! ସରଗ୍, ଦର୍‌ତନି, ସମ୍‌ଦୁର୍ ଆରି ତେଇ
ରଇବା ସବୁ ବିସଇ ତମେସେ ତିଆର୍ କଲାସ୍! ୨୫ ତମେ
ସୁକଲ୍ ଆତ୍‌ମାଇଅନି ଆମର୍ ଆନିଦାଦିମନର୍ ଆରି ତମର୍
ଦାଙ୍ଗ୍‌ଡା ଦାଉଦର୍ ଟଣ୍ଡେଅନି ଏ କାତା ସୁନାଇ ରଇଲାସ୍ । ସେ
କଇରଇଲା, ଜିଉଦି ନଇଲା ଲକ୍‌ମନ୍ କାଇକେ ରିସା ଅଇଲାଇ?
ଲକ୍‌ମନ୍ କାଇକେ ଚୁଚାଇ ସଡ୍‌ଜଁତର୍ କଲାଇ? ୨୬ ମାପ୍‌ରୁର୍
ବିରଦେ ଆରି ତାକର ମସିଆର୍ ବିରଦେ ଜଗତର୍ ରାଜାମନ୍
ଆରି ସାସନ୍‌କାରିଆମନ୍ ଜୁଜ୍‌ବାକେ ନିଜ୍‌କେ ତିଆର୍ ଅଇ
ରୁଣ୍ଡିଲାଇ । ୨୭ କାଇକେବଇଲେ ଏ ନଅରେ ଏରଦ୍ ଆରି ପନ୍ତିୟ୍
ପିଲାତ୍ ଇସ୍‌ରାଏଲିୟମନର୍ ସଙ୍ଗ୍ ଆରି ଜିଉଦି ନ ଅଇରଇବା
ଲକର୍‌ସଙ୍ଗ୍ ମିସି ଜିସୁର୍ ବିରଦେ ଜଜ୍‌ନା କଲାଇ । ସେ ସେ
ତମର୍ ସୁକଲ୍ ଦାଙ୍ଗ୍‌ଡା ଆରି ତମେ ବାଚ୍‌ଲା ମସିଅ । ୨୮ ତମର୍
ବପୁ ଆରି ମନ୍ କଲାଟା ଇସାବେ ଜାଇଟା ସବୁ ଗଟାଇବାପାଇ
ତମେ ଟିକ୍ କରି ରଇଲାସ୍, ସେମନ୍ ଗଟେକ୍ ଅଇ ସେ ସବୁ
କର୍‌ବାକେ ଲାଗିପଡ୍‌ଲାଇ । ୨୯ "ଏ ମାପ୍‌ରୁ, ସେମନ୍ ଆମ୍‌କେ
ଜନ୍ ଦମକ୍ ଦେଲାଇ ଆଚତ୍ ସେ ବିସଇ ସୁନା ଆରି ନ ଡର୍‌ତେ
ତମର୍ କାତା ଜାନାଇବାକେ ତମର୍ ଏ ଦାଙ୍ଗ୍‌ଡାମନ୍‌କେ ଡାଟ୍
କରା । ୩୦ ନିମାନ୍ କର୍‌ବାକେ ତମର୍ ଆତ୍ ଲାମାଆ ଆରି
ତମର୍ ସୁକଲ୍ ଦାଙ୍ଗ୍‌ଡା ଜିସୁର୍ ନାଏଁ ନ ଅଇବା କାମ୍ ଆରି କାବା
ଅଇଜିବା କାମ୍‌ମନ୍ ସାଦନ୍ କରାଆ ।" ୩୧ ସେମନ୍ ପାର୍‌ତନା
କରିସାରାଇଲା ପଚେ ଜନ୍ ଜାଗାଇ ରୁଣ୍ଡିରଇଲାଇ, ସେଟା
ଚୁଲ୍‌ବୁଲିଗାଲା । ସେମନ୍ ସବୁ ସୁକଲ୍‌ଆତ୍‌ମାଇ ପୁରାପୁରୁନ୍
ଅଇଲା । ଆରି ନ ଡର୍‌ତେ ପର୍‌ମେସରର୍ କାତା ଜାନାଇବାର୍
ଦାର୍‌ଲାଇ । ୩୨ ସବୁ ବିସ୍‌ବାସିମନ୍ ଗଟେକ୍ ବିସଇ ଚିନ୍ତା
କରି ମନ୍ କଲାଇ । କେ ମିସା ନିଜର୍ ସଁମ୍‌ପତି ନିଜର୍ ବଲି
ଦାବି ନ କର୍‌ତେ ରଇଲାଇ । ତାକର୍‌ଟାନେ ଜେତ୍‌କି ରଇଲା
ସେଟା ସବୁଲକ୍ ସମାନ୍ କରି ବାଟାସାଟା କର୍‌ତେ ରଇଲାଇ
। ୩୩ ପେରିତ୍ ସିସ୍‌ମନ୍ ବପୁସଙ୍ଗ୍ ସାକି ଦେବାର୍ ଦାର୍‌ଲାଇ
। ପର୍‌ମେସର୍ ମାପ୍‌ରୁ ଜିସୁକେ କେନ୍ତିକରି ମଲାଟାନେଅନି
ଉଟାଇଲା ବଲି । ଆରି ପର୍‌ମେସର୍ ସବୁ ବିସ୍‌ବାସିମନ୍‌କେ
ଅଦିକ୍ ଅଦିକ୍ ଜିବନ୍ ଦୁକାଇଲା । ୩୪ ତାକର୍ ଦଲେ ଜିଇବା
କାଇବାକେ କାକେ ମିସା ଅବାବ୍ ନ ରଇଲା । ଜନ୍ ଲକ୍‌ମନ୍‌କେ
ଗର୍ ଆରି ଜମିରଇଲା, ସେମନ୍ ସେଟା ବିକିକରି ଡାବୁ ଆନି, ୩୫
ପେରିତ୍‌ମନ୍‌କେ ସର୍‌ପିଦେଇରଇଲା । ସେ ଡାବୁ, ପେରିତ୍ ମନ୍
ଅବାବେ ରଇଲା ଲକ୍‌ମନ୍‌କେ ବାଟାକରି ଦେଇତେରଇଲାଇ ।
୩୬ ସାଇପରସ୍ ନାଉଁର୍ ଗଟେକ୍ ଜାଗାଇ ଜନମ୍ କରିରଇବା
ଲେବି କୁଟୁମର୍ ଜସେପ୍, ଜାକେ ପେରିତ୍ ସିସ୍‌ମନ୍ ବର୍‌ନବା ବଲି
ନାଉଁ ଦେଇ ରଇଲାଇ । ବର୍‌ନବାର୍ ଅରତ୍ ଦୁକ୍ ସାରାଇବା ପିଲା
। ସେ ତାର୍ ଜମି ବିକ୍‌ଲା ଆରି ୩୭ ଡାବୁ ପେରିତ୍ ସିସ୍‌ମନ୍‌କେ
ସର୍‌ପିଦେଲା ।

**୫** ସେ ଦଲର୍ ଅନନିୟ ନାଉଁର୍ ଗଟେକ୍ ଲକ୍ ଆରି ତାର୍
ମାଇଜି ସପିରା ସେମନର୍ କେତେକ୍ ଜମି ବିକ୍‌ଲାଇ । ୨
ମାତର୍ ମାଇଜିମୁନୁସ୍ ରାଜିଅଇକରି ବିକିକରି ପାଇଲା କେତେକ୍

ଡାବୁ ଅନନିୟ୍ ନିଜର୍ ପାଇ ସଙ୍ଗଇଲା । ଅଗଲ୍‌ଲାଟା ସେ ପେରିତ୍
ସିସ୍‌ମନ୍‌କେ ଦେଲା । **୩** ପିତର୍ ତାକେ କଇଲା, "ଅନନିୟ୍
ତୁଇ କେନ୍ତି ସଇତାନର୍ ପାନ୍ଦେପଡି ଜମି ବିକି ଆନିରଇବା ଡାବୁ
କେତେକ୍ ନିଜର୍ ପାଇ ସଙ୍ଗଇକରି ସୁକଲ୍ ଆତ୍‌ମାର୍ ମୁଆଟେ
ମିଚ୍ କଇଲୁସ୍? **୪** ବିକ୍‌ବା ଆଗ୍‌ତୁ ସେ ଜମି ତମର୍ ରଇଲା
। ବିକ୍‌ଲା ପଚେ ମିସା ସେ ଡାବୁ ତମର୍‌ଟାସେ । ଏନ୍ତି କାମ୍
କର୍‌ବାକେ କାଇକେ ମନ୍ କଲୁସ୍? ତୁଇ ଲକ୍‌ମନ୍‌କେ ନାଡାଉସ୍
ନାଇ ମାତର୍ ପର୍‌ମେସର୍‌କେ ନାଡାଇଆଚୁସ୍ ।" **୫** ଅନନିୟ୍ ଏ
କାତା ସୁନ୍‌ଲା ଦାପ୍‌ରେ ତଲେ ଆପ୍‌ଟି ଅଇ ଅଦ୍‌ରି ମରିଗାଲା
। ଜନ୍ ଲକ୍‌ମନ୍ ଏ କାତା ସୁନ୍‌ଲାଇ ସେମନ୍ ସବୁଲକ୍ ବେସି
ଡରିଗାଲାଇ । **୬** ଦଲର୍ ଦାଙ୍ଗଡାମନ୍ ଅନନିୟର୍ ମଲା ଗାଗଡ୍
ଲୁଗାଇ ଗୁଡିଆଇକରି ବାଇରେ ବଇକରି ଦାରିଗାଲାଇ ଆରି
ତପିଦେଲାଇ । **୭** ପାକାପାକି ତିନ୍‌ଗଁଟା ପଚେ ଅନନିୟର୍ ମାଇଜି
ତେଇ ଆସି କେଟ୍‌ଲା । ସେ, ଏ ଗଟ୍‌ନା ନାଜାନି ରଇଲା । **୮**
ପିତର୍ ତାକେ ପାଚାର୍‌ଲା "ମକେ କ ପନି, ତୁଇ ଆରି ତର୍ ମୁନୁସ୍
ଜେତ୍‌କି ଜମି ବିକ୍‌ଲାସ୍, ଏଟା କାଇ ତାର୍ ପୁରାଦାମ୍ କି?" ସେ
କଇଲା, "ଉଁ ଏତ୍‌କିସେ ।" **୯** ପିତର୍ ତାକେ କଇଲା, "ମାପ୍‌ରୁର୍
ଆତ୍‌ମାକେ ପରିକା କର୍‌ବାକେ ତୁଇ ଆରି ତର୍ ମୁନୁସ୍ କାଇକେ
ରାଜିଅଇଲାସ୍? ଜନ୍ ଲକ୍‌ମନ୍ ତର୍ ମୁନୁସ୍‌କେ ସମାଦି ଦେଲାଇ
ଆଚତ୍, ବାଟ୍ ଡିଆଗଡି କେଟ୍‌ଲାଇବେ, ସେମନ୍ ତକେ ମିସା
ବଇ ଦାରିଜିବାଇବେ ।" **୧୦** ସେ ଦାପ୍‌ରେ ସେ ମିସା ପିତରର୍
ପାଦ୍‌ତଲେ ଅଦ୍‌ରି ମରିଗାଲା । ଦାଙ୍ଗଡାମନ୍ ବିତ୍‌ରେ ଆସି ତାର୍
ମଲା ଗାଗଡ୍ ବଇନେଲାଇ ଆରି ତାର୍ ମୁନୁସର୍ ଲଗେ ତାକେ
ମିସା ସମାଦି ଦେଲାଇ । **୧୧** ଜିରୁସାଲେମର୍ ଗୁଲାଇ ମଣ୍ଡିଲିର୍
ଲକ୍‌ମନ୍ ଆରି ଜେତ୍‌କି ଲକ୍ ଏ କାତା ସୁନ୍‌ଲାଇ, ସବୁଲକ୍
ଡରିଗାଲାଇ । **୧୨** ପେରିତ୍ ସିସ୍‌ମନର୍ ଟାନେଅନି ଲକ୍‌ମନର୍
ବିତ୍‌ରେ ବେସି କାବା ଅଇଜିବା କାମ୍‌ମନ୍ ଆରି ଚିନ୍‌ମନ୍ ସାଦନ୍
ଅଇତେ ରଇଲା । ସବୁ ବିସ୍‌ବାସିମନ୍ ସଲ୍‌ମନର୍ ମଣ୍ଡପେ ରୁଣ୍ଡେତ
ରଇଲାଇ । **୧୩** ସେମନର୍ ବିସଇ ବିନ୍‌ଲକ୍‌ମନ୍ ନିମାନ୍ କାତା
କଇତେ ରଇଲାଇ । ମାତର୍ ଦଲ୍ ବାଇରେ ରଇଲା ଲକ୍‌ମନ୍
କେ ମିସା ଦଲେ ମିସ୍‌ବାକେ ସାଆସ୍ ନ କର୍‌ତେ ରଇଲାଇ ।
**୧୪** ଏଲେ ମିସା ପର୍‌ମେସର୍‌କେ ବିସ୍‌ବାସ୍ କରି ଅଦିକ୍ ଅଦିକ୍
ମାଇଜିଟକି ଆରି ମୁନୁସ୍ ପିଲାମନ୍ ଏ ଦଲେ ମିସ୍‌ଲାଇ । ଆରି
ସେ ଦଲ୍ ଦିନ୍‌କେ ଦିନ୍ ଅଦିକ୍ ଅଦିକ୍ ବଡ୍‌ତେ ଗାଲା । **୧୫**
ପେରିତ୍ ସିସ୍‌ମନର୍ କାମ୍ ଅଦିକ୍ ବଡି ବଡି ଗାଲା । ଏନ୍ତିକି
ପିତର୍ ଇଣ୍ଡିଗାଲାବେଲେ ତାର୍ ଚାଇଆଲେ ଅଲପ୍ ପଡବଲି
ଲକ୍‌ମନ୍ ରଗିମନ୍‌କେ ବଇଆନି ବାଟ୍‌ପାଲି କଟେ ଆରି ଟାଟିମନ୍
ଅଚାଇକରି ସୁଆଇ ଦେଇତେ ରଇଲାଇ । **୧୬** ଜିରୁସାଲମର୍
ଚାରିବେଟ୍‌ଡି ରଇବା ଗଡର୍ ରଗି ଆରି ଡୁମାଦାର୍‌ଲା ଲକ୍‌ମନ୍‌କେ
ପେରିତ୍‌ମନର୍ ଲଗେ ଆନ୍‌ତେ ରଇଲାଇ । ଆରି ସେମନ୍ ସବୁ
ଲକ୍ ନିମାନ୍ ଅଇତେ ରଇଲାଇ । **୧୭** ତାର୍ ପଚେ ବଡ୍ ପୁଜାରି,
ତାର୍‌ସଙ୍ଗ ରଇବା ଲକ୍‌ମନ୍ ଆରି ସାଦୁକି ଦଲର୍ ଲକ୍‌ମନ୍,
ସିସ୍‌ମନେ୍‌କ ଇଁସା ଅଇଗାଲାଇ । ଆରି ସେମନର୍ ବିରୁଦେ
କାଇଟାଆଲେ କରୁ ବଲି ଜଜ୍‌ନା କଲାଇ । **୧୮** ସେମନ୍ ପେରିତ୍
ସିସ୍‌ମନ୍‌କେ ଦାରି ବାନ୍ଦିକରି ବନ୍ଦିଗରେ ସଙ୍ଗଇଲାଇ । **୧୯**
ମାତର୍ ସେ ରାତି ମାପ୍‌ରୁର୍ ଗଟେକ୍ ଦୁତ୍ ବନ୍ଦିଗରର୍ କାପାଟ୍
ଉଗାଡିଦେଲା ଆରି ସେମନ୍‌କେ ମୁକ୍‌ଲାଇ ଆନି କଇଲା, **୨୦**
"ଜା ଆରି ମନ୍ଦିରେ ଟିଆଅଇକରି ଲକ୍‌ମନ୍‌କେ ଏ ନୁଆ ଜିବନ୍
ବିସଇ ସବୁ କାତା କୁଆ ।" **୨୧** ସିସ୍‌ମନ୍ ସେ ଦୁତର୍ କାତା
ମାନି ସାକାଲ୍ ସାକାଲ୍ ମନ୍ଦିରେ ପୁରି ସିକିଆ ଦେବାର୍ ଦାର୍‌ଲାଇ
। ବଡ୍ ପୁଜାରି, ତାକର୍ ସଙ୍ଗାରିମନ୍ ଆରି ଇସ୍‌ରାଏଲର୍
ପାର୍‌ଚିନ୍‌ମନ୍ ଗଟେକ୍ ପୁରା ସବା ପାଇ ଡାକାଇ ପାଟାଇଲାଇ
। ତାର୍ ପଚେ ପେରିତ୍ ସିସ୍‌ମନ୍‌କେ ବନ୍ଦିଗରେ ଅନି ସବାଇ
ଆନ୍‌ବାକେ ବନ୍ଦିଗରର୍ ଜାଗୁଆଲ୍‌ମନର୍ ମୁକିଆମନ୍‌କେ ଆଦେସ୍
ଦେଲାଇ । **୨୨** ମାତର୍ ସେ ମୁକିଆମନ୍ ବନ୍ଦିଗରେ କେଟ୍‌ଲାକେ
ପେରିତ୍‌ମନ୍‌କେ ତେଇ ଦେକତ୍‌ନାଇ । ସେଟାର୍‌ପାଇ ସେମନ୍
ବଡ୍‌ସବାଇ ବାଉଡି ଆଇଲାଇ । ଆରି ଲକ୍‌ମନ୍‌କେ କଇଲାଇ,
**୨୩** "ଆମେ ବନ୍ଦି ଗରେ କେଟି ଦେକ୍‌ଲୁ ଜେ ଦୁଆର୍ ନିକସଙ୍ଗ
ଡାବି ଅଇରଇଲା । ଆରି ଜାଗୁଆଲ୍‌ମନ୍ ମିସା ଜାଗିରଇଲାଇ ।
ମାତର୍ କାପାଟ୍ ଉଗାଡ୍‌ଲା ପଚେ ଆମେ ବିତ୍‌ରେ କାକେ ମିସା
ଦେକୁ ନାଇ ।" **୨୪** ଏ କାତା ସୁନି ମୁକିଅ ପୁଜାରିମନ୍ ଆରି ମନ୍ଦିର୍
ଜାଗୁଆଲ୍‌ମନର୍ ଦାଇତେ ରଇଲା ଲକ୍‌ମନ୍ କାବାଅଇଗାଲାଇ
। ପେରିତ୍ ସିସ୍‌ମନ୍‌କେ କାଇଟା ଅଇଲାଆଚେ ବଲି ସେମନ୍
ବୁଜି ନାପାର୍‌ଲାଇ । **୨୫** ସେଡ୍‌କିବେଲେ ଗଟେକ୍ ଲକ୍ ଆସି
କଇଲା "ସୁନା! ଜନ୍ ଲକ୍‌ମନ୍‌କେ ବନ୍ଦି ଗରେ ରକିରଇଲାସ୍,
ସେମନ୍ ଏବେ ମନ୍ଦିରେ ଲକ୍‌ମନ୍‌କେ ସିକିଆ ଦେଲାଇନି ।" **୨୬**
ମନ୍ଦିରର୍ କାମ୍‌କରୁମନ୍ ଜାଗୁଆଲ୍‌ମନର୍ ସଙ୍ଗ ଜାଇ ପେରିତ୍
ସିସ୍‌ମନ୍‌କେ ସୁତ୍‌ରାଇକରି ଆରିତରେକ୍ ଡାକିଆନ୍‌ଲାଇ ।
ସେମନ୍ ଡରାବିଡ୍‌ରା କରତ୍ ନାଇ । କାଇକେବଇଲେ ସେମନ୍‌କେ
ଲକ୍‌ମନ୍ ପାକ୍‌ନାପୁକ୍‌ନି ମାର୍‌ବାଇ ବଲି ଡରିଜାଇତେରଇଲାଇ
। **୨୭** ପେରିତ୍ ସିସ୍‌ମନ୍‌କେ ବିତ୍‌ରେ ଡାକିଆନି ବଡ୍‌ସବାର୍
ମୁଆଟେ ଟିଆ କରାଇଲାଇ, ଆରି ବଡ୍ ପୁଜାରି ସେମନ୍‌କେ
ପାଚାର୍‌ଲା । **୨୮** "ଏ ଜିସୁର୍ ନାଉଁ ଦାରି କାଇମିସା ସିକିଆ ନ
ଦେବାକେ ତମ୍‌କେ ଡାଟ୍ ସଙ୍ଗ ଆଦେସ୍ ଦେଇରଇଲୁ, ମାତର୍
ଦେକା, ତମେ କାଇଟା କରିଆଚାସ୍! ତମେ ଦେଇରଇବା ଏ
ସିକିଆ ଜିରୁସାଲମେ ରଇଲା ଲକ୍‌ମନର୍‌ଟାନେ କେଟ୍‌ଲା ଆଚେ
। ଆରି ତାର୍ ମରନ୍ ପାଇ ଆମ୍‌କେ ଦାଇ କର୍‌ବାକେ ଚେସ୍‌ଟା
କଲାସ୍‌ନି!" **୨୯** ପିତର୍ ଆରି ବିନ୍ ସିସ୍‌ମନ୍ କଇଲାଇ, "ଆମେ
ତମର୍ ଆଦେସ୍ ମାନ୍‌ବା ବାଦୁଲେ ପର୍‌ମେସରର୍ ଆଦେସ୍
ମାନ୍‌ବୁ । **୩୦** ତମେ ଜିସୁକେ କୁର୍‌ସେ ଚଗାଇ ମରାଇଲାପଚେ,
ଆମର୍ ଆନିଦାଦିମନର୍ ପର୍‌ମେସର୍ ତାକେ ମଲାଟାନେଅନି
ଉଟାଇଲାଆଚେ । **୩୧** ଇସ୍‌ରାଏଲର୍ ଲକ୍‌ମନ୍ ତାକର୍ ପାପେଅନି

ବାଅଡତ୍ ଆରି ପାପ୍ କେମା ଅଅତ୍ ବଲି ପର୍ମେସର୍ ତାକେ
ତାର୍ ଉଜା ବାଟେ ବସାଇଆଚେ । ଜେନ୍ତିକି ସେ ଆମର୍
ସାସନ୍କାରିଆ ଆରି ରକିଆକର୍ବା ଲକ୍ ଅଇସି । **୩୨** ଆମେ
ଏ ସବୁ ବିସଇର୍ ସାକି ଆଚୁ । ଆରି ଜନ୍ ସୁକଲ୍ ଆତ୍ମାକେ
ପର୍ମେସର୍ ତାକର୍ ଆଗିଆଁକାରିମନ୍କେ ଦାନ୍କଲାଆଚେ, ସେ
ମିସା ଏଟାର୍ ସାକି ।” **୩୩** ବଡ୍ସବାର୍ ଲକ୍ମନ୍ ଏ କାତା ସୁନି
ଏତେକ୍ ରିସାଅଇଗାଲାଇ ଜେ, ପେରିତ୍ମନ୍କେ ମରାଇବାକେ
ମନ୍ କଲାଇ । **୩୪** ମାତର୍ ସେମନର୍ ବିତ୍ରେଅନି ଗମଲିଏଲ୍
ନାଉଁର୍ ଗଟେକ୍ ପାରୁସି ଲକ୍ ରଇଲା । ସେ ନିୟମ୍ ସିକାଇତେ
ରଇଲା । ତାକେ ଲକ୍ମନ୍ ମାନିଅ କର୍ତେରଇଲାଇ । ସେ ବଡ୍
ସବାଇ ଟିଆଅଇ ପେରିତ୍ମନ୍କେ ଚନେକର୍ ପାଇ ବାଇରେ
ନେବାକେ ଆଦେସ୍ ଦେଲା । **୩୫** ଆରି ବଡ୍ ସବାର୍ ଲକ୍ମନ୍କେ
କଇଲା, “ଏ ଇସ୍ରାଏଲିୟ ବାଇମନ୍, ଏ ଲକ୍ମନ୍କେ ଜାଇଟା
କର୍ବାକେ ଗାଲାସ୍ନି ଅଲପ୍ ବାବିଚିନ୍ତି କରି କରା । **୩୬**
ତମର୍ ମନେରଇସି, ଅଲପ୍ ଆଗ୍ତୁ ତିଉଦା ନାଉଁର୍ ଗଟେକ୍
ଲକ୍ ରମିୟମନର୍ ବିରୁଦେ ଉଟ୍ଲା । ସେ ନିଜେ ବଡ୍ଲକ୍
ବଲି ଲକ୍ମନ୍କେ କଇଲାକେ ତାର୍ ସଙ୍ଗ୍ ଚାରିସଅ ଲକ୍ ମିସି
ରଇଲାଇ । ମାତର୍ ତାକେ ମରାଇଲାଇ, ତାର୍ପଚେ ତାର୍ସଙ୍ଗର୍
ଲକ୍ମନ୍ ଚିନ୍ବିନ୍ ଅଇଗାଲାଇ ଆରି ତାର୍ ଦଲ୍ ବୁଡିଗାଲା । **୩୭**
ତାର୍ପଚେ ଗାଲିଲି ଅନି ଜିଉଦା ନାଉଁର୍ ଆରି ଗଟେକ୍ ଲକ୍
ରମିୟମନର୍ ବିରୁଦେ ଉଟ୍ଲା । ରମିୟ ସର୍କାର ଲକ୍ମନର୍
ନାଉଁ ଲେକାଇବା ବେଲେ ଏଟା ଅଇଲା । ବେସି ଲକ୍କେ
ତାର୍ ଦଲେ ମିସାଇବାକେ ସୁତ୍ରାଇଲା । ମାତର୍ ତାକେ ମିସା
ମରାଇଲାଇ । ଆରି ତାର୍ ସବୁ ସିସ୍ମନ୍ ଚିନ୍ବିନ୍ ଅଇଗାଲାଇ
। **୩୮** ସେଟାର୍ ପାଇ ଜିସୁର୍ ସିସ୍ମନର୍ ବିସଇ ମୁଇ ତମ୍କେ
କଇଲିନି, ସେମନ୍ କର୍ବା କାମ୍ ତେବାଆ ନାଇ, ଚାଡିଦିଆସ୍ ।
ସେମନ୍ କର୍ବା କାମ୍ ଆରି ଜଜନା ଜଦି ଲକ୍ମନର୍ଟାନେଅନି
ଆସିରଇସି, ତେବେ ସେମନ୍ ମିସା ଆରିଜିବାଇ । **୩୯** ମାତର୍
ସେଟା ଜଦି ପର୍ମେସରର୍ଟାନେ ଆସିରଇସି ବଇଲେ, ତାକେ
ତମେ ଦବାଇନାପାରାସ୍ । ସେତ୍କିଅନି ଡିସ୍ସି ଜେ ତମେ
ପର୍ମେସରର୍ ବିରଦେ ଜୁଜ୍ଲାସ୍ନି ।” ବଡ୍ସବାର୍ ଲକ୍ମନ୍
ଗମଲିଏଲ୍ କଇଲା କାତା ମାନ୍ଲାଇ । **୪୦** ସେମନ୍ ପେରିତ୍
ସିସ୍ମନ୍କେ ବଡ୍ସବାର୍ ବିତ୍ରେ ଆନ୍ବାକେ ଆଦେସ୍ ଦେଲାଇ
। ଡାକିଆନିକରି ସେମନ୍କେ କର୍ଡା ସଙ୍ଗ୍ ମାରାଇଲାଇ । ଆରି
ଜିସୁର୍ ନାଉଁଦାରି କାଇମିସା କାତା ନ କଇବାକେ ଆଦେସ୍
ଦେଇ ଚାଡିଦେଲାଇ । **୪୧** ପେରିତ୍ ସିସ୍ମନ୍ ସାର୍ଦାସଙ୍ଗ୍
ବଡ୍ସବାଇଅନି ବାରଇଲାଇ, କାଇକେବଇଲେ ପର୍ମେସର୍
ଦେକ୍ବା ଇସାବେ ଜିସୁର୍ ସିସ୍ ଅଇକରି ଅପ୍ମାନ୍ ପାଇବାକେ
ଅଦିକାର୍ ପାଇରଇଲାଇ । **୪୨** ଆରି ସେମନ୍ ସବୁ ଦିନ୍ ମନ୍ଦିରେ
ଆରି ଲକ୍ମନର୍ ଗରେ ଗରେ ମସିଅ ଜିସୁର୍ ବିସଇର୍ ସୁବ୍କବର୍
ଜାନାଇଲାଇ ଆରି ସିକିଆ ଦେବାର୍ ଦାର୍ଲାଇ ।

**୬** ସେ ବେଲା, ବେସି ଜିଉଦି ଲକ୍ମନ୍ ଜିସୁର୍ ସିସ୍ ଅଇ
ଆଇଲାଇ । ଗିରିକ୍ ବାସା କଇତେରଇବା ଜିଉଦିମନ୍,
ଏବ୍ରି ବାସା କଇତେରଇବା ଜିଉଦିମନର୍ ବିରୁଦେ କାତା
ଉଟାଇଲାଇ । କାଇକେବଇଲେ ଗିରିକ୍ ବାସାଇ କାତା ଅଇବା
ଜିଉଦିମନ୍, ରାଣ୍ଡିମନ୍କେ ଦିନ୍କର୍ କାଦି ବାଟା କଲାବେଲେ
ତାକର୍ ରାଣ୍ଡିମନ୍କେ ଏଲା କର୍ତେରଇଲାଇ ପନି । **୨**
ସେଟାର୍ ପାଇ ବାର୍ଟା ପେରିତ୍ ସିସ୍ମନ୍ ସବୁ ବିସ୍ବାସିମନ୍କେ
ରୁଣ୍ଡାଇକରି କଇଲାଇ, “କାଇବାଟା ବାଟାକର୍ବାର୍ ଆଚେ
ବଲିକରି ପର୍ମେସରର୍ ବାକିଅ ସିକାଇବାଟା ଜଦି ଆମେ
ଏଲା କର୍ବୁ ବଇଲେ ସେଟା ନିକ ବିସଇ ନଏଁ । **୩** ସେଟାର୍
ପାଇ ଏ ବାଇବଇନିମନ୍, ତମର୍ ବିତ୍ରେଅନି ସୁକଲ୍ଆତ୍ମାଇ
ଆରି ଗିଆନେ ପୁରାପୁରୁନ୍ ଅଇରଇବା ଲକ୍ ବଲି ସବୁଲକ୍
ଜାନିରଇବା ସାତ୍ ଲକ୍କେ ବାଚା । ଆମେ ସେମନ୍କେ ଏ
ସବୁ ବିସଇ କର୍ବାକେ ଦାଇତ୍ ଦେବୁ । **୪** ସେନ୍ତାର୍ ଆଲେ
ପାର୍ତନା ଆରି ପର୍ମେସରର୍ ବାକିଅ ସିକାଇବାକେ ଆମେ
ସବୁ ଦିଆନ୍ ଦେଇପାରିଅଇସି ।” **୫** ଦଲର୍ ସବୁ ଲକ୍
ପେରିତ୍ ସିସ୍ମନର୍ କଇଲା କାତାଇ ରାଜିଅଇଲାଇ, ଆରି
ଏ କାମ୍ କର୍ବାକେ ବିସ୍ବାସ୍ ଆରି ସୁକଲ୍ ଆତ୍ମାଇ ପୁରୁନ୍
ଅଇରଇବା ତିପାନ୍ ନାଉଁର୍ ଗଟେକ୍ ଲକ୍, ଆରି ପିଲିପ୍,
ପକ୍ରସ୍, ନିକାନର, ତିମନ୍, ପର୍ମନା ଆରି ଆଗେ ଜିଉଦି ଦରମ୍
ବିସ୍ବାସ୍ କରିରଇବା, ଆନ୍ଟିକିୟଇ ଅନି ଆସିରଇବା ଗଟେକ୍
ଜିଉଦି ନ ଅଇଲା, ନିକଲାୟକେ ବାଚ୍ଲାଇ । **୬** ବିସ୍ବାସିମନ୍
ଏ ସାତ୍ଲକ୍କେ ପେରିତ୍ମନର୍ ଲଗେ ଆନ୍ଲାଇ । ସେମନ୍କେ,
ଆତ୍ ସଙ୍ଗଇ ପାର୍ତନା କଲାଇ । **୭** ଏନ୍ତାରି ପର୍ମେସରର୍
ବାକିଅ ଗୁଲାଇବାଟର୍ ଲକ୍ ସୁନ୍ଲାଇ । ଜିରୁସାଲମେ ଅଦିକ୍
ଅଦିକ୍ ସିସ୍ମନ୍ ବଡ୍ବାର୍ ଦାର୍ଲାଇ, ବେସି ପୁଜାରିମନ୍ ମିସା
ଜିସୁକେ ବିସ୍ବାସ୍ କଲାଇ । **୮** ପର୍ମେସର୍ଟାନେ ବେସି
ଆସିର୍ବାଦ୍ ପାଇ ଆରି ବପୁ ସଙ୍ଗ୍ ପୁରୁନ୍ ଅଇରଇବା ତିପାନ୍,
ଲକ୍ମନର୍ ବିତ୍ରେ ବେସି ନ ଅଇବା କାମ୍ମନ୍, କାବା ଅଇଜିବା
କାମ୍ମନ୍ ସାଦନ୍ କଲା । **୯** ମାତର୍ କେତେଲକ୍ ତାକେ
ବିରଦ୍ କଲାଇ । ଏମନ୍ ଗତି କଟ୍ବାତେଇଅନି, ମୁକ୍ଲିରଇବା
ଜିଉଦିମନ୍କେ ନେଇ, ଅଇରଇବା ପାର୍ତନା ଗରର୍ କେତେ
ଲକ୍, ସେମନର୍ ବିତ୍ରେଅନି କେତେଲକ୍ ସାରିଆ ଅନି,
କେତେକ୍ ଆଲେକ୍ଜାଣ୍ଡ୍ରିଆ ଅନି । ସେମନ୍ ସିଲିସିଆ ଅନି ଆରି
ଆସିଆଇଅନି ଆସିରଇବା ବିନ୍ ଜିଉଦିମନର୍ ସଙ୍ଗ୍ ମିସିକରି
ତିପାନର୍ ବିରଦେ ଦଦାପେଲା ଅଇଲାଇ । **୧୦** ମାତର୍ ସୁକଲ୍
ଆତ୍ମା ତିପାନ୍କେ ଏନ୍ତି ଗିଆନ୍ ଦେଲାଜେ, କେମିସା ତାର୍ କାତା
ଚାଡାଇକରି କଇ ନାପାର୍ତେ ରଇଲାଇ । **୧୧** ଏଲେମିସା ସେ
“ମସାର୍ ବିରଦେ ଆରି ପର୍ମେସରର୍ ବିରଦେ କାତା କଇବାଟା
ଆମେ ସୁନ୍ଲୁ ।” ବଲି, ଏ ମିଚ୍ ସାକି ଦେବାକେ କେତେ
ଲକ୍କେ ଲାଁଚ୍ ଦେଇ ଉସ୍କାଇଲାଇ । **୧୨** ଏନ୍ତାରିକରି ସେମନ୍

ଲକ୍‌ମନ୍‌କେ, ପାର୍‌ଚିନ୍‌ମନ୍ ଆରି ସାସ୍‌ତର୍ ସିକାଉମନ୍‌କେ ରିସା
ଅଇବା କାତା କଇଲାଇ । ଆରି ତିପାନ୍‌କେ ଦାରି ବଡ୍‌ସବାଇ
ନେଲାଇ । **୧୩** ତାର୍ ପଚେ ସେମନ୍ ତାର୍ ବିରୁଦେ ମିଚ୍ ସାକି
ଦେବାକେ କେତେଟା ଲକ୍‌ମନ୍‌କେ ବିତ୍‌ରେ ଆନ୍‌ଲାଇ । ସେମନ୍
କଇଲାଇ, "ଏ ଲକ୍ ସବୁବେଲେ ଆମର୍ ସୁକଲ୍ ମନ୍ଦିର୍ ଆରି
ମସାର୍ ରିତିନିତି ବିରୁଦେ ନିନ୍ଦା କାତା କଇବୁଲ୍‌ଲାଇନି । **୧୪**
ନାଜରିତର୍ ଜିସୁ ମନ୍ଦିର୍ ବାଙ୍ଗାଇ ପାକାଇସି ଆରି ଆମେ ମସାର୍
ଟାନେଅନି ପାଇ ରଇବା ସବୁ ବିଦିବିଦାନ୍ ବାଦ୍‌ଲାଇ ଦେଇସି
ବଲି ଏ ଲକ୍ କଇବାଟା ଆମେ ସୁନି ଆଚୁ ।" **୧୫** ସେଡ୍‌କି ବେଲେ
ବଡ୍‌ସବାଇ ବସି ରଇବା ସବୁ ଲକ୍ ଆକିଗାଡି ତିପାନର୍ ବାଟେ
ଦେକ୍‌ଲାଇ ଜେ, ଏଦେ ଦେକା! ତାର୍ ମୁ ସରଗର୍ ଦୁତ୍ ପାରା
ଡିସ୍‌ତେ ରଇଲା ।

**୭** ବଡ୍ ପୁଜାରି ତିପାନ୍‌କେ ପାଚାର୍‌ଲା, "ତର୍ ବିରୁଦେ କଇବା
ଏ ସବୁ କାତା ସତ୍ କି?" **୨** ତିପାନ୍ କଇଲା, "ଇତି ରଇବା
ମର୍ ବାଇମନ୍ ଆରି ବାବାମନ୍ ଅଲପ୍ ସୁନା, ଆମର୍ ଆନିଦାଦି
ଅବ୍‌ରାଆମ୍ ଆରନେ ବାସା ଅଇବାକେ ଜିବା ଆଗ୍‌ତୁ ମଇମା
କର୍‌ବା ପର୍‌ମେସର୍ ମେସପଟାମିଆଇ ଦେକାଇଅଇଲା ।" **୩**
ଆରି ତାକେ କଇଲା, 'ତମର୍ ଦେସ୍ ଆରି ତମର୍ କୁଟୁମ୍‌କେ
ଚାଡିକରି ମୁଇ ଜନ୍ ଦେସ୍ ଦେକାଇବି, ସେ ଦେସେ ଜା ।
**୪** ତେବର୍‌ପାଇ ସେ ତାର୍ ଦେସ୍ ଚାଡିକରି ଆରାନ୍ ନାଉଁର୍
ଗଟେକ୍ ଦେସେ ବାସା ଅଇବାକେ ଗାଲା । ଅବ୍‌ରାଆମର୍
ବାବା ମଲା ପଚେ, ପର୍‌ମେସର୍ ତାକେ, ତମେ ରଇବା ଏ
ଦେସେ ଆନ୍‌ଲା । **୫** ସେବେଲେ ପର୍‌ମେସର୍ ଅବ୍‌ରାଆମ୍‌କେ
ଏ ଦେସେ କାଇ ଅଦିକାର୍ କି ପାଦେକ୍ ଜମି ମିସା ଦେଇ ନ
ରଇଲା । ମାତର୍ ତାକେ ଏ ଦେସ୍ ପଚେ ଦେବାକେ ପର୍‌ମେସର୍
କାତାଦେଇରଇଲା । ଆରି ସେଟା ତାର୍ ନାତିତିତି ମନର୍ ପାଇ
ଅଇସି ବଲି ସପତ୍ କଲା । ପର୍‌ମେସର୍ ଏ କାତା ଦେଇରଇଲା
ବେଲେ ଅବ୍‌ରାଆମ୍‌କେ ପିଲାଟିକି ନ ଅଇରଇଲା । **୬** ସେବେଲେ
ପର୍‌ମେସର୍ ଅବ୍‌ରାଆମ୍‌କେ ଏନ୍ତିବଲି କଇରଇଲା, "ତମର୍
ନାତିତିତିମନ୍ ବିନ୍ ଦେସେ ଚାଲିସ୍ ବରସ୍ ଜାକ ଗତି ଅଇକରି
ରଇବାଇ । ସେ ଦେସର୍ ଲକ୍ ସେମନ୍‌କେ କରାପ୍ ଚଲାଚଲ୍‌ତି
ଦେକାଇବାଇ । **୭** ମାତର୍ ସେମନ୍ ଜନ୍ ଲକ୍‌ମନର୍ ସେବା
କର୍‌ବାଇ, ମୁଇ ସେ ଲକ୍‌ମନ୍‌କେ ବିଚାର୍ କର୍‌ବି । ପଚେ
ତମର୍ ନାତିତିତିମନ୍ ସେ ଦେସେଅନି ବାରଇ ଆଇବାଇ ଆରି ଏ
ଜାଗାଇ ମର୍ ଉପାସନା କର୍‌ବାଇ ।" **୮** ତାର୍‌ପଚେ ପର୍‌ମେସର୍
ଅବ୍‌ରାଆମର୍ ସଙ୍ଗ୍ କାତାଦେଇ ରଇବା ରାଜିନାମାର୍ ଚିନ୍
ଇସାବେ ସୁନତ୍ କର୍‌ବା ବିଦି ତିଆର୍ କଲା । ଇସାକ୍ ଜନମ୍ ଅଇ
ଆଟ୍‌ଦିନ୍ ପଚେ ଅବ୍‌ରାଆମ୍ ତାକେ ସୁନତ୍ କଲା । ପଚେ ଇସାକ୍
ତାର୍ ପଅ ଜାକୁବ୍‌କେ ସେନ୍ତାରି କଲା । ସେନ୍ତାରିସେ ଜାକୁବ୍ ତାର୍
ବାର୍‌ଟା ପଅମନ୍‌କେ ସୁନତ୍ କଲା, ଜନ୍ ଲକ୍‌ମନ୍ କି ଆମର୍
ଡାକ୍‌ପୁଟା ସଙ୍ଗ୍ ରଇବା ଆନିଦାଦିମନ୍ । **୯** "ଜାକୁବର୍ ପଅମନ୍
ତାକର୍ ସାନ୍ ବାଇ ଜସେପ୍‌କେ ଇଁସା ଅଇକରି, ମିସର୍ ଦେସର୍
ବେବାରିମନ୍‌କେ ବିକିଦେଲାଇ । ମାତର୍ ପର୍‌ମେସର୍ ଜସେପର୍
ସଙ୍ଗ୍ ରଇଲା । **୧୦** ଆରି ସବୁ ଦୁକ୍ କସ୍‌ଟତେଇଅନି ତାକେ
ରକିଆ କଲା । ଜେଡେବେଲେ ଜସେପ୍ ମିସର୍ ରାଜାର୍ ମୁଆଟେ
ଟିଆଅଇଲା, ପର୍‌ମେସର୍ ତାକେ ଗିଆନ୍ ଦେଲା । ଆରି ସବୁଲକ୍
ମନ୍‌କଲାପାରା ଚଲାଚଲ୍‌ତି ଦେଲା । ପାର ରାଜା ଜସେପ୍‌କେ
ସେ ଦେସର୍ ସାସନ୍‌କାରିଆ ଆରି ତାର୍ କୁଟୁମର୍ ସବୁ ଦେକାରକା
କର୍‌ବା ଦାଇତ୍ ସର୍‌ପି ଦେଲା । **୧୧** ଜସେପ୍ ସାସନ୍‌କାରିଆ
ରଇଲାବେଲେ ମିସର୍ ଆରି କିଣାନ୍ ଦେସେ ମର୍‌ଡି ଅଇଲା ଜେ
ଲକ୍‌ମନ୍ ବେସି ଅଇରାନ୍ ଅଇଗାଲାଇ । ସେବେଲେ ଆମର୍
ଆନିଦାଦିମନ୍‌କେ କାଇଟା ମିସା କାଇବାଟା ମିଲେନାଇ । **୧୨**
ମିସର୍ ଦେସେ ଦାନ୍ ମିଲ୍‌ସି, ବଲି ସୁନି ଜାକୁବ୍ ପର୍‌ତୁମ୍‌ତର୍
ତାର୍ ପିଲାମନ୍‌କେ କାଦି ଗେନ୍‌ବାକେ ପାଟାଇଲା । ଜେକି ଆମର୍
ଆନିଦାଦିମନ୍ ଅଇବାଇ । **୧୩** ତେଇ ସେମନ୍ ପଚର୍ ପାଲି
ଗାଲାବେଲେ ଜସେପ୍ ତାର୍ ନିଜର୍ ବାଇମନ୍‌କେ ଚିନାଇ ଅଇଲା
ଆରି ମିସରର୍ ରାଜା ପାର ଜସେପର୍ କୁଟୁମ୍‌କେ ଜାନ୍‌ଲା । **୧୪**
ତାର୍ ପଚେ ଜସେପ୍ ତାର୍ ବାବା ଜାକୁବ୍ ଆରି ତାର୍ କୁଟୁମର୍
ସବୁକେ ମିସାଇ ସତୁରି ପାଁଚ୍ ଲକ୍‌କେ ମିସରେ ଆଇବାକେ
କବର୍ ପାଟାଇଲା । **୧୫** ଜାକୁବ୍ ମିସର୍ ଦେସେ ଗାଲା, ତେଇ
ସେ, ତାର୍ ପଅମନର୍ ମରନ୍ ଅଇଲା । **୧୬** ସେମନର୍ ମଲା
ଗାଗଡ୍ ସେକିମେ ନେଲାଇ । ଆରି ଅବ୍‌ରାଆମ୍ କେତେକ୍
ଡାବୁଦେଇ ଆମ୍ ନାଉଁର୍ ଗଟେକ୍ କୁଟୁମେ ଅନି ଗେନ୍‌ଲା ମସ୍‌ନେ
ନେଇ ସେମନ୍‌କେ ସଙ୍ଗ୍‌ଇଲାଇ ।" **୧୭** ପର୍‌ମେସର୍ ଅବ୍‌ରାଆମ୍
ଜନ୍ ସପତ୍ ଦେଇ ରଇଲା ସେଟା ସିଦ୍‌ଅଇଲା । ମିସର୍‌ଦେସେ
ଆମର୍ ଜାତିର୍ ଲକ୍‌ମନ୍ ବେସି ବଡି ଗାଲାଇ । **୧୮** ସାରାସାରି,
ଜସେପର୍ ବିସଇ ଜାନି ନ ରଇବା ଗଟେକ୍ ରାଜା, ମିସର୍
ଦେସ୍ ସାସନ୍ କଲା । **୧୯** ସେ ଆମର୍ ଆନିଦାଦିମନ୍‌କେ
ବେସି ନାଡାଇଲା । ଆରି ବେସି ଅଇରାନ୍ କଲା । ସେମନର୍
କଅଁଲା ପିଲାମନ୍‌କେ ନିପାତ୍ କରି ବାଇରେ ପିଙ୍ଗି ଦେବାକେ
ଆଦେସ୍ ଦେଲା । **୨୦** ସେ ବେଲାଇ ମସା ଜନମ୍ ଅଇଲା ।
ସେ ଗଟେକ୍ ବେସି ସୁନ୍ଦର୍ ପିଲା ରଇଲା । ତାକେ ତିନ୍ ମାସ୍
ଜାକ ଗରେସେ ପସ୍‌ଲାଇ । **୨୧** ଆରି ଜେଡେବେଲେ ବାଇରେ
ଲୁଚାଇଦେଲାଇ, ପାର ରାଜାର୍ କନିଆ ତାକେ ମିଲାଇକରି
ନିଜର୍ ପିଲାପାରା ପସ୍‌ପାଲ୍ କଲା । **୨୨** ମିସର୍ ଦେସେ ଜେତ୍‌କି
ଗିଆନ୍ ରଇଲା, ସେ ସବୁ ଗିଆନ୍ ମସାକେ ସିକାଇଲାଇ ।
ସେ ବଡିକରି ତାର୍ କାତାବାର୍‌ତା ଆରି କାମର୍ ଲାଗି ଗଟେକ୍
ଡାକ୍‌ପୁଟା ଲକ୍ ବଲାଇଅଇଲା । **୨୩** ଜେଡେବେଲେ ମସାକେ
ଚାଲିସ୍ ବରସ୍ ଅଇଲା, ସେ ତାର୍ ଇସ୍‌ରାଏଲର୍ ବାଇମନ୍
କାମ୍ କର୍‌ବା ଜାଗା ଦେକ୍‌ବାକେ ମନ୍‌କଲା । **୨୪** ଇସ୍‌ରାଏଲିଅ
ମନର୍ ବିତ୍‌ରେଅନି ଗଟେକ୍‌କେ ମିସରିୟର୍ ଗଟେକ୍ ଲକ୍
ସାଦ୍‌ବାନ୍ଧ କର୍‌ବାଟା ଦେକି ମସା ତାକେ ରକିଆ କଲା । ଆରି

ସେ କର୍ବାଟା ସୁଜାଇବି ବଲି ମିସରିଅକେ ସେ ମରାଇଲା । **୨୫**
ମସା ବାବିରଇଲା, ସେମନ୍କେ ମୁକ୍ଲାଇବାକେ ପର୍ମେସର୍
ତାକେ ବାଚ୍ଲାଆଚେ ବଲି ତାର୍ ନିଜର୍ ବାଇମନ୍ ଏତାଇବାଇ
। ମାତର୍ ସେମନ୍ ସେଟା ବୁଜତ୍ନାଇ । **୨୬** ତାର୍ ଆର୍କର୍
ଦିନେ ଦୁଇଟା ଇସ୍ରାଏଲିଅ ମନ୍ ମାରାମାରି ଅଇତେରଇବାଟା
ଦେକ୍ଲା । ଆରି ସେମନ୍ ମିସତ୍ ବଲି ବୁଜାଇବାକେ ଚେସ୍ଟା
କଲା । ସେ କଇଲା, "ସୁନା ତମେ ଦୁଇ ଲକ୍ତା ଇସ୍ରାଏଲର୍
ବାଇବାଇ ଅଇସା । କାଇକେ ଏନ୍ତାରି ମାରାମାରି ଅଇଲାସ୍ନି?"
**୨୭** ମାତର୍ ଜନ୍ ଲକ୍ ଆରିଗଟେକ୍ ଲକ୍କେ କାରାପ୍ କାତା କଇ
ଲାଗ୍ତେରଇଲା, ସେ ମସାକେ ଏଡାଇଦେଇ କଇଲା, "ଆମ୍କେ
ସାସନ୍ କର୍ବାକେ ଆରି ଆମ୍କେ ବିଚାର୍ କର୍ବା ଅଦିକାର୍,
କେ ତକେ ଦେଇଆଚେ? **୨୮** କାଲି ଜେନ୍ତି ଗଟେକ୍ ମିସରିୟକେ
ମରାଇଲୁସ୍, ସେନ୍ତି ମକେ ମିସା ମରାଇବାକେ ମନ୍ କଲୁସ୍ନି
କି?" **୨୯** ଏଟା ସୁନିକରି ମସା ମିସର୍ଦେସେଅନି ଉଟିପାଲାଇଲା
ଆରି ମିଦିଅନ୍ ଦେସେ ଜାଇ ବାସାକଲା । ତେଇ କେତେ ବରସ୍
ରଇକରି ଆରି ତାର୍ ଦୁଇଟା ପିଲା ଜନମ୍ ଅଇଲାଇ । **୩୦**
"ଚାଲିସ୍ ବରସ୍ ରଇଲା ପଚେ, ମରୁବାଲି ରଇବା ଜାଗାର୍
ସିନୟ୍ ନାଉଁର୍ ପର୍ବତେ ଗଟେକ୍ ଜଇ ଲାଗ୍ବା ବୁଟାର୍ ମଜାଇ
ପର୍ମେସରର୍ ଗଟେକ୍ ଦୁତ୍, ମସାକେ ଦେକାଇ ଅଇଲା ।" **୩୧**
ମସା ଏଟା ଦେକି ବେସି କାବା ଅଇଗାଲା, ଆରି କଣ୍ଡେକ୍ ନିକକରି
ଦେକ୍ବି ବଲି ବୁଟା ଲଗେ ଗାଲା । ମାତର୍ ତେଇ ସେ ମାପ୍ରୁର୍
କାତା ସୁନ୍ଲା । **୩୨** "ମୁଇ ତମର୍ ଆନିଦାଦି ଅବ୍ରାଆମ୍,
ଇସାକ୍ ଆରି ଜାକୁବର୍ ପର୍ମେସର୍ ।" ମସା ଡରିକରି ତର୍ତର୍
ଗଜ୍ଗଜ୍ ଅଇ ଦେକ୍ବାର୍ ନାପାର୍ଲା । **୩୩** ମାପ୍ରୁ ତାକେ
କଇଲା, "ତୁଇ ପିନ୍ଦିରଇବା ପାଣ୍ଡଇ ବେଟ୍ । କାଇକେବଇଲେ
ତୁଇ ଜନ୍ ଜାଗାଇ ଟିଆଅଇଆଚୁସ୍, ସେଟା ସୁକ୍ଲା ଜାଗା । **୩୪**
ମିସର୍ ଦେସେ ମର୍ ଲକ୍ମନ୍ କସ୍ଟ ଅଇବାଟା ଦେକିଆଚି ।
ମୁଇ ସେମନର୍ କାନ୍ଦାବୁବା ସୁନିଆଚି ଆରି ସେମନ୍କେ ମୁକ୍ଲାଇ
ଆନ୍ବାକେ ଉତ୍ରି ଆଇଲିଆଚି । ଏବେ ଆଉ, ମୁଇ ତକେ ମିସର୍
ଦେସେ ପାଟାଇବି ।" **୩୫** ମସାକେ ଇସ୍ରାଏଲର୍ ଲକ୍ମନ୍
ନିଚ୍ତେରଇଲାଇ । ସେମନ୍ ପାଚାରି ରଇଲାଇ, "ଆମ୍କେ
ସାସନ୍ କର୍ବାକେ ଆରି ଆମ୍କେ ବିଚାର୍ କର୍ବାକେ କେ
ଅଦିକାର୍ ଦେଇଆଚେ?" ମାତର୍ ପର୍ମେସର୍ ଆକା ନିଜେ
ମସାକେ ସେ ଲକ୍ମନର୍ ଉପ୍ରେ ସାସନ୍ କର୍ବାକେ ଆରି
ସେମନ୍କେ ମୁକ୍ଲାଇ ଆନ୍ବାକେ ପାଟାଇରଇଲା । ଜଇଲାଗ୍ବା
ବୁଟାଇ ଦର୍ସନ୍ ଇସାବେ ଦେକାଇଅଇଲା । **୩୬** ମିସର୍ ଦେସେ,
ଲଇତ୍ ସାଗରେ ଆରି ଚାଲିସ୍ ବରସ୍ ମରୁବାଲି ବୁଏଁ କେତେକ୍
କେତେକ୍ କାବା ଅଇଜିବା କାମ୍ମନ୍ ଆରି ଚିନ୍ମନ୍ କଲା । **୩୭**
ମସା ନିଜେ ଇସ୍ରାଏଲର୍ ଲକ୍ମନ୍କେ କଇରଇଲା, "ମକେ
ଜେନ୍ତି ପର୍ମେସର୍ ପାଟାଇଲା । ସେନ୍ତାରିସେ ତମର୍ ବାଇମନର୍
ଲଗେ ଗଟେକ୍ ବବିସତ୍ବକ୍ତାକେ ପାଟାଇସି, ସେ ତମର୍ ନିଜର୍
ଲକ୍ମନର୍ ଟାନେଅନିସେ ଅଇସି ।" **୩୮** "ଇସ୍ରାଏଲିଅ ଲକ୍ମନ୍
ମରୁବାଲି ବୁଏଁ ରଇଲାବେଲେ ସେ ସେମନର୍ ସଙ୍ଗ୍ ରଇଲା ।
ସିନୟ୍ ପର୍ବତେ ଆମର୍ ଆନିଦାଦିମନର୍ ସଙ୍ଗ୍ ଦୁତ୍ କାତା
ଅଇଲାବେଲେ ସେ ରଇଲା । ଆରି ସେ ପର୍ମେସର୍ଟାନେଅନି
ଜିବନ୍ ଦେବା ବାକିଅ ମିଲାଇକରି ଆମ୍କେ ଜାନାଇଲା ।" **୩୯**
"ମାତର୍ ଆମର୍ ପୁର୍ବର୍ ଆନିଦାଦିମନ୍ ମସାର୍ କାତା ସୁନତ୍
ନାଇ । ମିସର୍ ଦେସେ ବାଉଡି ଜୁ ବଲି ମନ୍କଲାଇ ।" **୪୦**
ସେଟାର୍ପାଇ ସେମନ୍ ଆରଣ୍କେ କଇଲାଇ, "ଆମ୍କେ ମିସର୍
ଦେସେଅନି ବାର୍କରାଇ ଆନ୍ଲା ମସା କେନେ ଗାଲାଆଲେ,
ଆମେ ନାଜାନୁ । ଏବେ ଆମ୍କେ ବାଟ୍ ଦେକାଇ ନେବାକେ
କେତେଟା ପୁତ୍ଲା ବନାଇ ଦେ । ସେମନ୍ ଆମର୍ ଦେବ୍ତା ଅଇ
ବାଟ୍ଦେକାଇବାଇ ।" **୪୧** ସେବେଲେ ସେମନ୍ ତେଇ ଗଟେକ୍
ବାଚାପିଲା ପାରା ଡିସ୍ବା ପୁତ୍ଲା ତିଆର୍କଲାଇ । ଆରି ତାର୍ଲାଗି
ପୁଜାକରୁ ବଲି ଚଗାଇଲାଇ । ଆରି ନିଜେ ତିଆର୍ କରିରଇବା
ସେ ମୁର୍ତିକେ ସନ୍ମାନ୍ ଦେବାକେ ଗଟେକ୍ ବଜି କଲାଇ ।
**୪୨** ସେଟାର୍ପାଇ ପର୍ମେସର୍ ସେମନ୍କେ ଦେକେନାଇ ଆରି
ସେମନ୍କେ, ଆକାସର୍ ତାରାମନ୍ ପୁଜା କରତ୍ ବଲି ଚାଡିଦେଲା
। ଏ ବିସଇ ବବିସତ୍ବକ୍ତାର୍ ବଇଟାନେ ଲେକା ଆଚେ, "ଏ
ଇସ୍ରାଏଲ୍ ବଁସର୍ ଲକ୍ମନ୍, ମରୁବାଲି ବୁଏଁ ଚାଲିସ୍ବରସ୍
ଜାକ ତମେ ପସୁମନ୍କେ ମରାଇକରି ବଲି ଇସାବେ ଦେଲାସ୍ ।
ମାତର୍ ସେଟା ମର୍ପାଇ ଦେଇ ନ ରଇଲାସ୍ । **୪୩** ମଲେକ୍
ପୁତ୍ଲାକେ ପର୍ମେସର୍ ବଲି ତାର୍ ତମୁ ଗଟେକ୍ ଜାଗାଇଅନି
ଆରିଗଟେକ୍ ଜାଗାଇ ବଇନେଲାସ୍ । ରେପାନ୍ ତାରାର୍ ପୁତ୍ଲା
ମିସା ଗଟେକ୍ ଜାଗାଇଅନି ଆରିଗଟେକ୍ ଜାଗାଇ ବଇନେଲାସ୍
। ଏ ସବୁଜାକ ପୁତ୍ଲାମନ୍କେ ତମେ ପୁଜାବିଦି କର୍ବାକେ
ବନାଇରଇଲାସ୍ । ସେଟାର୍ପାଇ ମୁଇ ତମ୍କେ ତମର୍ ନିଜର୍
ଦେସେଅନି ବାବିଲନ୍ ଦେସର୍ ତେନ୍କେ ନେବାକେ ଜଜ୍ନା
କର୍ବି ।" **୪୪** ତିପାନ୍ ଆରି କଇଲା, "ମରୁବାଲିବୁଏଁ ଆମର୍
ଆନିଦାଦିମନ୍ ରଇଲାବେଲେ ପର୍ମେସର୍ ସେମନ୍କେ ଲେକି
ଦେଇରଇବା ନିୟମ୍ ମନ୍ ବିତ୍ରେ ରଇଲା । ସେଟା ପର୍ମେସର୍
ମସାକେ ଜେନ୍ତି ତମୁ ତିଆର୍ କର୍ବାକେ କଇରଇଲା, ଆରି
ତାକେ ଜନ୍ କାମ୍ ଦେକାଇ ରଇଲା, ଏଟା ସେନ୍ତାରିସେ ତିଆର୍
ଅଇରଇଲା ।" **୪୫** "ପଚେ ଆମର୍ ଆନିଦାଦିମନ୍ ସେମନର୍
ଆନିଦାଦିମନର୍ ଟାନେଅନି ମିଲାଇକରି ସେ ତୁମ୍ ଜିଅସୁଅ ସଙ୍ଗ୍
ବଇ ଦାରିଗାଲାଇ । ଆରି ପର୍ମେସର୍ ବାର୍କରାଇ କେଦି
ରଇବା ବିନ୍ ଜାତିମନର୍ ଦେସ୍, ସେମନ୍ ଅଦିକାର୍ କଲାଇ ।
ଦାଉଦର୍ ସାସନ୍ ବେଲେ ଜାକ ସେ ତମୁ ତେଇସେ ରଇଲା ।
**୪୬** ଦାଉଦ୍ ପର୍ମେସରର୍ ମନ୍କେ ଜାଇରଇଲାଜେ ଜାକୁବର୍
ପର୍ମେସରର୍ ପାଇ ଗଟେକ୍ ମନ୍ଦିର୍ ତିଆର୍ କର୍ବି ବଲି ତାର୍
ଆଦେସ୍ ପାଇବାକେ ମନ୍ କର୍ତେ ରଇଲା । **୪୭** ପଚେ ସେ
ମନ୍ଦିର୍ ଦାଉଦର୍ ପଅ ସଲ୍ମନ୍ ତିଆର୍ କର ବଲି ମନ୍କଲା

।" ୪୮ ଅଇଲେ ମିସା ସବୁର୍ ଉପ୍ରର୍ ପର୍ମେସର୍ ଲକ୍‌ମନ୍
ତିଆର୍ କଲା ଗରେ ବାସା ନ କରେ । ଏ ବିସଇ ବବିସତ୍‌ବକ୍ତା
ଲେକ୍‌ଲା ଆଚେ, ୪୯ ମାପ୍ରୁ କଇଲାନି, ସରଗ୍ ମର୍ ବସ୍‌ବା
ଜାଗା ଦର୍‌ତନି ଅଇଲାନି ମର୍ ପାଦର୍ ପିଡା । ତମେ ମର୍‌ପାଇ
କେନ୍ତାରି ଗର୍ ତିଆର୍ କର୍‌ସା? ମୁଇ ପୁଣ୍ଡବାକେ କନ୍ତି ଜାଗା
ଆଚେ କି? ୫୦ "ମୁଇ ନିଜେ କାଇ ଏ ସବୁ ବିସଇ ତିଆର୍ କରି
ନାଇ କି?" ୫୧ ତିପାନ୍ ଆରି କଇଲା, "ତମେ ବିଲ୍‌କୁଲ୍ କାତା
ନ ମାନ୍‌ବା ଲକ୍‌ମନ୍ ।" ତମର୍ ମନ୍ ଡାଟ୍ ଅଇଗାଲା ଆଚେ
। ମାପ୍ରୁର୍ ବାକିଅର୍‌ପାଇ ପୁରାପୁରୁନ୍ ବଇରା ଅଇଆଚାସ୍
। ତମେ ସମାନ୍ ତମର୍ ଆନିଦାଦିମନର୍ ପାରା । ସବୁବେଲେ
ସୁକଲ୍ ଆତ୍‌ମାକେ ବିରୁଦ୍ କଲାସ୍‌ନି । ୫୨ ତମର୍ ଆନିଦାଦିମନ୍
ବବିସତ୍‌ବକ୍ତାମନ୍‌କେ ନ ସାଦିକରି ଚାଡିରଇଲାଇ କି? ମସିଅ
ଆଇସି ବଲି କେତେ କେତେ ବରସ୍ ଆଗ୍‌ତୁ ଜାନାଇବା
ପର୍ମେସରର୍ କାତାଜାନାଉମନ୍‌କେ ମରାଇଲାଇ । ଏବେ ତମେ
ତାକେ ବିସ୍‌ବାସେ ବିସ୍ ଦେଲାପାରା କରି ମରାଇଆଚାସ୍ । ୫୩
ତମେ ସରଗର୍ ଦୁତ୍‌ମନ୍ ଜାନାଇରଇବା ରିତିନିତି ଦାରିଆଚାସ୍
। ମାତର୍ ସେଟା ମାନାସ୍ ନାଇ । ୫୪ ବଡ୍ ସବାର୍ ଲକ୍‌ମନ୍
ତିପାନ୍ କାତା ଅଇବାଟା ସୁନିକରି ବେସି ରିସା ଅଇଗାଲାଇ
ଆରି ରିସାର୍ ମାଡେ ଦାତ୍ କାଡ୍‌ରି ଅଇଲାଇ । ୫୫ ମାତର୍
ତିପାନ୍ ସୁକଲ୍ ଆତ୍‌ମାଇ ପୁରାପୁରୁନ୍ ଅଇ ସରଗ୍ ବାଟେ ମୁ
କଲା । ଆରି ପର୍ମେସରର୍ ମଇମା ଆରି ଜିସୁ ତାର୍ ଉଜାବାଟେ
ଟିଆଅଇରଇବାଟା ଦେକ୍‌ଲା । ୫୬ ତିପାନ୍ କଇଲା, "ଏଦେ
ଦେକା! ସରଗ୍ ଉଗାଡି ଅଇବାଟା ଆରି ନର୍‌ପିଲା ପର୍ମେସରର୍
ଉଜାବାଟେ ଟିଆ ଅଇରଇବାଟା ଦେକ୍‌ଲିନି ।" ୫୭ ବଡ୍ ସବାର୍
ଲକ୍‌ମନ୍ ସେ କାତା ସୁନିକରି ଆତ୍ ସଙ୍ଗ କାନେ ଚୁଟିଅଇଦେଲାଇ,
ଆରି ବେସି ଆଉଲିଅଇଲାଇ । ତାର୍‌ପଚେ ସବୁଲକ୍ ଗଟେକ୍
ଅଇକରି ତିପାନର୍ ବାଟେ ଉଦ୍‌ଲି ଆଇଲାଇ । ୫୮ ତାକେ
ନଅରର୍ ବାଇରେ ଜିକିନେଇକରି ତାର୍ ଉପ୍ରେ ପାକ୍‌ନା ସଙ୍ଗ
ମାର୍‌ବାର୍ ଦାର୍‌ଲାଇ । ସାକି ଦେଉମନ୍ ତିପାନ୍ ପିନ୍ଦିରଇଲା
ବସ୍‌ତର୍ ସାଉଲ୍ ନାଉଁର୍ ଗଟେକ୍ ଦାଙ୍ଗଡାକେ ଜିମାଦେଇ ଚାଡି
ଜାଇରଇଲାଇ । ୫୯ ସେମନ୍ ତିପାନର୍ ଉପ୍ରେ ପାକ୍‌ନା ମାର୍‌ବା
ବେଲେ ସେ ମାପ୍ରୁକେ ପାର୍‌ତନା କରି କଇଲା, "ମାପ୍ରୁ
ଜିସୁ, ମର୍ ଆତ୍‌ମାକେ ସଙ୍ଗଆ!" ୬୦ ତିପାନ୍ ମାଣ୍ଡିକୁଟା ଦେଇ
ଆକ୍‌ମାରି କଇଲା, "ମାପ୍ରୁ, ଏମନର୍ ବିରଦେ ଏ ପାପ୍ ଆରି
ଏତାଆ ନାଇ କି ଡଣ୍ଡ ଦିଆସ୍‌ନାଇ ।" ଏତ୍‌କି କଇଲା ଦାପ୍‌ରେ
ତାର୍ ଜିବନ୍ ଚାଡିଗାଲା ।

୮ ସାଉଲ୍ ତିପାନର୍ ମରନେ ରାଜିଅଇକରି ତେଇ ରଇଲା । ସେ
ଦିନେଅନି ଜିରୁସାଲାମେ ରଇବା ମଣ୍ଡଲିମନ୍‌କେ ଲକ୍‌ମନ୍
ଜବର୍ ତାଡ୍‌ନା ଦେବାର୍ ଆରାମ୍ କଲାଇ । ସେଟାର୍‌ପାଇ
ପେରିତ୍ ସିସ୍‌ମନ୍ ତେଇରଇଲାଇ ଆରି ବିନ୍ ବିସ୍‌ବାସିମନ୍ ଜିବନ୍
ଆତେଦାରି ଜିଉଦା ଆରି ସମିରଣ୍ ଜାଗାଇ ପାଲାଇଲାଇ । ୨
ପର୍ମେସର୍‌କେ ନାମ୍‌ବା କେତେକ୍ ଲକ୍ ଆକ୍‌ମାରି କାନ୍ଦିକରି
ତିପାନର୍ ମଲା ଗାଗଡ୍ ନେଇ ସମାଦି କଲାଇ । ୩ ମାତର୍
ସାଉଲ୍ ମଣ୍ଡଲିକେ କୁରୁପ୍‌ନାସ୍ କର୍‌ବାକେ ଚେସ୍‌ଟା କଲା । ସେ
ଗରେ ଗରେ ଜାଇ ଜିସୁକେ ବିସ୍‌ବାସ୍ କର୍‌ବା ମୁନୁସ୍ ପିଲା ଆରି
ମାଇଜି ଟକିମନ୍ ସବୁକେ ଜିକି ଆନି ବନ୍ଦି ଗରେ ପୁରାଇ ଦେଲା ।
୪ ଜିରୁସାଲମେଅନି ପାଲାଇରଇବା ବିସ୍‌ବାସିମନ୍ ଗୁଲାଇବାଟେ
ଜାଇ ସୁବ୍‌କବର୍ ଜାନାଇବାର୍ ଦାର୍‌ଲାଇ । ୫ ସେମନର୍
ବିତ୍‌ରେଅନି ପିଲିପ୍ ବଲି ଗଟେକ୍ ଲକ୍ ସମିରଣର୍ ମୁକିଅ ନଅରେ
ଜାଇ, ତେଇ ରଇବା ଲକ୍‌ମନ୍‌କେ ମସିଅ କଇରଇବା କାତା
ଜାନାଇଲା । ୬ ପିଲିପ୍ କଇବା କାତା ସୁନି ଆରି ସେ କରିରଇବା
କାବା ଅଇଜିବା କାମ୍‌ମନ୍ ସବୁ ଦେକି ଲକ୍‌ମନ୍ ତାକେ ଅଦିକ୍
ମନ୍‌ଦିଆନ୍ ଦେଇ ସୁନ୍‌ବାର୍ ଦାର୍‌ଲାଇ । ୭ କେତେ କେତେ
ଲକ୍‌ମନର୍ ଟାନେଅନି ଡୁମାମନ୍ କିର୍‌କିରି କରି ବାରଇ ଗାଲାଇ ।
କେତେ କେତେ ଚେରେଙ୍ଗ ରଗି ଆରି ଆତ୍ ଗଡ୍ ନ ଆଇବାଟାମନ୍
ନିକ ଅଇଗାଲାଇ । ୮ ଏଟାର୍ ପାଇ ସେ ନଅର୍ ସାଇସାର୍‌ଦା
ଅଇରଇଲା । ୯ ସମରିଆ ଜାଗାଇ ସିମନ୍ ନାଉଁର୍ ଗଟେକ୍
ଲକ୍ ତାର୍ ଜନ୍ତର୍ ମନ୍ତର୍ ବିଦିଆ କରିକରି ତେଇର୍ ଲକ୍‌ମନ୍‌କେ
କାବା କରାଇତେରଇଲା । ୧୦ ସେ, ମୁଇ ନିଜେ ଗଟେକ୍ ବଡ୍
ଲକ୍ ବଲାଇଅଇତେରଇଲା । ଆରି ସେ ନଅରେ ରଇବା ସାନ୍
ବଡ୍ ସବୁ ତାକେ ମାନିରଇଲାଇ । ପର୍ମେସରର୍ ଜନ୍ ବପୁ
ମଆନ୍ ସେ ବପୁ ଏଟା ଆକା ବଲି ଲକ୍‌ମନ୍ କଇତେ ରଇଲାଇ ।
୧୧ ବେସି ବରସ୍ ଦାରି ତାର୍ ଗୁନି ବିଦିଆର୍ ବପୁ ସଙ୍ଗ ତେଇର୍
ଲକ୍‌ମନ୍‌କେ କାବା କରାଇତେରଇଲା । ସେଟାର୍‌ପାଇ ଗୁଲାଇ
ସମିରଣିୟ ଲକ୍‌ମନ୍ ତାକେ ମାନିକରି ରଇଲାଇ । ୧୨ ମାତର୍
ପିଲିପର୍ ଟାନେଅନି ପର୍ମେସରର୍ ରାଇଜ ଆରି ଜିସୁର୍ ବିସଇ
ସୁନ୍‌ଲାଇ । ସୁନିକରି ତେଇର୍ ଲକ୍‌ମନ୍ ମାପ୍ରୁକେ ବିସ୍‌ବାସ୍
କଲାଇ । ଆରି ସେ ଜାଗାର୍ ବିସ୍‌ବାସ୍ କଲା ମନସ୍ ପିଲା ଆରି
ମାଇଜିଟକିକେ ପିଲିପ୍ ଡୁବନ୍ ଦେଲା । ୧୩ ସିମନ୍ ନିଜେ ପିଲିପ୍
ଜାନାଇରଇବା ମାପ୍ରୁର୍ ବାକିଅ ସୁନି ବିସ୍‌ବାସ୍ କଲା । ଆରି
ପିଲିପ୍ ତାକେ ଡୁବନ୍ ଦେଲା । ସେ ପିଲିପର୍ ସଙ୍ଗ ସବୁଜାଗାଇ
ଜିବାର୍ ଦାର୍‌ଲା । ପିଲିପ୍ କରିରଇବା କାବା ଅଇଜିବା କାମ୍‌ମନ୍
ଆରି ଚିନ୍‌ମନ୍ ଦେକିକରି ସେ କାବା ଅଇଜାଇତେରଇଲା । ୧୪
ସମରିଆର୍ ଲକ୍‌ମନ୍ ପର୍ମେସରର୍ ବାକିଅ ବିସ୍‌ବାସ୍ କଲାଇ
ଆଚତ୍ ବଲି ଜିରୁସାଲାମ୍ ରଇବା ପେରିତ୍ ସିସ୍‌ମନ୍ ସୁନ୍‌ଲାଇ
। ପିତର୍ ଆରି ଜଅନ୍‌କେ ସେମନର୍ ଲଗେ ପାଟାଇଲାଇ ।
୧୫ ସେମନ୍ ତେଇ କେଟ୍‌ଲା ପଚେ ସମିରଣର୍ ବିସ୍‌ବାସିମନ୍
ସୁକଲ୍ ଆତ୍‌ମା ପାଇବାକେ, ପାର୍‌ତନା କଲାଇ । ୧୬ କାଇକେ
ବଇଲେ ସେଡ୍‌କିବେଲ୍ ଜାକ କାର୍ ଉପ୍ରେ ସୁକଲ୍ ଆତ୍‌ମା
ଉତ୍‌ରି ନ ରଇଲା । ସେମନ୍‌କେ ଜିସୁକିରିସ୍‌ଟର୍ ନାଉଁଦାରି
ଅବ୍‌କାସେ ଡୁବନ୍ ଦେଇରଇଲା । ୧୭ ପିତର୍ ଆରି ଜଅନ୍
ସେମନର୍ ଉପ୍ରେ ଆତ୍ ସଙ୍ଗଇଲା ଦାପ୍‌ରେ ସେମନ୍ ସୁକଲ୍

ଆତ୍ମା ପାଇଲାଇ । **୧୮** ପେରିତ୍ ସିସ୍ମନ୍ ବିସ୍ବାସିମନର୍ ଉପ୍ରେ ଆତ୍ ସଙ୍ଗଇଲାକେ ସୁକଲ୍ଆତ୍ମା ପାଇଲାଟା ଦେକି, ସିମନ୍, ପିତର୍ ଆରି ଜଅନ୍କେ ଡାବୁ ଜାଚ୍ଲା ଆରି କଇଲା, **୧୯** "ମୁଇ ବିନ୍ ଲକର୍ ଉପ୍ରେ ଆତ୍ ସଙ୍ଗଇଲେ, ସେମନ୍ ଜେନ୍ତି ସୁକଲ୍ ଆତ୍ମା ପାଇପାର୍ବାଇ, ସେଟାର୍ ପାଇ ମକେ ସେ ବପୁ ଦିଆ ।" **୨୦** ମାତର୍ ପିତର୍ ତାକେ କଇଲା, "ତର୍ ଡାବୁ ତର୍ ସଙ୍ଗ ନସ୍ଟ ଅ । ତର୍ ସଙ୍ଗ ତର୍ ଡାବୁ ମିସା ନର୍କେ ଜାଅ । କାଇକେବଇଲେ ପର୍ମେସରର୍ ଦାନ୍ ଡାବୁସଙ୍ଗ ଗେନ୍ବି ବଲି ବାବ୍ଲୁସ୍ନି । **୨୧** ଆମର୍ କାମ୍ଟାନେ ତର୍ କାଇମିସା ବାଗ୍ ନାଇ, କାଇକେବଇଲେ ପର୍ମେସର୍ ଦେକ୍ବା ଇସାବେ ତର୍ ମନ୍ ନିକ ନାଇ । **୨୨** ସେଟାର୍ ପାଇ ତମର୍ ଏ କରାପ୍ ବାବ୍ନାର୍ ପାଇ ମନ୍ ବାଦ୍ଲାଆ । ଏନ୍ତାରି ବିସଇ ଚିନ୍ତାକଲାର୍ ପାଇ ମାପ୍ରୁ ଜେନ୍ତାରି କେମା ଦେଇସି, ତାର୍ ଲାଗି, ମାପ୍ରୁକେ ପାର୍ତନା କର୍ । **୨୩** କାଇକେ ବଇଲେ ମୁଇ ଦେକ୍ଲିନି ଜେ ତର୍ ମନ୍ ଆଁକାରେ ବର୍ତି ଅଇଆଚେ । ତୁଇ ପାପର୍ ବନ୍ଦନେ ବନ୍ଦିଅଇ ଆଚୁସ୍ ।" **୨୪** ସିମନ୍ ସେମନ୍କେ କଇଲା, "ତମେ ଜାଇଟା ସବୁ କଇଲାସ୍ ସେଟା ଜେନ୍ତି ମର୍ ଉପ୍ରେ ନ ଗଟ । ମୁଇ ତମ୍କେ ବାବୁଜିଆ କଲିନି ମର୍ପାଇ ମାପ୍ରୁକେ ପାର୍ତନା କରା ।" **୨୫** ନିଜର୍ ଜିବନେ ଅଇରଇବା ବିସଇର୍ ସାକି ଆରି ମାପ୍ରୁର୍ ସୁବ୍ କବର୍ କଇସାରାଇଲା ପଚେ ପିତର୍ ଆରି ଜଅନ୍ ଜିରୁସାଲାମେ ବାଅଡ୍ଲାଇ । ବାଅଡ୍ବା ବାଟେ ସେମନ୍ ସମିରଣର୍ ବେସି ଗାଉଁମନ୍କେ ସୁବ୍କବର୍ ଜାନାଇଲାଇ । **୨୬** ପର୍ମେସରର୍ ଗଟେକ୍ ଦୁତ୍ ପିଲିପ୍କେ କଇଲା, "ତିଆର୍ ଅ, ଆରି ଦକିଣ୍ ଦିଗେ ଜିରୁସାଲମେଅନି ଗାଜା ବଲି ଗଟେକ୍ ଜାଗାଇ ଜିବାବାଟେ ଜା । ଆଜିକାଲି ଏବାଟେ ଆରି ଲକ୍ମନ୍ ଆସ୍ ଜା କରତ୍ ନାଇ ।" **୨୭** ପିଲିପ୍ ତିଆର୍ ଅଇ ସେବାଟେ ଗାଲା । ଏଦେ ଦେକା! ଇତିଅପିଆର୍ ଗଟେକ୍ ଲକ୍! ସେ ଗଟେକ୍ ବେଜୁ ରଇଲା । ସେ ଜିରୁସାଲମେ ପାର୍ତନା କର୍ବାକେ ଆସିରଇଲା । **୨୮** ସେ ଗଟେକ୍ ମୁକିଅ ଆରି ଇତିଅପିଆ ରାନିର୍ ବାଣ୍ଡାର୍ଗରିଆ ରଇଲା । ସେ ପର୍ମେସର୍କେ ଉପାସନା କର୍ବାକେ ଜିରୁସାଲେମ୍ ଜାଇରଇଲା । ତାର୍ ରତେ ବସି ଗରେ ବାଉଡି ଆଇତେରଇଲା । ବସିକରି ଜିସାୟ ବବିସତ୍ବକ୍ତାର୍ ବଇଟାନେଅନି ଆଉଲି ଅଇ ପଡ୍ତେରଇଲା । **୨୯** ସୁକଲ୍ଆତ୍ମା ପିଲିପ୍କେ କଇଲା, "ସେ ରତେ ଜା ଆରି ସେ ଲକର୍ ଲଗେ ର ।" **୩୦** ପିଲିପ୍ ପାଲାଇ ପାଲାଇ ଗାଲା ଆରି ସେ ଲକ୍ ଜିସାୟ ବବିସତ୍ବକ୍ତାର୍ ବଇ ପଡ୍ବାଟା ସୁନ୍ଲା । ସେ ତାକେ ପାଚାର୍ଲା "ତୁଇ ଜାଇଟା ପଡ୍ଲୁସ୍ନି, ସେଟା ବୁଜିପାର୍ଲୁସ୍ନିକି?" **୩୧** ସେ ବାଣ୍ଡାର୍ ଗରିଆ କଇଲା, "କେ ମିସା ଗଟେକ୍ ଲକ୍ ବୁଜାଇ ନ ଦେଲେ ମୁଇ କେନ୍ତି ବୁଜିପାର୍ବି?" ତାର୍ ସଙ୍ଗ ରତେ ବସ୍ବାକେ ସେ ପିଲିପ୍କେ ଡାକ୍ଲା । ପିଲିପ୍ ଜାଇ ବସ୍ଲା । **୩୨** ଦରମ୍ ସାସ୍ତରର୍ ଏ ପଦ୍ ପଡ୍ତେ ରଇଲା, "ମରାଇବାକେ ନେବା ମେଣ୍ଡାପାରା, ଲକ୍ମନ୍ ତାକେ ଡାକିନେଲାଇ, ଗଟେକ୍ ମେଣ୍ଡାର୍ ବାଲ୍ କାଟ୍ବା ବେଲେ ଜେନ୍ତି ସେ ଚିମ୍ରାଇଅଇରଇସି, ସେନ୍ତାରି ସେ ପଦେକ୍ ମିସା କାତା କଏ ନାଇ । **୩୩** ଲକ୍ମନ୍ ନିନ୍ଦା କଲାବେଲେ ତାକେ ନିଆଇ ମିଲେ ନାଇ ତାର୍ କୁଟୁମର୍ ଲକର୍ ବିସଇ, କେ କଇ ନାପାରତ୍, କାଇକେବଇଲେ ମତ୍ପୁରେ ତାର୍ ଜିବନ୍ ସାରିଗାଲା ଆଚେ ।" **୩୪** ବାଣ୍ଡାର୍ଗରିଆ ପିଲିପ୍କେ ପାଚାର୍ଲା, "ମୁଇ ତକେ ଗୁଆରି କଲିନି । ବବିସତ୍ବକ୍ତା କାର୍ ବିସଇ କଇଲାନି, ମକେ କୁଆ । ତାର୍ ନିଜର୍ ବିସଇ କି ଆରି କାର୍ ବିସଇ?" **୩୫** ପିଲିପ୍ ଦରମ୍ ସାସ୍ତରର୍ ଏ ପଦେଅନି ଆରାମ୍ କରି ଜିସୁର୍ ବିସଇର୍ ସୁବ୍ କବର୍ ତାକେ ଜାନାଇଲା । **୩୬** ସେମନ୍ ଜାଉ ଜାଉ ଗଟେକ୍ ବନ୍ଦ ଲଗେ କେଟ୍ଲାଇ । ସେ ବାଣ୍ଡାର୍ଗରିଆ କଇଲା, **୩୭** "ଇତି ପାନି ଆଚେ, କାଇ ଅସୁବିଦା ନ ରଇଲେ ମକେ ଡୁବନ୍ ଦିଆ ।" **୩୮** ସେ ଲକ୍ ରତ୍ ତେବାଇବାକେ ତିଆର୍ଲା । ପିଲିପ୍ ଆରି ସେ, ପାନି ବିତ୍ରେ ଗାଲାଇ ଆରି ପିଲିପ୍ ତାକେ ପାନିତେଇ ଡୁବନ୍ ଦେଲା । **୩୯** ସେମନ୍ ପାନିତେଇଅନି ବାରଇ ଆଇଲା ପଚେ, ମାପ୍ରୁର୍ ଆତ୍ମା ପିଲିପ୍କେ ଆରିଗଟେକ୍ ଜାଗାଇ ମାୟା କରି ଦେଲା, ସେ ଲକ୍ ପିଲିପ୍କେ ଆରି କେବେ ଦେକି ନାପାର୍ଲା, ମାତର୍ ସାର୍ଦାଇ ପୁରୁନ୍ ଅଇ ତାର୍ ବାଟେ ଉଟିଗାଲା । **୪୦** ଚନେକ୍ ଗାଲା ପଚେ ପିଲିପ୍ ଦେକ୍ଲାଜେ ସେ ଅସଦର୍ ବଲି ଗଟେକ୍ ଜାଗାଇ କେଟିଆଚେ । ତେଇଅନି ସେ କାଇସେରିଆଇ ଗାଲା ଆରି ବାଟେ ରଇବା ସଅର୍ମନ୍କେ ସୁବ୍ କବର୍ ଜାନାଇଲା ।

**୯** ସେ ସବୁ ଗଟ୍ବା ବେଲେ, ସାଉଲ୍ ମାପ୍ରୁର୍ ସିସ୍ମନ୍କେ ମରାଇଦେବି ବଲି ଦମ୍କାଇତେ ରଇଲା । ସେ ବଡ୍ ପୁଜାରିର୍ ଲଗେ ଗାଲା । **୨** ଜାଇକରି ଦାମାସ୍କାସେ ଜିଉଦିମନର୍ ପାର୍ତନା ଗରେ ଦେବାକେ ଅଦିକାରର୍ ଚିଟି ମାଙ୍ଗ୍ଲା । ଦାମାସ୍କାସେ ଜନ୍ ମାଇଜି ଆରି ମୁନୁସ୍ମନ୍ ମାପ୍ରୁର୍ ବାଟେ ଆଇଲାଇ ଆଚତ୍, ସେମନ୍କେ ବନ୍ଦିକରି ଡଣ୍ଡ ଦେବାକେ, ଜିରୁସାଲମର୍ ଜିଉଦି ନେତାମନର୍ଟାନେ ଆନିଅଇସି । ବାନ୍ଦିକରି ଜିରୁସାଲମେ ଆନ୍ବାକେ ସାଉଲ୍କେ ଏ ଚିଟି ଅଦିକାର୍ ଦେଲା । **୩** ସାଉଲ୍ ଦାମାସ୍କସ୍ ନଅର୍ ଲଗାଲଗି ଅଇବା ବେଲେ, ଅଟାତ୍ ବାଦ୍ଲେଅନି ଗଟେକ୍ ଉଜଲ୍ ସାଉଲର୍ ଚାରିବେଡ୍ତି ଜଗ୍ଜଗି ଗାଲା । **୪** ତେଇ ସେ ତଲେ ଅଦ୍ରି ଗାଲା ଆରି ଗଟେକ୍ କଇବା କାତା ସୁନ୍ଲା "ଏ ସାଉଲ୍ ତୁଇ ମକେ କାଇକେ ସାଦ୍ଲୁସ୍ନି?" **୫** ସେ କଇଲା, "ତମେ କେ ମାପ୍ରୁ?" "ତୁଇ ଜାକେ ସାଦ୍ଲୁସ୍ନି, ସେ ଜିସୁ ମୁଇ । **୬** ଏବେ ଉଟ୍, ନଅରେ ଜା, କାଇଟା କର୍ବାକେ ଅଇସି, ତେଇ ତକେ ଜାନାଇବି ।" **୭** ସାଉଲର୍ ସଙ୍ଗ ଜିବା ଲକ୍ମନ୍ କାବାଅଇଜାଇ ତେବିଦେଲାଇ, ତାକର୍ ଟଣ୍ଡେଅନି ପଦେକ୍ କାତା ବାରଏ ନାଇ । କଇବା ସବଦ୍ ସେମନ୍ ସୁନ୍ଲାଇ, ମାତର୍ କାକେ ଦେକି ନାପାର୍ଲାଇ । **୮** ସାଉଲ୍ ଉଟି ଆଁକି ଦେକ୍ଲା ମାତର୍ ତାକେ କାଇଟା ଡିସେ ନାଇ । ତେବେ ତାର୍

ସଙ୍ଗ୍‌ର୍ ଲକ୍‌ମନ୍ ଆତେ ଦାରି ଦାମାସ୍‌କସ୍ ଡାକିନେଲାଇ । **୯**
ତିନ୍‌ଦିନ୍ ଜାକ ସେ କାଇଟା ଦେକି ନାପାର୍‌ଲା ଆରି ତିନ୍‌ଦିନ୍ ଜାକ
କାଏ ନାଇ କି ପିଏ ନାଇ । **୧୦** ଦାମାସ୍‌କସେ ଅନନିୟ ନାଉଁର୍
ଗଟେକ୍ ବିସ୍‌ବାସି ଲକ୍ ରଇଲା, ସେ ମାପ୍‌ରରୁ ଦର୍‌ସନ୍ ପାଇଲା,
ମାପ୍‌ରୁ ତାକେ କଇଲା, "ଅନନିୟ!" ସେ କଇଲା, "ମୁଇ ଇତି
ଆଚି ମାପ୍‌ରୁ, କୁଆ ।" **୧୧** ମାପ୍‌ରୁ କଇଲା, "ଡିଆର୍ ଅ । ସଲକ୍
ନାଉଁର୍ ବାଟ୍‌ଦାରି ଜିଉଦାର୍ ଗରେ ଜା । ତେଇ ତାର୍‌ସସେଅନି
ଆସି ରଇବା ସାଉଲ୍ ନାଉଁର୍ ଗଟେକ୍ ଲକ୍‌କେ କଜ୍ । ସେ
ପାର୍‌ତନା କଲାନି । **୧୨** ସେ ଦର୍‌ସନ୍ ଦେକ୍‌ଲାବେଲେ ଅନନିୟ
ବଲି ଗଟେକ୍ ଲକ୍ ତାର୍ ଗରେ ପୁର୍‌ବାଟା ସେ ଦେକିଆଚେ, ତୁଇ
ଜା ଆରି ସେ ଜେନ୍ତିକି ଆରିତରେକ୍ ଦେକିପାର୍‌ସି ତାର୍ ଉପ୍‌ରେ
ଆତ୍ ସଙ୍ଗ ।" **୧୩** ମାତର୍ ଅନନିୟ କଇଲା, "ମାପ୍‌ରୁ ଏ ଲକ୍
ଜିରୁସାଲାମେ ତମର୍ ଲକ୍‌ମନ୍‌କେ ଜେତ୍‌କି ପାପ୍ କାମ୍ କଲା
ଆଚେ, ସେ ବିସଇ କେତେ କେତେ ଲକ୍ ମକେ ଜାନାଇ ଆଚତ୍
। **୧୪** ଆରି ସେ ଲକ୍ ମୁକିଅ ପୁଜାରିମନର୍ ଟାନେଅନି ଅଦିକାର୍
କାଗଜ୍ ନେଇକରି ଦାମାସ୍‌କାସେ, ତମ୍‌କେ ପାର୍‌ତନା କର୍‌ବା
ଲକ୍‌ମନ୍‌କେ ଦାରି ନେବାକେ ଆସିଆଚେ ।" **୧୫** ମାପ୍‌ରୁ ତାକେ
କଇଲା, "ଜାଆ ଜିଉଦି ନ ଅଇଲା ଲକ୍‌ମନ୍, ତାକର୍ ରାଜାମନ୍
ଆରି ଇସ୍‌ରାଏଲର୍ ଲକ୍‌ମନ୍‌କେ, ମର୍ ନାଉଁ ଜାନାଇବାକେ
ଆରି ମର୍ ସେବା କର୍‌ବାକେ ମୁଇ ତାକେ ବାଚ୍‌ଲି ଆଚି ।
**୧୬** ସେ ମର୍ ପାଇ ଜେତ୍‌କି ସବୁ କସ୍‌ଟ ମୁରତ୍‌ବାର୍ ଆଚେ,
ମୁଇ ନିଜେ ତାକେ ଜାନାଇବି ।" **୧୭** ଅନନିୟ ଗାଲା ଆରି
ସାଉଲ୍ ରଇବା ଗରେ କେଟ୍‌ଲା । ସାଉଲ୍‌କେ ବେଟ୍‌ଅଇ ତାର୍
ଉପ୍‌ରେ ଆତ୍ ସଙ୍ଗଇ ତାକେ କଇଲା, "ଏ ବାଇ ସାଉଲ୍, ଇତି
ତର୍‌ଟାନେ ଆଇବାକେ ମାପ୍‌ରୁ ଜିସୁ ମକେ ପାଟାଇଆଚେ ।
ତୁଇ ଇତି ଆଇବା ବାଟେ ସେସେ ତକେ ଦେକାଇଅଇଲା । ତୁଇ
ଜେନ୍ତିକି ଆରି ତରେକ୍ ଦେକି ପାରୁସ୍ ଆରି ସୁକଲ୍ ଆତ୍‌ମାଇ
ପୁରାପୁରୁନ୍ ଅଇପାରୁସ୍ । ସେଟାର୍‌ପାଇ ପର୍‌ମେସର୍ ମକେ
ପାଟାଇଆଚେ ।" **୧୮** ଅନନିୟ ଏ କାତା କଇଲା ଦାପ୍‌ରେ
ଏଦେ ଦେକା! ସାଉଲର୍ ଆଁକିଅନି ମାଚ୍ କସ୍‌ଲି ପାରାଟା କୁସ୍‌ଲି
ଅଦର୍‌ଲା । ସେ ଆରି ତରେକ୍ ଦେକି ପାର୍‌ଲା । ସେ ଉଟ୍‌ଲା
ଆରି ଅନନିୟ ତାକେ ଡୁବନ୍ କଲା । **୧୯** ଆରି କାଆପିଆ ଅଇ
ବପୁ ଅଇଲା । ସାଉଲ୍ ଜିସୁକେ ବିସ୍‌ବାସ୍ କର୍‌ବା ଲକ୍‌ମନର୍
ସଙ୍ଗ ଦାମାସ୍‌କସେ କେତେ ଦିନ୍ ରଇଲା । **୨୦** ସେ ସିଦା
ପାର୍‌ତନା କର୍‌ବା ଗର୍‌ମନ୍‌କେ ଜାଇ ଜିସୁସେ ପର୍‌ମେସରର୍
ପଅ ବଲି ଜାନାଇବାର୍ ଦାର୍‌ଲା । **୨୧** ଜନ୍ ଲକ୍‌ମନ୍ ତାର୍ କାତା
ସୁନ୍‌ଲାଇ, କାବାଅଇଜାଇକରି ପାଚାର୍‌ଲାଇ, "ଜିରୁସାଲମେ
ଜିସୁକେ ବିସ୍‌ବାସ୍ କରି ପାର୍‌ତନା କର୍‌ବା ଲକ୍‌ମନ୍‌କେ ଜନ୍‌ଲକ୍
ମରାଇତେ ରଇଲା, ଏ କାଇ ସେ ଲକ୍ ନଏଁ କି? ସେମନ୍‌କେ
ମୁକିଅ ପୁଜାରିମନର୍ ଲଗେ ଦାରିନେବାକେ ସେ କାଇ ଇତି ଆସି
ନ ରଇଲା କି?" **୨୨** ମାତର୍ ସାଉଲ୍ ଦରମ୍ ସାସ୍‌ତରେ ଅନି,
ଜିସୁ ଆକା ମସିଅ ବଲି ସତ୍ ଦେକାଇଲା । ଏ ବିସଇଟାନେ
ତାର୍ କଇବା କାତା ଏତେ ବପୁ ରଇଲା ଜେ, ଦାମାସ୍‌କସେ
ବାସାଅଇ ରଇବା ଜିଉଦିମନ୍ ତାର୍ କଇବା କାତାର୍ ଗଟେକ୍
ମିସା ଉତର୍ ଦେଇନାପାର୍‌ଲାଇ । **୨୩** କେତେଦିନ୍ ଗାଲା ପଚେ
ଜିଉଦିମନ୍ ଗଟେକ୍ ଅଇକରି ସାଉଲ୍‌କେ ମରାଇବାକେ ପାଚ୍‌ନା
କଲାଇ । **୨୪** ମାତର୍ ସାଉଲ୍ ସେମନର୍ କୁଟ୍ କାତା ଜାନ୍‌ଲା
। ସାଉଲ୍‌କେ ମରାଇବାକେ ସେମନ୍ ଦିନ୍ ରାତି ନଅରର୍ ସବୁ
ଦୁଆର୍‌ମନ୍‌କେ ଜାଗ୍‌ଲାଇ । **୨୫** ମାତର୍ ଦିନେକ୍, ରାତିବେଲେ
ସାଉଲର୍ ସିସ୍‌ମନ୍ ତାକେ ଡାଲାଇ ସାଜାଡି ନଅରର୍ ଚାରିବେଟ୍‌ତି
ରଇବା ପାଚୁରିର୍ କାଣା ବାଟେ ତଲେ ଉତ୍‌ରାଇଦେଲାଇ ।
**୨୬** ସାଉଲ୍ ଜିରୁସାଲାମେ ଜାଇ ସିସ୍‌ମନର୍ ସଙ୍ଗ ମିସ୍‌ବାକେ
ଚେସ୍‌ଟା କଲା । ମାତର୍ ସେମନ୍ ସାଉଲ୍‌କେ ଗଟେକ୍ ସିସ୍ ବଲି
ମୁଲ୍‌କେ ବିସ୍‌ବାସ୍ କରତ୍ ନାଇ । ସବୁ ଲକ୍ ତାକେ ଡର୍‌ତେ
ରଇଲାଇ । **୨୭** ମାତର୍ ପଚେ, ବର୍‌ନବା ତାକେ ପେରିତ୍
ସିସ୍‌ମନର୍ ଲଗେ ନେଲା । ଦାମାସ୍‌କସର୍ ବାଟେ କେନ୍ତି ସାଉଲ୍
ମାପ୍‌ରୁର୍ ଦର୍‌ସନ୍ ପାଇରଇଲା, ଆରି ମାପ୍‌ରୁ ତାକେ କାତା
କଇରଇଲା, ଏ ସବୁ ବିସଇ ସେମନ୍‌କେ ବୁଜାଇକରି କଇଲା ।
ଦାମାସ୍‌କସେ ସାଉଲ୍ ନ ଡର୍‌ତେ କେନ୍ତାରି ଜିସୁର୍ ନାଉଁ ଦାରି
ତାର୍ ବାକିଅ ଜାନାଇରଇଲା, ସେମନ୍‌କେ ଟିକି ନିକି ବୁଜାଇ
କରି କଇଲା । **୨୮** ଆରି ସାଉଲ୍, ପେରିତ୍ ସିସ୍‌ମନର୍ ସଙ୍ଗ
ରଇଲା ଆରି ଜିରୁସାଲମର୍ ଗୁଲାଇବାଟେ ଜାଇ, ନ ଡର୍‌ତେ
ମାପ୍‌ରୁର୍ ବାକିଅ ଜାନାଇଲା । **୨୯** ସାଉଲ୍ ଏ ସବୁ ବିସଇ ଗିରିକ୍
ବାସା କଇବା ଜିଉଦିମନର୍ ସଙ୍ଗ ଦଦାପେଲା ଅଇଲା । ମାତର୍
ସେମନ୍ ସାଉଲ୍‌କେ ମରାଇବାକେ ଚେସ୍‌ଟା କଲାଇ । **୩୦**
ବିସ୍‌ବାସି ବାଇମନ୍ ଏ କାତା ଜାନିକରି ସାଉଲ୍‌କେ କାଇସରିଆ
ନାଉଁର୍ ଗଟେକ୍ ଜାଗାଇ ଦାରିଗାଲାଇ । ଆରି ତେଇଅନି ତାକେ
ତାର୍‌ସିସ୍ ବଲି ବିନ୍ ଗଟେକ୍ ଜାଗାଇ ପାଟାଇ ଦେଲାଇ ।
**୩୧** ଜିଉଦା, ଗାଲିଲି ଆରି ସମିରଣେ ରଇବା ମଣ୍ଡଲିମନର୍
ପାଇ ସେବେଲା ଗଟେକ୍ ସାନ୍ତିର୍ ବେଲା ରଇଲା । ସୁକଲ୍
ଆତ୍‌ମା ସେମନର୍ ସଙ୍ଗ ରଇଲା ଜେ ଲକ୍‌ମନ୍ ଦିନ୍‌କେଦିନ୍
ଅଦିକ୍ ଅଦିକ୍ ଅଇ ଡାଟ୍ ଅଇଲାଇ । ଜିସୁକେ ବିସ୍‌ବାସ୍‌କର୍‌ବା
ଲକ୍‌ମନ୍, ମାପ୍‌ରୁକେ ଡରିକରି ଆରି ମାନିକରି ଜିଇତେ ରଇଲାଇ
। **୩୨** ପିତର୍ ବିନ୍ ବିନ୍ ଜାଗାଇ ବୁଲି ବୁଲି ତରେକ୍ ଲୁଦାଇ
ବାସାଅଇରଇବା, ମାପ୍‌ରୁର୍ ଲକ୍‌ମନର୍ ସଙ୍ଗ ମିସ୍‌ବାକେ ଗାଲା ।
**୩୩** ତେଇ ଏନିୟ ନାଉଁର୍ ଗଟେକ୍ ଲକ୍‌କେ ସେ ବେଟ୍ ଅଇଲା,
ଏନିୟକେ ଚେରେଙ୍ଗ ବାତ୍ ଦାରି ଆଟ୍ ବରସ୍ ଅଇଜାଇରଇଲା ।
ସଇଲାଟାନେଅନି ଉଟି ନାପାର୍‌ତେ ରଇଲା । **୩୪** ପିତର୍ ତାକେ
କଇଲା, "ଏନିୟ ଜିସୁ ମାପ୍‌ରୁ ତକେ ନିକ କରିଆଚେ । ଉଟ୍
ଆରି ତର୍ ଅଚ୍‌ନା ସାଜାଡ୍ ।" **୩୫** କଇଲା ଦାପ୍‌ରେ ଏନିୟ ଉଟି
ଟିଆଅଇଲା । ଏଟା ଦେକି କରି ଲୁଦା ଆରି ସାରନେ ବାସା
ଅଇରଇବା ସବୁ ଲକ୍‌ମନ୍ ମାପ୍‌ରୁର୍ ବାଟେ ଆଇବାକେ ମନ୍

କଲାଇ । ୩୬ ଜପାଇ, ଟାବିତା ନାଉଁର୍ ଗଟେକ୍ ବିସ୍ୱାସି ମାଇଜି
ବାସା ଅଇରଇଲା । ତାର୍ ଗିରିକ୍ ନାଉଁ, ଦାର୍କାସ୍ । ତାର୍ ଅରତ୍
କଟ୍ରା । ସେ ସବୁବେଲା ସତ୍ କାମ୍ କରି, ରଗି ଦୁକିମନର୍
ସେବା କର୍ତେ ରଇଲା । ସେବେଲେ ସେ ରଗ୍‌ବେମାର୍ ଅଇ
ମରିଗାଲା । ୩୭ ତାର୍ ଲକ୍‌ବାକ୍‌ମନ୍ ଟାବିତାର୍ ମଲାମଡ୍
ପାନିଦୁଆଇଲାଇ ଆରି ଲୁଗା ସଙ୍ଗ୍ ଗୁଡିଆଇ ଉପର୍ ତାଲାର୍
ବାକ୍‌ରାଇ ସୁଆଇଦେଲାଇ । ୩୮ ଜପା ଜାଗା ଲୁଦାଇଅନି
ଦୁରିକେ ନ ରଇଲା । ପିତର୍ ଲୁଦାଇ ଆଚେ ବଲି ସୁନିକରି
ଜପାଇ ରଇବା ବିସ୍ୱାସିମନ୍ ଦୁଇ ଲକ୍‌କେ ପିତରର୍ ଲଗେ କଇ
ପାଟାଇଲାଇ । "ଅଲସମ୍ ନ କରି, ଦାପେ ଆମର୍ ଲଗେ ଚନେକ୍
ଆସା ।" ୩୯ ପିତର୍ ତିଆର୍ ଅଇକରି ସେମନର୍ ସଙ୍ଗ୍ ଗାଲା ।
ତେଇ ସେ କେଟ୍‌ଲା ଦାପ୍‌ରେ ଲକ୍‌ମନ୍ ତାକେ ଉପର୍ ତାଲାର୍
ବାକ୍‌ରାଇ ଡାକି ନେଲାଇ । ରାଣ୍ଡି ମାଇଜିମନ୍ ଚାରିବେଡ୍‌ତି
ଅଇକରି କାନ୍ଦି କାନ୍ଦି ଦାର୍କାସ୍ ଜିବନ୍ ରଇଲାବେଲେ ସିଲାଇ
ରଇବା ବସ୍‌ତର୍ ଆରି ଲୁଗାମନ୍ ସବୁ ପିତର୍‌କେ ଦେକାଇଲାଇ
। ୪୦ ପିତର୍ ବାକ୍‌ରାଇଅନି ସବୁକେ ବାର୍‌କରାଇ ଦେଲା ଆରି
ମାଣ୍ଡିକୁଟା ଦେଇ ପାର୍‌ତନା କଲା । ତାର୍‌ପଚେ ଦର୍କାସର୍
ମଲା ଗାଗଡର୍‌ବାଟେ ଦେକିକରି କଇଲା, "ଟାବିତା ଉଟ୍!"
ଏଦେ ଦେକା! ଦର୍କାସ୍ ଆଁକି ଦେକ୍‌ଲା ଆରି ପିତର୍‌କେ ଦେକି
ଉଟିକରି ବସ୍‌ଲା । ୪୧ ପିତର୍ ଆତ୍ ଲାମାଇ ତାକେ ଉଟାଇଲା
। ତାର୍ ପଚେ ତେଇ ରୁଣ୍ଡି ରଇଲା ସବୁ ବିସ୍ୱାସି ଆରି ରାଣ୍ଡି
ମାଇଜିମନ୍‌କେ ଡାକି ଦର୍କାସ୍‌କେ ସର୍‌ପିଦେଲା । ୪୨ ଏ କବର୍
ଜପାର୍ ଗୁଲାଇ ବାଟର୍ ଲକ୍ ସୁନ୍‌ଲାଇ ଆରି କେତେ କେତେ
ଲକ୍‌ମନ୍ ମାପ୍ରୁକେ ବିସ୍‌ବାସ୍ କଲାଇ । ୪୩ ପିତର୍ ବେସି ଦିନ୍
ଜପାଇ ସିମନ୍ ନାଉଁର୍ ଗଟେକ୍ ଲକ୍, ଜେକି ପସୁମନର୍ ଚାମ୍
ସଙ୍ଗ୍ କାଇକାଇ ଜିନିସ୍‌ମନ୍ ତିଆର୍ କରି ବଁଚ୍‌ତେ ରଇଲା, ତାର୍
ଗରେ ରଇଲା ।

**୧୦** କାଇସରିଆ ଅନି କର୍ନିଲିଅ ନାଉଁର୍ ଗଟେକ୍ ଲକ୍
ରଇଲା । ସେ, ଇଟାଲି ଅନି ଆଇବା ଗଟେକ୍ ବଡ୍
ଦଲର୍ ରମିୟ ସନିଅମନର୍, ନେତା ରଇଲା । ୨ ସେ ଗଟେକ୍
ଦରମ୍ ଲକ୍ ରଇଲା । ସେ ଆରି ତାକର୍ ଗରର୍ ଲକ୍‌ମନ୍
ସବୁ ପର୍‌ମେସର୍‌କେ ଉପାସନା କର୍‌ତେ ରଇଲାଇ । ସେ
ରକିଦୁକି ଜିଉଦିମନ୍‌କେ ବେସି ଉପ୍‌କାର୍ କର୍‌ତେ ରଇଲା । ଆରି
ଜେଡେବେଲ୍ ମିସା ପର୍‌ମେସର୍‌କେ ପାର୍‌ତନା କର୍‌ତେ ରଇଲା
। ୩ ଦିନେକ୍ ଆଡ୍‌ବେଲାର୍ ତିନ୍‌ଟା ବେଲେ କର୍ନିଲିଅ ପାର୍‌ତନା
କଲାବେଲେ, ଗଟେକ୍ ଦର୍‌ସନ୍ ପାଇଲା । ତେଇ ପର୍‌ମେସରର୍
ଦୁତ୍ ଆସି ତାକେ "କର୍ନିଲିଅ!" ବଲି ଡାକ୍‌ବାଟା ନିକ ସଙ୍ଗ୍
ଦେକ୍‌ଲା । ୪ ସେ ଡରିକରି ସରଗର୍ ଦୁତ୍‌ବାଟେ ଦେକିକରି
କଇଲା, "କାଇଟା ବଲି କଇଲୁସ୍‌ନି ମାପ୍ରୁ?" ସରଗର୍ ଦୁତ୍
କଇଲା, "ପର୍‌ମେସର୍ ତର୍ ପାର୍‌ତନା ଆରି ଦୁକିରକିମନ୍‌କେ
ଦାନ୍ କର୍‌ବାଟା ଦେକି ସାର୍‌ଦା ଅଇଲା । ଆର୍ ବାଦୁଲେ
କାଇଟାଆଲେ ଦେବାକେ ସେ ମନ୍ କଲାନି । ୫ ଏବେ ସିମନ୍
ପିତର୍ ନାଉଁର୍ ଗଟେକ୍ ଲକ୍‌କେ ଇତି ଡାକି ଆନ୍‌ବାକେ, ଜପାଇ
ଲକ୍ ପାଟାଆ । ୬ ସେ ସମ୍‌ଦୁର୍ କଣ୍ଠି ବାସାଅଇରଇବା ସିମନ୍
ନାଉଁର୍ ଗଟେକ୍, ପସୁମନର୍ ଚାମ୍ ସଙ୍ଗ୍ କାଇକାଇଟା ତିଆର୍
କର୍‌ବା ଲକର୍ ଗରେ ରଇଲାନି ।" ୭ ଏତ୍‌କି କାତା କଇ
ସରଗର୍ ଦୁତ୍ ଉଟିଗାଲା । କର୍ନିଲିଅ ତାକର୍ ଗରର୍ ଦୁଇଟା
ଗତିଦାଙ୍ଗଡାକେ ଆରି ତାକେ ସେବା କର୍‌ତେରଇବା ଆରି
ପର୍‌ମେସର୍‌କେ ଉପାସନା କର୍‌ତେରଇବା ଗଟେକ୍ ସଇନକେ
ଡାକାଇଲା । ୮ ସେ ସେମନ୍‌କେ ଦୁତ୍ କଇରଇବା ସବୁ କାତା
ଜାନାଇ କରି ଜପାଇ ପାଟାଇଲା । ୯ ତାର୍ ଆର୍‌କର୍ ଦିନେ
ଆଡ୍‌ବେଲାଇ ସେମନ୍ ଜପାର୍ ଲଗାଲଗି ଅଇଲାବେଲେ, ପିତର୍
ପାର୍‌ତନା କର୍‌ବାକେ ମେଡ୍‌ଗରର୍ ଚାଉନି ଉପ୍‌ରେ ଜାଇ ରଇଲା
। ୧୦ ସେ ଉପାସ୍ ସାରାଇକରି, କାଇଟାଆଲେ କାଇବାକେ
ମନ୍ କଲା ଆରି କାଦି ତିଆର୍ ଅଇବା ବେଲାଇ ସେ ଗଟେକ୍
ଦର୍‌ସନ୍ ଦେକ୍‌ଲା । ୧୧ ଏଦେ ଦେକା! ଆକାସ୍ ଉଗାଡିଅଇଲାଟା
ଆରି ଗଟେକ୍ ବଡ୍ ଚାଦର୍ ଚାରିକନେ ବାନ୍ଧିଅଇକରି ଦର୍‌ତନି
ଉପ୍‌ରେ ଉତ୍‌ରି ଆଇବାଟା ଦେକ୍‌ଲା । ୧୨ ତେଇ ଜଗତେ
ରଇବା ରକାମ୍ ରକାମର୍ ଗଡ୍ ସଙ୍ଗ୍ ଇଣ୍ଡ୍‌ବା ପସୁ, ରାଙ୍ଗ୍‌ବା ଜନ୍ତୁ
ଆରି ଉଡ୍‌ବା ଚଡଇମନ୍! ୧୩ ଆରି ସେ ଗଟେକ୍ କାତା ଅଇବା
ସବଦ୍ ସୁନ୍‌ଲା, "ପିତର୍! ଉଟ୍ ସେମନ୍‌କେ ମାରିକରି କାଆ!" ୧୪
ମାତର୍ ପିତର୍ କଇଲା, "ନାଇ ମାପ୍ରୁ, ଆମର୍ ଜିଉଦି ନିୟମ୍
ଇସାବେ ଅସୁକଲ୍ ବଲି କଇବା କାଇ ମାଉଁସ୍ ମିସା କାଇନାଇ
।" ୧୫ ସେ ସବଦ୍ ଆରି କଇଲା "ପର୍‌ମେସର୍ ଜନ୍‌ଟା ସୁକଲ୍
କଲାଆଚେ ସେଟା ନିଚ୍‌ବାର୍ ନାଇ ।" ୧୬ ଏନ୍ତାରି ତିନ୍‌ତର୍
ଅଇଲା ପଚେ ଚାଦର୍ ସରଗ୍ ବାଟେ ଚଗାଇ ଦାରି ଗାଲାଇ ।
୧୭ ପିତର୍ ଜନ୍ ଦର୍‌ସନ୍ ପାଇରଇଲା, ତାର୍ ଅରତ୍ କାଇଟା,
ସେଟା ବାବି କାନାବାନା ଅଇଗାଲା । ଟିକ୍ ସେନ୍ତି ଅଇଲାବେଲେ,
ଏଦେ ଦେକା! କର୍ନିଲିଅ ପାଟାଇଲା ଲକ୍‌ମନ୍ ସିମନ୍‌କେ କଜି
କଜି ଆସି, ତାର୍ ଗରର୍ ବାଟ୍‌ଡିଆଗଡି ଲଗେ ଟିଆଅଇଲାଇ ।
୧୮ ସେମନ୍ ଡାକିକରି ପାଚାର୍‌ଲାଇ, "ସିମନ୍ ପିତର୍, ନାଉଁର୍
ଗତିଆ ଲକ୍ ଇତି ଆଚେ କି?" ୧୯ ପିତର୍ ସେ ଦର୍‌ସନ୍ ବିସଇ
ଚିନ୍ତା କର୍‌ତେ ରଇଲାବେଲେ ଆତ୍‌ମା ତାକେ କଇଲା, "ସୁନ୍!
ତକେ ତିନ୍ ଲକ୍ କଜ୍‌ଲାଇନି ।" ୨୦ "ଉଟ୍, ତଳେ ଜାଆ
। ଏ ଲକ୍‌ମନର୍ ସଙ୍ଗ୍ ଜିବାକେ ନିଚ୍‌ନାଇ, କାଇକେବଇଲେ
ମୁଇ ସେମନ୍‌କେ ପାଟାଇଆଚି ।" ୨୧ ତେଇଅନି ପିତର୍ ସେ
ଲକ୍‌ମନର୍ ଲଗେଜାଇ କଇଲା, "ତମେ ଜାକେ କଜ୍‌ଲାସ୍‌ନି,
ସେ ଲକ୍ ମୁଇ, ତମେ କାଇକେ ଆସି ଆଚାସ୍?" ୨୨ ସେମନ୍
କଇଲାଇ, "କର୍ନିଲିଅ ନାଉଁର୍ ରମିୟ ସଇନମନର୍ ନେତା
ଆମ୍‌କେ ପାଟାଇଆଚେ । ଜେ କି ଗଟେକ୍ ଦରମ୍ ଲକ୍ ଆରି
ପର୍‌ମେସର୍‌କେ ନାମ୍‌ସି । ଗୁଲାଇ ଜିଉଦି ଲକ୍‌ମନ୍ ତାକେ
ନାମ୍‌ବାଇ । ତୁଇ କଇବାଟା ସୁନ୍‌ବାକେ, ସେ ତକେ ତାର୍ ଗରେ

ଡାକାଇଆଚେ । ଏନ୍ତାରି କର୍‌ବାକେ ପର୍‌ମେସର୍ ପାଟାଇଲା
ଦୁତ୍ ତାକେ ଟିଆର୍‌ଲା ଆଚେ ।" **୨୩** ପିତର୍ ସେମନ୍‌କେ ବିତ୍‌ରେ
ଡାକିନେଇକରି ସେ ରାତି ତେଇ ରଇବାକେ ଗୁଆରି କଲା । ତାର୍
ଆର୍‌କର୍ ଦିନେ ସେ ଉଟି ସେମନର୍ ସଙ୍ଗ୍ ଗାଲା । ଆରି ଜପା
ନାଉଁର୍ ଜାଗାର୍ କେତେଟା ବିସ୍‌ବାସି ବାଇମନ୍ ମିସା ସେମନର୍
ସଙ୍ଗ୍ ଗାଲାଇ । **୨୪** ଆରି ଗଟେକ୍ ଦିନେ ସେମନ୍ ସିସେରିଆଇ
କେଟ୍‌ଲାଇ । ତେଇ କର୍‌ନିଲିଅ ତାର୍ ମଇତର୍‌ମନ୍‌କେ ଆରି
କୁଟୁମର୍ ଲକ୍‌ମନ୍‌କେ ରୁଣ୍ଡାଇକରି ପିତର୍‌କେ ଜାଗିରଇଲାଇ
। **୨୫** ପିତର୍ ଗର୍ ବିତ୍‌ରେ ଜିବାବେଲେ କର୍‌ନିଲିଅ ତାକେ
ବେଟ୍‌ଅଇ, ତାର୍ ପାଦେ ଡାଣ୍ଡାସନ୍ ପଡି ଜୁଆର୍ କଲା । **୨୬**
ପିତର୍ ତାକେ ଉଟାଇକରି କଇଲା, "ଟିଆ ଅ, ମୁଇ ମିସା
ତର୍‌ପାରା ଗଟେକ୍ ମୁନୁସ୍‌ସେ ।" **୨୭** ପିତର୍ କର୍‌ନିଲିଅର୍ ସଙ୍ଗ୍
କାତା ଅଇ ଅଇ ଗର୍ ବିତ୍‌ରେ କେଟ୍‌ଲା ଆରି ତେଇ ବେସିଲକ୍
ରୁଣ୍ଡିରଇବାଟା ଦେକ୍‌ଲା । **୨୮** ସେ ସେମନ୍‌କେ କଇଲା, "ଜିଉଦି
ନ ଅଇଲା ଲକ୍‌ମନର୍ ସଙ୍ଗ୍ ମିସ୍‌ବାଟା କି ତାକର୍ ଗରେ ଜିବାଟା
ଆମର୍ ଜିଉଦି ଲକ୍‌ମନର୍ ବିଦି ନାଇ । ସେଟା ତମେ ନିକକରି
ଜାନାସ୍ । ଏଲେମିସା କନ୍‌ଆଲେ ଗଟେକ୍ ଲକ୍‌କେ ଅସୁକଲ୍
ଇସାବେ ଦେକ୍‌ବାର୍ ନାଇ ବଲି ପରମେସର୍ ମକେ କଇଲାଆଚେ
। **୨୯** ତେବେ ମକେ ଡାକାଇଲା ଦାପ୍‌ରେ କାଇଟା ନ ବାବିକରି
ଆଇଲି । ମକେ କାଇକେ ଡାକାଇଲୁସ୍ ତେବେ? ସେଟା ମୁଇ
ଜାନ୍‌ବାକେ ମନ୍ କଲିନି ।" **୩୦** କର୍‌ନିଲିଅ କଇଲା, ତିନ୍‌ଦିନ୍
ଆଗ୍‌ତୁ ଆଡ୍‌ବେଲାର୍ ତିନ୍‌ଟା ସମାନ୍ ଏଡ୍‌କି ବେଲାଇ, ମୁଇ
ଗରେ ପାର୍‌ତନା କର୍‌ତେ ରଇଲି । ସେଡ୍‌କି ବେଲେ, ଏଦେ
ଦେକା! ଦବ୍ ପଚିଆ ପିନ୍ଦି ରଇବା ଗଟେକ୍ ଲକ୍ ମର୍ ମୁଆଟେ
ଟିଆଅଇଲା, ଆରି କଇଲା, **୩୧** "କର୍‌ନିଲିଅ! ପର୍‌ମେସର୍ ତର୍
ପାର୍‌ତନା ସୁନ୍‌ଲା ଆରି ତମେ ଦୁକିରକିକେ ସାଇଜ କର୍‌ବାଟା
ଦେକି ସାର୍‌ଦା ଅଇଆଚେ । **୩୨** ସିମନ୍ ପିତର୍ ନାଉଁର୍ ଗଟେକ୍
ଲକ୍‌କେ ଆନ୍‌ବାକେ ଜପା ନାଉଁର୍ ଜାଗାଇ, ଲକ୍‌ମନ୍‌କେ ପାଟାଆ
। ସେ ସମ୍‌ଦୁର୍ କଣ୍ଡି ବାସାଅଇରଇବା ପସୁମନର୍ ଚାମ୍ ସଙ୍ଗ୍
କାଇକାଇଟା ଟିଆର୍‌କରୁ ସିମନର୍ ଗରେ ଗଡିଆ ଅଇଆଚେ ।
**୩୩** ତେବର୍ ପାଇ, ମୁଇ ତକେ ଦାପ୍‌ରେ ଡାକାଇଲି, ଆରି ତମେ
ମର୍ କାତା ମାନିକରି ଆସି ଆଚାସ୍ । ଏବେ ଆମେ ସବୁ ଲକ୍
ପରମେସର୍ ରଇବା ଏ ଜାଗାଇ ରୁଣ୍ଡିଆଚୁ । ମାପ୍‌ରୁ ତକେ ଜନ୍‌ଟା
କଇବାକେ ଆଦେସ୍ ଦେଲା ଆଚେ, ସେଟା ସୁନ୍‌ବାକେ ଜାଗିଆଚୁ
।" **୩୪** ସିଟିଅନି ପିତର୍ କଇଲା, "ଏବେ ମୁଇ ବୁଜିପାର୍‌ଲିନି ଜେ
ପର୍‌ମେସର୍ କେତେଟା ଦଲ୍‌ମନ୍‌କେସେ ଡାକ୍‌ସି, ସେନ୍ତାରି ନଏଁ,
ମାତର୍ ସବୁକେ ସମାନ୍ ଇସାବେ ଡାକ୍‌ସି । **୩୫** ଜନ୍ ଜାତିର୍ ଲକ୍
ମିସା ତାକେ ଡରିକରି, ତାର୍ ମୁଆଟେ ସତ୍‌କାମ୍ କଲେ, ମାପ୍‌ରୁ
ତାକେ ଡାକ୍‌ସି । **୩୬** ଇସ୍‌ରାଏଲିଅ ମନର୍ ଲଗେ ପର୍‌ମେସର୍
ଜନ୍ କବର୍ ପାଟାଇରଇଲା, ସେଟା ତୁଇ ଜାନିଆଚୁସ୍ । ଜିସୁ
କିରିସ୍‌ଟ ଜେ କି ସବୁର୍ ମାପ୍‌ରୁ, ସେ କରିରଇବା କାମେଅନି
ସବୁଲକ୍‌ମନ୍ ସାନ୍ତିସଙ୍ଗ୍ ମିସ୍‌ବାଇ, ବଲି ପର୍‌ମେସର୍ ଆମ୍‌କେ
ଜାନାଇଲାଆଚେ । **୩୭** ଡୁବନ୍ ଦେଉ ଜଅନ୍ ପାପ୍ କାମ୍
କର୍‌ବାଟାନେଅନି ବାଉଡ୍‌ବା ବିସଇ ଆରି ଡୁବନ୍ ନେବା ବିସଇ
କଇଲାପଚେ, ଗାଲିଲିଅନି ଆରାମ୍ କରି ଗୁଲାଇ ଜିଉଦାର୍
ସବୁବାଟେ ଜନ୍ ଗଟ୍‌ନାସବୁ ଗଟ୍‌ଲା ଆଚେ, ସେଟା ତୁଇ ଜାନୁସ୍
। **୩୮** ନାଜରିତର୍ ଜିସୁର୍ ବିସଇ ଆରି ପରମେସର୍ ତାକେ
କେନ୍ତି ସୁକଲ୍ ଆତ୍‌ମା ଆରି ବପୁ ପୁରାପୁରୁନ୍ ଦେଇରଇଲା,
ସେଟା ଜାନୁସ୍ । ଆରି ଜାନିଆଚୁସ୍, ସେ ସବୁ ବାଟେ ଜାଇ
ନିକନିକ କାମ୍‌ମନ୍ କରିରଇଲା । ସଇତାନର୍ ବାନ୍ଦନେ ରଇଲା
ଲକ୍‌ମନ୍‌କେ ମୁକ୍‌ଲାଇଲା । କାଇକେବଇଲେ ପରମେସର୍ ତାର୍
ସଙ୍ଗ୍ ରଇଲା । **୩୯** ଜିସୁ ଇସ୍‌ରାଏଲ ଦେସେ ଆରି ଜିରୁସାଲାମେ
ଜେଡ୍‌କି ସବୁ କାମ୍‌ମନ୍ କଲା, ଆମେ ସବୁ ଲକ୍ ତାର୍ ସାକି ଆଚୁ
। ତାର୍‌ପଚେ ତାକେ କୁର୍‌ସେ କୁଟି ମାରି, ମରାଇଲାଇ । **୪୦**
ମାତର୍ ପର୍‌ମେସର୍ ତାକେ ତିନ୍‌ଦିନ୍ ଅଇଲାକେ ମଲାତେଇଅନି
ଉଟାଇ ଜିବନ୍ କରାଇ, କେତେଲକ୍‌କେ ଦେକାଇଦେଲା । **୪୧**
ସବୁଲକ୍ ତାକେ ଦେକ୍‌ବାକେ ପର୍‌ମେସର୍ ଦେଏନାଇ, ଅବ୍‌କା
ସେ ବାଚ୍‌ଲା ସାକିମନ୍‌କେସେ । ତାକେ ଆରିତରେକ୍ ଜିବନ୍
କରାଇଲାପଚେ, ତାର୍ ସଙ୍ଗ୍ କାଆ ପିଇ ଅଇରଇଲା ଲକ୍‌ମନ୍
ଆମେସେ । **୪୨** ଲକ୍‌ମନର୍ ଲଗେ ସୁବ୍‌କବର୍ ଜାନାଇବାକେ ସେ
ଆମ୍‌କେ ଆଦେସ୍ ଦେଲା । ବଁଚିରଇବା ଲକର୍ ଆରି ମଲା ଲକର୍
ବିଚାର୍‌କାରିଆ ଇସାବେ ତାକେସେ ବାଚ୍‌ଲା ଆଚେ, ଏ କାତାର୍
ସାକିଦେବାକେ ମିସା ସେ ଆମ୍‌କେ ଆଦେସ୍ ଦେଲାଆଚେ ।
**୪୩** ସବୁ ବବିସତ୍‌ବକ୍‌ତାମନ୍ ତାର୍ ବିସଇନେଇ, ଏ କବର୍
କଇରଇଲାଇ । ଜେ ମସିଅକେ ବିସ୍‌ବାସ୍ କର୍‌ସି, ମସିଅ
କରିରଇବା କାମର୍ ଲାଗି, ପର୍‌ମେସର୍ ତାର୍ ପାପ୍‌କେମା କର୍‌ସି
।" **୪୪** ପିତର୍ ସିକିଆ ଦେବା ବେଲେ ଜେତେ ଲକ୍ ସୁନ୍‌ତେ
ରଇଲାଇ, ସେ ସବୁ ଲକର୍ ଉପ୍‌ରେ ସୁକଲ୍ ଆତ୍‌ମା ଉତ୍‌ରି
ଡାବିଅଇଲା । **୪୫** ଜିଉଦିନଇଲା ଲକ୍‌ମନର୍ ଉପ୍‌ରେ ମିସା
ପରମେସରର୍ ସୁକଲ୍ ଆତ୍‌ମା ଡାବିଅଇବାଟା ଦେକି ଜପାଇଅନି
ପିତର୍ ସଙ୍ଗ୍ ଆସିରଇବା ଜିଉଦି ବିସ୍‌ବାସିମନ୍ କାବାଅଇଗାଲାଇ
। **୪୬** କାଇକେବଇଲେ ସେମନ୍ ପରମେସର୍‌କେ ଡାକ୍‌ପୁଟା
କର୍‌ବାଟା, ଆରି ବିନ୍‌ବିନ୍ ବାସାଇ କାତାଅଇବାଟା, ଜିଉଦି
ବିସ୍‌ବାସିମନ୍ ସୁନ୍‌ଲାଇ । ଜପାଇଅନି ଆସିରଇବା ଜିଉଦି
ବିସ୍‌ବାସିମନ୍‌କେ ପିତର୍ କଇଲା, **୪୭** "ପର୍‌ମେସର୍ ଆମ୍‌କେ
ଜେନ୍ତି ସୁକଲ୍‌ଆତ୍‌ମା ଦେଲାଆଚେ, ସେନ୍ତାରିସେ ଏ ଲକ୍‌ମନ୍‌କେ
ମିସା ଦେଲାଆଚେ । ସେମନ୍‌କେ ଡୁବନ୍ ନ ନିଆ ବଲି କେ ମିସା
ଅଟ୍‌କାଇପାର୍‌ସି କି?" **୪୮** ସେଟାର୍ ପାଇ ପିତର୍ ସେମନ୍‌କେ
ଜିସୁକିରିସ୍‌ଟର୍ ନାଉଁ ଦାରି ଡୁବନ୍ ଦେଲାପଚେ କର୍‌ନିଲିଅ ଆରି
ତାର୍ ସଙ୍ଗ୍ ରଇବାଲକ୍‌ମନ୍ ତାକେ ଆରି କେତେ ଦିନ୍ ସେମନର୍
ସଙ୍ଗ୍ ରଇବାକେ ବାବୁଜିଆ କଲାଇ ।

୧୧ ଜିଉଦି ନଇଲା ଲକ୍‌ମନ୍ ମିସା ପର୍‌ମେସରର୍ ବାକିଅ
ନାମି ଆଚତ୍ ବଲି ପେରିତ୍ ସିସ୍‌ମନ୍ ଆରି ଜିଉଦା
ରାଇଜର୍ ବିନ୍ ବିସ୍‌ବାସି ବାଇମନ୍ ସୁନ୍‌ଲାଇ । ୨ ପିତର୍
କାଇସେରିଆ ଅନି ଜିରୁସାଲାମ୍ ଗାଲା । ଜିଉଦି ନଇଲା
ଲକ୍‌ମନ୍‌କେ ସୁନତ୍ କରୁ ବଲି କଇବା ଲକ୍‌ମନ୍ ତାକେ
ବାକାନିକରି କଇଲାଇ, ୩ "ତୁଇ ଜିଉଦି ନଇଲା ଗରେ, ଅବ୍‌କା
ଗତିଆଅଇ ଜାଉସ୍ ନାଇ, ତେଇ କାଇଲୁସ୍ ମିସା ।" ୪
ମାତର୍ ମୁଲେଅନି କର୍‌ନିଲିଅକେ କାଇକାଇଟା ଗଟିରଇଲା,
ସେଟା ବୁଜାଇବାକେ ପିତର୍ କଇଲା । ୫ "ମୁଇ ଜପା ନାଉଁର୍
ନଅରେ ପାର୍‌ତନା କର୍‌ବା ବେଲେ ଗଟେକ୍ ଦର୍‌ସନ୍ ଦେକ୍‌ଲି ।
ଗଟେକ୍ ବଡେଟା ଚାଦର୍ ଚାରିକନେ ଡର୍‌ସଙ୍ଗ୍ ବାନ୍ଦି ଜୁଲାଇଅଇ
ଆକାସେଅନି ଉତର୍‌ଲା ଆରି ସେଟା ମର୍‌ଲଗେ ଅଟକ୍‌ଲା ।"
୬ ସେ ବିତ୍‌ରେ, ଗରେପସ୍‌ବା ପସୁ, ଡଙ୍ଗ୍‌ରେ ରଇବା ପସୁ,
ରାଙ୍ଗି ବୁଲ୍‌ବାଟାମନ୍ ଆରି ବିନ୍ ବିନ୍ ରକାମର୍ ଚଡଇମନ୍
ରଇଲାଟା ନିକକରି ଦେକ୍‌ଲି । ୭ ତାର୍‌ପଚେ ଗଟେକ୍ କଁଟ୍
ସୁନ୍‌ଲି, "ପିତର୍! ଉଟ୍, ମାରିକରି କାଆ ।" ୮ ମାତର୍ ମୁଇ
କଇଲି, "ନାଇ ମାପ୍‌ରୁ! ମୁଲ୍‌କେ ନିଚି! ଆମର୍ ଜିଉଦିମନର୍
ନିୟମ୍ ମନାକରିରଇବା ଇସାବେ, ଏବେ ଜାକ କାଇମିସା ମାଉଁସ୍
ଟଣ୍ଡେ ଚିଆଇ ନାଇତା ।" ୯ ସର୍‌ଗେଅନି ଆରିତରେକ୍ ଏ
କଁଟ୍ ଆଇଲା, "ପରମେସର୍ କାଇଟା ଆଲେ କାଇ ଅଇସି ବଲି
କଇଲେ ସେଟା ନିଚ୍‌ବାର୍ ନାଇ ।" ୧୦ ଏନ୍ତାରି ତିନ୍‌ତର୍ ଅଇଲା
ପଚେ, ସେ ଜଁତ୍‌ମନ୍ ରଇଲାଟା ସଙ୍ଗ୍ ସେ ଚାଦର୍ ସରଗ୍ ଉପ୍‌ରେ
ଜିକିନେଲାଇ । ୧୧ ସମାନ୍ ବେଲାଇସେ, କର୍‌ନିଲିଅ ପାଟାଇଲା
ତିନ୍ ଲକ୍ ସିସେରିଆଇ ଅନି ମୁଇ ରଇବା ଗରେ ଆସି କେଟ୍‌ଲାଇ
। ୧୨ ଦୁଇମନିଆ ନ ଅଇ ସେମନର୍ ସଙ୍ଗ୍ ଜିବାକେ ମକେ
ସୁକଲ୍‌ଆତ୍‌ମା ଚାଲ୍‌ନା ଦେଲା । ଜପାରର୍ ଏ ଚଅଟା ବିସ୍‌ବାସି
ବାଇମନ୍ ମିସା ମର୍ ସଙ୍ଗ୍ ସିସେରିଆଇ ଗାଲାଇ ଆରି ଆମେ
ସବୁ ଲକ୍ କର୍‌ନେଲିଅର୍ ଗରେ କେଟ୍‌ଲୁ । ୧୩ ତାର୍ ଗରେ ସେ
କେନ୍ତି ସରଗ୍ ଦୁତର୍ ଦର୍‌ସନ୍ ପାଇରଇଲା, ସେ ବିସଇ ଆମ୍‌କେ
ଜାନାଇଲା । ସରଗ୍ ଦୁତ୍ ତାକେ ଏନ୍ତି କଇରଇଲା, ଜପାତେଇ
ରଇବା ପିତର୍‌କେ, ତାର୍ ଆରି ଗଟେକ୍ ନାଉଁ ଅଇଲାନି ସିମନ୍,
ତାକେ ଇତି ଡାକି ଆନ୍‌ବାକେ ଲକ୍ ପାଟା । ୧୪ ସେ ଆସି
ତମ୍‌କେ ସିକିଆ ଦେଇସି ଆରି ସିତିଅନି ତମ୍‌କେ ଆରି ତମର୍
ଗରର୍ ଲକ୍‌କେ ପର୍‌ମେସର୍ ରକିଆ କର୍‌ସି । ୧୫ ଆରି ମୁଇ
ଜେଡେବେଲ୍ ସିକିଆଦେବାର୍ ଆରାମ୍ କଲି, ଆଗେ ସୁକଲ୍ ଆତ୍‌ମା
ଜେନ୍ତାରି ଆମର୍ ଉପ୍‌ରେ ଡାବିଅଇରଇଲା, ସେନ୍ତାରି ସେମନର୍
ଉପ୍‌ରେ ଡାବିଅଇଲା । ୧୬ ତାର୍‌ପଚେ ମୁଇ ମାପ୍‌ରୁର୍ ଏ ବାକିଅ
ଏତାଇଲି, ଜଅନ୍ ତମ୍‌କେ ପାନି ସଙ୍ଗ୍ ଡୁବନ୍ ଦେଲା, ମାତର୍
ପର୍‌ମେସର୍ ତମ୍‌କେ ସୁକଲ୍‌ଆତ୍‌ମାଇ ଡୁବନ୍ ଦେଇସି । ୧୭
"ଏଟା ପୁରାପୁରନ୍ ସତ୍ ଜେ, ଆମେ ମାପ୍‌ରୁ ଜିସୁକିରିସ୍‌ଟକେ
ବିସ୍‌ବାସ୍ କଲାକେ ପରମେସର୍ ଆମ୍‌କେ ଜନ୍ ଦାନ୍ ଦେଲାଆଚେ,
ଜିଉଦିନଇଲା ଲକ୍‌ମନ୍‌କେ ମିସା ସେ ଦାନ୍ ଦେଲା ଆଚେ
। ଜଦି ପର୍‌ମେସର୍ ମନ୍ କର୍‌ସି ବଇଲେ, ମୁଇ କେ ଜେ
ପରମେସରର୍ ଏ କାମ୍ ଅଟ୍‌କାଇବି!" ୧୮ ଜିଉଦି ବିସ୍‌ବାସିମନ୍
ଏଟା ସୁନ୍‌ଲା ପଚେ ଆରି ନ ବାକାନିକରି ପର୍‌ମେସର୍‌କେ
ଡାକ୍‌ପୁଟା କଲାଇ, "ସେନ୍ତାର୍ ଆଲେ ଜିଉଦିନଇଲା ଲକ୍‌ମନ୍‌କେ
ମିସା ପାପ୍ କଲାଟା ମାନିଅଇକରି ନ ସାର୍‌ବା ଜିବନ୍ ପାଇବାକେ
ସେ ସୁଜଗ୍ ଦେଲାଆଚେ ।" ୧୯ ଜିରୁସାଲେମର୍ ଲକ୍‌ମନ୍
ତିପାନ୍‌କେ ମରାଇଲାପଚେ ବିସ୍‌ବାସିମନ୍‌କେ ତାଡ୍‌ନା ଦେଲାଇ
। ତେଇଅନି କେତେଲକ୍ ଚିନ୍‌ବିନ୍ ଅଇଗାଲାଇ । ସେମନ୍,
ପିନିସିଆ, ସାଇପରସ୍ ଆରି ଆନ୍‌ଟିଅକ୍ ଟାନେ ଜାଇ ଅବ୍‌କା
ଜିଉଦିମନ୍‌କେସେ ସୁବ୍ କବର୍ ଜାନାଇଲାଇ । ୨୦ ମାତର୍
କେତେଟା ସାଇପରସ୍ ଆରି କୁରିନିୟର୍ ବିନ୍ ବିସ୍‌ବାସିମନ୍,
ଆନ୍‌ଟିଅକେ ଜାଇ ଜିଉଦି ନଇଲା ଲକ୍‌ମନର୍‌ତେଇ ଜିସୁ
ମାପ୍‌ରୁର୍ ସୁବ୍ କବର୍ ଜାନାଇଲାଇ । ୨୧ ପରମେସରର୍ ବପୁ
ସେମନର୍ ସଙ୍ଗ୍ ରଇଲା ଆରି ବେସି ଲକ୍ ବିସ୍‌ବାସ୍ କରି ମାପ୍‌ରୁର୍
ବାଟେ ମନ୍ ବାଉଡାଇଲାଇ । ୨୨ ଆନ୍‌ଟିୟକିଆଇ ବେସି ଲକ୍
ଜିସୁର୍‌ଟାନେ ବିସ୍‌ବାସ୍ କଲାଇନି ବଲି ଜିରୁସାଲେମର୍ ମଣ୍ଡ୍‌ଲିମନ୍
ସୁନ୍‌ଲାଇ । ଆରି ସେମନ୍ ବର୍‌ନବାକେ ଆନ୍‌ଟିୟକିଆଇ
ପାଟାଇଲାଇ । ୨୩ ବର୍‌ନବା ତେଇ କେଟିକରି ପର୍‌ମେସର୍ ସେ
ଲକ୍‌ମନ୍‌କେ କେନ୍ତି ଆସିର୍‌ବାଦ୍ କଲାଆଚେ, ସେଟା ଦେକି
ସାର୍‌ଦା ଅଇଲା । ଆରି ମନ୍‌ପରାନ୍ ଦେଇକରି ମାପ୍‌ରୁକେ
ବିସ୍‌ବାସ୍ କରି ଚଲାଚଲ୍‌ତି କର୍‌ବାକେ ସେମନ୍‌କେ ସିକିଆ ଦେଇ
ସାର୍‌ଦା କଲା । ୨୪ ବର୍‌ନବା ସୁକଲ୍‌ଆତ୍‌ମାଇ ଆରି ବିସ୍‌ବାସେ
ପୁରୁନ୍ ଅଇ ରଇବା ଗଟେକ୍ ଦରମ୍ ଲକ୍ ରଇଲା । ସେ କବର୍
ଜାନାଇଲାକେ ବେସି ଲକ୍ ମାପ୍‌ରୁର୍ ଲଗେ ଆଇଲାଇ । ୨୫
ତାର୍ ପଚେ ବର୍‌ନବା ସାଉଲ୍‌କେ କଜ୍‌ବାକେ ତାର୍‌ସସ୍ ଜାଗାଇ
ଗାଲା । ୨୬ ତେଇ ତାକେ ବେଟ୍‌ପାଇ ବର୍‌ନବା ଆନ୍‌ଟିଅକେ
ଡାକି ଦାରିଆଇଲା । ପୁରା ଗଟେକ୍ ବରସ୍ ଜାକ ବର୍‌ନବା ଆରି
ସାଉଲ୍ ତେଇ ମଣ୍ଡ୍‌ଲିର୍ ବିସ୍‌ବାସିମନର୍ ସଙ୍ଗ୍ ମିସି, ଲକ୍‌ମନ୍‌କେ
ସିକିଆ ଦେଲାଇ । ଏ ଆନ୍‌ଟିଅକର୍ ବିସ୍‌ବାସିମନ୍‌କେସେ
ଲକ୍‌ମନ୍ ସିଗ୍ ପର୍‌ତୁମ୍ କିରିସ୍‌ଟାନ୍ ବଲି କଇରଇଲାଇ । ୨୭
ସେବେଲାଇ କେତେଟା ବବିସତ୍‌ବକ୍‌ତାମନ୍ ଜିରୁସାଲମେଅନି
ଆନ୍‌ଟିଅକେ ଆଇଲାଇ । ୨୮ ସେମନର୍ ବିତ୍‌ରେଅନି ଆଗାବ୍
ନାଉଁର୍ ଗଟେକ୍ ଲକ୍ ଆତ୍‌ମାର୍ ବପୁ ସଙ୍ଗ୍ ପୁରୁନ୍ ଅଇ, ଗୁଲାଇ
ଦେସେ ଗଟେକ୍ ବଡ୍ ମର୍‌ଡି ଅଇସି ବଲି ବବିସତ୍ କାତା ସୁନାଇ
ରଇଲା । ଏଟା ବଡ୍ ସାସନ୍‌କାରିଆ କଲ୍‌ଡିୟ ରମ୍‌ଦେସେ ସାସନ୍
କଲାବେଲେ ଗଟି ରଇଲା । ୨୯ ଆନ୍‌ଟିକିଅର୍ ସିସ୍‌ମନ୍ ଜିଉଦାଇ
ରଇଲା ବିସ୍‌ବାସି ବାଇମନ୍‌କେ ତାକର୍ ପାର୍‌ଲା ଏତ୍‌କି ଡାବୁ
ପାଟାଇବାକେ ଟିକ୍ କଲାଇ । ୩୦ ସେମନ୍ ଡାବୁ ଜମାଇକରି
ବର୍‌ନବା ଆରି ସାଉଲର୍ ଆତେ, ମଣ୍ଡ୍‌ଲିର୍ ପାର୍‌ଚିନ୍‌ମନର୍
ଲଗେ ପାଟାଇ ଦେଲାଇ ।

୧୨ ଏ ବେଲାଇ, ଏରଦ୍ ରାଜା ଜିରୁସାଲେମ୍ ମଣ୍ଡଲିର୍
କେତେକ୍ ବିସ୍ବାସିମନ୍କେ ତାଡ୍ନା ଦେବାର୍ ଦାର୍ଲା
। ୨ ଜଅନର୍ ବାଇ ଜାକୁବ୍କେ କାଣ୍ଡା ସଙ୍ଗ୍ ମାରି ମରାଇଲା,
ଜାକୁବ୍ ଜଅନର୍ ବଡ୍ ବାଇ ରଇଲା । ୩ ଜାକୁବ୍କେ ମରାଇଲାଟା
ଜିଉଦିମନ୍କେ ସାର୍ଦା କରାଇଲା । ଏଟା ଦେକି ଏରଦ୍ ପିତର୍କେ
ମିସା ବନ୍ଦି କର୍ବାକେ ତିଆର୍ଲା । ଏଟା ଜିଉଦିମନ୍ କମିର୍
ନ ମିସାଇତେ ରୁଟିକର୍ବା ପରବ୍ ବେଲେ ଅଇରଇଲା । ୪
ସଇନମନ୍ ପିତର୍କେ ବାନ୍ଦିକରି ବନ୍ଦିଗରେ ପୁରାଇଲାଇ ।
ରକିଆ ପାଇବା ପରବର୍ ପଚେ ସବୁ ଲକର୍ ମୁଆଟେ ବିଚାର୍ନା
କର୍ବି ବଲି ଏରଦ୍ ବାବି ରଇଲା । ସେଟାର୍ପାଇ ଗଟେକ୍
ଦଲେ ଚାରିଲକ୍ ଲାକା ଅଇ, ଚାରିଟା ଦଲ୍କରି ସନିଅମନ୍
ତାକେ ଜାଗିରଇଲାଇ । ୫ ପିତର୍ ବନ୍ଦିଗରେ ରଇଲାବେଲେ
ଜିରୁସାଲେମେ ରଇବା ମଣ୍ଡଲିର୍ ବିସ୍ବାସିମନ୍ ଗଟେକ୍ ଅଇକରି
ତାର୍ପାଇ ପର୍ମେସର୍କେ ପାର୍ତନା କର୍ତେରଇଲାଇ । ୬ ଜନ୍
ଦିନେ ଏରଦ୍ ପିତର୍କେ ଲକ୍ମନର୍ ମୁଆଟେ ଆନ୍ବାକେ କାତା
ଦେଇରଇଲା, ତାର୍ ଆଗ୍ତୁର୍ ରାତି ପିତର୍ ବନ୍ଦିଗରେ ଦୁଇଟା
ଜାଗୁଆଲ୍ମନର୍ ମଜାଇ ସଇରଇଲା । ତାକେ ସନିଅମନର୍
ମିସ୍ତେ ଦୁଇଟା ଆତେ ଦୁଇଟା ସିକ୍ଲି ସଙ୍ଗ୍ ବାନ୍ଦିରଇଲାଇ
। ଆରି ଜାଗୁଆଲ୍ମନ୍ ବନ୍ଦିଗରର୍ ଦୁଆରେ ଜାଗିରଇଲାଇ
। ୭ ସେ ଦାପ୍ରେ, ଏଦେ ଦେକା! ମାପ୍ରୁର୍ ଗଟେକ୍ ଦୁତ୍
ଆସି ପିତରର୍ ମୁଆଟେ ଟିଆଅଇଲା ଆରି ଗୁଲାଇ ବାକ୍ରା
ଉଜଲ୍ ଅଇଗାଲା । ସରଗର୍ ଦୁତ୍ ପିତର୍କେ କନ୍ଦେ ଦାରି
ଚୁଲ୍ବୁଲାଇଲା ଆରି ସଇଲାଟାନେଅନି ଉଟାଇକରି କଇଲା
"ଦାପ୍ରେ ଉଟ୍!" ଉଟ୍ଲା ଦାପ୍ରେ ବାନ୍ଦି ଅଇରଇଲା ସିକ୍ଲି
କୁସ୍ଲିଗାଲା । ୮ ତାର୍ପଚେ ଦୁତ୍ କଇଲା, "ଆଁଟାଇ ତୁଆଲ୍
ବାନ୍ଦିଅ ଆରି ପାଣ୍ଡଇ ପିନ୍ଦ ।" ପିତର୍ ସେନ୍ତି କଲା ପଚେ
ଦୁତ୍ କଇଲା, "ଚାଦର୍ ଡାବିଅଇକରି ମର୍ ସଙ୍ଗ୍ ଆଉ ।" ୯
ପିତର୍ ଦୁତର୍ ପଚେ ପଚେ ବନ୍ଦିଗରେ ଅନି ବାରଇ ଆଇଲା ।
ଦୁତ୍ ଜନ୍ଟା କର୍ତେରଇଲା, ସେଟା ସତ୍ କି ନଏଁ ବଲି ଜାନି
ନାପାର୍ତେରଇଲା । "ଏଟା ଗଟେକ୍ ଦର୍ସନ୍ ଦେକ୍ଲିନି ।" ବଲି
ବାବ୍ତେରଇଲା । ୧୦ ସେମନ୍ ଜାଗୁଆଲ୍ମନ୍ ରଇବା ଦୁଇଟା
ଜାଗା ଜିତିକରି ପଚେ ନଅରେ ପୁର୍ବା ଲୁଆ କାପାଟ୍ ରଇବା
ଲଗେ ଆଇଲାଇ । ତାକର୍ପାଇ ଲୁଆ କାପାଟ୍ ତାର୍ମନ୍କେସେ
ଉଗାଡିଅଇଗାଲା ଆରି ସେମନ୍ ବାରଇ ଉଟିଆଇଲାଇ ।
ସେମନ୍ ବାଟେ ଇଣ୍ଟେ ଇଣ୍ଟେ ଅଟାତ୍ ସରଗର୍ ଦୁତ୍ ପିତର୍କେ
ଚାଡି ମାୟା ଅଇଗାଲା । ୧୧ ତାର୍ପଚେ ଜାଇଟା ଗଟିରଇଲା,
ସେଡ୍କିବେଲେ ତାକେ କାଇଟା ଅଇରଇଲା, ସେଟା ପିତର୍
ଜାନିପାରି କଇଲା, "ଏଟା ସତ୍ ବଲି ମୁଇ ଜାନିଆଚି । ଏରଦର୍
ଟାନେଅନି ଆରି ଜିଉଦି ଲକ୍ମନ୍ ଜାଇଟା ଗଟ୍ସି ବଲି ଆସା
କରିରଇଲାଇ, ତେଇଅନି ମକେ ରକିଆ କର୍ବାକେ ମାପ୍ରୁ
ସରଗର୍ ଦୁତ୍କେ ପାଟାଇରଇଲା ।" ୧୨ ନିଜର୍ ବିସଇ
ଜାନିକରି ସେ ଜଅନ୍ ମାର୍କର୍ ଆୟା ମରିୟମର୍ ଗରେ ଗାଲା ।
ତେଇ ବେସି ବିସ୍ବାସିମନ୍ ରୁଣ୍ଡିକରି ପିତରର୍ ପାଇ ପାର୍ତନା
କର୍ତେ ରଇଲାଇ । ୧୩ ପିତର୍ ବାଇରର୍ କାପାଟେ ଟକ୍ଟକ୍
କରି ମାର୍ଲାକେ, ରଦା ନାଉଁର୍ ଗଟେକ୍ ଗତିଦାଙ୍ଗ୍ଡି କାପାଟ୍
ଉଗାଡ୍ବାକେ ଆଇଲା । ୧୪ ପିତରର୍ କଁଟ୍ସର୍ ଜାନିପାରି
ସେ ଏତେକ୍ ସାର୍ଦା ଅଇଲା ଜେ କାପାଟ୍ ନ ଉଗାଡି ବିତ୍ରେ
ପାଲାଇକରି ତେଇର୍ ବିସ୍ବାସିମନ୍କେ କଇଲା, "ପିତର୍ ବାଇରେ
ଟିଆଅଇଲା ଆଚେ ।" ୧୫ ସେମନ୍ ତାକେ କଇଲାଇ, "ତୁଇ
ବାୟାଅଇଲୁସ୍ନି! ମାତର୍ 'ଏଟା ସତ୍ ।' ବଲି ସେ ଡାଟ୍ ସଙ୍ଗ୍
କଇଲାଗ୍ଲାକେ, ସେମନ୍ ଏଟା ତାର୍ ଦୁତ୍ କାଇକି," ବଲି
ବାବ୍ଲାଇ । ୧୬ ପିତର୍ ଟର୍କେ ଟର୍ କାପାଟେ ମାର୍ତେ
ରଇଲା । ସାରାସାରି ସେମନ୍ କାପାଟ୍ ଉଗାଡି ତାକେ ଦେକି
କାବାଅଇଗାଲାଇ । ୧୭ ସେ ଆତ୍ ସାଗିଆକରି ସେମନ୍କେ
ଚିମ୍ରା ଅଇବାକେ କଇଲା । ଆରି ମାପ୍ରୁ କେନ୍ତି ତାକେ ବନ୍ଦି
ଗରେଅନି ବାର୍କରାଇ ଆନ୍ଲା, ସେ ବିସଇ ସେମନ୍କେ କଇଲା
। ତାର୍ ପଚେ ଏ ସବୁ କାତା ଜାକୁବ୍ ଆରି ବିନ୍ ସବୁ ବାଇମନ୍କେ
ଜାନାଆ ବଲି କଇଲା । ପଚେ ସେ ତେଇଅନି ବିନ୍ବାଟେ
ଉଟିଗାଲା । ୧୮ ସାକାଲ୍ ପାଇଲାକେ "ପିତର୍ କେନେଗାଲା?"
ବଲି ଜାଗୁଆଲ୍ମନ୍ କିଲ୍ବିଲ୍ ଅଇଗାଲାଇ । ୧୯ ଏରଦ୍ ଏଟା
ସୁନିକରି ପିତର୍କେ କଜ୍ବାକେ ତାର୍ ସନିଅମନ୍କେ ଆଦେସ୍
ଦେଲା । ମାତର୍ ସେମନ୍ ତାକେ ମିଲାଇ ନାପାର୍ଲାଇ । ତେବେ
ସାରାସାରି ଜାଗୁଆଲ୍ମନ୍କେ ପାଚାର୍ଲା । କେନ୍ତି ଏଟା ଅଇଲାଟା
କଇନାପାର୍ଲାକେ ସେମନ୍କେ ମରନର୍ ଡଣ୍ଡ ଦେବାକେ ଆଦେସ୍
ଦେଲା । ତାର୍ ପଚେ ଏରଦ୍ ଜିଉଦା ରାଇଜେଅନି ଜାଇ
କେତେ ଦିନର୍ପାଇ କାଇସରିଆଇ ବାସା ଅଇରଇଲା । ୨୦ ସେ
ବେଲାଇ ଏରଦ୍ ସର୍ ଆରି ସିଦନର୍ ଲକ୍ମନ୍କେ ବେସି ରିସା
ଅଇରଇଲା । ସେଟାର୍ ପାଇ ତେଇର୍ ଲକ୍ମନ୍ ଗଟେକ୍ ଦଲ୍,
ତାକେ ବେଟ୍ ଅଇବାକେ ଗାଲାଇ । ପର୍ତୁମ୍ ସେମନ୍ ରାଜା
ସଇବା ଗର୍ ଦାଇତେ ରଇଲା ବାଲସ୍ଟସ୍କେ ବୁଜାଇ, ତାର୍
ସାଇଜ ପାଇଲାଇ । ତାର୍ ପଚେ ସେମନ୍ ଏରଦର୍ ଲଗେ ଜାଇ
ସାନ୍ତିସଙ୍ଗ୍ ରଉଁ ବଲି କାତା ଅଇଲାଇ, କାଇକେ ବଇଲେ ଏରଦର୍
ରାଇଜେଅନି ସେମନର୍ ଦେସେ କାଇବା ଜିନିସ୍ ଜାଇତେରଇଲା
। ୨୧ ଜନ୍ ଦିନେ ଏରଦର୍ ସଙ୍ଗ୍ ସେମନ୍ ବେଟ୍ ଅଇବାକେ ଟିକ୍
କରିରଇଲାଇ, ସେ ରାଜାମନ୍ ପିନ୍ଦବା ବସ୍ତର୍ ପିନ୍ଦଲା ଆରି
ତାର୍ ବସ୍ବା ଜାଗାଇ ବସି ଲକ୍ମନ୍କେ ଗଟେକ୍ ବାସନ୍ ଦେଲା
। ୨୨ ସୁନ୍ବା ଲକ୍ମନ୍ ଆଉଲିଅଇଲାଇ, "ଜେ କାତା ଅଇଲାନି,
ସେ ଲକ୍ ନଏଁ, ମାତର୍ ପର୍ମେସର୍!" ୨୩ "ମୁଇ ପର୍ମେସର୍
ନଇ," ବଲି କଏ ନାଇକେ ଦାପ୍ରେ ମାପ୍ରୁର୍ ଦୁତ୍ ଏରଦ୍କେ
ରଗି କରାଇଲା । ସେଟାର୍ପାଇ ତାର୍ ଗୁଲାଇଗାଗଡ୍ କିଡା
କାଇଲାଇ ଆରି ମରିଗାଲା । ୨୪ ଏ ବେଲାଇ ବିସ୍ବାସିମନ୍
ପର୍ମେସରର୍ ବାକିଅ ସୁନ୍ଲାଇ ଆରି ବିସ୍ବାସ୍ କର୍ବା ଲକ୍ମନ୍

ବଡିଗାଲାଇ । **୨୫** ଜିଉଦା ଦେସର୍ ବିସ୍ବାସିମନ୍କେ ଡାବୁ
ଦେଇ ସାରାଇକରି ବର୍ନବା ଆରି ସାଉଲ୍, ଆନ୍ଟିଅକିଆଇ
ଆଇଲାଇ । ଜଅନ୍ ଆରି ମାର୍କକେ ମିସା ସେମନ୍ ସଙ୍ଗ୍ ନେଇ
ଜିରୁସାଲମେ ବାଅଡ୍ଲାଇ ।

**୧୩** ଆନ୍ଟିଅକି ମଣ୍ଡଲିତେଇ କେତେଟା ବବିସତ୍ବକ୍ତା
ଆରି ସିକିଆ ଦେବା ଗୁରୁ ରଇଲାଇ । ସେମନର୍ ବିତ୍ରେ
ରଇଲାଇ ବର୍ନବା, ସିମନ୍ ଜାକେ କି ନିଗର୍ ଡାକ୍ତେରଇଲାଇ,
ଲୁସିଅସ୍, ଜେ କି କୁରିନିୟ୍ ଅନି ଆସିରଇଲା, ମନଏଁମ୍ ଜେ କି
ଏରଦର୍ ଗରେ ବଡି ରଇଲା ଆରି ସାଉଲ୍ । **୨** ସେମନ୍ ମାପ୍ରୁର୍
ସେବା ଆରି ଉପାସ୍ କଲାବେଲେ, ସୁକଲ୍ ଆତ୍ମା ସେମନ୍କେ
କଇଲା, "ମୁଇ ଜନ୍ କାମ୍ପାଇ ସାଉଲ୍ ଆରି ବର୍ନବାକେ
ଡାକ୍ଲି ଆଚି, ସେଟାର୍ ପାଇ ସେମନ୍କେ ଅଲ୍ଗା କରା ।" **୩**
ସେଟାର୍ପାଇ ସେମନ୍ ଉପାସ୍ କଲାଇ ଆରି ପାର୍ତନା କରି
ତାକର୍ ଉପ୍ରେ ଆତ୍ ସଙ୍ଗ୍ଇ ସେମନ୍କେ କବର୍ କଇବା କାମେ
ପାଟାଇଲାଇ । **୪** ସୁକଲ୍ ଆତ୍ମାଇଅନି ଆଦେସ୍ ପାଇକରି
ଜାଇରଇବା ବର୍ନବା ଆରି ସାଉଲ୍ ସେଲୁକିଆଇ ଗାଲାଇ ।
ଆରି ତେଇଅନି ପାନି ଜାଜେ ବସି ସାଇପରସ୍ ସମ୍ଦୁର୍ ମଜାଇ
ରଇବା ଜାଗାଇ ଗାଲାଇ । **୫** ସାଲାମି ଗଡେ କେଟି ଜିଉଦିମନର୍
ପାର୍ତନା ଗର୍ମନ୍କେ ପରମେସରର୍ ବାକିଅ ଜାନାଇଲାଇ
। ଜଅନ୍ ମାର୍କ ମିସା ସେମନର୍ ସଙ୍ଗ୍ ରଇକରି ସେମନ୍କେ
ସାଇଜ କର୍ତେ ରଇଲାଇ । **୬** ସେମନ୍ ସାଇପରସ୍ ଜାଗା ଚାଡି
ପାପ୍ତେ ନାଉଁର୍ ଜାଗାଇ ଗାଲାଇ । ତେଇ ବାର୍ଜିସୁ ନାଉଁର୍
ଗଟେକ୍ ମଁତର୍ ସିକିରଇବା ଜିଉଦିକେ ବେଟ୍ଅଇଲାଇ । ସେ
ନିଜ୍କେ ମିଚ୍ରେ ବବିସତ୍ବକ୍ତା ବଲି କଇତେ ରଇଲା । **୭** ସେ
ସମ୍ଦୁର୍ ମଜାଇ ରଇଲା ଜାଗାର୍ ସାସନ୍ କାରିଆର୍ ସର୍ଗିଅ
ପାଉଲର୍ ମଇତର୍ ରଇଲା । ସର୍ଗିଅସ୍ ଗଟେକ୍ ଗିଆନି ଲକ୍
ରଇଲା । ସେ ପରମେସରର୍ ବାକିଅ ସୁନ୍ବାକେ ମନ୍ କରି
ବର୍ନବା ଆରି ପାଉଲ୍କେ ଡାକାଇଲା । **୮** ମାତର୍ ଗୁନିଆଁ
ଏଲିମାସ୍, (ଏଟା ତାର୍ ଗିରିକ୍ ନାଉଁ) ସେମନ୍କେ ନିଚୁ ବଲି
କଇଲା, କାଇକେ ବଇଲେ, ସେ ସାସନ୍ କାରିଆ କିରିସ୍ଟକେ
ବିସ୍ବାସ୍ ନ କର ବଲି ବାଦ୍ତେ ରଇଲା । **୯** ମାତର୍ ସାଉଲ୍
ଜାର୍ ନାଉଁକି ପାଉଲ୍, ସୁକଲ୍ ଆତ୍ମାଇ ପୁରୁନ୍ ଅଇ, ମଁତର୍
ଜାନିରଇବା ଲକର୍ ବାଟେ ନିକ ଦେକ୍ଲା । **୧୦** ଆରି କଇଲା,
"ଏ ସଇତାନର୍ ପିଲା! ତୁଇ, ସବୁ ନିମାନ୍ ବିସଇ ବିରଦ୍ କଲାସ୍ନି
। ତୁଇ ସବୁ ରକାମର୍ କରାପ୍ କାମେ ପୁରୁନ୍ ଅଇ ଆଚୁସ୍ ଆରି
ସବୁବେଲେ ପର୍ମେସରର୍ କାମ୍ ମିଚ୍ ବଲି ଦେକାଇବାକେ
ଚେସ୍ଟା କଲୁସ୍ନି । **୧୧** ଏବେ ମାପ୍ରୁର୍ ଆତେ ଡଣ୍ଡ ପାଇସୁ
। ତୁଇ କାଣା ଅଇଜାଇକରି ଚନେକର୍ପାଇ ବେଲର୍ ଉଜଲ୍
ଦେକି ନାପାରୁସ୍ ।" ସେଦାପ୍ରେ ଏଲିମାସର୍ ଆଁକି ଦୁଉଁରି
ଆନ୍ଧାର୍ ଅଇଗାଲାପାରା ଲାଗ୍ଲା । ଆରି ତାକେ ଆତେ ଦାରି
ଡାକିନେବାକେ ଗଟେକ୍ ଲକ୍କେ ଏନେତେନେ ଆଣ୍ଡାଲି ଅଇ
କଜି ବୁଲ୍ଲା । **୧୨** ଏଟା ଦେକି ସାସନ୍କାରିଆର୍ ବିସ୍ବାସ୍
ଅଇଲା, କାଇକେ ବଇଲେ ମାପ୍ରୁର୍ ସିକିଆ ସୁନି ସେ କାବା
ଅଇଜାଇରଇଲା । **୧୩** ପାଉଲ୍ ଆରି ତାର୍ ସଙ୍ଗ୍ ଜିବା ଲକ୍ମନ୍
ପାପସ୍ ଜାଗାଇ ଅନି ପାନିଜାଜେ ଜାଇ ପପୁଲିଆର୍ ପର୍ଗା
ନାଉଁ ଜାଗାର୍ ଗଟେକ୍ ଗଡେ କେଟ୍ଲାଇ । ଜଅନ୍ମାର୍କ ତେଇ
ସେମନ୍କେ ଚାଡିକରି ଜିରୁସାଲାମ୍ ବାଉଡିଗାଲା । **୧୪** ସେମନ୍
ପର୍ଗାଇଅନି ଜାଇ ପିସିଦିଆର୍ ଆନ୍ଟିଅକେ କେଟ୍ଲାଇ । ଆରି
ବିସ୍ରାମ୍ବାର୍ ଦିନେ ପାର୍ତନା ଗରେ ଜାଇ ବସ୍ଲାଇ । **୧୫**
ମସାର୍ ନିୟମ୍ ଆରି ବବିସତ୍ବକ୍ତାମନର୍ ଲେକା ପଡ୍ଲା ପଚେ,
ପାର୍ତନା ଚାଲାଉମନ୍ ସେମନ୍କେ ଏ କାତା କଇପାଟାଇଲାଇ,
"ବାଇମନ୍ ଜଦି ଲକ୍ମନର୍ ସାର୍ଦା ବଡାଇବାପାରା ଉପ୍ଦେସ୍
ଦେବାର୍ ଆଚେ, ତେବେ କୁଆ ।" **୧୬** ପାଉଲ୍ ଟିଆଅଇ
ଲକ୍ମନ୍କେ ଚିମ୍ରାଇ ଅଇବାକେ ଆତ୍ ସାଗିଆ କରି କଇଲା ।
"ଇତି ରୁଣ୍ଡଅଇଲା ଇସ୍ରାଏଲ ବାଇମନ୍ ଆରି ପର୍ମେସର୍କେ
ପାର୍ତନା କର୍ବା ଜିଉଦି ନଇଲା ଲକ୍ମନ୍, ମର୍ କାତା ସୁନା!
**୧୭** ଇସ୍ରାଏଲ୍ ଜାତିର୍ ପରମେସର୍ ଆମର୍ ଆନିଦାଦିମନ୍କେ
ବାଚ୍ଲା । ଆରି ମିସର୍ ଦେସେ ସେମନ୍ ପର୍ଦେସିଅଇ ରଇତେ
ରଇଲା ବେଲେ, ଗଟେକ୍ ବଡ୍ ଜାତି କଲା । ପରମେସର୍ ତାର୍
ବଡ୍ ବପୁ ସଙ୍ଗ୍ ସେମନ୍କେ ମିସରେଅନି ବାର୍କରାଇ ଆନ୍ଲା
। **୧୮** ଆରି ଚାଲିସ୍ ବରସ୍ ଜାକ ମରୁବାଲିବୁଏଁ ସେମନର୍
ସାଦ୍ବାନ୍ଦ କଲାଟା ମୁରଚ୍ଲା । **୧୯** ସେ କିଣାନେ ସାତ୍ଟା ଦଲ୍କେ
ନସ୍ଟ କରି ତାର୍ ବାଚ୍ଲା ଲକ୍ମନ୍କେ ସେ ଦେସ୍ ଦେଲା
। **୨୦** ପାକାପାକି ଚାର୍ ସଅ ପଚାସ୍ ବରସ୍ ବିତ୍ରେ ଏ ସବୁ
ଗଟ୍ନା ଗଟିଗାଲା ।" "ତାର୍ ପଚେ ସାମୁଏଲ୍ ବବିସତ୍ବକ୍ତାର୍
ବେଲା ଜାକ ପରମେସର୍ ସେମନର୍ ଉପ୍ରେ ବିଚାର୍ପତିମନ୍କେ
ବାଚ୍ଲା । **୨୧** ଜେଡେବେଲେ ସେମନ୍ ଗଟେକ୍ ରାଜା ଦର୍କାର୍
ବଲି କଇଲାଇ, ପରମେସର୍ ସେମନ୍କେ ଚାଲିସ୍ ବରସ୍
ଜାକ ସାସନ୍ କର୍ବାକେ ବେନ୍ଜାମିନ୍ କୁଟୁମର୍ କିସ୍ଅର୍
ପଅ ସାଉଲ୍କେ ବାଚ୍ଲା । ସାଉଲ୍ ଇସ୍ରାଏଲିୟ୍ମନ୍କେ
ଚାଲିସ୍ବରସ୍ ସାସନ୍ କଲା । **୨୨** ତାର୍ ପଚେ ପର୍ମେସର୍
ତାକେ ରାଜା ପଦ୍ ଚାଡାଇକରି ଦାଉଦ୍କେ ସେମନର୍ ରାଜା
କଲା ।" ପରମେସର୍ ତାର୍ ବିସଇ କଇରଇଲା, "ମୁଇ ଜନ୍
ରକାମେ ଲକ୍ମନ୍କେ ଆଲାଦ୍ କର୍ବି, ଜେସିର୍ ପଅ ଦାଉଦ୍
ସେନ୍ତାରି ଗଟେକ୍ ଲକ୍ । ସେ ମୁଇ ମନ୍କଲା ଇସାବେ ସବୁଜାକ
କାମ୍ କର୍ସି ।" **୨୩** ଏ ଦାଉଦର୍ କୁଟୁମର୍ ଲକର୍ଟାନେଅନି
ପର୍ମେସର୍ ସେ କାତା ଦେଲା ଇସାବେ ଜିସୁକେ ଇସ୍ରାଏଲ୍
ଜାତିର୍ ମୁକ୍ତିକାରିଆ କଲାଆଚେ । **୨୪** ଜିସୁ ତାର୍ କାମ୍
ଆରାମ୍ କର୍ବା ଆଗ୍ତୁ, ଜଅନ୍ ଇସ୍ରାଏଲର୍ ସବୁ ଲକର୍ ଲଗେ
ଜାନାଇକରି, ସେମନ୍କେ ପାପେଅନି ମନ୍ ବାଉଡାଇ ଡୁବନ୍
ନେବାକେ ଅଇସି ବଲି କଇରଇଲା । **୨୫** ଆରି ଜଅନ୍ ତାର୍
ସେବା କାମ୍ ସାରାଇବା ଆଗ୍ତୁ ଲକ୍ମନ୍କେ ପାଚାର୍ଲା, "ମର୍

ବିସଇ ତମେ କାଇଟା ବାବ୍‌ଲାସ୍‌ନି? ତମେ ଜାକେ ଜାଗି ଆଚାସ୍‌,
ମୁଇ ସେ ନଇ । ମାତର୍‌ ସୁନା! ସେ ଦାପ୍‌ରେ ଆଇଲାନି । ତାର୍‌
ଗଡିଦାଙ୍ଗ୍‌ଡା ଅଇକରି ପାଣ୍ଡଇର୍‌ ପିତା ମିସା କୁସ୍‌ଲାଇବାକେ
ମର୍‌ ଅଦିକାର୍‌ ନଇ ।” **୨୬** ଏ ମର୍‌ ଇସ୍‌ରାଏଲର୍‌ ବାଇମନ୍‌,
ଅବ୍‌ରାଆମର୍‌ ନାତିତିତିମନ୍‌ ଆରି ପରମେସର୍‌କେ ପାର୍‌ତନା
କର୍‌ବାକେ ଇତି ରୁଣ୍ଡ୍‌ଲା ଜିଉଦି ନଇଲା ଲକ୍‌ମନ୍‌, ଆମ୍‌କେ
ସେ ମୁକ୍‌ତିର୍‌ କବର୍‌ ମିଲ୍‌ଲା ଆଚେ । **୨୭** ମାତର୍‌ ସେ
ଆକା ଉଦାର୍‌କାରିଆ । ଜିରୁସାଲମର୍‌ ଲକ୍‌ ଆରି ସେମନର୍‌
ନେତାମନ୍‌ ବିସ୍‌ରାମ୍‌ବାରେ ବବିସତ୍‌ବକ୍‌ତାମନର୍‌ ଲେକାଇଅନି
ପଡ୍‌ଲାଟା ଲକ୍‌ମନ୍‌ ବୁଜତ୍‌ନାଇ । ଏଲେମିସା ଜିସୁକେ ଦସି କରି
ବବିସତ୍‌ବକ୍‌ତାମନର୍‌ କାତା ସିଦ୍‌ କଲାଇ । **୨୮** ଜିସୁକେ ବେସି
ଲକ୍‌ ଦସ୍‌ଦେଲାଇ । ମାତର୍‌ କେ ମିସା ମରନର୍‌ ଡଣ୍ଡ ପାଇବା
ଏତ୍‌କି ଦସ୍‌ କଜି ନାପାର୍‌ଲାଇ । ଏଲେମିସା ତାକେ ମରନର୍‌
ଡଣ୍ଡ ଦେବାକେ ପିଲାତ୍‌କେ ବାଦିଅ କଲାଇ । **୨୯** ସାସ୍‌ତରେ
ଜନ୍‌ ସବୁ ବିସଇ ଲେକା ଆଚେ, ସେ ଇସାବେ ସବୁ କାମ୍‌
କଲାପଚେ ସେମନ୍‌ ତାକେ କୁରୁସେଅନି ଉତ୍‌ରାଇ ଆନ୍‌ଲାଇ
। ବିନ୍‌ଲକ୍‌ମନ୍‌ ଆସିକରି ତାର୍‌ ଗାଗଡ୍‌ ନେଇ ସମାଦିଟାନେ
ସଙ୍ଗ୍‌ଇଲାଇ । **୩୦** ମାତର୍‌ ପର୍‌ମେସର୍‌ ତାକେ ମଲାତେଇଅନି
ଉଟାଇଲା । **୩୧** ବେସି ଦିନ୍‌ ଜାକ, ତାର୍‌ ସଙ୍ଗ୍‌ ଗାଲିଲିଅନି
ଜିରୁସାଲମ୍‌ ଆଇବାଜିବା ଲକ୍‌ମନ୍‌ ତାକେ ଦେକ୍‌ଲାଇ । ଏବେ
ସେମନ୍‌ ଇସ୍‌ରାଏଲ୍‌ ଲକ୍‌ମନର୍‌ତେଇ ତାର୍‌ ସାକି ଆଚତ୍‌ ।
**୩୨** ଆମର୍‌ ଆନିଦାଦିମନକେ ପର୍‌ମେସର୍‌ କାତା ଦେଇରଇଲା
ଇସାବେ ଆମେ ତମ୍‌କେ ଏ ସୁବ୍‌ କବର୍‌ ଜାନାଇଲୁନି । **୩୩**
ପରମେସର୍‌ ଜିସୁକେ ମଲାତେଇଅନି ଉଟାଇକରି ସେଟା ସିଦ୍‌
କଲାଆଚେ । ସେମନର୍‌ ପିଲାମନ୍‌ ଆମ୍‌କେ, ଆମର୍‌ ବିତ୍‌ରେ
ସେ କାତା ଦେଲାଟା ସିଦ୍‌ ଅଇଲା ଆଚେ । ଗିତ୍‌ ସଙ୍ଗିତାର୍‌
ଦୁଇ ଲମର୍‌ ଗିତେ ଦାଉଦ୍‌ ଏନ୍ତାରି ଲେକିଆଚେ, “ତମେ ମର୍‌
ପଅ, ଆଜି ମୁଇ ସବୁକେ ଦେକାଇ ଆଚି ଜେ ସତଇସେ ମୁଇ
ତର୍‌ ବାବା ।” **୩୪** ଆରି ପର୍‌ମେସର୍‌ ପୁର୍‌ବେଅନି ସପତ୍‌ କରି
କାତାଦେଇରଇଲା । ମୁଇ ତାକେ ମଲାତେଇଅନି ଉଟାଇବି ।
ତାର୍‌ ଗାଗଡ୍‌ ସମାଦିତେଇ କୁଇ ଜିବାକେ ନ ଦେଇ । ଦାଉଦ୍‌କେ
ଦେଇ ରଇବା ସପତ୍‌ ଇସାବେ ସତଇସେ ମୁଇ ତମ୍‌କେ ସୁକଲ୍‌
କରି ସବୁ ଆସିର୍‌ବାଦ୍‌ ଦେବି । **୩୫** ଦାଉଦ୍‌ ଆରି ଗଟେକ୍‌
ଗିତସଙ୍ଗିତାଇ ଲେକ୍‌ଲାଆଚେ, ମୁଇ ମରିଗାଲେ ମର୍‌ଗାଗଡ୍‌
ତୁଇ ସମାଦିତେଇ କୁଇ ଜିବାକେ ଚାଡି ନ ଦେଉସ୍‌ । **୩୬** ଦାଉଦ୍‌
ସାସନ୍‌ କଲାବେଲେ ପର୍‌ମେସର୍‌ ମନ୍‌ କଲା ଇସାବେ କାମ୍‌ କରି
ସାରାସାରି ମଲା । ଆରି ଆନିଦାଦିମନର୍‌ ସଙ୍ଗ୍‌ ତପିଅଇଲା ।
ତାର୍‌ ଗାଗଡ୍‌ ସମାଦିତେଇ କୁଇଲା । **୩୭** ମାତର୍‌ ପର୍‌ମେସର୍‌
ଜାକେ ମଲାଟାନେଅନି ଉଟାଇଲା, ତାର୍‌ ଗାଗଡ୍‌ କୁଏ ନାଇ ।
**୩୮** ତେବର୍‌ପାଇ ମର୍‌ ଏ ଇସ୍‌ରାଏଲର୍‌ ବାଇମନ୍‌, ତମେ ଏଟା
ଜାନିରୁଆ । ଜିସୁ କରିରଇବା କାମେଅନି ସେ, ତମର୍‌ ପାପ୍‌
କେମା ଅଇସି । **୩୯** ମସାର୍‌ ନିୟମ୍‌ ମାନିକରି ଆଟୁ ବଇଲେ
ପାପ୍‌ କେମା ନ ଅଇତା । ମାତର୍‌ ଜିସୁର୍‌ ଟାନେ ବିସ୍‌ବାସ୍‌
କଲାର୍‌ପାଇ ଆମେ ସବୁଲକ୍‌ ପାପେ ଅନି ମୁକ୍‌ଲି ଆଟୁ, ସେଟା
ତମେ ଜାନ୍‌ବାର୍‌ ଆଚେ । **୪୦** ଜାଗ୍‌ରତ୍‌, ବବିସତ୍‌ବକ୍‌ତାମନ୍‌
ଜାଇଟା କଇଲାଇ ଆଚତ୍‌, ସେଟା ଜେନ୍ତିକି ତମ୍‌କେ ନ ଗଟ
। **୪୧** ପର୍‌ମେସର୍‌ କଇଲା, ଏ ମକେ କିଜାଇବା ଲକ୍‌ମନ୍‌!
ତମେମନ୍‌ କିଲ୍‌ବିଲ୍‌ ଅଇ ମରା! କାଇକେ ବଇଲେ ତମର୍‌
ବେଲାଇ ମୁଇ ଜନ୍‌ କାମ୍‌ କର୍‌ବାକେ ଗାଲିନି, ସେଟା ଜେ ମିସା
ବୁଜାଇ କଇଲେ, ତମେ ବିସ୍‌ବାସ୍‌ ନ କରାସ୍‌ । **୪୨** ପାଉଲ୍‌
ଆରି ବର୍‌ନବା ପାର୍‌ତନା ଗରେଅନି ବାରଇବା ବେଲେ, ଆରି
ଗଟେକ୍‌ ବିସ୍‌ରାମ୍‌ବାରେ ବାଉଡି ଆସି ଏ ସବୁ ବିସଇ ଆରି
ବୁଜାଇବାକେ, ଲକ୍‌ମନ୍‌ ବାବୁଜିଆ କଲାଇ । **୪୩** ଲକ୍‌ମନ୍‌
ପାର୍‌ତନା ଗରେଅନି ଉଟିଗାଲା ପଚେ, ବେସି ଜିଉଦିମନ୍‌ ଆରି
ଜିଉଦି ଦରମ୍‌ ନେଇରଇବା ଜିଉଦି ନ ଅଇଲା ଲକ୍‌ମନ୍‌, ସାଉଲ୍‌
ଆରି ବର୍‌ନବାର୍‌ ସଙ୍ଗ୍‌ ଜିବାର୍‌ଦାର୍‌ଲାଇ । ପେରିତ୍‌ ସିସ୍‌ମନ୍‌
ତାକର୍‌ ସଙ୍ଗ୍‌ କାତା ଅଇ ପରମେସରର୍‌ ଜିବନ୍‌ଦୁକାଇଲାଟାକେ
ମାନିକରି ଜିଇବାକେ ସେମନ୍‌କେ ସାର୍‌ଦା କରାଇଲାଇ । **୪୪**
ତାର୍‌ ଆର୍‌କର୍‌ ବିସ୍‌ରାମ୍‌ବାରେ ଆନ୍‌ଟିଅକିଅ ଗଡର୍‌ ସବୁ ଲକ୍‌
ମାପ୍‌ରୁର୍‌ ବାକିଅ ସୁନ୍‌ବାକେ ଜିଉଦିମନର୍‌ ପାର୍‌ତନା ଗରେ
ରୁଣ୍ଡ୍‌ଲାଇ । **୪୫** ବେସି ଲକ୍‌ ରୁଣ୍ଡ୍‌ଲାଟା ଦେକି, ଜିଉଦି ନେତାମନ୍‌
ଇଁସା ଅଇଲାଇ । ଆରି ପାଉଲ୍‌ କଇବା କାତା, ବିରଦ୍‌ କରି
ନିନ୍ଦା କଲାଇ । **୪୬** ମାତର୍‌ ପାଉଲ୍‌ ଆରି ବର୍‌ନବା ଅଦିକ୍‌
ଡାଟ୍‌ ସଙ୍ଗ୍‌ କଇଲାଇ, “ପର୍‌ତମେ ପରମେସରର୍‌ ବାକିଅ ତମର୍‌
ଲଗେ ଜାନାଇବାର୍‌ ଦର୍‌କାର୍‌ ରଇଲା । ମାତର୍‌ ତମେ ସେଟା
ନିଚ୍‌ଲାସ୍‌ନି । ଆରି ତାର୍‌ ସଙ୍ଗ୍‌ ନ ସାର୍‌ବା ଜିବନ୍‌ ପାଇବାକେ
ଅଦିକାର୍‌ ନାଇ ବଲି ବିଚାର୍‌ କଲାସ୍‌ନି । ସେଟାର୍‌ପାଇ ଆମେ
ତମ୍‌କେ ଚାଡି, ଏ କାତା ଜିଉଦି ନଇଲା ଲକ୍‌ମନ୍‌କେ କଇବାର୍‌
ଗାଲୁନି । (aiōnios g166) **୪୭** କାଇକେ ବଇଲେ ମାପ୍‌ରୁ ଆମ୍‌କେ
ଏ ଆଦେସ୍‌ ଦେଲା ଆଚେ ।” ଆନ୍ଦ୍‌ରେ ଉଜଲ୍‌ ଅଇଲାପାରା
ଜିଉଦି ନ ଅଇଲା ଲକ୍‌ମନ୍‌କେ ମର୍‌ ବିସଇ ଜାନାଇବାକେ ମୁଇ
ତମ୍‌କେ ବାଚିଆଚି । ଜେନ୍ତାରି କି ମୁଇ ସେମନ୍‌କେ ରକିଆ କରି
ପାର୍‌ବି ବଲି ଦୁନିଆର୍‌ ସବୁ ଲକ୍‌ମନ୍‌କେ ତମେ କଇପାରାସ୍‌
। **୪୮** ଜିଉଦି ନଇଲା ଲକ୍‌ମନ୍‌ ଏଟା ସୁନି ବେସି ସାର୍‌ଦା
ଅଇଗାଲାଇ ଆରି ପର୍‌ମେସରର୍‌ କବର୍‌ ପାଇ ଜୁଆର୍‌ କଲାଇ ।
ଜନ୍‌ ଲକ୍‌ମନ୍‌ ନ ସାର୍‌ବା ଜିବନର୍‌ ପାଇ ବାଚାଇ ଅଇରଇଲାଇ,
ସେମନ୍‌ ସେ କବର୍‌ ସୁନି ବିସ୍‌ବାସ୍‌ କଲାଇ । (aiōnios g166) **୪୯**
ତେଇର୍‌ ବିସ୍‌ବାସିମନ୍‌ ସେ ଜାଗାଇ ବୁଲି ବୁଲି ମାପ୍‌ରୁର୍‌ ବାକିଅ
ଜାନାଇଲାଇ । **୫୦** ମାତର୍‌ ସେ ଗଡର୍‌ ବଡ୍‌ ଲକ୍‌ମନ୍‌ ଆରି
ପର୍‌ମେସର୍‌କେ ଉପାସନା କର୍‌ବା ଉପର୍‌କେ ରଇବା ଜିଉଦି
ନ ଅଇଲା ମାଇଜିମନ୍‌କେ ସୁତ୍‌ରାଇକରି, ତେଇର୍‌ ଜିଉଦିମନ୍‌,
ପାଉଲ୍‌ ଆରି ବର୍‌ନବାକେ ବିରଦ୍‌ କଲାଇ । ସେମନ୍‌ ତାଉଁକେ

ତାଡ୍‌ନା ଦେବାର୍ ଆରାମ୍ କଲାଇ । ଆରି ସେ ଜାଗାଇଅନି ବାର୍ କରିଦେଲାଇ । ୫୧ ତେଇଅନି ଜିବାବେଲେ ପେରିତ୍ ସିସ୍‌ମନ୍ ସେ ଲକ୍‌ମନର୍ ବିରଦେ ତାକର୍ ପାଦର୍ ଦୁଲି ପାପ୍‌ଡିଦେଇ ଇକନିଅତେଇ ଗାଲାଇ । ୫୨ ଆନ୍‌ଟିଅକର୍ ବିସ୍‌ବାସିମନ୍ ସୁକଲ୍ ଆତ୍‌ମାଇ ଆରି ସାର୍‌ଦାଇ ପୁରୁନ୍ ଅଇଲାଇ ।

**୧୪** ଜନ୍‌ଟା ଆନ୍‌ଟିଅକିତେଇ ଗଟିରଇଲା, ସେ ସମାନ୍ ବିସଇ ଆକିଅଟାନେ ମିସା ଅଇଲା । ପାଉଲ୍‌ଆରି ବର୍‌ନବା ପାର୍‌ତନା ଗରେ ଏନ୍ତି ଡାଟ୍ ସଙ୍ଗ୍ ପର୍‌ଚାର୍ କଲାଇ ଜେ ବେସି ଜିଉଦି ଆରି ଗିରିକ୍ ଲକ୍‌ମନ୍ ଜିସୁକେ ବିସ୍‌ବାସ୍ କଲାଇ । ୨ ମାତର୍ ଜନ୍ ଜିଉଦିମନ୍ ସେ ବାକିଅ ବିସ୍‌ବାସ୍ କରତ୍‌ନାଇ, ସେମନ୍ ଜିଉଦି ନ ଅଇଲା ଲକ୍‌ମନ୍‌କେ ବେମ୍‌ଜା କରି, ବିସ୍‌ବାସି ବାଇମନ୍‌କେ ବିରଦ୍ କରାଇଲାଇ । ୩ ଏଲେମିସା ପାଉଲ୍ ଆରି ବର୍‌ନବା ତେଇ ବେସିଦିନ୍ ରଇକରି ଡାଟ୍ ସଙ୍ଗ୍ ମାପ୍‌ରୁର୍ ବିସଇ ଜାନାଇଲାଇ । ମାପ୍‌ରୁ ଏମନ୍‌କେ କାବା ଅଇଜିବା କାମ୍‌ମନ୍ କରି ଦେକାଇବାକେ ବପୁଦେଲା । ଏନ୍ତାରି ମାପ୍‌ରୁ ତାର୍ ଜିବନ୍ ଦୁକାଇଲା ବାକିଅ ସତ୍‌ବଲି ଦେକାଇଲା । ୪ ଇକନିଆ ନଅରର୍ ଲକ୍‌ମନ୍ ଦୁଇଟା ଦଲେ ବାଗ୍ ଅଇଲାଇ । ସେମନର୍ ବିତ୍‌ରେଅନି କେତେ ଲକ୍ ଜିଉଦିମନର୍ ବାଟେ ଆରି କେତେ ଲକ୍ ପେରିତ୍ ସିସ୍‌ମନର୍ ବାଟେ ଅଇଲାଇ । ୫ ତାର୍‌ପଚେ କେତେଟା ଜିଉଦି ନଇଲା ଲକ୍ ଆରି ଜିଉଦିମନ୍ ସେମନର୍ ନେତାମନର୍ ସଙ୍ଗ୍ ଏକ୍‌ଜୁଟ୍ ଅଇ ପେରିତ୍ ସିସ୍‌ମନ୍‌କେ ବେସି କାରାପ୍ ଚଲାଚଲ୍‌ତି କରି ସେମନର୍ ଉପ୍‌ରେ ପାକ୍‌ନା ମାରି ମରାଇଦେବାକେ ପାଁଚ୍‌ଲାଇ । ୬ ମାତର୍ ପାଉଲ୍ ଆରି ବର୍‌ନବା ସେଟା ଜାନିକରି ଲୁକାନିଆଇ ରଇବା ଲୁସ୍‌ତାରା ଆରି ଦର୍‌ବି ଗଡର୍ ଚାରିବେଡ୍‌ତିର୍ ଜାଗାଇ ଦାପ୍‌ରେ ପାଲାଇଲାଇ । ୭ ଆରି ସିତି ସୁବ୍ କବର୍ ଜାନାଇଲାଇ । ୮ ଲୁସ୍‌ତାରାତେଇ ଜନ୍‌ମେଅନି ଗଡ୍ ବାଙ୍ଗ୍‌ଟି ରଇଲା ଗଟେକ୍ ଚଟା ଲକ୍ ରଇଲା । ସେ ବିଲ୍‌କୁଲ୍ ଇଣ୍ଡି ନାପାର୍‌ତେ ରଇଲା । ୯ ତେଇ ବସି, ସେ ପାଉଲର୍ ସିକିଆ ସୁନ୍‌ତେ ରଇଲା । ତାର୍ ମନେ ବିସ୍‌ବାସ୍ ଅଇଲାଆଚେ ଆରି ସେ ନିମାନ୍ ଅଇପାର୍‌ସି ବଲି ପାଉଲ୍ ଜାନି ପାର୍‌ଲା । ସେଟାର୍ ପାଇ ତାର୍‌ବାଟେ ତିରିଆଇ ଦେକି, ୧୦ ଆଉଲିଅଇ କଇଲା, "ମଇତର୍ ପାଦ୍ ମାଣ୍ଡିକରି, ସିଦା ଟିଆ ଅ!" ସେ ଲକ୍ ଡେଗଇ କରି ଚାରିବେଟ୍‌ତି ଇଣ୍ଡବାର୍ ଦାର୍‌ଲା । ୧୧ ତେଇ ରୁଣ୍ଡଲା ଲକ୍‌ମନ୍ ପାଉଲର୍ କାମ୍ ଦେକି ତାକର୍ ଲୁକାନିଆ ବାସାଇ ସାର୍‌ଦା ଅଇ ଆଉଲିଅଇବାର୍ ଦାର୍‌ଲାଇ । "ଦେକା, ଏ ଲକ୍‌ମନ୍ ସତଇସେ ଦେବ୍‌ତା ଅଇରଇବାଇ । ନିଜେ ମନସ୍ ରୁପ୍ ଦାରି ଉତ୍‌ରି ଆଇଲାଇ ଆଚତ୍ ।" ୧୨ ସେମନ୍ ବର୍‌ନବାକେ ଜିଅସ୍ ବଲି ଜେ କି ତାକର୍ ମୁକିଅ ଦେବ୍‌ତା ରଇଲା, ଆରି ପାଉଲ୍‌କେ ଏରମିସ୍ ବଲି ନାମ୍‌ଲାଇ । ଏରମିସ୍ କାଇକେବଇଲେ ସେ ବେସି କାତା ଅଇତେରଇଲା । ୧୩ ଗଡ୍ ବାଇରର୍ ମୁଆଟେ ରଇଲା ଜିଅସ୍ ମନ୍ଦିରର୍ ପୁଜାରି, ଦୁଆର୍ ଲଗେ କେତେଟା ପୁଲ୍ ମାଲା ପିନ୍ଦାଇକରି, କେତେଟା ସଣ୍ଡମନ୍‌କେ ଆନ୍‌ଲା । କାଇକେବଇଲେ ସେ ଆରି ସିତି ରୁଣ୍ଡଲା ଲକ୍‌ମନ୍ ପେରିତ୍ ସିସ୍‌ମନର୍ ପାଇ ବଲଦ୍‌ମନ୍‌କେ ବିରୁ କର୍‌ବାକେ ମନ୍ କରିରଇଲାଇ । ୧୪ ସେମନ୍ ଜନ୍ କାମ୍ କର୍‌ବାକେ ଜାଇରଇଲାଇ, ବର୍‌ନବା ଆରି ପାଉଲ୍ ସେଟା ସୁନ୍‌ଲା ଦାପ୍‌ରେ, ନିଜର୍ ବସ୍‌ତର୍ ଚିରିପାକାଇଲାଇ, ଲକ୍‌ମନର୍ ବିତ୍‌ରେ ପାଲାଇଜାଇ ଆଉଲିଅଇ କରି କଇଲାଇ, ୧୫ "ଏ ଲକ୍‌ମନ୍ ତମେ କାଇକେ ଏଟା କଲାସ୍‌ନି? ଆମେ ତମର୍ ପାରା ଲକ୍ ସେ । ତମ୍‌କେ ସୁବ୍ କବର୍ ଜାନାଇବାକେ ଆଇଲୁଆଚୁ । ଆରି ଏ ଚୁଚାଇ ରଇବା ପୁତ୍‌ଲାମନ୍‌କେ ପୁଜା କର୍‌ବାଟା ଚାଡିକରି, ଜିବନ୍ ରଇବା ପର୍‌ମେସର୍‌କେ ଉପାସନା କରା ବଲି, କଇବାକେ ଆସିଆଚୁ । ଏ ପର୍‌ମେସର୍ ସରଗ୍, ଦର୍‌ତନି, ସମ୍‌ଦୁର୍ ଆରି ତାର୍ ବିତ୍‌ରେ ରଇବା ସବୁ ବିସଇ ତିଆର୍ କଲାଆଚେ । ୧୬ ପୁର୍‌ବେ ନିଜେ ମନ୍‌କରି ନିଜର୍ ବାଟେ ଜିବାକେ, ପରମେସର୍ ଲକ୍‌ମନ୍‌କେ ଚାଡିଦେଇ ରଇଲା । ୧୭ ମାତର୍ ତାକର୍ ସବୁ ନିମାନ୍ କାମେଅନି ସେ ସବୁବେଲାଇ ଚିନ୍ ଦେକାଇଆଚେ; ସେ ଆକାସେଅନି ପାନି ଆରି ସମାନ୍ ବେଲାଇ କାଦି ପାଚାଇସି, ବେସି କାଦି ଜାଗାଇସି ଆରି ସାର୍‌ଦା ସଙ୍ଗ୍ ତମର୍ ମନ୍ ପୁରୁନ୍ ଅଇଜାଇସି ।" ୧୮ ଏତ୍‌କି କଇଲେ ମିସା, ପାଉଲ୍ ଆରି ବର୍‌ନବାର୍‌ପାଇ ବଲି ଦେବାର୍ ଆଚେଆକା ବଲି କଇଲାଇ । ୧୯ ପଚେ ପିସିକିଆର୍ ଆନ୍‌ଟିଅକ ଆରି ଇକନିୟଅନି କେତେଟା ଜିଉଦିମନ୍ ଆଇଲାଇ । ସେମନ୍ ଲକ୍‌ମନ୍‌କେ ସୁତ୍‌ରାଇକରି ତାକର୍‌ବାଟେ ନେଲାଇ । ପାଉଲ୍‌କେ ପାକ୍‌ନାମାରାଇଲାଇ ଆରି ତାକେ ମଲାବଲି ବାବି ଗଡ୍ ବାଇରେ ଅର୍‌ଗଡି ଜିକିନେଲାଇ । ୨୦ ମାତର୍ ବିସ୍‌ବାସିମନ୍ ଆସି ତାର୍ ଚାରିବେଟ୍‌ତି ଟିଆଅଇଲାକେ, ସେ ଉଟିକରି ତାକର୍ ସଙ୍ଗ୍ ଗଡ୍ ବିତ୍‌ରେ ବାଅଡ୍‌ଲା । ତାର୍ ଆର୍‌କର୍ ଦିନେ ସେ ଆରି ବର୍‌ନବା ଲୁସ୍‌ରା ଚାଡି ଦର୍‌ବିଏ ଗାଲାଇ । ୨୧ ପାଉଲ୍ ଆରି ବରନ୍‌ବା ଦର୍‌ବିତେଇ ସୁବ୍ କବର୍ ଜାନାଇକରି ବେସି ଲକ୍‌ମନ୍‌କେ ସିସ୍‌କଲାଇ । ତାର୍ ପଚେ ସେମନ୍ ଲୁସ୍‌ତାରା, ଦର୍‌ବି, ଇକନିଅ ଆରି ପିସିଦିଆର୍ ଆନ୍‌ଟିଅକିତେଇ ବାଉଡି ଗାଲାଇ । ୨୨ ସେମନ୍ ବିସ୍‌ବାସିମନ୍‌କେ ବିସ୍‌ବାସେ ଡାଟ୍‌ଅଇ ରଇବାକେ ସାର୍‌ଦା କଲାଇ । ସେମନ୍ ସିକିଆ ଦେଇ କଇଲାଇ, "ପରମେସରର୍ ରାଇଜେ କେଟ୍‌ବାକେ ଆଲେ ଆମ୍‌କେ ବେସି ଦୁକ୍‌କସ୍‌ଟ ଦେଇ ଜିବାକେ ଅଇସି ।" ୨୩ ସବୁ ମଣ୍ଡଲିର୍ ପାର୍‌ଚିନ୍‌ମନ୍‌କେ ବାଚ୍‌ଲାଇ ଆରି ଜନ୍ ମାପ୍‌ରୁର୍‌ତେଇ ସେମନ୍ ବିସ୍‌ବାସ୍ କରି ରଇଲାଇ, ସେମନ୍‌କେ ପାର୍‌ତନା ଆରି ଉପାସ୍ ସଙ୍ଗ୍ ସର୍‌ପାଇଲାଇ । ୨୪ ପିସିଦିଆ ବାଟ୍‌ଦେଇ ସେମନ୍ ପପୁଲିଆଇ ଆଇଲାଇ । ୨୫ ତାର୍‌ପଚେ ପର୍‌ଗାଇ କେଟ୍‌ଲାଇ । ଆରି ମାପ୍‌ରୁର୍ କାତା ଜାନାଇ ଆତାଲିଆତେଇ ଗାଲାଇ । ୨୬ ଆତାଲିଆଇ ସେମନ୍ ପାନିଜାଜେ ଚଗି ଆନ୍‌ଟିଅକିଅତେଇ ବାଉଡି ଆଇଲାଇ । ଏ ଆନ୍‌ଟିକିଅର୍ ବିସ୍‌ବାସିମନ୍ ପାଉଲ୍

ଆରି ବର୍ନବାକେ ପର୍ମେସର୍ଟାନେ ସର୍ପାଇଦେଇକରି ବିନ୍
ଜାଗାମନ୍କେ ମାପ୍ରୁର୍ ବାକିଅ ଜାନାଇବାକେ ପାଟାଇରଇଲାଇ
। ୨୭ ସେମନ୍ ଆନ୍ଟିକିଅ କେଟି ମଣ୍ଡଲିର୍ ଲକ୍ମନ୍କେ
ରୁଣ୍ଡାଇଲାଇ । ପରମେସର୍ ତାକର୍ଟାନେ କରିରଇବା ସବୁ
କାମ୍ ସେମନ୍କେ ଜାନାଇଲାଇ । ଜିଉଦି ନ ଅଇଲା ଲକ୍ମନ୍
ଜିସୁଟାନେ ବିସ୍ବାସ୍ କର୍ବାକେ ପର୍ମେସର୍ କେନ୍ତି ବାଟ୍
ଉଗାଡ୍ଲା, ସେଟା ସବୁଜାକ ସେମନ୍କେ ଜାନାଇଲାଇ । ୨୮
ପାଉଲ୍ ଆରି ବର୍ନବା ତେଇ ବିସ୍ବାସିମନର୍ ସଙ୍ଗ୍ ବେସି ଦିନ୍
ଜାକ ରଇଲାଇ ।

**୧୫** ଜିଉଦାଇଅନି କେତେକ୍ ଲକ୍ ଆନ୍ଟିଅକ୍ ନଅରେ
ଆଇଲାଇ । ସେମନ୍ ଆନ୍ଟିଅକର୍ ବିସ୍ବାସି
ବାଇମନ୍କେ ଏନ୍ତି କଇକରି ସିକାଇଲାଇ, "ମସାର୍ ନିୟମ୍
ଇସାବେ ଜଦି ତମେ ସୁନତ୍ ନ ଉଆସ୍, ତମର୍ ପାପର୍ ଡଣ୍ଡେଅନି
ମୁକ୍ତି ନ ପାଆସ୍ ।" ୨ ଏ ବିସଇ, ସେମନର୍ ସଙ୍ଗ୍ ପାଉଲ୍
ଆରି ବର୍ନବା ବେସି ଦଦାପେଲା ଅଇଲାଇ । ତେବର୍ପାଇ
ଆନ୍ଟିଅକର୍ ବିସ୍ବାସିମନ୍ ରାଜି ଅଇଲାଇଜେ, ପାଉଲ୍ ଆରି
ବର୍ନବା ଆରି ଆନ୍ଟିଅକ୍ ମଣ୍ଡଲିଅନି କେତେ ଲକ୍ ଜିରୁସାଲାମେ
ଜାଅତ୍ ଆରି ତେଇର୍ ପାର୍ଚିନ୍ ଆରି ପେରିତ୍ ସିସ୍ମନର୍ ସଙ୍ଗ୍
ଏ ବିସଇ କାତା ଅଅତ୍ । ୩ ଆନ୍ଟିଅକର୍ ମଣ୍ଡଲି ସେମନ୍
ଜିବାଟା ସୁବିଦା କରିଦେଇ ପାଟାଇଲାଇ । ସେମନ୍ ପିନିସିଆ
ଆରି ସମିରଣ୍ ବାଟ୍ ଦେଇ ଜିବାବେଲେ, ଜିଉଦି ନଇଲା ଲକ୍ମନ୍
କେନ୍ତି ମନ୍ ବାଦ୍ଲାଇକରି ପରମେସର୍କେ ନାମ୍ଲାଇ, ସେ
ବିସଇ ଜାନାଇଲାଇ । ଏ କାତା ସୁନି ବିସ୍ବାସି ବାଇମନ୍ ବେସି
ସାର୍ଦା ଅଇଲାଇ । ୪ ସେମନ୍ ଜିରୁସାଲାମ୍ କେଟ୍ଲା ପଚେ
ମଣ୍ଡଲିର୍ ଲକ୍, ପେରିତ୍ ସିସ୍ମନ୍ ଆରି ମଣ୍ଡଲିର୍ ପାର୍ଚିନ୍ମନ୍କେ
ବେଟ୍ଅଇଲାଇ । ଆରି ପରମେସର୍ ତାକର୍ଲଗେ କରିରଇବା
କାମ୍ ବିସଇ ପାଉଲ୍ ଆରି ବର୍ନବାକେ ଜାନାଇଲାଇ । ୫
ମାତର୍ ପାରୁସି ଦଲର୍ କେତେଟା ବିସ୍ବାସିମନ୍ ଟିଆଅଇ
କଇଲାଇ, "ଜିଉଦି ନଇଲା ଲକ୍ମନ୍ ସୁନତ୍ ଅଇବାର୍ ଆଚେ
ଆକା ଆରି ମସାର୍ ବିନ୍ ନିୟମ୍ମନ୍ ମାନ୍ବାକେ ମିସା ସେମନ୍କେ
ସିକାଇବାର୍ ଆଚେ ।" ୬ ଏ ବିସଇ ଆଲ୍ଚନା କର୍ବାକେ
ପେରିତ୍ ସିସ୍ମନ୍ ଆରି ମଣ୍ଡଲିର୍ ପାର୍ଚିନ୍ ରୁଣ୍ଡଲାଇ । ୭
ବେସି ପର୍ ଦଦାପେଲା ଅଇଲା ପଚେ ପିତର୍ ଟିଆଅଇ କଇଲା,
"ମର୍ ବାଇବଇନିମନ୍ ଜିଉଦି ନଇଲା ଲକ୍ମନ୍, ସୁନିକରି
ବିସ୍ବାସ୍ କର୍ବାକେ ସେମନର୍ଟାନେ ସୁବ୍କବର ଜାନାଇବାକେ,
ଆଗେଅନି ମକେସେ ବାଚ୍ଲାଆଚେ । ଏଟା ତମେ ଜାନାସ୍ । ୮
ସବୁ ଲକ୍ମନର୍ କାତା ଜାନ୍ବା ପରମେସର୍ ଆମ୍କେ ଜେନ୍ତି
ସୁକଲ୍ ଆତ୍ମା ଦାନ୍ କଲା ଆଚେ, ସମାନ୍ ସେନ୍ତି ବିସ୍ବାସ୍
କର୍ବା ଜିଉଦି ନଇଲା ଲକ୍ମନ୍କେ ମିସା ଦାନ୍ଦେଇ ସେମନ୍କେ
ବାଚ୍ଲା ଆଚେ । ୯ ସେମନର୍ ଆରି ଆମର୍ ବିତ୍ରେ, ସେ
କାଇମିସା ବଡ୍ସାନ୍ ଦେକେ ନାଇ । ସେମନ୍ ଜିସୁକେ ବିସ୍ବାସ୍
କଲାର୍ପାଇ, ସେ ସେମନ୍କେ ସୁକଲ୍ କଲାଆଚେ । ୧୦ ସେନ୍ତି
ଆଲେ ଗଟେକ୍ ବଡ୍ ବଜ୍ ପିଟିଟେଇ ଲାଦିଦେଲାପାରା, ଆମର୍
ସବୁ ନିୟମ୍ ମାନ୍ବାର୍ ଆଚେ ବଲି କଇକରି ପର୍ମେସର୍କେ
କାଇକେ ପରିକା କଲାସ୍ନି? ଆଜି ଜନ୍ ବଜ୍ ବଇବାକେ, ଆମର୍
ଆନିଦାଦିମନ୍ କି ଆମେ ମିସା ବଇ ନାପାର୍ତେ ରଇଲୁ । ୧୧
ନାଇ, ମନେ ଏତାଇଦେକା, ଆମେ ଜେନ୍ତି ବିସ୍ବାସ୍ କରି ମାପ୍ରୁ
ଜିସୁ ଜିବନ୍ଦୁକାଇଲାକେ ମୁକ୍ତି ପାଇଆଚୁ, ସେମନ୍ ମିସା
ସେନ୍ତାରିସେ ।" ୧୨ ତାର୍ପଚେ ପାଉଲ୍ ଆରି ବର୍ନବାଟାନେଅନି
ଜିଉଦି ନଇଲା ଲକ୍ମନର୍ତେଇ ପରମେସର୍ ଜନ୍ ସବୁ କାବା
ଅଇଜିବା କାମ୍ମନ୍ ଆରି ଚକିତ୍ ବିସଇ କରି ରଇଲା, ସେ
ସବୁ କାତା ସୁନି ଦଲର୍ ସବୁ ଲକ୍ ଚିମ୍ରାଅଇ ରଇଲାଇ ।
୧୩ ସେମନ୍ କଇସାରାଇଲା ପଚେ ଜାକୁବ୍ କଇଲା, ଏ ମର୍
ବାଇବଇନିମନ୍ ମର୍ କାତା ସୁନା! ୧୪ ପରମେସର୍ ପର୍ତମେ
ଜିଉଦି ନଅଇଲା ଲକ୍ମନ୍କେ ଆଲାଦ୍ କରି, ତାର୍ ନିଜର୍ ଲକ୍
ଅଅତ୍ ବଲି, ତାକର୍ ବିତ୍ରେ ଅନି, ଲକ୍ମନ୍କେ ବାଚ୍ଲାଇ । ଏ
କାତା ସିମନ୍ ବୁଜାଇ ଦେଇଆଚେ । ୧୫ ପର୍ମେସର୍ କରିରଇବା
ଏ କାମ୍ ବବିସତ୍ବକ୍ତାମନ୍ କଇରଇବାଟା ସଙ୍ଗ୍ ସମାନ୍ ଆଚେ
। ୧୬ ମାପ୍ରୁ କଇଲା, "ତାର୍ ପଚେ ମୁଇ ନିଜେ ଦିନେକ୍ ବାଉଡି
ଆଇବି, ଆରି ଦାଉଦର୍ ବାଙ୍ଗିଜାଇରଇବା ରାଇଜ୍ ଆରିତରେକ୍
ତିଆର୍ କର୍ବି । ଜେନ୍ତିକି ସେଟା ପୁରାପୁରୁନ୍ ଡାଟ୍ ରଇସି ।
୧୭ ତେଇଅନି ସବୁଜାକ ମନସ୍ ଜାତି ମର୍ ଲଗେ ଆଇବାଇ,
ଜନ୍ ଜିଉଦି ନଇଲା ଲକ୍ମନ୍କେ ମାପ୍ରୁ ନିଜର୍ କର୍ବାକେ
ଡାକ୍ଲାଆଚେ ସେମନ୍ ସବୁ ଲକ୍ ମକେ ନାମ୍ବାଇ । ୧୮
ମାପ୍ରୁ ଏ କାତା କଇଲାନି, ଜେ କି ବେସି ଆଗ୍ତୁ ଏ କାତା
କଇରଇଲା ।" (aiōn g165) ୧୯ ଏବେ ଜାକୁବ୍ କଇବାକେ
ଆରାମ୍କଲା । ସେ କଇଲା, "ମର୍ ବିଚାର୍ ଇସାବେ, ଜନ୍
ଜିଉଦି ନଇଲା ଲକ୍ମନ୍ ପରମେସରର୍ ବାଟେ ବାଅଡ୍ଲାଇ
ଆଚତ୍, ଆମେ ଆରି ସେମନ୍କେ ଅଇରାନ୍ ନ କରୁ । ୨୦ ଏଲେ
ସେମନ୍ ଆରି ଜେନ୍ତିକି ପୁତ୍ଲା ଦେବ୍ତାମନ୍କେ ସର୍ପିଦେଲା
କାଇମିସା ଅସୁକଲ୍ କାଦି ନ କାଆ, ବିନ୍ ଲକର୍ ମାଇଜି କି
ମୁନୁସର୍ ସଙ୍ଗ୍ ମିସ୍ବାଟାନେଅନି ଦୁରିକେ ରଅତ୍, ଟଟ୍ରି ପିଚ୍କି
ମରାଇରଇବା ପସୁର୍ ମାଉଁସ୍ କି ବନି, ନ କାଅତ୍ ଏ ସବୁ
ବିସଇଟାନେ ସେମନ୍କେ ଉପ୍ଦେସ୍ ଦେଇ, ସେମନର୍ ଲଗେ
ଗଟେକ୍ ଚିଟି ଲେକୁ । ୨୧ କାଇକେବଇଲେ ବେସି ଦିନେଅନି ସବୁ
ବିସ୍ରାମ୍ବାରେ ଆମର୍ ପାର୍ତନା ଗର୍ମନ୍କେ ମସାର୍ ନିୟମ୍
ପଡ୍ଲାଇନି, ଆରି ସବୁ ଗଡେ ସେ ନିୟମ୍ମନ୍ ଜାନାଇଲାଇନି
।" ୨୨ ପଚେ ପେରିତ୍ ସିସ୍ମନ୍, ମଣ୍ଡଲିର୍ ପାର୍ଚିନ୍ମନ୍, ଆରି
ସବୁ ମଣ୍ଡଲିର୍ ବାଇମନ୍ ରୁଣ୍ଡଲାଇ । ସେମନ୍ ରାଜିଅଇରଇବା
କାତା ଆନ୍ଟିଅକର୍ ବିସ୍ବାସିମନ୍କେ ଜାନାଇବାକେ ପାଉଲ୍
ଆରି ବର୍ନବା ସଙ୍ଗ୍ ଜିବାକେ କେତେଲକ୍କେ ବାଚ୍ଲାଇ ।
ବର୍ସବା ନାଉଁର୍ ଜିଉଦା ଆରି ସିଲାକେ ବାଚ୍ଲାଇ । ଏ

ଦୁଇଲକ୍‌କେ ସବୁ ବିସ୍‌ବାସିମନ୍ ସନ୍‌ମାନ୍ ଦେଇତେରଇଲାଇ ।
**୨୩** ବିସ୍‌ବାସିମନ୍ ଏ ତଲେ ଲେକାଅଇଲା ଚିଟି, ସେ ଦୁଇ ଲକର୍
ଆତେ ପାଟାଇଲାଇ । "ଆନ୍‌ଟିଅକ, ସିରିଆ ଆରି ସିଲିସିଆ
ରଇବା ଜିଉଦିନଇଲା ଆମର୍ ବାଇମନ୍, ଜୁଆର୍! ଜିରୁସାଲମର୍
ପେରିତ୍‌ମନ୍, ପାର୍‌ଚିନ୍‌ମନ୍ ଆରି ତମର୍ ବାଇମନ୍, ଏ ଚିଟି
ପାଟାଇଲୁନି । **୨୪** ଆମେ ସୁନ୍‌ଲୁନି ଜେ, ଆମର୍ ଦଲେଅନି
କେତେ ଲକ୍ ତମର୍‌ଟାନେ ଆସି, ଜାଇଜାଇଟା ସିକାଇଆଚତ୍,
ତେଇଅନି ସେମନ୍ ତମ୍‌କେ କଚପଚ ଆରି ତେରେପେତେ
କଲାଇଆଚତ୍ । ମାତର୍ ଆମେ ସେମନ୍‌କେ ସେନ୍ତାରି କର୍‌ବାକେ,
କାଇମିସା ଆଦେସ୍ ଦେଉନାଇ । **୨୫** ସେଟାର୍ ପାଇ ଆମେ
ସବୁ ଲକ୍ ଗଟେକ୍ ଅଇକରି କେତେଟା କବର୍ କଉମନ୍‌କେ
ବାଚି, ତମର୍ ଲଗେ ପାଟାଇବାକେ ଟିକ୍ କଲୁ । ସେମନ୍ ଆମର୍
ଆଲାଦର୍ ମଇତର୍‌ମନ୍, ବର୍‌ନବା ଆରି ପାଉଲର୍ ସଙ୍ଗ୍ ଜିବାଇ
। **୨୬** ଏ ମଇତର୍‌ମନ୍ ମାପ୍‌ରୁ ଜିସୁର୍ ସେବାତେଇ ନିଜର୍
ଜିବନ୍ ସର୍‌ପିଦେଇ ଆଚତ୍ । **୨୭** ସେଟାର୍ ପାଇ ଜିଉଦା
ଆରି ସିଲାକେ ତମର୍ ଲଗେ ପାଟାଇଲୁନି । ଆମେ ଜାଇଟା
ଲେକିଆଚୁ, ସେଟା ତମ୍‌କେ ସେମନ୍ ନିଜେ ବାତାଇଦେବାଇ ।
**୨୮** କେତେଟା ଦର୍‌କାର୍ ରଇଲା ନିୟମ୍ ଚାଡି, ତମର୍ ଉପ୍‌ରେ
ଆରି କାଇମିସା ବଜ୍ ନ ଲାଦ୍‌ବାକେ ଆମେ ସୁକଲ୍‌ଆତ୍‌ମାଇ
ଅନି ଚାଲ୍‌ନା ପାଇଲୁଆଚୁ । **୨୯** ସେ କେତେଟା ନିୟମ୍ ଅଇଲାନି
ପୁତ୍‌ଲା ଦେବ୍‌ତାମନ୍‌କେ ପୁଜା କରିରଇବା କାଇମିସା କାଦି
କାଇବାର୍ ନାଇ । ଟଟ୍‌ରି ପିଚ୍‌କି ମରାଇଲା କନ୍ ମିସା ପସୁର୍
ବନି କି ମାଉଁସ୍ କାଇବାର୍ ନାଇ । ଆରି ବିନ୍ ମାଇଜି କି ମୁନୁସର୍
ମିଲାମିସା ଟାନେଅନି ଦୁରିକେ ରଇବାର୍ । ଏ ସବୁ କାମ୍ ନ
କର୍‌ବାକେ ତମେ ଜାଗ୍‌ରତ୍ ରଇଲେ, ଅଇଜାଇସି । ଏତ୍‌କିକେ
ରଇଲୁନି ।" **୩୦** ଜନ୍ କବର୍ କଉମନ୍‌କେ ପାଟାଇ ରଇଲାଇ,
ସେମନ୍ ଆନ୍‌ଟିଅକ୍‌ତେଇ ଜାଇ ବିସ୍‌ବାସିମନର୍ ସବୁ ଦଲ୍‌କେ
ରୁଣ୍ଡାଇକରି ସେ ଚିଟି ଦେଲାଇ । **୩୧** ତେଇର୍ ବିସ୍‌ବାସିମନ୍ ସେ
ଚିଟି ପଡିକରି ବେସି ସାର୍‌ଦା ଅଇଗାଲାଇ । **୩୨** ଜିଉଦା ଆରି
ସିଲା ନିଜେ ଦୁଇ ଲକ୍ ବବିସତ୍‌ବକ୍‌ତା ରଇଲାଇ । ସେମନ୍
ଆନ୍‌ଟିଅକର୍ ବିସ୍‌ବାସି ବାଇମନ୍‌କେ ବେସିଦିନ୍ ରଇକରି,
କବର୍ ଜାନାଇ, ସେମନର୍ ବିସ୍‌ବାସ୍ ଡାଟ୍ କଲାଇ । **୩୩**
ତେଇ କେତେ ଦିନ୍ ରଇଲା ପଚେ, ଜନ୍‌ଲକ୍‌ମନ୍ ସେମନ୍‌କେ
ପାଟାଇରଇଲାଇ, ସେମନର୍ ଲଗେ ବାଉଡି ଜିବାକେ, ବିସ୍‌ବାସି
ବାଇମନ୍ ସେମନ୍‌କେ ସାନ୍ତି ସଙ୍ଗ୍, ପାଟାଇ ଦେଲାଇ । **୩୪**
ମାତର୍ ସିଲା ତେଇସେ ରଇବାଟା ଟିକ୍ ବଲି ତେଇ ରଇବାକେ
ମନ୍ କଲା । **୩୫** ପାଉଲ୍ ଆରି ବର୍‌ନବା ଆନ୍‌ଟିଅକ୍‌ତେଇ
କେତେ ଦିନ୍ ରଇକରି ବେସି ଲକ୍‌ମନର୍ ସଙ୍ଗ୍, ମିସିବିଡି ମାପ୍‌ରୁର୍
ବାକିଅ ଜାନାଇଲାଇ ଆରି ସିକିଆ ଦେଲାଇ । **୩୬** କେତେ ଦିନ୍
ପଚେ ପାଉଲ୍ ବର୍‌ନବାକେ କଇଲା, "ଜୁ, ଆମେ ବାଉଡି ଜୁ,
ସବୁ ଗଡ୍‌ମନ୍‌କେ, ଆମର୍ ଜନ୍ ବାଇମନ୍‌କେ ମାପ୍‌ରୁର୍ ବାକିଅ
ଜାନାଇ ରଇଲୁ, ସେମନ୍‌କେ ବେଟ୍ ଅଉଁ ଆରି ସେମନ୍ ବିସ୍‌ବାସେ
କେନ୍ତି ଆଚତ୍ ବୁଜି ଦେକୁ ।" **୩୭** ଜଅନ୍ ମାର୍‌କକେ ମିସା ତାକର୍
ସଙ୍ଗ୍ ନେବାକେ ବର୍‌ନବା ମନ୍ କଲା । **୩୮** ମାତର୍ ପାଉଲ୍
କଇଲା "ନିଚୁ, କାଇକେ ବଇଲେ, ପପୁଲିଆଇ ଜନ୍ ଦିନେ ଆମର୍
କାମ୍ ସାରି ନ ରଇଲା, ସେ ଆମ୍‌କେ ଚାଡି ବାଉଡି ଉଟିଆଇଲା
।" **୩୯** ଏ ବିସଇ, ବେସି କୁଆବଲା ଅଇଲାଇ ଆରି ସେମନ୍ ବିନେ
ଅଇଲାଇ । ବର୍‌ନବା ଜଅନ୍‌ମାରକକେ ନେଇ ସାଇପରସେ
ଜିବା ପାନିଜାକେ ଚଗ୍‌ଲାଇ । **୪୦** ମାତର୍ ପାଉଲ୍ ତାର୍‌ସଙ୍ଗ୍
ଜିବାକେ ସିଲାକେ ବାଚ୍‌ଲା । ଆରି ମାପ୍‌ରୁର୍ ଜିବନ୍‌ଦୁକାନି
ତେଇ ସେମନ୍‌କେ ସର୍‌ପିଦେଇ, ବିସ୍‌ବାସିମନ୍ ପାଟାଇ ଦେଲାଇ
। **୪୧** ପାଉଲ୍ ଆରି ସିଲା, ସିରିଆ ଆରି ସିଲିସିଆଇ ବୁଲି ବୁଲି
କରି ତେଇର୍ ମଣ୍ଡଲିମନ୍‌କେ ଡାଟ୍ କରାଇଲାଇ ।

**୧୬** ତେଇଅନି ପାଉଲ୍ ଦର୍‌ବି ଆରି ଲୁସ୍‌ତାରାଇ ଆଇଲା
। ସେ ନଅରେ ତିମତି ନାଉଁର୍ ଗଟେକ୍ ବିସ୍‌ବାସି ଲକ୍
ରଇଲା । ତାର୍ ମାଆ ଗଟେକ୍ ଜିଉଦି ବିସ୍‌ବାସି ରଇଲା
। ମାତର୍ ତାର୍ ବାବା ଗଟେକ୍ ଗିରିକ୍ ଲକ୍ ରଇଲା । **୨**
ଲୁସ୍‌ତାରା ଆରି ଇକନିଅତେଇ ରଇବା ସବୁ ବିସ୍‌ବାସି ବାଇମନ୍
ତିମତିକେ ସନ୍‌ମାନ୍ କର୍‌ତେରଇଲାଇ । **୩** ପାଉଲ୍ ତାର୍
ସଙ୍ଗ୍ ତିମତିକେ ନେବାକେ ମନ୍ କଲା, ସେଟାର୍‌ପାଇ ଜିବା
ଆଗ୍‌ତୁ ମସାର୍ ନିୟମ୍ ଇସାବେ ତାକେ ସୁନତ୍ କଲା ।
ଜେନ୍ତିକି ସେ ଜାଗାର୍ ଜିଉଦିମନ୍ ତାକେ ନିନ୍ଦା ନ କରତ୍ ।
କାଇକେବଇଲେ ତେଇର୍ ଲକ୍‌ମନ୍ ତିମତିର୍ ବାବା ଗିରିକ୍ ଲକ୍
ବଲି ଜାନିରଇଲାଇ । **୪** ସେମନ୍ କେଟ୍‌ଲା ସବୁ ଜାଗାଇ ଜିଉଦି
ନ ଅଇଲା ବିସ୍‌ବାସିମନର୍‌ପାଇ, ଜିରୁସାଲମର୍ ପାର୍‌ଚିନ୍‌ମନ୍
ଆରି ପେରିତ୍‌ମନ୍ ରାଜି ଅଇରଇବା ନିତିନିୟମ୍ ବିସଇ କଇଲାଇ
। ଏ ସବୁ ନିୟମ୍ ମାନ୍‌ବାକେ ବିସ୍‌ବାସିମନ୍‌କେ କଇଲାଇ । **୫**
ସେଟାର୍‌ପାଇ ମଣ୍ଡଲିମନର୍ ଲକ୍‌ମନ୍ ବିସ୍‌ବାସେ ଡାଟ୍ ଅଇଲାଇ
ଆରି ଦିନ୍‌କେ ଦିନ୍ ତାକର୍ ବିସ୍‌ବାସ୍ ବଡ୍‌ବାର୍ ଦାର୍‌ଲାଇ
। **୬** ସୁକଲ୍‌ଆତ୍‌ମା ସେମନ୍‌କେ ଆସିଆ ଦେସେ ମାପ୍‌ରୁର୍
କାତା କଇବାକେ ଚାଲ୍‌ନା ଦେଅତ୍‌ନାଇକେ, ସେମନ୍ ପିରିଜିଆ
ଆରି ଗାଲାତିଅ ଜାଗାଇ ଗାଲାଇ । **୭** ମିସିଆର୍ ସନ୍ଧିଲଗେ
କେଟି ବିତିନିଆ ରାଇଜେ ଜିବାକେ ଚେସ୍‌ଟା କଲାଇ । ମାତର୍
ବାରଇଲାବେଲେ ଜିସୁର୍‌ଲାଗି ତାକର୍ ବିତ୍‌ରେ ରଇବା ସୁକଲ୍
ଆତ୍‌ମା, ସେମନ୍‌କେ ଜିବାକେ ଚାଲ୍‌ନା ଦେଏନାଇ । **୮** ସେଟାର୍
ପାଇ ସେମନ୍ ମିସିଆବାଟ୍ ଦେଇ ତରଆତେଇ ଗାଲାଇ । **୯**
ତରଆଇ ରଇଲାବେଲେ, ସେ ରାତିଆ ପାଉଲ୍ ଗଟେକ୍ ଦର୍‌ସନ୍
ଦେକ୍‌ଲା । ସେ ଦର୍‌ସନେ ମାସିଦନିଆର୍ ଗଟେକ୍ ଲକ୍ ଟିଆଅଇ
ବାବୁଜିଆ କରି କଇଲା "ମାସିଦନିଆଇ ଆସି ଆମ୍‌କେ ସାଇଜ
କରା!" **୧୦** ପାଉଲ୍ ଏ ଦର୍‌ସନ୍ ଦେକ୍‌ଲା ଦାପ୍‌ରେ, ମାସିଦନିଆଇ
ଜିବାକେ ଆମେ ତିଆର୍ ଅଇଲୁ, କାଇକେବଇଲେ ଆମେ ନିକ
ସଙ୍ଗ୍ ଜାନ୍‌ଲୁ, ପର୍‌ମେସର୍ ତେଇର୍ ଲକ୍‌ମନର୍ ବିତ୍‌ରେ, ସୁବ୍

କବର୍ ଜାନାଇବାକେ ଆମ୍କେ ଡାକ୍ଲା ଆଚେ । **୧୧** ଆମେ
ତରଆଅନି ଜାଜେ ଚଗି ସିଦା ସାମ୍ତରା ଗାଲୁ ଆରି ତାର୍
ଆର୍କର୍ ଦିନେ ନିଆପଲି କେଟ୍ଲୁ । **୧୨** ତେଇଆମେ ଉତ୍ରିକରି
ମାସିଦନିଆ ଜିଲାର୍ ମୁକିଅ ଗଡ୍ ପିଲିପେ ଗାଲୁ । ଏ ଗଡ୍
ଗଟେକ୍ ରମିୟ୍ ଦଲ୍ ରଇବା ଗଡ୍ ରଇଲା । ତେଇ ଆମେ ବେସି
ଦିନ୍ ଜାକ ରଇଲୁ । **୧୩** ବିସ୍ରାମ୍ବାରେ ଗଡ୍ ବାଇରର୍ ଗାଡ୍
କଣ୍ଡି ଗାଲୁ । ତେଇ ଜିଉଦିମନ୍ ରୁଣ୍ଡିକରି ପାର୍ତନା କର୍ବାକେ
ଗଟେକ୍ ଜାଗା ବଲି ବାବ୍ଲୁ । ଆମେ ତେଇ ବସ୍ଲୁ ଆରି ତେଇ
ରୁଣ୍ଡି ରଇବା ମାଇଜି ମନର୍ ସଙ୍ଗ୍ କାତାବାର୍ତା ଅଇଲୁ । **୧୪**
ସେମନର୍ ବିତ୍ରେଅନି ତୁୟଟିରା ଗଡର୍ ଲୁଦିଆ ନାଉଁର୍ ଗଟେକ୍
ମାଇଜି, ଆମର୍ କାତା ସୁନ୍ତେରଇଲା । ସେ ବେସି ଦାମ୍ ଅଇବା
ଜାମ୍କଲିଆ ରଙ୍ଗର୍ ଲୁଗା ବିକ୍ତେରଇଲା । ସେ ପରମେସର୍କେ
ପାର୍ତନା କର୍ବା, ଜିଉଦି ନ ଅଇଲା ଲକ୍ । ପାଉଲ୍ ମାପ୍ରୁର୍
କାତା କଇଲାବେଲେ ସେଟା ନାମ୍ବାକେ ମାପ୍ରୁ ତାର୍ ମନ୍
ଉଗାଡିଦେଲା । **୧୫** ବିସ୍ବାସ୍ କଲାପଚେ, ସେ ଆରି ତାର୍
କୁଟୁମର୍ ଲକ୍ ଡୁବନ୍ ନେଲାଇ । ତାର୍ ପଚେ ସେ ଆମ୍କେ
ଡାକିକରି କଇଲା, "ଜଦି ସତଇସେ ମୁଇ ମାପ୍ରୁକେ ବିସ୍ବାସ୍
କଲିନି ବଲି ତମେ ବାବ୍ଲାସ୍ନି, ତେବେ ଆସି ମର୍ ଗରେ ରୁଆ
।" ସେ ଏନ୍ତି କଇ ଆମ୍କେ ତାର୍ ଗରେ ଜିବାକେ ସୁତ୍ରାଇଲା ।
**୧୬** ଆରି ଗଟେକ୍ଦିନେ ଆମେ ପାର୍ତନା ଜାଗାଇ ଜାଇରଇଲୁ ।
ତେଇ ଡୁମା ଡସିରଇବା ଗଟେକ୍ ଗତିଦାଙ୍ଗ୍ଡିକେ ବେଟ୍ଅଇଲୁ ।
ସେ ତାର୍ ବିତ୍ରେ ରଇଲା କାରାପ୍ଆତ୍ମାର୍ ବପୁ ସଙ୍ଗ୍ ବବିସତ୍
କାତା କଇପାର୍ତେ ରଇଲା । ସେ ଲକ୍ମନର୍ ଆତ୍ ଦେକି,
ବବିସତ୍ କାତା କଇଦେଇକରି, ସାଉକାର୍ମନ୍କେ ବେସି ଡାବୁ
କାମାଇଦେଇତେରଇଲା । **୧୭** ଆମେ ତାର୍ଲଗେ ଗାଲାକେ,
ସେ ପାଉଲ୍ ବଲି କିର୍କିରି ଆମର୍ ପଚ୍ ପଚ୍ ଆଇଲା । ଆରି
କଇଲା, "ଏ ଲକ୍ମନ୍ ସବୁର୍ଟାନେଅନି ବଡ୍ ପରମେସରର୍
ସେବାକରୁମନ୍ । ତମେ କେନ୍ତି ମୁକ୍ତି ପାଇସା, ଏ କାତା ସେମନ୍
କଇଲାଇନି ।" **୧୮** ସେ ଦାଙ୍ଗ୍ଡି ବେସି ଦିନ୍ ଦାରି ଏନ୍ତି କଲା
। ସାରାସାରିପଚେ ପାଉଲ୍ ବିଜାର୍ ଅଇଲା । ସେ ପଚ୍ବାଟେ
ପାସ୍ଲି ଦେକି କାରାପ୍ଆତ୍ମାକେ ଦମ୍କାଇକରି କଇଲା, "ଜିସୁ
କିରିସ୍ଟର୍ ନାଉଁ ଦାରି ଆଦେସ୍ ଦେଲିନି, ତାର୍ତେଇଅନି ବାରଇ
ଜା ।" ସେ କଇଲା ଦାପ୍ରେ, କରାପ୍ ଆତ୍ମା ତାର୍ତେଇଅନି
ବାରଇଗାଲା । **୧୯** ଜେଡେବେଲ୍ ତାକର୍ ସାଉକାର୍ମନ୍କେ
ନିଜର୍ ଦନ୍ ଅରଜ୍ବାଟା, ବୁଡିଗାଲା ବଲି ଜାନ୍ଲାଇ, ପାଉଲ୍
ଆରି ସିଲାକେ ଗଡର୍ ମଜାଇ ରଇବା ରମିଅ ଅଦିକାରିର୍ ଲଗେ
ଜିକି ଆନ୍ଲାଇ । **୨୦** ସେମନ୍କେ ତାକର୍ ମୁଆଟେ ଆନି
ଦସ୍ଦେଇ କରି କଇଲାଇ "ଏମନ୍ ଜିଉଦି ଲକ୍, ଆମର୍ ଗଡେ
ଆସି ଗଣ୍ଡଗଲ୍ କଲାଇନି ।" **୨୧** ଆମର୍ ନିୟମ୍ ବିରଦେ ରିତିନିତି
ସିକାଇଲାଇନି । ଆମେ ରମିଅ ଲକ୍, ସେଟାର୍ ପାଇ ଏ ରିତିନିତି
ମାନି ନାପାରୁ । **୨୨** ସାଉକାର୍ ମନର୍ କାତାମିସାଇ ତେଇ
ରଇଲା ଲକ୍ମନ୍, ପାଉଲ୍ ଆରି ସିଲାର୍ ବିରଦେ ଉଟ୍ଲାଇ । ସେ
ଅଦିକାରିମନ୍ ପାଉଲ୍ ଆରି ସିଲାର୍ ବସ୍ତର୍ ଚିରିକରି କର୍ଡା
ସଙ୍ଗ୍ ମାର୍ବାକେ ଆଦେସ୍ ଦେଲାଇ । **୨୩** ବେସି ମାଡ୍କାଇଲା
ପଚେ ସେମନ୍କେ ବନ୍ଦି ଗରେ ପୁରାଇଲାଇ ଆରି କୁଟିଦେଇ
ଜାଗ୍ବାକେ ବନ୍ଦି ଗର୍ ଜାଗୁଆଲ୍କେ ଆଦେସ୍ ଦେଲାଇ । **୨୪** ଏ
ଆଦେସ୍ ପାଇ ବନ୍ଦି ଗର୍ ଜାଗୁଆଲ୍ ସେମନ୍କେ ଗଟେକ୍ ବିତ୍ରର୍
ବାକ୍ରାଇ ପୁରାଇ ଦେଇ, ବଜ୍ରଇବା ଦାରୁମୁଟ୍ଲାଇ ତାକର୍
ଗଡ୍ ବାନ୍ଦିଦେଲା । **୨୫** ପାଉଲ୍ ଆରି ସିଲା ମଜା ରାତି ବେଲାଇ
ପର୍ମେସର୍କେ ପାର୍ତନା କରି ଗିତ୍ ଗାଇତେ ରଇଲାଇ । ବନ୍ଦି
ଗରେ ରଇବା ବିନ୍ଲକ୍ମନ୍ ସେଟା ସବୁ ସୁନ୍ତେ ରଇଲାଇ । **୨୬**
ସେଡ୍କିବେଲେ, ଅଟାତ୍ ବେସି ଦର୍ତନି ଚୁଲ୍ବୁଲ୍ଲା ଆରି ବନ୍ଦି
ଗରର୍ ପାକାଇଲା କୁନାଦି ପାକ୍ନା ଆଲିଗାଲା, ସେ ଦାପ୍ରେ
କାପାଟ୍ମନ୍ ଉଗାଡି ଅଇଗାଲା ଆରି ସବୁ ବନ୍ଦିମନର୍ ସିକ୍ଲି
କୁସ୍ଲି ଗାଲା । **୨୭** ବନ୍ଦି ଗରର୍ ଜାଗୁଆଲ୍ ଚେତାଅଇ ଉଟ୍ଲା
ଆରି ବନ୍ଦି ଗରର୍ କାପାଟ୍ ଉଗ୍ଡା ଅଇରଇଲାଟା ଦେକ୍ଲା । ସେ
ବନ୍ଦିମନ୍ ସବୁ ପାଲାଇ ଆଚତ୍ ବଲି ବାବ୍ଲା । ସେଟାର୍ ପାଇ
ସେ ତାର୍ କାଣ୍ଡା ବେଟି ବୁସି ଅଇ ମର୍ବାକେ ଜାଇତେ ରଇଲା ।
**୨୮** ମାତର୍ ପାଉଲ୍ ଆଉଲିଅଇ କଇଲା, "ନିଜେ ତର୍ ଗାଗଡ୍
କାଟିଅଇ ନସାନାଇ । ଆମେ ସବୁ ଲକ୍ ଇତି ଆଚୁ! କେ ପାଲାଉ
ନାଇ ।" **୨୯** ବନ୍ଦି ଗର୍ ଜାଗୁଆଲ୍ ଗଟେକ୍ ବତି ଆନ୍ବାକେ
ତିଆର୍ଲା । ଆରି ସେ ବତି ଦାର୍ଲା ଆରି ତର୍ତରି ତର୍ତରି
ଆସି ପାଉଲ୍ ଆରି ସିଲାର୍ ଗଡ୍ ତଲେ ଅଦର୍ଲା । **୩୦** ତାର୍
ପଚେ ସେମନ୍କେ ବାଇରେ ନେଇ ପାଚାର୍ଲା, "ଆଗିଆଁମନ୍!
ପର୍ମେସରର୍ ଡଣ୍ଡେଅନି ରକିଆ ପାଇବାକେ ମୁଇ କାଇଟା
କର୍ବାର୍ ଆଚେ?" **୩୧** ସେମନ୍ କଇଲାଇ, "ମାପ୍ରୁ ଜିସୁକେ
ବିସ୍ବାସ୍ କଲେ, ତୁଇ ଆରି ତମର୍ କୁଟୁମର୍ ସବୁ, ମୁକ୍ତି
ପାଇସା ।" **୩୨** ତାର୍ ପଚେ ସେମନ୍ ତାକେ ଆରି ତାକର୍ ଗରର୍
ସବୁ ଲକ୍କେ ମାପ୍ରୁର୍ ବାକିଅ କଇଲାଇ । **୩୩** ସେ ଦାପ୍ରେ
ମଜାରାତି ବେଲେ, ବନ୍ଦି ଗର୍ ଜାଗୁଆଲ୍ ସେମନ୍କେ ଡାକିନେଇ
ସେମନର୍ ଗାଉ ଅଇଲାଟା ସବୁ ଦଇଦେଲା । ତାର୍ପଚେ ସେ
ଆରି ତାର୍ କୁଟୁମର୍ ସବୁ ଲକ୍ ଡୁବନ୍ ନେଲାଇ । **୩୪** ତାର୍ପଚେ
ସେ ପାଉଲ୍ ଆରି ସିଲାକେ ତାକର୍ ଗରେ ଡାକିନେଇ କାଇବାକେ
ଦେଲା । ତେଇ ପରମେସର୍କେ ବିସ୍ବାସ୍ କଲାର୍ ପାଇ ସେ
ଆରି ତାର୍ କୁଟୁମର୍ ସବୁ ଲକ୍ମନ୍ ସାର୍ଦା ଅଇଗାଲାଇ । **୩୫**
ଆରିଗଟେକ୍ ଦିନର୍ ସାକାଲେ ରମିଅ ସାସନ୍କାରିଆମନ୍ ସେ
ଲକ୍ମନ୍କେ ଚାଡି ଦିଆସ୍ ବଲି ଜାଗୁଆଲ୍ମନ୍କେ କଇକରି
ପାଟାଇଲାଇ । **୩୬** ସେଟାର୍ ପାଇ ବନ୍ଦିଗର୍ ଜାଗୁଆଲ୍ ପାଉଲ୍କେ
କଇଲା, "ରମିଅ ସାସନ୍କାରିଆ ତମ୍କେ ଆରି ସିଲାକେ ଚାଡି
ଦେବାକେ ଆଦେସ୍ ଦେଲା ଆଚେ । ଏବେ ତମେ ଏ ଜାଗାଇଅନି
ସାନ୍ତି ସଙ୍ଗ୍ ଉଟି ଜା ।" **୩୭** ମାତର୍ ପାଉଲ୍ ସନିଅମନ୍କେ
କଇଲା, "କାଇମିସା ଅପ୍ରାଦେ ଦସି ଅଇ ନ ରଇଲେ ମିସା,

ସେମନ୍ ଆମ୍‌କେ ଲକ୍‌ମନର୍ ମୁଆଟେ ମାର୍‌ଲାଇ । ଆମେ ରମିଅ
ଲକ୍, ମାତର୍ ସେମନ୍ ଆମ୍‌କେ ବନ୍ଦି କଲାଇ । ଏବେ ଆମ୍‌କେ
ଲୁଚ୍‌ତେ ଚାଡିଦେବାକେ ମନ୍ କଲାଇନି । ଏଟା କର୍‌ବାକେ
ଆମେ ନ ଦେଉଁ । ରମିୟ ଅଦିକାରି ନିଜେ ଆସି ଇତି ଆମ୍‌କେ
ମୁକ୍‌ଲାଅ ।” **୩୮** ସନିଅମନ୍ ରମିଅ ସାସନ୍‌କାରିଆକେ ଏ କାତା
ଜାନାଇଲାଇ । ପାଉଲ୍ ଆରି ସିଲା ରମିଅ ଲକ୍ ବଲି ସୁନି
ସେମନ୍ ଡରିଗାଲାଇ । **୩୯** ସେଟାର୍‌ପାଇ ବନ୍ଦିଗରେ ଜାଇ
ସେମନ୍‌କେ କେମା ମାଙ୍ଗ୍‌ଲାଇ ଆରି ସେମନ୍‌କେ ବନ୍ଦି ଗରେଅନି
ବାର୍‌କରାଇ ଗଡ୍ ଚାଡି ଉଟିଜିବାକେ ବାବୁଜିଆ କଲାଇ । **୪୦**
ପାଉଲ୍ ଆରି ସିଲା ବନ୍ଦି ଗରେଅନି ବାରଇ ଲୁଦିଆର୍ ଗରେ
ଗାଲାଇ । ତେଇ ସେମନ୍ ବିସ୍‌ବାସି ବାଇମନ୍‌କେ ବେଟ୍ ଅଇ,
ସେମନ୍‌କେ ସାର୍‌ଦା କରାଇ, ସେ ଜାଗା ଚାଡିଉଟିଗାଲାଇ ।

**୧୭** ପାଉଲ୍ ଆରି ସିଲା ଅମ୍ପିପଲି ଆରି ଆପଲନିଆ
ବାଟ୍‌ଦେଇ ତେସ୍‌ଲନି ଜାଗାଇ କେଟ୍‌ଲାଇ । ତେଇ
ଜିଉଦିମନର୍ ଗଟେକ୍ ପାର୍‌ତନା ଗର୍ ରଇଲା । **୨** ପାଉଲ୍
ତାର୍ ରିତିନିତି ଇସାବେ, ପାର୍‌ତନା ଗରେ ଗାଲା । ତେଇ
ସେ ଲାଗି ଲାଗି ତିନ୍‌ଟା ବିସ୍‌ରାମ୍‌ବାରେ ଲକ୍‌ମନର୍ ସଙ୍ଗ୍
କାତାବାର୍‌ତା କଲା । **୩** ଦରମ୍ ସାସ୍‌ତର୍ ପଡିକରି ବୁଜାଇଲା
ଜେ, ମସିଅ ଦୁକ୍ ପାଇବାର୍ ରଇଲା ଆରି ପର୍‌ମେସର୍ ତାକେ
ମଲାତେଇଅନି ଉଟାଇବାର୍ ରଇଲା । ପାଉଲ୍ କଇଲା, “ଜନ୍
ଜିସୁର୍ ବିସଇ ମୁଇ ଜାନାଇଲି, ସେ ଅଇଲାନି ମସିଅ ।” **୪**
ସେମନର୍ ବିତ୍‌ରେଅନି କେତେ ଲକ୍ ଏଟା ବିସ୍‌ବାସ୍ କଲାଇ ।
ପାଉଲ୍ ଆରି ସିଲାର୍ ସଙ୍ଗ୍ ମିସ୍‌ଲାଇ । ସେନ୍ତି ଡାକ୍‌ପୁଟା ରଇବା
ମାଇଜିମନ୍ ଆରି ପରମେସର୍‌କେ ପାର୍‌ତନା କର୍‌ବା ଗିରିକ୍
ମନର୍ ଗଟେକ୍ ବଡ୍ ଦଲ୍ ମିସା ସେମନର୍ ସଙ୍ଗ୍ ମିସ୍‌ଲାଇ ।
**୫** ମାତର୍ କେତେଟା ଜିଉଦିମନ୍ ପାଉଲ୍ ଆରି ସିଲାକେ କୁଟ୍
କରି, କାଇ କାମ୍ ନ କର୍‌ବା ଅଲ୍‌ସିଆ ଲକ୍‌ମନ୍‌କେ ଏକ୍‌ଜୁଟ୍
କଲାଇ, ଆରି ଟୁଲିଆଇ, ଗୁଲାଇ ଗଡ୍ ଜାକର୍ ଲକ୍‌କେ ଉସ୍‌କାଇ
ରିସା କରାଇଲାଇ । ସେମନ୍ ପାଉଲ୍ ଆରି ସିଲାକେ କଜି
ଆନ୍‌ବାକେ ଗଟେକ୍ ଜେସନ୍ ନାଉଁର୍ ଗରେ ଜାଇ, ତାର୍ ଗର୍
ଚପିପାକାଇଲାଇ । **୬** ମାତର୍ ତେଇ ପାଉଲ୍ ଆରି ସିଲା ଡିସତ୍
ନାଇଜେ, ସେମନ୍ ଜେସନ୍ ଆରି ବିନ୍ କେତେଟା ବିସ୍‌ବାସି
ବାଇମନ୍‌କେ, ଗଡର୍ ନେତାମନର୍ ଲଗେ ଜିକିନେଇ ଆଉଲିଅଇ
କଇଲାଇ, “ଏ ଲକ୍‌ମନ୍ ଚାରିବେଟ୍‌ତି ଗଣ୍ଡଗଲ୍ କଲାଇନି!
ଏବେ ଆମର୍ ଗଡେ ମିସା ଆଇଲାଇ ଆଚତ୍ **୭** ଆରି ଏସନ୍
ସେମନ୍‌କେ ତାର୍ ଗରେ ରକିରଇଲା । ଜିସୁ ନାଉଁ ଦାରି ଆରି
ଗଟେକ୍ ରାଜା ଆଚେ ବଲି କଇକରି ସେମନ୍ ଆମର୍ ବଡ୍
ସାସନ୍‌କାରିଆର୍ ନିୟମ୍ ବାଙ୍ଗ୍‌ଲାଇନି ।” **୮** ଏ କାତା କଇ
ସେମନ୍, ଲକ୍‌ମନ୍‌କେ ଆରି ସାସନ୍‌କାରିଆର୍ ବିରଦେ ଆଉଲି
ଅଇକରି ବେସି ରିସା କରାଇଲାଇ ଆରି ଗଣ୍ଡଗଲ୍ କରାଇଲାଇ
। **୯** ସାସନ୍ କରୁମନ୍ ଜେସନ୍ ଆରି ବିସ୍‌ବାସିମନର୍‌ତେଇଅନି
ଚାଡ୍‌ବାକେ, ଜେତ୍‌କି ଡାବୁ ବାନ୍ଦ୍‌ବାକେ ରଇଲା, ଲାଁଚ୍ ନେଇକରି
ସେମନ୍‌କେ ଜାମିଲେ ଚାଡିଦେଲାଇ । **୧୦** ରାତି ଅଇଲା ଦାପ୍‌ରେ,
ବିସ୍‌ବାସି ବାଇମନ୍ ପାଉଲ୍ ଆରି ସିଲାକେ ବେରିଆ ନାଉଁର୍
ଜାଗାଇ ପାଟାଇଦେଲାଇ । ସେମନ୍ ତେଇ କେଟି, ଜିଉଦି
ଲକ୍‌ମନର୍ ପାର୍‌ତନା ଗରେ ଗାଲାଇ । **୧୧** ତେସଲନିର୍
ଜିଉଦିମନର୍ ଟାନେଅନି ବେରିଆର୍ ଜିଉଦିମନ୍ କୁଲାକୁଲି ମନ୍
ରଇବା ଲକ୍ ରଇଲାଇ । ସେମନ୍ ଅଦିକ୍ ମନ୍‌ଦିଆନ୍ ଦେଇ
ସିସ୍‌ମନର୍ ସିକିଆ ସୁନ୍‌ଲାଇ । ଆରି ପାଉଲ୍ କଇଲା କାତା,
ସତ୍ କି ନାଇ ବଲି ଜାନ୍‌ବାକେ ସବୁ ଦିନ୍ ଦରମ୍ ସାସ୍‌ତର୍
ପଡ୍‌ତେରଇଲାଇ । **୧୨** ସେମନର୍ ବିତ୍‌ରେଅନି ବେସି ଲକ୍
ବିସ୍‌ବାସ୍ କଲାଇ । ବେସି ସାଉକାର୍ ଅଇ ସନ୍‌ମାନ୍ ପାଇବା
ଗିରିକ୍ ମାଇଜି ଆରି ଗିରିକ୍ ଲକ୍‌ମନ୍ ମିସା ବିସ୍‌ବାସିମନର୍ ସଙ୍ଗ୍
ମିସ୍‌ଲାଇ । **୧୩** ମାତର୍ ଜେଡେବଲ୍ ତେସ୍‌ଲନିର୍ ଜିଉଦିମନ୍
ସୁନ୍‌ଲାଇ ଜେ ବେରିଆତେଇ ମିସା ପାଉଲ୍ ପରମେସରର୍
ବାକିଅ ଜାନାଇଲାନି, ସେମନ୍ ତେଇ ଆସି ପାଉଲର୍ ବିରଦେ
ଗଣ୍ଡଗଲ୍ କର୍‌ବାକେ ଲକ୍‌ମନ୍‌କେ ଉସ୍‌କାଇଲାଇ । **୧୪** ସେ
ଦାପ୍‌ରେ ବିସ୍‌ବାସି ବାଇମନ୍ ପାଉଲ୍‌କେ ସମ୍‌ଦୁର୍ ପାଲିବାଟେ
ପାଟାଇଦେଲାଇ, ମାତର୍ ସିଲା ଆରି ତିମତି ଦୁଇ ଲକ୍ ବେରିଆଇ
ରଇଲାଇ । **୧୫** ପାଉଲ୍‌କେ ଡାକିନେବା ଲକ୍‌ମନ୍, ତାର୍ ସଙ୍ଗ୍
ଆତେନସ୍ ଜାକ ଗାଲାଇ । ତେଇଅନି ସେମନ୍ ବେରିଆଇ
ବାଉଡି ଆସି, ସିଲା ଆରି ତିମତିକେ କଇଲାଇ, “ତମ୍‌କେ ପାଉଲ୍
ବେଗି ମିସ୍‌ବାକେ କବର୍ ପାଟାଇ ଆଦେସ୍ ଦେଲାଆଚେ ।” **୧୬**
ସିଲା ଆରି ତିମତିକେ ଆତେନେସ୍‌ତେଇ ଜାଗି ରଇଲା ବେଲେ,
ଗଡ୍‌ଜାକର୍ ଲକ୍ ପୁଜା କର୍‌ବା ଦେବ୍‌ତାମନର୍ ମୁର୍‌ତିମନ୍
ଦେକି, ପାଉଲର୍ ମନ୍ ବେସି ଉଡୁକ୍‌ଦୁଡୁକ୍ ଅଇଗାଲା । **୧୭**
ସେଟାର୍‌ପାଇ ସେ ଜିଉଦିମନର୍ ପାର୍‌ତନା ଗରେ ସେମନର୍
ସଙ୍ଗ୍, ଆରି ପରମେସର୍‌କେ ପାର୍‌ତନା କର୍‌ବା ଜିଉଦି ନଇଲା
ଲକ୍‌ମନର୍ ସଙ୍ଗ୍, ଏ ବିସଇ ସବୁ ଦିନ୍ ଆଲ୍‌ଚନା କର୍‌ବାର୍
ଦାର୍‌ଲା । ଆଟେବାଟେ ଜିବାଆଇବା କର୍‌ବା ଲକ୍‌ମନର୍ ସଙ୍ଗ୍
ସେ ବିସଇ ଆଲ୍‌ଚନା କଲା । **୧୮** କେତେଟା ଏପିକିଉରିଆନ୍
ଆରି ଟଇକ୍ ସିକିଆ ଦେବା ଗୁରୁମନର୍ ସଙ୍ଗ୍ ଦଦାପେଲା
ଅଇଲାଇ । ସେମନର୍ ବିତ୍‌ରେଅନି କେତେ ଲକ୍ କଇଲାଇ, “ଏ
ବକୁଆ ବଡ୍‌ପନିଆ, କାଇଟା କଇବାକେ ଚେସ୍‌ଟା କଲାନି?”
ବିନ୍ ଲକ୍‌ମନ୍ କଇଲାଇ, “ବିନ୍ ଦେସେ ରଇବା ଦେବ୍‌ତାମନର୍
ବିସଇ, ସେ ଜାନାଇଲାନି ପାରା ଲାଗ୍‌ଲାନି ।” ଜିସୁ ଆରି ତରେକ୍
ଜିବନ୍ ଅଇ ଉଟ୍‌ଲା ବିସଇ ପାଉଲ୍ ଜାନାଇବାଟା ସୁନି ସେମନ୍
ଏନ୍ତି କଇଲାଇ । **୧୯** ସେଟାର୍‌ପାଇ ସେମନ୍ ପାଉଲ୍‌କେ ଦାରି
ସେ ନଅରର୍ ବିଚାର୍ କର୍‌ବା ଜାଗା, ଜନ୍‌ଟା କି ଏରିଅପାଗସ୍
ତେଇ ଆନ୍‌ଲାଇ । ଆରି ତେଇ କଇଲାଇ, “ତୁଇ ଜନ୍ ନୁଆ
ସିକିଆ ବିସଇ କଇଲୁସ୍‌ନି, ସେ ବିସଇ ଆମେ ଜାନ୍‌ବାକେ ମନ୍
କଲୁନି ।” **୨୦** ତୁଇ କଇବା କେତେଟା କାତା ଆମେ ଆଗ୍‌ତୁ

କେବେ ସୁନି ନ ରଇଲୁ । ଆମେ ତାର୍ ଅରତ୍ ଜାନ୍‌ବାକେ ମନ୍
କଲୁନି । ୨୧ କାଇକେବଇଲେ ଆତେନେସର୍ ଲକ୍ ଆରି ତେଇ
ରଇବା ବିନ୍ ଦେସର୍ ଲକ୍‌ମନ୍ ନୁଆ ବିସଇ ସୁନ୍‌ବାକେ ଆରି
କଇବାକେ ବଲ୍‌ପାଇତେ ରଇଲାଇ । ତେଇ ସେମନ୍ ବେସି
ବେଲା ଦେଇତେ ରଇଲାଇ । ୨୨ ପାଉଲ୍ ସେ ଗଡର୍ ସବା
ମୁଆଟେ ଟିଆ ଅଇ କଇଲା, ଆତେନିଅର୍ ଲକ୍‌ମନ୍, ତମେ
ସବୁ ଦରମ୍ ଲକ୍ ବଲି ଜାନାପଡ୍‌ଲାନି । ୨୩ କାଇକେବଇଲେ,
ମୁଇ ତମର୍ ନଅରେ ବୁଲି ଦେକ୍‌ଲା ବେଲେ, ତମର୍ ପୁଜା
କର୍‌ବା ଜାଗାମନ୍ ଦେକ୍‌ଲି । ତେଇ ଗଟେକ୍ ବେଦି ରଇଲା
। ଗଟେକ୍ ନ ଜାନ୍‌ଲା ଦେବ୍‌ତାକେ, ଲେକାରଇଲାଟା ମିସା
ଦେକ୍‌ଲି । ତମେ ଜାକେ ନାଜାନି ପୁଜାକଲାସ୍‌ନି । ଏବେ ତାର୍
ବିସଇ ତମ୍‌କେ ଜାନାଇଲିନି । ୨୪ ପରମେସର୍ ଦୁନିଆ ଆରି
ତେଇ ରଇଲା ସବୁ ବିସଇ ତିଆର୍ କଲା । ସେ ସରଗ୍ ଆରି
ଜଗତର୍ ମାପ୍‌ରୁ । ଲକ୍‌ମନ୍ ତିଆର୍ କଲା ମନ୍ଦିରେ ରଇବାକେ
ମନ୍ ନ କରେ । ୨୫ ଆମେ ତାର୍ ପାଇ କାମ୍ କରି ତାକେ
ଦେଇପାର୍‌ବୁ ପାରା କାଇଟା ମିସା ସେ ମନ୍ କରେ ନାଇ ।
କାଇକେବଇଲେ ସେ ସବୁକେ ଜିବନ୍, ପବନ୍ ଆରି ସବୁ ଦର୍‌କାର୍
ରଇଲାଟା ଦେଲାଆଚେ । ୨୬ ଗଟେକ୍ ଲକ୍‌ଅନି ସେ ସବୁ
ମୁନୁସ୍ ଜାତିକେ ତିଆର୍ କଲା । ଆରି ତାର୍ ଆଦେସ୍ ଇସାବେ
ସେମନ୍ ଦୁନିଆର୍ ବିନ୍ ବିନ୍ ଜାଗାଇ ବାସା ଅଇଲାଇ ଆଚତ୍,
ସେଟା ପୁର୍‌ବେଅନି ପରମେସର୍ ଟିକ୍ କଲାଆଚେ । ୨୭ ତାକର୍
ଆଦେସ୍ ରଇଲା ଜେ ସବୁ ଲକ୍ ତାକେ କଜି କରି ବେଟ୍ ଅଅତ୍ ।
ମାତର୍ ସତଇସେ ପର୍‌ମେସର୍ କାର୍‌ଟାନେଅନି ମିସା ଦୁରିକେ
ନାଇ । ୨୮ ଏ ବିସଇ କେକି ଗଟେକ୍ ଲକ୍ କଇଲା ଆଚେ,
"ତାର୍ ଲଗେ ଆକା ଆମର୍ ଜିବନର୍ କୁଚିକାଡି ଆଚେ ।"
ତମର୍ ବିତ୍‌ରେଅନି କେତେଲକ୍ କଇଆଚତ୍, ଆମେ ମିସା ତାର୍
ପିଲାଜିଲା । ୨୯ ଆମେ ପର୍‌ମେସରର୍ ପିଲାଜିଲା ଅଇଲାର୍
ପାଇ ମୁନୁସ୍ ତିଆର୍ କଲା ସୁନା, ରୁପା ନଇଲେ ପାକ୍‌ନା ସଙ୍ଗେ
ତିଆର୍ କଲା ପୁତ୍‌ଲା, ପରମେସର୍ ରୁପ୍ ବଲି ବାବି ନାପାରୁ ।
୩୦ ଲକ୍‌ମନ୍ ପରମେସର୍‌କେ ଜାନି ନ ରଇଲା ବେଲେ, ସେ ଦସ୍
ଦାରି ନ ରଇଲା, ମାତର୍ ଏବେ ସବୁ ଜାଗାର୍ ସବୁ ଲକ୍‌ମନ୍‌କେ,
ସେମନର୍ ପାପ୍ ବାଟେଅନି ବାଅଡ୍‌ବାକେ ଆଦେସ୍ ଦେଲାନି
। ୩୧ ସେ ଗଟେକ୍ ଦିନ୍ ଟିକ୍ କଲା ଆଚେ । ସେ ଦିନେ, ସେ
ବାଚିରଇବା ଲକର୍ ସଙ୍ଗେ ଗୁଲାଇ ଦୁନିଆର୍ ବିଚାର୍ କର୍‌ସି ।
ସେ ଲକ୍ ମଲାଟାନେଅନି ଉଟି ଏ କାତା ସତ୍ ବଲି, ସବୁକେ
ଜାନାଇଲା ଆଚେ । ୩୨ ପାଉଲର୍‌ଟାନେ, ମଲାଟାନେଅନି
ଉଟ୍‌ଲା ବିସଇ ସୁନି ସେମନର୍ ବିତ୍‌ରେଅନି କେତେ ଲକ୍ ତାକେ
କିଜାଇଲାଇ, ମାତର୍ ବିନ୍ ଲକ୍‌ମନ୍ କଇଲାଇ, "ତମର୍‌ତେଇଅନି
ଆମେ ଆରିତରେକ୍ ଏ ବିସଇ ସୁନ୍‌ବାକେ ମନ୍ କଲୁନି ।"
୩୩ ପାଉଲ୍ ସେ ଦିନର୍ ସବାଇ ଅନି ଉଟି ବାରିଗାଲା । ୩୪
ଡାୟନିସିଅସ୍ ନାଉଁର୍ ସବାର୍ ଗଟେକ୍ ମେମର୍, ଦାମାରି ନାଉଁର୍
ଗଟେକ୍ ମାଇଜି ଆରି କେତେଟା ଲକ୍, ବିସ୍‌ବାସ୍ କରି ତାର୍ ସଙ୍ଗେ
ମିସ୍‌ଲାଇ ।

୧୮ ତାର୍‌ପଚେ ପାଉଲ୍ ଆତେନ୍‌ସ୍ ଚାଡି କରନ୍ତିଅ ଗାଲା
। ୨ ତେଇ ପନ୍ତସ୍‌ତେଇ ଜନମ୍ କରିରଇବା ଆକିଲା
ନାଉଁର୍ ଗଟେକ୍ ଜିଉଦିକେ ବେଟ୍ ଅଇଲା । ବଡ୍ ସାସନ୍‌କାରିଆ
କଲଡିଅସ୍, ସବୁ ଜିଉଦିକେ ରମ୍ ଦେସ୍ ଚାଡ୍‌ବାକେ ଆଦେସ୍
ଦେଇରଇଲା । ସେଟାର୍‌ପାଇ, ସେ ଅଲପ୍ ଦିନ୍ ଆଗ୍‌ତୁ ତାର୍
ମାଇଜି ପିରିସ୍‌କିଲାର୍ ସଙ୍ଗେ ଇଟାଲିଅନି ଆସିରଇଲା । ୩
ପାଉଲ୍ ସେମନ୍‌କେ ବେଟ୍ ଅଇବାକେ ଜାଇ ସେମନର୍ ସଙ୍ଗେ
ରଇଲା । କାଇକେବଇଲେ ସେ ମିସା ସେମନର୍ ପାରା ତୁମ୍
ତିଆର୍ କରି ଜିଉନାକାଉନା କର୍‌ତେରଇଲା । ୪ ଜିଉଦି ଆରି
ଗିରିକ୍ ମନ୍ ମାପ୍‌ରୁକେ ଅଦିକ୍ ବିସ୍‌ବାସ୍ କରାଇବାକେ, ସବୁ
ବିସ୍‌ରାମ୍‌ବାରେ ପାର୍‌ତନା ଗରେ ଆଲ୍‌ଚନା କର୍‌ତେ ରଇଲା ।
୫ ସିଲା ଆରି ତିମତି ମାସିଦନିଆଇଅନି ବାଉଡି ଆଇଲା ପଚେ
ପାଉଲ୍ ଜିଉଦିମନର୍ ଲଗେ ଜିସୁର୍ ସୁବ୍ କବର୍ ଜାନାଇବାକେ
ପୁରାପୁରି ବେଲା ଦେଲା ଆରି ଜିସୁକେ ମସିଅ ବଲି ସାକି
ଦେଲା । ୬ ମାତର୍ ସେମନ୍ ତାକେ ବିରଦ୍ କରି ତାର୍ କୁଟ୍
ପାଁଚ୍‌ବାର୍ ଦାର୍‌ଲାଇ, ସେଟା ବିରଦ୍ କର୍‌ବା ଇସାବେ, ତାର୍
ବସ୍‌ତରର୍ ଦୁଲି ପାପ୍‌ଡିଦେଇ ସେ ସେମନ୍‌କେ କଇଲା, "ଜଦି
ତମେ କୁରୁପ୍‌ନାସ୍ ଅଇସା, ତେବେ ସେଟାର୍‌ପାଇ ତମେ ନିଜେ
ଦାଇ ଅଇସା । ମୁଇ ଏଟାର୍‌ପାଇ ଦାଇ ନଇ, ଏବେ ମୁଇ
ଜିଉଦି ନଇଲା ଲକ୍‌ମନର୍ ଲଗେ ଜିବି ।" ୭ ସେଟାର୍‌ପାଇ ସେ
ସେମନ୍‌କେ ଚାଡି ପର୍‌ମେସର୍‌କେ ପାର୍‌ତନା କର୍‌ବା ତିତସ୍
ଜୁସ୍‌ତ ନାଉଁର୍ ଗଟେକ୍ ଜିଉଦି ନଇଲା ଲକର୍ ଗରେ ରଇବାକେ
ଗାଲା । ଜୁସ୍‌ତର୍ ଗର୍ ପାର୍‌ତନା ଗର୍ ଲଗେ ରଇଲା । ୮
ପାର୍‌ତନା ଗରର୍ ମୁକିଅ କିରିସ୍‌ପସ୍ ଆରି ତାର୍ କୁଟୁମର୍ ସବୁ
ଲକ୍ ମାପ୍‌ରୁର୍‌ତେଇ ବିସ୍‌ବାସ୍ କଲାଇ ଆରି କରନ୍ତିଅର୍ ଅଦିକ୍
ଅଦିକ୍ ଲକ୍ ପାଉଲର୍ ସିକିଆ ସୁନି ବିସ୍‌ବାସ୍ କଲାଇ ଆରି
ପାନିତେଇବୁଡି ଡୁବନ୍ ନେଲାଇ । ୯ ଗଟେକ୍ ରାତି, ପାଉଲ୍
ଦର୍‌ସନ୍ ଦେକ୍‌ଲା । ଦର୍‌ସନେ ମାପ୍‌ରୁ ତାକେ କଇଲା, "ଡର୍
ନାଇ, ଜାନାଇତେ ରଅ, ସେଟା ତେବାନାଇ । ୧୦ କାଇକେ
ବଇଲେ ମୁଇ ତର୍ ସଙ୍ଗେ ଆଚି । କେ ତମ୍‌କେ କାଇଟା କରି
ନାପାରତ୍, କାଇକେବଇଲେ ଏ ନଅରେ ମର୍ ବେସି ଲକ୍ ଆଚତ୍
।" ୧୧ ସେଟାର୍‌ପାଇ ପାଉଲ୍ ପର୍‌ମେସରର୍ ବାକିଅ ସିକିଆ
ଦେଇ, ତେଇ ବର୍‌ସେକ୍ ଚ ମାସ୍ ଜାକ ରଇଗାଲା । ୧୨
ଗାଲିୟନ୍ ଆକାୟର୍ ରମିଅ ସାସନ୍‌କାରିଆ ରଇଲା ବେଲେ,
ଜିଉଦିମନ୍ ଏକ୍‌ଜୁଟ୍‌ଅଇ ପାଉଲ୍‌କେ ଦାରି ବିଚାର୍‌ନା ଜାଗାଇ
ନେଲାଇ । ୧୩ ସେମନ୍ କଇଲାଇ, "ଏ ଲକ୍ ଆମର୍ ନିୟମ୍
ବିରଦେ ପରମେସର୍‌କେ ପାର୍‌ତନା କର୍‌ବାକେ ଲକ୍‌ମନ୍‌କେ
ସୁତ୍‌ରାଇଲାନି ।" ୧୪ ପାଉଲ୍ କାତା ଅଇବାକେ ଗାଲାବେଲେ,
ଗାଲିଅ ଜିଉଦିମନ୍‌କେ କଇଲା, "ଜଦି ଇତି କାଇ ଦସ୍ ନଇଲେ

ଅପ୍ରାଦର୍ ବିସଇ ରଇସି, ତେବେ ତମର୍ ବିସଇ ସମାଲି କରି,
ତମର୍ କାତା ସୁନ୍‌ବାଟା, ମର୍ ଇସାବେ ଟିକ୍ ଅଇସି । **୧୫**
ମାତର୍ ଏ କାତା ତମର୍ ବିଦିବିଦାନ୍ ଆରି ରିତିନିତିର୍ କାତା
ଅଇଲାର୍ ପାଇ, ଏଟା ତମେ ଟିକ୍‌କର୍‌ବାଟା ନିକ ଅଇସି ।
ମୁଇ ଏନ୍ତି ବିଚାର୍ ନ କରି ।" **୧୬** ଏନ୍ତି କଇକରି ସେମନ୍‌କେ
ବିଚାର୍‌ନା ଜାଗାଇଅନି କେଦିଦେଲା । **୧୭** ସେମନ୍ ପାର୍‌ତନା
ଗରର୍ ମୁକିଆ ସସ୍‌ତନସ୍‌କେ ଦାରି ବିଚାର୍‌ନା ଜାଗାର୍ ମୁଆଟେ
ମାଡ୍‌ମାର୍‌ଲାଇ । ମାତର୍ ଗାଲିଅ ସେଟାକେ ମନ୍‌ଦେଏ ନାଇ ।
**୧୮** ପାଉଲ୍ କରନ୍ତିତେଇ ବିସ୍‌ବାସି ବାଇମନ୍ ସଙ୍ଗ୍ ବେସି ବେଲା
ଜାକ ରଇଲା । ତାର୍‌ପଚେ ସେମନ୍‌କେ ଚାଡି ପିରିସ୍‌କିଲା ଆରି
ଆକିଲାର୍ ସଙ୍ଗ୍, ସିରିଆ ଜିବାକେ ପାନିଜାଜେ ବାଟ୍ ଦାର୍‌ଲାଇ
। ସେକେରିଆଅନି ଜିବାଟା ଆରାମ୍ କର୍‌ବା ଆଗ୍‌ତୁ ତାକର୍
ଗଟେକ୍ ମାନତ୍ ଇସାବେ ପାଉଲ୍ ମୁଣ୍ଡ କୁରାଇଅଇଲା । **୧୯**
ସେମନ୍ ଏପିସିସ୍‌ତେଇ କେଟ୍‌ଲା ପଚେ ପାଉଲ୍ ପିରିସ୍‌କିଲା
ଆରି ଆକିଲାକେ ପାଟାଇଦେଲା । ତେଇ ସେ ପାର୍‌ତନା ଗରେ
ଜାଇ ଜିଉଦିମନର୍ ସଙ୍ଗ୍ କାତାବାର୍‌ତା ଅଇଲା । **୨୦** ଲକ୍‌ମନ୍
ତାକେ ଆରି ବେସି ଦିନ୍ ରଇବାକେ କଇଲାଇ, ମାତର୍ ସେ
ରାଜି ନଇଲା । **୨୧** ଜିବା ବେଲାଇ ସେ ସେମନ୍‌କେ କଇଲା,
"ଜଦି ପରମେସର୍ ମନ୍ କଲେ, ତମର୍ ଲଗେ ବାଉଡି ଆଇବି
।" ତାର୍ ପଚେ ସେ ଏପିସେ ଅନି ଜାଜେ ଚଗି ଗାଲା । **୨୨**
ସେ ସିରିଆ କେଟିକରି ତେଇଅନି ଜିରୁସାଲାମେ ଗାଲା ଆରି
ମଣ୍ଡଲିକେ ଜୁଆର୍ ଜାନାଇ ତେଇଅନି ଆନ୍‌ଟିକିଅ ଗାଲା । **୨୩**
ତେଇ କେତେ ଦିନ୍ ରଇଲା ପଚେ, ସେ ଆରି ତରେକ୍ ଜିବାଟା
ଆରାମ୍ କରି ଗାଲାତିଅ ଆରି ପିରିଜିଆ ବାଟ୍‌ଦେଇ ଗାଲା ।
ବାଟେ ବିସ୍‌ବାସିମନ୍‌କେ ବିସ୍‌ବାସେ ଡାଟ୍ ଅଇରଇବାକେ ସାଆସ୍
ଦେଲା । **୨୪** ସେ ବେଲାଇ ଆଲେକ୍‌ଜାଣ୍ଡ୍ରିଆଇ ଜନମ୍ ଅଇ
ରଇଲା, ଆପଲ୍ ନାଉଁର୍ ଗଟେକ୍ ଜିଉଦି ଏପିସେ ଆଇଲା । ସେ
ଗଟେକ୍ ନିମାନ୍ ସଙ୍ଗ୍ କାତାକଉ ଆରି ଦରମ୍ ସାସ୍‌ତରେ ତାର୍
ବେସି ଗିଆନ୍ ରଇଲା । **୨୫** ସେ ମାପ୍‌ରୁ ଜିସୁର୍ ବାଟ୍ ବିସଇ
ସିକିଆ ପାଇରଇଲା ଆରି ଆତ୍‌ମାଇ ପୁରାପୁରୁନ୍ ଅଇକରି ବେସି
ସାର୍‌ଦା ସଙ୍ଗ୍ ସତ୍ କାତା ବାର୍‌କରି, ସିକିଆ ଦେଇତେ ରଇଲା ।
ମାତର୍ କାଲି ଜଅନ ଡୁବନ୍ ଦେବା ବିସଇ ଜାନି ରଇଲା । **୨୬**
ପାର୍‌ତନା ଗରେ ସେ ନ ଡର୍‌ତେ ସିକିଆ ଦେବାକେ ଲାଗ୍‌ଲା ।
ତାର୍ ସିକିଆ ସୁନି ପିରିସ୍‌କିଲା ଆରି ଆକିଲା ତାକର୍ ନିଜର୍
ଗରେ ଡାକିନେଲାଇ ଆରି ତେଇ ପରମେସରର୍ ବାଟ୍ ବିସଇ
ଅଦିକ୍ ବୁଜାଇଦେଲାଇ । **୨୭** ତାର୍ ପଚେ ଆପଲ ଆକାୟା
ରାଇଜେ ଜିବାକେ ଟିକ୍ କଲାକେ, ଏପିସର୍ ବିସ୍‌ବାସି ବାଇମନ୍
ତାକେ ସାଇଜ୍ କଲାଇ ଆରି ତାକେ ସାର୍‌ଦା ସଙ୍ଗ୍ ଗତିଆ
କର୍‌ବାକେ କଇ ଆକାୟାର୍ ବିସ୍‌ବାସିମନ୍‌କେ ଚିଟି ଲେକ୍‌ଲାଇ ।
ସେ ତେଇ କେଟିକରି ପରମେସର ଜିବନ୍ ଦୁକାଇଲାକେ ବିସ୍‌ବାସି
ଅଇରଇବା ଲକ୍‌ମନ୍‌କେ ବେସି ସାଇଜ କଲା । **୨୮** ଜିସୁ ଜେ
ମସିଅ, ତାକର୍ ବେସି ଡାଟ୍ ଜୁକ୍‌ତି, ଦରମ୍ ସାସ୍‌ତରେଅନି
ଜାନାଇ କରି, ଜିଉଦିମନ୍‌କେ ଆରାଇଲା ।

**୧୯** ଆପଲ୍ କରନ୍ତିଏ ରଇଲାବେଲେ, ପାଉଲ୍ ସେ ରାଇଜର୍
ଉପର୍ ବାଗେ ବୁଲି ସାରାଇ, ଏପିସିଏ କେଟ୍‌ଲା । ତେଇ
ସେ କେତେଟା ସିସ୍‌ମନ୍‌କେ ବେଟ୍ ଅଇଲା । **୨** ସେମନ୍‌କେ
ପାଚାର୍‌ଲା "ତମେ ବିସ୍‌ବାସି ଅଇବା ବେଲାଇ ସୁକଲ୍ ଆତ୍‌ମା
ପାଇରଇଲାସ୍ କି?" ସେମନ୍ କଇଲାଇ, "ସୁକଲ୍ ଆତ୍‌ମା ଆଚେ
ବଲି ଆମେ କେବେ ମିସା ସୁନୁ ନାଇ ।" **୩** ପାଉଲ୍ ପାଚାର୍‌ଲା,
"ସେନ୍ତି ଆଲେ ତମେ କେନ୍ତାରି ଡୁବନ୍ ନେଇ ଆଚାସ୍?" ସେମନ୍
କଇଲାଇ "ଡୁବନ୍ ଦେଉ ଜଅନର୍ ଡୁବନ୍ ।" **୪** ପାଉଲ୍ କଇଲା,
"ଜନ୍ ଲକ୍‌ମନ୍ ପାପେଅନି ବାଉଡି ରଇଲାଇ, ଜଅନର୍ ଡୁବନ୍
ସେମନର୍ ପାଇ ଟିକ୍ ରଇଲା । ମାତର୍ ତାର୍‌ପଚେ ଜେ ଆଇବାର୍
ରଇଲା, ଜନ୍‌ଟା କି, ଜିସୁ, ତାର୍ ଲଗେ ବିସ୍‌ବାସ୍ କର୍‌ବାକେ,
ଜଅନ୍ ଇସ୍‌ରାଏଲ୍ ଲକ୍‌ମନ୍‌କେ କଇରଇଲା ।" **୫** ଏଟା ସୁନି
ସେମନ୍ ମାପ୍‌ରୁ ଜିସୁର୍ ନାଉଁ ଦାରି ଡୁବନ୍ ନେଲାଇ । **୬**
ପାଉଲ୍ ସେମନର୍ ଉପ୍‌ରେ ଆତ୍ ଚିଇଲା ଆରି ସୁକଲ୍ ଆତ୍‌ମା
ତାକର୍‌ଟାନେ ଉତର୍‌ଲା । ସେମନ୍ ବିନ୍ ବିନ୍ ବାସାଇ କାତା
କଇଲାଇ ଆରି ପରମେସରର୍ ସୁବ୍ କବର୍ ଜାନାଇଲାଇ ।
**୭** ସେମନ୍ ମୁନୁସ୍ ପିଲା ବାର ଲକ୍ ରଇଲାଇ । **୮** ତାର୍
ପଚେ ପାଉଲ୍ ତିନ୍ ମାସ୍ ଜାକ ନ ଡର୍‌ତେ ପାର୍‌ତନା ଗରେ
କାତାବାର୍ କରି ପରମେସରର୍ ରାଇଜ୍ ବିସଇ ସେମନର୍
ମନେ ବିସ୍‌ବାସ୍ ଜନ୍‌ମାଇବାକେ ଚେସ୍‌ଟା କଲା । **୯** ମାତର୍
ସେମନର୍ ବିତ୍‌ରେଅନି କେତେକ୍ ଲକର୍ ମନ୍ ଡାଟ୍ ରଇଲା ।
ସେମନ୍ ବିସ୍‌ବାସ୍ କରତ୍‌ନାଇ । ଦଲର୍ ସବୁ ଲକର୍ ମୁଆଟେ
ସେମନ୍ ମାପ୍‌ରୁର୍ ବାଟ୍ ବିସଇନେଇ, ତିପୁଲ୍ କାତା କଇଲାଇ
। ସେଟାର୍‌ପାଇ ପାଉଲ୍ ସେମନ୍‌କେ ଚାଡି, ବିସ୍‌ବାସିମନ୍‌କେ
ନେଇ, ସବୁ ଦିନ୍ ଟିରାନସ୍ ନାଉଁର୍ ଗରେ ନିଆଇ କର୍‌ବାର୍
ଦାର୍‌ଲାଇ । **୧୦** ଏଟା ଦୁଇ ବରସ୍ ଦାରି ଚାଲ୍‌ଲା । ରମ୍ ଦେସର୍
ଆସିଆ ଦେସେ ବାସା କରିରଇବା ବେସି ଜିଉଦି ଆରି ଗିରିକ୍
ଲକ୍ ମିସା ମାପ୍‌ରୁର୍ ବାକିଅ ସୁନ୍‌ଲାଇ । **୧୧** ପର୍‌ମେସର୍
ପାଉଲର୍‌ତେଇଅନି ବେସି ବଡ୍ ବଡ୍ କାବାଅଇଜିବା କାମ୍‌ମନ୍
କଲା । **୧୨** ଏନ୍ତି କି ପାଉଲ୍ ପୁଚିଅଇବା ଉର୍‌ମାଲ୍ ଆରି
ବସ୍‌ତର୍ ରଗିମନର୍ ଲଗେ ନେଲେ, ସେମନ୍ ନିମାନ୍ ଅଇତେ
ରଇଲାଇ । ସେମନର୍ ଗାଗ୍‌ଡେଅନି କାରାପ୍ ଆତ୍‌ମାମନ୍ ସବୁ
ବାରଇଜାଇତେ ରଇଲାଇ । **୧୩** କେତେଟା ଏନେତେନେ
ବୁଲ୍‌ବା ଡୁମା ଚାଡାଇବା ଜିଉଦିମନ୍ ମିସା, ଜିସୁର୍ ନାଉଁ ଦାରି
ଡୁମା ଚାଡାଇବାକେ ଚେସ୍‌ଟା କଲାଇ । ସେମନ୍ କାରାପ୍
ଆତ୍‌ମାମନ୍‌କେ କଇତେ ରଇଲାଇ, "ପାଉଲ୍ ଜାନାଇବା ଜିସୁର୍
ନାଉଁ ଦାରି ତକେ ଆଦେସ୍ ଦେଲିନି ।" **୧୪** ଏସ୍‌କେବା ନାଉଁର୍
ଗଟେକ୍ ଜିଉଦି, ବଡ୍ ପୁଜାରିର୍ ସାତ୍‌ଟା ପିଲାମନ୍, ଏ ରକାମ୍
କର୍‌ତେ ରଇଲାଇ । **୧୫** ମାତର୍ କାରାପ୍ ଆତ୍‌ମା ସେମନ୍‌କେ

କଇଲା, "ମୁଇ ଜିସୁକେ ଜାନି ଆରି ପାଉଲ୍‌କେ ଚିନ୍‌ଲି ଆଚି, ମାତର୍ ତମେ କେ?" **୧୬** କାରାପ୍ ଆତ୍‌ମା ଦାରିରଇଲା ଲକ୍, ସେମନ୍‌କେ ଦାରି ଚାବ୍‌କାତର୍ କରି ପାକାଇଲା । ସେମନର୍ ଲୁଗାପଚିଆ ଚିରି ଡୁମ୍‌ଣ୍ଡା କରିଦେଲା । ସେମନ୍ କଣ୍ଡିଆ ବଣ୍ଡିଆ ଅଇ ତାର୍ ଗରେଅନି ବାରଇ ପାଲାଇଲାଇ । **୧୭** ଏପିସେ ବାସାଅଇରଇବା ଜିଉଦି ବିସ୍‌ବାସିମନ୍ ଆରି ଗିରିକ୍ ଲକ୍‌ମନ୍, ଏ ବିସଇ ସୁନି ଡରିଗାଲାଇ ଆରି ତେଇ ମାପ୍‌ରୁ ଜିସୁର୍ ନାଉଁ ଅଦିକ୍ ଡାକ୍‌ପୁଟା ଅଇଲା । **୧୮** ବିସ୍‌ବାସିମନର୍ ବିତ୍‌ରେଅନି ବେସି ଲକ୍ ସବୁର୍ ମୁଆଟେ ନିଜେ କଲା କାରାପ୍ କାମ୍ ମାନ୍‌ଲାଇ । **୧୯** ପାଙ୍ଗ୍‌ନ୍ ବିଦିଆ ଅବିଆସ୍ କର୍‌ତେରଇବା ବେସି ଲକ୍‌ମନ୍ ତାକର୍ ବଇମନ୍ ଆନି ଟୁଲିଆଇକରି ସବୁ ଲକର୍ ମୁଆଟେ ପଡାଇ ଦେଲାଇ । ସବୁ ମିସିକରି ସେମନର୍ ବଇର୍ ଦାମ୍ ପଚାସ୍ ଅଜାର୍ ରୁପାଟାଙ୍ଗ୍ ଏତ୍‌କି ରଇଲା । **୨୦** ଏନ୍ତିବାବ୍‌ରେ ପରମେସରର୍ ବାକିଅ ଅଦିକ୍ ଅଦିକ୍ ଗୁଲାଇବାଟେ ଉଡ୍‌ରା ଅଇଜାଇ ଅଦିକ୍ ବପୁ ଅଇବାର୍ ଦାର୍‌ଲା । **୨୧** ଏ ସବୁ ଗଟ୍‌ନା ପଚେ ପାଉଲ୍ ମାସିଦନିଆ ଆରି ଆକାୟା ବାଟ୍ ଦେଇ ଜିରୁସାଲମେ ଜିବାକେ ଟିକ୍ କଲା । ସେ କଇଲା, "ତେଇ ଗାଲା ପଚେ, ମୁଇ ରମ୍ ଦେସେ ମିସା ଜିବାର୍ ଆଚେ ।" **୨୨** ସେଟାର୍‌ପାଇ ସେ ତାର୍ ଦୁଇଟା ସଙ୍ଗାରି, ତିମତି ଆରି ଏରାସ୍‌ତସ୍‌କେ ମାସିଦନିଆଇ ପାଟାଇଲା, ମାତର୍ ସେ ନିଜେ ଆସିଆ ଦେସେ ଆରି କେତେ ଦିନ୍ ରଇଲା । **୨୩** ଏତ୍‌କି ବିତ୍‌ରେ ମାପ୍‌ରୁ ଦେକାଇରଇବା ବାଟ୍ ବିସଇ ନେଇ, ଗଟେକ୍ ବେସି ବଡ୍ ଗଣ୍ଡଗଲ୍ ଅଇବାଟା ଉବଜ୍‌ଲା । **୨୪** ଦିମିତିରିୟ ନାଉଁର୍ ଗଟେକ୍ ରୁପାର୍ ପୁତ୍‌ଲା ତିଆର୍ କରୁ, ଆର୍‌ତେମି ଦେବିର୍ ମନ୍ଦିରେ ପୁତ୍‌ଲା ତିଆର୍ କର୍‌ତେ ରଇଲା । ଏନ୍ତାରି ବେବାର୍‌କରି ପୁତ୍‌ଲା ତିଆର୍ କରୁମନ୍, ବେସି ଲାବ୍ ପାଇତେ ରଇଲାଇ । **୨୫** ସେଟାର୍‌ପାଇ ସେ ତାର୍ ସଙ୍ଗର୍ ବେବାରିମନ୍‌କେ ରୁଣ୍ଡାଇକରି କଇଲା, "ଆଗିଆମନ୍, ଏ ବେବାର୍ ଆମ୍‌କେ ସାଉକାର୍ କଲାଆଚେ ବଲି ସବୁ ଲକ୍ ଜାନାସ୍ । **୨୬** ଏବେ, ଏ ଲକ୍ ପାଉଲ୍ କାଇଟା କଲାନି, ସେଟା ତମେ ନିଜେ ଦେକିପାର୍‌ଲାସ୍‌ନି ଆରି ସୁନି ପାର୍‌ଲାସ୍‌ନି । ସେ କଇଲାନି, ଲକର୍ ଆତେ ତିଆର୍ କଲା ଦେବ୍‌ତା ସବୁ ବିଲ୍‌କୁଲ୍ ଦେବ୍‌ତା ନଅତ୍ । ସେ ଇତି ଏପିସେ ଆରି ସବୁ ଆସିଆ ଦେସେ ବେସି ଲକ୍‌ମନ୍‌କେ ଏ ବିସଇ କଇ ଉସ୍‌କାଇଲାନି । **୨୭** ସେଟାର୍‌ପାଇ ଆମର୍ ବେବାର୍ ବୁଡିଜିବାର୍ ଉପ୍‌ରେ ଆଚେ । କାଲି ସେତ୍‌କି ନଏଁ, ଜନ୍ ଦେବି ଆସିଆଇ ଆରି ଗୁଲାଇ ଜଗତେ ସବୁର୍‌ଟାନେଅନି ପୁଜାପାଇସି, ସେ ଡାକ୍‌ପୁଟା ଆର୍‌ତେମି ଦେବି, ମନ୍ଦିରର୍ ଡାକ୍‌ପୁଟା ଆରି ନ ରଏ, ଆରି ଆର୍‌ତେମି ଦେବିର୍ ମର୍‌ଜିତା ନସ୍‌ଟ ଅଇସି ।" **୨୮** ଲକ୍‌ମନ୍ ଏ କାତା ସୁନି ରିସା ଅଇଗାଲାଇ ଆରି ଆଉଲିଅଇ କଇଲାଇ, "ଏପିସିୟର୍ ଆର୍‌ତେମି ବଡ୍‌ଦେବିର୍ ଡାକ୍‌ପୁଟା ଆ!" **୨୯** ଏ ଗଣ୍ଡଗଲ୍ ଅଇଲାଟା ଗୁଲାଇ ନଅରେ କେଟିଗାଲା । ଲକ୍‌ମନ୍ ପାଉଲ୍ ସଙ୍ଗ୍ ରଇବା ମାକିଦନିଆର୍ ଗାୟ ଆରି ଆରିସ୍‌ତାକସ୍, ଦୁଇଲକ୍‌କେ ଦାରି, ଦାପ୍‌ରେ ଜୁଇଦ୍ ବାଟେ ପାଲାଇଲାଇ । **୩୦** ତେଇ ପାଉଲ୍ ଏକ୍‌ଲାସେ ଲକ୍‌ମନର୍ ବିତ୍‌ରେ ଜିବାକେ ମନ୍‌କଲା । ମାତର୍ ବିସ୍‌ବାସିମନ୍ ତାକେ ବିତ୍‌ରେ ଜିବାକେ ଚାଡତ୍‌ନାଇ । **୩୧** ଆସିଆ ରାଇଜର୍ କେତେଟା ମୁକିଅ ସାସନ୍ କାରିଆମନ୍ ମିସା ପାଉଲର୍ ମଇତର୍ ରଇଲାଇଜେ, ପାଉଲ୍‌କେ ଜୁଇଦ୍ ପଡିଆଇ ନ ଜାଅ ବଲି, କବର୍ ପାଟାଇଲାଇ । **୩୨** ଏତ୍‌କି ବିତ୍‌ରେ ରୁଣ୍ଡିରଇବା ସବୁ ଲକ୍ ରିସା ଅଇଜାଇରଇଲାଇ । ଲକ୍‌ମନ୍ ଦଲ୍‌ଦଲ୍ ଅଇକରି ଏକାତା, ସେ କାତା କଇକଇ କରି ଆଉଲିଅଇ ଜାଇତେ ରଇଲାଇ । ମାତର୍ ସେମନର୍ ବିତ୍‌ରେଅନି କେତେକ୍ ଲକ୍, କାଇକେ ରୁଣ୍ଡିଆଚତ୍ ବଲି ନାଜାନିରଇଲାଇ । **୩୩** ସେମନର୍ ବିତ୍‌ରେଅନି କେତେକ୍ ଲକ୍ ଏଟାର୍‌ପାଇ ଆଲେକ୍‌ଜାଣ୍ଡାର୍‌କେ ଦାଇ କଲାଇ । କାଇକେବଇଲେ ଜିଉଦି ଲକ୍‌ମନ୍, ଆଗ୍‌ତୁ ତାକେ ଟିଆ କରାଇରଇଲା । ଆଲେକ୍‌ଜାଣ୍ଡାର୍ ଲକ୍‌ମନ୍‌କେ ଆତ୍‌ଟେକି ଚିମ୍‌ରାଇଅଇ ରଇବାକେ କଇଲା ଆରି ତାର୍ ବାସନ୍‌ଟାନେ ବିସ୍‌ବାସିମନର୍ ବାଟେ ଅଇକରି ବୁଜାଇବାକେ ଚେସ୍‌ଟା କଲା । **୩୪** ମାତର୍ ସେ ଗଟେକ୍ ଜିଉଦିଲକ୍ ବଲି ଜାନିକରି ଲକ୍‌ମନ୍ ଏକାତରେକ୍ ଆଉଲିଅଇକରି "ଆର୍‌ତେମି ଦେବିର୍ ଜୟ ଜୟ ଆ!" ବଲି ଦୁଇ ଗଁଟା ଜାକ ଆଉଲି ଅଇ ରଇଲାଇ । **୩୫** ପଚେ ନଅରର୍ ଅଦିକାରେ ରଇବା ଗଟେକ୍ କାମ୍‌କରୁ, ଲକ୍‌ମନ୍‌କେ ବୁଜା ସୁଜା କରି ଚିମ୍‌ରା କଲା ଆରି କଇଲା, "ଏ ଏପିସିୟର୍ ବାଇମନ୍, ଏପିସିସ୍ ନଅରେ ବଡ୍‌ଦେବି ଆର୍‌ତେମିର୍ ମନ୍ଦିର୍ ଆରି ଆକାସେଅନି କସ୍‌ରି ଆଇଲା ସୁକଲ୍ ପାକ୍‌ନା ରକିଆ କର୍‌ବା ଦାଇତ୍, ଏପିସିୟ ନଅରେ ରଇବା ଲକ୍‌ମନର୍ । **୩୬** କେ ମିସା ଏଟା ନଏଁ ବଲି କଇନାପାରତ୍ । ସେଟାର୍ ପାଇ ତମେ ସବୁ ଲକ୍ ଚିମ୍‌ରାଇ ଉଆ । କାଇକାମ୍ ମିସା ବକୁଆପାରା କରାନାଇ । **୩୭** ଏ ଲକ୍‌ମନ୍ ମନ୍ଦିରେଅନି କାଇଟା ଚରି କରତ୍ ନାଇ, କି ଆମର୍ ଦେବିର୍ ବିରଦେ, କାଇମିସା କାରାପ୍ କାତା କଅତ୍ ନାଇ, ଏଲେମିସା ତମେ ଏମନ୍‌କେ ଦାରି ଆନିଆଚାସ୍ । **୩୮** ଜଦି ଦିମିତିରିୟ ଆରି ତେଇର୍ ପୁତ୍‌ଲା ତିଆର୍‌କରୁମନ୍‌କେ, କାର୍ ବିରଦେ ଦାବାକର୍‌ବାଟା ଆଚେ, ସେଟା ବିଚାର୍ କର୍‌ବାକେ ଆମର୍ ଲକ୍‌ମନ୍ ଆଚତ୍ । ଆରି ବିଚାର୍ ଅଇବା ଗଟେକ୍ ଦିନ୍ ଆଚେ । ତେଇ ସେ ଦାବା ବିସଇ କଇପାରାସ୍ । **୩୯** ଜଦି ଆର୍‌ତେଇଅନି ଆରି ଅଦିକ୍ କାଇଟା ଜାନ୍‌ବାକେ ମନ୍ କଲାସ୍‌ନି, ତେବେ ଲକ୍‌ମନ୍ ଟିକ୍‌କଲା ନିୟମର୍ ସବାଇ, ସେଟା ଟିକ୍ କରାଅଇସି । **୪୦** ଆଜି ଜାଇଟା ଗଟ୍‌ଲା ଆଚେ, ତେଇ ଗଣ୍ଡଗଲ୍ କର୍‌ବା ଆରି ଦାବା କର୍‌ବା ବିସଇ ଆମର୍ ବିରଦେ କାତା ଉଟିପାରେ । ଏ ଗଣ୍ଡଗଲର୍ କାଇମିସା କାରନ୍ ଦେକାଇ ନାପାରୁ ।" **୪୧** ଏ ସବୁ କାତା କଇ ସେ ଲକ୍‌ମନ୍‌କେ ଚିମ୍‌ରା କରାଇ ସବା ସେସ୍ କଲା ।

**୨୦** ଗଣ୍ଡଗଲ୍ ବନ୍ଦ ଅଇଲା ପଚେ, ପାଉଲ୍ ବିସ୍‌ବାସିମନ୍‌କେ
ଗଟେକ୍‌ତେଇ ରୁଣ୍ଡାଇ ସାର୍‌ଦାର୍ କାତା ସୁନାଇଲା
। ସେମନ୍‌କେ ଜିବିବେ ବଲି କଇ, ତେଇଅନି ବାରଇ
ମାକେଦନିଆଇ ଗାଲା । ୨ ତେଇର୍ ସବୁ ଜାଗାଇ ଗାଲା,
ଆରି ବେସି ଲକ୍‌ମନ୍‌କେ ଉପ୍‌ଦେସ୍ ଦେଇ, ସାର୍‌ଦା କରାଇଲା,
ତାର୍‌ପଚେ ସେ ଗିରିସେ ଗାଲା । ୩ ତେଇ ସେ ତିନ୍ ମାସ୍
ରଇଲା, ଆରି ସିରିଆଇ ଜିବାକେ ତିଆର୍ ଅଇଲାବେଲେ,
ଜିଉଦିମନ୍ ତାକର୍ ବିରଦେ କୁଟ୍‌ପାଁଚ୍‌ଲାଇନି ବଲି କବର୍ ପାଇ
ମାକିଦନିଆବାଟେ ବାଉଡି ଜିବାକେ ଟିକ୍ କଲା । ୪ ବେରିଆତେଇ
ରଇବା ପୁରର୍ ପଅ ସପାତର୍, ତେସ୍‌ଲନିକିୟ ଆରିସ୍‌ତାକସ୍
ଆରି ସେକୁଦ୍, ଦର୍‌ବିର୍ ଗାୟ, ଏସିଆ ଦେସର୍ ତୁକିକ୍, ତର୍‌ପିମ୍
ଆରି ତିମତି । ୫ ସେମନ୍ ଆଗ୍‌ତୁ ଜାଇ ତରିୟାଇ ଆମ୍‌କେ ଜାଗି
ରଇଲାଇ । ୬ କମିର୍ ନ ପାକାଇ ରୁଟି କାଇବା ପରବର୍ ପଚେ,
ଆମେ ପିଲିପେଅନି ପାନିଜାଜେ ଜାଇ ପାଁଚ୍ ଦିନ୍ ପଚେ ତରୟାଇ
ସେମନର୍ ସଙ୍ଗ୍ ମିସ୍‌ଲୁ ଆରି ତେଇ ଗଟେକ୍ ଆଟ୍ ଜାକ ରଇଲୁ
। ୭ ଆଟର୍ ପର୍‌ତୁମ୍ ଦିନର୍ ସଞ୍ଜବେଲାଇ ଆମେ ସବୁଲକ୍
ମିସି କାଇବାକେ ରୁଣ୍ଡ୍‌ଲୁ । ପାଉଲ୍ ଲକ୍‌ମନ୍‌କେ ମଜାରାତି ଜାକ
ଉପ୍‌ଦେସ୍ ଦେଲା । କାଇକେବଇଲେ ତାର୍ ଆର୍‌କର୍ ଦିନେ ସେ
ଜାଗା ଚାଡି ଜିବାର୍ ରଇଲା । ୮ ଜନ୍ ଉପର୍ ତାଲାର୍ ବାକ୍‌ରାଇ
ଆମେ ସବା କର୍‌ତେ ରଇଲୁ, ତେଇ ବେସି ବତିମନ୍ ଲାଗିରଇଲା
। ୯ ତେଇ ଇଉଟିକସ୍ ନାଉଁର୍ ଗଟେକ୍ ଦାଙ୍ଗ୍‌ଡା କିଡ୍‌କି ଲଗେ
ବସି ରଇଲା । ପାଉଲ୍ କାତା କଇବା ବେଲାଇ, ତାକେ ଗୁନ୍ ଡାବି
ଆଇଲା, ସେ ଗୁନର୍ ଲାଡେ, ତିନ୍‌ତାଲାର୍ ଗର୍ ଉପ୍‌ରେଅନି
ତଲେ ଅଦ୍‌ରିଦେଲା । ସେମନ୍ ତାକେ ଉଟାଇବା ବେଲାଇ,
ସେ ମରିଜାଇରଇଲା । ୧୦ ମାତର୍ ପାଉଲ୍ ତଲ୍‌କେ ଉତ୍‌ରି
ଆସି ତାକେ ପାଟାଲି, ଦାରି କଇଲା, "ଡରା ନାଇ । ତାକେ
ଜିବନ୍ ଆଚେ ।" ୧୧ ତାର୍‌ପଚେ ସେ ଉପ୍‌ରେ ବାଉଡିଜାଇ ରୁଟି
ବାଣ୍ଟାଇ କାଇଲା, ଆରି ବେଲ୍ ଉଦ୍‌ବାଜାକ ସେମନର୍ ସଙ୍ଗ୍
ବେସି କାତାବାର୍‌ତା ଅଇ ତେଇଅନି ବାରଇଲା । ୧୨ ଲକ୍‌ମନ୍
ଦାଙ୍ଗ୍‌ଡାକେ ଜିବନ୍ ରଇଲାଟା ଦେକି ତାର୍ ଗରେ ଦାରିଗାଲାଇ
ଆରି ସାର୍‌ଦା ଅଇଲାଇ । ୧୩ ଆମେ ଆଗ୍‌ତୁ ଜାଜେ ଚଗି,
ଆସସେ ଜିବାକେ ବାରଇଲୁ । ତେଇଅନି ଆମେ ପାଉଲ୍‌କେ
ଜାଜେ ନେଇଜିବାକେ ଟିକ୍ କରିରଇଲୁ । କାଇକେବଇଲେ ସେ
ସମ୍‌ଦୁର୍‌ବାଟେ ଜାଇ, ସେ ଜାଗାଇ କେଟ୍‌ବି ବଲି କଇରଇଲା
। ୧୪ ସେ ଜେଡେବେଲା ଆମ୍‌କେ ଆସସେ ବେଟ୍ ଅଇଲା,
ଆମେ ତାକେ ଜାଜେ ଚଗାଇ ମିତିଲିନି ଜାଗାଇ ଗାଲୁ । ୧୫
ତେଇଅନି ଆରି ଜିବାର୍‌ଦାରି ତାର୍ ଆର୍‌କର୍ ଦିନେ କିଅସ୍ ଲଗେ
କେଟ୍‌ଲୁ । ତାର୍ ଆର୍‌କର୍ ଦିନେ ମିଲିଟସେ କେଟ୍‌ଲୁ । ଆରି
ଗଟେକ୍ ଦିନ୍ ପଚେ ଆମସେ କେଟ୍‌ଲୁ । ତାର୍ ଆର୍‌କର୍ ଦିନେ
ମିଲିଟସେ କେଟ୍‌ଲୁ । ୧୬ ଆସିଆ ରାଇଜେ ଆରି ବେସି ଦିନ୍ ନ
ରଇକରି, ଏପିସସ୍ କଣ୍ଡିକଣ୍ଡି ଜାଜ୍ ଚାଲାଇବାକେ ପାଉଲ୍ ଟିକ୍
କଲା । ଜଦି ଅଇପାର୍‌ସି, ପେନ୍‌ଟିକସ୍‌ଟ୍ ଦିନେ ଜିରୁସାଲାମ୍
କେଟ୍‌ବାକେ ସେ ତେରେପେତେ ଅଇତେ ରଇଲା । ୧୭ ପାଉଲ୍
ମିଲିଟସେଅନି ଏପିସି ମଣ୍ଡଲିର୍ ପାର୍‌ଚିନ୍ ମନ୍‌କେ ତାର୍ ସଙ୍ଗ୍
ମିସ୍‌ବାକେ ଡାକାଇଲା । ୧୮ ସେମନ୍ ଆସି କେଟ୍‌ଲାକେ
ପାଉଲ୍ କଇଲା, "ରମିୟ ରାଇଜର୍ ଆସିଆଇ କେଟ୍‌ଲା ପର୍‌ତୁମ୍
ଦିନେଅନି, କେନ୍ତି ତମର୍ ସଙ୍ଗ୍ ବେସି ବେଲା କାଟାଇଲି ଆଚି,
ସେଟା ତମେ ଜାନିଆଚାସ୍ । ୧୯ ଜିଉଦିମନର୍ କୁଟ୍ ପାଁଚ୍‌ନାର୍
ଲାଗି, ମକେ ଜନ୍ ଦୁକ୍ କସ୍‌ଟ ପାଇକରି ମୁରଚ୍‌ବାକେ ପଡ୍‌ଲା,
ସେ ବିତ୍‌ରେ ମୁଇ ପରମେସରର୍ ସେବାକାରିଆ ଇସାବେ
ଆଁସୁପାନି ଜଡାଇ, ମୁଣ୍ଡ ତଲେକରି, କାମ୍ କଲିଆଚି । ୨୦
ତମେ ଜାନିଆଚାସ୍, ଲକ୍‌ମନର୍ ଲଗେ କବର୍ ଜାନାଇଲାବେଲେ
ଆରି ତମର୍ ଗର୍‌ମନ୍‌କେ ଉପ୍‌ଦେସ୍ ଦେଲାବେଲେ, ତମର୍
ଉପ୍‌କାର୍ ଅଇଲାପାରା କାଇ ବିସଇ ମିସା ଜାନାଇବାକେ ମୁଇ
ଦୁଇମନିଆ ଅଇନାଇ ।" ୨୧ ଜିଉଦି ଆରି ଗିରିକ୍ ଲକ୍‌ମନ୍‌କେ
ସବୁକେ ମୁଇ ଡାଟ୍ ସଙ୍ଗ୍ ଜାଗ୍‌ରତ୍ ରଇବା କାତା ସୁନାଇ ରଇଲି,
ଜେନ୍ତାରିକି, ସେମନ୍ ପାପେଅନି ବାଉଡିକରି ପର୍‌ମେସରର୍
ବାଟେ ମନ୍ ଦେଅତ୍ ଆରି ମାପ୍‌ରୁ ଜିସୁକେ ବିସ୍‌ବାସ୍ କରତ୍ ।
୨୨ ଏବେ ସୁକଲ୍‌ଆତ୍‌ମାର୍ ଚାଲ୍‌ନାଦେଲା ଆଦେସ୍ ମାନିକରି,
ମୁଇ ଜିରୁସାଲମେ ଗାଲିନି । ତେଇ ମକେ କାଇଟା ଅଇସି
ନାଜାନି । ୨୩ ସୁକଲ୍‌ଆତ୍‌ମା ମକେ ଜାଗ୍‌ରତ୍ କରିଦେଇ ଆଚେ
ଜେ, ମୁଇ ସବୁ ନଅରେ ବନ୍ଦି ଗରେ ରଇକରି କସ୍‌ଟ ପାଇବି
। ୨୪ ମର୍ ନିଜର୍ ଜିବନ୍, ମର୍ ପାଇ, ମୁଇ ଇନ୍ କଲିନି ।
ପର୍‌ମେସରର୍ ଜିବନ୍ ଦୁକାଇଲା ବିସଇ ଆରି ମାପ୍‌ରୁ ଜିସୁ
ଜନ୍ କାତା ଜାନାଇବାକେ ମକେ ଦାଇତ୍ ଦେଲାଆଚେ, ସେଟା
ସାରାଇବି ଆରି ସୁବ୍ କବର୍ ଜାନାଇବାଟା ପୁରାପୁରୁନ୍ କର୍‌ବି ।
ଏତ୍‌କି ସେ ମୁଇ ମନ୍ କଲିନି । ୨୫ "ପର୍‌ମେସରର୍ ରାଇଜ୍ ବିସଇ
ଜାନାଇବାକେ ମୁଇ ତମର୍ ସବୁ ଲକର୍ ଲଗେ ଜାଇଆଚି । ଏବେ
ମୁଇ ଜାନିଆଚି, ତମର୍ ବିତ୍‌ରେଅନି କେମିସା ମର୍ ମୁଁ କେବେ
ଦେକି ନାପାରାସ୍ । ୨୬ ତେବର୍‌ପାଇ ଆଜି ବେଲା ମିଲ୍‌ଲା ଆଚେ
ବଲି ମୁଇ ଡାଟ୍ ସଙ୍ଗ୍ ତମ୍‌କେ ଜାନାଇଲିନି । ତମର୍ ବିତ୍‌ରେଅନି
କେ ଜଦି ବାଟ୍ ବାନା ଅଇଗାଲେ, ସେଟାର୍‌ପାଇ ମୁଇ ଦାଇ ନଇ
। ୨୭ କାଇକେବଇଲେ ତମର୍‌ଟାନେ ପର୍‌ମେସରର୍ ସବୁଜାକ
ଆଦେସ୍ ଜାନାଇବାକେ, ମୁଇ ଦୁଇମନିଆ ଅଇନାଇ । ୨୮
ତେବର୍‌ପାଇ ତମେ ନିଜର୍ ବିସଇ ଆରି ସୁକଲ୍‌ଆତ୍‌ମା ତାର୍ ସତ୍
ଗିଆନେ ଜନ୍ ବିସ୍‌ବାସି ମାନ୍ଦ୍‌କେ ଦେକାରକାପାଇ ଚାଡିଦେଇ
ଆଚେ, ସେ ସବୁ ବିସଇଟାନେ ଜାଗ୍‌ରତ୍ ଉଆ । ମେଣ୍ଡା ଚାରାଉ
ଗଉଡ୍‌ପାରା ପରମେସରର୍ ମଣ୍ଡଲିର୍ ଜତନ୍ ନିଆ । ସେ
ମଣ୍ଡଲିକେ ପରମେସର୍ ତାର୍ ନିଜର୍ ବନିଦେଇ ଗେନିଆଚେ ।
୨୯ ମୁଇ ଜାନିଆଚି, ମୁଇ ଗାଲାପଚେ ତମର୍ ବିତ୍‌ରେ ଅପର୍‌ବଲ୍
ଗଦଡୁର୍‌କାମନ୍ ଆଇବାଇ ଆରି ମେଣ୍ଡାରାସିକେ ଚିନ୍ ଚତର୍
କରିସେ ଚାଡ୍‌ବାଇ । ୩୦ ବେଲା ଆଇସି, ତମର୍ ନିଜର୍ ଦଲର୍

କେତେ ଲକ୍ ବିସ୍‌ବାସିମନ୍‌କେ ମିଚ୍ କାତା କଇ ତାକର୍ ବାଟେ
ଡାକି ନେବାଇ । ୩୧ ସେ ବେଲେ ତମେ ଜାଗ୍ରତ୍ ଅଇ ରୁଆ ।
ମୁଇ ତିନ୍ ବରସ୍ ଜାକ ଦିନ୍ ରାତି ଆଁସୁପାନି ଜରାଇ, ତମ୍‌କେ
ଗଟେକ୍ ଗଟେକ୍ କରି, ସବୁ ଲକ୍‌କେ ସିକାଇ ଆଚି, ଏ କାତା
ଏତାଇରୁଆ ।" ୩୨ "ଏବେ ମୁଇ ତମ୍‌କେ ପରମେସର୍‌କେ, ଆରି
ତାର୍ ଜିବନ୍ ଦୁକାଇବା ବାକିଅଟାନେ ସର୍‌ପି ଦେଲିନି । ସେ
ବାକିଅ ତମ୍‌କେ ଡାଟ୍ କରାଇସି ଆରି ପରମେସରର୍ ଲକ୍‌ମନର୍
ପାଇ ଅଇବା ସବୁ ଆସିର୍‌ବାଦ୍ ତମ୍‌କେ ଦେଇପାର୍‌ସି । ୩୩ ମୁଇ
କାର୍ ସୁନା, ରୁପା କି ଲୁଗାପଚିଆ ମିଲାଇବି ବଲି ଆସା କରିନାଇ
। ୩୪ ମର୍ ଏ ଦୁଇଟା ଆତେ କସ୍‌ଟ କରି, ମର୍ ପାଇ ଆରି
ମର୍‌ସଙ୍ଗ୍ ରଇବାଲକର୍ ପାଇ, ଦର୍‌କାର୍ ରଇଲାଟା ପୁରାପୁରୁନ୍
କଲିଆଚି ଏଟା ତମେ ଜାନିଆଚାସ୍ । ୩୫ ମିଲାଇବାଟାନେଅନି
ଦାନ୍‌ଦେବାଟା ଅଦିକ୍ ସାର୍‌ଦାର୍ ବିସଇ ଅଇରଇସି । ନିଜେ
ଜିସୁ ମାପ୍‌ରୁ ଏ ବାକିଅ ସୁମର୍‌ନା କରିରଇଲା । ଏନ୍ତାରି କସ୍‌ଟ
କାମେଅନି ନାପାର୍‌ଲା ଲକ୍‌ମନ୍‌କେ ସାଇଜ କର୍‌ବାର୍ ଆଚେ ।
ଏ ବିସଇ ମୁଇ ତମ୍‌କେ ସବୁବେଲେ କରିଦେକାଇଆଚି ।" ୩୬
ଏ ସବୁ କାତା କଇସାରାଇ ପାଉଲ୍ ସେମନର୍ ସଙ୍ଗ୍ ମାଣ୍ଡିକୁଟା
ଦେଇ ପାର୍‌ତନା କଲା । ୩୭ ସବୁ ଲକ୍ କାନ୍ଦି କାନ୍ଦି କରି
ପାଉଲ୍‌କେ ପାଟାଲିକରି ଚୁମ୍‌ଚାଟ୍ କରି ପାଟାଇଦେଲାଇ । ୩୮
ପାଉଲ୍ ସେମନ୍‌କେ "ତମେ ଆରି ମକେ ଦେକିନାପାରାସ୍ ।" ବଲି
କଇରଇଲାକେ, ସେମନ୍ ବେସି ମନ୍‌ଦୁକ୍ ଅଇଜାଇରଇଲାଇ ।
ଲକ୍‌ମନ୍ ପାଉଲ୍‌କେ ପାଟାଇ ଦେବାକେ, ଜାଜେ ନେଇ ଚାଡ୍‌ଲାଇ
।

**୨୧** ସେମନ୍‌କେ ପାଟାଇଦେଇକରି ଆମେ ତେଇଅନି ଜାଜେ
ଚଗି ସିଦା କସ୍ ନାଉଁର୍ ଜାଗାଇ କେଟ୍‌ଲୁ । ତାର୍
ଆର୍‌କର୍ ଦିନେ ରଦେ କେଟ୍‌ଲୁ, ସମ୍‌ଦୁର୍ ପାଲି ପାଲି ଜାଇ
ପାତାରା ନାଉଁର୍ ଜାଗାଇ ଗାଲୁ । ୨ ତେଇଅନି ପିନିସିଆଇ
ଜାଇତେ ରଇବା ଗଟେକ୍ ଜାଜେ ଚଗି ଜିବାର୍ ଦାର୍‌ଲୁ ।
୩ ତାର୍‌ପଚେ ଡିସ୍‌ତେରଇବା ସାଇପରସ୍ ନାଉଁର୍ ଗଟେକ୍
ଜାଗାଇ କେଟ୍‌ଲୁ । ତେଇଅନି ତାର୍ ଦକିଣ୍‌ଦିଗ୍ ବାଟେ ଜାଇ
ସିରିଆଇ କେଟ୍‌ଲୁ । ଆମେ ଟାୟର୍ ନାଉଁର୍ ଗଟେକ୍ ଜାଗାଇ,
ପାନିଜାଜେଅନି ଉତର୍‌ଲୁ, କାଇକେ ବଇଲେ, ଏ ଜାଜେଅନି
ଦିନ୍‌ସୁମନ୍ ଉତ୍‌ରାଇବାର୍ ରଇଲା । ୪ ତେଇ ଆମେ କେତେଟା
ବିସ୍‌ବାସିମନର୍ ସଙ୍ଗ୍ ବେଟ୍ ଅଇ ସେମନର୍ ସଙ୍ଗ୍ ଗଟେକ୍
ଆଟ୍ ରଇଲୁ, ସୁକଲ୍‌ଆତ୍‌ମାର୍ ଚାଲ୍‌ନା ପାଇକରି ସେମନ୍,
ଜିରୁସାଲମେ ଜିବାକେ ପାଉଲ୍‌କେ ମନା କଲାଇ । ୫ ମାତର୍
ସେମନର୍ ସଙ୍ଗ୍ ଗଟେକ୍ ଆଟ୍ ରଇଲା ପଚେ, ଆମେ ସେମନ୍‌କେ
ଚାଡିକରି ଆମର୍ ବାଟେ ଉଟି ଆଇଲୁ । ଆମ୍‌କେ ପାଟାଇ
ଦେବାକେ ସେମନ୍ ନିଜର୍ ନିଜର୍ ପିଲା ମାଇଜି ସଙ୍ଗ୍ ଗଡ୍
ବାଇରେ ରଇବା, ସମ୍‌ଦୁର୍ କଣ୍ଡିଜାକ ଆଇଲାଇ । ତେଇ ଆମେ
ସବୁ ଲକ୍ ମାଣ୍ଡିକୁଟା ଦେଇ ପାର୍‌ତନା କଲୁ । ୬ ତାର୍‌ପଚେ ଆମେ
ସେମନର୍ ସଙ୍ଗ୍, ଜୁଆର୍‌ବେଟ୍ ଅଇ ଜାଜେ ଚଗ୍‌ଲୁ, ସେମନ୍ ଗରେ
ବାଉଡି ଗାଲାଇ । ୭ ଆମେ ଟାୟରେଅନି ପାନିଜାଜେ ବାରଇ
ପତ୍‌ଲମା ନାଉଁର୍ ଜାଗାଇ କେଟ୍‌ଲୁ, ତେଇ ବିସ୍‌ବାସି ବାଇମନର୍
ସଙ୍ଗ୍ ଜୁଆର୍‌ବେଟ୍ ଅଇ ଗଟେକ୍ ଦିନ୍ ରଇଲୁ । ୮ ଆର୍‌କର୍ ଦିନେ
ଆମେ ସେ ଜାଗା ଚାଡି, ସିସେରିଆ ନାଉଁର୍ ଜାଗାଇ କେଟ୍‌ଲୁ,
ତେଇ ମାପ୍‌ରୁର୍ କାତା ଜାନାଇବା, ପିଲିପର୍ ଗରେ ରଇଲୁ,
ଜିରୁସାଲମେ ସେବା କର୍‌ବାକେ ବାଚାଇଅଇରଇବା ସାତ୍ ଲକର୍
ବିତ୍‌ରେଅନି, ପିଲିପ୍ ଗଟେକ୍ ଲକ୍ ରଇଲା । ୯ ପିଲିପର୍
ଚାର୍‌ଟା ଦାଙ୍ଗଡି ଟକିମନ୍ ବିବା ନ ଅଇକରି ରଇଲାଇ, ସେମନ୍
ପରମେସର୍ କଇଲା କାତା ଜାନାଇତେ ରଇଲାଇ । ୧୦ ଆମେ
ସେ ଜାଗାଇ ବେସି ଦିନ୍ ରଇଲା ପଚେ, ଜିଉଦା ରାଇଜେଅନି
ଆଗାବ୍ ନାଉଁର ଗଟେକ୍ ବବିସତ୍‌ବକ୍‌ତା ତେଇ ଆଇଲା । ୧୧
ସେ ଆମର୍ ଲଗେ ଆସି ପାଉଲର୍ ଆଟାବେଡା ନେଲା, ତେଇ
ସେ ନିଜର୍ ଆତ୍ ଗଡ୍ ବାନ୍ଦି କରି କଇଲା, "ସୁକଲ୍‌ଆତ୍‌ମା
ମକେ ଜାନାଇଲା ଆଚେ ଜେ, ଏ ଆଟାବେଡାର୍ ସାଉକାର୍‌କେ
ଜିରୁସାଲାମର୍ ଜିଉଦିମନ୍, ଏନ୍ତି ବାନ୍ଦି ଜିଉଦିନଇଲା ଲକ୍‌ମନ୍‌କେ
ସର୍‌ପିଦେବାଇ ।" ୧୨ ଏଟା ସୁନି ଆମେ ଆରି ସେ ଜାଗାଇ
ରଇଲା ବିନ୍‌ଲକ୍‌ମନ୍, ପାଉଲ୍‌କେ "ଜିରୁସାଲାମେ ନ ଜାଆ" ବଲି
ବାବୁଜିଆ କଲୁ । ୧୩ ମାତର୍ ପାଉଲ୍ କଇଲା, "ତମେ ଏଟା
କାଇଟା କଲାସ୍‌ନି, କାଇକେ ଏନ୍ତି କାନ୍ଦାବୁବା ଅଇ ମର୍ ମନ୍
କିଲ୍‌ବିଲ୍ କଲାସ୍‌ନି? ଜିରୁସାଲାମ୍ ଅବ୍‌କା ବାନ୍ଦାଇ ଅଇବାକେସେ
ନାଇ, ମାତର୍ ମୁଇ ମାପ୍‌ରୁ ଜିସୁର୍ ପାଇ ମର୍‌ବାକେ ମିସା ରାଜି
ଆଚି ।" ୧୪ ଆମେ ତାକେ ବୁଜାଇ ନାପାରି, ତେଇଅନି ଚିମ୍‌ରାଇ
ଅଇ କଇଲୁ "ମାପ୍‌ରୁ ମନ୍ କଲାଟା ପୁରାପୁରୁନ୍ ଅ ।" ୧୫ ତେଇ
କେତେଦିନ୍ ରଇକରି, ଆମର୍ ଦିନ୍‌ସୁପତର୍ ସାଜାଡି ଜିରୁସାଲମେ
ଜିବାକେ ବାରଇଲୁ । ୧୬ ସିସେରିଆର୍ କେତେଟା ସିସ୍‌ମନ୍, ଆରି
ସାଇପରସର୍ ମନାସନ୍ ନାଉଁର୍ ବିସ୍‌ବାସି ମିସା ଆମର୍ ସଙ୍ଗ୍
ଆଇଲା । ମନାସନର୍ ଗରେ ଆମେ ରଇବାକେ ଟିକ୍ ଅଇରଇଲା
। ୧୭ ଜିରୁସାଲମର୍ ବିସ୍‌ବାସି ବାଇମନ୍ ଆମ୍‌କେ ସାର୍‌ଦାସଙ୍ଗ୍
ଗତିଆ କଲାଇ । ୧୮ ତାର୍ ଆର୍‌କର୍ ଦିନେ ପାଉଲ୍ ଆମର୍ ସଙ୍ଗ୍
ଜାକୁବ୍‌କେ ଦେକ୍‌ବାକେ ଗାଲା, ମଣ୍ଡଲିର୍ ସବୁ ପାର୍‌ଚିନ୍‌ମନ୍
ତେଇ ରୁଣ୍ଡି ରଇଲାଇ । ୧୯ ପାଉଲ୍ ସେମନ୍‌କେ ଜୁଆର୍‌ବେଟ୍
ଅଇ ତାକର୍ କାମେଅନି, ପରମେସର୍ ଜିଉଦିନଇଲା ଲକ୍‌ମନର୍
ବିତ୍‌ରେ ଜାଇଟା କରିରଇଲା ତାର୍ ଗଟେକ୍ ଟିକିନିକିର୍ ତାଲିକା
ଦେଲା । ୨୦ ତାର୍ କାତା ସୁନ୍‌ଲାପଚେ ସେମନ୍ ସବୁ ଲକ୍
ପରମେସରର୍ ଡାକ୍‌ପୁଟା କଲାଇ । ତାର୍‌ପଚେ କଇଲାଇ, "ବାଇ
ପାଉଲ୍, ତମେ ଦେକ୍‌ଲାସ୍‌ନି, କେନ୍ତି, ଏବେ ଅଜାର୍ ଅଜାର୍
ଜିଉଦିମନ୍ ମାପ୍‌ରୁ ଜିସୁକେ ମାନ୍‌ଲାଇନି ଆରି ସେମନ୍ ରିତିନିତି
ମିସା ମାନ୍‌ଲାଇନି । ୨୧ ସେମନ୍ କବର୍ ପାଇଆଚତ୍ ଜେ,
ତମେ ଜିଉଦିନଇଲା ଦେସେ ବାସା ଅଇରଇଲା, ଜିଉଦିମନ୍‌କେ
ମସାର୍ ରିତିନିତି ଚାଡିଦେବାକେ, ସେମନର୍ ପିଲାମନ୍‌କେ ସୁନତ୍

ନ କର୍‌ବାକେ ଆରି ଜିଉଦି ରିତିନିତି ନ ମାନ୍‌ବାକେ ସିକିଆ
ଦେଲାସ୍‌ନି । ୨୨ ତମେ ଇତି କେଟିଆଚାସ୍ ବଲି ସେମନ୍ ସତ୍‌ସେ
ସୁନ୍‌ବାଇ । ସେନ୍ତି ଆଲେ କାଇଟା କରିଅଇସି? ୨୩ ଆମେ
ମନ୍‌କଲୁନି ତମେ ଗଟେକ୍ କାମ୍ କରା ବଲି । ଇତି ରଇଲା
ଚାରିଲକ୍ ଗଟେକ୍ ମାନତ୍ କଲାଇଆଚତ୍ । ୨୪ ସେମନର୍ ସଙ୍ଗ୍
ଜାଆ । ସୁକଲ୍ ଅଇବା ବିଦି ମାନ୍‌ବାତେଇ ସେମନର୍ ସଙ୍ଗ୍
ମିସା ଆରି ସେମନର୍ କର୍‌ଚା ଦେ । ତାର୍‌ପଚେ ସେମନ୍ ନିଜର୍
ନିଜର୍ ମୁଣ୍ଡ କୁରାଇ ଅଅତ୍ । ଇତିଅନି ଜାନାପଡ୍‌ସି ଜେ, ତମର୍
ବିସଇ ବାରଇରଇବା କାଇମିସା କବର୍ ସତ୍ ନଏଁ, ମାତର୍ ତମେ
ମସାର୍ ରିତିନିତି ଇସାବେ ଜିବନ୍ ଜିଇଲାସ୍‌ନି । ୨୫ ମାତର୍
ଜିଉଦି ନ ଅଇଲା ଲକ୍‌ମନ୍ ବିସ୍‌ବାସି ଅଇଆଚତ୍ । ସେମନ୍‌କେ
ଗଟେକ୍ ଚିଟି ଲେକି ଉପ୍‌ଦେସ୍ ଦେଲୁଆଚୁ ଜେ, ଆମର୍ କଇଲା
କାତା ଇସାବେ, ସେମନ୍ ପୁତ୍‌ଲାମନ୍‌କେ ବିରୁକଲା କାଦି ନ
କାଅତ୍, ବନି ନ କାଅତ୍, ଟଟ୍‌ରି ପିଚ୍‌କି ମରାଇରଇବା ପସୁର୍
ମାଉଁସ୍ ନ କାଅତ୍ ଆରି ବିନ୍ ମାଇଜିମନର୍ ସଙ୍ଗ୍ ପାପ୍ କାମ୍
କର୍‌ବାଟାନେଅନି ଦୁରିକେ ରଅତ୍ ।” ୨୬ ତାର୍ ପର୍‌ଦିନେ ପାଉଲ୍
ସେ ଚାର୍ ଲକର୍ ସଙ୍ଗ୍ ସୁକଲ୍ ଅଇବା ବିଦି ମାନ୍‌ଲା । ତାର୍
ପଚେ ସେ ମନ୍ଦିରେ ଜାଇ ସୁକଲ୍ ଅଇବା କାମ୍ କେବେ ସାର୍‌ସି,
ଆରି କେଡେବଲ୍ ବିରୁ କର୍‌ବାଟା ଅଇସି, ସେଟା ଜାନାଇଦେଲା
। ୨୭ ଏ ସୁକଲ୍ ଅଇବା କାମର୍ ସାତ୍ ଦିନ୍ ଗାଲା ପଚେ,
ଆସିଆ ରାଇଜର୍ କେତେଟା ଜିଉଦିମନ୍ ପାଉଲ୍‌କେ ମନ୍ଦିରେ
ଦେକ୍‌ଲାଇ, ସେମନ୍ ତେଇ ରୁଣ୍ଡିଲା ଲକ୍‌ମନ୍‌କେ ଉସ୍‌କାଇକରି
ପାଉଲ୍‌କେ ଦାର୍‌ଲାଇ । ୨୮ ସେମନ୍ ଆଉଲି ଅଇକରି କଇଲାଇ,
“ଏ ଇସ୍‌ରାଏଲର୍ ବାଇମନ୍ ଆମ୍‌କେ ସାଇଜ କରା! ଏ ଲକ୍
ଚାରିବାଟେ ଜାଇକରି ଇସ୍‌ରାଏଲ୍ ମନର୍ ବିରଦେ, ମସାର୍
ନିୟମ୍ ଆରି ଏ ମନ୍ଦିର୍ ବିରଦେ, ସିକିଆ ଦେଲାନି । ଏବେ
କେତେଟା ଗିରିକ୍ ଲକ୍‌ମନ୍‌କେ ମନ୍ଦିର୍ ବିତ୍‌ରେ ଆନି, ଏ ସୁକଲ୍
ଜାଗା ଅସୁକଲ୍ କଲା ଆଚେ ।” ୨୯ ସେମନ୍ ଗଡ୍ ବିତ୍‌ରେ
ଏପିସସର୍ ତର୍‌ପିମ୍‌କେ ପାଉଲ୍ ସଙ୍ଗ୍ ଦେକି ରଇଲାର୍ ପାଇ
ବାବ୍‌ଲାଇ ଜେ, ପାଉଲ୍ ତାକେ ମନ୍ଦିରେ ନେଲା ଆଚେ ବଲି
। ୩୦ ଗଡର୍ ଗୁଲାଇ ବାଟେ ରିସାର୍ କିଲ୍‌ବିଲ୍ ଡାବିଅଇଗାଲା
। ଲକ୍‌ମନ୍ ପାଉଲ୍‌କେ ମନ୍ଦିର୍ ବାଇରେ ଅର୍‌ଗଡି ଆନ୍‌ଲାଇ,
ଆରି ମନ୍ଦିରର୍ କାପାଟ୍‌ମନ୍ ଡାବିଦେଲାଇ । ୩୧ ରିସାଅଇଲା
ଲକ୍‌ମନ୍ ପାଉଲ୍‌କେ ମରାଇବାକେ ଚେସ୍‌ଟା କଲାଇ, ମାତର୍
ସମାନ୍ ସେ ବେଲାଇ “ଜିରୁସାଲାମେ ଗଣ୍ଡଗଲ୍ ଚାଲ୍‌ଲା ଆଚେ
।” ବଲି ରମିୟ ସନିଅମନର୍ କବର୍ ସୁନ୍‌ଲାଇ । ୩୨ ସେ
କେତେଟା ସେନାପତି କେତେଟା ସନିଅମନ୍‌କେ ଦାରି ଦାପ୍‌ରେ,
ଗଟ୍‌ନା ଗଟ୍‌ଲା ଜାଗାଇ ଆସି କେଟ୍‌ଲା । ଲକ୍‌ମନ୍ ସନିଅ ଆରି
ସେନାପତିକେ ଦେକିକରି ପାଉଲ୍‌କେ ମାର୍‌ବାଟା ଚାଡିଦେଲାଇ ।
୩୩ ସେନାପତି ପାଉଲ୍‌କେ ବନ୍ଦିକରି, ତାକେ ଦୁଇଟା ସିକ୍‌ଲିତେଇ
ବାନ୍ଦବାକେ ଆଦେସ୍ ଦେଲା, ତାର୍ ପଚେ ସେ ପାଚାର୍‌ଲା, “ଏ
ଲକ୍ କେ? ଆରି ସେ କାଇଟା କଲା ଆଚେ?” ୩୪ ଲକ୍‌ମନର୍
ମାନ୍ଦାଇଅନି କେ କେତେ ରକାମ୍ କାତା କଇ ଆଉଲିଅଇଲାଇ ।
ଏନ୍ତି କିରମାର୍ ଅଇଲା ଜେ, ସନିଅମନର୍ ମୁକିଆ, ସତ୍‌ସେ, ଏ
ଗଟ୍‌ନା କାଇକେ ଅଇଲା ବଲି ବୁଜିନାପାର୍‌ଲା । ସେଟାର୍‌ପାଇ
ସେ ପାଉଲ୍‌କେ ଗଡ୍‌ବିତ୍‌ରେ ଦାରିଜିବାକେ ସନିଅମନ୍‌କେ
ଆଦେସ୍ ଦେଲା । ୩୫ ସନିଅମନ୍ ପାଉଲ୍‌କେ ଦାରି ଚଗ୍‌ବା
ପାଉଚେ କେଟ୍‌ଲା ଦାପ୍‌ରେ, ତାର୍ ଚାରିବେଡ୍‌ତି ରଇଲା ଲକ୍‌ମନ୍
ବେସି ଆଉଲି ଅଇଲାଇକେ ସନିଅମନ୍ ତାକେ ବଇ ଦାରିଗାଲାଇ
। ୩୬ ବଇନେବା ବେଲେ ଲକ୍‌ମନ୍ ପଚ୍‌ପଚ୍ ଆସି ତାକେ ମରାଆ
ବଲି ଆଉଲି ଅଇତେରଇଲାଇ । ୩୭ ପାଉଲ୍‌କେ ସନିଅମନ୍
ଗଡ୍‌ବିତ୍‌ରେ ନେବାବେଲେ ସେ ସନିଅମନର୍ ମୁକିଆକେ କଇଲା,
“ମୁଇ ତମର୍ ସଙ୍ଗ୍ କାତା ଅଇପାର୍‌ବି କି?” ସନିଅମନର୍ ମୁକିଆ
କଇଲା, “ତୁଇତା ଗିରିକ୍ କଇଲୁସ୍‌ନି । ୩୮ ସେନ୍ତି ଆଲେ କେତେ
ଦିନ୍ ଆଗେ ମିସରର୍ ଜନ୍ ଲକ୍ ଚାରି ଅଜାର୍ କାଙ୍ଗାର୍‌ମନର୍ ସଙ୍ଗ୍
କେଟିରଇଲା, ତମେ ସେ ଲକ୍ ନୁଆଁସ୍!” ୩୯ ପାଉଲ୍ କଇଲା,
“ମୁଇ ସିଲିସିଆର୍ ତାର୍‌ସିସେ ଜନମ୍ କରିରଇବା ଗଟେକ୍ ଜିଉଦି,
ଗଟେକ୍ ମୁକିଅ ଗଡର୍ ଲକ୍ । ଏ ଲକ୍‌ମନ୍‌କେ ବୁଜାଇ କଇବାକେ
ଦୟାକରି ମକେ ଅଲପ୍ ଆଦେସ୍ ଦିଆ ।” ୪୦ ସେନାପତି
ତାକେ ଆଦେସ୍ ଦେଲାକେ ପାଉଲ୍ ପାଉଚ୍ ଉପ୍‌ରେ ଟିଆଅଇ,
ଲକ୍‌ମନ୍‌କେ ଚିମ୍‌ରା ଅଇବାକେ ଆତ୍ ସାଗିଆ କଲା । ସେମନ୍
ଚିମ୍‌ରା ଅଇଲାଇକେ, ପାଉଲ୍ ଇବ୍‌ରୁ ବାସାଇ କଇଲା ।

୨୨ “ମର୍ ସଙ୍ଗାରି ଜିଉଦି ବାଇ ଆରି ବାବାମନ୍, ମର୍
ନିଜର୍‌ବାଟେଅନି ମୁଇ ଜାଇଟା କଇଲିନି ସେଟା ସୁନା!”
୨ ସେମନର୍ ସଙ୍ଗ୍ ସେ ଇବ୍‌ରୁ ବାସାଇ କାତା କଇବାଟା ସୁନି, ଲକ୍
ମାନ୍ଦା ଚୁପ୍‌ଚାପ୍ ଅଇଲାଇ ଆରି ପାଉଲ୍ କଇବାକେ ଦାର୍‌ଲା,
୩ “ମୁଇ ଗଟେକ୍ ଜିଉଦି ଲକ୍, ସିଲିସିଆର୍ ତାର୍‌ସିସେ ମର୍
ଜନମ୍, ମାତର୍ ମୁଇ ଜିରୁସାଲାମେ କାଇପିଇ ବଡ୍ ଅଇରଇଲି
ଆରି ଗମଲିଏଲର୍ ସିସ୍ ରଇଲି । ଆମର୍ ଆନିଦାଦିମନର୍
ରିତିନିତି, ମୁଇ ଟିକ୍ ଇସାବେ ସିକିରଇଲି ଆରି ତମର୍ ପାରା
ପର୍‌ମେସର୍‌କେ ମାନିକରି ଜିଇତେରଇଲି । ୪ ମାପ୍‌ରୁର୍ ବାଟେ
ଜିବା ଲକ୍‌ମନ୍‌କେ ମାର୍‌ଦାର୍ କରି ସେମନ୍‌କେ ମରାଇଦେଇତେ
ରଇଲି । ମାଇଜିଟକି ମୁନୁସ୍‌ପିଲା ସବୁକେ ବାନ୍ଦିକରି ବନ୍ଦି
ଗରେ ପୁରାଇ ଦେଇତେ ରଇଲି । ୫ ମର୍ ଏ କାତା ପୁରା ସତ୍
। ବଡ୍ ପୁଜାରି ଆରି ବଡ୍ ସବାର୍ ସବୁ ପାର୍‌ଚିନ୍‌ମନ୍ ସାକି
ଆଚତ୍ । ଲକ୍‌ମନ୍‌କେ ବନ୍ଦି କରି ସିକ୍‌ଲି ସଙ୍ଗ୍ ବାନ୍ଦି ଜିରୁସାଲାମ୍
ଦାରିଆଇବାକେ, ମୁଇ ବଡ୍ ପୁଜାରିର୍ ଟାନେଅନି ଆଦେସ୍ ପତର୍
ପାଇ, ଦାମାସ୍‌କସେ ରଇବା ଜିଉଦି ବାଇମନର୍ ଲଗେ ଗାଲି
।” ୬ “ମୁଇ ଜେଡେବେଲା ବାରଇ ଜିରୁସାଲମେ ଜିବାବେଲେ
ଦାମାସ୍‌କସ୍ ଲଗାଲଗି ଅଇଲି, ପାକାପାକି ମୁଣ୍ଡବେଲାଇ,
ଆକାସେଅନି ଗଟେକ୍ ଉଜଲ୍ ମର୍ ଚାରିବେଡ୍‌ତି ଉଜଲ୍
ଅଇଗାଲା ।” ୭ ମୁଇ ବୁଏଁ ଉମ୍‌ତାଡିଅଇ ଅଦ୍‌ରିଗାଲି ଆରି

ମର୍‌ପାଇ ଏ କାତା ସୁନ୍‌ଲି, ସାଉଲ୍, ସାଉଲ୍! ମକେ ତୁଇ
କାଇକେ କସ୍‌ଟ ଦେଲୁସ୍‌ନି? **୮** ମୁଇ ପାଚାର୍‌ଲି, “ମାପ୍ରୁ, ତମେ
କେ? ସେ ମକେ କଇଲା, ‘ତମେ ଜାକେ କସ୍‌ଟ ଦେଲାସ୍‌ନି’
ମୁଇ ସେ ନାଜରିତର୍ ଜିସୁ ।” **୯** ମର୍‌ସଙ୍ଗ୍ ରଇଲା ଲକ୍ ସେ
ଉଜଲ୍ ଦେକ୍‌ଲାଇ, ମାତର୍ ମର୍ ସଙ୍ଗ୍ କାତା ଅଇବା ଲକର୍ ସର୍
ସୁନି ନାପାର୍‌ଲାଇ । **୧୦** ମୁଇ ପାଚାର୍‌ଲି, “ମାପ୍ରୁ, ମୁଇ କାଇଟା
କର୍‌ବି?” ମାପ୍ରୁ ମକେ କଇଲା, “ଉଟ୍, ଆରି ଦାମାସ୍‌କସେ
ଜାଆ, ପରମେସର୍ ତର୍ ପାଇ ଜନ୍ କାମ୍ ଟିକ୍ କଲା ଆଚେ,
ସେଟା ତମ୍‌କେ ତେଇ ଜାନାଇ ଦିଆଅଇସି ।” **୧୧** ସେ ଉଜଲ୍
ଏତେକ୍ ଉଜଲ୍ ରଇଲା ଜେ, ସେ ଉଜଲର୍ ବପୁ ସଙ୍ଗ୍, ମୁଇ କାଣା
ଅଇଜାଇରଇଲି । ସେଟାର୍‌ପାଇ ମର୍ ସଙ୍ଗ୍, ଜିବା ଲକ୍‌ମନ୍,
ମର୍ ଆତେ ଦାରି, ମକେ ଦାମାସ୍‌କସେ ଡାକିନେଲାଇ । **୧୨**
ଦାମାସ୍‌କାସେ ଅନନିଅ ନାଉଁର୍ ଗଟେକ୍ ଦରମ୍ ଲକ୍ ରଇଲା ।
ସେ ଆମର୍ ରିତିନିତି ନାମି କରି ରଇଲା, ତେଇ ରଇବା ଜିଉଦିମନ୍
ସବୁ ତାକେ ବେସି ନାମ୍‌ତେ ରଇଲାଇ । **୧୩** ସେ ମର୍‌ଲଗେ
ଆସି ଟିଆଅଇ କଇଲା, “ବାଇ ସାଉଲ୍, ତୁଇ ଆଁକି ଆରି ତରେକ୍
ଦେକ୍ ।” ଟିକ୍ ସେ ଦାପ୍‌ରେ, ମୁଇ ଆରି ତରେକ୍ ଦେକ୍‌ବା
ବପୁ ପାଇଲି । **୧୪** ସେ କଇଲା, “ଆମର୍ ଆନିଦାଦିର୍ ମାପ୍ରୁ
ସେ ମନ୍‌କର୍‌ବାଟା ଜାନ୍‌ବାକେ, ତାର୍ ଦରମର୍ ଦାଙ୍ଗ୍‌ଡାକେ
ଦେକ୍‌ବାକେ ଆରି ତାର୍ କାତା ସୁନ୍‌ବାକେ, ତକେ ବାଚ୍‌ଲା ଆଚେ
। **୧୫** ତୁଇ କାଇଟା ଦେକିଆଚୁସ୍ ଆରି ସୁନି ଆଚୁସ୍, ସେଟା
ସବୁ ଲକର୍ ଲଗେ ଦେକାଇବାକେ ଆରି ସୁନାଇବାକେ ତାକର୍
ସାକି ଅଇସୁ । **୧୬** ଆରି କାଇକେ ଅଲ୍‌ସମ୍ କଲୁସ୍‌ନି? ଉଟ୍,
ଡୁବନ୍ ନେ, ଆରି ତାକେ ପାର୍‌ତନା କରି ତର୍ ସବୁ ପାପେଅନି
ପରିଚଲ୍ ଅ ।” **୧୭** “ମୁଇ ଜିରୁସାଲମେ ବାଉଡି ଜାଇ, ତେଇର୍
ମନ୍ଦିରେ ପାର୍‌ତନା କର୍‌ବାବେଲେ, ମକେ ମାପ୍ରୁର୍ ଦର୍‌ସନ୍
ମିଲ୍‌ଲା । **୧୮** ମାପ୍ରୁ ମକେ ନିଜେ ଦେକାଇଅଇ କଇଲା,
ଦାପ୍‌ରେ ଜିରୁସାଲମ୍ ଚାଡି ଉଟି ଜା, କାଇକେ ବଇଲେ ଇଟିର୍
ଲକ୍‌ମନ୍ ମର୍ ବିସଇ, ତୁଇ ସାକିଦେବାଟା ନ ନାମତ୍ ।” **୧୯**
ମୁଇ କଇଲି “ମାପ୍ରୁ, ମୁଇ ପାର୍‌ତନା ଗର୍‌ମନ୍‌କେ ଜାଇ,
ତମ୍‌କେ ବିସ୍‌ବାସ୍ କର୍‌ବା ଲକ୍‌ମନ୍‌କେ, କେନ୍ତାରି ବନ୍ଦି କରି
ରଇଲି ଆରି ମାଡ୍ ମାରି ରଇଲି, ଏଟା ସେମନ୍ ନିକ ସଙ୍ଗ୍
ଜାନତ୍ । **୨୦** ଆରି ଜେଡେବେଲ୍ ତମର୍ ସାକି ଦେଇ ରଇବା
ତିପାନ୍‌କେ ମରାଇଦେଲାଇ, ମୁଇ ନିଜେ ତେଇ ରଇଲି, ତାକେ
ମାରି ମରାଇଦେବାକେ ରାଜିଅଇରଇଲି । ମାରୁମନର୍ ବେଟ୍‌ଲା
ବସ୍‌ତର୍ ଜାଗି ରଇଲି ।” **୨୧** ମାପ୍ରୁ ମକେ କଇଲା, “ଜାଆ ମୁଇ
ତକେ ବେସି ଦୁରିକେ ଜିଉଦି ନଇଲା ଲକ୍‌ମନର୍ ଲଗେ ପାଟାଇବି
।” **୨୨** ପାଉଲ୍ ଏ କାତା କଇବାଜାକ ଲକ୍‌ମନ୍ ମନ୍‌ଦିଆନ୍ ଦେଇ
ସୁନ୍‌ତେ ରଇଲାଇ, ମାତର୍ ତାର୍ ପଚେ ସେମନ୍ ଆଉଲିଅଇକରି
କଇଲାଇ, “ତାକେ ଜଗତେଅନି ବାର୍‌କରାଇ ଦିଆସ୍! ମରାଇ
ଦିଆସ୍, ସେନ୍ତା ଲକ୍ ଜିଇବାକେ ଲଡା ନାଇ!” **୨୩** ସେମନ୍
ଆଉଲି ଅଇକରି ବସ୍‌ତର୍ ଉପ୍‌ରେ ଉଡାଇତେରଇଲାଇ ଆରି
ଦୁଲି ମିସା ଉପ୍‌ରେ ଉଡାଇତେ ରଇଲାଇ । **୨୪** ରମିୟ
ସନିଅମନର୍ ମୁକିଆ ପାଉଲ୍‌କେ ଗଡ୍ ବିତ୍‌ରେ ଦାରିଜିବାକେ
ସନିଅମନ୍‌କେ ଟିଆର୍‌ଲା ଆରି ଜିଉଦିମନ୍ କାଇକେ ତାର୍
ବିରୁଦେ ଆଉଲି ଅଇଲାଇନି, ସେଟା ଜାନ୍‌ବାକେ ପାଉଲ୍‌କେ
କର୍‌ଡା ସଙ୍ଗ୍ ମାର୍‌ବାକେ ଆଦେସ୍ ଦେଲା । **୨୫** ମାତର୍ ସେମନ୍
ତାକେ କର୍‌ଡା ମାର୍‌ବାକେ ବାନ୍ଧିରଇଲା ବେଲେ, ପାଉଲ୍ ତେଇ
ରଇବା ଗଟେକ୍ ଅଦିକାରିକେ କଇଲା, “କାଇ ଦସ୍ ନ ରଇକରି
ଏବେ ଜାକ ବିଚାର୍‌ନା ନ ଅଇରଇବା ଗଟେକ୍ ରମିଅ ଲକ୍‌କେ
କର୍‌ଡା ସଙ୍ଗ୍ ମାର୍‌ବାଟା, ଏଟା ତୁଇ ନିୟମ୍ ମାନ୍‌ଲୁସ୍‌ନି କି?”
**୨୬** ଏ କାତା ସୁନିକରି ସନିଅ ଗାଲା ଆରି ସନିଅମନର୍ ମୁକିଅକେ
କଇଲା, “ତୁଇ କାଇଟା କଲୁସ୍‌ନି? ଏ ଗଟେକ୍ ରମିଅ ଲକ୍!”
**୨୭** ସନିଅମନର୍ ମୁକିଅ ପାଉଲର୍ ଲଗେ ଜାଇ ପାଚାର୍‌ଲା,
“ସତଇସେ ତମେ କାଇ, ରମିଅ ଲକ୍ କି?” ପାଉଲ୍ ଉତର୍ ଦେଲା
“ଉଁ ।” **୨୮** ସେନାପତି କଇଲା, “ମୁଇ ରମିଅ ସର୍‌କାର୍‌କେ ଡାବୁ
ଦେଇକରି ଗଟେକ୍ ରମିଅ ଲକ୍ ଅଇଲି ଆଚି ।” ପାଉଲ୍ କଇଲା
“ମାତର୍ ମୁଇ ଜନମ୍ କଲାବେଲେଅନି ରମିଅ ଲକ୍ ।” **୨୯** ଏଟା
ସୁନିକରି ଜନ୍‌ଲକ୍‌ମନ୍ ପାଉଲ୍‌କେ ପାଚାର୍‌ବାର୍ ଜାଇରଇଲାଇ,
ସେମନ୍ ପଚ୍‌କେ ଗୁଚ୍‌ଲାଇ । ପାଉଲ୍ ଗଟେକ୍ ରମିୟ ଲକ୍ ବଲି
ଜାନ୍‌ଲାକେ, ସେମନର୍ ନେତା ମିସା ଡର୍‌ଲା । କାଇକେବଇଲେ
ପାଉଲ୍‌କେ ସିକ୍‌ଲି ସଙ୍ଗ୍ ବାନ୍ଧବାକେ ସେ ସେ ଟିଆରିରଇଲା ।
**୩୦** ଜିଉଦିମନ୍ ପାଉଲ୍‌କେ କାଇବଲି ନିନ୍ଦା କର୍‌ତେରଇଲାଇ,
ସେଟା ଜାନ୍‌ବାକେ ସନିଅମନର୍ ମୁକିଅ ମନ୍ କର୍‌ତେରଇଲା ।
ତେବର୍‌ପାଇ ତାର୍ ଆର୍‌କର୍ ଦିନେ ସବୁ ପୁଜାରିମନ୍‌କେ ଆରି
ବଡ୍ ସବାର୍ ମେମର୍‌ମନ୍‌କେ ରୁଣ୍ଡାଇବାକେ ଟିଆର୍‌ଲା । ତାର୍
ପଚେ ସେ ପାଉଲ୍‌କେ ବାନ୍ଧଲା ସିକ୍‌ଲି କୁସ୍‌ଲାଇ, ଦାରିକରି
ଆନ୍‌ଲା ଆରି ବଡ୍ ସବାଇ ତାକର୍ ମୁଆଟେ ଟିଆ କରାଇଲା ।

**୨୩** ପାଉଲ୍ ବଡ୍‌ସବାର୍ ଲକ୍‌ମନ୍‌କେ ସିଦା ଦେକି କଇଲା,
“ଏ ଇସ୍‌ରାଏଲର୍ ବାଇମନ୍! ଆଜିକେ ଜାକ ମୁଇ
ପରମେସରର୍ ମୁଆଟେ କେନ୍ତାର୍ ଜିବନ୍ ବିତାଇ ଆଚି, ସେ
ବିସଇଟାନେ ମନ୍ ପୁରାପୁରୁନ୍ ନିର୍‌ମଲ୍ ଆଚେ ।” **୨** ଏ
କାତା ସୁନିକରି ଅନନିଅ ନାଉଁର୍ ବଡ୍ ପୁଜାରି ପାଉଲର୍ ଲଗେ
ଟିଆଅଇରଇବା ଲକ୍‌ମନ୍‌କେ, ତାର୍ ଗାଲେ ଚାପଡ୍ ମାରା ବଲି
ଟିଆର୍‌ଲା । **୩** ପାଉଲ୍ ତାକେ କଇଲା, “ଏ ଚୁନ୍ ମାରିଅଇଲା
ଦବ୍‌ଲା ଉଆଁରି କତି, ପର୍‌ମେସର୍ ତକେ ଡଣ୍ଡ ଦେଇସି ଆକା
। ନିୟମ୍ ଇସାବେ ମର୍ ବିଚାର୍ କର୍‌ବାକେ, ତୁଇ ତେଇ
ବସିଆଚୁସ୍ । ଏଲେ ମିସା, ନିୟମ୍ ବାଙ୍ଗିକରି ମକେ ମାର୍‌ବାକେ
ଟିଆର୍‌ଲୁସ୍‌ନି!” **୪** ଲଗେ ରଇବା ଲକ୍‌ମନ୍ ପାଉଲ୍‌କେ କଇଲାଇ,
“ପର୍‌ମେସର୍ ବାଚିରଇବା ବଡ୍ ପୁଜାରିକେ ତୁଇ ନିନ୍ଦା କଲୁସ୍‌ନି!”
**୫** ପାଉଲ୍ କଇଲା, “ଏ ଇସ୍‌ରାଏଲର୍ ବାଇମନ୍, ସେ ବଡ୍ ପୁଜାରି
ବଲି ମୁଇ ନାଜାନିରଇଲି । ସାସ୍‌ତରେ ଲେକାଆଚେ, ତମେ

ନିଜର୍ ଜାତିର୍ ସାସନ୍‌କାରିଆକେ କରାପ୍ କାତା କଇବାର୍‌ନାଇ
।” **୬** ବଡ୍ ସବାର୍ ମେମର୍‌ମନର୍ ବିତ୍‌ରେ କେତେଟା ପାରୁସି
ଆରି କେତେଟା ସାଦୁକିମନ୍ ରଇଲାଟା ଦେକି ପାଉଲ୍ ବଡ୍
ସବାର୍ ଲକ୍‌ମନ୍‌କେ ଦେକାଇ ଆଉଲି ଅଇକରି କଇଲା, “ଏ
ଇସ୍ରାଏଲର୍ ବାଇମନ୍, ମୁଇ ଗଟେକ୍ ପାରୁସି ଲକ୍, ମର୍ ଆୟା
ବାବା ମିସା ପାରୁସି । ମଲା ଲକ୍‌ମନ୍ ଆରିତରେକ୍ ଉଟ୍‌ବାଟା
ମର୍ ଆସା ଆଚେ ବଲି, ଇତି ମର୍ ବିଚାର୍‌ନା ଅଇଲାନି ।” **୭**
ପାଉଲ୍ ଏ କାତା କଇଲା ଦାପ୍‌ରେ, ପାରୁସି ଆରି ସାଦୁକିମନର୍
ବିତ୍‌ରେ ଲାଗାଜଡା ଅଇଗାଲାଇ ଆରି ସେମନ୍ ବେଗ୍‌ଲି ଗାଲାଇ
। **୮** କାଇକେବଇଲେ ସାଦୁକିମନର୍ ବିସ୍‌ବାସ୍ ଇସାବେ ମଲା
ଲକ୍‌ମନ୍ ନ ଉଟତ୍ । ସରଗର୍ ଦୁତ୍ କି ଆତ୍‌ମା ମିସା ନାଇ
ବଲି, ବିସ୍‌ବାସ୍ କର୍‌ବାଇ, ମାତର୍ ପାରୁସିମନ୍ ଏ ତିନ୍‌ଟା
ଜାକ ବିସ୍‌ବାସ୍ କର୍‌ତେରଇଲାଇ । **୯** ସେମନର୍ କିରଜାଟି
ଅଇବାଟା ଅଦିକ୍ ଅଦିକ୍ ଅଇଆଇଲା । ପାରୁସି ଦଲର୍ କେତେଟା
ଦରମ୍ ଗୁରୁ ଉଟିକରି ଡାଟ୍ ସଙ୍ଗ୍ କଇଲାଇ, “ଆମେ ଏ ଲକର୍
ଟାନେଅନି କାଇ ଦସ୍ ମିସା ମିଲାଉ ନାଇ । କେଜାନେ ଆକେ
ଗଟେକ୍ ସରଗର୍ ଦୁତ୍ କି ଆତ୍‌ମା କାତା କଇରଇସି ।” **୧୦**
ତାକର୍ ଦଦାପେଲା ଅଦିକ୍ ଅଦିକ୍ ଅଇଗାଲାକେ ଲକ୍‌ମନ୍
ପାଉଲ୍‌କେ ଗନ୍ଦାଗନ୍ଦା କରି ଚିରି ପାକାଇବାଇ ବଲି ସନିଅମନର୍
ମୁକିଅ ଡର୍‌ଲା । ତେବେ ସେ ଗଣ୍ଡଗଲ୍ ଅଇବା ଲକ୍‌ମନର୍
ବିତ୍‌ରେଅନି ପାଉଲ୍‌କେ ରକିଆ କରି ଗଡ୍ ବିତ୍‌ରେ ଦାରି ଜିବାକେ
ସନିଅମନ୍‌କେ ତିଆର୍‌ଲା । **୧୧** ସେ ରାତି ମାପ୍‌ରୁ ପାଉଲର୍ ଲଗେ
ଟିଆଅଇ କଇଲା, “ଡର୍ ନାଇ! ମର୍ ପାଇ ଇତି ଜିରୁସାଲାମେ
ତୁଇ ସାକି ଦେଇ ଆଚୁସ୍ । ରମ୍ ଦେସେ ମିସା ତୁଇ ସେନ୍‌ତାରି
କର୍‌ବାର୍ ଆଚେ ।” **୧୨** ଆରକର୍ ଦିନର୍ ସାକାଲେ କେତେଟା
ଜିଉଦିମନ୍ ଗଟେକ୍‌ଟାନେ ରୁଣ୍ଡି ଜଜ୍‌ନା କଲାଇ । ପାଉଲ୍‌କେ ନ
ମରାଇବା ଜାକ ସେମନ୍ ଅରନ୍‌ପାନି ନ ଚିଉ ବଲି ସପତ୍ କଲାଇ
। **୧୩** ଚାଲିସ୍‌ତେଇଅନି ଅଦିକ୍ ଲକ୍ ଏ ଜଜ୍‌ନା କଲାଇ । **୧୪**
ସେମନ୍ ଜାଇକରି ମୁକିଅ ପୁଜାରିମନ୍‌କେ ଆରି ପାର୍‌ଚିନ୍‌ମନ୍
କେ କଇଲାଇ, “ପାଉଲ୍‌କେ ନ ମରାଇବା ଜାକ ଅରନ୍‌ପାନି ନ
ଚିଉ ବଲି ଆମେ ସପତ୍ କରିଆଚୁ । **୧୫** ତମେ ଆରି ବଡ୍‌ସବାର୍
ଲକ୍‌ମନ୍ ରମିୟ ନେତା ପାଉଲ୍‌କେ ଇତି ଆରିତରେକ୍ ଆନା
ବଲି କବର୍ ପାଟାଆ । ତାର୍ ବିସଇର୍ ଟିକିନିକି ଜାନ୍‌ବାର୍
ଆଚେ ବଲି ମିଚ୍ କଇକରି ଆନାଆ । ସେ ବଡ୍ ସବାଇ ଆଇବା
ବେଲେ ତାକେ ବାଟେ ଜାଗି ମାରି ମରାଇଦେବୁ ।” **୧୬** ପାଉଲର୍
ବାନ୍‌ଜା ଏମନର୍ କୁଟ୍ କାତା ସୁନିକରି ଗଡ୍ ବିତ୍‌ରେ ଗାଲା
ଆରି ସବୁ କାତା ପାଉଲ୍‌କେ କଇଦେଲା । **୧୭** ପାଉଲ୍ ଗଟେକ୍
ରମିୟ ଅଦିକାରିକେ ଡାକାଇ କରି କଇଲା, “ଏ ଦାଙ୍ଗ୍‌ଡାକେ
ସନିଅମନର୍ ମୁକିଅ ଲଗେ ଦାରି ଜାଅତ୍ । ସେ ତାକେ କାଇଟାକି
କଇବାର୍ ଆଚେ ।” **୧୮** ସନିଅ ତାକେ ମୁକିଆର୍ ଲଗେ ନେଇ
କଇଲା, “ବନ୍ଦି ରଇବା ପାଉଲ୍ ମକେ ଡାକି ଏ ଦାଙ୍ଗ୍‌ଡାକେ ତମର୍
ଲଗେ ଆନ୍‌ବାକେ କଇଲା । ତମ୍‌କେ ପନି ସେ କାଇଟା କଇବାର୍
ଆଚେ ।” **୧୯** ସନିଅମନର୍ ମୁକିଅ ତାର୍ ଆତ୍ ଦାରିକରି ଗଟେକ୍
ପାଲିକେ ଡାକିନେଲା ଆରି ପାଚାର୍‌ଲା, “କାଇଟା କଇବାର୍
ଆଚେ କଅ!” **୨୦** ଦାଙ୍ଗ୍‌ଡା କଇଲା, “ପାଉଲର୍ ଟିକିନିକି ବିସଇ
ଜାନ୍‌ବାର୍ ଆଚେ ବଲି ନାଡାଇକରି ତାକେ ଜିଉଦିମନ୍ ବଡ୍
ସବାଇ ନେବାକେ, ତମ୍‌କେ ଗୁଆରି କର୍‌ବାଇ । **୨୧** ମାତର୍ ତମେ
ତାକର୍ କାତା ସୁନା ନାଇ । କାଇକେ ବଇଲେ ଚାଲିସ୍‌ତେଇଅନି
ଅଦିକ୍ ଲକ୍ ଲୁଚିକରି ପାଉଲ୍‌କେ ମରାଇବାକେ ଜାଗିଆଚତ୍ ।
‘ତାକେ ନ ମରାଇବା ଜାକ ଅରନ୍‌ପାନି ନ କାଉଁ’ ବଲି ସପତ୍
କଲାଇ ଆଚତ୍ । ଏବେ ସେମନ୍ ତମର୍ ଆଦେସ୍ ଦେବାଟାକେ
ଜାଗିକରି ଆଚତ୍ ।” **୨୨** ସନିଅମନର୍ ମୁକିଅ କଇଲା, “ତୁଇ
ମକେ ଏ କାତା ଜାନାଇ ଆଚି ବଲି କାକେ କଅ ନାଇ ।” ଏନ୍‌ତାରି
କଇକରି ଦାଙ୍ଗ୍‌ଡାକେ ପାଟାଇ ଦେଲା । **୨୩** ସନିଅମନର୍ ମୁକିଅ
ତାର୍ ତଲେ ରଇଲା ଦୁଇଟା ସନିଅକେ ଡାକାଇ କଇଲା, “ଆଜି
ରାତି ନଅଟା ବିତ୍‌ରେ ସିସେରିଆ ଜିବାକେ ଦୁଇସ ସନିଅକେ
ତିଆର୍, ଆରି ସତୁରିଟା ଗଡାଇ ଚଗୁମନ୍ ଆରି ଦୁଇ ସଅ
ବର୍‌ଚି ଦାରୁମନ୍‌କେ ଟିକ୍ କର୍ । **୨୪** ପାଉଲ୍ ଜିବା ପାଇ
କେତେଟା ଗଡା ଦିଆସ୍ ଆରି ନିକ ସଙ୍ଗ୍ରେ ତାକେ ସାସନ୍‌କାରିଆ
ପେଲିକ୍‌ସ୍ ଲଗେ ଦାରି ଜାଆ ।” **୨୫** ସନିଅମନର୍ ମୁକିଅ
ପେଲିକ୍ସେସ୍‌କ ଏନ୍‌ତି ଗଟେକ୍ ଚିଟି ଲେକ୍‌ଲା, **୨୬** “ଏ ଚିଟି ମୁଇ
କାଲାଡିଆକେ ଲିସିଆର୍ ସବୁର୍‌ଟାନେଅନି ଡାକ୍‌ପୁଟା ରଇବା
ସନ୍‌ମାନର୍ ସାସନ୍‌କାରିଆ ପେଲିକ୍ସେସ୍‌କ ଲେକ୍‌ଲିନି, ଜୁଆର୍!
**୨୭** ଆଗିଆ, ଜିଉଦିମନ୍ ଏ ଲକ୍‌କେ ଦାରି ତାକେ ମର୍‌ତେ
ମାରିଦେବାକେ ଚେସ୍‌ଟା କର୍‌ତେ ରଇଲାଇ । ସେ ଗଟେକ୍
ରମିୟ ଲକ୍ ବଲି ଜାନ୍‌ଲା ପଚେ, ମୁଇ ତାକେ ମର୍ ସନିଅମନ୍
ସଙ୍ଗ୍ରେ ତାକେ ରକିଆ କଲି । **୨୮** ସେମନର୍ ବିରଦେ ସେ କାଇ
ଦସ୍ କଲା ଆଚେ, ସେଟା ଜାନ୍‌ବାକେ ତାକେ ମୁଇ ସେମନର୍
ବଡ୍‌ସବାଇ ଦାରିଗାଲି । **୨୯** ମାତର୍ ସେ ମରନର୍ କି ବନ୍ଦି
ଡଣ୍ଡ ପାଇବା ପାରା କାଇମିସା ବୁଲ୍ କାମ୍ କରେ ନାଇ ବଲି
ମୁଇ ଜାନିପାର୍‌ଲି । ତାର୍ ବିରଦେ ଅଇଲା ଦାବା ସବୁ, ତାକର୍
ନିଜର୍ ଦରମ୍ ବିସଇ । **୩୦** ଆରି ତାର୍ ବିରଦେ ଗଟେକ୍ କୁଟ୍
ଜଜ୍‌ନା ଅଇଲାନି ବଲି କବର୍ ସୁନି, ବେଗି ବେଗି ତମର୍ ଲଗେ
ପାଟାଇ ଦେବାକେ ଟିକ୍ କଲି, ତାର୍ ବିରଦେ ରଇଲା ଦାବା,
ତର୍ ମୁଆଟେ ଜାନାଇବାକେ ତାର୍ ଦାବାଦାରିମନ୍‌କେ ମୁଇ
କଇଲିଆଚି ।” **୩୧** ସନିଅମନ୍ ସେ ଆଦେସ୍ ଇସାବେ ପାଉଲ୍‌କେ
ସେ ରାତି ଆନ୍‌ତିପଟ୍ରିସେ କେଟାଇଦେଲାଇ । **୩୨** ତାର୍
ଆର୍‌କର୍ ଦିନେ ଇଣ୍ଡିଜିବା ସନିଅମନ୍ ଗଡେ ବାଉଡିଗାଲାଇ
ଆରି ଗଡାଇ ଜାଉ ସନିଅମନ୍‌କେ ଜିବାକେ କଇଲାଇ । **୩୩**
ସନିଅମନ୍ ପାଉଲ୍‌କେ ଦାରି ସିସେରିଆଇ କେଟ୍‌ଲାଇ । ତେଇ
ସନିଅମନର୍ ମୁକିଅର୍ ଚିଟି ସଙ୍ଗ୍ରେ ପାଉଲ୍‌କେ ସାସନ୍‌କାରିଆର୍
ଆତେ ଜିମାଦେଇଦେଲାଇ । **୩୪** ସାସନ୍‌କାରିଆ ଚିଟି ପଡି

ପାଉଲ୍‌କେ କନ୍ ରାଇଜେଅନି ଆସିଆଚୁସ୍? ବଲି ପାଚାର୍‌ଲା । ପାଉଲ୍ ସିଲିସିଆଇଅନି, ବଲି ଜାନ୍‌ଲା । **୩୫** ସେ କଇଲା, "ତମର୍ ଦାବାଦାରିମନ୍ ଆସି କେଟ୍‌ଲା ପଚେ, ମୁଇ ତର୍ କାତା ସୁନ୍‌ବି ।" ତାର୍ ପଚେ ପାଉଲ୍‌କେ ଏରଦ୍ ରାଜାର୍ ନଅରେ ବନ୍ଦି କରି ସଙ୍ଗଇବାକେ ଆଦେସ୍ ଦେଲା ।

**୨୪** ପାଁଚ୍‌ଦିନ୍ ପଚେ ବଡ୍ ପୁଜାରି ଅନନିୟ କେତେଟା ପାର୍‌ଚିନ୍ ଆରି ତର୍‌ତୁଲସ୍ ନାଉଁର୍ ଗଟେକ୍ ଅକିଲ୍ ସଙ୍ଗ ସିସେରିଆଇ ଗାଲାଇ । ସେମନ୍ ପେଲିକ୍‌ସର୍ ମୁଆଟେ ଟିଆଅଇ ପାଉଲର୍ ବିରଦେ ସେମନର୍ ଦାବା ଜାନାଇଲାଇ । **୨** ତାର୍‌ପଚେ ପାଉଲ୍‌କେ ତେଇଆନି ଟିଆ କରାଇଲାଇ ଆରି ତର୍‌ତୁଲସ୍ ଏନ୍ତି ତାକର୍ ଦାବାମନ୍ ସବୁ ଜାନାଇଲା । "ଆଗିଆଁ, ତମେ ଗଟେକ୍ ଡାକ୍‌ପୁଟା ଲକ୍, ତମର୍ ନିମାନ୍ ସାସନ୍‌ଅନି ଆମେ ବେସି ଦିନ୍ ଦାରି ସାର୍‌ଦା ଅଇ ସାନ୍ତି ସଙ୍ଗ ଜିଇଲୁନି, ଆମର୍ ଦେସର ମଙ୍ଗଲ୍ ପାଇ ବେସି ଦର୍‌କାର୍ ରଇଲା କାମ୍‌ମନ୍ କରାଇଆଚାସ୍ । **୩** ସବୁଜାଗାଇ ଆରି ସବୁ ବେଲାଇ ଆମେ ଏଟାକେ ନାମ୍‌ଲୁନି, ଏଟାର୍‌ପାଇ ଆମେ ତମ୍‌କେ ମାନି ଆଇଲୁନି । **୪** ସେଟା ଜାଇଟା ଅ, ମୁଇ ତମର୍ ଅଦିକ୍ ବେଲା ନେବାକେ ମନ୍ କରିନାଇ । ସେଟାର୍ ପାଇ ଆମର୍ ଗଟେକ୍ ଚଟ୍ ଅର୍‌ସାସଙ୍ଗର୍ କାତା ସୁନ୍‌ବାକେ ବାବୁଜିଆ କଲିନି । **୫** ଏ ଲକ୍ ଗଟେକ୍ ବେସି ବଡ୍ ଗଣ୍ଡଗଲ୍ କରାଉ ବଲି ଆମେ ଜାନୁ, ସେ ଦେସ୍‌ବିଦେସେ ସବୁ ବାଟେ ବୁଲିବୁଲି ଜିଉଦିମନ୍‌କେ କିରମାର କରାଇବାକେ ଉସ୍‌କାଇଲାନି, ସେ ନାଜରିତ୍ ଦଲର୍ ଗଟେକ୍ ନେତା । **୬** ସେ ଆମର୍ ମନ୍ଦିର୍ ଅସୁକଲ୍ କର୍‌ବାକେ ଚେସ୍‌ଟା କଲାବେଲେ ଆମେ ତାକେ ବନ୍ଦି କଲୁ । **୭** ଆମର୍ ନିୟମ୍ ଇସାବେ ଏ ଲକ୍‌କେ ବିଚାର୍ କର୍‌ବାକେ ଆମେ ମନ୍ କର୍‌ତେରଇଲୁ । **୮** ଆର୍ ବିରଦେ ଜନ୍ ସବୁ ଦାବା କଲୁଆଚୁ, ସେଟା ତମେ ଏ ଲକ୍‌କେ ପାଚାରିକରି ଜାନିପାରାସ୍ ।" **୯** ତେଇରଇଲା ଜିଉଦିମନ୍ ଏଟା ସତ୍‌ବଲି ଡାଟ୍ ସଙ୍ଗ ସେ କାତାଇ ରାଜି ଅଇଲାଇ । **୧୦** ତାର୍‌ପଚେ ସାସନ୍‌କାରିଆ ପାଉଲ୍‌କେ କାତା ଅଇବାକେ ସାଗିଆ କଲାକେ ପାଉଲ୍ କଇଲା । "ମୁଇ ଜାନି ଜେ ବେସି ବରସ୍ ଦାରି ତମେ ଏ ଜାତିର୍ ବିଚାର୍‌କରୁ ଅଇ ଆଚୁସ୍, ସେଟାର୍ ପାଇ ତମର୍ ମୁଆଟେ କଇବାଟା କେଡେ କରମର୍ କାତା । **୧୧** ଆଗିଆ, ତମେ ନିଜେ କଜିକରି ଜାନିପାର୍‌ସା ଜେ, ପାକାପାକି ବାରଦିନ୍ ତଲେ, ମୁଇ ଜିରୁସାଲାମେ ପାର୍‌ତନା କର୍‌ବାକେ ଜାଇରଇଲି । **୧୨** ମନ୍ଦିରେ କାର୍ ସଙ୍ଗ, ମୁଇ ଦଦାପେଲା କର୍‌ବାଟା ଜିଉଦିମନ୍ ଦେକି ନ ରଇଲାଇ କି ପାର୍‌ତନା ଗର୍‌ମନ୍‌କେ କି ଗଡର୍ କନ୍ ବିନ୍ ଜାଗାଇ ଲକ୍‌ମନ୍‌କେ ଉସ୍‌କାଇବାଟା ଦେକି ନ ରଇଲାଇ । **୧୩** ସେଟାର୍ ପାଇ ମର୍ ବିରଦେ ଏବେ ଆନିରଇବା ଦାବାର୍ ପାଇ, ସେମନ୍ କାଇମିସା ସାକି ଦେଇ ନାପାରତ୍ । **୧୪** ଏଲେ ମିସା ମୁଇ ତମର୍ ଲଗେ ରାଜି ଅଇଲିନି ଜେ, ଜନ୍ ବାଟ୍ ସେମନ୍ ମିଚ୍ ବଲି କଇଲାଇନି, ସେ ବାଟେ ଜାଇ, ଆମର୍ ଆନିଦାଦିମନର୍ ପରମେସର୍‌କେ ପାର୍‌ତନା କଲିନି । ମାତର୍ ମୁଇ ମିସା ମସାର୍ ରିତିନିତି ଆରି ବବିସତ୍‌ବକ୍‌ତାମନର୍ ସାସ୍‌ତରେ ଲେକାଅଇଲା ସବୁ ବିସଇ ବିସ୍‌ବାସ୍ କଲିନି । **୧୫** ଏମନର୍ ପାରା, ମାପ୍‌ରୁର୍ ଲଗେ ମର୍ ଗଟେକ୍ ଆସା ଆଚେ ଜେ, ନିକ ଲକ୍ ଅଅତ୍ କି କାରାପ ଲକ୍ ଅଅତ୍, ସବୁ ମଲାଟାନେଅନି ଉଟ୍‌ବାଇ । **୧୬** ସେଟାର୍ ପାଇ ପରମେସରର୍ ଆରି ମୁନୁସର୍ ମୁଆଟେ ନିର୍‌ମଲ୍ ବିବେକ୍ ଇସାବେ ଚଲାଚଲ୍‌ତି କର୍‌ବାକେ ସବୁବେଲେ ଚେସ୍‌ଟା କଲିନି । **୧୭** "ବେସି ବରସ୍ ଦାରି ଦୁରିକେ ରଇଲା ପଚେ, ଜିରୁସାଲେମର୍ ଲକ୍‌ମନର୍ ପାଇ କିଚି ଡାବୁ ନେବାକେ ଆରି ବଲିଦେବାକେ ମୁଇ ତେଇ ଜାଇରଇଲି । **୧୮** ମୁଇ ନିର୍‌ମଲ୍ ଅଇବା ବିଦି ସାରାଇଲା ବେଲେ, ସେମନ୍ ମକେ ମନ୍ଦିରେ ଦେକ୍‌ଲାଇ । ସେଡ୍‌କିବେଲେ ମର୍ ଲଗେ ବେସି ଲକ୍ ନ ରଇଲାଇ କି କାଇମିସା ଗଣ୍ଡଗଲ୍ ଅଇ ନ ରଇଲା । **୧୯** ମାତର୍ ତେଇ ଆସିଆ ଦେସର୍ କେତେଟା ଜିଉଦି ରଇଲାଇ, ଜଦି ସେମନ୍‌କେ ମର୍ ବିରଦେ କାଇଟା କଇବାର୍ ରଇଲା, ଆଗ୍‌ତୁ ସେମନ୍ ନିଜେ ତମର୍ ମୁଆଟେ ଆସି ଦାବା କର୍‌ବାର୍ ରଇଲା । **୨୦** ଆରି ତରେକ୍ ମୁଇ ଜେଡେବେଲା ବଡ୍ ସବାର୍ ମୁଆଟେ ଟିଆଅଇରଇଲି, କନ୍ ଅପ୍‌ରାଦେ ଦସି ଅଇଲି, ସେଟା ଇତି ରଇଲା ଲକ୍‌ମନ୍ କଅତ୍ । **୨୧** ଏଲେମିସା ମୁଇ ଗଟେକ୍ କାତା କଇରଇଲି । ସେମନର୍ ମୁଆଟେ ଟିଆ ଅଇରଇଲା ବେଲେ ମଲାଲକ୍‌ମନ୍ ଆରିତରେକ୍ ଉଟ୍‌ବାଇ ବଲି ଡାଟ୍ ସଙ୍ଗ ବିସ୍‌ବାସ୍ କର୍‌ତେ ରଇଲାର୍ ପାଇ ଆଜି ତମର୍‌ଟାନେ ବିଚାର୍‌ନା ପାଇଲିନି । ଏଟାକେ ଚାଡି ଆରି ସେମନର୍ ମୁଆଟେ କିଚି କଇନାଇ ।" **୨୨** ପେଲିକ୍‌ସ୍ ସେ ବାଟ୍ ବିସଇର୍ ଟିକିନିକି ଜାନି ରଇଲାର୍ ପାଇ ସୁନାଇବାଟା ବନ୍ଦ କରି କଇଲା, "ସନିଅମନର୍ ମୁକିଅ ଲିସିଅସ୍ କେଟ୍‌ଲା ପଚେ, ମୁଇ ତମର୍ ବିଚାର୍‌ନା ସୁନାଇବି ।" **୨୩** ତାର୍‌ପଚେ ସେ ଅଦିକାରେ ରଇବା ମୁକିଆକେ କଇଲା, "ପାଉଲ୍‌କେ ବନ୍ଦି ଇସାବେ ଜାଗିରଇବାର୍ ଆଚେ, ମାତର୍ ତାକେ ଦର୍‌କାର୍ ଅଇବା ଜିନିସ୍ ତାର୍ ଲକ୍‌ମନ୍ ଆନିଦେଲେ, ସେଟା ଟେବାଇବାର୍ ନାଇ ।" **୨୪** କେତେଦିନ୍ ପଚେ ପେଲିକ୍‌ସ୍ ତାର୍ ଜିଉଦି ମାଇଜି ଦୁର୍‌ସିଲା ସଙ୍ଗ ତେଇ ଆଇଲା । ସେ ପାଉଲ୍‌କେ ଡାକାଇ ଜିସୁକିରିସ୍‌ଟକେ ବିସ୍‌ବାସ୍ କର୍‌ବା ବିସଇ, ତାର୍ କାତା ନିକକରି ସୁନ୍‌ଲା । **୨୫** ମାତର୍ ଜେଡେବେଲେ ପାଉଲ୍ ଦରମ୍ ଚଲାଚଲ୍‌ତି ଆରି ଲକ୍‌ମନ୍ ନିଜର୍ ପାପର୍ ଗୁନ୍‌ଚଲନ୍ ଇସାବେ ନ ଜାଇକରି ନିଜେ ଦାରିଅଇରଇବା ବିସଇ, ଆରି ଆଇବା ଦିନର୍ ବିଚାର୍‌ନା ବିସଇ କଇବାକେ ଦାର୍‌ଲା, ପେଲିକସ୍ ଡରିଜାଇକରି "ତମେ ଏବେ ଜାଇପାରାସ୍ ।" ବଲି କଇଲା, "ବେଲା ପାଇଲେ ଆରି ତରେକ୍ ମୁଇ ତମ୍‌କେ ଡାକାଇବି ।" **୨୬** ସେ ବେଲା ପାଉଲ୍ ତାକେ କେତେକ୍ ଡାବୁ ଲାଚ୍ଁ ଦେଇସି ବଲି ସେ ଆସା କରି ରଇଲା, ସେଟାର୍ ପାଇ ସେ ତର୍‌କେ ତର୍ ତାକେ ଡାକାଇ ତାର୍ ସଙ୍ଗ କାତାବାର୍‌ତା ଅଇବାର୍ ଦାର୍‌ଲା

। ୨୭ ଏନ୍ତି ଦୁଇ ବରସ୍ ଗାଲାପଚେ ପର୍‌କିୟସ୍ ପେସ୍‌ଟସ୍
ପେଲିକର୍ ଜାଗାଇ ସାସନ୍‌କାରିଆ ଅଇ ଆଇଲା । ପେଲିକ୍‌ସ୍
ଜିଉଦିମନ୍‌କେ ବଲ୍‌ବଲାଇ ଅଇବାକେ ମନ୍ କରି ପାଉଲ୍‌କେ ନ
ମୁକ୍‌ଲାଇ ବନ୍ଦି ଗରେ ଚାଡି ଉଟିଗାଲା ।

**୨୫** ପେସ୍‌ଟସ୍ ସାସନ୍‌କାରିଆ ଅଇକରି ଆଇଲା ଜାଗାଇ,
ତିନ୍ ଦିନ୍ ପଚେ, ସେ ସିସିରିଆ ଅନି ଜିରୁସାଲମେ
ଗାଲା । ୨ ସେ ଜିରୁସାଲମେ ରଇଲାବେଲେ, ତେଇ ମୁକିଅ
ପୁଜାରି ଆରି ଜିଉଦିନେତାମନ୍ ଆରି ତରେକ୍ ପାଉଲର୍ ବିରଦେ
ରଇବା ଦାବି ନେଇ, ସେମନର୍ ଲଗେ ଗାଲାଇ । ସେମନ୍
ପେସ୍‌ତେସ୍‌କେ ବାବୁଜିଆ କଲାଇ, ୩ ଜେନ୍ତିକି ପାଉଲ୍‌କେ
ଜିରୁସାଲାମେ ଆନ୍‌ବାକେ ଗୁଆରି କଲାଇ । କାଇକେବଇଲେ
ବାଟେ ଜାଗିରଇ ସେମନ୍ ପାଉଲ୍‌କେ ମାରିମରାଇବାକେ ଜଜ୍‌ନା
ତିଆର୍ କରିରଇଲାଇ । ୪ ପେସ୍‌ଟସ୍ କଇଲା, "ପାଉଲ୍‌କେ
ଗଟେକ୍ ବନ୍ଦି ଇସାବେ ସିସେରିଆଇ ରକାଅଇଲା ଆଚେ ଆରି
ବେଗି ମୁଇ ତେଇ ବାଉଡି ଜିବି । ୫ ଜଦି ସେ କାଇ ଦସ୍ କଲା
ଆଚେ, ତେବେ ତମର୍ ନେତାମନ୍ ମର୍ ସଙ୍ଗ୍ ସିସେରିଆଇ
ଆସତ୍ ଆରି ତାର୍ ବିରଦେ ସେମନର୍ ଦାବା ଜାନାଅତ୍ ।" ୬
ପେସ୍‌ଟସ୍ ସେମନର୍ ସଙ୍ଗ୍ ଆଟ୍ ଦସ୍ ଦିନ୍ ଜିରୁସାଲମେ ରଇକରି
ସିସେରିଆଇ ବାଅଡ୍‌ଲା । ତାର୍ ଆର୍‌କର୍ ଦିନେ ବିଚାର୍ କର୍‌ବା
ଗରେ ବସି ପାଉଲ୍‌କେ ଆନ୍‌ବାକେ ଆଦେସ୍ ଦେଲା । ୭ ପାଉଲ୍
ଆଇଲା ଦାପ୍‌ରେ ଜିରୁସାଲମେଅନି ଆସିରଇବା ଜିଉଦିମନ୍
ତାକର୍ ଚାରିବେଟ୍‌ତି ବେଡି ଟିଆ ଅଇଲାଇ ଆରି ତାର୍ ବିରଦେ
କେତେକ୍ କେତେକ୍ ବଡ୍ ବଡ୍ ଦାବା କଲାଇ, ମାତର୍ ସେମନ୍ ଏ
ସବୁ ସତ୍ ବଲି ଦେକାଇ ନାପାର୍‌ଲାଇ । ୮ ମାତର୍ ପାଉଲ୍ ନିଜେ
ନିଜର୍ ବାଟେ ଅନି କଇଲା, "ଜିଉଦିମନର୍ ରିତିନିତି, ମନ୍ଦିରର୍ କି
ରମିଅ ସାସନ୍‌କାରିଆ, କାର୍ ମିସା ବିରଦେ ମୁଇ ଦସ୍ କରିନାଇ
।" ୯ ମାତର୍ ପେସ୍‌ଟସ୍ ଜିଉଦିମନ୍‌କେ ବଲ୍ ବଲାଇ ଅଇବାକେ
ମନ୍ କରି ପାଉଲ୍‌କେ ପାଚାର୍‌ଲା, "ଜିରୁସାଲମେ ଜିବାକେ ଆରି
ତେଇ ମର୍ ମୁଆଟେ, ଏ ସବୁ ଦାବାର୍ ବିଚାର୍ କର୍‌ବାକେ ତୁଇ
କାଇ ରାଜି ଅଇସୁ କି?" ୧୦ ପାଉଲ୍ କଇଲା, "ମୁଇ ବଡ୍
ସାସନ୍‌କାରିଆର୍ ନିଜର୍ ବିଚାର୍‌ନା ଜାଗାଇ ଟିଆ ଅଇଲିଆଚି,
ଇତିସେ ମର୍ ବିଚାର୍ ଅଇବାର୍ ଦର୍‌କାର୍ । ତମେ ନିକକରି
ଜାନାସ୍ ଜେ, ମୁଇ ଜିଉଦିମନର୍ ବିରଦେ କାଇମିସା ଦସ୍ କରିନାଇ
। ୧୧ ଜଦି ମୁଇ ରିତିନିତି ନ ମାନି ମରନ୍ ଡଣ୍ଡ ପାଇବାପାରା
କାଇ ଦସ୍ କଲିଆଚି ବଇଲେ, ମର୍‌ବାକେ ନ ଡରି । ମାତର୍
ସେମନ୍ ମର୍ ବିରଦେ ଆନିରଇବା ଦାବା ବିତ୍‌ରେ କାଇମିସା
ସତ୍ ନ ରଏ, ତେବେ କେ ମିସା ମକେ ସେମନ୍‌କେ ସର୍‌ପିଦେଇ
ନାପାରତ୍ । ବଡ୍ ସାସନ୍‌କାରିଆ ଆକା ମକେ ବିଚାର୍‌ନା କର
ବଲି ଗୁଆରି କଲିନି ।" ୧୨ ତାର୍‌ପଚେ ପେସ୍‌ଟସ୍ ତାର୍ ସବାଇ
ରଇଲା ଲକ୍‌ମନର୍ ସଙ୍ଗ୍ କାତାବାର୍‌ତା ଅଇ କଇଲା, "ତମେ
ବଡ୍ ସାସନ୍‌କାରିଆ ବିଚାର୍ କର ବଲି ଗୁଆରି କରିଆଚାସ୍,
ସେଟାର୍ ପାଇ ତମ୍‌କେ ବଡ୍ ସାସନ୍‌କାରିଆର୍ ଲଗେ ପାଟାଇବି
।" ୧୩ କେତେଦିନ୍ ପଚେ ରାଜା ଆଗ୍‌ରିପା ଆରି ବର୍‌ନିସ୍
ପେସ୍‌ଟସ୍‌କେ ଜୁଆର୍ ଜାନାଇବାକେ କାଇସରିଆଇ ମିସ୍‌ବାର୍
ଆଇଲାଇ । ୧୪ ତେଇ ସେମନ୍ କେତେ ଦିନ୍ ରଇଲା ପଚେ
ପେସ୍‌ଟସ୍ ପାଉଲର୍ ବିସଇ ରାଜାକେ ଜାନାଇଲା, "ପେଲିକସ୍
ବନ୍ଦିକରି ଜାଇରଇବା ଗଟେକ୍ ଲକ୍ ଇତି ଆଚେ ।" ୧୫ ମୁଇ
ଜେଡେବେଲା ଜିରୁସାଲାମ୍ ଜାଇରଇଲି, ଜିଉଦିମନର୍ ମୁକିଅ
ପୁଜାରିମନ୍ ଆରି ସେ ଦରମର୍ ପାର୍‌ଚିନ୍‌ମନ୍ ତାର୍ ବିରଦେ
କେତେଟା ଦାବା କଲାଇ ଆରି ତାକେ ଦସି କର୍‌ବାକେ ମକେ
କଇଲାଇ । ୧୬ ମାତର୍ ମୁଇ ସେମନ୍‌କେ କଇଲି ଜେ, ଗଟେକ୍
ଦସିକେ ବିଚାର୍ କର୍‌ବା ଗରେ, ତାକେ ଦାବା କରୁମନର୍ ମୁଆଟେ
ନିଜର୍ ବାଟେଅନି କଇବାକେ ବେଲା ଦେବା ଆଗ୍‌ତୁ, ତାକେ
ଦସି କର୍‌ବାଟା ଆମର୍ ରମିୟମନର୍ ନିୟମେ ନାଇ । ୧୭
ସେମନ୍ ଇତି ଆଇଲା ପଚେ ମୁଇ ଅଲ୍‌ସମ୍ ନ କରି, ତାର୍
ପର୍‌ଦିନେ ବିଚାର୍ କର୍‌ବା ଗରେ ବସ୍‌ଲି ଆରି ସେ ଲକ୍‌କେ
ବିତ୍‌ରେ ଆନ୍‌ବାକେ ଆଦେସ୍ ଦେଲି । ୧୮ ମର୍ ବାବ୍‌ବାଟା
ବୁଲ୍ ରଇଲା, ସେମନ୍ ତାର୍ ବିରୁଦେ ଆନିରଇବା ଦାବି, ସେ
କରିରଇବା କରାପ୍ ବିସଇ ଅଇରଇସି ବଲି ବାବ୍‌ଲି, ମାତର୍
ସେନ୍ତାର୍ ନ ରଇଲା । ୧୯ ସେମନର୍ ଦାବି ତାକର୍ ନିଜର୍ ଦରମ୍
ବିସଇ ରଇଲା, ଆରି ଜିସୁ ବଲି ଗଟେକ୍ ମରିଜାଇରଇବା ଲକର୍
ବିସଇ ରଇଲା । ମାତର୍ ସେଲକ୍ ବଁଚ୍‌ଲା ଆଚେ ବଲି ପାଉଲ୍
କଇଲା । ୨୦ ଏ ସବୁ ବିସଇର୍ ସତ୍ କେନ୍ତି ବାର୍‌କରାଇବି ବଲି
ମୁଇମିସା ନାଜାନିରଇଲି, ତେବେ ଏ ସବୁ ବିଚାର୍‌ନା କର୍‌ବାକେ
ପାଉଲ୍‌କେ ଜିରୁସାଲମେ ଜାଇସୁ କି ନାଇ ବଲି ପାଚାର୍‌ଲି । ୨୧
ମାତର୍ ପାଉଲ୍, ନିଜେ ରମ୍ ରାଇଜର୍ କାଇସର୍ ରାଜା, ତାର୍
ବିଚାର୍ କର ବଲି କଇ ସନିଅମନ୍ ରକିଆ କରତ୍ ବଲି ମନ୍
କଲା । ସେଟାର୍‌ପାଇ ବଡ୍ ସାସନ୍‌କାରିଆ ଲଗେ ପାଟାଇବା
ଜାକ ବନ୍ଦି କରି ରକ୍‌ବାକେ ଆଦେସ୍ ଦେଲିଆଚି । ୨୨ ଆଗ୍‌ରିପା
ପେସ୍‌ଟସ୍‌କେ କଇଲା, "ମୁଇ ନିଜେ ଏ ଲକର୍ କାତା ସୁନ୍‌ବାକେ
ମନ୍ କଲିନି ।" ପେସ୍‌ଟସ୍ କଇଲା, "କାଲିକେ ତମେ ତାର୍ କାତା
ସୁନ୍‌ସା ।" ୨୩ ତାର୍ ଆର୍‌କର୍ ଦିନେ ଆଗ୍‌ରିପା ଆରି ବର୍‌ନିସ୍
ଆସି କେଟ୍‌ଲାଇ । ସେମନ୍ ରାଜାମନ୍ ପିନ୍ଦ୍‌ଲାପାରାଟା ପିନ୍ଧିର
ଇଲା । ସନିଅମନର୍ ନେତାମନ୍ ଆରି ସେ ଗଡର୍ ବଡ୍ ବଡ୍
ଲକ୍‌ମନର୍ ସଙ୍ଗ୍ ବେସି ଡାକ୍‌ପୁଟା ସଙ୍ଗ୍ ଆସି, ବିଚାର୍‌ନା ଜାଗାଇ
ପୁର୍‌ଲାଇ । ପେସ୍‌ଟସ୍ ଆଦେସ୍ କଲାକେ, ପାଉଲ୍‌କେ ବିତ୍‌ରେ
ଆନ୍‌ଲାଇ । ୨୪ ପେସ୍‌ଟସ୍ କଇଲା, "ରାଜା ଆଗ୍‌ରିପା ଆରି ରୁଣ୍ଡି
ରଇଲା ସବୁ ଲକ୍, ତମେ ଏ ଜନ୍ ଲକ୍‌କେ ଦେକ୍‌ଲାସ୍‌ନି, ତାର୍
ବିରଦେ ଇତିର୍ ଜିଉଦିମନ୍ ଆରି ଜିରୁସାଲମର୍ ଜିଉଦିମନ୍ ମର୍
ଲଗେ ଦାବା କଲାଇ ଆଚତ୍ । ସେମନ୍ ତାକେ ମରାଉଁ ବଲିକରି
କଇ ଆଉଲି ଅଇଲାଇନି । ୨୫ ମାତର୍ ମୁଇ କଜି ବାର୍‌କରାଇଲି
ଜେ, ଏ ଲକ୍ ମରନ୍ ଡଣ୍ଡ ପାଇବା ଏତ୍‌କି, କାଇ ଦସ୍ କରେନାଇ

। ସେ ନିଜେ ବଡ୍‌ସାସନ୍‌କାରିଆକେ ଗୁଆରି କଲାର୍ ପାଇ, ମୁଇ
ତାକେ ତେଇ ପାଟାଇବାକେ ଟିକ୍ କଲି ଆଚି । **୨୬** ମାତର୍ ତାର୍
ଦାବି ବିସଇ ଟିକ୍ ସଙ୍ଗ ବଡ୍‌ସାସନ୍‌କାରିଆକେ ଲେକ୍‌ବାକେ ମର୍
ଲଗେ କାଇଟା ନାଇ । ସେଟାର୍‌ପାଇ ମୁଇ ସବୁର୍ ମୁଆଟେ ଆରି
ଏ ଆଗ୍ରିପା ରାଜା, ତମର୍ ମୁଆଟେ ଆନ୍‌ଲି ଆଚି, ଜେନ୍ତି କି ତାର୍
ବିସଇ ତମେ ନିକ ସଙ୍ଗ କଜ୍‌ଲା ପଚେ ବଡ୍‌ସାସନ୍‌କାରିଆକେ
ଲେକିପାର୍‌ବି । **୨୭** କାଇକେବଇଲେ ଗଟେକ୍ ବନ୍ଦିର୍ ବିରଦର୍
ଦାବା ନିକସଙ୍ଗ ନ ଦେକାଇ, ବଡ୍‌ସାସନ୍‌କାରିଆର୍ ଲଗେ
ପାଟାଇବାଟା ଟିକ୍ ନଏଁ ବଲି ମୁଇ ବାବ୍‌ଲିନି ।"

**୨୬** ଆଗ୍ରିପା ପାଉଲ୍‌କେ କଇଲା, "ତକେ ତର୍ ନିଜର୍ ବିସଇ
ଜାଇଟା କଇବାର୍ ଆଚେ, ସେଟା କଇବାକେ ଅଦିକାର୍
ଦିଆଅଇଲା ।" ପାଉଲ୍ ଆତ୍ ଉଟାଇକରି ନିଜର୍‌ବାଟେଅନି
କଇଲା, **୨** "ରାଜା ଆଗ୍ରିପା! ଜିଉଦିମନ୍ ମକେ ଜନ୍ ସବୁ ବିସଇ
ନେଇ ଦସି କରିଆଚତ୍, ସେଟାର୍ ବିରଦେ ତମର୍ ମୁଆଟେ,
ନିଜର୍ ବାଟେଅନି କଇବାକେ ବେଲା ପାଇଲାର୍ ପାଇ ମୁଇ
କେଡେ କରମର୍ ଲକ୍ ବଲି ବାବ୍‌ଲିନି ।" **୩** କାଇକେବଇଲେ
ଜିଉଦିମନର୍ ରିତିନିତି ବିସଇ ଆରି ସେମନର୍ ଲାଗାଜଡା ବିସଇ
ତମେ ନିକସଙ୍ଗ ଜାନାସ୍ । ମୁଇ ଗୁଆରି କଲିନି, ତମେ ବିଜାର୍ ନ
ଅଇକରି ମର୍ ସବୁକାତା ସୁନା । **୪** "ପିଲାବେଲେଅନି କେନ୍ତି ମୁଇ
ଜିଇଲି ଆଚି, ସେଟା ଜିଉଦିମନ୍ ଜାନତ୍ । ପର୍‌ତୁମ୍ ମର୍ ନିଜର୍
ଦେସେ ଆରି ପଚେ ଜିରୁସାଲମେ ମୁଇ କେନ୍ତି ଜିବନ୍ କାଟ୍‌ଲି
ଆଚି, ସେଟା ମିସା ସେମନ୍ ଜାନତ୍ । **୫** ଆଗେଅନି ମୁଇ ଜିଉଦି
ନିୟମ୍ ସବୁ ମାନିକରି ପାରୁସିମନର୍ ପାରା ଚଲାଚଲ୍‌ତି କଲିଆଚି,
ସେ ବିସଇ ସେମନ୍ ସାକି ଦେଇପାରତ୍ ।" **୬** ପର୍‌ମେସର୍ ଆମର୍
ଆନିଦାଦିମନ୍‌କେ ଜନ୍ କାତା ଦେଇ ରଇଲା, ତେଇ ମର୍ ଆସା
ରଇଲାର୍‌ପାଇ ଆଜି ମୁଇ ଇତି ବିଚାର୍‌ନା କରାଇଅଇବାକେ ଟିଆ
ଅଇଲିଆଚି । **୭** ମାତର୍ ଏ ରାଜା, ଏ ଆସା ଆମର୍ ବାର୍‌ଟା ଜିଉଦି
ଜାତିର୍ ଲକ୍ ଦିନ୍ ରାତି ମାପ୍ରୁକେ ପାର୍‌ତନା କରି, ପାଇବାକେ
ଆସାକଲାଇନି । ଆରି ଏ ଆସାର୍ ଲାଗି ଆମର୍ ଜିଉଦିମନ୍ ମକେ
ଦସି କରିଆଚତ୍ । **୮** ପର୍‌ମେସର୍ ମଲା ଲକ୍‌କେ ଉଟାଇସି,
ବଲି କାଇକେ ବିସ୍‌ବାସ୍ କରିନାପାର୍‌ଲାସ୍‌ନି? **୯** "ମୁଇ ମିସା
ସେମନର୍ ପାରା ରଇଲି । ନାଜରିତିୟ ଜିସୁର୍ ବାଟେ ଜିବା
ସବୁ ଲକ୍‌ମନର୍ ବିରୁଦେ ମର୍ ଜେତ୍‌କି ବପୁ ସଙ୍ଗ ମିସା କାମ୍
କର୍‌ବାର୍ ଆଚେ ବଲି ଚିନ୍ତା କଲି । **୧୦** ମୁଇ ଜିରୁସାଲାମେ
ସେନ୍ତି କଲି । ମୁକିଅ ପୁଜାରିମନର୍‌ତେଇଅନି ଅଦିକାର୍ ଚିଟି
ପାଇ, ପରମେସରର୍ ବେସି ଲକ୍‌ମନ୍‌କେ ବାନ୍ଦି କରି, ବନ୍ଦି ଗରେ
ପୁରାଇଦେଲି । ଆରି ସେମନ୍‌କେ ମରନର୍ ଡଣ୍ଡ ଦେବାକେ
ବିଚାର୍‌ନା କଲାବେଲେ, ସେମନର୍ ବିରୁଦେ ଟିଆଅଇଲି । **୧୧**
କେତେ କେତେ ତର୍ ପାର୍‌ତନା ଗର୍‌ମନ୍‌କେ ସେମନ୍ ବିସ୍‌ବାସ୍
ଚାଡତ୍ ବଲି ମାର୍‌ବାକେ ତିଆର୍‌ଲି, ସେମନର୍ ଉପ୍‌ରେ ଏତେ
ରିସା ଅଇଜାଇରଇଲି ଜେ, ସେମନ୍‌କେ କସ୍‌ଟ ଦେବାକେ
ବିଦେସେ, ରଇବା ଗଡ୍‌ମନ୍‌କେ ମିସା ଜାଇରଇଲି ।" **୧୨** "ଏଟା
କର୍‌ବାକେ ମୁଇ ମୁକିଅ ପୁଜାରିମନର୍‌ତେଇଅନି ଅଦିକାର୍ ଚିଟି
ଆରି ଆଦେସ୍ ନେଇ ଦାମାସ୍‌କସେ ଜାଇରଇଲି । **୧୩** ଏ ରାଜା
ଏଗ୍ରିପା, ଅଟାତ୍ ଦିନେକ୍ ମୁଣ୍ଡବେଲା ଲଗେ, ଜିବାବାଟେ ବେଲ୍
ତାରାସେଅନି ଅଦିକ୍ ଉଜଲ୍ ଦେକ୍‌ଲି । ସର୍‌ଗେଅନି ସେ ଉଜଲ୍
ଆସି ମକେ ଆରି ମର୍ ସଙ୍ଗ ଜିବା ଲକର୍ ଚାରିବେଟ୍‌ତି ବିଚି
ଅଇଲା ।" **୧୪** ଆମେ ସବୁ ଲକ୍ ତଲେ ଅଦ୍‌ରି ଡୁଲିଦେଲୁ
ଆରି ଇବ୍‌ରୁ ବାସାଇ ମକେ କଇତେରଇବା ଏ କାତା ସୁନ୍‌ଲି,
"ସାଉଲ୍, ସାଉଲ୍!" ତୁଇ ମକେ କାଇକେ କସ୍‌ଟ ଦେଲୁସ୍‌ନି?
କସ୍‌ଲାବେଲେ କସ୍‌ବାଲକ୍ ବଲଦ୍‌କେ ତୁତାରିବୁସ୍‌ଲେ ବଲଦ୍
ଲାତ୍‌ମାର୍‌ବା ପାରା, ତୁଇ ନିଜେ କସ୍‌ଟ ପାଇଲୁସ୍‌ନି । **୧୫**
"ମୁଇ ପାଚାର୍‌ଲି, 'ମାପ୍ରୁ ତମେ କେ?' ସେ କଇଲା, 'ମୁଇ
ଜିସୁ, ମକେସେ ତୁଇ କସ୍‌ଟ ଦେଲୁସ୍‌ନି ।' **୧୬** ମାତର୍ ଉଟିକରି
ଟିଆ ଅ । ତକେ ମର୍ ସେବାକାରିଆ କର୍‌ବାକେ, ଦର୍‌ସନ୍
ଦେଲିଆଚି । ଆଜି ତୁଇ ମର୍ ବିସଇ ଜାଇଟା ଦେକ୍‌ଲୁସ୍ ଆରି
ପଚ୍‌କେ ମିସା ମୁଇ ଜାଇଟା ଦେକାଇବି, ସେ ବିସଇ ତୁଇ ବିନ୍
ଲକ୍‌ମନ୍‌କେ ସାକିଦେସ୍ । **୧୭** ଜନ୍ ଜିଉଦି ଆରି ଜିଉଦିନଇଲା
ଲକ୍‌ମନର୍‌ତେଇ ତକେ ପାଟାଇବି, ସେମନର୍‌ତେଇ ଅନି ତାଡ୍‌ନା
ପାଇଲେ, ମୁଇ ତକେ ରକିଆ କର୍‌ବି । **୧୮** ତୁଇ ସେମନର୍ ଆଁକି
ପିଟାଇଦେସ୍ ବଲି ମୁଇ ତକେ କଇଲିନି । ଜେନ୍ତିକି ସେମନ୍
ଆନ୍ଦାରେଅନି ଉଜଲେ ଆରି ସଇତାନର୍ ବାନ୍ଦନେଅନି ମାପ୍ରୁର୍
ବାଟେ ବାଅଡ୍‌ବାଇ । ଜେନ୍ତିକି ମକେ ବିସ୍‌ବାସ୍ କଲାର୍ ପାଇ,
ସେମନର୍ ପାପ୍ କେମା ଅଇସି । ଆରି ମାପ୍ରୁ ବାଚ୍‌ଲା ଲକ୍‌ମନର୍
ସଙ୍ଗ ସେମନ୍‌କେ ମିସା ଡାକିନେବାଇ ।" **୧୯** "ସେଟାର୍‌ପାଇ ଏ
ରାଜା ଆଗ୍ରିପା ମୁଇ ସର୍‌ଗେଅନି ଜନ୍ ଦର୍‌ସନ୍ ପାଇଲିଆଚି,
ସେଟା ପୁରାପୁରୁନ୍ ମାନ୍‌ଲି । **୨୦** ସେନ୍ତାରି ମୁଇ ପର୍‌ତମେ
ଦାମାସ୍‌କସେ ଆରାମ୍‌କରି ତାର୍‌ପଚେ ଜିରୁସାଲାମେ, ପଚେ
ଜିଉଦାର୍ ସବୁବାଟେ ଆରି ଜିଉଦିନଇଲା ଲକ୍‌ମନର୍ ବିତରେ
ମାପ୍ରୁର୍ ବିସଇ ଜାନାଇଲି । ଜେନ୍ତି କି ସେମନ୍ କରିରଇବା ପାପ୍
ଏଡାଇ, ଦୁକ୍‌କରି ମାପ୍ରୁର୍‌ବାଟେ ବାଅଡ୍‌ବାଇ । ଆରି ସେମନ୍
ଜନ୍‌ଟା ମାନିଆଇଲାଇ ଆଚତ୍, ସେଟା ତାକର୍ ଚଲାଚଲ୍‌ତିଅନି
ଜାନିଅଇସି । **୨୧** ଏଟାର୍‌ପାଇ ମୁଇ ମନ୍ଦିରେ ରଇଲାବେଲେ
ଜିଉଦିମନ୍ ମକେ ଦାରି ମରାଇବାକେ ଚେସ୍‌ଟା କଲାଇ । **୨୨**
ମାତର୍ ପର୍‌ମେସର୍ ମକେ ଆଜିକେଜାକ ରକିଆ କଲାଆଚେ
ଆରି ସେଟାର୍‌ପାଇ ଆଜି ସାନ୍ ବଡ୍ ସବୁ ଲକର୍ ଲଗେ
ସମାନ୍ ଇସାବେ ମର୍ ସାକିଦେବାକେ ଟିଆକରାଇଆଚେ ।
ବବିସତ୍‌ବକ୍‌ତା ଆରି ମସା ଜାଇଟା ଗଟ୍‌ସି ବଲି କଇରଇଲାଇ,
ଟିକ୍ ସେ କାତା ମୁଇ କଇଲିନି । **୨୩** ମସିଅ ଦୁକ୍ ପାଇସି ଆରି
ମଲାଲକ୍‌ମନର୍ ବିତ୍‌ରେଅନି ସିଗ୍ ପର୍‌ତୁମେ ଉଟି, ଜିଉଦି ଆରି
ଜିଉଦି ନଇଲା ଲକ୍‌ମନର୍ ଲଗେ ମୁକ୍‌ତିର୍ ଉଜଲ୍ ଦେକାଇସି ।"
**୨୪** ପାଉଲ୍ ନିଜର୍ ବାଟେଅଇ କଇଲା ବେଲେ, ପେସ୍‌ଟସ୍ ତାକେ

ଆଉଲିଅଇ କରି କଇଲା, "ପାଉଲ୍, ତୁଇ ବାୟା ଅଇଗାଲୁସ୍! ତୁଇ ପାଟ୍‌ପଡି ବେସି ପାଇରଇବା ଗିଆନ୍ ତକେ ବାୟା କଲାଆଚେ ।" **୨୫** ପାଉଲ୍ କଇଲା, "ଏ ମାପ୍ରୁ ପେସ୍‌ଟସ୍, ମୁଇ ବାୟା ଅଇନାଇ, ମୁଇ ଜାଇଟା କଇଲିନି ସେଟା ପୁରାପୁରୁନ୍ ସତ୍ । ଆରି ତବିର୍ ବୁଦିର୍ କାତା କଇଲିଆଚି । **୨୬** ଏ ରାଜା ଅଗ୍ରିପା! ତମେ ଏ ବିସଇ ଜାନିରଇଲାର୍ ପାଇ, ତମର୍ ମୁଆଟେ ଏ କାତା କଇବାକେ ସାଆସ୍ କଲିନି! ମୁଇ ଜାନାଇରଇବା ସବୁ ବିସଇର୍ କାଇ କାତା ମିସା, ସେ ନାଜାନେ, ବଲି ମୁଇ ବିସ୍‌ବାସ୍ କରିନାଇ! କାଇକେବଇଲେ ଏଟା ଲୁଚ୍‌ତେ କରାଅଏ ନାଇ । **୨୭** ରାଜା ଆଗ୍ରିପା, ତମେ ବବିସତ୍‌ବକ୍ତାମନ୍‌କେ ବିସ୍‌ବାସ୍ କଲାସ୍‌ନି ତ? ମୁଇ ଜାନି ତମେ ବିସ୍‌ବାସ୍ କଲାସ୍‌ନି!" **୨୮** ଆଗ୍ରିପା ପାଉଲ୍‌କେ କଇଲା, "ଏ ଅଲପ୍ ବେଲା ବିତ୍‌ରେ ତୁଇ କାଇ ମକେ ବିସ୍‌ବାସି କରିଦେବି ବଲି ବାବ୍‌ଲୁସ୍‌ନି କି?" **୨୯** ପାଉଲ୍ କଇଲା, "ଚନେକ୍ ଅ କି ପରେକ୍ ଅ, ପର୍‌ମେସରର୍ ଲଗେ ମର୍ ଏତ୍‌କି ମାଙ୍ଗ୍‌ଲିନି । ଅବ୍‌କା ତମେସେ ନାଇ ରାଜା, ଆଜି ମର୍ କାତା ସୁନିରଇବା ସବୁ ଲକ୍ ମର୍‌ପାରା କିରିସ୍‌ଟର୍ ସିସ୍ ଉଆ । ମାତର୍ ମର୍‌ପାରା ଏନ୍ତି ସିକ୍‌ଲିସଙ୍ଗ୍ ବାନ୍ଧାଇ ଉଆ ବଲି ମୁଇ କଇନାଇ ।" **୩୦** ତାର୍ ପଚେ ରାଜା, ସାସନ୍‌କାରିଆ, ଆରି ବର୍‌ନିସ୍ ଆରି ବିନ୍ ଲକ୍‌ମନ୍ ଜିବାକେ ଉଟ୍‌ଲାଇ । **୩୧** ସେମନ୍ ବାରଇଲା ବେଲେ ତାକର୍ ତାକର୍ ବିତ୍‌ରେ କଇଲାଇ, "ଏ ଲକ୍ ଏନ୍ତି କାଇମିସା କାମ୍ କରେ ନାଇ, ଜନ୍‌ଟା କି ସେ ମରନର୍ ଡଣ୍ଡ୍ ପାଇବାକେ କି ବନ୍ଦି ଅଇବାକେ ।" **୩୨** ଆଗ୍ରିପା ପେସ୍‌ଟସ୍‌କେ କଇଲା, "ଜଦି ଏ ଲକ୍ ବଡ୍‌ସାସନ୍‌କାରିଆଟାନେ ବିଚାର୍ ପାଇବି ବଲି ଗୁଆରି କରି ନ ରଇଲେ, ତେବେ ଆମେ ତାକେ ଚାଡି ଦେଇତୁ ।"

**୨୭** ଆମେ ଜେଡେବେଲେ ପାନି ଜାଜେ ବସି ଇଟାଲି ଜିବାକେ ଟିକ୍ କଲାଇ, ସେଡ୍‌କିବେଲେ କେତେଟା ବନ୍ଦି ଅଇଲା ଲକ୍‌କେ ଆରି ପାଉଲ୍‌କେ ରମିୟ୍ ସନିଅମନର୍ ସେନାପତି ଜୁଲିୟସ୍‌କେ ସର୍‌ପି ଅଇଲାଇ । **୨** ଆମେ ସବୁଲକ୍ ରମ୍ ରାଇଜର୍ ଆସିଆ ଜାଗାର୍ ଗାଡ୍‌କଣ୍ଡି ରଇଲା ବିନ୍ ବିନ୍ ଜାଗାଇ ଜୁ ବଲି ଆଦ୍‌ରାମୁଦିୟମର୍ ଗଟେକ୍ ପାନିଜାଜେ ବସି ଗାଲୁ । ଆରି ମାକିଦନିଆ ବଲି ଗଟେକ୍ ଜାଗାର୍ ଆରିସ୍‌ତାକସ୍ ନାଉଁର୍ ତେସ୍‌ଲନିକି ଲକ୍ ଆମର୍ ସଙ୍ଗ୍ ରଇଲା । **୩** ଆର୍‌କର୍ ଦିନେ ଆମେ ସିଦନେ କେଟ୍‌ଲୁ । ଜୁଲିୟସ୍ ପାଉଲ୍‌କେ ବେସି ଦୟା ଦେକାଇତେରଇଲା । ପାଉଲର୍ ସଙ୍ଗାରିମନର୍ ଟାନେଅନି ତାର୍ ଦର୍‌କାର୍ ଅଇବା ଜିନିସ୍‌ମନ୍ ଟୁଲିଆଇବାକେ ତାକର୍‌ସଙ୍ଗ୍ ଜାଇ ମିସତ୍ ବଲି ପାଉଲ୍‌କେ ଆଦେସ୍ ଦେଲା । **୪** ଆମେ ତେଇଅନି କେତେଦୁର୍ ଗାଲାପଚେ ପବନ୍ ଅଇଲାଜେ ସାଇପରସ୍ ଗାଡର୍ ପାଲି ପାଲି ଗାଲୁ । **୫** ସିଲିସିଆ ଆରି ପମ୍ପୁଲିଆ ନାଉଁର୍ ଦୁଇଟା ଜାଗା ଜିତିକରି ଲୁକିଆ ବଲି ମୁରା ନଅର୍ ଜାଗାଇ ଆଇଲୁ । **୬** ତେଇ ସେନାପତି ଆଲେକ୍‌ଜାଣ୍ଡ୍ରିଆର୍ ଗଟେକ୍ ପାନି ଜାଜ୍ ଇଟାଲି ଜାଇତେରଇଲାଜେ ଆମ୍‌କେ ଦେକି, ସେ ଜାଜେ ବସାଇଲା । **୭** ପଚେ ଆମ୍‌କେ ବେସିଦିନ୍ ଲାଗିଗାଲା ଦିରେ ଦିରେ ଜାଇ କରି କେଡେକ୍ କସ୍‌ଟେ କିଦ୍ ନାଉଁର୍ ଗଟେକ୍ ଜାଗାଇ କେଟ୍‌ଲୁ । ତେଇ କେଟ୍‌ଲା ପଚେ ବେସି ପବନ୍ ଆଇଲାଜେ ଆମେ ଆରି ଆଗ୍‌କେ ଜାଇ ନାପାର୍‌ଲୁ । ତେବେ ସାଲନି ବଲି ଗଟେକ୍ ଜାଗାର୍ ମୁଆଟ୍ ବାଟେ ଜାଇ କିରିତର୍ ପାଲି ପାଲି ଗାଲୁ । **୮** ଆରି ପାଲି ପାଲି ଆସି ବଡେ କସ୍‌ଟେ ସୁନ୍ଦର୍ ବନ୍ଦ୍ ବଲି ଗଟେକ୍ ପାନିଜାଜ୍‌ମନ୍ ଲାଗ୍‌ବାଟାନେ ଆସି କେଟ୍‌ଲୁ । ସେଟା ଲାସିଆ ସଅର୍ ଲଗେ ରଇଲା । **୯** ସେ ଜାଗାଇ ଆମେ ବେସିଦିନ୍ ରଇଲୁ । ଜିଉଦିମନର୍ ଉପାସ୍ ମାନିଅଇବା ପରବ୍ ସାରି ଜାଇରଇଲା । ତେବେ ଗାଡ୍ ଗାଡ୍ ଜିବାଟା ବିପଦ୍ ରଇଲା । ସେଟାର୍‌ପାଇ ପାଉଲ୍ ସେମନ୍‌କେ ଜାଗ୍‌ରତ୍ କରାଇ କଇଲା, **୧୦** "ମଇତର୍‌ମନ୍ ଆମେ ଏ ଗାଡ୍ ଗାଡ୍ ଗାଲେ ସରି ଜାଆଜ୍ ଆରି ଜିନିସ୍‌ପତର୍ ଆକା କେତି ନ ଅଏ, କେଡେବେଲେ ଜାଜେ ଜିବା ଲକ୍‌ମନର୍ ମିସା ଦସା କେଟ୍‌ସି ।" **୧୧** ମାତର୍ ସେନାପତି ପାଉଲର୍ କାତା ବିସ୍‌ବାସ୍ ନ କରି, ଜାଜ୍ ଚାଲାଉ, ଜାଜ୍ ସାଉକାରର୍ କାତା ବିସ୍‌ବାସ୍ କଲା । **୧୨** ସେ ଗାଡେ ସିତ୍‌ମାସେ ରଇବାଟା ବେସି କସ୍‌ଟ ରଇଲା । ତେବେ କେନ୍ତି କରି ମିସା କସ୍‌ଟେ ମସ୍‌ଟେ ପେନିକସ୍ ବଲି ଗଟେକ୍ ଜାଗାଇ କେଟି, ଦର୍‌କାର୍ ପଡ୍‌ଲେ ତେଇ ରଇବାକେ ଜାଜେ ଜିବା କେତେଲକ୍‌ମନ୍ କର୍‌ତେରଇଲାଇ । ପିନିକସ୍ ଅଇଲାନି କିରିତେ ଦକିଣ୍, ପଚିମ୍ ଆରି ଉତର୍ ପୁରୁବ୍ ଦିଗେ ରଇବା ଗଟେକ୍ ଜାଗାର୍ ନାଉଁ । **୧୩** ଜେଡେବେଲେ ଦକିନ୍ ଦିଗ୍‌ବାଟେଅନି ଅଲପ୍ ଅଲପ୍ ପବନ୍ ଆଇଲା, ସେଡେବେଲେ ଜାଜେ ବସିରଇବା ଲକ୍‌ମନ୍ ଏଟା ଗଟେକ୍ ସୁବ୍‌କବର୍ ବଲି ବାବ୍‌ଲାଇ । ଜାଜ୍ ଅଟ୍‌କାଇବା ପାର୍‌ଦା ଟେକିଦେକ୍‌ଲାଇ ଆରି କିରିତ୍ ଗାଡ୍ ପାଲି ପାଲି ଜାଜ୍ ଚାଲାଇ ଚାଲାଇ ନେବାର୍ ଦାର୍‌ଲାଇ । **୧୪** ମାତର୍ ଚନେକ୍ ଗାଲା ପଚେ କିରତ୍‌ବାଟେଅନି ଉତର୍ ପୁରବ୍ ବଲି କଇବା ପବନ୍ ଆଇଲା । **୧୫** ସେ ପବନ୍ ଅପର୍‌ବଲ୍ ଆସି ଜାଜେ ପିଟିଅଇଲା । ପବନ୍ ଆଇବା ମୁଆଟ୍‌ବାଟେ ଜାଜ୍ ନେବାକେ ଚେସ୍‌ଟା କରି କରି ନାପାରି ତାକିଗାଲୁ । ତେବେ ପବନ୍ ଜାଜ୍‌କେ ପାନି ଟାନେ ଉପ୍‌କାଇକରି ନେଅ ବଲି ଚାଡିଦେଲୁ । **୧୬** ଆରି କାଉଦ୍ ବଲି ଗୁଲାଇ ବାଟେ ପାନି ରଇକରି ମଜାଇ ସୁକ୍‌ଲା ବୁଇଁ ରଇବା ଜାଗାର୍ ଦକିଣ୍ ଦିଗ୍‌ବାଟେ ଗାଲାବେଲେ ଅଲପ୍ ପବନ୍‌ଟାନେ ଅନି ରକିଆ ପାଇଲୁ । ତେଇ ଆମେ କସ୍‌ଟେମସ୍‌ଟେ ଜାଆଜର୍ ସାନ୍‌ଡଙ୍ଗା କାଇ ବିପଦ୍ ନଇତେ ସଙ୍ଗଇପାର୍‌ଲୁ । **୧୭** ଜାଜ୍ ଚାଲାଉମନ୍ ସାନ୍ ଡଙ୍ଗା ଜାଜ୍‌ଉପ୍‌ରେ ଟେକି ନେଲାଇ ଆରି ଡର୍ ସଙ୍ଗ୍ ଡାଟ୍‌କରି ଜାଜର୍ ଚାରିବେଟ୍‌ତି ନ ବାଙ୍ଗ୍ ବଲି ବାନ୍ଦି ଦେଲାଇ । ଜାଜ୍ ଚାଲାଉମନ୍ ଜାଜ୍‌କେ ଲିବିଆର୍ ପାଲି ପାଲି ବାଲିବନ୍ଦ୍ ବାଟେ ଉଟିଜାଇସି ବଲି ଜାଜେ ବାନ୍ଧି ରଇବା ଡେରା ଉତ୍‌ରାଇକରି ପବନେ ସେ ବଁଲି ବଁଲି ର ବଲି ଚାଡି ଦେଲାଇ । **୧୮** ଚନେକ୍ ମିସା ନ ତେବି ଅପର୍‌ବଲ୍

ପବନ୍ ଆଇବାର୍ ଦାର୍‌ଲା ଜେ, ତାର୍ ଆର୍‌କର୍ ଦିନେ ସେମନ୍ ଜାଜେଅନି ଜିନିସ୍ ପତର୍ ପାନିତେଇ ପିଙ୍ଗ୍‌ବାର୍ ଦାର୍‌ଲାଇ । **୧୯** ତାର୍ ଆର୍‌କର୍ ଦିନେ ସେମନ୍ ଜାଜର୍ ପାଇ ଦର୍‌କାର୍ ଅଇବା କେତେଟା ଜିନିସ୍ ବେଟି ପିଙ୍ଗି ଦେଲାଇ । **୨୦** ବେସି ଦିନ୍ ଅଇଗାଲା ଆମେ ବେଲର୍ ମୁକ୍ ନାଇ କି ତାରାର୍ ମୁକ୍ ଦେକୁନାଇ ସେନ୍ତି ରଇଗାଲୁ । ପବନ୍ ଚନେକ୍ ମିସା ତେବେ ନାଇ, ଅଦିକ୍ ଅଦିକ୍ ଆଇତେସେ ରଇଲା । ସାରାସାରି ଆମେ ବଁଚ୍‌ବାର୍ ଆସା ଚାଡି ଦେଇରଇଲୁ । **୨୧** ଏତେକ୍ ଦିନ୍ ଅଇଲା ସବୁ ଲକ୍‌ଜାକ ନ କାଇ ନ ପିଇ ରଇଲା ପଚେ ପାଉଲ୍, ଜାଜେ ଜିବା ଲକ୍‌ମନର୍ ମଜାଇ ଟିଆଅଇ କଇଲା, ମଇତର୍‌ମନ୍ ତମେ ମର୍ କାତା ଦାରି କିରତେଅନି ଜାଜ୍ ନ ଆନି ରଇଲେ ଆମ୍‌କେ ଏ ଦସା ନ ଆଇତା । **୨୨** ମାତର୍ ଏବେ ତମ୍‌କେ ଗୁଆରି କରି କଇଲିନି, ନ ଡରି, ବରସ୍ ଅଇରୁଆ । ତମର୍ ବିତ୍‌ରେଅନି କେ ମିସା ନ ମରାସ୍ । ଜାଜ୍‌ସେ ନସ୍‌ଟ ଅଇସି । **୨୩** କାଇକେବଇଲେ ମୁଇ ଜାର୍ ଲକ୍ ଅଇଲିଆଚି, ଆରି ଜନ୍ ପର୍‌ମେସର୍‌କେ ପାର୍‌ତନା କଲିନି, କାଲି ରାତି ତାର୍ ଗଟେକ୍ ସରଗର୍ ଦୁତ୍ ମକେ ଆସି କଇଲା, **୨୪** ପାଉଲ୍ ତୁଇ ଡର୍ ନାଇ । ବାଇଦରେ ସମ୍‌ରାଟର୍ ମୁଆଟେ ତୁଇ ଟିଆ ଅଇସୁଆକା । ପର୍‌ମେସର୍ ତକେ ଜିବନ୍ ଦୁକାଇଲାଆଚେ । ଜେ କି, ତକେ ଆରି ତର୍ ସଙ୍ଗ୍ ଜାଇତେ ରଇବା ସବୁ ଲକ୍‌ମନ୍‌କେ ବଁଚାଇସି । **୨୫** ତେବେ ବାଇମନ୍ ତମେ ନ ଡରି ବରସ୍ ଅଇରୁଆ । କାଇକେ ବଇଲେ ମୁଇ ପରମେସର୍‌କେ ବିସ୍‌ବାସ୍ କଲିନି, ମକେ ଜେନ୍ତି କଇଲାଆଚେ ଟିକ୍ ସେନ୍ତାରିସେ ଅଇସି । **୨୬** ମାତର୍ ଆମେ ଆଗ୍‌କେ ଗାଲେ ଗଟେକ୍ ଗୁଲାଇବାଟେ ପାନି ରଇକରି ମଜାଇ ରଇବା ସୁକ୍‌ଲା ଜାଗାଇ ପବନ୍ କେଟାଇସି । **୨୭** ଏନ୍ତାରି ଆମେ ବାଉପବନ୍ ଆରାମ୍‌ଅଇକରି ଚଉଦ ଦିନ୍ ଚଉଦ ରାତି ମିସା ଅଇଗାଲା । ପବନ୍ ଆମ୍‌କେ ବୁମଦ୍ ସମ୍‌ଦୁରେ ଏନେ ତେନେ ନେଇତେରଇଲା । ମଜାରାତି ଅଇଲାକେ ଜାଜ୍ ଚାଲାଉମନ୍ ଗଟେକ୍ କଣ୍ଡିପାଲି ଲଗାଲଗି ଆଇଲୁ ବଲି ଅନ୍‌ମାନ୍ କଲାଇ । **୨୮** ତେବେ ସେମନ୍ ଗଟେକ୍ ବଜ୍ ଜିନିସ୍ ଡର୍‌ସଙ୍ଗ୍ ବାନ୍ଦିକରି ନାପିକରି ଜାନ୍‌ଲାଇ ଜେ, ତେଇ ସଏ କଡେ ପୁଟ୍ ପାନି ଡେଙ୍ଗ୍ ରଇଲା । ଆରି କଣ୍ଡେକ୍ ଦୁର୍ ଆଇଲାଇକେ ନବେ ପୁଟ୍ ପାନି ନାପ୍‌ଲାଇ । **୨୯** ପାନି ଜାଜ୍ କନ୍‌ଆଲେ ଡଙ୍ଗ୍‌ରର୍ ପାକ୍‌ନାଇ ଡୁକାଇ ଅଇଜାଇସି ବଲି ଡରିକରି ସେମନ୍ ପଚ୍‌ବାଟେ ଚାର୍‌ଟା ଜାଜ୍ ଅଟ୍‌କାଇବାଟା ପାକାଇଲାଇ । ଆରି ଦାପ୍‌ରେ ସାକାଲ୍ ପାଅ ବଲି ପାର୍‌ତନା କଲାଇ । **୩୦** ତାର୍ ପଚେ ଜାଜ୍ ଚାଲାଉମନ୍ ଜାଜେଅନି ଲୁଚି ପାଲାଇବାକେ ଚେସ୍‌ଟା କଲାଇ । ସାନ୍ ଡଙ୍ଗା ବାନ୍ଦିରଇବା ଡର୍ ବେଟି ଡଙ୍ଗା ସମ୍‌ଦୁରେ ଉତ୍‌ରାଇଲାଇ । ସେମନ୍ ଆରି କେତେଟା ଜାଜ୍ ଅଟ୍‌କାଇବାଟା ମୁଆଟ୍‌ବାଟେ ପାକାଇବୁ ବଲି ନାଡାଇଲାଇ । **୩୧** ମାତର୍ ପାଉଲ୍, ସେନାପତି ଆରି ସନିଅମନ୍‌କେ କଇଲା, "ଜଦି ଜାଜ୍ ଚାଲାଉମନ୍ ଜାଜେ ନ ରଇଲେ ତମେ ମରିଜାଇସା ।" **୩୨** ସେଟାର୍‌ପାଇ ସନିଅମନ୍ ଡଙ୍ଗାର୍ ଡର୍ କାଟି ଦେଲାଇ ଆରି ପାନି ଉପ୍‌ରେ ବଁଲି ଜାଅ ବଲି ଚାଡି ଦେଲାଇ । **୩୩** ପାଉଲ୍ କୁକ୍‌ଡାଡାକେ ସବୁ ଲକ୍‌କେ କାଆ ବଲି ବାବୁଜିଆ କଲା । ସେ କଇଲା, ଆଜିକେ ଚଉଦ ଦିନ୍ ଅଇଗାଲା କାଆସ୍ ନାଇ, ପିଆସ୍ ନାଇ, ବୁକେସେ ଆଚାସ୍ । **୩୪** ତେବେ ମୁଇ ତମ୍‌କେ କାଇଟା ଆଲେ କାଆ ବଲି ବୁଜାଇଲିନି, କାଇକେ ବଇଲେ, ବଁଚି ରଇବାର୍ ଆଲେ କାଇବାର୍ ଆଚେଆକା । ଡରା ନାଇ! ତମ୍‌କେ କାଇଟା ନ ଅଏ । **୩୫** ପାଉଲ୍ ଏନ୍ତାରି କଇକରି ରୁଟି ଦାର୍‌ଲା ଆରି ସବୁ ଲକର୍ ମୁଆଟେ ପର୍‌ମେସର୍‌କେ ଦନିଅବାଦ୍ ଦେଇ ରୁଟି ଚିଡାଇ କାଇବାର୍ ଦାର୍‌ଲା । **୩୬** ତେଇ ସେମନ୍ ସବୁ ଲକ୍ ସାଆସ୍ ଅଇକରି ଆରି ନିଜେ ନିଜେ କାଇବାର୍ ଦାର୍‌ଲାଇ । **୩୭** ଆମେ ସେ ଜାଜେ ସବୁ ଲକ୍ ମିସି ଦୁଇସ ସତୁରି ଚଅ ଲକ୍ ରଇଲୁ । **୩୮** ସବୁ ଲକ୍ ପେଟ୍ ପୁର୍‌ତେ କାଇ ସାର୍‌ଲା ପଚେ ଜାଜ୍ ଉସାସ୍ ଅ ବଲି ଜାଜେ ରଇଲା ସବୁ କାଦିକଣ୍ଡା ସମ୍‌ଦୁରେ ପିଙ୍ଗି ଦେଲାଇ । **୩୯** ସାକାଲ୍ ପାଇଲାକେ କଣ୍ଡିର୍ କନ୍ ଜାଗାଇ ଆସି କେଟ୍‌ଲୁଆଚୁ ବଲି ଜାଜ୍ ଚାଲାଉମନ୍ ଜାନି ନାପାର୍‌ଲାଇ । ମାତର୍ ସେମନ୍ ଦେକ୍‌ଲାଇ, ଜେ ସେଟା ଗଟେକ୍ ସମ୍‌ଦୁର୍ ଆରି ଗାଡ୍ ମିସ୍‌ଲା ବାଲିପଟା ଜାଗା । ଜଦି ପାର୍‌ଲେ ତେଇ ଜାଜ୍ ଲାଗାଉଁ ବଲି ଚେସ୍‌ଟା କଲାଇ । **୪୦** ସେଟାର୍‌ପାଇ ଜାଜ୍ ଅଟ୍‌କାଇବାକେ ବାନ୍ଦି ରଇବା ଡର୍ ସବୁ କାଟି ଦେଇ, ସେଟା ସବୁ ସମ୍‌ଦୁରେ ତପି ଅଇବାକେ ଚାଡି ଦେଲାଇ । ଆରି ଜାଜ୍ ସଲ୍‌କାଇବାକେ ବାନ୍ଦି ରଇବା ଡର୍ କୁସ୍‌ଲାଇଦେଇ ମୁଆଟେ ବାନ୍ଦି ଅଇରଇବା ଡେରାକେ ଟେକି ଦେଲାଇ । ସେନ୍ତା କଲାକେ ଜାଜ୍ ପବ୍‌ନେ ଟେଲାଇ ଟେଲାଇ ଅଇକରି କଣ୍ଡିବାଟେ ଜିବାର୍ ଦାର୍‌ଲା । **୪୧** ଗାଡ୍ ଆରି ସମ୍‌ଦୁର୍ ମିସ୍‌ଲା ସାଙ୍ଗ୍‌ମର୍ ବାଲିପାଟାଇ, ଜାଜ୍ ଡୁକାଇ ଅଇ ମୁଆଁଟ୍ ବାଟର୍‌ଟା ତଲେ ତପିଅଇ ଅଟ୍‌କି ଦେଲା । ଅପର୍‌ବଲ୍ ଲଉଡି ଆସି ଜାଜର୍ ପଚ୍‌ବାଟେ ଡୁକାଇ ଅଇଲାକେ ପଚ୍ ବାଟର୍‌ଟା ମିସା ବାଙ୍ଗି କଣ୍ଡ କଣ୍ଡ ଅଇଗାଲା । **୪୨** ସନିଅମନ୍ ବନ୍ଦି ଲକ୍‌ମନ୍‌କେ ପଅଁରି ପଅଁରି ଉଟିଜିବାଇ ବଲି ବାବି କରି ମାରିମରାଇବାକେ ବାବ୍‌ଲାଇ । **୪୩** ମାତର୍ ସେନାପତି ପାଉଲର୍ ଜିବନ୍ ବଁଚାଇବି ବଲି ବାବ୍‌ତେ ରଇଲା । ତେବେ ସେ ସନିଅମନ୍‌କେ ସେନ୍ତାରି କରାନାଇ ବଲି ମନାକଲା । ଜେତ୍‌କି ପଅଁରି ପାର୍‌ବା ସବୁ ଲକ୍‌ମନ୍‌କେ ପାନିଟାନେ ଡେଗଇକରି ପଅଁରି ପଅଁରି କଣ୍ଡିତେଇ ଜିବାକେ ଆଦେସ୍ ଦେଲା । **୪୪** ଆରି ବାକି ଲକ୍‌ମନ୍‌କେ ଜାଜର୍ ବାଙ୍ଗ୍‌ଲା ପାଟା ଆରି କାଇ କାଇଟାମନ୍ ଦାରି ପଅଁରି କରି ବାରୁଆ । ବଲି କଇଲା । ଏନ୍ତାରି ଅଇ ସବୁଲକ୍ କାଇଟା ନ ଅଇତେ କଣ୍ଡି ଆସି ବାରଇଲାଇ । ସାରାସାରି ଆମେ ସବୁଲକ୍ କଣ୍ଡି କେଟ୍‌ଲୁ ।

**୨୮** କାଇଟା ନ ଅଇ, କଣ୍ଡିପାଲି ଜାଇ ଦେକ୍‌ଲୁ ଜେ, ଆମେ ମେଲିଟି ନାଉଁର୍ ଚାରିବେଟ୍‌ତି ପାନିର୍ ମଜାଇ ରଇବା ସୁକ୍‌ଲା ଜାଗାଇ କେଟିଆଚୁ । **୨** ତେଇ ପୁର୍‌ବେଅନି ରଇବା

ଲକ୍ମନ୍ ଆମ୍କେ ଆଲାଦ୍ ଦେକାଇଲାଇ, ସେବେଲେ ବର୍ସା
ମାରି ସିତ୍ ଅଇତେ ରଇଲା । ସେଟାର୍ ପାଇ ସେମନ୍ ଆମ୍କେ
ଜଇ ଲାଗାଇ ଗତିଆ ମାନ୍ଲାଇ । ୩ ପାଉଲ୍ ଗଟେକ୍ ବିଡା ଦାରୁ
ଜଇତେଇ ପାକାଇବା ବେଲେ ଜଇ ତାତିର୍ ଲାଗି ବିଡାଇଅନି
ଗଟେକ୍ ବିସ୍ରଇବା ସାଁପ୍ ବାରଇଲା ଆରି ପାଉଲର୍ ଆତେ
ଚଗି ଚାବି ଡସିରଇଲା । ୪ ସେ ଜାଗାର୍ ଲକ୍ମନ୍ ପାଉଲର୍
ଆତେ ଚାବିକରି ଡସି ଜୁଲ୍ତେ ରଇବା ସାଁପ୍କେ ଦେକି ତାକର୍
ତାକର୍ ବିତ୍ରେ କୁଆବଲା ଅଇଲାଇ, "ଏ ବାଇଦରେ ଗଟେକ୍
ନର୍ମାରୁ ଲକ୍, ସେ ଜାଇଟା ମିସା ଅ ବେ, ସେ ସମ୍ଦୁରେ
ରକିଆ ପାଇରଇଲେ ମିସା ତାର୍ କରମ୍ ତାକେ ବଁଚ୍ବାକେ ନ
ଦେଏ ।" ୫ ମାତର୍ ପାଉଲ୍ ତାର୍ ଆତ୍ ଜିଞ୍ଜାଡ଼୍ଲାକେ ସାଁପ୍
ଜଇତେଇ ଅଦର୍ଲା ଆରି ତାକେ କାଇଟା ଅଏନାଇ । ୬
ଲକ୍ମନ୍ ପାଉଲର୍ ଆତ୍ ପୁଲିଜାଇସି ନଇଲେ ଅଟାତ୍ ଅଦ୍ରି
ମରିଜାଇସି ବଲି ଜାଗିରଇଲାଇ, ମାତର୍ ବେସି ପର୍ ଜାଗିକରି
ଦେକ୍ଲାଇ ମିସା ତାକେ କାଇଟା ଅଏ ନାଇ । ପଚେ ସେମନ୍
କାତା ପାସ୍ଲାଇକରି କଇଲାଇ "ଏ ଗଟେକ୍ ଦେବ୍ତା!" ୭
ତେଇଅନି ଅଲପ୍ ଦୁରିକେ ସେ ଜାଗାର୍ ମୁକିଅ ନେତା, ତାର୍
ନାଉଁ ପବ୍ଲିଅ । ତାର୍ କେତେଟା ପଦା ରଇଲା, ସେ ଆମ୍କେ
ଗତିଆ ମାନିକରି ଡାକିନେଲା । ଆରି ଆମେ ତିନ୍ ଦିନ୍ ଜାକ
ତାକର୍ ଗରେ ଗତିଆ ଅଇ ରଇଲୁ । ୮ ସେବେଲେ ପବ୍ଲିଅସର୍
ବାବା ଜର୍ ଆରି ରକତ୍ଜାଡା ଦାରାଇଅଇ ଡୁଲିରଇଲା । ପାଉଲ୍
ତାକର୍ ବାକ୍ରାଇ ଜାଇ ତାର୍ପାଇ ପାର୍ତନା କରି ତାର୍ ଉପ୍ରେ
ଆତ୍ ଚିଇ ତାକେ ନିମାନ୍କଲା । ୯ ଏ ଗଟ୍ନା ପଚେ ସେ ଜାଗାର୍
ଜେତ୍କି ରଗିମନ୍ ସବୁ ପାଉଲର୍ ଲଗେ ଆସି ନିମାନ୍ ଅଇଲାଇ ।
୧୦ ସେମନ୍ ଆମ୍କେ ବେସି ବିନ୍ ବିନ୍ ରକାମର୍ ଜିନିସ୍ ଇନାମେ
ଦେଲାଇ ଆରି ଆମେ ତେଇଅନି ଜାଜେ ବସି ଜିବାବେଲେ ସେମନ୍
ଆମର୍ପାଇ ଦର୍କାର୍ ରଇଲା ସବୁ ଜିନିସ୍ ଜାଜେ ଆନି ଦେଲାଇ
। ୧୧ ସେ ଜାଗାଇଅନି ବାରଇବାକେ ଆମ୍କେ ତିନ୍ମାସ୍ ଲାଗ୍ଲା
। ସିତ୍ଦିନ୍ ଅଇରଇଲାକେ ତବିର୍ଅଇଲା ଆଲେକ୍ଜାଣ୍ଡ୍ରିଆ
ନଅରେଅନି ଆସିରଇବା ଗଟେକ୍ ଜାଜେ ଆମେ ବାରଇଲୁ । ସେ
ଜାଜର୍ ନାଉଁ ରଇଲା ଜଁଲି ଦେବ୍ତା । ୧୨ ପର୍ତୁମ୍ ସିର୍କୁସ୍
ନାଉଁର୍ ନଅରେ କେଟି ତେଇ ତିନ୍ଦିନ୍ ରଇଲୁ । ୧୩ ତେଇଅନି
ଆରି ତରେକ୍ ଜିବାଟା ଆରାମ୍ କରି ଆମେ ରେଜିଅମ୍ ସଅରେ
କେଟ୍ଲୁ । ତାର୍ ଆର୍କର୍ ଦିନେ ଦକିଣ୍ ଦିଗେଅନି ପବନ୍
ଆଇଲା ଆରି ଦୁଇଦିନ୍ ପଚେ ପୁତେଅଲି ସଅରେ କେଟ୍ଲୁ ।
୧୪ ତେଇ କେତେଟା ଜିସୁକେ ବିସ୍ବାସ୍ କର୍ବା ବାଇମନ୍କେ
ମିସ୍ଲୁ । ତାକର୍ ସଙ୍ଗ୍ ଗଟେକ୍ ଆଟ୍ ରଇବାକେ ସେମନ୍
ଆମ୍କେ ବାବୁଜିଆ କଲାଇ । ସାରାସାରିପଚେ ଆମେ ରମ୍
ଦେସେ ଜାଇ କେଟ୍ଲୁ । ୧୫ ଆମେ ଗାଲା କବର୍ ସୁନିକରି
ରମ୍ ଦେସର୍ ବିସ୍ବାସି ବାଇମନ୍ ତେଇଅନି ଆପିଅ ଜାଗାର୍
ଆଟେ ଆରି ତିନ୍ସରା ନାଉଁର୍ ନଅର୍ମନ୍ ଜାକ ଆମ୍କେ
ବେଟ୍ ଅଇବାକେ ଇଣ୍ଡି ଇଣ୍ଡି ଆଇଲାଇ । ସେମନ୍କେ ଦେକି
ପାଉଲ୍ ପର୍ମେସର୍କେ ଦନିଅବାଦ୍ ଦେଲା ଆରି ବେସି ସାର୍ଦା
ଅଇଲା । ୧୬ ଆମେ ରମ୍ ଦେସେ କେଟ୍ଲା ପଚେ ପାଉଲ୍କେ
ଗଟେକ୍ ସନିଅ ସଙ୍ଗ୍ ଗଟେକ୍ ଗରେ ରଇବାକେ ଆଦେସ୍
ମିଲ୍ଲା । ୧୭ ତିନ୍ ଦିନ୍ ପଚେ ପାଉଲ୍ ସେ ଜାଗାର୍ ଜିଉଦି
ନେତାମନ୍କେ ଗଟେକ୍ ସବା କର୍ବାକେ କବର୍ ପାଟାଇଲା ।
ସେମନ୍ ଆସି ରୁଣ୍ଡ୍ଲାଇକେ ପାଉଲ୍ ସେମନ୍କେ କଇଲା, "ଏ
ଇସ୍ରାଏଲର୍ ବାଇମନ୍, ମୁଇ ଆମର୍ ଲକ୍ମନର୍ ବିରୁଦେ କି
ଆମର୍ ଆନିଦାଦିମନର୍ ଟାନେଅନି ସିକିରଇବା ରିତିନିତି ବିରୁଦେ
କିଚି କରିନାଇ, ଏଲେ ମିସା ଜିରୁସାଲାମର୍ ଜିଉଦିମନ୍ ମକେ
ଦାରି ବନ୍ଦିଗରେ ପୁରାଇ ରମିଅମନ୍କେ ସର୍ପିଦେଲାଇ । ୧୮
ମକେ ପାଚାର୍ ଉଚାର୍ କଲା ପଚେ ମରନ୍ ଡଣ୍ଡ ପାଇବା ଏତ୍କି
କାଇ ଅପ୍ରାଦ୍ କରେ ନାଇ ବଲି ଜାନ୍ଲାଇ । ପଚେ ରମିଅ
ଲକ୍ମନ୍ ମକେ ମୁକ୍ଲାଇବାକେ ମନ୍ କର୍ତେ ରଇଲାଇ । ୧୯
ମାତର୍ ଜିଉଦି ଲକ୍ମନ୍ ମକେ ଚାଡ୍ବାକେ ରାଜି ଅଅତ୍ନାଇ
। ତେବେ ମର୍ ନିଜର୍ ଲକ୍ମନର୍ ବିରୁଦେ ମର୍ କାଇ ଦାବି
ନ ରଇଲା ମିସା, ମୁଇ ବଡ଼୍ସାସନ୍କାରିଆକେ ଗୁଆରି କର୍ବି
ଆକା ବଲି ବାବ୍ଲି । ୨୦ ସେଟାର୍ପାଇ ଏ ବିସଇ କାତାବାର୍ତା
ଅଉଁ ବଲି ମୁଇ ତମ୍କେ ଡାକାଇ ଆଚି । ଇସ୍ରାଏଲର୍ ଲକ୍ମନ୍
ଏବେ ଜାକେ ଆସା କରି ଆଇଲାଇନି, ତାର୍ପାଇ ବଲିକରି ମୁଇ
ଆଜି ସିକ୍ଲି ସଙ୍ଗ୍ ବାନ୍ଦାଇ ଅଇଆଚି ।" ୨୧ ସେମନ୍ କଇଲାଇ,
"ଆମ୍କେ ଜିଉଦା ଦେସେଅନି ତମର୍ ବିସଇ କାଇ ଚିଟି ଗଟେକ୍
ମିସା ମିଲେ ନାଇ, କି ବାଇମନର୍ ବିତ୍ରେଅନି କେ ମିସା ଇତି
ଆସି ତମର୍ ବିସଇର୍ ବୁଲ୍ କାତା ସୁନାଅତ୍ ନାଇ କି କଅତ୍ ମିସା
ନାଇ । ୨୨ ମାତର୍ ତମେ କାଇଟା ବଲି ବିସ୍ବାସ୍ କଲାସ୍ନି,
ସେଟା ତମର୍ଟାନେଅନି ଆମେ ସୁନ୍ବାକେ ମନ୍ କଲୁନି ।
କାଇକେବଇଲେ, ଗୁଲାଇବାଟର୍ ଲକ୍ ତମର୍ ଦଲ୍ ବିରୁଦେ
କାତା ଅଇଲାଇନି ।" ୨୩ ସେମନ୍ ଗଟେକ୍ଦିନ୍ ଟିକ୍ କଲାଇ ଆରି
ଟିକ୍ କଲା ଦିନେ ସେମନର୍ ବିତ୍ରେଅନି ବେସି ଲକ୍ ପାଉଲ୍
ରଇବା ଜାଗାଇ ଆଇଲାଇ । ପାଉଲ୍ ସେମନ୍କେ ସାକାଲେଅନି
ସଞ୍ଜଜାକ ପରମେସର୍ ରାଇଜ୍ ବିସଇ ବୁଜାଇଦେଲା ଆରି ମସାର୍
ରିତିନିତି ଆରି ବବିସତ୍ବକ୍ତାମନ୍ ଲେକ୍ଲା ସାସ୍ତରର୍ ବାକିଅ
ଦେକାଇକରି ଜିସୁର୍ ବିସଇ ବୁଜାଇଲା । ୨୪ ତେଇ କେତେ ଲକ୍
ପାଉଲ୍ କଇଲା କାତା ବିସ୍ବାସ୍ କଲାଇ, ମାତର୍ କେତେ ଲକ୍
ବିସ୍ବାସ୍ କରତ୍ ନାଇ । ୨୫ ତେବେ ତାକର୍ ତାକର୍ ବିତ୍ରେ
ଦଦାପେଲା ଅଇକରି ବାରଇ ଉଟିଗାଲାଇ । ପାଉଲ୍ ଗଟେକ୍
କାତା କଇଲା, ସୁକଲ୍ ଆତ୍ମା ତମର୍ ଆନିଦାଦିମନ୍କେ ଜିସାୟ
ବବିସତ୍ବକ୍ତାର୍ ଡଣ୍ଡେଅନି ସତ୍ କାତା କଇରଇଲା! ୨୬ ସେ
କଇରଇଲା, "ଏ ଲକ୍ମନ୍କେ ଜାଇ କଅ, ତମେ ସୁନି ସୁନି
ରଇସା, ମାତର୍ ନ ବୁଜାସ୍ । ଦେକି ଦେକି ରଇସା, ମାତର୍ ନ
ଚିନାସ୍ ।" ୨୭ କାଇକେ ବଇଲେ ଏ ଲକ୍ମନର୍ ମନ୍ ବେସି

ଆଁଟ୍, ସେମନ୍ ନିଜର୍ ନିଜର୍ ଆଁକି ଲିମିଦେଇ ଆଚତ୍ ଆରି କାନ୍
ଚୁଟି ଦେଇ ଆଚତ୍, ସେମନ୍ ଜଦି ଆଁକି ଦେକ୍‌ତାଇ, ଆରି ଚୁଟି
ଅଇଲା କାନ୍ ଉଗାଡି ସୁନ୍‌ତାଇ । ସେନ୍ତାର୍ ଆଲେ ସେମନ୍ ମନେ
ମନେ ବୁଜ୍‌ତାଇ । ଆରି ସେମନ୍ ମର୍‌ଲଗେ ବାଅଡ୍‌ତାଇ ଆରି
ମୁଇ ସେମନ୍‌କେ ନିକ କର୍‌ତି । ଏଟା ପରମେସର୍ କଇଲାନି ।
୨୮ ସାରାସାରିପଚେ ପାଉଲ୍ କଇଲା "ତେବେ ପରମେସରର୍
ମୁକ୍‌ତି ଜିଉଦିନଇଲା ଲକ୍‌ମନର୍ ପାଇ ଆଇଲା ଆଚେ । ଏଟା
ତମେ ଜାନିରୁଆ, ସେମନ୍ ମିସା ସେଟା ମାନ୍‌ବାଇ ।" ୨୯
ପାଉଲ୍ ଏ ସବୁ କାତା କଇଲାକେ, ଜିଉଦିମନ୍ ନିଜର୍ ନିଜର୍
ବିତ୍‌ରେ ଦଦାପେଲା ଅଇଅଇକରି ଉଟିଗାଲାଇ । ୩୦ ପାଉଲ୍
ଗଟେକ୍ ଗର୍ ବାଡାକରି ତେଇ ଦୁଇ ବରସ୍ ଜାକ ରଇଲା ଆରି
ତାକେ ଦେକ୍‌ବାକେ ଆଇଲା ସବୁ ଲକ୍‌ମନ୍‌କେ ତେଇ ଗତିଆ
ମାନ୍‌ତେରଇଲା । ଜେତ୍‌କି ଲକ୍ ପାଉଲର୍ ଲଗେ ଆଇତେ
ରଇଲାଇ ସେ ସବୁ ଲକ୍‌କେ ଡାକି, କାକେ ନ ଡର୍‌ତେ କଲା ।
୩୧ ଆରି ତାକେ କେ ମିସା ତେବାଅତ୍ ନାଇ । ସେ ପରମେସରର୍
ରାଇଜ୍ ବିସଇ ଜାନାଇକରି ମାପ୍ରୁ ଜିସୁକିରିସ୍‌ଟର୍ ବିସଇ
ସିକିଆ ଦେଇତେରଇଲା ।

# ରମିୟ

୧ ମୁଇ ପାଉଲ୍ ଏଟା ଲେକ୍ଲିନି, ମୁଇ କିରିସ୍ଟ ଜିସୁର୍
ଗଟେକ୍ ସେବାକାରିଆ । ପର୍ମେସର୍ ମକେ ବାଚ୍ଲା
ଆରି ତାର୍ ନିମାନ୍ କବର୍ ଜାନାଇବାକେ ସର୍ପିଦେଲା ।
ରମ୍ ରାଇଜେ ରଇବା ତମର୍ ସବୁଲକର୍ପାଇ ମୁଇ ଏ ଚିଟି
ପାଟାଇଲିନି । ୨ ପର୍ମେସର୍ ଏ ବିସଇ ଆଗେଅନି କାତା
ଦେଇରଇଲା, ଆରି ସୁକଲ୍ ସାସ୍ତରରେ ସେ ସବୁ ଲେକ୍ବା ପାଇ
ତାର୍ ବବିସତ୍ବକ୍ତାମନ୍କେ ଟିଆର୍ଲା । ୩ ଏ ସୁବ୍କବର୍ତେଇ
ପରମେସରର୍ ପଅ, ଆରି ଆମର୍ ମାପ୍ରୁ ଜିସୁକିରିସ୍ଟର୍
ବିସଇ ଆଚେ । ସେ ଏ ମତ୍ପୁରେ ନର୍ ରୁପ୍ଦାରି ଦାଉଦର୍
ନାତିତିତି ଅଇ ଜାତ୍ ଅଇଲା । ୪ ମାତର୍ ସେ ପୁରାପୁରୁନ୍
ସୁକଲ୍ ରଇଲା, ଆରି ପର୍ମେସରର୍ ବଡ୍ ବପୁସଙ୍ଗ ତାକେ
ମଲାଟାନେଅନି ଉଟାଇଲା । ମଲାଟାନେଅନି ଉଟ୍ଲାର୍ପାଇ
ସେ ପରମେସରର୍ ପଅ ବଲି ଦେକାଇଲା । ୫ ପରମେସର୍
କିରିସ୍ଟର୍ ତେଇଅନି ମକେ ଗଟେକ୍ ପେରିତ୍ କଲାଆଚେ,
ଜେନ୍ତାରି କି ସବୁ ଜଗତର୍ ଲକ୍ମନ୍କେ ତାର୍ ବିସଇ ଜାନାଇବି
। ସେମନ୍ ସେଟା ବିସ୍ବାସ୍ କରି ମାନ୍ବାଇ । ୬ ଏ ରମ୍
ଦେସର୍ ଲକ୍! ତମେମିସା ଜିସୁକିରିସ୍ଟର୍ ସିସ୍ ଅଇବାକେ
ବାଚାଇ ଅଇଆଚାସ୍ । ୭ ରମେ ରଇବା ସବୁ ଲକ୍କେ ଏ ଚିଟି
ଲେକ୍ଲିନି । କାଇକେବଇଲେ ତମ୍କେ ପରମେସର୍ ଆଲାଦ୍
କଲାନି । ଆରି ତାର୍ ନିଜର୍ ଲକ୍ ଅଇବାକେ ଡାକି ଆଚେ ।
ଆମର୍ ବାବା ପରମେସର୍ ଆରି ମାପ୍ରୁ ଜିସୁକିରିସ୍ଟ ତମ୍କେ
ଜିବନ୍ ଦୁକାଇ ସାନ୍ତି ଦେଅ । ୮ ମୁଇ ତମ୍କେ ପର୍ତମେ ଏ
ବିସଇ କଇବାକେ ମନ୍ କରି ରଇଲିଜେ, ତମର୍ ସବୁଲକର୍ପାଇ
ମୁଇ ମାପ୍ରୁ ଜିସୁର୍ ନାଉଁ ଦାରି ପର୍ମେସର୍କେ ଦନିଅବାଦ୍
ଦେଲିନି । କାଇକେବଇଲେ ଗୁଲାଇ ଜଗତର୍ ଲକ୍, ତମେ
ବିସ୍ବାସ୍ କରିରଇବା ବିସଇ ସୁନ୍ଲାଇନି । ୯ ମୁଇ ମର୍ ସବୁ
ମନ୍ପରାନ୍ ଦେଇ ଜନ୍ ପରମେସର୍କେ ସେବା କଲିନି, ଆରି
ଜନ୍ ପରମେସରର୍ ପଅର୍ ସୁବ୍ କବର୍ ଜାନାଇଲିନି, ସେ
ପରମେସର୍ ମର୍ ସାକି । ୧୦ ମୁଇ ପାର୍ତନା କଲାବେଲେ
ତମ୍କେ ସବୁବେଲେ ଏତାଇଲିନି । ସେ ମନ୍ କଲେ, ମକେ ତମର୍
ଲଗେ ଜିବାକେ ବେଲା ଟିକ୍ କରି ଦେଅ ବଲି ପରମେସର୍କେ
ଗୁଆରି କଲିନି । ୧୧ ତମର୍ ଲଗେ ଆଇବାକେ ମୁଇ ବେସି
ମନ୍ କଲିନି । ମର୍ ପାଇରଇଲା ଆତ୍ମାର୍ ଦାନ୍ ବିସଇ
ଜାନାଇବାଟାନେଅନି ତମର୍ ବିସ୍ବାସ୍ ଡାଟ୍ କରାଇବି । ୧୨
ଏଟାର୍ ଲାଗି ତମର୍ ବିସ୍ବାସେଅନି ମର୍ ବିସ୍ବାସ୍ ଡାଟ୍ ଅଇସି
ଆରି ମର୍ ବିସ୍ବାସେଅନି ତମର୍ ବିସ୍ବାସ୍ ଡାଟ୍ ଅଇସି । ୧୩
ବାଇବଇନିମନ୍, ତମର୍ ଟାନେ ଆଇବାକେ ମୁଇ ବେସି ତର୍ ମନ୍
କରିରଇଲି, ମାତର୍ ଦାରାବାନ୍ଦାଅଇ ଜାଇରଇଲି ଜେ ଆଜିକେ
ଜାକ ଆସି ନାପାର୍ଲିନି । ବିନ୍ ବିନ୍ ଜାଗାର୍ ଜିଉଦି ନଇଲା
ଲକ୍ମନର୍ ବିତ୍ରେ ସୁବ୍କବର୍ ଜାନାଇକରି ମକେ ଜେତ୍କି
ସାର୍ଦା ମିଲ୍ଲା ଆଚେ, ତମର୍ ଜାଗାଇ ମିସା ସେଟା କର୍ବାକେ
ମୁଇ ମନ୍ କଲିନି । ୧୪ କାଇକେବଇଲେ, ଗିରିକ୍ ଲକ୍ମନର୍
ପାରା ଗିଆନ୍ ରଇଲେ ମିସା, ମୁର୍କ ଲକ୍ ଅଇରଇଲେ ମିସା,
ସିକିରଇବା ଲକ୍ ଅଇରଇଲେ ମିସା, କି ନ ସିକିରଇବା ଲକ୍
ଅଇରଇଲେ ମିସା, ଏ ସବୁ ଦଲର୍ ଲକ୍ମନର୍ ପାଇ ମର୍ ଦାଇତ୍
ଆଚେ । ୧୫ ସେଟାର୍ ପାଇ ରମ୍ ଗଡର୍ ଲକ୍, ତମର୍ ଲଗେ
ମିସା ନିମାନ୍ କବର୍ ଜାନାଇବାକେ ମୁଇ ମନ୍ କଲିନି । ୧୬ ସେ
ସୁବ୍ କବର୍ଟାନେ ମର୍ ପୁରାପୁରୁନ୍ ଆସାଆଚେ, ସେଟା ସିଗ୍
ପର୍ତମେ ଜିଉଦି ଲକ୍ମନର୍ ପାଇ ଆରି ତାର୍ ପଚେ ବିସ୍ବାସ୍
କର୍ବା ଜିଉଦି ନଇଲା ଲକ୍ମନର୍ ପାଇ ପରମେସରର୍ ବଡ୍ ବପୁ
। ୧୭ ଲକ୍ମନ୍ ପରମେସରର୍ ଲଗେ କେନ୍ତି ଦରମ୍ ଲକ୍ ବଲାଇ
ଅଇ ପାର୍ବାଇ, ତାର୍ ଉପାଇ ତେଇ ଦେକାଇ ଦିଆଅଇଲା
ଆଚେ । ଆରାମେ ଅନି ସାରାସାରିଜାକ ମୁକ୍ତି ପାଇବା ଗଟେକ୍
ମାତର୍ ଉପାଇ ଅଇଲାନି, ବିସ୍ବାସ୍ । ସାସ୍ତରର୍ ବାକିଅ
ଇସାବେ "ଜେ ବିସ୍ବାସ୍ କରି ପରମେସରର୍ ମୁଆଟେ ଦରମ୍
ବଲାଇ ଅଇସି, ସେ ବଁଚ୍ସି ।" ୧୮ ଜନ୍ ପାପି ଲକ୍ମନ୍ ନିଜର୍
କାରାପ୍ କାମେଅନି ସତ୍ ବିସଇ ଅଟ୍କାଇବାଇ, ସେମନର୍
ବିରଦେ ସର୍ଗେଅନି ପରମେସରର୍ ରିସା ଦେକାଇ ଅଇସି । ୧୯
କାଇକେବଇଲେ ପରମେସରର୍ ବିସଇନେଇ ଜାଇଟା ଜାନ୍ବାର୍
ରଇଲା ସେମନ୍ ସେଟା ଜାନ୍ଲାଇ ଆଚତ୍ । ପରମେସର୍ ନିଜେ
ସେଟା ଦେକାଇ ଦେଲାଆଚେ । ୨୦ ପରମେସର୍ ଜଗତ୍ ଟିଆର୍
କଲାତେଇଅନି, ତାର୍ ନ ଦେକାଇଅଇବା ଗୁନ୍ ଅଇଲାନି, ତାର୍
କାବାଅଇଜିବା କାମ୍ ଆରି ନ ସାର୍ବା ବପୁ । ସେ ଟିଆର୍
କଲା ବିସଇତେଇ ସେଟା ଦେକିଅଇଲାନି । ସେଟାର୍ ପାଇ
ସେମନ୍ ନାଜାନୁବଲି କଇନାପାରତ୍ । (aïdios g126) ୨୧ ସେମନ୍
ପରମେସର୍କେ ଜାନିକରି ମିସା ନିକ ନାମତ୍ ନାଇ କି ତାକେ
କାଇ ବିସଇ ନେଇକରି ମିସା ଦନିଅବାଦ୍ ଦେଅତ୍ ନାଇ ।
ସେମନ୍ ଚିନ୍ତା କର୍ବାଟା ସବୁ କାରାପ୍ ଆରି ତାକର୍ ଚୁଟାଇ
ରଇବା ମନ୍, ଆନ୍ଦାରେ ଆଚେ । ୨୨ ସେମନ୍ ନିଜ୍କେ ଗିଆନି
ବଲି ବାବ୍ଲାଇନି, ମାତର୍ ସତଇସେ ସେମନ୍ ବକୁଆ । ୨୩ ସତ୍
ପରମେସର୍କେ ନ ନାମିକରି ନସିଜିବା ମୁନୁସ୍, ପସୁ, ଚଡଇ,
ସାଁପ୍ପାରା ପୁତ୍ଲା ଟିଆର୍ କରି ସେଟାମନ୍କେ ପୁଜା କଲାଇନି ।
୨୪ ସେଟାର୍ ପାଇ ପରମେସର୍ ସେମନ୍କେ ଚାଡିଦେଲାଆଚେ,
ଆରି ସେମନ୍ ନିଜର୍ ନିଜର୍ ମନ୍ କଲା କାରାପ୍ କାମେ ବୁଡି
ରଇଲାଇନି । ସେମନ୍ ତାକର୍ ତାକର୍ ବିତ୍ରେ ଲାଜ୍ଅଇଜିବା
ମିସାବିଡା କର୍ବାଟା ସଙ୍ଗଇଆଚତ୍ । ୨୫ ସେମନ୍ ପରମେସରର୍
ବିସଇଟାନେ ରଇବା ସତ୍ ବାଦୁଲେ ମିଚ୍ ଦାରିକରି ଆଚତ୍
। ସବୁବେଲେ ଡାକ୍ପୁଟା ପାଇବା ପରମେସର୍କେ ପାର୍ତନା
ନ କରି, ଟିଆର୍ କଲା ଦିନ୍ସୁମନ୍କେ ପାର୍ତନା କଲାଇନି ।
ସେ କାଲ୍ କାଲ୍ ଜୁଗ୍ ଜୁଗ୍ ଡାକ୍ପୁଟା ପାଅ! ଆମେନ୍ । (aiōn

g165) ୨୬ ସେମନ୍ ଲାଜ୍ଅଇଜିବା ପାପ୍କାମେ ବୁଡି ରଇଲାର୍
ପାଇ ପରମେସର୍ ସେମନ୍କେ ଚାଡି ଦେଲାଆଚେ । ତାକର୍
ମାଇଜିମନ୍ ନିଜର୍ ମୁନୁସ୍ମନର୍ ସଙ୍ଗ୍ ସୁଆବସା ନ ଅଇ,
କାରାପ୍ ଇସାବେ ବିନ୍ ମୁନୁସ୍ମନର୍ ସଙ୍ଗ୍ ସୁଆବସା କଲାଇନି
। ୨୭ ସେନ୍ତାରିସେ ମୁନୁସ୍ମନ୍ ମିସା ଆଲାଦେ ମାଇଜି ସଙ୍ଗ୍
ସୁଆବସା ନ କରି ନିଜର୍ ନିଜର୍ ବିତ୍ରେ କାରାପ୍ ଅଇ ମିସାବିଡା
ଅଇବା ଚିନ୍ତାଇ ଜଲି ଗାଲାଇନି । ମୁନୁସ୍ମନ୍ ତାକର୍ ତାକର୍
ବିତ୍ରେ ଲାଜ୍ ଅଇବା ଚଲାଚଲ୍ତି କଲାଇନି ଆରି ସେଟାର୍
ପାଇ ଡଣ୍ଡ ପାଇବାକେ ତିଆର୍ ଅଇଲାଇନି । ୨୮ ଏ ଲକ୍ମନ୍
ପରମେସରର୍ ବିସଇନେଇ ନିମାନ୍ ବାବ୍ବାକେ ମନ୍ ନ କଲାର୍
ପାଇ, ପରମେସର୍ ସେମନ୍କେ ଚାଡି ଦେଲାଆଚେ । ଆରି ମନ୍
ବିତ୍ରେ କାରାପ୍ ଚିନ୍ତା କର୍ବାଟା କରତ୍ ବଲି ଚାଡିଦେଲାଆଚେ
। ଏଟାର୍ପାଇ ସେମନ୍ ନ କର୍ବା କାମ୍ କର୍ବାଇ । ୨୯ ତାକର୍
ବିତ୍ରେ ସବୁରକାମର୍ କାରାପ୍ ବିସଇ, ଜନ୍ଟାମନ୍କି, କାରାପ୍
ଚିନ୍ତା କର୍ବାଟା, ବାନିଆ ଚିନ୍ତା କର୍ବାଟା, ଲବାଇବାଟା, ଲାଁଚ୍
ନେବାଟା, ତାକର୍ ତାକର୍ ବିତ୍ରେ ଇଁସାତଲା ଅଇବାଟା, ନର୍
ମରାଇବାଟା, କିରମାର ଅଇବାଟା, ନାଡାଇବାଟା, ଆଁକାର୍
କର୍ବାଟା ଆରି କୁଟ୍କାତା ଅଇବାଟା ବର୍ତି ଅଇଆଚେ ।
୩୦ ସେମନ୍ କାନେ ପୁସୁର୍ ପାସାର୍ ଅଇବାଟା, ବିନ୍ ଲକ୍କେ
ନିନ୍ଦା କର୍ବାଟା, ପରମେସର୍କେ ଗିନ୍ କର୍ବାଟା, ବଡ୍ପନ୍
ଅଇବାଟା, ବଡ୍ପନିଆ କାତା ଅଇବାଟା, ବିନ୍ଲକ୍କେ ପାନ୍ଦେ
ଅଦ୍ରାଇବାଟା, ଆରି ଆୟା ବାବାର୍ କାତା ନ ମାନ୍ବାଟା,
୩୧ ଦରମ୍ ବିବେକ୍ ନ ଅଇବାଟା, କାତା ଦେଲା ପଚେ ସେଟା
ବାଙ୍ଗାଇବାଟା, ତାକର୍ ବିତ୍ରେ ଆଲାଦ୍ ନ କର୍ବାଟା ଆରି
ଜିବନ୍ ନ ଦୁକାଇବାଟା । ୩୨ ଜନ୍ ଲକ୍ମନ୍ ଏନ୍ତି ଚଲାଚଲ୍ତି
କର୍ବାଇ ସେମନ୍ ମରିଜିବାଟା ନିକ । ପରମେସରର୍ ଏ ନିୟମ୍
ସେମନ୍ ଜାନ୍ଲେ ମିସା ଏନ୍ତିସେ ଚଲାଚଲ୍ତି କର୍ବାଇ, ଅବ୍କା
ସେଟା ନଏଁ, ମାତର୍ ଏନ୍ତି ଚଲାଚଲ୍ତି କର୍ବା ଲକର୍ ବାଟେ
ଅଇକରି, ସାର୍ଦା ସଙ୍ଗ୍ ଏଟା ଟିକ୍ ବଲି ସେମନ୍କେ କଇବାଇ ।

**୨** ତେବେ ଏ ମର୍ ମଇତର୍ମନ୍, ତମେ କାଇ ବିନ୍ ଲକର୍
ବିଚାର୍ କଲାସ୍ନି କି? ତମେ ଜେ ଅଇରଇଲେ ମିସା, ଏନ୍ତି
କର୍ବାଟା ଟିକ୍ ନଏଁ । ବିନ୍ ଲକର୍ ଦସ୍ଦାରି ତମେ ଜଦି ନିଜେ
ସେ ଦସ୍ କର୍ତେ ରଇସା ବଇଲେ, ତମେ ନିଜେ, ନିଜ୍କେ
ଦସି ବଲାଇ ଅଇଲାସ୍ନି । ୨ ଆମେ ଜାନୁ, ପରମେସର୍ ଏନ୍ତି
କର୍ତେ ରଇବା ଲକ୍ମନ୍କେ ଟିକ୍ ସଙ୍ଗ୍ ବିଚାର୍ କର୍ସି । ୩ ଜନ୍
କାରାପ୍ କାମର୍ ଲାଗି ତମେ ବିନ୍ ଲକ୍ମନର୍ ଦସ୍ ଦାର୍ଲାସ୍ନି,
ସେଟା ତମେ ନିଜେ କର୍ତେ ରଇସା, ସେଟାର୍ ପାଇ ତମେ
ପରମେସରର୍ ବିଚାର୍ ଜାଗାଇ ଟିଆ ନଉଁ ବଲି ବାବ୍ଲାସ୍ନି
କି? ୪ ସେନ୍ତି ବଇଲେ ତା, ତମେ ପରମେସରର୍ ବେସି ଜିବନ୍
ଦୁକାଇଲାଟା, ଉଦାର୍ କର୍ବାଟା ଆରି ମୁରଚ୍ବାଟାକେ ନାମାସ୍
ନାଇ । ତମେ ସତଇସେ ଜାନିଆଚାସ୍ ଜେ, ତମର୍ ମନେ କାରାପ୍
କାମ୍ ଅଇଲାଟା ମାନିଅଇବାକେ ପରମେସର୍ ଏଡେକ୍ ଦୟା
କଲାଆଚେ । ୫ ମାତର୍ ତମେ ବଡ୍ପନିଆ ଆରି ମନ୍ ଜିଦିଆ ।
ସେଟାର୍ ପାଇ ସାରାସାରି ବିଚାର୍ନା ଦିନେ ପରମେସର୍ ଟିକ୍
ସଙ୍ଗ୍ ତାର୍ ବିଚାର୍ନା ଦେକାଇସି । ସେ ରିସାର୍ ଦିନେ ନିଜର୍ ପାଇ
ରିସା ଟୁଲିଆଇଲାସ୍ନି । ୬ କାଇକେବଇଲେ ପରମେସର୍ ସେ
ଦିନେ ତାର୍ କରମ୍ ଇସାବେ ସବୁକେ ପୁରୁସ୍କାର୍ ଦେଇସି । ୭
ଜନ୍ ଲକ୍ମନ୍ ଡାକ୍ପୁଟା, ସନ୍ମାନ୍ ଆରି ଅମର୍ ଅଇବା ଆସାଇ
ମୁର୍ଚିକରି ସତ୍କାମ୍ କରିଜିବାଇ, ସେମନ୍କେ ପରମେସର୍
ନ ସାର୍ବା ଜିବନ୍ ଦେଇସି । (aiōnios g166) ୮ ମାତର୍ ଜନ୍
ଲକ୍ମନ୍ ନିଜର୍ ଲାବ୍ ଆରି ସତ୍ ରଇବା ବିସଇ ନ ମାନି,
ମିଚ୍କାତା ମାନ୍ବାଇ, ସେମନର୍ ଉପ୍ରେ ବଡ୍ ରିସା ଆଇସି । ୯
ଜନ୍ ଲକ୍ମନ୍ କାରାପ୍ କାମେ ବୁଡି ଆଚତ୍, ସେମନର୍ ପାଇ
କସ୍ଟ ଆରି ଦୁକର୍ ଦିନ୍ ଆଇଲାନି । ସବୁକେ ଆଗ୍ତୁ ଜିଉଦିକେ
ଆରି ତାର୍ ପଚେ ଜିଉଦି ନଇଲା ଲକ୍ମନର୍ ପାଇ । ୧୦ ମାତର୍
ଜନ୍ ଲକ୍ମନ୍ ସତ୍ ଇସାବେ କାମ୍ କଲାଇନି, ସେମନ୍ ଜିଉଦି
ଅଅତ୍ କି ଜିଉଦି ନଇଲା ଲକ୍ ଅଅତ୍, ସେମନ୍କେ ପରମେସର୍
ଡାକ୍ପୁଟାକରି ସନ୍ମାନ୍ ଆରି ସାନ୍ତି ଦେଇସି । ୧୧ କାଇକେ
ବଇଲେ ପରମେସର୍ ଗଟେକ୍ ତୁଲାଇସେ ସବୁର୍ ବିଚାର୍ କର୍ସି
। ୧୨ ଜିଉଦି ନଇଲା ଲକ୍ମନ୍, ମସା ଲେକ୍ଲା ନିୟମ୍ ପାଅତ୍
ନାଇ । ନିୟମ୍ ନ ପାଇ ପାପ୍ କଲାଇ, ସେମନ୍ ନିୟମ୍ ନ
ଅଇତେ କୁରୁପ୍ନାସ୍ ଅଇବାଇ । ଆରି ଗଟେକ୍ବାଟେ ଜିଉଦିମନ୍
ନିୟମ୍ ଜାନିକରି ମିସା, ପାପ୍ କଲାଇ, ସେମନ୍ ସେ ନିୟମ୍
ଇସାବେ ଡଣ୍ଡ ପାଇବାଇ । ୧୩ କାଇକେବଇଲେ ଲକ୍ମନ୍
ଉଜେ ନିୟମ୍ ସୁନ୍ଲେସେ ପରମେସରର୍ ମୁଆଟେ ଦରମ୍
ଲକ୍ ବଲି ଏଜାଇଅଇ ନାପାରତ୍, ମାତର୍ ନିୟମ୍ ନାମ୍ଲେସେ
ଅଇପାରତ୍ । ୧୪ ଜିଉଦିନଇଲା ଲକ୍ମନର୍ ନିୟମ୍ ନାଇ, ମାତର୍
ସେମନ୍ ଅବିଆସ୍ କରି ନିୟମର୍ ବିଦିମନ୍ ନାମ୍ବାଇ, ସେଟାସେ
ସେମନର୍ ନିୟମ୍ ପାରା । ୧୫ ସେମନର୍ କାମ୍ଦାମ୍ଟାନେଅନି
ଟିକ୍ ସଙ୍ଗ୍ ଜାନାପଡ୍ଲାନି ଜେ, ନିୟମର୍ ବିଦିବିଦାନ୍ ସେମନର୍
ମନେ ଲେକାଅଇଲା ଆଚେ । ଏ କାତା ସତ୍, ସେମନର୍ ବିବେକ୍
ଟିକ୍ ବଲି କଇବା ଚଲାଚଲ୍ତିଅନି ଜାନାପଡ୍ଲା । ଜେନ୍ତାରିକି
ସତ୍ କାମ୍ କଲାବେଲେ ତାକର୍ ବିବେକ୍, ଉଁ ବଲି କଇସି, ଆରି
କାରାପ୍ କାମ୍ କଲାବେଲେ ବିବେକ୍ ସେମନ୍କେ ଦସି କରାଇସି
। ୧୬ ଜନ୍ ଦିନେ ପରମେସର୍ ଜିସୁକିରିସ୍ଟର୍ ଟାନେଅନି
ମୁନୁସର୍ ବିତ୍ରେ ଲୁଚ୍ଲା ବିସଇମନ୍ ବିଚାର୍ କର୍ସି, ସେ ଦିନେ
ମୁଇ ଜାନାଇ ରଇଲା ସୁବ୍କବର୍ ଇସାବେ ଏ ସବୁ ଗଟ୍ସି ।
୧୭ ତମେମନ୍ ତେବେ? ନିଜ୍କେ ଜିଉଦି ବଲାଇଅଇଲାସ୍ନି,
ନିୟମ୍କେ ଆସାକରି ଆରି ପରମେସର୍ ସଙ୍ଗ୍ ମିସାବିଡା କର୍ବାଟା
ନେଇ ବଡ୍ପନ୍ ଅଇଲାସ୍ନି, ୧୮ ପରମେସର୍ ତମର୍ଟାନେଅନି
କାଇଟା ମନ୍ କଲାନି ସେଟା ତମେ ଜାନିଆଚାସ୍ । ଆରି
ନିୟମେଅନି ସତ୍ ଆରି ସତ୍ ନ ଅଇବା ଗିଆନ୍ ପାଇଆଚାସ୍, ୧୯

ସତଇସେ ଜାନିଆଚାସ୍ ଜେ, ତମେ କାଣାକେ ବାଟ୍‌ଦେକାଇବା
ଲକ୍, ଆନ୍ଧାରେ ରଇବା ଲକ୍‌ମନର୍ ପାଇ ଉଜଲ୍ ପାରା । ୨୦
ବକୁଆମନ୍‌କେ ନିମାନ୍ କାତା କଇବା ଲକ୍, ଗିଆନ୍ ନ ରଇବା
ଲକ୍‌ମନର୍ ଗୁରୁ । ତମେ ବିସ୍‌ବାସ୍ କଲାସ୍‌ନି ଜେ, ନିୟମ୍
ଜାନିକରି ପୁରାପୁରୁନ୍ ସତ୍ ଆରି ଗିଆନ୍ ପାଇଆଚାସ୍ ବଲି ।
୨୧ ତମେ ବିନ୍‌ଲକ୍‌ମନ୍‌କେ ସିକାଇଲାସ୍‌ନି, ମାତର୍ କାଇକେ
ନିଜେ ସିକାସ୍ ନାଇ? ଚରାଇବାର୍ ନାଇ ବଲି ସିକିଆ ଦେଇ
ନିଜେ ଚରାଇଲାସ୍‌ନି କି? ୨୨ ପାଦ୍‌ରା କାମ୍ କରାନାଇ ବଲି
କଇ, ନିଜେ ପାଦ୍‌ରା କାମ୍ କଲାସ୍‌ନି କି? ପୁତ୍‌ଲା ପୁଜାକେ ଗିନ୍
କରି ଦେଉଲର୍ ଦିନ୍‌ସୁ ଚର୍‌ଲାସ୍‌ନି କି? ୨୩ ପରମେସରର୍
ନିୟମ୍ ମିଲାଇଆଚୁ ବଲି ବଡ୍‌ପନ୍ ଦେକାଇଲାସ୍‌ନି, ମାତର୍
ସେଟାକେ ଏଡିଦେଇକରି ତାକେ ଲାଜ୍ କରାଇଲାସ୍‌ନି କି? ୨୪
ସାସ୍‌ତରେ ଲେକାଅଇଲା ଆଚେ, "ତମର୍‌ଲାଗି ଜିଉଦି ନଇଲା
ଲକ୍‌ମନର୍ ବିତ୍‌ରେ ପରମେସର୍ ନିନ୍ଦା ପାଇଲାନି ।" ୨୫ ଜଦି
ତମେ ନିୟମ୍ ମାନ୍‌ଲେ, ତମର୍ ସୁନତ୍ ଅଇବାଟା ଟିକ୍ ଆଚେ ।
ଜଦି ନିୟମ୍ ନ ମାନ୍‌ଲେ ସୁନତ୍ ନ ଅଇଲା ଲକ୍‌ମନର୍ ସଙ୍ଗ
ସମାନ୍ । ୨୬ ଜଦି ସୁନତ୍ ନ ଅଇଲା ଗଟେକ୍ ଜିଉଦି ନଇଲା
ଲକ୍ ନିୟମର୍ ବିଦିବିଦାନ୍ ସବୁ ନାମ୍‌ତେ ରଇସି, ପରମେସର୍
ତାକେ ସୁନତ୍ ଲକ୍ ଇସାବେ ନ ଡାକେ କି? ୨୭ ସେଟାର୍ ପାଇ
ଗାଗ୍‌ଡେ ସୁନତ୍ ନ ଅଇରଇଲା ଜିଉଦି ନ ଅଇଲା ଲକ୍‌ମନ୍,
ନିୟମ୍ ମାନିକରି ତମର୍ ବିଚାର୍ କର୍‌ବାଇ, କାଇକେ ବଇଲେ
ତମେ ଗାଗ୍‌ଡେ ସୁନତ୍ ଅଇ ନିୟମ୍ ପାଇରଇଲେ ମିସା, ସେଟା
ନାମାସ୍ ନାଇ । ୨୮ ଉଜେ ଗାଗ୍‌ଡେ ସୁନତ୍ ଅଇ ଉପ୍‌ରେ ଉପ୍‌ରେ
ଜିଉଦି ବଲି ଚିନାଇଅଇବା ଲକ୍ ସତଇସେ ଜିଉଦି ନଅତ୍ ।
୨୯ ଜେ ମନ୍ ବିତ୍‌ରେଅନି ଜିଉଦି, ସେ ଅଇଲାନି ସତଇସେ
ଜିଉଦି । ସତଇସେ ସୁନତ୍ ମନ୍ ବିତ୍‌ରର୍ ବିସଇ । ସେଟା ସୁକଲ୍
ଆତ୍‌ମାର୍ କାମ୍ । ଲେକ୍‌ଲା ନିୟମ୍ ସେଟା କରିନାପାରେ ।
ଏନ୍ତାରି ଲକ୍ ଲକ୍‌ମନର୍‌ଟାନେଅନି ଡାକ୍‌ପୁଟା ନ ପାଏ, ମାତର୍
ପରମେସର୍‌ଅନି ପାଇସି ।

**୩** ତେବେ ଜିଉଦି ନଇଲା ଲକ୍‌ମନର୍‌ତେଇଅନି ଜିଉଦିମନର୍
ଅଦିକ୍ ସୁବିଦା କାଇଟା? ସୁନତ୍ କଲେ କାଇ ଲାବ୍? ୨ ସବୁ
ରକାମର୍ ଲାବ୍ ଆଚେ । ତେବେ ପର୍‌ତୁମ୍, ପରମେସର୍ ତାର୍
କବର୍ ଜାନାଇବା ଦାଇତ୍ ଜିଉଦିମନର୍ ଆତେ ଦେଲା ଆଚେ ।
୩ ତେବେ କାଇଟା ଅଇସି? ଜିଉଦିମନର୍ ବିତ୍‌ରେଅନି କେତେ
ଲକ୍ ବିସ୍‌ବାସ୍ ନ କଲେ ପରମେସର୍ କାତା ଦେଇରଇବାଟା
ପୁରାପୁରୁନ୍ ନ ଅଏ କି? ୪ କେବେ ନାଇ । ମୁନୁସ୍‌ମନ୍ ସବୁ
ଲକ୍ ମିଚୁଆ ଅଇଲେ ମିସା, ପରମେସର୍ ସତ୍‌ସେ । ସାସ୍‌ତରେ
ଲେକା ଆଚେ, "ତମର୍ ବାକିଅ ଅନି ତମେସେ ସତ୍ ବଲି ଚିନାଇ
ଉଆ, ତମେ ବିଚାର୍ କରାଇ ଅଇଲାବେଲେ ଜିତି କରି ରୁଆ
।" ୫ ଇତି ଗଟେକ୍ ପର୍‌ସନ୍ ଅଇପାରେ, "ଆମର୍ କାରାପ୍
ଚଲାଚଲ୍‌ତି, ପରମେସରର୍ ଦରମ୍‌କେ ଚିନାଇ ଦେଇସି ବଇଲେ,
ସେ ଆମ୍‌କେ ଡଣ୍ଡଦେଇ ଅନିଆଇ କଲାନି ବଲି କଇପାରିଅଇସି
କି? ୬ କେବେ ନାଇ । ପରମେସର୍ ଜଦି ନିଆଇତେଇ ନାଇ,
ତେବେ ସେ କେନ୍ତି ଜଗତର୍ ନିଆଇ ବିଚାର୍ କର୍‌ସି?" ୭ "ଜଦି
ମୁଇ ମିଚ୍ କଇବାଟା ପରମେସରର୍ ସତ୍ ଅଦିକ୍ ଡିସି କରି
ଡାକ୍‌ପୁଟା କରାଇସି ବଇଲେ, ମୁଇ କାଇକେ ପାପି ବଲି ଡଣ୍ଡ
ପାଇବି?" ୮ ସେନ୍ତାର୍‌ଆଲେ "ଆସା, ଆମେ କାରାପ୍ କାମ୍ କରୁ
ଜେନ୍ତାରି କି ତେଇଅନି ନିକ ବିସଇ ବାରଇସି" ବଲି କଇଅଇସି
କି? ନାଇ, କଇ ନଏ । ମୁଇ ସମାନ୍ ଏନ୍ତି କାତା କଇଲିନି ବଲି
ଦାବା କରି କେତେ ଲକ୍ ମକେ ଇଜତ୍ ଜିକ୍‌ଲାଇନି । ସେମନ୍
ସେଟାର୍ ପାଇ ଜନ୍ ଡଣ୍ଡ ପାଇବାର୍ ରଇଲାଇ, ସତଇସେ
ପାଇବାଇ । ୯ ତେବେ କାଇ ଜିଉଦିମନର୍ ଜିଉନା କାଉନା,
ଜିଉଦି ନଇଲା ଲକ୍‌ମନର୍‌ଟାନେଅନି ଅଦିକ୍ ନିକ କି? ନାଇ,
ମୁଲ୍‌କେ ନାଇ! ମୁଇ ଆଗ୍‌ତୁଅନି କଇଲି ଆଚି ଜେ, ସେମନ୍
ଦୁଇ ଦଲ୍ ଜାକ ପାପର୍ ସାସନେ ଆଚତ୍ । ୧୦ ସାସ୍‌ତରେ
ଲେକା ଆଚେ, ଦରମ୍ ଲକ୍ କେ ନାଇ ଗଟେକ୍ ଲକ୍ ମିସା
ନାଇ, ୧୧ କେ ମିସା ଗିଆନ୍ ରଇବା ଲକ୍ ନାଇ । ସତଇସେ
ପରମେସର୍‌କେ ଉପାସନା କର୍‌ବା ଲକ୍ ନାଇ । ୧୨ ସେମନ୍
ସବୁ ଲକ୍ ପରମେସର୍‌ଟାନେଅନି ଅନି ଦୁରିକେ ଜାଇ ଆଚତ୍
। ସେମନ୍ ବାଟ୍ ବାନା ଅଇଗାଲାଇ ଆଚତ୍ । କେ ଗଟେକ୍
ଲକ୍ ମିସା ସତ୍ କାମ୍ କରତ୍ ନାଇ । ୧୩ ସେମନର୍ କାତା
କଇବାଟାନେ ଅଦିକ୍ ନାଡାଇବାଟା ଆଚେ, ଟଣ୍ଡେଅନି ଗାଡ୍
ଗାଲାପାରା ମିଚ୍ କାତା ବାରଇଲାନି । ଜିବ୍‌ତଲେ ନାଗ୍ ସାପର୍
ବିସ୍ ପାରା ଆଚେ । ୧୪ ସେମନର୍ କାତା, ପିତା ଅଇ, ଅବିସାପେ
ପୁରୁନ୍ ଅଇଆଚେ । ୧୫ ସେମନ୍ ମାର୍‌ବାକେ ଆରି ମରାଇବାକେ
ତେରେପେତେ ଅଇଲାଇନି । ୧୬ ସେମନ୍ ଜନ୍‌ବାଟେ ଗାଲାଇନି,
ତେଇ କୁରୁପ୍‌ନାସ୍ ଅଇବାଟା ଆରି କସ୍‌ଟ ଅଇବାଟା ଉବଜ୍‌ଲାନି
। ୧୭ ସେମନ୍ ସାନ୍ତିର୍ ବାଟ୍ ନାଜାନତ୍, ୧୮ କି ପରମେସର୍‌କେ
ଡର୍‌ବାଟା ସିକତ୍ ନାଇ । ୧୯ ଆମେ ଜାନୁ, ଜନ୍ ଲକ୍‌ମନ୍
ନିୟମର୍ ସାସନ୍ ତଲେ ଆଚତ୍, ତେଇର୍ ସବୁ ବିଦିବିଦାନ୍
ମାନ୍‌ବାକେ ବାଦିଅ । ପରମେସର୍ ଜେତେବଲ୍ ଗୁଲାଇ ଜଗତର୍
ବିଚାର୍ କର୍‌ସି, ନିୟମ୍ ନ ମାନ୍‌ଲା ଲକ୍‌ମନ୍ କାଇ କାମ୍ ମିସା
ଦେକାଇକରି, ଦସ୍ କରିନାଇ ବଲି କଇନାପାରତ୍ । ୨୦ ମାତର୍
ନିୟମର୍ ରିତିନିତି ମାନିକରି କେ ମିସା ପରମେସରର୍ ମୁଆଟେ
ଦରମ୍ ଲକ୍ ଅଇନାପାରେ । ନିୟମେଅନି ସେ ଲକ୍ ଅବ୍‌କା
ପାପର୍ ବଜେସ ପାଇସି । ୨୧ ମାତର୍ ଏବେ ଲକ୍‌ମନ୍ ତାର୍
ମୁଆଟେ ଦରମ୍ ବଲି ଏଜାଇ ଅଇବାକେ, ପରମେସର୍ ଜନ୍‌ଟା
ଜଜ୍‌ନା କରି ରଇଲା, ସେଟା ସେ ଆମ୍‌କେ ଜାନାଇଦେଲାଆଚେ
। ମାତର୍ ଏଟା ନିୟମ୍ ମାନ୍‌ଲାକେ ଅଏନାଇ । ଏ ଜଜ୍‌ନା ମସାର୍
ନିୟମେ ଆରି ବିନ୍ ବବିସତ୍‌ବକ୍‌ତାମନର୍ ଟାନେ ମିସା ରଇଲା ।
୨୨ ଉଜେ ଜିସୁକିରିସ୍‌ଟକେ ବିସ୍‌ବାସ୍ କଲାକେ ଏବେ ଆମେ
ପରମେସରର୍ ଦେକ୍‌ବା ଇସାବେ ଦରମ୍ ଲକ୍ ବଲାଇ ଅଇଆଚୁ

। ପରମେସର୍ କେତେ ଲକ୍‌କେ ଆଲାଦ୍ କରି ଆରି କେତେକ୍
ଲକ୍‌କେ ଗିନ୍ କରେନାଇ । କିରିସ୍‌ଟକେ ବିସ୍‌ବାସ୍‌କର୍‌ବା ସବୁ
ଲକ୍‌ମନ୍‌କେ ଏ ଅଦିକାର ଦେଲାଆଚେ । **୨୩** ସବୁ ଲକ୍ ପାପ୍
କଲାଇ ଆଚତ୍ ଆରି ପରମେସରର୍ ପୁରାପୁରୁନ୍ ମଇମାଇଅନି
ଉନା ଅଇଗାଲାଇ ଆଚତ୍ । **୨୪** ମାତର୍ ପରମେସର୍ କିରିସ୍‌ଟ
ଜିସୁର୍‌ତେଇଅନି ଇନାମେ ନ ସାର୍‌ବା ଜିବନ୍ ଦୁକାନି ଦାନ୍
କଲାଆଚେ । ଜନ୍ ଲକ୍‌ମନ୍ ସେଟା ମିଲାଇଆଚତ୍, ସେମନ୍‌କେ
ମାପ୍‌ରୁ ଜିସୁ ମୁକ୍‌ତି ଦେଇସି । ସେମନ୍ ପରମେସରର୍ ମୁଆଟେ
ଦରମ୍ ଲକ୍ ବଲାଇ ଅଇବାଇ । **୨୫** ପରମେସର୍ ଜିସୁକେ
ଦାନ୍‌କଲା, ଜେନ୍ତିକି ତାର୍ ମରନ୍, ତାକେ ବିସ୍‌ବାସ୍ କର୍‌ବା
ଲକ୍‌ମନର୍ ପାପ୍ କେମାର୍ ବାଟ୍ ଦେକାଇସି । ସେ ନିଜର୍ ଦରମ୍
ଅଇଲାଟା ଦେକାଇବାକେ ଏଟା କଲା । ସେ ସବୁ ମୁର୍‌ଚିକରି
ଲକ୍‌ମନ୍ ଆଗ୍‌ତୁ କରିରଇବା ପାପ୍ ଦାରେ ନାଇ । **୨୬** ମାତର୍
ଏବେ ସେ ତାର୍ ଦରମ୍ ଅଇଲାଟା ଦେକାଇବାକେ ସେ ସବୁ
ପାପ୍, ଜନ୍ ପାପ୍ କି ଜିସୁ କୁର୍‌ସକାଟେ ଦାରିରଇଲା, ତେଇ
ମିସାଇ ଆଚେ । ଏଟାର୍‌ଲାଗି ପର୍‌ମେସର୍ ପୁରାପୁରୁନ୍ ଦରମ୍
ଆଚେ । ଆରି ଜେତ୍‌କି ଲକ୍ ଜିସୁକେ ବିସ୍‌ବାସ୍ କର୍‌ବାଇ ସେ
ସବୁ ଦରମ୍ ଲକ୍ ବଲି ଏଜାଇଅଇବାଇ । **୨୭** ସେନ୍ତାର୍‌ଆଲେ
ଆମେ କାଇ ବିସଇନେଇ ବଡ୍‌ପନ୍ ଅଇବାର୍ ଆଚେ? ନାଇ
ସେନ୍ତି କାଇଟା ମିସା ନାଇ । ଆମେ ବଡ୍‌ପନ୍ ଦେକାଇବାକେ
କାଇ ବିସଇ ଆଚେ କି? ଆମେ ପୁରାପୁରି ନିୟମ୍ ମାନ୍‌ଲୁନି
ବଲିକରି କି? ନାଇ, ଅବ୍‌କା ବିସ୍‌ବାସ୍ କର୍‌ବାଟାସେ ଆମର୍
ବଡ୍‌ପନ୍ ଦେକାଇବାଟା । **୨୮** ଆମେ ସତଇସେ ବୁଜି ପାର୍‌ଲୁ
ଜେ, ଗଟେକ୍ ଲକ୍ ଅବ୍‌କା ବିସ୍‌ବାସ୍ କରିସେ ଦରମ୍ ଲକ୍ ବଲାଇ
ଅଇସି, ନିୟମ୍ ମାନିକରି ନାଇ । **୨୯** ପରମେସର୍ କାଇ ଉଜେ
ଜିଉଦିମନର୍‌ସେ ପରମେସର୍ କି? ସେ କାଇ ଜିଉଦିନଇଲା
ଲକ୍‌ମନର୍ ପରମେସର୍ ନଏଁ କି? ସତଇସେ ସେ ସବୁ ଲକର୍
ପରମେସର୍ । **୩୦** ପରମେସର୍ ଗଟେକ୍‌ସେ । ଜିଉଦି ଆରି
ଜିଉଦିନଇଲା ଲକର୍ ପାଇ ସମାନ୍ । ସେମନର୍ ବିସ୍‌ବାସ୍
ପାଇ ସେମନ୍‌କେ ଦରମ୍ ଲକ୍ ଇସାବେ ବାଚ୍‌ସି । **୩୧** ଏଟାର୍
ଅରତ୍ କାଇଟା, ଏନ୍ତାରି ବିସ୍‌ବାସ୍ କରି ନିୟମ୍ ନସାଇଦେଉଁ କି?
ନାଇ, ଆମେ ଜଦି ଜିସୁକିରିସ୍‌ଟକେ ବିସ୍‌ବାସ୍ କର୍‌ବୁ ବଇଲେ,
ନିୟମ୍‌କେ ମିସା ଡାଟ୍ କର୍‌ବୁ ।

**୪** ଆମର୍ ବାବା ଅବ୍‌ରାଆମର୍ ବିସଇନେଇ କାଇଟା ବଲି
କଉଁ? ସେ ଆମର୍ ଜିଉଦି ବଁସର୍ ଆନିଦାଦି ରଇଲା । ସେ
କେନ୍ତି ଦରମ୍ ବଲାଇ ଅଇଲା? **୨** ଜଦି ଅବ୍‌ରାଆମ୍ ନିଜର୍
କରିରଇବା କାମେଅନି ସେ ପରମେସରର୍ ମୁଆଟେ ଦରମ୍ ଲକ୍
ବଲାଇ ଅଇତା, ସେ ବଡ୍‌ପନ୍ କାତା କଇପାର୍‌ତା । ମାତର୍
ସେଟା ପରମେସରର୍ ମୁଆଟେ ଅଇ ନାପାରେ । **୩** ସାସ୍‌ତର୍
ଇସାବେ, "ଅବ୍‌ରାଆମ୍ ପରମେସରର୍‌ତେଇ ବିସ୍‌ବାସ୍ କଲା,
ଆରି ଏ ବିସ୍‌ବାସର୍ ଲାଗି ପରମେସର୍ ତାକେ ଦରମ୍‌ଲକ୍
ଇସାବେ ନିଜର୍ କଲା ।" **୪** ଜେ କାମ୍ କର୍‌ସି ସେ ବୁତି ପାଇସି
ଆକା । କାର୍‌ଟାନେଅନି ଦାନ୍ ଇସାବେ ନ ପାଏ । **୫** ମାତର୍ ଜେ
ନିଜର୍ ଉପ୍‌ରେ ଆସା ନ କରି, ପରମେସରର୍‌ତେଇ ବିସ୍‌ବାସ୍
କର୍‌ସି, ତାର୍ ବିସ୍‌ବାସର୍ ଲାଗି, ଅପ୍‌ରାଦର୍ ଦସ୍ ନ ଦାରି
ଚାଡିଦେବା ପରମେସର୍, ତାକେ ଦରମ୍‌ଲକ୍ ଇସାବେ ଡାକ୍‌ସି ।
**୬** ଜନ୍ ଲକର୍ ରିତିନିତି ନ ଦେକି ପରମେସର୍ ତାକେ ଦରମ୍‌ଲକ୍
ବଲି ଡାକ୍‌ସି, ସେନ୍ତାରି ଲକର୍ ବିସଇନେଇ ଦାଉଦ୍ କଇଆଚେ,
**୭** ଜାର୍ ଦସ୍ ଦଇଅଇଲା ଆଚେ ସେ କେଡେ କରମର୍ ଲକ୍ । ଜେ
ପାପ୍‌କେମା ପାଇଲାଆଚେ ସେ କେଡେ କରମର୍ ଲକ୍ । **୮** ମାପ୍‌ରୁ
ଜାର୍ ପାପର୍ ଇସାବ୍ ନ କରେ, ସେ କେଡେ କରମର୍ ଲକ୍!
**୯** ଇତି ଦାଉଦ୍ ଜନ୍ ଲକ୍‌ମନ୍‌କେ କେଡେ କରମର୍ ଲକ୍ ବଲି
କଇଲାଆଚେ, ସେମନର୍ ବିତ୍‌ରେ କାଇ ଅବ୍‌କା ସୁନତ୍ ଅଇଲା
ଲକ୍‌ସେ ରଇଲାଇ କି? ନାଇ, ସୁନତ୍ ନ ଅଇଲା ଲକ୍ ମିସା
କେଡେ କରମର୍ ଲକ୍ ଅଇପାରତ୍ । ଆମେ କଇଲୁନି ଅବ୍‌ରାଆମ୍
ବିସ୍‌ବାସ୍ କଲାକେସେ ଦରମ୍ ଲକ୍ ଇସାବେ ଏଜାଇଅଇଲା, **୧୦**
ଏଟା କେଡେବେଲେ ଗଟିରଇଲା? ଅବ୍‌ରାଆମ୍ ସୁନତ୍ ଅଇଲା
ପଚେ କି, ତାର୍ ଆଗ୍‌ତୁ? ଆଗ୍‌ତୁ, ପଚେ ନାଇ । **୧୧** ସୁନତ୍
ଅଇବା ଆଗ୍‌ତୁ, ଅବ୍‌ରାଆମର୍ ବିସ୍‌ବାସ୍ ଲାଗି ପରମେସର୍
ତାକେ ଦରମ୍ ଲକ୍ ଇସାବେ ଡାକି ରଇଲା । ଏଟା ଜାନାଇବାକେ
ଗଟେକ୍ ଚିନ୍‌ପାରା ଅବ୍‌ରାମ୍ ଏ ସୁନତ୍‌ବିଦି କର୍‌ବାଟା ନାମି
ରଇଲା । ଜେନ୍ତାର୍‌କି ଜନ୍ ଲକ୍‌ମନ୍ ସୁନତ୍ ନ ଅଇକରି ମିସା,
ବିସ୍‌ବାସ୍ କର୍‌ବାଇ, ସେମନ୍ ଦରମ୍‌ଲକ୍ ବଲି ଏଜାଇ ଅଇବାଇ
। ସେଟାର୍‌ପାଇ ଗାଗଡ୍ ଇସାବେ ଅବ୍‌ରାଆମ୍ ସେମନର୍ ବାବା
ବଲାଇଅଇସି, **୧୨** ଅବ୍‌ରାଅମ ସୁନତ୍ ଅଇବା ଆଗ୍‌ତୁ ବିସ୍‌ବାସର୍
ଜନ୍ ଚିନ୍ ଦେଇରଇଲା, ଜଦି ସୁନତ୍ ନଇଲା ଲକ୍‌ମନ୍ ନିଜର୍
ଜିବନେ ସେ ରକାମ୍ ବିସ୍‌ବାସ୍ ଦେକାଇ ପାର୍‌ବାଇ ବଇଲେ,
ଅବ୍‌ରାଆମ୍ ସେମନର୍ ମିସା ବାବା । **୧୩** ଅବ୍‌ରାଆମ୍ ନିୟମ୍
ମାନ୍‌ଲାର୍ ପାଇ ନାଇ, ଅବ୍‌କା ବିସ୍‌ବାସ୍ କଲାର୍‌ପାଇ ସେ ଦରମ୍
ଲକ୍ ବଲି ଏଜାଇଅଇରଇଲା । ଆରି ସେଟାର୍ ପାଇ, ସେ
ଆରି ତାର୍ କୁଟୁମର୍ ଲକ୍‌ମନ୍ ଜଗତର୍ ଅଦିକାରି ଅଇବାଇ
ବଲି ପରମେସର୍ କାତା ଦେଇରଇଲା । **୧୪** ଜନ୍ ଲକ୍‌ମନ୍
ନିୟମ୍ ମାନ୍‌ବାଇ, ଅବ୍‌କା ସେମନ୍‌ସେ ଜଦି ପରମେସରର୍
ଦାନ୍ ପାଇବାଇ, ତେବେ ଲକ୍‌ମନର୍ ବିସ୍‌ବାସ୍ ଚୁଟାଇ ଅଇସି
। ପରମେସର୍ ଦେଇରଇବା କାତା ମିସା ଚୁଟାଇସେ । **୧୫**
ନିୟମ୍ ନ ମାନ୍‌ଲାର୍‌ପାଇ ଲକ୍‌ମନ୍ ପରମେସରର୍ ବଡ୍ ରିସାଇ
ପଡ୍‌ବାଇ । ମାତର୍ ଜନ୍ତି ନିୟମ୍ ନାଇ, ତେଇ ନିୟମ୍ ନ ମାନ୍‌ବା
କାତା ଉଟେ ନାଇ । **୧୬** "ସେଟାର୍‌ପାଇ ପରମେସର୍ କାତା
ଦେଇରଇବାଟା ବିସ୍‌ବାସର୍ ଲାଗି ରଇସି । ଜନ୍ ଲକ୍‌ମନ୍
ନିୟମ୍ ମାନ୍‌ବାଇ, ଅବ୍‌କା ସେମନର୍ ପାଇସେ ପରମେସର୍
କାତା ଦେଏ ନାଇ । ଅବ୍‌ରାଆମର୍ ପାରା ବିସ୍‌ବାସ୍ କର୍‌ତେ
ରଇବା ସବୁର୍ ପାଇ ସେଟା ଲଡା । କାଇକେବଇଲେ ଅବ୍‌ରାମ୍

ସେମନର୍ ଆତ୍ମା ଇସାବେ ରଇବା ବାବା ।” ୧୭ ଏ ବିସଇ
ସାସ୍ତରେ ଲେକାଆଚେ “ତକେ ଆମେ ସବୁ ବଁସର୍ ବାବା
କରିଆଚୁ ।” ପରମେସରର୍ ଇସାବେ ଏ କାତା ଦେଲାଟା ଟିକ୍
ରଇଲା, କାଇକେ ବଇଲେ ଜନ୍ ପରମେସର୍‌କେ ଅବ୍ରାଆମ୍
ବିସ୍‌ବାସ୍ କର୍‌ତେ ରଇଲା, ସେ ପର୍‌ମେସରର୍ ବାକିଅ ମଲା
ଲକ୍‌ମନ୍‌କେ ଜିବନ୍ କର୍‌ସି ଆରି କାଇଟା ନଇଲାତେଇଅନି
ସବୁ ବିସଇ ତିଆର୍ କର୍‌ସି । ୧୮ ଆସା କର୍‌ବାକେ କାଇଟା ନ
ରଇଲେ ମିସା, ଅବ୍ରାଆମ୍ ବିସ୍‌ବାସ୍ କରି ଆସାଅଇ ରଇଲା ।
ସେଟାର୍ ପାଇ ସେ ସବୁ ବଁସର୍ ବାବା ଅଇଲା, କାଇକେ ବଇଲେ
ସେ ସାସ୍ତରେଅନି କାତା ମିଲାଇରଇଲା, “ତାର୍ କୁଟୁମର୍
ଲକ୍‌ମନ୍ ଏଜି ନାପାର୍‌ବା ଆକାସର୍ ତାରାପାରା ଅଇବାଇ ।”
୧୯ ତାକେ ସେଡ଼୍‌କିବେଲେ ସଏ ବରସ୍ ଅଇରଇଲା । ମାତର୍
ତାକର୍ ମଲାପାରା ଗାଗଡର୍ କାତା ବାବି, କି ସାରା ଜେକି
ଆରି ପିଲା ପାଇ ନାପାରେ, ଏ କାତା ଜାନିକରି ମିସା, ତାକର୍
ବିସ୍‌ବାସ୍ ଉନା ଅଏନାଇ । ୨୦ ସେ ତାର୍ ବିସ୍‌ବାସେଅନି ବିନେ
ବେଗ୍‌ଲେ ନାଇ, କି ପରମେସର୍ ଦେଇରଇବା କାତା ଅଇସି କି
ନଏଁ ବଲି କଏନାଇ । ସେ ବିସ୍‌ବାସ୍ କରି ବପୁ ସଙ୍ଗ୍ ପୁରାପୁରୁନ୍
ଅଇଲା ଆରି ସେ ପରମେସର୍‌କେ ଡାକ୍‌ପୁଟା କଲା । ୨୧
“ପରମେସର୍ ଜନ୍ କାତା ଦେଇରଇଲା, ସେଟା ସେ କର୍‌ସି ଆକା
ବଲି ଡାଟ୍‌ସଙ୍ଗ୍ ବିସ୍‌ବାସ୍ କଲା ।” ୨୨ ସେ ବିସ୍‌ବାସର୍ ଲାଗି
ଅବ୍ରାଆମ୍ ପରମେସର୍ ଦେକ୍‌ବା ଇସାବେ ଦରମ୍ ଲକ୍ ବଲି
ଏଜାଇଅଇଲା । ୨୩ ଦରମ୍ ଲକ୍ ଇସାବେ ଏଜାଇଅଇବାଟା
ସାସ୍ତରର୍ କାତା, ଉଜେ ଅବ୍ରାମ୍‌କେସେ ଅଇସି, ସେନ୍ତାରି
ନାଇ । ୨୪ ସେଟା ଆମର୍‌ପାଇ ମିସା ଲେକାଅଇଆଚେ ।
ଆମେ ମିସା ପରମେସର୍‌କେ ବିସ୍‌ବାସ୍ କଲେ ଦରମ୍ ଲକ୍ ବଲି
ଏଜାଇଅଇବୁ । ସେ ମାପ୍ରୁ ଜିସୁକେ ମଲାତେଇଅନି ଆରି
ତରେକ୍ ଜିବନ୍ କରି ଉଟାଇଲା ଆଚେ ବଲି ବିସ୍‌ବାସ୍ କଲୁନି
। ୨୫ ମାପ୍ରୁ ଜିସୁ ଆମର୍ ପାପର୍ ଲାଗି ମରିରଇଲା ଆରି
ପରମେସରର୍‌ତେଇ ଆମ୍‌କେ ଦରମ୍ ଲକ୍ କରାଇବାକେ ଆରି
ତରେକ୍ ଜିବନ୍ ଅଇ ଉଟ୍‌ଲା ।

**୫** ଏବେ ଆମେ ବିସ୍‌ବାସ୍ କଲାର୍ ପାଇ ପରମେସର୍ ଦେକ୍‌ବା
ଇସାବେ ଦରମ୍ ଲକ୍ ବଲାଇଅଇଲୁ ଆଚୁ ଆରି ମାପ୍ରୁ
ଜିସୁ କିରିସ୍ଟର ଲାଗି ପରମେସର୍ ସଙ୍ଗ୍ ସାନ୍ତି ସଙ୍ଗ୍ ଆଚୁ । ୨
କାଇକେବଇଲେ ଆମେ ବିସ୍‌ବାସ୍ କଲାର୍ ପାଇସେ ତାର୍ ଜିବନ୍
ଦୁକାଇଲାଟାନେ ଆମ୍‌କେ ଆନି ଆଚେ । ଜନ୍‌ତେଇ କି ଏବେ
ଆମେ ଆଚୁ । ଆମେ ବେସି ସାର୍‌ଦା ସଙ୍ଗ୍ ବଡ଼୍‌ପନର୍ କାତା
କଇବୁ । କାଇକେବଇଲେ ପରମେସରର୍ ଡାକ୍‌ପୁଟାର୍‌ତେଇ
ମିସ୍‌ବୁ ବଲି ଆମ୍‌କେ ଆସା ଆଚେ । ୩ ସବୁ ରକାମର୍ ଦୁକ୍ କସ୍ଟ
ମୁର୍‌ଚି କରି ସାର୍‌ଦା ଅଇଲୁନି, କାଇକେବଇଲେ ତେରେପେଟେ
ନ ଅଇ କସ୍ଟ ମୁରଚ୍‌ଲେ, ମନେ ସାଆସ୍ ଆଇସି । ୪ ସାଆସ୍
ଦାରି ରଇଲେ ପରମେସର୍ ସାର୍‌ଦା ଅଇସି । ତାର୍ ସାର୍‌ଦାଇଅନି
ଆସା ଆଇସି । ୫ ଏ ଆସା ଆମ୍‌କେ ମୁର୍‌ମୁରା ଅଇବାକେ ନ
ଦେଏ, କାଇକେ ବଇଲେ ପରମେସର୍ ଆମ୍‌କେ ସୁକଲ୍‌ଆତ୍ମା
ଦେଇ କରି ଆମର୍ ମନେ ତାର୍ ଆଲାଦ୍ ବର୍‌ତି କରିଦେଲାଆଚେ
। ସୁକଲ୍‌ଆତ୍ମା ଆମର୍ ପାଇ ରଇବା ପର୍‌ମେସରର୍ ଦାନ୍
। ୬ ଆମ୍‌କେ କେ ମିସା ଆକାସାକା ନ ରଇଲା ବେଲେ,
ପରମେସର୍ ଟିକ୍ କଲା ବେଲାଇ କିରିସ୍ଟ ପାପିମନର୍ ପାଇ
ମଲା । ୭ ଦରମ୍ ଲକର୍ ପାଇ କେ ମିସା ଗଟେକ୍ ଲକ୍ ମର୍‌ବାଟା
ଆମେ ନାଜାନୁ, ମାତର୍ ଏନ୍ତାରି ମିସା ଅଇସି ଜେ, ଗଟେକ୍
ନିମାନ୍ ଲକର୍‌ପାଇ ନିଜର୍ ଜିବନ୍ ଦେବାକେ କେ ଆଲେ ସାସ୍
କର୍‌ବାଇ । ୮ ମାତର୍ ଆମେ ପାପି ରଇଲାବେଲେ ଜିସୁ ଆମର୍
ପାଇ ନିଜର୍ ଜିବନ୍ ସର୍‌ପିଦେଲା । ଇତିଅନି ପରମେସର୍
ଆମ୍‌କେ କେତେକ୍ ଆଲାଦ୍ କଲାନି, ସେଟା ଜାନାପଡିଆଚେ ।
୯ କିରିସ୍ଟର୍ ବନିର୍‌ଲାଗି ପରମେସର୍ ଆମ୍‌କେ ଦରମ୍ ଲକ୍
କଲାଆଚେ । ସେନ୍ତି ଆଲେ ପରମେସରର୍ ବଡ଼୍ ରିସାଇଅନି
ଆମ୍‌କେ ରକିଆ କର୍‌ବାକେ କିରିସ୍ଟ କେତେକ୍ ମନ୍ଦିଆନ୍ ନ
ଦେଏ! ୧୦ ଆମେ ପରମେସରର୍ ସତ୍‌ରୁ ରଇଲାବେଲେ ତାର୍
ପିଲା ଆମର୍ ପାଇ ଜିବନ୍ ଦେଲା । ତେଇଅନି ପରମେସର୍
ସଙ୍ଗ୍ ଆମେ ଆରିତରେକ୍ ଜଡିଅଇଲୁ । ତାର୍ ସଙ୍ଗ୍ ଆରିତରେକ୍
ଜଡିଅଇଲା ପଚେ, ଏବେ କିରିସ୍ଟର୍ ଜିବନର୍ ଲାଗି ଆମେ
ରକିଆ ପାଇବାକେ କେତେକ୍ ଅଦିକ୍ ନ ପାଉ? ୧୧ ଅବ୍‌କା
ସେତ୍‌କିସେ ନଏ, ମାପ୍ରୁ ଜିସୁକିରିସ୍ଟର୍ ତେଇଅନି ପରମେସର୍
ଜନ୍ ସବୁ କାମ୍ କଲାଆଚେ, ସେଟାର୍ ପାଇ ଆମର୍ ମନ୍
ଉଡୁକ୍‌ଦୁଡୁକ୍ ଆରି ସାର୍‌ଦାଇ ପୁରୁନ୍ ଅଇଆଚେ। ସେ ଜିସୁ
ପରମେସର୍ ସଙ୍ଗ୍ ଆମ୍‌କେ ଆରିତରେକ୍ ମିସାଇଲା ଆଚେ
। ୧୨ ପର୍‌ତମେ ଗଟେକ୍ ଲକ୍‌ସେ ପାପ୍ କରିରଇଲା । ଆରି
ପାପର୍ ଲାଗି ମରନ୍ ଆଇଲା । ସବୁ ଲକ୍ ପାପ୍ କଲାର୍ ପାଇ
ମରନ୍ ସବୁ ମୁନୁସ୍ ଜାତିକେ ଡାବିଅଇଲା । ୧୩ ନିୟମ୍ ମିଲ୍‌ବା
ଆଗ୍‌ତୁ ଲକ୍‌ମନ୍ ପାପ୍ କର୍‌ତେରଇଲାଇ । ମାତର୍ ନିୟମ୍ ନ
ରଇବାଟାନେ ପାପର୍ ଇସାବ୍ ନ ଅଇତେରଇଲା । ୧୪ ଆଦମର୍
ବେଲାଇଅନି ମସାର୍ ବେଲା ଜାକ, କେ ଆଦମର୍ ପାରା କାତା ନ
ମାନି, ସେ କରି ରଇବା ପାପ୍ ପାରା ନ କରିରଇଲେ ମିସା, ସବୁ
ଲକ୍ ମଲାଇ । ଜେ ଆଇବାର୍ ରଇଲା, ସେ ଆଦମର୍ ଗଟେକ୍
ରୁପ୍ । ୧୫ ମାତର୍ ପରମେସରର୍ ଇସାବ୍ ନଇଲା ଦାନ୍ ଆରି
ଆଦମର୍ ପାପ୍ ବିତ୍‌ରେ କେତେକ୍ କେତେକ୍ ଦୁର୍ ଆଚେ ।
ଗଟେକ୍ ଲକର୍ ପାପର୍ ପାଇ ବେସି ଲକର୍ ମରନ୍ ଅଇଲା ।
ମାତର୍ ପରମେସର୍ ତାର୍ ଜିବନ୍‌ଦୁକାଇଲାକେ, ଲକ୍‌ମନର୍ ପାଇ
ଆରି ଗଟେକ୍ ଲକ୍‌କେ ଇନାମେ ଦେଲା । ସେ ବଡ଼୍ ଇନାମ୍ ଜିସୁ
କିରିସ୍ଟର୍ ଜିବନ୍ ଦୁକାଇଲାକେ ପୁରାପୁରୁନ୍ ଅଇଲା । ୧୬ ସେ
ଗଟେକ୍ ପାପ୍ କାମ୍ ଅଇଲା ପଚେ ସବୁ ମୁନୁସ୍ ଜାତି ବିଚାର୍‌ନା
ଜାଗାଇ ଟିଆଅଇ ଦସି ବଲାଇ ଅଇଲାଇ । ମାତର୍ ଏବେ
ଜବର୍ ଲକର୍ ପାପର୍ ଲାଗି ଲକ୍‌ମନର୍ ଆସା ନ ରଇଲେ ମିସା,

ପର୍ମେସର୍ ଦାନ୍ କଲାକେ ଦସି ନାଇ ବଲି ଏଜାଇଅଇଲାଇ ।
୧୭ ଏଲେମିସା ଗଟେକ୍ ମୁନୁସର୍ ପାପର୍ ପାଇ ସବୁ ଲକ୍କେ
ମରନର୍ ଡଣ୍ଡ ଆଇଲା । ମାତର୍ ସେ ଗଟେକ୍ ମୁନୁସ୍ ଜନ୍ଟାକି
କିରିସ୍ଟ, ଜାଇଟା କଲାଆଚେ ସେଟା କେଡେକ୍ ବଡ୍ ବିସଇ!
ଜେତେକ୍ ଲକ୍ ପରମେସର୍ ବଡ୍ ଜିବନ୍ଦୁକାଇଲାଟା ଜବର୍
ଅଇତେ ଇନାମେ ମିଲାଇଆଚତ୍, ସେମନ୍ ଜିସୁକିରିସ୍ଟର୍
ବାଟେଅନି ସବୁ ଲକ୍ ତାର୍ଟାନେ ଦରମ୍ ବଲାଇ ଅଇବାଇ ।
ସେମନ୍ କିରିସ୍ଟର୍ ସଙ୍ଗ୍ ଜିତି କରି ଜିଉନା କାଉନା କରି ସାସନ୍
କର୍ବାଇ । ୧୮ ଗଟେକ୍ ଲକର୍ ପାପ୍ ଜେନ୍ତି ଗୁଲାଇ ଲକ୍କେ
ଡଣ୍ଡ ଆନାଇଲା, ସେନ୍ତିସେ ଗଟେକ୍ ଲକର୍ ଦରମ୍ ଗୁଲାଇ
ଲକର୍ପାଇ ମୁକ୍ତି ଆରି ନ ସାର୍ବା ଜିବନ୍ ଆନିଦେଲାଆଚେ
। ୧୯ ଗଟେକ୍ ଲକ୍ ଆଦେସ୍ ନ ମାନ୍ଲାର୍ ପାଇ ଜେନ୍ତିକି
ସବୁ ଲକ୍ ପାପି ଅଇଲାଇ, ସେନ୍ତି ଗଟେକ୍ ଲକ୍ ଆଦେସ୍
ମାନ୍ଲେ ପରମେସରର୍ ମୁଆଟେ ଦରମ୍ ଲକ୍ ବଲାଇଅଇବାଇ
। ୨୦ ନିୟମ୍ ଚାଲ୍ଲାର୍ ପାଇ କାରାପ୍ କାମ୍ ବଡ୍ଲା । ମାତର୍
ପାପ୍ ବଡି ବଡି ଗାଲାକେ ପରମେସରର୍ ଜିବନ୍ଦୁକାନି ମିସା
ବେସି ବଡ୍ଲା । ୨୧ ପାପ୍ ଜେନ୍ତିକି ସବୁର୍ପାଇ ମରନର୍ ଡଣ୍ଡ
ଆନିରଇଲା, ସେନ୍ତି ପରମେସରର୍ ଜିବନ୍ଦୁକାନି ମାପ୍ରୁ ଜିସୁ
କିରିସ୍ଟର୍ ସାଇଜେ ଅନି ଆମ୍କେ ଦରମ୍ ବାଟେ ଡାକିନେଇ ନ
ସାର୍ବା ଜିବନ୍ ଦେଇସି । (aiōnios g166)

୬ ସେନ୍ତିଆଲେ କାଇଟା କଉଁ? ପରମେସରର୍ ଜିବନ୍ଦୁକାନି
ଆରି ଅଦିକ୍ ମିଲ୍ସି ବଲି ଆମେ କାଇ ଆରି ସେ ପାପେ
ରଇକରି ଚଲାଚଲ୍ତି କରୁ କି? ୨ ନାଇ କେବେ ନାଇ । ପାପ୍
କର୍ବା ବିସଇତେଇ ଆମେ ମରିଗାଲୁଆଚୁ । ଆରି କେନ୍ତି ପାପ୍
କର୍ତେସେ ରଇବୁ? ୩ ତମେ ଜାନାସ୍, ଡୁବନ୍ ନେଲାକେ
ଜିସୁକିରିସ୍ଟର୍ ସଙ୍ଗ୍ ମିସିକରି ଆମେ ତାର୍ ମରନେ ମିସା
ମିସିଆଚୁ । ୪ ସେଟାର୍ପାଇ ଡୁବନ୍ ନେଲାପଚେ ଆମେ ତାର୍
ମରନେ ମିସି, ତାର୍ ସଙ୍ଗ୍ ତପି ଅଇଲୁଆଚୁ । ସେ ଜେନ୍ତାରି
ବାବାର୍ ଡାକ୍ପୁଟା ବପୁ ସଙ୍ଗ୍ ଆରିତରେକ୍ ଉଟ୍ଲା, ଆମେ ମିସା
ସେନ୍ତାରି ନୁଆ ଜିବନ୍ ପାଇକରି ଚଲାଚଲ୍ତି କର୍ବାର୍ ଆଚେ ।
୫ କାଇକେବଇଲେ ଆମେ ମରନେ ମିସି ତାର୍ ସଙ୍ଗ୍ ଗଟେକ୍
ଅଇଲୁ ଆଚୁ, ତାକେ ଆରିତରେକ୍ ଉଟ୍ବାତେଇ ମିସା, ତାର୍ ସଙ୍ଗ୍
ଗଟେକ୍ ଅଇକରି ରଇବୁ । ୬ ଆମେ ଜାନିଆଚୁ, କିରିସ୍ଟର୍ ସଙ୍ଗ୍
କୁରୁସେ ଆମର୍ ପୁର୍ନା ଜିବନ୍ ମରିଗାଲାଆଚେ । ତେଇଅନି
ଆମର୍ ପାପର୍ ଚଲାଚଲ୍ତି କୁରୁପ୍ନାସ୍ ଅଇଲା ଆଚେ ଆରି
ଆମେ ପାପର୍ ଗତିଅନି ମୁକ୍ଲିଆଚୁ । ୭ କାଇକେବଇଲେ
ମୁନୁସ୍ ମରିଗାଲେସେ, ପାପର୍ ବାନ୍ଦନେଅନି ରକିଆ ପାଇସି
। ୮ ଆମେ ଜିସୁର୍ ସଙ୍ଗ୍ ମରିରଇଲାର୍ ପାଇ, ତାର୍ ସଙ୍ଗ୍
ମିସା ଜିବନ୍ ଅଇବୁ ବଲି ବିସ୍ବାସ୍ କଲୁନି । ୯ ଆମେ ଜାନୁ,
କିରିସ୍ଟ ମଲାତେଇଅନି ଉଟ୍ଲାର୍ପାଇ, ସେ ଆରି କେବେ ମିସା
ନ ମରେ । ତାର୍ ଉପ୍ରେ ଆରି କେବେ ମରନର୍ ସାସନ୍ ନ
ଚାଲେ । ୧୦ ସେ ଜନ୍ ମରନ୍ ପାଇଲା, ତାର୍ଲାଗି ପାପର୍
ବପୁତେଇଅନି ଏକାତରେକ୍ ଆମ୍କେ ମୁକ୍ଲାଇଲା । ସେ ଏବେ
ଜନ୍ ଜିବନେ ଜିଇଲାନି, ସେଟା ପରମେସର୍ ସଙ୍ଗ୍ ମିସିକରି
ରଇଲା ଜିବନ୍ । ୧୧ ସେନ୍ତାରି ତମେ ମିସା ପାପେ ମରିଜାଇଆଚୁ
ବଲି ଏତାଆ । ତମେ ଏବେ କିରିସ୍ଟ ଜିସୁର୍ ଜିବନେଅନି
ପରମେସର୍ ସଙ୍ଗ୍ ମିସ୍ଲାସ୍ । ୧୨ ତମର୍ ନସିଜିବା ଗାଗଡ୍
ଉପ୍ରେ ଆରି ପାପ୍ ଅଦିକାର୍ ନ କର, ସେଟାର୍ପାଇ ଆମର୍
ଏ ଗାଗଡ୍ ମନ୍କର୍ବା କାରାପ୍ ବିସଇ ମାନିକରି ରୁଆନାଇ
। ୧୩ କାରାପ୍ କାମର୍ ଲାଗି ଆମର୍ ଗାଗଡର୍ କଣ୍ଡେକ୍ ବାଗ୍
ମିସା ପାପ୍ କର୍ବାକେ ଦିଆସ୍ନାଇ । ମାତର୍ ଦରମ୍ କାମ୍
କର୍ବାପାଇ ତମର୍ ଗୁଲାଇ ଗାଗଡ୍ ତାକେ ସର୍ପି ଦିଆସ୍ ।
ପର୍ମେସର୍ ତମ୍କେ ମରନେଅନି ଜିବନ୍ କରି ଆନ୍ଲାଆଚେ
। ୧୪ କାଇକେ ବଇଲେ ପାପ୍ ତମର୍ ଉପ୍ରେ ସାସନ୍ ନ କର
। ତମେ ଆରି ନିୟମର୍ ତଲେ ନାଇ । ମାତର୍ ପରମେସରର୍
ଜିବନ୍ଦୁକାନି ଅନି କାଇଟା ନ ଅଇତେ ଆଚାସ୍ । ୧୫ ସେନ୍ତିଆଲେ
ଆମେ ନିୟମର୍ ତଲେ ନ ରଇ, ପରମେସରର୍ ଜିବନ୍ଦୁକାନି
ପାଇଲୁ ଆଚୁ ବଲି ପାପ୍ କର୍ତେ ରଉଁ କି? ନାଇ, କେବେ
ମିସା ନଏଁ । ୧୬ ଏଲେ ମିସା ତମେ ଜାନିଆଚାସ୍, ଜଦି ତମେ
କାକେ ତର୍ ତଲେ ଆକା ମୁଇ ବଲି କଇକରି ତାର୍ ପୁରାପୁରୁନ୍
କାତାମାନ୍ସା ବଇଲେ, ତମେ ତାର୍ ଗେନ୍ଲା ଗତିଦାଙ୍ଗ୍ଡା । ଜଦି
ପାପର୍ ଗତିଦାଙ୍ଗ୍ଡା ଅଇସା, ଏଟାର୍ ଦସା ଅଇସି ମରନ୍, ଜଦି
ଦରମର୍ ବାଟେ ଇଣ୍ଡସା, ବଇଲେ ନ ସାର୍ବା ଜିବନ୍ ପାଇସା ।
୧୭ ମୁଇ ପରମେସର୍କେ ଦନିଅବାଦ୍ କଲିନି, ତମେ ଗଟେକ୍
ବେଲାଇ ପାପର୍ ଗତିଦାଙ୍ଗ୍ଡା ଅଇରଇଲାସ୍ ମିସା, ଏବେ ଜନ୍
ସିକିଆ ଟାନେ ପାଇରଇବା ସତ୍, ପୁରାପୁରୁନ୍ ମନ୍ଦେଇକରି
ନାମ୍ଲାସ୍ନି । ୧୮ ଏବେ ତମେ ପାପେଅନି ମୁକ୍ଲିକରି ଦରମର୍
ଗତିଦାଙ୍ଗ୍ଡା ଅଇଆଚାସ୍ । ୧୯ ଗଟେକ୍ ବେଲାଇ ତମେ
ତମର୍ ଗୁଲାଇ ଗାଗଡ୍, ମନ୍, ପରାନ୍, ଅସୁକଲ୍ ଆରି କାରାପ୍
ଚଲାଚଲ୍ତି କର୍ବାକେ ଗତିଦାଙ୍ଗ୍ଡା ଅଇ ସର୍ପି ଦେଇରଇଲାସ୍
। ସେନ୍ତାରିସେ ସୁକଲ୍ ଆରି ଦରମ୍ ଚଲାଚଲ୍ତିର୍ପାଇ ଦରମର୍
ଲଗେ ନିଜ୍କେ ପୁରାପୁରୁନ୍ ସର୍ପିଦିଆସ୍ । ୨୦ ତମେ ପାପର୍
ଗତିଦାଙ୍ଗ୍ଡା ରଇଲାବେଲେ, ଦରମ୍ ଜିବନ୍ ଜିଇବାକେ ମୁର୍ମୁରା
ଅଇରଇଲାସ୍ । ୨୧ ଏବେ ତମ୍କେ ଜନ୍ କାମ୍ମନ୍ କର୍ବାକେ
ଲାଜ୍ଲାଗ୍ଲାନି, ସେଡ୍କିବେଲେ ସେ ସବୁ କର୍ତେ ରଇଲାସ୍
। ତେଇଅନି ତମ୍କେ କାଇ ଲାବ୍ ଅଇଲା? ସେ ସବୁ କାମର୍
ଦସା ଅଇଲାନି ମରନ୍ । ୨୨ ମାତର୍ ତମେ ଏବେ ପାପେଅନି
ମୁକ୍ଲିକରି ପରମେସରର୍ ଗତିଦାଙ୍ଗ୍ଡା ଅଇଆଚାସ୍ । ଏଟାର୍
ଲାବ୍ ଅଇଲାନି, ପରମେସରର୍ତେଇ ପୁରାପୁରୁନ୍ ସଲଦ୍ । ଆରି
ଇତିଅନି ମିଲ୍ବାଟା ଅଇଲାନି ନ ସାର୍ବା ଜିବନ୍ । (aiōnios g166)
୨୩ ପାପ୍ କାମର୍ ବୁତି ଅଇଲାନି ମରନ୍, ମାତର୍ ପରମେସର୍
ଜାଚାଇକରି ଦାନ୍ ଦେଇଆଚେ । ସେଟା ଆମର୍ ମାପ୍ରୁ ଜିସୁ

କିରିସ୍‌ଟର୍ ସଙ୍ଗ୍ ମିସିକରି ମିଲାଇରଇବା ନ ସାର୍‌ବା ଜିବନ୍ ।
**(aiōnios g166)**

**୭** ଏ ବାଇବଇନିମନ୍, ଏବେ ମୁଇ ଜାଇଟା କଇବାକେ ଗାଲିନି,
ସେଟା ଅଇଲାନି ନିୟମ୍ । ନିୟମ୍ କାଇଟା ବଲି ତମେ
ବୁଜିପାରାସ୍, ତାର୍ ଅରତ୍ ମିସା ଜାନାସ୍ । ମୁନୁସ୍ ଅବ୍‌କା ତାର୍
ଜିଇବା କାଇବା ଦିନ୍ ଜାକ ନିୟମର୍ ତଲେ ରଇସି । **୨** ବିବା
ଅଇବା ବିସଇ ଦେକ୍‌ଲେ, ମୁନୁସ୍ ବଁଚି ରଇବା ଜାକ, ତାର୍ ମାଇଜି
ସଙ୍ଗ୍ ବିବା ବାନ୍ଦନେ ବାନ୍ଦିଅଇରଇସି । ମାତର୍ ମୁନୁସ୍ ମରିଗାଲା
ପଚେ ତାର୍ ମାଇଜି ଏ ନିୟମେଅନି ମୁକଲ୍‌ସି । **୩** ସେ ବଁଚି
ରଇଲା ବେଲେ, ତାର୍ ମାଇଜି ଜଦି ବିନ୍ ମୁନୁସ୍‌କେ ବିବା ଅଇସି,
ତେବେ ତାକେ ଚାଡ୍‌ରି ବଲି କଇବାଇ, ମାତର୍ ମୁନୁସର୍ ମରନ୍
ପଚେ ବିନ୍ ମୁନୁସ୍‌କେ ବିବା ଅଇଲେ, ତାକେ ଆରି ଚାଡ୍‌ରି ବଲି
ନ କଅତ୍ । ନିୟମ୍ ଇସାବେ ସେ ଗଟେକ୍ ମୁକ୍‌ଲି ରଇବା ମାଇଜି
। **୪** ଏ ମର୍ ବାଇବଇନିମନ୍, ତମେ ମିସା ସମାନ୍ ସେନ୍ତାରିସେ ।
ନିୟମ୍ ଇସାବେ କିରିସ୍‌ଟର୍ ଗାଗ୍‌ଡେ ମିସ୍‌ଲାର୍‌ପାଇ ତମେମିସା
ମରିଆଚାସ୍ । ଏବେ ତମେ ତାର୍‌ଟା । ପର୍‌ମେସର୍ ତାକେ
ମରନେଅନି ଉଟାଇଆଚେ । ଜେନ୍ତାରିକି ତାର୍ ସେବାକାମେ
ଆମେ ମିସା ମିସ୍‌ବୁ । **୫** ଜେତେଦିନ୍ ଜାକ ଆମେ ଗାଗଡ୍ ମନ୍
କଲା ଇସାବେ ବାନ୍ଦିଅଇରଇଲୁ, ନିୟମ୍ ଆମ୍‌କେ ନାଇ ବଲି
କଇତେରଇଲା । ସେଟା ଆମର୍ ପାପ୍ ଅଦିକ୍ ଅଦିକ୍ କରାଇତେ
ରଇଲା । ଆରି ଆମେ ମରନ୍ ବାଟେ ଜାଇତେରଇଲୁ । **୬** ଏବେ
ଆମେ ନିୟମର୍ ସାସନେଅନି ମୁକଲ୍‌ଲୁ ଆଚୁ, କାଇକେବଇଲେ
ଜନ୍‌ଟା ଆମ୍‌କେ ଦିନେକ୍ ବନ୍ଦି କରି ସଙ୍ଗାଇରଇଲା, ସେଟା
ଆମର୍ ବିତ୍‌ରେ ମରିଗାଲାଆଚେ । ଆମେ ଆରି ଆଗ୍‌ତୁର୍ ପାରା
ଲେକାଅଇଲା ନିୟମ୍ ଇସାବେ ପର୍‌ମେସର୍‌କେ ସେବାକରୁ ନାଇ
। ଏବେ ସୁକଲ୍ ଆତ୍‌ମା ଦେକାଇଲା ବାଟେ ଇଣ୍ଡୁଲୁନି । **୭**
ତେବେ ଆମେ କାଇଟା ବଲି କଉଁ, ନିୟମେସେ ପାପ୍ ଆଚେ କି?
ସେଟା ସତଇସେ ନଏଁ । ମାତର୍ ପାପ୍ କାଇଟା? ସେଟା, ମକେ
ନିୟମ୍ ଜାନାଇଦେଲା ଆଚେ । "ବିନ୍ ଲକର୍ ଦିନ୍‌ସୁ ଲବାଇବାର୍
ନାଇ ।" ଏ ଆଦେସ୍ ଜଦି ନିୟମ୍‌ତେଇ ନ ରଇତା, ଲବାଇବାଟା
କାଇଟା ବଲି ମୁଇ ନାଜାନ୍‌ତି । **୮** ମାତର୍ ଉପ୍‌ରର୍ ଆଦେସର୍
ସୁବିଦାନେଇ ପାପ୍ ମର୍ ବିତ୍‌ରେ ବିନ୍‌ବିନ୍ ରକାମର୍ କାରାପ୍ ମନ୍
କର୍‌ବାଟା ଜନ୍‌ମାଇଲା । ନିୟମ୍‌କେ ଚାଡିଦେଲେ ପାପ୍ ମଲା
ସମାନ୍ ଆଚେ । **୯** ଗଟେକ୍ ବେଲାଇ, ମୁଇ ନିୟମ୍ ନାଜାନି କରି
ଜିଇତେ ରଇଲି, ନିୟମ୍ ଜାନ୍‌ଲା ପଚେ ପାପ୍ ପୁର୍‌ଲା, **୧୦** ଆରି
ମୁଇ ମରିଗାଲି । ଜନ୍ ନିୟମ୍ ଜିବନ୍ ଦେବାକେ ଟିକ୍ କରିରଇଲା,
ସେଟା ମର୍ ପାଇ ମରନ୍ ଆନ୍‌ଲା । **୧୧** କାଇକେବଇଲେ
ନିୟମର୍ ସୁବିଦା ନେଇ ମକେ ପାପ୍ ନାଡାଇଲା ଆରି ମରାଇଲା
। **୧୨** ନିୟମ୍ ପର୍‌ମେସରର୍‌ଟାନେଅନି ଆଇଲାକେ ସୁକଲ୍
ଆଚେ । ତାର୍ ଆଦେସ୍ ସବୁ ସୁକଲ୍, ଟିକ୍ ଆରି ବେସି ନିକ
। **୧୩** ସେନ୍ତିଆଲେ ଜନ୍‌ଟା ନିକ, ସେଟା କାଇକେ ମର୍ ମରନ୍
ଆନ୍‌ବାଟା ଅଇରଇଲା? ସେନ୍ତାରି କେବେ ନ ଅ । ମାତର୍ ପାପର୍
ମରନ୍ ଅଇଲା । ତାର୍ ନିୟମ୍, ଜେନ୍ତିକି ଆମର୍ ପାପ୍ କେତେକ୍
କାରାପ୍ ଆଚେବଲି ଡିସାଇବାକେ ପର୍‌ମେସରର୍ ଜଜ୍‌ନା ରଇଲା
। ତେବର୍‌ପାଇ ତାର୍ ନିୟମର୍‌ଲାଗି ଏଟା ସାଦନ୍ କଲା । **୧୪**
ଆମେ ଜାନୁ ଜେ, ନିୟମ୍ ଆତ୍‌ମାଇ ଆଇସି, ମାତର୍ ମୁଇ ମର୍
ଗାଗଡ୍ ମନ୍ କଲାଟାକେ ମାନ୍‌ଲାର୍‌ପାଇ ପାପର୍ ଗତିଦାଙ୍ଗଡା
ଅଇଲିଆଚି । **୧୫** ମୁଇ ଜନ୍‌ଟା କଲିନି, ସେଟା ବୁଜି ନାଇ,
ମାତର୍ ଜନ୍ ନିକ କାମ୍ କର୍‌ବାକେ ମନ୍ କଲିନି ସେଟାସେ
କରିନାପାର୍‌ଲିନି । ଆରି ଜନ୍ କାରାପ୍ କାମ୍ କର୍‌ବାକେ ମୁଇ
ମୁଲ୍‌କେ ମନ୍ କରି ନାଇ, ସେଟାସେ କଲିନି । **୧୬** ମାତର୍ ମୁଇ
ମନ୍ ନ କରି ରଇବା କାମ୍ କର୍‌ବାର୍ ଲାଗି, ନିୟମ୍ ଟିକ୍ ଆଚେ
ବଲି ମାନ୍‌ଲିନି । **୧୭** ସେଟାର୍ ପାଇ ଏ ସବୁ ଜାକ କାମ୍ ମୁଇ
କରି ନାଇ । ମର୍ ବିତ୍‌ରେ ରଇବା ପାପ୍‌ସେ ସେଟା କଲାନି । **୧୮**
ମର୍ ଗାଗଡର୍ କାରାପ୍ ମନ୍ କର୍‌ବାଟାନେଅନି କାଇମିସା ନିମାନ୍
ବିସଇ ନ ଆସେ ବଲି ମୁଇ ଜାନ୍‌ଲିନି । କାଇକେବଇଲେ ନିକ
କାମ୍ କର୍‌ବାକେ ମନ୍ ରଇଲେ ମିସା ସେଟା କରି ନାପାର୍‌ଲିନି
। **୧୯** ସେଟାର୍ ପାଇ ଜନ୍ ନିକ କାମ୍ କର୍‌ବାକେ ମୁଇ ମନ୍
କଲିନି, ସେ କାମ୍ ନ କରି, ଜନ୍ କାରାପ୍ କାମ୍ କର୍‌ବାକେ
ମୁଲ୍‌କେ ମନ୍ ନାଇ, ସେଟାସେ କଲିନି । **୨୦** ଜଦି ମୁଇ ମନ୍
ନ କର୍‌ବାଟା କରିଲାଗି ଆଚି, ସେନ୍ତାର୍‌ଆଲେ ଜାଇଟା କଲିନି,
ସେଟା ମୁଇ ସତଇସେ କରିନାଇ, ମର୍ ବିତ୍‌ରେ ରଇଲା ପାପ୍‌ସେ
ସେଟା କଲାନି । **୨୧** ଏଟା ମର୍ ବିତ୍‌ରେ ଗଟେକ୍ କାମ୍‌କର୍‌ବା
ନିୟମ୍ ବଲି ମନେ ଅଇଲାନି । ଜନ୍‌ଟା ନିକ, ସେଟା ମୁଇ
କର୍‌ବାକେ ଗାଲାବେଲେ, ଅବ୍‌କା କାରାପ୍ ବିସଇସେ କଲିନି ।
**୨୨** ପରମେସରର୍ ନିୟମ୍ ନାମ୍‌ବାକେ ମୁଇ ବେସି ମନ୍ କଲିନି,
**୨୩** ମାତର୍ ମର୍ ମନ୍ କଲା ବିରଦେ ମର୍ ଗାଗଡ୍ ତେବାଇବା
ବିଦି ସବୁବେଲେ ଜୁଇଦ୍ କଲାନି । ମର୍ ଗାଗ୍‌ଡେ କାମ୍‌କର୍‌ତେ
ରଇବା ସବୁ ପାପ୍ ମକେ ବନ୍ଦି କରି ସଙ୍ଗଇଲା ଆଚେ । **୨୪**
କେଡେ କରମ୍ ନଇଲା ଲକ୍ ମୁଇ! ମରନର୍ ମୁଏଁ ଜିକିନେବା
ଏ ଗାଗଡର୍ ଚଲାଚଲ୍‌ତି ଅନି କେ ମକେ ମୁକ୍‌ଲାଇସି? **୨୫**
ପରମେସର୍ ଦନିଅବାଦ୍ ପାଅ! ମାପ୍‌ରୁ ଜିସୁ କିରିସ୍‌ଟର୍ ଲାଗି
ମୁଇ ଉଦାର୍ ପାଇଆଚି । ତେବେ, ଏଟା ଅଇଲାନି ମର୍ କରମ୍ ।
ପରମେସରର୍ ନିୟମ୍ କାଲି ମୁଇ ମର୍ ମନେ ନାମି ପାର୍‌ବି ।
ମାତର୍ ମର୍ ମୁନୁସ୍ ଇସାବର୍ ଚଲାଚଲ୍‌ତି ମକେ ପାପର୍ ଗତି
ଦାଙ୍ଗଡା ଅଇବାକେ ବାଦିଅ କଲାନି ।

**୮** ତେବେ ଆମେ ଜେତ୍‌କି ଲକ୍ ଜିସୁ କିରିସ୍‌ଟର୍ ସଙ୍ଗ୍ ମିସିକରି
ଆଚୁ, ଆମର୍‌ପାଇ ଆରି ପର୍‌ମେସରର୍ ଡଣ୍ଡ ନାଇ । **୨**
ଜିସୁ କିରିସ୍‌ଟର୍ ସଙ୍ଗ୍ ମିସ୍‌ଲାର୍‌ପାଇ ସୁକଲ୍‌ଆତ୍‌ମା ଆମ୍‌କେ
ନୁଆ ଜିବନ୍ ଦେଲାଆଚେ । ତେଇଅନି, ପାପ୍ କଲେ ମର୍‌ବା
ନିୟମେଅନି, ଆମ୍‌କେ ମୁକ୍‌ଲାଇ ଆଚେ । **୩** ସେ ଆମର୍
ଗୁନ୍‌ଚଲନ୍ ନିକ ନ ରଇଲାକେ, ମସା ଦେଇରଇବା ରିତିନିତି

ମାନୁ ନାଇ । ତେଇ ନିୟମ୍ ସାଇଜ କରି ନାପାର୍ଲା । ମାତର୍ ସେଟା ପର୍ମେସର୍ କରିଆଚେ । ସେ ଆମର୍ ପାରା ପାପିମନର୍ ଗଟେକ୍ ଗାଗଡ୍ ଦାରାଇ ତାର୍ ପଅକେ ପାଟାଇଲା । ଆରି ସେ ଏନ୍ତାରିକରି ଆମର୍ ଉପ୍ରେ ରଇବା ପାପର୍ ସାସନ୍ କୁରୁପ୍ନାସ୍ କଲା । **୪** ଆମେ ଜେନ୍ତାରି କି ନିୟମର୍ ସବୁ ଆଦେସ୍ ମାନିକରି ରଇବୁ, ସେଟାର୍ ପାଇ ପର୍ମେସର୍ ଏନ୍ତି କଲାଆଚେ । ଆମେ ଏବେ ମୁନୁସର୍ ଚଲାଚଲ୍ତି ନ କରି ସୁକଲ୍ଆତ୍ମାର୍ ବାଟେ ଇଣ୍ଡୁଲେସେ ଏନ୍ତି କରିଅଇସି । **୫** ଜନ୍ ଲକ୍ମନ୍ ମୁନୁସର୍ ଚଲାଚଲ୍ତି ଇସାବେ ଜିଉନା କାଉନା କର୍ତେରଇବାଇ, ସେମନ୍ ନିଜର୍ ଗାଗଡର୍ ମନ୍ କର୍ବାଟା ଚିନ୍ତା କର୍ତେରଇବାଇ । ମାତର୍ ଜନ୍ ଲକ୍ମନ୍ ସୁକଲ୍ଆତ୍ମାର୍ ଚାଲ୍ନା ଇସାବେ କାମ୍କର୍ବାଇ, ସେମନ୍ ସୁକଲ୍ଆତ୍ମା ଜନ୍ ବିସଇ କର୍ବାକେ ମନ୍ କରାଇସି, ସେଟା କର୍ବାଇ । **୬** ମୁନୁସର୍ ଚଲାଚଲ୍ତି ଇସାବେ ଗାଲେ ମରନର୍ ଦସା ଅଇସି, ସୁକଲ୍ଆତ୍ମାର୍ ଚାଲ୍ନା ଇସାବେ ଗାଲେ ଜିବନ୍ ଆରି ସାନ୍ତି ମିଲ୍ସି । **୭** ଜଦି ଗଟେକ୍ ଲକ୍ ତାର୍ ଗାଗଡର୍ ମନ୍ କଲା ଇସାବେ ଚଲାଚଲ୍ତି କର୍ସି, ସେ ପରମେସରର୍ ବିରଦି ଅଇସି । କାଇକେ ବଇଲେ ସେ ପରମେସରର୍ ନିୟମ୍ ମାନେ ନାଇ, ସେ ସେଟା କର୍ବାକେ ନାପାରେ । **୮** ଜନ୍ ଲକ୍ମନ୍ ମୁନୁସର୍ ଚଲାଚଲ୍ତି ଇସାବେ କାମ୍ କଲାଇନି, ସେମନ୍ ପର୍ମେସର୍କେ ସାର୍ଦା କରିନାପାରତ୍ । **୯** ଜଦି ସତଇସେ ପରମେସରର୍ ସୁକଲ୍ଆତ୍ମା ତମର୍ ବିତ୍ରେ ଆଚେ, ତେବେ ତମେ ଆରି ମୁନୁସର୍ ଚାଲିଚଲନ୍ ପାରା ଜିଉନାକାଉନା କରିନାପାରାସ୍, ମାତର୍ ଜିବନେ ସୁକଲ୍ ଆତ୍ମାର୍ ଆଦେସ୍ ମାନ୍ସା । ଜାର୍ତେଇ କିରିସ୍ଟର୍ ଆତ୍ମା ନାଇ, ସେ କେବେ ମିସା ତାକର୍ ଲକ୍ ଅଇନାପାରେ । **୧୦** ମାତର୍ ତମର୍ ବିତ୍ରେ କିରିସ୍ଟ ବାସାଅଇ ରଇସି ବଇଲେ, ତମର୍ ଗାଗଡ୍ ପାପେ ନସ୍ଟ ଅଇବାକେ ଜାଇତେ ରଇଲେ ମିସା, ସୁକଲ୍ଆତ୍ମା ତମ୍କେ ଜିବନ୍ ଦାନ୍ ଦେଇସି । କାଇକେ ବଇଲେ ତମେ ପରମେସରର୍ ମୁଆଟେ ଦରମ୍ ଲକ୍ ବଲି ଏଜାଇଅଇ ଆଚାସ୍ । **୧୧** ଜଦି ତମର୍ ବିତ୍ରେ ଜିସୁକେ ମଲାତେଇଅନି ଉଟାଇଲା ପରମେସରର୍ ଆତ୍ମା ଆଚେ, ତେବେ ସେ ଆତ୍ମାର୍ ସାଇଜ ସଙ୍ଗ୍, ପରମେସର୍ ଜେ କି କିରିସ୍ଟକେ ମଲାତେଇଅନି ଉଟାଇଲା, ସେନ୍ତିସେ ତମର୍ କୁଇଜିବା ଗାଗଡ୍ ମିସା ଜିବନ୍ କର୍ସି । **୧୨** ତେବେ ଏ ବାଇବଇନିମନ୍, ଆମର୍ କାମ୍ ଅଇଲାନି, ମୁନୁସର୍ ଗୁନ୍ଚଲନ୍ ଇସାବେ ଜିଉନାକାଉନା ନ କରୁ । **୧୩** କାଇକେବଇଲେ ସେନ୍ତି କଲେ, ତମେ ମର୍ସା ମାତର୍ ସୁକଲ୍ଆତ୍ମାର୍ ସାଇଜ ସଙ୍ଗ୍ ନିଜର୍ ପାପ୍ଚଲନ୍ ନସ୍ଟ କରି ଆରି ପାପ୍ କାମ୍ ନ କରାସ୍, ତେବେସେ ତମେ ବଁଚ୍ସା । **୧୪** ଜନ୍ ଲକ୍ମନ୍ ପରମେସରର୍ ଆତ୍ମା ଇସାବେ ଚାଲ୍ଲାଇନି, ସେମନ୍ସେ ପରମେସରର୍ ପିଲାଟକି । **୧୫** କାଇକେବଇଲେ ପରମେସର୍ ଦେଲା ଆତ୍ମା, ତମ୍କେ ଗତିଦାଣ୍ଡ୍ଗା ଅଇବା ତେଇଅନି ମୁକ୍ଲାଇଲା ଆଚେ । ତମେ ଆରି ଡର୍ବାର୍ ଲଡା ନାଇ । ମାତର୍ ସୁକଲ୍ଆତ୍ମା ତମ୍କେ ପରମେସରର୍ ପିଲାଟକି କରିଆଚେ । ତାର୍ ବପୁ ଏତାଇକରି ଏବେ ଆମେ ପରମେସର୍କେ "ବାବା, ମର୍ ବାବା!" ବଲି ଡାକ୍ଲୁନି । **୧୬** ପରମେସରର୍ ଆତ୍ମା ଆମର୍ ବିତ୍ରର୍ ଆତ୍ମା ସଙ୍ଗ୍ କଁଟ୍ ମିସାଇ ଆମ୍କେ ତାର୍ ପିଲାଟକି ବଲି ଜାନାଇଲାନି । **୧୭** କାଇକେବଇଲେ ଆମେ ପରମେସରର୍ ପିଲାଟକି । ତାର୍ ଲକ୍ମନ୍କେ କାତା ଦେଇରଇବା ଆସିର୍ବାଦେ ଆମେ ମିସ୍ବୁ । ଆରି କିରିସ୍ଟର୍ ପାଇ ପରମେସର୍ ଜନ୍ଟା ଟୁଲାଇ ସଙ୍ଗ୍ଇଲା ଆଚେ, ତେଇ ମିସା ଆମର୍ ପାଇ ବାଟା ଆଚେ । ଜଦି ଆମେ ଜିସୁର୍ ଦୁକ୍ପାଇବାତେଇ ମିସ୍ଲୁ ଆଚୁ, ତେବେ ତାର୍ ଡାକ୍ପୁଟା ପାଇବାତେଇ ମିସା ମିସ୍ବୁ । **୧୮** ଜନ୍ ଡାକ୍ପୁଟାର୍ ଦିନେ ଆମେ ମିସ୍ବାକେ ଗାଲୁନି, ଦେକ୍ଲେସରି ଏ ଜିବନେ ଅଇବା ଆମର୍ ଦୁକ୍ କସ୍ଟ କିଚି ନାଇ । **୧୯** ପର୍ମେସର୍ ତିଆର୍କଲା ସବୁଜାକ ଜାଗର୍ତା ସଙ୍ଗ୍ ସେ ଦିନ୍କେ ଜାଗି ଆଚତ୍ । ସେବେଲାଇ ପରମେସର୍ ତାର୍ ସତ୍ ପିଲାଟକିମନ୍ କେ, ବଲି ଦେକାଇସି । **୨୦** କାଇକେବଇଲେ ପରମେସର୍ ତିଆର୍ କରିରଇବା ସବୁଜାକ, ଅବିସାପେ ପୁରୁନ୍ ଅଇଲାଆଚେ । ଜନ୍ବାଟେ ଜିବାର୍ ରଇଲା ସେ ବାଟେ ନ ଜାଇ, ବିନ୍ ବାଟେ ଗାଲାଆଚେ । ମାତର୍ ଏଟା ତାର୍ ନିଜର୍ ମନ୍ କଲା ଇସାବେ ଅଏନାଇ । ପର୍ମେସର୍ ମନ୍ କଲାକେସେ ଅଇଲା । ଏଲେମିସା ତାର୍ ଆସା ରଇଲା, **୨୧** ଜେନ୍ତିକି ଗଟେକ୍ ଦିନେ କୁଇଜିବାଟାନେ ଅନି ମୁକ୍ଲିକରି ପର୍ମେସରର୍ କୁଟୁମର୍ ଡାକ୍ପୁଟାଇ ମିସ୍ବୁ । **୨୨** ମାତର୍ ଏବେ ଜାକ ତିଆର୍ଅଇଲାଟା ସବୁ, ଗାଗ୍ଡେ ରଇଲା ମାଇଜି ନିକଅଇବା ଦୁକା ପାରା ଅଇକରି "ଆନା, ଆୟ୍ୟା!" ଅଇଲାନି । **୨୩** ଆମେ, ପରମେସର୍ ଦେଲା ପର୍ତୁମର୍ ଦାନ୍ ପାରା ସୁକଲ୍ଆତ୍ମା ପାଇଲୁଆଚୁ, ଆମେ ମିସା ବିତ୍ରେ ବିତ୍ରେ "ଆନା, ଆୟ୍ୟା!" ଅଇଲୁନି । ଏଲେମିସା ପରମେସର୍ ଆମ୍କେ କୁଟୁମର୍ ଲକ୍ କରାଇକରି ପୁରାପୁରୁନ୍ ମୁକ୍ଲାଇସି ବଲି ଜାଗିକରି ଆଚୁ । **୨୪** କାଇକେବଇଲେ ଆସା କଲାକେସେ ଆମେ ମୁକ୍ତି ପାଇଆଚୁ । ମାତର୍ ଜାଇଟା ଡିସ୍ଲାନି ସେଟାର୍ ପାଇ ଆସାକର୍ବାଟା, ସେଟା ସତଇସେ ଆସା ରକ୍ବାଟା ନଏଁ । କେ କାଇ ଡିସ୍ବାଟାକେ ଆସା କର୍ସି କି? ନାଇ, ନ କରେ । **୨୫** ମାତର୍ ଆମେ ଜଦି ନ ଡିସ୍ବା ବିସଇ ଆସାକର୍ବୁ, ତେବେ ଆମ୍କେ ସାଆସ୍ ସଙ୍ଗ୍ ଜାଗ୍ବାକେ ପଡ୍ସି । **୨୬** ଆମ୍କେ ବପୁ ନାଇ, ମାତର୍ ସୁକଲ୍ଆତ୍ମା ଆମ୍କେ ସାଇଜ କର୍ସି । କେନ୍ତାରି ପାର୍ତନା କର୍ବାକେ ଅଇସି, ସେଟା ଆମେ ନାଜାନୁ । ସେଟାର୍ ପାଇ ଜନ୍ଟା ଆମେ କଇ ନାପାର୍ଲୁନି, ସେଟା ସୁକଲ୍ ଆତ୍ମା ନିଜେ ଆମର୍ପାଇ "ଆନା, ଆୟ୍ୟା!" ଅଇକରି ପରମେସର୍କେ ଗୁଆରି କର୍ସି । **୨୭** ପରମେସର୍ ଆମର୍ ମନର୍ କାତା ଜାନେ । ସୁକଲ୍ଆତ୍ମାର୍ ମନର୍ ଚିନ୍ତା ସେ ଜାନେ । କାଇକେବଇଲେ ସୁକଲ୍ଆତ୍ମା

ପରମେସର୍ ମନ୍ କଲା ଇସାବେ, ତାକର୍ ଲକ୍ମନର୍ ପାଇ ଗୁଆରି କର୍ତେ ରଇସି । ୨୮ ଜନ୍ ଲକ୍ମନ୍କେ ପରମେସର୍ ତାର୍ ମନ୍ କଲାଟା ପୁରାପୁରୁନ୍ କର୍ବାକେ ଡାକ୍ଲାଆଚେ, ଆରି ସେମନ୍ ତାକେ ଆଲାଦ୍ କଲାଇନି, ସେମନର୍ ପାଇ ସେ ସବୁ ମଙ୍ଗଲର୍ ବିସଇ କରାଇଦେଇସି । ୨୯ ଜନ୍ ଲକ୍ମନ୍କେ ପରମେସର୍ ବାଚ୍ଲା ଆଚେ, ସେମନ୍କେ ତାର୍ ପଅ ପାରା ଅଇବାକେ ଆଗ୍ତୁସେ ଟିକ୍ କରିଆଚେ । ସେନ୍ତିଆଲେ, ଗଟେକ୍ ବଡ୍ କୁଟୁମେ, ତାର୍ ପଅ ସେମନର୍ ବଡ୍ ବାଇ ଅଇସି । ୩୦ ଜନ୍ ଲକ୍ମନ୍ ଏନ୍ତାରି ବାଚିଅଇଲାଇ ଆଚତ୍, ସେମନ୍କେ ଡାକିଆଚେ । ସେ ଲକ୍ମନ୍କେ ପର୍ମେସରର୍ ମୁଆଟେ ଦରମ୍ଲକ୍ ବଲାଇ ଅଇ, ତାର୍ ଡାକ୍ପୁଟାଇ ମିସାଇ ଆଚତ୍ । ୩୧ ଏ ସବୁର୍ତେଇଅନି ଆରି କାଇଟା କଇବାର୍ ଅଇସି? ଜଦି ପରମେସର୍ ଆମର୍ ବାଟେ ଆଚେ, ତେବେ କେ ଆମର୍ ବିରଦି ଅଇପାର୍ସି? ୩୨ ପରମେସର୍ କେବେମିସା ଆମର୍ ବିରଦି ନଏଁ, କାଇକେବଇଲେ ସେ ନିଜର୍ ପଅକେ ମିସା ରକିଆ ନ କରି ଆମର୍ ପାଇ ଦାନ୍ ଦେଇଆଚେ । ସେନ୍ତିଆଲେ ସେ ଆମର୍ ପାଇ କାଇ ସବୁ ବିସଇ ଦାନ୍ ନ ଦେଏ କି? ୩୩ ପରମେସର୍ ବାଚ୍ଲା ଲକ୍ମନ୍କେ କେ ଦସିବଲି କଇପାର୍ସି? ସେମନ୍କେ ସେ ନିଜେ କାଇ ଦସ୍ କରି ନ ରଇବା ଲକ୍ ବଲି ଉଡ୍ରା କଲାଆଚେ । ୩୪ ତେବେ ସେମନ୍କେ ଦସି ବଲି କେ କଇନାପାରତ୍ । କିରିସ୍ଟ ଜିସୁ ତା କେବେ ନ କରେ, କାଇକେବଇଲେ ତାକେ ପର୍ମେସର୍ ମଲାତେଇଅନି ଜିବନ୍ କରି ଉଟାଇଲାଆଚେ । ଏବେ ସେ ପରମେସରର୍ ଉଜାବାଟେ ରଇକରି ଆମର୍ପାଇ ଗୁଆରି କରି ପାର୍ତନା କଲାନି । ୩୫ ସେନ୍ତାର୍ଆଲେ ତେବେ କେ ମିସା ଆମ୍କେ କିରିସ୍ଟର୍ ଆଲାଦେଅନି ବେଗ୍ଲାଇ ନାପାରତ୍ । ଦୁକେ ରଇଲେ ମିସା, କସ୍ଟ ପାଇକରି ରଇଲେ ମିସା, ନିନ୍ଦା ପାଇକରି ରଇଲେ ମିସା, କାକୁର୍ତି ଅଇକରି ରଇଲେ ମିସା, ବୁକେ ରଇଲେ ମିସା, ବିପଦେ ରଇଲେ ମିସା କି ମରାଇଲେ ମିସା ଏ ସବୁ ବେଗ୍ଲାଇ ନାପାରେ । ୩୬ ସାସ୍ତରେ ଲେକାଆଚେ, "ତମର୍ଲାଗି ସବୁ ଦିନ୍ ଆମେ ମରନର୍ ମୁଆଟେ ଗାଲୁନି, ପୁଜ୍ବାକେ ନେଲା ମେଣ୍ଡାପିଲା ପାରା ଆମେ ବାଚି ଅଇଲୁ ଆଚୁ ।" ୩୭ ଜେ ଆମ୍କେ ଆଲାଦ୍ କଲାଇନି, ତାର୍ ସାଇଜ ସଙ୍ଗ୍ ଆମେ ଏ ସବୁର୍ ଉପ୍ରେ ଜିତି ଆଚୁ । ୩୮ ମୁଇ ସତଇସେ ଜାନ୍ଲିନି ଜେ, ପର୍ମେସର୍ ଜନ୍ ବଡ୍ ଆଲାଦ୍ ଆମ୍କେ ଦେକାଇଲାଆଚେ, ସେ ଆଲାଦେଅନି କାଇଟା ମିସା ଆମ୍କେ ବେଗ୍ଲାଇ ନାପାରେ । ଆମେ ମରିଗାଲେ କି ଜିବନ୍ ରଇଲେ, ସରଗର୍ ଦୁତ୍ ଅଅତ୍ କି ସାସନ୍କାରିଆମନ୍, କି କାଇ ବିନ୍ ବପୁ, କି ଏବେ ଜନ୍ଟା ଅଇଲାନି, ପଚ୍କେ ଜନ୍ଟା ଅଇସି, ୩୯ ଉପ୍ରର୍ ଦୁନିଆ କି ତଲର୍ ଦୁନିଆ, ଏ ଜଗତେ ଟିଆର୍ ଅଇରଇବା କାଇ ବିସଇ ମିସା ପର୍ମେସରର୍ ବଡ୍ ଆଲାଦେ ଅନି ଆମ୍କେ ବେଗ୍ଲାଇ ନାପାରେ । ଆମର୍ ମାପ୍ରୁ ଜିସୁକିରିସ୍ଟକେ ଦେଲା ପରମେସରର୍ ସେ ବଡ୍ ଆଲାଦେ ଅନି, ଏ ସବୁ ବିସଇ ଆମ୍କେ ଦେକାଇଲା ଆଚେ । ଏଟା ମୁଇ ଜାନିଆଚି ।

୯ ମୁଇ ତମ୍କେ ଗଟେକ୍ ସତ୍କାତା କଇବି । ମୁଇ କିରିସ୍ଟର୍ ଲକ୍, ଆରି ସୁକଲ୍ ଆତ୍ମା ମର୍ ବିବେକ୍କେ ଡାକିନେଲାନି । ସେଟାର୍ପାଇ ମିସା ମୁଇ ମିଚ୍ କଇନାଇ ବଲି ଜାନ୍ଲିନି । ୨ ଏଟା ମୁଇ କିରିସ୍ଟକେ ସାକିଦେଇ କଇଲିନି । ମୁଇ ଜେ କେଡେକ୍ ତେରେପେଟେ ଆରି ନ ସାର୍ବା ଦୁକେ, ମର୍ ମନ୍ କେଡେକ୍ ଉଡୁକ୍ ଦୁଡୁକ୍ ଅଇଲାନି । ୩ କାଇକେବଇଲେ ମର୍ ରକତ୍ ମାଉଁସ୍ ରଇବା ଜିଉଦି ବାଇବଇନିମନ୍ କିରିସ୍ଟକେ ବିସ୍ବାସ୍ କରତ୍ ନାଇ । ଜଦି ଏଟା ଅଇପାର୍ସି, ତେବେ ମୁଇ ମନ୍ କଲିନି, ନିଜେ ତାକର୍ ପାଇ ପରମେସରର୍ଟାନେ ସାଇପ୍ ପାଇକରି, କିରିସ୍ଟର୍ତେଇ ଅନି ବେଗଲ୍ବି ବଲି । ୪ କାଇକେବଇଲେ ସେମନ୍ ପରମେସରର୍ ଲକ୍ । ପରମେସର୍ ସେମନ୍କେ ନିଜର୍ ପିଲା କରି ବାଚିଆଚେ । ସେ ସେମନର୍ ଲଗେ ନିଜର୍ ଡାକ୍ପୁଟା ଦେକାଇରଇଲା । ସେମନର୍ ସଙ୍ଗ୍ ରାଜିନାମା କରି ସେମନ୍କେ ନିୟମ୍ ଦେଇରଇଲା । ସେମନ୍ ସତଇସେ ପାର୍ତନା କର୍ବାଇ । ସେମନ୍କେ ପରମେସର୍ କାତା ଦେଇରଇଲା । ୫ ସେମନ୍ ଆମର୍ ଡାକ୍ପୁଟା ଜିଉଦି ଆନିଦାଦିମନର୍ ନାତିତିତିମନ୍ । ଆରି ମୁନୁସ୍ ରୁପ୍ ଦାରି କିରିସ୍ଟ ତାକର୍ କୁଟୁମେଅନି ଜନମ୍ ଅଇଲା । ସବୁର୍ଟାନେଅନି ବେସି ବପୁର୍ ପରମେସର୍ ଜୁଗେ ଜୁଗେ ଡାକ୍ପୁଟା ପାଅ, ଆମେନ୍ । **(aiōn g165)** ୬ ପରମେସର୍ ତାର୍ କାତା ଦେଇରଇଲାଟା ପୁରାପୁରୁନ୍ କରେନାଇ ବଲି ମୁଇ କଇନାଇ । କାଇକେବଇଲେ ଇସ୍ରାଏଲିୟମନର୍ କେତେଟା ନାତିତିତିମନ୍ ପରମେସରର୍ ଲକ୍ ନଅତ୍, ୭ କି ଅବ୍ରାଆମର୍ କୁଟୁମର୍ ସବୁ ଲକ୍ ପରମେସରର୍ ପିଲାଟକି ନ ଅଅତ୍ । ପରମେସର୍ ଅବ୍ରାଆମ୍କେ କଇରଇଲା, "ମୁଇ ତର୍ ଜନ୍ କୁଟୁମର୍ ବିସଇନେଇ କାତା ଦେଇରଇଲି, ସେମନ୍ ଇସାକର୍ ଟାନେଅନି ଜାତ୍ ଅଇବାଇ ।" ୮ ଏଟାର୍ ଅରତ୍ ଅଇଲାନି, ଗାଗଡ୍ ଦାରି ଜନମ୍ ଅଇବା ପିଲାଟକି ନାଇ । ଜେ କି ପରମେସରର୍ ପିଲାଟକିମନ୍ ଅଇବାଇ, ମାତର୍ ତାର୍ କାତା ଦେଇରଇବା ଇସାବେ ଜନମ୍ କରିରଇବା ପିଲାଟକିମନ୍ ତାର୍ ମୁଆଟେ ସତଇସେ ତାର୍ ପିଲାଟକି ବଲି ଏଜାଇ ଅଇବାଇ । ୯ ପରମେସର୍ ଅବ୍ରାଆମ୍କେ ଏନ୍ତି କାତା ଦେଇରଇଲା, "ସମାନ୍ ଏ ଦିନେ ଆମେ ବାଉଡି ଆଇଲାବେଲେ, ସାରା ଗଟେକ୍ ପିଲା ଜନମ୍ ଦେଇରଇସି ।" ୧୦ ଏ ପିଲା ଆମର୍ ପୁର୍ବର୍ ଆନିଦାଦି ଇସାକ୍ ରଇଲା । ରିବିକାର୍ ଜଅଁଲା ପିଲାମନ୍ବିତ୍ରେ ଅନି ଗଟେକ୍ ବାବା ଇସାକର୍ଟାନେଅନି ଅଇରଇଲା । ୧୧ ପରମେସର୍ ରିବିକାକେ କାତା ଦେଇରଇଲା । ବଡ୍ ପିଲା ସାନ୍ ପିଲାର୍ ଗତିଦାଙ୍ଗ୍ଡା ଅଇସି । ଜଁଲା ପିଲାମନ୍ ଜନମ୍ ନ ଅଇତେ, ଆରି ନିକ କାମ୍ କି ବାନିଆ କାମ୍ କର୍ବା ଆଗ୍ତୁ ଏଟା ପର୍ମେସର୍ କଇରଇଲା । ଜନ୍ ପିଲାକେ ସେ ବାଚ୍ଲା, ପିଲା କରିରଇବା

କାମର୍ ଲାଗି ଅଏନାଇ । ମାତର୍ ପର୍ମେସର୍ କରିରଇବା ଜଜ୍ନାର୍ ପୁରାପୁରୁନ୍ ଅଇବାକେସେ ସେଟା ଅଇଲା । ୧୨ ଏଟାର୍ ପାଇ ତାକେ ଏ କାତା କଇରଇଲା । "ବଡ୍ ପିଲା ସାନ୍ ପିଲାର୍ ଗତିଦାଙ୍ଗ୍ଡା ଅଇସି ।" ୧୩ ସାସ୍ତରର୍ ବାକିଅ ଇସାବେ "ଜାକୁବ୍କେ ମୁଇ ଆଲାଦ୍ କଲି, ମାତର୍ ଏସକେ ନାଇ ।" ୧୪ ସେନ୍ତାର୍ ଆଲେ କାଇଟା ବଲି କଉଁ, "ପରମେସର୍ ଅନିଆଇ କର୍ସି କି? ନାଇ କେବେ ନ କରେ ।" ୧୫ କାଇକେବଇଲେ ସେ ପୁର୍ବେ ମସାକେ କଇରଇଲା, "ମୁଇ ଜାକେ ମନ୍ କର୍ବି ତାକେ ଦୟା ଦେକାଇବି ଆରି ଜିବନ୍ ଦୁକାଇବି । ୧୬ ସେଟାର୍ ପାଇ ପରମେସର୍ ତାର୍ ଲକ୍ମନ୍କେ ଦେବା ସବୁ ମଙ୍ଗ୍ଲର୍ ଦାନ୍ ଲକ୍ମନ୍ ମନ୍ କଲାକେ କି ତାକର୍ ନିକ କାମ୍ କଲାକେ ଅଏ ନାଇ । ମାତର୍ ପର୍ମେସରର୍ ଜିବନ୍ ଦୁକାନିଟାନେଅନି ସେ ସେଟା ଅଇଲାଆଚେ ।" ୧୭ ସାସ୍ତର୍ ଇସାବେ ପରମେସର୍ ମିସରର୍ ରାଜାକେ କଇରଇଲା, "ତକେ ଦେଇ ମର୍ ବପୁ ଦେକାଇବି ଆରି ଗୁଲାଇ ଜଗତ୍କେ ମର୍ ଡାକ୍ପୁଟା ଦେକାଇବାକେ ମୁଇ ତକେ ରାଜା କରିଆଚି ।" ୧୮ ତେବର୍ପାଇ ପରମେସରର୍ ମନ୍କଲା ଇସାବେ, ସେ କାକେ କାକେ ଦୟା ଦେକାଇସି ଆରି କାକେ କାକେ ମନ୍ ଆଁଟ୍ ଅଇବାକେ ଚାଡିଦେଇସି । ୧୯ ତମର୍ ବିତ୍ରେଅନି କେ ଆଲେ ମକେ କଇବାଇ, "ସେନ୍ତାର୍ଆଲେ, ପରମେସର୍ କାଇକେ ଲକ୍ମନ୍କେ ଦସି କଲାନି? ପରମେସର୍ ମନ୍ କଲାଟା ବାଦ୍ଲାଇବା ଲକ୍ କେ ମିସା ଆଚତ୍ କି?" ୨୦ ମାତର୍ ମୁଇ ତମ୍କେ କଇବି, "ଏ ମଇତର୍ ପରମେସରର୍ କାତା ନାଇ ବଲ୍ବାକେ ତମେ କେ?" ଗଟେକ୍ ଆଣ୍ଡି ମକେ କାଇକେ ଏନ୍ତିକରି ଗଡ୍ଲୁସ୍ ବଲି କୁମାର୍କେ ପାଚାରି ନାପାରେ । ୨୧ ନିଜର୍ ମନ୍ କଲା ଇସାବେ ମାଟି ଚକ୍ଟିକରି ଆଣ୍ଡି ଗଟେକ୍ ତିଆର୍ କର୍ବାକେ କୁମାରର୍ ସବୁ ଅଦିକାର୍ ଆଚେ । ଗଟେକ୍ ଚକଟ୍ଲା ମାଟି ବେଲାଇଅନି ଦୁଇ ରକାମର୍ ଆଣ୍ଡି ତିଆର୍ କର୍ସି । ତେଇଅନି ଗଟେକ୍କେ ପରବ୍ ଦିନ୍ମନ୍କେ ବାଇବାଇ । ଆରି ଗଟେକ୍ ଉଜର୍ ଦିନ୍ମନ୍କେ ବାଇବାଇ । ତେଇ ତାର୍ ସବୁ ଅଦିକାର୍ ଆଚେ । ୨୨ ପରମେସର୍ ମିସା ଟିକ୍ ସେନ୍ତିସେ କଲାଆଚେ । ଜେଡେବେଲେ ତାର୍ ରିସା ଆରି ବପୁ ଦେକାଇବାକେ ମନ୍ କର୍ତେ ରଇଲା, ଜେତ୍କି ଲକ୍ ତାର୍ ରିସାର୍ ଆଣ୍ଡିତେଇ ଅଦ୍ରି ନସ୍ଟ ଅଇବାକେ ରଇଲା, ସେମନର୍ ପାଇ ପରମେସର୍ ବେସି ଜିବନ୍ଦୁକାଇଲା । ୨୩ ଆରି ସେ ତାର୍ ବେସି ବଡ୍ ଡାକ୍ପୁଟା ଦେକାଇବାକେ ଆମ୍କେ ବେସି ଜିବନ୍ଦୁକାଇଲା ଆଚେ । ଆରି ଆମ୍କେ ବେସି ଆଗ୍ତୁ ସେ ବାଚି ରଇଲା । ୨୪ ଜନ୍ ଲକ୍ମନ୍କେ ସେ ଡାକିଆଚେ, ସେ ବିତ୍ରେ ଆମେ ମିସା ଆଚୁ । ସେଟା ଅବ୍କା ଜିଉଦିମନର୍ ବିତ୍ରେ ଅନି ନାଇ, ମାତର୍ ଜିଉଦି ନଅଇଲା ଲକ୍ମନର୍ ବିତ୍ରେଅନି ମିସା । ୨୫ ଏ ବିସଇନେଇ ଅସେୟ ବଇତେଇ ପରମେସର୍ କଇଆଚେ, "ଜନ୍ ଲକ୍ମନ୍ ଆମର୍ ଲକ୍ ନ ରଇଲାଇ, ସେମନ୍କେ ମୁଇ ଏବେ ନିଜର୍ ଲକ୍ ଇସାବେ ଡାକ୍ବି । ଜନ୍ ଜାତିକେ ମୁଇ ଆଲାଦ୍ କରି ନ ରଇଲି, ତାକେ 'ଆମର୍ ନିଜର୍' ବଲି ଡାକ୍ବି ।" ୨୬ "ଜନ୍ ଜାଗାଇ ସେମନ୍କେ କଇରଇଲୁ, "ତମେ ଆମର୍ ଲକ୍ ନୁଆଁସ୍" "ତେଇ ସେମନ୍ ଜିବନ୍ ରଇବା ପରମେସରର୍ ପିଲାଟକି ବଲାଇଅଇବାଇ ।" ୨୭ ଆରି ଇସ୍ରାଏଲ୍ ବିସଇନେଇ ଜିସାୟ କଇଲା ଆଚେ, "ଇସ୍ରାଏଲିୟମନ୍ ସମ୍ଦୁରର୍ ବାଲିପାରା ଅଇଲେ ମିସା, ସେମନର୍ ବିତ୍ରେଅନି କେତେଲକ୍ସେ ମୁକ୍ତି ପାଇବାଇ । ୨୮ କାଇକେବଇଲେ ମାପ୍ରୁ ଦାପ୍ରେସେ ଗୁଲାଇ ଜଗତର୍ ନିଆଇ ବିଚାର୍ କର୍ସି ।" ୨୯ ଜେନ୍ତିକି ଜିସାଇୟ ମିସା କଇରଇଲା, "ସବୁର୍ଟାନେଅନି ବପୁ ରଇବା ମାପ୍ରୁ, ଆମର୍ କେତେଟା ଲକ୍ମନ୍କେ ରକିଆ କରି ନ ରଇଲେ, ଆମର୍ ଦସା ସଦମ୍ ଆରି ଗମ୍ରାର୍ ଲକ୍ମନର୍ ପାରା ଅଇତା ।" ୩୦ ସେଟାର୍ ପାଇ ଜିଉଦି ନଇଲାଲକ୍ମନର୍ ବିସଇନେଇ ଏଟା କଇପାରୁ, ସେମନ୍ ଦରମ୍ ଲକ୍ ବଲାଇ ଅଇବାକେ ମନ୍ କରି ନ ରଇଲାଇ ମିସା, ସେମନର୍ ବିସ୍ବାସ୍ ଲାଗି ସେମନ୍ ପର୍ମେସରର୍ ମୁଆଟେ ଦରମ୍ଲକ୍ ବଲାଇ ଅଇଲାଇ ଆଚତ୍ । ୩୧ ମାତର୍ ଇସ୍ରାଏଲର୍ ଲକ୍ମନ୍ ନିୟମ୍ ଆନିକରି ପର୍ମେସରର୍ ମୁଆଟେ ଦରମ୍ ଲକ୍ ବଲାଇ ଅଇବାକେ ବେସି ଚେସ୍ଟା କଲାଇ, ମାତର୍ ନାପାର୍ଲାଇ । ୩୨ କାଇକେ ନାପାର୍ଲାଇ? କାଇକେବଇଲେ ସେମନ୍ ପର୍ମେସର୍କେ ବିସ୍ବାସ୍ ନ କର୍ତେ ନିୟମ୍ ମାନ୍ବାକେ ଚେସ୍ଟା କଲାଇ ଆରି ତାର୍ ମୁଆଟେ ଦରମ୍ ବଲାଇ ଅଇବାକେ ବାବ୍ଲାଇ । ଏଟାର୍ଲାଗି ବାଟେ ଗାଡିରଇବା ବଡ୍ ପାକ୍ନାଟାନେ ଟେସାଇଅଇଲା ଲକ୍ମନର୍ପାରା ଅଇଗାଲା । ୩୩ ଜେନ୍ତିକି ସାସ୍ତରେ ଲେକାଆଚେ, ଦେକା ଆମେ ସିୟନେ ଗଟେକ୍ ବାଦାପାକାଇବା ପାକ୍ନା ଆରି ଅଟ୍କାଇବା ରାଙ୍ଗ୍ନିପାକ୍ନା ସଙ୍ଗ୍ଇଲୁ ଆଚୁ, ତେଇ ଲକ୍ମନ୍ ଜଟିଆଇ ଅଇ ଅଦର୍ବାଇ । ମାତର୍ ଜେ ତାକେ ବିସ୍ବାସ୍ କର୍ସି, ସେ କେବେ ମୁର୍ମୁରା ନ ଅଏ ।

**୧୦** ଏ ବାଇବଇନିମନ୍, ମର୍ ନିଜର୍ ଲକ୍ ମୁକ୍ତି ପାଅତ୍ ବଲି ମୁଇ ବେସି ମନ୍ କଲିନି । ଆରି ଏଟାର୍ପାଇ ମୁଇ ସବୁବେଲେ ପର୍ମେସର୍କେ ପାର୍ତନା କଲିନି । ୨ ସେମନ୍ ପରମେସର୍କେ ପୁରାପୁରୁନ୍ ବିସ୍ବାସ୍ କଲାଇନି । ମାତର୍ ତାକେ କେନ୍ତାରି ସାର୍ଦା କରାଇବାର୍ ଆଚେ, ସେଟା ନାଜାନତ୍ । ୩ ଲକ୍ମନ୍କେ ନିଜର୍ ମୁଆଟେ ଦରମ୍ ବଲାଇ ଅଇବାକେ, ପରମେସର୍ ଜନ୍ ଜଜ୍ନା କଲା, ସେଟା ସେମନ୍ ନିଚ୍ଲାଇ । ମାତର୍ ନିଜେ ଜଜ୍ନା ତିଆର୍ କରି, ନିୟମର୍ ବାଟେ ଇଣ୍ଡ୍ଲାଇ । ୪ କିରିସ୍ଟ ଆଇଲାତେଇଅନି ନିୟମ୍ ମାନ୍ବାଟା କାଇ ମୁଲିଅ ନାଇ । ଜେନ୍ତାରି କି ତାକେସେ ବିସ୍ବାସ୍ କଲେ, ମୁନୁସ୍ ପରମେସରର୍ ମୁଆଟେ ଦରମ୍ ଲକ୍ ବଲି ଏଜାଇ ଅଇସି । ୫ ନିୟମ୍ ମାନ୍ବାତେଇଅନି ଦରମ୍ଲକ୍ ଅଇବା ବିସଇ ମସା ଲେକ୍ଲା ଆଚେ । ଜଦି ଜନ୍ ଲକ୍ମନ୍ ନିୟମର୍ ସବୁଜାକ

ଆଦେସ୍ ମାନ୍ବାଇ, ସେମନ୍ ବଁଚ୍ବାଇ । ୬ ମାତର୍ ଲକ୍ମନ୍
ବିସ୍ବାସ୍କରି ପର୍ମେସରର୍ ମୁଆଟେ ଦରମ୍ ବଲାଇଅଇବାଇ,
ସେ ବିସଇ ସାସ୍ତରେ ଏନ୍ତି ଲେକାଆଚେ, କେ ସର୍ଗେ ଜାଇକରି
କିରିସ୍ଟକେ ଉତ୍ରାଇ ଆନ୍ସି? ବଲି ମନେ ମନେ କଇ ଉଆନାଇ
। ୭ ଆରି କୁଆନାଇ, କେ ପାତାଲେ ଜାଇକରି କିରିସ୍ଟକେ
ମଲାଟାନେଅନି ଆରିତରେକ୍ ଉଟାଇ ଆନ୍ସି? **(Abyssos g12)**
୮ କାଇକେବଇଲେ ସାସ୍ତରେ ଏନ୍ତାରି ମିସା ଲେକାଅଇଆଚେ,
"ପରମେସରର୍ କବର୍ ତମର୍ ଲଗେ, ତମର୍ ଟଣ୍ଡେ ଆରି ମନେ
ଆଚେ ।" ବିସ୍ବାସ୍ ବିସଇର୍ ଏ କବର୍ସେ ଆମେ ଜାନାଇଲୁନି
। ୯ ଜଦି ଉଁ, କିରିସ୍ଟସେ ମାପ୍ରୁ ବଲି କଇଲାସ୍ନି ଆରି ଉଁ,
ପରମେସର୍ ତାକେ ମଲାତେଇଅନି ଉଟାଇଲା ଆଚେ ବଲି ମନେ
ମନେ ବିସ୍ବାସ୍ କଲାସ୍ନି, ସେନ୍ତାର୍ ଆଲେ ତମେ ମୁକ୍ତି ପାଇସା
। ୧୦ ଆମର୍ ବିସ୍ବାସର୍ ଲାଗି ପରମେସର୍ ଆମ୍କେ ଦରମ୍
ଲକ୍ ବଲି ଏଜ୍ଲାନି । ଆରି ଟଣ୍ଡେ ଉଁ ବଲି ମାନିଆଇଲୁନିଜେ
ଆମେ ମୁକ୍ତି ପାଇଆଚୁ । ୧୧ ସାସ୍ତର୍ ଇସାବେ, "କେ ମିସା
ତାକେ ବିସ୍ବାସ୍ କର୍ସି, ସେ ବିସ୍ବାସ୍ କରି କେବେ ଲାଜ୍ ନ
ଅଏ ।" ୧୨ କାଇଟାବଇଲେ, ଜିଉଦି ଆରି ଜିଉଦି ନଇଲା ଲକର୍
ବିତ୍ରେ କାଇ ସାନ୍ ବଡ୍ ନାଇ । ସେଟାର୍ ପାଇ ସବୁ ଲକର୍ ତା
ଗଟେକ୍ ମାପ୍ରୁ, ଆରି ଜେତ୍କି ଲକ୍ ତାକେ ପାର୍ତନା କର୍ବାଇ
ସେ ସବୁ ଲକ୍କେ ମଙ୍ଗଲ୍ କର୍ସି । ୧୩ କାଇକେବଇଲେ "ଜେ
ମିସା ମାପ୍ରୁର୍ ନାଉଁ ଦାରି ପାର୍ତନା କର୍ସି, ସେ ମୁକ୍ତି ପାଇସି
।" ୧୪ ମାତର୍ ସେମନ୍ ତାକେ ବିସ୍ବାସ୍ ନ କଲେ, କେନ୍ତି ତାର୍
ନାଉଁ ଦାରି ପାର୍ତନା କର୍ବାଇ? ଆରି ତାର୍ ବିସଇର୍ ସୁବ୍କବର୍
ନ ସୁନିରଇଲେ କେନ୍ତି ବିସ୍ବାସ୍ କର୍ବାଇ? ଆରି ସେମନ୍କେ
କବର୍ ନ ସୁନାଇଲେ, କେନ୍ତି ସୁନ୍ବାଇ? ୧୫ ଆରି କବର୍
ନେଉକେ ନ ପାଟାଇଲେ କେନ୍ତି ଜାନାଇସି? ଏ ବିସଇ ସାସ୍ତରେ
ଲେକା ଆଚେ "ସୁବ୍କବର୍ ଜାନାଉମନ୍ ଆଇବାଟା, କେଡେ
ସାର୍ଦାର୍ କାତା!" ୧୬ ମାତର୍ ସୁବ୍କବର୍ ଜାନାଇବାଟାନେ
ସବୁ ଲକ୍ ମାନତ୍ ନାଇ । ସେଟାର୍ ପାଇ ଜିସାଇୟ ଲେକ୍ଲା
ଆଚେ, "ଏ ମାପ୍ରୁ, ଆମେ କଇଲା କାତା ସୁନିକରି କେ ବିସ୍ବାସ୍
କରତ୍ନାଇ ।" ୧୭ ତେବର୍ପାଇ ସୁବ୍କବର୍ ସୁନ୍ବାଟାନେଅନି
ବିସ୍ବାସ୍ ଅଇସି । ଆରି କିରିସ୍ଟକେ ଜାନାଇବାଟା ସେ
ସୁବ୍କବର୍ । ୧୮ ମାତର୍ ମୁଇ ପାଚାର୍ଲିନି ଇସ୍ରାଏଲର୍
ଲକ୍ମନ୍ କାଇ, ସେ କବର୍ ସୁନତ୍ ନାଇ କି? ବାଇଦରେ
ସୁନିଆଚତ୍, କାଇକେବଇଲେ ଲେକାଆଚେ, "ଜାନାଉମନର୍
ସବଦ୍ ଗୁଲାଇ ଜଗତ୍ ଡାବିଅଇଗାଲା ଆଚେ, ସେମନର୍ କାତା
ରାଇଜ୍ ଚିତ୍ଲା ଜାକ କେଟ୍ଲା ଆଚେ ।" ୧୯ ଆରି ତରେକ୍ ମୁଇ
ପାଚାର୍ଲିନି, ଇସ୍ରାଏଲର୍ ଲକ୍ମନ୍ ସେଟା ନିକସଙ୍ଗ୍ ବୁଜତ୍
ନାଇ କି? ଉଁ ବୁଜିଆଚତ୍ । କାଇକେବଇଲେ ବେସି ବରସ୍
ଆଗ୍ତୁ ମସା ଉତର୍ଦେଇ ଲେକ୍ଲା ଆଚେ, ଗଟେକ୍ ନାଜାନ୍ଲା
ଜାତିକେ ସାଇଜ କରି ମର୍ ଲକ୍ମନ୍କେ ଇଁସା କରାଇବି । ସେନ୍ତି
ଗଟେକ୍ ବକୁଆ ଜାତିର୍ ଲକ୍କେ ଦୟାକରି ମୁଇ ସେମନ୍କେ
ରିସା କରାଇବି । ୨୦ ଜିସାଇଅ ଆରି ମିସା ଡାଟ୍ସଙ୍ଗ୍ କଇଲା
ଆଚେ, "ଜନ୍ ଲକ୍ମନ୍ ମକେ ନ କଜ୍ତେରଇଲାଇ, ସେମନ୍
ମକେ ବେଟ୍ ପାଇଲାଇ, ଜନ୍ ଲକ୍ମନ୍ ମର୍ ବିସଇ ନ ପାଚାର୍ତେ
ରଇଲାଇ, ମୁଇ ନିଜେ ସେମନ୍କେ ଦେକାଇଅଇଲି ।" ୨୧ ମାତର୍
ପର୍ମେସର୍ ଇସ୍ରାଏଲର୍ ବିସଇ କଇଲାନି, "ଗୁଲାଇଦିନ୍
ସେମନ୍କେ ଡାକି ନେବାକେ ଆତ୍ ଲାମାଇଲି, ମାତର୍ ସେମନ୍
ମକେ ନ ମାନିକରି ବିରଦ୍ କଲାଇ ।"

**୧୧** ମୁଇ ଆରିତରେକ୍ ପାଚାର୍ଲିନି, "ତେବେ ପରମେସର୍
ସବୁ ଜିଉଦି ଲକ୍ମନ୍କେ ଚାଡି ଦେଲା ଆଚେ କି? ନାଇ,
କେବେ ନାଇ । ମୁଇ ମିସା ନିଜେ ସେମନର୍ପାରା ଗଟେକ୍
ଜିଉଦି, ଅବ୍ରାଆମ୍ତା ମର୍ ଆନିଦାଦି ଆରି ମୁଇ ବେନ୍ଜାମିନ୍
କୁଟୁମର୍ ଲକ୍ ଅଇଆଚି ।" ୨ ପରମେସର୍ ମୁଲେଅନି
ବାଚିରଇଲା ତାର୍ ଲକ୍ମନ୍କେ କେବେ ମିସା ଚାଡେନାଇ । ତମେ
ସାସ୍ତରେ ପଡିଆଚାସ୍, ଏଲିଅ କେନ୍ତି ଇସ୍ରାଏଲ୍ ମନର୍ ପାପର୍
ଚଲାଚଲ୍ତିର୍ପାଇ ପରମେସର୍କେ ପାର୍ତନା କରିରଇଲା, ୩ "ଏ
ମାପ୍ରୁ, ସେମନ୍ ତମର୍ ବବିସତ୍ବକ୍ତାମନ୍କେ ମରାଇଆଚତ୍
ଆରି ତମର୍ ପୁଜା କର୍ବା ବେଦି ସବୁ ବାଙ୍ଗାଇ ପାକାଇଲାଇ
ଆଚତ୍ । ମୁଇ ଗଟେକ୍ ଲକ୍ସେ ତକେ ପୁଜା କର୍ବାକେ
ଆଚି । ମକେ ମିସା ସେମନ୍ ମାରିପାକାଇବାକେ ଚେସ୍ଟା
କଲାଇନି ।" ୪ ପରମେସର୍ ଏଲିଅକେ କାଇବଲି କଇ ରଇଲା ।
"କାରାପ୍ ଦେବ୍ତା ବାଲ୍ ପୁତ୍ଲାକେ ପୁଜା ନ କରିରଇବା ତମର୍
ବିତ୍ରେଅନି ସାତ୍ ଅଜାର୍ ଲକ୍କେ ମର୍ ପାଇ ସଙ୍ଗ୍ଇ ଆଚି ।" ୫
ଏବେ ସେ ସମାନ୍ ବେଲା ଗଟ୍ଲା ଆଚେ । ପରମେସର ଜିବନ୍
ଦୁକାଇ ଜନ୍ ଲକ୍ମନ୍କେ ବାଚି ରଇଲା, ସେମନର୍ ବିତ୍ରେଅନି
ଅଲପ୍ କେତେଟା ଜିଉଦିମନ୍ ଅଗ୍ଲି ଆଚତ୍ । ୬ ପରମେସର୍
ସେମନ୍କେ ତାର୍ ନିଜର୍ ଜିବନ୍ ଦୁକାଇକରି ବାଚ୍ଲା ଆଚେ ।
ସେମନ୍ କରି ରଇବା ନିକ କାମର୍ ଲାଗି ନାଇ । ଜଦି ସେମନର୍
ନିକ କାମର୍ ଲାଗି ସେମନ୍କେ ବାଚିରଇତା, ତାର୍ ଜିବନ୍
ଦୁକାନି ସତ୍ ଜିବନ୍ ଦୁକାନି ନ ଅଇତା । ୭ ତେବେ କାଇଟା
ଅଇଲା? ଇସ୍ରାଏଲର୍ ଲକ୍ମନ୍ ନିଜେ ଦରମ୍ ବଲାଇଅଇବାକେ
ଗଟେକ୍ ବାଟ୍ କଜ୍ଲାଇ । ମାତର୍ ତେଇଅନି ଗଟେକ୍ ସାନ୍
ଦଲ୍କେସେ ପର୍ମେସର୍ ବାଚିରଇଲା । ଆରି ବାକିଲକ୍ମନ୍ କେ
ମିସା ସେ ଡାକ୍ଲାକେ ସୁନତ୍ ନାଇ । ୮ ସାସ୍ତରର୍ ବାକିଅ
"ଜେନ୍ତିକି ପରମେସର୍ ସେମନର୍ ଆଁକି ଆରି ମନ୍ ବାନ୍ଧି ଦେଲା
ଆଚେ । ଏବେ ଜାକ ସେମନ୍ ଦେକି ନାପାର୍ଲାଇନି କି ସୁନି
ନାପାର୍ଲାଇନି ।" ୯ ସେମନର୍ ବିସଇନେଇ ଦାଉଦ୍ ଲେକ୍ଲା
ଆଚେ, ସେମନ୍ ଆମେ ପାପ୍ କରୁନାଇ ବଲି ବୁଲ୍ ଚିନ୍ତା କରତ୍ ।
ସେମନ୍ ତେଇ ଅଦ୍ରି ଜାଅତ୍ । ଅଦ୍ରିଜାଇକରି ଡଣ୍ଡ ପାଅତ୍ ।
୧୦ ସେମନ୍ କାଣାକାଣି ଅଇକରି କାଇଟା ମିସା ଦେକି ନାପାରତ୍ ।
ସବୁବେଲେ ଦୁକ୍ କସ୍ଟ ପାଇପାଇ ସେମନର୍ ଆଁଟା ସବୁବେଲର୍

ପାଇ ବାଁକ୍ ଅଇଜାଅ । **୧୧** ମର୍ ସଙ୍ଗର୍ ଜିଉଦିମନ୍ ଜଟିଆଇ
ଅଇକରି ଆଜିଜାଇ ନସ୍ଟ ଅଇଗାଲାଇ । ମାତର୍ ସେମନ୍‌କେ
ବାଉଡାଇ ଆନ୍‌ବାକେ ପର୍‌ମେସର୍ ନାପାରେ ବଲି ବାବ୍‌ଲାସ୍‌ନି
କି? ନାଇ ସେ ପାର୍‌ସି । ସେମନ୍ ପର୍‌ମେସରର୍ ବାକିଅ
ନିଚ୍‌ଲାକେ ଜିଉଦି ନ ଅଇଲା ଲକ୍‌ମନ୍ ମୁକ୍‌ତି ପାଇଲାଇ ଆଚତ୍
। ଜେନ୍ତାରି କି ଜିଉଦିମନ୍ ଇଁସା ଅଇଜିବାଇ । **୧୨** ଜିଉଦିମନର୍
ନ ମାନ୍‌ବାଟା, ଜଗତର୍ ବିନ୍ ଲକ୍‌ମନ୍‌କେ ବେସି ଆସିର୍‌ବାଦ୍
ମିଲ୍‌ଲା । ଜିଉଦିମନ୍ ପର୍‌ମେସର୍‌କେ ନ ମାନ୍‌ଲାକେ ଜିଉଦି ନ
ଅଇଲା ଲକ୍‌ମନ୍ ତାର୍‌ଟାନେ ଅନି ବଡ୍ ଆସିର୍‌ବାଦ୍ ପାଇଲାଇ
। ସେନ୍ତାର୍ ଆଲେ ପଚ୍‌କେ ବାଚି ରଇବା ସବୁ ଜିଉଦିମନ୍
ବିସ୍‌ବାସ୍ କଲେ, ସେ ଆସିର୍‌ବାଦ୍ କେତେକ୍ ଅଦିକ୍ ଅଇସି । **୧୩**
ଜିଉଦି ନଇଲା ଲକ୍‌ମନ୍, ତମ୍‌କେ ମୁଇ କଇଲିନି, ପେରିତ୍‌ସିସ୍
ଇସାବେ ତମର୍ ବିତ୍‌ରେ କାମ୍ କର୍‌ବାକେ ପର୍‌ମେସର୍ ମକେ
ବାଚ୍‌ଲା ଆଚେ । ସେ ମକେ ଜେତ୍‌କି କାମ୍ ଦେଲାଆଚେ,
ସେଟା ମୁଇ ଜତନ୍‌ସଙ୍ଗ କଲିନି । **୧୪** ମୁଇ ତମ୍‌କେ ସାଇଜ
କଲାର୍‌ପାଇ, ମର୍ ସଙ୍ଗର୍ ଜିଉଦିମନ୍ ଇଁସା ଅଅତ୍ ବଲି ମୁଇ
ମନ୍ କଲିନି । କେ ଜାନେ ସେମନର୍ ବିତ୍‌ରେଅନି କେତେଲକ୍
ବିସ୍‌ବାସ୍ କରି ପର୍‌ମେସରର୍ ଡଣ୍ଡେଅନି ରକିଆ ପାଇବାଇ
। **୧୫** ଜିଉଦିମନ୍ ପର୍‌ମେସରର୍ ଟାନେଅନି ବେଗଲ୍‌ଲାକେ,
ଜିଉଦି ନ ଅଇଲା ଲକ୍‌ମନ୍ ତାର୍ ନିଜର୍ ଲକ୍ ଅଇପାର୍‌ଲାଇ
। ସେନ୍ତାର୍‌ଆଲେ ଜିଉଦି ଲକ୍‌ମନ୍ ତାର୍‌ଟାନେ ଆରିତରେକ୍
ବାଉଡିଆଇଲେ, ଜିଉଦି ନ ଅଇଲା ଲକ୍‌ମନ୍‌କେ କେତେକ୍
ଅଦିକ୍ ଆସିର୍‌ବାଦ୍ ଅଇସି । ସେନ୍ତାରି ଅଇଲେ କେଡେକ୍ ନିକ
କରମ୍! ସବୁ ମଲାଲକ୍‌ମନ୍ ଜିବନ୍‌ଅଇ ଉଟ୍‌ଲାପାରା ଅଇସି ।
**୧୬** ରୁଟିତେଇଅନି କଣ୍ଡେକ୍ ପରମେସର୍‌କେ ଦିଆଅଇରଇଲେ,
ସବୁଜାକ ରୁଟି ଦିଆଅଇଲା ଆଚେ ବଲି ବାବ୍‌ବାର୍ । ଗଟେକ୍
ଗଚର୍ ଚେର୍ ସୁକଲ୍ ରଇଲେ, ତାର୍ କେନ୍ଦ୍ବାକଡ୍ ମିସା ସୁକଲ୍
ଆଚେ ବଲି ବାବ୍‌ବାକେ ଅଇସି । **୧୭** ଇସ୍‌ରାଏଲ୍ କୁଟୁମର୍
ଲକ୍‌ମନ୍ ପର୍‌ମେସର୍ ଜତନ୍ କରିରଇବା ଗଟେକ୍ ଜିତ୍ ଗଚର୍
ପାରା । ସେ ଗଚେଅନି କେତେଟା କେନ୍ଦ୍ବି ବାଙ୍ଗାଇକରି ବନର୍
ଜିତ୍ ଗଚର୍ କେନ୍ଦ୍ବା ତେଇ, ଜଡିଆଚେ । ତମେ ଜିଉଦି ନ
ଅଇଲା ଲକ୍‌ମନ୍ ସେ ବନର୍ ଜିତ୍ ଗଚ୍ ପାରା । ଏବେ ତମେ
ଜିଉଦିମନର୍ ଡାଟ୍ ଆତ୍‌ମାର୍ ଜିବନ୍‌ତେଇ ଜଡିଅଇଆଚାସ୍ ।
**୧୮** ସେଟାର୍ ପାଇ ତମେ ଜିଉଦିମନର୍ ଟାନେଅନି ବଡ୍ ବଲି
ବାବାନାଇ । କାଇକେବଇଲେ ତମେ ଅବ୍‌କା କେନ୍ଦ୍ବାସେ ଆରି
କେନ୍ଦ୍ବାମନର୍ କାଦି ଗଚର୍ ଚେରେଅନିସେ ଆଇସି । ଚେରର୍
କାଦି କେନ୍ଦ୍ବାଇଅନି ନ ଆସେ । **୧୯** "ଉଁ ତମେ କଇପାରାସ୍,
ଜିଉଦି ନ ଅଇଲା ଲକ୍‌ମନ୍ ଆମେସେ ବଡ୍ । କାଇକେବଇଲେ
ଆମ୍‌କେ ଜଡ୍‌ବାକେ କେନ୍ଦ୍ବାମନ୍ ବାଙ୍ଗାଇଲାଇ ।" **୨୦** ତମ୍‌କେ
ଜଡିଆଚେ, ସେଟା ସତ୍ ସେ । ମାତର୍ ଜିଉଦିମନ୍ ବିସ୍‌ବାସ୍
ନ କଲାର୍ ପାଇ ପର୍‌ମେସର୍ ସେମନ୍‌କେ କାଟିଦେଲାଆଚେ ।
ତମେ ବିସ୍‌ବାସ୍ କଲାକେସେ ତମ୍‌କେ ଜଡିଆଚେ । ସେଟାର୍‌ପାଇ
ବଡ୍‌ପନ୍ ନ ଅଇ ଡରିକରି ରୁଆ । **୨୧** କାଇକେବଇଲେ
ଜଦି ଗଚେଅନି ନିଜେ ବାରଇଲା କେନ୍ଦ୍ବା ପାରା ଜିଉଦିମନ୍‌କେ
ପରମେସର୍ ବାଙ୍ଗାଇଦେଲା, ତେବେ ବନେଅନି ଆନି ଜଡିରଇବା
କେନ୍ଦ୍ବାମନ୍‌କେ କେତେକ୍ ଅଦିକ୍ ସେ ନ ବାଙ୍ଗାଏ? ସେ କେନ୍ଦ୍ବାମନ୍
ଅଇଲାନି, ତମେ ବିସ୍‌ବାସ୍ ନ କଲା ଜିଉଦି ନଇବା ଲକ୍‌ମନ୍ । **୨୨**
ଇତିଅନି ଆମେ ଦେକ୍‌ଲୁନି ପରମେସର୍ କେନ୍ତି ଆଲାଦ୍‌କାରିଆ,
ଆରି ସାସନ୍‌କାରି ମିସା! ଜନ୍ ଲକ୍‌ମନ୍ ତାର୍ କାତା ମାନତ୍ ନାଇ,
ସେମନ୍‌କେ ଡଣ୍ଡ ଦେଲା । ମାତର୍ ତାର୍ ଦୟା ତମେ ଡାଟ୍ ସଙ୍ଗ
ଦାରିରଇଲେ, ସେ ତମ୍‌କେ ଦୟା ଦେକାଇସି । ଜଦି ସେନ୍ତାରି
ନ କଲେ, ତମ୍‌କେ ମିସା କାଟିଦେଇସି । **୨୩** ଜଦି ଜିଉଦିମନ୍
ବିସ୍‌ବାସ୍ କଲେ, ଗଚର୍ ବୁନ୍ଦେ ରଇବା ତାକର୍ ଆଗର୍ ଜାଗାଇ
ପର୍‌ମେସର୍ ସେମନ୍‌କେ ବାଉଡାଇସି । କାଇକେବଇଲେ ସେଟା
ପର୍‌ମେସର୍‌ସେ କରିପାରେ । **୨୪** ତମେ ଜିଉଦିନଇଲା ଲକ୍‌ମନ୍
ବନର୍ ଜିତ୍ ଗଚର୍ ବାଙ୍ଗାଇଲା କେନ୍ଦ୍ବାପାରା । ସବୁବେଲେ
ଜଡ୍‌ବାଟାନେ କଲାପାରା ନ କରି, ପର୍‌ମେସର୍ ନିଜେ ଜତନ୍
କର୍‌ବା ଗଚେ, ତମ୍‌କେ ଜଡ୍‌ଲାଆଚେ । ଜିଉଦିମନ୍ ସେ ନିଜେ
ଜତନ୍ କରିରଇବା ଗଚର୍‌ପାରା । ସେନ୍ତାର୍‌ଆଲେ ଗଚ୍‌ବୁନ୍ଦେ
ରଇବା କେନ୍ଦ୍ବାମନ୍‌କେ ଆଗର୍ ଜାଗାଇ ନେଇ ଜଡ୍‌ବାକେ
କେତେକ୍ ଅଦିକ୍ ସଅଜ୍ ଅଇସି । **୨୫** ଏ ବାଇବଇନିମନ୍,
ଏ ବିସଇଟାନେ ଗଟେକ୍ ଲୁଚିରଇଲା ସତ୍ ତମେ ବୁଜା ବଲି
ମୁଇ ମନ୍ କଲିନି । ଆମେ ଜିଉଦିମନର୍ ଟାନେଅନି ବଡ୍
ଆଚୁ ବଲି ତମେ ବଡ୍‌ପନ୍ ନ ଅଇବାକେ, ଏଟା ତମ୍‌କେ
ବୁଜାଇଲିନି । ଜିଉଦିମନର୍ କାତା ନ ମାନ୍‌ବାଟା, ବେସିଦିନ୍
ଜାକ ନ ରଏ । ମାତର୍ ଜେତ୍‌କି ଜିଉଦି ନ ଅଇଲା ଲକ୍‌ମନ୍‌କେ
ପର୍‌ମେସର୍ ବାଚ୍‌ଲାଆଚେ, ସେମନ୍ ବିସ୍‌ବାସ୍ କର୍‌ବାଜାକ
ସେଟା ରଇସି । **୨୬** ତାର୍ ପଚେ ଇସ୍‌ରାଏଲିଅମନ୍ ସବୁ ଲକ୍
ଏ ସାସ୍‌ତରର୍ ଇସାବେ ରକିଆ ପାଇବାଇ । ମୁକ୍‌ତିକାରିଆ
ଜିଉଦିମନର୍ ବିତ୍‌ରେ ଅନି ଆଇସି, ଆରି ତାର୍ ଲାଗି ଜାକୁବର୍
କୁଟୁମେଅନି ସବୁ ତାକର୍ କାରାପ୍ ଚଲାଚଲ୍‌ତି ଚାଡ୍‌ବାଇ । **୨୭**
ସେମନର୍ ପାପ୍ ରଇବା ଚଲାଚଲ୍‌ତି ମୁଇ ଦାରିଜିବାବେଲେ,
ସେମନର୍ ସଙ୍ଗ ଏ ରାଜିନାମା କର୍‌ବି । **୨୮** ସୁବ୍ କବର୍
ବିସ୍‌ବାସ୍ ନ କରି ଜିଉଦିମନ୍ ପର୍‌ମେସରର୍ ସତ୍‌ରୁ ଅଇଗାଲାଇ
। ଏନ୍ତାରି ଅଇଲାକେ ତମେ ଜିଉଦି ନ ଅଇଲା ଲକ୍‌ମନ୍ ମୁକ୍‌ତି
ପାଇଲାସ୍ । ଏନ୍ତାରି ଅଇଲେମିସା ପର୍‌ମେସର୍ ଜନ୍ କାତା ତାକର୍
ଆନିଦାଦିମନ୍‌କେ ଦେଇରଇଲା, ଆରି ସେମନ୍ ତାର୍ ବାଚିରଇବା
ଲକ୍‌ମନ୍ ଅଇଲାକେ ମିସା, ସେମନ୍ ତାର୍ ଲକ୍ ଅଇଆଚତ୍ ।
**୨୯** କାଇକେବଇଲେ ପର୍‌ମେସର୍ ଜନ୍ ଲକ୍‌ମନ୍‌କେ ବାଚିକରି
ଆସିର୍‌ବାଦ୍ କର୍‌ସି, ସେ ଦାନ୍ ଦେବାକେ ଜାଗର୍‌ତା ରଇସି
। **୩୦** ଜିଉଦିନଇଲା ଲକ୍‌ମନ୍ ତମେ ପୁର୍‌ବେ ପରମେସରର୍
କାତା ନ ମାନ୍‌ତେ ରଇଲାସ୍, ମାତର୍ ଜିଉଦିମନ୍ କାତା ନ

ମାନ୍‌ଲାର୍ ପାଇ, ଏବେ ତମେ ପରମେସରର୍ ଜିବନ୍ ଦୁକାନିର୍
ଆଲାଦ୍ ପାଇଆଚାସ୍ । ୩୧ ଏଟା ଜିଉଦି ଅଇରଇବା ଲକ୍‌ମନର୍
ପାଇ ମିସା ସେନ୍ତାରିସେ । ଏବେ ସେମନ୍ କାତା ନ ମାନ୍‌ଲେ
ମିସା, ତମ୍‌କେ ଜେନ୍ତାରି ପର୍‌ମେସର୍ ଦୟା ଦେକାଇ ଆଲାଦ୍
କଲାଆଚେ, ସେ ପଚ୍‌କେ ସେମନ୍‌କେ ମିସା ଦୟା ଦେକାଇସି
। ୩୨ ଗୁଲାଇ ମନସ୍ ଜାତି ତାର୍ କାତା ନ ମାନ୍‌ଲାକେ ଡଣ୍ଡ
ପାଇବାର୍ ଆଚେ ବଲି ପର୍‌ମେସର୍ ଦେକାଇଲା ଆଚେ । ତାର୍
ଜିବନ୍ ଦୁକାଇଲାଟା ସବୁକେ ଡିସ୍‌ସି ବଲି ଏନ୍ତାରି କଲାଆଚେ
। (eleēsē g1653) ୩୩ ପରମେସରର୍ ଦୟା କେତେକ୍ ବଡ୍!
ତାର୍ ଗିଆନ୍ ଆରି ବିଚାର୍ କର୍‌ବା ବପୁ କେ ବୁଜିନାପାରତ୍! ସେ
ଜନ୍‌ଟା ଉଁ କର୍‌ସି, ସେଟା ଲକ୍‌ମନ୍ ବୁଜିନାପାରତ୍ । ସେ ଜନ୍
କାମ୍ କର୍‌ବାକେ ଗାଲାନି, ସେଟା କେ ବାତାଇ ନାପାରତ୍ । ୩୪
କାଇକେବଇଲେ ସାସ୍‌ତରେ ଏନ୍ତାରି ଲେକା ଅଇଲାଆଚେ ।
“ପରମେସର୍ ମନେ ଚିନ୍ତା କର୍‌ବାଟା କେ ବୁଜି ପାରତ୍? ତାକେ
କେ ମିସା ବୁଦିର୍ କାତା କଇବାକେ ଲଡାନାଇ ।” ୩୫ ତାକେ
କାଇଟା ଉନା ନାଇ । ସେ ଆମର୍ ରୁଣି ଅଇବାକେ, ତାକେ
କାଇଟା ଦେଇ ନାପାରୁ । ୩୬ ତିଆର୍ ଅଇଲା ସବୁ ବିସଇ
ସେ ସେ ଚାଲାଇଲାନି । ଆରି ସବୁ ବିସଇ ତାର୍‌ପାଇସେ ।
ପର୍‌ମେସର୍, କାଲେ କାଲେ ଜୁଗେ ଜୁଗେ, ତାର୍ ଡାକ୍‌ପୁଟା ଅ ।
ଆମେନ୍! (aiōn g165)

**୧୨** ସେଟାର୍ ପାଇ ଏ ବାଇବଇନିମନ୍, ଆମର୍ ଉପ୍‌ରେ
ପରମେସରର୍ ବଡ୍ ଜିବନ୍‌ଦୁକାନିର୍ ଲାଗି, ତମ୍‌କେ ମୁଇ
ବାବୁଜିଆ କଲିନି, ପରମେସରର୍ ଲଗେ ଗଟେକ୍ ବଲି ଇସାବେ
ନିଜର୍ ଜିବନ୍ ସର୍‌ପିଦିଆସ୍ । ଏନ୍ତାରି ବଲି ଅଇବାଟା ମର୍‌ବାକେ
ନଏଁ, ମାତର୍ ତାର୍ ସେବାକର୍‌ବାକେ ନିଜେ ସର୍‌ପି ଅଇବାଟା ।
ସେନ୍ତି ଅଇଲେ ପର୍‌ମେସର୍ ସାର୍‌ଦା ଅଇସି । ପର୍‌ମେସର୍‌କେ
ଏ ରକାମ୍ ଉପାସନା କର୍‌ବାର୍ ଆଚେ । ୨ ଏ ଜଗତେ ରଇବା
ଲକ୍‌ମନର୍ ପାରା ଚଲାଚଲ୍‌ତି ଇସାବେ ଜିଉନା କାଉନା କରାନାଇ
। ପରମେସର୍ ତମର୍ ମନ୍ ନୁଆକରି ବାଦ୍‌ଲାଅ । ସେନ୍ତି ଅଇଲେ
ସେ ମନ୍ କର୍‌ବାଟା ବୁଜିପାର୍‌ସା । ଆରି ଜନ୍ ଚଲାଚଲ୍‌ତି ତାର୍
ମୁଆଟେ ନିକ, ସିଦ୍ ଆରି ତାକେ ସାର୍‌ଦା କରାଇସି, ସେଟା ଜାନି
ପାର୍‌ସା । (aiōn g165) ୩ ପରମେସର୍ ମକେ ଜିବନ୍‌ଦୁକାଇକରି
ଅଦିକାର୍ ଦେଲାକେ ତମ୍‌କେ ସବୁ ଲକ୍‌କେ କଇଲିନି, । କେ
ମିସା ମୁଇ ବିନ୍ ଲକର୍‌ଟାନେଅନି ବଡ୍ ବଲି ବାବାନାଇ ।
ପରମେସର୍ ତମ୍‌କେ ଜେତ୍‌କି ବିସ୍‌ବାସ୍ ଦେଲାଆଚେ, ସେତ୍‌କି
ନିଜ୍‌କେ ବିଚାର୍ କରା । ୪ ଆମ୍‌କେ ସବୁଲକ୍‌କେ ଗାଗେଡ
ବିନ୍ ବିନ୍ ବାଗ୍ ଆଚେ । ସେ ଗାଗଡର୍ ବିନ୍ ବିନ୍ ବାଗର୍,
ବିନ୍ ବିନ୍ କାମ୍ ଆଚେ । ୫ ସେନ୍ତାରିସେ ଆମେ ଜେତ୍‌କି ଲକ୍
କିରିସ୍‌ଟତେଇ ମିସ୍‌ଲୁଆଚୁ, ଆମେ ତାର୍ ଗାଗଡ୍ ଅଇଲୁଆଚୁ
। ଗାଗଡର୍ ଆଡ୍ ଗଡ୍ ପାରା ଆମେ ସବୁ ଲକ୍ ମିସିଆଚୁ । ୬
ସେଟାର୍ ପାଇ ପରମେସର୍ ଆମ୍‌କେ ଜିବନ୍ ଦୁକାଇ ଜେତ୍‌କି
ବିନ୍ ବିନ୍ ବପୁର୍ ଦାନ୍ ଦେଲା ଆଚେ, ସେ ସବୁ ବପୁ ଆମର୍
କାମେ ଲାଗାଇବାର୍ ଆଚେ । ଜଦି ଆମ୍‌କେ ପର୍‌ମେସରର୍
ବାକିଅ ଜାନାଇବା ବପୁ ଦେଲାଆଚେ, ସେନ୍ତାର୍‌ଆଲେ ଆମେ
ପାଇରଇବା ବିସ୍‌ବାସ୍ ଇସାବେ ସେଟା କର୍‌ବାର୍ ଆଚେ । ୭
ଜଦି ଆମର୍ ସଙ୍ଗର୍ ଲକ୍‌କେ ସାଇଜ କର୍‌ବା ବପୁ ଦେଲାଆଚେ,
ତେବେ ସେଟା କର୍‌ତେ ରଇବାର୍ ଆଚେ । ଜଦି ପର୍‌ମେସରର୍
ବାକିଅ ସିକାଇବାଟା ଦେଲାଆଚେ, ତେବେ ସେଟା ଜତନ୍ ସଙ୍ଗ
କର୍‌ବାର୍ ଆଚେ । ୮ ବିନ୍ ଲକ୍‌ମନ୍‌କେ ସାର୍‌ଦା କରାଇବାକେ
ବପୁ ଦେଇରଇଲେ, ସେଟା କର୍‌ତେ ରଉଁ । ଅର୍‌କିତ୍ ଲକ୍‌ମନ୍‌କେ
ଦାନ୍ କର୍‌ବା ବପୁ ଦେଇରଇଲେ, କାଇଟା ନ ବାବିକରି ଦାନ୍
କରୁ । ବିନ୍ ଲକର୍ କାମ୍‌କେ ଦେକାରକା କର୍‌ବା ଅଦିକାର୍
ଦେଇରଇଲେ, ନିଜେ ବେସି କାମ୍ କର୍‌ବାର୍‌ଆଚେ । ଜଦି ବିନ୍
ଲକ୍‌ମନ୍‌କେ ଦୟା ଦେକାଇବା ବପୁ ଦେଲାଆଚେ, ବିଜାର୍ ନ
ଅଇ ସାର୍‌ଦା ସଙ୍ଗ କର୍‌ବାର୍ ଆଚେ । ୯ ବିନ୍ ଲକ୍‌ମନ୍‌କେ
ଆଲାଦ୍ କର୍‌ବାର୍ ଆଲେ କାଇ କପଟ୍ ରଇବାର୍ ନାଇ । କାରାପ୍
ଚଲାଚଲ୍‌ତି ଗିନ୍ କରି, ସତ୍ ଚଲାଚଲ୍‌ତି ଚାଡ୍‌ବାର୍ ନାଇ । ୧୦
ତମେ କିରିସ୍‌ଟର୍‌ଟାନେ ବାଇବଇନି ଅଇଲାର୍ ପାଇ, ଗଟେକ୍
ଲକ୍ ଆରି ଗଟେକ୍ ଲକ୍‌କେ ଆଲାଦ୍ କରି ସନ୍‌ମାନ୍ କରା ।
୧୧ ନିସତ୍ ନଅଇକରି ଲାଗିରୁଆ । ଜିବନ୍ ପରାନ୍ ଦେଇକରି
ପର୍‌ମେସର୍‌କେ ସେବା କରା । ୧୨ ଆମ୍‌କେ ରଇବା ଆସାର୍
ଲାଗି ଆମେ ସାର୍‌ଦା ଅଉଁ । ଦୁକ୍ କସ୍‌ଟ ଆଇଲେ ମୁର୍‌ଚିକରି
ରଉଁ । ସବୁବେଲା ପର୍‌ମେସର୍‌କେ ପାର୍‌ତନା କର୍‌ତେ ରଉଁ ।
୧୩ ଆମର୍ ଟାନେ ରଇବା ଅର୍‌କିତ୍ ବାଇବଇନିମନ୍‌କେ ସାଇଜ
କରୁ । ନ ଜାନ୍‌ବା ଲକ୍‌ମନ୍ ଆମର୍ ଗରେ ଆଇଲେ ଗଡିଆ
କରି ଡାକିନେଉଁ । ୧୪ ଜନ୍‌ଲକ୍‌ମନ୍ ତମ୍‌କେ ନିନ୍ଦା କର୍‌ବାଇ,
ସେମନ୍‌କେ ପରମେସର୍ ଆସିର୍‌ବାଦ୍ କରବଲି ପାର୍‌ତନା କରା
। ସେମନ୍‌କେ ଆସିର୍‌ବାଦ୍ କରା, ସାଇପ୍ ଦିଆସ୍ ନାଇ । ୧୫
ଜଦି ଗଟେକ୍ ଲକ୍‌କେ ସାର୍‌ଦାର୍ ଦିନ୍ ଆଇଲାଆଚେ, ତେବେ,
ତାର୍ ସଙ୍ଗ ମିସି ସାର୍‌ଦା କରା, ଜଦି ଦୁକର୍ ଦିନ୍ ଆସିରଇଲେ,
ସେ ଲକର୍ ସଙ୍ଗ ମିସି ଦୁକ୍ କରା । ୧୬ ସବୁ ଲକ୍‌କେ ସମାନ୍
ଇସାବେ ଆଲାଦ୍ ଦେକାଅ । ଆଁକାର୍ ବୁଦି ଚାଡିକରି ସଲଦ୍ ଅଇ
ସାନ୍ ସାନ୍ କାମ୍ କର୍‌ବାକେ ମିସା ରାଜି ଉଆ । ନିଜ୍‌କେ ଗିଆନ୍
ରଇବାଲକ୍ ବଲି ଦେକାଇ ଉଆନାଇ । ୧୭ କେ ତମ୍‌କେ ଅନିଆଇ
କଲେ, ତାକେ ବେର୍ ଦାର୍‌ବାର୍ ନାଇ, ଜନ୍ ଚଲାଚଲ୍‌ତି ସବୁର୍
ମନ୍‌କେ ଜାଇସି, ସେଟା କର୍‌ତେରଇବାର୍ । ୧୮ ସବୁ ଲକର୍
ସଙ୍ଗ ସୁସାରେ ଜିଇବାକେ ଜେତେକ୍ ପାରାସ୍, ସେତେକ୍ ଚେସ୍‌ଟା
କରା । ୧୯ ମର୍ ଆଲାଦର୍ ବାଇବଇନିମନ୍, ଜଦି କେ ତମ୍‌କେ
ଅନିଆଇ କଲେ, ତମେ ବେର୍ ଦାରାନାଇ, କାଇକେବଇଲେ,
ପର୍‌ମେସର୍‌ସେ ଡଣ୍ଡ ଦେଇସି । କାଇକେ ବଇଲେ ସାସ୍‌ତରେ
ଲେକା ଆଚେ । ମାପ୍‌ରୁ କଇଲାନି, “ମୁଇ ବେର୍ ଦାର୍‌ବି । ମୁଇ
ଡଣ୍ଡ ଦେବି ।” ୨୦ ଏଲେ ସାସ୍‌ତରର୍ ଲେକା ଇସାବେ “ତମର୍

ସତ୍‌ରୁ ବୁକେ ରଇଲେ, ତାକେ କାଇବାକେ ଦିଆସ୍, ସସେ
ରଇଲେ, ପାନି କୁଆ । ଏନ୍ତାର୍‌କଲେ ସେ ତମ୍‌କେ କରିରଇବା
ଅନିଆଇର୍ ଲାଗି ବେସି ଲାଜ୍ ଅଇଜାଇସି ।" ୨୧ ମିତ୍ କାମ୍ କରି
ଆରିଜାଆ ନାଇ, ସବୁ ବିସଇ ସତ୍ ବାବେ କରି ଜିତିକରି ରୁଆ ।

**୧୩** ସାସନ୍‌କାରିଆମନର୍ କାତା ସବୁ ଲକ୍ ମାନ୍‌ବାକେ
ବାଦିଅ, କାଇକେବଇଲେ ପରମେସର୍ ଆଦେସ୍ ନ
ଦେଲେ କେ ମିସା ସାସନ୍ କର୍‌ବାକେ ଅଦିକାର୍ ନ ପାଏ
। ଗାଦିଟାନେ ରଇଲା ସାସନ୍‌କାରିଆମନ୍‌କେ ପରମେସର୍
ବସାଇଲା ଆଚେ । ୨ ସେଟାର୍ ପାଇ ଜେ ଗାଦିତେଇ
ବସ୍‌ଲା ସାସନ୍‌କାରିଆମନ୍‌କେ ବିରଦ୍ କର୍‌ସି, ସେ ପରମେସର୍
ଟିଆର୍‌କଲା ଗାଦିର ବିରଦ୍ କଲାନି । ଜେ ଏଟା କର୍‌ସି
ସେ ପର୍‌ମେସରର୍ ବିଚାର୍‌ନା ଜାଗାଇ ଟିଆଅଇସି । ୩
ଆମର୍ ଚଲାଚଲ୍‌ତି ସତ୍ ରଇଲେ ସାସନ୍‌କାରିଆକେ ଡର୍‌ବାର୍
ଦର୍‌କାର୍ ନାଇ । କାରାପ୍ ରଇଲେ ଡର୍‌ବାର୍ ଆଚେ ।
ସାସନ୍‌କାରିଆମନ୍‌କେ ତମେ ଡର୍‌ବାକେ ମନ୍ କରାସ୍ ନାଇ,
ସେନ୍ତାର୍‌ଆଲେ ନିକ କାମ୍ କରା ଆରି ସେମନ୍ ତମ୍‌କେ
ନାମ୍‌ବାଇ । ୪ ସେମନ୍ ପର୍‌ମେସରର୍ ଗତିଦାଙ୍ଗ୍‌ଡାମନ୍ ଆରି
ତମର୍ ନିକପାଇସେ କାମ୍ କଲାଇନି । ତମେ ଜଦି କାରାପ୍
କାମ୍ କର୍‌ତେରଇସା, ତେବେ ସେମନ୍‌କେ ଡର୍‌ବାର୍ ଆଚେ ।
କାଇକେବଇଲେ ତମ୍‌କେ ଡଣ୍ଡ ଦେବାକେ ତାକର୍ ଅଦିକାର୍
ଆଚେ । ସେମନ୍ ପର୍‌ମେସରର୍ ଗତିଦାଙ୍ଗ୍‌ଡା ଆରି ଜେତ୍‌କି
ଲକ୍ କାରାପ୍ କାମ୍ କର୍‌ତେରଇବାଇ, ସେମନ୍‌କେ ପର୍‌ମେସର୍
ଡଣ୍ଡ ଦେବାଇ । ୫ ସେଟାର୍‌ପାଇ ତମେ ସାସନ୍‌କାରିଆମନର୍
କାତା ମାନ୍‌ବାର୍ ଆଚେ । ଉଜେ ପରମେସରର୍ ଡଣ୍ଡ ଡରିକରି
ନାଇ, ମାତର୍ ନିଜର୍ ବୁଦିସଙ୍ଗ୍ ଏଟା ଟିକ୍ କାମ୍ ବଲି ଜାନିକରି
ମିସା ଏଟା କର୍‌ବାର୍ ଆଚେ । ୬ ଏଟାର୍‌ପାଇ ତମେ ସିସ୍‌ତୁ
ମିସା ଦେଲାସ୍‌ନି, କାଇକେବଇଲେ ସାସନ୍‌କାରିଆମନ୍ ଟିକ୍‌ସଙ୍ଗ୍
କାମ୍ କଲାବେଲେ ପରମେସରର୍ ସେବା କର୍‌ତେ ରଇବାଇ
। ୭ ସେଟାର୍ ପାଇ ସେମନ୍ ଜେତ୍‌କି ପାଇବାର୍ ଆଚେ ସେଟା
ସେମନ୍‌କେ ଦେଇଦିଆସ୍ । ତମେ ସିସ୍‌ତୁ କି ଅଡି ଜାଇଟା
ଦେବାର୍ ଆଚେ, ସେଟା ବାନ୍ଦିଦିଆସ୍ ଆରି ସେମନ୍‌କେ ନାମିକରି
ସନ୍‌ମାନ୍ କରା । ୮ ନିଜର୍ ନିଜର୍ ବିତ୍‌ରେ ଆଲାଦ୍ କରାକରି
ଅଇବାଟା ଚାଡି ଆରି କାଇ ବିସଇ କାର୍ ଲଗେ ମିସା ଉଦାର୍
ଉଆ ନାଇ । ଜେ ଏଟା ବିନ୍ ଲକର୍‌ପାଇ କର୍‌ସି, ସେ ନିୟମ୍
ମାନ୍‌ସି । ୯ ନିୟମ୍‌ତେଇ ଲେକାଅଇଲା ଆଚେ, "ବେସିଆ କାମ୍
କର୍‌ବାର୍ ନାଇ, ନର୍ ମାର୍‌ବାର୍ ନାଇ, ଚରାଇବାର୍ ନାଇ, ବିନ୍
ଲକର୍ ଦିନ୍‌ସୁ ଲବାଇବାର୍ ନାଇ ।" ନିଜ୍‌କେ ଆଲାଦ୍ କଲାପାରା
ବିନ୍ ଲକ୍‌ମନ୍‌କେ ଆଲାଦ୍ କରା । ଏ ଗଟେକ୍ ଆଦେସ୍ ଜଦି
ତମେ ମାନ୍‌ସା, ନିୟମେ ରଇବା ସବୁ ଆଦେସ୍ ମାନ୍‌ଲାପାରା
ଅଇସି । ୧୦ କାଇକେବଇଲେ ତମେ ଗଟେକ୍ ଲକ୍‌କେ ଆଲାଦ୍
କର୍‌ତେ ରଇଲେ, କେବେ ମିସା ତାକେ ଅନିଆଇ ନ କରାସ୍
। ଆରି ତମେ ଜଦି ସେମନ୍‌କେ ଆଲାଦ୍ କର୍‌ସାବଇଲେ, ସବୁ
ନିୟମ୍ ମାନିକରିଆଚାସ୍ । ୧୧ ଏବେ ତମେ ଏଟା କର୍‌ବାର୍
ଆଚେ । କାଇକେବଇଲେ ବେଲା କେଟ୍‌ଲାଆଚେ । ଆମେ
ସଇରଇବା ଲକର୍‌ପାରା ନ ଅଇକରି ଚେତା ଅଇ ଜାଗ୍‌ରତ୍
ଅଇରଇବାର୍ ଆଚେ । ବିସ୍‌ବାସ୍ କର୍‌ବା ବେଲା ଆଗ୍‌ତୁ ରଇଲେ
ମିସା ଆମର୍ ମୁକ୍‌ତି ପାଇବା ଦିନ୍ ଲଗେ ଅଇଆଚେ । ୧୨
ରାତି ଦାପ୍‌ରେ ସାରିଜାଇସିବେ, ସାକାଲ୍ ଅଇବାକେ ଗାଲାନି ।
ସେଟାର୍‌ପାଇ ଆସା, ରାତିଆ କରିରଇବା କାରାପ୍ କାମ୍ ସବୁ
ଚାଡିକରି, ଉଜ୍‌ଲେ ଜୁଇଦ୍ କର୍‌ବା ଆତ୍‌ଆତିଆର୍ ଦାରୁ । ୧୩
ବେସିଆମନର୍ ଦଲେ ମିସ୍‌ବାର୍ ନାଇ, ମାତୁଆଲ୍‌ମନର୍ ଦଲେ
ଜିବାର୍ ନାଇ, ବିନ୍ ମାଇଜିମନର୍ ସଙ୍ଗ୍ ମିସିରଇବାର୍ ନାଇ,
ଲାଗାଜଡା ଅଇବାର୍ ନାଇ ଆରି ଇଁସା ଅଇବାର୍ ନାଇ । ଆମେ
ଜେତ୍‌କି ଲକ୍ ଉଜ୍‌ଲେ ରଇଆଚୁ, ଟିକ୍ ସଙ୍ଗ୍ ଚଲାଚଲ୍‌ତି କରୁ ।
୧୪ ମାପ୍‌ରୁ ଜିସୁକିରିସ୍ଟର୍ ଆତ୍‌ଆତିଆର୍ ଦାରି ରଉଁ । ଆରି
ଆମର୍ ପାପର୍ ଗୁନ୍‌ଚଲନ୍ ନ ମାନିକରି ଆମେ ମନ୍ କର୍‌ବାଟା
ପୁରାପୁରୁନ୍ ନ କରୁ ।

**୧୪** ଜଦି କେତେକ୍ ଲକ୍ କିରିସ୍ଟକେ ବିସ୍‌ବାସ୍ କଲାଇନି,
ମାତର୍ ତାକର୍ ବିସ୍‌ବାସ୍ ଡାଁଟ୍‌ନାଇ, ସେମନ୍‌କେ ମିସା
ଡାକି ମିସାଆ । ମାତର୍ ସେମନର୍ ଚିନ୍ତା କର୍‌ବାଟା ତମର୍‌ପାରା
ନ ରଇଲେ, ତାକର୍ ସଙ୍ଗ୍ ଦଦାପେଲା ଉଆ ନାଇ । ୨
କେତେକ୍ ଲକର୍ ବିସ୍‌ବାସ୍, ଜେନ୍ତି ରକାମର୍ କାଦିକେ ମିସା
ଉଁ ବଲି କଇବାଇ । ମାତର୍ ଜାର୍ ବିସ୍‌ବାସ୍ ଏବେଜାକ
ଡାଁଟ୍‌ନାଇ ସେମନ୍ କାଇ ମାଉଁସ୍ ମିସା କାଇବାର୍ ନଏଁ, ଅବ୍‌କା
ସାଗ୍‌ଡାଲ୍‌ସେ କାଇବାଇ । ୩ ଜନ୍ ଲକ୍‌ମନ୍ ସବୁଜାକ କାଇବାଇ,
ସେମନ୍ ଆମେ ଅବ୍‌କା ସାଗ୍‌ଡାଲ୍ କାଇବା ଲକର୍‌ଟାନେଅନି
ବଡ୍ ବଲି ବାବ୍‌ବାର୍ ନାଇ । ସେନ୍ତାରିସେ ଜନ୍‌ଲକ୍‌ମନ୍
ଅବ୍‌କା ସାଗ୍‌ଡାଲ୍‌ସେ କାଇବାଇ, ସେମନ୍ ଆମେ ସବୁରକାମର୍
କାଦିକାଇବା ଲକ୍‌ମନର୍‌ଟାନେଅନି ବଡ୍ ବଲି ବାବ୍‌ବାର୍‌ନାଇ
। କାଇକେବଇଲେ ପର୍‌ମେସର୍ ଦୁଇ ଦଲର୍ ଲକ୍‌ମନ୍‌କେ
ମିସା ବାଚ୍‌ଲା ଆଚେ । ୪ ବିନ୍ ଲକର୍ ଦାଙ୍ଗ୍‌ଡାମନ୍‌କେ ଆମେ
ବିଚାର୍ କର୍‌ବାର୍ ନାଇ । କାଇକେବଇଲେ ସେମନ୍ କର୍‌ବା
କାମ୍ କଲାଇ ଆଚତ୍ କି ନାଇ ବଲି ତାକର୍ ସାଉକାର୍ ଦେକ୍‌ସି
। ଆରି ପର୍‌ମେସର୍ ଜନ୍‌ଟା ମନ୍ କଲାନି, ସେମନ୍ ସେଟା
କର୍‌ବାଇ । କାଇକେବଇଲେ ପର୍‌ମେସର୍ ସେମନ୍‌କେ ସାଇଜ
କଲାନି । ୫ ସେନ୍ତାରିସେ, ବିନ୍‌ଦିନ୍ ମନର୍‌ଟାନେଅନି କନ୍‌ଆଲେ
ଗଟେକ୍‌ଦିନ୍ ସୁବ୍‌ଦିନ୍ ବଲି କେତେ ଲକ୍ ବାବ୍‌ବାଇ । ବିନ୍
ଲକ୍‌ମନ୍ ସବୁଦିନ୍ ସମାନ୍ ବଲି ବାବ୍‌ବାଇ । କନ୍‌ଟା ଟିକ୍ ରଇସି
ବଲି ଲକ୍‌ମନ୍ ନିଜେ ନିଜେ ବିଚାର୍ କର୍‌ବାର୍ ଆଚେ । ୬ ଜନ୍
ଲକ୍‌ମନ୍ ବିନ୍‌ଦିନ୍ ମନର୍‌ଟାନେଅନି ଗଟେକ୍ ଦିନ୍ ସୁବ୍ ବଲି
ବାବ୍‌ବାଇ, ସେମନ୍ ପର୍‌ମେସର୍‌କେ ସାର୍‌ଦା କରାଇବାକେ
ସେନ୍ତାରି ବାବ୍‌ବାଇ । ସେନ୍ତାରିସେ, ଜନ୍‌ଲକ୍‌ମନ୍ ସବୁ ରକାମ୍

କାଦି କାଇବାଇ, ସେଟା ପର୍ମେସର୍କେ ସାର୍ଦା କରାଇବାକେ
କର୍ବାଇ ଆରି ସେଟାର୍ପାଇ ତାକେ ଦନିଅବାଦ୍ ଦେବାଇ ।
ଆରି ଜନ୍ଲକ୍ମନ୍ ଅବ୍କା ସାଗ୍ଡାଲ୍ କାଇବାଇ, ସେମନ୍ ସେଟା
ପର୍ମେସର୍ ସାର୍ଦା ଅଇସି ବଲି କାଇଲାଇନି ଆରି ସେମନ୍
ମିସା ତାକେ ଦନିଅବାଦ୍ ଦେଲାଇନି । ୭ ଆମର୍ ବିତ୍ରେ
ସବୁଲକ୍ ଦର୍ତନିତେଇ ବଁଚିରଇଲେ କି ମରିଗାଲେ ମିସା
ପର୍ମେସରର୍ । ୮ ଆମେ ବଁଚିରଇଲେ ପର୍ମେସରର୍ ପାଇ,
ମରିଗାଲେମିସା ସେନ୍ତାରିସେ । ତେବର୍ପାଇ ଆମେ ବଁଚିରଇଲେ
କି ମରିଗାଲେ ପର୍ମେସରର୍ ପାଇସେ । ୯ କାଇକେବଇଲେ
କିରିସ୍ଟ ମରିଗାଲା ଆରି ମଲାତେଇଅନି ଆରିତରେକ୍ ଉଟ୍ଲା
। ସେଟାର୍ପାଇ ସେ ମଲାଲକ୍ମନ୍କେ ଆରି ଜିବନ୍ ରଇଲା
ଲକ୍ମନ୍କେ ସାସନ୍ କର୍ସି । ୧୦ ତେବେ ତମେ କାଇକେ
ଅବ୍କା ସାଗ୍ଡାଲ୍ କାଇବା ବାଇମନ୍କେ ବିଚାର୍ କଲାସ୍ନି?
ଆରି ଜନ୍ଲକ୍ମନ୍ ସବୁ ରକାମ୍ କାଦି କାଇଲାସ୍ନି, ଅବ୍କା
ସାଗ୍ଡାଲ୍ କାଇବା ଲକ୍ମନ୍କେ କାଇକେ ଗିନ୍ କଲାସ୍ନି?
କାଇକେବଇଲେ ଆମେ ସବୁଲକ୍ ପରମେସରର୍ ମୁଆଟେ ଟିଆ
ଅଇଲେ, ସେ ଆମ୍କେ ବିଚାର୍ କର୍ସି । ୧୧ କାଇକେବଇଲେ
ସାସ୍ତରେ ଲେକାଆଚେ, "ମାପ୍ରୁ କଇଲାନି, ମୁଇ ଜିବନ୍ ରଇବା
ପରମେସର୍, ତେବର୍ପାଇ ସବୁ ମୁନୁସ୍ଜାତି ମର୍ ମୁଆଟେ
ମାଣ୍ଡିକୁଟା ଦେବାଇ । ମୁଇ ପରମେସର୍ ବଲି ସବୁ ଲକ୍ ନାମ୍ବାଇ
।" ୧୨ ସେବେଲେ ଆମେ ସବୁ ଲକ୍ ପରମେସରର୍ ଲଗେ
ଟିଆଅଇ ଆମେ କରିରଇବା କାମର୍ ଇସାବ୍ ଦେବାକେ ପଡ୍ସି ।
୧୩ ସେଟାର୍ ପାଇ ତମର୍ ବିତ୍ରେ ଗଟେକ୍ ଲକ୍ ଆରି ଗଟେକ୍
ଲକ୍କେ ବିଚାର୍ କରାନାଇ । ତାର୍ ବାଦୁଲେ ଆମର୍ ବାଇମନର୍
ଚଲାଚଲ୍ତିତେଇ ବିନ୍ ଲକ୍କେ ପାପ୍ କରାଇବା କାଇମିସା
ବିସଇ ଆଚେ କି ନାଇ, ସେଟା ଆମେ ନିଜେ ଦେକ୍ବାର୍ ଆଚେ ।
୧୪ ଜିସୁ ମାପ୍ରୁର୍ ସଙ୍ଗ୍ ମିସ୍ଲାର୍ପାଇ ପର୍ମେସର୍ ଦେକ୍ବା
ଇସାବେ କାଇ କାଦି ମିସା ନିଚ୍ବାଟା ନାଇ ବଲି ମୁଇ ଜାନି ।
ମାତର୍ କାଇମିସା ଗଟେକ୍ କାଦି ପର୍ମେସର୍ ନିଚ୍ଲା ଆଚେ
ବଲି ଗଟେକ୍ ଲକ୍ ବିସ୍ବାସ୍ କଲେ, ସେଟା ସେ ନ କାଇଲେ
ତାର୍ପାଇ ନିକ । ୧୫ ତମେ କାଇ କାଦି ମିସା କାଇଲାର୍ପାଇବଲି
ଜଦି ତମର୍ ଗଟେକ୍ ବାଇକେ ଦୁକ୍ କରାଇସା, ସେନ୍ତାର୍ଆଲେ
ତାର୍ପାଇ ତମର୍ କାଇ ଆଲାଦ୍ ନାଇ ପାରା ଆଚେ । ତମର୍
କାଇବା କାଦିର୍ଲାଗି ଆରିଗଟେକ୍ ଲକ୍ ମନ୍ କଲାନି । ସେଟା
ନିକ ନଏଁ । କାଇକେବଇଲେ ସେ ମିସା ତମର୍ ସଙ୍ଗର୍ ବିସ୍ବାସି
। ଆରି ତାର୍ ଜାଗାଇମିସା କିରିସ୍ଟ ମଲାଆଚେ । ୧୬ ଜଦି ଆରି
କନ୍ ରକାମ୍ ଚଲାଚଲ୍ତି ପର୍ମେସରର୍ ମନ୍କେ ଜାଏ ନାଇ
ବଲି କେତେଟା ବିସ୍ବାସି ବାବ୍ବାଇ, ମାତର୍ ସେଟା ବଲ୍ ବଲି
ତମେ ବାବ୍ସା ବଇଲେ ସେଟା କରା ନାଇ । ସେନ୍ତାର୍ଆଲେ
ସେଟା ନିକ ନଏଁ ବଲି କେ ବାବିନାପାରତ୍ । ୧୭ ପରମେସରର୍
ରାଇଜର୍ ସାସନ୍ ଅବ୍କା ନ କାଇବା କାଦିପିଦିର୍ ନିଅମର୍ପାଇ
ନାଇ । ମାତର୍ ତାର୍ ମୁଆଟେ ଦରମ୍ ବଲାଇଅଇବାଟା,
ବିନ୍ ଲକ୍ମନର୍ ସଙ୍ଗ୍ ମିସି ସୁକ୍ସାନ୍ତିସଙ୍ଗ୍ ରଇବାଟା, ଆରି
ସୁକଲ୍ଆତ୍ମା ଦେଇରଇବା ସାର୍ଦା ବିସଇ ଆଚେ । ୧୮ ଆମେ
କିରିସ୍ଟକେ ଏ ରକାମ୍ ନାମ୍ଲେ, ପର୍ମେସର୍କେ ସାର୍ଦା
କରାଇବୁ ଆରି ବିନ୍ ଲକ୍ମନ୍କେ ନାମାଇବୁ । ୧୯ ସେଟାର୍
ପାଇ ଆସା, ଆମେ ଏନ୍ତାରି ଚଲାଚଲ୍ତି କରୁ, ଜେନ୍ତାରିକି
ଆମର୍ ଆମର୍ ବିତ୍ରେ ସୁକ୍ ସାନ୍ତିସଙ୍ଗ୍ ରଇଅଇସି । ଆରି
ଆମର୍ ବିସ୍ବାସ୍ ଡାଟ୍ ରଇସି । ୨୦ ଜନ୍ କାଦି କାଇବାକେ
ବିନ୍ ଲକର୍ ମନ୍ନାଇ, ସେ କାଦି କାଇକରି, ପର୍ମେସରର୍
କାମ୍ ନସାଆ ନାଇ । ଜନ୍ ରକାମ୍ କାଦିମିସା କାଇଅଇସି ।
ମାତର୍ ତମେ କାଇଲାର୍ପାଇ ବିନ୍ ଲକ୍ମନ୍କେ ପାପ୍ବାଟେ
ଡାକିନେଲେ, ସେଟା ବୁଲ୍ । ୨୧ ବିନ୍ ଲକ୍ମନ୍ ନିଚ୍ବା କାଦି
ଆମେ କାଇବାର୍ ନାଇ । କି ମଦ୍ କାଇବାର୍ ନାଇ । ଆମର୍
ବିତ୍ରେ ରଇବା ଗଟେକ୍ ବାଇ କି ବଇନିକେ ପାପ୍ବାଟେ ଜିବା
ବିସଇ ନ କରୁ । ୨୨ ଏ ବିସଇନେଇ ତମେ କାଇଟା ବିସ୍ବାସ୍
କଲାସ୍ନି ସେଟା ପରମେସରର୍ ଆରି ତମର୍ ବିତ୍ରେ ରଅ । ଜନ୍
ଲକ୍ମନ୍ ନିଜର୍ ଚଲାଚଲ୍ତିର୍ପାଇ ନିଜର୍ ବିବେକ୍ ସେମନ୍କେ
ଦସ୍ ନ ଦାରେ, ସେ କେଡେକ୍ କରମର୍ ଲକ୍ । ୨୩ ଜଦି
ଗଟେକ୍ ଲକ୍ ତାର୍ କାଇବାଟା ଟିକ୍ କି ନାଇ ବଲି ବାବ୍ଲାନି,
ଆରି ମନ୍କେ ନ ଲାଗ୍ବା କାଦି କାଇସି, ସେନ୍ତାର୍ଆଲେ ସେ,
ପର୍ମେସରର୍ ବିରୁଦେ ପାପ୍କଲାନି । କାଇକେବଇଲେ ସେ
ନିଜର୍ ବିବେକ୍କେ ମାନେନାଇ । ଜନ୍ଟା ନିକ ନଏଁ ବଲି ଆମେ
ବିସ୍ବାସ୍ କଲୁନି, ଆରି ସେଟାସେ କରିଆଇଲୁନି, ସେନ୍ତାର୍ଆଲେ
ଆମେ ପାପ୍କଲୁନି ।

**୧୫** ଏବେ ଆମେ, ଜାର୍ ବିସ୍ବାସ୍ ଡାଟ୍ ଆଚେ, ଜନ୍
ଲକ୍ମନ୍ ବିସ୍ବାସେ ଦୁର୍ବଲ୍ ଆଚତ୍ ଆରି ଅସୁବିଦାଇ
ଆଚତ୍, ସେମନ୍କେ ଆମେ ସାଇଜ କର୍ବାର୍ ଆଚେ । ଆରି
ନିଜେ ସାର୍ଦା ରଇବା ବିସଇ ଚିନ୍ତା କର୍ବାର୍ ନାଇ । ୨
ମାତର୍ ଆମର୍ ବାଇବଇନିମନ୍କେ ସାର୍ଦା କରାଇବାକେ ଆରି
ସେମନର୍ ବିସ୍ବାସ୍ ଡାଟ୍ କର୍ବାକେ ତାକର୍ ପାଇ ନିକ ବିସଇ
କର୍ବାର୍ ଆଚେ । ୩ କାଇକେବଇଲେ କିରିସ୍ଟ ନିଜ୍କେ ସାର୍ଦା
କରାଏ ନାଇ । ମାତର୍ ସାସ୍ତରେ ଏନ୍ତାରି ଲେକାଅଇଲାଆଚେ,
ଜନ୍ ଲକ୍ମନର୍ କାରାପ୍ କାତା ତମ୍କେ ନିନ୍ଦାକଲା, ସେଟା
ମକେମିସା ନିନ୍ଦା କଲାଇ । ୪ କାଇକେବଇଲେ ସାସ୍ତରେ
ଜେଡ୍କି ଲେକା ଅଇଲାଆଚେ, ସେ ସବୁ ଆମ୍କେ ସିକାଇବାକେ
। ଜେନ୍ତାରିକି, ସାସ୍ତରେଅନି ଜନ୍ ମୁର୍ଚି ରଇବାଟା ଆରି
ସାର୍ଦା କରାଇବାଟା ଆମେ ମିଲାଇଆଚୁ, ତେଇଅନି ଆମର୍
ଆସା ବଡ୍ସି । ୫ ପର୍ମେସର୍ସେ ଆମ୍କେ ମୁର୍ଚିରଇବାଟା
ଆରି ସାର୍ଦା କରାଇବାଟା ଦେଇସି । ଆରି ଜିସୁକିରିସ୍ଟର୍
ବାଟେ ଇଣ୍ଡି କରି ସବୁର୍ ମନ୍ ଗଟେକ୍ ଅଇବାକେ ସାଇଜ କର ।
୬ ଜଦି ସେଟା ଅଇଲେ ଆମର୍ ମାପ୍ରୁ ଜିସୁକିରିସ୍ଟର୍ ବାବା

ଆରି ଆମର୍ ପର୍ମେସର୍କେ ଡାକ୍ପୁଟା କର୍ବାତେଇ ତମେ ସବୁ
ଗଟେକ୍ ଅଇସା । **୭** କିରିସ୍ଟ ଜେନ୍ତି ତମ୍କେ ଡାକ୍ଲା ଆଚେ,
ତମେ ମିସା ସେନ୍ତି ତମର୍ ସଙ୍ଗର୍ ବିସ୍ବାସିମନ୍କେ ଡାକିନିଆ
। ତମେ ଜଦି ଏନ୍ତି କଲେ ପର୍ମେସର୍ ଡାକ୍ପୁଟା ପାଇସି
। **୮** କିରିସ୍ଟ ଜିଉଦିମନର୍ଲଗେ ଗଟେକ୍ ଗତିଦାଙ୍ଗଡାପାରା
ଅଇଲା । ପର୍ମେସର୍ ତାକର୍ ଆନିଦାଦିମନ୍କେ ଜନ୍ କାତା
ଦେଇରଇଲା, ସେଟା ସତ୍ସଙ୍ଗ ସେ ପୁରାପୁରୁନ୍ କର୍ସିଆକା
ବଲି ଦେକାଇବାକେ ସେନ୍ତାରି କରିରଇଲା । **୯** ଜିଉଦି ନ ଅଇଲା
ଲକ୍ମନ୍କେ ପର୍ମେସର୍ ତାର୍ ଦୟା ଦେକାଇସି, ଆରି ସେମନ୍
ତାକେ ଡାକ୍ପୁଟା କର୍ବାଇ । ଜେନ୍ତାରି କି ସେମନ୍ ତାକେ
ଡାକ୍ପୁଟା କର୍ବାଇ । ଏ ବିସଇ ସାସ୍ତରେ ଲେକା ଆଚେ
। ମୁଇ ଜିଉଦିନଇଲା ଲକ୍ମନର୍ ବିତ୍ରେ ତମ୍କେ ଡାକ୍ପୁଟା
କର୍ବି, ସବୁବେଲା ତମର୍ ଡାକ୍ପୁଟାର୍ ଗିତ୍ ଗାଇବି । **୧୦** ଆରି
ଏନ୍ତାରିମିସା ଲେକାଆଚେ, "ତମେ ଜିଉଦିନଇଲା ଲକ୍ମନ୍ ଏ
ସାର୍ଦାଇ ମିସା କାଇକେବଇଲେ ଏବେ ତମେ ଜିଉଦିମନର୍ପାରା
। ତମେ ପରମେସରର୍ ବାଚିରଇବା ଜିଉଦିମନର୍ପାରା ।" **୧୧**
ଆରିତରେକ୍ ସେ କଇଲାଆଚେ "ଜେତ୍କି ଜିଉଦି ନ ଅଇଲା
ଲକ୍ମନ୍ ପର୍ମେସର୍କେ ତୁସ୍ତିକରା!" ଆରି ଗୁଲାଇ ମୁନୁସ୍
ଜାତି ତାକେ ଡାକ୍ପୁଟା କରା । **୧୨** ଆରି ଜିସାଇଅ କଇଆଚେ,
"ଜେସିର୍ କୁଟୁମେଅନି ଗଟେକ୍ ଲକ୍ ବାରଇସି, ସେ ଜିଉଦି
ନଇଲା ଲକ୍ମନ୍କେ ସାସନ୍ କର୍ସି ଆରି ସେମନ୍ ତାକେ
ବିସ୍ବାସ୍ କର୍ବାଇ ।" **୧୩** ପରମେସର୍ ଜେକି ସବୁ ଆସାର୍
ମୁଲ୍ଡେଲି । ତମର୍ ବିସ୍ବାସର୍ ଲାଗି ସେ ତମ୍କେ ସବୁ ସାନ୍ତି
ସାର୍ଦା ଦେଅ । ସୁକଲ୍ ଆତ୍ମାର୍ ବପୁ ସଙ୍ଗ ତମର୍ ଆସା
ଅଦିକ୍ ଅଇଜାଅ । **୧୪** ଏ ବାଇବଇନିମନ୍ ତମର୍ ବିସ୍ବାସ୍
ନିକଆଚେ, ବଲି ମୁଇ ଜାନିଆଚି । ଆରି ପର୍ମେସରର୍ ବାକିଅ
ତମେ ନିକସଙ୍ଗ ବୁଜ୍ଲାସ୍ନି ଆରି ଏବେ ତମେ ବିନ୍ ଲକ୍ମନ୍କେ
ମିସା ସିକାଇପାର୍ସା । **୧୫** ମାତର୍ ଏ ଚିଟିତେଇ ତମ୍କେ
କେତେଟା ବିସଇନେଇ ଜାଗ୍ରତ୍ କରାଇବାକେ ମୁଇ ବପୁ
ଅଇଲି ଆଚି । କାଇକେବଇଲେ ପର୍ମେସର୍ ମକେ ଅଦିକାର୍
ଦେଲାକେ ମୁଇ ଡାଟ୍ସଙ୍ଗ ଏଟା ତମ୍କେ କଇଲିନି । **୧୬**
କିରିସ୍ଟ ଜିସୁର୍ ଦାଙ୍ଗଡା ଇସାବେ ଜିଉଦି ନଇଲା ଲକ୍ମନର୍
ପାଇ କାମ୍ କର୍ବାକେ ପରମେସର୍ ମକେ ବାଚ୍ଲାଆଚେ ।
ପରମେସରର୍ ସୁବ୍କବର୍ ଜାନାଇବା ପାଇ ମୁଇ ଗଟେକ୍ ଦରମ୍
ଗୁରୁ ଇସାବେ କାମ୍କଲିନି । ଜେନ୍ତାରିକି ଜିଉଦିନଇଲା ଲକ୍ମନ୍
ଗଟେକ୍ ସୁକଲ୍ ବଲି ଇସାବେ ପର୍ମେସର୍କେ ସର୍ପିଦେବାଇ
। ଏ କାମ୍ ସୁକଲ୍ଆତ୍ମା ପୁରାପୁରୁନ୍ କର୍ସି । **୧୭** କିରିସ୍ଟ
ଜିସୁର୍ତେଇ ମକେ ମିସାଇଲାର୍ପାଇ, ତାର୍ ଏ ସେବା କାମ୍
କର୍ବାକେ ମୁଇ ମୁଲ୍କେ ଲାଜ୍ ଅଇନାଇ । **୧୮** ଜିଉଦି
ନ ଅଇଲା ଲକ୍ମନ୍କେ ପର୍ମେସରର୍ ଆଦେସ୍ ମାନ୍ବାକେ
କିରିସ୍ଟ ମକେ ଦେଇକରି ଜନ୍ଟା ସାଦନ୍ କଲାଆଚେ, ଅବ୍କା
ସେଟାସେ ମୁଇ ଡାଟ୍ ସଙ୍ଗ କଇବି । କାଇଟା କଇବାର୍ଆଚେ,
ଆରି କାଇଟା କର୍ବାର୍ଆଚେ, ସେମକେ ଜାନାଇଲାକେ ଏଟା
ଅଇଲା । **୧୯** ଚିନର୍ ଲାଗି, କାବାଅଇଜିବା କାମର୍ଲାଗି ଆରି
ସୁକଲ୍ଆତ୍ମାର୍ ବପୁର୍ଲାଗି ଏଟା ସବୁ କଲାଆଚେ । ସେଟାର୍
ପାଇ ମୁଇ ଜିରୁସାଲମେଅନି ଇଲିରିକମ୍କେ ଗାଲାବେଲେ ବାଟେ
କିରିସ୍ଟର ସୁବ୍କବର୍ ପୁରାପୁରୁନ୍ ଜାନାଇଲି ଆଚି । **୨୦**
ଜନ୍ ଜାଗାମନ୍କେ ଲକ୍ମନ୍ କିରିସ୍ଟର୍ ବିସଇ ସୁନତ୍ନାଇ,
ସିତି ତାର୍ କବର୍ ଜାନାଇବାର୍ ମର୍ ଆଦେସ୍ ରଇଲା ।
କାଇକେବଇଲେ ଜନ୍ଲକ୍ମନ୍କେ ସୁବ୍କବର୍ ବିନ୍ଲକ୍ମନ୍
ଜାନାଇ ସାରାଇଆଚତ୍, ତେଇ ମୁଇ ଆରିତରେକ୍ କଇବାକେ
ମନ୍ କରିନାଇ । **୨୧** ଜେନ୍ତିକି ସାସ୍ତରେ ଲେକା ଆଚେ,
"ଜନ୍ଲକ୍ମନ୍ ତାର୍ ନାଉଁ ଏବ୍କେଜାକ ସୁନତ୍ନାଇ, ଏବେ ସେ
କେ ବଲି ଜାନ୍ବାଇ । ଜନ୍ଲକ୍ମନ୍କେ ଏବେଜାକ ତାର୍ ବିସଇ
ଜାନାଅତ୍ନାଇ, ସେମନ୍ ବୁଜ୍ବାଇ ।" **୨୨** ମୁଇ ବେସିତର୍ ତମ୍କେ
ଦେକିଆଇବାଟା ପିଟିଗାଲା ଆଚେ । **୨୩** ମାତର୍ ଏ ଜାଗା ଲଗେ
ମର୍ କାମ୍ ସାରିଗାଲା ଆଚେ । ଆରି ତମ୍କେ ଦେକ୍ବାକେ ମର୍
ବେସି ବରସର୍ ଆସା ଏବେ ପୁରାପୁରୁନ୍ ଅଇସି । **୨୪** ସାରାସାରି
ଏବେ ମୁଇ ତମ୍କେ ଦେକ୍ବାକେ ଆସିଅଇସି । ଏସ୍ପେନ୍
ଦେସେ ଜିବା ବାଟେ ତମ୍କେ ଦେକିଆଇବି ବଲି ବାବ୍ଲିଆଚି
। ତମର୍ଟାନେ ସାର୍ଦାସଙ୍ଗ କେତେ ବେଲା ବିତାଇଲା ପଚେ
ତମର୍ ସାଇଜେ ଏସ୍ପେନ୍ ଦେସେ ଉଟିଜିବି । **୨୫** ଏବେ ମୁଇ
ପର୍ତୁମ୍ ଜିରୁସାଲମେ ଗାଲିନି । କାଇକେବଇଲେ ତେଇର୍
ବିସ୍ବାସିମନ୍କେ ସେବାକାମେ ସାଇଜ କର୍ବା କେତେକ୍ ଡାବୁ
ନେଇଦେବାକେ ମକେ କଇଲାଇ ଆଚତ୍ । **୨୬** ମାକିଡନିଆ ଆରି
ଗିରିସର୍ ଆକାୟାତେଇ ରଇବା ବିସ୍ବାସିମନ୍ ଜିରୁସାଲାମେ
ରଇବା ଅର୍କିତ୍ ବିସ୍ବାସିମନର୍ପାଇ ଏ ସାଇଜ ପାଟାଇବାଟା
ନିକ ରଇସି ବଲି ବାବ୍ଲାଇ । **୨୭** ସେମନ୍ ବେସି ସାର୍ଦାଅଇ
ଏ ସାଇଜ ଦେଲାଇନି । ଏଟା ଦେଇକରି ସେମନ୍ ଟିକ୍
ବିସଇ କଲାଇ । କାଇକେବଇଲେ, ଜିରୁସାଲେମେ ରଇବା
ବିସ୍ବାସିମନର୍ ଟାନେ ସେମନ୍ ରୁନି ଅଇଆଚତ୍ । ସେଟା
କେନ୍ତିବଇଲେ ଜିଉଦିମନର୍ଟାନେଅନିସେ ପର୍ମେସରର୍
ବାକିଅ ଇତିର୍ ଜିଉଦି ନ ଅଇଲା ଲକ୍ମନ୍କେ ଆନିରଇଲା
। ସେଟାର୍ପାଇ ତେଇର୍ ଅର୍କିତ୍ ଜିଉଦିମନ୍କେ କେତେକ୍
ଡାବୁ ସାଇଜ ପାଟାଇବାଟା ନିକ ବିସଇ । **୨୮** ଆରି ମର୍
ଏ କାମ୍ ସାରାଇକରି ସେମନର୍ ସାଇଜର୍ପାଇ ଆନିରଇବା
ଡାବୁ ସର୍ପିଦେଲା ପଚେ, ମୁଇ ଇସ୍ପେନ୍ଦେସେ ଜିବାକେ
ବାରଇବି । ଆରି ବାଟେ ତେବିକରି ତମ୍କେ ଦେକ୍ବି । **୨୯** ମୁଇ
ଜାନିଆଚି, ତମର୍ଟାନେ କେଟ୍ଲାବେଲେ କିରିସ୍ଟର୍ ପୁରାପୁରୁନ୍
ଆସିର୍ବାଦ୍ନେଇ ମୁଇ ଆଇବି । **୩୦** ଏ ମର୍ ଆଲାଦର୍
ବାଇବଇନିମନ୍! ଆମର୍ ମାପ୍ରୁ ଜିସୁ କିରିସ୍ଟର୍ ନାଉଁ ଦାରି
ଆରି ସୁକଲ୍ଆତ୍ମା ଦେଲା ଆଲାଦର୍ ପାଇ ମୁଇ ତମ୍କେ ଗୁଆରି

କଲିନି, ମର୍ ପାଇ ମନ୍‌ଦେଇ ପାର୍‌ତନା କର୍‌ତେରୁଆ । ୩୧
ଜିଉଦା ଦେସେ ରଇବା ବିସ୍‌ବାସି ନ କଲା ଲକ୍‌ମନର୍ ଟାନେଅନି
ମକେ କାଇଟା ନ ଅଅ ବଲି ପାର୍‌ତନା କରା । ଜିରୁସାଲାମର୍
ବିସ୍‌ବାସିମନ୍‌କେ ଜନ୍ ସାଇଜ ମୁଇ ନେଇଦେଲିନି, ସେଦ୍‌କିରେ
ସେମନ୍ ସାର୍‌ଦାସଙ୍ଗ୍ ରଅତ୍, ବଲି ସେଟାର୍‌ପାଇ ମିସା ପାର୍‌ତନା
କରା । ୩୨ ସେଟା ସାର୍‌ଲାପଚେ ପରମେସର୍ ମନ୍ କଲେ
ମୁଇ ତମର୍ ଲଗେ ଆଇବି । ଆରି ତମର୍ ସଙ୍ଗ୍ ସାର୍‌ଦାସଙ୍ଗ୍
କେତେଦିନ୍ ରଇକରି ମର୍ ମନେ ସାନ୍ତି ପାଇବି । ୩୩ ସାନ୍ତିଦେବା
ପରମେସର୍ ତମର୍ ସବୁ ଲକର୍ ସଙ୍ଗ୍ ରଅ । ଆମେନ୍ ।

**୧୬** ଏ ଚିଟିଟେଇ ପିବି, ଜେ କି କିରିସ୍‌ଟର୍ ଲାଗି ଆମର୍
ବଇନି ଅଇଲାଆଚେ, ତାର୍ ବିସଇ ଜାନାଇଲିନି ।
ସେ କେଁକ୍ ଜାଗାଇ ରଇବା ମଣ୍ଡ୍‌ଲିଟାନେ ଏବେ ସେବାକାମ୍
କଲାନି । ତାକେ ମୁଇ ତମର୍‌ଲଗେ ପାଟାଇଲିନି । ୨ ଆମର୍
ମାପ୍‌ରୁର୍ ନାଉଁ ଦାରି ତାକେ ଡାକିନିଆ । କାଇକେବଇଲେ ଏନ୍ତାରି
ଚଲାଚଲ୍‌ତି ବିସ୍‌ବାସିମନର୍‌ପାଇ ନିକ । ତାକେ କାଇଆଲେ
ଲଡା ରଇଲେ ସାଇଜ କରା । କାଇକେବଇଲେ ସେ ମକେ ଆରି
ବେସି ବିସ୍‌ବାସିମନ୍‌କେ ସାଇଜ କଲାଆଚେ । ୩ କିରିସ୍‌ଟର୍
ମର୍ ସଙ୍ଗ୍ କାମ୍‌କରୁମନ୍ ପିରିସ୍‌କିଲା ଆରି ଆକିଲାକେ ମର୍
ଜୁଆର୍ ଜାନାଆ । ୪ ସେମନ୍ ମକେ ସାଇଜ କଲାର୍‌ପାଇ
ନିଜର୍ ଜିବନ୍ ବିପଦେ ପାକାଇ ଆଚତ୍ । ଏଟାର୍‌ପାଇ ମୁଇ
ସେମନ୍‌କେ ବେସି ଜୁଆର୍ କଲିନି । ଅବ୍‌କା ମୁଇସେ ନାଇ, ଇତି
ରଇବା ସବୁ ଜିଉଦି ନଇଲା ମଣ୍ଡ୍‌ଲିମନ୍ ମିସା ସେମନ୍‌କେ ଜୁଆର୍
ଜାନାଇଲାଇନି । ୫ ସେମନର୍ ଗରେ ପାର୍‌ତନାକେ ରୁଣ୍ଡ୍‌ବା
ମଣ୍ଡ୍‌ଲିକେ ମିସା ମର୍ ଜୁଆର୍ ଜାନାଇଲିନି । ମର୍ ଆଲାଦର୍
ମଇତର୍ ଏପାଇନେତନ୍‌କେ ମର୍ ଜୁଆର୍ ଜାନାଇଲିନି । ଆସିଆ
ରାଇଜେ ସେ ସିଗ୍ ପର୍‌ତୁମ୍ କିରିସ୍‌ଟ ବିସ୍‌ବାସି ଅଇରଇଲା
। ୬ ତମର୍ ନିକ ପାଇ ବେସି କସ୍‌ଟ ପଡିରଇବା ମରିୟମ୍‌କେ
ମର୍ ଜୁଆର୍ ଜାନାଇ ଦିଆସ୍ । ୭ ଆନ୍ଦ୍ରନିକ୍ ଆରି ୟୁନିୟାକେ
ମର୍ ଜୁଆର୍ ଜାନାଇଲିନି । ଏ ଦୁଇଟା ମର୍ ସଙ୍ଗ୍‌ର୍ ଜିଉଦିଲକ୍
। ସେମନ୍ ମର୍ ସଙ୍ଗ୍ ବନ୍ଦିସାଲେ ରଇଲାଇ । ମର୍ ଆଗ୍‌ତୁ
ସେମନ୍ କିରିସ୍‌ଟକେ ବିସ୍‌ବାସ୍ କଲାଇ । ଆରି ସବୁ ପେରିତ୍
ସିସ୍‌ମନ୍ ସେମନ୍‌କେ ସନ୍‌ମାନ୍ ଦେବାଇ । ୮ ମାପ୍‌ରୁର୍‌ଲଗେ
ମର୍ ଆଲାଦର୍ ମଇତର୍ ଆମ୍‌ପଲିଆକେ ଜୁଆର୍ ଜାନାଇଦିଆସ୍
। ୯ କିରିସ୍‌ଟର୍ ସେବାଇ ମର୍ ସଙ୍ଗାରି ଉର୍‌ବାନ ଆରି ମର୍
ଆଲାଦର୍ ମଇତର୍ ତାକିୟକେ ମିସା ମର୍ ଜୁଆର୍ ଜାନାଇଦିଆସ୍
। ୧୦ କିରିସ୍‌ଟକେ ବିସ୍‌ବାସ୍‌କରି ସେବାକର୍‌ବା ଆପଲ ଆରି
ଆରିସ୍‌ତବଲର୍ କୁଟୁମର୍ ସବୁକେ ମର୍ ଜୁଆର୍ ଜାନାଇଦିଆସ୍
। ୧୧ ମର୍ ସଙ୍ଗ୍‌ର୍ ଜିଉଦି ଏରଦିୟନ୍ ଆରି ନାରସିସର୍ ଗରେ
ରୁଣ୍ଡ୍‌ବା ବିସ୍‌ବାସି ବାଇବଇନିମନ୍‌କେ ମର୍ ଜୁଆର୍ ଜାନାଇଦିଆସ୍
। ୧୨ ମାପ୍‌ରୁର୍ ସେବାଇ ଲାଗିରଇଲା ତିରିପନ୍ ଆରି ତିରିପସା
ଆରି ମାପ୍‌ରୁର୍ ପାଇ ବେସି କସ୍‌ଟ ପଡିରଇବା ଆଲାଦର୍
ପର୍‌ସିସ୍‌କେ ମର୍ ଜୁଆର୍ ଜାନାଇଦିଆସ୍ । ୧୩ ମାପ୍‌ରୁର୍
ମୁକିଅ ଦାଣ୍ଡ୍‌ଗା ରୁପସ୍ ଜେ କି ସେବା କାମ୍‌ଟାନେ ଆବଡ୍ ଅଇ
କଲାଆଚେ । ଆରି ମର୍ ଆୟ୍‌ୟାପାରା ତାକର୍ ଆୟ୍‌ୟାକେ ମିସା
ମର୍ ଜୁଆର୍ । ସେ ମକେ ନିଜର୍ ପଅ ପାରା ଦେକ୍‌ଲା । ୧୪
ଆସୁକିରି, ପେଲେଗନ୍, ଅର୍‌ମିସ୍, ପାତ୍‌ରବା, ଅର୍‌ମାସ୍ ଆରି
ସେମନର୍ ସଙ୍ଗ୍ ରଇବା ସବୁ ବିସ୍‌ବାସି ବାଇବଇନିମନ୍‌କେ
ଜୁଆର୍ ଜାନାଆ । ୧୫ ପିଲଲଗ୍ ଆରି ଜୁଲିଆ, ନିରୁସ୍ ଆରି ତାର୍
ବଇନି ଆରି ଅଲୁମ୍‌ପା ଆରି ସେମନର୍ ସଙ୍ଗ୍ ରଇତେରଇବା ସବୁ
ପର୍‌ମେସରର୍ ଲକ୍‌ମନ୍‌କେ ମର୍ ଜୁଆର୍ ଜାନାଆ । ୧୬ ତମର୍
ବିତ୍‌ରର୍ ଆଲାଦ୍ ଦେକାଇକରି ଗଟେକ୍ ଲକ୍ ଆରି ଗଟେକ୍
ଲକ୍‌କେ ଜୁଆର୍‌ବେଟ୍ ଉଆ । କିରିସ୍‌ଟର୍ ସବୁ ମଣ୍ଡ୍‌ଲି ତମ୍‌କେ
ଜୁଆର୍ ଜାନାଇଲାନି । ୧୭ ଏ ମର୍ ବାଇବଇନିମନ୍, ମୁଇ
ତମ୍‌କେ ବାବୁଜିଆ କଲିନି, ତମେ ଜାଗ୍‌ରତ୍ ଅଇକରି ରୁଆ ।
ତମର୍ ବିସ୍‌ବାସ୍ ଆରି ଗଟେକ୍ ମନ୍ ଅଇରଇବାଟା ଜନ୍ ଲକ୍‌ମନ୍
ବେଗ୍‌ଲାଇବାକେ ଚେସ୍‌ଟା କଲାଇନି, ତାକର୍‌ଟାନେଅନି ଦୁରିକେ
ରୁଆ । କାଇକେବଇଲେ, ତମେ ଜନ୍ ସିକିଆ ପାଇଆଚାସ୍,
ତାର୍ ବିରଦ୍ କଲାଇନି । ୧୮ ଜନ୍ ଲକ୍‌ମନ୍ ଏନ୍ତାରି କାମେ
ବୁଡି ଆଚତ୍, ସେମନ୍ ଆମର୍ ମାପ୍‌ରୁ କିରିସ୍‌ଟର୍ ଆଦେସ୍
ମାନତ୍ ନାଇ । ସେମନ୍ କାଲି ନିଜର୍ ମନ୍ କର୍‌ବାଟା ପୁରାପୁରୁନ୍
କର୍‌ବାକେ ତେରେପେତେ ଅଇଲାଇନି । ସୁଆଦ୍ କାତା ଆରି
ତିପୁଲ୍ କାତା କଇ ଦରମ୍ ଲକ୍‌ମନ୍‌କେ ବୁଲ୍‌କାଇଦେଲାଇନି
। ୧୯ ତମେ ପର୍‌ମେସରର୍ ଆଦେସ୍ ମାନ୍‌ଲାସ୍‌ନି ବଲି ତାର୍
ସୁବ୍‌କବର୍ ଗୁଲାଇବାଟର୍ ଲକ୍ ଜାନ୍‌ଲାଇ । ସେଟାର୍ ପାଇ ମୁଇ
ବେସି ସାର୍‌ଦା । ମୁଇ ମନ୍ କଲିନି, ତମେ ସତ୍ ବିସଇତେଇ
ଗିଆନି ଉଆ ଆରି କାରାପ୍ ବିସଇତେଇ ବୁଡି ରୁଆନାଇ ।
୨୦ ଆରି ସାନ୍ତିଦେଉ ପରମେସର୍ ତମର୍ ଲାଗି ସଇତାନ୍‌କେ
ପୁରାପୁରୁନ୍ କୁରୁପ୍‌ନାସ୍ କର୍‌ସି । ଆମର୍ ମାପ୍‌ରୁ ଜିସୁକିରିସ୍‌ଟର୍
ଜିବନ୍‌ଦୁକାଇଲାଟା ତମର୍ ସଙ୍ଗ୍ ସବୁବେଲେ ରଅ । ୨୧ ମର୍
ସଙ୍ଗ୍ ମିସିକରି କାମ୍‌କର୍‌ବା ସଙ୍ଗାରି ତିମତି, ଆରି ଆମର୍ ଜିଉଦି
ବାଇମନ୍ ଲୁକିଅ, ଜାସନ୍ ଆରି ସପିପାତ୍‌ର ତମ୍‌କେ ଜୁଆର୍
ଜାନାଇଲାଇନି । ୨୨ ମୁଇ ତର୍‌ତିଅ, ମର୍ ସଙ୍ଗାରି ପାଉଲ୍,
କଇଦେଲାକେ ଏ ଚିଟି ଲେକ୍‌ଲିଆଚି । ମାପ୍‌ରୁର୍ ନାଉଁ ଦାରି
ମୁଇ ତମ୍‌କେ ଜୁଆର୍ ଜାନାଇଲିନି । ୨୩ ଗାୟସ୍ ତମ୍‌କେ ଜୁଆର୍
ଜାନାଇଲାନି । ମୁଇ ତାର୍ ଗରେ ରଇଲିନି ଆରି ତାର୍ ଗରେ
ରୁଣ୍ଡ୍‌ବା ଇତିର୍ ବିସ୍‌ବାସିମନ୍ ତମ୍‌କେ ଜୁଆର୍ ଜାନାଇଲାଇନି ।
ଏ ଗଡର୍ ଡାବୁ ଇସାବ୍‌କିତାବ୍ କରୁ ଏରାସ୍‌ଟ ଆରି ବାଇ କାର୍‌ତ
ମିସା ତମ୍‌କେ ଜୁଆର୍ ଜାନାଇଲାନି । ୨୪ ମାପ୍‌ରୁ ଜିସୁକିରିସ୍‌ଟର୍
ଜିବନ୍‌ଦୁକାନି ତମର୍ ସବୁ ଲକର୍ ଲଗେ ରଅ । ୨୫ ଆସା,
ପରମେସର୍‌କେ ଡାକ୍‌ପୁଟା କରୁ । ମୁଇ ଜାନାଇତେରଇବା ଜିସୁ
କିରିସ୍‌ଟର୍ ବିସଇର୍ ସୁବ୍ କବର୍ ଆରି ଜୁଗ୍ ଜୁଗ୍ ଦାରି ଲୁଚି
ରଇବା ଟିକିନିକିର୍ ସତ୍ ଇସାବେ ରଇବା ତମର୍ ବିସ୍‌ବାସ୍

ପରମେସର୍ ଡାଟ୍‌କରି ସଙ୍ଗଇବାକେ ପାରେ । (aiōnios g166) ୨୬
ସେ ଟିକିନିକିର୍ ସବୁ ସତ୍ ବବିସତ୍‌ବକ୍‌ତାମନର୍ ସାସ୍‌ତରେ ସେ
ଜାନାଇଲା ଆଚେ । ଆରି ଏବେ ମାପ୍ରୁ ପରମେସରର୍ ସତ୍ ଜୁଗ୍
ଜୁଗ୍ ଅନି ସବୁ ଲକ୍‌ମନର୍ ବିତ୍‌ରେ ଜାନାଇଆଚେ । ଇତିଅନି
ସବୁ ବିସ୍‌ବାସ୍ କରି ପରମେସରର୍ କାତାମାନି ଚାଲି ପାର୍‌ବାଇ
। (aiōnios g166) ୨୭ ମାପ୍ରୁ ଜିସୁ କିରିସ୍‌ଟର୍‌ତେଇଅନି ସବୁ
ଜାନ୍‌ବା ଗଟେକ୍‌ସେ ପରମେସର୍ କାଲେ କାଲେ ଜୁଗେ ଜୁଗେ
ଡାକ୍‌ପୁଟା ପାଅ । ଆମେନ୍! (aiōn g165)

# ୧ମ କରନ୍ତିୟ୍

୧ ମୁଇ ପାଉଲ୍ ଆରି ଆମର୍ ସଙ୍ଗ୍‌ର୍ ବିସ୍‌ବାସି ସସ୍‌ତିନା
ଜୁଆର୍ ଜାନାଇଲୁନି । ପର୍‌ମେସରର୍ ମନ୍ କଲା ଇସାବେ
କିରିସ୍‌ଟ ଜିସୁର୍ ପେରିତ୍ ଅଇବାକେ ମକେ ବାଚିଆଚେ । ୨
କରନ୍ତିୟ୍ ନଅରେ ରଇବା ପର୍‌ମେସରର୍ ମଣ୍ଡଲିର୍ ଲକ୍‌ମନ୍‌କେ
ଲେକ୍‌ଲୁନି । ପର୍‌ମେସର୍ ତମ୍‌କେ ଜିସୁକିରିସ୍‌ଟ ସଙ୍ଗ୍ ମିସାଇ,
ତାର୍ ନିଜର୍ ଲକ୍ କଲାଆଚେ । ଆରି ମାପ୍‌ରୁ ଜିସୁକିରିସ୍‌ଟକେ
ଉପାସନା କର୍‌ବା, ସବୁ ଜାଗାଇ ରଇବା ଲକର୍ ସଙ୍ଗ୍ ତମ୍‌କେ
ସୁକଲ୍ ଅଇବାକେ ବାଚିଆଚେ । ସେ ଆମର୍ ମାପ୍‌ରୁ ଆରି
ତାକର୍ ମିସା । ୩ ଆମର୍ ବାବା ପର୍‌ମେସର୍ ଆରି ଜିସୁ କିରିସ୍‌ଟ
ତମ୍‌କେ ଜିବନ୍ ଦୁକାଇ ସାନ୍ତି ଦେଅ । ୪ କିରିସ୍‌ଟ ଜିସୁର୍‌ଟାନେ
ପର୍‌ମେସରର୍ ଜେନ୍ତି ଜିବନ୍ ଦୁକାଇରଇଲା, ସେ ଜିବନ୍ ଦୁକାନିର୍
ଲାଗି, ମୁଇ ସବୁବେଲେ ତମର୍ ବିସଇନେଇ ପର୍‌ମେସର୍‌କେ
ଦନିଅବାଦ୍ ଦେଲିନି । ୫ କାଇକେବଇଲେ ତମେ କିରିସ୍‌ଟ ସଙ୍ଗ୍
ମିସିକରି ଆଚାସ୍ ବଲି ପର୍‌ମେସର୍ ତମ୍‌କେ ଲଡାକେ ଅଇବା
ସବୁ ବିସଇ, ତମର୍ କାତା ଅଇବା ବପୁ ଆରି ସବୁ ରକାମର୍
ଗିଆନ୍ ଦେଇଆଚେ । ୬ କିରିସ୍‌ଟର୍ ବିସଇନେଇ ତମ୍‌କେ ଜନ୍
କବର୍ କଇରଇଲୁ, ସେଟା ଟିକ୍ ଆକା ବଲି ଜାନା ପଡ୍‌ଲାନି ।
୭ ତେବେ ତମେ ଆମର୍ ମାପ୍‌ରୁ ଜିସୁ କିରିସ୍‌ଟର୍ ଏ ଜଗତେ
ବାଉଡି ଆଇବାଟା ଜାଗିରଇବାକେ ସବୁ ରକାମର୍ ଆତ୍‌ମାର୍
ଦାନ୍ ମିଲାଇ ଆଚାସ୍ । ୮ ଜେନ୍ତିକି ଆମର୍ ମାପ୍‌ରୁ ଜିସୁ ଆଇବା
ଦିନେ ତମ୍‌କେ କାଇ ମିସା ନିନ୍ଦା ନ ଅ । ଏଟାର୍‌ପାଇ ମାପ୍‌ରୁ
ତମ୍‌କେ ସାରାସାରି ଜାକ ମିସା ତବିର୍ କରି ସଙ୍ଗ୍‌ଇସି । ୯ ଜନ୍
ପର୍‌ମେସରର୍ ଲାଗି ତମେ ତାର୍ ପଅ ଜିସୁ କିରିସ୍‌ଟ, ଆମର୍
ମାପ୍‌ରୁର୍‌ସଙ୍ଗ୍ ମିସିବିଡି ରଇବାକେ ବାଚିଅଇ ଆଚାସ୍, ସେ ସେନ୍ତି
କର୍‌ସି ଆକା ବଲି ଡାଟ୍ ସଙ୍ଗ୍ ବିସ୍‌ବାସ୍ କଲାସ୍‌ନି । ୧୦ ଏ
ମର୍ ବାଇବଇନିମନ୍, ଆମର୍ ମାପ୍‌ରୁ ଜିସୁ କିରିସ୍‌ଟର୍ ନାଉଁ
ଦାରି ମୁଇ ତମ୍‌କେ ବାବୁଜିଆ କଲିନି, ଜେନ୍ତିକି ତମେ ସବୁଲକ୍
ଗଟେକ୍ କାତାଇ ରାଜି ଉଆ, ଆରି ତମର୍ ତମର୍ ବିତ୍‌ରେ
ବେଗ୍‌ଲା ବେଗ୍‌ଲି ଉଆନାଇ । ମାତର୍ ତମେ ଗଟେକ୍ ଦଲ୍,
ଗଟେକ୍ ମନ୍ ଆରି ଗଟେକ୍ କାତାଇ ରାଜି ଉଆ । ୧୧ ତମର୍
ତମର୍ ବିତ୍‌ରେ ଲାଗାଜଡା ଆଚେ ବଲି ମୁଇ କିଲିୟର୍ କୁଟୁମେ
ଅନି ସୁନିଆଚି । ୧୨ ମୁଇ ବାବ୍‌ଲିନି, ତମର୍ ବିତ୍‌ରେ କେତେଲକ୍
କଇବାଇ, ଆମେ ପାଉଲର୍ ବାଟେ ଜିବାଲକ୍, କେତେଲକ୍
ଆପଲର୍ ବାଟେ ଜିବାଲକ୍, କେତେଲକ୍ କେପାର୍ ବାଟେ ଜିବା
ଲକ୍, ଆରି କେତେଲକ୍ ଆମେ କିରିସ୍‌ଟର୍ ବାଟେ ଜିବା ଲକ୍ ।
୧୩ କିରିସ୍‌ଟକେ ମୁକା ମୁକା କରି ବାଗ୍ ବାଗ୍ କଲାପାରା ଦଲ୍
ଅଇଆଚାସ୍ । ମୁଇ ପାଉଲ୍, ତମର୍ ପାଇ କୁର୍‌ସେ ମରିରଇଲି
କି? କି ତମେ ପାଉଲର୍ ନାଉଁ ଦାରି ଡୁବନ୍ ନେଇରଇଲାସ୍? ୧୪
ସେଟାର୍‌ପାଇ କିରିସ୍‌ପ ଆରି ଗାଅକେ ଚାଡ୍‌ଲେ ତମର୍ ବିତ୍‌ରେ
ଆରି କାକେ ମିସା ଡୁବନ୍ ଦେଇ ନାଇ ବଲି ମୁଇ ପର୍‌ମେସର୍‌କେ
ଦନିଅବାଦ୍ ଦେଲିନି । ୧୫ ତମେ ମର୍ ନାଉଁ ଦାରି ଡୁବନ୍
ନେଇଆଚାସ୍ ବଲି କେଡେବେଲେ କେ ମିସା କଇଦେବାଇ ।
୧୬ ଉଁ ତିପାନ୍‌କେ ଆରି ତାର୍ କୁଟୁମର୍ ଲକ୍‌କେ ମିସା ଡୁବନ୍
ଦେଇରଇଲି । ଆରି କାକେ ଡୁବନ୍ ଦେଲିଆଚି କି ନାଇ ବଲି
ମକେ ଏତ୍ ଆସେ ନାଇ । ୧୭ କାଇକେବଇଲେ କିରିସ୍‌ଟ ମକେ
ଡୁବନ୍ ଦେବାକେ ପାଟାଏ ନାଇ, ନିମାନ୍ କବର୍ ଜାନାଇବାକେ
ପାଟାଇଲା ଆଚେ । ଜଦି ଲକ୍‌ମନର୍ ଗିଆନ୍ ଇସାବେ ସେଟା ମୁଇ
କର୍‌ତି, ସେନ୍ତାର୍ ଆଲେ କିରିସ୍‌ଟର୍ କୁର୍‌ସର୍ କବରର୍ ବପୁ ଉନା
ଅଇତା । ୧୮ କୁରୁପ୍‌ନାସ୍ ଅଇଜାଇତେରଇବା ଲକ୍‌ମନର୍‌ପାଇ,
କୁରୁସେ ଅଇଲା କିରିସ୍‌ଟର୍ ମରନର୍ କାତା, କାଇ ମୁଲିଅ ନାଇ ।
ମାତର୍, ଆମର୍‌ପାଇ ସେଟା ପର୍‌ମେସରର୍ ବପୁ । ଆମେ ମୁକ୍‌ତି
ପାଇତେରଇବା ଲକ୍‌ମନ୍ । ୧୯ ତେବେ ଦରମ୍ ସାସ୍‌ତରେ
ଏନ୍ତି ଲେକାଆଚେ, ମୁଇ ଗିଆନ୍ ରଇବା ଲକ୍‌ମନର୍ ଗିଆନ୍
ନସାଇବି, ଆରି ବୁଦି ରଇବା ଲକ୍‌ମନର୍ ବୁଦି କାଇ ଲଡାକେ ନ
ଆଇଲା ପାରା କର୍‌ବି । ୨୦ ତେବେ ଗିଆନ୍ ରଇବା ଲକ୍‌ମନର୍
ବିସଇ କାଇଟା କଇଅଇସି? ସାସ୍‌ତର୍ ସିକାଉମନର୍ ବିସଇ
କାଇଟା କଇ ଅଇସି? ଆରି ଏ ଜୁଗର୍ ଦଦାପେଲା ଅଇବା
ଲକ୍‌ମନର୍ ବିସଇ କାଇଟା କଇଅଇସି? ପର୍‌ମେସର୍ ଏ ଜଗତର୍
ଗିଆନ୍ ରଇବା ଲକ୍‌ମନ୍‌କେ କାଇ ଲଡାକେ ନ ଆଇବାଟା ବଲି
କଏ ନାଇ କି? **(aiōn g165)** ୨୧ ଏ ଜଗତର୍ ଲକ୍‌ମନ୍ ତାକର୍
ଚାଲାକିସଙ୍ଗ୍ ପର୍‌ମେସର୍‌କେ ନ ଜାନତ୍ ବଲି, ସେ ନିଜର୍ ଗିଆନ୍
ଇସାବେ ଟିକ୍‌କଲା । ଆମେ ଜାନାଇବା ବିସଇ ଜନ୍‌ଟା କି କାଇ
ମୁଲିଅ ନାଇ ବଲି ଲକ୍‌ମନ୍ କଇବାଇ, ସେଟା ବିସ୍‌ବାସ୍ କର୍‌ବା
ଲକ୍‌ମନ୍‌କେ ମୁକ୍‌ତି ଦେବାକେ ପର୍‌ମେସର୍ ସାର୍‌ଦା ଅଇଲା ।
୨୨ ଜିଉଦିମନ୍ କାବା ଅଇଜିବା ଚିନ୍ ପାଇ ଦାବି କଲାଇନି ।
ଗିରିକ୍‌ମନ୍ ଗିଆନ୍ କଜ୍‌ଲାଇନି । ୨୩ ମାତର୍ ଆମେ କୁରୁସ୍
ଉପ୍‌ରେ ଚଗାଇ ଅଇରଇବା କିରିସ୍‌ଟର୍ ବିସଇ ଜାନାଇଲୁନି
। ଏ କାତା ସୁନ୍‌ଲେ ଜିଉଦିମନ୍ ରିସା ଅଇଗାଲାଇନି ଆରି
ଜିଉଦି ନଇଲା ଲକ୍‌ମନ୍ ସେ କାତାର୍ କାଇ ମୁଲିଅ ନାଇ ବଲି
ବାବ୍‌ଲାଇନି । ୨୪ ମାତର୍ ଜିଉଦି ଅଅତ୍, କି ଜିଉଦି ନଇଲା
ଲକ୍ ଅଅତ୍, ଜନ୍ ଲକ୍‌ମନ୍ ବାଚି ଅଇଆଚତ୍, ସେମନର୍ ପାଇ
କିରିସ୍‌ଟ ପର୍‌ମେସରର୍ ବପୁ ଆରି ପର୍‌ମେସରର୍ ଗିଆନ୍ ପାରା
ଆଚେ । ୨୫ ତେବେ ଜନ୍‌ଟା ପର୍‌ମେସରର୍ ବକୁଆ ବିସଇ
ସେଟା ମୁନୁସର୍ ଗିଆନେ ଅନି ଅଦିକ୍ ଆଚେ, ଆରି ଜନ୍‌ଟା
ପର୍‌ମେସରର୍ ଦୁର୍‌ବଲ୍ ବିସଇ, ସେଟା ମୁନୁସର୍ ବପୁଟାନେଅନି
ଅଦିକ୍ ବପୁ । ୨୬ ଏ ବାଇବଇନିମନ୍, ପର୍‌ମେସର୍ ତମ୍‌କେ
ବାଚ୍‌ଲା ବେଲେ ତମେ କେନ୍ତାର୍ ରଇଲାସ୍ ବାବିଦେକା । ଜଗତର୍
ବିଦି ଇସାବେ ବେସିଲକ୍ ଗିଆନି ନ ରଇଲାସ୍ । ବେସିଲକ୍
ନେତା ନ ରଇଲାସ୍ ଆରି ବଡ୍ ଗରେ ଜନମ୍ ନ ଅଇରଇଲାସ୍
। ୨୭ ପର୍‌ମେସର୍ ଗିଆନି ଲକ୍‌ମନ୍‌କେ ଲାଜ୍ କରାଇବାକେ

ଜଗତର୍ ଦୁର୍ବଲ୍ ଲକ୍ମନ୍କେ ବାଚ୍ଲା, ଜେନ୍ତିକି ଜଗତେ
ଗିଆନି ରଇବା ଲକ୍ମନ୍ ଆରି ବପୁ ରଇବା ଲକ୍ମନ୍ ଲାଜ୍
ଅଇଜିବାଇ । **୨୮** ତେବର୍ ପାଇ, ପର୍ମେସର୍ ଏ ଜଗତର୍ କାଇ
ଲଡାକେ ନ ଆସେ ବଲି କଇବା ଲକ୍ମନ୍କେ, ଆରି ସବୁବେଲେ
ତଲେ ରଇ ଲକ୍ମନ୍ ଗିନ୍ କର୍ତେରଇବା ଲକ୍କେ ବାଚ୍ଲାଆଚେ
। **୨୯** ଜେନ୍ତାର୍ କି ଜଗତ୍ ବିତ୍ରେ ଜନ୍ ଲକ୍ମନ୍ ବଡ୍ ବଲି
ନାମାଇ ଅଇବାଇ, ସେମନ୍ କାଇ ଲଡାକେ ନ ଆସତ୍ ଆରି
ପର୍ମେସରର୍ ମୁଆଟେ କେ ମିସା ବଡ୍ପନ୍ ଅଇ ନ କଅତ୍ । **୩୦**
ମାତର୍ ପର୍ମେସର୍ ତମ୍କେ କିରିସ୍ଟ ଜିସୁର୍ ସଙ୍ଗ୍ ମିସାଇଆଚେ
ଆରି ସେ କିରିସ୍ଟକେସେ ଆମର୍ପାଇ ଗିଆନ୍ ପାରା କରିଆଚେ
। ତାର୍ଲାଗି ଆମେ ପର୍ମେସର୍ ସଙ୍ଗ୍ ସତ୍ ମିସାବିଡା ଅଇଲାଟା
ଆରିତରେକ୍ ଜଡିଅଇଲାଆଚେ । ଆମେ ଦରମ୍ ଆରି ସୁକଲ୍
ଲକ୍ ଅଇ ପାପେ ଅନି ମୁକ୍ତି ପାଇଆଚୁ । **୩୧** ମାତର୍ ଜେନ୍ତି
ଦରମ୍ ସାସ୍ତରେ ଲେକା ଅଇଆଚେ, ଜେ ଜଦି ବଡ୍ପନ୍ ଅଇସି,
ତେବେ ସେ ମାପ୍ରୁ କଲା କାମ୍ ତେଇ ବଡ୍ପନ୍ ଅ ।

**୨** ଏ ବାଇବଇନିମନ୍, ଜେଡ୍କିବେଲେ ମୁଇ ତମର୍ ଲଗେ
ପର୍ମେସରର୍ ଟିକିନିକି କାତା ସୁନାଇବାକେ ଆସି ରଇଲି
ପଣ୍ଡିତ୍ମନର୍ ପାରା କି ବାସଣ୍ ଦେବା ଲକର୍ପାରା ବଡ୍ ବଡ୍
କାତା କଇ ନ ରଇଲି । **୨** କାଇକେବଇଲେ କୁରୁସ୍ କାଟେ
ମରିରଇବା ଜିସୁ କିରିସ୍ଟକେ ଚାଡି ଆରି ବିନ୍ ବିସଇ ତମ୍କେ
ନ କଇ ବଲି ମୁଇ ଟିକ୍ କଲି । **୩** ସେବେଲେ ମୁଇ ତମର୍
ଲଗେ ଦୁର୍ବଲ୍ ଅଇ ଡରିକରି ରଇଲି ଆରି ତର୍ତରି ଗଜ୍ଗଜି
ରଇଲି । **୪** ଜେନ୍ତିକି ତମର୍ ବିସ୍ବାସ୍ ମୁନୁସର୍ ଗିଆନ୍ ଉପ୍ରେ
ନ ରଇକରି ପର୍ମେସରର୍ ବପୁ ଉପ୍ରେ ବାନ୍ଦିଅଇ ରଅ । **୫**
ତେବର୍ପାଇ ମର୍ ସିକିଆ ଆରି ମୁଇ ସୁନାଇବା ବାକିଅ, ମର୍
ନିଜର୍ ଗିଆନେ ଅନି ନ ରଇଲା । ଚାଲାକି କାତା କଇକରି
ମୁଇ ସୁନାଇଲାଟା ତମ୍କେ ବିସ୍ବାସ୍ କରାଇନାଇ । ମାତର୍
ପର୍ମେସରର୍ ଆତ୍ମା ଆରି ତାର୍ ବପୁ ସଙ୍ଗ୍ ମୁଇ କଇଲା ବିସଇ
ସତ୍ ବଲି ଜାନାପଡ୍ଲା । **୬** ଏଲେମିସା ଆମେ ଜେଡେବଲ୍
ଆତ୍ମାଇ ବଡିରଇବା ବିସ୍ବାସିମନର୍ ସଙ୍ଗ୍ ରଇଲାବେଲେ
ଗିଆନର୍ କାତା କଇଲୁନି । ମାତର୍ ସେଟା ଏ ଜୁଗର୍ ଗିଆନ୍
ନଏଁ କି ଏ ଜୁଗର୍ ନସ୍ଟ ଅଇଜାଇରଇବା ନେତାମନର୍ ଗିଆନ୍
ନଏଁ । **(aiōn g165)** **୭** ନାଇ, ଜନ୍ ଗିଆନର୍ ବିସଇ ଆମେ
କଇଲୁନି, ସେଟା ପର୍ମେସରର୍ ଟିକିନିକି ଗିଆନର୍ କାତା ।
ପୁର୍ବେ ପର୍ମେସର୍ ତାର୍ ଜଜ୍ନା କାକେ ମିସା ଜାନାଏ ନାଇ
। ସେ ଜଜ୍ନା ଇସାବେ, ପଚ୍କେ ଆମର୍ ମଇମାର୍ପାଇ ସେ
ବାଚିରଇଲା । **(aiōn g165)** **୮** ଏ ଜୁଗର୍ ଅଦିକାରିମନ୍କେ
ମିସା ସେଟା ବୁଜତ୍ନାଇ । କାଇକେବଇଲେ ସେମନ୍ ସେଟା
ଜାନିରଇଲେ ଡାକ୍ପୁଟା ମାପ୍ରୁକେ କୁର୍ସେ ମାରି ନ ରଇତାଇ ।
**(aiōn g165)** **୯** ଜେନ୍ତାରି କି ସାସ୍ତରେ ଲେକା ଆଚେ, ଜନ୍ଟାକି
କାର୍ ଆଁକି କେବେ ଦେକେନାଇ, କାର୍ କାନ୍ କେବେ ସୁନେ
ନାଇ ଆରି କେ ମିସା କେବେ ବାବି ନ ରଅତ୍, ସେ ସବୁ ବିସଇ,
ପର୍ମେସର୍ ଜନ୍ ଲକ୍ମନ୍କେ ଆଲାଦ୍ କଲାନି, ତାକର୍ପାଇ
ତିଆର୍ କଲାଆଚେ । **୧୦** ମାତର୍ ଆମ୍କେସେ ପର୍ମେସର୍
ତାର୍ ଟିକିନିକି ବିସଇ ଜାନାଇଆଚେ । ସେ ସୁକଲ୍ ଆତ୍ମାସେ
ସବୁ ବିସଇ ସିକାଇସି ଆରି ତାର୍ ବିତ୍ରେ ରଇବା ଟିକିନିକି ଚିନ୍ତା
ମିସା କର୍ସି । **୧୧** ମୁନୁସ୍ କର୍ବା ଚିନ୍ତା ସବୁ ତାର୍ ବିତ୍ରେ
ରଇବା ଆତ୍ମାକେ ଚାଡ୍ଲେ ଆରି କେ ମିସା ନାଜାନତ୍ ।
ସେନ୍ତିସେ ପର୍ମେସରର୍ ସବୁ ଚିନ୍ତା କଲାଟା ତାର୍ ଆତ୍ମାକେ
ଚାଡିଦେଲେ ଆରି କେ ମିସା ନାଜାନତ୍ । **୧୨** ଏ ଜଗତର୍
ଲକ୍ମନ୍ ପାଇରଇବା ଆତ୍ମା ପାରା ଆମେ ପାଉନାଇ । ମାତର୍
ପର୍ମେସରର୍ ଆତ୍ମା ପାଇଆଚୁ । ଜେନ୍ତାରିକି ଜନ୍ ସବୁ ବିସଇ
ଆମ୍କେ ସେ ଦେଲାଆଚେ, ସେଟା ସବୁ ଆମେ ଜାନ୍ବୁ । **୧୩**
ତେବେ ସେ ସବୁ ବିସଇ ମିସା ଆମେ ଜଗତର୍ ଗିଆନ୍ ଇସାବେ
ସିକାଉନାଇ, ମାତର୍ ଜନ୍ ବିସଇ ଆମ୍କେ ପର୍ମେସରର୍ ସୁକଲ୍
ଆତ୍ମା ସିକାଇଲା ଆଚେ, ସେ ବିସଇ ଆକା ସିକାଇଲୁନି ।
ଜନ୍ ଲକ୍ମନ୍ ସୁକଲ୍ ଆତ୍ମା ପାଇଆଚତ୍, ସେ ଲକ୍ମନ୍କେ
ଏ ଆତ୍ମାର୍ ବିସଇ ସିକାଇଲୁନି । **୧୪** ମାତର୍ ସୁକଲ୍ଆତ୍ମା
ନ ପାଇ ରଇବା ଲକ୍, ଆତ୍ମାର୍ ବିସଇ ନ ମାନେ, ମାତର୍
ସେଟାମନ୍ ତାର୍ପାଇ ଗଟେକ୍ କାଇଟା ନାଜାନ୍ବା ବକୁଆ ପାରା,
ଆରି ସେ ସେଟା ବୁଜି ନାପାରେ, କାଇକେବଇଲେ ସେ ସବୁ
ବିସଇ ସୁକଲ୍ ଆତ୍ମା ସିକାଇଲେ ସେ ବୁଜିଅଇସି । **୧୫** ମାତର୍
ଜନ୍ଲକ୍ମନ୍ ଆତ୍ମା ପାଇଆଚତ୍, ସେ ସବୁ ବିସଇର୍ ମୁଲିଅ,
ସତ୍ ବାବେ ବିଚାର୍ କର୍ସି । ଏଲେ ମିସା ତାକେ କେ ବିଚାର୍
ନ କରତ୍ । **୧୬** ସାସ୍ତରେ ଲେକା ଅଇଲାପାରା କେ ମିସା
ମାପ୍ରୁର୍ ମନର୍ କାତା ଜାନି ନାପାରତ୍, କି କେ ମିସା ତାକେ
ସିକାଇ ନାପାରତ୍ । ମାତର୍ ଆମେ କିରିସ୍ଟର୍ ମନ୍ ପାଇଆଚୁ ।

**୩** ଏ ବାଇବଇନିମନ୍, ମୁଇ କରନ୍ତିୟତେଇ ରଇଲାବେଲେ
ସୁକଲ୍ଆତ୍ମା ପାଇଲା ଲକ୍ମନର୍ ଇସାବେ ତମ୍କେ କାତା
ଅଇ ନାପାର୍ଲି । ମାତର୍ ନିଜେ ମନ୍କଲା ଇସାବେ ରଇବା
ଲକ୍ମନର୍ ଇସାବେସେ କାତା ଅଇଲି । କାଇକେ ବଇଲେ
ତମେ ସେବେଲେସେ, ବିସ୍ବାସ୍ କର୍ବାକେ ମୁଲିଆଇ ରଇଲାସ୍
। କିରିସ୍ଟର୍ ତେଇ କଅଁଲା ପିଲାମନର୍ ପାରା । **୨** ମୁଇ
ତମ୍କେ ଆଁଟ୍ କାଦି ନ ଦେଇ କରି ଦୁଦ୍ କାଇବାକେ ଦେଇରଇଲି
। କାଇକେବଇଲେ ତମେ ଆଁଟ୍ କାଦି କାଇବାର୍ ନାପାର୍ତେ
ରଇଲାସ୍ । ଏବେ ମିସା ନାପାରାସ୍ । **୩** ତେବେ, ତମେ ନିଜର୍
ମନ୍ କଲା ଇସାବେ ରଇବା ଲକ୍ମନର୍ପାରା ଆଚାସ୍ । ମୁଇ
ଏଟାର୍ ପାଇ କଇଲିନି, କାଇକେବଇଲେ ତମର୍ ତମର୍ ବିତ୍ରେ
ଇଁସା ତଲା, ଲାଗାଜଡା ଆରି ଜାତିନିତି ଆଚେ । ତମେ ନିଜର୍
ମନ୍ କଲା ଇସାବେ ରଇବା ଲକ୍ ବଲି ଜାନାପଡ୍ଲାନି । ଜଗତର୍
ଲକ୍ମନର୍ ପାରା, ନିଜର୍ ମନ୍ କଲା ଇସାବେ ଚଲାଚଲ୍ତି
କଲାସ୍ନି । **୪** ଜେନ୍ତିକି ତମର୍ ବିତ୍ରେ କେତେଲକ୍ କଇବାଇ,

ଆମେ ପାଉଲର୍ ବାଟେ ଗାଲୁନି । ତେଇଅନି ଆରି କେତେଲକ୍
କଇବାଇ, ଆମେ ଆପଲର୍ ବାଟେ ଗାଲୁନି । ସେଡ୍‌କିବେଲେ
ତମେ କାଇ ନିଜର୍ ମନ୍ କଲା ଇସାବେ ରଇବା ଲକ୍ ନୁଆସ୍ କି?
୫ ସେ ଇସାବେ ଦେକ୍‌ଲେ ଆପଲ୍ କେ? ଆରି ମୁଇ ମିସା କେ?
ଆମେତା ଅବ୍‌କା ସେବା କରୁମନ୍ । ଜେନ୍ତିକି ତମ୍‌କେ ବିସ୍‌ବାସ୍
କର୍‌ବାକେ ଆମେ ସାଇଜ କଲୁ । ପର୍‌ମେସର୍ ଆମ୍‌କେ ଜନ୍
କାମ୍ କର୍‌ବାକେ ଦେଇରଇଲା, ଆମେ ସେ କାମ୍ କରିଆଚୁ । ୬
ମୁଇ ମୁଞ୍ଜି ରପ୍‌ଲା ଲକ୍ ପାରା, ଆରି ଆପଲ୍ ଗଚେ ପାନିଦେଲା
ଲକର୍ ପାରା । ମାତର୍ ପର୍‌ମେସର୍ ସେ ଗଚ୍ ବଡାଇଆଚେ ।
୭ ସେନ୍ତିସେ ଜେ ରପିରଇସି ଆରି ଜେ ପାନି ଦେଇସି, ତାକର୍
କାଇଟା ନାଇ, ଜେ ବଡାଇରଇସି, ସେ ପର୍‌ମେସର୍ ସେ ସବୁଟା
। ୮ ଜେ ରପ୍‌ଲା ଆଚେ ଆରି ଜେ ପାନି ଦେଲାଆଚେ, ସେ
ଦୁଇଲକ୍ ଗଟେକ୍ କାଇଆଲେ ଲଡାର୍‌ପାଇ କାମ୍ କଲାଇନି ।
କାଇକେବଇଲେ ସେମନ୍‌କେ ପର୍‌ମେସର୍ ନିଜର୍ ନିଜର୍ କାମ୍
ଇସାବେ ପୁରୁସ୍‌କାର୍ ଦେଇସି । ୯ ଆମେ ପର୍‌ମେସର୍ ସଙ୍ଗ
କାମ୍ କର୍‌ବା କୁଲିଆର୍ ମନ୍ । ଆରି କରନ୍ତିୟର୍ ବିସ୍‌ବାସିମନ୍
ତମେ, ପର୍‌ମେସର୍ ଚାସ୍ କର୍‌ବା ଜମି, ଆରି ତାର୍ ଗର୍ ।
୧୦ ପର୍‌ମେସର୍ ମକେ ଦେଇରଇବା ତାର୍ ଜିବନ୍ ଦୁକାନି
ଇସାବେ ମୁଇ ଗଟେକ୍ ସବୁ ଜାନିରଇବା ଗର୍ ତିଆର୍‌କରୁ
ପାରା କୁନାଦି ବସାଇଆଚି । ସେବେଲେଅନି ବିନ୍ ଲକ୍ ତାର୍
ଉପ୍‌ରେ ତିଆର୍ କଲାନି । ମାତର୍ ତିଆର୍ କର୍‌ବା ବେଲେ
ତମେ, ଗଟେକ୍ ଗଟେକ୍ ଲକ୍ ଜାଗ୍‌ରତ୍ ରଇବାର୍ ଆଚେ । ୧୧
କାଇକେବଇଲେ, ଜନ୍ କୁନାଦି ତିଆର୍ ଅଇସାର୍‌ଲା ଆଚେ,
ତାକେ ଚାଡି ଅଲ୍‌ଗା କୁନାଦି କେ ମିସା ତିଆର୍ କରି ନାପାରତ୍
। ସେ କୁନାଦିର୍ ମୁଲ୍ ପାକ୍‌ନା ଅଇଲାନି ଜିସୁକିରିସ୍‌ଟ । ୧୨
ମାତର୍ କେତେକ୍ ଗର୍ ବାନ୍ଧୁମନ୍ କୁନାଦି ଉପ୍‌ରେ ସୁନା, ରୁପା
ଆରି ବେସି ଦାମ୍ ଅଇବା ପାକ୍‌ନା ସଙ୍ଗ ବାନ୍ଧ୍‌ଲାଇନି । ଆରି
କେତେକ୍ ଲକ୍ ଦାରୁ, ଗାଁସ୍ ଆରି ପିରି ସଙ୍ଗ କୁନାଦି ଉପ୍‌ରେ
ବାନ୍ଧ୍‌ଲାଇନି । ୧୩ କିରିସ୍‌ଟ ଆରି ତରେକ୍ ଆଇବା ଦିନେ
ଗଟେକ୍ ଗଟେକ୍ ଲକର୍ କରିରଇବା ସବୁ କାମ୍ କେନ୍ତାଟା ବଲି
ଜଇଟାନେ ଜାନାପଡିଜାଇସି । ସେଟା ଗଟେକ୍ ଏନ୍ତି ବେଲା
ଆଇସି ଜେଡେବେଲେ ସବୁ ଜିନିସ୍ ଜଇଟାନେ ପଡାଇ ପରିକା
କରାଅଇସି । ୧୪ ଜନ୍‌ଲକ୍‌ମନ୍ କରିରଇବା କୁନାଦି ଉପ୍‌ରେ
ଜଇର୍ ପରିକାଟାନେ ନ ନସେ, ସେ ପୁରୁସ୍‌କାର୍ ପାଇସି ।
୧୫ ଜଦି ଜାର୍ କାମ୍ ପଡି ଜାଇସି, ସେ କାମ୍ କରୁକେ କାଇଟା
ନ ମିଲେ । ମାତର୍ ସେ ଲକ୍ ଲାଗ୍‌ତେରଇବା ଜଇଟାନେଅନି
ରକିଆ ପାଇଲା ପାରା ନିଜେ ରକିଆ ପାଇସି । ୧୬ ତମେ ନିକ
ସଙ୍ଗ ଜାନିଆଚାସ୍, ତମେ ଅଇଲାସ୍‌ନି ପର୍‌ମେସରର୍ ମନ୍ଦିର୍ ।
ଆରି ତାର୍ ଆତ୍‌ମା ତମର୍ ଗାଗଡ୍ ବିତ୍‌ରେ ବାସାଅଇଆଚେ
। ୧୭ ଜଦି କେ ମିସା ପର୍‌ମେସରର୍ ମନ୍ଦିର୍ ନସାଇସି, ତେବେ
ପର୍‌ମେସର୍ ତାକେ ନସାଇସି । କାଇକେବଇଲେ ପର୍‌ମେସରର୍
ମନ୍ଦିର୍ ସୁକଲ୍‌ଟା । ତମେମନ୍ ଆକା ସେ ମନ୍ଦିର୍ । ୧୮ ନିଜ୍‌କେ
ମିସା ନାଡାଇ ନ ଉଆ । ଜେ ଜଦି ମୁଇ ଜଗତର୍ ଇସାବେ
ଗିଆନ୍ ରଇବାଲକ୍ ବଲି ମନେ ମନେ ବାବ୍‌ସି, ତେବେ ସେ
ସତ୍ ଗିଆନ୍ ପାଇବାକେ ଆଲେ, କାଇଟା ନାଜାନ୍‌ଲା ବକୁଆ
ଲକର୍‌ପାରା ଅଇବାର୍ ଆଚେ । (aiōn g165) ୧୯ କାଇକେବଇଲେ
ଏ ଜଗତର୍ ଗିଆନ୍ ପର୍‌ମେସରର୍ ମୁଆଟେ କାଇ ଲଡାକେ ନ
ଆସେ । ଜେନ୍ତିକି ସାସ୍‌ତରେ ଲେକା ଆଚେ, ଗିଆନ୍ ରଇଲା
ଲକ୍‌ମନ୍‌କେ ତାକର୍ ଚାଲାକିତେଇସେ ପର୍‌ମେସର୍ ଦାର୍‌ସି । ୨୦
ଆରିତରେକ୍ ସାସ୍‌ତରେ ଲେକାଆଚେ । ଗିଆନ୍ ରଇବା ଲକ୍‌ମନ୍
ବାବ୍‌ବାଟା ସବୁ ଚୁଚାଇସେ ବଲି ପର୍‌ମେସର୍ ଜାନିଆଚେ । ୨୧
ଆରି କେ ମିସା ଲକ୍‌ମନ୍ କରିରଇବା କାମ୍‌ଟାନେ ବଡ୍‌ପନ୍ ନ
ଉଆ । ଏବେ ତମେ ସବୁ ବିସଇର୍ ଅଦିକାର୍ ପାଇଆଚାସ୍ ।
୨୨ ଜଦି ମୁଇ ଅଇଲେ କି, ଆପଲ୍ ଅଇଲେ କି, ପିତର୍ ଅଇଲେ
କି, ଜଗତର୍ କାଇଟା ମିସା ଅଇଲେ, ତମେ ମଲେ କି ବଁଚ୍‌ଲେ,
ଏବେ ଜାଇଟା ଅଇଲେ କି ପଚ୍‌କେ ଜନ୍‌ଟା ଅଇଲେ ମିସା, ସବୁ
ବିସଇ ତମର୍ ମଙ୍ଗଲର୍ ପାଇସେ । ୨୩ ମାତର୍ ତମେ କିରିସ୍‌ଟର୍
ଲକ୍, ଆରି କିରିସ୍‌ଟ ପର୍‌ମେସରର୍ ।

**୪** ତେବେ ତମେ ଆମ୍‌କେ କିରିସ୍‌ଟର୍ ସେବା କରୁମନ୍ ବଲି
ନାମ୍‌ବାର୍ ଆଚେ । ଆରି ପର୍‌ମେସର୍ ଆମ୍‌କେ ଟିକିନିକି
ସତ୍ ବିସଇର୍ ବାଣ୍ଟାର୍‌ଗରିଆର୍ ଦାଇତ୍ ଦେଲାଆଚେ । ୨ ଆରି
ସେନ୍ତାରି ଦାଇତ୍ ନେଇରଇବା ସେବାକରୁମନ୍ ସତ୍ ବାବେ କାମ୍
କର୍‌ବାର୍ ଆଚେ । ୩ ମାତର୍ ତମର୍ ବିତ୍‌ରେ କେତେକ୍ ଲକ୍ କି,
ବିନ୍ ଲକ୍ କେ ମିସା ମର୍ କାମ୍ ଦେକି ମକେ ବିଚାର୍‌ନା କଲେ,
ମକେ କାଇଟା ନଏଁ । ମୁଇ ନିଜେ ମର୍ ବିଚାର୍‌ନା ନ କରି । ୪
କାଇକେବଇଲେ ମୁଇ ନିଜର୍ ବିରୁଦେ କାଇ ଦସ୍ କଲାଟା ମର୍
ମନ୍ ନାଜାନେ । ଅଇଲେ ମିସା ମୁଇ ଇଡି କାଇ ଦସ୍ ନ କଲା ଲକ୍
ବଲି କଇନଏ । ମାତର୍ ଜେ ମକେ ବିଚାର୍ କର୍‌ସି, ସେ ମାପ୍‌ରୁ ।
୫ ସେଟାର୍‌ପାଇ ତମେ କାକେ ମିସା କାଇ ବିସଇ ନେଇ ବିଚାର୍
କରାନାଇ । କାଇକେବଇଲେ ବିଚାର୍‌ନା କର୍‌ବାକେ ବେଲା ଅଏ
ନାଇତା । ମାପ୍‌ରୁ ବିଚାର୍‌ନା କର୍‌ବାକେ ଆଇବାଜାକ ଜାଗା
। ମାପ୍‌ରୁ ଆଇଲେ ଆକା ସାରାସାରି ବିଚାର୍‌ନା ଅଇସି । ସେ
ଆନ୍ଦାର୍ ବିତ୍‌ରେ ଲୁଚ୍‌ତେ ରଇଲା ସବୁ ବିସଇ ଉଜଲେ ଦେକାଇ
ଦେଇସି । ଆରି ଲକ୍‌ମନର୍ ମନ୍ ବିତ୍‌ରର୍ କାତା ସବୁ ଦେକାଇ
ଦେଇସି । ସେଡ୍‌କି ବେଲେ ସବୁଲକ୍ ପର୍‌ମେସରର୍ ଟାନେଅନି
ଲାଡ୍ ପାଇବାଇ । ୬ ଏ ବାଇବଇନିମନ୍, ମୁଇ ଏ ସବୁ କାତା
ତମେ ସିକା ବଲି, ମର୍ ବିସଇ ଆରି ଆପଲର୍ ବିସଇ ଉଦାଅରନ୍
ଦେଇ କଇଲି । ଜେନ୍ତିକି ସାସ୍‌ତରେ ଲେକାଅଇଲାଟାନର୍ ଅରତ୍
ତମେ ସିକ୍‌ସା । ସାସ୍‌ତରେ ଜେଡ୍‌କି ସବୁ ଲେକା ଅଇଲାଆଚେ,
ତାର୍‌ଟାନେଅନି ଅଦିକ୍ କରାନାଇ । ସେନ୍ତାରି କଲେ କାକେ
ମିସା ନେଇକରି ବଡ୍‌ପନ୍ ନ ଉଆସ୍, ଆରି କାକେ ମିସା ଇନ୍
ନ କରାସ୍ । ୭ କାଇକେବଇଲେ ବିନ୍ ଲକର୍‌ଟାନେଅନି କେ

ତମ୍‌କେ ବଡ୍ କରତ୍ ନାଇ । ଆରି ଜନ୍ ଗୁଣ୍ ତମେ ଦାନ୍ ଇସାବେ
ମିଲାଇଆଚାସ୍ ସେଟା ପର୍‌ମେସର୍ ଦେଲାଆଚେ । ତେବେ
ତମର୍ ନିଜର୍‌ଟା ବଲି ବଡ୍‌ପନ୍ ଅଇ କଇ ନାପାରାସ୍ । ୮
ତମ୍‌କେ ଦର୍‌କାର୍ ରଇଲା ସବୁ ବିସଇ ମିଲାଇ ଆଚାସ୍ କି?
ତମେ କାଇ ସାଉକାର୍ ଅଇସାରି ଆଚାସ୍ କି? ଗଟେକ୍ ଗଟେକ୍
ରାଜା ଅଇଜାଇଆଚାସ୍ କି? ଏଲେ ମିସା ଆମେ ଅଇ ନାପାର୍‌ଲୁନି
। ସତଇସେ ତମେ ରାଜାଅଇତାସ୍ କି? ସେନ୍ତାର୍‌ଆଲେ, ଆମେ
ମିସା ତମର୍ ସଙ୍ଗ୍ ରଇ କାମ୍ କର୍‌ତୁ । ୯ ମାତର୍ ମୁଇ ବାବ୍‌ଲିନି
ପର୍‌ମେସର୍ ଆମର୍ ପାରା ପେରିତ୍‌ମନ୍‌କେ ଦାଡିର୍ ସାରାସାରି
ଜାଗା ଦେଲାଆଚେ । ଜଗତର୍ ସବୁ ଲକ୍ ଆରି ସର୍‌ଗର୍ ଦୁତ୍‌ମନ୍
ଦେକ୍‌ତେ ରଇବାବେଲେ ଆମେ, ବନ୍ଦି ଅଇଲା ଲକ୍‌ମନ୍‌କେ
ମରାଇବାକେ ନେଲାପାରା ଆଚୁ । ୧୦ ଆମେ କିରିସ୍ଟର୍
ଲାଗି ବକୁଆ ଲକ୍, ମାତର୍ ତମେ କିରିସ୍ଟର୍ ସଙ୍ଗ୍ ମିସ୍‌ଲାର୍
ପାଇ ବୁଦିରଇବା ଲକ୍ । ଆମେ ଦୁର୍‌ବଲ୍, ମାତର୍ ତମେ
ବପୁରଇବା ଲକ୍, ତମ୍‌କେ ଲକ୍‌ମନ୍ ସନ୍‌ମାନ୍ ଦେଲାଇନି,
ମାତର୍ ଆମ୍‌କେ ସନ୍‌ମାନ୍ ମିଲେନାଇ । ୧୧ ଏବେ ଜାକ
ମିସା ଆମ୍‌କେ ପେଟ୍‌ପୁର୍‌ତେ କାଇବାପିଇବାକେ ମିଲେନାଇ ।
ପିନ୍ଦ୍‌ବାକେ ବେସି ପୁର୍‌ନା ବସ୍‌ତର୍ ଆଚେ । ଲକ୍‌ମନ୍ ଆମ୍‌କେ
ମାର୍‌ଲାଇନି ଆରି ରଇବାକେ ଜାଗା ନଇଲାର୍ ପାଇ ଏନେତେନେ
ଅଇ ବୁଲ୍‌ଲୁନି । ୧୨ ଆବଡ୍ କାମ୍ କରି ଆମେ ଦିନ୍‌କେ ଦିନ୍
ଜୁଲିସୁକି ଗାଲୁନି । କେ ଆମ୍‌କେ ସାଇପ୍ ଦେଲେ ତାକେ ଆମେ
ଆସିର୍‌ବାଦ୍ କଲୁନି, ଆରି ଉଡା ସୁନିକରି ମିସା ମୁର୍‌ଚି କରି
ରଇଲୁନି । ୧୩ ନିନ୍ଦା ପାଇଲେ, ଆଲାଦର୍ କାତା କଇଲୁନି ।
ଆମେ ଏବେ ଜାକ ମିସା ଜଗତର୍ କାଚ୍‌ରା ପାରା ଅଇଆଚୁ
। ଲକ୍‌ମନ୍ ଆମ୍‌କେ ଆଣ୍ଠି ଦଇରଇବା ମୁର୍‌କି ପାନିପାରା
ଦେକ୍‌ଲାଇନି । ୧୪ ମୁଇ ତମ୍‌କେ ଲାଜ୍ କରାଇବାକେ ଏ ସବୁ
ବିସଇ ଲେକିନାଇ, ମାତର୍ ତମ୍‌କେ ମର୍ ଆଲାଦର୍ ପିଲାଟକି
ବଲି ଏତାଇ କରି ଚେତ୍‌ନା ଦେବାକେ, ଏ ସବୁ ଲେକ୍‌ଲିନି । ୧୫
କାଇକେବଇଲେ ତମର୍‌ଟାନେ କିରିସ୍ଟର୍ ବିସଇ ସିକାଇବାକେ
କେତେକ୍ କେତେକ୍ ଗୁରୁ ରଇଲେ ମିସା, ବାବା ଇସାବେ ତମ୍‌କେ
ବେସି ଲକ୍ ନାଇ । କିରିସ୍ଟ ଜିସୁର୍‌ତେଇ ମିସ୍‌ଲାର୍ ପାଇ
ମୁଇ ତମର୍ ବାବା ଅଇଗାଲି । କାଇକେବଇଲେ ମୁଇ ତମ୍‌କେ
ଜିସୁକିରିସ୍ଟର୍ ସୁବ୍‌କବର୍ କଇରଇଲି । ୧୬ ତେବେ ମୁଇ
ତମ୍‌କେ ବାବୁଜିଆ କରି କଇଲିନି, ମୁଇ ଜାଇଟା କଲିନି ତମେ
ମିସା ସେନ୍ତାରି କରା । ୧୭ ସେଟାର୍‌ପାଇ ମୁଇ ତିମତିକେ ତମର୍
ଲଗେ ପାଟାଇ ଆଚି । ମୁଇ ତାକେ ଆଲାଦ୍ କଲିନି । ସେ
ମର୍ ନିଜର୍ ପିଲା ପାରା ଆରି ମାପ୍‌ରୁର୍ ସେବାକାମେ ସବୁ
ନିକସଙ୍ଗ୍ କର୍‌ସି । ଜେଡ୍‌କିବେଲେ ସେ ତମର୍‌ଟାନେ ଆଇସି,
କିରିସ୍ଟର୍‌ତେଇ ମିସ୍‌ଲାର୍ ପାଇ ବଲି ମୁଇ କେନ୍ତି ଚଲାଚଲ୍‌ତି
କଲିନି, ସେ ବିସଇନେଇ ସେ ତମ୍‌କେ କଇସି । ସେ ସମାନ୍
ବିସଇ, ସବୁ ମଣ୍ଡଲିର୍ ବିସ୍‌ବାସିମନ୍‌କେ ମୁଇ ସିକାଇଲିନି । ୧୮
ସେ କରନ୍ତିଅତେଇ ଆରି କେବେ ନ ଆସେ, ବଲିକରି ତମର୍
ବିତ୍‌ରର୍ କେତେ ଲକ୍ ବଡ୍‌ପନ୍ ଅଇଆଚାସ୍ । ୧୯ ମାତର୍ ଜଦି
ମାପ୍‌ରୁ ମନ୍ କଲେ ମୁଇ ଦାପ୍‌ରେ ତମର୍‌ଟାନେ ଆଇବି । ଏ
ବଡ୍‌ପନିଆ ଲକ୍‌ମନ୍ କାଇ କାତା ଅଇଲାଇନି ବଲି ମୁଇ ନିଜେ
ଜାନ୍‌ବି ଆରି ତାକର୍ ବପୁ ପରମେସରର୍‌ଟାନେଅନି କି ନାଇ,
ସେଟା ଜାନ୍‌ବି । ୨୦ ପରମେସରର୍ ରାଇଜ୍, ଅବ୍‌କା କାତା
ଅଇବା ବିସଇ ନଏଁ, ମାତର୍ ବପୁର୍ ସଙ୍ଗ୍ ରଇବା ବିସଇ । ୨୧
ମୁଇ ଆଇଲାବେଲେ ତମ୍‌କେ କେନ୍ତି ଚଲାଚଲ୍‌ତି ଦେକାଇବାର୍
ଆଚେ? ମୁଇ ବେତ୍‌ଡାଙ୍ଗ୍ ଦାରି ତମର୍ ଲଗେ ଆଇବାର୍ କି,
ଆଲାଦ୍ ଆରି ସାନ୍ତିର୍ ମନ୍ ଦାରି ଆଇବି?

୫ ମୁଇ ସତ୍‌ସେ ସୁନ୍‌ଲି ଜେ, ତମର୍ ବିତ୍‌ରେ ବେସିଆ କାମ୍
ଆଚେ । ଆରି ଏନ୍ତାରି ବେସିଆ କାମ୍, ଜନ୍‌ଟାକି ବିସ୍‌ବାସ୍
ନ କଲା ଲକର୍ ବିତ୍ରେ ମିସା ନାଇ । ଜେନ୍ତାର୍‌କି ନିଜର୍
ସାନ୍ ଆୟାର୍ ସଙ୍ଗ୍ ସୁଆବସା ଅଇଲାନି । ୨ ଆରି ତମର୍
ବିତ୍‌ରେଅନି ଗଟେକ୍ ଲକ୍ ଏନ୍ତାରି କାମ୍ କଲାଆଚେ, ତେବେ
ତମେ କାଇକେ ବଡ୍‌ପନ୍ ଦେକାଇଲାସ୍‌ନି? ସେ କରିରଇବା
ପାପ୍ କାମର୍ ଲାଗି ଲାଜ୍ ଅଇକରି ସେନ୍ତାରି ଲକ୍‌କେ ତମର୍
ବିତ୍‌ରେଅନି ବାର୍‌କରାଇ ଦେବାର୍ ରଇଲା । ୩ ମୁଇ ଗାଗଡ୍
ଇସାବେ ତମର୍ ଟାନେ ନ ରଇଲେମିସା ସେନ୍ତି କର୍‌ବାର୍ ରଇଲା,
ଏଲେ ମିସା ଆତ୍‌ମାଇ ତମର୍ ସଙ୍ଗ୍ ଆଚି । ଜେ କି ଏନ୍ତାର୍ କାମ୍
କରିଆଚେ, ମୁଇ ତେଇ ରଇଲା ପାରା, ବେସି ବଡ୍ ଦସ୍ କଲା
ଲକ୍‌କେ ଡଣ୍ଡ ଦେବାର୍ ଆଚେ ବଲି ମାପ୍‌ରୁ ଜିସୁକିରିସ୍ଟର୍
ନାଉଁ ଦାରି, ମୁଇ ବିଚାର୍ କରି ସାରାଇ ଆଚି । ୪ ତମେ ମାପ୍‌ରୁ
ଜିସୁର୍ ନାଉଁଦାରି ଗଟେକ୍‌ଲଗେ ରୁଣ୍ଡ ଅଇଲା ବେଲେ ମର୍
ଆତ୍‌ମା ଆରି ମାପ୍‌ରୁ ଜିସୁର୍ ବପୁ ତେଇ ଆଚେ । ୫ ଏନ୍ତାରି
ଲକ୍‌କେ ତାର୍ ଗାଗଡ୍ କୁରୁପ୍‌ନାସ୍ ଅଇଜିବାକେ ସଇତାନର୍
ଆତେ ସର୍‌ପି ଦେବାର୍ ଆଚେ । ସେନ୍ତାର୍ କଲେ ମାପ୍‌ରୁ ଆରି
ତରେକ୍ ଆଇବା ବେଲେ ତାର୍ ଆତ୍‌ମା ରକିଆ ପାଇପାର୍‌ସି । ୬
ଏନ୍ତାରି ଲକ୍‌କେ ତମର୍ ମଣ୍ଡଲିତେଇ ସଙ୍ଗ୍‌ଇକରି ଏନ୍ତି ବଡ୍‌ପନ୍
ଅଇବାଟା ବଲ୍‌ନାଇ । ମନେ ରକା କଣ୍ଡେକ୍ କମିରର୍ ଲାଗି,
ଚକଟ୍‌ଲା ସବୁ ଗୁଣ୍ଡ ଆମଟ୍ ଅଇଜାଇସି, ଏଟା କାଇ ତମେ
ନାଜାନାସ୍ କି? ୭ ତମର୍ ବିତ୍‌ରେ ରଇବା ପାପର୍ ପୁର୍‌ନା କମିର୍
ପିଙ୍ଗିଦେଇ ପୁରାପୁରୁନ୍ ସୁକଲ୍ ଉଆ । ସେନ୍ତାର୍ କଲେ ତମେ
କମିର୍ ନଇତେ ଚକଟ୍‌ଲା ନୁଆ ଗୁଣ୍ଡ ପାରା ଅଇସା । ମୁଇ ଜାନି,
ଏବେମିସା ତମେ ସେନ୍ତାରି ଆଚାସ୍ । ଆମର୍ ନିସ୍‌ତାର୍ ପରବ୍
ଦିନ୍ ତିଆର୍ ଅଇ ସାର୍‌ଲା ଆଚେ । ପରବର୍ ମେଣ୍ଢାପିଲା ନିଜେ
କିରିସ୍ଟ ସର୍‌ପି ଅଇଆଚେ । ୮ ତେବେ ଆସା, ଆମର୍ ପାପ୍
ଆରି କାରାପ୍ ରଇବା ପୁର୍‌ନା କମିର୍ ଚାଡିଦେଉଁ ଆରି କମିର୍ ନ
ମିସ୍‌ଲା ରୁଟି ପାରା ଜେନ୍ତିକି ସତ୍ ଆରି ସୁଆଲ୍ ଅଇ ଏ ପରବର୍
ସାର୍‌ଦା କରୁ । ୯ ମୁଇ ଆଗ୍‌ତୁ ବେସିଆମନର୍ ସଙ୍ଗ୍ ନ ମିସ୍‌ବାକେ
ଚିଟି ଲେକିରଇଲି । ୧୦ ତାର୍ ଅରଡ୍ ନଏଁ ଜେ ଏ ଜଗତେ

ରଇବା ବେସିଆ, ଲବ୍‌ରା, ଚର୍‌ନା ଆରି ମୁର୍‌ତି ପୁଜା କର୍‌ବା ଲକର୍ ସଙ୍ଗ୍ ମୁଲ୍‌କେ ମିସା ନାଇ ବଲି । ଜଦି ସେନ୍ତାର୍ କଲେ ତମେ ଜଗତ୍ ଚାଡି ବାରଇଜିବାକେ ପଡ୍‌ସି । **୧୧** ମାତର୍ ମର୍ କଇବାଟା ଅଇଲାନି, ଜନ୍ ବାଇ ମୁଇ ବିସ୍‌ବାସି ବଲି କଇକରି ବେବିଚାର୍ କାମ୍ କର୍‌ସି, କି କାଇଟା ଦେବାକେ ମିସା ଲବ୍ କର୍‌ସି, କୁଟ୍ କାତା କଇସି, ପୁତ୍‌ଲା ପୁଜା କର୍‌ସି, ବିନ୍ ଲକର୍‌ଟା ଦନ୍ଦ୍‌ପନ୍ଦ୍‌କରି ନେଇସି, ଆରି ମାତୁଆଲ୍ ଅଇସି ବଇଲେ, ତାର୍ ସଙ୍ଗ୍ ମିସାନାଇ । ଏନ୍ତିକି ତାର୍ ସଙ୍ଗ୍ ମିସିକରି କାଇବାର୍ ମିସା ନାଇ । **୧୨** ବିସ୍‌ବାସ୍ ନ କର୍‌ବା ଲକ୍‌ମନ୍‌କେ ବିଚାର୍ କର୍‌ବାକେ ମୁଇ କେ? ପର୍‌ମେସର୍ ସେମନ୍‌କେ ବିଚାର୍ କର୍‌ସି । ଜନ୍ ଲକ୍‌ମନ୍ ମଣ୍ଡ୍‌ଲିତେଇ ରଇବାଇ, ସେମନ୍‌କେ ବିଚାର୍ କର୍‌ବାଟା ଆମର୍ କାମ୍ । **୧୩** ସାସ୍ତରେ ଲେକା ଅଇଲାପାରା ତମର୍ ବିତ୍‌ରେ ଜନ୍‌ଲକ୍ ସେନ୍ତାରି କାରାପ୍ ଚଲାଚଲ୍‌ତି କଲାନି, ତାକେ ତମର୍ ବିତ୍‌ରେଅନି ବାର୍‌କରାଇ ଦିଆସ୍ ।

**୬** ଜଦି ତମର୍ ବିତ୍‌ରେ ଗଟେକ୍ ବିସ୍‌ବାସି ବାଇକେ ଆରି ଗଟେକ୍ ବିସ୍‌ବାସି ବାଇର୍ ବିରୁଦେ କାତା ରଇଲେ, ସେଟା ବିଚାର୍ କର୍‌ବାକେ ବିସ୍‌ବାସ୍ ନ କଲା ବିଚାର୍‌କାରିଆର୍ ଲଗେ ଜାଆ ନାଇ । ତାର୍ ବାଦୁଲେ ବିସ୍‌ବାସିମନ୍ ସେଟା ବିଚାର୍ କରତ୍ । **୨** ମନେ ରଅ, ପର୍‌ମେସରର୍ ଲକ୍‌ମନ୍ ଜଗତର୍ ଲକ୍‌ମନର୍ ବିଚାର୍ କର୍‌ବାଇ । ସେନ୍ତାର୍‌ଆଲେ, ଏ ଗଟେକ୍ ସାନ୍ ବିସଇ ବିଚାର୍ କରିନାପାରାସ୍ କି? **୩** ଏଦେ ସୁନା! ଦିନେକ୍ ଆମେ ସରଗର୍ ଦୁତ୍‌ମନ୍‌କେ ବିଚାର୍ କର୍‌ବୁ । ତେବେ ଏ ଜିବନେ ଆଇବା ସାନ୍ ସାନ୍ ବିସଇ ବିଚାର୍ କର୍‌ବାକେ ଅଦିକ୍ ସଅଜ୍ ନଏଁ କି? **୪** ଜଦି ବିନ୍ ବିସ୍‌ବାସି ମନର୍ ସଙ୍ଗ୍ ଲାଗାଜଡା ଅଇଲେ ରାଜିନାମା କର୍‌ବାକେ ତମର୍ ମଣ୍ଡ୍‌ଲି ବିତ୍‌ରେ ବିସ୍‌ବାସ୍ ଇସାବେ ସନ୍‌ମାନ୍ ନ ପାଇବା ଲକର୍‌ଟାନେ କାଇକେ ଗାଲାସ୍‌ନି? **୫** ମୁଇ ତମ୍‌କେ ଲାଜ୍‌କରାଇବାକେ ଏ କାତା ଲେକିଆଚି । ବିସ୍‌ବାସି ବାଇ ବାଇ ବିତ୍‌ରେ କିରମାର ଅଇଲାଟା ରାଜିନାମା କର୍‌ବାକେ ସତଇସେ ତମର୍ ବିତ୍‌ରେ ଗଟେକ୍ ମିସା ବୁଦି ରଇଲା ଲକ୍ ନାଇ କି? **୬** ଏଦେ ଦେକା! ଏଟା କେନ୍ତାର୍ କଲାସ୍‌ନି? ଗଟେକ୍ ବିସ୍‌ବାସି ବାଇ ଆରି ଗଟେକ୍ ବାଇର୍ ବିରୁଦେ ବିଚାର୍‌ନା ଗରେ ଗାଲାନି, ଆରି ସେ ବିଚାର୍‌ନା, ବିସ୍‌ବାସ୍ ନ କରୁମନ୍‌କେ ସର୍‌ପିଦେଲାସ୍‌ନି । **୭** ତମେ ତମର୍ ତମର୍ ବିତ୍‌ରେ ଲାଗାଜଡା ଅଇକରି କରଟ୍ ଦୁଆର୍ ଜାକ ଗାଲାସ୍‌ନି । ଇତିଅନି ଜାନା ପଡ୍‌ଲାନିଜେ ମିସାବିଡାଟାନେ ପୁରାପୁରୁନ୍ ଆରି ଜାଇ ଆଚାସ୍ । ତମର୍ ପାଇ ଅନିଆଇ ମୁର୍‌ଚିକରି, କେତି ଅଇବାଟା ମୁର୍‌ଚିକରି ରଇଲେ ନିକ ଅଇତା । **୮** ତାର୍ ବାଦୁଲେ ତମର୍ ତମର୍ ବିତ୍‌ରେ ଅନିଆଇ ଆରି କେତି କଲାସ୍‌ନି । ସେଟା ମିସା ନିଜର୍ ବିସ୍‌ବାସି ବାଇବଇନିମନ୍‌କେ! **୯** ମନେରଅ ଜନ୍ ଲକ୍‌ମନ୍ ପାପେରଇକରି ବଁଚ୍‌ବାଇ ସେମନ୍ ପର୍‌ମେସରର୍ ରାଇଜେ ଜାଇ ନାପାରତ୍ । ନିଜେ ନାଡାଇ ଉଆନାଇ । ଜନ୍ ଲକ୍‌ମନ୍ ନିୟମ୍ ବିରୁଦେ ଚଲାଚଲ୍‌ତି କଲାଇନି କି ମୁର୍‌ତି ପୁଜା କଲାଇନି କି ବେବିଚାର୍ କାମ୍ କଲାଇନି କି ମନସ୍ ମନସ୍ ବିତ୍‌ରେ ଆରି ମାଇଜି ମାଇଜି ବିତ୍‌ରେ ଅଇବା କାରାପ୍ କାମ୍ କଲାଇନି, ବେସିଆ କାମ୍ କଲାଇନି, **୧୦** ଚର୍‌ନା ଅଇଲାନି, କି ଦନ୍ ଲବ୍‌ରା ଅଇଲାନି, ମାତୁଆଲ୍ କି ନିନ୍ଦା କର୍‌ବାଲକ୍ ଅଇଲାନି କି ଅଲ୍‌ଗା ଲକର୍ ଜିନିସ୍ ଚରାଇବା ଲକ୍ ଅଇଲାନି, ଏମନ୍ ପର୍‌ମେସରର୍ ରାଇଜେ ଜାଇ ନାପାରତ୍ । **୧୧** ମାପ୍‌ରୁକେ ବିସ୍‌ବାସ୍ କର୍‌ବା ଆଗ୍‌ତୁ, ତମର୍ ବିତ୍‌ରେ କେ କେ ଏନ୍ତାରି ଅଇରଇଲାସ୍, ମାତର୍ ପର୍‌ମେସର୍ ତମର୍ ପାପ୍ ସବୁ ଦଇ ଦେଲା । ଆରି ମାପ୍‌ରୁ ଜିସୁ କିରିସ୍‌ଟ ଆରି ସୁକଲ୍ ଆତ୍‌ମାର୍ ଲାଗି ଦରମ୍ ବଲାଇ ଅଇଆଚାସ୍ । **୧୨** ତମର୍ ବିତ୍‌ରେ କେତେଲକ୍ କଇବାଇ, "ମୁଇ ଜନ୍‌ଟା ମନ୍ କଲିନି, ସେଟା କର୍‌ବି" । ମୁଇ କଇବି, "ଉଁ, ସେଟା ସତ୍, ମାତର୍ ସବୁ ବିସଇ ମର୍ ପାଇ ନିକ ନଏଁ ।" କେତେଲକ୍ କଇବାଇ ସବୁ କର୍‌ବାକେ ମର୍ ଅଦିକାର୍ ଆଚେ, । ମାତର୍ ମୁଇ କଇବି, ଜନ୍ ବିସଇ ମିସା ମକେ ଦାରି ରକିରଇବାକେ ମୁଇ ନ ଦେଇ, । **୧୩** କେତେଲକ୍ କଇବାଇ, ପେଟ୍ ଜଦି କାଦି କାଇବାକେ ମନ୍ କଲାନି ବଇଲେ କାଦି କାଇବାଟା ନିକ, । ମାତର୍ ମୁଇ କଇଲିନି, ପର୍‌ମେସର୍ ଗଟେକ୍ ଦିନ୍ ଏ ଦୁଇଟାକେ ମିସା କୁରୁପ୍‌ନାସ୍ କର୍‌ସି । ଗାଗଡ୍ ବେବିଚାର୍ କାମ୍ କର୍‌ବାକେ ନାଇ, ମାତର୍ ମାପ୍‌ରୁର୍ ସେବା କର୍‌ବାକେ ଲାଗ । ଗାଗଡ୍‌କେ ଦର୍‌କାର୍ ଅଇବାଟା ମାପ୍‌ରୁ ଜାଗାଇସି । **୧୪** ପର୍‌ମେସର୍, ମାପ୍‌ରୁ ଜିସୁକେ ତାର୍ ନିଜର୍ ବପୁସଙ୍ଗ୍ ମଲାତେଇଅନି ଉଟାଇଲା । ସେନ୍ତାରିସେ ଆମ୍‌କେ ମିସା ଉଟାଇସି, । **୧୫** ତମର୍ ଗାଗଡ୍ କିରିସ୍‌ଟର୍ ଗାଗ୍ରେଡ ମିସିକରି ଆଚେ, ଏଟା କାଇ ତମେ ନାଜାନାସ୍ କି? ତେବେ ମୁଇ କାଇ କିରିସ୍‌ଟର୍ ଗାଗଡର୍ ଗଟେକ୍ ବାଗ୍ ନେଇକରି ବେସିଆର୍ ଗାଗ୍‌ଡେ ମିସାଇବି କି? ନାଇ, ସେନ୍ତାରି କେବେ ମିସା ନ ଅ । **୧୬** ମାତର୍ ଜେ ବେସିଆ ସଙ୍ଗ୍ ମିସ୍‌ସି, ସେ ତାର୍ ସଙ୍ଗ୍ ଗଟେକ୍ ଗାଗଡ୍ ଅଇସି । ଏଟା ତମେ ନାଜାନାସ୍ କି? କାଇକେବଇଲେ ଲେକା ଅଇଆଚେ, ସେ ଦୁଇଲକ୍ ଜାକ ଗଟେକ୍ ଅଇବାଇ । **୧୭** ମାତର୍ ଜେ ମାପ୍‌ରୁର୍ ସଙ୍ଗ୍ ମିସ୍‌ସି, ତାର୍ ଆତ୍‌ମା ଆରି ମାପ୍‌ରୁର୍ ଆତ୍‌ମା ଗଟେକ୍ ଅଇଜାଇସି । **୧୮** ବେବିଚାର୍ କାମେଅନି ଦୁରିକେ ରୁଆ । ଲକ୍‌ମନ୍ କାଇ ବିନ୍ ପାପ୍ କଲେ ମିସା, ସେଟା ତାର୍ ଗାଗଡର୍ ବିରୁଦେ ନଏଁ । ମାତର୍ ଜେ ବେବିଚାର୍ କାମ୍ କର୍‌ସି, ସେ ନିଜର୍ ଗାଗଡ୍ ବିରୁଦେ ପାପ୍ କର୍‌ସି । **୧୯** ମନେ ରଅ, ତମର୍ ଗାଗଡ୍ ସୁକଲ୍ ଆତ୍‌ମା ରଇବା ମନ୍ଦିର୍, ଜନ୍ ଆତ୍‌ମା ତମର୍ ବିତ୍‌ରେ ବାସା ଅଇଲାଆଚେ, ସେଟା ପର୍‌ମେସରର୍ ଟାନେଅନି ମିଲାଇ ଆଚାସ୍ । ତମେ ନିଜେ, ନିଜର୍ ନୁଆସ୍ ମାତର୍ ପର୍‌ମେସରର୍ । **୨୦** କାଇକେବଇଲେ ପର୍‌ମେସର୍ ତମ୍‌କେ ଜବର୍ ଦାମ୍ ଦେଇକରି ଗେନିଆଚେ, ସେଟାର୍ ପାଇ ତମର୍ ଗାଗ୍‌ଡର୍ କାମ୍ ସଙ୍ଗ୍ ପର୍‌ମେସରର୍ ମଇମା କରା ।

**୭** ଏବେ ତମେ ଲେକ୍ଲାଟାନେ ଜନ୍ ସବୁ ବିସଇ ଆଚେ,
ସେ ସବୁର୍ ଉତର୍ ମୁଇ ଦେବି । ତମେ ପାଚାରିରଇଲାସ୍
ବିସ୍ବାସିମନ୍ ବିବା ନ ଅଇବାଟା ନିକ କି? ୨ ଉଁ ସେଟା ସତ୍,
ମାତର୍ ବେସି ଲକ୍ ବେବିଚାର୍ କାମେ ଚଲାଚଲ୍ତି କଲାଇନି ।
ମୁଇ କଇଲିନି ଗଟେକ୍ ଗଟେକ୍ ମୁନୁସ୍କେ ତାର୍ ନିଜର୍ ମାଇଜି
ଆରି ଗଟେକ୍ ଗଟେକ୍ ମାଇଜିକେ ତାର୍ ନିଜର୍ ମୁନୁସ୍ ରଇବାର୍
ଆଚେ । ୩ ଗଟେକ୍ ମନସ୍ ବିବା ଅଇଲାର୍ ଲାଗି, ତାର୍ ମାଇଜିକେ
କରିରଇବା ସବୁ ଦାଇତ୍ କର୍ବାର୍ ଆଚେ । ସେନ୍ତାରିସେ ମାଇଜି
ମିସା ତାର୍ ମୁନୁସ୍କେ କର୍ବାର୍ ଆଚେ । ୪ ମାଇଜିକେ ତାର୍
ନିଜର୍ ଗାଗଡର୍ ଅଦିକାର୍ ନାଇ, ମାତର୍ ମୁନୁସର୍ ଆଚେ ।
ସେନ୍ତାରିସେ ମୁନୁସ୍କେ ତାର୍ ନିଜର୍ ଗାଗଡର୍ ଅଦିକାର୍ ନାଇ,
ମାତର୍ ମାଇଜିର୍ ଆଚେ । ୫ ଦୁଇ ମାଇଜି ମୁନୁସ୍ ବେଗ୍ଲିକରି ନ
ରଅତ୍ । ମାତର୍ ବେଗ୍ଲିକରି ରଇବାର୍ ଆଲେ, ଦୁଇ ଲକ୍ ରାଜି
ଉଆ । ଜେନ୍ତାରି କି ସେ ବେଗ୍ଲି ରଇବା ବେଲାଇ, ପାର୍ତନା
କରିଅଇସି । ମାତର୍ ତାର୍ପଚେ ଆରିତରେକ୍ ଆସି ମିସାଆ
। ଏନ୍ତାରିକଲେ ସଇତାନର୍ ପରିକାତେଇ ଅନି ତମେ ରକିଆ
ପାଇସା । କାଇକେବଇଲେ ତମ୍କେ ମୁର୍ଚିକରି ରଇବା ବପୁ
ଉନା ଆଚେ । ୬ ଏ ବିସଇ ମୁଇ ତମ୍କେ ଜେତ୍କି କଇଲି ଆଚି,
ସେଟା ଆଦେସ୍ ଦେଲା ପାରା କଇନାଇ, ମାତର୍ ତମର୍ ଦୁର୍ବଲ୍
ଜାନିକରି ଉପଦେସ୍ ଦେଲା ପାରା କଇଲିନି । ୭ ତମେ ସବୁଲକ୍
ମର୍ପାରା ବିବା ନ ଉଆ ବଲି ମୁଇ ମନ୍ କଲିନି । ମାତର୍ ଗଟେକ୍
ଗଟେକ୍ ଲକ୍କେ ପର୍ମେସରର୍ ଟାନେଅନି ମୁଲିଅ ରଇବା ଦାନ୍
ମିଲିଆଚେ । ଗଟେକ୍ ଲକ୍କେ ଗଟେକ୍ ରକାମ୍ଟା ଆରି ବିନ୍
ଲକ୍କେ ବିନ୍ ରକାମ୍ ଦାନ୍ ଦେଲାଆଚେ । ୮ ଏବେ ମୁଇ ବିବା
ନ ଅଇରଇବା, ଆରି ରାଣ୍ଡି ମାଇଜିମନ୍କେ କଇଲିନି, ତମେ ମର୍
ପାରା ଏକ୍ଲା ରଇଲେ ତମର୍ପାଇ ନିକ ଅଇସି । ୯ ମାତର୍ ତମେ
ଜଦି ମନର୍ ଲାଲ୍ସା ମୁର୍ଚିକରି ରଇ ନାପାର୍ଲାସ୍ନି ବଇଲେ,
ବିବା ଅଇବାଟା ନିକ । କାଇକେବଇଲେ ଲାଲ୍ସାଇ ପଡିଜିବା
ବାଦୁଲେ ବିବା ଅଇବାଟା ନିକ । ୧୦ ମାତର୍ ବିବା ଅଇବା
ବିସ୍ବାସିମନ୍କେ ମୁଇ ଆଦେସ୍ ଦେଲିନି, ମୁଇ ଦେଇ ନାଇ
ମାତର୍ ମାପ୍ରୁ ଦେଲାନି । ଜଦି ତମେ ଗଟେକ୍ ବିବାଇ ମାଇଜି,
ସେନ୍ତାର୍ ଆଲେ ମୁନୁସ୍କେ ଚାଡି ବିନେ ନ ରୁଆ । ୧୧ ଜଦି
ତାକେ ଚାଡ୍ଲେ, ବିବା ନ ଅଇତେ ରୁଆ । ନଇଲେ ଆରି ଗଟେକ୍
ତର୍ ନିଜର୍ ମୁନୁସ୍ ସଙ୍ଗ୍ ମିସା । ଜଦି ତମେ ବିବାଇ ମୁନୁସ୍,
ନିଜର୍ ମାଇଜିକେ ନ ଚାଡା । ୧୨ ଏବେ ମୁଇ ବିସ୍ବାସିମନ୍ ଜେ
କି ବିସ୍ବାସ୍ ନ କଲାଟାମନ୍କେ ବିବା ଅଇଆଚତ୍, ସେମନ୍କେ
କଇଲିନି, ମୁଇ କଇନାଇ ମାପ୍ରୁ କଇଲାନି, । ଜଦି ଗଟେକ୍
ବିସ୍ବାସି, ବିସ୍ବାସ୍ ନଇଲା ମାଇଜିକେ ବିବା ଅଇଲାଆଚେ,
ଆରି ସେ ମାଇଜି ତାର୍ ସଙ୍ଗ୍ ମିସି ରଇବାକେ ମନ୍ କର୍ସି
ବଇଲେ, ସେ ବାଇ ତାକେ ନ ଚାଡ । ୧୩ ଆରି ଜନ୍ ବିସ୍ବାସି
ମାଇଜି ବିସ୍ବାସ୍ ନ କଲା ମୁନୁସ୍କେ ବିବାଅଇରଇସି, ଆରି
ସେ ତାର୍ସଙ୍ଗ୍ ମିସି ରଇବାକେ ମନ୍ କର୍ସି, ତେବେ ସେ
ନିଜର୍ ମୁନୁସ୍କେ ନ ଚାଡ । ୧୪ କାଇକେବଇଲେ ଜଦି ତମେ
ଗଟେକ୍ ବିସ୍ବାସି ମାଇଜି, ବିସ୍ବାସ୍ ନ କର୍ବା ମୁନୁସ୍କେ
ବିବା ଅଇଆଚାସ୍, ତର୍ ମୁନୁସ୍ ତର୍ ସଙ୍ଗ୍ ମିସ୍ଲାର୍ପାଇ ତାକେ
ପର୍ମେସର୍ ତାର୍ ନିଜର୍ ସୁକଲ୍ ଲକ୍ କଲାଆଚେ । ସେନ୍ତାରିସେ
ବିସ୍ବାସ୍ ନ କରିରଇବା ମାଇଜିକେ, ପର୍ମେସର୍ ଡାକ୍ଲା
ଆଚେ । କାଇକେବଇଲେ ସେ ବିସ୍ବାସ୍ କର୍ବା ମନସ୍ ସଙ୍ଗ୍
ମିସ୍ଲା ଆଚେ । ଏନ୍ତାରି ନ ରଇଲେ ତମର୍ ପିଲାମନ୍ ବିସ୍ବାସ୍
ନ କର୍ବା ଲକର୍ ପିଲାମନର୍ପାରା ଅଇତାଇ । ମାତର୍ ଏବେ
ସେମନ୍କେ ମିସା ପର୍ମେସର୍ ତାର୍ ନିଜର୍ ଲକ୍ କଲାଆଚେ
। ୧୫ ସେ ଜାଇଟା ମିସା ଅ, ଜଦି ଗଟେକ୍ ବିସ୍ବାସ୍ ନ କଲା
ଲକ୍ ତାର୍ ବିସ୍ବାସି ମାଇଜି କି ମୁନୁସର୍ ଟାନେଅନି ବିନେ
ଅଇବାକେ ମନ୍ କଲାନି ବଇଲେ, ସେ ବିନେ ଅ । ଏନ୍ତାରି
ଅଇଲେ କିରିସ୍ଟକେ ବିସ୍ବାସ୍ କର୍ବା ମାଇଜି କି ମୁନୁସ୍ ବିବା
ବନ୍ଦନେ ଅନି ମୁକ୍ଲି ଆଚେ । ପର୍ମେସର୍ ତମ୍କେ ସାନ୍ତିସଙ୍ଗ୍
ମିସି ବିଡି ଜିଇବାକାଇବାକେ ଡାକ୍ଲା ଆଚେ । ୧୬ ଅଇପାରେ,
ତୁଇ ଗଟେକ୍ ବିସ୍ବାସି ବିବାଅଇଲା ମାଇଜି, ତର୍ ବିସ୍ବାସ୍
ନ କଲା ମୁନୁସ୍କେ କିରିସ୍ଟର୍ ଟାନେ ବିସ୍ବାସ୍ କରାଇପାରୁସ୍
। ସେନ୍ତାରିସେ ତୁଇ ଗଟେକ୍ ବିସ୍ବାସି ବିବାଅଇଲା ମୁନୁସ୍,
ତର୍ ବିସ୍ବାସ୍ ନ କଲା ମାଇଜିକେ କିରିସ୍ଟର୍ ଟାନେ ବିସ୍ବାସ୍
କରାଇ ପାରୁସ୍ । ୧୭ ମାପ୍ରୁ ଜାକେ ଜେନ୍ତି ଜିବନ୍ ଦୁକାଇ ଆଚେ,
ପର୍ମେସର୍ ଜାକେ ଜନ୍ ଇସାବେ ଡାକ୍ଲା ଆଚେ, ସେ ସେନ୍ତାର୍
ଜିଉନା କାଉନା କର । ମୁଇ ସବୁ ମଣ୍ଡଲିଟାନେ ଏ ରକାମ୍
ଆଦେସ୍ ଦେଲିନି । ୧୮ ଜଦି ତମେ ଗଟେକ୍ ସୁନତ୍ ଅଇଲା
ଜିଉଦି ଲକ୍ ଆରି ପର୍ମେସର୍ ତମ୍କେ ଡାକ୍ଲାଆଚେ, ସେନ୍ତାର୍
ଆଲେ ତମେ ତମର୍ ଗାଗ୍ଡେଅନି ସୁନତ୍ ଚିନ୍ ଲିବାଇବାକେ
ଚେସ୍ଟା କରା ନାଇ । ସେନ୍ତାରିସେ ତମେ ଜଦି ଜିଉଦି ନ ଅଇଲା
ଲକ୍ ଜାକେ କି ପର୍ମେସର୍ ଡାକ୍ଲା ଆଚେ, ତମେ ସୁନତ୍
ଅଇବାକେ ଚେସ୍ଟା କରାନାଇ । ୧୯ ଲକ୍ମନ୍ ସୁନତ୍ ଅଇବାଟା
କି ସୁନତ୍ ନ ଅଇବାଟା କାଇଟା ନାଇ, ପର୍ମେସରର୍ ଆଦେସ୍
ମାନ୍ବାଟାସେ ମୁକିଅ । ୨୦ ମାପ୍ରୁ ତମ୍କେ ଜନ୍ ଇସାବେ
ଡାକିଆଚେ, ତମେ ସେ ଇସାବେ ରୁଆ । ୨୧ ପର୍ମେସର୍ ତମ୍କେ
ଡାକ୍ଲାବେଲେ ତମେ କାଇ ଗତିଦାଙ୍ଗ୍ଡା ରଇଲାସ୍ କି? ସେ
ବିସଇନେଇ ମନ୍ଦୁକ୍ କରାନାଇ । ଜଦି ତର୍ ସାଉକାର୍ ତକେ
ମୁକ୍ଲାଇଲାନି, ତେବେ ଉଟିଜା । ୨୨ ମାପ୍ରୁ ଡାକ୍ଲାବେଲେ
ଜେ ଗତିଦାଙ୍ଗ୍ଡା ରଇଲା ସେ ଏବେ ମୁକ୍ଲି ରଇଲା ଲକ୍ ।
କାଇକେବଇଲେ ମାପ୍ରୁ ତାକେ ମୁକ୍ଲାଇ ଆଚେ । ସେନ୍ତାରିସେ
ଏବେ ଜେ ମୁକ୍ଲିକରି ଆଚେ, ସେ କିରିସ୍ଟର୍ ଗତିଦାଙ୍ଗ୍ଡା ।
୨୩ ତମ୍କେ ଅଦିକ୍ ଦାମ୍ ଦେଇ ଗେନାଅଇଆଚେ । ଲକ୍ମନର୍
ଗତିଦାଙ୍ଗ୍ଡା ଉଆ ନାଇ । ୨୪ ଏ ବାଇବଇନିମନ୍, ତମ୍କେ
ପର୍ମେସର୍ ଡାକ୍ଲାବେଲେ ଜନ୍ ଇସାବେ ରଇଲାସ୍, ସେ

ଇସାବେ ପର୍ମେସର୍ ସଙ୍ଗ୍ ମିସିକରି ରଇବାର୍ ଆଚେ । ୨୫
ଏବେ ମୁଇ ବିବା ନ ଅଇଲା ଦାଙ୍ଗ୍ଡାଦାଙ୍ଗ୍ଡି ବିସଇନେଇ ଲେକ୍ବି
। ସେ ବିସଇନେଇ ମାପ୍ରୁର୍ ଲଗେଅନି କାଇ ଆଦେସ୍ ପାଇନାଇ
। ମାତର୍ ପର୍ମେସର୍ ମକେ ଦୟା କରି ଗଟେକ୍ ସତ୍ଦରମ୍
ଲକ୍ ଇସାବେ ନିଜର୍ ମନର୍ କାତା କଇଲିନି । ୨୬ ଏବର୍
ଦୁକ୍ କସ୍ଟର୍ ବେଲା ଏତାଇଲେ, ମୁଇ ବାବ୍ଲିନି ଗଟେକ୍ ଲକ୍
ଜେନ୍ତାରି ଆଚେ, ସେନ୍ତାରିସେ ରଇବା ଦର୍କାର୍ । ୨୭ ତମେ କାଇ
ମାଇଜି ସଙ୍ଗ୍ ବାନ୍ଦିଅଇ ଆଚାସ୍ କି? ସେନ୍ତାର୍ଆଲେ ମୁକଲ୍ବାକେ
ଚେସ୍ଟା କରାନାଇ । ତମେ କାଇ ବିବା ଉଆସ୍ ନାଇ କି?
ସେନ୍ତାର୍ଆଲେ ମାଇଜି କଜ୍ବାକେ ଚେସ୍ଟା କରାନାଇ । ୨୮
ଜଦି ତମେ ବିବାଅଇ ଆଚାସ୍, ବଇଲେ ତମେ ପାପ୍ କରାସ୍ ନାଇ
। ଜଦି ଗଟେକ୍ ଦାଙ୍ଗ୍ଡି ବିବାଅଇସି, ସେ ମିସା ପାପ୍ କରେନାଇ ।
ମାତର୍ ବିବାଅଇଲା ଲକ୍ମନ୍ ଦୁକ୍ କସ୍ଟ ମୁର୍ଚିକରି ରଇବାକେ
ପଡ୍ସି । ଏନ୍ତାରି ଦୁକ୍ କସ୍ଟର୍ ବେଲାଇ ସିତିଅନି ରକିଆ ପାଆ,
ବଲିକରି ମୁଇ ମନ୍ କଲିନି । ୨୯ ମାତର୍ ଏ ବାଇମନ୍ ମୁଇ
ତମ୍କେ କଇଲିନି, ଏବେ ଆମ୍କେ ଅଲପ୍ ଦିନ୍ ଆଚେ । ଏଟାର୍
ପାଇ ଏବେଅନି ଜେ ବିବା ଅଇଆଚେ ସେ ବିବା ନ ଅଇଲା
ଲକର୍ ପାରା ରଅ । ୩୦ ସେନ୍ତାରିସେ ଜନ୍ ଲକ୍ମନ୍ କାନ୍ଦ୍ବୁବା
ଅଇରଇଲାସ୍ନି, ସେମନ୍ କାନ୍ଦ୍ବୁବା ନ ଅଇ ରଇଲା ଲକର୍
ପାରା ରୁଆ । ଆରି ଜନ୍ ଲକ୍ମନ୍ ସାର୍ଦା ଅଇରଇଲାଇନି,
ସେମନ୍ ସାର୍ଦା ନ ଅଇଲା ଲକର୍ ପାରା ଅଇ ରଅତ୍ । ଜନ୍
ଲକ୍ମନ୍ ଗେନ୍ବାଇ, ସେଟା ନିଜର୍ଟା ନଏଁ ବଇଲାପାରା ରଅତ୍
। ୩୧ ଜନ୍ ଲକ୍ମନ୍ ଜଗତର୍ ଜିନିସ୍ ନେଇ ବେବାର୍ପାନି
କଲାଇନି, ସେମନ୍ ସବୁବେଲେ ସେ ବିସଇ ଚିନ୍ତା ନ କଲା ଲକର୍
ପାରା ରଅତ୍ । କାଇକେବଇଲେ ଜନ୍ ଜଗତେ ଆମେ ଆଚୁ,
ସେ ଜଗତର୍ ସବୁ ଜିନିସ୍ ବୁଡିଜାଇସି । ୩୨ ମାତର୍ ତମେ
ଏ ବିସଇନେଇ ତେରେପେତେ ଉଆନାଇ । ବିବା ନ ଅଇଲା
ଲକ୍ମନ୍ ସବୁବେଲେ ମାପ୍ରୁର୍ ସେବା କାମ୍ କର୍ବାକେ ମନ୍
କର । କାଇକେବଇଲେ ମାପ୍ରୁକେ ସାର୍ଦା କରାଇବାଟା ତାର୍
ମୁକିଅ କାମ୍ । ୩୩ ମାତର୍ ଜେ ବିବାଅଇଆଚେ, ସେ ଏ ଜଗତର୍
ସବୁ ବିସଇନେଇ ଚିନ୍ତା କର୍ସି । କାଇକେବଇଲେ ସେ ତାର୍
ମାଇଜିକେ ସାର୍ଦାସଙ୍ଗ୍ ରକ୍ବାକେ ମନ୍ କର୍ସି । ୩୪ ସେନ୍ତିସେ
ତାର୍ ମନ୍ ଦୁଇବାଟେ ଜିକ୍ଟାନ୍ ଅଇଲାନି । ବିବା ନ ଅଇଲା
ମାଇଜି କି ଦାଙ୍ଗ୍ଡି ମାପ୍ରୁର୍ କାମର୍ ବିସଇ ଚିନ୍ତା କର୍ସି ।
କାଇକେବଇଲେ ସେ ତାର୍ ଗାଗଡ୍ ଆରି ଆତ୍ମା ପର୍ମେସର୍କେ
ସର୍ପି ଦେବାକେ ମନ୍ କର୍ସି । ମାତର୍ ବିବା ଅଇଲା ମାଇଜି ଏ
ଜଗତର୍ ସବୁଦିନର୍ ବିସଇ ଚିନ୍ତା କର୍ସି । କାଇକେ ବଇଲେ
ତାର୍ ମୁନୁସ୍କେ ସାର୍ଦା କର୍ବାକେ ସେ ବାବ୍ତେ ରଇସି ।
୩୫ ଏ କାତା ମୁଇ ତମ୍କେ ନିଜର୍ ମଙ୍ଗ୍ଲର୍ ପାଇ କଇଲିନି ।
ତମ୍କେ ଆଦେସ୍ ମାନ୍ବାକେ ଦେଇ ନାଇ ମାତର୍ ତମେ ଜେନ୍ତିକି
ସତ୍ ବାବେ ଚଲାଚଲ୍ତି କରି ଏନେତେନେ ଚିନ୍ତା ନ ଅଇକରି
ପୁରାପୁରୁନ୍ ବାବେ ମାପ୍ରୁକେ ସର୍ପି ଅଇବାକେ କଇଲିନି । ୩୬
କନିଆ ମାଙ୍ଗ୍ନି ଅଇଲାପଚେ ଜଦି ଜନ୍ ମନସ୍ ତାର୍ ମାଙ୍ଗ୍ଲା
ମାଇଜି ସଙ୍ଗ୍ ଟିକ୍ସଙ୍ଗ୍ ଚଲାଚଲ୍ତି କରି ନାପାର୍ଲାନି ଆରି ତାର୍
ଲାଲ୍ସା ସେ କନିଆ ଉପ୍ରେ ବଡିଗାଲାନି, । ତାର୍ ଇସାବେ
ବିବା ଅଇବାର୍ ଆଚେ ଆକା ବଇଲେ, ସେ ବିବା ଅଇ ପାରେ
। ଏଟାର୍ପାଇ କାଇ ପାପ୍ ନାଇ । ୩୭ ମାତର୍ ସେ ଜଦି କାର୍
ବାଦିଅ ନ ଅଇ ତାର୍ ମନ୍ ଡାଟ୍ କରି ଟିକ୍କଲେ, ଆରି ତାର୍
ମନ୍ କଲାଟା ପୁରାପୁରୁନ୍ ଦାରି ରକିପାର୍ଲେ, ସେ ଡିଣ୍ଡା ଟକିକେ
ବିବା ନ କଲେ ନିକ । ୩୮ ତେବେ ଜାକେ ଡିଣ୍ଡା ଟକିର୍ ମାଙ୍ଗ୍ନି
ଅଇଲା ଆଚେ, ସେ ଟିକ୍ କାମ୍ କଲାନି, ମାତର୍ ଜେ ବିବା ନ
ଅଏ, ସେ ତାର୍ ତେଇଅନି ଅଦିକ୍ ନିମାନ୍ କାମ୍ କଲାନି । ୩୯
ମୁନୁସ୍ ଜିବନ୍ ରଇବା ଜାକ, ମାଇଜି ବାନ୍ଦି ଅଇରଇସି । ଜଦି
ମୁନୁସ୍ ମରିଜାଇସି, ତେବେ ମାଇଜି ମାପ୍ରୁକେ ବିସ୍ବାସ୍ କର୍ବା
ଲକ୍କେ, କାକେ ମିସା ବିବା ଅଇପାର୍ସି । ୪୦ ମୁଇ ବାବ୍ଲିନି
ସେ ବିବା ନ ଅଇ ସେନ୍ତିସେ ରଇଲେ ଅଦିକ୍ ସୁକ୍ ମିଲ୍ସି । ଆରି
ଏଟା ପରମେସରର୍ ସୁକଲ୍ ଆତ୍ମାର୍ ମନ୍ କଲାଟା ବଲି ମୁଇ
ବାବ୍ଲିନି ।

୮ ଏବେ ମୁଇ ଦେବିଦେବ୍ତାମନ୍କେ ପୁଜ୍ଲା ମାଉଁସ୍
ବିସଇନେଇ ଲେକ୍ଲିନି । ଏଟା ସତ୍ ଜେ ଆମ୍କେସେ
ବୁଦି ଆଚେ ବଲି ତମେ ଜନ୍ଟା କଇଲାସ୍ନି, ସେଟା ଆମେ
ଜାନିଆଚୁ । ସେନ୍ତା ଗଟେକ୍ ଲକ୍କେ ଆଁକାର୍ ଜନମ୍ କରାଇସି
। ମାତର୍ ଆଲାଦ୍ ଆମର୍ ବିସ୍ବାସ୍କେ ଡାଟ୍ କରାଇସି । ୨
ଜନ୍ ଲକ୍, ଏ ବିସଇ ମୁଇ ଅଲପ୍ ଜାନିଆଚିବଲି ବାବ୍ସି, ସେ
ସତଇସେ ଜାଇଟା ଜାନ୍ବା ଦର୍କାର୍, ସେଟା ଜାନେ ନାଇ । ୩
ମାତର୍ ଜନ୍ଲକ୍ ଜଦି ପର୍ମେସର୍କେ ଆଲାଦ୍ କଲାନି, ତାକେ
ପର୍ମେସର୍ ଜାନେ । ୪ ତେବେ ଦେବିଦେବ୍ତାମନ୍କେ ପୁଜ୍ଲା
ମାଉଁସ୍ ବିସଇ ଜାନିଆଚୁ ଜେ, ଏ ଜଗତେ ଦେବି ଦେବ୍ତା ବଲି
କାଇଟା ନାଇ । ଆମର୍ ପର୍ମେସର୍କେ ଚାଡିଦେଲେ ଆରି
କେ ମିସା ପର୍ମେସର୍ ନାଇ । ୫ କାଇକେବଇଲେ ସରଗ୍
ପୁରେ ଅ କି ମତ୍ପୁରେ ଅ ଜନ୍ଟାମନ୍କେ ଦେବିଦେବ୍ତା ବଲି
କଇଲାଇନି, ଏଲେ ମିସା ସେମନ୍ ରଇପାରତ୍ । ଏନ୍ତି କେତେକ୍
କେତେକ୍ ଦେବ୍ତା ଆରି ମାପ୍ରୁ ଆଚତ୍ । ୬ ସେମନ୍ ରଇଲେ
ମିସା ଆମର୍ ଗଟେକ୍ ଆକା ବାବା ପର୍ମେସର୍, ଜନ୍ ବାବା କି
ସବୁ ତିଆର୍ କଲାଆଚେ, ଆରି ଆମେ ତାର୍ ଲାଗି ବଁଚ୍ଲୁନି,
ମାତର୍ ଗଟେକ୍ ବଲି ମାପ୍ରୁ ଜିସୁ କିରିସ୍ଟ, ତାର୍ ଲାଗି ସବୁ
ବିସଇ ଅଇଆଚେ, ଆରି ତାର୍ ଲାଗି ଆମେ ବଁଚ୍ଲୁନି । ୭
ଏଲେ ମିସା ଏ ସତ୍ ଗିଆନ୍ ସବୁଲକ୍ ନାଜାନତ୍ । ମାତର୍
କେତେଲକ୍ ଆଗେଅନି ଦେବି ଦେବ୍ତା ଆଚତ୍ ବଲି ବାବିକରି
ସେମନ୍କେ ପୁଜା କରି ଆଇଲାଇନି । ସେମନର୍ ବିସ୍ବାସ୍
ଡାଟ୍ ନାଇଜେ ଦେବିଦେବ୍ତାମନ୍କେ ପୁଜ୍ଲାଟା କାଇଲେସରି
ସେମନ୍ ସୁକଲ୍ ଅଇବାର୍ ନଏ ବଲି ବାବ୍ଲାଇନି । ୮ ମାତର୍

କାଦି କାଇବାଟା, ପର୍‌ମେସର୍‌ଟାନେଅନି ଆମ୍‌କେ ବିନେ ନ
କରେ । ଆମେ କାଇଲେ କାଇ ଲାବ୍ ନଏଁ, କି ନ କାଇଲେ
ମିସା କାଇଟା ନ ଜାଏ । ୯ ମାତର୍ କାଇଟା କାଇଲାସ୍‌ନି ସେ
ବିସଇନେଇ ଜାଗ୍‌ରତ୍ ରୁଆ । ତମେ ଜନ୍‌ଟା କାଇଲାର୍ ଲାଗି
ତମର୍ ଜନ୍ ବାଇର୍ ବିସ୍‌ବାସ୍ ଡାଟ୍ ନାଇ, ସେ ତମର୍‌ଲାଗି ପାପ୍
କର୍‌ବାର୍ ନାଇ । ୧୦ କାଇକେ ବଇଲେ, ତମେ ଗଟେକ୍ ବୁଦି
ରଇଲା ଲକ୍ । ପୁଜ୍‌ଲାଟା କାଇଲେ କାଇଟା ନଏଁ ବଲି ଜାନାସ୍
। ଜଦି ମନ୍ ବିତ୍‌ରେ ବିସ୍‌ବାସେ ଡାଟ୍ ନଇଲା ତମର୍ ଗଟେକ୍
ବାଇ, ସେ ତମ୍‌କେ ମନ୍ଦିରେ କାଇବାଟା ଦେକ୍‌ଲେ, ତାକେ ମିସା
ପୁଜ୍‌ଲାଟା କାଇବାକେ ମନ୍ ଲାଗ୍‌ସି । ୧୧ ତେବେ ସେ ବାଇ
ନସ୍‌ଟ ଅଇଲାନି, କାଇକେବଇଲେ ପୁଜ୍‌ଲାଟା କାଇଲାକେ ପାପ୍
କଲିନି ବଲି ସେ ବାବ୍‌ସି । କିରିସ୍‌ଟ ସେ ବାଇର୍‌ପାଇ ମଲାଆଚେ
ବଲି ମିସା ତମର୍ ମନେ ରଇବାର୍ ଆଚେ । ୧୨ ଏନ୍ତାରି ତମେ
ସଙ୍ଗର୍ ବିସ୍‌ବାସି ବାଇମନର୍ ବିରୁଦେ ପାପ୍ କଲାସ୍‌ନି ଆରି
ତାକର୍ ବୁଜ୍‌ବା ବପୁ ଉନାଟାକେ, ବାଦା ଦେଇ ମାପ୍‌ରୁ ଜିସୁର୍
ବିରୁଦେ ମିସା ପାପ୍ କଲାସ୍‌ନି । ୧୩ ତେବେ ମୁଇ ପୁଜ୍‌ଲା ମାଉଁସ୍
କାଇଲାର୍ ଲାଗି ମର୍ ବାଇବଇନିମନ୍‌କେ ପାପ୍ କରାଇଲିନି
ବଇଲେ, ମୁଇ କେବେ ମିସା ସେଟା ନ କାଇ । କାଇକେବଇଲେ
ସେଟାର୍‌ଲାଗି ମର୍ ବାଇବଇନିମନ୍ ପାପେ ନ ପଡତ୍ । **(aiōn
g165)**

**୯** ମର୍ ଜାଇଟା ମନ୍ କଲାଟା, ସେଟା କାଇ କରିନାପାରି କି?
ମୁଇ କାଇ ଗଟେକ୍ ପେରିତ୍ ନଇ କି? ମୁଇ କାଇ ଆମର୍
ମାପ୍‌ରୁ ଜିସୁର୍ ଦର୍‌ସନ୍ ପାଇ ନାଇ କି? ତମେ ସବୁ, ମୁଇ
ମାପ୍‌ରୁର୍ ପାଇ କରିରଇବା କାମର୍ ଲାଗି ବିସ୍‌ବାସ୍ କଲାସ୍
ନାଇ କି? ୨ ଜଦି ମକେ ବିନ୍ ଲକ୍‌ମନ୍ ଗଟେକ୍ ପେରିତ୍ ବଲି
ନ ନାମ୍‌ଲେ ମିସା, ତମେ ମକେ ସତ୍ ଇସାବେ ନାମି ଆଚାସ୍
। କାଇକେବଇଲେ ମାପ୍‌ରୁର୍ ସଙ୍ଗ ତମର୍ ଜିବନ୍ ମିସ୍‌ଲାର୍
ଲାଗି, ମର୍ ପେରିତ୍ ପଦର୍ ସାକି ଆଚାସ୍ । ୩ ତମେ ଗଟେକ୍
ପେରିତ୍ କି? ବଲି ମକେ ପର୍‌ସନ୍ କର୍‌ବା ଲକ୍‌ମନ୍‌କେ ମୁଇ
ଏ କାତା କଇବି । ୪ ଆମେ ମାପ୍‌ରୁ ଜିସୁର୍ ପେରିତ୍ ମନ୍ ।
ତାର୍ କାମର୍ ଲାଗି, କାଇବାଟା କି ପିଇବାଟା ମିଲ୍‌ଲେ, ସେଟା
ନେବାର୍ ମର୍ ଅଦିକାର୍ ନାଇ କି? ୫ ଅଲ୍‌ଗା ପେରିତ୍‌ମନର୍
ପାରା, ପିତର୍ ଆରି ଆମର୍ ମାପ୍‌ରୁ ଜିସୁର୍ ବାଇମନର୍ ପାରା,
ବିସ୍‌ବାସ୍ କରିରଇବା ମାଇଜିକେ ବିବା ଅଇକରି ତାକେ ମର୍
ସଙ୍ଗ ନେବାକେ କାଇ ମର୍ ଅଦିକାର୍ ନାଇ କି? ୬ ଅବ୍‌କା ଜିଇବା
କାଇବାକେ ମୁଇ ଆରି ବର୍‌ନବା ଆବଡ୍ କାମ୍ କର୍‌ତେ ରଇବୁ
କି? ୭ ବାବିଦେକା, ଗଟେକ୍ ସଇନ ଜୁଇଦେ ରଇଲାବେଲେ
ନିଜେ କର୍‌ଚ କରି କେବେ କାମ୍ କରିପାରେ କି? ନାଇ, ନାପାରେ
। କି ଗଟେକ୍ ଚାସି ତାର୍ କେତେ ଅନି ଅଇଲା ପସଲ୍, ତାର୍
କାଇବାର୍ ଅଦିକାର୍ ନାଇ କି? ଆରି କେ ଗରୁଗାଇ ପସିରଇକରି
ସେମନର୍ ଦୁଦ୍ ନ କାଅତ୍ କି? ୮ ମୁଇ କାଇ ଏଟା ମୁନୁସ୍
ଇସାବେ କଇଲିନି କି? ନିୟମେ ଏଟା ଲେକା ଅଏ ନାଇ କି? ୯
ସେ ନିୟମେ ଏନ୍ତାରି ଲେକା ଅଇଆଚେ । ଦାନ୍ ଗାନାଇ ବୁଲ୍‌ତେ
ରଇବା ବଲଦର୍ ତମ୍‌ନାଇ ବାନ୍ଦାନାଇ । ଜେନ୍ତି କି ସେ ଅଲପ୍
ଅଲପ୍ କାଇତେରଇସି । ଏ ନିୟମ୍ ଲେକ୍‌ଲାବେଲେ ପର୍‌ମେସର୍
କାଇ ଏ ବଲଦ୍‌ମନର୍ ବିସଇସେ ଚିନ୍ତା କର୍‌ତେରଇଲା କି?
୧୦ ଏଟା ଆମର୍ ପାଇ ଲେକା ଅଇଲାଆଚେ । ଜେନ୍ତିକି ଜନ୍
ଲକ୍‌ମନ୍ କସ୍‌ବାତେଇ ଆରି କାଟ୍‌ବାତେଇ ମିସ୍‌ଲାଇ ଆଚତ୍,
ସେମନ୍‌କେ ତେଇର୍ ପସଲ୍‌ଟାନେ ବାଗ୍ ମିଲ୍‌ସି ବଲି ଆସା କରି
କାମ୍ କର୍‌ବାଇ । ୧୧ ଆମେ ତମର୍ ବିତ୍‌ରେ ଆତ୍‌ମାର୍ ମୁଞ୍ଜି
ବୁନ୍‌ଲୁ ଆଚୁ । ସେଟାର୍ ପାଇ ତମର୍‌ଟାନେ ଅନି କାଇ ଜଗତର୍
ପସଲ୍ ପାଇବାକେ ମନ୍ କର୍‌ବାଟା, ଗଟେକ୍ କାରାପ୍ କାତା
କି? ୧୨ ତମର୍ ଟାନେଅନି ଏଟା ଆସା କର୍‌ବାକେ ଜଦି ବିନ୍
ଲକ୍‌ମନର୍ ଅଦିକାର୍ ଆଚେ, ସେନ୍ତି ବଇଲେ ତାକର୍‌ଟାନେଅନି
ଆମର୍ ଅଦିକାର୍ ବେସି ନଏଁ କି? ଏଲେ ମିସା ସେ ଅଦିକାର୍
ଆମେ ବେବାର୍ କରୁନାଇ, ମାତର୍ କିରିସ୍‌ଟର୍ ସୁବ୍‌କବର୍‌କେ
କାଇମିସା ଅସୁବିଦା ନ ଆସ ବଲି ଆମେ ସବୁ ରକାମର୍ କସ୍‌ଟ
ମୁର୍‌ଚି କରି ରଇଲୁନି । ୧୩ ଜନ୍ ଲକ୍‌ମନ୍ ମନ୍ଦିରେ ସେବା
କଲାଇନି, ସେମନ୍ ମନ୍ଦିରେ ଅନି କାଦି ପାଇବାଇ । ଆରି ଜେ
ସବୁଦିନେ ବେଦିଟାନେ ବଲି ଦେଲାଇନି, ସେମନ୍ ବେଦିଟାନେ
ବଲିକଲା ବାଟାଇ ମିସ୍‌ବାଇ, ଏଟା ତମେ ଜାନିଆଚାସ୍ । ୧୪
ସୁସମାଚାର୍ ଜାନାଇବା ଲକ୍, ତେଇଅନି ଜିଉନା କାଉନା କରା
ବଲି ମାପ୍‌ରୁ ଆଦେସ୍ ଦେଲାଆଚେ । ୧୫ ମାତର୍ ମୁଇ ଏନ୍ତାରି
କାଇମିସା ଅଦିକାର୍ ମାଙ୍ଗିନାଇ, ଏ ବିସଇ ଦାବି କର୍‌ବାକେ
ମୁଇ ଲେକିନାଇ । ତମର୍‌ଟାନେଅନି ମାଙ୍ଗ୍‌ବା ବାଦୁଲେ ମୁଇ
ମରିଜିବି ସିନା, ନ ମାଙ୍ଗି । କାଇକେବଇଲେ ମୁଇ ତମର୍‌ଟାନେ
କାଇଟା ନ ମାଙ୍ଗ୍‌ତେ କାମ୍ କଲି, ବଲି ବଡ୍‌ପନ୍ ଅଇବି । ୧୬
ସୁବ୍‌କବର୍ ସୁନାଇଲିନି ବଲି ମର୍ ବଡ୍‌ପନ୍ ଅଇବା ଅଦିକାର୍
ନାଇ, କାଇକେବଇଲେ ଏଟା ମକେ ତିଆରିରଇବା କାମ୍ ।
ଜଦି ମୁଇ ସୁବ୍‌କବର୍ ନ ଜାନାଇଲେ ମକେ ବଡ୍ ଡଣ୍ଡ ମିଲ୍‌ସି
। ୧୭ ଏଟା ଜଦି ମୁଇ ନିଜର୍ ମନ୍ କଲା ଇସାବେ କଲେ,
କୁଲି ପାଇବାକେ ମର୍ ଅଦିକାର୍ ରଇତା । ମାତର୍ ପର୍‌ମେସର୍
ମକେ ଏ କାମ୍ ସର୍‌ପି ଦେଲାକେ, ମୁଇ ଏଟା କଲିନି । ୧୮
ସେନ୍ତାର୍‌ଆଲେ ମକେ କେତେକ୍ କୁଲି ମିଲ୍‌ଲାନି? ମର୍ କର୍‌ଚା
ପାଇ ମାଙ୍ଗ୍‌ବାକେ ମର୍ ଦାବି ରଇଲେ ମିସା, ମୁଇ କୁଲି ନ
ପାଇତେ ସୁବ୍‌କବର୍ ଜାନାଇଲିନି । ସୁବ୍‌କବର୍ ଜାନାଇବାକେ
ଜନ୍ ଅଦିକାର୍ ମୁଇ ପାଇ ଆଚି, ସେଟାସେ ମର୍ କୁଲି । ୧୯
ଏଟାର୍‌ପାଇ ମୁଇ କାର୍ ତଲିଆ ନାଇ କି କାର୍ ଗତିଦାଙ୍ଗଡ଼ା ନାଇ
। ଅଇଲେ ମିସା କେତେକ୍ କେତେକ୍ ଲକ୍‌କେ କିରିସ୍‌ଟର୍‌ତେଇ
ଆନ୍‌ବାକେ ମୁଇ ସବୁଲକର୍ ଗତିଦାଙ୍ଗଡ଼ା ଅଇଆଚି । ୨୦ ମୁଇ
ଜିଉଦି ଲକ୍‌ମନ୍‌କେ ପାଇବାକେ, ତାକର୍ ପାରା ଚଲାଚଲ୍‌ତି
କଲିନି, ଜେନ୍ତିକି ମୁଇ ସେମନ୍‌କେ କିରିସ୍‌ଟର୍ ବାଟେ ଆନିପାର୍‌ବି

। ମୁଇ ଜଦି ମସାର୍ ନିୟମର୍ ତଲିଆର୍ ନ ଅଇରଇଲେ ମିସା,
ସେମନ୍‌କେ କିରିସ୍‌ଟର୍ ବାଟେ ଆନ୍‌ବାକେ, ନିୟମ୍ ମାନ୍‌ବା
ଲକର୍ ପାରା ଚଲାଚଲ୍‌ତି କଲିନି । ୨୧ ସେନ୍ତାରିସେ ଜିଉଦି ନ
ଅଇଲା ଲକ୍‌ମନର୍ ସଙ୍ଗ୍ ରଇଲାବେଲେ, ମୁଇ ଜିଉଦି ନିୟମ୍
ମାନି ନାଇ । ସେ ବେଲେ ମୁଇ ଜିଉଦି ନ ଅଇଲା ଲକର୍ ପାରା
ଚଲାଚଲ୍‌ତି କର୍‌ବି । ଜେନ୍ତିକି ସେମନ୍‌କେ କିରିସ୍‌ଟର୍ ବାଟେ
ଆନିପାର୍‌ବି । ଏଟାର୍ ଅରତ୍ ନଏଁ ଜେ ମୁଇ ପର୍‌ମେସରର୍
ନିୟମ୍ ମାନି ନାଇ । କାଇକେବଇଲେ ମୁଇ କିରିସ୍‌ଟର୍ ନିୟମର୍
ତଲେ ଆଚି । ୨୨ ଜେଡେବେଲେ ମୁଇ ବିସ୍‌ବାସେ ଦୁର୍‌ବଲ୍
ଲକର୍ ସଙ୍ଗ୍ ରଇବି, ତାକର୍‌ପାରା ଦୁର୍‌ବଲ୍ ଅଇବି । ଜେନ୍ତିକି
ସେନ୍ତିଅଇକରି ସେମନ୍‌କେ କିରିସ୍‌ଟର୍ ବାଟେ ଆନି ପାର୍‌ବି ।
ସେଟାର୍‌ପାଇ ମୁଇ ବିନ୍ ବିନ୍ ଲକର୍‌ଟାନେ ବିନ୍ ବିନ୍ ରକାମ୍
ଅଇରଇଲି । କେନ୍ତିକରି ମିସା ମୁଇ ସେମନ୍‌କେ ରକିଆ କର୍‌ବି
। ୨୩ କିରିସ୍‌ଟର୍ ସୁବ୍‌କବର୍ ସବୁବାଟେ ଜାନାଇବାକେ ଆରି
ତାର୍ ଆସିର୍‌ବାଦ୍ ପାଇବାକେ ମୁଇ ସବୁଟା କଲିନି । ୨୪
ଆରାଜିତା ଟାନେ ପାଲାଇବା ଲକ୍ ବେସି ଆଚତ୍, ଏଟା ସତ୍ ।
ମାତର୍ ଗଟେକ୍ ଲକ୍‌କେସେ ପୁରୁସ୍‌କାର୍ ମିଲ୍‌ସି । ଏଟା ତମେ
ଜାନିଆଚାସ୍ । ତମେ ମିସା ପୁରୁସ୍‌କାର୍ ପାଇଲା ପାରା ପାଲାଆ
। ୨୫ ଜେ ପାଲାଇବାଟାନେ ବାଗ୍ ନେଇସି, ସେ ଅବିଆସ୍ କରି,
ତାର୍ ଗାଗଡ୍ ଡାଟ୍ କରିରଇସି । ଆରି ସେ ଦାପେ ନସିଜିବା
ପୁରୁସ୍‌କାର୍ ମିଲାଇବାକେ ସେଟା କର୍‌ସି । ମାତର୍ ଆମେ,
କେବେ ମିସା ନ ନସ୍‌ବା ପୁରୁସ୍‌କାର୍ ପାଇବାକେ, ସେଟା କଲୁନି
। ୨୬ ମୁଇ ଏନେତେନେ ନ ଦେକି ସାରାସାରି କେଟ୍‌ବାଟାନେ
ପାଲାଇବା ଲକର୍ ପାରା ଆଚି । ମୁଇ ଗଟେକ୍ ବିଦା ସଙ୍ଗ୍ ଜୁଇଦ୍
କର୍‌ବା ଲକର୍‌ପାରା, ଜେକି ତାର୍ ବିଦା ମାର୍‌ଲେ ପାଇସି ଆକା ।
୨୭ ମୁଇ କସ୍‌ଟ ମୁର୍‌ଚିକରି ଗାଗଡ୍ ମେଲା ଚାଡିନାଇ । କାଇକେ
ବଇଲେ ବିନ୍ ଲକ୍‌ମନର୍ ଲଗେ ସୁବ୍‌କବର୍ ଜାନାଇରଇଲେ
ମିସା ମକେ ଜେନ୍ତିକି ନାଇବଲିକରି ନ କଅତ୍ ।

**୧୦** ଏ ମର୍ ବାଇବଇନିମନ୍, ଆମର୍ ଆନିଦାଦିମନ୍, ଜନ୍
ଲକ୍‌ମନ୍ ମସାର୍ ବାଟେ ଜାଇତେରଇଲାଇ, ସେମନ୍‌କେ
କାଇଟା ଅଇଲା ଏତାଇ ଦେକା । ସେମନ୍ ସବୁ ଲକ୍ ବାଦଲ୍
ତଲେ ରଇ ରକିଆ ପାଇତେରଇଲାଇ । ଆରି ରଙ୍ଗ୍ ସମ୍‌ଦୁରେ
ନ ବୁଡ୍‌ତେ ଇଣ୍ଡି ଇଣ୍ଡି ଲଙ୍ଗ୍‌ଲାଇ । ୨ ସେମନ୍ ସବୁ ବାଦ୍‌ଲେ
ଆରି ସମ୍‌ଦୁରେ ଡୁବନ୍ ନେଲାଇ । ମସାର୍ ସିସ୍‌ମନ୍ ବଲି
ସେମନ୍‌କେ ଗଟେକ୍ ଚିନ୍ ରଇଲା । ୩ ଆରି ସବୁଲକ୍ ପର୍‌ମେସର୍
ଜାଗାଇ ରଇବା କାଦି କାଇଲାଇ, ୪ ଆରି ସେ ପାକ୍‌ନାଇ ଅନି
ଆଇବା ପାନି କାଇଲାଇ । ସେ ପାକ୍‌ନା ଅଇଲାନି କିରିସ୍‌ଟ
। ୫ ଏଲେମିସା ସେମନର୍ ବିତ୍‌ରେ ଅନି ବେସି ଲକ୍‌କେ
ପର୍‌ମେସରର୍ ସାର୍‌ଦା ନ ରଇଲା । ସେଟାର୍ ପାଇ ସେମନ୍
ମରୁବାଲି ବୁଏଁ ମଲାଇ । ୬ ସେମନ୍ ଜନ୍ ରକାମ୍ ଆସାର୍
ବିସଇର୍ ପାଇ ଲାଲ୍‌ସା ଅଇ ରଇଲାଇ, ଆମେ ମିସା ସେ
ରକାମ୍ ଲାଲ୍‌ସା ନ ଅଉଁ । ସେଟାର୍‌ପାଇ ଏ ସବୁ ଗଟ୍‌ଲା
ବିସଇ ଆମର୍‌ପାଇ ଲେକାଅଇଆଚେ । ୭ ଜେନ୍ତିକି ସେମନର୍
ବିତ୍‌ରେ ଅନି କେତେଲକ୍ ପୁତ୍‌ଲା ପୁଜା କର୍‌ବାର୍ ଦାର୍‌ଲାଇ,
ତମେ ସେନ୍ତାରି ପୁତ୍‌ଲା ପୁଜା କର୍‌ବାଟା, ଆରାମ୍ କରା ନାଇ ।
ସାସ୍‌ତରରେ ଲେକା ଅଇଆଚେ, ଜେନ୍ତିକି ଲକ୍‌ମନ୍ ପୁଜାକଲାଟା
କାଇବାକେ ବସିରଇଲାଇ ଆରି ମଦ୍ କାଇକରି ବେବିଚାର୍
କର୍‌ବାର୍ ଦାର୍‌ଲାଇ । ୮ ଜେନ୍ତିକି ସେମନର୍ ବିତ୍‌ରେ କେତେଲକ୍
ବେସିଆ କାମ୍‌କରି ଗଟେକ୍ ଦିନେ କଡେ ତିନ୍ ଅଜାର୍ ଲକ୍
ପର୍‌ମେସରର୍ ଡଣ୍ଡ ପାଇକରି ମରିଗାଲାଇ । ସେନ୍ତାରି ଆମେ
ବେସିଆ କାମ୍ ନ କରୁ । ୯ ସେନ୍ତିସେ ସେମନର୍ ବିତ୍‌ରେ
କେତେଲକ୍ ମାପ୍‌ରୁକେ ପରିକା କଲାଇ ଆରି ବିସ୍ ରଇବା ସାଁପ୍
ଟକାଇ ଅଇକରି ମଲାଇ । ସେନ୍ତାରି ଆମେ ମାପ୍‌ରୁକେ ପରିକା
ନ କରୁ । ୧୦ ସେମନ୍ ଜେନ୍ତିକି ପର୍‌ମେସରର୍ ବିରୁଦେ ତାକର୍
ତାକର୍ ବିତ୍‌ରେ ଦଦାପେଲା ଅଇକରି, କୁରୁପ୍ ନାସ୍ କର୍‌ବା
ଦୁତର୍‌ଲାଗି ମରିଆଜିଗାଲାଇ । ତମେ ସେନ୍ତାରି ଦଦାପେଲା
ଉଆନାଇ । ୧୧ ସବୁ ଲକର୍‌ପାଇ ଏ ସବୁ ଗଟ୍‌ନା ଗଟ୍‌ଲା । ଆରି
ଆମ୍‌କେ ଚେତ୍‌ନା ପାଇବାକେ ସେଟା ସବୁ ଲେକାଅଇଆଚେ ।
କାଇକେବଇଲେ ଏ ଜଗତର୍ ସାରାସାରି ବେଲା ଆସି କେଟ୍‌ଲା
ଆଚେ । (aiōn g165) ୧୨ ସେଟାର୍‌ପାଇ ଜେ ମୁଇ ନିଜେ
ଡାଟ୍ ଆଚି ବଲି ମନେ ମନେ ଏତାଇସି, ସେ ବିସ୍‌ବାସେ ଅନି
ବିନ୍‌ବାଟେ ନ ଜାଆ, ସେଟାର୍‌ପାଇ ଜାଗ୍‌ରତ୍ ରୁଆ । ୧୩
ଆମ୍‌କେ ପରିକା ଜାଇ ପରିକା ଆଇସି, ସେଟା ନୁଆ ବିସଇ ନଏଁ
। କାଇକେବଇଲେ ସବୁବେଲେ ଏନ୍ତାରି ଲକ୍‌ମନ୍‌କେ ପରିକା
ଆଇତେରଇସି । ମାତର୍ ପର୍‌ମେସର୍ ତାର୍ କାତାଇ ଡାଟ୍ ଆଚେ
। ଆମ୍‌କେ ମୁର୍‌ଚି ନାପାର୍‌ଲା ପାରା ପରିକା ଅଇବାକେ ସେ
ନ ଦେଏ । ପରିକା ଆଇବାବେଲେ ସେ ଆମ୍‌କେ ବପୁ ମିସା
ଦେଇସି ଆରି ତେଇ ଅନି ରକିଆ ପାଇବା ବାଟ୍ ଦେକାଇସି ।
୧୪ ସେଟାର୍ ପାଇ ଏ ମର୍ ଆଲାଦର୍ ବାଇବଇନିମନ୍, ପୁତ୍‌ଲା
ପୁଜା କର୍‌ବା ଟାନେଅନି ଦୁରିକେ ଉଟିଜା । ୧୫ ମୁଇ ବୁଦି
ରଇଲା ଲକ୍‌ମନ୍‌କେ କଇଲା ପାରା କଇଲିନି। ମୁଇ କାଇଟା
କଇଲିନି ସେଟା ତମେ ବିଚାର୍ କରା । ୧୬ ଜେଡେବେଲେ ଆମେ
ମାପ୍‌ରୁର୍ କାଦିର୍‌ପାଇ ରୁଣ୍ଡବୁ, ଜନ୍ ମୁତାଇଅନି ଆମେ କାଇବୁ,
ସେ ମୁତାର୍‌ପାଇ ଆମେ ପର୍‌ମେସର୍‌କେ ଦନିଅବାଦ୍ ଦେଲୁନି ।
ସେ ମୁତାଇଅନି କାଇଲାବେଲେ ଆମେ କିରିସ୍‌ଟର୍ ବନିତେଇ
ମିସ୍‌ଲୁନି । ଜନ୍ ରୁଟିଆମେ ବାଣ୍ଟ୍‌ଇବୁ, ସେଟା କାଇଲାବେଲେ
କିରିସ୍‌ଟର୍ ଗାଗ୍‌ଡେ ମିସ୍‌ଲୁନି । ୧୭ କାଇକେବଇଲେ ରୁଟି
ଗଟେକ୍ ଅଇଲେ ମିସା ଆମେ ବୁତେକ୍ ଲକ୍ ଆଚୁ । ସେ ଗଟେକ୍
ରୁଟି ଆମେ ମିସିକରି କାଇବାବେଲେ ଗଟେକ୍ ଗାଗଡ୍ ଅଇଗାଲୁନି
। ୧୮ ଜିଉଦି ମନର୍ ବିସଇ ବାବିଦେକା । ଜନ୍ ଲକ୍‌ମନ୍
ପୁଜାକଲା ମାଉଁସ୍ କାଇଲାଇନି, ସେମନ୍ କାଇ ବେଦିଲଗେ
ଉପାସନା କଲାବେଲେ ନ ମିସତ୍? ୧୯ ଏଟାର୍‌ପାଇ ମୁଇ

କଇଲିନି ଜେ, ଦେବ୍‌ତାମନର୍ ବଲି କଲା ପର୍‌ସାଦ୍ କାଇଟା ନାଇ
କି ପୁତ୍‌ଲା ବଲି କାଇଟା ନାଇ । ୨୦ ପୁତ୍‌ଲାକେ ପୁଜା କରୁମନ୍
ସେମନ୍ ଜନ୍ ଜନ୍‌ଟା ବଲି ଇସାବେ ସର୍‌ପି ଦେଲାଇନି, ସେସବୁ
ପର୍‌ମେସର୍‌କେ ନ ସର୍‌ପାଇ କରି ଡୁମାମନ୍‌କେ ସରପ୍‌ଲାଇନି ।
ସେଟାର୍‌ପାଇ, ତମେ ଡୁମାମନର୍ ପୁଜାଟାନେ ମିସା ନାଇ । ୨୧
ତମେ ଜଦି ମାପ୍‌ରୁର୍ କାଦିଟାନେ ମିସିଆଚାସ୍, ସେନ୍ତାର୍‌ଆଲେ
ଡୁମାମନ୍‌କେ ପୁଜିରଇବା କାଦି ତମେ କାଇବାର୍ ନାଇ । ୨୨ ଜଦି
ମାପ୍‌ରୁ ଆମର୍ ଉପ୍‌ରେ ରିସା ଅଇଲେ, ତାର୍ ଡଣ୍ଡେଅନି ଆମେ
ରକିଆ ପାଇ ନାପାରୁ । କାଇ ମାପ୍‌ରୁର୍ ଟାନେଅନି ଆମେ ଅଦିକ୍
ବପୁ ଆଚୁକି? ୨୩ ସବୁ ବିସଇ କର୍‌ବାକେ ଆମର୍ ଅଦିକାର୍
ଆଚେ, ସେନ୍ତି ସେମନ୍ କଇବାଇ, ସେଟା ସତ୍ । ମାତର୍ ମୁଇ
କଇଲିନି ସବୁ ବିସଇ ଆମ୍‌କେ ସାଇଜ ନ କରେ । ୨୪ କେ
ମିସା ଅବ୍‌କା ନିଜର୍ ପାଇ କାଇଟା ନିକ ଅଇସି ବଲି ଚିନ୍ତା ନ
କରି, ନିଜର୍ ବାଇମନର୍ ମଙ୍ଗଲ୍ ବିସଇ ମିସା ଚିନ୍ତା କରା ।
୨୫ ଆଟେ ବିକ୍‌ରି ଅଇବା ଜନ୍ ମାଉଁସ୍ ମିସା କାଇବାର୍ ତମର୍
ଅଦିକାର୍ ଆଚେ, ତମର୍ ବିବେକର୍ ପାଇ ଏଟା ପୁଜା କଲାଟା କି
ନାଇ? ବଲି ନ ପାଚାରି କାଇଦିଆସ୍ । ୨୬ ଜେନ୍ତିକି ସାସ୍‌ତରେ
ଲେକା ଅଇଲାପାରା ଏ ଗୁଲାଇ ଜଗତେ ରଇବାଟା ମାପ୍‌ରୁର୍‌ଟା
। ୨୭ ଜଦି ବିସ୍‌ବାସ୍ ନ କଲା ଗଟେକ୍ ଲକ୍ ତମ୍‌କେ ତାର୍ ଘରେ
କାଇବାକେ ଡାକ୍‌ଲେ, ତମେ ଜିବାକେ ମନ୍ କର୍‌ସା ବଇଲେ
ତେଇ ତମ୍‌କେ ଜାଇଟା ଦେଲେ ମିସା ସେଟା କାଇଦିଆସ୍ ।
ମାତର୍ ତମର୍ ବିବେକର୍ ଲାଗି ଏଟା ପୁଜାକଲାଟା କି ନାଇ?
ବଲି ପାଚାରା ନାଇ । ୨୮ ମାତର୍ କେମିସା ତମ୍‌କେ ଏ କାଦି
ପୁଜା କଲାଟା । ବଲି କଇଲେ, ସେଟା ନିଚା । ଜେନ୍ତିକି ସେ
କଇଲାର୍‌ପାଇ ଆରି ତମର୍ ବିବେକର୍‌ପାଇ ସେଟା କାଆ ନାଇ ।
୨୯ ସେଟା ତର୍ ବିବେକର୍ ପାଇ ନାଇ, ସେଟା କଇଲା ଲକର୍
ବିବେକର୍ ପାଇ । ବାଦିଅରେ କେ ମିସା ପାଚାରି ପାରତ୍, ଜଦି
ଆମର୍ ମନ୍ କଲା ଇସାବେ କାଇଟା ମିସା କର୍‌ବାକେ ଅଦିକାର୍
ଆଚେ, ବିନ୍ ଲକର୍ ବିବେକର୍ ଲାଗି ମୁଇ କାଇକେ ନ କାଇ?
୩୦ ସେ କଇସି, “ଜଦି ମୁଇ ପର୍‌ମେସର୍‌କେ ଦନିଅବାଦ୍ ଦେଇ
କାଇବି, ତେବେ ମର୍ ସଙ୍ଗର୍ ବିସ୍‌ବାସିମନ୍ ମକେ କାଇକେ ନିନ୍ଦା
ଦେବାର୍ ଆଚେ?” ୩୧ ତେବର୍‌ପାଇ ବାତ୍ କା, କି ପାନି କା,
କି ଜାଇଟା ମିସା କରା, ପର୍‌ମେସର୍ ଡାକ୍‌ପୁଟା ପାଇବାକେ
ସବୁ କରା । ୩୨ ଜିଉଦି ଅ କି ଜିଉଦି ନ ଅଇଲା ଲକ୍ ଅ କି
ତମର୍ ସଙ୍ଗର୍ ପର୍‌ମେସରର୍ ମଣ୍ଡଲିର୍ ବିସ୍‌ବାସି ଅ, କାକେ
ମିସା ତମର୍ ଚଲାଚଲ୍‌ତି ଦେକି ନିନ୍ଦା ପାଇବାକେ ଦିଆସ୍‌ନାଇ ।
୩୩ ତମେ ମର୍‌ପାରା ଚଲାଚଲ୍‌ତି କରା, ମୁଇ ସବୁଲକର୍ ମଙ୍ଗଲ୍
ଅ ବଲି ଚେସ୍‌ଟା କଲିନି । ମୁଇ ମର୍ ନିଜର୍ ମଙ୍ଗଲ୍ ଅ, ବଲି
ଚିନ୍ତା କରିନାଇ, ମାତର୍ ସବୁଲକର୍ ମଙ୍ଗଲ୍ ଅ ବଲି ଚିନ୍ତା କଲିନି
। ଜେନ୍ତିକି ସେମନ୍ ସବୁଲକ୍ ରକିଆ ପାଇବାଇ ।

**୧୧** ମୁଇ ଜେନ୍ତାରି ମାପ୍‌ରୁର୍ ପଚେ ପଚେ ଗାଲିନି, ତମେମନ୍
ମିସା ସେନ୍ତାରି ମର୍ ପଚେ ପଚେ ଆସା । ୨ ତମେ ସବୁ
ବିସଇଟାନେ ମକେ ଏତାଇଲାସ୍‌ନି ଆରି ମୁଇ ତମ୍‌କେ ଜନ୍
ସବୁ ବିଦିବିଦାନ୍ ସିକାଇଆଚି, ସେ ସବୁ ମାନ୍‌ଲାସ୍‌ନି, ସେଟାର୍
ପାଇ ମୁଇ ତମ୍‌କେ ଦନିଅବାଦ୍ ଦେଲିନି । ୩ କିରିସ୍‌ଟ ସବୁ
ମୁନୁସ୍ ପିଲାମନର୍ ନେତା, ଆରି ମୁନୁସ୍ ମାଇଜିର୍ ନେତା, ଆରି
ପର୍‌ମେସର୍ କିରିସ୍‌ଟର୍ ନେତା । ଏଟା ତମେ ଜାନିରୁଆ ବଲି
ମୁଇ ମନ୍ କଲିନି । ୪ ଜେଡେବେଲେ ତମେ ମଣ୍ଡଲିତେଇ ରୁଣ୍ଡସା,
ତେଇ ଗଟେକ୍ ମୁନୁସ୍ ପିଲା ପାର୍‌ତନା କଲାନି କି ପର୍‌ମେସରର୍
କାତା ଜାନାଇଲାନି, ସେ ତାର୍ ମୁଣ୍ଡ ଡାବ୍‌ବାର୍ ନାଇ । ସେନ୍ତାର୍
କଲେ ସେ କିରିସ୍‌ଟକେ ଲାଜ୍ କରାଇସି । ୫ ସେନ୍ତାରିସେ ଗଟେକ୍
ମାଇଜି ପାର୍‌ତନା କଲାନି, କି ପର୍‌ମେସରର୍ କାତା ଜାନାଇଲାନି,
ସେ ତାର୍ ମୁଣ୍ଡେ ଅଡ୍‌ନା ପାକାଇବାର୍ ଆଚେ । ସେନ୍ତାର୍ ନ
କଲେ ସେ ମୁନୁସ୍‌କେ ଲାଜ୍ କରାଇସି । ସେ ଗଟେକ୍ ମୁଣ୍ଡରି
ମାଇଜିର୍ ପାରା ରଇସି । ୬ କାଇକେବଇଲେ ସେ ମାଇଜି ଜଦି
ଅଡ୍‌ନା ନ ପାକାଏ, ତାର୍ ଚେଣ୍ଡି କାଟିଦେବାଟା ନିକ । ଗଟେକ୍
ମାଇଜି ଜଦି ତାର୍ ଚେଣ୍ଡି କାଟ୍‌ସି କି ମୁଣ୍ଡ କୁରାଇସି, ସେଟା
ତାର୍ ପାଇ ଲାଜର୍ ବିସଇ, ସେଟାର୍‌ପାଇ ସେ ମୁଣ୍ଡେ ଅଡ୍‌ନା
ପାକାଇବାର୍ ଆଚେ । ୭ ମାତର୍ ଗଟେକ୍ ମୁନୁସ୍ ପିଲା ପାର୍‌ତନା
କଲାବେଲେ ତାର୍ ମୁଣ୍ଡେ ଅଡ୍‌ନା ପାକାଇବାର୍ ଦର୍‌କାର୍ ନାଇ ।
କାଇକେ ବଇଲେ ସେ ପର୍‌ମେସରର୍ ଚାଇଁ ଆରି ତାର୍ ଡାକ୍‌ପୁଟା
ଦେକାଇସି । ଆରି ମାଇଜି ମୁନୁସର୍ ଡାକ୍‌ପୁଟା ଦେକାଇସି । ୮
କାଇକେବଇଲେ ମୁନୁସ୍ ମାଇଜିର୍ ତେଇଅନି ତିଆର୍ ଅଏନାଇ,
ମାତର୍ ମାଇଜି ମୁନୁସର୍‌ତେଇ ଅନି ତିଆର୍ ଅଇଆଚେ । ୯ ମନସ୍
ମାଇଜିର୍ ପାଇ ତିଆର୍ ଅଏନାଇ । ମାତର୍ ମାଇଜି ମୁନୁସର୍
ପାଇ ତିଆର୍ ଅଇଲାଆଚେ । ୧୦ ସେଟାର୍ ପାଇ ମାଇଜିମନ୍
ମୁଣ୍ଡେ ଅଡ୍‌ନା ପାକାଇବାଟା ନିକ, ଜେନ୍ତିକି ସରଗର୍ ଦୁତ୍‌ମନ୍
ମିସା ସେ ତାର୍ ମୁନୁସର୍ ଅଦିକାରେ ଆଚେ ବଲି ଜାନ୍‌ବାଇ ।
୧୧ ମାତର୍ ଆମେ ବିସ୍‌ବାସିମନର୍‌ପାଇ ମାଇଜି ନଇତେ ମୁନୁସ୍
ରଇ ନାପାରେ କି ମୁନୁସ୍ ନଇତେ ମାଇଜି ରଇ ନାପାରେ ।
୧୨ ମାଇଜି ମୁନୁସର୍ ଗାଗ୍‌ଡେ ଅନି ଜାତ୍ ଅଇଲେମିସା, ମୁନୁସ୍
ମିସା ମାଇଜି ଜନମ୍ ଦେଲାକେ ଜାତ୍ ଅଇଆଚେ । ମାତର୍
ସବୁ ବିସଇ ପର୍‌ମେସର୍ ଟାନେଅନି ଜାତ୍ ଅଇଆଚେ । ୧୩
କନ୍‌ଟା ନିକ ବଲି ତମେ ନିଜେ ନିଜେ ବିଚାର୍ କରା । ଜଦି
ଗଟେକ୍ ମାଇଜି ମଣ୍ଡଲିତେଇ ସବୁର୍ ମୁଆଟେ ମୁଣ୍ଡେ ଅଡ୍‌ନା ନ
ପାକାଇ ପାର୍‌ତନା କଲେ ସେଟା ସୁନ୍ଦର୍ କି? ନାଇ ସୁନ୍ଦର୍ ନାଇ
। ୧୪ ସେନ୍ତାରିସେ ଜଗତର୍ ଜାନ୍‌ବା ବିସଇ ନେଇକରି ମୁନୁସ୍
ପିଲା ଜଦି ମାଇଜିମନର୍ ପାରା ଚେଣ୍ଡି ବଡାଇରଇଲେ ସେଟା
ଲାଜର୍ କାତା । ୧୫ ମାତର୍ ମାଇଜିଟକି ଚେଣ୍ଡି ବଡାଇଲେ
ତାର୍‌ପାଇ ସୁନ୍ଦର୍ ବିସଇ । କାଇକେବଇଲେ ପର୍‌ମେସର୍ ତାର୍
ଡେଙ୍ଗ ଚେଣ୍ଡି ତାର୍ ମୁଣ୍ଡେ ଡାବି ଅଇବାକେ ଦେଲା ଆଚେ । ୧୬

ଜଦି ଏ ବିସଇନେଇ କେ ମିସା ମର୍ ଆଦେସ୍ ମାନ୍‌ବାକେ ମନ୍
ନ କରେ, ଆମେ କି ପର୍‌ମେସରର୍ ବିନ୍ ମଣ୍ଡଲିମନ୍‌କେ ମିସା
ଏଟା ଚାଡି ଆରି କାଇ ଅବିଆସ୍ ନାଇ । **୧୭** ଆରି ଗଟେକ୍
ବିସଇ ମୁଇ କଇବାର୍ ଆଚେ । ତମେ ଉପାସନା କର୍‌ବାକେ
ରୁଣ୍ଡ୍‌ଲାବେଲେ ଗଟେକ୍ କର୍‌ବା ବିସଇ ମର୍ ମନ୍‌କେ ଜାଏନାଇ
। କାଇକେବଇଲେ ତମେ ରୁଣ୍ଡ୍‌ଲାର୍ ଲାଗି ତମର୍ ବିସ୍‌ବାସ୍
ଡାଟ୍ ଅଏନାଇ, ମାତର୍ ଦୁର୍‌ବଲ୍ ପାରା ଅଇଗାଲାନି । **୧୮**
ମୁଇ ସୁନିଆଚି ଜେ, ତମେ ଉପାସନା କର୍‌ବାକେ ରୁଣ୍ଡ୍‌ଲାବେଲେ
ବାଗ୍ ବାଗ୍ ଅଇକରି ଗଟେକ୍ ବାଟର୍ ଲକ୍ ଆରି ଗଟେକ୍ ବାଟର୍
ଲକ୍‌କେ ବିରଦ୍ କଲାସ୍‌ନି ଆରି ଏଟା ସତ୍ ବଲି ମୁଇ ଜାନି
। **୧୯** ତମର୍ ବିତ୍‌ରେ ଏନ୍ତାରି ଅଇବାଟା ନିକ । ଜେନ୍ତାରି କି
ତେଇଅନି ପରିକାଟାନେ ସିଦ୍ ଅଇଲା ଲକ୍‌ମନ୍ ବାରଇବାଇ
। **୨୦** ଜେଡେବେଲେ ତମେ ମାପ୍‌ରୁର୍ କାଦି କାଇବାକେ
ଗଟେକ୍ ଜାଗାଇ ଜମ୍‌ଲାସ୍‌ନି, ସେଟା ସତଇସେ ମାପ୍‌ରୁର୍ କାଦି
ନଏଁ, **୨୧** କାଇକେ ବଇଲେ, ତମର୍ ବାଇମନର୍‌ପାଇ କାଇଟା
ଚାଡାସ୍ ନାଇ । ଏଟାର୍‌ପାଇ କେତେଲକ୍ ବୁକେ ଉଟିଗାଲାଇନି
। ଆରି କେତେଲକ୍ ମାତ୍‌ଲାସ୍‌ନି । **୨୨** ତମେ କାଇବାକେ
କାଇ ନିଜର୍ ଗର୍ ନାଇ କି? ତମର୍ ଲାଗି ତମର୍ ଗରିବ୍
ବାଇମନ୍ ଲାଜ୍ ଅଇଗାଲାଇନି । ଆରି ବାକି ବିସ୍‌ବାସିମନ୍‌କେ
ଇଜତ୍ ଜିକାଇଲାସ୍‌ନି । ଏ ବିସଇ ଆରି ମୁଇ ତମ୍‌କେ କାଇଟା
ବଲି କଇବି? ଏନ୍ତାରି ଅ ବଲି କଇବି କି? ନାଇ, ନ କଇ
। **୨୩** କାଇକେବଇଲେ ମାପ୍‌ରୁର୍ ସିକିଆ ପାଇଲି ଆଚି,
ସେଟାସେ ମୁଇ ତମ୍‌କେ ସିକାଇଆଚି । ଜନ୍ ରାତି ଆମର୍ ମାପ୍‌ରୁ
ଜିସୁ ବିସ୍‌ବାସେ ବିସ୍ ଦେଲାପାରା ଅଇଲା, ସେ ରୁଟିନେଇ,
ପର୍‌ମେସର୍‌କେ ଦନିଅବାଦ୍ ଦେଲା । **୨୪** ଏଟା ତମର୍ ପାଇ
ବଲିଅଇରଇବା ମର୍ ଗାଗଡ୍, ମକେ ଏତାଇବାକେ ଏନ୍ତାର୍
କରା । **୨୫** ସେନ୍ତାରିସେ କାଇଲା ପଚେ, ସେ ମୁତା ଦାରିକରି
କଇଲା "ଏ ମୁତା ପର୍‌ମେସରର୍ ନୁଆ ରାଜିନାମା, ଜନ୍‌ଟା କି
ମର୍ ନିଜର୍ ବନି ଦେଲାକେ, ଟିକ୍ ଅଇଲା ।" **୨୬** ଆମର୍
ମାପ୍‌ରୁ ଜିସୁ ବାଅଡ୍‌ବାଜାକ, ଜେତ୍‌କିତର୍ ରୁଟି କାଇସା କି ଏ
ମୁତାଇ ଅନି ଡୁକ୍‌ସା, ତମେ ମାପ୍‌ରୁର୍ ମରନ୍ ବିସଇର୍ କବର୍
ଜାନାଇସା । **୨୭** ଏଟାର୍ ଅରତ୍ ଅଇଲାନି, ଜେ ଜଦି ମାପ୍‌ରୁକେ
ସନ୍‌ମାନ୍ ନ ଦେଇ, ଏ ରୁଟି କାଇସି କି ମୁତାଇ ଅନି ଡୁକ୍‌ସି,
ସେ ମାପ୍‌ରୁର୍ ଗାଗଡ୍ ଆରି ବନିର୍ ବିରୁଦେ ପାପ୍ କଲାନି । **୨୮**
ସେଟାର୍‌ପାଇ ତମେ ନିଜ୍‌କେ ପରିକା କରି ଦେକ୍‌ବାର୍‌ଆଚେ,
ଦେକି ସାରାଇ ଏ ରୁଟି କାଇଅଇସି ଆରି ମୁତାଇଅନି ଡୁକି ଅଇସି
। **୨୯** କାଇକେବଇଲେ ଜଦି ସେ ରୁଟି କାଇଲାବେଲେ ଜେ
ମାପ୍‌ରୁର୍ ଗାଗଡ୍ ଆରି ମୁତାଇଅନି ଡୁକ୍‌ଲାବେଲେ ସତ୍‌ବିସଇ
ନ ବୁଜତ୍, ସେମନ୍ ନିଜେ ନିଜର୍ ଉପ୍‌ରେ ପର୍‌ମେସରର୍ ଡଣ୍ଡ
ଡାକି ଆନ୍‌ଲାଇନି । **୩୦** ସେଟାର୍‌ପାଇ ତମର୍ ବିତ୍‌ରେ ବେସି
ଲକ୍ ଦୁର୍‌ବଲ୍ ଆଚାସ୍ ଆରି ବିନ୍ ବିନ୍ ଜର୍ ଦାରାଇ ଅଇଆଚାସ୍
ଆରି ମଲାସ୍‌ନି ମିସା । **୩୧** ମାତର୍ ଆମେ ଜଦି ନିଜ୍‌କେ ପରିକା
କର୍‌ତା ଆଲେ, ପର୍‌ମେସରର୍ ଡଣ୍ଡ ଆମର୍ ଉପ୍‌ରେ ନ ଆଇତା
। **୩୨** ମାତର୍ ଜଗତର୍ ଲକ୍‌ମନର୍ ପଚର୍ ଡଣ୍ଡ୍‌ଲଗେ ଅନି
ଆମ୍‌କେ ରକିଆ କର୍‌ବାକେ ପର୍‌ମେସର୍ ଆମ୍‌କେ ବିଚାର୍ କରି
ଦେଇସି । **୩୩** ତେବେ ଏ ମର୍ ବାଇବଇନିମନ୍, ତମେ ଆମର୍
ମାପ୍‌ରୁର୍ କାଦି କାଇବାକେ ରୁଣ୍ଡ୍‌ଲା ବେଲେ ଗଟେକ୍ ଲକ୍ ଆରି
ଗଟେକ୍ ଲକ୍‌କେ ଜାଗା । **୩୪** ଜଦି କେ ବୁକେ ଆଚେ, ସେ
ନିଜର୍ ଗରେ କାଇକରି ଆଇବାର୍ ଆଚେ । ଜେନ୍ତିକି ତମେ
ରୁଣ୍ଡ୍‌ଲାବେଲେ ପର୍‌ମେସରର୍ ଡଣ୍ଡ ତମର୍ ଉପ୍‌ରେ ନ ଆସେ ।
ଆରି ରଇଲା ବିନ୍ ବିନ୍ ବିସଇମନ୍ ମୁଇ ଆଇଲେ, ପଚେ ବୁଜାଇ
ଦେବି ।

**୧୨** ମର୍ ବାଇମନ୍, ତମେ ସୁକଲ୍ ଆତ୍‌ମା ଦେବା ଦାନ୍
ବିସଇର୍ ଜାଇଟା ଲେକିରଇଲାସ୍ ସେଟା ନିକସଙ୍ଗ୍ ବୁଜା
ବଲି ମୁଇ କଲିନି । **୨** ତମେ ଜିସୁକେ ବିସ୍‌ବାସ୍ କର୍‌ବା ଆଗ୍‌ତୁ
ଜିବନ୍ ନ ରଇବା ପୁତ୍‌ଲାମନ୍‌କେ ପୁଜାକରି ବାଟ୍ ବାନା ଅଇଜାଇ
ରଇଲାସ୍ । **୩** ସେଟାର୍‌ପାଇ ମୁଇ ଏବେ ତମ୍‌କେ କଇଲିନି, ଜନ୍
ଲକ୍ ସୁକଲ୍ ଆତ୍‌ମାର୍ ଚାଲ୍‌ନା ପାଇଲାଆଚେ, ସେ ଜିସୁକେ
ଅବିସାପ୍ ଦେଇ ନାପାରେ । ଆରି ଜନ୍ ଲକ୍ ତାର୍ ଆତ୍‌ମା
ପାଏନାଇ, ସେ ଜିସୁ ପର୍‌ମେସର୍ ବଲି କଇନାପାରେ । **୪**
ସୁକଲ୍ ଆତ୍‌ମାର୍ ଦାନ୍ ବିନ୍ ବିନ୍ ରକାମ୍, ମାତର୍ ଜନ୍ ଆତ୍‌ମା
ସେଟାମନ୍ ଦେଇସି ସେ ଗଟେକ୍ ସେ । **୫** ସେବା ବିନ୍ ବିନ୍
ରକାମର୍, ମାତର୍ ଜନ୍ ମାପ୍‌ରୁ ସେବା ପାଇଲାନି, ସେ ଗଟେକ୍
ସେ । **୬** କାମ୍ କର୍‌ବା ବପୁ ବିନ୍ ବିନ୍ ରକାମର୍, ମାତର୍
ପର୍‌ମେସର୍ ଗଟେକ୍ । ସେ ଆକା ସବୁକେ ବପୁ ଦେଲାନି ।
**୭** ମାତର୍ ସବୁ ଲକର୍ ମଙ୍ଗଲ୍ ପୁରାପୁରୁନ୍ ଅଇବାକେ ବିନ୍
ବିନ୍ ଲକର୍ ବିତ୍‌ରେ ସୁକଲ୍ ଆତ୍‌ମାର୍ ବପୁ ବିନ୍ ବିନ୍ ଇସାବେ
ଜାନାପଡ୍‌ସି । **୮** ସୁକଲ୍ ଆତ୍‌ମା କାକେ କାକେ ବୁଦିର୍ ବାକିଅ
କଇବାକେ ଦେଇସି, ଆରି କାକେ କାକେ ଗିଆନର୍ ବାକିଅ
ଦେଇସି । **୯** ସେ ଗଟେକ୍ ସୁକଲ୍ ଆତ୍‌ମାସେ କାକେ କାକେ
ବିସ୍‌ବାସ୍ ଦେଇସି ଆରି କାକେ କାକେ ନିକ ଅଇବା ବପୁର୍ ଦାନ୍
ଦେଇସି । **୧୦** କାକେ କାକେ କାବାଅଇଜିବା କାମ୍ କରିପାର୍‌ବା
ବପୁ, କାକେ କାକେ ପର୍‌ମେସର୍ ଜାନାଇଲା କାତା କଇବା
ବପୁ, କେତେ ଲକ୍‌କେ ଆତ୍‌ମା ଦେଇରଇବା ଦାନ୍ ଚିନ୍‌ବା ବପୁ,
ଆରି କେତେକ୍ ଲକ୍‌କେ ସେ ନାଜାନି ରଇବା ବିନ୍ ବିନ୍ ବାସାଇ
କାତା କଇବା ବପୁ, ଆରି କେତେକ୍ ଲକ୍‌କେ ସେ ବାସାର୍ ଅରତ୍
ବୁଜାଇବା ବପୁ ଦେଇରଇସି । **୧୧** ମାତର୍ ଏ ସବୁଜାକ ବପୁ
ଗଟେକ୍ ଆତ୍‌ମାସେ କରି ରଇସି । ସେ ନିଜର୍ ମନ୍ କଲା ଇସାବେ
ବିନ୍ ବିନ୍ ଲକ୍‌ମନ୍‌କେ ବିନ୍ ବିନ୍ ବିସଇର୍ ଦାନ୍ ଦେଇରଇସି
। **୧୨** ଜେନ୍ତିକି ବିନ୍ ବିନ୍ ବାଗ୍ ମିସିକରି ରଇଲେ ମିସା ଗାଗଡ୍
ଗଟେକ୍‌ସେ, ସେନ୍ତାରିସେ କିରିସ୍‌ଟ ଗଟେକ୍ ଗାଗଡ୍ ପାରା ।
ଜନ୍‌ତେଇ କି ବିନ୍ ବାଗ୍ ମିସିଆଚତ୍ । **୧୩** କାଇକେବଇଲେ

ଆମେ ସବୁ ଜିଉଦି ଅଇଲେ କି ଜିଉଦି ନ ଅଇଲେ ମିସା, ଗତିଦାଙ୍ଗ୍ଡା ଅଇଲେ କି ନିଜର୍ ଇସାବେ ଚଲାଚଲ୍‌ତି କଲେ ମିସା ପର୍‌ମେସରର୍ ସେ ସମାନ୍ ଗଟେକ୍ ଆତ୍‌ମାର୍ ଲାଗି, ଗଟେକ୍ ଗାଗଡ୍ ଅଇବାକେ ଡୁବନ୍ ନେଇଆଚୁ । ଆରି ଏ ସମାନ୍ ସୁକଲ୍ ଆତ୍‌ମା ପାଇଆଚୁ । **୧୪** ଆମର୍ ଗାଗଡ୍ ବିସଇ ଆରି ଗଟେକ୍‌ତର୍ ଚିନ୍ତା କରିଦେକ୍ଲୁ । ସେଟାକେ ଗଟେକ୍ ବାଗ୍ ନାଇ ମାତର୍ ବେସି ବାଗ୍ ଆଚେ । **୧୫** ଜଦି ପାଦ୍, "ମୁଇ ଆତ୍ ନଇ, ମୁଇ ଗାଗଡର୍ ନଇ ।" ବଲିକରି କଇଲେ ମିସା ପାଦ୍ ଗାଗ୍‌ଡର୍ ସେ । **୧୬** ସେନ୍ତିସେ କାନ୍ ଜଦି, ମୁଇ ଆଁକି ନଇ, ମୁଇ ଗାଗଡେ ମିସ୍‌ବାଟା ନଇ ସେନ୍ତି କଇଲେ ମିସା ଆଁକି ଗାଗଡର୍‌ଟାସେ । **୧୭** ସବୁ ଗାଗଡ୍ ଜଦି ଗଟେକ୍ ଆଁକିସେ ରଇଲେ, ତେବେ ସୁନ୍‌ବାଟା କନ୍ତି ରଇତା? ସବୁ ଗାଗଡ୍ ଜଦି ଗଟେକ୍ କାନ୍‌ସେ ଅଇତା, ତେବେ ସୁଙ୍ଗ୍‌ବାଟା କନ୍ତି ରଇତା? **୧୮** ମାତର୍ ଗାଗଡ୍ ସେନ୍ତାରି ନଏଁ । କାଇକେବଇଲେ ପର୍‌ମେସର୍ ତାର୍ ନିଜର୍ ମନ୍ କଲା ଇସାବେ ଗାଗଡର୍ ସବୁ ବାଗ୍, ସମାନ୍ ଜାଗାଇ ସାଜାଡି ସଙ୍ଗ୍‌ଇଆଚେ । **୧୯** ଆରି ଗାଗଡ୍‌କେ ଜଦି ଗଟେକ୍‌ସେ ବାଗ୍ ରଇତା, ତେବେ ଗାଗଡ୍ ବଲି କେନ୍ତି ବଲାଇ ଅଇତା? **୨୦** ମାତର୍ ସତ୍ ବିସଇ ଅଇଲାନି ବେସି ବାଗ୍ ରଇଲେ ମିସା ଗାଗଡ୍ ଗଟେକ୍‌ସେ । **୨୧** ତର୍ ଟାନେ ମର୍ କାଇ ଲଡା ନାଇ, ବଲି ଆଁକି ଆତ୍‌କେ କଇନାପାରେ କି, ମୁଣ୍ଡ ପାଦ୍‌କେ କଇ ନାପାରେ । **୨୨** କାଇକେବଇଲେ ଜନ୍ ଗାଗଡର୍ ବାଗ୍ ବିନ୍‌ଟାମନର୍ ତେଇଅନି ଦୁର୍‌ବଲ୍ ଆଚେ ବଲି ଆମେ ବାବ୍‌ଲୁନି, ସେଟାମନ୍‌ସେ ଆମ୍‌କେ ବେସି ଲଡାକେ ଆଇସି । **୨୩** ଆରି ଜନ୍ ଗାଗଡର୍ ବାଗ୍ ବେସି ମୁକିଅ ନାଇ, ଆରି ସୁନ୍ଦର୍ ନ ଡିସେ, ସେଟାମନ୍‌ସେ ଆମେ ନିକସଙ୍ଗ୍ ଜତନ୍ କରି ଡାବ୍‌ଲୁନି । **୨୪** ଆରି ଜନ୍ ବାଗ୍ ବାଇରେ ଅନି ସୁନ୍ଦର୍ ଡିସ୍‌ସି, ସେଟାମନ୍ ସେନ୍ତାରି ଜତନ୍ କର୍‌ବା ଦର୍‌କାର୍ ନାଇ । ପର୍‌ମେସର୍ ଆମର୍ ଗାଗଡର୍ ବାଗ୍‌ମନ୍‌କେ କାଇକେ ଏନ୍ତି ସାଜାଇଲା ବଇଲେ, ଜନ୍‌ଟାକି ବେସି ମୁକିଅ ନାଇ ବଲି ଆମେ ବାବ୍‌ଲୁନି, ସେଟାମନ୍‌କେ ଆମେ ନିକସଙ୍ଗ୍ ଜତନ୍ କରି ସନ୍‌ମାନ୍ ଦେବୁ । **୨୫** ଜେନ୍ତାରି କି ଗାଗଡର୍ ବାଗ୍ ସବୁ ଗଟେକ୍ ବାଗ୍ ଆରି ଗଟେକ୍ ବାଗ୍‌କେ ବିରଦ୍ ନ କରେ, ମାତର୍ ତାକର୍ ତାକର୍ ବିତ୍‌ରେ ସାଇଜ ଅଇବାଇ । ତେବେ ଗାଗଡର୍ ଗଟେକ୍ ବାଗ୍‌କେ ଦୁକା ଅଇଲେ, ସେଟା ସବୁର୍‌ପାଇ ଦୁକା । **୨୬** ଗଟେକ୍ ବାଗ୍ ଦୁକା ଅଇଲେ, ଆରି ଅଲ୍‌ଗା ବାଗ୍‌କେ ମିସା ଦୁକା ଅଇସି । ଗଟେକ୍ ବାଗ୍ ଡାକ୍‌ପୁଟା ଅଇଲେ, ସେମନ୍ ସବୁ ମିସି ସାର୍‌ଦା ଅଇବାଇ । **୨୭** ଆମେ ଜେତ୍‌କି ଲକ୍ ବିସ୍‌ବାସି, କିରିସ୍ଟର୍ ଗାଗଡ୍ ସଙ୍ଗ୍ ସମାନ୍ କରିଅଇସି । ଆରି ତେଇ ଆମେ ଗଟେକ୍ ଗଟେକ୍ ବାଗ୍ । **୨୮** କିରିସ୍ଟର୍ ଏ ଗାଗ୍‌ଡେ ପର୍‌ମେସର୍ ବିନ୍ ବିନ୍ ଲକ୍‌ମନ୍‌କେ ବିନ୍ ବିନ୍ କାମ୍ ଦେଲାଆଚେ । ପର୍‌ତୁମ୍ ପେରିତ୍ ଇସାବେ ବାଚ୍‌ଲା ଲକ୍, ତାର୍ ପଚେ ବବିସତ୍ କାତା କଇବା ଲକ୍‌ମନ୍‌କେ, ସିକାଉମନ୍‌କେ, କାବାଅଇଜିବା କାମ୍ କର୍‌ବା ଲକ୍‌କେ, ନିକ କର୍‌ବା ଲକ୍‌ମନ୍‌କେ, ସାଇଜ କର୍‌ବା ଲକ୍‌ମନ୍‌କେ, ନେତା ଇସାବେ ଦାଇତ୍ ନେବାକେ, ଆରି ନାଜାନ୍‌ଲା ବାସାଇ କାତା କଇବା ଲକ୍‌ମନ୍‌କେ ବାଚ୍‌ଲା ଆଚେ । **୨୯** ସେମନ୍ ସବୁଲକ୍ ପେରିତ୍ ନଅତ୍ କି ବବିସତ୍‌ବକ୍ତା କି ସିକାଉମନ୍ ନଅତ୍ । ସବୁଲକ୍‌କେ କାବା ଅଇଜିବା କାମ୍ କର୍‌ବା ବପୁ ନାଇ । **୩୦** କି ନିକ କର୍‌ବା ବପୁ କି ନାଜାନ୍‌ବା କାତାଇ କଇବା ବପୁ, କି ଜନ୍‌ଟା କଇଲାଟା ବୁଜାଇବା ବପୁ ନାଇ । **୩୧** ତେବେ ଅଦିକ୍ ମୁକିଅ ରଇବା ବପୁ ପାଇବାକେ ଆମେ ମନ୍ କର୍‌ବାର୍ ଆଚେ । ସବୁର୍‌ଟାନେ ଅନି ମୁକିଅ ବପୁର୍ ବିସଇ ମୁଇ ତମ୍‌କେ ଜାନାଇବି ।

**୧୩** ଜଦି ମୁଇ ଲକ୍‌ମନର୍ ବାସାଇ କି ସରଗର୍ ଦୁତ୍‌ମନର୍ ବାସାଇ କାତା ଅଇବି । ମର୍ ବାଇମନ୍‌କେ ମୁଇ ଆଲାଦ୍ ନ କରି ବଇଲେ, ମର୍ କାତା ଚୁଚାଇସେ, ଜେନ୍ତିକି ଗଟେକ୍ ସବଦ୍ ଅଇକରି ବାଜ୍‌ବା ଗଁଟା ପାରା । **୨** ସେନ୍ତାରି ମକେ ମାପ୍‌ରୁର୍ ବାକିଅ ବୁଜାଇବା ବପୁ ରଇଲେ ମିସା, କି ମୁଇ ସବୁ ବିସଇ ଜାନିରଇଲେ ମିସା, ଟିକି ନିକି ବିସଇ ବୁଜିରଇଲେ ମିସା ଆରି ମର୍ ବିସ୍‌ବାସ୍ ଏଡେକ୍ ଡାଟ୍ ଆଚେ ଜେ, ଡଙ୍ଗର୍ ଉଟ୍‌କାଇବା ପାରା ମର୍ ଡାଁଟର୍ ବିସ୍‌ବାସ୍ ରଇଲେ ମିସା ବାଇମନର୍ ପାଇ ଆଲାଦ୍ ନାଇ ବଇଲେ ମୁଇ ଚୁଚାଇସେ । **୩** ଜଦି ମୁଇ ମର୍ ସବୁ ଦନ୍ ସଁପତି ଅର୍‌କିତ୍ ଲକ୍‌ମନ୍‌କେ ଦେଇରଇଲେ ମିସା, ଆରି କିରିସ୍ଟର୍‌ପାଇ ମର୍ ଗାଗଡ୍ ପଡାଇବାକେ ସର୍‌ପି ଦେଲେ ମିସା ମର୍ ଆଲାଦ୍ ନାଇ ବଇଲେ, ମର୍‌ପାଇ କାଇ ଲାବ୍ ନାଇ । **୪** ଆମେ ବାଇମନ୍‌କେ ଆଲାଦ୍ କଲେ ଦାପେ ରିସା ନ ଅଇ ଦୟା ଦେକାଇବୁ । ଆଁକାର୍ ନ ଅଇ, ବଡ୍‌ପନ୍ ନ ଅଇ ଲକ୍‌ମନ୍‌କେ ନିଜର୍ ତଲିଆ ନ ଦେକୁ । **୫** ଆମେ କାରାପ୍ ବେବାର୍ ନ କରୁ, ନିଜେ ପାଇବାକେ ମନ୍ ନ କରୁ । ଦାପେ ବିର୍‌ବିରା ନ ଅଉଁ ଆରି ଆଗେ କଲା ବୁଲ୍ କାମ୍‌ମନର୍ ଇସାବ୍ ନ କରୁ । **୬** ଆମେ ଦରମ୍ ନଇଲାଟାକେ ଦେକି ସାର୍‌ଦା ନ ଅଉଁ, ମାତର୍ ସତ୍ ଟାନେ ସାର୍‌ଦା ଅଇବୁ । **୭** ସବୁ ବିସ୍‌ବାସ୍ କର୍‌ବୁ, ସବୁଟା ଆସାକର୍‌ବୁ, ସବୁବିସଇ ମୁରଚ୍‌ବାଟା ନ ଚାଡୁ । **୮** ଆଲାଦ୍ କରାକରି ଅଇବାଟାର୍ ସେସ୍ ନାଇ । ପର୍‌ମେସରର୍ ବାକିଅ କଇବା ବପୁ, ଆରି ନାଜାନ୍‌ବା ବାସା କଇବା ବପୁ, ସବୁ ସାରିଜାଇସି । ସେନ୍ତାରିସେ ଆମ୍‌କେ ଗିଆନ୍ ରଇଲେ ମିସା ସେଟା ଆଜିଜାଇସି । **୯** ମାତର୍ ଆମର୍ ଗିଆନ୍ ଏବେ ଜାକ ପୁରାପୁରୁନ୍ ଅଏ ନାଇତା । ଆରି ପର୍‌ମେସରର୍ ବାକିଅ କଇବାଟା ମିସା ଏବେ ଜାକ ପୁରାପୁରୁନ୍ ଅଏ ନାଇତା । **୧୦** ମାତର୍ ଜେଡେବେଲେ ଗଟେକ୍ ଦିନ୍ ଆଇସି, ଆମେ ସବୁ ନିକକରି ଜାନ୍‌ବୁ । ସେ ଦିନ୍‌ମନ୍‌କେ ଲକ୍‌ମନ୍ ସଙ୍ଗର୍ ବିସ୍‌ବାସିମନ୍‌କେ ସିକାଇବାକେ ଦର୍‌କାର୍ ନ ପଡେ । **୧୧** ମୁଇ ଜେଡେବେଲେ ପିଲା ରଇଲି, ପିଲାମନ୍ କଇଲାପାରା କାତା ଅଇଲି ଆରି ପିଲାମନ୍ ଚିନ୍ତା କଲାପାରା ଚିନ୍ତା କର୍‌ତେରଇଲି ଆରି ସେମନ୍ ବାବ୍‌ଲା ପାରା ବାବ୍‌ତେରଇଲି ।

ମାତର୍ ମୁଇ ଏବେ ବୟସେ ବଡ୍ ଅଇଗାଲିଜେ ପିଲାମନର୍ ପାରା
ଚଲାଚଲ୍ତି କର୍ବାଟା ଚାଡିଦେଲି । ୧୨ ମାତର୍ ଜନ୍ଟା ଆମେ
ଏବେ ଦେକ୍ଲୁନି, ସେଟା ଦର୍ପନେ ଦେକ୍ଲାପାରା ସେତେକ୍
ନିକ ଡିସେ ନାଇ । ମାତର୍ ଗଟେକ୍ ଦିନ୍ ଆଇସି, ଜେବେ
କିରିସ୍ଟକେ ଆମର୍ ମୁଆଟେ ଦେକ୍ବୁ । ସେ ବେଲେ ଆମେ
ନିକସଙ୍ଗ ଜାନ୍ବୁ । ଏବେ ଆମେ ଉନା ବିସଇ ଜାନ୍ଲୁନି, ମାତର୍
ସେ ଦିନ୍ମନ୍କେ ଆମେ ପୁରାପୁରୁନ୍ ବାବେ ଜାନ୍ବୁ । ଜେନ୍ତାର୍ କି
ପର୍ମେସର୍ ଆମ୍କେ ପୁରାପୁରୁନ୍ ବାବେ ଜାନେ । ୧୩ ସାରାସାରି
ତିନ୍ଟା ବିସଇ ଆଚେ, ପର୍ମେସର୍ ଟାନେ ବିସ୍ବାସ୍ କର୍ବାଟା,
ସେ କାତା କଇଲାଟା ଆସା କର୍ବାଟା, ଆରି ବାଇମନର୍ ପାଇ
ରଇବା ଆମର୍ ଆଲାଦ୍ । ଏ ତିନ୍ଟା ବିତ୍ରେଅନି ବାଇମନ୍କେ
ଆଲାଦ୍ କର୍ବାଟା ସବୁର୍ଟାନେଅନି ମୁକିଅ ବିସଇ ।

**୧୪** ତେବେ ବାଇମନ୍କେ ଆଲାଦ୍ କର୍ବାକେ ତମର୍ ସବୁ
ବପୁ ସାରାଆ । ସୁକଲ୍ଆତ୍ମା ଜନ୍ ସବୁ ବପୁ ଦେଲାନି,
ସେଟା ପାଇବାକେ ମିସା ମନ୍ କରା । ସେ ବିତ୍ରେ ଅନି
ପର୍ମେସରର୍ ବାକିଅ ଜାନାଇବା ବପୁ ପାଇବାକେ ମନ୍ କରା ।
୨ କାଇକେବଇଲେ ଜେ ନାଜାନ୍ଲା ବାସା ସଙ୍ଗ କାତା ଅଇସି, ସେ
ଲକ୍ମନର୍ ସଙ୍ଗ ନାଇ, ମାତର୍ ପର୍ମେସର୍ ସଙ୍ଗ କାତା ଅଇଲାନି
। କାଇକେବଇଲେ ତାର୍ କାତା କେ ମିସା ବୁଜତ୍ ନାଇ । ସେମନ୍
ଆତ୍ମାର୍ ବପୁର୍ ସଙ୍ଗ ଲୁଚ୍ତେ ରଇବା ସତ୍ ବିସଇ କାତା
ଅଇଲାଇନି । ୩ ମାତର୍ ଜେ ପର୍ମେସରର୍ ବାକିଅ ଜାନାଇସି,
ଲକ୍ମନର୍ ସଙ୍ଗ କାତା ଅଇସି । ଜେନ୍ତାରିକି, ସେମନ୍କେ ସାଇଜ,
ସାର୍ଦା ଆରି ଦୁକ୍ ସାରାଇବାଟା ଦେଇରଇସି । ୪ ଜେ ନାଜାନ୍ଲା
ବାସାଇ କାତାଅଇସି, ସେଟା ତାର୍ ନିଜର୍ ବିସ୍ବାସ୍କେ ଡାଟ୍
କରାଇସି । ମାତର୍ ଜେ କି ପର୍ମେସରର୍ ବାକିଅ ଜାନାଇସି, ସେ
ଗୁଲାଇ ମଣ୍ଡଲିର୍ ବିସ୍ବାସ୍ ଡାଟ୍ କରାଇସି । ୫ ତମେ ସବୁଲକ୍
ନାଜାନ୍ଲା ବାସାଇ କାତା ଅଇଲେ ମୁଇ ସାର୍ଦା ଅଇବି । ମାତର୍
ପର୍ମେସରର୍ ବାକିଅ ଜାନାଇବାକେ ବପୁ ଉଆ ବଲି ମୁଇ
ଅଦିକ୍ ମନ୍ କଲିନି । କାଇକେବଇଲେ ପର୍ମେସରର୍ ବାକିଅ
ପାଇକରି ଜାନାଇବା ଲକ୍, ନାଜାନ୍ବା ବାସାଇ କାତା ଅଇବା
ଲକର୍ ଟାନେଅନି ମୁକିଅ । ଜଦି ମଣ୍ଡଲିର୍ କେ ମିସା ସେ କଇଲା
ବିସଇର୍ ଅରତ୍ ନ ବୁଜାଇବାଜାକ ଗୁଲାଇ ମଣ୍ଡଲି ସାଇଜ ନଏଁ ।
୬ ତେବେ ଏ ବାଇବଇନିମନ୍ ମୁଇ ତମର୍ଟାନେ ଆଇଲାବେଲେ,
ଜଦି ନାଜାନ୍ଲା ବାସାଇ କାତା କଇଲେ, ତମ୍କେ କେନ୍ତି ଡାଟ୍
କରାଇବି? ମୁଲ୍କେ ନାଇ, ଜଦି ମୁଇ ପର୍ମେସର୍ ଟାନେଅନି
ପାଇଲା ବାକିଅ, କି ଗିଆନ୍, କି ବବିସତ୍ କାତା ସିକ୍ବା ବିସଇ
ନ ଜାନାଇଲେ, ତେବେ ତମ୍କେ କେନ୍ତି ଡାଟ୍ କରାଇବି? ୭
ସେନ୍ତାରିସେ ବାଉଁସି ଆରି ତୁତୁଙ୍ଗା ପାରା ଜିବନ୍ ନ ରଇବା
ବାଇଦ୍ ବିସଇ ବାବିଦେକୁ, ସେଟା ଜଦି ବାଜନ୍ତେଇ ବିନ୍
ସର୍ ନ ରଇଲେ, ସେଟା ବାଜ୍ଲାନି ବଲିକରି ଜାନି ନଏ । ୮
ସେନ୍ତାରିସେ ସନିଅମନ୍ ଜନ୍ ବାଁକା ବାଜାଇବାଇ, ଜଦି ତାର୍
ସବଦ୍ ଟିକ୍ ନାଇ, ଜୁଇଦେ ଜିବାଜେ କେ ମିସା ଜାଗ୍ରତ୍ ନ
ଅଅତ୍ । ୯ ସେନ୍ତାରିସେ ନ ବୁଜ୍ବା କାତା କଇଲେ, ତମେ
କାଇଟା କାତା ଅଇଲାସ୍ନି ବଲି କେ ବୁଜି ନାପାରତ୍ । ତମର୍
କାତା ପବନ୍ ଉଡାଇନେଲା ପାରା ଅଇସି । ୧୦ ଏ ଜଗତେ
କେତେକ୍ କେତେକ୍ ବାସା ଆଚେ । ଆରି ସେଟାର୍ ସବୁର୍
ଅରତ୍ ଆଚେ । ୧୧ ମାତର୍ କାତାଅଇରଇବା ବାସା ଜଦି ମୁଇ
ବୁଜି ନାପାର୍ଲିନି, ସେ ବାସାଇ କାତା ଅଇବା ଲକ୍ମନ୍ ମର୍
ଅଚିନାର୍ ଲକ୍ ପାରା, ମୁଇ ମିସା ସେମନର୍ପାଇ ଅଚିନାର୍
ପାରା । ୧୨ ତେବେ ତମେ ଜେନ୍ତାରିକି ସୁକଲ୍ ଆତ୍ମାର୍ ବିନ୍
ବିନ୍ ରକାମର୍ ଦାନ୍ ପାଇବାକେ ମନ୍ କଲାସ୍ନି, ସେ ସବୁର୍
ଟାନେଅନି ଜନ୍ ସବୁ ଦାନ୍ ତମର୍ ମଣ୍ଡଲିକେ ଡାଟ୍ କରାଇସି, ସେ
ଦାନ୍ ବାଇବାକେ ଚେସ୍ଟା କରା । ୧୩ ତେବେ ଜେ ନାଜାନ୍ଲା
ବାସାଇ କାତା ଅଇସି, ସେ କାତା ଅଇଲାଟା ବୁଜାଇବା ଦାନ୍
ମିଲ ବଲି ପାର୍ତନା କର । ୧୪ କାଇକେବଇଲେ ମୁଇ ଜଦି
ନାଜାନ୍ବା ବାସାଇ ପାର୍ତନା କର୍ବି, ମର୍ ଆତ୍ମା ପାର୍ତନା
କଲାନି । ମାତର୍ ମର୍ ବୁଜ୍ବାର୍ ବପୁ ତେଇ ମିସେନାଇ । ୧୫
ତେବେ ମୁଇ କାଇଟା କର୍ବି? ମର୍ ଆତ୍ମାଇ ପାର୍ତନା କର୍ବି,
ମାତର୍ ବୁଜ୍ଲା ପାରା ମିସା ପାର୍ତନା କର୍ବି । ମର୍ ଆତ୍ମାଇ
ଗିତ୍ କଇବି । ମାତର୍ ବୁଜ୍ଲାପାରା ମିସା ଗିତ୍ କଇବି । ୧୬
କାଇକେବଇଲେ ପର୍ମେସର୍କେ ଆତ୍ମାଇସେ ଦନିଅବାଦ୍
ଦେଇସା, ସବାଇ ରଇଲା ମାମୁଲି ଲକ୍ମନ୍ ତମର୍ ପାର୍ତନା
ସୁନିକରି, କେ ଆମେନ୍ ବଲି କଇପାର୍ବାଇ? ନାଇ ନା ପାରେ
। କାଇକେବଇଲେ ତମେ କାଇଟା କଇଲାସ୍ନି, ସେଟା ସେ
ନାଜାନେ । ୧୭ ତେବେ ପର୍ମେସରର୍ ଟାନେ ତମର୍ ଦନିଅବାଦ୍
ଦେବାଟା ବେସି ନିକ ରଇଲେ ମିସା ତମର୍ ବିନ୍ ବାଇମନ୍କେ
ଡାଟ୍ କରାଇ ନାପାର୍ଲାସ୍ । ୧୮ ମୁଇ ପର୍ମେସର୍କେ ଦନିଅବାଦ୍
ଦେଲିନି, ମୁଇ ତମର୍ ସବୁର୍ଟାନେଅନି ଅଦିକ୍, ନାଜାନ୍ଲା
ବାସାଇ କାତା କଇପାରି । ୧୯ ମାତର୍ ମଣ୍ଡଲିର୍ ଉପାସନା
ବେଲାଇ, ନାଜାନ୍ଲା ବାସାଇ ଅଜାର୍ ଅଜାର୍ ପଦ୍ ନ କଇକରି
ସବୁଲକ୍ ବୁଜ୍ଲା ପାରା ପାଁଚ୍ଟା ପଦ୍ କଇବାଟା ନିକ । ୨୦
ଏ ବାଇବଇନିମନ୍ ତମେ ପିଲାମନର୍ ପାରା ଚିନ୍ତା କରାନାଇ
। କାରାପ୍ ବିସଇତେଇ ପିଲାପାରା ଉଆ । ମାତର୍ ବୁଦି ଆରି
ବିଚାର୍ କର୍ବାତେଇ ବଡ୍ ଲକର୍ ପାରା ଅଇବାର୍ ଦର୍କାର୍
। ୨୧ ସାସ୍ତରେ ଲେକାଆଚେ, ମାପ୍ରୁ କଇଲାନି, ବିନ୍
ବାସା କଇବା ଲକ୍ମନର୍ ବାଟେଅନି ଏ ଲକର୍ ସଙ୍ଗ ମୁଇ
କାତା ଅଇବି । ନାଜାନ୍ବା ବାସା କଇବା ଲକର୍ ଟଣ୍ଡେଅନି
ମୁଇ ଏ ଜାତିସଙ୍ଗ କାତା ଅଇବି, ଏଲେ ମିସା ସେମନ୍ ମର୍
କାତା ନ ସୁନତ୍ । ୨୨ ନାଜାନ୍ବା ବାସା କାତା ଅଇବା ବପୁ,
ବିସ୍ବାସ୍ ନ କଲା ଲକ୍ମନର୍ ପାଇ ଗଟେକ୍ ଚିନ୍ ପାରା ।
ମାତର୍ ବିସ୍ବାସିମନର୍ପାଇ ନାଇ । ଆରି ପର୍ମେସରର୍ ବାକିଅ
ଜାନାଇବା ବପୁ ବିସ୍ବାସି ମନର୍ପାଇ ଗଟେକ୍ ଚିନ୍, ଆରି

ବିସ୍‌ବାସ୍ ନ କର୍‌ବା ଲକ୍‌ମନର୍ ପାଇ ନାଇ । ୨୩ ତେବେ
ତମେ ମଣ୍ଡଳି ଇସାବେ ରୁଣ୍ଡିଲା ବେଲେ ନାଜାନ୍‌ଲା କାତା କଇସା
ବଇଲେ, ତେଇରଇବା ବିନ୍ ଲକ୍‌ମନ୍ ଆରି ବିସ୍‌ବାସ୍ ନ କର୍‌ବା
ଲକ୍‌ମନ୍ କାଇଟା ବଲି କଇବାଇ? "ଏ ତା ବାୟ୍ଯା ଅଇଗାଲା
ଆଚେ!" ୨୪ ଜଦି ସବୁଲକ୍ ପର୍‌ମେସର୍ ଜାନାଇଲା କାତା
କଇଲାସ୍‌ନି, ଜଦି ତେଇ ଗଟେକ୍ ବିସ୍‌ବାସ୍ ନ କଲା ଲକ୍ କି
ଗଟେକ୍ ମାମୁଲି ଲକ୍ ଆଇଲେ, ତେବେ ସେ ନିଜର୍ ପାପର୍
ବିସଇର୍ ଚେତ୍‌ନା ପାଇସି । ଆରି ସେ ସୁନ୍‌ଲା ସବୁ ବିସଇର୍
କାତାଇଅନି ତାକେ ବିଚାର୍ ଅଇସି । ୨୫ ଆରି ତାର୍ ମନେ ଲୁଚି
ରଇବା ବିସଇ ସବୁ ଜାନାପଡ଼ିସି । ପଚେ ସେ ପର୍‌ମେସର୍‌କେ
ଡାଣ୍ଡାସନ୍ ପଡି, ତାର୍ କରିରଇବା ପାପ୍ ମାନିଅଇକରି "ତମର୍
ବିତ୍‌ରେ ସତଇସେ ପର୍‌ମେସର୍ ଆଚେ!" ବଲି କଇସି । ୨୬ ଏ
ବାଇବଇନିମନ୍, ମର୍ କଇବା କାତା ଅଇଲାନି, ତମେ ଉପାସନା
କର୍‌ବାକେ ରୁଣ୍ଡିଲା ବେଲାଇ ଏନ୍ତାରି କରା । ତମର୍ ବିତ୍‌ରେଅନି
କାକେ କାକେ ଗିତ୍ ଆଚେ, କାକେ କାକେ, ସିକିଆ ଦେବାଟା
ଆଚେ, ଆରି କାକେ କାକେ ପର୍‌ମେସରର୍ ଟାନେ ଅନି କାତା
ପାଇ, ସେଟା ଜାନାଇବାଟା ଆଚେ, କି ନାଜାନ୍‌ଲା ବାସାଇ କାତା
କଇବାଟା ଆଚେ, ଆରି କାକେ କାକେ ନାଜାନ୍‌ଲା ବାସାଇ
କଇଲା କାତାର୍ ଅରତ୍ ବୁଜାଇବା ବପୁ ଆଚେ, ଏନ୍ତି କାଇଟା
ନଇଲେ କାଇଟା ଆଚେ । ଏଟା ସବୁ ଅଇସି, ତେବେ ମଣ୍ଡଳିର୍
ବିସ୍‌ବାସି ମନର୍ ବିସ୍‌ବାସ୍ ଡାଁଟ୍ ଅଇସି । ୨୭ ଜଦି କେ ନାଜାନ୍‌ଲା
ବାସାଇ କାତା ଅଇଲେ, ଦୁଇ ତିନ୍ ଲକର୍ ତେଇଅନି ଅଦିକ୍ ଲକ୍
ନ କଅତ୍ । ଆରି ଗଟେକ୍ ଲକର୍ ପଚେ ଗଟେକ୍ ଲକ୍ କଇବାର୍
ଆଚେ । ଆରି ସେ କାତା ବୁଜାଇ ଦେବା ଲକ୍ ମିସା ତେଇ
ରଇବାର୍ ଆଚେ । ୨୮ ଜଦି ସେଟା ବୁଜାଇବାକେ ତେଇ କେ
ନାଇ, ସେ ଉପାସନାଇ ଚୁପ୍ ଅଇ ରଅ । ସେ ଅବ୍‌କା ମନେ ମନେ
ପର୍‌ମେସରର୍ ସଙ୍ଗ୍ କାତା ଅ । ୨୯ ଜଦି ପର୍‌ମେସରର୍‌ଟାନେଅନି
କାତା ପାଇ, ଜାନାଇବା ଲକ୍ ଆଚତ୍, ତେବେ ଦୁଇ ଲକ୍ କି ତିନ୍
ଲକ୍ ରଇବାର୍ । ସେ ବେଲାଇ ତେଇ ରଇଲା ଲକ୍‌ମନ୍ ସେ
ବାକିଅ ବିଚାର୍ କର୍‌ବାର୍ ଆଚେ । ୩୦ ମାତର୍ ଉପାସନାତେଇ
ରଇବା ଜଦି କାକେ ଅଟାତ୍ ପର୍‌ମେସରର୍ ଟାନେ ଅନି କାତା
ପାଇସି, ତେବେ ବାକିଅ କଇତେରଇବା ଲକ୍ ତେଇ ବନ୍ଦ
କରିରଇବାର୍ ଆଚେ । ୩୧ କାଇକେବଇଲେ ତମେ ଏନ୍ତାରି କଲେ
ପର୍‌ମେସରର୍ ବାକିଅ, ଗଟେକ୍ ଲକର୍ ପଚେ ଗଟେକ୍ ଲକ୍,
କଇ ପାରାସ୍ । ଜେନ୍ତିକି ସବୁଲକ୍ ସିକିଆ ପାଇକରି ଚେତ୍‌ନା
ଅଇବାଇ । ୩୨ ମାତର୍ ପର୍‌ମେସରର୍ ବାକିଅ ଜାନାଇବା
ଦାନ୍, ଜାନାଇବା ଲକର୍ ତଲିଆ ରଇବା ଦର୍‌କାର୍ । ୩୩
କାଇକେବଇଲେ ପର୍‌ମେସର୍ ଆଗାପଚା ନ ଅଇକରି ସବୁ
ବିସଇ ଅର୍‌ସା ସଙ୍ଗ୍ ଅ, ବଲି ମନ୍ କଲାନି । ପର୍‌ମେସରର୍ ବିନ୍
ଉପାସନା ମଣ୍ଡଳିତେଇ ଜେନ୍ତାରି, ୩୪ ତମେ ମଣ୍ଡଳି ଇସାବେ
ରୁଣ୍ଡିଲା ବେଲେ, ମାଇଜିମନ୍ ଚୁପ୍‌ଚାପ୍ ଅଇରଇବାର୍ ଆଚେ ।
ତେଇ ସେମନ୍ କାତା କଇବାକେ ସେମନ୍‌କେ ଆଦେସ୍ ମିଲେନାଇ
। ଜିଉଦି ନିୟମ୍ ଇସାବେ ସେମନ୍ ମନସ୍ ପିଲାର୍ ତଲିଆ
ରଇବାର୍ ଆଚେ । ୩୫ ସେମନ୍ ଜଦି କାଇ ବିସଇ ବୁଜ୍‌ବାକେ
ମନ୍ କଲାଇନି, ଗରେ ଜାଇ କରି ନିଜର୍ ମୁନୁସ୍‌କେ ପାଚାର ।
କାଇକେବଇଲେ ମଣ୍ଡଳିଟାନେ କାତା କଇବାଟା ମାଇଜିମନର୍
ପାଇ ଗଟେକ୍ ଲାଜର୍ କାତା । ୩୬ କାଇଟା? ପର୍‌ମେସରର୍
ବାକିଅ ତମର୍ ଟାନେଅନି ଜାତ୍ ଅଇଲା ଆଚେ କି? ସେ ବାକିଅ
କାଇ ତମର୍‌ଟାନେସେ ଆସିରଇଲା କି? ନାଇ ଆସି ନ ରଇଲା ।
୩୭ କେ ଜଦି ତମର୍ ବିତ୍‌ରେ ପର୍‌ମେସରର୍ ବାକିଅ ଜାନାଇବା
ଲକ୍ କି ସୁକଲ୍ ଆତ୍‌ମା ଅନି ଦାନ୍ ପାଇଲିଆଚି ବଲି ବାବ୍‌ସି,
ସେନ୍ତିଆଲେ ମୁଇ ତମ୍‌କେ ଜାଇ ଜାଇଟା ଲେକ୍‌ଲିନି, ସେ ସବୁ
ଜେ ମାପ୍‌ରୁର୍ ଆଦେସ୍, ଏଟା ସେ ଜାନ୍‌ବାର୍ ଆଚେ । ୩୮
ଜଦି ସେ ଏ ସବୁ କାତା ନ ସୁନେ କି ନ ମାନେ, ତମେ ମିସା
ତାର୍ କାତା ସୁନା ନାଇ କି ମାନା ନାଇ । ୩୯ ସେଟାର୍‌ପାଇ ଏ
ବାଇବଇନିମନ୍ ପର୍‌ମେସରର୍ କାତା ଜାନାଇବାକେ ମନ୍ କରା,
ମାତର୍ ନ ବୁଜ୍‌ବା ବାସାଇ କାତା କଇବାକେ କାକେ ନିଟୁ ବଲି
କୁଆନାଇ । ୪୦ ତମର୍ ସବୁ କାମ୍ ଟିକ୍ ବାବେ ଆରି ଅର୍‌ସା
ସଙ୍ଗ୍ କର୍‌ବାର୍ ଦର୍‌କାର୍ ।

**୧୫** ଏ ବାଇବଇନିମନ୍, ମୁଇ ତମର୍ ଲଗେ ଜନ୍ ସୁବ୍‌କବର୍
ଜାନାଇରଇଲି ସେଟା ତମ୍‌କେ ଏତାଇଦେବି ବଲି ମନ୍
କଲିନି । ସେଟା ତମେ ମାନି ରଇଲାସ୍ ଆରି ତେଇସେ ତମର୍
ବିସ୍‌ବାସ୍ ଡାଁଟ୍ ଆଚେ । ୨ ଜଦି ଏ ସୁସମାଚାର୍ ତମେ ଡାଟ୍
ସଙ୍ଗ୍ ଦାରିରଇସା, ତେବେ ଉଦାର୍ ପାଇସା, ନଇଲେ ତମେ
ବେକାର୍ ବିସ୍‌ବାସି ଅଇ ଆଚାସ୍ । ୩ କାଇକେବଇଲେ ଜନ୍
ସିକିଆ ମୁଇ ପାଇରଇଲି, ତେଇଅନି ଏ ବଡ୍ ସିକିଆ ତମ୍‌କେ
ସିକାଇ ରଇଲି । ସାସ୍‌ତର୍ ଇସାବେ କିରିସ୍ଟ ଆମର୍ ପାପ୍
କେମା ଅଇବାକେ ମରିଗାଲା । ୪ ତାକେ ତପିରଇଲାଇଜେ,
ସାସ୍‌ତର୍ ଇସାବେ ତିନ୍‌ଦିନ୍ ନ ଅଇତେ ତାକେ ପର୍‌ମେସର୍
ଜିବନ୍ କରି ଉଟାଇଲା । ୫ ସେ ପିତର୍ ଆରି ତାର୍ ବାର୍‌ଟା
ପେରିତ୍ ସିସ୍‌ମନ୍‌କେ ଦର୍‌ସନ୍‌ଦେଲା । ୬ ତାର୍ ପଚେ ତର୍
ସଙ୍ଗ୍ ଜାଇତେରଇବା ଏକାତର୍ ପାଁଚ୍‌ସଅ ଲଗେଅନି ଅଦିକ୍
ବାଇମନ୍‌କେ ଦର୍‌ସନ୍ ଦେଲା । ସେମନର୍ ବିତ୍‌ରେ ଅନି
କେତେଲକ୍ ମରିଗାଲାଇ ଆରି ବେସି ଲକ୍ ଆଜିକେ ଜାକ
ଜିବନ୍ ଆଚତ୍ । ୭ ତାର୍‌ପଚେ ସେ ଜାକୁବ୍‌କେ ଆରି ସବୁ
ପେରିତ୍‌ମନ୍‌କେ ଦର୍‌ସନ୍ ଦେଲା । ୮ ସେ ଦର୍‌ସନ୍ ଦେଲା
ଲକ୍‌ମନର୍ ବିତ୍‌ରେ ସାରାସାରି ମୁଇ ରଇଲି । ସବୁର୍ ପଚେ, ଦିନ୍
ନ କେଟ୍‌ତେ, ଜନମ୍ ଅଇଲା ପିଲା ପାରା ମକେ ମିସା ଦର୍‌ସନ୍
ଦେଲା । ୯ ସବୁ ପେରିତ୍ ସିସ୍‌ମନର୍ ବିତ୍‌ରେ ଅନି ମୁଇସେ
ସାନ୍ । ପେରିତ୍ ବଲି ଡାକାଇ ଅଇବାକେ ମର୍ ଅଦିକାର୍ ନାଇ ।
କାଇକେବଇଲେ ପର୍‌ମେସରର୍ ମଣ୍ଡଳିର୍ ବିସ୍‌ବାସିମନ୍‌କେ ମୁଇ
କସ୍‌ଟ ଦେଇତେ ରଇଲି । ୧୦ ଅଇଲେ ମିସା, ପର୍‌ମେସରର୍

ଜିବନ୍ ଦୁକାଇଲାଟାନେଅନି ମୁଇ ଏବେ ଏନ୍ତାରି ଆଚି । ତାର୍
ଜିବନ୍ ଦୁକାଇଲାଟା ମକେ ଦାରି ଆଚେ ବଲି ଜାନା ପଡ୍‌ଲାନି ।
କାଇକେବଇଲେ ମର୍ ସଙ୍ଗର୍ ପେରିତ୍ ମନର୍‌ଟାନେଅନି ମୁଇ
ଅଦିକ୍ କାମ୍ କରିଆଚି । ମାତର୍ ସେଟା ମର୍ ନିଜର୍ ବପୁସଙ୍ଗ
ନାଇ, ପର୍‌ମେସର୍ ଜିବନ୍ ଦୁକାଇ ମକେ ସାଇଜ କଲା ।
୧୧ ଅଇଲେ ମିସା ମୁଇ ସୁବ୍‌କବର୍ ଜାନାଇଲେ କି ସେମନ୍
ଜାନାଇଲେ ମିସା କିଚି ବିନ୍ ନାଇ । କାଇକେବଇଲେ ଆମେ
ସବୁ ଜାନାଇବାଟା ଗଟେକ୍ ବିସଇସେ । ସେଟା ତମେ ବିସ୍‌ବାସ୍
କରିଆଚାସ୍ । ୧୨ ଜଦି କିରିସ୍‌ଟକେ ପର୍‌ମେସର୍ ମଲାତେଇଅନି
ଜିବନ୍ କରି ଉଟାଇଆଚେ ବଲି ଆମେ ସିକାଇଲୁନି, ତେବେ
କାଇକେ ତମର୍ ବିତ୍‌ରେ କେତେଲକ୍, ମଲା ଲକ୍‌ମନର୍, ଆରି
ତରେକ୍ ଜିବନ୍ ଅଇବାଟା ନଏଁ, ବଲି କଇଲାସ୍‌ନି? ୧୩ ମଲା
ଲକ୍‌ମନ୍ ଆରିତରେକ୍ ଜିବନ୍ ନ ଅଇବାଟା ଜଦି ସତ୍, ତେବେ
କିରିସ୍‌ଟକେ ମିସା ଜିବନ୍ କରାଇ ଉଟାଏ ନାଇ । ୧୪ ଆରି,
ଜଦି କିରିସ୍‌ଟକେ ମଲାତେଇ ଅନି ଉଟାଏ ନାଇ, ତେବେ ଆମେ
ଜାନାଇବାଟା ଚୁଚାଇସେ, ତମେ ବିସ୍‌ବାସ୍ କର୍‌ବାଟା ମିସା
ଚୁଚାଇସେ । ୧୫ ସେତ୍‌କିସେ ନଏଁ, ଆମେ ପର୍‌ମେସରର୍
ବିସଇର୍ ମିଚ୍ ସାକି ଦେଇତେରଇଲୁ ବଲି ଜାନାପଡ୍‌ସି ।
କାଇକେବଇଲେ ଆମେ କିରିସ୍‌ଟକେ ଜିବନ୍ କରାଇ ଉଟାଇ
ଆଚେ ବଲି କଇରଇଲୁ । ମାତର୍ ମଲାଲକ୍ ଜିବନ୍ ଅଇ
ନ ଉଟତ୍, ସେଟା ଜଦି ସତ୍, ସେନ୍ତାର୍‌ଆଲେ ପର୍‌ମେସର୍
କିରିସ୍‌ଟକେ ଜିବନ୍ କରାଇ ଉଟାଏ ନାଇ । ୧୬ ଜଦି ମଲା
ଲକ୍‌ମନ୍‌କେ ନ ଉଟାଏ, ତେବେ, କିରିସ୍‌ଟକେ ମିସା ଉଟାଏ
ନାଇ । ୧୭ ଜଦି କିରିସ୍‌ଟକେ ଉଟାଏ ନାଇ, ତେବେ ତମର୍
ବିସ୍‌ବାସ୍ କର୍‌ବାଟା ଚୁଚାଇସେ । ଆରି ତମେ ଏବେ ଜାକ
ନିଜର୍ ନିଜର୍ ପାପେ ଆଚାସ୍ । ୧୮ ସେନ୍ତାରିସେ ଜନ୍ ଲକ୍
କିରିସ୍‌ଟକେ ବିସ୍‌ବାସ୍ କରି ମରିଗାଲାଇ ଆଚତ୍, ସେମନ୍ ରକିଆ
ଅଅତ୍ ନାଇ, ମାତର୍ ନସ୍‌ଟ ଅଇଆଚତ୍ । ୧୯ ଜଦି କିରିସ୍‌ଟର୍
ଟାନେ ଆମର୍ ଆସା କରିରଇବାଟା ଏ ଜଗତର୍ ଜିବନ୍ ସଙ୍ଗ
ସାର୍‌ସି, ତେବେ ସବୁଲକର୍ ତେଇଅନି ଆମର୍ କେଡେକ୍
କାକୁର୍‌ତିର୍ କରମ୍ । ୨୦ ମାତର୍ କିରିସ୍‌ଟକେ ମଲାତେଇଅନି
ଉଟାଇଆଚେ, ଏଟା ଅଇଲାନି ସତ୍ ଆରି ଏନ୍ତାରିସେ ସବୁ
ମଲା ଲକ୍‌ମନ୍‌କେ ପର୍‌ମେସର୍ ଜିବନ୍ କରି ଉଟାଇସି, ଏଟା
ଆମେ ଜାନୁ । ୨୧ କାଇକେବଇଲେ ଗଟେକ୍ ଲକର୍ ଲାଗି
ଗୁଲାଇ ଲକ୍ ମର୍‌ବାର୍‌ଆଚେ । ସେନ୍ତାରିସେ ଗଟେକ୍ ଲକର୍
ଲାଗି ଗୁଲାଇ ଲକ୍‌କେ ମଲାତେଇଅନି ଉଟାଅଇସି । ୨୨ ଜେନ୍ତି
ଆଦମର୍ ବଁସେଅନି ଆଇଲା ଲକ୍‌ମନ୍ ମର୍‌ବାଇ, ସେନ୍ତାରିସେ
କିରିସ୍‌ଟର୍‌ତେଇ ରଇଲା ସବୁଲକ୍ ଜିବନ୍ ଅଇ ଉଟ୍‌ବାଇ । ୨୩
ମାତର୍ ଗଟେକ୍ ଗଟେକ୍ ଲକ୍ ଆଗାପଚା ଇସାବେ ଉଟ୍‌ବାଇ ।
ପର୍‌ତୁମ୍ କିରିସ୍‌ଟ ତାର୍‌ପଚେ ସେ ଆଇବା ଦିନେ ଜେତ୍‌କି ଲକ୍
ସବୁ ତାର୍‌ଲଗେ ରଇଲାଇ । ୨୪ ତାର୍‌ପଚେ ଜୁଗର୍ ସାରାସାରି
ଦିନ୍ କେଟ୍‌ସି । ସେତ୍‌କିବେଲେ ସବୁ ସାସନ୍‌କାରିଆମନ୍‌କେ,
ଅଦିକାର୍ ଆରି ବପୁ ରଇଲା ଲକ୍‌ମନ୍‌କେ ସେ ଆରାଇସି ଆରି
ବାବା ପର୍‌ମେସର୍‌କେ ସେ ରାଇଜ୍ ସର୍‌ପି ଦେଇସି । ୨୫
କାଇକେବଇଲେ ପର୍‌ମେସର୍ ତାର୍ ସବୁ ସତ୍‌ରୁମନ୍‌କେ ଆରାଇ,
ତାର୍ ପାଦ୍‌ତଲେ ଆନ୍‌ବାଜାକ କିରିସ୍‌ଟ ସାସନ୍ କର୍‌ବାର୍ ଆଚେ
। ୨୬ ସାରାସାରି ପଚେ ସତ୍‌ରୁମନ୍ ମିସା ଆରିଜିବାଇ । ୨୭
ଜେନ୍ତି କି ସାସ୍‌ତରେ ଲେକା ଅଇଲାଆଚେ, ପର୍‌ମେସର୍ ସବୁ
ବିସଇ ତାର୍ ପାଦ୍‌ତଲେ ସଙ୍ଗଇଆଚେ । ସବୁ ବିସଇ ବଲି,
କଇବା ବେଲେ ତାର୍ ଅରତ୍ ଅଇଲାନି, ପର୍‌ମେସର୍‌କେ ଚାଡି
ସବୁ ବିସଇ । ସେ ଆକା ସବୁ ବିସଇ କିରିସ୍‌ଟର୍ ତଲିଆ କରି
ସଙ୍ଗଇଆଚେ । ୨୮ ସବୁ ବିସଇ କିରିସଟର୍ ତଲେ ସଙ୍ଗଇଲା
ପଚେ, ନିଜେ କିରିସ୍‌ଟ ଜେ କି ପଅ, ସେ ପର୍‌ମେସରର୍ ତଲିଆ
ଅଇ ରଇସି । ସବୁ ବିସଇ ପର୍‌ମେସର୍ ତାର୍ ତଲିଆ କରି
ସଙ୍ଗଇଆଚେ ଆରି ପର୍‌ମେସର୍ ପୁରାପୁରୁନ୍ ସବୁର୍ ଉପ୍‌ରେ
ସାସନ୍ କର୍‌ସି । ୨୯ ମଲାଲକ୍‌କେ ଆରିତରେକ୍ ନ ଉଟାଏ, ଜଦି
ଏଟା କେନ୍ତାର୍ ଜେ ମଲା ଲକ୍‌ମନର୍ ପାଇ ତାର୍ ମଇତର୍‌ମନ୍
ଡୁବନ୍ ନେଲାଇନି? ତେବେ ସେମନ୍‌କେ କାଇଟା ମିଲ୍‌ସି? ଜଦି
ମଲାଲକ୍‌ମନ୍‌କେ ନ ଉଟାଅତ୍, ସେନ୍ତାର୍ ଆଲେ କାଇକେ ଏମନ୍
ମଲା ଲକ୍‌ମନର୍‌ପାଇ ଡୁବନ୍ ନେଲାଇନି? ୩୦ ଆରି ଆମେ
ମିସା କାଇକେ ସବୁ ବେଲେ ଆମର୍ ଜିବନ୍ ବିପଦେ ପାକାଇତେ
ରଇବୁ? ୩୧ ଏ ମର୍ ବାଇବଇନିମନ୍ ଦିନ୍‌କେ ଦିନ୍, ଲକ୍‌ମନ୍
ମକେ ମରାଇବାକେ ଚେସ୍‌ଟା କଲାଇନି । ମୁଇ ଏଟା କାଇକେ
କଇଲିନି ବଇଲେ, ତମର୍‌ଟାନେ ମର୍ ଜନ୍ ବଡ୍‌ପନ୍ ଆଚେ,
ଆରି ଆମର୍ ମାପ୍‌ରୁ ଜିସୁକିରିସ୍‌ଟର୍ ଟାନେ ଆମର୍ ଜିବନ୍
ମିସିରଇଲାଜେ ମୁଇ କଇଲିନି । ୩୨ ଏପିସି ସଅରେ ମୁଇ
ବେସି କସ୍‌ଟ ପାଇଲି । କାଇକେବଇଲେ ଜନ୍ ଲକ୍‌ମନ୍ ମକେ
ବିରଦ୍ କଲାଇ, ସେମନର୍ ସଙ୍ଗ ଡଙ୍ଗରେ ରଇବା ପସୁମନର୍
ପାରା ଜୁଜିରଇଲି । ତେଇ ଆମେ ଜେନ୍ତି କସ୍‌ଟ ପାଇତେରଇଲୁ,
ସେନ୍ତାରି ଅଇଲାକେ ଆମ୍‌କେ କାଇ ଲାବ୍ ମିଲ୍‌ଲା? ଜଦି ମଲା
ଲକ୍‌ମନ୍‌କେ ନ ଉଟାଏ, ତେବେ ଏନ୍ତାରି କଇବାଟା ନିକ ରଇସି
। “ଆସା ଆମେ ବଜିକରି କାଉଁ, କାଇକେବଇଲେ ଆମେ
କାଲିକେ ମର୍‌ବାର୍ ଅଇସିବେ ।” ୩୩ ନାଡାଇ ଉଆନାଇ, କାରାପ୍
ଲକ୍‌ମନର୍ ସଙ୍ଗ, ସାଙ୍ଗ ଅଇଲେ ସେମନ୍ ତମର୍ ନିକ ଚଲାଚଲ୍‌ତି
କର୍‌ବାଟା ନସାଇ ଦେବାଇ । ୩୪ ଟିକ୍‌ସଙ୍ଗ ଚିନ୍ତା କରା । ତମର୍
ପାପର୍ ଚଲାଚଲ୍‌ତି କର୍‌ବାଟା ଚାଡିଦିଆସ୍ । କାଇକେବଇଲେ
ପର୍‌ମେସର୍‌କେ ନାଜାନ୍‌ଲା କେତେକ୍ ଲକ୍ ତମର୍ ବିତ୍‌ରେ
ଆଚତ୍ । ଏଟା ମୁଇ ତମ୍‌କେ ଲାଜ୍ କରାଇବାକେ କଇଲିନି ।
୩୫ କେତେଲକ୍ ପାଚାର୍‌ବାଇ, “ମଲା ଲକ୍‌ମନ୍‌କେ କେ ଜିବନ୍
ଦେଇ ଉଟାଇସି? ଆରି ସେମନର୍ ଗାଗଡ୍ କେନ୍ତାର୍ ରଇସି?”
ଜେ ଏନ୍ତାରି ପର୍‌ସନ୍ ପାଚାର୍‌ସି, ସେ ବକୁଆଟା । ୩୬ ତମେ
ଜାନାସ୍ । ଜେଡେବେଲେ ଗଟେକ୍ ମୁଞ୍ଜି ରପା ଅଇସି, ମୁଞ୍ଜିର୍

ଉପ୍‌ରର୍ ଚପା କୁଇଜାଇସି, ମାତର୍ ବିତ୍‌ରର୍‌ଟା ଆଁକର୍‌ସି । **୩୭**
ଜେଡେବେଲେ ଗଟେକ୍ ମୁଞ୍ଜି ରପା ଅଇସି, ସେଟା ଦାନ୍ ଅ, କି
ଆରି କାଇ ମୁଞ୍ଜି ଅ, ମୁଞ୍ଜିସେ ରପି ଅଇସି । ପଚେ ବଡିରଇବା
ବୁଟା ନ ରପତ୍ । **୩୮** ପର୍‌ମେସର୍ ନିଜର୍ ମନ୍ କଲା ଇସାବେ
ମୁଞ୍ଜିତେଇଅନି ଆଁକ୍‌ରି ଗଚ୍ ଅ, ବଲି ଟିକ୍ କଲା । ଆରି ସେ
ବିନ୍ ବିନ୍ ରକାମର୍ ମୁଞ୍ଜି ବଡ୍‌ବାକେ ଦେଲା, ଜେନ୍ତିକି ଗଟେକ୍
ଗଟେକ୍‌କେ ତାର୍ ଗାଗଡର୍ ରୁପ୍ ବାଦ୍‌ଲାଇସି । **୩୯** ଜିବନ୍
ରଇବା ସବୁ ଗାଗଡ୍ ସମାନ୍ ନଏଁ । ଲକ୍‌ମନ୍‌କେ ଗଟେକ୍ ରକାମ୍
ଗାଗଡ୍, ପସୁ ଚଡଇ ଆରି ମାଚ୍‌ମନ୍‌କେ ବିନ୍ ବିନ୍ ରକାମ୍ ଗାଗଡ୍
ଆଚେ । **୪୦** ସେନ୍ତିସେ ସର୍‌ଗେ ରଇବାଟାମନ୍ ଆରି ଦର୍‌ତନି
ରଇବାଟାମନ୍ ଆଚତ୍ । ଜେନ୍ତିକି ସର୍‌ଗେ ରଇବାଟାମନର୍
ସୁନ୍ଦର୍ ଗଟେକ୍ ରକାମ୍, ଦର୍‌ତନି ରଇବାଟାମନର୍ ବିନ୍ ବିନ୍
ରକାମ୍ । **୪୧** ବେଲ୍ ତାର୍ ନିଜର୍ ଇସାବେ ସୁନ୍ଦର୍ ଆଚେ
। ସେନ୍ତାରିସେ ଜନ୍ ତାରାମନ୍ ମିସା ନିଜର୍ ନିଜର୍ ଇସାବେ
ସୁନ୍ଦର୍ ଆଚତ୍ । **୪୨** ସେନ୍ତାରିସେ ଆମର୍ ଗାଗଡ୍ ଆରି ଜନ୍
ଗାଗଡ୍ ପର୍‌ମେସର୍ ଉଟାଇସି, ଦୁଇଟାଜାକ ବିନ୍ ଆଚେ ।
କାଇକେବଇଲେ ଆମର୍ ଗାଗଡ୍ ଏବେ ମରିକରି କୁଇଜାଇସି ।
ମାତର୍ ଜନ୍ ଗାଗଡ୍ ପର୍‌ମେସର୍ ଉଟାଇସି, ସେଟା କେବେ ନ
ମରେ । **୪୩** ସେଟା ତପ୍‌ଲାବେଲେ ଦୁର୍‌ବଲ୍ ଅଇ ସୁନ୍ଦର୍ ନ
ରଏ । ମାତର୍ ଉଟାଇଲାବେଲେ ସୁନ୍ଦର୍ ରଇକରି ଡାଁଟ୍ ରଇସି ।
**୪୪** ତପ୍‌ଲା ବେଲେ ଅବ୍‌କା ଗାଗଡ୍, ମାତର୍ ଉଟାଇଲାବେଲେ
ଆତ୍‌ମାର୍ ଗାଗଡ୍ ଅଇସି । ଅବ୍‌କା ଗାଗଡ୍ ଆଚେ ବଇଲେ
ଆତ୍‌ମାର୍ ଗାଗଡ୍ ମିସା ରଇବାର୍ ଆଚେ । **୪୫** ଜେନ୍ତାରିକି ଲେକା
ଅଇଲାଆଚେ, ପର୍‌ତୁମ୍ ମୁନୁସ୍ ଜେ କି ଆଦମ୍, ତାକେ ତିଆର୍
କରି ଜିବନ୍ ଦେଇରଇଲା, ମାତର୍ ସାରାସାରିପଚର୍ ଆଦମ୍ ନ
ସାର୍‌ବା ଜିବନ୍ ଦେବା ଆତ୍‌ମା ଅଇଲା । **୪୬** ମାତର୍ ଆତ୍‌ମାର୍
ଗାଗଡ୍ ପର୍‌ତୁମ୍ ନ ଆସେ । ଚୁଚାଇ ଗାଗଡ୍ ଆଇସି, ତାର୍‌ପଚେ
ଆତ୍‌ମାର୍ ଗାଗଡ୍ । **୪୭** ପର୍‌ତୁମ୍ ଆଦମ୍ ମାଟିସଙ୍ଗ ତିଆର୍
ଅଇ ଏ ଦର୍‌ତନି ଆଇଲା । ମାତର୍ ପଚର୍ ଆଦମ୍ ସର୍‌ଗେ
ଅନି ଆଇଲା । **୪୮** ଜନ୍ ଲକ୍‌ମନ୍ ଏ ଦର୍‌ତନିର୍, ସେମନ୍ ଜେ
କି ମାଟି ସଙ୍ଗ ତିଆର୍ ଅଇରଇଲା, ତାର୍‌ପାରା । ଆରି ଜନ୍
ଲକ୍ ସର୍‌ଗର୍, ଜେ କି ସର୍‌ଗେ ଅନି ଆଇଲା, ତାର୍‌ପାରା ।
**୪୯** ଜେନ୍ତିକି ଆମେ ଜନ୍‌ଲକ୍ ମାଟିସଙ୍ଗ ତିଆର୍ ଅଇରଇଲା,
ତାର୍ ବାନିମୁର୍‌ତି ଆଚୁ, ସେନ୍ତାରିସେ ଜେ ସର୍‌ଗେଅନି ଆଇଲା
ତାର୍ ପାରା ବାନିମୁର୍‌ତି ଦାର୍‌ବୁ । **୫୦** ଏ ବାଇବଇନିମନ୍,
ମୁଇ କଇବା ଅରତ୍ ଅଇଲାନି ବନି ମାଉଁସ୍ ରଇବା ଗାଗଡ୍
ପର୍‌ମେସରର୍ ରାଇଜେ ମିସିନାପାରତ୍ । ଆରି ଜନ୍ ଗାଗଡ୍
ମର୍‌ବାଇ, ସେମନ୍‌କେ ନ ସାର୍‌ବା ଜିବନ୍ ଦେଇ ନଏଁ । **୫୧** ସୁନା,
ମୁଇ ତମ୍‌କେ ଗଟେକ୍ ଆଗ୍‌ତୁ ନ ଜାନାଇରଇବା ବିସଇ କଇବି
। ଆମେ ସବୁଲକ୍ ନ ମରୁ, ମାତର୍ ଆମର୍ ଗାଗଡ୍ ସବୁ ବାଦ୍‌ଲି
ଜାଇସି । **୫୨** ଗଟେକ୍ ଲକ୍ ଆଁକି ମିଟ୍‌କା ମାର୍‌ଲା ବିତ୍‌ରେ ସେଟା
ଗଟ୍‌ସି । ସାରାସାରିର୍ ମଇରି ବାଜ୍‌ଲା ବେଲେ ମଲା ଲକ୍‌ମନ୍
ଜିବନ୍ ଅଇ ଉଟ୍‌ବାଇ । ସେମନ୍ ଆରି କେବେ ମିସା ନ ମରତ୍
ଆରି ଆମେ ସବୁ ବଦ୍‌ଲି ଜିବୁ । **୫୩** କାଇକେବଇଲେ ଆମର୍ ଏ
ମର୍‌ବା ଗାଗଡ୍ ନ ମର୍‌ବା ଗାଗଡ୍ ଅଇ ବାଦ୍‌ଲିଜାଇସି । **୫୪**
ସେଟା ଅଇଲାବେଲେ ଜନ୍‌ଟା କି ସାସ୍‌ତରେ ଲେକା ଅଇରଇଲା,
ସେଟା ପୁରାପୁରୁନ୍ ଅଇସି ମରନ୍ ଆରିଜାଇକରି, ଜିତ୍‌ବାଟା
ପୁରାପୁରୁନ୍ ଅଇଲା । **୫୫** ତେବେ ଆମେ କଇ ପାର୍‌ବୁ, ଅଇରେ
ମରନ୍! ତୁଇ କେନେ ଜିତ୍‌ଲୁସ୍? ଅଇରେ ମରନ୍! କେନେ ତର୍
ବପୁ? **(Hadēs g86)** **୫୬** ଆମର୍ ପାପେଅନି ଆମ୍‌କେ ବାଦ୍‌ବା
ବପୁ ମରନ୍ ପାଇଲା ଆଚେ । ଆରି ପର୍‌ମେସରର୍ ନିୟମ୍ ନ
ମାନ୍‌ଲାତେଇଅନି ପାପ୍ ବପୁ ପାଇସି । **୫୭** ମାତର୍ ଆମେ
ପର୍‌ମେସର୍‌କେ ଦନିଅବାଦ୍ ଦେଲୁନି । କାଇକେବଇଲେ ଆମର୍
ମାପ୍‌ରୁ ଜିସୁ କିରିସ୍‌ଟ କଲା କାମେଅନି ପାପ୍‌କେ ଆରି ମରନ୍‌କେ
ଆରାଇବା ବପୁ ସେ ଆମ୍‌କେ ଦେଲାଆଚେ । **୫୮** ସେଟାର୍‌ପାଇ
ଏ ମର୍ ଆଲାଦର୍ ବାଇବଇନିମନ୍, ଡାଁଟ୍ ଅଇକରି ରୁଆ ।
ମାପ୍‌ରୁ ଜିସୁକିରିସ୍‌ଟର୍ ସେବା କାମ୍ ଆବଡ୍ ଅଇକରି କରା ।
କାଇକେବଇଲେ ତମେ ଜାନାସ୍, ତାର୍‌ପାଇ ଜନ୍ କାମ୍ ସବୁ
କର୍‌ସା, ସେଟା ସବୁ ଲଡାକେ ଆଇସି ।

**୧୬** ଜିଉଦା ମଣ୍ଡଲିର୍ ବିସ୍‌ବାସିମନ୍‌କେ ଡାବୁ ସାଇଜ କର୍‌ବା
ବିସଇ ମୁ ଲେକ୍‌ଲିନି । ମୁ ଗାଲାତିଅ ମଣ୍ଡଲିମନ୍‌କେ
ଜାଇଟା କର୍‌ବାକେ ଆଦେସ୍ ଦେଲିଆଚି, ସେ ଆଦେସ୍ ଡାଁଟ୍
ସଙ୍ଗ କର୍‌ବାର୍‌ଆଚେ । **୨** ତମର୍ କାମାଇବା ଇସାବେ, ସବୁ
ବିସ୍‌ବାସିମନ୍, ବିସ୍‌ରାମ୍ ଦିନେ ମଣ୍ଡଲିତେଇ ରୁଣ୍ଡଲାବେଲେ
ଅଲପ୍ ଅଲପ୍ ଡାବୁ ଜମାଇବାର୍ ଆଚେ । ଜେନ୍ତିକି ମୁଇ
ଆଇଲାବେଲେ ଆରି ଡାବୁ ତଲ୍‌ବାକେ ନ ଲାଗେ । **୩** ମୁଇ
ଆଇଲାବେଲେ ତମେ ବାଚିରଇବା ଲକ୍‌ମନ୍‌କେ ଗଟେକ୍ ଚିଟି
ଲେକିଦେବି ଆରି ସେମନ୍ ଜମାଇଲା ଡାବୁ ଆରି ସେମନ୍‌କେ
ଜାନାଇବା ଚିଟି ଦାରି, ଜିରୁସାଲାମ୍ ଜିବାଇ । **୪** ଜଦି ମର୍
ଜିବାକେ ଦର୍‌କାର୍ ଅଇସି ବଇଲେ ସେମନ୍ ମର୍‌ସଙ୍ଗ ଜାଇପାରତ୍
। **୫** ମାତର୍ ମୁଇ ଏବେ ମାକିଦନିଆଇ ଗାଲିନି । ତେଇଅନି
ଜାଇ ଆଇଲେ ତମର୍ ଲଗେ ଆଇବି । **୬** ମୁଇ ତେଇ ତମର୍
ସଙ୍ଗ କେତେକ୍ ଦିନ୍ ରଇବି । ଅଇପାରେ ସିତ୍‌ଦିନ୍ ସାର୍‌ବା ଜାକ
। ତାର୍‌ପଚେ ଜନ୍ତି ଜିବାକେ ମନ୍ କଲିନି, ତେଇ ଜିବାକେ ତମେ
ମକେ ସାଇଜ କରିପାରାସ୍ । **୭** କାଇକେବଇଲେ ଜିବାବେଲେ
ବାଟେ ତମର୍ ସଙ୍ଗ ବେଟ୍ ଅଇକରି ଚନେକ୍‌ସେ ରଇବାକେ ମର୍
ମନ୍ ନାଇ । ମୁଇ ଆସା କଲିନି ମାପ୍‌ରୁ ମନ୍ କଲେ ମୁଇ ତମର୍
ସଙ୍ଗ ଏତର୍ ବେସି ଦିନ୍ ରଇବି । **୮** ମାତର୍ ମୁଇ ପେନ୍‌ଟିକସ୍‌ଟ୍
ପରବ୍ ଜାକ ଏପିସିଏ ରଇବି, **୯** ଇତି ମର୍ ବିରଦେ ବେସିଲକ୍
ରଇଲେ ମିସା, ସପଲ୍ ଅଇବା କାମ୍ କର୍‌ବାକେ ମର୍ ପାଇ
ଦୁଆର୍ ଉଗାଡି ଅଇଆଚେ । **୧୦** ଜଦି ତିମତି ତମର୍‌ଟାନେ
ଆଇଲେ, ତାକେ ଗତିଆ କରି ଡାକିନିଆ । କାଇକେବଇଲେ

ସେ ମିସା ମର୍‌ପାରା ମାପ୍‌ରୁର୍ କାମ୍ କଲାନି । **୧୧** ସେଟାର୍
ପାଇ ତାକେ କେ ମିସା ସାନ୍ ପାରା ଦେକାନାଇ । ମାତର୍ ତାକେ
ସାଇଜ କରା, ଜେନ୍ତିକି, ସେ ତମର୍ ଜାଗାଇଅନି ଗାଲାବେଲେ,
ସାନ୍ତିସଙ୍ଗ୍ ଜାଇପାର୍‌ସି । ଆରି ସେ ମର୍‌ଲଗେ ବାଅଡ୍‌ସି । ଇତିର୍
ବାଇବଇନିମନର୍ ସଙ୍ଗ୍ ମୁଇ ତାକେ ଜାଗ୍‌ଲିନି । **୧୨** ବାଇ
ଆପଲର୍ ବିସଇ ମୁଇ କଇଲିନି । ବିନ୍ ବିସ୍‌ବାସିମନର୍ ସଙ୍ଗ୍
ତମ୍‌କେ ବେଟ୍ ଅଇବାକେ ମୁଇ ତାକେ ବେସି ତର୍ ସାର୍‌ଦା
କରାଇଲି, ମାତର୍ ସେ ଏବେ ଜିବାକେ ମୁଲ୍‌କେ ରାଜି ଅଏନାଇ
। ପଚେ ସୁଜଗ୍ ମିଲ୍‌ଲେ ସେ ତମର୍‌ଟାନେ ଆଇସି ଆକା ।
**୧୩** ତମେ ଜାଗ୍‌ରତ୍ ରଇକରି ବିସ୍‌ବାସେ ଡାଁଟ୍ ରୁଆ । ବପୁ
ଅଇକରି ସାଆସେ ରୁଆ । **୧୪** ତମେ କର୍‌ବା ସବୁ କାମ୍ ଆଲାଦେ
ସାରାଇବାର୍ ଆଚେ । **୧୫** ଏ ବାଇମନ୍, ତମେ ତିପାନ୍ ଆରି
ତାର୍ କୁଟୁମ୍ ବିସଇ ଜାନାସ୍ । ସେମନ୍ ଆକାୟାର୍ ପର୍‌ତୁମ୍
ବିସ୍‌ବାସିମନ୍ ଆରି ପର୍‌ମେସରର୍ ଲକ୍‌ମନର୍ ସେବାଇ ନିଜେ
ସର୍‌ପି ଅଇଲାଇ ଆଚତ୍ । ଏ ବାଇବଇନିମନ୍ ମୁଇ ତମ୍‌କେ
ବାବୁଜିଆ କଲିନି, **୧୬** ଏନ୍ତାରି ଦାଇତ୍ ନେବା ଲକ୍‌ମନର୍
ତଲିଆ ରୁଆ । ଆରି ସେମନର୍ ସଙ୍ଗ୍ ସେବା କର୍‌ବା ଲକ୍‌ମନର୍
ତଲିଆ ଉଆ । **୧୭** ତିପାନା, ପର୍‌ତୁନାତ୍ ଆରି ଆକାଇ ଇତି
ଆଇଲାକେ ମୁଇ ବେସି ସାର୍‌ଦା ଅଇଲିନି । କାଇକେବଇଲେ
ତମେ ନ ରଇଲେ ମିସା ସେମନ୍ ତମର୍ ଜାଗାଇ ରଇଲା ପାରା
। **୧୮** ତମ୍‌କେ ଜେନ୍ତି ସାର୍‌ଦା କରାଇଲାଇ, ମକେ ମିସା
ସେନ୍ତି ସାର୍‌ଦା କରାଇଲାଇ । ଏନ୍ତାରି ଲକ୍‌ମନ୍‌କେ ନାମ୍‌ବାର୍
ଆଚେ । **୧୯** ଆସିଆ ଦେସର୍ ମଣ୍ଡ୍ଲିମନ୍ ତମ୍‌କେ ଜୁଆର୍
ଜାନାଇଲାଇନି । ଆକିଲା, ପିରିସ୍‌କିଲା ଆରି ସେମନର୍ ଗରେ
ଉପାସନା କର୍‌ତେରଇବା ମଣ୍ଡ୍ଲି ମାପ୍‌ରୁର୍ ନାଉଁ ଦାରି ତମ୍‌କେ
ତାକର୍ ମନ୍ ବିତ୍‌ରେ ଅନି ଜୁଆର୍ ଜାନାଇଲାଇନି । **୨୦** ଇତିର୍
ବାଇବଇନିମନ୍ ସବୁ ତମ୍‌କେ ଜୁଆର୍ ଜାନାଇଲାଇନି । ତମର୍
ତମର୍ ବିତ୍‌ରେ ଆତେ ଦାରାଦାରି ଅଇ କିରିସ୍‌ଟର୍ ଆଲାଦେ
ସାଲାମ୍ କରି ଜୁଆର୍‌ବେଟ୍ ଉଆ । **୨୧** ମୁଇ ପାଉଲ୍, ଏତ୍‌କିସେ
ଲେକି ଜୁଆର୍ ଜାନାଇଲିନି । **୨୨** ଜଦି କେ ମାପ୍‌ରୁକେ ଲାଡ୍ ନ
କରେ, ସେ ଅବିସାପ୍ ପାଅ । ମାରାନାତା, ଆମର୍ ମାପ୍‌ରୁ ଆସ
। **୨୩** ମାପ୍‌ରୁ ଜିସୁର୍ ଜିବନ୍ ଦୁକାନି ତମର୍‌ଟାନେ ରଅ । **୨୪**
କିରିସ୍‌ଟ ଜିସୁକିରିସ୍‌ଟର୍ ସଙ୍ଗ୍ ମିସିରଇବା ସବୁକେ ମର୍ ଆଲାଦ୍
ରଅ ।

# ୨ୟ କରନ୍ତିୟ

୧ ମୁଇ ପାଉଲ୍, ପର୍ମେସରର୍ ମନ୍ କଲା ଇସାବେ କିରିସ୍ଟ
ଜିସୁର୍ ଗଟେକ୍ ପେରିତ୍ ସିସ୍ ବାଚାଇଅଇଲିଆଚି । ମୁଇ ଆରି
ଆମର୍ ବାଇ ତିମତି ଆରି କରନ୍ତିୟଟାନେ ରଇବା ପର୍ମେସରର୍
ଗୁଲାଇ ମଣ୍ଡଲିମନ୍କେ ଆରି ଆକାଇଆଟାନେ ରଇବା ସବୁ
ପର୍ମେସରର୍ ଲକ୍ମନ୍କେ, ଏ ଚିଟି ଲେକ୍ଲୁନି । ୨ ଆମର୍
ବାବା ପର୍ମେସର୍ ଆରି ମାପ୍ରୁ ଜିସୁର୍ ଟାନେଅନି ଜିବନ୍
ଦୁକାଇଲାଟା ଆରି ସାନ୍ତି ତମ୍କେ ଅ । ୩ ଆମର୍ ମାପ୍ରୁ ଜିସୁ
କିରିସ୍ଟର୍ ବାବା ପର୍ମେସର୍କେ ଦନିଅବାଦ୍ ଦେଉଁ । ସେ
ଆମର୍ ଦୟାକାରିଆ ବାବା ଆରି ଜାର୍ ଟାନେଅନି କି ଆମ୍କେ
ସବୁ ବିସଇର୍ ସାଇଜ ଆଇସି । ୪ ସେ ଆମ୍କେ ସବୁ ଦୁକ୍ କସ୍ଟ
ଆଇଲେ ସାଇଜ କର୍ସି । ସେନ୍ତାରିସେ ବିନ୍ ବିନ୍ ରକାମର୍
କସ୍ଟ ପାଇତେରଇବା ଲକ୍ମନ୍କେ ଆମେ ଜେନ୍ତି ଦୁକ୍ ସାରାଇବୁ
। ପର୍ମେସର୍ ଟାନେଅନି ଜନ୍ ସାଇଜ ଆମେ ପାଇଲୁଆଚୁ, ସେ
ସାଇଜର୍ ଲାଗି, ଆମେ ମିସା ବିନ୍ ଲକ୍କେ ସାଇଜ କର୍ବୁ ।
୫ କାଇକେବଇଲେ ଜେନ୍ତିକି କିରିସ୍ଟର୍ତେଇ ମିସ୍ଲାର୍ପାଇ
ଆମର୍ ଦୁକ୍, କସ୍ଟ ଅଦିକ୍ ଅଦିକ୍ ଅଇଆଚେ, ସେନ୍ତାରିସେ
କିରିସ୍ଟର୍ ଲାଗି ଆମର୍ ଦୁକ୍ ସାରାଇବାଟା ମିସା ଅଦିକ୍
ଅଦିକ୍ ଅଇଲାନି । ୬ ମାତର୍ ଆମ୍କେ ଦୁକ୍ କସ୍ଟ ଅଇଲେ,
ସେଟା ତମର୍ ଦୁକ୍ ସାରାଇବାକେ ଆରି ନ ସାର୍ବା ଜିବନ୍
ପାଇବାକେ । ସେନ୍ତାରିସେ ଜେତେବେଲେ ଆମେ ପର୍ମେସରର୍
ଟାନେଅନି ସାଇଜ ମିଲାଇବୁ, ସେଟା ତମର୍ପାଇ ମିସା ସାଇଜ
ମିଲ୍ଲା ପାରା । ଏନ୍ତାରି ସେ ତମର୍ ବିସ୍ବାସ୍ କର୍ବାଟା ଡାଟ୍
କରାଇସି, ଜେନ୍ତିକି ଆମେ ଦୁକ୍କସ୍ଟ ଆଇଲେ ମିସା ମୁର୍ଚି କରି
ଆଚୁ, ସେନ୍ତାରି ଦୁକ୍ କସ୍ଟ ଆଇଲେ ତମେ ମିସା ମୁର୍ଚି କରି
ରଇପାରାସ୍ । ୭ ଏଟାର୍ଲାଗି ତମର୍ଟାନେ ଆସା କର୍ବାଟା
ଡାଁଟ୍ ଅଇଲାଆଚେ । କାଇକେବଇଲେ, ଆମେ ଜାନିଆଚୁ,
ଆମ୍କେ ଦୁକ୍ କସ୍ଟ ଆଇଲେ ମିସା ମୁର୍ଚିକରି ଆଚୁ, ତମେ
ମିସା ସେନ୍ତାରି ମୁର୍ଚିକରି ଆଚାସ୍ । ଜେନ୍ତାରି କି ପର୍ମେସର୍
ଟାନେଅନି ଆମେ ସାଇଜ ମିଲାଇଆଚୁ । ସେନ୍ତାରିସେ ତମେ
ମିସା ସାଇଜ ମିଲାଇଆଚାସ୍ । ୮ କାଇକେ ବଇଲେ, ଏ
ବାଇବଇନିମନ୍, ଆସିଆ ରାଇଜେ ଆମ୍କେ ଅଇରଇବା ବଡ୍
ଦୁକ୍ କସ୍ଟ ବିସଇ ତମେ ଜାନିରୁଆ ବଲି ଆମେ ମନ୍ କଲୁନି ।
ମୁର୍ଚି ନାପାର୍ଲା ବଡ୍ ପରିକା ଆଇଲା । ଏନ୍ତାରି କି ଆମେ ଆରି
ନ ରଇକରି ମରିଜିବାର୍ ଅଇସିବେ ବଲି ବାବ୍ତେରଇଲୁ । ୯ ଉଁ,
ଆମ୍କେ ମରନ୍ ଆସି ଡାବିଅଇରଇଲା । ମାତର୍ ନିଜର୍ ନିଜର୍
ଉପ୍ରେ ଆସା ନ କରି, ଜନ୍ ପର୍ମେସର୍ ମଲା ଲକ୍ମନ୍କେ
ଉଟାଇସି, ତାର୍ ଉପ୍ରେ ଆସା କର୍ବାକେ ଏ ସବୁ ଅଇଲା । ୧୦
ସେ ଆମ୍କେ ମରନ୍ଟାନେ ଅନି ବଁଚାଇଲା । ସେଟାର୍ପାଇ ଆମେ
ରକିଆ ପାଇଲୁ । ମରନ୍ ରଇଲା ଆକା, ମାତର୍ ମରୁନାଇ ।
ଆରି ସେ ଆମ୍କେ ସାଇଜ କର୍ତେରଇସି ଆକା ବଲି ଜାନିଆଚୁ
। ଆମ୍କେ ବଡ୍ ଆସା ଆଚେ ଜେ, ସେ ଆମ୍କେ ସାଇଜ
କର୍ବାଟା କେବେ ନ ତେବାଏ । ୧୧ ତମେ ଆମର୍ ପାଇ
ପାର୍ତନା କରି ଆମ୍କେ ସାଇଜ କର୍ବାର୍ ଆଚେ । ସେନ୍ତାର୍
କଲେ ପର୍ମେସର୍ ସବୁ ପାର୍ତନାଇ ମାଙ୍ଗ୍ଲାଟା ପାଟାଇସି
। ଆରି ବେସି ଲକ୍ ପର୍ମେସର୍କେ ଦନିଅବାଦ୍ ଦେବାଇ ।
କାଇକେବଇଲେ ସେ ଆମ୍କେ ଆସିର୍ବାଦ୍ କଲାଆଚେ । ୧୨
ବାଇମନ୍ ଆମେ ବଡ୍ପନ୍ ଅଇକରି କଇବା ଗଟେକ୍ କାତା ଆଚେ
। ସେଟା ଆମେ ସତ୍ ବଲି ଜାନ୍ଲୁନି ଆରି ସେଟା ଅଇଲାନି, ।
ସବୁଲକର୍ଟାନେ ଆରି, ତମର୍ଟାନେ ମିସା ଆମର୍ ଚଲାଚଲ୍ତି
ସୁକଲ୍ ଆରି ଦରମ୍ ଆଚେ । ଏଟା ଆମର୍ ବିବେକ୍ ସାକି
ଦେଲାନି । ଲକ୍ମନର୍ ଗିଆନ୍ ଇସାବେ ଆମେ କରୁନାଇ, ମାତର୍
ପର୍ମେସରର୍ ଜିବନ୍ ଦୁକାଇଲା ବପୁର୍ ସଙ୍ଗ୍ ଏ ସବୁଜାକ
କଲୁନି । ୧୩ କାଇକେ ବଇଲେ, ଆମେ ଚିଟି ପାଟାଇଲା ବେଲେ
ତମେ ଜାଇଜାଇଟା ପଡିକରି ବୁଜିପାରାସ୍, ସେଟାସେ ଲେକି
ପାଟାଇଲୁନି । ୧୪ ଏବେ ଆମେ ଜାଇଟା କଲୁନି, ସେ ବିସଇ
ତମେ ଅଲପ୍ ଅଲପ୍ ବୁଜ୍ଲାସ୍ନି । ମାତର୍ ମୁଇ ଆସା କଲିନି,
ସେଟା ତମେ ପୁରାପୁରୁନ୍ ବୁଜି ପାର୍ସା । ଜେନ୍ତାରି କି, ଆମର୍
ମାପ୍ରୁ ଜିସୁ ବାଉଡ୍ଲା ଦିନେ, ତମେ ଆମର୍ ଲାଗି ସାର୍ଦା
କର୍ସା, ସେନ୍ତାରିସେ ଆମେ ମିସା ତମର୍ଲାଗି ସାର୍ଦା କର୍ବୁ
। ୧୫ ଏଟା ସବୁ ତମେ ବୁଜି ପାର୍ସା, ସେଟା ଜାନିକରି ମୁଇ
ତମର୍ଟାନେ ବୁଲିଆଇବି ବଲି ମନ୍କଲି । ଜେନ୍ତାରି କି ମୁଇ
ତମ୍କେ ଦୁଇତର୍ ସାଇଜ କରିପାର୍ବି । ୧୬ କାଇକେବଇଲେ
ମୁଇ ମାକିଦନିଆଇ ଜିବାବାଟେ ତମର୍ଟାନେ ଆସି ରଇବି ବଲି
ମନ୍କଲି । ଆରି ମୁଇ ଗରେ ବାଅଡ୍ବାବେଲେ ଆରିତରେକ୍
ତମର୍ଟାନେ ତେଡ୍ବି ବଲି ମନ୍ କଲି । କାଇକେବଇଲେ ମୁଇ
ଜେବେ ଜିଉଦା ଦେସେ ଜିବାକେ ବାରଇବି, ସେ ବେଲେ ତମେ
ମକେ ସାଇଜ କରି ପାରାସ୍ । ୧୭ ତେବେ ମୁଇ ଏନ୍ତାରି ମନ୍
କଲାକେ ମକେ ତମେ ଦୁଇ ମନିଆ ଲକ୍ ବଲି ବାବ୍ଲାସ୍ନି
କାଇକି । ନିଜର୍ ମନ୍ କଲା ଇସାବେ ଚିନ୍ତା କର୍ବା ଗଟେକ୍
ଲକର୍ପାରା ତମେ ମକେ ବାବ୍ଲାସ୍ କାଇକି । ମୁଇ ଆଇବି ବଲି
କଇଲେ ମିସା ତମର୍ ମନେ ସେ ନ ଆସେ, ବଲି ବାବ୍ଲାସ୍
କାଇକି । ୧୮ ଜଦି ପର୍ମେସର୍ କଇବାଟା ସତ୍, ସେନ୍ତାର୍ ଆଲେ
ମୁଇ କଇବାଟା ମିସା ସତ୍ ସେ । ଏକାବେଲେ ଉଁ ଆରି ନାଇ ବଲି,
ନ କଇ । ୧୯ ମୁଇ, ସିଲାନ୍ ଆରି ତିମତି, ପର୍ମେସରର୍ ପଅ
ଜେ କି କିରିସ୍ଟ ଜିସୁ, ତାର୍ ବିସଇନେଇ ତମ୍କେ ଜାନାଇରଇଲୁ
। ସେ ଉଁ ଆରି ନାଇ, ବଲି କଇବା ଦୁଇ ମନିଆ ଲକ୍ ନଏଁ ।
୨୦ ତାର୍ଲାଗି ପର୍ମେସର୍ ଉଁ ବଲି, କଇରଇବାଟା, ସବୁଜାକ
ପୁରାପୁରୁନ୍ କର୍ସି । ସେଟାର୍ପାଇ ଜିସୁକିରିସ୍ଟକେ ଆମେ
ଆମେନ୍ ବଲି, କଇବାଟା ପର୍ମେସରର୍ ମଇମା ପାଇ ଅଇସି ।
୨୧ ତମ୍କେ ଆରି ଆମ୍କେ ଜିସୁକିରିସ୍ଟତେଇ ମିସିରଇବାକେ

ଆଇବା ଡାଟ୍ ବିସ୍ବାସ୍ ଆନ୍ବାଟା, ପର୍ମେସର୍ ସେ । ଆରି ସେ
ଆମ୍କେ ବାଚ୍ଲା ଆଚେ । ୨୨ ଆମେ ତାର୍ଟା ବଲି ଜାନ୍ବାକେ
ସେ ଆମ୍କେ ତାର୍ ଚିନ୍ ମାର୍ଲା ଆଚେ ଆରି ସୁକଲ୍ଆତ୍ମା
ଆମର୍ ବିତ୍ରେ ଦାନ୍ କଲା ଆଚେ । ପର୍ମେସର୍ ଆମର୍ପାଇ
ଜେତ୍କି ବିସଇ ସଙ୍ଗଇଆଚେ, ସେ ଆତ୍ମାର୍ ଲାଗି ଆମେ ସେଟା
ସବୁ ପାଇବୁ ବଲି ଜାନ୍ଲୁନି । ୨୩ ଜଦି ମୁଇ କଇବାଟା ସତ୍
ନାଇ, ସେନ୍ତାର୍ଆଲେ ପର୍ମେସର୍ ମକେ ଡଣ୍ଡ ଦେଅ । ମୁଇ
କରନ୍ତିଅତେଇ ବୁଲି ଆଇବାକେ କାଇକେ ଅଏ ନାଇ ବଲି ସେ
ଜାନେ । ମୁଇ ତେଇ ଆଇଲେ, ତମର୍ ଚଲାଚଲ୍ତିର୍ ବୁଲ୍ଟିକ୍
ଦେକ୍ଲେ, ତମେ ଦୁକ୍ କର୍ତାସ୍ । ୨୪ ତମେ କନ୍ଟା ମାନ୍ବାର୍
ଆଚେ, କନ୍ଟା ନାଇ, ସେଟା ଆଦେସ୍ ଦେବାକେ ଆମେ ମନ୍
କରୁନାଇ । କାଇକେବଇଲେ, ତମର୍ ବିସ୍ବାସ୍ ଡାଟ୍ ଅଇଗାଲା
ଆଚେ । ତମର୍ ସଙ୍ଗ ମିସିକରି କାମ୍ କର୍ବାକେ ଆମେ ମନ୍
କଲୁନି । ଜେନ୍ତାରିକି ତମେ ସାର୍ଦା ଅଇସା ।

**୨** ମାତର୍ ମୁଇ ଆଗତୁ ଆଇଲା ବେଲେ ଜେନ୍ତିକି ତମ୍କେ ଦୁକ୍
ଦେଲି, ସେନ୍ତି ଆରିତରେକ୍ ଦୁକ୍ ଦେବାର୍ ଆଲେ ନ ଆସି
ବଲି ବାବ୍ତେ ରଇଲି । ୨ ଜଦି ମୁଇ ତମ୍କେ ଦୁକ୍ଦେବି, ତେବେ
କେ ମକେ ସାର୍ଦା କରାଇବାଇ? ଜନ୍ ଲକ୍କେ ମୁଇ ଦୁକ୍
ଦେଇରଇଲି, ସେ ସମାନ୍ ଲକ୍ ତମେ ଆକା । ୩ ସେଟାର୍ପାଇ
ମୁଇ ତମ୍କେ ଚିଟି ଲେକିରଇଲି । ଜନ୍ ଲକ୍ମନ୍ ମକେ ସାର୍ଦା
କରାଇବାର୍ ଆଚେ, ମୁଇ ଆଇଲେ ସେମନ୍ସେ ମକେ ଦୁକ୍
ଦେଅତ୍ ବଲି ମନ୍ କରିନାଇ । ମୁଇ ଜାନି, ମୁଇ ସାର୍ଦା ଅଇକରି
ରଇଲେ, ତମେ ମିସା ସବୁଲକ୍ ସାର୍ଦା ଅଇରଇସା । ୪ ମୁଇ
ମନେ ମନେ ବେସି ଦୁକ୍ କସ୍ଟ ଅଇକରି ଆରି ମନେ ମନେ କାନ୍ଦି
ଆସୁଜରାଇ କରି ଲେକି ରଇଲି, ଜେନ୍ତିକି ତମେ ଦୁକ୍ ଅଇରୁଆ
ବଲିକରି ମୁଇ ବାବିନାଇ । କାଇକେବଇଲେ ମୁଇ ତମ୍କେ ବେସି
ଆଲାଦ୍ କଲିନି । ଏଟା ଜେନ୍ତିକି ତମେ ଜାନିରୁଆ । ୫ ଏବେ
ତମର୍ ବିତ୍ରେ ଜେ ପାପ୍ କରି ତମ୍କେ ଦୁକ୍ ଦେଲା ଆଚେ,
ସେ ଅବ୍କା ମକେ ଦୁକ୍ ଦେଏନାଇ, ମାତର୍ ତମ୍କେ ସବୁକେ
ଦୁକ୍ ଦେଲାଆଚେ । ସବୁକେ ନଇଲେ ମିସା, କେତେଲକ୍କେ
ଦେଇଆଚେ । ତାର୍ ପାପ୍ କଲାଟା ଅଦିକ୍ ବଡ୍ ଅଇକରି ଡିସ
ବଲି ମୁଇ ମନ୍ କରିନାଇ । ୬ ତମର୍ ବିତ୍ରେ ଜବର୍ ଲକ୍ ତାକେ
ଡଣ୍ଡ ଦେଲାଇ ଆଚତ୍ । ଆରି ସେମନ୍ ତାକେ ଦେଇରଇବା
ଡଣ୍ଡ ତାର୍ପାଇ ଅଇଜାଇସି । ୭ ଏବେ ତମେ ତାକେ କେମା
ଦେଇକରି ସାଆସ୍ ଦେବାର୍ ଆଚେ । ସେନ୍ତାରି ନ କଲେ, ସେ
ବେସି ଦୁକ୍ ଅଇକରି ତାର୍ ମନ୍ ବାଙ୍ଗିଜାଇସି । ୮ ସେଟାର୍ପାଇ
ତାକେ ଆରିତରେକ୍ ଆଲାଦ୍ କରା ବଲି ମୁଇ ତମ୍କେ ବାବୁଜିଆ
କଲିନି । ୯ କାଇକେବଇଲେ ତମେ ବିସ୍ବାସର୍ ପରିକାତେଇ
ଡାଟ୍ଅଇ ରଇଲାସ୍ କି ନାଇ, ଆରି ତମେ ମର୍ ଆଦେସ୍
ମାନ୍ଲାସ୍ନି କି ନାଇ ବଲି ଜାନ୍ବାକେ ମୁଇ ତମ୍କେ ଆଗ୍ତୁର୍
ସେ ଚିଟି ଲେକିରଇଲି । ୧୦ ଜେଡେବେଲେ ମିସା ତମେ
ସେ କରିରଇବା କାମର୍ ପାଇ ତାକେ କେମା କର୍ସା, ତେବେ
ମୁଇମିସା ତାକେ କେମା କର୍ବି, ଜଦି କାଇଟା ମିସା ମୁଇ କର୍ବାର୍
ରଇଲା, ତମର୍ପାଇ ମୁଇ କିରିସ୍ଟର୍ ମୁଆଟେ ସେମନ୍କେ
କେମା ଦେଇସାରାଇ ଆଚି । ୧୧ ଜେନ୍ତିକି ସଇତାନ୍, ଆମର୍
ଉପ୍ରେ ଜିତି ନାପାରେ, କାଇକେବଇଲେ, ସେ କରିରଇବା
ସବୁ ଜଜ୍ନା ଆମେ ଜାନ୍ଲୁନି । ୧୨ କିସ୍ଟର୍ ସୁବ୍କବର୍
ଜାନାଇବାକେ ମୁଇ ଜେଡେବେଲେ ଆଇଲି, ତର୍ଆୟାଇ ସେବା
କାମର୍ପାଇ ମାପ୍ରୁର୍ ବାଟ୍ ମେଲାଅଇଆଚେ ବଲି ମୁ ଜାନି
ପାର୍ଲି । ୧୩ ମାତର୍ ଆମର୍ ବାଇ ତିତସ୍କେ ବେଟ୍ ନ
ଅଇଲି ଜେ ମର୍ ମନେ ମନେ ବେସି ଚିନ୍ତା ରଇଗାଲା ।
ତେବର୍ ପାଇ ମୁଇ ତେଇର୍ ଲକ୍ମନ୍କେ ଗାଲିନିବେ ବଲି
ତେଇଅନି ମାକିଦନିଆଇ ଉଟିଗାଲି । ୧୪ ମାତର୍ ପର୍ମେସର୍
ଦନିଅବାଦ୍ ପାଅ । କିରିସ୍ଟତେଇ ମିସିରଇଲାର୍ପାଇ ତାର୍
ଜିତ୍ଲା ଦଲର୍ ଦାଡିତେଇ ବନ୍ଦି ଲକର୍ ଇସାବେ ପର୍ମେସର୍
ଆମ୍କେ ସବୁବେଲେ ଡାକିନେଲାନି । ସବୁଲକ୍କେ କିରିସ୍ଟର୍
ବିସଇ ଜାନାଇବାକେ ସେ ଆମର୍ ଦେଇକରି କାମ୍ କଲାନି
। ଜନ୍ଟା କି ଦୁପ୍ ପାରା ସବୁ ଜାଗାଇ ବାସ୍ନା ମାର୍ସି ।
୧୫ କାଇକେବଇଲେ ଆମେ କିରିସ୍ଟ ପର୍ମେସର୍କେ ପଡାଇ
ଦେଇତେରଇବା ଦୁପ୍ ପାରା ଆଚୁ । ଆମେ ଜାନାଇତେରଇବା
ସୁବ୍କବର୍ ଗଟେକ୍ ସୁନ୍ଦର୍ ବାସ୍ନା ପାରା ସବୁଲକ୍କେ ଗାଲାନି ।
ଗଟେକ୍ ବାଟର୍ ଲକ୍ମନ୍ ଆଜିଗାଲାଇନି, ଆରି ଗଟେକ୍ ବାଟର୍
ଲକ୍ମନ୍ ରକିଆ ପାଇଲାଇନି । ୧୬ ଜନ୍ ବାଟର୍ ଲକ୍ମନ୍
ଆଜିଗାଲାଇନି, ସେମନର୍ପାଇ ସେଟା ଗନ୍ଦ । ଆରି ସେଟା
ମର୍ବା ବାଟେ ଡାକିନେଇସି । ମାତର୍ ଜନ୍ ବାଟର୍ ଲକ୍ ରକିଆ
ପାଇଲାଇନି, ସେଟା ସେମନ୍କେ ସୁନ୍ଦର୍ ବାସ୍ନା । ଆରି ସେଟା
ନ ସାର୍ବା ଜିବନ୍ତେଇ ଡାକିନେଇସି । ଏ ଆବଡ୍ କାମ୍ କେ
ମିସା କରି ନାପାରତ୍ । ୧୭ କେତେକ୍ ଲକ୍ମନ୍ ପର୍ମେସରର୍
ବାକିଅ ବେବାର୍ କର୍ତେରଇବା ଜିନିସ୍ ପାରା ବାଇବାଇ, ମାତର୍
ଆମେ ସେନ୍ତାର୍ ନାଇ । କାଇକେବଇଲେ ପର୍ମେସର୍ ଆମ୍କେ
ପାଟାଇଆଚେ । କିରିସ୍ଟର୍ ଗତିଦାଙ୍ଗଡା ଇସାବେ, ଆମେ ତାର୍
ମୁଆଟେ ସତ୍ ବାକିଅ ଜାନାଇବୁ ।

**୩** ଆମେ ଆରିତରେକ୍ ନିଜ୍କେ ଉପର୍କେ ଉଟାଇବା କାତା
କଇଲୁନି ବଲି ତମେ କୁଆ ନାଇ । ଆମେ ତେଇ ରଇବା
କେତେଟା ଦରମ୍ ଗୁରୁମନର୍ ପାରା ନାଇ । ବିନ୍ ଲକର୍ ତେଇଅନି
ଏ ଲକ୍ ନିକଟା ବଲି ଚିଟି ଆନ୍ଲେ, ତମେ ସେମନ୍କେ ଡାକି
ନେଇସା, ଆରି ତମର୍ ଜାଗା ଚାଡିକରି ଗାଲେ, ଏ ଲକ୍ ନିକଟା
ବଲିକରି ତମର୍ଟାନେଅନି ଏମନ୍ ଚିଟି ମାଙ୍ଗୁବାଇ । ଆମ୍କେ
ସେନ୍ତାରି ଚିଟି ଦର୍କାର୍ ନାଇ । ୨ ତମେସେ ଆମର୍ ମନ୍ ବିତ୍ରେ
ଲେକିଅଇ ରଇବା ଚିଟି । ସବୁ ଲକ୍ ତମ୍କେ ଦେକ୍ବାଇ ଆରି
ତମର୍ ଚଲାଚଲ୍ତି ଜାନ୍ବାଇ । ୩ କିରିସ୍ଟ ଆମ୍କେ ଏ ଚିଟି
ଲେକ୍ଲା ଆଚେ । ଏଟା ସିରା ସଙ୍ଗ ଲେକା ଅଏନାଇ, ମାତର୍

ଜିବନ୍ ରଇବା ପର୍‌ମେସରର୍ ଆତ୍‌ମା ସଙ୍ଗ୍ ଲେକାଅଇଆଚେ ।
ଏଟା ପାକ୍‌ନାଇ ଲେକା ନ ଅଇକରି ଲକ୍‌ମନର୍ ମନ୍‌ବିତ୍‌ରେ
ଲେକାଅଇଆଚେ । ୪ ଆରି କିସ୍‌ଟର୍ ଲାଗି ପର୍‌ମେସର୍‌କେ ଆସା
କରି ଆମେ ସାଆସ୍ ସଙ୍ଗ୍ କଇପାର୍‌ଲୁନି । ୫ ଏ କାମ୍ ଆମେ
ନିଜର୍ ବପୁ ସଙ୍ଗ୍ କରି ପାର୍‌ବୁ ବଲି କଉନାଇ । ପର୍‌ମେସର୍
ଆକା ଆମ୍‌କେ ବପୁ ଦେଇସି । ୬ ସେ ତା ଆମ୍‌କେ ବପୁ
ଦେଲାଆଚେ, ଜେନ୍ତିକି ଆମେ ତାର୍ ନୁଆ ରାଜିନାମା କଲାଟା
ସବୁକେ ଜାନାଇ ପାର୍‌ବୁ । ସେଟା ଲେକ୍‌ଲା ନିୟମ୍ ନଏଁ,
ମାତର୍ ତାର୍ ଆତ୍‌ମାଇ ଅନି ଅଇଲାଟା । ଲେକ୍‌ଲା ନିୟମ୍
ମରନ୍ ଆନ୍‌ସି, ମାତର୍ ପର୍‌ମେସରର୍ ଆତ୍‌ମା ନ ସାର୍‌ବା
ଜିବନ୍ ଦେଇସି । ୭ ମସାର୍ ନିୟମ୍ ପର୍‌ତମେ ଚେପ୍‌ଟା
ପାକ୍‌ନାଇ ଲେକା ଅଇରଇଲା ଆରି ସେ ନିୟମ୍ ଦେଲାବେଲେ
ପର୍‌ମେସରର୍ ମଇମା ଡିସ୍‌ତେରଇଲା । ମସାର୍ ମୁଏ ରଇଲା ସେ
ମଇମା ଉନା ଉନା ଅଇଜାଇତେରଇଲା । ଅଇଲେ ମିସା ତାର୍
ଉଜଲର୍‌ପାଇ ଇସ୍‌ରାଏଲର୍ ଲକ୍‌ମନ୍ ତାର୍ ମୁଏ ଆଁକି ସଙ୍ଗ୍‌ଇ
ନାପାର୍‌ତେରଇଲାଇ । ଜଦି ପର୍‌ମେସର୍ ମରନ୍ ଆନ୍‌ବା ସେ
ନିୟମ୍ ମଇମା ସଙ୍ଗ୍ ପାଟାଇରଇଲା, ୮ ତେବେ ପର୍‌ମେସରର୍
ଆତ୍‌ମାଇ ଅନି ଆଇବା ନୁଆ ରାଜିନାମା ଆରି କେତେକ୍ ଅଦିକ୍
ମଇମାସଙ୍ଗ୍ ରଇସି । ୯ ଲକ୍‌ମନ୍ ଡଣ୍ଡ ପାଇବାଇ ବଲି ଜାନାଇ
ଅଇବା କାମ୍, ଜଦି ମଇମା ସଙ୍ଗ୍ ଆଇଲା, ତେବେ ଆମର୍ ସବୁ
ପାପ୍ କେମା ଅଇଲାଆଚେ ବଲି ଜାନାଇବା ବାକିଅ କେତେକ୍
ଅଦିକ୍ ମଇମା ଅଇରଇସି? ୧୦ ପର୍‌ତୁମ୍ ନିୟମର୍ ମଇମା ବେସି
ଉଜଲ୍ ରଇଲା, ମାତର୍ ଏବେ ନୁଆ ନିୟମର୍ ରାଜିନାମାର୍
ଲାଗି ପୁର୍‌ନା ନିୟମର୍ ମଇମା ଉନାଅଇଗାଲା ଆଚେ । ୧୧
ଜଦି ଆଗର୍ ପର୍‌ମାନ୍ ନିୟମ୍ ପାକାଇ କାତା ଦେଇରଇବାଟା
ଚନେକର୍‌ପାଇ ଅଇଲେ ମିସା ମଇମାସଙ୍ଗ୍ ରଇଲା, ତେବେ ନୁଆ
ପର୍‌ମାନ୍ ନିୟମ୍ ପାକାଇ ଦେଇରଇବାଟା, ଜନ୍‌ଟା କି କେବେ
ନ ସାରେ, ସେଟା କେତେକ୍ ଅଦିକ୍ ମଇମା ସଙ୍ଗ୍ ରଇସି! ୧୨
ଆମ୍‌କେ ଏ ଆସା ରଇଲାକେ, ଆମେ ବେସି ସାଆସ୍ ସଙ୍ଗ୍ ଆଚୁ
। ୧୩ ଆମେ ମସାର୍ ପାରା ନାଇ, ସେ ମୁ ଡାବିଅଇ ରଇଲା ।
ଜେନ୍ତିକି, ଲିବି ଆଇତେରଇବା ଆରି ଇସ୍‌ରାଏଲର୍ ଲକ୍‌ମନ୍
ତେଇର୍ ମଇମା ଉନା ଅଇକରି ପୁରାପୁରୁନ୍ ଜିବାଟା ନ ଦେକତ୍
। ୧୪ ସେବେଲେ ଇସ୍‌ରାଏଲର୍ ଲକ୍‌ମନ୍ ନ ବୁଜ୍‌ତେରଇଲାଇ,
ତାକର୍ ମନ୍ ଡାବ୍‌ଲା ପାରା ଅଇରଇଲା । ଆରି ସେମନ୍ ପୁର୍‌ନା
ରାଜିନାମାର୍ ବଇମନ୍ ପଡ୍‌ଲାଇନି ଜେ ଏବ୍‌କେ ଜାକ ବୁଜତ୍
ନାଇ । ଜେଡେବେଲେ ଜାକ ସେମନ୍ କିରିସ୍‌ଟର୍‌ତେଇ ନ ମିସି
ରଅତ୍, ସେ ବେଲା ଜାକ ତାକର୍ ମନର୍ ଡାବ୍‌ନା ନ ବେଟି ଅଏ
। ୧୫ ଏବେ ଜାକ ମିସା ସେମନ୍ ମସାର୍ ନିୟମ୍ ପଡ୍‌ବାବେଲେ,
ତାକର୍ ମନ୍ ସେନ୍ତି ଡାବିସେ ଅଇରଇସି । ୧୬ ମାତର୍ ସାସ୍‌ତର୍
କଇଲାନି, “ଜଦି ଜେ ମାପ୍‌ରୁର୍ ବାଟେ ମନ୍ ବାଉଡାଇଲେ,
ତାର୍ ମନେ ଡାବିଅଇ ରଇବାଟା ଉଗାଡି ଅଇସି ।” ୧୭ ଏ
ଚିଟିତେଇ ମାପ୍‌ରୁ ବଲି କଇବାଟା ଅଇଲାନି ଆତ୍‌ମା ଆରି
ମାପ୍‌ରୁର୍ ଆତ୍‌ମା ଜନ୍ତି ମିସା ରଇଲେ, ତେଇ ଆମେ ମୁକ୍‌ଲି
କରି ଆଚୁ । ୧୮ ତେବେ ଆମେ ଜେତ୍‌କି ଲକ୍ ସବୁ ମାପ୍‌ରୁକେ
ବିସ୍‌ବାସ୍ କରିଆଚୁ, ଆମର୍ ମୁଁ ଡାବି ଅଏନାଇ । ପର୍‌ମେସରର୍
ବପୁ ଆରି ମଇମା ଦେକାଇଅଇବା ଗଟେକ୍ ଦର୍‌ପନ୍ ପାରା
ଆମେ ଆଚୁ । ଆମେ ତାର୍‌ପାରା ଅଇବା ଜାକ ଦିରେ ଦିରେ
ବାଦ୍‌ଲାଇ ଅଇ ଆଇଲୁନି । ପର୍‌ମେସରର୍ ଆତ୍‌ମାସେ ଆମ୍‌କେ
ବାଦ୍‌ଲାଇଲାନି ।

୪ ପର୍‌ମେସର୍ ତାର୍ ଜିବନ୍ ଦୁକାଇକରି ଆମ୍‌କେ ଏ ସେବାକାମ୍
ଦେଲାଆଚେ । ସେଟାର୍‌ପାଇ, ଆମେ ବପୁ ନଇଲା ଲକର୍
ପାରା କାମ୍ କରୁନାଇ । ୨ ଆମେ ଲୁଚ୍‌ତେ ରଇବା କାମ୍ କି
ଲାଜ୍ କରାଇବା କାମ୍ କରୁନାଇ । ଆମେ ଲକ୍‌ମନ୍‌କେ ନାଡାଉ
ନାଇ । ଆମେ ଜାନାଇତେରଇବା ମାପ୍‌ରୁର୍ ବାକିଅ ତେଇ ମିଚ୍
ସିକିଆ ମିସାଉ ନାଇ । ମାତର୍ ସବୁଲକ୍ ବୁଜ୍‌ଲାପାରା ସତ୍
ସିକିଆ ଦେଲୁନି । ଜେନ୍ତାର୍ କି, ମୁଇ କଇଲା ବାକିଅ ଲକ୍‌ମନ୍
ତାକର୍ ବିବେକ୍‌ଟାନେ ସତ୍ ବଲି ଜାନ୍‌ବାଇ । ଆମେ କର୍‌ବା
ସବୁ କାମ୍ ପର୍‌ମେସରର୍ ମୁଆଟେ ଆଚେ । ୩ ଜଦି ଆମେ
ଜାନାଇବା ସୁବ୍‌କବର୍ ନ ବୁଜ୍‌ବା ଲକ୍ ଆଚତ୍, ସେନ୍ତାର୍ ଆଲେ
ସେମନ୍‌ସେ ଆଜିଜାଇରଇବା ଲକ୍ । ୪ ଏ ଜଗତର୍ କାରାପ୍
ସାସନ୍‌କାରିଆ ତାକର୍ ମନ୍ ଆନ୍ଧାର୍ କରି ଦେଇଆଚେ ଜେ,
ସେମନ୍ ବିସ୍‌ବାସ୍ କରତ୍ ନାଇ । ଜନ୍ ଉଜଲ୍ ତାକର୍ ଉପ୍‌ରେ
ଉଜଲ୍ ଦେଲାନି, ସେଟା ନ ଦେକ୍‌ବାକେ ସେ ଆଗ୍‌ଟିଦେଲାନି ।
କିରିସ୍‌ଟର୍ ମଇମାର୍ ଉଜଲ୍ ତାର୍ ସୁବ୍‌କବରେଅନି ଆଇସି ।
କିରିସ୍‌ଟ ସମାନ୍ ପର୍‌ମେସରର୍ ପାରାସେ ଆଚେ । **(aiōn g165)**
୫ କାଇକେବଇଲେ ଆମେ ନିଜର୍ ବିସଇ ଜାନାଇ ଅଉନାଇ ।
ମାତର୍ ଜିସୁ କିରିସ୍‌ଟ ଜେ କି ମାପ୍‌ରୁ, ତାର୍ ବିସଇ ଜାନାଇଲୁନି
। ଜିସୁର୍ ଲାଗି ତମର୍ ଗତିଦାଙ୍ଗ୍‌ଡା ଇସାବେ ଆମେ ନିଜେ
ଜାନାଇଅଇଲୁନି । ୬ ପର୍‌ମେସର୍ ଜେ କି କଇଲା “ଉଜଲ୍
ଆନ୍ଧାରେ ଅନି ଉଜଲ୍ ଦେଇସି ।” ସେ ସମାନ୍ ପର୍‌ମେସର୍
କିରିସଟର୍ ମୁଏ ଅନି ତାର୍ ଉଜଲ୍ ଆମର୍ ବିତ୍‌ରେ ଉଜଲ୍
କରାଇଲା । ଜେନ୍ତାରି କି କିରିସ୍‌ଟ ତେଇ ରଇବା ପର୍‌ମେସରର୍
ମଇମା, ଆମେ ବୁଜି ପାର୍‌ବୁ । ୭ ଆମେ ଗଟେକ୍ ମାଟି ଆଣ୍ଡି ପାରା
। କାଇକେବଇଲେ ଆମ୍‌କେ ବପୁ ନ ରଇଲେ ମିସା ପର୍‌ମେସର୍
ତାର୍ ବେସି ମୁଲିଅ ରଇବା ବାକିଅ ଆମ୍‌କେ ସର୍‌ପି ଦେଲାଆଚେ
। ଜେନ୍ତାରି କି ଆମ୍‌କେ ବପୁ ନ ରଇକରି ପର୍‌ମେସର୍‌କେସେ
ବେସି ବପୁ ଆଚେ ବଲି ଲକ୍‌ମନ୍ ଜାନ୍‌ବାଇ । ୮ ଆମେ ସବୁ
ରକାମର୍ ଦୁକ୍‌କସ୍‌ଟ ଅଇକରି ଗାଲୁନି, ଏଲେ ମିସା କସ୍‌ଟ
ପାଉ ନାଇ । କେବେ କେବେ କାଇଟା କର୍‌ବୁ ବଲି ଗିଆନ୍ ନ
ରଇଲା ଲକର୍‌ପାରା ଅଇଲୁନି, ଅଇଲେମିସା ମନ୍‌ଦୁକ୍ କରୁ
ନାଇ । ୯ ସତ୍‌ରୁମନର୍ ଟାନେଅନି ଉଡା ସୁନି ସୁନି ରଇଲୁ,
ଏଲେମିସା ମାପ୍‌ରୁ ଆମ୍‌କେ ଚାଡେ ନାଇ । ଆମର୍ ଗାଗ୍‌ଡେ

କେତେକ୍ କେତେକ୍ ମାଡ୍ ଅଇଲା । ଅଇଲେ ମିସା ମାପ୍ରୁ ଆମ୍‌କେ ବିନାସ୍ ଅଇବାକେ ଦେଏନାଇ । ୧୦ ଆମେ ସବୁବେଲେ ଜିସୁର୍ ମରନ୍ ଆମର୍ ଗାଗ୍‌ଡେ ଏତାଇଲୁନି । ଜେନ୍ତିକି ଜିସୁର୍ ଜିବନ୍‌ମିସା ଆମର୍ ଗାଗ୍‌ଡେ ଡିସ୍‌ସି । ୧୧ ଆମେ ଜିସୁର୍ ସଙ୍ଗ୍ ରଇଲାର୍ ପାଇ ବଁଚ୍‌ବାଜାକ ମର୍‌ବା ବିପଦେ ଆଚୁ । ଜେନ୍ତିକି ଲକ୍‌ମନ୍ ଏ ମର୍‌ବା ଗାଗ୍‌ଡେ ଜିସୁ ବଁଚିରଇବାଟା ଦେକ୍‌ବାଇ । ୧୨ ଏନ୍ତାରିସେ ଆମେ ମରନ୍ ଦାରିଆଚୁ । ମାତର୍ ତମର୍‌ଟାନେ ଜିବନ୍ ଅଇ ଆଇଲାନି । କାଇକେବଇଲେ ତମେ ନ ସାର୍‌ବା ଜିବନ୍ ପାଇସା । ୧୩ ସାସ୍‌ତରରେ ଲେକା ଅଇଲାପାରା "ମୁଇ ବିସ୍‌ବାସ୍ କଲି, ତେବର୍‌ପାଇ ମୁଇ କାତା ଅଇଲି"। ସେ ସମାନ୍ ବିସ୍‌ବାସର୍ ଆତ୍‌ମାଇ, ଜନ୍ ବାକିଅ ମୁଇ ବିସ୍‌ବାସ୍ କଲିଆଚି, ସେଟାସେ ମୁଇ ଏବେ ଲକ୍‌ମନ୍‌କେ ଜାନାଇଲିନି । ୧୪ କାଇକେ ବଇଲେ ଆମେ ଜାନିଆଚୁ ପର୍‌ମେସର୍ ଜେ କି ମାପ୍ରୁ ଜିସୁକେ ଜିବନ୍ କରି ଉଟାଇଲା, ସେ ଆମ୍‌କେ ମିସା ମାପ୍ରୁ ଜିସୁର୍ ସଙ୍ଗ୍ ଉଟାଇସି । ଆରି ତମର୍ ସଙ୍ଗ୍ ଆମ୍‌କେ ମିସା ପର୍‌ମେସରର୍ ମୁଆଟେ ନେଇସି । ୧୫ ତେବର୍‌ପାଇ ଜେତ୍‌କି ସବୁ ସାଦ୍‌ନା ବାନ୍ଦ୍‌ନା ଆଇଲାନି, ସେ ସବୁ ବିସଇ ତମର୍ ମଙ୍ଗଲର୍‌ପାଇ ସେ ଅଇଲାନି । ପର୍‌ମେସରର୍ ଜିବନ୍ ଦୁକାଇଲାଟା ଅଦିକ୍ ଅଦିକ୍ ଅଇକରି ଲକ୍‌ମନର୍‌ଟାନେ କେଟ୍‌ସି, ଆରି ସେମନ୍ ସବୁଲକ୍ ତାକେ ଦନିଅବାଦ୍ ଦେବାଇ । ୧୬ ତେବର୍‌ପାଇ ଆମେ ସାଆସ୍ ନ ଅଇରଇବା ଲକର୍ ପାରା ନ ଅଉଁ । କାଇକେବଇଲେ ଆମର୍ ବାଇରର୍ ଗାଗଡ୍ ମରିମରି ଆଇଲେ, ମିସା ବିତ୍‌ରେ ରଇବା ଲକ୍ ଦିନ୍‌କେ ଦିନ୍ ନୁଆ ଅଇ ଆଇଲାନି । ୧୭ କାଇକେ ବଇଲେ ଆମର୍ ଦୁକ୍ କସ୍‌ଟ ସବୁ ଉନା ଅଇକରି ଚନେକର୍‌ପାଇ । ମାତର୍ ସେଟା ଆମ୍‌କେ ନ ସର୍‌ବା ସବୁଦିନର୍ ମଇମା ଆନ୍‌ସି । ସେଟା ଆମର୍ ଦୁକ୍ କସ୍‌ଟ ଟାନେଅନି ବଡ୍ ରଇସି । (aiōnios g166) ୧୮ ତେବର୍ ପାଇ ଆମେ ଏ ଜଗତେ ଡିସ୍‌ବା ବିସଇ ଆସା ନ କରି ନ ଡିସ୍‌ବା ବିସଇ ଆସା କଲୁନି । କାଇକେବଇଲେ ଦେକ୍‌ବା ବିସଇ ସବୁଦିନ୍ ନ ରଏ, ମାତର୍ ନ ଦେକ୍‌ବା ବିସଇ ସବୁ ଦିନର୍‌ପାଇ ରଇସି । (aiōnios g166)

**୫** ଆମର୍ ଗାଗଡ୍ ତୁମ୍ ଟାନିକରି ବାନ୍ଦିରଇବା ଗର୍‌ପାରା । ଆରି ଆମେ ଜାନୁ ଜେ ଜେଡେବେଲେ ମିସା ଏଟା ବାଙ୍ଗି ଜାଇସି, ତେବେ ସର୍‌ଗେ ରଇବାପାଇ ଆମ୍‌କେ ଗଟେକ୍ ଗର୍ ଆଚେ । ଏଟା ନିଜେ ପର୍‌ମେସର୍ ତିଆର୍ କଲାଟା । ସେଟା କେବେ ବିନାସ୍ ନ ଅଏ । ସବୁ ଦିନର୍‌ପାଇ ରଇସି । (aiōnios g166) ୨ ମାତର୍ ଆମେ ଏ ଜଗତେ ରଉ ରଉ ଏତ୍‌କି କସ୍‌ଟ ପାଇଲୁନି । ସର୍‌ଗେ ରଇବା ଆମର୍ ନୁଆ ଗାଗଡ୍ ଏବେଆକା ଆମ୍‌କେ ମିଲ ବଲି ଆମେ ମନ୍ କଲୁନି । ୩ କାଇକେବଇଲେ ମଲାତେଇଅନି ଆମ୍‌କେ ଉଟାଇଲାବେଲେ ଆମର୍‌ପାଇ ଗଟେକ୍ ଗାଗଡ୍ ଦର୍‌କାର୍ ଆଚେ । ୪ ଏ ଜଗତେ ଆମେ ବଁଚି ରଇଲାବେଲେ, ଇତିର୍ ଗାଗଡ୍ ନେଇକରି ଜେତ୍‌କି ଦୁକ୍ କସ୍‌ଟ ପାଇବାର୍ ଆଚେ, ସେଟା ସବୁ ବଇକରି ଆଉଜି ଗାଲୁନି । ମାତର୍ ଏ ଗାଗଡ୍ ଚାଡ୍‌ବାକେ ଆମେ ମନ୍ କରୁ ନାଇ । ସର୍‌ଗେ ଅନି ଆଇବା ନୁଆ ଗାଗଡ୍ ଆମ୍‌କେ ମିଲ ବଲି ମନ୍ କଲୁନି । ସେନ୍ତାର୍‌ଆଲେ ମରନ୍‌କେ ସର୍‌ପି ଦେଇରଇବା ଏ ଗାଗଡର୍ ବାଦୁଲେ ସବୁଦିନର୍ ପାଇ ଜିବନ୍ ରଇବା ଗଟେକ୍ ଗାଗଡ୍ ମିଲାଇବୁ । ୫ ମାତର୍ ପର୍‌ମେସର୍ ଆମର୍‌ପାଇ ଏ ସବୁ ବିସଇ ଜାଗାଇଦେଇ ସାରାଇଆଚେ । ଜେନ୍ତିକି ଆଇବା ଦିନ୍‌ମନ୍‌କେ ଏଟାସବୁ ଅଇସି । ଏଟା ସବୁ ସେ ପୁରାପୁରୁନ୍ କର୍‌ସି ବଲି ଆମ୍‌କେ ଚିନ୍ ଇସାବେ ସୁକଲ୍ ଆତ୍‌ମା ଦେଲାଆଚେ । ୬ ସେଟାର୍ ପାଇ ଆମେ ସବୁବେଲେ ସାଆସ୍ ଅଇକରି ଆଚୁ । ଏ ସାର୍‌ବା ଗାଗ୍‌ଡେ ଆମେ ରଉ ରଉ, ମାପ୍ରୁ ରଇବା ଗରେ ଅନି ଦୁରିକେ ବାସା ଅଇଆଚୁ ବଲି ଜାନିଆଚୁ । ୭ ଏ ଜଗତେ ରଇବା ଆମର୍ ଜିବନ୍, ପର୍‌ମେସର୍‌ଟାନେ ବିସ୍‌ବାସ୍ କରି ରଇଲୁନି । କାଇକେବଇଲେ ଜନ୍ ଜାଗାଇ ଆମେ ବାସା ଅଇବାକେ ଗାଲୁନି, ସେ ଜାଗା ଏବେଜାକ ଆମେ ଦେକୁ ନାଇତା । ୮ ଉଁ ଆମର୍ ବିସ୍‌ବାସ୍ ସବୁବେଲେ ଡାଁଟ୍ ଆଚେ । ଏ ସାରିଜିବା ଗାଗଡ୍ ଚାଡିକରି ମାପ୍ରୁର୍ ଗରେ ଜିବାକେ ବଲି ଆମେ ଜାନିଆଚୁ । ୯ ମାତର୍ ଏବେ ଆମେ ଜନ୍ତି ରଇଲେ ମିସା, ଏ ଜଗତେ ରଇଲେ କି, ପର୍‌ମେସର୍ ରଇବାଟାନେ ରଇଲେ ମିସା, ସେ ଜନ୍‌ଟା ଆମର୍‌ଟାନେଅନି ଆସା କଲାନି, ସେଟା ପୁରାପୁରୁନ୍ ଅ ବଲି ଆମେ ମନ୍ କଲୁନି । ୧୦ ଆମେ ସବୁଲକ୍ କିରିସ୍‌ଟର୍ ମୁଆଟେ ଆଇବାକେ ପଡ୍‌ସି । କାଇକେବଇଲେ ସେ ଆମର୍ କାମ୍ ବିଚାର୍ କର୍‌ସି । ଏ ଜଗତେ ରଇକରି ଆମେ ଜନ୍‌ଟା କଲୁଆଚୁ, ସେଟା ନିକ ଅ କି ନ ଅ, ସେ ଇସାବେ ଆମ୍‌କେ ଗଟେକ୍ ଗଟେକ୍ ଲକ୍‌କେ ବୁତି ମିଲ୍‌ସି । ୧୧ ଆମେ ଜାନିଆଚୁ ମାପ୍ରୁ ଆମ୍‌କେ ବିଚାର୍ କର୍‌ବାବେଲେ ଗଟେକ୍ ଡର୍‌ବା ବେଲା ଅଇସି । ସେଟାର୍‌ପାଇ ଆମେ ଲକ୍‌ମନ୍‌କେ ମାନାଇଲୁନି । ପର୍‌ମେସର୍ ଆମ୍‌କେ ପୁରାପୁରୁନ୍ ଜାନ୍‌ଲାନି । ଆରି ମୁଇ ଆସା କଲିନି ତମେ ମିସା ତମର୍ ମନେ ମନେ ମକେ ଜାନିରୁଆ । ୧୨ ଏଟା ସବୁ ଲେକିକରି ତମେ ଆମ୍‌କେ ଆରିତରେକ୍ ଏ ଲକ୍ ନିକ ବଲିକରି କୁଆଇଅଇବାକେ ଆମେ ମନ୍ କରୁନାଇ । ମାତର୍ ଆମେ ଆସା କର୍‌ବାଟା ଟିକ୍ ଆଚେ, ସେଟା ତମେ ଜାନା ବଲି ଆମେ ମନ୍ କଲୁନି । ଆରି ଜନ୍ ଲକ୍‌ମନ୍ ନିକ ଗୁନ୍ ନ ମାନିକରି, ବାଇରେ ଡିସ୍‌ବା ବିସଇଟାନେ ବଡ୍‌ପନ୍ ଅଇବାଇ, ସେମନ୍‌କେ ବୁଜାଇପାରାସ୍ । ୧୩ କେତେଲକ୍ ଆମେ ବାୟା ଅଇଗାଲୁଆଚୁ ବଲି ବାବ୍‌ବାଇ । ସେନ୍ତାର୍‌ଆଲେ ସେନ୍ତି ଅଇବାଟା ପର୍‌ମେସର୍ ମନ୍ କଲା ଇସାବେ । ଜଦି ଆମେ ନିକ ଆଚୁ ବଲି ବାବ୍‌ଲେ ସେଟା ତମର୍ ବଲ୍ ପାଇ । ୧୪ କିରିସ୍‌ଟର୍ ଆଲାଦ୍ ଆମ୍‌କେ ବାଟ୍ ଦେକାଇଲାନି । ସେଟା ଆମେ ଜାନିଆଚୁ । ସେଟାର୍ ଲାଗି ଆମେ ସବୁଲକ୍ ତାର୍ ମରନେ ମିସିଆଚୁ । ୧୫ ସେ ସବୁ ଲକର୍‌ପାଇ ମଲାଆଚେ । ଜେନ୍ତି କି ଜନ୍‌ଲକ୍‌ମନ୍ ବଁଚି ଆଚତ୍,

ସେମନ୍ ନିଜର୍ ପାଇ ନ ବଁଚତ୍ । ଜେ ତାକର୍ ପାଇ ମରିକରି
ଜିବନ୍ ଅଇ ଉଟ୍ଲା, ଅବ୍କା ତାର୍ ପାଇସେ ବଁଚ୍ବାର୍ ଆଚେ ।
**୧୬** ଏ ଜଗତର୍ ଲକ୍ମନ୍ ବିଚାର୍ କଲାପାରା ଆମେ ଲକ୍ମନ୍କେ
ବିଚାର୍ନା କରୁନାଇ । ପୁର୍ବେ ଆମେ କିରିସ୍ଟକେ ମିସା ଏ
ଜଗତର୍ ଲକ୍ ବିଚାର୍ କଲାପାରା କର୍ତେରଇଲୁ । ମାତର୍ ଏବେ
ଆମେ ସେନ୍ତି କରୁନାଇ । **୧୭** ଜେ ଜଦି କିରିସ୍ଟ ସଙ୍ଗ୍ ମିସ୍ଲେ ସେ
ଗଟେକ୍ ନୁଆ ଲକ୍ ଅଇସି । ପୁର୍ନା ଚଲାଚଲ୍ତି ଆରି ନାଇନି,
ସବୁଜାକ ନୁଆ ଅଇଗାଲା ଆଚେ । **୧୮** ଏଟା ସବୁ ପର୍ମେସର୍
କଲାଆଚେ । ସେ କିରିସ୍ଟକେ ଦେଇ ଆମ୍କେ ସତ୍ରୁ ରଇବା
ତେଇଅନି ମଇତର୍ କରିଆଚେ । ବିନ୍ ଲକ୍ମନ୍କେ ମିସା ତାର୍
ମଇତର୍ କରାଇବା କାମ୍ ଆମ୍କେ ସର୍ପି ଦେଲାଆଚେ । **୧୯**
ତେବେ ଆମେ ଏ ବିସଇ ଜାନାଇଦେଲୁନି, ଜେ କିରିସ୍ଟର୍
ଲାଗି ପର୍ମେସର୍ ସବୁ ମୁନୁସ୍ ଜାତିକେ ତାର୍ ନିଜର୍ ମଇତର୍
କରିପାର୍ସି । ଆରି ସେ ତାକର୍ ସବୁ ପାପ୍ କେମା କରିଦେଇସି ।
ବିନ୍ ଲକ୍ମନ୍କେ ମିସା ତାର୍ ମଇତର୍ କରାଇବା କାମ୍ ଆମ୍କେ
ସର୍ପି ଦେଲାଆଚେ । **୨୦** ପର୍ମେସର୍ ଆମ୍କେ ଦେଇ ତମ୍କେ
ବାବୁଜିଆ କଲାନି । ଏଟାର୍ପାଇ କିରିସ୍ଟ ଆମ୍କେ ପାଟାଇଲା
ଆଚେ । ଆରି କିରିସ୍ଟର୍ ଲାଗି ଆମେ ମିସା ତମ୍କେ ବାବୁଜିଆ
କଲୁନି । ପର୍ମେସର୍ ତମ୍କେ ସତ୍ରୁଟାନେଅନି ମଇତର୍ କର
। **୨୧** କିରିସ୍ଟକେ କାଇ ପାପ୍ ନ ରଇଲା । ମାତର୍ ଆମର୍
ପାପର୍ ପାଇ ଆକା ସେ ଡଣ୍ଡ ପାଅ ବଲି ପର୍ମେସର୍ ଟିକ୍ କଲା
। କିରିସ୍ଟ ସଙ୍ଗ୍ ମିସ୍ଲାର୍ପାଇ ଏବେ ପର୍ମେସର୍ ଆମ୍କେ
ଦରମ୍ ଲକ୍ ଇସାବେ ଦେକ୍ଲାନି ।

**୬** ତେବେ ପର୍ମେସରର୍ ଏ କାମେ, ଆମେ କାମ୍କରୁମନ୍
ଅଇଲୁଆଚୁ ଜେ, ତମ୍କେ ଆମେ ବାବୁଜିଆ କଲୁନି । ତମେ
ତାର୍ ଜିବନ୍ ଦୁକାଇଲାଟା ମିଲାଇ ଆଚାସ୍ । ସେଟା ଚୁଚାଇ ନ ଅ
। **୨** ପର୍ମେସର୍ କଇବାଟା ସୁନା । "ତମ୍କେ ଦୟା ଦେକାଇବା
ବେଲା ସମାନ୍ ଅଇଲାକେ, ମୁଇ ତମେ ଗୁଆରି କଲାଟା ସୁନ୍ଲି ।
ଜନ୍ ଦିନେ ମୁଇ ମୁକ୍ଲାଇବା ଦିନ୍ ବଲି ଟିକ୍ କଲି, ସେ ଦିନେ
ମୁଇ ତମ୍କେ ସାଇଜ କଲି ।" ସୁନା! ପର୍ମେସର୍ ତମ୍କେ ତାର୍
ଆଲାଦ୍ ଦେକାଇବି ବଲି, ଟିକ୍ କଲା ଦିନ୍ ଆଜିସେ । ତମର୍
ପାପର୍ ଡଣ୍ଡେ ଅନି ସେ ତମ୍କେ ରକିଆ କର୍ବା ଦିନ୍ ଆଜି
ସେ । **୩** ଜେନ୍ତିକି ଆମର୍ ସେବା କାମେ ଲକ୍ମନ୍ ଆମ୍କେ
ଦସ୍ ନ ଦାରତ୍ ବଲି ଆମେ ମନ୍ କରୁନାଇ । ସେଟାର୍ପାଇ
କିରିସ୍ଟର୍ ପଚେ ଜିବା ଲକ୍ମନ୍କେ ଆମ୍କେ ଆଗ୍ଟୁ ନାଇ ।
**୪** ତାର୍ ବାଦୁଲେ ଆମେ ଜାଇଟା କଲେ ମିସା ପର୍ମେସରର୍
ସେବାକାରିଆ ଇସାବେ କଲୁନି । ଜେନ୍ତିକି, କିରିସ୍ଟର୍ ଲାଗି
ଉଡାସୁନ୍ବା ଟାନେ, ଦୁକ୍ କସ୍ଟ ଟାନେ, ଆମେ ସାଆସ୍ ଅଇ
ମୁର୍ଚିକରି ଆଚୁ । **୫** ଆମେ କର୍ଡା ମାଡ୍ କାଇ ବନ୍ଦି ଗରେ
ରଇଆଚୁ, ମାନ୍ଦା ଲକର୍ଟାନେ ଅନି କେଦାଇଅଇଆଚୁ, ବେସି
ଆବଡ୍ କାମ୍ କରି ଆଚୁ, ନ ସଇକରି ରଇଲୁଆଚୁ, ଦିନ୍ ଦିନ୍
ଦାରି ନ କାଇ ନ ପିଇ କରି ରଇଆଚୁ । **୬** ଆମର୍ ସୁକଲ୍
କାମେ, ଆମର୍ ଗିଆନେ, ଆମର୍ ମୁର୍ଚି ରଇବାଟାନେ, ଆମର୍
ଦୟା ଦେକାଇବାଟାନେ, ସୁକଲ୍ଆତ୍ମାଟାନେ, ଆମର୍ ସତ୍
ଆଲାଦ୍ଟାନେ, ଆମେ ପର୍ମେସରର୍ ସେବା କାରିଆ ବଲିକରି
ଜାନାଇ ଅଇଲୁନି । **୭** ଆମେ ସିକାଇବା ବାକିଅ ସତ୍ ବାକିଅ ।
ଆରି ଆମର୍ ସଙ୍ଗ୍ ପର୍ମେସରର୍ ବପୁ ଆଚେ । ପର୍ମେସର୍
ଦେକ୍ବା ଇସାବେ, ଆମର୍ ଦରମ୍ ବଲାଇ ଅଇବାଟା ଗଟେକ୍
ଆତ୍ଆଡିଆର୍ ପାରା । ଆମର୍ ସତ୍ରୁମନର୍ ବିରୁଦେ ଜୁଜ୍ବାକେ
ଆରି ନିଜ୍କେ ରକିଆ ପାଇବାକେ, ସେଟା ବାଇଲୁନି । **୮**
କେବେ କେବେ ଆମ୍କେ ସନ୍ମାନ୍ ମିଲ୍ଲାନି । ମାତର୍ କେବେ
କେବେ ତଲେ ପାକାଇଲାଇନି । କେବେ କେବେ ନିକ ଲକ୍
ବଲାଇଅଇଲୁନି । ମାତର୍ କେବେ କେବେ ଆମେ ନିନ୍ଦା ପାଇଲୁନି
। **୯** ଆମେ ମିଚୁଆ ବଲାଇଅଇଲୁନି । ମାତର୍ ସତ୍ କାତା
କଇଲୁନି । ନାଜାନ୍ତେ ରଇଲେ ମିସା ସବୁଲକ୍ ଜାନି ଆଚତ୍
। ମଲା ସମାନ୍ ରଇଲୁ, ମାତର୍ ଆଜିକେ ଜାକ ବଁଚିଆଚୁ ।
ଡଣ୍ଡ ପାଇଲୁ ମିସା ମରୁନାଇ । **୧୦** ବେସି ଦୁକେ ରଇଲେ ମିସା
ସାର୍ଦା ସଙ୍ଗ୍ ଆଚୁ । ଆମେ ଅର୍କିତ୍ ପାରା ଅଇରଇଲେ ମିସା,
ବିନ୍ ଲକ୍ମନ୍କେ ସାଉକାର୍ କରାଇଆଚୁ । ଆମେ କାଇଟା ନ
ରଇବା ଲକର୍ ପାରା ଆଚୁ, ମାତର୍ ସବୁଜାକ ଆମର୍ଟା । **୧୧**
ଏ କରନ୍ତିଏ ରଇବା ଆମର୍ ମଇତର୍ମନ୍, କାଇ କପଟ୍ ନ କରି,
ଆମର୍ ମନେ ଜାଇଟା ରଇଲା, ସେଟା ସବୁ ତମର୍ ମୁଆଟେ
କଇଲୁଆଚୁ । ଆମେ ତମ୍କେ ବେସି ଆଲାଦ୍ କଲୁନି । **୧୨**
ତମର୍ପାଇ ବଲିକରି ଆମର୍ ଆଲାଦ୍ ଉନା ଅଏ ନାଇ । ମାତର୍
ଆମର୍ ପାଇ ରଇବା ତମର୍ ଆଲାଦ୍ ଉନା ଅଇଆଚେ । **୧୩**
ନିଜର୍ ପିଲାମନ୍କେ କଇଲା ପାରା ତମ୍କେ କଇଲିନି, ଆମେ
ଜେନ୍ତାରି କି ତମ୍କେ ଆଲାଦ୍ କଲୁନି, ସେନ୍ତାରିସେ ତମେ ଆମ୍କେ
ଆଲାଦ୍ କରା । **୧୪** ତମେ ବିସ୍ବାସ୍ ନ କର୍ବା ଲକ୍ମନର୍
ସଙ୍ଗ୍ ମିସିକରି କାମ୍ କରାନାଇ । ସେ କାମ୍ କେବେମିସା ନ
ଅଏ । କାଇକେବଇଲେ ସତ୍ ଆରି ମିଚ୍ ମିସାଇ ନ ଅଏ ।
ଉଜଲ୍ ଆରି ଆନ୍ଦାର୍ ନ ମିସତ୍ । **୧୫** କିରିସ୍ଟ ଆରି ସଇତାନ୍
କାଇ ବିସଇଟାନେ ମିସା ରାଜି ନ ଅଅତ୍ । ଗଟେକ୍ ବିସ୍ବାସ୍
କର୍ବା ଲକ୍ ଆରି ଗଟେକ୍ ବିସ୍ବାସ୍ ନ କର୍ବା ଲକ୍, ଗଟେକ୍
ଟାନେ ମିସିକରି ନ ରଅତ୍ । **୧୬** ପର୍ମେସରର୍ ମନ୍ଦିରେ ପୁତ୍ଲା
ପୁଜା କର୍ବାର୍ ନ ଅଏ । ଆମେ ପର୍ମେସରର୍ ମନ୍ଦିର୍ ପାରା ।
କାଇକେବଇଲେ ଜିବନ୍ ରଇବା ପର୍ମେସର୍ ଆମର୍ ବିତ୍ରେ
ବାସା ଅଇଆଚେ । ସେ ନିଜେ କଇଲାଆଚେ "ଜନ୍ ଲକ୍ମନ୍
ମର୍ ଲକ୍, ମୁଇ ସେମନର୍ ସଙ୍ଗ୍ ରଇବି । ତାକର୍ ବିତ୍ରେ
ଚାଲାବୁଲା କର୍ବି । ମୁଇ ସେମନର୍ ପର୍ମେସର୍ ଅଇବି । ଆରି
ସେମନ୍ ମର୍ ଲକ୍ ଅଇବାଇ ।" **୧୭** ତେବେ ମାପ୍ରୁ କଇଲାନି,
"ଜନ୍ ଲକ୍ମନ୍ ମର୍ ସଙ୍ଗ୍ ଆସତ୍ ନାଇ, ସେ ମାନ୍ଦାଇ ଅନି ଚାଡି
କରି ବେଗ୍ଲି ଉଟିଆସା । ସୁକଲ୍ ନ ରଇବା କାଇଟା ମିସା

ଚିଆନାଇ । ସେନ୍ତାର୍‌ଆଲେ ମୁଇ ତମ୍‌କେ ଡାକିନେବି ।" ୧୮ ମୁଇ ତମର୍ ବାବା ଅଇବି ଆରି, ତମେ ମର୍ ପିଲାଜିଲା ଅଇସା । ଏଟା ସବୁର୍‌ଟାନେ ଅନି ବପୁ ରଇବା ମାପ୍‌ରୁ କଇଲାନି ।

**୭** ତେବର୍‌ପାଇ ଏ ମର୍ ଆଲାଦର୍ ମଇତର୍‌ମନ୍, ପର୍‌ମେସର୍ କାତା ଦେଇରଇବାଟା ସବୁ ଆମ୍‌କେ ସର୍‌ପିଆଚେ । ତେବର୍‌ପାଇ ଜନ୍‌ଟା ସବୁ ଆମର୍ ଗାଗଡ୍‌କେ ଆରି ଆତ୍‌ମାକେ ସୁକଲ୍ ନ କରାଏ, ସେଟା ସବୁ ଚାଡିଦେଉଁ । ପର୍‌ମେସର୍‌କେ ଡରିରଇକରି ପୁରାପୁରୁନ୍ ସୁକଲ୍ ଅଇରଉଁ । ୨ ତମେ ଆମ୍‌କେ ଅଦିକ୍ ଆଲାଦ୍ କର୍‌ବା ଦର୍‌କାର୍ । ଆମେ ତମର୍ ବିରୁଦେ କାଇ ଦସ୍ କରୁନାଇ । ଆମେ କାକେ ନସ୍‌ଟ କରୁନାଇ, କି କାକେ ନାଡାଉ ନାଇ । ୩ ମୁଇ ତମ୍‌କେ ଦସ୍‌ଦେବାକେ ଏ କାତା କଇନାଇ । ଆଗ୍‌ତୁ କଇଲାପାରା, ଆମେ ତମ୍‌କେ ସତ୍‌ସେ ଆଲାଦ୍ କଲିନି, ବଁଚି ରଇଲେ କି ମଲେ ମିସା, ତମେ ଆମର୍ ମନ୍ ବିତ୍‌ରେ ଆଚାସ୍ । ୪ ତମର୍ ଲଗେ ମର୍ ବିସ୍‌ବାସ୍ ଆଚେ । ଆରି ମୁଇ ତମର୍ ବିସଇନେଇ ବଡ୍‌ପନ୍ ଅଇଲିନି । ଆମେ ବେସି ଦୁକ୍ କସ୍‌ଟ ଆଇଲେ ମିସା ସାଆସ୍ ଦାରି ଆଚୁ । ମର୍ ମନ୍‌ବିତ୍‌ରେ ସାର୍‌ଦା ଅଦିକ୍ ଅଦିକ୍ ଅଇକରି ଉଚ୍‌ଲି ଗାଲାନି । ୫ ଆମେ ମାକିଦନିଆଇ ଆଇଲାପଚେ ମିସା ଚନେକ୍ ପୁଣ୍ଡୁନାଇ । କାଇକେବଇଲେ ତେଇ ଦୁକ୍ କସ୍‌ଟ ରଇଲା, କେତେଲକ୍ ଆମର୍ ବିରଦେ କଇ ଲାଗାଜଡା କଲାଇ । ଆମେ ମନ୍ ବିତ୍‌ରେ ବେସି ଡରିଜାଇତେ ରଇଲୁ । ୬ ମାତର୍ ଜେ କି ଆକା ସାକା ନ ରଇବା ଲକ୍‌ମନ୍‌କେ ଦୁକ୍ ସାରାଇବା ପର୍‌ମେସର୍ ତିତସ୍‌କେ ଆନାଇ କରି ଆମ୍‌କେ ସାର୍‌ଦା କରାଇଲା । ୭ ଅବ୍‌କା ସେ ଆଇଲାକେସେ ଆମେ ସାର୍‌ଦା ଅଉନାଇ, ମାତର୍ ତମର୍ ଲାଗି ତିତସ୍ ବେସି ସାର୍‌ଦା ଅଇଗାଲା ବଲି ଆମ୍‌କେ କଇଲାର୍‌ପାଇ ମିସା ସାର୍‌ଦା ଅଇଲୁ । ତମେ ମକେ ଦେକ୍‌ବାକେ ମନ୍ କଲାସ୍‌ନି ବଲି ମିସା ସେ କଇଲା । ଆରି ତେଇ ମକେ ଜେତ୍‌କି ଗଟ୍‌ଲା, ସେଟାର୍‌ପାଇ ଦୁକ୍ ଅଇକରି ଆଚାସ୍ । ଆରି ତମେ ମର୍‌ବାଟେ ଅଇକରି କଇବାକେ ମିସା ରାଜିଆଚାସ୍ । ଏଟାମନ୍ ସବୁ ସୁନିକରି ମୁଇ ବେସି ସାର୍‌ଦା ଅଇଗାଲି । ୮ ମର୍ ଚିଟିର୍‌ଲାଗି ତମେ ଦୁକ୍ ଅଇରଇଲେ ମିସା, ସେ ଚିଟି ତମ୍‌କେ ପାଟାଇଲି ବଲି, ମୁଇ ଦୁକ୍ କରିନାଇ । ସେ ଚିଟିର୍ ଲାଗି ତମେ ଚନେକର୍ ପାଇ ଦୁକ୍ କରିରଇଲାସ୍ ଜେ ଜାନିକରି, ମୁଇ ମିସା ଦୁକ୍ ଅଇରଇଲି, ଏଟା ସତ୍ । ୯ ମାତର୍ ମୁଇ ଏବେ ସାର୍‌ଦାସଙ୍ଗେ ଆଚି । ତମ୍‌କେ ଦୁକ୍‌ଦେଇ ଆଚି ବଲିକରି ନାଇ, ମାତର୍ ସେ ଦୁକର୍ ଲାଗି ତମେ ତମର୍ ଚଲାଚଲ୍‌ତି ବଦ୍‌ଲାଇଲାସ୍ । ସେ ଆସିରଇବା ଦୁକ୍ ପର୍‌ମେସରର୍ ମନ୍ କଲା ଇସାବେ ଅଇବାଟା । ଜେନ୍ତିକି ମାନିଆଇସା । ସେନ୍ତାର୍‌ଆଲେ ଆମେ ତମର୍ ପାଇ କାଇ ବାଦା ଆନୁନାଇ । ୧୦ କାଇକେବଇଲେ ଜଦି ଗଟେକ୍ ଲକର୍ ଦୁକ୍ ପର୍‌ମେସରର୍ ମନ୍ କଲା ଇସାବେ ଆଇସି, ସେଟା ନିଜର୍ ପାପ୍ କଲାଟା ମାନିଅଇକରି, ମନ୍ ବାଉଡାଇବାକେ ଲଡାକେ ଆଇସି । ତେଇ କାଇ ମିସା ଦୁକ୍ ନାଇ । ମାତର୍ ମୁନୁସ୍‌ମନର୍ ଟାନେଅନି ଅଇବା ଦୁକ୍ ମରନ୍‌ବାଟେ ଡାକିନେଇସି । ୧୧ ତମ୍‌କେ ଦୁକ୍ ଦେଇକରି ପର୍‌ମେସର୍ କାଇଟା କଲାଆଚେ ଦେକିଦେକା । ଜେନ୍ତିକି ଏବେ ତମେ ଟିକ୍ ଚଲାଚଲ୍‌ତି କର୍‌ବାକେ ମନ୍ କଲାସ୍‌ନି, ବୁଲ୍ କାମ୍ କରୁନାଇ ବଲି ବୁଜାଇବାକେ ଚେସ୍‌ଟା କଲାସ୍‌ନି, ଲାଜ୍ ପାଇବା କାମ୍ କର୍‌ବାକେ ବାକାନ୍‌ଲାସ୍‌ନି, ଡରିକରି ଆଚାସ୍, ଆମେ ଆରିତରେକ୍ ବେଟ୍ ଅଇବୁ ବଲି ମନ୍ କଲାସ୍‌ନି, ମକେ ସାର୍‌ଦା କରାଇବାକେ ମନ୍ କଲାସ୍‌ନି, ପାପ୍ କଲା ଲକ୍‌କେ ଦାପ୍‌ରେ ଡଣ୍ଡ ଦେଲାସ୍, ଏଟା ସବୁ କଲାକେ ସେ କରିରଇବା ପାପେ ତମର୍ କାଇ ବୁଲ୍ ନାଇ । ୧୨ ଜନ୍ ଲକ୍ ପାପ୍ କରିଆଚେ, ତାର୍ ବଲ୍ ପାଇ କି ଜନ୍ ଲକର୍ ବିରୁଦେ ପାପ୍ କରାଇଅଇଲା, ତାର୍ ବଲ୍ ପାଇ ମୁଇ ସେ ଚିଟି ଲେକିନାଇ । ମାତର୍ ଆମ୍‌କେ ତମେ ଏତେକ୍ ଆଲାଦ୍ କଲାସ୍‌ନି, ସେଟା ତମେ ନିକସଙ୍ଗ୍ ଜାନ୍‌ବାକେ ମୁଇ ଲେକିରଇଲି । ପର୍‌ମେସର୍ ଏଟା ଜାନିଆଚେ । ୧୩ ସେଟାର୍‌ପାଇ ତମେ ଆମ୍‌କେ ବେସି ସାର୍‌ଦା କରାଇଲାସ୍ । ଅବ୍‌କା ଆମେସେ ସାର୍‌ଦା ଅଇଲୁ ସେତ୍‌କି ନଏଁ, ମାତର୍ ତିତସ୍ ସାର୍‌ଦା ଅଇଲାଟା ଦେକିକରି ମିସା ଆମେ ସାର୍‌ଦା ଅଇଲୁ । ତମେ ସବୁ ତାକେ ସାର୍‌ଦା କରାଇଲାକେ ସେ ମିସା ସାର୍‌ଦା ଅଇରଇଲା । ୧୪ ତିତସ୍ ତମର୍‌ଟାନେ ନ ଆଇବା ଆଗ୍‌ତୁ, ମୁଇ ତମର୍ ବିସଇ ବଡ୍‌ପନ୍ ଅଇକରି ତାକେ କଇରଇଲି । ସେ ତମର୍‌ଟାନେ ଆଇଲାକେ ମୁଇ ବଡ୍‌ପନ୍ ଅଇକରି ସବୁ କଇଲାଟା ସତ୍ ବଲି ଜାନ୍‌ଲା । ତମେ ମକେ ଲାଜ୍ କରାସ୍ ନାଇ । ମୁଇ ତମ୍‌କେ ଜାଇଟା ସବୁ କଇଲି ଆଚି, ସେଟା ସତ୍ । ଆରି ତିତସ୍‌କେ ଜାଇଟା କଇରଇଲି ସେଟା ମିସା ସତ୍ ବଲି ଜାନାପଡ୍‌ଲାନି । ୧୫ ତେବେ ତମେ ତାର୍ ସବୁ ଆଦେସ୍ ମାନ୍‌ଲାସ୍ ଆରି ତମେ ତାକେ ସାର୍‌ଦାଇ ରଇସି କି ନ ରଏ ବଲି ଡରିକରି ରଇଲାଟା ସେ ଏତ୍ କଲା । ତମର୍ ପାଇ ରଇବା ତାର୍ ଆଲାଦ୍, ଅଦିକ୍ ଅଦିକ୍ ଅଇ ଆଇଲାନି । ୧୬ ତମର୍‌ଟାନେ ମର୍ ପୁରାପୁରୁନ୍ ଆସା ଆଚେ ବଲିକରି ମୁଇ ବେସି ସାର୍‌ଦା ଅଇଲିନି ।

**୮** ଏ ମର୍ ବାଇବଇନିମନ୍, ମାସିଦନିଆର୍ ବିସ୍‌ବାସିମନ୍‌କେ ପର୍‌ମେସର୍ ଜିବନ୍‌ଦୁକାଇ ରଇଲାର୍‌ପାଇ ତେଇ କାଇଟା ଗଟ୍‌ଲା, ସେଟା ତମେ ଜାନିରୁଆ ବଲି ମୁଇ ମନ୍ କଲୁନି । ୨ ବେସି ବଡ୍ ଦୁକ୍ କସ୍‌ଟ ପାଇ, ମୁର୍‌ଚି ରଇକରି, ତେଇ ସେମନ୍ ବେସି ସାର୍‌ଦା କଲାଇ । ତାକର୍ ସାର୍‌ଦା ଏତେକ୍ ବଡିଜାଇରଇଲା ଜେ ସେମନ୍ ଅର୍‌କିତ୍ ଅଇରଇଲେ ମିସା ତାକର୍ ବିସ୍‌ବାସି ବାଇମନର୍ ପାଇ ବେସି ବେସି ଦାନ୍ କଲାଇ । ୩ ସେମନ୍ ଜେତ୍‌କି ଦେବାର୍ ରଇଲା, ତାର୍‌ତେଇଅନି ଅଦିକ୍ ଦେଲାଇ ବଲି ମୁଇ ସାକି ଦେଲିନି । ଦେବାର୍ ମନ୍ ରଇଲାକେ ନିଜର୍ ମନ୍ କଲା ଇସାବେ ଦେଲାଇ । ୪ ଜିଉଦା ଦେସେ ରଇବା ପର୍‌ମେସରର୍ ଲକ୍‌ମନ୍‌କେ ସାଇଜ କର୍‌ବାକେ ସେମନ୍ ମିସା ମିସତ୍ ବଲି

ଆମ୍‌କେ ବାବୁଜିଆ କଲାଇ । ୫ ତାକର୍‌ଟାନେଅନି ଆମେ
ଜେତ୍‌କି ଆସା କରିରଇଲୁ, ତାର୍‌ତେଇଅନି ଅଦିକ୍ ଦେଲାଇ ।
କାଇକେବଇଲେ ପର୍‌ତମେ ସେମନ୍ ନିଜେ ନିଜେ ମାପ୍‌ରୁକେ
ସର୍‌ପି ଅଇଲାଇ । ତାର୍‌ପଚେ ପର୍‌ମେସରର୍ ମନ୍ କଲା ଇସାବେ
ସେମନ୍ ଆମ୍‌କେ ମିସା ସର୍‌ପି ଅଇଲାଇ । ୬ ତେବର୍‌ପାଇ ତିତସ୍
ଜେ କି ତମର୍ ବିତ୍‌ରେ ଏ କାମ୍ ଜେନ୍ତି ଆରାମ୍ କରିରଇଲା,
ସେନ୍ତାରି ଆକା ତମର୍ ଆଲାଦର୍ ଦାନ୍ ସାରାଅ ବଲି ଆମେ
ତାକେ ବାବୁଜିଆ କଲୁ । ୭ ତମେ ବେସି ବିସଇଟାନେ ପୁରାପୁରୁନ୍
ଆଚାସ୍ । ସବୁ ବିସଇଟାନେ ସାଉକାର୍ ଅଇଆଚାସ୍ । ବିସ୍‌ବାସେ
ଡାଁଟ୍‌ଆଚାସ୍, ବାକିଅ ସିକାଇବାକେ ଜାନିଆଚାସ୍, ବାକିଅତେଇ
ତମର୍ ଗିଆନ୍ ଜବର୍ ଆଚେ, ସଙ୍ଗର୍ ବିସ୍‌ବାସିମନ୍‌କେ ସାଇଜ
କର୍‌ବାଟା ଆରି ଆମର୍‌ପାଇ ରଇବା ତମର୍ ଆଲାଦ୍ ବେସି
ବଡ୍ ଆଚେ । ସେନ୍ତାରିସେ ଦାନ୍ ଦେବାଟାନେ ମିସା ଅଦିକ୍
ଅଦିକ୍ ଦିଆସ୍ ବଲି ଆମେ ମନ୍ କଲୁନି । ୮ ଏଟା ତମ୍‌କେ
ମୁଇ ତିଆର୍‌ଲା ପାରା କଇନାଇ, ମାତର୍ ବିନ୍ ବିସ୍‌ବାସିମନ୍
ତାର୍ ବାଇମନ୍‌କେ କେନ୍ତି ଅଦିକ୍ ମନ୍ କରି ସାଇଜ କଲାଇନି,
ସେଟା ଜାନିରଇବାକେ କଇଲିନି । ସେମନ୍ କଲାପାରା ତମେ
କରିପାରାସ୍ ଆରି ସେଟା ଦେକି ତମର୍ ଆଲାଦ୍ ସତ୍ କି ମିଚ୍
ବଲି ମୁଇ ଜାନିପାର୍‌ବି । ୯ ଆମର୍ ମାପ୍‌ରୁ ଜିସୁକିରିସ୍‌ଟ
ଜିବନ୍ ଦୁକାଇ ଅଇଲା ବିସଇ ତମେ ଜାନିଆଚାସ୍ । ସର୍‌ଗେ
ସେ ବେସି ସାଉକାର୍ ଅଇରଇଲେ ମିସା ସେ ନିଜେ ଅର୍‌କିତ୍
ଅଇଆଇଲା । ଜେନ୍ତି କି ତାର୍‌ଲାଗି ତମେ ସାଉକାର୍ ଅଇସା ।
୧୦ ସାଇଜ କର୍‌ବାକେ ତମେସେ ଆଗ୍‌ତୁ ଅଇଲାସ୍ ଆରି ପରୁ
ଅନି ଆରାମ୍ କରିଆଚାସ୍ । ଏବେ ମୁଇ ବାବ୍‌ଲିନି, ସେଟା ତମେ
ସାରାଇଦେବାଟା ନିକ । ଉଜେ କାମ୍‌କର୍‌ବାଟାସେ ନାଇ, ମାତର୍
କାମ୍‌କର୍‌ବାକେ ମନ୍ କରି କର୍‌ବାକେ ତମେ ପର୍‌ତୁମ୍ ଆଚାସ୍ ।
୧୧ ତେବେ ତମେ ସେଟା କରା, ଆରି ଦେବାଟା ସାରାଇଦିଆସ୍ ।
ତମେ ବେସି ସାର୍‌ଦା ଅଇ ମୁଲିଆଇଲାସ୍ । ସେନ୍ତାରିସେ ସାର୍‌ଦା
ଅଇ ସାରାଇବାର୍ ଆଚେ । ଗଟେକ୍ ଗଟେକ୍ ଲକ୍ ଜେତ୍‌କି
ଦେଇପାରାସ୍, ସେତ୍‌କି ଦେଇ ସାରାଇଦିଆସ୍ । ୧୨ କାଇକେ
ବଇଲେ ଜଦି ତମ୍‌କେ ଦାନ୍ ଦେବାକେ ମନ୍‌ଆଚେ, ତମର୍
ପାର୍‌ବା ଏତେକ୍ ଦେଲାସ୍‌ନି । ତମେ ଦେବାଟା ପର୍‌ମେସର୍
ସଙ୍ଗ୍‌ଇସି । କାଇକେବଇଲେ, ତମେ ନାପାର୍‌ବା ଏତ୍‌କି ଦିଆ
ବଲି ମାଙ୍ଗେ ନାଇ । ୧୩ ତମର୍ ବାଇମନ୍‌କେ ସାଇଜ କରିକରି
ତମର୍‌ଟା ଉନା ଅଇଜାଅ ବଲି ମୁଇ ମନ୍ କରିନାଇ । ମାତର୍
ଏବେ ତମର୍ ଟାନେ ଜବର୍ ଆଚେଜେ, ଜାକେ ଲଡାଆଚେ,
ତାକେ ସାଇଜ କର୍‌ବାଟା ଟିକ୍ ରଇସି । ୧୪ ଏନ୍ତାରିକଲେ,
ତମ୍‌କେ ଜେଡେବେଲେ ଲଡା ପଡ୍‌ସି, ଆରି ସେମନ୍‌କେ ଜବର୍
ରଇଲେ, ସେମନ୍ ତମ୍‌କେ ସାଇଜ କର୍‌ବାଇ । ଏନ୍ତାରି ଦୁଇ
ବାଟର୍ ଲକ୍ ସମାନ୍ ଇସାବେ ପାଇବାଇ । ୧୫ ଜେନ୍ତିକି
ସାସ୍‌ତରେ ଲେକା ଅଇଆଚେ, ଜେ ଅଦିକ୍ କାମାଇଲା, ତାର୍‌ଟା
ଉବ୍‌ରେ ନାଇ, ଆରି ଜେ ଉନା କାମାଇଲା, ତାକେ ଉନା ଅଏନାଇ
। ୧୬ ଆମେ ପର୍‌ମେସର୍‌କେ ଦନିଅବାଦ୍ ଦେଲୁନି, ଜେନ୍ତି
ତମ୍‌କେ ସାଇଜ କର୍‌ବାକେ ମନ୍ କଲୁ, ସେନ୍ତାରିସେ ତିତସ୍‌କେ
ମିସା ସାଇଜ କର୍‌ବାକେ ମନ୍ ଦେଲା । ୧୭ ଆମେ ଜେଡେବେଲେ
ତିତସ୍‌କେ ତମର୍‌ଟାନେ ଜିବାକେ କଇଲୁ, ସେ ଦାପ୍‌ରେ ଜିବାକେ
ରାଜି ଅଇଲା । ସେ ନିଜେ ମନ୍ କରି ତମର୍‌ଟାନେ ଜାଇ
ତମ୍‌କେ ସାଇଜ କର୍‌ବି ବଇଲା । ୧୮ ତାର୍ ସଙ୍ଗ୍ ଆରି ଗଟେକ୍
ବାଇକେ ମିସା ପାଟାଇଲୁନି । ଏ ଲକ୍ ଜିସୁକିରିସ୍‌ଟର୍ ସୁବ୍‌କବର୍
ଜାନାଇଲାନିଜେ ସବୁ ବିସ୍‌ବାସିମନ୍ ତାକେ ସନ୍‌ମାନ୍ ଦେଲାଇନି
। ୧୯ କାଲି ସେତ୍‌କିରେ ନଏଁ, ତମେ ଦେଇରଇବା ଆଲାଦର୍
ଦାନ୍ ଆମେ ଲଡା ରଇବା ବାଇମନର୍ ଲଗେ ନେବାବେଲେ,
ଆମର୍ ସଙ୍ଗ୍ ଜିବାକେ ସବୁ ବିସ୍‌ବାସିମନ୍ ତାକେ ବାଚିକରି
ପାଟାଇଆଚତ୍ । ଏଟା ପର୍‌ମେସର୍ ଡାକ୍‌ପୁଟା ପାଇବାକେ
ଆରି ତମ୍‌କେ ସାଇଜ କର୍‌ବାକେ ଆମେ ସାର୍‌ଦା ଅଇକରି
ଏନ୍ତାରି କଲୁନି । ୨୦ ଆମର୍ ଲାଗି ସେବା କାମର୍ ପାଇ ତମେ
ଆଲାଦ୍ ସଙ୍ଗ୍ ଦେଇ ଜମାଇରଇଲା ଏ ଡାବୁ ଜନ୍‌ଟାକି ଆମେ
ଦାରିଗାଲୁନି, । ଏ ଡାବୁ ବିସଇନେଇ ଆମ୍‌କେ କେ ମିସା ନିନ୍ଦା
ନ କରତ୍ । ସେଟାର୍‌ପାଇ ଆମେ ଜାଗ୍‌ରତ୍ ଅଇଆଚୁ । ୨୧
କାଇକେ ବଇଲେ ଆମେ କର୍‌ବା କାମ୍ ସବୁ ଟିକ୍ ରଇବାର୍
ଆଚେ । ଅବ୍‌କା ପର୍‌ମେସର୍ ଦେକ୍‌ବା ଇସାବେସେ ନାଇ ମାତର୍
ଲକ୍‌ମନ୍ ଦେକ୍‌ବା ଇସାବେ ମିସା ଅ । ୨୨ ଆମେ ଆରି ଗଟେକ୍
ବାଇକେ ମିସା ତିତସର୍ ଦଲ୍ ସଙ୍ଗ୍ ପାଟାଇଲୁନି । ଏ ବାଇକେ
ଆମେ ବେସି ତର୍ ପରିକା କଲୁଆଚୁ । ଆରି ତାକେ ସାଇଜ
କର୍‌ବାକେ ବେସି ମନ୍ ଆଚେ । ଏବେ ସେ ଅଦିକ୍ ମନ୍ କଲାନି
। କାଇକେବଇଲେ ସେ ତମ୍‌କେ ଅଦିକ୍ ଆସା କଲାନି । ୨୩
ଏବେ ତିତସର୍ ବିସଇ ଜାନ୍‌ବାର୍ ଆଲେ ସେ ତମ୍‌କେ ସାଇଜ
କର୍‌ବାକେ ମର୍ ସଙ୍ଗ୍ କାମ୍ କଲାନି । ଆରି ସେ ଦୁଇଟା ବିନ୍
ବାଇମନ୍ ଇତିର୍ ବିସ୍‌ବାସିମନ୍ କଇଲାକେସେ ତାର୍‌ସଙ୍ଗ୍ ଗାଲାନି
। ସେମନ୍ କର୍‌ବା କାମର୍ ଲାଗି କିରିସ୍‌ଟ ଡାକ୍‌ପୁଟା ଅଇସି
। ୨୪ ସେମନ୍ ତେଇ କେଟ୍‌ଲେ ସରି ତମେ ଆଲାଦ୍ କରି
ସେମନ୍‌କେ ଡାକିନିଆ । ଜେନ୍ତାରି କି ତମର୍ ଆଲାଦ୍ ସତ୍ ବଲି
ସବୁ ବିସ୍‌ବାସିମନ୍ ଜାନ୍‌ବାଇ ଆରି ତମର୍ ବିସଇନେଇ ଆମେ
ବଡ୍‌ପନ୍ ଅଇ ସବୁ କଇବାଟା, ସତ୍ ବଲି ଜାନ୍‌ବାଇ ।

୯ ଜିଉଦାଦେସେ ରଇବା ପର୍‌ମେସରର୍ ଲକ୍‌ମନ୍‌କେ ଦାନ୍
ଦେଇ ପାଟାଇତେରଇବା ଡାବୁ ବିସଇ ତମ୍‌କେ ଆରି ମୁଇ ନ
ଲେକି । ୨ କାଇକେବଇଲେ ମୁଇ ଜାନି ଆଚି, ତମେ ସବୁବେଲେ
ସାଇଜ କର୍‌ବାକେ ସାର୍‌ଦା ଅଇଲାସ୍‌ନି । ଆରି ମୁଇ ବଡ୍‌ପନ୍
ଅଇ ତମର୍ ବିସଇନେଇ ମାକିଦନିଆର୍ ଲକ୍‌ମନ୍‌କେ କଇ ଆଚି
। ମୁଇ କଇଲି "ଆକାୟାର୍ ବାଇବଇନିମନ୍ ପରୁଅନି ସାଇଜ
କର୍‌ବାକେ ଜାଗିଆଚତ୍ ।" ସେମନ୍ ଏଟା ସୁନ୍‌ଲାବେଲେ ତାକର୍
ବିତ୍‌ରେ ଅନି ବେସି ଲକ୍ ଦେବାକେ ମନ୍ କଲାଇ । ୩ ଏବେ

ମୁଇ ଏ ବାଇବଇନିମନ୍‌କେ ପାଟାଇଲିନି । ଜେନ୍ତିକି ତମର୍
ବିସଇନେଇ ମୁଇ ବଡ୍‌ପନ୍ ଅଇ କଇଲାଟା ଅବ୍‌କା କାତାଇ ନ
ରଅ । ମାତର୍ ମୁଇ କଇଲାପାରା ତମେ ଦାନ୍ ଦେବା ଡାବୁସଙ୍ଗ
ଜାଗ୍‌ରତ୍ ଅଇ ରୁଆ । ୪ ମାତର୍ ମାକିଦନିଆର୍ ଲକ୍‌ମନ୍ ଜଦି
ମର୍ ସଙ୍ଗ୍ ଆସି ତମେ ଜାଗ୍‌ରତ୍ ନ ଅଇଲାଟା ଦେକ୍‌ଲେ, ତାକର୍
ମୁଆଟେ ଆମେ ଲାଜ୍ ଅଇଜିବାର୍ ଅଇସି । ଆରି ତମେ ମିସା
ଲାଜ୍ ଅଇଜାଇସା । କାଇକେବଇଲେ ଆମେ ତମ୍‌କେ ବେସି
ଆସାକରି ରଇଲୁ । ୫ ତେବେ ମୁଇ ବାବ୍‌ଲି, ଏ ବାଇବଇନିମନ୍,
ମୁଇ ଜିବା ଆଗ୍‌ତୁ ସେମନ୍ ଜାଇକରି ଜନ୍ ଦାନ୍ ତମେ ଦେବୁ ବଲି
କଇତେରଇଲାସ୍, ସେଟା ଜମାଇକରି ସଙ୍ଗ୍‌ଇବାକେ ସେମନ୍‌କେ
ବାବୁଜିଆ କର୍‌ବି । ଜଦି ଆମେ ସେନ୍ତାରି କର୍‌ବୁ ବଇଲେ,
ଦାନ୍ ଦେବା ଡାବୁ ମୁଇ ଆଇଲା ବେଲେ, ଜାଗ୍‌ରତ୍ ଅଇରଇସି
। ଆରି ସେଟା ତମେ ନିଜେ ମନ୍ କରି ଦେଲାସ୍ । ବାଦିଅ
କଲାକେ ଦିଆସ୍ ନାଇ ବଲି ଜାନାପଡ୍‌ସି । ୬ ତମର୍ ମନେ ର
। ଜଦି ଗଟେକ୍ ଚାସି ଉନା ବିଅନ୍ ବୁନ୍‌ସି, ସେ ଉନା ପସଲ୍
ପାଇସି । ଆରି ଜନ୍ ଚାସି ବୁତେକ୍ ବିଅନ୍ ବୁନ୍‌ସି, ସେ ବୁତେକ୍
ପସଲ୍ ପାଇସି । ୭ ଦାନ୍ ଦେବାକେ ତମେ ଜେନ୍ତି କାତାବାର୍‌ତା
ଅଇଆଚାସ୍, ସେନ୍ତାରି ଦେବାର୍‌ଆଚେ । ଦୁକ୍ ଅଇକରି ନାଇ
କି କେ ବାଇଦ କଲାର୍‌ପାଇ ନାଇ । କାଇକେବଇଲେ ତମେ
ସାର୍‌ଦା ସଙ୍ଗ୍ ଦେଲେ ପର୍‌ମେସର୍ ସେଟା ମନ୍ କର୍‌ସି । ୮
ଆରି ତମ୍‌କେ ଜେତ୍‌କି ଲଡା ଆଚେ, ତାର୍‌ତେଇଅନି ଅଦିକ୍
ପର୍‌ମେସର୍ ଦେଇ ପାର୍‌ସି । ଜେନ୍ତାରିକି ନିଜର୍‌ପାଇ ଜେତ୍‌କି
ଦର୍‌କାର୍, ସେତ୍‌କି ତମର୍‌ଟାନେ ସବୁ ବେଲେ ରଇସି ଆରି
ବିନ୍ ଲକ୍‌ମନ୍‌କେ ସାଇଜ କର୍‌ବାକେ ମିସା ଜବର୍ ରଇସି
। ୯ ସାସ୍‌ତର୍ କଇଲାପାରା ଲଡାକେ ଆଇବା ଲକ୍‌ମନ୍‌କେ
ସେ ଜବର୍ ଦେଇସି ଆରି ତାର୍ ଜିବନ୍ ଦୁକାଇଲାଟା କେବେ
ମିସା ନ ସାରେ । **(aiōn g165)** ୧୦ ଆରି ପର୍‌ମେସର୍ ଜେ କି
ବୁନ୍‌ବାକେ ବିଅନ୍ ଆରି କାଇବାକେ କାଦି ଦେଇସି, । ସେ
ତମ୍‌କେ ଜେତ୍‌କି ବିଅନ୍ ଦର୍‌କାର୍ ସେତ୍‌କି ଦେଇସି । ଆରି
ସେଟା ବଡିକରି ବେସି ପସଲ୍ ଅଇସି । କାଇକେବଇଲେ ତମେ
ଜବର୍ ଦେଲାସ୍‌ନି । ୧୧ ସେ ତମ୍‌କେ ସାଉକାର୍ କରାଇସି
। ଜେନ୍ତାରି କି ତମେ ସବୁବେଲେ ଜବର୍ ଦେଇପାରାସ୍ ।
କାଇକେବଇଲେ ଆମର୍‌ଟାନେଅନି ପାଇରଇବା, ତମେ ଦେଲା
ଦାନର୍‌ପାଇ ବେସି ଲକ୍ ପର୍‌ମେସର୍‌କେ ଦନିଅବାଦ୍ ଦେବାଇ
। ୧୨ ତମେ କର୍‌ବା ଏ ନିକ କାମର୍ ଲାଗି ପର୍‌ମେସରର୍
ଲକ୍‌ମନ୍‌କେ ଲଡାକେ ଆଇବା ବିସଇ ପୁରାପୁରୁନ୍ ଅଇଲାନି ।
ଆରି ପର୍‌ମେସର୍‌ଟାନେ ଦନିଅବାଦ୍ ଆଜାଡି ଅଇଲାପାରା ମିସା
ଅଇଲାନି । ୧୩ ତମେ କର୍‌ବା ଏ ନିକ କାମ୍ ଦେକିକରି ଲକ୍‌ମନ୍
ପର୍‌ମେସର୍‌କେ ମଇମା କର୍‌ବାଇ । କାଇକେବଇଲେ ବିସ୍‌ବାସ୍
କରିରଇବା କିରିସ୍‌ଟର୍ ସୁବ୍‌କବର୍ ତମେ ମାନ୍‌ଲାସ୍‌ନି । ଆରି
ସେମନ୍‌କେ ଆରି ବିନ୍‌ଲକ୍‌ମନ୍‌କେ ମିସା ଜବର୍ ଦେଲାସ୍‌ନି ।
୧୪ ପର୍‌ମେସର୍ ଜିବନ୍ ଦୁକାଇ ତମ୍‌କେ ଦୟା ଦେକାଇଲାର୍‌ପାଇ
ସେମନ୍ ବେସି ଆଲାଦ୍ ଅଇକରି ତମର୍‌ପାଇ ପାର୍‌ତନା କର୍‌ବାଇ
। ୧୫ ପର୍‌ମେସରର୍ ବେସି ମୁଲିଅ ରଇବା ଦାନର୍‌ପାଇ ଆମେ
ତାକେ ଦନିଅବାଦ୍ ଦେଉଁ ।

**୧୦** ମୁଇ ପାଉଲ୍ ତମ୍‌କେ ବାବୁଜିଆ କଲିନି, ମୁଇ ତମର୍
ସଙ୍ଗ୍ ରଇଲାବେଲେ, ତମ୍‌କେ ଲାଗ୍‌ବାକେ ଡର୍‌ସି ବଲି
କେତେଲକ୍ କଇଲାଇନି । ମାତର୍ ଲେକ୍‌ବାକେ ସାଆସ୍ ଅଇକରି
ବାଦ୍‌ଲାପାରା ଲେକ୍‌ଲାନି ବଲି କଇଲାଇନି । ଆମେ କିରିସ୍‌ଟର୍
ସଙ୍ଗ୍ ଗାଲୁନି, ଜେ କି ବେସି ସୁଆଲ୍ ଆରି ଦରମ୍ । ସେଟା
ନେଇକରି ବାବୁଜିଆ କଲିନି । ୨ ମୁଇ ତେନେ ଆଇଲାବେଲେ
ତମର୍ ଚଲାଚଲ୍‌ତି ନିକ ଅଇରଅ । ଜେନ୍ତାରି କି ମୁଇ ତମ୍‌କେ
ଲାଗ୍‌ବାକେ ନ ପଡେ । ମାତର୍ ଜନ୍ ଲକ୍‌ମନ୍ ଏ ଜଗତର୍
ଲକ୍ ପାରା ନିଜର୍ ମନ୍ କଲା ଇସାବେ ଗାଲାଇନି ବଲି ଆମର୍
ବିସଇନେଇ କଇଲାଇନି, ସେମନ୍‌କେ ଲାଗ୍‌ବାକେ ମୁଇ ନ ଡରି
। ୩ ଆମେ ଏ ଜଗତେ ବଁଚ୍‌ଲୁନି ଏଟା ସତ୍, ମାତର୍ ଲକ୍‌ମନର୍
ଗିଆନ୍ ସଙ୍ଗ୍ ଜୁଜିକରି ରଉନାଇ । ୪ ଜନ୍ ଆତ୍ ଆତିଆର୍ ସଙ୍ଗ୍
ଆମେ ଜୁଜ୍‌ଲୁନି, ସେଟା ଲକ୍‌ମନର୍‌ଟାନେଅନି ଆସେନାଇ,
ମାତର୍ ସେଟା ବେସି ବପୁର୍ ସଙ୍ଗ୍ ରଇବା ପର୍‌ମେସରର୍
ଟାନେଅନି ଆଇସି । ଏ ବପୁ ସଙ୍ଗ୍ ପର୍‌ମେସରର୍ ବିରୁଦେ ତାର୍
ସତ୍‌ରୁମନ୍ ଉଟାଇରଇବା ଡାଁଟର୍ କତି ଜାକ ଆରି ଲକ୍‌ମନର୍
ମନ୍ ବିତ୍‌ରେ ଦଦାପେଲା ଅଇବା ଚିନ୍ତା ସବୁ ଆମେ ଆରାଇପାର୍‌ବୁ
। ୫ ବଡ୍‌ପନ୍ ଅଇବା ଲକ୍‌ମନ୍ ପର୍‌ମେସରର୍ ବିରୁଦେ ନିଜ୍‌କେ
ଉଟାଇବାଟା ଆରି ଜେତ୍‌କି ସବୁ ଚିନ୍ତା ପର୍‌ମେସରର୍ ଗିଆନ୍
ଉପ୍‌ରେ ଉଟ୍‌ସି, ସେଟା ସବୁ ଜାକ ଆମେ ବାନ୍ଧିକରି କିରିସ୍‌ଟକେ
ମାନତ୍ ବଲି ସର୍‌ପାଇବୁ । ୬ ତମେ କିରିସ୍‌ଟର୍ ଆଦେସ୍ ସବୁ
ମାନ୍‌ଲାଟା ଦେକାଇଲା ପଚେ, ତେଇ ରଇବା ଜେତ୍‌କି ସବୁ
ବିସ୍‌ବାସିମନ୍, ଜନ୍‌ଲକ୍‌ମନ୍ କି ତାର୍ ଆଦେସ୍ ମାନ୍‌ବାକେ ମନ୍
କରତ୍ ନାଇ, ସେମନ୍‌କେ ଡଣ୍ଡ ଦେବାକେ ଆମେ ଜାଗ୍‌ରତ୍
ଅଇକରି ରଇବୁ । ୭ ତମେ ଲକ୍‌ମନର୍ ବାଇରର୍ ବିସଇ
ଦେକ୍‌ଲାସ୍‌ନି । କାଇକେବଇଲେ ତମର୍ ବିତ୍‌ରେ କେତେଲକ୍
ବୁଲ୍ ଚିନ୍ତାକରି ଆମେସେ କିରିସ୍‌ଟର୍ ସତ୍ ସେବାକରୁମନ୍ ବଲି
ବାବ୍‌ଲାଇନି । ସେମନ୍ ଆରିତରେକ୍ ନିଜର୍ ବିସଇ ଚିନ୍ତାକରି
ଦେକ୍‌ବାର୍ ଆଚେ । କାଇକେବଇଲେ ସେମନ୍ ଜେନ୍ତାରି ଆଚତ୍
ଆମେ ମିସା ସେନ୍ତାରି କିରିସ୍‌ଟର୍ ସତ୍ ଦାସ୍ । ୮ ତମର୍
ଉପ୍‌ରେ ଆମର୍ ଅଦିକାର୍ ଆଚେ । ସେଟା ପର୍‌ମେସର୍ ଆମ୍‌କେ
ଦେଇରଇଲା । ମାତର୍ ସେ ଅଦିକାରର୍ ବିସଇନେଇ ଜଦି ମୁଇ
ବେସି ବଡ୍‌ପନ୍ ଅଇଲିଆଚି, ସେଟାର୍‌ପାଇ ମକେ ଲାଜ୍ ନ ଲାଗେ
। ତମ୍‌କେ ନସ୍‌ଟ କର୍‌ବା ଅଦିକାର୍ ସେ ମକେ ଦେଏନାଇ, ମାତର୍
ଜେନ୍ତି କି ତମର୍ ବିସ୍‌ବାସ୍ ଡାଁଟ୍ କରାଇବି । ୯ ଏ ଚିଟି ଲେକିକରି
ମୁଇ ତମ୍‌କେ ଡରାଇବାକେ ମନ୍ କରିନାଇ । ୧୦ ମାତର୍ ତମ୍‌କେ
ଲେକ୍‌ଲାବେଲେ ଦମ୍‌କାଇ କରି ଲେକ୍‌ଲିନି ବଲି କେତେଲକ୍

କଇଲାଇନି । ମାତର୍ ତମର୍ ସଙ୍ଗ ରଇଲାବେଲେ ମୁଇ ଦୁର୍ବଲ୍ ଅଇକରି ମର୍ କଇଲା ପଦ୍ କାଇ ମୁଲିଅ ନାଇ ପାରା ରଇଲା । **୧୧** ଜନ୍ ଲକ୍ମନ୍ ଏନ୍ତାରି କାତା ଅଇବାଇ, ଚିଟିଟାନେ ଆମେ ଜନ୍ ବିସଇ ଲେକିଆଟୁ, ତେଇ ଆଇଲେ, ସମାନ୍ ବିସଇସେ କର୍ବୁ ବଲି ସେମନ୍ ଜାନ୍ବାର୍ ଆଚେ । **୧୨** ଜନ୍ଲକ୍ମନ୍ ଆମେ ନିଜେ ବଡ୍ଲକ୍ ବଲି ବାବିଅଇଲାଇନି, ସେମନର୍ ସଙ୍ଗ ସମାନ୍ ଅଇବାକେ ଆମେ ମନ୍ କରୁନାଇ । ସେମନ୍ ସବୁର୍ଟାନେ ଅନି ଆମେ ଆକା ଜାନିଆଟୁ ବଲି ବୁଲ୍ ଚିନ୍ତା କଲାଇନି । ସେମନ୍ ସତଇସେ ବକୁଆ । ନିଜ୍କେ ନାପ୍ବାକେ, ନାପି ଅଇବାଟା ନିଜେ ତିଆର୍ କଲାଇନି । ନିଜ୍କେ ବିଚାର୍ କର୍ବାକେ ପରିକା ନିଜେ ତିଆର୍ କଲାଇନି । **୧୩** ମାତର୍ ଆମେ, ଆମର୍ କାମ୍ ବିସଇନେଇ ଅଦିକ୍ ବଡ୍ପନ୍ ଅଉନାଇ । ଆମେ ଜେତ୍କି ବଡ୍ପନ୍ ଅଇବାର୍ ଆଚେ ସେତ୍କି ବଡ୍ପନ୍ ଅଇବୁ । ପର୍ମେସର୍ ଆମ୍କେ ଜେତ୍କି କାମ୍ ଦେଲାଆଚେ, ସେତ୍କି କାମେ, ଆମେ ବଡ୍ପନ୍ ଅଇବୁ । ଆରି ତମର୍ ବିତ୍ରେ ଆମେ କର୍ବା କାମ୍ ମିସା ତେଇ ମିସ୍ଲା ଆଚେ । **୧୪** ପର୍ମେସର୍ ଆମ୍କେ ଦେଇରଇବା କାମେ ତମେ ମିସ୍ଲାର୍ପାଇ କିରିସ୍ଟର୍ ସୁବ୍କବର୍ ନେଇକରି ଆଇଲାବେଲେ, ପର୍ମେସର୍ ଆମ୍କେ ଦେଲା କାମେଅନି ବାଇରେ ଜାଏ ନାଇ । **୧୫** ତେବର୍ପାଇ ବିନ୍ ଲକର୍ କାମ୍ କଲାଟା ନେଇକରି ଆମେ ନିଜେ ଡାକ୍ପୁଟା ଅଉନାଇ । ସେ କାମ୍ କର୍ବାକେ ପର୍ମେସର୍ ଆମ୍କେ ଦେଏ ନାଇ । ମାତର୍ ତମର୍ ବିସ୍ବାସ୍ ଡାଟ୍ ଅ ବଲି ଆମେ ମନ୍ କଲୁନି । ଜେନ୍ତିକି ତମର୍ ଜାଗାଇ ଆମେ କର୍ବା କାମ୍ ଅଦିକ୍ ଅଦିକ୍ ଅଇସି । କାଇକେବଇଲେ ପର୍ମେସର୍ ଆମ୍କେ ଦେଇରଇବା କାମେଅନି ଅଦିକ୍ କର୍ବାକେ ଆମେ ମନ୍ କରୁନାଇ । **୧୬** ସେନ୍ତାର୍ଆଲେ ଆମେ ଜାଇକରି କିରିସ୍ଟର୍ ସୁବ୍କବର୍ ତମର୍ ଜାଗାଇ ଅନି ତେନ୍କର୍ ଜାଗା ମନ୍କେ ଜାନାଇବୁ । କାଇକେବଇଲେ ଆମ୍କେ ଦେଇରଇବା କାମେସେ ଆମେ ବଡ୍ପନ୍ ଅଇବୁ ବଲି ମନ୍ କଲୁନି । ବିନ୍ ଲକ୍ କରିରଇବା କାମ୍ଟାନେ ବଡ୍ପନ୍ ନ ଅଉଁ । **୧୭** ସାସ୍ତର୍ କଇଲାପାରା "ଜେ ବଡ୍ପନ୍ ଅଇବାକେ ମନ୍ କଲାନି, ସେ ମାପ୍ରୁ କଲା କାମେସେ ବଡ୍ପନ୍ ଅଇବାର୍ ଆଚେ ।" **୧୮** କାଇକେ ବଇଲେ ଗଟେକ୍ ଲକ୍ ନିଜେ ବଲ୍ ବଲାଇଅଇଲେ, ମାପ୍ରୁ ତାକେ ଅଦିକାର୍ ନ ଦେଏ । ମାତର୍ ମାପ୍ରୁ ଦେକ୍ବା ଇସାବେ ଜେ ନିକ, ସେ ତାର୍ ନିଜର୍ ଲକ୍ ଅଇସି ।

**୧୧** ଜଦି ମୁଇ ବକୁଆ ଲକର୍ପାରା କାତା କଇଲେ ମିସା ତମେ ସେଟା ସୁନି ଚିମ୍ରା ଅଇରୁଆ । **୨** ମାପ୍ରୁ ତମର୍ ବିସଇନେଇ ମର୍ ଲକ୍ମନ୍ ମକେସେ ନାମିକରି ରଅତ୍ ବଲି ଦାରିଆଚେ । ସେନ୍ତିସେ ମୁଇ ମିସା ତମ୍କେ ପର୍ମେସର୍କେସେ ମନ୍ କରା ବଲି ଆସା କଲିନି । ସୁକଲ୍ ଅଇରଇବା ଗଟେକ୍ ଦାଙ୍ଗ୍ଡିପାରା ମୁଇ ତମ୍କେ ଗଟେକ୍ ଦାଙ୍ଗଡାର୍ ପାଇ ମାଙ୍ଗ୍ନି କଲିଆଚି । ସେ ଅଇଲାନି ନିଜେ କିରିସ୍ଟ । **୩** ମୁଇ ତମର୍ ବିସଇନେଇ ବାବି ବାବି ଆଚି । କେଡେବେଲେ ତମର୍ ମନର୍ ଚିନ୍ତା କିରିସ୍ଟତେଇ ଅନି ବିନ୍ ବାଟେ ଜାଇସି ଆରି ତାର୍ପାଇ ରଇବା ତମର୍ ଆଲାଦ୍ ପୁରାପୁରୁନ୍ ମନ୍ ସଙ୍ଗ ନ ରଏ । ଅବା ପାରା ତମେ ନାଡାଇଅଇସା ମିସା । ଜେନ୍ତିକି ସେ ଗଟେକ୍ ଚତୁର୍ ସାଁପର୍ କାତା ଦାରି ନାଡାଇଅଇଲା । **୪** କାଇକେବଇଲେ, ଜଦି କେ ମିସା ତମର୍ ଲଗେ ଆସି କରି ଆମେ ତମ୍କେ ଜାନାଇରଇବା ଜିସୁର୍ ବିସଇକେ ଚାଡି, ବିନ୍ ସିକିଆ ଦେଲେ ତମେ ସାର୍ଦା ଅଇସା । ସୁକଲ୍ ଆତ୍ମାକେ ନ ପାଇକରି ବିନ୍ ଆତ୍ମାକେ ପାଇଲାସ୍ନି । ଆରି ସେମନ୍ ଜନ୍ ସୁବ୍କବର୍ ଜାନାଇଲାଇନି, ସେଟା ଆମେ ଜାନାଇବା ସୁବ୍କବର୍ ନଏଁ । **୫** ତମର୍ ଟାନେ ଜେତ୍କି ସିକାଉମନ୍ ଆଚତ୍ । ଜଦି ସେମନ୍ ଆମେ ସବୁର୍ଟାନେଅନି ମୁକିଅ ପେରିତ୍ମନ୍ ବଲି ନିଜେ କଇଅଇଲେ ମିସା, ସେମନ୍ ମର୍ଟାନେଅନି ବଡ୍ ବଲି ମୁଇ ବାବି ନାଇ । **୬** ମୁଇ ଅଦିକ୍ କାତା କଇ ନାପାର୍ଲେ ମିସା, ସତ୍ ସିକିଆ ଜାନିଆଚି । ଆରି ମୁଇ ତମ୍କେ ଜେଡେବେଲେ ଜାକ ଏ ସିକିଆ ଦେଇତେରଇଲି, ଏଟା ତମ୍କେ ଜାନାଇଆଚି । **୭** ତମ୍କେ ମୁଇ ଜେଡେବେଲେ ସୁବ୍କବର୍ ଜାନାଇରଇଲି, କେବେ ମିସା ମର୍ ବୁତି ମାଙ୍ଗି ନାଇ । ତମ୍କେ ମୁକିଅ ଲକ୍ କରାଇବାକେ ମୁଇ ନିଜେ ତଲ୍କେ ଅଇଲି । ମୁଇ କରିରଇଲାଟା ବୁଲ୍ ରଇଲା କି? **୮** ମୁଇ ତମର୍ ବିତ୍ରେ ସେବା କାମ୍ କଲାବେଲେ, ବିନ୍ ମଣ୍ଡଲିର୍ ଲକ୍ମନ୍ ମର୍ପାଇ କର୍ଚ ଅଇଲାଟା ଦେଲାଇ । ତମ୍କେ ସାଇଜ କର୍ବାକେ ତାର୍ଟାନେଅନି ମୁଇ ଚରାଇକରି କଲାପାରା ଅଇଲା । **୯** ମୁଇ ତମର୍ଟାନେ ରଇଲାବେଲେ ମକେ ଲଡା ରଇଲାବେଲେ, ତମର୍ଟାନେଅନି ମାଙ୍ଗିନାଇ । କାଇକେବଇଲେ ମାକିଦନିଆର୍ ବାଇବଇନିମନ୍ ମକେ ଜାଇଟା ଲଡା ରଇଲା, ସେଟା ସବୁ ଆନିଦେଲାଇ । ପୁର୍ବେ ଜେନ୍ତି ରଇଲା, ପଚ୍କେ ମିସା ମୁଇ ତମର୍ଟାନେଅନି କାଇଟା ନ ମାଙ୍ଗି । **୧୦** ମୁଇ ବଡ୍ପନ୍ ଅଇକରି ଏନ୍ତାରି କଇବାଟା ଆକାୟାର୍ କେ ମିସା ମର୍ ବିରୁଦେ କଇନାପାରତ୍ । ମୁଇ କଇବାଟା ସତ୍ । କାଇକେବଇଲେ କିରିସ୍ଟ ମର୍ସଙ୍ଗ ଆଚେ । **୧୧** ମକେ ଆଲାଦ୍ ନାଇକେ ମାଙ୍ଗେ ନାଇ ବଲି ବାବ୍ଲାସ୍ନି କି? ମାତର୍ ମୁଇ ତମ୍କେ ସତଇସେ ଆଲାଦ୍ କର୍ବାଟା ପର୍ମେସର୍ ଜାନେ । **୧୨** ମୁଇ ତମର୍ଟାନେ ଅନି କାଇକେ ବୁତି ନେଇନାଇ ବଇଲେ, ଜେନ୍ତାରିକି ତମର୍ ଟାନେ ରଇବା ବିନ୍ ପେରିତ୍ମନ୍ ବଡ୍ପନ୍ ଅଇକରି, ଆମେ ପର୍ମେସର୍ ପାଇ କର୍ବା କାମ୍ ସମାନ୍ ଆଚେ ବଲି କଇନାପାରତ୍ । **୧୩** ସେମନ୍ ସତ୍ ପେରିତ୍ମନ୍ ନଅତ୍ । ସେମନ୍ ମିଚୁଆଟାମନ୍ । ଜେ କି ନିଜର୍ ନିଜର୍ କାମ୍ ବିସଇନେଇ ମିଚ୍ କଇବାଇ । ଆରି ସେମନ୍ ମିଚ୍ ବେସ୍ ଦାରିକରି ଆମେ ସତ୍ ପେରିତ୍ ବଲି ଦେକାଇଅଇବାଇ । **୧୪** ଏଟା ଦେକି କାବାଅଇ ଜାଆ ନାଇ । କାଇକେବଇଲେ, ସଇତାନ୍ ମିସା ନିଜେ ବାଦ୍ଲାଇଅଇ ଉଜଲର୍ ଦୁତ୍ ପାରା ଦେକାଇ ଅଇସି । **୧୫** ସେନ୍ତାର୍ ଆଲେ ତାର୍

ସେବାକାମ୍ କରୁମନ୍ ମିସା ବାଦ୍‌ଲାଇଅଇ ଦରମ୍ କାମ୍‌କରୁମନର୍
ପାରା ଦେକାଇଅଇଲେ, ସେଟା କାବା ଅଇଜିବା ବିସଇ ନଏଁ
। ସାରାସାରି ସେମନ୍‌କେ ତାକର୍ କରିରଇବା କାରାପ୍ କାମ୍
ଇସାବେ ଡଣ୍ଡ ମିଲ୍‌ସି । ୧୬ ମୁଇ ଏ କାତା ଆରିତରେକ୍ କଇଲିନି
ଜେ, ଏଟା ଗଟେକ୍ ବକୁଆଟା, ବଲି ବାବାନାଇ । ଜଦି ତମେ
ମକେ ବକୁଆ ବଲି ମାନ୍‌ଲାସ୍‌ନି, ମୁଇ କଇବା ଏ ବଡ୍‌ପନର୍
କାତା ଆରି ଅଲପ୍ ସୁନାତା । ସେନ୍ତାର୍ କଲେ ମୁଇ ବଡ୍‌ପନ୍ ଅଇ
କାତା ଅଇବି । ୧୭ ମୁଇ ଏ କଇବା କାତାମନ୍ ମାପ୍‌ରୁ ମକେ
କଅ ବଲି ମନ୍ କରେନାଇ । ମାତର୍ ଏ କାତା ଗଟେକ୍ ବକୁଆ
ଲକର୍‌ପାରା ବଡ୍‌ପନ୍ ଅଇକରି କଇଲିନି । ୧୮ କାଇକେବଇଲେ,
ଏ ଜଗତେ ତାକର୍ ନିଜର୍ କାମ୍ ବିସଇନେଇ ବଡ୍‌ପନ୍ ଅଇ
କଇବାଲକ୍ ବେସି ଆଚତ୍ । ମୁଇ ମିସା ମର୍ ବିସଇନେଇ
ବଡ୍‌ପନ୍ ଅଇକରି କଇବି । ୧୯ ତମେ ସବୁ ବୁଦି ରଇବା ଲକ୍
ବଲି ବଲାଇ ଅଇଲାସ୍‌ନି । ମାତର୍ ବକୁଆ ମନର୍ କାମ୍ ଦେକ୍‌ଲେ
ଚୁପ୍ ଅଇଆଚାସ୍ । ୨୦ ତେବର୍‌ପାଇ ସେମନ୍ ଜଦି ତମ୍‌କେ
ଗତିଦାଙ୍ଗ୍‌ଡା କରି ସଙ୍ଗ୍‌ଇଲେ, କି ତମର୍ ଦନ୍ ସଁପତି ନେଲେ, କି
ତମ୍‌କେ କାଇଆଲେ ପାନ୍ଦେ ପାକାଇଲେ, କି ଆମର୍ ତଲେ ରୁଆ
ବଲି କରି କଇଲେ କି ଏନ୍ତାରି କି କେ ତମର୍ ଗାଲେ ଚାପଡ୍
ମାର୍‌ଲେ ମିସା ତମେ ମୁର୍‌ଚି କରି ରଇସା । ୨୧ ସେ ସବୁ କାରାପ୍
ବିସଇ କର୍‌ବାକେ ଆମ୍‌କେ ସାଆସ୍ ନ ରଇଲା । ଏଟା ସତ୍
ବଲି କଇବାକେ ମୁଇ ଲାଜ୍ ଅଇନାଇ । ମାତର୍ ସେମନ୍ କାଇ
ବିସଇନେଇ ବଡ୍‌ପନ୍ ଅଇ କାତା ଅଇବାକେ ସାଆସ୍ କର୍‌ବାଇ,
ସେନ୍ତି ମୁଇ ମିସା ସାଆସ୍ କର୍‌ବି । ଦେକା! ମୁଇ ଏଟା ଗଟେକ୍
ବକୁଆ ଲକର୍‌ପାରା କାତା ଅଇଲିନି । ୨୨ ସେମନ୍ ଜଦି ଆମେ
ଏବ୍‌ରି ବଁସର୍ ଲକ୍ ବଇଲେ, ମୁଇ ମିସା ତେଇର୍‌ଟାସେ, ଜଦି
ଆମେ ଇସ୍‌ରାଏଲର୍ ନାତିତିତି ବଇଲେ, ମୁଇ ମିସା ତେଇର୍
ଗଟେକ୍ । ଅବ୍‌ରାଆମ୍ ଆମର୍ ଆନିଦାଦି ବଇଲେ, ସେ ମର୍
ମିସା ଆନିଦାଦି । ୨୩ ସେମନ୍ ଜଦି ଆମେ କିରିସ୍ଟର୍ ଦାଙ୍ଗ୍‌ଡା
ବଇଲେ, ମୁଇ ମିସା ଗଟେକ୍ ଦାଙ୍ଗ୍‌ଡା । ମାତର୍ ସେମନର୍ ଟାନେ
ଅନି ମୁଇ ଅଦିକ୍ ନିକ ଦାଙ୍ଗ୍‌ଡା । ନିଜ୍‌କେ ବଡ୍ କରାଇ ମୁଇ
ଗଟେକ୍ ବାୟାଲକର୍ ପାରା କାତା ଅଇଲିନି ବଲି ଜାନିଆଚି
। ମୁଇ ତାକର୍‌ଟାନେ ଅନି ଅଦିକ୍ ଆବଡ୍ କାମ୍ କରିଆଚି,
ଅଦିକ୍ ତର୍ ବନ୍ଦିଗରେ ରଇଆଚି, ଅଦିକ୍ ତର୍ ମାଡ୍ କାଇଆଚି,
ଅଦିକ୍ ତର୍ ମଲାସମାନ୍ ଅଇଜାଇରଇଲି । ୨୪ ମୁଇ ଜିଉଦି
ଲକ୍‌ମନର୍‌ଟାନେଅନି ପାଁଚ୍‌ପାଲି ତିରିସ୍ ନ ଡାଙ୍ଗ୍ ମାଡ୍‌କାଇ ଆଚି
। ୨୫ ରମିଅମନର୍‌ଟାନେ ତିନ୍‌ତର୍ କର୍‌ଡା ସଙ୍ଗ୍ ମାଡ୍‌କାଇ ଆଚି
। ଗଟେକ୍‌ତର୍ ସେମନ୍ ମକେ ପାକ୍‌ନା ମାର୍‌ଲାଇ । ମୁଇ ଜନ୍
ଜାଜେ ଜାଇତେରଇଲି, ସେ ଜାଜ୍ ତିନ୍‌ତର୍ ବୁଡି ଜାଇରଇଲା
। ତରେକ୍ ମର୍ ଜାଜ୍ ନସିଗାଲାକେ ମୁଇ ଗଟେକ୍ ଦିନ୍ ଆରି
ଗଟେକ୍ ରାତି, ସମ୍‌ଦୁରେ ଉପ୍‌କି ଅଇ ରଇଲି । ୨୬ ମୁଇ
ଜିବାବେଲେ ବାଟେ, ମର୍ ମୁଆଟେ କେତେକ୍ କେତେକ୍ ବିପଦ୍
ଆଇଲା । ଜେନ୍ତିକି, ବନିଆର୍ ବିପଦେ, ଚର୍‌ମନର୍ ବିପଦେ,
ମର୍ ଜିଉଦି ବାଇମନର୍ ବିପଦେ, ଜିଉଦି ନ ଅଇଲା ଲକ୍‌ମନର୍
ବିପଦେ, ସଅରେ ଅଇରଇବା ବିପଦେ, କିନରା ଜାଗା ମନର୍
ବିପଦେ, ଡଙ୍ଗରର୍ ଜଁତ୍ ଜିଆଦ୍ ମନର୍ ବିପଦେ, ସମ୍‌ଦୁରେ
ବନିଆ ଆଇଲାବେଲର୍ ବିପଦେ ଆରି କିରିସ୍ଟର୍ ବିସ୍‌ବାସିମନ୍
ବଲି ନାଡାଇ ଅଇରଇବା ଲକ୍‌ମନର୍ ବିପଦେ । ୨୭ ମର୍ କାମ୍
ଆବଡ୍ କାମ୍ ଆରି ମୁଇ ସବୁବେଲେ ଆବଡ୍ କାମ୍ କଲିଆଚି ।
ବେସି ତର୍ ରାତିଆ ସଇ ନାପାର୍‌ଲି, ବୁକେ ସସେ ରଇଆଚି,
ବେସି ତର୍ ମକେ କାଦି କେଟେ ନାଇ, ପିନ୍ଦ୍‌ବାକେ ବସ୍‌ତର୍
ନାଇ, କି ରଇବାକେ ଗର୍ ନ ରଇଲା । ୨୮ ସେ ସବୁ ବିସଇ
ମର୍‌ପାଇ ଅଇରଇଲା । ମାତର୍ ଆରି ମର୍ ବିନ୍ ବିନ୍ ଦୁକ୍ କସ୍‌ଟ
ଆଚେ । ସବୁ ମଣ୍ଡଲିର୍ ପାଇ ଚିନ୍ତା କରି ମୁଇ ଦୁକ୍ କସ୍‌ଟ
ପାଇଲିନି । ୨୯ ଜଦି କିରିସ୍ଟର୍ ଲଗେ ରଇବା କାର୍ ବିସ୍‌ବାସ୍
ଉନା ଅଇସି ବଇଲେ ମକେ ମିସା ଦୁର୍‌ବଲ୍ ଲାଗ୍‌ସି । କେ ଜଦି
ପାପ୍ କଲେ, ତାର୍ ଲାଗି ମୁଇ ବେସି ଦୁକ୍ କସ୍‌ଟ ପାଇଲିନି
। ୩୦ ମୁଇ ବଡ୍‌ପନ୍ ଅଇ କାତା ଅଇବାକେ ମନ୍ କରିନାଇ ।
ଜଦି ସେନ୍ତି କର୍‌ବାର୍ ଆଲେ, ମକେ ଗଟିରଇବା, ଦୁକ୍ କସ୍‌ଟ
ବିସଇନେଇ ମୁଇ ବଡ୍‌ପନ୍ ଅଇବି । ସେନ୍ତାର୍‌ଆଲେ ମୁଇ କେତେ
ଦୁର୍‌ବଲ୍ ଆଚି ବଲି ତମେ ଜାନ୍‌ସା । ୩୧ ମୁଇ ତମ୍‌କେ ଜେତ୍‌କି
ବିସଇ କଇଲି, ସେଟା ସବୁ ସତ୍ । ଗଟେକ୍ ମିସା ମିଚ୍ ନଏଁ
। ଆମର୍ ମାପ୍‌ରୁ ଜିସୁର୍ ବାବା ପର୍‌ମେସର୍ ଏଟା ଜାନେ ।
ସେ ଜୁଗ୍ ଜୁଗ୍ ଡାକ୍‌ପୁଟା ପାଅ । (aiōn g165) ୩୨ ପୁର୍‌ବେ ମୁଇ
ଦାମାସ୍‌କାସେ ରଇଲା ବେଲେ ରାଜା ଆରେତାସର୍ ତଲେ
ଗଟେକ୍ ସାସନ୍ କାରିଆ ରଇଲା । ସେ ସଅର୍ ସନ୍ଦି ଜାଗ୍‌ବାକେ
ତାର୍ ସନିଅମନ୍‌କେ କଇଲା । ଜେନ୍ତାରି କି ଜେଡେବେଲେ ମୁଇ
ସେ ସଅରେ ବାରଇତି, ସେମନ୍ ମକେ ଦାର୍‌ତାଇ । ୩୩ କେନ୍ତି
ବଇଲେ ତେଇର୍ ପାକ୍‌ନା ପାଟୁରିର୍ କାଣାବାଟେ ମକେ ଚାଟ୍‌ନାଇ
ପୁରାଇ ଉତ୍‌ରାଇ ଦେଲାଇ । ଆରି ତାର୍ ଟାନେ ଅନି ବଁଚିଗାଲି ।

**୧୨** ସେନ୍ତାର୍‌ଆଲେ ମୁଇ ବଡ୍‌ପନ୍ ଅଇ କଇଲା ଟାନେ କାଇ
ଲାବ୍ ନଇଲେ ମିସା ମୁଇ ବଡ୍‌ପନ୍ ଅଇ କାତା ଅଇବି
। ଏବେ ମୁଇ ଦର୍‌ସନ୍ ବିସଇ ଆରି ମାପ୍‌ରୁ ମକେ ଜାନାଇଲା
ବିସଇ ତମ୍‌କେ କଇବି । ୨ ମୁଇ ଜାନିରଇବା ଗଟେକ୍ ବିସ୍‌ବାସି
ଆଚେ । ଜାକେ କି ଚଉଦ ବରସର୍ ଆଗେ ସର୍‌ଗେ ନେଲାଇ ।
ସେ ସତ୍‌ରେ ସର୍‌ଗେ ଗାଲା କି ତାକେ ଦର୍‌ସନେ ସେ ସରଗ୍
ଦେକାଇଅଇଲା କି ନାଇ ବଲି ମୁଇ ନାଜାନି । ସେଟା ପର୍‌ମେସର୍
ସେ ଜାନେ । ୩ ମାତର୍ ମୁଇ ଜାନିଆଚି, ତାକେ ସର୍‌ଗେ ନେଲାଇ
ବଲି । ମୁଇ ଆରି ତରେକ୍ କଇଲିନି ସେ ସତଇସେ ତେଇ ଗାଲା
କି ଦର୍‌ସନେସେ ସରଗ୍ ଦେକାଇ ଅଇରଇଲା, ସେଟା ମୁଇ
ନାଜାନି । ସେଟା ପର୍‌ମେସର୍‌ସେ ଜାନେ । ୪ ଆରି ସେ ତେଇ
ରଇଲାବେଲେ ଲକର୍ ବାସାଇ କାତା ନ ଅଇବା ବିସଇ ସୁନ୍‌ଲା ।
ଜନ୍‌ଟା ମୁନୁସ୍ ମନର୍ କଇବାର୍ ଅଦିକାର୍ ନାଇ, ସେଟା ମିସା ସେ

ସୁନ୍‌ଲା । ୫ ଏ ଲକର୍ ବିସଇନେଇ ମୁଇ ବଡ୍‌ପନ୍ ଅଇ କାତା
ଅଇବି, ମାତର୍ ମର୍ ନିଜର୍ ବିସଇନେଇ ବଡ୍‌ପନ୍ ଅଇ କାତା ନ
ଅଇ । ମର୍ ଦୁର୍‌ବଲ୍ ରଇବା ବିସଇଟାନେସେ ମୁଇ ବଡ୍‌ପନ୍
ଅଇବି । ୬ ମୁଇ ଜଦି ବଡ୍‌ପନ୍ ଅଇ କାତା ଅଇବାକେ ମନ୍
କଲେ, ସେଟା ବୁଦି ନ ରଇଲା ଲକ୍ ବଡ୍‌ପନ୍ ଅଇଲାପାରା ନ
ଅଏ । ମୁଇ କଇବାଟା ସବୁ ସତ୍ । ମାତର୍ ମୁଇ ବଡ୍‌ପନ୍ ଅଇକରି
କାତା ନ ଅଇ । କାଇକେବଇଲେ ଲକ୍‌ମନ୍ କେଡେବେଲେ ମିସା
ମକେ ମୁଇ ଜେତ୍‌କି ଆଚି, ତାର୍‌ତେଇଅନି ଅଦିକ୍ ଗଟେକ୍ ବଡ୍
ଲକ୍ ଇସାବେ ଦେକ୍‌ବାଇ । ମୁଇ କର୍‌ବା କାମ୍ ଦେକିକରି ଆରି
ମୁଇ କଇବା କାତା ସୁନିକରିସେ ସେମନ୍ ମାନ୍‌ବାଇ । ୭ ମୁଇ
ପର୍‌ମେସର୍ ଟାନେଅନି ବେସି ବଡିଆ ଦର୍‌ସନ୍ ପାଇଲିଆଚି
ବଲିକରି ବଡ୍‌ପନ୍ ନ ଅଇବାକେ ପର୍‌ମେସର୍ ମକେ ଦୁକାଇବା
ଗଟେକ୍ ରଗ୍ ଦେଲା । ଏ ରଗ୍ ସଇତାନର୍ ଦୁତ୍‌ପାରା ମାର୍‌ବାକେ
ମର୍ ଗାଗଡେ ଆଚେ । ଜେନ୍ତି କି ମୁଇ ଆରି ବଡ୍‌ପନ୍ ନ ଅଇ । ୮
ଏ ରଗ୍ ମର୍‌ଟାନେଅନି ଦାରିଜାଅ ବଲି ମୁଇ ତିନ୍‌ତର୍ ମାପ୍‌ରୁକେ
ଗୁଆରି କଲି । ୯ ମାତର୍ ସେ ଏନ୍ତାରି କଇଲା, "ତମ୍‌କେ
ଜେତ୍‌କି ସବୁ ଲଡା ଆଚେ, ମର୍ ଜିବନ୍ ଦୁକାଇଲାଟା, ସେଟା
ପୁରାପୁରୁନ୍ କର୍‌ବାକେ ଅଇସି । କାଇକେବଇଲେ ଜେଡେବେଲେ
ତୁଇ ଦୁର୍‌ବଲ୍ ରଇସୁ, ସେବେଲେ ମର୍ ବପୁ ନିକକରି ଡିସ୍‌ସି
।" ତେବେ ମର୍ ଦୁର୍‌ବଲ୍ ବିସଇନେଇ ବଡ୍‌ପନ୍ ଅଇକରି
କଇବାକେ ମକେ ବେସି ସାର୍‌ଦା ଲାଗ୍‌ସି । କାଇକେବଇଲେ
ମୁଇ ଦୁର୍‌ବଲ୍ ରଇଲାବେଲେ କିରିସ୍ଟର୍ ବପୁ ମକେ ସାଇଜ
କର୍‌ବାଟା ଜାନ୍‌ଲିନି । ୧୦ ସେଟାର୍ ପାଇ ମକେ କିରିସ୍ଟର୍
ଲାଗି ଜେତ୍‌କି ସବୁ ଗଟ୍‌ସି, ମୁଇ ସାର୍‌ଦା ଅଇ ରଇବି । ଜେନ୍ତିକି
ମର୍‌ଗାଗଡ୍ ଦୁର୍‌ବଲ୍ ରଇଲେ ମିସା, ନିନ୍ଦା ପାଇଲେ ମିସା, ଦୁକ୍
କସ୍ଟ ଅଇରଇଲେ ମିସା, ଆରି ସାଦ୍‌ବାନ୍ଦ ଅଇ ଦୁକ୍ କସ୍ଟ
ପାଇଲେ ମିସା । କାଇକେବଇଲେ ଜେଡେବେଲେ ମୁଇ ଦୁର୍‌ବଲ୍
ଅଇଆଚି, ସେତ୍‌କି ବେଲେ ମୁଇ ବପୁ ଅଇଆଚି । ୧୧ ନିଜେ
ବଡ୍ ଅଇବାକେ ମୁଇ ବକୁଆ ଲକର୍ ପାରା ଅଇଲିନି । ମାତର୍
ମୁଇ ତମ୍‌କେ ଦସ୍ ଦେଲିନି । କାଇକେବଇଲେ ତମେ ଜଦି
ମକେ ସନ୍‌ମାନ୍ ଦେଇତାସ୍, ମୁଇ ଏନ୍ତାରି ନ କର୍‌ତି । ମୁଇ
କାଇ କାମେ ନାଇ, ବଲି କେତେଲକ୍ କଇଲେ ମିସା ତମର୍ ସେ
ପେରିତ୍‌ମନର୍ ଟାନେ ଅନି ଉନା ନଇ । ୧୨ ଜେଡେବେଲେ
ମୁଇ ତମର୍‌ଟାନେ ରଇଲି, ସେ ବେଲେ ମୁଇ ମୁର୍‌ଚିକରି ରଇବା
କାବା ଅଇଜିବା କାମ୍‌ମନ୍ ଆରି ଚିନ୍‌ମନ୍ ତମେ ଦେକିରଇଲାସ୍
। ସେଟା ଦେକି ମୁଇ ଗଟେକ୍ ପେରିତ୍ ବଲି ତମେ ଜାନ୍‌ଲାସ୍ ।
୧୩ ବିନ୍ ମଣ୍ଡଲିମନ୍‌କେ ମୁଇ ଜାଇଟା କରିରଇଲି, ସେ ସମାନ୍
ବିସଇସେ ତମର୍‌ପାଇ ମିସା କଲି । ଏତ୍‌କି ସେ ଜେ ତମ୍‌କେ
ବୁତି ମାଙ୍ଗି ତମର୍ ଉପ୍‌ରେ ବଜ୍ ଚାପାଇନାଇ । ଜଦି ସେଟା ମର୍
ବୁଲ୍ ଅଇଲା ଆଚେ ବଇଲେ ମକେ କେମା କରିଦିଆସ୍ । ୧୪
ଦେକା, ଏଟା ସଙ୍ଗ ତିନ୍ ତର୍ ଅଇଲାବେ ମୁଇ ତମର୍‌ଲଗେ ବୁଲି
ଆଇବି ବଲି ଜାଗିଆଚି । ଆଗର୍ ପାରା ଏବେ ମିସା ତମର୍‌ଟାନେ
ଅନି କାଇଟା ନ ମାଙ୍ଗି । ତମେ ଦେବାଟା ମୁଇ ମନ୍ କରିନାଇ,
ତମର୍ ଆଲାଦ୍ ମନ୍ କଲିନି । ଏନ୍ତାରି ନଏଁ ଜେ ପିଲାମନ୍ ଆୟା
ବାବାର୍‌ପାଇ ସଙ୍ଗଇବାଇ, ମାତର୍ ଆୟାବାବା ପିଲାମନର୍ ପାଇ
ସଙ୍ଗଇବାର୍ ଆଚେ । ୧୫ ସତଇସେ ମର୍ ଜେତ୍‌କି ସବୁ ଆଚେ,
ସେଟା ସବୁଜାକ ତମ୍‌କେ ଦେବାକେ ମୁଇ ସାର୍‌ଦା ଅଇବି ।
ଜେନ୍ତରି କି ତମ୍‌କେ ସାଇଜ କର୍‌ବାକେ ମର୍ ଗାଗଡ୍ ମିସା ସର୍‌ପି
ଅଇଦେବି । ତମର୍ ପାଇ ରଇବା ମର୍ ଆଲାଦ୍ ଅଦିକ୍ ଅଦିକ୍
ଅଇ ଆଇଲାନି, ମାତର୍ ମର୍ ପାଇ ରଇବା ତମର୍ ଆଲାଦ୍ ଉନା
ଅଇ ଆଇଲାନି । ୧୬ ମୁଇ ତମର୍‌ଟାନେଅନି ବୁତି ମାଙ୍ଗିନାଇ,
ସେଟା ସତ୍ ବଲି ତମେ କଇଲାସ୍‌ନି, ମାତର୍ ତମର୍ ବିତ୍‌ରେ
କେତେ ଲକ୍ କଇଲାଇନି, ଜେ ମୁଇ ଚାଲାକି ଆରି ମର୍ ଲାଗି
ତମେ ନାଡାଇଅଇଲାସ୍ । ୧୭ ମୁଇ ତମ୍‌କେ କେନ୍ତି ନାଡାଇଲି?
ମୁଇ ତମର୍ ଲଗେ ଜନ୍ ଲକ୍‌ମନ୍‌କେ ପାଟାଇ ରଇଲି, ସେମନର୍
ଦେଇ ନାଡାଇଲି କି? ୧୮ ମୁଇ ତିତସ୍‌କେ ତମର୍ ଲଗେ ଜିବାକେ
ବାବୁଜିଆ କଲି । ଆରି ତାର୍‌ସଙ୍ଗ ଜିବାକେ ଗଟେକ୍ ବିସ୍‌ବାସି
ବାଇକେ ମିସା ପାଟାଇରଇଲି । ତିତସ୍‌କାଇ ତମର୍ ଲଗେ ଅନି
କାଇଟା ଲାବ୍ କଲା ଆଚେ କି? ତିତସ୍ ତମ୍‌କେ ନାଡାଇଲା
ବଲି ତମେ କଇନାପାରାସ୍ । କାଇକେବଇଲେ, ସେ ଆରି ମୁଇ,
ଆମେ ସୁକଲ୍ କାମର୍ ପାଇସେ ଏଟା କଲୁନି । ୧୯ ଆମେ ତମର୍
ବିରୁଦେ କାଇ ଦସ୍ କରୁନାଇ ବଲି ତମ୍‌କେ ଦେକାଇ ଅଇବାକେ
ଚେସ୍‌ଟା କଲୁନି ବଲି ତମେ ବାବ୍‌ସା ମିସା । ମାତର୍ ସେନ୍ତାରି
ନାଇ । ଆମେ କିରିସ୍ଟର୍ ଲକ୍ ଇସାବେ ପର୍‌ମେସରର୍ ମୁଆଟେ
କାତା ଅଇଲୁନି । ଆଲାଦର୍ ମଇତର୍‌ମନ୍! ତମର୍ ଟାନେ ଆମେ
ଜେତ୍‌କି ବିସଇ କଲୁଆଚୁ, ସେଟା ତମର୍ ବଲ୍ ପାଇ । ୨୦
ମୁଇ ବେସି ଚିନ୍ତାଇ ଆଚି, ମୁଇ ତମର୍ ଟାନେ ଆଇଲାବେଲେ,
ମନ୍ ନ କର୍‌ବା ଚଲାଚଲ୍‌ତି ତମର୍ ବିତ୍‌ରେ ଦେକ୍‌ବି ମିସା ।
ସେନ୍ତାରି ଅଇଲେ, ମୁଇ ତମ୍‌କେ ଦମ୍‌କାଇବାକେ ପଡ୍‌ସି ଆରି
ସେଟା ତମେ ମନ୍ ନ କରାସ୍ । ତେଇ କେତେଟା ଜୁଜିଆଲ୍‌ମନ୍,
ଇଁସ୍‌ଲିଆମନ୍, ଦାପ୍‌ରେ ରିସା ଅଉମନ୍, ନିଜର୍ ବିସଇ ଦେକାଇ
ଅଉମନ୍, ତାର୍ ବାଇମନ୍‌କେ ନିନ୍ଦା କରୁମନ୍, ତିପ୍‌ଲିଆମନ୍,
ବଡ୍‌ପନିଆମନ୍, ଆରି ବିସ୍‌ବାସିମନ୍ ଗଟେକ୍ ମନ୍ ନ ଅଇଲାଟା
ଦେକ୍‌ବି । ୨୧ ମୁଇ ଚିନ୍ତାଇ ଆଚି ଜେ, ମୁଇ ଆରିତରେକ୍
ଆଇଲାବେଲେ, ତମର୍ ମୁଆଟେ ମକେ ପର୍‌ମେସର୍ ଲାଜ୍
କରାଇସି । ଆରି ମୁଇ ବେସି ଦୁକ୍ ଅଇବି । କାଇକେବଇଲେ,
ଆଗେ ଜେତ୍‌କି ଲକ୍ ପାପ୍ କରି ଆଚତ୍ ବଲି ମୁଇ ଜାନିଆଚି ।
ସେମନ୍ ଏବ୍‌କେ ଜାକ ତାକର୍ କାରାପ୍ ଚଲାଚଲ୍‌ତିର୍ ଲାଗି ମାନି
ଅଅତ୍ ନାଇ । ଜନ୍‌ଟାକି ନିଜର୍ କାରାପ୍ ମନ୍ କଲା ଇସାବେ
ବଁଚ୍‌ବାଟା ଆରି ବେସିଆ କାମ୍ କର୍‌ବାଟା ।

**୧୩** ଏଟାସଙ୍ଗ ତିନ୍‌ତର୍ ଅଇଲାବେ ତମର୍ ଲଗେ ମୁଇ
ଆଇଲିନି । ସାସ୍‌ତର୍ କଇଲାପାରା "ମଣ୍ଡଲିର୍

ବାଇମନର୍ ବିରୁଦେ ନିନ୍ଦା କାତା ଉଟ୍ଲେ, ସେଟା ତିନ୍ ଲକ୍
ନଇଲେ ଦୁଇଲକର୍ ସାକିର୍ ମୁଆଟେ ସବୁଜାକ ରାଜିନାମା
କରାଇବାର୍ ଆଚେ । ୨ ଆଗେ ପାପ୍କରି ରଇବା ଲକ୍ମନ୍କେ,
ଆରି ଏବେ ପାପ୍ କଲା ଲକ୍ମନ୍କେ ମୁଇ ତମର୍ ଲଗେ ଦୁଇପାଲି
ଆଇଲା ବେଲେ କଇରଇଲି । ମୁଇ ତେଇ ନ ଆଇବା ଆଗ୍ତୁ
କଇଲିନି, ମୁଇ ଆରିତରେକ୍ ଆଇଲାବେଲେ କେ ଜଦି ତାକର୍
ପାପେ ଅନି ନ ବାଉଡତ୍, । ସେମନ୍କେ ଦୟା ନ ଦେକାଇ । ୩
ମୁଇ କଇବାଟା ଏ ସବୁ କିରିସ୍ଟର୍ ଆଦେସେ ଅନି ଆଚେବଲି
ଜାନ୍ବାକେ ଚିନ୍ ମାଙ୍ଗ୍ଲାସ୍ନି । ମୁଇ ତମ୍କେ ଡଣ୍ଡ ଦେଲାବେଲେ
ସେ ଚିନ୍ ବିସଇ ଜାନ୍ସା । କିରିସ୍ଟ ତମର୍ ବିତ୍ରେ କାଇ କାମ୍
କଲେ ମିସା ବପୁର୍ ସଙ୍ଗ କର୍ସି, ଦୁର୍ବଲ୍ ଅଇକରି ନାଇ ।
୪ କାଇକେବଇଲେ କୁର୍ସେ ଚଗାଇଲାବେଲେ ସେ ଦୁର୍ବଲ୍
ପାରା ଡିସ୍ଲେ ମିସା ପର୍ମେସରର୍ ବପୁସଙ୍ଗ ସେ ବଁଚିଆଚେ ।
ସେନ୍ତାରିସେ କିରିସ୍ଟର୍ତେଇ ମିସି ରଇଲାର୍ପାଇ ଆମେ ମିସା
ଦୁର୍ବଲ୍ ପାରା ଡିସ୍ଲୁନି । ମାତର୍ ପର୍ମେସରର୍ ବପୁ ସଙ୍ଗ
ଜିଇ ରଇବୁ ଆରି ତମର୍ ବିତ୍ରେ କର୍ବା ଜନ୍ କାମେ ମିସା
ତାର୍ ବପୁ ରଇସି । ୫ ତମେ ନିଜେ ନିଜେ ବିସ୍ବାସେ ଆଚାସ୍
କି ନାଇ, ବିଚାର୍ କରି ଦେକା । ଜିସୁକିରିସ୍ଟ ତମର୍ ବିତ୍ରେ
ବାସା ଅଇଆଚେ ବଲି ନାଜାନାସ୍ କି? ତମେ ବିସ୍ବାସ୍ କରାସ୍
ନାଇକେ, କିରିସ୍ଟ ତମର୍ଟାନେ ବାସା ଅଏନାଇ । ୬ ମାତର୍
ମୁଇ ଆସା କଲିନିଜେ, ଆମେ ସବୁଲକ୍ କିରିସ୍ଟର୍ ପେରିତ୍
ଅଇଆଚୁ । ୭ ତମେ କାଇ କରାପ୍ କାମ୍ ନ କରା ବଲି, ଆମେ
ପର୍ମେସର୍କେ ଗୁଆରି କଲୁନି । ଇତି ପୁରାପୁରୁନ୍ ଟିକ୍ କରିଆଚୁ
ବଲି ଆମେ ଦେକାଇବାକେ ଜାଉନାଇ, ମାତର୍ ସେଟା ନାପାରି
ରଇଲେ ମିସା, ତମେ ଜେନ୍ତିକି ସତ୍କାମ୍ କର୍ସା, ଏଟାର୍ପାଇ
ଆମେ ପାର୍ତନା କଲୁନି । ୮ ସତ୍ ବିସଇର୍ ବିରୁଦେ ଆମେ
କାଇଟା ନ କରୁ, ମାତର୍ ତାର୍ ପାଇ ଟିଆ ଅଇବୁ । ୯ ଜଦି
ଲକ୍ମନ୍ ଆମ୍କେ ଦୁର୍ବଲ୍ ଆଚତ୍ ବଲି କଇଲେ ମିସା, ଆମେ
ସାର୍ଦାସଙ୍ଗ ଆଚୁ । ତମେ ଆକା ବିସ୍ବାସେ ଡାଁଟ୍ ରଇବାର୍ଆଚେ
। ଆରି ତମର୍ ଚଲାଚଲ୍ତି ସିଦ୍ ଅଇଜାଅ ବଲି ଆମେ ଗୁଆରି
କଲୁନି । ୧୦ ମୁଇ ନ ଆଇତେ ଏ ସବୁଜାକ ତମ୍କେ କାଇକେ
ଲେକ୍ଲିନି ବଇଲେ, ଜେନ୍ତିକି ମୁଇ ଆଇଲାବେଲେ ମାପ୍ରୁ
ମକେ ଦେଇରଇବା ଅଦିକାର୍ ସଙ୍ଗ ତମ୍କେ ଡଣ୍ଡ ଦେବାକେ
ନ ପଡେ । ଜନ୍ ଅଦିକାର୍ ତମର୍ ବିସ୍ବାସ୍ ବଡାଇବାକେ
ଦେଲାଆଚେ, ମାତର୍ ସେଟା ଉନା କର୍ବାକେ ନାଇ । ୧୧ ଏବେ
ଏ ମର୍ ବାଇବଇନିମନ୍ ମୁଇ ରଇଲିନି । ତମର୍ ଚଲାଚଲ୍ତି
ସିଦ୍ କର୍ବାକେ ଜବର୍ ଚେସ୍ଟା କରା । ମର୍ ଆଦେସ୍ ସବୁ
ମାନିକରି ରୁଆ । ସବୁଲକ୍ ଗଟେକ୍ ମନ୍ ଅଇକରି ସାନ୍ତିଅଇ ରୁଆ
। ତେବେ ଆଲାଦ୍ ଆରି ସାନ୍ତିର୍ ପର୍ମେସର୍ ତମର୍ ସଙ୍ଗ ରଇସି
। ୧୨ ତମେ ରୁଣ୍ଡଲା ବେଲେ ନିଜର୍ ନିଜର୍ ବିତ୍ରେ କିରିସ୍ଟର୍
ଆଲାଦେ ଜୁଆର୍ବେଟ୍ ଉଆ । ୧୩ ଇତି ରଇବା ପର୍ମେସରର୍
ଲକ୍ମନ୍ ତମ୍କେ ଜୁଆର୍ ଜାନାଇଲାଇନି । ୧୪ ଆମର୍ ମାପ୍ରୁ
ଜିସୁକିରିସ୍ଟର୍ ଜିବନ୍ ଦୁକାଇଲାଟା, ପର୍ମେସରର୍ ଆଲାଦ୍
ଆରି ସୁକଲ୍ ଆତ୍ମାର୍ ମିସିକରି ରଇବାଟା, ତମର୍ ସବୁ ଲକର୍
ସଙ୍ଗ ରଅ । ଜୁଆର୍ ।

# ଗାଲାତିୟ

୧ ମୁଇ ପେରିତ୍ ସିସ୍ ପାଉଲ୍ । ପେରିତ୍ ସିସ୍ ଅଇବାକେ ମୁଇ
ଲକ୍‌ମନର୍‌ଟାନେଅନି କି ଲକ୍‌ମନର୍ ମାଲାକାରିଆ ଇସାବେ
ଡାକ୍‌ରା ପାଇନାଇ । ଏ ଡାକ୍‌ରା ମୁଇ ବାବା ପରମେସରର୍
ଆରି ଜିସୁ କିରିସ୍‌ଟର୍ ତେଇଅନି ପାଇଲିଆଚି । ପରମେସର୍
ତାକେ ମଲାଟାନେଅନି ଉଟାଇଆଚେ । ୨ ଆରି ଏଟା ଗାଲାତିୟ
ମଣ୍ଡ୍‌ଲିତେଇ ରଇବା ତମର୍‌ପାଇ ମର୍ ଚିଟି । ଜନ୍ ବିସ୍‌ବାସି
ବାଇବଇନିମନ୍ ମର୍ ସଙ୍ଗ୍ ଆଚତ୍, ସେମନ୍ ମିସା ମର୍ ସଙ୍ଗ୍
ଜୁଆର୍ ଜାନାଇଲାଇନି । ୩ ଆମର୍ ବାବା ପରମେସର୍ ଆରି
ମାପ୍‌ରୁ ଜିସୁ କିରିସ୍‌ଟ ତମ୍‌କେ ଜିବନ୍ ଦୁକାଇ ସାନ୍ତି ଦେଅ । ୪
ଏବେ ଏ ପାପ୍ ବର୍‌ତି ଅଇରଇବା ଜଗତେଅନି ଆମ୍‌କେ ଉଦାର୍
କର୍‌ବାକେ ଆମର୍ ବାବା ପରମେସର୍ ମନ୍ କଲାଟା, ମାନିକରି
କିରିସ୍‌ଟ ଆମର୍ ପାପର୍ ପାଇ ନିଜ୍‌କେ ସର୍‌ପିଦେଲା । (aiōn
g165) ୫ ପରମେସର୍ କାଲ୍ କାଲ୍ ଜୁଗ୍ ଜୁଗ୍ ଡାକ୍‌ପୁଟା ପାଅ
। ଆମେନ୍! (aiōn g165) ୬ କିରିସ୍‌ଟ ଜିବନ୍ ଦୁକାଇକରିସେ
ତମ୍‌କେ ଡାକିରଇଲା । ମାତର୍ ତମେ ତାକେ ଏତେକ୍ ଦାପ୍‌ରେ
ଚାଡିଦେଇକରି ଆରି ଗଟେକ୍ ବିନ୍ ସୁବ୍‌କବର୍‌ବାଟେ ମନ୍
ଦେଲାସ୍‌ନି । ତମର୍ ଏ ମନ୍ ବାଦ୍‌ଲାଇବାଟା ଦେକିକରି ଇଡି
ମୁଇ କାବା ଅଇଗାଲିନି । ୭ ଏ ସୁବ୍‌କବର୍ ଚାଡି ଆରି ଗଟେକ୍
ବିନ୍ ସୁବ୍‌କବର୍ ନାଇ । ମାତର୍ ମୁଇ ଏନ୍ତି କଇଲିନି, କାଇକେ
ବଇଲେ କେତେଲକ୍ କିରିସ୍‌ଟର୍ ସୁବ୍‌କବର୍ ବିନ୍ ବିନ୍ ରକାମ୍
କରି, ତମ୍‌କେ କଚପଚ କର୍‌ବାକେ ଚେସ୍‌ଟା କଲାଇନି ବଲି ମୁଇ
ସୁନ୍‌ଲିନି । ୮ ମାତର୍ ଆମେ ତମର୍ ଲଗେ ଜନ୍ ସୁବ୍‌କବର୍
ଜାନାଇ ରଇଲୁ, ଜଦି ସେଟାକେ ଚାଡି ବିନ୍ ଗଟେକ୍ ସୁବ୍‌କବର୍
ଆମେ ନିଜେ, ନଇଲେ ସରଗ୍ ଦୁତ୍ ମିସା ଜାନାଇସି ବଇଲେ,
ସେ ଅବିସାପ୍ ପାଅ । ୯ ଏଟା ଆମେ ଆଗ୍‌ତୁ କଇରଇଲୁ ଆରି
ମୁଇ ଏବେ ଆରି ତରେକ୍ କଇଲିନି, ତମେ ତମର୍ ଜିବନେ
ଜନ୍ ସୁବ୍‌କବର୍ ମାନିରଇଲାସ୍, ସେଟା ଚାଡି ଆରି ଜଦି କେ,
କାଇମିସା ବିନ୍ ସୁବ୍‌କବର୍ ଜାନାଇସି ବଇଲେ ସେ ଅବିସାପ୍ ପାଅ
। ୧୦ ଏଟା ସୁନି ତମେ ମନେ ମନେ କାଇଟା ବାବ୍‌ଲାସ୍‌ନି? ମୁଇ
ଲକ୍‌ମନର୍ ମାନ୍‌ବାଟା ପାଇବାକେ ଚେସ୍‌ଟା କଲିନି କି? ନାଇ,
କେବେ ନାଇ । ମୁଇ ପରମେସରର୍ ମାନ୍‌ବାଟାସେ ମନ୍ କଲିନି ।
ମୁଇ କାଇ ଡାକ୍‌ପୁଟା ଅଇବି ବଲି ମନ୍ କଲିନି କି? ମୁଇ ଜଦି
ଏବେ ଜାକ ଡାକ୍‌ପୁଟା ଅଇବାକେ ମନ୍ କର୍‌ତି ବଇଲେ, ଆଜି
କିରିସ୍‌ଟର୍ ସେବାକାରିଆ ନ ଅଇତି । ୧୧ କାଇକେବଇଲେ, ଏ
ବାଇବଇନିମନ୍ ମୁଇ ତମ୍‌କେ ଜନ୍ ସୁବ୍‌କବର୍ ଜାନାଇଲିନି,
ସେଟା ମୁନୁସର୍‌ଟାନେଅନି ବାରଏ ନାଇ । ୧୨ ତେବେ ମୁଇ
ସେଟା ମୁନୁସ୍ ମନର୍ ଟାନେଅନି ପାଇନାଇ, କି କେ ମକେ
ସିକାଅତ୍ ନାଇ । ନିଜେ ଜିସୁ କିରିସ୍‌ଟ ସେଟା ମକେ ଜାନାଇଲା
ଆଚେ । ୧୩ ଆଗ୍‌ତୁ ମୁଇ ଜିଉଦି ଦରମ୍ ନାମ୍‌ବା ବେଲାଇ
ଜେନ୍ତିକି ଜିଇତେ କାଇତେ ରଇଲି । ପାର୍‌ତନା କର୍‌ବାକେ
ରୁଣ୍ଡ୍‌ବା ଲକ୍‌ମନ୍‌କେ କେନ୍ତି କସ୍‌ଟ ଦେଇତେ ରଇଲି ଆରି
ସେଟାମନ୍ ନସ୍‌ଟ କର୍‌ବାକେ କେନ୍ତି ଚେସ୍‌ଟା କରିରଇଲି,
ଏଟା ସବୁ ବିସଇ ତମ୍‌କେ ଜାନାଇଦିଆଅଇଆଚେ । ୧୪
ଜିଉଦି ଦରମ୍ ମାନ୍‌ବା ବେଲେ, ମୁଇ ଦାଙ୍ଗ୍‌ଡା ବଇସେ ଆମର୍
ଜିଉଦିମନର୍ ବିତ୍‌ରେ ସବୁକେ ଅନି ଆଗ୍‌ତୁ ରଇଲି ଆରି ଆମର୍
ଆନିଦାଦିମନ୍ ବିସ୍‌ବାସ୍ କରି ଆଇତେରଇବା ରିତିନିତି ବେସି
ଡାଟ୍ ସଙ୍ଗ୍ ମାନ୍‌ତେରଇଲି । ୧୫ ମାତର୍ ପରମେସର୍ ତାର୍
ଜିବନ୍ ଦୁକାଇ ମର୍ ମାଆର୍ ଗର୍‌ବେ ରଇଲା ବେଲେ, ମକେ
ବାଚିରଇଲା ଆରି ତାର୍ ସେବା କର୍‌ବାକେ ଡାକ୍‌ଲା । ୧୬ ଆରି
ଜେତେବେଲେ ଜିଉଦି ନଇଲା ଲକ୍‌ମନର୍ ଟାନେ ସୁବ୍‌କବର୍
ଜାନାଇବାକେ ପର୍‌ମେସର୍ ମକେ ତାର୍ ପଅକେ ଦେକାଇଲା,
। ଏ ବିସଇନେଇ ମୁଇ କାର୍‌ଲଗେ ଜିବି ଆରି ସେମନ୍ ମକେ
ସିକାଇଦେଅତ୍ ବଲି ଚିନ୍ତାକରି ନାଇ । ୧୭ ଜେନ୍ତିକି ମର୍ ଆଗ୍‌ତୁ
ଜେତ୍‌କି ଲକ୍ ପେରିତ୍ ସିସ୍ ଅଇରଇଲାଇ, ସେମନର୍ ସଙ୍ଗ୍
ମିସ୍‌ବାକେ ଜିରୁସାଲାମେ ଜାଇନାଇ । ସେବେଲେ ମୁଇ ଦାପ୍‌ରେ
ବାରଇ ଆରବ୍ ଦେସେ ଉଟିଗାଲି । ଜାଇକରି ଆରିତରେକ୍
ଦାମାସ୍‌କସେ ବାଉଡି ଆଇଲି । ୧୮ ଆରି ତିନ୍ ବରସ୍ ପଚେ
ମୁଇ ପିତର୍‌କେ ବେଟ୍ ଅଇବାକେ ଜିରୁସାଲାମେ ଗାଲି । ତେଇ
ତାର୍‌ସଙ୍ଗ୍ ଦୁଇ ଆଟ୍ ରଇଲି । ୧୯ ମାତର୍ ମାପ୍‌ରୁର୍ ବାଇ
ଜାକୁବ୍‌କେ ଚାଡ୍‌ଲେ ଆରି ମୁଇ କନ୍ ପେରିତ୍ ସିସ୍‌କେ ମିସା
ବେଟ୍ ଅଇନାଇ । ୨୦ ମୁଇ ଜେତ୍‌କି ବିସଇ ଲେକ୍‌ଲିନି,
ସେଟା ସତ୍, ପରମେସର୍ ଜାନିଆଚେ ମୁଇ କାଇଟା ମିସା ମିଚ୍
କଇନାଇ! ୨୧ ତାର୍‌ପଚେ ମୁଇ ସିରିଆ ଆରି ସିଲିସିଆର୍
ବେସି ଜାଗାଇ ଜାଇରଇଲି । ୨୨ ସେବେଲା ଜିଉଦା ରାଇଜେ
ରଇଲା କିରସ୍‌ଟକେ ବିସ୍‌ବାସ୍ କର୍‌ବା ମଣ୍ଡ୍‌ଲିର୍ ଲକ୍‌ମନ୍ ମକେ
ନିକସଙ୍ଗ୍ ନାଜାନି ରଇଲାଇ । ୨୩ ବିନ୍ ଲକ୍‌ମନ୍ ମର୍ ବିସଇ
ଜାଇଟା କଇରଇଲାଇ, ସେମନ୍ ସେତ୍‌କିସେ ଜାନିରଇଲାଇ
। ବିନ୍ ଲକ୍‌ମନର୍‌ଟାନେଅନି ସେମନ୍ ସୁନିରଇଲାଇ କି, ଜନ୍
ଲକ୍ ଗଟେକ୍ ବେଲାଇ ଆମ୍‌କେ କସ୍‌ଟ ଦେଇତେ ରଇଲା,
ଆମର୍ ଦରମ୍ କୁରୁପ୍‌ନାସ୍ କରିଦେବାକେ ଚେସ୍‌ଟା କର୍‌ତେ
ରଇଲା, ଏବେ ସେ ଆକା ମାପ୍‌ରୁର୍ ସୁବ୍‌କବର୍ ଜାନାଇଲାନି!
୨୪ ସେଟାର୍ ପାଇ ସେମନ୍ ମର୍‌ପାଇ ପରମେସରର୍ ଡାକ୍‌ପୁଟା
କର୍‌ତେରଇଲାଇ ।

୨ ଚଉଦ ବରସ୍ ପଚେ ବର୍‌ନବାର୍ ସଙ୍ଗ୍ ମୁଇ ଜିରୁସାଲମେ
ବାଉଡିଆଇଲି । ଆମର୍ ସଙ୍ଗ୍ ତିତସ୍‌କେ ମିସା ଡାକି
ନେଇରଇଲୁ । ୨ ମୁଇ ତେଇ ଜିବାର୍ ଆଚେଆକା ବଲି
ପରମେସରର୍‌ଟାନେଅନି ଆଦେସ୍ ପାଇ ଜାଇରଇଲି । ଜିଉଦି
ନ ଅଇଲା ଲକ୍‌ମନର୍ ଲଗେ ମୁଇ ଜନ୍ କବର୍ ଜାନାଇଲିନି,
ସେଟା ଜିରୁସାଲମର୍ ନେତା ବଲି ମାନିଅ ପାଇରଇବା ଲକ୍‌ମନ୍,
ଗଟେକ୍ ଗରେ ବସ୍‌ଲା ବେଲେ, ତେଇ ବୁଜାଇ ଦେଲି । ଜେନ୍ତିକି

ମର୍ ଆଗର୍ ପଚର୍ ଜାନାଇବା ସୁବ୍‌କବର୍ ବେକାର ନ ଅ,
ସେଟାର୍ ପାଇ ମୁଇ ଦିଆନ୍ ଦେଇରଇଲି । ୩ ମୁଇ କଇଲା ବିସଇ
ସେମନ୍ ରାଜି ଅଇଲାଇ । କାଇକେବଇଲେ ମର୍ ସାଙ୍ଗ ତିତସ୍,
ଗଟେକ୍ ଗିରିକ୍ ଲକ୍ ଅଇରଇଲେ ମିସା, ତାକେ ସୁନତ୍ ଅ ଆକା
ବଲି ବାଦିଅ କରତ୍ ନାଇ । ୪ ଏଲେମିସା କେତେକ୍ ଲକ୍ ତାକେ
ସୁନତ୍ କର୍‌ବାକେ ମନ୍ କର୍‌ତେ ରଇଲାଇ । ସେମନ୍ ବିସ୍‌ବାସି
ବାଇ ବଲି ନାଡାଇକରି କୁଟିଆଲ୍ ଇସାବେ ଦଲେ ମିସିରଇଲାଇ
। କିରିସ୍‌ଟ ଜିସୁର୍ ସଙ୍ଗ ମିସିରଇଲାର୍ ଲାଗି ଆମେ ଜନ୍
ମୁକ୍‌ଲିରଇବା ଦିନ୍ ପାଇଲୁଆଚୁ, ସେ ବିସଇ କଜି ମିଲାଇବାକେ
ସେମନ୍ ମନ୍ କରେ୍ତ ରଇଲା । ଆମ୍‌କେ ଆରିତରେକ୍ ମସାର୍
ନିୟମର୍ ଦାଙ୍ଗଡା କର୍‌ବାକେ ମିସା ମନ୍ କର୍‌ତେରଇଲାଇ । ୫
ମାତର୍ ତମର୍ ଲାଗି, ସୁବ୍‌କବର୍ ସତ୍‌ସଙ୍ଗ ଦାରି ରକ୍‌ବାକେ,
ଆମେ ସେ ନାଡାଉମନ୍‌କେ ଚନେକ୍ ମିସା ବେଲା ଦେଇ ନ ରଇଲୁ
। ୬ ମାତର୍ ଜନ୍ ଲକ୍‌ମନ୍ ନେତା ବଲାଇ ଅଇତେ ରଇଲାଇ,
ସେମନ୍ ଜେ ମିସା ଅଅତ୍, ସେଟାର୍ ପାଇ ମକେ କାଇଟା ନ
ଅଏ । କାଇକେବଇଲେ ପରମେସର୍ କାକେ ମିସା ବାଇରର୍
ଚଲାଚଲ୍‌ତି ଦେକି ବିଚାର୍‌ନା ନ କରେ । ସେ ନେତାମନ୍ ମକେ
କାଇମିସା ନୁଆ ଜଜ୍‌ନା ନ ଦେଇରଇଲାଇ । ୭ ଆରି ଗଟେକ୍
ବାଟେ ସେମନ୍ ଦେକ୍‌ଲାଇ ଜେ, ପରମେସର୍ ଜେନ୍ତିକି ପିତର୍‌କେ
ଜିଉଦିମନର୍ ଲଗେ ସୁବ୍‌କବର୍ ଜାନାଇବାକେ ଦାଇତ୍ ଦେଇ
ରଇଲା, ସେନ୍ତି ଜିଉଦି ନଇଲା ଲକ୍‌ମନର୍ ଟାନେ ସୁବ୍‌କବର୍
ଜାନାଇବାକେ ମକେ ଦାଇତ୍ ଦେଲାଆଚେ । ୮ କାଇକେବଇଲେ
ପିତର୍ ଜେନ୍ତି ପର୍‌ମେସରର୍ ବପୁ ପାଇକରି ଜିଉଦିମନର୍ ପାଇ
ପେରିତ୍ ସିସ୍ ଇସାବେ ଦାଇତ୍ ପାଇରଇଲା, ସମାନ୍ ସେନ୍ତି, ମୁଇ
ମିସା ପରମେସରର୍ ବପୁ ପାଇକରି ଜିଉଦି ନଇଲା ଲକ୍‌ମନର୍
ପାଇ ପେରିତ୍ ସିସ୍ ଇସାବେ ଦାଇତ୍ ପାଇଲିଆଚି । ୯ ନେତା
ଇସାବେ ଏଜାଇଅଇରଇବା ଜାକୁବ୍, ପିତର୍ ଆରି ଜଅନ୍, ଉଁ
ବଲି ମାନି ଅଇରଇଲାଇ ଜେ, ପରମେସର୍ ମକେ ଏ ମୁକିଅ
କାମର୍ ଦାଇତ୍ ଦେଲାଆଚେ । ସେଟାର୍ ପାଇ ସେମନ୍ ମକେ
ଆରି ବର୍‌ନବାକେ, ଆମେ ମିସିକରି କାମ୍ କରୁବଲି ଗଟେକ୍ ଚିନ୍
ଇସାବେ ଆତ୍ ମିଲାଇଲାଇ । ବର୍‌ନବା ଆରି ମୁଇ ଜିଉଦି ନଇଲା
ଲକ୍‌ମନର୍ ବିତ୍‌ରେ ଆରି ସେମନ୍ ଜିଉଦିମନର୍ ବିତ୍‌ରେ କାମ୍
କର୍‌ବୁ ବଲି ରାଜି ଅଇରଇଲୁ । ୧୦ ସେମନ୍ ଆମ୍‌କେ ସେମନର୍
ଦଲେ ଅବାବେ ରଇଲା ଲକ୍‌ମନ୍‌କେ ଏତାଇତେରୁଆ ବଲି
ଅବ୍‌କା ଏତ୍‌କି ଗୁଆରି କରିରଇଲାଇ । ସେ ବିସଇ କର୍‌ବାକେସେ
ମର୍ ମନ୍ ରଇଲା । ୧୧ ପିତର୍ ଆନ୍ତିଅକିଅତେଇ ଆସି ରଇଲା
ବେଲେ ମୁଇ ସବୁ ଲକର୍ ମୁଆଟେ ତାକେ ମନାକରିରଇଲି,
କାଇକେ ବଇଲେ ସତଇସେ ସେ ବୁଲ୍ କାମ୍ କର୍‌ତେରଇଲା ।
୧୨ ଆଗ୍‌ତୁ ସେ ଜିଉଦି ନଇଲା ଲକ୍‌ମନର୍ ସଙ୍ଗ କାଇତେରଇଲା,
ମାତର୍ ଜେତେବଲ୍ ଜାକୁବ୍ ପାଟାଇରଇବା ଲକ୍‌ମନ୍ ତେଇ
ଆଇଲାଇ, ତେଇ ମିସିକରି କାଇବାଟା ଚାଡି ବିନେ ରଇଲା ।
ଜନ୍ ଜିଉଦି ବିସ୍‌ବାସିମନ୍ ଜିଉଦି ନଇଲାଟାମନ୍‌କେ ସୁନତ୍
ଉଆ ବଲି ବାଦିଅ କର୍‌ତେରଇଲାଇ, ସେମନ୍‌କେ ଡରି ପିତର୍
ଏନ୍ତି କଲା । ୧୩ ବିନ୍ ଜିଉଦି ବାଇମନ୍ ମିସା ପିତର୍ ସଙ୍ଗ ମିସି
କୁଟିଆଲ୍‌ମନର୍ ପାରା ଚଲାଚଲ୍‌ତି କର୍‌ତେ ରଇଲାଇ । ଏନ୍ତିକି
ବର୍‌ନବା ମିସା ସେନ୍ତାରି ଅଇଗାଲା । ୧୪ ସବୁର୍ ମୁଆଟେ
ମୁଇ ପିତର୍‌କେ କଇଲି, “ତୁଇ ଜିଉଦି ଅଇକରି ମିସା, ଜିଉଦି
ନଇଲା ଲକର୍ ପାରା କେତେଟା ଜିଉଦି ରିତିନିତି ଚାଡିଦେଇ
ଆଚୁସ୍ । ସେନ୍ତାର୍‌ଆଲେ ଜିଉଦି ନ ଅଉଁମନ୍‌କେ ଆମର୍ ଦରମର୍
ସବୁ ରିତିନିତି ମାନ୍‌ବାକେ କେନ୍ତି ବାଦିଅ କଲୁସ୍‌ନି?” ୧୫
ଏବେ ଆମ୍‌କେ ଜନ୍‌ମେଅନି ଜିଉଦି ଲକ୍ ବଲି ଜାନତ୍ ।
ପର୍‌ମେସରର୍ ନିୟମ୍ ନାଜାନ୍‌ଲା ଜିଉଦି ନଇଲା ଲକ୍‌ମନର୍‌ପାରା
ନଉଁ । ୧୬ ଅଇଲେ ମିସା ଆମେ ଜାନୁ, ମସାର୍ ନିୟମର୍ ଦାବି
ପୁରାପୁରୁନ୍ କଲେ ନଏଁ, ମାତର୍ ଉଜେ ଜିସୁ କିରିସ୍‌ଟର୍‌ତେଇ
ବିସ୍‌ବାସ୍ କଲେ, ଗଟେକ୍ ଲକ୍ ପରମେସରର୍ ମୁଆଟେ ଦସ୍
ନ ରଇବା ଲକ୍ ବଲାଇଅଇସି । ତାର୍ ମୁଆଟେ ଦରମ୍ ଲକ୍
ବଲାଇଅଇବାକେ, ଆମେ ଜିଉଦିମନ୍ ମିସା ଜିସୁକିରିସ୍‌ଟକେ
ବିସ୍‌ବାସ୍ କଲୁନି । କାଇକେବଇଲେ ପର୍‌ମେସରର୍ ମୁଆଟେ
କେମିସା ନିୟମ୍ ମାନ୍‌ବା ଲକ୍ ଦରମ୍ ବଲି ଏଜାଇ ନ ଅଅତ୍
। ୧୭ ମାତର୍ କିରିସ୍‌ଟର୍ ସଙ୍ଗ ମିସିରଇଲାକେ ତାର୍ ମୁଆଟେ
ଆମେ ଦରମ୍‌ଲକ୍ ବଲି ଏଜାଇ ଅଇବୁ । ମାତର୍ ମସାର୍ ନିୟମ୍
ଇସାବେ, ଜିଉଦି ନଇଲା ଲକ୍‌ମନର୍ ପାରା ଆମେ ପାପିଲକ୍ ବଲି
ଏଜାଇ ଅଇଲୁନି । କିରିସ୍‌ଟ ଲକ୍‌ମନ୍‌କେ ପାପ୍ କରାଇବାକେ
ବାଦିଅ କଲାନି ବଲି ତାର୍ ଅରତ୍ ଆଚେ କି? ନାଇ, ଏନ୍ତାରି
କେବେ ନ ଅଏ । ୧୮ କାଇକେବଇଲେ ମୁଇ ମସାର୍ ନିୟମ୍ ପିଟି
ପାସ୍‌ଲିଦେଲି । ମାତର୍ ଜନ୍ ନିୟମ୍ ମୁଇ ଚାଡିଦେଇରଇଲି,
ସେଟା ଆରିତରେକ୍ ମାନ୍‌ବାକେ ଚେସ୍‌ଟା କଲେ ସତଇସେ ପାପି
ଅଇଜିବି । ୧୯ ନିୟମର୍ ପାଇ ମୁଇ ମଲାସମାନ୍ ଅଇଆଚି ।
ନିୟମର୍ ଲାଗି ସେ, ପର୍‌ମେସରର୍ ମୁଆଟେ ଦସି ଅଇକରି
ମରନର୍ ଡଣ୍ଡ ପାଇଲି । ୨୦ ପର୍‌ମେସରର୍ ପାଇ ବଁଚ୍‌ବାକେ
ମକେ କିରିସଟର୍ ସଙ୍ଗ କୁର୍‌ସେ ମରାଇଆଚେ । ଏବେ ମୁଇ
ଜିଇକରି ରଇନାଇ । ମାତର୍ କିରିସ୍‌ଟ ମର୍‌ଟାନେ ଜିଇକରି
ଆଚେ । ଏବେ ମର୍ ଗାଗଡ୍ ବିସ୍‌ବାସର୍ ଲାଗି ଜିବନ୍ ଆଚେ ।
ଜନ୍‌ଟା କି ପର୍‌ମେସରର୍ ପଅ ଜିସୁ କିରିସ୍‌ଟ ମକେ ଆଲାଦ୍
କରି ମର୍‌ପାଇ ସେ ନିଜେ ସର୍‌ପି ଅଇଲା । ତାକେ ବିସ୍‌ବାସ୍
କରି ମୁଇ ଜିଇଲି ଆଚି । ୨୧ ଏଟାର୍‌ପାଇ ପରମେସରର୍ ଜିବନ୍
ଦୁକାଇଲାଟାକେ ମୁଇ କେବେ ମିସା ନାଇ ବଲି କଇନାପାରି ।
କାଇକେ ବଇଲେ ନିୟମ୍ ମାନ୍‌ଲେ ଜଦି ଗଟେକ୍ ଲକ୍ ତାର୍
ମୁଆଟେ ଦରମ୍ ଲକ୍ ଅଇପାରେ, ତେବେ କିରିସ୍‌ଟ ମଲାର୍ କିଚି
ମୁଲିଅ ନାଇ । ଏ ସବୁ ବିସଇ ମୁଇ ଆନ୍‌ଟିଅକେ କଇଲି ।

**୩** ଏ ବକୁଆ ଗାଲାତିଅମନ୍! କେ ତମ୍‌କେ ଏନ୍ତାରି ବୁଲ୍ ସିକିଆ
ଦେଇ ଚଟ୍‌ପଟ୍ କରାଇଲାନି? ତମର୍ ମୁଆଟେ ତା କୁର୍‌ସେ

ମରିରଇବା ଜିସୁ କିରିସ୍ଟର୍ ବିସଇ ଅର୍ସା ସଙ୍ଗ ବାତାଇ
ଦେଇଆଚୁ । ୨ ଗଟେକ୍ କାତା ମକେ କଇଦେକାପନି, ମସାର୍
ନିୟମ୍ ମାନ୍‌ଲାକେ ତମେ ସୁକଲ୍‌ଆତ୍‌ମା ପାଇଆଚାସ୍ କି,
ସୁବ୍‌କବର୍ ସୁନି ସେଟା ବିସ୍‌ବାସ୍ କଲାକେ? ୩ ତମେ କେନ୍ତାର୍
ଏତେକ୍ ବୁଦି ନଇଲା ଲକର୍ ପାରା ଅଇଗାଲାସ୍‌ନି? ଆତ୍‌ମାର୍
ବପୁ ପାଇକରି ତମେ ଜନ୍ ବିସ୍‌ବାସର୍ ଜିବନ୍ ଆରାମ୍ କଲାସ୍,
ସେଟା କାଇ ନିଜର୍ ବପୁସଙ୍ଗ ସାରାଇବାକେ ମନ୍‌କଲାସ୍‌ନି କି?
୪ ସେଟାର୍‌ପାଇ ତମେ ଆଗ୍‌ତୁ ସିକ୍‌ଲାଟା ସବୁ ବେକାର୍ କି?
ତେଇଅନି କାଇଟା ମିସା ସିକାସ୍ ନାଇ କି? ୫ ପର୍‌ମେସର୍
କାଇକେ ତାର୍ ଆତ୍‌ମା ଦେଇ ତମର୍ ବିତ୍‌ରେ କାବାଅଇଜିବା
କାମ୍‌ମନ୍ କଲା? ତମେ ମସାର୍ ନିୟମ୍ ମାନ୍‌ଲାର୍ ପାଇ କି
ଜନ୍ ସୁବ୍‌କବର୍ ତମ୍‌କେ ଜାନାଇରଇଲାଇ ସେଟା ବିସ୍‌ବାସ୍
କଲାକେ? ୬ ଅବ୍‌ରାଆମର୍ କାତା ଏତାଇ ଦେକା । ସାସ୍‌ତରେ
ଲେକାଆଚେ, "ସେ ପର୍‌ମେସର୍ କଇଲା ବିସଇ ବିସ୍‌ବାସ୍ କଲା
। ଆରି ତାର୍ ବିସ୍‌ବାସର୍ ଲାଗି ପରମେସର୍ ତାକେ ଦରମ୍
ଲକ୍ ଇସାବେ ଲେକା କଲା ।" ୭ ଜନ୍ ଲକ୍‌ମନ୍ ବିସ୍‌ବାସ୍
କର୍‌ବାଇ, ସେମନ୍‌ସେ ଅବ୍‌ରାଆମର୍ କୁଟୁମର୍ ଲକ୍ । ଏଟା
ତମେ ଜାନ୍‌ବାର୍ ଆଚେ । ୮ ପୁର୍‌ବେଅନି ଦରମ୍ ସାସ୍‌ତରେ
ଲେକାଅଇଲା ଆଚେ ଜେ, ବିସ୍‌ବାସ୍ କଲେସେ ପରମେସର୍
ଜିଉଦିନଇଲା ଲକ୍‌ମନ୍‌କେ ମିସା ଦରମ୍ ଲକ୍ ଇସାବେ ଲେକା
କର୍‌ସି । ପରମେସର୍ ତମର୍‌ଟାନେଅନି ଜଗତର୍ ସବୁ ଲକ୍‌କେ
ଆସିର୍‌ବାଦ୍ କର୍‌ସି । ଏ କବର୍ ପର୍‌ତୁମ୍ ଅବ୍‌ରାଆମ୍‌କେ ଜାନାଇ
ଦିଆଅଇରଇଲା । ୯ ଅବ୍‌ରାଆମ୍ ବିସ୍‌ବାସ୍ କରି ଆସିର୍‌ବାଦ୍
ପାଇରଇଲା । ସେଟାର୍ ପାଇ ଜେତ୍‌କି ଲକ୍ ବିସ୍‌ବାସ୍ କର୍‌ବାଇ,
ସେମନ୍ ସବୁ ଲକ୍ ତାର୍ ପାରା ଆସିର୍‌ବାଦ୍ ପାଇବାଇ । ୧୦
ଜନ୍ ଲକ୍‌ମନ୍ ରିତିନିତିର୍ ନିୟମ୍ ମାନ୍‌ଲୁନି ବଲି ବଡ୍‌ପନ୍
ଅଇବାଇ, ସେମନ୍ ସାଇପ୍ ପାଇବାଇ । କାଇକେ ବଇଲେ
ଦରମ୍‌ସାସ୍‌ତରେ ଲେକାଆଚେ, "ମସାର୍ ନିୟମ୍ ବଇଟାନେ
ଜାଇଟା ସବୁ ଲେକାଅଇଲା ଆଚେ, ଜଦି କେ ସେଟା ପୁରାପୁରୁନ୍
ନ ମାନେ, ସେ ପରମେସରର୍ ସାଇପ୍ ପାଇସି ।" ୧୧ ଏଟା
ନିକସଙ୍ଗ ଜାନାପଡ୍‌ଲାନି । ରିତିନିତିର୍ ନିୟମ୍ ମାନିକରି କେ
ମିସା ପର୍‌ମେସରର୍ ମୁଆଟେ ଦରମ୍ ବଲାଇଅଇ ନ ଅଅତ୍ ।
କାଇକେବଇଲେ ଦରମ୍ ଲକ୍ ବିସ୍‌ବାସର୍ ଲାଗି ବଁଚ୍‌ବାଇ । ୧୨
ନିୟମ୍ ମାନ୍‌ବାଟା ଆରି ବିସ୍‌ବାସ୍ କର୍‌ବାଟା ଦୁଇଟା ମୁଲ୍‌କେ ନ
ମିସେ । ଦରମ୍ ସାସ୍‌ତରେ ଲେକାଆଚେ, ଜନ୍ ଲକ୍ ନିୟମର୍
ଦାବି ଇସାବେ କାମ୍ କର୍‌ସି ସେ ଜିବନ୍ ପାଇସି । ୧୩ ଆମେ କେ
ମିସା ନିୟମର୍ ସବୁ ଆଦେସ୍ ମାନି ନାପାରୁ । ସେଟାର୍‌ପାଇ
ଆମେ ସବୁ ଡଣ୍ଡ ପାଇବାର୍ ରଇଲା । ମାତର୍ କିରିସ୍ଟ ଆମର୍
ସାଇପ୍ ନିଜେ ନେଲା ଆରି ନିୟମର୍ ସାଇପେଅନି ଆମ୍‌କେ
ମୁକ୍‌ଲାଇଲା । ଦରମ୍ ସାସ୍‌ତରେ ଲେକାଆଚେ, ଜେ ଗଟେ
ଉତ୍‌କିଅଇ ମର୍‌ସି, ସେ ପରମେସରର୍‌ତେଇ ଅନି ସାଇପ୍ ପାଇଲା
ଲକ୍! ୧୪ ଅବ୍‌ରାଆମ୍ ଜନ୍ ଆସିର୍‌ବାଦ୍ କର୍‌ବାକେ ସପତ୍
କରିରଇଲା ଜିଉଦି ନଇଲା ଲକ୍‌ମନ୍ ମିସା ସେଟା ପାଇବାଇ,
ସେଟାର୍ ପାଇ କିରିସ୍ଟ ଏ କାମ୍ କଲାଆଚେ । ସେଟାର୍ ପାଇ
ବିସ୍‌ବାସ୍ କରି ଆମେ ମିସା ପରମେସରର୍ କାତା ଦେଲା ଇସାବେ
ସୁକଲ୍‌ଆତ୍‌ମା ପାଇପାରୁ । ୧୫ ଏ ବାଇବଇନିମନ୍! ପର୍‌ମେସର୍
ଅବ୍‌ରାଆମ୍‌କେ ଜନ୍ ସପତ୍ ଦେଇ ରଇଲା, ସେଟା ବାତାଇବାକେ
ମୁଇ ଗଟେକ୍ ଉଦାଅରନ୍ କଇବି । ଜେଡେବଲ୍ ଦୁଇ ଲକ୍
ଗଟେକ୍ ବିସଇତେଇ ରାଜିନାମା ଲେକ୍‌ବାଇ, ସେ ରାଜିନାମା
କେ ମିସା ବାଙ୍ଗାଇ ନାପାରତ୍ । କି ତେଇ କାଇଟା ମିସାଇ
ନାପାରତ୍ । ୧୬ ସେନ୍ତାର୍‌ସେ ପର୍‌ମେସର୍ ଅବ୍‌ରାଆମ୍ ଆରି
ତାର୍ ନାତିତିତିକେସେ ସପତ୍ ଦେଇରଇଲା । ଏ ବିସଇନେଇ
ନାତିତିତିମନ୍ ବଲି ସାସ୍‌ତରେ ଲେକାରଇବାଟା, ଅବ୍‌ରାଆମର୍
ସବୁ ନାତିତିତିମନ୍‌କେ କଏନାଇ । ମାତର୍ ଗଟେକ୍ ଲକ୍‌କେସେ
କଇଲାଆଚେ । ଜେ କି କିରିସ୍ଟ । ୧୭ ମର୍ କଇବାର୍ ଅରତ୍
ଅଇଲାନି, ପରମେସର୍ ଅବ୍‌ରାଆମର୍ ସଙ୍ଗ ଗଟେକ୍ ରାଜିନାମା
ତିଆର୍ କରିରଇଲା, ଆରି ସେଟା ମାନ୍‌ବାକେ ସପତ୍ କରିରଇଲା
। ଜନ୍ ନିୟମ୍ ଚାରି ସଅ ତିରିସ୍ ବରସ୍ ପଚେ ଦିଆଅଇଲା, ସେ
ନିୟମର୍ ରାଜିନାମା କେ ମିସା ବାଙ୍ଗାଇ ଦେଇ, ପରମେସରର୍
ଦେଇରଇବା ସପତ୍ ନସ୍ଟ କରିନାପାରେ । ୧୮ ପରମେସରର୍
ଆସିର୍‌ବାଦ୍ ପାଇବାଟା ଜଦି ନିୟମ୍ ମାନ୍‌ବା ଉପ୍‌ରେ ଅଇସି
ବଇଲେ, ତେବେ ସେଟା ଆରି ତାକର୍ ସପତର୍ ଲାଗି ଅଇଲାଟା
ବଲି କଇ ନଏଁ । ସେଟାର୍ ପାଇ ପରମେସର୍ ଅବ୍‌ରାଆମ୍‌କେ
ଅବ୍‌କା ତାର୍ ସପତ୍ ଇସାବେ ସେ ଆସିର୍‌ବାଦ୍ ଦେଇରଇଲା
। ୧୯ ତେବେ ନିୟମ୍ କାଇକେ ଦିଆଅଇଲା? ମୁନୁସର୍ ସତ୍
ନ ଅଇବା ସବୁ କାମ୍ ଦେକାଇ ଦେବାକେ ଦିଆଅଇଲା । ଆରି
ଅବ୍‌ରାଆମର୍ ଜନ୍ କୁଟୁମ୍ ଦେକି ପରମେସର୍ ସେ ସପତ୍
କରିରଇଲା, ସେ ଲକ୍ ଆଇବା ଜାକ ନିୟମର୍ ଦର୍‌କାର୍
ରଇଲା । ପର୍‌ମେସର୍ ଗଟେକ୍ ଲକ୍‌କେ ମାଲାକାରିଆ କରାଇ
ସରଗର୍ ଦୁତ୍‌ମନର୍ ଆତେ ନିୟମ୍ ପାଟାଇରଇଲା । ୨୦
ମାତର୍ ଅବ୍‌ରାଆମ୍‌କେ ସପତ୍ ଦେଲା ବେଲେ ମାଲାକାରିଆମନ୍
ନ ରଇଲାଇ । ପର୍‌ମେସର୍ ନିଜେସେ ସପତ୍ କରିରଇଲାଇ
। ୨୧ ନିୟମ୍ କାଇ ପରମେସରର୍ ସପତ୍ ବିରଦ୍ କଲାନି
କି? ନାଇ କେବେ ନାଇ! କାଇକେବଇଲେ ଲକ୍‌କେ ଜିବନ୍
ଦେଲାପାରା ଗଟେକ୍ ନିୟମ୍ କରା ଅଇତା, ତେବେ ସେଟା
ମାନ୍‌ଲେସରି ସେ ପରମେସରର୍ ମୁଆଟେ ଦସ୍ ନ କଲାଲକ୍
ବଲାଇ ଅଇତା । ୨୨ ମାତର୍ ଦରମ୍ ସାସ୍‌ତରେ ଲେକା ଆଚେ,
ସବୁ ମୁନୁସ୍ ଜାତି ପାପର୍ ତଲେ ଆଚତ୍, ସେଟାର୍ ପାଇ କିରିସ୍ଟ
ବିସ୍‌ବାସିମନ୍, ଜିସୁ କିରିସ୍ଟର୍‌ତେଇ ବିସ୍‌ବାସ୍ କଲାର୍ ପାଇ
ସପତର୍, ଆସିର୍‌ବାଦ୍ ପାଇବାଇ । ୨୩ ବିସ୍‌ବାସର୍ ଜୁଗ୍ ଆଇବା
ଆଗ୍‌ତୁ ଆରି ଦେକାଇଅଇବା ଜାକ, ନିୟମ୍ ଆମ୍‌କେ ବନ୍ଦି କରି
ରକିରଇଲା । ୨୪ କିରିସ୍ଟର୍ ଆଇବା ଜାକ ଆମେ ନିୟମର୍

ତଲେ ରଇଲୁ । ମାତର୍ ତାର୍ ପଚେ, କାଲି ବିସ୍ବାସେଅନି ଆମେ
ପରମେସରର୍ ମୁଆଟେ ଦସି ନଇଲା ଲକ୍ ବଲାଇ ଅଇବୁ ।
**୨୫** ଏବେ ବିସ୍ବାସର୍ ଜୁଗ୍ କେଟିଆଚେ, ଆମେ ଆରି ନିୟମର୍
ତଲେ ନାଇ । **୨୬** ବିସ୍ବାସ୍ କଲାକେ କିରିସ୍ଟ ଜିସୁର୍ ସଙ୍ଗ
ମିସିକରି, ଆମେ ସବୁ ପରମେସରର୍ ପିଲାଟକି ଅଇଆଚୁ । **୨୭**
ଆମେ ଡୁବନ୍ ନେଇକରି କିରିସ୍ଟର୍ ସଙ୍ଗ ଗଟେକ୍ ଅଇଆଚୁ
ଆରି ଏବେ ଜିସୁ କିରିସ୍ଟର୍ ଜିବନ୍ ରୁପର୍ ବସ୍ତର୍ ପିନ୍ଦି
ଆଚୁ । **୨୮** ସେଟାର୍ ପାଇ ଜିଉଦି ଆରି ଜିଉଦିନଇଲା ଲକ୍,
ଗେନାଅଇଲା ଗତିଦାଙ୍ଗଡାଦାଙ୍ଗଡି କି ମୁକ୍ଲାଇଲା ଲକ୍, ମୁନୁସ୍
କି ମାଇଜି ବିତ୍‌ରେ, କାଇଟା ମିସା ବିନ୍ ନାଇ । ଆମେ ସବୁ
ଲକ୍ ଜିସୁର୍ ସଙ୍ଗ ମିସିକରି ଗଟେକ୍ ଅଇଆଚୁ । **୨୯** ଜଦି ତମେ
କିରିସ୍ଟର୍ ଲକ୍, ତେବେ ତମେ ମିସା ଅବ୍ରାଆମର୍ କୁଟୁମର୍
ଆରି ପରମେସର୍ ଜାଇଟା ସପତ୍ କଲାଆଚେ, ସେଟା ମିଲାଇସା
।

# ୪

**୪** କାତା ଇସାବେ କଇଅଇସି । ପିଲା ବାବାର୍ ସବୁ ଦନ୍‌ସଁମ୍ପତି
ପାଇବାର୍ ଅଦିକାର୍ ଆଚେ, ମାତର୍ ସବୁ ଜାକ ତାର୍
ଅଇରଇଲା ପଚେ ମିସା, ବୟସ୍ ନ ଅଇବା ଜାକ ସେ ଗତିଦାଙ୍ଗଡା
ଇସାବେ ଲେକା ଅଇସି । **୨** ବୟସ୍ ନ ଅଇବା ଜାକ, ତାର୍
ବାବା ଟିକ୍ କର୍‌ବା ବେଲା ନ ଅଇବା ଜାକ, ବିନ୍ ଲକ୍‌ମନ୍
ତାକେ ଜତନ୍ କର୍‌ବାଇ ଆରି ତାର୍ ସବୁ ବିସଇ ଦେକାରକା
କର୍‌ବାଇ । **୩** ସେନ୍ତାରିସେ ଆମେ ମିସା ଆତ୍‌ମାର୍ ଇସାବେ
ବୟସ୍ ନ ଅଇବା ଆଗ୍‌ତୁ, ଜଗତ୍‌କେ ସାସନ୍ କର୍‌ବା ନିଅମ୍,
ଆରି ରିତିନିତିର୍ ଗତିଦାଙ୍ଗଡା ଅଇ ରଇଲୁ । **୪** ସାରାସାରି
ଜେଡେବଲ୍ ସମାନ୍ ବେଲା କେଟ୍‌ଲା, ପରମେସର୍ ତାର୍ ନିଜର୍
ପଅକେ ପାଟାଇଲା । ଗଟେକ୍ ମାମୁଲି ଟକିର୍ ଗର୍‌ବେଅନି ଜାତ୍
ଅଇକରି ସେ ଜିଉଦି ନିଅମ୍ ମାନିକରି ଜିଇଲାଇ କାଇଲାଇ
। **୫** ଜେନ୍ତିକି ଦର୍‌କାର୍ ରଇଲା ମୁଲିଅ ଦେଇ, ନିଅମର୍
ବନ୍ଦନେଅନି ଲକ୍‌ମନ୍‌କ ମୁକ୍ଲାଇବାକେ ଆରି ସେମନ୍‌କେ
ପରମେସରର୍ ପିଲାଜିଲା ଅଇବାକେ ବେଲା ଟିକ୍ କର୍‌ବାକେ,
ତାର୍ ଜିବନର୍ ଆଦେସ୍ ରଇଲା । **୬** ତମେମନ୍ ଜେ ପରମେସରର୍
ପିଲାଜିଲା, ଏଟା ଦେକାଇ ଦେବାକେ, ପରମେସର୍ ତାର୍
ପଅର୍ ଆତ୍‌ମା ଆମର୍ ମନ୍ ବିତ୍‌ରେ ପାଟାଇଲା ଆଚେ । ସେ
ଆତ୍‌ମା ଆଉଲିଅଇ କଇଲାନି, "ବାବା! ଏ ମର୍ ବାବା!" **୭**
ସେଟାର୍‌ପାଇ ତମେ ଆରି ବିକିଅଇରଇବା ଗତିଦାଙ୍ଗଡା ନୁଆସ୍,
ମାତର୍ ପିଲାମନ୍ । ତମେ ତାର୍ ପିଲାଜିଲା ଅଇଲାର୍ ଲାଗି,
ପରମେସର୍ ତାର୍ ପିଲାଟକିମନର୍‌ପାଇ ଜାଇଟା ସଙ୍ଗଇଲା
ଆଚେ, ସେଟା ସବୁ ତମ୍‌କେ ଦାନ୍ କରିଦେଇସି । **୮** ଆଗ୍‌ତୁ
ତମେମନ୍ ପରମେସର୍‌କେ ଜାନି ନ ରଇଲାସ୍, ସେଟାର୍ ପାଇ
ତମେ ମିଚ୍ ଦେବିଦେବ୍‌ତାମନର୍ ଗତି ଅଇରଇଲାସ୍ । **୯**
ମାତର୍ ଏବେ ତମେ ପରମେସର୍‌କେ ଜାନିଆଚାସ୍, ନଇଲେ ମୁଇ
କଇବି ପରମେସର୍ ତମ୍‌କେ ଜାନିଆଚେ । ତେବେ ଏଟା କେନ୍ତି
ଅଇପାରେ ଜେ, ତମ୍‌କେ ରକିଆ କରିନାପାରି, ବପୁ ନ ରଇ
ନସିଜିବା ଦେବ୍‌ତାମନର୍ ଲଗେ ଆରି ତରେକ୍ ବାଉଡି ଜିବାକେ
ମନ୍ କଲାସ୍‌ନି? ତମେ କାଇକେ ଆରି ତରେକ୍ ସେମନର୍
ଗତିଦାଙ୍ଗଡା ଅଇବାକେ ମନ୍ କଲାସ୍‌ନି? **୧୦** ଦୁକର୍ କାତା, ତମେ
କେତେଟା ଦିନ୍, ମାସ୍, ପାଗ୍ ଆରି ବରସ୍‌କେ ବେସି ମନ୍‌ଦିଆନ୍
ଦେଲାସ୍‌ନି । **୧୧** ମୁଇ ତମର୍ ପାଇ ବେସି ଚିନ୍ତା କଲିନି ।
ତମର୍‌ପାଇ ମର୍ ସବୁ କାମ୍ ବେକାର୍ ଅଇଲା କି? **୧୨** ବାଇମନ୍,
ମୁଇ ତମ୍‌କେ ଜୁଆର୍ କରି କଇଲିନି, ମୁଇ ଜେନ୍ତାର୍ କଇଲିନି,
ସେନ୍ତାରି ଜିଆ । ମୁଇ ଜିଉଦି ଅଇଲେ ମିସା ତମର୍‌ପାରା ଜିଉଦି
ନଇଲା ଲକ୍ ପାରା ଅଇକରି, ମସାର୍ ନିୟମେଅନି ମୁକ୍ଲିଆଚି
। ଆରି ତମେ ମକେ କାଇମିସା ଅନିଆଇ କରାସ୍ ନାଇ ।
**୧୩** ମୁଇ ପର୍‌ତୁମ୍ ତର୍ କାଇକେ ତମର୍ ସଙ୍ଗ ରଇଲି, ସେଟା
ଏତାଆ । ସେଡ୍‌କି ବେଲେ ମକେ ଜର୍‌ଅଇରଲାକେ ତମ୍‌କେ
ସୁବ୍‌କବର୍ ଜାନାଇରଇଲି । **୧୪** ମାତର୍ ମର୍ ଗାଗଡ୍ ନିକ ନ
ରଇଲାର୍‌ପାଇ ତମ୍‌କେ ବେସି ଅସୁବିଦା ଅଇଲା । ଅଇଲେମିସା
ତମେ ମକେ ଏଲା କରାସ୍ ନାଇ କି ଚାଡି ଦିଆସ୍ ନାଇ, ମାତର୍
ମକେ ଗଟେକ୍ ସରଗର୍ ଦୁତ୍‌ପାରା ଡାକି ରଇଲାସ୍ । କିରିସ୍ଟ
ଜିସୁକେ ଜେନ୍ତି ତମେ ଡାକ୍‌ତାସ୍, ସେନ୍ତି ମକେ ମିସା ଡାକ୍‌ଲାସ୍ ।
**୧୫** ସେବେଲା ତମେ କେତେକ୍ ସାର୍‌ଦା ରଇଲାସ୍! ମାତର୍ ଏବେ
ଆମର୍ ବିତ୍‌ରେ ରଇବା ସେ ସାର୍‌ଦା କେନେ ଗାଲା? ତମର୍
ବିସଇ ମୁଇ ଡାଟ୍‌ସଙ୍ଗ କଇଲିନି ଜେ, ଜଦି ଅଇପାର୍‌ତା ଆଲେ,
ତମର୍ ନିଜର୍ ନିଜର୍ ଆଁକି ବେଟି ଆନି ମକେ ଦେଇତାସ୍! **୧୬**
ମାତର୍ ମୁଇ ଏବେ ସତ୍ କଇଲାର୍ ପାଇ, କାଇ ତମର୍ ସତ୍‌ରୁ
ଅଇଗାଲି ଆଚି କି? **୧୭** ସେ ବିନ୍ ଲକ୍‌ମନ୍ ତମର୍ ବାଟେ
ବେସି ଦିଆନ୍ ଦେଲାଇନି । ମାତର୍ ସେମନର୍ ଦିଆନ୍ ଦେବାଟା
ସତ୍ ଇସାବେ ନାଇ । ସେମନ୍ ଏଟା ମନ୍ କଲାଇନି, ଜେନ୍ତିକି
ମର୍‌ବାଟେଅନି ତମ୍‌କେ ବିନେ କଲେ, ତମେ ତାକର୍‌ବାଟେ
ମନ୍ କର୍‌ସା । **୧୮** ବିନ୍ ଲକ୍‌ମନ୍ ତମର୍ ବାଟେ ବେସି ଦିଆନ୍
କର୍‌ବାଟା ନିକ ବିସଇ । ମୁଇ ରଇଲା ବେଲେ କି ନ ରଇଲା
ବେଲେ ସେମନ୍ ତମର୍‌ଟାନେ ଦିଆନ୍ ଦେବାଟା ନିକ ବିସଇ,
ମାତର୍ ତାକର୍ ଦିଆନ୍ ଦେବାଟା ଟିକ୍ ରଇବାର୍ ଆଚେ । **୧୯** ଏ
ମର୍ ଆଲାଦର୍ ପିଲାମନ୍, ତମର୍ ବିତ୍‌ରେ କିରିସ୍ଟର୍ ପାରା
ଚଲାଚଲ୍‌ତି ଅଇ ଆଇବାକେ, ମୁଇ ଆରିତରେକ୍ ଆତ୍‌ଗଡ୍
ସୁକ୍ ଅଇବା ପାରା ଦୁକ୍‌କସ୍ଟ ପାଇଲିନି । **୨୦** ଜେନ୍ତାରିକି
ମୁଇ ଏବେ ତମର୍ ଲଗେ ରଇକରି ଦାକାପୁକା ନ କରି, ବିନ୍
ଇସାବେ କାତା ଅଇବାକେ ମନ୍ କଲିନି । କାଇକେବଇଲେ
ମୁଇ ତମର୍ ବିସଇନେଇ ବେସି ଚିନ୍ତା କଲିନି । **୨୧** ମସାର୍
ରିତିନିତିର୍ ତଲେସେ ରଇବାକେ ତମେ ମନ୍ କଲାସ୍‌ନି କି?
ମକେ କଇଦେକାପନି, ତମେ କାଇ ରିତିନିତିଟାନର୍ ବାକିଅ
ସୁନାସ୍ ନାଇ କି? **୨୨** ଅବ୍ରାଆମ୍‌କ ଦୁଇଟା ପଅ ରଇଲାଇ ।
ଗଟେକ୍ ତାର୍ ଗରେ ପାଇଟି କର୍‌ବା କୁଲିଆର୍‌ନିର୍‌ଟା, ଆରି

ଗଟେକ୍ ତାର୍ ନିଜର୍ ବିବାଇ ମାଇଜିର୍ଟା । କାଇକେବଇଲେ
ଲେକା ଆଚେ, ୨୩ ଜନ୍ଟା କୁଲିଆର୍ନିର୍ ପଅ, ସେ ମୁନୁସର୍ ମନ୍
କଲା ଇସାବେ ଜନମ୍ ଅଇଲା । ଜନ୍ଟା ବିବାଇ ମାଇଜିର୍ଟା,
ପର୍ମେସର୍ କରିରଇବା ସପତ୍ ଇସାବେ ଜାତ୍ ଅଇଲାଟା । ୨୪
ଏ କାତା ଗଟେକ୍ ଜଟ୍କା ଇସାବେ ଆଚେ । କାଇକେବଇଲେ
ଦୁଇଟା ମାଇଜି ଦୁଇଟା ରାଜିନାମା ପାରା । ଗଟେକ୍ ରାଜିନାମା
ଆରାବ୍ ଦେସେ ରଇବା ସିନଅ ପର୍ବତ୍ ଉପ୍ରେ ପର୍ମେସର୍
ମସାକେ ଦେଇରଇବା ନିୟମ୍ । ଏ ରାଜିନାମା ଆଗାର୍କେ ସମାନ୍
କରି ଅଇସି । କାଇକେବଇଲେ ଆଗାର୍ ଆରି ତାର୍ ପିଲାମନ୍
ଗତି ଅଇରଇଲାଇ । ସମାନ୍ ସେନ୍ତାରିସେ ଏ ରାଜିନାମାର୍
ପିଲାମନ୍ ସବୁଲକ୍ ଗତିଦାଙ୍ଗୁଡା । ୨୫ ଆଗାର୍କେ ଆରବର୍
ସିନଅ ପର୍ବତ୍ ସଙ୍ଗ୍ ସମାନ୍ କରିଅଇସି, କନ୍ତିଅନି ନିୟମ୍
ଆଇଲାଆଚେ । ତାକେ ଏବର୍ ଜିରୁସାଲାମ୍ ସଅର୍କେ ମିସା
ସମାନ୍ କରିଅଇସି । କାଇକେବଇଲେ, ଜିରୁସାଲାମେ ରଇବା
ଜିଉଦିମନ୍ ମସାର୍ ନିୟମ୍ ବିସ୍ବାସ୍ କଲାଇନି । ସେ ନିୟମ୍
ବିସ୍ବାସ୍ କରି ନିୟମର୍ ଗତିଦାଙ୍ଗୁଡା ଅଇଆଚତ୍ । ୨୬ ମାତର୍
ଅବ୍ରାଆମର୍ ବିବାଇ ମାଇଜି ଜେ କି ଗତିଦାଙ୍ଗୁଡା ନଏଁ, ତାକେ
ସରଗର୍ ଜିରୁସାଲାମ୍କେ ସମାନ୍ କରିଅଇସି । ସେ ଆମେ
ବିସ୍ବାସ୍ କର୍ବା ସବୁ ଲକର୍ ମାଆ । ୨୭ ଜେନ୍ତାରିକି ସାସ୍ତରେ
ଲେକାଅଇଆଚେ, “ଅଇରେ ବାଞ୍ଜି ମାଇଜି, ତୁଇ ସାର୍ଦା ଅ,
କେବେମିସା ପିଲାଜିଲା ପାଇବା ଦୁକାସୁକା ଦାରାଇ ଅଇବାଟା
ନାଜାନିରଇଲେ ମିସା ଆଉଲି ଅଇ ତର୍ ସାର୍ଦା ସବୁକେ
ଜାନାଇଦେସ୍ । କାଇକେବଇଲେ ମୁନୁସ୍ ସଙ୍ଗ୍ ବାସା ଅଇରଇବା
ମାଇଜିର୍ ଟାନେଅନି ଗଟେକ୍ ଚାଡ୍ରି ମାଇଜିର୍ ପିଲାଜିଲା
ଅଦିକ୍ ଅଇସି ।” ୨୮ ଏ ବାଇବଇନିମନ୍ ତମେ ଇସାକର୍ ପାରା
ପର୍ମେସର୍ ସପତ୍ କରି ପାଟାଇରଇବା ପିଲାଜିଲା ଅଇଗାଲାସ୍
। ୨୯ ସେବେଲେ ଅବ୍ରାଆମର୍ ପିଲା ଜେ କି ଗାଗଡର୍ ଇସାବେ
ଜନମ୍ ଅଇରଇଲା, ତାର୍ ସାନ୍ ବାଇକେ ସାଡ୍ବାନ୍ଧ କଲା । ଜେ
କି ପର୍ମେସରର୍ ଆତ୍ମା ଇସାବେ ଜନମ୍ ଅଇଲା । ସେଟା ଏବେ
ମିସା ଅଇଲାନି । ୩୦ ମାତର୍ ଏ ବିସଇନେଇ ସାସ୍ତର୍ କାଇଟା
କଇଲାନି? ତେଇ ଲେକାଅଇଆଚେ, କୁଲିଆର୍ନି ଆରି ତାର୍
ପଅକେ ବାର୍କରାଇ ଦିଆସ୍ । କାଇକେବଇଲେ କୁଲିଆର୍ନିର୍
ପଅ ବିବାଇ ମାଇଜିର୍ ପଅର୍ ସଙ୍ଗ୍ ବାବାର୍ ଦନ୍ ସଁପତି
ପାଇନାପାରେ । ୩୧ ତେବେ ଏ ମର୍ ବାଇବଇନିମନ୍ ଆମେ
କୁଲିଆର୍ନିର୍ ପିଲାଜିଲା ନଉଁ, ବିବାଇ ମାଇଜିର୍ ପିଲାଜିଲା ।

**୫** ଏବେ ଆମେ ବାନ୍ଧନେଅନି ମୁକ୍ଲିଆଚୁ । ଆମ୍କେ କିରିସ୍ଟ
ବାନ୍ଧନେଅନି ମୁକ୍ଲାଇଆଚେ । ସେଟାର୍ ପାଇ ଆମେ ବାନ୍ଧନ୍
କୁସ୍ଲାଇ ଡାଟ୍ ସଙ୍ଗ୍ ରଉଁ । ଆରି ତରେକ୍ ଗତିଦାଙ୍ଗୁଡାର୍ ବାନ୍ଧନେ
ବାନ୍ଧିଅଇବାକେ ନ ଦେଉ । ୨ ମୁଇ ପାଉଲ୍ ଏବେ କଇଲିନି ସୁନା,
ତମେ ଜଦି ପର୍ମେସରର୍ ମୁଆଟେ ଦରମ୍ ଅଇବାକେ ସୁନତ୍
ଅଇବା ରିତିନିତି ମାନ୍ଲାସ୍ନି, ତମ୍କେ କିରିସ୍ଟ ଆରି ଲଡାନାଇ
ବଲି ତେଇଅନି ଜାନା ପଡ୍ଲାନି । ୩ ଜନ୍ ଲକ୍ ସୁନତ୍ ଅଇବାକେ
ଗାଲାନି, ମୁଇ ଆରିତରେକ୍ ତାକେ ଜାଗ୍ରତ୍ କରାଇଦେଲିନି
ଜେ, ମସାର୍ ନିୟମ୍ ପୁରାପୁରୁନ୍ ମାନ୍ବାର୍ ଆଚେ । ୪ ତମର୍
ବିତ୍ରେ ଜେତ୍କି ଲକ୍ ନିୟମ୍ ମାନ୍ଲାର୍ପାଇ ପର୍ମେସରର୍
ମୁଆଟେ ଦରମ୍ ଅଇବାକେ ଚେସ୍ଟା କଲାସ୍ନି, । ତମେ
କିରିସ୍ଟତେଇ ଅନି ବିନେ ଅଇଆଚାସ୍, ଆରି ପର୍ମେସରର୍
ଜିବନ୍ ଦୁକାଇଲାତେଇଅନି ବାଇରେ ଆଚାସ୍ । ୫ ମାତର୍ ଆମେ
ଆସାକଲୁନି ଜେ, ପରମେସର୍ ଆମ୍କେ ତାର୍ ବିଚାର୍ ଇସାବେ
ଦସ୍ ନଇଲା ଲକ୍ ବଲି କଇସି, ଜନ୍ ସୁକଲ୍ ଆତ୍ମାର୍ ବପୁ
ବିସ୍ବାସର୍ ଲାଗି ଆମର୍ ବିତ୍ରେ କାମ୍ କଲାନି, ସେ ବପୁର୍
ଲାଗି ସେଟା ଅଇସିବଲି ଆମେ ଜାଗ୍ଲୁନି । ୬ କାଇକେବଇଲେ
ଜିସୁ କିରିସ୍ଟର୍ ସଙ୍ଗ୍ ମିସିକରି ଜିଇଲେ କାଇଲେ, ସୁନତ୍
ଅଇବାଟା କି ସୁନତ୍ ନ ଅଇବାଟା କାଇଟା ମିସା ନାଇ । ଏକାଇ
ଗଟେକ୍ସେ ଦର୍କାର୍ ରଇଲା ବିସଇ । ସେଟା ଅଇଲାନି,
ବିସ୍ବାସେ ଡାଟ୍ ରଇ ଆଲାଦ୍ ସଙ୍ଗ୍ ଦାଇତେ ରଇବା କାମ୍
କର୍ବାର୍ । ୭ ତମେ ନିମାନ୍ ସଙ୍ଗ୍ ଆଗ୍କେ ଜାଇତେ ରଇଲାସ୍!
ସତ୍ ବାଟେ ଇଣ୍ଡୁଲା ବେଲେ, କେ ତମ୍କେ ଅଟ୍କାଇଲା? କାରାପ୍
ବାଟେ ଜିବାକେ କେ ଉସ୍କାଇଲା? ୮ ତମ୍କେ ଡାକି ରଇଲା
ପରମେସର୍ଟାନେଅନି ଏଟା ଅଏନାଇ । ୯ କାତାଇ ଆଚେ,
ଚକ୍ଟି ରଇବା ସବୁ ଅଟାଗୁଣ୍ଡ ପୁଲାଇବାକେ କଣ୍ଡେକ୍ସେ କମିର୍
ଲଡା । ୧୦ ସେଟା ଜାଇଟା ଅଇଲେ ମିସା ଅଅବେ, ଏବେ ଜାକ
ମର୍ ତମର୍ ଉପ୍ରେ ଆସାବର୍ସା ଆଚେ । କାଇକେ ବଇଲେ
ଆମେ ସବୁ ଲକ୍ ମାପ୍ରୁର୍ ସଙ୍ଗ୍ ମିସି ଆଚୁ । ମୁଇ ବିସ୍ବାସ୍
କଲିନି, ତମେ ମର୍ ସିକିଆ ବିରଦ୍ ନ କରାସ୍ । ଆରି ଜନ୍ ଲକ୍
ତମ୍କେ କଚପଚ କଲାଇନି, ସେ ଜେ ଅଇରଇଲେ ମିସା, ତାକେ
ପର୍ମେସର୍ ଡଣ୍ଡ ଦେଇସି । ୧୧ ମାତର୍ ଏ ବାଇବଇନିମନ୍, ମୁଇ
ଆଜିକେଜାକ ଜିଉଦି ନ ଅଇଲା ଲକ୍ମନ୍ ବିସ୍ବାସ୍ କଲେ ମିସା,
ସୁନତ୍ କର୍ବାର୍ ଆଚେ ଆକା ବଲି ସିକାଇଲିନି ପନି । ମୁଇ
ଏନ୍ତାରି ସିକାଇଲିନି ବଲି, କେତେକ୍ ଲକ୍ମନ୍ କଇବୁଲ୍ଲାଇନି ।
ସେନ୍ତାର୍ଆଲେ ମୁଇ ଏବେ ମିସା କାଇକେ ନିନ୍ଦା ପାଇଲିନି?
ତେବେ ମୁଇ କିରିସ୍ଟର୍ କୁରୁସ୍ ବିସଇ ଜାନାଇବାଟା ସୁନିକରି
ଜିଉଦିଲକ୍ମନ୍ ରିସା ନ ଅଇତାଇ । ୧୨ ମୁଇ ମନ୍ କଲିନି, ଏ
ବିସଇନେଇ ଜେ ଜେ ତମ୍କେ କଚପଚ କଲାଇନି, ସେମନ୍
ଆରି ଅଲପ୍ ଆଗ୍କେ ଜାଅତ୍ । ଉଜେ ସୁନତ୍ ନ ଅଇ ସେମନର୍
ଲିଙ୍ଗ୍ ପୁରାପୁରନ୍ କାଟି ଦେଅତ୍! ୧୩ ଏ ବାଇବଇନିମନ୍,
ନିୟମର୍ ଡଣ୍ଡେଅନି ମୁକ୍ଲାଇ ଅଇବାକେ ପର୍ମେସର୍ ତମ୍କେ
ଡାକ୍ଲାଆଚେ । ମାତର୍ ଜାଗ୍ରତ୍, ଏବେ ଆରି ଗାଗଡର୍ ମନ୍
କର୍ବାଟା ସବୁ ପୁରାପୁରୁନ୍ କରିଅଇସି ବଲି କୁଆନାଇ । ମାତର୍
ଆଲାଦେଅନି ଚଲାଚଲ୍ତି ଅଇ ତମର୍ ବିତ୍ରେ ଗଟେକ୍ ଲକ୍
ଆରି ଗଟେକ୍ ଲକର୍ ସେବା କରା । ୧୪ କାଇକେ ବଇଲେ ସବୁ
ନିୟମ୍ ଏ ଗଟେକ୍ ବାକିଅତେଇ ସିଦ୍ ଅଇସି, ତମେ ନିଜ୍କେ

ଆଲାଦ୍ କଲାପାରା ବିନ୍ ଲକ୍‌କେ ଆଲାଦ୍ କରା । ୧୫ ମାତର୍
ତମେ ଜଦି କିରମାର ଅଇ ତମର୍ ବିତ୍‌ରେ ଚାବାକାତ୍‌ରା ଅଇସା,
ତେବେ ଜାଗ୍‌ରତ୍, ଜେନ୍ତିକି ତମର୍ ଗଟେକ୍ ଲକ୍ ଆରି ଗଟେକ୍
ଲକ୍‌କେ ମାରି ନସ୍‌ଟ ନ ଉଆ । ୧୬ ମର୍ କଇବା କାତା ଅଇଲାନି,
କେନ୍ତି ଚଲାଚଲ୍‌ତି କର୍‌ବାର୍ ସେଟା ସୁକଲ୍‌ଆତ୍‌ମା ତମ୍‌କେ
ସିକାଅ । ସେନ୍ତି ବଇଲେ, ତମେ ଆରି ଲକର୍ ଚଲନ୍ ଆରି
ଲାଲ୍‌ସା ବାଟେ ନ ଜାଆସ୍ । ୧୭ ଲକର୍ ଚଲନ୍ ସୁକଲ୍‌ଆତ୍‌ମାର୍
ବିରଦି । ସେନ୍ତି ସେ ସୁକଲ୍‌ଆତ୍‌ମା ମନ୍ କର୍‌ବାଟା, ଲକର୍
ଚଲନର୍ ବିରଦି । ଏମନ୍ ଗଟେକ୍ ଲକ୍ ଆରି ଗଟେକ୍ ଲକର୍
ସତ୍‌ରୁ । ସେଟାର୍ ପାଇ ତମେ କାଇଟା କର୍‌ବାକେ ମନ୍ କଲାସ୍‌ନି
ସେଟା କରି ନାପାରାସ୍ । ୧୮ ଜଦି ସୁକଲ୍‌ଆତ୍‌ମା ତମ୍‌କେ
ଚାଲ୍‌ନା ଦେଇସି, ତେବେ ତମେ ଆରି ମସାର୍ ନିୟମର୍ ତଲେ
ନାଇ । ୧୯ ଗାଗଡର୍ କାମ୍‌ମନ୍ ତା ନିକ ସଙ୍ଗ୍ ଜାନା ପଡ୍‌ଲାନି,
ବେସିଆ କାମ୍ କର୍‌ବାଟା, ସୁକଲ୍ ନଇଲାଟା, ୨୦ କାରାପ୍
ଇସାବେ ଦେକ୍‌ବାଟା, ପୁତ୍‌ଲାପୁଜା କର୍‌ବାଟା, ଜାଦୁବିଦିଆ
କର୍‌ବାଟା, ଲାଗାଜଡା କରି ସତ୍‌ରୁ ଅଇବାଟା, ଅଁକାର୍ ଅଇବାଟା,
ରିସା ଅଇବାଟା, କାମ୍ ଅଇଲାପଚେ ପାଚାରି ନ ଦେକ୍‌ବାଟା,
ଦଲ୍‌ବିରଦି ଅଇବାଟା, କିରମାର୍ ଅଇବାଟା, ୨୧ ଇଁସାତଲା
ଅଇବାଟା, ମାତୁଆଲ୍ ଅଇବାଟା, ମଜାମଜ୍‌ଲିସ୍ ଅଇବାଟା,
ଏ ସବୁ କାମ୍‌ମନ୍ ମୁଇ ଆଗ୍‌ତୁ ଜେନ୍ତି ତମ୍‌କେ କଇରଇଲି,
ସେଟାର୍ ପାଇ ଆରିତରେକ୍ କଇଦେଲିନି ଜେ, ଜନ୍ ଲକ୍‌ମନ୍
ଏନ୍ତାରି କାମ୍ କର୍‌ବାଇ, ସେମନ୍ ପରମେସରର୍ ରାଇଜେ ପୁର୍‌ବା
ଅଦିକାର ପାଇ ନାପାରତ୍ । ୨୨ ମାତର୍ ଆତ୍‌ମାର୍ ପଲ୍
ଅଇଲାନି, ଆଲାଦ୍ କରାକରି ଅଇବାଟା, ସାର୍‌ଦାସଙ୍ଗ୍ ରଇବାଟା,
ସାନ୍ତିସଙ୍ଗ୍ ରଇବାଟା, ମୁର୍‌ଚିକରି ରଇବାଟା, ବିନ୍‌ଲକ୍‌କେ
ଉପ୍‌କାର୍ କର୍‌ବାଟା, ନିମାନ୍ ଚଲାଚଲ୍‌ତି କର୍‌ବାଟା, ବିସ୍‌ବାସେ
କାମ୍‌କର୍‌ବାଟା, ସଲଦ୍ ଅଇବାଟା, ଆତ୍‌ମାଇ ସାଆସ୍ ଦାରି
ଚଲାଚଲ୍‌ତି କର୍‌ବାଟା, ୨୩ ଏ ସବୁର୍ ଚଲନ୍ ମାନ୍‌ବା ଲକ୍
ନିୟମର୍ ବିରୁଦେ କାଇଟା ନ କରେ । ୨୪ ଜନ୍ ଲକ୍‌ମନ୍ କିରିସ୍‌ଟ
ଜିସୁର୍, ସେମନ୍ ତାକର୍ ଗାଗଡ୍‌କେ ତାର୍ ମନ୍ କର୍‌ବାଟା ଆରି
ଆସା କର୍‌ବାଟା ସଙ୍ଗ୍ କୁର୍‌ସତେଇ ମରାଇ ଆଚତ୍ । ୨୫ ଜଦି
ଆମେ ସୁକଲ୍‌ଆତ୍‌ମାଇଅନି ଜିବନ୍ ପାଇଆଚୁ, ତେବେ ଆତ୍‌ମାର୍
ଇସାବେ ଚଲାଚଲ୍‌ତି କରୁ । ୨୬ ଆମେ ଚୁଚାଇ ବଡ୍‌ପନ୍ ଅଇ
ଗଟେକ୍ ଲକ୍ ଆରି ଗଟେକ୍ ଲକ୍‌କେ ରିସା ନ କରୁ ଆରି ଇଁସା ନ
କରୁ ।

୬ ଏ ବାଇବଇନିମନ୍ ଜଦି ତମର୍ ବିତ୍‌ରେ କେ କାରାପ୍ କାମ୍
କଲା ବେଲେ ଦାରାପଡ୍‌ଲେ, ତମର୍‌ଟାନେ ଜେ ସୁକଲ୍
ଆତ୍‌ମାଇଅନି ଚାଲ୍‌ନା ପାଇଲାନି, ସେ ତାକେ ଟିକ୍ ବାଟେ
ଆନ୍‌ବାର୍ ଆଚେ । ମାତର୍ ସେ ଏ କାମ୍ ସାର୍‌ଦା ଆରି ସଲଦ୍‌ସଙ୍ଗ୍
କର୍‌ବାର୍ ଆଚେ । ଆରି ଜାଗ୍‌ରତ୍, ଜେନ୍ତିକି ସେ ନିଜେ ସେନ୍ତାର୍
କାମ୍ କର୍‌ବାକେ ମନ୍ କର୍‌ବାର୍ ନାଇ । ୨ ତମର୍ ତମର୍
ବିତ୍‌ରେ, ଜିବନେ ଆଇବା ବଜ୍ ବିସଇ ବଇବାକେ ସାଇଜ
କରାକରି ଉଆ । ଏନ୍ତାରି କଲେ ତମେ କିରିସ୍‌ଟର୍ ଆଦେସ୍
ମାନ୍‌ସା । ୩ ଜେ ନିଜର୍ ବିସଇନେଇ ବଡ୍ ବଲି ବାବ୍‌ସି,
ସତଇସେ ଦେକ୍‌ଲେ ସେ ବଡ୍ ନଏ । ସେ ନିଜେ ନାଡାଇ
ଅଇଲାନି । ୪ ସବୁ ଲକ୍ ନିଜର୍ ନିଜର୍ ଚଲାଚଲ୍‌ତି ବିଚାର୍ କରି
ଦେକ୍‌ବାର୍ ଆଚେ । ଜଦି ସେଟା ନିକ ଅଇରଇସି, ତେବେ ସେ
ନିଜେ ସାର୍‌ଦା ଅ । ଆରି ବିନ୍ ଲକର୍ କାମ୍‌ସଙ୍ଗ୍ ନିଜେ କଲାଟା
ସମାନ୍ ନ କର । ୫ କାଇକେ ବଇଲେ ସବୁ ଲକ୍ ନିଜର୍ ନିଜର୍
ଜିବନେ ଆଇବା ବଜ୍ ବଇବାକେ ପଡ୍‌ସି । ୬ ଜନ୍ ଲକ୍‌ମନ୍
ବାକିଅଟାନେ ସିକିଆ ପାଇଲାଇନି, ସେମନର୍‌ଟାନେ ଜନ୍‌ଟା
ଆଚେ, ସେଟା ତାକର୍ ସିକାଉମନର୍ ସଙ୍ଗ୍ ବାଟା କର୍‌ବାର୍
ଆଚେ । ୭ ପରମେସର୍ ନାଡାଇ ନ ଅଏ, ନିଜେ ନାଡାଇ ଉଆ
ନାଇ । ଜେ ଜନ୍‌ଟା ବୁନିରଇସି, ସେ ସମାନ୍‌ଟା ଆକା କାଟ୍‌ସି
। ୮ ଜେ ନିଜର୍ ଗାଗଡର୍ ଗୁନ୍‌ଚଲନ୍ ଇସାବେ ବୁନ୍‌ସି, ସେ
ଗାଗ୍‌ଡେଅନି ବାରଇବା ମରନର୍ କେତ୍ କାଟ୍‌ସି । ମାତର୍ ଜେ
ଆତ୍‌ମାର୍ ଇସାବେ ବୁନ୍‌ସି, ସେ ଆତ୍‌ମାଇଅନି ବାରଇଲା ନ
ସାର୍‌ବା ଜିବନ୍‌ପାରା କେତ୍ କାଟ୍‌ସି । (aiōnios g166) ୯ ସେଟାର୍
ପାଇ ଆମେ ନିକ କାମ୍ କରି ଲାଗି ରଇବୁ । କାଇକେ ବଇଲେ ନ
ଟାକ୍‌ଲେ ସେ ସମାନ୍ ବେଲାଇ ପସଲ୍ ପାଇବାର୍ ଅଇସି । ୧୦
ସେନ୍ତି ବଇଲେ ଜେତେକ୍ ତର୍ ବେଲା ପାଇଲୁନି, ସବୁବେଲା
ସବୁର୍‌ସଙ୍ଗ୍, ଜନ୍‌ଲକ୍‌ମନ୍ ଆମର୍ ବିସ୍‌ବାସି କୁଟୁମେ ମିସ୍‌ଲାଇ
ଆଚତ୍, ସେମନର୍ ପାଇ ନିମାନ୍ କର୍‌ବାର୍ ଆମର୍ ଦାଇତ୍ । ୧୧
ଦେକା, କେଡେ ବଡ୍ ବଡ୍ ଅଇକର୍‌ସଙ୍ଗ୍ ମୁଇ ତମ୍‌କେ ଏ ଚିଟିର୍
ସାରାସାରି କାତା ମର୍ ନିଜର୍ ଆତେ ଲେକ୍‌ଲିନି । ୧୨ ଜନ୍
ଲକ୍‌ମନ୍ ବାଇରର୍ ରିତିନିତି ମାନିକରି ଡାକ୍‌ପୁଟା ପାଇବାକେ
ମନ୍ କର୍‌ବାଇ, ସେମନ୍ ତମ୍‌କେ ସୁନତ୍ ଅଇବାକେ ବାଦିଅ
କଲାଇନି । କିରିସ୍‌ଟର୍ କୁର୍‌ସର୍ ଲାଗି ସେମନ୍ ଜେନ୍ତି ସଙ୍ଗର୍
ଜିଉଦିମନର୍ କସ୍‌ଟ ନ ପାଇବାର୍ ଲାଗି ଏଟା କଲାଇନି । ୧୩
କାଇକେ ବଇଲେ ଜନ୍ ଲକ୍‌ମନ୍ ସୁନତ୍ ବିଦିକେ ଟିକ୍ ବଲି
କଇଲାଇନି, ସେମନ୍ ନିଜେ, ମସାର୍ ସବୁ ନିୟମ୍ ମାନତ୍ ନାଇ
। ଜେନ୍ତି କି ତମେ ସୁନତ୍ ଅଇ ସେମନର୍‌ବାଟେ ମିସ୍‌ଲାସ୍ ।
ଏଟା ନେଇକରି ବଡ୍‌ପନ୍ ଅଇବାଇ । ୧୪ ମାତର୍ ମାପ୍‌ରୁ ଜିସୁ
କିରିସ୍‌ଟର୍ କୁରୁସ୍ ଚାଡିକରି ଆରି କାଇତେଇ ବଡ୍‌ପନ୍ ଅଇବାଟା
ମର୍‌ଟାନେଅନି ଦୁରିକେ ରଅ । କାଇକେବଇଲେ ଜଗତ୍ ଜନ୍
ବିସଇର୍ ପାଇ ବେସି ଦାନ୍ଧା ଅଇଲାନି, ସେଟା ମୁକିଅ ବିସଇ ବଲି
ମୁଇ ନ ବାବି । ଆରି ଜଗତ୍ ମିସା ମକେ କାଇ ମୁଲିଅ ନ ଅଇଲା
ଲକ୍ ପାରା ଦେକ୍‌ଲାନି । ୧୫ କେ ସୁନତ୍ ଅଇଲା, କେ ସୁନତ୍
ଅଏନାଇ, ସେଟା କିଚି ନାଇ । ମାତର୍ ପର୍‌ମେସର୍ ଆମ୍‌କେ
ନୁଆ ଜନମ୍ ଦେଲାଆଚେ, ସବୁର୍‌ଟାନେଅନି ସେଟାସେ ମୁକିଅ
ବିସଇ । ୧୬ ଜନ୍ ଲକ୍‌ମନ୍ ନିଜର୍ ଜିବନେ ଏ କାତା ଦାର୍‌ବାଇ,
ସେମନ୍ ସବୁ ଲକ୍ ଆରି ପରମେସରର୍ ସବୁ ଲକ୍‌ମନ୍ ଜିବ୍‌ନେ

ସାନ୍ତି ଆରି ଜିବନ୍ ଦୁକାନି ପାଇବାଇ । **୧୭** ସାରାସାରି ଏତ୍‌କି
କଇଲିନି, ଆଜିଅନି ବୁଲ୍ ସିକିଆ ଦେଇକରି ମକେ ଆରି କେ ମିସା
କସ୍‌ଟ ନ ଦେଅ, କାଇକେ ବଇଲେ ମୁଇ ଜିସୁର୍ ଗତିଦାଙ୍ଗ୍‌ଡା
ବଲି ଦେକାଇବାକେ ମର୍ ଗାଗ୍‌ଡେ ତାର୍ କଣ୍ଟିଆ ଚିନ୍ ଆଚେ ।
**୧୮** ଏ ବାଇବଇନିମନ୍! ଆମର୍ ମାପ୍ରୁ ଜିସୁକିରିସ୍‌ଟର୍ ଜିବନ୍
ଦୁକାନି ତମର୍ ସବୁ ଲକର୍ ଲଗେ ରଅ । ଆମେନ୍!

# ଏପିସିୟ

୧ ମୁଇ ପାଉଲ୍ ପର୍‌ମେସରର୍ ମନ୍ କଲା ଇସାବେ କିରିସ୍‌ଟ
ଜିସୁର୍ ଗଟେକ୍ ପେରିତ୍ ସିସ୍ ଅଇ ବାଚି ଅଇଆଚି । ଜିସୁ
କିରିସ୍‌ଟର୍ ସଙ୍ଗ୍ ମିସିକରି ବିସ୍‌ବାସ୍‌ସଙ୍ଗ୍ ଜିଉନା କାଉନା କର୍‌ତେ
ରଇବା ଏପିସିୟର୍ ବିସ୍‌ବାସିମନର୍ ଲଗେ ଏ ଚିଟି ଲେକ୍‌ଲିନି
। ୨ ଆମର୍ ବାବା ପର୍‌ମେସର୍ ଆରି ମାପ୍‌ରୁ ଜିସୁକିରିସ୍‌ଟ
ତମ୍‌କେ ସବୁଲକ୍‌କେ ଜିବନ୍ ଦୁକାଇକରି ସାନ୍ତି ଦେଅ । ୩ ଆମର୍
ମାପ୍‌ରୁ ଜିସୁ କିରିସ୍‌ଟର୍ ବାବା ପର୍‌ମେସର୍ ଦନିଅବାଦ୍ ପାଅ ।
କାଇକେ ବଇଲେ ସେ ଆମ୍‌କେ କିରିସ୍‌ଟର୍ ସଙ୍ଗ୍ ମିସାଇକରି
ସର୍‌ଗେ ରଇବା ସବୁଜାକ ଆତ୍‌ମାଇଅନି ମିଲାଇବା ଆସିର୍‌ବାଦ୍
ଦେଇଆଚେ । ୪ କିରିସ୍‌ଟର୍ ସଙ୍ଗ୍ ମିସିରଇକରି ଆମେ ଜେନ୍ତି
ପର୍‌ମେସରର୍ ଅଇବୁ, ସେଟାର୍‌ପାଇ ସେ ଆମ୍‌କେ ଜଗତ୍ ତିଆର୍
ନ ଅଇବା ଆଗ୍‌ତୁ ବାଚି ରଇଲା । ଜେନ୍ତାରିକି ସୁକଲ୍ ଆରି କାଇ
ଦସ୍ ନ ଅଇତେ ତାର୍ ମୁଆଟେ ଟିଆଅଇବୁ । ୫ ତାର୍ ଆଲାଦର୍
ଲାଗି, ଜିସୁ କିରିସ୍‌ଟର୍ ସଙ୍ଗ୍ ସେ ଆମ୍‌କେ ତାର୍ ନିଜର୍ ପଅଜି
ପାରା କର୍‌ବାକେ ବାଚିଆଚେ । ଏଟାସେ ତାର୍ ଆଦେସ୍ ଆରି
ସାର୍‌ଦା । ୬ ଜେନ୍ତାରିକି ତାର୍ ବଡ୍ ଜିବନ୍ ଦୁକାନିର୍ ଲାଗି ଆମେ
ତାକେ ଡାକ୍‌ପୁଟା କରୁ । ତାର୍ ଆଲାଦର୍ ପଅ କରି ରଇଲା
କାମର୍ ଲାଗି, ଇନାମେ ତାର୍ ଜିବନ୍ ଦୁକାଇଲାଟା ସେ ଆମ୍‌କେ
ଦେଲା ଆଚେ । ୭ କିରିସ୍‌ଟ ବନି ଜରାଇ ମଲାର୍‌ପାଇ ଆମେ
ମୁକ୍‌ତି ପାଇଆଚୁ ଆରି ଆମର୍ ସବୁଜାକ ପାପ୍ କେମା ଅଇଲା
ଆଚେ । ପର୍‌ମେସର୍ ଜିବନ୍ ଦୁକାଇଲାଟା କେଡେ ବଡ୍ ବିସଇ!
୮ ସେଟା ସେ ଆମ୍‌କେ ନ ସାରାଇତେ ଦେଇଆଚେ । ସବୁ ଗିଆନ୍
ଆରି ବୁଜ୍‌ବା ବପୁ ସଙ୍ଗ୍ ମିସା ଦେଲା ଆଚେ। ୯ ଆଗ୍‌ତୁ ଆମେ
ଜାନି ନ ରଇଲା ତାର୍ ଜଜ୍‌ନାର୍ ଟିକିନିକି ବିସଇ, ସେ ଆମ୍‌କେ
ଜାନାଇ ଆଚେ । ସେଟା ଜିସୁ କିରିସ୍‌ଟର୍ ଦେଇ ସେ ପୁରାପୁରୁନ୍
କଲାଆଚେ, କାଇକେ ବଇଲେ ଏଟା ତାକେ ସାର୍‌ଦା କଲା ।
୧୦ ସରଗେ ଆରି ଜଗତେ ତିଆର୍ ଅଇରଇବା ସବୁ ବିସଇ
ଗଟେକ୍‌ଟାନେ ଆନ୍‌ବାକେ ପର୍‌ମେସରର୍ ଜଜ୍‌ନା ରଇଲା ।
କିରିସ୍‌ଟ ସେସବୁ ବିସଇର୍ ମୁଣ୍ଡ୍ ପାରା ଅଇକରି ରଇସି । ଏଟା
ସମାନ୍ ବେଲାଇ ସେ ପୁରାପୁରୁନ୍ କର୍‌ସି । ୧୧ କିରିସ୍‌ଟର୍
ସଙ୍ଗ୍ ମିସାଇ କରି, ପରମେସର୍, ଆମେ ଜିଉଦିମନ୍‌କେ ବାଚି
ଆଚେ । କାଇକେ ବଇଲେ ଆଗେ ଅନି ଏନ୍ତାରି କର୍‌ବାକେ
ସେ ଜଜ୍‌ନା କରି ରଇଲା । ସେ ଜେନ୍ତାରି ମନ୍ କର୍‌ସି, ସେ
ଇସାବେ ସବୁ ବିସଇ ପୁରାପୁରୁନ୍ କର୍‌ସି । ୧୨ ଜେନ୍ତାରିକି
ଆମେ ଜେତ୍‌କି ଜିଉଦି ଲକ୍ ପର୍‌ତୁମ୍ କିରିସ୍‌ଟକେ ଆସାକରି
ରଇଲୁ, ସବୁଲକ୍ ପରମେସର୍‌କେ ମଇମା କରୁ! ୧୩ ତମେ ମିସା
ଜେଡେବେଲେ ମୁକ୍‌ତି ପାଇବା, ଏ ସୁବ୍ କବରର୍ ସତ୍ କାତା
ସୁନ୍‌ଲାସ୍, ସେ ବେଲେଅନି ପର୍‌ମେସରର୍ ଲକ୍ ଅଇଆଚାସ୍
। ତମେ କିରିସ୍‌ଟକେ ବିସ୍‌ବାସ୍ କଲାକେ, ପର୍‌ମେସର୍ ସେ
ଦେଇରଇବା କାତା ଇସାବେ ସୁକଲ୍ ଆତ୍‌ମା ଦାନ୍ କରିଆଚେ
। ଆରି ସେ ତମ୍‌କେ ଚିନ୍ କଲାଆଚେ । ୧୪ ପର୍‌ମେସର୍
ତାର୍ ଲକ୍‌ମନ୍‌କେ ଜେତ୍‌କି ବିସଇ ଦାନ୍ କର୍‌ବାକେ କାତା
ଦେଲାଆଚେ, ସେ ସବୁଜାକ ଆମେ ମିଲାଇପାରୁ । ସୁକଲ୍‌ଆତ୍‌ମା
ଆମର୍‌ବାଟେ ଟିଆଅଇସି । ପର୍‌ମେସର୍ ତାର୍ ଲକ୍‌ମନ୍‌କେ
ପୁରାପୁରୁନ୍ ନିଜେ ମନ୍‌କରି ମୁକ୍‌ତି ଦେଇସି । ଏଟା ସତ୍
ବଲିକରି, ଆସା ପର୍‌ମେସର୍‌କେ ମଇମା କରୁ! ୧୫ ସେଟାର୍
ପାଇ ମାପ୍‌ରୁ ଜିସୁର୍ ଲଗେ ତମେ ବିସ୍‌ବାସ୍ କର୍‌ବାଟା ଆରି
ପର୍‌ମେସରର୍ ଲକ୍‌ମନର୍ ପାଇ ରଇବା ତମର୍ ଆଲାଦର୍
ବିସଇ ସୁନ୍‌ଲା ଦିନେଅନି, ୧୬ ମୁଇ ପର୍‌ମେସର୍‌କେ ତମର୍‌ପାଇ
ଦନିଅବାଦ୍ ଦେଇ ଆଇଲିନି । ମୁଇମିସା ପାର୍‌ତନା କଲାବେଲେ
ତମର୍‌ପାଇ ପର୍‌ମେସର୍‌କେ ଦନିଅବାଦ୍ ଦେବାକେ ପାସ୍‌ରି ଜାଇ
ନାଇ । ମୁଇ ପାର୍‌ତନା କଲାବେଲେ ତମ୍‌କେ ଏତାଇଲିନି ।
୧୭ ଆରି ଡାକ୍‌ପୁଟାର୍ ବାବା, ଆମର୍ ମାପ୍‌ରୁ ଜିସୁକିରିସ୍‌ଟର୍
ପର୍‌ମେସର୍‌କେ ପାର୍‌ତନା କଲିନି । ଜେନ୍ତିକି ସେ ତମ୍‌କେ ସୁକଲ୍
ଆତ୍‌ମା ଦେଇସି । ସେ ଆତ୍‌ମା ତମ୍‌କେ ଗିଆନ୍ କରାଇସି
ଆରି ପର୍‌ମେସର୍‌କେ ତମର୍ ମୁଆଟେ ଦେକାଇସି । ୧୮ ମୁଇ
ପାର୍‌ତନା କଲିନି, ଜେନ୍ତାରିକି ତାର୍ ଉଜଲ୍ ଦେକ୍‌ବାକେ ତମର୍
ଆତ୍‌ମାର୍ ଆଁକି ଡିସ । ଜେନ୍ତିକି ଜନ୍ ଆସା ନେଇକରି ତମେ ତାର୍
ଲଗେ ଆସି ଆଚାସ୍, ସେଟା ଜାନିପାରାସ୍ । ୧୯ ତାର୍ ଲକ୍‌ମନର୍
ପାଇ ସେ ଦେଇରଇବା କାତାର୍ ସବୁ ବଡ୍ ଆସିର୍‌ବାଦ୍ କେତେକ୍
ଅଦିକ୍ ଆଚେ । ଆରି ଆମର୍ ପାରା ବିସ୍‌ବାସିମନର୍ ପାଇ
ରଇବା ତାର୍ ବପୁ କେଡେ ବଡ୍, ସେଟା ତମେ ଜାନି ପାରାସ୍
। ୨୦ ଏବେ ଆମର୍ ବିତ୍‌ରେ କାମ୍ କର୍‌ତେରଇବା ସେ ବପୁର୍
ସଙ୍ଗ୍‌ସେ, ପର୍‌ମେସର୍ କିରିସ୍‌ଟକେ ମଲାତେଇଅନି ଉଟାଇକରି
ତାର୍ ଉଜାବାଟେ ବସାଇଆଚେ । ୨୧ କିରିସ୍‌ଟ ସର୍‌ଗେ,
ସାସନ୍ କର୍‌ବା ଲକ୍‌ମନ୍‌କେ, ସନ୍‌ମାନ୍ ପାଇବା ଲକ୍‌ମନ୍‌କେ,
ବପୁରଇବା ଲକ୍‌ମନ୍‌କେ ଆରି ସାସନ୍‌କାରିଆମନର୍ ଉପ୍‌ରେ
ସାସନ୍ କର୍‌ସି । ତାର୍ ଅଦିକାର୍ ଏବର୍ ସାସନ୍‌କାରିଆମନର୍ କି
ଆଇବା ଦିନର୍ ସାସନ୍‌କାରିଆମନର୍ ତେଇଅନି ଅଦିକ୍ ବପୁ
ସଙ୍ଗ୍‌ର୍ ଆଚେ । (aiōn g165) ୨୨ ପର୍‌ମେସର୍ ସବୁବିସଇ
କିରିସ୍‌ଟର୍ ପାଦ୍‌ତଲେ ସଙ୍ଗ୍‌ଇଆଚେ । ଆରି ସବୁ ବିସଇର୍
ଉପ୍‌ରେ, ସବୁର୍‌ତେଇଅନି ଉପ୍‌ରର୍ ମାପ୍‌ରୁ କରି ମଣ୍ଡ୍‌ଲିକେ
ଦାନ୍‌କଲା ଆଚେ । ୨୩ ମଣ୍ଡ୍‌ଲି ଅଇଲାନି କିରିସ୍‌ଟର୍ ଗାଗଡ୍
। କିରିସ୍‌ଟର୍ ଜିବନ୍ ସଙ୍ଗ୍ ମଣ୍ଡ୍‌ଲି ପୁରାପୁରୁନ୍ ଅଇସି । ଆରି
କିରିସ୍‌ଟ ସବୁବିସଇ ପୁରାପୁରୁନ୍ କର୍‌ସି ।

୨ ଆଗ୍‌ତୁ ତମର୍ ପାପର୍ ଲାଗି, ତମେ ଆତ୍‌ମାଇ ମରି
ରଇଲାସ୍ । ୨ ସେବେଲେ ଜଗତର୍ ସତ୍ ନଇଲା ବାଟେ
ଇଣ୍ଡ୍‌ତେରଇଲାସ୍ ଆରି ଆକାସର୍, ଗାଗଡ୍ ଦାରି ନ ରଇବା,
ସାସନ୍‌କାରିଆର୍ ତଲେ ରଇଲାସ୍ । ସେ ସାସନ୍‌କାରିଆ ଏବେ
ପର୍‌ମେସରର୍ ଆଦେସ୍ ନ ମାନ୍‌ବା ଲକ୍‌ମନ୍‌କେ ସାସନ୍ କଲାନି

। (aiōn g165) ୩ ସତଇସେ ଆମେ ସବୁଜାକ, ସେ ରକାମ୍
ରଇଲୁ ଆରି ଗାଗଡର୍ ଆରି ମନର୍ ଲାଲ୍ସା ଇସାବେ ଜିଉନା
କାଉନା କର୍ତେ ରଇଲୁ । ଆରି ଅଲ୍ଗା ଲକ୍ମନର୍ ପାରା
ଆମେମିସା ପର୍ମେସରର୍ ରିସାର୍ ଡଣ୍ଡ ପାଇବାକେ ଜାଇତେ
ରଇଲୁ । ୪ ମାତର୍ ଏ ରକାମ୍ ରଇଲେମିସା ଦୟାଦେକାଇବା
ପର୍ମେସର୍, ଆମ୍କେ ଜନ୍ ବଡ୍ ଆଲାଦ୍ ସଙ୍ଗ୍ ଆଲାଦ୍ କଲା, ୫
ସେଟାର୍ପାଇ ଆମ୍କେ କିରିସ୍ଟର୍ ସଙ୍ଗ୍ ଜିବନ୍ କଲାଆଚେ,
ସେ ଜିବନ୍ ଦୁକାଇଲାକେ ତମେ ମୁକ୍ତି ପାଇ ଆଚାସ୍ । ୬
ପର୍ମେସର୍ କିରିସ୍ଟର୍ ସଙ୍ଗ୍ ଆମ୍କେ ଉଟାଇଲା ଆଚେ, ଆରି
ତାର୍ ସଙ୍ଗ୍ ଗଟେକ୍ ଅଇବାର୍ ଲାଗି, ସରଗ୍ ଉପ୍ରେ ସାସନ୍
କର୍ବାପାଇ ବଲିକରି, ତାର୍ ସଙ୍ଗ୍ ବସାଇଲା ଆଚେ । ୭ ଜେନ୍ତିକି
ଆଇବା ଦିନ୍ମନ୍କେ ଜିସୁ କିରିସ୍ଟର୍ ଲାଗି ରଇବା ତାର୍ ବଡ୍
ଜିବନ୍ଦୁକାଇଲାଟା, ସବୁକେ ଦେକାଇ ଅଇସି । (aiōn g165) ୮
କାଇକେବଇଲେ ପର୍ମେସର୍ ଜିବନ୍ ଦୁକାଇଲାର୍ପାଇ, ତମେ
ମୁକ୍ତି ପାଇ ଆଚୁସ୍, ସେଟା ତମେ ବିସ୍ବାସ୍ କଲାର୍ ଲାଗି,
। ତମେ କରିରଇବା କାଇ ନିକ କାମର୍ ଲାଗି ନାଇ, ସେଟା
ପର୍ମେସରର୍ ଦାନ୍ । ୯ ଜେନ୍ତିକି ଏ ବିସଇନେଇ କେ ମିସା
ନିଜେ ବଡ୍ପନ୍ ଅଇ ନାପାରେ । ୧୦ ପର୍ମେସର୍ସେ ଆମ୍କେ
ତିଆର୍ କଲା ଆଚେ । ତମେ କିରିସ୍ଟର୍ ସଙ୍ଗ୍ ମିସ୍ଲାର୍ପାଇ,
ନିକ କାମ୍ କର୍ବାକେ ସେ ଆମ୍କେ ନୁଆ କଲା ଆଚେ । ଏଟା
ଆଗ୍ତୁଆନି ସେ ଆମର୍ ପାଇ ମନ୍ କରି ରଇଲା । ୧୧ ତମେ,
ଜିଉଦି ନ ଅଇଲା ଲକ୍ମନ୍, ଆଗେ କେନ୍ତାର୍ ରଇଲାସ୍ ଏତାଇ
ଦେକା । ନିଜେ ସୁନତ୍ ବଲାଇଅଇତେ ରଇବା ଜିଉଦିମନ୍
ତମ୍କେ ସୁନତ୍ ନ ଅଇଲା ଲକ୍ ବଲି କଇତେ ରଇଲାଇ । ମାତର୍
ସୁନତ୍ ଅଇବାଟା ଗାଗଡେ କର୍ବା କାମ୍ । ୧୨ ଆଗେ ତମେ
କିରିସ୍ଟର୍ ଲଗେ ଅନି ଦୁର୍କେ ରଇଲାସ୍ । ଆରି ପର୍ମେସର୍
ବାଚିରଇବା ଲକ୍ମନର୍ଟାନେ ମିସି ନ ରଇଲାସ୍ । ତାର୍
ଲକ୍ମନ୍କେ କାତା ଦେଇ, ତିଆର୍ କରିରଇବା ନିୟମ୍ଟାନେ,
ତମର୍ କାଇ ମିସା ଅଦିକାର୍ ନ ରଇଲା । ତମେ ଜଗତେ
ବାସାକରି, କାଇ ଆସା ନ ରଇକରି ପର୍ମେସରର୍ ଲକ୍ ନ
ଅଇ ରଇଲାସ୍ । ୧୩ ଗଟେକ୍ ବେଲାଇ ଦୁରିକେ ରଇଲାସ୍ ।
ଏବେ ଜିସୁର୍ ସଙ୍ଗ୍ ମିସିକରି କିରିସ୍ଟ ବନି ଦେଇ ମଲାର୍ପାଇ
ତାର୍ ଲଗେ ଅଇଆଚାସ୍ । ୧୪ କାଇକେ ବଇଲେ ଜିଉଦି ଆରି
ଜିଉଦି ନଇଲା ଲକ୍କେ ଗଟେକ୍ କରି, କିରିସ୍ଟ ନିଜେ ଆମର୍
ବିତ୍ରେ ସାନ୍ତି ଆନିଦେଇ ଆଚେ । ସେମନ୍କେ ବେଗ୍ଲାଇକରି
ନିଜର୍ ନିଜର୍ ସତ୍ରୁ ପାରା କରି ସଙ୍ଗ୍ଇଅଇରଇବା ପାଚୁରି,
ସେ ତାର୍ ଗାଗଡ୍ସଙ୍ଗ୍ ବାଙ୍ଗ୍ଇଲା ଆଚେ । ୧୫ ସେ ଜିଉଦିମନ୍
ମାନିଆଇତେରଇବା ସବୁ ରିତିନିତି ନିୟମ୍ ବାଙ୍ଗ୍ଇକରି, ଜିଉଦି
ଆରି ଜିଉଦି ନଇଲା ଲକ୍ମନର୍ଟାନେଅନି ତାର୍ ସାଇଜ
ପାଇତେରଇବା ଗଟେକ୍ ନୁଆ ମୁନୁସ୍ଜାତି ତିଆର୍ କଲାଆଚେ
। ଏନ୍ତାରି କରି ଦୁଇ ଦଲ୍ ବିତ୍ରେ ସେ ସାନ୍ତି ଆନିଦେଇ
ଆଚେ । ୧୬ ସେ କୁର୍ସେ ମଲାର୍ପାଇ ବଲି ତାକର୍ ତାକର୍
ବିତ୍ରେ ସତ୍ରୁ ଅଇ ରଇବାଟା, ଲିବାଇଦେଇଆଚେ । କୁରୁସର୍
ଲାଗି ସେ ଦୁଇଟାଜାକ ମିସାଇକରି ଗଟେକ୍ ଗାଗଡ୍ ପାରା
କଲାଆଚେ । ଆରି ସେମନ୍କେ ପର୍ମେସରର୍ ଲଗେ ବାଉଡାଇ
ଆନ୍ଲାଆଚେ । ୧୭ ସେଟାର୍ ପାଇ କିରିସ୍ଟ ଆଇଲା ଆରି
ପର୍ମେସର୍ତେଇଅନି ଦୁରିକେ ଜାଇ ରଇବା ଜିଉଦି ନଇଲା
ଲକ୍ମନ୍କେ ଆରି ତାର୍ ଲଗର୍ ଜିଉଦିମନ୍କେ ସୁବ୍କବର୍
ସୁନାଇଲା । ୧୮ କିରିସ୍ଟର୍ ଲାଗିସେ ଜିଉଦି ଆରି ଜିଉଦି
ନଇଲା ସବୁଲକ୍ ଗଟେକ୍ ଆତ୍ମାଇ, ବାବାର୍ ମୁଆଟେ ଆସି
ପାର୍ଲୁ । ୧୯ ତେବର୍ ପାଇ ଏ ଜିଉଦି ନଇଲା ଲକ୍ମନ୍,
ତମେ ଆରି ବିନ୍ ଦେସେ ବାସା ଅଇରଇବାଲକ୍ ନୁଆସ୍ । ଏବେ
ପର୍ମେସରର୍ ଲକ୍ମନର୍ସଙ୍ଗ୍ ତମେମିସା ତାର୍ ରାଇଜେ ମିସ୍ବା
ଲକ୍ ଆରି ତାର୍ ଜାତିର୍ କୁଟୁମର୍ ଲକ୍ । ୨୦ ତମେ ମିସା ପେରିତ୍
ସିସ୍ମନ୍ ଆରି ବବିସତ୍ବକ୍ତାମନ୍ କରିରଇବା କୁନାଦି ଉପ୍ରେ,
ତିଆର୍ ଅଇଲା ଗର୍ ପାରା । ସେ ଗର୍ କନର୍ ମୁଲ୍ ପାକ୍ନା
ଅଇଲାନି କିରିସ୍ଟ ଜିସୁ । ୨୧ ସେ ଆକା ଗର୍କେ ସମାନ୍କରି
ସଙ୍ଗ୍ଇଲା ଆଚେ ଆରି ମାପ୍ରୁର୍ପାଇ ଗଟେକ୍ ସର୍ପିଦେଲା
ସୁକଲ୍ ମନ୍ଦିର୍ପାରା କଲାଆଚେ । ୨୨ କିରିସ୍ଟର୍ ସଙ୍ଗ୍ ମିସ୍ଲାର୍
ପାଇ, ଗଟେକ୍ ଗର୍ ପାରା ତମେ ସବୁକେ ମିସିକରି ତିଆର୍
କଲାନି । ଜେନ୍ତାରିକି ତମେ ପର୍ମେସର୍ ତାର୍ ଆତ୍ମାଇ ରଇବା
ଗଟେକ୍ ବାସା ଅଇବା ଗର୍ ପାରା ଅଇସା ।

୩ ଏଟାର୍ଲାଗି ତମର୍ ପାରା ଜିଉଦି ନଇଲା ଲକର୍ ପାଇ,
କିରିସ୍ଟ ଜିସୁର୍ ଲାଗି ବନ୍ଦି ଅଇରଇବା ପାଉଲ୍ ମୁଇ,
ପର୍ମେସର୍କେ ପାର୍ତନା କଲିନି । ୨ ତମର୍ ନିକପାଇ
ପର୍ମେସର୍ ତାର୍ ଜିବନ୍ ଦୁକାଇଲାର୍ ତେଇଅନି ମକେ ଏ
କାମ୍ ଦେଇଆଚେ । ଏଟା ନିଜେ ସୁନିଆଚାସ୍ । ୩ ପର୍ମେସର୍
ସେ ଜାନାଇ ନରଇଲା ବିସଇ ମକେ ଜାନାଇ ଆଚେ । ଏ
ବିସଇ ମୁଇ ଆଗ୍ତୁ ତମ୍କେ ଅଲପ୍ ଲେକି ରଇଲି । ୪ ସେଟା
ପଡ୍ଲେ, କିରିସ୍ଟର୍ ପାଇ ରଇବା ପର୍ମେସରର୍ ଟିକିନିକି
ବିସଇ ମୁଇ ବୁଜ୍ଲିଆଚି ବଲି, ତମେ ଜାନି ପାର୍ସା । ୫ ଆଗର୍
ଲକ୍ମନ୍କେ ଏ ଟିକିନିକି ବିସଇ ନ କୁଆଅଇ ରଇଲା । ମାତର୍
ଏବେ ତାର୍ ଆତ୍ମା ଦେଇ, ସେ ବାଚି ରଇବା ତାର୍ ସୁକଲ୍
ପେରିତ୍ମନ୍କେ ଆରି ବବିସତ୍ବକ୍ତାମନ୍କେ ସେ ଜାନାଇଲା
ଆଚେ । ୬ ଏ ଲୁଚି ରଇବା ବିସଇ ଅଇଲାନି, ସୁବ୍କବରର୍
ଲାଗି, ଜିଉଦି ବିସ୍ବାସିମନର୍ ସଙ୍ଗ୍, ଜିଉଦି ନଇଲା ବିସ୍ବାସିମନ୍
ମିସା ପର୍ମେସରର୍ ଆସିର୍ବାଦେ ମିସ୍ବାଇ । ସେମନ୍ ମିସିକରି,
ଗଟେକ୍ ଗାଗଡ୍ ପାରା ଅଇଜିବାଇ । ମାପ୍ରୁ ଜିସୁ କିରିସ୍ଟର୍
ଲାଗି ପର୍ମେସର୍ ଦେଇ ରଇବା ସବୁ କାତାଇ ବାଗ୍ ଅଇସା । ୭
ପର୍ମେସର୍ ତାର୍ ଜିବନ୍ ଦୁକାଇଲାର୍ ତେଇଅନି ମକେ ଜନ୍ ଦାନ୍
ଦେଇ ଆଚେ, ସେଟାର୍ ଲାଗି ମୁଇ ନିମାନ୍ କବର୍ ଜାନାଇବା ଲକ୍
ଅଇଲିଆଚି । ତାର୍ ବପୁ ମର୍ ବିତ୍ରେ କାମ୍ କଲାର୍ ଲାଗି ଏଟା

ଅଇଲା । ୮ ମୁଇ ପର୍ମେସରର୍ ଲକ୍ମନର୍ ସବୁର୍ଟାନେଅନି
ସାନ୍ ଅଇଲେ ମିସା ଜିଉଦିନଇଲା ଲକ୍ମନ୍କେ କିରିସ୍ଟର୍ଟାନେ
ରଇବା ନିକ ନିକ ବିସଇ ଜାନାଇବାକେ ମକେ ସେ ବାଟ୍ଲା
ଆଚେ । ଏ ବିସଇ ଲକ୍ମନ୍ ବୁଜ୍ବାକେ ଆବଡ୍ ରଇବାଟା । ୯
ପର୍ମେସର୍ ତାର୍ ଲୁଚ୍ତେରଇବା ଜଜ୍ନା କେନ୍ତାର୍ ପୁରାପୁରୁନ୍
କର୍ସି, ସେଟା ସବୁ ଜାନାଇବାକେ ମିସା ମକେ ବାଟ୍ଲା ଆଚେ
। ସବୁ ବିସଇ ତିଆର୍ କଲା ବେଲେଅନି, ଏବେ ଜାକ ସେ
ତାର୍ ଟିକିନିକି ବିସଇ ଲୁଚାଇକରି ସଙ୍ଗଇରଇଲା, । **(aiōn
g165)** ୧୦ ଜେନ୍ତାର୍କି ମଣ୍ଡଲିର୍ ଟାନେଅନି ତାର୍ ବିନ୍ ବିନ୍
ରକାମର୍ ଗିଆନ୍ ସର୍ଗର୍ ସାସନ୍କାରିଆମନ୍କେ ଆରି ବପୁ
ରଇବାଟାମନ୍କେ, ସେ ଜାନାଇସି । ୧୧ ଜଗତ୍ ତିଆର୍ କର୍ବା
ଆଗ୍ତୁ, ଏଟା ସେ ଜଜ୍ନା କରିରଇଲା । ଏଟା ଆମର୍ ମାପ୍ରୁ
ଜିସୁ କିରିସ୍ଟର୍ ଲାଗି ସେ ପୁରାପୁରୁନ୍ କଲା ଆଚେ । **(aiōn
g165)** ୧୨ କିରିସ୍ଟର୍ ତେଇ ବିସ୍ବାସ୍ କଲାର୍ ପାଇ ଆରି ତାର୍
ସଙ୍ଗ ମିସି ରଇଲାର୍ ପାଇ, ନ ଡର୍ତେ, ସାଆସ୍ ଅଇକରି,
ପର୍ମେସରର୍ ମୁଆଟେ ଟିଆ ଅଇବୁ । ୧୩ ସେଟାର୍ ପାଇ ମୁଇ
ତମ୍କେ ବାବୁଜିଆ କରି କଇଲିନି, "ତମର୍ ପାଇ ବଲି ଅଇବା
ମର୍ ଦୁକ୍ କସ୍ଟର୍ ପାଇ ମନ୍ଦୁକ୍ କରାନାଇ, ଏ ସବୁ ତମର୍
ବଲ୍ ପାଇ ଅଇଆଚେ ।" ୧୪ ସେଟାର୍ପାଇ ବଲିକରି ମୁଇ
ପର୍ମେସରର୍ ମୁଆଟେ ମାଣ୍ଡିକୁଟା ଦେଇ ପାର୍ତନା କଲିନି, ୧୫
ତାର୍ ଲାଗିସେ ସରଗର୍ ଆରି ପୁର୍ତିବିର୍ ସବୁ କୁଟୁମ୍ ଅଇଲା
ଆଚେ, ୧୬ ମୁଇ ପାର୍ତନା କଲିନି ଜେନ୍ତିକି ସେ ତାର୍ ନ
ସାର୍ବା ମଇମାଇଅନି, ତାର୍ ଆତ୍ମା ତମ୍କେ ବପୁ ଦେଇସି,
ଜେନ୍ତିକି ତମର୍ ମନ୍ ଡାଟ୍ ଅଇସି । ୧୭ ମୁଇ ପାର୍ତନା
କଲିନି, ଜେନ୍ତିକି ତମର୍ ବିସ୍ବାସର୍ ଲାଗି, କିରିସ୍ଟ ତମର୍
ବିତ୍ରେ ବାସା ଅଇସି । ଆରି, ତମେ ପର୍ମେସର୍କ ଆରି ବିନ୍
ଲକ୍କେ ଆଲାଦ୍ କଲାଟାନେଅନି, ବୁଏଁ ଜାଇତେରଇବା ଗଚର୍
ଚେର୍ପାରା ଆରି କୁନାଦି ଉପ୍ରେ ତିଆର୍ ଅଇଲା ଗର୍ ପାରା
ଡାଟ୍ ଅଇସା । ୧୮ ମୁଇ ପାର୍ତନା କଲିନି ତମେ ପର୍ମେସରର୍
ଲକ୍ମନର୍ ସଙ୍ଗ ମିସିକରି କିରିସ୍ଟର୍ ଆଲାଦ୍ ବୁଜ୍ବାକେ ବପୁ
ପାଇସା । ତାର୍ ବଡ୍ ଆଲାଦ୍ ସଙ୍ଗ ସେ ଆମ୍କେ ଆଲାଦ୍ କଲା
ଆଚେ । ୧୯ ଉଁ, ନର୍ଲକ୍ ବୁଜ୍ବା ତେଇଅନି ଅଦିକ୍ କିରିସ୍ଟ
ଆମ୍କେ ଆଲାଦ୍ କଲା ଆଚେ, ସେ ଆଲାଦ୍ ତମେ ଜାନା
ବଲି ମୁଇ ପାର୍ତନା କଲିନି । ଜେନ୍ତାରିକି ତମର୍ ଚାଲାଚାଲ୍ତି
ପରମେସରର୍ ପାରା ଅଇ ଆଇସି । ୨୦ ପର୍ମେସର୍ ଜେକି
ଆମେ ତାକେ ମାଙ୍ଗ୍ବା ତେଇଅନି କି ଚିନ୍ତା କର୍ବା ତେଇଅନି
ଅଦିକ୍ କରିପାର୍ସି, କାଇକେ ବଇଲେ ତାର୍ ବଡ୍ ବପୁ ସଙ୍ଗ
ସେ ଆମର୍ ବିତ୍ରେ କାମ୍ କରି ଆଇଲାନି । ୨୧ ମଣ୍ଡଲିଟାନେ
ଆରି କିରିସ୍ଟ ଜିସୁର୍ଟାନେଅନି ପର୍ମେସରର୍ ବଡ୍ ବପୁ ବିନ୍
ଲକ୍କେ ଡିସ୍ଲାନି, ତାର୍ ବଡ୍ ବପୁର୍ ଲାଗି ପର୍ମେସର୍କ
ଡାକ୍ପୁଟା କରୁ, କାଲ୍କାଲ୍ ଜୁଗ୍ଜୁଗ୍ ସେ ଡାକ୍ପୁଟା ପାଇତେରଅ
। ଆମେନ୍! **(aiōn g165)**

**୪** ଏ ସବୁର୍ଲାଗି ମାପ୍ରୁର୍ ସେବାକାରିଆ ମୁଇ ବନ୍ଦିଗରେ
ଆଚି । ମାପ୍ରୁ ତମ୍କେ କେନ୍ତାରି ଚଲାଚଲ୍ତି କର୍ବାକେ
ଡାକ୍ଲାଆଚେ, ସେନ୍ତାରିସେ କରାବଲି ମୁଇ ତମ୍କେ ବାବୁଜିଆ
କଲିନି । ୨ ତମେ ଲକ୍ମନର୍ ସଙ୍ଗ ମିସାବିଡା ଅଇଲାବେଲେ,
ପୁରାପୁରୁନ୍ ଦରମ୍ ଅଇ ସୁଆଲେ ରୁଆ । ତମେ ଗଟେକ୍ ଲକ୍
ଆରି ଗଟେକ୍ ଲକ୍କେ ଆଲାଦ୍ କଲାର୍ପାଇ ସାଆସ୍ ଅଇ,
ମୁର୍ଚିକରି ରୁଆ । ୩ ଜନ୍ଟା କି ଗଟେକ୍ ମନ୍ ଅଇକରି ରଇବାକେ
ସୁକଲ୍ଆତ୍ମା ଆମ୍କେ ବାନ୍ଦିଆଚେ, ସେନ୍ତାରି ସାନ୍ତି ଅଇକରି
ରୁଆ । ୪ ଆମେ ସବୁ ବିସ୍ବାସି ବାଇବଇନିମନ୍ ଗଟେକ୍ ଗାଗଡ୍
ପାରା ଆରି ସବୁଲକ୍ ସମାନ୍ ଆତ୍ମା ମିଲାଇଆଚୁ । ସେନ୍ତାରିସେ
ସମାନ୍ ଆସିର୍ବାଦ୍ ମିଲାଇବାକେ ସେ ଆମ୍କେ ଡାକ୍ଲାଆଚେ
। ୫ ଆମ୍କେ ଗଟେକ୍ ମାପ୍ରୁ ଆଚେ, ସମାନ୍ ସିକିଆଇ
ବିସ୍ବାସ୍ କଲୁନି ଆରି ସମାନ୍ ଡୁବନ୍ ନେଲୁ ଆଚୁ। ୬ ଗଟେକ୍
ପର୍ମେସର୍କେ ଆମେ ଉପାସନା କଲୁନି । ଜେ କି ସବୁର୍ ବାବା
ଅଇଆଚେ । ସେ ଆମର୍ ବିତ୍ରେ ରଇକରି ଆରି ଆମ୍କେ
ଦେଇକରି ସବୁର୍ ଉପ୍ରେ ସାସନ୍ କଲାନି । ୭ ମାତର୍ କିରିସ୍ଟ
ଆମେ ବିନ୍ ବିନ୍ ଲକ୍କେ ବିନ୍ ବିନ୍ ଦାନ୍ ଦେଲାଆଚେ । ସେଟା
କାକେ କେନ୍ତାରି ବାଟା କର୍ବାର୍ ଆଚେ, ସେ ସେ ଟିକ୍ କଲାଆଚେ
। ୮ ତେବର୍ ପାଇ ସାସ୍ତରେ ଲେକାଅଇଲା ଆଚେ, "ସେ ତାର୍
ସତ୍ରୁମନ୍କେ ଆରାଇକରି ଜେଡେବେଲେ ଉଁଚ୍ ରଇବା ଜାଗାଇ
ଗାଲା, ତାର୍ ଆରାଇ ରଇବା ସତ୍ରୁମନ୍କେ ବାନ୍ଦିକରି ନେଲା
ଆରି ତାର୍ ଦାନ୍ ବିନ୍ ବିନ୍ ଲକ୍କେ ଦେଲା । ୯ "ସେ ଗଟେକ୍
ଉଁଚ୍ ଜାଗାଇ ଗାଲା ।" ଏନ୍ତାରି ଲେକ୍ବା ଅରତ୍ କାଇଟା?
ଏଟାର୍ ଆରତ୍ ଅଇଲାନି, କିରିସ୍ଟ ଉତ୍ରି କରି ଏ ଜଗତେ
ଆସି ସାରି ଆଚେ । ୧୦ ଜେ କି ଏ ଜଗତେ ଉତ୍ରି ଆଇଲା, ସେ
ସମାନ୍ ଲକ୍ସେ, ସର୍ଗେ ଅନି ଉପ୍ରେ ରଇବା ଜାଗାଇ ଚଗି
ଗଲା । ଜେନ୍ତାରି କି ସେ ଗୁଲାଇ ଜଗତ୍କେ ପୁରାପୁରୁନ୍ କର୍ସି
। ୧୧ ସେ ଆକା କେତେ ଲକ୍ମନ୍କେ ପେରିତ୍ ଅଇବାକେ,
କେତେଲକ୍କେ ବବିସତ୍ କାତା କଇବାକେ, କେତେଲକ୍କେ
ସୁବ୍କବର୍ ଜାନାଇବାଟା ଅଇବାକେ, କେତେଲକ୍କେ ମଣ୍ଡଲି
ଚାଲାଇବାକେ ଆରି କେତେଲକ୍କେ ସିକାଇବାକେ ବପୁ ଦେଇ
ବାଟ୍ଲାଆଚେ । ୧୨ ପର୍ମେସରର୍ ଲକ୍ମନ୍ ଜେନ୍ତାରି କି
ତାକେ ସେବା କରିପାରତ୍, ତାର୍ଲାଗି ଏ ସବୁ ଦାନ୍ ତାର୍
ଲକ୍ମନ୍କେ ଦେଲା । ଏନ୍ତାରି ଅଇ କିରିସ୍ଟର୍ ଗାଗଡ୍ ପାରା
ଅଇବା ବିସ୍ବାସିମନ୍ ବପୁ ଅଇ ସିଦ୍ ଅଅତ୍ । ୧୩ ଏନ୍ତାରି
ଅଇ ଆମେ ସବୁ ବିସ୍ବାସେ ବଡିକରି ଆରି ପର୍ମେସରର୍
ପଅକେ ଜାନିକରି, ସିଦ୍ ଅଇବୁ । ଆମେ ଜେନ୍ତାରିକି ପୁରାପୁରୁନ୍
କିରିସ୍ଟର୍ ପାରା ଅଇବୁ । ସେ ପୁରାପୁରୁନ୍ ସିଦ୍ ଆଚେ ।
୧୪ ତେବେ ଆମେ ସାନ୍ ପିଲାମନର୍ ପାରା ନ ଅଇ କରି,

ଜଗତର୍ ମନସ୍‌ମନର୍ ସିକିଆଇ ଆରି ତାକର୍ ଦଦାପେଲା ଅଇବା ପାରା ବିଚାର୍‌ନା ଇସାବର୍ ବିନ୍ ବିନ୍ ସିକିଆଇ, ଗାଡର୍ ଲଅଡି ଆରି ମାର୍‌ବା ପବନ୍ ଜେନ୍ତାରି ଡଙ୍ଗାକେ ଏନେତେନେ କର୍‌ସି, ସେନ୍ତାରି ତାକର୍ ସିକିଆ ସୁନିକରି ଏନେତେନେ ନ ଅଉଁ । **୧୫** ତାର୍ ବାଦୁଲେ ଆମେ ପର୍‌ମେସରର୍ ସତ୍ ବିସଇର୍ ଆଲାଦ୍ ଜାନାଉଁ । ସେନ୍ତାରି ମୁଣ୍ଡ ଇସାବେ ରଇବା କିରିସ୍ଟର୍ ପାରା ଆମେ ସବୁ ବିସଇତେଇ ସିଦ୍ ଅଇ, ତାର୍ ପାରା ଅଇବୁ । **୧୬** କାଇକେବଇଲେ କିରିସ୍ଟ ତାର୍ ସବୁ ଲକ୍‌ମନ୍‌କେ ମିସାଇକରି ସଙ୍ଗଇ ଆଚେ । ଗଟେକ୍ ଗାଗଡର୍ ସନ୍ଧି ଜେନ୍ତିକି ସେ ଗାଗଡର୍ ସବୁ ବାଗ୍‌କେ ମିସାଇକରି ସଙ୍ଗଇସି, ସେନ୍ତାରିସେ ଗାଗଡର୍ ଗଟେକ୍ ଗଟେକ୍ ବାଗ୍ ନିଜର୍ ନିଜର୍ କାମ୍ କଲେ, ଗୁଲାଇ ଗାଗଡ୍ ବଡିକରି ବପୁ ଅଇସି । **୧୭** ତେବର୍ ପାଇ ମାପ୍‌ରୁର୍ ନାଉଁଦାରି ମୁଇ ତମ୍‌କେ ଜାଗର୍‌ତା କରିଦେଲିନି । ତମେ ଆରି ପର୍‌ମେସର୍‌କେ ନାଜାନ୍‌ଲା ଲକର୍‌ପାରା ଚଲାଚଲ୍‌ତି କରା ନାଇ । **୧୮** ସେମନ୍ ଚିନ୍ତାକର୍‌ବାଟା ଚୁଚାଇସେ । ସେମନ୍ ପର୍‌ମେସରର୍ ବିସଇ ବୁଜି ନାପାରତ୍ । ଆରି ସେ ଦେଇରଇବା ଜିବନେ ଅନି ଦୁରିକେ ଆଚତ୍ । ସେମନ୍ ତାକର୍ ମନ୍ ଡାଟ୍ କଲାର୍‌ପାଇ ତାକେ ନାଜାନତ୍ । **୧୯** ସେମନ୍ ପାପ୍ କାମ୍ କଲେ ମିସା, ବୁଲ୍ କଲି ବଲି ଲାଜ୍ କି ଦୁକ୍ ନ ଅଅତ୍ । ତେବର୍‌ପାଇ ସବୁରକାମର୍ ବେସିଆ କାମ୍ କର୍‌ବାଟାନେ ସର୍‌ପିଅଇ ଆଚତ୍ । ଏନ୍ତାରି କାମ୍ କରି କରି ଆରି କର୍‌ବାକେସେ ଲାଲ୍‌ସା ଅଇ ଆଚତ୍ । **୨୦** ମାତର୍ ତମେ କିରିସ୍ଟର୍ ଟାନେଅନି ସେନ୍ତାରି ସିକିଆ ସିକାସ୍ ନାଇ । **୨୧** ତମେ ଜେଡେବେଲେ ତାର୍ ବିସଇ ସୁନିକରି ସିକ୍‌ଲାସ୍, ସେଟା ତାର୍ ସତ୍ ସିକିଆଇଅନି ସିକ୍‌ଲାସ୍ । **୨୨** ଆଗ୍‌ତୁ ଜନ୍ ପୁର୍‌ନା ଚଲାଚଲ୍‌ତି କରି ତମେ ଜିଉନା କାଉନା କର୍‌ତେ ରଇଲାସ୍, ସେଟା ଚାଡ୍‌ବାକେ ତମ୍‌କେ ସିକାଇ ରଇଲାଇ । ତମର୍ ମନେ କାରାପ୍ ଚିନ୍ତା ଆଇବାଟା, ତମ୍‌କେ ନାଡାଇକରି ତମର୍ ଜିବନ୍ ନସାଇ ଦେଲାଇ । **୨୩** ତମେ ଚିନ୍ତା କର୍‌ବାଟା ପର୍‌ମେସର୍ ନୁଆକରି ବାଦ୍‌ଲାଇବାକେ ତାକେ ସର୍‌ପି ଦିଆସ୍ ବଲି ସିକାଇଲାଇ ଆଚତ୍ । **୨୪** ପର୍‌ମେସର୍ ତମ୍‌କେ ତାକର୍ ଗୁନ୍‌ଚଲନ୍ ପାରା ରଇବା ନୁଆ ଗୁନ୍‌ଚଲନ୍ ଦେଲାଆଚେ । ତେବର୍‌ପାଇ ସେ ରକାମ୍ ଚଲାଚଲ୍‌ତି କରା । ପୁରାପୁରୁନ୍ ଦରମ୍ ଅଇକରି ସୁକଲ୍ ଅଇରୁଆ । **୨୫** ତମର୍ ବିତ୍‌ରେ ମିଚ୍ କଇବାଟା ଚାଡିଦିଆସ୍, ନିଜର୍ ନିଜର୍ ବିତ୍‌ରେ ସତ୍ କୁଆକୁଇ ଉଆ । କାଇକେବଇଲେ ଆମେ ସବୁଲକ୍ ଗଟେକ୍ ଗାଗଡର୍ ବିନ୍ ବିନ୍ ବାଗ୍ ଅଇଲୁଆଚୁ । **୨୬** ଜେଡେବେଲେ ରିସା ଆଇଲେ, ସେଡେବେଲେ ପାପ୍‌କରା ନାଇ । ବେଲ୍ ନ ବୁଡ୍‌ତେ ତମର୍ ରିସା ଚାଡି ଦିଆସ୍ । **୨୭** ତମ୍‌କେ ପାପ୍ କରାଇବା ସଇତାନ୍‌କେ ଜାଗା ଦିଆସ୍‌ନାଇ । **୨୮** ଜେ ଚରାଇତେ ରଇଲା, ସେ ଆରି ନ ଚର୍ ଅଅ । ମାତର୍ ନିଜେ ତାର୍ ଜିଉନା କାଉନାର୍ ପାଇ କାଇଆଲେ ନିକ କାମ୍ କର । ସେନ୍ତାର୍‌ଆଲେ ଅର୍‌କିତ୍ ଲକ୍‌ମନ୍‌କେ ଦେବାକେ ତାର୍‌ଟାନେ କାଇଟା ମିସା ରଇସି । **୨୯** ଜନ୍ କାତା ବିନ୍‌ଲକ୍‌ମନ୍‌କେ ଲଡାକେ ନ ଆସେ, ସେନ୍ତାରି କାତା ତମର୍ ଟଣ୍ଡେ ଅନି ନ ବାରଅ । ତାର୍‌ବାଦୁଲେ ସେମନ୍‌କେ ସାର୍‌ଦା କରାଇ ବପୁ ଆଇବା କାତା କୁଆ । ଜେନ୍ତାରିକି ସୁନ୍‌ବା ଲକ୍‌ମନ୍ ତାକର୍ ଲଡାକେ ଆଇବା ବେଲାଇ ସେଟା ସୁନିକରି ସାର୍‌ଦା ଅଇବାଇ । **୩୦** ପର୍‌ମେସରର୍ ସୁକଲ୍ ଆତ୍‌ମାକେ ଦୁକ୍ ଦିଆସ୍ ନାଇ । ତାକେ ମୁକଲ୍‌ବା ଦିନ ଜାକ ଗଟେକ୍ ଚିନ୍ ଇସାବେ ସେ ତମ୍‌କେ ଦେଲାଆଚେ । **୩୧** ସବୁ ରକାମର୍ କୁଟ୍ କାତା ଚିନ୍ତା କର୍‌ବାଟା, ରିସା ଅଇବାଟା, କିରଜାଟି କର୍‌ବାଟା, ନିନ୍ଦା କାତା କଇବାଟା, ଇଁସା ତଲା ଅଇବାଟା, ଏ ସବୁଜାକ ତମର୍‌ଟାନେ ଅନି ଦୁରିକେ ସଙ୍ଗଆ । **୩୨** ତାର୍ ବାଦୁଲେ ତମର୍ ତମର୍ ବିତ୍‌ରେ ମାନାମାନି ଅଇକରି ଆଲାଦ୍ ସଙ୍ଗ ଦରମ୍ ଅଇ ରୁଆ । ଜେନ୍ତିକି କିରିସ୍ଟର୍ ଲାଗି ପର୍‌ମେସର୍ ତମ୍‌କେ କେମା କରିଦେଲା ଆଚେ । ତମେମନ୍ ମିସା ସେ ରକାମ୍ ନିଜର୍ ନିଜର୍ ବିତ୍‌ରେ କେମା କରାକରି ଉଆ ।

**୫** ପର୍‌ମେସର୍‌କେ ବେସି ଆଲାଦ୍ କର୍‌ବା ତାର୍ ପିଲାମନ୍ ଅଇବାକେ, ତାର୍‌ପାରା ଅଇ ଗଟେକ୍ ଆଲାଦର୍ ଚଲାଚଲ୍‌ତି କରା । **୨** ଜେନ୍ତାର୍ କି କିରିସ୍ଟ ଆମ୍‌କେ ଆଲାଦ୍ କରି ଆମର୍ ପାଇ ମରି ରଇଲା । ଗଟେକ୍ ସୁନ୍ଦର୍ ବାସ୍‌ନା ଅଇବା ବଲି ପାରା ସେ ତାର୍ ଜିବନ୍ ପର୍‌ମେସର୍‌କେ ସର୍‌ପିଦେଲା । **୩** ମାତର୍ ତମର୍ ବିତ୍‌ରେ ବେସିଆ ଇସାବେ ରଇବା ଚଲାଚଲ୍‌ତି, କି କାଇ ରକାମର୍ ସୁକଲ୍ ନ ଅଇବାଟା କି ଲବ୍ ଅଇବାଟା ଆଚେ, ବଲି ବିନ୍ ଲକ୍‌ମନ୍ ନ କଅତ୍ । କାଇକେବଇଲେ ଏଟା ସବୁ ପର୍‌ମେସରର୍ ସୁକଲ୍ ଲକ୍‌ମନ୍ କର୍‌ବା ଟିକ୍ ବିସଇ ନଏ । **୪** ସେନ୍ତାରିସେ ଜନ୍‌ଟାକି ଲଡାକେ ନ ଆଇବା ଗୁନ୍‌ଚଲନ୍, କି କାରାପ୍ କାତା, ଲାଜ୍ କର୍‌ବା କାତା କି ଟାପ୍‌ରା କାତା ତମର୍‌ଟାନେ ନ ଡିସ । ଏଟାମନ୍ ତମର୍‌ଟାନେ ରଇବାଟା ଟିକ୍ ନଏ । ତାର୍‌ବାଦୁଲେ ତମେ ପର୍‌ମେସର୍‌କେ ଦନିଅବାଦ୍ ଦେବା କାତା କୁଆ । **୫** ତମେ ଜାନ୍‌ବାର୍ ଆଚେ ଜେ, କେନ୍ତାରି ମିସା ବେସିଆ କାମ୍ କର୍‌ବା ଲକ୍, କି ସୁକଲ୍ ନ ଅଇଲା ଲକ୍, କି ଲବ୍‌ରା ଲକ୍ ପରମେସରର୍ ଆରି କିରିସ୍ଟର୍ ରାଇଜେ ରଇବା କାଇ ବିସଇ ମିଲାଇବାକେ ଅଦିକାର୍ ପାଇ ନାପାରତ୍ । ଗଟେକ୍ ଲବ୍‌ରା, ପୁତ୍‌ଲା ପୁଜା କର୍‌ବା ଲକର୍ ସଙ୍ଗ ସମାନ୍ । **୬** ବିନ୍ ଲକର୍ ଟାନେଅନି କାଇ ଲଡାକେ ନ ଆଇବା ଚୁଚା କାତା ସୁନି ନାଡାଇ ଉଆ ନାଇ । କାଇକେବଇଲେ, ଏନ୍ତାରି କରି ତାକେ ନ ନାମ୍‌ବା ଲକ୍‌ମନ୍‌କେ ପର୍‌ମେସର୍ ଡଣ୍ଡ ଦେଇସି । **୭** ତେବର୍‌ପାଇ ସେନ୍ତାରି ଲକ୍‌ମନର୍ ସଙ୍ଗ ମିସା ନାଇ । **୮** କାଇକେବଇଲେ ଆଗ୍‌ତୁ ତମେ ଆନ୍ଧାରେ ରଇଲାସ୍ । ମାତର୍ ଏବେ ମାପ୍‌ରୁର୍ ସଙ୍ଗ ମିସ୍‌ଲାର୍‌ପାଇ ଉଜଲେ ପୁରି ଆଚାସ୍ । ତେବର୍‌ପାଇ ଉଜଲେ ରଇବା ଲକ୍‌ମନର୍‌ପାରା ଚଲାଚଲ୍‌ତି କରା । **୯** କାଇକେବଇଲେ, ଉଜ୍‌ଲେ ରଇଲେ ତେଇଅନି ସବୁ

ରକାମର୍ ନିକ, ଦରମ୍, ଆରି ସତ୍ ବିସଇ ବାରଇସି । ୧୦
ପର୍‌ମେସର୍‌କେ ସାର୍‌ଦା କରାଇବା ବିସଇ କଜିକରି ମିଲାଆ
। ୧୧ ଆନ୍ଧାରେ ରଇବା ଲକ୍‌ମନ୍ କର୍‌ବା କାଇ ମୁଲିଅ ନ
ରଇବା କାମେ ମିସାନାଇ । ସେଟାମନ୍‌କେ କାଇ ମୁଲିଅ ନାଇ
। ତାର୍ ବାଦୁଲେ ସେନ୍ତାରି କାରାପ୍ ଅଇବା କାମ୍ ନ ଲୁଚାଇ
ଦେକାଇଦିଆସ୍ । ୧୨ ସେନ୍ତାରି ଲୁଚ୍‌ତେ କର୍‌ବା କାମର୍ ବିସଇ
କାତା ଅଇବାକେ ମିସା ଲାଜ୍ ଲାଗ୍‌ସି । ୧୩ ଏନ୍ତାରି କାମ୍
ନ ଲୁଚାଇ ବାର୍‌କରାଇଲେ, ତେଇର୍ ସତ୍ ବିସଇ ଲକ୍‌ମନ୍
ଦେକ୍‌ବାଇ । ୧୪ କାଇକେବଇଲେ ଉଜଲର୍ ସବୁ ବିସଇ
ଉଜଲ୍‌ସେ । ସେଟାର୍ ପାଇ ଏନ୍ତାରି ଲେକାଅଇଲାଆଚେ, “ଏ
ଗୁନେରାମନ୍ ଉଟା, ମଲାପାରା ନ ରଇକରି ଜିବନ୍ ରୁଆ, କିରିସ୍‌ଟ
ତମ୍‌କେ ଉଜଲ୍ ଦେଇସି ।” ୧୫ ତେବେ ତମର୍ ଚଲାଚଲ୍‌ତି
କର୍‌ବାଟାନେ ଜାଗ୍‌ରତ୍ ରୁଆ । ବକୁଆ ଲକ୍‌ମନର୍‌ପାରା ନ
ଅଇ ବୁଦିରଇବା ଲକର୍‌ପାରା ରୁଆ । ୧୬ ସବୁବେଲେ ନିକ
କାମ୍ କର୍‌ବାକେ କଜ୍‌ତେ ରୁଆ । କାଇକେବଇଲେ ଏ ଜୁଗର୍
ଲକ୍‌ମନ୍ ବେସି କାରାପ୍ ଆଚତ୍ । ୧୭ ତେବର୍‌ପାଇ ବୁଦିନଇଲା
ଲକ୍ ପାରା ନଅଇ ମାପ୍‌ରୁର୍ ମନ୍‌କଲାଟା କଜିକରି ମିଲାଆ ।
୧୮ ମଦ୍ ପେଣ୍ଡମ୍ କାଇ ମାତା ନାଇ । କାଇକେବଇଲେ ସେଟା
ତମ୍‌କେ ଡିଲା ଚାଡ୍‌ବା ଗରୁଗାଇର୍ ପାରା ଚଲାଚଲ୍‌ତି କର୍‌ବାକେ
ଡାକିନେଇସି । ତାର୍‌ବାଦୁଲେ ସୁକଲ୍‌ଆତ୍‌ମା ବାନ୍ଧିନେବାକେ
ସର୍‌ପିଉଆ । ୧୯ ଗିତ୍ ସଙ୍ଗିତାର୍ ଗିତ୍, ଆତ୍‌ମାଇ ଅନି ଆଇବା
ବିନ୍ ଗିତ୍‌ମନ୍, ତମର୍ ବିତ୍‌ରେ କୁଆକୁଇ ଉଆ । ଗିତ୍ କଇକରି
ନିଜେ ନିଜେ ମନ୍‌ବିତ୍‌ରେ ମାପ୍‌ରୁକେ ଡାକ୍‌ପୁଟା କରା । ୨୦
ଆମର୍ ମାପ୍‌ରୁ ଜିସୁକିରିସ୍‌ଟର୍ ନାଉଁଦାରି ସବୁବେଲେ ସବୁ
ବିସଇର୍‌ପାଇ ବାବା ପର୍‌ମେସର୍‌କେ ଦନିଅବାଦ୍ ଦିଆସ୍ ।
୨୧ କିରିସ୍‌ଟର୍‌ପାଇ ରଇବା ତମର୍ ସନ୍‌ମାନର୍ ଲାଗି, ତମର୍
ତମର୍ ବିତ୍‌ରେ ସର୍‌ପାସର୍‌ପି ଉଆ । ୨୨ ଏ ମାଇଜିମନ୍ ତମେ
ଜେନ୍ତାର୍ ମାପ୍‌ରୁକେ ସର୍‌ପିଅଇ ଆଚାସ୍, ସେନ୍ତାରି ତମର୍ ନିଜର୍
ନିଜର୍ ମୁନୁସ୍‌କେ ମିସା ସର୍‌ପି ଉଆ । ୨୩ କାଇକେବଇଲେ
କିରିସ୍‌ଟ ଜେ କି ତାର୍ ଗାଗଡ୍‌ପାରା ରଇବା ମଣ୍ଡଲିର୍ ନେତା
ଆଚେ, ସେନ୍ତାରିସେ ମୁନୁସ୍ ମିସା ତାର୍ ମାଇଜିର୍ ନେତା ଆଚେ
। କିରିସ୍‌ଟସେ ତାର୍ ମଣ୍ଡଲିକେ ରକିଆ କଲାଆଚେ । ୨୪
ତେବର୍‌ପାଇ ମଣ୍ଡଲି ଜେନ୍ତାର୍ କିରିସ୍‌ଟକେ ସର୍‌ପି ଅଇସି,
ସେନ୍ତାରି ଏ ମାଇଜିମନ୍, ତମେ ମିସା ସବୁ ବିସଇତେଇ ତମର୍
ମନସ୍‌ମନର୍ ଟାନେ ସର୍‌ପି ଅଇବାର୍‌ଆଚେ । ୨୫ ଏ ମୁନୁସ୍‌ମନ୍,
କିରିସ୍‌ଟ ଜେନ୍ତାର୍ ମଣ୍ଡଲିକେ ଆଲାଦ୍ କରି, ତାକେ ସୁକଲ୍
କର୍‌ବାକେ ନିଜେ ସର୍‌ପିଅଇଲା, ସେନ୍ତାରିସେ ତମେ ମିସା ନିଜର୍
ମାଇଜିମନ୍‌କେ ଆଲାଦ୍‌କରା । ୨୬ କିରିସ୍‌ଟ ପର୍‌ମେସରର୍
ବାକିଅ ସଙ୍ଗ ଆରି ପାନିସଙ୍ଗ ଦଇକରି ମଣ୍ଡଲିକେ ସୁକଲ୍ କଲା ।
୨୭ ମଣ୍ଡଲିକେ ତାର୍ ମୁଆଟେ ଆନ୍‌ଲାବେଲେ, ମଣ୍ଡଲି ଜେନ୍ତାରି
କି, କାଇ ମୁର୍‌କି ନ ଅଇତେ, ଅସୁକଲ୍ ନଇତେ, କାଇ ଦସ୍ ନ
ଅଇତେ ରଇ, ତାର୍ ବାଦୁଲେ ସୁକଲ୍ ଆରି ସିଦ୍ କାରାଇ ତାକେ
ଟିଆ କରାଇସି । ୨୮ ସେନ୍ତାରିସେ ମୁନୁସ୍‌ମନ୍ ନିଜର୍ ଗାଗଡ୍‌କେ
ଜତନ୍ କରି ଆଲାଦ୍ କଲାପାରା ନିଜର୍ ମାଇଜିମନ୍‌କେ ସେନ୍ତାରି
କରା । ଜେ ନିଜର୍ ମାଇଜିକେ ଆଲାଦ୍ କର୍‌ସି, ସେ ନିଜ୍‌କେ
ମିସା ଆଲାଦ୍ କର୍‌ସି । ୨୯ କେ ମିସା କେବେ ନିଜର୍ ଗାଗଡ୍‌କେ
ଗିନ୍ ନ କରେ । ମାତର୍ ତାର୍‌ପାଇ ଦୁଆପୁଚା କରି କାଦି କୁଆଇସି
। ଜେନ୍ତାରି କି କିରିସ୍‌ଟ ତାର୍ ମଣ୍ଡଲିର୍ ପାଇ ଜତନ୍ କଲାନି ।
୩୦ କାଇକେବଇଲେ ଆମେ ସବୁ ତାର୍ ଗାଗଡର୍ ବାଗ୍ ଅଇଆଚୁ
। ୩୧ ଏଟାର୍‌ପାଇ ଦରମ୍ ସାସ୍‌ତରେ ଲେକାଅଇଆଚେ ମୁନୁସ୍
ତାର୍ ନିଜର୍ ଆୟା ବାବାକେ ଚାଡି ନିଜର୍ ମାଇଜିର୍ ସଙ୍ଗ ମିସି
ଜାଇସି । ଆରି ସେ ଦୁଇଲକ୍ ମିସି ଗଟେକ୍ ଅଇବାଇ । ୩୨ ଏଟା
ଗଟେକ୍ ବଡ୍ ଲୁଚି ରଇବା ବିସଇ । ମାତର୍ ମୁଇ କିରିସ୍‌ଟ ଆରି
ମଣ୍ଡଲି ବିତ୍‌ରେ ମିସିବିଡି ରଇବା ବିସଇ କାତା ଅଇଲିନି । ୩୩
ସାରାସାରି ତମେ ଗଟେକ୍ ଗଟେକ୍ ଲକ୍ ନିଜେ ନିଜେ ଆଲାଦ୍
ଅଇଲାପାରା ନିଜର୍ ନିଜର୍ ମାଇଜିକେ ସେନ୍ତାରି କର୍‌ବାର୍ ଆଚେ
। ଆରି ମାଇଜିମନ୍ ତାକର୍ ମୁନୁସ୍‌ମନ୍‌କେ ସନ୍‌ମାନ୍ ଦେବାର୍
ଆଚେ ।

୬ ଏ ମର୍ ପିଲାଟକିମନ୍, ତମେ ମାପ୍‌ରୁର୍ ସଙ୍ଗ ମିସ୍‌ଲାର୍‌ପାଇ
ଆୟା ବାବାର୍ କାତା ମାନିକରି ରୁଆ । ତମେ ଏନ୍ତାରି
କର୍‌ବାର୍ ଆଚେଆକା । ୨ ଏନ୍ତାରି ଲେକା ଅଇଲାଆଚେ, ନିଜର୍
ଆୟା ବାବାକେ ସନ୍‌ମାନ୍ ଦିଆସ୍ । ଜେନ୍ତାରି କି ତମର୍‌ପାଇ ସବୁ
ବିସଇ ମଙ୍ଗଲ୍ ରଇସି । ଆରି ତମେ ସାର୍‌ଦା ଅଇ ବେସି ଦିନ୍
ଜାକ ଏ ଜଗତେ ବଁଚିରଇସା । ୩ ଏଟା ଅଇଲାନି ପର୍‌ମେସରର୍
ପର୍‌ତୁମ୍ ଆଦେସ୍ ଜନ୍‌ଟା କି ସେ ଗଟେକ୍ ଦେଇରଇବା କାତା
ମିସା ତେଇ ମିସାଇଆଚେ । ୪ ଏ ବାବାମନ୍, ପିଲାମନ୍‌କେ
ରିସା କରାଆ ନାଇ । ତାର୍ ବାଦୁଲେ ସେମନ୍‌କେ ମାପ୍‌ରୁର୍
ବାକିଅ ଇସାବେ ସିକାଇକରି ବଡାଆ । ୫ ଏ ଗତିଦାଙ୍ଗଡାମନ୍,
ଏ ଜଗତେ ରଇବା ସାଉକାର୍‌ମନର୍ କାତା ମାନିକରି ରୁଆ ।
ସେମନ୍‌କେ ସନ୍‌ମାନ୍ ଦେଇ, ପୁରାପୁରୁନ୍ ମନ୍ ସଙ୍ଗ ନାମିକରି
ରୁଆ । ଜେନ୍ତାରି କି ତମେ କିରିସ୍‌ଟକେ ନାମିକରି ରଇସା ।
୬ ଅବ୍‌କା ସେମନର୍ ମୁଆଟେ ବଲ୍ ବଲାଇ ଅଇବାକେ ନାଇ,
କି ସେମନ୍ ଦେକ୍‌ଲାବେଲେସେ ନାଇ । ମାତର୍ କିରିସ୍‌ଟର୍
ଗତିଦାଙ୍ଗଡା ପାରା, ପର୍‌ମେସର୍ ମନ୍‌କଲାଟା ପୁରାପୁରୁନ୍ ମନ୍
ଦିଆନ୍ ଦେଇ କରା । ୭ ତମ୍‌କେ ଦାଇତ୍ ଦେଇରଇବା ସବୁ
କାମ୍ ସାର୍‌ଦା ସଙ୍ଗ କରା । ଜେନ୍ତାରିକି ତମେ ଅବ୍‌କା ଲକ୍‌ମନର୍
ପାଇ କାମ୍ ନ କରି ମାପ୍‌ରୁର୍ ସେବା କଲା ପାରା କରା । ୮
କାଇକେବଇଲେ ତମେ ନିକ କାମ୍ କଲେ, ମାପ୍‌ରୁ ତମ୍‌କେ
ପୁରୁସ୍‌କାର୍ ଦେଇସି । ତମେ ଗତିଦାଙ୍ଗଡା ଅଇରୁଆ କି ମୁକଲ୍‌ଲା
ଲକ୍ ଅଇରୁଆ । ୯ ଏ ସାଉକାର୍‌ମନ୍, ସେନ୍ତାରିସେ ତମର୍
ଦାଙ୍ଗଡାମନ୍‌କେ ନିକସଙ୍ଗ ଦେକାରକା କରା । ସେମନ୍‌କେ
ଦାକାପୁକା ଦିଆସ୍ ନାଇ । ତମର୍ ମନେ ରଅ, ତାକର୍ ଆରି

ତମର୍ ସାଉକାର୍ ସର୍‌ଗେ ଆଚେ । ଆରି ସେ ସାନ୍ ବଡ୍ ନ
ବାଚି ଦେକାରକା କର୍‌ସି । ୧୦ ସାରାସାରି ପଚେ, ମାପ୍‌ରୁର୍
ଟାନେ ମିସିକରି ତାର୍ ବପୁପାଇକରି ଡାଟ୍‌ଅଇରୁଆ । ୧୧
ପର୍‌ମେସର୍ ତମ୍‌କେ ଦେଇରଇବା ଜୁଇଦର୍ ସବୁ ରକାମ୍
ଆଡ୍ ଆଡିଆର୍ ସାଜାଡିକରି ରୁଆ । ଜେନ୍ତାରିକି ତମ୍‌କେ
ସଇତାନ୍ ନାଡାଇବା ବେଲେ ତାକେ ବିରଦ୍ କରିପାରାସ୍ । ୧୨
କାଇକେବଇଲେ ଆମେ ଜଗତର୍ ଲକ୍‌ମନର୍ ବିରୁଦେ ଜୁଇଦ୍
କରୁନାଇ । ମାତର୍ କାରାପ୍ ଆତ୍‌ମାମନ୍‌କେ, ଆନ୍ଦାରେ ରଇବା
ଜଗତର୍ ସାସନ୍‌କାରିଆମନ୍‌କେ, ଆରି ସର୍‌ଗେ କାରାପ୍ ବପୁ
ପାଇରଇବା ଆତ୍‌ମାମନର୍ ବିରୁଦେ ଜୁଇଦ୍ କଲୁନି । (aiōn g165)
୧୩ ତେବର୍‌ପାଇ ପର୍‌ମେସର୍ ଦେଇରଇବା ସବୁରକାମ୍ ଜୁଜ୍‌ବା
ଆଡ୍ ଆଡିଆର୍ ଗଟେକ୍ ସନିଅ ପିନ୍ଦ୍‌ଲାପାରା ପନ୍ଦିକରି ସାଜାଡା
। ସେନ୍ତାର୍ ରଇଲେ ସଇତାନ୍ ଆରି ତାର୍ କାରାପ୍ ଆତ୍‌ମାମନ୍
ତମ୍‌କେ ଜୁଜ୍‌ଲାବେଲେ ସେମନ୍‌କେ ତମେ ବିରଦ୍ କରି ପାରାସ୍
। ଜୁଇଦର୍‌ପାଇ ସବୁ ରକାମ୍‌ଟା ସାଜାଡି ରଇଲେ ତମେ ପଚେ
ନ ଗୁଚିକରି ଟିଆଅଇ ପାର୍‌ସା । ୧୪ ତେବେ ଜୁଇଦର୍‌ପାଇ
ତମେ ଏନ୍ତାରି ଜାଗ୍‌ରତ୍ ଉଆ । ଜେନ୍ତାରି କି, ପର୍‌ମେସରର୍
ସତ୍ ଆଁଟାବେଡା, ଆଁଟାଇ ବାନ୍ଦିଅଇ, ତାର୍ ଦରମର୍ ସାଞ୍ଜୁ
ଜଗାଡି ଅଇ, ୧୫ ସୁବ୍‌କବରେଅନି ଆଇବା ସାନ୍ତିର୍ ପାଣ୍ଡଇ ପିନ୍ଦି
ସାଜାଡି ଉଆ । ୧୬ ଏ ସବୁର୍ ଉପ୍‌ରେ ବିସ୍‌ବାସର୍ ଡେବାଇବା
ଡାଲ୍ ଦାରିରୁଆ । ଏ ଡାଲ୍‌ସଙ୍ଗ୍ ସଇତାନ୍ ତମର୍ ମୁଆଟେ
ବିନ୍ଦବା ଜଇର୍ କାଣ୍ଡ ଅଟ୍‌କାଇ ପାର୍‌ସା । ୧୭ ଆରି ମାପ୍‌ରୁ
ଦେଇରଇବା ମୁକ୍‌ତି, ଗଟେକ୍ ଟପିପାରା ମୁଣ୍ଡେ ରକିଆ କର୍‌ବାକେ
ପିନ୍ଦିରୁଆ । ସୁକଲ୍‌ଆତ୍‌ମା ଦେଇରଇବା କାଣ୍ଡା ଦାରିରୁଆ । ସେ
କାଣ୍ଡା ଅଇଲାନି ପର୍‌ମେସରର୍ ବାକିଅ । ୧୮ ସୁକଲ୍‌ଆତ୍‌ମା
ଚେତ୍‌ନା ଦେଲା ଇସାବେ ପାର୍‌ତନା କରା । ସବୁ ରକାମର୍
ପାର୍‌ତନା ଆରି ଗୁଆରିସଙ୍ଗ୍ ପାର୍‌ତନା କରା । ଏଟାର୍‌ଲାଗି
ଜାଗ୍‌ରତ୍ ଅଇରୁଆ । ପର୍‌ମେସରର୍ ଲକ୍‌ମନର୍‌ପାଇ ପାର୍‌ତନା
କରିଲାଗିରୁଆ । ୧୯ ମର୍‌ପାଇ ମିସା ପାର୍‌ତନା କରା । ଜେନ୍ତିକି
ମୁଇ କାତା ଅଇବାବେଲେ ପର୍‌ମେସର୍ ମକେ ଟିକ୍ ବାକିଅ ଦେଅ
। ସେନ୍ତାର୍ କଲେ, ସୁବ୍ କବରର୍ ଲୁଚିରଇବା ବିସଇ ମୁଇ କାକେ
ନ ଡରିକରି ଲକ୍‌ମନ୍‌କେ ଜାନାଇ ପାର୍‌ବି । ୨୦ ଏବେ ମୁଇ
ବନ୍ଦି ଅଇ ରଇଲେ ମିସା କିରିସ୍‌ଟର୍ ସୁବ୍‌କବର୍ ଜାନାଇବାପାଇ
ଗଟେକ୍ ରାଜାର୍ ଦୁତ୍ ପାରା ଅଇଲିଆଚି । ସୁବ୍‌କବର୍ ଟିକ୍
ସଙ୍ଗ୍, ନ ଡରିକରି ଜାନାଇବାକେ ପର୍‌ମେସର୍ ମକେ ବପୁ ଦେଅ
ବଲି ପାର୍‌ତନା କରା । ୨୧ ତକିକସ୍ ଜେ କି ଆମର୍ ଆଲାଦର୍
ବାଇ, । ସେ ମାପ୍‌ରୁକେ ବିସ୍‌ବାସ୍ ସଙ୍ଗ୍ ସେବା କଲାନି । ମୁଇ
କେନ୍ତି ଆଚି ଆରି କାଇଟା କଲିନି, ସେ ସବୁ ବିସଇ ତମ୍‌କେ
କଇଦେଇସି । ୨୨ ଆମ୍‌କେ ଗଟ୍‌ବା ବିସଇ ସବୁ ତମେ ଜାନିରୁଆ
ବଲିକରି ମୁଇ ତାକେ ତମର୍‌ଟାନେ ପାଟାଇଲିନି । ଆରି ସେ
ତମ୍‌କେ ସାର୍‌ଦା କରାଇସି । ୨୩ ଆମର୍ ବାବା ପର୍‌ମେସର୍ ଆରି
ମାପ୍‌ରୁ ଜିସୁକିରିସ୍‌ଟ ସବୁ ବିସ୍‌ବାସି ବାଇମନ୍‌କେ ସାନ୍ତି ଦେଅ ।
କିରିସ୍‌ଟକେ ବିସ୍‌ବାସ୍ କରି ତମର୍ ବିତ୍‌ରେ ଆଲାଦ୍ କରାକରି
ଅଇବାକେ ସେମନ୍ ତମ୍‌କେ ସାଇଜ କରତ୍ । ୨୪ ଆମର୍ ମାପ୍‌ରୁ
ଜିସୁ କିରିସ୍‌ଟକେ ଜେତ୍‌କି ଲକ୍ ଆଲାଦ୍ କଲାଇନି, ସେମନ୍‌କେ
ପର୍‌ମେସର୍ ତାର୍ ଜିବନ୍ ଦୁକାଇଲାଟା ଆରି ନ ସାର୍‌ବା ଆଲାଦ୍
ଦେଅ ।

# ପିଲିପିୟ୍

୧ ଏ ଚିଟି ପାଉଲ୍ ଆରି ତିମତି, କିରିସ୍ଟ ଜିସୁର୍ ଦୁଇଟା
ଗତିଦାଙ୍ଗ୍‌ଡାମନ୍ ଲେକ୍‌ଲୁନି । ଜିସୁକିରିସ୍ଟର୍ ଅଇକରି
ପିଲିପି ନଅରେ ରଇବା ସବୁ ପର୍‌ମେସର୍‌ର୍ ଲକ୍‌ମନର୍‌ପାଇ
ଏଟା ଲେକାଅଇଲା ଆଚେ । ତମର୍ ବିତ୍‌ରେ ନେତା ଅଇକରି
ତମ୍‌କେ ସାଇଜ କର୍‌ବା ଲକ୍‌ମନର୍‌ପାଇ ମିସା । ୨ ଆମର୍
ବାବା ପର୍‌ମେସର୍ ଆରି ମାପ୍‌ରୁ ଜିସୁକିରିସ୍ଟ ତମ୍‌କେ ଜିବନ୍
ଦୁକାଇକରି ସାନ୍ତି ଦେଅ । ୩ ମୁଇ ତମ୍‌କେ ଜେତ୍‌କିତର୍
ଏତାଇଲିନି, ସେତ୍‌କିତର୍ ମର୍ ପର୍‌ମେସର୍‌କେ ଦନିଅବାଦ୍
ଦେଇତେରଇବି । ୪ ପାର୍‌ତନା କଲାବେଲେ ସବୁତର୍ ତମର୍‌ପାଇ
ସାର୍‌ଦାସଙ୍ଗ୍ ପାର୍‌ତନା କଲିନି । ୫ କାଇକେବଇଲେ ସୁବ୍‌କବର୍
ଜାନାଇବା କାମେ ତମେ ମର୍ ସଙ୍ଗ୍ ମିସିକରି ରଇଲାସ୍ ।
ବିସ୍‌ବାସ୍ କର୍‌ବା ପର୍‌ତୁମ୍ ଦିନେଅନି ଆଜିକେ ଜାକ ତମେ
ମକେ ଏଟା କଲାସ୍‌ନି । ଆରି ଏବେ ମିସା କରି ଆଇଲାସ୍‌ନି
। ୬ ପର୍‌ମେସର୍ ଜେକି ତମର୍ ମନ୍ ବିତ୍‌ରେ କାମ୍ କର୍‌ବାକେ
ଆରାମ୍‌କରିଆଚେ, ଜିସୁକିରିସ୍ଟ ବାଉଡିଆଇବା ଜାକ, ସେଟା
କରି ସାରାଇସି । ୭ ତମେ ସବୁବେଲେ ମର୍ ମନ୍ ବିତ୍‌ରେ ଆଚାସ୍
। ତେବର୍‌ପାଇ ତମର୍ ବିସଇନେଇ କରି ଏନ୍ତାରି ବାବ୍‌ବାଟା
ଟିକ୍ ସେ । ମୁଇ ବନ୍ଦି ନ ଅଇକରି ରଇଲାବେଲେ କି ଏବେ
ବନ୍ଦି ରଇକରି ସୁବ୍‌କବର୍ ବିରୁଦେ ଦଦାପେଲା ଉଟ୍‌ଲାବେଲେ,
ଏଟା ସତ୍ ଆକା ବଲି ଡାଟ୍‌ସଙ୍ଗ୍ ଦେକାଇବାଟାନେ ମିସା, ତମେ
ସବୁ ମିସ୍‌ବାକେ ପର୍‌ମେସର୍ ବେଲା ଟିକ୍ କରି ଦେଲାଆଚେ
। ୮ ମୁଇ ତମ୍‌କେ ସବୁ ଲକ୍‌କେ ଆରିତରେକ୍ ଦେକ୍‌ବି ବଲି
ମନ୍ କଲିନି । ଏ ବିସଇତେଇ ନିଜେ ପର୍‌ମେସର୍ ସାକିଆଚେ ।
କାଇକେବଇଲେ ଜିସୁକିରିସ୍ଟ ଆଲାଦ୍ କଲାପାରା ମୁଇ ତମ୍‌କେ
ଆଲାଦ୍ କଲିନି । ୯ ମୁଇ ତମର୍‌ପାଇ ଏନ୍ତାରି ପାର୍‌ତନା କଲିନି,
ଜେନ୍ତାରିକି ତମେ ଆଲାଦ୍ କର୍‌ବାଟାନେ ଅଦିକ୍ ଅଦିକ୍ ବଡ୍‌ସା
। ପର୍‌ମେସର୍ ଜେନ୍ତାରି ଆଚେ, ସେ ବିସଇ ତମେ ଅଦିକ୍
ଅଦିକ୍ ଜାନ୍‌ସା ବଲି ମୁଇ ପାର୍‌ତନା କଲିନି । ଆରି ଜେଡେବଲ୍
ମିସା କନ୍‌ଟା ସତ୍ କନ୍‌ଟା ବୁଲ୍ ସେଟା ଜାନିପାର୍‌ସା । ୧୦
ସେନ୍ତାର୍‌ଆଲେ ଟିକ୍ ବିସଇ କନ୍‌ଟା ବଲି ବାଚିକରି କରିପାର୍‌ସା
। ଆରି ଏବେଅନି କିରିସ୍ଟ ବାଉଡି ଆଇବାଜାକ ସବୁ ପାପେଅନି
ମୁକ୍‌ଲିକରି କାଇ ଦସ୍ ନ ଅଇକରି ରଇପାର୍‌ସା । ୧୧ ଜେନ୍ତାରିକି
ଗଟେକ୍ ପଲ୍ ଦେବା ଗଚ୍ ପଲ୍ ଦେଇସି, ସେନ୍ତାରିସେ ତମେ
ମିସା ଜିସୁକିରିସ୍ଟର୍ ବପୁ ସଙ୍ଗ୍ ଦରମ୍ କାମର୍ ପଲ୍ ଦେଇସା ।
ଏଟା ପର୍‌ମେସର୍‌କେ ଡାକ୍‌ପୁଟା ଆରି ମଇମା କର୍‌ସି । ୧୨ ଏ
ବାଇବଇନିମନ୍, ତମେ ଜାନ୍‌ବାର୍ ଆଚେ କି କିରିସ୍ଟର୍‌ପାଇ ମର୍
ଜିବନେ ଜେତ୍‌କି ଗଟିଆଚେ, ତାର୍‌ଲାଗି ଅଦିକ୍ ଲକ୍ ସୁବ୍‌କବର୍
ବିସ୍‌ବାସ୍ କର୍‌ବାକେ ଗଟେକ୍ ବାଟ୍ ଆଇଲା । ୧୩ ଜେନ୍ତିକି,
ସମ୍‌ରାଟର୍ ମେଡେ ଜେତ୍‌କି ସଇନ ଜାଗିଆଚତ୍, ସେମନ୍ ସବୁ
ମୁଇ କିରିସ୍ଟକେ ସେବା କଲାର୍ ପାଇ ବନ୍ଦିଗରେ ଆଚିବଲି
ଜାନ୍‌ଲାଇ । ୧୪ ମୁଇ ବନ୍ଦିଗରେ ରଇଲାର୍‌ପାଇ, ଇଡି ରଇବା
କେତେକ୍ କେତେକ୍ ବିସ୍‌ବାସି ବାଇବଇନିମନ୍‌କେ ମାପ୍‌ରୁ ବପୁ
ଦେଲାଆଚେ । ପର୍‌ମେସରର୍ ବାକିଅ ନ ଡର୍‌ତେ ଜାନାଇବାକେ
ସେମନ୍‌କେ ଏବେ ସାଆସ୍ ଆଚେ । ୧୫ ଅଇଲେ ମିସା ସେମନର୍
ବିତ୍‌ରେ ଅନି କେତେଲକ୍ ମକେ ଆଁକାର୍ କଲାର୍‌ପାଇ କିରିସ୍ଟର୍
ବିସଇ ଜାନାଇବାକେ ମନ୍ କଲାଇନି । ସେମନ୍ ମର୍‌ଟାନେଅନି
ବଡ୍ ବଲି ଦେକାଇଅଇବାକେ ଏନ୍ତି କଲାଇନି । ମାତର୍ ଆରି
କେତେକ୍ ଲକ୍ ଏଟା ସତ୍ ବଲି ମନେବାବିକରି କଲାଇନି । ୧୬ ଏ
ଲକ୍‌ମନ୍ ମକେ ଆଲାଦ୍ କଲାର୍ ପାଇ ସୁବ୍‌କବର୍ ଜାନାଇଲାଇନି
। କିରିସ୍ଟର୍ ସୁବ୍‌କବର୍ ଦେକାରକା କର୍‌ବାକେ ପର୍‌ମେସର୍‌ସେ
ମକେ ଏ ବନ୍ଦିଗରେ ସଙ୍ଗ୍‌ଇଆଚେ ବଲି ଜାନିକରି ମିସା । ୧୭
ମାତର୍ ଜନ୍ ଲକ୍‌ମନ୍ ମକେ ଆଁକାର୍ କଲାଇନି, ମର୍‌ଟାନେଅନି
ବଡ୍ ଅଇବୁ ବଲିକରି, କିରିସ୍ଟର୍ ସୁବ୍‌କବର୍ ଜାନାଇଲାଇନି
। ତାକର୍ ମନେ ଏଟା ସତ୍‌ବଲି ବାବିକରି କରତ୍‌ନାଇ । ମୁଇ
ବନ୍ଦି ଗରେ ରଇକରି ଜେତ୍‌କି କସ୍ଟ ମୁରଚ୍‌ଲିନି, ତାର୍‌ତେଇଅନି
ଅଦିକ୍ କସ୍ଟ ମିସାଇବାକେ କୁଟ୍ ପାଁଚ୍‌ଲାଇନି । ୧୮ ମାତର୍ ଏଟା
ମର୍‌ପାଇ କାଇଟା ନାଇ । ସେମନ୍ ସତଇସେ କଲେ କି ବୁଲ୍
କାମର୍ ପାଇ କଲେ ମିସା, କିରିସ୍ଟର୍ ବିସଇର୍ କବର୍ ଜାନାଇ
ଅଇଲେ, ସେଟା ମୁକିଅ ବିସଇ । ଆରି ସେଟାର୍‌ପାଇ ମୁଇ
ସାର୍‌ଦା ସଙ୍ଗ୍ ରଇବି । ୧୯ ଆରି ମୁଇ ସାର୍‌ଦା ଅଇତେରଇବି ।
କାଇକେବଇଲେ ତମେ ମର୍‌ପାଇ ପାର୍‌ତନା କଲାସ୍‌ନି ବଲି ମୁଇ
ଜାନି । ଆରି ଜିସୁକିରିସ୍ଟର୍ ସୁକଲ୍ ଆତ୍‌ମାର୍ ସାଇଜର୍‌ଲାଗି
ପର୍‌ମେସର୍ ମକେ ମୁକ୍‌ଲାଇସି । ୨୦ ମୁଇ ଦିଆନ୍ ଦେଇ ଆରି
ଆସା କରି ଜାଗ୍‌ଲିନି । ମୁଇ ଜିବନ୍ ରଇଲେ କି ମର୍‌ବାକେ
ଅଇଲେ ମିସା ମର୍ କାମ୍‌ଟାନେ ଏଲା ନ କରି । ମାତର୍ ଅଦିକାର୍
ସଙ୍ଗ୍ ରଇବା ଲକ୍‌ମନର୍ ମୁଆଟେ କାତା ଅଇବାକେ ମକେ
ଅଦିକ୍ ସାଆସ୍ ଆଇସି । ଏନ୍ତାରିକରି ମୁଇ ଜେତ୍‌କି କାମ୍
କଲିନି, କିରିସ୍ଟକେ ଡାକ୍‌ପୁଟା କରାଇବି । ୨୧ କାଇକେବଇଲେ
ମର୍‌ପାଇ ଜିଇବା କାଇବାଟା ସବୁ କିରିସ୍ଟସେ । ଆରି ମର୍
ଇସାବେ, କିରିସ୍ଟର୍‌ଟାନେ ରଇକରି ମର୍‌ବାଟା ବେସି ନିକ । ୨୨
ମୁଇ ଜିଇରଇଲେ, କିରିସ୍ଟର୍‌ପାଇ ନିକ ସଙ୍ଗ୍ କାମ୍ କରିଅଇସି ।
ମାତର୍ ମଲେ ନିକ କି ଜିଇରଇଲେ ନିକ ବଲି ଜାନି ନାପାର୍‌ଲିନି
। ୨୩ ଏ ଦୁଇଟା ବିତ୍‌ରେ କାଇଟା କର୍‌ବି ବଲି ଜିକାଟାନା
ଅଇଲିନି । ଏ ଜିବନ୍ ଚାଡି ସର୍‌ଗେ କିରିସ୍ଟର୍ ସଙ୍ଗ୍ ରଇବାକେ
ମୁଇ ମନ୍ କଲିନି । କାଇକେବଇଲେ ସେଟା ଅଦିକ୍ ନିକ । ୨୪
ମାତର୍ ତମର୍‌ପାଇ ମୁଇ ଜିଇକରି ରଇବାଟା ବେସି ମୁକିଅ ବିସଇ
। ୨୫ ଏ ବିସଇ ମୁଇ ଡାଁଟ୍ ସଙ୍ଗ୍ ଜାନ୍‌ଲିନି । ତେବର୍‌ପାଇ ମୁଇ
ଜିଇକରି ରଇବି ଜେନ୍ତାରିକି, ତମେ ବିସ୍‌ବାସେ ଡାଁଟ୍ ଅଇସା ଆରି
ବିସ୍‌ବାସ୍ କଲାର୍‌ପାଇ ସାର୍‌ଦା ଅଇସା । ୨୬ ସେନ୍ତାର୍‌ଆଲେ,
ମୁଇ ତମର୍ ସଙ୍ଗ୍ ଆରିତରେକ୍ ମିସ୍‌ବାବେଲେ, ଜିସୁକିରିସ୍ଟର୍

ସଙ୍ଗ ମିସ୍ଲାର୍ପାଇ ତମେ ମର୍ ବିସଇନେଇ ବଡ୍ପନ୍ ଅଇସା । **୨୭** ସବୁର୍ଟାନେଅନି ମୁକିଅ ବିସଇ ଅଇଲାନି ଏଟା । କିରିସ୍ଟର୍ ସୁବ୍ କବର୍ ବିସ୍ବାସ୍ କର୍ବା ଲକ୍ମନ୍ କେନ୍ତାରି ଚଲାଚଲ୍ତି କର୍ବାର୍ଆଚେ, ତମେ ସେନ୍ତାରି କରା । ମୁଇ ତମ୍କେ ଦେକ୍ବାର୍ ଆଇଲେମିସା, କି ତମର୍ଟାନେଅନି ଦୁରିକେ ରଇ ଅବ୍କା ସୁନିପାର୍ଲେ ମିସା ଏନ୍ତାରି ଜିଇତେରୁଆ । ଏଟାର୍ଲାଗି ତମେ ସବୁ ଗଟେକ୍ ମନ୍ ଅଇ ମିସିଆଚାସ୍ ବଲି ମୁଇ ଜାନିପାର୍ବି । ଜନ୍ ଲକ୍ମନ୍ ସୁବ୍ କବରର୍ ବିରୁଦେ ଦଦାପେଲା କଲାଇନି, ତାକର୍ ମୁଆଟେ କିରିସ୍ଟର୍ ସୁବ୍କବର୍ ଦେକାରକା କର୍ବାକେ ତମେ ସବୁ ଗଟେକ୍ ଅଇ ଟିଆଅଇଲାସ୍ନି ବଲି ମୁଇ ଜାନ୍ବି । **୨୮** ଜନ୍ ଲକ୍ମନ୍ ତମର୍ ବିରଦେ ଆଇଲାଇନି, ସେମନ୍କେ ଡରା ନାଇ । ତମେ ସାଆସ୍ ଦାରିରଇଲେ, ପର୍ମେସର୍ ସେମନ୍କେ କୁରୁପ୍ନାସ୍ କରି ତମ୍କେ ରକିଆ କର୍ସି ବଲି ଜାନ୍ବାଇ । ଏ ସବୁ ବିସଇ ପର୍ମେସର୍ସେ କର୍ସି । **୨୯** କାଇକେବଇଲେ ପର୍ମେସର୍ ତମ୍କେ କିରିସ୍ଟକେ ଅବ୍କା ବିସ୍ବାସ୍ କର୍ବା ଦାନ୍ ଦେଏନାଇ, ମାତର୍ ତାର୍ପାଇ ଦୁକ୍ କସ୍ଟ ପାଇକରି ରଇବା ଦାନ୍ ମିସା ଦେଲାଆଚେ । **୩୦** ତମର୍ ବିରୁଦେ ଆଇବା ଲକ୍ମନର୍ ସଙ୍ଗ ଜନ୍ ଜୁଇଦେ ତମେ ରଇଲାସ୍, ସେନ୍ତାରିସେ ଗଟେକ୍ ଜୁଇଦେ ମୁଇ ମିସା ପିଲିପ୍ତେଇ ରଇଲାବେଲେ ଅଇଲାଟା ତମେ ଦେକିଆଚାସ୍ । ଆରି ଏବେ ମିସା ସେ ଜୁଇଦେ ମୁଇ ଆଚି ବଲି ତମେ ସୁନି ଆଇଲାସ୍ନି ।

**୨** ଜଦି କିରିସ୍ଟର୍ ସଙ୍ଗ ମିସ୍ଲାର୍ ପାଇ ତମର୍ ମନ୍ ସାର୍ଦା ଅଇଲାଆଚେ, ଆରି ତାର୍ ଆଲାଦର୍ ଲାଗି ସାନ୍ତି ପାଇଆଚାସ୍, ଜଦି ସୁକଲ୍ଆତ୍ମାର୍ ସଙ୍ଗ ମିସିବିଡିକରି ଆଚାସ୍, ଆରି ଜଦି କିରିସ୍ଟ ତମ୍କେ ଜିବନ୍ ଦୁକାଇ ଦୟା ଦେକାଇଆଚେ, **୨** ସେନ୍ତାର୍ଆଲେ, ମୁଇ ତମ୍କେ ଜୁଆର୍ କରି କଇଲିନି, ତମର୍ ତମର୍ ବିତ୍ରେ ଗଟେକ୍ ମନ୍ ଉଆ । ଗଟେକ୍ ଲକ୍ ଆରି ଗଟେକ୍ ଲକ୍କେ ସମାନ୍ ଇସାବେ ଆଲାଦ୍ କରା । ଗଟେକ୍ ଚିନ୍ତା କରା ଆରି ତମର୍ ଆତ୍ମାଇ ଗଟେକ୍ ଅଇକରି ତମର୍ ବାବ୍ବାଟା ଗଟେକ୍ ଅ । ଏନ୍ତାରି କରି ମକେ ପୁରାପୁରୁନ୍ ସାର୍ଦା କରାଆ । **୩** ବିନ୍ ଲକ୍ମନର୍ ଟାନେଅନି ନିଜେ ବଡ୍ ଅଇବାକେ ଚେସ୍ଟା କରାନାଇ । ଅବ୍କା ବଡ୍ପନ୍ କାତା କଇବାକେ କାଇ ବିସଇ ମିସା କରାନାଇ । ତାର୍ ବାଦୁଲେ ନିଜ୍କେ ସାନ୍ କରା । ବିନ୍ ଲକର୍ ଟାନେଅନି, ନିଜେ ମୁଇ ବଡ୍ ବଲି ବାବାନାଇ । **୪** ମର୍ ନିଜର୍ପାଇ କାଇଟାକଲେ ଅଦିକ୍ ନିକ ରଇସି ବଲି ଅବ୍କା ସେଟାସେ ବାବି ବାବି ରୁଆନାଇ । ବିନ୍ ଲକର୍ପାଇ ଜନ୍ ବିସଇ ନିକ ରଇସି, ସେଟାମିସା ଏତାଇରୁଆ । **୫** କିରିସ୍ଟ ଜିସୁର୍ ମନ୍ ଜେନ୍ତି ରଇଲା, ତମର୍ ମନ୍ମିସା ସେ ରକାମ୍ ଅ । **୬** ସେ ପର୍ମେସରର୍ ପାରା ସବୁ ରକାମ୍ ରଇଲେ ମିସା, ତାର୍ ସଙ୍ଗ ସମାନ୍ଅଇ ରଇବା ଅଦିକାର୍ ନିଜର୍ପାଇ ଦାରିକରି ରଇବି ବଲି ମନ୍ କରେ ନାଇ । **୭** ତାର୍ ବାଦୁଲେ ସେ ନିଜେ ମନ୍କରି, ତାକେ ରଇଲା ସବୁଟା ଚାଡିଦେଇ ଗଟେକ୍ ଗତିଦାଙ୍ଗଡାର୍ ରୁପ୍ ଦାରିଆଇଲା । ନର୍ ଲକ୍ ପାରା ଅଇକରି ନର୍ ଲକର୍ ବାନିମୁର୍ତି ଦାରି ଜାତ୍ଅଇଲା । **୮** ନର୍ଲକ୍ ପାରା ଅଇ ଆଇଲାପଚେ, ସେ ପର୍ମେସରର୍ ଆଦେସ୍ ମାନିକରି, ନିଜ୍କେ ଆରି ଅଦିକ୍ ସାନ୍କଲା । ଲକ୍ମନ୍ ମରାଅତ୍ବଲି ସର୍ପାଇଅଇଲା । ଅବ୍କା ମର୍ବାକେ ନାଇ, ମାତର୍ କୁରୁସ୍ କାଟେ କୁଟିମାରାଇଅଇ ଚଗାଇଅଇବାକେ ମିସା । **୯** ତେବର୍ପାଇ ପର୍ମେସର୍ ତାକେ ସବୁର୍ତେଇଅନି ଉପ୍ରେ ଉଟାଇଲା । ଆରି ସବୁର୍ ନାଉଁଟାନେଅନି ଅଦିକ୍ ଡାକ୍ପୁଟା ଆରି ଅଦିକାର୍ ରଇବା ନାଉଁ ତାକେ ଦେଲା । **୧୦** ଜେନ୍ତିକି ସରଗ୍ପୁରେ, ମଚ୍ପୁରେ ଆରି ପାତାଲେ ରଇବା ସବୁ, ଜିସୁକେ ମାଣ୍ଡିକୁଟା ଦେଇ ଜୁଆର୍ କର୍ବାଇ । ସେଟାର୍ପାଇ ପର୍ମେସର୍ ଏ ସବୁ କଲାଆଚେ । **୧୧** ଆରି ସବୁ ଲକ୍ ଜିସୁକିରିସ୍ଟସେ ମାପ୍ରୁ ବଲି ମାନିଅଇବାଇ । ଏନ୍ତାରି ଅଇଲେ ବାବା ପର୍ମେସର୍ ଡାକ୍ପୁଟା ପାଇସି । **୧୨** ତେବର୍ ପାଇ, ଏ ମର୍ ଆଲାଦର୍ ମଇତର୍ମନ୍, ତମେ ଜେନ୍ତାରିକି, ମାପ୍ରୁର୍ ଆଦେସ୍ ମାନିକରି ରଇଆଚାସ୍, ଜାଗିରଇ ଡରିକରି ତମର୍ ମୁକ୍ତିର୍ କାମ୍ ପୁରାପୁରୁନ୍ କରା । ମୁଇ ରଇଲାବେଲେସେ ନାଇ, ମାତର୍ ମୁଇ ଦୁରିକେ ରଇଲେ ମିସା ଏଟା କରା । **୧୩** ପର୍ମେସର୍ ନିଜେ ତମର୍ ବିତ୍ରେ ଏ କାମ୍ କଲାର୍ପାଇ ତମେ ଏଟା କରିପାର୍ସା । ତମ୍କେ ଜାଇଟା କରତ୍ ବଲି ସେ ମନ୍ କଲାନି, ସେ ସମାନ୍ ମନ୍ କର୍ବାଟା, ତମ୍କେ ମିସା ଦେଇସି । ଆରି ସେଟା କର୍ବାକେ ବପୁ ମିସା ଦେଇସି । **୧୪** ମୁର୍ମୁରା ଆରି କିରଜାଟି ନ ଅଇକରି ସବୁ ଲକ୍ଜାକ କାମ୍ କରା । **୧୫** ଏନ୍ତାରିକଲେ, ତମେ କାରାପ୍ କାମ୍ କଲାସ୍ନି ବଲି ବିନ୍ଲକ୍ କାଇ ଦସ୍ ନ ଦାରତ୍ ଆରି ତମେ ସୁକଲ୍ ଅଇସା । ପାପ୍କରି କାରାପ୍ କାମ୍ କର୍ବା ଲକ୍ମନର୍ ମଜାଇ ପର୍ମେସରର୍ ସିଦ୍ ପିଲାଟକି ଇସାବେ ତମେ ରଇସା । ତାକର୍ ବିତ୍ରେ ଆନ୍ଦ୍ହାର୍ ଜଗତେ ଉଜଲ୍ ଜଟକ୍ଲା ପାରା ତମର୍ ଚଲାଚଲ୍ତି ଡିସ୍ସି । **୧୬** ନ ସାର୍ବା ଜିବନର୍ କବର୍ ସବୁ ଲକ୍କେ ଜାନାଆ । ଏନ୍ତାରିକଲେ, କିରିସ୍ଟ ବାଅଡ୍ବା ଦିନେ ମୁଇ ତମର୍ ବିସଇର୍ ଲାଗି ବଡ୍ପନ୍ ଅଇବି । ତମର୍ ବିତ୍ରେ ଆବଡ୍ ଅଇକରି କରିରଇବା କାମ୍ ଚୁଟାଇ ଅଏ ନାଇ ବଲି ସେ ଦିନେ ଡିସ୍ସି । **୧୭** ସୁବ୍କବର୍ ବିସ୍ବାସ୍ କଲାର୍ପାଇ, ତମେ ଜେନ୍ତାରି ଦୁକ୍ କସ୍ଟ ପାଇକରି ମୁରଚ୍ଲାସ୍ନି, ସେନ୍ତାରିସେ ମୁଇ ମିସା ସୁବ୍କବର୍ ଜାନାଇଲାର୍ ପାଇ ଦୁକ୍ କସ୍ଟ ପାଇକରି ମରିମିସା ଜିବି । ସେନ୍ତାରିଅଇଲେ ମିସା ମୁଇ ନିଜେ ସାର୍ଦା ଅଇ ତମର୍ସଙ୍ଗ ସାର୍ଦା କର୍ବି । **୧୮** ସେନ୍ତାରିସେ ତମେମିସା ସାର୍ଦା ଅଇକରି ମର୍ସଙ୍ଗ ସାର୍ଦା କର୍ବାର୍ ଆଚେ । **୧୯** ଜଦି ମାପ୍ରୁ ମନ୍କଲେ, ତିମତିକେ ତମର୍ଟାନେ ଦାପ୍ରେ ପାଟାଇବାକେ ମନ୍ କଲିନି । ତାର୍ଟାନେଅନି ତମେ ନିକ ଆଚାସ୍ ବଲି ସୁନ୍ଲେ, ମୁଇ ମିସା ସାର୍ଦା ଅଇବି । **୨୦** ତିମତିକେ ଚାଡିଦେଲେ ଆରି ତମର୍ ବିସଇ କେ ମିସା, ଅଦିକ୍ ଚିନ୍ତା କର୍ବା ଲକ୍ ମର୍ ଲଗେ ନାଇ ।

ସେ ତମର୍ ଦୁକ୍ ସୁକ୍ ବିସଇନେଇ ସତଇସେ ଚିନ୍ତା କର୍‌ସି ।
**୨୧** ମୁଇ କାଇକେ ଏନ୍ତାରି କଇଲିନି ବଇଲେ, ସବୁ ଲକ୍ ନିଜର୍
ନିଜର୍ ମନ୍ କଲାଟା ପୁରାପୁରୁନ୍ କର୍‌ବାକେ ମନ୍ କର୍‌ବାଇ ।
ଜିସୁକିରିସ୍‌ଟ ମନ୍ କଲାଟା ପୁରାପୁରୁନ୍ କର୍‌ବାକେ ମନ୍ କରତ୍
ନାଇ । **୨୨** ତମେତା ଜାନିଆଚାସ୍, ତିମତି ନିଜ୍‌କେ ସତ୍‌ବାବେ
କାମ୍ କର୍‌ବା ଲକ୍ ପାରା ଦେକାଇଅଇଆଚେ । ସେ ଜେନ୍ତିକି
ଗଟେକ୍ ପଅ, ତାର୍ ବାବା ସଙ୍ଗ୍‌ ସେବା କର୍‌ସି, ସେନ୍ତାରିସେ
ସେ ମର୍‌ସଙ୍ଗ୍‌ ସୁବ୍‌କବର୍ ଜାନାଇବା କାମେ ମିସିଆଚେ । **୨୩**
ତେବର୍ ପାଇ, ମକେ କାଇଟା ଗଟ୍‌ସି, ସେଟା ଜାନ୍‌ଲା ଦାପ୍‌ରେ,
ତାକେ ତମର୍ ଲଗେ ପିଲିପିତେଇ ପାଟାଇବି ବଲିକରି ଆସା
କଲିନି । **୨୪** ମୁଇ ମାପ୍‌ରୁର୍ ଲଗେ ବିସ୍‌ବାସ୍ କଲିନିଜେ, ମୁଇ
ନିଜେ ମିସା ଦାପ୍‌ରେ ତମ୍‌କେ ଦେକ୍‌ବାକେ ଆଇବି । **୨୫** ମାତର୍
ଆମର୍ ବାଇ ଏପାପର୍‌ଦିତକେ ତମର୍‌ଟାନେ ପାଟାଇବି ବଲି ମୁ
ମନେ ମନେ ବାବ୍‌ଲିନି । ସେ ମର୍ ସଙ୍ଗ୍‌ କାମ୍ କରି ସୁବ୍‌କବରର୍
ଦେକାରକା ପାଇ ଆବଡ୍ କଲା । ତମର୍ ବାଦୁଲେ ମର୍ ସବୁ
ବିସଇ ପୁରାପୁରୁନ୍ କର୍‌ବାକେ ତାକେ ତମେ ପାଟାଇରଇଲାସ୍
। **୨୬** କାଇକେ ବଇଲେ ସେ ତମ୍‌କେ ଦେକ୍‌ବାକେ ବେସି ମନ୍
କଲାନି । ଆରି ତାକେ ବେମାର୍ ଦାରାଇ ଅଇଆଚେ ବଲିକରି
ତମେ ସୁନିକରି ଦାନ୍ଦ୍‌ପାନ୍ଦ୍ ଅଇରଇଲାସ୍ ବଲି ସେ ଜାନିରଇଲା
। **୨୭** ଊଁ, ସେ ମର୍‌ବା ଉପ୍‌ରେ ରଇଲା । ଆରି ପର୍‌ମେସର୍
ତାକେ ଦୟାକଲା । ଅବ୍‌କା ତାକେସେ ନାଇ, ମାତର୍ ଜେନ୍ତିକି
ମର୍‌ପାଇ ଦୁକ୍‌ଉପ୍‌ରେ ଦୁକ୍ ନ ଆସ ବଲି ମକେ ମିସା ଦୟାକଲା
। **୨୮** ତେବର୍‌ପାଇ ମୁଇ ତାକେ ଆରିତରେକ୍ ବେସି ସାର୍‌ଦା ସଙ୍ଗ୍‌
ପାଟାଇଲିନି । ଜେନ୍ତିକି ତମେ ତାକେ ଆରିତରେକ୍ ଦେକି ସାର୍‌ଦା
ଅଇସା ଆରି ମୁଇ ମିସା ଦୁକ୍ ନ କରି । **୨୯** ତେବର୍‌ପାଇ ତାକେ
ଗଟେକ୍ ବିସ୍‌ବାସି ବାଇ ଇସାବେ ସାର୍‌ଦା ସଙ୍ଗ୍‌ ଡାକିନିଆ ।
ତାର୍‌ପାରା ଲକ୍‌ମନ୍‌କେ ସନ୍‌ମାନ୍ ଦିଆସ୍ । **୩୦** କାଇକେବଇଲେ
କିରିସ୍‌ଟର୍ ଲାଗି ବଲିକରି ସେ ତାର୍ ଜିବନ୍ ବିପଦେ ପାକାଇଲା
। ଆରି ତମେ ମର୍‌ଲାଗି ବଲିକରି ସେବାକାମେ ଜାଇଟାସବୁ
ଉନା ଅଇଲାଆଚେ, ସେଟା ସବୁଜାକ ସେ ପୁରାପୁରୁନ୍ କଲା ।

**୩** ସାରାସାରି ପଚେ ଏ ମର୍ ବାଇବଇନିମନ୍, ମୁଇ ତମ୍‌କେ
ଆଗ୍‌ତୁ କଇଲାଟା ଆରିତରେକ୍ କଇବାକେ ମକେ ବିଜାର୍
ଲାଗେନାଇ । କାଇକେବଇଲେ ସେନ୍ତାରି କଲେ ବୁଲ୍ ବିସଇ
ସିକାଉମନର୍‌ଟାନେଅନି ତମେ ଜାଗ୍‌ରତ୍ ଅଇରଇସା । **୨**
କୁକୁର୍‌ମନର୍ ପାରା ରଇବା ସେନ୍ତାରି ଲକ୍‌ମନର୍ ଟାନେଅନି
ଜାଗର୍‌ତା ରୁଆ । କାଇକେବଇଲେ ସେମନ୍ କାରାପ୍ ବିସଇ
କଲାଇନି । ବିସ୍‌ବାସି ଅଇବା ମନସ୍ ପିଲାମନ୍ ସବୁ ସୁନତ୍
ଅଇବାର୍ ଆଚେ ବଲି କଇଲାଇନି । **୩** କାଇକେ ବଇଲେ
ଆମେସେ ସତଇସେ ପର୍‌ମେସରର୍ ଲକ୍ । ଆମେସେ
ସୁକଲ୍‌ଆତ୍‌ମାର୍ ସାଇଜ ସଙ୍ଗ୍‌ ପର୍‌ମେସର୍‌କେ ଜୁଆର୍ କଲୁନି ।
ଆମେ ଜିସୁ କିରିସ୍‌ଟକେ ଡାକ୍‌ପୁଟା କଲୁନି । ଆମର୍ ନିଜର୍
ରିତିନିତି ସେ ମୁକିଅ ବଲି ଚଲୁନାଇ । **୪** ମୁଇତା ଆମର୍ ରିତିନିତି
ଇସାବେ ଚାଲ୍‌ବାକେ ଅଦିକ୍ ମନ୍ କର୍‌ତି । ଜଦି କେଆଲେ
ବିନ୍ ଲକ୍ ରିତିନିତିକେ ଆସା କର୍‌ବାଇ, ସେନ୍ତାର୍‌ଆଲେ
ସେମନର୍‌ତେଇଅନି ମୁଇ ଅଦିକ୍ କର୍‌ତି । **୫** ପର୍‌ମେସର୍ ଆମର୍
ଆନିଦାଦିମନ୍‌କେ ତିଆର୍‌ଲାପାରା ଗଟେକ୍ ଆଟ୍ ଅଇଲାକେ
ମକେ ସୁନତ୍ କରିରଇଲାଇ । ମୁଇ ଗଟେକ୍ ଇସ୍‌ରାଏଲର୍ ଲକ୍
। ଦେକ୍‌ବାକେ ଗାଲେ ମୁଇ ବେନ୍‌ଜାମିନ୍ କୁଟୁମର୍ ଲକ୍ । ମୁଇ
ଗଟେକ୍ ଏବ୍‌ରିଅ ଆରି ଆମର୍ ଆନିଦାଦିମନ୍ ମିସା ଏବ୍‌ରିଅ
ରଇଲାଇ । ମସାର୍ ରିତିନିତି ମାନ୍‌ବାକେ ଗଟେକ୍ ପାରୁସି ପାରା
ରଇଲି । **୬** ପର୍‌ମେସର୍ ମନ୍‌କଲାଟା ପୁରାପୁରୁନ୍ କର୍‌ବାକେ ମୁଇ
ବେସି ମନ୍ କଲି ଆରି ସେନ୍ତାରି କରୁ କରୁ ଜିସୁର୍ ସିସ୍‌ମନ୍‌କେ
କସ୍‌ଟ ଦେଲି । ଆମର୍ ଜିଉଦି ନିୟମ୍ ସବୁ ପୁରାପୁରୁନ୍ ମାନ୍‌ଲାର୍
ପାଇ ଜଦି ଗଟେକ୍ ଲକ୍ ଦରମ୍ ଅଇପାର୍‌ତା ବଇଲେ, ମୁଇ
ସେନ୍ତାରି ଅଇତି । କାଇକେବଇଲେ ମୁଇ ସେ ସବୁ ନିୟମ୍
ମାନ୍‌ତେରଇଲି । **୭** ମାତର୍ ଆଗେ ମୁଇ ଜେତ୍‌କି ସବୁ ବିସଇ
ବେସି ମୁଲିଅ ଆଚେବଲି ବାବ୍‌ତେରଇଲି, ଏବେ କିରିସ୍‌ଟର୍ ସଙ୍ଗ୍‌
ମିସ୍‌ଲାର୍ ପାଇ ସେଟାମନ୍ ସବୁ ଚୁଚାଇସେ ବଲି ଜାନ୍‌ଲିନି । **୮**
ସେତ୍‌କିସେ ନଏଁ ଆଗ୍‌ତୁ ଜେତ୍‌କି ସବୁ ବିସଇ ପର୍‌ମେସର୍‌କେ
ସାର୍‌ଦା କରାଇବାକେ କର୍‌ତେରଇଲି, ଜିସୁ କିରିସ୍‌ଟକେ ମର୍
ମାପ୍‌ରୁ ବଲି ମାନ୍‌ଲାତେଇଅନି, ସେଟା ଚୁଚାଇସେ ବଲି ଜାନ୍‌ଲିନି
। ତାର୍‌ପାଇ ମୁଇ ସବୁ ବିସଇ ଚାଡିଦେଲିଆଚି । କିରିସ୍‌ଟର୍ ସିସ୍
ଅଇବି ବଲିକରି ସେଟାମନ୍ ଚୁଚାଇସେ ବଲି ଏତ୍‌କଲିନି । **୯**
ଜେନ୍ତାରି କି ମୁଇ ତାର୍ ସଙ୍ଗ୍‌ ପୁରାପୁରୁନ୍ ମିସିରଇବି । ରିତିନିତି
ମାନିକରି ପର୍‌ମେସରର୍ ମୁଆଟେ ଦରମ୍ ଲକ୍ ଅଇବି ବଲି
ଚେସ୍‌ଟା କର୍‌ତେରଇଲି, ଏବେ ସେଟା ସବୁ ଚାଡିଦେଲି । ତାର୍
ବାଦୁଲେ କିରିସ୍‌ଟକେ ବିସ୍‌ବାସ୍ କଲାର୍‌ପାଇ ପର୍‌ମେସର୍ ମକେ
ଦରମ୍ ଲକ୍ ଇସାବେ ଦେକ୍‌ଲାନି । **୧୦** ମୁଇ କିରିସ୍‌ଟକେ ଜାନ୍‌ବି
ବଲି ମନ୍ କଲିନି । ଆରି ପର୍‌ମେସର୍ ତାକେ ଜନ୍ ବପୁସଙ୍ଗ୍‌
ମଲାତେଇଅନି ଉଟାଇଲା, ସେ ବପୁ ମୁଇ ମର୍ ଜିବନେ ମିଲାଇବି
ବଲି ଆସା କଲିନି । ସେ ଜେନ୍ତାରି ମର୍‌ପାଇ ଦୁକ୍ କସ୍‌ଟ
ପାଇଲା, ସେନ୍ତାରିସେ ମୁଇମିସା ତାର୍‌ପାଇ ଦୁକ୍ କସ୍‌ଟ ପାଇବି
ଆରି ତାର୍ ମରନେ ମିସ୍‌ବି । **୧୧** ସେନ୍ତାରି ପର୍‌ମେସର୍ ଜେତ୍‌କି
ଲକ୍‌କେ ମଲାତେଇଅନି ଜିବନ୍ କରି ଉଟାଇସି, ସେମନର୍
ବିତ୍‌ରେଅନି ମୁଇ ଗଟେକ୍ ଲକ୍ ଅଇବି । **୧୨** ଏ ସବୁ ବିସଇ
ମୁଇ କରିସାରାଇ ଆଚି ବଲି କଇନାଇ । ପର୍‌ମେସର୍ ମକେ
ସିଦ୍ କରି ସାରାଇଆଚେ ବଲି ମିସା ମୁଇ କଇନାଇ । ମାତର୍,
କିରିସ୍‌ଟର୍ ପାରା ଅଇବାକେ ମୁଇ ବେସି ଚେସ୍‌ଟା କଲିନି ।
ସେଟାର୍‌ପାଇ କିରିସ୍‌ଟ ମକେ ବାଚ୍‌ଲା ଆଚେ । **୧୩** ନାଇ,
ମର୍ ବାଇବଇନିମନ୍, ଏ ସବୁଜାକ କରିସାରାଇଆଚି ବଲି ମୁଇ
କଇନାଇ । ମାତର୍ ଅଦିକ୍ ଗଟେକ୍ ମୁକିଅ ରଇବା ବିସଇ
ମୁଇ କଲିନି, । ଜେତ୍‌କି ସବୁ ବିସଇ ଅଇସାର୍‌ଲା ଆଚେ,

ସେଟା ସବୁ ପାସ୍ରି ଚାଡିଦେଇକରି କିରିସ୍ଟ ଜନ୍ ରକାମ୍ ମକେ
ଅଇବାର୍ଆଚେ ବଲି ମନ୍ କଲାନି, ସେନ୍ତାରି ଅଇବାକେ ମୁଇ
ଚେସ୍ଟା କଲିନି । ୧୪ ମର୍ ସାରାସାରି ଜାଗାଇ କେଟ୍ବା ଜାକ
ଆଗ୍ତୁ ଆଗ୍ତୁ ଗାଲିନି । ଜେନ୍ତିକି ମୁଇ ସର୍ଗେ ପୁରୁସ୍କାର୍
ପାଇବି । ଜିସୁକିରିସ୍ଟ ମର୍ପାଇ ଜେଡ୍କି ବିସଇ କଲାଆଚେ,
ସେଟାର୍ପାଇ ସେ ପୁରୁସ୍କାର୍ ମୁଇ ସର୍ଗେ ପାଇବି । ୧୫
ସେନ୍ତାର୍ଆଲେ ଆସା, ଆମେ ଜେଡ୍କି ଲକ୍ ସୁକଲ୍ ଅଇଆଚୁ, ଏ
ରକାମ୍ ବିସଇ ସମାନ୍ ଇସାବେ ଚିନ୍ତା କର୍ତେରଉଁ । ଆରି ଜଦି
ଏ ସବୁ ବିସଇର୍ପାଇ ତମେ ମର୍ ସଙ୍ଗ୍ ରାଜି ଉଆସ୍ନାଇ, ଟିକ୍
ସଙ୍ଗ୍ ଚିନ୍ତା କର୍ବାକେ ପର୍ମେସର୍ ତମ୍କେ ସାଇଜ କର୍ସି । ୧୬
କେନ୍ତି ମିସା ପର୍ମେସର୍ ଜେଡ୍କି ବିସଇ ସବୁ ଆମ୍କେ ଦେକାଇ
ସାରାଇଆଚେ, ସେ ସବୁଜାକ ଆମେ ମାନ୍ବାର୍ ଆଚେ । ୧୭
ଏ ମର୍ ବାଇବଇନିମନ୍, ମୁଇ ଜେନ୍ତାରି କଲିନି, ତମେ ମିସା
ସେନ୍ତାରିସେ କରା । ଆମେ ତମର୍ ସଙ୍ଗ୍ ରଇଲାବେଲେ ଜେନ୍ତି
ଚଲାଚଲ୍ତି କର୍ତେରଇଲୁ, ସେଟା ଜାଗ୍ରତ୍ ସଙ୍ଗ୍ ଦେକା ଆରି
ସେନ୍ତାରି ଚଲାଚଲ୍ତି କରା । ୧୮ କାଇକେ ବଇଲେ ମୁଇ ତମ୍କେ
ଆଗ୍ତୁ କେତେତର୍ କଇ ସାରାଇଆଚି, ଆରି ଏବେ ବେସି
ଦୁକର୍ ସଙ୍ଗ୍ କାନ୍ଦିକରି କଇଲିନି, ବେସି ଲକ୍ କିରିସ୍ଟର୍ ବିରଦି
ଇସାବେ ଚଲାଚଲ୍ତି କର୍ବାଇ । ୧୯ ସାରାସାରି ପର୍ମେସର୍
ସେମନ୍କେ ବିନାସ୍ କର୍ସି । ସେମନ୍ ଅବ୍କା ଗାଗଡ୍ ମନ୍
କର୍ବାଟା ପୁରାପୁରୁନ୍ କର୍ବାକେ ମନ୍ କଲାଇନି । ଲାଜର୍
ବିସଇ କରି ସାର୍ଦା କଲାଇନି । ଅବ୍କା ଏ ଜଗତର୍ ବିସଇସେ
ଚିନ୍ତା କଲାଇନି । ୨୦ ମାତର୍ ଆମେତା ସରଗର୍ ଲକ୍ମନ୍, ସେ
ଜାଗାଇଅନି ଆମର୍ ଉଦାର୍କାରିଆ ମାପ୍ରୁ ଜିସୁକିରିସ୍ଟ ବାଉଡି
ଆଇବା ବେଲାକେ ଆମେ ଜାଗ୍ଲୁନି । ୨୧ ଜେନ୍ତିକି ତାକେ
ଜଗତର୍ ସବୁ ବିସଇ ସର୍ପିଅଇବାଇ, ସେନ୍ତାରି ତାର୍ଟାନେ
ବପୁ ଆଚେ । ସେ ବପୁସଙ୍ଗ୍ ଆମର୍ ମର୍ବା ଗାଗଡ୍ମନ୍କେ
ନୁଆ କରି ବାଦ୍ଲାଇସି । ପର୍ମେସର୍ ତାକେ ଜିବନ୍ କରି
ଉଟାଇଲାବେଲେ, ସେ ଜନ୍ ମଇମାର୍ ଗାଗଡ୍ ପାଇରଇଲା,
ସେନ୍ତାରି ରଇବା ମଇମାର୍ ଗାଗଡ୍ ଆମ୍କେ ମିସା ଦେଇସି ।

**୪** ତେବର୍ ପାଇ ଏ ମର୍ ବିସ୍ବାସି ବାଇବଇନିମନ୍, ମୁଇ
ତମ୍କେ ଆଲାଦ୍ କରି ଦେକ୍ବାକେ ମନ୍ କଲିନି, ତମେ
ମକେ ବେସି ସାର୍ଦା କରାଇଲାସ୍ନି ଆରି ତମେ ଆକା ମର୍
ପୁରୁସ୍କାର୍ । ମର୍ ମଇତର୍ମନ୍, ମୁଇ ତମ୍କେ ଜେଡ୍କି ବିସଇ
କଇଆଚି, ସେନ୍ତାରିସେ ମାପ୍ରୁର୍ଟାନେ ବିସ୍ବାସେ ଡାଟ୍ ରୁଆ ।
୨ ଇୟଦିଆକେ ଆରି ସନ୍ତୁକେ ମୁଇ ବାବୁଜିଆକରି କଇଲିନି,
ତମେ ଦୁଇଲକ୍ ଜାକ ମାପ୍ରୁର୍ ଲକ୍ ଅଇଆଚାସ୍ । ତେବର୍ ପାଇ
ତମର୍ ବିଡ୍ରେ ଗଟେକ୍ ମନ୍ ଅଇ ରାଜିଉଆ । ୩ ଆରି ବାଇ ଜେ
କି ସବୁବେଲେ ମକେ ସାଇଜ କର୍ସୁ, ଏ ଦୁଇଟା ମାଇଜିମନ୍ ସାନ୍ତି
ସଙ୍ଗ୍ ରଇବାକେ ତୁଇ ସାଇଜ କର୍ । କାଇକେବଇଲେ ସୁବ୍କବର୍
ଜାନାଇବା କାମେ ସେମନ୍ ମର୍ସଙ୍ଗ୍ ରଇକରି ବେସି ଆବଡ୍
ଅଇଲାଇ ଆଚତ୍ । ସେନ୍ତାରିସେ କେଲେମେନ୍ଟ ଆରି ବିନ୍
ଲକ୍ମନ୍ ମିସା ମର୍ ସଙ୍ଗ୍ କାମ୍ କର୍ତେରଇଲାଇ । ପର୍ମେସର୍
ତାର୍ ବଇଟାନେ ସେମନର୍ ସବୁ ଲକର୍ ନାଉଁ ଲେକ୍ଲା ଆଚେ
। ସେ ସବୁ ଲକ୍ ନ ସାର୍ବା ଜିବନ୍ ପାଇଲାଇ ଆଚତ୍ । ୪
ମାପ୍ରୁର୍ ସଙ୍ଗ୍ ମିସିରଇଲାର୍ପାଇ ସବୁବେଲେ ସାର୍ଦା ଅଇକରି
ରୁଆ । ମୁଇ ଆରିତରେକ୍ କଇଲିନି ସାର୍ଦା ଅଇକରି ରୁଆ
। ୫ ଦରମ୍ ଅଇକରି ସବୁ ଲକର୍ ସଙ୍ଗ୍ ଚଲାଚଲ୍ତି କରା ।
ମାପ୍ରୁ ଆଇବା ଦିନ୍ କେଟି ଆଇଲାନି ବଲି ପାସ୍ରାନାଇ । ୬
କାଇ ବିସଇ ନେଇକରି ମିସା ଚିନ୍ତା କରି ଦାନ୍ଦ୍ର ଉଆନାଇ ।
ତାର୍ ବାଦୁଲେ ସବୁ ଗଟ୍ନା ଅଇଲା ବେଲେ, ତମ୍କେ ଜାଇଟା
ଲଡା ଆଚେ, ସେ ବିସଇ ପର୍ମେସର୍କେ ଗୁଆରି କରା । ଆରି
ପାର୍ତନା କଲାବେଲେ, ତାକେ ଦନିଅବାଦ୍ ମିସା ଦିଆସ୍ ।
୭ ଏନ୍ତାରି କଲେ, ପର୍ମେସର୍ ତମ୍କେ ସାନ୍ତି ଦେଇସି । ଏ
ସାନ୍ତି ଲକ୍ମନ୍ ବୁଜ୍ବା ସାନ୍ତିର୍ପାରା ନାଇ । କିରିସ୍ଟ ଜିସୁର୍
ସଙ୍ଗ୍ ମିସ୍ଲାର୍ପାଇ ଜଦି ଏ ସାନ୍ତି ତମେ ପାଇଲେ, ତମର୍
ଜିବନେ କସ୍ଟ ଆଇଲେ ମିସା ନ ଡରିକରି, ଚିନ୍ତାକରି ଦାନ୍ଦ୍ର
ନ ଅଇବାକେ ସାଇଜ କର୍ସି । ୮ ସାରାସାରି ପଚେ ଏ ମର୍
ବାଇବଇନିମନ୍, ଜେଡ୍କି ସବୁ ବିସଇ ନିକ ରଇସି, ଜେଡ୍କି ସବୁ
ବିସଇ ସନ୍ମାନ୍ ପାଇସି, ଜନ୍ ସବୁ ବିସଇ ସତ୍ ରଇସି, ଜନ୍ ସବୁ
ବିସଇ ପାପ୍ ନଇତେ ରଇସି, ଜନ୍ ସବୁ ବିସଇ ଦରମ୍ ରଇସି,
ଆରି ଡାକ୍ପୁଟା ରଇସି, ଏ ସବୁ ବିସଇନେଇ ଚିନ୍ତା କରା । ୯
ତମ୍କେ ମୁଇ ଜେଡ୍କି ସବୁ ବିସଇ ସିକାଇରଇଲି, ଆରି ତମେ
ମାନିରଇଲାସ୍ ସେଟା ସବୁ କର୍ତେରୁଆ । ମୁଇ ଜେଡ୍କି ବିସଇ
କଇତେରଇଲି, ସେଟା ସୁନ୍ତେରଇଲାସ୍ ଆରି ଜେଡ୍କି ବିସଇ
କର୍ତେରଇଲି, ସେଟା ଦେକିରଇଲାସ୍, ସେଟା ସବୁ କର୍ତେରୁଆ
। ପର୍ମେସର୍ ତମର୍ସଙ୍ଗ୍ ରଇ ତମ୍କେ ସାନ୍ତି ଦେଇସି । ୧୦
ମାପ୍ରୁର୍ ସଙ୍ଗ୍ ମିସ୍ଲାର୍ ପାଇ ମୁଇ ବେସି ସାର୍ଦା ଅଇଲିନି ।
କାଇକେବଇଲେ, ମକେ ଲଡାକେ ଲାଗ୍ବାଟା ପାଟାଇଦେଲାକେ
ତମେ ମର୍ ବିସଇ ଚିନ୍ତା କଲାସ୍ନି ବଲି ମୁଇ ଜାନ୍ଲିନି । ତମର୍
ଆଲାଦ୍ ଦେକାଇବାକେ ଏବେସେ ତମ୍କେ ବେଲା ଟିକ୍ ଅଇଲା
। ୧୧ ମକେ ଲଡାକେ ଲାଗ୍ବା ବିସଇ ମର୍ଲଗେ ନ ରଇଲାକେ
ବଲି ଏନ୍ତାରି କଇନାଇ । କାଇକେବଇଲେ ମର୍ ଜିବନର୍ କାଇ
ରକାମର୍ ଗଟ୍ନା ଆଇଲେ ମିସା, ସାର୍ଦା ସଙ୍ଗ୍ ରଇବାକେ
ସିକ୍ଲିଆଚି । ୧୨ ଅଲପ୍କେ ମିସା ସାର୍ଦାସଙ୍ଗ୍ ରଇବାକେ, କି
ବୁତେକ୍ ରଇଲେ ମିସା ସାର୍ଦା ସଙ୍ଗ୍ ରଇବାକେ ସିକ୍ଲିଆଚି
। ପେଟ୍ ପୁର୍ତେ କାଇଲେମିସା, କି ବୁକେ ରଇଲେ ମିସା,
ଲଡାକେ ଆଇବା ସବୁ ବିସଇ ରଇଲେ ମିସା, ନ ରଇଲେ ମିସା,
ସାର୍ଦାସଙ୍ଗ୍ ରଇବାକେ ମୁଇ ଜାନି । ୧୩ ଏ ସବୁ ଗଟ୍ନା ଆଇଲେ
ମିସା ମୁଇ ମୁର୍ଚିକରି ରଇବାକେ ସିକ୍ଲିଆଚି । କାଇକେବଇଲେ,
କିରିସ୍ଟ ମକେ ବପୁ ଦେଲାନି । ୧୪ ଏନ୍ତାରି ଅଇଲେ ମିସା ଅବାବ୍
ରଇଲା ବେଲାଇ, ତମେ ମକେ ଦୟାଦେକାଇ ମର୍ପାଇ ସାଇଜ

ପାଟାଇଲାସ୍ । **୧୫** ପିଲିପିଅତେଇ ରଇବା ବାଇବଇନିମନ୍,
ତମେ ସତଇସେ ଜାନିଆଚାସ୍, ସିଗ୍ ପର୍‌ତୁମ୍ ସୁବ୍‌କବରର୍
ବିସଇ ସିକାଇବା ବେଲେ, ମୁଇ ମାକେଦନିଆଇଅନି ଜେଡେବଲ୍
ବାରଇ ଜାଇରଇଲି, । ବିସ୍‌ବାସି ମନର୍ ଦଲ୍ ବିତ୍‌ରେ, ତମର୍
ମଣ୍ଡଲିର୍ ବିସ୍‌ବାସିମନ୍‌ସେ ମକେ ଡାବୁ ଦାନ୍ କରିରଇଲାସ୍
। **୧୬** ତେସଲନିକିଆ ନଅରେ ରଇବାବେଲେ ମିସା ମକେ
ଲଡା ରଇଲାବେଲେ, ତମେ ଦୁଇତର୍ ଦାନ୍ ପାଟାଇଲାସ୍ । **୧୭**
ତମ୍‌କେ ମୁଇ ଦାନ୍ ପାଟାଇତେରଅତ୍ ବଲି ଏନ୍ତାରି କଇନାଇ
। ମାତର୍ ମକେ ସାଇଜ କଲାର୍ ପାଇ, ପର୍‌ମେସର୍ ତମ୍‌କେ
ପୁରୁସ୍‌କାର ଦେଅ ବଲି ମୁଇ ମନ୍ କଲିନି । **୧୮** ତେବେ ତମେ
ମର୍‌ପାଇ ପାଟାଇଲାଟା ସବୁଜାକ ମର୍‌ଟାନେ କେଟ୍‌ଲା ଆଚେ ।
ଆରି ସେଟା ମର୍‌ପାଇ ଅଦିକ୍ । ତମେ ପାଟାଇଲା ସବୁ ବିସଇ
ଏପାପର୍‌ଦିସ୍ ମର୍‌ଲଗେ ଆନ୍‌ଲାକେ, ମକେ ଲଡାକେ ଆଇବା
ସବୁ ମୁଇ ମିଲାଇଆଚି । ଏନ୍ତାରି କଲାକେ ତମେ ପର୍‌ମେସର୍‌କେ
ସର୍‌ପି ଦେଲା ନିକ ବାସ୍‌ନା ଅଇବା ଦାନ୍ ପାରା ଅଇଲା ଆଚେ ।
ସେ ସେଟା ସଜ୍ଞଇକରି ସାର୍‌ଦା ଅଇଲାଆଚେ । **୧୯** ଜିସୁକିରିସ୍‌ଟ
କରି ରଇବା କାମର୍ ଲାଗି, ବେସି ରଇବା ତାର୍ ଦନ୍‌ସଁପତି
ଟାନେଅନି ସେ ତକେ ଲଡାକେ ଆଇବା ସବୁ ବିସଇ ଦେଇସି ।
**୨୦** ଆମର୍ ସରଗର୍ ବାବା ପର୍‌ମେସର୍ କାଲ୍ କାଲ୍ ଜୁଗ୍‌ଜୁଗ୍
ଡାକ୍‌ପୁଟା ପାଅ । ଆମେନ୍! (aiōn g165) **୨୧** କିରିସ୍‌ଟ ଜିସୁକେ
ବିସ୍‌ବାସ୍ କର୍‌ବା ପର୍‌ମେସରର୍ ସବୁ ଲକ୍‌ମନ୍‌କେ ଜୁଆର୍ କରା
। ମର୍‌ସଙ୍ଗ ରଇବା ଆମର୍ ବିସ୍‌ବାସି ବାଇବନିମନ୍ ତାକର୍
ଜୁଆର୍ ଜାନାଇଲାଇନି । **୨୨** ଏ ନଅରେ ରଇବା ବାକି ସବୁ
ପର୍‌ମେସରର୍ ଲକ୍‌ମନ୍ ତମ୍‌କେ ଜୁଆର୍ ଜାନାଇଲାଇନି । ଜନ୍
ବିସ୍‌ବାସିମନ୍, ଜନ୍‌ଲକ୍ କି ରମିଅ ସାସନ୍‌କାରିଆର୍ ଗଡିଦାଙ୍ଗଡା
ଅଇଲାଇଆଚତ୍, ସେମନ୍ ତାକର୍ ଜୁଆର୍ ଜାନାଇଲାଇନି । **୨୩**
ମାପ୍‌ରୁ ଜିସୁକିରିସ୍‌ଟ ତମ୍‌କେ ଜିବନ୍ ଦୁକାଇ ଦୟା କଲାଟା
ତମର୍ ବିତ୍‌ରେ ରଅ ।

# କଲସିଅ

୧ ଏ ଚିଟି ମୁଇ ପାଉଲ୍ ଆରି ବିସ୍ବାସର୍ ଲାଗି ଆମର୍
ବାଇଅଇରଇବା ତିମତି ମିସି ଲେକ୍ଲୁନି । ପର୍ମେସର୍ ମକେ
ବାଚ୍ଲାର୍ପାଇ ମୁଇ ଜିସୁକିରିସ୍ଟର୍ ଗଟେକ୍ ପେରିତ୍ ଅଇଆଚି
। ୨ କଲସି ନଅରେ ରଇବା ପର୍ମେସରର୍ ଲକ୍ମନ୍ ତମ୍କେ,
ମୁଇ ଏ ଚିଟି ଲେକି ପାଟାଇଲିନି । ତମେ ଆମର୍ ବିସ୍ବାସ୍
ରଇବା ବାଇବଇନିମନ୍ ଆରି କିରିସ୍ଟର୍ ସଙ୍ଗ୍ ମିସିଆଚାସ୍
। ଆମର୍ ବାବା ପର୍ମେସର୍ ତମ୍କେ ଜିବନ୍ ଦୁକାଇ ସାନ୍ତି
ଦେଅ । ୩ ଆମେ ତମର୍ପାଇ ପାର୍ତନା କଲାବେଲେ ଆମର୍
ମାପ୍ରୁ ଜିସୁକିରିସ୍ଟର୍ ବାବା ପର୍ମେସର୍କେ ଦନିଅବାଦ୍
ଦେଲୁନି । ୪ କାଇକେବଇଲେ ମାପ୍ରୁ ଜିସୁକିରିସ୍ଟର୍ ତେଇ
ରଇବା ତମର୍ ବିସ୍ବାସ୍ ଆରି ପର୍ମେସରର୍ ଲକ୍ମନର୍
ପାଇ ରଇବା ତମର୍ ଆଲାଦର୍ ବିସଇ ଆମେ ସୁନିଆଚୁ
। ୫ ତମେ ପର୍ତୁମ୍ ସୁବ୍ କବରର୍ ବିସଇ ସୁନ୍ଲାବେଲେ,
ସୁବ୍କବରେ ରଇବା ଆସାକର୍ବା ବିସଇ ଜାନିରଇଲାସ୍ ।
ତେବର୍ପାଇ ତମେ ବିସ୍ବାସ୍ କରି ପର୍ମେସରର୍ ଲକ୍ମନ୍କେ
ଆଲାଦ୍ କର୍ତେ ରଇଲାସ୍ । ତମର୍ପାଇ ସର୍ଗେ ତିଆର୍
ଅଇରଇବା ପୁରୁସ୍କାର୍ ଆସାକରି ଏନ୍ତାରି କଲାସ୍ । ୬
ଗୁଲାଇ ଜଗତର୍ କେତେକ୍ କେତେକ୍ ଲକ୍ମନ୍ ଏ ସୁବ୍କବର୍
ବିସ୍ବାସ୍କରି ତାକର୍ ମନ୍ ବାଦ୍ଲାଇଲାଇନି । ତମେ ସୁବ୍କବର୍
ସୁନ୍ଲା ପର୍ତୁମ୍ ଦିନେଅନି ତମର୍ ବିତ୍ରେ ମିସା ଏନ୍ତାରିସେ
ଅଇରଇଲା ଆରି ପର୍ମେସର୍ ଜିବନ୍ ଦୁକାଇଲା ସତ୍ ବିସଇ
ତମେ ପୁରାପୁରୁନ୍ ଜାନିରଇଲାସ୍ । ୭ ପର୍ମେସର୍ ତାର୍
ଜିବନ୍ ଦୁକାଇ ଦୟା ଦେକାଇଲା ବିସଇ ଆମର୍ ଆଲାଦର୍
ଗତିଦାଙ୍ଗ୍ଡା ଏପାପରାସ୍ ତମ୍କେ ସିକାଇରଇଲା । ଆମର୍
ବାଦୁଲେ ସେ ବିସ୍ବାସ୍ ରଇକରି କିରିସ୍ଟକେ ସେବାକଲାନି
। ୮ ପର୍ମେସର୍ ଲକ୍ମନ୍କେ ଆଲାଦ୍ କର୍ବାକେ ତମ୍କେ
ସୁକଲ୍ଆତ୍ମା କେନ୍ତାରି ସାଇଜ କଲାଆଚେ ବଲି ଏପାପରସ୍
ଆମ୍କେ ଜାନାଇଆଚେ । ୯ ଆମେ ତମର୍ ବିସଇର୍ ଏ
ନିକ କବର୍ ସୁନିକରି, ତମର୍ପାଇ ପାର୍ତନା କରିଲାଗିଆଚୁ ।
ତାର୍ ସୁକଲ୍ଆତ୍ମାଇଅନି ପାଇରଇବା ଗିଆନ୍ ଆରି ବୁଜ୍ବା
ବପୁସଙ୍ଗ୍ ସେ ମନ୍କଲାଟା ତମେ ପୁରାପୁରୁନ୍ ଜାନିପାର୍ସା
ବଲି ଆମେ ମାପ୍ରୁକେ ଗୁଆରି କଲୁନି । ୧୦ ତେବର୍ପାଇ
ତମେ ତାକେ ସାର୍ଦା କରାଇଲାପାରା ଚଲାଚଲ୍ତିକରି ସେ
ମନ୍କଲାପାରା ଜିଉନାକାଉନା କର୍ସା । ବିନ୍ ଲକ୍ମନ୍କେ
ସାଇଜ କରିଲାଗିରଇସା ଆରି ପର୍ମେସରର୍ ବିସଇ ଜାନ୍ବାକେ
ଅଦିକ୍ ଅଦିକ୍ ବଡିଆଇସା । ୧୧ ତାର୍ ବଡ୍ ବପୁସଙ୍ଗ୍ ନିଜେ
ବପୁଅଇ ତମେ ସାର୍ଦାସଙ୍ଗ୍ ମୁର୍ଚିକରି ରଇପାର୍ସା । ୧୨ ବାବା
ପର୍ମେସର୍ ଉଜଲର୍ ରାଇଜେ ତାର୍ ଲକ୍ମନର୍ ପାଇ ଜାଇଟା
ଟୁଲିଆଇ ଆଚେ, ତେଇ ମିସ୍ବାକେ ସେ ତମ୍କେ ବାଚ୍ଲା ଆଚେ
। ସେଟାର୍ପାଇ ସାର୍ଦା ସଙ୍ଗ୍ ତାକେ ଦନିଅବାଦ୍ ଦେଇସା
। ୧୩ ସେ ଆମ୍କେ ଆନ୍ଦାରର୍ ବପୁତେଇଅନି ମୁକ୍ଲାଇକରି
ତାର୍ ଆଲାଦର୍ ପଅର୍ ରାଇଜେ ଡାକିଆନିଆଚେ । ୧୪ ତାର୍
ପଅର୍ଲାଗି ସେ ଆମ୍କେ ମୁକ୍ଲାଇକରି ଆମର୍ ସବୁ ପାପ୍ କେମା
କରିଦେଲାଆଚେ । ୧୫ କିରିସ୍ଟ ନ ଡିସ୍ବା ପର୍ମେସରର୍
ସମାନ୍ ବାନିମୁର୍ତି ଆଚେ । ତିଆର୍ କରିରଇବା ସବୁର୍ ଉପ୍ରେ,
ପର୍ତୁମ୍ ଜନମ୍ ଅଇଲା ପଅ ଇସାବେ, ତାର୍ ଅଦିକାର୍ ଆଚେ
। ୧୬ କାଇକେବଇଲେ ପର୍ମେସର୍ ତାର୍ଟାନେଅନି ସବୁ
ବିସଇ ତିଆର୍କଲା ଆଚେ । ଜଗତେ ରଇବାଟା ସବୁଜାକ,
ସର୍ଗେ ରଇବାଟା ସବୁଜାକ, ଡିସ୍ବାଟା ଆରି ନ ଡିସ୍ବାଟା,
ବପୁରଇ ସାସନ୍ କର୍ବା ଦୁତ୍ମନ୍ ଆରି ଆତ୍ମା ରଇବାଟାମନ୍
। କିରିସ୍ଟର୍ତେଇଅନି ସବୁ ବିସଇ ତିଆର୍ କରିରଇଲା ଆରି
ତାର୍ଲାଗିସେ ସବୁ ବଁଚିଆଚତ୍ । ୧୭ କାଇଟା ତିଆର୍ ନ
ଅଇତେ ସେ ରଇଲା, ଆରି ତାର୍ଟାନେ ସବୁ ବିସଇ ମିସିକରି
ଚାଲ୍ତେରଇସି । ୧୮ ମଣ୍ଡ୍ଲି ଅଇଲାନି ତାର୍ ଗାଗଡ୍ ଆରି
ସେ ମଣ୍ଡ୍ଲିର୍ ମୁଣ୍ଡ । ମୁଣ୍ଡ ଗାଗଡ୍କେ ସାସନ୍ କଲାପାରା, ସେ
ମଣ୍ଡ୍ଲିକେ ସାସନ୍ କଲାନି । ତାକେସେ ପର୍ମେସର୍ ମରନେଅନି
ପର୍ତୁମ୍ ଉଟାଇରଇଲା । ଜେନ୍ତିକି କିରିସ୍ଟ ସବୁର୍ ଉପ୍ରେ
ସାସନ୍ କର୍ସି । ୧୯ କାଇକେବଇଲେ ପର୍ମେସର୍ ତାର୍
ପଅକେ ତାର୍ ପୁରାପୁରୁନ୍ ଗୁନ୍ଚଲନ୍ସଙ୍ଗ୍ ରଅ ବଲି ଟିକ୍
କରିରଇଲା । ୨୦ ଆରି କିରିସ୍ଟର୍ଟାନେଅନି ସେ ତିଆର୍
କରିରଇବା ସବୁଜାକ, ତାର୍ଟାନେ ବାଉଡାଇ ଆନ୍ବି ବଲି ଟିକ୍
କରିରଇଲା । ଦର୍ତନିଟାନେ ରଇବାଟା ଅ କି ସର୍ଗେ ରଇବାଟା
ଅ । ତାର୍ ପଅ କୁରୁସ୍କାଟେ ମରି ବନି ଜରାଇଲାର୍ପାଇ ସବୁ
ବିସଇ ତାର୍ଟାନେ ସାନ୍ତିଅଇ ରଇସି । ୨୧ ଗଟେକ୍ ବେଲାଇ
ତମେ ପର୍ମେସରର୍ ଟାନେଅନି ବେଗ୍ଲି ରଇଲାସ୍ । ତମେ
କରିରଇବା ଆରି ମନେ ବାବିରଇବା କାରାପ୍ ବିସଇର୍ ଲାଗି
ତାର୍ ସତ୍ରୁ ଅଇରଇଲାସ୍ । ୨୨ ମାତର୍ ଏବେ କିରିସ୍ଟ ନର୍
ରୁପ୍ ନେଇ ମଲାର୍ ପାଇ ସେ ତମ୍କେ ତାର୍ ମୁଆଟେ ସାନ୍ତି
ସଙ୍ଗ୍ ଆଇବାକେ ଟିକ୍ କଲାଆଚେ । ତମେ ତାର୍ ମୁଆଟେ
ଟିଆଅଇଲାବେଲେ ତମ୍କେ ପୁରାପୁରୁନ୍ ସୁକଲ୍ ଇସାବେ କାଇ
ପାପ୍ ନ କରି, କାଇ ନିନ୍ଦା ନ ରଇଲା ଲକର୍ପାରା ସେ ଦେକ୍ସି ।
୨୩ ତମେ ବିସ୍ବାସ୍ କରିଲାଗିରଇଲେ, ତମର୍ ବିସ୍ବାସ୍ ଡାଟ୍
ରଇସି । ସୁବ୍ କବର୍ଟାନେ ମାପ୍ରୁ ଜନ୍ ଆସା ଦେବି ବଲି କାତା
ଦେଇଆଚେ, ସେ ଆସା ପାଇବାଟାନେଅନି ତମ୍କେ କେ ମିସା
ନ ତେବାଅତ୍ । ଏ କବର୍ ତମେ ଆଗ୍ତୁ ସୁନିସାରାଇଆଚାସ୍
। ଆରି ଜଗତର୍ ଗୁଲାଇଲକ୍କେ ଜାନାଇଅଇଆଚେ । ଏ
ସୁବ୍ କବର୍ ଜାନାଇବାକେ ମୁଇ ପାଉଲ୍ ଗଟେକ୍ ଗତିଦାଙ୍ଗ୍ଡା
ଅଇଲିଆଚି । ୨୪ ଏବେ ମୁଇ ସାର୍ଦାଅଇଆଚି । କାଇକେବଇଲେ
ଜେତ୍କି ଦୁକ୍କସ୍ଟ ମୁଇ ମୁର୍ଚିକରିଆଚି, ସେଟା ତମର୍
ନିକପାଇ । ତାର୍ ବାଦୁଲେ ରଇକରି ଜେତ୍କି ଦୁକ୍କସ୍ଟ

ମକେ ମୁରତ୍‌ବାକେ କିରିସ୍‌ଟ ମନ୍ କଲାନି, ସେଟା ସବୁ
ସାର୍‌ଦାସଙ୍ଗ୍ କଲିନି । ତାର୍ ଗାଗଡ୍ ପାରା ରଇବା ତାର୍ ମଣ୍ଡ୍‌ଲିର୍
ନିକପାଇ ମୁଇ ସେଟା କଲିନି । ୨୫ ପର୍‌ମେସର୍ ମକେ
ମଣ୍ଡ୍‌ଲିର୍ ଗତିଦାଙ୍ଗ୍‌ଡା କରିଆଚେ । ତମ୍‌କେ ସାଇଜ କର୍‌ବାକେ
ସେ ମକେ ବାଚିଆଚେ । ତାର୍ କବର୍ ତମ୍‌କେ ପୁରାପୁରୁନ୍
ଜାନାଇବାଟା ଅଇଲାନି ମର୍ କାମ୍ । ୨୬ ପୁର୍‌ବେ ବଁଚିରଇବା
ସବୁଲକର୍ ଟାନେଅନି ଏ ବିସଇ ଲୁଚାଇକରି ସଙ୍ଗ୍‌ଇରଇଲା
। ମାତର୍ ଏବେ ସେଟା ତାର୍ ଲକ୍‌ମନ୍‌କେ ସେ ଜାନାଇଆଚେ
। (aiōn g165) ୨୭ ଜିଉଦି ନ ଅଇଲା ଲକ୍‌ମନର୍ ପାଇ ସେ
ଟିକ୍ କରିରଇବା ମଇମାସଙ୍ଗ୍‌ର୍ ଜଜ୍‌ନା ତାର୍ ଲକ୍‌ମନ୍‌କେ
ଜାନାଇବାକେ ପର୍‌ମେସର୍ ଟିକ୍‌କଲା । ସେ ଲୁଚିରଇବା ବିସଇ
ଅଇଲାନି, ଜିଉଦି ନଇଲା ଲକ୍‌ମନର୍‌ଟାନେମିସା କିରିସ୍‌ଟ ରଇସି
। ଆରି ସେ କାତା ଦେଇରଇବା ସବୁ ରକାମର୍ ମଇମା ତମେମିସା
ପାଇସା ବଲି ଜାନିରୁଆ । ୨୮ କିରିସ୍‌ଟର୍ ବିସଇ ରଇବା ଏ କବର୍
ଆମେ ସବୁକେ ଜାନାଇଲୁନି । ଆମେ ସବୁକେ ଜାଗ୍‌ରତ୍ କରାଇ,
ସେ ଆମ୍‌କେ ଦେଇରଇବା ଗିଆନ୍ ସଙ୍ଗ୍ ସିକାଇଲୁନି । ଜେନ୍ତାରିକି
ସେମନ୍ ତାର୍ ମୁଆଟେ ଟିଆଅଇଲାବେଲେ କିରିସ୍‌ଟର୍‌ସଙ୍ଗ୍
ମିସିରଇଲା ସବୁଲକ୍ ପୁରାପୁରୁନ୍ ସିଦ୍ ଅଇରଇବାଇ । ୨୯ ଏ
କାମ୍ ମୁଇ ପୁରାପୁରୁନ୍ କର୍‌ବାକେ ମକେ କିରିସ୍‌ଟ ଦେଇରଇବା
ବଡ୍ ବପୁସଙ୍ଗ୍ ଆବଡ୍ ଅଇ କଲିନି ।

**୨** କାଇକେବଇଲେ ତମର୍‌ପାଇ, ଲାଉଦିକିଆର୍ ଲକ୍‌ମନ୍‌କେ
ଆରି ଏବେ ଜେତ୍‌କି ଲକ୍ ମକେ ନ ଦେକିରଇଲାଇ, ସେ
ସବୁଲକର୍ ପାଇ, ମୁଇ କେତେକ୍ କସ୍‌ଟ କଲିନି, ସେଟା ତମେ
ଜାନା ବଲିକରି ମନ୍‌କଲିନି । ୨ ଏ ସବୁ ବିସଇ ତମ୍‌କେ ଆତ୍‌ମା
ଇସାବେ ସାର୍‌ଦା କରାଇବାପାଇ ମୁଇ କଲିନି । ଜେନ୍ତାରିକି
ତମେ ଗଟେକ୍ ମନ୍ ଅଇକରି ଆଲାଦ୍ କରାକରି ଅଇସା । ତମେ
ପୁରାପୁରୁନ୍ ବୁଜ୍‌ବାବେଲେ ବେସି ଆସା ଆରି ସାର୍‌ଦା ଅଇରଇସା
। ଜଦି ତମ୍‌କେ ଏ ଆସା ରଇଲେ, ପର୍‌ମେସର୍ ଜଜ୍‌ନା କଲାଟା
ଜାନିପାରାସ୍ । ସେ ଆସା ପୁର୍‌ବେ ରଇଲା ଲକ୍‌ମନ୍‌କେ ଜାନାଇ
ନ ରଇଲା । ସେଟା ନିଜେ କିରିସ୍‌ଟର୍ ବିସଇସେ । ୩ ସେ
ନିଜେ ଏ କବରର୍ ଅରତ୍ ବୁଜାଇପାର୍‌ସି । ସେଟା ଗଟେକ୍ ବେସି
ମୁଲିଅ ରଇବା ବିସଇ । ୪ କେ ମିସା କାତାର୍ ଚାଲାକିସଙ୍ଗ୍
ତମ୍‌କେ ନ ନାଡାଅତ୍ ବଲି ଆସାକରି ଏଟା ମୁଇ ତମ୍‌କେ
ଲେକ୍‌ଲିନି । ସେମନ୍ କଇବା କାତା ସତ୍‌ପାରା ଲାଗ୍‌ଲେମିସା
ନାଡାଇ ଉଆନାଇ । ୫ କାଇକେବଇଲେ ଗାଗଡ୍ ଇସାବେ
ମୁଇ ତମର୍ ସଙ୍ଗ୍ ନ ରଇଲେ ମିସା ଆତ୍‌ମା ଇସାବେ ଆଚି ।
ତମେ କିରିସ୍‌ଟକେ ଡାଟ୍‌ସଙ୍ଗ୍ ବିସ୍‌ବାସ୍ କଲାଟା ଆରି ଗଟେକ୍
ମନ୍ ଅଇରଇବାଟା ଦେକି ମୁଇ ବେସି ସାର୍‌ଦା ଅଇଲିନି । ୬
ତେବେ ଜିସୁକିରିସ୍‌ଟକେ ତମର୍ ମାପ୍‌ରୁ ଇସାବେ ଜେନ୍ତି ବିସ୍‌ବାସ୍
କରିଆଚାସ୍, ସେନ୍ତାରି ତାର୍‌ସଙ୍ଗ୍ ମିସିକରି ରୁଆ । ୭ କିରିସ୍‌ଟର୍
ବିସଇ ବିସ୍‌ବାସ୍ କରିରଇବା କବର୍ ଡାଟ୍‌ସଙ୍ଗ୍ ଦାରିରୁଆ ।
ତାର୍ ବିସଇ ଅଦିକ୍ ଅଦିକ୍ ସିକା ଆରି ବିସ୍‌ବାସେ ଡାଟ୍ ଉଆ ।
ଜେନ୍ତିକି ତମ୍‌କେ ସିକାଇଲାପାରା, ପର୍‌ମେସର୍‌କେ ଦନିଅବାଦ୍
ଦେଇତେରୁଆ । ୮ କେ ମିସା ନିଜର୍ ଚାଲାକିକରି ପର୍‌ମେସରର୍
ବିସଇ ତିଆର୍‌କରି ରଇବାଟା ସଙ୍ଗ୍ ତମ୍‌କେ ପାନ୍ଦେ ନ ଲାଗାଅତ୍,
ସେଟାର୍‌ପାଇ ଜାଗ୍‌ରତ୍ ଅଇରୁଆ । ସେମନ୍ ସିକାଇବାଟା କାଇ
ଲଡାକେ ନ ଆସେ ଆରି ସେଟା ସତ୍ ବିସଇ ନଏଁ । ସେଟା ବିନ୍
ଲକର୍‌ଟାନେଅନି ସୁନି ସୁନି ଆଇବାଟା ଆରି ସେଟା ଏ ଜଗତ୍
ବିତ୍‌ରେ ରଇବା ନିୟମ୍ । ମାତର୍ କିରିସ୍‌ଟର୍ ବିସଇଟାନେ
ରଇବା, ସତ୍ ସିକିଆ ନଏଁ । ୯ କାଇକେବଇଲେ ନର୍‌ରୁପ୍
ଦାରିରଇବାବେଲେ ମିସା କିରିସ୍‌ଟ ପୁରାପୁରୁନ୍ ପର୍‌ମେସର୍
ରଇଲା । ୧୦ ଆରି ତମେ ତାର୍ ସଙ୍ଗ୍ ମିସିରଇଲାର୍‌ପାଇ
ଆତ୍‌ମା ଇସାବେ ପୁରାପୁରୁନ୍ ଅଇଆଚାସ୍ । ବିନ୍ ବିନ୍ ବପୁ ଆରି
ଅଦିକାର୍ ଉପ୍‌ରେ ରଇ, କିରିସ୍‌ଟର୍ ସାସନ୍ ବଡ୍ । ୧୧ ତମେ
କିରିସ୍‌ଟ ସଙ୍ଗ୍ ମିସ୍‌ଲାର୍‌ପାଇ ସୁନତ୍ ଅଇଲାପାରା ଅଇଆଚାସ୍
। ଜେନ୍ତିକି ତମର୍ ପାପର୍ ଗୁନ୍‌ଚଲନେ ଅନି ମୁକ୍‌ଲିଆଚାସ୍ ।
ଗାଗଡ୍ ଇସାବେ ସୁନତ୍ ଅଇଆଚାସ୍ ବଲି ମୁଇ କଇନାଇ, ମାତର୍
କିରିସ୍‌ଟସେ ତମର୍ ପାପର୍ ଗୁନ୍‌ଚଲନେଅନି ମୁକ୍‌ଲାଇଆଚେ
। ୧୨ ତମେ ଜେଡେବେଲେ ଡୁବନ୍ ନେବାକେ ପାନିଟାନେ
ବୁଡ୍‌ଲାସ୍, ସେଟା ତମର୍ ପାପର୍ ଗୁନ୍‌ଚଲନ୍ କିରିସ୍‌ଟର୍ ସଙ୍ଗ୍
ମରିକରି ତପିଅଇଲାପାରା ଅଇରଇଲାସ୍ । ପାନିବିତ୍‌ରେଅନି
ବାରଇଲାଟା ନୁଆ ଗୁନ୍‌ଚଲନ୍ ଦାରି କିରିସ୍‌ଟର୍ ସଙ୍ଗ୍ ଆରି
ତରେକ୍ ଉଟ୍‌ଲାପାରା ଅଇଲା । ପର୍‌ମେସର୍ ତାର୍ ବପୁସଙ୍ଗ୍
ମଲାତେଇଅନି ଜିବନ୍‌କରି କିରିସ୍‌ଟକେ ଉଟାଇଲା ବଲି ତମେ
ବିସ୍‌ବାସ୍ କଲାର୍‌ପାଇ ଏଟା ତମ୍‌କେ ଗଟ୍‌ଲା । ୧୩ ତମେ ଜିଉଦି
ନ ଅଇଲା ଲକ୍‌ମନ୍ ପର୍‌ମେସରର୍ ନିୟମ୍ ନ ମାନ୍‌ଲାର୍‌ପାଇ
ତାର୍‌ଟାନେଅନି ବେଗ୍‌ଲି ରଇଲାସ୍ । ଆରି ତମର୍ ପାପର୍
ଗୁନ୍‌ଚଲନର୍ ବପୁଅନି ମୁକ୍‌ଲି ନ ରଇଲାସ୍ । ମାତର୍ ପର୍‌ମେସର୍
କିରିସ୍‌ଟର୍ ସଙ୍ଗ୍ ଗଟେକ୍ ନୁଆ ଜିବନ୍ କରି ତମ୍‌କେ ଉଟାଇଆଚେ
। ସେ ଆମର୍ ସବୁ ପାପ୍ କେମାକରି ଦେଲାଆଚେ । ୧୪
ଆମେ କରିରଇବା ସବୁ ପାପ୍ ଲେକାଅଇରଇବା ଚିଟିପତର୍
ଜନ୍‌ଟା କି ଆମ୍‌କେ ଦସିକରିରଇଲା, ସେ ସବୁ ପର୍‌ମେସର୍
ଲିବାଇଦେଲା । ଲେକ୍‌ଲାଟାମନ୍ କୁରୁସ୍‌କାଟେ କୁଟି ମାରି
କୁରୁପ୍‌ନାସ୍ କଲା । ୧୫ ସାସନ୍ କରି ଅଦିକାରେ ରଇବା ସବୁ
କାରାପ୍ ଆତ୍‌ମାମନ୍‌କେ ସେ ଆରାଇଲା । କିରିସ୍‌ଟ କୁରୁସ୍‌କାଟେ
ମଲାକେ, ସେ ସବୁ ସାସନ୍‌କାରିଆମନ୍‌କେ ଆରାଇଲା ବଲି
ଦେକାଇଲା । ୧୬ ତେବର୍‌ପାଇ ତମର୍ କାଇବା, ପିଇବା,
ବିସଇ ଅ କି ତାକର୍ କେତେଟା ପରବ୍‌ଚନ୍ଦ୍‌ଟାନେ କି ଉଆଁସ୍‌ରାତି
ବେଲେ କି ବିସ୍‌ରାମ୍‌ବାରେ ତମେ ମିସାସ୍‌ନାଇ, ବଲି କାକେ
ବିଚାର୍ କର୍‌ବାକେ ଦିଆସ୍‌ନାଇ । ୧୭ ଏ ସବୁ ନିୟମ୍
ପର୍‌ମେସର୍ ଆମ୍‌କେ ଦେବିବଲି କାତାଦେଇରଇବା ବିସଇର୍
ଚିନ୍ । ଏ ସବୁ ନିୟମର୍ ଚିନ୍ କିରିସ୍‌ଟର୍‌ଟାନେ ପୁରାପୁରୁନ୍

ସିଦ୍ ଅଇସି । ୧୮ ନିଜ୍‌କେ ନିଚ୍‌କରି ସେମନ୍ ଉପାସନା
କଲାପାରା ଦୁତ୍‌ମନ୍‌କେ ଉପାସନା କର୍‌ବାକେ, କାକେମିସା
ବାଦିଅ କର୍‌ବାକେ ଦିଆସ୍‌ନାଇ । ସେନ୍ତାର୍‌କଲେ ପର୍‌ମେସର୍
କାତାଦେଇରଇବା ପୁରୁସ୍‌କାର୍ ତମ୍‌କେ ନ ମିଲେ । ସେନ୍ତାରି
ସିକାଇବା ଗଟେକ୍‌ଲକ୍, ପର୍‌ମେସର୍‌ଟାନେ ଅନି ଦର୍‌ସନ୍
ଦେକିଆଚି ବଲିକରି ଅଦିକାର୍ ସଙ୍ଗ୍ ସିକାଇଲାନି । ସେ ତାର୍
ଚାଲାକିସଙ୍ଗ୍ ନିଜେ ତିଆର୍‌କରିରଇବା ବିସଇର୍ ଲାଗି ବଡ୍‌ପନ୍
ଅଇସି, ମାତର୍ ସତଇସେ ସେନ୍ତାରି ବଡ୍‌ପନ୍ ଅଇବାକେ
କାଇଟାମିସା ନାଇ । ୧୯ କିରିସ୍‌ଟର୍ ବିସଇଟାନେ ରଇବା ସତ୍
ସିକିଆ ଚାଡିଦେଲାଇ ଆଚତ୍ । କିରିସ୍‌ଟ ଜେ କି ଗାଗଡର୍ ମୁଣ୍ଡ
ଅଇଆଚେ । ମୁଣ୍ଡ ଜେନ୍ତାର୍‌କି ଗାଗଡ୍‌କେ ବାଟ୍ ଦେକାଇସି,
ସେନ୍ତାରିସେ ତାର୍ ଲକ୍‌ମନ୍ ଗଟେକ୍ ଅଇରଇବାକେ କିରିସ୍‌ଟ
ବାଟ୍ ଦେକାଇସି । ଗାଗଡର୍ ସନ୍ଧି ଆରି ଚିର୍ ଗାଗଡ୍‌କେ
ଗଟେକ୍ କରି ସଙ୍ଗ୍‌ଇଲାପାରା । ଆରି ପର୍‌ମେସର୍ ମନ୍‌କଲାପାରା
ସେଟା ବଡ୍‌ସି । ୨୦ ତମେ କିରିସ୍‌ଟର୍ ସଙ୍ଗ୍ ମଲାର୍‌ପାଇ ଏ
ଜଗତର୍ ସାସନ୍‌କାରିଆମନର୍ ଟାନେଅନି ମୁକ୍‌ଲିଆଚାସ୍ ।
ତେବେ ଏ ଜଗତେ ରଇବା ନିୟମ୍‌ମନ୍ ଏବେ ଜାକ କାଇକେ
ମାନିଆଚାସ୍? ୨୧ ଏନ୍ତାରିଟାମନ୍ ଦାରାନାଇ କି କାଆନାଇ
କି, ଏନ୍ତାରିଟାମନ୍ ଚିଆନାଇ ମିସା । ଏ ନିୟମ୍‌ମନ୍ କାଇକେ
ମାନିକରି ଆଚାସ୍? ୨୨ ଏ ସବୁଜାକ ନିୟମ୍ ମାନିକରି ଚାଲ୍‌ଲେ
ତମ୍‌କେ କାଇ ଲଡାକେ ନ ଆସେ । କାଇକେବଇଲେ ସେଟା
ଲକ୍‌ମନ୍ ତିଆର୍‌କଲାଟା । ୨୩ ଏ ରକାମର୍ ନିୟମ୍ ବେସି
ଗିଆନ୍ ରଇଲାପାରା ଡିସ୍‌ସି । ବାଦିଅକରି ଦୁତ୍‌ମନ୍‌କେ ଉପାସନା
କର୍‌ବାଟାନେ ଆରି ଲକ୍‌ମନ୍‌କେ ଦେକାଇଅଇଲା ପାରା ନିଜ୍‌କେ
ନିଚ୍‌କରି ଆରି ଗାଗଡ୍‌କେ କସ୍‌ଟ ଦେବା ବିସଇ ସିକାଇବାଇ ।
ମାତର୍ ଏ ସବୁ ନିୟମ୍ ଲକ୍‌ମନର୍ ପାପର୍ ଗୁନ୍‌ଚଲନ୍ ଜାଗ୍‌ରତ୍
କରି ସଙ୍ଗ୍‌ଇବାକେ କାଇ ମୁଲିଅ ନ ରଏ ।

**୩** କିରିସ୍‌ଟର୍ ସଙ୍ଗ୍ ମରିରଇଲାର୍ ପାଇ ଆରି ତାର୍ ସଙ୍ଗ୍
ନୁଆଜିବନ୍ ପାଇ ପର୍‌ମେସର୍ ତମ୍‌କେ ଉଟାଇଲାର୍‌ପାଇ
ସର୍‌ଗେ ରଇବା ବିସଇ ଦେକ୍‌ତେରୁଆ । ତେଇ କିରିସ୍‌ଟ
ପର୍‌ମେସରର୍ ଉଜାବାଟେ ବସିଆଚେ । ୨ ଏ ଜଗତର୍ ବିସଇ ନ
ବାବିକରି ସରଗର୍ ବିସଇ ଚିନ୍ତାକରା । ୩ କାଇକେବଇଲେ ତମେ
ମରିକରି ପର୍‌ମେସରର୍ ମୁଆଟେ କିରିସ୍‌ଟର୍ ସଙ୍ଗ୍ ମିସିରଇବା
ଜିବନ୍ ବିତାଇଲାସ୍‌ନି । ସେ ଜିବନ୍ ଲୁଚିକରିଆଚେ । ୪ କିରିସ୍‌ଟ
ଅଇଲାନି ତମର୍ ଜିବନ୍ । ସେ ବାଅଡ୍‌ଲାବେଲେ ତମେ ମିସା
ସବୁର୍ ଦେକ୍‌ତେ ତାର୍ ମଇମାତେଇ ମିସ୍‌ସା । ୫ ତମର୍ ପାପର୍
ଗୁନ୍‌ଚଲନ୍ ଇସାବେ ଜେତ୍‌କି ସବୁ ପାପ୍ କାମ୍ କର୍‌ତେରଇଲାସ୍,
ସେଟାମନ୍ ଆରି କରାନାଇ । ଜେନ୍ତାରି କି ବେସିଆ କାମ୍, ସୁକଲ୍
ନ ରଇବା ଚଲାଚଲ୍‌ତି, ଗାଗଡର୍ ଲାଲ୍‌ସାଅଇବାଟା, କାରାପ୍
ବିସଇ ମନ୍ କର୍‌ବାଟା, ଆରି ଲବ୍ ଅଇବାଟା, ଏ ସବୁ ବିସଇ
ପୁତ୍‌ଲାମନ୍‌କେ ଜୁଆର୍ କର୍‌ବାଟା ସଙ୍ଗ୍ ସମାନ୍ । ୬ ଏ ସବୁ
କାମେ ବୁଡିକରି ଜନ୍‌ଲକ୍‌ମନ୍ ପର୍‌ମେସରର୍ କାତା ନ ମାନତ୍,
ସେମନ୍‌କେ ତାର୍ ବଡ୍ ରିସା ଆଇସି । ୭ ପୁର୍‌ବେ ତମେ ମିସା ଏ
ସବୁ କାମେ ମିସି ରଇକରି ସେନ୍ତାରି ଚଲାଚଲ୍‌ତି କର୍‌ତେରଇଲାସ୍
। ୮ ମାତର୍ ଏବେ ସେନ୍ତାରି ବିସଇ କରା ନାଇ । ଜେନ୍ତିକି ରିସା
ଅଇବାଟା, ଇସାତଲା କର୍‌ବାଟା, ବିନ୍‌ଲକ୍‌କେ ଗିନ୍ କର୍‌ବାଟା,
ନିନ୍ଦାକାତା କଇବାଟା, ଆରି ପିଟ୍‌ତେ କାତାକଇବାଟା ଚାଡିଦିଆସ୍
। ୯ ନିଜର୍ ନିଜର୍ ବିତ୍‌ରେ ମିଚ୍ କାତା କୁଆବଲା ଉଆନାଇ ।
କାଇକେ ବଇଲେ ତମେ ପୁର୍‌ନା ଗୁନ୍‌ଚଲନର୍ ସବୁ ଅବିଆସ୍
ଚାଡିଦେଇକରି, ୧୦ ନୁଆ ଚଲାଚଲ୍‌ତି ଆରାମ୍‌କରି ଆଚାସ୍ ।
ପର୍‌ମେସର୍ ତମ୍‌କେ ଦେଇରଇବା ଏ ନୁଆ ଚଲାଚଲ୍‌ତିତେଇ
ତମେ ତାର୍ ବିସଇ ଅଦିକ୍ ଅଦିକ୍ ଜାନ୍‌ସା ଆରି ତାର୍‌ପାରା
ଅଦିକ୍ ଅଦିକ୍ ଅଇଆଇସା । ୧୧ ତମେ ଜିଉଦି ଲକ୍ ଉଆ କି
ଜିଉଦି ନ ଅଇଲା ଲକ୍ ଉଆ, ସୁନତ୍ ଅଇଲାଲକ୍ କି ସୁନତ୍ ନ
ଅଇଲା ଲକ୍, ଦାପ୍‌ରେ ରିସା ଅଇ ମାରିମରାଇବା ଲକ୍ କି ବିନ୍
ଦେସର୍ ଗତିଦାଙ୍ଗ୍‌ଡା କି ମୁକ୍‌ଲାଇଲା ଲକ୍, ସେଟା କାଇଟା ନଏଁ
। ମାତର୍ କିରିସ୍‌ଟ ସବୁର୍‌ଟାନେ ଆଚେ ଆରି ସେ ଆକା ସବୁର୍
ଉପ୍‌ରେ ସାସନ୍ କଲାନି । ୧୨ ତେବେ ପର୍‌ମେସର୍ ତମ୍‌କେ ତାର୍
ଲକ୍ ଅଇବାକେ ବାଚିରଇଲାର୍ ପାଇ ଆରି ତମ୍‌କେ ଆଲାଦ୍
କରି ସୁକଲ୍ ଲକ୍ ଅଇବାକେ ବେଗ୍‌ଲାଇଲାର୍ ପାଇ, ଦୟା
ଦେକାଇବାକେ, ଦରମ୍ ଅଇବାକେ, ନିଚ୍ ଅଇବାକେ, ସୁଆଲ୍
ଅଇବାକେ, ମୁର୍‌ଚିକରି ରଇବାକେ ଜାଗ୍‌ରତ୍ ଉଆ । ୧୩ ତମର୍
ତମର୍ ବିତ୍‌ରେ ଦସ୍ ଦାରାଦାରି ଅଇ ବୁଲ୍‌କଲେ କେମା ଦିଆଦିଇ
ଉଆ । ବିନ୍ ଲକର୍ ବିରଦ୍ କାତା ରଇଲେ ମୁର୍‌ଚିକରି କେମା
ଦିଆଦିଇ ଉଆ । ମାପ୍‌ରୁ ତମ୍‌କେ କେମା ଦେଲାପାରା ତମର୍
ବିତ୍‌ରେ କେମା କରାକରି ଉଆ । ୧୪ ଏ ସବୁ ବିସଇ କରି
ତମର୍ ବିତ୍‌ରେ ଆଲାଦ୍ କରାକରି ଉଆ । ସେନ୍ତାର୍‌ଆଲେ ତମେ
ଗଟେକ୍‌ମନ୍ ଅଇକରି ରଇବାଟା ସିଦ୍ ଅଇସି । ୧୫ ତମେ
ସବୁଲକ୍ ଗଟେକ୍ ଗାଗ୍‌ଡେ ରଇବା ବିନ୍ ବିନ୍‌ଟା ଅଇଲାର୍ ପାଇ,
କର୍‌ବା ସବୁ କାମେ କିରିସ୍‌ଟ ତମ୍‌କେ ବାଟ୍ ଦେକାଅ । ସେ
ତମ୍‌କେ ସାନ୍ତି ଦେଲା ଆଚେ । ତମେ ସାନ୍ତି ସଙ୍ଗ୍ ରଇବାକେ
ସେ ତମ୍‌କେ ବାଚ୍‌ଲାଆଚେ । ଆରି ପର୍‌ମେସର୍‌କେ ଦନିଅବାଦ୍
ଦେଇତେରୁଆ । ୧୬ କିରିସ୍‌ଟର୍ ବାକିଅ ଦିଆନ୍‌କରି ଲାଗିରୁଆ
। ତମର୍ ତମର୍ ବିତ୍‌ରେ ସିକିକରି ଜାଗ୍‌ରତ୍ ଅଇରୁଆ । ଏଟା
ଗିଆନ୍ ସଙ୍ଗ୍ କରା । ଗିତ୍ ସଙ୍ଗିତା ବଇର୍ ଗିତ୍‌ମନ୍, ବିନ୍
ଗିତ୍‌ମନ୍ ଆରି ସୁକଲ୍ ଗିତ୍‌ମନ୍ କଇତେରୁଆ । ମନ୍‌ବିତ୍‌ରେ
ଦନିଅବାଦ୍ କଇକରି ପର୍‌ମେସର୍‌କେ ଗିତ୍ କଇତେରୁଆ । ୧୭
ତମେ କାଇଟା ମିସା କଇଲେ କି କଲେ, ସେ ସବୁ ମାପ୍‌ରୁ
ଜିସୁର୍ ନାଉଁଦାରି ବାବା ପର୍‌ମେସର୍‌କେ ଦନିଅବାଦ୍ ଦିଆସ୍ ।
୧୮ ଏ ମାଇଜିମନ୍, ତମେ ନିଜର୍ ନିଜର୍ ମୁନୁସ୍‌ମନର୍ କାତା
ମାନିକରି ରୁଆ । ଜିସୁ କିରିସ୍‌ଟର୍ ସଙ୍ଗ୍ ମିସିରଇଲାର୍ ପାଇ
ଏନ୍ତାରି କର୍‌ବାଟା ନିକ । ୧୯ ଏ ମୁନୁସ୍‌ମନ୍, ତମେ ନିଜର୍

ନିଜର୍ ମାଇଜିମନ୍‌କେ ଆଲାଦ୍ କରି ଦରମ୍ ଉଆ । **୨୦** ଏ
ପିଲାଟକିମନ୍, ତମର୍ ଆୟାବାବାର୍ କାତା ମାନିକରି ରୁଆ ।
ସେଟା ପର୍‌ମେସର୍‌କେ ସାର୍‌ଦା କରାଇସି । **୨୧** ଏ ଆୟା
ବାବାମନ୍, ତମର୍ ପିଲାଟକିମନ୍‌କେ ସବୁବେଲେ ଲାଗିକରି ମନ୍
ବାଙ୍ଗ୍‌ଆ ନାଇ । **୨୨** ଏ ଗତିଦାଙ୍ଗଡାମନ୍, ତମେ କରିରଇବା
ସବୁକାମ୍‌ଟାନେ ତମର୍ ଜଗତେରଇବା ସାଉକାର୍‌ମନର୍ କାତା
ମାନିକରି ରୁଆ । ସେମନ୍ ତମର୍ କାମ୍ ଦେକି ବଲ୍ ବଲ୍‌ବାକେ
ନାଇ ମାତର୍ ମାପ୍‌ରୁକେ ଡରିକରି ସତ୍ ମନେ ରଇ ସବୁ କାମ୍
କରା । **୨୩** ତମେ ଜାଇଟା କଲେମିସା ପୁରାପୁରୁନ୍ ମନ୍,
ଦିଆନ୍, ଜିବନ୍, ପରାନ୍ ଦେଇ ମାପ୍‌ରୁର୍‌ପାଇ କଲା ଇସାବେ
କରା । ଲକ୍‌ମନର୍ ପାଇ କାମ୍ କଲାପାରା କରାନାଇ । **୨୪**
କାଇକେବଇଲେ ମାପ୍‌ରୁ ତମ୍‌କେ ପୁରୁସ୍‌କାର୍ ଦେଇସି ଆରି
ତାର୍ ଲକ୍‌ମନ୍‌କେ ସେ ଦେବି ବଲି କାତା ଦେଇରଇବା ସବୁ
ଆସିର୍‌ବାଦ୍ ତମେ ପାଇସା ବଲି ଜାନିଆଚାସ୍ । ତମେ ସେବା
କର୍‌ବା ସାଉକାର୍ କିରିସ୍‌ଟ, ବଲି ଏତାଇରୁଆ । **୨୫** ଜଦି କେ
ମିସା ବୁଲ୍ କାମ୍ କରି ଲାଗିରଇଲେ, ପର୍‌ମେସର୍ ସେମନ୍‌କେ
ଡଣ୍ଡ ଦେଇସି ଆରି ସେ ସବୁଲକ୍‌କେ ସମାନ୍ ନାପ୍‌ବା ଡାଙ୍ଗସଙ୍ଗ
ବିଚାର୍ କର୍‌ସି ।

**୪** ଏ ସାଉକାର୍‌ମନ୍, ତମର୍ ଦାଙ୍ଗଡାମନ୍‌କେ ଜତନ୍ କରା ଆରି
ସେମନ୍‌କେ ସବୁକେ କାଇ ଅନିଆଇ ନ କରି ଚଲାଚଲ୍‌ତି
କରା । କାଇକେବଇଲେ ସର୍‌ଗେ ମିସା ତମର୍ ପାଇ ଗଟେକ୍
ସାଉକାର୍ ଆଚେ ବଲି ଏତାଆ । **୨** ପାର୍‌ତନା କରିଲାଗିରୁଆ
। ଆରି ଜାଗ୍‌ରତ୍ ଅଇରୁଆ । ପର୍‌ମେସର୍‌କେ ସବୁବେଲେ
ଦନିଅବାଦ୍ ଦେଇତେରୁଆ । **୩** ଆମର୍ ପାଇ ମିସା ପାର୍‌ତନା
କରା । ଜେନ୍ତିକି କିରିସ୍‌ଟର୍ ବିସଇଟାନେ ରଇବା ଏ ସୁବ୍‌କବର୍
ଆମେ ସବୁଲକ୍‌କେ ଜାନାଇପାର୍‌ବୁ । ଏ ସୁବ୍ କବର୍ ସେମନ୍
ଆଗ୍‌ତୁ ନାଜାନିରଇଲାଇ । ଏ ସୁବ୍‌କବର୍ ଜାନାଇଲାର୍‌ପାଇ ମୁଇ
ଏବେ ବନ୍ଦିଗରେ ଆଚି । **୪** ଜେନ୍ତିକି ମୁଇ ଜେତ୍‌କି ଲକ୍‌କେ ଏ
ସୁବ୍‌କବର୍ ନିକସଙ୍ଗ ଜାନାଇବି, ସେଟାର୍‌ପାଇ ପାର୍‌ତନା କରା ।
**୫** ମାପ୍‌ରୁ ଜିସୁକିରିସ୍‌ଟକେ ବିସ୍‌ବାସ୍ ନ କଲା ଲକ୍‌ମନର୍‌ତେଇ
ଜାଗ୍‌ରତ୍ ସଙ୍ଗ ଚଲାଚଲ୍‌ତି କରା । ତମେ ମିଲାଇରଇବା ସବୁ
ବେଲା ବୁଦିର୍ ସଙ୍ଗ କରା । **୬** ସେମନ୍‌କେ ସନ୍‌ମାନ୍ ଦେଇ କାତା
ଉଆ । ଜେନ୍ତିକି ତମେ କଇବା ବିସଇ ସେମନ୍ ମନ୍‌କର୍‌ବାଇ ।
ତେବେ ତମେ ବିସ୍‌ବାସ୍ କର୍‌ବା ବିସଇଟାନେ କାଇଆଲେ କାତା
ଉଟ୍‌ଲେ, ତମେ ଉତର୍ ଦେଇପାର୍‌ସା । **୭** ତୁକିକ କଲସିଅ
ଆଇଲାବେଲେ ମକେ କାଇକାଇଟା ଗଟ୍‌ଲାନି ବଲି ତମ୍‌କେ
କଇଦେଇସି । ସେ, ମୁଇ ବେସି ଆଲାଦ୍ କର୍‌ବା ଗଟେକ୍
ବିସ୍‌ବାସି ବାଇ । ସେ ବିସ୍‌ବାସ୍ ସଙ୍ଗ କାମ୍ କର୍‌ସି ଆରି ମର୍
ସଙ୍ଗ ମାପ୍‌ରୁକେ ସେବା କର୍‌ସି । **୮** ଆମ୍‌କେ କାଇଟା ଗଟ୍‌ଲାନି
ବଲି ତାର୍‌ଟାନେଅନି ଜାନ୍‌ସା । ଆରି ସେ ତମ୍‌କେ ବିସ୍‌ବାସ୍
କରାଇବାଟା ଡାଟ୍ କରାଇସି । ଏଟାର୍‌ପାଇ ତାକେ ତମର୍‌ଟାନେ
ପାଟାଇଲିନି । **୯** ଅନିସିମ୍‌କେ ତାର୍‌ସଙ୍ଗ ପାଟାଇଲିନି । ସେ
ଆମର୍ ଆଲାଦର୍ ବେସି ବିସ୍‌ବାସ୍ ରଇବା ବାଇ । ସେ ତମର୍
ନଅରର୍ ଲକ୍ । ଇତି ଗଟ୍‌ବା ସବୁ ବିସଇ ସେମନ୍ ତମ୍‌କେ
ଜାନାଇବାଇ । **୧୦** ଆରିସ୍‌ତାକସ୍ ତାର୍ ଜୁଆର୍ ଜାନାଇଲାନି ।
ସେ ମର୍ ସଙ୍ଗ ବନ୍ଦିଗରେ ଆଚେ । ବର୍‌ନବାର୍ ମେଏନାବାଇ
ମାର୍‌କ ମିସା ଜୁଆର୍ ଜାନାଇଲାନି । ମାର୍‌କର୍ ବିସଇ ତମେ
ସୁନିସାରାଇ ଆଚାସ୍ । ସେ ତମର୍ ଲଗେ ଆଇଲେ ତାକେ ଡାକି
ନିଆ । **୧୧** ଜୁସ୍‌ତ ନାଉଁଦାରି ଡାକ୍‌ପୁଟା ଅଇଲା ଜିୟସୁୟ ମିସା
ତମ୍‌କେ ଜୁଆର୍ ଜାନାଇଲାନି । ଏ ତିନ୍ ଲକ୍‌ସେ ଇତି ରଇବା
ଜିଉଦି ବିସ୍‌ବାସିମନ୍ । ପର୍‌ମେସରର୍ ରାଇଜ୍ ବିସଇତେଇ
ରଇବା ସୁବ୍‌କବର୍ ଜାନାଇବାକେ ସେମନ୍ ମର୍ ସଙ୍ଗ କାମ୍
କଲାଇନି । ସେମନ୍ ମକେ ବେସି ସାର୍‌ଦା କରାଇଆଚତ୍ ।
**୧୨** ଏପାପ୍‌ରା ତାର୍ ଜୁଆର୍ ଜାନାଇଲାନି । ସେ ମିସା ତମର୍
ନଅରର୍ ଲକ୍ । ସେ ମିସା ଗଟେକ୍ ଜିସୁକିରିସ୍‌ଟର୍ ଗତିଦାଙ୍ଗଡା
। ସେ ତମର୍‌ପାଇ ସବୁବେଲେ ମନ୍‌ଦିଆନ୍ ଦେଇ ପାର୍‌ତନା
କରିଲାଗିରଇସି । ଜେନ୍ତିକି ତମେ ଡାଟ୍ ଅଇ ସିଦ୍ ଅଇସା ଆରି
ପର୍‌ମେସର୍ ତମ୍‌କେ କରା ବଲି ମନ୍‌କଲାଟା ଜାନିରଇସା । **୧୩**
ଏରାପଲି ଆରି ଲାଉଦିକିଆଇ ରଇବା ବିସ୍‌ବାସିମନର୍‌ପାଇ ଆରି
ତମର୍‌ପାଇ ମିସା ସେ ଆବଡ୍ ଅଇଲାନି ବଲି ମୁଇ ସାକି ଦେଲିନି
। **୧୪** ଆମର୍ ଆଲାଦର୍ ନିଜେ ଅସଦେଉ ଲୁକ ଆରି ଦିମା
ତମ୍‌କେ ଜୁଆର୍ ଜାନାଇଲାଇନି । **୧୫** ଲାଉଦିକିଆତେଇ ରଇବା
ବାଇବଇନିମନ୍‌କେ, ମର୍ ଜୁଆର୍ ଜାନାଇଦିଆସ୍ । ବଇନି
ନୁମ୍‌ପାକେ ଆରି ତାର୍ ଗରେ ରୁଣ୍ଡବା ସବୁ ବିସ୍‌ବାସିମନ୍‌କେ ମିସା
ମର୍ ଜୁଆର୍ ଜାନାଆ । **୧୬** ତମେ ଏ ଚିଟିତେଇ ଲେକ୍‌ଲାଟା
ସୁନିସାରାଇଲାପଚେ ଲାଉଦିକିଆଇ ରଇବା ବାଇବଇନିମନ୍‌କେ
ମିସା ସୁନାଇଦେବାର୍‌ଆଚେ ଆକା । **୧୭** “ମାପ୍‌ରୁ ତକେ
ସର୍‌ପିଦେଲା କାମ୍ ତୁଇ କରିସାରାଇବାର୍ ଆଚେ ଆକା” ବଲି
ଆର୍‌କିପସ୍‌କେ କୁଆ । **୧୮** ମୁଇ ପାଉଲ୍ ଏଟା ନିଜେ ଲେକ୍‌ଲିନି,
“ଜୁଆର୍! ମୁଇ ବନ୍ଦିଗରେ ଆଚିବଲି ଏତାଆ ।” ପର୍‌ମେସରର୍
ଜିବନ୍ ଦୁକାଇ ଦୟା ଦେକାଇଲାଟା ତମର୍ ସଙ୍ଗ ରଅ ।

# ୧ ତେସଲନିକିୟ

**୧** ମୁଇ ପାଉଲ ଆରି ମର୍ ବାଇମନ୍ ସିଲାନ୍, ଆରି ତିମତି
ତେସଲନିକିୟ ମଣ୍ଡ୍‌ଲିତେଇ ରଇବା ଲକ୍‌ମନ୍‌କେ ଏ ଚିଟି
ଲେକ୍‌ଲୁନି । ବାବା ପର୍‌ମେସର୍ ଆରି ମାପ୍‌ରୁ ଜିସୁକିରିସ୍‌ଟ ଜିବନ୍
ଦୁକାଇଲା ସାନ୍ତି ତମ୍‌କେ ମିଲ । **୨** ଆମେ ସବୁବେଲେ ତମର୍
ସବୁ ଲକର୍‌ପାଇ ପର୍‌ମେସର୍‌କେ ଦନିଅବାଦ୍ ଦେଇତେରଇବୁ
ଆରି ପାର୍‌ତନା କଲାବେଲେ ତମର୍ ବିସଇ ସବୁବେଲେ
ଜାନାଇତେରଇବୁ । **୩** ତମେ ବିସ୍‌ବାସ୍ କରି କେନ୍ତି ଚଲାଚଲ୍‌ତି
କଲାସ୍‌ନି ଆରି ତମର୍ ତମର୍ ବିତ୍‌ରେ ରଇବା ଆଲାଦର୍
ଲାଗି, ମିସିବିଡି କେନ୍ତି ସାଇଜ କରାକରି ଅଇଲାସ୍‌ନି ଆରି
ମାପ୍‌ରୁ ଜିସୁ କିରିସ୍‌ଟ ଟାନେ ତମର୍ ବିସ୍‌ବାସ୍ କେନ୍ତି ଡାଟ୍
ଅଇଆଚାସ୍ । **୪** ବାଇବଇନିମନ୍! ଆମେ ଜାନିଆଚୁ ଜେ,
ପର୍‌ମେସର୍ ତମ୍‌କେ ଆଲାଦ୍ କଲାନି । ଆରି ସେ ତମ୍‌କେ
ନିଜର୍ ଲକ୍ କର୍‌ବି ବଲି ବାଚ୍‌ଲାଆଚେ । **୫** ଜେଡେବେଲେ
ଆମେ ତମ୍‌କେ ଏ ସୁବ୍ କବର୍ ଜାନାଇରଇଲୁ, ସେଟା ଅବ୍‌କା
କାତାଇ ନ ରଇଲା, ମାତର୍ ସୁକଲ୍‌ଆତ୍‌ମାର୍ ବପୁ ସଙ୍ଗ୍ ଆରି
ସେଟା ସତ୍ ବଲି ପୁରାପୁରୁନ୍ ବିସ୍‌ବାସର୍ ସଙ୍ଗ୍ ରଇଲା । ତମେ
ଜାନାସ୍, ତମର୍ ସଙ୍ଗ୍ ରଇଲାବେଲେ ଆମେ କେନ୍ତି ରକାମେ
ଜିଉନାକାଉନା କର୍‌ତେରଇଲୁ, ଜେନ୍ତିକି ତମର୍ ମଙ୍ଗ୍‌ଲ୍ ଅ ବଲି
ଆମର୍ ବାବ୍‌ନା ରଇଲା । **୬** ତମେ ଚଲାଚଲ୍‌ତିତେଇ ଆମର୍
ପାରା ଆରି ମାପ୍‌ରୁର୍ ପାରା ରଇଲାସ୍ । ତମ୍‌କେ ଦୁକ୍‌କସ୍‌ଟ
ଅଦିକ୍ ରଇଲେ ମିସା ସୁକଲ୍ ଆତ୍‌ମାର୍ ଟାନେଅନି ମିଲାଇରଇବା
ସାର୍‌ଦା ସଙ୍ଗ୍ ସୁବ୍ କବର୍ ମାନ୍‌ଲାସ୍ । **୭** ତେବେ ତମେ
ମାକିଦନିଆ ଆରି ଆକାୟାତେଇ ରଇବା ସବୁ ବିସ୍‌ବାସିମନ୍‌କେ
ଗଟେକ୍ ବାଟେ୍‌ଦକାଉ ପାରା ରଇଲାସ୍ । **୮** ତମର୍‌ଲଗେଅନି
ମାସିଦନିଆ ଆରି ଆକାୟାର୍ ଜାଗାମନ୍‌କେ ଅବ୍‌କା ମାପ୍‌ରୁର୍
ସୁବ୍‌କବର୍‌ସେ ବିଚି ନ ଅଇରଇଲା । ମାତର୍ ତମେ ମାପ୍‌ରୁକେ
ବିସ୍‌ବାସ୍ କରିରଇବା କାତା ସବୁ ବାଟେ ଜାନାପଡ୍‌ଲା ଆଚେ
। ଏ ବିସଇ ଆରି ଆମେ ଅଦିକ୍ କଇବା ଦର୍‌କାର୍ ନାଇ । **୯**
ଆମେ ତମର୍‌ଲଗେ ଆଇଲାବେଲେ ତମେ ଜେନ୍ତି ଆଲାଦର୍‌ସଙ୍ଗ୍
ଡାକିରଇଲାସ୍ ଆରି ଚୁଚା ପାକ୍‌ନାମନ୍ ପୁଜା କର୍‌ବାଟା ଚାଡିକରି
ଜିବନ୍ ରଇବା ପର୍‌ମେସର୍‌କେ ଉପାସନା କର୍‌ବାକେ ଆଗ୍‌ତୁ
ଆସିରଇଲାସ୍ । ଏ ସବୁ ବିସଇ ତେଇର୍ ଲକ୍‌ମନ୍ କାତା
ଅଇଲାଇନି । **୧୦** ଆରି ପର୍‌ମେସର୍ ତାର୍ ନିଜର୍ ଜନ୍ ପଅକେ,
ମଲା ଲକ୍‌ମନର୍ ବିତ୍‌ରେ ଅନି ଉଟାଇଲା । ଆରି ଜେ କି
ଆଇତେରଇବା ପର୍‌ମେସରର୍ ବଡ୍ ଡଣ୍ଡ୍‌ତେଇଅନି ଆମ୍‌କେ
ରକିଆ କର୍‌ସି । ତାର୍‌ପିଲା ଜିସୁ ସର୍‌ଗେଅନି ଆରିତରେକ୍
ଆଇବାଟାକେ ଆମେ ଜାଗିକରି ରଉଁ । ଏ ସବୁ ବିସଇ ମିସା
ତେଇର୍ ଲକ୍‌ମନ୍ କାତାବାର୍‌ତା ଅଇଲାଇନି ।

**୨** ଏ ବାଇବଇନିମନ୍ ତମେ ନିଜେ ଜାନି ଆଚାସ୍, ତମର୍‌ଲଗେ
ଆମେ ଆଇଲାଟା ଚୁଚାଇ ନ ରଇଲା । **୨** ତମର୍‌ଟାନେ
ଆଇବା ଆଗ୍‌ତୁ ପିଲିପେ ଆମ୍‌କେ କେନ୍ତି ଦୁକ୍ ନିନ୍ଦ୍‌ା ଅଇରଇଲା,
ସେଟା ତମେ ଜାନାସ୍ । ବେସି ଲକ୍ ଆମ୍‌କେ ବିରଦ୍ କଲେ
ମିସା ସୁବ୍‌କବର୍ ତମ୍‌କେ ଜାନାଇବାକେ ପର୍‌ମେସର୍ ସାଆସ୍
ଦେଇରଇଲା । **୩** ଆମେ ବାବୁଜିଆ କଲାଟା, ଲକ୍‌ମନର୍ ବୁଲ୍
ଆଦେସ୍ ଅନି ନ ରଇଲା ଆରି ନାଡାଇବାଟା କି ବୁଲ୍‌ବାଟେ ନେବା
ବିସଇ ନ ରଇଲା । **୪** ମାତର୍ ସବୁବେଲେ ଆମେ ପର୍‌ମେସରର୍
ମନ୍ କଲା ଇସାବେ ସେ କାତା କଇତେରଇବୁ । କାଇକେବଇଲେ
ସେ ଆମ୍‌କେ ବାଚିକରି ସୁବ୍‌କବର୍ ଜାନାଇବା ଦାଇତ୍ ସର୍‌ପି
ଦେଲାଆଚେ । ଲକ୍‌ମନ୍‌କେ ସାର୍‌ଦା କରାଇବାକେ ଆମର୍
ଆଦେସ୍ ନାଇ । ଜନ୍ ପର୍‌ମେସର୍ ଆମର୍ ମନ୍ ବିତ୍‌ରର୍‌ଟା
ପରିକା କରି ଦେକିପାର୍‌ସି, ତାକେ ଆକା ସାର୍‌ଦା କର୍‌ବାକେ
ଆମେ ଚେସ୍‌ଟା କଲୁନି । **୫** ତମେତା ନିକ କରି ଜାନାସ୍ ।
ଆମେ କେବେ ମିସା ତମ୍‌କେ ସାର୍‌ଦା କରାଇବା କାତା କଇ ନ
ରଇଲୁ । ଆମର୍ ଲବ୍‌ଅଇବାଟାକେ ଲୁଚାଇକରି ସଙ୍ଗ୍‌ଉନାଇ ।
ତମର୍‌ଲଗେ କାରାପ୍ ବେବାର୍ କରି ନ ରଇଲୁ । ଏ ବିସଇଟାନେ
ପର୍‌ମେସର୍ ଆମର୍ ସାକି । **୬** ଆମେ କାର୍‌ଲଗେ ଅନି ସନ୍‌ମାନ୍
ପାଇବୁ ବଲି ଚେସ୍‌ଟା କରି ନ ରଇଲୁ । ତମର୍‌ଟାନେ ଅନି
କି ବିନ୍ ଲକର୍ ଟାନେଅନି ମିସା ନାଇ । **୭** ଜଦି କିରିସ୍‌ଟ
ପାଟାଇରଇବା ପେରିତ୍ ଇସାବେ ଆମ୍‌କେ ତମେ ମାନିକରି
ରୁଆ ବଲି ଦାବି କର୍‌ତୁ । ମାଆ ଜେନ୍ତି ନିଜର୍ ପିଲାମନ୍‌କେ
ଜତନ୍ କର୍‌ତେରଇସି, ଆମେ ତମର୍‌ଲଗେ ରଇବା ବେଲାଇ
ସେରକାମ୍ କର୍‌ତେରଇଲୁ । **୮** ଆମେ ତମ୍‌କେ ବେସି ଆଲାଦ୍
କଲୁ ଜେ, ତମ୍‌କେ ଅବ୍‌କା ପର୍‌ମେସରର୍ ସୁବ୍ କବର୍ ଜାନାଇବୁ
ବଲି ନାଇ, ମାତର୍ ତମର୍‌ଲାଗି ନିଜ୍‌କେ ସର୍‌ପି ଅଇବାକେ
ମିସା ତିଆର୍ ଅଇରଇଲୁ । ତମେ ଆମର୍ କେଡେକ୍ ନିଜର୍
ନ ରଇଲାସ୍! **୯** ଏ ବାଇବଇନିମନ୍ ଆମେ ଆବଡ୍ ଅଇ
ଗାଗେ୍‌ଡ ବାଦିଜାଇରଇଲେ ମିସା ମାନିଅଇ କାମ୍ କଲାଟା
ତମ୍‌କେ ମନେରଇସି । ଆମେ ଜେନ୍ତିକି ତମର୍ ଉପ୍‌ରେ ବଜ୍ ନ
ଅଇକରି, ଏଟାର୍‌ପାଇ ଦିନ୍ ରାତି କସ୍‌ଟ ପାଇ ପର୍‌ମେସରର୍
ସୁବ୍‌କବର୍ ତମ୍‌କେ ଜାନାଇରଇଲୁ । **୧୦** ଜେଡେବେଲେ ଆମେ
ତମର୍‌ଟାନେ ରଇଲୁ, ଆମେ କେନ୍ତି ସୁକଲ୍‌ଅଇ, ସତଇସେ
କାଇ ଦସ୍ ନ ଅଇକରି ଚଲାଚଲ୍‌ତି କର୍‌ତେରଇଲୁ । ନିଜେ
ପର୍‌ମେସର୍ ଆରି ତମେ ଆକା ଆମର୍ ସାକି ଆଚାସ୍ ।
**୧୧** ତମେତା ଜାନାସ୍ । ବାବା ଜେନ୍ତି ନିଜର୍ ପିଲାମନ୍‌କେ
ଚଲାଚଲ୍‌ତି କର୍‌ତା, ଆମେ ମିସା ସମାନ୍ ସେନ୍ତାରିସେ ଚଲାଚଲ୍‌ତି
କରିରଇଲୁ । **୧୨** ଆମେ ତମ୍‌କେ ସାଆସ୍ ଦେଇରଇଲୁ, ଦୁକ୍
ସାରାଇରଇଲୁ, ଆରି ପରମେସର୍‌ଟାନେ ଟିକ୍‌ସଙ୍ଗ୍ ଚଲାଚଲ୍‌ତି
ଅଇ ବଁଚ୍‌ବାକେ ବାବୁଜିଆ କର୍‌ତେରଇଲୁ । ପର୍‌ମେସର୍ ଜେ କି
ତାର୍ ରାଇଜେ ଆରି ତାର୍ ମଇମା ଟାନେ ମିସିରଇବାକେ ତମ୍‌କେ

ଡାକ୍‌ଲାନି । ୧୩ ଆମେ ପର୍‌ମେସର୍‌କେ ଏଟାର୍‌ପାଇ ମିସା
ଦନିଅବାଦ୍ ଦେଲୁନି, କାଇକେବଇଲେ ଜେଡେବେଲେ ଆମେ
ତାର୍ ସୁବ୍‌କବର୍ ତମ୍‌କେ ଜାନାଇରଇଲୁ ସେଟା ପର୍‌ମେସର୍
ଟାନେ ଅନି ଆଇଲା ବାକିଅ ବଲି ତମେ ମାନ୍‌ଲାସ୍ । ଏଟା
ଲକ୍‌ମନର୍ ଟାନେଅନି ଆସି ଆଚେ ବଲି ନାଇ । ସତଇସେ ସେଟା
ପର୍‌ମେସରର୍ ବାକିଅ । ଆରି ତମର୍‌ପାରା ବିସ୍‌ବାସିମନର୍ ମନ୍
ବିତ୍‌ରେ, ସେଟା ଡାଟ୍ ଅଇରଇସି । ୧୪ ଏ ବାଇବଇନିମନ୍
ଜିଉଦା ଦେସେ ରଇବା ପର୍‌ମେସରର୍ ମଣ୍ଡ୍‌ଲିମନ୍‌କେ ଆରି ତେଇ
ରଇବା କିରିସ୍‌ଟ ବିସ୍‌ବାସିମନର୍‌ଲାଗି ଜନ୍ ଗଟ୍‌ନା ଗଟିରଇଲା,
ତମର୍‌ପାଇ ମିସା ସେ ଗଟ୍‌ନା ଗଟ୍‌ଲା ଆଚେ । ସେମନ୍
ଜିଉଦିମନର୍ ଲଗେଅନି ଜନ୍ ରକାମ୍ ତାଡ୍‌ନା ପାଇରଇଲାଇ,
ତମେ ମିସା ନିଜର୍ ଦେସର୍ ଲକ୍‌ମନର୍ ଲଗେଅନି ସେ ସମାନ୍
ତାଡ୍‌ନା ପାଇଆଚାସ୍ । ୧୫ ଜିଉଦିମନ୍ ମାପ୍‌ରୁ ଜିସୁକେ ଆରି
ବବିସତ୍‌ବକ୍‌ତାମନ୍‌କେ ମରାଇରଇଲାଇ ଆରି ଆମ୍‌କେ ମିସା
ଦୁକ୍ କସ୍‌ଟ ଦେଇରଇଲାଇ । ସେମନର୍‌ଟାନେ ପର୍‌ମେସର୍
ସାନ୍ତି ନାଇ । ସେମନ୍ ସବୁ ମୁନୁସ୍‌ଜାତିର୍ ସତ୍‌ରୁ । ୧୬ ଜେନ୍ତାରି
କି ଜନ୍ ସୁବ୍‌କବର୍ ଜାନାଇଲେ ଜିଉଦି ନଇଲା ଲକ୍‌ମନ୍‌କେ
ମୁକ୍‌ତି ମିଲି ପାର୍‌ସି, ସେଟା ଚାଡି ଦେଅତ୍ ବଲି ଆମ୍‌କେ ସେମନ୍
ଚେସ୍‌ଟା କଲାଇନି । ଏନ୍ତାରି ସେମନ୍ କର୍‌ତେରଇବା ପାପ୍
ଅଦିକ୍ ଅଦିକ୍ ବଡିଜାଇକରି ସାରାସାରି ଆସି କେଟିଆଚେ ।
ଏବେ ସାରାସାରି ବେଲାଇ ସେମନର୍ ବିରୁଦେ ପର୍‌ମେସରର୍
ରିସା ଅଇଆଚେ । ୧୭ ଏ ବାଇବଇନିମନ୍ ଜେଡେବେଲେ
ଆମେ ଚନେକର୍‌ପାଇ ତମର୍‌ଟାନେଅନି ବିନେ ଅଇଜାଇରଇଲୁ,
ସେଟା ଗାଗଡ୍ ଇସାବେ । ମାତର୍ ଆମର୍ ମନ୍ ବିତ୍‌ରେ
ତମେ ସବୁବେଲେ ବାସାଅଇରଇଲାସ୍ । ତମ୍‌କେ ଏତାଇ
ଏତାଇ କରି ବେସି ଚିନ୍ତା କର୍‌ତେରଇଲୁ । ପଚେ ଆରିତରେକ୍
ତମ୍‌କେ ଦେକ୍‌ବାକେ ଚେସ୍‌ଟା କର୍‌ତେରଇଲୁ । ୧୮ ମାତର୍
ତମର୍‌ଲଗେ ବାଉଡିଆଇବାକେ ଆମ୍‌କେ ବେସି ମନ୍‌ରଇଲା
। ମୁଇ ନିଜେ ତମର୍‌ଲଗେ ବାଉଡିଆଇବାକେ ଗଟେକ୍‌ତର୍
ଚେସ୍‌ଟାକରିରଇଲି, ମାତର୍ ଏଟାର୍‌ପାଇ ଆମ୍‌କେ ସଇତାନ୍
ବାଦା ଦେଲା । ୧୯ ସେ ଗାଲା କାତା ଗାଲାବେ । ମର୍ ଆସା
ଆଚେ, ମାପ୍‌ରୁ ଜିସୁ ଆଇବା ବେଲେ ତମେ ଆମର୍ ଆସା,
ସାର୍‌ଦା ବଡ୍‌ପନ୍ ଆରି ଜିତ୍‌ବାଟା । ୨୦ ତମେ ସବୁବେଲେ
ଆମର୍‌ପାଇ ଡାକ୍‌ପୁଟା ଆରି ସାର୍‌ଦା ।

**୩** ସାରାସାରିପଚେ ଆମେ ଦୁକ୍ କସ୍‌ଟ ମୁର୍‌ଚି ନାପାରିକରି
ଆତିନେସ୍‌ତେଇ କାର୍ ସଙ୍ଗ୍ ନ ମିସିକରି ଜିଉନାକାଉନା
କରୁବଲି, କାତା ଅଇଲୁ । ୨ ତମ୍‌କେ ବପୁ କରାଇବାକେ ଆରି
ତମର୍ ବିସ୍‌ବାସ୍ ଡାଟ୍ କରାଇବାକେ ତମର୍ ଲଗେ ଆମର୍
ବାଇ ତିମତିକେ ପାଟାଇରଇଲୁ । ସେ ଆମର୍‌ସଙ୍ଗ୍ କିରିସ୍‌ଟର୍
ସୁବ୍‌କବର୍ ଜାନାଇକରି ପର୍‌ମେସରର୍ ସେବା କଲାନି । ୩ ତମର୍
ଉପ୍‌ରେ ଅଇତେରଇବା ବିପଦର୍ ଲାଗି ଜେନ୍ତିକି କେ ମିସା ବିନ୍
ବାଟେ ନ ଜାଅତ୍ । ସେଟାର୍‌ପାଇ ସେ ତମ୍‌କେ ସାଇଜ କର୍‌ସି ।
ଏଲେମିସା ତମେତା ଜାନାସ୍, ଆମ୍‌କେ ମିସା ଏନ୍ତାରି କସ୍‌ଟ
ମିଲ୍‌ଲାନି, ଏଟା ଆମର୍ ପାଇ ପର୍‌ମେସର ମନ୍ କର୍‌ବାଟା । ୪
ଆମେ ତମର୍‌ସଙ୍ଗ୍ ରଇଲା ବେଲେ, ବେସି ଆଗେଅନି ଆମ୍‌କେ
ଦୁକ୍‌କସ୍‌ଟ ଆଇସି ବଲି ପୁର୍‌ବେଅନି ଜାନାଇ ଦେଇରଇଲୁ
। ଏବେ ତମେ ଜାନ୍‌ଲାସ୍‌ନି, ଟିକ୍ ସେଟାସେ ଗଟ୍‌ଲା । ୫
ଏଟାର୍‌ପାଇ ତମର୍ ବିସଇ ନାଜାନିକରି ମୁଇ ରଇ ନାପାର୍‌ଲି ।
ତମେ ବିସ୍‌ବାସେ ଆଚାସ୍ କି ନାଇ ଚିନ୍ତାକରି ମୁଇ ତିମତିକେ
ପାଟାଇଲି । ଏଟାର୍‌ପାଇ ବଲି କେଡେବେଲେ ସଇତାନ୍ ତମ୍‌କେ
ପରିକା କରି ଆମେ ଆବଡ୍ ଅଇ କଲାଟା ଚୁଚାଇ ଜାଇସି
ବଲି ଡର୍‌ତେ ରଇଲି । ୬ ମାତର୍ ତିମତି ତମର୍‌ଲଗେଅନି
ବାଉଡି ଆସି ତମର୍ ବିସ୍‌ବାସ୍ ଆରି ଆଲାଦର୍ ବିସଇର୍
ସୁବ୍‌କବର୍ ଆନ୍‌ଲା । ସେ ଆମ୍‌କେ ଜାନାଇଦେଲାଆଚେଜେ,
ତମେ ସବୁବେଲେ ଆମ୍‌କେ ଆଲାଦ୍ ସଙ୍ଗ୍ ଏତ୍ କଲାସ୍‌ନି ଆରି
ଆମେ ଜେନ୍ତିକି ତମ୍‌କେ ଦେକ୍‌ବାକେ ମନ୍ କଲୁନି, ତମେ ମିସା
ସେରକାମ୍ ଆମ୍‌କେ ଦେକ୍‌ବାକେ ମନ୍ କଲାସ୍‌ନି । ୭ ତେବେ ଏ
ବାଇବଇନିମନ୍, ଆମେ କାକୁର୍‌ତି ଅଇ ଦୁକ୍ କସ୍‌ଟ ପାଇଲା
ବେଲେ ତମର୍ ବିସ୍‌ବାସର୍‌ଲାଗି ସାର୍‌ଦା ଅଇଲୁନି । ତମର୍
ବିସ୍‌ବାସ୍ ଆକା ଆମ୍‌କେ ସାଆସ୍ ଦେଇକରି ସଙ୍ଗ୍‌ଇଆଚେ । ୮
କାଇକେବଇଲେ ଏବେ ତମେ ଡାଟ୍‌ଅଇ ମାପ୍‌ରୁ ସଙ୍ଗ୍ ମିସିକରି
ଆଚାସ୍ । ଏଟା ଆମେ ଜାନିକରି ଆରିତରେକ୍ ସାର୍‌ଦା ସଙ୍ଗ୍
ଜିଇଲୁନି । ୯ ଉଁ, ଆମର୍ ପର୍‌ମେସରର୍ ମୁଆଟେ ତମର୍ ଲାଗି
ଆମେ ସବୁଲକ୍ ସାର୍‌ଦା ଅଇଲୁନି । ସେଟାର୍‌ପାଇ ତମର୍‌ଲାଗି
ପର୍‌ମେସର୍‌କେ ଦନିଅବାଦ୍ ଦେଲୁନି । ୧୦ ତମେ ବିସ୍‌ବାସ୍
କଲାଟାନେ କେତେଟା ଉନା ଆଚେ । ସେଟା ପୁରାପୁରୁନ୍
କର୍‌ବାକେ, ଆମେ ତମର୍‌ସଙ୍ଗ୍ କେନ୍ତୁ ମିସିପାର୍‌ବୁ, ଏଟାର୍‌ପାଇ
ଦିନ୍ ରାତି ପାର୍‌ତନା କରିଲାଗିଆଚୁ । ୧୧ ତମର୍‌ଲଗେ
ଆଇବାକେ ଆମ୍‌କେ ଆମର୍ ବାବା ପର୍‌ମେସର୍ ଆରି ଆମର୍
ମାପ୍‌ରୁ ଜିସୁ ବାଟ୍ ତିଆର୍‌କରି ଦେଅତ୍ । ୧୨ ଜେନ୍ତିକି ଆମର୍
ଆଲାଦ୍ ତମର୍‌ପାଇ ବଡିଆଇଲାନି, ସେନ୍ତାରିସେ ନିଜର୍ ନିଜର୍
ବିତ୍‌ରେ, ଆରି ସବୁ ଲକ୍‌ମନ୍‌କେ ମାପ୍‌ରୁ ଆଲାଦ୍ ବଡାଇକରି
ଅଦିକ୍ କର । ୧୩ ମାପ୍‌ରୁ ଏନ୍ତାରି ତମ୍‌କେ ତବିର୍ କରାଅ
। ଜେଡେବେଲେ ଆମର୍ ମାପ୍‌ରୁ ଜିସୁ ତାର୍ ନିଜର୍ ସୁକଲ୍
ଲକ୍‌ମନର୍ ସଙ୍ଗ୍ ଆଇବା ବେଲେ, ତମେ କାଇ ଦସ୍ ନ ଅଇତେ
ଆରି ସୁକଲ୍ ଅଇ, ବାବା ପର୍‌ମେସରର୍ ମୁଆଟେ ଟିଆଅଇସା ।

**୪** ତେବେ ଏ ବାଇମନ୍ ସାରାସାରି ବେଲାଇ କେନ୍ତାରି
ଚଲାଚଲ୍‌ତି କଲେ ପର୍‌ମେସର୍ ସାର୍‌ଦା ଅଇସି, ସେ ବିସଇ
ତମେ ଆମର୍‌ଟାନେଅନି ସିକିଆଚାସ୍ । ଆରି ସେନ୍ତାରିସେ
ଚଲାଚଲ୍‌ତି କଲାସ୍‌ନି । ତମେ ଜେନ୍ତାରି କଲାସ୍‌ନି, ସେ
ଇସାବେ ଆରି ଆଗ୍‌ତୁ ଆଗ୍‌ତୁ ଜିବାକେ ଆମେ ତମ୍‌କେ ମାପ୍‌ରୁ
ଜିସୁର୍ ନାଉଁଦାରି ବାବୁଜିଆ କରି ସାର୍‌ଦା କରାଇଲୁନି । ୨

କାଇକେବଇଲେ ମାପ୍ରୁ ଜିସୁର୍‌ଟାନେଅନି ଆଦେସ୍ ପାଇକରି
ଜାଇ ଜାଇଟା କର୍‌ବାକେ କଇରଇଲୁ, ସେଟା ତମେ ଜାନାସ୍ ।
୩ ଜେନ୍ତାରି କି ତମେ ବେସିଆ କାମ୍‌ଟାନେଅନି ବିନେ ରଇକରି,
ସୁକଲ୍ ସଙ୍ଗ୍ ରଇବାଟା ପର୍‌ମେସର୍ ମନ୍ କଲାନି । ୪ ସବୁଲକ୍
ସୁକଲ୍ ଆରି ଆଲାଦ୍‌ସଙ୍ଗ୍ ନିଜର୍ ନିଜର୍ ମାଇଜିମନର୍ ସଙ୍ଗ୍
ରଇବାକେ ସିକା । ୫ ଆରି, ଜେନ୍ତିକି ବିସ୍‌ବାସ୍ ନ କଲା
ଲକ୍‌ମନର୍‌ପାରା ପର୍‌ମେସରର୍ ବାକିଅ ନ ମାନିକରି ଆସାର୍
କାମ୍ କରାନାଇ । ୬ ଜେ ଜଦି ଏ ବିସଇ ନ ମାନିକରି କନ୍
ବିସ୍‌ବାସି ବାଇକେ ମିସା ଅନିଆଇ କର୍‌ସି ବଇଲେ, ମାପ୍ରୁ ଏ
ସବୁ ବିସଇ ନେଇ ଡଣ୍ଡ ଦେଇସି । ଏ କାତା ଆମେ ପୁର୍‌ବେ
ଜାନାଇଦେଇ ଆଚୁ । ୭ କାଇକେବଇଲେ ପର୍‌ମେସର୍ ଆମ୍‌କେ
ସୁକଲ୍ ନ ଅଇକରି ଜିଉନା କାଉନା କର୍‌ବାକେ ଡାକେନାଇ
ମାତର୍ ସୁକଲ୍ ଅଇ ରଇବାକେ ଡାକିଆଚେ । ୮ ତେବେ ଜେ
ଆମର୍ ଏ ସିକିଆ ନ ନାମେ, ସେ ଅବ୍‌କା ମୁନୁସ୍‌କେ ନ ନାମେ
। ମାତର୍ ଜନ୍ ପର୍‌ମେସର୍ ତମର୍ ବିତ୍‌ରେ ସୁକଲ୍‌ଆତ୍‌ମା
ଦେଇସି, ତାକେ ନ ନାମେ । ୯ ଏ କିରିସ୍‌ଟ ବିସ୍‌ବାସି
ବାଇବଇନିମନ୍, ତମର୍ ଆଲାଦ୍ କର୍‌ବା ବିସଇ ଆମେ ଆରି
ଅଦିକ୍ ଲେକ୍‌ବାର୍ ଦର୍‌କାର୍ ନାଇ । କାଇକେବଇଲେ ତମେ
ପର୍‌ମେସର୍‌ଟାନେଅନି ନିଜର୍ ନିଜର୍ ବିତ୍‌ରେ ଆଲାଦ୍ କର୍‌ବାଟା
ସିକିଆଚାସ୍ । ୧୦ ଆରି ଗୁଲାଇ ମାକିଦନିଆଇ ରଇବା ସବୁ
ବିସ୍‌ବାସି ବାଇମନ୍‌କେ ସେନ୍ତାରି କଲାସ୍‌ନି । ଏଲେମିସା, ତମେ
ଆରି ଅଦିକ୍ ଅଦିକ୍ ସେନ୍ତାରି କରା । ୧୧ ଆରି ତମ୍‌କେ ପୁର୍‌ବେ
ଦିଆଅଇରଇବା ଆଦେସ୍ ଇସାବେ ତମେ ସାନ୍ତିସଙ୍ଗ୍ ରଇକରି
ନିଜର୍ ନିଜର୍ କାମେ ଲାଗିରୁଆ, ପାଇଟି କାବାଡ଼୍ କରି ରୁଆ ।
ଏଟାର୍‌ପାଇ ଆମେ ତମ୍‌କେ ବାବୁଜିଆ କଲୁନି । ୧୨ ଏନ୍ତାରି
କଲେ ବିସ୍‌ବାସ୍ ନ କର୍‌ବା ଲକ୍‌ମନ୍ ମିସା ତମ୍‌କେ ନାମ୍‌ବାଇ ।
ଆରି କାଇଟା ମିସା ଅବାବ୍ ନ ଅଏ । ତମ୍‌କେ ଦର୍‌କାର୍ ରଇବା
ବିସଇପାଇ ବିନ୍‌ଲକ୍‌କେ ଆସା କର୍‌ବାକେ ନ ପଡେ । ୧୩ ଏ
ବାଇବଇନିମନ୍, ଆସା ନ କର୍‌ବା ବିନ୍ ଲକ୍‌ମନର୍ ପାରା ଦୁକ୍
ଚିନ୍ତା ଅଇ ରୁଆନାଇ । ଏଟାର୍‌ପାଇ ତମେ ମରିଜାଇରଇବା
ଲକ୍‌ମନର୍ ବିସଇ ଜାନିରୁଆ । ୧୪ କାଇକେବଇଲେ ଜିସୁ
ମରିକରି ଆରିତରେକ୍ ଉଟିଆଚେ ବଲିକରି ଆମେ ବିସ୍‌ବାସ୍
କଲୁନି । ତେବେ ଆମେ ଡାଟ୍ ସଙ୍ଗ୍ ଜାନି ଆଚୁ କି, ଜନ୍ ଲକ୍‌ମନ୍
ଜିସୁକେ ବିସ୍‌ବାସ୍ କରି ମରିଆଚତ୍, ସେ ଆରିତରେକ୍ ଆଇଲେ
ପର୍‌ମେସର୍ ତାର୍ ସଙ୍ଗ୍ ସେମନ୍‌କେ ଦାରିଜାଇସି । ୧୫ ଏବେ
ଆମେ ତମ୍‌କେ ଜନ୍ ସିକିଆ ଦେଲୁନି, ସେଟା ମାପ୍ରୁର୍ ସିକିଆ
। ମାପ୍ରୁ ଆଇବା ବେଲେ ଜେତ୍‌କି ଲକ୍ ଆମେ ନ ମରିକରି ଜିଇ
ଆଚୁ, ଆମେ ଦେକ୍‌ବା ଆଗ୍‌ତୁ ମରିଜାଇରଇବା ବିସ୍‌ବାସିମନ୍
ମାପ୍ରୁକେ ଦେକ୍‌ବାଇ । ୧୬ କାଇକେବଇଲେ ମାପ୍ରୁ ନିଜେ
ଆଦେସ୍ ଦେଇ, ମୁକିଆ ଦୁତର୍ ସର୍ ଆରି ପର୍‌ମେସରର୍
ବାଜାମଇରି ସଙ୍ଗ୍ ସର୍‌ଗେ ଅନି ଉତର୍‌ସି । ଜିସୁକିରିସ୍‌ଟକେ
ବିସ୍‌ବାସ୍‌କରି ଜନ୍‌ଲକ୍‌ମନ୍ ମରିଆଚତ୍ ସେମନ୍ ତେଇ ପର୍‌ତମେ
ଉଟ୍‌ବାଇ । ୧୭ ତାର୍‌ପଚେ ଆମେ ଜେତ୍‌କି ଲକ୍ ଜିବନ୍
ରଇବୁ, ସେବେଲେ ମେଗ୍‌ମାଲାଇଅନି ସେମନର୍‌ସଙ୍ଗ୍ ଉଡ୍‌ରିକରି
ସବୁବେଲେ ମାପ୍ରୁର୍ ସଙ୍ଗ୍ ସରଗ୍‌ପୁରେ ରଇବୁ । ୧୮ ଏସବୁ
କାତାମନ୍ ସୁନାଇକରି ତମେ ନିଜର୍ ନିଜର୍ ଲକ୍‌ମନ୍‌କେ ସାଆସ୍
କରାଆ ।

**୫** ଏ ବାଇମନ୍, ମାପ୍ରୁ ଜିସୁର୍ ଦିନ୍ କେବେ ଆରି
କେଡେବେଲେ ଗଟ୍‌ସି, ସେ ବିସଇ ତମ୍‌କେ ଆରି ଅଦିକ୍
ଲେକ୍‌ବାକେ ଲଡା ନାଇ, ୨ କାଇକେବଇଲେ ମାପ୍ରୁର୍ ଦିନ୍
ଗଟେକ୍ ଚର୍ ରାତିଆ ଗରେ ଆସି ପୁର୍‌ଲାପାରା କେଟ୍‌ସି । ୩
ଜେଡେବେଲେ ଲକ୍‌ମନ୍ ସାନ୍ତିସଙ୍ଗ୍ ରଇକରି ଆମ୍‌କେ ଆରି କାଇ
ବିପଦ୍ ନ ଆସେ ବଲି ବାବ୍‌ତେରଇବାଇ, ସେତ୍‌କିବେଲେ ଅଟାତ୍
ଗାଗ୍‌ଡେଅଇ ରଇଲା ମାଇଜିକେ ପିଲା ଜନମ୍ ଅଇବାବେଲର୍
ଦୁକାସୁକାପାରା ବିନାସର୍ ବେଲା ଆସି କେଟ୍‌ସି । ଆରି ସେମନ୍
କାଇଟା କଲେମିସା ତେଇଅନି ବଁଚି ନାପାରତ୍ । ୪ ମାତର୍ ଏ
ବାଇବଇନିମନ୍, ଏବେ ତମେ ଆନ୍ଦାରେ ବାସାଅଇ ରୁଆସ୍ ନାଇ
। ତେବେ ସେ ଦିନ୍ ତମର୍ ନାଜାନ୍‌ତେ ଆରି ଜାଗ୍‌ରତ୍ ନ ରଇଲା
ବେଲାଇ ଚର୍‌ପାରା ଅଇ ନ ଆସେ । ୫ ତମେ ସବୁଲକ୍ ଉଜଲ୍
ଆରି ଦିନ୍ ବେଲର୍ ପିଲାମନ୍ । ଆମେ ରାତିଆଇ କି ଆନ୍ଦାରେ
ରଉନାଇ । ୬ ତେବେ ଆସା, ଆମେ ବିନ୍ ଲକ୍‌ମନର୍ ପାରା
ଗୁନି ଗୁନି କରି ନ ରଉଁ । ଚେତା ଅଇକରି ଜାଗ୍‌ରତ୍‌ସଙ୍ଗ୍ ରଉଁ
। ୭ ତେବେ ଜନ୍ ଲକ୍‌ମନ୍ ସଇବାଇ, ସେମନ୍ ରାତିବେଲେ
ସଇବାଇ । ଆରି ଜନ୍ ଲକ୍‌ମନ୍ ମାତ୍‌ବାଇ, ସେମନ୍ ରାତିଆ
ମାତ୍‌ବାଇ । ୮ ଆମର୍ ବିସ୍‌ବାସ୍ ଆରି ଆମର୍ ଆଲାଦ୍ ଗଟେକ୍
ରକିଆ ପାଇବା ଲୁଆର୍ ବସ୍‌ତର୍ ପାରା ରକିଆ କର୍‌ସି । ଆମର୍
ଆସା ଗଟେକ୍ ଲୁଆର୍ ଟପି ପାରା ଆମ୍‌କେ ରକିଆ କର୍‌ସି
। ୯ କାଇକେବଇଲେ ପର୍‌ମେସର୍ ଆମ୍‌କେ ରିସାର୍ ମୁତାର୍
ଡଣ୍ଡ ପାଇବାକେ ନ ବାଚିକରି ଆମର୍ ମାପ୍ରୁ ଜିସୁକିରିସ୍‌ଟର୍
ଲାଗି, ମୁକ୍‌ତି ପାଇବାକେ ତିଆର୍ କଲାଆଚେ । ୧୦ ସେ
ଆମର୍ ଲାଗି ତାର୍ ଜିବନ୍ ଦେଲା । ଜେନ୍ତିକି ଆମେ ଜାଗ୍‌ରତ୍
ଅଇକରି ରଇଲେ କି ସଇକରି ରଇଲେ ମିସା ତାର୍ ସଙ୍ଗ୍ ଜିଇକରି
ରଇବାର୍ ଅଇସି । ୧୧ ତେବେ ତମେ ଜେନ୍ତାରି କଲାସ୍‌ନି,
ସେନ୍ତାରି ନିଜର୍ ଲକ୍‌ମନ୍‌କେ ଦୁକ୍ ସାରାଆ । ଆରି ସାଇଜ
କର୍‌ତେରୁଆ । ୧୨ ଏ ବାଇବଇନିମନ୍, ଆମେ ତମ୍‌କେ ଗୁଆରି
କଲୁନି । ତମର୍ ବିତ୍‌ରେ ଜନ୍ ଲକ୍‌ମନ୍ କସ୍‌ଟ କର୍‌ବାଇ,
ଆରି ମାପ୍ରୁର୍ ସେବା କାମେ ମିସିକରି, ନେତା ପାରା ରଇକରି
ତମ୍‌କେ ସିକାଇବାଇ, ସେମନ୍‌କେ ମାନିଅ କରା । ୧୩ ତାକର୍
କାମର୍ ଲାଗି ସେମନ୍‌କେ ଜିବନ୍ ପରାନ୍ ଦେଇକରି ଆଲାଦ୍
କରା । ନିଜର୍ ନିଜର୍ ଲକ୍‌ମନର୍ ସଙ୍ଗ୍ ସାନ୍ତିସଙ୍ଗ୍ ରୁଆ । ୧୪
ଏ ବାଇବଇନିମନ୍, ଆମେ ତମ୍‌କେ ଗୁଆରି କଲୁନି । ପାଇଟି
କାବାଡ଼୍ ନ କରି ବାତୁ ଅଇ ରଇବା ଲକ୍‌ମନ୍‌କେ ଜାଗ୍‌ରତ୍ କରା ।

ତାକ୍‌ଲା ପୁଣ୍ଡଲା ଲକ୍‌ମନ୍‌କେ ଜତନ୍ କରା । ଡର୍‌ବା ଲକ୍‌ମନ୍‌କେ ସାଆସ୍ ଦିଆସ୍ । ଲକ୍‌ମନର୍ କୁଆ କାତା ମୁର୍‌ଚି କରି ରୁଆ । **୧୫** ଜାଗର୍‌ତା, କେ ମିସା କାର୍‌ଆଲେ ଅନିଆଇର୍ ବାଦୁଲେ ଅନିଆଇ ନ କରା । ତାର୍ ବାଦୁଲେ ନିଜର୍ ନିଜର୍ ବିତ୍‌ରେ ଆରି ସବୁଲକର୍ ପାଇ ସବୁବେଲେ ମଙ୍ଗଲ୍ କର୍‌ବାକେ ଚେସ୍‌ଟା କରା । **୧୬** ସବୁବେଲେ ସାର୍‌ଦାଅଇ ରୁଆ । **୧୭** ସବୁବେଲେ ପାର୍‌ତନା କରା । **୧୮** ସବୁ ସୁକ୍ ଦୁକ୍ ବେଲେ ମାପ୍‌ରୁକେ ଦନିଅବାଦ୍ ଦିଆସ୍ । କାଇକେବଇଲେ କିରିସ୍‌ଟ ଜିସୁର୍ ସଙ୍ଗ୍ ମିସିକରି ଜିଉନା କାଉନା କଲାସ୍‌ନି ବଲି ପର୍‌ମେସର୍ ତମର୍‌ଟାନେ ଅନି ମାଙ୍ଗ୍‌ଲାନି । **୧୯** ସୁକଲ୍‌ଆତ୍‌ମାକେ ଏଲା କରାନାଇ । **୨୦** ସୁକଲ୍‌ଆତ୍‌ମା କଇଲା କାତା ଏଲା କରାନାଇ । **୨୧** ସବୁ ବିସଇ ପରିକା କରି ଦେକା, ଜନ୍‌ଟା ସତ୍, ସେଟା ଚାଡାନାଇ । **୨୨** ସବୁ ରକାମର୍ କାରାପ୍ କାମେଅନି ଦୁରିକେ ରୁଆ । **୨୩** ନିଜେ ସାନ୍ତି ଦେବା ପର୍‌ମେସର୍ ତମ୍‌କେ ପୁରାପୁରୁନ୍ କରି ସୁକଲ୍ କର । ଆରି ଆମର୍ ମାପ୍‌ରୁ ଜିସୁ ଆରିତରେକ୍ ଆଇବା ବେଲେ, ତମର୍ ଆତ୍‌ମା, ଜିବନ୍, ଗାଗଡ୍ କାଇ ଦସ୍ ପାପ୍ ନ ଅଇକରି ସଙ୍ଗ୍‌ଇ ରଅ । **୨୪** ଜେ ତମ୍‌କେ ବାଚ୍‌ଲା ଆଚେ, ସେ ସେଟା କର୍‌ସି । କାଇକେବଇଲେ ସେ ବିସ୍‌ବାସ୍ ରକ୍‌ବା ଲକ୍ । **୨୫** ଏ ବାଇବଇନିମନ୍, ଆମର୍‌ପାଇ ମିସା ପାର୍‌ତନା କରା । **୨୬** ସବୁ ବାଇମନ୍‌କେ ସୁକଲ୍ ରଇ, ଆତେ ଦାରି ଜୁଆର୍ କରା । **୨୭** ସବୁ ବାଇବଇନିମନର୍ ଲଗେ ଏ ଚିଟି ପଡାଆ ବଲି ମୁଇ ମାପ୍‌ରୁର୍ ନାଉଁ ଦାରି ତମ୍‌କେ ମୁଇ ଡିଆର୍‌ଲିନି । **୨୮** ମାପ୍‌ରୁ ଜିସୁ ଜିବନ୍ ଦୁକାଇ ଦୟା କଲାଟା ତମର୍ ସଙ୍ଗ୍ ର ।

# ୨ ତେସଲନିକିୟ

**୧** ମୁଇ ପାଉଲ୍, ବାବା ପର୍ମେସର୍ ଲଗେ ଆରି ମାପ୍ରୁ
ଜିସୁକିରିସ୍ଟ ତେଇ ରଇବା ତେସଲନିକିୟ ମଣ୍ଡଲିର୍
ଲକ୍ମନ୍କେ ଏ ଚିଟି ଲେକି ପାଟାଇଲିନି । ମର୍ ସଙ୍ଗ୍ ରଇକରି
ସିଲା ଆରି ତିମତି ମିସା ଜୁଆର୍ ଜାନାଇଲାଇନି । **୨** ଆମର୍
ବାବା ପର୍ମେସର୍ ଆରି ମାପ୍ରୁ ଜିସୁକିରିସ୍ଟ ତମ୍କେ ଜିବନ୍
ଦୁକାଇ ସାନ୍ତି ଦେଅ । **୩** ଏ ବାଇବଇନିମନ୍ ତମର୍ପାଇ ଆମେ
ପର୍ମେସର୍କେ ସବୁବେଲେ ଦନିଅବାଦ୍ ଦେବା କାତା । ଏଟା
ଟିକ୍ ବିସଇ । କାଇକେବଇଲେ ତମର୍ ବିସ୍ବାସ୍ ଅଦିକ୍ ଅଦିକ୍
ଅଇଲାନି । ଆରି ତମର୍ ନିଜର୍ ନିଜର୍ ବିତ୍ରେ ସବୁଲକ୍କେ
ଆଲାଦ୍ ବଡିଗାଲାନି । **୪** ତମେ ଜେତ୍କି ସବୁ ଉଡାସୁନିକରି
ମିସା ବିସ୍ବାସ୍ କରି ବପୁସଙ୍ଗ୍, ଡାଟ୍ ଅଇକରି ଆଚାସ୍ । ଏ
କାତା ଆମେ ପରମେସରର୍ ମଣ୍ଡଲିମନ୍କେ ବଡ୍ପନ୍ ଅଇକରି
କଇଲୁନି । **୫** ପର୍ମେସରର୍ ଜନ୍ ରାଇଜର୍ପାଇ ତମେ ଦୁକ୍
କସ୍ଟ ପାଇଲାସ୍ନି, ସେ ରାଇଜ୍ ପାଇସା । ପର୍ମେସରର୍
ବିଚାର୍ କର୍ବାଟା ଟିକ୍ ଆକା, ଇତିଅନି ସେଟା ଜାନିଅଇଲାନି
। **୬** ଜନ୍ଟା ଟିକ୍, ସେଟା ପର୍ମେସର୍ ପୁରାପୁରୁନ୍ କର୍ସି ।
ଜନ୍ଲକ୍ମନ୍ ଏବେ ତମ୍କେ କସ୍ଟ ଦେଲାଇନି, ସେମନ୍ କସ୍ଟ
ପାଇବାଇ । **୭** ପର୍ମେସର୍ ତମର୍ ଦୁକ୍ କସ୍ଟ ଅଇବାଟା
ସାରାଇକରି ଆମ୍କେ ମିସା ସାନ୍ତି ଦେଇସି । ଜେଡେବେଲେ
ମାପ୍ରୁ ଜିସୁ ସର୍ଗେଅନି ତାର୍ ବପୁର୍ ଦୁତ୍ମନର୍ ମଜାଇ
ବପୁଅଇ ଆଇସି, ପର୍ମେସର୍ ଏ କାମ୍ ପୁରାପୁରୁନ୍ କର୍ସି । **୮**
ଜନ୍ଲକ୍ମନ୍ ପର୍ମେସର୍କେ ନାଜାନତ୍, ଆରି ଆମର୍ ମାପ୍ରୁ
ଜିସୁର୍ ବାକିଅ ନ ମାନତ୍, ସେନ୍ତାରି ଲକ୍ମନ୍କେ ସେ ଡଣ୍ଡ
ଦେବାକେ ଲାଗ୍ତେରଇବା ଜଇସଙ୍ଗ୍ ଆଇସି । **୯** ସେ ଲକ୍ମନ୍
ମାପ୍ରୁର୍ ମୁଆଟେ ଡାଟ୍ସଙ୍ଗ୍ ଡାକ୍ପୁଟା ପାଇବା ତେଇଅନି,
କାଲ୍ କାଲ୍ ଜୁଗ୍ ଜୁଗ୍ ପାଇ କୁରୁପ୍ନାସ୍ ଅଇଜିବାଇ । (aiōnios
g166) **୧୦** ସେଦିନେ ମାପ୍ରୁ ତାର୍ ଲକ୍ମନର୍ ଟାନେଅନି ଆରି
ସବୁ ଲକ୍ମନର୍ ଟାନେଅନି ଡାକ୍ପୁଟା ଅଇ ସନ୍ମାନ୍ ପାଇସି ।
ଏମନର୍ ବିତ୍ରେ ତମେ ମିସା ମିସ୍ସା । କାଇକେବଇଲେ ଆମେ
ଜନ୍ କବର୍ ଦେଇରଇଲୁ, ସେଟା ତମେ ବିସ୍ବାସ୍ କଲାସ୍ ଆରି
ମାନ୍ଲାସ୍ । **୧୧** ତମ୍କେ ଜେନ୍ତି ଜିଉନା କାଉନା କର୍ବାପାଇ
ପର୍ମେସର୍ ବାଚ୍ଲା ଆଚେ, ସେନ୍ତାରି ଚଲାଚଲ୍ତି କରାଇବାକେ
ଆମେ ପର୍ମେସର୍କେ ଗୁଆରି କଲୁନି । ସେ ତାର୍ ବପୁସଙ୍ଗ୍
ସବୁ ଆସା କର୍ବା ସତ୍ ପୁରାପୁରୁନ୍ କରି ତମର୍ ବିସ୍ବାସ୍ ଡାଁଟ୍
କର । ସେଟାର୍ପାଇ ଆମେ ସବୁବେଲେ ତମର୍ଲାଗି ପାର୍ତନା
କଲୁନି । **୧୨** ଏନ୍ତାରି କଲେ ଆମର୍ ସବୁଲକର୍ ପର୍ମେସର୍ ଆରି
ମାପ୍ରୁ ଜିସୁକିରିସ୍ଟ ଜିବନ୍ ଦୁକାଇ ତମ୍କେ ମିସା ଡାକ୍ପୁଟା
କରାଇସି । ଆରି ତମେ ମିସା ତାର୍ଟାନେ ଡାକ୍ପୁଟା ଅଇସା ।

**୨** ଏ ବାଇବଇନିମନ୍, ମାପ୍ରୁ ଜିସୁକିରିସ୍ଟ ଆରିତରେକ୍
ଆଇବା ବିସଇ ଆରି ତାର୍ଲଗେ ଆମେ ସବୁଲକ୍ ରୁଣ୍ଡୁଅଇବା
ବିସଇ, ତମ୍କେ ଆମେ ବାବୁଜିଆ କଲୁନି । **୨** କାର୍ଲଗେଅନି
ମିସା ମାପ୍ରୁର୍ ଦିନ୍ କେଟ୍ଲାବେ, ବଲିକରି ସୁନିଦେଇ କିଲ୍ବିଲ୍
ଉଆନାଇ । ଜଦି ସେ କବର୍ ଆମେ ବବିସତ୍କାତା କଇଲୁ
କି ଜାନାଇଲୁ ନଇଲେ ଚିଟିଟାନେ ଲେକିଆଚତ୍ ବଲି ସୁନ୍ଲେ
ମିସା ସେନ୍ତାର୍ ଉଆନାଇ । **୩** କେ ମିସା ସେନ୍ତାରିକରି ତମ୍କେ
ବୁଲ୍ ବାଟେ ନ ନେଅ । କାଇକେବଇଲେ ପର୍ତୁମ୍ ଦରମର୍
ପାଇ ବିରଦ୍ ଅଇସି । ତାର୍ପଚେ ବିନାସ୍ କରୁ ଜେ କି ପାପି
ମୁନୁସ୍ ଆଇବା ଦର୍କାର୍ । ସେ ପାପି ମୁନୁସ୍ ନ ସାର୍ବା
ମରନେ ଜାଇସି । **୪** ସେ ଦୁରାଚାର୍ ମୁନୁସ୍ ଜନ୍ ସବୁ ବିସଇ
ପର୍ମେସରର୍ ବଲି ଲକ୍ମନ୍ ପୁଜା କଲାଇନି, ସବୁର୍ଟାନେଅନି
ସେ ନିଜେ ମୁକିଅ ବଲି କଇସି । ଜେନ୍ତି କି ପର୍ମେସରର୍
ମନ୍ଦିରେ ବସିକରି ମୁଇ ଆକା ପର୍ମେସର୍, ବଲି ଦେକାଇ ଅଇସି
। **୫** ମୁଇ ତମର୍ ସଙ୍ଗ୍ ରଇଲାବେଲେ ତର୍କେ ତର୍ ଏ ସବୁ
ବିସଇ ଏତାଇ ଦେଇତେ ରଇଲି । ସେଟା କାଇ ତମର୍ ମନେ
ନାଇ କି? **୬** ଅଇଲେମିସା ସେ ବିପଦ୍ ଏବେ ନ ଗଟେଟା ।
କାଇକେବଇଲେ ତାର୍ସଙ୍ଗ୍ ଜୁଜ୍ବାକେ ଏବେ ଗଟେକ୍ ବପୁ
ଆଚେ । ସେଟା କାଇ ତମେ ଜାନାସ୍ କି? ସମାନ୍ ବେଲାଇ
ସେ କାରାପ୍ ଲକ୍ ବାରଇସି । **୭** କାଇକେବଇଲେ ଏବେ ମିସା
ଲୁଚ୍ତେ ଅନିଆଇର୍ ପାପ୍ କାମ୍ ଚାଲିଆଚେ । ଜନ୍ କାରାପ୍
ଲକ୍ ମାପ୍ରୁର୍ ବାଟେ ଜିବା ଲକ୍ମନ୍କେ ବିରଦ୍ କଲାନି, ସେ
ଲକ୍ ବିନାସ୍ ନ ଅଇବା ଜାକ, ଏଟା ଏନ୍ତିସେ ଅଇତେରଇସି । **୮**
ସେଦ୍କିବେଲେ ସେ କାରାପ୍ ଲକ୍ ଦେକାଇ ଅଇସି । ତାକେ
ମାପ୍ରୁ ଜିସୁ ତାର୍ ନିଜର୍ ଟଣ୍ଡେଅନି ବାରଇବା ପୁଣ୍ଡା ସଙ୍ଗ୍ ନାସ୍
କର୍ସି । ଆରି ତରେକ୍ ସେ ଡାକ୍ପୁଟା ସଙ୍ଗ୍ ଆଇବାବେଲେ
ସେ କାରାପ୍ ଲକ୍ ବିନାସ୍ ଅଇଜାଇସି । **୯** ସେ କାରାପ୍ ଲକ୍,
ସଇତାନର୍ ବପୁ ପାଇକରି ଆଇସି । ଆରି କାବା ଅଇବା
କାମ୍ମନ୍ କରି ଦେକାଇସି । **୧୦** କେତେ କେତେ ଲକ୍ମନ୍ ସେ
କର୍ବା କାମେ ଜାଇ କିଲ୍ବିଲ୍ ଅଇବାଇ ଆରି ନସ୍ଟ ଅଇଜିବାଇ
। ଜନ୍ ସତ୍ ମାନିକରି ସେବାଟେ ଗାଲେ, ସେମନ୍ ନ ସର୍ବା
ଜିବନ୍ ପାଇତାଇ, ସେଟା ଚାଡିଦେଇରଇବା ଲାଗି ସେମନ୍କେ
ଏ ଦସା ଅଇସି । **୧୧** ସେମନ୍ ଜେନ୍ତିକି ମିଚ୍ କାତା ବିସ୍ବାସ୍
କର୍ବାଇ, ସେଟାର୍ପାଇ ପର୍ମେସର୍ ସେମନର୍ଟାନେ ସତ୍
ନଇବା ବପୁ ପାଟାଇସି । **୧୨** ଜେନ୍ତିକି ଜନ୍ ଲକ୍ମନ୍ ସତ୍ ବିସଇ
ବିସ୍ବାସ୍ ନ କରି ମିଚ୍ ବିସଇ ବିସ୍ବାସ୍ କରି ସାର୍ଦା ଅଇବାଇ,
ସେମନ୍ ସବୁଲକ୍ ଏ ରକାମ୍ ଡଣ୍ଡ ପାଇବାଇ । **୧୩** ତେବର୍ପାଇ
ଏ ବାଇବଇନିମନ୍, ତମର୍ପାଇ ସବୁବେଲେ ପର୍ମେସର୍କେ
ଦନିଅବାଦ୍ ଦେବାର୍ ଆଚେ । କାଇକେ ବଇଲେ ପର୍ମେସର୍
ତମ୍କେ ଆଲାଦ୍ କଲାନି ଆରି ଆଗେଅନି ସେ ତମ୍କେ ବାଚ୍ଲା
ଆଚେ । ଜେନ୍ତିକି ସେ ତମ୍କେ ରକିଆ କରି ପାର୍ସି । ସୁକଲ୍

ଆତ୍ମାର୍ କାମର୍ ଲାଗି ତମେ ସୁକଲ୍ ଅଇ ସତ୍ ବିସଇ ବିସ୍ବାସ୍
କରି ପାର୍ସା । ୧୪ ଆମେ ତମର୍ଟାନେ ଜନ୍ ନିମାନ୍ କବର୍
ଜାନାଇଆଚୁ, ସେଟାର୍ଲାଗି ପର୍ମେସର୍ ତମ୍କେ ବାଚ୍ଲା ଆଚେ
। ଆମର୍ ମାପ୍ରୁ ଜିସୁ କିରିସ୍ଟର୍ ନାଉଁ ଡାକ୍ପୁଟା ଅଇବା ଟାନେ
ମିସାଇବାକେ ବାଚିଆଚେ । ୧୫ ତେବେ ଏ ବାଇବଇନିମନ୍,
ତମେ ତବିର୍ ଅଇକରି ରୁଆ । ଆମେ ବାକିଅ ଦେଲାଟାନେ
ଅନି, କି ଚିଟିତେଇ ଅନି ତମେ ଜନ୍ଟା ସିକିଆଚାସ୍, ସେ ସବୁ
ଚାଡାନାଇ । ୧୬ ନିଜେ ଆମର୍ ମାପ୍ରୁ ଜିସୁ କିରିସ୍ଟ, ଆରି
ଜନ୍ ଆମର୍ ବାବା ପର୍ମେସର୍ ଆମ୍କେ ଆଲାଦ୍ କଲା, ସେ
ଆକା ଆମ୍କେ ଜିବନ୍ ଦୁକାଇକରି କେବେ ନ ସାର୍ବା ବପୁ ଆରି
ଆସା ଦେଇଆଚେ । (aiōnios g166) ୧୭ ସେ ସବୁବେଲେ ସତ୍
କାମ୍ କର୍ବାକେ ଆରି ବାକିଅତେଇ ତବିର୍ ଅଇ ରଇବାକେ
ସାଇଜ କର ।

୩ ଏ ବାଇବଇନିମନ୍, ସାରାସାରି ଆମର୍ପାଇ ପାର୍ତନା କରା
। ମାପ୍ରୁର୍ ବାକିଅ ତମର୍ ବିତ୍ରେ ଜେନ୍ତିକି ଦାପ୍ରେ
ଡାବିଅଇ ଜାଇରଇଲା, ସେନ୍ତାରିସେ ଦାପ୍ରେ ଗୁଲାଇବାଟେ
ବିଚିଅଇକରି ଡାକ୍ପୁଟା ଅ । ୨ ଜେନ୍ତାରି କି ପର୍ମେସର୍ ଆମ୍କେ
ପଟ୍କାର୍ ଆରି କୁଟିଆଲ୍ ଲକ୍ମନର୍ ଟାନେଅନି ରକିଆ କର ।
କାଇକେବଇଲେ, ସବୁଲକ୍ ମାପ୍ରୁର୍ ବାକିଅ ବିସ୍ବାସ୍ କରତ୍
ନାଇ । ଏଟାର୍ପାଇ ଆରିତରେକ୍ ପାର୍ତନା କରା । ୩ ମାତର୍
ମାପ୍ରୁ, କାତା ରକିଆକାରି । ସେ ତମ୍କେ କାରାପ୍ଟାନେଅନି
ରକିଆ କରି ତବିର୍ କରାଇସି । ୪ ଆମେ ଜେତ୍କି ସବୁ ଆଦେସ୍
ଦେଲେ ମିସା ତମେ ସେଟା କଲାସ୍ନି, ଆରି କର୍ସା ମିସା ।
ଏଟା ମାପ୍ରୁର୍ ଟାନେ ତମର୍ ବିସଇ ନେଇ ଆମେ ଡାଟ୍ସଙ୍ଗର୍
ବିସ୍ବାସ୍ । ୫ ଆରି ମାପ୍ରୁ ତମର୍ ମନ୍କେ ପର୍ମେସରର୍
ଆଲାଦ୍ ଆରି କିରିସ୍ଟର୍ ସାଆସ୍ ବାଟେ ଜିବାକେ ସାଇଜ
କର । ୬ ଏ ବାଇବଇନିମନ୍, ଆମେ ତମ୍କେ ଆମର୍ ମାପ୍ରୁ
ଜିସୁ କିରିସ୍ଟର୍ ନାଉଁ ଦାରି ଆଦେସ୍ ଦେଲୁନି । କନ୍ ବାଇ
ମିସା ଆମର୍ଟାନେଅନି ପାଇରଇବା ସିକିଆ ଇସାବେ ମାନିକରି
ବାଡୁଅଇକରି ଚଲାଚଲ୍ତି କର୍ସି ବଇଲେ, ତାର୍ଟାନେଅନି
ବେଗ୍ଲି ଦିଆସ୍ । ୭ କାଇକେବଇଲେ, ତମେ, ଆମେ କଲାପାରା
କର୍ବା ଦର୍କାର୍ । ଆରି ସେଟା କେନ୍ତାରି କର୍ବାର୍ ନିଜେ
ଜାନିଆଚାସ୍ । ସେଟାର୍ପାଇ ଆମେ ତମର୍ ଟାନେ ବାଡୁଅଇକରି
ଚଲାଚଲ୍ତି କରୁନାଇ । ୮ କାର୍ ଗରେ ମିସା ଉଜେ ଉଜେ ମାଙ୍ଗି
ନ କାଇତେରଇଲୁ । ତମର୍ ବିତ୍ରେ କାର୍ମିସା ବଜ୍ ପାରା ନ
ଅଇ ରଇକରି କସ୍ଟ ପାଇ, ଆବଡ୍ ପାଇଟି କରି ଦିନ୍ରାତି କାମ୍
କର୍ତେରଇଲୁ । ୯ ତମ୍କେ କାଇବାଟା ମାଙ୍ଗିବାକେ ଆମର୍
ଅଦିକାର୍ ରଇଲା, ମାତର୍ ସେନ୍ତାରି କରୁନାଇ । କାଇକେବଇଲେ
ତମର୍ପାଇ ଗଟେକ୍ ଉଦାଅରନ୍ ଦେକାଇବାକେ ସେନ୍ତାରି କଲୁ
। ୧୦ ତମର୍ ସଙ୍ଗ୍ ରଇଲାବେଲେ ଆମେ ତମ୍କେ କଇରଇଲୁ,
ଜନ୍ ଲକ୍ ପାଇଟି କାବାଡ୍ ନ କରେ, ସେ ବାତ୍ପେଜ୍ ନ କାଅ ।
୧୧ ଏବେ ଏ କାତା ଆରିତରେକ୍ କଇଲୁନି, କାଇକେବଇଲେ
ଆମେ କବର୍ ପାଇଲୁ ଆଚୁଜେ, ତମର୍ ବିତ୍ରେ କେତେକ୍
ଲକ୍ମନ୍ ବାଡୁ ଅଇକରି ଜିଉନାକାଉନା କଲାଇନି । କାଇ ପାଇଟି
ନକରି ବିନ୍ ଲକର୍ କାମେ ମଜାଇ ଅଇସି ଆରି କାଇଟାମିସା ନ
କରତ୍ । ୧୨ ମାପ୍ରୁ ଜିସୁକିରିସ୍ଟର୍ ନାଉଁ ଦାରି ଆମେ ସେ
ଲକ୍ମନ୍କେ ଜାଗ୍ରତ୍କରି ଆଦେସ୍ଦେଲୁନି, ସେମନ୍ ସେନ୍ତାରି
କର୍ବାଟା ଚାଡିଦେସ୍ । ଜେନ୍ତାରିକି ନିଜର୍ ପେଟର୍ପାଇ କାଦି
ପାଇବାକେ ପାଇଟି କରତ୍ । ୧୩ ମାତର୍ ଏ ବାଇବଇନିମନ୍
ତମେ ସତ୍କାମ୍ କର୍ବାକେ ଡାକିଜାଆ ନାଇ । ୧୪ ଏ ଚିଟିଲଗେ
ତମ୍କେ ଜନ୍ କବର୍ପାଟାଇଲୁ ଆଚୁ, କେନ୍ତି ଆଲେ ତମର୍
ବିତ୍ରେଅନି କେ ମିସା ସେଟା ମାନ୍ବାକେ ମନ୍ ନ କରେ,
ସେନ୍ତାରି ଲକ୍କେ ଚିନିରୁଆ ଆରି ତାର୍ସଙ୍ଗ୍ ମିସିବିଡି ରଇବାଟା
ଚାଡି ଦିଆସ୍ । ୧୫ ସେନ୍ତାର୍ କଲେ ସେ ଲାଜ୍ ଅଇଜାଇସି ।
ମାତର୍ ତାର୍ସଙ୍ଗ୍ ସତ୍ରୁର୍ ପାରା କାତାବାର୍ତା ନ ଅଇକରି,
ନିଜର୍ ବିସ୍ବାସି ବାଇପାରା ତାକେ ଜାଗ୍ରତ୍ କରା । ୧୬
ଜନ୍ମାପ୍ରୁ ଆମ୍କେ ସାନ୍ତି ଦେଲାନି, ସେ ତମ୍କେ ସବୁବେଲେ
ଆରି ସବୁରକାମ୍ ସାନ୍ତିଦେଅ । ମାପ୍ରୁ ତମର୍ ସବୁର୍ଲଗେ ରଅ
। ୧୭ ମୁଇ ମର୍ ନିଜର୍ ଆତେ ଏଟା ଲେକ୍ଲିନି । ପାଉଲର୍
ଜୁଆର୍ ଜାନାଇଲୁନି । ମୁଇ ଲେକିରଇବା ସବୁ ଚିଟିପତର୍ ଲଗେ
ମୁଇ ଏନ୍ତାରି ଦସ୍ତକତ୍ କରି ଲେକିରଇବି । ୧୮ ଆମର୍ ମାପ୍ରୁ
ଜିସୁକିରିସ୍ଟର୍ ଜିବନ୍ ଦୁକାନି ତମ୍କେ ସବୁକେ ମିଲ ।

# ୧ମ ତିମତି

**୧** ମୁଇ ପାଉଲ୍ ଜିସୁକିରିସ୍‌ଟର୍ ଗଟେକ୍ ପେରିତ୍, ଏ ଚିଟି
ଲେକ୍‌ଲିନି । ଆମର୍ ମୁକ୍‌ତିକାରିଆ ପର୍‌ମେସର୍ ଆରି
ଆମେ ଆସା କରିରଇବା କିରିସ୍‌ଟ ଜିସୁର୍ ଆଦେସ୍ ଇସାବେ
ବାଚିଅଇଆଚି । **୨** କିରିସ୍‌ଟକେ ବିସ୍‌ବାସ୍ କଲାର୍‌ପାଇ, ତୁଇ
ତିମତି ମର୍ ନିଜର୍ ପଅ ଅଇ ଆଚୁସ୍ । ଆମର୍ ବାବା ପର୍‌ମେସର୍
ଆରି ମାପ୍ରୁ ଜିସୁ କିରିସ୍‌ଟ ତମ୍‌କେ ଜିବନ୍ ଦୁକାଇ ଦୟା ଦେକାଅ
ଆରି ସାନ୍ତି ଦେଅ । **୩** ମୁଇ ମାକିଦନିଆଇ ଜିବା ଆଗ୍‌ତୁ ତମ୍‌କେ
ଏପିସିଅତେଇ ରୁଆ ବଲି କଇରଇଲି । ତେଇ ଜନ୍ ଲକ୍‌ମନ୍
ବୁଲ୍ ସିକିଆ ସବୁ ଦେଲାଇନି, ସେମନ୍‌କେ ବୁଲ୍ ସିକିଆ ଦେବାଟା
ବନ୍ଦ କର୍‌ବାକେ ଆଦେସ୍ ଦିଆସ୍ ବଲି ମୁଇ ତମ୍‌କେ କଇରଇଲି
। **୪** ସେମନ୍ ଟଣ୍ଡେ ପାନ୍ଦି କାତା କଇବାଇ ଆରି ଆଗ୍‌ତୁର୍
ଆନିଦାଦିମନର୍ କୁଟୁମର୍ କାତା ତିଆର୍ କର୍‌ବାଟା ଚାଡାବଲି
ତିଆରା । ଲକ୍‌ମନ୍‌କେ ଏନ୍ତାରି ସିକିଆ ଦେଇତେରଇଲେ
ଲକ୍‌ମନ୍ ତେଇ ଦଦାପେଲା ଅଇବାଇ । ବିସ୍‌ବାସ୍ ମାନିକରି
ଜନ୍‌କାମ୍ ପର୍‌ମେସର୍ ସେମନ୍‌କେ କରତ୍ ବଲି ମନ୍ କଲାନି,
ସେଟା ସେମନ୍ କରତ୍ ନାଇ । **୫** ତମେ ଏନ୍ତାରିଟା ତିଆରା
ଜେନ୍ତାରିକି, ସେମନ୍ ଗଟେକ୍ ଲକ୍ ଆରିଗଟେକ୍ ଲକ୍‌କେ ଆଲାଦ୍
କର୍‌ବାଇ । ଜନ୍ ଲକ୍‌ମନ୍‌କେ ସତ୍ ବିସ୍‌ବାସ୍ ଆରି ସୁକଲ୍
ଜିବନ୍, କାଇ କପଟ୍ ନ ରଇବା ମନ୍ ଆଚେ, ସେମନ୍‌ସେ
ଏଟା କରିପାର୍‌ବାଇ । **୬** ମାତର୍ ଜନ୍ ଲକ୍‌ମନ୍ ବୁଲ୍ ସିକିଆ
ଦେଲାଇନି, ଏ ସବୁ ବିସଇ ଚାଡିଦେଇକରି ଚୁଚା ବିସଇ କାତା
ଅଇଲାନି । **୭** ନିୟମ୍ ଗୁରୁ ଇସାବେ ସବୁଲକ୍ ସେମନ୍‌କେ
ନାମତ୍ ବଲି ସେମନ୍ ମନ୍ କଲାଇନି । ମାତର୍ ସେମନ୍ ସିକାଇବା
ବିସଇ ନିଜେ ବୁଜତ୍‌ନାଇ ଆରି ସାଆସ୍ ସଙ୍ଗ୍ ଜନ୍‌ଟା ସତ୍
ବଲି କଇଲାଇନି, ସେଟା ସତ୍ କି ନଏଁ ବଲି ନାଜାନତ୍ । **୮**
ପର୍‌ମେସରର୍ ନିୟମ୍‌ଟାନେ କାଇ ଅନିଆଇ ନାଇ । ମାତର୍
ଲକ୍‌ମନ୍ ସେଟା ଟିକ୍ ସଙ୍ଗ୍ ସିକାଇବାର୍ ଆଚେ । **୯** ଦରମ୍
କାମ୍ କର୍‌ବା ଲକ୍‌ମନର୍‌ପାଇ ନିୟମ୍ ତିଆର୍ ନ ଅଇରଇଲା
। ତାର୍ ବାଦୁଲେ ଜନ୍ ଲକ୍‌ମନ୍ ତାର୍ ବିରଦି ଅଇରଇଲାଇ,
ଆରି ତାର୍ କାତା ମାନି ନ ରଇଲାଇ, ସେନ୍ତାରି ଲକ୍‌ମନର୍
ପାଇ ପର୍‌ମେସର୍ ନିୟମ୍ ତିଆର୍ କରିରଇଲା । ଜନ୍ ଲକ୍‌ମନ୍
ପର୍‌ମେସର୍ ରଏ ନାଇ ବଲି ଚଲାଚଲ୍‌ତି କଲାଇନି, ଜନ୍
ଲକ୍‌ମନ୍ ପାପ୍ କର୍‌ବାଇ, କରାପ୍ କାମ୍ କର୍‌ତେରଇବାଇ, ଆରି
ପର୍‌ମେସର୍‌କେ ସନ୍‌ମାନ୍ ନ ଦେଇତେରଅତ୍, ଜନ୍‌ଲକ୍‌ମନ୍ କି
ତାକର୍ ଆୟା ବାବାମନ୍‌କେ ମରାଇବାଇ କି ବିନ୍ ଲକ୍‌ମନ୍‌କେ
ମିସା ମରାଇବାଇ, **୧୦** ବେବିଚାର୍ କାମ୍ କରି ପାପ୍ କର୍‌ବାଇ,
ମୁନୁସ୍‌ମୁନୁସ୍ ବିତ୍‌ରେ ଆରି ମାଇଜିମାଇଜି ବିତ୍‌ରେ ବେବିଚାର୍
କାମ୍ କର୍‌ବା ଲକ୍‌ମନର୍‌ପାଇ, ଗତିଦାଙ୍ଗ୍‌ଡା ଇସାବେ ଲକ୍‌ମନ୍‌କେ
ବିକ୍‌ବା ସାଉକାର୍ ମନର୍‌ପାଇ, ଜନ୍ ଲକ୍ ସତ୍ କଅତ୍‌ନାଇ,
ସତ୍‌ସେ କଇବି ବଲି କାତା ଦେଇରଇକରି ମିଚ୍ କଇବା
ଲକ୍‌ମନର୍‌ପାଇ ଆରି ପର୍‌ମେସରର୍ ବିସଇଟାନେ ରଇବା ସତ୍
ସିକିଆ ବିରୁଦେ ଜେତ୍‌କି ସବୁ କାତା ଉଟ୍‌ସି, ସେ ସବୁର୍‌ପାଇ
। **୧୧** ଏ ସତ୍ ସିକିଆ ସୁବ୍‌କବରର୍ ସିକିଆ ସଙ୍ଗ୍ ମିସ୍‌ସି ।
ଆମର୍ ଡାକ୍‌ପୁଟା ପର୍‌ମେସରର୍ ମଇମା ଆରି ଜନ୍ ସୁବ୍‌କବର୍
ଜାନାଅ ବଲି ସେ ମକେ ଦାଇତ୍ ଦେଲାଆଚେ, ସେଟାମିସା
ମିସ୍‌ସି । **୧୨** ଆମର୍ ମାପ୍ରୁ ଜିସୁ କିରିସ୍‌ଟକେ ମୁଇ ଦନିଅବାଦ୍
ଦେଲିନି । ସେ ମକେ ବପୁ ଦେଲାଆଚେ । ତାର୍ ମୁଆଟେ
ଗଟେକ୍ ବିସ୍‌ବାସ୍ ସଙ୍ଗ୍ ରଇବା ଗତି ଦାଙ୍ଗ୍‌ଡା ଇସାବେ ଏଜ୍‌ଲା
ଆରି ତାକେ ସେବା କର୍‌ବାକେ ମକେ ବାଚ୍‌ଲା । **୧୩** ଗଟେକ୍
ବେଲାଇ କିରିସ୍‌ଟର୍ ବିସଇର୍ କାରାପ୍ କାତା କଇତେରଇଲେ
ମିସା ଆରି ବିନ୍ ବିସ୍‌ବାସିମନ୍‌କେ କାରାପ୍ ଇସାବେ ଦେକି ନିନ୍ଦା
କର୍‌ତେରଇଲି ମିସା, ପର୍‌ମେସର୍ ମକେ ଦୟା ଦେକାଇଲା ।
କାଇକେବଇଲେ ମୁଇ କାଇଟା କର୍‌ତେରଇଲି, ସେଟା ନିଜେ
ନାଜାନ୍‌ତେରଇଲି । ଆରି ମୁଇ କିରିସ୍‌ଟକେ ବିସ୍‌ବାସ୍ ନ
କରିରଇଲି । **୧୪** ଆମର୍ ମାପ୍ରୁ ମକେ ବେସି ଦୟା ଦେକାଇଲା
। ଜେନ୍ତାରି କି, କିରିସ୍‌ଟ ଜିସୁର୍ ସଙ୍ଗ୍ ମିସ୍‌ଲାର୍‌ପାଇ ମୁଇ ତାକେ
ବିସ୍‌ବାସ୍ କରି ବିନ୍ ଲକ୍‌ମନ୍‌କେ ଆଲାଦ୍ କରିପାର୍‌ଲି । **୧୫**
ଏଟା କଇବାଟା ପୁରାପୁରୁନ୍ ସତ୍ ଆଚେ । ଆରି ସେଟା ଅଇସି କି
ନଏଁ ବଲି ନ ବାବିକରି ନାମ୍‌ବାର୍ ଆଚେ । ପାପିମନ୍‌କେ ଉଦାର୍
କର୍‌ବାକେ କିରିସ୍‌ଟ ଜିସୁ ଏ ଜଗତେ ଆଇଲା ଆରି ପାପିମନର୍
ବିତ୍‌ରେଅନି ମୁଇ ବଡ୍ ପାପି । **୧୬** ଏଲେମିସା ଏଟାର୍‌ପାଇ
ମକେ କିରିସ୍‌ଟ ଦୟା ଦେକାଇଲା । ସେ ମକେ କେମା କଲାକେ
କେତେକ୍ ମୁର୍‌ଚିକରି ଆଚେ ବଲି ଦେକାଇବାକେ ସେ ମନ୍ କଲା
। ବିନ୍ ଲକର୍‌ଟାନେଅନି ମୁଇ ଅଦିକ୍ ପାପ୍ କଲିଆଚି । ଏଟା
ଏନ୍ତାରି ଅଇଲା । ଜେନ୍ତିକି ଦିନେକ୍ ଜେତ୍‌କି ଲକ୍‌ସବୁ ତାକେ
ବିସ୍‌ବାସ୍ କରି ସବୁଦିନର୍‌ପାଇ ମୁକ୍‌ତି ପାଇବାଇ ସେମନର୍‌ପାଇ
ମୁଇ ଗଟେକ୍ ସାକି ଇସାବେ ରଇବି । **(aiōnios g166)** **୧୭**
ଜନ୍ ରାଜା କାଲ୍ କାଲ୍ ଜୁଗ୍ ଜୁଗ୍ ସାସନ୍ କର୍‌ସି, ଆରି ଜାକେ
କି କେ ଦେକି ନାପାରତ୍, ସେ ଆକା ଗଟେକ୍ ପର୍‌ମେସର୍
। ସେ କାଲ୍ କାଲ୍ ଜୁଗ୍ ଜୁଗ୍ ମଇମା ଆରି ସନ୍‌ମାନ୍ ପାଅ
। ଆମେନ୍! **(aiōn g165)** **୧୮** ମର୍ ପଅ ତିମତି, ମୁଇ ତକେ
ଏଟା ତିଆର୍‌ଲିନି, ତମେ କାଇଟା କର୍‌ସା ବଲି ସୁକଲ୍‌ଆତ୍‌ମା
କେତେଟା ବବିସତ୍‌ବକ୍‌ତାମନ୍‌କେ ଜାନାଇରଇଲା ଇସାବେ
ମୁଇ ଏଟା କଇଲିନି । ସେ ବବିସତ୍‌ବକ୍‌ତାମନ୍ କଇଲା ବିସଇ
ସୁବ୍‌କବରର୍ ଦେକାରକା କର୍‌ବା ଜୁଇଦର୍ କାମେ ତମେ ଜେନ୍ତିକି
ସାର୍‌ଦା ସଙ୍ଗ୍ ମିସ୍‌ସା, ସେ ବିସଇ କଇଲିନି । **୧୯** ତାର୍‌ସଙ୍ଗ୍
ସବୁବେଲେ ବିସ୍‌ବାସ୍ କର୍‌ବାଟା ଚାଡାନାଇ । ଆରି ଏଟା ସତ୍
ବଲି ନିଜେ ଜାନିରଇବା ବିସଇ କର୍‌ତେରୁଆ । କେତେକ୍
ଲକ୍ ନିଜର୍ ବିବେକ୍ କଇବାଟାକେ ଦିଆନ୍ ନ ଦେଇକରି
କିରିସ୍‌ଟକେ ବିସ୍‌ବାସ୍ କର୍‌ବାଟା ଚାଡିଦେଇଆଚତ୍ । **୨୦**

ସେମନର୍ ବିତ୍‌ରେ ଉମନାୟକେ ଆରି ଆଲେକ୍‌ଜାଣ୍ଡାର୍‌କେ
ବିନ୍ ବିସ୍‌ବାସି ମନର୍‌ଟାନେଅନି ବେଗ୍‌ଲାଇକରି ସଇତାନ୍‌କେ
ସର୍‌ପିଦେଲିଆଚି । ଏନ୍ତାରି କଲେ ପର୍‌ମେସରର୍ ବିରଦେ
କାରାପ୍ କାତା କଇବାଟା ସେମନ୍ ଚାଡିଦେବାଇ ବଲି ଆସା
କଲିନି ।

**୨** ପର୍‌ତୁମ୍ ବିସଇ ତମ୍‌କେ ଡାଟ୍‌ସଙ୍ଗ୍ କଇଲିନି, ସେଟା
ଅଇଲାନି ସବୁର୍‌ଟାନେଅନି ମୁକିଅ ବିସଇ । ସବୁ
ଲକ୍‌ମନର୍‌ପାଇ ପର୍‌ମେସର୍‌କେ ଗୁଆରି କରା । ସେମନର୍‌ପାଇ
ପାର୍‌ତନା କରି ମଜାଇ ଉଆ ଆରି ସେମନର୍ ପାଇ ତାକେ
ଦନିଅବାଦ୍ ଦିଆସ୍ । ୨ ରାଜା ମନ୍‌କେ ଆରି ଅଦିକାରେ ରଇକରି
ସାସନ୍ କର୍‌ବା ଲକ୍‌ମନର୍‌ପାଇ ପାର୍‌ତନା କରା । ସେନ୍ତାରି
କଲେ କାଇଟା ନ ଅଇତେ ସାନ୍ତିସଙ୍ଗ୍ ରଇପାର୍‌ସା । ଆରି ଆମେ
କାକେ ନ ଡର୍‌ତେ ପର୍‌ମେସର୍‌କେ ପାର୍‌ତନା କରି ତାର୍ ମନ୍
କଲା ଇସାବେ ଚଲାଚଲ୍‌ତି କରିପାର୍‌ବୁ । ୩ ଲକ୍‌ମନର୍ ପାଇ
ଏନ୍ତାରି ପାର୍‌ତନା କର୍‌ବାର୍ ଦର୍‌କାର୍ ଆକା । କାଇକେବଇଲେ
ଏ ରକାମର୍ ପାର୍‌ତନା ଆମର୍ ଉଦାର୍‌କାରିଆ ପର୍‌ମେସର୍‌କେ
ସାର୍‌ଦା କରାଇସି । ୪ ସବୁଲକ୍ ଜେନ୍ତାର୍ କି ରକିଆ ପାଅତ୍
ଆରି ସତ୍ ବିସଇ ଜାନତ୍ ବଲି ପର୍‌ମେସର୍ ମନ୍ କଲାନି ।
୫ କାଇକେବଇଲେ ଗଟେକ୍ ସେ ପର୍‌ମେସର୍ ଆଚେ । ଆରି
ଗଟେକ୍‌ସେ ଲକ୍ ଆଚେ, ଜେ କି ପର୍‌ମେସର ଆରି ଲକ୍‌ମନର୍
ବିତ୍‌ରେ ସାନ୍ତି ଆନିପାର୍‌ସି । ସେ ଲକ୍ ଅଇଲାନି ଜିସୁ କିରିସ୍‌ଟ ।
୬ ସବୁଲକ୍‌କେ ମୁକ୍‌ଲାଇବାକେ ସେ ନିଜେ ସର୍‌ପି ଅଇଲା ।
ସମାନ୍ ବେଲାଇ ପର୍‌ମେସର୍ ତାକେସେ ବାଚ୍‌ଲା । ସେ ସବୁକେ
ରକିଆ କର୍‌ବି ବଲି ମନ୍ କଲାଟା ଏନ୍ତାରି ଜାନାଇଲା । ୭
ତେବର୍‌ପାଇ ପର୍‌ମେସର୍ ତାର୍ ସୁବ୍ କବର୍ ଜାନାଇବାକେ ଆରି
ତାର୍ ପେରିତ୍ ଅଇବାକେ ମକେ ବାଚ୍‌ଲା । ମୁଇ ମିଚ୍ କଇନାଇ,
ସତ୍‌ସେ କଇଲିନି । ଜିଉଦି ନ ଅଇଲା ଲକ୍‌ମନ୍‌କେ ମିସା ସୁବ୍
କବରର୍ ସତ୍ ବିସଇ ଜାନାଇବାକେ ମକେ ବାଚିରଇଲା । ୮
ମୁଇ ମୁନୁସ୍ ପିଲାମନ୍‌କେ କଇଲିନି, ସେମନ୍ ଜେଡେବେଲେ
ପାର୍‌ତନା କର୍‌ବାକେ ରୁଣ୍ଡ୍‌ବାଇ, ସୁକଲ୍ ଚଲାଚଲ୍‌ତି ଅଇକରି
ତାକର୍ ଆତ୍ ଟେକି ପାର୍‌ତନା କରତ୍ । ଜଦି ଏବେ ମିସା ସେମନ୍
ଦଦାପେଲା ଅଇରଇଲେ କି ଲାଗାଲାଗି ଅଇରଇଲେ, ସେଟା
ରାଜିନାମା କର୍‌ବାର୍ ଆଚେ । ୯ ସେନ୍ତାରିସେ ମାଇଜିମନ୍ ମିସା
ଜାଗ୍‌ରତ୍ ରଇକରି ସୁଆଲ୍‌ସୁତର୍ ଉଆ । ମୁଣ୍ଡର୍ ଚେଣ୍ଡିତେଇ
ଚିକ୍‌ଚାକ୍ ନ କରି, ସୁନା କି ମୁକ୍ତା କି ଅଦିକ୍ ଦାମ୍ ଦେଇରଇବା
ଲୁଗା ନ ପିନ୍ଦିକରି, ନିକ ବୁଦିସଙ୍ଗ୍ ମର୍‌ଜିତା ସଙ୍ଗ୍ ନିଜ୍‌କେ
ମାନ୍‌ଲାପାରା ତିଆର୍ ଉଆ । ୧୦ ତାର୍ ବାଦୁଲେ ବିନ୍‌ଲକ୍‌ମନ୍‌କେ
ଦୟା ଦେକାଅତ୍ । ପର୍‌ମେସର୍‌କେ ଜୁଆର୍ କଲୁନି ବଲି କଇବା
ମାଇଜିମନର୍‌ପାଇ ସେଟା ନିକ ଚଲାଚଲ୍‌ତି ଅଇସି । ୧୧
ମାଇଜିମନ୍ ଚିମ୍‌ରାଇଅଇ ରଇ ସୁଆଲ୍‌ସୁତର୍ ଅଇକରି ବସତ୍ ।
୧୨ ମୁଇ ମାଇଜିମନ୍‌କେ ସିକାଇବା ଅଦିକାର୍ କି ମୁନୁସର୍ ଉପ୍‌ରେ
ସାସନ୍ କର୍‌ବା ଅଦିକାର୍ ଦେଇନାଇ । ତାର୍ ବାଦୁଲେ ସେମନ୍
ଚିମ୍‌ରାଇଅଇ ରଅତ୍ । ୧୩ କାଇକେ ବଇଲେ ପର୍‌ମେସର୍
ପର୍‌ତମେ ଆଦମ୍‌କେ ତିଆର୍ କଲା । ତାର୍ ପଚେ ଅବାକେ । ୧୪
ପର୍‌ତମେ ଆଦମ୍ ସଇତାନର୍‌ଟାନେ ନାଡାଇ ଅଏନାଇ, ମାତର୍
ମାଇଜି ନାଡାଇ ଅଇ ପର୍‌ମେସରର୍ ଆଦେସ୍ ନ ମାନିକରି ପାପି
ଅଇଲା । ୧୫ ମାତର୍ ମାଇଜିମନ୍ ପିଲାଟକିମନ୍‌କେ ଜନମ୍
ଦେଇକରି ଉଦାର୍ ପାଇବାଇ । ସେମନ୍ କିରିସ୍‌ଟକେ ବିସ୍‌ବାସ୍
କରି ବିନ୍ ଲକ୍‌ମନ୍‌କେ ଆଲାଦ୍ କରି ସୁଆଲ୍ ସୁକଲ୍ ସଙ୍ଗ୍
ଚଲାଚଲ୍‌ତି କରତ୍ ।

**୩** ଏ କାତା ସତ୍ ଜେ, କେ ଜଦି ମଣ୍ଡ୍‌ଲିଟାନେ ମୁକିଅ ପଦ୍
ପାଇବାକେ ମନ୍ କଲାନି, ତେବେ ସେ ନିମାନ୍ କାମ୍
କର୍‌ବାକେ ମନ୍ କଲାନି । ୨ ତେବର୍‌ପାଇ ଜେନ୍ତିକି ତାର୍
ଜିବନେ ବିନ୍ ଲକ୍‌ମନର୍ କାଇ ନିନ୍ଦା ନ ରଇବାର୍ । ସେ
ଗଟେକ୍ ମାଇଜି ସଙ୍ଗ୍‌ଇରଇବାର୍ ଆଚେ । ନିଜେ ଜାଗ୍‌ରତ୍
ରଇକରି, ନିଜର୍ ଜିବନେ ସୁସ୍‌ତା ରଇକରି, ସବୁଲକର୍ ସନ୍‌ମାନ୍
ପାଇକରି, ଆଇଲା ଲକ୍‌ମନ୍‌କେ ଡାକିନେବା ପାରା ଲକ୍ ଅଇକରି,
ଲକ୍‌ମନ୍‌କେ ବୁଦିର୍ କାତା ସିକାଇବା ଲକ୍ ଅଇ, ୩ ନ ମାତି
କରି, କିରମାର୍ ନ ଅଇକରି ସାନ୍ତିସଙ୍ଗ୍ ରଇ, ଦଦାପେଲା ନ
ଅଇକରି, ଦନ୍ ମିଲାଇବାକେ ଆସା ନ ଅଇକରି ରଇବାର୍ ଆଚେ
। ୪ ନିଜର୍ କୁଟୁମ୍‌କେ ନିକକରି ଚାଲାଇତେରଇବାର୍ ଆଚେ
। ଆରି ତାର୍ ପିଲାଟକିମନ୍‌କେ ସେ ତିଆର୍‌ଲାଟା ମାନ୍‌ବାକେ
ବାଦିଅ କରାଇବା ସିକିଆ ଦେଇରଇବାର୍ ଆଚେ । ୫ ଜଦି
କେ ମିସା ନିଜର୍ କୁଟୁମ୍‌କେ ଚାଲାଇବାର୍ ନାଜାନେ, ସେ କେନ୍ତି
ପର୍‌ମେସରର୍ ମଣ୍ଡ୍‌ଲିର୍ ଦାଇତ୍ ନେଇପାର୍‌ସି? ୬ ସେ ନୁଆ
ନୁଆ ବିସ୍‌ବାସ୍ କର୍‌ବା ଲକ୍ ନ ରଇବାର୍ ଆଚେ । ନଇଲେ
ସେ ବଡ୍‌ପନିଆ ଅଇକରି ସଇତାନ୍ ଜେନ୍ତାରି ଡଣ୍ଡ୍ ପାଇଲା,
ସେ ମିସା ସେନ୍ତାର୍ ଡଣ୍ଡ୍ ପାଇସି । ୭ ତାର୍ ଚଲାଚଲ୍‌ତି ଦେକି
ବିସ୍‌ବାସ୍ ନ କର୍‌ବା ଲକ୍‌ମନ୍ ମିସା ତାକେ ଗଟେକ୍ ସନ୍‌ମାନର୍
ଲକ୍ ପାରା ନାମ୍‌ବାର୍ ଆଚେ । ଜେନ୍ତିକି ଲକ୍‌ମନ୍ ତାକେ
ନିନ୍ଦା ନ କରି ସଇତାନର୍ ପାନ୍ଦେ ନ ଲାଗେ । ୮ ସେନ୍ତାରିସେ
ମଣ୍ଡ୍‌ଲିର୍ ସେବା କରୁମନ୍ ମୁକିଅର୍ ପାରା ସବୁ ଲକର୍‌ଟାନେଅନି
ସନ୍‌ମାନ୍ ପାଇବା ଲକ୍ ରଇବାର୍ ଆଚେ । ସେମନ୍ ସତ୍ ବାବେ
ଚଲାଚଲ୍‌ତି କର୍‌ବାର୍ ଆଚେ । ମଦୁଆ ଲକ୍ ଅଇ ରଇବାର୍
ନାଇ । ଡାବୁକାସୁର୍ ପାଇ ଆସା ନ ରଇବାର୍ ଆଚେ । ୯
ପର୍‌ମେସର୍ ଜନ୍ ସତ୍ କବର୍ ସେମନ୍‌କେ ଜାନାଇଆଚେ, ସେଟା
ସେମନ୍ ଡାଟ୍ ସଙ୍ଗ୍ ବିସ୍‌ବାସ୍ କର୍‌ବାର୍ ଆଚେ । ଆରି ସେମନ୍
ପାପେ ରଉନାଇ ବଲି ତାକର୍ ବିବେକ୍ ସାକିଦେବାର୍ ଆଚେ
। ୧୦ ମଣ୍ଡ୍‌ଲିର୍ ସେବାକରୁ ଅଇବା ଆଗ୍‌ତୁ ବିନ୍ ଲକ୍‌ମନ୍
ସେମନ୍‌କେ ପରିକା କରି ଦେକତ୍ । କାଇ ଦସ୍ ନ ରଇଲେ
ସେମନ୍ ସେବା କର୍‌ବାକେ ଦାଇତ୍ ନେଅତ୍ । ୧୧ ସେନ୍ତାରିସେ
ତାକର୍ ମାଇଜିମନ୍ ମିସା ବିନ୍‌ଲକର୍ ସନ୍‌ମାନ୍ ପାଇଲା ପାରା

ଚଲାଚଲ୍‌ତି କରତ୍ । ସେମନ୍ ତିପୁଲ୍ କାତା କଇବାର୍ ନାଇ । ତାର୍ ବାଦୁଲେ ନିଜେ ଜାଗ୍ରତ୍ ରଇବାର୍ ଆଚେ । ସେମନ୍ ସତ୍ ଲକ୍ ବଲି ବିନ୍ ଲକ୍ ଆସା କର୍‌ବାର୍ ଆଚେ । **୧୨** ସେବାକରୁ ଗଟେକ୍ ମାଇଜି ସଙ୍ଗଇ, ତାର୍ ପିଲାଟକିମନ୍‌କେ, ତାର୍ କୁଟୁମର୍ ବିନ୍ ଲକ୍‌ମନ୍‌କେ, ଆରି ଗତିଦାଙ୍ଗଡାମନ୍‌କେ ନିକସଙ୍ଗ ଜତନ୍ କର୍‌ବାର୍ ଆଚେ । **୧୩** ସେବାକାରିଆମନ୍ ଆବଡ୍ ଅଇ ନିକ କାମ୍ କଲେ, ଲକ୍‌ମନର୍ ଟାନେଅନି ଅଦିକ୍ ସନ୍‌ମାନ୍ ମିଲ୍‌ସି । ସେନ୍ତାରି ଲକ୍ କିରିସ୍‌ଟ ଜିସୁର୍ ବିସଇ ବିନ୍ ଲକ୍‌ମନ୍‌କେ ଡାଟ୍ ସଙ୍ଗ କଇପାର୍‌ବାଇ । **୧୪** ମୁଇ ଏପିସେ ଆସି ଦାପ୍‌ରେ ତମ୍‌କେ ଦେକ୍‌ବି ବଲି ମନ୍ କଲିନି । ଅଇଲେ ମିସା ଏ ଚିଟିଟାନେ ତମ୍‌କେ ମୁଇ ତିଆର୍‌ଲିନି । **୧୫** କାଇକେବଇଲେ ଜଦି ମର୍ ଆଇବାଟା ଅଲ୍‌ସମ୍ ଅଇଲେ ମିସା, ପର୍‌ମେସରର୍ କୁଟୁମ୍ ଇସାବେ ମଣ୍ଡଲିଟାନେ ତମେ ଗଟେକ୍ ଲକ୍ ଆରିଗଟେକ୍ ଲକ୍‌କେ କେନ୍ତାରି ମିସିକରି ରଇବାର୍‌ଆଚେ, ସେ ବିସଇ ତମେ ଜାନ୍‌ସା । ଏ ମଣ୍ଡଲି ପର୍‌ମେସରର୍, ଜେକି ସତଇସେ ବଁଚିଆଚେ । ସେ କୁନାଦି ଆରି ମୁଲ୍ ଡେଲି ପାରା ଅଇ ସତ୍ ବିସଇକେ ଡାଟ୍ କରାଇଲାନି । **୧୬** ଆମର୍ ବିସ୍‌ବାସ୍‌ଟାନେ କେ ନାଜାନ୍‌ଲା ପାରା ବିସଇ ଲୁଚିକରି ଆଚେ । ସେନ୍ତାରି ନଏଁ ବଲି କେ କଇନାପାରତ୍ । "ଜିସୁକିରିସ୍‌ଟ ନର୍ ରୁପ୍ ଦାରି ଆଇଲା । ସେ ନିଜେ ପର୍‌ମେସରର୍ ପଅ ବଲି ସୁକଲ୍ ଆତ୍‌ମା କାତାଦେଲା ଆଚେ । ଦୁତ୍‌ମନ୍ ତାକେ ଦେକ୍‌ଲାଇ । ତାର୍ ବିସଇର୍ ସତ୍ କବର୍ ଗୁଲାଇ ରାଇଜେ ଜାନାଇଲାଇ । ସବୁ ଜାଗାର୍ କେତେକ୍ କେତକ୍ ଲକ୍‌ମନ୍ ତାକେ ବିସ୍‌ବାସ୍ କଲାଇ । ପର୍‌ମେସର୍ ତାକେ ସର୍‌ଗେ ନେଲା ।"

**୪** ସୁକଲ୍ ଆତ୍‌ମା ନିକସଙ୍ଗ କଇଲାନି, ସାରାସାରି ଦିନେ, ଲକ୍‌ମନ୍ ସତ୍ ବିସଇ ବିସ୍‌ବାସ୍ କର୍‌ବାଟା ଚାଡିଦେବାଇ । କାରାପ୍ ଆତ୍‌ମାମନର୍ ସିକିଆ ମାନ୍‌ବାଇ । ଆରି ସେମନ୍ ସିକାଇବା ବୁଲ୍ ସିକିଆ ବିସ୍‌ବାସ୍ କର୍‌ବାଇ । **୨** ଏନ୍ତାରି ସିକିଆ ଦେବାବେଲେ ଏଟା ସତ୍ ସିକିଆବଲି ଲକ୍‌ମନ୍ ମାନ୍‌ବାଇ । ମାତର୍ ସେଟା ମିଚ୍ ସିକିଆ ରଇସି । ସେମନ୍ ଟିକ୍ କଲାଇନି କି ବୁଲ୍ କଲାଇନି, ସେଟା ନିଜେ ଜାନି ନ ରଅତ୍ । ଜେନ୍ତାରି କି ତପ୍‌ଲା ଲୁଆସଙ୍ଗ ମାଉଁସ୍‌ଟାନେ ଚାପ୍‌ଲେ ମରିଜାଇସି, ସେନ୍ତାରିସେ । **୩** ସେମନ୍, ମାଇଜି ମନସ୍ ବିବା ଅଇବାର୍ ନାଇ ଆରି କାଇ କାଇ କାଦି କାଇବାର୍ ନାଇ ବଲି ବୁଲ୍ ସିକିଆ ଦେବାଇ । ସବୁ ରକାମର୍ କାଦି ପର୍‌ମେସର୍ ତିଆର୍ କଲାଆଚେ । ଜେନ୍ତି କି ଜେତ୍‌କି ସବୁ ଲକ୍ ତାର୍ ସତ୍ କବର୍ ବିସ୍‌ବାସ୍ କର୍‌ବାଇ, ସେମନ୍ ସେ କାଦିର୍ ଲାଗି ତାକେ ଦନିଅବାଦ୍ ଦେବାଇ । **୪** ସେନ୍ତାରି ସିକିଆ ଦେଉମନ୍ ବୁଲ୍ ସିକିଆ ଦେଲାଇନି । କାଇକେବଇଲେ କାଦି ଆରି ପର୍‌ମେସର୍ ତିଆର୍‌କଲା ସବୁ ବିସଇ ନିକଆଚେ । ଆରି କାଇ ରକାମର୍ କାଦି ମିସା ନିଚ୍‌ବାର୍ ନାଇ । ତାର୍ ବାଦୁଲେ ସବୁ କାଦି ନିକ ବଲି ମାନିକରି ତାକେ ଦନିଅବାଦ୍ ଦେବାର୍ ଆଚେ । **୫** କାଇକେବଇଲେ ପର୍‌ମେସର୍ କଇରଇବା ବାକିଅ ଆରି ଆମର୍ ପାର୍‌ତନା ବିସଇ ସବୁ ସୁକଲ୍ ଅଇଆଚେ । **୬** ଏ ସବୁ ବିସଇ ତମେ ବିସ୍‌ବାସିମନ୍‌କେ ସିକାଇବାର୍ ଲାଗି, ତମେ ଜିସୁ କିରିସ୍‌ଟକେ ସେବା କଲାସ୍‌ନି । ତମର୍ ବିସ୍‌ବାସର୍ ଲାଗି ଆରି ସତ୍ ସିକିଆ ମାନ୍‌ଲାର୍ ଲାଗି ପର୍‌ମେସର୍ ତମ୍‌କେ ବଡାଇସି । **୭** ଜନ୍ ସବୁ ସିକିଆ ମିଚ୍, ଆରି ଜନ୍‌ଟା ସବୁ ଟଣ୍ଢେପାନ୍ନି କଇବାଟାନେ ଅନି ଦୁରିକେ ରୁଆ । ତାର୍ ବାଦୁଲେ ନିଜେ ଜାଗ୍ରତ୍ ରଇକରି ପର୍‌ମେସର୍ ଜନ୍‌ଟା ମନ୍ କଲାନି, ସେନ୍ତାରି ଚଲାଚଲ୍‌ତି କରା । **୮** କାଇକେବଇଲେ ଗାଗଡ୍‌କେ ବୁଲାଚାଲା କରି ନିକ ସଙ୍ଗ ସଙ୍ଗଇବାଟା କେତେଟା କାମର୍ ପାଇ ନିକ ବିସଇ । କାଇକେବଇଲେ ଏଟା ଜଗତେ ବଁଚିରଇଲେ କି ମରିଗାଲେ ମିସା ତାକେ ଲଡାକେ ଆଇସି । ମାତର୍ ଆତ୍‌ମାଇ ଚଲାଚଲ୍‌ତି କର୍‌ବାଟା ସବୁ କାମେ ନିକ ରଇସି । **୯** ଏଟା ବାଇଦରେ ସତ୍ ଆକା । ଏଟା ସବୁଲକ୍ ଅଇସି କି ନ ଅଏ ବଲିକରି ପୁରାପୁରୁନ୍ ବିସ୍‌ବାସ୍ କରିଅଇସି । **୧୦** ଆମେ ପର୍‌ମେସର୍‌କେ ବିସ୍‌ବାସ୍ କଲାର୍‌ପାଇ କସ୍‌ଟ ଅଇ କାମ୍ କରି ଏଟା ଆସା କଲୁନି । ସେ ସତଇସେ ବଁଚିଆଚେ । ସେ ଗୁଲାଇ ମନସ୍ ଜାତିର୍ ଉଦାର୍‌କାରିଆ, ଜେତ୍‌କି ସବୁ ତାକେ ବିସ୍‌ବାସ୍ କଲାଇନି, ତାକର୍‌ପାଇ ଅଦିକ୍ । **୧୧** ମୁଇ ତମ୍‌କେ ଜେତ୍‌କି ବିସଇ ଲେକ୍‌ଲିଆଚି ସେଟାସବୁ ବିନ୍ ଲକ୍‌ମନ୍‌କେ ସିକାଆ ଆରି ତିଆରା । **୧୨** ତକେ ଦାଙ୍ଗଡା ଆଚେ ବଲି କେ ମିସା ଇନ୍ ନ କର । ମାତର୍ ସବୁ ବିସ୍‌ବାସି ମନର୍‌ପାଇ ଗଟେକ୍ ସାକିପାରା ନିକ ଚଲାଚଲ୍‌ତି କର୍ । ସବୁ ବେଲେ ସତ୍ କାତା କଇତେର, ନିକସଙ୍ଗ ଚଲାଚଲ୍‌ତି କର୍‌ତେରଇବା, ଲକ୍‌ମନ୍‌କେ ଆଲାଦ୍ କର୍‌ତେରଇବା, କିରିସ୍‌ଟକେ ବିସ୍‌ବାସ୍ କର୍‌ତେରଇବା, ପାପେ ରଅନାଇ । **୧୩** ମୁଇ ତର୍‌ଟାନେ ଆଇବା ଜାକ ବିସ୍‌ବାସିମନ୍ ରୁଣ୍ଡଲା ବେଲାଇ, ଜେନ୍ତାରି କି ସବୁଲକ୍ ନିକକରି ସୁନ୍‌ଲାପାରା ସାସ୍‌ତର୍ ପଡିଦେସ୍ । ତେଇର୍ ଅରତ୍ ସେମନ୍‌କେ ବୁଜାଇଦେସ୍ । **୧୪** ପର୍‌ମେସର୍ ତର୍‌ପାଇସେ ବଲିକରି ଜନ୍ ଦାନ୍ ଦେଲାଆଚେ, ସେ କାମେ ଲାଗିର । ଏଟା ବବିସତ୍‌ବକ୍‌ତାମନ୍ ଆରି ପାର୍‌ଚିନ୍‌ମନ୍ ତର୍ ମୁଣ୍ଡେ ଆତ୍ ସଙ୍ଗଇ ପାର୍‌ତନା କଲାବେଲେ, ତୁଇ ପର୍‌ମେସରର୍ ଟାନେଅନି ପାଇରଇଲୁସ୍ । **୧୫** ଏ ସବୁ ବିସଇ ପୁରାପୁରୁନ୍ ମନ୍ ଦିଆନ୍ ଦେଇ କର୍ । ଜେନ୍ତାର୍‌କି, ସୁବ୍‌କବର୍ ଜାନାଇବାଟାନେ ଆରି ସିକାଇବାଟାନେ ତୁଇ ଆଗ୍‌ତୁ ଆଗ୍‌ତୁ ଗାଲୁସ୍‌ନି ବଲି ଲକ୍‌ମନ୍ ଦେକ୍‌ବାଇ । **୧୬** ତୁଇ ଜାଗ୍ରତ୍ ସଙ୍ଗ ଚଲାଚଲ୍‌ତି କର୍ । ଆରି ପର୍‌ମେସରର୍ ବିସଇ ଜନ୍‌ଟା ସିକାଇଲୁସ୍‌ନି, ସେ ବିସଇଟାନେ ଜାଗ୍ରତ୍ ର । ଏଟା କରିଲାଗିର । କାଇକେବଇଲେ ସେନ୍ତାରି କଲେ, ତୁଇ ନିଜ୍‌କେ ଆରି ତର୍ କାତା ସୁନ୍‌ବା ଲକ୍‌କେ ରକିଆ କର୍‌ସୁ ।

୫ ତର୍ଟାନେଅନି ବୟସେ ବଡ୍ ରଇବା ଲକ୍କେ ଡାଟ୍ସଙ୍ଗ
ଦାକାପୁକା ଦେସ୍ନାଇ । ତାର୍ ବାଦୁଲେ ନିଜର୍ ବାବାକେ
ବାବୁଜିଆ କଲାପାରା ସନ୍ମାନ୍ ସଙ୍ଗ କର୍ । ବଇସେ ସାନ୍
ରଇଲା ଲକ୍ମନ୍କେ ନିଜର୍ ବାଇ ଇସାବେ କାତା ଅ । ୨
ବଇସେ ବଡ୍ ରଇବା ମାଇଜିମନ୍କେ ନିଜର୍ ମାଆ ପାରା
ଆରି ଦାଙ୍ଗଡିମନ୍କେ ନିଜର୍ ବଇନି ପାରା ମାନିକରି ର ।
ସେମନ୍କେ ମନେ ମନେ ମିସା ପାପ୍ ଇସାବେ ଦେକ୍ନାଇ
। ୩ ରାଣ୍ଡିଜୁଣ୍ଡିମନ୍କେ ସନ୍ମାନ୍ ଦେକାଇ ଜତନ୍ କର୍ । ୪
ଜଦି କନ୍ ରାଣ୍ଡିମାଇଜିକେ ପିଲାଟକି କି ନାତିତିତି ରଇଲେ,
ସେମନ୍ ନିଜର୍ କୁଟୁମର୍ ଲକ୍ ଇସାବେ ତାକେ ଜତନ୍ କରତ୍ ।
ସେନ୍ତାରି ସେମନ୍ ଆୟା ବାବାମନ୍କେ ଆରି ଆନିଦାଦିମନ୍କେ
ତାକର୍ ଆଲାଦ୍ ବାଉଡାଇ ଦେଅତ୍ । ଏଟା ପର୍ମେସର୍କେ
ସାର୍ଦା କରାଇସି । ୫ ଜନ୍ ରାଣ୍ଡିମାଇଜି ଜାକେ କି ଆକାସାକା
ନାଇ, ସେ ପର୍ମେସର୍କେ ଆସାକରିଆଚେ, ସେ ଦିନ୍ରାତି
ତାକେ ଗୁଆରିକଲାନି, ତାକେସେ ମଣ୍ଡଲିର୍ ବିସ୍ବାସିମନ୍ ଜତନ୍
କର୍ବାର୍ ଆଚେ । ୬ ମାତର୍ ଗଟେକ୍ ରାଣ୍ଡି ମାଇଜି ଅବ୍କା
ନିଜେ କର୍ବା ବିସଇ ମନ୍କରି, ପର୍ମେସର୍ ତାକେ ଜନ୍ଟା କର
ବଲି ମନ୍ କଲାନି, ସେଟା ନ କରିରଇଲେ, ସେ ବଁଚିରଇକରି
ମିସା ମଲା ସମାନ୍ ଆଚେ । ୭ ରାଣ୍ଡି ମାଇଜିମନର୍ ଜତନ୍ ପାଇ
ମୁଇ ଜେଡ୍କି ଆଦେସ୍ ଦେଲିଆଚି, ସେଟା ସବୁ ମାନା ବଲି
ବିସ୍ବାସିମନ୍କେ ତିଆର୍ । ଜେନ୍ତାରିକି ସେମନ୍କେ କେ ମିସା
ନିନ୍ଦା କରି ନାପାରତ୍ । ୮ କେ ଜଦି, ତାର୍ ନିଜର୍ ଲକ୍ମନ୍କେ
କି କୁଟୁମର୍ ଲକ୍ମନ୍କେ ଲଡାକେ ରଇବା ବିସଇ ନ ଦେଲେ,
ସେ ଜନ୍ଟା ବିସ୍ବାସ୍ କଲିନି ବଲି କଇସି, ସେ ସତଇସେ
ସେଟା ବିସ୍ବାସ୍ କରେନାଇ । ସେ ବିସ୍ବାସ୍ ନ କରିରଇବା
ଲକର୍ଟାନେଅନି ଅଦିକ୍ ଇନ୍ । ୯ ଗଟେକ୍ ରାଣ୍ଡି ମାଇଜି
କଡେଚାରି ବରସ୍ ନ ଅଇତେ, ତାକେ ରାଣ୍ଡି ବଲି ଲେକା କର୍ବାର୍
ନାଇ । ସେ ଗଟେକ୍ ମୁନୁସର୍ ସଙ୍ଗସେ ମିସିରଇବାର୍ଆଚେ । ୧୦
ବିନ୍ ଲକ୍ ଦେକ୍ବା ଇସାବେ, ସେ ବେସି ଦରମ୍ ଅଇ, ବିନ୍ ଲକ୍କେ
ସାଇଜ କର୍ବାର୍ ଆଚେ । ଜେନ୍ତାରି କି ନିଜର୍ ପିଲାମନ୍କେ
ନିକ ସଙ୍ଗ ବଡାଇରଇସି, ଆଇଲା ଲକ୍ମନ୍କେ ଗତିଆ ଇସାବେ
ଡାକ୍ସି, ପର୍ମେସରର୍ ସୁକଲ୍ ଲକ୍ମନର୍ ଗଡ୍ ଦଇଦେଇସି,
ଦୁକ୍ କସ୍ଟେ ରଇବା ଲକ୍ମନ୍କେ ସାଇଜ କର୍ସି, ଲକ୍ମନ୍କେ
ସାଇଜ କର୍ବାକେ ବିନ୍ ବିନ୍ କାମ୍ କର୍ତେରଇସି । ୧୧ ଡକ୍ରି
ନ ରଇବା ରାଣ୍ଡିମନ୍କେ ରାଣ୍ଡି ଇସାବେ ଲେକା କର୍ ନାଇ ।
କାଇକେବଇଲେ ସେମନ୍ ରାଣ୍ଡି ଇସାବେ କିରିସ୍ଟକେ ସେବା
କର୍ବି ବଲି କାତା ଦେଇରଇଲେ ମିସା, ମୁନୁସର୍ ସଙ୍ଗ ରଇବି
ବଲି ମନ୍ ଆଇଲେ, ଆଗ୍ତୁ ଦେଇରଇବା କାତା ପାସ୍ରିଜାଇ
ଆରିତରେକ୍ ବିବା ଅଇବାକେ ମନ୍ କର୍ବାଇ । ୧୨ ଆରିତରେକ୍
ବିବା ଅଇଲାର୍ ପାଇ ସେମନ୍ ଦସି ଅଇବାଇ । କାଇକେବଇଲେ,
ସେମନ୍ ଆଗ୍ତୁ ଦେଇରଇବା କାତା ପୁରାପୁରୁନ୍ କରତ୍ ନାଇ
। ୧୩ ଏଟାର୍ ମିସ୍ତେ ସେମନ୍ ଅଲସ୍ ଅଇବାଟା ସିକ୍ବାଇ ।
ଆର୍ ଗରେ ତାର୍ ଗରେ ଜାଇ ବେଲା ବିତାଇବାଇ । ତିପୁଲ୍
କାତା କଇ ବିନ୍ ଲକର୍ ବିସଇ କାତାବାର୍ତା ଅଇବାଇ । ୧୪
ତେବର୍ପାଇ ଡକ୍ରି ନ ରଇବା ରାଣ୍ଡିମନ୍କେ ମୁଇ ତିଆର୍ଲିନି,
ଆରିତରେକ୍ ଗର୍ ବସାଇ ପିଲାଟକିର୍ ଜତନ୍ କରା । ସେନ୍ତାରି
କଲେ ଆମର୍ ବିରଦିମନ୍ ଆମ୍କେ ନିନ୍ଦା ନ କରତ୍ । ୧୫
କାଇକେବଇଲେ ସେମନ୍ ପର୍ମେସରର୍ ଟାନେଅନି ଦୁରିକେ
ଜାଇ ସଇତାନର୍ ସଙ୍ଗ ଜିଇବାକେ ଆରାମ୍ କଲାଇ ଆଚତ୍ ।
୧୬ ଜଦି କନ୍ଆଲେ ମାଇଜି କିରିସ୍ଟକେ ବିସ୍ବାସ୍ କର୍ସି,
ଆରି ତାର୍ କୁଟୁମେ ରାଣ୍ଡିମାଇଜିମନ୍ ରଇବାଇ, ସେ ଆକା
ସେମନ୍କେ ସାଇଜ କର୍ବାର୍ ଆଚେ । ବିନ୍ ବିସ୍ବାସିମନ୍
ସେ ଦାଇତ୍ ନେଇ କରତ୍ ବଲି ସେ ଆସା କର୍ବାର୍ ନାଇ ।
ଏଟା ଜେନ୍ତାରିକି ଜାକେ ଆକାସାକା ନ ରଅତ୍ ସେମନ୍କେ
ବିସ୍ବାସିମନ୍ ଜତନ୍ କରିପାରତ୍ । ୧୭ ଜନ୍ ପାର୍ଚିନ୍ମନ୍
ମଣ୍ଡଲିର୍ ନେତା ଅଇ ଡାକିନେଲାଇନି, ସେମନ୍ ଦୁଇଗୁନ୍ ବୁତି
ପାଇବା ଦର୍କାର୍ । କାଇକେବଇଲେ ସୁବ୍କବର୍ ଜାନାଇବାଟା
ଆରି ସିକାଇବାଟା ସେମନ୍କେ ଦାଇତ୍ ଇସାବେ ଦେଲାଇ ଆଚତ୍
। ୧୮ ସାସ୍ତରେ ଜେନ୍ତି ଲେକାଅଇଲା ଆଚେ, ଗାନାଇ ଦାନ୍
ମାଣ୍ଡାଇବାବେଲେ ବଲଦର୍ ଟଣ୍ଡେ କଡ୍ରା ବାନ୍ଦା ନାଇ ଆରି
କାମ୍ କରୁ ସାଉକାର୍ଟାନେଅନି ତାର୍ କୁଲି ପାଇସି ଆକା ।
୧୯ ଗଟେକ୍ ପାର୍ଚିନ୍ ବିରୁଦେ ନିନ୍ଦା କାତା ଉଟ୍ଲେ, ଦୁଇ କି
ତିନିଲକର୍ ସାକି ନଇଲେ, ସେଟାକେ ମାନ୍ ନାଇ । ୨୦ ପାପେ
ରଇବା ଗଟେକ୍ ପାର୍ଚିନ୍କେ ସବୁର୍ ମୁଆଟେ ଲାଗ୍ । ଜେନ୍ତାରିକି
ବିନ୍ ପାର୍ଚିନ୍ମନ୍ ସେନ୍ତାରି ପାପ୍ କର୍ବାକେ ଡର୍ବାଇ । ୨୧
ଆମର୍ ବାବା ପର୍ମେସର୍ ଜିସୁକିରିସ୍ଟ ଆରି ସେ ବାଚିରଇବା
ଦୁତ୍ମନ୍କେ ସାକିକରି ମୁଇ ତକେ ତିଆର୍ଲିନି, ମୁଇ ତିଆର୍ଲା
ଏ ସବୁ ବିସଇ କାଇ ବଡ୍ସାନ୍ ନ ଦେକିକରି କର୍ । ୨୨ ଗଟେକ୍
ଲକ୍କେ ପରିକା ନ କର୍ବା ଜାକ ତାକେ ମୁକିଅ ଇସାବେ, ତର୍
ଆତ୍ ତାର୍ ମୁଣ୍ଡେ ସଙ୍ଗଇ, ସେବା କାମର୍ ପାଇ ସରପ୍ ନାଇ ।
ନଇଲେ ତାର୍ ପାପର୍ ପାଇ, ତୁଇ ଦାଇ ଅଇସୁ । ତୁଇ ନିଜେ
ପାପ୍ ନ କର୍ବାକେ ଜାଗ୍ରତ୍ ର । ୨୩ ଆରି ଚୁଚା ପାନି ନ
କାଇକରି ତର୍ ପେଟର୍ ଲାଗି ଅଲପ୍ ଅଙ୍ଗୁର୍ ମଦ୍ ମିସା କାଆ ।
କାଇକେବଇଲେ ତୁଇତା ସବୁବେଲେ ନିକ ରଉସ୍ ନାଇ । ୨୪
କେତେ ଲକ୍ ସବୁର୍ ଦେକ୍ତେ ପାପ୍ କଲାଇନି । ଜେନ୍ତିକି ତୁଇ
ସେଟା ଜାନିପାର୍ଲୁସ୍ନି । ସେମନର୍ ଚଲାଚଲ୍ତି ପରିକା କର୍ବା
ଆଗ୍ତୁ, ତୁଇ ସେଟା ଜାନ୍ସୁ । ମାତର୍ ଆରି କେତେଲକର୍ ପାପ୍
ବେସି ଦିନ୍ ଅଇଲେ ମିସା ଜାନି ନଏଁ । ୨୫ ସେନ୍ତାରିସେ କେତେ
ଲକ୍ କର୍ବା ନିକ ବିସଇ ସବୁକେ ଡିସ୍ସି । ସେମନ୍ କର୍ବା ନିକ
ବିସଇ ଦାପ୍ରେ ନ ଡିସ୍ଲେ ମିସା କେତେଦିନ୍ ପଚେ, ସେଟା
ଲକ୍ମନ୍ ଜାନ୍ବାଇ ।

୬ ଜନ୍ ବିସ୍‌ବାସିମନ୍ ଗତିଦାଙ୍ଗ୍‌ଡା ଇସାବେ ଗଟେକ୍ ସାଉକାର୍
ତଲେ କାମ୍ କଲାଇନି, ସେମନ୍ ତାକର୍ ସାଉକାର୍‌ମନ୍‌କେ
ଅଦିକ୍ ସନ୍‌ମାନ୍ ଦେବାର୍ ଆଚେ । ଜେନ୍ତାରି କି, ପର୍‌ମେସରର୍
ନାଉଁ ଆରି ଆମେ ସିକାଇବାଟା କେ ନିନ୍ଦା ନ କରତ୍ । ୨
ଜଦି ତାକର୍ ସାଉକାର୍‌ମନ୍ କିରିସ୍‌ଟକେ ବିସ୍‌ବାସ୍ କଲାଇନି,
ସେନ୍ତାର୍‌ଆଲେ ବିସ୍‌ବାସି ସାଉକାର୍‌ମନ୍‌କେ, ବିସ୍‌ବାସ୍ ନ କର୍‌ବା
ସାଉକାର୍‌ମନର୍ ତେଇଅନି, କିରିସ୍‌ଟର୍‌ଟାନେ ବାଇ ଇସାବେ
ସନ୍‌ମାନ୍ ଉନା ଦେକାଇଲେ ଅଇସି ବଲିକରି ବାବ୍‌ବାର୍ ନାଇ ।
ତାର୍ ବାଦୁଲେ ସେମନର୍‌ପାଇ ଅଦିକ୍ ଆବଡ୍ କାମ୍ କର୍‌ବାର୍
ଆଚେ । କାଇକେବଇଲେ ସେମନ୍ ଜନ୍ ସାଉକାରର୍‌ପାଇ କାମ୍
କଲାଇନି, ସେମନ୍ ମିସା ବିସ୍‌ବାସି ଲକ୍ । ଆରି କିରିସ୍‌ଟର୍‌ଟାନେ
ବାଇ ଇସାବେ ଆଲାଦ୍ କଲାଇନି । ବିସ୍‌ବାସି ମନ୍‌କେ ଏ
ସର୍‌ତେ ବିସଇ ସିକାଆ । ଆରି ସେଟା କର୍‌ବାକେ ସେମନ୍‌କେ
ସାର୍‌ଦା କର୍ । ୩ ଜଦି କେ ବୁଲ୍ ବିସଇ ସିକାଇଲାଇନି, ଆରି
ଆମର୍ ମାପ୍‌ରୁ ଜିସୁକିରିସ୍‌ଟର୍ ସତ୍ ସିକିଆଟାନେ ରାଜି ନ
ଅଅତ୍, ୪ ସେନ୍ତାରି ଲକ୍ ବେସି ବଡ୍‌ପନିଆ ଆରି ସେ କାଇଟା
ନାଜାନେ । ସେ ସବୁବେଲେ ଦଦାପେଲା କରି କାଇ ମୁଲିଅ
ନ ରଇବା ବିସଇନେଇ ଜଗ୍‌ଡାଜାଟି କର୍‌ତେରଇବାକେ ମନ୍
କର୍‌ସି । ଏନ୍ତାରି କରି କରି ଲକ୍‌କେ ଇଁସା କର୍‌ବାଟା, କିରଜାଟି
କର୍‌ବାଟା, ନିନ୍ଦା କର୍‌ବାଟା ଆରି କାରାପ୍ ଚିନ୍ତା, ୫ ଗଟେକ୍
ଲକ୍ ଆରି ଗଟେକ୍ ଲକର୍ ସଙ୍ଗ୍ କିରଜାଟି ଅଇ ଲାଗି ରଇସି
। ସେନ୍ତାରି ଲକର୍ ମନ୍ କାରାପ୍ ଅଇଲା ଆଚେ ଆରି ସତ୍
ବିସଇ ତାକର୍ ମନ୍‌କେ ନ ଜାଏ । ସେମନ୍ ପର୍‌ମେସରର୍ ବିସଇ
ସିକାଇତେରଇଲେ ଡାବୁ ମିଲ୍‌ତେରଇସି ବଲି ବାବ୍‌ଲାଇନି । ୬
ତାର୍ ବାଦୁଲେ ଆମେ ଜେଡେବେଲେ ପର୍‌ମେସର୍‌କେ ସାର୍‌ଦା
କରାଉଁ, ଆରି ଆମ୍‌କେ ଜେତ୍‌କି ଆଚେ ସେତ୍‌କି ସଙ୍ଗ୍ ସୁସ୍‌ତା
ସଙ୍ଗ୍ ରଉଁ, ତେବେ ଆମେ ଜବର୍ ଅଇତେ ମିଲାଇଆଚୁ । ୭
କାଇକେବଇଲେ ଆମେ ଜନମ୍ ଅଇଲାବେଲେ ଚୁଚାଆତେ
ଆଇଲୁ, ଆରି ଜେଡେବେଲେ ମର୍‌ବୁ, ଚୁଚା ଆତେସେ ଉଟିଜିବୁ
। ୮ ତେବେ ଆମ୍‌କେ ଲଡାକେ ଆଇବା କାଦି ଆରି ପିନ୍ଦ୍‌ବାକେ
ବସ୍‌ତର୍ ରଇଲେ ସେତ୍‌କିସଙ୍ଗ୍ ସୁସାରେ ରଇବାର୍ ଅଇସି
। ୯ କେତେ କେତେ ଲକ୍ ସାଉକାର୍ ଅଇବାକେ ଏନ୍ତି ମନ୍
କର୍‌ବାଇଜେ, ସେମନର୍ ଜିବନେ କାଇ ପରିକା ଆଇଲେ ମିସା
ତେଇ ଅଦର୍‌ବାଇ । ଗଟେକ୍ ପସୁ ପାରା ପାନ୍ଦେ ଲାଗ୍‌ବାଇ ।
ଜେତ୍‌କି ବିସଇ ତାକର୍‌ପାଇ ଆରି ବିନ୍ ଲକର୍ ପାଇ କାରାପ୍
ଆରି ବିପଦ୍ ଆନ୍‌ସି, ସେ ସବୁ ବିସଇ କର୍‌ବାକେ ମନ୍ କର୍‌ବାଇ ।
ଏନ୍ତାରି ମନ୍ କର୍‌ବାଟା ଅଦିକ୍ ଅଦିକ୍ ବାବି, ସେମନ୍ କୁରୁପ୍‌ନାସ୍
ଅଇଜିବାଇ । ୧୦ କାଇକେବଇଲେ ଜନ୍ ଲକ୍‌ମନ୍ ଡାବୁ
ଆସାକରି ଆଚତ୍, ସେ ଡାବୁ ମିଲାଇବାକେ ବିନ୍ ବିନ୍ ରକାମର୍
କାରାପ୍ ବିସଇ କର୍‌ବାକେ ମନ୍ କର୍‌ବାଇ । କେତେଲକ୍
କିରିସ୍‌ଟର୍ ବିସଇଟାନେ ରଇବା ସିକିଆ ବିସ୍‌ବାସ୍ କର୍‌ବାଟା
ଦିରେ ଦିରେ ଚାଡିଦେଇଆଚତ୍ । କାଇକେବଇଲେ ସେମନ୍ ଡାବୁ
ମନ୍‌କଲାଇ ଆରି ନିଜେ ବୁସିଅଇଲା ଲକ୍‌ପାରା ବେସି ରକାମ୍
ଦୁକ୍ କସ୍‌ଟେ ପଡ୍‌ଲାଇଆଚତ୍ । ୧୧ ମାତର୍ ଏ ତିମତି, ତୁଇ
ଗଟେକ୍ ପର୍‌ମେସରର୍ ଲକ୍ । ତୁଇ ଏଟାମନ୍ ଚାଡିଦେସ୍ ।
ସତ୍ ବିସଇଆକା କର୍‌ବାକେ ବେସି ଆବଡ୍ ଅ । ପର୍‌ମେସର୍
ଜେନ୍ତି ମନ୍ କଲାନି, ସେନ୍ତାରି ଚଲାଚଲ୍‌ତି କର୍ । କିରିସ୍‌ଟକେ
ବିସ୍‌ବାସ୍ କର୍ । ବିନ୍ ଲକ୍‌ମନ୍‌କେ ଆଲାଦ୍ କର୍ । ପର୍‌ମେସର୍
ତିଆର୍‌ଲାଟା ମାନ୍‌ବାକେ କେ ଚାଡ୍‌ନାଇ । ଲକ୍‌ମନର୍ ସଙ୍ଗ୍ ରିସା
ଅ ନାଇ । ୧୨ ଗଟେକ୍ ନିକ ସଇନ ଜେନ୍ତାରି ଜୁଇଦେ ଜୁଜ୍‌ବାକେ
କେବେ ନ ଚାଡେ, ସେନ୍ତାରିସେ ତୁଇ ମିସା ପର୍‌ମେସର୍‌କେ
ବିସ୍‌ବାସ୍ କରି ତାର୍ ତିଆର୍‌ଲାଟା ମାନ୍‌ବାକେ ଚାଡ୍‌ନାଇ । ଜନ୍
ନ ସାର୍‌ବା ଜିବନ୍ ପର୍‌ମେସରର୍‌ଟାନେ ଆଚେ, ସେଟା ତୁଇ
ନିଜର୍‌ପାଇ ଆନ୍ । ସେ ବିସଇ ମିଲାଇବାକେ ବେସି ଲକର୍
ମୁଆଟେ କାତା ଦେଇରଇଲୁସ୍ । (aiōnios g166) ୧୩ ପର୍‌ମେସର୍
ମର୍ ସାକି, ଜେ କି ସବୁକେ ବଁଚ୍‌ବାକେ ଦେଇସି । ଆରି
ଜିସୁକିରିସ୍‌ଟ ଜେ କି, ପନ୍ତିଅ ପିଲାତ୍ ପାଚାର୍‌ଲା ବେଲେ ସତ୍
କଇଲା, ଏ ଦୁଇ ଲକର୍ ସାକି ନେଇକରି ମୁଇ ତକେ ତିଆର୍‌ଲିନି,
୧୪ ଆମର୍ ମାପ୍‌ରୁ ଜିସୁକିରିସ୍‌ଟ ବାଉଡି ଆଇବା ଜାକ ମୁଇ
ତକେ ତିଆରିରଇବା ଜେତ୍‌କି ସବୁ ବିସଇ ମାନିକରି, କାଇ ନିନ୍ଦା
ନ ଅଇତେ ର । ୧୫ ସେ ବାଉଡି ଆଇବାଟା ପର୍‌ମେସର୍ ଟିକ୍
କଲା ବେଲାଇ ଗଟ୍‌ସି, ସେ ଗଟେକ୍ ଲକ୍‌ସେ ସାସନ୍‌କାରିଆ ।
ସେ ସେ ରାଜାମନର୍ ଉପ୍‌ରେ ରଇବା ରାଜା ଆରି ମାପ୍‌ରୁମନର୍
ଉପ୍‌ରେ ରଇବା ମାପ୍‌ରୁ । ୧୬ ସେ କାଲ୍ କାଲ୍ ଜୁଗ୍ ଜୁଗ୍ ବଁଚ୍‌ସି
ଆରି ତାର୍ ଚାରିବେଟ୍‌ତି ରଇବା ଉଜ୍‌ଲେ କେ ଆସିନାପାରତ୍ ।
ବଁଚି ରଇବା କେ ମିସା ତାକେ ଦେକତ୍ ନାଇ ଆରି କେବେ ମିସା
ଦେକିନାପାରତ୍ । ଲକ୍‌ମନ୍ ତାକେ ଡାକ୍‌ପୁଟା କର୍‌ବାଇ ଆରି
ତାର୍‌ଟାନେ ସବୁବେଲେ ବେସି ବପୁ ରଇସି । ଆମେନ୍ । (aiōnios
g166) ୧୭ ଏ ଜିବନର୍ ବିସଇନେଇ ଜେତ୍‌କି ଲକ୍‌ମନ୍ ସାଉକାର୍
ଅଇ ଆଚତ୍, ବିନ୍ ଲକ୍‌ମନର୍‌ଟାନେଅନି ସେମନ୍ ନିକ ବଲି ନ
ବାବ୍‌ବାକେ ତିଆର୍ । ଦନ୍ ସଁପତି ଉପ୍‌ରେ ବେସି ଆସା କର୍‌ବାର୍
ନାଇ ବଲି ସେମନ୍‌କେ ସିକା । କାଇକେବଇଲେ ଡାବୁ ଦାପ୍‌ରେ
ମାୟାଅଇଜାଇସି । ତାର୍ ବାଦୁଲେ ସେମନ୍‌କେ ଲଡାକେ ଲାଗ୍‌ବା
ବିସଇ ସବୁ ଦେବାକେ ପର୍‌ମେସରର୍‌ଟାନେ ଆସା ରକ୍‌ବାକେ
ସିକାଇଦେସ୍ । ସେ ଆକା ଆମର୍‌ପାଇ କାଇଟା ନ ଦେକି, ସବୁ
ବିସଇ ସାର୍‌ଦା କର୍‌ବାକେ ଦେଇସି । (aiōn g165) ୧୮ ଦରମ୍
ମନେ ଲକ୍‌ମନ୍‌କେ ସାଇଜ କର୍‌ବାକେ ସେମନ୍‌କେ କଇଦେସ୍ ।
ଅର୍‌କିତ୍ ଲକ୍‌ମନ୍‌କେ କାଇଟା ନ ବାବି ଦେବାକେ, ତାକର୍ ଟାନେ
ରଇଲାଟା ସାର୍‌ଦା ସଙ୍ଗ୍ ବାଟାକର୍‌ବାକେ କଇଦେସ୍ । ୧୯ ଏନ୍ତାରି
ତାକର୍ ନିକ କାମ୍‌ସବୁ ଗଟେକ୍ ବଡ୍ ଦନ୍ ଇସାବେ ସେମନ୍
ସର୍‌ଗେ ସଙ୍ଗ୍‌ଇଆଚତ୍ । ସେନ୍ତାର୍ ଆଲେ ସେମନ୍ ତାକର୍
ନିଜର୍‌ପାଇ ଜିବନ୍ ମିଲାଇବାଇ । ୨୦ ଏ ତିମତି, ପର୍‌ମେସର୍

ତକେ ଜନ୍‌ଟା କର୍‌ବାକେ ଦାଇତ୍ ଦେଲାଆଚେ, ସେ ଦାଇତ୍ ନିକ ସଙ୍ଗ୍କ କର୍ । ଆସା ନ ରଇବା ଚୁଚା କାତା, କାଇ ଲଡାକେ ନ ଆଇବା କାତାବାର୍‌ତା ଆରି ପର୍‌ମେସରର୍ ବିସଇଟାନେ ରଇବା ସତ୍ ସିକିଆ ଜନ୍ ଲକ୍ ବିରଦ୍ କଲାଇନି, ସେମନର୍ ଟାନେଅନି ଦୁରିକେ ର । ସେଟା ସେମନ୍ ସିକ୍‌ବା ଗିଆନ୍ ବଲି ବୁଲ୍ ବୁଜ୍‌ଲାଇନି । **୨୧** ଏ ବୁଲ୍ ସିକିଆ କେତେଲକ୍ ମାନିକରି କିରିସ୍‌ଟର୍ ବିସଇଟାନେ ରଇବା ସତ୍ ସିକିଆ ଚାଡିଦେଇଆଚତ୍ । ପର୍‌ମେସର୍ ଜିବନ୍ ଦୁକାଇ ଦୟା ଦେକାଇଲାଟା ତର୍ ସଙ୍ଗ୍କ ସବୁବେଲେ ରଅ । ଆମେନ୍!

# ୨ୟ ତିମତି

୧ ମୁଇ ପାଉଲ୍ ଏ ଚିଟି ଲେକ୍‌ଲିନି । ଜିସୁକିରିସ୍‌ଟର୍ ଗଟେକ୍
ପେରିତ୍ ଅଇବାକେ ପର୍‌ମେସର୍ ମକେ ବାଚ୍‌ଲା ଆଚେ । ନ
ସାର୍‌ବା ଜିବନ୍ ପାଇବା ଜନ୍ ସୁବ୍ କବର୍ ପର୍‌ମେସର୍ କାତା
ଦେଇରଇଲା, ସେଟା ଜାନାଇବାକେ ମକେ ପାଟାଇଲାଆଚେ ।
ସେ ଜିବନ୍ କିରିସ୍‌ଟର୍ ସଙ୍ଗ୍ ମିସିରଇବା ଜିବନ୍ । ୨ ଏ ଚିଟି
ତିମତି ମୁଇ ତକେ ଲେକ୍‌ଲିନି । ତୁଇ ମର୍ ଆଲାଦର୍ ପଅ
ପାରା ଅଇ ଆଚୁସ୍ । ଆମର୍ ବାବା ପର୍‌ମେସର୍ ଆରି ଆମର୍
ମାପ୍‌ରୁ ଜିସୁକିରିସ୍‌ଟ, ତକେ ଜିବନ୍ ଦୁକାଇ ଦୟା ଦେକାଅ ଆରି
ସାନ୍ତି ଦେଅ । ୩ ମୁଇ ପର୍‌ମେସର୍‌କେ ଦନିଅବାଦ୍ ଦେଲିନି ।
ମର୍ ଆନିଦାଦିମନ୍ ଜେନ୍ତାର୍ ତାକେ ସେବା କଲାଇ, ସେନ୍ତାରି
ମୁଇ ମିସା ତାକେ ସେବା କଲିନି । ମର୍ ବିବେକ୍ ମକେ ଦସ୍
ଦେଏ ନାଇ । ମୁଇ ତର୍‌ପାଇ ଦିନ୍‌ରାତି ପାର୍‌ତନା କଲିନି ।
୪ ଆମେ ଦୁଇ ଲକ୍ ବେଗଲ୍‌ଲାବେଲେ ତୁଇ ଦୁକ୍ ଅଇ ଆଁସୁ
ଜରାଇଲୁସ୍, ସେଟା ମର୍ ମନେଆଚେ । ତେବର୍‌ପାଇ ତକେ
ଦେକ୍‌ବି ବଲି ମୁଇ ବେସି ମନ୍ କଲିନି । ଜେନ୍ତାରି କି ମୁଇ
ପୁରାପୁରୁନ୍ ସାର୍‌ଦା ଅଇବି । ୫ ତୁଇ ସତଇସେ ଜିସୁକିରିସ୍‌ଟକେ
ବିସ୍‌ବାସ୍ କରିଆଚୁସ୍ ବଲି ମର୍ ମନେଆଚେ । ତୁଇ ବିସ୍‌ବାସ୍
କର୍‌ବା ଆଗ୍‌ତୁ ତର୍ ଆମା ଲଇ ଆରି ତର୍ ଆୟା ଉନିସ୍
ତାକେ ବିସ୍‌ବାସ୍ କର୍‌ତେରଇଲାଇ । ସେନ୍ତାରିସେ ତୁଇ ବିସ୍‌ବାସ୍
କର୍‌ବାଟା ଡାଁଟ୍ ଆଚେବଲି ମୁଇ ଜାନ୍‌ଲିନି । ୬ ତେବର୍‌ପାଇ
ମୁଇ ମର୍ ଆତ୍, ତର୍ ମୁଣ୍ଡେ ସଙ୍ଗଇ ପାର୍‌ତନା କଲାବେଲେ,
ଜନ୍ ଆତ୍‌ମାର୍ ଦାନ୍ ପର୍‌ମେସର୍ ତକେ ଦେଇରଇଲା, ସେଟା
ବଁଚାଇକରି ସଙ୍ଗ୍ ବଲି ଏତାଇଦେଲିନି । ୭ କାଇକେବଇଲେ ଜନ୍
ଆତ୍‌ମା ପର୍‌ମେସର୍ ଆମ୍‌କେ ଦେଲାଆଚେ, ସେଟା ଆମ୍‌କେ
ଡର୍‌ବାକେ ନ ଦେଏ । ତାର୍ ବାଦୁଲେ ଆତ୍‌ମାଇ ବପୁ ଦେଇସି,
ବିନ୍ ଲକ୍‌ମନ୍‌କେ ଆଲାଦ୍ କର୍‌ବାକେ ସିକାଇସି ଆରି ନିଜ୍‌କେ
ଜାଗରତ୍ ରଇବାକେ ସିକାଇସି । ୮ ତେବର୍‌ପାଇ ଆମର୍ ମାପ୍‌ରୁ
ଜିସୁକିରିସ୍‌ଟର୍ ବିସଇ, ବିନ୍ ଲକ୍‌କେ ଜାନାଇବାକେ ଲାଜ୍ ଅ
ନାଇ । ତାର୍ ପାଇ ମୁଇ ଏବେ ବନ୍ଦିଗରେ ଆଚି, ମର୍‌ପାଇ
ମିସା ଲାଜ୍ ଅ ନାଇ । ମାତର୍ ସୁବ୍ କବରର୍ ଲାଗି ଦୁକ୍ କସ୍‌ଟ
ପାଇବାକେ ମର୍‌ସଙ୍ଗ୍ ମିସ୍ । ସେନ୍ତି କର୍‌ବାକେ ପର୍‌ମେସର୍ ତକେ
ବପୁ ଦେଇସି । ପର୍‌ମେସର୍ ଆମ୍‌କେ ନ ସାର୍‌ବା ମରନେଅନି
ବଁଚାଇକରି ଗଟେକ୍ ସୁକଲ୍ ଚଲାଚଲ୍‌ତି କର୍‌ବାକେ ଡାକିନେଲା
ଆଚେ । ୯ ନିକ କାମ୍ କଲାର୍ ପାଇ ସେ ଆମ୍‌କେ ବାଚେନାଇ ।
ମାତର୍ ତାର୍ ନିଜର୍ ଜଜ୍‌ନା ଇସାବେ ସେ ଆମ୍‌କେ ବାଚିକରି
ତାର୍ ଦୟା ଦେକାଇଲା ଆଚେ । ଏ ଜଗତ୍ ତିଆର୍ ନ ଅଇତେ
ପର୍‌ମେସର୍ ଜିବନ୍ ଦୁକାଇ, ଜିସୁକିରିସ୍‌ଟକେ ଆମର୍‌ଲାଗି ଏ
ଜଗତେ ପାଟାଇଲା । **(aiōnios g166)** ୧୦ ଆରି ଏବେ ସେ
ଜିବନ୍ ଦୁକାଇ ଦୟା ଦେକାଇଲାଟା, ପର୍‌ମେସର୍ ଆମ୍‌କେ
ଜାନାଇଆଚେ । ଏଟା ଆମର୍ ରକିଆକାରି ଜିସୁକିରିସ୍‌ଟ ଜେ
କି ଆମର୍‌ଟାନେ ଆଇଲା । ମରନର୍ ବପୁକେ ସେ କୁରୁପ୍‌ନାସ୍
କଲା । ଆରି ସୁବ୍ କବର୍ ଜାନ୍‌ଲାର୍‌ପାଇ ନ ସାର୍‌ବା ଜିବନ୍
ପାଇବାକେ ସେ ଆମ୍‌କେ ବାଟ୍ ଦେକାଇଲା । ୧୧ ଜିସୁକିରିସ୍‌ଟର୍
ବିସଇ ରଇବା ଏ ସୁବ୍ କବର୍ ପର୍‌ମେସର୍ ମକେ ଜାନାଇବାକେ
କଇଆଚେ । ଗଟେକ୍ ସିକାଇବା ଲକ୍ ଆରି ପେରିତ୍ ଇସାବେ,
ସେ ମକେ ବାଚିଆଚେ । ୧୨ ଏଟାର୍ ଲାଗି ମୁଇ ଏ ବନ୍ଦିଗରେ
ଦୁକ୍ କସ୍‌ଟ ପାଇଲିନି । ପାଇଲେ ମିସା ଲାଜ୍ ଅଇନାଇ ।
କାଇକେବଇଲେ ମୁଇ ଜାକେ ବିସ୍‌ବାସ୍ କରିଆଚି, ତାକେ ଜାନି,
ଆରି ମୁଇ ତାକେ ଜନ୍‌ଟା ସର୍‌ପି ଆଚେ, ସେଟା ସେ ବାଉଡି
ଆଇବା ଦିନ୍ ଜାକ, ଜତନ୍ କରି ସଙ୍ଗଇବାକେ ତାର୍ ବପୁ ଆଚେ ।
ଏଟା ମୁଇ ଡାଟ୍ ସଙ୍ଗ୍ ବିସ୍‌ବାସ୍ କଲିନି । ୧୩ ତୁଇ ମର୍‌ଟାନେଅନି
ସତ୍ ସିକିଆ ସୁନିଆଚୁସ୍ । ସେନ୍ତାରିସେ ଚଲାଚଲ୍‌ତି କର୍ ।
ଜିସୁକିରିସ୍‌ଟର୍ ସଙ୍ଗ୍ ମିସ୍‌ଲାର୍ ପାଇ ଏଟା ବିସ୍‌ବାସ୍ ଆରି
ଆଲାଦ୍ ସଙ୍ଗ୍ କର୍ । ୧୪ ଜନ୍ ସୁବ୍‌କବର୍ ପର୍‌ମେସର୍ ତକେ
ଦେଇଆଚେ, ସେଟାକେ ଦେକାରକା କର୍ । ଆମର୍ ବିତ୍‌ରେ
ରଇବା ସୁକଲ୍ ଆତ୍‌ମାର୍ ବପୁସଙ୍ଗ୍ ସେଟା ଦେକାରକା କର୍ ।
୧୫ ଆସିଆ ଦେସେ ରଇବା ବେସି ବିସ୍‌ବାସିମନ୍ ମକେ ଚାଡିକରି
ଗାଲାଇ ଆଚତ୍ ବଲି ତୁଇ ଜାନିଆଚୁସ୍ । ତେଇ ପୁଗେଲ୍ ଆରି
ଅର୍‌ମଗେନା ମିସା ମକେ ଚାଡି ଉଟିଗାଲାଇ । ୧୬ ଅନିସିପର୍
ଆରି ତାର୍ କୁଟୁମ୍‌କେ ମାପ୍‌ରୁ ଦୟାକର । କାଇକେବଇଲେ
ମୁଇ ବନ୍ଦିଗରେ ରଇଲାବେଲେ ସେ ମକେ ଦେକ୍‌ବାକେ ଲାଜ୍
ଅଏନାଇ । ତାର୍ ବାଦୁଲେ ସେ ତର୍‌କେ ତର୍ ଆସି ମକେ ସାର୍‌ଦା
କରାଇଲା । ୧୭ ସେ ରମ୍ ଦେସେ ଆଇଲା ଦାପ୍‌ରେ ମକେ
ବେଟ୍ ଅଇବାଜାକ ସବୁ ଜାଗାଇ କଜ୍‌ଲା । ୧୮ ବଡ୍ ବିଚାର୍‌ନା
ଦିନେ ତାକେ ଜେନ୍ତି ମାପ୍‌ରୁ ଦୟା କର । ତୁଇ ନିଜେ ଜାନିଆଚୁସ୍
ଏପିସିତେଇ ସେ ମକେ କେତେକ୍ ସାଇଜ କଲା ।

୨ ଏ ମର୍ ଆଲାଦର୍ ପ । ଜିସୁକିରିସ୍‌ଟ ଆମ୍‌କେ ଜିବନ୍
ଦୁକାଇ ଦୟା ଦେକାଇଲାର୍ ପାଇ ଡାଟ୍‌ଅଇ ର । ୨ ଜେତ୍‌କି
ଲକ୍‌ମନ୍ ବିନ୍ ଲକ୍‌ମନ୍‌କେ ସିକାଇବାକେ ଅଦିକାର୍ ପାଇଆଚତ୍,
ଏନ୍ତାରି ଲକ୍‌ମନ୍‌କେ ସବୁ ବିସଇ ସର୍‌ପିଦେସ୍ । କେତେକ୍
କେତେକ୍ ସାକିମନର୍ ମୁଆଟେ ତୁଇ ମର୍‌ଟାନେଅନି ଜନ୍ ସାକି
ସୁନିଆଚୁସ୍, ସେନ୍ତାରି ଲକ୍‌ମନ୍‌କେ ସେ ସବୁଜାକ ସର୍‌ପିଦେସ୍ ।
୩ କିରିସ୍‌ଟ ଜିସୁର୍ ଗଟେକ୍ ନିକ ସନିଅ ଅଇ, ମର୍‌ପାରା ଦୁକ୍
କସ୍‌ଟ ମୁର୍‌ଚିକରି ରଅ । ୪ ଗଟେକ୍ ସନିଅର୍ ବିସଇ ବାବିଦେକା
। ସଇନ ଜୁଇଦ୍‌କେ ଜିବାକେ ଜାଗ୍‌ରତ୍ ଅଇବାବେଲେ, ଏ
ଜଗତର୍ ବିସଇ କର୍‌ବାକେ ମନ୍ ନ ଦେଏ । କାଇକେବଇଲେ,
ସେ ତାର୍ ଉପ୍‌ରର୍ ଅଦିକାରିକେ ସାର୍‌ଦା କରାଇବାକେ ମନ୍
କର୍‌ସି । ୫ ସେନ୍ତାରିସେ, ଗଟେକ୍ ପାଲାଇବା ଲକର୍ ବିସଇ
ବାବିଦେକ୍ । ଜେ ଆରାଜିତାଟାନେ ପାଲାଇବାକେ ମନ୍ କର୍‌ସି,
ସେ ଜଦି ଆରାଜିତାର୍ ନିୟମ୍ ମାନିକରି ନ ପାଲାଇଲେ, ତାକେ

ସେ ଇନାମ୍ ନ ମିଲେ । ୬ ଗଟେକ୍ ଚାସିର୍ ବିସଇ ବାବିଦେକ୍,
ଜନ୍ ଚାସି କସ୍ଟ କରିରଇସି, ସେ ପର୍ତୁମ୍ ପଲ୍ ପାଇବା
ଦର୍କାର୍ । ୭ ମୁଇ ଜାଇଟା କଇଲିନି, ସେଟା ବାବିଦେକ୍,
ମାପ୍ରୁ ସବୁ ବିସଇଟାନେ ତକେ ଗିଆନ୍ ଦେଇସି । ୮ ମୁଇ ଜନ୍
ସୁବ୍କବର୍ ତକେ ଜାନାଇରଇଲି, ତେଇ ଜିସୁକିରିସ୍ଟକେ ଏତାଉଁ
। ସେ ଦାଉଦର୍ କୁଟୁମେ ଜନମ୍ ଅଇଲା ଆରି ପର୍ମେସର୍
ତାକେ ମରନେଅନି ଉଟାଇଲା । ୯ ସେ ସୁବ୍କବରର୍ ଲାଗି ମୁଇ
ଦୁକ୍ କସ୍ଟ ଅଇ ଆଇଲିନି ଆରି ଗଟେକ୍ ଦସ୍ କଲା ଲକର୍ପାରା
ବନ୍ଦିଗରେ ଆଚି । ମାତର୍ ପର୍ମେସରର୍ ବାକିଅ ବାନ୍ଦାଇଅଇ
ରଏନାଇ । ୧୦ ସେନ୍ତାରିସେ ବାଚିଅଇଲା ଲକ୍ମନ୍ ମିସା
କେବେ ନ ସାର୍ବା ମଇମା ସଙ୍ଗ୍ ଜିସୁକିରିସ୍ଟ ଦେବା ମୁକ୍ତି,
ପାଇବାଇ । ସେମନର୍ଲାଗି ଏ ସବୁ ବିସଇ ମୁଇ ମୁର୍ଚିକରି
ରଇଲିନି । (aiōnios g166) ୧୧ ଏ ବାକିଅ ସତ୍, ଜଦି ଆମେ
ତାର୍ ସଙ୍ଗ୍ ମରିଜାଇଆଚୁ, ସେନ୍ତାର୍ ଆଲେ ଆମେ ତାର୍ସଙ୍ଗ୍
ବଁଚ୍ବୁ ମିସା, ୧୨ ଜଦି ଆମେ ମୁର୍ଚିକରି ରଇବୁ ତେବେ ତାର୍
ସଙ୍ଗ୍ ସାସନ୍ ମିସା କର୍ବୁ । ଆମେ ଜଦି ତାକେ ନ ନାମୁ,
ସେ ଆମ୍କେ ମିସା ନ ନାମେ । ୧୩ ମାତର୍ ଆମେ ବିସ୍ବାସ୍
କର୍ବାଟା ଏଲା କଲେ ମିସା ସେ କାତା ଦେଇରଇବାଟା ସବୁ
କରିସାରାଇସି । କାଇକେବଇଲେ ସେ ତାର୍ କାତା ନ ବାଦ୍ଲାଏ
। ୧୪ ପଦେକ୍ କାତା ନେଇ ଦଦାପେଲା ଅଇତେରଇଲେ,
ସେଟା ଚୁଟାଇସେ । ସୁନ୍ବା ଲକ୍ମନ୍କେ ନସ୍ଟକରି ଦେଇସି ।
ଏନ୍ତାରି କଇ ପର୍ମେସରର୍ ମୁଆଟେ ଲକ୍ମନ୍କେ ଡାଟ୍ସଙ୍ଗ୍
ଆଦେସ୍ ଦେସ୍ । ୧୫ ସତ୍ ବାକିଅ ନିମାନ୍ ସଙ୍ଗ୍ ଜାନା ।
ଲାଜ୍ ନଇଲା କାମ୍ କର୍ବା ଲକ୍ପାରା ମାପ୍ରୁର୍ ଲଗେ ନିଜ୍କେ
ଅଦିକାର୍ ପାଇଲା ଲକ୍ ବଲି ଦେକାଇଅଇବାକେ ଜତନ୍ ଅ ।
୧୬ ମାତର୍ ଜନ୍ ଲକ୍ମନ୍ ଆସାର୍ କାତାଇ ଆରି ବକୁଆ କାତାଇ
ଦିଆନ୍ ଦେଇତେ ରଇବାଇ, ସେନ୍ତାରି ଲକ୍ମନର୍ ଟାନେଅନି
ଦୁରିକେ ର । ଜନ୍ ଲକ୍ମନ୍ ସେନ୍ତାରିଟାନେ ମିସ୍ବାଇ, ସେ
ଲକ୍ମନ୍ ପର୍ମେସରର୍ ଟାନେଅନି ଦୁରିକେ ଜିବାଇ । ୧୭
ତାକର୍ କାତା ଗାଗ୍ଡେ ଅଦିକ୍ ଅଦିକ୍ ଅଇବା ଗଟେକ୍ ଗାଉପାରା
ଅଇ ଲକ୍ମନ୍କେ ନସାଇସି । ସେନ୍ତାରିସେ ଉମନାଅ ଆରି
ପିଲିତ୍ ଲକ୍ମନ୍କେ ଏନ୍ତି ସିକିଆ ଦେଇ ବୁଲ୍ଲାଇନି । ୧୮
ସେମନ୍ ମଲାଲକ୍ ଉଟି ସାରିଆଚେ ବଲି କଇକରି ସତ୍କେ
ଚାଡିଦେଇଆଚତ୍ । ଏନ୍ତାରି କଇକରି କେତେ କେତେ ଲକର୍
ବିସ୍ବାସ୍ ନସାଇଦେଇ ଆଚତ୍ । ୧୯ ଅଇଲେମିସା ପର୍ମେସର୍
ଜନ୍ କୁନାଦି ବସାଇଆଚେ, ସେଟା ଡାଟ୍ସେ ରଇସି । ସେ କୁନାଦି
ଉପ୍ରେ ଏନ୍ତାରି ଲେକା ଅଇଲାଆଚେ, "ମାପ୍ରୁ ତାର୍ ନିଜର୍
ଲକ୍କେ ଜାନେ, ଆରି ଜେତ୍କିଲକ୍ ସବୁ ଆମେ ମାପ୍ରୁର୍ ଲକ୍
ବଲାଇଅଇଲାଇନି, ସେମନ୍ ବୁଲ୍ କାମେ ଅନି ଦୁରିକେ ରଅତ୍
।" ୨୦ ଗଟେକ୍ ରାଜାର୍ ଗରେ କେତେ ରକାମର୍ ଗିନାକୁଡ୍କା
ରଇସି, କେତେଟା ସୁନା ରୁପା ସଙ୍ଗ୍ ତିଆର୍ ଅଇଲାଟା, କେତେଟା
ଗଚ୍ ଆରି ଚିକଟ୍ ମାଟିସଙ୍ଗ୍ ତିଆର୍ ଅଇଲା, କେତେଟା ବିବା
ବଜି ବେଲର୍ପାଇ ଆରି କେତେଟା ଦିନ୍କେ ବାଇବାକେ ରଇସି
। ୨୧ ଜେ ନିଜ୍କେ ସବୁ ରକାମର୍ ପାପେଅନି ଜାଗ୍ରତ୍
କରିରଇସି, ମାପ୍ରୁ ସେମନ୍କେ ନିକ କାମର୍ପାଇ ବାଇସି ।
କାଇକେବଇଲେ, ସେ ଦେକ୍ବା ଇସାବେ, ସେମନ୍ ନିକ ଲକ୍
ଆରି ସବୁ ରକାମର୍ ଦରମ୍ କାମର୍ପାଇ ନିଜେ ସର୍ପି ଅଇଲାଇ
ଆଚତ୍ । ୨୨ ମାତର୍ ଦାଙ୍ଗ୍ଡା ବଇସେ ରଇବା ଗାଗଡର୍
ମନ୍କର୍ବାଟାନେଅନି ତୁଇ ଦୁରିକେ ର । ଟିକ୍ ବିସଇ କର୍ବାକେ
ଚେସ୍ଟା କର୍ । ବିସ୍ବାସେ ଡାଁଟ୍ ରଅ । ବିନ୍ ଲକ୍ମନ୍କେ
ଆଲାଦ୍ କର୍ । ଆରି ତାକର୍ ସଙ୍ଗ୍ ସାନ୍ତିସଙ୍ଗ୍ ର । ମନ୍କେ ସୁକଲ୍
କରି ଜେତ୍କି ସବୁଲକ୍ ମାପ୍ରୁକେ ପୁଜା କଲାଇନି, ସେମନର୍
ସଙ୍ଗ୍ ଏ ସବୁଜାକ କର୍ । ୨୩ ଆସାର୍ କାତାଇଅନି, ଚୁଟାଇ
ଦଦାପେଲା ଅଇବା କାତାଇଅନି ଦୁରିକେ ର । କାଇକେବଇଲେ,
ସେନ୍ତାରି ଟାନେ ମିସ୍ବା ଲକ୍ମନ୍ ସବୁ କିରଜାଟି ଅଇକରି
ସାରିଜିବାଇ । ଏଟା ତୁଇ ଜାନିଆଚୁସ୍ । ୨୪ ମାପ୍ରୁକେ ସେବା
କର୍ବା ଏନ୍ତାରି ଗଟେକ୍ ଲକ୍ କିରଜାଟି କର୍ବାର୍ନାଇ । ତାର୍
ବାଦୁଲେ, ସେ ସବୁକେ ସୁଆଲେ ଚଲାଚଲ୍ତି କର୍ବାର୍ । ସେ
ନିକସଙ୍ଗ୍ ସିକାଇବାକେ ଜାନ୍ବାର୍ଆଚେ । ଦାପ୍ରେ ରିସା ନ
ଅଇକରି ମୁର୍ଚି ରଇବାର୍ ଆଚେ । ୨୫ ପର୍ମେସର୍ ତାର୍ ମନ୍
ବାଉଡାଇବାକେ ଦେଇସି, ସେଟା ଆସାଅଇ ତାର୍ ବିରଦେ କାତା
ଅଇବା ଲକ୍ମନ୍କେ ସେ ଦରମ୍ ସଙ୍ଗ୍ ସୁଆଲ୍ କର୍ବାର୍ ଆଚେ ।
ସତ୍ ବିସଇ ଜାନ୍ବାକେ ସେମନ୍କେ ସାଇଜ କର । ୨୬ ତାର୍
ଚିନ୍ତା କର୍ବାଟାନେ ସେମନ୍ ସତ୍ ବିସଇ ଅଇସି କି ନାଇ ବଲି ନ
ବାବିକରି ରଇବାର୍ । ତାର୍ ମନ୍ କଲାଟା ପୁରାପୁରୁନ୍ କର୍ବାକେ
ସଇତାନ୍ ସେମନ୍କେ ବନ୍ଦିକରି ନେଲାଆଚେ । ତାର୍ ପାନ୍ଦେଅନି
ସେମନ୍ ରକିଆ ପାଅତ୍ ।

୩ ମାତର୍ ଜାନିର । ଜଗତର୍ ସାରାସାରି ଦିନ୍ମନ୍କେ ବେସି
ଦୁକ୍ କସ୍ଟ ବେଲା ଆଇସି । ୨ କାଇକେବଇଲେ ଲକ୍ମନ୍
ନିଜେ ଆଲାଦ୍ ଅଇକରି ବିନ୍ ଲକ୍କେ ଆଲାଦ୍ ନ କରତ୍ ।
ସେମନ୍ ଡାବୁକାସୁ ଆସାକର୍ବା ଲକ୍, ନିଜର୍ ବିସଇଟାନେ
ବଡ୍ପନ୍ ଅଇବା ଲକ୍, ବିନ୍ ଲକ୍କେ ନିନ୍ଦା କର୍ବା ଲକ୍, ତାକର୍
ଆୟା ବାବାର୍ କାତା ନ ମାନ୍ବା ଲକ୍, ଦନିଅବାଦ୍ ଦେବାଟା
ପାସର୍ବା ଲକ୍, ପର୍ମେସରର୍ ବିସଇକେ ସନ୍ମାନ୍ ନ ଦେବା
ଲକ୍, ୩ ବିନ୍ ଲକ୍ମନ୍କେ କେମା ନ ଦେବା ଲକ୍, ବିନ୍ ଲକର୍
ବିସଇ ମିଚ୍ କଇବା ଲକ୍, ନିଜେ ଜାଗ୍ରତ୍ ନ ରଇବା ଲକ୍,
କିରଜାଟି ଅଇବା ଲକ୍, ନିକ ବିସଇ ଗିନ୍ କର୍ବା ଲକ୍, ୪
ବିସ୍ବାସେ ବିସ୍ ଦେବା ଲକ୍, ବକୁଆ ବିସଇ କର୍ବା ଲକ୍, ବିନ୍
ଲକର୍ଟାନେଅନି ବଡ୍ ବଲାଇଅଇବା ଲକ୍, ପର୍ମେସର୍କେ
ଆଲାଦ୍ କର୍ବା ବାଦୁଲେ ନିଜ୍କେ ସାର୍ଦା କରାଇବା ଲକ୍ । ୫
ପର୍ମେସର୍କେ ସେବା କଲିନି ବଲି ଦେକାଇବାଇ, ମାତର୍ ତାର୍
ବପୁ ତାକର୍ ଜିବନ୍ ବାଦ୍ଲାଇବାକେ ନ ଦେଅତ୍ । ସେନ୍ତାରି

ଲକ୍‌ମନର୍‌ଟାନେଅନି ଦୁରିକେ ର । ୬ କାଇକେବଇଲେ ଏନ୍ତାରି
ଲକ୍ ବିନ୍ ଗର୍‌ମନ୍‌କେ ପୁରିଦେଇ ତେଇ ରଇବା ମାଇଜିମନ୍‌କେ
ନାଡାଇଲାଇନି । ଏ ମାଇଜିମନ୍ ତାକର୍ ପାପର୍ ଲାଗି ନିଜ୍‌କେ
ଦସ୍ ଦେଇ ବିନ୍ ବିନ୍ ରକାମର୍ କରାପ୍ ମନ୍‌କର୍‌ବାଟାସଙ୍ଗ୍
ପୁରାପୁରୁନ୍ ଅଇଲାଇଆଚତ୍ । ୭ ସେମନ୍ ସବୁବେଲେ ବିନ୍
ବିନ୍ ରକାମର୍ ସିକିଆ ସିକ୍‌ବାକେ ମନ୍ କଲାଇନି । ମାତର୍
ତେଇର୍ ସତ୍ ବିସଇ ନାଜାନ୍‌ଲାଇନି । ୮ ଆଗର୍ କାଲେ
ଜେନ୍ତାରିକି, ଜୁନସ୍ ଆରି ଜମ୍‌ବିରିସ୍ ମସାର୍ ବିରୁଦେ ଉଟ୍‌ଲାଇ,
ସେନ୍ତାରିସେ ଏ ସିକାଉମନ୍ ମିସା ସତ୍‌କେ ବିରଦ୍ କଲାଇନି ।
ସେମନର୍ ମନ୍ କରାପ୍ ଅଇଆଚେ । ଆରି ବିସ୍‌ବାସର୍ କାତା
ଉଟ୍‌ଲେ ତାକର୍‌ଟା ଚୁଚାଇସେ । ୯ ମାତର୍ ସେମନ୍ ନିଜେ
ପାଁଚିରଇବାଟା ସବୁବେଲର୍‌ପାଇ ନ ରଏ । କାଇକେବଇଲେ
ଜାନାସ୍ ଆରି ଜିମିରସ୍ ବକୁଆଟାମନ୍ ବଲି ଆଗ୍‌ତୁର୍ ଲକ୍
ଜାନ୍‌ଲାଇ, ସେନ୍ତାରିସେ ଏବର୍ ଲକ୍‌ମନ୍ ମିସା ସେମନ୍ ବକୁଆ
ବଲି ଜାନ୍‌ବାଇ । ୧୦ ମାତର୍ ତିମତି ତୁଇ ମର୍ ସବୁ ବିସଇ
ଜାନିଆଚୁସ୍ । ମୁଇ ଲକ୍‌ମନ୍‌କେ କେନ୍ତାରି ସିକାଇଲିନି, କେନ୍ତାରି
ଚଲାଚଲ୍‌ତି କଲିନି, ମର୍ ଆଦେସ୍ କାଇଟା, ମର୍ ବିସ୍‌ବାସ୍
କେନ୍ତିଟା, ମୁଇ କେନ୍ତି ମୁର୍‌ଚିକରି ରଇଲିଆଚି, ବିନ୍ ବିନ୍
ଲକ୍‌ମନ୍‌କେ କେନ୍ତି ଆଲାଦ୍ କରିଆଚି ଆରି ମକେ ଆଇଲା ଦୁକ୍
କସ୍‌ଟ ମିସା ଜାନୁସ୍ । ୧୧ ଲକ୍‌ମନ୍ ମକେ ଦୁକ୍ କସ୍‌ଟ ଦେଲାଟା
ଆନ୍‌ଟିକିୟ, ଇକନିୟ ଆରି ଲୁସ୍‌ତା ନଅର୍‌ମନ୍‌କେ କାଇ କାଇଟା
ଅଇରଇଲା ଆରି କେତେକ୍ ଅଦିକ୍ କସ୍‌ଟ ପାଇରଇଲି, ସେ ସବୁ
ବିସଇ ତୁଇ ଜାନୁସ୍ । ମାତର୍ ମାପ୍ରୁ ଜିସୁ ମକେ ସବୁ ଦୁକ୍ କସ୍‌ଟ
ଟାନେଅନି ରକିଆ କଲା । ୧୨ ଦେକ୍‌ବାକେଗାଲେ ଜେତ୍‌କି
ଲକ୍ ଜିସୁକିରିସ୍‌ଟକେ ବିସ୍‌ବାସ୍ କରି ପର୍‌ମେସର୍ ଦେକ୍‌ବା
ଇସାବେ ଦରମ୍ ଚଲାଚଲ୍‌ତି କର୍‌ବାକେ ମନ୍ କଲାଇନି, ସେମନ୍
ସବୁ ବିସ୍‌ବାସ୍ ନ କଲା ଲକ୍‌ମନର୍‌ଟାନେଅନି ଦୁକ୍ କସ୍‌ଟ
ପାଇବାଇ । ୧୩ ମାତର୍ କରାପ୍ ଲକ୍‌ମନ୍ ଆରି ନାଡାଉମନ୍
ଅଦିକ୍ ଅଦିକ୍ କରାପ୍ ଅଇଜିବାଇ । ସେମନ୍ ଲକ୍‌ମନ୍‌କେ
ନାଡାଇକରି ନିଜେ ନାଡାଇଅଇବାଇ । ୧୪ ମାତର୍ ତୁଇ ଜେତ୍‌କି
ବିସଇ ସିକିଆଚୁସ୍, ଆରି ସେଟା ସବୁ ସତ୍ ବଲି ବିସ୍‌ବାସ୍
କରିଆଚୁସ୍, ସେଟା ସବୁ ଡାଟ୍ ସଙ୍ଗ୍ ଦାରି ର । କାଇକେବଇଲେ,
ନିକ ସିକାଇବା ଲକ୍‌ମନର୍ ଟାନେଅନି ଏ ସବୁ ସିକିଆଚୁସ୍ ।
୧୫ ଆରି ତୁଇ ପିଲାବେଲେ ଅନି ସୁକଲ୍ ସାସ୍‌ତର୍ ଜାନିଆଚୁସ୍
। କିରିସ୍‌ଟ ଜିସୁକେ ବିସ୍‌ବାସ୍ କଲାର୍ ପାଇ ପର୍‌ମେସର୍
ତକେ ରକିଆ କର୍‌ସି ବଲି ତୁଇ ଜାନ୍‌ଲୁସ୍‌ନି । ୧୬ ସବୁ
ସାସ୍‌ତର୍ ପର୍‌ମେସରର୍ ଟାନେଅନି ଆଇଲା ଆଚେ, ଆରି ସେଟା
ଲକ୍‌ମନ୍‌କେ ସିକାଇବାକେ, ବୁଲ୍ ଅଇଲାଟା ଟିକ୍ କର୍‌ବାକେ,
ଟିକ୍ ବିସଇ କର୍‌ବାକେ, ଆରି ଲକ୍‌ମନ୍‌କେ ସିକାଇବାକେ
ଆମ୍‌କେ ସାଇଜ କର୍‌ସି । ୧୭ ଜେନ୍ତାରି କି, ପର୍‌ମେସର୍‌କେ
ସେବା କର୍‌ବା ଗଟେକ୍ ଲକ୍ ପୁରାପୁରୁନ୍ ତିଆର୍ ଅଇ, ସବୁ
ଦରମ୍ କାମ୍ କର୍‌ବାକେ ବପୁ ପାଇସି ।

**୪** ପର୍‌ମେସର୍ ଆରି ଜିସୁକିରିସ୍‌ଟ ମର୍ ସାକି । ଜେକି ମଲା
ଲକ୍‌ମନର୍ ଆରି ଜିବନ୍ ରଇଲା ଲକ୍‌ମନର୍ ବିଚାର୍ କର୍‌ସି ।
ତାର୍ ରାଇଜର୍ ଲାଗି, ସେ ଜଗତେ ସାସନ୍ କର୍‌ବାକେ ଆଇସି ।
ସେଟାର୍‌ପାଇ ମୁଇ ତମ୍‌କେ ତିଆର୍‌ଲିନି । ୨ ସୁବ୍ କବର୍ ସବୁକେ
ଜାନାଆ । ଲକ୍‌ମନ୍ ସେଟା ସୁନ୍‌ବାକେ ମନ୍ କଲାବେଲେ କି
ନ ସୁନ୍‌ବା ବେଲେ ସେଟା ଜାନାଇବାକେ ଜାଗିର । ବୁଲ୍‌କରି
କାରାପ୍ କାମ୍ କର୍‌ବା ଲକ୍‌ମନ୍‌କେ ସେଟା ଚାଡ୍‌ବାକେ ଡାଟ୍
ସଙ୍ଗ୍ କ । ଆସା ନ ଚାଡି ପର୍‌ମେସରର୍ ବାକିଅ ସିକାଇତେର ।
ସେମନ୍‌କେ ନିକ କାମ୍ କର୍‌ବାକେ ସାର୍‌ଦା କରାଆ । ୩ ଗଟେକ୍
ବେଲା ଆଇସି, ଜେଡେବେଲେ ସତ୍ ସିକିଆ ସୁନ୍‌ବାକେ ଲକ୍‌ମନ୍
ମନ୍ ନ କରତ୍ । ତାର୍ ବାଦୁଲେ ସେମନ୍ ଜନ୍ କାରାପ୍ ବିସଇ
କର୍‌ବାକେ ମନ୍ କର୍‌ବାଇ, ସେଟା କର୍‌ତେରଇବାଇ । ବିନ୍
ବିନ୍‌ଟା ସିକାଉମନ୍‌କେ ଡାକିକରି, ତାକର୍ ଟାନେ ଜନ୍ ସାର୍‌ଦାର୍
ବିସଇ ସୁନ୍‌ବାକେ ମନ୍ କର୍‌ବାଇ, ସେନ୍ତାରି ଲକ୍‌ମନ୍‌କେ
ଡାକିଆନ୍‌ବାଇ । ୪ ସତ୍ ବିସଇ ଦିଆନ୍ ନ ଦେଇକରି କାତାନିମନ୍
ସୁନ୍‌ବାକେ ମନ୍ କର୍‌ବାଇ । ୫ ମାତର୍ ତିମତି, ତୁଇ ନିଜେ
ସବୁବେଲେ ଜାଗ୍‌ରତ୍ ଅଇ ର । ଦୁକ୍ କସ୍‌ଟ ଆଇଲେ ମୁର୍‌ଚିକରି
ର । ସୁବ୍‌କବର୍ ଜାନାଇତେର । ତର୍ ଦାଇତେ ରଇବା ସବୁ କାମ୍
କର୍‌ତେରଇବାର୍ । ୬ ଗଟେକ୍ ପୁଜାରି ଜେନ୍ତିକି ବେଦିଟାନେ ବଲି
ଚଗାଇସି, ସେନ୍ତାରିସେ, ଏବେ ମର୍ ଜିବନ୍ ସର୍‌ପାଇ ଅଇବା
ବେଲା କେଟିଆଚେ । ତାର୍‌ଲାଗି ଏ ସବୁ ଆଦେସ୍ ମୁଇ ତକେ
ଦେଲିନି । ୭ ଆରାଜିତାଟାନେ ମୁଇ ନିକସଙ୍ଗ୍ ଜୁଇଦ୍ କଲିଆଚି
। ଜେତ୍‌କି ପାଲାଇବାର୍ ରଇଲା ମୁଇ ନିକସଙ୍ଗ୍ ସାରାଇଲି ।
ଆରି ମୁଇ ମର୍ ବିସ୍‌ବାସ୍ ଆରାଇନାଇ । ୮ ଏବେ ସର୍‌ଗେ
ମର୍‌ପାଇ ଜିତ୍‌ଲା ମୁକୁଟ୍ ସଙ୍ଗ୍‌ଇଆଚେ । ଏ ମୁକୁଟ୍ ପର୍‌ମେସରର୍
ମୁଆଟେ ମୁଇ ଦରମ୍ ସଙ୍ଗ୍ ଚଲାଚଲ୍‌ତି କଲାର୍‌ପାଇ ଆଚେ
। ମାପ୍‌ରୁ ଜେ କି କାକେ ଅନିଆଇ ନ କରି ବିଚାର୍ କର୍‌ସି,
ତାର୍ ବିଚାର୍‌ନା ଦିନେ ସେ ମୁକୁଟ୍ ମକେ ପୁରୁସ୍‌କାର୍ ଇସାବେ
ଦେଇସି । ସେଟା ଅବ୍‌କା ମର୍‌ପାଇ ନାଇ, ମାତର୍ ଜେତ୍‌କି
ଲକ୍ ସେ ବାଉଡି ଆଇବାଟା ଜାଗିଆଚତ୍, ସେମନ୍‌କେ ସବୁକେ
ଦେଇସି । ୯ ତିମତି, ଜେତେକ୍ ଦାପ୍‌ରେ ତୁଇ ମର୍‌ଲଗେ
ଆଇବାକେ ଚେସ୍‌ଟା କର୍ । ୧୦ କାଇକେବଇଲେ ଦିମା ଏବେ
ମକେ ଚାଡିକରି ତେସଲନିକି ଗାଲାଆଚେ । ସେ ଏ ଜଗତର୍
ବିସଇ ଅଦିକ୍ ମନ୍ କଲାନି । କର୍‌ସିନ୍ ଗାଲାତିଆଇ ଗାଲା,
ଆରି ତିତସ୍ ଦୁଲ୍‌ମତି ଗାଲା । (aiōn g165) ୧୧ ଲୁକ୍ ଗଟେକ୍
ଲକ୍‌ସେ ମର୍‌ସଙ୍ଗ୍ ଆଚେ । ତୁଇ ଆଇଲାବେଲେ ମାର୍‌କକେ ତର୍
ସଙ୍ଗ୍ ଡାକିଆନ୍ । କାଇକେବଇଲେ ଇଡି ରଇଲାବେଲେ ମର୍
କାମେ ସେ ସାଇଜ କର୍‌ସି । ୧୨ ତିକିକସ୍‌କେ ମୁଇ ଏପିସିଅ
ପାଟାଇଆଚି । ୧୩ ତୟସ୍ ନଅର୍ ଚାଡ୍‌ଲାବେଲେ କର୍‌ପର୍

ଗରେ ମୁଇ ମର୍ ଅଡ୍‌ବାଟା ଚାଡିଆଚି । ତୁଇ ଆଇବାବେଲେ
ସେଟା ଦାରିଆଉ । ଆରି ମର୍ ବଇପତର୍‌ମନ୍ ଆରି ଲଡାକେ
ଆଇବା କାଗଜ୍‌ପତର୍ ମିସା ଦାରିଆଉ । ମେଣ୍ଡାର୍ ଚାମ୍ ସଙ୍ଗ୍
ତିଆର୍ ଅଇଲାଟା ଚାଡ୍‌ବାର୍ ନାଇ । **୧୪** କଁସ୍ କାମ୍ କରୁ
ଆଲେକ୍‌ଜାଣ୍ଡେର୍ ମକେ ବେସି ଅନିଆଇ କରି ଆଚେ । ସେ
କଲା କାମର୍‌ପାଇ ମାପ୍‌ରୁ ତାକେ ବେସି ଡଣ୍ଡ ଦେଇସି । **୧୫**
ତୁଇ ମିସା ତାର୍‌ଟାନେଅନି ଜାଗ୍‌ରତ୍ ରଅ । ସେ ଆମର୍ ସିକିଆ
ଡାଟ୍ ସଙ୍ଗ୍ ବିରଦ୍ କରିରଇଲା । **୧୬** ମୁଇ ପର୍‌ତୁମ୍‌ତର୍ ନିଜ୍‌କେ
ରକିଆ କର୍‌ବାକେ ବିଚାର୍‌ନା ଜାଗାଇ ଗାଲାବେଲେ, ମର୍‌ବାଟେ
ଅଇକରି ସାକି ଦେବାକେ କେ ନ ରଇଲାଇ । ତାର୍ ବାଦୁଲେ
ସବୁଲକ୍ ମକେ ଚାଡିଦେଲାଇ । ଏ କାମର୍‌ପାଇ ସେମନ୍‌କେ
ପର୍‌ମେସର୍ ଡଣ୍ଡ ନ ଦେଅ । **୧୭** ସେ ବିଚାର୍‌ନା ଜାଗାଇ
ଜେତ୍‌କି ଜିଉଦି ନ ଅଇଲା ଲକ୍‌ମନ୍ ରୁଣ୍ଡିରଇଲାଇ, ସେମନ୍‌କେ
ସବୁକେ ଜିସୁକିରିସ୍ଟର୍ ସୁବ୍‌କବର୍ ଜେନ୍ତାରିକି ମୁଇ ପୁରାପୁରୁନ୍
ବାବେ ଜାନାଇପାର୍‌ବି, ସେଟାର୍‌ପାଇ ମାପ୍‌ରୁ ମର୍‌ସଙ୍ଗ୍ ରଇକରି
ମକେ ବପୁଦେଲାଆଚେ । ସେ ବିଚାର୍‌ନାର୍ ସାରାସାରି ମକେ
କାଇବାକେ ଆସିରଇବା ଗଟେକ୍ ସିଅଁର୍ ଟାନେଅନି ରକିଆ
କଲାପାରା ମାପ୍‌ରୁ ରକିଆ କଲା । **୧୮** ବିପଦେ ପାକାଇବା
ସବୁ ଗଟ୍‌ନାଇଅନି ମାପ୍‌ରୁ ଜିସୁ ମକେ ରକିଆ କରି, ସର୍‌ଗେ
ରଇବା ତାର୍ ରାଇଜେ କାଇଟା ନ ଅଇତେ ଡାକିନେଇସି । କାଲ୍
କାଲ୍ ଜୁଗ୍ ଜୁଗ୍ ସେ ଆକା ଡାକ୍‌ପୁଟା ପାଅ । ଆମେନ୍! **(aiōn
g165)** **୧୯** ପିର୍‌ସିଲାକେ ଆରି ଆକିଲାକେ ଜୁଆର୍ ଜାନାଆ ।
ଆରି ଅନିସିପରର୍ କୁଟୁମ୍‌କେ ମିସା ମର୍ ଜୁଆର୍ ଜାନାଆ । **୨୦**
ଏରାସ୍‌ତ କରନ୍ତିଅ ନଅରେ ଆଚେ । ଆରି ତର୍‌ପିମସ୍‌କେ ଜର୍
ଅଇଲାକେ ମୁଇ ତାକେ ମିଲିତି ଚାଡିଦେଇ ଆସିଆଚି । **୨୧** ତୁଇ
ସିତ୍‌ଦିନ୍ ଅଇବା ଆଗ୍‌ତୁ ଆଇବାକେ ଚେସ୍‌ଟା କର୍ । ଇଉବୁଲ୍
ପୁଦେନ୍‌ସ୍, ଲିନ୍, କଲ୍‌ଦିଆ ଆରି ଇତିରଇବା ସବୁ ବିସ୍‌ବାସି
ବାଇବଇନି ତକେ ଜୁଆର୍ ଜାନାଇଲାଇନି । **୨୨** ପର୍‌ମେସର୍
ଜିବନ୍ ଦୁକାଇ ଦୟା କଲାଟା ତମର୍ ସଙ୍ଗ୍ ରଅ ।

# ତିତସ୍

**୧** ମୁଇ ପାଉଲ୍, ଏ ଚିଟି ଲେକ୍‌ଲିନି । ମୁଇ ପର୍‌ମେସର୍‌କେ
ସେବାକରି ଜିସୁକିରିସ୍‌ଟର୍ ଗଟେକ୍ ପେରିତ୍ ଅଇଆଚି
। ଜନ୍ ଲକ୍‌ମନ୍‌କେ ତାର୍‌ଟାନେ ଡାଟ୍ ସଙ୍ଗ୍ ବିସ୍‌ବାସ୍
କର୍‌ବାକେ ପର୍‌ମେସର୍ ବାଚ୍‌ଲା ଆଚେ, ଆରି ସେମନ୍ ଜେନ୍ତିକି
ଜିସୁକିରିସ୍‌ଟର୍ ନିକ ସିକିଆ ବୁଜ୍‌ବାଇ, ସେନ୍ତାରି ଲକ୍‌ମନ୍‌କେ
ସାଇଜ କର୍‌ବାକେ ମୁଇ ବାଚିଅଇଆଚି । ଏ ସିକିଆ ନିକସଙ୍ଗ୍
ଜାନ୍‌ଲେ, ପର୍‌ମେସର୍‌କେ ସାର୍‌ଦା କରାଇବା ପାରା ଚଲାଚଲ୍‌ତି
କର୍‌ବାକେ ସେମନ୍ ସିକ୍‌ବାଇ । **୨** ଏନ୍ତାରିଅଇ ସେମନ୍ କାଲ୍‌କାଲ୍
ଜୁଗ୍‌ଜୁଗ୍ ପର୍‌ମେସରର୍ ସଙ୍ଗ୍ ବଁଚ୍‌ବାକେ ଆସା କର୍‌ବାଇ ।
କାଇକେବଇଲେ କାଇଟା ତିଆର୍ ନ ଅଇତେ କାଲ୍‌କାଲ୍ ଜୁଗ୍‌ଜୁଗ୍
ତାର୍ ଲକ୍ ତାର୍ ସଙ୍ଗ୍ ବଁଚ୍‌ବାଇ ବଲି ପର୍‌ମେସର୍ କାତା
ଦେଇରଇଲା । ଏଟା ପୁରାପୁରୁନ୍ ସତ୍ ବଲି ଆମେ ଜାନ୍‌ଲୁନି ।
କାଇକେବଇଲେ ସେ କେବେ ମିଚ୍ ନ କଏ । **(aiōnios g166)** **୩**
ପର୍‌ମେସର୍ ଟିକ୍ କଲା ବେଲାଇ ମୁଇ ସୁବ୍‌କବର୍ ଜାନାଇଲିକେ,
ଲକ୍‌ମନ୍ ସେଟା ବୁଜ୍‌ବାକେ ସେ ବପୁଦେଲା । ଏଟା ପର୍‌ମେସରର୍
କାମ୍ । ସେ ଆକା ଆମ୍‌କେ ରକିଆ କର୍‌ସି । ସେ ଏ ଦାଇତ୍
ଦେଇକରି ମକେ ତିଆର୍‌ଲା ଆଚେ । **୪** ଏ ତିତସ୍, ତର୍‌ପାଇ
ମୁଇ ଏ ଚିଟି ଲେକ୍‌ଲିନି । ଆମେ ଜିସୁକିରିସ୍‌ଟକେ ବିସ୍‌ବାସ୍
କଲାର୍‌ପାଇ ତୁଇ ମର୍ ନିଜର୍ ପଅପାରା ଅଇ ଆଚୁସ୍ । ବାବା
ପର୍‌ମେସର୍‌କେ ଆରି ଆମର୍ ଉଦାର୍‌କାରିଆ ଜିସୁକିରିସ୍‌ଟକେ
ମୁଇ ବାବୁଜିଆ କଲିନି, ସେମନ୍ ତକେ ଦୟା ଦେକାଅତ୍ ଆରି
ସାନ୍ତି ଦେଅତ୍ । **୫** କିରତେ ତକେ ରଇଜା ବଲି ମୁଇ କଇରଇଲି
। ଜେତ୍‌କି ସବୁ କାମ୍ କରିସାରାଇବାକେ ମକେ ବେଲା ନ
ରଇଲା, ସେଟା କରିସାରାଇବାକେ ମୁଇ ସେନ୍ତାରି କଲି । ଏଟା
ଅଇଲାନି ପର୍‌ତୁମ୍ ବିସଇ । କିରତେ ରଇବା ସବୁ ଜାଗାର୍
ମଣ୍ଡ୍‌ଲିମନ୍‌କେ ପାର୍‌ଚିନ୍ ଇସାବେ ଲକ୍‌ମନ୍‌କେ ବାଚ୍ । ମୁଇ
ତର୍ ସଙ୍ଗ୍ ରଇଲାବେଲେ ଏ ବିସଇନେଇ ତକେ ତିଆରି ରଇଲି
। **୬** ଜନ୍ ଲକ୍‌କେ ତୁଇ ପାର୍‌ଚିନ୍ ଇସାବେ ବାଚ୍‌ସୁ, ସେ ଏନ୍ତାରି
ଲକ୍ ଅଇବାର୍ ଆଚେ, କେ ମିସା ତାକେ ବୁଲ୍ କଲାନି ବଲି ଦସ୍
ଦେଇନାପାରତ୍ । ତାକେ ଗଟେକ୍ ସେ ମାଇଜି ରଇବାର୍ ଆଚେ
। ତାର୍ ପିଲାଟକିମନ୍ କିରିସ୍‌ଟକେ ବିସ୍‌ବାସ୍ କର୍‌ବାର୍ ଆଚେ ।
ସେମନ୍ ନିକ ଚଲାଚଲ୍‌ତି କର୍‌ତେରଇବାର୍ ଆଚେ । ଜେନ୍ତାରି
କି ତାକର୍ ଆୟାବାବାମନ୍‌କେ ମାନତ୍ ନାଇ କି ନିଜର୍ ମନ୍ କଲା
ଇସାବେ ଚଲାଚଲ୍‌ତି କଲାଇନି ବଲି ସେମନ୍‌କେ କେ ଦସ୍ ଦାରି
ନାପାରତ୍ । **୭** ବିନ୍ ବିସ୍‌ବାସିମନ୍‌କେ ଜତନ୍ କର୍‌ବାକେ ଦାଇତ୍
ଇସାବେ ପର୍‌ମେସର୍ ଗଟେକ୍ ପାର୍‌ଚିନ୍‌କେ ଦେଲାଆଚେ ।
ତେବର୍ ପାଇ ଜନ୍ ମଣ୍ଡ୍‌ଲିର୍ ପାର୍‌ଚିନ୍‌କେ ତୁଇ ବାଚ୍‌ସୁ, ତାକେ
କାଇ ଦସ୍ ନ ରଅ । ସେ ବଡ୍‌ପନିଆ ନ ରଇବାର୍, ଦାପ୍‌ରେ ରିସା
ନ ଅଇବାର୍, ମଦୁଆ ନ ରଇବାର୍, ବିନ୍ ଲକର୍ ସଙ୍ଗ୍ କିରଜାଟି ନ
ଅଇବାର୍, ଡାବୁକେ ଆସା ନ କର୍‌ବାର୍ । **୮** ସେନ୍ତାରି ନ ଅଇକରି
ଲକ୍‌ମନ୍‌କେ ଡାକିନେବା ଲକ୍, ଦରମ୍ ବିସଇ କର୍‌ବାକେ ମନ୍
କର୍‌ବା ଲକ୍, ନିଜେ ଜାଗ୍‌ରତ୍ ରଇବା ଲକ୍, ବଡ୍ ସାନ୍ ଇସାବେ
ନ ଦେକ୍‌ବା ଲକ୍, ସୁକଲ୍ ଇସାବେ ଚଲାଚଲ୍‌ତି କର୍‌ବା ଲକ୍,
ନିଜେ ମନ୍‌କର୍‌ବା ବିସଇଟାନେ ଜାଗ୍‌ରତ୍ ଅଇବା ଲକ୍, ରଇବାର୍
ଆଚେ । **୯** ସେ ଲକ୍ ଆମେ ସିକାଇତେରଇବା ସୁବ୍ କବର୍
ଡାଟ୍‌ସଙ୍ଗ୍ ବିସ୍‌ବାସ୍ କରିରଇବାର୍ ଆଚେ । ଏ କବର୍ ସତ୍ ଆରି
ନ ବାଦ୍‌ଲେ ବଲି ସେ ଜାନ୍‌ବାର୍ ଆଚେ । ଏନ୍ତାର୍ ଆଲେ ସେ
ଲକ୍‌ମନ୍‌କେ ସତ୍ ବିସଇ ସିକାଇପାର୍‌ସି । ଆରି ଜନ୍ ଲକ୍ ତାର୍
ବିରୁଦେ କାତା ଅଇଲାଇନି, ତାକର୍ ବୁଲ୍ ଦେକାଇପାର୍‌ସି ।
**୧୦** ମଣ୍ଡ୍‌ଲିର୍ ପାର୍‌ଚିନ୍‌ମନର୍ ଅଦିକାର୍ ନ ନାମ୍‌ବା ଲକ୍ ବେସି
ରଇଲାର୍‌ପାଇ ମୁଇ ତକେ କଇଲିନି । କାଇ ମୁଲିଅ ନ ରଇବା
କାତା ସବୁ ସେମନ୍‌କେ ସିକାଇକରି, ସେମନ୍‌କେ ବିସ୍‌ବାସ୍
କରାଇଲାଇନି । ଜିଉଦି ନିୟମ୍ ଇସାବେ ସବୁ ବିସ୍‌ବାସିମନ୍
ସୁନତ୍ ଅଇବାର୍ ଆଚେ ବଲି ସିକାଇଲାଇନି । **୧୧** ଏନ୍ତାରି
ଲକ୍‌ମନ୍‌କେ ସିକାଇବାକେ ଦେସ୍ ନାଇ । କାଇକେବଇଲେ ନ
ସିକାଇବା ବିସଇ ସିକାଇକରି ସେମନ୍ ଗୁଲାଇ କୁଟୁମ୍‌ମନ୍‌କେ
ବିସ୍‌ବାସ୍ କରାଇ, ସତ୍ ବିସଇତେଇ ଅନି ବାଉଡାଇଲାଇନି ।
ଲକ୍‌ମନର୍‌ଟାନେଅନି ଡାବୁ ମିଲାଇବାକେ ମିସା ଏନ୍ତାରି କଲାଇନି
। **୧୨** କିରତେଅନି ଆଗେ ଗଟେକ୍ ଗିଆନ୍ ରଇବା ଲକ୍ ରଇଲା
। ସେ ଏନ୍ତାରି କଇରଇଲା, “କିରତେରଇବା ଲକ୍‌ମନ୍ ବେସି ମିଚ୍
କଇବାଇ । ସେମନ୍ ବନର୍ ପସୁପାରା ଚଲାଚଲ୍‌ତି କର୍‌ବାଇ
ଆରି ସେମନ୍ ବେସି ଅଲ୍‌ସିଆ ଆରି କାଉରାମନ୍ ।” **୧୩**
କିରତେ ରଇବା ଲକର୍ ବିସଇ ସେ ବବିସତ୍‌ବକ୍‌ତା କଇଲାଟା
ଏବେ ମିସା ସତ୍‌ସେ । ତେବର୍ ପାଇ ସେମନ୍‌କେ ଡାଟ୍ ସଙ୍ଗ୍
ଦମ୍‌କାଇକରି କଇବାର୍ ଆଚେ । ଜେନ୍ତାରିକି ସେମନ୍ ସତ୍
ସିକିଆ ବିସ୍‌ବାସ୍ କର୍‌ବାଇ । **୧୪** ଜିଉଦି ଲକ୍‌ମନ୍ ତିଆର୍‌କଲା
କାତାନିମନ୍ ନ ମାନିକରି ଆରି ସତ୍ ସିକିଆ ନ ମାନିକରି
ରଇବା ଲକ୍‌ମନର୍ ତିଆର୍‌କଲା ରିତିନିତି ଦିଆନ୍ ନ କରତ୍
। **୧୫** ଜନ୍ ଲକ୍‌ମନ୍ ପର୍‌ମେସର୍ ଦେକ୍‌ବା ଇସାବେ ସୁକଲ୍
ରଇବାଇ, ସେନ୍ତାରିସେ ତାକର୍‌ପାଇ ସବୁ ବିସଇ ସୁକଲ୍ ରଇସି
। ମାତର୍ ଜନ୍ ଲକ୍‌ମନର୍ ବିବେକ୍ ସେମନ୍‌କେ ଦସି କର୍‌ସି,
ସେମନ୍ କାରାପ୍ ଅଇ ଜିସୁକିରିସ୍‌ଟକେ ବିସ୍‌ବାସ୍ ନ କଲେ,
ତାକର୍‌ପାଇ କାଇ ବିସଇ ମିସା ସୁକଲ୍ ନାଇ । **୧୬** ଏ ଲକ୍‌ମନ୍
ପର୍‌ମେସର୍‌କେ ଜାନିଆଚୁ ବଲି କଇ ବୁଲ୍‌ବାଇ, ମାତର୍ ତାକର୍
ଚଲାଚଲ୍‌ତିଟାନେ ସେଟା ନ ଡିସେ । ସେମନ୍ ଗିନ୍ କର୍‌ବାଲକ୍,
କାତା ନ ମାନ୍‌ବା ଲକ୍ ଆରି କାଇ ଦରମ୍ ବିସଇ କଇବାକେ
ନାପାରତ୍ ।

**୨** ମାତର୍ ତିତସ୍ ତୁଇ ବିସ୍‌ବାସିମନ୍‌କେ ଜନ୍ ବିସଇ
ସିକାଇଲୁସ୍‌ନି ସେଟା ଜିସୁକିରିସ୍‌ଟର୍ ସତ୍ ସିକିଆ
ଇସାବେସେ ସିକା । **୨** ପର୍‌ତୁମ୍ ଡକ୍‌ରାମନ୍‌କେ ତାକର୍ ଜିବନେ

ନିକ ଚଲାଚଲ୍ତି କର୍ବାକେ ସିକା, ଜେନ୍ତିକି ନିଜେ ବୁଦିର୍ସଙ୍ଗ୍
ରଇ, ଲକ୍ମନର୍ଟାନେଅନି ସନ୍ମାନ୍ ପାଇବାଲକ୍ ପାରା ଅଇ
ଜାଗ୍ରତ୍ ରଇବାର୍ । ସେମନ୍ ପର୍ମେସର୍କେ ଡାଟ୍ସଙ୍ଗ୍
ବିସ୍ବାସ୍ କରି ବିନ୍ ଲକ୍ମନ୍କେ ସତ୍ସଙ୍ଗ୍ ଆଲାଦ୍ କରି ମୁର୍ଚି
ରଇବାର୍ ଆଚେ । ୩ ସେନ୍ତାରିସେ ଡକ୍ରିମନ୍କେ ମିସା ସିକାଆ
। ଜେନ୍ତିକି, ସେମନ୍ ସୁକଲ୍ ଚଲାଚଲ୍ତି କର୍ବାଇ । ଟିପୁଲ୍ କାତା
ନ କଇକରି, ମାତୁଆଲ୍ନିମନ୍ ନ ଅଇକରି, ତାର୍ ବାଦୁଲେ ବିନ୍
ଲକ୍ମନ୍କେ ନିକ ବିସଇ ସିକାଅତ୍ । ୪ ଏନ୍ତାରି କଲେ ସେମନର୍
ଟାନେଅନି ଦାଙ୍ଗ୍ଡିମନ୍ ନିକ ଚଲାଚଲ୍ତି କର୍ବାଟା ସିକ୍ବାଇ
। ସେମନ୍ ପର୍ତୁମ୍ ନିଜର୍ ମୁନୁସ୍କେ ଆରି ପିଲାଟକିମନ୍କେ
ଆଲାଦ୍ କର୍ବାଟା ସିକତ୍ । ୫ ନିଜେ ଜାଗ୍ରତ୍ ଅଇକରି
ମୁନୁସ୍ମନ୍କେ ସୁକଲ୍ ଚଲାଚଲ୍ତି କରି, ନିଜର୍ ଗର୍ଦୁଆର୍
ଚାଲାଇକରି, ବିନ୍ ଲକ୍ମନ୍କେ ଦୟା ଦେକାଇକରି ଆରି ନିଜର୍
ମୁନୁସର୍ କାତା ମାନିକରି ରଇବାକେ ସିକା । ସେନ୍ତାର୍ କଲେ
ପର୍ମେସର୍ ଆମ୍କେ ସର୍ପି ଦେଲା କବର୍ କେ ମିସା ନିନ୍ଦା ନ
କରତ୍ । ୬ ସେନ୍ତାର୍ ସେ ଦାଙ୍ଗ୍ଡାମନ୍କେ ମିସା ନିଜେ ଜାଗରତ୍
ରଇବାକେ ସିକା । ୭ ତୁଇ ନିଜେ ସବୁ ବିସଇଟାନେ ନିକ
ଚଲାଚଲ୍ତି କର୍ । ଜେନ୍ତାରି କି ତକେ ଦେକିଦେକି ଦାଙ୍ଗ୍ଡାମନ୍
ସେନ୍ତାରି ଅଇବାଇ । ସିକାଇଲାବେଲେ, ମନ୍ ସତ୍ ରଇକରି
ଲକ୍ମନର୍ ମୁଆଟେ ସନ୍ମାନ୍ ପାଇଲାପାରା ପର୍ମେସରର୍
ବିସଇ ସିକା । ୮ ଜେତ୍କି ବିସଇ ସିକାଇଲୁସ୍ନି, ସେ ସବୁ ବିସଇ
ସତ୍ ରଅ ଜେନ୍ତାରିକି ଲକ୍ମନ୍ ନିନ୍ଦା କରିନାପାରତ୍ । ଜେତ୍କି
ଲକ୍ ଜିସୁକିରିସ୍ଟର୍ପାଇ ତୁଇ କର୍ବା କାମ୍ ବିରଦ୍ କଲାଇନି,
ସେମନ୍ ସବୁ ଲାଜ୍ ଅଇଜିବାଇ । କାଇକେବଇଲେ ଆମ୍କେ ନିନ୍ଦା
କର୍ବାକେ ତାକର୍ଟାନେ କାଇଟା ନ ରଏ । ୯ ତର୍ ମଣ୍ଡ୍ଲିମନ୍କେ
ରଇବା ଗତିଦାଙ୍ଗ୍ଡାମନ୍କେ ତାକର୍ ସାଉକାର୍ମନ୍କେ ମାନିକରି
ରଇବାକେ ସିକା । ତାକର୍ କର୍ବା କାମ୍ ଦେକି ସାଉକାର୍ମନ୍
ସାର୍ଦା ଅଅତ୍ ଆରି ସାଉକାର୍ମନ୍କେ ସେମନ୍ ଟଣ୍ଡ ନ
ଲାଗାଅତ୍ । ୧୦ ସାଉକାରର୍ କାଇ ଜିନିସ୍ ନ ଚରାଇକରି
ସବୁବେଲେ ଦରମ୍ ଚଲାଚଲ୍ତି କର । ସେମନ୍କେ ସାଉକାର୍
ବିସ୍ବାସ୍ କର୍ବାର୍ ଆଚେ । ତାକର୍ ନିକ ଚଲାଚଲ୍ତି କର୍ବାଟା
ଦେକି ଆମ୍କେ ମୁକ୍ତି ଦେବା ପରମେସରର୍ କବର୍ ସୁନ୍ବାକେ
ଲକ୍ମନ୍ ମନ୍ କର୍ବାଇ । ୧୧ କାଇକେ ବଇଲେ ପରମେସର୍
ଗୁଲାଇ ମୁନୁସ୍ଜାତିକେ ପାପେଅନି ମୁକ୍ତି କର୍ବାକେ ତାର୍
ଦୟା ଦେକାଇଲା ଆଚେ । ୧୨ ସେ ଦୟା କଲାକେ, କାରାପ୍
ଚଲାଚଲ୍ତି କର୍ବାଟା ଚାଡିକରି, ବିସ୍ବାସ୍ ନ କର୍ବା ଲକ୍ମନ୍
କର୍ବା ଚଲାଚଲ୍ତି ନ କରି, ସେମନ୍ ଲାଲ୍ସା ଅଇବା ବିସଇ
ମନ୍ ନ କର୍ବାକେ ପର୍ମେସର୍ ଆମ୍କେ ସିକାଇଲାନି । ତାର୍
ବାଦୁଲେ ଜେତ୍କି ଦିନ୍ ଆମେ ଏ ଜଗତେ ବଁଚିଆଚୁ, ସେତ୍କି
ଦିନ୍ ନିଜେ ଜାଗ୍ରତ୍ ରଇ, ଦରମ୍ ଚଲାଚଲ୍ତି କରି ତାକେ
ସାର୍ଦା କରାଇବାକେ ସେ ଆମ୍କେ ବପୁ ଦେଲାନି । **(aiōn g165)**
୧୩ ଜନ୍ ବଡ୍ ଦିନ୍ ଆଇବାକେ ଆମେ ଜାଗିଆଚୁ, ସେତ୍କି ଦିନ୍
ଜାକ ଏନ୍ତାରିସେ ଚଲାଚଲ୍ତି କରୁ । ସେ ଦିନେ ଜିସୁକିରିସ୍ଟ
ଜେକି ଆମର୍ ପର୍ମେସର୍ ଆରି ମୁକ୍ତିକାରିଆ, ତାର୍ ସବୁ
ଡାକ୍ପୁଟା ସଙ୍ଗ୍ ଏ ଜଗତେ ବାଉଡିଆଇସି । ୧୪ ଏ ଜିସୁ
କିରିସ୍ଟ ଆମର୍ ଲାଗି ମର୍ବାକେ ନିଜେ ସର୍ପିଅଇଲା । ପାପର୍
ବାନ୍ଦନେଅନି ମୁକ୍ଲାଇବାକେ ଆରି ତାର୍ପାଇ ସୁକଲ୍ ଲକ୍
କରାଇବାକେ ସେ ଏନ୍ତି କଲା । ସେ ଦେକ୍ବା ଇସାବେ, ଦରମ୍
କାମ୍ କର୍ବାକେ ବେସି ମନ୍ କର୍ବା ଲକ୍ ଅଇବାକେ ମିସା । ୧୫
ତେବର୍ପାଇ ତିତସ୍, ତୁଇ କିରତେ ରଇବା ବିସ୍ବାସିମନ୍କେ,
ମୁଇ ତକେ କଇରଇବା ସବୁ ବିସଇ ସିକାଇଦେସ୍ । ଏ ସବୁ
ବିସଇ କର୍ବାକେ ସାର୍ଦା କରା ଆରି ନ କଲେ ସେମନ୍କେ
ଜାଗ୍ରତ୍ କରା । ସେନ୍ତାରି କର୍ବାକେ ତର୍ ଅଦିକାର୍ ଆଚେ ।
ତୁଇ ସିକାଇଲା ବିସଇମନ୍ କେ ମିସା ନିଚ୍ ଇସାବେ ନ ନାମତ୍ ।

**୩** ସାସନ୍କାରିଆ ଆରି ଅଦିକାରିମନର୍ ତଲେ ରଇକରି
ସେମନ୍ ଡିଆର୍ଲାଟା ମାନିକରି ରଇବାକେ ମଣ୍ଡ୍ଲିର୍
ବାଇବଇନିମନ୍କେ ଏତାଇଦେସ୍ । ବିନ୍ ଲକ୍କେ କାଇ ସାଇଜ
ମିସା କର୍ବାକେ ଜାଗ୍ରତ୍ ଅଇରଅତ୍ । ୨ ବିନ୍ ଲକର୍ ବିସଇ
ମିଚ୍ ନ କଇ ସବୁର୍ ସଙ୍ଗ୍ ସାନ୍ତିସଙ୍ଗ୍, ଆଲାଦେ, ମନ୍ବିତ୍ରେ
ଦରମ୍ରଇ ମିସିବିଡି ରଅତ୍ । ୩ କାଇକେବଇଲେ ଗଟେକ୍
ବେଲାଇ ଆମେମିସା ବକୁଆ ଲକର୍ପାରା ରଇ ପର୍ମେସରର୍
କାତା ନ ମାନିକରି, ବୁଲ୍ ବିସଇ କର୍ତେରଇଲୁ । ଆମର୍
ପାପର୍ ଗୁନ୍ଚଲନ୍ ଇସାବେ ଜେତ୍କି ସବୁ ବିସଇ ରଇଲା, ସେଟା
ସବୁ ସାର୍ଦାସଙ୍ଗ୍ କର୍ତେରଇଲୁ । ବିନ୍ ଲକର୍ ଟିପୁଲ୍ କାତା
ଗୁଲାଇବାଟେ ବିଚିକରି ସେମନ୍କେ ଇଁସା କର୍ତେରଇଲୁ ।
ସେମନ୍ ଆମ୍କେ ଗିନ୍ କର୍ତେରଇଲାଇ, ଆମେମିସା ସେମନ୍କେ
ଗିନ୍ କର୍ତେରଇଲୁ । ୪ ମାତର୍ ଆମେ ସେନ୍ତାରି ଚଲାଚଲ୍ତି
କର୍ତେରଇଲେ ମିସା ଆମର୍ ମୁକ୍ତିକାରିଆ ପର୍ମେସର୍ ନିଜର୍
ଦୟା ଆରି ଆଲାଦ୍ ଆମ୍କେ ଦେକାଇଆଚେ । ୫ ପାପର୍
ଡଣ୍ଡେଅନି ସେ ଆମ୍କେ ମୁକ୍ଲାଇଲା । ଆମେ ଦରମ୍ କାମ୍
କଲାର୍ପାଇ ସେ ଆମ୍କେ ଏନ୍ତି କରେନାଇ । ମାତର୍ ସେ
ଆମ୍କେ ଜିବନ୍ ଦୁକାଇ ଦୟା ଦେକାଇଲାକେସେ । ସୁକଲ୍
ଆତ୍ମା ଦେଇକରି ସେ ଆମ୍କେ ରକିଆ କଲା । ଜେକି ଆମର୍
ସବୁ ପାପ୍ ଦଇକରି ନୁଆ ଜିବନ୍ ଦେଲା । ୬ ଆମର୍ ରକିଆକାରି
ଜିସୁକିରିସ୍ଟ କଲା କାମର୍ଲାଗି ପର୍ମେସର୍ ଏଟା କଲା ।
କାଇ ମୁଲିଅ ନ ଦେଇ ଜେତ୍କି ବଇଲେ ସେତ୍କି ଆମ୍କେ
ସୁକଲ୍ଆତ୍ମା ଦେଲା ଆଚେ । ୭ ପର୍ମେସର୍ ଆମ୍କେ
ତାର୍ ପିଲାଟକି କର୍ବାକେ ଏନ୍ତାରି କଲା ଆଚେ । ତାର୍ସଙ୍ଗ୍
କାଲ୍କାଲ୍ ଜୁଗ୍ଜୁଗ୍ ବଁଚ୍ବାକେ ଆମେ ଆସା କର୍ବାର୍ ଅଇସି ।
ଆମର୍ପାଇ ରଇବା ତାର୍ ବଡ୍ ଦୟାର୍ଲାଗି, ତାର୍ ମୁଆଟେ
ଦସି ଇସାବେ ନ ଦେକେ । ପର୍ମେସର୍ ଆମ୍କେ କାଇ ଦସ୍
ନ କଲା ଲକ୍ବଲି ଜାନାଇଆଚେ । **(aiōnios g166)** ୮ ମୁଇ

ତକେ ଲେକିରଇବା ଏ ସବୁ ବିସଇ ସତ୍ ବଲି ମାନିଅଇସି । ତେବର୍‌ପାଇ ମୁଇ ତକେ ବାବୁଜିଆକରି କଇଲିନି, ତୁଇ ସିକାଇବାବେଲେ ଏ ସବୁ ବିସଇ ନ ପାସ୍‌ରି ଏତାଇତେ ର । ଜେନ୍ତାରିକି ପର୍‌ମେସର୍‌କେ ଜେତ୍‌କି ଲକ୍ ବିସ୍‌ବାସ୍ କର୍‌ବାଇ, ସେମନ୍ ସବୁ ଦରମ୍ କାମ୍ କର୍‌ବାକେ ମନ୍‌ଦିଆନ୍ ଦେବାଇ । ଏନ୍ତାରି ସିକିଆ ଦେଲେ ସବୁ ଲକର୍‌ପାଇ ସେଟା ନିକ ଆରି କାମ୍‌କେ ଆଇସି । **୯** ମାତର୍ ଜନ୍ ଲକ୍‌ମନ୍ କାଇ ଲଡାକେ ନ ଆଇବା ବିସଇର୍‌ପାଇ ଦଦାପେଲା ଅଇବାଇ, ଆରି ତାକର୍ କୁଟୁମର୍ ଆନିଦାଦିମନର୍ ବିସଇ କଇ ଲାଗିରଇବାଇ, ଚୁଟାଇ ଚୁଟାଇ ଦଦାପେଲା ଅଇବାଇ ଆରି ମସା ମିଲାଇରଇବା ରିତିନିତି ବିସଇନେଇ ଲାଗାଲାଗି ଅଇବାଇ, ସେନ୍ତାରିଟାନେ ପୁର୍‌ନାଇ । କାଇକେବଇଲେ ଏଟା କାକେ ଲଡାକେ ନ ଦେଏ, ଆରି ଚୁଟାଇସେ । **୧୦** ବିସ୍‌ବାସିମନର୍ ବିତ୍‌ରେ ଜଦି କେ ମିସା ଗଟେକ୍ ବେଗ୍‌ଲାଇବା ଲକ୍ ରଇଲେ, ତାକେ ଡାଟ୍ ସଙ୍ଗ୍ କଇକରି ଚାଡାଇଦେସ୍ । ସେ ନ ଚାଡ୍‌ଲେ ଆରିତରେକ୍ ଜାଗ୍‌ରତା କରା । ତାର୍‌ପଚେ ମିସା ସେ କରିଲାଗିରଇଲେ ତାକେ ଚାଡିଦେସ୍ । **୧୧** ଏନ୍ତାରି ଲକ୍ ସତ୍ ବିସଇତେଇଅନି ମନ୍ ବାଉଡାଇଲା ଆଚେ ବଲି ତୁଇ ଜାନିପାରୁସ୍ । ତାର୍ ପାପର୍‌ଲାଗି ସେ ପର୍‌ମେସରର୍ ମୁଆଟେ ଦସ୍ କରିଆଚେ ବଲି ଲକ୍‌ମନ୍ ନିକସଙ୍ଗ୍ ଜାନ୍‌ବାଇ । **୧୨** ତକେ ସାଇଜ କର୍‌ବାକେ ମୁଇ ଆର୍‌ତେମସ୍‌କେ ନଇଲେ ତେକିକସ୍‌କେ ପାଟାଇବି । ଆକର୍ ବିତ୍‌ରେ କେ ଆଲେ ଆଇଲେ, ତୁଇ ତେଇଅନି ବାରଇ ନିକପଲି ନଅରେ ମକେ ବେଟ୍ ଅଇବାକେ ଆଉ । କାଇକେବଇଲେ ସିତ୍‌ମାସ୍ ସାର୍‌ବାଜାକ ତେଇ ରଇବାକେ ମୁଇ ମନ୍ କଲିନି । **୧୩** ଜିନି ନାଉଁର୍ ଗଟେକ୍ ଅକିଲ୍ ଆରି ଆପଲ୍ ନାଉଁର୍ ଆରିଗଟେକ୍ ଲକ୍ ଜିବାକେ ବାରଇବାବେଲେ, ସେମନ୍‌କେ ଜେତ୍‌କି ସାଇଜ ଲଡା ଆଚେ, ସେଟା ସବୁ କରିଦେସ୍ । ସେମନ୍‌କେ ଲଡାକେ ଆଇବାଟା ଜାଗାଇଦେସ୍ । **୧୪** ସେଟାକେ ଚାଡି କିରତେରଇବା ଆମର୍ ସବୁ ବିସ୍‌ବାସି ବାଇବଇନିମନ୍, ଦରମ୍ କାମ୍ କର୍‌ବାଟା ନ ଚାଡିକରି, ପାଇଟିକାବାଡ୍ କର୍‌ତେରଅତ୍ । ସେନ୍ତାରି କଲେ, ଅବାବେ ରଇଲା ଲକ୍‌ମନ୍‌କେ ଦେଇପାର୍‌ବାଇ । ଆରି ବିସ୍‌ବାସିମନ୍ ବେକାର୍ ଜିବନ୍ ନ ବିତାଅତ୍ । **୧୫** ମର୍ ସଙ୍ଗ୍ ରଇବା ସବୁ ବିସ୍‌ବାସିମନ୍ ତକେ ଜୁଆର୍ ଜାନାଇଲାଇନି । କିରତେରଇବା ଆମର୍ ବିସ୍‌ବାସି ବାଇବଇନିମନ୍ ଜେତ୍‌କିଲକ୍ ଆମ୍‌କେ ଆଲାଦ୍ କଲାଇନି, ସେମନ୍‌କେ ସବୁକେ ଆମର୍ ଜୁଆର୍ ଜାନାଇଦେସ୍ । ପର୍‌ମେସର୍ ତାର୍ ଜିବନ୍ ଦୁକାଇ ତମ୍‌କେ ଦୟା ଦେକାଅ ।

# ପିଲିମନ୍

**୧** ମୁଇ ପାଉଲ୍ ଜେକି ଜିସୁକିରିସ୍ଟର୍ ଲାଗି ବନ୍ଦି ଆଚି । ଆରି
ଆମର୍ ବାଇ ତିମତି । ଆମେ ମିସିକରି ଆମର୍ ମଇତର୍
ଆରି ସଙ୍ଗର୍ କାମ୍‌କରୁ ପିଲିମନ୍‌କେ ଏ ଚିଟି ଲେକ୍‌ଲୁନି । **୨**
ତର୍ ଗରେ ରୁଣ୍ଡିକରି ପାର୍‌ତନା କର୍‌ବା ମଣ୍ଡଲିକେ, ଆରି ଆମର୍
ବଇନି ଆପିୟାକେ, ଗଟେକ୍ ସନିଅ ପାରା ଆମର୍ ବିସ୍‌ବାସ୍
ଦେକାରକା କର୍‌ବା ଆର୍‌କିପସ୍‌କେ ମିସା ଏ ଚିଟି ଲେକ୍‌ଲୁନି
। **୩** ଆମର୍ ବାବା ପରମେସର୍ ଆରି ମାପ୍‌ରୁ ଜିସୁ କିରିସ୍ଟ
ତାର୍ ଜିବନ୍ ଦୁକାଇ ଦୟା ଦେକାଅ ଆରି ସାନ୍ତି ଦେଅ । **୪** ବାଇ
ପିଲିମନ୍, ମୁଇ ଜେଡେବେଲେ ମିସା ପାର୍‌ତନା କର୍‌ବା ବେଲେ,
ତକେ ଏତାଇକରି ପର୍‌ମେସର୍‌କେ ଦନିଅବାଦ୍ ଦେଲିନି । **୫**
କାଇକେବଇଲେ ପର୍‌ମେସରର୍ ଲକର୍‌ପାଇ ରଇବା ତମର୍
ଆଲାଦ୍ ଆରି ମାପ୍‌ରୁ ଜିସୁର୍‌ଟାନେ ରଇବା ତମର୍ ବିସ୍‌ବାସ୍ ମୁଇ
ସୁନିଆଚି । **୬** କିରିସ୍ଟର୍ ସଙ୍ଗ ଆମେ ମିସ୍‌ଲାର୍‌ପାଇ ଆମର୍
ଜିବନେ ଜେତ୍‌କି ସବୁ ଆସିର୍‌ବାଦ୍ ପାଇଆଚୁ, ସେଟା ସବୁ ନିକ
ସଙ୍ଗ ବୁଜ୍‌ବାକେ ଆମେ ତମର୍ ସଙ୍ଗ ରଇଲାବେଲେ, ବୁଜିପାର୍‌ବୁ
ବଲି ମୁଇ ଆସା କଲିନି । **୭** ଏ ମର୍ ଆଲାଦର୍ ବାଇ, ତର୍
ଆଲାଦ୍ ମକେ ବେସି ସାର୍‌ଦା କରାଇଲା ଆଚେ । ପର୍‌ମେସରର୍
ସବୁଲକର୍ ମନ୍ ମିସା ତୁଇ ସାର୍‌ଦା କରାଇ ଆଚୁସ୍ । **୮** ତେବେ
ଏଟାର୍‌ଲାଗି କିରିସ୍ଟର୍ ପାଇ ଗଟେକ୍ ବାଇ ଇସାବେ ତକେ
ତିଆର୍‌ବାକେ ମର୍ ପୁରାପୁରୁନ୍ ଅଦିକାର୍ ଆଚେ । **୯** ମାତର୍
ମୁଇ ତକେ ଆଲାଦ୍ କଲିନି, ସେଟାର୍‌ଲାଗି ଅବ୍‌କା ବାବୁଜିଆ
କର୍‌ବି । ମୁଇ ପାଉଲ୍ କିରିସ୍ଟ ଜିସୁର୍ ମୁକିଅ କବର୍‌ନେଉ
ଅଇରଇଲେମିସା, ତାର୍‌ଲାଗି ଏବେ ମୁଇ ବନ୍ଦିଅଇଆଚି । **୧୦**
ଅନିସ୍‌ମସ୍ ଜେକି କିରିସ୍ଟର୍ ଲାଗି ମର୍ ନିଜର୍ ପଅ ପାରା
ଅଇଗାଲା ଆଚେ । ତାର୍ ବାଦୁଲେ ମୁଇ ତକେ ବାବୁଜିଆ କଲିନି
। ଆମେ ବନ୍ଦିଗରେ ରଇଲା ବେଲେ, ମୁଇ ତାର୍ ଆତ୍‌ମା ଇସାବେ
ରଇବା ବାବା ପାରା ଅଇଆଚି । **୧୧** ଗଟେକ୍ ବେଲାଇ ସେ
ତର୍‌ପାଇ ଅବ୍‌କା ରଇଲା । ମାତର୍ ଏବେ ଆମର୍ ଦୁଇଲକର୍
ଲଡାକେ ଲାଗ୍‌ବା ଲକ୍ ଅଇଲା । **୧୨** ମୁଇ ଏବେ ତାକେ ତର୍
ଲଗେ ପାଟାଇଲିନି । ମର୍ ଜିବନେ କାନ୍ଦି କାନ୍ଦି ଆଚି । **୧୩**
ତାକେ ବନ୍ଦିଗରେ ମର୍ ସଙ୍ଗ ରଅ ବଲି ମନ୍ କର୍‌ତେରଇଲି ।
ସୁବ୍ କବରର୍ ଲାଗି ତର୍ ବାଦୁଲେ ସେ ମକେ ଇଡି ସାଇଜ
କର୍‌ତା । **୧୪** ମାତର୍ ତୁଇ ମକେ ସାଇଜ କର୍ ଆକା ବଲି ବାଦିଅ
କରିନାଇ । ତୁଇ ନିଜେ ମନ୍‌କରି କଲେ, ମୁଇ ମନ୍ କର୍‌ତି ।
ତେବେ ତୁଇ ରାଜି ନ ଅଇତେ ମୁଇ କାଇଟା ନ କରି । **୧୫**
ଜେନ୍ତାରିକି ଅନିସ୍‌ମସ୍ ଆରି ତୁଇ, ସାଉକାର୍ ଆରି ଗତିଦାଙ୍ଗଡା
ପାରା ନ ଅଇ, ମର୍‌ବା ଜାକ ନିଜର୍ ବାଇ ଇସାବେ ରଇବାକେ,
ଚନେକର୍‌ପାଇ ତର୍‌ଟାନେଅନି ଦୁରିକେ ରଇଲା । **(aiōnios
g166)** **୧୬** ଆରି ଏବେ ସେ ଅବ୍‌କା ଗତିଦାଙ୍ଗଡା ନଏଁ, ମାତର୍
କିରିସ୍ଟର୍ ଲାଗି ଗଟେକ୍ ଆଲାଦର୍ ବାଇ ଅଇଆଚେ । ମୁଇ
ତାକେ ବେସି ଆଲାଦ୍ କଲିନି । କିରିସ୍ଟର୍ ଲାଗି ଗଟେକ୍ ବାଇ
ଇସାବେ ଆରି ଗତିଦାଙ୍ଗଡା ଇସାବେ ସେ ତର୍‌ପାଇ କେତେକ୍
ଅଦିକ୍ ଆଲାଦର୍ ଲକ୍ ଅଇସି । **୧୭** ତେବର୍‌ପାଇ ତୁଇ ମକେ
ଜଦି ସଙ୍ଗର୍‌କାମ୍‌କରୁ ଇସାବେ ଦେକ୍‌ଲୁସ୍‌ନି, ଜେନ୍ତି ତୁଇ ମକେ
ଡାକିନେଇତୁସ୍, ସେନ୍ତାରିସେ ତାକେ ମିସା ଡାକିନେ । **୧୮** ସେ
ଜଦି ତର୍ କାଇ ପାପ୍‌ଦସ୍ କରି ରଇଲେ, କି କାଇଟା ଦେବାର୍
ରଇଲେ ସେଟା ମର୍ ରୁନ୍‌ବଲି ବାବ୍ । **୧୯** ଏବେ ମୁଇ ନିଜେ
ଲେକ୍‌ଲିନି ମୁଇ ପାଉଲ୍ ତକେ ସୁଜ୍‌ବି । ତୁଇତା ମର୍ ରୁନି ଅଇ
ଆଚୁସ୍, ଏଟା ମୁଇ ତକେ ଏତାଇଦେବାକେ ଲଡା ନାଇ । **୨୦**
ତେବେ ତୁଇ ଜେକି କିରିସ୍ଟର୍ ଲାଗି ମର୍ ବାଇଅଇଆଚୁସ୍ ।
ମର୍‌ପାଇ ଏ ଗଟେକ୍ କାମ୍ କରି ମକେ ସାର୍‌ଦା କରାଆ । **୨୧**
ଏଟା ଲେକ୍‌ଲାବେଲେ, ମୁଇ ଡାଟ୍ ସଙ୍ଗ ଜାନିଆଚି, ମୁଇ ମାଙ୍ଗବା
ବିସଇ ତୁଇ କର୍‌ସୁ ଆକା । ଦେକ୍‌ଲେ, ମାଙ୍ଗ୍‌ଲାଟେଇଅନି ଅଦିକ୍
କର୍‌ସୁ । **୨୨** ଏଟାଚାଡି ମର୍‌ପାଇ ଗଟେକ୍ ବାକ୍‌ରା ସାଜାଡି ର ।
କାଇକେବଇଲେ, ତୁଇ ପାର୍‌ତନା କଲା ଇସାବେ ମୁଇ ତର୍‌ଲଗେ
ଦାପ୍‌ରେ କେଟିପାର୍‌ବି । **୨୩** ଏପାପ୍‌ରା ଜେକି କିରିସ୍ଟର୍ ଲାଗି
ମର୍‌ସଙ୍ଗ ବନ୍ଦିଅଇଆଚେ, ସେ ତାର୍ ଜୁଆର୍ ଜାନାଇଲାନି । **୨୪**
ସେନ୍ତାରିସେ, ମର୍ ସଙ୍ଗର୍ କାମ୍ କରୁମନ୍ ମାର୍‌କ, ଆରିସ୍‌ତାକସ୍,
ଦିମା ଆରି ଲୁକ୍ ମିସା । **୨୫** ଆମର୍ ମାପ୍‌ରୁ ଜିସୁ କିରିସ୍ଟ ଜିବନ୍
ଦୁକାଇ ଦୟା ଦେକାଇଲାଟା ତମର୍ ସବୁର୍ ସଙ୍ଗ ର ।

# ଏବ୍ରି

**୧** ପର୍‌ମେସର୍ ପୁର୍‌ବେ ବିନ୍ ବିନ୍ ବେଲାଇ ଆରି ବିନ୍ ବିନ୍
ବାଟେ ବବିସତ୍‌ବକ୍‌ତା ମନ୍‌କେ ପାଟାଇକରି, ଆମର୍
ଆନିଦାଦିମନର୍ ସଙ୍ଗ୍ କାତା ଅଇଲା । **୨** ମାତର୍ ଏ ସେସ୍
କାଲେ ତାର୍ ପଅକେ ପାଟାଇକରି ତାର୍ କାତା ଜାନାଇ ଆଚେ
। ତାର୍‌ଲାଗି ଏ ଜଗତ୍ ତିଆର୍ କଲାଆଚେ ଆରି ଜଗତର୍
ସବୁ ବିସଇର୍ ଉପ୍‌ରେ ତାକେ ଅଦିକାର୍ ଦେଲାଆଚେ । **(aiōn
g165)** **୩** ପର୍‌ମେସରର୍ ମଇମାର୍ ଉଜଲ୍ ମାପ୍‌ରୁ ଜିସୁର୍‌ଟାନେ
ଡିସ୍‌ସି । ପର୍‌ମେସର୍ ଜେନ୍ତାରି ଆଚେ, ତାର୍ ପଅ ସେନ୍ତାରିସେ
। ଜନ୍ ବପୁର୍ ବାକିଅ ପଅ କାତା ଅଇସି, ସେ ବାକିଅ ସଙ୍ଗ୍
ତିଆର୍‌କଲାଟା ସେ ସାସନ୍ କର୍‌ସି । ଆମର୍ ପାପର୍ ଲାଗି
କେମା କରିସାରାଇଲା ପଚେ, ସେ ସର୍‌ଗେ ବାଅଡ୍‌ଲା । ଆରି
ସବୁର୍‌ତେଇଅନି ବପୁ ରଇବା ପର୍‌ମେସରର୍ ଉଜାବାଟେ ସାସନ୍
କର୍‌ବାକେ ବସ୍‌ଲା । **୪** ପର୍‌ମେସର୍ ତାର୍ ପଅକେ ସରଗର୍
ଦୁତ୍‌ମନର୍ ଟାନେଅନି ମୁକିଅ କଲା ଆରି ସେମନର୍‌ଟାନେଅନି
ତାକେ ବଡ୍ ନାଉଁ ଦେଲା । **୫** କାଇକେବଇଲେ, ପର୍‌ମେସର୍
ତାର୍ କନ୍ ଦୁତ୍‌କେ ମିସା ଏନ୍ତାରି କଏ ନାଇ, ତୁଇ ମର୍ ପଅ,
ଆଜିଅନି ମୁଇ ତର୍ ବାବା ଅଇଲି ଆଚି, ତାର୍ କନ୍ ଦୁତର୍
ବିସଇ ଏନ୍ତାରି କଏନାଇ, ମୁଇ ତର୍ ବାବା ଅଇବି ଆରି ସେ
ମର୍ ପଅ ଅଇସି । **୬** ମାତର୍ ପର୍‌ମେସର୍ ଜେଡେବେଲେ
ତାର୍ ପଣୁଆ ପଅକେ ଏ ଜଗତେ ପାଟାଇଲା, ସେ ଏନ୍ତାରି
କଇରଇଲା, ପର୍‌ମେସରର୍ ଦୁତ୍‌ମନ୍ ତାକେ ସେବା କର୍‌ବାଇ ।
**୭** ମାତର୍ ସରଗର୍ ଦୁତ୍‌ମନର୍ ବିସଇନେଇ ପର୍‌ମେସର୍ ଏନ୍ତାରି
କଇରଇଲା, ପର୍‌ମେସର୍ ତାର୍ ଦୁତ୍‌ମନ୍‌କେ ପବନ୍ ପାରା
କଲାଆଚେ । ଆରି ତାର୍ ଦାଙ୍ଗ୍‌ଡାମନ୍‌କେ ଲାଗ୍‌ବା ଜଇପାରା
କଲାଆଚେ । **୮** ତାର୍ ପଅର୍ ବିସଇ ସେ ଏନ୍ତାରି କଇରଇଲା,
"ଏ ପର୍‌ମେସର୍ ତର୍ ରାଇଜ୍ କାଲ୍‌କାଲ୍ ଜୁଗ୍‌ଜୁଗ୍ ରଇସି, ଆରି
କେବେ ନ ସାରେ । କାଇ ଅନିଆଇ ନ କରି ତର୍ ଲକ୍‌ମନ୍‌କେ
ସାସନ୍ କଲୁସ୍‌ନି । **(aiōn g165)** **୯** ସତ୍ ବିସଇ ମନ୍‌କରି ବିନ୍
ବିସଇ ଗିନ୍ କଲୁସ୍‌ନି । ତେବର୍‌ପାଇ ତର୍ ପର୍‌ମେସର୍ ତକେ
ବାଚ୍‌ଲାଆଚେ । ସେ ତକେ ଆଲାଦ୍ କରି ତର୍ ସଙ୍ଗାରିମନର୍
ତେଇଅନି ଅଦିକ୍ ସନ୍‌ମାନ୍ ଦେଇ ସାର୍‌ଦା କରାଇଆଚେ ।"
**୧୦** ସେ ଏନ୍ତାରି ମିସା କଇଲାଆଚେ, "ଏ ମାପ୍‌ରୁ ଆରାମେ ଅନି
ତୁଇ ଜଗତ୍ ତିଆର୍ କରିଆଚୁସ୍ । ଆରି ତର୍ ନିଜର୍ ଆତେ
ଆକାସ୍ ଆରି ତେଇ ରଇବା ସବୁଜାକ ତିଆର୍ କଲୁସ୍ । **୧୧**
ସେଟା ସବୁ ମାୟା ଅଇଜାଇସି, ମାତର୍ ତୁଇ ସବୁଦିନର୍‌ପାଇ
ରଇସୁ । ସେଟା ସବୁ ପୁର୍‌ନା ଲୁଗା ପାରା ଚିରି ଅଇଜାଇସି
। **୧୨** ଲୁଗା ଦୁନାଇକରି ସଙ୍ଗଇଲା ପାରା ତୁଇ ସେଟାମନ୍‌କେ
ସଙ୍ଗଇସୁ । ଆରି ଲୁଗା ପାଲ୍‌ଟନା କଲାପାରା ବାଦ୍‌ଲାଇସୁ ।
ମାତର୍ ନିଜେ ତୁଇ ନ ବାଦ୍‌ଲି କରି କାଲ୍ କାଲ୍ ଜୁଗ୍ ଜୁଗ୍ ରଇସୁ
।" **୧୩** ପର୍‌ମେସର୍ ତାର୍ କନ୍ ଦୁତ୍‌ମନ୍‌କେ ମିସା କଏନାଇ,
"ମୁଇ ତମର୍ ଦୁତ୍‌ମନ୍‌କେ ତମର୍ ପାଦ୍‌ତଲେ ନ ସଙ୍ଗଇବା ଜାକ
ମର୍ ଉଜାବାଟେ ବସି ରୁଆ ।" **୧୪** ତେବର୍‌ପାଇ ପିଲାମନ୍ ସବୁ
ରକତ୍ ମାଉଁସ୍ ମିସି ରଇବାକେ ସେ ମିସା ନିଜର୍ ସେ ରକାମ୍
ସିତି ମିସିଗାଲା, ଆରି ତାର୍ ମରନ୍ ସଙ୍ଗ୍ ମରନର୍ ଅଦିକାରି
ସୟ୍‌ତାନ୍‌କେ ବିନାସ୍ କଲା ।

**୨** ଆମେ ଜେନ୍ତିକି ସତ୍‌ଟାନେଅନି ବିନେ ନ ବେଗ୍‌ଲୁ,
ସେଟାର୍‌ପାଇ ଆମେ ସୁନିରଇବା ସତ୍ ବାକିଅଟାନେ
ଡାଁଟ୍‌ଅଇ ରଇବା ଦର୍‌କାର୍ । **୨** କାଇକେ ବଇଲେ ପୁର୍‌ବେ
ପର୍‌ମେସର୍ ସରଗ୍ ଦୁତ୍‌ମନର୍ ଅନି ଜାନାଇ ଆଚେ, ସେଟା
ସତ୍ ବଲି ପର୍‌ମାନ୍ ଅଇଆଚେ, ଜନ୍ ଲକ୍‌ମନ୍ ସେଟା ମାନତ୍
ନାଇ, ସେମନ୍ ଡଣ୍ଡ ପାଇଆଚତ୍ । **୩** ତେବେ ଏନ୍ତାରି ରଇବା
ବଡ୍ ମୁକ୍‌ତି ଆମେ ଏଲା କରିଦେଲେ କେନ୍ତି ରକିଆ ପାଇବାର୍
ଅଇସି? ଏ ମୁକ୍‌ତିର୍ ବିସଇ ପର୍‌ତମେ ମାପ୍‌ରୁ ନିଜେ ଜାନାଇ
ଆଚେ ଆରି ତାର୍‌ଟାନେଅନି ସୁନିରଇବା ଲକ୍‌ମନ୍ ତେଇର୍ ସତ୍
ଆମର୍‌ଟାନେ ପର୍‌ମାନ୍ କରି ଜାନାଇ ଆଚତ୍ । **୪** ସେମନ୍
ପର୍‌ମାନ୍ କଲାଟା ସତ୍ ବଲି ପର୍‌ମେସର୍ ମିସା ସାକିଦେଲା ।
କାଇକେବଇଲେ ସେ ସେମନ୍‌କେ, କେତେ ରକାମର୍ ଚିନ୍ ଆରି
କାବାଅଇଜିବା କାମ୍‌ମନ୍, ନ ଗଟ୍‌ବା ଗଟ୍‌ନାମନ୍ କର୍‌ବାକେ
ବପୁଦେଲା । ତାର୍ ମନ୍ କଲା ଇସାବେ ସୁକଲ୍‌ଆତ୍‌ମାର୍ ଦାନ୍
ମିସା ସେମନ୍‌କେ ବାଟାକରି ଦେଇ ରଇଲା । **୫** ପର୍‌ମେସର୍
ନୁଆ ଜଗତ୍ ତିଆର୍ କର୍‌ସି । ଆରି ଆମେ ଜନ୍ ଜଗତର୍
କାତା କଇଲୁନି, ତେଇର୍ ସାସନ୍ କର୍‌ବାକେ, ସେ ସରଗର୍
ଦୁତ୍‌ମନ୍‌କେ ବାଚିକରି ମିସାଏ ନାଇ । **୬** କାଇକେ ବଇଲେ
ଦରମ୍‌ସାସ୍‌ତରେ ଏନ୍ତି ଲେକାଅଇଆଚେ, "ଏ ପର୍‌ମେସର୍,
ମୁନୁସ୍ କେ ଜେ ତମେ ତାର୍‌ପାଇ ଚିନ୍ତା କଲାସ୍‌ନି? ଆରି ମୁନୁସ୍
ଏତେକ୍ ଇନ୍ ଅଇଲେ ମିସା ତାକେ ଜତନ୍ କଲାସ୍‌ନି । **୭** ତମେ
ତାକେ ସରଗର୍ ଦୁତ୍‌ମନର୍ ଟାନେଅନି ଅଲପ୍ ଉନା କରି ଆଚାସ୍
। ସେମନ୍‌କେ ମଇମା ଆରି ଡାକ୍‌ପୁଟା କରିଆଚାସ୍ । **୮** ସବୁ
ବିସଇର୍ ଉପ୍‌ରେ ସାସନ୍ କର୍‌ବାକେ ଅଦିକାର୍ ଦେଇଆଚାସ୍
।" ଇତି ଲେକାଅଇଆଚେ, କାଇ ବିସଇ ନ ଚାଡି ମୁନୁସ୍‌କେ
ସବୁ ବିସଇ ଉପ୍‌ରେ ସାସନ୍ କର୍‌ବାକେ ଦେଇଆଚେ । ଇତିଅନି
ଜାନାପଡି ଗାଲାନିଜେ ସବୁ ବିସଇ ତାର୍ ଅଦିକାରେ ଆଚେ ।
ମୁନୁସ୍ ଏବେ ସବୁ ବିସଇର୍ ଉପ୍‌ରେ ଅଦିକାର୍ କରେ ନାଇତା
। ଏଟା ଏବେ ଆମେ ଜାନ୍‌ଲୁନି । **୯** ଆମେ ଦେକ୍‌ଲୁନି, ଜିସୁ
କେନ୍ତି ଚନେକର୍‌ପାଇ ସରଗର୍ ଦୁତ୍‌ମନର୍ ଟାନେଅନି ତଲେ
ଅଇରଇଲା । ଆରି ଜେନ୍ତିକି ସେ ପର୍‌ମେସରର୍ ଦୟା ପାଇକରି
ସବୁଲକର୍ ପାଇ ଜନ୍ ଦୁକ୍ କସ୍‌ଟ ପାଇକରି ମଲା, ସେ ମରନର୍
ଲାଗି ଏବେ ଆମେ ତାକେ ମଇମା ଆରି ଡାକ୍‌ପୁଟା ଅଇଲାଟା
ଦେକ୍‌ଲୁନି । **୧୦** ପର୍‌ମେସର୍ ସବୁ ବିସଇ ତିଆର୍‌କରି ସଙ୍ଗଇଲା
ଆଚେ । ସେଟାର୍‌ପାଇ ଜିସୁକେ ଦୁକ୍ କସ୍‌ଟ ପାଇବାକେ ସେ

ଦେଲା । ଏନ୍ତାରି ଅଇ ସେ ସିଦ୍ ଅଇଲା ଆରି ଆମର୍ ବିତ୍ରେଅନି
ବେସି ଲକ୍, ତାର୍ ପଅ ଅଇଗାଲୁ । ଜେନ୍ତାରି କି ଆମେ ମିସା
ତାର୍ ମଇମା କଲାଟାନେ ମିସ୍ବୁ, କାଇକେବଇଲେ ଜିସୁ ପାପର୍
ଡଣ୍ଡେଅନି ଆମ୍କେ ମୁକ୍ଲାଇଲା । ୧୧ ସେ ଆମ୍କେ ପାପେ ଅନି
ସୁକଲ୍ କଲାଆଚେ । ଆରି ଆମେ ଜେ କି ସୁକଲ୍ ଅଇଆଚୁ,
ଆରି ଜେ କି ଆମ୍କେ ସୁକଲ୍ କରିଆଚେ, ନର୍ଲକ୍ମନର୍
ଗଟେକ୍ ସେ ବାବା । ଏଟାର୍ଲାଗି ଜିସୁ ସେମନ୍କେ ବାଇବଇନି
ବଲିକରି କଇବାକେ ଲାଜ୍ ଅଏ ନାଇ । ମାତର୍ ତାର୍ କୁଟୁମ୍
ବଲି ଡାକ୍ସି । ୧୨ ଜିସୁ ପର୍ମେସର୍କେ କଇଲା ଆଚେ, "ମୁଇ
ତମର୍ ସବୁଜାକ କାମ୍ ମର୍ ବାଇମନ୍କେ ଜାନାଇବି । ସେମନ୍
ରୁଣ୍ଡ୍ଲାଟାନେ ତମ୍କେ ସୁମର୍ନା କର୍ବି ।" ୧୩ ସେ ଏନ୍ତାରି
ମିସା କଇଲାଆଚେ, "ପର୍ମେସର୍ଟାନେ ମୁଇ ଆସା କର୍ବି ।"
ଆରି ସେ କଇଲା, "ପର୍ମେସର୍ ମକେ ଦେଲା ପିଲାଟକିମନ୍,
ମର୍ସଙ୍ଗ୍ ଆଚତ୍ ।" ୧୪ ଇତି ଜନ୍ ଲକ୍ମନ୍କେ ପିଲାମନ୍
ବଲି ଡାକ୍ଲାଇନି, ସେମନ୍ ବନି ମାଉଁସ୍ ରଇବା ଗାଗଡ୍ ସଙ୍ଗ୍ର୍
ଲକ୍ମନ୍ । ଜିସୁ ମିସା ସେମନର୍ ପାରା ଗଟେକ୍ ଗାଗଡ୍ ନେଲା
ଆରି ତାକର୍ ଗୁନ୍ଚଲନ୍ତେଇ ମିସ୍ଲା । ତାର୍ ମରନର୍ ଲାଗି
ସେ ମରନର୍ ଉପ୍ରେ ବପୁ ରଇବା ସଇତାନ୍କେ ପୁରାପୁରୁନ୍
ବାବେ ଆରାଇଲା । ୧୫ ଜନ୍ ଲକ୍ମନ୍ ମରନ୍କେ ଡରିକରି
ରଇଲାଇ, ସେଟାର୍ ପାଇ ସେମନ୍ ଜନମେ ଅନି ଗତିଦାଙ୍ଗ୍ଡା
ପାରା ଅଇରଇଲାଇ । ସେମନ୍କେ ସେ ମରନର୍ ଡଣ୍ଡେଅନି
ମୁକ୍ଲାଇଲା । ୧୬ ଇତିଅନି ନିକ କରି ଜାନିଅଇଲାନି ଜେ,
ସେ ସରଗର୍ ଦୁତ୍ମନ୍କେ ସାଇଜ କରେନାଇ । ତାର୍ ବାଦୁଲେ
ଆମେ ଜନ୍ଲକ୍ମନ୍ କି ଅବ୍ରାଆମର୍ ବଁସର୍ ନାତିତିତି ବଲି
ଏଜାଇଅଇଲୁନି, ସେ ଆମ୍କେ ସାଇଜ କଲାନି । ୧୭ ତେବର୍
ପାଇ ସେଟା ଦର୍କାର୍ ରଇଲା ଜେ ଆମେ ଜନ୍ଲକ୍ମନ୍କି
ତାର୍ ବାଇବଇନି ଅଇଲୁଆଚୁ, ସେ ସମାନ୍ ଆମର୍ ପାରା
ଅଇରଇବାକେ । ସେନ୍ତାର୍ ଆଲେ ସେ ଆମର୍ ପର୍ମେସର୍
ଟାନେ ରଇବା ସତ୍ସଙ୍ଗ୍ ଆରି ଦୟାସଙ୍ଗ୍ ରଇବା ବଡ୍ ପୁଜାରି
। ସେ ଆମର୍ ବଡ୍ ପୁଜାରି ଅଇଲାକେ ଆମର୍ ପାପର୍ କେମା
ଅଇଲା । ୧୮ ସେ ଦୁକ୍କସ୍ଟ ପାଇଲା ଆରି ପରିକା କରାଇ
ଅଇଲା, ଏବେ ଆମେ ଜେତ୍କି ଲକ୍ ପରିକା କରାଇଅଇଲୁନି,
ଆମ୍କେ ସବୁକେ ସାଇଜ କରିପାର୍ସି ।

**୩** ଏ ମର୍ ବିସ୍ବାସି ବାଇବଇନିମନ୍, ଜନ୍ଲକ୍ମନ୍କେ କି
ପର୍ମେସର୍ ତାର୍ ଲକ୍ ବଲି ବାଚ୍ଲା ଆଚେ, । ଆମେ
ଜିସୁର୍ ବିସଇ ଅଲପ୍ ବାବିଦେକୁ । କାଇକେବଇଲେ ଜେତ୍କି
ସବୁ ବିସଇ ଆମର୍ ବିସ୍ବାସର୍ ଲାଗି ଆଚେ, ତାକେ ସେ
ପର୍ମେସର୍ ବଡ୍ ପୁଜାରି ଇସାବେ ପାଟାଇଲା । ୨ ମସା
ଜେନ୍ତାରି ପର୍ମେସରର୍ କୁଟୁମେ ସତ୍ ବାବେ କାମ୍ କଲା, ସମାନ୍
ସେନ୍ତାରିସେ, ସେ ମିସା ସତ୍ ବାବେ ପର୍ମେସରର୍ ଆଦେସ୍
ମାନ୍ବାକେ ସତ୍ ସଙ୍ଗ୍ କଲା ଆରି ପର୍ମେସର୍ସେ ତାକେ ବାଚି
ପାଟାଇରଇଲା । ୩ ଗର୍ତେଇଅନି ଗର୍ ତିଆର୍କଲା ମେସ୍ତୁରି
ଅଦିକ୍ ସନ୍ମାନ୍ ପାଇସି । ସେନ୍ତାରିସେ ଜିସୁ ମସାର୍ଟାନେଅନି
ଅଦିକ୍ ବଡ୍ ବଲି ସନ୍ମାନ୍ ମିଲ୍ସି । ୪ କାଇକେବଇଲେ ସବୁ
ଗର୍ ମେସ୍ତୁରିସେ ତିଆର୍ କର୍ସି । ମାତର୍ ପର୍ମେସର୍ ସବୁ
ବିସଇ ତିଆର୍ କଲାଆଚେ । ୫ ମସା ଗତିଦାଙ୍ଗ୍ଡା ଇସାବେ
ପର୍ମେସରର୍ ଗରେ କାମ୍ କର୍ତେରଇଲା, ଆରି ପର୍ମେସର୍
ଜନ୍ଟା ଆଇବା ଦିନ୍ମନ୍କେ ଜାନାଇସି, ସେଟାଆକା ସେ
କଇରଇଲା । ୬ ମାତର୍ କିରିସ୍ଟ ଅବ୍କା ଗତିଦାଙ୍ଗ୍ଡାସେ ନ
ରଇ ଗଟେକ୍ ପଅ ରଇଲା । ତାର୍ ବାବାର୍ ଗରେ ରଇବା ସବୁ
ଦାଇତ୍ ସେ ସତ୍ ବାବେ କଲା । ଆମେ ଜଦି ମୁର୍ଚିରଇକରି
ଆସା କଲାଟା ମିଲାଇବୁ ବଲି ଜାଗିରଇଲେ, ତାର୍ କୁଟୁମେ
ମିସ୍ବୁ । ୭ ସୁକଲ୍ ଆତ୍ମା ଜେନ୍ତାର୍ କଇଲାନି, "ଆଜି ଜଦି
ତମେ ପର୍ମେସରର୍ କାତା ସୁନ୍ସା, ୮ ଜେନ୍ତାର୍, ମରୁବାଲି ବୁଏଁ
ତମର୍ ଆନିଦାଦିମନ୍ ମାପ୍ରୁକେ ପରିକା କଲାଇ ଆରି ତାର୍
ବିରଦେ ଟିଆ ଅଇଲାଇ, ସେ ରକାମ୍ ତମେ ନିଜର୍ ମନ୍ ଆଁଟ୍
କରାନାଇ ।" ୯ କାଇକେବଇଲେ ସେ ଜେତ୍କି କରିରଇବା
କାବାଅଇଜିବା କାମ୍ମନ୍ ଚାଲିସ୍ ବରସ୍ଜାକ ଦେକ୍ଲେ ମିସା,
ସେମନ୍ ତାର୍ ବପୁକେ ପରିକା କରିଲାଗିରଇଲା । ୧୦
ସେଟାର୍ପାଇ ପର୍ମେସର୍ ସେ ଲକ୍ମନ୍କେ ରିସାଅଇଲା, ଆରି
କଇଲା, ସେମନ୍ ବେଗ୍ଲିକରି ବିନ୍ ବିସଇମନ୍ କରିଲାଗିଆଚତ୍
। ମୁଇ ତିଆର୍ଲାଟା କର୍ବାକେ ନିତ୍ଲାଇନି । ୧୧ ସେଟାର୍ ପାଇ
ମୁଇ ରିସାଅଇ ସପତ୍କରି କଇଲି, ମୁଇ ଜନ୍ଦେସେ ପୁଣ୍ଡ୍ବାକେ
ଦେଇତି, ସେ ଦେସେ କେବେ ମିସା ତମ୍କେ ପୁର୍ବାକେ ନ
ଦେଇ । ୧୨ ତେବର୍ ପାଇ ଏ ମର୍ ବିସ୍ବାସି ବାଇବଇନିମନ୍,
ଜାଗର୍ତାଅଇ ରୁଆ, ଜେନ୍ତାରିକି ତମର୍ ବିତ୍ରେଅନି କେ ମିସା
କାରାପ୍ ମନ୍ ରଇକରି ପର୍ମେସର୍କେ ବିସ୍ବାସ୍ ନ କରା,
ଆରି କେ ମିସା ଜିବନ୍ ରଇବା ପର୍ମେସର୍ ଟାନେଅନି ବେଗ୍ଲି
ନ ଜା । ୧୩ ତମର୍ ବିତ୍ରେ କେ ମିସା ପାପର୍ଲାଗି ନାଡାଇ
ଅଇବାର୍ ନାଇ । ସେଟାର୍ଲାଗି ତମର୍ ମନ୍ ଆଁଟ୍ ଅଇଜାଇସି
। ଆମର୍ ଜିଇବାକାଇବା ଦିନ୍ ସାର୍ବାଜାକ ଆମେ ଗଟେକ୍
ଲକ୍ ଆରି ଗଟେକ୍ ଲକ୍କେ ଏ ବିସଇ ଜାଗ୍ରତ୍ କରାଇବାର୍
ଆଚେ । ୧୪ କାଇକେବଇଲେ ଆମେ ଜଦି ସାରାସାରି ଦିନ୍ ଜାକ
ଆମର୍ ବିସ୍ବାସ୍ ଡାଁଟ୍ ସଙ୍ଗ୍ ଦାରିରଇବୁ, ସେନ୍ତାର୍ଆଲେ ଆମେ
ସବୁଲକ୍ କିରିସ୍ଟର୍ ସଙ୍ଗ୍ ବାଗ୍ ନେଇ ମିସିକରି ରଇବୁ । ୧୫
ଦରମ୍ସାସ୍ତରେ ଏନ୍ତାରି ଲେକା ଅଇଲାଆଚେ "ଜଦି ତମେ ଆଜି
ପର୍ମେସରର୍ ବାକିଅ ସୁନ୍ସା, ତମର୍ ଆନିଦାଦିମନ୍ ଜେନ୍ତି
ତାକର୍ ମନ୍ ଆଁଟ୍କରି ତାକେ ବିରଦ୍ କଲାଇ, ସେନ୍ତାରି ତମର୍
ମନ୍ ଆଁଟ୍ କରାନାଇ ।" ୧୬ ପର୍ମେସରର୍ ବାକିଅ ସୁନିକରି ମିସା
ଜେତ୍କି ଲକ୍ ତାକେ ବିରଦ୍ କଲାଇ, ସେ ଲକ୍ମନ୍ କେ? ଜନ୍
ଲକ୍ମନ୍କେ ମସା ମିସର୍ଦେସେଅନି ବାର୍କରାଇ ଆନିରଇଲା
ସେମନ୍ ନ ଅଅତ୍ କି? ୧୭ ଚାଲିସ୍ ବରସ୍ ଜାକ ପର୍ମେସର୍ କନ୍

ଲକ୍‌ମନ୍‌କେ ରିସା ଅଇରଇଲା, ସେମନ୍ କେ? ଜନ୍ ଲକ୍‌ମନ୍ କି
ପାପ୍ କରିରଇଲାଇ ଆରି ମରୁବାଲି ବୁଏଁ ମରିଜାଇରଇଲାଇ,
ସେମନ୍ ନଅତ୍ କି? ୧୮ ପର୍‌ମେସର୍ ଜେବେ ସପତ୍‌କରି
କଇରଇଲା ଜେ, ସେମନ୍ ତାର୍ ପୁଣ୍ଣ୍ବାଦେସେ କେବେମିସା ପୁରି
ନାପାରତ୍, ସେବେଲେ ସେ କନ୍ ଲକ୍‌ମନ୍‌କେ କଇରଇଲା?
ଜନ୍‌ଲକ୍‌ମନ୍ ତାର୍ କାତା ନିତ୍‌ତେ ରଇଲାଇ ସେମନ୍‌କେସେ ।
୧୯ ଆମେ ଏନ୍ତାରି ଜାନୁ ଜେ, ସେମନ୍ ବିସ୍‌ବାସ୍ କରତ୍ ନାଇଜେ
ପର୍‌ମେସର୍ ତିଆର୍ କରିରଇବା ପୁଣ୍ଣ୍ବା ଜାଗାଇ ସେମନ୍ ପୁରି
ନାପାର୍‌ଲାଇ ।

**୪** ପର୍‌ମେସର୍ ଆମ୍‌କେ କାତା ଦେଇରଇଲାଜେ, ସେ
ଆମର୍‌ପାଇ ଗଟେକ୍ ପୁଣ୍ଣ୍ବା ଜାଗା ତିଆର୍ କଲାଆଚେ
। ତେବର୍ ପାଇ ଆମେ ଜାଗରତ୍ ରଇବାକେ ପଡ୍‌ସି ।
ଜେନ୍ତିକି ଆମର୍ ବିତ୍‌ରେ ସେନ୍ତାରି କେ ନ ରଅତ୍, ଜେ କି
ସେ ଜାଗାଇ ପୁରିନାପାରତ୍ । ୨ କାଇକେବଇଲେ ଆମର୍
ଆନିଦାଦିମନର୍‌ପାରା ଆମେ ମିସା ସୁବ୍‌କବର୍ ସୁନିଆଚୁ । ମାତର୍
ସେମନ୍ ସେଟା ସୁନିକରି ମିସା ମାନତ୍ ନାଇ, କାଇକେବଇଲେ
ସେଟା ସେମନ୍ ବିସ୍‌ବାସ୍ କରତ୍ ନାଇ । ୩ ଆମେ ଜେତ୍‌କି
ଲକ୍ ବିସ୍‌ବାସ୍ କର୍‌ବୁ, ଆମେସେ ସେ ପୁଣ୍ଣ୍ବା ଜାଗାଇ
ପୁର୍‌ବୁ । କାଇକେବଇଲେ ତାକର୍ ବିସଇନେଇ ପର୍‌ମେସର୍
କଇଲାଆଚେ, “ମର୍ ରିସାଇ ମୁଇ ସପତ୍ କରିଆଚି । ମୁଇ
ତିଆର୍ କରିରଇବା ପୁଣ୍ଣ୍ବା ଜାଗାଇ ସେମନ୍‌କେ ନ ପୁରାଇ
।” ଜଗତ୍ ତିଆର୍ ଅଇଲା ବେଲେଅନି ସେ ପୁଣ୍ଣ୍ବା ଗର୍
ତିଆର୍ ଅଇରଇଲା । ଏଲେ ମିସା ପର୍‌ମେସର୍ ସେନ୍ତାରି
କଇରଇଲା । ୪ କାଇକେବଇଲେ ଆଟର୍ ସାରାସାରି ଦିନର୍
ବିସଇ ସାସ୍‌ତରେ ଏନ୍ତାରି ଲେକାଅଇଲାଆଚେ, “ପର୍‌ମେସର୍
ସବୁଜାକ କାମ୍‌ସାରାଇ କରି ଆଟର୍ ସାରାସାରି ଦିନେ, ଅଲପ୍
ପୁଣ୍ଣ୍ଲା ।” ୫ ଆରି ଏ ବିସଇ ବିନ୍‌ଟାନେ ଲେକାଅଇଆଚେ ।
“ସେମନ୍ ମର୍ ପୁଣ୍ଣ୍ବା ଜାଗାଇ କେବେ ମିସା ପୁରିନାପାରତ୍
।” ୬ ପର୍‌ତମେ ଜେତ୍‌କିଲକ୍ ସୁବ୍‌କବର୍ ସୁନିରଇଲାଇ, ନିଜେ
ବିସ୍‌ବାସ୍ କରତ୍ ନାଇ ଆରି ସେମନ୍ ସେ ପୁଣ୍ଣ୍ବା ଜାଗା ପାଅତ୍
ନାଇ । ତାର୍‌ପଚେ ପର୍‌ମେସର୍ ବିନ୍ ଲକ୍‌ମନ୍ ପୁର୍‌ବାକେ
ଆଦେସ୍ ଦେଲା । ୭ ଲକ୍‌ମନ୍ ତେଇ ପୁର୍‌ବାକେ ପର୍‌ମେସର୍
ଆରି ଗଟେକ୍ ବେଲା ବାଚ୍‌ଲା । ସେ ବେଲା ଅଇଲାନି ଆଜି ।
ବେସି ବରସ୍ ପଚେ ପର୍‌ମେସର୍ ମୁଇ କଇଲା ବିସଇ ଦାଉଦର୍
ସାସ୍‌ତରେ ଲେକାଅଇରଇଲା, “ଆଜି ଜଦି ପର୍‌ମେସରର୍
ସବଦ୍ ସୁନ୍‌ଲେ ତମର୍ ମନ୍ ଆଁଟ୍ କରା ନାଇ ।” ୮ ଆମେ
ଏ ବିସଇ ମିସା ଜାନିଆଚୁ ଜେ, ପର୍‌ମେସର୍ ଜନ୍ ବିସ୍‌ରାମ୍
ଜାଗାର୍ ପାଇ ସପତ୍ କରିରଇଲା, ସେ ଜାଗା ଜିଅସୁଆ ଆମର୍
ଆନିଦାଦିମନ୍‌କେ ଡାକି ନେଇ ରଇବା ଜାଗା ନଏଁ । ଜଦି ସେ
ଜାଗା ସେଟା ଅଇରଇତା, ତେବେ ପର୍‌ମେସର୍ ଆରି ଗଟେକ୍
ପୁଣ୍ଣ୍ବା ଦିନର୍ କାତା ନ କଇତା । ୯ ସେଟାର୍‌ପାଇ ଏଟା ସତ୍
ଆକା । ଆଟର୍ ସାରାସାରି ଦିନେ ପର୍‌ମେସର୍ ପୁଣ୍ଣ୍ଲାପାରା
ତାକର୍ ଲକ୍‌ମନର୍ ପାଇ ଗଟେକ୍ ପୁଣ୍ଣ୍ବା ବେଲା ସଙ୍ଗ୍‌ଅଆଚେ ।
୧୦ କାଇକେବଇଲେ ପର୍‌ମେସର୍ ସପତ୍ କରିରଇବା ବିସ୍‌ରାମେ
ଜେତ୍‌କିଲକ୍ ପୁର୍‌ବାଇ, ସେ ବିସ୍‌ରାମ୍ କଲାପାରା, ତାକର୍
କାମେଅନି ବିସ୍‌ରାମ୍ କର୍‌ବାଇ । ୧୧ ସେଟାର୍‌ପାଇ ଆମେ
ସବୁଲକ୍ ମନ୍ ଦିଆନ୍ ଦେଇକରି, ସେ ବିସ୍‌ରାମ୍ ଜାଗାଇ
ପୁର୍‌ବାକେ ଚେସ୍‌ଟା କରୁ । ଆମର୍ ଆନିଦାଦିମନର୍‌ପାରା ନ
ଅଇବାକେ ଆମେ ଜାଗ୍‌ରତ୍ ରଉଁ । ପର୍‌ମେସର୍ କଇଲାଟା
ବିସ୍‌ବାସ୍ ନ କଲାର୍‌ପାଇ, ସେମନ୍ ସେଜାଗାଇ ପୁରି ନାପାର୍‌ଲାଇ
। ୧୨ ପର୍‌ମେସରର୍ ବାକିଅ ଜିବନ୍‌ରଇବାଟା ଆରି ବେସି
ବପୁରଇ ଦୁଇବାଟେ ଦାର୍‌ରଇବା ଗଟେକ୍ ଲାଗନ୍ କାଣ୍ଡା ପାରା
। ସେଟା ଆଡର୍ ଗଁଟି ଆରି ଆଡ୍ ବିତ୍‌ରେ ରଇବାଟା କାଟ୍‌ସି
। ଗଟେକ୍ ଲକର୍ ମନ୍ ବିତ୍‌ରେ ରଇବା ସବୁ ବିସଇ ବିଚାର୍
କରିପାର୍‌ସି । ମନ୍ ବିତ୍‌ରେ ଲୁଚିରଇବା ସବୁ ବିସଇ ମିସା ।
୧୩ ପର୍‌ମେସର୍‌ଟାନେ କାଇ ବିସଇ ମିସା ଲୁଚିକରି ନ ରଏ ।
ତାର୍ ଆଁକିଟାନେ ସବୁ ବିସଇ ଉଗାଡି ଅଇରଇଲାପାରା ଆଚେ ।
କାଇକେବଇଲେ ସେ ସବୁ ବିସଇ, ଗଟେକ୍ ନ ଚାଡିକରି, ସବୁ
ଜାନେ । ଆରି ତାର୍ ଲଗେ ଆମେ ଆମର୍ ନିଜର୍ ବିସଇର୍ ଇସାବ୍
ଦେବାର୍ ଆଚେ । ୧୪ ଜିସୁ ପର୍‌ମେସରର୍ ପଅ ଅଇଲାକେ, ସେ
ଆମର୍ ମନେ ଜନ୍ ବଡ୍ ପୁଜାରି ବଲି ବିସ୍‌ବାସ୍ କରି ଦାରିକରି
ଆଚୁ, ସେଟା ଡାଟ୍ କର୍‌ବୁ । ୧୫ ସେ ଆମର୍ ବାଦୁଲେ ବଡ୍
ପୁଜାରିଅଇ ପର୍‌ମେସରର୍ ମୁଆଟେ ଗାଲାଆଚେ । ଆରି ଜେତ୍‌କି
ରକାମ୍ ପରିକା, ଜେତେକ୍ କସ୍‌ଟ ଆମେ ପାଇଲୁନି, ସେଟା
ଆମର୍ ବଡ୍ ପୁଜାରି ସବୁବେଲେ ଆମର୍ ସଙ୍ଗ୍ ମିସିକରି କଲାନି ।
କାଇକେବଇଲେ ଜେତ୍‌କି ସବୁ ଆମେ କଲୁନି, ସେଟା ସବୁଜାକ
ସେ ମିସା କଲା । ମାତର୍ ସେ କେଡେବେଲେ ମିସା ପାପ୍ କରେ
ନାଇ । ୧୬ ତେବର୍‌ପାଇ ତମେ ସାଆସ୍ ସଙ୍ଗ୍ ପର୍‌ମେସରର୍
ଟାନେ ଜାଇଅଇସି, ଜଦି ଆମେ ମାଙ୍ଗ୍‌ଲେ ସେ ଜିବନ୍ ଦୁକାଇ
ଆମ୍‌କେ ଦୟା କର୍‌ସି ଆରି ସାଇଜ ଦର୍‌କାର୍ ରଇବାବେଲେ,
ଆମ୍‌କେ ସାଇଜ କର୍‌ସି ।

**୫** ଜିଉଦିମନର୍ ଜେତ୍‌କି ବଡ୍ ପୁଜାରିମନ୍ ତାକର୍ ନିଜର୍
ଲକ୍‌ମନର୍‌ତେଇଅନି ବାଚାଇଅଇବାଇ । ତାକର୍‌ବାଟେଅନି
ପାପ୍ କେମା କର୍‌ବା ବଲି ଆରି ସର୍‌ପିଦେବା ବଲି, ଦେଇକରି
ପର୍‌ମେସର୍‌କେ ସେବା କର୍‌ବାଇ । ୨ ଜେଡେବେଲେ
ତାର୍ ସଙ୍ଗ୍‌ରିମନ୍ ନାଜାନିକରି ରଇବାଇ, ଆରି ବୁଲ୍ କାମ୍
କରିରଇବାଇ, ସେ ସେମନର୍ ସଙ୍ଗ୍ ଦୟାଦରମ୍ ଦେକାଇକରି
ରଇପାର୍‌ସି । କାଇକେବଇଲେ ତାର୍ ଜିବନେ ମିସା ବେସି ବୁଲ୍
ରଇସି । ୩ ଆରି ତାକେ ମିସା ବେସି ବୁଲ୍ ରଇଲାକେ ସେ
ଅବ୍‌କା ବିନ୍ ଲକର୍ ପାପର୍ ପାଇ ବଲି ଦେଲେ ନଏଁ, ମାତର୍
ନିଜର୍ ପାପର୍‌ଲାଗି ମିସା ବଲି ସର୍‌ପିଦେବାକେ ପଡ୍‌ସି । ୪
କେ ମିସା ନିଜେ ବାଚିଅଇକରି ବଡ୍‌ପୁଜାରିର୍ ବେସି ସନ୍‌ମାନ୍

ପାଇବା ପଦ୍ ପାଇ ନାପାରେ । ମାତର୍ ଗଟେକ୍ ଲକ୍ ପର୍ମେସର୍
ଡାକ୍ଲା ଇସାବେସେ ବଡ୍ ପୁଜାରିର୍ ପଦ୍ ପାଇଅଇସି । ଜେନ୍ତାରି
କି କେତେ କେତେ ବରସ୍ ପୁର୍ବେ ଆରଣ୍‌କେ ବାଚିରଇଲା ।
୫ ସେନ୍ତାରିସେ କିରିସ୍‌ଟ ବଡ୍ ପୁଜାରିର୍ ସନ୍‌ମାନ୍ ପାଇବାକେ
ନିଜ୍‌କେ ବଡ୍ କରେ ନାଇ । ମାତର୍ ପର୍ମେସର୍‌ସେ ତାକେ
ବାଚ୍‌ଲା । ତାର୍ ବାଦୁଲେ ସେ ତାକେ କଇଲା, “ତୁଇ ମର୍ ପଅ,
ଆଜି ମୁଇ ତର୍ ବାବା ଅଇଲିଆଚି ।” ୬ ଆରି ଗଟେକ୍ ଜାଗାଇ
ମିସା ସେ କଇଲା, “ତୁଇ ପୁଜାରି ପଦ୍ ପାଇକରି ମଲ୍‌କିସେଦକର୍
କୁଟୁମ୍ ପାରା କାଲ୍ କାଲ୍ ଜୁଗ୍ ଜୁଗ୍ ପୁଜାରି ଅଇ ରଇସୁ ।”
(aiōn g165) ୭ ଜିସୁ ଏ ଜଗତେ ରଇଲାବେଲେ, ସେ ଆକ୍‌ମାରି
କାନ୍ଦିକରି ଆରି ଆଁସୁ ଜରାଇକରି କାନ୍ଦି ପର୍ମେସର୍‌କେ ପାର୍‌ତନା
କରିଲାଗିରଇଲା । ମରନେଅନି ତାକେ ରକିଆ କର୍‌ବାକେ
ପର୍ମେସର୍‌କେ ବପୁଆଚେ ବଲି ସେ ଜାନିକରି ଏନ୍ତାରି କଲା
। ସେ ନିଜେ ଦୟାଦରମ୍ ଦେକାଇଲାକେ ଆରି ପର୍ମେସରର୍
କାତା ମାନ୍‌ଲାକେ, ପର୍ମେସର୍ ତାର୍ ପାର୍‌ତନା ସୁନ୍‌ଲା । ୮
ଜିସୁ ପର୍ମେସରର୍ ପଅ ଅଇରଇଲେ ମିସା, ସେ ଦୁକ୍ କସ୍‌ଟ
ପାଇରଇଲାର୍ ଲାଗି, ତାର୍ କାତା ମାନ୍‌ବାକେ ସିକ୍‌ଲା । ୯
ସେ ପର୍ମେସରର୍ କାତା ମାନ୍‌ଲାକେ ପୁରାପୁରୁନ୍ ସିଦ୍ ଅଇଲା
। ତାକେ ବିସ୍‌ବାସ୍ କର୍‌ବା ଲକ୍‌ମନ୍‌କେ କେବେ ନ ସାର୍‌ବା
ମୁକ୍‌ତି ଦେବା ଲକ୍ ଅଇଲା । (aiōnios g166) ୧୦ ସେଟାର୍
ପାଇ ତାକେ ପର୍ମେସର୍ ମଲ୍‌କିସେଦକ୍ ପୁଜାରିର୍ ପାରା ବଡ୍
ପୁଜାରି କରି ବାଚ୍‌ଲା । ୧୧ ଏ ବିସଇ ଆରି ଅଦିକ୍ ତମ୍‌କେ
ଜାନାଇବି ବଲି ମୁଇ ମନ୍ କଲିନି । ମାତର୍ ତମେ ଦାପ୍‌ରେ
ବୁଜି ନାପାରାସ୍‌କେ ବୁଜାଇବାକେ କସ୍‌ଟ ଆଚେ । ୧୨ ତମେ
ବିସ୍‌ବାସ୍ କରି ବେସିଦିନ୍ ଅଇଗାଲା ଆଚେ । ଆରି ଏବେ
ତମେ ତମର୍ ସଙ୍ଗ୍‌ଗରିମନ୍‌କେ ସିକାଇବାର୍ ରଇଲା । ମାତର୍
ପର୍ମେସରର୍ ପର୍‌ତୁମ୍ ସିକିଆ ତମ୍‌କେ ଏବେ ସିକାଇବାକେ
ଲକର୍ ଲଡାଆଚେ । ତମେ ଗଟେକ୍ ଦୁଦ୍ କାଇବା ପିଲାର୍‌ପାରା
ଆଚାସ୍ । କାଇକେବଇଲେ ଆଁଟ୍‌ଟା ମନ୍ କାଡ୍‌ରି ନାପାରାସ୍
। ୧୩ ଜେ ଦୁଦ୍ କାଇବାର୍ ଆଚେ, ସେ ଏବେ ମିସା ପିଲାସେ
। ସେନ୍ତାରି ଲକ୍‌ମନ୍ ଟିକ୍ ଆରି ବୁଲ୍ ଚଲାଚଲ୍‌ତି କର୍‌ବାଟା
ଚିନି ନାପାର୍‌ଲାଇନି । ୧୪ ଚାବି ଚାବି କାଇବା କାଦି ବଡ୍
ଲକ୍‌ମନର୍‌ପାଇ । ସେମନ୍ ନିକ ଆରି କାରାପ୍ ଚିନ୍‌ବାକେ,
ନିଜ୍‌କେ ଅବିଆସ୍ କରାଇ ଆଚତ୍ ।

୬ ତେବର୍‌ପାଇ କିରିସ୍‌ଟର୍ ମୁଲେଅନି ସିକିରଇବା ବିସଇ
ତର୍‌କେ ତର୍ ନ ସିକିକରି ତାର୍ ଟିକିନିକି ବିସଇ ସିକୁ
। ଜେନ୍ତିକି ଆମର୍ ବିସ୍‌ବାସ୍ ମିସା ଡାଁଟ୍ ଅଇସି । ଚୁଟାଇ
କାମ୍‌ମନ୍ ଚାଡିକରି ପର୍ମେସର୍‌ଟାନେ ବାଉଡ୍‌ବା ଜନ୍‌ଟା କି
ଆମର୍ ବିସ୍‌ବାସର୍ ମୁଲ୍ ପାକ୍‌ନା ରଇଲା, ତେଇ ଆରିତରେକ୍
ସେଟାସେ କର୍‌ବାର୍ ନାଇ । ୨ ଡୁବନ୍ ବିସଇର୍ ସିକିଆ
ଦେବାଟା, ଆତ୍ ସଙ୍ଗ୍‌ଇକରି ପାର୍‌ତନା କର୍‌ବାଟା, ମଲା ଲକ୍‌ମନ୍
ଆରିତରେକ୍ ବଁଚ୍‌ବାଟା ଆରି ଲକ୍‌ମନ୍‌କେ ସବୁଦିନର୍‌ପାଇ
ରଇବା ପର୍ମେସରର୍ ନ ସାର୍‌ବା ବିଚାର୍‌ନା । (aiōnios g166) ୩
ଏବେ ଆମେ ଆଗ୍‌କେ ଜିବାକେ ପଡ୍‌ସି । ମାପ୍‌ରୁକେ ଆସାକରି
ଆଗର୍ ବିସଇ ସିକୁ । ୪ କାଇକେବଇଲେ ଜେତ୍‌କି ଲକ୍
ତାକର୍ ବିସ୍‌ବାସ୍ ଚାଡିଆଚତ୍, ସେମନର୍ ମନ୍ ପର୍ମେସରର୍
ଉଜଲ୍‌ସଙ୍ଗ୍ ଉଗାଡି ଅଇ ଆଚେ । ସେ ଦେଇ ରଇବା ସୁଆଦ୍
ସେମନ୍ ଚାକିଆଚତ୍ । ଆରି ସୁକଲ୍‌ଆତ୍‌ମା ପାଇଆଚତ୍ । ୫
ପର୍ମେସରର୍ ବାକିଅ କେଡେକ୍ ନିକ ବଲି ସେମନ୍ ଜାନିଆଚତ୍
। ଆଇବା ଜୁଗେ ତାର୍ ଜନ୍ ବପୁ ସବୁକେ ଦେକାଇ ଅଇସି,
ସେଟା ସେମନ୍ ଜାନିଆଚତ୍ । (aiōn g165) ୬ ଏଟା ସବୁ
ଅଇଲା ପଚେ ସେମନ୍ ତାକର୍ ବିସ୍‌ବାସ୍ ଆରାଇ ଆଚତ୍ ।
ସେଟାର୍‌ପାଇ ସେମନ୍‌କେ ଆରିତରେକ୍ ମନ୍ ବାଉଡାଇବାକେ
ସଅଜ୍ ନାଇ । କାଇକେବଇଲେ ସେମନ୍ ପର୍ମେସରର୍ ପଅକେ
ଆରିତରେକ୍ କୁର୍‌ସେ ମରାଇକରି ଗୁଲାଇ ଲକର୍ ମୁଆଟେ
ଇଜତ୍ ଜିକ୍‌ଲାଇନି । ୭ ବର୍‌ସା ପାନି ଜମିଟାନେ ମାର୍‌ଲେ
ସେ ପାନି ଜମି ଜିକିନେଇସି । ସେନ୍ତାରି ଜମିକେ ପର୍ମେସର୍
ଆସିର୍‌ବାଦ୍ କର୍‌ସି । ସେନ୍ତାରି ଜମିଟାନେ ଲକ୍‌ମନ୍‌କେ ଦର୍‌କାର୍
ଅଇବା ଚାସ୍ କରିଅଇସି । ୮ ମାତର୍ ସେ ଜମିଟାନେ ଜଦି କାଟା
ଗଚ୍ ଅଇସି, ଆରି ଲାଟାବୁଟା ଗାଜା ଅଇସି, ତେବେ ସେଟା କାଇ
ଲଡାକେ ନ ଲାଗେ । ଆରି ସେଟାକେ ପର୍ମେସର୍ ଡଣ୍ଡ ଦେଇସି
ଆରି ସେଟାମନ୍‌କେ ଜଇଟାନେ ପଡାଇଦେଇସି । ୯ ଏ ଆଲାଦର୍
ମଇତର୍‌ମନ୍, ମୁଇ ଏନ୍ତାରି କଇତେରଇଲେ ମିସା ତମେ ସେନ୍ତାରି
ନୁଆସ୍ ବଲି ମୁଇ ଜାନି । ତମେ ଆଗ୍‌ତୁଅନି ବିସ୍‌ବାସ୍ କଲାସ୍‌ନି
ଆରି ତମର୍ ଚଲାଚଲ୍‌ତି ନିକ ଆଚେ । ଏ ସବୁ ତମେ ମୁକ୍‌ତି
ପାଇରଇବା ଗଟେକ୍ ଚିନ୍ । ୧୦ କାଇକେବଇଲେ, ପର୍ମେସର୍
ଅନିଆଇ ନ କରେ । ତମେ କରିରଇବା ନିକ କାମ୍ ସେ ନ
ପାସ୍‌ରେ । ତାର୍‌ପାଇ ରଇବା ତମର୍ ଆଲାଦ୍ ମିସା । ସେ
ଆଲାଦ୍ ତମର୍ ବିସ୍‌ବାସି ବାଇବଇନିକେ ସାଇଜ କଲାର୍ ପାଇ
ତମେ ଦେକାଇ ଆଚାସ୍ । ୧୧ ମୁଇ ଜନ୍‌ଟା ମନ୍ କଲିନି, ସେଟା
ଅଇଲାନି ସାରାସାରି ଜାକ ପର୍ମେସର୍ ଜନ୍ କାତା ଦେଇଆଚେ,
ସେଟା ପୁରାପୁରୁନ୍ ଅଇବାଜାକ ତମର୍ ଆସା ନ ଚାଡା । ୧୨
ସେନ୍ତାରି କଲେ ଅଲସ୍ ନଅଇ ବିସ୍‌ବାସ୍ ଆରି ମୁର୍‌ଚି ରଇବା
ଲକ୍ ଅଇସା । ସେନ୍ତାରି ଲକ୍ ପର୍ମେସର୍ ଜନ୍‌ଟା ଦେବାକେ
କାତା ଦେଇଆଚେ, ସେମନ୍ ସେଟା ପାଇବାଇ । ୧୩ ପର୍ମେସର୍
ଅବ୍ରାଆମ୍‌କ କାତା ଦେଇରଇଲା ବେଲେ, ସେ ପୁରାପୁରୁନ୍
କର୍‌ବି ବଲି ସପତ୍ କରିରଇଲା । ତାର୍‌ଟାନେ ଅନି ଆରି କେ
ମିସା ବଡ୍ ନ ରଇଲାକେ ନିଜର୍ ନାଉଁ ଦାରି ସପତ୍ କଲା ।
୧୪ ସେ ଅବ୍ରାଆମ୍‌କ କଇଲା, “ମୁଇ ତମ୍‌କେ ବାଇଦରେ
ଆସିର୍‌ବାଦ୍ କର୍‌ବି । ଆରି ତର୍ କୁଟୁମ୍ ଜବର୍ କର୍‌ବି ।” ୧୫
ଅବ୍ରାଆମ୍ ତାର୍ କାତା ଦାରି ଜାଗିରଇଲାକେ, ପର୍ମେସର୍
ସପତ୍ କଲାଟା ସେ ମିଲାଇଲା । ୧୬ ଜେଡେବେଲେ ଲକ୍‌ମନ୍

ପର୍‌ମାନ୍ ସଇତ୍ କର୍‌ବାଇ, ସେମନ୍ ବଡ୍‌ଲକ୍‌ମନର୍ ନାଉଁ
ଦାରି ପର୍‌ମାନ୍ ସଇତ୍ କର୍‌ବାଇ । ସେନ୍ତାରି କଲେ ସେ ସପତ୍
ଲାଗିରଇବା ସବୁ ଦଦାପେଲାକେ ଚିଡାଇସି । **୧୭** ଜନ୍‌ଲକ୍‌ମନ୍
ସେ କାତା ଦେଇରଇବାଟା ମିଲାଇବାଇ, ସେମନ୍ ଏ ସବୁ ବିସଇ
ଜାନତ୍ ବଲି ସେ ମନ୍ କରିରଇଲା । ତାର୍ ମନ୍ କେବେ ନ
ବାଦ୍‌ଲେ ବଲି ସବୁ ଲକ୍ ଜାନିରଅତ୍ । ସେଟାର୍‌ପାଇ ସେ
ତାର୍ କାତାଦେଇ ରଇବାଟାନେ ତାର୍ ସପତ୍ ମିସା ମିସାଇଲା ।
ପର୍‌ମେସର୍ ଦେଇରଇବା କାତା ଆରି ତାର୍ ସପତ୍ ସତ୍‌ସେ ।
**୧୮** ଏ ଦୁଇଟା ବିସଇ କେବେ ନ ବାଦ୍‌ଲେ । କାଇକେବଇଲେ
ପର୍‌ମେସର୍ ମିଚ୍ ନ କଏ । ତେବର୍‌ପାଇ ଆମେ ମୁକ୍‌ତି
ପାଇରଇବା ଲକ୍‌ମନ୍, ଆମର୍ ମନେ ବେସି ସାଆସ୍ ଦାରିଆଚୁ
। ଆରି ତାର୍‌ଟାନେ ରଇବା ଆମର୍ ଆସା ଡାଁଟ୍ ଆଚେ । **୧୯**
ଏ ଆସା ଆମର୍ ବିସ୍‌ବାସ୍ ଡାଁଟ୍ କରାଇସି । କାଇକେବଇଲେ
ସେଟା ପୁରାପୁରୁନ୍ ଅଇସିଆକା । ଅମର୍ ଆସାର୍ ଲାଗି ଆମେ
ପର୍‌ମେସରର୍ ଜାଗାଇ ପୁରିଆଚୁ । ଏଟା ଜେନ୍ତାରି ବଡ୍ ପୁଜାରି
ମନ୍ଦିରର୍ ଅଦିକ୍ ସୁକଲ୍ ଜାଗାଇ ପୁର୍‌ସି । ଜନ୍ ଜାଗା କି ପାର୍‌ଦା
ବିତ୍‌ରେ ଲୁଚିରଇସି । **୨୦** ସେ ଜାଗାଇସେ ଆମର୍ ଜିସୁ ଆଗ୍‌ତୁ
ଜାଇଆଚେ । ଆରି ସବୁଦିନର୍‌ପାଇ ମଲ୍‌କିସେଦକର୍ ପୁଜାରି
ପଦ୍ ପାରା ସେ ବଡ୍ ପୁଜାରି ଅଇଲାଆଚେ । (aiōn g165)

**୭** ଏ ମଲ୍‌କିସେଦକ୍ ସାଲେମ୍ ରାଇଜର୍ ରାଜା ରଇଲା ।
ସେ ସବୁର୍‌ଟାନେଅନି ଉପ୍‌ରେ ରଇବା ପର୍‌ମେସରର୍
ପୁଜାରି ରଇଲା । ଚାର୍‌ଟା ରାଜାମନ୍‌କେ ଜୁଇଦେ ଆରାଇକରି
ବାଉଡ୍‌ଲାବେଲେ ମଲ୍‌କିସେଦକ୍ ଅବ୍‌ରାଆମ୍‌କେ ବେଟ୍ ଅଇବାର୍
ଗାଲା ଆରି ତାକେ ଆସିର୍‌ବାଦ୍ କଲା । ସେଡ୍‌କିବେଲେ
ଜୁଇଦେ ଜିତିକରି ତେଇର୍ ଜେତ୍‌କି କାଇକାଇଟା ନେଇକରି,
ନିଜର୍‌ଟା କରିରଇଲା, ତେଇଅନି ଦସ୍‌ବାଗେ ଅନି ଗଟେକ୍‌ବାଗ୍
ଅବ୍‌ରାଆମ୍ ତାକେ ଦେଲା । **୨** ମଲ୍‌କିସେଦକ୍ ନାଉଁର୍ ଅରତ୍
ଅଇଲାନି, ଦରମ୍‌ସଙ୍ଗ୍ ରଇବା ରାଜା । ଆରି ସାନ୍ତିର୍ ରାଜା ମିସା
। କାଇକେବଇଲେ ସାଲେମ୍ ନାଉଁର୍ ଅରତ୍ ଅଇଲାନି ସାନ୍ତି । **୩**
ମଲ୍‌କିସେଦକର୍ ଆୟା ବାବା, ଆନିଦାଦିମନର୍ ବିସଇନେଇ
କାଇଟା ଲେକା ଅଏନାଇ । ସେନ୍ତାରିସେ ତାର୍ ଜନମ୍ ମରନ୍
ବିସଇ ମିସା କାଇଟା ନାଇ । ସେଟାର୍ ପାଇ ସେ ପର୍‌ମେସରର୍
ପଅ ପାରା । ସେ ସବୁଦିନର୍‌ପାଇ ପୁଜାରି ଅଇରଇସି । **୪**
ମଲ୍‌କିସେଦକ୍ କେଡେବଡ୍ ଲକ୍ ରଇଲାବଲି ଆମେ ଏତାଇଦେକୁ
। ପର୍‌ତମେ ଆମେ ଜିଉଦିମନର୍ ଡାକ୍‌ପୁଟା ପାଇରଇବା
ଆନିଦାଦି ଅବ୍‌ରାଆମ୍ ମିସା ଜୁଇଦ୍‌କରି ତେଇଅନି ମିଲାଇ
ଆନିରଇବା କାଇକାଇଟା ଦସ୍ ବାଗେଅନି ଗଟେକ୍‌ବାଗ୍ ତାକେ
ଦେଇରଇଲା । **୫** ମସାର୍ ନିୟମ୍ ଇସାବେ ଜିଉଦିମନ୍‌କେ ଏନ୍ତାରି
ଗଟେକ୍ ନିୟମ୍ ଆଚେ । ଲେବି ବଁସର୍ ଜେତ୍‌କି ନାତି ତିତିମନ୍
ପୁଜାରିଅଇବାଇ । ତାକର୍ ସଙ୍ଗେ ରଇବା ଜିଉଦିମନ୍ କାମାଇ
ଆନ୍‌ବା ଚାସେଅନି ଦସ୍‌ବାଗେଅନି ଗଟେକ୍ ବାଗ୍ ନେବାଇ
। ସେମନ୍ ସବୁ ଅବ୍‌ରାଆମର୍ ନାତିତିତି ଅଇରଇଲେ ମିସା
ଏନ୍ତାରି କର୍‌ତେରଇଲାଇ । **୬** ମାତର୍ ମଲ୍‌କିସେଦକ୍ ଲେବିର୍
ନାତିତିତି ନ ଅଇରଇଲେ ମିସା, ସେ ଅବ୍‌ରାମର୍‌ଟାନେଅନି
ଦସ୍‌ବାଗେଅନି ବାଗେକ୍ ନେଇତେରଇଲା । ସେବେଲେ
ମଲ୍‌କିସେଦକ୍ ଅବ୍‌ରାଆମ୍‌କେ ଆସିର୍‌ବାଦ୍ କରି ରଇଲା ।
ଅବ୍‌ରାଆମ୍‌କେସେ ପର୍‌ମେସରର୍ ସବୁକାତା ଦେଇରଇଲା । **୭**
ଆମେସବୁ ଜାନିଆଚୁ, ଜନ୍ ଲକ୍‌କେ ଆସିର୍‌ବାଦ୍ କର୍‌ବାକେ
ଅଦିକାର୍ ଆଚେ, ସେ ଆସିର୍‌ବାଦ୍ ପାଇବା ଲକର୍‌ଟାନେଅନି ବଡ୍
। **୮** ଲେବିର୍ ଜେତ୍‌କି ନାତିତିତିମନ୍, ଦସ୍‌ବାଗେ ଅନି ଗଟେକ୍
ବାଗ୍ ନେଇରଇଲାଇ, ସେମନ୍ ସବୁଲକ୍ ଜାକ ଗଟେକ୍ ଦିନ୍
ମର୍‌ବାଇ । ମାତର୍ ମଲ୍‌କିସେଦକର୍ ମରନ୍ ବିସଇ ସାସ୍‌ତରେ
କନ୍ତି ମିସା ଲେକା ଅଏନାଇ । ତାର୍ ବାଦୁଲେ ତେଇ ଲେକାଅଇଲା
ଆଚେ, ତାର୍ ପୁଜାରି ପଦ୍ ନ ବାଦ୍‌ଲିକରି ସବୁ ଦିନର୍‌ପାଇ
ରଇସି । **୯** ଲେବିର୍ ଜେତ୍‌କି ସବୁ ନାତିତିତିମନ୍ ଦସ୍‌ବାଗେ
ଅନି ଗଟେକ୍ ବାଗ୍ ନେଇତେ ରଇଲାଇ, ସେମନ୍ ଅବ୍‌ରାଆମର୍
ସଙ୍ଗ୍ ମିସିକରି ମଲ୍‌କିସେଦକ୍‌କେ ଦସ୍‌ବାଗେଅନି ଗଟେକ୍ ବାଗ୍
ଦେଲାବଲି ଆମେ କଇଅଇସି । **୧୦** କାଇକେବଇଲେ ଜେଡେବଲ୍
ମଲ୍‌କିସେଦକ୍ ଅବ୍‌ରାମ୍‌କେ ବେଟ୍ ଅଇଲା, ସେ ଲେବି ଜନମ୍
ନ ଅଇରଇଲା, ମାତର୍ ସେ ଅବ୍‌ରାଆମର୍ ଗାଗ୍‌ଡେ ରଇଲା ।
କାଇକେବଇଲେ ଅବ୍‌ରାଆମ୍ ତାର୍ ଆନିଦାଦି ରଇଲା । **୧୧**
ଲେବିର୍ ନାତିତିତି ପୁଜାରି ଇସାବେ ବାଚ୍‌ଲାର୍‌ପାଇ ପର୍‌ମେସର୍
ତାର୍ ନିୟମ୍ ଜିଉଦିମନ୍‌କେ ଦେଇରଇଲା । ମାତର୍ ଲେବି
ବଁସର୍ ପୁଜାରିମନ୍ ଜଦି ସିଦ୍‌ଲକ୍ ଅଇରଇତାଇ ଆଲେ, ଆରି
ଗଟେକ୍ ପୁଜାରି ଆଇବାକେ ଦର୍‌କାର୍ ନ ରଇଲା । ସେନ୍ତାର୍
ଏ ପୁଜାରି ଆରଣ୍ ଜେ କି ଲେବିର୍ ନାତିତିତି ରଇଲା, ତାର୍
ପୁଜାରିପଦ୍ ନ ଦାରି ମଲ୍‌କିସେଦକର ପୁଜାରି ପଦ୍ ଦାରି ଆଇସି
। **୧୨** ଜନ୍ ପୁଜାରି ଲକ୍‌ମନର୍ ବାଦୁଲେ ପର୍‌ମେସରର୍ ମୁଆଟେ
ଟିଆ ଅଇସି, ତାର୍ ପୁଜାରି ପଦ୍ ବାଦ୍‌ଲାଇଲେ ଜନ୍ ନିୟମ୍
ମାନିଆଇଲାଇନି, ସେଟାମିସା ବାଦଲ୍‌ବାର୍ ଆଚେ । **୧୩** ଏ ସବୁ
ବିସଇ ବାଦ୍‌ଲିଗାଲା ଆଚେବଲି ଆମେ ଜାନୁ । କାଇକେବଇଲେ
ଆମର୍ ମାପ୍‌ରୁ ଜିସୁ ଜାର୍ ବିସଇନେଇ ଏ ସବୁ କାତା କଇଲୁନି,
ସେ ଲେବି ବଁସର୍ ନାତିତିତି ନ ରଇଲା । ଜିଉଦା ବଁସେଅନି
ଏବେଜାକ କେ ପୁଜାରି ବାବେ ସେବା କରତ୍ ନାଇ । **୧୪**
ଜିଉଦା ତାର୍ ଆନିଦାଦି ରଇଲା । ମସା ଦେଇରଇବା କାତାଇ
ମିସା ଜିଉଦାର୍ ନାତିତିତିମନ୍ ପୁଜାରି ଅଇବା ବିସଇ କାଇଟା
କଏ ନାଇ । **୧୫** ଇଡିଅନି ନିମାନ୍ ଜାନାପଡ୍‌ଲାନି ଜେ, ଆଗର୍
ରକାମ୍ ପୁଜାରି ଆରି ସେମନ୍ ମାନିଆଇତେରଇବା ନିୟମ୍ ଏବେ
ବାଦ୍‌ଲାଇକରି ଗଟେକ୍ ନୁଆ ରକାମ୍ ପୁଜାରି ବାରଇଆଚେ
। ସେ ମଲ୍‌କିସେଦକର୍ ପୁଜାରି ପଦ୍ ଦାରି ଆଇବାଟା । **୧୬**
ଆରି ସେ ମୁନୁସ୍‌ମନର୍ ନିୟମ୍ ଆରି ରିତିନିତି ଇସାବେ ପୁଜାରି
କରେନାଇ, ମାତର୍ କେବେ ନ ସାର୍‌ବା ଗଟେକ୍ ବପୁର୍ ଜିବନ୍

ଲାଗି କଲାଆଚେ । ମଲ୍କିସେଦକର୍ ପାରା ଗଟେକ୍ ବିନ୍ ପୁଜାରି
ବାରଇଲା । ୧୭ କାଇକେବଇଲେ ତାର୍ ବିସଇରେ ସାସ୍ତର୍
କଇଲାନି, “ମଲ୍କିସେଦକର୍ ପୁଜାରି ପଦ୍ପାରା ତୁଇ ପୁଜାରି
ଅଇ ଆଚୁସ୍ ।” (aiōn g165) ୧୮ ପୁର୍ନା ନିୟମ୍ ବାଦ୍ଲାଇଲା ।
କାଇକେବଇଲେ, ସେଟା ଲକ୍ମନ୍କେ ପର୍ମେସରର୍ ଲଗେ
ଆନ୍ବାକେ ବପୁ ନ ରଇଲା ଆରି ବେକାର୍ ରଇଲା । ୧୯
କାଇକେବଇଲେ ମସାର୍ ନିୟମ୍ କାଇଟା ମିସା ପୁରାପୁରୁନ୍
ସିଦ୍କରି ନାପାର୍ଲା । ମାତର୍ ଏବେ ଆମ୍କେ ଗଟେକ୍ ବପୁର୍
ଆସା ମିଲ୍ଲା ଆଚେ । ଜାର୍ଲାଗି ଆମେ ପରମେସରର୍
ଲଗେ ଅଇବାକେ ଆସିପାର୍ଲୁନି । ୨୦ ଆରି ଆମର୍ ପାଇ
ପରମେସରର୍ କାତାଦେଇ ରଇବାଟା ମିସା ଆଚେ । ବିନ୍
ଲକର୍ ନାତିତିତିମନ୍ ପୁଜାରି ପଦେ ରଇଲାବେଲେ ସେ ଏନ୍ତି
କାଇମିସା ସପତ୍ କରି ନ ରଇଲା । ୨୧ ମାତର୍ କିରିସ୍ଟ ପୁଜାରି
ଅଇବାବେଲେ ପରମେସର୍ ତାକେ ସପତ୍ କରି କଇରଇଲା,
“ମାପ୍ରୁ ଗଟେକ୍ ସପତ୍ କଲା ଆଚେ ତୁଇ ସବୁଦିନର୍ପାଇ
ପୁଜାରି ଅଇରଇସୁ । କଇଲା ଏ କାତା କେବେ ନ ବାଦ୍ଲାଏ ।
ତମେ କାଲ୍କାଲ୍ ଜୁଗ୍ ଜୁଗର୍ ପାଇ ପୁଜାରି ଅଇସା ।” (aiōn
g165) ୨୨ କାଇକେବଇଲେ ପର୍ମେସର୍ ଜନ୍ ସପତ୍ ତାକେ
ଦେଇରଇଲା, ତାର୍ ନୁଆ ରାଜିନାମା ପୁରାପୁରୁନ୍ ଅଇସିଆକା
ବଲି ଜିସୁ ଡାଁଟ୍ ସଙ୍ଗ କଇଲାନି । ୨୩ ଜିସୁର୍ ପୁଜାରି ପଦ୍ ଆରି
ଲେବି ବଁସର୍ କେତେକ୍ କେତେକ୍ ପୁଜାରି ପଦ୍ ଦାରିରଇବା
ବେସି ପୁଜାରିମନର୍ ବିଦ୍ରେ ଏନ୍ତାରି ବିନ୍ ରଇଲା । ସେମନ୍ ସବୁ
ତାକର୍ ପୁଜାରିପଦ୍ କରିଲାଗି ରଅତ୍ ନାଇ । କାଇକେବଇଲେ
ସେମନ୍ ସବୁଲକ୍ ମରିଗାଲାଇ । ୨୪ ମାତର୍ ଜିସୁ କେବେ ନ
ମରେ । ଆରି ପୁଜାରି ଇସାବେ ରଇବା ତାର୍ କାମ୍ ଆରି କାକେ
ମିସା ଦିଆ ନ ଅଏ । (aiōn g165) ୨୫ ସେଟାର୍ ପାଇ ଜନ୍
ଲକ୍ମନ୍ ତାକେ ବିସ୍ବାସ୍ କରି ଲଗେ ଆଇବାଇ, ସେମନ୍କେ
ସବୁବେଲର୍ପାଇ ରକିଆ କରିପାର୍ସି । କାଇକେ ବଇଲେ
ସେମନର୍ ପାଇ ପରମେସରର୍ ମୁଆଟେ ଗୁଆରି କର୍ବାକେ ସେ
ଜୁଗ୍ ଜୁଗର୍ ପାଇ ଜିବନ୍ ଅଇକରି ଆଚେ । ୨୬ ତେବର୍ପାଇ ଜିସୁ
ଅଇଲାନି ଆମର୍ ବଡ୍ ପୁଜାରି । ସେ ଆମର୍ପାଇ ସମାନ୍ ଆଚେ
। କାଇକେବଇଲେ ସେ ସୁକଲ୍, ତାର୍ଟାନେ କାଇ ବୁଲ୍, କି ପାପ୍
ନାଇ । ଆମର୍ ପାପିମନର୍ଟାନେଅନି ସେ ପୁରାପୁରୁନ୍ ବିନ୍ଆଚେ
। ଆରି ପର୍ମେସର୍ ତାକେ ସରଗ୍ ଜେତ୍କି ଜାଇ ଉଟାଇଆଚେ
। ୨୭ ବିନ୍ ବଡ୍ ପୁଜାରି ମନ୍ ସବୁଦିନ୍ ପର୍ମେସରର୍ଟାନେ
ଦିନ୍କେ ବଲି ଦେବାର୍ ଆଚେ । ତାର୍ପଚେ ସେମନ୍ ଲକ୍ମନର୍
ପାପର୍ପାଇ ମିସା ବଲି ଦେବାର୍ ଆଚେ । ମାତର୍ ଜିସୁ ଏନ୍ତାରି
ନାଇ । ସେ ସବୁଲକର୍ ପାଇ ମିସ୍ତେ ଗଟେକ୍ତର୍ସେ ବଲି
ଅଇଲା ଆଚେ । ତାର୍ ସେ ମରନ୍ ସବୁଦିନର୍ପାଇ ଅଇସି ।
୨୮ କାଇକେବଇଲେ ମସାର୍ ନିୟମ୍ ଇସାବେ, ଜନ୍ଲକ୍ ବଡ୍
ପୁଜାରି ପଦ୍ପାଇରଇସି, ସେମନ୍କେ ମିସା ପାପ୍ ରଇସି । ମାତର୍
ଜନ୍ଟା ପର୍ମେସର୍ ଗଟେକ୍ ସପତ୍ କରି କାତା ଦେଇରଇଲା,
ସେଟା ନିୟମ୍ ପଚେ ଆଇଲା । ଜନ୍ ଲକ୍ ବାଚାଇଅଇରଇଲା,
ତାର୍ ପଅ ରଇଲା । ସେ ସବୁଦିନର୍ପାଇ କାଇ ପାପ୍ ନ ରଇବା
ପୁଜାରି ଅଇଆଚେ । (aiōn g165)

୮ ଏ ସବୁ କାତାଇଅନି ତମ୍କେ ବୁଜତ୍ ବଲି ମୁଇ ମନ୍
କଲିନି ଜେ, ଏ ଆମର୍ ବଡ୍ ପୁଜାରି ସରଗର୍ ସବୁର୍
ଉପ୍ରେ ପର୍ମେସରର୍ ଉଜାବାଟେ ବସ୍ଲା ଆଚେ । ୨ ଆରି
ପର୍ମେସରର୍ ଅଦିକ୍ ସୁକଲ୍ ଜାଗାଇ ସେ ବଡ୍ ପୁଜାରି ଇସାବେ
ସେବା କଲାନି । ସେ ତୁମ୍କୁଡିଆ ଲକ୍ମନ୍ ତିଆର୍କଲାଟା
ନଏଁ, ମାତର୍ ସେଟା ମାପ୍ରୁ ତିଆର୍ କଲାଆଚେ । ୩ ସବୁ
ବଡ୍ପୁଜାରିମନ୍ ଲକ୍ମନ୍ ଦେଇରଇବା ପସୁମନ୍ ଆରି ବିନ୍
ରକାମର୍ ବଲି ପର୍ମେସର୍କେ ସର୍ପି ଦେବାକେ ବାଚ୍ଲାଇ
ଆଚତ୍ । ତେବର୍ପାଇ ଆମର୍ ବଡ୍ ପୁଜାରି ମିସା କାଇଟା ମିସା
ପର୍ମେସର୍କେ ସର୍ପାଇବାର୍ ଆଚେ । ୪ ମାତର୍ ଏ ଜଗତେ
ସେବା କରେନାଇ । ସେ ଜଦି ଏ ଜଗତେ ରଇତା, ତେବେ ସେ
ଗଟେକ୍ ପୁଜାରି ନ ଅଇତା । କାଇକେ ବଇଲେ ଜିଉଦିମନର୍
ନିୟମ୍ ଇସାବେ ଦାନ୍ ସର୍ପିଦେବାକେ ପୁଜାରିମନ୍ ରଇଲାଇ ।
୫ ମାତର୍ ତାକର୍ ସେବା କର୍ବା ଜାଗା ସର୍ଗେ ରଇବା ସତ୍
ବିସଇ ଅବ୍କା ଗଟେକ୍ ଚାଇପାରା । ସମାନ୍ ସେନ୍ତାରିସେ ମସାର୍
ବେଲେ ଅଇଲା । ସେ ଜେଡେବଲ୍ ଗଟେକ୍ ତୁମ୍କୁଡିଆ ତିଆର୍
କର୍ବାକେ ଜାଇତେରଇଲା, ପରମେସର୍ ତାକେ ତିଆର୍ଲା,
“ଜାଗ୍ରତ୍! ତୁଇ ସୁକଲ୍ ତୁମ୍କୁଡିଆଇ ଜେତ୍କି କର୍ସୁ ବଇଲେ,
ମୁଇ ତକେ ସେଟା ପର୍ବତେ ଦେକାଇଲା ରକାମ୍ କର୍ବାର୍
ଆଚେ ।” ୬ ଏ ଜଗତର୍ ପୁଜାରିମନର୍ କାମ୍ତେଇଅନି ଜନ୍
କାମ୍ ପର୍ମେସର୍ ଜିସୁକେ ସର୍ପିଦେଲା, ସେ କାମ୍ ଅଦିକ୍
ଗୁର୍ତୁ ରଇବାଟା । ସେନ୍ତାରିସେ ଜନ୍ ନୁଆ ରାଜିନାମାସଙ୍ଗ
ସେ ପର୍ମେସର୍ ଆରି ମନୁସ୍ଜାତିକେ ଆରିତରେକ୍ ମିସାଇଲା,
ସେଟା ପୁର୍ନା ରାଜିନାମାତେଇ ଅନି ନିକ । କାଇକେବଇଲେ,
ନୁଆ ରାଜିନାମାତେଇ ରଇବା ପର୍ମେସରର୍ ସପତ୍ ସବୁ ବେସି
ନିକ ଆଚେ । ୭ ପର୍ତୁମର୍ ରାଜିନାମାତେଇ ଜଦି କାଇ ବୁଲ୍ ନ
ରଇତା, ତେବେ ପର୍ମେସର୍ ସେଟା ନ ବାଦ୍ଲାଇତା । ୮ ମାତର୍
ସେ ରାଜିନାମା ମାନିକରି ରଇଲା ଲକ୍ମନର୍ ଚଲାଚଲ୍ତି ସଙ୍ଗ
ପର୍ମେସର୍ ସାର୍ଦା ନ ରଇଲା । କାଇକେବଇଲେ ସାସ୍ତରର୍
ମାପ୍ରୁର୍ ବାକିଅଟାନେ ଲେକା ଅଇଲାଆଚେ, “ଆଗ୍କେ ଗଟେକ୍
ବେଲା ଆଇଲାନି ଜେଡେବେଲ୍ କି ଇସ୍ରାଏଲର୍ ଲକ୍ମନ୍କେ
ଆରି ଜିଉଦାର୍ ଲକ୍ମନ୍କେ ମର୍ ନିଜର୍ କର୍ବାକେ ମୁଇ
ଗଟେକ୍ ନୁଆ ରାଜିନାମା ଟିକ୍ କର୍ବି ।” ୯ ଏ ନୁଆ ରାଜିନାମା
ଆଗର୍ ରାଜିନାମା ପାରା ନ ରଏ । ସେ ରାଜିନାମା ତାକର୍
ଆନିଦାଦିମନ୍କେ ମିସର୍ଦେସେଅନି ଡାକି ଆନ୍ଲାବେଲେ ମୁଇ
କରିରଇଲି । ଆଗର୍ ରାଜିନାମାର୍ ମର୍ ଆଦେସ୍ ସବୁ ସେମନ୍
ମାନତ୍ନାଇ । ତେବର୍ପାଇ ମୁଇ ଆରି ସେମନର୍ବାଟେ ନ ଦେକି

। ୧୦ ମାପ୍ରୁ ଆରିତରେକ୍ କଇଲା, ଇସ୍ରାଏଲର୍ ଲକ୍ମନ୍କେ ମର୍ ନିଜର୍ କର୍ବାକେ ମୁଇ ଜନ୍ ନୁଆ ରାଜିନାମା ତିଆର୍କର୍ବି ସେଟା ଏନ୍ତାରି ରଇସି । ମୁଇ ମର୍ ଆଦେସ୍ ତାକର୍ ଚିନ୍ତା କଲାଟାନେ ଦେବି ଆରି ତାକର୍ ମନ୍ ବିତ୍ରେ ଲେକ୍ବି । ଆରି ମୁଇ ତାକର୍ ପର୍ମେସର୍ ଅଇରଇବି ଆରି ସେମନ୍ ମର୍ ନିଜର୍ ଅଇରଇବାଇ । ୧୧ ଏଟାର୍ଲାଗି କେ ମିସା ମର୍ ବିସଇରେ ତାର୍ ସଙ୍ଗର୍ ଲକ୍ମନ୍କେ ସିକାଇବାକେ ନ ପଡେ । ଆରି ମୁଇ କେ ବଲି କେ ମିସା ତାକର୍ ବାଇମନ୍କେ ବାତାଇବାକେ ନ ପଡେ । କାଇକେବଇଲେ, ସେବେଲେ ଗୁଲାଇ ଲକ୍ ବଡ୍ ଅଅତ୍ କି ସାନ୍ ଅଅତ୍ ମୁଇ କେ ବଲି ଜାନ୍ବାଇ । ୧୨ ମୁଇ ସେମନର୍ ସବୁ ପାପ୍ କେମା କର୍ବି ଆରି ସେମନ୍ କାଇ ଅନିଆଇ କଲାଟା ମିସା ମନେ ନ ଏତାଇ । ୧୩ ଏବେ ଗଟେକ୍ ନୁଆ ରାଜିନାମା ଆଚେ ବଲି ପର୍ମେସର୍ କଇଲାକେ ପୁର୍ନା ରାଜିନାମାକେ କାଇ ମୁଲିଅ ନାଇ ବଲି ଆମେ ଜାନୁ । ଜନ୍ଟା ପୁର୍ନା ଅଇଗାଲା ଆରି କାଇଟା ପାଇ ମିସା ଲଡାକେ ନ ଆଇଲେ, ସେଟା ବାଇରେ ପିଙ୍ଗିଦେବାଇ ।

୯ ପର୍ମେସରର୍ ପର୍ତୁମ୍ ରାଜିନାମାତେଇ, ତାକେ କେନ୍ତାରି ଉପାସନା କର୍ବାର୍ ଆଚେ ବଲି ନିୟମ୍ ରଇଲା । ତାକେ ଏ ଜଗତେ ଉପାସନା କର୍ବାକେ ଗଟେକ୍ ତୁମ୍ ଉଟାଇରଇଲା । ୨ ଏ ତୁମ୍ଟାନେ ଦୁଇଟା ଜାଗା ରଇଲା । ପର୍ତୁମ୍ ଜାଗାକେ ସୁକଲ୍ ଜାଗା ବଲି ନାଉଁ ରଇଲା । ସେ ବିତ୍ରେ ବତିସଙ୍ଗଇବା କୁଦ୍ରା ଆରି ପର୍ମେସର୍କେ ସର୍ପିଦେବାକେ ରୁଟି ସଙ୍ଗଇବା ଗଟେକ୍ ଟେବୁଲ୍ ରଇଲା । ୩ ସେ ଜାଗାଇ ପୁର୍ବା ବାଟେ ଗଟେକ୍ ପାର୍ଦା ରଇଲା । ପାର୍ଦାର୍ ପଚ୍ବାଟେ ଜନ୍ ଜାଗା ରଇଲା, ତାକେ ବଡ୍ ସୁକଲ୍ ଜାଗା ବଲି କଇତେ ରଇଲାଇ । ୪ ସେ ବଡ୍ ସୁକଲ୍ ଜାଗାଇ ଗଟେକ୍ ଦୁପ୍ ପଡାଇବା ସୁନାର୍ ବେଦି ଆରି ସୁନାର୍ ନିୟମ୍ ପେଡି ରଇଲା । ଏ ନିୟମ୍ ପେଡି ବିତ୍ରେ, ମାନା ରଇବା ଗଟେକ୍ ସୁନାର୍ ଆଣ୍ଟି ରଇଲା । ତେଇ ପତର୍ କଅଁଲି ରଇବା ଆରଣ୍ ଦାରି ଇଣ୍ଡବା ଡାଙ୍ଗ ରଇଲା । ଆରି ପରମେସରର୍ ଆଦେସ୍ ଲେକାଅଇରଇଲା ଦୁଇ କଣ୍ଡ ଚାଚଡା ପାକ୍ନା ମିସା ରଇଲା । ୫ ପେଡିର୍ ଡାବ୍ନା ଉପ୍ରେ ପର୍ମେସର୍ ଆଚେ ବଲି ଚିନ୍ ଇସାବେ କେରୁବିନ୍ ବଲି ଡାକ୍ବା ଦୁଇଟା ଡେନା ରଇଲା ଜଁତୁର୍ ମୁର୍ତି ରଇଲା । ତାକର୍ ଉଗାଡିଅଇରଇବା ଡେନା ପେଡିର୍ ଡାବ୍ନା ଉପ୍ରେ ଡାବିଅଇଜାଇରଇଲା । ତାର୍ ଉପ୍ରେ ବନି ଚିଚିଅଇରଇଲା । ଜେନ୍ତାରିକି ଲକ୍ମନର୍ ପାପ୍କେମା ଅଇଜିବାକେ । ମାତର୍ ଏ ଟିକିନିକି ବିସଇ ବୁଜାଇବାକେ ଲଡାନାଇ । ୬ ତୁମ୍ ବିତ୍ରେ ଏ ସବୁ ବିସଇ ସାଜାଡିଅଇରଇଲା । ପୁଜାରିମନ୍ ସବୁଦିନ୍ ତାମୁ ଗରର୍ ବାଇରର୍ ଜାଗାଇ ପୁରି, ସେମନର୍ କାମ୍ କର୍ବାଇ । ୭ ମାତର୍ ବିତ୍ରର୍ ଜାଗାଇ ବଡ୍ ପୁଜାରିସେ ଜିବାକେ ଅଦିକାର୍ ରଇଲା । ସେ ସିଟି ବର୍ସେକ୍କେ ତରେକ୍ ସେ ଜାଇତେରଇଲା । ସେ ନିଜର୍ ପାଇ ଆରି ଲକ୍ମନ୍ ନ ଜାନିକରି କରିରଇବା ପାପ୍ ପାଇ ବନି ନେଇକରି ଜଦି ନ ପୁର୍ଲେ ସେ ଜାଇନାପାର୍ତେ ରଇଲା । ୮ ଏ ସବୁ ବିସଇର୍ଲାଗି ସୁକଲ୍ ଆତ୍ମା ଜାନାଇଲାନି ଜେ, ପର୍ମେସରର୍ ଅଦିକ୍ ସୁକଲ୍ ଜାଗାଇ ପୁର୍ବାକେ ଲକ୍ମନ୍କେ ଅଦିକାର୍ ନ ରଇଲା । କାଇକେବଇଲେ ସୁକଲ୍ ଜାଗା ଆରି ଅଦିକ୍ ସୁକଲ୍ ଜାଗା ବିସଇନେଇ ରଇବା ଆଗ୍ତୁର୍ ଆଦେସ୍ ସବୁ ଲକ୍ମନ୍ ମାନିଆଇତେ ରଇଲାଇ । ୯ ସେ ସବୁ ବିସଇ ଗଟେକ୍ ବାନା ପାରା । ଜନ୍ଟା ସବୁ ଏବର୍ ଦିନେ ସିଦ୍ ଅଇଲା ଆଚେ । କାଇକେବଇଲେ ଜନ୍ ପସୁମନ୍କେ ଉପାସନା ଇସାବେ ଲକ୍ମନ୍ ପର୍ମେସର୍କେ ସର୍ପି ଦେଇତେ ରଇଲାଇ, ସେଟା ସବୁ ଲକ୍ମନର୍ ବିବେକ୍ ଦଇ ନାପାର୍ଲା । ୧୦ କାଇକେବଇଲେ ସେଟା ସବୁ ଗାଗଡର୍ ଲାଗି ରଇବା ନିୟମ୍ ରଇଲା । ଜେନ୍ତାରି କି, କାଇଟା କାଇଅଇସି, କାଇଟା ପିଇ ଅଇସି ଆରି ସେ ସବୁ ନିକ ସଙ୍ଗ ଦଇବା ବିସଇ, ବାଇରେ ଦେକାଅଇବା ରିତିନିତି ସେ । ପରମେସରର୍ ନୁଆ ନିୟମ୍ ଟିକ୍ ଅଇବାଜାକ, ଏ ସବୁ କର୍ବାଟା ରଇଲା । ୧୧ ମାତର୍ ଆମେ ଜେତ୍କିଲକ୍ ସବୁର୍ତେଇଅନି ବଡିଆ ବିସଇ ପାଇଆଚୁ, କିରିସ୍ଟ ଆମର୍ ବଡ୍ ପୁଜାରି ଅଇ ଆଇଲା ଆଚେ । ସେ ସେବା କର୍ବା ଜାଗାର୍ ତୁମ୍ ଲଗେ ରଇବା ଅଦିକ୍ ସୁକଲ୍ ଜାଗାଇଅନି ଅଦିକ୍ ମୁଲିଅ ରଇଲାଟା ଆରି ଅଦିକ୍ ସିଦ୍ ଆଚେ । କାଇକେବଇଲେ ସେଟା ଲକ୍ମନ୍ ତିଆର୍ କଲାଟା ନଏଁ, କି ଏ ନସିଜିବା ଜଗତର୍ଟା ମିସା ନଏଁ । ୧୨ କିରିସ୍ଟ ସେ ତାମୁ ବାଟେଜାଇ ଏକାତରେକ୍ ସେ ବଡ୍ ସୁକଲ୍ ଜାଗାଇ ପୁର୍ଲା । ସେ ତେଇ ପୁର୍ବା ବେଲେ ବଲି କର୍ବାକେ ଚେଲି କି ପସୁ ବନି ନେଇ ନ ଜାଇରଇଲା । ମାତର୍ ସେ ନିଜର୍ ବନି ନେଇକରି ଜନ୍ ଜନ୍ଟା କର୍ବାର୍ ରଇଲା, ସେଟା ପୁରାପୁରୁନ୍ କଲା । ଜେନ୍ତାରି କି ଆମ୍କେ ମୁକ୍ଲାଇକରି କାଲ୍ କାଲ୍ ଜୁଗ୍ଜୁଗର୍ ପାଇ ମୁକ୍ତି ଦେଲା । (aiōnios g166) ୧୩ ଆଗର୍ କାଲେ ଚେଲି ଆରି ବଲଦ୍ମନର୍ ବନି ଆରି ପଡାଇଲା ବାଚିପିଲାର୍ ଚାର୍ ଚିଚ୍ବାଟା, ଏସବୁ ଅସୁକଲ୍ ଅଇରଇବା ଲକ୍ମନର୍ ଗାଗଡ୍ ଦଇବା କାମ୍କେସେ ଆଇଲା । ୧୪ ଏଟା ଜଦି ଲକ୍ମନର୍ ଗାଗଡ୍ ଦଇପାର୍ଲା, ସେନ୍ତାର୍ଆଲେ କିରିସ୍ଟର୍ ବନିସଙ୍ଗ ଆରି କେତେକ୍ ଅଦିକ୍ କରିଅଇସି? ନ ସାର୍ବା ଆତ୍ମାର୍ପାଇ ସେ ନିଜେ ପରମେସରର୍ ସାଇଜ ନେଇ, କାଇ ପାପ୍ଦସ୍ ନ ଅଇତେ ବିରୁ ଇସାବେ ନିଜ୍କେ ପୁରାପୁରୁନ୍ ସର୍ପି ଦେଲାଆଚେ । ତାର୍ ବନିର୍ଲାଗି ବାନିଆ ରିତିନିତି କାମେଅନି ଜିତି କରି ଆମର୍ ବିବେକ୍ ସୁକଲ୍ ଅଇସି । ଆରି ଆମେ ସତଇସେ ଜିବନ୍ ରଇଲା ପରମେସରର୍ ସେବା କର୍ବା ଅଦିକାର୍ ପାଇଆଚୁ । (aiōnios g166) ୧୫ ଏଟାର୍ପାଇ କିରିସ୍ଟସେ ନୁଆ ନିୟମ୍ ସାଦନ୍ କଲାଆଚେ । ଜେନ୍ତାରି କି, ଜେତ୍କି ଲକ୍ମନ୍କେ ପରମେସର୍ ଡାକିଆଚେ, ସେମନ୍ ପରମେସର୍ ସପତ୍ କରି କଇରଇବା ନ ସାର୍ବା ଆସିର୍ବାଦ୍

ପାଇବାଇ । କିରିସ୍‌ଟ ମଲାର୍‌ପାଇ ଆଗର୍ ରାଜିନାମାତେଇ
କରିରଇବା ସବୁ ପାପେଅନି ସେମନ୍ ମୁକଲ୍‌ଲାଇ । (aiōnios
g166) ୧୬ ଗଟେକ୍ ଲକ୍ ଜଦି ତାର୍ ଦନ୍ ସଁପତି ବାଗ୍ ବାଟା
କର୍‌ବା ବିସଇର୍ ଚିଟି କରିରଇସି । ସେଟା ଜାନାଇବାକେ ସେ
ଲକର୍ ନାଉଁଦାରି ରାଜିନାମା ପାଆଟା ପତର୍ ରଇବାର୍ ଆଚେ
। ସେ ମରିଗାଲାପଚେ ତାର୍‌ଟା ଜାନାପଡ୍‌ବାର୍ ଆଚେ । ୧୭
କାଇକେ ବଇଲେ ବାଗ୍‌ବାଟା ଲେକିରଇଲା ଲକ୍ ବଁଚି ରଇଲା
ଜାକ, ବାଗ୍‌ବାଟାର୍ କାଗଜ୍ ପତରର୍ କିଚି ମୁଲିଅ ନାଇ । ସେଟା
ତାର୍ ମରିଗାଲା ପଚେ ସେ କାମ୍ ଦେଇସି । ୧୮ ସେନ୍ତାରିସେ,
ପର୍‌ତୁମ୍ ରାଜିନାମା ମିସା ବନି ଜରାଇଲାକେସେ ସେଟାର୍ ମୁଲିଅ
ରଇଲା । ୧୯ ମସା ପର୍‌ତୁମ୍ ନିୟମର୍ ଆଦେସ୍ ଲକ୍‌ମନର୍
ଲଗେ କଇଲା । ତାର୍‌ପଚେ ସେ ବଲଦ୍ ଆରି ଚେଲିମନର୍
ବନି ନେଇ ପାନି ସଙ୍ଗ୍ ମିସାଇଲା । ତାର୍‌ପଚେ ଅଲପ୍ ମେଣ୍ଡାର୍
ବାଲେ ଏସୁବ୍ ନାଉଁର୍ ଗଚର୍ କେନ୍ଦ୍ରିତେଇ ଗୁଡାଇଲା । ପଚେ
ସେଟା ବନିଟାନେ ବୁଡାଇ ନିୟମର୍ ବଇତେଇ ଆରି ଲକ୍‌ମନର୍
ଉପ୍‌ରେ ଚିଚ୍‌ଲା । ୨୦ ସେ କଇଲା, ଜନ୍ ନିୟମ୍ ମାନ୍‌ବାକେ
ପରମେସର୍ ତମ୍‌କେ ଆଦେସ୍ ଦେଲାଆଚେ, ଏ ବନି ସେ
ନିୟମ୍‌କେ ଚିନ୍ ମାରିଆଚେ । ୨୧ ତାର୍‌ପଚେ ମସା ସେ ବନିନେଇ
ତମ୍ବୁ, ମନ୍ଦିର୍ ଆରି ପର୍‌ମେସର୍‌କେ ପାର୍‌ତନା କର୍‌ବାବେଲେ
କାମେ ଆଇବା ସବୁ ଜିନିସ୍ ପତର୍ ଉପ୍‌ରେ ଚିଚ୍‌ଲା । ୨୨
କାଇକେବଇଲେ ମସାର୍ ନିୟମ୍ ଇସାବେ ସବୁ ବିସଇ ସୁକଲ୍
କର୍‌ବାକେ, ବନି ଦର୍‌କାର୍ । ବନି ନ ଜରାଇଲେ ପାପ୍ କେମା ନ
ଅଏ । ୨୩ ତେବର୍‌ପାଇ ଏ ସବୁ ବିସଇ ଜନ୍‌ଟା ସର୍‌ଗେ ରଇବା
ବିସଇ ଚୁଚାଇସେ ଆଚେ । ଏଟା ସବୁ ପସୁମନର୍ ବନିସଙ୍ଗ୍
ସୁକଲ୍ କରାଇବାକେ ଦର୍‌କାର୍ ରଇଲା । ମାତର୍ ସରଗର୍
ବିସଇମନ୍‌କେ ସୁକଲ୍ କର୍‌ବାକେ ସର୍‌ପି ଅଇବାଟା ଅଦିକ୍ ନିକ
ଅଇରଇବାର୍ ରଇଲା । ୨୪ କାଇକେବଇଲେ ଲକ୍‌ମନର୍ ଆତେ
ତିଆର୍ ଅଇଲା ସୁକଲ୍ ଜାଗାଇ କିରିସ୍‌ଟ ଜାଏନାଇ । ସେଟା
ସତ୍ ଜାଗାର୍ ଚାୟାସେ ରଇଲା । ମାତର୍ ସେ ସତ୍‌ରେ ସର୍‌ଗେ
ଗାଲା । ଆରି ସେ ଏବେ ତେଇ ଆଚେ । ପର୍‌ମେସରର୍ ମୁଆଟେ
ଆମର୍ ପାଇ ଗୁଆରି କଲାନି । ୨୫ ଜିଉଦିମନର୍ ବଡ୍ ପୁଜାରି
ଜେନ୍ତିକି ବରସେକ ତରେକ୍ ପସୁର୍ ବନି ନେଇ ବଡ୍ ସୁକଲ୍
ଜାଗାଇ ଜାଇସି, ସେନ୍ତାରି କିରିସ୍‌ଟ ନିଜ୍‌କେ ତର୍‌କେ ତର୍
ସର୍‌ପିଅଇକରି ତେଇ ଜାଏନାଇ । ୨୬ କାଇକେବଇଲେ, ସେ
ଜଦି ସେନ୍ତାରି କର୍‌ତା ଏ ଜଗତ୍ ତିଆର୍ ଅଇଲା ଦିନେଅନି ସେ
ବେସି ତର୍ ଦୁକ୍‌ପାଇବାକେ ଅଇତା । ମାତର୍ ସେ ଏ ସାରାସାରି
ଦିନ୍ ମନ୍‌କେ ତରେକ୍‌ସେ ଏ ଜଗତେ ଆଇଲା ଆରି ନିଜ୍‌କେ
ସର୍‌ପିଦେଇକରି ସବୁ ପାପ୍ ଦାରିଗାଲା । (aiōn g165) ୨୭
ଆମେ ସବୁ ଲକ୍ ତରେକ୍ ମର୍‌ବୁ ଆରି ତାର୍‌ପଚେ ପରମେସରର୍
ମୁଆଟେ ବିଚାର୍ ଦିନେ ଟିଆଅଇବୁ । ୨୮ ସେନ୍ତାରିସେ କିରିସ୍‌ଟ
ମିସା ସବୁ ଲକର୍ ପାପ୍ ନିଜେ ନେବାକେ ବଲି ଇସାବେ ତରେକ୍
ସେ ସର୍‌ପାଇ ଅଇଲା । ସେ ଆରି ତରେକ୍ ଆଇଲାବେଲେ,
ଆମର୍ ପାପର୍‌ପାଇ ସେ ନ ଆସେ । ମାତର୍ ତାକେ ଜାଗି ରଇଲା
ଲକ୍‌ମନ୍‌କେ ଉଦାର୍ କର୍‌ବାକେ ଆଇସି ।

**୧୦** ମସାର୍ ନିୟମ୍ ଅବ୍‌କା ଗଟେକ୍ ବାନା ପାରା ରଇଲା ।
ଜନ୍ ନିକ ଆସିର୍‌ବାଦ୍ କିରିସ୍‌ଟ ଆମ୍‌କେ ଦେଇସି, ସେ
ଆସିର୍‌ବାଦର୍ ଗୁନ୍‌ଚଲନ୍ ତେଇ ଡିସ୍‌ତେରଇଲା । ମାତର୍ ସେଟା
ଆସିର୍‌ବାଦର୍ ସମାନ୍ ନଏଁ । ତେବର୍‌ପାଇ ନିୟମ୍ ମାଙ୍ଗ୍‌ଲା
ଇସାବେ, ସେମନ୍ ସବୁ ବର୍‌ସେ ବଲି ସର୍‌ପାଇ ଅଇତେରଇଲାଇ
। ମାତର୍ ସେ ସବୁ ବଲି ସରପ୍‌ବାଟା ପର୍‌ମେସର୍‌ଟାନେ ଆଇବା
ଲକ୍‌ମନ୍‌କେ ସିଦ୍ କରିନାପାର୍‌ଲା । ୨ ସେନ୍ତାରି ଜନ୍ ଲକ୍‌ମନ୍
ପର୍‌ମେସର୍‌କେ ଉପାସନା କର୍‌ତେରଇଲାଇ, ଜଦି ସେମନ୍
ତାକର୍ ପାପେ ଅନି ସୁକଲ୍ ଅଇତାଇ, ତେବେ ସେମନ୍‌କେ
ତାକର୍ ପାପ୍ ଦସି ନ କରାଇତା । ଆରି ସବୁ ବଲିଦେବାଟା
ସାରିଜାଇତା । ୩ ମାତର୍ ସବୁ ବରସେ ସେ ସମାନ୍ ବେଲାଇ
ବଲି ସର୍‌ପିଦେବାଟା କର୍‌ବାକେ ପଡ୍‌ଲା । ସେମନର୍ ପାପ୍
ରଇଗାଲା ଆଚେ ବଲି ସେମନ୍ ତେଇଅନି ଜାନ୍‌ଲାଇ । ୪
କାଇକେବଇଲେ ବଲଦ୍‌ମନର୍ ଆରି ଚେଲିମନର୍ ବନି କେବେ
ମିସା ଆମର୍ ପାପ୍ ଦାରି ନ ନେଏ । ୫ ଆମେ ଜାନିଆଚୁ
ଜେ, କିରିସ୍‌ଟ ଏ ଜଗତେ ରଇଲାବେଲେ ସେ ତାର୍ ବାବା
ପର୍‌ମେସର୍‌କେ କଇ ରଇଲା, ବଲି ଆରି ସର୍‌ପିଦେବାଟା ତୁଇ
ମନ୍ କରୁସ୍ ନାଇ । ସେଟାର୍‌ପାଇ ତୁଇ ମର୍‌ପାଇ ଗଟେକ୍ ଗାଗଡ୍
ତିଆର୍ କଲୁସ୍ । ୬ ବେଦିଟାନେ ପଡାଇବା ପସୁମନ୍‌କେ ତୁଇ
ମନ୍ କରୁସ୍ ନାଇ । କି ପାପ୍ ଦଇନେବା ବଲି ମିସା ନାଇ । ୭
ତାର୍‌ପଚେ ମୁଇ କଇଲି, ଏ ପରମେସର୍, ମର୍ ବିସଇ ନିୟମ୍
ବଇଟାନେ ଜେନ୍ତି ଲେକାଅଇଆଚେ, ସେ ଇସାବେ ତୁଇ ମନ୍
କଲାଟା ପୁରାପୁରୁନ୍ କର୍‌ବାକେ ରାଜିଆଚି । ୮ ସେ ପର୍‌ତୁମ୍
କଇଲା, ତମେ ସର୍‌ପି ଦେବାଟା, କି ବେଦିଟାନେ ପଡାଇବାଟା,
କି ପାପ୍ ଦାରିନେବା ପସୁମନର୍ ବନି ମନ୍ କରୁସ୍ ନାଇ । ଏ ସବୁ
ବଲି ନିୟମ୍ ଇସାବେ ସର୍‌ପାଇ ଅଇରଇଲେ ମିସା, ସେ ଏନ୍ତାରି
କଇଲା । ୯ ତାର୍ ପଚେ ସେ ଆରିତରେକ୍ କଇଲା, ତୁଇ ଜାଇଟା
ମନ୍ କଲୁସ୍‌ନି ସେଟା ସିଦ୍ କର୍‌ବାକେ ଏ ପର୍‌ମେସର୍, ମୁଇ
ଇତି ଆଚି । ସେନ୍ତାରି ଆଗର୍‌ପାରା ବଲିଦେବାଟା ପର୍‌ମେସର୍
ମନାକରି, ତାର୍ ବାଦୁଲେ କିରିସ୍‌ଟର୍ ବଲି ଟିକ୍ କଲା । ୧୦
କିରିସ୍‌ଟ ପର୍‌ମେସରର୍ ମନ୍ କର୍‌ବାଟା ସାଦନ୍ କଲା । ସେ ତାର୍
ଗାଗଡ୍ ସର୍‌ପିଦେଇକରି ଏକାତର୍ ସବୁବେଲର୍‌ପାଇ ଆମର୍
ପାପ୍ ଦଇଦେଲା । ୧୧ ସବୁ ଜିଉଦି ପୁଜାରିମନ୍ ସେ ସମାନ୍
ବଲି ସର୍‌ପିଦେଇକରି ଦିନ୍‌କେଦିନ୍ ଟିଆ ଅଇତେରଇଲାଇ ।
ମାତର୍ ଏ ବଲି ଲକ୍‌ମନର୍ ପାପ୍ ନେଇ ନାପାର୍‌ଲା । ୧୨
ମାତର୍ କିରିସ୍‌ଟ ତରେକ୍ ସେ ନିଜ୍‌କେ ବଲିଅଇଲା, ସେଟା
ଆମର୍ ପାପ୍‌କେ ଦାରିଗାଲା ଆରି ସେ ସର୍‌ପାଇ ଅଇଲାଟା
ସବୁଦିନର୍ ପାଇ ନିକ । ସେ କରିରଇବା କାମ୍ ସାରାଇଲା

ଇସାବେ ଗଟେକ୍ ଚିନ୍ ପାରା, ପର୍ମେସରର୍ ଉଜାବାଟେ ବସ୍‌ଲା
। **୧୩** ସେ ଏବେ ମିସା ତେଇସେ ଜାଗିଆଚେ । ଜନ୍ ବେଲାଇ
ପର୍ମେସର୍ ତାର୍ ସବୁ ସତ୍ରୁମନ୍‌କେ ତାର୍ ପାଦେ ଆନ୍‌ସି
। **୧୪** ଗଟେକ୍ ବଲିର୍‌ଲାଗି ଆମେ ଜେତ୍‌କିଲକ୍ ପାପେଅନି
ଦଇଅଇ ଆଚୁ, ସେ ଆମ୍‌କେ ସବୁଦିନର୍ ପାଇ ସିଦ୍ କରି ଆଚେ
। **୧୫** ସୁକଲ୍‌ଆତ୍‌ମା ମିସା ଆମ୍‌କେ ତାର୍ ସାକି ଦେଇ କଇଲାନି,
**୧୬** "ମାପ୍ରୁ କଇଲାନି, ଆଇବା ଦିନ୍‌ମନ୍‌କେ, ମୁଇ ଏ ନୁଆଁ
ରାଜିନାମା, ସେ ଲକ୍‌ମନର୍‌ପାଇ କର୍‌ବି । ମୁଇ ମର୍ ନିୟମ୍
ସେମନର୍ ମନେ ସଙ୍ଗଇବି ଆରି ଚିନ୍ତା କର୍‌ବାଟାନେ ଲେକ୍‌ବି
।" **୧୭** ସେ ଆରି ତରେକ୍ କଇଲା, ତାକର୍ ପାପ୍ ଆରି କାରାପ୍
ଗୁନ୍ ଚଲନ୍ ମୁଇ ପାସ୍‌ରି ଜିବି । **୧୮** ସେନ୍ତାରି ଏ ସବୁ ବିସଇ
କେମା ଅଇଲାର୍ ପାଇ, ତାକର୍ ପାପ୍ ଦାରି ନେବାକେ ବଲି
ଆରି ଦେବାକେ ନ ପଡେ । **୧୯** ଏ ମର୍ ବାଇବଇନିମନ୍,
ଜିସୁର୍ ମରନର୍ ଲାଗି ଆମେ ଅଦିକ୍ ସୁକଲ୍ ଜାଗାଇ ପୁର୍‌ବାକେ
ଆମ୍‌କେ ଅଦିକାର୍ ଆଚେ । **୨୦** କାଇକେବଇଲେ, ତାର୍ ଗାଗଡ୍
ସର୍‌ପି ଅଇଲାକେ ପାର୍‌ଦାବାଟେ ଆମ୍‌କେ ନୁଆ ଆରି ଜିବନ୍
ରଇବା ବାଟ୍ ଉଗାଡିଦେଲା ଆଚେ । **୨୧** ଆରି ସେତ୍‌କିସେ ନଏଁ,
ଆମ୍‌କେ ଏବେ ଗଟେକ୍ ବଡ୍ ପୁଜାରିଆଚେ । ଜେ କି ପରମେସର୍
ଗରର୍ ଅଦିକାରେ ରଇବା ଲକ୍ । **୨୨** ସେଟାର୍‌ପାଇ ତେବେ
ଆସା, ଆମେ ସତଇସେ ମନ୍‌କରି ଆରି ଡାଟ୍‌ସଙ୍ଗେ ବିସ୍‌ବାସ୍
କରି ପର୍ମେସରର୍ ଲଗେ ଜୁ । ଆମର୍ ବିବେକ୍ ଆମ୍‌କେ ଦସ୍
ନ ଦେଲାପାରା କିରିସ୍‌ଟର୍ ବନିସଙ୍ଗେ ଚିଚିଅଇକରି ଦଇଅଇ
ରଇବାର୍ ଆଚେ । ଆରି ଆମର୍ ଗାଗଡ୍ ସୁକଲ୍ ପାନିସଙ୍ଗେ
ଦଇଅଇଲାପାରା ରଇବାର୍ ଆଚେ । **୨୩** ଆମର୍ ଜନ୍ ଆସା
ଉଁ, ବଲି ମାନିଆଇଲୁନି, ତାକେ ଡାଁଟ୍ କରୁ । ଆମେ ଅଇସି କି
ନଏଁ ଆଲେ, ବଲି ନ ବାବୁ । କାଇକେବଇଲେ ପର୍ମେସର୍
ଜନ୍ ସପତ୍ କଲାଆଚେ, ସେଟା ସେ କର୍‌ସି ଆକା । **୨୪**
ଆସା, ଆମେ ବିନ୍ ଲକ୍‌ମନ୍‌କେ ମନ୍‌ଦେଇ ସେମନ୍‌କେ ସାଇଜ
କରୁ । ଗଟେକ୍ ଲକ୍ ଆରିଗଟେକ୍ ଲକ୍‌କେ ଆଲାଦ୍ କରି ନିକ
କାମ୍ କରୁ । **୨୫** ଜେନ୍ତିକି ଆରି କେତେଲକ୍ କଲାଇନି, ଆମେ
ମିସିବିଡି ରଇବା ବିସ୍‌ବାସି ବାଇବଇନି ମନର୍ ସଙ୍ଗେ ରୁଣ୍ଡିବାକେ
ଏଲା ନ କରୁ । ତାର୍ ବାଦୁଲେ ଆମର୍ ସଙ୍ଗରିମନର୍ ବିସ୍‌ବାସ୍
ଡାଁଟ୍ କରାଉ । ଆମର୍ ମାପ୍ରୁ ଜିସୁ ଆରିତରେକ୍ ଆଇବା ଦିନ୍
ଲଗେ କେଟି ଆଇଲାନି । **୨୬** କିରିସ୍‌ଟର୍ ବିସଇତେଇ ରଇବା
ସତ୍, ଆମେ ଜାନିକରି ପାପ୍‌କରି ଲାଗିରଇଲେ, ଆମର୍ ପାପ୍
ଦାରିନେବାକେ ଆରି କାଇ ବଲି ନାଇ । **୨୭** ସେନ୍ତାର୍‌ଆଲେ
ପର୍ମେସରର୍ ଜନ୍ ବଡ୍‌ବିଚାର୍ ଦିନ୍ ଆଇଲାନି, ତେଇ ତାର୍
ବେସି ଡର୍ ଲାଗ୍‌ବା ବିଚାର୍‌ନାର୍‌ପାଇ ଜାଗ୍‌ବାକେ ପଡ୍‌ସି ।
ପରମେସରର୍ ସବୁ ବିରଦିମନ୍‌କେ କୁରୁପ୍‌ନାସ୍ କର୍‌ବା ସେ
ବେସି ଲାଗ୍‌ତେରଇବା ଜଇର୍ ପାଇ ମିସା ଜାଗ୍‌ବାକେ ପଡ୍‌ସି
। **୨୮** ମସାର୍ ନିୟମ୍ ନ ମାନ୍‌ବା ଗଟେକ୍ ଲକ୍‌କେ କାଇଟା
ଅଇତେରଇଲା ବଲି ବାବିଦେକା । ଦୁଇ କି ତିନ୍ ଲକ୍ ତାର୍
ପାପର୍ ଲାଗି ସାକିଦେଲେ, ସେ କାଇମିସା ଦୟା ନ ପାଇକରି
ମର୍‌ବାକେ ଆଦେସ୍ ଦେଇତେରଇଲାଇ । **୨୯** ମସାର୍ ନିୟମ୍ ନ
ମାନ୍‌ବା ଗଟେକ୍ ଲକର୍ ଦସା ସେନ୍ତାରି ରଇଲେ, ପର୍ମେସରର୍
ପଅକେ ଇନ୍ କର୍‌ବା ଗଟେକ୍ ଲକର୍ ଦସା କେତେକ୍ ଅଦିକ୍ ନ
ରଏ । ଜଦି ତାର୍ ରାଜିନାମାର୍ ବନିକେ କାଇ ମୁଲିଅ ନାଇ ବଲି
ଏଲାକରିଦେଲେ, ଏ ବନିର୍ ଲାଗି ସେ ପାପେଅନି ସେ ସୁକଲ୍
ଅଇରଇଲା । ସେନ୍ତାରି କର୍‌ବା ଲକ୍ ପର୍ମେସରର୍ ଆତ୍‌ମା
ଜେ କି ଜିବନ୍ ଦୁକାଇ ଦୟା ଦେକାଇସି, ତାକେ ମିସା ମନ୍‌ଦୁକ୍
କରାଇଲାନି । ତାର୍ ଡଣ୍ଡ କେତେକ୍ ଅଦିକ୍ ନ ଅଏ । **୩୦**
କାଇକେବଇଲେ ଆମେ ଜାନିଆଚୁ, ପର୍ମେସର୍ କଇଲା, "ବେର୍
ସୁଜାଇବାକେ ମର୍ ଅଦିକାର୍ ଆଚେ । ମୁଇସେ ବାଉଡାଇବି ।"
ସେ ଏନ୍ତାରି ମିସା କଇରଇଲା, "ମୁଇସେ ମାପ୍ରୁ ଆରି ମର୍
ଲକ୍‌ମନ୍‌କେ ମୁଇ ଆକା ବିଚାର୍ କର୍‌ବି ।" **୩୧** ଜିବନ୍ ରଇବା
ଆରି ସବୁର୍‌ଟାନେଅନି ବପୁ ରଇବା ପର୍ମେସର୍ ଡଣ୍ଡ ପାଇବାକେ
କେତେକ୍ ଡର୍ ଲାଗ୍‌ସି । **୩୨** ଗାଲା ଦିନ୍‌ମନ୍‌କେ ତମେ କେନ୍ତାରି
ରଇଲାସ୍, ତମେ ଏତାଇଦେକା । ପର୍ମେସରର୍ ସତ୍ ବିସଇର୍
ପାଇ ତମର୍ ମନ୍ ଉଗାଡି ଅଇଲାକେ, ତମ୍‌କେ ବେସି ଦୁକ୍
କସ୍‌ଟ ଅଇଲେମିସା, ସେଟା ସବୁ ମୁର୍‌ଚି କରି ରଇଲାସ୍ ।
ଆରିତେଇ ଆରିଜାଆସ୍ ନାଇ । **୩୩** କେତେ କେତେ ତର୍
ତମ୍‌କେ ସବୁର୍ ମୁଆଟେ ଇଜତ୍ ଜିକ୍‌ଲାଇ ଆରି କାରାପ୍ ଇସାବେ
ଦେକ୍‌ଲାଇ । କେବେ କେବେ ଜନ୍ ଲକ୍‌ମନ୍‌କେ ଦୁକ୍ ଆଇସି,
ତାକର୍ ସମାନ୍ ଅଇତେରଇଲାସ୍ । **୩୪** ଆରି ବନ୍ଦି ଗରେ ରଇବା
ତମର୍ ସଙ୍ଗରିମନ୍‌କେ ଦୟା ଦେକାଇଲାସ୍ । ତମର୍‌ଟାନେ
ଜେତ୍‌କି ରଇଲାଟା ସେମନ୍ ମାର୍‌ଦାର୍ କରି ନେଲାବେଲେ, ତମେ
ସାର୍‌ଦାସଙ୍ଗେ ମୁର୍‌ଚି ରଇଲାସ୍ । କାଇକେବଇଲେ, ତମ୍‌କେ
ତାର୍‌ତେଇଅନି ନିକଟା ଆରି ନ ସାର୍‌ବା ଦିନ୍ ଜାକ ରଇବା
ଦନ୍‌ସଁପତି ଆଚେ ବଲି ଜାନିରଇଲାସ୍ । **୩୫** ସେଟାର୍‌ପାଇ ତମର୍
ସାଆସ୍ ଚାଡାନାଇ । ମାତର୍ ସେଟା କର୍‌ତେରୁଆ । କାଇକେ
ବଇଲେ ତମର୍ ଇନାମ୍ ବଡ୍ ରଇସି । **୩୬** ପର୍ମେସରର୍
ମନ୍ କଲାଟା ସାଦନ୍ କର୍‌ବାକେ ତମେ ମୁର୍‌ଚିକରି ରଇବାର୍
ଆଚେ ଆରି ସେ କାତା ଦେଇରଇବାଟା ତମେ ମିଲାଇସା । **୩୭**
ଜେନ୍ତାରିକି ସାସ୍‌ତରେ ଲେକା ଅଇଲାଆଚେ, ଚନେକ୍ ଜାଗିରୁଆ,
ଜେ ଆଇବାର୍ ଆଚେ, ସେ ଆଇସି ଆକା, ସେ ଅଲ୍‌ସମ୍ ନ ଅଏ
। **୩୮** ମର୍ ଜେତ୍‌କି ଦରମ୍ ଲକ୍ ଆଚତ୍, ସେମନ୍ ବିସ୍‌ବାସ୍ କରି
ବଁଚ୍‌ବାଇ ମାତର୍ ଜେ ଜଦି ପଚ୍‌କେ ବାଅଡ୍‌ଲେ ମୁଇ ତାର୍‌ଟାନେ
ସାର୍‌ଦା ନ ଅଇ । **୩୯** ମାତର୍ ଆମେ ପର୍ମେସର୍‌କେ ନ
ମାନିକରି ତାର୍ ତେଇଅନି ବେଗ୍‌ଲି ଜିବା ଲକ୍ ନଉଁ । ମାତର୍
ଆମେ ବିସ୍‌ବାସ୍ କରି ରକିଆ ପାଇଲା ଲକ୍‌ମନର୍ ସଙ୍ଗେ ଆଚୁ ।

**୧୧** ତେବେ ବିସ୍‌ବାସ୍ ଆଲେ କାଇଟା? ଜନ୍ ବିସଇର୍ ପାଇ
ଆମେ ଆସା କଲୁନି, ସେଟା ସିଦ୍ ଅଇସି ଆକା ବଲି

ଆମର୍ ମନେ ଜାନ୍‌ବାଟା ଅଇଲାନି ବିସ୍‌ବାସ୍ । ଆରି ଜନ୍‌ଟା
ଆମେ ଦେକି ନାପାରୁ, ସତଇସେ ଆଚେ ବଲି ଜାନ୍‌ବାଟା,
ମିସା ବିସ୍‌ବାସ୍ । **୨** ପୁର୍‌ବେ ରଇବା ଆମର୍ ଆନିଦାଦିମନର୍
ବିସ୍‌ବାସର୍ ଲାଗି ପର୍‌ମେସର୍ ସେମନ୍‌କେ ମନ୍‌କଲା । **୩**
ଆମର୍ ବିସ୍‌ବାସର୍‌ଲାଗି, ଏ ଜଗତ୍ ଆରି ତେଇ ରଇବା ସବୁଜାକ
ପର୍‌ମେସରର୍ ଆଦେସ୍ ଇସାବେ ତିଆର୍ ଅଇଲାଆଚେ ବଲି
ଆମେ ଜାନ୍‌ଲୁନି । ତେବେ ଜନ୍‌ଟା ଦେକି ଅଇଲାନି, ସେଟା
ଦେକି ନ ରଇଲା ଟାନେଅନି ତିଆର୍ ଅଇଆଚେ । **(aiōn g165)**
**୪** ଏବଲର୍ ବିସଇ ବାବି ଦେକୁ । ତାର୍ ବିସ୍‌ବାସର୍ ଲାଗି
ସେ ଜନ୍‌ଟା ପର୍‌ମେସର୍‌କେ ସର୍‌ପି ଦେଇରଇଲା, ତାର୍ ବାଇ
କଇନ୍ ଦେଲାଟାନେଅନି ନିକରଇଲା । ତାର୍ ବିସ୍‌ବାସର୍ ଲାଗି
ପର୍‌ମେସର୍ ତାକେ ଦରମ୍ ବଲି ଏଜାଇଲା । ସେ ସର୍‌ପିଦେଲାଟା
ପର୍‌ମେସର୍ ମାନ୍‌ଲାକେ ଆମେ ଏଟା ଜାନ୍‌ଲୁନି । ତେବର୍‌ପାଇ
ଏବଲ୍ ମରିଗାଲେମିସା ତାର୍ ବିସ୍‌ବାସର୍ ଲାଗି, ସେ ଆମ୍‌କେ
କାଇକାଇଟା କଇଲାନି । **୫** ଆରି ଗଟେକ୍ ଲକ୍ ରଇଲା
ଇନକ୍, ତାର୍ ବିସ୍‌ବାସର୍ ଲାଗି ସେ ମରେନାଇ, ମାତର୍ ଜିବନ୍
ରଇତେ ତାକେ ପର୍‌ମେସର୍ ଦାରିଗାଲା । ତେବେ ସେମନ୍
ତାକେ କଜ୍‌ଲାଇ ମିସା ମିଲାଇ ନାପାର୍‌ଲାଇ । କାଇକେବଇଲେ
ପର୍‌ମେସର୍ ତାକେ ନେଇରଇଲା । ସାସ୍‌ତରେ ଏନ୍ତାରି ଲେକା
ଅଇଲାଆଚେ, ତାକେ ଦାରି ନେବା ଆଗ୍‌ତୁ ପର୍‌ମେସର୍ ତାକେ
ମନ୍ କରିରଇଲା । **୬** ତେବର୍‌ପାଇ ଜନ୍ ଲକ୍‌ମନ୍ ପର୍‌ମେସରର୍
ଲଗେ ଆଇବାକେ ମନ୍ କଲାଇନି, ପର୍‌ମେସର୍ ଆଚେ ବଲି
ବିସ୍‌ବାସ୍ କର୍‌ବାର୍ ଆଚେ । ଜେତ୍‌କି ଲକ୍‌ମନ୍ ତାକେ କଜ୍‌ବାଇ,
ସେ ସେମନର୍ ଆସା କଲାଟା ପୁରାପୁରୁନ୍ କର୍‌ସି । **୭** ନଅର୍
ବିସଇ ବାବିଦେକା । ତାର୍ ବିସ୍‌ବାସର୍ ଲାଗି ପଚ୍‌କେ ଅଇବା
ବିସଇ ପର୍‌ମେସର୍ ତାକେ ଜାଗ୍‌ରତ୍ କରାଇଲାକେ, ସେ କାତା,
ସେ ଏଲାକରେ ନାଇ । ତାର୍ ଆଗ୍‌ତୁ ସେ ସେନ୍ତାରିଟା କାଇଟା ନ
ଦେକିରଇଲେ ମିସା, ସେ ବିସ୍‌ବାସ୍ କଲା । ତାର୍‌ପଚେ ସେ ଆରି
ତାର୍ କୁଟୁମ୍ ରକିଆ ପାଇବାକେ ଗଟେକ୍ ବଡ୍ ଡଙ୍ଗା ତିଆର୍
କଲା । ତାର୍ ବିସ୍‌ବାସର୍ ଲାଗି ପର୍‌ମେସର୍ ତାକେ ଦରମ୍
ଲକ୍ ବଲି ଏଜ୍‌ଲା, ମାତର୍ ବିନ୍‌ଲକ୍‌ମନ୍‌କେ ଦସି କଲା । **୮**
ଅବ୍‌ରାଆମ୍ ମିସା ତାର୍ ବିସ୍‌ବାସର୍ ଲାଗି ପର୍‌ମେସରର୍ କାତା
ମାନ୍‌ଲା । ପର୍‌ମେସର୍ ତାର୍‌ପାଇ ସଙ୍ଗଇରଇବା ଗଟେକ୍ ଦେସେ
ଜା ବଲି କଇଲାକେ, ସେ ଦାପ୍‌ରେ ମାନ୍‌ଲା ଆରି ବାରଇଲା
। ସେ କନ୍ତି ଗାଲିନି ବଲି ନାଜାନି ରଇଲେ ମିସା ସେ ସେନ୍ତାର୍
କଲା । **୯** ତାର୍ ବିସ୍‌ବାସର୍ ଲାଗି ପର୍‌ମେସର୍ ତାକେ ଦେବି
ବଲି କାତା ଦେଇରଇଲା ଦେସେ, ସେ ବିନ୍‌ଦେସର୍ ଲକ୍ ପାରା
ତୁମ୍ ଟାନି ରଇଲା । ସେନ୍ତାରିସେ ତାର୍ ପଅ ଇସାକ୍ ଆରି
ଜାକୁବ୍ ତାର୍ ନାତି ମିସା ପର୍‌ମେସର୍ କାତା ଦେଇରଇଲାଟା
ମିଲାଇବାଟାନେ ମିସ୍‌ଲାଇ । **୧୦** ଅବ୍‌ରାଆମ୍ ସେନ୍ତାରି ଜାଗାଇ
ମୁର୍‌ଚିକରି ରଇଲା । କାଇକେବଇଲେ ପର୍‌ମେସର୍ ତିଆର୍ କଲା
ସବୁଦିନ୍ ରଇବା ସରଗର୍ ନଅରେ ରଇବି ବଲି ସେ ଆସାକଲା ।
**୧୧** ତାର୍ ବିସ୍‌ବାସର୍ ଲାଗି ଅବ୍‌ରାଆମ୍ ବେସି ଡକ୍‌ରା ରଇଲା
ମିସା ଆରି ତାର୍ ମାଇଜି ସାଆରା ବାଞ୍ଜି ରଇଲେ ମିସା, ବାବା
ଅଇଲା । ପର୍‌ମେସର୍ କାତା ଦେଇରଇଲାଟା ସିଦ୍ କର୍‌ସିଆକା
ବଲି ସେ ଜାନିରଇଲା । **୧୨** ଅବ୍‌ରାଆମ୍ କୁଲ୍‌କୁଲା ଡକ୍‌ରା
ଅଇଲାକେ ସେ ପିଲାଜିଲା କରି ନାପାର୍‌ଲା । ଅଇଲେମିସା
ତାର୍ ନାତିତିତିମନ୍ ବାଦଲର୍ ତାରା ପାରା ଆରି ସମ୍‌ଦୁରେ
ରଇବା ବାଲି ପାରା ଜବର୍ ଅଇଗାଲାଇ । **୧୩** ଏ ସବୁ ଲକ୍‌ମନ୍
ସେମନ୍ ମଲାବେଲେ ମିସା ପର୍‌ମେସର୍‌କେ ବିସ୍‌ବାସ୍ କର୍‌ତେ
ରଇଲାଇ । ପର୍‌ମେସର୍ ସେମନ୍‌କେ କାତା ଦେଇରଇଲାଟା,
ସେମନ୍ ଜିବନ୍ ରଇଲାବେଲେ ନ ମିଲାଇରଇଲେ ମିସା,
ଜନ୍‌ଟା ପାଇବାଇ, ସେଟା ଦୁରିକେଅନି ଦେକ୍‌ଲାପାରା ଦେକି
ସାର୍‌ଦା ଅଇଲାଇ । ଏ ଜଗତେ ସେମନ୍ ବିନ୍ ଦେସର୍ ପାରା
ଆରି ନିଜର୍ ଦେସେ ନ ରଇଲା ଲକର୍‌ପାରା ମାନିଅଇକରି
ରଇଲାଇ । **୧୪** ସେମନ୍ ମାନିଅଇ ରଇଲାଟାନେ ଅନି ଆମେ
ଜାନ୍‌ବୁ ଜେ, ସେମନ୍ ନିଜର୍‌ଟା ବଲି ଜାନାଇବା ଗଟେକ୍ ଦେସ୍
କଜ୍‌ତେ ରଇଲାଇ । **୧୫** ସେମନ୍ ଚାଡିକରି ଆସିରଇବା ଦେସ୍
ବିସଇନେଇ ଚିନ୍ତା କରତ୍‌ନାଇ । ସେନ୍ତାରି କର୍‌ତାଇଆଲେ,
ସେମନ୍ ବାଉଡ୍‌ବାକେ ଅଇତା । **୧୬** ସେମନ୍ ଚାଡିଆଇଲା
ନଅର୍‌ତେଇଅନି ଅଦିକ୍ ନିକ ଗଟେକ୍ ନଅରର୍ ପାଇ ତାକର୍
ଆଁକି ରଇଲା । କାଇକେବଇଲେ, ସେମନ୍ ସରଗ୍ ଦେସ୍ ପାରାଟା
କଜ୍‌ତେରଇଲାଇ । ସେମନ୍ ତାକେ ପର୍‌ମେସର୍ ବଲି ଡାକ୍‌ଲାର୍
ପାଇ, ସେ ଲାଜ୍ ଅଏନାଇ । କାଇକେବଇଲେ ସେ ତାକର୍‌ପାଇ
ଗଟେକ୍ ନଅର୍ ତିଆର୍‌କଲା ଆଚେ । **୧୭** ତାର୍ ବିସ୍‌ବାସର୍
ଲାଗି ଅବ୍‌ରାଆମ୍ ଜେଡେବେଲେ ପର୍‌ମେସର୍ ତାକେ ପରିକା
କଲା, ସେ ତାର୍ ପଅକେ ବଲି ଇସାବେ ସର୍‌ପି ଦେଲା ।
ମାତର୍ ପର୍‌ମେସର୍ କାତା ଦେଇରଇଲାଟାନେ ଅବ୍‌ରାଆମର୍
ବିସ୍‌ବାସ୍ ଡାଁଟ୍ ରଇଲା । ଆରି ସେ ତାର୍ ଗଟେକ୍ ବଲି ପଅ
ଇସାକ୍‌କେ ବଲି ଇସାବେ ଦେବାକେ ରାଜି ରଇଲା । **୧୮** ତାର୍
ପଅ ଇସାକର୍ ଲାଗି, ତାର୍ ନାତିତିତିମନ୍ ଜବର୍ ଅଇଜିବାଇ
ବଲି ପର୍‌ମେସର୍ ତାକେ କାତା ଦେଇରଇଲା । **୧୯** ଜଦି ଇସାକ୍
ମରିଗାଲେ, ପର୍‌ମେସର୍ ତାକେ ଜିବନ୍ କରି ଉଟାଇପାର୍‌ସି ବଲି
ଅବ୍‌ରାଆମ୍ ବାବିରଇଲା । ଆରି ସେବେଲେ ସେନ୍ତାରିସେ ତାକେ
ମଲାତେଇଅନି ଜିବନ୍ ଅଇକରି ପାଇଲା ପାରା ସେ ରଇଲା
। **୨୦** ଇସାକ୍ ତାର୍ ବିସ୍‌ବାସର୍ ଲାଗି, ତାର୍ ପଅମନ୍ ଜାକୁବ୍
ଆରି ଏସ୍‌ଅକେ ଆଇବା ଦିନ୍‌ମନର୍ ପାଇ ଆସିର୍‌ବାଦ୍ ଦେଲା ।
**୨୧** ଜାକୁବ୍ ତାର୍ ବିସ୍‌ବାସର୍ ଲାଗି, ସେ ମର୍‌ବା ବେଲେ ତାର୍
ନାତିତିତିମନ୍ ଜେ କି ଜସେପର୍ ପଅମନ୍‌କେ ଆସିର୍‌ବାଦ୍ କଲା ।
ସେ ଦାରିକରି ଇଣ୍ଡୁବା ଡାଙ୍ଗ ଉପ୍‌ରେ ଆଉଜି କରି ପର୍‌ମେସର୍‌କେ
ଉପାସନା କଲା । **୨୨** ଜସେପ୍ ତାର୍ ବିସ୍‌ବାସର୍ ଲାଗି ସେ
ମର୍‌ବାବେଲେ ଆଇବା ଦନ୍‌ମନ୍‌କେ ଇସ୍‌ରାଏଲର୍ ଲକ୍‌ମନ୍ ସବୁ

ମିସର୍ ଦେସ୍ ଚାଡି ଜିବାଇ ବଲି କଇରଇଲା । ଆରି ତାର୍ ମଲା
ଗାଗଡ୍ସଙ୍ଗ୍ କାଇଟା କର୍ବାର୍ ଆଚେ ବଲି ସେମନ୍କେ ତିଆରି
ରଇଲା । ୨୩ ମସାର୍ ଆୟ୍ଯାବାବାମନ୍ ତାକର୍ ବିସ୍ବାସର୍ ଲାଗି
ଏବ୍ରିଅମନର୍ ପିଲାଟକିକେ ମରାଇବାର୍ ଆଚେ ବଲି ରାଜା
ଆଦେସ୍ ଦେଇରଇଲା ମିସା, ସେମନ୍ ମସା ଜନମ୍ ଅଇଲାକେ
ତାକେ ତିନ୍ମାସ୍ ଲୁଚାଇକରି ସଙ୍ଗ୍ଇଲାଇ । ସେ ଗଟେକ୍ ସୁନ୍ଦର୍
ପିଲା ବଲି ସେମନ୍ ଦେକ୍ଲାଇ । ରାଜା ଆଦେସ୍ କଲାଟାକେ
ସେମନ୍ ଡରତ୍ ନାଇ । ୨୪ ମସା ତାର୍ ବିସ୍ବାସର୍ ଲାଗି,
ସେ ବଡ୍ ଅଇଲାକେ ରାଜାର୍ ଜିଇର୍ ପିଲା ବଲାଇଅଇବାକେ
ମନ୍ କରି ନ ରଇଲା । ୨୫ ଚନେକର୍ପାଇ ସାର୍ଦା ଦେବା
ପାପ୍ କର୍ବାତେଇଅନି, ପର୍ମେସରର୍ ଲକ୍ମନର୍ ସଙ୍ଗ୍ କସ୍ଟ
ଅଇରଇବାଟା ଅଦିକ୍ ନିକ ବଲି ସେ ବାବ୍ଲା । ୨୬ ମସିଅର୍
ଲାଗି ଲାଜ୍ପାଇ ମୁର୍ଚିକରି ରଇବାଟା ମିସର୍ ଦେସେଅନି
ମିଲାଇରଇବା ବଡ୍ ଦନ୍ ସଁପତିତେଇଅନି ଅଦିକ୍ ନିକଟା ବଲି ସେ
ବାବ୍ଲା । ଆଇବା ଦିନ୍ମନ୍କେ ମିଲାଇବା ପୁରୁସ୍କାର୍ଟାନେ ସେ
ଆଁକିପାକାଇ ରଇଲା । ୨୭ ତାର୍ ବିସ୍ବାସର୍ ଲାଗି, ସେବେଲେ
ସେ ମିସର୍ଦେସ୍ ଚାଡିଆଇଲା । କାଇକେବଇଲେ, ସେ ରାଜାର୍
ରିସା ଡରେନାଇ । ଆକିସଙ୍ଗ୍ ଦେକି ନାପାର୍ବା ପର୍ମେସର୍କେ
ଦେକ୍ଲା ପାରା ସେ ଆରି ସେ ଦେସେ ବାଉଡେନାଇ । ୨୮ ତାର୍
ବିସ୍ବାସର୍ ଲାଗି ସେ ନିସ୍ତାର୍ ପରବ୍ ମାନ୍ଲା ଆରି ଇସ୍ରାଏଲ୍
ଲକ୍ମନର୍ ରଇବା ଗରର୍ କାପାଟେ, ଗଟେକ୍ ମେଣ୍ଢାପିଲାର୍
ବନି ଚିତ୍ବାକେ ଆଦେସ୍ ଦେଲା । ସେ ଏନ୍ତାରି କଲାକେ
ପର୍ମେସରର୍ ଦୁତ୍ ଇସ୍ରାଏଲ୍ ଲକ୍ମନର୍ ପଣୁଆ ପିଲାମନ୍କେ
ମରାଏ ନାଇ । ୨୯ ଇସ୍ରାଏଲର୍ ଲକ୍ମନ୍ ତାକର୍ ବିସ୍ବାସର୍
ଲାଗି ଲଇତ୍ ନାଉଁର୍ ସମ୍ଦୁର୍ ବିତ୍ରେ ସୁକ୍ଲା ବୁଇଁପାରା ଇଣ୍ଡି
ଇଣ୍ଡି ଲଙ୍ଗ୍ଲାଇ । ସେମନ୍କେ କେଦି ଆନ୍ତେରଇବା ମିସର୍
ଦେସର୍ ଲକ୍ମନ୍, ସେନ୍ତାରି ଲଙ୍ଗ୍ବାକେ ଚେସ୍ଟା କଲାଇଜେ
ସେମନ୍ ସବୁଲକ୍ ବୁଡିଗାଲାଇ । କାଇକେବଇଲେ ଜନ୍ ସମ୍ଦୁରେ
ସେମନ୍ ଇଣ୍ଡୁବା ବେଲେ ପାନି ଦୁଇବାଗ୍ ଅଇରଇଲା, ପର୍ମେସର୍
ସେ ପାନି ମିସାଇଦେଲା । ୩୦ ଇସ୍ରାଏଲର୍ ଲକ୍ମନ୍ ତାକର୍
ବିସ୍ବାସର୍ ଲାଗି ଜିରିକର୍ ପାଚୁରିତେଇ ଆସି ସାତ୍ ଦିନ୍ ଜାକ
ତେଇ ବୁଲ୍ଲାକେ ତାର୍ ପାଚୁରି ବସ୍ଲିଗାଲା । ୩୧ ଜେରିକର୍
ନଅରେ ରଇବା ରାଆବ୍ ନାଉଁର୍ ଗଟେକ୍ ବେସିଆ ମାଇଜି, ତାର୍
ବିସ୍ବାସର୍ ଲାଗି ପର୍ମେସର୍କେ ନ ମାନିକରି ରଇବା ଲକର୍
ସଙ୍ଗ୍ ମରେନାଇ । ଇସ୍ରାଏଲର୍ କବର୍ ନେବା ଲକ୍ମନ୍ ଲୁଚ୍ତେ
ନଅରେ ଆଇଲାବେଲେ ରାଆବ୍ ସେମନ୍କେ ସାଇଜ କଲା ।
୩୨ ମୁଇ ଇତି ତେବ୍ବି । କାଇକେବଇଲେ ମୁଇ ଆରି କଇବାଟା
ଆରାମ୍ କଲେ, ଗିଦିୟନ୍, ବାରାକ୍, ସାମ୍ସନ୍, ଜେପ୍ତା,
ସାମୁଏଲ୍, ଆରି ବବିସତ୍ବକ୍ତାମନର୍ ବିସ୍ବାସ୍ ବିସଇ କାତା
ଅଇବାକେ ବେଲା ନ କେଟେ । ୩୩ ତାକର୍ ବିସ୍ବାସର୍ ଲାଗି
କେତେକ୍ ଲକ୍ ରାଇଜେ ଜୁଇଦ୍ କରି ଜିତ୍ଲାଇ । ବିନ୍ଲକ୍ମନ୍
ଦରମ୍ ଚଲାଚଲ୍ତିକରି ପର୍ମେସର୍ କାତା ଦେଇରଇବାଟା
ମିଲାଇଲାଇ । ସେମନ୍ ବାଦ୍ରା ସିଅଁମନ୍କେ ଆରାଇଲାଇ । ୩୪
ବିନ୍ ଲକ୍ମନ୍ ତାକର୍ ବିସ୍ବାସର୍ ଲାଗି ଜବର୍ ଜଇଲାଚ୍ଲାଇ
ମିସା ପଡତ୍ନାଇ, । କାଣ୍ଡାତେଇଅନି ରକିଆ ପାଇଲାଇ । ସେମନ୍
ଦୁର୍ବଲ୍ ରଇଲାଇ । ମାତର୍ ତାକର୍ ବିସ୍ବାସର୍ ଲାଗି ତାଟ୍
ଅଇଲାଇ । ଜୁଇଦ୍କର୍ବାକେ ବପୁ ଅଇଲାଇ । ସତ୍ରୁମନର୍
ସଇନମନ୍କେ ଆରାଇଲାଇ । ୩୫ କେତେଟା ମାଇଜିମନ୍ ମିସା
ତାକର୍ ବିସ୍ବାସର୍ ଲାଗି ସେମନର୍ କୁଟୁମର୍ ଲକ୍ମନ୍କେ
ମଲାତେଇଅନି ଜିବନ୍ ଅଇତେ ମିଲାଇଲାଇ । ବିସ୍ବାସିମନ୍କେ
ବନ୍ଦିକରି ନେଲାଇ । ସେମନ୍ ମର୍ବାଜାକ ଦୁକ୍ କସ୍ଟ ପାଇଲେ
ମିସା ତାକର୍ ବିସ୍ବାସ୍ ଚାଡତ୍ ନାଇ । ଆଇବା ଦିନ୍ମନ୍କେ
ଅଦିକ୍ ନିକ ଜିବନ୍ ପାଇବୁ ବଲି ସେନ୍ତାରି ଅଇକରି ମଲାଇ
। ୩୬ କେତେ ଲକ୍କେ କିଜାଇଲାଇ, କର୍ଡା ମାରାଇଲାଇ,
ବିନ୍ ଲକ୍ମନ୍କେ ବାନ୍ଦିକରି ଜଇଲେ ପୁରାଇଲାଇ, ୩୭ ବିନ୍
ଲକ୍ମନ୍କେ ପାକ୍ନା ମାରାଇ ମରାଇଲାଇ, । ଦୁଇପଡାକରି
କାଟାଇଲାଇ, କାଣ୍ଡା ସଙ୍ଗ୍ ମାରାଇଲାଇ । କେତେକ୍ ଲକ୍
ତାକର୍ ବିସ୍ବାସ୍ ଚାଡତ୍ନାଇକେ ଅବ୍କା ଚେଲିମେଣ୍ଢା ଚାମ୍ସେ
ଲୁଗାର୍ପାଇ ରଇଲା । ସେମନ୍ ବେସି ଅର୍କିତ୍ ରଇଲାଇ ।
ସେମନ୍କେ ସାଦ୍ବାନ୍ଦ କରି ତାଡ୍ନା କଲାଇ । ୩୮ ଏ ଜଗତର୍
କାରାପ୍ ଲକ୍ମନ୍, ସେ ଦରମ୍ ଲକ୍ମନର୍ ସଙ୍ଗ୍ ମିସ୍ବାକେ
ସମାନ୍ ନ ରଇଲାଇ, ବିନ୍ ବିସ୍ବାସିମନ୍ ନିଜର୍ ଗର୍ଦୁଆର୍
ଚାଡି ଆଜିଜାଇରଇବା ଲକ୍ମନର୍ ପାରା ମରୁବାଲି ବୁଏଁ, ଆରି
କୁପ୍ଲିତେଇ ରଇବା ପାଆରେ, ଆରି କଲେ ରଇଲାଇ । ୩୯
ତାକର୍ ବିସ୍ବାସର୍ ଲାଗି ସେମନ୍ ଡାକ୍ପୁଟା ଅଇଲାଇ ।
ଏଲେମିସା ପର୍ମେସର୍ କାତା ଦେଇରଇବାଟା ସେମନ୍ ମିଲାଅତ୍
ନାଇ । ୪୦ କାଇକେବଇଲେ ପର୍ମେସର୍ ଗଟେକ୍ ବେସି ନିକ
ଜଜ୍ନା ଆମର୍ପାଇ ଟିକ୍ କଲାଆଚେ । ଆମେ ସେ ଲକ୍ମନର୍
ସଙ୍ଗ୍ ନ ମିସ୍ବାଜାକ, ସେ ସେମନ୍କେ କାତା ଦେଇରଇଲାଟା
ସିଦ୍ ନ କରେ ।

**୧୨** ଏବେ ଆମେ ସବୁ ଆରାଜିତାଟାନେ ପାଲାଇବା
ଲକ୍ମନର୍ପାରା ଆଚୁ । ଆମର୍ ଚାରିବେଟ୍ତି ଗଟେକ୍
ବଡ୍ ଦଲର୍ ସାକିମନ୍ ଦେକ୍ଲାଇନି । ତେବର୍ପାଇ ଜନ୍ଟାମନ୍
ଆମ୍କେ ବାଦା ଦେଲାନି, ଆରି ଜନ୍ ପାପ୍ମନ୍ ଆମ୍କେ ପଚ୍କେ
ଜିକ୍ଲାନି, ସେଟା ସବୁ ବେଟି ପିଙ୍ଗ୍ଦେବାର୍ । ଜନ୍ ଆରାଜିତା
ଅଇ ପାଲାଇବାଟା ପର୍ମେସର୍ ଆମର୍ ମୁଆଟେ ସଙ୍ଗ୍ଇଆଚେ,
ତେଇ ଆମେ ମୁର୍ଚିକରି ପାଲାଇ ସାରାଇଦେଉଁ । ୨ ଆମର୍
ଆଁକି ଜିସୁର୍ଟାନେ ସଙ୍ଗ୍ଉ । ତାକେ ଆମେ ଆରାମେ ଅନି
ସାରାସାରି ଜାକ ବିସ୍ବାସ୍ କରିଆଚୁ । ଜନ୍ ସାର୍ଦା ତାର୍
ମୁଆଟେ ସଙ୍ଗ୍ଇରଇଲା, ସେ ସାର୍ଦାର୍ଲାଗି ରଇବା ଦୁକ୍କସ୍ଟ
ମୁର୍ଚି କରି ରଇଲା । ଆରି ତେଇ ମର୍ବା ଲାଜର୍ ବିସଇ ମନେ
ଦାରେନାଇ । ପର୍ମେସର୍ ଆଜି ଜନ୍ ଜାଗାଇ ବସ୍ଲାଆଚେ,

ତାର୍ ଉଜାବାଟେ ସେ ମିସା ବସ୍‌ଲାଆଚେ । **୩** ବାବିଦେକା,
ସେ କେତେକ୍ ଦୁକ୍ କସ୍‌ଟ ପାଇଆଚେ । ସେ ପାପିମନର୍
ଟାନେଅନି କେତେକ୍ ଉଡା ସୁନିଆଚେ । ଜେନ୍ତାର୍‌କି ଆସା
ନ କରି ଚାଡି ଦିଆସ୍ ନାଇ । **୪** କାଇକେବଇଲେ ପାପର୍
ବିରୁଦେ ଆଇବା ଜୁଇଦେ ବନି ଜର୍‌ବା ଏତ୍‌କି ତମେ କରାସ୍
ନାଇତା । **୫** ପର୍‌ମେସରର୍ ସାସ୍‌ତରେ ଲେକା ଅଇଲାଟା
ତମେ ପାସ୍‌ରିଗାଲାସ୍ କି? ସେ ତାର୍ ପିଲାଜିଲାମନ୍‌କେ ମନ୍
ସାର୍‌ଦା କରାଇ ଏନ୍ତାରି କଇରଇଲା । ସେ କଇଲା, ମର୍
ପଅ ମାପ୍‌ରୁର୍ ସାସନ୍ କର୍‌ବାଟା ଏଲା କର୍‌ବାର୍ ନାଇ ।
ସେ ତମ୍‌କେ ଡଣ୍ଡ ଦେବାବେଲେ ଆସା ଚାଡ୍‌ବାର୍ ନାଇ । **୬**
କାଇକେବଇଲେ ମାପ୍‌ରୁ ଜେତ୍‌କି ଲକ୍‌କେ ଆଲାଦ୍ କର୍‌ସି,
ସେତ୍‌କି ଲକ୍‌କେ ସେ ସାସନ୍ କର୍‌ସି । ଆରି ଜେତ୍‌କି ଲକ୍‌କେ
ତାର୍ ପିଲାଜିଲା ବଲି ଏଜିଆଚେ ସେ ସବୁ ଲକ୍‌କେ ଡଣ୍ଡ
ଦେଇସି । **୭** ତେବର୍‌ପାଇ ତମର୍ ଦୁକ୍‌କସ୍‌ଟ ସବୁ ତମର୍
ବାବାର୍‌ତେଇଅନି ମିଲିରଇବା ଡଣ୍ଡ ପାରା ବଲି ବାବ୍‌ବାର୍ ଆଚେ
। ପର୍‌ମେସର୍ ତମ୍‌କେ ତାର୍ ପିଲା ଜିଲା ବଲି ଏଜ୍‌ଲାନି
। ଏଟା ତମର୍ ଦୁକ୍‌କସ୍‌ଟ ପାଇବାତେଇଅନି ଜାନାପଡ୍‌ସି ।
କାଇକେବଇଲେ, ତାର୍ ପିଲାକେ ଡଣ୍ଡ ନ ଦେଲା ବାବା କେ
ଆଚେ? **୮** ତେବର୍‌ପାଇ ତାର୍ ସବୁ ପିଲାଜିଲାପାରା ପର୍‌ମେସର୍
ଜଦି ତମ୍‌କେ ଡଣ୍ଡ ନ ଦେଏ, ତାର୍ ଅରତ୍ ଅଇଲାନି ସତଇସେ
ତମେ ତାର୍ ପିଲାଜିଲା ନୁଆସ୍, ମାତର୍ ଉପ୍‌କା ପିଲାଜିଲା
। **୯** ଆମ୍‌କେ ଜନମ୍ ଦେଲା ବାବାମନ୍ ଡଣ୍ଡ ଦେଇରଇଲାଇ
ଆରି ସେଟାର୍‌ପାଇ ଆମେ ସେମନ୍‌କେ ମାନିଅ କର୍‌ତେରଇଲୁ
। ସେନ୍ତାର୍‌ଆଲେ ସର୍‌ଗେ ରଇବା ଆମର୍ ବାବାକେ ଆମେ
କେତେକ୍ ଅଦିକ୍ ନିଜ୍‌କେ ସର୍‌ପିଅଇ ବଁଚ୍‌ବୁ? **୧୦** ଆମର୍
ବାବାମନ୍ ସେମନ୍ ଟକ୍ ବଲି ବାବ୍‌ବା ଇସାବେ, ଚନେକର୍‌ପାଇ
ରଇବା ଏ ଜିବନେ ଆମ୍‌କେ ଡଣ୍ଡ ଦେଇରଇଲାଇ । ମାତର୍
ଜେଡେବେଲେ ପର୍‌ମେସର୍ ଆମ୍‌କେ ଡଣ୍ଡ ଦେଇସି, ଆମର୍
ନିକପାଇ ଦେଇସି । ଜେନ୍ତାରିକି ଆମେମିସା ତାର୍‌ପାରା ସୁକଲ୍
ଅଇବୁ । **୧୧** ଜେଡେବେଲେ ଡଣ୍ଡ ପାଇବୁ, ଆମେ ସାର୍‌ଦା ନ
ଅଉଁ, ମାତର୍ ଦୁକ୍ ଅଇବୁ । ସେଟା ସତ୍, ମାତର୍ ସେ ଡଣ୍ଡ
ପାଇଲାତେଇଅନି କାଇକାଇଟା ସିକ୍‌ଲା ପଚେ, ସେଟା ନିକ
ବଲି ବାବ୍‌ବୁ । କାଇକେବଇଲେ ସେଟା ଆମ୍‌କେ ସାନ୍ତିସଙ୍ଗ
ରଇବା ମନ୍ ଆରି ଗଟେକ୍ ଦରମ୍ ଚଲାଚଲ୍‌ତି କର୍‌ବାକେ
ସାଇଜ କର୍‌ସି । **୧୨** ତେବର୍‌ପାଇ ଅଦୁଆ ଅଇରଇବା ଆତ୍
ଉଟାଆ ଆରି ଲୁଡ୍‌ଗୁଡି ଜାଇତେରଇବା ମାଣ୍ଡିମନ୍ ଡାଁଟ୍‌କରା
। **୧୩** ସଲକ୍ ବାଟେ ଇଣ୍ଡିଜା । ସେନ୍ତାର୍‌କଲେ ତମର୍ ନ
ଆଇବା ପାଦ୍ ନିକଅଇ ଡାଁଟ୍ ଅଇସି । **୧୪** ସବୁ ଲକର୍ ସଙ୍ଗ
ସୁସାରେ ଆରି ସୁକଲ୍ ସଙ୍ଗ ରଇବାକେ ଚେସ୍‌ଟା କରା, ଆରିକେ
ସୁକଲ୍ ନ ଅଇକରି ମାପ୍‌ରୁକେ ଦେକି ନାପାରତ୍ । **୧୫** ଗଟେକ୍
ଲକ୍ ଆରିଗଟେକ୍ ଲକ୍‌କେ ଜାଗ୍‌ରତ୍ କରାଆ । ଜେନ୍ତାରି କି
ପର୍‌ମେସର୍ ଜିବନ୍ ଦୁକାଇକରି ଦୟା ଦେକାଇଲାଟାନେଅନି
କେ ପଚ୍‌କେ ନ ଜାଅତ୍ । କାଇକେବଇଲେ ସେନ୍ତାରି ଲକ୍
ପିତା ପଲ୍ ଦାର୍‌ବା ଗଟେକ୍ ଗଚ୍ ପାରା ରଇସି ଆରି ବେସି
ଲକ୍‌କେ ତାର୍ ବିସ୍ ସଙ୍ଗ ଅଇରାନ୍ କର୍‌ସି । **୧୬** ଜାଗର୍‌ତା
ରୁଆ, ତମର୍ ବିତ୍‌ରେ କେ ମିସା ବେସିଆ କାମ୍ କରାନାଇ ।
ପର୍‌ମେସର୍‌କେ ବିସ୍‌ବାସ୍ ନ କରି ରଇବା ଏସ୍‌ଅ ପାରା ନ
ଉଆ । ସେ ଗଟେକ୍ କାଦିର୍‌ପାଇ ପର୍‌ମେସର୍ ସେ ପାଇସି ବଲି
କାତା ଦେଇରଇବା ବଡ୍ ପିଲାର୍ ଅଦିକାର୍ ପାଲ୍‌ଟାଇଲା । **୧୭**
ଆମେ ଜାନିଆଚୁ ଜେ ସେ ସେନ୍ତାରି କଲାପଚେ, କରିରଇବା
କାମର୍ ପାଇ ଦୁକ୍ କଲା । କାଇକେବଇଲେ ବାବାର୍ ବଡ୍ ପଅ
ଇସାବେ ତାର୍ ବାବାର୍ ଆସିର୍‌ବାଦ୍ ପାଇବାକେ ବେସି ମନ୍
କଲା । ମାତର୍ ତାର୍ ସଙ୍ଗ କାନ୍ଦିକରି ବାବୁଜିଆ କଲାମିସା, ସେ
ମିଲାଇ ନାପାର୍‌ଲା କି କରିରଇବା କାମ୍ ମିସା ବାଦ୍‌ଲେ ନାଇ ।
**୧୮** ଇସ୍‌ରାଏଲର୍ ଲକ୍‌ମନ୍ ପର୍‌ମେସରର୍ ଲଗେ ଆଇଲାପାରା
ତମେ ଆସାସ୍ ନାଇ । ସେମନ୍ ଜନ୍‌ଟା ଦେକ୍‌ଲାଇ, ସେଟା
ଜାନିପାର୍‌ଲାଇ । ସିନୟ ପର୍‌ବତେ ରଇବା ଜଇ ଦେକ୍‌ଲାଇ ।
ବେସି ଆନ୍ଧାର୍ ଅଇଲାଟା ଆରି ଜବର୍ ପବନ୍ ଆଇଲାଟା ତେଇ
ରଇକରି ଜାନିପାର୍‌ଲାଇ । **୧୯** ମଇରି ପୁକ୍‌ବାଟା ଆରି ସବଦ୍
ଅଇବାଟା ସୁନ୍‌ଲାଇ । ସେ ସବଦ୍ ସୁନ୍‌ଲାକେ ଲକ୍‌ମନ୍ ଆରି
ନ ସୁନୁ ବଲି ବାବୁଜିଆ କଲାଇ । **୨୦** କାଇକେବଇଲେ ତେଇ
ଦେଇରଇବା ଆଦେସ୍‌କେ ସେମନ୍ ବେସି ଡର୍‌ଲାଇ । "ଗଟେକ୍
ପସୁ ମିସା ସେ ପର୍‌ବତେ ପାଦ୍ ମାଣ୍ଡଲେ ତାକେ ପାକ୍‌ନା ସଙ୍ଗ
ମାରି ମରାଇବାର୍ ଆଚେ ।" ବଲି ଆଦେସ୍ ରଇଲା । **୨୧**
ଜନ୍‌ଟା ଦେକିଅଇଲା ଆରି ସୁନି ଅଇଲା, ସେଟା ବେସି ଡର୍
ଲାଗ୍‌ବାଟା ରଇଲା । ଜେନ୍ତାରି କି ମସା ମିସା କଇଲା, "ସତଇସେ
ମୁଇମିସା ତର୍‌ତରି କରି ଡର୍‌ଲିନି ।" **୨୨** ମାତର୍ ଏବେ ଆମେ
ସିଅନ୍ ପର୍‌ବତେ ଆସିଆଚୁ । ସେଟା ଅଇଲାନି ସର୍‌ଗେ ରଇବା
ଜିରୁସାଲେମ୍ । ଜିବନ୍ ରଇବା ପର୍‌ମେସରର୍ ନଅରେ ଆଇଲୁ
ଆଚୁ । ଜନ୍‌ଟାନେ କି ଅଜାର୍ ଅଜାର୍ ଦୁତ୍‌ମନ୍ ଆଚତ୍ ।
**୨୩** ପର୍‌ମେସରର୍ ପଣୁଆ ପିଲାମନ୍ ସାର୍‌ଦାସଙ୍ଗ ରୁଣ୍ଡିରଇବା
ଜାଗାଇ ଆମେ ଆଇଲୁଆଚୁ । ତାକର୍ ନାଉଁମନ୍ ସର୍‌ଗେ
ଲେକାଅଇଲା ଆଚେ । ଆମେ ପର୍‌ମେସରର୍ ଲଗେ ଆଇଲୁ
ଆଚୁ । ସେ ସବୁକେ ବିଚାର୍ କର୍‌ସି । ସେ ସିଦ୍ କରିରଇବା
ଦରମ୍‌ଲକର୍ ଆତ୍‌ମାମନର୍‌ଟାନେ ଆଇଲୁ ଆଚୁ । **୨୪** ଆରି
ନୁଆ ରାଜିନାମା ତିଆର୍ କରିରଇବା ଜିସୁକିରିସ୍‌ଟର୍ ଲଗେ
ଆଇଲୁଆଚୁ । ସେ ତାର୍ ବନି ଜରାଇରଇଲା । ସେଟା ଏବଲର୍
ବନିତେଇଅନି ନିକ ଆଚେ । **୨୫** ଜନ୍‌ଟା ତମ୍‌କେ ପର୍‌ମେସର୍
କଇଲାନି, ନ ସୁନ୍‌ଲା ଲକର୍‌ପାରା ଉଆ ନାଇ । କାଇକେବଇଲେ
ପର୍‌ମେସରର୍ କାତା ନ ମାନ୍‌ଲାକେ ଆମର୍ ଆନିଦାଦିମନ୍ ସିନୟ
ପର୍‌ବତେ ଡଣ୍ଡ ପାଇରଇଲାଇ । ଜନ୍ ଲକ୍ ଆମ୍‌କେ ସର୍‌ଗେଅନି
କଇଲାନି, ସେ କାତା ଆମେ ନ ସୁନିକରି ଏଲାକଲେ, କେତେକ୍

ଅଦିକ୍ ଡଣ୍ଡ ପାଇବୁ? **୨୬** କାଇକେବଇଲେ, ସିନୟ ପର୍ବତେ ପର୍‌ମେସର୍ କାତା ଅଇଲାବେଲେ, ଦର୍‌ତନି ଚୁଲ୍‌ବୁଲିଗାଲା । ମାତର୍ ସେ ଏବେ କାତା ଦେଇ କଇଲା ଆଚେ, "ମୁଇ ଆରିତରେକ୍ ଦର୍‌ତନିକେ ଚୁଲ୍‌ବୁଲାଇବି । ଅବ୍‌କା ଦର୍‌ତନିସେ ନଏଁ, ଆକାସେ ରଇବା ସବୁଜାକକେ ମିସା କର୍‌ବି ।" **୨୭** ଜେଡେବେଲେ ସେ ଆରିତରେକ୍ ବଲି କଇରଇଲା, ତାର୍ ଅରତ୍ ଅଇଲାନି ତିଆର୍ କରିରଇବା ସବୁଜାକ ଚୁଲ୍‌ବୁଲାଇ କରି ସବୁଜାକ ଦାରିଜାଇସି । ଜେନ୍ତାରି କି ନ ଚୁଲ୍‌ବୁଲ୍‌ବାଟାସେ ରଇସି । **୨୮** ସେଟାର୍‌ପାଇ ଆମେ ପର୍‌ମେସର୍‌କେ ଦନିଅବାଦ୍ ଦେଉଁ । କାଇକେବଇଲେ ସେ ଆମ୍‌କେ ସାସନ୍ କଲାନି । ଆରି ତାର୍ ରାଇଜ୍ ନ ଚୁଲ୍‌ବୁଲେ । ତାକେ ସାର୍‌ଦା କରାଇବାକେ ଡରିକରି ସନ୍‌ମାନ୍ ସଙ୍ଗ୍ ଉପାସନା କରୁ । **୨୯** କାଇକେବଇଲେ ଆମର୍ ପର୍‌ମେସର୍ ସବୁକେ ପଡାଇକରି କୁରୁପ୍‌ନାସ୍ କର୍‌ବା ଜଇପାରା ଆଚେ ।

**୧୩** କିରିସ୍‌ଟଟାନେ ମିସିବିଡି ରଇବା ବିସ୍‌ବାସି ବାଇବଇନି ପାରା ଆଲାଦ୍ କରାକରି ଅଇ ରୁଆ । **୨** ନ ଚିନ୍‌ଲା ଲକ୍‌ମନ୍‌କେ ମିସା ତମର୍ ଗର୍‌ମନ୍‌କେ ଡାକିନିଆ । କାଇକେବଇଲେ କେତେଲକ୍ ନାଜାନିକରି ସେନ୍ତାରି ଦୁତ୍‌ମନ୍‌କେ ଡାକିନେଲାଇ । **୩** ବନ୍ଦି ଗରେ ରଇବା ଲକ୍‌ମନ୍‌କେ ତମେ ତାକର୍ ସଙ୍ଗ୍ ରଇଲାପାରା ଦୟା ଦେକାଆ । ଦୁକ୍‌କସ୍‌ଟ ଅଇରଇବା ଲକ୍‌ମନ୍‌କେ ନିଜେ ତାକର୍‌ପାରା ଦୁକ୍‌କସ୍‌ଟ ପାଇଲୁନି ବଲି ଏତାଆ । **୪** ବିବା ଅଇବାଟା ସବୁଲକ୍ ନିକ ବଲି ମାନତ୍ । ସବୁ ମାଇଜିମନସ୍ ମନ୍ ଗଟେକ୍ ମାଇଜି ଆରି ଗଟେକ୍ ମନସ୍ ଅଇକରି ସତ୍‌ସଙ୍ଗ୍ ରଇବାର୍‌ଆଚେ । ଜନ୍ ଲକ୍‌ମନ୍ ବେସିଆ କାମ୍ କରି ରଇବାଇ, ସେମନ୍‌କେ ପର୍‌ମେସର୍ ଡଣ୍ଡ ଦେଇସି । **୫** ଡାବୁ ଆସା ଅଇକରି ତାର୍‌ପଚେ ପାଲାଆ ନାଇ । କାଇକେବଇଲେ ପର୍‌ମେସର୍ କଇଲାଆଚେ, "ମୁଇ ତମ୍‌କେ କେବେ ନ ପାସ୍‌ରି କି ନ ଚାଡି ।" **୬** ତେବର୍‌ପାଇ ଆମେ ସାସ୍ ଦାରି କଇପାର୍‌ବୁ ପର୍‌ମେସର୍ ଆକା ମକେ ସାଇଜ କର୍‌ସି, ମୁଇ କେବେ ନ ଡରି ଲକ୍‌ମନ୍ ମକେ କାଇଟା କରି ନାପାରତ୍ । **୭** ଜନ୍ ଲକ୍‌ମନ୍ ତମ୍‌କେ ମୁକିଅ ଇସାବେ ଡାକିନେଇ ପର୍‌ମେସରର୍ ବାକିଅ ସିକାଇତେରଇଲାଇ, ସେମନର୍ ବିସଇ ବାବିଦେକା । ସେମନ୍ କେନ୍ତି ଜିଇଲାଇ ଆରି ମଲାଇ? ତମେ ତାର୍ ପାରା ବିସ୍‌ବାସ୍ କରା । **୮** କାଇକେବଇଲେ, ଜିସୁକିରିସ୍‌ଟ କେବେ ନ ବାଦ୍‌ଲେ । ସେ ଆଜିର୍‌ପାଇ, କାଲିକର୍‌ପାଇ, ଆରି ସବୁଦିନର୍ ପାଇ ସମାନ୍ ସେ ରଇସି । (aiōn g165) **୯** ତେବର୍‌ପାଇ ଲକ୍‌ମନ୍ ତମ୍‌କେ ବିନ୍ ବିନ୍ ସିକିଆ ସୁନାଇକରି ସତ୍‌ବାଟେଅନି ବିନେ ନେବାକେ ରାଜି ଉଆନାଇ । କାଇକେବଇଲେ ପର୍‌ମେସର୍ ଜିବନ୍ ଦୁକାଇକରି ଦୟା ଦେକାଇଲାଟା ଆମର୍ ମନ୍‌କେ ଡାଟ୍ କର୍‌ସି । କାଦିର୍ ଲାଗି ରଇବା ନିୟମ୍ ମାନ୍‌ବାଟା ନଏଁ । ସେନ୍ତାରି ନିୟମ୍ ମାନ୍‌ବା ଲକ୍, ତେଇ ଅନି କାଇଟା ମିସା ପାଅତ୍ ନାଇ । **୧୦** ଜିଉଦିମନର୍ ବେଦିଟାନେ ସେବା କର୍‌ବା ପୁଜାରିମନ୍ ତେଇ ସର୍‌ପି ଦେଇରଇବା କାଇଟା ମିସା କାଇବାର୍ ନଏଁ । **୧୧** ବଡ୍ ପୁଜାରି ପସୁମନର୍ ବନି ନେଇକରି, ପାପର୍ ବଲି ସର୍‌ପିଦେବାକେ ଅଦିକ୍ ସୁକଲ୍ ଜାଗାଇ ନେଇସି । ମାତର୍ ପଡିଜାଇରଇବା ପସୁମନର୍ ଗାଗଡ୍ ତୁମ୍ ଗର୍ ବାଇରେ ରଇସି । **୧୨** ସେଟାସେ ଜିସୁକେ ଅଇରଇଲା । କାଇକେବଇଲେ, ତାକେ ନଅରର୍ ବାଇରେ ଲକ୍‌ମନ୍ ମରାଇରଇଲାଇ । ଆରି ତାର୍ ବନି ଗୁଲାଇ ମୁନୁସ୍ ଜାତିର୍ ପାପ୍ ଦଇଦେଲା । **୧୩** ତେବର୍‌ପାଇ ନଅରର୍ ବାଇରେ ଜୁ । ଆରି ତାକେ ଆମେ ବିସ୍‌ବାସ୍ କଲାର୍‌ପାଇ, ଲକ୍‌ମନ୍ ଜେଡ୍‌କି ନିନ୍ଦା କଲାଟା ଆମେ ମୁର୍‌ଚିକରି ରଉ । **୧୪** କାଇକେ ବଇଲେ ଆମେ ସବୁଦିନ୍ ଏ ଜଗତେ ନ ରଉ । ମାତର୍ ଆଇବା ଦିନ୍‌ମନ୍‌କେ କେବେ ନ ସାର୍‌ବା ଦିନ୍‌ଜାକ ରଇବା ନଅରେ ରଇବୁ ବଲି ଆମେ ଜାଗିଆଚୁ । **୧୫** ତେବେ ଆସା । ଜିସୁକିରିସ୍‌ଟକେ ଦେଇକରି ଆମେ ସବୁବେଲେ ପର୍‌ମେସର୍‌କେ ବଲି ସର୍‌ପି ଦେଇତେ ରଉ । ସେଟା ଆମର୍ ଟଣ୍ଡେଅନି ଆଇବା ଉପାସନା । ସେ ଆକା ମାପ୍ରୁ ବଲି ଆମେ କଉଁ । **୧୬** ନିକ କାମ୍ କର୍‌ବାକେ ପାସ୍‌ରା ନାଇ । ଗଟେକ୍ ଲକ୍ ଆରି ଗଟେକ୍ ଲକ୍‌କେ ସାଇଜ କରା । କାଇକେବଇଲେ, ଏନ୍ତାରି ରଇବା ଚଲାଚଲ୍‌ତି ପର୍‌ମେସର୍‌କେ ସାର୍‌ଦା କରାଇବା ଗଟେକ୍ ବଲି । **୧୭** ତମର୍ ମୁକିଅ ଲକ୍‌ମନର୍ କାତା ମାନିକରି ଆଦେସ୍ ଦେଲାଟା କରା । ସେମନ୍ ଜାଗୁଆଲ୍‌ମନର୍ ପାରା ନ ତାକିକରି ତମର୍ ଆତ୍‌ମାମନ୍‌କେ ଜତନ୍ କଲାନି । କାଇକେବଇଲେ ସେମନ୍‌କେ ତାକର୍ କରିରଇବା କାମ୍ ପର୍‌ମେସର୍ କେ ଇସାବ୍ ଦେବାକେ ପଡ୍‌ସି । ତମେ ଜଦି ତାକର୍ କାତା ମାନ୍‌ସା, ସେମନ୍ ସାର୍‌ଦା ସଙ୍ଗ୍ ସେବା କାମ୍ କର୍‌ବାଇ । ତମେ ତାକର୍ କାତା ନ ମାନ୍‌ଲେ, ସେମନ୍ ଦୁକ୍ ଅଇବାଇ । ତେବେ ତମ୍‌କେ କାଇ ସାଇଜ ନଏଁ । **୧୮** ଆମର୍ ପାଇ ପାର୍‌ତନା କର୍‌ତେରୁଆ । ଆମର୍ ବିବେକ୍ ଆମେ କରିରଇବା କାମ୍ ସତ୍ ବଲି ସାକିଦେଲାନି । **୧୯** ମର୍‌ପାଇ ମିସା ପାର୍‌ତନା କରା । ଜେନ୍ତାରି କି ପର୍‌ମେସର୍ ଦାପ୍‌ରେ ମକେ ତମର୍‌ଲଗେ ପାଟାଇସି । **୨୦** ଆମର୍ ମାପ୍ରୁ ଜିସୁକେ ପର୍‌ମେସର୍ ମଲାତେଇଅନି ଉଟାଇଲା । ସେ ଗଟେକ୍ ଗଉଡ୍‌ପାରା ଆମ୍‌କେ ଜାଗିରଇସି । ଆମେ ପର୍‌ମେସର୍ ସଙ୍ଗ୍ ସବୁଦିନର୍‌ପାଇ ଗଟେକ୍ ଅଇବାଟାକେ ତାର୍ ବନି ଜରାଇଲା । (aiōnios g166) **୨୧** ଜିସୁକିରିସ୍‌ଟର୍ ଲାଗି ସାନ୍ତି ଦେବା ପର୍‌ମେସର୍ ତମ୍‌କେ ସବୁ ରକାମର୍ ସାଇଜ ଦେଅ । ଜେନ୍ତାରି କି ସେ ମନ୍ କଲାଟା ତମେ ପୁରାପୁରୁନ୍ କର୍‌ସା । ଆମେ କର୍‌ବା କାମ୍ ତାକେ ସାର୍‌ଦା ଦେଅ । ଜିସୁକିରିସ୍‌ଟକେ ଆମେ ନ ସାର୍‌ବା ଦିନ୍‌ଜାକ ଡାକ୍‌ପୁଟା ଦେଉଁ । (aiōn g165) **୨୨** ଏ ମର୍ ବାଇବଇନିମନ୍, ମୁଇଁ ତମ୍‌କେ ବାବୁଜିଆ କଲିନି, ମୁଇ ତମ୍‌କେ କଇଲା ଏ ସବୁ କାତା ମୁର୍‌ଚିକରି ସୁନା । କାଇକେବଇଲେ, ଏ ଚିଟି ବେସି ଡେଙ୍ଗ୍ ନାଇ । **୨୩** ଆମର୍ ବାଇ ତିମତି ବନ୍ଦିଗରେ ଅନି ମୁକ୍‌ଲି

ଆଚେବଲି ଜାନ୍‌ସା । ସେ ଜଦି ସେ ଦାପ୍‌ରେ ଆଇସି, ତେବେ
ମର୍‌ସଙ୍ଗ୍ ତାକେ ଡାକିଆନ୍‌ବି । **୨୪** ତେଇ ରଇବା ତମର୍ ମୁକିଅ
ଲକ୍‌ମନ୍‌କେ ଆରି ପର୍‌ମେସରର୍ ସବୁ ଲକ୍‌ମନ୍‌କେ ମର୍ ଜୁଆର୍
ଜାନାଇ ଦିଆସ୍ । ଇଟାଲିତେଇ ମର୍ ସଙ୍ଗ୍ ରଇବା ଆମର୍
ବାଇବନିମନ୍ ମିସା ଜୁଆର୍ ଜାନାଇଲାଇନି । **୨୫** ପର୍‌ମେସର୍
ତମ୍‌କେ ସବୁଲକ୍‌କେ ତାର୍ ଜିବନ୍ ଦୁକାଇ ଦୟା ଦେକାଅ ।

# ଜାକୁବ

**୧** ମୁଇ ଜାକୁବ ମାପ୍ରୁ ଜିସୁକିରିସ୍ଟ ଆରି ବାବା ପର୍ମେସରର୍
ଗଟେକ୍ ଗତିଦାଙ୍ଗ୍ଡା । ଗୁଲାଇ ଜଗତେ ଚିନ୍ଚତର୍
ଅଇଜାଇରଇବା ପର୍ମେସରର୍ ବାର୍ଟା କୁଟୁମର୍ ଲକ୍ମନ୍କେ
ମୁଇ ଜୁଆର୍ ଜାନାଇକରି ଏ ଚିଟି ଲେକ୍ଲିନି । **୨** ଏ ମର୍
ବାଇବଇନିମନ୍ ଜିବନ୍ ବିତାଇଲାବେଲେ ତମର୍ ବିସ୍ବାସ୍
ଡାଁଟ୍ ଆଚେ କି ନାଇ ବଲି, ଜେଡ୍କି ଦୁକ୍ କସ୍ଟର୍ ପରିକା
ଆଇଲେ, ଏଟା ଗଟେକ୍ ନିକ କରମର୍ ବିସଇ ବଲି ଏତାଆ । **୩**
କାଇକେବଇଲେ, ଏନ୍ତାରି ଦୁକ୍ କସ୍ଟ ଆଇଲେ ତମର୍ ବିସ୍ବାସ୍
ପରିକାକରି ଡାଁଟ୍ ଆଚେବଲି ଦେକାଇସି । ଆରି ମୁରଚ୍ବାଟା
ଅଦିକ୍ ଅଦିକ୍ ଅଇସି ବଲି ତମେ ଜାନିଆଚାସ୍ । **୪** ତମେ
ସାରାସାରିଜାକ ମୁର୍ଚିକରି ରଇଲେ, କାଇ ବିସଇଟାନେ ମିସା
ଉନା ନ ଅଇକରି ପୁରାପୁରୁନ୍ ସିଦ୍ ଅଇସା । **୫** ମାତର୍ ତମର୍
ବିତ୍ରେ ଜଦି କାକେ ଗିଆନ୍ ଉନା ରଇ, ଗିଆନ୍ ପାଇବାର୍ଆଲେ
ପର୍ମେସର୍କେ ମାଙ୍ଗ୍ । ସେ ତାର୍ ଆତ୍ ମେଲାକରି, ଦସ୍ ନ
ଦାରି ସବୁକେ ଦାନ୍ କର୍ସି । **୬** ମାତର୍ ସେ ଅଇସି କି ନ ଅଏ
ବଲିକରି ନ ବାବି, ବିସ୍ବାସର୍ ସଙ୍ଗ୍ ପାର୍ତନା କର୍ବାର୍ଆଚେ
। କାଇକେ ବଇଲେ ଜେ ଅଇସି କି ନ ଅଏ ବଲିକରି ବାବ୍ସି,
ସେ ପବନ୍ସଙ୍ଗ୍ ଇଣ୍ଡ୍ତେ ରଇବା ସମ୍ଦୁରର୍ ଉଲ୍କା ପାନି ପାରା
ଗଟେକ୍ ଲକ୍ । **୭** ସେ ରକାମ୍ ଲକ୍ ମାପ୍ରୁର୍ ଟାନେଅନି
କାଇଟା ଆଲେ ପାଇବି ବଲିକରି ଆସା ନ କର । **୮** ସେ
ତା, ଦୁଇମନିଆ ଲକ୍, ସେ କର୍ବା ସବୁ କାମ୍ଟାନେ ତବିର୍ ନ
ରଏ । **୯** ଗଟେକ୍ କାକୁର୍ତି ଅଇ ରଇବା ବିସ୍ବାସି ବାଇକେ
ପର୍ମେସର୍ ସାଉକାର୍ କଲେ ସେ ସାର୍ଦା ଅ । **୧୦** ସେନ୍ତାରିସେ
ଗଟେକ୍ ସାଉକାର୍ ବିସ୍ବାସିକେ ସେ ଅର୍କିତ୍ କଲେ, ସେ ମିସା
ସାର୍ଦା ଅ । କାଇକେବଇଲେ ସାଉକାର୍ ଲକ୍ ପଦାର୍ ଗାଁସର୍
ପୁଲ୍ ପାରା ଜାଉଁଲି ଜାଇସି । **୧୧** ଜେନ୍ତି କି ବେଲ୍ ଉଦିକରି
ବେସି ତାତିକଲେ ଗାଁସ୍ ସୁକିଜାଇସି, ତାର୍ ପୁଲ୍ ଜଡିଜାଇସି
ଆରି ତାର୍ ବାନିମୁର୍ତି ନସି ଜାଇସି । ସେନ୍ତାରିସେ, ସାଉକାର୍
ଲକ୍ମନ୍ କାମ୍ କରି କରି ମରିଜିବାଇ । **୧୨** ଜନ୍ ଲକ୍ମନ୍
ପରିକା ଆଇଲେ ମିସା ମୁର୍ଚି କରି ରଇବାଇ, ସେମନ୍ କେଡେକ୍
ନିକ କରମର୍ ଲକ୍ । କାଇକେବଇଲେ ସେ ସବୁ ପରିକାଇ
ସେମନ୍ ଡାଁଟ୍ ସଙ୍ଗ୍ ଟିଆଅଇଲାପଚେ, ପୁରୁସ୍କାର୍ ପାଇବାଇ ।
ପର୍ମେସର୍ ତାର୍ ନିଜର୍ ଲକ୍ମନ୍କେ ଜନ୍ ଜିବନର୍ ମୁକୁଟ୍
ଦେବାକେ ସପତ୍ କଲାଆଚେ, ସେମନ୍ ସେଟା ପୁରୁସ୍କାର୍
ଇସାବେ ମିଲାଇବାଇ । **୧୩** କାକେ ମିସା ଦୁକ୍କସ୍ଟ ପାଇବା
ପରିକା ଆଇଲେ, ଏ ପରିକା ପର୍ମେସର୍ ପାଟାଇଆଚେ ବଲିକରି
କଇବାର୍ ନାଇ । କାଇକେବଇଲେ ପର୍ମେସର୍କେ କେ ମିସା
ପରିକାକରି ନାପାରେ । ଆରି ସେ ନିଜେ କାକେ ପରିକା ନ
କରେ । **୧୪** ମାତର୍ ଗଟେକ୍ ଲକର୍ କରାପ୍ ଗୁନ୍ଚଲନ୍ ତାକେ
ପରିକା କରାଇ ଅଇବାକେ ଡାକିନେଇସି । **୧୫** ତାର୍ପଚେ
ତାର୍ କାରାପ୍ ଗୁନ୍ଚଲନେଅନି ପାପ୍ ବାରଇସି । ଆରି ପାପ୍
ଅଦିକ୍ ଅଦିକ୍ ବଡିଜାଇକରି ମରନ୍ ଆଇସି । **୧୬** ଏ ମର୍
ଆଲାଦର୍ ବାଇବଇନିମନ୍, ତମେ ନାଡାଇଉଆ ନାଇ । **୧୭**
ସବୁ ନିକ ଆରି ସିଦ୍ ରଇବା ଦାନ୍ ପର୍ମେସର୍ ଦେଲା ଆଚେ
। ବାଦ୍ଲେ ଉଜଲ୍ ଅଇବା ସବୁଜାକ ସେ ତିଆର୍କଲା ଆଚେ
। ସେଟାମନ୍ ବାଦ୍ଲେ ବୁଲ୍ବାବେଲେ ବାଦଲ୍ସି ଆରି ଚାଇଁ
ଏନେତେନେ ଅଇସି । ମାତର୍ ପର୍ମେସର୍ ଅଲପ୍ ମିସା ସେନ୍ତାରି
ନ କରେ । **୧୮** ତାର୍ ସତ୍ ବାକିଅ ଆମ୍କେ ଜାନାଇକରି
ତାର୍ତେଇଅନି ଆମ୍କେ ଜିବନ୍ ଦେବାକେ ସେ ମନ୍ କଲା ।
ଜେଡ୍କି ସବୁ ବିସଇ ସେ ତିଆର୍କଲା ମିସା ଆମେ ଅବ୍କା
ତାର୍ପାଇସେ ଅଇବାକେ ସେ ମନ୍ କଲା । **୧୯** ଏ ମର୍ ଆଲାଦର୍
ବାଇବଇନିମନ୍, ମନେ ରକିରୁଆ । ତମେ ଆଗ୍ତୁ ନିକକରି ସୁନା
। ମାତର୍ ବାବିଚିନ୍ତିକରି କାତା କୁଆ । ଦାପ୍ରେ ରିସା ଉଆନାଇ
। **୨୦** କାଇକେବଇଲେ ମୁନୁସର୍ ରିସାର୍ ଲାଗି ପର୍ମେସର୍
ସୁକଲ୍ସଙ୍ଗ୍ ଜଜ୍ନା କଲାଟା ନସିଜାଇସି । **୨୧** ସେଟାର୍ ପାଇ
ତମର୍ ଚଲାଚଲ୍ତି ଟାନେଅନି ବାରଇବା ସବୁ ରକାମର୍ କାରାପ୍
ଅବିଆସ୍ ଚାଡିଦିଆସ୍ । ପର୍ମେସର୍କେ ନିଜର୍ ମନ୍ ସର୍ପି
ଦିଆସ୍ । ତମର୍ ମନ୍ ବିତ୍ରେ ସେ ଜନ୍ ବାକିଅ ରପିଆଚେ
ସେଟାକେ ଦିଆନ୍ ଦିଆ । ସେ ବାକିଅ ତମ୍କେ ରକିଆ କର୍ସି ।
**୨୨** ବାକିଅ ଜନ୍ଟା କରା ବଲି କଇଲାନି, ସେଟା କରା । ଅବ୍କା
ସୁନିକରି ରଇବା ଲକ୍ମନର୍ପାରା ଉଆ ନାଇ । ଏନ୍ତାରିକଲେ
ତମେ ନିଜେ ନାଡାଇ ଅଇଲାସ୍ନି । **୨୩** ଜନ୍ଲକ୍ ପର୍ମେସରର୍
ବାକିଅ ଅବ୍କା ସୁନ୍ସି, ମାତର୍ ତେଇର୍ କାତା ନ ନାମେ, ସେ
ତାର୍ ମୁଏ ରଇବା ଆର୍ଲା, ଦର୍ପନେ ଦେକ୍ବା ଲକ୍ ପାରା
। **୨୪** ସେ ନିକ କରି ନିଜର୍ ଚାଁଇ ଦେକି ଅଇତେରଇସି ।
ମାତର୍ ତେଇଅନି ଉଟିଗାଲା ପଚେ ତାର୍ ବାନିମୁର୍ତି ପାସ୍ରି
ଜାଇସି । **୨୫** ମାତର୍ ମୁନୁସର୍ ମୁକ୍ତି ପାଇ ଗଟେକ୍ ପୁରାପୁରୁନ୍
ନିୟମ୍ ଆଚେ । ଜେ ସେ କାତା ସୁନିକରି ନ ପାସ୍ରେ, ଆରି
ତାର୍ଲାଗି ସବୁ ମନ୍ପରାନ୍ ଦେଇକରି ନିଜର୍ ଜିବନ୍ତେଇ
ମାନିକରି ରଇସି ବଇଲେ ପର୍ମେସର୍ ତାର୍ କରିରଇବା ସବୁ
କାମ୍ ମଙ୍ଗ୍ଲ୍ କର୍ସି । **୨୬** କେ ଜଦି ମୁଇ ନିଜେ ଗଟେକ୍ ଦରମ୍
ଲକ୍ ବଲି ବାବ୍ଲାନି, ସେ ଜଦି ତାର୍ ନିଜର୍ ଜିବ୍ ଜାଗର୍ତା
କରେ ନାଇ, ସେ ନିଜେ ଆକା ନାଡାଇ ଅଇଲାନି । ତାର୍ ରିତିନିତି
କର୍ବାଟା ଚୁଚାଆଇସେ । **୨୭** ପର୍ମେସର୍ ଦେକ୍ବା ଇସାବେ
ଜନ୍ ରିତିନିତି ସତ୍ ଆରି ନିକ, ସେଟା ଅଇଲାନି ଦୁକେ ରଇବା
ଟୁରାଟୁରି ପିଲାମନ୍ ଆରି ରାଣ୍ଡିଜୁଣ୍ଡିମନର୍ ଜତନ୍ କର୍ବାଟା ।
ପଚେ ଜଗତର୍ ଜଞ୍ଜାଲେଅନି ମୁକଲ୍ବାଟା, ଜେନ୍ତାରିକି ସେ ସବୁ
ତାକେ ନ ନସାଏ ।

**୨** ଏ ବାଇବଇନିମନ୍ ଆମର୍ ଡାକ୍ପୁଟା ମାପ୍ରୁ ଜିସୁ
କିରିସ୍ଟକେ ବିସ୍ବାସ୍ କଲାର୍ଲାଗି, ଲକ୍ମନର୍ ଅଲ୍ଗା

ପିନ୍ଧିଅଡା ଦେକିକରି, ନିଜର୍ ଚଲାଚଲ୍ତି ବାଦ୍ଲାଇବାଟା ଟିକ୍
ନାଇ । ୨ ଜଦି ସବାଇ ଗଟେକ୍ ଲକ୍ ସୁନାର୍ ମୁନ୍ଦି ଆରି ଜକ୍ମକି
ଜାଇତେରଇବା ବସ୍ତର୍ ପିନ୍ଧିକରି ତମର୍ଲଗେ ଆଇସି, ଆରି
ଗଟେକ୍ ଲକ୍ ମୁର୍କି ରଇ ଚିର୍ବୁର୍ଅଇରଇବା ବସ୍ତର୍ ପିନ୍ଧିକରି
ଆଇସି । ୩ ଆରି ତମେ ସୁନ୍ଦର୍ ବସ୍ତର୍ ପିନ୍ଧିଆସି ରଇବା
ଲକ୍କେ ଅଦିକ୍ ସନ୍ମାନ୍ ଦେଇକରି କଇସା, “ଆସା ଏ ନିକ
କୁର୍ଚି ଉପ୍ରେ ବସା ।” ମାତର୍ ଅର୍କିତ୍ ଲକ୍କେ କଇସା
“ତେଇ ଜାଇ ଟିଆ ଅ ।” ନଇଲେ “ତଲେ ବସ୍ ।” ବଲିକରି
କଇସୁ । ୪ ସେନ୍ତାର୍ ଆଲେତା ତମେ ନିଜର୍ ନିଜର୍ ବିତ୍ରେ
ବଡ୍ସାନ୍ ବଲିକରି ଅଲ୍ଗା ଇସାବେ ଦେକ୍ଲାସ୍ନି । ଆରି
କାରାପ୍ ଇସାବେ ମୁ ଦେକି, ବିଚାର୍ କଲାସ୍ନି । ୫ ଏ ମର୍
ଆଲାଦର୍ ମଇତର୍ମନ୍ ସୁନା, ପର୍ମେସର୍ ଏ ଜଗତର୍ ଅର୍କିତ୍
ଲକ୍ମନ୍କେ ବାଚି ଆଚେ । ସେମନ୍ ତାକେ ବିସ୍ବାସ୍ କର୍ବାଇ
ଆରି ତାର୍ ରାଇଜେ କେଟ୍ବାଇ । ତାକେ ଆଲାଦ୍କର୍ବା ସବୁ
ଲକ୍କେ ସେ ରାଇଜ୍ ଦେବିବଲି କାତା ଦେଏ ନାଇ କି? ୬ ମାତର୍
ତମେ ଅର୍କିତ୍ ଲକ୍ମନ୍କେ ସନ୍ମାନ୍ ଦିଆସ୍ ନାଇ । ସାଉକାର୍
ଲକ୍ମନ୍ସେ ତମ୍କେ କସ୍ଟ ଦେଲାଇନି । ସେମନ୍ସେ ତମ୍କେ
ବିଚାର୍ନା ଜାଗାଇ ଜିକି ନେଲାଇନି । ୭ ତମ୍କେ ଜନ୍ ନାଉଁ ଜିସୁ
କିରିସ୍ଟ ଦିଆଅଇଆଚେ, ସେ ନାଉଁ ନେଇକରି ନିନ୍ଦା କଲାଇନି
। ୮ ନିଜ୍କେ ଆଲାଦ୍ କଲାପାରା ବିନ୍ ଲକ୍ମନ୍କେ ଆଲାଦ୍
କରା । ସାସ୍ତରରେ ଲେକା ଅଇରଇଲାପାରା ପର୍ମେସରର୍
ରାଇଜର୍ ଏ ନିୟମ୍ ଜଦି ତମେ ମାନ୍ସା, ସେନ୍ତାର୍ ଆଲେ ଟିକ୍
କଲାସ୍ନି । ୯ ମାତର୍ ତମେ ଜଦି ବଡ୍ ସାନ୍ ଦେକ୍ଲାସ୍ନି,
ପାପ୍ କଲାସ୍ନି । ଆରି ସେ ରିତିନିତିର୍ ଲାଗି ଦସି ବଲାଇ
ଅଇଲାସ୍ନି । ୧୦ କାଇକେବଇଲେ ଜେ ମିସା ସବୁ ନିଅମ
ମାନିକରି ଗଟେକ୍ ନିୟମ୍ ଚାଡିଦେଲେ, କାଇ ନିୟମ୍ ନ ମାନ୍ଲା
ଲକର୍ ପାରା ଦସିଅଇ ଡଣ୍ଡ ପାଇସା । ୧୧ କାଇକେବଇଲେ
ପର୍ମେସର୍ କଇଲାଆଚେ “ତମେ ବେସିଆ କାମ୍ କର୍ବାର୍ନାଇ,
ଆରି ନର୍ ମାର୍ବାର୍ ନାଇ” ବଲିକରି । ତେବେ ତମେ ଜଦି
ବେସିଆ କାମ୍ ନ କରି, ଲକ୍ମନ୍କେ ମାର୍ସା, ତେବେ ତାର୍
ନିଅମ୍ ମାନାସ୍ ନାଇ । ୧୨ ପର୍ମେସର୍ ବିଚାର୍ନା କର୍ସି ବଲି
ଜାନିକରି ସେନ୍ତାରି କାତା କଇ କାମ୍ କରି ଦେକାଆ । ଜନ୍
ନିୟମ୍ ଆମ୍କେ ମୁକ୍ଲାଇସି, ସେ ନିୟମ୍ ଇସାବେ ଆମ୍କେ
ବିଚାର୍ନା କର୍ସି । ୧୩ କାଇକେବଇଲେ ଜନ୍ଲକ୍ ବିନ୍ ଲକ୍କେ
ଦୟା ନ ଦେକାଏ, ପର୍ମେସର୍ ବିଚାର୍ନା କର୍ବାବେଲେ ତାକେ
ମିସା ଦୟା ନ ଦେକାଏ । ଜନ୍ ଲକ୍ମନ୍ ବିନ୍ ଲକ୍ମନ୍କେ ଦୟା
କରିଆଚେ, ସେମନ୍ ବିଚାର୍ନାଟାନେ ଡର୍ବାର୍ ନାଇ । ୧୪ ଏ
ମର୍ ବାଇବଇନିମନ୍, ଜଦି ଗଟେକ୍ ଲକ୍ ମୁଇ ବିସ୍ବାସ୍ କଲିନି
ବଲି କଇସି । ମାତର୍ ତାର୍ କାମ୍ କଲାଟାନେ ସେଟା ନ ଡିସେ
ବଇଲେ, ତାର୍ ପାଇ କାଇ ମୁଲିଅ ନାଇ । ଏନ୍ତାରି ବିସ୍ବାସ୍
ତାକେ କାଇ ମୁକ୍ତି ଦେଇ ନାପାରେ । ୧୫ ଜଦି ଗଟେକ୍
ବିସ୍ବାସି ବାଇ କି ବଇନିକେ, ସେ ଦିନର୍ ପାଇ କାଇବାକେ କି
ପିନ୍ଧବାକେ ନ ରଇଲେ, ୧୬ ତମର୍ ବିତ୍ରେ କେଆଲେ ଗଟେକ୍
ଲକ୍ ତାର୍ ଲଗେ ଜାଇ, ତକେ ପେଟ୍କେ କାଦି ଆରି ଗାଗଡ୍କେ
ଲୁଗା ମିଲ ବଲି କଇସା । ତମେ ତାକେ ଲଡାକେ ଲାଗ୍ବାଟା ନ
ଦେଇ ଏନ୍ତାରି କଇଲେ କାଇ ଲାବ୍? ୧୭ ସେନ୍ତାରିସେ ଗଟେକ୍
ବିସ୍ବାସ୍ କର୍ବା ଲକ୍ ତାର୍ ବିସ୍ବାସ୍ ସଙ୍ଗ୍ ନିକ କାମ୍ ମିସା ନ
ଡିସ୍ଲେ ତାର୍ ବିସ୍ବାସ୍ ମରିଗାଲା ଆଚେ । ୧୮ ମାତର୍ କେ
ଆଲେ ମକେ କଇସି, ଗଟେକ୍ ଲକର୍ ବିସ୍ବାସ୍ ଆଚେ ଆରି
ଗଟେକ୍ ଲକର୍ ନିକ କାମ୍ ଆଚେ, ମୁଇ ତାକେ କଇବି ନିକ କାମ୍
ଚାଡି, ଗଟେକ୍ ଲକ୍କେ କେନ୍ତି ବିସ୍ବାସ୍ ଅଇସି? । ଅବ୍କା
ବିସ୍ବାସ୍ କର୍ତେରଇବା ଲକ୍ ରଇଲେ ମକେ ଦେକାଆ । ମର୍
କର୍ବା ନିକ କାମ୍ ସଙ୍ଗ୍ ମର୍ ବିସ୍ବାସ୍ ମୁଇ ଦେକାଇବି । ୧୯
ପର୍ମେସର୍ ଗଟେକ୍ସେ ଆଚେବଲି ତମେ ବିସ୍ବାସ୍ କଲାସ୍ନି,
ସେଟା ନିକ । ଡୁମାମନ୍ ମିସା ସେନ୍ତାରି ବିସ୍ବାସ୍ କଲାଇନି ଆରି
ଡରିକରି ଗଜ୍ଗଜି ଜିବାଇ । ୨୦ ମାତର୍ ଏ ନିଲ୍ଜାଇ ଲକ୍ମନ୍
ତମେ ବୁଜିନାପାରାସ୍, ଜଦି ଗଟେକ୍ ଲକ୍ ମୁଇ ବିସ୍ବାସ୍ କଲିନି,
ବଲି କଇସି ଆରି ନିକ କାମ୍ ନ କରେ, ସେନ୍ତାର୍ଆଲେ ତାର୍
ବିସ୍ବାସ୍ କର୍ବାଟା ଚୁଟାଇସେ । ୨୧ ଆମର୍ ପୁର୍ବର୍ ଆନିଦାଦି
ଅବ୍ରାଆମ୍ କେ ଦେକା, ପର୍ମେସର୍ ତାକେ ଦରମ୍ ଲକ୍ ବଲି
ଡାକ୍ଲା । ସେଟା ତାର୍ ନିକ କାମ୍ ପାଇ । ଜେଡେବେଲେ ନିଜର୍
ପିଲା ଇସାକ୍କେ ବେଦିଟାନେ ବଲି ଦେବାବେଲେ ନେଇରଇଲା ।
୨୨ ତମେ ଦେକ୍ଲାସ୍ନିଜେ, ତାର୍ ବିସ୍ବାସ୍ ଆରି କରମ୍ ମିସିକରି
ରଇଲା । ସେ କରିରଇବା କରମର୍ ଲାଗି ବିସ୍ବାସ୍ ସିଦ୍ ଅଇଲା
। ୨୩ ଏଟାର୍ ଲାଗି ଦରମ୍ ସାସ୍ତରର୍ ଏ ବାକିଅ ପୁରାପୁରୁନ୍
ଅଇଲା । ଅବ୍ରାଆମ୍ ପର୍ମେସର୍କେ ବିସ୍ବାସ୍ କଲା । ତାର୍
ବିସ୍ବାସର୍ ଲାଗି ପର୍ମେସର୍ ଦେକ୍ବା ଇସାବେ ଦରମ୍ ଲକ୍
ବଲି ଏଜାଇଅଇଲା । ଆରି ଲକ୍ମନ୍ ତାକେ ପର୍ମେସରର୍
ମଇତର୍ ବଲି ଡାକିରଇଲାଇ । ୨୪ ଅବ୍କା ବିସ୍ବାସ୍ କଲେସେ
ଗଟେକ୍ ଲକ୍ ଦରମ୍ ବଲି ନାମାଇଅଇ ନଏଁ, ମାତର୍ ତାର୍
କର୍ବା ନିକ କାମର୍ ଲାଗି ଅଇସି । ଏଟା ତମେ ଦେକ୍ଲାସ୍ନି ।
୨୫ ସେନ୍ତାରିସେ ବେସିଆ ମାଇଜି ରାଆବ୍କେ ମିସା ଅଇଲା ।
ସେ ଇସ୍ରାଏଲର୍ ଦେକାଦେକି କର୍ବା ଲକ୍ମନ୍କେ ଡାକିନେଲା
ଆରି ବିନ୍ ବାଟେ ବାରଇଜିବାକେ ସାଇଜ କଲା । ସେ ଏନ୍ତାରି
କଲାକେ ପର୍ମେସର୍ ଦେକ୍ବା ଇସାବେ ଗଟେକ୍ ଦରମ୍ ଲକ୍
ବଲି ଜାନାଇଅଇଲା । ୨୬ ତେବେ, ଆତ୍ମା ଚାଡିଗାଲେ
ଲକ୍ମନର୍ ଗାଗଡ୍ ଜେନ୍ତିକି ମଲା ସମାନ୍, ସେନ୍ତାରିସେ ନିକ
କାମ୍ ନ କଲେ, ବିସ୍ବାସ୍ ମିସା ମଲା ସମାନ୍ ଆଚେ ।
**୩** ଏ ମର୍ ବାଇବଇନିମନ୍, ତମର୍ ବିତ୍ରେ ବାକିଅ ସିକିଆ
ଦେବା ଗୁରୁ ଅଦିକ୍ ଉଆ ନାଇ । ଜନ୍ଲକ୍ ବିନ୍ ଲକ୍ମନ୍କେ
ସିକାଇବାଇ ସେମନ୍ ଅଦିକ୍ ଡଣ୍ଡ ପାଇବାଇ, ଏଟା ଜାନିରୁଆ ।
୨ ଆମେ ସବୁ ତର୍କେତର୍ ବୁଲ୍ କଲୁନି । ମାତର୍ ଜେ ମିସା

ତାର୍ କାତାବାର୍ତା କଇଲାବେଲେ ବୁଲ୍ ନ କରେ, ତେବେ ସେ
ସିଦ୍ ଲକ୍ । ଆରି ସେ ତାର୍ ସବୁଜାକ ମିସା ଜାଗ୍ରତ୍‌କରି
ସଙ୍ଗ୍‌ଇ ଆଚେ । **୩** ଗଟେକ୍ ଗଡାର୍ ବିସଇ ବାବିଦେକୁ । ଜଦି
ଗଡା ଆମର୍ କାତା ମାନ୍‌ବାର୍ ଆଚେ ବଇଲେ, ତାର୍ ଟଣ୍ଟେ
ଲାଗନ୍ ଚାବାଇଲୁନି । ଜେନ୍ତାରିକି ଗଡାର୍ ଗୁଲାଇ ଗାଗଡ୍
ମିସା ବୁଲାଇକରି, ଆମେ ଜନ୍‌ବାଟେ ମନ୍ କର୍‌ବୁ, ସେବାଟେ
ନେଲୁନି । **୪** ସେନ୍ତାରିସେ ଗଟେକ୍ ବଡ୍ ପାନିଜାଜର୍ ବିସଇ
ଚିନ୍ତା କରିଦେକା । ସେଟା ବେସି ବଡ୍ ରଇଲେ ମିସା ଜବର୍
ପବନ୍ ଆଇତେରଇଲେସେ ସେଟା ଚାଲାଇଅଇସି । ମାତର୍
ଗଟେକ୍ ଜାଜ୍‌ଚାଲାଉ ସାନ୍‌ଟା ବୁଲାଇବା ଚକା ମାରିକରି ସେ
ଜନ୍ତି ମନ୍ କର୍‌ସି, ଜାଜ୍ ସେ ବାଟେ ଚାଲାଇ ନେଇସି । **୫**
ସେ ରକାମ୍ ଆକା ଆମର୍ ଟଣ୍ଟେ ରଇବା ଜିବ୍ ମିସା ଆମର୍
ଗାଗଡର୍ ଗଟେକ୍ ସାନ୍ ଜିନିସ୍, ମାତର୍ ଏଟା ବେସି ବଡ୍‌ବଡ୍
କାତା କଇସି । ଗଟେକ୍ ଡଙ୍ଗରର୍ ବିସଇ ବାବିଦେକା, ସେଟା
ବଡେଟା ରଇଲେ ମିସା କଣ୍ଡେକ୍ ଜଇ ଇଙ୍ଗ୍‌ରା ଲାଗିକରି ସବୁ
ପଡାଇଦେଇସି । **୬** ସେନ୍ତାରି ଜିବ୍ ମିସା ଜଇପାରା, ଜିବ୍
ବିତ୍‌ରେ ମିଚ୍‌ଟାମନ୍ ବର୍‌ତିଅଇ ଆଚେ । ସେଟା ଆମର୍ ଗାଗଡ୍
ବିତ୍‌ରେ ବାସାଅଇ ଆଚେ । ଆମର୍ ଗୁଲାଇ ଗାଗଡ୍‌କେ କାରାପ୍
ଡାବିଦେଇସି । ଆମର୍ ଜିବନ୍ ଜଇଟାନେ ପଡାଇଲାପାରା
ପଡାଇ ଦେଇସି । ଆରି ସେ ଜଇ ନର୍‌କେଅନି ଆଇସି ।
**(Geenna g1067)** **୭** କାଇକେବଇଲେ ସବୁ ରକାମର୍ ଡଙ୍ଗରର୍
ଜଁତ୍, ଉଡିବୁଲ୍‌ବାଟାମନ୍, ରାଙ୍ଗିବୁଲ୍‌ବାଟାମନ୍ ଆରି ପାନିତେଇ
ରଇବାଟାମନ୍, ପୁର୍‌ବେଅନି ଲକ୍‌ମନ୍ ସେଟାମନ୍‌କେ ମାନାଇକରି
ଆଚତ୍ । **୮** ମାତର୍ ଏବେଜାକ ଜିବ୍‌କେ କେ ମିସା ମାନାଅତ୍
ନାଇ । ତେଇ କାରାପ୍ ବିସଇ ପୁରୁନ୍ ଅଇଆଚେ । ସେ ତାର୍
ନିଜର୍ ମନ୍ କର୍‌ବା ଇସାବେ ଜାଇସି । ଆରି ମରନ୍ ଡାକିଆନ୍‌ବା
ବିସ୍ ବର୍‌ତି ଅଇଆଚେ । **୯** ଆମେ ଜିବ୍ ସଙ୍ଗ୍ ମାପ୍‌ରୁକେ ଆରି
ବାବା ପରମେସର୍‌କେ ଦନିଅବାଦ୍ ଦେଲୁନି ଆରି ଏ ଜିବ୍‌ସଙ୍ଗ୍
ପର୍‌ମେସର୍ ତାର୍‌ପାରା ତିଆର୍ କରିରଇବା ମୁନୁସ୍‌କେ ସାଇପ୍
ଦେଲୁନି । **୧୦** ଗଟେକ୍ ଟଣ୍ଡେଅନିସେ ଦନିଅବାଦ୍ ଦେବାଟା ଆରି
ସାଇପ୍ ଦେବାଟା ବାରଇସି । ମର୍ ବାଇବଇନିମନ୍, ଏନ୍ତାରି
ଅଇବାଟା ଟିକ୍ ନଏଁ । **୧୧** ଗଟେକ୍ ଚୁଆବିଲେଅନି, ଗଲାପାନି
ଆରି ନିର୍‌ମଲ୍‌ପାନି ବାରଇସି କି? ନାଇ, ନ ବାରଏ । **୧୨**
ଏ ମର୍ ବାଇବଇନିମନ୍, ଡୁମ୍‌ରିଗଚେ ଜିତ୍‌ପଲ୍ ନ ପଲେ କି
କାଇ ଅଙ୍ଗୁର୍ ମାଲେ ଡୁମ୍‌ରି ନ ପଲେ । ସେନ୍ତାରିସେ ଗଟେକ୍
ଗଲାପାନି ବାରଇବା ଚୁଆଇ ଅନି ନିର୍‌ମଲ୍ ପାନି ନ ବାରଏ । **୧୩**
ତମର୍ ବିତ୍‌ରେ ଗିଆନି ଆରି ବୁଲ୍‌ଟିକ୍ ବଲି କଇବା ଲକ୍ ଆଚତ୍
କି? ତାର୍ ନିକକରି ଜିଇବାକାଇବାଟାନେଅନି ସେଟା ଦେକାଅ
। ତାର୍ ଜିବନେ, ଗଟେକ୍ ଗିଆନ୍ ରଇବା ଲକର୍ ଇସାବେ,
ସବୁବିସଇ ସୁଆଲେ କଲାଆଚେ ବଲି ଦେକାଅ । **୧୪** ଜଦି ତମର୍
ମନ୍‌ବିତ୍‌ରେ ଇଁସାତଲା, କପ୍‌ଦାର୍‌ବାଟା ଆରି ସବୁବେଲେ ନିଜର୍
ବିସଇ ଚିନ୍ତା କର୍‌ବାଟା ରଇସି, ସେନ୍ତାର୍‌ଆଲେ ସେ ବିସଇଟାନେ
ବଡ୍‌ପନ୍ ଉଆନାଇ । ଆରି ସତ୍ ବିସଇ ବୁଲ୍ ଆଚେବଲି କୁଆ
ନାଇ । **୧୫** ଏନ୍ତାରି ଗିଆନ୍ ପର୍‌ମେସରର୍ ଟାନେଅନି ନ
ଆସେ । ସେଟା ଜଗତେଅନି ଆଇସି । ପର୍‌ମେସରର୍ ଆତ୍‌ମା
ନ ରଇବାଟାନେ ଅନି ଆଇସି । ଆରି ସେଟା ସଇତାନର୍
ଗିଆନେ ଅନି ଆଇସି । **୧୬** ଜନ୍ ଜାଗାଇ ଲକ୍‌ମନର୍ ବିତ୍‌ରେ
ଇଁସା, ଆରି ନିଜର ବିସଇସେ ଚିନ୍ତା କର୍‌ବାଟା ରଇଲେ, ସେ
ଜାଗାଇ ଲାଗାଲାଗି ଆରି ସବୁ ରକାମର୍ କାରାପ୍ କାମ୍ ରଇସି
। **୧୭** ମାତର୍ ପର୍‌ମେସର୍ ସିକାଇବା ଗିଆନ୍ ଜନ୍‌ଲକ୍‌ମନ୍‌କେ
ଆଚେ, ତାକର୍ ଗୁନ୍‌ଚଲନେ ସେମନ୍ ସୁକଲ୍ ଅଇରଇବାଇ,
ସାନ୍ତିସଙ୍ଗ୍ ରଇବାଇ, ସୁଆଲେ ରଇବାଇ, ଦୟା ଦେକାଇବାଇ,
ଜିବନ୍‌ଦୁକାଇବାଇ ଆରି ତାକର୍ ସବୁ କାମ୍ ନିକ ରଇସି ।
ସେମନ୍ ଲକ୍‌ମନ୍‌କେ ବଡ୍ ସାନ୍ ଇସାବେ ନ ଦେକତ୍ ଆରି
ଚଲାନିକାତା ନ କଅତ୍ । **୧୮** ଜନ୍ ଲକ୍‌ମନ୍ ସାନ୍ତିର୍‌ପାଇ କାମ୍
କର୍‌ବାଇ, ସାନ୍ତି ସଙ୍ଗ୍ ରଇକରି ଦରମର୍ ବିଅନ୍ ବୁନ୍‌ବାଇ,
ସେନ୍ତାରି ଲକ୍‌ମନ୍ ପର୍‌ମେସର୍ ଦେକ୍‌ବା ଇସାବେ, ନିକ କାମର୍
ଦାନ୍ କାଟ୍‌ବାଇ ।

**୪** ତମର୍ ବିତ୍‌ରେ ମାରାମାରି ଆରି ଲାଗାଜଡା କାଇକେ
ଆଇଲାନି? ତମର୍ ମନ୍‌ବିତ୍‌ରେ ଉସିରଇବା କାରାପ୍
ମନ୍‌କଲାଟା ଉଟିକରି ତମର୍ ବିତ୍‌ରେ ଜୁଜ୍‌ଲାନି, ଏଟାର୍ ଲାଗି
ଏନ୍ତାରି ଅଇଲାନି । ସେଟାର୍‌ପାଇ ଗଟେକ୍ ଲକ୍ ଆରିଗଟେକ୍
ଲକର୍ ସଙ୍ଗ୍ ଲାଗ୍‌ଲାସ୍‌ନି । **୨** କାଇକେବଇଲେ ତମେ ଜନ୍‌ଟା
ମିଲାଇବାକେ ମନ୍ କଲାସ୍‌ନି, ସେଟା ମିଲାଇ ନାପାର୍‌ଲେ,
ମରାଇବାକେ ମନ୍‌କଲାସ୍‌ନି । ଜନ୍‌ଟା ମିଲାଇବାକେ ବେସି
ମନ୍ ଅଇଲାନି, ସେଟା ମିଲାଇବାକେ ତମ୍‌କେ ବପୁନାଇ ।
ସେଟାର୍‌ପାଇ ତମର୍‌ତମର୍ ବିତ୍‌ରେ ଲାଗାଜଡା ଅଇ ମାରାମାରି
ଅଇଲାସ୍‌ନି । ତମେ ପର୍‌ମେସର୍‌କେ ମାଙ୍ଗ୍‌ସ୍ ନାଇଜେ
ମନ୍‌କଲାଟା ମିଲାଇ ନା ପାର୍‌ଲାସ୍‌ନି । **୩** ତମେ ମାଙ୍ଗ୍‌ତେରଇସା,
ମାତର୍ ସେ ତମ୍‌କେ ଦେଏ ନାଇ । କାଇକେବଇଲେ ସେଟା
କାରାପ୍ କର୍‌ବାକେ ମାଙ୍ଗ୍‌ଲାସ୍‌ନି । ସୁକେ ରଇକରି ସାଇସାର୍‌ଦା
ସଙ୍ଗ୍ ରଇବୁ ବଲି ମାଙ୍ଗ୍‌ଲାସ୍‌ନି । **୪** ଏ ବିସ୍‌ବାସେ ବିସ୍‌ଦେବା
ଲକ୍‌ମନ୍, ତମେ କାଇ ନାଜାନାସ୍ କି ଜଗତ୍‌କେ ଆଲାଦ୍
କରୁମନ୍ ପର୍‌ମେସରର୍ ସତ୍‌ରୁ ବଲିକରି? ଜନ୍‌ଲକ୍ ଏ
ଜଗତର୍ ଚଲାଚଲ୍‌ତି ଆଲାଦ୍ କର୍‌ବାଇ ସେମନ୍ ପର୍‌ମେସରର୍
ବିରଦି । **୫** ତମେ ଦରମ୍ ସାସ୍‌ତରେ ଲେକାଅଇରଇବା ଏ
ବାକିଅ ଚୁଚାଇ ବଲିକରି ବାବ୍‌ଲାସ୍‌ନି କି? ପର୍‌ମେସର୍ ଜନ୍
ଆତ୍‌ମାକେ ଆମର୍ ବିତ୍‌ରେ ବାସାଅଇରଇବାକେ ଦେଲାଆଚେ,
ସେ ଆମ୍‌କେ ପୁରାପୁରୁନ୍ ଅଦିକାର୍ କର୍‌ବାକେ ମନ୍ କଲାନି
। **୬** ମାତର୍ ପର୍‌ମେସର୍ ଜିବନ୍ ଦୁକାଇଲାଟା, ତାର୍‌ତେଇଅନି
ଅଦିକ୍ ବପୁଆଚେ । ସେଟାର୍‌ପାଇ ସାସ୍‌ତର୍ କଇଲାନି,
ଆଁକ୍‌ରିଆମନ୍‌କେ ପର୍‌ମେସର୍ ବିରଦ୍ କର୍‌ସି, ମାତର୍ ସୁଆଲେ

ରଇବା ଲକ୍‌କେ ତାର୍ ଜିବନ୍ ଦୁକାଇ, ଦୟା କର୍‌ସି । ୭ ତେବର୍
ପାଇ, ତମେ ପର୍‌ମେସର୍‌କେ ସର୍‌ପାଇଉଆ । ସଇତାନ୍‌କେ ଜାକି
ଦିଆସ୍ । ସେନ୍ତାରି କଲେ ସଇତାନ୍ ତମର୍‌ଲଗେ ଅନି ପାଲାଇସି
। ୮ ପର୍‌ମେସରର୍ ଲଗେ ଆସା, ତେବେ ସେ ମିସା ତମର୍ ଲଗେ
ଲଗେ ରଇସି । ଏ ପାପିମନ୍, କାରାପ୍ କାମ୍‌କର୍‌ବାଟା ଚାଡିଦିଆସ୍
। ଆରି ଏ ଦୁଇବାଟେ ମନ୍‌କରୁମନ୍ ତମର୍ ମନ୍ ନିର୍‌ମଲ୍ କରା ।
୯ ତମର୍ ପାପର୍‌ଲାଗି ମାରିଚପି ଅଇକରି କାନ୍ଦତେରୁଆ । ନ
ଆଁସିକରି କାନ୍ଦତେରୁଆ, ସାର୍‌ଦା ନ ଅଇକରି ଦୁକେ ରୁଆ ।
୧୦ ମାପ୍‌ରୁର୍ ମୁଆଟେ ନିଜେ ନିଜେ ସର୍‌ପିଉଆ, ସେ ତମ୍‌କେ
ଉଟାଇସି । ୧୧ ଏ ମର୍ ବାଇବଇନିମନ୍, ନିଜର୍ ନିଜର୍ ବିତ୍‌ରେ
କୁଟ୍ କାତା କୁଆ ନାଇ । ଜଦି ବିସ୍‌ବାସି ବାଇମନର୍ ବିରୁଦେ
କୁଟ୍ କାତା କଇ ତାକେ ଦସ୍ ଦେଇସା, ତମେ ପର୍‌ମେସରର୍
ନିୟମ୍ ବିରୁଦେ କାତା ଅଇଲାସ୍‌ନି । ଆରି ତାର୍ ନିୟମ୍‌କେ
ବିଚାର୍ କଲାସ୍‌ନି । ପର୍‌ମେସରର୍ ନିୟମ୍ ବିଚାର୍ କଲେ, ତମେ
ତାର୍ ଆଦେସ୍ ମାନାସ୍ ନାଇ । ମାତର୍ ବିଚାର୍‌କାରିଆ ଇସାବେ
ରଇଲାସ୍‌ନି । ୧୨ ପର୍‌ମେସର୍‌ସେ ନିୟମ୍ ଦେଇପାର୍‌ସି । ସେ
ସେ ଆମ୍‌କେ ବିଚାର୍ କରିପାର୍‌ସି । ସେ ସେ ଲକ୍‌ମନ୍‌କେ ରକିଆ
କରିପାର୍‌ସି ଆରି ସେ ସେ କୁରୁପ୍‌ନାସ୍ କରିପାର୍‌ସି । ମାତର୍
ତମେ କେ ଜେ, ବିନ୍ ଲକର୍ ବିଚାର୍ କରିପାରାସ୍? ୧୩ ତେବେ
ମର୍ କାତା ସୁନା । ତମର୍ ବିତ୍‌ରେ ଜନ୍ ଲକ୍‌ମନ୍ ଏନ୍ତାରି କାତା
ଅଇତେରଇସା, ଆଜି ନଇଲେ କାଲିକେ ଆମେ ଏ ନଅରେ କି
ସେ ନଅରେ ଜିବୁ, ତେଇ ବର୍‌ସେକ୍ ରଇବୁ ଆରି ବେବାର୍ କରି
ଡାବୁ ଅରଜ୍‌ବୁ । ୧୪ ମାତର୍ କାଲିକେ କାଇଟା ଗଟ୍‌ସି, ସେଟା
ତମେତା ନାଜାନାସ୍! ତମର୍ ଜିବନ୍ ଦୁଇଁରି ସମାନ୍, ଜନ୍‌ଟାକି
ଚନେକର୍ ପାଇ ଡିସ୍‌ସି ଆରି ମାୟା ଅଇଜାଇସି । ୧୫ ତାର୍
ବାଦୁଲେ ତମେ ମାପ୍‌ରୁ ମନ୍ କଲେ ଆମେ ଜିଇକରି ଏନ୍ତାରି
ନଇଲେ ସେନ୍ତାରି କରୁ ବଲି କଇବାର୍ ଆଚେ । ୧୬ ମାତର୍
ତମେ ସେନ୍ତାରି କରାସ୍ ନାଇ । ଆଁକ୍‌ରିଆମନ୍ ଆରି ବଡ୍‌ପନ୍
କାତା କଉଁମନ୍ । ଏନ୍ତାରି ବଡ୍‌ପନ୍ କାତା କଇବାଟା ବୁଲ୍‌ଆଚେ
। ୧୭ ଏତାଇ ରୁଆ । ଜେ ଜଦି ଏଟା ନିକ କାମ୍ ବଲି ଜାନେ,
ମାତର୍ ସେଟା ନ କରେ ବଇଲେ, ପର୍‌ମେସର୍ ଦେକ୍‌ବା ଇସାବେ
ସେ ଦସ୍ କଲାଆଚେ ।

**୫** ଏ ସାଉକାର୍ ଲକ୍‌ମନ୍, ମର୍‌କାତା ସୁନା । ତମ୍‌କେ ଜନ୍
ଦୁକ୍‌କସ୍‌ଟ ଆଇଲାନି, ସେଟାର୍ ପାଇ ମାରିଚପିଅଇ କାନ୍ଦା
। ୨ ତମର୍ ଦନ୍‌ସଁପତି କୁଇଗାଲାନି ଆରି ନିକନିକ ବସ୍‌ତର୍‌ମନ୍
ଅଲ୍‌ମା କାଇଲାନି । ୩ ତମର୍ ସୁନାରୁପା ଚିଲମ୍ ଦାର୍‌ଲାନି
ଆରି ଏ ଚିଲମ୍ ଦାର୍‌ଲାଟାକେ ନେଇକରି ପର୍‌ମେସର୍ ତମ୍‌କେ
ଦସି କର୍‌ସି । ଆରି ଜଇଟାନେ ପଡ୍‌ଲେ ଜେନ୍ତି ଗାଗଡ୍
ନସ୍‌ସି, ସେନ୍ତି ତମର୍ ଗାଗଡ୍ ସେ କୁରୁପ୍‌ନାସ୍ କର୍‌ସି ।
ଏ ଜୁଗ୍ ସାର୍‌ବାକେ ଜାଇତେରଇଲେ ମିସା ତମେ ସବୁଲକ୍
ଦନ୍‌ସଁପତି ଟୁଲିଆଇଲାସ୍‌ନି । ୪ ତମର୍ ଜମିବାଡିଲଗେ
କାମ୍‌କର୍‌ବା ବୁତିଆର୍‌ମନ୍‌କେ ବୁତି ଦିଆସ୍ ନାଇ । ତାର୍ ବାଦୁଲେ
ସେମନ୍‌କେ ନାଡାଇ ଆଚାସ୍ । ସୁନା, ସେମନର୍ ବୁତି ତମର୍
ବିରୁଦେ କାନ୍ଦ୍‌ଲାପାରା ସୁନିଅଇଲାନି । ସେମନର୍ କାନ୍ଦବାଟା
ସବୁର୍‌ଟାନେଅନି ବପୁ ରଇବା ମାପ୍‌ରୁ, ସୁନ୍‌ଲା ଆଚେ । ୫
ଏ ଜଗତେ ତମେ ସାଇସାର୍‌ଦା ସଙ୍ଗ୍ ଜିଇଲାସ୍‌ନି । ଜାଇଟା
ମନ୍ କଲେ, ସେଟା କଲାସ୍‌ନି । ମାତର୍ ପର୍‌ମେସରର୍ ଡଣ୍ଡର୍
ଦିନ୍ ଦାପ୍‌ରେ ଆଇଲାନି । ୬ ତମେ ଦସ୍ ନ କଲା ଲକ୍‌ମନ୍‌କେ
ଦସି ବଲିକରି ମାରି ମରାଇଆଚାସ୍ । ଏଲେମିସା ସେମନ୍
ତମ୍‌କେ ଅଟ୍‌କାଅଟ୍ ନାଇ । ୭ ଏ ମର୍ ବାଇବଇନିମନ୍, ମାପ୍‌ରୁ
ଆରିତରେକ୍ ଆଇବାଜାକ ମୁର୍‌ଚିକରି ରୁଆ । ଚାସିମନର୍ ବିସଇ
ଚିନ୍ତାକରିଦେକା, ତାକର୍ ଜମିଅନି ନିକ ପସଲ୍ ମିଲ୍‌ବା ଜାକ
ସେମନ୍ ଜାଗିକରି ରଇବାଇ । ଜେନ୍ତିକି ମାଟିବିଜାଇବାକେ
ପର୍‌ତୁମର୍ ବରିସା ଆରି ନିଙ୍ଗ୍‌ବାପାଚ୍‌ବା ବେଲର୍ ସାରାସାରି
ବର୍‌ସାକେ ମୁର୍‌ଚିକରି ଜାଗି ରଇବାଇ । ୮ ସେ ରକାମ୍
ତମେମନ୍ ମିସା ମୁର୍‌ଚି ଜାଗିରୁଆ । ତମର୍ ମନ୍ ଡାଁଟ୍‌କରି ରୁଆ,
କାଇକେବଇଲେ ମାପ୍‌ରୁ ଆଇବା ଦିନ୍ ଲଗେ କେଟିଆଇଲାନି
। ୯ ଏ ମର୍ ବାଇବଇନିମନ୍, ନିଜର୍ ନିଜର୍ ବିତ୍‌ରେ ଦସ୍
ଦାରାଦାରି ଉଆ ନାଇ । ସେନ୍ତିଆଲେ ମାପ୍‌ରୁ ତମ୍‌କେ ବିଚାର୍
ନ କରେ । ଦେକା ବଡ୍ ବିଚାର୍‌କାରିଆ ଲଗେ ଆଚେ । ୧୦
ମର୍ ବାଇବଇନିମନ୍, ଜନ୍ ବବିସତ୍‌ବକ୍‌ତାମନ୍ ମାପ୍‌ରୁର୍ ନାଉଁ
ଦାରି କାତାଦେଇ ରଇଲାଇ, ସେମନ୍‌କେ ଏତାଆ । ଦୁକ୍‌କସ୍‌ଟ
ଆଇଲାବେଲେ । ସେମନ୍ ମୁର୍‌ଚିକରି ରଇଲାଇ । ତମେମିସା
ସେନ୍ତାରି ଅଇକରି ମନେ ଏତାଆ । ୧୧ ସେମନ୍ ମୁର୍‌ଚିକରି
ରଇଲାର୍‌ପାଇ ବଲି କେଡେକରମର୍ ଲକ୍ ବଲି କଇଲୁନି ।
ସେନ୍ତାରିସେ ଆୟୁବ୍ ବେସି ଦିନ୍‌ଜାକ ମୁର୍‌ଚିକରି ରଇଲାଟା ତମେ
ସୁନି ଆଚାସ୍ । ସାରାସାରି ପଚେ ମାପ୍‌ରୁ ଜନ୍‌ରକାମ୍ ତାକେ
ବାଉଡାଇଦେଲାଟା ଜାନିଆଚାସ୍ । କାଇକେ ବଇଲେ ଆମର୍
ମାପ୍‌ରୁ ଦୟାକର୍‌ସି ଆରି ପୁରାପୁରୁନ୍ କଲିକରମ୍ ଦେକ୍‌ବା
ମାପ୍‌ରୁ । ୧୨ ଏ ମର୍ ବାଇବଇନିମନ୍, ତମେ କାତା ଦେଲା
ବେଲେ ରାନ୍ ନିୟମ୍ ପାକାଆ ନାଇ । ସରଗର୍ କି ଏ ଜଗତର୍
ନାଉଁ ଦାରିକରି କାଇ ବିସଇ ରାନ୍ ପାକାଆ ନାଇ । ତମର୍
ଅଇବା କାତାଆଲେ "ଉଁ" ଆରି, ନ ଅଇବା କାତା ଆଲେ
"ନାଇ" ବଲିକୁଆ । ସେନ୍ତାର୍ ରଇଲେ, ତମେ ପର୍‌ମେସରର୍
ବିଚାର୍‌ନାଟାନେ ଡଣ୍ଡ ନ ପାଆସ୍ । ୧୩ ତମର୍ ବିତ୍‌ରେ କେ
ଜଦି ଦୁକ୍ ଜଞ୍ଜାଲେ ରଇଲେ, ସେ ପାର୍‌ତନା କର । କେ ଜଦି
ସାର୍‌ଦାସଙ୍ଗ୍ ଆଚେ ବଇଲେ, ସେ ପର୍‌ମେସରର୍ ଡାକ୍‌ପୁଟାର୍
ଗିତ୍ ଗାଅ । ୧୪ କେ ଜଦି ଜର୍‌ଦୁକା ଅଇ ରଇଲେ ସେ ମଣ୍ଡଲିର୍
ପାର୍‌ଚିନ୍‌ମନ୍‌କେ ଡାକାଆ, ସେମନ୍ ମାପ୍‌ରୁର୍ ନାଉଁଦାରି ଚିକନ୍
ରକଇ କରି ତାକେ ଲାଗାଇ, ପାର୍‌ତନା କର୍‌ବାଇ । ୧୫ ବିସ୍‌ବାସ୍
ସଙ୍ଗ୍ ସରପ୍‌ଲା ପାର୍‌ତନା ଜରର୍ ଲକ୍‌କେ ନିମାନ୍ କରି ଉଟାଇସି
। ଜଦିସେ ପାପ୍‌କରି ରଇସି ବଇଲେ ମାପ୍‌ରୁ ତାକେ କେମା

କର୍‌ସି । ନିଜର୍ ନିଜର୍ ଲଗେ ପାପ୍ କଲାଟା ଜାନାଆ ଆରି
ନିଜର୍ ନିଜର୍ ପାଇ ପାର୍‌ତନା କରା । ସେନ୍ତାର୍ କଲେ, ତମେ
ନିକ ଅଇସା । **୧୬** ଗଟେକ୍ ଦରମ୍ ଲକ୍ ପାର୍‌ତନା କଲାଟା
ବେସି ବପୁ ରଇସି ଆରି ସେ ପାର୍‌ତନାର୍ ଉତର୍ ଦେକିଅଇସି ।
**୧୭** ଏଲିଅର୍ ବିସଇ ବାବିଦେକା, ସେ ମିସା ଆମର୍ ପାରାସେ
ରଇଲା । ପୁର୍‌ବେ ଇସ୍‌ରାଏଲ୍ ଦେସେ ପାନି ନ ମାର ବଲି ସେ
ମନ୍‌ଦିଆନ୍ ଦେଇ ପାର୍‌ତନା କର୍‌ତେରଇଲା । ସେଟାର୍‌ପାଇ ସେ
ଦେସେ ତିନ୍ ବରସ୍ ଚ ମାସ୍ ଜାକ ପାନି ମାରେ ନାଇ । **୧୮** ଆରି
ତରେକ୍ ପାନି ମାର ବଲି ପାର୍‌ତନା କଲାକେ ବାଦ୍‌ଲେଅନି ପାନି
ମାର୍‌ଲା । ତେବର୍‌ପାଇ ଜମିଟାନେ ତାସ୍ ଅଇଲା । **୧୯** ଏ ମର୍
ବାଇବଇନିମନ୍ ତମର୍ ବିତ୍‌ରେ ଜଦି କେ ସତ୍ ବାଟ୍ ଚାଡିକରି
ବିନ୍ ବିନ୍ ବାଟେ ଗାଲେ, ତାକେ କେ ଆଲେ ଜାଇ ବାଉଡାଇ
ଆନ୍‌ଲେ, **୨୦** ଏତାଇରୁଆଜେ, କେ ଜଦି, ଗଟେକ୍ ପାପିକେ
ବୁଲ୍‌ବାଟେଅନି ବାଉଡାଇ ଆନ୍‌ସି, ସେ ତାକେ ମରନେଅନି
ରକିଆ କର୍‌ସି । ଆରି ସେ ଲକର୍ ଜବର୍ ପାପ୍ ରଇଲେ ମିସା
ତାକେ କେମା ଅଇସି ।

# ୧ ମ ପିତର୍

୧ ମୁଇ ପିତର୍, ଜିସୁକିରିସ୍ଟର୍ ଗଟେକ୍ ପେରିତ୍ ସିସ୍ ।
ପନ୍ତୁ, ଗାଲାତିଅ, କାପାଦକିଆ, ଆସିଆ ଆରି ବିତୁନିଆ
ରାଇଜ୍ମନ୍କେ, ବିନ୍ଦେସର୍ ଲକ୍ମନର୍ପାରା ଚିନ୍ବିନ୍
ଅଇଜାଇରଇବା ପର୍ମେସରର୍ ଲକ୍ମନ୍କେ ମୁଇ ଏ ଚିଟି
ଲେକ୍ଲିନି । ୨ ତାର୍ ଜଜ୍ନା ଇସାବେ ବାବା ପର୍ମେସର୍
ତମ୍କେ ଡାକ୍ଲା ଆଚେ । ତାର୍ ସୁକଲ୍ ଆତ୍ମାଇ ସେ ତମ୍କେ
ତାର୍ ସୁକଲ୍ ଲକ୍ କରାଇସି । ତମେ ଜିସୁ କିରିସ୍ଟକେ ମାନିକରି,
ତାର୍ ବନିତେଇ ଦଇଅଇକରି ରଇବାକେ ସେ ଏନ୍ତାରି ଜଜ୍ନା
କଲା । ତାର୍ ଜିବନ୍ଦୁକାଇଲାଟା ଆରି ସାନ୍ତି ପୁରାପୁରୁନ୍
ତମ୍କେ ମିଲ । ୩ ଆମର୍ ମାପ୍ରୁ ଜିସୁକିରିସ୍ଟର୍ ବାବା
ପର୍ମେସର୍କେ ଦନିଅବାଦ୍ ଦେଉଁ । କାଇକେବଇଲେ ସେ
ଜବର୍ ଅଇତେ ଦୟା କଲାର୍ପାଇ ଆମ୍କେ ନୁଆ ଜିବନ୍ ଦେଲା
ଆଚେ । ଜିସୁକିରିସ୍ଟକେ ମଲାଟାନେଅନି ଉଟାଇକରି ଏନ୍ତାରି
କରିଆଚେ । ଆମେ ମଲେ ମିସା ଆମ୍କେ ଉଟାଇସି ବଲିକରି
ପୁରାପୁରୁନ୍ ଆସାଆଚେ । ୪ ସେଟାର୍ପାଇ ପର୍ମେସର୍ ତାର୍
ଲକ୍ମନର୍ପାଇ ଜେତ୍କି ସବୁ ଆସିର୍ବାଦ୍ ସର୍ଗେ ଜତନ୍ କରି
ସଜ୍ଞଇଆଚେ, ସେଟା ସବୁ ଆମର୍ ଅଇସି ବଲି ଆସାକଲୁନି
। ତେଇ ସେଟା ନ ନସେ କି ଚିଲମ୍ ନ ଦାରେ କି ଉନା ମିସା
ନ ଅଏ । ୫ ଏ ସବୁ ଆସିର୍ବାଦ୍ ଆମର୍ପାଇ । ତମେ
ପର୍ମେସର୍କେ ବିସ୍ବାସ୍ କଲାର୍ପାଇ, ତାର୍ ବପୁ ତମ୍କେ
କାଇଟା ନ ଅଇତେ ସଜ୍ଞଇଲା ଆଚେ । ସାରାସାରିଦିନେ ତାର୍
ମୁକ୍ତି ସବୁଲକ୍ ଜାନ୍ବା ଜାକ, ତମର୍ ଉପ୍ରେ ଜାଗ୍ତେରଇସି
। ୬ ଚନେକର୍ପାଇ ତମର୍ ଜିବନେ ବିନ୍ ବିନ୍ ଦୁକ୍କସ୍ଟ
ଆଇଲାକେ ମୁର୍ଚିକରି ରଇବାକେ ପଡ୍ଲେ ମିସା, ସେଟାର୍ପାଇ
ତମେ ସାର୍ଦା ଅଇକରି ରୁଆ । ୭ ତମର୍ ଜିବନେ ଆଇଲା
ଦୁକ୍କସ୍ଟ ସବୁ ତମର୍ ବିସ୍ବାସ୍ ସତ୍ଆଚେ କି ନାଇ ବଲି
ପରିକା କର୍ବାକେସେ । ସୁନାର୍ ବିସଇ ବାବିଦେକା, ଏ ଜଗତର୍
ସବୁ ବିସଇର୍ପାରା ସୁନା ମିସା ନସିଜାଇସି । ସୁନା ନିକଟା କି
କାରାପ୍ଟା ବଲି ଜାନ୍ବାକେ ଜଇଟାନେ ସିଲାଇବାଇ । ତମର୍
ବିସ୍ବାସ୍ ସୁନାଟାନେଅନି ଅଦିକ୍ ମୁଲିଅ । ସେନ୍ତାର୍ଆଲେ ତମର୍
ବିସ୍ବାସ୍ ନିକଟା କି ନାଇ ବଲି ପରିକା କର୍ବାର୍ ଆଚେ ।
ତମର୍ ବିସ୍ବାସ୍ ଜଦି ନିକଟା, ଜିସୁ କିର୍ସଟ୍ ଦେକା ଅଇବା
ସେ ଦିନେ ତମେ ଡାକ୍ପୁଟା ଆରି ମଇମା ପାଇସା । ୮ ଏବେ
ତମେ ତାକେ ନ ଦେକିରଇଲେ ମିସା ଆଲାଦ୍ କଲାସ୍ନି ଆରି
ବିସ୍ବାସ୍ କଲାସ୍ନି । ସେଟାର୍ପାଇ ତମର୍ ସାର୍ଦା ବେସି
ବଡ୍ । ୯ ତମେ ବିସ୍ବାସ୍ କଲାର୍ପାଇ ତମ୍କେ ସର୍ଗେ ନ
ସାର୍ବା ଜିବନ୍ ଆଚେ । ୧୦ ପର୍ମେସର୍ ମୁନୁସ୍ମନ୍କେ ତାକର୍
ପାପେଅନି କେନ୍ତି ମୁକ୍ଲାଇସି ବଲି ପୁର୍ବର୍ ବବିସତ୍ବକ୍ତାମନ୍
ମନ୍ଦିଆନ୍ କରି ପଡ୍ଲାଇ । ପର୍ମେସର୍ ତମ୍କେ ଦେବା ଏ
ଦାନ୍ ବିସଇ, ସେମନ୍ ଆଗ୍କେ ଗଟ୍ବା କାତା କଇଲାଇ । ୧୧
କିରିସ୍ଟ କେନ୍ତି ଦୁକ୍କସ୍ଟ ମୁରତ୍ଲା, ଆରି ସବୁ ନିନ୍ଦା ସାର୍ଲା
ପଚେ ସେ କେନ୍ତି ଡାକ୍ପୁଟା ପାଇଲା, ସେ ବିସଇ ପର୍ମେସରର୍
ଆତ୍ମା ସେମନ୍କେ ଜାନାଇଲା । ଏଟା ସବୁ କେବେ ଅଇସି
ଆରି କେନ୍ତାରି ଅଇସି, ସେଟା ଜାନ୍ବାକେ ସେମନ୍ ବେସି ମନ୍
କଲାଇ । ସେଟାର୍ପାଇ ସେମନ୍ ସେ ବିସଇ ମନ୍ଦିଆନ୍ କରି
ପଡ୍ଲାଇ । ୧୨ ମାତର୍ ଜନ୍ ଆଗ୍କେ ଗଟ୍ବା କାତା ସେମନ୍
କଇରଇଲାଇ, ସେଟା ସେମନର୍ ବଲ୍ପାଇ ନାଇ ମାତର୍ ତମର୍
ବଲ୍ପାଇ ବଲି ପର୍ମେସର୍ ସେମନ୍କେ ଜାନାଇଲା । ଆରି
ଏବେ ସେଟା ପୁରାପୁରୁନ୍ ଅଇଲା । କାଇକେବଇଲେ ଜନ୍
ଲକ୍ମନ୍ ତମ୍କେ ସୁବ୍ କବର୍ ଜାନାଇଲାଇ ଆଚତ୍, ତମେ ସେ
କାତା ସୁନିଆଚାସ୍ । ସର୍ଗେଅନି ପାଟାଇରଇବା ସୁକଲ୍ଆତ୍ମା
ସେମନ୍କେ ବପୁଦେଲା । ଦୁତ୍ମନ୍ ମିସା ଏ ବିସଇ ଜାନ୍ବାକେ
ମନ୍ କଲାଇ । ୧୩ ସେଟାର୍ପାଇ ତମେ ନିଜର୍ ନିଜର୍ ମନେ
ପର୍ମେସର୍ ମନ୍କଲାଟା ପୁରାପୁରୁନ୍ କର୍ବାକେ ଜାଗିରୁଆ
। ଆରି ଜିସୁ କିରିସ୍ଟ ବାଉଡି ଆଇବା ବେଲାଇ ସେ ଜନ୍
ଆସିର୍ବାଦ୍ ତମ୍କେ ଦେଇସି, ସେଟା ମିଲ୍ସି ବଲି ପୁରାପୁରୁନ୍
ଆସା ଉଆ । ୧୪ ପର୍ମେସରର୍ ଆଦେସ୍ ମାନିକରି ରୁଆ ।
ତାର୍ ସତ୍ ସିକିଆ ଜାନ୍ବା ଆଗ୍ତୁ ତମେ କେନ୍ତାରି ନିଜେ ମନ୍
କଲାଟା ପୁରାପୁରୁନ୍ କର୍ତେରଇଲାସ୍, ସେନ୍ତାରି ଆରି କରାନାଇ
। ୧୫ ମାତର୍ ତମ୍କେ ଡାକ୍ଲା ମାପ୍ରୁ ଜେନ୍ତାର୍ ସୁକଲ୍ ଆଚେ,
ସେନ୍ତାରିସେ ତମେମନ୍ ମିସା ତମର୍ ସବୁ ବିସଇଟାନେ ସୁକଲ୍
ଉଆ । ୧୬ ତେବେ ସାସ୍ତରରେ ଲେକା ଆଚେ, ପର୍ମେସର୍
କଇଲାଆଚେ, ମୁଇ ଜେନ୍ତାରି ସୁକଲ୍, ତମେ ମିସା ସେନ୍ତାରି
ସୁକଲ୍ ଉଆ । ୧୭ ପର୍ମେସର୍ ଜେଡେବେଲେ ମୁନୁସ୍ମନ୍କେ
ବିଚାର୍ କର୍ସି, ସେ କାର୍ବିତ୍ରେ ସାନ୍ ବଡ୍ ନ ଦେକେ । ଗଟେକ୍
ଗଟେକ୍ ଲକ୍କେ ତାକର୍ କଲା କାମ୍ ଇସାବେ ସେ ବିଚାର୍ କର୍ସି
। ତେବେ ତମେ ପାର୍ତନା କର୍ବାବେଲେ ପର୍ମେସର୍କେ ବାବା
ବଲି ଡାକ୍ଲାସ୍ନି । ତମେ ଜେତ୍କି ଦିନ୍ ଏ ଜଗତେ ବଁଚିଆଚାସ୍,
ତାକେ ମାନିକରି ରଇବାର୍ଆଚେ । ୧୮ ତମର୍ ଆନିଦାଦିମନର୍
ଟାନେଅନି ଲଡାକେ ନ ଆଇବା ରିତିନିତିଅନି ସେ କାଇ ମୁଲିଅ
ଦେଇକରି ତମ୍କେ ମୁକ୍ଲାଇଆଚେ, ସେଟା ତମେ ଜାନିଆଚାସ୍
। ତମ୍କେ ମୁକ୍ଲାଇବାକେ ସେ ନସି ଜିବା ସୁନା କି ରୁପାର୍ ମୁଲିଅ
ଦେଏ ନାଇ । ୧୯ ମାତର୍ ବେସି ମୁଲିଅ ରଇବା ଜିସୁକିରିସ୍ଟର୍
ବନି, ଜନ୍ଟା ସେ ତାର୍ ମରନେ ରକଇଦେଲା । କାଇ ଦସ୍
କି କାଇ ଅବାବ୍ ନ ରଇବା ମେଣ୍ଢାପିଲା ପାରା ବଲିଅଇଲା
। ୨୦ ଏ ଜଗତ୍ ତିଆର୍ ନ ଅଇବା ଆଗ୍ତୁ ପର୍ମେସର୍
କିରିସ୍ଟକେ ବାଚିରଇଲା । ମାତର୍ ଏବେ ଏ ସାରାସାରି ଦିନେ
ସେ ତାକେ ଦେକାଇଲା ଆଚେ । ଜେନ୍ତାରି କି ସେ ଆମ୍କେ
ସାଇଜକରିପାର୍ସି । ୨୧ ଜିସୁକିରିସ୍ଟର୍ ଲାଗି ତମେ ଏବେ
ପର୍ମେସର୍କେ ବିସ୍ବାସ୍ କଲାସ୍ନି । ସେ ଆକା କିରିସ୍ଟକେ

ମରନେଅନି ଉଟାଇକରି ଡାକ୍‌ପୁଟା କଲା ଆଚେ । ତେବର୍‌ପାଇ
ତମର୍ ବିସ୍‌ବାସ୍ ଆରି ଆସା ଏବେ ପର୍‌ମେସର୍‌ଟାନେ ଆଚେ ।
**୨୨** ତମେ ସତ୍ ମାନ୍‌ଲାର୍ ପାଇ, କାରାପ୍ ଚଲାଚଲ୍‌ତି ଚାଡିକରି
ତମର୍ ସଙ୍ଗର୍ ବିସ୍‌ବାସିମନ୍‌କେ ସତ୍‌ସଙ୍ଗ ଆଲାଦ୍ କଲାସ୍‌ନି ।
ମନ୍ ପରାନ୍ ଦେଇକରି ଗଟେକ୍‌ଲକ୍ ଆରି ଗଟେକ୍ ଲକ୍‌କେ
ଆଲାଦ୍ କଲାସ୍‌ନି । **୨୩** ତମେ ଆରିତରେକ୍ ଜନମ୍ ଅଇଲାସ୍‌କେ
ଏନ୍ତାରି କଲାସ୍‌ନି । କେବେ ନ ମର୍‌ବା ବାବାମାଆର୍ ପିଲାମନର୍
ଇସାବେ । ତାର୍ ବାକିଅ ତମ୍‌କେ ନୁଆ ଜିବନ୍ ଦେଲାଆଚେ
। ତାର୍ ବାକିଅ ସବୁଦିନର୍‌ପାଇ ରଇସି । **(aiōn g165)** **୨୪**
ସାସ୍‌ତରେ ଲେକାଅଇଲାପାରା, ଗୁଲାଇ ମୁନୁସ୍ ଜାତି ଗାଁସ୍ ପାରା
। ତାକର୍ ବାନିମୁର୍‌ତି ଗାଁସର୍ ପୁଲ୍‌ପାରା । ଗାଁସ୍ ସୁକିଜାଇସି ଆରି
ପୁଲ୍ ଜଡିଜାଇସି । **୨୫** ମାତର୍ ପର୍‌ମେସରର୍ ବାକିଅ ସବୁଦିନ୍
ପାଇ ରଇସି । ଏ ବାକିଅ ଅଇଲାନି ତମ୍‌କେ ଜାନାଇରଇବା
ସୁବ୍‌କବର୍ । **(aiōn g165)**

**୨** ତମେ ନୁଆ ଜିବନ୍ ପାଇଲାର୍‌ପାଇ ସବୁ କାରାପ୍
ବିସଇର୍‌ଟାନେଅନି ଦୁରିକେ ରୁଆ । ସବୁ ରକାମ୍ ମିଚ୍
କଇବାଟା, ନାଡାଇବାଟା, ଇଁସା ଅଇବାଟା ଆରି ନିନ୍ଦା କାତା
କଇବାଟା ଚାଡିଦିଆସ୍ । **୨** ଏବେ ଜନମ୍ ଅଇଲା କଅଁଲା
ପିଲାମନ୍ ଦୁଦ୍ କାଇବାକେ ଜେନ୍ତାରି ମନ୍ କର୍‌ବାଇ, ସେନ୍ତାରିସେ
ତମେ ଆତ୍‌ମାର୍ ଦୁଦ୍ କାଇବାକେ ମନ୍ କରା । ସେଟା ଅଇଲାନି
ପର୍‌ମେସରର୍ ସତ୍ ବାକିଅ । ସେଟା କାଇବାକେ ମନ୍ କଲେ,
ତମର୍ ମୁକ୍‌ତି ସିଦ୍ ଅଇବାଜାକ ତମେ ବିସ୍‌ବାସେ ଅଦିକ୍
ଅଦିକ୍ ବଡି ଆଇସା । **୩** ସାସ୍‌ତରେ ଲେକା ଅଇଲାପାରା
“କାଇକେ ବଇଲେ, ମାପ୍‌ରୁ ଜିବନ୍ ଦୁକାଇ ଦୟା କଲାଟା
ତମେ ଜାନିସାରାଇ ଆଚାସ୍ ।” **୪** ତେବର୍‌ପାଇ କିରିସ୍‌ଟର୍
ଲଗେ ଆସା । ସେ, ଗର୍ ଡାଟ୍ କର୍‌ବା ଜିବନ୍ ପାକ୍‌ନା ପାରା
ଆଚେ । ଏ ପାକ୍‌ନା, କାଇ ମୁଲିଅ ନାଇ ବଲି, ଲକ୍‌ମନ୍
ଚାଡିଦେଇରଇଲାଇ । ମାତର୍ ପର୍‌ମେସର୍ ସେଟାକେସେ,
ବେସି ମୁଲିଅ ରଇବାଟା ବଲି ବାଚିଆଚେ । **୫** ତାର୍ ଲଗେ
ଆଇଲାର୍‌ପାଇ ତମେ ଜିବନ୍ ରଇବା ପାକ୍‌ନାପାରା ଅଇଆଚାସ୍
। କାଇକେବଇଲେ, ତମ୍‌କେ ଜଡିକରି ଗଟେକ୍ ଆତ୍‌ମା ରଇବା
ମଣ୍ଡଲି ତିଆର୍ ଅଇଲାନି । ଆରି ପର୍‌ମେସରର୍ ସୁକଲ୍ ରଇବା
ପୁଜାରି ଇସାବେ ତମେ ତାକେ ସେବା କଲାସ୍‌ନି । ଜିସୁକିରିସ୍‌ଟର୍
ଲାଗି ଏ ଆତ୍‌ମାର୍ ସେବା ପର୍‌ମେସର୍‌କେ ସାର୍‌ଦା କରାଇସି
। **୬** ସାସ୍‌ତରେ କଇଲାପାରା “ଦେକା, ମୁଇ ସବୁର୍‌ତେଇଅନି
ଅଦିକ୍ ମୁଲିଅ ରଇବା ପାକ୍‌ନା ବାଚ୍‌ଲିଆଚି, ସେଟା ଗର୍ କନର୍
ମୁଲ୍‌ପାକ୍‌ନା ଇସାବେ ସିୟନେ ସଙ୍ଗଇଆଚି କେ ଜଦି ତାକେ
ବିସ୍‌ବାସ୍ କର୍‌ବାଇ, ସେ କେବେ ଲାଜ୍ ନଏଁ ।” **୭** ତମେ
ବିସ୍‌ବାସି ଲକ୍‌ମନର୍‌ପାଇ, ଏ ପାକ୍‌ନା ବେସି ମୁଲିଅ ରଇବାଟା
। ମାତର୍ ଜେତ୍‌କି ଲକ୍ ବିସ୍‌ବାସ୍ କରତ୍ ନାଇ, ସାସ୍‌ତରେ
ଲେକା ଅଇଲା ବିସଇ ସେମନ୍ ମନେ ରକ୍‌ବାର୍ ଆଚେ ।
“ଗର୍ ତିଆର୍ କରୁମନ୍ ଜନ୍ ପାକ୍‌ନା ଚାଡିଦେଇରଇଲାଇ,
ସେ ପାକ୍‌ନାକେସେ ପର୍‌ମେସର୍ ସବୁର୍‌ଟାନେ ଅନି ମୁଲିଅ
ରଇବା ପାକ୍‌ନା କଲାଆଚେ ।” **୮** ସାସ୍‌ତରେ ଲେକା ଅଇଲା
ଆରି ଗଟେକ୍ ବିସଇ ମିସା ସେମନ୍ ଏତାଇବାର୍ ଆଚେ । “ଏ
ପାକ୍‌ନା କେତେ ଲକର୍‌ପାଇ ବାଦା ଆନ୍‌ସି । ତେଇ ବେସି
ଲକ୍ ଜଟିଆଇ ଅଇ ଅଦର୍‌ବାଇ ।” “ସେମନ୍ ପର୍‌ମେସରର୍
ବାକିଅ ବିସ୍‌ବାସ୍ ନ କଲାର୍‌ପାଇ ଜଟିଆଇ ଅଇ ଅଦର୍‌ବାଇ
। ଏଟା ତାକର୍‌ପାଇ ପର୍‌ମେସରର୍ ଜଜ୍‌ନା ରଇଲା ।” **୯**
ମାତର୍ ତମେ, ବାଚି ଅଇରଇବା ପର୍‌ମେସରର୍ କୁଟୁମ୍ ।
ଆରି ଆମର୍ ରାଜାର୍ ପୁଜାରି ଦଲ୍ । ପର୍‌ମେସରର୍ ଚକିତ୍
ଅଇଜିବା କାମ୍ ଜାନାଇବାକେ ସେ ବାଚିରଇବା ତାର୍ ନିଜର୍
ଲକ୍ ଅଇଆଚାସ୍ । ଆନ୍ଦାର୍ ବିତ୍‌ରେ ଅନି ତାର୍ କାବା ଅଇଜିବା
ଉଜଲେ ଜିବାକେ ସେ ତମ୍‌କେ ଡାକି ଆଚେ । **୧୦** ଆଗେ ତମେ
ତାର୍ ନିଜର୍ ଲକ୍ ନ ରଇଲାସ୍ । ମାତର୍ ଏବେ ତାର୍ ନିଜର୍
ଲକ୍ ଅଇଆଚାସ୍ । ଆଗେ ତାର୍ ଦୟା ପାଇ ନ ରଇଲାସ୍,
ମାତର୍ ଏବେ ପାଇଆଚାସ୍ । **୧୧** ଏ ମର୍ ମଇତର୍‌ମନ୍, ତମେ
ଏ ଜଗତେ ବିଦେସି ପାରା ଆଚାସ୍ ଆରି ଚନେକର୍ ପାଇସେ
ଇତି ରଇଲାସ୍‌ନି । ତମର୍ ଗାଗ୍‌ଡେ ରଇବା ପାପର୍ ଗୁନ୍‌ଚଲନେ
ଅନି ଆଇବା ସବୁ ରକାମ୍ କାରାପ୍ ମନ୍‌କର୍‌ବା ଟାନେଅନି
ଦୁରିକେ ରୁଆ । **୧୨** ତମର୍ ନଅରେ ରଇବା ବିସ୍‌ବାସ୍ ନ
କର୍‌ବା ଲକ୍‌ମନ୍ ଦେକ୍‌ବା ଇସାବେ ତମର୍ ଚଲାଚଲ୍‌ତି ନିକ
ରଇବାର୍‌ଆଚେ । ସେନ୍ତାରି ରଇଲେ ସେମନ୍ ତମର୍ ବିରୁଦେ
ନିନ୍ଦା କାତା କଇଲେ ମିସା, ତମେ କରିରଇବା ନିକ କାମ୍
ଦେକିକରି ପର୍‌ମେସର୍ ବାଉଡିଆଇବା ଦିନେ ତାକେ ଡାକ୍‌ପୁଟା
କର୍‌ବାଇ । **୧୩** ତମର୍ ଉପ୍‌ରେ ଅଦିକାର୍ କର୍‌ବା ଲକ୍‌ମନ୍‌କେ
ଆମର୍ ମାପ୍‌ରୁର୍ ଲାଗି ମାନିକରି ରୁଆ । ସବୁର୍‌ଟାନେଅନି
ଅଦିକାର୍ ରଇବା ସାସନ୍‌କାରିଆକେ ମିସା ମାନିକରି ରୁଆ । **୧୪**
ସବୁର୍‌ଟାନେଅନି ବଡ୍ ସାସନ୍‌କାରିଆ, ଜେ କି କାରାପ୍ କାମ୍
କର୍‌ବା ଲକ୍‌ମନ୍‌କେ ଡଣ୍ଡ ଦେବାକେ ଆରି ନିକ କାମ୍ କର୍‌ବା
ଲକ୍‌ମନ୍‌କେ ଡାକ୍‌ପୁଟା କର୍‌ବାକେ ପାଟାଇଆଚେ, ତାକେ ମିସା
ମାନିକରି ରୁଆ । **୧୫** କାଇକେବଇଲେ, ତମେ କରିରଇବା
ନିକ କାମର୍‌ଲାଗି କାଇ ଲଡାକେ ନ ଆଇବା କାତା କଇବୁଲ୍‌ବା
ଲକ୍‌ମନ୍‌କେ ଚୁପ୍ କରାଇବାକେ ପର୍‌ମେସର୍ ମନ୍ କଲାନି । **୧୬**
ତମେ ମୁକଲ୍‌ଲା ଲକ୍‌ମନ୍ ବଲି ତମର୍ ଜିବନର୍ ଚଲାଚଲ୍‌ତିତେଇ
ଦେକାଆ । ମାତର୍ ଆମ୍‌କେ ମୁକ୍‌ତି ମିଲ୍‌ଲାଆଚେ ବଲି
କାଇଟା ମିସା କର୍‌ବୁ ବଲି ନ ବାବିକରି ପର୍‌ମେସର୍‌କେ ସେବା
କରା । **୧୭** ସବୁ ଲକ୍‌ମନ୍‌କେ ସନ୍‌ମାନ୍ ଦିଆସ୍ । ବିସ୍‌ବାସି
ବାଇବଇନିମନ୍‌କେ ଆଲାଦ୍ କରା । ପର୍‌ମେସର୍‌କେ ମାନିକରି
ରୁଆ । ଆରି ସବୁର୍ ଉପ୍‌ରର୍ ସାସନ୍‌କାରିଆକେ ସନ୍‌ମାନ୍
ଦିଆସ୍ । **୧୮** ତମର୍ ବିତ୍‌ରେ ଜେତ୍‌କି ଲକ୍ ଗତିଦାଙ୍ଗଡା
ଅଇଆଚାସ୍, ତମର୍ ସାଉକାର୍‌ମନର୍ କାତା ମାନିକରି ରୁଆ

ଆରି ସେମନ୍‌କେ ପୁରାପୁରୁନ୍ ସନ୍‌ମାନ୍ ଦିଆସ୍ । ଦରମ୍ ରଇବା
ସାଉକାର୍‌ମନ୍ ରଇଲେ, କି ଟେରା ରଇବା ସାଉକାର୍‌ମନ୍‌କେ
ମିସା ଏନ୍ତାରି କର୍‌ତେରୁଆ । **୧୯** ତମର୍ କାଇ ବୁଲ୍ ନ ରଇଲେ
ମିସା ମୁର୍‌ଚିକରି ରଇଲେ, ତେଇ ପର୍‌ମେସର୍ ସାର୍‌ଦା ଅଇସି ।
କାଇକେବଇଲେ ତମେ ତାର୍ ମନ୍ କଲାଟା ସିଦ୍ କଲାସ୍‌ନି । **୨୦**
ଜଦି ବୁଲ୍ କଲାର୍‌ପାଇ ଦୁକ୍‌କସ୍‌ଟ ମୁର୍‌ଚି କରି ଡଣ୍ଡ ପାଇଲେ,
ତେଇ ତମେ କଲା କରମ୍‌ସେ ପାଇଆଚାସ୍ । ମାତର୍ ସତ୍‌କାମ୍
କରି ଦୁକ୍ କସ୍‌ଟ ମୁରଚ୍‌ଲେ, ସେଟା ପର୍‌ମେସର୍‌କେ ସାର୍‌ଦା
କରାଇସି । **୨୧** ସେନ୍ତାରି ଚଲାଚଲ୍‌ତି କର୍‌ବାକେ ପର୍‌ମେସର୍
ତମ୍‌କେ ଡାକ୍‌ଲାଆଚେ । କିରିସ୍‌ଟ ତମର୍‌ପାଇ ଦୁକ୍‌କସ୍‌ଟ
ମୁର୍‌ଚି କରି, ତମେ ଚଲାଚଲ୍‌ତି କର୍‌ବାଟା ଦେକାଇଆଚେ ।
**୨୨** ସେ କେବେ ପାପ୍‌କରି ନ ରଇଲା ଆରି ତାର୍ ଟଣ୍ଟେଅନି
ଗଟେକ୍ ମିସା ମିଚ୍‌କାତା ନ ବାରଇ ରଇଲା । **୨୩** ଲକ୍‌ମନ୍
ତାକେ କିଜାଇଲାବେଲେ ସେ ନିନ୍ଦା କାତାକଇ ଟଣ୍ଡ ଲାଗାଏ
ନାଇ । ତାକେ ଦୁକ୍ କସ୍‌ଟ ଦେଲାକେ ସେ ଦମ୍‌କାଏ ନାଇ
। ମାତର୍ କାଇ ଅନିଆଇ ନ କର୍‌ବା ପର୍‌ମେସର୍‌କେ ସବୁ
ବିସଇ ଚାଡିଦେଲା । **୨୪** ଆମେ ପାପ୍ କଲାର୍‌ପାଇ ପାଇବା
ଡଣ୍ଡ କୁରୁସ୍‌କାଟେ ମରିକରି କିରିସ୍‌ଟ ନିଜେ ବଇନେଲା । ପାପ୍
କର୍‌ବାଟା ଚାଡିକରି ଦରମ୍ ଚଲାଚଲ୍‌ତି କର୍‌ବାକେ ସେ ଏନ୍ତାରି
କଲା । ତାର୍ ଗାଗ୍‌ଡେ ମାରି ରଇବା ଗାଉର୍ ଲାଗି ଆମେ ନିକ
ଅଇଆଚୁ । **୨୫** ଆଗ୍‌ତୁ ତମେ ବାଟ୍ ବାନା ଅଇଲା ମେଣ୍ଡାପାରା
ରଇଲାସ୍, ମାତର୍ ଏବେ ସେ ତମ୍‌କେ ଡାକି ଆନିଆଚେ । ସେ
ଆକା ତମ୍‌କେ ଜତନ୍‌କରି ତମର୍ ଆତ୍‌ମାମନ୍‌କେ ଜାଗ୍‌ଲାନି ।

**୩** ସେନ୍ତାରିସେ ତମେ ବିବାଅଇ ରଇବା ଏ ମାଇଜିମନ୍, ନିଜର୍
ନିଜର୍ ମୁନୁସ୍‌ମନର୍ କାତାମାନିକରି ରୁଆ । କାଇକେବଇଲେ
ତାକର୍ ବିତ୍‌ରେ କେ ଜଦି ପର୍‌ମେସରର୍ ବାକିଅ ବିସ୍‌ବାସ୍
ନ କରିରଅତ୍, ତମର୍ ନିକ ଚଲାଚଲ୍‌ତି ଦେକିକରି ସେମନ୍
ମିସା ମନ୍ ବାଦ୍‌ଲାଇବାଇ । ତମ୍‌କେ ପଦେକ୍ କଇବାକେ ନ
ପଡେ । **୨** କାଇକେବଇଲେ ତମର୍ ସୁଆଲ୍ ଚଲାଚଲ୍‌ତି ଆରି
ପର୍‌ମେସର୍‌କେ ମାନିକରି ରଇବାଟା ସେମନ୍ ଦେକ୍‌ବାଇ । **୩**
ବିନ୍ ମାଇଜିମନ୍ ଜେନ୍ତାରିକି, ପିନ୍ଦାଅଡା ଅଇକରି, ସୁନାବାନା
ପିନ୍ଦିକରି, ଚେଣ୍ଡି ସାଜାଡିକରି, ନିଜେ ସୁନ୍ଦର୍ ଅଇବାଇ, ତମେ
ସେନ୍ତାରି ଉଆନାଇ । **୪** ମାତର୍ ମନ୍‌ବିତ୍‌ରେ ସୁଆଲେ ରଇକରି
ଆତ୍‌ମାଇ ସୁସାରେ ରଇବା ଗଟେକ୍ ମାଇଜି ପର୍‌ମେସର୍
ଦେକ୍‌ବା ଇସାବେ ସୁନ୍ଦର୍ । ସେନ୍ତାରି ସୁନ୍ଦର୍ ରଇବାଟା ବେସି
ମୁଲିଅ ଆରି ସବୁଦିନର୍‌ପାଇ ରଇସି । **୫** ପୁର୍‌ବେ ରଇବା ସୁକଲ୍
ମାଇଜିମନ୍ ଏନ୍ତାରିସେ ସେମନ୍ ଆସା କର୍‌ବାଟା ପର୍‌ମେସର୍‌କେ
ସର୍‌ପିଦେଇ ନିଜର୍ ମୁନୁସ୍‌ମନର୍ କାତା ମାନିକରି ସୁନ୍ଦର୍
ଅଇତେରଇଲାଇ । **୬** ପୁର୍‌ବେ ସାରା ସେନ୍ତାରି କର୍‌ତେରଇଲା ।
ସେ ତାର୍ ମନସ୍ ଅବ୍‌ରାଆମ୍‌କେ ନିଜର୍ ସାଉକାର୍ ଇସାବେ
କାତା ମାନିକରି ରଇଲା । ତମେ ଜଦି ସତ୍‌କାମ୍ କରି କାଇଟାର୍
ପାଇ ଡରି ନ ରଇଲେ, ତମ୍‌କେ ମିସା ତାର୍ ଟକିମନ୍ ଇସାବେ
ଲେକା କର୍‌ସି । **୭** ସେନ୍ତାରିସେ ତମେ ବିବାଅଇରଇବା ଏ
ମୁନୁସ୍‌ମନ୍, ନିଜର୍ ମାଇଜିମନର୍ ସଙ୍ଗ୍ ବୁଜାମାନା ଅଇରୁଆ ।
କାଇକେବଇଲେ ସେମନ୍‌କେ ତମର୍‌ଟାନେଅନି ଉନା ବପୁଆଚେ
। ସେମନ୍‌କେ ସନ୍‌ମାନ୍ ଦିଆସ୍, କାଇକେବଇଲେ ପର୍‌ମେସର୍
ଦେବା ନ ସାର୍‌ବା ଜିବନ୍ ତମର୍ ସଙ୍ଗ୍ ସେମନ୍‌କେ ମିସା ମିଲ୍‌ସି
। ତମର୍ ପାର୍‌ତନା କର୍‌ବାଟା ବାଦା ନ ଆଇବାକେ ଏ ସବୁ
ଆଦେସ୍ ମାନିକରି ରୁଆ । **୮** ସାରାସାରି ତମର୍ ସବୁଲକର୍ ମନ୍
ଗଟେକ୍ ଅ । ଦୁକ୍‌ସୁକ୍ ବେଲେ ତମର୍ ତମର୍ ବିତ୍‌ରେ ମିସିବିଡି
ରୁଆ । ନିଜର୍ ନିଜର୍ ବିତ୍‌ରେ ଆଲାଦ୍ ଅଇକରି ସୁଆଲେ
ରୁଆ । **୯** ତମର୍ ବିରୁଦେ କେ କାରାପ୍ କାମ୍ କଲେ ତାକେ
ବେର୍‌ଦାରି ରୁଆନାଇ । ନିନ୍ଦାକାତା କଇଲେ ଟଣ୍ଡ ଲାଗାଆ ନାଇ
। ତାର୍ ବାଦୁଲେ ପର୍‌ମେସର୍ ସେମନ୍‌କେ ଦୟା ଦେକାଇବାକେ
ପାର୍‌ତନା କରା । କାଇକେବଇଲେ ସେ ତମ୍‌କେ ଡାକ୍‌ଲାବେଲେ
ମୁଇ ତମ୍‌କେ ଆସିର୍‌ବାଦ୍ କର୍‌ବି । ବଲି କାତା ଦେଇରଇଲା
। **୧୦** ସାସ୍‌ତରେ ଲେକା ଅଇଲାପାରା, "ଗଟେକ୍ ଲକ୍ ଜଦି
ତାର୍ ଜିବନେ ସାର୍‌ଦାର୍ ଦିନ୍ ଆରି ମଙ୍ଗଲର୍ ଦିନ୍ ଦେକ୍‌ବିବଲି
ମନ୍‌କଲେ, ସେ କାରାପ୍ କାତା ନ କଅ ଆରି ମିଚ୍ କାତା ନ
କଅ । **୧୧** "ସେ କରାପ୍ କାମ୍ ଚାଡିକରି, ନିକ ବିସଇ କର୍‌ବାର୍
ଆଚେ । ତାର୍ ସଙ୍ଗର୍ ଲକର୍ ସଙ୍ଗ୍ ସୁସାରେ ରଇବାର୍‌ଆଚେ ।"
**୧୨** କାଇକେବଇଲେ ଦରମ୍‌ଲକ୍‌କେ ମାପ୍‌ରୁ ଜାଗିଲାଗିରଇସି
। ସେମନ୍ ପାର୍‌ତନା କଲାଟା ସୁନ୍‌ସି ଜେତ୍‌କି ଲକ୍ କାରାପ୍
ବିସଇ କର୍‌ବାଇ ସେମନ୍‌କେ ବିରଦ୍ କର୍‌ସି । **୧୩** ତମେ
ଜଦି ନିକ କାମ୍ କର୍‌ବାକେ ମନ୍ କଲେ, ତମର୍ ବିରଦେ କେ
ମିସା କାରାପ୍ କାମ୍ ନ କରତ୍ । **୧୪** ସତ୍ କାମ୍ କରି ମୁର୍‌ଚି
ରଇଲେ ତମେ କେଡେକ୍ କରମର୍ ଲକ୍ । ଜନ୍ ଲକ୍‌ମନ୍ ତମ୍‌କେ
କସ୍‌ଟ ଦେଲାଇନି, ସେମନ୍‌କେ ଡରିକରି ଚିନ୍ତା କରାନାଇ ।
**୧୫** ମାତର୍ କିରିସ୍‌ଟକେ ମାପ୍‌ରୁବଲି ଡାକ୍‌ପୁଟା କରା ଆରି
ସନ୍‌ମାନ୍ ଦିଆସ୍ । ବିସ୍‌ବାସି ଇସାବେ, ତମେ ଆସା କର୍‌ବା
ବିସଇ କେ ମିସା ପାଚାର୍‌ଲେ, ସେମନ୍‌କେ ବାତାଇବାକେ
ଜାଗ୍‌ରତ୍ ଅଇରୁଆ । **୧୬** ମାତର୍ ମନ୍‌ବିତ୍‌ରେ ସୁଆଲ୍ ରଇକରି,
ସନ୍‌ମାନ୍ ଦେଇକରି କାତାଉଆ । ତମର୍ ବିବେକ୍ ତମ୍‌କେ
ଦସି ନ କର । ଜେନ୍ତାରିକି ତମର୍ ନିକ ଚଲାଚଲ୍‌ତି ବିରୁଦେ
ଜେତ୍‌କି ଲକ୍ ନିନ୍ଦା କର୍‌ବାଇ, ତାକର୍ କାତାଇସେ ସେମନ୍ ଲାଜ୍
ଅଇବାଇ । **୧୭** କାଇକେବଇଲେ ତମେ ନିକ କାମ୍ କଲାର୍
ଲାଗି ଦୁକ୍ କସ୍‌ଟ ମୁରଚ୍‌ବାକେ ପର୍‌ମେସର୍ ଜଦି ମନ୍ କଲେ,
ସେନ୍ତାରି ଅଇବାଟା ନିକ । କାରାପ୍ କରି ଦୁକ୍ କସ୍‌ଟ ମୁରଚ୍‌ବା
ବାଦୁଲେ, ସେଟା ନିକ । **୧୮** କିରିସ୍‌ଟ ମିସା ଆମର୍ ପାପର୍‌ଲାଗି
ଏକାତରେକ୍ ସବୁଲକର୍‌ପାଇ ଦୁକ୍‌କସ୍‌ଟ ଅଇ ମୁର୍‌ଚିକରି ମଲା
। ସେ ଦରମ୍ ରଇ ପାପ୍‌କରିରଇବା ଲକ୍‌ମନ୍‌କେ ପର୍‌ମେସରର୍
ଲଗେ ଆନ୍‌ବାକେ ମରିଜାଇରଇଲା । ଲକ୍‌ମନ୍ ତାର୍ ଗାଗଡ୍

ମରାଇଲାଇ, ମାତର୍ ତାର୍ ଆତ୍ମା ଜିବନ୍ ଅଇଆଚେ । ୧୯
ମଲା ଲକ୍ମନର୍ ଆତ୍ମା ବନ୍ଦିଅଇରଇବା ଜାଗାଇ, ଆତ୍ମାର୍
ଇସାବେ ସେ ସୁବ୍ କବର୍ ଜାନାଇଲା । ୨୦ ଏ ବନ୍ଦି ଆତ୍ମାମନ୍
ପୁର୍ବେ ନଅର୍ ବେଲେ ପର୍ମେସରର୍ କାତା ନ ମାନ୍ଲାଟାମନ୍
। ସେଡ୍କିବେଲେ ନଅ ବଡ୍ ଡଙ୍ଗା ତିଆର୍ କର୍ତେରଇଲା ।
ତାର୍ କାତା ଲକ୍ମନ୍ ବିସ୍ବାସ୍ କର୍ବାଇ ବଲି ପର୍ମେସର୍
ମୁର୍ଚିକରି ରଇଲା । କାଇକେବଇଲେ, ଏକାଇ ଆଟ୍ ଲକ୍ସେ
ସେ ପାନିତେଇ ବୁଡତ୍ନାଇ । ସେମନ୍ ଡଙ୍ଗାଇ ଚଗିରଇଲାଇ
ଆରି ରକିଆ ପାଇଲାଇ । ୨୧ ସେ ପାନି ଆମର୍ ଡୁବନ୍ ବିସଇ
ଜାନାଇଲାନି । ତମେ ଡୁବନ୍ ନେଲାକେ ତମର୍ ଗାଗଡର୍
ମୁର୍କି ଦଇଅଇଲାର୍ ପାଇ ନଏଁ, ମାତର୍ ଗଟେକ୍ ନିକ ବିବେକ୍
ସଙ୍ଗ୍ ପର୍ମେସର୍କେ ଦେଇରଇଲା କାତାର୍ ଲାଗି ତମ୍କେ
ମୁକ୍ତି କର୍ସି । ଜିସୁ କିରିସ୍ଟ ମଲାତେଇଅନି ଜିବନ୍ ଅଇକରି
ଉଟ୍ଲାକେ ଏଟା ଅଇସି । ୨୨ ସେ ସର୍ଗେ ବାଉଡି ଜାଇ
ପର୍ମେସରର୍ ଉଜାବାଟେ ଆଚେ । ସର୍ଗେ ରଇବା ସବୁ ଦୁତ୍,
ଅଦିକାର୍ ଆରି ବପୁ ଉପ୍ରେ ସେ ସାସନ୍ କଲାନି ।

**୪** କିରିସ୍ଟ ନିଜର୍ ଗାଗ୍ଡେ ଦୁକ୍କସ୍ଟ ମୁର୍ଚିକରି ଜେନ୍ତାରି
ଚିନ୍ତା କର୍ତେ ରଇଲା, ତମେମିସା ସେନ୍ତାରି ଚିନ୍ତାକରି
ଡାଟ୍ ଉଆ । କାଇକେବଇଲେ ଜେ ଗାଗ୍ଡେ ଦୁକ୍କସ୍ଟ
ମୁରଚ୍ସି, ସେ ଆରି ପାପ୍ କର୍ବାକେ ମନ୍ ନ କରେ । ୨
ତେବର୍ପାଇ ତମର୍ ମନ୍କେ ଜାଗରତ୍ କରା । ଜେନ୍ତାରିକି,
ଏବେ ଅନି ତମର୍ ମରନ୍ ଜାକ, ପର୍ମେସର୍ ମନ୍ କଲା ଇସାବେ
ଚଲାଚଲ୍ତି କର୍ସା । ତମର୍ ପାପର୍ ଗୁନ୍ ଚଲନ୍ ଇସାବେ
କରାନାଇ । ୩ କାଇକେବଇଲେ ପର୍ମେସର୍କେ ନାଜାନ୍ଲା
ଲକ୍ ଜନ୍ଟା କର୍ବାକେ ମନ୍ କର୍ବାଇ, ସେନ୍ତାରି ତମେମିସା
କର୍ତେ ରଇଲାସ୍ । ଆରି ସେନ୍ତାରି କରି କରି ଚୁଚାଇ ଚୁଚାଇ
ଦିନ୍ ଗାଲା । ତମର୍ ଗାଗଡର୍ ପାପେରଇବା ଗୁନ୍ଚଲନ୍ ଇସାବେ
ଲାଜର୍ ବିସଇ, ପାଦ୍ରା କାମ୍ କର୍ବାକେ ମନ୍ କର୍ବା ବିସଇ,
ମାତିରଇବା ବିସଇ, କରାପ୍ ବିସଇଟାନେ ମଜାମଜ୍ଲିସ୍ କର୍ବା
ବିସଇ ଆରି ପର୍ମେସର୍ ଗିନ୍କର୍ବା ପୁତ୍ଲା ପୁଜା କର୍ବାଟାମନ୍
କର୍ତେରଇଲାସ୍ । ୪ ମାତର୍ ଏବେ, ବିସ୍ବାସ୍ ନ କଲା ଲକ୍ମନ୍
କାବାଅଇଗାଲାଇନି ଆରି ତମ୍କେ ନିନ୍ଦାର୍ କାତା କଇଲାଇନି ।
କାଇକେବଇଲେ ସେମନ୍ କରିରଇବା କାରାପ୍ ମଜାମଜ୍ଲିସ୍
ବିସଇତେଇ ତମେ ମିସାସ୍ ନାଇ । ୫ ମାତର୍ ସେମନ୍ ନିଜେ
ପର୍ମେସର୍କେ ଇସାବ୍ ଦେବାକେ ପଡ୍ସି । ସେ ବଁଚିରଇବା
ଆରି ମରିରଇବା ସବୁକେ ବିଚାର୍ କର୍ବାକେ ଜାଗିଆଚେ ।
୬ ସେଟାର୍ପାଇ ସୁବ୍କବର୍ ମରିରଇବା ଲକ୍ମନ୍କେ ମିସା
ଜାନାଇରଇଲାଇ । କାଇକେବଇଲେ ସବୁଲକ୍ମନ୍ ପାଇବା
ଡଣ୍ଡ ସେମନ୍ ପାଇରଇକରି ମରିରଇଲେ ମିସା ତାକର୍ ଆତ୍ମା
ପର୍ମେସରର୍ ପାରା ବଁଚ୍ବାକେ ସୁବ୍ କବର୍ ଜାନାଇରଇଲାଇ ।
୭ ମାତର୍ ସବୁ ବିସଇ ସାର୍ବା ବେଲା ଲଗେ କେଟ୍ଲାବେ ।
ତେବର୍ପାଇ ନିଜେ ଜାଗରତ୍ ରୁଆ ଏନ୍ତାରି କଲେ ତମେ ନିକସଙ୍ଗ୍
ପାର୍ତନା କରିପାରାସ୍ । ୮ ସବୁର୍ଟାନେଅନି ମୁକିଅ ବିସଇ
ଅଇଲାନି ତମର୍ ତମର୍ ବିତ୍ରେ ଆଲାଦ୍ କରାକରି ଅଇବାଟା ।
କାଇକେବଇଲେ, ସେନ୍ତାରି ଆଲାଦ୍ କଲେ, ତମର୍ ତମର୍ ପାପ୍
ବିସଇ ଚିନ୍ତା ନ କରି ମୁର୍ଚିକରି କେମା ଦିଆଦିଇ ଅଇସା । ୯
ତମର୍ ବିତ୍ରେ ମୁର୍ମୁରା ନଅଇ ଗଟେକ୍ ଲକ୍ ଆରି ଗଟେକ୍
ଲକ୍କେ ଗତିଆ କରି ଡାକାଡାକି ଉଆ । ୧୦ ତାକେ ବିସ୍ବାସ୍
କର୍ବା ସବୁଲକ୍କେ ପର୍ମେସର୍ ବିନ୍ ବିନ୍ ଦାନ୍ ସର୍ପିଦେଲା
ଆଚେ । ଗଟେକ୍ ବିସ୍ବାସ୍ ରଇବା ଗତିଦାଙ୍ଗ୍ଡା ପାରା ସେ
ଦେଇରଇବା ଦାନ୍ ବିନ୍ ଲକର୍ ମଙ୍ଗଲ୍ ଅଇବାକେ ଦିଆସ୍ । ୧୧
ଜନ୍ ଲକ୍ମନ୍ କବର୍ ଜାନାଇଲାଇନି, ଆମେ ପର୍ମେସରର୍
କବର୍ ଜାନାଇଲୁନି, ବଲି ଜାଗ୍ରତ୍ ରଇବାର୍ ଆଚେ । ଜନ୍
ଲକ୍ମନ୍ ତାକର୍ ବାଇବଇନିମନ୍କେ ସେବା କଲାଇନି, ଆମେ
ପର୍ମେସର୍ ବପୁ ଦେଲାକେସେ, ସେବାକଲୁନି ବଲି ଏତାଅତ୍
। ତମେ କରିରଇବା ସବୁ କାମେ ଜିସୁକିରିସ୍ଟର୍ଟାନେଅନି
ପର୍ମେସର୍ ଡାକ୍ପୁଟା ପାଅ । ସେ ଆକା କାଲ୍ କାଲ୍ ଜୁଗ୍
ଜୁଗ୍ ମଇମା ଆରି ବପୁ ପାଇସି । ଆମେନ୍! (aiōn g165) ୧୨
ଏ ମର୍ ମଇତର୍ମନ୍, ତମେ ବେସି ଦୁକ୍ କସ୍ଟ ମୁର୍ଚିକରି
ରଇବାବେଲେ କାବାଅଇଜିବାର୍ ନାଇ । ନ ଅଇବା ବିସଇ ମକେ
କେନ୍ତାରି ଗଟ୍ଲାନି ବଲି ବାବ୍ବାର୍ ନାଇ । ୧୩ ତାର୍ ବାଦୁଲେ,
କିରିସ୍ଟ ଦୁକ୍ କସ୍ଟ ମୁର୍ଚିକରି ରଇଲାର୍ ପାରା ତମ୍କେ
ମୁରଚ୍ବାକେ ଆଇଲେ, ସାର୍ଦା ଉଆ । ଜନ୍ ଦିନେ ସେ ତାର୍
ଡାକ୍ପୁଟା ଦେକାଇସି, ସେ ଦିନେ ତମେ ଅଦିକ୍ ସାର୍ଦା ଅଇସା
। ୧୪ କିରିସ୍ଟର୍ ସିସ୍ ଅଇଲାର୍ ପାଇ ଲକ୍ମନ୍ ତମ୍କେ ନିନ୍ଦା
କଲେ, ତମେ କେଡେକ୍ କରମର୍ ଲକ୍! କାଇକେବଇଲେ ବେସି
ମଇମା ରଇବା ପର୍ମେସରର୍ ଆତ୍ମା ତମର୍ଟାନେ ଆଚେ ବଲି
ଜାନିପାର୍ସା । ୧୫ ତମର୍ ବିତ୍ରେ ଜଦି କେ ମିସା ନର୍ ମାର୍ଲାର୍
ପାଇ ନଇଲେ ଚର୍ ଅଇଲାର୍ ପାଇ କି ନିୟମ୍ ନ ମାନ୍ଲାର୍ପାଇ
କି ବିନ୍ ଲକର୍ ବିସଇତେଇ ମୁଣ୍ଡ ପୁରାଇଲାର୍ପାଇ ଦୁକ୍ କସ୍ଟ
ପାଆନାଇ । ୧୬ ମାତର୍ କିରିସ୍ଟକେ ବିସ୍ବାସ୍କରି ଜଦି
ଦୁକ୍ କସ୍ଟ ପାଇଲେ ଲାଜ୍ ନ ଅଇ ପର୍ମେସର୍କେ ଡାକ୍ପୁଟା
କରା । କାଇକେବଇଲେ ତମ୍କେ କିରିସ୍ଟର୍ ଲକ୍ ଇସାବେ
ଲେକାଅଇଲା ଆଚେ । ୧୭ କାଇକେବଇଲେ ପର୍ମେସର୍ ସବୁ
ଲକ୍କେ ବିଚାର୍ କର୍ବାଦିନ୍ ଲଗେ କେଟ୍ଲା ଆଚେ । ଆରି ସେ
ତାର୍ ନିଜର୍ ଲକ୍କେ ପର୍ତୁମ୍ ବିଚାର୍ କର୍ସି । ଜଦି ସେଟା
ଆମର୍ ସଙ୍ଗ୍ ଆରାମ୍ ଅଇଲେ, ତାର୍ ସୁବ୍ କବର୍ ଚାଡିଦେଲା
ଲକ୍ମନର୍ ଦସା କେନ୍ତାର୍ ଅଇସି? ୧୮ ଦରମ୍ ସାସ୍ତରେ
ଲେକାଅଇଲାପାରା, “ଜଦି ଦରମ୍ ଲକ୍ ମୁକ୍ତି ପାଇବାଟା ଆବଡ୍
ପର୍ମେସରର୍ ବିସଇ କାଇ ଚିନ୍ତା ନ କର୍ବା ପାପିମନର୍ ବିସଇ
କେନ୍ତାର୍ ରଇସି?” ୧୯ ତେବର୍ପାଇ ପର୍ମେସର୍ ମନ୍ କଲାକେ
ତମେ ଜଦି ଦୁକ୍ କସ୍ଟ ମୁର୍ଚିକରି ଆଚାସ୍, ସେନ୍ତାର୍ ଆଲେ

ନିକ କାମ୍ କର୍ବାକେ ଲାଗିରୁଆ ଆରି ନିଜେ ତାକେ ସର୍ପିଉଆ
। ସେ କାତା ଦେଇରଇଲାଟା ସିଦ୍ କର୍ସିଆକା ।

**୫** ତମର୍ ମଣ୍ଡ୍ଲିର୍ ପାର୍ଚିନ୍ମନ୍କେ ଗଟେକ୍ ବିସଇ କଇବାକେ
ମୁଇ ମନ୍ କଲିନି । କାଇକେବଇଲେ ମୁଇ ମିସା ଗଟେକ୍
ପାର୍ଚିନ୍ । କିରିସ୍ଟ ଦୁକ୍କସ୍ଟ ମୁରଚ୍ଲାଟା ମୁଇ ଦେକିଆଚି ।
ଆରି ତାର୍ ଡାକ୍ପୁଟା ଜାନାଇବା ଦିନେ ମୁଇ ମିସା ତେଇ ମିସ୍ବି
। ମୁଇ ତମ୍କେ ବାବୁଜିଆ କଲିନି, ୨ ତମେ ଦେକାରକା କର୍ବା
ବିସ୍ବାସିମନ୍କେ ଜତନ୍ କରା । କାଇକେବଇଲେ ସେମନ୍
ପର୍ମେସରର୍ ମେଣ୍ଡାରାସି ପାରା । ପର୍ମେସର୍ ସେ ଲକ୍ମନ୍କେ
ତମ୍କେ ସର୍ପିଦେଇଆଚେ । ତମେ ସାର୍ଦାସଙ୍ଗ୍ ତାକର୍ ଜତନ୍
ନେବାର୍ଆଚେ । କାଇକେବଇଲେ ସେଟା ସେ ମନ୍ କଲାନି ।
ଡାବୁ ଆସା ଅଇକରି ଏ କାମ୍ କର୍ବାର୍ ନାଇ । ତାର୍ବାଦୁଲେ,
ପର୍ମେସର୍କେ ଆରି ତାର୍ ଲକ୍ମନ୍କେ ସେବାକର୍ବାକେ ମନ୍
କରି ସେଟା କରା । ୩ ତମେ ଦେକାରକା କର୍ବା ଲକ୍ମନ୍କେ
ବାଦିଅ କରାନାଇ । ତାର୍ ବାଦୁଲେ ତମର୍ ନିକ ଚଲାଚଲ୍ତି
ଦେକି ସେମନ୍ ସିକତ୍ । ୪ ଆରି ଜେଡେବେଲେ ଜିସୁକିରିସ୍ଟ
ଜେ କି ସବୁ ବିସ୍ବାସିମନର୍ ବଡ୍ ନେତା ଦେକାଇ ଅଇସି, ଉଜଲ୍
ଉନା ନ ଅଇବା ଡାକ୍ପୁଟାର୍ ପୁରୁସ୍କାର୍ ତମ୍କେ ଦେଇସି ।
୫ ସେନ୍ତାରିସେ ଏ ଦାଙ୍ଗ୍ଡାମନ୍, ତମେ ବଡ୍ଲକ୍ମନର୍ କାତା
ମାନିକରିରୁଆ । ମନ୍ ବିତ୍ରେ ସୁଆଲ୍ ରଇ ଗଟେଲକ୍ ଆରି
ଗଟେଲକ୍କେ ସେବା କରାକରି ଅଇରୁଆ । କାଇକେବଇଲେ
ସାସ୍ତରେ ଲେକା ଅଇଲାଆଚେ ବଡ୍ପନ୍ ଅଇବା ଲକ୍ମନ୍କେ
ପର୍ମେସର୍ ବିରଦ୍ କର୍ସି, ମାତର୍ ମନେ ମନେ ସୁଆଲ୍ ରଇବା
ଲକ୍ମନ୍କେ ଦୟା ଦେକାଇସି । ୬ ସବୁର୍ଟାନେ ଅନି ବପୁ
ରଇବା ପର୍ମେସର୍କେ ନିଜେ ସର୍ପିଉଆ । ତାର୍ ସମାନ୍
ବେଲାଇ ସେ ତମ୍କେ ଉଟାଇସି । ୭ ତମର୍ ସବୁଜାକ ଚିନ୍ତା
କର୍ବାଟା ପର୍ମେସର୍କେ ସର୍ପି ଦିଆସ୍, କାଇକେବଇଲେ,
ସେ ତମ୍କେ ଜତନ୍ କଲାନି । ୮ ଜାଗର୍ତା ଅଇକରି ଜାଗିରୁଆ,
କାଇକେବଇଲେ ଆମର୍ ସତ୍ରୁ ସଇତାନ୍ କାକେ ମିସା ଗିଲ୍ବି
ବଲି ଅଡ୍ରି ବୁଲ୍ଲାନି । ୯ ବିସ୍ବାସେ ଡାଟ୍ ରଇକରି ତାକେ
ବିରଦ୍ କରା । ଗୁଲାଇ ଦୁନିଆଇ ରଇବା ତମର୍ ବିସ୍ବାସି
ବାଇବଇନିମନ୍, ଏନ୍ତାରି ଦୁକ୍ କସ୍ଟ ପାଇ ମୁରଚ୍ଲାଇନି ବଲି
ତମେ ଜାନିଆଚାସ୍ । ୧୦ ଚନେକର୍ ଆଇବା ଦୁକ୍କସ୍ଟ ମୁର୍ଚି
ସାରାଇଲେ, ତମ୍କେ ପର୍ମେସର୍ କାଇ ଦସ୍ ନ ରଇବା, ତାର୍
ସିଦ୍ ଲକ୍ କରାଇସି । ତମର୍ ବିସ୍ବାସ୍ ଡାଟ୍ ଅଇବାକେ ସେ
ତମ୍କେ ବପୁ ଦେଇସି । ଆରି ତମ୍କେ ନିକ କୁନାଦି ପାରା
ତିଆର୍ କର୍ସି । କିରିସ୍ଟର୍ ସଙ୍ଗ୍ ମିସ୍ଲାର୍ପାଇ, ତାର୍ ନ
ସାର୍ବା ମଇମାତେଇ ମିସ୍ବାକେ ତମ୍କେ ଡାକ୍ଲାଆଚେ । ସେ
ତମ୍କେ ଜିବନ୍ ଦୁକାଇ ଦୟା କରି ଏ ସବୁ ବିସଇ କଲାଆଚେ
। (aiōnios g166) ୧୧ ତାକେ ସବୁର୍ଟାନେଅନି ବପୁଆଚେ,
ସେ ସେ କାଲ୍ କାଲ୍ ଜୁଗ୍ ଜୁଗ୍ ସାସନ୍ କର୍ସି । ଆମେନ୍ ।
(aiōn g165) ୧୨ ଏ ଅଲପ୍ ବିସଇର୍ ଚିଟି ଲେକ୍ବାକେ ସିଲା
ମକେ ସାଇଜ କରିରଇଲା । ସେ ଗଟେକ୍ ଆମର୍ ବିସ୍ବାସି
ବାଇ । ତମର୍ ବିସ୍ବାସ୍ ଡାଟ୍ କରାଇବାକେ ଆରି ପର୍ମେସର୍
ତାର୍ ଜିବନ୍ ଦୁକାଇ ଦୟା ଦେକାଇଲାଟା ତମେ ସତଇସେ
ଜାନ୍ଲାସ୍ନି ବଲି ଟିକ୍ କର୍ବାକେ ମୁଇ ଏ ଚିଟି ଲେକ୍ଲିନି ।
ତାର୍ ଜିବନ୍ ଦୁକାଇଲାଟାନେ ତମେ ଡାଟ୍ ସଙ୍ଗ୍ ରୁଆ । ୧୩
ବାବିଲନେ ରଇବା ତମର୍ ବିସ୍ବାସି ବାଇବଇନିମନ୍ ତାକର୍
ଜୁଆର୍ ଜାନାଇଲାଇନି । ପର୍ମେସର୍ ସେମନ୍କେ ବାଚ୍ଲାଆଚେ
। ମାର୍କ ଜାକେ କି ମର୍ ପଅ ଇସାବେ ଦେକ୍ଲିନି, ସେମିସା
ତାର୍ ଜୁଆର୍ ଜାନାଇଲାନି । ୧୪ ତମର୍ ବିତ୍ରେ ଆଲାଦ୍ ଆଚେ
ବଲି ଦେକାଇବାକେ ଆତେ ଦାରି ଜୁଆର୍ କରାକରିଉଆ ।
କିରିସ୍ଟର୍ତେଇ ଜେଡ୍କି ଲକ୍ ମିସ୍ଲାଇଆଚତ୍ ସେମନ୍ ସବୁ
ଲକ୍କେ ସାନ୍ତି ମିଲ ।

# ୨ ୟ ପିତର୍

**୧** ମୁଇ ସିମନ୍ ପିତର୍, ଜିସୁକିରିସ୍ଟର୍ ଗଟେକ୍ ଗତିଦାଙ୍ଗ୍ଡା
ଆରି ପେରିତ୍ ଅଇଆଚି । ଆମେ ଜେନ୍ତି ଜିସୁକିରିସ୍ଟକେ
ବିସ୍ବାସ୍ କରିଆଚୁ, ସେନ୍ତାରି ବିସ୍ବାସ୍ କର୍ବା ଲକ୍ମନ୍କେ ଏ
ଚିଟି ଲେକ୍ଲିନି । ସେ ଆମର୍ ପର୍ମେସର୍ ଆରି ମୁକ୍ତିକାରିଆ ।
ତାକେ ବିସ୍ବାସ୍ କର୍ବାକେ ସେ ଆକା ଆମ୍କେ ବପୁଦେଲାଆଚେ
। ସେ କର୍ବା ସବୁ କାମ୍ ଟିକ୍ ଆରି କାଇ ଅନିଆଇ ନାଇ ।
। ୨ ପର୍ମେସର୍କେ ଆରି ଆମର୍ ମାପ୍ରୁ ଜିସୁକିରିସ୍ଟକେ
ତମେ ଜାନ୍ଲାର୍ ପାଇ ତାର୍ ସାନ୍ତି ଆରି ସେ ଜିବନ୍ ଦୁକାଇ
ଦୟା କଲାଟା ତମ୍କେ ମିଲ । ୩ ତାକେ ସାର୍ଦା କରାଇଲାପାରା
ଚଲାଚଲ୍ତି କର୍ବାକେ ସେ ଆମ୍କେ ଲଡାକେ ଆଇବା ସବୁ
ବିସଇ ଦେଲାଆଚେ । ତାର୍ ବପୁର୍ଲାଗି ସେ ଆମ୍କେ ଏଟା
ଦେଲାଆଚେ ଆରି ଆମେ ତାକେ ଜାନ୍ଲାର୍ପାଇ ମିସା । ତାର୍
ମଇମାଇ ଆରି ଦରମେ ମିସ୍ବାକେ ସେ ସେ ଆମ୍କେ ଡାକିଆଚେ
। ୪ ତାର୍ ମଇମା ଆରି ଦରମର୍ ଲାଗି ସେ ଆମ୍କେ ବେସି ବଡ୍
ଆରି ବେସି ମୁଲିଅ ରଇବା ଦାନ୍ ଦେଲାଆଚେ । କିରିସ୍ଟକେ
ବିସ୍ବାସ୍ ନ କଲା ଲକ୍ମନ୍ ଜେନ୍ତିକି କାରାପ୍ ବିସଇ କର୍ବାକେ
ମନ୍ କର୍ବାଇ, ସେନ୍ତାରି ମନ୍କର୍ବା ଟାନେଅନି ମୁକ୍ଲାଇବାକେ
ସେ ଆମ୍କେ ଏନ୍ତାରି କଲାଆଚେ । ଏ ସବୁ ବିସଇ ତାକର୍
ମନ୍କେ ନସାଇସି । ମାତର୍ ତମେ ପର୍ମେସରର୍ ପାରା ଦରମ୍
ଅଇପାର୍ସା । ୫ ତେବେ କିରିସ୍ଟକେ ବିସ୍ବାସ୍ କଲାର୍ ପାଇ
ନିକ ଚଲାଚଲ୍ତି କର୍ବାକେ ଚେସ୍ଟା କରା । ଏଟାର୍ ସଙ୍ଗ୍,
ଗିଆନ୍ ସଙ୍ଗ୍ ଜିଉନାକାଉନା କର୍ବାକେ, ୬ ଜିଉନାକାଉନା ସଙ୍ଗ୍
ନିଜେ ଜାଗ୍ରତ୍ ଅଇରଇବାକେ, ଜାଗ୍ରତ୍ ରଇକରି ମୁର୍ଚି
ରଇବାକେ, ମୁର୍ଚିକରି ରଇ ପର୍ମେସର୍କେ ସାର୍ଦା କର୍ବା
ଗୁନ୍ଚଲନ୍ କର୍ବାକେ, ୭ ଗୁନ୍ଚଲନ୍ସଙ୍ଗ୍ ବାଇବଇନିକେ
ଆଲାଦ୍ କର୍ବାକେ, ବାଇବଇନିକେ ଆଲାଦ୍ କରି ସବୁଲକ୍କେ
ଆଲାଦ୍ କର୍ବାକେ ଚେସ୍ଟା କରା । ୮ ତମର୍ ଚଲାଚଲ୍ତି
ଜଦି ଏନ୍ତାରି ଅଦିକ୍ ଅଦିକ୍ ଅଇ ଆଇଲେ, ଆମର୍ ମାପ୍ରୁ
ଜିସୁକିରିସ୍ଟକେ ଜାନ୍ବା ବିସଇତେଇ ତମେ ଅଦିକ୍ ଅଦିକ୍
ବଡିଆଇସା । ୯ ଜଦି ଗଟେକ୍ ଲକ୍ ଏନ୍ତାରି ଜିଉନାକାଉନା ନ
କଲେ, ସେ ଗଟେକ୍ ନିକ ନ ଡିସ୍ବା ଲକର୍ପାରା ଅଇଆଚେ
। ସେ ପୁର୍ବେ କରିରଇଲା ପାପର୍ ଲାଗି ପର୍ମେସର୍ କେମା
ଦେଲାଆଚେ ବଲି ପାସ୍ରିଦେଇ ଆଚେ । ୧୦ ତେବର୍ପାଇ ଏ
ମର୍ ବାଇବଇନିମନ୍, ନିକ ଚଲାଚଲ୍ତି କର୍ବାକେ ଚେସ୍ଟା
କରା । ସେନ୍ତାର୍କଲେ ପର୍ମେସର୍ ତମ୍କେ ବାଚିକରି ତାର୍ ଲକ୍
ଅଇବାକେ ଡାକ୍ଲାଆଚେବଲି ସବୁଲକ୍କେ ଡିସ୍ସି । ଏ ସବୁ
ବିସଇ କଲେ ତମେ କେବେ ମିସା ତାର୍ତେଇଅନି ବିନ୍ବାଟେ ନ
ଜାଆସ୍ । ୧୧ ଆମର୍ ମାପ୍ରୁ ଜିସୁକିରିସ୍ଟର୍ କେବେ ନ ସାର୍ବା
ରାଇଜେ ପର୍ମେସର୍ ତମ୍କେ ସାର୍ଦା ସଙ୍ଗ୍ ଡାକିନେଇସି ।
(aiōnios g166) ୧୨ ଏ ସବୁ ବିସଇ ତମେ ଜାନିରଇଲେ ମିସା,
ଆରି ପାଇଲା ସତ୍ ବିସଇଟାନେ ଡାଟ୍ ଆଚାସ୍ ମିସା, ଏ ସବୁ
ବିସଇ ତମ୍କେ ଏତାଇଦେଇତେ ରଇବି । ୧୩ ମୁଇ ବଁଚିରଇବା
ଜାକ ଏ ସବୁ ବିସଇ କାତା ଅଇବାଟା ନିକ । ଜେନ୍ତିକି ତମେ
ସେଟା ଆରି ନ ପାସ୍ରାସ୍ । ୧୪ ମର୍ ଜିବନ୍ ଦାପ୍ରେ ସାରିଜାଇସି
ବଲି ମୁଇ ଜାନି । କାଇକେବଇଲେ ଆମର୍ ମାପ୍ରୁ ଜିସୁକିରିସ୍ଟ
ମକେ ନିକସଙ୍ଗ୍ ଜାନାଇଆଚେ । ୧୫ ଏ ସବୁ ବିସଇ ତମ୍କେ
ଏତାଇଦେବାକେ ମୁଇ ବେସି ଆବଡ୍ ଅଇଲିନି । ଜେନ୍ତାରିକି
ମୁଇ ମଲାପଚେ ମିସା ଏ ସବୁ ବିସଇ ଏତାଇସା । ୧୬ ଆମର୍
ମାପ୍ରୁ ଜିସୁକିରିସ୍ଟ ତାର୍ ସବୁ ବପୁର୍ସଙ୍ଗ୍ ବାଉଡି ଆଇସି ବଲି
ତମ୍କେ କଇରଇଲୁ । ସେଟା ବିନ୍ ଲକ୍ ତାକର୍ ଚାଲାକିକରି
ତିଆର୍କଲା ଗଟେକ୍ କାତାନି ନଏଁ । ୧୭ ଆମେ ନିଜେ ଆଁକିସଙ୍ଗ୍
ତାର୍ ମଇମା ଦେକ୍ଲୁ । ବାବା ପର୍ମେସର୍ ତାକେ ଡାକ୍ପୁଟା
କରି ମଇମା ଦେଲାବେଲେ ଆମେ ତେଇ ରଇଲୁ । ସେ ନିଜେ
ସବୁର୍ଟାନେଅନି ମଇମାର୍ ପର୍ମେସର୍ କଇରଇଲା "ଏଟା ମର୍
ଆଲାଦର୍ ପ, ତାର୍ଟାନେ ମୁଇ ବେସି ସାର୍ଦା ।" ୧୮ ସେ ସବଦ୍
ସୁନ୍ଲାବେଲେ ପର୍ମେସରର୍ ସୁକଲ୍ ପର୍ବତେ ଆମେ ମିସା
କିରିସ୍ଟର୍ ସଙ୍ଗ୍ ରଇଲୁ । ୧୯ ବବିସତ୍ବକ୍ତାମନର୍ କାତା ସତ୍
ଆଚେ ବଲି ଆମେ ଜାନିଆଚୁ । ଏ ସବୁ କାତା ତମେ ମନ୍ଦିଆନ୍
ଦେଇ ସୁନା । କାଇକେବଇଲେ ସେଟା ଆନ୍ଦାରେ ଲାଗିରଇବା
ଗଟେକ୍ ବତିର୍ ଉଜଲ୍ ପାରା ଆଚେ । ସାକ୍ଲିଆ ଉଜଲ୍
ଡିସ୍ବା ତାରାର୍ପାରା ତମର୍ ମନ୍ବିତ୍ରେ ଉଜଲ୍ ଦେଇସି । ୨୦
ବବିସତ୍ବକ୍ତାମନ୍ କେ ମିସା ନିଜେ ବାବିକରି ସାସ୍ତର୍ଟାନେ
ଲେକତ୍ନାଇ । ଏଟା ତମେ ବାଇଦରେ ଜାନ୍ବାର୍ ଆଚେ । ୨୧
କାଇକେବଇଲେ, ସେମନ୍ କେବେମିସା ନିଜର୍ତେଇଅନି କାଇ
ବବିସତ୍ କାତା କଅତ୍ ନାଇ । ମାତର୍ ପର୍ମେସର୍ଟାନେଅନି
ଆଇଲା କାତା ସୁକଲ୍ଆତ୍ମାର୍ ସାଇଜ ସଙ୍ଗ୍ କଇରଇଲାଇ ।

**୨** ପୁର୍ବେ ପର୍ମେସରର୍ ଲକ୍ମନର୍ ବିତ୍ରେ ମିଚ୍ କାତା
କଇବା ବବିସତ୍ବକ୍ତାମନ୍ ମିସା ରଇଲାଇ । ସେନ୍ତାରିସେ
ତମର୍ ବିତ୍ରେ ମିସା ମିଚ୍ ସିକାଉମନ୍ ରଇବାଇ । ପର୍ମେସରର୍
ବିସଇ ସେମନ୍ ମିଚ୍ଟା ସିକାଇବାଇ । ଜନ୍ ଲକ୍ମନ୍ ସେ
କାତା ବିସ୍ବାସ୍ କର୍ବାଇ, ସେମନ୍ ବିନାସ୍ ଅଇଜିବାଇ ।
ସେମନ୍କେ ମୁକ୍ଲାଇଲା ନିଜର୍ ମୁକ୍ତିକାରିଆକେ ସେମନ୍
ଚାଡିଦେବାଇ । ସେନ୍ତାରି କଲାର୍ ପାଇ ପର୍ମେସର୍ ସେମନ୍କେ
ଦାପ୍ରେ କୁରୁପ୍ନାସ୍ କର୍ସି । ୨ ବିସ୍ବାସି ବଲାଇଅଇବା
ବେସି ଲକ୍ମନ୍ ତାକର୍ କାରାପ୍ ଚଲାଚଲ୍ତି ଦାର୍ବାଇ ଆରି
ସତ୍ ବାଟର୍ ବିସଇନେଇ କାରାପ୍ କାତା କଇ ବୁଲ୍ବାଇ । ୩
ଏନ୍ତାଟା ସିକାଉମନ୍ ଲବ୍ ଅଇକେରି ନିଜେ ତିଆର୍ କରିରଇବା
କାତା କଇକରି ତମ୍କେ ନାଡାଇବାଇ । ସେନ୍ତାରି ଲକ୍ମନ୍କେ
ଡଣ୍ଡ ଦେବି ବଲି ପର୍ମେସର୍ କାତା ଦେଇରଇଲା । ଆରି
ସେଟା କର୍ବାକେ ସେ ଏବେ ଜାଗିଆଚେ । ସେ ସେମନ୍କେ

କୁରୁପ୍‌ନାସ୍ କର୍‌ସି ଆକା । ୪ ପୁର୍‌ବେ କେତେଟା ଦୁତ୍‌ମନ୍ ଜେଡେବେଲେ ପାପ୍ କରିରଇଲାଇ, ପର୍‌ମେସର୍ ସେମନ୍‌କେ ଡଣ୍ଡ ନ ଦେଇକରି ଚାଡିଦେଏ ନାଇ । ମାତର୍ ସେମନ୍‌କେ ନର୍‌କେ ପିଙ୍ଗିଦେଲା । ସେମନ୍‌କେ ବିଚାର୍ କରି ଡଣ୍ଡଦେବା ଦିନ୍ ଜାକ ସେ ସେମନ୍‌କେ ବନ୍ଧିକରି ଆନ୍ଧାରେ ସଙ୍ଗଇସି । (Tartaroō g5020) ୫ ଆଗର୍‌କାଲେ ବଁଚିରଇବା ଲକ୍‌ମନ୍ ପର୍‌ମେସର୍‌କେ ମାନିକରି ରଅତ୍‌ନାଇକେ, ସେ ସେମନ୍‌କେ ଡଣ୍ଡ ନ ଦେଇକରି ଚାଡେନାଇ । ତାର୍‌ବାଦୁଲେ ସେମନର୍‌ପାଇ ବନିଆ ଆନାଇଲା । ତେଇ ସବୁଲକ୍ ବୁଡିଗାଲାଇ । ମାତର୍ ସେ ନଅ ଆରି ତାର୍ କୁଟୁମର୍ ସାତ୍‌ଲକ୍‌କେ ସେ ରକିଆ କଲା । ସେବେଲେ ନଅ ପର୍‌ମେସର୍ ଦେକ୍‌ବା ଇସାବେ ଟିକ୍ ବିସଇ କର୍‌ବାର୍ ଆଚେ ବଲି ଲକ୍‌ମନ୍‌କେ କଇତେରଇଲା । ୬ ସଦମ୍ ଗମରା ନଅର୍‌ମନ୍‌କେ ରଇବା ଲକ୍‌ମନ୍‌କେ ପର୍‌ମେସର୍ ଦସିକରି ତାକର୍ ନଅର୍‌ମନ୍‌କେ ପଡାଇକରି କୁରୁପ୍‌ନାସ୍ କରିଦେଲା । ସେମନ୍ ବେସି କାରାପ୍ କାମ୍ କଲାଇଜେ ଏନ୍ତାରି କଲା । ତାକେ ନ ମାନିକରି ରଇବା ଲକ୍‌ମନ୍‌କେ ଏନ୍ତାରି ଦସା ଅଇସି ବଲି ଲକ୍‌ମନ୍‌କେ ଦେକାଇଲା । ୭ ସେ ନଅର୍‌ମନ୍ ପଡାଇବା ଆଗ୍‌ତୁ ସେ ଲତ୍‌କେ ରକିଆ କଲା । ଲତ୍ ଗଟେକ୍ ନିକଲକ୍ ରଇଲା । ତାର୍ ନଅରର୍ ଲକ୍‌ମନ୍ କରିରଇବା ପାଦ୍‌ରାପାଦ୍‌ରି କାମ୍ ଆରି ନିୟମ୍ ନ ମାନ୍‌ବାଟା ଦେକି ବେସି ଦୁକ୍ କର୍‌ତେରଇଲା । ୮ ସେନ୍ତାରି କାରାପ୍ ଲକ୍‌ମନର୍ ବିତ୍‌ରେ ଲତ୍ ନିକ ସଙ୍ଗ ବଁଚିକରି ରଇଲା । ସେମନ୍ କରିରଇବା କାରାପ୍ କାମ୍ ସେ ଦେକ୍‌ତେରଇଲା ଆରି କଇତେରଇବା ସତ୍ ନ ରଇବା ବିସଇ, ସୁନ୍‌ତେରଇଲା । ସେ ଗଟେକ୍ ନିକ ଲକ୍ ରଇଲାଜେ ଏଟାମନ୍ ସୁନି ଦୁକ୍ କର୍‌ତେରଇଲା । ୯ ସେନ୍ତାର୍ ଆଲେ ଦରମ୍ ଲକ୍‌ମନ୍‌କେ ପର୍‌ମେସର୍ ତାକର୍ ଦୁକ୍ କସ୍‌ଟ ତେଇଅନି ଆରି ଆଇବା ପରିକାଇ ଅନି ରକିଆ କର୍‌ସି । ଆରି କାରାପ୍ ଲକ୍‌ମନ୍‌କେ ସେ ସବୁ ଲକ୍‌କେ ବିଚାର୍ କର୍‌ବା ଦିନ୍ ଜାକ ଡଣ୍ଡଦେଇ ସଙ୍ଗଇସି । ୧୦ ତାକର୍ ପାପର୍ ଗୁନ୍‌ଚଲନ୍ ଇସାବେ ଚଲାଚଲ୍‌ତିକରି ଲାଜର ବିସଇ କର୍‌ବା ଲକ୍‌ମନ୍‌କେ ସେ ବେସି ବଡ୍ ଡଣ୍ଡ ଦେଇସି । ତାକର୍ ଉପ୍‌ରେ ସାସନ୍ କର୍‌ବାକେ ପର୍‌ମେସରର୍ ଜନ୍ ଅଦିକାର୍ ଆଚେ, ସେଟା ସେମନ୍ ନିଚ୍‌ଲାଇନି । ଏନ୍ତାରି ମିଚ୍ ସିକାଉ ଆଁକ୍‌ରିଆମନ୍, ନିଜର୍ ମନ୍‌କେ ଆଇଲାଟା କର୍‌ବାକେ ଡରତ୍ ନାଇ । ସର୍‌ଗେ ମଇମାସଙ୍ଗ ରଇବାଟାମନ୍‌କେ ମିସା ନିନ୍ଦା କର୍‌ବାଇ । ୧୧ ତାକର୍‌ଟାନେଅନି ଅଦିକ୍ ବଡ୍‌ରଇ ବପୁ ରଇବା ଦୁତ୍‌ମନ୍, ମାପ୍‌ରୁର୍ ମୁଆଟେ ଆକର୍ ବିସଇନେଇ ନିନ୍ଦାକାତା କଅତ୍ ନାଇ । ୧୨ ମାତର୍ ଏମନ୍ ଡଙ୍ଗରେ ରଇବା ପସୁମନର୍‌ପାରା । ତାକର୍ ଗାଗଡ୍ ଜନ୍‌ଟା କର୍‌ବାକେ ମନ୍ କର୍‌ସି, ସେଟାସେ କଲାଇନି । ସେନ୍ତାରି ପସୁମନ୍‌କେ ଲକ୍‌ମନ୍ ଦାରିକରି ମରାଇବାଇ । ସେମନ୍ ନାଜାନ୍‌ଲା ବିସଇ ନେଇକରି ନିନ୍ଦାକାତା କଇବାଇ । ସେମନ୍‌କେ ଲକ୍‌ମନ୍ ମରାଇଲା ପାରା ପର୍‌ମେସର୍ କୁରୁପ୍‌ନାସ୍ କର୍‌ସି । ୧୩ ବିନ୍ ଲକ୍‌ମନ୍‌କେ ସେମନ୍ ବେସି ଦୁକ୍ କସ୍‌ଟ ଦେଲାଇଆଚତ୍‌କେ ପର୍‌ମେସର୍ ମିସା ସେମନ୍‌କେ ଦୁକ୍ କସ୍‌ଟ ଦେଇସି । ନିଜର୍ ଗାଗଡ୍ ମନ୍ କଲାଟା ପୁରାପୁରୁନ୍ କର୍‌ବାକେ ସେମନ୍ କାଇଟା ମିସା କର୍‌ବାଇ । ସେଟା ଦିନ୍‌ବେଲେ ମିସା କର୍‌ବାଇ । ମାତର୍ ସେମନ୍ ତମର୍ ସଙ୍ଗ କାଇବାକେ ବସ୍‌ଲାବେଲେ ମିସା ସେନ୍ତାରି ଅଇତେରଇବାଇ, ଜନ୍‌ଟାକି ତମ୍‌କେ ଇଜତ୍ ଜିକି ଲାଜ୍ କରାଇସି । ୧୪ ବେସିଆ କାମ୍ କର୍‌ବାକେ ସବୁବେଲେ ମନ୍ କର୍‌ତେରଇବାଇ । ସେନ୍ତାରି କର୍‌ବାଟାନେଅନି ସେମନ୍ କେବେ ନ ତେବତ୍ । ମନ୍ ବିତ୍‌ରେ ଦୁର୍‌ବଲ୍ ରଇବା ଲକ୍‌ମନ୍‌କେ ନାଡାଇକରି ପାପ୍‌କାମ୍ କର୍‌ବାଟାନେ ଡାକିନେବାଇ । ସେମନ୍ ବେସି ଲବି ଅଇଆଚତ୍ । ପର୍‌ମେସର୍ ସେମନ୍‌କେ ସାଇପ୍ ଦେଲା ଆଚେ । ୧୫ ସଲକ୍ ବାଟ୍ ଚାଡିକରି ବାଟ୍‌ବାନା ଅଇଲାଇ ଆଚତ୍ । ବେଅର୍ ପଅ ବାଲାମ୍, ଜେ କି ଗଟେକ୍ ବବିସତ୍‌ବକ୍‌ତା ରଇଲା, ସେ ଜନ୍ ରକାମ୍ କାମ୍‌ମନ୍ କରିରଇଲା, ଏମନ୍ ମିସା ସେନ୍ତାରି କଲାଇଆଚତ୍ । ଡାବୁ ଆସାଅଇ ବାଲାମ୍ ଏନ୍ତି ରଇଲାଜେ ସେଟା ମିଲାଇବାକେ ବୁଲ୍ କାମ୍ କର୍‌ବାକେ ମିସା ଟିଆର୍ ଅଇରଇଲା । ୧୬ ମାତର୍ ସେ କରିରଇବା କାରାପ୍ କାମର୍ ଲାଗି, ପର୍‌ମେସର୍ ତାକେ ଦମ୍‌କାଇଲା । ତାର୍ ଗଦ ନର୍‌ଲକ୍ ପାରା କାତା ଅଇଲା ଆରି ଜନ୍ ବାୟା କାମ୍ କର୍‌ବାକେ ସେ ଜାଇତେରଇଲା, ସେ କାମେଅନି ତାକେ ଟେବାଇଲା । ୧୭ ଏ ଲକ୍‌ମନ୍ ପାନି ଅାଁଟିଜାଇରଇବା ପାଜ୍‌ରା ପାରା । ଜବର୍ ପବନ୍ ଆସି ଉଡାଇନେବା ବାଦଲ୍ ପାରା । ପର୍‌ମେସର୍ ସେମନର୍‌ପାଇ ପୁରାପୁରୁନ୍ ଆନ୍ଧାର୍ ରଇବା ଗଟେକ୍ ଜାଗା ସଙ୍ଗଇଆଚେ । (questioned) ୧୮ ସେମନ୍ ଲକ୍‌ମନ୍‌କେ ସିକାଇବା ବେଲେ ମୁକିଅ ବିସଇପାରା ରଇସି, ମାତର୍ ତେଇ କାଇଟା ନ ରଏ । ଗାଗଡ୍ ମନ୍ କଲା ସବୁ ଗୁନ୍‌ଚଲନ୍ କରିଅଇସି ବଲି ସେମନ୍ ସିକାଇବାଇ । ନୁଆ ନୁଆ ନିକ ଚଲାଚଲ୍‌ତି କରି ଆଇତେରଇବା ଲକ୍‌ମନ୍‌କେ ସୁତ୍‌ରାଇକରି ନେବାଇ । ୧୯ ତାକର୍ ସିକିଆ ମାନିକରି ରଇଲେ ମୁକ୍‌ତି ମିଲ୍‌ସି ବଲି ସେମନ୍ କାତାଦେବାଇ । ମାତର୍ ସେମନ୍ ନିଜେ କାରାପ୍ ଚଲାଚଲ୍‌ତିର୍ ଗତିଦାଙ୍ଗଡା ଅଇଆଚତ୍ । ସେ କାରାପ୍ ଚଲାଚଲ୍‌ତି ସେମନ୍‌କେ କୁରୁପ୍‌ନାସ୍ କର୍‌ସି । ଜଦି ଗଟେକ୍ ଲକ୍‌କେ କାରାପ୍ ଅବିଆସ୍ ଦାରିଆଚେ, ସେ ତାର୍ ଗତିଦାଙ୍ଗଡା । ୨୦ ସେନ୍ତାରି ମିଚ୍ ସିକାଉମନ୍ ଲକ୍‌ମନ୍‌କେ କୁରୁପ୍‌ନାସ୍ କର୍‌ବା କାରାପ୍ ବିସଇତେଇଅନି ରକିଆ ପାଇକରି ଆମର୍ ମୁକ୍‌ତିକାରିଆ ମାପ୍‌ରୁ ଜିସୁକିରିସ୍‌ଟକେ ଜାନିରଇଲାଇ । ମାତର୍ ଆରିତରେକ୍ ସେ କାରାପ୍ ବିସଇମନ୍ କର୍‌ବାକେ ନିଜେ ସର୍‌ପିଅଇଲାଇ ଆଚତ୍ । ତାକର୍ ଏବର୍ ଇନସ୍‌ତା ଆଗ୍‌ତୁର୍ ଇନସ୍‌ତାଇ କେତେକ୍ ଅଦିକ୍ ଆଚେ । ୨୧ ଦରମ୍ ଚଲାଚଲ୍‌ତି କର୍‌ବା ବାଟ୍ ସେମନ୍ କେବେ ଜାନିନରଇଲେ ତାକର୍ ପାଇ ନିକ ଅଇତା । ମାତର୍ ସେମନ୍ ଏବେ ଲକ୍‌ମନ୍ ସିକିଆ ପାଇରଇବା ପର୍‌ମେସରର୍ ନିୟମ୍ ଚାଡିଦେଇଆଚତ୍ ।

୨୨ ସେମନ୍ କଲାପାରା ବିସଇ ଉପଦେସ୍ ବଇଟାନେ ଲେକା
ଅଇଲାଆଚେ । କୁକୁର୍ ଜନ୍ଟା ବାତିକର୍ସି, ସେଟାସେ ଜାଇ
କାଇସି, ଗୁସ୍ରିକେ ପାନି ଦୁଆଇଦେଇ ରଇଲେ ମିସା ସେ
କାଦଲଗେସେ ଜାଇ ଚକ୍ଟି ଅଇସି ।

୩ ଏ ମର୍ ଆଲାଦର୍ ବାଇବଇନିମନ୍, ଏଟା ମୁଇ ତମର୍
ଲଗେ ଦୁଇପାଲି ଅଇଲା ଚିଟି ଲେକ୍ଲିନି । ଏ ଦୁଇଟାଜାକ
ଚିଟିତେଇ ଏ ସବୁ ବିସୟ୍ ମନେ ଏତାଇ ତମର୍ ମନେ
ସୁକଲ୍ କର୍ବାପାଇ ଚିନ୍ତା କଲିନି । ୨ ବେସି ଆଗେ ସୁକଲ୍
ବବିସତ୍ବକ୍ତାମନ୍ ଜନ୍ସବୁ କାତା ଜାନାଇ ରଇଲାଇ ଆରି
ଉଦାର୍ କର୍ବା ମାପ୍ରୁ ଦେଇରଇବା ଆଦେସ୍ ତମ୍କେ ପେରିତ୍
ସିସ୍ମନ୍ ଦେଇଆଚତ୍, ସେଟା ତମର୍ ମନେ ଏତାଇ ଦେବାକେ
ମନ୍କଲିନି । ୩ ପର୍ତମେ ଏଟା ଜାନା ଜେ, ସାର୍ଲା ଦିନ୍ମନ୍କେ
ଲକ୍ମନ୍ ନିଜର୍ ନିଜର୍ କାରାପ୍ ମନ୍କଲା ଇସାବେ ଚଲାଚଲ୍ତି
କର୍ବାଇ । ସାରାସାରି ଦିନେ ସେମନ୍ ସତ୍କେ ନିସାର୍ କରି
ପାଚାର୍ବାଇ । ୪ ଆରି କିଜାଇକରି କଇବାଇ, "ଜିସୁ ଆଇବି
ବଲି କାତା ଦେଇରଇଲାଟା, କେନେ ତେବେ?" କାଇକେବଇଲେ
ପୁର୍ବେଅନି ଆମର୍ ଆନିଦାଦିମନ୍ ମଲାତେଇଅନି ଏବ୍କେ ଜାକ
ସବୁ ବିସଇ ଜେନ୍ତି ରଇଲା, ଏବେ ମିସା ସେନ୍ତାର୍ସେ ଆଚେ
। ୫ ସେମନ୍ ଜାନି ଜାନି ପାସ୍ରିଗାଲାଇନି ଜେ ଆଗର୍ ବେଲ୍
ଆରି ବାଦଲ୍ ସବୁ ମାପ୍ରୁର୍ ବାକିଅର୍ ଲାଗି ଗଟ୍ଲା ଆଚେ,
ଦର୍ତନି ପାନି ବିତ୍ରେଅନି ବାରଇଲା ଆଚେ ଆରି ଦର୍ତନି
ଚାରିବେଟ୍ତି ପାନି ରଇଲା ବଲି । ୬ ତାର୍ଲାଗି ସେ ସେବେଲେ
ପୁର୍ନା ଜଗତ୍ ପାନି ସଙ୍ଗ୍ ବୁଡି ନସିଗାଲା । ୭ ମାତର୍ ଏବେ
ରଇବା ବାଦଲ୍ ଆରି ଦର୍ତନି ସେ ବାକିଅର୍ ଲାଗି, ଦରମ୍
ନଇଲା ଲକ୍ମନ୍କେ ବିଚାର୍ ଆରି ବିନାସର୍ ଦିନ୍ ଜାକ, ଜଇ
ସଙ୍ଗ୍ ନସ୍ଟ ଅଇବାକେ ଜମାଇକରି ସଙ୍ଗ୍ଇଲା ଆଚେ । ୮
ମାତର୍ ଏ ଆଲାଦର୍ ବାଇମନ୍, ମାପ୍ରୁ ଦେକ୍ବା ଇସାବେ,
ଗଟେକ୍ ଦିନ୍ଜେ ଅଜାର୍ ବରସ୍ ପାରା, ଆରି ଅଜାର୍ ବରସ୍,
ଗଟେକ୍ ଦିନ୍ ପାରା, ଏ ମୁଲିକା ରଇଲା ବିସଇ ତମେ ପାସ୍ରା
ନାଇ । ୯ ଅଲସମ୍ ଅଇସି ବଲି କେତେଲକ୍ ଏତାଇଲାଇନି,
ମାତର୍ ମାପ୍ରୁ ନିଜେ କାତା ଦେଲା ବିସଇ ସେନ୍ତାର୍ ଅଲ୍ସମ୍
କରେନାଇ । ମାତର୍ କେମିସା ଜେନ୍ତିକି ବିନାସ୍ ନଅତ୍, ସେମନ୍
ସବୁ ମନ୍ ବାଦ୍ଲାଇବାଇ, ଏଟା ସେ ମନ୍କରି ତମର୍ ପାଇ
ବଲି ଅଲ୍ସମ୍ ଅଇଲାନି । ୧୦ ମାପ୍ରୁର୍ ଦିନ୍ ଚର୍ ଆଇଲା
ରକାମ୍ କେଟିଜାଇସି । ସେ ଦିନେ ବାଦଲ୍ ସବୁ ବେସି ସବଦ୍
ସଙ୍ଗ୍ ନସ୍ଟ ଅଇଜାଇସି, ବାଦ୍ଲେ ଉଜଲ୍ ରଇବାଟାମନ୍ ସବୁ
ସିଲିଜାଇସି, ପୁର୍ତିବି ଆରି ସିତି ରଇଲା ଲକ୍ମନ୍ ତିଆର୍ କଲା
ଜେତେକ୍ ସବୁ ଜିନିସ୍ ପଡିଜିବାଇ । ୧୧ ଏ ସବୁ ବିସଇ ଏ
ରକାମ୍ ଆଜିଜାଇସି, ତେବର୍ ପାଇ ତମେମନ୍ ବେସି ସୁକଲ୍
ଆରି ଜାଗ୍ରତ୍ସଙ୍ଗ୍ ରଇବାର୍ ଆଚେ। ୧୨ ମାପ୍ରୁ ଆଇବା
ଦିନ୍କେ ଜାଗି କରି, ସେଟାଜେନ୍ତି ଦାପ୍ରେ ଆଇସି, ସବୁ ବେଲେ
ଦରମ୍ ଚଲାଚଲ୍ତି କର୍ବାର୍ ଆଚେ । ୧୩ ଆମେ ସେ କାତା
ଦେଲା ଇସାବେ ନୁଆଁ ବାଦଲ୍ ଆରି ନୁଆଁ ପୁର୍ତିବିକେ ଜାଗ୍ଲୁନି
। ସେଟା ଦରମ୍ଲକର୍ ବାସା ଅଇବା ଜାଗା ଅଇସି । ୧୪ ସେଟାର୍
ପାଇ ଏ ଆଲାଦର୍ ବାଇମନ୍, ତମେ ସେ ଦିନ୍କେ ଜାଗ୍ତେରୁଆ
। ପର୍ମେସର୍ ଦେକ୍ବା ଇସାବେ, କାଇ ଦସ୍ ନ ଅଇତେ, ସୁକଲ୍
ଲକ୍ମନର୍ ପାରା, ତାର୍ ସଙ୍ଗ୍ ସାନ୍ତିଅଇ ରଇବାକେ ଜାଗ୍ରତ୍
ଉଆ । ୧୫ ଆରି, ଆମର୍ ମାପ୍ରୁ ବେସି ଦିନ୍ ଜାଗ୍ବାଟା ଆରି
ରକିଆ କର୍ବାଟା ବଲି ଏତାଆ । ଆମର୍ ଆଲାଦର୍ ବାଇ
ପାଉଲ୍କେ ମିସା ମାପ୍ରୁ ତାକେ ଦେଲା ବୁଦି ଇସାବେ ତମର୍
ଲଗେ ଏନ୍ତାର୍ ଲେକ୍ଲା ଆଚେ । ୧୬ ସେ ତାର୍ ସବୁ ଚିଟି ଲଗେ
ମିସା ଏ ସମାନ୍ ବିସଇ ଲେକ୍ଲାଆଚେ । ମାତର୍ ତେଇଅନି
କେତେଟା ବିସଇ ଲକ୍ମନ୍କେ ବୁଜ୍ବାକେ କସ୍ଟ ଆଚେ ।
ଜନ୍ ଲକ୍ମନ୍ ନିକ ସିକତ୍ନାଇ ଆରି ତାକର୍ ବିସ୍ବାସ୍ଟାନେ
ଡାଟ୍ନାଇ, ଏ ସବୁ ବିସଇର୍ ଅରତ୍ ବୁଲ୍ଇସାବେ ବାତାଇଲାଇନି
। ପର୍ମେସରର୍ ବାକିଅତେଇରଇବା କେତେଟା ବିନ୍ ବିସଇମନ୍
ମିସା ଏନ୍ତାରି ବୁଲ୍କରି ବାତାଇଲାଇନି । ଏନ୍ତାରି କଲାର୍ପାଇ
ପର୍ମେସର୍ ସେମନ୍କେ କୁରୁପ୍ନାସ୍ କର୍ସି । ୧୭ ଏ ଆଲାଦର୍
ବାଇମନ୍, ତମେ ଆଗେ ଅନି ଏ ସବୁ ବିସଇ ଜାନି ଜାଗର୍ତା
ଅଇରୁଆ । କେଡେବଲ୍ ନିୟମ୍ ନ ମାନ୍ଲା ଲକର୍ ଆସାର୍
କାମର୍ ପାନ୍ଦ୍ଲଗେ ଅଦ୍ରି, ଡାଟ୍ସଙ୍ଗ୍ ରଇବା ବିସ୍ବାସେ ଅନି
ଉନା ଉଆନାଇ । ୧୮ ମାତର୍ ଆମର୍ ମାପ୍ରୁ ଆରି ଉଦାର୍
କର୍ବା ଜିସୁକିରିସ୍ଟର୍ ଜିବନ୍ ଦୁକାଇଲାଟା ଆରି ଗିଆନ୍ ସଙ୍ଗ୍
ଅଦିକ୍ ଅଦିକ୍ ବଡା । ଏବେ ଆରି କାଲ୍ କାଲ୍ ଜୁଗ୍ ଜୁଗ୍ ଜାକ
ସେ ଡାକ୍ପୁଟା ପାଅ । ଆମେନ୍ । (aiōn g165)

# ୧ ମ ଜଅନ୍

**୧** ଜାକେ ଜିବନର୍ ବାକିଅ ବଲି କଇଲାଇନି, ତାର୍ ବିସଇ
ତମ୍‌କେ ଲେକ୍‌ଲୁନି । କାଇଟା ତିଆର୍ ନ ଅଇତେ ପୁର୍‌ବେଅନି
ସେ ରଇଲା । ତାର୍ ବାକିଅ ଆମେ ସୁନିଆଚୁ । ସେ କରିରଇବା
କାମ୍‌ମନ୍ ଆମେ ଆଁକି ସଙ୍ଗ୍ ନିକ ଦେକି ଆଚୁ । ଆରି ଆମେ
ତାକେ ଆତ୍ ସଙ୍ଗ୍ ଚିଇଲୁ ଆଚୁ । **୨** ଏ ଲକ୍ ସତ୍ ଜିବନ୍
ଦେଇସି । ପର୍‌ମେସର୍ ଏ ଲକ୍‌କେ ସବୁକେ ଦେକାଇଲା । ଆରି
ଆମେ ଦେକ୍‌ଲୁ ଆରି ତାର୍ ସତ୍ ବିସଇ ତମ୍‌କେ କଇଲୁନି । ସେ
ଦେଇରଇବା ନ ସାର୍‌ବା ଜିବନର୍ ବିସଇ ତମ୍‌କେ ଜାନାଇଲୁନି ।
ପୁର୍‌ବେଅନି ସେ ଆମର୍ ବାବା ପର୍‌ମେସରର୍ ସଙ୍ଗ୍ ରଇଲା ।
ମାତର୍ ପର୍‌ମେସର୍ ତାର୍ ବିସଇ ଆମ୍‌କେ ଜାନାଇଲାଆଚେ ।
(aiōnios g166) **୩** ତେବର୍‌ପାଇ ଏ ଲକ୍, ଜାର୍ ବିସଇ ଆମେ
ଦେକିଆଚୁ ଆରି ସୁନିଆଚୁ, ତାର୍ ବିସଇ ଆକା ଆମେ ତମ୍‌କେ
କଇଲୁନି । ଜେନ୍ତାରିକି ତମେ ମିସା ଆମର୍ ସଙ୍ଗ୍ ମିସିବିଡି
ରଇସା । କାଇକେବଇଲେ ଆମେ ବାବା ପର୍‌ମେସରର୍ ସଙ୍ଗ୍
ଆରି ତାର୍ ପଅ ଜିସୁ କିରିସ୍‌ଟର୍ ସଙ୍ଗ୍ ମିସିବିଡି ଆଚୁ । **୪**
ଆମର୍ ସାର୍‌ଦା ଜେନ୍ତାର୍ ପୁରାପୁରୁନ୍ ଅଇସି, ତେବର୍ ପାଇ
ଏ ସବୁ ବିସଇ ତମ୍‌କେ ଲେକ୍‌ଲୁନି । **୫** ମାତର୍ ଜନ୍ ବିସଇ
ଜିସୁକିରିସ୍‌ଟ ଆମ୍‌କେ କଇଲା, ଆରି ଜାଇଟା ତମ୍‌କେ ଆମେ
ଜାନାଇ ଆଚୁ, ସେଟା ଅଇଲାନି ପର୍‌ମେସରର୍ ଉଜଲ୍ । ଆରି
ତାର୍‌ଟାନେ ମୁଲ୍‌କେ ଆନ୍ଦ୍‌ବାର୍ ନାଇ । **୬** ତେବର୍‌ପାଇ ଆମେ
ପର୍‌ମେସରର୍ ସଙ୍ଗ୍ ମିସିବିଡି ଆଚୁ ବଲି କଇକରି କାରାପ୍
କାମ୍ କରି ଆନ୍ଦ୍‌ବାରେସେ ରଇବୁ ବଇଲେ, ଆମେ କଇବାଟା
ମିଚ୍ । ଆରି ସତ୍ ବିସଇ ଆମେ ଚାଡିଦେଇଆଚୁ ବଲି ଆମର୍
ଚଲାଚଲ୍‌ତିଟାନେ ଜାନାପଡ୍‌ଲାନି । **୭** ମାତର୍ ଆମେ ସତ୍
କାମ୍ କରି ଉଜଲେ ରଇବୁ ଜେନ୍ତାରି କି ପର୍‌ମେସର୍ ସବୁବେଲେ
ଉଜଲେଆଚେ । ସେନ୍ତାର୍ ଆଲେ ଆମେ ଗଟେକ୍ ଲକ୍ ଆରି
ଗଟେକ୍ ଲକର୍ ସଙ୍ଗ୍ ମିସିବିଡି ଆଚୁ । ଆରି ପର୍‌ମେସରର୍ ପଅ
ଜିସୁର୍ ବନି ଆମର୍ ସବୁ ପାପ୍‌କେ ଦଇଦେଇସି । **୮** ଆମେ
କେବେମିସା ପାପ୍ କରୁନାଇ ବଲି କଇଲେ, ଆମେ ନିଜେସେ
ନାଡାଇଅଇଲୁନି । ଆରି ସତ୍ ବିସଇ ଆମେ ନାଜାନ୍‌ଲୁନି । **୯**
ଜଦି ଆମେ ବୁଲ୍ କରିଆଚୁ ବଲି ପର୍‌ମେସର୍‌କେ ନ ଲୁଚାଇତେ
କଇଲେ, ସେ ଆମର୍ ସବୁ ପାପ୍ କେମା କର୍‌ସି । ଆରି ସବୁ
କାରାପ୍ କାମେଅନି ଆମ୍‌କେ ସୁକଲ୍ କର୍‌ସି । **୧୦** ଜଦି ଆମେ
କେବେ ମିସା ପାପ୍ କରୁନାଇ ବଲି କଇଲେ, ପର୍‌ମେସର୍ ସତ୍‌ଟା
ନଏଁ ବଲି କଇଲୁନି । ଆରି ତାର୍ ବାକିଅ ମାନିକରି ରଉନାଇ ।

**୨** ଏ ମର୍ ପିଲାଟକି ପାରା ଅଇରଇବା ଲକ୍‌ମନ୍, ତମ୍‌କେ ମୁଇ
ଏଟା ଲେକ୍‌ଲିନି । ଜେନ୍ତିକି ତମେ ପାପ୍ ନ କରାସ୍ । ମାତର୍
କେ ଜଦି ପାପ୍ କଲେ ଆମର୍ ବାବା ପର୍‌ମେସରର୍ ମୁଆଟେ
ଟିଆଅଇରଇବା ଗଟେକ୍ ଲକ୍ ଆମର୍ ପାଇ ଗୁଆରି କଲାନି ।
ସେ ଅଇଲାନି ଜିସୁକିରିସ୍‌ଟ । ପର୍‌ମେସର୍ ଦେକ୍‌ବା ଇସାବେ
ସେ ପୁରାପୁରୁନ୍ ସତ୍‌ଆଚେ । **୨** ଆମର୍ ବୁଲ୍ କାମର୍‌ପାଇ
ଆମର୍ ବାଦୁଲେ ପର୍‌ମେସର୍ ଜିସୁକେ ଡଣ୍ଡ୍ ଦେଲା । ତାର୍‌ଲାଗି
ଅବ୍‌କା ଆମର୍ ପାପ୍‌ସେ ନଏଁ ମାତର୍ ଗୁଲାଇଟାନେ ରଇବା
ସବୁଲକର୍ ପାପ୍ ସେ କେମା କର୍‌ସି । **୩** ଆମେ ତାକେ
ଜାନ୍‌ବା ଲକ୍ ଅଇଲୁଆଚୁ । ଜଦି ଆମେ ତାର୍ ତିଆର୍‌ଲାଟା
ମାନ୍‌ଲୁନି, ଏଟା ଡାଁଟ୍‌ସଙ୍ଗ୍ ଜାନ୍‌ଲୁନି । **୪** କେ ଜଦି ମୁଇ
ପର୍‌ମେସର୍‌କେ ଜାନିଆଚିବଲି କଇକରି, ତାର୍ ତିଆର୍‌ଲାଟା ନ
ମାନେ, ସେ ମିଚ୍ କଇଲାନି ଆରି ସେ ସତ୍ ବିସଇମନ୍ ନାଜାନେ
। **୫** ମାତର୍ ଜେ ଜଦି ତାର୍ ବାକିଅ ମାନ୍‌ସି, ସେନ୍ତାର୍ ଆଲେ
ପର୍‌ମେସରର୍‌ପାଇ ରଇବା ତାର୍ ଆଲାଦ୍ ସତଇସେ ପୁରାପୁରୁନ୍
ସିଦ୍ ଅଇଆଚେ । ଆମେ ପର୍‌ମେସରର୍ ସଙ୍ଗ୍ ମିସ୍‌ଲୁଆଚୁ ବଲି
ଦେକାଇବା ବିସଇ । **୬** କେ ଜଦି ପର୍‌ମେସରର୍ ସଙ୍ଗ୍ ମିସିଆଚି
ବଲି କଇଲେ, ଜିସୁର୍ ଚଲାଚଲ୍‌ତି ପାରା ଚଲ୍‌ବାର୍‌ଆଚେ
। **୭** ଏ ମର୍ ଆଲାଦର୍ ମଇତର୍‌ମନ୍, ମୁଇଁ ତମର୍ ଲଗେ
କାଇମିସା ନୁଆ ଆଦେସ୍ ଲେକିନାଇ । ତମେ ଜିସୁର୍ ସଙ୍ଗ୍
ଜିବାକେ ଆରାମ୍ କଲାବେଲେଅନି, ଏ ସମାନ୍ ଆଦେସ୍ ତମେ
ଜାନିଆଚାସ୍ । ସେ ପୁର୍‌ନା ଆଦେସ୍ ସୁନି ସାରାଇଆଚାସ୍ ।
**୮** ମାତର୍ ଏଟା ଗଟେକ୍ ନୁଆ ଆଦେସ୍ ପାରା ମିସା ଆଚେ ।
କାଇକେବଇଲେ ତେଇର୍ ସତ୍ ବିସଇ କିରିସ୍‌ଟ ଲଗେ ଆରି
ତମର୍ ଲଗେ ଡିସ୍‌ଲାନି । ଆନ୍ଦ୍‌ବାର୍ ଉଟିଗାଲାନି, ଆରି ସତ୍
ଉଜଲ୍ ଡିସ୍‌ଲାନି । **୯** ଜଦି କେ ମିସା ପର୍‌ମେସରର୍ ଉଜଲ୍
ଆରି ସୁକଲ୍ ଇସାବେ ଚଲାଚଲ୍‌ତି କଲିନି ବଲି କଇକରି ତାର୍
ସଙ୍ଗ୍ ମିସିବିଡି ରଇବା ବିସ୍‌ବାସି ବାଇବଇନିମନ୍‌କେ ଗିନ୍ କର୍‌ସି,
ସେ ଏବେଜାକ ଆନ୍ଦ୍‌ବାରେସେ ରଇଲାନି । **୧୦** ଜନ୍ ଲକ୍‌ମନ୍
ତାକର୍ ମିସିବିଡି ରଇବା ବିସ୍‌ବାସି ବାଇବଇନିମନ୍‌କେ ଆଲାଦ୍
କର୍‌ବାଇ, ସେମନ୍ ପର୍‌ମେସରର୍ ସୁକଲ୍ ଇସାବେ ଚଲାଚଲ୍‌ତି
କଲାଇନି । ସେମନର୍ ଜିବନେ ବିନ୍ ଲକ୍‌ମନ୍‌କେ ପାପ୍ କରାଇବା
କାଇ ବିସଇ ନାଇ । **୧୧** ମାତର୍ ଜେ ମିସା ମିସିବିଡି ରଇବା
ବିସ୍‌ବାସି ବାଇବଇନିମନ୍‌କେ ଗିନ୍ କଲେ, ସେ ଆନ୍ଦ୍‌ବାରେ ଆଚେ
। ସେ ବୁଲ୍ ଟିକ୍ ନାଜାନିକରି ଚଲାଚଲ୍‌ତି କଲାନି । ସେ କନ୍ତି
ଗାଲାନି ସେଟା ନାଜାନେ । କାଇକେବଇଲେ ସେ ଆନ୍ଦ୍‌ବାର୍ ତାର୍
ଆକିକେ କାଣା କରିଆଚେ । **୧୨** ଏ ଆଲାଦର୍ ପିଲାମନ୍, ମୁଇ
ତମ୍‌କେ ଲେକ୍‌ଲିନି । କାଇକେବଇଲେ କିରିସ୍‌ଟର୍ ଲାଗି ତମର୍
ପାପ୍ କେମା ଅଇଲାଆଚେ । **୧୩** ଏ ବଡ୍‌ଲକ୍‌ମନ୍, ମୁଇ ତମ୍‌କେ
ଲେକ୍‌ଲିନି, କାଇକେବଇଲେ ତମେ କିରିସ୍‌ଟକେ ଜାନିଆଚାସ୍
। କାଇଟା ତିଆର୍ ନ ଅଇବା ଆଗ୍‌ତୁ ସେ ରଇଲା । ଏ
ଦାଙ୍ଗ୍‌ଡାଦାଙ୍ଗ୍‌ଡିମନ୍ ମୁଇ ତମ୍‌କେ ଲେକ୍‌ଲିନି । କାଇକେବଇଲେ
ସବୁ କାରାପ୍ କାମ୍ କରାଇବା ସଇତାନ୍‌କେ ତମେ ଆରାଇଆଚାସ୍
। **୧୪** ଏ ଆଲାଦର୍ ପିଲାଟକିମନ୍, ମୁଇ ତମ୍‌କେ ଲେକ୍‌ଲିନି ।
କାଇକେବଇଲେ ତମେ ବାବା ପର୍‌ମେସର୍‌କେ ଜାନିଆଚାସ୍ ।

ଏ ବଡ୍ ଲକ୍ମନ୍ ମୁଇ ତମ୍କେ ଲେକ୍ଲିନି । କାଇକେବଇଲେ
ତମେ କିରିସ୍ଟକେ ଜାନ୍ବା ଲକ୍ ଅଇଆଚାସ୍ । କାଇଟା ତିଆର୍
ନ ଅଇବା ଆଗ୍ତୁ ସେ ରଇଲା । ଏ ଦାଙ୍ଗ୍ଡାମନ୍ ମୁଇ ତମ୍କେ
ଲେକ୍ଲିନି, କାଇକେବଇଲେ ତମେ ବିସ୍ବାସେ ଡାଟ୍ ଅଇଆଚାସ୍
। ପର୍ମେସରର୍ ବାକିଅ ସବୁବେଲେ ତମର୍ ମନେ ଆଚେ
। ଆରି ସବୁ ରକାମ୍ ପାପ୍ କାମ୍ କରାଇବା ସଇତାନ୍କେ
ଆରାଇଆଚାସ୍ । **୧୫** ମୁଇ ତମ୍କେ କଇଲିନି ଏ ଜଗତର୍
ଚଲାଚଲ୍ତି ଆରି ତେଇରଇବା ସବୁ କାରାପ୍ ବିସଇ ଆଲାଦ୍
କରାନାଇ । କାଇକେବଇଲେ ଏ ଜଗତର୍ କାରାପ୍ ବିସଇର୍
ଆଲାଦ୍ କରି, ବାବା ପର୍ମେସର୍କେ ମିସା ଆଲାଦ୍ କରିନାପାରେ
। **୧୬** ସେ କାରାପ୍ ଚଲାଚଲ୍ତି ତେଇ ଲକ୍ମନ୍ ଜାଇଟା ମନ୍
କର୍ବାଇ, ଲକ୍ମନ୍ ଦେକିକରି ଲାଲ୍ସା ଅଇବାଟା, ସବୁ ବିସଇ
ରଇଲାର୍ପାଇ ବଡ୍ପନ୍ ଅଇବାଟା ଏ ସବୁ ରଇସି । ଏ ରକାମ୍
ଚଲାଚଲ୍ତି ଏ କାରାପ୍ ଜଗତର୍ ଲାଗି ଅଇଲାଆଚେ । ଆମର୍
ବାବା ପର୍ମେସର୍ ଏନ୍ତାରି କର୍ବାକେ ଆମ୍କେ ତିଆରେନାଇ ।
**୧୭** ଏ କାରାପ୍ ଜଗତ୍ ଆରି ତେଇର୍ ସବୁ ରକାମ୍ ଚଲାଚଲ୍ତି
ଦାପ୍ରେ ଉଟିଜାଇସି । ମାତର୍ ଜେ ପର୍ମେସର୍କେ ମାନ୍ସି, ସେ
ନ ସାର୍ବା ଜିବନ୍ ପାଇସି । (aiōn g165) **୧୮** ଏ ପିଲାଟକିମନ୍,
ଏ ଦିନ୍ମନ୍ ଏ ଜଗତର୍ ସାରାସାରି ଦିନ୍ । କିରିସ୍ଟକେ ବିରଦ୍
କର୍ବା ଗଟେକ୍ ଡାକ୍ପୁଟା ଲକ୍ ବାରଇସି ବଲି ଆମେ ତମ୍କେ
କଇରଇଲୁ, ସେଟା ମନେ ପାକାଆ । ଏବେମିସା କିରିସ୍ଟକେ
ବିରଦ୍ କର୍ବାଟାମନ୍ ଜବର୍ ଉଟ୍ଲାଇ ଆଚତ୍ । ସେଟାର୍ଲାଗି
ଏ ଜଗତର୍ ସାରାସାରି ଦିନ୍ ଲଗେ ଅଇଲା ବଲି ଆମେ ଜାନ୍ଲୁନି
। **୧୯** ଏ ବିରଦ୍ କର୍ବାଟାମନ୍ ଆମର୍ ସଙ୍ଗ୍ ମିସିବିଡି ରଇଲାଇ
। ଆରି ଏବେ ସେମନ୍ ଚାଡିଦେଲାଇ । ସେମନ୍ କେବେ ମିସା
ଆମର୍ ମିସାବିଡାଟାନେ ମିସତ୍ନାଇ । ଜଦି ସେମନ୍ ସତଇସେ
ଆମର୍ ସଙ୍ଗର୍ ବିସ୍ବାସି ଅଇରଇଲେ, ଆମର୍ ସଙ୍ଗ୍ ରଇତାଇ
। ମାତର୍ ସେମନ୍ ଚାଡ୍ଲାର୍ପାଇ ଆମର୍ ଦଲର୍ ଲକ୍ ନଅତ୍
ବଲି ଜାନାପଡ୍ଲା । **୨୦** ମାତର୍ କିରିସ୍ଟ ତମ୍କେ ସୁକଲ୍
ଆତ୍ମା ଦେଲାଆଚେ । **୨୧** ତମେ ସତ୍ ନାଜାନାସ୍ ବଲିକରି
ମୁଇ ତମ୍କେ ଲେକ୍ଲିନି, ସେନ୍ତାରି ନଏଁ । ମାତର୍ ସେଟା ତମେ
ନିକ ସଙ୍ଗ୍ ଜାନାସ୍ । ଆରି ସତ୍ ସିକିଆ ସଙ୍ଗ୍ ବୁଲ୍ ସିକିଆ
କେବେ ନ ମିସେ । **୨୨** ତେବେ କେ ମିଚ୍ କଇଲାଇନି? ଜିସୁକେ
ମସିଅ ନଏଁ ବଲି ଜେ କଇଲାନି, ସେ ଆକା ସବୁର୍ଟାନେଅନି
ବଡ୍ ମିଚୁଆ । ସେନ୍ତାରି ଲକ୍ମନ୍ କିରିସ୍ଟର୍ ବିରଦି ଲକ୍ମନ୍
। ସେମନ୍ ଉଜେ ବାବା ପର୍ମେସର୍କେ ଆରି ତାର୍ ପଅ ଜିସୁ
କିରିସ୍ଟକେ ନାମତ୍ନାଇ । **୨୩** ଜେ ଜଦି ପର୍ମେସରର୍ ପଅକେ
ନାମେ ନାଇ, ସେ ବାବା ପର୍ମେସର୍କେ ମିସା ନାମେ ନାଇ,
ଜେ ପର୍ମେସରର୍ ପଅକେ ନାମ୍ସି, ସେ ବାବା ପର୍ମେସର୍କେ
ମିସା ନାମ୍ସି । **୨୪** ତମେ କିରିସ୍ଟର୍ ସଙ୍ଗ୍ ଜିବାକେ ଆରାମ୍
ଅଇଲାତେଇଅନି ଜନ୍ କବର୍ ସୁନିଆଚାସ୍, ସେଟା ସବୁବେଲେ
ମନେ ପାକାଆ । ଜଦି ସେ କବର୍ ତମର୍ ମନେ ରଇସି,
ସେନ୍ତର୍ଆଲେ ତମେ ବାବା ପର୍ମେସର୍ ସଙ୍ଗ୍ ଆରି ତାର୍ ପଅର୍
ସଙ୍ଗ୍ ମିସିକରି ରଇସା । **୨୫** କିରିସ୍ଟ ନିଜେ ଆମ୍କେ ନ ସାର୍ବା
ଜିବନ୍ ଦେବି ବଲି କାତାଦେଇଆଚେ । (aiōnios g166) **୨୬** ଜନ୍
ଲକ୍ମନ୍ ତମ୍କେ ସୁବ୍କବର୍ ଜାନାଇଲୁନି ବଲି ବୁଲ୍ ସିକିଆ
ଦେଇ ତମ୍କେ ନାଡାଇବାକେ ଚେସ୍ଟା କଲାଇନି, ସେମନର୍
ବିସଇ ଜାନାଇବାକେ ଏ ସବୁ ବିସଇ ମୁଇ ତମ୍କେ ଲେକ୍ଲିନି ।
**୨୭** ମାତର୍ ତମେ ନାଡାଇ ନ ଉଆସ୍ । କାଇକେବଇଲେ କିରିସ୍ଟ
ତାର୍ ସୁକଲ୍ଆତ୍ମା ତମ୍କେ ଦେଇଆଚେ । ସେ ସୁକଲ୍ଆତ୍ମା
ଏବେ ମିସା ତମର୍ ବିତ୍ରେ ଆଚେ । ତେବର୍ପାଇ କେ ମିସା
ବିନ୍ ଲକ୍ ତମ୍କେ ସିକାଇବାକେ ଲଡାନାଇ । ସୁକଲ୍ଆତ୍ମା
ତମ୍କେ ସବୁ ବିସଇର୍ ସତ୍ ସିକାଇସି । ତେଇ ସେ ଜନ୍ଟା
ସିକାଇସି, ସେଟା ପୁରାପୁରୁନ୍ ସତ୍ । ତେଇ କାଇ ବୁଲ୍ ବିସଇ
ନ ରଏ । ତେବର୍ପାଇ ମୁଇ ତମ୍କେ କଇଲିନି, କିରିସ୍ଟର୍
ସଙ୍ଗ୍ ମିସିରୁଆ । **୨୮** ଏ ଆଲାଦର୍ ପିଲାଟକିମନ୍, ମୁଇ ତମ୍କେ
ଆରିତରେକ୍ କଇଲିନି କିରିସ୍ଟର୍ ସଙ୍ଗ୍ ମିସିକରି ରୁଆ । ଜେନ୍ତାରି
କି ସେ ଆରିତରେକ୍ ଏ ଜଗତେ ବାଉଡିଆଇଲାବେଲେ ତାକେ
ବେଟ୍ ଅଇବାକେ ତାକେ ନ ଡରୁ କି ଲାଜ୍ ମିସା ନ ଉଆସ୍
। **୨୯** ଆମେ ଜାନିଆଚୁ, କିରିସ୍ଟ ଅନିଆଇ କାମ୍ ନ କରେ
। ଏଟାମିସା ଜାନିଆଚୁ, ଜନ୍ଲକ୍ମନ୍ ସତ୍ କାମ୍ କର୍ବାଇ,
ସେମନ୍ ପର୍ମେସରର୍ ପିଲାଟକି ।

**୩** ଅଲପ୍ ବାବିଦେକାପନି, ବାବା ପର୍ମେସର୍ ଆମ୍କେ
କେଡେକ୍ ଆଲାଦ୍ କଲାନି । ତାର୍ ଏତେକ୍ ଆଲାଦର୍ ଲାଗି
ଆମେ ତାର୍ ପିଲାଜିଲା ବଲାଇ ଅଇଲୁନି । ଆରି ସତଇସେ
ଆମେ ତାର୍ ଅଇଆଚୁ ବଲି ଏ ଜଗତର୍ ଲକ୍ ବୁଜତ୍ନାଇ
। କାଇକେବଇଲେ ଆମର୍ ବାବା ପର୍ମେସର୍କେ ସେମନ୍
ନାଜାନତ୍ । **୨** ଏ ମର୍ ଆଲାଦର୍ ମଇତର୍ମନ୍, ଏବେ ଆମେ
ପର୍ମେସରର୍ ପିଲାଜିଲା ଅଇଆଚୁ । ପଚ୍କେ ଆମେ କେନ୍ତାର୍
ଅଇରଇବୁ ବଲି ଏବେଜାକ ନାଜାନୁ । ମାତର୍ ଜେଡେବେଲେ
କିରିସ୍ଟ ଏଜଗତେ ବାଉଡି ଆଇସି, ସେବେଲେ ସେ ଜେନ୍ତାରି
ଆଚେ, ସେନ୍ତାରି ତାକେ ଆମେ ଦେକ୍ବୁ । ଆମେ ମିସା ତାର୍ପାରା
ଅଇଜିବୁ । ଏଟା ସତ୍ । **୩** ଜେତ୍କି ଲକ୍ କିରିସ୍ଟର୍ ପାରା
ଅଇବୁ ବଲି ଆସା କଲାସ୍ନି, ନିଜେ ପାପ୍ କାମ୍ ଚାଡି ସୁକଲ୍
ରଇବାର୍ ଆଚେ । ଜେନ୍ତାରିକି କିରିସ୍ଟ କେବେ ପାପ୍ ନ
କରେ । **୪** ଜେ ପାପ୍ କର୍ସି, ସେ ପର୍ମେସରର୍ ନିୟମ୍
ବିରୁଦେ ଗାଲାନି । କାଇକେବଇଲେ ନିୟମ୍ ନ ମାନ୍ବାଟା ଆକା
ପାପ୍ । **୫** ଆମର୍ ପାପର୍ ଡଣ୍ଡ ନେବାର୍ପାଇ କିରିସ୍ଟ ଏ
ଜଗତେ ଆଇଲା, ସେଟା ତମେ ଜାନାସ୍ । ଆରି ସେ କାଇ
ପାପ୍କାମ୍ ନ କରେ । **୬** ତେବେ ଜଦି ଗଟେକ୍ ଲକ୍ କିରିସ୍ଟର୍
ସଙ୍ଗ୍ ମିସିରଇଲେ, ସେ ଆରି ପାପ୍ କର୍ବାର୍ ନାଇ । ମାତର୍
ଗଟେକ୍ ଲକ୍ ଜଦି ପାପ୍ କରିଲାଗିରଇସି, ସେ କିରିସ୍ଟକେ

ଦେକେନାଇ କି ନାଜାନେ ମିସା । ୭ ଏ ପିଲାଟକିମନ୍, ତମେ
କାର୍‌ଟାନେଅନି ମିସା ନାଡାଇ ନ ଅଇବାକେ ଜାଗ୍‌ରତ୍ ଅଇରୁଆ
। ପର୍‌ମେସର୍ ଦେକ୍‌ବା ଇସାବେ ଜନ୍ ଲକ୍ ଦରମ୍ କାମ୍
କର୍‌ବାଇ, ସେମନ୍‌କେସେ ଦରମ୍ ଲକ୍ ବଲି ଡାକ୍‌ସି । ସେନ୍ତାରି
ଲକ୍‌ମନ୍ ପର୍‌ମେସର୍ ଦେକ୍‌ବା ଇସାବେ ଦରମ୍ । ଜେନ୍ତାରିକି
କିରିସ୍‌ଟ ଦରମ୍ ରଇଲା । ୮ ମାତର୍ ପାପ୍‌କରି ଲାଗିରଇବା
ଲକ୍‌ମନ୍ ସଇତାନର୍ । କାଇକେବଇଲେ କାଇଟା ତିଆର୍
ନଅଇବା ଆଗ୍‌ତୁ ସଇତାନ୍ ପାପ୍ କରିଆଇଲାନି । ସଇତାନ୍
କରିରଇବା କାମ୍ କୁରୁପ୍‌ନାସ୍ କର୍‌ବାକେ ପର୍‌ମେସରର୍ ପଅ ଏ
ଜଗତେ ଆଇଲା । ୯ ପର୍‌ମେସରର୍ ପିଲା ଅଇରଇବା କେ ମିସା
ପାପ୍‌କରିଲାଗି ରଇବାର୍ ନାଇ । କାଇକେବଇଲେ ପର୍‌ମେସରର୍
ଗୁନ୍‌ଚଲନ୍ ତାକର୍ ବିତ୍‌ରେ ଆଚେ । ସେମନ୍ ପର୍‌ମେସରର୍
ପିଲାଜିଲା ଅଇଲାଇକେ, ପାପ୍‌କରିଲାଗି ନ ରଅତ୍ । ୧୦ କେ କେ
ସଇତାନର୍ ପିଲାମନ୍ ଆରି କେ କେ ପର୍‌ମେସରର୍ ପିଲାମନ୍
ବଲି ଆମେ ଜାନୁ । ଜନ୍ ଲକ୍‌ମନ୍ ପର୍‌ମେସର୍ ଦେକ୍‌ବା
ଇସାବେ ସତ୍ କାମ୍ ନ କରତ୍ । ଜନ୍ ଲକ୍‌ମନ୍ ମିସିବିଡିକରି
ରଇବା ବିସ୍‌ବାସି ବାଇବଇନିମନ୍‌କେ ଆଲାଦ୍ ନ କରତ୍, ସେମନ୍
ତାର୍ ପିଲାଜିଲା ନ ଅଅତ୍ । ୧୧ ଏ କବର୍ ତମେ ଆଗ୍‌ତୁଅନି
ସୁନିଆସିଆଚାସ୍ । ସେଟା ଅଇଲାନି, ଆମେ ଗଟେକ୍ ଲକ୍
ଆରି ଗଟେକ୍ ଲକ୍‌କେ ଆଲାଦ୍ କର୍‌ବାର୍ ଆଚେ । ୧୨ ଆମେ
କୟିନର୍‌ପାରା ଅଇବାର୍ ନାଇ । ସେ ଗଟେକ୍ ସଇତାନର୍ ଲକ୍
ରଇଲା । ଜେକି ଜେତ୍‌କି କାରାପ୍ କାମ୍ କରାଇସି । ସେ ତାର୍
ସାନ୍‌ବାଇକେ ମିସା ମରାଇଲା । ସେ କାଇକେ ସେନ୍ତାରି କଲା?
କାଇକେବଇଲେ, ତାର୍ ନିଜର୍ ଜେତ୍‌କି କାମ୍ କାରାପ୍ ରଇଲା,
ତାର୍ ବାଇ ଏବଲର୍ କାମ୍‌ମନ୍ ସେତ୍‌କି ଦରମ୍ ରଇଲା । ୧୩
ତେବର୍‌ପାଇ ଏ ମର୍ ବାଇବଇନିମନ୍, ଏଜଗତର୍ ଲକ୍‌ମନ୍
ତମ୍‌କେ ଗିନ୍ କଲେ, କାବା ଅଇବାର୍‌ନାଇ । ୧୪ ଆମେ
କିରିସ୍‌ଟ ବିସ୍‌ବାସି ବାଇବଇନିମନ୍‌କେ ଆଲାଦ୍ କର୍‌ବାର୍ ଲାଗି
ଏଟା ଜାନ୍‌ଲୁନି । ଜେ ଆଲାଦ୍ ନ କରେ, ସେ ଏବେ ମିସା
ମରନର୍ ସାସନର୍ ତଲେଆଚେ । ୧୫ କେ ଜଦି ବିନ୍ ବିସ୍‌ବାସି
ବାଇବଇନିମନ୍‌କେ ଗିନ୍ କର୍‌ସି, ନର୍‌ମାର୍‌ବା ଲକର୍ ସମାନ୍ ।
ଗଟେକ୍ ନର୍‌ମାରୁ ଲଗେ ପର୍‌ମେସରର୍ ନ ସାର୍‌ବା ଜିବନ୍ ନ
ରଏ । ଏଟା ତମେ ଜାନିଆଚାସ୍ । (aiōnios g166) ୧୬ ଏଟାର୍‌ଲାଗି
ଆଲାଦ୍ କାଇଟା ଆମେ ଜାନ୍‌ଲୁନି । କିରିସ୍‌ଟ ଆମର୍‌ପାଇ
ତାର୍ ନିଜର୍ ଜିବନ୍ ଦେଲା । ସେନ୍ତାରିସେ ଆମେମିସା ଆମର୍
ମିସିବିଡିରଇବା ବିସ୍‌ବାସି ବାଇବଇନି ମନର୍‌ଲାଗି ମର୍‌ବାକେ
ତିଆର୍ ଅଇବାର୍‌ଆଚେ । ୧୭ ଜଦି କାକେମିସା ବଁଚ୍‌ବାକେ ତାର୍
ଲଡାକେ ଲାଗ୍‌ବାଟା ସବୁ ବିସଇଆଚେ, ଆରି ତାର୍ ବିସ୍‌ବାସି
ବାଇକେ ଲଡାଆଚେ ବଲି ସେ ଜାନେ, ମାତର୍ ତାର୍‌ପାଇ ଜିବନ୍
ଦୁକାଏ ନାଇ, ସେ ମୁଇ ପର୍‌ମେସର୍‌କେ ଆଲାଦ୍ କଲିନି ବଲି
କଇନାପାରେ । ୧୮ ଆଲାଦର୍ ପିଲାମନ୍, ଆମର୍ ଆଲାଦ୍ ଅବ୍‌କା
କୁଆବଲାଇ ରଇବାର୍ ନାଇ । ଆମେ ସତ୍‌ସଙ୍ଗ ଗଟେକ୍ ଲକ୍
ଆରିଗଟେକ୍ ଲକ୍‌କେ ଆଲାଦ୍ କର୍‌ବାର୍ ଆଚେ । ଜେନ୍ତାରିକି
ପର୍‌ମେସର୍ ସତ୍‌ସଙ୍ଗ ଆମ୍‌କେ ଆଲାଦ୍ କର୍‌ସି । ୧୯ ଆମେ ସବୁ
ସେନ୍ତାରି ଗଟେକ୍ ଲକ୍ ଆରିଗଟେକ୍ ଲକ୍‌କେ ଆଲାଦ୍ କଲେ,
ପର୍‌ମେସରର୍ ଲକ୍‌ବଲି ଜାନ୍‌ବୁ ଆକା । ଜନ୍‌ଟା ସତ୍ ଆରି
ଜନ୍‌ଟା ଟିକ୍, ସେ ତାର୍ ଲକ୍‌ମନ୍‌କେ ଦେକାଇସି । ଆରି ଆମେ
ପର୍‌ମେସର୍‌କେ ପାର୍‌ତନା କଲାବେଲେ ନ ଡରୁ । ୨୦ ଆମର୍
ବିବେକ୍ ଜଦି ଆମ୍‌କେ ପାପିବଲି ଦସ୍ ଦେଲେ, ଆମେ ସାନ୍ତିସଙ୍ଗ
ରଇବୁ । କାଇକେବଇଲେ ଆମର୍ ବିବେକ୍ ଟାନେଅନି ଆମେ
ଜାନ୍‌ବାତେଇଅନି ପର୍‌ମେସର୍ ଅଦିକ୍ ଜାନେ । ଆରି ଆମେ
କର୍‌ବା ସବୁ କାମ୍ ସେ ଜାନେ । ୨୧ ଏ ଆଲାଦର୍ ମଇତର୍‌ମନ୍,
ଆମର୍ ବିବେକ୍ ଜଦି ଆମ୍‌କେ ଦସି ବଲି ନ ଜାନାଇଲେ,
ଆମେ ପର୍‌ମେସର୍‌କେ ପାର୍‌ତନା କଲାବେଲେ ନ ଡରୁ । ୨୨
ଆମେ ତାକେ ଜେତ୍‌କି ମାଙ୍ଗ୍‌ଲୁନି, ସେଟା ସବୁ ପର୍‌ମେସର୍
ଆମ୍‌କେ ଦେଇସି । କାଇକେବଇଲେ ସେ ତିଆର୍‌ଲାଟା ସବୁ
ଆମେ କଲୁନି । ୨୩ ଆରି ଏଟା ଅଇଲାନି ତାର୍ ଆଦେସ୍ ।
ତାର୍ ପଅ ଜିସୁକିରିସ୍‌ଟକେ ବିସ୍‌ବାସ୍ କର୍‌ବାର୍ ଆରି ଜିସୁ
ତିଆର୍‌ଲାପାରା ଗଟେକ୍ ଲକ୍ ଆରିଗଟେକ୍ ଲକ୍‌କେ ଆଲାଦ୍
କର୍‌ବାର୍ । ୨୪ ଜେତ୍‌କି ଲକ୍ ତାର୍ ଆଦେସ୍ ମାନ୍‌ବାଇ, ସେମନ୍
ସବୁ ପର୍‌ମେସରର୍ ସଙ୍ଗ ମିସ୍‌ଲାଇ ଆଚତ୍ । ଆରି ସେ ମିସା
ସେନ୍ତାରିସେ । ସେ ଆମର୍ ବତିରେ ଆଚେ ବଲି ଏନ୍ତାରି ଆମେ
ଜାନ୍‌ଲୁନି । ଜନ୍ ସୁକଲ୍‌ଆତ୍‌ମା ପର୍‌ମେସର୍ ଆମର୍ ବିତ୍‌ରେ
ରଇବାକେ ଦେଲାର୍‌ପାଇ ।

**4** ଏ ଆଲାଦର୍ ବାଇବଇନିମନ୍, ଜଦି କେ ମିସା ପର୍‌ମେସରର୍
ଆତ୍‌ମା ମର୍‌ଟାନେ ଆଚେ, ବଲି କଇବା ଲକ୍‌ମନର୍ କାତା
ବିସ୍‌ବାସ୍ କର୍‌ବାର୍ ନାଇ । ମାତର୍ ସେନ୍ତାରି ଲକର୍‌ଟାନେ
ସତଇସେ ପର୍‌ମେସରର୍ ଆତ୍‌ମା ଆଚେ କି ନାଇ ଜାନ୍‌ବାକେ
ମନ୍‌ଦିଆନ୍ ଦେଇ ସେ କଇବା କାତା ପରିକା କର୍‌ବାର୍
ଆଚେ । କାଇକେବଇଲେ ମିଚ୍ କାତା ସିକାଉମନ୍ ବେସି ଲକ୍
ବାରଇଆଚତ୍ । ପର୍‌ମେସରର୍ ଟାନେଅନି ମିଲାଇଲା କବର୍
ବଲି ସବୁବାଟେ ଗାଲାଇ ଆଚତ୍ । ୨ ଗଟେକ୍ ଲକର୍‌ଟାନେ
ପର୍‌ମେସରର୍ ଆତ୍‌ମା ଆଚେ କି ନାଇ ବଲି ଏନ୍ତାରି ତମେ ଜାନ୍‌ସା
। ଜେ ଜିସୁକିରିସ୍‌ଟ ନର୍‌ରୁପ୍ ଦାରି ଏ ଜଗତେ ଆଇଲା ବଲି
କଇଲେ, ତାର୍‌ଟାନେ ପର୍‌ମେସରର୍ ଆତ୍‌ମା ଆଚେ । ୩ ମାତର୍
ଜେ କି ଏ କାତା ନ ମାନେ, ତାର୍‌ଟାନେ ପର୍‌ମେସରର୍ ଆତ୍‌ମା
ନାଇ । ସେନ୍ତାରି ଲକ୍‌ମନର୍‌ଟାନେ କିରିସ୍‌ଟର୍ ବିରଦିର୍ ଆତ୍‌ମା
ଆଚେ । ଏ ଆତ୍‌ମା ଜଗତେ ଆଇସି ବଲି ତମେ ସୁନିଆଚାସ୍
। ସେନ୍ତାରି ସେ ଆତ୍‌ମା ଆଇଲାଆଚେ । ଆରି ଏବେ ମିସା
ସେଟା ଜଗତେ ଆଚେ । ୪ ମାତର୍ ତମେ ପର୍‌ମେସରର୍ ଲକ୍
। ଏ ଆଲାଦର୍ ପିଲାମନ୍, ସେନ୍ତାରି ବୁଲ୍ ସିକିଆ ଦେଉମନର୍
କାତା ମାନା ନାଇ । କାଇକେବଇଲେ ତମର୍‌ଟାନେ ରଇବା

ଆତ୍ମା ଏ ଜଗତର୍ ଲକ୍ମନର୍ ଆତ୍ମାତେଇଅନି ଅଦିକ୍
ବପୁଟା । ୫ ସେମନ୍ ଏ ଜଗତର୍ ଲକ୍ । ଆରି ଏ ଜଗତର୍
ଲକ୍ମନ୍ ତାକର୍ କାତା ସୁନ୍ବାଇ । କାଇକେବଇଲେ ସେମନର୍
ସିକିଆ ଆରି ଏ ଜଗତର୍ ଲକ୍ମନର୍ ସିକିଆ ସମାନ୍ଆଚେ ।
୬ ମାତର୍ ଆମେ ପର୍ମେସରର୍ ଲକ୍ । ଆରି ଜେତ୍କି ଲକ୍
ପର୍ମେସର୍କେ ଜାନିଆଚତ୍, ସେମନ୍ ସବୁ ଆମର୍ ସିକିଆ
ମାନ୍ବାଇ । ମାତର୍ ଜେତ୍କି ପର୍ମେସରର୍ ଲକ୍ ନଅତ୍,
ଆମର୍ ସିକିଆ ନ ମାନତ୍ । ଏଟାର୍ଲାଗି ଗଟେକ୍ ଲକ୍କେ
ସତ୍ ଆତ୍ମା ଆଚେ କି ସଇତାନର୍ ଆତ୍ମା ଆଚେ ବଲି
ଜାନିଅଇସି । ୭ ଏ ମର୍ ଆଲାଦର୍ ମଇତର୍ମନ୍, ଆମେ
ଗଟେକ୍ ଲକ୍ ଆରିଗଟେକ୍ ଲକ୍କେ ଆଲାଦ୍ କରାକରି ଅଉଁ
। କାଇକେବଇଲେ ଆଲାଦ୍ କର୍ବାକେ ପର୍ମେସର୍ ଆମ୍କେ
ସାଇଜ କର୍ସି । ଜେ ଜଦି ବିନ୍ ଲକ୍ମନ୍କେ ଆଲାଦ୍ କର୍ସି, ସେ
ପର୍ମେସରର୍ ପିଲା ଆରି ପର୍ମେସର୍କେ ଜାନେ । ୮ ଜେ ବିନ୍
ଲକ୍ମନ୍କେ ଆଲାଦ୍ ନ କରେ, ସେ ପର୍ମେସର୍କେ ନାଜାନେ ।
କାଇକେବଇଲେ ପର୍ମେସର୍ ସବୁବେଲେ ଆଲାଦ୍କାରିଆ ।
୯ ପର୍ମେସର୍ ଏନ୍ତାରି ଆମର୍ପାଇ ତାର୍ ଆଲାଦ୍ ଦେକାଇଲା
। ସେ ଗଟେକ୍ ବଲି ତାର୍ ପିଲାକେ ଏ ଜଗତେ ପାଟାଇଲା
। ଜେନ୍ତାରିକି ତାର୍ଲାଗି ଆମେ ନ ସାର୍ବା ଜିବନ୍ ପାଇବୁ ।
୧୦ ଏନ୍ତାରି ନଏଁଜେ, ଆମେ ପର୍ମେସର୍କେ ଆଲାଦ୍ କଲୁ,
ମାତର୍ ସେ ଆମ୍କେ ଆଲାଦ୍ କଲା । ଆରି କୁରୁସ୍କାଟେ
ମଲାର୍ପାଇ ଆମର୍ ଡଣ୍ଡ ପାଇବାକେ ତାର୍ ପଅକେ ପାଟାଇଲା
। ଏଟା ଅଇଲାନି ସତ୍ସଙ୍ଗ ଆଲାଦ୍ କର୍ବାଟା । ୧୧ ଏ ମର୍
ଆଲାଦର୍ ମଇତର୍ମନ୍, ଜେନ୍ତିକି ପର୍ମେସର୍ ଆମ୍କେ ଏତେକ୍
ଆଲାଦ୍ କଲାର୍ପାଇ, ଆମେମିସା ଗଟେକ୍ ଲକ୍ ଆରିଗଟେକ୍
ଲକ୍କେ ସେନ୍ତାରି ଆଲାଦ୍ କର୍ବାର୍ ଆଚେ । ୧୨ କେ ମିସା
ପର୍ମେସର୍କେ ଦେକତ୍ ନାଇତା । ମାତର୍ ଆମେ ଜଦି ଗଟେକ୍
ଲକ୍ ଆରିଗଟେକ୍ ଲକ୍କେ ଆଲାଦ୍ କଲେ, ପର୍ମେସର୍ ଆମର୍
ସଙ୍ଗ୍ ମିସିଆଚେ । ସେ ଆମର୍ଟାନେ ତାର୍ ଆଲାଦ୍ ସିଦ୍ କର୍ସି
। ୧୩ ପର୍ମେସରର୍ ସଙ୍ଗ୍ ମିସିଆଚୁ ବଲି ଆମେ ଜାନୁ ।
ଆରି ସେ ମିସା ଆମର୍ ସଙ୍ଗ୍ ମିସିଆଚେ । କାଇକେବଇଲେ
ସେ ତାର୍ ଆତ୍ମା ଆମ୍କେ ଦେଲାଆଚେ । ୧୪ ଆରି ଆମେ
ଦେକିଆଚୁ ପାପର୍ ଡଣ୍ଡେଅନି ଲକ୍ମନ୍କେ ରକିଆ କର୍ବାକେ
ବାବା ପର୍ମେସର୍ ତାର୍ ପଅକେ ଏ ଜଗତେ ପାଟାଇଲା ।
ଏଟା ସତ୍ କାତା ବଲି ବିନ୍ ଲକ୍ମନ୍କେ କଇଲୁନି । ୧୫ ଜେ
ମିସା ଜିସୁକେ ପର୍ମେସରର୍ ପଅ ବଲି ନାମ୍ଲେ, ପର୍ମେସର୍
ସେ ଲକର୍ ସଙ୍ଗ୍ ମିସିରଇସି । ଆରି ସେ ମିସା ପର୍ମେସରର୍
ସଙ୍ଗ୍ ରଇସି । ୧୬ ପର୍ମେସର୍ ଜନ୍ ଆଲାଦ୍ ଆମର୍ପାଇ
ଦେକାଇଆଚେ, ସେଟା ଆମେ ଜାନ୍ଲୁନି ଆରି ବିସ୍ବାସ୍ କଲୁନି
। ସେ ସବୁବେଲେ ଲକ୍ମନ୍କେ ଆଲାଦ୍ କର୍ସି । ଜେତ୍କି ଲକ୍
ପର୍ମେସର୍କେ ଆରି ବିନ୍ ଲକ୍ମନ୍କେ ଆଲାଦ୍ କର୍ବାଇ,
ସେମନ୍ ପର୍ମେସରର୍ ସଙ୍ଗ୍ ମିସିଆଚତ୍ । ଆରି ସେ ମିସା
ତାକର୍ ସଙ୍ଗ୍ ଆଚେ । ୧୭ ପର୍ମେସର୍ ଆମ୍କେ ଦେଇ ବିନ୍
ଲକ୍ମନ୍କେ ଆଲାଦ୍ କର୍ବା କାମ୍ କଲାଆଚେ । ଜେନ୍ତିକି ସେ
ସବୁକେ ବିଚାର୍ନା କର୍ବା ଦିନେ ଆମେ ଡରିକରି ନ ରଉଁ
। କିରିସ୍ଟ ଏ ଜଗତେ ରଇଲାବେଲେ, ଜେନ୍ତି ଚଲାଚଲ୍ତି
କର୍ତେରଇଲା, ସେନ୍ତାରିସେ ଆମେମିସା ଚଲାଚଲ୍ତି କରୁ ।
ଆରି ଆମେ ଡରିକରି ନ ରଉଁ । ୧୮ ଜେ ପର୍ମେସର୍କେ ଆଲାଦ୍
କର୍ସି, ସେ ତାକେ ନ ଡରେ । ତାର୍ ଆଲାଦ୍ ଆମର୍ ବିତ୍ରେ
କାମ୍ କର୍ସି, ଆମେ ତାକେ ଡରିନଏଁ । ସେ ସେମନ୍କେ ଡଣ୍ଡ
ଦେଇସି ବଲି ଲକ୍ମନ୍ ତାକେ ଡର୍ଲାଇନି । ଜଦି କେ ମିସା
ପର୍ମେସର୍କେ ଡର୍ସି, ତାର୍ ଆଲାଦ୍ ସେ ଲକର୍ଟାନେ କାମ୍
କରେନାଇ ବଲି ଜାନାପଡ୍ସି । ୧୯ ଆମେ ତାକେ ଆଲାଦ୍ କର୍ବା
ଆଗ୍ତୁ ପର୍ମେସର୍ ଆମ୍କେ ଆଲାଦ୍ କଲା । ସେଟାର୍ପାଇ
ଆମେ ତାକେ ଆଲାଦ୍ କଲୁନି । ୨୦ ଜଦି କେ ମିସା ମୁଇ
ପର୍ମେସର୍କେ ଆଲାଦ୍ କଲିନି ବଲି କଇସି, ମାତର୍ ନିଜର୍
ବିସ୍ବାସି ବାଇବଇନିକେ ଗିନ୍ କର୍ସି, ସେନ୍ତାର୍ଆଲେ ସେ
ମିଚ୍ କଇଲାନି । କାଇକେବଇଲେ ଦୁଇଟା ଆଁକିତେଇ ଡିସ୍ବା
ବାଇବଇନିମନ୍କେ ଆଲାଦ୍ ନ କର୍ବା ଗଟେକ୍ ଲକ୍, ନ ଡିସ୍ବା
ପର୍ମେସର୍କେ ଆଲାଦ୍ କରିନାପାରେ । ୨୧ ଆରି ସେ ଆମ୍କେ
ଏ ଆଦେସ୍ ଦେଇ ତିଆର୍ଲାଆଚେ, ଜେ ପର୍ମେସର୍କେ ଆଲାଦ୍
କର୍ସି, ତାର୍ ମିସିବିଡି ରଇବା ବିସ୍ବାସି ବାଇବଇନିମନ୍କେ
ମିସା ଆଲାଦ୍ କର୍ବାର୍ ଆଚେ ।

**୫** ଜେ କି ଜିସୁକେ ମସିଅ ବଲି ବିସ୍ବାସ୍ କର୍ସି, ସେ
ପର୍ମେସରର୍ ପିଲା । ଆରି ଜେ କି ବାବାକେ ଆଲାଦ୍ କର୍ସି,
ସେ ତାର୍ ପିଲାକେ ମିସା ଆଲାଦ୍ କର୍ସି । ୨ ପର୍ମେସରର୍
ପିଲାମନ୍କେ ଆମେ ଆଲାଦ୍ କଲୁନି ବଲି ଏନ୍ତାରି ଜାନିଅଇସି ।
ପର୍ମେସର୍କେ ଆଲାଦ୍ କରି ଆରି ତାର୍ ଆଦେସ୍ ମିସା ମାନିକରି
। ୩ ଆମେ ଜଦି ସତଇସେ ପର୍ମେସର୍କେ ଆଲାଦ୍ କଲେ,
ତାର୍ ଆଦେସ୍ ସବୁ ମାନ୍ବୁ । ସେ ଆମ୍କେ ତିଆର୍ଲା ବିସଇ
ମାନ୍ବାକେ ଆମ୍କେ ଆବଡ୍ ନ ଲାଗେ । ୪ କାଇକେବଇଲେ
ପର୍ମେସରର୍ ସବୁ ପିଲା ଏ ଜଗତର୍ କାରାପ୍ ଚଲାଚଲ୍ତି
ନିଚିକରି ଜିତିପାର୍ସି । ଆମର୍ ବିସ୍ବାସର୍ ଲାଗି ଆମେ
ଜଗତ୍କେ ଜିତିଅଇସି । ୫ ଏ ଜଗତ୍କେ କେ ଆରାଇପାର୍ସି?
ଜିସୁକେ ପର୍ମେସରର୍ ପଅ ବଲି ଜେ ବିସ୍ବାସ୍ କର୍ସି, ସେ
ଏ ଜଗତ୍କେ ଆରାଇସି । ୬ ଜିସୁକିରିସ୍ଟ ପର୍ମେସରର୍ ପ
ବଲିକରି, ଡୁବନ୍ ଦେଉ ଜଅନ୍ ତାକେ ପାନିତେଇ ଡୁବନ୍ ଦେଲା
। ଆରି ସେ ମଲାବେଲେ ତାର୍ ବନି ରକଇଅଇଲା । ଏନ୍ତାରି
ନଏଁ ଜେ ସେ ଅବ୍କା ପାନିସଙ୍ଗ୍ ଡୁବନ୍ ଅଇଲା, ମାତର୍ ତାର୍
ମରନେ ତାର୍ ବନି ରକଇଅଇଲା । ଏ ସବୁ ବିସଇ ସତ୍ ବଲି
ସୁକଲ୍ଆତ୍ମା ଆମ୍କେ ସାକିଦେଲାନି । କାଇକେବଇଲେ ସେ
ସତ୍ ଆତ୍ମା । ୭ ତେବର୍ପାଇ ତିନ୍ଟା ସାକିତେଇଅନି ଆମେ

ସତ୍ ଜାନ୍‌ଲୁନି । ୮ ସୁକଲ୍‌ଆତ୍‌ମା, ଡୁବନ୍ ଅଇରଇବା ପାନି,
ଆରି ରକଇଅଇରଇବା ବନି, ତିନ୍‌ଟାଜାକ ସାକିତେଇ ରାଜି
ଅଇଆଚତ୍ । ୯ ଜେଡେବେଲେ ଲକ୍‌ମନ୍ ତାକର୍ ଜାନିରଇବା
ବିସଇନେଇ ସାକିଦେବାଇ, ଆମେ ସେମନ୍‌କେ ବିସ୍‌ବାସ୍ କର୍‌ବୁ
। ମାତର୍ ପର୍‌ମେସର୍ ଆମ୍‌କେ ସାକିଦେବାଟା ତାର୍‌ତେଇଅନି
ଅଦିକ୍ ମୁକିଅ । କାଇକେବଇଲେ ସେଟା ପର୍‌ମେସରର୍ ସାକି ।
ସେ ତାର୍ ନିଜର୍ ପଅର୍ ବିସଇନେଇ ଆମ୍‌କେ ସାକିଦେଲାନି
। ୧୦ କେ ମିସା ଜିସୁକେ ପର୍‌ମେସରର୍ ପଅ ବଲି ବିସ୍‌ବାସ୍
କଲେ, ପର୍‌ମେସରର୍ ସାକି ତାକର୍ ମନ୍ ବିତ୍‌ରେ ଆଚେ ।
ପର୍‌ମେସର୍ କଇଲା କାତା ଜେ ଜଦି ବିସ୍‌ବାସ୍ ନ କରେ,
ସେ ମିଚ୍ ବଲିକରି କଇଲାନି । କାଇକେବଇଲେ ତାର୍ ନିଜର୍
ପଅର୍ ବିସଇ କଇଲାଟା ସେମନ୍ ବିସ୍‌ବାସ୍ କରତ୍ ନାଇ ।
୧୧ ସେ ସାକିଅ ଏଟା ସେ । ପର୍‌ମେସର୍ ଆମ୍‌କେ ନ ସାର୍‌ବା
ଜିବନ୍ ଦେଲାଆଚେ । ଏ ଜିବନ୍ ଆମେ ତାର୍ ପଅର୍‌ଲାଗି
ମିଲାଇଆଚୁ । (aiōnios g166) ୧୨ ତାର୍ ପଅସଙ୍ଗ୍ ଜେ ମିସା
ମିସିରଇବାଇ, ସେମନ୍ ଏ ନ ସାର୍‌ବା ଜିବନ୍ ପାଇବାଇ ।
ଆରି ଜେ ତାର୍ ପଅର୍‌ସଙ୍ଗ୍ ମିସେନାଇ ସେ ଏ ଜିବନ୍ ମିସା
ପାଏନାଇ । ୧୩ ତମେ ଜେତ୍‌କି ଲକ୍ ପର୍‌ମେସରର୍ ପଅକେ
ବିସ୍‌ବାସ୍ କଲାସ୍‌ନି, ତମ୍‌କେ ଏ ଚିଟି ଲେକ୍‌ଲିନି । ଜେନ୍ତାରିକି
ଆମ୍‌କେ ନ ସାର୍‌ବା ଜିବନ୍ ଆଚେ ବଲି ତମେ ଜାନାସ୍ ।
(aiōnios g166) ୧୪ ପର୍‌ମେସର୍‌କେ ପାର୍‌ତନା କର୍‌ବାବେଲେ
ଆମେ ଡରିକରି ରଉନାଇ । କାଇକେବଇଲେ ତାର୍ ମନ୍ କଲା
ଇସାବେ ଆମେ କାଇଟା ମାଙ୍ଗ୍‌ଲେ ମିସା ସେ ଆମ୍‌କେ ଦେଇସି
। ୧୫ ଜେଡେବେଲେ ଆମେ ତାକେ ମାଙ୍ଗ୍‌ଲେ, ସେ ଆମର୍
କାତା ସୁନ୍‌ସି । ଆମେ ତାକେ ପାର୍‌ତନାଇ ଜାଇଟା ମାଙ୍ଗ୍‌ଲେ
ସେଟା ଆମ୍‌କେ ଦେଇସି । ୧୬ ଜଦି ତମର୍ ସଙ୍ଗର୍ ବିସ୍‌ବାସି
ବାଇ ପାପ୍‌କଲାନି ବଲି ଜାନ୍‌ଲେ, ଆରି ସେ ପାପ୍, ଲକ୍‌କେ
ପର୍‌ମେସରର୍ ଟାନେଅନି ସବୁଦିନର୍‌ପାଇ ବେଗଲ୍‌ବା ପାରା
ପାପ୍ ନଇଲେ, ସେ ଲକ୍‌କେ ରକିଆ କର ବଲି ତାକେ ଗୁଆରି
କର୍‌ବାର୍ ଆଚେ । ଆରି ପର୍‌ମେସର୍ ସେ ଲକ୍‌କେ କେମାକରି
ରକିଆ କର୍‌ସି । ଏଟା ଜେନ୍ତାରି ପାପ୍ ଜନ୍‌ଟା ମରନର୍ ବାଟେ
ଲକ୍‌ମନ୍‌କେ ନ ଡାକିନେଏ, ସେନ୍ତାରି ପାପର୍ ପାଇ । ମାତର୍
ପର୍‌ମେସରର୍ ଟାନେଅନି ସବୁଦିନର୍‌ପାଇ ବେଗଲ୍‌ବା ପାରା
ପାପର୍ ପାଇ, ତମେ ତାକେ ଗୁଆରି କରା ବଲି ମୁଇ କଇ ନାଇ
। ୧୭ ସବୁ ରକାମର୍ ବୁଲ୍ କାମ୍ ପାପ୍‌ସେ । ମାତର୍ ସବୁ
ରକାମର୍ ପାପ୍ ମରନର୍ ବାଟେ ନ ଡାକିନେଏ । ୧୮ ଆମେ
ଜାନିଆଚୁ, ଜେ ପର୍‌ମେସରର୍ ପିଲା ଅଇଗାଲା ଆଚେ, ସେ
ପାପ୍‌କାମ୍ କରିଲାଗି ନ ରଏ । କାଇକେବଇଲେ ପର୍‌ମେସରର୍
ପଅ ତାକେ ଦେକାରକା କର୍‌ସି । ଆରି ସଇତାନ୍ ଜେ କି ସବୁ
ରକାମ୍ କାରାପ୍ କାମ୍ କରାଇସି, ତାକେ କାଇଟା କରିନଏଁ । ୧୯
ଆମେ ଜାନିଆଚୁ, ଆମେ ପର୍‌ମେସରର୍ ପିଲାଜିଲା ଆରି ଜେ କି
ତାକେ ନାଜାନେ, ସଇତାନ୍ ସେମନ୍‌କେ ସାସନ୍ କଲାନି । ୨୦
ଆମେ ଏଟା ମିସା ଜାନିଆଚୁ ଜେ, ତାର୍ ପଅ ଏ ଜଗତେ ଆଇଲା
ଆରି ଆମ୍‌କେ ସତ୍ ପର୍‌ମେସର୍‌କେ ଜାନାଇଲା । ଏ ସତ୍
ପର୍‌ମେସରର୍ ସଙ୍ଗ୍ ଆମେ ମିସିକରିଆଚୁ । କାଇକେବଇଲେ
ତାର୍ ପଅ ଜିସୁକିରିସ୍‌ଟର୍ ସଙ୍ଗ୍ ଆମେ ମିସିଆଚୁ । ସେ ସେ
ସତ୍ ପର୍‌ମେସର୍ ଆରି ସେ ସେ ଲକ୍‌ମନ୍‌କେ ନ ସାର୍‌ବା ଜିବନ୍
ଦେଇସି । (aiōnios g166) ୨୧ ଏ ମର୍ ଆଲାଦର୍ ପିଲାଟକିମନ୍,
ମିଚ୍ ପୁତ୍‌ଲାମନର୍ ଟାନେଅନି ଦୁରିକେ ରୁଆ ।

# ୨ ୟ ଜଅନ୍

୧ ପାର୍ଚିନ୍ ଜଅନ୍‌ଜେ ମୁଇ ଏ ଚିଟି ଲେକ୍‌ଲିନି । ଏ ଚିଟି
ଆମର୍ ଆଲାଦର୍ ବଇନି ଆରି ତାର୍ ପିଲାମନର୍‌ପାଇ
। ମୁଇ ସତଇସେ ତମ୍‌କେ ସବୁଲକ୍‌ମନ୍‌କେ ଆଲାଦ୍ କଲିନି
। ଆରି ମୁଇସେ ନାଇ, ସତ୍ ବିସଇ ଜାନିରଇବା ସବୁଲକ୍
ମିସା । ୨ ଆମେ ସତ୍ ବିସଇ ଜାନିରଇଲାର୍‌ପାଇ ତମ୍‌କେ
ଆଲାଦ୍ କଲିନି । ଆରି କାଲ୍‌କାଲ୍ ଜୁଗ୍‌ଜୁଗ୍ ପାଇ, ସେ ସତ୍
ବିସଇ ଜାନିରଇବୁ । (aiōn g165) ୩ ଆମର୍ ବାବା ପର୍‌ମେସର୍
ଆରି ତାର୍ ପଅ ଜିସୁକିରିସ୍‌ଟ ଆମ୍‌କେ ଆସିର୍‌ବାଦ୍ କରି ଦୟା
ଦେକାଅ ଆରି ସାନ୍ତି ଆରି ସତ୍‌ସଙ୍ଗ ବଁଚ୍‌ବାକେ ଦେଅ । ତମେ
ଗଟେକ୍ ଲକ୍ ଆରି ଗଟେକ୍ ଲକ୍‌କେ ଆଲାଦ୍ କରା । ୪ ଆମର୍
ବାବା ପର୍‌ମେସର୍ ଆମ୍‌କେ ତିଆର୍‌ଲାପାରା ତମର୍ କେତେଟା
ପିଲାଟକିମନ୍ ତାର୍ ସତ୍‌ବାଟେ ଇଣ୍ଟଲାଇନି ବଲି ସୁନିକରି ମୁଇ
ବେସି ସାର୍‌ଦା ଅଇଲି । ୫ ଏବେ ଆରି ମର୍ ଆଲାଦର୍ ବଇନି,
ମୁଇ ତକେ ଗଟେକ୍ ବିସଇ କର୍‌ବାକେ କଇବି । ଗଟେକ୍ ନୁଆ
ଆଦେସ୍ କର୍ ବଲି କଇନାଇ । ମାତର୍ କିରିସ୍‌ଟ ସଙ୍ଗ ଜିବାକେ
ଆରାମ୍ କର୍‌ବା ବେଲେଅନି ଏଟା ଆମେ ସୁନି ଆଇଲୁନି । ମୁଇ
ମାଙ୍ଗ୍‌ଲିନି ତମେ ଗଟେକ୍ ଲକ୍ ଆରି ଗଟେକ୍ ଲକ୍‌କେ ଆଲାଦ୍
କରା । ୬ ଏ ଆଲାଦର୍ ଅରତ୍ ଅଇଲାନି ଆମେ ପର୍‌ମେସରର୍
ଆଦେସ୍ ସବୁ ମାନ୍‌ବାର୍ ଆଚେ । କିରିସ୍‌ଟ ସଙ୍ଗ ଜିବାକେ
ଆରାମ୍ କର୍‌ବା ବେଲେଅନି ଏଟା ଆମେ ସୁନି ଆଇଲୁନି । ତମେ
ଗଟେକ୍ ଲକ୍ ଆରି ଗଟେକ୍ ଲକ୍‌କେ ଆଲାଦ୍ କରା । ୭ କାଇକେ
ବଇଲେ ମୁଇ ଏନ୍ତିବଲି କଇଲିନିଜେ ସତ୍ ନ ରଇବା ବିସଇ
ସିକାଇକରି ଲକ୍‌ମନ୍‌କେ ନାଡାଇବା ବେସି ଲକ୍ ଗୁଲାଇବାଟେ
ଆଚତ୍ । ଜିସୁକିରିସ୍‌ଟ ନର୍‌ରୁପ୍ ଦାରି ଏ ଜଗତେ ଆସେନାଇ
ବଲି ସେମନ୍ କଇବାଇ । ଜଦି କେ ମିସା ସେନ୍ତାରି କଇଲେ, ସେ
ଲକ୍‌ମନ୍‌କେ ନାଡାଇବା କିରିସ୍‌ଟର୍ ବିରଦି । ୮ ଲକ୍‌ମନ୍ ତମ୍‌କେ
ନାଡାଇ ନାପାରତ୍, ତମେ ଜାଗରତ୍‌ସଙ୍ଗ ରଇବାର୍ ଆଚେ ।
ଜେନ୍ତାର୍‌କି ପର୍‌ମେସର୍‌କେ କର୍‌ବା ତମର୍ ସେବା କାମ୍ ବେକାର୍
ନ ଅ । ମାତର୍ ତମର୍ ସେବାକାମର୍ ପାଇ ପର୍‌ମେସର୍ ତମ୍‌କେ
ପୁରାପୁରୁନ୍ ଅଇତେ ଇନାମ୍ ଦେଇସି । ୯ ଜଦି କେ କିରିସ୍‌ଟ
ସିକାଇଲା ବିସଇ ବିସ୍‌ବାସ୍ ନ କରେ, ଆରି ତାର୍ ସିକିଆର୍ ସଙ୍ଗ
ତାର୍ ନିଜର୍‌ଟା ମିସାଇଲେ, ସେ କିରିସ୍‌ଟର୍ ସଙ୍ଗ ମିସେନାଇ
। ମାତର୍ କେ ଜଦି କିରିସ୍‌ଟ ସିକାଇଲା ବିସଇ ବିସ୍‌ବାସ୍
କର୍‌ତେରଇସି, ସେ ବାବା ପର୍‌ମେସର୍ ସଙ୍ଗ ଆରି ତାର୍ ପଅ
ଜିସୁକିରିସ୍‌ଟ ସଙ୍ଗ ମିସ୍‌ଲାଆଚେ । ୧୦ ତେବର୍‌ପାଇ କେ ଜଦି
ତମର୍‌ଟାନେ ଆସି, କିରିସ୍‌ଟ ସିକାଇରଇବା ବିସଇତେଇଅନି
ବିନ୍ ବିସଇ କଇଲେ, ତାକେ ତମର୍ ଗରେ ମୁଲ୍‌କେ ଡାକିନିଆ
ନାଇ, କି ସଙ୍ଗର୍ ବିସ୍‌ବାସି ଇସାବେ ଜୁଆର୍‌ବିଆର୍ କରାନାଇ ।
୧୧ ଜଦି କେ ମିସା ସେନ୍ତାରି ଲକ୍‌କେ ଜୁଆର୍‌ବିଆର୍ କର୍‌ସି, ସେ
ବୁଲ୍ ସିକାଉର୍ ସଙ୍ଗ ମିସିକରି ତାର୍ କାରାପ୍ କାମେ ମିସ୍‌ଲାନି
। ୧୨ ମୁଇ ତମ୍‌କେ ବେସି ବିସଇ ଲେକ୍‌ବାକେ ମନ୍ କଲିନି,
ମାତର୍ ଚିଟିଟାନେ ଲେକ୍‌ବାକେ ମନ୍ କରିନାଇ । ତାର୍‌ବାଦୁଲେ
ଆସିକରି ତମର୍ ମୁଆଟେ କାତା ଅଇବି । ତେବେ ଆମେ
ପୁରାପୁରୁନ୍ ସାର୍‌ଦା ଅଇବୁ । ୧୩ ପର୍‌ମେସର୍ ବାଚିରଇବା
ବଇନିର୍ ପିଲାମନ୍, ତମ୍‌କେ ଜୁଆର୍ ଜାନାଇଲାଇନି ।

# ୩ ୟ ଜଅନ୍

**୧** ଏ ମଣ୍ଡଲିର୍ ପାର୍‌ଚିନ୍ ଇସାବେ ମୁଇ ଜଅନ୍, ଏ ଚିଟି
ଆଲାଦର୍ ଗାଇସ୍, ତକେ ଲେକ୍‌ଲିନି । ମୁଇ ତକେ ସତଇସେ
ଆଲାଦ୍ କଲିନି । **୨** ଏ ମର୍ ଆଲାଦର୍ ମଇତର୍, ତମେ ଗାଗଡ୍
ଇସାବେ ବପୁ ଉଆ ଆରି ତମର୍ ସବୁ କାମ୍ ନିକ ଅ ବଲି ମୁଇ
ପାର୍‌ତନା କଲିନି । ଜେନ୍ତାରିକି ମୁଇ ଜାନି, ତମେ ଆତ୍‌ମାଇ ମିସା
ନିକସେ ଆଚାସ୍ । **୩** ପର୍‌ମେସରର୍ ସତ୍ ବାଟ୍ ଇସାବେ ତମେ
ଚଲାଚଲ୍‌ତି କଲାସ୍‌ନି ବଲି କେତେଟା ସଙ୍ଗର୍ ବିସ୍‌ବାସି ବାଇମନ୍
ଇଡି ଆସିକରି ଆମ୍‌କେ କଇଲାଇ । ଆରି ତମେ ସେନ୍ତାରିସେ
ଚଲାଚଲ୍‌ତି କଲାସ୍‌ନି ବଲି ମୁଇ ଜାନି । **୪** ମର୍ ପିଲାମନ୍ ସତ୍
ଇସାବେ ଚଲାଚଲ୍‌ତି କଲାଇନି ବଲି ସୁନ୍‌ଲାତେଇଅନି ଆରି କାଇ
ବିସଇ ମକେ ସାର୍‌ଦା ନ କରାଏ । **୫** ମର୍ ଆଲାଦର୍ ମଇତର୍,
ତମର୍ ସଙ୍ଗ ରଇବା ବିନ୍ ଦେସର୍ ବିସ୍‌ବାସି ବାଇମନର୍‌ପାଇ
ତମେ କର୍‌ବା କାମ୍ କେବେ କେବେ ନାଜାନିରଇଲେ ମିସା
ସତ୍‌ସଙ୍ଗ କଲାସ୍‌ନି । **୬** ତାକର୍ ବିଡ୍‌ରେଅନି କେତେକ୍ ଲକ୍
ଇଡିର୍ ମଣ୍ଡଲିର୍ ଲକ୍‌ମନ୍‌କେ ତମର୍ ଆଲାଦର୍ ବିସଇ କାତା
ଅଇଲାଇଆଚତ୍ । ସେନ୍ତାରି ଲକ୍‌ମନ୍‌କେ, ଜେଡେବେଲେ ତମ୍‌କେ
ଚାଡି ଅଲ୍‌ଗା ଜାଗାମନ୍‌କେ ଜିବାବେଲେ, ଆଗ୍‌କେ ପଟ୍‌କେ
କାଇଟା ନ ବାବିକରି ସାଇଜ କରିଲାଗିରୁଆ । **୭** ଏ ଲକ୍‌ମନ୍
ଜିସୁକିରିସ୍‌ଟର୍ ସେବା କାମର୍‌ଲାଗି ଗୁଲାଇବାଟେ ବୁଲ୍‌ଲାଇନି ।
ଆରି କିରିସ୍‌ଟକେ ବିସ୍‌ବାସ୍ ନ କର୍‌ବା ଲକ୍‌ମନର୍‌ତେଇଅନି
ସେମନ୍ କାଇ ସାଇଜ ନ ମାଙ୍ଗତ୍ । **୮** ତେବର୍‌ପାଇ ଆମେ
ତାକର୍ ସଙ୍ଗର୍ ବିସ୍‌ବାସିମନ୍, ସେମନ୍‌କେ ଜାଇଟା ଲଡାଆଚେ
ସେଟା ଦେଇତେରଉଁ । ଏନ୍ତାରି ଲକ୍‌ମନ୍‌କେ ସତ୍ ଜାନାଇବା
କାମ୍‌ଟାନେ ଆମେ ମିସିକରି କରୁ । **୯** ତମର୍ ନଅରେ ରଇବା
ମଣ୍ଡଲିର୍ ଲକ୍‌ମନ୍‌କେ ମୁଇ ଆଗ୍‌ତୁ ଗଟେକ୍ ଚିଟି ଲେକିରଇଲି ।
ମାତର୍ ଡାୟଟେପିସ୍ ମର୍ କାତା ଦାରେନାଇ । କାଇକେବଇଲେ
ସେ ନିଜେ ମଣ୍ଡଲିର୍ ନେତା ଅଇବି ବଲି ମନ୍‌କଲାନି । **୧୦**
ତେବର୍‌ପାଇ ମୁଇ ଜେଡେବେଲେ ତମର୍ ନଅରେ ଆଇବାବେଲେ
ଡାୟଟେପିସ୍ ଜାଇଟା କଲାନି, ସେଟାସବୁ ମଣ୍ଡଲିର୍ ଲକ୍‌ମନ୍‌କେ,
କଇଦେବି ବଲି ମନ୍ କଲି । ସେ ମର୍ ବିରୁଦେ, ନ କର୍‌ଲାଟାମନ୍
କଇବୁଲ୍‌ଲାନି । ଆରି ତାର୍‌ତେଇଅନି ଅଦିକ୍ କାରାପ୍‌ଟା ମିସା
ସେ କଲାନି । ଆମର୍ ସଙ୍ଗର୍ ବିସ୍‌ବାସିମନ୍, ଜେକି ସୁବ୍‌କବର୍
ଜାନାଇଲାଇନି, ସେ ସେମନ୍‌କେ ଡାକିନେବାକେ ନିଚ୍‌ଲାନି ।
ଜନ୍ ଲକ୍‌ମନ୍ ସେମନ୍‌କେ ଡାକିନେବାକେ ମନ୍ କଲାଇନି,
ସେମନ୍‌କେ ତେଦାଇଲାନି । ସେନ୍ତାରି ଲକ୍‌ମନ୍‌କେ ମଣ୍ଡଲିର୍
ସବାତେଇ ଆଇବାକେ ମନାକଲାନି । **୧୧** ଆଲାଦର୍ ମଇତର୍,
କାରାପ୍ କାମ୍ କରି ଚଲାଚଲ୍‌ତି କର୍‌ବା ଲକ୍‌ମନର୍ ପାରା
ଉଆନାଇ । ତାର୍ ବାଦୁଲେ ନିକ କାମ୍ କର୍‌ବା ଲକ୍‌ମନର୍‌ପାରା
ଉଆ । ଜଦି କେ କାରାପ୍ କାମ୍ କଲେ, ତାର୍ କାମେଅନି ସେ
ପର୍‌ମେସର୍‌କେ ନାଜାନେ ବଲି ଡିସ୍‌ଲାନି । **୧୨** ଡିମିଟିର୍ ଗଟେକ୍
ନିକ ଲକ୍ ବଲି ମଣ୍ଡଲିର୍ ସବୁଲକ୍ କଇଲାଇନି । ସେ ସତ୍
ବିସଇ ଇସାବେ ଚଲାଚଲ୍‌ତି କଲାନି । ତେବର୍‌ପାଇ ସେ ଗଟେକ୍
ନିକ ଲକ୍ ବଲି ଆମେ ଜାନିଆଚୁ । ସେ ଗଟେକ୍ ନିକ ଲକ୍
ବଲି ମୁଇ ମିସା ସାକିଦେଲିନି । ଆରି ତମେ ଜାନାସ୍ ଆମେ
ଗଟେକ୍ ଲକର୍ କାଇଆଲେ ବିସଇ କଇଲେ, ସେଟା ସତ୍ । **୧୩**
ତମ୍‌କେ ମୁଇ ବେସି ବିସଇ କଇବାକେ ମନ୍ କଲିନି, ମାତର୍
ଚିଟିଟାନେ ଲେକ୍‌ବାକେ ମନ୍ କରିନାଇ । **୧୪** ମୁଇ ଦାପ୍‌ରେ
ତମର୍‌ଟାନେ ଆସିକରି ତମର୍ ମୁଆଟେ ସବୁ କାତା କଇବି ।
ପର୍‌ମେସର୍ ତମ୍‌କେ ସାନ୍ତି ଦେଅ । ମଣ୍ଡଲିତେଇ ରଇବା ତମର୍
ସବୁ ମଇତର୍‌ମନ୍ ଜୁଆର୍ ଜାନାଇଲାଇନି । ତମର୍ ନଅରର୍
ମଣ୍ଡଲିତେଇ ରଇବା ମର୍ ସବୁ ମଇତର୍‌ମନ୍‌କେ ଗଟେକ୍ ଗଟେକ୍
ଲକ୍‌କେ, ଜୁଆର୍ ଜାନାଆ ।

# ଜିଉଦା

୧ ମୁଇ ଜିଉଦା । ଜିସୁ କିରିସ୍ଟର୍ ଗଟେକ୍ ଗତିଦାଙ୍ଗ୍ଡା
ଆରି ଜାକୁବର୍ ବାଇ । ଜନ୍ ଲକ୍‌ମନ୍‌କେ ପର୍‌ମେସର୍
ବାଚ୍‌ଲାଆଚେ, ସେମନର୍‌ପାଇ ମୁଇ ଏ ଚିଟି ଲେକ୍‌ଲିନି ।
ବାବା ପର୍‌ମେସର୍ ତମ୍‌କେ ଆଲାଦ୍ କଲାନି । ଆରି ତମ୍‌କେ
ଜିସୁକିରିସ୍ଟ ଦେକାରକା କର୍‌ବାକେ ସଙ୍ଗ୍‌ଇଆଚେ । ୨
ପର୍‌ମେସର୍ ତମ୍‌କେ ଦୟା ଦେକାଅ, ତାର୍ ସାନ୍ତି ଆରି ଆଲାଦ୍
ତମ୍‌କେ ଜବର୍ ଅଇତେ ମିଲ । ୩ ଏ ମର୍ ଆଲାଦର୍ ମଇତର୍‌ମନ୍,
ଆମେ ପାଇରଇବା ମୁକ୍‌ତିର୍ ବିସଇ ତମ୍‌କେ ଲେକ୍‌ବି ବଲି
ମନ୍ କଲିନି ମିସା, ସତ୍ ବିସଇର୍‌ପାଇ ଟିଆ ଅଇବାକେ ତମ୍‌କେ
ସାର୍‌ଦା କରାଇବି ବଲି ମନ୍‌କଲି । ତାର୍ ସୁକଲ୍ ଲକ୍‌ମନର୍‌ପାଇ
ପର୍‌ମେସର୍ ଏ ସତ୍ ସିକିଆ ଗଟେକ୍ ବେଲେ ସବୁଲକର୍‌ପାଇ
ଦେଲାଆଚେ । ୪ କାଇକେବଇଲେ ବିସ୍‌ବାସି ବଲି କେତେକ୍
ନାଡାଇବା ଲକ୍ କେ ନାଜାନ୍‌ତେ ପୁରିଆଚତ୍ । ଏ ଲକ୍‌ମନ୍
ପାଇବା ଡଣ୍ଡ ଆଗର୍ କାଲେଅନି ସାସ୍‌ତରେ ଲେକାଅଇଆଚେ ।
ଏ ଲକ୍‌ମନ୍ ପର୍‌ମେସରର୍ ଅଦିକାର୍ ନାମତ୍‌ନାଇ । ଆମର୍
ପର୍‌ମେସର୍ ଦରମ୍‌ଟା ବଲି ଲକ୍‌ମନ୍ ଜେନ୍ତାର୍ ସେନ୍ତାର୍ ବେସିଆ
କାମ୍ କଲେମିସା କାଇଟା ନଏଁ ବଲି କଇଲାଇନି । ମାପ୍‌ରୁ
ଜିସୁକିରିସ୍ଟସେ ଆମର୍ ମାଲିକ୍ ବଲି ସେମନ୍ ନାମତ୍‌ନାଇ । ୫
ଏ ସବୁ ବିସଇ ତମେ ଜାନିରଇଲେ ମିସା ମାପ୍‌ରୁ ଇସ୍‌ରାଏଲର୍
ଲକ୍‌ମନ୍‌କେ ମିସର୍ ଦେସେଅନି ମୁକ୍‌ଲାଇକରି ଆନ୍‌ଲା ବିସଇ
ତମ୍‌କେ ଏତାଇଦେବାକେ ମୁଇ ମନ୍ କଲିନି । ମାତର୍ ପଚେ
ଜେତ୍‌କି ଲକ୍ ବିସ୍‌ବାସ୍ କରତ୍‌ନାଇ, ସେମନ୍‌କେ ସବୁକେ
କୁରୁପ୍‌ନାସ୍ କଲା । ୬ ସେତ୍‌କିସେ ନଏଁ ସେ ଦୁତ୍‌ମନ୍‌କେ
ମିସା ଡଣ୍ଡ ଦେଇରଇଲା । ପର୍‌ମେସର୍ ସେମନ୍‌କେ ଜେତ୍‌କି
ଅଦିକାର୍ ସର୍‌ପି ଦେଇରଇଲା, ସେମନ୍ ତାର୍‌ତେଇଅନି ଅଦିକ୍
ନେଲାଇ । ଆରି ତାକର୍ ଦେଇରଇବା ଜାଗା ଚାଡ୍‌ଲାଇ । ସେ
ସେମନ୍‌କେ ବିଚାର୍ କର୍‌ବା ଦିନ୍ ଜାକ, ଗଟେକ୍ ଆନ୍ଧାରର୍
ଜାଗାଇ, କେ ବାଙ୍ଗ୍‌ଇ ନାପାର୍‌ଲା ପାରା, ସିକ୍‌ଲି ସଙ୍ଗ୍ ବାନ୍ଧିଆଚେ
। **(aïdios g126)** ୭ ସଦମ୍ ଗମ୍‌ରା ଆରି ତାର୍ ଚାରିବେଟ୍‌ତି ରଇବା
ନଅର୍‌ମନର୍ ବିସଇ ଏତାଇଦେକା । ନ ଲିବ୍‌ବା ଜଇଟାନେ
ଡଣ୍ଡ ଇସାବେ ସେମନ୍ ଜେତ୍‌କି ଦୁକ୍ କସ୍ଟ ପାଇଲାଇ, ସେଟା
ସବୁଲକର୍‌ପାଇ ଗଟେକ୍ ଜାଗ୍‌ରତ୍ ଅଇରଇବା ବିସଇ । ସେମନ୍
ଅବ୍‌କା ପାଦ୍‌ରା ପାଦ୍‌ରି କାମ୍‌ସେ କରତ୍‌ନାଇ ମାତର୍ ମନସ୍
ମନସ୍ ବିତ୍‌ରେ ମାଇଜି ମାଇଜି ବିତ୍‌ରେ ବେସିଆ କାମ୍ କର୍‌ତେ
ରଇଲାଇ । **(aiōnios g166)** ୮ ସେନ୍ତାରିସେ ଏ ଲକ୍‌ମନ୍ ନିଜେ
ଦର୍‌ସନ୍ ପାଇକରି ମିସା ପାଦ୍‌ରା ପାଦ୍‌ରି କାମ୍ କରି ନିଜର୍
ଗାଗଡ୍ ଅସୁକଲ୍ କଲାଇନି । ମାପ୍‌ରୁର୍ ଅଦିକାର୍ ସେମନ୍
ଗିନ୍ କରି ସର୍‌ଗେ ରଇବାଟାମନ୍‌କେ ନିନ୍ଦା କଲାଇନି । ୯
ମୁକିଅ ଦୁତ୍ ମିକାଏଲ୍ ମିସା ମସାର୍ ମଲା ଗାଗଡ୍ ନେଇକରି
ତପ୍‌ବାକେ କାର୍ ଅଦିକାର୍ ଆଚେ ବଲିକରି ସଇତାନର୍ ସଙ୍ଗ୍
ଦଦାପେଲା କର୍‌ତେରଇଲା । ସେତ୍‌କିବେଲେ ପର୍‌ମେସରର୍
ଜାଗାଇ ରଇ, ସଇତାନ୍‌କେ ବିଚାର୍ କର୍‌ବା ଅଦିକାର୍ ନେବାକେ
ସେ ସାଆସ୍ କରେନାଇ । ତାର୍ ବାଦୁଲେ ମାପ୍‌ରୁ ତକେ ଡଣ୍ଡ
ଦେଇସି ବଲି କଇଲା । ୧୦ ଏଲେମିସା ଏ ଲକ୍‌ମନ୍ ନ ବୁଜ୍‌ବା
ବିସଇ ନେଇ ନିନ୍ଦା କାତା କଲାଇନି । ସେମନ୍ ଜେତ୍‌କି ବିସଇ
ବୁଜ୍‌ଲାଇନି, ସେଟା ସେମନ୍‌କେ ଅଦିକ୍ ବାବ୍‌ବାକେ ନ ପଡେ
। ଜେନ୍ତାରି, କି ପସୁମନ୍ କାଇ ବିସଇ ନ ବାବତ୍ । ଏ ସମାନ୍
ବିସଇ ଆକା ସେମନ୍‌କେ କୁରୁପ୍‌ନାସ୍ କର୍‌ସି । ୧୧ ସେମନ୍
କେତେକ୍ ଡଣ୍ଡ ପାଇବା ଲକ୍ ସେମନ୍ କଇନର୍ ବାଟ୍ ଦାର୍‌ଲାଇ
ଆଚତ୍ । ବିଲିଆମ୍ ପାପ୍ କଲାପାରା ସାର୍‌ଦା ସଙ୍ଗ୍ ପାପ୍
କଲାଇଆଚତ୍ । କରା ବିରଦ୍ କଲାପାରା ସେମନ୍ ବିରଦ୍ କରି
କୁରୁପ୍‌ନାସ୍ ଅଇବାଇ । ୧୨ ତମେ ଗଟେକ୍‌ତେଇ ରୁଣ୍ଡିକରି ମିସି
କାଇଲାବେଲେ, ତମର୍ ସଙ୍ଗ୍ ସେମନ୍ ଲାଜ୍ ଲାଗ୍‌ବା କାମ୍ କଲେ
ମିସା ସେମନ୍ ତମର୍ ମୁଆଟେ ଲାଜ୍ ନ ଅଇକରି ସାଆସ୍ ସଙ୍ଗ୍
କାଇଲାଇନି । ମେଣ୍ଡାମନ୍‌କେ ନ ଚାରାଇ ନିଜେ ଚାରାଇଅଇଲା
ଗଉଡ୍ ପାରା ଅଇଲାଇନି । ପବନ୍ ଆଇଲେ ଉଡାଇନେବା
ପାନି ନ ମାର୍‌ବା ବାଦଲ୍‌ପାରା ଏମନ୍ ଆଚତ୍ । ପଲ୍ ଦେବା
ବେଲାଇ କାଇପଲ୍ ନ ରଇବା ଗଚ୍ ଜେନ୍ତାରି ଉପାଡିକରି
ସୁକ୍‌ବାକେ ଚାଡ୍‌ଲାପାରା, ସେନ୍ତାରି ଅଇ ସେମନ୍ ଆଚତ୍ । ୧୩
ସେମନ୍ ସମ୍‌ଦୁରର୍ ଲଅଡି ଜେନ୍ତି ପେପୁଲ୍ ବାର୍‌କର୍‌ସି, ସେ
ପେପୁଲ୍‌ପାରା ତାକର୍ ଲାଜର୍ ଚଲାଚଲ୍‌ତି ଡିସ୍‌ସି । ଆକାସର୍
କେତେକ୍ କେତେକ୍ ତାରାମନ୍ ଜେନ୍ତି ତାକର୍ ପାଇ ରଇବା
ଜାଗାଇ ନ କିନ୍ଦ୍ରିକରି ବିନ୍‌ବାଟେ ବୁଲ୍‌ତେରଇବାଇ, ସେମନ୍
ସମାନ୍ ସେନ୍ତାରିସେ । ପର୍‌ମେସର୍ ସେମନର୍‌ପାଇ ଗଟେକ୍ ବଡ୍
ଗଇରି ରଇବା ଆନ୍ଧାରର୍ ଜାଗା ସଙ୍ଗ୍‌ଇଆଚେ । ଜନ୍ତିକି ସେମନ୍
ସବୁଦିନର୍‌ପାଇ ରଇବାଇ । **(aiōn g165)** ୧୪ ଅନକର୍ ବିସଇ
ବାବିଦେକା । ସେ ଆଦମର୍‌ଟାନେ ଅନି ଆଇବା ସାତ୍ ଲମର୍
ନାତିତିତି । ଏନ୍ତାରିଲକ୍‌ମନର୍ ବିସଇନେଇ ସେ ବବିସତ୍‌ବକ୍‌ତା
ଏନ୍ତାରି କଇଲା, ଦେକା ମାପ୍‌ରୁ ତାର୍ ଅଜାର୍ ଅଜାର୍ ସୁକଲ୍
ଦୁତ୍‌ମନର୍ ସଙ୍ଗ୍ ଆଇସି । ୧୫ ସେ ସବୁଲକ୍‌କେ ବିଚାର୍ କର୍‌ସି
। ଆରି ଜେତ୍‌କି ଲକ୍ ତାକେ ନାମତ୍‌ନାଇ, ସେମନ୍ ସବୁଲକ୍‌କେ
ଦସି କର୍‌ସି । ସେମନ୍ କରିରଇବା ସବୁ କାରାପ୍ କାମର୍ ଲାଗି
ମିସା ଦସିଅଇବାଇ । ୧୬ ଏ ଲକ୍‌ମନ୍ ମୁର୍‌ମୁରା ଅଇକରି ବିନ୍
ଲକ୍‌ମନ୍‌କେ ନିନ୍ଦା କର୍‌ବାଇ । ନିଜର୍ କାରାପ୍ ମନ୍ କଲାଟା
ପୁରାପୁରୁନ୍ କର୍‌ବାକେ ମନ୍ କର୍‌ବାଇ, ନିଜର୍ ବିସଇନେଇ
ବଡ୍‌ପନ୍ ଅଇବାଇ ଆରି ନିଜର୍ ଲାବ୍ ପାଇବାକେ ବିନ୍‌ଲକ୍‌କେ
ନିକ କାତା କଇ ସୁତ୍‌ରାଇବାଇ । ୧୭ ମାତର୍ ଏ ମର୍ ଆଲାଦର୍
ମଇତର୍‌ମନ୍, ଆମର୍ ମାପ୍‌ରୁ ଜିସୁ କିରିସ୍ଟର୍ ପେରିତ୍ ସିସ୍‌ମନ୍
କାଇଟା ଅଇସି ବଲି କଇଲାଟା ତମର୍ ମନେ ରଅ । ୧୮
“ସାରାସାରି ଦିନ୍ ମନ୍‌କେ ମାପ୍‌ରୁକେ କିଜାଇକରି ନିଜର୍ କାରାପ୍

ମନ୍ କଲାଟା ପୁରାପୁରୁନ୍ କର୍‌ବାକେ ମନ୍ କର୍‌ବା ଲକ୍‌ମନ୍
ରଇବାଇ ।” ସେମନ୍ ତମ୍‌କେ ଏନ୍ତି କଇରଇଲାଇ । **୧୯** ଏନ୍ତାରି
ସେମନ୍ ଲକ୍‌ମନ୍‌କେ ବେଗ୍‌ଲାଇବାଇ, ନିଜର୍ କାରାପ୍ ମନ୍
କଲାଟା ପୁରାପୁରୁନ୍ କର୍‌ବାକେ ମନ୍ କର୍‌ବାଇ । ସେମନ୍
ସୁକଲ୍‌ଆତ୍‌ମା ପାଅତ୍‌ନାଇ । **୨୦** ମାତର୍ ତମେ ମର୍ ଆଲାଦର୍
ମଇତର୍‌ମନ୍, ଆମର୍ ବେସି ସୁକଲ୍ ରଇବା ବିସ୍‌ବାସେ ନିଜେ
ଡାଟ୍ ଅଇତେରୁଆ । ସୁକଲ୍‌ଆତ୍‌ମାର୍ ସାଇଜ ନେଇ ପାର୍‌ତନା
କର୍‌ତେରୁଆ । **୨୧** ମାପ୍‌ରୁ ଜିସୁକିରିସ୍‌ଟ ବାଉଡି ଆଇବା
ଦିନ୍‌କେ ଜାଗ୍‌ତେରୁଆ ଆରି ପର୍‌ମେସରର୍ ଆଲାଦେ ବଡିଆସା
। ସେନ୍ତାର୍‌ଆଲେ ତମେ ତାର୍‌ସଙ୍ଗ୍ କାଲ୍‌କାଲ୍ ଜୁଗ୍‌ଜୁଗ୍ ରଇସା
। କାଇକେବଇଲେ ସେ ଆମ୍‌କେ ଦୟା ଦେକାଇଲା ଆଚେ
। **(aiōnios g166)** **୨୨** ଦୁଇମନିଆ ଅଇବା ଲକ୍‌ମନ୍‌କେ ଦୟା
ଦେକାଆ । **୨୩** କେବେ ନ ଲିଭ୍‌ବା ଜଇଟାନେଅନି ଚାଡାଇକରି
ସେମନ୍‌କେ ରକିଆ କରା । ଡରିକରି ପାପ୍‌କର୍‌ବା ଲକ୍‌ମନ୍‌କେ
ଦୟା ଦେକାଆ । ମାତର୍ ତାକର୍ ପାପ୍‌କାମେ ମୁର୍‌କି ରଇବା
ବସ୍‌ତର୍ ମିସା ଗିନ୍ କରା । **୨୪** ତମେ ଜେନ୍ତାରିକି ନ ଅଦର୍‌ତେ,
ପର୍‌ମେସର୍ ତମ୍‌କେ ଦେକାରକା କର୍‌ସି । ସେ ଅଇଲାନି ମଇମା
ପାଇବା ପର୍‌ମେସର୍ । କାଇ ଦସ୍ ନ ଦାରି ସାର୍‌ଦାସଙ୍ଗ୍ ତମ୍‌କେ
ତାର୍ ମୁଆଟେ ଟିଆକରାଇବାକେ ତାର୍ ବପୁଆଚେ । **୨୫** ଆମର୍
ମାପ୍‌ରୁ ଜିସୁକିରିସ୍‌ଟର୍ ଲାଗି ସେ ଗଟେକ୍ ସେ ପର୍‌ମେସର୍,
ଜେ କି ଆମ୍‌କେ ରକିଆ କଲାଆଚେ । ସବୁ ଡାକ୍‌ପୁଟା, ମଇମା,
ବପୁ ଆରି ସାସନ୍ କାଇଟା ନ ଅଇତେ ତାର୍‌ଟାସେ ରଇଲା,
ଏବେ ତାର୍‌ଟାସେ ଆଚେ ଆରି କାଲ୍ କାଲ୍ ଜୁଗ୍ ଜୁଗ୍ ତାର୍‌ଟାସେ
ରଇସି । ଆମେନ୍! **(aiōn g165)**

# ପର୍କାସିତ

**୧** ଜାଇ ଜାଇଟା ଦାପ୍ରେ ଗଟ୍ବାକେ ଗାଲାନି, ପର୍ମେସର୍
ଜିସୁ କିରିସ୍ଟକେ ଜାନାଇ ରଇବା ବିସଇ ଏ ବଇଟାନେ
ଲେକାଅଇ ଆଚେ । ସେ ସବୁ ବିସଇ ତାର୍ ଦାଙ୍ଗ୍ଡାମନ୍କେ
ଜାନାଇବାକେ ପର୍ମେସର୍ ତାକେ ଜାନାଇଲା । ତେବର୍ପାଇ
ମୁଇ ଜଅନ୍ ଜେ କି ତାର୍ ସିସ୍ ଅଇଲିଆଚି, ମକେ ଜାନାଇବାକେ
କିରିସ୍ଟ ତାର୍ ଦୁତ୍କେ ପାଟାଇଲାଆଚେ । **୨** ଆରି ମକେ
ଜେତ୍କି ବିସଇ ଦେକାଇରଇଲା, ମୁଇ ସେଟାମନ୍ ସବୁ ଲେକିଆଚି
। ଆରି ଏ ସବୁ ଜିସୁ କିରିସ୍ଟ ଜାନାଇରଇବା ପର୍ମେସରର୍
ସତ୍ ବାକିଅ ବଲି ମୁଇ ଡାଟ୍ ସଙ୍ଗ୍ କଇଲିନି । **୩** ଏ ବଇ ପଡିକରି
ତେଇ ଲେକାଅଇରଇବା ଆଗ୍କେ ଗଟ୍ବା କାତାମନ୍ ବୁଜିକରି
ମାନ୍ବା ଲକ୍ମନ୍ କେଡେକ୍ କରମର୍ ଲକ୍ମନ୍! କାଇକେବଇଲେ
ଏ ସବୁ ବିସଇ ଗଟ୍ବା ବେଲା କେଟ୍ଲା । **୪** ମୁଇ ଜଅନ୍
ଆସିଆ ରାଇଜେ ରଇବା ସାତ୍ଟା ମଣ୍ଡ୍ଲିକେ ଲେକ୍ଲିନି ।
ପର୍ମେସର୍ ଟାନେଅନି ଆସିରଇବା ଜିବନ୍ ଦୁକାଇଲାଟା ଆରି
ସାନ୍ତି ତମ୍କେ ମିଲ । ସେ ଏବେ ଆଚେ । ଆଗ୍ତୁ ମିସା ରଇଲା
ଆରି କାଲ୍ କାଲ୍ ଜୁଗ୍ ଜୁଗ୍ ରଇସି । ସେ ବସିରଇବା ଜାଗାର୍
ମୁଆଟର୍ ସାତ୍ଟା ଆତ୍ମାମନର୍ ଟାନେଅନି **୫** ଆରି ଜିସୁକିରିସ୍ଟ
ଟାନେଅନି । ସେ ଆକା ପର୍ମେସରର୍ ବିସଇର୍ ସତ୍ ସାକି
ଦେଇପାର୍ସି । ମଲା ଲକ୍ମନର୍ଟାନେଅନି ତାକେସେ ପର୍ତୁମ୍
ଉଟାଇରଇଲା । ଏ ଜଗତର୍ ସାସନ୍କାରିଆମନର୍ ଉପ୍ରେ
ରଇବା ସାସନ୍କାରିଆ । ସେ ଆମ୍କେ ଆଲାଦ୍ କଲାନି ।
ଆମର୍ପାଇ ଗଟେକ୍ ବଲି ଇସାବେ ମଲାକେ ଆମର୍ ପାପେଅନି
ସେ ଆମ୍କେ ମୁକ୍ଲାଇଆଚେ । **୬** ତାର୍ ବାବା ପର୍ମେସର୍କେ
ସେବା କର୍ବାପାଇ ସେ ଆମ୍କେ ଗଟେକ୍ ରାଜାର୍ କୁଟୁମେ
ପୁଜାରି କଲାଆଚେ । ସେ କାଲ୍ କାଲ୍ ଜୁଗ୍ ଜୁଗ୍ ବପୁ ଆରି
ମଇମା ପାଅ । ଆମେନ୍ । **(aiōn g165)** **୭** ଏଦେ ଦେକା!
ସେ ମେଗ୍ମାଲାଇ ବସି ଆଇଲାନି । ଗୁଲାଇ ଲକ୍ମନ୍ ତାକେ
ଦେକ୍ବାଇ । ତାକେ କୁରୁସ୍କାଟେ କୁଟି ମାରିରଇବା ଲକ୍ମନ୍
ମିସା ଦେକ୍ବାଇ । ଏ ଜଗତେ ରଇବା ସବୁ ଲକ୍ମନ୍ ତାର୍ଲାଗି
ଦୁକ୍ କର୍ବାଇ । ସେଟା ସେନ୍ତାରିସେ ଅଇସି । ଆମେନ୍! **୮**
ମାପ୍ରୁ ପର୍ମେସର୍ ସବୁର୍ଟାନେଅନି ଅଦିକ୍ ବପୁର୍ଟା । ସେ
ଏବେ ମିସା ଆଚେ । ସେ ଆଗ୍ତୁ ରଇଲା । ଆରି କାଲ୍ କାଲ୍
ଜୁଗ୍ ଜୁଗ୍ ରଇସି । ସେ କଇଲାଆଚେ “ଆରାମେଅନି ସବୁ
ବିସଇ କର୍ବା ଲକ୍ ମୁଇ, ଆରି ସାରାଇବା ଲକ୍ ମିସା ମୁଇସେ
।” **୯** “ମୁଇ ଜଅନ୍, ତମର୍ ବିସ୍ବାସର୍ ଲାଗି ବାଇ ଅଇଲିଆଚି
। ଜିସୁର୍ ସଙ୍ଗ୍ ଆମେ ମିସିଆଚୁକେ, ତାର୍ ରାଇଜେ ରଇବା
ଲକ୍ମନର୍ପାଇ ଆସିରଇବା ସବୁ ଦୁକ୍ କସ୍ଟଟାନେ ମୁଇ ତମର୍
ସଙ୍ଗ୍ ମୁର୍ଚିକରି ଆଚି । ଚାରିବେଟ୍ତି ସମ୍ଦୁର୍ ରଇକରି ମଜାଇ
ରଇବା ପାତ୍ମସ୍ ବଲି ଗଟେକ୍ ରାଇଜେ ମକେ ନେଇରଇଲା
। ମୁଇ ପର୍ମେସରର୍ କାତା ଆରି ଜିସୁ ଦେଇରଇବା ସିକିଆ
ଜାନାଇରଇଲିଜେ, ମକେ ସେନ୍ତାରି କଲା । **୧୦** ଆମେ ମିସିକରି
ତାକେ ଆରାଦନା କର୍ବା ମାପ୍ରୁର୍ ଦିନେ, ତାର୍ ଆତ୍ମା ମକେ
ଦାରିରଇଲା । ଆରି ଜବର୍ ଅଇତେ ମଇରି ବାଜ୍ଲା ପାରା
ମର୍ ପଚ୍ବାଟେ ସୁନ୍ଲି । **୧୧** ତୁଇ ଦେକ୍ଲାଟା ବଇଟାନେ
ଲେକ୍ ଆରି ଏପିସିୟ୍, ସୁର୍ନା, ପର୍ଗାମା, ଥିଆଟିରା, ସାର୍ଦି,
ପିଲାଦେଲ୍ପିଆ ଆରି ଲାଉଦିକିଆଇ ମଣ୍ଡ୍ଲିତେଇ ପାଟାଆ
ବଲି ସେ ସବଦ୍ ସୁନ୍ଲି ।” **୧୨** ସେ ସବଦ୍ ସୁନ୍ଲାକେ, କେ
କାତାଅଇଲାନି, ଦେକ୍ବି ବଲି ପାସଲ୍ଲି ଆରି ସାତ୍ଟା ସୁନାର୍
ବତି ଡାଣ୍ଡି ଦେକ୍ଲି । **୧୩** ତାର୍ ମଜାଇ ନର୍ ପାରା ଡିସ୍ତେରଇବା
ଗଟେକ୍ ଲକ୍କେ ଦେକ୍ଲି । ତାର୍ ପାଦ୍ଜାକ ଅଇବା ଗଟେକ୍
ଡେଙ୍ଗ୍ ଲୁଗା ପିନ୍ଦିରଇଲା । ତାର୍ ବୁକ୍ତଲେ ଗଟେକ୍ ସୁନାର୍
ବେଲ୍ଟୁ ବାନ୍ଦି ରଇଲା । **୧୪** ତାର୍ ମୁଣ୍ଡର୍ ଚେଣ୍ଡି ଦଇଲା ଚାଉଲ୍
ଆରି ଦୁଦ୍ପାରା ଦବ୍ ରଇଲା । ଆରି ତାର୍ ଆଁକି ଲାଗ୍ତେ ରଇବା
ଜଇ ପାରା ଗଜ୍ଗଜି ଜାଇତେ ରଇଲା । **୧୫** ତାର୍ ପାଦର୍ ରେଡି
ପିତଲ୍ ପାରା ଜଗ୍ଜଗି ଜାଇତେରଇଲା, ଜନ୍ଟାକି ଜଇଟାନେ
ପରିଚଲ୍ ଅଇ ସୁନ୍ଦର୍ କରି ରେଡ୍ଲାପାରା । ଆରି ତାର୍ ସବଦ୍
ଅଦର୍ତେରଇବା ଜର୍ନା ପାନିର୍ ସବଦ୍ପାରା ଜବର୍ ସବଦ୍
ଅଇତେରଇଲା । **୧୬** ସେ ତାର୍ ଉଜା ବାଟର୍ ଆତେ ସାତ୍ଟା
ତାରା ଦାରି ରଇଲା, ଆରି ତାର୍ ଟଣ୍ଡେ ଅନି ଦୁଇବାଟେ ଦାର୍
ରଇବା ତିପ୍ତିପା କାଣ୍ଡା ବାରଇତେ ରଇଲା । ଆରି ତାର୍ ମୁଁ
ମୁଇଦାନିଆର୍ ବେଲ୍ପାରା ଜଲ୍କି ଜାଇତେ ରଇଲା । **୧୭** ତାକେ
ଦେକିକରି ମୁଇ ମଲାପାରା ଅଇକରି ତାର୍ ପାଦ୍ତଲେ ଅଦ୍ରି
ଗାଲି । ତାର୍ ପଚେ ସେ ମର୍ ଉପ୍ରେ ତାର୍ ଉଜା ଆତ୍ ସଙ୍ଗ୍ଇ
କରି କଇଲା, ଡର୍ନାଇ, ମୁଇସେ ଆରାମ୍ ମୁଇସେ ସେସ୍ । **୧୮**
ମୁଇସେ ଜିବନ୍ ରଇବା ଲକ୍ । କାଇକେବଇଲେ ମୁଇ ମରିରଇଲି
ମିସା ଦେକା କାଲ୍ କାଲ୍ ଜୁଗ୍ ଜୁଗ୍ ବଁଚିକରି ଆଚି । ମର୍ ଆତେ
ମରନର୍ ଆରି ପାତାଲର୍ କୁଚିକାଡି ଆଚେ । ମରିରଇବା ସବୁ
ଲକ୍ମନର୍ ଉପ୍ରେ ଆରି ମଲାଲକ୍ମନ୍କେ କନ୍ତି ପାଟାଇବାର୍,
ସେଟା ମର୍ ଅଦିକାର୍ଆଚେ । **(aiōn g165, Hadēs g86)** **୧୯**
ତେବର୍ ପାଇ ତମେ ଏବେ ଜାଇଜାଇଟା ଦେକି ଆଚାସ୍ ଆରି
ଜାଇଜାଇଟା ଏବେ ଗଟ୍ଲାନି ଆରି ପଚ୍କେ ଗଟ୍ସି, ସେଟା
ସବୁ ଲେକିକରି ସଙ୍ଗ୍ଆ । **୨୦** ମର୍ ଉଜାବାଟେ ରଇବା ସାତ୍ଟା
ତାରା ଆରି, ସାତ୍ଟା ସୁନାର୍ ବତି ଡାଣ୍ଡିର୍ ଅରତ୍ ମୁଇ ତମ୍କେ
କଇଦେବି । ସେ ସାତ୍ଟା ବତିଡାଣ୍ଡି ଅଇଲାନି ସାତ୍ଟା ମଣ୍ଡ୍ଲି ।
ସାତ୍ଟା ତାର୍ମନ୍ ଅଇଲାଇନି, ସାତ୍ଟା ମଣ୍ଡ୍ଲିର୍ ଦାଇତ୍ ନେବା
ଦୁତ୍ମନ୍ ।

**୨** ସେ କଇଲା, ଏପିସସ୍ ମଣ୍ଡ୍ଲିକେ ଦେକାରକା କର୍ବା
ଦୁତ୍କେ ଲେକା । ଏ କବର୍ ମର୍ଟାନେଅନି ପାଟାଇଲିନି ।
ସାତ୍ଟା ତାରାକେ ମୁଇ ମର୍ ଉଜାବାଟେ ଦାରିରଇବି । ସାତ୍ଟା
ସୁନାର୍ ବତିଡାଣ୍ଡି ମଜାଇ ଇଣ୍ଡ୍ତେରଇବି । **୨** ମୁଇ ତମର୍

ଚଲାଚଲ୍‌ତି ଜାନି । ତମେ ଆବଡ୍ ଅଇ ପାଇଟି କର୍‌ବାଟା ଆରି ଦୁକ୍ କସ୍‌ଟ ଆଇଲେ ମିସା ମୁର୍‌ଚି କରି ରଇବାଟା ମୁଇ ଜାନି । କରାପ୍ ଲକର୍ କାମ୍ ତମ୍‌କେ ସାର୍‌ଦା ନ କରାଏ ବଲି ମୁଇ ଜାନି । ଜନ୍ ଲକ୍‌ମନ୍ ଆମେ ପେରିତ୍‌ସିସ୍ ବଲି ନାଡାଇଲାଇନି, ସେମନ୍ ସତ୍ କି ମିଚ୍ ବଲି ତମେ ପରିକା କରିଆଚାସ୍ । ସେମନ୍ ମିଚ୍ କଇଲାଇନି ବଲି ତମେ ଜାନିଆଚାସ୍ । ୩ ଦୁକ୍ କସ୍‌ଟ ଆଇଲେ ମିସା ମର୍ ଲାଗି ମୁର୍‌ଚିକରି ରଇଲାସ୍‌ନି । ଆରି ବିସ୍‌ବାସ୍ ଚାଡାସ୍‌ନାଇ । ୪ ମାତର୍ ତମର୍ ଚଲାଚଲ୍‌ତିତେଇ ମକେ ଗଟେକ୍ ବିସଇ ବଲ୍ ନ ଲାଗେ । ସେଟା ଅଇଲାନି ଆଗେ ତମେ ମକେ ଜେନ୍ତି ଆଲାଦ୍ କର୍‌ତେରଇଲାସ୍, ଏବେ ସେନ୍ତାରି କରାସ୍ ନାଇ । ୫ ମର୍‌ପାଇ ରଇବା ଡାଟ୍ ଆଲାଦ୍ ମନେ ଏତାଆ । ପାପେଅନି ବାଉଡା । ଆରି ଆଗ୍‌ତୁ କର୍‌ତେରଇବା ନିକ କାମ୍‌ମନ୍ କରା । କାଇକେବଇଲେ ତମେ ପାପେଅନି ନ ବାଅଡ୍‌ଲେ, ମୁଇ ତମର୍‌ଟାନେ ଆଇବି ଆରି ତମର୍ ବତିଡାଣ୍ଡି ଗଟେକ୍ ଜାଗାଇଅନି ଆରି ଗଟେକ୍ ଜାଗାଇ ଗୁଚାଇଦେବି । ୬ ମାତର୍ ତମର୍ ଗଟେକ୍ ବିସଇ ମକେ ନିକ ଲାଗ୍‌ସି । ତମେ ନିକଲାତିଅର୍ ଲକ୍‌ମନ୍ କର୍‌ବା କାମ୍ ଗିନ୍ କର୍‌ସା । ଜନ୍‌ଟାକି ମୁଇମିସା ବେସି ଗିନ୍ କର୍‌ବି । ୭ ଆତ୍‌ମା ମଣ୍ଡଲିମନ୍‌କେ କଇବାଟା ମନ୍‌ଦିଆନ୍ ଦେଇକରି ସୁନା । ଜେ ଜିତ୍‌ସି, ତାକେ ମୁଇ ପର୍‌ମେସରର୍ ବାଡେ ପଲିରଇବା ଜିବନ୍ ଗଚର୍ ପଲ୍ କାଇବାକେ ଦେବି । ୮ ସୁମର୍‌ନା ମଣ୍ଡଲିକେ ଦେକାରକା କର୍‌ତେରଇବା ଦୁତ୍‌କେ ଲେକା । ଏ କବର୍ ମର୍‌ଟାନେଅନି ପାଟାଇଲିନି । ଆରାମେଅନି ସବୁ ବିସଇ କର୍‌ବା ଲକ୍ ମୁଇ ଆରି ସାରାଇବା ଲକ୍ ମିସା ମୁଇସେ । ମୁଇ ମରିରଇଲି ଆରି ଜିବନ୍ ଅଇକରି ଉଟ୍‌ଲି । ୯ ତମର୍ ଦୁକ୍‌କସ୍‌ଟ ମୁଇ ଜାନି । ତମେ ଅର୍‌କିତ୍ ବଲି ମୁଇ ଜାନି । ମାତର୍ ସତଇସେ ତମେ ସାଉକାର୍ ଲକ୍ । ଜିଉଦିମନ୍ ତମର୍ କାରାପ୍ ବିସଇ କଇଲାଇନି ବଲି ମୁଇ ଜାନି । ମାତର୍ ସେମନ୍ ଆମେ ଜିଉଦି ବଲି କଇଲେମିସା ସତ୍‌ସେ ସେମନ୍ ପର୍‌ମେସରର୍ ଲକ୍ ନଅତ୍ । ମାତର୍ ସଇତାନ୍ ଦଲର୍ ଲକ୍ । ୧୦ ତମେ ଜେତ୍‌କି ଦୁକ୍ କସ୍‌ଟ ମୁର୍‌ଚିକରି ରଇବାକେ ଗାଲାସ୍‌ନି, ସେ ବିସଇ ଚିନ୍ତା କରି ଡରାନାଇ । ସୁନା ତମ୍‌କେ ସଇତାନ୍ ବନ୍ଦିଗରେ ପାକାଇକରି ପରିକା କର୍‌ସି, ଦସ୍‌ଦିନ୍ ଜାକ ତମେ କସ୍‌ଟେ ରଇସା । ମାତର୍ ମର୍‌ବାକେ ପଡ୍‌ଲେ ମିସା ମକେ ବିସ୍‌ବାସ୍ କରି ରୁଆ । ଆରି ଇନାମ୍ ଇସାବେ ତମ୍‌କେ ନ ସାର୍‌ବା ଜିବନ୍ ଦେବି । ୧୧ ଆତ୍‌ମା ମଣ୍ଡଲିମନ୍‌କେ କଇବାଟା ମନ୍ ଦିଆନ୍ ଦେଇ ସୁନା । ଜନ୍ ଲକ୍ କାରାପ୍‌କେ ଆରାଇକରି ଜିତ୍‌ସି, ପଚର୍ ମରନେ ସେମନ୍ ଡଣ୍ଡ ନ ପାଅତ୍ । ୧୨ ପର୍‌ଗାମ ମଣ୍ଡଲିକେ ଦେକାରକା କର୍‌ବା ଦୁତ୍‌କେ ଲେକା । ଏ କବର୍ ମର୍‌ଟାନେଅନି ପାଟାଇଲିନି । ଦୁଇବାଟେ ଦାର୍ ରଇବା ଲାଗନ୍ କାଣ୍ଡା ମର୍‌ଟାନେ ଆଚେ । ୧୩ ତମେ ଜନ୍ ନଅରେ ରଇଲାସ୍‌ନି, ସେଟା ସଇତାନର୍ ସାସନର୍ ଜାଗା ବଲି ମୁଇ ଜାନି । ମାତର୍ ସେନ୍ତାର୍ ଅଇଲେମିସା, ତମେ ମକେ ବିସ୍‌ବାସ୍ କଲାସ୍‌ନି । ବିସ୍‌ବାସେ ମର୍‌କାମ୍ କର୍‌ବା ଦାଙ୍ଗଡା ଆନ୍ତିପା ମର୍ ବିସଇ ସାକି ଦେଲାକେ ମରାଇରଇଲାଇ । ତମେ ରଇବା ସଇତାନର୍ ନଅରେ ତାକେ ମରାଇରଇଲେ ମିସା ତମେ ବିସ୍‌ବାସ୍ ଚାଡାସ୍‌ନାଇ । ୧୪ ମାତର୍ ତମର୍ ଚଲାଚଲ୍‌ତିଟାନେ କେତଟା ବିସଇ ମର୍ ମନ୍‌କେ ଜାଏନାଇ । କାଇକେବଇଲେ ତମର୍ ବିତ୍‌ରେ କେତେକ୍ ଲକ୍ ବାଲାମର୍ ସିକିଆ ମାନ୍‌ଲାସ୍‌ନି । ଇସ୍‌ରାଏଲର୍ ଲକ୍‌ମନ୍‌କେ ପାପ୍‌ବାଟେ ଡାକିନେବାକେ, ସେ ବାଲାକ୍‌କେ ସିକାଇରଇଲା । ସେମନ୍‌କେ ମୁର୍‌ତିମନ୍‌କେ ସର୍‌ପି ଦେଇରଇବା କାଦି କାଇବାକେ ଆରି ବେସିଆ କାମ୍ କର୍‌ବାକେ ସେ ସିକାଇତେରଇଲା । ୧୫ ସେନ୍ତାରିସେ ତମର୍ ବିତ୍‌ରେ କେତେଲକ୍ ନିକଲାତିୟମନର୍ ସିକିଆ ମିସା ମାନ୍‌ଲାସ୍‌ନି । ୧୬ ଏବେ ତମର୍ ପାପେଅନି ବାଉଡା । ନଇଲେ ମୁଇ ତମର୍‌ଟାନେ ଦାପ୍‌ରେ ଆଇବି । ଆରି ମର୍ ଟଣ୍ଡେଅନି ବାରଇବା କାଣ୍ଡା ସଙ୍ଗ୍ ମୁଇ ସେ ଲକ୍‌ମନର୍ ବିରୁଦେ ଜୁଇଦ୍ କର୍‌ବି । ୧୭ ଆତ୍‌ମା ମଣ୍ଡଲିମନ୍‌କେ କଇବାଟା ମନ୍‌ଦିଆନ୍ ଦେଇ ସୁନା । ଜେ ଜିତ୍‌ସି, ସେମନ୍‌କେ ଲୁଚାଇକରି ସଙ୍ଗଇରଇବା ମାନା ଦେବି । ନୁଆ ନାଉଁ ଲେକିରଇବା ଗଟେକ୍ ଦବ୍ ପାକ୍‌ନା ମିସା ସେମନ୍‌କେ ଦେବି ।

୧୮ ତିଆଟିରା ମଣ୍ଡଲିକେ ଦେକାରକା କର୍‌ବା ଦୁତ୍‌କେ ଲେକା । ପର୍‌ମେସରର୍ ପଅ ମୁଇ ଏ କବର୍ ମର୍‌ଟାନେଅନି ପାଟାଇଲିନି । ମର୍ ଆଁକି ଜଇପାରା ଜଗ୍‌ଜଗି ଗାଲାନି ଆରି ପାଦ୍ ରେତିରଇବା ପିତଲ୍‌ପାରା ଆଚେ । ୧୯ ତମର୍ ଚଲାଚଲ୍‌ତି ମୁଇ ଜାନି । ତମର୍ ଆଲାଦ୍, ସତ୍ ସଙ୍ଗ୍ କାମ୍ କର୍‌ବାଟା, ସେବା କର୍‌ବାଟା ଆରି ମୁର୍‌ଚିକରି ରଇବାଟା ମୁଇ ଜାନି । ଆଗ୍‌ତୁର୍ ଟାନେଅନି ଏବେ ଅଦିକ୍ ନିକ କଲାସ୍‌ନି ବଲି ମୁଇ ଜାନି । ୨୦ ମାତର୍ ତମର୍ ଚଲାଚଲ୍‌ତିତେଇ ଗଟେକ୍ ବିସଇ ମର୍ ମନ୍‌କେ ଜାଏନାଇ । ସେ ଜେଜେବଲ୍ ନାଉଁର୍ ମାଇଜିକେ ତମର୍ ଦଲେ ମିସାଇଲାସ୍ । ମୁଇ ନିଜେ ପର୍‌ମେସରର୍ ଦୁତ୍ ବଲାଇଅଇଲାନି । ମର୍ ଗତିଦାଙ୍ଗଡାମନ୍‌କେ ସେ ବେସିଆ କାମ୍ କର୍‌ବାକେ ସିକାଇଲାନି । ମୁର୍‌ତିମନ୍‌କେ ସର୍‌ପିଦେଇରଇବା କାଦି ମିସା କାଇବାକେ କଇଲାନି । ୨୧ ପର୍‌ମେସର୍ ଟାନେ ବାଉଡ ବଲି ମୁଇ ତାକେ ଜାଗ୍‌ଲି, ମାତର୍ ତାର୍ ବେସିଆ କାମ୍ କର୍‌ବାକେ ସେ ମନ୍ କଲା । ୨୨ ତେବର୍‌ପାଇ ମୁଇ ତାକେ ବଡ୍ ବେମାର୍ ଦାରାଇବି । ଜେନ୍ତାରି କି ସେ ସଇଲାତେଇଅନି ଉଟିନାପାରେ । ତାର୍ ସଙ୍ଗ୍ ଜେତ୍‌କି ଲକ୍‌ମନ୍ ପାପ୍ କରିରଇଲାଇ, ମୁଇ ସେମନ୍‌କେ ବେସି ଦୁକ୍ କସ୍‌ଟ ଦେବି । ତାର୍ କରାପ୍ ଚଲାଚଲ୍‌ତିଟାନେ ମିସିରଇବା ଜେତ୍‌କି ଲକ୍‌ମନ୍ ନ ବାଉଡ୍‌ଲେ, ଏ ସବୁଜାକ ମୁଇ ଏବେସେ କର୍‌ବି । ୨୩ ତାର୍‌ବାଟେ ଜାଇତେରଇବା ସବୁ ଲକ୍‌ମନ୍‌କେ ମୁଇ ମରାଇବି । ସେନ୍ତାରି ସବୁ ଲକର୍ ଚିନ୍ତା ଆରି ମନ୍ ଜାନ୍‌ବା ଲକ୍ ମୁଇସେ ବଲି ସବୁ ମଣ୍ଡଲି ଜାନ୍‌ବାଇ । ତମେ କରିରଇବା କାମ୍ ଇସାବେ ମୁଇ ତମ୍‌କେ ବାଉଡାଇବି । ୨୪ ମାତର୍ ତିଆଟିଆଇ ରଇବା, ତମେ ବାକି ଲକ୍‌ମନ୍ ଏ

କରାପ୍ ସିକିଆ ମାନାସ୍‌ନାଇ । ସଇତାନର୍ ଟିକିନିକି ସିକିଆ ବଲି
ଲକ୍‌ମନ୍ ମାନ୍‌ବା ସିକିଆ ତମେ ମାନାସ୍‌ନାଇ । ତେବର୍‌ପାଇ
ତମେ ମାନ୍‌ବାକେ ବେସି ଆଦେସ୍ ମୁଇ ନ ଦେଇ । ୨୫ ମାତର୍
ମୁଇ ଆଇବା ଜାକ ତମେ ବିସ୍‌ବାସ୍ କଲାଟା ଡାଟ୍ ସଙ୍ଗ୍ ଦାରିରୁଆ
। ୨୬ ଜେଡ୍‌କି ଲକ୍ ଜିତିକରି ସାରାସାରି ଜାକ ରଇବାଇ,
ମୁଇ ମର୍ ବାବାର୍‌ଟାନେଅନି ପାଇରଇବା ସମାନ୍ ଅଦିକାର୍
ସେମନ୍‌କେ ଦେବି । ୨୭ ରାଇଜ୍‌ମନ୍‌କେ ଲୁଆର୍ ଡାଣ୍ଡ୍‌ସଙ୍ଗ୍
ସାସନ୍ କରି ମାଟିର୍ ଆଣ୍ଡିପାରା ବାଙ୍ଗାଇବାକେ ମୁଇ ଅଦିକାର୍
ଦେବି । ୨୮ ଆରି ମୁଇ ସେମନ୍‌କେ ସାକ୍‌ଲିଆ ବେଲର୍ ତାରା
ଦେବି । ୨୯ ଆତ୍‌ମା ମଣ୍ଡ୍‌ଲିମନ୍‌କେ କଇବାଟା ମନ୍ ଦିଆନ୍
ଦେଇ ସୁନା ।

**୩** ସାର୍‌ଦି ମଣ୍ଡ୍‌ଲିକେ ଦେକାରକା କର୍‌ବା ଦୁତ୍‌କେ ଲେକା । ଏ
କବର୍ ମୁଇ ପାଟାଇଲିନି । ପର୍‌ମେସରର୍ ସାତ୍‌ଟା ଆତ୍‌ମା
ଆରି ସାତ୍‌ଟା ତାରା ମର୍‌ଲଗେ ଆଚେ । ତମର୍ ଚଲାଚଲ୍‌ତି ମୁଇ
ଜାନି । ଲକ୍‌ମନ୍ ଦେକ୍‌ବା ଇସାବେ, ତମେ ଆତ୍‌ମାଇ ଜିବନ୍
ଆଚାସ୍ । ମାତର୍ ପର୍‌ମେସର୍ ଦେକ୍‌ବା ଇସାବେ ମରିଆଚାସ୍
। ୨ ତେବର୍‌ପାଇ ସଇଲାତେଇଅନି ଉଟା । ତମର୍ ଦୁର୍‌ବଲ୍
ବିସ୍‌ବାସ୍ ଡାଟ୍ କରା । ନଇଲେ ସେଟା ପୁରାପୁରୁନ୍ ମରିଜାଇସି
। କାଇକେବଇଲେ ମୁଇ ଜାନି ଜେ ପର୍‌ମେସର୍ ତମର୍ ଟାନେ
ସାର୍‌ଦା ଅଇଲାପାରା ତମର୍ କାମ୍ ସିଦ୍ ଅଏନାଇ । ୩ ତମେ ଜନ୍
ସିକିଆ ସିକିଆଚାସ୍, ଆରି ଜନ୍‌ଟା ସୁନି ଆଚାସ୍, ସେଟା ଏତାଆ
। ସେଟା ମାନିକରି ତମର୍ ପାପେଅନି ବାଉଡା । ସଇଲାତେଇଅନି
ନ ଉଟ୍‌ଲେ ମୁଇ ଚର୍ ପାରା ଆସି ତମ୍‌କେ ଡଣ୍ଡ୍ ଦେବି । ମୁଇ
କେଡେବେଲେ ଆଇବି, ସେଟା ତମେ ଜାନିନାପାରାସ୍ । ୪
ମାତର୍ ସାର୍‌ଦିସେ ରଇବା ତମର୍ ବିତ୍‌ରେ କେତେଲକ୍ ବସ୍‌ତର୍
ପରିଚଲ୍ କରି ଆଚାସ୍ । ମୁଇ ଆଇବା ଦିନ୍‌ମନ୍‌କେ ସୁକଲ୍
ବସ୍‌ତର୍ ପିନ୍ଦିକରି ମର୍ ସଙ୍ଗ୍ ଇଣ୍ଡ୍‌ସା । କାଇକେ ବଇଲେ ତମେ
ସେଟା କର୍‌ବାକେ ଅଦିକାର୍ ପାଇ ଆଚୁସ୍ । ୫ ଜେ ଜିତ୍‌ସି
ସେ ଏ ରକାମ୍ ସୁକଲ୍ ବସ୍‌ତର୍ ପିନ୍ଦ୍‌ସି । ଆରି ମୁଇ ଜିବନ୍
ବଇଲଗେଅନି ଜେନ୍ତିଆଲେ ମିସା ତମର୍ ନାଉଁ ନ ଲିବାଇ । ମର୍
ବାବା ଆରି ତାର୍ ଦୁତ୍‌ମନର୍ ମୁଆଟେ ତମର୍ ନାଉଁ ମର୍ ଲକ୍‌ମନ୍
ବଲି ସର୍‌ପି ଦେବି । ୬ ଆତ୍‌ମା ମଣ୍ଡ୍‌ଲିମନ୍‌କେ କଇବାଟା ମନ୍
ଦିଆନ୍ ଦେଇ ସୁନା । ୭ ପିଲାଦଲ୍‌ପିଆ ମଣ୍ଡ୍‌ଲିକେ ଦେକାରକା
କର୍‌ବା ଦୁତର୍ ଲଗେ ଲେକା । ଏ କବର୍ ମୁଇ ପାଟାଇଲିନି ।
ମୁଇ ସୁକଲ୍ ଆରି ସତ୍ । ଦାଉଦ୍ ରାଜାର୍ କୁଚିକାଡି ମର୍‌ଟାନେ
ଆଚେ । ମୁଇ ଉଗାଡ୍‌ଲେ, କେ ମିସା ଡାବି ନାପାରତ୍ । ଆରି
ମୁଇ ଡାବ୍‌ଲେ କେ ମିସା ଉଗାଡି ନାପାରତ୍ । ୮ ମୁଇ ତମର୍
ଚଲାଚଲ୍‌ତି ଜାନି । ତମ୍‌କେ ଅଲପ୍ ସେ ବପୁ ଆଚେବଲି ମିସା
ଜାନି । ମାତର୍ ମର୍ ସିକିଆ ତମେ ମାନିଆଚାସ୍ ଆରି ସତ୍‌ସେ
ମର୍ ସିକିଆ ମାନ୍‌ଲାସ୍ । ତେବର୍‌ପାଇ ମୁଇ ତମର୍ ମୁଆଟେ
ଗଟେକ୍ କାପାଟ୍ ଉଗାଡିଆଚି । ସେଟା କେ ମିସା ଡାବିନାପାରତ୍
। ୯ ସୁନା ତମର୍ ବିତ୍‌ରେ କେତେଟା ଜିଉଦିମନ୍ ସଇତାନର୍
ଦଲେ ମିସିଆଚତ୍ । ମାତର୍ ସେମନ୍ ଜିଉଦିଲକ୍ ନଅତ୍ ।
ଆଇବା ଗଟେକ୍ ଦିନେ ମୁଇ ସେମନ୍‌କେ ତମର୍‌ଟାନେଅନି
ମାଣ୍ଡିକୁଟା ଦିଆଇବି । ମୁଇ ତମ୍‌କେ ଆଲାଦ୍ କଲିନି ବଲି
ସେମନ୍ ଜାନ୍‌ବାଇ । ୧୦ ଦୁକ୍ କସ୍‌ଟ ଆଇଲାବେଲେ ମୁର୍‌ଚିକରି
ରୁଆ ବଲି ମୁଇ ତିଆର୍‌ଲାଟା ତମେ ମାନ୍‌ଲାସ୍ । ସେଟାର୍‌ପାଇ
ଜଗତର୍ ସବୁ ଲକ୍‌କେ ପରିକା କର୍‌ବାକେ ଦୁକ୍ କସ୍‌ଟ ଆଇବା
ବେଲାଇଅନି ମୁଇ ମିସା ତମ୍‌କେ କାଇଟା ନ ଆଇବାକେ ରକିଆ
କରି ସଙ୍ଗ୍‌ଇବି । ୧୧ ମୁଇ ଦାପ୍‌ରେ ଆଇଲିନି । ଜନ୍ ସତ୍ ସିକିଆ
ତମେ ପାଇଆଚାସ୍, ସେଟା ମାନିକରି ରୁଆ । ଜେନ୍ତାରି କି ତମର୍
ଇନାମ୍ କେ ମିସା ଚରାଇନେଇ ନାପାରତ୍ । ୧୨ ଜେ ଜିତ୍‌ସି,
ମୁଇ ତାକେ ଆମର୍ ପର୍‌ମେସରର୍ ମନ୍ଦିରର୍ ମୁଲ୍‌ଡେଲି କର୍‌ବି
। ଆରି ସେମନ୍ ତେଇଅନି କେବେ ମିସା ଚାଡି ନ ଜାଅତ୍ ।
ତାକର୍ ଉପ୍‌ରେ ମୁଇ, ମର୍ ପର୍‌ମେସରର୍ ନଅରର୍ ନାଉଁ ଆରି
ନୁଆ ଜିରୁସାଲମର୍ ନାଉଁ ଲେକ୍‌ବି । ସେଟା ମର୍ ପର୍‌ମେସରର୍
ଟାନେଅନି ସର୍‌ଗେଅନି ଉତ୍‌ରି ଆଇସି । ତାକର୍ ଉପ୍‌ରେ
ମିସା ମର୍ ନୁଆ ନାଉଁ ଲେକ୍‌ବି । ୧୩ ଆତ୍‌ମା ମଣ୍ଡ୍‌ଲିମନ୍‌କେ
କଇବାଟା ମନ୍ ଦିଆନ୍ ଦେଇ ସୁନା । ୧୪ ଲାଉଦିକିଆ ମଣ୍ଡ୍‌ଲିକେ
ଦେକାରକା କର୍‌ବା ଦୁତ୍‌କେ ଲେକା । ଏ କବର୍ ମୁଇ ପାଟାଇଲିନି
। ମୁଇ ଅଇଲିନି, ଆମେନ୍ । ମୁଇ ଅଇଲିନି ସତ୍ ବିସ୍‌ବାସର୍
ସାକି । ମର୍‌ଟାନେ ଅନି ପର୍‌ମେସର୍ ସବୁ ବିସଇ ତିଆର୍‌କଲା
। ୧୫ ମୁଇ ତମର୍ ଚଲାଚଲ୍‌ତି ଜାନି । ତମେ ବେସି କାକର୍
ନାଇ କି ବେସି ତପ୍‌ଲାଟା ପାରା ନାଇ, ମାତର୍ ଉସୁମ୍ ପାନିପାରା
ଆଚାସ୍ । ତମେ ତପତ୍ ଉଆ, ନଇଲେ କାକର୍ ଉଆ ବଲି ମୁଇ
ମନ୍ କଲିନି । ୧୬ ମାତର୍ ତମେ ଉସୁମ୍ ଅଇଲାର୍ ପାଇ ମୁଇ
ତମ୍‌କେ ତୁକିଦେବି । ୧୭ ତମେ କଇଲାସ୍‌ନି ମୁଇ ସାଉକାର୍,
ମକେ ଜାଇ ଜାଇଟା ଦର୍‌କାର୍, ସେଟା ମର୍‌ଲଗେ ଆଚେ ।
ମାତର୍ ତମେ କେତେକ୍ କାକୁର୍‌ତି ଅଇଆଚାସ୍, ତମେ ଅର୍‌କିତ୍,
ଡୁମ୍‌ଣ୍ଡା ଆରି କାଣା, ସେଟା ତମେ ନାଜାନାସ୍ । ୧୮ ମୁଇ ତମ୍‌କେ
ବୁଦି ସିକାଇବି । ମର୍‌ଟାନେଅନି ସୁନା ଗେନା । ସୁନା ବଇଲେ
ଅସ୍‌ଲି ସୁନା । ଜେନ୍ତାରିକି ତମେ ସତଇସେ ସାଉକାର୍ ଅଇସା
। ମର୍‌ଟାନେଅନି ସୁକଲ୍ ଲୁଗା ଗେନା । ଜେନ୍ତାରି କି ତମେ
ଡୁମ୍‌ଣ୍ଡା ଅଇଲାର୍ ପାଇ ଲାଜ୍ ନ ଉଆସ୍ । ଲାଗାଇଅଇବା
ଅସ ମିସା ମର୍‌ଟାନେଅନି ନିଆ । ସେଟା ତମର୍ ଆଁକିଟାନେ
ଲାଗାଆ । ଜେନ୍ତାରିକି ତମେ ଦେକିପାର୍‌ସା । ୧୯ ମୁଇ ଜେଡ୍‌କି
ଲକ୍‌କେ ଆଲାଦ୍ କଲିନି, ସେ ଲକ୍‌ମନ୍‌କେ ଦମ୍‌କାଇ କରି ଡଣ୍ଡ୍
ଦେଲିନି । ତେବର୍‌ପାଇ ତମର୍ ପାପେଅନି ବାଉଡା । ଜେନ୍ତାରି
କି ସତ୍ ବାବେ ମର୍‌ବାଟେ ଆଇସା । ୨୦ ଦେକା, ମୁଇ କାପାଟେ
ଟିଆଅଇ ମାର୍‌ଲିନି । ଜେ ଜଦି ମର୍ ମାର୍‌ବା ସବଦ୍ ସୁନି କାପାଟ୍
ଉଗାଡ୍‌ଲେ ମୁଇ ବିତ୍‌ରେ ପୁର୍‌ବି ଆରି ସେମନର୍ ସଙ୍ଗ୍ କାଇବି ।
୨୧ ଜେ ଜିତ୍‌ସି ମର୍ ଲଗେ ତାକେ ବସାଇ ସାସନ୍ କର୍‌ବାକେ

ଅଦିକାର୍ ଦେବି । ମୁଇ ଜିତ୍‌ଲି ଆରି ଏବେ ମର୍ ବାବାର୍ ଲଗେ
ବସି ସାସନ୍ କଲିନି । ୨୨ ଆତ୍‌ମା ମଣ୍ଡଲିମନ୍‌କେ କଇବାଟା
ମନ୍ ଦିଆନ୍ ଦେଇ ସୁନା ।

୪ ସେବେଲେ ମୁଇ ଆରିଗଟେକ୍ ଦର୍‌ସନ୍ ଦେକ୍‌ଲି । ସର୍‌ଗେ
ଗଟେକ୍ ଉଗାଡିରଇବା କାପାଟ୍ ରଇଲା । ଆଗେ ସୁନିରଇବା
ମଇରି ପାରା ସବଦ୍ ଆରିତରେକ୍ ସୁନ୍‌ଲି । ଉପ୍‌ରେ ଚଗି
ଆଉ, ଏଟାର୍‌ପଚେ କାଇଟା ଅଇସି ମୁଇ ତକେ ଜାନାଇବି ।
୨ ସେ ଦାପ୍‌ରେ ଆତ୍‌ମା ମକେ ଗଟେକ୍ ସପନ୍ ଦେକାଇଲା
। ସର୍‌ଗର୍ ବସ୍‌ବାଟାନେ ଗଟେକ୍ ଲକ୍ ବସିରଇବାଟା ମୁଇ
ଦେକ୍‌ଲି । ୩ ତାର୍ ମୁ ଇରା ଆରି ମୁକ୍‌ତା ପାରା ଜଗ୍‌ଜଗି
ଜାଇତେରଇଲା । କାଁଚାପତ୍‌ରିଆ ଡିସ୍‌ବାପାରା ଇରା ମୁକ୍‌ତାର୍
ଇନ୍ଦ୍‌ରଦ୍‌ନୁ ବସ୍‌ବା ଜାଗାର୍ ଚାର୍‌ବେଟ୍‌ତି ଗୁଡିଆଇ ଅଇଲାପାରା
ଅଇରଇଲା । ୪ ସେ ବସ୍‌ବା ଜାଗାର୍ ଗୁଲ୍‌ଟି ବିତ୍‌ରେ କଡେ
ଚାର୍‌ଟା ବସ୍‌ବା ଜାଗା ରଇଲା । ତେଇ ଦବ୍‌ଲୁଗା ପିନ୍ଦିକରି ଆରି
ସୁନାର୍ ମୁକୁଟ୍ ପିନ୍ଦି କଡେଚାରିଟା ପାର୍‌ଚିନ୍‌ମନ୍ ବସିରଇଲାଇ
। ୫ ବସ୍‌ବା ଜାଗାଇଅନି ବିଜ୍‌ଲି ମାର୍‌ଲା ଆରି ଗୁଡ୍‌ଗାଡ୍
କରି ଗଡ୍‌ଗଡି ମାର୍‌ଲା । ବସ୍‌ବା ଜାଗାର୍ ମୁଆଟେ ସାତ୍‌ଟା
ଜଇଉମ୍‌ଲା ଲାଗ୍‌ତେରଇଲା । ସେଟା ଅଇଲାନି ପର୍‌ମେସରର୍
ସାତ୍‌ଟା ଆତ୍‌ମା । ୬ ଆରି ବସ୍‌ବା ଜାଗାର୍ ମୁଆଟେ ନିର୍‌ମଲ୍
ଅଇକରି ଡିସ୍‌ବା କାଁଚର୍ ସମ୍‌ଦୁର୍ ପାରା ରଇଲା । ବସ୍‌ବା
ଜାଗାର୍ ଚାରିବେଟ୍‌ତି ଚାରିଟା ଜିବନ୍ ରଇବା ପସୁ ରଇଲାଇ
। ତାର୍ ମୁଆଟ୍ ବାଟେ ଆରି ପଚ୍‌ବାଟେ ଆଁକିମନ୍ ରଇଲା ।
୭ ପର୍‌ତୁମର୍ ପସୁ ସିଅଁବାଗ୍‌ପାରା ଡିସ୍‌ତେ ରଇଲା । ଦୁଇ
ଲମର୍‌ଟା ସଣ୍ଡପାରା ରଇଲା । ତିନ୍ ଲମର୍‌ଟା ଲକର୍ ପାରା
ବାନିମୁର୍‌ତି ରଇଲା । ଆରି ସାରାସାରିର୍‌ଟା ଉଡିବୁଲ୍‌ବା ଗିଦ୍
ପାରା ଡିସ୍‌ତେ ରଇଲା । ୮ ସେ ଚାରିଟା ଜାକ ଜିବନ୍ ରଇବା
ପସୁମନ୍‌କେ ଗଟେକ୍‌କେ ଚଅଟା ଲାକା ଡେନା ରଇଲା । ଆରି
ତାକର୍‌ବାଇରେ ବିତ୍‌ରେ ମିସା ଆଁକି ରଇଲା । ଦିନ୍ ରାତି ଗିତ୍
କଇବାଟା ସେମନ୍ ତେବତ୍‌ନାଇ । ସବୁର୍‌ଟାନେ ଅନି ବପୁରଇବା
ମାପ୍‌ରୁ ପର୍‌ମେସର୍, ସୁକଲ୍‌ଟା! ସୁକଲ୍‌ଟା! ସୁକଲ୍ ସେ! ସେ
ଆଗ୍‌ତୁ ରଇଲା, ଏବେ ଆଚେ ଆରି ସେ କାଲ୍ କାଲ୍ ଜୁଗ୍ ଜୁଗ୍
ରଇସି! ୯ ଚାରିଟା ଜିବନ୍ ରଇବା ପସୁମନ୍ ଜେ ବସ୍‌ବା ଜାଗାଇ
ବସିରଇଲା ତାର୍ ମଇମାର୍, ଡାକ୍‌ପୁଟା ଆରି ଦନିଅବାଦର୍
ଗିତ୍ ସୁନାଇତେରଇଲାଇ । ସେ କାଲ୍ କାଲ୍ ଜୁଗ୍ ଜୁଗ୍ ବଁଚ୍‌ସି
। ସେମନ୍ ସେନ୍ତାରି କଲାକେ **(aiōn g165)** ୧୦ କଡେ ଚାରିଟା
ପାର୍‌ଚିନ୍‌ମନ୍ ଜେ ବସ୍‌ବା ଜାଗାଇ ବସିରଇଲା ତାର୍ ମୁଆଟେ
ଡାଣ୍ଡାସନ୍ ପଡି ତାକେ ଜୁଆର୍ କଲାଇ । ସେ କାଲ୍ କାଲ୍ ଜୁଗ୍
ଜୁଗ୍ ବଁଚିରଇସି । ସେମନ୍ ପିନ୍ଦି ରଇବା ମୁକୁଟ୍ ବସ୍‌ବା ଜାଗାର୍
ମୁଆଟେ ପିଙ୍ଗିଦେଇକରି କଇଲାଇ, **(aiōn g165)** ୧୧ ଏ ଆମର୍
ମାପ୍‌ରୁ ଆରି ଆମର୍ ପର୍‌ମେସର୍! ସବୁ ମଇମା, ଡାକ୍‌ପୁଟା ଆରି
ବପୁ ତୁଇ ଆକା ପାଇସୁ । ତୁଇ ସବୁଜାକ ତିଆର୍ କଲାସ୍ ଆରି
ତମର୍ ମନ୍ କଲା ଇସାବେ ସେମନ୍ ତିଆରିଅଇ ବଁଚ୍‌ଲାଇନି ।

୫ ଜେ ବସ୍‌ବା ଜାଗାଇ ବସିରଇଲା ତାର୍ ଉଜା ଆତେ
ଗୁଡିଆଇଅଇରଇବା ଗଟେକ୍ ପୁର୍‌ନା କାଗଜ୍ ଦେକ୍‌ଲି ।
ସେଟା ଦୁଇବାଟେ ଲେକା ଅଇରଇଲା । ଆରି ସାତ୍‌ଟା ସିଲ୍ ମାରି
ଡାବିରଇଲାଇ । ୨ ଆରି ଗଟେକ୍ ବେସି ବପୁରଇବା ଦୁତ୍‌କେ
ଦେକ୍‌ଲି । ସେ ଆଉଲିଅଇ କଇଲା "ଏ ସାତ୍‌ଟା ସିଲ୍ ପିଟାଇକରି
କେ, ଏ କାଗଜ୍ ମେଲାକରି ପାର୍‌ସି?" ୩ ମାତର୍ ସର୍‌ଗେ
କି ମଚ୍‌ପୁରେ କି ପାତାଲେ କେ ମିସା ସେ କାଗଜ୍ ମେଲାକରି
ଦେକି ନାପାର୍‌ଲାଇ । ୪ ସେ କାଗଜ୍ ମେଲାକରି ବିତ୍‌ରର୍‌ଟା
ଦେକ୍‌ବାକେ କେ ନାପାର୍‌ଲାଇଜେ ମୁଇ ବେସି ମନ୍‌ଦୁକ୍ କରି
କାନ୍ଦ୍‌ଲି । ୫ ତାର୍‌ପଚେ ଗଟେକ୍ ପାର୍‌ଚିନ୍ ମକେ କଇଲା,
"କାନ୍ଦ୍‌ନାଇ, ଏଦେ ଦେକା! ଜିଉଦା ବଁସେଅନି ଆଇବା ସିଅଁ, ଜେ
କି ଦାଉଦର୍ ଗଟେକ୍ ଡାକ୍‌ପୁଟାର୍ ନାତିତିତି, ସେ ଜିତ୍‌ଲାଆଚେ
। ସେ ସାତ୍‌ଟା ସିଲ୍ ବାଙ୍ଗାଇସି ଆରି କାଗଜ୍ ମେଲାକରି ପାର୍‌ସି
।" ୬ ତାର୍‌ପଚେ ବସ୍‌ବା ଜାଗାର୍ ମଜାଇ ଗଟେକ୍ ମେଣ୍ଡାପିଲା
ଟିଆଅଇରଇବାଟା ଦେକ୍‌ଲି । ତାର୍ ଚାରିବେଟ୍‌ତି ଚାରିଟା
ଜିବନ୍ ରଇବା ପସୁ ଆରି ପାର୍‌ଚିନ୍‌ମନ୍ ରଇଲାଇ । ମେଣ୍ଡାପିଲା
ମରାଇରଇଲାଟା ପାରା ଡିସ୍‌ତେରଇଲା । ତାକେ ସାତ୍‌ଟା ସିଙ୍ଗ
ଆରି ସାତ୍‌ଟା ଆଁକି ରଇଲା । ସେଟା ପର୍‌ମେସରର୍ ସାତ୍‌ଟା
ଆତ୍‌ମା ରଇଲା । ପର୍‌ମେସର୍ ସେ ସାତ୍‌ଟା ଆତ୍‌ମାକେ ଗୁଲାଇ
ଜଗତେ ପାଟାଇରଇଲା । ୭ ଜେ ବସ୍‌ବା ଜାଗାଇ ବସିରଇଲା,
ତାର୍ ଉଜାଆତେଅନି ସେ ମେଣ୍ଡା କାଗଜ୍ ନେଲା । ୮ ସେ ସେନ୍ତାରି
କଲାକେ ସେ ଚାରିଟା ଜିବନ୍ ରଇବା ପସୁ ଆରି କଡେଚାରିଟା
ପାର୍‌ଚିନ୍‌ମନ୍ ମେଣ୍ଡାର୍ ମୁଆଟେ ଡାଣ୍ଡାସନ୍ ପଡି ଜୁଆର୍ କଲାଇ
। ସେମନ୍‌କେ ସବୁ ଲକର୍ ଆତେ ଗଟେକ୍ ଗଟେକ୍ ଡୁଡୁଙ୍ଗା
ଆରି ସୁନାର୍ ଗିନାମନ୍‌କେ ଗନ୍ଦରସ୍ ରଇଲା । ସେଟା ଅଇଲାନି
ପର୍‌ମେସରର୍ ଲକ୍‌ମନ୍ ଗୁଆରି କର୍‌ବାଟା । ୯ ସେମନ୍ ଗଟେକ୍
ନୁଆ ଗିତ୍ କଇତେରଇଲାଇ । "ଗୁଡିଆଇଅଇରଇବା କାଗଜ୍
ସିଲ୍ ବାଙ୍ଗାଇକରି ନେବାକେ ତୁଇସେ ପାରୁସ୍ । କାଇକେବଇଲେ
ତୁଇ ମରାଇଅଇଲୁସ୍ ଆରି ତର୍ ବଲି ଇସାବ୍ ମରନର୍ ଲାଗି,
ସବୁ ବଁସେଅନି, ସବୁବାସାଇଅନି, ସବୁ ରାଇଜେଅନି ଆରି
ଲକ୍‌ମନର୍ ଦଲେଅନି ପର୍‌ମେସରର୍ ପାଇ ତୁଇ ଲକ୍‌ମନ୍‌କେ
ଆନ୍‌ଲୁସ୍ । ୧୦ ତୁଇ ସେମନ୍‌କେ ଗଟେକ୍ ପୁଜାରିମନର୍ ରାଇଜ୍
କରି ଆଚୁସ୍ । ସେମନ୍ ଆମର୍ ପର୍‌ମେସର୍‌କେ ସେବା କର୍‌ବାଇ
। ଆରି ଏ ଜଗତେ ସାସନ୍ କର୍‌ବାଇ ।" ୧୧ ମୁଇ ଆରିତରେକ୍
ଦେକ୍‌ଲି । ତେଇ ଅଜାର୍ ଅଜାର୍ ଦୁତ୍‌ମନର୍ ସବଦ୍ ସୁନ୍‌ଲି । ସେ
ଦୁତ୍‌ମନ୍ ଚାରିଟା ପସୁମନର୍ ଆରି ପାର୍‌ଚିନ୍‌ମନର୍ ଚାରିବେଟ୍‌ତି
ଟିଆ ଅଇଲାଇ । ୧୨ ସେମନ୍ ଆଉଲି ଅଇକରି ଗିତ୍ କଇତେ
ରଇଲାଇ, "ମରାଇଅଇରଇବା ମେଣ୍ଡାପିଲା, ସବୁ ବପୁ, ସବୁ
ଦନ୍‌ସଁପତି, ସବୁ ଗିଆନ୍, ସବୁ ସକ୍‌ତି, ଡାକ୍‌ପୁଟା, ମଇମା,

ଆରାଦନା ପାଇବା ଅଦିକାର୍ ତର୍ ଲଗେ ଆଚେ ।” ୧୩ ଜଗତେ
ରଇବା ସବୁ ଜିବନ୍ ରଇବାଟାମନ୍ ଜେନ୍ତାରି କି ସର୍ଗେ ରଇବା
ସବୁଜାକ, ଜଗତେରଇବା ସବୁଜାକ, ପାତାଲେ ରଇବା ସବୁଜାକ
ଆରି ସମ୍‌ଦୁରେ ରଇବାଟାମନ୍ ଗିତ୍ ଗାଇତେରଇଲାଇ । ଜେ
ବସ୍‌ବା ଜାଗାଇ ବସିଆଚେ ଆରି ମେଣ୍ଡାପିଲାକେ ଆରାଦନା,
ଡାକ୍‌ପୁଟା, ମଇମା, ଆରି ବପୁ କାଲ୍ କାଲ୍ ଜୁଗ୍ ଜୁଗ୍ ଅ । (aiōn
g165) ୧୪ ଚାରିଟା ଜିବନ୍ ରଇବା ପସୁମନ୍ କଇଲାଇ, ଆମେନ୍!
ଆରି ପାର୍‌ଚିନ୍‌ମନ୍ ଡାଣ୍ଡାସନ୍ ପଡି ଜୁଆର୍‌କଲାଇ ।

୬ ତାର୍‌ପଚେ ସେ ମେଣ୍ଡାପିଲା ସାତ୍‌ଟା ସିଲ୍ ବିତ୍‌ରେ ପର୍‌ତୁମ୍
ସିଲ୍ ବାଙ୍ଗାଇବାଟା ମୁଇ ଦେକ୍‌ଲି । ଚାର୍‌ଟା ଜିବନ୍ ରଇବା
ପସୁମନର୍ ବିତ୍‌ରେଅନି ଗଟେକ୍ ପସୁ ଗଡ୍‌ଗଡି ସବଦ୍‌ପାରା
କରି ମକେ କଇଲା “ଆଉ ।” ୨ ତେଇ ମୁଇ ଦେକ୍‌ଲି, ଆରି
ଏଦେ ଦେକା! ଗଟେକ୍ ଦବ୍‌ଲା ଗଡା ଡିସ୍‌ଲା । ତାକେ ଚାଲାଇବା
ଲକର୍ ଆତେ ଦୁନୁ ରଇଲା । ତାକେ ଗଟେକ୍ ମୁକୁଟ୍ ଦିଆ
ଅଇଲା । ସେ ତାର୍ ସତ୍‌ରୁମନ୍‌କେ ଆରାଇବାକେ ଦାପ୍‌ରେ
ଗାଲା । ୩ ସେ ମେଣ୍ଡାପିଲା ଦୁଇ ଲମର୍ ସିଲ୍ ବାଙ୍ଗାଇଲା ।
ଆରି ସେ ଦୁଇ ଲମର୍ ଜିବନ୍ ରଇବା ପସୁ ମକେ କଇଲା “ଆଉ
।” ୪ ଆରି ଏଦେ ଦେକା! ଆରିଗଟେକ୍ ରଙ୍ଗ ରଇବା ଗଡା
ବାରଇଲା । ଜଗତେ ଜୁଇଦ୍ କରାଇବାକେ ସେ ଗଡା ଚାଲାଉକେ
ଦିଆଅଇରଇଲା । ଜେନ୍ତାରିକି, ଲକ୍‌ମନ୍ ତାକର୍ ତାକର୍ ବିତ୍‌ରେ
ମାରାମାରିଅଇ ମର୍‌ବାଇ । ତାକେ ଗଟେକ୍ ବଡେଟା କାଣ୍ଡା
ଦିଆଅଇଲା । ୫ ତାର୍‌ପଚେ ସେ ମେଣ୍ଡାପିଲା ତିନ୍ ଲମର୍ ସିଲ୍
ବାଙ୍ଗାଇଲା । ତିନ୍ ଲମର୍ ଜିବନ୍ ରଇବା ପସୁ ମକେ କଇଲା
“ଆଉ ।” ମୁଇ ଦେକ୍‌ଲି ଆରି ଏଦେ ଦେକା! ଆରି ଗଟେକ୍
କାଲିଆ ଗଡା ଡିସ୍‌ଲା । ସେ ଗଡା ଚାଲାଉର୍ ଆତେ ଗଟେକ୍
ତୁଲ୍‌ବା କେଜି ରଇଲା । ୬ ଚାରିଟା ଜିବନ୍ ରଇବା ପସୁମନ୍
କଇତେରଇଲାଇ “ଦିନେକର୍ ବୁତିକେ ମାନେକ୍ ମୁଣ୍ଡିଆ ଆରି
ଦିନେକର୍ ବୁତିକେ ତିନ୍ ମାନ୍ ଦାନ୍ । ମାତର୍ ଅଙ୍ଗୁର୍ ବାଡ୍ ଆରି
ଜିତ୍ ଗଚ୍ ନସାଇବାର୍‌ନାଇ ।” ୭ ତାର୍‌ପଚେ ସେ ମେଣ୍ଡାପିଲା
ଚାରି ଲମର୍ ସିଲ୍ ବାଙ୍ଗାଇଲା । ଆରି ଚାରି ଲମର୍ ଜିବନ୍ ରଇବା
ପସୁ ମକେ “ଆଉ!” ବଲି କଇଲା । ୮ ତେଇ ମୁଇ ଦେକ୍‌ଲି,
ଏଦେ ଦେକା! ଗଟେକ୍ ଚାରୁଆ ଗଡା ଡିସ୍‌ଲା । ଗଡା ଚାଲାଉ
ଅଇଲାନି ମରନ୍ ଆରି ଡୁମାମନର୍ ରାଇଜ୍ । ସେ ପଚେ ପଚେ
ଆଇତେରଇଲା । ସେମନ୍‌କେ ଏ ଜଗତର୍ ଚାରିବାଗେ ଅନି
ଗଟେକ୍ ବାଗ୍ ଉପ୍‌ରେ ଅଦିକାର୍ ଦେଇତେରଇଲା । ତେଇ
ଜୁଇଦର୍ ଲାଗି, ମର୍‌ଡିର୍ ଲାଗି, ରଗର୍ ଲାଗି ଆରି ଡଙ୍ଗରର୍
ପସୁର୍ ଲାଗି ମରାଇବାକେ ଅଦିକାର୍ ଦେଲା । (Hadēs g86) ୯
ତାର୍‌ପଚେ ମେଣ୍ଡାପିଲା ପାଁଚ୍ ଲମର୍ ସିଲ୍ ବାଙ୍ଗାଇଲା । ଆରି
ଏଦେ ଦେକା! ବେଦିର୍ ତଲ୍‌ବାଟେ ସତ୍‌ବାବେ ସାକି ଦେଲାର୍‌ପାଇ
ଆରି ପର୍‌ମେସରର୍ ବାକିଅ ଜାନାଇଲାର୍‌ପାଇ ଜନ୍ ଲକ୍‌ମନ୍
ମରାଇ ଅଇରଇଲାଇ ତାକର୍ ଆତ୍‌ମାମନ୍‌କେ ଦେକ୍‌ଲି । ୧୦
ସେମନ୍ ଆଉଲି ଅଇକରି କଇଲାଇ “ଏ ମାପ୍‌ରୁ ପର୍‌ମେସର୍
ଜେ କି ସବୁର୍‌ଟାନେଅନି ବପୁର୍‌ଟା । ତୁଇ ସୁକଲ୍ ଆରି ସତ୍
। ଆମ୍‌କେ ମରାଇଲା ଲକ୍‌କେ ବିଚାର୍‌କରି ଡଣ୍ଡ ଦେବାକେ
ଆମେ ଆରି କେତେକ୍ ଦିନ୍ ଜାଗ୍‌ବୁ?” ୧୧ ସେମନ୍‌କେ ସବୁକେ
ଗଟେକ୍ ଗଟେକ୍ ଦବ୍ ବସ୍‌ତର୍ ଦିଆଅଇରଇଲା । ତାକର୍
ସଙ୍ଗେ ରଇବା ଦାଙ୍ଗଡାମନ୍‌କେ ଆରି ବାଇମନ୍‌କେ ତାକର୍
ପାରାସେ ମରାଇଅଇସି । ଜେତ୍‌କି ଲକ୍ ଅଇବା କାତା, ସେତ୍‌କି
ଲକ୍ ପୁରାପୁରୁନ୍ ନ ଅଇବାଜାକ ସେମନ୍‌କେ ଆରି କେତେଦିନ୍
ପୁଣ୍ଡିରଇବାକେ କୁଆ ଅଇଲା । ୧୨ ଆରି ଏଦେ ଦେକା! ମେଣ୍ଡା
ପିଲା ଚଅ ଲମର୍ ସିଲ୍ ବାଙ୍ଗାଇବାଟା ମୁଇ ଦେକ୍‌ଲି । ତେଇ
ଦର୍‌ତନି ଜବର୍‌ଅଇତେ ଚୁଲ୍‌ବୁଲ୍‌ଲା । ବେଲ୍ କାଲିଆ ଅଇ
କର୍‌କର୍‌ସା ରଇବା ଲୁଗାପାରା ଅଇଗାଲା ଆରି ଜନ୍ ବନି
ପାରା ପୁରାପୁରୁନ୍ ରଙ୍ଗ ଅଇଗାଲା । ୧୩ ଜବର୍ ପବନ୍ ଆସି
ଗଟେକ୍ ଡୁମ୍‌ରି ଗଚ୍ ଦୁନିଅଇଲେ ଜେନ୍ତାରି ନ ପାଚ୍‌ଲା ଡୁମ୍‌ରି
ତଲେ ଅଦର୍‌ସି, ସେନ୍ତାରିସେ ବାଦଲର୍ ତାରାମନ୍ ଦର୍‌ତନି
ଉପ୍‌ରେ ଅଦର୍‌ଲାଇ । ୧୪ ବାଦଲ୍ ଦୁଇପଡା ଅଇଗାଲା ଆରି
କାଗଜ୍‌ପାରା ଗୁଡିଆଇଅଇଲା । ଗଟେକ୍ ଗଟେକ୍ ଡଙ୍ଗର୍ ଆରି
ଚାରିବେଟ୍‌ଟି ପାନିରଇ ମଜାଇ ରଇବା ସୁକ୍‌ଲା ଜାଗା ତାର୍
ଜାଗାଇ ଅନି ଅସକ୍‌ଲାଇ । ୧୫ ତାର୍‌ପଚେ ଏ ଜଗତର୍ ରାଜାମନ୍,
ସାସନ୍‌କାରିଆମନ୍, ସନିଅର୍ ନେତାମନ୍, ସାଉକାର୍ ଆରି ବେସି
ବପୁରଇବା ଲକ୍‌ମନ୍, ବନ୍ଦିରଇବା ଆରି ମୁକ୍‌ଲିରଇବା ଲକ୍‌ମନ୍
ସେନ୍ତାରି ସବୁଲକ୍‌ମନ୍ ପାଆରେ ଆରି ଡଙ୍ଗରେ ରଇବା ବଡ୍
ପାକ୍‌ନା ତଲେ ଜାଇ ଲୁଚ୍‌ଲାଇ । ୧୬ ସେମନ୍ ଆମ୍‌କେ ଦୟା
କର୍ ବଲି ବାବୁଜିଆ କଲାଇ । ଆରି ଡଙ୍ଗର୍‌ମନ୍‌କେ ଆରି
ପାକ୍‌ନାମନ୍‌କେ ଆଉଲିଅଇକରି କଇଲାଇ, “ଆମର୍ ଉପ୍‌ରେ
ଅଦ୍‌ରା ଆରି ଆମ୍‌କେ ଆଡୁକା ଉଆ । ଜେନ୍ତାରି କି ଜେ ବସ୍‌ବା
ଜାଗାଇ ବସିଆଚେ, ସେ ଆମ୍‌କେ ନ ଦେକେ । ଆରି ମେଣ୍ଡାର୍
ବଡ୍ ରିସାଇଅନି ଆମେ ରକିଆ ପାଇବୁ । ୧୭ କାଇକେବଇଲେ
ତାର୍ ରିସା ବେସି ରିସାର୍ ଦିନ୍ ଆଇଲାଆଚେ । ଆରି ଆମେ
ସେଟା ମୁର୍‌ଚିରଇ ନାପାରୁ ।”

୭ ତାର୍‌ପଚେ ଦର୍‌ତନିର୍ ଚାରିଟା କନେ ଚାରିଟା ଦୁତ୍
ଟିଆଅଇରଇବାଟା ମୁଇ ଦେକ୍‌ଲି । ଜେନ୍ତାରିକି କାଇ ପବନ୍
ଦର୍‌ତନି କି ସମ୍‌ଦୁରେ କି କାଇ ଗଚ୍ ଉପ୍‌ରେ ନ ଆଇବାକେ
ପବନ୍‌କେ ଦାରି ଅଟକାଇ ରଇଲା । ୨ ପୁରୁବ୍ ଦିଗେଅନି ଆରି
ଗଟେକ୍ ଜିବନ୍ ରଇବା ପର୍‌ମେସରର୍ ସିଲ୍ ସଙ୍ଗେ ଆଇବାଟା
ମୁଇ ଦେକ୍‌ଲି । ସେ ଦୁତ୍ ସେ ଚାର୍‌ଟା ଦୁତ୍‌ମନ୍‌କେ ଆଉଲି ଅଇ
ଡାକି କଇଲା । ପର୍‌ମେସର୍ ସେମନ୍‌କେ ଦର୍‌ତନି ଆରି ସମ୍‌ଦୁର୍
ବିନାସ୍ କର୍‌ବାକେ ବପୁ ଦେଇରଇଲା । ୩ ସେ ଦୁତ୍ କଇଲା
ଆମର୍ ପର୍‌ମେସର୍‌କେ ସେବା କର୍‌ବା ଲକ୍‌ମନର୍ କାପାଲେ
ଚିନ୍ ନ ଦେବା ଜାକ ଦର୍‌ତନିକେ କି ସମ୍‌ଦୁର୍‌କେ କି ଗଚ୍‌କେ
ବିନାସ୍ ନ କରା । ୪ ସେମନ୍ ସେ ଲକ୍‌ମନ୍‌କେ ଚିନ୍ କରି

ସାରାଇଲା ପଚେ, ସଏ ଚାଲିସ୍ ଚାରି ଅଜାର୍ ଲକ୍ମନ୍କେ ଚିନ୍
ଦେଲୁ ବଲି ମକେ କଇଲା । ସେମନ୍ ଇସ୍ରାଏଲର୍ ବାର୍ଟା
ବଁସେଅନି ରଇଲାଇ । ୫ ଜିଉଦା ବଁସେଅନି ବାରଅଜାର୍ ।
ସେନ୍ତାରିସେ ରୁବେନ୍ଅନି, ଗାଦ୍ ନାଉଁର୍ ଜାଗାଇଅନି ବାର
ଅଜାର୍ । ୬ ଆସ୍ରେଅନି, ନାପ୍ତାଲିଅନି, ମାନାସେଅନି,
ବାରଅଜାର୍ । ୭ ସିମିୟନ୍ଅନି, ଲବିଅନି, ଇସାକର୍ ତେଇଅନି
ବାରଅଜାର୍ । ୮ ସବ୍ଲୁନେଅନି, ଜସେପେଅନି, ବନିୟମେଅନି,
ବାରଅଜାର୍ ଲାକା ଚିନ୍ କଲାଇ । ୯ ତାର୍ପଚେ ମୁଇଦେକ୍ଲି
ଏଦେ ଦେକା! ତେଇ ଏତେକ୍ ମାନ୍ଧା ଲକ୍କେ ଦେକ୍ଲି ଜେ ସେ
ଲକ୍ମନ୍କେ କେ ମିସା ଏଜି ନାପାରତ୍ । ସେମନ୍ ସବୁ ଜାତିଅନି,
ବଁସେଅନି, ରାଇଜେଅନି, ଆରି ବାସାଇଅନି ଆସିରଇଲାଇ ।
ସେମନ୍ ବସ୍ବା ଜାଗାର୍ ମୁଆଟେ ଆରି ମେଣ୍ଡାପିଲାର୍ ମୁଆଟେ
ଟିଆଅଇଲାଇ । ସେମନ୍ ଦବ୍ ଲୁଗାପିନ୍ଧିକରି ଆରି ଆତେ
କଜ୍ରି ଡାଲ୍ ଦାରିରଇଲାଇ । ୧୦ ସେମନ୍ ଆଉଲି ଅଇକରି
କଇତେ ରଇଲାଇ, “ଆମର୍ ପର୍ମେସର୍ ଜେ କି ବସ୍ବା ଜାଗାଇ
ବସିଆଚେ, ତାର୍ଟାନେଅନି ଆରି ମେଣ୍ଡା ପିଲାର୍ ଟାନେଅନି
ମୁକ୍ତି ମିଲ୍ସି ।” ୧୧ ସବୁ ଦୁତ୍ମନ୍ ବସ୍ବା ଜାଗାର୍ ଆରି
ପାର୍ଚିନ୍ ମନର୍ ଆରି ଚାରିଟା ଜିବନ୍ ରଇବା ପସୁମନର୍
ଚାରିବେଟ୍ତି ଟିଆଅଇଲାଇ । ତାର୍ପଚେ ସେମନ୍ ବସ୍ବା
ଜାଗାର୍ ମୁଆଟେ ଡାଣ୍ଡାସନ୍ ପଡି ପର୍ମେସର୍କେ ଜୁଆର୍
କରି, ୧୨ କଇଲାଇ, ଆମେନ୍, ଦନିଅବାଦ୍, ମଇମା, ଗିଆନ୍,
ଡାକ୍ପୁଟା, ବପୁ ଆରି ସକ୍ତି କାଲ୍ କାଲ୍ ଜୁଗ୍ ଜୁଗ୍ ଆମର୍
ପର୍ମେସର୍କେ ଅ । ଆମେନ୍, ବଲି କଇତେରଇଲାଇ । (aiōn
g165) ୧୩ ପାର୍ଚିନ୍ ମନର୍ ବିତ୍ରେ ଅନି ଗଟେକ୍ ଲକ୍ ଆସିକରି
ମକେ ପାଚାର୍ଲା, “ଏ ଲକ୍ମନ୍ କାଇକେ ଦବ୍ ଲୁଗା ପିନ୍ଧି ଆଚତ୍
ଆରି ସେମନ୍ କନ୍ତିଅନି ଆଇଲାଇ?” ୧୪ ମୁଇ ତାକେ କଇଲି
“ଆଗିଆ ମୁଇ ନାଜାନି, ତୁଇତା ଜାନୁସ୍ ।” ସେ ମକେ କଇଲା
“ବେସି ବଡ୍ ତାଡ୍ନା ପଚେ ରକିଆ ପାଇ ଆଇଲାଇଆଚତ୍ ।
ମେଣ୍ଡାପିଲାର୍ ବନି ସଙ୍ଗ୍ଲ ସେମନ୍ ତାକର୍ ବସ୍ତର୍ ଦଇକରି ଦବ୍
କଲାଇଆଚତ୍ ।” ୧୫ ସେଟାର୍ ପାଇ ସେ ଲକ୍ମନ୍ ପର୍ମେସରର୍
ବସ୍ବା ଜାଗାର୍ ମୁଆଟେ ରଇ ତାର୍ ମନ୍ଦିରେ ଦିନ୍ ରାତି ତାକେ
ସେବା କଲାଇନି । ଜେ ବସ୍ବା ଜାଗାଇ ବସ୍ଲାଆଚେ, ସେ
ସେମନ୍କେ ରକିଆ କର୍ସି । ୧୬ ସେମନ୍କେ କେବେ ବୁକ୍
ନ ଲାଗେ କି ସସ୍ ନ କରେ । ବେଲ୍ କି ଅଦିକ୍ ତପି ରଇବା
ତାତି ସେମନ୍କେ ପଡାଇନାପାରେ । ୧୭ କାଇକେବଇଲେ
ବସ୍ବା ଜାଗାର୍ ମଜାଇ ରଇବା ମେଣ୍ଡାପିଲା, ସେ ଲକ୍ମନର୍
ସେବାକାରିଆ ଅଇସି, ଆରି ଜିବନ୍ ରଇବା ଗାଡ୍ବାଟେ ସେ
ଲକ୍ମନ୍କେ ବାଟ୍କାଡାଇ ନେଇସି । ଆରି ପର୍ମେସର୍ ସେ
ଲକ୍ମନର୍ ଆକିର୍ ଆଁସୁ ପୁଚି ଦେଇସି ।

୮ ମେଣ୍ଡାପିଲା ଜେଡେବେଲେ ସାତ୍ ତମର୍ ସିଲ୍ ବାଙ୍ଗ୍ଲଇଲା,
ସେତ୍କିବେଲେ ସର୍ଗେ ସମାନ୍ ଅଦ୍ଗଟା ଜାକ ଚିମ୍ରା
ଅଇଗାଲା । ୨ ତାର୍ପଚେ ପର୍ମେସରର୍ ମୁଆଟେ ସାତ୍ଟା
ଦୁତ୍ମନ୍କେ ଟିଆଅଇ ରଇଲାଟା ମୁଇ ଦେକ୍ଲି । ସେ ମନ୍କେ
ସାତ୍ଟା ମଇରି ଦିଆଅଇ ରଇଲା । ୩ ତେଇ ଆରି ଗଟେକ୍ ଦୁତ୍
ଆସିକରି ବେଦିଲଗେ ଟିଆ ଆଇଲା । ତାର୍ ଆତେ ଗନ୍ଧରସ୍
ପଡାଇବା ଗଟେକ୍ ସୁନାର୍ ଗିନା ରଇଲା । ପର୍ମେସରର୍
ଲକ୍ମନର୍ ପାର୍ତନା ସଙ୍ଗ୍ଲ ମିସାଇବାକେ ତାକେ ବେସି ଗନ୍ଧରସ୍
ଦିଆଅଇରଇଲା । ତାର୍ପଚେ ସେ ସେଟା ବସ୍ବା ଜାଗାର୍
ମୁଆଟେ ରଇବା ସୁନାର୍ ବେଦି ଉପ୍ରେ ସରପ୍ସି । ୪
ପଡ୍ତେରଇବା ଦୁପର୍ ଦୁଆଁ ପର୍ମେସରର୍ ଲକ୍ମନର୍ ପାର୍ତନା
ସଙ୍ଗ୍ଲ ଉପ୍ରେ ଗାଲା । ପର୍ମେସରର୍ ମୁଆଟେ ଟିଆଅଇରଇବା
ଦୁତ୍ ସେଟା ଦାରିରଇଲା । ୫ ତାର୍ପଚେ ସେ ଦୁତ୍ ଦୁପ୍ ପଡାଇବା
ଅର୍କି ନେଇକରି ବେଦିଟାନର୍ ଜଇସଙ୍ଗ୍ଲ ବର୍ତି କଲା । ସେଟା
ସେ ଦର୍ତନି ଉପ୍ରେ ପିଙ୍ଗ୍ଲିଦେଲା । ତେଇ ଗୁଡ୍ଗାଡ୍ କରି
ଗଡ୍ଗଡି ମାର୍ଲା ଆରି ବିଜ୍ଲି ମାରି ଦର୍ତନି ଚୁଲ୍ବୁଲ୍ଲା । ୬
ତାର୍ପଚେ ସାତ୍ଟା ମଇରି ଦାରିରଇବା ସାତ୍ଟା ଦୁତ୍ ସେଟା
ପୁକ୍ବାକେ ତିଆର୍ଅଇଲାଇ । ୭ ପର୍ତୁମର୍ ଦୁତ୍ ତାର୍ ମଇରି
ପୁକ୍ଲା ଆରି ଏଦେ ଦେକା! କାରାପାକ୍ନା ଆରି ଜଇ ଜନ୍ଟା କି
ବନି ସଙ୍ଗ୍ଲ ମିସିରଇଲା, ସେଟା ଦର୍ତନି ଉପ୍ରେ ଡାଲିଅଇଲା ।
ଦର୍ତନି ତିନ୍ବାଗ୍ ଅନି ଗଟେକ୍ ବାଗ୍ ପଡିଗାଲା । ତାର୍ ସଙ୍ଗ୍ଲ
ତିନ୍ବାଗେ ଅନି ଗଟେକ୍ ବାଗର୍ ଗଚ୍ମନ୍ ଆରି ସବୁ ଗାଁସ୍ମନ୍
ମିସା ପଡିଗାଲା । ୮ ତାର୍ପଚେ ଦୁଇଲମର୍ ଦୁତ୍ ମଇରି ପୁକ୍ଲା
। ଆରି ଏଦେ ଦେକା! ଗଟେକ୍ ବଡ୍ କୁପ୍ଲି, ଜନ୍ଟା ଜଇ
ଲାଗ୍ତେରଇଲା, ସେଟା ସମ୍ଦୁର୍ ବିତ୍ରେ ପିଙ୍ଗ୍ଲା ଅଇଲା ।
ଆରି ସମ୍ଦୁରର୍ ପାନି ତିନ୍ବାଗେ ଅନି ଗଟେକ୍ ବାଗ୍ ବନି
ଅଇଗାଲା । ୯ ଆରି ସମ୍ଦୁର୍ ବିତ୍ରେ ରଇବା ତିନ୍ବାଗେଅନି
ଗଟେକ୍ ବାଗ୍ ଜଁତ୍ଜିଆଦ୍ ମରିଗାଲାଇ । ଆରି ତିନ୍ବାଗେଅନି
ଗଟେକ୍ ବାଗ୍ ପାନି ଜାଜ୍ ମିସା କୁରୁପ୍ନାସ୍ ଅଇଗାଲା । ୧୦
ତାର୍ପଚେ ତିନ୍ ଲମରର୍ ଦୁତ୍ ତାର୍ ମଇରି ପୁକ୍ଲା । ଆରି
ଏଦେ ଦେକା! ସେ ଦାପ୍ରେସେ ଆକାସେ ଅନି ଜଇଅଲା ପାରା
ଲାଗ୍ତେରଇବା ଗଟେକ୍ ବଡ୍ ତାରା ବାଦ୍ଲେଅନି ଅଦର୍ଲା
। ସେଟା ତିନ୍ବାଗେଅନି ଗଟେକ୍ ବାଗର୍ ଗାଡ୍ମନ୍କେ ଆରି
ଜଲାମନର୍ ଉପ୍ରେ ଅଦର୍ଲା । ୧୧ ସେ ତାରାର୍ ନାଉଁ ଅଇଲାନି
ଲାଗ୍ଦଣାତିକ୍ତତା । ତାରା ଅଦର୍ଲାକେ ତିନ୍ବାଗେ ଅନି
ଗଟେକ୍ବାଗ୍ ପାନି ପିତା ଅଇଗାଲା । ସେ ପିତା ପାନି କାଇକରି
ବେସିଲକ୍ମନ୍ ମରିଗାଲାଇ । ୧୨ ତାର୍ପଚେ ଚାର୍ ଲମରର୍
ଦୁତ୍ ତାର୍ ମଇରି ପୁକ୍ଲା । ଆରି ଏଦେ ଦେକା! ବେଲର୍
ତିନ୍ବାଗେଅନି ଗଟେକ୍ ବାଗ୍କେ ମାଡ୍ ଅଇଲା । ସେନ୍ତାରିସେ
ଜନର୍ ତିନ୍ବାଗେଅନି ଗଟେକ୍ ବାଗ୍, ଆରି ତାରା ମନର୍
ତିନ୍ବାଗେ ଅନି ଗଟେକ୍ ବାଗ୍ ନସ୍ଟ ଅଇଗାଲା । ତେବର୍ ପାଇ
ଜନ୍ ଆରି ତାରାମନର୍ ଉଜଲ୍ ଦେବାଟା ତିନ୍ବାଗେଅନି ଗଟେକ୍
ବାଗ୍ ଉନା ଅଇଗାଲା । ତାର୍ପଚେ ଦିନ୍ମିସା ତିନ୍ବାଗେ ଅନି

ଗଟେକ୍ ବାଗ୍ ଆରି ରାତି ମିସା ତିନ୍‌ବାଗେ ଅନି ଗଟେକ୍ ବାଗ୍
ଉଜଲ୍ ନ ରଇଲା । ୧୩ ତାର୍‌ପଚେ ମୁଇ ଆରି ଦେକ୍‌ଲି ଆରି
ଏଦେ ଦେକା! ଗଟେକ୍ ଗିଦ୍ ବେସି ଉପ୍‌ରେ ଉଡ୍‌ତେରଇଲା ।
ଆରି ଆଉଲି କଇତେରଇଲା, "କାଇ ଇନସ୍‌ତା, କାଇ ଇନସ୍‌ତା
। ଜେତେବେଲେ ବାକି ତିନ୍‌ଟା ଦୁତ୍‌ମନର୍ ମଇରି ଟାନେଅନି
ସବଦ୍ ଆଇଲାବେଲେ, ଦର୍‌ତନି ଟାନେ ରଇବା ସବୁ ଲକ୍‌ମନର୍
ପାଇ କେତେକ୍ ଇନସ୍‌ତା ଅଇସି ।"

୯ ତାର୍‌ପଚେ ପାଁଚ୍ ଲମରର୍ ଦୁତ୍ ତାର୍ ମଇରି ପୁକ୍‌ଲା ।
ଆରି ଏଦେ ଦେକା! ବାଦଲେଅନି ଦର୍‌ତନି ଉପ୍‌ରେ ଅଦ୍‌ରି
ରଇବା ଗଟେକ୍ ତାରା ଦେକ୍‌ଲି । ତାକେ ପାତାଲର୍ କୁଚିକାଡି
ଦିଆଅଇରଇଲା । (Abyssos g12) ୨ ସେ ତାରା ପାତାଲ୍
ଉଗାଡ୍‌ଲା ଆରି ତେଇଅନି ଗଟେକ୍ ଜଇଲାଗ୍‌ବା ବାଟି ଅନି
ଦୁଆଁ ବାରଇଲା ପାରା ବାରଇଲା । ପାତାଲେଅନି ଆଇବା
ଦୁଆଁର୍ ଲାଗି ବେଲର୍ ଉଜଲ୍ ଆରି ପବନ୍ ଆନ୍ଧାର୍ ଅଇଗାଲା ।
(Abyssos g12) ୩ ଦର୍‌ତନିଟାନେ ରଇବା ଦୁଆଁର୍ ଲାଗି, ତେଇଅନି
ଚିଟ୍‌କାମନ୍ ବାରଇଲାଇ । ସେଟାମନ୍‌କେ ବିସ୍‌କାକ୍‌ଡାର୍ ପାରା
ବପୁ ଦିଆଅଇରଇଲା । ୪ ସେମନ୍‌କେ ଦର୍‌ତନିର୍ ଗାଁସ୍ କି ଗଚ୍
କି ବିନ୍ ବାଡର୍ ଗଚ୍‌କୁଟ୍‌କେ ମାରାନାଇ ବଲି କୁଆଅଇରଇଲା
। ପର୍‌ମେସରର୍ ସିଲର୍ ଚିନ୍, ଜନ୍ ଲକ୍‌ମନର୍ କାପାଲେ ନ
ରଇଲା, ସେମନ୍‌କେ ଆକା ମାର୍‌ବାକେ ଆଦେସ୍ ରଇଲା ।
୫ ଏ ଲକ୍‌ମନ୍‌କେ ମରାଇବାକେ ଚିଟ୍‌କାମନ୍‌କେ ଆଦେସ୍ ନ
ଦେଇରଇଲା । ମାତର୍ ପାଁଚ୍‌ମାସ୍ ଜାକ ସେମନ୍‌କେ କସ୍‌ଟ
ଦେବାକେ ସେମନ୍ ଜନ୍ କସ୍‌ଟ ପାଇବାଇ, ସେଟା ଗଟେକ୍
ବିସ୍‌କାକ୍‌ଡା ଚାବ୍‌ଲାବେଲର୍ ଦୁକାପାରା ରଇସି । ୬ ସେ
ପାଁଚ୍‌ମାସ୍ ଜାକ କେନ୍ତି କରି ମର୍‌ବୁ ବଲି ବାଟ୍ କଜ୍‌ବାଇ ।
ମାତର୍ ସେଟା ମିଲାଇନାପାରତ୍ । ସେମନ୍ ମର୍‌ବାକେ ବେସି
ମନ୍ କର୍‌ବାଇ, ମାତର୍ ସେଟା ନ ଅଏ । ୭ ଜୁଇଦ୍ ପାଇ ତିଆର୍
ଅଇରଇବା ଗଡାମନର୍‌ପାରା ସେ ଚିଟ୍‌କାମନ୍ ଡିସ୍‌ତେରଇଲାଇ
। ସେମନର୍ ମୁଣ୍ଡ ସୁନାର୍ ମୁକୁଟ୍ ପିନ୍ଧି ରଇଲାଇ । ସେମନର୍
ମୁ ଲକ୍‌ମନର୍ ମୁ ପାରା ରଇଲା । ୮ ସେମନର୍ ଚେଣ୍ଡି
ମାଇଜିଟକିମନର୍‌ପାରା ଆରି ଦାତ୍ ସିଅଁମନର୍‌ପାରା ରଇଲା
। ତାକର୍ ବୁକେ ଲୁଆର୍ ସାଞ୍ଜୁ ତାବିଅଇରଇଲା । ୯ ତାକର୍
ଡେନାମନ୍ ଜାଡ୍‌ଲେ ଜୁଇଦ୍‌କେ ଜିବା ଗଡାର୍ ରତର୍ ସବଦ୍ ପାରା
ସୁନିଅଇତେରଇଲା । ୧୦ ବିସ୍‌କାକ୍‌ଡା ମନର୍ ପାରା ସେମନର୍
ଲେଞ୍ଜ୍ ଗଜିଆ ରଇଲା । ଆରି ବିସ୍‌କାକ୍‌ଡା ପାରା ଚାବ୍‌ତେରଇଲା
। ପାଁଚ୍‌ମାସ୍ ଜାକ ଲକ୍‌ମନ୍‌କେ ନସାଇବାକେ ତାକର୍ ଲେଞ୍ଜ୍‌ର୍
ବପୁ ରଇଲା । ୧୧ ତାକର୍ ଉପ୍‌ରେ ଗଟେକ୍ ରାଜା ସାସନ୍
କର୍‌ତେରଇଲା । ସେ ପାତାଲେ ଦେକା ରକା କର୍‌ବା ଦୁତ୍ ।
ଏବ୍‌ରି ବାସାଇ ତାର୍ ନାଉଁ ଅଇଲାନି ଅବଦନ୍ । ଆରି ଗିରିକ୍
ବାସାଇ ଅପଲିୟନ୍ । ତାର୍ ଅରତ୍ ଅଇଲାନି କୁରୁପ୍‌ନାସ୍ କର୍‌ବା
ଲକ୍ । (Abyssos g12) ୧୨ ପର୍‌ତୁମର୍ ଡର୍ ଲାଗ୍‌ବା ଦୁକ୍ କସ୍‌ଟ
ସାର୍‌ଲା । ତାର୍‌ପଚେ ଆରି ଦୁଇଟା ଅଦିକ୍ ଦୁକ୍ କସ୍‌ଟ ଅଇବାଟା
ଆଇଲାନି । ୧୩ ତାର୍‌ପଚେ ଚଅ ଲମରର୍ ଦୁତ୍ ତାର୍ ମଇରି
ପୁକ୍‌ଲା । ଆରି ଏଦେ ଦେକା! ପର୍‌ମେସର୍ ମୁଆଁଟେ ରଇବା
ସୁନା ବେଦିର୍ ଚାରିଟା କନେଅନି ମୁଇ ଗଟେକ୍ ସବଦ୍ ସୁନ୍‌ଲି
। ୧୪ ସେ ସବଦ୍ ଚଅ ଲମର୍ ଦୁତ୍‌କେ କଇଲା, ବଡ୍ ଗାଡ୍
ଇଉପର୍‌ଟିସ୍ ଗାଡେ, ବାନ୍ଧି ସଙ୍ଗଇବା ଚାରିଟା ଦୁତ୍‌ମନ୍‌କେ
ମୁକ୍‌ଲାଇଦେସ୍ । ୧୫ ଚାର୍‌ଟା ଦୁତ୍‌ମନ୍‌କେ ମୁକ୍‌ଲାଇଲା । ଗୁଲାଇ
ମୁନୁସ୍‌ଜାତିର୍ ତିନ୍ ବାଗେଅନି ଗଟେକ୍ ବାଗ୍‌କେ ମରାଇବାକେ
ସେମନ୍‌କେ ତିଆର୍ କରି ସଙ୍ଗଇରଇଲା । ଏ ସମାନ୍ ବରସର୍,
ସମାନ୍ ମାସର୍, ସମାନ୍ ଦିନର୍, ସମାନ୍ ଘଁଟାର୍‌ପାଇ ସେମନ୍‌କେ
ସଙ୍ଗଇରଇଲା । ୧୬ ତାର୍‌ପଚେ ଗଟେକ୍ ବଡ୍‌ଦଲ୍ ଅଇକରି
ଗଡାଲଗେ ଆଇତେ ରଇବା ସନିଅମନ୍ ଜନ୍‌ଲକ୍‌ମନ୍ କି ଦୁଇସ
ଲକିଅ ଲକ୍‌ମନ୍ ଆଚତ୍ ବଲି ସେମନ୍ କଇଲାଇ, ସେଟା
ଦେକ୍‌ଲି । ୧୭ ମୁଇ ମର୍ ଦର୍‌ସନେ ଗଡାମନ୍‌କେ ଆରି ତାର୍
ଚାଲାଉମନ୍‌କେ ଦେକ୍‌ଲି । ତାକର୍ ସାଞ୍ଜୁମନ୍ ଜଇପାରା ରଙ୍ଗ
ଆରି ନିଲି ପାରା ନିଲିଆ, ଅଲ୍‌ଦି ପାରା ରଇଲା । ସେ ଗଡା
ମନର୍ ମୁଣ୍ଡ ସିଅଁମନର୍ ମୁଣ୍ଡ ପାରା ରଇଲା । ଆରି ତାକର୍
ଟଣ୍ଡେଅନି ଜଇ ଦୁଆଁ ଆରି ରକତ୍ ପାରାଟା ବାରଇତେରଇଲା
। ୧୮ ଗୁଲାଇ ମୁନୁସ୍ ଜାତିର୍ ତିନ୍‌ବାଗେ ଅନି ଗଟେକ୍ ବାଗ୍
ସେ ତିନ୍‌ଟା ମର୍‌ଡିର୍‌ଲାଗି ମରିଗାଲାଇ । ଗଡାମନର୍ ଟଣ୍ଡେଅନି
ଆଇବା ଜଇ ଦୁଆଁ ଆରି ଗନ୍ଧପାରା ତିନ୍‌ଟା ମର୍‌ଡି ଅଇଲା
। ୧୯ ଗଡାମନର୍ ବପୁ ତାକର୍ ଟଣ୍ଡେ ଆରି ତାକର୍ ଲେଞ୍ଜେ
ମିସିକରି ରଇଲା । ତାକର୍ ଲେଞ୍ଜ୍ ମୁଣ୍ଡ ରଇବା ସାଁପ୍‌ମନର୍ ପାରା
ରଇଲା । ସେଟାସଙ୍ଗ୍ ସେମନ୍ ଲକ୍‌ମନ୍‌କେ ମାର୍‌ତେରଇଲାଇ ।
୨୦ ଏ ମର୍‌ଡି ଅଇଲାର୍ ପାଇ ଜେତ୍‌କି ରଇଲା ମନସ୍ ଜାତି,
ଆତେ ତିଆର୍‌କରି ରଇବାଟାକେ ଚାଡତ୍‌ନାଇ । ଗଚ୍‌ସଙ୍ଗ୍,
ପାକ୍‌ନାସଙ୍ଗ୍, ପିତଲ୍‌ସଙ୍ଗ୍, ରୁପାସଙ୍ଗ୍ ଆରି ସୁନାସଙ୍ଗ୍ ତିଆର୍
କରିରଇବା ମୁର୍‌ତିମନ୍‌କେ ଆରି ଡୁମାମନ୍‌କେ ସେବା କର୍‌ବାଟା
ସେମନ୍ ଚାଡତ୍‌ନାଇ । ୨୧ ସେମନ୍ ଚରାଇବାଟା, ବେସିଆ କାମ୍
କର୍‌ବାଟା, ଜାଦୁ ମଁତର୍ କର୍‌ବାଟା ଆରି ନର୍ ମରାଇବାଟା ମିସା
ଚାଡତ୍‌ନାଇ ।

୧୦ ତାର୍‌ପଚେ ଏଦେ ଦେକା! ସର୍‌ଗେଅନି ଆରି ଗଟେକ୍
ବଡ୍ ଦୁତ୍ ଉତ୍‌ରି ଆଇବାଟା ମୁଇ ଦେକ୍‌ଲି । ତାକେ
ଗଟେକ୍ ବାଦଲ୍ ଗୁଡାଇରଇଲା ଆରି ମୁଣ୍ଡେ ଗଟେକ୍ ଇନ୍ଦ୍ର‌ଦନୁ
ଗୁଡିଆଇ ଅଇରଇଲା । ତାର୍ ମୁ ବେଲ୍ ପାରା ରଇଲା । ତାର୍
ଗଡ୍‌ମନ୍ ଜଇର୍ କୁନାଦି ପାରା ରଇଲା । ୨ ତାର୍ ଆତେ ଉଗାଡି
ଅଇରଇବା ଗଟେକ୍ ସାନ୍ ବଇ ରଇଲା । ସେ ତାର୍ ଉଜାଗଡ୍
ସମ୍‌ଦୁର୍ ବିତ୍‌ରେ ସଙ୍ଗଇଲା ଆରି ଡେବ୍‌ରି ଗଡ୍ ସୁକ୍‌ଲା ବୁଏଁ
ସଙ୍ଗଇଲା । ୩ ସେ ଆଉଲି ଅଇଲାକେ ସିଅଁମନ୍ ଅଡର୍‌ଲା
ପାରା ସୁନିଅଇଲା । ସେ ଡାକ୍‌ଲା ପଚେ, ସାତ୍‌ଟା ଗଡ୍‌ଗଡିମନ୍
ଅଡ୍‌ରିକରି କଇଲାଇ । ୪ ସେମନ୍ କାତା ଅଇଲା ଦାପ୍‌ରେ

ମୁଇ ଲେକ୍‌ବାକେ ଆରାମ୍ ଅଇରଇଲି । ମାତର୍ ସର୍‌ଗେଅନି
ଗଟେକ୍ ସବଦ୍ ସୁନ୍‌ଲି, ସାତ୍‌ଟା ଗଡ୍‌ଗଡିମନ୍ କଇଲାଟା କେ
ନାଜାନ୍‌ଲାପାରା ସଙ୍ଗ । ସେଟା ଲେକ୍‌ନାଇ । ୫ ତାର୍‌ପଚେ
ମୁଇ ଆଗ୍‌ତୁ ଦେକିରଇବା ଦୁତ୍ ଜେ କି ସମ୍‌ଦୁରେ ଆରି ସୁକ୍‌ଲା
ପଦାଇ ଟିଆ ଅଇରଇଲା, ସେ ତାର୍ ଉଜା ଆତ୍ ସରଗ୍‌ବାଟେ
ଲାମାଇଲା । ୬ ପର୍‌ମେସରର୍ ନାଉଁ ଦାରି ସେ ଗଟେକ୍ ସପତ୍
କଲା । ପର୍‌ମେସର୍ କାଲ୍ କାଲ୍ ଜୁଗ୍ ଜୁଗ୍ ବଁଚ୍‌ସି । ସେ ସର୍‌ଗେ
ରଇବାଟା, ଦର୍‌ତନିତେଇ ରଇବାଟା ଆରି ସମ୍‌ଦୁରେ ରଇବା
ସବୁଜାକ ତିଆର୍ କଲା । ସେ ଦୁତ୍ କଇଲା, "ଆରି ଅଲ୍‌ସମ୍ ନ
ଅଏ ।" (aiōn g165) ୭ ମାତର୍ ଜେଡେବେଲେ ସାତ୍ ଲମର୍ ଦୁତ୍
ତାର୍ ମଇରି ପୁକ୍‌ସି, ସେଡ୍‌କିବେଲେ, ପର୍‌ମେସର୍ କାକେ ନ
ଜାନାଇରଇବା ତାର୍ ମନ୍ କଲାଟା ପୁରାପୁରୁନ୍ ସିଦ୍ କର୍‌ସି ।
ଏଟା ସେ ତାର୍ ଦାଙ୍ଗଡ଼ାମନ୍‌କେ ଆରି ବବିସତ୍‌ବକ୍‌ତାମନ୍‌କେ ସେ
ଆଗ୍‌ତୁ ଜାନାଇରଇଲା । ୮ ତାର୍‌ପଚେ ସର୍‌ଗେଅନି ଜନ୍ ସବଦ୍
ମର୍‌ସଙ୍ଗ କାତା ଅଇତେରଇଲା, ସେଟା ଆରିତରେକ୍ ମକେ
କଇଲା "ଜାଆ, ସମ୍‌ଦୁରେ ଆରି ସୁକ୍‌ଲା ଜାଗାଇ ଟିଆଅଇରଇବା
ଦୁତର୍ ଆତେଅନି ଉଗାଡି ଅଇରଇବା କାଗଜ୍ ବେଟ୍ ।" ୯ ମୁଇ
ଦୁତର୍ ଲଗେ ଗାଲି ଆରି ସାନ୍‌ଟା କାଗଜ୍ ମକେ ଦେ ବଲି କଇଲି
। ସେ ମକେ କଇଲା "ଏଟା ନେଇକରି କାଆ । ତର୍ ପେଟେ
ଏଟା ପିତା ଅଇସି । ମାତର୍ ତର୍ ଟଣ୍ଡେ ସେଟା ମୁ ପାରା ମୁନ୍ଦର୍
ରଇସି ।" ୧୦ ତେଇ ମୁଇ ଦୁତର୍ ଟାନେଅନି ସାନ୍‌ଟା କାଗଜ୍
ନେଲି ଆରି କାଇଲି । ସେଟା ମର୍ ଟଣ୍ଡେ ପାକାଇଲାକେ ମୁ ପାରା
ସୁଆଦ୍ ରଇଲା । ମାତର୍ ଗିଲ୍‌ଲା ପଚେ ପେଟ୍ ବିତ୍‌ରେ ପିତା
ଅଇଗାଲା । ୧୧ ତାର୍‌ପଚେ ମକେ କଇଲା, "ସବୁ ରାଜାମନର୍
ବିସଇ, ବାସାମନର୍ ବିସଇ, ବଁସର୍ ବିସଇ, ଆରି ରାଇଜର୍
ବିସଇ, ଏ ସବୁଜାକର୍ ଉପ୍‌ରେ ପର୍‌ମେସରର୍ କବର୍ ତୁଇ
ଆରିତରେକ୍ ଜାଇ ଜାନାଇବାର୍ ଆଚେ ।"

**୧୧** ତାର୍‌ପଚେ ମକେ ନାପ୍‌ବା ଡାଙ୍ଗ ପାରା ଡିସ୍‌ବା ଡାଙ୍ଗ
ଗଟେକ୍ ଦିଆଅଇଲା । "ଜାଆ ଆରି ପର୍‌ମେସରର୍
ମନ୍ଦିର୍ ଆରି ବେଦି ନାପ୍ । ମନ୍ଦିରେ ପାର୍‌ତନା କର୍‌ବା ଲକ୍‌ମନ୍‌କେ
ଏଜିକରି ଆଉ ।" ୨ ମାତର୍ ମନ୍ଦିର୍ ବାଇରେ ରଇବା ଡାଣ୍ଡ
ନାପ୍‌ନାଇ । କାଇକେବଇଲେ ସେ ଜାଗା ଜିଉଦି ନ ଅଇଲା
ଲକ୍‌ମନ୍‌କେ ଦିଆଅଇଲା ଆଚେ । ସେମନ୍ ସୁକଲ୍ ନଅରେ ରଇ
୪୨ ମାସ୍ ଜାକ ସେ ନଅର୍‌କେ ଅସୁକଲ୍ କରିଦେବାଇ । ୩
ବାସ୍‌ତା ପିନ୍ଦିରଇବା ଦୁଇଟା ସାକିମନ୍‌କେ ମୁଇ ପାଟାଇବି । ସେ
ବାରସ ସାଟେଦିନ୍ ମୁଇ ସେମନ୍‌କେ କଇଲାଟା ଜାନାଇବାଇ ।
୪ ସେ ଦୁଇଟା ସାକିମନ୍ ଜଗତର୍ ମାପ୍‌ରୁର୍ ମୁଆଟେ ଟିଆଅଇବା
ଜିତ୍ ଗଚ୍ ଆରି ଦୁଇଟା ବତି ଅଇଆଚତ୍ । ୫ କେ ଜଦି
ସେମନର୍ ଅନିଆଇ ଦେକି ମାର୍‌ବାକେ ଚେସ୍‌ଟା କର୍‌ବାଇ,
ତାକର୍ ଟଣ୍ଡେଅନି ଜଇ ବାର୍‌କରାଇ ତାକର୍ ବିରଦିମନ୍‌କେ
ବିନାସ୍ କର୍‌ବାଇ । ଏନ୍ତାରି ଜେ ସେମନ୍‌କେ ମାର୍‌ବାକେ ଚେସ୍‌ଟା
କର୍‌ବାଇ, ସେମନ୍ ମରିଜିବାଇ । ୬ ସେମନ୍ ପର୍‌ମେସରର୍
କବର୍ ଜାନାଇବାବେଲେ ଜେନ୍ତାରି କି ବର୍‌ସା ନଅ ବଲି
ବାଦଲ୍‌କେ ଡାବିକରି ସଙ୍ଗଇବାକେ ତାକର୍ ଅଦିକାର୍‌ଆଚେ ।
ପାଜ୍‌ରା ପାନିମନ୍‌କେ ବନି କର୍‌ବାକେ ମିସା ତାକର୍ ଅଦିକାର୍
ରଇସି । ଜେଡେବେଲେ ମନ୍‌କଲେ, ସେଡେବେଲେ ଜନ୍
ରକାମ୍ ମର୍‌ଡି ଦର୍‌ତନି ଉପ୍‌ରେ କେତେତର୍ ମିସା କରି
ବାଦାଦେବାକେ, ସେମନର୍ ଅଦିକାର୍ ଆଚେ । ୭ ସେମନ୍
ତାକର୍ କବର୍ ଜାନାଇଲା ପଚେ, ଗଟେକ୍ ବେସି ଡର୍ ଲାଗ୍‌ବା
ପସୁ ପାତାଲେଅନି ବାରଇଆସି ତାକର୍ ବିରୁଦେ ଜୁଇଦ୍ କର୍‌ସି ।
ସେ ପସୁ ସେମନ୍‌କେ ଆରାଇକରି ମରାଇଦେଇସି । (Abyssos
g12) ୮ ବଡ୍ ନଅର୍ ସାଇର୍ ମଜାଇ ତାକର୍ ମଲା ଗାଗଡ୍
ରଇସି । ସେ ବଡ୍ ନଅରେ ତାକର୍ ମାପ୍‌ରୁ କୁରୁସ୍‌କାଟେ ସର୍‌ପି
ଅଇରଇଲା । ସେ ନଅର୍ ସଦମ୍ କି ମିସର୍ ରାଇଜ୍ ପାରା ଆଚେ
। ୯ ତିନ୍ ଦିନ୍ ଆରି ଅଦା ଦିନର୍‌ପାଇ ସବୁ ରାଇଜର୍, ସବୁ
ଦେସର୍, ସବୁ ବଁସର୍, ସବୁ ଜାତିର୍ ଆରି ସବୁ ବାସାର୍ ଲକ୍
ଦେକ୍‌ବାଇ । ସେ ମଲା ମଡାମନ୍‌କେ ତପ୍‌ବାକେ ସେମନ୍ ରାଜି
ନଅତ୍ । ୧୦ ଏ ଦୁଇ ଲକ୍ ମଲାର୍‌ପାଇ, ଜଗତର୍ ଲକ୍ ସାର୍‌ଦା
ଅଇବାଇ । ଏ ଦୁଇଟା ବବିସତ୍‌ବକ୍‌ତାମନ୍ ଜଗତେ ବେସି
ଦୁକ୍‌କସ୍‌ଟ ଆନାଇଲାଇଜେ ଲକ୍‌ମନ୍ ସାର୍‌ଦା ଅଇବାଇ ଆରି
ସାଇସାର୍‌ଦା ଅଇକରି ସାର୍‌ଦା ଅଇବା ଜିନିସ୍‌ମନ୍ ଦିଆନିଆ
ଅଇବାଇ । ୧୧ ତିନ୍‌ଦିନ୍ ଆରି ଅଦା ଦିନ୍ ପଚେ ଜିବନ୍ ଦେବା
ଗଟେକ୍ ପୁଣ୍ଡା ପର୍‌ମେସର୍ ଟାନେଅନି ଆସି ତାକର୍ ବିତ୍‌ରେ
ପୁର୍‌ଲା । ଆରି ଏଦେ ଦେକା! ସେମନ୍ ଉଟ୍‌ଲାଇ । ସେମନ୍‌କେ
ଦେକ୍‌ଲା ଲକ୍‌ମନ୍ ବେସି ଡରିଗାଲାଇ । ୧୨ ତାର୍‌ପଚେ ସର୍‌ଗେ
ଅନି ଗଟେକ୍ ଜବର୍ ସବଦ୍ ବବିସତ୍‌ବକ୍‌ତାମନ୍‌କେ କଇଲା,
"ଉପ୍‌ରେ ଆସା ।" ଆରି ତାକର୍ ବିରଦିମନ୍ ଦେକ୍‌ବାବେଲେ
ସେମନ୍ ଗଟେକ୍ ବାଦଲ୍ ଉପ୍‌ରେ ବସି ସର୍‌ଗେ ଗାଲାଇ ।
୧୩ ସେଡ୍‌କିବେଲେ, ଏଦେ ଦେକା! ବେସି ଦର୍‌ତନି ଚୁଲ୍‌ବୁଲି
ଗାଲା । ନଅରର୍ ଦସ୍‌ବାଗେଅନି ଗଟେକ୍ ବାଗ୍ କୁରୁପ୍‌ନାସ୍
ଅଇଗାଲା । ଆରି ତେଇ ୭,୦୦୦ ଲକ୍‌ମନ୍ ମରିଗାଲାଇ ।
ବାକି ରଇଲା ଲକ୍‌ମନ୍ ଡରିକରି ସର୍‌ଗେ ରଇବା ପର୍‌ମେସରର୍
ବପୁକେ ଡାକ୍‌ପୁଟା କଲାଇ । ୧୪ ବେସି ଡର୍ ଅଇବା ଦୁଇ
ଲମର୍ ଦୁକ୍‌କସ୍‌ଟ ସାରିଗାଲା । ମାତର୍ ଏବେ ଦେକା ପଚର୍‌ଟା
ଦାପ୍‌ରେ ଆଇସି । ୧୫ ତାର୍‌ପଚେ ସାତ୍ ଲମର୍ ଦୁତ୍ ତାର୍
ମଇରି ପୁକ୍‌ଲା । ଆରି ଏଦେ ଦେକା! ସର୍‌ଗେ ଜବର୍ ଆଉଲି
ଅଇବାଟା ସୁନିଅଇଲା । ଜଗତ୍‌କେ ସାସନ୍ କର୍‌ବା ବପୁ ଆମର୍
ମାପ୍‌ରୁ ଆରି ତାର୍ ମସିଅକେ । ସେ କାଲ୍ କାଲ୍ ଜୁଗ୍ ଜୁଗ୍
ସାସନ୍ କର୍‌ସି । (aiōn g165) ୧୬ ତାର୍‌ପଚେ ପର୍‌ମେସରର୍
ମୁଆଟେ ବସ୍‌ବା ଜାଗାଇ ବସିରଇବା ୨୪ ଟା ପାର୍‌ଚିନ୍‌ମନ୍
ଡାଣ୍ଡାସନ୍ ପଡି ତାକେ ଜୁଆର୍ କଲାଇ । ୧୭ ସେମନ୍ ଏନ୍ତାରି
କଇଲାଇ "ମାପ୍‌ରୁ ପର୍‌ମେସର୍ ସବୁର୍‌ଟାନେଅନି ଉପ୍‌ରେ ଆଚେ

। ସେ ସବୁବେଲେ ରଇଲା ଆରି ରଇସି ମିସା । ତର୍ ବଡ୍ ବପୁ ସଙ୍ଗ ତୁଇ ସାସନ୍ କର୍‌ବାକେ ଆରାମ୍ କଲୁସ୍ । ଆରାମ୍ କଲାର୍‌ପାଇ ଆମେ ତକେ ଜୁଆର୍ କଲୁନି । ୧୮ ଜିଉଦି ନ ଅଇଲା ଲକ୍‌ମନ୍ ବେସି ରିସା ଅଇଜାଇରଇଲାଇ ।" କାଇକେବଇଲେ ଏବେ ରିସା ଅଇବା ପାଲି ତମର୍‌ଟା । ଏବେ ମଲା ଲକ୍‌ମନର୍ ବିଚାର୍ ଅଇସିବେ । ବବିସତ୍‌ବକ୍‌ତାମନ୍ ଜେ କି ତମର୍ ଦାଙ୍ଗଡ଼ା ଅଇରଇଲାଇ, ସେମନ୍‌କେ ପୁରୁସ୍‌କାର୍ ଦେବା ବେଲା କେଟ୍‌ଲା । ତକେ ଜେତ୍‌କି ନାମ୍‌ବା ଲକ୍, ବଡ୍‌ସାନ୍ ସମାନ୍ ଅଇକରି ଦର୍‌ତନିକେ ବିନାସ୍ କରିରଇବା ଲକ୍‌ମନ୍ ଏବେ ନିଜେ ବିନାସ୍ ଅଇବାଇ । ୧୯ ସର୍‌ଗେ ରଇବା ପର୍‌ମେସରର୍ ମନ୍ଦିର୍ ଉଗାଡି ଅଇଲା ଆରି ତେଇ ରାଜିନାମାର୍ ପେଡି ଡିସ୍‌ଲା । ତାର୍‌ପଚେ ବିଜ୍‌ଲି ଜଟକ୍‌ଲା, ଗଡ୍‌ଗଡି ମାର୍‌ଲା ଦର୍‌ତନି ଚୁଲ୍‌ବୁଲ୍‌ଲା ଆରି ବେସି କାରାପାକ୍‌ନା ମିସା ମାର୍‌ଲା ।

**୧୨** ତାର୍‌ପଚେ ବାଦ୍‌ଲେ ଗଟେକ୍ କାବାଅଇଜିବା ଚିନ୍ ଡିସ୍‌ଲା । ଆରି ଏଦେ ଦେକା! ଜନ୍ ବିତ୍‌ରେ ଗଟେକ୍ ମାଇଜି ଟିଆଅଇରଇବାଟା ଡିସ୍‌ଲା । ତାର୍ ଲୁଗା ବେଲ୍‌ପାରା ଜକ୍‌ଜକି ଜାଇତେରଇଲା । ୨ ସେ ମାଇଜି ବାର୍‌ଟା ତାରା ରଇବା ମୁକୁଟ୍ ପିନ୍ଦିରଇଲା । ସେ ନିକ ଅଇବା ବେଲା ଲଗେ କେଟିରଇଲା । ଆରି ଦୁକାସୁକାର୍‌ଲାଗି କାନ୍ଦୁତେରଇଲା । ୩ ଆରି ବାଦ୍‌ଲେ କେବେ ଦେକି ନ ରଇବା ବିନ୍ ରକାମ୍ ଚିନ୍ ଡିସ୍‌ଲା । ଆରି ଏଦେ ଦେକା! ସାତ୍‌ଟା ମୁଣ୍ଡ ଆରି ଦସ୍‌ଟା ସିଙ୍ଗ ରଇବା ଗଟେକ୍ ବଡେଟା ଅଇ ରଙ୍ଗ ରଇଲା ଅସୁର୍ ସାଁପ୍ ଡିସ୍‌ଲା । ତାର୍ ସାତ୍‌ଟା ମୁଣ୍ଡେ ସାତ୍‌ଟା ମୁକୁଟ୍ ରଇଲା । ୪ ବାଦ୍‌ଲେ ରଇବା ତିନ୍ ବାଗେଅନି ଗଟେକ୍ ବାଗର୍ ତାରାମନ୍‌କେ ତାର୍ ଲେଞ୍ଜୁ ଜିକିନେଇକରି ଦର୍‌ତନିଟାନେ ପିଙ୍ଗିଦେଲା । ସେ ମାଇଜି ନିକ ଅଇଲାଦାପ୍‌ରେ ତାର୍ ପିଲାକେ କାଇବି ବଲି ମାଇଜିର୍ ମୁଆଟେ ଟିଆଅଇଲା । ୫ ତାର୍‌ପଚେ ସେ ମାଇଜି ଗଟେକ୍ ପିଲାକେ ଜନମ୍ ଦେଲା । ସେ ପିଲା ଜଗତର୍ ସବୁ ରାଇଜ୍ ଗଟେକ୍ ଲୁଆର୍ ଡାଙ୍ଗସଙ୍ଗ ସାସନ୍ କର୍‌ସି । ମାତର୍ ଚାଡାଇକରି ପର୍‌ମେସର୍ ବସ୍‌ବା ଜାଗାଇ ନିଆଅଇଲା । ୬ ପର୍‌ମେସର୍ ତାର୍‌ପାଇ ତିଆର୍ କରି ସଙ୍ଗଇରଇବା ମରୁବୁଇଁ ବାଟେ ସେ ମାଇଜି ପାଲାଇଲା । ତେଇ ୧,୨୬୦ ଦିନ୍ ଜାକ ତାକେ ଜତନ୍ ନିଆଅଇସି । ୭ ତାର୍‌ପଚେ ସରଗ୍‌ପୁରେ ଗଟେକ୍ ଜୁଇଦ୍ ଆରାମ୍ ଅଇଲା । ମିକାଏଲ୍ ଆରି ତାର୍‌ଦୁତ୍‌ମନ୍ ସେ ଅସୁର୍ ଆରି ତାର୍ ଦୁତ୍‌ମନର୍ ସଙ୍ଗ ଜୁଇଦ୍ କଲାଇ । ୮ ସେମନ୍ ସେ ଅସୁର୍‌କେ ଆରାଇଲାଇ । ତାକେ ଆରି ତାର୍ ଦୁତ୍‌ମନ୍‌କେ ସର୍‌ଗେ ରଇବାକେ ଆଦେସ୍ ନ ରଇଲା । ୯ ସେ ଅସୁର୍ ସାଁପ୍‌କେ ବାଇରେ ବେଟି ପିଙ୍ଗିଦେଲାଇ । ସେ ଅସୁର୍‌ସାଁପ୍ ଦିଆବଲ୍ ବଲି ଡାକ୍‌ବା ସାଁପ୍ ରଇଲା । ଜେ କି ଗୁଲାଇ ଜଗତ୍ ନାଡାଇରଇଲା । ତାର୍ ଦୁତ୍‌ମନ୍‌କେ ଆରି ତାକେ ମିସ୍‌ତେ ଦର୍‌ତନି ଉପ୍‌ରେ ପିଙ୍ଗିଦେଲାଇ । ୧୦ ତାର୍‌ପଚେ ସର୍‌ଗେ ଗଟେକ୍ ଜବର୍ ସବଦ୍ ଅଇବାଟା ମୁଇ ସୁନ୍‌ଲି । ସେ ସବଦ୍ କଲା "ଏବେ ଲକ୍‌ମନର୍‌ପାଇ ଅଇରଇବା ପର୍‌ମେସରର୍ ମୁକ୍‌ତି ସିଦ୍ ଅଇଲାଆଚେ । ରାଜା ଇସାବେ ତାର୍ ବପୁ ସେ ଦେକାଇଆଚେ । ତାର୍ ମସିଅ, ତାର୍ ଅଦିକାର୍ ଦେକାଇଲା ଆଚେ ।" କାଇକେବଇଲେ, ଜେ କି ପର୍‌ମେସରର୍ ମୁଆଟେ ଟିଆଅଇ ଆମର୍ ବାଇବଇନିମନ୍‌କେ ଦସ୍ ଦେଇତେରଇଲା, ତାକେ ସର୍‌ଗେଅନି ବାର୍‌କରାଇ ଦେଲାଆଚେ । ୧୧ ମେଣ୍ଡାପିଲାର୍ ବନିର୍‌ଲାଗି ଆରି ସେମନ୍ ଜାନାଇରଇବା ସତର୍ ଲାଗି ଆମର୍ ବାଇବଇନିମନ୍ ତାର୍‌ସଙ୍ଗ ଜୁଇଦ୍ କରି ଜିତ୍‌ଲାଇ । ସେମନ୍ ମରିଜିବାଜାକ ଜାନିରଇଲେ ମିସା ବିସ୍‌ବାସ୍ କର୍‌ତେରଇଲାଇ । ୧୨ ତେବର୍‌ପାଇ, ତମେ ସର୍‌ଗେ ରଇବା ଜେତ୍‌କି ଲକ୍ ସାର୍‌ଦା ଉଆ । ମାତର୍ ଦର୍‌ତନିତେଇ ଆରି ସମ୍‌ଦୁରେ ରଇବା ଲକ୍‌ମନ୍ ତମର୍‌ପାଇ କେଡେ ଇନସ୍‌ତାର୍ ଦିନ୍ ଆଇସି । କାଇକେବଇଲେ ତମର୍ ବିତ୍‌ରେ ସଇତାନ୍ ଉତ୍‌ରି ଆଇଲାଆଚେ । ସେ ବେସି ରିସାଅଇଆଚେ । କାଇକେବଇଲେ ସେ ଏବେ ବେଲା ଚନେକ୍‌ସେ ଆଚେବଲି ଜାନିଆଚେ । ୧୩ ଅସୁର୍‌ସାଁପ୍ ମକେ ଦର୍‌ତନିଲଗେ ପିଙ୍ଗିଦେଲାଇ ବଲି ଜାନିକରି ପିଲାକେ ଜନମ୍‌କରିରଇବା ମାଇଜିର୍ ପଚ୍ ପଚ୍ ଜିବାର୍‌ଦାର୍‌ଲା । ୧୪ ମରୁବାଲି ବୁଇଁ ତାର୍ ଜାଗାଇ କେଟ୍‌ବାକେ ଗଟେକ୍ ବଡ୍ ଗିଦର୍ ଦୁଇଟା ଡେନା ତାକେ ଦିଆଅଇଲା । ତେଇ ଅସୁର୍ ସାଁପ୍ ତାକେ ନ ମିଲାଇକରି କାଇଟା ନ କଲାପାରା ତିନ୍ ବରସ୍ ଅଦା ଦିନ୍ ତାର୍ ଜତନ୍ ନିଆଅଇସି । ୧୫ ତାର୍‌ପଚେ ସେ ଅସୁର୍‌ସାଁପ୍ ତାର୍ ଟଣ୍ଡେଅନି ବନିଆ ଅଇଜିବା ଏତ୍‌କି ପାନି ବାର୍‌କରାଇଲା । ଜେନ୍ତାରି କି ସେ ପାନି ସେ ମାଇଜିକେ ବଁଙ୍ଗ୍‌ଲାଇ ନେଇସି । ୧୬ ମାତର୍ ଦର୍‌ତନି ସେ ମାଇଜିକେ ସାଇଜ କଲା । ଅସୁର୍‌ସାଁପର୍ ଟଣ୍ଡେଅନି ଆଇଲାପାନି ତାର୍ ନିଜର୍ ଟଣ୍ଡପାଡିକରି ଗିଲିଦେଲା । ୧୭ ସେଟାର୍‌ପାଇ ସେ ଅସୁର୍‌ସାଁପ୍ ବେସି ରିସାଅଇଗାଲା । ଆରି ସେ ମାଇଜିର୍ ବାକିରଇବା ନାତିତିତି ମନର୍ ସଙ୍ଗ ଜୁଇଦ୍ କର୍‌ବାର୍ ଆଇଲା । ସେମନ୍ ପର୍‌ମେସରର୍ ଆଦେସ୍ ମାନିକରି ଜିସୁ ଜାନାଇରଇବା ସତ୍ ଦାରିରଇବାଇ ।

**୧୩** ଆରି ସେ ଅସୁର୍‌ସାଁପ୍ ସମ୍‌ଦୁରର୍ ବାଲିଉପ୍‌ରେ ଜାଇ ଟିଆ ଅଇଲା । ତାର୍‌ପଚେ ମୁଇ ସମ୍‌ଦୁର୍ ବିତ୍‌ରେ ଅନି ଗଟେକ୍ ପସୁକେ ବାରଇଆଇବାଟା ଦେକ୍‌ଲି । ତାକେ ଦସ୍‌ଟା ସିଙ୍ଗ ଆରି ସାତ୍‌ଟା ମୁଣ୍ଡ ରଇଲା । ତାର୍ ସବୁ ସିଙ୍ଗେ ଗଟେକ୍ ଗଟେକ୍ ମୁକୁଟ୍ ରଇଲା । ଆରି ମୁଣ୍ଡ ଉପ୍‌ରେ ପର୍‌ମେସର୍‌କେ ନିନ୍ଦା କଲା ପାରା ବିନ୍ ବିନ୍ ରକାମର୍ ସାତ୍‌ଟା ନାଉଁ ରଇଲା । ୨ ସେ ପସୁ ଚିତାବାଗ୍ ପାରା ରଇଲା । ତାର୍‌ପାଦ୍ ବାଲୁର୍ ପାଦ୍‌ପାରା, ତାର୍ ଟଣ୍ଡ ସିଅଁର୍ ଟଣ୍ଡ ପାରା ରଇଲା । ଆରି ସେ ଅସୁର୍‌ସାଁପ୍, ସେ ପସୁକେ ନିଜର୍ ବପୁ, ସିଆଁସନ୍ ଆରି ତାର୍ ବଡ୍ ଅଦିକାର୍ ଦେଲା । ୩ ସେ ପସୁର୍ ଦସ୍‌ଟା ମୁଣ୍ଡେଅନି ଗଟେକ୍ ମୁଣ୍ଡ ବେସି ମାଡ୍ ଅଇରଇଲାପାରା ଡିସ୍‌ତେରଇଲା । ମାତର୍ ସେଟା ନିକ ଅଇଲା । ଗୁଲାଇ ଜଗତର୍ ଲକ୍‌ମନ୍

କାବାଅଇଜାଇକରି ତାର୍ ପଚେ ପଚେ ଗାଲାଇ । ୪ ଆରି ନିଜର୍ ଅଦିକାର୍ ସେ ପସୁକେ ଦେଲାକେ ସବୁ ଲକ୍ ଅସୁର୍ ସାଁପ୍‌କେ ଜୁଆର୍ କଲାଇ । ଏନ୍ତାରି କଇକରି ମିସା ସେ ପସୁକେ ସେମନ୍ ଜୁଆର୍‌କଲାଇ । ଏ ପସୁର୍ ପାରା ଆରି କେ ନାଇ । ତାର୍ ବିରଦେ ଜୁଇଦ୍ କରି କେ ମିସା ଜିତି ନାପାରତ୍ । ୫ ସେ ପସୁକେ ୪୨ ମାସ୍‌ଜାକ ଅଦିକାର୍ ସଙ୍ଗ୍‌ଇବାକେ ଆରି ପର୍‌ମେସରର୍ ବିରୁଦେ ବଡ୍‌ପନ୍ କାତା କଇବାକେ ପର୍‌ମେସର୍ ଆଦେସ୍ ଦେଲା । ୬ ସେ ପସୁ ପର୍‌ମେସରର୍ ନାଉଁକେ, ସେ ରଇବା ଜାଗାକେ ଆରି ସର୍‌ଗେ ରଇବା ସବୁକେ ସାଇପ୍ ଦେବାର୍‌ଦାର୍‌ଲା । ୭ ପର୍‌ମେସର୍ ଲକ୍‌ମନର୍ ସଙ୍ଗ୍ ଜୁଇଦ୍ କରି ସେମନ୍‌କେ ଆରାଇବାକେ ତାକେ ଅଦିକାର୍ ଦିଆଅଇଲା । ସବୁ ବଁସର୍ ଉପ୍‌ରେ, ରାଇଜର୍ ଉପ୍‌ରେ, ବାସା ଉପ୍‌ରେ ଆରି ଜାତିର୍ ପାଇ ତାକେ ଅଦିକାର୍ ଦିଆଅଇଲା । ୮ ଦର୍‌ତନିଟାନେ ରଇବା ସବୁଲକ୍ ତାକେ ଜୁଆର୍‌କର୍‌ବାଇ । ଜିବନ୍ ରଇବା ଲକ୍‌ମନର୍ ବଇଟାନେ ନାଉଁ ଲେକାଅଇରଇବା ଲକ୍‌ମନ୍‌ସେ ତାକେ ଜୁଆର୍ ନ କରତ୍ । କାଇଟା ତିଆର୍ ନ ଅଇରଇବା ଆଗ୍‌ତୁ ଲେକା ଅଇଜାଇରଇଲା । ସେ ବଇ ମରାଇଜାଇରଇବା ମେଣ୍ଡାପିଲାର୍‌ଟା । ୯ କାନ୍ ରଇଲା ଲକ୍ ମନ୍‌ଦିଆନ୍ କରି ସୁନା । ୧୦ ପର୍‌ମେସରର୍ ଜଜ୍‌ନା ଇସାବେ ଜାର୍ କର୍‌ମେ ବନ୍ଦିଗରେ ରଇବାର୍ ଆଚେ, ସେ ବନ୍ଦିଗରେ ଜାଇସି । ପର୍‌ମେସରର୍ ଜଜ୍‌ନା ଇସାବେ ଜାର୍ କର୍‌ମେ କାଣ୍ଡାସଙ୍ଗ୍ ମର୍‌ବାର୍‌ଆଚେ, ସେ କାଣ୍ଡାସଙ୍ଗ୍ ମାରାଇଅଇସି । ମାତର୍ ପର୍‌ମେସରର୍ ଲକ୍ ବିସ୍‌ବାସ୍ ଦାରି ମୁର୍‌ଚିକରି ରଇବାର୍‌ଆଚେ । ୧୧ ଏଦେ ଦେକା! ତାର୍‌ପଚେ ଦର୍‌ତନି ଅନି ଆରିଗଟେକ୍ ପସୁ ବାରଇ ଆଇବାଟା ମୁଇ ଦେକ୍‌ଲି । ତାକେ ମେଣ୍ଡାପିଲାର୍ ସିଙ୍ଗ୍‌ପାରା ଦୁଇଟା ସିଙ୍ଗ୍ ରଇଲା ଆରି ଅସୁର୍‌ସାଁପ୍ ପାରା କାତା କଇତେରଇଲା । ୧୨ ଆଗ୍‌ତୁର୍ ପସୁର୍‌ପାରା ତାକେ ମିସା ଅଦିକାର୍ ରଇଲା । ସେ ଅଦିକାର୍ ସଙ୍ଗ୍ ସେ ସେବା କର୍‌ତେରଇଲା । ଜଗତେ ଆରି ଜଗତେରଇବା ସବୁ ଲକ୍‌ମନ୍‌କେ, ଆଗ୍‌ତୁର୍ ପସୁକେ ଜୁଆର୍ କରା ବଲି ଡରାଇତେରଇଲା । ଏତ୍‌କି ବିତ୍‌ରେ ପର୍‌ତୁମ୍ ପସୁର୍ ଗାଉ ସୁକିଜାଇତେରଇଲା । ୧୩ ପଚର୍ ପସୁ ବଡ୍ ବଡ୍ କାବା ଅଇଜିବା କାମ୍‌ମନ୍ କଲା । ଦର୍‌ତନିଟାନେ ରଇବା ସବୁଲକ୍ ଦେକ୍‌ଲାପାରା ସର୍‌ଗେଅନି ଜଇ ବାର୍‌କରାଇତେରଇଲା । ୧୪ ପର୍‌ତୁମ୍ ପସୁର୍ ମୁଆଟେ କେତେକ୍ କେତେକ୍ କାବାଅଇଜିବା କାମ୍‌ମନ୍ କର୍‌ବାକେ ତାକେ ଅଦିକାର୍ ରଇଲା । ସେ କାବା ଅଇଜିବା କାମ୍‌ମନର୍ ଲାଗି ଦର୍‌ତନିତେଇ ରଇବା ସବୁ ଲକ୍‌ମନ୍‌କେ ନାଡାଇଲା । ପର୍‌ତୁମର୍ ପସୁ ଜେ କି କାଣ୍ଡାସଙ୍ଗ୍ ମାରି ରଇଲେ ମିସା ଜିଇ ରଇଲା, ତାକେ ଡାକ୍‌ପୁଟାର୍‌ପାଇ ଗଟେକ୍ ମୁର୍‌ତି ତିଆର୍‌କରୁ ବଲି ସେ ଲକ୍‌ମନ୍‌କେ କଇଲା । ୧୫ ପଚର୍ ପସୁ ଆଗ୍‌ତୁ ତିଆର୍ କରିରଇବା ପସୁର୍ ମୁର୍‌ତିତେଇ ପୁଣ୍ଡବାକେ ଅଦିକାର୍ ପାଇଲା । ଜେନ୍ତାରି କି ସେନ୍ତି କଲେ, ସେ ମୁର୍‌ତି କାତା ଅଇକରି ତାକେ ଜୁଆର୍ ନ କର୍‌ବା ସବୁଲକ୍‌କେ ମରାଇସି । ୧୬ ସେ ପସୁ ସାନ୍ ବଡ୍ ଲକ୍‌ମନ୍‌କେ, ସାଉକାର୍ ଆରି ଅର୍‌କିତ୍ ଲକ୍‌ମନ୍‌କେ, ବନ୍ଦି ଆରି ମୁକ୍‌ଲିରଇବା ଲକ୍‌ମନ୍‌କେ ଆରି ସବୁକେ ତାକର୍ ଉଜାଆତେ ନଇଲେ ତାକର୍ କାପାଲେ ଗଟେକ୍ ଚିନ୍ ଗଦ୍‌ବାକେ ଡରାଇଲା । ୧୭ ଏ ଚିନ୍ ନ ଅଇତେ କେ ମିସା ଗେନା ବିକା କରି ନାପାର୍‌ଲାଇ । ଏ ଚିନ୍ ଅଇଲାନି, ସେ ପସୁର୍ ନାଉଁ ନଇଲେ ସେ ନାଉଁ ବାଦ୍‌ଲିରଇବା ଲମର୍ । ୧୮ ସେ ପସୁର୍ ନମରର୍ ଅରତ୍ ଗଟେକ୍ ଗିଆନ୍ ରଇବା ଲକ୍‌ସେ ଜାନିଅଇସି । କାଇକେବଇଲେ ସେ ନମର୍ ଗଟେକ୍ ଲକର୍ ନାଉଁର୍ ବାଦୁଲେ ଆଚେ । ସେ ନମର୍ ଅଇଲାନି ୬୬୬ ।

**୧୪** ତାର୍‌ପଚେ ମୁଇ ସିୟନ୍ ପର୍‌ବତେ ମେଣ୍ଡାପିଲା ଟିଆଅଇରଇବାଟା ଦେକ୍‌ଲି । ତାର୍ ସଙ୍ଗ୍ ୧୪,୪୦୦୦ ଲକ୍‌ମନ୍ ରଇଲାଇ । ତାକର୍ କାପାଲେ ମେଣ୍ଡାପିଲାର୍ ନାଉଁ ଆରି ତାର୍ ବାବାର୍ ନାଉଁ ଲେକିରଇଲାଇ । ୨ ଆରି ସର୍‌ଗେ ଅନି ମୁଇ ଗଟେକ୍ ସବଦ୍ ସୁନ୍‌ଲି । ସେଟା ଗଟେକ୍ ଜବର୍ ଗଡ୍‌ଗଡି ଅଇ ବଡ୍ ସବଦର୍ ପାରା ଆରି ଜବର୍ ପାନି ଅଦର୍‌ଲାପାରା ରଇଲା । ବିଣା ବାଜ୍‌ଲେ ସବଦ୍ ଅଇବା ଗିତ୍‌ପାରା ସୁନି ଅଇଲା । ୩ ସେ ୧୪୪,୦୦୦ ଲକ୍‌ମନ୍ ବସ୍‌ବା ଜାଗାର୍ ଚାର୍‌ଟା ବଁଚିରଇବା ପସୁମନର୍, ପାର୍‌ଚିନ୍‌ମନର୍ ମୁଆଟେ ଟିଆଅଇଲାଇ । ସେମନ୍ ଗଟେକ୍ ନୁଆ ଗିତ୍ କଇତେରଇଲାଇ । ସେମନ୍ ଆକା ସେ ଗିତ୍ ଜାନିରଇଲାଇ । ସେମନ୍‌ସେ ମୁକ୍‌ତି ପାଇରଇବା ଲକ୍‌ମନ୍ । ୪ ସେମନ୍ ନିଜେ ସୁକଲ୍ ରଇଲାଇ । ମାଇଜି ମନର୍ ସଙ୍ଗ୍ ମିସାବିଡା ଅଇକରି ନିଜ୍‌କେ ଅସୁକଲ୍ ଅଇ ନ ରଇଲାଇ । ସେମନ୍ ପିଲାବେଣ୍ଡିଆ ପାରା ରଇଲାଇ । ସେମନ୍ ସବୁବେଲେ ମେଣ୍ଡାପିଲାର୍ ସଙ୍ଗ୍ ଜାଇତେରଇଲାଇ । ସେମନ୍ ମୁନୁସ୍‌ଜାତିର୍ ବିତ୍‌ରେ ପର୍‌ତୁମ୍ ତର୍ ମୁକ୍‌ତି ପାଇକରି ପର୍‌ମେସରର୍‌ପାଇ ଆରି ମେଣ୍ଡାପିଲାର୍‌ପାଇ ନିଜ୍‌କେ ସର୍‌ପି ଅଇଆଚତ୍ । ୫ ସେମନ୍ କେବେ ମିସା ମିଚ୍ ନ କଅତ୍ । କେ ମିସା ସେମନ୍‌କେ ଦସ୍ ଦେଇନାପାରେ । ୬ ତାର୍‌ପଚେ ମୁଇ ଆରିଗଟେକ୍ ଦୁତ୍‌କେ ଆକାସେ ଉଡି ଜିବାଟା ଦେକ୍‌ଲି । ଏ ଜଗତର୍ ସବୁ ରାଇଜେଅନି, ବାସାଇଅନି, ବଁସେଅନି, ଜାତିଅନି ଆଇବା ସବୁ ଲକ୍‌ମନ୍‌କେ ଜାନାଇବା ପର୍‌ମେସରର୍ କେବେ ନ ସାର୍‌ବା ସୁବ୍‌କବର୍ ଜାନାଇତେରଇଲା । (aiōnios g166) ୭ ସେ ଆଉଲିଅଇକରି କଇଲା "ପର୍‌ମେସର୍‌କେ ଡାକ୍‌ପୁଟା କରା । ତାର୍ ବଡ୍ ବଡ୍ କାମର୍ ପାଇ ତାକେ ଆରାଦନା କରା । ଲକ୍‌ମନ୍‌କେ ବିଚାର୍ କର୍‌ବାକେ ତାର୍ ବେଲା କେଟ୍‌ଲାଆଚେ । ସରଗ୍, ଦର୍‌ତନି, ସମ୍‌ଦୁର୍, ଆରି ପାଜ୍‌ରା ପାନି ସବୁଜାକ ସେ ତିଆର୍‌କଲାଆଚେ, ତାକେ ଜୁଆର୍ କରା ।" ୮ ଆରି ଗଟେକ୍ ଦୁତ୍ ପର୍‌ତୁମର୍ ଦୁତ୍ ପଚେ ଗାଲା । ସେ କଇଲା "କୁରୁପ୍‌ନାସ୍ ଅଇଲା । ବେସି ଡାକ୍‌ପୁଟାରଇବା ବାବିଲନ୍ କୁରୁପ୍‌ନାସ୍ ଅଇଲା ।" ତେଇର୍ ଲକ୍‌ମନ୍ ବିନ୍ ଦେସର୍ ଲକ୍‌ମନ୍‌କେ ତାକର୍ ମଦ୍ କୁଆଇଲାଇ

। ତାର୍ ଅରତ୍ ଅଇଲାନି, ତାକର୍ ପାରା କାରାପ୍ ଚଲାଚଲ୍ତି
କରାଇଲା । ୯ ସେ ଦୁଇଟା ଦୁତ୍ମନର୍ ପଚେପଚେ ଆରି
ଗଟେକ୍ ଦୁତ୍ ଆସିକରି ଆଉଲି ଅଇକରି କଇବାର୍ ଦାର୍ଲା,
ଜେ ଜଦି ପସୁକେ କି ତାର୍ ମୁର୍ତିକେ ପୁଜା କର୍ସି ଆରି
ନିଜର୍ କାପାଲେ କି ତାର୍ ଆତେ ତାର୍ ଚିନ୍ ଗଦାଇଅଇସି,
୧୦ ସେମନ୍ ପର୍ମେସରର୍ ମଦ୍ କାଇବାଇ । ଜନ୍ଟାକି ପାନି
ଗାବିକରି ଚପ୍ରା ନ କଲାଟା । ତାର୍ ଡର୍ ଲାଗ୍ବା ଡଣ୍ଡ ଆରି
ବଡ୍ ରିସା ସେମନ୍ ମୁରଚ୍ବାଇ । ସେମନ୍‌କେ କାଇ ଦୟା ନ
ଦେକାଅତ୍ । ସୁକଲ୍ ଦୁତ୍ମନର୍ ମୁଆଟେ ଆରି ମେଣ୍ଡାପିଲାର୍
ମୁଆଟେ ଗନ୍ଧଟାନେ ପଡିକରି ବେସି ଦୁକ୍ କସ୍ଟ ପାଇବାଇ । ୧୧
ଜଇଟାନେଅନି ଆଇବା ଦୁଆଁ, ଜନ୍ଟାକି ସେମନ୍‌କେ ଦୁକ୍ କସ୍ଟ
ଦେଲାନି, ସେଟା କାଲ୍ କାଲ୍ ଜୁଗ୍ ଜୁଗ୍ ଉପ୍ରେ ଜାଇତେ ରଇସି
। ପସୁକେ କି ତାର୍ ମୁର୍ତିକେ ପୁଜାକର୍ବା ଲକ୍ ଦିନ୍ରାତି ପୁର୍ଣ୍ଣି
ନାପାରତ୍ । ଜେନ୍ତିକି ତାର୍ ନାଉଁର୍ ନେଇରଇବା ଲକ୍ମନର୍‌ପାଇ
ମିସା । (aiōn g165) ୧୨ ପର୍ମେସରର୍ ଲକ୍ମନ୍ ଜନ୍ ଲକ୍ମନ୍
କି ତାର୍ ଆଦେସ୍ ନାମ୍ବାଇ, ଆରି ଜିସୁକେ ବିସ୍ବାସ୍ କରି
ଆଚତ୍, ସେମନ୍ ମୁର୍ଚିକରି ରଇବାର୍ ଆଚେ । ୧୩ ତାର୍‌ପଚେ
ସର୍ଗେଅନି ମୁଇ ଏନ୍ତାରି ସୁନ୍ଲି । “ଏଟା ଲେକି ସଙ୍ଗଇର ।
ଏବେଅନି ମାପ୍ରୁଟାନେ ମିସ୍ଲାପଚେ ମରିଜିବାଇ ସେ ଲକ୍ମନ୍
କେଡେକ୍ କରମର୍ ଲକ୍ । ଉଁ ବଲି ଆତ୍ମା କଇଲାନି ।
ଏଟା ସତଇସେ ଗଟ୍ସି, ତାକର୍ ଆବଡ୍ କାମେଅନି ଚନେକ୍
ପୁଣ୍ଡ୍ବାକେ ସେଟା ତାକର୍ ବେଲା ରଇସି । କାଇକେବଇଲେ
ସେମନ୍ କରିରଇବା ନିକ କାମର୍ ଲାଗି ସେମନ୍ ପୁରୁସ୍କାର୍
ପାଇବାଇ ।” ୧୪ ତାର୍‌ପଚେ ମୁଇ ଦେକ୍ଲି, ଏଦେ ଦେକା!
ଗଟେକ୍ ଦବ୍ ବାଦଲ୍ ଡିସ୍ଲା । ଆରି ଗଟେକ୍ ନର୍‌ପାରା ଡିସ୍ବା
ବାଦଲ୍ ଉପ୍ରେ ବସିରଇଲା । ତାର୍ ମୁଣ୍ଡେ ସୁନାର୍ ମୁକୁଟ୍
ଆରି ଆତେ ଗଟେକ୍ ଗଜିଆ ଇଲା ଦାରିରଇଲା । ୧୫ ତାର୍
ପଚେ ମନ୍ଦିରେଅନି ଆରି ଗଟେକ୍ ଦୁତ୍ ବାରଇ ଆଇଲା । ଆରି
ବାଦଲ୍ ଉପ୍ରେ ବସିରଇଲା ଲକ୍‌କେ ଆଉଲିଅଇକରି କଇଲା
“ବେଲା କେଟ୍ଲାବେ ।” ତମର୍ ପସଲ୍ ପାଚ୍ଲାଆଚେ । ତର୍
ଇଲାସଙ୍ଗ ସେଟା କାଟ୍ । ୧୬ ତାର୍‌ପଚେ ବାଦ୍ଲେ ବସ୍ଲା ଲକ୍
ତାର୍ ଇଲା ଦର୍ତନି ଉପ୍ରେ ବୁଲାଇଲା । ଦର୍ତନିର୍ ଚାସ୍
ସବୁ କାଟାଅଇଲା । ୧୭ ସରଗର୍ ମନ୍ଦିରେଅନି ଆରିଗଟେକ୍
ଦୁତ୍ ବାରଇ ଆଇବାଟା ମୁଇ ଦେକ୍ଲି । ତାର୍ ଆତେ ମିସା
ଗଟେକ୍ ଲାଗନ୍ ଇଲା ରଇଲା । ୧୮ ତାର୍‌ପଚେ ବେଦିଟାନେଅନି
ଜଇ ଦେକାରକା କର୍ବା ଆରିଗଟେକ୍ ଦୁତ୍ ଆଇଲା । ସେ
ଆଉଲିଅଇକରି ଲାଗନ୍ ଇଲା ଦାରିରଇବା ଦୁତ୍‌କେ କଇଲା
“ଦର୍ତନିଟାନେ ରଇବା ଅଙ୍ଗୁର୍‌ବାଡର୍ ଅଙ୍ଗୁର୍ ପାଚ୍ଲାଆଚେ ।
ତର୍ ଇଲାଦାରି କାଟିନେ ।” ୧୯ ତେବର୍‌ପାଇ ସେ ଦୁତ୍ ଦର୍ତନି
ଉପ୍ରେ ତାର୍ ଇଲା ବୁଲାଇଲା । ମାଲେଅନି ଅଙ୍ଗୁର୍ କାଟ୍ଲା ।
ଆରି ଅଙ୍ଗୁର୍ ଆଜାଡ୍ବା କୁଣ୍ଡେ ଡାଲିଦେଲା । ସେ ଜାଗା ଅଇଲାନି
ପର୍ମେସରର୍ ବଡ୍ ରିସାର୍ ଜାଗା । ୨୦ ନଗରର୍ ବାଇରେ
ରଇବା କୁଣ୍ଡେ ଚକ୍‌ଟାଗାଲା ଜାଗାଇ, ଅଙ୍ଗୁର୍‌ମନ୍ ପିଚକ୍ଲାଇ
ଆରି ତେଇଅନି ବନି ବାରଇଲା । ସେ ବନି ତିନ୍‌ସ କିଲମିଟର୍
ଲମ୍, ଆରି ଦୁଇମିଟର୍ କାଲ୍‌ସେଡ୍‌କି ବଇଗାଲା ।

**୧୫** ଏଦେ ଦେକା! ତାର୍‌ପଚେ ଆକାସେ ଆରିଗଟେକ୍
କାବା ଅଇଜିବା ଚିନ୍ ମୁଇ ଦେକ୍ଲି । ତେଇ ସାତ୍‌ଟା
ଦୁତ୍ମନ୍‌କେ ସାତ୍‌ଟା ମର୍ଡି ସର୍‌ପାଇ ଅଇରଇଲା । ଏ ସର୍ତେ
ମର୍ଡି ସାରାସାରି ବେଲର୍ଟା । କାଇକେବଇଲେ ଏଟା ଅଇଲାନି
ଦର୍ତନି ଉପ୍ରେ ପର୍ମେସର୍ ଆନ୍ବା ସାରାସାରିର୍ ଡଣ୍ଡ । ୨
ତାର୍‌ପଚେ କାଁଚ୍ ପାରା ଡିସ୍ବା ସମ୍ଦୁର୍ ସଙ୍ଗ ଜଇ ମିସାଇଲା
ପାରାଟା ଗଟେକ୍ ଦେକ୍ଲି । ପସୁ ଆରି ତାର୍ ମୁର୍ତି ଉପ୍ରେ
ଜୁଇଦ୍ କରି ଜିତିରଇବା ଲକ୍ମନ୍‌କେ ମିସା ମୁଇ ଦେକ୍ଲି । ସେ
ପସୁର୍ ନାଉଁ ଗଟେକ୍ ଲମରର୍ ବାଦୁଲେ ରଇଲା । ସେମନ୍
କାଁଚର୍ ସମ୍ଦୁର୍ ପାଲିବାଟେ ଟିଆ ଅଇରଇଲାଇ । ପର୍ମେସର୍
ସେମନ୍‌କେ ଦେଇରଇବା ବିଣା ତାକର୍ ଆତେ ରଇଲା । ୩
ସେ ଲକ୍ମନ୍ ମସା ଜେ କି ପର୍ମେସରର୍ ଗତିଦାଙ୍ଗ୍ଡା, ତାର୍
ଗିତ୍ ଆରି ମେଣ୍ଡାପିଲାର୍ ଗିତ୍ ଗାଇତେରଇଲାଇ । ମାପ୍ରୁ
ପର୍ମେସର୍ ଜେ କି ସବୁର୍ ଉପ୍ରେ ଆଚେ, ତମେ କର୍ବା କାମ୍
ବେସି ବଡ୍ ଆରି କାବାଅଇଜିବାଟା । ତୁଇ ରାଇଜ୍ମନର୍ ରାଜା
। ତର୍ ବାଟ୍ ସତ୍ ଆରି ସମାନ୍ । ୪ ତମ୍‌କେ ପର୍ମେସର୍
ବଲି ନ ନାମ୍ବା ଲକ୍ କେ ନ ରଅତ୍ । ତମ୍‌କେ ଡାକ୍‌ପୁଟା
ନ କର୍ବା ଲକ୍ କେ ନ ରଅତ୍ । କାଇକେବଇଲେ ତମେସେ
ସୁକଲ୍ । ସବୁ ରାଇଜର୍ ଲକ୍ମନ୍ ତମ୍‌କେ ଜୁଆର୍ କର୍ବାକେ,
ତମର୍ ମୁଆଟେ ରୁଣ୍ଡ୍ବାଇ । କାଇକେବଇଲେ ତମର୍ ଦରମ୍
କାମ୍ମନ୍ ସବୁ ସେମନ୍ ଦେକ୍ଲାଇ ଆଚତ୍ । ୫ ତାର୍‌ପଚେ
ସୁକଲ୍ ତମୁ ରଇବା ସରଗର୍ ମନ୍ଦିର୍ ଉଗାଡି ଅଇରଇବାଟା ମୁଇ
ଦେକ୍ଲି । ୬ ସାତ୍‌ଟା ମର୍ଡି ସର୍‌ପାଇ ଅଇରଇବା ସାତ୍‌ଟା
ଦୁତ୍ମନ୍ ମନ୍ଦିରେ ଅନି ବାରଇଲାଇ । ସେମନ୍ ଦବ୍ ରଇକରି
ଜକ୍‌ଜକି ଜାଇତେରଇବା ବସ୍ତର୍ ପିନ୍ଧି ରଇଲାଇ । ଆରି
ସୁନାର୍ ବେଲ୍‌ଟ୍ ବୁକେ ବାନ୍ଧିଅଇରଇଲାଇ । ୭ ଚାର୍‌ଟା ଜିବନ୍
ରଇବା ପସୁମନର୍ ବିତ୍ରେ ଗଟେକ୍ ସବୁବେଲର୍ ପର୍ମେସରର୍
ରିସାସଙ୍ଗ ବର୍ତି ଅଇରଇବା ସାତ୍‌ଟା ସୁନାର୍ ଗିନା, ସେ ସାତ୍‌ଟା
ଦୁତ୍ମନ୍‌କେ ଦେଲା । (aiōn g165) ୮ ପର୍ମେସର୍ ବପୁ ଆରି
ତାର୍ ମଇମାର୍ ଲାଗି ମନ୍ଦିର୍ ଦୁଆଁ ସଙ୍ଗ ବର୍ତି ଅଇଲା । ସେ
ସାତ୍‌ଟା ଦୁତ୍ମନ୍ ସାତ୍‌ଟା ମର୍ଡି ନ ସାରାଇବା ଜାକ, ମନ୍ଦିର୍
ବିତ୍ରେ କେ ପୁରିନାପାର୍ଲାଇ ।

**୧୬** ତାର୍‌ପଚେ ଗଟେକ୍ ମନ୍ଦିରେଅନି ଗଟେକ୍ ଜବର୍ ସବଦ୍
ସେ ସାତ୍‌ଟା ଦୁତ୍ମନ୍‌କେ କାତା ଅଇବାଟା ମୁଇ ସୁନ୍ଲି ।
“ଜାଆ ଆରି ପର୍ମେସରର୍ ରିସା ବର୍ତି ଅଇରଇବା ସାତ୍‌ଟା ଗିନା
ଦର୍ତନି ଉପ୍ରେ ଆଜାଡିଦେସ୍ ।” ୨ ପର୍ତୁମ୍ ଦୁତ୍ ଗାଲା ଆରି

ତାର୍ ରିସାର୍ ଗିନା ଦର୍ତନି ଉପ୍ରେ ଆଜାଡିଦେଲା । ଆରି ଏଦେ ଦେକା! ଜନ୍ ଲକ୍ମନ୍ ଜେ କି ପସୁର୍ ଚିନ୍ ଗଦିଅଇରଇଲାଇ ଆରି ତାର୍ ମୁର୍ତିକେ ଜୁଆର୍ କର୍ତେରଇଲାଇ, ତାକର୍ ଗାଗ୍‌ଡେ ମୁର୍‌ଚି ନାପାର୍‌ଲା ପାରା ଉଟାନ୍ ବାରଇଲା । **୩** ତାର୍‌ପଚେ ଦୁଇ ଲମର୍ ଦୁତ୍ ତାର୍ ରିସାର୍ ଗିନା ସମ୍‌ଦୁରେ ଆଜାଡି ଦେଲା । ଆରି ଏଦେ ଦେକା! ତେଇର୍ ପାନି ମଲାଲକର୍ ବନିପାରା ଅଇଗାଲା । ଆରି ସମ୍‌ଦୁରେ ରଇବା ଜଁତ୍‌ଜିଆଦ୍ ମରିଗାଲାଇ । **୪** ତାର୍‌ପଚେ ତିନ୍ ଲମର୍ ଦୁତ୍ ତାର୍ ରିସାର୍ ଗିନା ଗାଡ୍‌ମନ୍‌କେ ଆରି ପାଜ୍‌ରାମନ୍‌କେ ଆଜାଡିଦେଲା । ସେଟାମନର୍ ପାନି ସବୁ ବନି ଅଇଗାଲା । **୫** ତାର୍‌ପଚେ ପାନି ଦେକାରକା କର୍‌ବା ଦୁତ୍ ଏନ୍ତାରି କଇବାଟା ମୁଇ ସୁନ୍‌ଲି “ଏ ସୁକଲ୍ ରଇବା ପର୍‌ମେସର୍ ତମେ ଆଗେଅନି ଆରି ଏବେ ମିସା ଆଚାସ୍ । ତମର୍ ବିଚାର୍‌ନା ଟିକ୍ ଆଚେ । **୬** ପର୍‌ମେସର୍ ଲକ୍ମନର୍ ଆରି ବବିସତ୍‌ବକ୍‌ତାମନର୍ ବନି ଡାଲିଦେଲାଇ । ତେବର୍‌ପାଇ ତମେ ସେମନ୍‌କେ କାଇବାକେ ବନି ଦେଇଆଚାସ୍ । ସେମନ୍ କରିରଇବା କାମର୍ ପଲ୍ ସେମନ୍ ଆକା ପାଇଲାଇ ଆଚତ୍ ।” **୭** ତାର୍‌ପଚେ ବେଦିଟାନେଅନି ଗଟେକ୍ ସବଦ୍ ମୁଇ ସୁନ୍‌ଲି । “ମାପ୍‌ରୁ ପର୍‌ମେସର୍ ଜେ କି ସବୁର୍ ଉପ୍ରେ ଆଚେ, ତମର୍ ବିଚାର୍‌ନା ସମାନ୍ ଆରି ସତ୍ ।” **୮** ତାର୍‌ପଚେ ଚାରି ଲମର୍ ଦୁତ୍ ତାର୍ ରିସାର୍ ଗିନା ବେଲ୍ ଉପ୍ରେ ଆଜାଡ୍‌ଲା । ଆରି ଏଦେ ଦେକା! ତାର୍ ଅପର୍‌ବଲ୍ ତାତି ସଙ୍ଗ୍ ଲକ୍ମନ୍‌କେ ପଡାଇଦେବାକେ ବେଲ୍ ଆଦେସ୍ ପାଇଲା । **୯** ସେ ଅପର୍‌ବଲ୍ ତାତିର୍ ଲାଗି ସେମନ୍ ପଡିଗାଲାଇ । ଆରି ପର୍‌ମେସରର୍ ନାଉଁ ଦାରି ସାଇପ୍ ଦେଲାଇ । କାଇକେବଇଲେ ଏ ସବୁର୍ ମର୍‌ଡି ଉପ୍ରେ ତାର୍‌ଆକା ଅଦିକାର୍ ରଇଲା । ମାତର୍ ସେମନ୍ ଏନ୍ତାର୍ ଅଇଲାଇ ମସିଆ ତାକର୍ ପାପେଅନି ବାଉଡତ୍‌ନାଇ । ଆରି ପର୍‌ମେସରର୍ ବଡ୍ କାମ୍‌କେ ମାନତ୍‌ନାଇ । **୧୦** ତାର୍‌ପଚେ ପାଁଚ୍ ଲମର୍ ଦୁତ୍ ତାର୍ ରିସାର୍ ଗିନା ପସୁର୍ ବସ୍‌ବା ଜାଗାର୍ ଉପ୍ରେ ଆଜାଡିଦେଲା । ଆରି ଏଦେ ଦେକା! ପସୁର୍ ରାଇଜେ ଆନ୍ଦାର୍ ଡାବିଅଇଦେଲା । ଆରି ଦୁକାର୍ ଲାଗି ଲକ୍ମନ୍ ନିଜର୍ ନିଜର୍ ଜିବ୍ ଚାବିଅଇଦେଲାଇ । **୧୧** ତାକର୍ ଦୁକା ଆରି ଉଟାନର୍ ଲାଗି ସରଗର୍ ପର୍‌ମେସର୍‌କେ ସେମନ୍ ସାଇପ୍ ଦେଲାଇ । ମାତର୍ ତାକର୍ କାରାପ୍ ଚଲାଚଲ୍‌ତିର୍ ଲାଗି ସେମନ୍ ବାଉଡତ୍‌ନାଇ । **୧୨** ତାର୍‌ପଚେ ଚଅ ଲମର୍ ଦୁତ୍ ତାର୍ ରିସାର୍ ଗିନା ଇଉପର୍‌ଟିସ୍ ନାଉଁର୍ ଗଟେକ୍ ବଡ୍‌ଗାଡେ ଆଜାଡିଦେଲା । ଆରି ଏଦେ ଦେକା! ସେ ଗାଡର୍ ପାନି ଅଁଟିଗାଲା । ସେନ୍ତାରି ପୁର୍‌ବେଅନି ଜନ୍ ରାଜାମନ୍ ଆରି ତାକର୍ ସନିଅମନ୍ ଆଇବାର୍ ରଇଲା, ସେମନର୍‌ପାଇ ବାଟ୍ ତିଆର୍‌ଅଇଲା । **୧୩** ତାର୍‌ପଚେ ତିନ୍‌ଟା ବେଙ୍ଗ୍‌ପାରା ଡିସ୍‌ବା ଅସୁକଲ୍ ଆତ୍‌ମାମନ୍‌କେ ମୁଇ ଦେକ୍‌ଲି । ସେମନ୍ ଅସୁର୍‌ସାଁପର୍ ଟଣ୍ଡେଅନି, ପସୁର୍ ଟଣ୍ଡେଅନି ଆରି ମିଚ୍ କଇବା ବବିସତ୍‌ବକ୍‌ତାର୍ ଟଣ୍ଡେଅନି ବାରଇ ଆଇତେରଇଲାଇ । **୧୪** ସେମନ୍ କାବାଅଇଜିବା କାମ୍ କର୍‌ବା ଡୁମାମନର୍ ଆତ୍‌ମାମନ୍ । ଏ ତିନ୍‌ଟା ଆତ୍‌ମା ଜଗତେ ରଇବା ସବୁ ରାଜାମନର୍‌ଟାନେ ଗାଲାଇ । ବେସି ବପୁ ରଇବା ପର୍‌ମେସରର୍ ବଡ୍ ଦିନର୍ ଜୁଇଦେ ସେ ଆତ୍‌ମାମନ୍ ସବୁ ରାଜାମନ୍‌କେ ଟୁଲିଆଇ ଆନ୍‌ବାଇ । **୧୫** ସୁନା, ମୁଇ ଚର୍ ପାରା ଆଇଲିନି । ଜନ୍ ଲକ୍ମନ୍ ଜାଗ୍‌ରତ୍ ରଇକରି ତାକର୍ ବସ୍‌ତର୍ ଜାଗର୍‌ତା କରି ସଙ୍ଗ୍‌ଇବାଇ, ସେମନ୍ କେଡେକ୍ କରମର୍ ଲକ୍ମନ୍ । ମୁଇ ଆଇବା ଦିନେ ସେମନ୍ ଗଟେକ୍ ଡୁମ୍‌ଣ୍ଡା ଅଇକରି ଏନେତେନେ ବୁଲ୍‌ବା ଲକ୍ ପାରା ନ ରଏ । ଆରି ସେମନ୍ ଲକ୍ମନ୍‌କେ ଦେକି ଲାଜ୍ ନ ଅଅତ୍ । **୧୬** ତାର୍‌ପଚେ ଆତ୍‌ମାମନ୍ ସବୁ ରାଜାମନ୍‌କେ ଗଟେକ୍ ଜାଗାଇ ଟୁଲିଆଇ ଆନ୍‌ଲାଇ । ଏବ୍‌ରି ବାସାଇ ସେ ଜାଗାର୍ ନାଉଁ ଅଇଲାନି ଅମିଗର୍‌ଦନ୍ । **୧୭** ତାର୍‌ପଚେ ସାତ୍ ଲମର୍ ଦୁତ୍, ତାର୍ ରିସାର୍ ଗିନା ପବନେ ଆଜାଡିଦେଲା । ଆରି ଏଦେ ଦେକା! ମନ୍ଦିରେ ରଇବା ବସ୍‌ବା ଜାଗାଇ ଅନି ଗଟେକ୍ ବଡ୍ ସବଦ୍ ଆଇଲା । “ସେଟା ସବୁ ସାରିଗାଲା!” **୧୮** ଦାପ୍‌ରେ ବିଜ୍‌ଲି ମାର୍‌ଲା, ଗଡ୍‌ଗଡି ମାର୍‌ଲା ଆରି ବେସି ଦର୍‌ତନି ଚୁଲ୍‌ବୁଲ୍‌ଲା । ମୁନୁସ୍ ଜାତି ତିଆର୍ କଲାତେଇଅନି ଏନ୍ତାରି ଦର୍‌ତନି ଚୁଲ୍‌ବୁଲ୍‌ବାଟା କେବେ ନ ଅଇରଇଲା । ଏଟା ସବୁର୍‌ଟାନେ ଅନି କାରାପ୍ ରଇଲା । **୧୯** ସେ ବଡ୍ ନଅର୍ ତିନ୍‌ବାଗ୍ ଅଇଗାଲା । ସବୁ ଦେସର୍, ସବୁ ରାଇଜର୍ ନଅର୍‌ମନ୍, ବିନାସ୍ ଅଇଗାଲା । ପର୍‌ମେସର୍ ଡାକ୍‌ପୁଟା ରଇବା ବାବିଲନ୍‌କେ ଏତାଇଲା । ଆରି ତାର୍ ଗିନାଇଅନି ତାକେ ମଦ୍ କୁଆଇଲା । ଏଟାର୍ ଅରତ୍ ଅଇଲାନି, ତାର୍ ରିସାଇଅନି ଆଇବା ବଡ୍ ଡଣ୍ଡ ସେମନ୍ ପାଇବାଇ । **୨୦** ସମ୍‌ଦୁର୍ ମଜାଇ ରଇବା ସୁକ୍‌ଲା ଜାଗାମନ୍ ସବୁ କୁପ୍‌ଲି, କି ଡଙ୍ଗ୍‌ର୍‌ମନ୍ ନ ରଇଲା । **୨୧** ଆକାସେଅନି ପଚାସ୍ କେଜି ଲାକା ରଇବା କାରାପାକ୍‌ନାମନ୍ ଲକ୍ମନର୍ ଉପ୍ରେ ଅଦର୍‌ଲା । କାରାପାକ୍‌ନା ଅଦର୍‌ଲା ବିପଦର୍‌ଲାଗି ଲକ୍ମନ୍ ପର୍‌ମେସର୍‌କେ ସାଇପ୍ ଦେଲାଇ । କାଇକେବଇଲେ ସେଟାଗଟେକ୍ ବଡ୍ ବିପଦ୍ ରଇଲା ।

**୧୭** ତାର୍‌ପଚେ ସାତ୍‌ଟା ଗିନାଦାରିରଇବା ସାତ୍‌ଟା ଦୁତ୍‌ମନର୍ ବିତ୍‌ରେ ଅନି ଗଟେକ୍ ଦୁତ୍ ମକେ ଆସିକରି କଇଲା, “ଇତି ଆଉ ।” ସେ ଡାକ୍‌ପୁଟାର୍ ବେସିଆ କେନ୍ତାରି ଡଣ୍ଡ ପାଇସି, ସେଟା ମୁଇ ତକେ ଦେକାଇବି । ବେସି ଗାଡ୍‌ମନ୍ ମିସିରଇବା ଜାଗାଇ ସେ ନଅର୍ ତିଆର୍ ଅଇଲାଆଚେ । **୨** ଜଗତର୍ ରାଜାମନ୍ ତାର୍ ସଙ୍ଗ୍ ବେସିଆ କାମ୍ କଲାଇ । ଜଗତର୍ ଲକ୍ମନ୍ ତାର୍ ମଦ୍ କାଇକରି ମାତ୍‌ଲାଇ । ତାର୍ ଅରତ୍ ଅଇଲାନି, ତାକର୍ କାରାପ୍ ଚଲାଚଲ୍‌ତିକେ ସେମନ୍ ମାନ୍‌ଲାଇ । **୩** ମକେ ଆତ୍‌ମା ଦାରିଦେଲା ଆରି ଦୁତ୍ ମକେ ମରୁବାଲି ବୁଏଁ ଡାକିନେଲା । ଆରି ଏଦେ ଦେକା! ତେଇ ରଙ୍ଗ୍ ପସୁର୍ ଉପ୍ରେ ଗଟେକ୍ ମାଇଜି ବସିରଇବାଟା ମୁଇ ଦେକ୍‌ଲି । ତାକେ ସାତ୍‌ଟା ମୁଣ୍ଡ ଆରି ଦସ୍‌ଟା ସିଙ୍ଗ୍ ରଇଲା । ପର୍‌ମେସର୍‌କେ ନିନ୍ଦାକର୍‌ବା ନାଉଁ ସେ ପସୁର୍

ଉପ୍‌ରେ ଲେକାଅଇରଇଲା । ୪ ସେ ମାଇଜି ରଙ୍ଗ ଆରି ଜାମ୍‌କଲି
ରଙ୍ଗର୍ ବସ୍‌ତର୍ ପିନ୍ଦିରଇଲା । ସେ ବେସି ସୁନାବାନା, ଆରି
ବେସି ଦାମ୍ ଦେଇରଇବା ଇରାନିଲା ପିନ୍ଦିରଇଲା । ତାର୍ ଆତେ
ସୁନାର୍ ଗିନା ଦାରିରଇଲା । ସେ କରିରଇବା ବେସିଆ କାମ୍‌ମନ୍
ଆରି କାରାପ୍ କାମ୍‌ମନ୍ ସେ ଗିନାଇ ବର୍‌ତିଅଇରଇଲା । ୫ ତାର୍
କାପାଲେ ଲେକିରଇବା ନାଉଁ କେ ନାଜାନ୍‌ବା ଗଟେକ୍ ଅରତ୍
ରଇଲା । "ଏ ଡାକ୍‌ପୁଟାର୍ ବାବିଲନ୍!" ଜଗତେ କରିରଇବା
ସବୁ ବେସିଆ କାମର୍ ଆରି କରାପ୍ କାମର୍ ଆୟା ତୁଇସେ
। ୬ ଆରି ସେ ମାଇଜି ପର୍‌ମେସରର୍ ଲକ୍‌ମନର୍ ବନି କାଇ
ମାତିରଇବାଟା ମୁଇ ଦେକ୍‌ଲି । ଜିସୁକେ ବିସ୍‌ବାସ୍ କରି ସାଦ୍‌ବାନ୍ଦ
ଅଇ ମରିଜାଇରଇବା ଲକ୍‌ମନର୍ ବନି କାଇକରି ମିସା ସେ
ମାତିରଇଲା । ମୁଇ ତାକେ ଦେକିକରି କାବା ଅଇଗାଲି । ୭
ଦୁତ୍ ମକେ ପାଚାର୍‌ଲା, "କାଇକେ ତୁଇ କାବା ଅଇଗାଲୁସ୍? ଏ
ମାଇଜିର୍ ଆରି ତାକେ ଦାରିରଇବା ପସୁର୍ କେ ନାଜାନି ରଇବା
ଅରତ୍ ମୁଇ ତକେ କଇଦେବି ।" ସେ ପସୁକେ ସାତ୍‌ଟା ମୁଣ୍ଡ ଆରି
ଦସ୍‌ଟା ସିଙ୍ଗ ରଇଲା । ୮ ଆଗ୍‌ତୁ ତରେକ୍ ସେ ପସୁ ବଁଚିରଇଲା
। ମାତର୍ ଏବେ ଆରି ସେ ନ ବଁଚେ । ପାତାଲେଅନି ସେଟା
ବାରଇ ଆଇସି । ତାକେ ଆରି ତରେକ୍ ସେ ଡଣ୍ଡ ପାଇବା ଜାଗାଇ
ନିଆଅଇସି । ଜଗତେରଇବା ଲକ୍‌ମନ୍, ସବୁ ତିଆର୍ ନ ଅଇବା
ଆଗ୍‌ତୁ, ଜାର୍ ନାଉଁ ଜିବନ୍‌ରଇବା ବଇଟାନେ ଲେକାଅତ୍‌ନାଇ,
ସେମନ୍ ସେ ପସୁକେ ଦେକି କାବାଅଇଜିବାଇ । କାଇକେବଇଲେ
ସେ ଆଗ୍‌ତୁ ବଁଚିରଇଲା, ଏବେ ଆରି ସେଟା ବଁଚିରଏନାଇ
। ମାତର୍ ସେଟା ଆରିତରେକ୍ ଆଇସି । (Abyssos g12) ୯
"ଗଟେକ୍ ଗିଆନ୍ ରଇବା ଆରି ଚିନ୍ତା କର୍‌ବା ଲକ୍‌ସେ ଏଟା
ବୁଜିପାର୍‌ସି । ସେ ସାତ୍‌ଟା ମୁଣ୍ଡର୍ ଅରତ୍ ଅଇଲାନି, ସେ ମାଇଜି
ବସ୍‌ବା ସାତ୍‌ଟା କୁପ୍‌ଲି । ସେଟା ଅଇଲାନି ସାତ୍‌ଟା ରାଜାମନ୍
ମିସା । ୧୦ ସେ ସାତ୍‌ଟା ରାଜାମନର୍ ବିତ୍‌ରେ ଅନି ପାଁଚଟା
ରାଜା ବୁଡିଗାଲାଇ । ଗଟେକ୍ ଏବେ ମିସା ସାସନ୍ କଲାନି
। ସାରାସାରିଟା ଏବେଜାକ ଆସେନାଇତା । ସେ ଆଇଲେ
ଚନେକର୍‌ପାଇ ସାସନ୍ କର୍‌ବାର୍‌ଆଚେ । ୧୧ ଆରି ଜନ୍ ପସୁ
ଜେ କି ଆଗ୍‌ତୁ ବଁଚିରଇଲା, ଆରି ଏବେ ସେ ବଁଚେନାଇ,
ସେ ଅଇଲାନି ଆଟ୍ ଲମର୍ ରାଜା । ସାତ୍‌ଟା ରାଜାମନର୍
ବିତ୍‌ରେଅନି ସେ ଗଟେକ୍ । ଆରି ସେ ମିସା ବୁଡିଜାଇସି ।"
୧୨ ଜନ୍ ଦସ୍‌ଟା ସିଙ୍ଗ ତୁଇ ଦେକିରଇଲୁସ୍, ସେଟା ଅଇଲାନି
ଦସ୍‌ଟା ରାଜା । ସେମନ୍ ଏବେଜାକ ରାଇଜେ ସାସନ୍ କରତ୍
ନାଇତା । ମାତର୍ ପସୁସଙ୍ଗ ରାଜା ଇସାବେ ଗଟେକ୍ ଘଁଟା
ସାସନ୍ କର୍‌ବାକେ ଅଦିକାର୍ ଦିଆଅଇସି । ୧୩ ଏ ସବୁ ଦସ୍‌ଟା
ରାଜାମନ୍‌କେ ଗଟେକ୍ ଆକା ଆଦେସ୍ ଆଚେ । ତାକର୍ ସବୁ ବପୁ
ଆରି ଅଦିକାର୍ ପସୁକେ ଦେବାଇ । ୧୪ ସେମନ୍ ମେଣ୍ଡାପିଲାର୍
ବିରୁଦେ ଜୁଇଦ୍ କର୍‌ବାଇ । ମାତର୍ ମେଣ୍ଡାପିଲା ସେମନ୍‌କେ
ଆରାଇସି । କାଇକେବଇଲେ ସେ ସବୁ ମାପ୍‌ରୁମନର୍ ଟାନେଅନି
ଉଚେ ରଇବା ମାପ୍‌ରୁ । ଆରି ରାଜା ମନର୍‌ଟାନେ ଅନି ଉପ୍‌ରେ
ରଇବା ରାଜା । ତାର୍ ଜେତ୍‌କି ସିସ୍‌ମନ୍‌କେ ସେ ଡାକିକରି
ବାଚ୍‌ଲାଆଚେ, ଆରି ତାକେ ସତ୍ ସଙ୍ଗ ନାମ୍‌ବାଇ, ସେମନର୍
ସଙ୍ଗ ସେ ଜୁଇଦ୍ କର୍‌ସି । ୧୫ ଦୁତ୍ ଏନ୍ତାରି ମିସା ମକେ କଇଲା,
ତୁଇ ଜନ୍ ପାନି ଉପ୍‌ରେ ବେସିଆ ବସିରଇବାଟା ଦେକ୍‌ଲୁସ୍,
ସେଟା ଅଇଲାନି ଏ ଜଗତର୍ ରାଇଜ୍‌ମନ୍, ଲକ୍‌ମନ୍, ଜାତିମନ୍
ଆରି ବାସାମନ୍ । ୧୬ ତୁଇ ଦେକିରଇବା ଦସ୍‌ଟା ସିଙ୍ଗ ଆରି
ସେ ପସୁ, ବେସିଆକେ ଗିନ୍ କର୍‌ବାଇ । ତାର୍‌ଟାନେ ରଇବାଟା
ସବୁ ଚାଡାଇନେଇ ଡୁମ୍‌ଣ୍ଡା କର୍‌ବାଇ । ତାର୍ ମାଉଁସ୍ କାଇକରି
ତାକେ ଜଇଟାନେ ପଡାଇଦେବାଇ । ୧୭ କାଇକେବଇଲେ
ପର୍‌ମେସର୍ ତାର୍ ଜଜ୍‌ନା ପୁରାପୁରନ୍ କର୍‌ବାକେ ସେମନର୍
ମନ୍‌କେ ଏ କାତାଦେଇ ପାଟାଇଆଚେ । ସେମନ୍ ଗଟେକ୍ ଅଇ
କାମ୍ କର୍‌ବାଇ । ପର୍‌ମେସରର୍ ବାକିଅ ସିଦ୍ ଅଇବାଜାକ ତାର୍
ରାଇଜର୍ ସାସନ୍ କର୍‌ବା ବପୁ, ପସୁକେ ଦେଲାଆଚେ । ୧୮
ଆରି ଜନ୍ ମାଇଜିକେ ତୁଇ ଦେକ୍‌ଲୁସ୍, ସେ ଅଇଲାନି, ଜଗତର୍
ରାଜାମନ୍‌କେ ସାସନ୍ କର୍‌ବା ସେ ବଡ୍ ନଅର୍ ।

**୧୮** ତାର୍‌ପଚେ ଏଦେ ଦେକା! ସର୍‌ଗେଅନି ଆରି ଗଟେକ୍
ଦୁତ୍ ଉତ୍‌ରିଆଇବାଟା ମୁଇ ଦେକ୍‌ଲି । ତାକେ ବେସି
ଅଦିକାର୍ ରଇଲା । ଆରି ତାର୍ ଉଜଲ୍ ଗୁଲାଇ ଜଗତେ
ବର୍‌ତି ଅଇଗାଲା । ୨ ସେ ବେସି ଆକ୍‌ମାରି କଇଲା, "ତାର୍
ଦସା ଅଇଲା ଆଚେ! ସେ ବଡ୍ ବାବିଲନ୍ ମାଟିଲଗେ ମିସି
ରୁନ୍‌ଚୁନା ଅଇଗାଲାବେ! ସେଟା ଏବେ ମାଟିବିତ୍‌ରେ ତପିଅଇ
ଗାଲାବେ! ତାକେ ଏବେ ଡୁମାମନ୍ ଆରି ଅସୁକଲ୍ ଆତ୍‌ମାମନ୍
ବାଦାଦେଲାଇନି । ସବୁ ରକାମର୍ ଅସୁକଲ୍ ଆରି ଗିନ୍‌କର୍‌ବା
ଚଡଇମନ୍ ତାର୍ ବିତ୍‌ରେ ବାସା ଅଇଆଚତ୍ । ୩ କାଇକେବଇଲେ
ଜଗତର୍ ସବୁ ରାଇଜ୍‌ମନ୍, ତାର୍ ମଦ୍ କାଇ ମାତିଜାଇଆଚତ୍ ।
ଏଟାର୍ ଅରତ୍ ଅଇଲାନି ତାର୍ କାରାପ୍ ଚଲାଚଲ୍‌ତି ମାନ୍‌ବାକେ
ସେମନ୍‌କେ ସୁତ୍‌ରାଇଲା । ଜଗତର୍ ରାଜାମନ୍ ତାର୍ ସଙ୍ଗ
ବେସିଆ କାମ୍ କର୍‌ବାର୍ ଅବିଆସ୍ କଲାଇ । ଜନ୍ ସଁପତି ପାଇବା
ଆସାଇଅନି ଏ ଜଗତର୍ ବେବାରିମନ୍ ସାଉକାର୍ ଅଇଗାଲାଇ
।" ୪ ତାର୍‌ପଚେ ସର୍‌ଗେ ଅନି ଆରି ଗଟେକ୍ ସବଦ୍ ଏନ୍ତାରି
କଇବାଟା ମୁଇ ସୁନ୍‌ଲି । "ମର୍ ଲକ୍‌ମନ୍ ତାର୍‌ଟାନେଅନି
ବାରଇ ଆସା । ତମେ ଜଦି ତାର୍ ପାପେ ମିସ୍‌ଲେ, ସେ ପାଇବା
ଡଣ୍ଡେ ମିସ୍‌ସା । ୫ କାଇକେବଇଲେ ତାର୍ ସବୁଜାକ ପାପ୍
କୁପା କୁଡାଇଲା ପାରା ସର୍‌ଗେ ଜାକ କେଟ୍‌ଲା ଆଚେ । ଆରି
ପର୍‌ମେସର୍ ତାକର୍ କାରାପ୍ ଚଲାଚଲ୍‌ତି ଏତାଇଲାନି । ୬
ତାର୍ କରିରଇବା କାମର୍ ଲାଗି ତାକେ ବାଉଡାଇ ଦିଆଅଇସି
। ଆରି ସେ ସମାନ୍ ଡଣ୍ଡ ପାଇସି । ଲକ୍‌ମନ୍‌କେ ଦୁକ୍‌କସ୍‌ଟ
ଦେବାକେ ସେ ଜାଇଜାଇଟା କଲାଆଚେ, ସେଟା ତାକେ ଦୁଇ
ଗୁନ୍ ଇସାବେ ବାଉଡାଇ ଦିଆଅଇସି । ସେ ଜେତ୍‌କି କାଟୁର୍
ମଦ୍ ବିନ୍ ଲକ୍‌ମନ୍‌କେ କାଇବାକେ ଦେଇତେରଇଲା, ତାର୍

ଦୁଇଗୁନ୍ ଅଦିକାର୍‌ଟା ତାକେ କାଇବାକେ ଦିଆଅଇସି । ୭
ତାର୍ ଜେତ୍‌କି ଦନ୍ ସଁପତି ଆରି ବଡ୍‌ପନ୍ ଆଚେ, ସେ ଇସାବେ
ତାର୍ ଦୁକ୍ କସ୍‌ଟ ଆରି କାକୁର୍‌ତି ରଇସି । ସେ ନିଜ୍‌କେ କଇସି
'ମୁଇ ଇତି ସାସନ୍ କର୍‌ବା ଗଟେକ୍ ରାନି ।' ରାଣ୍ଡି ଅଇଲିଆଚି
ଜେ ମୁଇ କାନ୍ଦବି? ୮ ସେଟାର୍‌ପାଇବଲି ଦିନେକ୍ ବିତ୍‌ରେ
ତାକେ ମର୍‌ଡି, ରଗ୍‌ଦୁକା, କାକୁର୍‌ତି ଆରି ଇନସ୍‌ତା ଆଇସି ।
ଆରି ସେ ଜଇଟାନେ ପଡିଜାଇସି । କାଇକେବଇଲେ ବେସି
ବପୁର୍ ମାପ୍‌ରୁ ପର୍‌ମେସର୍ ତାକେ ବିଚାର୍‌ନା କର୍‌ସି ।" ୯
ତାର୍ ବେସିଆ କାମେ ଆରି ଲାଲ୍‌ସା ଅଇ ମିସ୍‌ଲା ଜେତ୍‌କି
ରାଜାମନ୍ ସେ ଜଇଲଗେ ପଡ୍‌ଲାତେଇଅନି ବାରଇବା ଦୁଆଁ
ଦେକିକରି ଆକ୍‌ମାରି କାନ୍ଦବାଇ । ୧୦ ସେମନ୍ ଆମେମିସା ଡଣ୍ଡ
ପାଇବୁ ବଲି ଡରିକରି ଦୁରିକେ ଟିଆଅଇ କଇବାଇ, "ଏଟା କାଇ
ଇନସ୍‌ତା, କାଇ କାକୁର୍‌ତି, ଏ ବଡ୍ ଅଇକରି ସୁନ୍ଦର୍ ବାବିଲନ୍
। ତୁଇ ପାଇବା ଡଣ୍ଡ ଅଟାତ୍ ଅଇଗାଲା । କାଇକେବଇଲେ
ଗଟେକ୍ ଗଁଟା ବିତ୍‌ରେ ତୁଇ କୁରୁପ୍‌ନାସ୍ ଅଇଗାଲୁସ୍ ।" ୧୧ "ଏ
ଜଗତର୍ ବେବାରିମନ୍ ତାର୍‌ପାରା ଦୁକ୍ ଅଇକରି କାନ୍ଦଲାଇନି ।
କାଇକେବଇଲେ ତାକର୍ ଜିନିସ୍ ଆରି କେ ନ ଗେନତ୍ ।" ୧୨
ତାକର୍ ସୁନାବାନା, ତାକର୍ ରୁପା, ଜବର୍ ଦାମ୍ ଦେଇରଇବା
ଇରା ମତିମନ୍, ସିଲ୍‌କୁ ଲୁଗା, ଜାମ୍‌କଲି ରଙ୍ଗର୍ ବସ୍‌ତର୍,
ରଙ୍ଗଆ ବସ୍‌ତର୍, ବିନ୍ ବିନ୍ ରକାମର୍ ବେସି ଦାମ୍ ଦେବା
ବାସ୍‌ନା ଗଚ୍, ଆଁତିର୍ ଦାଡାଇଅନି ଜବର୍ ଦାମ୍‌ଦେବାଟାମନ୍,
ଗଚେଅନି, ପିତଲେଅନି, ଲୁଆଇଅନି, ମାର୍‌ବଲ୍ ପାକ୍‌ନାଇ
ଅନି, ତିଆର୍ କରିରଇବାଟା, ବିନ୍ ବିନ୍ ଜିନିସ୍ କେ ମିସା ନ
ଗେନତ୍ । ୧୩ ଡାଲ୍‌ଚିନି, ବିନ୍ ବିନ୍ ରକାମର୍ ମସ୍‌ଲା, ଦୁପ୍,
ବାସ୍‌ନାଦେବା ଦିନ୍‌ସୁ, ଟୁଣ୍ଡରି, ଅଙ୍ଗୁର୍ ମଦ୍, ଚିକନ୍, ଅଟା,
ଗଁମ୍, ଗରୁ, ମେଣ୍ଢା, ଗଡା, ରତ୍, ଏନ୍ତାରିକି ଗଡିକଟ୍‌ବା ଦାଙ୍ଗଡା
ଆରି ଲକ୍‌ମନ୍‌କେ ମିସା ଜାକେ କି ସେମନ୍ ଗଡିଦାଙ୍ଗଡା କରି
ବିକ୍‌ବାଇ, ସେମନ୍‌କେ ମିସା ଗେନି ନେବାକେ କେ ନ ବାରଅତ୍
। ୧୪ ବେବାରିମନ୍ ତାକେ କଇଲାଇ, "ଜନ୍ ସବୁ ଜିନିସ୍
ତମେ ନିଜର୍ କର୍‌ବାକେ ମନ୍ କର୍‌ତେରଇଲାସ୍, ସେଟା ସବୁ
ପୁରାପୁରୁନ୍ ନସ୍‌ଟ ଅଇଗାଲା । ତମର୍ ଦନ୍ ସଁପତି ନସିଗାଲା
ଆରି ଜେତ୍‌କି ଜିନିସ୍ ତମ୍‌କେ ସାର୍‌ଦା କରାଇତେରଇଲା,
ସେଟାମନ୍ ଆରି ନ ଡିସେ ।" ୧୫ ସେ ନଅରେ ବେବାର୍ କରି
ବେବାରିମନ୍ ଜେତ୍‌କି ସାଉକାର୍ ଅଇଗାଲାଇ, ସେ ନଅରର୍
ଡଣ୍ଡେ, ସେମନ୍‌କେ ମିସାଇବାଇ ବଲି ଡରିକରି ସେମନ୍ ଦୁରିକେ
ରଇବାଇ । ସେମନ୍ ଆକ୍‌ମାରି କାନ୍ଦବାଇ । ୧୬ ଆରି ଏନ୍ତାରି
କଇବାଇ "ଏଟା କାଇ ଇନସ୍‌ତା! ଏ ବଡ୍ ନଅରର୍ ପାଇ କାଇ
କାକୁର୍‌ତି? ତେଇର୍ ଲକ୍‌ମନ୍ ଜାମ୍‌କଲିଆ ରଙ୍ଗର୍ ଆରି ଦବ୍
ସିଲ୍‌କୁ ଲୁଗା ପିନ୍ଦତେରଇଲାଇ । ସେମନ୍ ସୁନା ଆରି ବେସି ଦାମ୍
ଦେବା ଇରା ମୁକ୍‌ତାମନ୍ ପିନ୍ଦିରଇଲାଇ । ୧୭ ମାତର୍ ଗଟେକ୍
ଗଁଟା ବିତ୍‌ରେ ତାକର୍ ସବୁ ଦନ୍ ସଁପତି କୁରୁପ୍‌ନାସ୍ ଅଇଗାଲା ।
ପାନିଜାଜ୍ ଚାଲାଉମନ୍ ଆରି ଜାଜେ ଜିବାଲକ୍‌ମନ୍ ଜାଜେ କାମ୍
କର୍‌ବା ଲକ୍‌ମନ୍ ଆରି ସମ୍‌ଦୁରେ କାମ୍ କରି ଜିଉନାକାଉନା
କରି ସାଉକାର୍ ଅଇରଇଲାଇ, ସେମନ୍ ସବୁ ଦୁରିକେ ରଇକରି
ଦେକ୍‌ତେରଇଲାଇ ।" ୧୮ ସେ ନଅର୍ ପଡ୍‌ଲାକେ ତେଇଅନି
ଉଟ୍‌ଲା ଦୁଆଁ ଦେକି ସେମନ୍ ଆଉଲି ଅଇକରି କଇଲାଇ, "ଏ
ନଅର ପାରା ଆରି କନ୍ ନଅର୍ ମିସା ନ ରଇଲା ।" ୧୯
ସେମନ୍ ତାକର ମୁଣ୍ଡେ ଦୁଲି ବିଚିଅଇଲାଇ ଆରି ଆକ୍‌ମାରି କାନ୍ଦି
କାନ୍ଦି କଇଲାଇ, "ଏଟା କାଇ ଇନସ୍‌ତା । ଏ ବଡ୍ ନଅରର୍
ପାଇ କାଇ କାକୁର୍‌ତି?" ସମ୍‌ଦୁରେ ଆସ୍‌ଜା ଅଇତେରଇବା
ଜାଆଜ୍ ମନ୍ ତାକର୍ ଦନର୍ ଲାଗି ସାଉକାର୍ ଅଇରଇଲାଇ ।
ଆରି ଏବେ ଗଟେକ୍ ଗଁଟା ବିତ୍‌ରେ ସେଟାସବୁ ନସିଗାଲା ।
୨୦ ସେ ବଡ୍ ନଅରର୍ ଦସାର୍‌ଲାଗି ସର୍‌ଗେ ରଇବା ଲକ୍‌ମନ୍
ସାର୍‌ଦା ଉଆ । ପର୍‌ମେସର୍ ସେ ନଅର୍‌କେ ଡଣ୍ଡ ଦେଲାକେ
ତମେ ବବିସତ୍‌ବକ୍‌ତାମନ୍, ପାର୍‌ଚିନ୍‌ମନ୍ ଆରି ପର୍‌ମେସର୍‌କେ
ବିସ୍‌ବାସ୍ କର୍‌ବା ଲକ୍‌ମନ୍ ସାର୍‌ଦା ଉଆ । ସେ ନଅରର୍
ଲକ୍‌ମନ୍ ତମ୍‌କେ ତାଡ୍‌ନା କର୍‌ତେରଇଲାଇ । ୨୧ ତାର୍‌ପଚେ
ଏଦେ ଦେକା! ଗଟେକ୍ ବେସି ବପୁର୍ ଦୁତ୍ ଗଟେକ୍ ବଡ୍ ଜତା
ଏତ୍‌କି ପାକ୍‌ନା ବେଟି ସମ୍‌ଦୁରେ ପିଙ୍ଗଲା । ଆରି କଇଲା
"ଏନ୍ତାରିସେ ବଡ୍ ନଅର୍ ବାବିଲନ୍‌କେ ଜବର୍ ଅଇତେ ପିଙ୍ଗବାଇ
। ଆରି ତାର୍ ନାଉଁଗନ୍ଦ ନ ମିଲେନି । ୨୨ ବିଣା ବାଜାଉମନ୍,
ଗିତ୍‌ଗାଉମନ୍, ବାଉଁସି ପୁକୁମନ୍ ଆରି ମଇରିର୍ ସବଦ୍ କେବେ
ନ ସୁନତ୍ । ସୁନ୍ଦର୍ ଜିନିସ୍ ତିଆର୍‌କରୁମନ୍ ତେଇଆରି ନ ଡିସତ୍
। ଲକ୍‌ମନ୍ ଜତାସଙ୍ଗ ଗର୍‌ବା ସବଦ୍ ମିସା ଆରି ନ ସୁନିଅଏ
। ୨୩ ଏ ନଅର୍ କାଇବତିସଙ୍ଗ ମିସା ଉଜଲ୍ ନ ଡିସେ । ଏବେ
ବିବା ଅଇବା ଦାଙ୍ଗଡା ଦାଙ୍ଗଡିର୍ କାତା ମିସା ନ ସୁନିଅଏ ।
ତମର୍ ବେବାରିମନ୍ ଗୁଲାଇ ଜଗତେ ଡାକ୍‌ପୁଟା ଅଇଆଚତ୍
। ଆରି ତର୍ ମାୟାଜାଲେ ପଡିକରି ଜଗତର୍ ଲକ୍‌ମନ୍ ସବୁ
ନାଡାଇଅଇଲାଇ ।" ୨୪ ବଡ୍ ନଅର୍ ବାବିଲନ୍ ଡଣ୍ଡ ପାଇଆଚେ
। କାଇକେବଇଲେ ବବିସତ୍‌ବକ୍‌ତାମନର୍ ଆରି ପର୍‌ମେସରର୍
ଲକ୍‌ମନର୍ ବନି ସେ ନଅରେ ବଇଗାଲାଆଚେ । ଆରି ଗୁଲାଇ
ଜଗତେ ମରାଇଅଇରଇବା ଜେତ୍‌କି ଲକ୍ ଏ ନଅରର୍ ଲାଗି
ମରିଜାଇରଇଲାଇ । ବାବବାଦିମନର୍ ସାଦୁଲକ୍‌ମନର୍ ଆରି
ପୁର୍‌ତିବିତେଇ ମାରା ଜାଇରଇବା ସବୁଲକ୍‌ମନର୍ ବନି ସେ ଡିସି
ରଇଲା ।

**୧୯** ତାର୍‌ପଚେ ସର୍‌ଗେ ଗଟେକ୍ ଜାଗାଇ ମାନ୍ଦା ଲକ୍
ଆଉଲିଅଇକରି ଏନ୍ତାରି କଇବାଟା ମୁଇ ସୁନ୍‌ଲି ।
"ପର୍‌ମେସର୍‌କେ ଜୁଆର୍ କରା । ସେ ଆମ୍‌କେ ମୁକ୍‌ତି
ଦେଲାଆଚେ । ଆମର୍ ପର୍‌ମେସର୍‌କେ ଡାକ୍‌ପୁଟା ଆରି ବପୁ ଅ
।" ୨ ତାର୍ ବିଚାର୍‌ନା ଜାକ ସତ୍ ଆରି ଅନିଆଇ ନ ଅଇତେ ଜନ୍
ବେସିଆ ମାଇଜି ଗୁଲାଇ ଜଗତ୍‌କେ ତାର୍ କାରାପ୍ ଚଲାଚଲ୍‌ତି
ସଙ୍ଗ ନସାଇତେରଇଲା, ସେ ତାକେ ଦସ୍ ଦେଲାଆଚେ ।

ତାର୍ ଦାଙ୍ଗଡାମନ୍‌କେ ସେ ମରାଇଲାକେ ତାକେ ସେ ଡଣ୍ଡ
ଦେଲାଆଚେ । ୩ ସେମନ୍ ଆରିତରେକ୍ ଆଉଲିଅଇଲାଇ ।
“ପର୍‌ମେସର୍‌କେ ଜୁଆର୍ କରା । ସେ ବଡ୍ ନଅର୍ ଜଇଲଗେ
ପଡ୍‌ଲାର୍‌ପାଇ ଉଟ୍‌ଲା ଦୁଆଁ କେବେ ନ ସାରେ ।” (aiōn g165)
୪ ୨୪ ପାର୍‌ଚିନ୍‌ମନ୍ ଆରି ଚାର୍‌ଟା ଜିବନ୍ ରଇବା ପସୁମନ୍
ଡାଣ୍ଡାସନ୍ ପଡି ବସ୍‌ବା ଜାଗାଇ ବସିରଇବା ପର୍‌ମେସର୍‌କେ
ଜୁଆର୍ କଲାଇ । ଆମେନ୍ ପର୍‌ମେସର୍ ଡାକ୍‌ପୁଟା ପାଅ ।
ବଇଲାଇ । ୫ ତାର୍‌ପଚେ ବସ୍‌ବା ଜାଗାଇଅନି ଗଟେକ୍ ସବଦ୍
ଆଇଲା । ସେଟା ଏନ୍ତାରି କଇଲା, “ଆମର୍ ପର୍‌ମେସର୍‌କେ
ଜୁଆର୍ କରା । ତାର୍ ଦାଙ୍ଗଡାମନ୍, ଆକେ ନାମ୍‌ବା ଜେତ୍‌କି
ସବୁ ବଡ୍‌ସାନ୍ ଲକ୍‌ମନ୍ ତାକେ ଜୁଆର୍‌କରା ।” ୬ ତାର୍‌ପଚେ
ଗଟେକ୍ ଜବର୍ ମାନ୍ଦା ଲକର୍‌ପାରା ଆରି ବେସି ସବଦ୍ କରି
ଉପ୍‌ରେ ଅନି ଅଦର୍‌ତେରଇବା ଗଟେକ୍ ଜଲାପାରା ଆରି
ଗୁଡ୍‌ଗୁଡ୍ ଅଇ ଆଇବା ଗଡ୍‌ଗଡି ପାରା ଗଟେକ୍ ସବଦ୍ ସୁନ୍‌ଲି
। ସେମନ୍ ଏନ୍ତାରି କଇତେରଇଲାଇ “ପର୍‌ମେସର୍‌କେ ଜୁଆର୍
କରା । ଆମର୍ ମାପ୍‌ରୁ ସବୁର୍‌ଟାନେଅନି ବପୁର୍‌ଟା । ଆମର୍
ପର୍‌ମେସର୍ ଅଇଲାନି ମାପ୍‌ରୁ ।” ୭ ଆସା ଆମେ ସାର୍‌ଦା ସଙ୍ଗ
ଗିତ୍‌ନାଟ୍ କରୁ ଆରି ତାର୍ କାବାଅଇଜିବା କାମର୍‌ପାଇ ତାକେ
ଡାକ୍‌ପୁଟା କରୁ, କାଇକେବଇଲେ ମେଣ୍ଡାପିଲାର୍ ବିବା ଅଇବା
ବେଲା ଲଗେ କେଟ୍‌ଲାବେ । ଆରି ତାର୍ କନିଆଦାଙ୍ଗଡିକେ
ବିବା ଅଇବାକେ ନିଜେ ତିଆର୍ କଲାଆଚେ । ୮ ତାକେ
ସୁକଲ୍ ପିର୍‌ପିରା ଅଇ ଜକ୍‌ମକିଜିବା ବସ୍‌ତର୍ ପିନ୍ଦବାକେ
ଦିଆଅଇଆଚେ । ପିର୍‌ପିରା ଲୁଗା ଅଇଲାନି, ପର୍‌ମେସରର୍
ଲକ୍‌ମନର୍ ଦରମ୍ କାମ୍ । ୯ ତାର୍‌ପଚେ ଦୁତ୍ ମକେ କଇଲା,
“ଏଟା ଲେକି ସଙ୍ଗଇର । ମେଣ୍ଡାପିଲାର୍ ବିବା ବଜିକେ ଜେତ୍‌କି
ଲକ୍‌କେ ଡାକ୍‌ରା ଅଇଲାଆଚେ । ସେମନ୍ କେଡେକ୍ ନିକ
କରମର୍ ଲକ୍ ।” ଆରି ଦୁତ୍ କଇଲା, “ଏଟା ପର୍‌ମେସରର୍
ସତ୍ ବାକିଅ ।” ୧୦ ମୁଇ ତାକେ ଜୁଆର୍ କର୍‌ବି ବଲି ତାର୍
ଗଡେ ଡାଣ୍ଡାସନ୍ ପଡ୍‌ଲି, ମାତର୍ ସେ ମକେ କଇଲା, “ନିଚ୍ଚୁ,
ମୁଇ ଆରି ତର୍ ସଙ୍ଗର୍ ବିସ୍‌ବାସି ବାଇମନ୍ ଜେତ୍‌କି ଲକ୍ ଆମେ
ସବୁ ଜିସୁ ଜାନାଇରଇବା ସତ୍ ଦାରିଆଚୁ, ଆମେ ସବୁ ଅବ୍‌କା
ଦାଙ୍ଗଡାମନ୍, ପର୍‌ମେସର୍‌କେ ଜୁଆର୍ କରା । କାଇକେବଇଲେ
ଜିସୁ ଜନ୍ ସତ୍ ଜାନାଇଆଚେ, ସେଟାସେ ବବିସତ୍ ବକ୍‌ତାମନ୍‌କେ
କାତାଅଇବାକେ ବପୁଦେଲାଆଚେ ।” ୧୧ ତାର୍‌ପଚେ ସରଗ୍
ଉଗାଡି ଅଇଲାଟା ମୁଇ ଦେକ୍‌ଲି । ଆରି ଏଦେ ଦେକା! ଗଟେକ୍
ଦବ୍ ଗଡା ଆଇବାଟା ଡିସ୍‌ଲା । ଗଡା ଚାଲାଉର୍ ନାଉଁ ଅଇଲାନି
ବିସ୍‌ବାସ୍ କର୍‌ବାଟା ଆରି ସତ୍‌ଟା । ସେ ଅନିଆଇ ନ କରି
ତାର୍ ଜୁଇଦ୍ କର୍‌ସି ଆରି ଜିତ୍‌ସି । ୧୨ ତାର୍ ଆଁକି ଲାଗ୍‌ତେ
ରଇବା ଜଇପାରା ରଇଲା । ଆରି ତାର୍ ମୁଣ୍ଡେ ବେସି ମୁକୁଟ୍
ପିନ୍ଦି ରଇଲା । ଜନ୍ ନାଉଁ ତାର୍ ଉପ୍‌ରେ ଲେକା ଅଇରଇଲା,
ସେଟାକେ ଚାଡିଦେଲେ ଆରି କେ ନାଜାନିରଇଲାଇ । ୧୩
ତାର୍ ବସ୍‌ତର୍ ବନିତେଇ ବୁଡାଇଲାପାରା ରଇଲା । ତାର୍ ନାଉଁ
ରଇଲା ପର୍‌ମେସରର୍ ବାକିଅ । ୧୪ ସର୍‌ଗର୍ ସନିଅମନ୍ ଦବ୍
ବସ୍‌ତର୍ ପିନ୍ଦିକରି ଆରି ଦବ୍‌ଗଡାଇ ବସି ତାର୍ ପଚେ ପଚେ
ଜାଇତେରଇଲାଇ । ୧୫ ତାର୍ ଟଣ୍ଡେଅନି ଗଟେକ୍ ଗଜିଆ
କାଣ୍ଡା ବାରଇଲା । ସେଟାସଙ୍ଗ ସେ ଏ ଜଗତର୍ ରାଇଜ୍‌ମନ୍‌କେ
ଆରାଇସି । ସେ ଡାଟ୍ ସଙ୍ଗ ତାକର୍ ଉପ୍‌ରେ ସାସନ୍ କର୍‌ସି ।
ବେସି ବପୁ ରଇବା ପର୍‌ମେସରର୍ ରିସା ସେମନ୍‌କେ ଦେକାଇସି
। ସେ ତାର୍ ସତ୍‌ରୁମନ୍‌କେ ମାଣ୍ଡିକରି ରମ୍‌ଦିଦେଇସି । ଜେନ୍ତାରିକି
ଅଙ୍ଗୁର୍ ପିଚ୍‌କିକରି ରସ୍ ବାର୍‌କରାଇସି । ୧୬ ତାର୍ ବସ୍‌ତରେ,
ଜଙ୍ଗେ, ଏ ନାଉଁ ଲେକାଅଇରଇଲା । “ସବୁରାଜାମନର୍ ଉପ୍‌ରେ
ରଇବା ରାଜା, ସବୁ ମାପ୍‌ରୁମନର୍ ଉପ୍‌ରେ ରଇବା ମାପ୍‌ରୁ
।” ୧୭ ତାର୍‌ପଚେ ଏଦେ ଦେକା ବେଲ୍ ଉପ୍‌ରେ ଗଟେକ୍
ଦୁତ୍ ଟିଆଅଇରଇବାଟା ମୁଇ ଦେକ୍‌ଲି । ଆକାସର୍ ମଜାଇ
ଉଡ୍‌ତେରଇବା ଜେତ୍‌କି ସବୁ ଚଡଇମନ୍‌କେ ସେ ଆକ୍‌ମାରି
କଇଲା “ଆସା ପର୍‌ମେସରର୍ ବଡ୍ ବଜିତେଇ ଜିବାକେ ସବୁଲକ୍
ଟୁଲ୍‌ଉଆ । ୧୮ ଆସା ଆରି ରାଜାମନର୍, ମୁକିଆମନର୍ ଆରି
ସଇନମନର୍ ମାଉଁସ୍ କାଇବାକେ ଆସା । ଗଡାମନର୍ ଆରି
ତାକେ ଚାଲାଉମନର୍, ବଡ୍ ସାନ୍ ଲକ୍‌ମନର୍, ବନ୍ଦି ଆରି ମୁକ୍‌ଲି
ରଇବା ଲକ୍‌ମନର୍ ସବୁ ଲକର୍ ମାଉଁସ୍ କାଇବାକେ ଆସା ।” ୧୯
ତାର୍‌ପଚେ ସେ ପସୁ, ଜଗତର୍ ରାଜାମନ୍ ଆରି ତାକର୍ ସନିଅମନ୍
ଜେ ଗଡା ଚାଲାଇତେରଇଲା ଆରି ତାର୍‌ସନିଅମନର୍ ସଙ୍ଗ
ଜୁଇଦ୍ କର୍‌ବାକେ ରୁଣ୍ଡଲାଟା, ମୁଇ ଦେକ୍‌ଲି । ୨୦ ତେଇ ପସୁକେ
ବନ୍ଦିକରି ନେଲାଇ । ତାର୍ ସଙ୍ଗ ଜନ୍ ମିଚ୍ କଇବା ବବିସତ୍‌ବକ୍‌ତା,
ଜେ କି ତାର୍ ମୁଆଟେ କାବାଅଇଜିବା କାମ୍‌ମନ୍ କର୍‌ତେରଇଲା,
ତାକେ ମିସା ବନ୍ଦିଗରେ ନେଲାଇ । ଏ କାବାଅଇଜିବା କାମ୍‌ମନର୍
ଲାଗି ସେ ଲକ୍‌ମନ୍‌କେ ନାଡାଇରଇଲା । ଜନ୍ ଲକ୍‌ମନ୍ କି ପସୁର୍
ଚିନ୍ ଗଦିଅଇକରି ତାର୍ ମୁର୍‌ତିକେ ଜୁଆର୍ କର୍‌ତେରଇଲାଇ ସେ
ପସୁ ଆରି ମିଚ୍ କଇବା ବବିସତ୍‌ବକ୍‌ତା ଦୁଇଲକ୍‌ଜାକ ଜିବନ୍
ରଇତେ ଗନ୍ଦ ଅଇତେରଇବା ଜଇର୍ ଗାଡେ ପିଙ୍ଗାଅଇଲା ।
(Limnē Pyr g3041 g4442) ୨୧ ଗଡା ଚାଲାଉର୍ ଟଣ୍ଡେଅନି ବାରଇ
ଆଇବା କାଣ୍ଡା ସଙ୍ଗ ତାକର୍ ସନିଅମନ୍ ମରିଗାଲାଇ । ସବୁ
ଚଡଇମନ୍ ତାକର୍ ମାଉଁସ୍ ପେଟ୍‌ପୁର୍‌ତେ କାଇଲାଇ ।

**୨୦** ତାର୍‌ପଚେ ଏଦେ ଦେକା! ସର୍‌ଗେଅନି ଗଟେକ୍ ଦୁତ୍
ଉତ୍‌ରି ଆଇବାଟା ମୁଇ ଦେକ୍‌ଲି । ତାର୍‌ଲଗେ ପାତାଲର୍
କୁଚିକାଡି ଆରି ଗଟେକ୍ ବଜ୍ ରଇବା ସିକ୍‌ଲି ରଇଲା । (Abyssos
g12) ୨ ସେ ଅସୁର୍ ସାଁପ୍‌କେ ଦାର୍‌ଲା । ଜନ୍ ଆଗର୍ କାଲେ
ରଇଲା ସାଁପ୍, ସେଟା ଅଇଲାନି ସଇତାନ୍ । ତାକେ ଅଜାର୍
ବରସର୍‌ପାଇ ସିକ୍‌ଲିସଙ୍ଗ ବାନ୍ଦିଦେଲା । ୩ ଦୁତ୍ ତାକେ ପାତାଲେ
ପିଙ୍ଗିଦେଲା ଆରି କୁଚି ପାକାଇକରି ସିଲ୍ ମାର୍‌ଲା । ଏନ୍ତାରି
କଲାକେ ଅଜାର୍ ବରସ୍ ନ ସାର୍‌ତେ ସେ ବିନ୍ ବିନ୍ ରାଇଜର୍
ଲକ୍‌ମନ୍‌କେ ଆରି ନାଡାଇ ନାପାରେ । ତାର୍‌ପଚେ ଚନେକର୍‌ପାଇ


ତାକେ ଚାଡିଦେବାଇ । (Abyssos g12) ୪ ତାର୍‌ପଚେ ମୁଇ
କେତେଟା ବସ୍‌ବା ଜାଗାମନ୍ ଦେକ୍‌ଲି । ଜେତ୍‌କି ଲକ୍ ବସ୍‌ବା
ଜାଗାଇ ବସିରଇଲାଇ, ସେମନ୍‌କେ ନିଆଇ କର୍‌ବାକେ ବପୁ
ଦିଆଅଇରଇଲା । ଆରି ତାଡ୍‌ନା ପାଇ ମରାଇଅଇରଇବା
ଆତ୍‌ମାମନ୍‌କେ ଦେକ୍‌ଲି । ଜିସୁ ଜାନାଇରଇଲା ସତ୍ ଆରି
ପର୍‌ମେସରର୍ ବାକିଅ ସେମନ୍ ଜାନାଇରଇଲାଇ । ପସୁକେ
କି ତାର୍ ମୁର୍‌ତିକେ ସେମନ୍ ଜୁଆର୍ କରତ୍‌ନାଇ । ପସୁର୍ ଚିନ୍
ତାକର୍ କାପାଲେ କି ତାକର୍ ଆତେ ଗଦିଅଅତ୍ ନାଇ । ସେମନ୍
ଜିବନ୍ ପାଇଲାଇ ଆରି ଅଜାର୍ ବରସ୍‌ଜାକ କିରିସ୍‌ଟସଙ୍ଗ୍ ରାଜା
ଇସାବେ ସାସନ୍ କଲାଇ । ୫ ଅଜାର୍ ବରସ୍ ନ ସାର୍‌ବାଜାକ
ମରିଜାଇରଇବା ଜେତ୍‌କି ବାକି ଲକ୍ ଜିବନ୍ ପାଅତ୍‌ନାଇ ।
ଏଟାଆକା ପର୍‌ତୁମ୍ ଜିବନ୍ ପାଇବାଟା । ୬ ମଲାତେଇଅନି
ପର୍‌ତମେ ଜେତ୍‌କି ଲକ୍‌କେ ଉଟାଇରଇଲାଇ, ସେମନ୍ କେଡେକ୍
କରମର୍ ଲକ୍ । ପଚର୍ ମରନ୍ ତାକର୍ ଉପ୍‌ରେ ସାସନ୍ ନ କରେ
। ସେମନ୍ ପର୍‌ମେସରର୍ ଆରି କିରିସ୍‌ଟର୍ ପୁଜାରି ଅଇବାଇ
। ସେମନ୍ ତାକର୍ ସଙ୍ଗ୍ ଅଜାର୍‌ବରସ୍ ଜାକ ସାସନ୍ କର୍‌ବାଇ
। ୭ ଅଜାର୍ ବରସ୍ ସାର୍‌ଲାପଚେ ବନ୍ଦିଗରେଅନି ସଇତାନ୍‌କେ
ମୁକ୍‌ଲାଇବାଇ । ୮ ତେଇଅନି ଜଗତର୍ ରାଇଜ୍‌ମନ୍‌କେ
ନାଡାଇବାକେ, ଗୁଲାଇ ଜଗତେ ବିଚିଅଇରଇବା ରାଇଜ୍‌ମନ୍‌କେ
ନାଡାଇବାକେ ସେ ବାରଇସି । ସେଟା ଅଇଲାନି ଗଗ୍ ଆରି
ମାଗଗ୍ । ସଇତାନ୍ ସେମନ୍‌କେ ଜୁଇଦ୍ କର୍‌ବାକେ ରୁଣ୍ଡାଇସି ।
ସମ୍‌ଦୁରେ ରଇବା ବାଲି ଜେତ୍‌କି ଆଚେ, ସେତ୍‌କି ଲକ୍ ସେମନ୍
ରଇବାଇ । ୯ ସେମନ୍ ଗୁଲାଇ ଜଗତେ ବିଚି ଅଇବାଇ ।
ଆରି ପର୍‌ମେସରର୍ ଲକ୍ ବାସାଅଇରଇବା ଜାଗାଇ ଆରି ସେ
ମନ୍‌କର୍‌ବା ନଅରର୍ ଚାରିବେଟ୍‌ତି ଆଇବାଇ । ମାତର୍ ଏଦେ
ଦେକା! ସର୍‌ଗେଅନି ଜଇ ଅଦ୍‌ରି ସେମନ୍‌କେ କୁରୁପ୍‌ନାସ୍ କଲା
। ୧୦ ତାର୍‌ପଚେ ସଇତାନ୍ ଜେ କି ସେମନ୍‌କେ ନାଡାଇଲା, ଜଇ
ଆରି ଗନ୍ଧରସ୍ ରଇବା ଗାଡେ ପିଙ୍ଗାଅଇଲା । ସେ ପସୁ ଆରି ମିଚ୍
କଇବା ବବିସତ୍‌ବକ୍‌ତା ଆଗେଅନି ତେଇ ପିଙ୍ଗାଅଇରଇଲାଇ ।
ସେମନ୍ ତେଇରଇକରି ଦିନ୍ ରାତି କାଲ୍ କାଲ୍ ଜୁଗ୍ ଜୁଗ୍ ସେ
ଲକ୍‌ମନ୍‌କେ କାବା କରିରଇଲା, ତାକେ ଜଇ ଆରି ଗନ୍ଧତେ
ରଇବା ଗାଡେ ନସ୍‌ଟ କରାଇଲା, ସେ ତେଇ ସେ ପସୁ ଆରି
ମିଚ୍‌ସିକିଆ ଦେଉଁ ବାବବାଦିମନ୍ ମିସା ଆଚତ୍, ଆରି ସେ
ଲକ୍‌ମନ୍ ଦିନ୍‌ରାତିଜାକ କସ୍‌ଟ ବଗ୍‌ବାଇ । (aiōn g165, Limnē
Pyr g3041 g4442) ୧୧ ତାର୍‌ପଚେ ମୁଇ ଗଟେକ୍ ବଡ୍‌ଟା ଦବ୍
ବସ୍‌ବା ଜାଗା ଆରି ଜେ ତାର୍ ଉପ୍‌ରେ ବସିରଇଲା, ତାକେ
ଦେକ୍‌ଲି । ସରଗ୍ ଆରି ଦର୍‌ତନି ତାର୍ ମୁଆଟେଅନି ପାଲାଇଲାଇ
ଆରି କେବେ ଡିସତ୍‌ନାଇ । ୧୨ ତାର୍‌ପଚେ ମୁଇ ଜେତ୍‌କି
ମଲା ବଡ୍ ସାନ୍ ଲକ୍‌କେ ଦେକ୍‌ଲି । ସେମନ୍ ବସ୍‌ବା ଜାଗାର୍
ମୁଆଟେ ଟିଆଅଇରଇବାଟା ମୁଇ ଦେକ୍‌ଲି । ବଇମନ୍ ଉଗାଡି
ଅଇଲା, ଜିବନ୍ ରଇବା ଲକ୍‌ମନର୍ ବଇ ମିସା ଉଗାଡି ଅଇଲା
। ସେମନ୍ କଲା କାମ୍ ଇସାବେ ମଲା ଲକ୍‌ମନ୍‌କେ ବିଚାର୍
କଲାଇ । ସେମନ୍ କରିରଇବା କାମ୍‌ମନ୍ ବଇଟାନେ ଆଗ୍‌ତୁଅନି
ଲେକା ଅଇରଇଲା । ୧୩ ତାର୍ ପଚେ ସମ୍‌ଦୁରେ ଜେତ୍‌କିଲକ୍
ମରିରଇଲାଇ, ସେମନ୍ ବାରଇଆଇଲାଇ । ମରନ୍ ଆରି ପାତାଲ୍
ମିସା ସେମନ୍ ଦାରିରଇବା ମଲାଲକ୍‌ମନ୍‌କେ ଚାଡିଦେଲାଇ
। ସେମନ୍‌କେ ସବୁକେ କରିରଇବା କାମ୍ ଇସାବେ ବିଚାର୍‌ନା
କଲାଇ । (Hadēs g86) ୧୪ ତାର୍‌ପଚେ ମଲା ଲକର୍ ଜାଗାଇଅନି
ଆଇଲା ସବୁଲକର୍ ଗାଗଡ୍ ଆରି ଆତ୍‌ମା, ଜଇର୍ ଗାଡେ
ପିଙ୍ଗ୍‌ଲାଇ । ସେ ଗାଡ୍ ଅଇଲାନି ଦୁଇ ଲମରର୍ ମରନ୍ (Hadēs
g86, Limnē Pyr g3041 g4442) ୧୫ ସେ ବେଲେ ଜେତ୍‌କି ଲକର୍
ନାଉଁ ଜିବନ୍ ରଇବା ବଇଟାନେ ଲେକା ନ ଅଇରଇଲା, ସେ
ସବୁଲକ୍‌କେ ଜଇଲାଗ୍‌ବା ଗାଡେ ପିଙ୍ଗା ଅଇଲା । (Limnē Pyr
g3041 g4442)

**୨୧** ତାର୍‌ପଚେ ଏଦେ ଦେକା! ନୁଆ ସରଗ୍ ଆରି ନୁଆ
ଜଗତ୍ ଦେକ୍‌ଲି । ପର୍‌ତୁମ୍ ସରଗ୍ ଆରି ପର୍‌ତୁମ୍
ଜଗତ୍ ଆରି ଡିସେନାଇ । ସମ୍‌ଦୁର୍ ମିସା ଆରି ଡିସେନାଇ ।
୨ ଆରି ସେ ସୁକଲ୍ ନଅର୍ ଦେକ୍‌ଲି । ସେଟା ରଇଲା ନୁଆ
ଜିରୁସାଲେମ୍ । ସର୍‌ଗେଅନି, ପର୍‌ମେସର୍‌ଟାନେଅନି, ସେଟା
ଉଡ୍‌ରି ଆଇତେରଇଲା । ଗଟେକ୍ ଦାଙ୍ଗ୍‌ଡି ଦାଙ୍ଗ୍‌ଡାକେ ବେଟ୍
ଅଇବାକେ ଗାଲେ କେନ୍ତାଟା ପିନ୍ଦିରଇସି, ସେନ୍ତାରି ଡିଆର୍ ପିଆର୍
ଅଇରଇଲା । ୩ ବସ୍‌ବା ଜାଗାଇଅନି ଗଟେକ୍ ବଡ୍ ସବଦ୍
କାତାଅଇବାଟା ମୁଇ ସୁନ୍‌ଲି "ସାରାସାରି ବେଲେ ପର୍‌ମେସର୍
ମୁନୁସ୍‌ଜାତି ସଙ୍ଗ୍ ବାସା ଅଇବାକେ ଆଇଲାଆଚେ । ସେ ତାକର୍
ସଙ୍ଗ୍ ବାସା ଅଇସି । ଆରି ସେମନ୍ ତାର୍ ଲକ୍ ଅଇବାଇ ।
ପର୍‌ମେସର୍ ନିଜେ ତାକର୍ ସଙ୍ଗ୍ ରଇସି । ଆରି ସେ ତାକର୍
ପର୍‌ମେସର୍ ଅଇସି ।" ୪ ସେ ତାକର୍ ଆଁସୁ ପୁଚିଦେଇସି । କେ
ଆରି ନ ମରତ୍ । କାନ୍ଦାବୁବା, ଦୁକାସୁକା ନ ରଏ । ପୁର୍‌ନା ବିସଇ
ଆରି ନ ଡିସେ । ୫ ତାର୍‌ପଚେ ଜେ ବସ୍‌ବା ଜାଗାଇ ବସିରଇଲା,
ସେ କଇଲା "ମୁଇ ଏବେ ସବୁ ବିସଇ ନୁଆ କଲିନି ।" ସେ ମକେ
ଆରି କଇଲା "ଏଟା ଲେକିକରି ସଙ୍ଗ୍ । କାଇକେବଇଲେ ଏ
ବାକିଅ ସବୁ ସତ୍ । ଆରି ବିସ୍‌ବାସ୍ କରିଅଇସି ।" ୬ ସେ ଆରି
କଇଲା ସେଟା ସାରିଗାଲା, ମୁଇ ଅଇଲିନି ଆରାମର୍ ଲକ୍ ଆରି
ସାରାସାରିର୍ ଲକ୍ । ମୁଇ ସେ ଆରାମ୍ ମୁଇ ସେ ସାରାସାରି ।
ଜାକେ ଜଦି ସସ୍ କର୍‌ସି, ପାଜ୍‌ରାପାନି କାଇବାକେ ମୁଇ ତାକେ
ଡାକିନେବି । ଏ ପାଜ୍‌ରାଇ ଅନି ଜନ୍ ପାନି ବାରଇସି, ସେଟା ନ
ସାର୍‌ବା ଜିବନ୍ ଦେଇସି । ସେମନ୍‌କେ ସେଟା ଇନାମେ ମିଲ୍‌ସି
। ୭ ଜନ୍ ଲକ୍‌ମନ୍ ଜୁଇଦ୍ କରି ଜିତ୍‌ବାଇ ସେମନ୍‌କେ ଇନାମ୍
ଦେବି, ଆରି ତାକର୍ ପର୍‌ମେସର୍ ଅଇବି ଆରି ସେମନ୍ ମର୍
ପିଲାଟକି ଅଇବାଇ । ୮ ମାତର୍ ଜେ ମର୍‌ସଙ୍ଗ୍ ଆଇବାକେ
ଡର୍‌ବାଇ, ଆରି ବିସ୍‌ବାସ୍ ନ କରତ୍, ଜାର୍ ଚଲାଚଲ୍‌ତି କାରାପ୍,
ଜେ କି ନର୍‌ମାରୁମନ୍ ଆଚତ୍, ଜନ୍ ଲକ୍‌ମନ୍ କାରାପ୍ ରିତିନିତି

ଅବିଆସ୍ କର୍ବାଇ, ଜନ୍ଲକ୍ମନ୍ ମଁତର୍ ଜଁତର୍ କର୍ବାଇ ଆରି ଜନ୍ ଲକ୍ମନ୍ ମିଚ୍ ଦେବ୍ତାମନ୍କେ ଜୁଆର୍ କର୍ବାଇ, ଆରି ଜେତ୍କି ସବୁ ମିଚୁଆମନ୍ ରଇବାଇ, ତାକର୍ ସେସର୍ ବେଲା ଏନ୍ତାରି ଅଇସି । ସେମନ୍କେ ଲାଗ୍ତେରଇବା ଗନ୍ଦଟାନେ ପିଙ୍ଗ୍ ଅଇସି । ସେଟା ଅଇଲାନି ପଚର୍ ମରନ୍ । **(Limnē Pyr g3041 g4442)** **୯** ସାତ୍ଟା ଦୁତ୍ମନର୍ ବିତ୍ରେ ଗଟେକ୍ ଦୁତ୍, ଜାର୍ ଆତେ ସାତ୍ଟା ମର୍ଡି ରଇବା ଗିନା ରଇଲା, ସେ ମକେ ଆସି କଇଲା ଆଉ ମୁଇ ତକେ କନିଆ ଦାଙ୍ଗ୍ଡିକେ ଦେକାଇବି । ସେ ଅଇଲାନି ମେଣ୍ଡାପିଲାର୍ ମାଇଜି । **୧୦** ସୁକଲ୍ ଆତ୍ମା ମକେ ଦାର୍ଲା, ଦୁତ୍ ମକେ ଗଟେକ୍ ଉଁଚ୍ ଡଙ୍ଗର୍ ଟିପେ ଦାରିଗାଲା । ସେ ମକେ ସୁକଲ୍ ନଅର୍ ଜିରୁସାଲେମ୍ ପର୍ମେସର୍ ଟାନେଅନି, ସର୍ଗେଅନି ଉତ୍ରି ଆଇବାଟା ଦେକାଇଲା । **୧୧** ସେ ନଅର୍ ପର୍ମେସରର୍ ମଇମାସଙ୍ଗ୍ ଜକ୍ମକି ଜାଇତେରଇଲା । ଗଟେକ୍ ବେସି ଦାମ୍ ରଇବା ଜାସ୍ପର୍ ନାଉଁର୍ ଇରାପାକ୍ନା ପାରା ଜକ୍ମକି ଜାଇତେରଇଲା । ସେ ପାକ୍ନାଇ ଦେକ୍ଲେ ଏବାଟେ ଅନି ସେବାଟର୍ଟା ସବୁ ଡିସ୍ତେରଇଲା । **୧୨** ସେ ନଅରେ ଗଟେକ୍ ବେସି ଉଁଚର୍ କତି ରଇଲା । ତେଇ ବାର୍ଟା ଗେଟ୍ ରଇଲା ଆରି ବାର୍ଟା ଦୁତ୍ମନ୍ ସେ ଗେଟ୍ମନର୍ ଦେକାରକା କର୍ତେରଇଲାଇ । ଇସ୍ରାଏଲ୍ ଲକ୍ମନର୍ ବାର୍ଟା ବଁସର୍ ନାଉଁମନ୍ ସେ ଗେଟେ ଲେକାଅଇରଇଲା । **୧୩** ସବୁ ଦିଗେ ତିନ୍ଟାଲାକା କାପାଟ୍ ରଇଲା, ଉତର୍ ଦିଗେ ତିନ୍ଟା କାପାଟ୍ ଦକିନ୍ଦିଗେ ତିନ୍ଟା କାପାଟ୍ ଆରି ପଚିମ୍ଦିଗେ ତିନ୍ଟା କାପାଟ୍ ରଇଲା । **୧୪** ବାର୍ଟା ମୁଲ୍ ପାକ୍ନାଇ ସେ ନଗରର୍ କତି ଉଟାଇରଇଲାଇ । ଆରି ସେ ପାକ୍ନା ଉପ୍ରେ ମେଣ୍ଡାପିଲାର୍ ବାର୍ଟା ପେରିତ୍ ମନର୍ ନାଉଁ ଲେକା ଅଇରଇଲା । **୧୫** ଜନ୍ ଦୁତ୍ ମର୍ସଙ୍ଗ୍ କାତା ଅଇତେ ରଇଲା, ତାର୍ ଆତେ ନଗର୍କେ, ତାର୍ କାପାଟ୍ ମନ୍କେ ଆରି କତିମନ୍କେ ନାପ୍ବା, ସୁନାର୍ ନାପ୍ବା ଡାଙ୍ଗ୍ ରଇଲା । **୧୬** ସେ ନଅର୍ ପୁରାପୁରୁନ୍ ଚାରିକନିଆ ରଇଲା । ତାର୍ ଲମ୍ ଆରି ଅସାର୍ ସମାନ୍ ରଇଲା । ଦୁତ୍ ତାର୍ ନାପ୍ବା ଡାଙ୍ଗ୍ ସଙ୍ଗ୍ ନଅର୍ ନାପ୍ଲା । ସେ ନାପ୍ବା ଇସାବେ ସେଟା ଦୁଇଅଜାର୍ ଚାର୍ସ କିଲମିଟର୍ ଲମ୍ ରଇଲା । ତାର୍ ଲମ୍ ଅସାର୍ ଆରି ଉଁଚ୍ ସମାନ୍ ରଇଲା । **୧୭** ଦୁତ୍ କତି ମିସା ନାପ୍ଲା । ସେଟା ୬୦ ମିଟର୍ ଉଁଚ୍ ରଇଲା । **୧୮** ଜାସ୍ପର୍ ନାଉଁର୍ ଗଟେକ୍ ବେସି ଦାମର୍ ଇରା ପାକ୍ନା ସଙ୍ଗ୍ କତି ତିଆର୍ ଅଇରଇଲା । ଅସ୍ଲି ସୁନା ସଙ୍ଗ୍ ନଅର୍ ତିଆର୍ ଅଇରଇଲା । ଆରି କାଁଚ୍ପାରା ସବୁ ଡିସ୍ତେରଇଲା । **୧୯** ସେ ନଅରର୍ କତିର୍ ମୁଲ୍ ପାକ୍ନାମନ୍ ବିନ୍ ବିନ୍ ରକାମର୍ ଇରାପାକ୍ନାମନର୍ ସଙ୍ଗ୍ ସୁନ୍ଦର୍ କରିରଇଲାଇ । ପର୍ତୁମ୍ ମୁଲ୍ ପାକ୍ନା ରଇଲା, ଇସ୍ପର୍ । ତାର୍ପଚର୍ ସପାୟର୍, ତାର୍ ପଚର୍ ଆଗାଟେ । ତାର୍ ପଚର୍ ଏମରଲ୍ । **୨୦** ତାର୍ ପଚର୍ ଅନିକ୍ । ତାର୍ ପଚର୍ କର୍ନିଲିଅନ୍ । ତାର୍ ପଚର୍ ଅଲ୍ଦି ରଙ୍ଗର୍ କାଚ୍, ତାର୍ ପଚର୍ ବେରିଲ୍, ତାର୍ପଚର୍ ତପାଜ୍, ତାର୍ ପଚର୍ ଚାଲ୍କେଦନି, ତାର୍ ପଚର୍ ତର୍କଇ, ଆରି ସାରାସାରି ଆମେତି । **୨୧** ବାର୍ଟା ମୁକ୍ତାଇ ବାର୍ଟା କାପାଟ୍ ତିଆର୍ ଅଇରଇଲା । ଗଟେକ୍ ଗଟେକ୍ କାପାଟ୍ ଗଟେକ୍ ଗଟେକ୍ ମୁକ୍ତାଇଅନି ତିଆର୍ ଅଇରଇଲା । ନଅରର୍ ବାଟ୍ ଅସ୍ଲି ସୁନାସଙ୍ଗ୍ ତିଆର୍ ଅଇରଇଲା । କାଁଚ୍ପାରା, ଏନେ ଅନି ଦେକ୍ଲେ ତେନର୍ଟାମନ୍ ଡିସ୍ତେରଇଲା । **୨୨** ସେ ନଅରେ ମୁଇ ଗଟେକ୍ ମିସା ମନ୍ଦିର୍ ଦେକିନାଇ । କାଇକେବଇଲେ, ତାର୍ ମନ୍ଦିର୍ ରଇଲା ମାପ୍ରୁ ପର୍ମେସର୍ । ଜେ କି ସବୁର୍ ଉପ୍ରେ ଆଚେ, ଆରି ମେଣ୍ଡାପିଲା । **୨୩** ସେ ନଅର୍ ଉପ୍ରେ ଉଜଲ୍ ଦେବାକେ ବେଲ୍ କି ଜନ୍ ଦର୍କାର୍ ନ ରଇଲା । କାଇକେବଇଲେ, ପର୍ମେସରର୍ ମଇମା ତେଇ ଉଜଲ୍ ଦେଇତେରଇଲା ଆରି ମେଣ୍ଡାପିଲା ତେଇର୍ ବତି ରଇଲା । **୨୪** ସେ ଉଜଲେ ଜଗତର୍ ଲକ୍ମନ୍ ଇଣ୍ଡିଜିବାଇ ଆରି ରାଜାମନ୍ ତାକର୍ ଦନ୍ ସଁପତି ତେଇ ଆନି ସର୍ପି ଦେବାଇ । **୨୫** ସେ ନଅରର୍ କାପାଟ୍ମନ୍ ସବୁବେଲେ ଉଗ୍ଡା ରଇସି । ସେଟା କେବେ ମିସା ଡାବିଅଇ ନ ରଏ । କାଇକେବଇଲେ ତେଇ କେବେ ରାତି ନ ଅଏ । **୨୬** ରାଇଜ୍ ମନର୍ ଡାକ୍ପୁଟା ଆରି ଦନ୍ ସଁପତି ସେ ନଅରେ ଆନ୍ବାଇ । **୨୭** ମାତର୍ ଅସୁକଲ୍ ରଇବା କାଇ ବିସଇ ମିସା ସେ ନଅରେ ନ ପୁରେ । ଲାଜ୍ ଅଇବା କାମ୍ମନ୍ କର୍ବା ଲକ୍ କି ମିଚ୍ କଇବା ଲକ୍ କେ ମିସା ତେଇ ପୁରି ନାପାରତ୍ । ମେଣ୍ଡାପିଲାର୍ ବଇଲଗେ ଜାର୍ ନାଉଁ ଲେକାଅଇଆଚେ, ସେମନ୍ସେ, ସେ ନଅରେ ଜାଇପାରତ୍ ।

**୨୨** ତାର୍ପଚେ ଦୁତ୍ ମକେ ଜିବନର୍ ପାନି ରଇବା ଗାଡ୍ ଦେକାଇଲା, ଜନ୍ଟା କି କାଁଚ୍ପାରା ଡିସ୍ତେରଇଲା । ପର୍ମେସରର୍ ବସ୍ବା ଜାଗାଇଅନି ଆରି ମେଣ୍ଡାପିଲାର୍ଟାନେଅନି ସେ ଗାଡର୍ ପାନି ଆଇତେରଇଲା । **୨** ନଅରର୍ ବାଟର୍ ମଜାଇ ସେଟା ବଇ ଆଇତେରଇଲା । ଗାଡର୍ ଦୁଇବାଟେ ଜିବନର୍ ଗଚ୍ ରଇଲା । ସେ ଗଚ୍ ମାସ୍କେ ଗଟେକ୍ ତର୍ ଅଇ ବରସ୍କେ ବାରତର୍ ପଲ୍ ଦାର୍ସି । ରାଇଜ୍ମନ୍ ନିକ ଅଇବାକେ ତାର୍ ପତର୍ମନ୍ ରଇଲା । **୩** ପର୍ମେସରର୍ ଅବିସାପ୍ ରଇବା କାଇଟାମିସା ସେ ନଅରେ ନ ଡିସେ । ପର୍ମେସରର୍ ଆରି ମେଣ୍ଡାପିଲାର୍ ବସ୍ବାଜାଗା ସେ ନଅରେ ରଇସି । ଆରି ତାର୍ ଦାଙ୍ଗ୍ଡାମନ୍ ତାକେ ଜୁଆର୍ କର୍ବାଇ । **୪** ସେମନ୍ ତାକେ ଦେକ୍ବାଇ ଆରି ତାର୍ ନାଉଁ ସେମନର୍ କାପାଲେ ଲେକାଅଇ ରଇସି । **୫** ତେଇ ଆରି ରାତି ନ ରଏ । ବତିର୍ ଉଜଲ୍ କି ବେଲର୍ ଉଜଲ୍ ଦର୍କାର୍ ନ ପଡେ । କାଇକେବଇଲେ ମାପ୍ରୁ ପର୍ମେସର୍ ତାକର୍ ଉଜଲ୍ ରଇସି । ସେମନ୍ ରାଜା ଇସାବେ କାଲ୍ କାଲ୍ ଜୁଗ୍ ଜୁଗ୍ ସାସନ୍ କର୍ବାଇ । **(aiōn g165)** **୬** ତାର୍ପଚେ ଦୁତ୍ ମକେ କଇଲା "ଏ ବାକିଅ ସବୁ ସତ୍ ଆରି ବିସ୍ବାସ୍ କରିଅଇସି । ମାପ୍ରୁ ପର୍ମେସର୍ ଜେ କି ତାର୍ ଆତ୍ମା ବବିସତ୍ବକ୍ତାମନ୍କେ ଦେଇରଇଲା, ସେ ତାର୍ ଦୁତ୍କେ ପାଟାଇଆଚେ । ଆଇବା ଦିନ୍ମନ୍କେ କାଇଟା ଅଇସି, ସେଟା

ତାର୍ ଦାଙ୍ଗଡାମନ୍‌କେ ଦେକାଇସି ।” ୭ ଜିସୁ କଇଲାନି, “ସୁନା
ମୁଇ ଦାପ୍‌ରେ ଆଇଲିନି । ଏ ବଇର୍, ଆଇବା ଦିନ୍‌ମନ୍‌କେ
ଗଟ୍‌ବା କାତା, ଜେତ୍‌କି ଲକ୍ ନାମ୍‌ବାଇ, ସେମନ୍ କେଡେକ୍
କରମର୍ ଲକ୍ ।” ୮ ମୁଇ ଜଅନ୍ ଏ ସବୁ ସୁନିଆଚି ଆରି
ଦେକିଆଚି । ଏ ସବୁଜାକ ଦେକ୍‌ଲା ପଚେ ଆରି ସୁନ୍‌ଲାପଚେ
ଜନ୍ ଦୁତ୍ ମକେ ଏ ସବୁ ବିସଇ ଦେକାଇରଇଲା, ତାର୍ ପାଦେ
ଡାଣ୍ଡାସନ୍ ପଡ୍‌ଲି । ମୁଇ ତାକେ ଜୁଆର୍‌କର୍‌ବାକେ ଜାଇରଇଲି
। ୯ ମାତର୍ ସେ ମକେ କଇଲା, “ନିଚୁ । କାଇକେବଇଲେ
ମୁଇ ମିସା ତମର୍‌ପାରା ଗଟେକ୍ ଲକ୍‌ସେ । ତମର୍ ଜେତ୍‌କି
ବବିସତ୍‌ବକ୍‌ତା ବାଇମନ୍ ଆରି ଜେତ୍‌କି ବଇଟାନେ ରଇବା
ବାକିଅମନ୍ ଆଚେ, ସେଟାମନ୍ ମାନିକରି ରଇଲାଇନି । ତାକର୍
ପାରା ମୁଇ ମିସା ଗଟେକ୍ ସେବାକାରିଆ । ପର୍‌ମେସର୍‌କେ
ଜୁଆର୍ କରା ।” ୧୦ ଆରି ସେ ମକେ କଇଲା, ଏ ବଇର୍ ଜେତ୍‌କି
ବିସଇ ତକେ ଜାନାଇଅଇଲାଆଚେ, ସେଟା କେ ନାଜାନ୍‌ଲା
ପାରା ଲୁଚାଇ ସଙ୍ଗ୍‌ନାଇ । କାଇକେବଇଲେ ଏ ସବୁ ଗଟ୍‌ବା
ବେଲା ଲଗେଆଚେ । ୧୧ ଜେ କରାପ୍ ଚଲାଚଲ୍‌ତି କରି ଜିଉନା
କାଉନା କଲାଇନି, ସେ ସେନ୍ତାରିସେ କାରାପ୍ କର୍‌ତେ ରଅ ।
ଜେ କି ନିକ ଚଲାଚଲ୍‌ତିକରି ଜିଉନା କାଉନା କଲାନି, ସେ
ସେନ୍ତାରିସେ ନିକ କର୍‌ତେରଅ । ଜେ କି ସୁକଲ୍ ଆଚେ, ସେ
ସେନ୍ତାରିସେ ସୁକଲ୍ ରଅ । ୧୨ ଜିସୁ କଇଲାନି “ସୁନା ମୁଇ
ଦାପ୍‌ରେ ଆଇଲିନି । ଲକ୍‌ମନ୍ କରିରଇବା କାମ୍ ଇସାବେ ମୁଇ
ସେମନ୍‌କେ ପୁରୁସ୍‌କାର୍ ଦେବି । ୧୩ ମୁଇ ପର୍‌ତୁମର୍ ଲକ୍
ଆରି ସାରାସାରିର୍ ଲକ୍ । ମୁଇ ଆରାମ୍ କର୍‌ବି ଆରି ମୁଇସେ
ସାରାଇବି ।” ୧୪ ଜେତ୍‌କି ସବୁଲକ୍ ତାକର୍ ବସ୍‌ତର୍ ଦଇକରି
ସୁକଲ୍ କର୍‌ବାଇ, ସେମନ୍ କେଡେକ୍ କରମର୍ ଲକ୍! ଜିବନର୍
ଗଚେଅନି ପଲ୍ କାଇକରି କାବାଟ୍‌ବାଟେ ଜାଇ କରି ନଅରେ
ପୁର୍‌ବାକେ ସେମନ୍ ଅଦିକାର୍ ପାଇବାଇ । ୧୫ ମାତର୍ ଜନ୍
ଲକ୍‌ମନ୍ ଲାଜ୍ ଅଇବା କାମ୍‌ମନ୍ କର୍‌ବାଇ, ଜେନ୍ତିକି, ଜନ୍ତର୍
ମନ୍ତର୍ ଅବିଆସ୍ କର୍‌ବାଇ, ବେସିଆ କାମ୍‌ମନ୍ କର୍‌ବାଇ, ନର୍
ମରାଇବାଇ, ମୁର୍‌ତି ପୁଜା କର୍‌ବାଇ, ଆରି କାତାଇ ଆରି କାମେ
ମିଚ୍ କଇବାଇ, ସେମନ୍ ନଅରର୍ ବାଇରେ ରଇବାଇ । ୧୬ “ମୁଇ
ଜିସୁ, ମଣ୍ଡଲିଟାନେ ରଇବା ତମ୍‌କେ ସବୁ ଲକ୍‌କେ ଏ ବିସଇ
ଜାନାଇବାକେ ମର୍ ଦୁତ୍‌କେ ପାଟାଇଆଚି । ମୁଇ ଦାଉଦର୍
କୁଟୁମେ ଆଚି । ମୁଇ କୁକ୍‌ଡା ଡାକ୍‌ବାବେଲେ ଉଜଲ୍‌ଦେବା ତାରା
।” ୧୭ ଆତ୍‌ମା ଆରି କନିଆ ଦାଙ୍ଗଡ଼ି କଇଲାନି ଆଉ, । ଜେତ୍‌କି
ଲକ୍ ଏଟା ସୁନ୍‌ଲାଇନି, ସେମନ୍ ମିସା ଆଉ, ବଲି କଇବାର୍‌ଆଚେ
। ଆସା ଜେତ୍‌କି ଲକ୍‌କେ ସସ୍ କଲାନି, ଜିବନର୍ ପାନି ଇନାମେ
ନିଆ । ୧୮ ମୁଇ ଜଅନ୍ ସବୁକେ ଜାଗ୍‌ରତ୍ କରାଇଲିନି, ଆଇବା
ଦିନ୍‌ମନ୍‌କେ ଗଟ୍‌ବା ଏ ବଇର୍ ଜେତ୍‌କି ବାକିଅ ଆଚେ, କେ ଜଦି
ଇତି ଆରି କାଇ କାଇଟା ମିସାଇଲେ, ପର୍‌ମେସର୍ ଏ ବଇଟାନେ
ଜନ୍ ମର୍‌ଡି ବିସଇ ଲେକ୍‌ଲାଆଚେ, ସେ ତାର୍ ପାଇବା ଡଣ୍ଡ
ସଙ୍ଗ୍, ଏ ମର୍‌ଡି ମିସା ମିସାଇସି । ୧୯ ଏ ବବିସତ୍ କାତାର୍
ବଇଟାନେଅନି କେ ଜଦି କାଇ ବିସଇ ମିସା ଲୁଚାଇଦେଲେ,
ଏ ବଇଟାନେ ଲେକାଅଇରଇବା ଜିବନର୍ ଗଚର୍ ପଲ୍ ଆରି
ସୁକଲ୍ ନଅରେଅନି ସେମନ୍ ପାଇରଇବାଟା ତାକର୍‌ଟାନେଅନି
ଦାରିଜାଇସି । ୨୦ ଜେ କି ଏ ସବୁ ବିସଇର୍ ପାଇ ସାକି ଦେଇସି,
ସେ କଇଲାନି ଉଁ ମୁଇ ଦାପ୍‌ରେସେ ଆଇଲିନି! ସେନ୍ତାରିସେ ଅ
ବେ! ମାପ୍‌ରୁ ଜିସୁ ଆଉ! ୨୧ ମାପ୍‌ରୁ ଜିସୁ ଜିବନ୍ ଦୁକାଇଲାଟା
ସବୁର୍ ଲଗେ ରଅ । ଆମେନ୍!




ଆରି ସେ ସୁକଲ୍ ନଅର୍ ଦେକ୍ଲି । ସେଟା ରଇଲା ନୁଆ ଜିରୁସାଲେମ୍ । ସର୍ଗେଅନି, ପର୍ମେସର୍ଟାନେଅନି, ସେଟା ଉତ୍ରି ଆଇତେରଇଲା । ଗଟେକ୍ ଦାଙ୍ଗୁଡି ଦାଙ୍ଗୁଡାକେ ବେଟ୍ ଅଇବାକେ ଗାଲେ କେନ୍ତାଟା ପିନ୍ଦିରଇସି, ସେନ୍ତାରି ଡିଆର୍ ପିଆର୍ ଅଇରଇଲା । ବସ୍‌ବା ଜାଗାଇଅନି ଗଟେକ୍ ବଡ୍ ସବଦ୍ କାତାଅଇବାଟା ମୁଇ ସୁନ୍ଲି "ସାରାସାରି ବେଲେ ପର୍ମେସର୍ ମୁନୁସ୍‌ଜାତି ସଙ୍ଗ୍ ବାସା ଅଇବାକେ ଆଇଲାଆଚେ । ସେ ତାକର୍ ସଙ୍ଗ୍ ବାସା ଅଇସି । ଆରି ସେମନ୍ ତାର୍ ଲକ୍ ଅଇବାଇ । ପର୍ମେସର୍ ନିଜେ ତାକର୍ ସଙ୍ଗ୍ ରଇସି । ଆରି ସେ ତାକର୍ ପର୍ମେସର୍ ଅଇସି ।"

ପର୍କାସିତ ୨୧:୨-୩

# Reader's Guide

ଓଡ଼ିଆ at AionianBible.org/Readers-Guide

The Aionian Bible republishes public domain and Creative Common Bible texts that are 100% free to copy and print. The original translation is unaltered and notes are added to help your study. The notes show the location of eleven special Greek and Hebrew Aionian Glossary words to help us better understand God's love for individuals and for all mankind, and the nature of afterlife destinies.

Who has the authority to interpret the Bible and examine the underlying Hebrew and Greek words? That is a good question! We read in 1 John 2:27, *"As for you, the anointing which you received from him remains in you, and you do not need for anyone to teach you. But as his anointing teaches you concerning all things, and is true, and is no lie, and even as it taught you, you remain in him."* Every Christian is qualified to interpret the Bible! Now that does not mean we will all agree. Each of us is still growing in our understanding of the truth. However, it does mean that there is no infallible human or tradition to answer all our questions. Instead the Holy Spirit helps each of us to know the truth and grow closer to God and each other.

The Bible is a library with 66 books in the Protestant Canon. The best way to learn God's word is to read entire books. Read the book of Genesis. Read the book of John. Read the entire Bible library. Topical studies and cross-referencing can be good. However, the safest way to understand context and meaning is to read whole Bible books. Chapter and verse numbers were added for convenience in the 16th century, but unfortunately they can cause the Bible to seem like an encyclopedia. The Aionian Bible is formatted with simple verse numbering, minimal notes, and no cross-referencing in order to encourage the reading of Bible books.

Bible reading must also begin with prayer. Any Christian is qualified to interpret the Bible with God's help. However, this freedom is also a responsibility because without the Holy Spirit we cannot interpret accurately. We read in 1 Corinthians 2:13-14, *"And we speak of these things, not with words taught by human wisdom, but with those taught by the Spirit, comparing spiritual things with spiritual things. Now the natural person does not receive the things of the Spirit of God, for they are foolishness to him, and he cannot understand them, because they are spiritually discerned."* So we cannot understand in our natural self, but we can with God's help through prayer.

The Holy Spirit is the best writer and he uses literary devices such as introductions, conclusions, paragraphs, and metaphors. He also writes various genres including historical narrative, prose, and poetry. So Bible study must spiritually discern and understand literature. Pray, read, observe, interpret, and apply. Finally, *"Do your best to present yourself approved by God, a worker who does not need to be ashamed, properly handling the word of truth."* 2 Timothy 2:15. *"God has granted to us his precious and exceedingly great promises; that through these you may become partakers of the divine nature, having escaped from the corruption that is in the world by lust. Yes, and for this very cause adding on your part all diligence, in your faith supply moral excellence; and in moral excellence, knowledge; and in knowledge, self-control; and in self-control patience; and in patience godliness; and in godliness brotherly affection; and in brotherly affection, love. For if these things are yours and abound, they make you to be not idle nor unfruitful to the knowledge of our Lord Jesus Christ,"* 2 Peter 1:4-8.

# Glossary

ଦେଖିଆ at AionianBible.org/Glossary

The Aionian Bible un-translates and instead transliterates eleven special words to help us better understand the extent of God's love for individuals and all mankind, and the nature of afterlife destinies. The original translation is unaltered and a note is added to 64 Old Testament and 200 New Testament verses. Compare the meanings below to the Strong's Concordance and Glossary definitions.

***Abyssos*** g12
*Greek:* proper noun, place
*Usage:* 9 times in 3 books, 6 chapters, and 9 verses
*Meaning:*
Temporary prison for special fallen angels such as Apollyon, the Beast, and Satan.

***aïdios*** g126
*Greek:* adjective
*Usage:* 2 times in Romans 1:20 and Jude 6
*Meaning:*
Lasting, enduring forever, eternal.

***aiōn*** g165
*Greek:* noun
*Usage:* 127 times in 22 books, 75 chapters, and 102 verses
*Meaning:*
A lifetime or time period with a beginning and end, an era, an age, the completion of which is beyond human perception, but known only to God the creator of the aiōns, Hebrews 1:2. Never meaning simple endless or infinite chronological time in Greek usage. Read Dr. Heleen Keizer and Ramelli and Konstan for proofs.

***aiōnios*** g166
*Greek:* adjective
*Usage:* 71 times in 19 books, 44 chapters, and 69 verses
*Meaning:*
From start to finish, pertaining to the age, lifetime, entirety, complete, or even consummate. Never meaning simple endless or infinite chronological time in Koine Greek usage. Read Dr. Heleen Keizer and Ramelli and Konstan for proofs.

***eleēsē*** g1653
*Greek:* verb, aorist tense, active voice, subjunctive mood, 3rd person singular
*Usage:* 1 time in this conjugation, Romans 11:32
*Meaning:*
To have pity on, to show mercy. Typically, the subjunctive mood indicates possiblity, not certainty. However, a subjunctive in a purpose clause is a resulting action as certain as the causal action. The subjunctive in a purpose clause functions as an indicative, not an optative. Thus, the grand conclusion of grace theology in Romans 11:32 must be clarified. God's mercy on all is not a possibility, but a certainty. See ntgreek.org.

***Geenna*** g1067
*Greek:* proper noun, place
*Usage:* 12 times in 4 books, 7 chapters, and 12 verses
*Meaning:*
Valley of Hinnom, Jerusalem's trash dump, a place of ruin, destruction, and judgment in this life, or the next, though not eternal to Jesus' audience.

***Hadēs*** g86
*Greek:* proper noun, place
*Usage:* 11 times in 5 books, 9 chapters, and 11 verses
*Meaning:*
Synonomous with Sheol, though in New Testament usage Hades is the temporal place of punishment for deceased unbelieving mankind, distinct from Paradise for deceased believers.

***Limnē Pyr*** g3041 g4442
*Greek:* proper noun, place
*Usage:* Phrase 5 times in the New Testament
*Meaning:*
Lake of Fire, final punishment for those not named in the Book of Life, prepared for the Devil and his angels, Matthew 25:41.

***Sheol*** h7585
*Hebrew:* proper noun, place
*Usage:* 66 times in 17 books, 50 chapters, and 64 verses
*Meaning:*
The grave or temporal afterlife world of both the righteous and unrighteous, believing and unbelieving, until the general resurrection.

***Tartaroō*** g5020
*Greek:* proper noun, place
*Usage:* 1 time in 2 Peter 2:4
*Meaning:*
Temporary prison for particular fallen angels awaiting final judgment.

# Glossary +

AionianBible.org/Bibles/Desiya---Desiya-Bible/Noted

Glossary references are below. Strong's Hebrew and Greek number notes are added to 64 Old Testament and 200 New Testament verses. Questioned verse translations do not contain Aionian Glossary words and may wrongly imply *eternal* or *Hell*. * The note placement is skipped or adjusted for verses with non-standard numbering.

## *Abyssos*

ଲୁକ୍ ୮:୩୧
ରମିୟ ୧୦:୭
ପର୍କାସିତ ୯:୧
ପର୍କାସିତ ୯:୨
ପର୍କାସିତ ୯:୧୧
ପର୍କାସିତ ୧୧:୭
ପର୍କାସିତ ୧୭:୮
ପର୍କାସିତ ୨୦:୧
ପର୍କାସିତ ୨୦:୩

## *aïdios*

ରମିୟ ୧:୨୦
ଜିଉଦା ୧:୬

## *aiōn*

ମାତିଉ ୧୨:୩୨
ମାତିଉ ୧୩:୨୨
ମାତିଉ ୧୩:୩୯
ମାତିଉ ୧୩:୪୦
ମାତିଉ ୧୩:୪୯
ମାତିଉ ୨୧:୧୯
ମାତିଉ ୨୪:୩
ମାତିଉ ୨୮:୨୦
ମାର୍କ ୩:୨୯
ମାର୍କ ୪:୧୯
ମାର୍କ ୧୦:୩୦
ମାର୍କ ୧୧:୧୪
ଲୁକ୍ ୧:୩୩
ଲୁକ୍ ୧:୫୫
ଲୁକ୍ ୧:୭୦
ଲୁକ୍ ୧୬:୮
ଲୁକ୍ ୧୮:୩୦
ଲୁକ୍ ୨୦:୩୪
ଲୁକ୍ ୨୦:୩୫
ଜଅନ୍ ୪:୧୪
ଜଅନ୍ ୬:୫୧
ଜଅନ୍ ୬:୫୮
ଜଅନ୍ ୮:୩୫
ଜଅନ୍ ୮:୫୧
ଜଅନ୍ ୮:୫୨
ଜଅନ୍ ୯:୩୨
ଜଅନ୍ ୧୦:୨୮
ଜଅନ୍ ୧୧:୨୬
ଜଅନ୍ ୧୨:୩୪
ଜଅନ୍ ୧୩:୮
ଜଅନ୍ ୧୪:୧୬
ପେରିତ୍ ୩:୨୧
ପେରିତ୍ ୧୫:୧୮
ରମିୟ ୧:୨୫
ରମିୟ ୯:୫
ରମିୟ ୧୧:୩୬
ରମିୟ ୧୨:୨
ରମିୟ ୧୬:୨୭
୧ମ କରନ୍ତିୟ ୧:୨୦
୧ମ କରନ୍ତିୟ ୨:୬
୧ମ କରନ୍ତିୟ ୨:୭
୧ମ କରନ୍ତିୟ ୨:୮
୧ମ କରନ୍ତିୟ ୩:୧୮
୧ମ କରନ୍ତିୟ ୮:୧୩
୧ମ କରନ୍ତିୟ ୧୦:୧୧
୨ୟ କରନ୍ତିୟ ୪:୪
୨ୟ କରନ୍ତିୟ ୯:୯
୨ୟ କରନ୍ତିୟ ୧୧:୩୧
ଗାଲାତିୟ ୧:୪
ଗାଲାତିୟ ୧:୫
ଏପିସିୟ ୧:୨୧
ଏପିସିୟ ୨:୨
ଏପିସିୟ ୨:୭
ଏପିସିୟ ୩:୯
ଏପିସିୟ ୩:୧୧
ଏପିସିୟ ୩:୨୧
ଏପିସିୟ ୬:୧୨
ପିଲିପିୟ ୪:୨୦
କଲସିଅ ୧:୨୬
୧ମ ତିମତି ୧:୧୭
୧ମ ତିମତି ୬:୧୭
୨ୟ ତିମତି ୪:୧୦
୨ୟ ତିମତି ୪:୧୮
ତିତସ୍ ୨:୧୨
ଏବ୍ରି ୧:୨
ଏବ୍ରି ୧:୮
ଏବ୍ରି ୫:୬
ଏବ୍ରି ୬:୫
ଏବ୍ରି ୬:୨୦
ଏବ୍ରି ୭:୧୭
ଏବ୍ରି ୭:୨୧
ଏବ୍ରି ୭:୨୪
ଏବ୍ରି ୭:୨୮
ଏବ୍ରି ୯:୨୬
ଏବ୍ରି ୧୧:୩
ଏବ୍ରି ୧୩:୮
ଏବ୍ରି ୧୩:୨୧
୧ ମ ପିତର୍ ୧:୨୩
୧ ମ ପିତର୍ ୧:୨୫
୧ ମ ପିତର୍ ୪:୧୧
୧ ମ ପିତର୍ ୫:୧୧
୨ ୟ ପିତର୍ ୩:୧୮
୧ ମ ଜଅନ୍ ୨:୧୭
୨ ୟ ଜଅନ୍ ୧:୨
ଜିଉଦା ୧:୧୩
ଜିଉଦା ୧:୨୫
ପର୍କାସିତ ୧:୬
ପର୍କାସିତ ୧:୧୮
ପର୍କାସିତ ୪:୯
ପର୍କାସିତ ୪:୧୦
ପର୍କାସିତ ୫:୧୩
ପର୍କାସିତ ୭:୧୨
ପର୍କାସିତ ୧୦:୬
ପର୍କାସିତ ୧୧:୧୫
ପର୍କାସିତ ୧୪:୧୧
ପର୍କାସିତ ୧୫:୭
ପର୍କାସିତ ୧୯:୩
ପର୍କାସିତ ୨୦:୧୦
ପର୍କାସିତ ୨୨:୫

## *aiōnios*

ମାତିଉ ୧୮:୮
ମାତିଉ ୧୯:୧୬
ମାତିଉ ୧୯:୨୯
ମାତିଉ ୨୫:୪୧
ମାତିଉ ୨୫:୪୬
ମାର୍କ ୩:୨୯
ମାର୍କ ୧୦:୧୭
ମାର୍କ ୧୦:୩୦
ଲୁକ୍ ୧୦:୨୫
ଲୁକ୍ ୧୬:୯
ଲୁକ୍ ୧୮:୧୮
ଲୁକ୍ ୧୮:୩୦
ଜଅନ୍ ୩:୧୫
ଜଅନ୍ ୩:୧୬
ଜଅନ୍ ୩:୩୬
ଜଅନ୍ ୪:୧୪
ଜଅନ୍ ୪:୩୬
ଜଅନ୍ ୫:୨୪
ଜଅନ୍ ୫:୩୯
ଜଅନ୍ ୬:୨୭
ଜଅନ୍ ୬:୪୦
ଜଅନ୍ ୬:୪୭
ଜଅନ୍ ୬:୫୪
ଜଅନ୍ ୬:୬୮

ଜଅନ୍ ୧୦:୨୮
ଜଅନ୍ ୧୨:୨୫
ଜଅନ୍ ୧୨:୫୦
ଜଅନ୍ ୧୭:୨
ଜଅନ୍ ୧୭:୩
ପେରିତ୍ ୧୩:୪୬
ପେରିତ୍ ୧୩:୪୮
ରମିୟ ୨:୭
ରମିୟ ୫:୨୧
ରମିୟ ୬:୨୨
ରମିୟ ୬:୨୩
ରମିୟ ୧୬:୨୫
ରମିୟ ୧୬:୨୬
୨ୟ କରନ୍ତିୟ ୪:୧୭
୨ୟ କରନ୍ତିୟ ୪:୧୮
୨ୟ କରନ୍ତିୟ ୫:୧
ଗାଲାତିୟ ୬:୮
୨ ତେସଲନିକିୟ ୧:୯
୨ ତେସଲନିକିୟ ୨:୧୬
୧ମ ତିମତି ୧:୧୬
୧ମ ତିମତି ୬:୧୨
୧ମ ତିମତି ୬:୧୬
୨ୟ ତିମତି ୧:୯
୨ୟ ତିମତି ୨:୧୦
ତିତସ୍ ୧:୨
ତିତସ୍ ୩:୭
ପିଲିମନ୍ ୧:୧୫
ଏବ୍ରି ୫:୯
ଏବ୍ରି ୬:୨
ଏବ୍ରି ୯:୧୨
ଏବ୍ରି ୯:୧୪
ଏବ୍ରି ୯:୧୫
ଏବ୍ରି ୧୩:୨୦
୧ ମ ପିତର୍ ୫:୧୦
୨ ୟ ପିତର୍ ୧:୧୧
୧ ମ ଜଅନ୍ ୧:୨
୧ ମ ଜଅନ୍ ୨:୨୫
୧ ମ ଜଅନ୍ ୩:୧୫
୧ ମ ଜଅନ୍ ୫:୧୧
୧ ମ ଜଅନ୍ ୫:୧୩
୧ ମ ଜଅନ୍ ୫:୨୦
ଜିଉଦା ୧:୭
ଜିଉଦା ୧:୨୧
ପର୍କାସିତ ୧୪:୬

## eleēsē

ରମିୟ ୧୧:୩୨

## Geenna

ମାତିଉ ୫:୨୨
ମାତିଉ ୫:୨୯
ମାତିଉ ୫:୩୦
ମାତିଉ ୧୦:୨୮
ମାତିଉ ୧୮:୯
ମାତିଉ ୨୩:୧୫
ମାତିଉ ୨୩:୩୩
ମାର୍କ ୯:୪୩
ମାର୍କ ୯:୪୫
ମାର୍କ ୯:୪୭
ଲୁକ୍ ୧୨:୫
ଜାକୁବ ୩:୬

## Hadēs

ମାତିଉ ୧୧:୨୩
ମାତିଉ ୧୬:୧୮
ଲୁକ୍ ୧୦:୧୫
ଲୁକ୍ ୧୬:୨୩
ପେରିତ୍ ୨:୨୭
ପେରିତ୍ ୨:୩୧
୧ମ କରନ୍ତିୟ ୧୫:୫୫
ପର୍କାସିତ ୧:୧୮
ପର୍କାସିତ ୬:୮
ପର୍କାସିତ ୨୦:୧୩
ପର୍କାସିତ ୨୦:୧୪

## Limnē Pyr

ପର୍କାସିତ ୧୯:୨୦
ପର୍କାସିତ ୨୦:୧୦
ପର୍କାସିତ ୨୦:୧୪
ପର୍କାସିତ ୨୦:୧୫
ପର୍କାସିତ ୨୧:୮

## Sheol


Genesis ୩୭:୩୫
Genesis ୪୨:୩୮
Genesis ୪୪:୨୯
Genesis ୪୪:୩୧
Numbers ୧୬:୩୦
Numbers ୧୬:୩୩
Deuteronomy ୩୨:୨୨
1 Samuel ୨:୬
2 Samuel ୨୨:୬
1 Kings ୨:୬
1 Kings ୨:୯
Job ୭:୯
Job ୧୧:୮
Job ୧୪:୧୩
Job ୧୭:୧୩
Job ୧୭:୧୬
Job ୨୧:୧୩
Job ୨୪:୧୯
Job ୨୬:୬
Psalms ୬:୫
Psalms ୯:୧୭
Psalms ୧୬:୧୦
Psalms ୧୮:୫
Psalms ୩୦:୩
Psalms ୩୧:୧୭
Psalms ୪୯:୧୪
Psalms ୪୯:୧୫
Psalms ୫୫:୧୫
Psalms 86:୧୩
Psalms 88:୩
Psalms 89:୪୮
Psalms 116:୩
Psalms 139:୮
Psalms 141:୭
Proverbs ୧:୧୨
Proverbs ୫:୫
Proverbs ୭:୨୭
Proverbs ୯:୧୮
Proverbs ୧୫:୧୧
Proverbs ୧୫:୨୪
Proverbs ୨୩:୧୪
Proverbs ୨୭:୨୦
Proverbs ୩୦:୧୬
Ecclesiastes ୯:୧୦
Song of Solomon ୮:୬
Isaiah ୫:୧୪
Isaiah ୭:୧୧
Isaiah ୧୪:୯
Isaiah ୧୪:୧୧
Isaiah ୧୪:୧୫
Isaiah ୨୮:୧୫
Isaiah ୨୮:୧୮
Isaiah ୩୮:୧୦
Isaiah ୩୮:୧୮
Isaiah ୫୭:୯
Ezekiel ୩୧:୧୫
Ezekiel ୩୧:୧୬
Ezekiel ୩୧:୧୭
Ezekiel ୩୨:୨୧
Ezekiel ୩୨:୨୭
Hosea ୧୩:୧୪
Amos ୯:୨
Jonah ୨:୨
Habakkuk ୨:୫

## Tartaroō


୨ ୟ ପିତର୍ ୨:୪

## Questioned


୨ ୟ ପିତର୍ ୨:୧୭




ଅବ୍‌ରାଆମ୍ ମିସା ତାର୍ ବିସ୍‌ବାସର୍ ଲାଗି ପର୍‌ମେସରର୍ କାତା ମାନ୍‌ଲା । ପର୍‌ମେସର୍ ତାର୍‌ପାଇ ସଙ୍ଗ୍‌ଇରଇବା ଗଟେକ୍ ଦେସେ ଜା ବଲି କଇଲାକେ, ସେ ଦାପ୍‌ରେ ମାନ୍‌ଲା ଆରି ବାରଇଲା ।
ସେ କନ୍ତି ଗାଲିନି ବଲି ନାଜାନି ରଇଲେ ମିସା ସେ ସେନ୍ତାର୍ କଲା । - ଏବ୍‌ରି ୧୧:୮




*"When Pharaoh had let the people go, God didn't lead them by the way of the land of the Philistines, although that was near; for God said, 'Lest perhaps the people change their minds when they see war, and they return to Egypt'"* Exodus 13:17




କାଇକେ ବଇଲେ ପର୍‌ମେସର୍‌ଟାନେଅନି ଆସିରଇବା ନର୍‌ପିଲା ମୁଇ, ବିନ୍ ଲକ୍‌ମନର୍‌ଟାନେଅନି ମକେ ସେବା ମିଲ ବଲି ଆସି ନାଇ, ମାତର୍ ସେବା କର୍‌ବାକେ ଆସି ଆଚି । ଆରି ମୁଇ ଜିବନ୍ ଦେବାର୍ ଲାଗି, ବେସି ଲକ୍ ଦସି ବଲି ଏଜାଇ ନ ଅଇ, ପାପେଅନି ରକିଆ ପାଇବାଇ

- ମାର୍‌କ ୧୦:୪୫




Paul’s Missionary Journeys

ମୁଇ ପାଉଲ୍ ଏଟା ଲେକ୍‌ଲିନି, ମୁଇ କିରିସ୍‌ଟ ଜିସୁର୍ ଗଟେକ୍ ସେବାକାରିଆ । ପର୍‌ମେସର୍ ମକେ ବାଚ୍‌ଲା ଆରି ତାର୍ ନିମାନ୍ କବର୍ ଜାନାଇବାକେ ସର୍‌ପିଦେଲା । ରମ୍ ରାଇଜେ ରଇବା ତମର୍ ସବୁଲକର୍‌ପାଇ ମୁଇ ଏ ଚିଟି ପାଟାଇଲିନି । - ରମିୟ୍ ୧:୧

# Creation 4004 B.C.

| | |
|---|---|
| Adam and Eve created | 4004 |
| Tubal-cain forges metal | 3300 |
| Enoch walks with God | 3017 |
| Methuselah dies at age 969 | 2349 |
| God floods the Earth | 2349 |
| Tower of Babel thwarted | 2247 |
| Abraham sojourns to Canaan | 1922 |
| Jacob moves to Egypt | 1706 |
| Moses leads Exodus from Egypt | 1491 |
| Gideon judges Israel | 1245 |
| Ruth embraces the God of Israel | 1168 |
| David installed as King | 1055 |
| King Solomon builds the Temple | 1018 |
| Elijah defeats Baal's prophets | 896 |
| Jonah preaches to Nineveh | 800 |
| Assyrians conquer Israelites | 721 |
| King Josiah reforms Judah | 630 |
| Babylonians capture Judah | 605 |
| Persians conquer Babylonians | 539 |
| Cyrus frees Jews, rebuilds Temple | 537 |
| Nehemiah rebuilds the wall | 454 |
| Malachi prophecies the Messiah | 416 |
| Greeks conquer Persians | 331 |
| Seleucids conquer Greeks | 312 |
| Hebrew Bible translated to Greek | 250 |
| Maccabees defeat Seleucids | 165 |
| Romans subject Judea | 63 |
| Herod the Great rules Judea | 37 |

(The Annals of the World, James Uusher)

# Jesus Christ born 4 B.C.

# New Heavens and Earth

| | |
|---|---|
| | Christ returns for his people |
| 1956 | Jim Elliot martyrd in Ecuador |
| 1830 | John Williams reaches Polynesia |
| 1731 | Zinzendorf leads Moravian mission |
| 1614 | Japanese kill 40,000 Christians |
| 1572 | Jesuits reach Mexico |
| 1517 | Martin Luther leads Reformation |
| 1455 | Gutenberg prints first Bible |
| 1323 | Franciscans reach Sumatra |
| 1276 | Ramon Llull trains missionaries |
| 1100 | Crusades tarnish the church |
| 1054 | The Great Schism |
| 997 | Adalbert marytyrd in Prussia |
| 864 | Bulgarian Prince Boris converts |
| 716 | Boniface reaches Germany |
| 635 | Alopen reaches China |
| 569 | Longinus reaches Alodia / Sudan |
| 432 | Saint Patrick reaches Ireland |
| 397 | Carthage ratifies Bible Canon |
| 341 | Ulfilas reaches Goth / Romania |
| 325 | Niceae proclaims God is Trinity |
| 250 | Denis reaches Paris, France |
| 197 | Tertullian writes Christian literature |
| 70 | Titus destroys the Jewish Temple |
| 61 | Paul imprisoned in Rome, Italy |
| 52 | Thomas reaches Malabar, India |
| 39 | Peter reaches Gentile Cornelius |
| 33 | Holy Spirit empowers the Church |

(Wikipedia, Timeline of Christian missions)

# Resurrected 33 A.D.

| | | | | |
|---|---|---|---|---|
| **What are we?** | | | Genesis 1:26 - 2:3 | |
| **How are we sinful?** | | | Romans 5:12-19 | |
| **Where are we?** | | | | |
| | | | Innocence | |
| | | | Eternity Past | Creation 4004 B.C. |
| **Who are we?** | God | Father | John 10:30<br><br>God's perfect fellowship | Genesis 1:31<br><br>God's perfect fellowship with Adam in The Garden of Eden |
| | | Son | | |
| | | Holy Spirit | | |
| | Mankind | Living | Genesis 1:1<br><br>No Creation<br>No people | |
| | | Deceased believing | | |
| | | Deceased unbelieving | | |
| | Angels | Holy | | |
| | | Imprisoned | | Genesis 1:31<br><br>No Fall<br>No unholy Angels |
| | | Fugitive | | |
| | | First Beast | | |
| | | False Prophet | | |
| | | Satan | | |
| **Why are we?** | | | Romans 11:25-36, Ephesian 2:7 | |

Mankind is created in God’s image, male and female He created us

Sin entered the world through Adam and then death through sin

## When are we? ▼

<table>
<tr><td colspan="4">Fallen</td><td>Glory</td></tr>
<tr><td>Fall to sin<br>No Law</td><td>Moses’ Law<br>1500 B.C.</td><td>Christ<br>33 A.D.</td><td>Church Age<br>Kingdom Age</td><td>New Heavens<br>and Earth</td></tr>
<tr><td colspan="4">1 Timothy 6:16<br>Living in unapproachable light</td><td rowspan="7">Acts 3:21<br>Philippians 2:11<br>Revelation 20:3<br><br>God’s<br>perfectly<br>restored<br>fellowship<br>with all<br>Mankind<br>praising<br>Christ<br>as Lord<br>in the<br>Holy<br>City</td></tr>
<tr><td colspan="2">John 8:58<br>Pre-incarnate</td><td>John 1:14<br>Incarnate</td><td>Luke 23:43<br>Paradise</td></tr>
<tr><td colspan="2">Psalm 139:7<br>Everywhere</td><td colspan="2">John 14:17<br>Living in believers</td></tr>
<tr><td colspan="4">Ephesians 2:1-5<br>Serving the Savior or Satan on Earth</td></tr>
<tr><td colspan="4">Luke 16:22<br>Blessed in Paradise</td></tr>
<tr><td colspan="4">Luke 16:23, Revelation 20:5,13<br>Punished in Hades until the final judgment</td></tr>
<tr><td colspan="4">Hebrews 1:14<br>Serving mankind at God’s command</td></tr>
<tr><td colspan="4">2 Peter 2:4, Jude 6<br>Imprisoned in Tartarus</td><td rowspan="4">Matthew 25:41<br>Revelation 20:10<br><br>Lake of Fire<br>prepared<br>for the<br>Devil<br>and his<br>Angels</td></tr>
<tr><td colspan="3" rowspan="3">1 Peter 5:8, Revelation 12:10<br><br>Rebelling against Christ<br>Accusing mankind</td><td>Revelation 20:13<br>Thalaasa</td></tr>
<tr><td>Revelation 19:20<br>Lake of Fire</td></tr>
<tr><td>Revelation 20:2<br>Abyss</td></tr>
</table>

For God has bound all over to disobedience in order to show mercy to all

# Destiny

ଦେଖିଆ at AionianBible.org/Destiny


The Aionian Bible shows the location of eleven special Greek and Hebrew Aionian Glossary words to help us better understand God's love for individuals and for all mankind, and the nature of after-life destinies. The underlying Hebrew and Greek words typically translated as *Hell* show us that there are not just two after-life destinies, Heaven or Hell. Instead, there are a number of different locations, each with different purposes, different durations, and different inhabitants. Locations include 1) Old Testament *Sheol* and New Testament *Hadēs*, 2) *Geenna*, 3) *Tartaroō*, 4) *Abyssos*, 5) *Limnē Pyr*, 6) *Paradise*, 7) *The New Heaven*, and 8) *The New Earth*. So there is reason to review our conclusions about the destinies of redeemed mankind and fallen angels.

The key observation is that fallen angels will be present at the final judgment, 2 Peter 2:4 and Jude 6. Traditionally, we understand the separation of the Sheep and the Goats at the final judgment to divide believing from unbelieving mankind, Matthew 25:31-46 and Revelation 20:11-15. However, the presence of fallen angels alternatively suggests that Jesus is separating redeemed mankind from the fallen angels. We do know that Jesus is the helper of mankind and not the helper of the Devil, Hebrews 2. We also know that Jesus has atoned for the sins of all mankind, both believer and unbeliever alike, 1 John 2:1-2. Deceased believers are rewarded in Paradise, Luke 23:43, while unbelievers are punished in Hades as the story of Lazarus makes plain, Luke 16:19-31. Yet less commonly known, the punishment of this selfish man and all unbelievers is before the final judgment, is temporal, and is punctuated when Hades is evacuated, Revelation 20:13. So is there hope beyond Hades for unbelieving mankind? Jesus promised, *"the gates of Hades will not prevail,"* Matthew 16:18. Paul asks, *"Hades where is your victory?"* 1 Corinthians 15:55. John wrote, *"Hades gives up,"* Revelation 20:13.

Jesus comforts us saying, *"Do not be afraid,"* because he holds the keys to *unlock* death and Hades, Revelation 1:18. Yet too often our *Good News* sounds like a warning to *"be afraid"* because Jesus holds the keys to *lock* Hades! Wow, we have it backwards! Hades will be evacuated! And to guarrantee hope, once emptied, Hades is thrown into the Lake of Fire, never needed again, Revelation 20:14.

Finally, we read that anyone whose name is not written in the Book of Life is thrown into the Lake of Fire, the second death, with no exit ever mentioned or promised, Revelation 21:1-8. So are those evacuated from Hades then, *"out of the frying pan, into the fire?"* Certainly, the Lake of Fire is the destiny of the Goats. But, do not be afraid. Instead, read the Bible's explicit mention of the purpose of the Lake of Fire and the identity of the Goats, *"Then he will say also to those on the left hand, 'Depart from me, you cursed, into the consummate fire which is prepared for... the devil and his angels,'"* Matthew 25:41. Bad news for the Devil. Good news for all mankind!

Faith is not a pen to write your own name in the Book of Life. Instead, faith is the glasses to see that the love of Christ for all mankind has already written our names in Heaven. *"If the first fruit is holy, so is the lump,"* Romans 11:16. Though unbelievers will suffer regrettable punishment in Hades, redeemed mankind will never enter the Lake of Fire, prepared for the devil and his angels. And as God promised, all mankind will worship Christ together forever, Philippians 2:9-11.




ତେବେ ତମେ ଦେସ୍‌ମନ୍‌କେ ରଇବା ସବୁ ବାସାର୍ ଲକ୍‌ମନର୍ ଲଗେ ଜାଇ, ସେମନ୍‌କେ ମର୍ ସିସ୍ କରାଆ । ବାବା, ପଅ ଆରି ସୁକଲ୍ ଆତ୍‌ମାର୍ ନାଉଁଦାରି ସେମନ୍‌କେ ଡୁବନ୍ ଦିଆସ୍ । - ମାତିଉ ୨୮:୧୯